ପ୍ରଥମ ସଂଖ୍ୟା

ଖାରବେଳ

Images: Aptakama Mishra, Processing: Srujanika

FLASH GORDON 3-27

FLASH GORDON

ଅମର ଚିତ୍ର କଥା କୌତୁକ ବିହାର

ନ.୧

RULES:

1) EVERY LETTER IN THE WORD-MAZE NEED NOT BE USED.
2) WORDS CAN BE FORMED IN ANY ONE OF THE FOLLOWING DIRECTIONS — VERTICAL, HORIZONTAL OR DIAGONAL.
3) A LETTER CAN BE USED MORE THAN ONCE.
4) ENTRIES MUST BE SENT IN THIS FORM.

WIN A HUNDRED PRIZES!

THE FIRST 100 CORRECT ENTRIES RECEIVED AT THE FOLLOWING ADDRESS WILL EACH RECEIVE A COPY OF **AMAR CHITRA KATHA**:

FEMINA-AMAR CHITRA KATHA FUN-LAND
POST BOX NO. 17018, BOMBAY - 400 026

SOLUTION TO WORD-JUMBLE NO.132

WORD-MAZE NO. 1

C	F	R	A	N	C	E	B	B	I
H	T	J	A	P	A	N	U	K	N
I	I	H	E	Q	U	I	L	C	D
N	U	T	B	G	O	D	G	R	O
A	I	R	A	N	Y	Z	A	O	N
N	T	H	E	L	L	A	R	W	E
T	U	R	K	E	Y	H	I	N	S
S	P	M	J	J	X	O	A	E	I
Y	U	G	O	S	L	A	V	I	A
O	T	H	A	I	L	A	N	D	T

HIDDEN IN THIS WORD-MAZE ARE THE NAMES OF TEN SUCH COUNTRIES WHICH EXTENDED THE VOTING RIGHT TO WOMEN, YEARS AFTER INDIAN WOMEN RECEIVED IT IN 1926.

Images: Aptakama Mishra, Processing: Srujanika



Images: Aptakama Mishra, Processing: Srujanika

ଖାରବେଳ

ପ୍ରଥମ ସଂଖ୍ୟା

ଜାନୁଆରୀ ୧—୧୯୮୪

ଈଶାବୁଦ୍ଧ—ଯୀଶୁଖ୍ରୀଷ୍ଟଙ୍କ ଅଜ୍ଞାତ ଜୀବନୀ ୩
ରମାକାନ୍ତ ମିଶ୍ର

ଟି. ଭି. ଆଣ୍ଟିନାରୂପେ ନଡ଼ିଆ ଗଛର ବ୍ୟବହାର ୭
ଶିବ ପ୍ରସାଦ ଘୋଷ

ବଡ଼ଲୋକଙ୍କୁ ଫାଶୀ ନାହିଁ ୯
ଅରଜିତ ପଟ୍ଟନାୟକ

ପ୍ରାକୃତିକ ପରିବେଶ ୧୧
ଡକ୍ଟର ସଲୀମ ଅଲ୍ଲୀ

ସ୍ୱଗୋତ୍ର ବିବାହ ଯୋଗୁ ମ୍ୟାଲେରିଆ ବ୍ୟାପୁଛି ୧୨

ଟିସୁ କଲଚର ମାଧ୍ୟମରେ ସବୁଜ ବିପ୍ଳବ ୧୩

ଇସ୍ପାତ ନଗରୀରେ ଉତ୍କଟ ଜମି ସମସ୍ୟା ୧୪
ମୁରଲୀଧର ପରିଜା

ଡାହାଣୀ ଲାଗେ କି ? ୧୫
ପ୍ରଫେସର ଡକ୍ଟର ରାଧାନାଥ ରଥ

ସାଧାରଣ ରୋଗ—ଶର୍ଦ୍ଦି କାଶ ଜ୍ୱର ୧୬
ଡାକ୍ତର ଗୋପାଳ ଚନ୍ଦ୍ର କର, ଡାକ୍ତର ପ୍ରଦୀପ ରାଓ
କବିରାଜ ବିରଜା ପ୍ରସାଦ ଆଚାର୍ଯ୍ୟ

ଉପକାରୀ ଗଛଟିଏ—ତୁଳସୀ ୧୭
ପ୍ରଫେସର ଡକ୍ଟର କମଳ କୁମାରୀ ପଟ୍ଟନାୟକ

ସ୍ୱପ୍ନ ସାଗରର ବ୍ୟବସାୟିକ ସଫଳତା ୧୯
ବିନୋଦ ନନ୍ଦ

ପ୍ରାଚ୍ୟର ରୋମ ଗୋଆ ୨୦

ସାପ୍ତାହିକ ରାଶିଫଳ, ଜନ୍ମଦିନର ପ୍ରଭାବ ୨୨
ଆଚାର୍ଯ୍ୟ ବିଭୂତି ଭୂଷଣ

ଡୁରାଣ୍ଡ ଫୁଟବଲର ଇତିବୃତ୍ତ ୨୫

ଭାରତୀୟ ମହାକାଶଚାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ୨୫

ହସ ଓ ଦୀର୍ଘଜୀବୀ ହୁଅ ୨୬
ଶ୍ରୀ କମଳ ଓ ଶ୍ରୀ ସାମନ୍ତ

ପ୍ରସ୍ତରରକ୍ଷା ଓ ପ୍ଲାଷ୍ଟିକ ୨୭

କ୍ରୀଡ଼ା କ୍ଷେତ୍ରରେ ଭାରତର ବ୍ୟର୍ଥତା ୨୮
ସୁହାସ ଆଗାସେ

ବ୍ୟାଟିଂ ବନାମ ବୋଲିଂ ୩୧
ଶ୍ରୀ ଆର. କେ. ଓହ୍ରିବ

ମୁଖ୍ୟ ସମ୍ପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଅପୀତ ମୁଖାର୍ଜୀ

ରବିବାସର ପବ୍ଲିକେସନ୍‌ ପକ୍ଷରୁ ପ୍ରିଣ୍ଟିପ୍ଲେସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ, ଜାଲଗଳ, କଟକ ।

ମୂଲ୍ୟ ଟ ୩-୦୦

Images: Aptakama Mishra, Processing: Srujanika

ଆପଣ କଣ କରିବେ ?

ଶବ୍ଦ ଶୃଙ୍ଗାରରେ ବାମରୁ ଡାହାଣକୁ ଓ ଉପରୁ ତଳକୁ କେତୋଟି ଶବ୍ଦ ରହିବାର ବ୍ୟବସ୍ଥା ରହିଛି । ପ୍ରତ୍ୟେକ ସଂଖ୍ୟା ଲେଖାଥିବା ଘରଟି ଶବ୍ଦର ମୂଳ ଅକ୍ଷରରେ । ମନେକରନ୍ତୁ ବାମରୁ ଡାହାଣକୁ ଥିବା ସମାଧାନର ୧ ସଂଖ୍ୟା ଆପଣ ନେଲେ । ୧ରୁ ଡାହାଣକୁ ଦେଖିବେ ୫ଟି ଘର ଖାଲି ଅଛି । ତା ପରେ ଘରଟି ବନ୍ଦ ଅଛି । ଏଥିରୁ ବୁଝିବାକୁ ହେବ ବିଧି ବିଧାନ ପ୍ରଣିତ ରାଜସଭା ଯେଉଁ ଶବ୍ଦର ଅର୍ଥ, ତାର ଅକ୍ଷର ସଂଖ୍ୟା ୫ । ଏଣିକି ଆପଣ ସାମ୍ଭାବ୍ୟ ଉତ୍ତର ନିଜର ଶବ୍ଦ ଭଣ୍ଡାରରୁ ଖୋଜି ବସାନ୍ତୁ । ଯେଉଁ ଶବ୍ଦଟି ବସାଇବେ- ମନେ ରଖିବେ ସେ ଶବ୍ଦର କୌଣସି ଅକ୍ଷର ପୁଣି କୌଣସି ଏକ ଶବ୍ଦ ସହିତ ନିଶ୍ଚୟ ସଂପୃକ୍ତ । ତେଣୁ ଉପଯୁକ୍ତ ଶବ୍ଦ ଗୁଡ଼ିକ ବସାଇ ଦେଉଥିଲେ ଶେଷକୁ ଦେଖିବେ ଆପଣ ଶବ୍ଦ ଶୃଙ୍ଗାରର ରହସ୍ୟ ଉଦ୍‌ଘାଟନ କରିଛନ୍ତି । ଯଦି ସଫଳ ମନୋରଥ ହୁଅନ୍ତି, ତେବେ ଆଗାମୀ ସଂଖ୍ୟାକୁ ଉତ୍ତର ପାଇଁ ଅପେକ୍ଷା କରନ୍ତୁ ।

ଶବ୍ଦ ଶୃଙ୍ଗାର

ନିରଞ୍ଜନ ବେହେରା

ଇଂରେଜୀରେ କ୍ରସ୍ ୱାର୍ଡ଼ ପଜଲ ବୁଦ୍ଧିଜୀବି ତଥା ସାଧାରଣ ପାଠକ ମାନଙ୍କ ମଧ୍ୟରେ ବିଶେଷ ଆଦୃତ । ଓଡ଼ିଆ ପତ୍ର ପତ୍ରିକାରେ କ୍ରସ୍ ୱାର୍ଡ଼ ପଜଲର ଆବଶ୍ୟକତା ଅନୁଭୂତ ହୋଇଥିଲେ ମଧ୍ୟ ଏ ଦିଗରେ ବିଶେଷ କିଛି ଉଦ୍ୟମ ହୋଇ ନଥିଲା ।

ପାଠକ ମାନଙ୍କର ଅବସର ବିନୋଦନ, ସର୍ଜନଶୀଳତା ତଥା କଳ୍ପନା ଶକ୍ତିର ଅଭିବୃଦ୍ଧି ପାଇଁ ଧାରାବାହିକ ଭାବେ ଏହା ପ୍ରକାଶ ପାଇବ ।



ବାମରୁ ଡାହାଣକୁ—

୧—ବିଧି ବିଧାନ ପ୍ରଣୟନକାରୀ ରାଜସଭା, ୨-ଶାସନମାତ୍ର, ୩-ପଶୁ ପକ୍ଷୀଙ୍କ ପ୍ରଦର୍ଶନୀ, ୪-ଏକକାଳୀନ ପଥର, ୫-ଆସିବା, ୬-ଗୃହରେ ଥାଏ ୭-ଅନିଦ୍ରା, ୮-ପର୍ବତ ପାର୍ଶ୍ୱସ୍ଥ ସମତଳ ଭୂମି, ୯-ଭାରତର ଜଣେ ମହୀୟସୀ ମହିଳା, ୧୦-ବିଦ୍ଧରାଜ, ୧୧-ପ୍ରଜା ପ୍ରତିନିଧି ମୂଳକ ରାଜ୍ୟଶାସନ ।

ଉପରୁ ତଳକୁ—

୧—ଗୃହପାଳିତ ପଶୁ, ୭-ଅନଶନ ୮-ସର୍ପ, ୯-ଜିଦ୍, ୧୨-ପକେଟ କାଟିବା ଲୋକ, ୧୩-ଯାହା ପ୍ରସ୍ତୁତ ନୁହେଁ, ୧୪-ଅଳ୍ପକେ ରାଗିଯିବା ସ୍ୱଭାବ, ୧୫-ବଂଶ ମର୍ଯ୍ୟାଦା, ୧୬-ରସିକ, ୧୭-ଶୋଧନ କରିବା, ୧୮-ଇନ୍ଦ୍ରଙ୍କ ଉଦ୍ୟାନ ।

ଆଗ୍ରହକୁ

ପାଠକଙ୍କ ମତାମତ

ଆସନ୍ତା ସପ୍ତାହରୁ ପାଠକଙ୍କ ମତାମତ ଓ ପରାମର୍ଶ ସବୁ ପ୍ରକାଶ କରିବାର ବ୍ୟବସ୍ଥା ହେଉଛି । ବିଭିନ୍ନ ଦୃଷ୍ଟି କୋଣରୁ ପତ୍ରିକା ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ପଠାଇବା ନିମନ୍ତେ ପାଠକ ମାନଙ୍କୁ ଅନୁରୋଧ ।

ସମ୍ପାଦକ

ରେଖା ଅନନ୍ତ ପାଇ • ଅଜିତ ଗାଏକର



Images: Aptakama Mishra, Processing: Srujanika

ଇଶାବୁଦ୍ଧ ✽ ଯୀଶୁ ଖ୍ରୀଷ୍ଟଙ୍କ ଅଜ୍ଞାତ ଜିବନୀ

ରମାକାନ୍ତ ମିଶ୍ର

ଇଶାବୁଦ୍ଧ ନାମ ସହ ଓଡ଼ିଶା ବା ଭାରତ ବର୍ଷର ସାଧାରଣ ପାଠକ ପରିଚିତ ନୁହନ୍ତି । ବହୁ ପୂର୍ବକାଳରୁ ଲିଖିତ ଏବଂ ଏ ପର୍ଯ୍ୟନ୍ତ ସଂରକ୍ଷିତ କେତେକ ବୌଦ୍ଧ ଗ୍ରନ୍ଥର ବର୍ଣ୍ଣନା ଅନୁଯାୟୀ ଯୀଶୁଖ୍ରୀଷ୍ଟ ଭାରତ ବର୍ଷର ତତ୍କାଳୀନ ପଣ୍ଡିତ ମଣ୍ଡଳୀ ମଧ୍ୟରେ "ଇଶାବୁଦ୍ଧ" ରୂପେ ପରିଚିତ ଥିଲେ । ଭାରତ ବର୍ଷର ବିଭିନ୍ନ ବୌଦ୍ଧ ବିହାର ଓ ଧର୍ମ ପୀଠ ମାନଙ୍କରେ ସେ ଦୀର୍ଘ ୧୬ ବର୍ଷ କାଳ ଅତିବାହିତ କରି ୩୦ ବର୍ଷ ବୟସରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ନୂତନ ଧର୍ମର ପ୍ରବର୍ତ୍ତନ କରିଥିଲେ । ଏ ସଂକ୍ରାନ୍ତରେ ଲଦାଖସ୍ଥ ହିମସ୍ ବୌଦ୍ଧ ବିହାରରେ ସଂରକ୍ଷିତ ଏକ ଅତି ପ୍ରାଚୀନ ପାଣ୍ଡୁଲିପିରୁ ସବିଶେଷ ବିବରଣୀ ମିଳିଛି ।

ରୁଷର ଜଣେ ପ୍ରସିଦ୍ଧ ପର୍ଯ୍ୟଟକ ଶ୍ରୀ ନିକୋଲାସ୍ ନିତୋଭିଚ୍ ତାଙ୍କ ଭାରତ ଭ୍ରମଣ କାଳରେ ଲଦାଖରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୋଡ଼ ଭାଙ୍ଗି ଯିବାରୁ ଉକ୍ତ ବୌଦ୍ଧ ବିହାରରେ ଆଶ୍ରୟ ଗ୍ରହଣ କରିଥିଲେ । ଏବଂ ସେଠାରେ ସେ ଚିକିତ୍ସାଧୀନ ଥିବା କାଳରେ ଉକ୍ତ ପାଣ୍ଡୁଲିପି ଦେଖିବାର, ସୁଯୋଗ ପାଇଥିଲେ । ହିମାଳୟ ପାର୍ବତ୍ୟ ଦେଶରେ ବୁଲିବା ବେଳେ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବୌଦ୍ଧ ମାନଙ୍କଠାରୁ କେତେକ ବିଷୟ ଶୁଣି ଏ ବିଷୟରେ ଅଧିକ କିଛି ଜାଣିବାକୁ କୌତୁହଳୀ ହୋଇଥିଲେ ଏବଂ ପୂର୍ବରୁ କେତେକ ବୌଦ୍ଧ ବିହାରରେ ଏ ଦିଗରେ ଅନୁସନ୍ଧାନ କରି ସେ ନିରାଶ ହୋଇଥିଲେ । କିନ୍ତୁ ହିମସ୍ ବୌଦ୍ଧ ବିହାରରେ ତାଙ୍କର ଆଶା ଫଳବତୀ ହେଲା ଏବଂ ସେଠାରେ ଥିବା ଏକ ପୁରାତନ ପାଣ୍ଡୁଲିପି ପଢ଼ି ସେଠାକାର ପୁରୋହିତ ଯୀଶୁଙ୍କ ଜୀବନୀର ଏକ ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇଥିଲେ । ତାହା ସେ "ଯୀଶୁଖ୍ରୀଷ୍ଟଙ୍କ ଅଜ୍ଞାତ ଜୀବନୀ" ଶିରୋନାମାରେ ପ୍ରକାଶ କରିଛନ୍ତି ।

ଏ ପୁସ୍ତକ ପ୍ରକାଶ ପାଇବା ପରେ ବିଶ୍ୱର ସମଗ୍ର ଖ୍ରୀଷ୍ଟିୟ ମଣ୍ଡଳୀ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି ହୋଇଛି ଏବଂ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ବହୁ ନୂତନ ତଥ୍ୟ ଲୋକଲୋଚନକୁ ଆସି ପାରିଛି । ଏ ପୁସ୍ତକ ପ୍ରକାଶ ନ କରିବାକୁ ତାଙ୍କୁ ଅର୍ଥର ପ୍ରଲୋଭନ ମଧ୍ୟ ଦେଖାଯାଇଥିଲା କିନ୍ତୁ ଜଣେ ଗବେଷକର ଅନୁସନ୍ଧିତ୍ସା ନେଇ ସେ ଏହା ପରେ ନିଜେ ପ୍ରକାଶ କଲେ ।

ଯୀଶୁଙ୍କ ଭାରତ ଯାତ୍ରା

ଉକ୍ତ ପାଣ୍ଡୁଲିପିରେ ଯୀଶୁଖ୍ରୀଷ୍ଟଙ୍କୁ ବୁଦ୍ଧଙ୍କର ଏକ ଅବତାର ରୂପେ ବର୍ଣ୍ଣନା କରାଯାଇଛି ଏବଂ ସେଥିରେ ବର୍ଣ୍ଣିତ ତାଙ୍କ ଜୀବନୀ ଅନୁଯାୟୀ ମାତ୍ର ୧୨ ବର୍ଷ ବୟସରେ ସେ ସମସ୍ତଙ୍କ ଅଗୋଚରରେ ନିଜର ପିତାଳୟ ତ୍ୟାଗ କରି ଦଳେ ବଣିକଙ୍କ ସହ ସିନ୍ଧୁ ଅଭିମୁଖେ ଯାତ୍ରା କରିଥିଲେ । ଇସ୍ରାଏଲରେ ସାଧାରଣତଃ ବାର ତେର ବର୍ଷ ବୟସରେ ବାଳକମାନେ ବିବାହ କରିଥାନ୍ତି । ଏବଂ ଜନ୍ମରୁ ଯୀଶୁଙ୍କ ବିଷୟରେ ଯାହା ସବୁ ପ୍ରଚାରିତ ହୋଇଥିଲା ସେଥିରୁ ତାଙ୍କର ଅଲୌକିକ ଶକ୍ତି ରହିଥିବା ସମସ୍ତେ ନିଃସନ୍ଦେହ ହୋଇଥିଲେ । ଏଭଳି ଏକ ବାଳକକୁ ଜାମାତା ରୂପେ ପାଇବାକୁ ଇସ୍ରାଏଲର ସମ୍ଭ୍ରାନ୍ତ ନାଗରିକମାନେ ନିଶ୍ଚୟ ଚେଷ୍ଟା କରିଥିବେ ଏବଂ ଏ ଦିଗରେ ପ୍ରବଳ ଚାପ ମଧ୍ୟ ପକାଇଥିବେ । ନିଜକୁ ବିବାହ ଚାପରୁ ମୁକ୍ତ

ଯୀଶୁ ଖ୍ରୀଷ୍ଟ ତାଙ୍କ ଯୁବକ ଅବସ୍ଥାରେ କେଉଁଠି କଣ କରୁଥିଲେ ତାହାର କୌଣସି ବିବରଣୀ ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ ମାନଙ୍କରେ ଦେଖିବାକୁ ମିଳେ ନାହିଁ । କେବଳ ସନ୍ଥ-ଲୁକ୍ କେତେକ ସ୍ଥାନରେ କହିଛନ୍ତି ଯେ ଯୀଶୁ ଯୁବାବସ୍ଥା ମରୁଭୂମିରେ କଟାଇ ୩୦ ବର୍ଷ ବୟସରେ ଧର୍ମପ୍ରଚାର ଆରମ୍ଭ କଲେ ।

ତାଙ୍କ ବାଲ୍ୟାବସ୍ଥାରୁ ଅର୍ଥାତ୍ ୧୨ ବର୍ଷ ବୟସରୁ ୨୯ ବର୍ଷ ହେବା ପର୍ଯ୍ୟନ୍ତ ସେ ଭାରତ ବର୍ଷର ବିଭିନ୍ନ ପ୍ରସିଦ୍ଧ ଧର୍ମପୀଠ ଯଥା ପୁରୀ, ବାରାଣସି ଇତ୍ୟାଦି ସ୍ଥାନମାନଙ୍କରେ ବୌଦ୍ଧ ଶାସ୍ତ୍ର ଓ ବ୍ରାହ୍ମଣ୍ୟ ଧର୍ମ ଗ୍ରନ୍ଥ ଅଧ୍ୟୟନ କରିଥିବାର ପ୍ରମାଣ ବୌଦ୍ଧଗ୍ରନ୍ଥମାନଙ୍କରୁ ମିଳୁଛି । ତାଙ୍କ ଏକେଶ୍ୱରବାଦ ପଛରେ ବୌଦ୍ଧଧର୍ମର ପ୍ରଭାବ ନିହିତ ଅଛି ବୋଲି ପଣ୍ଡିତମାନଙ୍କର ମତ ।

କ୍ରୁଶ ବିଦ୍ଧ ହେବା ଅବସ୍ଥାରେ ସାଧାରଣ ବିଶ୍ୱାସ ଅନୁଯାୟୀ ସେ ପ୍ରାଣ-ତ୍ୟାଗ କରି ନ ଥିଲେ । ତାଙ୍କର କେତେକ ପ୍ରଭାବଶାଳୀ ଓ ବିତ୍ତଶାଳୀ ଶିଷ୍ୟ, ସେ କ୍ରୁଶ ବିଦ୍ଧ ହେବାର ମାତ୍ର ୧୨ ଘଣ୍ଟା ପରେ ତାଙ୍କୁ ମୃତ ଘୋଷଣା କରାଇ ଅଚେତନ ଯୀଶୁଙ୍କୁ ନେଇଯାଇଥିଲେ । କବର ଦେବା ଆଳରେ ଚିକିତ୍ସା କରି ତାଙ୍କୁ ଭଲ କରିବା ପରେ ସେ ତାଙ୍କର ପୂର୍ବ ଅଧ୍ୟୟନ ଭୂମି ଭାରତ ବର୍ଷକୁ ଫେରି ଆସି କାଶ୍ମୀରରେ ଶେଷ ନିଶ୍ୱାସ ତ୍ୟାଗ କଲେ । ସେତେବେଳେ ସେ ଈଶାବୁଦ୍ଧ ରୂପେ ଭାରତରେ ପରିଚିତ ଥିଲେ ।

କାଶ୍ମୀରରେ ଯୀଶୁଙ୍କୁ କବର ଦିଆଯାଇଥିବା ସମାଧି ଏବେ ବି ବିଦ୍ୟମାନ ।

Images: Aptakama Mishra, Processing: Srujanika

କରିବାକୁ ଯୀଶୁ ସମ୍ଭବତଃ ବଣିକମାନଙ୍କ ସହିତ ଭାରତ ଅଭିମୁଖେ ପଳାଇ ଆସିଥିଲେ । ଇସ୍ରାଏଲର ନିକଟବର୍ତ୍ତୀ ଇଜିପ୍ଟ ମଧ୍ୟ ଅନ୍ୟ ଏକ ବିଖ୍ୟାତ ଶିକ୍ଷା କେନ୍ଦ୍ର ହୋଇଥିବା ସତ୍ତ୍ୱେ ସେ ଭାରତ ଆସିବାକୁ ମନବଳାଇବାର କାରଣ ସ୍ୱରୂପ କୁହାଯାଇପାରେ ଯେ ସେତେବେଳେ ରୋମ ସାମ୍ରାଜ୍ୟ ଇଜିପ୍ଟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ଏବଂ ରୋମ ସମ୍ରାଟଙ୍କ ଅଧୀନସ୍ଥ ଶାସକ ବର୍ଗ ପିଲାଦିନୁ ଯୀଶୁଙ୍କୁ ଶୁଭ ଦୃଷ୍ଟିରେ ଦେଖୁ ନ ଥିଲେ । ଅଧିକନ୍ତୁ ସେହି ଅଞ୍ଚଳ ସହିତ ଭାରତର ସ୍ଥଳଭାଗରେ ବାଣିଜ୍ୟ ଚାଲୁଥିବାରୁ ଭାରତର ବିଭବ ଏବଂ ଭାରତୀୟ ମାନଙ୍କ ଜ୍ଞାନ ଗାରିମା ସମ୍ପର୍କରେ ସେ ସମଧିକ ପରିଚିତ ହୋଇଥିବେ । ରୋମାନ୍ ସାମ୍ରାଜ୍ୟ ପ୍ରଭାବ ମୁକ୍ତ ଅନ୍ୟତମ ବିଖ୍ୟାତ ଶିକ୍ଷାକେନ୍ଦ୍ର ଭାରତ ବର୍ଷକୁ ଆସିବା ପାଇଁ ସେ ମନ ବଳାଇଥିବା ପରିପ୍ରେକ୍ଷୀ ପରିସ୍ଥିତି ଦୃଷ୍ଟିରୁ ସ୍ୱାଭାବିକ । ବଣିକ ଦଳ ସହ ସିନ୍ଧରେ ପହଞ୍ଚିବାର ଏକ ବର୍ଷ ପରେ ଭାରତର କେନ୍ଦ୍ରସ୍ଥଳକୁ ଅଗ୍ରସର ହୋଇଥିଲେ ଏବଂ ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମ ସମ୍ପର୍କରେ ସେ ବିସ୍ତୃତ ଜ୍ଞାନ ଲାଭର ସୁଯୋଗ ପାଇଥିଲେ । ଇସ୍ରାଏଲରୁ ତାଙ୍କର ଏହି ଅନୁପସ୍ଥିତି ଯୋଗୁ ତାଙ୍କର ଅନୁଗାମୀମାନେ ଯୁବାବସ୍ଥାରେ ତାଙ୍କ କାର୍ଯ୍ୟକଳାପର ଠିକଣାଠିକ ବିବରଣୀ ଦେଇ ପାରି ନାହାନ୍ତି । କିନ୍ତୁ ଏ ସମୟରେ ତାଙ୍କ କାର୍ଯ୍ୟକଳାପର ଠିକଣାଠିକ ବିବରଣୀ ସେବେଳର ବୌଦ୍ଧ ଧର୍ମଗ୍ରନ୍ଥ ରଚୟିତା ମାନେ ଉଲ୍ଲେଖ କରିଛନ୍ତି ।

ଶାସ୍ତ୍ର ଅଧ୍ୟୟନ

ହିମିସ୍ ବୌଦ୍ଧ ବିହାରରେ ସୁରକ୍ଷିତ ପାଣ୍ଡୁଲିପିର ବର୍ଣ୍ଣନା ଅନୁଯାୟୀ ଯୀଶୁଙ୍କୁ ଯେତେବେଳେ ୧୪ ବର୍ଷ ବୟସ ସେତେବେଳେ ସେ ସିନ୍ଧୁ ପାରି ହୋଇ ରାଜପୁତନାରେ ପ୍ରବେଶ କଲେ । ଏହି ସ୍ୱଳ୍ପ କାଳ ମଧ୍ୟରେ ସିନ୍ଧର ଉତ୍ତର ଦିଗରେ ତାଙ୍କର ଖ୍ୟାତି ବ୍ୟାପ୍ତ ହୋଇ ସାରିଥିଲା ଏବଂ ସେ ପଞ୍ଚନଦୀ ଅତିକ୍ରମ କରି ରାଜପୁତନାରେ ପହଞ୍ଚିଲାବେଳେ ସେଠାକାର ବିଶିଷ୍ଟ ଜୈନ ଧର୍ମାବଲମ୍ବୀ ମାନେ ତାଙ୍କୁ ସେମାନଙ୍କ ଗହଣରେ ରଖି ତାଙ୍କୁ ଜୈନ ମତବାଦରେ ଦୀକ୍ଷିତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ।

ସେତେବେଳେ ଭାରତର ବିଭିନ୍ନ ସମ୍ପ୍ରଦାୟର ପଣ୍ଡିତ ମଣ୍ଡଳୀ ତାଙ୍କୁ ବିଦେଶାଗତ ଜଣେ ଗୁରୁ ରୂପେ ମାନସିକ ସ୍ତରରେ ଗ୍ରହଣ କରିଥିଲେ । ସେ ସେ ଭବିଷ୍ୟତରେ ତ୍ରାଣ କର୍ତ୍ତା ରୂପେ ପ୍ରତି-

ପାଣ୍ଡୁଲିପିର ସତ୍ୟତା

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ କାଳରେ ଇସ୍ରାଏଲରେ କୌଣସି ଲିପିର ପ୍ରଚଳନ ନ ଥିବାରୁ ବହୁ କାଳ ପର୍ଯ୍ୟନ୍ତ ତାଙ୍କ ସମ୍ବନ୍ଧୀୟ ସମସ୍ତ କଥା କେବଳ ଲୋକ ମୁଖରେ ହିଁ ଯାହା ପ୍ରଚାରିତ ହୋଇ ଆସୁଥିଲା । କୌଣସି କଥା ଲିପିବଦ୍ଧ ହୋଇ ନ ଥିବା ଦୃଷ୍ଟିରୁ ତାଙ୍କ ସମ୍ବନ୍ଧରେ ପରବର୍ତ୍ତୀ କାଳରେ ଯାହା ସବୁ ଲେଖା ଯାଇଛି ସେ ସମ୍ବନ୍ଧରେ ସନ୍ଦେହ ଜାତ ହେବା ସ୍ୱାଭାବିକ । ଇସ୍ରାଏଲରେ ପ୍ରଚଳିତ ପରଂପରାର ବିଶ୍ୱାସ ଅନୁଯାୟୀ 'ମୋସେ' ନିଜେ ଧର୍ମ ସମ୍ବନ୍ଧୀୟ ସବୁ କଥା ଲିପିବଦ୍ଧ କରିଯାଇଛନ୍ତି । କିନ୍ତୁ ସେତେବେଳେ ବା ତାର ବହୁ ପରବର୍ତ୍ତୀକାଳ ପର୍ଯ୍ୟନ୍ତ କେବଳ ଇଜିପ୍ଟ ଓ ବେବିଲୋନ ଛଡ଼ା ଅନ୍ୟ କୁଆପି ଲିପିର ପ୍ରଚଳନ ଥିବା କୌଣସି ଆବିଷ୍କାରରୁ ପ୍ରମାଣିତ ହୋଇ ପାରି ନାହିଁ । କିନ୍ତୁ ଇସ୍ରାଇଲୀୟ ଧର୍ମାତ୍ମା 'ମୋସେ'ଙ୍କ ବହୁ ପୂର୍ବରୁ ଚୀନ ଓ ଭାରତରେ ଲିପିର ପ୍ରଚଳନ

ଲିପିର ପ୍ରଚଳନ

ଥିଲା । ଯୀଶୁଙ୍କ ଜନ୍ମର ପ୍ରାୟ ୬୦୦ ବର୍ଷ ପୂର୍ବେ ବୁଦ୍ଧ ଭାରତରେ ତାଙ୍କ ଧର୍ମ ପ୍ରଚାର କରିଥିଲେ ଏବଂ ସେତିକିବେଳେ ପାଲି ଭାଷାରେ ତାଙ୍କର ଧର୍ମୋପଦେଶ ସବୁ ଭୂର୍ଜପତ୍ର ତାଳପତ୍ରରେ ଲିପିବଦ୍ଧ ହୋଇ ରହିଥିଲା । ଏଭଳି ବୌଦ୍ଧ ଧର୍ମ ଗ୍ରନ୍ଥର ସଂଖ୍ୟା ସେତେବେଳେ ଥିଲା ପ୍ରାୟ ଚଉରାଶି ହଜାର । ଖ୍ରୀଷ୍ଟଙ୍କ ଜନ୍ମର ଏକ ବର୍ଷ ପୂର୍ବରୁ ଚୀନର ସମ୍ରାଟ ମିଙ୍ଗସି ଭାରତରୁ ବୌଦ୍ଧ ଧର୍ମଗ୍ରନ୍ଥ କିଛି ନେବା ପାଇଁ ଏକ ଦୂତ ପଠାଇଥିଲେ । ଅର୍ଥାତ୍ ହିନ୍ଦୁସ୍ଥାନ ଓ ଚୀନରେ ପ୍ରଚଳିତ ଭାଷା ଲିପିବଦ୍ଧ ହୋଇ ସମୃଦ୍ଧ ହୋଇଥିବା ବେଳେ ଲିପିର ବ୍ୟବହାର ଜାଣି ନ ଥିବା ହତଭାଗ୍ୟ ବ୍ୟକ୍ତିମାନେ କେବଳ ଶୁଣା କଥାକୁ ମନେ ରଖି ନିଜ ଜ୍ଞାନ ବଢ଼ାଇବାକୁ ଚେଷ୍ଟା କରୁଥିଲେ । ତେଣୁ ମୋସେଙ୍କ ଧର୍ମ ଉପଦେଶ ସବୁ ଲିପିବଦ୍ଧ ହେଲା ବେଳକୁ ସେଥିରେ ବହୁ କାଳ୍ପନିକ ବିଷୟବସ୍ତୁ ଲୋକ ମୁଖରେ ପ୍ରଚଳିତ ହୋଇ ସ୍ଥାନ ପାଇ ସାରିଥିଲା ।

ଅପର ପକ୍ଷରେ ହିନ୍ଦୁ ଶାସ୍ତ୍ରକାର ମାନେ ନିଜ ଜୀବଦ୍ଦଶାରେ ଦେଖିଥିବା ଘଟଣାବଳୀ ଓ ଶୁଣିଥିବା ଉପଦେଶାବଳୀ ପ୍ରତ୍ୟକ୍ଷ ଭାବେ ଲେଖି ପକାଉଥିଲେ ଯେଉଁଥିରେ କଳ୍ପନା ପ୍ରସୂତ କାହାଣିର ମାତ୍ରା ଥିଲା କମ୍ ।

ସେତେବେଳେ ପ୍ରାଚ୍ୟ ଭୂଖଣ୍ଡରେ ସାଧାରଣ ଜୀବନ (ପବ୍ଲିକ୍ ଲାଇଫ୍) ବଜାର ମାନଙ୍କରେ ସୀମାବଦ୍ଧ ହୋଇ ରହିଥିଲା । ବଜାର ଗୁଡ଼ିକ ଥିଲା ସବୁ ପ୍ରକାର ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ । ସେଠାରେ ବଣିକମାନେ ବିଦେଶରେ କଣ ସବୁ ଘଟୁଛି ତାହା ଲୋକମାନଙ୍କୁ ଜଣାଉଥିଲେ ଏବଂ ଏହି ପ୍ରଥା ଏ ପର୍ଯ୍ୟନ୍ତ ସବୁ ଉଣା ଅଧିକେ ଚାଲି ଆସୁଛି ।

ଇଜିପ୍ଟ ଓ ୟୁରୋପ ସହିତ ଭାରତର ବାଣିଜ୍ୟ କାରବାର ଜେରୁଜେଲମ୍ ବାଟେ ହେଉଥିଲା । ଏବଂ ରାଜା ସୋଲୋମନଙ୍କ ଅମଳରୁ ହିନ୍ଦୁ ବଣିକମାନେ ଦେବଦେବୀ ମୂର୍ତ୍ତି ନିମନ୍ତେ ଆବଶ୍ୟକ ଅତି ମୂଲ୍ୟବାନ ପ୍ରସ୍ତର ସବୁ ବିଦେଶରୁ ଖରିଦ କରୁଥିଲେ । ୟୁରୋପର ବଣିକମାନେ ସମୁଦ୍ର ପଥରେ ଜେରୁଜେଲମ୍ ଆସି ତାଙ୍କର ପଣ୍ୟ ସାମଗ୍ରୀ ପହଞ୍ଚାଉଥିଲେ । ତେଣୁ ତାହା ଥିଲା ପ୍ରାଚ୍ୟ ଓ ପଶ୍ଚିମ ଭୂଖଣ୍ଡର ମିଳନ ବିନ୍ଦୁ । ତେଣୁ ବିଭିନ୍ନ ବୌଦ୍ଧ ବିହାରରେ ସୁରକ୍ଷିତ ଥିବା ପାଣ୍ଡୁଲିପି ସବୁ ଯୀଶୁଙ୍କ ପୂର୍ବ, ପରବର୍ତ୍ତୀ ଓ ତାଙ୍କ ସମୟ କାଳ ମଧ୍ୟରେ ବିରଚିତ ହୋଇଥିଲା ।

ବିଦେଶୀ ଛାତ୍ର

ଭାରତରେ ଯୀଶୁଙ୍କ ରହଣୀ କାଳ ମଧ୍ୟରେ ତାଙ୍କୁ ବ୍ରାହ୍ମଣ ଓ ବୌଦ୍ଧ ଧର୍ମ ଶିକ୍ଷା ପାଇଁ ଆସିଥିବା ଜଣେ ବିଦେଶୀ ଛାତ୍ର ରୂପେ ମନେକରାଯାଉଥିଲା ଏବଂ ତାଙ୍କୁ ସେଭଳି ଗୁରୁତ୍ୱ ଦିଆଯାଉ ନ ଥିଲା । କିନ୍ତୁ ଯୀଶୁ ଇସ୍ରାଏଲରେ ବନ୍ଦୀ ହେବା ପରେ ତାଙ୍କ କାର୍ଯ୍ୟକଳାପର ଯେତେବେଳେ ଖବର ମିଳିଲା ସେତେବେଳେ ଭାରତର ଗ୍ରନ୍ଥସଙ୍କଳନକାରୀମାନେ ସଚେତ ହୋଇ ଉଠିଲେ ଏବଂ ସେଠାକାର ଘଟଣାବଳି ସମ୍ପର୍କରେ ଶୁଣିଥିବା କଥା ସବୁ 'ଈଶାଙ୍କ' କାବ୍ୟ ରୂପେ ଲିପିବଦ୍ଧ କରିବାକୁ ଆରମ୍ଭ କଲେ । ଭାରତ ବର୍ଷରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ସହ ମିଳିମିଶି ଶିକ୍ଷାଲାଭ କରିଥିବା ଜଣେ ଉଦ୍ଦିଷ୍ଟ

(୫ମ ପୃଷ୍ଠାରେ ଅବଶିଷ୍ଟାଂଶ)

ସ୍ଥିତ ହେବେ ତାହା ସେମାନଙ୍କ କଳ୍ପନା ବାହାରେ ଥିଲା । ତେଣୁ ତାଙ୍କ ବିଷୟରେ କେହି ଅଧିକ ଆଗ୍ରହ ପ୍ରକାଶ କରି ନ ଥିଲେ ।

ଜୈନମାନଙ୍କ ଅନୁରୋଧ ଏଡ଼ାଇ ସେ ଓରିସିସ୍ (ଓଡ଼ିଶା)ର ଜଗନ୍ନାଥ ଧାମ ଅଭିମୁଖେ ଅଗ୍ରସର ହେଲେ ଏବଂ ଜଗନ୍ନାଥ ପୀଠର ବ୍ରାହ୍ମଣମାନେ ତାଙ୍କୁ ଆନନ୍ଦରେ ସ୍ୱାଗତ କରିଥିଲେ ।

ଜଗନ୍ନାଥ ଧାମରେ ସେ ଦୀର୍ଘ ଦିନ ଅବସ୍ଥାନ କରି ଶୂଦ୍ର ଓ ବୈଶ୍ୟ ସଂପ୍ରଦାୟର ଲୋକଙ୍କୁ ଧର୍ମୋପଦେଶ ଦେବାଆରମ୍ଭ କଲେ । କ୍ରମେ ସେ ସେହି ତଥାକଥିତ ଅସ୍ପୃଶ୍ୟ ଶ୍ରେଣୀର ଲୋକଙ୍କ ଅତି ପ୍ରିୟଭାଜନ ହୋଇ ଉଠିଲେ ସେମାନଙ୍କ ଉପରେ ତାଙ୍କର ଅଖଣ୍ଡ ପ୍ରଭାବ ଅନୁଭୂତ ହେଲା । ବ୍ରାହ୍ମଣ ଓ କ୍ଷତ୍ରିୟ ଜାତିର ଲୋକେ ଏଥିରେ ଆତଙ୍କିତ ହୋଇ ଅସ୍ପୃଶ୍ୟ ଲୋକଙ୍କୁ ଧର୍ମୋପଦେଶ ଦେବାରୁ ତାଙ୍କୁ ନିବୃତ୍ତ କରିବାକୁ ତାଙ୍କୁ ଚେଷ୍ଟା କରିଥିଲେ ଏବଂ ଏଭଳି କାର୍ଯ୍ୟ ଦ୍ୱାରା ସେ ଶାସ୍ତ୍ରର ବିରୁଦ୍ଧାଚରଣ କରୁଛନ୍ତି ବୋଲି ବ୍ରାହ୍ମଣମାନେ ତାଙ୍କ ନିକଟରେ ଯୁକ୍ତି କରିଥିଲେ । କିନ୍ତୁ ବ୍ରାହ୍ମଣମାନଙ୍କ ଯୁକ୍ତି ତାଙ୍କୁ ନିଜ କାର୍ଯ୍ୟରୁ ନିବର୍ତ୍ତାଇ ପାରି ନ ଥିଲା ଏବଂ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ ହୋଇଥିବାରୁ ସବୁ ଶ୍ରେଣୀର ଲୋକେ ଧର୍ମଚର୍ଚ୍ଚା କରିବାକୁ ଓ ଧର୍ମଉପଦେଶାମୃତ ପାନ କରିବାକୁ ହକ୍‌ଦାର ବୋଲି ସେ ଦୃଢ଼ ଯୁକ୍ତି କରିଥିଲେ । ଏଥିରେ ଦ୍ୱିଜ ସଂପ୍ରଦାୟ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କଲେ । କିନ୍ତୁ ତାଙ୍କର ଶୂଦ୍ର ଅନୁଗାମୀମାନେ ଯୀଶୁଙ୍କୁ ଏ ବିଷୟରେ ପୂର୍ବରୁ ସତର୍କ କରି ଦେବାରୁ ଏ ଷଡ଼ଯନ୍ତ୍ର କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ସେ ଜଗନ୍ନାଥଧାମ ତ୍ୟାଗ କରି ବାରଣାସୀରେ କିଛି କାଳ ଅତିବାହିତ କଲେ । ପୁରୀ ଓ ବାରଣାସୀରେ ସେ ଦୀର୍ଘ ଛଅ ବର୍ଷ ରହି ବ୍ରାହ୍ମଣ ଧର୍ମର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କଲା ପରେ ସେ ଉତ୍ତର ଦିଗକୁ ଯାତ୍ରା କରି ବିଭିନ୍ନ ବୌଦ୍ଧ ବିହାରମାନଙ୍କରେ ରହିଥିଲେ ।

ବୌଦ୍ଧ ଧର୍ମକୁ ଭଲ ଭାବେ ବୁଝିବା ପାଇଁ ସେ ପାଲି ଭାଷା ଅଧ୍ୟୟନ କଲେ ଏବଂ ବୌଦ୍ଧ ଦର୍ଶନରେ ବ୍ୟୁତ୍ପତ୍ତି ଲାଭ କରିବା ପରେ କିଛି ଦିନ ନେପାଳରେ କଟାଇ ପୁନଶ୍ଚ ରାଜପୁତନା ବାଟେ ପଶ୍ଚିମାଞ୍ଚଳ ଯାତ୍ରା କଲେ । ନିଜ ମାତୃଭୂମିର ଡାକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ତାଙ୍କୁ ପ୍ରବର୍ତ୍ତାଇଥିଲା । ରାଜପୁତନା ବାଟେ ପଶ୍ଚିମାଞ୍ଚଳକୁ ଯାତ୍ରା ଆରମ୍ଭ କରିବା ବେଳକୁ "ଈଶା" ରୂପେ ସେ ଖ୍ୟାତ ହୋଇ ସାରିଥିଲେ । ମୂର୍ତ୍ତି ପୂଜାର ବିରୋଧ, ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ ତାଙ୍କ ଉପଦେଶର ଭିତ୍ତି ଥିଲା । ତାଙ୍କର ଧର୍ମବାଣୀ ଲୋକଙ୍କ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କଲା ଏବଂ କ୍ରମେ ଅଧିକରୁ ଅଧିକତର ଲୋକ ତାଙ୍କ ପ୍ରତି ଆକୃଷ୍ଟ ହେବାକୁ ଲାଗିଲେ । ସେ ଯେଉଁ ପଥ ଦେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ସେ ଅଞ୍ଚଳର ଲୋକେ ତାଙ୍କ ଧର୍ମବାଣୀରେ ଉଦ୍‌ବୁଦ୍ଧ ହେଉଥିଲେ ଏବଂ ପ୍ରଚଳିତ ଧର୍ମ ବିଶ୍ୱାସ ଉପରେ ତାଙ୍କର ଉପଦେଶବାଣୀ ଥିଲା ଏକ ପ୍ରଚଣ୍ଡ କୁଠାରଘାତ ।

ମୂର୍ତ୍ତି ପୂଜାର ବିରୋଧ

ମୂର୍ତ୍ତିପୂଜାଦ୍ୱାରା ଈଶ୍ୱରଙ୍କ ସର୍ଜନାର ବିରୋଧ କରାଯାଉଛି ବୋଲି ସେ ପ୍ରଚାର କରୁଥିବାରୁ ସବୁ ଅଞ୍ଚଳର ପଣ୍ଡା, ପୁରୋହିତମାନେ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ ଏବଂ ଯୀଶୁ ଯାହା କହୁଛନ୍ତି ତାହାର ସତ୍ୟତା ପ୍ରମାଣିତ କରିବା ପାଇଁ ନିଜ ଈଶ୍ୱରଙ୍କର ଅଲୌକିକ ଶକ୍ତି ପ୍ରଦର୍ଶନ କରିବା ନିମନ୍ତେ ପୁରୋହିତମାନେ ତାଙ୍କୁ ଆହ୍ୱାନ କରିଥିଲେ । କିନ୍ତୁ ଏହାର ଉତ୍ତରରେ ଯୀଶୁ କୌଣସି ଅଲୌକିକ ଶକ୍ତି ପ୍ରଦର୍ଶନ କରିବା ପରିବର୍ତ୍ତେ କହିଥିଲେ ଯେ "ସୃଷ୍ଟିର ସର୍ଜନା ହିଁ ଈଶ୍ୱରଙ୍କ ଅଲୌକିକ ଶକ୍ତିର ପ୍ରକୃତ ପ୍ରମାଣ ।" ସର୍ଜନା ଆରମ୍ଭରୁ ଏ ପର୍ଯ୍ୟନ୍ତ ଅହରହ ଅଲୌକିକ କାର୍ଯ୍ୟମାନ ପ୍ରତ୍ୟେକ ମୁହୂର୍ତ୍ତରେ ଘଟି ଚାଲିଛି । ଯେଉଁ ଲୋକମାନେ ଏହାକୁ ଲକ୍ଷ୍ୟ କରି ପାରୁ ନାହାନ୍ତି ସେମାନେ ହିଁ ବାସ୍ତବିକ ହତଭାଗ୍ୟ । ଏବଂ ସେମାନେ ଜୀବନର ଶ୍ରେଷ୍ଠ ଅବଦାନରୁ ବଞ୍ଚିତ । ପ୍ରତ୍ୟାବର୍ତ୍ତନ ପଥରେ ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ ପ୍ରଚାର କରି ସେ ପର୍ସିଆରେ ପହଞ୍ଚିଲା ବେଳକୁ ତାଙ୍କ ଉପଦେଶବାଣୀ ଶ୍ରବଣ ନ କରିବାକୁ ସେଠାକାର ପୁରୋହିତମାନେ ନିଜ ନିଜ ଅଞ୍ଚଳର ଲୋକମାନଙ୍କୁ ପ୍ରବର୍ତ୍ତାଇ ଥିଲେ । କିନ୍ତୁ ଏହାର ବିଶେଷ ପ୍ରଭାବ ପଡ଼ି ନ ଥିଲା । ଏହିଭଳି ଭାବେ ଧର୍ମ ପ୍ରଚାର କରି ଅବଶେଷରେ ସେ ଜେରୁଜେଲମରେ ପହଞ୍ଚିଲେ ଏବଂ ସେଠାରେ କିଛି କାଳ ପରେ ସେଠାକାର ପ୍ରଭାବଶାଳୀ ଧର୍ମ ଧ୍ୱଜାଧାରୀଙ୍କ ଚକ୍ରାନ୍ତରେ ତାଙ୍କୁ କ୍ରୁଶ ବିଦ୍ଧ ହେବାକୁ ପଡ଼ିଥିଲା ।

କ୍ରୁଶବିଦ୍ଧ ଈଶାଙ୍କ ମୃତ୍ୟୁ ହୋଇ ନ ଥିଲା

ଧର୍ମତତ୍ତ୍ୱ ଦୃଷ୍ଟିରୁ ଯୀଶୁଖ୍ରୀଷ୍ଟ ମାନବ ଜାତିର ପରିତ୍ରାଣ ନିମନ୍ତେ ଆତ୍ମବଳୀ ଦେଲେ ବୋଲି କୁହାଯାଇଥାଏ । କିନ୍ତୁ ତାଙ୍କ ମୃତ୍ୟୁର ବୈଜ୍ଞାନିକ ସତ୍ୟତା ନିରୂପଣ କରିବାକୁ ଗଲାବେଳେ ସେ ଯେ କ୍ରୁଶ ବିଦ୍ଧ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ ଏ ସଂପର୍କରେ ସନ୍ଦେହ ଜାତ ହୁଏ । ତେଣୁ ତାଙ୍କର ମୃତ୍ୟୁ ଏବେ ବି ରହସ୍ୟାବୃତ୍ତ ଓ ଏକ ବିବାଦୀୟ ବିଷୟ । ଯୀଶୁଙ୍କର ସଶରୀରରେ ସ୍ୱର୍ଗ ଗମନ ଏହି ବିବାଦର କେନ୍ଦ୍ର ବିନ୍ଦୁ ।

ଶ୍ରୀ ଏସ୍. ଏସ୍. ଆର ବେଙ୍ଗାଲୀଙ୍କ ମତରେ କ୍ରୁଶବିଦ୍ଧ ଅବସ୍ଥାରେ ଯୀଶୁ ପ୍ରକୃତରେ ପ୍ରାଣତ୍ୟାଗ ତ୍ୟାଗ କରି ନ ଥିଲେ ମାତ୍ର ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଏହି ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ମୃତ ବୋଲି ଘୋଷଣା କରାଇ ଦିଆଯାଇ ସେଠାରୁ ତାଙ୍କୁ ଉଦ୍ଧାର କରି ନିଆ ଯାଇଥିଲା ଏବଂ କବର ଦେବା ଆଳରେ ତାଙ୍କୁ ଚିକିତ୍ସା କରାଯାଇଥିଲା । ଚିକିତ୍ସାରେ ଆରୋଗ୍ୟ ଲାଭ ପରେ ସେ କବର ତ୍ୟାଗ କରିଥିଲେ । ତାଙ୍କୁ କ୍ରୁଶରୁ ଉଦ୍ଧାର କରିବାରେ ଅମରଥୀୟର ଜଣେ

(୪ର୍ଥ ପୃଷ୍ଠା ର ଅବଶିଷ୍ଟାଂଶ)

ମାନଙ୍କୁ ଆହୁରି ଅନୁସନ୍ଧିତ୍ସୁ କରିପକାଇଲା । ସେମାନେ ତାଙ୍କ ଜୀବନୀ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କଲେ । ଏବଂ ଶୁଣିଥିବା ସବୁ ବିଷୟ ଲିପିବଦ୍ଧ କଲେ । ମୋତେ ହିମିସ୍ ବୌଦ୍ଧ ବିହାରର ଲାମା ଯେଉଁ ପାଣ୍ଡୁଲିପି ଦୁଇଟି ଦେଖାଇଲେ ଏବଂ ଯେଉଁଥିରେ ଯୀଶୁଙ୍କ ଯୁବକଙ୍କ କ୍ରୁଶବିଦ୍ଧ ଘଟଣା ଭାରତୀୟ ଗ୍ରନ୍ଥାକାରବିଷୟ ଲିପିବଦ୍ଧ ହୋଇଛି ତାହା ତିବ୍ବତୀୟ ଭାଷାରେ ଲିଖିତ ଗ୍ରନ୍ଥରୁ ସଂକଳନ କରାଯାଇଛି ଏବଂ ସେହି ତିବ୍ବତୀୟ ଗ୍ରନ୍ଥ ସବୁ ଲାସାସ୍ଥ ବୌଦ୍ଧ ବିହାରରେ ଅଛି ଏବଂ ସେ ସବୁ ଯୀଶୁଙ୍କ ମୃତ୍ୟୁର ଦୁଇଶତ ବର୍ଷ ପରେ ଭାରତ, ନେପାଳ ଓ ମଗଧରୁ ସେଠାକୁ ଅଣାଯାଇଥିଲା । ମୁଁ ପଢ଼ିଥିବା ପାଣ୍ଡୁଲିପି ପାଲି ଭାଷାରେ ଲିଖିତ । ଯୀଶୁଙ୍କ ବିଷୟରେ ଯାହା ବର୍ଣ୍ଣନା କରାଯାଇଛି ତାହା ଧାରାବାହିକ ନୁହେଁ ଏବଂ ସମସାମୟିକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ସହିତ ଏହା ମିଶି ରହିଛି ।

ଯୀଶୁ କ୍ରୁଶବିଦ୍ଧ ହେବା ବର୍ଷ ଜୁଡ଼ା ଅଞ୍ଚଳରୁ ଆସୁଥିବା ବଣିକ ମାନେ ଯେଉଁ ସବୁ କଥା କହିଛନ୍ତି ତାକୁ ଭିତ୍ତି କରି ପାଣ୍ଡୁଲିପିରେ ଲିପିବଦ୍ଧ ହୋଇଛି । ତାଙ୍କ ଜୀବନ ରହସ୍ୟମୟ ହେବା ପୂର୍ବରୁ ଏବଂ ତାଙ୍କୁ କ୍ରୁଶବିଦ୍ଧ କରାଯିବାର ଦୁଇ ତିନି ବର୍ଷ ଭିତରେ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଲିପିବଦ୍ଧ କରାଯାଇଥିବାରୁ ତାହା ଅଧିକବିଶ୍ୱାସ ଯୋଗ୍ୟ ମନେ ହୁଏ ।

Images: Aptakama Mishra, Processing: Srujanika

ଅତି ବିଦ୍ଧଶାଳୀ ଓ ପ୍ରଭାବଶାଳୀ ଶିଷ୍ୟ ଯୋସେଫଙ୍କ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ଏହାର କାରଣ ସ୍ୱରୂପ ସେ ବର୍ଣ୍ଣାଇଛନ୍ତି ଯେ ଯୀଶୁଙ୍କୁ କ୍ରୁଶ ବିଦ୍ଧ କରିବାର ମାତ୍ର ୧୨ ଘଣ୍ଟା ପରେ ତାଙ୍କୁ ମୃତ ବୋଲି ଘୋଷଣା କରାଯାଇଥିଲା । କୌଣସି ସାଧାରଣ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତିଙ୍କୁ କ୍ରୁଶ ବିଦ୍ଧ କଲେ ସେତିକ ସମୟ ଭିତରେ ତାଙ୍କର ମୃତ୍ୟୁ ହେବା ସମ୍ଭବ ନୁହେଁ । କାରଣ ହାତ ପାପୁଲି ଓ ପାଦରେ କଣ୍ଟା ଫୁଟାଇବା ଫଳରେ ଅଟରେ ମୃତ୍ୟୁ ଘଟାଇବା ଭଳି ରକ୍ତ ସ୍ରାବ ହେବାର ସମ୍ଭାବନା ନାହିଁ । ଏଭଳି କ୍ରୁଶ ବିଦ୍ଧ ବ୍ୟକ୍ତିର ସ୍ୱାଭାବିକ ମୃତ୍ୟୁ ହେବା ପାଇଁ ଅତି କମ୍‌ରେ ୩/୪ ଦିନ ଲାଗିବ ବୋଲି ବିଭିନ୍ନ ବ୍ୟକ୍ତି ଓ ବିଶେଷଜ୍ଞଙ୍କ ମତ ଉଦ୍ଧାର କରି ସେ ବର୍ଣ୍ଣାଇଛନ୍ତି । ଏହିଭଳି ବ୍ୟକ୍ତିଙ୍କ ମୃତ୍ୟୁ ମୁଖ୍ୟତଃ ରକ୍ତସ୍ରାବ ଯୋଗୁ ନ ହୋଇ ଯନ୍ତ୍ରଣା, ତୃଷା ଓ ନିଃସହାୟତା ଯୋଗୁ ହିଁ ସଂଘଟିତ ହୋଇଥାଏ । କିନ୍ତୁ ଯୀଶୁଙ୍କ କ୍ଷେତ୍ରରେ ମାତ୍ର ୧୨ ଘଣ୍ଟା ସମୟ ଭିତରେ ଏହା ହେବା ସମ୍ଭବ ନୁହେଁ ।

ପ୍ରାକୃତିକ ବିପର୍ଯ୍ୟୟ

ବାଇବେଲର ବର୍ଣ୍ଣନା ଅନୁଯାୟୀ ଯୀଶୁ କ୍ରୁଶବିଦ୍ଧ ହେବା ଦିନ ସେଠାରେ ପ୍ରବଳ ଝଡ଼ ବତାସ ମାଡ଼ି ଆସିଥିଲା । ଏପରି ଏକ ପ୍ରତିକୂଳ ଅବସ୍ଥାରେ ତାଙ୍କୁ ଜଗିଥିବା ସୈନ୍ୟମାନଙ୍କ ପ୍ରହରୀ ମଧ୍ୟ କୋହଳ ହୋଇ ପଡ଼ିଥିବା ମଧ୍ୟ ସ୍ୱାଭାବିକ । ଏବଂ ଏ ଅବସ୍ଥାରେ କ୍ରୁଶବିଦ୍ଧ ସ୍ଥଳରେ ଅଦୂରରେ ଥିବା ଯୀଶୁଙ୍କ ଶିଷ୍ୟମାନେ ତାଙ୍କ ପ୍ରିୟ ପ୍ରଭୁଙ୍କ ଶାରୀରିକ କଷ୍ଟ ଲାଘବ କରିବା ପାଇଁ ତାଙ୍କୁ ପିଇବା ଦେଇଥିବାର ମଧ୍ୟ ସୂଚନା ମିଳୁଛି । ତେଣୁ କ୍ରୁଶ ଉପରେ ପ୍ରାଣତ୍ୟାଗ କରିବା ପରିବର୍ତ୍ତେ ସେ କେବଳ ସଂଜ୍ଞାହୀନ ହୋଇ ପଡ଼ିଥିବା ଅଧିକ ବିଶ୍ୱାସ ଯୋଗ୍ୟ ।

ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନିଜର ସ୍ଥିତି ବଜାୟ ରଖିବା ପାଇଁ ସେଠାକାର ଶାସକ ବର୍ଗ ଯୀଶୁଙ୍କୁ କ୍ରୁଶବିଦ୍ଧ କରିବାକୁ ଆଦେଶ ଦେଇଥିଲେ ମଧ୍ୟ ସେଠାକାର ପ୍ରଶାସନ ଯୀଶୁଙ୍କ ପ୍ରତି ସହାନୁଭୂତିଶୀଳ ଥିଲା ଏବଂ ସେଠାକାର ରାଜ୍ୟପାଳ ପିଲାତଙ୍କ ପତ୍ନୀ ମଧ୍ୟ ଯୀଶୁଙ୍କର ଅନ୍ୟତମ ସହାୟିକା ତଥା ଶିଷ୍ୟା ଥିଲେ । ଏ ସମସ୍ତ ଅନୁକୂଳ ପରିସ୍ଥିତି ଭିତରେ ସଂଜ୍ଞାହୀନ ଯୀଶୁଙ୍କୁ ମୃତ ବୋଲି ଘୋଷଣା କରାଇବାରେ ଯୋସେଫ୍ ସକ୍ଷମ ହୋଇଥିଲେ ଏବଂ ମୃତ ଯୀଶୁଙ୍କ ଶରୀରକୁ ନିଜର ଘରୋଇ କବରଖାନାରେ କବର ଦେବା ନିମନ୍ତେ ମଧ୍ୟ ରାଜ୍ୟପାଳଙ୍କଠାରୁ ଅନୁମତି ଆଣିପାରିଥିଲେ । ସଂଜ୍ଞାହୀନ ଯୀଶୁଙ୍କୁ ଉଦ୍ଧାର କରି ପୂର୍ବ ପରିକଳ୍ପିତ ଯୋଜନାନୁଯାୟୀ ତାଙ୍କୁ ଯୋସେଫ୍‌ଙ୍କ ଘରୋଇ କବରଖାନାରେ ଶ୍ରେଷ୍ଠ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା । ଏବଂ ସେ ଭଲ ହୋଇ ଯାଇଥିଲେ ।

ଅନ୍ୟ ଅପରାଧୀଙ୍କ ଭଳି ବ୍ୟବହାର କରାଯାଇ ନ ଥିଲା ।

ଦଣ୍ଡିତ ବ୍ୟକ୍ତିଙ୍କ ନିଶ୍ଚିତ ମୃତ୍ୟୁ ଘଟାଇବା ପାଇଁ କ୍ରୁଶବିଦ୍ଧ ହେବା ପରେ ସାଧାରଣତଃ ଅପରାଧୀମାନଙ୍କର ହାଡ଼ ଗଣ୍ଠି ସବୁ ଭାଙ୍ଗି ଦିଆଯାଇଥାଏ । ଯୀଶୁଙ୍କ ସହ କ୍ରୁଶବିଦ୍ଧ ହୋଇଥିବା ଅନ୍ୟ ଦୁଇଜଣ ଅପରାଧୀଙ୍କ ହାଡ଼ ଗଣ୍ଠି ଇତ୍ୟାଦି ଭଙ୍ଗାଯାଇ ଥିଲେ ମଧ୍ୟ ଯୀଶୁଙ୍କ କ୍ଷେତ୍ରରେ ଏହା କରାଯାଇ ନଥିଲା । ପ୍ରଶାସନର ସହାନୁଭୂତି ଏବଂ କୌଣସି ଗୁପ୍ତ ବ୍ୟକ୍ତିଙ୍କ ପ୍ରଚ୍ଛନ୍ନ ଉଦ୍ୟମ ଫଳରେ ହିଁ ଏହା ସମ୍ଭବ ହୋଇପାରିଥିଲା । ଏଥିରୁ କେବଳ ରୋମ ସମ୍ରାଟଙ୍କ ଅନୁଗାମୀ ଧର୍ମଯାଜକ ଗୋଷ୍ଠୀକୁ ତୁଷ୍ଟ କରିବା ପାଇଁ ଯୀଶୁଙ୍କୁ ପ୍ରାଣ ଦଣ୍ଡ ଦିଆଯାଇଥିଲେ ମଧ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ ତାଙ୍କର ମୃତ୍ୟୁ ଚାହୁଁ ନ ଥିଲେ ଏବଂ ତାଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚାଇବା ଉଦ୍ୟମରେ ବରଂ ସହାୟତା କରିଥିଲେ ବୋଲି ଜଣାଯାଏ ।

ହାତ ପାପୁଲି ଓ ପାଦରେ କଣ୍ଟା ଫୁଟିଥିବା ଜନିତ କ୍ଷତ ଶୁଖିବା ଏବଂ ଦୁର୍ବଳତା ଦୂର ହେବା ପାଇଁ ତିନି ଚାରି ଦିନ ସମୟ ଯଥେଷ୍ଟ । ଏହି ତିନି ଚାରିଦିନ କବର ରୂପକ ଏକ ପ୍ରକାଣ୍ଡ ଗହ୍ୱରରେ ଅବସ୍ଥାନ କରି ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିବା ପରେ ଯୀଶୁ ସେ ସ୍ଥାନ ତ୍ୟାଗ କରିଥିଲେ । ଏହି ଘଟଣାକୁ ଧର୍ମଗ୍ରନ୍ଥର ଭାଷ୍ୟକାରମାନେ ଅତି ଚମତ୍କାର ଭାବେ ସଶରୀରରେ ସ୍ୱର୍ଗଗମନ ରୂପେ ବର୍ଣ୍ଣନା କରି ବିଷୟଟିକୁ ରହସ୍ୟାବୃତ କରି ପକାଇଛନ୍ତି ।

କ୍ରୁଶବିଦ୍ଧ ଯୀଶୁଙ୍କ ମୃତ୍ୟୁ ଘଟଣା ତାଙ୍କ ପ୍ରଚାରିତ ଧର୍ମକୁ ଲୋକଙ୍କ ଚକ୍ଷୁରେ ନ୍ୟୂନ କରିଦେବାର ଆଶଙ୍କା ଥିବାରୁ ଭାଷ୍ୟକାରମାନେ ସେ କବର ସ୍ଥାନରୁ ପୁନର୍ଜୀବନ ଲାଭ କରି ଶିଷ୍ୟମାନଙ୍କ ସହ ଆଳାପ ଆଲୋଚନା କରିଥିଲେ ବୋଲି ବାରମ୍ବାର ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଯୀଶୁ ନିଜକୁ ଶତ୍ରୁମାନଙ୍କ ଦୃଷ୍ଟିର ଅଲକ୍ଷରେ ରଖି ଭାରତ ପ୍ରତ୍ୟାବର୍ତ୍ତନ କରୁଥିବା ବାଟରେ ହିଁ କେତେକ ଶିଷ୍ୟଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି ଏବଂ ସେ ଯେ ଜୀବିତ ତାହା ପ୍ରତିପାଦନ କରିବାକୁ ମଧ୍ୟ ଚେଷ୍ଟା କରିଛନ୍ତି । ମୃତ ଘୋଷିତ ଯେ କୌଣସି ବ୍ୟକ୍ତିଙ୍କ ସହିତ ପ୍ରତ୍ୟକ୍ଷ ଭାବେ କଥାବାର୍ତ୍ତା କରିବାର ଅନୁଭୂତି ସହଜେ ଅନୁମେୟ । ଯୀଶୁଙ୍କ ଶିଷ୍ୟଙ୍କ ଭିତରୁ କେତେକ ପୁନର୍ବାର ତାଙ୍କୁ ସ୍ପର୍ଶ କରି ତାଙ୍କ ସାନ୍ନିଧ୍ୟ ଲାଭ କରିବା ପରେ ତାଙ୍କ ପୁନର୍ଜୀବନ ସମ୍ବାଦ ଚାରିଆଡ଼େ ସହସା ବ୍ୟାପି ଯାଇ ବହୁ କଳ୍ପନା ପ୍ରସୂତ ଆଖ୍ୟାୟିକା ସୃଷ୍ଟି ହୋଇଥିଲା ।

ଯୀଶୁଖ୍ରୀଷ୍ଟ ଜେରୁଜେଲମରୁ ପର୍ସିଆ ବାଟେ ଆଫଗାନିସ୍ତାନ ଆସି ଶେଷରେ କାଶ୍ମୀରରେ କିଛି କାଳ ଅବସ୍ଥାନ କରି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଯୀଶୁଙ୍କ କବର ଆବିଷ୍କାର

ଏହାର ସତ୍ୟତା ପ୍ରତିପାଦିତ ହୋଇଛି କାଶ୍ମୀରରେ 'ୟୁସ ଆସଫ' ଲେଖାଥିବା ଏକ ବହୁ ପୁରାତନ କବର ଆବିଷ୍କୃତ ହେବା ପରେ । ଏହି 'ୟୁସ ଆସଫ'ଙ୍କ କବର ହିଁ ପ୍ରକୃତରେ ଯୀଶୁଖ୍ରୀଷ୍ଟଙ୍କ କବର ବୋଲି ଗବେଷକମାନଙ୍କ ମତ । ଜନଶ୍ରୁତି ଅନୁଯାୟୀ ସେଠାରେ କବର ପାଇଥିବା ବ୍ୟକ୍ତି ହେଉଛନ୍ତି ଜଣେ ରାଜ ଯୋଗୀ ଅର୍ଥାତ ସେ ଥିଲେ ଜଣେ ରାଜା ଓ ସନ୍ଥ, ଯାହି ଦୁଇ ହଜାର ବର୍ଷ ତଳେ ପଶ୍ଚିମାଞ୍ଚଳରୁ ଆସି ସେ ଏଠାରେ ଅବସ୍ଥାନ କରିଥିଲେ ଏବଂ ଧର୍ମ ପ୍ରଚାର କରୁଥିଲେ ।



କାଶ୍ମୀରରେ ଯୀଶୁଙ୍କ କବରର ସ୍ଥାନ

ପଣ୍ଡିତମାନଙ୍କ ମତରେ 'ୟୁସ' ଶବ୍ଦ ଯୀଶୁଙ୍କର ଆରବୀୟ ନାମ 'ୟୁସୁ'ର ଅପଭ୍ରଂଶ ମାତ୍ର, ସେହିଭଳି 'ଅସାଫ୍' (Ashaf) ହେଉଛି ହିବ୍ରୁ 'Ashaf' ଶବ୍ଦର ଅପଭ୍ରଂଶ ଯାହାର ଅର୍ଥ ହେଉଛି ସଂଗ୍ରହକାରୀ । ଧର୍ମ ପ୍ରଚାର ପାଇଁ ଶିଷ୍ୟ ସଂଗ୍ରହ କରିବାକୁ ଆସିଥିବା ସାଧୁ ବା ସନ୍ଥ ୟୁସ୍ ଆସାଫ୍ ନାମରେ ସେଠାରେ ପରିଚିତ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଟି. ଭି. ଆଣ୍ଟିନା ରୂପେ ନଡ଼ିଆ ଗଛର ବ୍ୟବହାର



ଅମୃତଭଣ୍ଡା , କଦଳୀ ,ଓ ଖଜୁରୀ ଗଛକୁ ଆଣ୍ଟିନାରୂପେ ବ୍ୟବହାର କରିବା ପ୍ରଣାଳୀ

ବିଭିନ୍ନ ସହରମାନଙ୍କର ଘର ଛାତ ଉପରେ ଟି. ଭି. ଆଣ୍ଟିନା ରୂପେ ସବୁ ଧାତବ ଦଣ୍ଡ ଚକ୍ ଚକ୍ କରୁଛି । ଅତିଶୀଘ୍ର ସବୁଜ ବୃକ୍ଷ ତାର ସ୍ଥାନ ଅଧିକାର କରିପାରିବ ବୋଲି ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି । ଦେଶର ଜନୈକ ବିଖ୍ୟାତ ମହାକାଶ ବୈଜ୍ଞାନିକ ଡକ୍ଟର ଶିବ ପ୍ରସାଦ ଘୋଷ ଦୀର୍ଘ ଦିନ କାଳ ଏ ସମ୍ବନ୍ଧରେ ଗବେଷଣା କରିବା ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଏବଂ ଅଦୂର ଭବିଷ୍ୟତରେ ଗ୍ରାମାଞ୍ଚଳ ମାନଙ୍କରେ ଅମୃତଭଣ୍ଡା, କଦଳୀ, ନଡ଼ିଆ ଓ ଖଜୁରୀ ଗଛ ସବୁକୁ ଟି. ଭି. ଆଣ୍ଟିନା ରୂପେ ବ୍ୟବହାର କରାଯାଇ ପାରିବ ବୋଲି ଦର୍ଶାଇଛନ୍ତି ।

ଇଲେକ୍ଟ୍ରୋ ମ୍ୟାଗନେଟ ୱେଭର ସୁପରିବାହୀ ରୂପେ ବିଶ୍ୱର ସବୁଜ ବନାନୀକୁ ବ୍ୟବହାର କରାଯାଇ ପାରିବ କି ନାହିଁ ତାହା ଜାଣିବା ପାଇଁ ଶ୍ରୀ ଘୋଷ ପ୍ରଥମେ ଏହି ଗବେଷଣା ଆରମ୍ଭ କରିଥିଲେ । ନିଜ ଗବେଷଣା ନିମନ୍ତେ ସେ ପ୍ରଥମେ ନଡ଼ିଆ, କଦଳୀ, ଗୋଲମୋହର ଆଦି ଗଛ ବାଛିଥିଲେ ଏବଂ ଏହି ସବୁ ବୃକ୍ଷର କାଣ୍ଡକୁ ସହଜରେ ଟି. ଭି. ସିଗନାଲ ଗ୍ରହଣ ନିମନ୍ତେ ଉପଯୋଗୀ କରାଯାଇ ପାରିବ ବୋଲି ସେ ପ୍ରମାଣ ପାଇଲେ । ତାଙ୍କ ପ୍ରମାଣ ଅନୁଯାୟୀ ଜ୍ୟାମିତିକ ଆକୃତି ବିଶିଷ୍ଟ କେତେକ ସବୁଜ ବୃକ୍ଷରେ ଥିବା ଜଳ ଓ ରାସାୟନିକ ଦ୍ରବ୍ୟକୁ ଉତ୍ତେଜିତ କଲେ ତାହା ନିଜ ଶରୀରରେ ଇଲେକ୍ଟ୍ରୋ ମ୍ୟାଗନେଟିକ୍ ତରଙ୍ଗକୁ ଧାରଣ କରି ପାରିବ ।

ଡକ୍ଟର ଘୋଷ ବାଙ୍ଗାଲୋର ଓ ତାର ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ପରୀକ୍ଷା କରି ଜାଣି ପାରିଛନ୍ତି ଯେ ବାଙ୍ଗାଲୋର ଟି. ଭି. ଟାୱାରରୁ ଆସୁଥିବା ୧ କିଲୋୱାଟ ଶକ୍ତି ସମ୍ପନ୍ନ ଟି. ଭି. ସିଗନାଲକୁ (ବ୍ୟାଣ୍ଡ-୩, ଚ୍ୟାନେଲ-୫ ଭିଡ଼ିଓ ଫ୍ରିକ୍ୱେନ୍‌ସି, ୧୭୫.୨୫ MHz ଏବଂ ଅଡ଼ିଓ ଫ୍ରିକ୍ୱେନ୍‌ସି, 180'25 MHz) ସଦ୍ୟ କଟା ହୋଇଥିବା ନଡ଼ିଆ ଗଛର ବାହୁଙ୍ଗା ଗ୍ରହଣ କରି ପାରୁଛି । ଏହି ଗବେଷଣା ଫଳରେ ଅତି ସହଜରେ ରେଡ଼ିଓ ଫ୍ରିକ୍ୱେନ୍‌ସି ଶକ୍ତିକୁ ବୃକ୍ଷ ସାହାଯ୍ୟରେ ଟି.ଭି ସିଗନାଲ ଗ୍ରହଣକାରୀ ଶକ୍ତିରେ ରୂପାନ୍ତରିତ କରିବାର କୌଶଳ ମଧ୍ୟ ଆବିଷ୍କାର କରାଯାଇ ପାରିଛି । ଏହି ପରୀକ୍ଷା ନିମନ୍ତେ ୧୨ ଫୁଟ ଉଚ୍ଚର ବାଉଁଶ ଖୁଣ୍ଟ ଉପରେ ଚାରିକୋଣିଆ କାଠ ବାକ୍ସରେ ସଦ୍ୟକଟା ଯାଇଥିବା ଡାଳ ସବୁ ରଖାଯାଇଥିଲା ।

ଶିବ ପ୍ରସାଦ ଘୋଷ

ଗଛକୁ ଟି. ଭି. ଆଣ୍ଟିନା ରୂପେ ବ୍ୟବହାର କଲେ ଲୋକେ ଯେ କେବଳ ଆର୍ଥିକ ଦିଗରୁ ଲାଭବାନ ହେବେ ତାହା ନୁହେଁ, ଅଧିକ

Images: Aptakama Mishra, Processing: Srujanika

ପ୍ରାସାଦମାନଙ୍କରେ ବାସ କରୁଥିବା ଲୋକେ କୋଠା ଛାତର ସଂକୀର୍ଣ୍ଣ ପରିସର ଦୃଷ୍ଟିରୁ ଆଣ୍ଟିନା ଖଞ୍ଜିବାରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ମଧ୍ୟ ଦୂର ହୋଇଯାଇବ । ଉଦାହରଣ ସ୍ୱରୂପ ଗୋଟିଏ କୋଠାର ଛାତ ଉପରେ ହୁଏତ ୧୦ ବା ୧୨ଟି ଆଣ୍ଟିନା ଖଞ୍ଜା ଯାଇ ପାରିବ । ସେହି ପ୍ରାସାଦରେ କେବଳ ସେତିକିଟି ପରିବାର ଟି. ଭି. ଦେଖି ପାରିବେ । ଅନ୍ୟମାନେ ଏଥିରୁ ବଞ୍ଚିତ ହେବା ସ୍ୱାଭାବିକ । ଏ କ୍ଷେତ୍ରରେ କୋଠାଘର ପାଖରେ ଗୋଟିଏ ଡେଙ୍ଗା ଇଉକାଲିପଟାସ ଗଛ ଥିଲେ ତାକୁ ଉକ୍ତ କୋଠାର ପ୍ରତ୍ୟେକ ବାସିନ୍ଦାଙ୍କ ପାଇଁ ଟି-ଭି-ଆଣ୍ଟିନା ରୂପେ ବ୍ୟବହାର କରି ହେବ । କେବଳ ଟି. ଭି. ମାଲିକମାନଙ୍କୁ ସେହି ଗଛରେ ଗୋଟିଏ ଲେଖା ପ୍ଲଗ୍ ଗୁଞ୍ଜିବାକୁ ଯାହା ହେବ ।

ଡକ୍ଟର ବୋଷଙ୍କ ଅଧ୍ୟୟନରୁ ଏହା ପ୍ରମାଣିତ ହୋଇଛି ଯେ ଉପଯୁକ୍ତ ସ୍ଥାନରେ ଅବସ୍ଥିତ ଗଛମାନଙ୍କ ଦେହ ପ୍ରତ୍ୟକ୍ଷ ଭାବେ ଟି. ଭି ର 'ରେଡ଼ିଓ ଫ୍ରିକ୍ୱେନ୍‌ସି ରେଡ଼ିଏସନ୍' ସଂସ୍ପର୍ଶରେ ଆସିଲେ ସେମାନେ ନିଜ ନିଜର ସବୁଜ ପତ୍ର ବା ଡାଳ ଜରିଆରେ ଇଲେକ୍‌ଟ୍ରୋ-ମ୍ୟାଗନେଟିକ୍ ଶକ୍ତିକୁ ଆହରଣ କରନ୍ତିଅନ୍ତି । ସବୁଜ ପତ୍ରରେ ଥିବା ଜାଇଲେମ୍ ଓ ଫୋଲେମ୍ ଯାହାକି ବୃକ୍ଷର ଜଳ ଓ ଖାଦ୍ୟ ସରବରାହ କରିଥାନ୍ତି ସେଇମାନେ ଏହି ଶକ୍ତି ଆହରଣରେ ସହାୟତା କରି ଅବଶେଷରେ ତାହା ମାଟିକୁ ନେଇଯାନ୍ତି ।

ଇଲେକ୍‌ଟ୍ରୋଷ୍ଟାଟିକ୍ ଡାଇପୋଲ

ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଜଣାଯିବ ଯେ ଇଲେକ୍‌ଟ୍ରୋ ମ୍ୟାଗନେଟିକ କ୍ଷେତ୍ର (ଟି. ଭି.) ସବୁଜ ପତ୍ରରେ ଥିବା ଡାଇ ଇଲେକ୍‌ଟ୍ରିକ୍ ଆଟମ୍, ମଲିକୁଲରେ ଥିବା ଆବଦ୍ଧ ଇଲେକ୍‌ଟ୍ରୋ-ମ୍ୟାଗନେଟିକ୍ ଶକ୍ତିକୁ ଅତି ଅଳ୍ପ ସମୟ ପାଇଁ ବିଚ୍ଛିନ୍ନ କରି ଦିଏ ଏବଂ ବିଚ୍ଛିନ୍ନ ବସ୍ତୁ ସ୍ୱତଃ ଇଲେକ୍‌ଟ୍ରୋଷ୍ଟାଟିକ୍ ଡାଇପୋଲ ରୂପେ ବ୍ୟବହାର ପ୍ରଦର୍ଶନ କରେ । ଏହି ଡାଇପୋଲ ଟେଲିଭିଜନ ଟାୱାରରୁ ଆସୁଥିବା ଇଲେକ୍‌ଟ୍ରୋ ମ୍ୟାଗନେଟିକ୍ କ୍ଷେତ୍ରର ପ୍ରତିରୋଧ କରିବାକୁ ଚେଷ୍ଟା କରେ ଫଳରେ ପତ୍ରର ଡାଇଇଲେକ୍‌ଟ୍ରିକ ମାଧ୍ୟମରେ ଚୁମ୍ବକୀୟ କ୍ଷେତ୍ର ଉତ୍ପନ୍ନ ହୁଏ । ଏଥିରୁ ଜଣାଯାଇଛି ଯେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ବିଶିଷ୍ଟ ବୃକ୍ଷ ଯଦି ଟି. ଭି ଟାୱାରରୁ ବିଚ୍ଛୁରିତ ଶକ୍ତି ସଂସ୍ପର୍ଶରେ ଆସେ ତେବେ ତାହା ଟି. ଭି. ସିଗନାଲକୁ ନିଜ ପତ୍ର ସାହାଯ୍ୟରେ ଗ୍ରହଣ କରି ପରେ ଜାଇଲମ୍ ଓ ଫୋଲେମ୍ ବାଟେ ଭୂମିକୁ ପଠାଇ ଦେବ । ଯେଉଁ ଶକ୍ତିକୁ ବୃକ୍ଷ ଭୂତଳକୁ ପଠାଇ ଦେଉଛି ତାକୁ ସହଜରେ ଟି. ଭି. ରିସେପସନ ପାଇଁ ବ୍ୟବହାର କରିହେବ । ଏଥି ପାଇଁ ଅବଶ୍ୟ ଏକ ସହଜ ସରଳ ରୂପାନ୍ତରୀ-କରଣ ପଦ୍ଧତି ଅବଲମ୍ବନ କରିବାକୁ ହେବ ଏବଂ ପ୍ରତିକୂଳ ପାରିପାର୍ଶ୍ୱିକ ଅବସ୍ଥା ଯଥା ଝଡ଼, ବର୍ଷା ଓ ବରଫ ପାତ ପ୍ରତି ଦୃଷ୍ଟି ଦେବାକୁ ହେବ ।

ଡକ୍ଟର ଜୋଷୀ ଏବେ ବୃକ୍ଷଲତାଦିକୁ ଟେଲିଫୋନ ତାର ପରିବର୍ତ୍ତେ ବ୍ୟବହାର କରାଯାଇ ପାରିବ କି ନାହିଁ ତାହା ପରୀକ୍ଷା କରି ଦେଖୁଛନ୍ତି ।

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଥିଲେ । ତାଙ୍କୁ ସେଠାରେ ନାବି ବୋଲି ମଧ୍ୟ ସମ୍ବୋଧନ କରାଯାଉଥିଲା । ଯାହାର ଅର୍ଥ 'ମହାତ୍ମା' । ଏହି ଶବ୍ଦ କେବଳ ଆରବୀ ଓ ହିବ୍ରୁ ଭାଷାରେ ଦେଖିବାକୁ ମିଳେ । କିନ୍ତୁ ଆରବୀ ଭାଷାରେ ପଵିତ୍ର ଆତ୍ମାଙ୍କ ଭିନ୍ନ ଆଉ କୌଣସି 'ମୁସଲମାନ ସନ୍ଥଙ୍କୁ' ନାବି ବୋଲି ସମ୍ବୋଧନ କରାଯାଇ ନ ଥିବାରୁ ଏହି "ନାବି" ହିବ୍ରୁ ଭାଷୀ ଅଞ୍ଚଳର ଲୋକ ଏବଂ ଯୀଶୁଙ୍କ ବ୍ୟତିରେକ ଅନ୍ୟ କେହି ନୁହନ୍ତି ବୋଲି କୁହାଯାଏ । ବହୁ ଗବେଷକ ଓ ପର୍ଯ୍ୟଟକ ଏହି ମତକୁ ମଧ୍ୟ ସମର୍ଥନ କରନ୍ତି ।

କେତେକଙ୍କ ମତରେ କାଶ୍ମୀରବାସୀଙ୍କ ସହ 'ଜାଉ' ବା ଇହୁଦୀମାନଙ୍କର ସଂପର୍କ ବହୁ ପୂର୍ବ-କାଳରୁ ରହି ଆସିଛି ଏବଂ କାଶ୍ମୀରବାସୀଙ୍କ ପୂର୍ବ ବଂଶଧରମାନେ ସେ ଅଞ୍ଚଳରୁ ଆସିଥିବା ଶାରୀରିକ ଆକୃତିରୁ ଅନୁମାନ କରାଯାଉଛି । ତେଣୁ ପୁନର୍-ଜୀବିତ ହେବା ପରେ ଭାରତକୁ ଆସି ନିଜ ପୂର୍ବ-ପୁରୁଷଙ୍କ ବଂଶଧରଙ୍କ ଗହଣରେ ଶେଷଜୀବନ ବିତାଇବାକୁ ସେ ସ୍ଥିର କରିଥିବା ଅଧିକ ବିଶ୍ୱାସ ଯୋଗ୍ୟ । ଜେରୁଜାଲମରୁ ପଳାଇଆସିବା ପରେ ଲଦାଖ, ତିବ୍ବତ ଆଦି ସ୍ଥାନମାନଙ୍କରେ କିଛି କାଳ ଧର୍ମ ପ୍ରଚାରକରି ପରେ କାଶ୍ମୀରରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ଏବଂ ସେଠାରେ ହିଁ ତାଙ୍କୁ ସମାଧି ଦିଆଯାଇଛି । ଯାହାକି ଏ ପର୍ଯ୍ୟନ୍ତ ମଧ୍ୟ ବିଦ୍ୟମାନ ।

ଆଖୁ ଛେଳିଦାରୁ ନ୍ୟୁଜ୍‌ପ୍ରିଣ୍ଟ

ଦୀର୍ଘ ଦଶବର୍ଷର ଗବେଷଣା ପରେ କ୍ୟୁବାର ବୈଜ୍ଞାନିକ ଧାନେ ଆଖୁ ଛେଳିଦାରୁ ନ୍ୟୁଜପ୍ରିଣ୍ଟ ଉତ୍ପାଦନ କରିବାରେ ସକ୍ଷମ ହୋଇଛନ୍ତି । ଏହି ସଫଳତା ଯୋଗୁ କ୍ୟୁବା ସମେତ ଚିନି ରପ୍ତାନି କରୁଥିବା ପ୍ରାୟ ୪୫ ଅନୁନ୍ନତ ଦେଶ ବିଶେଷ ଉପକୃତ ହେବେ ।

ଆମେରିକାରେ ଚାରି କୋଟି ଲୋକ ଗଞ୍ଜେଇ ଖୋର

ଆମେରିକାର ପ୍ରାୟ କୋଟିଏ ଦଶଲକ୍ଷ ଲୋକ ନିୟମିତ ଭାବେ ଏବଂ ପ୍ରାୟ ସାଢ଼େ ଚାରିକୋଟି ଲୋକ ସାମୟିକ ଭାବେ ଗଞ୍ଜେଇ ଟାଣୁଛନ୍ତି ବୋଲି ଆନ୍ତର୍ଜାତିକ ନାରକୋଟିକ କଣ୍ଟ୍ରୋଲ ବୋର୍ଡ଼ର ଏକ ରିପୋର୍ଟରୁ ଜଣା-ଯାଇଛି । ଏହା ଛଡ଼ା ସେଠାକାର ପ୍ରାୟ ୪୦ ଲକ୍ଷ ଯୁବକ ଯୁବତୀ ଅତି ମାରାତ୍ମକ ନିଶା ବଟିକା ଖାଇବାରେ ମଧ୍ୟ ଅଭ୍ୟସ୍ତ । ଏହି ନିଶା ବଟିକା କବଳରୁ ସାମରିକ ବାହିନୀର ଲୋକେ ମଧ୍ୟ ବାଦ ପଡ଼ିନାହାନ୍ତି । ଅତି ଗୁରୁତ୍ୱପୂର୍ଣ୍ଣ ବିପଜ୍ଜନକ ଆଣବିକ ସଂସ୍ଥାମାନଙ୍କରେ କାମ କରୁଥିବା ସେନା ବାହିନୀର ଲୋକଙ୍କ ଭିତରେ ମଧ୍ୟ ଏହି ନିଶା ବଟିକାର ପ୍ରସାର ଲକ୍ଷ୍ୟ କରାଯାଉଛି ।

ଆମେରିକା କଂଗ୍ରେସର ଏକ ରିପୋର୍ଟ ଅନୁଯାୟୀ ୧୯୮୧ ମସିହାରେ କେବଳ ନୌବାହିନୀରେ ଏକଲକ୍ଷ ଚବିଶ ହଜାର ନିଶା-ବଟିକା ଖୋର ସୈନ୍ୟ ରହିଥିଲେ ଏବଂ ଏହି ବଟିକାଖିଆ ସୈନ୍ୟମାନଙ୍କ ଯୋଗୁ ବିରାଟର ବଡ଼ବଡ଼ ଦୁର୍ଘଟଣା ମାନ ମଧ୍ୟ ଘଟୁଛି । ୧୯୮୨ ମସିହାରେ ଆମେରିକାର ଅସ୍ତ୍ରଅସ୍ତ୍ରବାହି ଜାହାଜ ଚେଷ୍ଟର ନିମଜ୍ଜରେ ହୋଇଥିବା ଦୁର୍ଘଟଣାରେ ଯେଉଁ ଛଜଣ ପାଇଲଟ ମରିଥିଲେ ସେମାନଙ୍କ ମଧ୍ୟରୁ ଚାରିଜଣ ପୂର୍ବରୁ ନିଶାବଟିକା ଖାଇଥିଲେ ବୋଲି ପରବର୍ତ୍ତୀ ଅନୁସନ୍ଧାନରୁ ଜଣାପଡ଼ିଥିଲା ।

ଆନ୍ତର୍ଜାତିକ ବଜାରରେ ଚିନି ଦର ଯେପରି ଭାବେ କମ୍‌ବେଶୀ ହେଉଛି ସେଥିରୁ ଏହା ଉପରେ ନିର୍ଭରଶୀଳ କୌଣସି ଦେଶର ଅର୍ଥ-ନୀତି ସ୍ଥିର ରହିପାରୁନାହିଁ । ୧୯୭୪ ମସିହାରେ ଚିନିର ଆନ୍ତର୍ଜାତିକ ବଜାର ଦର କିଲୋ-ଗ୍ରାମ ପ୍ରତି ଚଉଦ ଟଙ୍କା ଥିବା ବେଳେ ଏବେ ଏହା ମାତ୍ର ଦୁଇଟଙ୍କା କୋଡ଼ିଏ ପଇସା ରହିଛି ।

ଆଖୁ ଛେଳିଦାରୁ କିପରି କାଗଜ ତିଆରି ହେଉଛି ତାହା ଅନୁଧ୍ୟାନ କରିବା ପାଇଁ କିଛି ଦିନ ତଳେ ଭାରତ, ଇଜିପ୍ଟ, ଇରାକ ଓ ମେକ୍‌ସିକୋ ଆଦି ରାଷ୍ଟ୍ରରୁ ବିଶେଷଜ୍ଞ ପ୍ରତିନିଧିଦଳ କ୍ୟୁବାରେ ପହଞ୍ଚିଥିଲେ । ସେଠାରେ ଏବେ ଦୁଇକୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କାରଖାନାରୁ ଦୈନିକ ୬୫ ଟନ୍ କାଗଜ ଉତ୍ପନ୍ନ କରାଯାଇ ପାରୁଛି ।

*ବଡ଼ଲୋକଙ୍କୁ ଫାଶୀନାହିଁ,

ଲେଖକ ଶ୍ରୀ ଅରଜିତ ପଶାୟତ, ଓଡ଼ିଶାର ଜଣେ ଖ୍ୟାତନାମା ଆଇନଜୀବୀ । ସମଗ୍ର ଦେଶର କର ଓ କର୍ମଚାରୀ ମାମଲାରେ ଶ୍ରେଷ୍ଠ ଆଇନଜୀବୀ ମାନଙ୍କ ମଧ୍ୟରେ ସେ ଅନ୍ୟତମ । ସେ ଓଡ଼ିଶା ରାଜ୍ୟ ବାରକାଉନ୍‌ସିଲର ସଭ୍ୟ ଓ ନିଖିଳ ଉତ୍କଳ ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ଆଇନସମ୍ପର୍କୀୟ ବହୁ ଆଲୋଚନା ଚକ୍ରରେ ସେ ଅଂଶ ଗ୍ରହଣ କରିଛନ୍ତି ଓ ବହୁ ଆଇନ ପତ୍ରିକାର ସେ ରିପୋର୍ଟର । ବହୁ ବିଷୟରେ ତାଙ୍କର ଲେଖା ପ୍ରକାଶପାଇଛି ।

ପ୍ରାୟ ଦଶବର୍ଷ ତଳେ ବିଦ୍ୟାଜୈନ ନାମକ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗରେ ଭରତପୁର ଗ୍ରାମର ଦୁଇଭାଇ କର୍ତ୍ତାର ସିଂହ ଓ ଉଜାଗର ସିଂହଙ୍କୁ କିଛିଦିନ ତଳେ ଫାଶୀ ଦିଆଯାଇଛି । କିନ୍ତୁ ସେମାନଙ୍କୁ ହତ୍ୟା କାର୍ଯ୍ୟରେ ନିଯୁକ୍ତ କରିଥିବା ଶ୍ରୀମତୀ ଜୈନଙ୍କ ସ୍ୱାମୀ ଏହି ହତ୍ୟା କାଣ୍ଡର ମୁଖ୍ୟ ନାୟକ ହୋଇଥିଲେ ହେଁ ଫାଶୀ ଦଉଡ଼ି ତାଙ୍କ ବେକ ସ୍ପର୍ଶ କରିପାରି ନାହିଁ । ଅଳ୍ପ କେତେବର୍ଷ ଜେଲ ଦଣ୍ଡ ଭୋଗ କରି ଶ୍ରୀ ଜୈନ ମୁକ୍ତ ହୋଇ ସାରିବା ପରେ ପୁଣି ଏକ ହତ୍ୟାକାଣ୍ଡ ସଂଗଠିତ କରିବାକୁ ଯେ ସେ ପ୍ରୟାସୀ ନ ହେବ ତାହା କିଏ କହିବ ?

ସିଂହ ଭାଇ 'ଦ୍ୱୟଙ୍କୁ ଫାଶୀ ଦିଆଯିବା ପୂର୍ବରୁ ସେମାନଙ୍କ ପକ୍ଷରୁ ସୁପ୍ରିମ କୋର୍ଟରେ ଏକ ଆବେଦନ କରାଯାଇ ବିନା କଷ୍ଟରେ ସେମାନଙ୍କୁ ମରିବାର ସୁଯୋଗ ଦିଆଯାଉ ବୋଲି ନିବେଦନ କରାଯାଇଥିଲା । ଦଉଡ଼ିଦ୍ୱାରା ଲଟକାଇ ମାରିବା ଯନ୍ତ୍ରଣା ଦାୟକ ତେଣୁ ଫାଶୀ ଦିଆ ନ ଯାଇ ଅନ୍ୟ କୌଣସି ପଦ୍ଧତିରେ ମୃତ୍ୟୁ ଦଣ୍ଡ ଦିଆଯିବାର ବ୍ୟବସ୍ଥା ହେଉ ବୋଲି ସେମାନଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା । ସୁପ୍ରିମ କୋର୍ଟ ଏହି ଆବେଦନକୁ ବିଚାର ପାଇଁ ଗ୍ରହଣ କରିଥିଲେ ଏବଂ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅପରାଧୀମାନଙ୍କୁ ଫାଶି ଦଉଡ଼ିରେ ନ ଝୁଲାଇବା ପାଇଁ ମଧ୍ୟବର୍ତ୍ତୀ କାଳୀନ ଆଦେଶ ମଧ୍ୟ ଦେଇଥିଲେ । ସିଂହ ଭ୍ରାତୃଦ୍ୱୟଙ୍କ ବ୍ୟତୀତ ଅନ୍ୟ ଆବେଦନକାରୀଙ୍କ ମଧ୍ୟରେ ଥିଲେ ରାଜେନ୍ଦ୍ର ଜାକାଲ୍, ମୁନାକର ସାହା, ଦିଲୀପ ସୁତାର ଏବଂ ସାନ୍ତାରାମ ଜଗତାପ୍ । ସେମାନେ ନିସାହ ପଣ୍ଡିତ ଅଭ୍ୟଙ୍କର ପରିବାରର ସଦସ୍ୟ ମାନଙ୍କୁ ହତ୍ୟା କରିଥିଲେ ଏବଂ ୧୯୭୬ ମସୀହାରେ ଅନ୍ୟ ଦଶଜଣଙ୍କୁ ମଧ୍ୟ ହତ୍ୟା କରିଥିଲେ ।

ଏ ସବୁ ମାମଲା ସୁପ୍ରିମକୋର୍ଟ ଯେତେବେଳେ ବିଚାର ପାଇଁ ଗ୍ରହଣ କଲେ, ସାରା ଦେଶରେ ବିଭିନ୍ନ ପ୍ରକାରର ଜନମତ ପ୍ରକାଶ ପାଇଲା । ସାଧାରଣ ଲୋକେ ଭାବିଲେ ଯେ ସୁପ୍ରିମ କୋର୍ଟ ଏଭଳି ମାମଲାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ପୁନାରେ ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କଲେ । ଏ ବିଚାର ବେଳେ ସୁପ୍ରିମକୋର୍ଟରେ ବହୁ ଆଇନଗତ ପ୍ରଶ୍ନ ଉତ୍ଥାପନ କରାଯାଇଥିଲା । ମୃତ୍ୟୁଦଣ୍ଡକୁ ଆଇନ ସଙ୍ଗତ ଘୋଷଣା କଲାପରେ ସୁପ୍ରିମକୋର୍ଟ ଆଗରେ ଏହା ଏକ ଅଭିନବ ପ୍ରଶ୍ନ ଥିଲା । ବିଭିନ୍ନ ଆଇନଜୀବୀମାନେ ବିଭିନ୍ନ ଦୃଷ୍ଟି କୋଣରୁ ଫାଶୀ ଦଣ୍ଡର କଠୋରତା ଏବଂ ନିର୍ମମତା ଉପରେ ଜୋର ଦେଇଥିଲେ । ଜଣେ ଆଇନଜୀବୀଙ୍କର ଯୁକ୍ତିଥିଲା ଯେ ସୁପ୍ରୀମ କୋର୍ଟ ମୃତ୍ୟୁଦଣ୍ଡର ବୈଧତା ଘୋଷଣାକଲା ପରେ ସେ ଏ ବିଷୟରେ କିଛି କହିବାକୁ ଚାହୁଁ ନାହାନ୍ତି । କିନ୍ତୁ ଦଣ୍ଡ ଭୋଗିବାକୁ ଥିବା ଆସାମୀ ମଣିଷ ଭଳିଆ ମରୁ ଏହାହିଁ ବିଚାର୍ଯ୍ୟ । ସେ ଯୁକ୍ତି ବାଢ଼ି ଥିଲେ ଯେ, ମୃତ୍ୟୁଦଣ୍ଡ ଭୋଗି ବାକୁ ଥିବା ବ୍ୟକ୍ତି ଭାବୁ ଯେ ତାକୁ ଦଣ୍ଡ ଦିଆହେଲା ବେଳେ ମାନବିକ ଦୃଷ୍ଟି କୋଣରୁ କିଛି ଅଭାବ ରହିନାହିଁ ।

ବିଚାରପତି ମାନଙ୍କର ପ୍ରଶ୍ନର ଉତ୍ତରରେ ଇଲେକ୍‌ଟ୍ରିକ ଚଉକିପ୍ରଥା, ବିଷ-ଗ୍ୟାସ ତଥା ଆମେରିକାର ଗୁଟିଏ ରାଜ୍ୟରେ ଦିଆଯାଉଥିବା ବିଷ ଇଞ୍ଜେକସନ୍ କଥା ଉଲ୍ଲେଖ କରାଯାଇଥିଲା । ଜଣେ ବିଚାରପତି ପରିହାସ ଛଳରେ କହିଲେ ଆମ୍ଭ ଦେଶରେ ଜେଲ୍‌ର ଯେପରି ଅବ୍ୟବସ୍ଥା, ହୁଏତ ଜଣକୁ ପାଞ୍ଚ ଛଅଥର ବିଷ ଦିଆଇବାକୁ ପଡ଼ିପାରେ । ଯେ ଯାହା ହେଉ ଏ ସବୁ ଆବେଦନ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ । ସେମାନେ ଭାରତୀୟ ଦଣ୍ଡବିଧି ଆଇନ ୩୫୪ ଧାରାର ୫ ଉପଧାରାରେ ଦଣ୍ଡିତ ବ୍ୟକ୍ତି ଫାଶୀ ପାଇବାର ନିର୍ଦ୍ଦିଷ୍ଟ ପ୍ରଣାଳୀ ଥିବା ବିଷୟ ଉଲ୍ଲେଖ କରିଥିଲେ ।

ବଚନ ସିଂହ ମାମଲାରେ ସୁପ୍ରୀମ କୋର୍ଟ ମତ ଦେଇଥିଲେ ଯେ, ଅତି ବିରଳ କ୍ଷେତ୍ରରେ ହିଁ

Images: Aptakama Mishra, Processing: Srujanika

ମୃତ୍ୟୁଦଣ୍ଡ ଦିଆଯିବା ଉଚିତ । ବିଚାରପତି ଶ୍ରୀ ଠକ୍କର କେତୋଟି ଦୃଷ୍ଟାନ୍ତ ଦେଇ କହିଛନ୍ତି ଯେ ନିମ୍ନଲିଖିତ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ ।

(୧) ଯେଉଁଠି ମୃତ ବ୍ୟକ୍ତି ନିରୀହ ଶିଶୁ ;

(୨) ଯେଉଁଠି ମୃତ ବ୍ୟକ୍ତି ନିରୀହ ନାରୀ, ଅତି ବୃଦ୍ଧ ବା ଅକ୍ଷମ ;

(୩) ଯେଉଁଠି ହତ୍ୟାକାରୀ ମୃତ ବ୍ୟକ୍ତିର ନିଜର ଲୋକ ବା ବିଶ୍ୱାସ ଭାଜନ ;

(୪) ଯେଉଁଠି ମୃତବ୍ୟକ୍ତି ସମାଜର ଜଣେ ପ୍ରତି-ଷ୍ଠିତ ଓ ସମ୍ମାନପ୍ରଦ ବ୍ୟକ୍ତି ଏବଂ ହତ୍ୟା ରାଜନୈତିକ କିମ୍ବା ସେହିଭଳି ବ୍ୟକ୍ତିଗତ କାରଣରୁ କରାଯାଇଥିବ ।

ଏହିସବୁ ପରିପ୍ରେକ୍ଷୀରୁ ଦେଖିଲେ ହୁଏତ ବିଦ୍ୟା ଜୈନଙ୍କ ହତ୍ୟାକାରୀ କର୍ତ୍ତାର ଓ ଉଜାଗର ମୃତ୍ୟୁଦଣ୍ଡର ହକ୍‌ଦାର । କିନ୍ତୁ କେତେକ କ୍ଷେତ୍ରରେ ଅନ୍ୟ ଏକ ମାନବିକ ଦୃଷ୍ଟିକୋଣ ନିହିତ ଯାହା ବିଚାର ଯୋଗ୍ୟ ।

ପ୍ରକୃତ ଦୋଷୀ ଦଣ୍ଡ ପାଉନାହିଁ

କିଛି ବର୍ଷ ପୂର୍ବେ ସୁପ୍ରୀମକୋର୍ଟର ପୂର୍ବତନ ବିଚାରପତି ଶ୍ରୀ କୃଷ୍ଣ ଆୟାର ଏଭଳି ଏକ ମାମଲାରେ ଉଦ୍‌ବେଗ ପ୍ରକାଶ କରିଥିଲେ । ସେ ଦର୍ଶାଇ ଥିଲେ ଯେ କେତେକ କ୍ଷେତ୍ରରେ ମାନବିକ ଦୃଷ୍ଟି କୋଣରୁ ଦଣ୍ଡପାଇବା ହକଦାର ଲୋକ ଆଇନର ସ୍ୱଳ୍ପତା ତ୍ରୁଟିରୁ ଦଣ୍ଡ ନ ପାଇ ଖସି ଯାଉଛି । ଆନ୍ଧ୍ର ପ୍ରଦେଶର ଏକ ଅନାମଧେୟ ଗ୍ରାମରେ ଜଣେ ଯୁବତୀ ଅନ୍ୟଜଣେ ଯୁବତୀକୁ ହତ୍ୟା କରିଥିଲା । ସେ ମାମଲାର ବିଷୟ ବସ୍ତୁ ହେଲା ଯେ, ହତ୍ୟାକାରିଣୀ ବିବାହିତା ।ତାର କିନ୍ତୁ ଅନ୍ୟ ଜଣେ ଯୁବକ ସହିତ ଅବୈଧ ପ୍ରଣୟ ଥିଲା । ସେ ଯୁବକ କିନ୍ତୁ ଏହି ପରକୀୟା ପ୍ରୀତିରେ ସନ୍ତୁଷ୍ଟ ନ ହୋଇ ଅନ୍ୟ ଜଣେ ଯୁବତୀ ସହିତ ପ୍ରଣୟ ଲିପ୍ତ ହେଲା । ପ୍ରଥମ ଯୁବତୀ ଏ କଥା ଜାଣି ପାରି କୌଶଳରେ ଦ୍ୱିତୀୟ ଯୁବତୀକୁ ହତ୍ୟାକଲା ଏବଂ ତା ମୁଣ୍ଡକୁ ଛେଚି ବିକୃତ କରି ତାକୁ ନିଜର ଲୁଗାପଟା ପିନ୍ଧାଇ ଗ୍ରାମ ଛାଡ଼ି ପଳାଇଗଲା । ଗାଁ ଲୋକେ ଭାବିଲେ ଯେ ପ୍ରଥମ ଯୁବତୀ ମରି ଯାଇଛି । ପରେ ସମସ୍ତ ଘଟଣା ପ୍ରକାଶ ପାଇଲା । ହତ୍ୟା କାରିଣୀ ଯୁବତୀ ଅନ୍ତଃସତ୍ତ୍ୱା ଥିଲା ଏବଂ ବିଚାରବେଳେ ତାର ଝିଅଟିଏ ଜନ୍ମ ହୋଇଥିଲା । ତାର ଦଣ୍ଡାଦେଶ ବିରୁଦ୍ଧରେ ହୋଇଥିବା ଅପିଲ୍‌ରେ ରାଏ ଦେଲାବେଳେ ଶ୍ରୀ କୃଷ୍ଣ ଆୟାର ଦର୍ଶାଇ ଥିଲେ ଯେ, ଏସବୁ ବିଭ୍ରାଟର ମୂଳରେ ସେଇ ପ୍ରେମିକ ଯୁବକ ଯାହା ଯୋଗୁଁ ଦୁଇଟି ପରିବାରର ସୁଖଶାନ୍ତି ନଷ୍ଟହେଲା, ଏକ ମୂଲ୍ୟ-ବାନ ଜୀବନ ଗଲା ଏବଂ ଅନ୍ୟଜଣେ ବହୁ କଷ୍ଟ ଭୋଗିଲା । ଗୋଟିଏ ନିରୀହ ଶିଶୁର ଜୀବନର ପ୍ରାରମ୍ଭ ହେଲା ଜେଲ୍‌ରେ । ଆଇନ୍‌ରେ କିନ୍ତୁ ସେହି ଯୁବକ ପାଇଁ କୌଣସି ଦଣ୍ଡ ନାହିଁ ।

ସେହିଭଳି ମୃତ୍ୟୁକୁ ଅପେକ୍ଷା କରିଥିବା ବେଳେ କର୍ତ୍ତାର ଓ ଉଜାଗର ମଧ୍ୟ ଏକ ପ୍ରଶ୍ନ ଉଠାଇ ଥିଲେ । ମରିବାର କିଛି ଘଣ୍ଟା ପୂର୍ବରୁ ସାମ୍ବାଦିକ ମାନେ ତାଙ୍କୁ ସାକ୍ଷାତ କରିଥିଲେ । ସେମାନେ ତିହାର ଜେଲ୍‌ରେ ଥିଲେ । ସେଇ ଜେଲରେ ତାଙ୍କୁ ବିଦ୍ୟା ଜୈନଙ୍କ ହତ୍ୟା ପାଇଁ ପ୍ରବର୍ତ୍ତାଇ ଥିବା ବିଦ୍ୟା ଜୈନଙ୍କ ସ୍ୱାମୀ ବିଖ୍ୟାତ ଚକ୍ଷୁ ଡାକ୍ତର ଶ୍ରୀ ଜୈନ ଓ ତାଙ୍କର ପ୍ରେମିକା ଶ୍ରୀମତୀ ଚନ୍ଦ୍ରେଶ୍ ଶର୍ମା ମଧ୍ୟ କାରାଦଣ୍ଡ ଆଦେଶପାଇ ସେଇ ଜେଲ୍‌ରେ ଅଛନ୍ତି ।

କର୍ତ୍ତାର ଓ ଉଜାଗର ଅକ୍‌ଟୋବର ମାସ ୯ ତାରିଖରେ ତିହାର ଜେଲ୍‌ରେ ଫାଶୀ ପାଇଲେ । ସୁପ୍ରୀମ କୋର୍ଟର ରାଏ ପରେ ସେମାନଙ୍କର ବଞ୍ଚିବାର କୌଣସି ଉପାୟ ନଥିଲା । ତଥାପି ଦିଲ୍ଲୀର କେତେଜଣ ଯୁବ ଓକିଲ ଏଥିପାଇଁ ପ୍ରବଳ ଉଦ୍ୟମ କରିଥିଲେ । ସେ ଦୁଇଭାଇଙ୍କର ନାବାଳକ ପିଲାମାନଙ୍କ ପକ୍ଷରୁ ଏକ ରିଟ୍ ଆବେ-ଦନ କରାଯାଇ ଦର୍ଶାଯାଇଥିଲା ଯେ ସମ୍ବିଧାନର ୧୯ ଓ ୨୧ ଧାରା ଅନୁଯାୟୀ କୌଣସି ପିଲାର ପିତାଙ୍କୁ ଛଡ଼ାଇ ନେବାର ଅଧିକାର ଦେଶର ନାହିଁ । ତାଛଡ଼ା ୩୯ ଧାରାରେ ପ୍ରତ୍ୟେକ ପିଲାର ଉନ୍ନତି ପାଇଁ ଯେଉଁ ନିୟମ ରହିଛି ପିଲାର ପିତାକୁ ମୃତ୍ୟୁଦଣ୍ଡ ଦେବାରେ ସେ ନିୟମର ବିରୋଧ କରାଯାଉଛି । ସୁପ୍ରିମ କୋର୍ଟର ଅବକାଶ କାଳୀନ ବିଚାରପତି ଶ୍ରୀ ଫଜଲ ଅଲି ଏହି ରିଟ୍ ଆବେଦନ ଖାରଜ କରି ଆଦେଶ ଦେଲେ ଯେ ଯଦିଓ ଏହି ଆବେଦନରେ ନୂତନତ୍ୱ ରହିଛି ଏହା ଗ୍ରହଣ ଯୋଗ୍ୟ ନୁହେଁ ।

ଅତି ଦରିଦ୍ର କର୍ତ୍ତାର ଓ ଉଜାଗର ସକାଳ ସାତଟାବେଳେ ଫାଶୀ ପାଇଲେ । ସେମାନଙ୍କର ପରିବାରର ଦାରିଦ୍ର୍ୟ ଦେଖି ଜେଲ କର୍ତ୍ତୃପକ୍ଷ ଜେଲ କଲ୍ୟାଣ ପାଣ୍ଠିରୁ ଛଅଶତ ଟଙ୍କା, ନିଜର ଆଦାୟରୁ ତିନିଶତ ଟଙ୍କା ଓ ଜେଲର କଏଦି ମାନଙ୍କର ସ୍ୱେଚ୍ଛାକୃତ ଦାନ ତେର ହଜାର ଟଙ୍କା ତାଙ୍କ ପରିବାରର ସଦସ୍ୟମାନଙ୍କୁ ଦେଇଥିଲେ । ଫାଶୀ ଦେଉଥିବା ଫକୀର ଓ କାଲୁରାମ ଦୋର୍ଗିଙ୍କ ବେକରେ ଦଉଡ଼ି ଲଗାଉଥିବାବେଳେ କର୍ତ୍ତାର ଓ ଉଜାଗର କହିଥିଲେ ଯେ ଆମେ ଯଦି କୌଣସି ଭୁଲ କରିଥାଉ ତେବେ ଆମକୁ କ୍ଷମା କରିବେ ।

ଗରିବ ବୋଲି ଫାଶୀ ପାଉଛି ।

ସକାଳ ଛଟା ବେଳେ ଯେତେବେଳେ ଜେଲର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଆର୍ଯ୍ୟଭୂଷଣ ଶୁକ୍ଳ କଳା ୱାରଣ୍ଟ ପଢ଼ି ଶୁଣାଇଲେ ସେତେବେଳେ ସେମାନେ ରୁକ୍ଷ ଭାବରେ କହିଥିଲେ ଯେ ଆପଣ ଫାଶୀ ଝୁଲାଇବା କଥା ଝୁଲାଇ ଦିଅନ୍ତୁ । କିନ୍ତୁ ଯିଏ ଫାଶୀ ପାଇବା କଥା ସିଏ ବଞ୍ଚିଗଲା ଏବଂ ଆମେ ଗରିବ ଲୋକ ବୋଲି ଫାଶୀ ପାଉଛୁ ।

ତା ପୂର୍ବଦିନ ସଂଧ୍ୟାରେ ମଧ୍ୟ ସେହି ପ୍ରଶ୍ନ ସେମାନେ ସାମ୍ବାଦିକ ମାନଙ୍କୁ କରିଥିଲେ । ସେମାନେ କହିଲେ ଯେ ଦେଶର ଆଇନ୍‌ରେ ଆମେ ବିଶ୍ୱାସ କରୁ । କିନ୍ତୁ ଦୁଃଖର କଥା ଯେ ଯଦିଓ ଆମେ ଦଶବର୍ଷ ହେଲା ଜେଲ୍‌ରେ ଅଛୁ ଓ ଯାବଜ୍ଜୀବନ କାରାଦଣ୍ଡର ସମସ୍ତ ଭୋଗିସାରି-ଲୁଣି କେହି ଆମପ୍ରତି ଦୟାଦେଖାଉ ନାହାନ୍ତି । ସେମାନେ କ୍ଷୋଭ ପ୍ରକାଶ କରି ଆହୁରି କହିଲେ ଯେ ଡ଼କ୍‌ଟର ଜୈନହିଁ ପ୍ରକୃତ ହତ୍ୟାକାରୀ । କିନ୍ତୁ ଗରିବ ବୋଲି ସେମାନେ ଫାଶୀ ପାଇବେ, ଏହା ନ୍ୟାୟ ସଙ୍ଗତ ନୁହେଁ ।

ଦାରିଦ୍ର୍ୟ ପାଇଁ ଖୁଣ

ସେମାନେ ସ୍ୱୀକାର କରି କହିଲେ ଯେ ସେମାନେ ବିଦ୍ୟା ଜୈନଙ୍କ ହତ୍ୟା କରିଥିଲେ ଅର୍ଥର ଲୋଭରେ, ପ୍ରଚଣ୍ଡ ଦାରିଦ୍ର୍ୟରୁ ରକ୍ଷା ପାଇ ନିଜର ପରିବାର ବର୍ଗର ଭରଣ ପୋଷଣ ପାଇଁ । କିନ୍ତୁ ହତ୍ୟା କରାଇଥିବା ଡ଼ାକ୍ତର ଜୈନ କ'ଣ ତାଙ୍କଠାରୁ ଆହୁରି ବଡ଼ ଦୋଷୀ ନୁହେଁ ?

ଏ ପ୍ରଶ୍ନ ଉତ୍ତରରେ କର୍ତ୍ତାର ଓ ଉଜାଗର ସମାଜ ସମ୍ମୁଖରେ ଏକ ବିରାଟ ଆଇନ୍‌ଗତ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଆଇନ୍ ଆଖିରେ ସେମାନେ ଦୋଷୀ ଏବଂ ସେମାନଙ୍କର ଜଘନ୍ୟ କାର୍ଯ୍ୟ ଯୋଗୁ ମୃତ୍ୟୁଦଣ୍ଡ ତାଙ୍କର ପ୍ରାପ୍ୟ । କିନ୍ତୁ ମନରେ ପ୍ରଶ୍ନ ଉଠୁଛି ଯେ, ପ୍ରକୃତ ଦୋଷୀ କ'ଣ ସେମାନେ ନା ଖ୍ୟାତନାମା ଚକ୍ଷୁ ଡ଼ାକ୍ତର ଶ୍ରୀ ଜୈନ ଓ ତାଙ୍କର ପ୍ରେମିକା ଶ୍ରୀମତୀ ଚନ୍ଦ୍ରେଶ୍ ଶର୍ମା ? କୌଣସି ଉଦ୍ଦେଶ୍ୟ ନ ଥାଇ ନିଜର ଦାରିଦ୍ର୍ୟ ଯୋଗୁଁ ଅର୍ଥଲୋଭରେ ସେମାନେ ଏ ଜଘନ୍ୟ କାର୍ଯ୍ୟ କରିଥିଲେ । କିନ୍ତୁ କାମନାର ବଶବର୍ତ୍ତୀ ହୋଇ ତାଙ୍କୁ ଏହି ଜଘନ୍ୟ କାର୍ଯ୍ୟ ପାଇଁ ପ୍ରବର୍ତ୍ତାଇଥିବା ଶ୍ରୀ ଜୈନ ଓ ଶ୍ରୀମତୀ ଶର୍ମା କ'ଣ ତାଙ୍କଠାରୁ ବଡ଼ ଦୋଷୀ ନୁହନ୍ତି ?

(ଅବଶିଷ୍ଟାଂଶ ୧୬ ପୃଷ୍ଠାରେ)

Images: Aptakama Mishra, Processing: Srujanika

ପ୍ରାକୃତିକ ପରିବେଶ

ପିଲାଟିବେଳେ ମୁଁ ଗୋଟିଏ ଘର ଚଟିଆକୁ ମାରିଥିଲି । ଏହି ଚଢ଼େଇଟି ଅନ୍ୟାନ୍ୟ ଚଢ଼େଇ ମାନଙ୍କ ଠାରୁ ଟିକେ ଭିନ୍ନ ଧରଣର ଥିଲା । ଏହି ଚଢେଇଟିର ବିଶେଷତ୍ୱ ଜାଣିବା ପାଇଁ ମତେ ବମ୍ବେର ପ୍ରାକୃତିକ ଐତିହାସିକ ସମିତିକୁ ଯିବାକୁ ହୋଇଥିଲା । ବିଭିନ୍ନ ବିଷୟରେ ଜାଣିବାର ଆଗ୍ରହ ମୋ ଭିତରେ ଥିଲା । ଉକ୍ତ ସମିତିର ସେକ୍ରେଟାରୀ ଶ୍ରୀ ମିଲାର୍ଡ଼ ମଧ୍ୟ ମୋର ଆଗ୍ରହ ଦେଖି ମତେ ଅକୁଣ୍ଠିତ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ଯାହାଫଳରେ ପ୍ରକୃତିର ବିଭିନ୍ନ ତଥ୍ୟ ସମ୍ପର୍କରେ ଜାଣିବା ପାଇଁ ମୋର ପ୍ରବଳ ଆଗ୍ରହ ହେଲା । ଏହି ଆଗ୍ରହ ଜୀବନସାରା ମୋ ଭିତରେ ରହିଗଲା ।

୧୮୮୩ ମସିହା ସେପ୍ଟେମ୍ବର ୧୫ ତାରିଖ ଦିନ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଆଗ୍ରହ ଥିବା ବମ୍ବେର ୮ ଜଣ ଭଦ୍ରଲୋକ ପରସ୍ପର ମଧ୍ୟରେ ମତର ଆଦାନ ପ୍ରଦାନ ନିମନ୍ତେ ଏକ ସଂଘ ଗଠନ କଲେ । ଏହାହିଁ ବମ୍ବେ ପ୍ରାକୃତିକ ଐତିହାସିକ ସମିତିର ଜନ୍ମ କଥା ।

ଏହି ସମିତିର ସଦସ୍ୟ ଥିବା ବ୍ୟକ୍ତିମାନେ ସରକାରୀ କର୍ମଚାରୀ ଥିଲେ । ସେମାନେ ବିଭିନ୍ନ ଜଙ୍ଗଲକୁ ଗସ୍ତରେ ଗଲାବେଳେ ପକ୍ଷୀ, ଜୀବଜନ୍ତୁ, ପୋକ ଏବଂ ଗଛର ନମୁନା ମାନ ଆଣୁଥିଲେ । ସେମାନଙ୍କ ମଧ୍ୟରେ କେତେକ ଶୀକାରୀ ମଧ୍ୟ ଥିଲେ । ସେମାନେ ଶୀକାରର ବିଭିନ୍ନ କୌଶଳ, ଜଙ୍ଗଲର ବାସ କରୁଥିବା ପ୍ରାଣୀମାନଙ୍କର ଗତିବିଧି ସମ୍ପର୍କରେ ବହୁତ କଥା ଜାଣିଥିଲେ । ଏହିପରି ଅନେକ ଗୁଡ଼ିଏ ସମିତି ଦେଶରେ ଗଠନ କରାଯାଇଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ବମ୍ବେରେ ପ୍ରାକୃତିକ ଐତିହାସିକ ସମିତି ତିଷ୍ଠି ରହିଛି ଏବଂ କାର୍ଯ୍ୟ କରୁଛି । ୧୮୮୬ ମସିହାରୁ ଏହି ସମିତି ପକ୍ଷରୁ ଏକ ପତ୍ରିକା ପ୍ରକାଶ ପାଉଛି ଓ ଓ ଏଥିରେ ଅନେକ ଗୁଡ଼ିଏ ବୈଜ୍ଞାନିକ ତଥ୍ୟ ସମ୍ବଳିତ ଲେଖା ବାହାରୁଛି । ଏହାର ଅନ୍ତର୍ଜାତୀୟ ମାନ ରହିଛି ।

ଦେଶରେ ଯେତେ ପ୍ରକାରର ଜୀବଜନ୍ତୁ ଓ ପକ୍ଷୀ ଅଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ସମିତି ପକ୍ଷରୁ ପଦକ୍ଷେପ ନିଆଯାଇ ଥିଲା । ୧୯୧୧—୧୯୧୪ ମସିହା ମଧ୍ୟରେ ଦେଶରେ ଯେତେ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ ଅଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଅବଶ୍ୟ ଏଥିପାଇଁ ସମିତିର ସଦସ୍ୟ ମାନଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା । ସେହି ତାଲିକାଟି ରହିଛି ଏବଂ ତାହା ଏବେ ବିଭିନ୍ନ ଗବେଷଣା କଲାବେଳେ ସାହାଯ୍ୟରେ ଲାଗୁଛି । ୧୯୬୩ ମସିହାରେ ପୂର୍ବଘାଟ ପର୍ବତମାଳାର ଜଙ୍ଗଲ ବିଷୟରେ ସର୍ଭେ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଉଦ୍ୟମ କରାଯାଇଥିଲା । କିନ୍ତୁ ତାହା କେତେକ କାରଣ ଯୋଗୁ ହୋଇପାରିଲା ନାହିଁ । କିନ୍ତୁ ଏହି ଅଞ୍ଚଳରେ କେତେ ଚଢ଼େଇ ରହୁଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଗଲା ।

ଡ. ସଲିମ ଅଲ୍ଲୀ

୧୯୩୦ ମସିହାରେ ମୋର ଶିକାରଜଥାଏ ମୁଁ ସମିତିକୁ ଜଣାଇ ଦେଲି ଯେ ମୁଁ ପକ୍ଷୀ ମାନଙ୍କ ସମ୍ପର୍କରେ ସର୍ଭେ କରିବାକୁ ଚାହେଁ । ବିଶେଷକରି ରାଜାରାଜୁଡ଼ା ଅଂଚଳରେ ଏହା କରିବା ପାଇଁ ମୋର ବେଶି ଆଗ୍ରହ ଥାଏ । ସମିତି ମୋର ଅନୁରୋଧ ରକ୍ଷା କଲେ । ଏହା ଫଳରେ ସମିତି ପକ୍ଷରୁ ପ୍ରକାଶ ପାଉଥିବା ପତ୍ରିକାରେ ତ୍ରିଭେଂଦ୍ରମ, କୋଚିନ ଓ ସିକମ୍‌ର ପକ୍ଷୀ ମାନଙ୍କ ଉପରେ ଅନେକଗୁଡ଼ିଏ କାହାଣୀ ବାହାରିଲା । ଏଗୁଡ଼ିକ ପ୍ରତ୍ୟକ୍ଷ ଅନୁଭୂତି ଓ ତଥ୍ୟ ଉପରେ ପର୍ଯ୍ୟବେସିତ ହୋଇ ଥିବାରୁ ପାଠକମାନଙ୍କ ଦ୍ୱାରା ଆଦୃତ ହେଲା । ପତ୍ରିକାର ସୁନାମ ଯଥେଷ୍ଟ ବୃଦ୍ଧି ପାଇଲା । ମୁଁ ଦେଇଥିବା ରିପୋର୍ଟ ଜାତୀୟ ସମ୍ପତ୍ତି ହୋଇ ରହିଗଲା । ଏହାକୁ ରକ୍ଷା କରିବାକୁ ଭାରତ ସରକାର ଯଥେଷ୍ଟ ଆର୍ଥିକ ସାହାଯ୍ୟ ଯୋଗାଇ ଦେଲେ । ମୁଁ ସଂଗ୍ରହ କରିଥିବା ପଦାର୍ଥ ଗୁଡ଼ିକର ସଂରକ୍ଷଣ ପାଇଁ ମହାରାଷ୍ଟ୍ର ସରକାର କର୍ମଚାରୀ ଯୋଗାଇ ଦେଲେ ।

ଠିକ୍ ଏତିକି ବେଳକୁ ସମିତିର ସଦସ୍ୟ ଓ ପ୍ରକୃତି ବିଶେଷଜ୍ଞ ମାନେ ଅନୁଭବ କଲେଣି ଯେ ଆମେ ଯେଉଁ ପ୍ରାକୃତିକ ସଂପଦର ଘେର ମଧ୍ୟରେ ରହିଛେ ତାହା ଧିରେଧିରେ ଲୋପ ପାଇଯାଉଛି ।-

ଡକ୍ଟର ସଲିମ ଅଲ୍ଲୀ ପୃଥିବୀର ଜଣେ ବିଖ୍ୟାତ ପକ୍ଷୀ ବିଶେଷଜ୍ଞ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଜାତୀୟ ସ୍ତରରେ ସେ ବହୁ ସମ୍ମାନର ଅଧିକାରୀ । ବଙ୍ଗଳାଦେଶର ଏସିଆଟିକ ସୋସାଇଟି ମଧ୍ୟ ତାଙ୍କୁ ଏଥି ପାଇଁ ସ୍ୱର୍ଣ୍ଣ ପଦକ ଅର୍ପଣ କରି ସମ୍ମାନିତ କରିଛି ।

ଅଠାଅଶୀ ବର୍ଷ ବୟସ୍କ ଡକ୍ଟର ଅଲ୍ଲୀଙ୍କୁ ସମସ୍ତେ ସ୍ନେହରେ "ଚଢ଼େଇ-ବୁଢ଼ା" ବୋଲି ସମ୍ବୋଧନ କରିଥାନ୍ତି ।

୧୯୫୮ ମସିହାରେ ତାଙ୍କୁ ତାଙ୍କର କାର୍ଯ୍ୟ ନିମନ୍ତେ ପଦ୍ମଭୂଷଣ ଏବଂ ୧୯୭୬ ରେ ପଦ୍ମବିଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା । ୧୯୭୩ ମସିହାରେ ନେଦରଲାଣ୍ଡର ଯୁବରାଜ ତାଙ୍କୁ ଅର୍ଡ଼ର-ଅଫ ଦି ଗୋଲଡ଼ନ ଆର୍କ ଉପାଧି ଦେଇଥିଲେ ।

ଡକ୍ଟର ଅଲ୍ଲୀ ପକ୍ଷୀମାନଙ୍କ ବିଷୟରେ ବହୁ ପୁସ୍ତକ ପ୍ରଣୟନ କରିଛନ୍ତି । ଏବଂ "ହାଣ୍ଡବୁକ୍ ଅଫ୍ ବାର୍ଡ଼ସ ଅଫ୍ ଇଣ୍ଡିଆ ଆଣ୍ଡ ରାଜସ୍ଥାନ" ପୁସ୍ତକର ସେ ସହଯୋଗୀ ଲେଖକ । ଏହି ପୁସ୍ତକର ଅନ୍ୟତମ ଲେଖକ ହେଉଛନ୍ତି ଡକ୍ଟର ଏସ୍ ଡିଲଅନ ରିପ୍ଲେ ।

Images: Aptakama Mishra, Processing: Srujanika

ତେଣୁ ପ୍ରାକୃତିକ ସଂପଦ ଓ ଜୀବଜନ୍ତୁ ମାନଙ୍କର ସୁରକ୍ଷା ପ୍ରତି ଅଗ୍ରାଧିକାର ଦେବାପାଇଁ ସେମାନେ ବ୍ୟସ୍ତ ହୋଇ ଉଠିଲେ ।

କିନ୍ତୁ ସୁରକ୍ଷା ବ୍ୟବସ୍ଥା ସଫଳ ହେବା କେତେକ ଘଟଣା ଉପରେ ନିର୍ଭର କରେ । ତାହା ହେଲା ଆମେ ସମସ୍ତେ ଜାଣିବା ଉଚିତ ଯେ ପ୍ରତ୍ୟେକ ପ୍ରାଣୀର କେଉଁ ବିଶେଷତ୍ୱ ରହିଛି । ତା' ହେଲେ ସୁରକ୍ଷା ବ୍ୟବସ୍ଥା ସଫଳ ହେବ । ଯଦି ଏହା ଆମେ ନ ଜାଣିବା ତାହାହେଲେ ସେଗୁଡ଼ିକୁ ମନଇଚ୍ଛା ନଷ୍ଟ କରି ଚାଲିଥିବା । ଏହା ଫଳରେ ସମଗ୍ର ପ୍ରକୃତି ନଷ୍ଟ ହୋଇଯିବ । ତେଣୁ ପ୍ରକୃତିର ଇତିହାସ ସମ୍ପର୍କରେ ଆମକୁ ଜ୍ଞାନ ଆହରଣ କରିବାକୁ ହେବ । ଧରାଯାଉ ଶୁଦ୍ଧ ବାୟୁ ଓ ଜଳ ହେଉଛି ଏକ ପ୍ରାକୃତିକ ସମ୍ପଦ । କିନ୍ତୁ ଯେତେ କଳକବଜା ହେଉନା କାହିଁକି ତାହା ଆମକୁ ଶୁଦ୍ଧ ବାୟୁ ଓ ଜଳ ଯୋଗାଇ ପାରିବ ନାହିଁ । କେବଳ ପ୍ରାକୃତିକ ପରିବେଶରୁହିଁ ଏହା ମିଳିବ । ପ୍ରାକୃତିକ ପରିବେଶ ସମ୍ପର୍କରେ ବୈଜ୍ଞାନିକ ଗବେଷଣା କରିବା ପାଇଁ ସ୍ଥାୟୀ ଭାବେ କେତେକ ବୈଜ୍ଞାନିକଙ୍କୁ ନିଯୁକ୍ତ ଦିଆଯିବା ଉଚିତ । ବମ୍ବେ ବିଶ୍ୱବିଦ୍ୟାଳୟ ଏହି ସମିତିକୁ ପୋଷ୍ଟ ଗ୍ରାଜୁଏଟ ପ୍ରତିଷ୍ଠାନର ସ୍ୱୀକୃତି ଦେଇଛନ୍ତି । ବର୍ତ୍ତମାନ ବହୁ ବିଜ୍ଞ ବ୍ୟକ୍ତି ଗବେଷଣା ପାଇଁ ଏଠାକୁ ଆସୁଛନ୍ତି ।

ବର୍ତ୍ତମାନ ଆମ୍ଭେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛେ । ଦେଶର ବିଭିନ୍ନ ସ୍ଥାନରେ ପ୍ରାକୃତିକ ପରିବେଶ ନଷ୍ଟ ହୋଇ ଯାଉଛି । ତେଣୁ ଯେଉଁ ସ୍ଥାନ ମାନଙ୍କରେ ପ୍ରାକୃତିକ ପରିବେଶ ରହିଛି ତାହାର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବା ଉଚିତ । ଏପରିକି ଏହି ଅଞ୍ଚଳରେ ଯେପରି ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ସୃଷ୍ଟି ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ । ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରତ୍ୟେକ ପ୍ରାଣୀର କିଛି ନା କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯଦି କୌଣସି ଗୋଟିଏ ପ୍ରାଣୀ ହଠାତ୍ ଲୋପ ପାଇ-ଯାଏ ତେବେ ଭାବିବାକୁ ହେବ ଯେ ସେହି ପ୍ରାଣୀଟି ଯେଉଁ ପ୍ରାକୃତିକ ପରିବେଶ ମଧ୍ୟରେ ରହୁଥିଲା ସେଥିପ୍ରତି ବିପଦ ସୃଷ୍ଟି ହୋଇଛି । ଏପରିକି ମାନବର ସ୍ଥିତି ପ୍ରତି ମଧ୍ୟ ବିପଦ ଦେଖାଯିବ । ତେଣୁ ଯେତେଗୁଡ଼ିଏ ପ୍ରାଣୀ ଅଛନ୍ତି ସେମାନେ ଯେପରି ତିଷ୍ଠି ରୁହନ୍ତି ସେଥି-ପ୍ରତି ଆମ୍ଭେମାନେ ଦୃଷ୍ଟି ଦେବା ଉଚିତ । ଆମର ଭବିଷ୍ୟତର ସୁରକ୍ଷା ପାଇଁ ଏହା ଏକାନ୍ତ ଭାବେ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେବା ଉଚିତ । ଆମର ବର୍ତ୍ତମାନର ଚାହିଦା ପୂରଣ ପାଇଁ ଶିଳ୍ପର ବିକାଶ ଆମେମାନେ ଚାହୁଁ କିନ୍ତୁ ଏଥିପାଇଁ ପ୍ରାକୃତିକ ସମ୍ପଦକୁ ନଷ୍ଟକରି ଆମ୍ଭେମାନେ ଆମର ଭବିଷ୍ୟତରେ ଚାହିଦା ପୂରଣ ପଥକୁ ବନ୍ଦ କରିଦେବା ଉଚିତ ନୁହେଁ । ଯଦି ବର୍ତ୍ତମାନ ଆମ୍ଭେମାନେ ପ୍ରାକୃତିକ ପରି-ବେଶକୁ ନଷ୍ଟକରି ବିଦ୍ୟୁତଶକ୍ତି ପାଇବାପାଇଁ ଏକ ପ୍ରକଳ୍ପ କରୁ ତେବେ ତାହା ଭବିଷ୍ୟତରେ ମଣିଷର ତିଷ୍ଠି ରହିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ । ନୀରବ ଉପତ୍ୟକାର ବନ୍ଧ ଯୋଜନା କଥା ଏଠାରେ ଉଲ୍ଲେଖ-ଯୋଗ୍ୟ ।

ପ୍ରାକୃତିକ ପରିବେଶ ସଂପର୍କରେ କଳନା କରିବା ପୂର୍ବରୁ ଆମକୁ ବୁଝିବାକୁ ହେବ ଯେ ପ୍ରାକୃତିକ ପରିବେଶ କଣ ଏବଂ ଏହା କିପରି କାର୍ଯ୍ୟ କରେ । ପ୍ରାକୃତିକ ପରିବେଶ ସଂପର୍କରେ ଜାଣିବା ପାଇଁ ବହୁଦିନ ହେଲା ଗବେଷଣା ହୋଇ ଆସୁଛି । ବର୍ତ୍ତମାନ ଏଠାରେ ଭରତପୁରର କିଓଲାଡ଼ିଓ ଘାନା ପକ୍ଷୀ ଆଶ୍ରୟସ୍ଥଳ ସଂପର୍କରେ ଦେଖାଯାଉ । ଏଠାକାର ଚଢ଼େଇମାନଙ୍କ

ଅବଶିଷ୍ଟାଂଶ ୧୪ ପୃଷ୍ଠାରେ

(୧୦ମ ପୃଷ୍ଠାର ଅବଶିଷ୍ଟାଂଶ)

ଦେଶର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ରାଜନୈତିକ ହତ୍ୟା କାଣ୍ଡ ସର୍ବଜନ ବିଦିତ । କିନ୍ତୁ ଏସବୁର ପରଦା ଅନ୍ତରାଳରେ ରହି ନିର୍ଦ୍ଦେଶ ଦେଇ ହତ୍ୟାକାଣ୍ଡ କରାଉଥିବା ରାଜନୈତିକ ନେତା ମାନେ କେବେ ଦଣ୍ଡ ପାଇବା କଥା ଅତି ବିରଳ ।

ଏସବୁ କଥା ବିଚାର କଲାବେଳେ ମନରେ ପ୍ରଶ୍ନ ଉଠେଯେ, ଆଇନ୍‌ରେ ପ୍ରକୃତ ଦୋଷୀ ଦଣ୍ଡ ପାଉଛନ୍ତି କି ? ଜଷ୍ଟିସ୍ କୃଷ୍ଣ ଆୟାର ଆଇନ୍‌ର ସ୍ୱଳ୍ପତା ବିଷୟରେ ଯେଉଁ ଚେତାବନୀ ଦେଇ ଥିଲେ ତାହା ଆଜି ସମସ୍ତଙ୍କର ବିଚାର୍ଯ୍ୟ ।

ଦ୍ରଷ୍ଟବ୍ୟ :

(୧) ବଚନ ସିଂହ ମାମଲା—ଏ.ଆଇ.ଆର୍ ୧୯୮୦ ସୁପ୍ରିମ୍ କୋର୍ଟ ୮୯୮ ପୃଷ୍ଠା

(୨) ଜଷ୍ଟିସ୍ ଠକ୍କରଙ୍କ ରାଏ—ଏ.ଆଇ.ଆର୍ ୧୯୮୩ ସୁପ୍ରିମ୍ କୋର୍ଟ ୯୫୭ ପୃଷ୍ଠା (ମିଠୁ ସିଂହ ମାମଲା)

(୩) କର୍ତ୍ତାର ଓ ଉଜାଗର ସିଂହ ସହିତ ଟେଲିଗ୍ରାଫ୍ ସାମ୍ବାଦିକ ଲୁଇଫର୍ଣ୍ଣାଣ୍ଡିଜ୍ ଓ ଶ୍ରୀ ଜଗଜିତ୍ ଉପାଲ୍‌ଙ୍କ ସାକ୍ଷାତକାର୍ ।

ସ୍ୱଗୋତ୍ର ବିବାହ ଯୋଗୁ ମ୍ୟାଲେରିଆ ବ୍ୟାପୁଛି

ସ୍ୱଗୋତ୍ର ବିବାହ ଯୋଗୁ ପାର୍ସି-ମାନଙ୍କ ମଧ୍ୟରେ ସ୍ତନ କ୍ୟାନସର ଓ ମ୍ୟାଲେରିଆ ରୋଗ ଅଧିକ ବ୍ୟାପୁଛି ବୋଲି ନିକଟରେ ଅନୁଷ୍ଠିତ ହୋଇଥିବା ଏକ ସର୍ଭେରୁ ଜଣାଯାଇଛି ।

ପ୍ରାୟ ତେରଶହ ବର୍ଷ ପୂର୍ବେ ଇରାନରୁ ଭାରତକୁ ଆସି ଏଠାରେ ସ୍ଥାୟୀ ଭାବେ ରହିବା ପରେ ମଧ୍ୟ ପାର୍ସି ମାନେ ନିଜର ପୂର୍ବ ସଂସ୍କାର ଯୋଗୁ ସ୍ୱଗୋତ୍ର ବିବାହ କରିଥାନ୍ତି । ଭାରତରେ ସେମାନଙ୍କ ସଂଖ୍ୟା ବର୍ତ୍ତମାନ ପ୍ରାୟ ଏକଲକ୍ଷ ଏଗାର ହଜାର ।

ଉକ୍ତ ଅଧ୍ୟୟନରୁ ଜଣାଯାଇଛି ଯେ ପାର୍ସିମାନଙ୍କ ଶରୀରରେ (G-6PD) ନାମକ ଏକ ଏଞ୍ଜାଇମ୍ ବହୁ ମାତ୍ରାରେ ରହିଛି ଯାହା ମାଲେରିଆ ନିରୋଧି ଔଷଧ ଖାଇବା ମାତ୍ରେ 'ହେମୋଲିସିସ୍' ପ୍ରକ୍ରିୟା ସୃଷ୍ଟି କରନ୍ତି । ଏହାଛଡ଼ା ସେମାନଙ୍କ ମଧ୍ୟରେ Rh ନେଗେଟିଭ୍ ବ୍ଲଡ଼ ଗ୍ରୁପର ସଂଖ୍ୟା ଅଧିକ ଏବଂ Ry ଜିନ୍ କଂପ୍ଲେକ୍ସ' ନାମକ ବଂଶଗତ ଚରି-ତ୍ରିକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ସ୍ୱଗୋତ୍ର ବିବାହ ଏହି ଦୁଇଟି ରୋଗର ମୁଖ୍ୟ କାରଣ ।

ସ୍ୱଗୋତ୍ର ବିବାହର ମନ୍ଦ ପ୍ରଭାବ ଜାଣିବାସତ୍ତ୍ୱେ ଦକ୍ଷିଣ ଭାରତର ଚାରୋଟି ରାଜ୍ୟ ଯଥା ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ ଓ କେରଳରେ ପ୍ରାୟ ଶତକଡ଼ା ୩୦ ଭାଗ ଲୋକଙ୍କ ମଧ୍ୟରେ ଏହି ବିବାହ ପ୍ରାୟ ଦୁଇ ହଜାର ବର୍ଷ ଧରି ପ୍ରଚଳିତ ଅଛି ।

Images: Aptakama Mishra, Processing: Srujanika

ଟିସୁ କଲଚର ମାଧ୍ୟମରେ ସବୁଜ ବିପ୍ଳବ

ଉଦ୍‌ଭିଦର ଟିସୁ କଲଚର କ୍ଷେତ୍ରରେ ଭାରତରେ ବୈଜ୍ଞାନିକମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି ଏବଂ ଅତିଶୀଘ୍ର ଟେଷ୍ଟଟ୍ୟୁବ୍ ବୃକ୍ଷ ଜରିଆରେ ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବର ସୂତ୍ରପାତ ହୋଇ ପାରିବ । ଏହି ଟେଷ୍ଟଟ୍ୟୁବ ଗଛ ଭାରତୀୟ ବନ୍ୟ ସଂପଦକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ କୃଷି କ୍ଷେତ୍ରରେ ମଧ୍ୟ ଅଭୂତପୂର୍ବ ଅଗ୍ରଗତି ସାଧନ କରିବ ଏବଂ ସ୍ୱାଭାବିକ ନିୟମ ଅନୁଯାୟୀ ବୃକ୍ଷର ବଂଶ ବିସ୍ତାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ।

ଟିସୁ କଲଚର ସାହାଯ୍ୟରେ ପରୀକ୍ଷାଗାରରେ ଗୋଟିଏ ଟେଷ୍ଟଟ୍ୟୁବ ଭିତରେ ଅତି ଅଳ୍ପ ସମୟରେ ଲକ୍ଷ ଲକ୍ଷ ବୃକ୍ଷର ଚାରା ସୃଷ୍ଟି କରାଯାଇ ପାରିବ ଏବଂ ପରେ ସେଗୁଡ଼ିକ ବିଭିନ୍ନ ସ୍ଥାନରେ ରୋପଣ କରାଯାଇ ସ୍ଥାନୀୟ ଚାହିଦା ପୂରଣ କରାଯାଇ ପାରିବ । ଏହି ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ବୃକ୍ଷ ସବୁକୁ ସହଜରେ ରୋଗ ଆକ୍ରମଣ କରି ପାରିବ ନାହିଁ । ଏବଂ ଅନ୍ୟାନ୍ୟ ସାଧାରଣ ବୃକ୍ଷ ତୁଳନାରେ ମଧ୍ୟ ଏହା ଶିଘ୍ର ବଢ଼ି ପାରିବ ।

ନିକଟରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଜେନେଟିକ୍ କଂଗ୍ରେସରେ ଭାରତୀୟ ବୈଜ୍ଞାନିକ ମାନେ ଯେଉଁ ସନ୍ଦର୍ଭ ଉପସ୍ଥାପନ କରିଛନ୍ତି ସେଥିରେ ଏ ବିଷୟ ପ୍ରାଞ୍ଜଳଭାବେ ବୁଝାଇ ଦିଆ ଯାଇଛି ।

ଭାରତରେ ବୃକ୍ଷ ସଂକ୍ରାନ୍ତରେ ଅନୁଷ୍ଠିତ ହୋଇଥିବା ଏକ ସର୍ଭେରୁ ପ୍ରକାଶ ଯେ ଆମ ଦେଶରେ ନଡ଼ିଆ ଗଛ ମୂଳ ଗୁଡ଼ିକ ଦୁର୍ବଳ ହୋଇ ଯାଉଥିବାରୁ ୨ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ପୁନର୍ବାର ନଡ଼ିଆ ଗଛ ରୋପଣ କରିବା ଆବଶ୍ୟକ । ସେହିଭଳି ପ୍ରତ୍ୟେକ ବର୍ଷ ୭୦ ଲକ୍ଷରୁ ୧ କୋଟି ଯାଏ କାଜୁ ବାଦାମ ଗଛ ଆମ ଦେଶରେ ଲଗା ଯାଉଛି । ଆଗାମୀ ୨୦ ବର୍ଷ ପାଇଁ ଦେଶରେ ଯେତେ ପରିମାଣର ଗୋଲମରିଚ ଆବଶ୍ୟକ ହେବ ସେଥିପାଇଁ ୧୨ କୋଟି ଗୋଲମରିଚ ଚାରା ରୋପଣ କରାଯିବା ଆବଶ୍ୟକ । ଏହା ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରେ ଥିବା ଉଦ୍ୟାନର ଚାହିଦା ମେଣ୍ଟାଇବା ପାଇଁ ଆହୁରି ୩ କୋଟି ଖଜୁରୀ ଚାରା ଦରକାର ଠିକ୍ ସେହିପରି ଅନ୍ୟାନ୍ୟ ଫଳ ଯଥା ଅମୃତ-ଭଣ୍ଡା, ସପୁରୀ, ଅଦା, ଏବଂ ପଣସ ଗଛର ପ୍ରସାର ମଧ୍ୟ କରାଯିବା ଉଚିତ । ନଚେତ ଏହିସବୁ ଫଳ ପାଇଁ ଯେଉଁ ଚାହିଦା ହେଉଛି ତାହା ପୂରଣ କରିବା ଅସମ୍ଭବ ହେବ । ଗଛ ଲଗାଇ କମ୍ବା କଲମୀ କରି ସେଥିରୁ ଫଳ ପାଇବା ସମୟ ସାପେକ୍ଷ ସେଥିରେ କୌଣସି ସ୍ଥିରତା ମଧ୍ୟ ନ ଥାଏ କିନ୍ତୁ ଟିସୁ କଲଚର ବା ଟିସୁ ଚାଷ ସାହାଯ୍ୟରେ ଚଛ କରାଯାଇ ଏ ଅସୁବିଧା ଦୂର କରାଯାଉଛି ଏବଂ ବାହାରେ ଚାଷ କଲେ ସେଥିପାଇଁ ଏକର ଏକର ଚାଷ ଜମି ଆବଶ୍ୟକ ହୋଇ ଥାଆନ୍ତା ତାହା କେତେକ ଟେଷ୍ଟ-ଟ୍ୟୁବ ଭିତରେ କରି ଦିଆଯାଇ ପାରୁଛି ।

ଜର୍ମାନର ଜଣେ ବୈଜ୍ଞାନିକ ଶ୍ରୀ ହାବର୍ଲାଣ୍ଡ ପ୍ରଥମେ ୧୯୦୨ ମସିହାରେ ଏହି ପରୀକ୍ଷା ଆରମ୍ଭ କରିଥିଲେ ସେ ଜଣେ ଉଦ୍‌ଭିଦତତ୍ତ୍ୱ ଥିଲେ । ପ୍ରଥମେ ସେ ଉକ୍ତ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ । କିନ୍ତୁ ସେ ଯେଉଁ ତତ୍ତ୍ୱ ଦେଇଗଲେ ତାହାକୁ ଭିତ୍ତିକରି ଆଜିର ଟିସୁ କଲଚର ଗଢ଼ି ଉଠିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରଥମେ ଧୂଆଁପତ୍ର ଗଛ ଉପରେ ଏହି ପରୀକ୍ଷା କରାଗଲା ଏବଂ ସେଥିରୁ ସାଫଲ୍ୟ ମିଳିଲା । ଆମେରିକାରେ ବୈଜ୍ଞାନିକ ହାବର୍ଟ ଓ ଜର୍ମାନରେ ବୈଜ୍ଞାନିକ ଗାଉଥେରେଟ ଏହି ଗବେଷଣା କରି ଗୌରବ ଅର୍ଜନ କରିଥିଲେ । ଆମ ଦେଶ ଭିତରେ ଓ ବାହାରେ ଏହା ଅତି ଆଦର ଲାଭ କରିଛି । ନୂଆଦିଲ୍ଲୀର ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ଏବଂ ଦେଶର ଅନ୍ୟାନ୍ୟ ଗବେଷଣାଗାର-ମାନଙ୍କରେ ଏହି ଚାରା ଉତ୍ପାଦନ କାର୍ଯ୍ୟ ଜୋର-ସୋରରେ ଚାଲିଛି । ଆଇ. ଏ. ଆର. ଆଇ. ଠାରେ ଅମୃତଭଣ୍ଡା, ଭାବା ଆଣବିକ ଗବେଷଣା କେନ୍ଦ୍ରଠାରେ ସପୁରୀ ଏବଂ ପୁନାର ଜାତୀୟ ରସାୟନ ଗବେଷଣାଗାରଠାରେ ଅଦା ଉତ୍ପାଦନ ସଂକ୍ରାନ୍ତରେ ଗବେଷଣା ଚାଲିଛି । ବାଙ୍ଗାଲୋର, ଦିଲ୍ଲୀ ଏବଂ ଆଉ କେତେକ ସ୍ଥାନରେ ଅନ୍ୟାନ୍ୟ ସମ୍ପର୍କରେ ଗବେଷଣା ଚାଲିଛି ।

କୋୟମ୍ବାଟୁରଠାରେ ଥିବା ଆଖୁ ପ୍ରତି-ଷ୍ଠାନରେ ଟିସୁ ସାହାଯ୍ୟରେ ଅଧିକ ଆଖୁ ଚାଷ ସଂପର୍କରେ ଉଲ୍ଲେଖନୀୟ ଅଗ୍ରଗତି ହୋଇ ପାରିଛି । ଏଠାକାର ବୈଜ୍ଞାନିକମାନେ ଆଶା ପ୍ରକାଶ କରି ସୂଚନା ଦେଇ କହିଛନ୍ତି ଯେ, ଭଲ କିସମର ଆଖୁ ଚାରା ପ୍ରସ୍ତୁତ କରିବାରେ ସେମାନେ ସଫଳ ହେବେ ।

ଟିସୁରୁ ଯେଉଁସବୁ ବୃକ୍ଷ ହେବେ ସେଥିରେ ରୋଗ ହେବ ନାହିଁ । ଏବେ ଟିସୁ ଚାଷ ପରିବର୍ତ୍ତେ ଆଉ ଏକ ନୂତନ ପ୍ରକ୍ରିୟା ବାହାରିଛି । ତାହାର ନାମ ହେଉଛି ପ୍ରୋଟୋ-ପ୍ଳାଷ୍ଟ ଫ୍ୟୁଜନ । ଏହାଦ୍ୱାରା ଉଚ୍ଚ ଶଂକର ଜାତୀୟ ବୃକ୍ଷ କରାଯାଇ ପାରିବ । ବିଳାତି ବାଇଗଣ ଗଛରେ ଆଳୁ ମଧ୍ୟ ଫଳ ପାରିବ ଏହି ପ୍ରକ୍ରିୟା ପ୍ରୟୋଗ କଲେ । ଏହା ଫଳରେ ଉତ୍ତମ ଫଳ ମିଳିବ ଓ ଗଛଗୁଡ଼ିକ ରୁଗ୍‌ଣ ହେବ ନାହିଁ । ଏହା ବାଣିଜ୍ୟ ଓ ଅର୍ଥନୈତିକ ଦୃଷ୍ଟି କୋଣରୁ ଲାଭ ଦାୟକ ହେବ ।

ମାଲେସିଆ, ଚୀନ, ଆମେରିକା ଓ ଥାଇ-ଲାଣ୍ଡରେ ଟିସୁ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆ-ଯାଉଛି । ବର୍ତ୍ତମାନ ଆମ ଦେଶରେ ଏହି ବୈଷୟିକ ଜ୍ଞାନର ସଦୁପଯୋଗ ହେବା ଉଚିତ । ଯଦି ଯୁଦ୍ଧକାଳୀନ ଭିତ୍ତିରେ ଏହା କରା ନ ଯାଏ ତେବେ ଆମ୍ଭେମାନେ ବହୁତ ପଛରେ ପଡ଼ିଯିବା । ଟିସୁ ଚାଷରୁ ଆମ ଦେଶ ଭବିଷ୍ୟତରେ ଯଥେଷ୍ଟ ଲାଭ ପାଇବ ବୋଲି ଆଶା କରାଯାଏ ।

Images: Aptakama Mishra, Processing: Srujanika

ଇସ୍ପାତ ନଗରୀରେ ଉତ୍କଟ ଜମିସମସ୍ୟା

ରାଉରକେଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଯେତେବେଳେ ଓଡ଼ିଶା ସରକାର କାରଖାନା କର୍ତ୍ତୃପକ୍ଷଙ୍କୁ ପ୍ରାୟ କୋଡ଼ିଏ ହଜାର ଏକର ଜମି ହସ୍ତାନ୍ତର କରିଥିଲେ । ଏଥିରୁ କେତେ ସରକାରୀ ଜମି ଥିଲା ଓ କେତେକ ସାଧାରଣ ଆଦିବାସୀ ପ୍ରଜାଙ୍କ ଠାରୁ ଦଖଲ ସୂତ୍ରରେ ନିଆଯାଇଥିଲା । ସେ ବାବଦରେ ଦଖଲ ହୋଇଥିବା ଜମି ପାଇଁ ତତ୍କାଳୀନ ହାରରେ କ୍ଷତିପୂରଣ, ଜମି ମାଲିକ ମାନଙ୍କୁ ଦିଆଗଲା । କିନ୍ତୁ କାରଖାନାକୁ ଦଖଲ ଦିଆଗଲା -ଅନ୍ୟ କୌଣସି ପ୍ରକାର ଦାବୀ କାରଖାନାର ରହିଲା ନାହିଁ । ବ୍ରାହ୍ମଣୀ ଅଂଶ କୋଏଲ ନଦୀର ପ୍ରଚୁର ଜଳ ସଂପଦ ସୁନ୍ଦରଗଡ଼ ଜିଲ୍ଲା ତଥା ଓଡ଼ିଶାର ପ୍ରର୍ଯ୍ୟାପ୍ତ ଜନସଂପଦ, ଖଣିଜ ସଂପଦ କାରଖାନା ପ୍ରତିଷ୍ଠାରେ ସାହାଯ୍ୟ କଲା । ଜମି କିନ୍ତୁ ସେହି ଦିନରୁ ବିବାଦମାନ ବିଷୟ ହୋଇ ଏବେବି ରହିଛି । ଆମ ରାଜ୍ୟ ସରକାର ଅନ୍ୟ ରାଜ୍ୟ ଯଥା ପଶ୍ଚିମ ବଙ୍ଗ, ବିହାର ଭଳି ଇସ୍ପାତ ମନ୍ତ୍ରଣାଳୟ ଠାରୁ କୌଣସି ଖଜଣା ପାଉ ନାହାନ୍ତି । ବିରାଡ଼ି, ମାଙ୍କଡଙ୍କ ପିଠାଖିଆ ଭଳି ରାଜ୍ୟ ସରକାର ଓ କାରଖାନା ମଧ୍ୟରେ ଉକ୍ତ ଜମିର ମାଲିକାନା ଫଇସଲା ପାଇଁ ସେହି ଦିନରୁ ଶତାଧିକ ବାର ଆଲୋଚନା ସରିଗଲାଣି । ଅନେକ ଥର ବିଭିନ୍ନ ସମୟରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏପରିକି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ରାଜ୍ୟ ଆସେମ୍ବ୍ଲି ସମେତ ଅନେକ ସ୍ଥାନରେ ଜମି ସଂପର୍କୀୟ ଦଲିଲ ଫଏସଲା ନିକଟରେ ହୋଇଯାଉଛି ବୋଲି ଘୋଷଣା କରି ମଧ୍ୟ ହେଉନାହିଁ, ତେଣୁ ଯେତେବେଳେ ରାଜ୍ୟ ସରକାରଙ୍କର ଦରକାର ପଡ଼ୁଛି ସେ ପୁଳାଏ ଜମି ନେଇ ନିଜ କାର୍ଯ୍ୟରେ ଲଗାଉଛନ୍ତି ଓ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଜମିର ମାଲିକାନା ନପାଇ ମଧ୍ୟ ନିଜ ଇଚ୍ଛା ମୁତାବକ ବିଭିନ୍ନ ବ୍ୟକ୍ତି ବିଶେଷ, ଘରୋଇ ଓ ବ୍ୟବସାୟୀ ପ୍ରତିଷ୍ଠାନକୁ ଜମି ଲିଜ ଦେଉଛନ୍ତି । କାରଖାନା କର୍ତ୍ତୃପକ୍ଷ ଖଜଣା ଦେଉ ନାହାନ୍ତି ବୋଲି ଅନେକ ବାର ସାର୍ଟିଫିକେଟ କେଶ୍ ହୋଇ ବନ୍ଦ କରାଯାଉଛି ।

କାରଖାନା ସରକାରଙ୍କ ବିନାନୁମତିରେ ଜମି ଲିଜ୍ ଦେଉଥିବାରୁ ଲିଜ୍ ନେଇଥିବା ବ୍ୟକ୍ତିଙ୍କ ଉପରେ ରେଭିନ୍ୟୁ ମୋକଦ୍ଦମା କରାଯାଇଛି । ଏ ସମସ୍ତ ବିଷୟ ବିଚାର କଲାବେଳେ ରାଜ୍ୟସରକାରଙ୍କ ପକ୍ଷରୁ ଡେପୁଟେସନରେ ଆସୁଥିବା ଆଇ. ଏ. ଏସ୍ ଅଫିସର ଡ଼. ଜି.ଏମ୍ ଓ ସହର ପ୍ରଶାସକଙ୍କ ଭୂମିକା ବିଚାର୍ଯ୍ୟ । ବିଗତ ବର୍ଷ ମାନଙ୍କରେ ଏହି ଦୁଇ ପୋଷ୍ଟରେ ଅନେକ ଆଇ. ଏ. ଏସ୍ ଅଫିସର ଥିଲେ । ମୁଖ୍ୟତଃ ରାଜ୍ୟବାସୀ ଓ ରାଜ୍ୟର ସ୍ୱାର୍ଥରକ୍ଷାକରିବା ସେମାନଙ୍କର କାର୍ଯ୍ୟ ବୋଲି ସରକାରୀ ସ୍ତରରେ ଲୋକଙ୍କୁ ବୁଝାଇ ଦିଆଯାଏ । ଏ ପରିପ୍ରେକ୍ଷୀରେ ଏ ପଦବୀ ଦ୍ୱୟରେ ରାଜ୍ୟ ସରକାରଙ୍କ ଦୁଇଜଣ ଦାୟିତ୍ୱବାନ ଅଫିସର ଜାଗ୍ରତ ଥାଇ ଏଭଳି ଅବୈଧ ଲିଜ ଦିଆଗଲା କିପରି ତା ଅନେକଙ୍କ ମନରେ କୌତୁହଳ ସୃଷ୍ଟି କରୁଛି । କାରଖାନା କର୍ତ୍ତୃପକ୍ଷ ଏଭଳି ଅନ୍ୟାୟ ଲିଜ ଦେଇଥିବାର ପ୍ରତିବାଦ କରି ଅନେକ ଜାଗାରେ ଯେଉଁ ଆଦିବାସୀ ମାନେ ବାସଚ୍ୟୁତ ହୋଇଥିଲେ ସେମାନେ ଛାଡ଼ିଥିବା ଜମିକୁ ପୁନଃ ଦଖଲ କରୁଛନ୍ତି । ସେଥିପାଇଁ ଅନେକ କାରଖାନା ନିର୍ଦ୍ଦିଷ୍ଟ ଅଧିକୃତ ଅଞ୍ଚଳ ଲାଗି ସିଭିଲ ସୁଟ୍ ମଧ୍ୟ କାରଖାନା ତତ୍‌କାଳୀନ ଆଦିବାସୀ ଜମି ମାଲିକ ମଧ୍ୟରେ ବିଚାରାଧୀନ ଅଛି ।

ମୁରଲୀଧର ପରିଜା

ଏ ସମସ୍ତ ବାଦ ଜବର ଦଖଲ ଏକ ବିରାଟ ସମସ୍ୟା ସୃଷ୍ଟି କରୁଛି । କାରଖାନା ଜମି ଜବର ଦଖଲ କରିଥିବା ପ୍ରାୟ ୪୧ ହଜାର ମୋକଦ୍ଦମା ଏକଦା ବିଚାରାଧୀନ ଥିଲା । କାରଖାନା ପକ୍ଷରୁ ଜବର ଦଖଲ ରୋକିବାକୁ ଶତାଧିକ କର୍ମଚାରୀଙ୍କୁ ନେଇ ଏକ ଲ୍ୟାଣ୍ଡ ଅଫିସ କାର୍ଯ୍ୟ କରେ । ସେଥିରେ ମୋଟା ଦରମା ପାଉଥିବା ଲ୍ୟାଣ୍ଡ ଅଫିସର ଠାରୁ ଜବର ଦଖଲ ଉଠାଇବାକୁ ଲ୍ୟାଣ୍ଡ ଗାର୍ଡ କାର୍ଯ୍ୟ କରନ୍ତି ଏତଦ୍ ବ୍ୟତୀତ ପୌର ପରିଷଦ ସରକାରଙ୍କ ରାଜସ୍ୱ ବିଭାଗ କର୍ମଚାରୀ ଅଛନ୍ତି । ଏମାନେ ଏତେ ସଂଖ୍ୟାରେ ଥାଇ ଯେଉଁ ଜବର ଦଖଲ କରାଗଲା ସେଥିପାଇଁ ବିଭିନ୍ନ ସମୟରେ ଏହି କର୍ମଚାରୀଙ୍କୁ ଦାୟୀ କରାଯାଏ । ବିଭିନ୍ନ ଲୋକଙ୍କ ଠାରୁ ଉତ୍କୋଚ ନେଇ ଏ ଜବର ଦଖଲ କରିବାରେ ଉପରୋକ୍ତ କର୍ମଚାରୀ ମାନେ ପ୍ରୋତ୍ସାହନ କରିଥିବା ଅଭିଯୋଗ ହୁଏ । ସବୁଠାରୁ ମଜା କଥା ଯେ କାରଖାନାର ଅଧିକୃତ ଅଞ୍ଚଳରୁ ଅନେକ ଗତ ସେଟଲମେଣ୍ଟରେ ଅନେକ ଜମି ସୁରକ୍ଷା ଦାୟିତ୍ୱରେ ଥିବା କାରଖାନା କର୍ମଚାରୀ ନିଜ ସଂପର୍କୀୟଙ୍କ ନାମରେ ଦରଜ କରିନେଇ ଛନ୍ତି । ଏ ଜବର ଦଖଲକାରୀଙ୍କ ମଧ୍ୟରେ ଶତକଡ଼ା ୨୦ ଭାଗ କାରଖାନା କର୍ମଚାରୀ ଯେଉଁ ମାନେ ବାସଗୃହ ପାଇନାହାନ୍ତି ଓ ୭୦ ଭାଗ ରାଜ୍ୟ ବାହାରର ଲୋକ । ଏ ସମସ୍ତଙ୍କୁ ରୋକିବା ପାଇଁ ବର୍ତ୍ତମାନର କାରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଉଦ୍ୟମ ଅନେକ କ୍ଷେତ୍ରରୁ ବହୁ ନୂତନ ସମସ୍ୟା ସୃଷ୍ଟି କରୁଛି । ଉଚ୍ଛେଦକାରୀଙ୍କ ପୁର୍ନବସତି, ବସତି ଅଞ୍ଚଳର ଉନ୍ନୟନ, ପ୍ରଭୃତି କାର୍ଯ୍ୟ କର୍ତ୍ତୃପକ୍ଷଙ୍କୁ ଜଟିଳ ଅବସ୍ଥାରେ ପକାଇଛି ।

ଜବର ଦଖଲ କରିଥିବା ୪୧ ହଜାର ଲୋକଙ୍କ ମଧ୍ୟରୁ ଇତି ମଧ୍ୟରେ ଜିଲ୍ଲା ପ୍ରଶାସନିକ କର୍ତ୍ତୃପକ୍ଷ ରିଙ୍ଗରୋଡ଼ର ଏକ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ଫାୟାରଷ୍ଟେସନ ନିର୍ମାଣ ପାଇଁ

ଅବଶିଷ୍ଟାଂଶ ୧୮ ପୃଷ୍ଠାରେ

---

୧୨ ପୃଷ୍ଠାର ଅବଶିଷ୍ଟାଂଶ

ସମ୍ପର୍କରେ ଗବେଷଣା କରାଯାଉଛି । ଏହିପରି ଅନେକଗୁଡ଼ିଏ ପ୍ରକଳ୍ପ ଦେଶର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଛି ।

ଏହି ପ୍ରକଳ୍ପ ଗୁଡ଼ିକ ଗବେଷଣା କାର୍ଯ୍ୟକ୍ରମ ପାଇଁ ସାହାଯ୍ୟ କରେ । ଅନେକ ବିଶ୍ୱବିଦ୍ୟାଳୟ ଏବେ ବନ୍ୟ ଜନ୍ତୁଙ୍କ ସମ୍ପର୍କରେ ପାଠ୍ୟକ୍ରମ ପ୍ରଚଳିତ କରାଇଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ବିଭାଗମାନ ଖୋଲାଯାଇଛି ତେଣୁ ବର୍ତ୍ତମାନ ଏ କ୍ଷେତ୍ରରେ ବିଶେଷଜ୍ଞମାନେ ସୃଷ୍ଟି ହେଉଛନ୍ତି । ବିଭିନ୍ନ ଅଞ୍ଚଳରେ ଏହିପରି ଅନୁଷ୍ଠାନମାନ ପ୍ରତିଷ୍ଠା କରିବା ହେଉଛି ବମ୍ବେ ପ୍ରାକୃତିକ ଐତିହାସିକ ସମିତିର ଲକ୍ଷ୍ୟ ।

ଏହା ସତ୍ୟ ଘଟଣା ଯେ ଆମ୍ଭେମାନେ ଆମର ପଡ଼ୋଶୀ ବନ୍ୟ ପ୍ରାଣୀଙ୍କ ସମ୍ପର୍କରେ ଖୁବ ଜାଣୁ । ସେମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଏବେ ବହୁ ସୁବିଧା ସୁଯୋଗମାନ ସୃଷ୍ଟି କରାଯାଇଛି । ସମିତି ପକ୍ଷରୁ ଅଳ୍ପ ଦାମରେ କେତେଗୁଡ଼ିଏ ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକଗୁଡ଼ିକରେ ବନ୍ୟପ୍ରାଣୀମାନଙ୍କ ବିଷୟରେ ଅନେକ ଗୁଡ଼ିଏ ଉପାଦେୟ କଥା ଉଲ୍ଲେଖ କରାଯାଇଛି । ବିଗତ ୩୭ ବର୍ଷ ହେଲା ଏହି ସମିତି ବନ୍ୟଜନ୍ତୁମାନଙ୍କ ସମ୍ପର୍କରେ ଶିକ୍ଷାଦାନ କରି ଆସୁଛି ।

Images: Aptakama Mishra, Processing: Srujanika

ଡାହାଣୀ ଲାଗେ କି ?

ଗାଁ ଗହଳରେ ଅଶିକ୍ଷିତ ଓ ଦରିଦ୍ର ପରିବାରର ସ୍ତ୍ରୀଲୋକମାନଙ୍କୁ ଡାହାଣୀ ଲାଗିବା ଏକ ସାଧାରଣ ଘଟଣା । ଏ ବିଷୟରେ ଅଧିକ କିଛି ଜାଣିବା ପାଇଁ ଶିକ୍ଷିତ, ଅଶିକ୍ଷିତ ସମସ୍ତେ ଆଗ୍ରହୀ । କେତେକଙ୍କ ଧାରଣା କୌଣସି ଅଜଣା ଶକ୍ତି ସଂପୃକ୍ତ ସ୍ତ୍ରୀ, ପୁରୁଷଙ୍କୁ ପ୍ରଭାବିତ କରି ନିଜ ଲକ୍ଷ୍ୟ ସାଧନ କରେ । ଅନ୍ୟ କେତେକ କହନ୍ତି, ଏହା ଏକ ସଂପୂର୍ଣ୍ଣ ମାନସିକ ବିକୃତି, ଯାହାର ପ୍ରତିକାର ସମ୍ଭବ

ପ୍ରଫେସର ଡକ୍ଟର ରାଧାନାଥ ରଥ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ମନସ୍ତତ୍ତ୍ୱବିତ୍ । ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ପଦବୀରୁ ଅବସର ନେବା ପରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ସେ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି ଏବଂ ଡାହାଣୀ ଲାଗୁଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା ନିମନ୍ତେ ମଧ୍ୟ ତାଙ୍କ ସେବାର ବିନିଯୋଗ କରାଯାଇ ପାରେ । ଇତି ମଧ୍ୟରେ ସେ ପ୍ରାୟ ୪୦ ଟି ଡାହାଣୀ ଲାଗିଥିବା ମହିଳାଙ୍କୁ ଭଲ କଲେଣି । ଏହି ପ୍ରବନ୍ଧରେ ଡାହାଣୀର ସଂପର୍କରେ ଥିବା କେତେକ ଭୁଲ ଧାରଣା ଦୂର କରିବାକୁ ସେ ଚେଷ୍ଟା କରିଛନ୍ତି ।

ଡାହାଣୀ, ଭୂତ ଅଛି କି ନାହିଁ ବୋଲି ଗୋଟିଏ କଥା ନେଇ ବହୁତ ବାଦ ବିବାଦ ରହିଛି । କାରଣ ଜଣେ ଡାହାଣୀ ଭୂତ ଦେଖିଛି ବୋଲି କହୁଛି ଓ ଅନ୍ୟମାନେ ସେସବୁ ବିଷୟରେ କେବଳ ଶୁଣିଛନ୍ତି—ତାପରେ ସେ ଗପ ବଢ଼ି ବଢ଼ି ଚାଲେ । ନାନା କାଳ୍ପନିକ ଚିନ୍ତାରେ ଏହା ମୋଟା ମୋଟା ହୋଇ ଚାଲେ । କିନ୍ତୁ ଦଳେ ଲୋକ ଏପରି କି ଦୁଇଜଣ ଲୋକ ମଧ୍ୟ ଏକା ସମୟରେ ଡାହାଣୀ ଭୂତ ଦେଖିବାର ଶୁଣାଯାଏ ନାହିଁ । ସବୁ ଗପ ଜଣେ ବ୍ୟକ୍ତିର

ସମୁଦାୟ ନିର୍ଭେଳା ସମୟର ପ୍ରତ୍ୟକ୍ଷ ଅନୁଭୂତି ଉପରେହିଁ ନିର୍ଭର କରିଥାଏ ।

ତା ଛଡ଼ା ଜଣ ଜଣଙ୍କୁ ଡାହାଣୀ ଲାଗିବାର ବହୁ ପ୍ରତ୍ୟକ୍ଷ ଘଟଣା ମଧ୍ୟ ଆମ ଆଗରେ ରହିଛି । ଡାହାଣୀ ଲାଗିବା ଗପ ମଧ୍ୟ ସହର ଅପେକ୍ଷା ଗାଁରେ ବେଶୀ । ପୁରୁଷମାନଙ୍କ ଠାରେ ଅଳ୍ପ ଦେଖାଯାଏ, ସ୍ତ୍ରୀଲୋକଙ୍କ ଠାରେ ବେଶୀ । ବିଶ୍ୱାସ କରୁଥିବା ଲୋକଠାରେ ଯେତେ ବେଶୀ ଡାହାଣୀ ଲାଗେ ଏଥିରେ ବିଶ୍ୱାସ କରୁନଥିବା ଲୋକଙ୍କଠାରେ ଡାହାଣୀ ପଶିପାରେ ନାହିଁ । ତେଣୁ ଭାରତ ବାହାରେ ଡାହାଣୀ ଲାଗିବା ଘଟଣ ବହୁତ କମ୍ । ହଁ। ଭଁ। ଗୋଟେ ଦିଟା ଘଟଣା ଦେଖିବାକୁ ମିଳେ ।

ନାନା କାରଣରୁ ଜଣାଯାଉଛି ଯେ ଡାହାଣୀ ଲାଗିବାଟା ଲୋକର ବ୍ୟକ୍ତିଗତ ଜୀବନ ଓ ତାର ପାରିପାର୍ଶ୍ୱିକ ଅବସ୍ଥା ଉପରେ ବେଶୀ ନିର୍ଭର କରିଥାଏ । ମୋ ପାଖକୁ ଯେତିକି ଘଟଣା ଆସିଛି ସେଥିରୁ ଜଣାଯାଏଁ ଯେ ଡାହାଣୀ ଲାଗିବା ଗୋଟିଏ ମାନସିକ ବିଷାଦ ଗ୍ରସ୍ତ ଘଟଣା । ଡାହାଣୀ ଲାଗିବା ସ୍ତ୍ରୀଲୋକ ଠାରେ ବହୁତ ପ୍ରକାର ମାନସିକ ଦୁଃଖ ଓ ଅସ୍ଥିରତା

ଆଏ ଏବଂ କାଳକ୍ରମେ ଏହା ଲୋକ ସମ୍ମତ ଡାହାଣୀ ଲାଗିବା ଘଟଣାରେ ପରିଣତ ହୋଇଯାଏ । ତାର ମାନସିକ ଅନୁଷ୍ଠାନର ପରିବର୍ତ୍ତନ ହୋଇଗଲେ ତାଠାରୁ ଡାହାଣୀ ଛାଡ଼ିଯାଏ । ଗୁଣି ଗାରେଡ଼ି ଯୋଗୁ ବେଳେ ବେଳେ ମଧ୍ୟ ଏହା କମିଯାଏ କିନ୍ତୁ ସବୁବେଳେ ତାହା ସମ୍ଭବ ହୁଏନାହିଁ । ରୋଗୀର ଗୁଣି ଉପରେ ବିଶ୍ୱାସ ଥିବା ଯୋଗୁଁ ଏହା ସାମୟିକ ଭାବରେ କମି ଯାଇଥାଏ ।

ତାଛଡ଼ା ଡାହାଣୀ ଲାଗିବା ଘଟଣାଟି ଏପରି ଭାବରେ ଅତିରଞ୍ଜିତ ହୋଇ ଲୋକମୁଖରେ ପ୍ରଚାରିତ ହୁଏ ଯେ ବହୁତ ଅଲୌକିକ ଧରଣର ଘଟଣା ଶୁଣାଯାଏ ତାହା ପ୍ରକୃତରେ କପୋଳ କଳ୍ପିତ ବୋଲି ପରେ ପ୍ରମାଣିତ ହୋଇଥାଏ । ଥରେ ଖବର କାଗଜରେ ବାହାରିଲା ଯେ ଜଣକ ଘରେ ଖାଲି ଢେଲା ପଥର ପଡ଼ୁନାହିଁ ତା ଘର

ନୀଳାଭ ଆଲୋକ

ଉପରେ ରାତିରେ ଗୋଟିଏ ନୀଳାଭ ଆଲୋକ ବହୁ ଦୂର ଯାଏ ଦେଖାଯାଉଛି । ଏହାର ସତ୍ୟତା ବିଷୟରେ ସନ୍ଦେହ କରିବାରୁ ଜଣେ ବି.ଡ଼ି.ଓ କୁଆଡେ ଅଫିସରେ ବସିଥିବା ବେଳେ ନିଜ ଗାଲକୁ ନିଜେ ଚାପୁଡ଼ା ମାରିବାକୁ ଲାଗିଲେ । ଖବର କାଗଜରେ ଏହା ବାହାରିଲା ପରେ ଆମେ ଏ ବିଷୟରେ ଆଗ୍ରହ ପ୍ରକାଶ କରି ଅନୁସନ୍ଧାନ କଲୁ । ବି.ଡ଼ି.ଓ ଙ୍କୁ ଯାଇ ପଚାରିଲୁ । ସେ ବିଚରା ଅପ୍ରସ୍ତୁତ ହୋଇ କହିଲେ ଯେ ଏପରି ଘଟଣା ଆଦୌ ଘଟି ନାହିଁ । କିନ୍ତୁ ଖବର କାଗଜରେ ବାହାରିଲା ପରେ ସେ ଆଉ ଲାଜରେ କାହାକୁ କିଛି ଜଣାଇ ନାହାନ୍ତି । କ୍ରମେ ଏହା ଲୋକେ ଭୁଲିଯିବେ ଭାବି ସେ ଏବିଷୟରେ ଆଉ କିଛି ପ୍ରତିବାଦ ଖବର କାଗଜରେ ପ୍ରକାଶ କରି ନାହାନ୍ତି । ତାପରେ ନୀଳାଭ ଆଲୋକକଥା ବିଷୟରେ ସେ ଗ୍ରାମରେ ଯାହାକୁ ପଚାରି ଗଲି କେହି ଜଣେ ହେଲେ ତାହା ଦେଖି ନାହାନ୍ତି ସମସ୍ତେ କିନ୍ତୁ ଅନ୍ୟଠାରୁ ଶୁଣିଛନ୍ତି । ତାପରେ ଯାହା ଘରେ ଢେଲା ପଥର ପଡ଼ୁଥିଲା ଏବଂ ଯାହାକୁ ଡାହାଣି ଲାଗିଥିଲା ପାରିବାରିକ ଅଶାନ୍ତି ଯୋଗୁ ତାର ମାନସିକ ଅବସ୍ଥା ଏତେ ଖରାପ ହୋଇ ସାରିଥିଲା ଯେ ତାକୁ ଗୋଟିଏ ମାନସିକ

ଡକଟର ରାଧାନାଥ ରଥ

ରୋଗୀ ବୋଲି ଧରିନିଆଗଲା । ତା ଛଡ଼ା ମଧ୍ୟ ଢେଲା ପଥର ପଡ଼ିବା ଫଳରେ ତାକୁ ଅନ୍ୟମାନେ ଦୟା ଓ ସହାନୁଭୂତି ଦେଖାଇ ଅଧିକ ଆଦର ଯତ୍ନ କରୁଥିଲେ । ଏହା ଡାହାଣୀ ଲାଗୁଥିବା ସ୍ତ୍ରୀ ପକ୍ଷରେ ବହୁତ ଶାନ୍ତି ଦାୟକ ହୋଇ

୨୦ ପୃଷ୍ଠାରେ ଅବଶିଷ୍ଟାଂଶ

ସାଧାରଣ ରୋଗ ଓ ତାହାର ପ୍ରତିକାର

ଶର୍ଦ୍ଦି, କାଶ, ଜ୍ୱର,

ଆମେ ସମସ୍ତେ ଥରେ ନା ଥରେ ନିଶ୍ଚିତ ଭାବେ ଥଣ୍ଡା, କାଶ ବା ଶର୍ଦ୍ଦି ଜ୍ୱରରେ ପିଡ଼ିତ ହୋଇଥିବା ସ୍ୱାଭାବିକ । କାରଣ ଏହା ସଂକ୍ରାମକ ରୋଗ । ଏହାର କାରଣ ଅନେକ । କେତେକଙ୍କ ମତରେ ଏହା ଭାଇରସ୍ (Virus) ଜନିତ । ଅନେକଙ୍କ ମତ ନାସା, ଗଳା, ଫୁସ୍‌ଫୁସ୍ ଇତ୍ୟାଦି ଦୁର୍ବଳ ଥିଲେ ଜୀବାଣୁ ମାନେ ସହଜରେ ବାୟୁ ମଣ୍ଡଳରୁ ପ୍ରଶ୍ୱାସରେ ଯାଇଁ ସେଠାରେ ଲାଖି ଯାଆନ୍ତି । ପରେ ଶରୀରର ଅନୁକୂଳ ବାତାବରଣ ନେଇ ସେମାନେ ବୃଦ୍ଧି ପାଆନ୍ତି ଓ ଶରୀରର ପ୍ରତିରୋଧକ ଶକ୍ତି ସେମାନଙ୍କୁ ହଟାଇବାକୁ ସକ୍ଷମ ହୁଏ ନାହିଁ । ଫଳରେ ଆମେ ପିଡ଼ିତ ହେଉ । କେତେକ ସ୍ଥଳରେ ହୃତ୍‌ପିଣ୍ଡର ଦୁର୍ବଳତା ହେତୁ ମଧ୍ୟ ଥଣ୍ଡା, ବାତ ଇତ୍ୟାଦି ସହଜରେ ସଂକ୍ରମିତ ହୁଏ

ଡାକ୍ତର, ଗୋପାଳ ଚନ୍ଦ୍ର କର

ଶ୍ୱାସ ପ୍ରକ୍ରିୟା ପରିଚାଳନା ପାଇଁ ଆମ ଶରୀରରେ ନାସା, ଗଳା ଓ ଫୁସ୍‌ଫୁସ୍ ରହିଛି । ଏହି ଫୁସ୍‌ଫୁସ୍ ଗ୍ରୀବା ଭିତରେ ଦୁଇ ପଟକୁ ଦୁଇଟି ବେଲୁନ୍ ସଦୃଶ ରହିଅଛି । ଶ୍ୱାସ କ୍ରିୟା ସମୟରେ ଏହା ଫୁଲିଉଠେ ଓ ସଂକୁଚିତ ହୋଇ ଯାଏ । ଏହି ଫୁଲି ଉଠିବା ସମୟରେ ଫୁସ୍‌ଫୁସ୍‌ରେ ଥିବା ଜାଲିକ ରନ୍ଧ୍ର ଦେଇ ଗତି କରୁଥିବା ଦୂଷିତ ରକ୍ତ ବାୟୁରେ ଥିବା ଅମ୍ଳଜାନ ସଂସ୍ପର୍ଶରେ ଆସି ପରିଷ୍କାର ହୁଏ । ତେଣୁ ଥଣ୍ଡା କାଶ ଜ୍ୱର ସମୟରେ ଏହି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇ ପାରେ ନାହିଁ । କେତେକଙ୍କୁ ଧଇଁ ପେଲା ବା Asthma ଆଏ, ଥଣ୍ଡା ଶର୍ଦ୍ଦି ହେବା ସମୟରେ ସାଧାରଣତଃ ତାହା ବାହାରି ପଡ଼େ । ରୋଗର ଲକ୍ଷଣ ସ୍ୱରୂପ ନାକରୁ କଞ୍ଚା ପାଣି ବୋହିବା, ନାକ ବନ୍ଦ ହେବା, ତଣ୍ଟି ଧରିବା ବା ଦରଜ ହେବା, ତଣ୍ଟି ବସି ସ୍ୱର କ୍ଷୀଣ ହେବା, କାଶ ହେବା, ଆଖି ଲାଲ ପଡ଼ି ମକଚ ହେବା, ଜ୍ୱରହେବା ଇତ୍ୟାଦି ଦେଖା-ଦିଏ । କେତେକ ପିଲାମାନଙ୍କ tonsil ଗ୍ଳାଣ୍ଡ ଫୁଲିବା ଓ ପୂଜ ଧରିବା ହେତୁ ବାରମ୍ବାର ଏହି ରୋଗ ଧରିଥାଏ । ଗଳା ଦରଜ ହୋଇ ଢୋକିବାକୁ କଷ୍ଟ ହୁଏ ।

ଚିକିତ୍ସା

(1) ନାକରୁ କଞ୍ଚାପାଣି ବୋହି ଥଣ୍ଡା ଧରିଲେ Cloropheniramine Malliate ବା Avil(25ml) ବଟିକା ଦିନକୁ ଦୁଇଥର ଖାଇବା ଦରକାର । ପିଲା ମାନଙ୍କୁ ଏହାଫାଲେ ଲେଖା ଦୁଇଥର ଦିଆ ଯାଇପାରେ ।

କାଶ ସିରପର ପ୍ରସ୍ତୁତ

ଗୋଟିଏ ପାନ ଔଷଧରେ :

Amonium chloride	60mg
Glyceryl Guaicol	50mg
Citic Acid	35mg
Chloroform Spirit	0.2mg
Syp———————gs	
Chloropheniramore	5mg
Maleats	10ml

ଏହି ଅନୁପାତରେ ଔଷଧ ପ୍ରସ୍ତୁତ କରି

ଥଣ୍ଡା, ଶର୍ଦ୍ଦି, କାଶ ଇତ୍ୟାଦି ସାଧାରଣ ରୋଗପାଇଁ ଆମେ ଡାକ୍ତରଙ୍କର ପରାମର୍ଶ ନେଇ ନ ଥାଉ । ବଜାରରେ ମିଳୁଥିବା ବହୁଳ ପ୍ରଚାରିତ ଔଷଧ ଖାଇ ନିଜର କଷ୍ଟ ନିବାରଣ କରିବାକୁ ସହର ବଜାରରେ ରହୁଥିବା ଲୋକେ ଅଧିକ ପସନ୍ଦ କରନ୍ତି । ଗାଁ ଗଣ୍ଡାରେ ମଧ୍ୟ ଉଣା ଅଧିକେ ଏ ଅବସ୍ଥା ଦେଖାଯାଏ । କିନ୍ତୁ ବିନା ପରାମର୍ଶରେ ଔଷଧ ଖାଇଲେ ତାହା ରୋଗ ଭଲ କରିବା ପରିବର୍ତ୍ତେ ବଢ଼ାଇବାର ଘଟଣା ମଧ୍ୟ ବିରଳ ନୁହେଁ । ତେଣୁ ସାଧାରଣ ରୋଗ ପାଇଁ କେବଳ ପ୍ରଚାରର ସର୍ବସ୍ୱ ଔଷଧ ନ ଖାଇ ନିଜ ବିଶ୍ୱାସ ଅନୁସାରେ ବିଭିନ୍ନ ପଦ୍ଧତିରେ ଆଶୁ ଚିକିତ୍ସାର ସୁଯୋଗ ସୃଷ୍ଟି କରିବାପାଇଁ ଏ ବିଭାଗରେ ଧାରାବାହିକ ଭାବେ ବିଭିନ୍ନ ରୋଗ ଓ ତିନୋଟି ମୁଖ୍ୟ ପ୍ରଣାଳୀରେ ତାହାର ନିଦାନ ସମ୍ପର୍କରେ ଆଲୋଚନା କରାଯିବ ପାଠକମାନେ ନିଜର କୌଣସି ଜଟିଳ ରୋଗର ଉପଶମ ପାଇଁ ମଧ୍ୟ ଏ ବିଭାଗକୁ ପ୍ରଶ୍ନ ପଚାରି ପାରନ୍ତି ।

(2) ଥଣ୍ଡାସହ ଜ୍ୱର ହେଲେ Paracetamol(500ml) ବଟିକା ଦିନକୁ ୩ ଥର ଦିଆଯିବ ।

(3) ଥଣ୍ଡାସହ କାଶ ହେଲେ କାଶ ସିରପ ବା Ammoniom chloride, Potasium Guiaicol ବ୍ୟବହାର କରିବାକୁ ହେବ ।

(4) ଥଣ୍ଡା କାଶ ସହ ଜର ହେଲେ ଓ ଏହା ଲାଗି ରହିଲେ Antibiotic ଖାଇବାକୁ ହେବ ଓ ଏଥିପାଇଁ ନିକଟତମ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । କାଶ ସିରପ ସେବନ କଲେ ବା କୌଣସି Cough syrup ଆବଶ୍ୟକ ଅନୁପାତରେ ବ୍ୟବହାର କଲେ ଶୀଘ୍ର କାଶ କଷ୍ଟରୁ ରକ୍ଷା ମିଳିବ ।

ହୋମିଓ ପ୍ୟାଥି ଚିକିତ୍ସା

ହୋମିଓ ପାଥିକ ମତରେ ଉପରୋକ୍ତ କାରଣ ମାନଙ୍କ ଯୋଗୁ ମଧ୍ୟ ଶର୍ଦ୍ଦିଜ୍ୱର, କାଶ ରୋଗହୁଏ । ଏହାର ନିଦାନ ଅନୁଯାୟୀ ନିମ୍ନ ମତେ ଚିକିତ୍ସା ଅବଲମ୍ବନ କରିବାକୁ ହୁଏ :—

ଅବଶିଷ୍ଟାଂଶ ୨୦ ପୃଷ୍ଠାରେ

Images: Aptakama Mishra, Processing: Srujanika

ଉପକାରୀ ଗଛଟିଏ ତୁଳସୀ

ଡକ୍ଟର କମଳ କୁମାରୀ ପଟ୍ଟନାୟକ

କଥାରେ କହନ୍ତି—"ତୁଳସୀ ଦୁଇ ପତରରୁ ବାସେ, ବଛୁଆତି ଦୁଇ ପତରରୁ କୁଣ୍ଡାଇ ହୁଏ।" ପିଲାଟିର ଚାଲିଚଳନ ଆଚାର ବ୍ୟବହାର ଓ ଭଲ ମନ୍ଦ ଦେଖି କହନ୍ତି ଏହି ପିଲାଟି ପରା ତୁଳସୀ। ବଡ଼ ହେଲେ ଭଲ ମଣିଷଟିଏ ହେବ। ଏଇଟି ପରା ବଛୁଆତିଟା; ବଡ଼ ହେଲେ କି ମଣିଷ ହେବ କେଜାଣି ! ଅର୍ଥାତ୍ ପିଲାଟିର ଭଲଗୁଣକୁ ତୁଳସୀ ଓ ଖରାପ ଗୁଣକୁ ବଛୁଆତି ସଙ୍ଗେ ତୁଳନା କରାଯାଇଥାଏ। ଯେପରି ଭଲ ଓ ଦୁଷ୍ଟ ପ୍ରକୃତିର ମଣିଷ ଭିତରେ କିଛି ନା କିଛି ବିଶେଷତ୍ୱ ରହିଛି, ସେହିପରି ଉଭୟ ତୁଳସୀ ଓ ବଛୁଆତିର ଔଷଧିଗୁଣରେ କିଛି କିଛି ବିଶେଷତ୍ୱ ରହିଛି। ତେବେ ବଛୁଆତି ତୁଳନାରେ ତୁଳସୀର ଆଦର ଯଥେଷ୍ଟ ବେଶୀ। ହିନ୍ଦୁ ଧର୍ମରେ ତୁଳସୀ ଯେ ଏକ ସାଧାରଣ ଗଛ ତା' ନୁହେଁ; ତାକୁ 'ବୃନ୍ଦାବତୀ' ବୋଲି କହି ପୂଜା କରାଯାଏ। ସକାଳୁ ଗାଧୋଇ ଆସି ତୁଳସୀ ଚଉରା ମୂଳେ ପାଣି ମୁନ୍ଦାଏ ଢାଳି ଭକ୍ତିର ସହ ଚଉରା ପାଣି ପାଇବାକୁ ଆରମ୍ଭ କରି ସନ୍ଧ୍ୟାବେଳେ ଚଉରା ମୂଳେ ଘିଅ ଦୀପ-ଟିଏ ଜାଳି ପ୍ରଣାମ କରିବା ହେଲା ହିନ୍ଦୁଧର୍ମର ଏକ ନିଷ୍ଠାପର କାମ। ଦେବ, ଦେବୀ ମନ୍ଦିର ଭିତରକୁ ଯାଇ ପାଦୁକ ପାଣିରେ ମଧ୍ୟ ତୁଳସୀ ପତ୍ର ପାଇ ଆମେ ଧନ୍ୟ ମନେକରୁ। ତୁଳସୀର ସୁଗନ୍ଧ ଯେପରି, ମନମୁଗ୍‌ଧକର, ତୁଳସୀ ପତ୍ରଟି ମଧ୍ୟ ସେହିପରି ଖୁବ ରୁଚିକର। ହିନ୍ଦୁ ଧର୍ମରେ ତୁଳସୀକୁ ଧର୍ମ ସଙ୍ଗେ ଏପରି ଭାବେ ଯୋଡ଼ି ଦିଆଯାଇଛି, ତାକୁ ଗୁଡ଼ି ପୂଜା, ବିଧି କିଛି ହିଁ ହୋଇ ପାରେନା। ଏହାର ତାତ୍ପର୍ଯ୍ୟ କଣ ? ସେକଥା ବିଚାର କରିବାର କଥା।

ବହୁ ରୋଗ ନିବାରକ

ତୁଳସୀ ଏକ ବହୁ ଗୁଣାବଳୀ ଔଷଧି ଉଦ୍ଭିଦ। ବହୁକାଳରୁ ତୁଳସୀକୁ ଆୟୁର୍ବେଦ ଓ କବିରାଜ ମାନେ ବହୁ ରୋଗ ନିବାରକ ହିସାବରେ ବ୍ୟବହାର କରି ଆସିଛନ୍ତି। ଏହାର ଚେର, ପତ୍ର, କଣ୍ଠା ବା ଫୁଲ ଏପରିକି ଚଉରା ମାଟିର ମଧ୍ୟ ବହୁ ବିଧି ବ୍ୟବହାର କରାଯାଇଛି ଯେ— ଏହି ଗଛଟିର ସୁରକ୍ଷା ଓ ପରିବର୍ଦ୍ଧନ ପାଇଁ ଆମ ପୂର୍ବପୁରୁଷ-ମାନେ ତାକୁ ହିନ୍ଦୁଧର୍ମ ସଙ୍ଗେ ଯୋଡ଼ି ରଖି-ଦେଇଛନ୍ତି। ତୁଳସୀ ଗଛପରି ଆହୁରି ବହୁତ ଦରକାରୀ ଉଦ୍ଭିଦ ନାନା କାରଣରୁ ଲୋପ ପାଇ ଯାଉଛି। ସେଥିପାଇଁ ଲୁପ୍ତ ହୋଇ ଯାଉଥିବା ଉଦ୍ଭିଦମାନଙ୍କୁ ରକ୍ଷା କରିବା ପାଇଁ ବିଶ୍ୱବ୍ୟାପୀ ରାଷ୍ଟ୍ରୀୟ ଉଦ୍ୟମ ଚାଲିଛି। ଆମର ବିଜ୍ଞ ପୂର୍ବ ପୁରୁଷମାନେ ତୁଳସୀ ପରି ଆହୁରି କେତେକ ଉଦ୍ଭିଦ-ଯଥା-ବେଲ, ଦୁବ, ବଉଳ, ଅମ୍ବ, ବର, ଓସ୍ତ ଇତ୍ୟାଦିକୁ ରକ୍ଷା କରିବା ପାଇଁ ଧର୍ମ ଭିତ୍ତିରେ ରୂପ ଦେଇ ନ ଥିଲେ ବୋଲି କିଏ କହିବ ?

କାଶ, ଶର୍ଦ୍ଦି, କଫ, ବ୍ରୋଙ୍କାଇଟିସ୍ ପରି ଅଣ୍ଡା ରୋଗପାଇଁ ତୁଳସୀ ପତ୍ର ବ୍ୟବହାର କରାଯାଇଥାଏ। ତୁଳସୀ ପତ୍ରରସ ମହୁ-ସହ ଏକତ୍ରିତ କରି, ତୁଳସୀ ପତ୍ର ଗୋଲମରିଚ ଏକତ୍ରିତ କରି, ତୁଳସୀ ପତ୍ରକୁ ସିଝାଇ ତା' ପାଣିକୁ ପିଇଲେ ଅଣ୍ଡାରୋଗ ଉପଶମ ହୁଏ। ଟନସିଲ ପାଇଁ ମଧ୍ୟ ତୁଳସୀପତ୍ର ବ୍ୟବହାର କରାଯାଇଥାଏ। ଚର୍ମରୋଗ ପାଇଁ ତୁଳସୀପତ୍ର ବ୍ୟବହୃତ ହୁଏ।" ଯଥା, କୁଣ୍ଡିଆରେ ତୁଳସୀ ପତ୍ର, ଲେମ୍ବୁ ସଙ୍ଗେ ଦଳି ତା' ରସ ଲଗାଇଲେ ଚର୍ମରୋଗ ଭଲହୁଏ। କାନକାଣିଲେ ତୁଳସୀ-ପତ୍ର ରସରୁ ଦୁଇଟୋପା ପକାଇଦେଲେ ରୋଗୀ ସୁସ୍ଥବୋଧ କରେ, ଶିଶୁମାନଙ୍କୁ ଅଣ୍ଡା ଲାଗିରହିଲେ ତୁଳସୀ ପତ୍ରକୁ ସିଝାଇ ପ୍ରତିଦିନ ସକାଳେ, ଦୁଇ ଚାମଚ ଲେଖାଏଁ ଦେଲେ ଶିଶୁର ଅଣ୍ଡା-ଦୋଷ କମେ। ତୁଳସୀ ପତ୍ରରୁ ତିଆରିହେବା

ଜଣେ ବିଶିଷ୍ଟ ଉଦ୍‌ଭିଦ ବିଜ୍ଞାନୀ ରୂପେ ପ୍ରଫେସର ଡ଼କ୍ଟର ଶ୍ରୀମତୀ ପଟ୍ଟନାୟକ ଜଣାଶୁଣା। ଓଜୁଲକୁ ଖଟା କରୁଥିବା ଏକ ଏଞ୍ଜାଇମ୍ ଆବିଷ୍କାର କରି ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ସେ ଯଶସ୍ୱୀ ହୋଇପାରିଛନ୍ତି।

ସାଧାରଣ ଲୋକଙ୍କ ବୋଧ ଗମ୍ୟ ଭାଷାରେ ବିଜ୍ଞାନ ସମ୍ବନ୍ଧୀୟ ବହୁ ପୁସ୍ତକର ସେ ଲେଖିକା। ଏବଂ ବହୁ ବିଜ୍ଞାନ ଅନୁଷ୍ଠାନ ସହ ସକ୍ରିୟ ଭାବେ ସେ ସଂପୃକ୍ତା। ପରିବେଶ ବିଜ୍ଞାନ, ଔଷଧି ଲତା ଓ ଗୁଳ୍ମ ସଂପର୍କରେ ତାଙ୍କର ଗଭୀର ଅଧ୍ୟୟନ ଫଳରେ ଆଜମା, ପାଇଲସ୍ ଓ ଜଣ୍ଡିସ (କ୍ଲିନିକାଲ) ରୋଗ ଭଲ କରିବା ପାଇଁ ଦେଶୀୟ ଉପଚାର ପ୍ରୟୋଗ କରିବାରେ ସେ ସକ୍ଷମ ହୋଇଛନ୍ତି।

ବାଡ଼ି ବଗିଚାରେ ଅନାୟାସରେ ହେଉଥିବା ଖାଦ୍ୟୋପଯୋଗୀ ଶାଗ ଓ ତାହାର ଗୁଣାତ୍ମକ ମାନ ବିଷୟରେ ଏହି ପୃଷ୍ଠାରେ ସେ ଧାରାବାହିକ ଭାବେ ଆଲୋକପାତ କରିବେ।

Images: Aptakama Mishra, Processing: Srujanika

ମଶାଙ୍କ ଯମ ତୁଳସୀ

ତେଲ ବ୍ୟାକ୍ଟେରିଆକୁ ନଷ୍ଟ କରିଦିଏ । ଏଣୁ ବ୍ୟାକ୍ଟେରିଆ ଦ୍ୱାରା ସୃଷ୍ଟି ରୋଗପାଇଁ ଏହି ତେଲ ଅବ୍ୟର୍ଥ ଔଷଧ କହିଲେ ଭୁଲ ହେବ ନାହିଁ । ବିଷାକ୍ତ ପୋକ କାମୁଡ଼ିଦେଲେ ଏହି ତେଲକୁ ବ୍ୟବହାର କରାଯାଇଥାଏ । ତୁଳସୀ ଗଛ ଗନ୍ଧରେ ମଶା ଦୂରେଇଯାଏ । ଏଣୁ ମଶାଠୁ ରକ୍ଷା ପାଇବାକୁ ହେଲେ ବାଡ଼ି ବଗିଚାରେ ତୁଳସୀ ଗଛ ବହୁ ପରିମାଣରେ ଲଗାଇବା ଉଚିତ । ତୁଳସୀ ପତ୍ରକୁ ହାତରେ ଦଳିଦେଇ ସେହି ଗନ୍ଧଯୁକ୍ତ ରସକୁ ମୁହଁ, ହାତ, ଗୋଡରେ ଲଗାଇଲେ ମଶା ଦେହରେ ବସେନାହିଁ; କାରଣ ତୁଳସୀର ସୁଗନ୍ଧ ମଶା ସହ୍ୟକରି ପାରେନାହିଁ । ତୁଳସୀ ମଞ୍ଜି ମଧ୍ୟ ଆମର ବହୁତ ଉପକାରରେ ଆସେ, ଏହି ମଞ୍ଜିକୁ କିଛି ସମୟ ଭିଜାଇ ତାକୁ ମିଶ୍ରୀସହ ସରବତ କରି ଖାଇଲେ ପରିସ୍ରା ପୋଡ଼ା କମିଯାଏ । ମାଲେରିଆ ରୋଗୀକୁ ତୁଳସୀପତ୍ରକୁ ଶିଝାଇ ତା' ରସକୁ ଦେଲେ ଦେହରୁ ଝାଳ ବହେ ଏବଂ ରୋଗୀ ସୁସ୍ଥହୁଏ । ତୁଳସୀପତ୍ର ଛଡ଼ା, ତା'ର ଜଟା ବା ଫୁଲକୁ ମଧ୍ୟ ସର୍ଦ୍ଦି, କାଶ ଇତ୍ୟାଦିରେ ବ୍ୟବହାର କରାଯାଏ । ଆୟୁର୍ବେଦିକ ପଦ୍ଧତିରେ ତୁଳସୀ ପତ୍ର ଜଟାର କଅଁଳିଆ ଅଗ ଓ ଚେରର ରସକୁ ଏକତ୍ରିତ କରି ଏପରିକି ସର୍ପ ଦଂଶନରେ ମଧ୍ୟ ବ୍ୟବହାର କରିବା ଦେଖାଯାଏ ।

ତୁଳସୀ ଦୁଇ ପ୍ରକାର

ସାଧାରଣତଃ ଦୁଇପ୍ରକାର ତୁଳସୀ ଥାଏ । ସେଥିରୁ ଗୋଟିଏ ହେଲା କଳା ତୁଳସୀ ଅନ୍ୟଟି ହେଲା ଧଳା ତୁଳସୀ । ଆଖିକୁ ଅଲଗା ଦେଖା ଗଲେହେଁ, ଆଧୁନିକ ଗବେଷଣାରୁ ଏହି ଉଭୟ ତୁଳସୀର ପ୍ରାୟ ସମାନ ଦ୍ରବ୍ୟ ଗୁଣ ରହିଛି ବୋଲି ଜଣାଯାଏ । କଳା ତୁଳସୀରେ କୃଷ୍ଣ ବର୍ଣ୍ଣ କଣିକା ଅପେକ୍ଷାକୃତ ଅଧିକା ଥିବା ହେତୁ ତାହା କଳା ଦେଖାଯାଏ ।

ତେନ୍ତୁଳରେ ବହୁ ଅନୁପାତରେ ଟାରଟାରିକ୍ ନାମକ ଏକ ଅମ୍ଳ ଥିବାରୁ ଖଟାଲାଗେ । ସେହିପରି ଅଁଳାରେ ଅକଜାଲିସ ନାମକ ଆଉ ଏକ ପ୍ରକାର ଅମ୍ଳ ଲବଣାକାରରେ ଥିବାରୁ ଏହା କଷା ଲାଗେ । ଏହି ଦୁଇ ପ୍ରକାର ଅମ୍ଳ-ଅର୍ଥାତ୍ ଟାଟାରିକ ଓ ଅକଜାଲିକ୍‌ସ ତୁଳସୀରେ କିଛି ପରିମାଣରେ ରହିଥିବା ଆମ ଗବେଷଣାରୁ ଜଣାପଡ଼ିଛି । ଏହି ଦୁଇ ଅମ୍ଳ ଆମ ଶରୀର ପାଇଁ ଦରକାରୀ । ଏହାଛଡ଼ା ତୁଳସୀରେ ଭିଟାମିନ 'ସି' ରହିଛି । ଏହି ଭିଟାମିନ 'ସି' ହିଁ ଅଣ୍ଡା ରୋଗ ପାଇଁ ଅବ୍ୟର୍ଥ ଔଷଧ । ଭିଟାମିନ 'ସି' ଦାନ୍ତ ମାଢ଼ିକୁ ସୁଦୃଢ଼ କରେ । ଏଣୁ ତୁଳସୀ ପତ୍ର ଖାଇଲେ ଦାନ୍ତ ରୋଗ ହୁଏ ନାହିଁ । ଦାନ୍ତ ମୂଳରେ ଖାଦ୍ୟ ଜମିଲେ ବାକ୍‌ଟିରିଆ ବାସ କରନ୍ତି । ଏଣୁ ମୁହଁ ଗନ୍ଧାଏ । ତୁଳସୀ ପତ୍ର ଖାଇଲେ ପାଟିର ଦୁର୍ଗନ୍ଧ ନାଶ ହୁଏ ।

ଆଧୁନିକ ଗବେଷଣାରୁ ଜଣା ପଡ଼ିଛିଯେ ତୁଳସୀରେ ଢେର ଅଧିକ ପ୍ରୋଟିନ ବା ପୁଷ୍ଟିସାର ରହିଛି । ଏହାଛଡ଼ା ଆବଶ୍ୟକୀୟ ଆମିନୋ ଅମ୍ଳଜାନ ମଧ୍ୟ ଏଥିରେ ରହିଛି । ଆମିନୋ ଅମ୍ଳ ଅଭାବରୁ ବାଳ ଉପୁଡ଼େ । ଅପରିପକ୍ୱ ବୟସରୁ ମୁଣ୍ଡ ଚନ୍ଦା ହୋଇଯାଏ । ତୁଳସୀ ପତ୍ର ରସରେ କେତେକ ଆମିନୋ ଅମ୍ଳ ରହିଛି । ସେସବୁ ଆମ ରକ୍ତରେ ମିଶିଲେ ବାଳ ଉପୁଡ଼ିବା କମିଯାଏ । ବାଳ ମୂଳ ଶକ୍ତ ହୁଏ । ଏହାଛଡ଼ା ତୁଳସୀରେ ଥିବା 'ପ୍ୟାରୁଭିନ୍' ନାମକ ଆଉ ଏକ ଆମିନୋ ଅମ୍ଳ ଅପେକ୍ଷାକୃତ ବହୁ ପରିମାଣରେ ରହିଛି । ଏହି ଅମ୍ଳ ମଧ୍ୟ ଆମର ବହୁତ ଦରକାରରେ ଆସେ ।

ପୂର୍ବ ଆଫ୍ରିକାରେ ଦେଖା ଯାଉଥିବା ତୁଳସୀର ଆଉ ଏକ ସ୍ପେସିସରୁ କର୍ପୂର ବହୁ ପରିମାଣରେ ଥିବା ଆଧୁନିକ ଗବେଷଣାରୁ ଜଣାପଡ଼ିଛି । ଭାରତ ବର୍ଷର କଶ୍ମୀର, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର, ମଣିପୁର, ମାଡ୍ରାସ ଓ କେରଳରେ ତୁଳସୀର ଏହି ସ୍ପେସିସକୁ ବହୁଳ ଭାବେ ଚାଷ କରିବା ଦେଖାଯାଏ । ଏହି ସ୍ପେସିସରୁ ପ୍ରସ୍ତୁତ କରାଯାଉଥିବା କର୍ପୂର ବହୁ ପ୍ରକାର ଔଷଧ ପ୍ରସ୍ତୁତ କରିବାରେ ବ୍ୟବହୃତ ହୋଇଥାଏ । ଦେହ ବଥା, ଆଣ୍ଠୁଗଣ୍ଠି ମକଚି ହୋଇଗଲେ ଏହି କର୍ପୂର ବ୍ୟବହାର କରାଯାଇ ଉପଶମ ମିଳିଥାଏ । କର୍ପୂରକୁ ଔଷଧ ଛଡ଼ା ବିଭିନ୍ନ ଧାରାରେ ବ୍ୟବହାର କରାଯାଏ । ଭାରତ ବର୍ଷରେ ବର୍ଷକୁ ହାରାହାରି ପ୍ରାୟ ୪୦୦,୦୦୦ କ୍ୱିଣ୍ଟାଲ କର୍ପୂର ଦରକାର ପଡ଼ିଥାଏ ଆମ ପ୍ରାକୃତିକ ସମ୍ପଦରୁ କିଛି କର୍ପୂର ପାଇ ଥାଉ । ବାକି ବିଦେଶରୁ ଆମଦାନି କରାଯାଇ ଥାଏ । ତୁଳସୀର ଏହି ସ୍ପେସିସକୁ ଯଦି ଭାରତ ବର୍ଷର ବିଭିନ୍ନ ସ୍ଥାନରେ ବହୁଳ ପରିମାଣରେ ଚାଷ କରାଯାଇ ପାରନ୍ତା ହୁଏତ ଆମର ଅତି ଆବଶ୍ୟକୀୟ କର୍ପୂର ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ ।

ତୁଳସୀ କୁ କେବଳ ହିନ୍ଦୁ ଧର୍ମର ପୂଜ୍ୟ ଉଦ୍ଭିଦ ରୂପେ ବିଚାର ନକରି ଏଥିରେ ରହିଥିବା ଅବ୍ୟର୍ଥ ଦ୍ରବ୍ୟଗୁଡ଼ିକୁ କିପରି ଉପଯୋଗ କରାଯାଇ ପାରିବ ସେଥିପାଇଁ ସମସ୍ତେ ସଚେତନ ହେବା ଉଚିତ୍ । ତୁଳସୀ ଗଛକୁ ଆମ ବାଡ଼ି ବଗିଚାରେ ଲଗାଇ ତାକୁ ସଠିକ ଭାବେ ଉପଯୋଗ କରି ପାରିଲେ ଆମର ଉପକାରରେ ଆସିବ ସେଥିରେ ସନ୍ଦେହ ନାହିଁ । ଧର୍ମାନ୍ଧ ହୋଇ ସବୁ କଥା ବିଚାର କରିବାର ବହୁ ଊର୍ଦ୍ଧ୍ୱରେ ଆଜି ଆମେ ପହଞ୍ଚିଛେ । ବିଜ୍ଞାନଯୁଗର ଆଧୁନିକ ଗବେଷଣା ହିଁ ଆମକୁ ଏବିଷୟରେ ଯଥେଷ୍ଟ ସଚେତନ କରାଇ ପାରିଛି । ଏଣୁ ତୁଳସୀର ବହୁଳ ଗୁଣାବଳୀକୁ ଆଖିରେ ରଖି ତାର ଯଥୋଚିତ ସୁରକ୍ଷା ଓ ବହୁଳ ଚାଷ ପାଇଁ ଚିନ୍ତା କରିବା ଉଚିତ ।

୧୪ଶ ପୃଷ୍ଠାର ଅବଶିଷ୍ଟାଂଶ

ପ୍ରାୟ ପାଞ୍ଚ ହଜାର ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇଛି । ମହୁଲପଲ୍ଲୀ ଅଞ୍ଚଳରେ ସହସ୍ରାଧିକ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରିବାକୁ ନୋଟିସ ମଧ୍ୟ ଦିଆଯାଇଛି । ପ୍ରକାଶଥାଉକି ଇତି ମଧ୍ୟରେ ରାଜ୍ୟ ସରକାର ଓ ଇସ୍ପାତ କାରଖାନା ମଧ୍ୟରେ ଜମିଜମା ସମ୍ପର୍କୀୟ ରାଜିନାମା ସ୍ୱାକ୍ଷରିତ ହୋଇନାହିଁ । କାରଖାନା କର୍ତ୍ତୃପକ୍ଷ ପ୍ରାୟ ୭ ଶହ ଏକର ଜମି ରାଜ୍ୟ ସରକାରଙ୍କୁ ଫେରାଇ ଦେବାକୁ ମୌଖିକ ଭାବେ ରାଜି ହୋଇଥିବା କୁହାଯାଇଛି ।

ଇସ୍ପାତ ଉଦ୍ୟୋଗ ଅଞ୍ଚଳରେ ବସ୍ତି ଅଞ୍ଚଳ (ଜବର ଦଖଲ ଅଞ୍ଚଳ) ର ଉନ୍ନୟନ ପାଇଁ ଶ୍ରମିକ ସଂସ୍ଥା ଓ ଇସ୍ପାତ ମନ୍ତ୍ରଣାଳୟ ମଧ୍ୟରେ ମଧ୍ୟ ଏକ ଚୁକ୍ତିନାମା ମୂଳରେ ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଲା କାରଖାନା କର୍ତ୍ତୃପକ୍ଷ ଯେହେତୁ ପ୍ରତ୍ୟେକ କର୍ମଚାରୀଙ୍କୁ ବାସଗୃହ ଯୋଗାଇପାରି ନାହାନ୍ତି, ବାସଗୃହ ନପାଇଥିବା ଇସ୍ପାତ କର୍ମଚାରୀ ମାନେ ଏହି ବସ୍ତି ଅଞ୍ଚଳରେ ରହିବେ ଓ ତାର ଉନ୍ନୟନ ଆବଶ୍ୟକ ।

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ବସ୍ତି ଅଞ୍ଚଳରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ଉଚ୍ଛେଦ କାର୍ଯ୍ୟ ମଧ୍ୟ ଚାଲିଛି । —*—

Images: Aptakama Mishra, Processing: Srujanika

ସ୍ୱପ୍ନ ସାଗରର ବ୍ୟବସାୟିକ ସଫଳତା

ବିନୋଦ ନନ୍ଦ

ପ୍ରଶାନ୍ତ ନନ୍ଦ । ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ବିସ୍ମୟର ଚେକ୍ । ଯାହା ନାଁରେ ଡିଷ୍ଟ୍ରିବ୍ୟୁଟର, ହଲ ମାଲିକମାନେ ବିନା ଦ୍ୱିଧାରେ ଲକ୍ଷଲକ୍ଷ ଟଙ୍କା ଆଡଭାନ୍ସ ଦେଇ ପାରନ୍ତି । ଟଙ୍କାଯେ ସେମାନେ ଫେରିପାଇବେ ଏ ଦୃଢ଼ଧାରଣା ତାଙ୍କ ମନରେ ଥାଏ । କିନ୍ତୁ ଛବି ଯଦି ଫ୍ଲପ୍ କରେ ? ତେବେ··· ? ଏହାର ଉତ୍ତର ମଧ୍ୟ ଆଜି ସେମାନେ ପାଇ-ପାରିଛନ୍ତି । 'ସ୍ୱପ୍ନସାଗର' ଫ୍ଲପ୍ ହୋଇଗଲା । ଚାରିଆଡ଼େ ହଲ୍ଲା । ସବୁ ପତ୍ର ପତ୍ରିକାରେ ମଧ୍ୟ ସେଇକଥା । କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ସୁପର ସୁପରହିଟ ଚିତ୍ର 'ସ୍ୱପ୍ନସାଗର' । ମାତ୍ର ୮ ସପ୍ତାହରେ କଲେକ୍ସନ ୧୧ ଲକ୍ଷ ଟଙ୍କା । ପୂର୍ବର ସମସ୍ତ ରେକର୍ଡ଼ ଭାଙ୍ଗିଲା । ପ୍ରଯୋଜକଙ୍କ ରାଧାନାଥ ଭଠଙ୍କ ଆଶାରେ ଭଠା ପଡ଼ିଯିବ ବୋଲି ସ୍ୱପ୍ନ ଦେଖୁଥିବା ଚଳଚ୍ଚିତ୍ର ଜଗତର ମହାରଥୀ ମାନଙ୍କର ସ୍ୱପ୍ନ ଓ ଗଣନା ସ୍ୱପ୍ନରେ ହିଁ ରହିଗଲା । ପ୍ରଯୋଜକ ତାଙ୍କର ଦ୍ୱିତୀୟ ଛବି ନିର୍ମାଣ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ପ୍ରଶାନ୍ତନନ୍ଦଙ୍କ ନାଁରେ ଫିଲ୍ମ ଚାଲିବା ଆରମ୍ଭ ହେବା ନିଶ୍ଚିତ ଭାବରେ ଓଡ଼ିଆ ଚଳଚ୍ଚିତ୍ର ଜଗତପାଇଁ ଏକ ଶୁଭ ସଙ୍କେତ ।

ଘରେ ଘରେ କ୍ୟାସେଟ, ରେକର୍ଡ ବାଜୁଛି । ଶାମୁକା ଓ ସାଗରର ପ୍ରେମ-କାହାଣୀ । ଶ୍ରୋତାର ହୃଦୟରେ ଅନେକ ଉତ୍କଣ୍ଠା । କେବେ ସେ ଦେଖିବ ରୂପେଲି ପରଦାରେ ତା' ମନର ସ୍ୱପ୍ନସାଗର ଓ ଶାମୁକାର ପ୍ରେମ କାହାଣୀ 'ସ୍ୱପ୍ନସାଗର' । ଦର୍ଶକମାନେ ଆଗେଇ ଗଲେ । କିନ୍ତୁ ତାଙ୍କ ହୃଦୟକୁ ଛୁଇଁ ପାରିଲାନି କାହାଣୀର କଥାବସ୍ତୁ । ପ୍ରଶାନ୍ତଙ୍କ ଉପରେ ଅନେକ ଅଭିମାନ । ପ୍ରଶାନ୍ତ ନନ୍ଦ ନିର୍ଦ୍ଦେଶକ ହେବା ପୂର୍ବରୁ ମଧ୍ୟ ନାୟକ ଭାବରେ ସମସ୍ତଙ୍କ ମନ ଜୟକରି ସାରିଥିଲେ । କିନ୍ତୁ ନିର୍ଦ୍ଦେଶନାରେ ତାଙ୍କର ଦକ୍ଷତା ଦେଖି ସାରିଲାପରେ ଦର୍ଶକ ତାଙ୍କୁ ଆଉ ସୁଟ୍‌ପିନ୍ଧା ନାୟକ ଭୂମିକାରେ ଦେଖିବାକୁ ଚାହାନ୍ତିନାହିଁ ।

ଏକ ସଫଳ ଚଳଚ୍ଚିତ୍ର ପାଇଁ ଏକ ବଳିଷ୍ଠ କାହାଣୀର ଆବଶ୍ୟକତାକୁ ପ୍ରଶାନ୍ତ ନନ୍ଦ ଆଦୌ ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ ସ୍ୱପ୍ନ-ସାଗରର କାହାଣୀରେ କୌଣସି ନୂତନତ୍ୱ ନାହିଁ । କାହାଣୀ ଲେଖିବା ଓ ହିରୋ ହେବା ନିଶା ତାଙ୍କ ମୁଣ୍ଡରୁ ଓହ୍ଲେଇ ଗଲେ ସେ ଯେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନିର୍ଦ୍ଦେଶକ ହୋଇ ରହିବେ ଏଥିରେ ସନ୍ଦେହ ନାହିଁ ।

ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ଲେଖିବାବେଳେ ପ୍ରଶାନ୍ତନନ୍ଦ ଆହୁରି ଅଧିକ ପରିଶ୍ରମ କରିଥିଲେ ଚିତ୍ରଟିର ସଫଳତା ଆହୁରି ନିଶ୍ଚିତ ହୋଇଥାନ୍ତା ।

କିଛି ଫରକ ନାହିଁ

ନାୟିକା ମହାଶ୍ୱେତାଙ୍କ ବିଷୟରେ ଏତିକି କହିଲେ ଯଥେଷ୍ଟ ହେବଯେ ମାଣିକ, ଚୁମ୍କି, ପୂଜା, ଘୁଁଘୁରୁ ଓ ଶାମୁକା ମଧ୍ୟରେ ବିଶେଷ କିଛି ଫରକ ନାହିଁ । ସେଇ ଏକା ରକମର ଚରିତ୍ର । ଆଉ ଏକା ରକମର ଅଭିନୟ । ତାଙ୍କ ଅଭିନୟ ପୂର୍ବ ପରମ୍ପରା ଅକ୍ଷୁର୍ଣ୍ଣ ରଖି ପାରିଛି ।

ଶ୍ରୀରାମ ପଣ୍ଡା ଚିତ୍ରଟିର ଅଧିକାଂଶ ସ୍ଥାନରେ ଖୁବ୍ ଭଲ ଅଭିନୟ କରିଛନ୍ତି । ବରଂ ବିଜୟ ମହାନ୍ତି ଉପଯୁକ୍ତ ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ପାଇ ମଧ୍ୟ ନିଜର ଭାରସାମ୍ୟ ରକ୍ଷା କରି ପାରି ନାହାନ୍ତି । ଆଖିକୁ ବଡ଼ କରିବା ଓ ସଂଳାପ କହିଲା ବେଳେ ମୁଁହରେ ଅଯଥା ପ୍ରତିକ୍ରିୟା ସୃଷ୍ଟିକରି Over actingର ଶିକାର ହୋଇ ପଡ଼ିଛନ୍ତି । ଓଡ଼ିଶାର ନାୟକ ମାନଙ୍କ ମଧ୍ୟରେ ସେ ଜଣେ Unchallenged artist ବୋଲି ଦର୍ଶକଙ୍କ ମନରେ ଯେଉଁ ଧାରଣା ରହିଛି ତା ଯେପରି ଅବ୍ୟାହତ ରହେ ସେଥିପ୍ରତି ସେ ଦୃଷ୍ଟିଦେବା ନିହାତି ଆବଶ୍ୟକ ।

ଏହି ଚଳଚ୍ଚିତ୍ରରେ ହେମନ୍ତ ଦାସଙ୍କ ଅଭିନୟ ଉପରେ ଆଲୋଚନା ବା ସମାଲୋଚନା କରିବା ଆବଶ୍ୟକ ନାହିଁ । ହେମନ୍ତ ଦାସ ହେଉଛନ୍ତି ହେମନ୍ତ ଦାସ । ଧୀର ବିଶ୍ୱାଳ ଅଳ୍ପ ସମୟ ପାଇଁ ବୈଦ୍ୟ ଭୂମିକାରେ ଓହ୍ଲାଇ ଆସି ତାଙ୍କ ପୂର୍ବ ପରମ୍ପରା ଅକ୍ଷୁର୍ଣ୍ଣ ରଖିଛନ୍ତି । ଅନଙ୍ଗ ଦ୍ୱିବେଦିଙ୍କ ଅଭିନୟ ଦର୍ଶକଙ୍କ ମନରେ ହାସ୍ୟ ରସ ସୃଷ୍ଟି କରିବା ପରିବର୍ତ୍ତେ ବିରକ୍ତି ସୃଷ୍ଟି କରିଛି । 'ହିସାବ ନିକାଶ' ଦେଖି ସାରିବା ପରେ ଦର୍ଶକ ମାନେ ଆଶା କରିଥିଲେ ପ୍ରଶାନ୍ତ ନନ୍ଦ-ଙ୍କର 'ସ୍ୱପ୍ନସାଗର' ରେ ଆହୁରି ଅଧିକ ହାସ୍ୟରସ ଦେଖିବେ । କିନ୍ତୁ ଦର୍ଶକଙ୍କ ମତ ଅନୁଯାୟୀ ଏ ଚିତ୍ରରେ ହାସ୍ୟରସର ପରିମାଣ କମ ହୋଇ ଗଲା । ଦୁଃଖିରାମ, ଧୀର ମିଶ୍ର, ଶ୍ୟାମଲେନ୍ଦୁ, ଅମିତ ଦାସ ପ୍ରଭୃତିଙ୍କ ଅଭିନୟ ଭଲ ହୋଇଛି ।

ଏହି ଚିତ୍ରଟିର ରଂଗୀନ ଫଟୋଗ୍ରାଫି ଖୁବ୍ ଭଲ ହୋଇଛି । ଯଦିଓ ଅନେକ ସମୟରେ ଫିଲ୍ମର ଗତି ମନ୍ଥର ଜଣାପଡ଼ୁଛି । Shooting location ମଧ୍ୟ ଖୁବ୍ ସୁନ୍ଦର ହୋଇଛି । ଶବ୍ଦ ଗ୍ରହଣରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ନାହିଁ ।

ଶେଷରେ ସଂଗୀତ ହେଉଛି ଏ ଚଳଚ୍ଚିତ୍ରର ଅମୂଲ୍ୟ ସଂପଦ । ବହୁ ଜନପ୍ରିୟ ଅକ୍ଷୟ ମହାନ୍ତିଙ୍କ ହୃଦୟ ଛୁଆଁ ସଂଗୀତହିଁ ଅନେକ ଦର୍ଶକଙ୍କୁ ଟାଣି ନେଇଛି 'ସ୍ୱପ୍ନସାଗର' ଦେଖିବାକୁ ।

ଖାରବେଳ

ବାର୍ଷିକ ମୂଲ୍ୟ	—	ଟ ୧୨୫ ଙ୍କା
ଷଣ୍ମାସିକ	—	ଟ ୬୫ ଙ୍କା
ତ୍ରୈମାସିକ	—	ଟ ୩୪ ଙ୍କା
ମାସିକ	—	ଟ ୧୧ ଙ୍କା

ଏଜେଣ୍ଟ ମାନଙ୍କ ପାଇଁ ସ୍ୱତନ୍ତ୍ର କମିଶନ୍‌ର ବ୍ୟବସ୍ଥା ଅଛି ।

Images: Aptakama Mishra, Processing: Srujanika

ପ୍ରାଚ୍ୟର ରୋମ ଗୋଆ

କବି କିପ୍‌ଲିଂଙ୍କ ଭାଷାରେ ପ୍ରାଚ୍ୟ ହେଉଛି ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ହେଉଛି ପାଶ୍ଚାତ୍ୟ । ପ୍ରାଚ୍ୟ ଓ ପଶ୍ଚାତ୍ୟର ସମିଶ୍ରଣ ଅସମ୍ଭବ । କିନ୍ତୁ ଯଦି କେହି "ଗୋଆ" ପରିଦର୍ଶନ କରେ ତେବେ ସେ ଦେଖିବ ଯେ କବି କିପ୍‌ଲିଂଙ୍କର ଉକ୍ତି ଭ୍ରମାତ୍ମକ । ଭାରତର ପଶ୍ଚିମ ଉପକୂଳରେ ଥିବା ମନୋହର ସମୁଦ୍ର ବେଳାଭୂମିରେ "ଗୋଆ" ଏକ ବୈଦୁର୍ଯ୍ୟର ପଦକ ଭଳି ଝଟକୁଛି । ଏଠାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସଙ୍ଗମ ଘଟିଛି । ଗୋଆର ସଭ୍ୟତା, ସଂସ୍କୃତି ଏବଂ ଭାଷାର ଯେଉଁ ସଙ୍ଗମ ଘଟିଛି ତାହା ଭାରତରେ ଅନ୍ୟତ୍ର କେଉଁଠାରେ ମଧ୍ୟ ମିଳେ ନାହିଁ । ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟ ବାସ୍ତବିକ ଚିତ୍ତ ଆକର୍ଷକ । ଏଠାରେ ଦେଖିବାକୁ ମିଳେ ସୁନ୍ଦର ପାର୍ବତ୍ୟଶ୍ରେଣୀ । ତାହା ସାଙ୍ଗକୁ ଏଠାରେ ଦେଖିବାକୁ ମିଳେ ସବୁଜ ବନାନୀ । କ୍ଷୁଦ୍ର କ୍ଷୁଦ୍ର ଅଙ୍କାବଙ୍କା ଧାର । ତାହାର ସୁନେଲି ବାଲୁକା ଶଯ୍ୟା, ସମୁଦ୍ରର ଗମ୍ଭୀରଗର୍ଜନ, ଲହରୀର ଶବ୍ଦ । ଏହାକୁ ଦେଖିଲେ ଜଣାପଡ଼ିବ ସତେ ଯେପରି ଏହି ଦ୍ୱୀପଟି ଆଇ ମା କାହାଣୀର କୌଣସି ଗୋଟିଏ ସ୍ଥାନ । ଏ ସ୍ଥାନରେ ନିଜସ୍ୱ ମହାତ୍ମ୍ୟ ଅଛି । ଏଠାରେ ଭାଷାଗତ, ସାଂସ୍କୃତିକ ଏବଂ ଧର୍ମ କ୍ଷେତ୍ରରେ ବହୁ ବିଭିନ୍ନତା ରହିଛି । ଏହାସତ୍ତ୍ୱେ ମଧ୍ୟ ଏଠାରେ ଐକ୍ୟ ମନୋଭାବ ରହିଛି । ଭାରତର ଦର୍ଶନ ହେଉଛି ବିଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା କରିବା । ଗୋଆ ହେଉଛି ତାହାର ଏକ ଉତ୍କୃଷ୍ଟ ଉଦାହରଣ ।

"ଗୋଆ" ଉତ୍ପତ୍ତି ସମ୍ପର୍କରେ ଏକ ଲୋକ କଥା ଅଛି । କେରଳ ଯେପରି ଏକଦା ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା ଏବଂ ପରେ ଉଦ୍ଧାର କରାଗଲା । ଠିକ୍ ସେହିପରି ଗୋଆକୁ ମଧ୍ୟ ସମୁଦ୍ରରୁ ଉଦ୍ଧାର କରାଯାଇଛି । ପର୍ଶୁରାମ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଷଷ୍ଠ ଅବତାର । ଏକଦା ସେ ପଶ୍ଚିମ ଘାଟସ୍ଥ ଏହି ଅଞ୍ଚଳକୁ ଆସିଥିଲେ । ତାଙ୍କ ସହିତ ବଙ୍ଗଳାରୁ ସାରସ୍ୱତ ବ୍ରାହ୍ମଣମାନେ ଆସିଥିଲେ । ସେମାନେ ଚାହିଁଲେ ସେଠାରେ ବସବାସ କରିବା ପାଇଁ । ତତ୍‌କ୍ଷଣାତ୍ ପର୍ଶୁରାମ ବରୁଣଙ୍କୁ ଡାକି ଆଦେଶ ଦେଲେ ସେ କିଛି ସ୍ଥାନ ଛାଡ଼ି ଦୂରେଇ ଯାଆନ୍ତୁ । ବରୁଣ ଆଦେଶ ପାଳନ କଲେ ଏବଂ ବ୍ରାହ୍ମଣମାନଙ୍କୁ ଜାଗା ମିଳିଗଲା । ଗୋଆର ପରିସୀମା ହେଉଛି ୩ ହଜାର ୭୮୦ କିଲୋମିଟର । ମୌସୁମୀ ବାୟୁ ପ୍ରବାହ ଫଳରେ ଏଠାରେ ବାର୍ଷିକ ୩ ଶହ ସେଣ୍ଟିମିଟର ବର୍ଷା ହୁଏ । ଏଠାରେ ଥିବା ମୁଖ୍ୟ ପର୍ବତଗୁଡ଼ିକର ନାମ ହେଲା ବାଘେଶ୍ୱର, ସିଦ୍ଧନାଥ ଚନ୍ଦ୍ରନାଥ ଏବଂ କୁଏଲିମ, ମୁଖ୍ୟ ନଦୀଗୁଡ଼ିକର ନାମ ହେଲା ମାଣ୍ଡୋଭୀ, ଜୁଆରୀ ଏବଂ ଛାପୋରା । ଲୋକମାନଙ୍କର ଗମନାଗମନରେ ଏହା ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଖାଇବା ପାଇଁ ମାଛ ଦେଇଥାଏ । ଭାରତର ଶତକଡ଼ା

୧୮ଶ ପୃଷ୍ଠାର ଅବଶିଷ୍ଟାଂଶ

କାଶ, ଶର୍ଦ୍ଦି, ଅଣ୍ଟା,

କ (1) ଦେହରେ ଥଣ୍ଡାପବନ ବାଜି ହଠାତ୍ ଶର୍ଦ୍ଦି ଓ ଛିଙ୍କ ହେଲେ Acomite 6— (2) ନାକରୁ କଞ୍ଚାପାଣି ବୋହିଲେ Allium cepa -30—(3) ବର୍ଷାରେ ଭିଜି ଶର୍ଦ୍ଦି ହେଲେ Rhustux 30 – (4) ନାକ ବନ୍ଦ ହେଲେ Ammon carb 30—(5) ଶର୍ଦ୍ଦି ସହ ମୁଣ୍ଡ ବ୍ୟଥା, ଆଖି ଲାଲ ବା ଜ୍ୱର ହେଲେ Belladonna 6—ଦିନକୁ ୪ଥର ଖାଇବେ ।

ଡାକ୍ତର ପ୍ରଦୀପ ଚନ୍ଦ୍ର ରାଓ

(ଖ) ଇନ୍‌ଫ୍ଲୁଏନଜା ହେଲେ (ଅଣ୍ଟାସହ ଦେହହାତ ବିନ୍ଧାହେଲେ) Eupotaneum perf— 3x ପ୍ରତି ୪ଘଣ୍ଟା ଅନ୍ତରରେ ଖାଇବ ।

(ଗ ଶର୍ଦ୍ଦିସହ କଫ ଘଡ଼ଘଡ଼ ହେଲେ ବା କାଶରେ କଫ ବାହାରିଲେ— Bryonia Alb— d, ଶର୍ଦ୍ଦି ସହ କାଶହୋଇ ନିଶ୍ୱାସ ନେବାକୁ କଷ୍ଟ ହେଲେ (carbovegs) 30 ଦିନକୁ ୪ଥର ଖାଇବେ ।

(ଘ) ପିଲାମାନଙ୍କର ଶର୍ଦ୍ଦିହୋଇ ଘନଘନ କାଶହେବା ସମୟରେ Sambucus Nigra-6 ପ୍ରତି ୩ଘଣ୍ଟା ଅନ୍ତରରେ ଖାଇବାକୁ ଦିଆଯିବ ।

ଆୟୁର୍ବେଦୀୟ ଚିକିତ୍ସା

ଲକ୍ଷଣ :— ମୁଣ୍ଡ ବନ୍ଧ ନାକରୁ ପାଣି ପଡ଼ିଲେ ତାକୁ ସାଧାରଣତଃ ଅଣ୍ଟା ରୋଗ ବୋଲି କୁହନ୍ତି । ଆୟୁର୍ବେଦୀୟ ମତ ଅନୁଯାରେ ଏହା କଫ ପ୍ରଧାନ୍ୟ ରୋଗ । ଅଣ୍ଟା ହେବା ପୂର୍ବରୁ ମୁଣ୍ଡ ଭାରି ଲାଗିବ ଦେହହାତ କଣମଣ ଲାଗିବ ସର୍ବଦା ବିରକ୍ତ ଭାବ ଯାତହେବ । ଉପର ପେଟରେ ସାମାନ୍ୟ ଦାହ ଜଣା ପଡ଼ିବ । ଚକ୍ଷୁଦ୍ୱୟରେ ଜ୍ୱଳନ, ଶରୀରରେ ଶୀତ ଭାବ ଅନୁଭୂତ ହୁଏ ।

ସାଧାରଣ ଚିକିତ୍ସା — ପ୍ରଥମତଃ ଲଙ୍ଘନ କରିବା ଉଚିତ୍ ଅର୍ଥାତ୍ ଗୋଟିଏ ପୁରା ଆହାର ବନ୍ଦ କରିଦେବ କିମ୍ବା ଯେତେ କମ୍ ଲଘୁ ଆହାର କରିବ । ହାତପାଦକୁ ଦିନରେ ଥରେ ସାମାନ୍ୟ ଗରମ ପାଣିରେ ଧୋଇବେ । ମିଶ୍ରି ପାଣି, ପଇଡ଼ ପାଣି, କିମ୍ବା ଲେମ୍ବୁପାଣି ପିଇବେ । ସୋରିଷତେଲ, ରସୁଣ, କଳାଜିରା ଫୁଟାଇ ହାତରେ ପାଦରେ ସେକଦେବେ ।

କବିରାଜ ଶ୍ରୀ ବିରଜା ପ୍ରସାଦ ଆଚାର୍ଯ୍ୟ

ତୁଳସୀ ରସ ଏକ ଚାମୁଚ, ମହୁ ଗୁଡ଼ କିମ୍ବା ଯାଷ୍ଟିମଧୁ ମିଶାଇ ଦିନରେ ଦୁଇଥର ଖାଇବେ । ଯଦି କାଶହୁଏ ପାନରସ ଅଦାରସ ମହୁ ଉନୋଟି ମିଶାଇ ପିଇବେ । ପିପଳିଗୁଣ୍ଡ କରି ମହୁ ସହ ଯୋଗ ଖାଇଲେ ଅଣ୍ଟାକାଶ ଭଲ ହୋଇଯିବ । ନାକ ଶ୍ଳେଷ୍ମା ସକାଶେ ବନ୍ଦ ହୋଇଗଲେ କଳାଜିରା କନାରେ ପୁଟୁଳି କରି ନଶ୍ୟ ନେଲେ ବନ୍ଦନାକ ଫିଟିଯାଏ । ରସୁଣ ଗୋଟିଏ କୋସା ହାତରେ ଦଳି ତାର ନଶ୍ୟ ନେଲେ ବନ୍ଦ ନାକ ଫିଟିଯାଏ । ସୋରିଷତେଲ ନଶ୍ୟ ନେଲେ ଶୀଘ୍ର ଭଲ ହୋଇଯାଏ ଓ ଶ୍ଳେଷ୍ମା ଦୂର ହୋଇଯାଏ ।

Images: Aptakama Mishra, Processing: Srujanika

୫୯ଭାଗ ଲୁହାପଥର ଗୋଆ ବାଟେ ରପ୍ତାନି କରାଯାଏ । ଏହା ପଛକୁ ମାଙ୍ଗାନିଜ ଓ ବକ୍ସାଇଟର୍ ସ୍ଥାନ । ଏଠାରେ ୧୯୮୧ ମସିହା ଜନଗଣନା ଅନୁଯାୟୀ ଲୋକ ସଂଖ୍ୟା ହେଉଛି ୧୦ ଲକ୍ଷ ୮୬ ହଜାର ୭୩୦ । ଏଥି ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ହେଉଛି ୫ ଲକ୍ଷ ୪୮- ହଜାର ୪୫୦ ।

ଗୋମନ୍ତକରୁ ଗୋଆ

ପର୍ତ୍ତୁଗୀଜ ମାନେ ଏହି ସ୍ଥାନର ନାମ ଗୋଆ ଦେଇଛନ୍ତି । ପୂର୍ବେ ଏହାର ନାମ ଗଓ୍ୱା ଥିଲା । ଏହାକୁ ପଓ୍ୱାପୁର ବୋଲି କୁହାଯାଉ ଥିଲା । ମହାଭାରତର ଭୀଷ୍ମ ପର୍ବରେ ଏହାର ନାମ ଗୋମନ୍ତକ ବୋଲି ଜଣାଯାଏ ।

ଗୋଆର ରାଜଧାନୀ ଟାନାଜୀ ସଂପର୍କରେ ମଧ୍ୟ ଗୋଟିଏ ଐତିହାସିକ କାହାଣୀ ଅଛି । କାଦମ୍ବ ବଂଶର ରାଜା ତ୍ରିଭୁବନ ମଲ୍ଲିଙ୍କ ଏକ ତମ୍ବା ଫଳକରେ ପାନାଜୀ ନାମ ଲେଖା ହୋଇ ଦିଆ ଯାଇଥିଲା । ଏହାର ମୂଳ ନାମ ହେଉଛି ପାନାଜୀ ଝଲି । ଅର୍ଥ ହେଉଛି ନାଲ ବା କେନାଲ । ପାନାଜୀ ଅର୍ଥ ହେଉଛି ଛୋଟ ଡଙ୍ଗା । ପୂର୍ବେ ଗୋଆର ରାଜଧାନୀ ଭେଲ୍ ଗୋଆ ଥିଲା । କିନ୍ତୁ ପର୍ତ୍ତୁଗୀଜମାନେ ୧୮୪୩ ମସିହାରେ ପାନାଜୀକୁ ସେମାନଙ୍କର ନୂଆ ରାଜଧାନୀ କଲେ । ଗୋଆରେ ଏକ ବର୍ଗିଷ୍ଟ ସ୍ଥାନ ଅଛି ତାହାର ନାମ ହେଉଛି ବକୋଲିମ । ଏହାର ମୂଳନାମ ହେଉଛି ଭଟ୍ଟଗ୍ରାମ । ଏଠାରେ ପ୍ରଚୁର ପରିମାଣର ଧାନ ଉତ୍ପାଦନ କରାଯାଏ ।

ଗୋଆର ଇତିହାସ ୫ହଜାର ବର୍ଷର ବୋଲି କୁହାଯାଏ । କିନ୍ତୁ ପ୍ରକୃତରେ ଏହାର ଅତୀତ ଇତିହାସ ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ତଥ୍ୟ ନାହିଁ । ପ୍ରାକ୍ ଐତିହାସିକ ଯୁଗରେ ଭାରତର ପଶ୍ଚିମ ଉପକୂଳରେ ବେପାର ବାଣିଜ୍ୟ ହେଉଥିଲା । ମଧ୍ୟ ପ୍ରାଚ୍ୟ ଏବଂ ଚୀନର ବେପାରୀ ମାନେ ସମୁଦ୍ର ପଥରେ ଆସି ଗୁଜୁରାଟ, ଗୋଆ ଏବଂ କେରଳର ବନ୍ଦର ଠାରେ ପରସ୍ପରକୁ ଭେଟୁଥିଲେ ଏବଂ ବେପାର ବାଣିଜ୍ୟ କରୁ-ଥିଲେ । କେରଳ ଓ ଗୋଆର ବ୍ୟବସାୟୀମାନେ ଆରବୀୟ ଘୋଡ଼ା ଆମଦାନୀ କରୁଥିଲେ ଏବଂ ତାହା ପରିବର୍ତ୍ତେ ମସଲା, ହାତୀଦାନ୍ତ, ମୟୂର ଚନ୍ଦ୍ରିକା ଏବଂ ଅନ୍ୟ ବିଳାସ ସାମଗ୍ରୀ ଦେଉ ଥିଲେ । ଏହି ଘୋଡାଗୁଡ଼ିକୁ ସେମାନେ ଦକ୍ଷିଣ ଭାରତର ଲଢ଼ୁଆ ରାଜା ମାନଙ୍କୁ ବିକ୍ରୟ କରୁଥିଲେ ସାତ ବାହନ ମାନେ ହେଉଛନ୍ତି ଗୋଆର ପ୍ରଥମ ରାଜା । ଖ୍ରୀଷ୍ଟପୂର୍ବ ୧୨୦ରୁ ୨ଶହ ଖ୍ରୀଷ୍ଟାବ୍ଦ ଯାଏ ଏହି ରାଜବଂଶ ଗୋଆରେ ରାଜୁତି କରୁଥିଲେ ବୋଲି ପ୍ରମାଣ ମିଳିଛି । ଏହାପରେ ସାତବାହନ ବଂଶ ବହୁ ଭାଗରେ ବିଭକ୍ତ ହୋଇ ଗଲେ । ୩ଶହ ଖ୍ରୀଷ୍ଟାବ୍ଦ ବେଳକୁ ଉକ୍ତସ୍ଥାନର ଅଭୀର ରାଜାମାନେ ଶାତବାହନ ମାନଙ୍କୁ ଗୋଆରୁ ହଟାଇ ଦେଇ ସେଠା ଶାସନ ଭାର ଗ୍ରହଣ କଲେ । ତୃତୀୟ ଓ ଚତୁର୍ଥ ଖ୍ରୀଷ୍ଟାବ୍ଦ ବେଳକୁ ଗୋଆ ଭୋଜରାଜାମାନଙ୍କ ଅଧୀନକୁ ଆସିଗଲା । ଭୋଜରାଜବଂଶର ୬ଟି ତମ୍ବା ଫଳକ ଗୋଆରେ ଏବେ ମଧ୍ୟ ଅଛି । ଭୋଜବଂଶ ପରେ ଚାଲୁକ୍ୟ ମାନେ ଗୋଆରେ ଶାସନ କଲେ । ଏମାନଙ୍କ ଶାସନ ୫୭୮ ଖ୍ରୀଷ୍ଟାବ୍ଦରୁ ୭୫୦ ଖ୍ରୀଷ୍ଟାବ୍ଦ ଯାଏ ରହିଲା । ଏମାନଙ୍କ ପରେ ଶିଲହାର ବଂଶ ଗୋଆରେ ଶାସନ କଲେ ଏବଂ ୧୦୨୦ ଖ୍ରୀଷ୍ଟାବ୍ଦ ଯାଏ ଗୋଆ ସେମାନଙ୍କ ଅଧୀନରେ ରହିଲା । ଏମାନଙ୍କ ପରେ କାଦମ୍ବବଂଶ ଗୋଆରେ ରାଜୁତି କଲେ ।

ସମୁଦ୍ର ଯାତ୍ରାର ଇତିହାସ

କାଦମ୍ବ ବଂଶର ଶାସନ ବେଳେ ଭାରତରେ ସମୁଦ୍ର ଯାତ୍ରାର ଇତିହାସ ଆରମ୍ଭ ହେଲା । ୧୩ଶହ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାଦମ୍ବ ବଂଶର ଅଖଣ୍ଡ ରାଜୁତି ଚାଲିଥିଲା । ଏହି ସମୟରେ ଗୋଆ ମୁସଲମାନ ଆକ୍ରମଣକାରୀ ମାନଙ୍କର ସମ୍ମୁଖୀନ ହେଲା ।

ମୁସଲମାନ ଶାସନ କାଳରେ ଗୋଆରେ ଆତଙ୍କ ରାଜ ଚାଲିଥିଲା । ଗୋଆରେ ପ୍ରତ୍ୟେକ ପରିବାର ଏହାର ଶୀକାର ହୋଇଥିଲେ । ସ୍ୱାଭାବିକ ଜୀବନ ଯାତ୍ରା ପ୍ରାୟ ଅଚଳ ହୋଇଗଲା ।

ଗୋଆର ଭାଗ୍ୟ ନିର୍ଦ୍ଧାରଣରେ ବାହାମିନି ଓ ବିଜୟ ନଗରର ରାଜାମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲେ । ଗୋଆରେ ବାହାମନି ଶାସନ ଲୋପ କରିବା ପାଇଁ ମାଧବ ମନ୍ତ୍ରୀ ବହୁ କଷ୍ଟ ସହ୍ୟ କରିଥିଲେ । ସେ ଗୋଆର ଶାସନ ପରିଚାଳନା କରୁଥିବା ବେଳେ ସେଠାରେ ବହୁ ବିକାଶ ଘଟିଛି । ସେ ୧୨ ବର୍ଷ ଯାଏ ଶାସନ କରିଥିଲେ । ସେତେବେଳେ ଗୋଆର ବନ୍ଦରରୁ ୧୦ ହଜାର ପାଉଣ୍ଡ ମାହାସୁଲ ଆଦାୟ ହେଉଥିଲା । ଗୋଆରେ ପର୍ତ୍ତୁଗୀଜ ମାନେ ପଦାର୍ପଣ କଲେ ୧୫୧୦ ଖ୍ରୀଷ୍ଟାବ୍ଦରେ ଏମାନଙ୍କ ଶାସନ ୧୯୬୧ ମସିହା ଯାଏ ଚାଲିଲା । ପ୍ରାୟ ୪୫୧ ବର୍ଷ ଗୋଆ ପର୍ତ୍ତୁଗାଲର ଅଧୀନରେ ରହିଥିଲା । ମୋଗଲ ଓ ବ୍ରିଟିଶ ମାନେ ମିଳିତ ଭାବେ ଭାରତରେ ଯେତେ ଦିନ ଯାଏ ଶାସନ କରିଥିଲେ ତାହା ଠାରୁ ଏହା ଅଧିକ ।

ପ୍ରଥମ ପର୍ତ୍ତୁଗୀଜ ଶାସନ

ଗୋଆରେ ପ୍ରଥମ ପର୍ତ୍ତୁଗୀଜ ଶାସକ ହେଉଛନ୍ତି ଆଲଫୋନସୋ ଡ଼ିଆଲବୁକ୍ୟୁରୋକର ପ୍ରକୃତରେ ଭାରତ ଅଧିକାର କରିବା ତାଙ୍କର ଇଚ୍ଛା ନଥିଲା । ତାଙ୍କ ଅଧୀନରେ ୨୦ଟି ଜାହାଜ ଥିଲା । ସେଥିରେ ୧୨ଶହ ନାବିକ ଥିଲେ । ଏକ ସାମ୍ରାଜ୍ୟ ଗଠନ କରିବା ପାଇଁ ଏହା ଆଦୌ ଯଥେଷ୍ଟ ନଥିଲା । କିନ୍ତୁ ମକ୍କା ଯାଉ ଥିବା ସୁଲତାନମାନଙ୍କର ଜାହାଜକୁ ଏମାନେ ଲୁଟ କରୁଥିଲେ ।

ରାଜା ଆଲବୁର୍ୟରେକର ଗୋଆର ଲୋକ ମାନଙ୍କର ଧର୍ମରେ ହସ୍ତକ୍ଷେପ କଲେ । ନାବିକ ମାନେ ମୁସଲମାନ ସ୍ତ୍ରୀ ମାନଙ୍କୁ ରକ୍ଷିତା ଭାବେ ରଖିଲେ । ପର୍ତ୍ତୁଗୀଜ ରାଜା ସେମାନଙ୍କୁ ଖ୍ରୀଷ୍ଟାନ ଧର୍ମରେ ଦୀକ୍ଷିତ କରାଇ ଦେଲେ । ଯେଉଁ ନାବିକ ମାନେ ଏପରି ମହିଳାକୁ ବିବାହ କଲେ ସେମାନଙ୍କୁ ରହିବା ପାଇଁ କିଛି ଜମି ଓ ବ୍ୟବସାୟ କରିବାର ଅଧିକାର ଦିଆଗଲା । ଏହିପରି ଭାବେ ଗୋଆରେ ପର୍ତ୍ତୁଗୀଜ ମାନଙ୍କର ଉପନିବେଶ ଗଢ଼ି ଉଠିଲା । ଆଲବୁକ୍ୟୁରେ ଗୋଆରେ ଦୀର୍ଘ ଦିନ ରହିଲେ ନାହିଁ । ଗୋଆ ଏକ ସମୃଦ୍ଧ ସହରରେ ପରିଣତ ହେଲା । ଗୋଆରୁ ପର୍ତ୍ତୁ-ଗୀଜମାନଙ୍କୁ ବିତାଡ଼ି ଦେବା ପାଇଁ ୧୫୭୦ ଖ୍ରୀଷ୍ଟାବ୍ଦରେ ବିଜାପୁରର ସୁଲତାନ ଏକ ଶକ୍ତି ଶାଳୀ ବାହିନୀ ଗୋଆ ପଠାଇଥିଲେ । କିନ୍ତୁ ୧୦ମାସ ପରେ ବିଜାପୁରର ସୈନ୍ୟମାନେ ଫେରିବାକୁ ବାଧ୍ୟ ହେଲେ । ଏହାପରେ ଗୋଆ ଉପରେ ଆଉ ଆକ୍ରମଣ ହୋଇନାହିଁ । ପର୍ଯ୍ୟାୟ କ୍ରମେ ଗୋଆକୁ ପ୍ରାଚ୍ୟର ରୋମ ବୋଲି କୁହାଗଲା । କାରଣ ଏଠାକୁ ପୃଥିବୀର ସବୁ ଜାତିର ଲୋକେ ବ୍ୟବସାୟ ବାଣିଜ୍ୟ କରିବାକୁ ଆସୁଥିଲେ । ୧୫୭୮ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗାଲ ଏବଂ ତା ସହିତ ଗୋଆର ଭାଗ୍ୟରେ ବିପର୍ଯ୍ୟୟ ଦେଖାଦେଲା । ପ୍ରାୟ ୧ ଶହ ବର୍ଷଧରି ଏହା ସ୍ପେନ୍‌ର ଅଧୀନରେ ରହିଲା । ମାତୃଭୂମିର ଏହି ବିପର୍ଯ୍ୟୟ ଗୋଆରେ ଶାସନ କରୁଥିବା ପର୍ତ୍ତୁ-ଗୀଜ ମାନଙ୍କ ମଧ୍ୟରେ ନୈତିକ ଅଧପତନ ଘଟାଇଲା ।

ଶିବଜୀଙ୍କ ଗୋଆ ଦଖଲ ଉଦ୍ୟମ

ଗୋଆକୁ ଦଖଲ କରିବା ପାଇଁ ଛତ୍ରପତି ଶିବାଜୀ ଦୁଇଥର ଉଦ୍ୟମ କରିଥିଲେ । କିନ୍ତୁ

ଅବଶିଷ୍ଟାଂଶ ୨୪ ପୃଷ୍ଠାରେ

Images: Aptakama Mishra, Processing: Srujanika

ସାପ୍ତାହିକ ରାଶିଫଳ

ଆଚାର୍ଯ୍ୟ ଅଦ୍ଭୁତ ଭୂଷଣ

ମେଷ :— ରବିବାର ଦିନଟି ଅଶୁଭ । ଶାରୀରିକ ପୀଡ଼ା, ମାନସିକ ଅଶାନ୍ତି । ଅଯଥା ଖର୍ଚ୍ଚ, ସୋମବାର ଓ ମଙ୍ଗଳବାର ବୃଥା ଭ୍ରମଣ, କାର୍ଯ୍ୟରେ ବ୍ୟାଘାତ ବୁଧବାର ଓ ଗୁରୁବାର ଦିନ ନୂତନ କାର୍ଯ୍ୟ ଲାଭ, ବ୍ୟବସାୟ ବାଣିଜ୍ୟରେ ଉନ୍ନତି, ସୁଖାଦ୍ୟ ଲାଭ ସୁହୃଦମାନଙ୍କ ସହିତ ମିଳନ ହେବ । ଶୁକ୍ରବାର ଓ ଶନିବାର ଦିନ ଅର୍ଥଲାଭ, ଉଚ୍ଚସ୍ତର ଲୋକଙ୍କଠାରୁ ପ୍ରଶଂସା ପାଇବାର ଯୋଗ ଅଛି ।

ଶୁଭଦିନ :—୫, ୬, ୭,



ବୃଷ :— ରବିବାର ଦିନଟି ବିଳାସ ବ୍ୟସନରେ କଟିବ, ସୁଖାଦ୍ୟ ଏବଂ ବନ୍ଧୁ ମିଳନ ହେବାର ଯୋଗଅଛି । ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ମାନସିକ ଅଶାନ୍ତି ଶରୀରରେ ପିଡ଼ା, ଅର୍ଥହାନି, ଏବଂ ସାମାଜିକ କାର୍ଯ୍ୟରେ ଅପମାନିତ ହେବେ । ନିଜର ବ୍ୟବସାୟରେ ବାଧାବିଘ୍ନ ଦେଖାଦେବ । ଶନିବାର ଦିନଟି ବିଶେଷ ଅଶାନ୍ତିରେ କଟିବ. ନାହିଁ ।

ଶୁଭଦିନ :—୧, ୭

ମିଥୁନ :—ରବିବାର ଦିନଟି ଖୁବ୍ ଫୁର୍ତ୍ତି ଏବଂ ବିଳାସ ବ୍ୟସନ ମଧ୍ୟରେ କଟାଇବେ, କାର୍ଯ୍ୟ ସିଦ୍ଧି ହେବାର ଯୋଗ ଅଛି, ଭବିଷ୍ୟତ କାର୍ଯ୍ୟ ସମ୍ପାଦନ ପାଇଁ ଉତ୍ସାହିତ ହେବେ, ସୋମ ମଙ୍ଗଳବାର ଦୁଇ ଦିନ ନୂତନ ସମ୍ବାଦ ଏବଂ ବନ୍ଧୁ ମାନଙ୍କଠାରୁ ନିମନ୍ତ୍ରଣ ପାଇବେ । ବେଶ୍ ଆମୋଦ ପ୍ରମୋଦ ମଧ୍ୟରେ ଦିନଗୁଡ଼ିକ କଟାଇବେ । ବୁଧବାର ଠାରୁ ମାନସିକ ଅଶାନ୍ତି ଆର୍ଥିକ ଚିନ୍ତା ଏବଂ ଦୁର୍ଘଟଣା ଭୟ ଶନିବାର ପର୍ଯ୍ୟନ୍ତ ରହିବ, ବନ୍ଧୁବର୍ଗ ମଧ୍ୟରେ ଅପମାନିତ ହେବାର ଆଶଙ୍କା ଅଛି ।

ଶୁଭଦିନ :—୧, ୨, ୩, ୪



କର୍କଟ:—ରବିବାରଟି ବ୍ୟାକୁଳତା ଓ ଧନହାନି ଯୋଗ ରହିଛି । ତଥାପି ଦିନଟି ସୁରୁଖୁରୁରେ କାଟିବେ । ସୋମ, ମଙ୍ଗଳ ନୂତନ କାର୍ଯ୍ୟ ଲାଭ, ବ୍ୟବସାୟରେ ଉନ୍ନତି । ଆର୍ଥିକ ସ୍ୱଚ୍ଛଳତା ରହିବ ଏବଂ କାର୍ଯ୍ୟତତ୍ପର ହେବେ, ବୁଧ, ଗୁରୁ ଦୁଇ ଦିନ ଭ୍ରମଣ, ସୌଖିନ୍ ଦ୍ରବ୍ୟ ପ୍ରାପ୍ତି ପାଇଁ ଅନେକ ଖର୍ଚ୍ଚ କରିବେ, ନୂତନ ବନ୍ଧୁ ଦର୍ଶନ ହେବ, ଶୁକ୍ରବାରଟି ମଧ୍ୟ ମଙ୍ଗଳ ହେବ, ଶନିବାର ଦିନଟି ମାନସିକ ଅଶାନ୍ତି ଦେଖାଦେବ ଏବଂ କୌଣସି ଅହେତୁକ ଭୟ ଜନ୍ମାଇବ ।

ଶୁଭଦିନ :—୨, ୩, ୪, ୫, ୬,

ସିଂହ :—ରବିବାର ଦିନଟି ସାମାନ୍ୟ ବାକ୍ତର୍କରୁ ବାଦବିସମ୍ବାଦ ଘଟିବାର ସମ୍ଭାବନା ଅଛି । ସୋମ, ମଙ୍ଗଳ ମଉଜ ମଜଲିସ ପାଇଁ ଅନେକ ବୃଥା ଖର୍ଚ୍ଚ କରିପାରନ୍ତି । ବୁଧବାର ଠାରୁ ଅନେକ ସୁଫଳ ପାଇଁ ଆଶାୟୀ ହୋଇ ପଡ଼ିବେ । କୌଣସି ନିଜେ ଲୋକ ଆପଣଙ୍କୁ ସାମାଜିକ କାର୍ଯ୍ୟରେ ସାହାଯ୍ୟ କରିବେ, କର୍ମ ତତ୍ପରତା ଦେଖାଇବେ । ସୌଖିନ ଜିନିଷ ଆଡ଼କୁ ମନ ବଳାଇବେ ।

ଶୁଭଦିନ :—୫, ୬, ୭,



ବିଚ୍ଛା :—ପ୍ରଥମ ଦିନଟି ଖୁବ୍ ସୁରୁଖୁରୁରେ କଟି ଯିବ, ଶ୍ରୀ ଲାଭ ହେବାର ସମ୍ଭାବନା ରହିଛି । ବନ୍ଧୁ ମିଳନ, ସୁଖାଦ୍ୟ ଯୋଗ ରହିଛି, ସୋମ ମଙ୍ଗଳ ଦୁଇଦିନ ସାମାନ୍ୟ ଅସ୍ଥିରତା ଏବଂ ମନ ବ୍ୟାକୁଳତା ରହିବ, କିନ୍ତୁ ବୁଧବାରଠାରୁ ସୁଫଳ ଲାଭ କରିବେ । ବ୍ୟବସାୟରେ ଉନ୍ନତି ଘଟିବ । ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ସମ୍ମାନ ଯୋଗ ରହିଛି, ଶନିବାର ଦିନଟି ଅଶୁଭ । ଶତ୍ରୁ ମାନଙ୍କ ସହିତ ଗଣ୍ଡଗୋଳ ହେବାର ଯୋଗ ଅଛି ।

ଶୁଭଦିନ—୧, ୪, ୫,

ଧନୁ :— ରବିବାରଟି ଅନେକ ଅଯଥା ଖର୍ଚ୍ଚର ଯୋଗ ରହିଛି, ବନ୍ଧୁ ମାନଙ୍କ ସହିତ ମନୋମାଳିନ୍ୟ ତଥା ଅସ୍ଥିରତା ଦେଖାଦେବ ! ସୋମ ମଙ୍ଗଳ ସୁଖାଦ୍ୟ ବନ୍ଧୁ ଦର୍ଶନ ଓ ଶ୍ରୀ ଲାଭ ଯୋଗ ରହିଛି, ଅତି ଉଚ୍ଚାଭିଳାଷୀ ହୋଇପଡ଼ିବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ଅନେକ ବ୍ୟାକୁଳତା ଓ ଅସ୍ଥିରତା ଦେଖାଦେବ, ଶନିବାର ଦିନଟି ସାମାନ୍ୟ ଶୁଭକର ହେବ, ରାଜକୀୟ କାର୍ଯ୍ୟରେ ଲିପ୍ତ ରହିବେ ।

ଶୁଭଦିନ—୨, ୩, ୬, ୭, ।

ମକର :—ସାମାନ୍ୟ ଅର୍ଥ ଲାଭର ସୁଯୋଗ ପାଇବେ, ସୁଖାଦ୍ୟ ଏବଂ ବନ୍ଧୁପ୍ରିତ ରହିବ, ବ୍ୟବସାୟରେ ଅସ୍ଥିରତା ଦେଖାଦେବ, ବ୍ୟୟ ପ୍ରଚୁର ହେବ ନିଜର ମନଖୋଲି ଅନ୍ୟମାନଙ୍କୁ ବ୍ୟକ୍ତ କରିପାରିବେ ନାହିଁ । ନିଜେ କୌଣସି ଅହେତୁକ କାରଣରୁ ଲଜ୍ଜିତ ହେବେ ।

Images: Aptakama Mishra, Processing: Srujanika

ଗୁରୁ ଶୁକ୍ର ୨ ଦିନ ଖୁବ୍ ସୁରୁଖୁରୁରେ କଟିବ । ଅନେକ ଦିନର କାର୍ଯ୍ୟସିଦ୍ଧି ହେବାକୁ ଆଶା ଅଛି, ଶନିବାର ଦିନଟି ମନ ବ୍ୟାକୁଳ ରହିବ ।

ଶୁଭଦିନ—୧, ୫, ୫, ୬

କୁମ୍ଭ :—ସୁ ଖାଦ୍ୟ, ବନ୍ଧୁ ଦର୍ଶନ ଓ ନୂତନ ବନ୍ଧୁ ଲାଭର ଯୋଗ ରହିଛି, ବ୍ୟବସାୟ ବାଣିଜ୍ୟରେ ପଦୋନ୍ନତି ଘଟିବାର ସମ୍ଭାବନା ରହିଛି । ନୂତନ କାର୍ଯ୍ୟ ଲାଭ ହେବାର ଆଶା । ଆର୍ଥିକ ଦୁଶ୍ଚିନ୍ତାରୁ ମୁକ୍ତ ପାଇ ପାରନ୍ତି । ଗୁରୁ ଶୁକ୍ର କାର୍ଯ୍ୟରେ ବାଧା ବିଘ୍ନ, ମନସ୍ତାପ ଓ ବ୍ୟୟ ଦେଖାଦେବ, ଶନିବାର ଦିନଟି ଶୁଭକର ହେବ, କେହି ଜଣେ ବନ୍ଧୁ ସାହାଯ୍ୟ କରିବେ ।

ଶୁଭଦିନ—୧, ୬, ୭

ମୀନ :—ରବିବାର ଦିନଟି ବଡ଼ ଚିନ୍ତାଶୀଳ ତଥା ଅସ୍ଥିର ମନା ସୋମ ମଙ୍ଗଳ ୨ ଦିନ ନୂତନ କାର୍ଯ୍ୟ ପ୍ରାପ୍ତି ହେବେ, ନିଜକୁ ପରୋପକାରରେ ସାମାଜିକ ତଥା ରାଜ ନୈତିକ କାର୍ଯ୍ୟରେ ଲିପ୍ତ ହେବେ, ଗୁରୁ ଶୁକ୍ର ଖୁବ ସୁରୁଖୁରୁରେ କଟିବ, ସାମାନ୍ୟ ଅର୍ଥଲାଭ ଯୋଗ ରହିଛି, ବ୍ୟବସାୟ ବାଣିଜ୍ୟରେ ଉନ୍ନତି ଘଟିବ, ବୈବାହିକ ଅନୁଷ୍ଠାନଦିରେ କାର୍ଯ୍ୟ ତତ୍ପରତା ଦେଖାଦେବ, ଶନିବାରଟି ଅଶୁଭ ଏବଂ ଅପ୍ରୀତିକର ହେବ ।

ଶୁଭଦିନ— ୨, ୩, ୪, ୫ ।

କନ୍ୟା :—ରବିବାରଟି ରାଜ ସମ୍ମାନ ଯୋଗଅଛି । ଉଚ୍ଚ ପଦସ୍ଥ ଲୋକଙ୍କଠାରୁ କର୍ମ କୁଶଳତା ଲାଭ କରି ପାରିବେ । ସୋମ ମଙ୍ଗଳ ଦୁଇ ଦିନ ବ୍ୟବସାୟରେ ବିଘ୍ନ ଦେଖା ଦେବ । ସାମାନ୍ୟ ବାକ ତର୍କ ଲାଗିପାରେ । ବୁଧବାର ଠାରୁ ମାନସିକ ଅଶାନ୍ତି ରହିବ, କିନ୍ତୁ ନୂତନ କାର୍ଯ୍ୟ ପ୍ରାପ୍ତିଯୋଗ ଅଛି । ଆର୍ଥିକ ଉନ୍ନତି ଘଟିବାର ଆଶା ସେତେନାହିଁ କିନ୍ତୁ ବୃଥାରେ ଅନେକ ବ୍ୟୟ କରିବେ ।

ଶୁଭଦିନ :—୧, ୩, ୭,



ତୁଳା :—ରବିବାରଟି ଅଶୁଭ, ମନ ବ୍ୟାକୁଳ ରହିବ, କୌଣସି ଜିନିଷ ହଜାଇଲା ଭଳି ଲାଗିବ । ସୋମ ମଙ୍ଗଳ ଦୁଇ ଦିନ ଉଚ୍ଚ ପଦସ୍ଥ ଲୋକଙ୍କଠାରୁ କାର୍ଯ୍ୟ ପ୍ରାପ୍ତି ଏବଂ ସମ୍ମାନଲାଭର ଯୋଗ ଅଛି । ସାମାନ୍ୟ ଅର୍ଥଲାଭ ହୋଇପାରେ । କିନ୍ତୁ ବୁଧବାର ଠାରୁ ମାନସିକ ବିକୃତି ଘଟିବ, ବାକ ତର୍କ ଲାଗିପାରେ ବନ୍ଧୁମାନଙ୍କ ସହିତ ମନୋମାଳିନ୍ୟ ଯୋଗଅଛି । ଶନିବାର ଦିନ ଅନେକ ବୃଥା ବ୍ୟୟ ହେବ ।

ଶୁଭଦିନ :—୨, ୩, ୫

ଜନ୍ମ ଦିନର ପ୍ରଭାବ

ଜାନୁୟାରୀ ୧—ଏ ଦିନରେ ଜାତ ବ୍ୟକ୍ତି ଗୁଣବାନ, ବିଦ୍ୟାବନ୍ତ, ସାହସୀ ସୁପୁରୁଷ ଓ ଯୋଦ୍ଧା ହେବ । ସାଧାରଣତଃ ସେ ଅତ୍ୟନ୍ତ ସ୍ୱାଧୀନଚେତା ଓ ସମାଜ ସେବାରେ ନିଜକୁ ନିୟୋଜିତ କରିବ । ଏମାନେ ଜୀବନରେ, ବ୍ୟବସାୟ କ୍ଷେତ୍ରରେ ନେତୃ ସ୍ଥାନୀୟ ହେବେ ।

ଜାନୁୟାରୀ ୨—ଏ ଦିନରେ ଜାତ ବ୍ୟକ୍ତି ଅତ୍ୟନ୍ତ ଦେବପ୍ରିୟ । ପଣ୍ଡିତ, ସାହିତ୍ୟ, ଦର୍ଶନ ଓ ଜ୍ୟୋତିଷ ଶାସ୍ତ୍ର ପ୍ରତି ଆକୃଷ୍ଟ ହେବେ । ଏ ମାନଙ୍କର ଯଥେଷ୍ଟ ଦୂରଦୃଷ୍ଟି ରହିବ, କଳା ପ୍ରତି ଏମାନେ ଅନୁରାଗି ହେବେ । ଏ ଦିନର ଜାତ ବ୍ୟକ୍ତି ସାଧାରଣତଃ କର୍ମ କ୍ଷେତ୍ରରେ ଅଧ୍ୟାପକ, ଦାର୍ଶନିକ ଓ ଗବେଷକ ହୋଇପାରନ୍ତି ।

ଜାନୁୟାରୀ ୩—ଏ ଦିନର ଜାତ ବ୍ୟକ୍ତି ଆଳସ୍ୟ ପରାୟଣ, ଓ ଗମ୍ଭୀର ହେବ, ଶିଉଳିରେ ଗଡ଼ିଗଲା ପଥର ଭଳି ସବୁ କାର୍ଯ୍ୟରେ ଥାଇ ସୁଦ୍ଧା ଅଭିନ୍ନ ମତ ପ୍ରଦାନ କରିବ । ବୃହସ୍ପତି ଓ ମଙ୍ଗଳ ଖରାପ ଅବସ୍ଥାରେ ଥିଲେ ଏମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ ।

ଜାନୁୟାରୀ ୪—ଏମାନେ ସାଧାରଣତଃ କଳା ସାହିତ୍ୟ ଦର୍ଶନ ଓ ବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷ ଲାଭ କରି ପାରନ୍ତି । ଏମାନଙ୍କ ଶିକ୍ଷା ଗବେଷଣା ପୂର୍ଣ୍ଣ ହୋଇଥାଏ । ଏମାନେ ସମାଜର ମଙ୍ଗଳ ପାଇଁ ଅନେକ କାର୍ଯ୍ୟ କରନ୍ତି । ଏମାନେ ସୁଖୀ ହୁଅନ୍ତି ।

ଜାନୁୟାରୀ ୫—ଏ ଦିନ ଜାତ ବ୍ୟକ୍ତି ଧନୀ, ମାନୀ, ଲକ୍ଷ୍ମୀବନ୍ତ, ସୁଖୀ ଓ ମିଷ୍ଟଭାଷୀ, ଭଦ୍ର ଓ ଜ୍ଞାନୀ ହୁଏ । ଏମାନେ ସମାଜସେବା, ପରୋପକାରକୁ ଜୀବନର ବ୍ରତ ବୋଲି ଧରିନଅନ୍ତି । ଏମାନେ ରାଜନୀତି କ୍ଷେତ୍ରରେ ଅଗ୍ରସର ହୁଅନ୍ତି । ଧନପ୍ରତି ଏମାନଙ୍କର ଆସକ୍ତି ନଥିଲେ ମଧ୍ୟ ଏମାନେ ପ୍ରଚୁର ଧନର ଅଧିକାରୀ ହୁଅନ୍ତି ।

ଜାନୁୟାରୀ ୬—ଏ ଦିନ ଜାତ ବ୍ୟକ୍ତି ମାନେ ସାଧାରଣତଃ କଳାପ୍ରେମୀ ଓ ଅନ୍ୟମାନଙ୍କୁ ଆକୃଷ୍ଟ କଲାଭଳି ବିଦ୍ୟା ଏମାନେ ଗ୍ରହଣ କରି ପାରନ୍ତି । ଏମାନଙ୍କର ବିପରୀତଲିଙ୍ଗ ପ୍ରତି ଆସକ୍ତି ଓ ମମତା ରହେ । ତାମସିକ ପ୍ରବୃତ୍ତି ବେଳେବେଳେ ଦେଖାଦିଏ । ଏମାନେ ନିଜର ବୁଦ୍ଧି ଓ କର୍ମ ବଳରେ ଅନେକ ସମ୍ପତ୍ତିର ମାଲିକ ହୋଇ ପାରନ୍ତି ।

ଜାନୁୟାରୀ ୭—ଏ ଦିନରେ ଜାତ ବ୍ୟକ୍ତିର ଅନେକ ମାନସିକ ଚିନ୍ତା ରହିବ । ଧନପ୍ରତି ଅନେକ ଆସକ୍ତି ରହିଲେ ମଧ୍ୟ ଯଥେଷ୍ଟ ଧନ ପାଏନାହିଁ । ଏମାନେ ଜୀବନରେ କୁସଙ୍ଗଗାମୀ ହୁଅନ୍ତି, ଏବଂ ଠକାମୀରେ ପଡ଼ନ୍ତି । ଏମାନଙ୍କଠାରେ ଚାରିତ୍ରିକ ଦୁର୍ବଳତା ଦେଖାଯାଏ ।

Images: Aptakama Mishra, Processing: Srujanika

୨୧ ପୃଷ୍ଠାର ଅବଶିଷ୍ଟାଂଶ

ଉତ୍ତର ଦିଗରେ ମୋଗଲ ମାନଙ୍କ ଆକ୍ରମଣ ଆରମ୍ଭ ହୋଇଯାଇଥିବାରୁ ସେମାନଙ୍କର ସମ୍ମୁଖୀନ ହେବାପାଇଁ ସେ ଗୋଆରୁ ଫେରି ଆସିଥିଲେ । ୧୬୮୦ ଖ୍ରୀଷ୍ଟାବ୍ଦରେ ଶିବାଜୀଙ୍କ ପୁତ୍ର ଶମ୍ଭୁଜୀ ଗୋଆର କେତେକ ଅଂଶ ଦଖଲ କରି ନେଇଥିଲେ । କିନ୍ତୁ ଆଉରଙ୍ଗଜେବ ଉତ୍ତର ସୀମାନ୍ତରେ ତାଙ୍କୁ ଆକ୍ରମଣ କରିବାକୁ ଆସୁଛନ୍ତି ବୋଲି ସମ୍ବାଦ ପାଇବା ମାତ୍ରେ ସେ ଗୋଆ ତ୍ୟାଗକରି ଆଉରଙ୍ଗଜେବଙ୍କ ସମ୍ମୁଖୀନ ହେବାକୁ ପଳାଇ ଆସିଲେ ।

୧୭୮୪ ଖ୍ରୀଷ୍ଟାବ୍ଦରେ ସୋଣ୍ଡାର ରାଜା ଏସ୍. ଏମ୍ ସଦାଶିବ ହାଇଦର ଅଲ୍ଲୀଙ୍କ ଭୟରେ ଗୋଆ ପଳାଇ ଯାଇ ସେଠାରେ ପର୍ତ୍ତୁଗୀଜ ଶାସକଙ୍କ ଶରଣାପନ୍ନ ହେଲେ । ହାଇଦର ଅଲୀ ପର୍ତ୍ତୁଗୀଜମାନଙ୍କୁ ଶିକ୍ଷା ଦେବାପାଇଁ ଗୋଆ ଆକ୍ରମଣ କରିଥିଲେ । ମାତ୍ର ବ୍ରିଟେନ ବାହିନୀ ଏଥିରେ ଅନ୍ତରାୟ ସୃଷ୍ଟି କଲେ । ଏପରିକି ବ୍ରିଟିଶ ଲୋକ ମାନେ କିଛି ଦିନ ପାଇଁ ଗୋଆରେ ଥିଲେ । ହଠାତ୍ ସେମାନେ ଶୁଣିଲେ ଯେ ନେପୋଲିଅନ ଆସି ଇଜିପ୍ଟରେ ପହଞ୍ଚି ଯାଇଛନ୍ତି ଏବଂ ଖୁବ୍ ଶୀଘ୍ର ଏକ ଶକ୍ତିଶାଳୀ ବାହିନୀ ଗୋଆ ପଠାଉଛନ୍ତି । ଏହା ଶୁଣିବା ମାତ୍ରେ ବ୍ରିଟେନର ଏକ ବାହିନୀ ନେପୋଲିଅନଙ୍କର ସମ୍ମୁଖୀନ ହେବା ପାଇଁ ଗୋଆରେ ପ୍ରସ୍ତୁତ ହୋଇ ରହିଲା । ଏହା ୧୭୯୯ ମସିହାର ଘଟଣା । ୧୮୧୫ ଖ୍ରୀଷ୍ଟାବ୍ଦରେ ବ୍ରିଟେନ ଗୋଆରୁ ତାହାର ସୈନ୍ୟବାହିନୀ ପ୍ରତ୍ୟାହାର କରିନେଲା ।

ଚାରି ଜାତିର ସୃଷ୍ଟି

ପର୍ତ୍ତୁଗାଲ ଅଧୀନରେ ଗୋଆ ରହିବା ଫଳରେ ଚାରି ଜାତିର ସୃଷ୍ଟି ହେଲା ପ୍ରଥମ ଶ୍ରେଣୀର ଲୋକମାନେ ହେଲେ ପର୍ତ୍ତୁଗୀଜ, ପର୍ତ୍ତୁଗାଲରୁ ଆସିଥିବା ଶାସକ ଗଣ । ସେମାନଙ୍କୁ ଫିରିଙ୍ଗି କୁହାଯାଉଥିଲା । ପର୍ତ୍ତୁଗାଲର ଶାସକ ବର୍ଗ ଏବଂ ଭାରତୀୟ ମାନଙ୍କ ମଧ୍ୟରେ ବିବାହ ହେବା ଫଳରେ ଯେଉଁ ବଂଶ ଆରମ୍ଭ ହେଲା ତାହା ଲୁସୋ ବଂଶ । ଏମାନେ ଦ୍ୱିତୀୟ ଶ୍ରେଣୀର ଲୋକ । ତୃତୀୟ ଶ୍ରେଣୀର ଲୋକମାନେ ହେଲେ ଖ୍ରୀଷ୍ଟିଆନ ଧର୍ମଗ୍ରହଣ କରିଥିବା ସ୍ଥାନୀୟ ଅଧିବାସି ଗଣ ଏବଂ ସଂଖ୍ୟାଲଘୁ ହିନ୍ଦୁମାନେ ଚତୁର୍ଥ ଶ୍ରେଣୀର ନାଗରିକ । ପ୍ରକୃତରେ ପର୍ତ୍ତୁଗୀଜ ମାନଙ୍କର ବିରୁଦ୍ଧରେ ସ୍ଥାନୀୟ ଖ୍ରୀଷ୍ଟିଆନ ଧର୍ମ-ଯାଜକ ମାନେ ବିଦ୍ରୋହ ଆରମ୍ଭ କରିଥିଲେ । ଏହି ବିଦ୍ରୋହର ସୂତ୍ରପାତ ଘଟିଥିଲା ୧୬୫୪ ଖ୍ରୀଷ୍ଟାବ୍ଦରେ । ଏହାର ନେତୃତ୍ୱ ନେଇଥିବା ଖ୍ରୀଷ୍ଟୀୟ ଧର୍ମଯାଜକ ହେଉଛନ୍ତି ଜଣେ ବ୍ରାହ୍ମଣ ଯେ କି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ । ତାଙ୍କର ନାମ ଥିଲା ମାଟିୟୁସ ଡିକାଷ୍ଟ୍ରୋ । ବହୁ ଲୁସୋ ଭାରତୀୟ ବ୍ରାଜିଲ ଏବଂ ଅନ୍ୟାନ୍ୟ ପର୍ତ୍ତୁଗୀଜ ଉପନିବେଶକୁ ଚାଲିଯାଇ ଥିଲେ । ଏହା ପରେ ୧୭୮୭ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗାଲ ଶାସନ ବିରୋଧରେ ଦ୍ୱିତୀୟ ବିଦ୍ରୋହ ଦେଖା ଦେଇଥିଲା ଏହାକୁ ପିଣ୍ଟୋଙ୍କ ବିଦ୍ରୋହ କୁହନ୍ତି । ଶତାବ୍ଦୀରେ ଥିବା ରାଜପୁତ ମାନଙ୍କୁ ରାନେ କୁହାଯାଏ । ସେମାନେ ବହୁତ ସ୍ୱାଧୀନଚେତା । ପର୍ତ୍ତୁଗୀଜ ଶାସକବର୍ଗଙ୍କ ସହିତ ସେମାନଙ୍କର ଆଦୌ ଭଲ ପଡ଼ୁ ନଥିଲା । ଦିବାଜୀ ରାନେ, କୁଷ୍ଟୋବା ରାନେ ଏବଂ ଜାହ୍ନା ରାନେ ପର୍ଯ୍ୟାୟ-କ୍ରମେ ପର୍ତ୍ତୁଗୀଜଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ସେମାନଙ୍କର ଶେଷ ବିଦ୍ରୋହ ୧୯୧୭ ମସିହାରେ ହୋଇଥିଲା । ଏହି ବିଦ୍ରୋହକୁ କଠୋର ଭାବରେ ଦମନ କରାଯାଇ ଥିଲା ଏବଂ ରାନେ ନେତାମାନଙ୍କୁ ଆଫ୍ରିକାରେ ଥିବା ପର୍ତ୍ତୁଗୀଜ ଉପନିବେଶ ମାନଙ୍କୁ ପଠାଇ ଦିଆଯାଇଥିଲା ।

୧୮୨୦ ମସିହାରେ ପର୍ତ୍ତୁଗାଲ ଏକ ପାର୍ଲାମେଣ୍ଟ ଗଠନ କଲା ଏଥିରେ ଗୋଆର ପ୍ରତିନିଧିତ୍ୱ କରିବା ପାଇଁ ତିନିଜଣ ସଦସ୍ୟ ରହିଲେ । ୧୯୨୦ ମସିହାରେ ପର୍ତ୍ତୁଗାଲ ସାଧାରଣତନ୍ତ୍ର ଗଠନ ହେବା ଫଳରେ ଗୋଆକୁ ସୀମିତ ସ୍ୱୟଂଶାସନ କ୍ଷମତା ମିଳିଲା । କିନ୍ତୁ ୧୯୧୯ ମସିହାରେ ଏହା ପ୍ରତ୍ୟାହାର କରି ନିଆଗଲା । ଲୁଇସ ଡି ମେନେଜେସଙ୍କ ନେତୃତ୍ୱରେ ଗୋଆର ଲୋକମାନେ ପ୍ରତିବାଦ କଲେ । ଏହା ଫଳରେ ଗୋଆକୁ ପରିଷଦ ଗଠନ କରିବାର କ୍ଷମତା ଦିଆଗଲା ।

୧୯୨୬ ମସିହରେ ଡକ୍ଟର କ୍ଲିଭୋସାଲଜର ପର୍ତ୍ତୁଗାଲର ଏକଛତ୍ର ଶାସକ ହେଲେ । ସେ ପ୍ରଗତିର ରଥ ଚକ୍ରକୁ ଘୁରାଇ ଦେଲେ । ଜନସାଧାରଣ ଯାହା ବା ହାସଲ କରିଥିଲେ ତାହା ତାଙ୍କ ହାତରୁ ଚାଲିଗଲା ମାତ୍ର ସ୍ୱାଧୀନତା ସଂଗ୍ରାମ ବନ୍ଦ ହୋଇ ନଥିଲା । ବ୍ରାଗାନ୍‌ଜା ଏହି ସଂଗ୍ରାମର ନେତୃତ୍ୱ ନେଇଥିଲେ । ସେ ଗାନ୍ଧୀ, ନେହେରୁ, ଗୋଖଲେଙ୍କର ସମସାମୟିକ ଭାରତରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ପ୍ରଭାବ ତାଙ୍କ ଉପରେ ପ୍ରଭାବ ପକାଇଥିଲା । ୧୯୩୮ ମସିହାରେ ତାଙ୍କର ମୃତ୍ୟୁ ହେଲା । ମୃତ୍ୟୁ ପର୍ଯ୍ୟନ୍ତ ସେ ସ୍ୱାଧୀନତାର ବହ୍ନି ଶିଖାକୁ ଗୋଆବାସୀଙ୍କ ହୃଦୟରେ ପ୍ରଜ୍ୱଳିତ କରି ରଖିଥିଲେ । ଗୋଆର ସୁପ୍ରସିଦ୍ଧ ଔପନିବେଶିକ ସାଂସ୍କୃତିକ ପ୍ରତିଷ୍ଠାନର ନାମ ପୂର୍ବେ ଭାସ୍କୋଡାଗାମାଙ୍କ ନାମରେ ନାମିତ ଥିଲା । କିନ୍ତୁ ବାଗାନ୍‌ଜାଙ୍କ ପବିତ୍ର ସ୍ମୃତିପାଇଁ ଏବେ ତାହାର ନାମ ମେନେଜେସ୍ ବ୍ରାଗାନ୍‌ଜା ପ୍ରତିଷ୍ଠାନ ରଖାଯାଇଛି ।

ବ୍ରାଗାନ୍‌ଜାଙ୍କ ପରେ ଗୋଆ ଜାତୀୟ କଂଗ୍ରେସ, ଗୋଆ ମିଳିତ ସାମ୍ମୁଖ୍ୟ, ଗୋଆ ଜନତା ଦଳ ଏବଂ ଆଜାଦ ଗୋମନ୍ତଙ୍କ ଦଳ ମିଳିତ ହୋଇ ଡକ୍ଟର ଟି.ଭି. କୁହାଙ୍କ ନେତୃ-ତ୍ୱରେ ଏକ କାର୍ଯ୍ୟକାରୀ କମିଟି ଗଠନ କଲେ । ବ୍ରିଟିଶମାନେ ଭାରତ ଛାଡ଼ି ଚାଲିଗଲେ ସୁଦ୍ଧା ଡକ୍ଟର ସାଲଜାର ସେଥିପ୍ରତି ଭ୍ରୂକ୍ଷେପ କରି ନଥିଲେ । ତାଙ୍କ ସରକାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ନିଷ୍ଠୁର ଓ ନିର୍ଯ୍ୟାତନା ଦେଉଥିଲେ । ଘଟଣାକ୍ରମେ ୧୯୬୧ ମସିହା ଡିସେମ୍ବର ମ ସରେ ଭାରତୀୟ ସୈନ୍ୟମାନେ ପର୍ତ୍ତୁଗାଲ କବଳରୁ ଗୋଆକୁ ମୁକ୍ତ କଲେ ଏବଂ ଏହା ଭାରତର ଏକ କେନ୍ଦ୍ର ଶାସିତ ଅଞ୍ଚଳ ଭାବରେ ରହିଲା । ପାଂଚ ଶହ ବର୍ଷ ପରେ ଗୋଆର ପର୍ତ୍ତୁଗାଲ ଶାସନର ଅବସାନ ଘଟିଲା । ଗୋଆର ଇତିହାସରେ ସପ୍ତକେଶ୍ୱର ଶିବଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସପ୍ତକେଶ୍ୱର ହେଉଛନ୍ତି କଦମ୍ବରାଓ ବଂଶର କୂଳ ଦେବତା । ତୋଗଲକ ମାନଙ୍କ ଆକ୍ରମଣରେ କଦମ୍ବରାଓ ରାଜାମାନେ ପଳାୟନ କରୁଥିବା ବେଳେ ଏକ ଧାନ କିଆରୀରେ ଏହି ଠାକୁରଙ୍କୁ ପୋତିଦେଇଥିଲେ । ମାଧବ ମନ୍ତ୍ରୀ ଗୋଆର ଶାସକ ହେବା ପରେ ଏହି ଠାକୁରଙ୍କୁ ଉଦ୍ଧାର କରି ପୁନଃପ୍ରତିଷ୍ଠା କରିଥିଲେ । ପର୍ତ୍ତୁଗୀଜମାନଙ୍କର ଶାସନ ବେଳେ ସପ୍ତକେଶ୍ୱରଙ୍କୁ ବହୁତ ହଇରାଣ କରାଯାଇଥିଲା । କିନ୍ତୁ ହିନ୍ଦୁମାନେ କୌଶଳକ୍ରମେ ନାଇବରେଦଠାରେ ଏକ ମନ୍ଦିର ନିର୍ମାଣ କରି ସପ୍ତକେଶ୍ୱରଙ୍କୁ ପ୍ରତିଷ୍ଠା କରିଥିଲେ । ଛତ୍ରପତି ଶିବାଜୀ ଏହାର ମୁଖଶାଳା ପ୍ରତିଷ୍ଠା କରିଥିଲେ ।

ଅନ୍ୟାନ୍ୟ ମନ୍ଦିର ପରି ସପ୍ତକେଶ୍ୱର ମନ୍ଦିରରେ ଦେବଦାସୀ ନୃତ୍ୟର ବ୍ୟବସ୍ଥା ମଧ୍ୟ

Images: Aptakama Mishra, Processing: Srujanika

ଡୁରାଣ୍ଡ ଫୁଟବଲର ଇତିବୃତ୍ତ

ଡୁରାଣ୍ଡ ଫୁଟବଲ ପ୍ରତିଯୋଗିତା ୧୮୮୭ ମସିହାରେ ସିମିଳାଠାରେ ଏକ ଶାନ୍ତ ପରିବେଷ୍ଟନୀ ମଧ୍ୟରେ ଆରମ୍ଭ ହୋଇଥିଲା । ଆଉ ମାତ୍ର କେତେବର୍ଷ ପରେ ଏହାର ଏକ ଶତାବ୍ଦୀ ପୂର୍ତ୍ତି ହେବ । ଦେଶର ପୁରାତନ ଏବଂ ପୃଥିବୀର ଅଦ୍ୱିତୀୟ ପ୍ରତିଯୋଗିତା ରୂପେ ଏହା ପରିଗଣିତ । ଲଣ୍ଡନର ଫୁଟବଲ ଆସୋସିଏସନ କପ୍ ହେଉଛି ପ୍ରଥମ ଫୁଟବଲ ପ୍ରତିଯୋଗିତା । ଡୁରାଣ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରତିବର୍ଷ ଅନୁଷ୍ଠିତ ହେଉଛି । କେବଳ ଦୁଇଟି ବିଶ୍ୱଯୁଦ୍ଧ ଏବଂ ୧୯୬୨ ମସିହା (ଜାତୀୟ) ଜରୁରୀ ପରିସ୍ଥିତି ସମୟରେ ଏହି ଖେଳ ବନ୍ଦ ଥିଲା ।

ପ୍ରଥମ ଭାରତୀୟ ଦଳ କଲିକତାର ମହମ୍ମଡ଼ାନ ସ୍ପୋର୍ଟିଂ କ୍ଲବ ରେୟାଲ ୱାରଉଇକସାୟାର ରେଜିମେଣ୍ଟକୁ ୧୯୪୨ ମସିହା ପ୍ରତିଯୋଗିତାରେ ୩-୧ ଗୋଲରେ ପରାସ୍ତ କରି ବିଜେତା ହୋଇଥିଲା ଏବଂ ଏହି ଖେଳ ପ୍ରଥମଥର ପାଇଁ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ସିମିଲାରୁ ଦିଲ୍ଲୀକୁ ଏହି ଖେଳର ସ୍ଥାନ ଉଠାଇ ନିଆଯାଇଥିବା ଯୋଗୁ ସିମଲାର ଜନସାଧାରଣ ଉତ୍କ୍ଷିପ୍ତ ହୋଇ ସେମାନଙ୍କ ଦାବୀ ବଜାୟ ରଖିବା ଲାଗି ୧୯୦୫ ମସିହା ଖେଳର ବିଜେତାଙ୍କୁ ଏକ ରନିଂ ଟ୍ରଫି ପ୍ରଦାନ କରିଥିଲେ । ଯାହାକି ସିମଲା ଟ୍ରଫି ନାମରେ ପରିଚିତ । ଏହା ବ୍ୟତୀତ ଡୁରାଣ୍ଡ ପ୍ରତିଯୋଗିତା କମିଟି ପଟରୁ ସେହି ବର୍ଷଠାରୁ "ଫେୟାର ପ୍ଲେ ଟ୍ରଫି" ପ୍ରବର୍ତ୍ତିତ କରାଯାଇଥିଲା । ଖେଳୁଆଡ ମନୋଭାବ ନେଇ ଖେଳୁଥିବା ଦଳକୁ ଏହି ଟ୍ରଫି ଦିଆଯିବ ବୋଲି ବ୍ୟବସ୍ଥା ରହିଲା ।

୧୯୪୭ ମସିହାଁ ଏବଂ ୧୯୪୯ ମସିହା ମଧ୍ୟରେ ପାକିସ୍ଥାନ ଏହି ଖେଳର ସ୍ଥାନକୁ ଲାହୋରକୁ ନେବା ନିମନ୍ତେ ବୃଥା ଚେଷ୍ଟା କରିଥିଲା । କିନ୍ତୁ ତତ୍କାଳୀନ ପ୍ରତିରକ୍ଷା ସଚୀବ ଶ୍ରୀ ଏଚ୍. ଏମ୍: ପଟେଲ ଏବଂ ତିନି ସେନାବାହିନୀର ମୁଖ୍ୟମାନେ ପାକିସ୍ଥାନ ଉଦ୍ୟମକୁ ବ୍ୟର୍ଥ କରି ଦେଇଥିଲେ । ସେମାନଙ୍କ ପ୍ରଚେଷ୍ଟାରେ ଏହା ପୁନର୍ବାର ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା ।

ଏପର୍ଯ୍ୟନ୍ତ ତିନୋଟି ଦଳ ଲଗ ଲଗ ଦୁଇବର୍ଷ ଏହି ଖେଳର ବିଜେତା ହୋଇ ପାରିଛନ୍ତି । ସେଥିମଧ୍ୟରୁ ଦୁଇଟି ବ୍ରିଟିଶ ଆର୍ମିଦଳ ଏବଂ ଗୋଟିଏ ଭାରତୀୟ ଦଳ । ଭାରତୀୟ ଟିମ୍ ମୋହନବାଗାନ ୧୯୬୩-୧୯୬୫-ରେ ବିଜେତା ହୋଇଥିଲା ।

ଭାରତର ରାଷ୍ଟ୍ରପତି ଡୁରାଣ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋସାଇଟିର ପୃଷ୍ଠପୋଷକ ଅଛନ୍ତି । ସମିତିର ସମ୍ବିଧାନ ଅନୁଯାୟୀ ଷ୍ଟାଫ କମିଟିର ଚେୟାରମ୍ୟାନ ଏହି ସମିତିର ପ୍ରେସିଡେଣ୍ଟ ଏବଂ ପ୍ରତିରକ୍ଷା ବାହିନୀର ମୁଖ୍ୟମାନେ ଭାଇସ୍ ପ୍ରେସିଡେଣ୍ଟ ରହିବେ । ସଂପ୍ରତି ଡୁରାଣ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋସାଇଟି ବିମାନ ବାହିନୀ ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଦିଲ୍ଲୀବାଗ ସିଂହଙ୍କ ଦ୍ୱାରା ପରିଚାଳିତ । ❊

ଭାରତୀୟ ମହାକାଶଚାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ

ମସ୍କୋ ନିକଟସ୍ଥ ୟୁରି ଗାଗାରିନ ମହାକାଶଯାତ୍ରୀ ତାଲିମ କେନ୍ଦ୍ରଠାରେ ଆନ୍ତର୍ଜାତିକ ସୋଭିଏତ-ଭାରତ ମହାକାଶଯାତ୍ରୀ ମାନଙ୍କର ତାଲିମର ଆଉ ଏକ ପର୍ଯ୍ୟାୟ ଶେଷ ହୋଇଛି । ୧୯୮୪ ମସିହାରେ ଏହି ମିଳିତ ମହାକାଶ ଅଭିଯାନର ଦିନ ଧାର୍ଯ୍ୟ ହୋଇଛି । ଏହି ମହାକାଶଯାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ଦଳରେ ରହିବେ ୟୁରି ମାଲିଶେଭ, ନିକୋଲାଇ ରୁକାଭିଶ୍ନିକୋଭ ଏବଂ ଭାରତୀୟ ମହାକାଶଯାତ୍ରୀ ଗବେଷକ ରାକେଶ ଶର୍ମା ଏବଂ ଅନ୍ୟ ଦଳଟିରେ ରହିବେ ଆନାତୋଲି ବେରେଜୋଭୟ, ଗିଓର୍ଗି ଗ୍ରେଚକୋ ଏବଂ ରବିଶ ମାଲହୋତ୍ରା ।

ଏକ ଚାଳକ ଦଳର କମାଣ୍ଡର, ସୋଭିଏତ ମହାକାଶଯାତ୍ରୀ ୟୁରି ମାଲିଶେଭ କହିଲେଯେ ମିଳିତ ତାଲିମ କାଳରେ ଚାଳକମାନେ ମହାକାଶ ଉଡ୍‌ଡୟନ ପାଇଁ ଆବଶ୍ୟକ କେତେକ ପରିଚାଳନାଗତ ମୌଳିକ ଦକ୍ଷତା ଅର୍ଜନ କରିଛନ୍ତି । ଏଗୁଡିକ ମଧ୍ୟରେ ମହାକାଶ ଯାନକୁ କକ୍ଷ ପଥରେ ଅବସ୍ଥାପିତ କରିବା, ଉଡ୍‌ଡୟନ ଏବଂ ଅବତରଣ ଯାନ ସାହାଯ୍ୟରେ ଧୀର ଅବତରଣ କରିବା ଅନ୍ତର୍ଭୁକ୍ତ ।

ମାଲିଶେଭ ଦର୍ଶାଇଥିଲେ ଯେ ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ଜଟିଳ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟରେ କୌଣସି ଆକସ୍ମିକ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ଆବଶ୍ୟକୀୟ ତାଲିମ ଦିଆଯିବ ।

ରହିଛି । ଭାରତର ବିଶିଷ୍ଟ ସାମୁଦ୍ରିକ ମନୋହର ମାଲଗୋକାନଙ୍କର ଏହା ଉପରେ ଗବେଷଣା କରି ନିବନ୍ଧମାନ ଲେଖିଛନ୍ତି । ଶ୍ରୀମତୀ ସୁମିତ୍ରା ମାଲଗୋକାନଙ୍କର ହେଉଛନ୍ତି ଏହି ଦେବଦାସୀ ବଂଶର କନ୍ୟା ।

ଗୋଆର ବାସିନ୍ଦା ମାନଙ୍କୁ ଖ୍ରୀଷ୍ଟିଆନ କରିବାରେ ସେଂଟ ଫ୍ରାନସୀ ଜେଭିୟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଗୋଆକୁ ଚର୍ଚ୍ଚର ଭୂମି ବୋଲି କୁହାଯାଏ । ଏଠାରେ ଅନେକ ଚର୍ଚ୍ଚ ଦେଖାଯାଏ ।

ବହୁ କ୍ଷେତ୍ରରେ ପ୍ରଥମ

ସେଥିମଧ୍ୟରୁ ବମ୍‌ଦେଶସ୍ ଅନ୍ୟତମ । ଭାରତର ଅନେକ କ୍ଷେତ୍ରରେ ଗୋଆର ସ୍ଥାନ ପ୍ରଥମ । ଭେଲ୍ହାରିତ ରୟଲ ହାସପାତାଲ ହେଉଛି ପ୍ରଥମ ହାସପାତାଲ । ଭାରତର ପ୍ରଥମ ଛାପାଖାନା ୧୫୬୭ ଖ୍ରୀଷ୍ଟାବ୍ଦରେ ସେଣ୍ଟପାଲ କଲେଜରେ ସ୍ଥାପିତ ହୋଇଥିଲା । ଭାରତର ପ୍ରଥମ ଛାପା ବହିର ନାମ ଡକ୍ଟ୍ରିନା ଖ୍ରୀଷ୍ଟ । ଭାରତର ପ୍ରଥମ ହାଇକୋର୍ଟ ମଧ୍ୟ ଗୋଆରେ ସ୍ଥାପନ ହୋଇଥିଲା । ଏହାବ୍ୟତୀତ ବହୁ କ୍ଷେତ୍ରରେ ଗୋଆ ପ୍ରଥମ ସ୍ଥାନ ଅଧିକାର କରିଛି ।

ଗୋଆର ଖାଦ୍ୟ ପୃଥିବୀ ପ୍ରସିଦ୍ଧ । ଫେଣି ଆଉ ତରକାରୀ ବହୁଲୋକଙ୍କ ଦ୍ୱାରା ଆଦୃତ । ରୁଷିଆର ଭୋଡକା ଏବଂ ଜାପାନର ସାକି ମଦ ଠାରୁ ଅଧିକ ଉତ୍କୃଷ୍ଟ ଧରଣର ମଦ ଏଠାରେ ତିଆରି ହୁଏ । ଏହି ମଦର ନାମ ଫେନି ।

କେବଳ ଜୁଲାଇ ଏବଂ ଅଗଷ୍ଟ ମାସ ବ୍ୟତୀତ ଅନ୍ୟ ଯେ କୌଣସି ମାସ ଏଠାରେ ଆନନ୍ଦଦାୟକ । ପ୍ରାୟ ପ୍ରତ୍ୟେକ ଦିନ ଏଠାରେ ମେଳା ମହୋତ୍ସବ ଲାଗି ରହିଥାଏ । ଗୋଆର ସୌନ୍ଦର୍ଯ୍ୟ ପ୍ରାକୃତିକ ବିଭବ ଏବଂ ଗୋଆର ହାସ୍ୟମୁଖରିତ ଜନ ସାଧାରଣଙ୍କୁ ଦେଖିଲେ ପର୍ଯ୍ୟଟକଙ୍କ ମନରେ ଅପାର ଆନନ୍ଦ ଆସେ । ପ୍ରାଚ୍ୟ ପାଶ୍ଚାତ୍ୟ ସଭ୍ୟତାର ସଙ୍ଗମସ୍ଥଳୀ ଗୋଆ, ସୌନ୍ଦର୍ଯ୍ୟର ଏକ ଫଗୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ ।

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଓ ଶ୍ରୀ ସାମନ୍ତ

ଛାତ୍ର—ସାର୍, ଆମେ କଥାବାର୍ତ୍ତା କଲାବେଳେ ବସ ଫସ୍, କଦଳୀ ଫଦଳୀ; ଠାକୁର ମାକୁର; ଘର ଫର ଏମିତି କାହିଁକି କହୁ ?

ସାର୍—ଏଭଳି କଥାବାର୍ତ୍ତା ଅପାଠୁଆ ଲୋକେ କହନ୍ତି । ଶିକ୍ଷିତ ମିକ୍ଷିତ ଲୋକେ କ'ଣ ଏମିତି ଫାଲତୁ ମାଲତୁ କଥା କହନ୍ତି ?

× × × ×

"ତମର ଚତୁର୍ଥ କନ୍ୟାର ଆଜି ବିବାହ । ତମର ଆଜି ଆନନ୍ଦର ଦିନ ।"

"ମୋଟେ ନୁହେଁ, ମୋଟେ ନୁହେଁ"

"କାହିଁକି ?"

"ପ୍ରଥମ ତିନିଜଣ ଛାଡ଼ପତ୍ର ପାଇ ସାରିଲେଣି ।"

× × × ×

"ସାରା ରାତି ବାହାରେ କେଉଁଠି କଟେଇ ସକାଳ ବେଳେ ଫେରୁଛ ? ଲାଜନାହିଁ ? କାହିଁକି ଆସିଲ ?"

"ପ୍ରାତଃ ଭୋଜନ ପାଇଁ"

× × ×

ଜଣେ ଭାରତୀୟ ପିଲାର ବୁଦ୍ଧି ପରୀକ୍ଷା କରିବାକୁ ଜଣେ ଆମେରିକାନ ପ୍ରଶ୍ନ କଲେ, "ମୁଁ ଯଦି ଗୋଟିଏ ହାତଘଡ଼ି ଶହେଟଙ୍କାରେ କିଣି ଦୁଇଶହ ଟଙ୍କାରେ ବିକ୍ରୀ କରେ, ତେବେ ମୁଁ କେତେ ପାଇବି ?"

"ଅତି ଅଳ୍ପରେ ଛଅମାସ ମାମୁଁ ଘର ।"

× × ×

ବିଚାରକ :—ତା ହେଲେ ତୁମେ ଏକା ଚୋରି କରିବାକୁ ଯାଇଥିଲ ?

ଅଭିଯୁକ୍ତ ! ହଁ ହଜୁର, ଦିନକାଳ ବହୁତ ଖରାପ, କାହାକୁ ବିଶ୍ୱାସ ନାହିଁ ।

× × ×

ଭିକାରୀ ମତେ ଗୋଟାଏ ଦଶପଇସି ଦେବେ ? ମୁଁ ଦୁଇ ଦିନ ହେଲା କିଛି ଖାଇନି ।

ଭଦ୍ରମହିଳା ଦଶଟା ପଇସାରେ କଣ ହୋଇ ପାରିବ ?

ଭିକାରୀ . ମୁଁ ସେଇ କଳରେ ଓଜନ ହୋଇ ଦେଖିବି ମୋ ଓଜନ କେତେ କମିଛି ।

× × ×

ମତେ ଆସି ନବେ ବର୍ଷ ପାର ହେଲା, ମୋର ଶତ୍ରୁ କେହି ନାହାନ୍ତି ।

କେମିତି ?

ବୋକାଟା କରେ ସେମାନେ ସମସ୍ତେ ମଲେଣି ।

× × ×

ଡାକ୍ତର ଆପଣ କଅଣ ସବୁବେଳେ ଭୁଲୁଛନ୍ତି ? (ଝନାନ୍ତ)

ରୋଗୀ ନାନ୍ ନା ଡାକ୍ତର ବାବୁ, ଯେତେବେଳେ ମୁଁ କକ୍‌କଥା କୁହେଁ ।

× × ×

ଆମେରିକାନ ଋଷ ଦେଶର ଲୋକଙ୍କର ରସଜ୍ଞାନ ନାହିଁ । ସେମାନେ ତାଙ୍କୁ ହରାଇଛନ୍ତି ।

ଋଷୀୟ : ଆମେରିକାନ ମାନଙ୍କର ରସଜ୍ଞାନ ବହୁତ । ବାପା ମଲା ବେଳେ ସେମାନେ କହନ୍ତି "ହା ହା, ବୁଢ଼ା ମରିଗଲା, ଏଥର ମୁଁ ମାଲିକ" ।

× × ×

ସ୍ତ୍ରୀ ତୁମେ ପାଞ୍ଚଟା ଟିକଟ କାହିଁକି କିଣିଲ ?

ସ୍ୱାମୀ ଗୋଟାଏ ତୁମ ବାପା ପାଇଁ, ଗୋଟାଏ ମାଙ୍କ ପାଇଁ, ଦୁଇଟା ତମର ଦି' ଭଉଣୀଙ୍କ ପାଇଁ, ଆଉ ପଞ୍ଚମଟା ତମର ଭାଇ ପାଇଁ । ସେମାନେ ନାଟକ ଦେଖିବାକୁ ଗଲେ ଆମର ନାଟକ ଆରମ୍ଭ କରିଦେବା ।

× × ×

ବିଚାରକ ତୁମେ କହୁଛ ଯେ ତୁମେ ପର ପୁରୁଷ ସହିତ ସମ୍ପର୍କ ରଖି ନାହିଁ ?

ନାରୀ ହଁ ।

ବିଚାରକ ତେବେ ତମର ଉଲଗ୍ନ ଅବସ୍ଥାରେ ଏ ଛବିଟି କିପରି ଅଙ୍କା ହେଲା ।

ନାରୀ ଚିତ୍ରକର ତାଙ୍କ ସ୍ମୃତିରୁ ଆଙ୍କି-ଥିବେ ।

ଯେଉଁ ଲୋକ ଦୁଇଜଣଙ୍କୁ ଲଢ଼ିବାକୁ ମତେଇ ଉଭୟେ ଲୁଗା ବାହାର କରିଦେବା ପରେ ତାଙ୍କ ଲୁଗାକୁ ନେଇ ପଳାଏ ତାକୁ ଓକିଲ କହନ୍ତି ।

Images: Aptakama Mishra, Processing: Srujanika

ପ୍ରତିରକ୍ଷା ଓ ପ୍ଲାଷ୍ଟିକ୍

ସାମରିକ ଯନ୍ତ୍ରପାତି ନିର୍ମାଣ କଲାବେଳେ ବର୍ତ୍ତମାନ କେତେକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆ ଯାଉଛି । ଏଗୁଡ଼ିକ ହେଲା ଯେତେବେଳେ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି ସେତେବେଳେ ଦେଖାଯିବ ଯେ ଏହା ଅତ୍ୟଧିକ ଉତ୍ତାପ ସହ୍ୟ କରି ପାରିବ କି ନାହିଁ । ଏହା ଦୀର୍ଘସ୍ଥାୟୀ ହେବ କି ନାହିଁ ଏବଂ ବିଭିନ୍ନ ଅସୁବିଧା ଜନକ ପରିସ୍ଥିତିରେ କାର୍ଯ୍ୟ କରି ପାରିବ କି ନାହିଁ । ଏହି ସାମରିକ ସରଞ୍ଜାମ ନିର୍ମାଣ କରିବା ଦାୟିତ୍ୱରେ ଥିବା ଡି. ଆର୍. ଡି. ଓ ର ବୈଜ୍ଞାନିକମାନଙ୍କ ପ୍ରତି ଏକ ଆହ୍ୱାନ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଡି.ଆର୍. ଡି. ଓ ରେ ବର୍ତ୍ତମାନ ଯେଉଁସବୁ ସ୍ୱତନ୍ତ୍ର ସରଞ୍ଜାମ ମାନ ତିଆରି ହେଉଛି ତାହା ହେଲା ପଲିମର ଲେସର ସରଞ୍ଜାମ, ସିଲିକୋନସ, ସେମିକଣ୍ଡକ୍ଟର ସ୍ୱତନ୍ତ୍ର ଧାତୁ ଓ ମିଶ୍ରିତ ଧାତୁର ସରଞ୍ଜାମ ମାନ ତିଆରି ହେଉଛି । ଏହା ବ୍ୟତୀତ ବିଭିନ୍ନ ରାସାୟନିକ ଦ୍ରବ୍ୟ ମଧ୍ୟ ତିଆରି ହେଉଛି । ଏଗୁଡ଼ିକ ଅତ୍ୟାଧୁନିକ ସାମରିକ ଅସ୍ତ୍ରଶସ୍ତ୍ର ନିର୍ମାଣରେ ବ୍ୟବହାର କରାଯାଏ ।

ପ୍ଲାଷ୍ଟିକ ହେଉଛି ଏକ ମଣିଷ ତିଆରି ପଲିମୋର । ଏହା ହାଲୁକା, ଦୃଢ଼ ଏବଂ ଦୀର୍ଘସ୍ଥାୟୀ । ସାମରିକ ସରଞ୍ଜାମ ତିଆରି କରିବାରେ ଏହା ଯଥେଷ୍ଟ ସାହାଯ୍ୟ କରିବ ଏବଂ ଦୀର୍ଘସ୍ଥାୟୀ ହେବ । ଦିଲ୍ଲୀଠାରେ ଏକ ସାମରିକ ବୈଜ୍ଞାନିକ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଡି.ଆର୍.ଡି ଓ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟ କରେ । ଏଠାରେ ଜୈବିକ ସେମିକଣ୍ଡକ୍ଟର ଇନ-ଫ୍ରାରେଡ ସରଞ୍ଜାମ, ଜୈବିକ ଧାତବ ସମିଶ୍ରଣ, ରୁବର୍ଫି ଷ୍ଟାଲ ଏବଂ ପଲିରେଥାନ ବୋମା ନିର୍ମାଣ କରାଯାଏ । ଲେସର ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଏହା ବ୍ୟବହାର କରାଯାଏ । ଏହାବ୍ୟତୀତ ଏଠାରେ ଉଚ୍ଚ ଉତ୍ତାପ ସହ୍ୟ କରିପାରୁଥିବା ପୋଲିମିଡ଼ସ ଏବଂ ନାଇଟ୍ରୋଜେନ ଫସଫରସ ମିଶ୍ରଣ ପ୍ରସ୍ତୁତ କରାଯାଏ । ରକେଟର ଇଞ୍ଜିନ୍ ପାଇଁ କିପରି ତରଳ ଜାଳେଣି ଏବଂ ଅକସିଡାଇଜର ନିର୍ମାଣ କରାଯାଇ ପାରିବ ସେ ସମ୍ପର୍କରେ ଏଠାରେ ଗବେଷଣା କରାଯାଉଛି । ସାମରିକ ସରଞ୍ଜାମ ସଂଗ୍ରହାଳୟ ଗବେଷଣା କେନ୍ଦ୍ର ଏବଂ ଉନ୍ନୟନ ପ୍ରତିଷ୍ଠାନଠାରେ ତନ୍ତୁ ନିର୍ମିତ ଟୋପି ତିଆରି ପାଇଁ ଗବେଷଣା କରାଯାଉଛି ।

ପାରାଚ୍ୟୁଟ କ୍ଷେତ୍ରରେ ବିକାଶ ଘଟାଇବାକୁ ମଧ୍ୟ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଏପରିକି ସୈନ୍ୟମାନଙ୍କ ପାଇଁ ଯେଉଁସବୁ ପ୍ୟାକେଟ ତିଆରି ହୁଏ ତାହା ଯେପରି ଉନ୍ନତ ଧରଣର ହୁଏ ସେଥିପାଇଁ ଗବେଷଣା କରାଯାଉଛି ।

ସିଲିକନ୍ କ୍ଷେତ୍ରରେ ବିକାଶ

ଖୁବ୍ କମ୍ ଦିନ ମଧ୍ୟରେ ସିଲିକନ କ୍ଷେତ୍ରରେ ଯେଉଁ ବିକାଶ ଘଟିଛି ତାହା ସମଗ୍ର ମାନବ ସମାଜକୁ ବିସ୍ମିତ କରି ଦେଇଛି । ଏବେ ଏହା ଇଞ୍ଜିନିୟରିଂ ଓ ଚିକିତ୍ସା ବିଜ୍ଞାନରେ ବହୁଳ ଭାବେ ବ୍ୟବହୃତ ହେଉଛି । ସିଲିକନରେ ତିଆରି ହୋଇଥିବା ସରଞ୍ଜାମଗୁଡ଼ିକ ସାଧାରଣ ଲୋକଙ୍କ ଦ୍ୱାରା ଆଦୃତ ହୋଇଛି । କାର ଏବଂ ଅନ୍ୟାନ୍ୟ ସରଞ୍ଜାମମାନ ଏଥିରେ ନିର୍ମାଣ କରାଯାଉଛି । ନୂଆଧରଣର ସିଲିକନ ନିର୍ମାଣ ପ୍ରତି ଧ୍ୟାନ ଦିଆଯାଉଛି । କାରଣ ଏହାର ଆବଶ୍ୟକତା ଯଥେଷ୍ଟ ରହିଛି । ସିଲିକନର ଯଥେଷ୍ଟ ସୁଗୁଣମାନ ରହିଛି । ଏହା ପାଣିଦ୍ୱାରା ଆକ୍ରାନ୍ତ ହେବନାହିଁ । ଅତ୍ୟଧିକ ଉତ୍ତାପ ଏବଂ ଅଙ୍ଗାର ପ୍ରଭାବ ଏହା ଉପରେ ପଡ଼ିବ ନାହିଁ । ଏହା ବୈଦ୍ୟୁତିକ ଇନ୍‌ସୁଲେଟର ପରି କାର୍ଯ୍ୟ କରିବ । ସିଲିକନର ଏହି ଗୁଣ ଯୋଗୁ ତାହା ସାମରିକ ବିଭାଗକୁ ଆକୃଷ୍ଟ କରିଛି ।

ଆମର ସାମରିକ କର୍ମଚାରୀ-ମାନଙ୍କର ସଫଳ କାର୍ଯ୍ୟକ୍ରମ ପାଇଁ ଅତ୍ୟାଧୁନିକ ଏବଂ ଦୃଢ଼ ଯୋଗାଯୋଗ ବ୍ୟବସ୍ଥାର ଯଥେଷ୍ଟ ଗୁରୁତ୍ୱ ରହିଛି । ଡି. ଆର୍. ଡି. ଓ ଠାରେ ଏଗୁଡ଼ିକ ନିର୍ମାଣ କରାଯାଉଛି । ବିମାନ ଏବଂ ଅନ୍ୟାନ୍ୟ ଇଞ୍ଜିନରେ ବ୍ୟବହାର କରାଯାଉଥିବା ଟରବାଇନ ଗୁଡ଼ିକ ଶକ୍ତିଶାଳୀ ହେବା ଆବଶ୍ୟକ । ଏଗୁଡ଼ିକୁ କିପରି ଅଧିକ ଶକ୍ତିଶାଳୀ କରାଯାଇ ପାରିବ ସେ ସମ୍ପର୍କରେ ଗବେଷଣା ହେଉଛି । ଏଥିପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଆଲୟର ଆବଶ୍ୟକତା ରହିଛି । ଗ୍ୟାସ ଟରବାଇନ, ଯୁଦ୍ଧ ଟ୍ୟାଙ୍କ୍ ଏବଂ କ୍ଷେପଣାସ୍ତ୍ର ନିର୍ମାଣ କ୍ଷେତ୍ରରେ ହାଇଦ୍ରାବାଦଠାରେ ଥିବା ସାମରିକ ଧାତବ ଗବେଷଣାଗାର ଏକ ଆହ୍ୱାନର ସମ୍ମୁଖୀନ ହୋଇଛି । ବର୍ତ୍ତମାନ ଦେଶରେ ଯେଉଁ ପଦାର୍ଥ-ମାନ ଏଗୁଡ଼ିକ ନିର୍ମାଣ ପାଇଁ ମିଳୁଛି ତାହାଠାରୁ ଅଧିକ ଉନ୍ନତ ଧରଣର ପଦାର୍ଥ ଆମର ଇଞ୍ଜିନିୟର ଓ ବୈଜ୍ଞାନିକମାନେ ଚାହାନ୍ତି । ତା' ହେଲେ ଶକ୍ତିଶାଳୀ ଇଞ୍ଜିନ ନିର୍ମାଣ କରାଯାଇ ପାରିବ । ହାଇଦ୍ରାବାଦର ଏହି କେନ୍ଦ୍ରରେ ଉଚ୍ଚ କ୍ଷମତା ସମ୍ପନ୍ନ ଧାତବ ଦ୍ରବ୍ୟମାନ ନିର୍ମାଣ କରାଯାଇଛି ।

ଲେସର ରଶ୍ମି ଅସ୍ତ୍ର

ବର୍ତ୍ତମାନ ଲେସର ଅସ୍ତ୍ରର ଗୁରୁତ୍ୱ ଯଥେଷ୍ଟ ବେଶୀ । ଏହାର ବ୍ୟାପକତା ଯୁଦ୍ଧ କ୍ଷେତ୍ରରେ ଭୀତି ସଞ୍ଚାର କରିଥାଏ । ଆଗାମୀ ବର୍ଷ ମାନଙ୍କରେ ଏହାର ବ୍ୟାପକ ପ୍ରସାର ଘଟିବ ବୋଲି ଆଶା କରାଯାଏ । କେବଳ ଏକ ରଶ୍ମି ଦ୍ୱାରା ସମସ୍ତ କାର୍ଯ୍ୟ ହୁଏ । ଲେସର ଅସ୍ତ୍ର ଚଳିତ ଶତାବ୍ଦୀର ଏକ ଚମତ୍କାରପ୍ରଦ ବିସ୍ମୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ବୈଜ୍ଞାନିକ, ସୈନିକ, ଇଞ୍ଜିନିୟର, ଡାକ୍ତର ଏବଂ ଶିଳ୍ପପତିମାନଙ୍କ ଦ୍ୱାରା ଏହା ବ୍ୟବହୃତ ହେଉଥିବାରୁ ଏହାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି ।

ଆପୋଲୋ-୧ ମହାକାଶ ଯାନରେ ଲେସର ରଶ୍ମି ବ୍ୟବହାର ହେବା ଫଳରେ ଏହା ବହୁଳ ପ୍ରଚାରିତ ହୋଇଗଲା । ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ଆପୋଲୋ-୨ ଚନ୍ଦ୍ର ପୃଷ୍ଠ ଅବତରଣ କରିଥିଲା । ଚନ୍ଦ୍ର ପୃଷ୍ଠର ସମସ୍ତ ବୈଜ୍ଞାନିକ ଗବେଷଣା ଲେସର ରଶ୍ମି ଦ୍ୱାରା କରାଯାଇଥିଲା । ସେହି ଦିନଠାରୁ ଯୋଗାଯୋଗ ଏବଂ ସାମରିକ କ୍ଷେତ୍ରରେ ରଶ୍ମି ପ୍ରଭାବ ପକାଇ ଆସିଛି । ଏହା ସାହାଯ୍ୟରେ ଅତି ଅଗମ୍ୟ ଅଞ୍ଚଳରେ ଯୋଗାଯୋଗ ପ୍ରତିଷ୍ଠା କରାଯାଇ ପାରିବ ଏବଂ ରାତିରେ ବ୍ୟବହାର କରାଯାଇ ପାରୁଥିବାରୁ ସାମରିକ କ୍ଷେତ୍ରରେ ବ୍ୟବହାର ହେଉଛି । ଲେସର ସାହାଯ୍ୟରେ କ୍ଷେପଣାସ୍ତ୍ର ଗୁଡ଼ିକ ଠିକ୍ ଭାବେ ପ୍ରୟୋଗ କରାଯାଇପାରିବ । ଲେସର ରଶ୍ମି ବୋମା-ଗୁଡ଼ିକ ମଧ୍ୟ ଅତ୍ୟନ୍ତ ମାରାତ୍ମକ । ଆଧୁନିକ ଯୁଦ୍ଧରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି । ✻

Images: Aptakama Mishra, Processing: Srujanika

କ୍ରୀଡ଼ାକ୍ଷେତ୍ରରେ ଭାରତର ବ୍ୟର୍ଥତା

ଶ୍ରୀ ସୁହାସ ଆଚାର୍ଯ୍ୟ

୧୯୮୩ ମସିହା ହେଉଛି ପ୍ରାକ୍ ଅଲମ୍ପିକ ବର୍ଷ । ଦେଶବାସୀଙ୍କୁ ଆନନ୍ଦ ଦେଲାଭଳି ଭାରତର ଖେଳାଳୀମାନେ ବିଶେଷ କିଛି ସଫଳତା ଏହି ବର୍ଷ ହାସଲ କରି ପାରି ନାହାନ୍ତି । ଦେଶ ବାସୀ ଯେଉଁ ଦୁଇଟି କୃତିତ୍ୱ ପାଇଁ ଆନନ୍ଦିତ ତାହାର ଅଲମ୍ପିକ କ୍ରୀଡ଼ା ସହିତ କୌଣସି ସଂପର୍କ ନାହିଁ ଏବଂ ସେ ଦୁଇଟି ହେଲା କ୍ରିକେଟ ଏବଂ ବିଲିୟାର୍ଡ଼ । ବିଶ୍ୱକପ ବିଜୟ ପରେ ଭାରତ ୱେଷ୍ଟଇଣ୍ଡିଜ ହାତରେ ଯେପରି ଲାଞ୍ଛିତ ହେଲା ତାହା ବର୍ଣ୍ଣନାତୀତ । ଅବଶ୍ୟ ସେହି ଭଗ୍ନସ୍ତୂପ ଭିତରୁ ଗାଭାସ୍କର ପୃଥିବୀର ଶ୍ରେଷ୍ଠ ରନ୍ ସଂଗ୍ରହକାରୀ ଓ ୩୧ଟି ଶତକର ଅଧିକାରୀ ରୂପେ ଆତ୍ମପ୍ରକାଶ କଲେ । ଭାରତୀୟ ଖେଳାଳୀ ମାନଙ୍କ କେତୋଟି କୃତି ବିଷୟ ଏ ପ୍ରବନ୍ଧରେ ସୂଚନା ଦିଆଯାଉଛି ।

ବିଶ୍ୱକପ୍ କ୍ରିକେଟରେ ବିଜୟ ଲାଭ, ସୁନୀଲ ଗାଭାସ୍କରଙ୍କ ସର୍ବାଧିକ ରନ୍ ସଂଗ୍ରହ ଏବଂ ମାଇକେଲ ଫେରେଆରଙ୍କ କ୍ରମାଗତ ଭାବେ ତୃତୀୟ ଥର ପାଇଁ ବିଶ୍ୱ ବିଲିଆର୍ଡ଼ ଚାମ୍ପିଆନସିପ୍ ଲାଭ କରିବା ବ୍ୟତୀତ ଗତବର୍ଷ ଅର୍ଥାତ୍ ୧୯୮୩ ମସିହାରେ କ୍ରୀଡ଼ା କ୍ଷେତ୍ରରେ ଭାରତ ବିଶେଷ କିଛି ସଫଳତା ହାସଲ କରିପାରିନାହିଁ ।

ଦିଲ୍ଲୀ ଠାରେ ଅନୁଷ୍ଠିତ ନବମ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା ପାଇଁ ଭାରତୀୟ ଖେଳାଳୀ ମାନଙ୍କୁ ତାଲିମ ଦେବା ନିମନ୍ତେ ଯେଉଁ ବିପୁଳ ଅର୍ଥ ବ୍ୟୟ କରାଯାଇ ଥିଲା ତା ତୁଳନାରେ ଭାରତ ସେପରି କିଛି ପାଇଲା ନାହିଁ । ଅଥଚ ସେହି ବ୍ୟୟ ସହିତ କୌଣସି ସମ୍ପର୍କ ନଥିବା ଦୁଇଟି ବିଷୟରେ ଗୌରବ ଅର୍ଜନ କଲା ।

ଭାରତୀୟ କ୍ରିକେଟ ଦଳର ବିଶ୍ୱକପ୍ ବିଜୟ ଜନିତ ଉଲ୍ଲାସ ଶେଷ ହେବା ପୂର୍ବରୁ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ଖେଳାଳୀ ମାନେ ଭାରତକୁ ସମ୍ପୂର୍ଣ୍ଣ ଭାବେ ୬ଟି ଟେଷ୍ଟ ସିରିଜ୍‌ରେ ଓ ୫ଟି ଦିନକିଆ ଇଣ୍ଟରନ୍ୟାସ୍‌ନାଲରେ ପରାସ୍ତ କରି ନିଜର ପରାକାଷ୍ଠା ପ୍ରତିପାଦିତ କରିଦେଲେ । ଫଳରେ ଭାରତ ପୁନର୍ମୂଷିକୋଭବ ନ୍ୟାୟରେ ଓଠ ଗୁଡ଼ୁଛି ।

କ୍ରିକେଟ ବିଜେତା ମାନଙ୍କୁ ଯେ ଭଳି ଭାବରେ ଅଭ୍ୟର୍ଥନା ତଥା ନଗଦ ଟଙ୍କା ପୁରସ୍କାର ଆକାରରେ ଦିଆଗଲା ଅନ୍ୟ କୌଣସି ଖେଳର ଖେଳାଳିଙ୍କୁ ଏଭଳି ଅଭ୍ୟର୍ଥନା ଆମ ଦେଶରେ ଦିଆଯାଇ ନାହିଁ । ଶ୍ରୀ ଫେରେଆର ବିଲିଆର୍ଡ ଚାମ୍ପିଆନ ହେବା ସତ୍ତ୍ୱେ ତାଙ୍କ ବିଜୟ ପ୍ରତି ଦେଶବାସୀ ଉଦାସୀନ ହୋଇ ପଡ଼ିଲେ ଏବଂ ତାଙ୍କ ପାଇଁ କୌଣସି ଆଦର ଅଭ୍ୟର୍ଥନା ନଥିଲା ।

ସୁନୀଲ ଗାଭାସ୍କାର

କ୍ରିକେଟରେ ସୁନୀଲ ଗଭାସ୍କର ୨୫ଟି ଟେଷ୍ଟ ସେଞ୍ଚୁରି କରି ବଏକଟଙ୍କର କରିଥିବା ମୋଟ ୮୧୧୮ ରନ୍ ରେକର୍ଡ଼ ଭଙ୍ଗ କରିବାସଙ୍ଗେ ସଙ୍ଗେ ଅଷ୍ଟ୍ରେଲିଆର ଡୋନାଲଡ୍ ବ୍ରାଡମାନଙ୍କୁ ଅତିକ୍ରମ କରିବାର ଗୌରବ ଅର୍ଜନ କରିଛନ୍ତି ।

ହକିରେ ନୈରାଶ୍ୟ

ହକି କ୍ଷେତ୍ରରେ ଭାରତର ଅଗ୍ରଗତି ସମ୍ପୂର୍ଣ୍ଣ ନୈରାଶ୍ୟ ଜନକ । ଭାରତୀୟ ଟିମ୍‌କୁ ନୂଆ ରୂପ ଦିଆଯିବା ପରେ ତାଠାରୁ ବହୁତ କିଛି ଆଶା କରାଯାଉଥିଲା । କିନ୍ତୁ ଲୋକଙ୍କର ସେ ଆଶା ଚରିତାର୍ଥ ହେଲା ନାହିଁ । କୁଆଲାଲମ୍ପୁରରେ ଅନୁଷ୍ଠିତ ପଞ୍ଚଦେଶୀୟ ମ୍ୟାଚ୍‌ରେ ଶେଷସ୍ଥାନ, କରାଚି ଚାମ୍ପିଆନ୍ ସିପ୍‌ରେ ୪ର୍ଥ ସ୍ଥାନ ଏବଂ ହଂକଂ ମ୍ୟାଚରେ ସେମିଫାଇନାଲ ସ୍ତରରେ ପରାଜିତ ହୋଇ ହକି ଖେଳାଳୀମାନେ ବଡ଼ ମୁହଁ କଳା କରିଛନ୍ତି । କରାଚିସ୍ଥ ଚାମ୍ପିଆନ ଟ୍ରଫି ମ୍ୟାଚ ର ବିଜୟୀ ଅଷ୍ଟ୍ରେଲିଆକୁ ୩-୩ ଗୋଲରେ ଆଟକ କରିଥିଲେ ମଧ୍ୟ ଭାରତୀୟ ଫରୱାର୍ଡ଼ ମାନେ ଗୋଲ ଦେବାରେ ବିଫଳ ହେବାରୁ ନିଜର କ୍ରିଡ଼ା ନୈପୁଣ୍ୟ ସତ୍ତ୍ୱେ ଭାରତ ବିଜୟ ହାସଲ କରିପାରିଲା ନାହିଁ ।

ଏହି ବର୍ଷ ଆରମ୍ଭରୁ ଭାରତ କ୍ରିକେଟ କ୍ଷେତ୍ରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଏବଂ କ୍ରିକେଟ ସିରିଜ୍ ୦-୩ ଏବଂ ଦିନକିଆ ଆନ୍ତର୍ଜାତିକ ମ୍ୟାଚରେ ୧-୩ରେ ପାକିସ୍ତାନ ପାଖରୁ ହାରିବା ହେତୁ ଅବଶେଷରେ ଗାଭାସ୍କରଙ୍କୁ ଦଳର ଅଧିନାୟକତ୍ୱ ତ୍ୟାଗ କରିବାକୁ ପଡ଼ିଲା । ନୂଆ ଅଧିନାୟକ କପିଲ ଦେବ ନିଜ ଦଳକୁ ୱେଷ୍ଟ ଇଣ୍ଡିଜ ନେଇ ସେଠାରେ ୫ଟି ଟେଷ୍ଟ ସିରିଜରେ ୦-୨ ଏବଂ ଦିନକିଆ ଇଣ୍ଟରନ୍ୟାସନାଲରେ ୧-୨ରେ ପରାସ୍ତ ହୋଇଥିଲେ ।

କିନ୍ତୁ କବର ଖାନାରୁ ମହାକାଶକୁ ଉଠିଲା ଭଳି ପ୍ରୁଡେନସିଆଲ ବିଶ୍ୱ କପ୍ ମ୍ୟାଚରେ ଭାରତ ଅଭୂତପୂର୍ବ ସଫଳତା ହାସଲ କଲା । ଏବଂ ଏହି ମ୍ୟାଚ ଅବକାଶରେ ୱେଷ୍ଟଇଣ୍ଡିଜକୁ (ଦୁଇଥର), ଜିମ୍ବାବେ (ଦୁଇଥର) ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ପରାସ୍ତ କଲା । ଅବଶ୍ୟ ଥରେ ୱେଷ୍ଟଇଣ୍ଡିଜଠାରୁ ଓ ଥରେ ଅଷ୍ଟ୍ରେଲିଆଠାରୁ ଭାରତ ପରାସ୍ତ ହୋଇଥିଲା ।

ପରେ ପାକିସ୍ତାନ ଟିମ୍ ଭାରତକୁ ଆସିଥିଲେ । ସେମାନେ ଖେଳିଥିବା ତିନୋଟିଯାକ ଟେଷ୍ଟ୍ ମ୍ୟାଚରେ ବର୍ଷା ହୋଇଥିଲା ଏବଂ ଖେଳ ଡ୍ର ରହିଥିଲା । ଦୁଇଟି ଦିନକିଆ ଇଣ୍ଟରନ୍ୟାସନାଲରେ ଏବଂ ଦିଲ୍ଲୀରେ ଅନୁଷ୍ଠିତ ଏକମାତ୍ର ନେଶ୍ୟ ପ୍ରତିଯୋଗିତାରେ ପାକିସ୍ତାନ ପରାସ୍ତ ହୋଇଥିଲା । କିନ୍ତୁ ୱେଷ୍ଟଇଣ୍ଡିଜ ଭାରତର ଏହି ଦର୍ପକୁ ସମ୍ପୂର୍ଣ୍ଣ ଚୂର୍ଣ୍ଣ କରିଦେଲା ।

ଆଶାର ଆଲୋକ

୧୯୮୪ ମସିହାରେ କ୍ରୀଡ଼ା ଜଗତରେ ହକି କ୍ଷେତ୍ରରେ ହିଁ ଯାହା କିଛି ଆଶା କରାଯାଇ ପାରେ । ଜୁଲାଇ-ଅଗଷ୍ଟ ମାସରେ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ଅଲମ୍ପିକ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ହକି ଖେଳରେ କିଛି କରିବ ବୋଲି ଆଶା କରାଯାଉଛି ।

ଫୁଟବଲ ଖେଳରେ ମଧ୍ୟ ଭାଗ୍ୟଦେବୀ ଭାରତ ପ୍ରତି ପ୍ରସନ୍ନ ହୋଇ ନାହାନ୍ତି । କୋଚିନ୍‌ରେ

Images: Aptakama Mishra, Processing: Srujanika

ଚେସ ଗ୍ରାଣ୍ଡମାଷ୍ଟର

କିଶୋର କାଶପାରୋଭଙ୍କ ଉପରେ ସମସ୍ତଙ୍କ ଆଖି

ସୋଭିଏତର ପ୍ରଖ୍ୟାତ ଯୁବଚେସ ଖେଳାଳି ଗେରି କାଶପାରୋଭ କିଛି ଦିନ ତଳେ ଲଣ୍ଡନରେ ଅନୁଷ୍ଠିତ ହୋଇଥିବା ସେମିଫାଇନାଲ ମ୍ୟାଚରେ ସ୍ୱିଜରଲାଣ୍ଡର ଭିକ୍ଟର କରଚ୍ନୋଇଙ୍କୁ ହରାଇ ବିଶ୍ୱବିଜୟୀ ହେବା ନିମନ୍ତେ ଆଉ ଗୋଟିଏ ପାଦ ଆଗେଇଛନ୍ତି ଏହା ପରେ ସେ ୬୨ ବର୍ଷ ବୟସ୍କ ଭାସିଲି ସ୍ମିସ୍ଲୋଭଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ । ଏହି ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ବ୍ୟକ୍ତି ଆସନ୍ତାବର୍ଷ ବିଶ୍ୱ ଟାଇଟେଲ ପାଇଁ ଆନ୍ତୋଲି କାରପୋଭଙ୍କର ମୁକାବିଲା କରିବେ ।

ରୁଷରୁ ପଳାଇଯାଇ ବିଦେଶରେ ରହୁଥିବା ଶ୍ରୀ କାରଚ୍ନୋଇଙ୍କ ବିପକ୍ଷରେ କୋଡ଼ିଏ ବର୍ଷ ବୟସ୍କ ଡାଶପୋରୋଭ ଯେତେବେଳେ ଖେଳିଲେ ମୂଳରୁ ସେ କେତେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଖେଳ ସିରିଜର ଅଗ୍ରଗତି କାସପାରୋଭଙ୍କର ମଧ୍ୟ ଅଭୂତପୂର୍ବ ଅଗ୍ରଗତି ହେଲା ଏବଂ ବିଶ୍ୱବିଖ୍ୟାତ କାରଚ୍ନୋଇଙ୍କୁ ସେ ପରାସ୍ତ କଲେ ।

କାସପାରୋଭଙ୍କ ଜନ୍ମ ୧୯୬୩ ମସିହା ୧୩ ତାରିଖ ଦିନ ଏବଂ ସାତବର୍ଷ ବୟସରୁ ସେ ଚେସ ଖେଳ ଶିଖିଛନ୍ତି । ୯ବର୍ଷ ବୟସରେ ସେ ଚେସ ଖେଳାଳି ରୂପେ ସ୍ୱୀକୃତି ଲାଭ କଲି । ୧୩ ବର୍ଷ ବୟସରେ ରୁଷର ଜୁନିୟର ଚାମ୍ପିୟନ ହେଲେ ଏବଂ ମାତ୍ର ୧୪ ବର୍ଷ ବୟସରେ ସେ ମାଷ୍ଟର ହେଲେ । ୧୫ ବର୍ଷ ବୟସରେ ରୁଷରେ ବୟସ୍କଙ୍କ ପାଇଁ ହେଉଥିବା ଚେସ ଚାମ୍ପିୟନସିପ୍ ମ୍ୟାଚରେ ଉଲ୍ଲେଖ ଯୋଗ୍ୟ ସଫଳତା ହାସଲ-କରି ୧୭ବର୍ଷ ବୟସରେ ଯୁଗୋସ୍ଲାଭିଆରେ ଅନୁଷ୍ଠିତ ଏକ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟରେ ୧୪ ଜଣ ଗ୍ରାଣ୍ଡ ମାଷ୍ଟରଙ୍କୁ ହରାଇ ଦେଲେ ।

ଚଳିତ ବର୍ଷ ସେ କ୍ୱାର୍ଟରଫାଇନାଲ ମ୍ୟାଚରେ ତାଙ୍କ ନିଜ ଦେଶର ପ୍ରତିଦ୍ୱନ୍ଦ୍ୱୀ ପ୍ଲେକାଣ୍ଡର ବେଲିଆଭସକିଙ୍କୁ ହରାଇବା ପରେ ଏବେ କରଚ୍ନୋଇଙ୍କୁ ହରାଇଲେ ।

ଶ୍ରୀ କାସପାରୋଭ ଆଜରବୈଜାନ ଇନଷ୍ଟିଚ୍ୟୁଟ ଅଫ ଫରେନ୍ ଲାଙ୍ଗୁଏଜର ତୃତୀୟ ବାର୍ଷିକ ଛାତ୍ର । ତାଙ୍କର କୋଚ ହେଉଛନ୍ତି ଗ୍ରାଣ୍ଡ ମାଷ୍ଟର ଗେନାଡ଼ି ଟିମୋଶେଙ୍କୋ , ଇଣ୍ଟରନ୍ୟାସନାଲ ମାଷ୍ଟର ଯେଭ୍‌ଗେନି ଭ୍ଲାଡିମିରୋଭ ଏବଂ ମାଷ୍ଟର ଆଲେକଜାଣ୍ଡ୍ରର ନିକିତିନ ।

ଅନୁଷ୍ଠିତ ନେହେରୁ ଗୋଲଡ଼୍ କପ ଟୁର୍ଣ୍ଣାମେଣ୍ଟରେ ହଙ୍ଗେରୀ ଚୀନକୁ ୨-୧ ଗୋଲରେ ପରାସ୍ତ କରି ଚୂଡ଼ାନ୍ତ ବିଜୟ ହାସଲ କଲା । ଫୁଟବଲରେ ଭାରତର ବିପର୍ଯ୍ୟୟର ମୁଖ୍ୟ କାରଣ ସ୍ୱରୂପ ଜାତୀୟ ସ୍ତରରେ କୋଚ ପରିବର୍ତ୍ତନ ବିଷୟ ଉଲ୍ଲେଖ କରାଯାଇ ପାରେ । ଜାତୀୟ ସ୍ତରରେ ପ୍ରଥମେ ପି. କେ. ବାନାର୍ଜୀଙ୍କ ସ୍ଥାନରେ ବବ୍ ବୁଟଲଣ୍ଡ ଏବଂ ତାଙ୍କ ସ୍ଥାନରେ ପୁଣି ଯୁଗୋସ୍ଲାଭିଆର ମିଲୋଭାନ ସିରିକ୍‌ଙ୍କୁ ଅବସ୍ଥାପିତ କରାଯାଇଥିଲା ।

ଅଲିମ୍ପିକ ପାଇଁ ଯୋଗ୍ୟତା ହାସଲ କ୍ରୀଡ଼ା ପ୍ରତିଯୋଗିତାରେ ମଧ୍ୟ ଭାରତ ବିଶେଷ କିଛି ସାଫଲ୍ୟ ପ୍ରଦର୍ଶନ କରି ପାରିନାହିଁ । କାରଣ ସାଉଥ୍ ଆରବିଆଠାରୁ ୧-୨ ଗୋଲରେ ପରାସ୍ତ ହୋଇ ଭାରତ ଇଣ୍ଡୋନେସିଆକୁ ୪-୦ ଗୋଲରେ ପରାସ୍ତ କଲା ଏବଂ ମାଲେସିଆ ସହିତ ୩-୩ ଗୋଲରେ ଡ୍ର ରଖିଲା । କିନ୍ତୁ ସିଙ୍ଗାପୁରକୁ ହରାଇବା ପୂର୍ବରୁ ପ୍ରଥମେ ତାଠାରୁ ହାରିଥିବା ଭାରତ ଇଣ୍ଡୋନେସିଆକୁ ମାତ୍ର ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା । ଏହାପରେ ସେ ମାଲୟସିଆ ଏବଂ ସାଉଦିଆରବିଆଠାରୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ ହେଲା ।

ଡେଭିସ୍ କପ୍‌ରେ ମଧ୍ୟ ପୂର୍ବାଞ୍ଚଳ ଟେନିସ୍‌ରେ ଭାରତ ପ୍ରଥମେ ଆଇଲାଣ୍ଡ ଓ ପରେ ଜାପାନକୁ ପରାସ୍ତ କରି ଶେଷରେ ଫ୍ରାନ୍ସର ମୁକାବିଲା କଲେ ଓ ଖେଳ ଡ୍ର ରହିଲା । ଏହା ସତ୍ତ୍ୱେ ବ୍ୟକ୍ତିଗତ ଭାବେ ଭାରତୀୟ ଖେଳାଳୀମାନେ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ପାରିନଥିଲେ । ଭାରତର ଏକମାତ୍ର ଆଶା ବିଜୟ ଅମୃତରାଜ ପ୍ରଥମ ରାଉଣ୍ଡରେ ହାରି ସମସ୍ତଙ୍କୁ ହତାଶ କଲେ ।

ବ୍ୟାଡମିଣ୍ଟନ୍

ବ୍ୟାଡ଼ମିଣ୍ଟନ କ୍ଷେତ୍ରରେ ପ୍ରକାଶ ପାଦୁକୋନେ ଭାରତର ଆଶାର ଆଲୋକ ବର୍ତ୍ତିକା ସଦୃଶ ପ୍ରତିଭାତ ହେଉଛନ୍ତି । କିନ୍ତୁ ଆଲୋଚ୍ୟ ବର୍ଷରେ ସେ କେବଳ ଡେନମାର୍କର ମୋର୍ଟେନ ଫ୍ରଷ୍ଟ ହାନସେନଙ୍କୁ ପରାସ୍ତ କରିବାଛଡ଼ା ବିଶେଷ କିଛି ସାଫଲ୍ୟ ଅର୍ଜନ କରିପାରି ନାହାନ୍ତି ।

ଟେବୁଲ ଟେନିସ୍ କ୍ଷେତ୍ରରେ ମଧ୍ୟ ଭାରତ ଗତ ବର୍ଷ କୌଣସି ନୂତନ ପ୍ରତିଭାର ସନ୍ଧାନ ପାଇ ନାହିଁ । କିନ୍ତୁ ୩୭ ତମ ବିଶ୍ୱ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ସେମାନେ ୧୮ଶ ସ୍ଥାନ ଅଧିକାର କରି ପ୍ରଥମ ପର୍ଯ୍ୟାୟ ଭୁକ୍ତ ହୋଇ ପାରିଛନ୍ତି ।

ଚେସ୍ କ୍ଷେତ୍ରରେ କୁଆଲାଲମ୍ପୁର ଠାରେ ଅନୁଷ୍ଠିତ ଏସୀୟ ମହିଳା ଚେସ୍ ପ୍ରତିଯୋଗିତାରେ ଭାରତର ରୋହିଣୀ ଖାଦିଲକର ବିଜୟ ହାସଲ କରି ଭାରତର ଗୌରବ ରକ୍ଷା କରି ପାରିଛନ୍ତି । ସେ ୧୮ରୁ ୧୪.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବଙ୍ଗଳା ଦେଶର ରାଣୀ ହମିଦ ୧୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏସିଆ ମାଷ୍ଟର ପ୍ରତିଯୋଗୀତାରେ ଭାରତର ରବି କୁମାର ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି ।

ପଞ୍ଚମ ଏସୀୟ ସୁଟିଂ ପ୍ରତିଯୋଗିତାରେ ଭାରତ କେବଳ ଗୋଟିଏ ସ୍ୱର୍ଣ୍ଣପଦକ ଓ ଗୋଟିଏ ବ୍ରୋଞ୍ଜ ପଦକର ଅଧିକାରୀ ହୋଇ ପାରିଥିଲା ।

ଖାରବେଳ

ବିଜ୍ଞାପନ ହାର

ପୁରା ପୃଷ୍ଠା	—	୧,୦୦୦ ଟଙ୍କା
ଅଧା ପୃଷ୍ଠା	—	୬୦୦ ଟଙ୍କା
ଚଉଠ ପୃଷ୍ଠା	—	୩୦୦ ଟଙ୍କା
ଏକ କଲମ	—	୪୦୦ ଟଙ୍କା
ସର୍ବନିମ୍ନ	—	୧୦୦ ଟଙ୍କା

Images: Aptakama Mishra, Processing: Srujanika

ଜାଣନ୍ତି କି ?

(୧) ଗୋଲଫରେ ଚତୁର୍ଥ ଗର୍ତ୍ତରେ କଏ ଟି ଅଫ୍ କରିବ ।

(୨) ଜଣେ ମୁଷ୍ଟି ଯୋଦ୍ଧା ରେଫେରି ନିର୍ଦ୍ଦେଶ ଦେଲାବେଳେ କେଉଁ କେଉଁ ଶବ୍ଦ ବ୍ୟବହାର କରିବ ?

(୩) ଜଣେ ଗୋଲଫ ଖେଳାଳୀ ଟେଡ୍ ଅଫ୍ କରି ସାରିଲା ପରେ ବଲ ସ୍ପର୍ଶ କରି ପାରିବ କି ?

(୪) ଏକ ପାଉଣ୍ଡ ଓଜନ ହେବା ପାଇଁ କେତୋଟି ସଟଲ କକ୍ ଦରକାର ?

(୫) ଏକ ଭଲିବଲ ଦଳ ପାଇଁ କେତେ ଜଣ ଖେଳାଳି ଆବଶ୍ୟକ?

(୬) ଅଲମ୍ପିକ ଖେଳରେ ଫ୍ରି ପିସ୍ତଲ ତୁଳନାରେ କେତେଗୋଟି ଫାଙ୍କା ଗୁଳି ତୁଳନା କରି ପାରିବ ।

(୭) ରୋଜର ବ୍ୟାନିଷ୍ଟାରଙ୍କ ବ୍ୟତୀତ ଆଉ କଏ ଚାରି ମିନିଟ୍ ମଧ୍ୟରେ ଏକ ମାଇଲ ପଥ ଅତିକ୍ରମ କରିଛନ୍ତି ।

(୮) କେତେ ବର୍ଷ ବ୍ୟବଧାନରେ ଥମାସ୍ କପ୍ ଏବଂ ଉବର କପ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୁଏ ।

(୯) ଡେଭିସ କପ୍‌ର ଅନୁଷ୍ଠାନିକ ନାମ କଅଣ ।

(୧୦) କଏ ହାଇଜମ୍ପର "ଫସବୁରି ଫ୍ଲପ୍" ଷ୍ଟାଇଲ ଉଦ୍ଭାବନ କରିଥିଲେ ।

ଉତ୍ତର

(୧) ଯେଉଁ ଖେଳାଳୀ ଦ୍ୱୀଗସ୍ ଗର୍ତ୍ତରେ ଅଳ୍ପ ଷ୍ଟ୍ରୋକସ କରିଥିବେ ।

(୨) ଷ୍ଟପ୍, ବକ୍ସ ଏବଂ ବ୍ରେକ୍ ।

(୩) ସାଧାରଣ ପରସ୍ଥିତିରେ ନୁହେଁ ।

(୪) ପ୍ରତ୍ୟେକ ସଟଲକକର ଓଜନ ୭୩ରୁ ୮୫ ଗ୍ରେନ୍ । ତେଣୁ ମୋଟ ୮୨ରୁ ୯୭ଟି ଆବଶ୍ୟକ ।

(୫) ଯେ କୌଣସି ପରସ୍ଥିତିରେ ଛ ଜଣ ଖେଳିବାକୁ ବାଧ ।

(୬) ୧୫ଟି ।

(୭) ଅଷ୍ଟ୍ରେଲିଆର ଜନ ଲେଣ୍ଡି ।

(୮) ଉଭୟ ବେଡ଼ମିଣ୍ଟନ ପ୍ରତିଯୋଗିତା ପ୍ରତି ତିନିବର୍ଷ ଅନ୍ତରରେ ଅନୁଷ୍ଠିତ ହୁଏ ।

(୯) ଆନ୍ତର୍ଜାତିକ ଲନ୍ ଟେନିସ୍ ପ୍ରତିଯୋଗିତା ।

(୧୦) ୧୯୬୮ ଅଲମ୍ପିକ କ୍ରୀଡ଼ା ପ୍ରତିଯୋଗିତାର ହାଇଜମ୍ପ ବିଜୟୀ ଆମେରିକାର ଡିକ୍ସ୍ ଫସ୍‌ବୁରି ।

ସୁନ୍ଦର ଛପା ଓ ଡିଜାଇନ୍
ପାଇଁ
ଅନୁସନ୍ଧାନ କରନ୍ତୁ
ପ୍ରଜ୍ଞା ପ୍ରିଣ୍ଟର୍ସ, ଖାନନଗର କଟକ
ଫୋନ—୨୩୫୯୭
(ଇଂରାଜୀ ଓ ଓଡ଼ିଆରେ ସମସ୍ତ ଛାପାକାମ ଏଠାରେ କରାଯାଏ)

ଯୁଗୋସ୍ଲାଭ ସାଧାରଣତନ୍ତ୍ରର ସରଜେଭୋଠାରେ ଆସନ୍ତା ଫେବୃଆରି ମାସରେ ଚତୁର୍ଦ୍ଦଶ ଓ୍ୱିଣ୍ଟର ଅଲମ୍ପିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆନ୍ତର୍ଜାତିକ ଅଲମ୍ପିକ କ୍ରୀଡ଼ା କମିଟି ୧୯୭୮ ମସିହା ବସନ୍ତ କାଳରେ ଏ ନିଷ୍ପତ୍ତି ଘୋଷଣା କରିବା ପରେ ସେହି ଦିନ ଠାରୁ ସାମ୍ବାଦିକ ମାନେ ସେହି ସ୍ଥାନ ସମ୍ପର୍କରେ ଅତ୍ୟନ୍ତ କୌତୁହଳୀ ହୋଇ ଉଠିଥିଲେ । ଖେଳ ଆରମ୍ଭ ପୂର୍ବରୁ ଇତି ମଧ୍ୟରେ ପ୍ରାୟ ପନ୍ଦର ସହ ସାମ୍ବାଦିକ ଉକ୍ତ ସ୍ଥାନ ପରିଦର୍ଶନ କରି ପ୍ରସ୍ତୁତି ପର୍ବର ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରି ଫେରିଆସିଛନ୍ତି ଏବଂ ସେମାନେ ଆୟୋଜନର ଲକ୍ଷ ଓ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ନିଜର ମତାମତ ଦେଇଛନ୍ତି ।

ଓ୍ୱିଣ୍ଟର ଅଲମ୍ପିକ

ସେହି ଖେଳର ଦୈନିକ ବିବରଣୀ ସଂଗ୍ରହ କରିବା ପାଇଁ ପ୍ରତି ଦୁଇଜଣ କ୍ରୀଡ଼ାବିତ୍ଙ୍କ ପିଛା ହିସାବରେ ତିନିଜଣ ସାମ୍ବାଦିକ ରହିବାର ବ୍ୟବସ୍ଥା ହୋଇଛି ଏବଂ ଫେବୃଆରୀ ୮ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ୩,୫୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ଏବଂ ସମଗ୍ର ବିଶ୍ୱରୁ ୫,୫୦୦ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ଉପସ୍ଥିତ ରହି କ୍ରୀଡ଼ା ବିବରଣୀ ପ୍ରସ୍ତୁତ କରିବେ ।

ସାମ୍ବାଦିକ ମାନଙ୍କର ଆବଶ୍ୟକତାକୁ ଦୃଷ୍ଟି ସଙ୍ଗଠକ ମାନେ ଅତି ଚମତ୍କାର ଆୟୋଜନ କରିଛନ୍ତି । ୮୦୦ ଜଣ ଲୋକ ବସି ପାରୁଥିବା ଏକ ହଲରେ ପ୍ରତିଦିନ ସକାଳେ ଖେଳ ଆରମ୍ଭ ହେବା ପୂର୍ବରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏହାଛଡ଼ା ସାମ୍ବାଦିକମାନଙ୍କୁ ୨୫୦ଟି ଟେଲିଫୋନ ଆବଶ୍ୟକ ଟେଲେକ୍ସ, ୧୦ଟି ଟେଲିଫଟୋ, ୫୦ଟି ନକଲ କାଗଜ ମେସିନ, ୩୭୦ଟି ଟାଇପ ରାଇଟର ଥିବା ଡେସ୍କ ଯୋଗାଇ ଦିଆଯିବ । (ସୁ. ଏନ୍)

Images: Aptakama Mishra, Processing: Srujanika

ବ୍ୟାଟିଂ ବନାମ ବୋଲିଂ

ଶ୍ରୀ ଆର୍. କେ. ଓହ୍ଦର

ବିଲାତରେ ପ୍ରକାଶିତ ଏକ ପୁସ୍ତକରେ "ଦି ଲର୍ଡ୍ସ୍ ଟାଭର୍ନର୍ସ୍ ଫିଫ୍ଟି ଗ୍ରେଟେଷ୍ଟ" ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀର ୫୦ଜଣ ଶ୍ରେଷ୍ଠ କ୍ରିକେଟ ଖେଳାଳିଙ୍କ ବିଷୟ ଅବତାରଣା କରାଯାଇଛି । ଏମାନଙ୍କ ମଧ୍ୟରୁ ୨୪ଜଣ ବ୍ୟାଟସ୍ ମ୍ୟାନ, ୧୩ଜଣ ବୋଲର ଏବଂ ୯ଜଣ ଅଲ-ରାଉଣ୍ଡର ଏବଂ ଚାରି ଜଣ ଉଇକେଟକିପର ଅନ୍ତର୍ଭୁକ୍ତ । ଯେଉଁମାନେ ଏହି ତାଲିକା ପ୍ରଣୟନ କରିଛନ୍ତି ସେମାନେ ନିଜେ କ୍ରୀଡ଼ାବିତ୍ ଏବଂ ସେମାନଙ୍କ ଭିତରେ ଅଛନ୍ତି ଟ୍ରେଭର ବେଲି, କଲିନ କାଓଡ୍ରେ, ରିଚି ବିଅଣ୍ଡ ଏବଂ ଜିମ ଲେକର । ଏମାନଙ୍କ ମିଳିତ ବିଚାର ସମ୍ପର୍କରେ ସନ୍ଦେହ କରିବାରେ ବା କଣ ଅଛି ? କିନ୍ତୁ ବ୍ୟାଟିଂ ଓ ବୋଲିଂ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କ୍ରିକେଟ ଆରମ୍ଭରୁ ରହି ଆସିଛି ।

ଗୋଟିଏ ଦୃଷ୍ଟିରୁ ବ୍ୟାଟିଂ ଅଧିକ ପ୍ରଣିଧାନ ଯୋଗ୍ୟ । ବ୍ୟାଟିଂ କଲାବେଳେ ଗୋଟିଏ ଭୁଲ ହେଲେ ଆଉଟ ହେବା ସୁନିଶ୍ଚିତ । କିନ୍ତୁ ବୋଲର ଓ ଫିଲଡର ମାନେ ଭୁଲ କଲେ ତାହାର ସଂଶୋଧନ କରିବାର ସୁଯୋଗ ଥାଏ ଅଧିକନ୍ତୁ ଶତକ କରିବାରେ ଗୋଟିଏ ସ୍ୱତନ୍ତ୍ର ଗୌରବ ଥାଏ । କିନ୍ତୁ ବୋଲିଂ ଓ ଫିଲଡିଙ୍ଗ କ୍ଷେତ୍ରରେ ଏଭଳି ଗୌରବ ଅର୍ଜନର ସୁଯୋଗ ନଥାଏ । ଖେଳ ଦୃଷ୍ଟିରୁ ୫ଟି ଉଇକେଟ ନେବା ବା ଚାରୋଟି କ୍ୟାଚ ଧରିବା, ଏକ ଚମତ୍କାରପ୍ରଦ କାର୍ଯ୍ୟ ହେଲେହେଁ ଶତକଟିର ସମକକ୍ଷ ହୋଇ ପାରେ ନାହିଁ ।

ସେମାନେ ଯେଉଁ ତାଲିକା ପ୍ରସ୍ତୁତ କରିଛନ୍ତି ତାହା ବିଶେଷ କୌତୁହଳ ପ୍ରଦ । ବିଶିଷ୍ଟ ବ୍ୟାଟସ୍ମ୍ୟାନ ମାନଙ୍କ ଭିତରେ ସେମାନେ ରଖିଛନ୍ତି ଇଂଲଣ୍ଡରୁ ଲେନ୍ ହଟନ, ହର୍ବର୍ଟ ସଟକ୍ଲିଫ୍, ଜ୍ୟାକ୍ ହବସ୍, ଓ୍ୱାଲି ହାମଣ୍ଡ ଡେନିସ୍ କମ୍ପଟନ୍, କଲିନ କାଓଡ୍ରେ, ଟମ୍ ଗ୍ରାଭେନି, ଟେଡ ଡେକ୍ସଟର, କେନ ବାରିଙ୍ଗଟନ୍, ପିଟର ମେ ଓ ଜିଓଫ ବୟକଟ ଏମାନେ ସମସ୍ତେ ବିଶ୍ୱ ବିଖ୍ୟାତ ବ୍ୟାଟସ୍ମ୍ୟାନ । ଅଷ୍ଟ୍ରେଲିଆରୁ ଡନ୍ ବ୍ରାଡମ୍ୟାନ, ବିଲ ପନସ୍ଫୋର୍ଡ, ଆର୍ଥର ମରିସ୍, ନେଲ ହାରଭେ, ଇଆନ ଚାପେଲ ଓ ଗ୍ରେଗ ଚାପେଲ । ୱେଷ୍ଟ ଇଣ୍ଡିଜର ବିଖ୍ୟାତ ବ୍ୟାଟସମ୍ୟାନ ମାନଙ୍କ ଭିତରେ ଅଛନ୍ତି ଏଭରଟନ ଉଇକସ୍ ସିରିଲ ଓ୍ୱାଲକଟ, ଫ୍ରାଙ୍କ ଓରେଲ, ରୋହନ କହ୍ନାଇ, କ୍ଲାଇଭ ଲଏଡ଼ ଓ ଭିଭିଆନ୍ ରିଚାର୍ଡ୍ସ୍ ଅନ୍ୟଦେଶର ଯେଉଁ ବ୍ୟାଟସ୍ମ୍ୟାନ ମାନେ ବିଶ୍ୱ ପ୍ରସିଦ୍ଧି ଲାଭକରିଛନ୍ତି ସେମାନେ ହେଲେ ଗ୍ରେମ ପୋଲକ, ବେରି ରିଚାର୍ଡ୍ସ (ଦକ୍ଷିଣ ଆଫ୍ରିକା) ଗ୍ଲେନ ଟର୍ଣ୍ଣର (ନ୍ୟୁଜିଲ୍ୟାଣ୍ଡ) ଡୁଲିପ୍, ରଣଜୀ ସି. କେ ନାଇଡୁ, ମୁସ୍ତାକ ଅଲ୍ଲୀ, ବିଜୟ ମର୍ଚ୍ଚେଣ୍ଟ ସୁନୀଲ ଗାଭାସ୍କର, ଜି.ଆର ବିଶ୍ୱନାଥ, (ଭାରତ) ହନିଫ ମହମ୍ମଦ ଓ ଜାହିର ଆବାସ (ପାକିସ୍ତାନ)

ଏହି ତାଲିକାରୁ ଯେଉଁମାନେ ବାଦ ପଡ଼ିଲେ ସେମାନଙ୍କ ଭିତରେ ଅଛନ୍ତି ଗାର-ଫିଲ୍ଡ ସୋବରସ୍, କେଥ ମିଲର, ଭିନୁ ମାଙ୍କଡ, ମାଇକ୍ ପ୍ରୋକ୍ଟର, ଇଆନ ବୋଥାମ୍, କପିଲ ଦେବ, ଇମରାନ ଖାଁ ଓ ରିଚାର୍ଡ ହାଡ୍ଲି । ଅବଶ୍ୟ ଏମାନେ ସମସ୍ତେ ଅଲ-ରାଉଣ୍ଡର ପର୍ଯ୍ୟାୟଭୁକ୍ତ ବୋଲି ବୈଷୟିକ ଦୃଷ୍ଟିରୁ କୁହାଯାଇ ପାରେ । ଏସମସ୍ତ ପୃଥିବୀ ପ୍ରସିଦ୍ଧ ବ୍ୟାଟସ୍ମ୍ୟାନ ମାନଙ୍କ ମଧ୍ୟରେ ବ୍ରାଡମାନ ଶ୍ରେଷ୍ଠତମ ଏହା କେହି ଅସ୍ୱୀକାର କରି ପାରିବେ ନାହିଁ ।

ବ୍ରାଡମ୍ୟାନଙ୍କ ବ୍ୟାଟିଂ କୌଶଳ ଭଙ୍ଗୀ ଏପରି ଅଭୂତପୂର୍ବ ଯେ ଅନ୍ୟ ସମସ୍ତ ବ୍ୟାଟସ୍ମ୍ୟାନ ତାଙ୍କ ସମକକ୍ଷ ହେବା ପାଇଁ ଆଶା କରିବାଟା ସେମାନଙ୍କ ପକ୍ଷେ ଆସ୍ପର୍ଦ୍ଧା ହୋଇଯିବ ।

ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ବ୍ୟାଟିଂରେ ତାରତମ୍ୟ ପରିଲକ୍ଷିତ ହେଲେବି ସବୁ ପ୍ରସିଦ୍ଧ ବ୍ୟାଟସ୍ମ୍ୟାନଙ୍କ କେତେକ ସାଧାରଣ ବୈଶିଷ୍ଟ୍ୟ ବା ଗୁଣ ରହିଛି । ବଡ଼ ବ୍ୟାଟସମ୍ୟାନ ହେବାକୁ ହେଲେ ନିଜର କେତେକ ସହଜାତ ଗୁଣ ରହିଥିବା ଆବଶ୍ୟକ ଯେଉଁ ଗୁଣକୁ ସାଧନା ବଳରେ ବିକଶିତ କରିହେବ ।

> କ୍ରିକେଟର ତିନୋଟି ବିଭାଗ— ବ୍ୟାଟିଂ, ବୋଲିଂ ଓ ଫିଲଡିଂ ସମାନ ଗୁରୁତ୍ୱପୂର୍ଣ୍ଣ । କ୍ରିକେଟ ବିଷୟରେ ଜ୍ଞାନ-ଥିବା ଯେ କେହି ବ୍ୟକ୍ତି ଏହା ସ୍ୱୀକାର କରିବ । କିନ୍ତୁ ଦର୍ଶକ, ଗଣ ମାଧ୍ୟମ ଏପରିକି କେତେକ ଖେଳାଳୀ ମଧ୍ୟ ବ୍ୟାଟିଂ ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରନ୍ତି । ବୋଧହୁଏ କେବଳ ଏହି କାରଣ ଯୋଗୁ କ୍ରିକେଟ ଜଗତର ତୁଙ୍ଗ ଖେଳାଳୀ ମାନଙ୍କ ମଧ୍ୟରେ ବ୍ୟାଟସମ୍ୟାନମାନଙ୍କ ସଂଖ୍ୟା ଅଧିକ ଯଦିଓ ତାଙ୍କ ତୁଳନାରେ ବୋଲରମାନେ ଅଧିକ କଠିନ ପରିଶ୍ରମ କରନ୍ତି ।

ଏହି ସହଜାତ ଗୁଣ ଗୁଡ଼ିକ ମଧ୍ୟରେ ପ୍ରଥମ ହେଲା 'ବଲ ସେନସ' ବା ବଲର ଗତି ସମ୍ପର୍କରେ ସହସା ଜାଣି ଗୋଟାଏ ସିଦ୍ଧାନ୍ତ କରି ତାକୁ ସଫଳତାର ସହ ମୁକାବିଲା କରିବା । ଏହା ସହିତ ଆଖିର ଶକ୍ତିକୁ ଅବଶ୍ୟ ସଂଶ୍ଳିଷ୍ଟ କରିବା ଠିକ ନୁହେଁ । ଉତ୍ତମ ଖେଳାଳୀ ମାନେ କିଭଳି ଷ୍ଟ୍ରୋକ୍ ମାରିବାକୁ ହେବ ସେ ବିଷୟରେ ସହସା ନିଷ୍ପତ୍ତି କରି ପାରନ୍ତି । ସମସ୍ତ ନିର୍ଦ୍ଧାରଣ ମଧ୍ୟ ଅନ୍ୟ ଏକ ବିଶେଷ ଗୁଣ । ପୃଥିବୀର ସବୁ ବଡ଼ ଖେଳାଳୀଙ୍କ 'ବଲସେନସ' ଓ ଟାଇମ୍ ଜ୍ଞାନ ସ୍ୱତଃ ସୃଷ୍ଟି ହୋଇଥାଏ ଏବଂ ସେଥିପାଇଁ ସେମାନଙ୍କୁ କୌଣସି ଉଦ୍ୟମ କରିବାକୁ ପଡ଼େ ନାହିଁ ।

ବ୍ୟାଟିଂ ପାଇଁ ଆବଶ୍ୟକ ପରବର୍ତ୍ତୀ ବିଶେଷ ଗୁଣ ହେଉଛି ଖେଳିବା ମନୋଭାବ । ଏହାର ଅର୍ଥ ଯେ କୌଣସି କ୍ରୀଡ଼ା ପରିସ୍ଥିତିକୁ ସ୍ୱାଗତ କରି ଉପରକୁ ଉଠିବାକୁ ଚେଷ୍ଟା କରିବା । ତେବେ କୌଣସି ଖେଳାଳୀଙ୍କ ମନୋଭାବ ବିଷୟରେ ସହସା କିଛି ଗୋଟାଏ ନିଷ୍ପତ୍ତି କରିବା ଠିକ ନୁହେଁ । କାରଣ ଏଥିପାଇଁ ପ୍ରତ୍ୟାଖ୍ୟାତ ହୋଇଥିବା ଖେଳାଳୀ ପରବର୍ତ୍ତୀ

Images: Aptakama Mishra, Processing: Srujanika

ପର୍ଯ୍ୟାୟରେ ମନୋନୟନକାରୀଙ୍କ ନିଷ୍ପତ୍ତି ଭୁଲ ବୋଲି କାର୍ଯ୍ୟକ୍ଷେତ୍ରରେ ପ୍ରତିପାଦିତ କରିଛନ୍ତି । ଭାରତରେ ସେଭଳି ଏକ ଉଦାହରଣ ହେଉଛନ୍ତି ଚେତନ ଚୌହାନ ।

ସଫଳ ବ୍ୟାଟସମ୍ୟାନ ହେବା ନିମନ୍ତେ ସଠିକ୍ କୌଶଳ ଅବଲମ୍ବନ କରିବା ଏକାନ୍ତ ଅପରିହାର୍ଯ୍ୟ ଏବଂ ଏହା କେବଳ କଠିନ ପରିଶ୍ରମ ଓ ତାଲିମ ଦ୍ୱାରା ସମ୍ଭବ । କେତେକ ସହଜରେ ଏହା ହାସଲ କରନ୍ତି ଓ ଅନ୍ୟ କେତେକଙ୍କୁ ଏଥିପାଇଁ ଯଥେଷ୍ଟ ପରିଶ୍ରମ କରିବାକୁ ପଡେ । ସଠିକ୍ କୌଶଳ ଅବଲମ୍ବନ କରିବା ପୂର୍ବରୁ ଅବଶ୍ୟ କିଭଳି ଷ୍ଟ୍ରୋକ ମାରିବାକୁ ହେବ ସେ ବିଷୟରେ ଠିକ୍ ନିଷ୍ପତ୍ତି ନେବା ଅବଶ୍ୟକ । ଏଥିପାଇଁ କେବଳ ତାଲିମ ଯଥେଷ୍ଟ ନୁହେଁ । ଅଭିଜ୍ଞତାକୁ ଭିତ୍ତିକରି ଯାହାକିଛି କରାଯାଇ ପାରେ ।

ଏହା ଛଡ଼ା ଏକାଗ୍ରତା ଅନ୍ୟ ଏକ ଆବଶ୍ୟକତା । ତୀକ୍ଷ୍ଣ ଏକାଗ୍ରତା ନଥାଇ କେହି କେବେ ବଡ଼ ବ୍ୟାଟସମ୍ୟାନ ହୋଇନାହାନ୍ତି । ପ୍ରତ୍ୟେକ ବଲକୁ ସ୍ୱତନ୍ତ୍ର ଭାବେ ବିଚାର କରି ତାର ମୁକାବିଲା କଲେ ଯାଇ ଜଣେ ଭଲ ବ୍ୟାଟସମ୍ୟାନ ହୋଇ ପାରିବ । ରଣଜୀ ଖେଳିଲା ବେଳେ ଏଭଳି ଏକାଗ୍ର ହୋଇଉଠୁଥିଲେ ଯେ ପ୍ରତ୍ୟେକ ବଲର ସିଲାଇକୁ ମଧ୍ୟ ସେ ସ୍ପଷ୍ଟ ଦେଖିପାରୁଥିଲେ । ଗାଭାସ୍କରଙ୍କ ମଧ୍ୟ ଏକାଗ୍ରତା ଅନନ୍ୟ ସାଧାରଣ ଏହି ଏକାଗ୍ରତା ଅଭାବରୁ ବହୁ ଦକ୍ଷ ବ୍ୟାଟସମ୍ୟାନ ନିଜକୁ ପ୍ରଥମ ଶ୍ରେଣୀକୁ ନେଇପାରି ନାହାନ୍ତି । ସେହିଭଳି 'କ୍ରିକେଟ ସେନ୍ସ' ବା ସମୁଚିତ ଧାରଣା ମଧ୍ୟ ବ୍ୟାଟିଂ ପାଇଁ ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ ବିଷୟ । ବିଭିନ୍ନ ପରିସ୍ଥିତିରେ କେଉଁ କେଉଁ କୌଶଳ ଅବଲମ୍ବନ କରିବାକୁ ହେବ ସେ ବିଷୟରେ ନିଷ୍ପତ୍ତି ନେବାର ଦକ୍ଷତା ଥିବା ଆବଶ୍ୟକ । ଏହା ଅଭିଜ୍ଞତା ଶିକ୍ଷାଲବ୍ଧରୁ ହୋଇ ପାରିବ । ଉଦାହରଣ ସ୍ୱରୂପ କେତେବେଳେ ଆକ୍ରମଣାତ୍ମକ ଖେଳ ବା କେତେବେଳେ ପ୍ରତିରକ୍ଷାତ୍ମକ ଖେଳ ଖେଳିବାକୁ ହେବ ସେ ବିଷୟରେ ନିଷ୍ପତ୍ତି ନେବାର ଦକ୍ଷତା ବ୍ୟାଟ୍ସ ମ୍ୟାନ ହାସଲ କରିଥିବେ ।

ସର୍ବୋପରି ବ୍ୟାଟ୍ସମ୍ୟାନ ଖେଳିଲା ବେଳେ ଭାବିବା ଉଚିତ ଯେ ସେ କେବଳ ନିଜ ପାଇଁ ଖେଳୁ ନାହାନ୍ତି, ଖେଳୁଛନ୍ତି ତାଙ୍କ ଦଳ ପାଇଁ । ବହୁ ଭଲଭଲ ଖେଳାଳି ଏହି ମନୋଭାବ ଅଭାବଯୋଗୁ ଅଗ୍ରଗତି କରିପାରି ନାହାନ୍ତି ଏବଂ ବୟକଟଙ୍କ ଭଳି ଦକ୍ଷ ଖେଳାଳୀଙ୍କୁ ମଧ୍ୟ ଏଥିପାଇଁ ବହୁଥର ହଟାଇ ଦିଆଯାଇଛି ।

ଏକ ପରିପୂର୍ଣ୍ଣ ବ୍ୟାଟ୍ସମ୍ୟାନ ହେବାପାଇଁ ଯେଉଁ ବିଶେଷ ଗୁଣ ଗୁଡ଼ିକ ଆବଶ୍ୟକ ତାହା ହେଲା (କ) ବିଶେଷ ତରତର ନ ହୋଇ ସଟ୍ ମାରିବା ଖ) ବଲକୁ ଭଲଭାବରେ ଅନୁଧ୍ୟାନ କରିବା ଏବଂ ବ୍ୟାଟରେ ମାରିବା ପର୍ଯ୍ୟନ୍ତ ତାହାର ପ୍ରଭାବ ସମ୍ପର୍କରେ ସଚେତନ ରହିବା (ଗ) ଆକ୍ରମଣ ମନୋଭାବ ଧାରଣ କରିବା ଯାହା ଫଳରେ ବୋଲରଙ୍କ ଆକ୍ରମଣାତ୍ମକ ଖେଳ ଖେଳିବାର ସୁଯୋଗ ନଥିବ (ଘ) ଫିଲଡର ଏବଂ ସେମାନଙ୍କର ଦକ୍ଷତା ସମ୍ପର୍କରେ ଅତ୍ୟଧିକ ସଚେତନ ହୋଇଥିବ (ଙ) ତୀବ୍ର କ୍ରୀକେଟ ସେନ୍ସ ଥିବ ।

ମୋଟାମୋଟି କହିବାକୁ ଗଲେ ବ୍ୟାଟିଂ କରିବାକୁ ଶାରୀରିକ ଶକ୍ତି କେବଳ ଆବଶ୍ୟକ ନୁହେଁ । ଅସୁର ଭଳି ବଳବାନ ହୋଇ ମଧ୍ୟ ତାକୁ ଠିକ୍ ଯଥାଯଥ ଭାବେ ତାହା ପ୍ରୟୋଗ କରି ନ ଯାଏ ତେବେ ସବୁ ବୃଥା । ତେଣୁ ସଫଳତାର ଚାବିକାଠି ରହିଛି ନିଜର ନିଷ୍ପତ୍ତିରେ ।

କେନ୍ଦ୍ରୀୟ କ୍ରୀଡ଼ା ସାହାଯ୍ୟ

ଓଡ଼ିଶାକୁ ମାତ୍ର ୩.୯୮ ଲକ୍ଷ ଟଙ୍କା ମିଳିଛି

କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟର କ୍ରୀଡ଼ା ପରିଷଦ ମାନଙ୍କୁ ୧୯୮୨-୮୩ ମସିହା ପାଇଁ ଯେଉଁ ଆର୍ଥିକ ସାହାଯ୍ୟ ଦେଇଛନ୍ତି ତା ମଧ୍ୟରୁ ତାମିଲନାଡୁ, ଆସାମ, ଓ ମଣିପୁର ସର୍ବାଧିକ ଟଙ୍କା ପାଇଛନ୍ତି । ଏହା ମଧ୍ୟରୁ ତାମିଲନାଡୁ ୮.୭୭ ଲକ୍ଷ ଟଙ୍କା, ଆସାମ ୭.୪୨ ଲକ୍ଷ ଟଙ୍କା ଏବଂ ମଣିପୁର ୫.୩୦ ଲକ୍ଷ ଟଙ୍କା ପାଇଥିଲା ବେଳେ ଓଡ଼ିଶା ମାତ୍ର ୩.୯୮ ଲକ୍ଷ ଟଙ୍କା ପାଇଛି । ଓଡ଼ିଶା କ୍ରୀଡ଼ା ପରିଷଦ ଏହା ମଧ୍ୟରୁ ଅଢ଼େଇ ଲକ୍ଷ ଟଙ୍କା ସ୍ପୋର୍ଟସ କଂପ୍ଲେକ୍ସ ନିର୍ମାଣ ବାବଦରେ ଖର୍ଚ୍ଚ କରିବେ ଏବଂ ଏହାଛଡ଼ା ପ୍ରାୟ ୮୦ ହଜାର ଟଙ୍କା ଗ୍ରାମାଞ୍ଚଳରେ ଥିବା ୯ଟି କ୍ରୀଡ଼ାଙ୍ଗନର ଉନ୍ନୟନ ବାବଦରେ ଖର୍ଚ୍ଚ କରିବାକୁ ସ୍ଥିର କରିଛନ୍ତି ।

ଜର୍ଜ ହେଡ଼ଲେ

ଶ୍ରୀ ଆର. ଏଲ୍. ସେଠି

ଓ୍ୱେଷ୍ଟ ଇଣ୍ଡିଜ କ୍ରିକେଟ ଜଗତର ଅନ୍ୟତମ ଉଜ୍ଜ୍ୱଳ ଜ୍ୟୋତିଷ୍କ ଜର୍ଜ ହେଡ଼ଲେଙ୍କର ଇତି ମଧ୍ୟରେ ପରଲୋକ ହୋଇଯାଇଛି । ଜାମାଇକାର କାରିବାନ ଦ୍ୱୀପରେ ୭୪ବର୍ଷ ବୟସରେ ଗତ ନଭେମ୍ବର ୩୦ତାରିଖ ଦିନ ତାଙ୍କର ଦେହାନ୍ତ ହେଲା ।

ଓ୍ୱେଷ୍ଟ ଇଣ୍ଡିଜର ବିଶ୍ୱବିଖ୍ୟାତ ବ୍ୟାଟସ୍‌ମ୍ୟାନ ମାନଙ୍କ ମଧ୍ୟରେ ସେ ଥିଲେ ସର୍ବଶ୍ରେଷ୍ଠ ଏବଂ ତାଙ୍କ ପଛକୁ ଥିଲେ ଗେରି ସୋବରସ, ଏଭରଟନ୍ ଓ୍ୱିକ୍ସ, ରୋହାନ କହ୍ନାଇ, କ୍ଲାଇଡ଼ ଓ୍ୱାଲକଟ ଓ ଭିଭିଆନ ରିଚାର୍ଡ । ତାଙ୍କ ଜୀବଦ୍ଦଶାରେ ହେଡଲିଙ୍କୁ ସମସ୍ତେ ସ୍ନେହରେ 'ବ୍ଲାକ ବ୍ରାଡ଼ମ୍ୟାନ' ବୋଲି ସମ୍ବୋଧନ କରୁଥିଲେ ଏବଂ ଓ୍ୱେଷ୍ଟଇଣ୍ଡିଜ ପାଇଁ ସେ ଥିଲେ ସର୍ବଶ୍ରେଷ୍ଠ ରନ୍‌ସଂଗ୍ରହ କାରୀ ।

ବ୍ୟାଟସ୍ ମ୍ୟାନ ରୂପେ ତାଙ୍କର ସ୍ଥାନ ଡନ ବ୍ରାଡ଼ମାନଙ୍କ ତଳକୁ । ମାତ୍ର ୧୯ ବର୍ଷ ବୟସ ବେଳୁ ତାଙ୍କର କ୍ରିକେଟ ଜୀବନ ଆରମ୍ଭ ହୋଇ ଥିଲା । ୧୯୨୯ ମସିହାରେ ଇଂଲଣ୍ଡ ଓ ଓ୍ୱେଷ୍ଟ-ଇଣ୍ଡିଜ ମଧ୍ୟରେ ହୋଇଥିବା ଏକ ଟେଷ୍ଟ କ୍ରିକେଟ ଦ୍ୱିତୀୟ ଇନିଂସ ଖେଳରେ ହେଡଲେ ୧୭୬ ରନ କରି ଓ୍ୱେଷ୍ଟ ଇଣ୍ଡୀଜ ପକ୍ଷରୁ ପ୍ରଥମ ଥର ପାଇଁ ଶତକ ଲାଭ କରିଥିଲେ ।

ଜର୍ଜ ହେଡଲେ ୪୪ବର୍ଷ ବୟସରେ ୧୯୫୩-୫୪ ମସିହାରେ କିଙ୍ଗଷ୍ଟନ୍ ଠାରେ ଇଂଲଣ୍ଡ ବିରୁଦ୍ଧରେ ଶେଷ ଟେଷ୍ଟ ମ୍ୟାଚ୍‌ରେ ଅଂଶ ଗ୍ରହଣ କରି କ୍ରିକେଟ ଜଗତରୁ ଅବ୍ୟାହତି ନେଇ ଜାମାଇକା ସରକାରଙ୍କ ଦ୍ୱାରା କୋଚ ରୂପେ ନିଯୁକ୍ତି ପାଇଥିଲେ ।

ଆସନ୍ତା ସପ୍ତାହର ଖେଳ

ଜାନୁୟାରୀ—୧

ନ୍ୟାସନାଲ ସିନିଅର ଭଲିବଲ ପ୍ରତିଯୋଗିତା—ସ୍ଥାନ—ଗୁଣ୍ଟୁର

ଜାନୁୟାରୀ ୫ରୁ ୭ ତାରିଖ

ଏସିଆନ ଲେଡିଜ୍ ଏବଂ ଜୁନିଅରସ ସୁଟିଂ ଚାମ୍ପିଆନସିପ୍ ଏବଂ ମାଟି ପାରି ସୁଟିଂ ପ୍ରତିଯୋଗୀତା — ସ୍ଥାନ —ନୂଆ ଦିଲ୍ଲୀ ।

—୦—

Images: Aptakama Mishra, Processing: Srujanika

ଖାରବେଳ

ଜି କାହାଘରକାଲି
ଛୁଆଁପଶ

ଲୋକସଭା ପାଇଁ
ମଧ୍ୟବର୍ତ୍ତୀ
ଚନ ସମ୍ଭାବନା
ନାହିଁ ?

Images: Aptakama Mishra, Processing: Srujanika

ହୀରାଖଣ୍ଡ

ସାପ୍ତାହିକ ଖାରବେଳ

ସମ୍ପାଦନା—ଶ୍ରୀ ରମାକାନ୍ତ ମିଶ୍ର

ପ୍ରକାଶକ-ଭିକ୍ଟର ପବ୍ଲିକେଶନସ୍

ପ୍ରଜ୍ଞା ପ୍ରିଣ୍ଟର୍ସ, ଖାନନଗର, କଟକ

ଓଡ଼ିଆରେ ସାହିତ୍ୟ, ସଂସ୍କୃତି ଭାବକେନ୍ଦ୍ର ପତ୍ରିକାର ପ୍ରାବଲ୍ୟ ଥିଲେହେଁ ଇଂରାଜୀରେ 'ସନଡ଼େ' ଭଳି ଏକ ସର୍ବ ବିଷୟ ସମ୍ପନ୍ନ ଓଡ଼ିଆ ସାପ୍ତାହିକର ଅଭାବ ରହିଥିଲା । ତାହା ପୂରଣ ଦିଗରେ ସାପ୍ତାହିକ 'ଖାରବେଳ' ଏକ ଅଭିନନ୍ଦନୀୟ ପଦକ୍ଷେପ ।

ଗତ ପହିଲା ତାରିଖ ଦିନ ନବବର୍ଷ ଉତ୍ସବ ଅବସରରେ କଟକରୁ ଶ୍ରୀ ରମାକାନ୍ତ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ ପତ୍ରିକାର ପ୍ରଥମ ସଂଖ୍ୟାରେ ଆବରଣ କଥା 'ଈଶାବୃତ'-ଯୀଶୁ-ଖ୍ରୀଷ୍ଟଙ୍କ ଅଜ୍ଞାତ ଜୀବନ, ଯୀଶୁଖ୍ରୀଷ୍ଟଙ୍କ ପୁଣି ଆଗମନ ସେଠାରେ ହରିଜନ ସେବା, ସଂସ୍କୃତ ଶିକ୍ଷା, ବୌଦ୍ଧଧର୍ମ ଶିକ୍ଷା ପାଇଁ ପାଲି ଭାଷା ଅଧ୍ୟୟନ, କ୍ରୁଶବିଦ୍ଧ ହୋଇ ନ ମରିବା ଓ ପରେ ଉଜ୍ଜୀବିତ ହୋଇ ଭଲ ହେବା, କାଶ୍ମୀରରେ ଯୀଶୁଙ୍କ କବର ସ୍ଥାନ ଆଦି ବହୁ ନୂତନ ତଥ୍ୟ ପ୍ରକାଶ ପାଇଛି ।

ଏତଦ୍ଭିନ୍ନ ଟି.ଭି ଆର୍ଣ୍ଣନା ରୂପେ ନଡ଼ିଆ ଗଛର ବ୍ୟବହାର ବଡ଼ଲୋକଙ୍କୁ ଜାଣି ନାହିଁ ପ୍ରାକୃତିକ ପରିବେଶ, ସ୍ୱଗୋଷ୍ଠ ବିବାହ ଦ୍ୱାରା ମ୍ୟାଲେରିଆର ପ୍ରସାର, ଟିସୁକଲଚର ମାଧ୍ୟମରେ ସବୁଜ ବିପ୍ଳବ, ଡାହାଣୀ ଲାଗେ କି ? ସାଧାରଣ ଶର୍ଦ୍ଦି, କାଶ ଓ ଜ୍ୱର ରୋଗର ଏଲୋପାଥି, ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସା, ତୁଳସୀ ଗଛର ଉପକାରୀ ପ୍ରଭାବ, ଚଳଚିତ୍ର ଜଗତ ପର୍ଯ୍ୟଟନ କେନ୍ଦ୍ର ଗୋଆ, ରାଶିଫଳ, କ୍ରୀଡ଼ା ଜଗତ, ହସ କଥା, ଜାଣିବା କଥା, ପ୍ରତିରକ୍ଷା ଓ ପ୍ଲାଷ୍ଟିକ, ଜାଣନ୍ କାର୍ଟୁନ୍ ଆଦି ଲେଖା ସାଙ୍ଗକୁ ଆଗାମୀ ସଂଖ୍ୟାରୁ ଶତ ଶୃଙ୍ଗାରର ଘୋଷଣା ପତ୍ରିକାକୁ ସବୁ ଦିଗରୁ ଆକର୍ଷଣୀୟ କରି ତୋଳି ପାରିଛି ।

ଏଭଳି ଏକ ସର୍ବଦିଗ ସୂଚନା ଧର୍ମୀ ବ୍ୟାପମୂଳ ସାପ୍ତାହିକର ଆମେ ବହୁଳ ପ୍ରସାର କାମନା କରୁ ।

ତା ୨୫ । ୧ । ୧୯୮୪

Images: Aptakama Mishra, Processing: Srujanika

ଖାରବେଳ

୨ୟ ସଂଖ୍ୟା
ଫେବୃୟାରୀ-୧୯୮୪

ମୁଖ୍ୟସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-753012

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ ।

ମୂଲ୍ୟ ଟ୩-୦୦

ବଙ୍ଗର ପଣ୍ଡମାନେ ସ୍ୱାଧୀନ କି ? ୩
ରମାକାନ୍ତ ମିଶ୍ର
କୋଡ଼ିଏ ବର୍ଷରେ ବୁଢ଼ୀ ୫
କୁସୁମ ମିଶ୍ର
ଫ୍ଲାସ୍ ଗର୍ଡ଼ନ୍ ୬
ପତା ହେଲେବି ଗୁଣତାର ଅତି ମିଠା ୭
ପ୍ରଫେସର ଡ଼: କମଳକୁମାରୀ ପଟ୍ଟନାୟକ
ଗାଜରର କ୍ୟାନସର ଉପଶମ ଶକ୍ତି ୯
ହସ ଓ ଦୀର୍ଘଜୀବୀ ହୁଅ ୧୭
ଶ୍ରୀ କମଳ ଓ ଶ୍ରୀ ସାମନ୍ତ
ସୁନ୍ଦରଗଡ଼ ଜିଲ୍ଲାରେ ରାଜନୈତିକ ହତ୍ୟାକାଣ୍ଡ ୧୧
ମୁରଲୀଧର ପରିଜା ।
ଶିକ୍ଷିତ ରାଜକିଶୋର ଆତ୍ମହତ୍ୟାକଲେ କାହିଁକି ? ୧୨
ଶ୍ରୀ ବନବିହାରୀ ମହାନ୍ତି
ଡେଣା ଲଗା ବାଣିଜ୍ୟ ତରୀ ୧୫
ପୁଷ୍ଟିକର ଖାଦ୍ୟପାଇଁ ବ୍ୟାକେଟେରିଆର ଉପଯୋଗ ୧୫
କି-ସୁଧାକର ନାୟାର
ସାଧାରଣ ରୋଗ—ହାଡ଼ଫୁଟି ମିଳିମିଳା ୧୭
ଡାକ୍ତର ଗୋପାଳଚନ୍ଦ୍ର କର, ଡାକ୍ତର ... ଓ
କବିରାଜ ବିରଜାଶଙ୍କର ଆଚାର୍ଯ୍ୟ
ଜିଲ୍ଲିପିରୁ ଜେଲ—ସବୁ ମୂଳରେ କ୍ୟାନସର ୧୮
ଆଜି କାହାଘର କାଲି ଛାଡ଼ପତ୍ର ୧୯
ଅରିଜିତ୍ ପଶାୟତ
ଫାଣ୍ଟମ୍ ୨ ୨୨
ଲୋକସଭା ପାଇଁ ମଧ୍ୟବର୍ତ୍ତୀ ନିର୍ବାଚନର ସମ୍ଭାବନା ନାହିଁ ? ୨୩
ସ୍ନାନ—ଉନ୍ନତ ଲୁବକ୍ଷାର ୨୪
ଜାତୀୟ ସମୃଦ୍ଧିରେ ନୌଶକ୍ତିର ଅବଦାନ ୨୬
ଭାଇସ୍ ଆଡ଼ମିରାଲ ଏସ୍: କେ: ଚାଟୁ
ସାଧୁ ମେହେର ଓ ଅଭିଳାଷ ୨୭
ବିନୋଦ ନନ୍ଦ
ରାଶିଫଳ ୨୮
ଆଚାର୍ଯ୍ୟ ବିଭୂତି ଭୂଷଣ
ରନ୍ଧନ—ନକଲି ବନାମ ଅସଲି ୩୦
ଅଳ୍ପ ଖର୍ଚ୍ଚରେ ବାସଗୃହ ନିର୍ମାଣ ୩୧
ଜ: ସି: ମାଥୁର
ଗୋଟିଏ ପକ୍ଷୀର ମୂଲ୍ୟ ଦଶଲକ୍ଷ ଟଙ୍କା ୩୨
ଲୁଗଲ କ୍ରେଡ଼ିଟରେ ୧୪ କୋଟି ଟଙ୍କା ଦେଇ ଦିଅ ? ୩୩
ଶ୍ରୀ ଅମ୍ବିକା ପ୍ରସାଦ କାନୁନଗୋ
ରେଖା-ଅନନ୍ତ ପାଇ ୩୪
ମହାଭାରତର ଦ୍ୱାରକା—ଏକ ଐତିହାସିକ ସତ୍ୟ ୩୬
ପ୍ରଫେସର ଏସ୍: ଆର: ରାଓ
ଅମର ଚିତ୍ର କଥା (କୌତୁକ କାହାଣୀ) ୪୦
ଶବ ଶଙ୍କର—୨ ୪୨
ନିରଞ୍ଜନ ବେହେରା
ହଜର କ୍ରମ ବିକାଶ ୪୭
ସୁହାସ ଆଗାସେ

Images: Aptakama Mishra, Processing: Srujanika

ପାଠକଙ୍କ ମତାମତ

ପ୍ରିୟ ରମାକାନ୍ତ ବାବୁ,

ନମସ୍ତେ

ନବବର୍ଷର ଶୁଭେଚ୍ଛା ନେବେ । ଆପଣଙ୍କ 'ଖାରବେଳ' ପତ୍ରିକାଟି ପାଇଲି । ଧନ୍ୟବାଦ ।

ବର୍ତ୍ତମାନର ଅବସ୍ଥାରେ ଓଡ଼ିଶାରୁ ଏହିପରି ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇବାର ଖୁବ୍ ପ୍ରୟୋଜନତା ଥିଲା । ଆପଣ ଏ ଦିଗରେ ଏକ ଦୁଃସାହସିକ ପଦକ୍ଷେପ ନେଇଥିବା ଖୁବ୍ ଆନନ୍ଦର ବିଷୟ । ଏହି ପତ୍ରିକାକୁ କେନ୍ଦ୍ର କରି ଗୋଟିଏ ଉତ୍ସାହୀ ସାମ୍ବାଦିକ—ଲେଖକ ଗୋଷ୍ଠୀ ଗଢ଼ି ଉଠିଲେ ତାହା ବହୁଦିଗରୁ ବାଞ୍ଛନୀୟ ହେବ । ସାପ୍ତାହିକ ପତ୍ରିକା ପାଇଁ ନିୟମିତ ଲେଖା ପାଇବାତ ଏକ ସମସ୍ୟା ।

ଆପଣଙ୍କୁ ଚିଠି ଲେଖିବାକୁ ଯାଇ ଦେଖିଲି ପତ୍ରିକାର ନିର୍ଦ୍ଦିଷ୍ଟ ଠିକଣା ସାରା ପତ୍ରିକାଟିରେ କେଉଁଠି ନାହିଁ । ଏହିପରି ତ୍ରୁଟି ସାମାନ୍ୟ ହେଲେ ମଧ୍ୟ, ମୂଳରୁ ଏ ପ୍ରକାର ଶିଥିଳତାକୁ ପ୍ରଶ୍ରୟ ନ ନେବା ଉଚିତ ।—

ଆଜିକାଲି ଲୋକଙ୍କ ଭିତରେ ଆଧ୍ୟାତ୍ମିକତା ସମ୍ପର୍କରେ ଜାଣିବା ପାଇଁ ଖୁବ୍ ଆଗ୍ରହ ରହିଛି । ସେଥିପାଇଁ ଏକ ନିୟମିତ ବିଭାଗ ରଖିଲେ ଭଲହେବ ।

—ବିଶ୍ୱମ୍ଭର ସାମନ୍ତ
ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀ ଅରବିନ୍ଦ ଆଶ୍ରମ ପଣ୍ଡିଚେରୀ

□ □

ବରେଣ୍ୟ ରମାକାନ୍ତ ବାବୁ,

ସଶ୍ରଦ୍ଧ ସମ୍ମାନ । ବହୁ ଆକାଂକ୍ଷିତ ଖାରବେଳ ପାଇଲି । ନିଜେ ପଢ଼ିବା ପୂର୍ବରୁ କେତେଜଣଙ୍କୁ ପଢାଇଲି ମତାମତ ଦେବା ପାଇଁ । ପତ୍ରିକାଟିର ମୂଲ୍ୟ ଅଧିକ ହୋଇଗଲା ବୋଲି ସଭିଏଁ ମତ ବ୍ୟକ୍ତ କରୁଛନ୍ତି । ମାତ୍ର ଏହାର ଗୁଣାତ୍ମକ ଉପାଦେୟତା ସମ୍ବନ୍ଧରେ ସମସ୍ତେ ମୁକ୍ତକଣ୍ଠ । ବ୍ୟବସାୟିକ ଦୃଷ୍ଟିକୋଣ ନେଇ ଆପଣ ପତ୍ରିକାଟିର ମୂଲ୍ୟାଙ୍କନ କରିଛନ୍ତି । ସେହି ଦୃଷ୍ଟିରୁ କିଛି ପୃଷ୍ଠା ରଙ୍ଗୀନ କରିବା ଉଚିତ ବୋଲି ସେମାନଙ୍କ ମତ ।

ଏ ସଂଖ୍ୟାରେ ମୁଦ୍ରଣ ପ୍ରମାଦ ଅନେକ ରହିଗଲା । ଆକ୍ଷରିକ ପ୍ରମାଦକୁ ପାଠକ ଗୁରୁତ୍ୱ ଦେଇ ନପାରନ୍ତି, ମାତ୍ର ସଂଖ୍ୟାଗତ ପ୍ରମାଦ (ଖ୍ରୀଷ୍ଟାବ୍ଦ, ଅନ୍ୟାନ୍ୟ ସଂଖ୍ୟା ପ୍ରଭୃତି) ପାଠକଙ୍କୁ ବିଭ୍ରାନ୍ତ କରିବ । ମୋର ଅନୁରୋଧ ଆପଣ ପରବର୍ତ୍ତୀ ସଂଖ୍ୟା ମାନଙ୍କରେ ଏ ଦିଗରେ ଯଥେଷ୍ଟ ଧ୍ୟାନ ଦେବେ ।

ଅନ୍ୟାନ୍ୟ ସାପ୍ତାହିକ ଓ ମାସିକ ଇଂରାଜୀ ଓ ହିନ୍ଦୀ ପତ୍ରିକା ପରି ଏହାର କଭର ଉପରେ ପତ୍ରିକାର କ୍ରମିକ ସଂଖ୍ୟା, ତାରିଖ ଓ ମୂଲ୍ୟ ଦିଆଗଲେ ମୋ ମତରେ ସୁନ୍ଦର ହୁଅନ୍ତା । ପ୍ରଚ୍ଛଦ ପଟକୁ ଅଧିକ ଉଜ୍ଜ୍ୱଳ ରଙ୍ଗିନ କରିବା ପାଇଁ ଅନୁରୋଧ ରହିଲା ।

ପ୍ରାଥମିକ ପ୍ରଚେଷ୍ଟାରେ ଓଡ଼ିଆ ସାପ୍ତାହିକୀ ଖାରବେଳ ନିଶ୍ଚିତ ଆକର୍ଷଣୀୟ । ଏହାକୁ ଅଧିକ ଆକର୍ଷଣୀୟ ଓ ଉପଯୋଗୀ କରିବାକୁ ସମୟ ଲାଗିବ । ଏହା ଓଡ଼ିଆ ପାଠକ ଗୋଷ୍ଠୀ ଭିତରେ ନୂତନ ଚିନ୍ତାର ଉନ୍ମେଷ ଦେଇଛି ।

ଆପଣଙ୍କ ଲେଖା ଈଶା ବୁଦ୍ଧ ପଢ଼ିବାପରେ ମୋର ଭାବାନ୍ତର ଉପସ୍ଥିତ ହୋଇଛି । ଅନେକ ଦିନ ତଳେ ସମ୍ବାଦ ପତ୍ରରେ ପଢ଼ିଥିଲି ଯୀଶୁଖ୍ରୀଷ୍ଟଙ୍କର ଭାରତ ଭ୍ରମଣ ତଥା ପୁରୀ ଆଗମନ କଥା । ସେ ସମ୍ବାଦପତ୍ର ଉପରେ କଟକ ମିଶନାରୀ ଗୋଷ୍ଠୀର କେତେଜଣଙ୍କ ପ୍ରତିବାଦ ମଧ୍ୟ ସମ୍ବାଦ ପତ୍ରରେ ବାହାରି ଥିଲା ବୋଲି ମୋର ମନେ ଅଛି । ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ ଓ କପୋଳ କଳ୍ପିତ ବୋଲି ମୋର ଧାରଣା । କିନ୍ତୁ ଆପଣଙ୍କ ପ୍ରବନ୍ଧ ପଢ଼ିବା ପରେ ସେ ଧାରଣା ବଦଳିଗଲା । ସତରେ ଯଦି ଈଶା-ବୁଦ୍ଧଙ୍କର ପୁରୀଧାମ ଆସିବା କଥା ଗବେଷଣା-ଦ୍ୱାରା ପ୍ରମାଣିତ ହୋଇଯାଏ, ତେବେ ଆମ ଓଡ଼ିଶାର ଇତିହାସ ସମ୍ପୂର୍ଣ୍ଣ ଭିନ୍ନରୂପ ନେବ । କାରଣ ଆମେ ଜାଣିଛୁ ଖାରବେଳଙ୍କ ପରେ ଭୌମ ଏବଂ ତାପରେ କେଶରୀ ବଂଶ ରାଜୁତି କରୁଥିଲେ । ଏହାପରେ ଗଙ୍ଗ ବଂଶର ଶାସନ କାଳରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା । ଏହା ନିଶ୍ଚିତ ଭାବରେ ପ୍ରଥମ ଶତାବ୍ଦୀର ପରବର୍ତ୍ତୀ ଘଟଣା । କିନ୍ତୁ ଈଶା ବୁଦ୍ଧ ପ୍ରବନ୍ଧ ଦ୍ୱାରା ପ୍ରମାଣିତ ହେଉଛି ଯୀଶୁଙ୍କ ଜନ୍ମ ପୂର୍ବରୁ ପୁରୀ ଜଗନ୍ନାଥଙ୍କ ଖ୍ୟାତି କେବଳ ଭାରତ ନୁହେଁ, ଭାରତ ବାହାରେ, ପାଶ୍ଚାତ୍ୟରେ ମଧ୍ୟ ବ୍ୟାପି ଥିଲା । ନଚେତ ଯୀଶୁ ୧୦।୧୩ ବର୍ଷ ବୟସରେ ସେଠାକୁ ଆସିଲେ କିପରି ? ମୋର ଅନୁରୋଧ ଆପଣ ଏହା ଉପରେ ଅଧିକ ଆଲୋକ ପାତ କରି ଓଡ଼ିଶାର ଗୌରବୋଜ୍ଜ୍ୱଳ ଅତୀତକୁ ଉଦ୍‌ଘାଟନ କରିବାରେ ଅଧିକ ଯତ୍ନବାନ ହେବେ ।

ଆପଣଙ୍କ ସ୍ନେହୀ
ନିରଞ୍ଜନ ବେହେରା
ନଛିପୁରଆ-757028

□ □

ମହାଶୟ,

ଆପଣଙ୍କ ପ୍ରେରିତ "ଖାରବେଳ" ପାଇଁ ଅଶେଷ ଧନ୍ୟବାଦ । ପତ୍ରିକାର କାଗଜ, ବନ୍ଧେଇ ଓ କଳେବର ପ୍ରତି, ଦୃଷ୍ଟି ଦେଲେ ବୋଧହୁଏ ଭଲ ହୁଅନ୍ତା ।

ନବ ବର୍ଷର ଶୁଭେଚ୍ଛା ସହ ପତ୍ରିକାର ଉନ୍ନତି କାମନା କରେ ।

ଆପଣଙ୍କର ସୌଜନ୍ୟମୁଗ୍ଧ
ରବି ଦାସ,
ପ୍ରତୀକ୍ଷା, ଗୃଉଳଆଗଞ୍ଜ କଟକ

□ □

ଭାରତରେ ବାଘ ଗଣାଯାଏ କିପରି ?

ଚଳିତ ବର୍ଷ ଏପ୍ରିଲ ୧୬ ରୁ ୨୩ ତାରିଖ ମଧ୍ୟରେ ଦେଶର ବ୍ୟାଘ୍ର ସଂଖ୍ୟା ଗଣନା କରାଯିବ । ଗତ ବ୍ୟାଘ୍ର ଗଣନା କାର୍ଯ୍ୟ ୧୯୭୯ ମସିହାରେ ଅନୁଷ୍ଠିତ ହୋଇଥିଲା । ଏହି ଗଣନାରୁ ଦେଶରେ ମୋଟ ୩୦୧୫ ଟି ବାଘ ଥିଲେ ବୋଲି ଜଣାଯାଇଥିଲା । କିନ୍ତୁ ଏ ସଂପର୍କୀୟ ପ୍ରଥମ ଗଣନା ୧୯୭୨ ମସିହାରେହିଁ ଆରମ୍ଭ ହୋଇଥିଲା । ସେତେବେଳେ ମାତ୍ର ୧୮୨୭ ଟି ବାଘ ଦେଶରେ ଥିଲେ । ସରକାରଙ୍କ ପକ୍ଷରୁ ବ୍ୟାଘ୍ର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପମାନ ନିଆଯିବା ଫଳରେ ମାତ୍ର ସାତ ବର୍ଷ ଭିତରେ ଏ ଦିଗରେ ବିଶେଷ ସଫଳତା ହାସଲ କରାଯାଇ ପାରିଛି ।

ଉପରୋକ୍ତ ବ୍ୟାଘ୍ର ଗଣନା ଲାଗି ୪୦ ଜଣ ପଦସ୍ଥ ଜଙ୍ଗଲ ବିଭାଗ ଅଫିସରଙ୍କର ଏକ ବୈଠକ ଉତ୍ତରପ୍ରଦେଶର ଜିମ୍ କର୍ବେଟ ଜାତୀୟ ପାର୍କରେ ଅନୁଷ୍ଠିତ ହୋଇଥିଲା । ସେମାନେ ଅନ୍ୟାନ୍ୟ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ ଏ ସଂପର୍କରେ ତାଲିମ ଦେବେ । ଗୋଟିଏ ବାଘର ଖୋଜ ଅନ୍ୟ ବାଘର ପାଦ ଚିହ୍ନଠାରୁ ପୃଥକ । ଏହି ପାଦ ଚିହ୍ନକୁ ସ୍ୱତନ୍ତ୍ର କାଚ ପ୍ଲେଟ ଜରିଆରେହିଁ ଚିହ୍ନଟ କରାଯାଇଥାଏ । □

Images: Aptakama Mishra, Processing: Srujanika

ବିଚାରପତିମାନେ ସ୍ୱାଧୀନ କି ?

ବିଚାରପତିମାନଙ୍କୁ ସମ୍ବିଧାନରେ ଅବାଧ ସ୍ୱାଧୀନତା ଦିଆଯାଇଥିଲେ ମଧ୍ୟ ବିଚାର ବିଭାଗ ସହିତ ପ୍ରଶାସନର ଯେତେବେଳେ ମୁକାବିଲା ହୋଇଛି ବିଚାର ବିଭାଗ ପ୍ରଶାସନର ଅଧୀନତା ସ୍ୱୀକାର କରିଛି । ସ୍ଥଳ ବିଶେଷରେ ଅନମନୀୟ ବିଚାରପତିମାନଙ୍କୁ ଶାସନ ପକ୍ଷରୁ ବିଭିନ୍ନ ଉପାୟରେ ନିୟନ୍ତ୍ରଣ କରିବାକୁ ଉଦ୍ୟମ ହୋଇଛି । ଏହି ଉଦ୍ୟମମାନଙ୍କ ମଧ୍ୟରୁ ବିଚାର-ପତିମାନଙ୍କ ନିର୍ବିଚାର ବଦଳି ଅନ୍ୟତମ । ଏହାଛଡ଼ା ଅବସର ଗ୍ରହଣ ପରେ ବିଭିନ୍ନ କମିଶନ ଓ ଉଚ୍ଚ ପଦପଦବୀରେ ବିଚାରପତିମାନଙ୍କ ନିଯୁକ୍ତିର ସମ୍ଭାବନାକୁ ମଧ୍ୟ ପ୍ରଶାସନ ଅଙ୍କୁଶ ଭାବେ ବ୍ୟବହାର କରିଥାଏ । ଫଳରେ ତାତ୍ତ୍ୱିକ

ରମାକାନ୍ତ ମିଶ୍ର

ଦୃଷ୍ଟିରୁ ସ୍ୱାଧୀନ ବିଚାରପତିମାନେ ପାର୍ଥିବ ଦୃଷ୍ଟିରୁ ପ୍ରଶାସନର କ୍ରୀଡ଼ନକ ହୋଇପଡ଼ନ୍ତି । ଏହିଭଳି ଭାବେ ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କରାଯିବା ପ୍ରଣାଳୀ ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେବା ସତ୍ତ୍ୱେ ପ୍ରଶାସନ ଉପରେ ବିଶେଷ କିଛି ପ୍ରଭାବ ପଡ଼ିଥିଲା ଭଳି ମନେ ହେଉନାହିଁ । ବିଚାରପତିମାନଙ୍କୁ ନମ୍ର କରିବାର ଦୃଢ଼ ଅଙ୍କୁଶ ରୂପେ ସେମାନଙ୍କର ନିଯୁକ୍ତି ଓ ବଦଳିକୁ ସବୁ ସରକାର ସବୁ ସମୟରେ ବ୍ୟବହାର କରି ଆସିଛନ୍ତି । ବିଚାରପତିମାନଙ୍କ ବଦଳି ପ୍ରସଙ୍ଗରେ ଯେଉଁସବୁ ବିଚାର ବିମର୍ଷ ହୋଇଛି ତାହା ଏହି ଦୃଷ୍ଟିକୋଣରୁ ବିଶେଷ ଭାବେ ପ୍ରଣିଧାନଯୋଗ୍ୟ ।

ଆମ ଦେଶରେ ୧୯୫୦ ମସିହାରୁ ୧୯୭୫ ମସିହା ଭିତରେ ୨୫ ଜଣ ହାଇକୋର୍ଟ ଜଜଙ୍କୁ ବିଭିନ୍ନ ପ୍ରଦେଶର ହାଇକୋର୍ଟକୁ ବଦଳି କରା-ଯାଇଥିଲା । ଅବଶ୍ୟ ସେତେବେଳେ ବଦଳି ପୂର୍ବରୁ ସମ୍ପୃକ୍ତ ବିଚାରପତିମାନଙ୍କ ସମ୍ମତି ନିଆ-ଯାଉଥିଲା ଯାହାକି ଏବେ କରାଯାଉ ନାହିଁ । ଏପରିକି ବୃହତ୍ତର ବମ୍ବେ ପ୍ରଦେଶ ମହାରାଷ୍ଟ୍ର ଓ ଗୁଜୁରାଟ ଏହି ଦୁଇ ରାଜ୍ୟରେ ପରିଣତ ହେଲାବେଳେ ମଧ୍ୟ ପୂର୍ବରୁ ସମ୍ମତି ପ୍ରଦାନ କରିଥିବା ବିଚାରପତିମାନଙ୍କୁହିଁ ନବଗଠିତ ଗୁଜୁରାଟ ହାଇକୋର୍ଟରେ ବିଚାରପତି ରୂପେ ନିଯୁକ୍ତ କରାଯାଇଥିଲା । କିନ୍ତୁ ଏ ପରମ୍ପରାର ବ୍ୟତିକ୍ରମ ଆରମ୍ଭ ହେଲା ୧୯୫୫ ମସିହାରେ ଗଠିତ ରାଜ୍ୟ ପୁନର୍ଗଠନ କମିଶନଙ୍କ ପକ୍ଷରୁ ହାଇକୋର୍ଟ ବିଚାରପତି ମାନଙ୍କ ବଦଳି ସମ୍ପର୍କରେ ପ୍ରଦତ୍ତ ଏକ ପ୍ରସ୍ତାବକୁ ଭିତ୍ତିକରି । କମିଶନ ତାଙ୍କ ପ୍ରସ୍ତାବରେ ମତ ଦେଇ କହି-ଥିଲେକି (ରିପୋର୍ଟର ୮୭୧ ପାରା) ରାଜ୍ୟର ମୁଖ୍ୟ ଅଙ୍ଗ ରୂପେ ପରିଗଣିତ ବିଚାର ବିଭାଗ ଉପରେ ଲୋକଙ୍କ ବିଶ୍ୱାସ ସୃଷ୍ଟି କରି ଆଞ୍ଚଳିକ ମନୋଭାବକୁ ଦମନ କରିବା ନିମନ୍ତେ ଅନ୍ତତଃ ହାଇକୋର୍ଟ ମାନଙ୍କର ଏକ ତୃତୀୟାଂଶ ବିଚାର-ପତିଙ୍କୁ ରାଜ୍ୟ ବାହାରୁ ନିଯୁକ୍ତ ଦିଆଯିବା ବିଧେୟ । ସିଭିଲ ସର୍ଭିସକୁ ଯେପରି ସମଗ୍ର ଦେଶରୁ ଯୁବକମାନଙ୍କୁ ବଛାଯାଉଛି ଆମ ପରାମର୍ଶ ଅନୁଯାୟୀ ଉଚ୍ଚତର ନ୍ୟାୟାଳୟକୁ ମଧ୍ୟ ବୃହତ୍ତର କ୍ଷେତ୍ରରୁ ବିଚାରପତି ମାନଙ୍କୁ ବାଛିବାର ପଥ ପ୍ରଶସ୍ତ ହୋଇପାରିବ ।

ସାରତରେ ବିଚାର ବିଭାଗର ଅଖଣ୍ଡ ସ୍ୱାଧୀନତା ରହିଛି ବୋଲି ପାଠ୍ୟପୁସ୍ତକ ଜରିଆରେ ପିଲାମାନଙ୍କୁ ସ୍କୁଲରୁ ଶିଖା-ଯାଇଥାଏ ଏବଂ ସାଧାରଣ ଚର୍ଚ୍ଚାରେ ମଧ୍ୟ ଏହି କଥା ଜନସାଧାରଣଙ୍କ ସାଧାରଣ ରାଜନୈତିକ କର୍ମୀଙ୍କଠାରୁ ଆରମ୍ଭ କରି ରାଜନୀତି ବିଶାରଦମାନେ ଏହି କଥା ବୁଝାଇଥାନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ବିଚାରପତିମାନେ ପ୍ରଶାସନର କର୍ତ୍ତୃତ୍ୱରୁ ମୁକ୍ତ କି ? ଏହା ଏକ ବହୁଳ ଚର୍ଚ୍ଚିତ ଓ ବିବାଦୀୟ ବିଷୟ । ଏଥିରେ ବଦଳି ରୂପକ ଅଙ୍କୁଶ ପ୍ରୟୋଗ କରାଯାଇ ବିଚାର-ପତିମାନଙ୍କ ସ୍ୱାଧୀନତା କିପରି କ୍ଷୁର୍ଣ୍ଣ କରାଯାଉଛି ତାହା ଆଲୋଚିତ ହୋଇଛି ।

୧୯୫୭ ମସିହାରେ ଶ୍ରୀ ଏମ୍. ସି. ଶୀତଲବାଦଙ୍କ ଅଧ୍ୟକ୍ଷତାରେ ଗଠିତ 'ଆଇନ କମିଶନ' ତାଙ୍କର ଚତୁର୍ଦ୍ଦଶ ରିପୋର୍ଟରେ ମନ୍ତବ୍ୟ ଦେଇ କହିଥିଲେ କି ଦେଶର ବିଭିନ୍ନ ରାଜ୍ୟକୁ ନେଇ ନିକଟରେ ଯେଉଁସବୁ 'ଜୋନ' ବା ଅଞ୍ଚଳ ମାନ ଗଠନ କରା ଯାଇଛି ସେହିସବୁ 'ଜୋନ୍' ଅନ୍ତର୍ଭୁକ୍ତ ରାଜ୍ୟମାନଙ୍କର ହାଇକୋର୍ଟ ଗୁଡିକ ନିମନ୍ତେ ବିଚାରପତି ମନୋନୟନ କରା ଯାଇ ପାରିବ ।

କମିଶନଙ୍କ ପ୍ରସ୍ତାବ ଅନୁଯାୟୀ (ପାରା ୮୫୧) ସମ୍ପ୍ରତି ବିଭିନ୍ନ ରାଜ୍ୟରେ ଯେପରି ଆଞ୍ଚଳିକ ମନୋଭାବ ପ୍ରକାଶ ପାଉଛି ସେଥିରେ ଲୋକଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିବା ନିମନ୍ତେ ହାଇକୋର୍ଟରେ ନିଯୁକ୍ତି ପାଇଥିବା ବିଚାରପତି ମାନଙ୍କ ମଧ୍ୟରୁ ଅନ୍ତତଃ ଏକ ତୃତୀୟାଂଶ ରାଜ୍ୟ ବାହାରୁ ଆଣିବାର ବ୍ୟବସ୍ଥା କରାଯିବା ଉଚିତ । ବିଚାରପତି ନିଯୁକ୍ତି ବେଳେ ମୁଖ୍ୟତଃ ବୃତ୍ତିଗତ ବ୍ୟୁତ୍ପତ୍ତି ହିଁ ବିଚାର୍ଯ୍ୟ ହେବା ବିଧେୟ ବୋଲି କମିଶନ ମତ ଦେଇଥିଲେ ।

କିନ୍ତୁ ଶ୍ରୀ ଏଚ୍. ଆର, ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଆଇନ କମିଶନ ତାଙ୍କର ୮୦ତମ ରିପୋର୍ଟରେ ଦର୍ଶାଇଥିଲେ ଗୋଟିଏ କୋର୍ଟରୁ ଅନ୍ୟ କୋର୍ଟକୁ ବିଚାରପତିମାନଙ୍କୁ ବଦଳି କଲେ ତାହା ବିଚାରପତିମାନଙ୍କ ସ୍ୱାଧୀନତା ଉପରେ ଆଞ୍ଚ ଆଣିବାର ଆଶଙ୍କା ଥିବାରୁ ସାଧାରଣତଃ ଆମେ ଏପରି ବଦଳି ସପକ୍ଷରେ ନାହୁଁ, ଏବଂ ମୂଳ ନିଯୁକ୍ତି ପାଇଥିବା କୋର୍ଟରେ ହିଁ ସ୍ୱାଭାବିକ ପରିସ୍ଥିତିରେ ସେ ରହିବା ଉଚିତ । ଅବଶ୍ୟ ଅତି ଦୁର୍ଲଭ କ୍ଷେତ୍ରରେ ଯେଉଁଠି ବିଚାର ପତି ମାନଙ୍କ ବିରୁଦ୍ଧରେ ଯଦି ଅଭିଯୋଗ ହୁଏ ତେବେ ସେମାନଙ୍କୁ ବଦଳି କରାଯାଇପାରେ । ବିନା ସମ୍ମତିରେ କୌଣସି ଜଜଙ୍କୁ ବଦଳି କରିବାକୁ ହେଲେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ତାଙ୍କର ଅନ୍ୟ ସହଯୋଗୀ ୪ଜଣ ବିଚାରପତିଙ୍କୁ ନେଇ ଏକ ପାନେଲ ଏହାର ସମୀକ୍ଷା କରିବା ଉଚିତ ଏବଂ ଏ କ୍ଷେତ୍ରରେ ସଂଖ୍ୟାଧିକ ମତକୁ କାଏମ୍ ରଖାଯିବା ଉଚିତ୍ । ଏହାଛଡ଼ା ବିଭିନ୍ନ

Images: Aptakama Mishra, Processing: Srujanika

ହାଇକୋର୍ଟରେ ବାହାର ରାଜ୍ୟର ଏକତୃତୀୟାଂଶ ସଂଖ୍ୟକ ବିଚାରପତି ରଖିବା ଏକ ପରମ୍ପରାରେ ପରିଣତ ହେବା ବିଧେୟ ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ଉପସ୍ଥିତ ବିଚାରପତିଙ୍କୁ ବଦଳି କରିବା ପରିବର୍ତ୍ତେ ନୂଆ ବିଚାରପତି ନିଯୁକ୍ତି ଏହାକୁ ଆଖି ଆଗରେ ରଖି ନିଯୁକ୍ତି ଦିଆଗଲେ କ୍ରମଶଃ କିଛି ବର୍ଷ ପରେ ଏହି ଲକ୍ଷ୍ୟ ସାଧିତ ହୋଇ ପାରିବ ।

ସମାଜବାଦୀ କାର୍ଯ୍ୟକ୍ରମରେ ବାଧା

ବିଭିନ୍ନ କମିଶନଙ୍କ ଏହିସବୁ ପ୍ରସ୍ତାବ ଦୀର୍ଘ କାଳ ଧରି ସୁପ୍ତ ଅବସ୍ଥାରେ ଥିଲା । କିନ୍ତୁ ୭୦ ମସିହାରେ ପ୍ରାକ୍ କାଳରେ କେନ୍ଦ୍ର ସରକାରଙ୍କୁ କେତେକ ସମାଜବାଦୀ କାର୍ଯ୍ୟକ୍ରମ ରୂପାୟିତ କରିବା କରିବା କଷ୍ଟକର ହେଲା । ସମାଜବାଦୀ କାର୍ଯ୍ୟକ୍ରମକୁ ରୂପାୟିତ କରିବାରେ ବାଧା ଦେଉଥିବା ବିଚାରାଳୟ କବଳରୁ ନିଜକୁ ରକ୍ଷା କରିବା ଲାଗି ପ୍ରଶାସନ କେତେକ ପଦକ୍ଷେପ ଗ୍ରହଣ କଲା । ଫଳରେ ୧୯୭୩ ମସିହା ଏପ୍ରିଲ ୨୫ତାରିଖ ଦିନ ସୁପ୍ରିମକୋର୍ଟର ତିନିଜଣ ବିଚାରପତି ଶ୍ରୀ ସେଲଟ, ଶ୍ରୀ ହେଗଡ଼େ ଓ ଶ୍ରୀ ଗ୍ରୋଭରଙ୍କ ସିନିଅରିଟିକୁ ବିଚାରକୁ ନ ନିଆଯାଇ ଶ୍ରୀ ଏ.ଏନ୍. ରାୟଙ୍କୁ ପ୍ରଧାନ ବିଚାରପତି ରୂପେ ନିଯୁକ୍ତ କରାଗଲା । ଏହାର ପ୍ରତିକ୍ରିୟା ସ୍ୱରୂପ ସୁପ୍ରିମ କୋର୍ଟ ବାର ଆସୋସିଏସନ୍ ଏ ଘଟଣାରେ ତୀବ୍ର ପ୍ରତିବାଦ କଲେ ଏବଂ ଏତଦ୍ୱାରା ବିଚାରାଳୟ ମାନଙ୍କ ନିରପେକ୍ଷତା ଓ ସ୍ୱାଧୀନତାରେ ହସ୍ତକ୍ଷେପ କରାଯାଇ ସେମାନଙ୍କର ମର୍ଯ୍ୟାଦା ହ୍ରାସ କରାଯାଉଛି ବୋଲି ମତ ବ୍ୟକ୍ତ କଲେ ।

ବିଚାରପତି ନିଯୁକ୍ତି ସରକାରଙ୍କ ଇଚ୍ଛାଧୀନ

ତତ୍କାଳୀନ କେନ୍ଦ୍ର ଆଇନ ମନ୍ତ୍ରୀ ଶ୍ରୀ ମୋହନ କୁମାର ମଙ୍ଗଲମ୍ ବିଚାରପତି ନିଯୁକ୍ତି ଶିରୋନାମାରେ ଲିଖିତ ଏକ ପୁସ୍ତକରେ ବିଚାରପତି ନିଯୁକ୍ତି ସରକାରଙ୍କ ସମ୍ପୂର୍ଣ୍ଣ ଇଚ୍ଛାଧୀନ ବୋଲି ପ୍ରତିପାଦିତ କଲେ ।

୧୯୭୫ ମସିହାରେ ଜରୁରୀ କାଳୀନ ଅବସ୍ଥା ଜାରୀ ହେବ ପରେ କେନ୍ଦ୍ର ସରକାର ଶ୍ରୀ କୁମାରମଙ୍ଗଲମ୍‌ଙ୍କ ନୀତିକୁ ବିଭିନ୍ନ ରାଜ୍ୟର ହାଇକୋର୍ଟ ମାନଙ୍କରେ କାର୍ଯ୍ୟକାରୀ କଲେ । ୧୯୭୬ ମସିହା ମେ ମାସରେ ପ୍ରାୟ ୨୦ଜଣ ବିଚାରପତିଙ୍କୁ ବିଭିନ୍ନ ରାଜ୍ୟକୁ ବଦଳି କରାଗଲା ଏବଂ ବଦଳି ହୋଇଥିବା ଜନୈକ ବିଚାରପତି ଗୁଜରାଟ ହାଇକୋର୍ଟର ଶ୍ରୀ ସେଠ ଯେ କି ହାଇଦ୍ରାବାଦ କୋର୍ଟକୁ ବଦଳି ହୋଇଥିଲେ, ସେ ଏତାଦୃଶ ବଦଳି ବିରୁଦ୍ଧରେ ଗୁଜୁରାଟ ହାଇକୋର୍ଟରେ ଅପିଲ କଲେ ଏବଂ ଗୁଜରାଟ ହାଇକୋର୍ଟର ଏକ ପୂର୍ଣ୍ଣ ବେଞ୍ଚ ସର୍ବସମ୍ମତ କ୍ରମେ ଏହି ବଦଳି ଆଦେଶ ରଦ୍ଦ କରିବା ପାଇଁ ରାୟ ଦେଲେ । ଗୁଜରାଟ ହାଇକୋର୍ଟର ଏ ରାୟ ବିରୁଦ୍ଧରେ କେନ୍ଦ୍ର ସରକାର ସୁପ୍ରିମ କୋର୍ଟରେ ମକଦ୍ଦମା କଲେ ଏବଂ ୧୯୭୭ ମସିହାରେ ଜନତା ଦଳ କ୍ଷମତାସୀନ ହେବାପରେ ଏ ମକଦ୍ଦମା ଶୁଣାଣି ଆରମ୍ଭ ହେଲା ଜନତା ଦଳ ସରକାର ନିଜଆଡ଼ୁ ଉକ୍ତ ବିଚାରପତିଙ୍କ ବଦଳି ଆଦେଶ ରଦ୍ଦ କରିଦେଲେ । ତଥାପି ସମ୍ବିଧାନରେ ୨୨୨ଧାରା ଅନୁଯାୟୀ ବିଚାରପତି ବଦଳି କ୍ରମରେ ସରକାରଙ୍କ ହାତରେଥିବା କ୍ଷମତା ଛାଡ଼ିବାକୁ ଜନତା ସରକାର ମଧ୍ୟ ପ୍ରସ୍ତୁତ ହେଲେ ନାହିଁ । ସେହି କ୍ଷମତାକୁ ବିଷ୍ଟପତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶକ୍ରମେ ସମୂହ ଲୋକସ୍ୱାର୍ଥ ଦୃଷ୍ଟିରୁ ସ୍ଥଳ ବିଶେଷରେ ପ୍ରୟୋଗ କରିବେ ବୋଲି କହି ବଦଳି କ୍ଷେତ୍ରରେ ହାଇକୋର୍ଟ ବିଚାରପତି ମାନଙ୍କ ସମ୍ମତି ଅନାବଶ୍ୟକ ବୋଲି ମଧ୍ୟ କେନ୍ଦ୍ର ସରକାର ମତ ଦେଲେ । କଂଗ୍ରେସ ସରକାର ଗୁଜୁରାଟ ହାଇକୋର୍ଟରେ ଜଷ୍ଟିସ୍ ସେଠ୍‌ଙ୍କ କ୍ଷେତ୍ରରେ ଯେଉଁଭଳି ଯୁକ୍ତି କରିଥିଲେ ଜନତାସରକାର ମଧ୍ୟ ଏ କ୍ଷେତ୍ରରେ ଏକାଭଳି ଭୂମିକା ଗ୍ରହଣ କଲେ । ସୁପ୍ରିମ କୋର୍ଟ ୩/୨ ଭୋଟରେ ସରକାରଙ୍କ ସହ ଏକମତ ହେଲେ ଏବଂ ସୁପ୍ରିମକୋର୍ଟ ଏହା ମଧ୍ୟ ମତ ଦେଲେ ସ୍ଥଳ ବିଶେଷରେ କୌଣସି ବିଚାରପତିଙ୍କୁ ପାର୍ଲାମେଣ୍ଟରେ ଭର୍ତ୍ସନା କରିବା ଭଳି ଅବସ୍ଥା ଉପୁଜିଲେ ତାଙ୍କୁ ଭର୍ତ୍ସନା କରିବା ପରିବର୍ତ୍ତେ ବଦଳି କରିବା ଅଧିକ ବିଧେୟ ହେବ ଏବଂ ଏହାଦ୍ୱାରା ସମ୍ପୃକ୍ତ ବିଚାରପତିଙ୍କ ତାଙ୍କ ଚରିତ୍ର ସହାରାରୁ ରକ୍ଷା କରାଯାଇ ପାରିବ ।

ଜରୁରୀକାଳୀନ ପରିସ୍ଥିତି ଉଠି ଯିବା ପରେ ଏହି ବିଚାରପତି ବଦଳି ଏକ ଜାତୀୟ ବିତର୍କରେ ପରିଣତ ହେଲା । ଏବଂ ଜନତା ସରକାରର କେନ୍ଦ୍ର ଆଇନ ମନ୍ତ୍ରୀ ଲୋକସଭାରେ ୧୯୭୭ ମସିହା ଆପ୍ରେଲ ୫ତାରିଖ ଦିନ କହିଲେଯେ ଜରୁରୀ କାଳୀନ ଅବସ୍ଥାବେଳେ ୨୧ଜଣ ବିଚାରପତିଙ୍କୁ ସେମାନଙ୍କ ସମ୍ମତି ନିଆ ନ ଯାଇ ଗୋଟିଏ ହାଇକୋର୍ଟରୁ ଅନ୍ୟ ହାଇକୋର୍ଟକୁ ବଦଳି କରାଯାଇଥିଲା । ସେହି ୨୧ ଜଣ ଯାକ ବିଚାରପତିଙ୍କ ସମ୍ମତି ନେଇ ସେମାନଙ୍କୁ ସେମାନଙ୍କ ପୂର୍ବସ୍ଥାନକୁ ଫେରାଇ ଦେବାପାଇଁ ସରକାର ପ୍ରସ୍ତୁତ । ସେମାନଙ୍କ ମଧ୍ୟରୁ ତିନି-ଜଣଙ୍କୁ ମୁଖ୍ୟ ବିଚାରପତି ରୂପେ ବଦଳି କରାଗଲା । ଜରୁରୀ କାଳୀନ ଅବସ୍ଥାରେ ମଧ୍ୟ ତିନି-ଜଣ ମୁଖ୍ୟ ବିଚାରପତିଙ୍କୁ ବଦଳି କରାଯାଇଥିଲା ବୋଲି ଏଠାରେ ସ୍ମରଣ କରାଯାଇପାରେ ।

ଜାନୁୟାରୀ ୧୯୮୦ ମସିହାରେ କଂଗ୍ରେସ (ଆଇ) କ୍ଷମତାକୁ ଆସିବାପରେ କେନ୍ଦ୍ର ଆଇନ ମନ୍ତ୍ରୀ ଶ୍ରୀ ଶିବ ଶଙ୍କର ପାର୍ଲାମେଣ୍ଟରେ କହିଲେଯେ ବିଭିନ୍ନ ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ସମେତ ଏକ ତୃତୀୟାଂଶ ବିଚାର ପତିଙ୍କୁ ବାହାରୁ ଆଣିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ବିଷୟ ସରକାର ପରୀକ୍ଷା କରି ଦେଖୁଛନ୍ତି । ଆଇନ ମନ୍ତ୍ରାଳୟ ସହ ସମ୍ପୃକ୍ତ ପାର୍ଲାମେଣ୍ଟାରୀ କନ୍‌ସଲଟେଟିଭ କମିଟି ମଧ୍ୟ ଏହା ସପକ୍ଷରେ ମତ ଦେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

୧୯୮୦ ଜୁଲାଇ ୨୫ ତାରିଖ ଦିନ ଆହ୍ଲାହବାଦ ହାଇକୋର୍ଟର ବିଚାରପତି ଶ୍ରୀ ରମେଶଚନ୍ଦ୍ର ଶ୍ରୀବାସ୍ତବ ତାଙ୍କପ୍ରତି ଦୁର୍ବ୍ୟବହାର କରାଯାଇ ଥିବା ଦର୍ଶାଇ ନିଜ ପଦତ୍ୟାଗ ଇସ୍ତଫା ଦେଲେ । ପ୍ରଥମେ ସେ ଅତିରିକ୍ତ ବିଚାରପତି ରୂପେ ଦୁଇବର୍ଷ ପାଇଁ ନିଯୁକ୍ତି ପାଇଥିଲେ ଏବଂ ନିଯୁକ୍ତିକାଳ ସରିଯିବା ପରେ ପୁନର୍ବାର ୬ମାସ ପାଇଁ ସେ ନିଯୁକ୍ତି ପାଇଲେ । ଏହି ଅବଧି ଶେଷ ହେବା ପୂର୍ବରୁ ଭାରତର ପ୍ରଧାନ ବିଚାରପତି କୁଆଡ଼େ ଜାଣିବାକୁ ଚାହିଁଥିଲେ କି (୧) ଶ୍ରୀ ବାସ୍ତବ ଅତୀତରେ ସୋସ୍ୟାଲିଷ୍ଟ ପାର୍ଟିର ସଦସ୍ୟ ଥିଲେ କି ନାହିଁ (୨) ଶ୍ରୀ ରାଜ ନାରାୟଣ ତାଙ୍କସହ ଟେଲିଫୋନରେ କଥା ହେଉଥିଲେ କି ନାହିଁ ଏବଂ (ଗ) ୧୯୮୦ ନିର୍ବାଚନରେ ସେ କାମ କରୁଥିଲେ କି ନାହିଁ । ଶ୍ରୀ ବାସ୍ତବ କହିଥିଲେ କି ପ୍ରଧାନ ବିଚାରପତିଙ୍କ ପ୍ରଥମ ଦୁଇଟି ଅନୁସନ୍ଧାନ ଅପ୍ରାସଙ୍ଗିକ ଏବଂ ତୃତୀୟଟି ସମ୍ପୂର୍ଣ୍ଣ ମିଥ୍ୟା । ଏହାଛଡ଼ା ଅନ୍ୟାନ୍ୟ ସାଧାରଣ ସରକାରୀ କର୍ମଚାରୀଙ୍କ ଭଳି ବିଚାରପତି ମାନଙ୍କୁ ନିଯୁକ୍ତ କରିବା ଅସମ୍ମାନ ଜନକ ।

ଶ୍ରୀ ବାସ୍ତବଙ୍କ ଇସ୍ତଫାଦାନ ବିଷୟ ସେହିବର୍ଷ ଜୁଲାଇ ମାସରେ ଲୋକ ସଭାରେ ଉତ୍ଥାପନ କରାଯାଇଥିଲା । ଏବଂ ଶ୍ରୀ ବାସ୍ତବଙ୍କୁ ସରକାରଙ୍କ ପକ୍ଷରୁ କୌଣସି ପ୍ରକାରର ହଇରାଣ ହରକତ କରାଯାଇ ନାହିଁ ବୋଲି ଆଇନମନ୍ତ୍ରୀ କହିଥିଲେ । ଏହି ବଦଳି ପ୍ରସଙ୍ଗ ୧୯୮୧ରେ

Images: Aptakama Mishra, Processing: Srujanika

ଅଧିକ ଉତ୍କଟ ଆକାର ଧାରଣ କଲା ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ, ତାଙ୍କ ସହିତ ପରାମର୍ଶ ନକରି ତାଙ୍କ ରାଜ୍ୟ ହାଇକୋର୍ଟର ଜଣେ ବିଚାରପତିଙ୍କୁ ବଦଳି କଲେ ବୋଲି ଅଭିଯୋଗ କଲେ। ସେହିବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର ଆଇନମନ୍ତ୍ରୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ମାନଙ୍କ ନିକଟକୁ ଏକ ଚିଠିଲେଖି ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତ ପାଇଥିବା ବ୍ୟକ୍ତିମାନେ ସ୍ଥାୟୀ ନିଯୁକ୍ତି ପାଇଲେ ଅନ୍ୟ ଯେ କୌଣସି ହାଇକୋର୍ଟକୁ ବଦଳି ହେବାପାଇଁ ସେମାନଙ୍କ ଠାରୁ ଆଗୁଆ ସମ୍ମତି ଆଣିବା ପାଇଁ ଏବଂ ଭବିଷ୍ୟତରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତ ପାଉଥିବା ବ୍ୟକ୍ତି ମାନଙ୍କଠାରୁ ମଧ୍ୟ ଅନୁରୂପ ସମ୍ମତି ପତ୍ର ଆଣିବାକୁ ପରାମର୍ଶ ଦିଆ ଯାଇଥିଲା।

ଏଭଳି ପତ୍ର ଲେଖିବା ବିଧି ସମ୍ମତ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ନଟବରଲାଲ ଭଗବତୀଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରୀମକୋର୍ଟର ଏକ ସାତଜଣିଆ ବେଞ୍ଚ ମତବ୍ୟକ୍ତ କରିବାପରେ କେନ୍ଦ୍ର ସରକାର ଏ ଯୁଦ୍ଧରେ ଏକ ବିରାଟ ସଫଳତା ହାସଲ କଲେ। ଏହି ସଂଖ୍ୟାଗରିଷ୍ଠ ରାୟ ୧୯୮୧ ମସିହା ଡିସେମ୍ବର ୩୦ ତାରିଖ ଦିନ ଦିଆ ଯାଇଥିଲା। ସାତଜଣଙ୍କ ମଧ୍ୟରୁ ତିନିଜଣ ବିଚାରପତି ଏଭଳି ପତ୍ର ଅବୈଧ ବୋଲି ମତବ୍ୟକ୍ତ କରିଥିଲେ। ସଂଖ୍ୟାଗରିଷ୍ଠ ବିଚାରପତି ମାନଙ୍କ ମତରେ ଗୋଟିଏ ହାଇକୋର୍ଟରୁ ଅନ୍ୟ ହାଇକୋର୍ଟକୁ କୌଣସି ବିଚାରପତିଙ୍କୁ ବଦଳି କରିବାର କ୍ଷମତା ସମ୍ବିଧାନର ୨୨୨ ଧାରା ଅନୁଯାୟୀ ରହିଛି ଏବଂ ଏଥିପାଇଁ ସଂପୃକ୍ତ ବିଚାରପତି ମାନଙ୍କ ସମ୍ମତିନେବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ସରକାର ଏହି ବଦଳିକ୍ଷମତା ଜାହିର କଲାବେଳେ ଲୋକ ଦୃଷ୍ଟିରୁ ହିଁ ଏହା କରିବା ବାଞ୍ଛନୀୟ ଏବଂ ଏଥିପାଇଁ ପୂର୍ବରୁ ସୁପ୍ରୀମକୋର୍ଟର ପ୍ରଧାନ ସହିତ ଫଳପ୍ରଦ ପରାମର୍ଶ କରିବା ଉଚିତ। କୌଣସି ବିଚାରପତିଙ୍କୁ ଦଣ୍ଡଦେବା ଉଦ୍ଦେଶ୍ୟରେ ଏଭଳି ବଦଳି କରିବା ଅନୁଚିତ।

ସୁପ୍ରିମକୋର୍ଟର ଏହି ରାୟ ପରେ ପରେ ଗୁଜୁରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ଶମ୍ଭୁଧର ପାଠକଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ରୂପେ ଅବସ୍ଥାପିତ କରାଯାଇଛି। ଓଡ଼ିଶା ବାହାରୁ ଜଣେ ବ୍ୟକ୍ତିଙ୍କୁ ଓଡ଼ିଶା ହାଇକୋର୍ଟରେ ପ୍ରଧାନ ବିଚାରପତି ରୂପେ ନିଯୁକ୍ତି ଦିଆଯାଇଥିବାରୁ ଓଡ଼ିଶାର ଆଇନଜୀବୀ ମାନଙ୍କ ପକ୍ଷରୁ ଏହାର ସଂଘବଦ୍ଧ ବିରୋଧ ହୋଇଥିଲା ଏବଂ କେତେକ ଏହାକୁ ସମର୍ଥନ ମଧ୍ୟ କରିଥିଲେ।

ଏଥିରୁ ଜଣାଯାଉଛି ଯେ ବଦଳି ବା ନିଯୁକ୍ତିକୁ ପ୍ରଶାସନ ସର୍ବଦା ଅଙ୍କୁଶ ରୂପେ ବ୍ୟବହାର କରିଆସୁଛି ଏବଂ ସୁପ୍ରିମ୍‌କୋର୍ଟ ବା ହାଇକୋର୍ଟ ପ୍ରଶାସନକୁ ପରୋକ୍ଷରେ ସର୍ବୋଚ୍ଚ ଭାବରେ ସମର୍ଥନ କରିଆସୁଛି। ଦେଶରେ ସରକାର ପରିବର୍ତ୍ତନ ହେଲେ ମଧ୍ୟ ଏପ୍ରକାର ବଦଳି ଧାରାର କୌଣସି ପରିବର୍ତ୍ତନ ହେଉନାହିଁ। ଆଜିକାଲିର ମୂଲ୍ୟ ବୃଦ୍ଧି ସାଙ୍ଗକୁ ବିଚାରପତିମାନଙ୍କ ଦରମା ତୁଳନା କଲେ ସେମାନଙ୍କ ଆର୍ଥିକ ସଙ୍କଟ ବିଷୟ ଯେ କେହି କଳନା କରିପାରିବ। ଏ ପରିସ୍ଥିତିରେ ନିର୍ଭୀକ ଭାବେ ପ୍ରଶାସନ ନିକଟରେ ମଥାନତ ନକରି କାର୍ଯ୍ୟ କରିବା ସମ୍ଭବ କି ? ଏହା ଏବେ ବିରାଟ ପ୍ରଶ୍ନ। □

କୋଡ଼ିଏ ବର୍ଷରେ ବୁଢ଼ୀ

ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ମାନଙ୍କରେ କ୍ରମେ ଖୁବ କମ ବୟସର ପିଲାମାନେ ଅଭୂତପୂର୍ବ ସଫଳତା ହାସଲ କରୁଛନ୍ତି।

ଜୁହ୍ନୁମ ମିଶ୍ର

ବିଶ୍ୱରେ କ୍ରୀଡ଼ା କ୍ଷେତ୍ରରେ ବିଶେଷ କରି ସନ୍ତରଣ ଓ ଜିମନାଷ୍ଟିକରେ ଅତି ଅଳ୍ପ ବୟସର ବୟସର ବାଳକ ବାଳିକାମାନେ କୃତୀତ୍ୱ ଅର୍ଜନ କରୁଛନ୍ତି। କିନ୍ତୁ କ୍ରୀଡ଼ା ନିମନ୍ତେ ଛୋଟ ଛୋଟ ପିଲାମାନଙ୍କୁ ସେମାନଙ୍କର ନିଶ୍ଚିନ୍ତିଆ ଜୀବନରୁ ବଞ୍ଚିତ କରିବା ଫଳରେ ସେମାନେ ଯେଉଁ ମାନସିକ ଯନ୍ତ୍ରଣା ଓ ଶାରୀରିକ କଷ୍ଟ ଭୋଗ କରୁଛନ୍ତି ସେ କଥା କେହି କେବେ ଚିନ୍ତା କରିଛନ୍ତି କି ? ମାତ୍ର ଆଠ ବର୍ଷ ବୟସରୁ କ୍ରୀଡ଼ା କସରତ୍ ପାଇଁ ସେମାନଙ୍କୁ କଠୋର ତାଲିମ ଦେବାକୁ ବହୁ ଲୋକ ନାପସନ୍ଦ କରୁଛନ୍ତି। ଜର୍ମାନ ଦୃଷ୍ଟିକୋଣରୁ ଏକ ତାତ୍ତ୍ୱିକ ଆଲୋଚନା ପଢ଼ନ୍ତୁ।

୧୯୨୪ ମସିହାରେ ଶାମୋନିକ୍ସ ଠାରେ ଅନୁଷ୍ଠିତ ହୋଇଥିବା ଶୀତର ଅଲିମ୍ପିକ୍ସରେ ୧୨ ବର୍ଷ ବୟସ୍କା ନରୱେର ସୋଞ୍ଜା ହେନି ଯେତେବେଳେ ଆଇସ୍‌ସ୍କେଟିଂ ଚମ୍ପିଆନ ହେଲେ ସେତେବେଳେ ଏଡ଼େ ବିକଟେ ପିଲାକୁ ଦେଖି ସମସ୍ତେ ସ୍ତମ୍ଭୀଭୂତ ହୋଇ ପଡ଼ିଥିଲେ। କିନ୍ତୁ ଏବେ କ୍ରୀଡ଼ା କ୍ଷେତ୍ରରେ ଅଧିକାଂଶ ସଫଳତା ପିଲାମାନଙ୍କ ଦ୍ୱାରା ହିଁ ହାସଲ ହେଉଛି

ସନ୍ତରଣ କ୍ଷେତ୍ରରେ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ସବୁ ପ୍ରତିଯୋଗୀଙ୍କ ବୟସ ୧୮ ବର୍ଷରୁ କମ ଏବଂ ଜିମନାଷ୍ଟିକରେ କୌଣସି ପ୍ରତିଯୋଗୀଙ୍କୁ ୨୦ବର୍ଷ ହୋଇଗଲେ ତାଙ୍କୁ ବୁଢ଼ା ବା ବୁଢ଼ୀ ହୋଇ ଗଲେଣି ବୋଲି କୁହାଯାଉଛି।

ଗତ କେତେ ସପ୍ତାହ ହେଲା ପଶ୍ଚିମ ଜର୍ମାନୀରେ ଏହି ଶ୍ରେଷ୍ଠ ଶ୍ରେଷ୍ଠ କ୍ରୀଡ଼ାବିତ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଅତି ଗୁରୁତର ଆଲୋଚନା ଚାଲିଛି।

ଲସ ଏଞ୍ଜେଲସ୍ ଅଲିମ୍ପିକ ପାଇଁ ମନୋନୀତ ହୋଇଥିବା ପଶ୍ଚିମ ଜର୍ମାନୀର ଜିମନାଷ୍ଟ ସ୍ୟୁନେ ହରା (୧୭ବର୍ଷ)ଙ୍କୁ ଆନୋରେକ୍‌ସିଆ ନରଭୋସା (ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ବୀତସ୍ପୃହ ହେବା) ରୋଗ ଭୋଗୁଛନ୍ତି ବୋଲି ଆଶଙ୍କା କରି ସାମୟିକ ଭାବେ ବିଶ୍ୱଚମ୍ପିଆନସିପ୍‌ରୁ ସସ୍‌ପେଣ୍ଡ କରାଯାଇଥିଲା। ବାଳିକା ଅଲିମ୍ପିକ ଜିମନାଷ୍ଟ ମାନଙ୍କୁ ଦିଆଯାଉଥିବା ବିଶେଷ ପର୍ଯ୍ୟାପ୍ତ

Images: Aptakama Mishra, Processing: Srujanika

ଫ୍ଲାସ୍ ଗର୍ଡନ



ତାଲିମକୁ ଅମାନୁଷିକ ବୋଲି ବର୍ଣ୍ଣାଇ ସେମାନଙ୍କ ପିତାମାତାମାନେ ଏହି ତାଲିମ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ବୋଲି ଜର୍ମାନୀରେ ବହୁ ପତ୍ରପତ୍ରିକାରେ ଖବର ପ୍ରକାଶ ପାଇଥିଲା ।

ପଶ୍ଚିମ ଜର୍ମାନୀର ସନ୍ତରଣ କ୍ଲବ ପୂର୍ବ ଜର୍ମାନୀ ତୁଳନାରେ ସବୁ କ୍ଷେତ୍ରରେ ଅଧିକ ପଦକ ହାସଲ କରିବା ପାଇଁ ସର୍ବଦା ଚେଷ୍ଟା କରୁଥିବାରୁ ଅତି ଶ୍ରେଷ୍ଠ ଶ୍ରେଷ୍ଠ ପିଲାଙ୍କ ଠାରେ କ୍ରୀଡ଼ା ପ୍ରତିଭାର ସାମାନ୍ୟ ସ୍ଫୁରଣ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ତାଲିମ ଦେବା ଆରମ୍ଭ କରି ଦେଉଛନ୍ତି । ପୂର୍ବ ଜର୍ମାନୀରେ ଏଭଳି କ୍ରୀଡ଼ା ପ୍ରତିଭା ମାନଙ୍କୁ ଠାବ କରିବା ପାଇଁ ଅତି ବ୍ୟାପକ ଓ ବୈଜ୍ଞାନିକ ଆୟୋଜନ କରାଯାଇଥାଏ । ଏହି ଦୁଇ ଜର୍ମାନୀର ପ୍ରତିଦ୍ୱନ୍ଦ୍ୱୀତାର ଶୀକାର ହୁଅନ୍ତି କୋମଳ ମତି ବାଳକ ବାଳିକା ଗଣ ।

ପୂର୍ବ ଜର୍ମାନୀରେ ଏକ ଡ୍ରକାର ସ୍ପୋର୍ଟିଂ କଲେଜ କାମ କରୁଛି ଯିଏ କି ଛ ଲକ୍ଷ ଶିଶୁଙ୍କ ଗତ ବର୍ଷ ତାଲିମ ତାଲିକା ଭୁକ୍ତ କରି ତାଙ୍କ ଦେଶର ଫାଇନାଲ ମ୍ୟାଚ ନିମନ୍ତେ ପ୍ରସ୍ତୁତ କରିଥିଲେ ।

ଏମାନଙ୍କ ମଧ୍ୟରୁ କେତେକଙ୍କୁ ନିଜ ନିଜ ପିତା ମାତାଙ୍କ ଠାରୁ ବହୁ ଦୂରକୁ ନିଆଯାଇ ସ୍ୱତନ୍ତ୍ର ତାଲିମ ମଧ୍ୟ ଦିଆଯାଉଥିଲା ।

ସନ୍ତରଣକାରୀ ମୀରକୋ ଏରଡ଼-ମ୍ୟାନ୍ (୧୪ବର୍ଷ) କୁ ମାତ୍ର ୧୨ ବର୍ଷରୁ ପୋସଦାମ୍‌ର ଏକ କ୍ଲବକୁ ପଠାଯାଇ ଥିଲା । ଇତି ମଧ୍ୟରେ ସେ ସନ୍ତରଣ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗୀତାରେ ୧୮ଟି ପଦକ ପାଇ ସାରିଲେଣି ଏବଂ ୧୯୮୮ ମସିହାରେ ଅଲମ୍ପିକ ସ୍ୱର୍ଣ୍ଣ ପଦକ ପାଇଁ ସେ ପ୍ରସ୍ତୁତ ହେଉଛନ୍ତି ।

ଏହା ତୁଳନାରେ ପଶ୍ଚିମ ଜର୍ମାନୀର କ୍ରୀଡ଼ା ପ୍ରସ୍ତୁତିକୁ ଅପେକ୍ଷାକୃତ କମ୍ ଖର୍ଚ୍ଚ-

(ଅବଶିଷ୍ଟାଂଶ ୩୯ ପୃଷ୍ଠାରେ)

Images: Aptakama Mishra, Processing: Srujanika

ପିତା ହେଲେବି ଗୁଣ ତାର ଅତି ମିଠା

ନିମ୍ବ—Azadirachta Indica

ଡକ୍ଟର କମଳ କୁମାରୀ ପଟ୍ଟନାୟକ

ନିମ୍ବ ଗଛକୁ ସମସ୍ତେ ଚିହ୍ନନ୍ତି । ଏକଥା ସମସ୍ତେ ମଧ୍ୟ ଜାଣନ୍ତି, ଏହାର ଡାଳ, ପତ୍ର, ଛାଲି, ଫୁଲ ଓ କଞ୍ଚାଫଳ ଭାରି ପିତା, ଏଇଥିପାଇଁ କଥାରେ ଅଛି—"ଖିରରେ ଧୋଇଲେ ଝୁଣ୍ଟରେ ମୋହିଲେ ନିମ୍ବ କି ମଧୁର ହୋଇବ ?" ବାସ୍ତବିକ ନିମ୍ବ ଏତେ ପିତା ଯେ—ତାକୁ ଯେତେ ପ୍ରକାରରେ ଶୋଧନ କଲେ ମଧ୍ୟ ତା'ର ପିତାଗୁଣ ତୁଟେନାହିଁ । ହେଲେ କଣହେଲା ନିମ୍ବର ଗୁଣାବଳୀ ବହୁକାଳରୁ ଆମକୁ ଜଣା । ଆମର ପୁରାଣଠୁ ଆରମ୍ଭକରି ଋକ୍‌ବେଦ ଓ ଅଥର୍ବ ବେଦରେ ମଧ୍ୟ ଏହିଗଛର ପ୍ରାଧାନ୍ୟ ବର୍ଣ୍ଣନା କରାଯାଇଛି । ବେଦହେଲା ଖ୍ରୀ. ପୂ. ୩୫୦ରୁ ଖ୍ରୀ. ପୂ. ୧୮୦୦ମଧ୍ୟର କଥା । ବେଦ ପ୍ରଚଳନର ପ୍ରାୟ ୧୦୦୦ ବର୍ଷ ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ଭାରତବର୍ଷରେ ବୃକ୍ଷ, ଗୁଳ୍ମ, ଲତା ଇତ୍ୟାଦିର ବୈଜ୍ଞାନିକ ମୂଲ୍ୟବୋଧ ଚିନ୍ତା କରାଯାଇ ନ ଥିଲା । ତେବେ ଚରକ ସଂହିତା ଓ ସୁଶ୍ରୁତ ସଂହିତାରେ ବହୁବିଧ ଭାରତୀୟ ବୃକ୍ଷ, ଲତାର, ଔଷଧି ଗୁଣମାନ ଓ ସେଗୁଡ଼ିକର ବ୍ୟବହାର ବିଷୟ ନେଇ ଅଳ୍ପ ସୂଚନା ମିଳିଲା । ସେ ଯାହାହେଉନା କାହିଁକି 'ନିମ୍ବ' ଆମର ଅତି ପରିଚିତ ବୃକ୍ଷ କହିଲେ ଭୁଲହେବ ନାହିଁ ।

ନିମ୍ବ ଗୋଟିଏ ଗ୍ରୀଷ୍ମ ମଣ୍ଡଳୀୟ ବୃକ୍ଷ । ଏହା ଭାରତର ସବୁସ୍ଥାନରେ ପ୍ରାୟ ଦେଖାଯାଏ, ବାଡ଼ି ବଗିଚାଠୁ ଆରମ୍ଭକରି ବଣ ଜଙ୍ଗଲରେ ମଧ୍ୟ ନିମ୍ବଗଛ ଦେଖାଯାଏ । ରାସ୍ତାକଡ଼ରେ ବହୁବିଧ ବୃକ୍ଷମାନଙ୍କ ମଧ୍ୟରୁ 'ନିମ୍ବ' ଅନ୍ୟତମ । ନିମ୍ବଗଛ ଯିନା ପିତା, ତା'ର ପାଚିଲାଫଳ ଭାରି ମିଠା । ଏହି ସୁଆଦିଆ ଫଳଗୁଡ଼ିକୁ ଚଢ଼େଇମାନେ ଖାଇଲା ବେଳେ ମଞ୍ଜିସହ ଢୋକିପକାନ୍ତି । ସେମାନେ ଏଣେତେଣେ ଉଡ଼ି ମଳତ୍ୟାଗ କଲାବେଳେ ମଳରେ ଅକ୍ଷତ ନିମ୍ବ ମଞ୍ଜି ଗୁଡ଼ିକ ବିକ୍ଷେପହୁଏ । ମଞ୍ଜି ଉପଯୁକ୍ତ ପରିବେଶ ପାଇ ଗଜାହୁଏ ଓ ସେଥିରୁ ନିମ୍ବଗଛ ଜନ୍ମଲାଭ କରେ ଏବଂ କାଳକ୍ରମେ ବଡ଼ହୋଇ ବୃକ୍ଷରେ ପରିଣତ ହୁଏ ।

ଆମର ବଡ଼ଠାକୁର 'ଜଗନ୍ନାଥ' ମଧ୍ୟ ଏହି ନିମ୍ବଗଣ୍ଡିରୁ ତିଆରି । ସେଥିପାଇଁ ଆମେ ତାଙ୍କୁ ଦାରୁବ୍ରହ୍ମ ବୋଲି କହୁ । ନବ କଳେବର ସମୟରେ ଠାକୁରଙ୍କ ପାଇଁ ଉପଯୋଗୀ ଦାରୁ ହେଲା ପଚିଶ, ଶହେ, ବର୍ଷରୁ ଉର୍ଦ୍ଧ୍ୱ ଗଛର ଗଣ୍ଡି । ନିମ୍ବ ଗଛପରି ଆହୁରି ବିଶାଳକାୟ ବୃକ୍ଷମାନ ରହିଛି, ଏବଂ ସେସବୁ ବୃକ୍ଷଗୁଡ଼ିକ ମଧ୍ୟରୁ ଷାହାଡ଼ା, ବାହାଡ଼ା, ବର, ଓସ୍ତ, ଇତ୍ୟାଦି ବହୁବିଧ ବୃକ୍ଷକୁ ହିନ୍ଦୁଧର୍ମରେ ଦେବତା ବୋଲି ପୂଜା କରାଯାଇଥାଏ ।

ନିମ୍ବଗଛର ବିଶେଷତ୍ୱ

ତେବେ ନିମ୍ବଗଛର ବିଶେଷତ୍ୱ କଣ ? ଏହାର ଦାରୁରେ ଠାକୁର ଗଢ଼ାହୁଏ—ଏହାର ତାତ୍ପର୍ଯ୍ୟ କଣ ? ନିମ୍ବଗଛ ଗଣ୍ଡିରେ ଆମର ବଡ଼ଠାକୁର ତିଆରି । ନିମ୍ବଗଛର ଛାଇ ପଥିକମାନଙ୍କର କ୍ଳାନ୍ତି ମେଣ୍ଟାଏ । ନିମ୍ବଗଛର ପତ୍ର ଓ କାଠିକୁଟାକୁ ନେଇ ଜାଳେଣି ରୂପେ ବ୍ୟବହାର କରନ୍ତି । ତେବେ ସେତିକି କଣ ହେଲା ନିମ୍ବର ପରିଚୟ ?

ସକାଳୁ ଉଠି ନିମ୍ବ ଦାନ୍ତକାଠିରେ ଦାନ୍ତ ଘଷିଲେ ଦନ୍ତ ସଫାରହେ; ମାଢ଼ି ଟାଣହୁଏ ଦାନ୍ତମୂଳରୁ ରକ୍ତ ପଡ଼େନାହିଁ ଏବଂ ଭଲ ଭୋକହୁଏ—ଏଇଥିପାଇଁ ଗାଁ ଗଣ୍ଡାରେ ପୁରୁଣା ଧରଣର ଲୋକମାନେ ଏବେମଧ୍ୟ ନିମ୍ବ ଦାନ୍ତକାଠିରେ ଦାନ୍ତ ଘଷିବା ଦେଖାଯାଏ । ସହରରେ ପ୍ରାକୃତିକ ପରିବେଶ ନାହିଁ—ରହିଛି ସେମାନଙ୍କ ପାଇଁ କୋଠାବାଡ଼ିର ପରିବେଶ ଏତେଗଛ କାହିଁଯେ ଦାନ୍ତଘଷିବା ପାଇଁ ଡଟକା କାଠିଟିଏ ଗଛରୁ ଭାଙ୍ଗିଆଣି ଦାନ୍ତଘଷିବେ ? ନିମ୍ବଗଛ କଥା ତେଣିକି ଥାଉ । ଆଜିର ସଭ୍ୟତାରେ ଟୁଥ୍‌ବ୍ରସ ଓ ଟୁଥ୍‌ପେଷ୍ଟ ଆଣି ଦେଇଛି ଦାନ୍ତ ସଫାକରିବାର ଅନ୍ୟଏକ ବ୍ୟବସ୍ଥା । ବେଶିବକୁ ଗଲେ ଉଭୟ ଗାଁ ଓ ସହରବାସୀ କାଳକ୍ରମେ ଟୁଥ୍‌ବ୍ରସ ଓ ଟୁଥ୍‌ପେଷ୍ଟ ସାଙ୍ଗେ ବେଶ ଆଡେଇ ଗଲେଣି । ନିମ୍ବକାଠିକୁ ପଚାରୁଛି କିଏ ? ତେବେ ଆଉ ଗୋଟିଏ କଥା, ଆମ ଝିଅ ବୋହୂମାନେ ଅଳଙ୍କାର ଲଗାଇବା ପାଇଁ ନାକ, କାନ ଫୋଡ଼ାନ୍ତି । ଫୋଡ଼ାଜାଗା ଶୀଘ୍ର ଶୁଖିବାପାଇଁ ନିମ୍ବକାଠି ବ୍ୟବହାର କରନ୍ତି । ଏବେ ମଧ୍ୟ ଏହା ପ୍ରଚଳନ ରହିଛି ।

ବସନ୍ତ,, ହାଡ଼ଫୁଟି, ମିଳିମିଳା ହେଲେ ତାକୁ ଠାକୁରାଣୀ ହୋଇଛି ବୋଲି ଧରିନେଇ ଝୁଣାଧୂଆଁ ଦେଲାବେଳେ ଶୁଖିଲା ନିମ୍ବପତ୍ର ମଧ୍ୟ ସେଥିରେ ବ୍ୟବହାର କରାଯିବା ଦେଖାଯାଏ । ରୋଗୀର ବିଛଣାରେ ନିମ୍ବପତ୍ରକୁ ବିଛାଇ ଦିଆଯାଏ । ରୋଗୀର ଦେହ କୁଣ୍ଡାଇ ହେଲେ ନଖରେ ନ କୁଣ୍ଡାଇ ନିମ୍ବଡାଳ ବା ପତ୍ରରେ ଆସ୍ତେ ଆସ୍ତେ ଘୋସାରି ଅଣନ୍ତି । ଫଳରେ ରୋଗୀ ଦେହର ଗଲୁ କମିଯାଏ ଓ ରୋଗୀ ଆରାମପାଏ । ନିମ୍ବକୁ ଏପରି ଭାବେ ବ୍ୟବହାର କରିବାର ପ୍ରଚଳନ ଏବେମଧ୍ୟ ଆମମାନଙ୍କ ମଧ୍ୟରେ ରହିଛି । ନିମ୍ବର ସବୁ ଉପଯୋଗ କରାଯାଏ ସତ୍ୟ; କିନ୍ତୁ ତା' ସଙ୍ଗେ ରହିଛି ଗୋଟିଏ ଗୂଢ଼ ରହସ୍ୟ । ସେ ହେଲା ଧର୍ମ ସହିତ ଏହାର ସଂଯୋଜନା । ମନେହୁଏ ଆମର ପୂର୍ବ ବିଜ୍ଞ ପୁରୁଷମାନେ ଧର୍ମ ସଙ୍ଗେ ଉପକାରୀ ବସ୍ତୁକୁ ସୁନ୍ଦରଭାବେ ଯୋଡ଼ି ଦେଇ ଥିବାହେତୁ ତାକୁ ଆମେ ବଂଶ ପରମ୍ପରା ନେଇ ସେହି ଧାରାରେ ବ୍ୟବହାର କରିଆସିଅଛୁ ।

ଚର୍ମରୋଗ, ଯଥା କାଛୁ, କୁଣ୍ଡିଆ, ଯାଦୁ, ଇତ୍ୟାଦି ପାଇଁ ନିମ୍ବପତ୍ର, ଛାଲିକୁ ବ୍ୟବହାର କରିବା ଦେଖାଯାଏ । କୃମିହେଲେ ଉତ୍କଟ ପିତା ନିମ୍ବପତ୍ର ବା ଛାଲିକୁ ପିଟାଇ ରୋଗୀକୁ ଦିଆଯାଏ । ଏହାଛଡ଼ା ନିମ୍ବର କଅଁଳିଆ ଅଗି, କଢ଼ି, ଫୁଲକୁ ଭାଜି କିମ୍ବା ବିଭିନ୍ନପ୍ରକାର ତରକାରି ଇତ୍ୟାଦି କରି ଖାନ୍ତି । ବିଶେଷତଃ ଖରାଦିନେ ନିମ୍ବକଢ଼ି ହୁଏ ।

Images: Aptakama Mishra, Processing: Srujanika

ଏହି ସମୟରେ ବସନ୍ତ, ହାଡ଼ଫୁଟି— ଇତ୍ୟାଦି ରୋଗ ହୋଇଥାଏ । ତେଣୁ ବସନ୍ତ, ହାଡ଼ଫୁଟି ରୋଗରୁ ରକ୍ଷା ପାଇବାକୁ ହେଲେ ଖାଦ୍ୟରେ ଜାମ୍ବୁକଢ଼ ବା ଜାମ୍ବୁପତ୍ର ଅଗିକୁ ତରକାରୀ, ଭଜା ଇତ୍ୟାଦି କରି ଖାଇବା ଉଚିତ ।

ଏପରି ବହୁବିଧ ଉପକାରୀ ଦ୍ରବ୍ୟ ହିସାବରେ ଜାମ୍ବୁକୁ ଆମେ ବ୍ୟବହାର କରିଆସିଛୁ ଯୁଗ ଯୁଗଧରି । ତେବେ ତା'ର ଉପଯୋଗ ବୈଜ୍ଞାନିକ ଧାରାର ଚର୍ଚ୍ଚା କରାଯାଇଛି ବିଗତ କେତେ ବର୍ଷଧରି । ଜାମ୍ବୁର ମାହାତ୍ମ୍ୟ ଓ ତା'ର ଔଷଧି ଗୁଣାବଳୀର ପ୍ରମାଣ ମିଳିଛି ବିଭିନ୍ନ ଗବେଷଣାରୁ । ୧୯୬୦ରୁ ୧୯୭୨ ମସିହା ମଧ୍ୟରେ ବିଭିନ୍ନ ଗବେଷକ ମାନଙ୍କ ପରିବେଷିତ ବସ୍ତୁ ଓ ଉଲ୍ଲେଖ ଯୋଗ୍ୟ ଉପକାରୀତା ବିଷୟରେ ଲିଖିତ ପ୍ରବନ୍ଧମାଳାରୁ ସଗୃହୀତ କରାଯାଇ 'ଭାରତୀୟ ଦ୍ରବ୍ୟ ଗୁଣାବଳୀ ଉଦ୍ଭିଦ' ବିଷୟରେ ଗ୍ରନ୍ଥମାନ ରଚନା କରାଯାଇଛି । ଏଥିରୁ ଆମେ ଆଜି ଜାଣିବାକୁ ସକ୍ଷମ ହୋଇ ପାରିଛେ ଜାମ୍ବୁଗଛରେ କି କି ଜୈବିକ ବସ୍ତୁମାନ ରହିଛି ଏବଂ ପ୍ରତ୍ୟେକଟିର ତାତ୍ପର୍ଯ୍ୟ କଣ ?

ଦାରୁବ୍ରହ୍ମ ପ୍ରସ୍ତୁତ ହେବା ଦାରୁରେ ଶଙ୍ଖ, ଚକ୍ର, ଗଦା, ପଦ୍ମର ଚିହ୍ନମାନ ଦେଖାଯାଏ, କାହିଁକି ? ଏହାକୁ ବୈଜ୍ଞାନିକ ଦୃଷ୍ଟି-କୋଣରୁ ଚର୍ଚ୍ଚା କରାଯାଇଛି । ଖୁବ୍ ସରଳକଥା ।

ଜାମ୍ବୁ ଗୋଟିଏ ବହୁବର୍ଷୀ ବୃକ୍ଷ । ଅର୍ଥାତ୍ ଏହା ବହୁବର୍ଷ ଧରି ବଞ୍ଚି ରହିପାରେ । ଗ୍ରୀଷ୍ମ-କାଳରେ ଗଛରୁ ପତ୍ରଝଡ଼ିଯାଏ ଏବଂ ଗଛପ୍ରାୟ ଖୁଣ୍ଟା ହୋଇଯାଏ । ଏହି ସମୟରେ ଏହି ବୃକ୍ଷର, ସର୍ବୋପରି ଗଣ୍ଡିର ବୃଦ୍ଧି ଖୁବ୍ ସ୍ୱଳ୍ପ ଓ ଧୀରଭାବରେ ହୁଏ । ପୁଣି ବସନ୍ତ କାଳରେ ନାଲିଆସିଆ ପତ୍ରମାନ ଜନ୍ମେ ଏବଂ ସେଗୁଡ଼ିକ ଧୀରେ ଧୀରେ ସବୁଜରଙ୍ଗ ଧାରଣ କରେ । ଗଛରେ କଢ଼ି, ଫୁଲ ଧରେ । ଗଛ ସକ୍ରିୟ ହୋଇଉଠେ । ଏହି ସମୟରେ ବୃକ୍ଷର ଗଣ୍ଡିର ବୃଦ୍ଧି ଅତିଶୀଘ୍ର ଓ ବହୁଳ ଭାବରେ ଘଟେ । ଗଛଗଣ୍ଡିରେ ଥିବା ଉଦ୍ଭିଦ କୋଷ-ଗୁଡ଼ିକ ବିଭାଜିତ ହୁଏ । ପତ୍ର ଝଡ଼ା ହେବା ସମୟରେ କୋଷ ବିଭାଜନ ଖୁବ୍ ମନ୍ଥର ଗତିରେ ହୁଏ ଏବଂ କୋଷଗୁଡ଼ିକ ଅପେକ୍ଷାକୃତ ଛୋଟ ଛୋଟ ଓ ଅଳ୍ପସଂଖ୍ୟକ ହୋଇଥାଏ । ପୁଣିପତ୍ର ଗଜୁରିବାଠୁ ଆରମ୍ଭକରି ଗଛରେ କଢ଼ି ଫୁଲ ଧରିବା ସମୟରେ କୋଷ ବିଭାଜନ ଅତି ଦ୍ରୁତଗତିରେ ହେବା ସଙ୍ଗେ ସଙ୍ଗେ ଅଧିକ-ସଂଖ୍ୟକ ସୃଷ୍ଟି ହେଉଥିବା କୋଷଗୁଡ଼ିକ ଅପେକ୍ଷା-କୃତ ବୃହଦାକାର ହୋଇଥାଏ । ତେଣୁ ଗୋଟିଏ ବର୍ଷର ବୃଦ୍ଧିରେ ଗଣ୍ଡିରେ ଦୁଇଧାରର

କୋଷମାନ ସୃଷ୍ଟହୁଏ ଏବଂ ବଳୟ ପରି ଆକାରରେ ଗଣ୍ଡିର ବୃଦ୍ଧି ହୁଏ ଏହିପରି ବର୍ଷ ବର୍ଷ ଧରି ଗଛର ବାର୍ଷିକ ବୃଦ୍ଧିରେ କୋଷଗୁଡ଼ିକ ବିଭିନ୍ନ ଢ଼ଙ୍ଗରେ ସଙ୍କଳିତ ହେବାଦ୍ୱାରା ବିଭିନ୍ନ ଆକୃତିର ବଳୟମାନ ସୃଷ୍ଟି । ଏହି ପ୍ରକାର ସୃଷ୍ଟି ହୋଇଥିବା କୋଷର ସଙ୍କଳିତ ରୂପହିଁ ଆମ ଆଖିକୁ ଶଙ୍ଖ, ଚକ୍ର, ଗଦା, ପଦ୍ମର ଚିହ୍ନପରି ଦିଶେ । ୮୦ । ୧୦୦ବର୍ଷର ଜାମଗଛ

ଗଣ୍ଡିରେ ଏହିପ୍ରକାର ସଙ୍କଳିତ ହୋଇ ଗଚ୍ଛିତ ହୋଇ ରହିଥିବା ଉଦ୍ଭିଦ କୋଷ ଗୁଡ଼ିକର ବଳୟ ବେଶ ସ୍ପଷ୍ଟ ଓ ପରିସ୍ଫୁଟ ହୋଇଥାଏ । ବର୍ଷୀୟ ଜାମ୍ବୁଗଛକୁ ଖୋଜି ବାହାର କରିବାରେ ବିଭିନ୍ନ ଆକୃତିର ବଳୟହିଁ ସାହାଯ୍ୟ କରିଥାଏ ବୃକ୍ଷ ଯେତେ ପୋକତ ହୁଏ ତାହା ସେତେ ଅଧିକ ମଜଭୁତ ହୁଏ ଏବଂ ତାକୁ ଉଗ୍ର-ଜୀବାଣୁ, କ୍ଷତି କରିପାରନ୍ତି ନାହିଁ । ଏହି କାରଣରୁ ହିଁ ଆମର ଦାରୁବ୍ରହ୍ମ ପ୍ରସ୍ତୁତ କରିବାର ପ୍ରଧାନ ଉପାଦେୟ ଜିନିଷ ହେଲା ବହୁବର୍ଷୀୟ ଜାମ୍ବୁଗଛ । ଠାକୁର ଉପରେ ପାଣି, ଚନ୍ଦନ ଫୁଲ ବହୁଳଭାବରେ ଦେଲେ ମଧ୍ୟ ଏହା ଅକ୍ଷତ ହୋଇ ରହିଯାଏ ବହୁଦିନ ଧରି, ଏହି କାରଣ ଯୋଗୁଁ ଆମେ ତାକୁ ଦାରୁବ୍ରହ୍ମ ବୋଲି ଗ୍ରହଣକରୁ । ରଥଯାତ୍ରା ସମୟରେ ଏହି ଜାମ୍ବୁ ଗଣ୍ଡିରେ ପ୍ରସ୍ତୁତ ଦାରୁବ୍ରହ୍ମଙ୍କୁ ପୂଜା ଉପାସନା କରିବା ପାଇଁ, ଦେଶ, ବିଦେଶରୁ ବହୁଲୋକ ସମବେତ ହୁଅନ୍ତି ପୁରୀର ବଡ଼-ଦାଣ୍ଡରେ । ଠାକୁରଦର୍ଶନ ସଙ୍ଗେ ସଙ୍ଗେ ସମାବେଶ ବନ୍ଧୁ ବାନ୍ଧବଙ୍କ ମିଳନରେ ଆମେ ତୃପ୍ତି ପାଉ । ଏଇ ସମସ୍ତ ସମାବେଶ ଆନନ୍ଦ ଓ ତୃପ୍ତିରେ ରହିଛି ସେହି ଏକ ବସ୍ତୁ— 'ଜାମ୍ବୁଗଣ୍ଡି'—'ଦାରୁବ୍ରହ୍ମ' ।

ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ ଜାମ୍ବୁ ମଞ୍ଜିରେ ଶତକଡ଼ା ପ୍ରାୟ ୫ଂଭାଗ ଜାମ୍ବୁତେଲ ରହିଛି । ଏହି ତେଲରୁ ବହୁବିଧ ଦୈହିକ ବସ୍ତୁମାନ ରହିଥିବା ପ୍ରମାଣ ମିଳିଛି, ସେଥିମଧ୍ୟରୁ 'ଜାମିତ୍ତିନିକ ଅମ୍ଳ' ଓ ତାହାର ଲବଣ ଖୁବ୍ ଉପଯୋଗୀ ବୋଲି ବୈଜ୍ଞାନିକ ପଦ୍ଧତିରେ ପ୍ରମାଣିତ ହୋଇଛି । ଏହିବସ୍ତୁ ଉଦ୍ଧ୍ୱୃପ ରୋଗରେ ଅବ୍ୟର୍ଥ ଔଷଧ । ଜାମିତ୍ତିନ ବହୁବିଧ ଚର୍ମରୋଗର ଉପଯୋଗୀ । ଔଷଧ 'ଜାମିଡ଼ିନ' ତେଲ ପାଣିରେ ମିଶାଇ କୁଲିକଲେ ଦାନ୍ତରୁ ରକ୍ତପଡ଼ିବା ହ୍ରାସପାଏ । ଜାମ୍ବୁରସରେ 'ଜାମଡ଼ିନ' ବସ୍ତୁଥିବା ହେତୁରୁହିଁ ଜାମ୍ବୁକାଠିକୁ ଦାନ୍ତକାଠି ରୂପେ ପ୍ରଚଳନ ହୋଇ ଆସୁଥିବାର ବୈଜ୍ଞାନିକ ତାତ୍ପର୍ଯ୍ୟ ରହିଛି କହିଲେ ଭୁଲ ହେବନାହିଁ । 'ଜାମିତ୍ତିନ'କୁ ଇଞ୍ଜେକସନ୍ ରୂପେ ମଧ୍ୟ ବ୍ୟବହୃତ କରା-ଯାଇଥାଏ । ଏଥିରେ ଅତିଶୀଘ୍ର ଜ୍ୱର କମାଇବାର ଶକ୍ତିରହିଛି । ଜାମ୍ବୁପତ୍ର ସାତଟା ଓ ଗୋଲମରିଚ ୫।୭ଟା ଏକତ୍ରିତ କରି ମାଲେରିଆ ଜ୍ୱର ବେଳେ ଖାଇଲେ ଜ୍ୱର ଉପଶମ ହୁଏ—ଏହାଛଡ଼ା ଏହାକୁ ମାଲେରିଆ ପ୍ରତିଶୋଧକ ରୂପେ ମଧ୍ୟ ଗ୍ରାମାଞ୍ଚଳରେ ବ୍ୟବହୃତ କରା ଯାଇଥାଏ । ଜାମ୍ବୁପତ୍ର ଓ 'ଜାମିତ୍ତିନିକ ଅମ୍ଳ'ହିଁ ମ୍ୟାଲେରିଆ ଜ୍ୱରର ଜୀବାଣୁ ପାରାମେସିଅମ କଉଡାଟଟକୁ ମାରିଦିଏ । ଫଳରେ ଜ୍ୱର ଉପଶମ ହୁଏ । ହୃଦ୍‌ରୋଗ ପାଇଁ ଜାମ୍ବୁରେ ଲବଣ ଆକାରରେ ରହିଥିବା ସୋଡ଼ିଅମ ଜାମ୍ବିଡ଼ିନେଟ, ମୌଳିକ ବସ୍ତୁ ବ୍ୟବହୃତ ହୋଇ ଫଳପ୍ରଦ ହେବାର ପ୍ରମାଣ ୧୯୫୯ ମସିହାରେ ବୈଜ୍ଞାନିକମାନେ ସେମାନଙ୍କର ଗବେଷଣା ତଥ୍ୟରୁ ଜାଣି ପାରିଛନ୍ତି ।

ଜାମ୍ବୁତେଲରେ 'ଜାମ୍ବିଡ଼ିନ୍' ଓ'ଜାମ୍ବିଡ଼ଲ' ମୌଳିକ ବସ୍ତୁମାନ ଥିବା ହେତୁ ଜାମ୍ବୁତେଲ ଭାରି ପିତାଲାଗେ । ଏହି ମୌଳିକ ବସ୍ତୁ ବ୍ୟାକ୍‌ଟେରିଆ ବା ବୀଜାଣୁ ନାଶକ ରୂପେ ସାହାଯ୍ୟ କରେ । ଏହା କେତେକ କ୍ରିମି ପ୍ରତିଶୋଧକ ବୋଲି ପ୍ରମାଣିତ ହୋଇଛି । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଉପରେ ଅନ୍ୟ କେତେକ ପରୀକ୍ଷାକରି ୧୯୫୭ ମସିହାରେ

ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଜାମ୍ବିଡ଼ିନ ଯକ୍ଷ୍ମା ରୋଗର ଉପଶମପାଇଁ ମଧ୍ୟ ଉପଯୋଗୀ । ଜାମ୍ବୁପତ୍ର ଗନ୍ଧରେ କୀଟ ଦୂରେଇଯାଏ ଏବଂ

ଏହା କୀଟନାଶକ ତେଲ ୧୯୮୦ ମସିହାରେ ପରୀକ୍ଷା ମୂଳକ ଗବେଷଣାରୁ ଜଣାପଡ଼ିଛି । ତେଣୁ ପାଟ, ସିଲ୍‌କ୍, ଉଲ୍ ଇତ୍ୟାଦିକ କପ୍ପୁର

Images: Aptakama Mishra, Processing: Srujanika

ସହ, ଶୁଖିଲା ଜମ୍ବୁପତ୍ରଦେଇ ରଖିଲେ ସେଥିରେ କୀଟଦଂଶନ କରେନାହିଁ । ପାଟ, ସିଲ୍କ, ରେଶମ, ପଶମ, ଉଲ ଇତ୍ୟାଦିକୁ ବହୁଦିନ ପର୍ଯ୍ୟନ୍ତ ସାଇତି ରଖିବାପାଇଁ ଶୁଖିଲା ଜମ୍ବୁ-ପତ୍ରକୁ ବ୍ୟବହାର କରିବା ପ୍ରଥା ବହୁଦିନରୁ ଚାଲିଆସୁଛି ।

ଏହାଛଡ଼ା ଠୁଣ୍ଠୁଣିକିଆ ଔଷଧ ରୂପେ ଜମ୍ବୁତେଲକୁ ବହୁବିଧ ରୋଗପାଇଁ ବ୍ୟବହୃତ କରାଯାଇଥାଏ । ଜମ୍ବୁ ତେଲକୁ ନାକରେ ଶୁଙ୍ଘିଲେ ଅପକ୍ୱ ବୟସରେ ପାଚି ଯାଉଥିବା ବାଳ କଳାହୁଏ । ବହୁମୂତ୍ର ରୋଗ ଏକ ବଂଶାନୁଗତ ରୋଗ । ବହୁମୂତ୍ର ରୋଗ ଭୋଗୁଥିବା ବଂଶର ଲୋକ ପ୍ରତିଦିନ ସକାଳେ ସାତଟି ଜମ୍ବୁ ପତ୍ର ଖାଇଲେ ବହୁମୂତ୍ର ରୋଗ ହୁଏନାହିଁ । ବିଭିନ୍ନ ପ୍ରକାର କୃମି ବା ଜିଆ ପେଟରେ ହେଲେ ଜମ୍ବୁପତ୍ର ଓ ଜିରା ଏକତ୍ରିତ କରି ଖାଲି ପେଟରେ ସକାଳୁ ଖାଇଲେ କୃମି ବା ଜିଆ ମଳଦ୍ୱାର ବାହାରି ଆସେ । ଦେହରେ କାଛୁ କୁଣ୍ଡିଆ ଜାତୀୟ ଚର୍ମରୋଗ ହେଲେ ଜମ୍ବୁପତ୍ର ଓ ହଳଦୀ ଏକତ୍ରିତ ବାଟି ଲଗାଇଲେ ଚର୍ମ-ରୋଗ ଭଲହୁଏ । ବଥ ଉପରେ ଜମ୍ବୁପତ୍ର ବାଟି ଲେପଦେଲେ ବଥ ସହଜରେ ଫାଟି ସେଥିରୁ ପୂଜପାଣି ନିଗିଡ଼ିଯାଏ । ଜମ୍ବୁପତ୍ର ଛାଲିକୁ ସିଝାଇ ତା' ପାଣି ପିଇଲେ ମଧ୍ୟ କୃମି ମରିଯାଏ । କୁକୁର ପେଟରେ କୃମିହେଲେ ମଧ୍ୟ ଜମ୍ବୁପତ୍ର ସିଝାଇ ପାଣି ଦିଆଯାଏ । ଜମ୍ବୁଚେର, ଛାଲି ଓ ପତ୍ରରେ ଆଣ୍ଟିବାୟୋଟିକ୍ ପରି ଗୁଣମାନ ରହିଥିବା ପ୍ରମାଣ ବହୁବିଧ ଗବେଷଣାରୁ ମଧ୍ୟ ଜଣା-ପଡ଼ିଛି ।

ଜମ୍ବୁରେ ଆଉ ଏକପ୍ରକାର ଜୈବିକ ବସ୍ତୁ 'ଗ୍ଲାଇକୋସାଇଡ' ରହିଛି । ଗ୍ଲାଇକୋସାଇଡ଼ ଖାର ପିତା । ଏହି କାରଣରୁ ମଧ୍ୟ ଜମ୍ବୁର ସବୁ ଅଂଶ ପିତାଲାଗେ । ଜମ୍ବୁର କଞ୍ଚାଫଳ ମଧ୍ୟ ପିତା; କିନ୍ତୁ ଗ୍ରୀଷ୍ମକାଳରେ ଏହି କଞ୍ଚାଫଳ ସବୁ ପାଚି ହଳଦିଆ ପାଲଟିଯାଏ । ପରୀକ୍ଷାରୁ ଜଣାପଡ଼ିଛି ଯେ ଗ୍ଲାଇକୋସାଇଡ ହାଇ-ଡ୍ରୋଲାଇଟିଙ୍ଗ ପାଚକ ରସଦ୍ୱାରା ଭାଙ୍ଗିଯାଇ ଆଗ୍ଲୁକନ ଓ ଚିନିରେ ପରିଣତ ହୁଏ । ଆଗ୍ଲୁକନ ସ୍ୱାଦୁହୀନ ଓ ଚିନି ମିଠା, ଏଇହେତୁରୁ ଜମ୍ବୁଫଳ ପାଚିଗଲେ ମିଠାଲାଗେ । ଏହି ମିଠାଫଳ ଖାଇବାପାଇଁ କେତେକ ଜାତୀୟ ପକ୍ଷୀ ଆକୃଷ୍ଟ ହୋଇ ଆସନ୍ତି ଜମ୍ବୁଗଛକୁ । ଫଳ ପାଚି ତଳେ ପଡ଼ିଗଲେ ଅସଂଖ୍ୟ ଜହ୍ନା ପିମ୍ପୁଡ଼ି ବେଢ଼ି ଯାଆନ୍ତି ଜମ୍ବୁଗଛ ମୂଳେ ।

ଜମ୍ବୁଗଛ ପତ୍ରରେ ବିବିଧ ଧରଣର ଆମିନୋ ଅମ୍ଳମାନ ଦେଖିବାକୁ ମିଳେ । ବିଶେଷତଃ ପ୍ରୋଲିନ ଆମିନୋ ଅମ୍ଳ ଜମ୍ବୁଗଛର ବିଭିନ୍ନ ଅଙ୍ଗରେ ରହିଥାଏ । ଏହାଛଡ଼ା ଆମ ଦେହ ଉପଯୋଗୀ ବିଭିନ୍ନ ଜାତୀୟ ଦ୍ରବଣୀୟ ଆମିନୋଅମ୍ଳ ମାନ ଏଥିରେ ରହିଛି । ଏହାର ପତ୍ରରେ ଅପେକ୍ଷାକୃତ ଅଧିକ ପରିମାଣରେ ଚିନି ଯଥା :— ଗ୍ଲୁକୋଜ, ଫ୍ରୁକଟୋଜ, ମାଲ୍ଟୋଜ, ରାଫିନୋଜ ଇତ୍ୟାଦି ଦେଖାଯାଇ ଥାଏ, କିନ୍ତୁ ଗ୍ଲୁକୋସାଇଡ଼ (ପିତା) ଓ ଜମ୍ବିଡ଼ିନ୍ ଲବଣ (ପିତା) -ସାନ୍ଦ୍ରତା ଶର୍କରା ତୁଳନାରେ ବେଶିଥିବା ହେତୁ ଏହା ପିତା-ଲାଗେ ।

କଅଁଳିଆ ଜମ୍ବୁପତ୍ରରେ ଅଧିକ ପରିମାଣରେ ଆନ୍ଥୋସାଇନିନ୍ ରଙ୍ଗିନ) ପଦାର୍ଥ ଥାଏ । ଏଣୁ କଅଁଳିଆ ଜମ୍ବୁପତ୍ର ଦେଖିବାକୁ ଈଷତ୍ ଲାଲମିଶା ଧୂସରିଆ ରଙ୍ଗ । କ୍ରମେ ପତ୍ର ପକ୍ୱ ହେଲେ ପତ୍ରହରିତ କଣାର ପରିମାଣ ପ୍ରସ୍ତୁତ ହେବାକୁ ଲାଗେ, ଫଳରେ ପତ୍ର ସବୁଜରଙ୍ଗ ଧାରଣ କରେ ।

କଅଁଳିଆ ପତ୍ର ଓ କଢ଼ରେ ବହୁବିଧ ପାଚକ ରସମାନ ପକ୍ୱ ପତ୍ରତୁଳନାରେ ଅଧିକ ପରିମାଣରେ ରହିଥାଏ । ଏହିହେତୁରୁ ଉଦ୍ଭିଦର ବିଭିନ୍ନ ପ୍ରକ୍ରିୟା କଅଁଳିଆ ପତ୍ର ଓ କଢ଼ରେ ଅଧିକ ହୋଇଥାଏ । ଜମ୍ବୁର ଔଷଧୀୟଗୁଣ ବ୍ୟତୀତ ଜମ୍ବୁର କାଠ ବହୁଦିନ ଅକ୍ଷତ ଅବସ୍ଥାରେ ରହି ପାରିବା ହେତୁ ଘରତିଆରି କରିବାରେ ବ୍ୟବହୃତ ହୋଇଥାଏ । ଏହା'ଛଡ଼ା କୃଷି ଉପଯୋଗୀ ଉପକରଣ ପାଇଁ ମଧ୍ୟ ଜମ୍ବୁକାଠ ବ୍ୟବହାର କରାଯାଇଥାଏ ।

ଜମ୍ବୁ ମୂଳରେ ଜନ୍ମୁଥିବା କାଠ ଛତୁ ମଧ୍ୟ ସୁବାସିତ । ଏହି ଛତୁରୁ ସୁଗନ୍ଧ ତୈଳ ନିଷ୍କାସନ ହେବାର ସମ୍ଭାବନା ରହିଛି । ଜମ୍ବୁଗଛ ଗୋଟିଏ ବହୁ ଉପଯୋଗୀ ବୃକ୍ଷ । ଏହି ବୃକ୍ଷ ଆମ ପରିବେଶରେ ଅଧିକ ପରିମାଣରେ ରହିଲେ ବାୟୁ ମଣ୍ଡଳ ବିଶୁଦ୍ଧହୁଏ ।

ଜମ୍ବୁ ଗଛର ପବନ ବାଜିଲେ ଆମ-ଦେହରେ ବ୍ୟାକ୍‌ଟେରିଆ ଫିମିରୁ ଜାତ ରୋଗ ହୁଏନାହିଁ । ଜମ୍ବୁର ଏହି ବିବିଧଗୁଣ ରହିଥିବା ହେତୁ ବର୍ତ୍ତମାନ ଆମେରିକା ପରି ଶିଳ୍ପପ୍ରତିଷ୍ଠିତ ଦେଶ-ମାନଙ୍କରେ ମଧ୍ୟ ଜମ୍ବୁବୃକ୍ଷ ରୋପଣର ବିପୁଳ ଯୋଜନା ମାନ ରହିଛି ।

ଆମ ଦେଶର ଚାରିଆଡ଼େ ଏବେ ସୁଦ୍ଧା ବହୁତ ଜମ୍ବୁଗଛ ରହିଛି । ଏହି ବୃକ୍ଷକୁ ସୁରକ୍ଷିତକରି ପାରିଲେ ଆମ ପରିବେଶ ନିର୍ମଳ ହେବା ସଙ୍ଗେସଙ୍ଗେ ଆମର ବହୁବିଧ ଚାହିଦା ମେଣ୍ଟାଇ ପାରିବ । ଏଣୁ ଭବିଷ୍ୟତ ନାଗରିକଙ୍କ ପାଇଁ ଅଧିକ ସଂଖ୍ୟକ ଜମ୍ବୁଗଛ ଲଗାଇବାର ସମୟ ପହଞ୍ଚିଛି । ଜମ୍ବୁଗଛଟି ବୃହତକାୟ ହେବ ଏବଂ ଏହା ବାଡ଼ିବଗିଚାର ସୌନ୍ଦର୍ଯ୍ୟ ନଷ୍ଟ କରିଦେବ ବୋଲି ତାକୁ କାଟି ଜାଳେଣି କାଠକରି ନଦେଇ ତା'ର ଉପଯୁକ୍ତ ବ୍ୟବହାର କରିବାପାଇଁ ସେଗୁଡ଼ିକୁ କିପରି ସୁରକ୍ଷିତ କରାଯିବ ତାକୁ ଦୃଷ୍ଟି ଦେବା ଉଚିତ । □

ଗାଜରର କ୍ୟାନସର ଉପଶମ ଶକ୍ତି

କ୍ୟାନସରର ପ୍ରତିଷେଧକ ବ୍ୟବସ୍ଥା ସେ କେବଳ ଚିକିତ୍ସାଳୟରେ ଅଛି ତାହା ନୁହେଁ, ଆପଣଙ୍କ ବାଡ଼ି ବଗିଚା, ରେଫ୍ରିଜରେଟର ଓ ସାଲାଡ଼ରେ ମଧ୍ୟ କ୍ୟାନସର ପ୍ରତିଷେଧକ ଜିନିଷ ରହିଛି ।

କାନାଡ଼ାର ଜଣେ ବୈଜ୍ଞାନିକଙ୍କ ଏକ ଅଧ୍ୟୟନରୁ ପ୍ରକାଶ ଯେ ଆମେ ଖାଉଥିବା ଗାଜରରେ ଏକ ପ୍ରାକୃତିକ ରସାୟନିକ ଦ୍ରବ୍ୟ ରହିଛି ଯାହାର ନାମ ହେଉଛି ବିଟା—କାରୋଟିନ୍ । ଏହି ଦ୍ରବ୍ୟ ସହିତ ଭିଟାମିନ୍ 'ଏ' ଅଧିକ ପରିମାଣରେ ମିଶାଇ ଖାଇଲେ କ୍ୟାନସର ଯୋଗୁ ନଷ୍ଟ ହେଉଥିବା ଜୀବ-କୋଷର ପରିମାଣ ପ୍ରାୟ ଶତକଡ଼ା ୪୦୦ ଭାଗ କମିଯାଆନ୍ତି ।

ତମାଖୁ ଓ ଗୁଆ ଚୋବାଇ ଖାଇବା ଅଭ୍ୟାସ ଥିବା ୩୭ଜଣ ଫିଲିପାଇନସ୍ ପୁରୁଷ ଓ ମହିଳାଙ୍କୁ ନେଇ ନିକଟରେ ପରୀକ୍ଷା କରାଯାଇ ଥିଲା ଏବଂ ସେହି ପରୀକ୍ଷାରୁ ଏହି ସୁଫଳ ମିଳିଛି । ଏଭଳି ବ୍ୟକ୍ତିଙ୍କ ମୁହଁ ଓ ଓଠରେ କ୍ୟାନସର ହେବାର ଆଶଙ୍କା ଅଧିକ ।

ପ୍ରାକୃତିକ କ୍ୟାରୋଟିନ୍ ଗାଜର ଛଡ଼ା ସାକରକନ୍ଦା, ଅଣ୍ଡା, କଲିଜା ଓ ସବୁଜି ପତ୍ର ପରିବାରୁ ମଧ୍ୟ ମିଳିଥାଏ ।

କାନାଡ଼ାର ଗବେଷକ ଦଳ ଫିଲିପାଇନ୍ସର ଉକ୍ତ ବ୍ୟକ୍ତିମାନଙ୍କୁ ୫୦ହଜାର-ୟୁନିଟ୍ ଭିଟାମିନ 'ଏ' ଏବଂ ଦେଢ଼ଲକ୍ଷ ୟୁନିଟ୍ ବିଟା କ୍ୟାରୋଟିନ୍ ସପ୍ତାହକୁ ଦୁଇଥର ଲେଖା ଦେଇଥିଲେ । ଛଅମାସର ଚିକିତ୍ସା ପରେ ସେମାନଙ୍କ ନଷ୍ଟ ହେଉଥିବା ଜୀବକୋଷର ପରିମାଣ ଆଶାତୀତ ଭାବେ ବଢ଼ିଗଲା ।

ଅବଶ୍ୟ ଅତ୍ୟଧିକ ଗାଜର ଖାଇଲେ ଚମଡ଼ାର ରଙ୍ଗ ନାରଙ୍ଗୀ ହୋଇଯିବାର ଆଶଙ୍କା ରହିଛି । କିନ୍ତୁ କ୍ୟାନସର ଭୋଗିବା ଅପେକ୍ଷା ଚମଡ଼ାର ରଙ୍ଗ ମଳିନ ପଡ଼ିଗଲେ କ୍ଷତି କଣ ? □

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଓ ଶ୍ରୀ ସାମନ୍ତ

ଗାଁର ଭାଗବତ ଟୁଙ୍ଗୀରେ ପଣ୍ଡିତ ମହାଶୟଙ୍କ ପୁରାଣ ଶୁଣିବାକୁ ସମସ୍ତେ ସନ୍ଧ୍ୟାବେଳେ ବସନ୍ତି । ପୁରାଣ ପାଠ ସରିଲାବେଳକୁ ସବୁଦିନେ ଜଣେଅଧେ କିଏ ରହି ଡୁଳାଉଥାନ୍ତି ।

ଦିନେ ପୁରାଣ ପାଠ ସରିଲାବେଳକୁ ପଣ୍ଡିତେ ଦେଖିଲେ ଜଣେ ଲୋକ ବସିଛି ଆଖିରୁ ଧାର ଧାର ଲୁହ ବୋହିଯାଉଛି ।

ଭଗବତ୍ ପ୍ରେମରେ ତନ୍ମୟ ହୋଇ ଭକ୍ତଙ୍କର ହୃଦୟ ବିଗଳିତ ହୋଇଛି ବୋଲି ଭାବି ପଣ୍ଡିତେ ମନେ ମନେ କହିଲେ ଯାହାହେଉ ଏତେଦିନ ମୋର ପୁରାଣ ପଢ଼ା ସାର୍ଥକ ହେଲା,

ଖୁସିରେ ସେ ଉକ୍ତ ଲୋକକୁ ଡାକି ପଚାରିଲେ ବାପ ପୁରାଣର କେଉଁ ଅଧ୍ୟାୟରୁ ପ୍ରଭୁଙ୍କ ଲୀଳାଶୁଣି ତୁମ ହୃଦୟ ବିଗଳିତ ହେଲା ।

କାନ୍ଦୁ ଥିବା ଲୋକ ଏହାର ଉତ୍ତରରେ କହିଲା, "ନାଇଁ ପଣ୍ଡିତ ମହାଶୟ, କାଲିଠାରୁ ମୋର ଛେଳିଟା ହଜିଯାଇଛି ।

ଆପଣ ପୁରାଣ ପଢ଼ିଲା ବେଳେ ଆପଣଙ୍କ ଦାଢ଼ି ହଲିବା ଦେଖି ମୋର ଛେଳିକଥା ମନେପଡ଼ି ଆଖିରୁ ଲୁହ ବାହାରୁଛି ।

× × × ×

ଜଣେ ଲୋକ ଗୋଟିଏ ଚିଠି ପାଇଲା, "ତୁମେ ଯଦି ଦଶହଜାର ଟଙ୍କା ନିମ୍ନ ଠିକଣାରେ ତିନି ଦିନ ଭିତରେ ଦାଖଲ ନକର ତେବେ ଆମେ ତୁମର ସ୍ତ୍ରୀକୁ ହରଣଚୋରି କରନେବୁ ।"

ସେ ଉତ୍ତର ପଠାଇଲେ "ଟଙ୍କାଟା ଦେଇ ପାରୁନାହିଁ । ତେବେ ଆପଣଙ୍କ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ରକ୍ଷା କରନ୍ତୁ । ଆପଣ କେତେବେଳେ ଆସିବେ ତାହା ଜଣାଇଲେ ମୁଁ ସେତିକି ବେଳେ ଘରେ ଅନୁପସ୍ଥିତ ରହିବି । ଏ ପ୍ରକାର ମୁଁ ସାହାଯ୍ୟ କରିପାରେ ।"

× × × ×

ଓକିଲ ଜଣେ ଭଦ୍ରଲୋକ ଯେ ତୁମର ସମ୍ପତ୍ତିକୁ ତୁମର ଶତ୍ରୁମାନଙ୍କଠୁ ରକ୍ଷାକରେ ଏବଂ ନିଜେ ଦଖଲ କରେ ।

× × × ×

ବିଚାରକ —କୋରେଖରେ ତୁମର ଆଉ କିଛି ଦାଖଲ କରିବାକୁ ଅଛି ?

ଅଭିଯୁକ୍ତ ବ୍ୟକ୍ତି —ନା ହଜୁର, ମୋର ଶେଷ ନୂଆପଇସା ମଧ୍ୟ ମୋ ଓକିଲ ନେଇ ଯାଇଛନ୍ତି ।

× × × ×

ଓକିଲ —ହରିକୁ ଖୁନ୍ କରାଗଲା ବେଳେ ତୁମେ ସେଠୁ କେତେ ଦୂରରେ ଥିଲ ?

ସାକ୍ଷୀ :—ଆଠ ଫୁଟ ସାଢ଼େ ଚାରି ଇଞ୍ଚ ।

ଓକିଲ—ତୁମେ ଏତେ ନିଶ୍ଚୟ କିପରି ହେଲ ?

ସାକ୍ଷୀ—ମୁଁ ଜାଣିଥିଲି ଜଣେ ବୋକା ମତେ ସାକ୍ଷୀ ବେଳକୁ ଏ ପ୍ରଶ୍ନ ପଚାରିବ ।

× + +

ପ୍ରଥମ ଲୋକ :—ବାବାଙ୍କ ସାଙ୍ଗରେ କେତେବେଳେ ଦେଖା ହୋଇ ପାରିବ ?

ଦରବାନ :—ବହୁତ କଠିନ । ଖାଇବା ଆଗରୁ ତାଙ୍କ ପେଟ ଏତେ ଖାଲିଥାଏ ଯେ ମୃଦଙ୍ଗ ପରି ସେ ଶବ୍ଦ କରନ୍ତି, ଏବଂ ଖାଇ ସାରିବା ପରେ ତାଙ୍କ ପେଟ ଏତେ ଖୁନ୍ଦିହୋଇ ଯାଏ ସେ ହଲଚଲ କରିପାରନ୍ତି ନାହିଁ । ବଡ଼ କଷ୍ଟରେ ନିଶ୍ୱାସ ବାହାରେ ।

× × × ×

ପିଲାଦିନେ ମୁଁ ଭାବୁଥିଲି ଯେ ପୃଥିବୀରେ ଧନ ସବୁଠୁ ବଡ଼ ଜିନିଷ ବର୍ତ୍ତମାନ ବୃଦ୍ଧ ବୟସରେ ଜାଣିଲିଣି ଯେ ତାହା ସତ ।

× × × ×

ଡାକ୍ତର :—ତୁମେ କାହିଁକି ବହୁତ ଡ଼ରିଗଲା ପରି ଦିଶୁଛ ?

ରୋଗୀ ·—ଏଇଟା ମୋର ପ୍ରଥମ ଅପରେସନ, ତେଣୁ ଡ଼ରଲାଗୁଛି । କିନ୍ତୁ ଆପଣ ମଧ୍ୟ ଡ଼ରିଗଲାପରିଜଣା ପଡ଼ୁଛନ୍ତି ।

ଡାକ୍ତର .—ହଁ ଏଇଟା ମଧ୍ୟ ମୋର ପ୍ରଥମ ଅପରେସନ୍ ।

× × × ×

ତରୁଣୀ— 'ଦେଖନ୍ତୁ ତବା ଖାଲି ହେବାପରେ ଜଣେ କନେଷ୍ଟବଲ ଆସି ମୋ ସାଙ୍ଗରେ ମନ୍ଦ ଆଚରଣ କଲା ।

ଦାରୋଗା — 'ତମେ କଅଣ ଭାବୁଛ ଯେ ତୃତୀୟ ଶ୍ରେଣୀ ତବାରେ ଆଇ. ସି. ଏସ୍. ଅଫିସର ଚାହିଁ କରିଥାନ୍ତେ ?

× × × ×

ବାପା ତାଙ୍କର ଚାରିଜଣ ପୁଅ ଝିଅଙ୍କୁ ଡାକି ପାଖରେ ବସାଇ ପ୍ରଶ୍ନ କଲେ, "କୁହ କିଏ ଆମଘରେ ମା'ଙ୍କ କଥା ବେଶୀ ଶୁଣେ ? "

ଏକସ୍ୱରରେ ସମସ୍ତେ, "ତମେ "

Images: Aptakama Mishra, Processing: Srujanika

ସୁନ୍ଦରଗଡ଼ ଜିଲ୍ଲାରେ ରାଜନୈତିକ ହିଂସାକାଣ୍ଡ

ପୋଲିସ ଓ ଶ୍ରମିକ ସଂଘର୍ଷ ବ୍ୟତୀତ ଟ୍ରେଡ୍ ଇଉନିୟନରେ ଶ୍ରମିକ ଶ୍ରମିକ ମଧ୍ୟରେ ସଂଘର୍ଷ ଓ ମୃତ୍ୟୁ ଓଡ଼ିଶାରେ ଆଗେ ପ୍ରାୟ ନଥିଲା । ୧୯୭୯ ମସିହାରେ ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ର ପୁର ବାର୍ଡ଼ ଆଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ବି. ଏସ. ଏଲ କମ୍ପାନୀର ହାତ ବାରିସି ଶ୍ରମିକସଂଘ ବୋଲି ଅଭିଯୁକ୍ତ ଗାଙ୍ଗପୁର ଲେବର ଇଉନିୟନ ଆଇ. ଏନ୍. ଟି.ୟୁ.ସି ବିରୁଦ୍ଧରେ ଶ୍ରୀ ମନମୋହନ ମିଶ୍ର ଏକ ଶ୍ରମିକ ସଙ୍ଗଠନ କରିବାପରେ ଏକ ବିବାଦରେ ଗାଙ୍ଗପୁର ଲେବର ଇଉନିୟନର ୮ଜଣ ଶ୍ରମିକ ମରିଥିଲେ । ତା ପରେ ମନମୋହନବାବୁ ତାଙ୍କ ସହକର୍ମୀମାନେ ମ୍ୟାନେଜର ହତ୍ୟା ମୋକଦ୍ଦମାରେ ପଡ଼ି ନିର୍ଦ୍ଦୋଷରେ

ମୁରଲୀଧର ପରଜା

ଖଲାସ ହେଲେ ଓ ସେ ସୁନ୍ଦରଗଡ଼ ଜିଲ୍ଲାରେ ଆଉ ଅବସ୍ଥାନ ନକରିବାରୁ ସେ ସଙ୍ଗଠନ ଭାଙ୍ଗିଗଲା । ତା ପରେ ୧୯୭୪ ମସିହାରେ ରାଉରକେଲା ଠାରେ ରାଉରକେଲା ଇଣ୍ଡଷ୍ଟ୍ରିଏଲ ମଜଦୂର ଇଉନିୟନ ଓ କଂ ଆଇ-ଏନ ଟି.ୟୁ.ସି ପରିଚାଳିତ ଅଦ୍ୱୈତ ବିଶ୍ୱାଳଙ୍କ ନେତୃତ୍ୱରେ ଚାଳିତ ଇଉନିୟନ ସଂଘର୍ଷ ଫଳରେ ଶ୍ରୀ ବିଶ୍ୱାଳ ଗୁରୁତର ଆହତ ହୋଇ ଏକମାସ ଚିକିତ୍ସିତ ଥିଲେ ।

ଆଇ. ଏନ୍. ଟି.ୟୁ.ସି ଯେତେବେଳେ ଇସ୍ପାତ କାରଖାନାର ସ୍ୱୀକୃତି ପ୍ରାପ୍ତ ଶ୍ରମିକ ନେତା ଶ୍ରୀ ଧ୍ରୁବେଶ୍ୱର ବସ୍ତିଆଙ୍କ ନେତୃତ୍ୱରେ ହିନ୍ଦ୍ ମଜଦୂର ସଭା ଗଠନକଲେ ସେତେବେଳେ ପରସ୍ପର ପ୍ରତି ସ୍ୱାଭାବିକ ଅସୂୟା ଥିଲେହେଁ ସଂଘର୍ଷ ଓ ମାଡ଼ପିଟ ହୋଇ ନଥିଲା ।

ଇସ୍ପାତ କାରଖାନା ମଧ୍ୟରେ ବିଗତ-୧୦ ବର୍ଷ ମଧ୍ୟରେ ଜନତା ପାର୍ଟି କ୍ଷମତାକୁ ଆସିବା ପରେ ତତ୍କାଳୀନ ବିଧାୟକ ବ୍ରଜ କିଶୋର ମହାନ୍ତିଙ୍କ ନେତୃତ୍ୱରେ ପରିଚାଳିତ ରାଉରକେଲା ଏମ୍ପ୍ଲଇଜ ଆସୋସିଏସନର ସଭ୍ୟ ସଂଖ୍ୟା ବଢ଼ିବାକୁ ଲାଗିଲା । ତା ପୂର୍ବରୁ ଯଦିଓ ଏମ୍ପ୍ଲଇଜ ଆସୋସିଏସନ ଓ ମଜଦୂର ସଭା-କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା କିନ୍ତୁ ୧୯୭୭ ମସିହାରେ ବ୍ରଜ ମହାନ୍ତିଙ୍କୁ କାରଖାନା ମଧ୍ୟରେ ମଜଦୂର ସଭା ପକ୍ଷରୁ ମାଡ଼ ଅଭିଯୋଗ ହେଲା । ୧୯୮୨ ମସିହାରେ ମଜଦୂର ସଭାର କେତେକ କର୍ମୀ ମଜଦୂର ସଂଘର ନେତା ସର୍ବେଶ୍ୱର ମାନସିଂହଙ୍କ ଘରେପଶି ହିଂସାକାଣ୍ଡ ଘଟାଇଥିବା ଅଭିଯୋଗର ମୋକଦ୍ଦମା ଏବେ ବି ବିଚାରାଧୀନ ଅଛି ଏବଂ ସେହିବର୍ଷ ସି-ଆଇ-ଟିୟୁର ଏନ୍.କେ ମହାନ୍ତିଙ୍କୁ ମଜଦୂର ସଭାପକ୍ଷରୁ ମାଡ଼ ହୋଇଥିବା ମଧ୍ୟ ଅଭିଯୋଗ ହୋଇଥିଲା ।

ବ୍ରଜକିଶୋର ମହାନ୍ତିଙ୍କ ସମର୍ଥିତ ଶ୍ରମିକ ଏମ୍ପ୍ଲଇଜ ଆସୋସିଏସନଙ୍କ ମୁଖ୍ୟତଃ କାରଖାନାର ଅଫିସ ଷ୍ଟାଫଙ୍କୁ ନେଇ ଗଠିତ ହୋଇଥିଲା କିନ୍ତୁ ଜନତା ସରକାର ସମୟରେ ସରକାରୀ ପ୍ରୋତ୍ସାହନ ଅଭାବରୁ ସେ ନିଷ୍ପ୍ରଭ ହୋଇ ଉଠିଲା ।

୧୯୮୦ ମସିହା ଠାରୁ ସିଆଇ—ଟିୟୁ ପ୍ରଥମେ କାରଖାନାର ଖଣିଅଞ୍ଚଳ ମୁଖ୍ୟତଃ କାଲିଟା ଟେନସାରେ ନିଜର ସଙ୍ଗଠନ ବୃଦ୍ଧି କଲା । ଯଦିଓ ସେଠାରେ ମଜଦୂର ସଭାକୁ କାରଖାନା ସ୍ୱୀକୃତି ଦେଇଛି ତଥାପି ସି. ଆଇ. ଟିୟୁର ଖଣିଅଞ୍ଚଳ ଶ୍ରମିକଙ୍କ ଉପରେ ମୁଖ୍ୟତଃ ଠିକା ଶ୍ରମିକଙ୍କ ମଧ୍ୟରେ ପ୍ରଭାବ ଅଛି । ଏହି ସଙ୍ଗଠନକୁ ଭାଙ୍ଗିବାକୁ କେତେକ ଠିକାଦାର ଯୋଜନାକରି ସେଠାର ଶ୍ରମିକ ନେତା ଅନନ୍ତ ରାଉତଙ୍କ ପରିବାର ଉପରେ ଗତ ସେପ୍ଟେମ୍ବର ୨୨ତାରିଖରେ ଆକ୍ରମଣକରି ତାଙ୍କ ୫ବର୍ଷର ପୁଅକୁ ହତ୍ୟାକରିବା ସଙ୍ଗେ ସଙ୍ଗେ ତାଙ୍କ ସ୍ତ୍ରୀ ଓ ଭାଇବୋହୁଙ୍କୁ ଗୁରୁତର ଆହତ କଲେ । ଯେଉଁମାନେ କି ଅଦ୍ୟାବଧି ଚିକିତ୍ସାଧୀନ । ଏତେବଡ଼ ଘଟଣା ଘଟିଥିଲେ ମଧ୍ୟ ଆଇନ ଅନୁଯାୟୀ ପୋଲିସ ୯୦ଦିନ ମଧ୍ୟରେ ଚାର୍ଜସିଟ୍ ନଦେବାରୁ ଉକ୍ତ ନରହତ୍ୟା ମୋକଦ୍ଦମାରେ ଗିରଫ ବ୍ୟକ୍ତିମାନେ ଜାମିନ୍‌ରେ ଖଲାସ ହେଲେ । ପୋଲିସ ନିଷ୍କ୍ରିୟତା ବିରୁଦ୍ଧରେ ଓ ଉକ୍ତ ହତ୍ୟାକାଣ୍ଡରେ ସଂପୃକ୍ତ ବ୍ୟକ୍ତିଙ୍କୁ କର୍ତ୍ତୃପକ୍ଷ ଚାକିରି ଦେବାକୁ ଅନୁମତି ଦେବାରୁ ପ୍ରତିବାଦ କରି କାଲିଟା ମାଇନ୍ସ ଗତ ଜାନୁୟାରୀ ୨ ତାରିଖରୁ ସି. ଆଇ. ଟିୟୁ ନେତୃତ୍ୱରେ ୭ଦିନ ବନ୍ଦ ହୋଇ ଥିଲା ଏହା ପୂର୍ବରୁ ଅନ୍ୟଏକ ମାଡ଼ପିଟ ଘଟଣାରେ ସି.ଆଇ. ଟି.ୟୁ.ର ୮ଜଣ ବହିଷ୍କୃତ ଶ୍ରମିକଙ୍କ ପୁନଃନିଯୁକ୍ତି ବିଚାର ହୋଇନଥିବା ବେଳେ ହତ୍ୟା ଅଭିଯୋଗରେ ସଂପୃକ୍ତ ବ୍ୟକ୍ତିଙ୍କୁ ଚାକିରି ଦେବା ଶ୍ରମିକ ଅଶାନ୍ତିର ଅନ୍ୟ ଏକ କାରଣ ।

କାରଖାନା ମଧ୍ୟରେ କାର୍ଯ୍ୟରତ ୮ ହଜାର ଠିକା ଶ୍ରମିକଙ୍କ ମଧ୍ୟରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ସଙ୍ଗଠନକୁ କେନ୍ଦ୍ରକରି ବିଗତ ଏକ ବର୍ଷ ମଧ୍ୟରେ ବହୁବାର ମଜଦୂରସଭା ଓ ସି ଆଇ, ଟିୟୁ ମଧ୍ୟରେ ବିକ୍ଷୋଭ ପ୍ରଦର୍ଶନ ଶୋଭାଯାତ୍ରା ଜରିଆରେ ନିଜର ସଙ୍ଗଠନ ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ ହେବା ସଙ୍ଗେସଙ୍ଗେ ମାଡ଼ପିଟ ହୋଇଯାଇଛି । ଗତ ଅଗଷ୍ଟରୁ ଓ ସେପ୍ଟେମ୍ବର ମାସରେ ମଜଦୂର ସଭାର ଦୁଇଜଣ ସକ୍ରିୟ କର୍ମୀଙ୍କୁ ଗୁରୁତର ମାଡ଼ ଅଭିଯୋଗରେ ସି ଆଇ, ଟିୟୁର ୮ଜଣଙ୍କୁ ଗିରଫ କରାଯାଇ ମୋକଦ୍ଦମା ବିଚାରାଧୀନ ଅଛି । ମଜଦୁର ସଭା କାରଖାନାର ସ୍ୱୀକୃତିପ୍ରାପ୍ତ ଶ୍ରମିକସଂସ୍ଥା ଭାବରେ ଠିକାଦାର ଶ୍ରମିକଙ୍କ ଦାବୀ ଉପରେ ଆଲୋଚନା କରିବାକୁ ନିଜର ଦାବୀ ଜାହିର କରୁଥିବା ବେଳେ ସି ଆଇ, ଟିୟୁ ପଛରେ ସଂଖ୍ୟାଧିକ ଠିକାଶ୍ରମିକଙ୍କ ସମର୍ଥନ ଥିବା ସେମାନେ ଦାବୀକରୁଛନ୍ତି ।

ଜାତୀୟ ସ୍ତରରେ ଠିକା ଶ୍ରମିକଙ୍କ ଦାବୀ କାରଖାନା ସ୍ତରରେ ନିଷ୍ପତ୍ତି ହେବାକୁ ସ୍ଥିର ହେବାପରେ ଦୁର୍ଗାପୁର ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଦାବୀ ଉପରେ ସିଆଇ ଟି.ୟୁ ଓ କାରଖାନାମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ, କମ୍ପାନୀ ହାସ୍‌ପାତାଳରେ ସ୍ଥାୟୀ କର୍ମଚାରୀଙ୍କ ଭଳି ଠିକା ଶ୍ରମିକମାନେ ଚିକିତ୍ସା, ସୁଯୋଗ, ପାଇବେ ।

ଅନୁରୂପ ଏକ ଚୁକ୍ତି ଏଠାରେ ସ୍ୱାକ୍ଷର କରିବାକୁ ସି, ଆଇ-ଟିୟୁ ପକ୍ଷରୁ ୫୧୦୦ ଶ୍ରମିକଙ୍କ ସ୍ୱାକ୍ଷରରେ ଏକ ଦାବୀପତ୍ର କାରଖାନାକୁ ଦିଆ ଯାଇଥିଲା । ଶ୍ରମଦପ୍ତର ଗତ ୧୪

ଅବଶିଷ୍ଟାଂଶ ୧୪ପୃଷ୍ଠାରେ ଦେଖନ୍ତୁ

Images: Aptakama Mishra, Processing: Srujanika

କ୍ୟାବିନ୍ ଭିତରେ ଶବ

ଶିକ୍ଷିତ ରାଜକିଶୋର ଆତ୍ମହତ୍ୟା କଲେ କାହିଁକି?

୧୯୮୩ ସେପ୍ଟେମ୍ବର ୨୩ ତାରିଖ ଦିନ ବାରଙ୍ଗ ରେଲ୍‌ୱେ ଷ୍ଟେସନ୍‌ର ଏକ ପରିତ୍ୟକ୍ତ କ୍ୟାବିନରୁ ଯେଉଁ ଗଳିତ ତଥା ଦୁର୍ଗନ୍ଧମୟ ଶବଟି ମିଳିଥିଲା, ତାହା ଏକ ହତ୍ୟାକାଣ୍ଡ ଘଟଣା ବୋଲି ଆଦ୍ୟାବଧି ଜନମାନସକୁ ଅଚ୍ଛନ୍ନ କରି ରଖିଥିଲେ ମଧ୍ୟ ଏହାଯେ ଆତ୍ମହତ୍ୟା ବ୍ୟତୀତ ଅନ୍ୟକିଛି ନୁହେଁ—ତାହା ଦିବାଲୋକଭଳି ସ୍ପଷ୍ଟ ହୋଇଯାଇଛି । କିନ୍ତୁ ଯେଉଁଭଳି ପରିସ୍ଥିତିରେ ଗୋଟିଏ ଗୋଡ଼ର ଅଧେ, ଗୋଟିଏ ପାପୁଲି ଏବଂ ଗୋଟିଏ ପାଦ ଶବରୁ ହଜିଯାଇ ହୋଇଯାଇଥିଲା । ସେତେବେଳେ ଏହି ଘଟଣାକୁ ଯେ କେହି ବ୍ୟକ୍ତି ହତ୍ୟାକାଣ୍ଡ ବୋଲି ଭାବିବା ସ୍ୱାଭାବିକ । ଏବଂ ସମସ୍ତ ସମ୍ବାଦପତ୍ରରେ କେବଳ ଅନୁରୂପ ସମ୍ବାଦମାନହିଁ ପ୍ରକାଶ ପାଇଥିଲା ।

ଶ୍ରୀ ବନବିହାରି ମହାନ୍ତି

ଭୁବନେଶ୍ୱର ପୋଲିସ୍ ଜିଲ୍ଲାର ଶହୀଦ-ନଗର ଥାନା ଅନ୍ତର୍ଗତ ପଣ୍ଡାସାହି ଗ୍ରାମର କାହ୍ନୁଦାସଙ୍କ ସ୍ତ୍ରୀ କାଞ୍ଚନବାଳା (୩୫ବର୍ଷ ବୟସ) ଗୋରୁ ଚରାନ୍ତି । ସବୁଦିନ ଭଳି ସେପ୍ଟେମ୍ବର ୨୩ତାରିଖ ଦିନ ମଧ୍ୟ ବାରଙ୍ଗ ରେଳୱେ ଲାଇନ୍ କଡ଼େକଡ଼େ ସେ ଗୋରୁ ଚରାଉଥିଲେ । ସମୟଥିଲା ପ୍ରାୟ ଦିନ ୨ଟା । ହଠାତ୍ ଜୋରରେ ବର୍ଷା ହେବାକୁ ଲାଗିଲା । କାଞ୍ଚନଙ୍କ ପାଖରେ ଛତା ନଥିବାରୁ ସେ ବାରଙ୍ଗ ରେଲ୍ ଷ୍ଟେସନ୍‌ରେ ଥିବା ପୁରୁଣା ତଥା ପରିତ୍ୟକ୍ତ ସାଉଥ୍—ସିଗନାଲ କ୍ୟାବିନ୍‌ରେ ଆଶ୍ରୟ ନେବାପାଇଁ କ୍ୟାବିନ୍‌ର ସିଡ଼ିଦେଇ ଉଠିଗଲେ । କିନ୍ତୁ କ୍ୟାବିନ୍ ଭିତରେ ସେ ଯାହା ଦେଖିଲେ ସେଥିରେ ତାଙ୍କଦେହ ଝିମ୍‌ଝିମ୍ ହୋଇଗଲା । ମୁଣ୍ଡ ଘୂରିଇବାକୁ ଆରମ୍ଭକଲା । ସେ ଭୟରେ ତଳକୁ ଓହ୍ଲାଇ ଆସିଲେ ।

କ୍ୟାବିନ୍ ଭିତର ସାରା ଜମାଟବନ୍ଧା ରକ୍ତର ମନ୍ଦା । ଭୀଷଣ ଦୁର୍ଗନ୍ଧ । ଭିତରେ ପଶିବାର ସାହସ ସେ ହରାଇଥିଲା ।

ସେତେବେଳେ ନିକଟବର୍ତ୍ତୀ ରଘୁନାଥପୁର ଗ୍ରାମର ବିଚିତ୍ରାନନ୍ଦ ସୁନ୍ଦରରାୟ ଓ ମାତା ନାମକ ଦୁଇଜଣ ଲୋକ ସେହି ବାଟଦେଇ ଯାଉଥିଲେ । ସେମାନଙ୍କୁ ଭୀତତ୍ରସ୍ତା କାଞ୍ଚନ ଡାକ ପକାଇଲେ । ତିନିହେଁ ମିଶି ଏଥର ଉପରକୁ ଗଲେ ।

ଶବଟିର ବାମଗୋଡର ଜଙ୍ଘଠାରୁ ପାଦ ପର୍ଯ୍ୟନ୍ତ ଅଂଶଟି ନଥିଲା । ଡାହାଣ ଗୋଡ଼ଟିର ପାଦଟି ଓ ଡାହାଣ ହାତର ପାପୁଲିଟି ନଥିଲା । ଶ୍ରୀ ସୁନ୍ଦରରାୟ ବାରଙ୍ଗ ଷ୍ଟେସନ୍‌ର ସହକାରୀ ଷ୍ଟେସନ୍ ମାଷ୍ଟରଙ୍କୁ ଖବରଦେଲେ । ଷ୍ଟେସନ ମାଷ୍ଟର ଶ୍ରୀ ପି. ମଜୁମ୍‌ଦାର କଟକ ରେଳବାଇ ପୋଲିସ୍‌କୁ ଖବରଦେଲେ । ଏହାପରେ ସବ୍—ଇନ୍‌ସପେକ୍ଟର ଶ୍ରୀ ଲକ୍ଷ୍ମୀଧର ଖଟୁଆ ଘଟଣାର ତଦନ୍ତ ଆରମ୍ଭ କରିବା ସଙ୍ଗେ ସଙ୍ଗେ ସମସ୍ତ ସହକାରୀ ରେଳବାଇ ପୋଲିସ୍ ଥାନାକୁ ଏ ସମ୍ପର୍କରେ ଖବରପଠାଇ ମୃତବ୍ୟକ୍ତିର ପରିଚୟ ଜଣାଇବା ନିମନ୍ତେ ଅନୁରୋଧ କଲେ । ବାରଙ୍ଗ ରେଲ୍ ଷ୍ଟେସନ୍‌ରେ ରହୁଥିବା ତଥା ଚଳାଚଳ କରୁଥିବା ବହୁ ଲୋକଙ୍କୁ ସେ ଏ ବିଷୟରେ ପଚରା ଉଚରା କଲେ । ଷ୍ଟେସନ ନିକଟରେ ରହୁଥିବା ହରିଆ ଜେନା ନାମକ ଜଣେ ଲୋକଠାରୁ ସେ ଗୋଟିଏ ଖଣ୍ଡା ଜବତ କଲେ । କିନ୍ତୁ ଉକ୍ତ ରହସ୍ୟମୟ ମୃତ୍ୟୁର କୌଣସି ସୂତ୍ର ପାଇ ପାରିଲେ ନାହିଁ ।

ଶ୍ରୀ ଖଟୁଆଙ୍କ ପରେ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପି.ସି. ପଟ୍ଟନାୟକ ଘଟଣାର ତଦନ୍ତ ଭାର ଗ୍ରହଣ କଲେ । ସେ ବନୁଆ ବେହେରା ନାମକ ଜଣେ ଚୋରର ଘର ଖାନତଲାସ କଲେ । ତଥାପି କିଛି ତଥ୍ୟ ମିଳିଲା ନାହିଁ ।

ଶବ ବ୍ୟବଚ୍ଛେଦର ରିପୋର୍ଟ ଅକ୍ଟୋବର ୨ ତାରିଖ ଦିନ ମିଳିଲା । କଟକରୁ ଶ୍ରୀରାମଚନ୍ଦ୍ର-ଭଞ୍ଜ ମେଡ଼ିକାଲ କଲେଜ ହସ୍‌ପିଟାଲର ଫୋରେନ୍‌ସିକ୍ ଏଣ୍ଡ ଟକ୍‌ସିକୋଲୋଜି (ଏଫନ-ମେଟିକ୍) ବିଭାଗର ଡେମନ୍‌ଷ୍ଟ୍ରେଟର ଡାକ୍ତର ଜିତେନ୍ଦ୍ର କୁମାର ବଳବନ୍ତରାୟ ଉକ୍ତ ଶବର ମାଇନା କରିବା ପରେ ଯାହା ରିପୋର୍ଟ ଦେଲେ ସେଥିରୁ ଜଣାପଡ଼ିଲାଯେ ଶବଟିର କଟାଯାଇଥିବା ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକର ଅଗ୍ରଭାଗ ମାନଙ୍କୁ କୌଣସି ମାଂସଭକ୍ଷୀ ପ୍ରାଣୀ ଖାଇଯାଇଥିଲେ, ଡାହାଣ ପଟ କାନ ମଧ୍ୟ ନାହିଁ । ଶବଟିରେ ପୋକ (ମ୍ୟାଗଟ୍) ଜମିଯାଇଥିଲେ । ଆଖିପୁଅ ଦୁଇଟି ବାହାରକୁ ବାହାରକୁ ବାହାରିପଡ଼ିଛି । ଚମଡ଼ା ଉତୁରି ଯାଇଛି ! ଖାଲି ପେଟ । ମୂତ୍ରନଳୀ (ବ୍ଲାଡର) ମଧ୍ୟ ଖାଲି । ଲିଙ୍ଗ ଓ ଅଣ୍ଡକୋଷ ମଧ୍ୟ ନାହିଁ । ଲୋକଟିର ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକୁ ଏକ ତୀକ୍ଷ୍ଣ ଅସ୍ତ୍ର ସାହାଯ୍ୟରେ କାଟି ଦିଆଯାଇଛି ବୋଲି ଡାକ୍ତର ବଳବନ୍ତରାୟ ମତ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶବ ଦେହରେ ମିଳିଥିବା କ୍ଷତଗୁଡ଼ିକ ମୃତ୍ୟୁର ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ତାହା ସଠିକଭାବେ କହିବା କଷ୍ଟକର ବୋଲି ଉଲ୍ଲେଖ କରିଥିଲେ ।

ମହଲାଙ୍କ କେଶ ଉଦ୍ଧାର

ଶବ ନିକଟରୁ ଦୁଇଖଣ୍ଡ ପାଞ୍ଚଟଙ୍କିଆ ନୋଟ ଦୁଇ ଖଣ୍ଡ ଦୁଇଟଙ୍କିଆ ନୋଟ ଏବଂ ଗୋଟିଏ ଏକ ଟଙ୍କିଆ ନୋଟ ମିଳିଥିଲା । ଏହା ତାର ପ୍ୟାଣ୍ଟର ଡାହାଣପକେଟରେ ଥିଲା । ସେଥିରେ ଖଣ୍ଡିଏ ପୋଷ୍ଟକାର୍ଡରେ କେବଳ ଠିକଣା ଲେଖା ଥିବା ଅଂଶଟି ଥିଲା । ରକ୍ତ ଲାଗିଯିବା ଫଳରେ ଠିକଣାରୁ ଅସ୍ପଷ୍ଟଭାବେ 'ରାଜକିଶୋର ପଟ୍ଟ... ପିନ୍‌କୋଡ୍ ନମ୍ବର—୭୫୧୦୦୧' ଲେଖା-ଥିବାର ଦେଖାଗଲା । ଠିକଣା ଉପରେ ଥିବା ଡାକଟିକେଟରେ ରବୀନ୍ଦ୍ର ମଣ୍ଡପ (ଭୁବନେଶ୍ୱର) ପୋଷ୍ଟ ଅଫିସ ତା ୧୯-୯-୮୩ ଲେଖାର କଟକରୁ ବାରଙ୍ଗ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଏକ ଟ୍ରେନଟିକେଟ (ନମ୍ବର-୦୬୩୩୯) ମୃତ ବ୍ୟକ୍ତିର ସାର୍ଟ ପକେଟରୁ ମିଳିଥିଲା । ଉକ୍ତ କ୍ୟାବିନର ଗୋଟିଏ ଝରକା ଫ୍ରେମରେ 'ସିଲଭରପ୍ରିନ୍‌ସ' ବ୍ଲେଡ଼ଟିଏ ମଧ୍ୟ ମିଳିଲା । କ୍ୟାବିନକୁ ଲାଗିଥିବା ସିଡ଼ିର ଗୋଟିଏ ଲୁହାରେଲିଂ ଉପରେ ପୁଳାଏ ବାଳ

ମିଳିଥିଲା । ଏହା ସ୍ତ୍ରୀଲୋକର କେଶ ଭଳି ଜଣା ପଡୁଥିଲା ।

ଏହି କାରଣରୁ ଉକ୍ତ ଯୁବକ ସମ୍ବନ୍ଧରେ କେହି ମିଳିଲା ଉକ୍ତ କ୍ୟାବିନରେ ରାତିରେ ରହିଥିବା ଏବଂ ଉକ୍ତ ଯୁବତୀଙ୍କୁ ଗଣଧର୍ଷଣ ପରେ ଅପହରଣ କରିନଆସିବା ବା ହତ୍ୟା କରାଯିବା ଇତ୍ୟାଦି ସଂପର୍କରେ ସେତେବେଳେ ବହୁ କଳ୍ପନା ଜଳ୍ପନା ଚାଲିଥିଲା । ଏବଂ ଦୈନିକପତ୍ରୀ ଗୁଡ଼ିକରେ ସମ୍ବାଦମାନ ପ୍ରକାଶ ପାଇଥିଲା । ଶବକୁ ଲାଗି ୨ଟି ୧୦ପଇସି ଓ ଗୋଟିଏ ଲୁଗା ମୁଚୁଳା ମଧ୍ୟ ପଡ଼ିଥିବାର ଦେଖାଗଲା । ବହୁ ଅନୁସନ୍ଧାନ ସତ୍ତ୍ୱେ ଶବଟିର ଦେହରେ ନ ଥିବା ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକର କୌଣସି ସନ୍ଧାନ ମିଳିଲା ନାହିଁ ।

କ୍ୟାବିନରେ ପଡ଼ିଥିବା ରକ୍ତ ଉପରେ କୁକୁର ବା ଅନ୍ୟ କୌଣସି ବଣ୍ୟ ଜନ୍ତୁ ପାଦ ଚିହ୍ନ ମାନ ଦେଖାଯାଉଥିଲା । ଶବଟି ଅତିରିକ୍ତ ପଚି ଯାଇଥିବା ଦେଖି ପୋଲିସ କୁକୁର ବାସ୍ନା ନେଇ ପାରୁନଥିଲା ।

ଶବ ଚିହ୍ନଟ ହେଲା

ଅକ୍ଟୋବର ୧୦ ତାରିଖ ଦିନ ଶହୀଦ-ନଗର ଥାନାଅନ୍ତର୍ଗତ ନହରକଣ୍ଠା ଗ୍ରାମର ରବୀନ୍ଦ୍ର ନାଥ ସାହୁ କଟକ ଜି,ଆର, ପି, ଥାନାରେ ଖଣ୍ଡିଏ ଅଧା ପୋଷ୍ଟ କାର୍ଡ଼ ସହ ଆସି ପହଞ୍ଚିଲେ ଏହି ପୋଷ୍ଟ କାର୍ଡ଼ଟିର ଅବଶିଷ୍ଟ ଅଂଶ ମୃତ ବ୍ୟକ୍ତିଙ୍କ ପକେଟରେ ରହି ଯାଇଥିଲା । ସେ ମୃତ ବ୍ୟକ୍ତିର ଲୁଗାପଟାରୁ ତାଙ୍କୁ ଚିହ୍ନି ପାରିଲେ । ସେ ଥିଲେ ରବୀନ୍ଦ୍ରଙ୍କର ସାନ ଭାଇ ରାଜ କିଶୋର ଏତେ ଦିନକେ ଶବର ପରିଚୟ ମିଳିଲା । ରବୀନ୍ଦ୍ର ଭୋ, ଭୋ, କରି କାନ୍ଦି ଉଠିଲେ ।

ରାଜକିଶୋରର ବୟସ ଥିଲା ୩୨ ବର୍ଷ । ସେ ବି,ଏ, ପାସ କରିଥିଲେ । ପରୀକ୍ଷାପରେ ସେ ମେଇରାନ ବଜାରରେ କିଛି ଦିନ କାମ କରିବା ପରେ ୧୯୭୪ରେ ଛଟେଇ ହୋଇଥିଲେ । ଏହା ପରେ ସେ ହଳଦିଆ ଓ କୋଚିନ ବନ୍ଦରରେ ମଧ୍ୟ କାମ କରିଥିଲେ । ଚାକିରି ଚାଲିଯିବା ପରେ ସେ ବେକାର ହୋଇ ଘରେ ବସିଥିଲେ ।

ରାଜକିଶୋର ସେପ୍ଟେମ୍ବର ୧୫ ତାରିଖ ଗୁରୁବାର ଦିନ ଘରୁ ୨୫ ଟଙ୍କା ଧରି ଭୁବନେଶ୍ୱର ଆସିଥିଲେ ଚାକିରି ବିଷୟରେ ବୁଝିବାକୁ welfair Extension Officer'(WEO) ପଦବୀ ନିମନ୍ତେ ପୂର୍ବରୁ ଆବେଦନ କରିଥିଲେ ସେପ୍ଟେମ୍ବର ୧୫ ତାରିଖ ଦିନ ସେ ଘରକୁ ଫେରିଯିବା ପରେ ପୁନର୍ବାର ୧୮ ତାରିଖରେ ଭୁବନେଶ୍ୱରକୁ ଆସି ଆଉ ଫେରିନଥିଲେ । ରାଜକିଶୋର ବାପ ଅଲେଖ ସାହୁ, ଭଉଣୀ କୁମାରୀ ରାନା ସାହୁ, ମା ଶ୍ରୀମତୀ ମଲ୍ଲିକା ସାହୁ ମୃତ୍ୟୁ ସଂପର୍କରେ ବିଶେଷ କିଛି ତଥ୍ୟ ପୋଲିସକୁ ଯୋଗାଇ ପାରିଲେ ନାହିଁ ।

ବାଲେଶ୍ୱର ଜିଲ୍ଲାର ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ରହାଣୀଆ ଗ୍ରାମର ଶ୍ରୀଶରତ ଦାସ ଭୁବନେଶ୍ୱରସ୍ଥ ହାଉସିଂବୋର୍ଡ଼ କଲୋନିରେ ରହୁଥିଲେ । ସେ ଏବଂ ରାଜକିଶୋର ଉଭୟ ୧୯୮୦ ଡିସେମ୍ବର ମାସରେ ମାତ୍ର ୩ ମାସ ପାଇଁ ଇନ୍ଭେଷ୍ଟିଗେଟର କମ-କୋଡ଼ର ଭାବେ କାମ କରିବାରେ ଆଉ ୮ ମାସ ପାଇଁ ସେମାନେ ଚାକିରି କାଳ ବୃଦ୍ଧି କରାଯିବା ଭିତ୍ତିରେ ସେମାନଙ୍କୁ ଛଟେଇ କରି ଦିଆଗଲା । ଏହାର ଏକ ମାସ ପରେ ସେମାନଙ୍କୁ ପୁନର୍ବାର ୨ ମାସ ୧୮ ଦିନ ନିମନ୍ତେ ଚାକିରୀ ମିଳିବା ପରେ ଛଟେଇ କରି ଦିଆଗଲା । "ଜନ-ଜୁଲାଇ ମାସରେ ସେମାନେ WEO post ନିମନ୍ତେ ଆବେଦନ କରିଥିଲେ । ସେପ୍ଟେମ୍ବର ୧୮ ତାରିଖ ରବିବାର ଦିନ ୧୧ଟା ବେଳେ ରାଜକିଶୋର ତାଙ୍କୁ ମାଷ୍ଟର କ୍ୟାଣ୍ଟିନ ଛକ (ଭୁବନେଶ୍ୱର) ନିକଟସ୍ଥ ଇନ୍ଦକସ୍ ପ୍ରାଇଭେଟ ଲିମିଟେଡ଼ ଠାରେ ଭେଟିଥିଲେ । "ଅର୍ଜେଣ୍ଟ କାମଅଛି" ବୋଲି କହି ସେ ରେଲୱେ ଷ୍ଟେସନ ଆଡ଼କୁ ଯାଇଥିଲେ । ଏହା ପରଠାରୁ ରାଜକିଶୋରଙ୍କ ସହ ତାଙ୍କର ଆଉ ଦେଖା ହୋଇନାହିଁ ବୋଲି ସେ ପୋଲିସକୁ କହିଲେ ।

କଟକ ରେଲୱେ ଷ୍ଟେସନର ବୁକିଂ କ୍ଲର୍କ ଶ୍ରୀ ଏମ୍. ପି ରାଓ କହିଲେ ଯେ ସେପ୍ଟେମ୍ବର ୧୯ ତାରିଖ ରାତିରେ କଟକରୁ ବାରଙ୍ଗ ପର୍ଯ୍ୟନ୍ତ ୬୩୩୩ରୁ ୬୩୫୦ ନମ୍ବର ବିଶିଷ୍ଟ ଟିକେଟ ମାନ ବିକ୍ରୀ ହୋଇଥିଲା । ୩୯୭ ଅପ୍ ଟ୍ରେନଟି ରାତି ୧ଟା ୧୦ ଓ ୨୦୩ ଅପ୍ ଟ୍ରେନଟି ରାତି ୧ଟା ୫୦ରେ କଟକ ଛାଡ଼େ ସେ ଦୁଇଟି ଟ୍ରେନ ନିମନ୍ତେ ଉକ୍ତ ଟିକେଟ ଗୁଡ଼ିକ ବିକ୍ରୀ ହୋଇଥିଲା ।

କ୍ରାଇମ୍ବ୍ରାଞ୍ଚ ତଦନ୍ତ ଭାର ଗ୍ରହଣ କଲେ ।

ରେଲବାଇ ପୋଲିସ ହାତରୁ କ୍ରାଇମବ୍ରାଞ୍ଚ ପୋଲିସ ଏହି ତଦନ୍ତଭାର ଗ୍ରହଣ କରିବା ପରେ ଇନସପେକ୍ଟର ଶ୍ରୀ ଗଗନ ବିହାରୀ ମହାନ୍ତି ଓ ଡି,ଏସ, ପି, ଶ୍ରୀ ଭୁବନାନନ୍ଦ ମିଶ୍ର ଆଲୋଚ୍ୟ କ୍ୟାବିନକୁ ଅକ୍ଟୋବର ୨୦ ଓ ନଭେମ୍ବର ୫ ତାରିଖ ଦିନ ଯାଇଥିଲେ ।

ରାଜକିଶୋରର ମା କହିଲେ ଯେ ମରିବାର କିଛି ମାସ ପୂର୍ବରୁ ସେ ଭୀଷଣ ଦୁର୍ବଳ ହୋଇ ପଡ଼ିଥିଲେ । ବେଳେବେଳେ ମୂର୍ଚ୍ଛା ହୋଇ ଯାଉଥିଲେ, ମୁଣ୍ଡ ଘୁରାଉ ଥିଲା । କଟକରେ ଡାକ୍ତର ରଘୁନାଥ ସାହୁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ । ଏହାଛଡ଼ା କାଠଗଡ଼ା ସାହିର ମୁନା ମିଆଁ ନାମକ ଟୁଣ୍ଡିକା ଟୁଣିକି ଚିକିତ୍ସା ଜାଣିଥିବା ଲୋକ ପାଖକୁ ମଧ୍ୟ ସେ ଯାଇଥିଲା । ବାଡ଼ି ପଟ କୂଅ ଭିତରକୁ ଡେଇଁ ପଡ଼ି ଦିନେ ରାତିରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ କିନ୍ତୁ ଘରର ଚାକର ତାଙ୍କୁ ଉଦ୍ଧାର କଲା ।

ଆଲୋଚ୍ୟ କ୍ୟାବିନଟି ରେଲୱେ ଷ୍ଟେସନ ଦକ୍ଷିଣ ପାର୍ଶ୍ୱଠାରୁ ସାମାନ୍ୟ ଦୂରରେ ଏବଂ ଭୁବନେଶ୍ୱର ଆଡ଼କୁ ରହିଛି । ରେଲ ଲାଇନ ଓ ନନ୍ଦନକାନନକୁ ଯାଇଥିବା ରାସ୍ତା ମଝିରେ ଏହା ଅବସ୍ଥିତ । କ୍ୟାବିନର ଦକ୍ଷିଣ ପଟେ ଗୁଡ଼ିଏ ବୁଦୁବୁଦିକିଆ ଗଛ । କ୍ୟାବିନର ଦକ୍ଷିଣ ପଟକୁ ଝରକାଟିଏ । ସାମ୍ନା ଏବଂ ପଛପଟ କାନ୍ଥକୁ ଲାଗି ୨ଟି ବଡ଼ବଡ଼ ଝରକା । ଭୂମି ଉପରୁ କ୍ୟାବିନକୁ ପଡ଼ିଥିବା ସିଡ଼ିଟିରେ ସ୍ଲାବ ଓ ଲୁହା ରେଲିଂ ମାନ ପାହାଚ ଭାବେ କାମ କରୁଛି । କ୍ୟାବିନଟି ପରିତ୍ୟକ୍ତ ହୋଇଥିବା ଯୋଗୁଁ ସାଧାରଣତଃ ଖୋଲା ଥାଏ

କ୍ୟାବିନ ଭିତରେ ପଡ଼ିଥିବା ଜମାଟବନ୍ଧା ରକ୍ତ ଉପରେ ହେଟାବାଘ, ବିଲୁଆ ଓ କୁକୁର ମାନଙ୍କର ପଞ୍ଜାର ଚିହ୍ନମାନ ଦେଖିବାକୁ ମିଳିଥିଲା । ମଣିଷର ପାଦଚିହ୍ନ ତାହାପରେ ନଥିଲା । କ୍ୟାବିନର ଚଟାଣରେ ବା କାନ୍ଥରେ ରକ୍ତ ଛିଟିକି ହୋଇପଡ଼ି ନଥିଲା ଯାହାକି ଗୋଟିଏ ଲୋକକୁ ହାଣିଦେବା ଫଳରେ ଘଟିଥାନ୍ତା । ହିଂସାକାଣ୍ଡ ଫଳରେ ରାଜକିଶୋରଙ୍କର ମୃତ୍ୟୁ ଘଟିବା ଭଳି କୌଣସି ସଙ୍କେତ ଉକ୍ତ କ୍ୟାବିନ ଭିତରେ ପୋଲିସ ଅଫିସର ମାନେ ପାଇଲେ ନାହିଁ ।

ହରିଆ ଜେନାର ନଖ ପଠାଯାଇ ସେସବୁ ପରୀକ୍ଷା କରାଗଲା । ମିଠା ଦୋକାନୀ କୃଷ୍ଣ ଚରଣ ଦାସ ଏବଂ ଅନ୍ୟ ମାନଙ୍କୁ ପଚରାଯିବା ସତ୍ତ୍ୱେ କିଛି ତଥ୍ୟ ମିଳିଲା ନାହିଁ ।

Images: Aptakama Mishra, Processing: Srujanika

ପୁରୀ ଜିଲ୍ଲାର ଜଟଣୀସ୍ଥ କୁଦଆସ୍ତି ବଜାରର ଏକ ଭେଜରାନ୍ତି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ତାଙ୍କ ବାପ ଅଲେଖ (ବୟସ ପ୍ରାୟ ୬୨ ବର୍ଷ) କହିଲେ ଯେ ତାଙ୍କ ପୁଅ ରାଜୁ ବାରମ୍ବାର କହୁଥିଲା ଯେ ଶୋଇଲା ବେଳେ ତାର ସ୍ୱତଃ ପ୍ରବୃତ୍ତି ବୀର୍ଯ୍ୟ ସ୍ଖଳନ ଘଟୁଛି ।

ରହସ୍ୟ ଉନ୍ମୋଚନ

ନଭେମ୍ବର ୫ ତାରିଖ ଦିନ ଏସ୍.ସି.ବି ମେଡିକାଲ କଲେଜ ହସ୍ପିଟାଲ ଏଫ୍ ଏମ୍ ଟି ବିଭାଗର ଜାତୀୟ ଖ୍ୟାତିସମ୍ପନ୍ନ ଅଧ୍ୟକ୍ଷ ପ୍ରଫେସର କିରଣ କୁମାର ମିଶ୍ର ରସୁଲଗଡ଼ସ୍ଥ ଫୋରେନସିକ ସାଇନ୍ସ ଲାବୋରେଟୋରୀର ବିଶେଷଜ୍ଞ ମାନଙ୍କ ସହ ଘଟଣା ସ୍ଥଳକୁ ଯାଇଥିଲେ । ପଡ଼ିଥିବା ମୁଣ୍ଡର ବାଳ, ପ୍ୟାଣ୍ଟର ବେଲ୍ଟ, ଷ୍ଟ୍ରାପ ଏବଂ ଚଟାଣରେ ପଡ଼ିଥିବା ରକ୍ତ ସେମାନେ ସଂଗ୍ରହ କଲେ ।

ଉକ୍ତ କ୍ୟାବିନ ଭିତରେ ଡାକ୍ତର ମିଶ୍ର ଡ଼ିମେଥେନ (ଏକପ୍ରକାର ବିଷାକ୍ତ କୀଟନାଶକ ଔଷଧ) ବୋତଲର ଭଙ୍ଗା ଟୁକୁରା ଅଂଶ ଦେଖିବାକୁ ପାଇଲେ । ସନ୍ଦେହର କୁହେଳୀ ଭେଦ କରିବାର କ୍ଷୀଣ ଆଲୋକ ତାଙ୍କୁ ଦେଖାଗଲା ! ସେ ଉତ୍ସାହିତ ହୋଇ ତଳକୁ ଧାଇଁଲେ । କ୍ୟାବିନ ଝରକାର ଠିକ୍ ତଳକୁ ଥିବା ବୁଦା ଭିତରେ ଡ଼ିମେଥେନ ବୋତଲର ଠିପି ମିଳିଲା । ସିଡ଼ିର ସିମେଣ୍ଟ ସ୍ଲାବ ତଳେ ବୋତଲ ମିଳିଲା । କ୍ୟାବିନ ଭିତରେ ପଡ଼ିଥିବା ବାଲ୍ଟିରେ ଡ଼ିମେଥେନର ଗନ୍ଧ ଥିଲା । ବୁଦା ନିକଟରେ ଏକ କ୍ୟାସମେମୋ ମିଳିଲା । ସେଥିରେ ଜନ୍ ମେଡିସିନ୍ ସପ୍, ବିବେକାନନ୍ଦ ମାର୍ଗ ଭୁବନେଶ୍ୱର ଲେଖାଥିଲା । ତା ୧୮-୯-୮୩ରିଖ ଦିନ କିଣାଯାଇଥିବା ଏହି ବୋତଲଟି ପାଇଁ ରାଜକିଶୋରଙ୍କୁ ୨୨ ଟଙ୍କା ୯୦ ପଇସା ଦେବାକୁ ପଡ଼ିଥିଲା । ବୁଦା ଭିତରେ ପଡ଼ିଥିବା ବୋତଲଟିରେ ପ୍ରାୟ ୧୦ ଗ୍ରାମ ଡ଼ିମେଥେନ ଥିଲା । ଉକ୍ତ ଦୋକାନରୁ କ୍ୟାସମେମୋର କାଉଣ୍ଟର ଫଏଲଟି ମଧ୍ୟ ଜବତ କରାଗଲା ।

ଡାକ୍ତର ମିଶ୍ରଙ୍କ ପରୀକ୍ଷା ପରେ ଜଣାପଡ଼ିଲା ଯେ ରାଜ କିଶୋରର ପ୍ୟାଣ୍ଟ ଯେଉଁ ସ୍ଥାନରୁ ଚିରି ଯାଇଥିଲା, ଶାରୀରିକ କ୍ଷତ ସହିତ ତାର କୌଣସି ମେଳ ଖାଉନଥିଲା (not corresponding to the bore fhacture) । ଏବଂ ପ୍ୟାଣ୍ଟରେ ବନ୍ୟଜନ୍ତୁ ମାନଙ୍କ ଦ୍ୱାରା ନଖରେ ଚିରାଯାଇଥିବା ଚିହ୍ନମାନ ଥିଲା । ମାଂସ ଖାଇବାକୁ ସେମାନେ ଏଭଳି କରିଥିଲେ । ପ୍ୟାଣ୍ଟରେ ମୃତ୍ୟୁପୂର୍ବରୁ ରକ୍ତଦାଗ ନଥିଲା । ପରେ 'ଭିସେରାରୁ' ଡ଼ିମେଥେନ ବାହାରିଲା ।

ଆତ୍ମହତ୍ୟା ପ୍ରବଣତା

ରାଜ କିଶୋରଙ୍କ ଘରେ ଥିବା ପ୍ରେସକ୍ରୀପସନ୍‌ମାନ ପୋଲିସ ଜବତ କଲେ । ସେଥିରୁ ଜଣା ପଡ଼ିଲାଯେ ସେ ଏଲୋପାଥିକ, ହୋମିଓପ୍ୟାଥିକ୍ ଏବଂ ଆୟୁର୍ବେଦିକ ଏହି ତିନୋଟି ପଦ୍ଧତିରେ ଚିକିତ୍ସିତ ହୋଇଥିଲେ । ତାଙ୍କର 'କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୋର' ଦୋଷ ମଧ୍ୟ ଥିଲା । ନିଉରସ୍ଥେନିଆ ଧରଣର ମାନସିକ ବିକୃତି ତାଙ୍କର ଦେଖା ଦେଇଥିଲା । ତାଙ୍କର ଆତ୍ମହତ୍ୟା ପ୍ରବଣତା ମଧ୍ୟ ଥିଲା ।

ହରିଆ ଜେନା ଠାରୁ ଜବତ୍ ହୋଇଥିବା ଖଣ୍ଡାରେ ମଧ୍ୟ ରକ୍ତ ଦାଗ ନଥିବା ପରୀକ୍ଷାରୁ ଜଣା ପଡ଼ିଥିଲା ।

ଏହି ରହସ୍ୟମୟ ମୃତ୍ୟୁ ଘଟଣାର ତଦନ୍ତ ନିମନ୍ତେ କ୍ରାଇମ୍ ବ୍ରାଞ୍ଚ ଡି. ଆଇ.ଜି. ଶ୍ରୀ ଶଙ୍କର ସେନ ଡିସେମ୍ବର ୨୮ ତାରିଖ ଦିନ ବାରଙ୍ଗ ଯାଇଥିଲେ ।

ଉପରୋକ୍ତ ପରିସ୍ଥିତି ତଥା ତଥ୍ୟ ଗୁଡ଼ିକୁ ବିଶ୍ଳେଷଣ କଲେ ଜଣା ପଡ଼େ ଯେ ରାଜକିଶୋର ଆତ୍ମହତ୍ୟା ହିଁ କରିଥିଲେ । କିନ୍ତୁ ପାରିପାର୍ଶ୍ୱିକ ଘଟଣା ଯୋଗୁ ହତ୍ୟାକାଣ୍ଡ ଭଳି ଜଣାପଡ଼ୁଥିବା ଘଟଣାଟି ପରେ ଆତ୍ମହତ୍ୟା ଭାବେ ପ୍ରତିପାଦିତ ହୋଇଛି । କିନ୍ତୁ ସର୍ବପ୍ରଥମେ ଏହି ଘଟଣାଟିକୁ 'ଅପମୃତ୍ୟୁ' (unnatural death) ଭାବେ ଧରି ନିଆଯାଇଥିଲା ।

ଯେଉଁ ଭଳି ପରିସ୍ଥିତିରେ ଏକ ପରିତ୍ୟକ୍ତ କ୍ୟାବିନ ଭିତରେ ରାଜକିଶୋରଙ୍କର ମୃତ୍ୟୁ ଘଟିଲା, ସେଥିରେ ଯେ କୌଣସି ଲୋକର ସନ୍ଦେହ ହେବା ସ୍ୱାଭାବିକ । ଘଟଣା ଦିନ ରାତିରେ କଟକରୁ ଫେରି ସେ କ୍ୟାବିନ ଭିତରକୁ ଯାଇ ସେଠାରେ ନିଜର ଅଶାନ୍ତ ଜୀବନର ପରିସମାପ୍ତି ଘଟାଇଛନ୍ତି । ଦୀର୍ଘଦିନ ଧରି ବୀର୍ଯ୍ୟ ସ୍ଖଳନ ଭୋଗିବା ପରେ ସେ ନିଜକୁ ଖୁବ୍ ଦୁର୍ବଳ ଓ ଅପୁରୁଷତ୍ୱହୀନ ବୋଲି ମନେ କରୁଥିଲେ । ତାଙ୍କର ଜଣେ ଦୁଇଜଣ ଯୁବତୀଙ୍କ ସହ କିଛି ବର୍ଷ ତଳେ ସଂପର୍କ ଥିଲା ବୋଲି ମଧ୍ୟ କୁହାଯାଏ ।

କ୍ୟାବିନଟି ପରିତ୍ୟକ୍ତ ହୋଇଥିବାରୁ ଶବଟି ଗନ୍ଧ ନହେବାପର୍ଯ୍ୟନ୍ତ କାହାର ଦୃଷ୍ଟି ଆକର୍ଷଣ କରିପାରି ନାହିଁ । ତେଣୁ ରଧିଆ, ଶିଆଳ ପ୍ରଭୃତି ତାହାକୁ ଖାଇଯିବାଫଳରେ ଶେଷକୁ ଘଟଣାଟି ହତ୍ୟାକାଣ୍ଡ ଭଳି ଜଣାପଡ଼ିଥିଲା ଯାହାହେଉ ଏତେଦିନ ପରେ ଏହି ସନ୍ଦେହ କୁହେଳୀର ଅପସାରଣ ଘଟିଛି । ✻

୧୯ପୃଷ୍ଠାର ଅବଶିଷ୍ଟାଂଶ

ଡିସେମ୍ବରକୁ ଆଲୋଚନା ପାଇଁ ସମୟ ଗଡ଼ାଇ ୨୬ ନଭେମ୍ବରରେ ମଜଦୁରସଭା ସହିତ ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ ଏକ ଚୁକ୍ତି ସମ୍ପାଦନ କରିବାରୁ ସି, ଆଇ—ଟିୟୁ ଶ୍ରମଦପ୍ତର ସମେତ କାରଖାନା ସମ୍ମୁଖରେ ଲଗାତର ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନ ଓ ତିକ୍ତତା ବଢ଼ିବଢ଼ି ସି ଆଇ-ଟିୟୁ ପକ୍ଷରୁ ଗତ ଜାନୁୟାରୀ ୪ ତାରିଖରେ ଠିକା ଶ୍ରମିକଙ୍କ ଧର୍ମଘଟ ହେଲା । ଉକ୍ତଦିନ ମଜଦୁର ସଭାର ବ୍ୟକ୍ତିକୁ ଅବରୋଧ କରିଥିବା ଅଭିଯୋଗରେ ପୋଲିସ ୪ଜଣ ସି. ଆଇ-ଟିୟୁ ଶ୍ରମିକଙ୍କୁ ଗିରଫ କରିଥିଲେ । ୫ତାରିଖ ଦିନ ଠିକାଦାର ଶ୍ରମିକଙ୍କ କାର୍ଯ୍ୟରେ ଯୋଗ ଦେବାପରେ କାରଖାନାର ନିଜସ୍ୱ ପାଓ୍ୱାର ପ୍ଲାଣ୍ଟ ନିର୍ମିତ ହେଉଥିବା ଯାଗାରେ ଠିକା-ସିଆଇ-ଟିୟୁର ଦୁଇଜଣ ଶ୍ରମିକଙ୍କୁ ମଜଦୁର ସଭାର ୫୦ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କଲେ । ତନ୍ମଧ୍ୟରୁ ସେଖ୍ ଜବାରର ମୃତ୍ୟୁ ହୋଇଥିଲା ଓ ଅନ୍ୟ ଜଣଙ୍କୁ ଗୁରୁତର ଆହତ କରିଥିବା ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୧୧ଜଣଙ୍କୁ ଗିରଫ କରିଛନ୍ତି । ଗିରଫବ୍ୟକ୍ତିମାନେ ଜେଲରେ ଅଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ମଜଦୁର ସଭାର କର୍ମକର୍ତ୍ତା ଓ ଏକ ରାଜନୈତିକ ଦଳର ବ୍ୟକ୍ତି ।

ସଂଖ୍ୟାଧିକ ଶ୍ରମିକଙ୍କ ସମର୍ଥନ ଥିବା ଶ୍ରମିକ ସଙ୍ଗଠନକୁ ସ୍ୱୀକୃତି ଥିବାବେଳେ ଏ ମଜଦୁର ସଭା ବେଆଇନ ଭାବରେ ଦୀର୍ଘ ୧୧ବର୍ଷ ଧରି ଅବୈଧ ଉପାୟରେ ସ୍ୱୀକୃତି ରଖିଥିବା ବିଭିନ୍ନ ସମୟରେ ଦାବୀ ହେଉଛି । ଉତ୍ତେଜନା ସମୟ ପୂର୍ବରୁ ଶିଳ୍ପ ନିରାପତ୍ତା ବାହିନୀ ହସ୍ତକ୍ଷେପ ନକରିବା ଫଳରେ ଏଭଳି ଦୁର୍ଘଟଣା ଘଟୁଥିବା ମଧ୍ୟ ଅଭିଯୋଗ ହେଉଛି । ଉକ୍ତ ରୋଗର ନିରାକରଣ ପାଇଁ ଠିକ୍ କାରଣ ନିର୍ଦ୍ଧାରଣ ନକରି ପୋଲିସ ମୁଡସ୍ଥିନ କରି ସାମୟିକ ଘଟଣାକୁ ଏଡାଇ ଦିଆଯାଉ ଥିବାରୁ ଏହାର ପୁନରାବୃତ୍ତି ହୋଇ ଚାଲିଛି ଓ ଏହା କ୍ରମାଗତ ଶାନ୍ତି ବ୍ୟାଘାତ କରୁଛି । ଏକଏକ ଗୋଷ୍ଠି କେନ୍ଦ୍ରରେ ରାଉରକେଲା ବିରୋଧୀ ବାତାବରଣ ପାଇଁ ସୃଷ୍ଟି କରି ବଦନାମ କରିବାକୁ ଉଦ୍ୟମକୁ ଏ ଇନ୍ଧନ ଯୋଗାଉଛି ବୋଲି ଅନେକଙ୍କର ମଧ୍ୟ ଅଭିଯୋଗ ।

Images: Aptakama Mishra, Processing: Srujanika

ଧାନ ଓ ଗହମ ଜାତୀୟ ଗଛ ସବୁ ବାୟୁ ମଣ୍ଡଳରୁ ନିଜ ନିଜ ଆବଶ୍ୟକତାନୁରୂପ ନାଇଟ୍ରୋଜେନ ଗ୍ରହଣ କରି ସ୍ୱଅଭିବୃଦ୍ଧି ସାଧନ କରିବାରେ ସକ୍ଷମ ହେବେ କି ? ବିଶ୍ୱ ବଂଶ ବିଜ୍ଞାନ ସମ୍ମିଳନୀରେ ବୈଜ୍ଞାନିକ ମହଲରେ ଥିଲା ଏହା ଏକ ପ୍ରଧାନ ଆଲୋଚ୍ୟ ବିଷୟ ଏବଂ ସେମାନଙ୍କ ମତରେ ଜେନେଟିକ୍ ଇଞ୍ଜିନିୟରିଂ କୌଶଳ ଅବଲମ୍ବନରେ ଅବଶେଷରେ ଏହା ସମ୍ଭବ ହେବ ଏବଂ କୃଷକମାନଙ୍କୁ ନିଜ ଫସଲ ଉତ୍ପାଦନ ବଢ଼ାଇବା ପାଇଁ ମୂଲ୍ୟବାନ ରାସାୟନିକ ସାର ପ୍ରୟୋଗ କରିବାକୁ ପଡ଼ିବ ନାହିଁ ।

ଡେଣାଲଗା ବାଣିଜ୍ୟ ତରୀ

ଅଦୂର ଭବିଷ୍ୟତରେ ସମୁଦ୍ର ବକ୍ଷରେ ଡେଣା ଲଗା ଜାହାଜ ମାନଙ୍କରେ ପଣ୍ୟ ଦ୍ରବ୍ୟର ପରିବହନ କରାଯାଇ ପାରିବ । ପାଣି ଭିତରେ ମାଛ ଯେପରି ପହଁରନ୍ତି ସେହିଭଳି ଭାବେ ଏହି ଜାହାଜ ଗୁଡ଼ିକ ପାଣି ଭିତରେ ପହଁରି ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କରିବେ ।

ମାଡ଼ିସନସ୍ଥ ଓ୍ୱିସକନସିନ ବିଶ୍ୱବିଦ୍ୟାଳୟରେ ଜିଚ୍ଛିଦନ ତଳେ ଏହିଭଳି ଏକ ଜାହାଜର ନକ୍ସା ପ୍ରସ୍ତୁତ କରା ଯାଇଛି ଯାହାର ଲମ୍ବ ଗୋଟିଏ ଫୁଟବଲ ପଡ଼ିଆରୁ ଟିକିଏ ବଡ଼ ହେବ ଏବଂ ଓସାର ହେବ ପ୍ରାୟ ୫୬ ଫୁଟ । ଏହି ନକ୍ସା ପ୍ରସ୍ତୁତକାରି ସ୍ଥପତି ଇଞ୍ଜିନିୟର ଆଲ୍ଲି ସାଇରେଗ କହନ୍ତି ଯେ ଏଭଳି ଡେଣା ଲଗା ଜାହାଜରେ ସମୁଦ୍ର ଭିତରେ ମାଲ ପରିବହନ କରିବା, ପାଣି ଉପରେ ଯିବାଠାରୁ ଅଧିକ ନିରାପଦ ହେବ କାରଣ ଉପରେ ହେଉଥିବା ଝଡ଼, ବତାସ, ବାତ୍ୟା ଆଦିର କୌଣସି ପ୍ରଭାବ ଏହା ଉପରେ ପଡ଼ିବ ନାହିଁ । ଡେଣା ଲଗା ଜାହାଜ ଗୁଡ଼ିକର ଗତିବିଧି ମହାକାଶରୁ ଉପଗ୍ରହ ଜରିଆରେ ନିୟନ୍ତ୍ରଣ କରିହେବ ।

ମାଛଙ୍କଠାରୁ ଶିକ୍ଷାଲାଭ

ଏଭଳି ଜାହାଜର ନକ୍ସା ପ୍ରସ୍ତୁତ କରିବା ପୂର୍ବରୁ କେତେକ ମାଛ ସମୁଦ୍ର ଭିତରେ କିପରି ପହଁରୁଛନ୍ତି ଶ୍ରୀ ସାଇରେଗ ତାହା ଗଭୀର ଭାବେ ଅନୁଧ୍ୟାନ କରିଥିଲେ । ଏହି ଅନୁଧ୍ୟାନରୁ ସେ ଜାଣି ପାରିଲେ ଯେ ମାଛ ମାନଙ୍କ ଶରୀରରେ ଗୋଟିଏ ଅଙ୍ଗ ଅଛି ଯାହାର ନାମ ସ୍ୱିମ୍ ବ୍ଲାଡ଼ାର୍ । ଏହି ଅଙ୍ଗ ସାହାଯ୍ୟରେ ମାଛମାନେ ନିଜ ଇଚ୍ଛା ଅନୁଯାୟୀ ତଳକୁ ଉପରକୁ ଯାଇ ପାରୁଛନ୍ତି । ସେମାନେ ଉପରକୁ ଉଠିବାକୁ ଇଚ୍ଛାକଲେ ତାଙ୍କ ଶରୀରସ୍ଥ କେତେକ ଗ୍ରନ୍ଥିରୁ ଏକ ପ୍ରକାର ରସ ନିଃସରଣ ହୋଇ ଏହି ବ୍ଲାଡ଼ାରଟିରେ ଗୋଟିଏ ପ୍ରକାର ଗ୍ୟାସ୍ ଭର୍ତ୍ତି କରିଦିଏ । ଫଳରେ ସେମାନଙ୍କ ଶରୀର ହାଲୁକା ହୋଇଯାଏ ଏବଂ ସେମାନେ ସହଜରେ ଉପରକୁ ଉଠିଯାନ୍ତି । ଏହି ବ୍ଲାଡରରୁ ଗ୍ୟାସ ବାହାର କରିଦେଲେ ସେମାନେ ଭାରି ହୋଇଯାନ୍ତି ଏବଂ ତଳକୁ ସହଜରେ ଯାଇ ପାରନ୍ତି ।

ଏହି ନୀତି ଅବଲମ୍ବନରେ ବୁଢ଼ାଳମାନଙ୍କ ପାଇଁ ଶ୍ରୀ ସାଇରେଗ୍ ଏକ ଛୋଟିଆ ସବ୍-ମ୍ୟାରିନ୍ ଗ୍ଲାଇଡ଼ର ନିର୍ମାଣ କରିଥିଲେ । ଏହି

ସବ୍‌ମାରିନ୍ ଗ୍ଲାଇଡର

ଗ୍ଲାଇଡ଼ର ଡେଣାର ଲମ୍ବ ଥିଲା ମାତ୍ର ୫ ଫୁଟ ଏହି ଯାନଟି ସଫଳତାର ସହ କାର୍ଯ୍ୟ କରିବା ପରେ ଶ୍ରୀ ସାଇରେଗ୍ ଏହାର ବଡ଼ ନକ୍ସା ପ୍ରସ୍ତୁତ କରିଛନ୍ତି । ପ୍ରସ୍ତାବିତ ଡେଣାଲଗା ଜାହାଜରେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏବଂ ଜଳର ପ୍ଳବତାକୁ ଅଗ୍ରଗାମୀ ଶକ୍ତିରୂପେ ବ୍ୟବହାର କରାଯିବ । ଏବଂ ଏହି ଜାହାଜରେ ମାଛର ଅନୁରୂପ ଏକ ବିରାଟ ବ୍ଲାଡାର ମଧ ରହିବ ଯାହାକି ଜାହାଜର କଙ୍କାଳ ସହ ସଂଯୁକ୍ତ ହୋଇ ପଜିଟିଭ ଓ ନେଗେଟିଭ ପ୍ଳବତା ସୃଷ୍ଟିରେ ସହାୟତା କରିବେ । ଏହି ଜାହାଜଟିକୁ ପାଣି ଭିତରୁ ଜଳ ପୃଷ୍ଠକୁ ଉଠାଇବାକୁ ଦରକାର ହେଲେ ଏକ କ୍ଷୁଦ୍ର ବିସ୍ଫୋରଣ ଘଟାଇ ଉକ୍ତ ବ୍ଲାଡ଼ାରକୁ ଗ୍ୟାସପୂର୍ଣ୍ଣ କରିଦେବାକୁ ପଡ଼ିବ । ଫଳରେ ଜାହାଜଟି ହାଲୁକା ହୋଇ ଉପରକୁ ଉଠିବ ଏବଂ ଏହା ଏକ ନିର୍ଦ୍ଦିଷ୍ଟ ପୃଷ୍ଠରେ ପହଞ୍ଚିଲେ ବ୍ଲାଡ଼ାରରୁ ସ୍ୱତଃ ଗ୍ୟାସ ବାହାରିଯିବ ଏବଂ ଏହା ତଳକୁ ଯିବା ଆରମ୍ଭ କରିବ । ଜାହାଜର ଏହି ଗତିକୁ ଏହାର ଡେଣା ଅଗ୍ରଗାମୀ ଶକ୍ତିରେ ରୂପାନ୍ତରିତ କରି ଜାହାଜଟିକୁ ଗତିଶୀଳ କରାଇବ ।

ଦଶହଜାରଟନ ମାଲ ପରିବହନ

ଏହିଭଳି ଜାହାଜରେ ପ୍ରାୟ ଦଶ ହଜାର ଟନ୍ ଓଜନର ମାଲ ପରିବହନ କରାଯାଇ ପାରିବ ଏବଂ ଏକ ଶହରୁ ଏକ ହଜାର ଫୁଟ ଗଭୀର ଜଳ ଭିତରେ ଏହା ଘଣ୍ଟାକୁ ୧୭ କିଲୋମିଟର ବେଗରେ ଯାଇ ପାରିବ ।

ଶ୍ରୀ ସାଇରେଗ୍ କହନ୍ତି ଯେ ପାରମ୍ପରିକ ସବ୍‌ମାରିନ୍ ଜାହାଜ ଚଳାଇବା ଖର୍ଚ୍ଚ ତୁଳନାରେ ଏହି ଡେଣାଲଗା ଜାହାଜର ଜାଳେଣୀ ଖର୍ଚ୍ଚ ଅତି କମ୍ ହେବ ଏବଂ ଏଥିରେ ଲାଗିଥିବା ଡେଣାରେ କୌଣସି ଇଞ୍ଜିନ୍ ଲାଗୁ ନ ଥିବାରୁ ଏଥିପାଇଁ ତେଲ ଖର୍ଚ୍ଚ ପଡ଼ିବ ନାହିଁ । ❋

ପୁଷ୍ଟିକର ଖାଦ୍ୟ ପାଇଁ ବ୍ୟାକ୍‌ଟେରିଆର ଉପଯୋଗ

ଜି. ସୁଧାକର ନାୟାର

ଚିନାବାଦାମ ଓ ସୋୟାବିନ୍ ଜାତୀୟ ଗଛ ସବୁ ନିଜ ଚେରର ଗଣ୍ଠି ସାହାଯ୍ୟରେ ବାୟୁ ମଣ୍ଡଳରୁ ନିଜ ପାଇଁ ନାଇଟ୍ରୋଜେନ ସଂଗ୍ରହ କରି ନିଅନ୍ତି । ପ୍ରକୃତରେ ଏହି ଗଣ୍ଠି-ଗୁଡ଼ିକ ହେଉଛି ଏକ ପ୍ରକାରର ବ୍ୟାକ୍‌ଟେରିଆ ଯାହାର ନାମ "ରାଇଜୋବିଅମ୍" ଏବଂ ଏହି ବ୍ୟାକ୍‌ଟେରିଆ ସବୁ ଛୁଇଁ ଜାତୀୟ ଗଛ ପାଇଁ ଆବଶ୍ୟକ ନାଇଟ୍ରୋଜେନକୁ ବାୟୁମଣ୍ଡଳରୁ ସଂଗ୍ରହ କରି ବୃକ୍ଷର ଖାଦ୍ୟୋପଯୋଗୀ କରିଦିଅନ୍ତି । କିନ୍ତୁ ଚେରରେ ଗଣ୍ଠି ହେଉ ନ ଥିବା କେତେକ ବ୍ୟାକଟେରିଆ ମଧ୍ୟ ନାଇଟ୍ରୋଜେନ ସଂଗ୍ରହ କରିବାକୁ ସକ୍ଷମ ବୋଲି ବୈଜ୍ଞାନିକମାନେ ଜାଣିପାରିଛନ୍ତି ଏବଂ ସେଭଳି ବ୍ୟାକ୍‌ଟେରିଆର 'କନ୍‌କ୍ଲୁ' ନିଫଜିନ୍ ରୂପେ ନାମିତ କରାଯାଇଛି । ଏହିଭଳି ବ୍ୟାକ୍‌ଟେରିଆର ଉପଯୋଗ କରାଯାଇ ଧାନ ଓ ଡ଼ାଲି ଜାତୀୟ ଗଛ ନିମନ୍ତେ ନାଇଟ୍ରୋଜେନ ସଂଗ୍ରହ କରାଯାଇ ପାରିବ କି ନାହିଁ ସେ ବିଷୟରେ ଏବେ ପରୀକ୍ଷା ନିରୀକ୍ଷା ଚାଲିଛି ।

ଯେଉଁ ଛୁଇଁ ଜାତୀୟ ଗଛର ଚେରରେ ବ୍ୟାକଟେରିଆ ରହୁଛନ୍ତି ସେମାନଙ୍କୁ ବଢ଼ାଇବା ପାଇଁ ସଂପୃକ୍ତ ଗଛଗୁଡ଼ିକ ମଧ୍ୟ ଏକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରନ୍ତି । ତେଣୁ ଏହି ପ୍ରଣାଳୀ ଅନ୍ୟ ଗଛକୁ ସମ୍ପ୍ରସାରିତ କଲାବେଳେ ସଂପୃକ୍ତ ଗଛର ମଧ୍ୟ ବଂଶଗତ ଚରିତ୍ର ପରିବର୍ତ୍ତନ କରିବାକୁ ପଡ଼ିବ । କାନାଡ଼ାସ୍ଥ ମାକ୍‌ଗଲ ବିଶ୍ୱବିଦ୍ୟାଳୟର ଡକ୍ଟର ପି. ଏସ୍ ବର୍ମା ଏ ଦିଗରେ କିଛିଟା ଅଗ୍ରଗତି କରିଛନ୍ତି ବୋଲି ପ୍ରକାଶ ।

Images: Aptakama Mishra, Processing: Srujanika

ସାଧାରଣ ରୋଗ ଓ ତାହାର ପ୍ରତିକାର

ହାଡ଼ଫୁଟି ଓ ମିଳିମିଳା

ହାଡ଼ଫୁଟି ଓ ମିଳିମିଳା ଉଭୟେ ସଂକ୍ରାମକ ରୋଗ ଓ ଅତିଶୀଘ୍ର ଏହା ବ୍ୟାପେ । କେତେକଙ୍କ ମତରେ ଏହା ଆରବ, ମିଶର, ଚୀନ ଓ ଭାରତରୁ ପ୍ରଥମେ ସୃଷ୍ଟି ହୋଇଥିଲା । ଆଗକାଳର ଲୋକେ ଅଜ୍ଞ ଥିବାରୁ ଏହାକୁ ଠାକୁରାଣୀ ବୋଲି ବିଶ୍ୱାସ କରି ଏହାର ଚିକିତ୍ସା ସ୍ୱରୂପ ପୂଜା ଅର୍ଚ୍ଚନାଦି କରୁଥିଲେ । ରୋଗୀ ସମ୍ପୂର୍ଣ୍ଣ ଭାବେ ଭାଗ୍ୟ ଉପରେ ନିର୍ଭର କରୁଥିଲା । ବିଜ୍ଞାନର ଉନ୍ନତି ଫଳରେ ଏହି ରୋଗର କାରଣ, ଚିକିତ୍ସା ଓ ପ୍ରତିକାରର ବ୍ୟବସ୍ଥା ସମ୍ଭବ ହୋଇଛି ।

ରୋଗର କାରଣ :—ଅତି ସୂକ୍ଷ୍ମ ଭୂତାଣୁ (virus) ଦ୍ୱାରା ହାଡ଼ଫୁଟି ଓ ମିଳିମିଳା ରୋଗ ଜାତହୁଏ । ଅଜ୍ଞତା, ଅପରିଷ୍କାର, ଅପରିଚ୍ଛନ୍ନତା ଓ ଅସ୍ୱାସ୍ଥ୍ୟକର ପରିବେଶ ରୋଗ ସଂକ୍ରମଣର ମୁଖ୍ୟକାରଣ । ଏହି ଭୂତାଣୁ ଶ୍ୱାସପ୍ରଶ୍ୱାସ ସମୟରେ ବାୟୁଦ୍ୱାରା ଶରୀରରେ ପ୍ରବେଶ କରେ । ହାଡ଼ଫୁଟି ସବୁ ବୟସର ବ୍ୟକ୍ତିଙ୍କୁ ହୋଇପାରେ କିନ୍ତୁ ମିଳିମିଳା ବିଶେଷକରି ୧୫ ବର୍ଷରୁ କମ ପିଲାମାନଙ୍କୁ ହୋଇଥାଏ ।

ହାଡ଼ଫୁଟି :—(Chicken Pox) ହାଡ଼ଫୁଟି ପ୍ରାୟ ସାଂଘାତିକ ଆକାର ଧାରଣ କରେନାହିଁ ଓ ସହଜରେ ଆରୋଗ୍ୟ ହୋଇଥାଏ । ଏହାର ଗୁପ୍ତାବସ୍ଥା (incubation period) ୮ରୁ ୧୦ଦିନ ।

ହାଡ଼ଫୁଟି ପ୍ରକାଶିତ ହେଲେ ସାମାନ୍ୟ ମୁଣ୍ଡବ୍ୟଥା, ଦେହହାତ ଗୋଳାବିନ୍ଧା ସହ କମ୍ପଜ୍ୱର ହୋଇଥାଏ । ହାଡ଼ଫୁଟିର ଜ୍ୱର ୩।୪ ଦିନ ପର୍ଯ୍ୟନ୍ତ ୧୦୦°F ଥାଏ । ଫୋଟକା ବାହାରିବା ପରେ ଜ୍ୱର କମେ । ସ୍ଥଳ ବିଶେଷରେ ଜ୍ୱର କମ୍‌ବେଶୀ ହେଉଥାଏ । କେତେକ କ୍ଷେତ୍ରରେ ଜ୍ୱର ନହୋଇ ହାଡ଼ଫୁଟିର ଫୋଟକା ମଧ୍ୟ ପ୍ରକାଶ ପାଇଥାଏ ।

ଏହିରୋଗ ହେବାମାତ୍ରେ ଏହାର ପ୍ରତିପିଣ୍ଡ (Antibody) ଶରୀରରେ ପ୍ରସ୍ତୁତ ହେବା ଆରମ୍ଭ ହୋଇଯାଏ ଓ ଏହା ହାଡ଼ଫୁଟି ପ୍ରତିରୋଧ ତଥା ଭଲକରିବାରେ ଲାଗିଯାଏ । ଫୋଟକା ଗୁଡ଼ିକ ୮—୯ଦିନ ମଧ୍ୟରେ ଶୁଖି ଚଟା ପଡ଼ିଯାଏ । ଏହାପରେ ସେଗୁଡ଼ିକ ଶୁଖିଯାଏ ଓ ବକଲାପରି ହୋଇ ଝଡ଼ିପଡ଼େ । ଏହାର ଦାଗ ଚର୍ମଉପରେ ସ୍ଥାୟୀ ନୁହେଁ । ଶୁଖିବା ଅବସ୍ଥାରେ ଯେତେବେଳେ ଗଲୁହୁଏ ବା କୁଣ୍ଡାଇହୁଏ ସେତେବେଳେ ଧୈର୍ଯ୍ୟଧରି ରହିବା ଉଚିତ । କୁଣ୍ଡାଇ ଘଣ୍ଟିଆ କରିଦେଲେ ଆକ୍ରାନ୍ତ ସ୍ଥାନଗୁଡ଼ିକ ଶୁଖିବାକୁ ଅନେକ ସମୟ ଲାଗିଥାଏ ଓ ଗୋଟେ ଗୋଟେ ଦାଗ ରହିଯାଏ ।

ଡାକ୍ତର ଗୋପାଳ ଚନ୍ଦ୍ର କର,

ଏମ୍. ବି ବି ଏସ୍. ଏମ୍ ଡି. (ପାଟନା) ଏଫ୍. ଆଇ. ପି.ଏସ୍

ଡାକ୍ତର ପ୍ରଦୀପ ରାଓ,

ଡି. ଏମ୍. ଏସ୍. (କଲିକତା) ଏମ୍. ବି. ଏସ୍. (ହୋମ୍) କଲିକତା ।

କବିରାଜ ବିରଜାଶଙ୍କର ଆଚାର୍ଯ୍ୟ,

ଏମ୍. ଏ. ଏସ୍. ଏଫ୍. (କଲିକତା)

ମିଳିମିଳା :— ମିଳିମିଳା ରୋଗ ହେଲେ ପ୍ରଥମାବସ୍ଥାରେ ଚକ୍ଷୁରୁ ଜଳସ୍ରାବ ହୋଇ ଲାଲ ଦେଖାଯାଏ । ପୁନଃ ପୁନଃ ଛିଙ୍କ, ନାକରୁ ଜଳବତ୍ ଶର୍ଦ୍ଦିସ୍ରାବ, ମୁଣ୍ଡବିନ୍ଧା, କାଶ, ଛାତିରେ କଫ ଜମିବା ଓ ସର୍ବାଙ୍ଗ ଶରୀରରେ ବେଦନା ଅନୁଭୂତ ହୋଇଥାଏ । ଏହାପରେ ଜ୍ୱରହୁଏ ଓ ଜ୍ୱରର ୩।୪ ଦିନ ଭିତରେ ପ୍ରଥମେ କପାଳ, ମୁଖମଣ୍ଡଳ ଓ କ୍ରମଶଃ ବକ୍ଷସ୍ଥଳରେ, ଉଦର ଓ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗରେ ଛୋଟ ଛୋଟ ଘିମିରି ପରି ଉଦ୍ଭେଦ ପ୍ରକାଶ ପାଏ । ଏହା ସାମାନ୍ୟ ଉନ୍ନତ, ଆରକ୍ତିମ ଏବଂ ଏହାଉପରେ ହାତ ବୁଲାଇଲେ ସାମାନ୍ୟ କର୍କଶ ଜଣାଯାଏ । ଏହା ପ୍ରକାଶ ପାଇବାର ଦୁଇତିନି ଦିନପରେ ଆଉ ବୃଦ୍ଧି ପାଏନାହିଁ । ମିଳିମିଳାର ଉଦ୍ଭେଦ ପ୍ରକାଶ ପାଇବା ବନ୍ଦହେଲେ ମଧ୍ୟ ଜ୍ୱର କିଛିଦିନ ପର୍ଯ୍ୟନ୍ତ ଲାଗିରହିଥାଏ । ଉପଯୁକ୍ତ ଚିକିତ୍ସା ନହେଲେ ଏହିଜ୍ୱର ଶୀଘ୍ର ଭଲ ହୁଏନାହିଁ । ମିଳିମିଳା ଭଲ ହୋଇଗଲେ ମଧ୍ୟ ଅଣ୍ଡା, ଶର୍ଦ୍ଦି, କାଶ, କଫ, ବ୍ରୋଙ୍କାଇଟିସ୍ ଆଦି ଉପସର୍ଗ ଲକ୍ଷ୍ୟ କରାଯାଇଥାଏ । ଏଣୁ ଏହାର ଚିକିତ୍ସା କରିବା ନିତାନ୍ତ ଆବଶ୍ୟକ ନଚେତ୍ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଶିଶୁ ଗୁରୁତର ଭାବରେ ପିଡ଼ିତ ହେବା ଅସମ୍ଭବ ନୁହେଁ ।

ହାଡ଼ଫୁଟି ଓ ମିଳିମିଳା ହେଲେ କ'ଣ କରିବା ଉଚିତ :—ହାଡ଼ଫୁଟି ବା ମିଳିମିଳା ହେଲାବୋଲି ସନ୍ଦେହ କରିବାମାତ୍ରେ ନିକଟତମ ଚିକିତ୍ସକଙ୍କର ପରାମର୍ଶାନୁଯାୟୀ ଚିକିତ୍ସା ବ୍ୟବସ୍ଥା କରିବା ଉଚିତ ଏହା ସଂକ୍ରାମକ ରୋଗ ହୋଇଥିବାରୁ ଅନେକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ।

ରୋଗୀକୁ ଗୋଟିଏ ସ୍ୱତନ୍ତ୍ର ମୁକ୍ତ ବାୟୁ ଚଳାଚଳ କରୁଥିବା ଗୃହରେ ଶୋଇ ରଖିବା ଉଚିତ । ରୋଗୀର ଗୃହରେ ନିତାନ୍ତ ପ୍ରୟୋଜନୀୟ ଜିନିଷ ବ୍ୟତୀତ ଅନ୍ୟ କୌଣସି ଅଦରକାରୀ ଜିନିଷପତ୍ର ରଖିବା ଉଚିତ-ନୁହେଁ । ରୋଗୀର ଘର ଭିତରକୁ କେବଳ ଚିକିତ୍ସକ ଓ ଶୁଶ୍ରୁଷାକାରୀ ବ୍ୟକ୍ତି ବ୍ୟତୀତ ଅନ୍ୟ କାହାକୁ ଯିବାକୁ ଦେବେନାହିଁ । ରୋଗୀର ଗୃହ, ବିଛଣା ଓ ପିନ୍ଧିଥିବା ଲୁଗାପଟା ପରିଷ୍କାର ପରିଚ୍ଛନ୍ନ ରଖିବେ । ରୋଗୀର ମଳମୂତ୍ର କଫ ଇତ୍ୟାଦି ଏଣେତେଣେ ନ ପକାଇ ମାଟିରେ ପୋତିଦେବେ । ବିଛଣା ଓ ଲୁଗାପଟା ଆଦି ଗରମ ପାଣିରେ ଫୁଟାଇ ସଫାକରିବେ ଓ ଖରାରେ ଶୁଖାଇବେ । ରୋଗୀର ଗୃହରେ ଝୁଣାଧୂଆଁ ଦେବେ ଓ ଚଟାଣକୁ ଫିନାଇଲ ଦ୍ୱାରା ଭଲ ଭାବରେ ପରିଷ୍କାର କରିବେ । ହାଡ଼ଫୁଟିର ବକଲାଗୁଡ଼ିକ ଯତ୍ନସହକାରେ ପ୍ରତିଦିନ ଏକାଠି କରି ନିର୍ଜନ ସ୍ଥାନରେ ପୋତିଦେବା ନିତାନ୍ତ

Images: Aptakama Mishra, Processing: Srujanika

ପ୍ରୟୋଜନ । କାରଣ ଏହା ରୋଗର ଭୂତାଣୁ ପରିବହନ କରି ଅନ୍ୟ ମାନଙ୍କୁ ଆକ୍ରାନ୍ତ କରେ ।

ଆଲୋପ୍ୟାଥିକ ପ୍ରତିଷେଧକ ବ୍ୟବସ୍ଥା :—ହାଡ଼ଫୁଟିର ପ୍ରତିଷେଧକ ଟିକା ବାହାରି ନାହିଁ । ମିଳିମିଳା ଲାଗି ପ୍ରତିଷେଧକ ଟିକା ବାହାରିଛି । ମିଳିମିଳା ନ ହୋଇଥିବା ପିଲାମାନଙ୍କୁ ଜନ୍ମ-ହେବାର ଏକବର୍ଷ ପରେ ମିଳିମିଳାର ପ୍ରତିଷେଧକ ଟିକା ଦିଆଯିବା ଦରକାର । ଯଦି ମିଳିମିଳା ହୋଇଥିବ ତେବେ ପ୍ରତିଷେଧକ ଟିକା ଦେବା ଦରକାର ନାହିଁ ।

ମିଳିମିଳାର ଗୁପ୍ତାବସ୍ଥା ପ୍ରାୟ ୫-୭ଦିନ । ଏହି ଅବସ୍ଥାରେ ରୋଗ ସଂକ୍ରମିତ ହୋଇଥାଏ । ମିଳିମିଳା ବାହାରିବାର ପରେ ବି ସଂକ୍ରମଣ କରିବାର ଆଶଙ୍କା ଥାଏ । Hyper immune Serum କେବଳ ଜଟିଳ କ୍ଷେତ୍ରରେ ଦିଆଯିବା ଏହା 0.2 ml/kg ଦିଆଯିବ । ଏହା ଶୀଘ୍ର ଦିଆଯିବା ଦରକାର ।

ହାଡ଼ଫୁଟି ପାଇଁ ମଧ୍ୟ Hyper-immune serum ଦିଆଯିବ । ଏହା ରୋଗୀର ଗୁପ୍ତାବସ୍ଥାରେ ବା ଆଶଙ୍କା ଥିବା ବ୍ୟକ୍ତିଙ୍କୁ ଦିଆଯିବ ।

ଆଲୋପ୍ୟାଥିକ ଔଷଧ ବ୍ୟବସ୍ଥା :—

ମିଳିମିଳା :— (୧) ରୋଗୀକୁ ଅଲଗା କରି ଅନ୍ତତଃରେ ୭ଦିନ ରଖାଯିବା ଦରକାର ।

(୨) ଯଦି ଜ୍ୱରହୁଏ ଜ୍ୱର କମାଇବା ଔଷଧ ଦିଆଯିବ ।

(୩) ଯଦି ଅନ୍ୟାନ୍ୟ ଆଡ଼କୁ ଗତିକରେ, ଉଦାହରଣ ସ୍ୱରୂପ ଯଦି ନିମୋନିଆ, ଏନ୍‌ସେଫାଲାଇଟିସ୍ ମେନିନ୍‌ଜାଇଟିସ୍ ଇତ୍ୟାଦି ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ ନିହାତି ପ୍ରୟୋଜନ ।

ହାଡ଼ଫୁଟି

(୧) ଏହା ବକଲା ପଡ଼ିବା ପର୍ଯ୍ୟନ୍ତ ରୋଗୀକୁ ଅନ୍ୟମାନଙ୍କ ଠାରୁ ଅଲଗା ରଖିବ ।

(୨) ଦେହହାତ ବିନ୍ଧାବିନ୍ଧି ହେଲେ ବା ଜ୍ୱର ବେଶୀହେଲେ ଓ ସେଥିପାଇଁ ଏହାର ପ୍ରତିରୋଧ ଔଷଧ ରୂପେ, Paracetamol (500mg) ଦିନକୁ ୩ଥର ଦିଆଯିବ ।

(୩) Dusting powder (camphur ଓ Boric powderd ର ମିଶ୍ରଣ) ପକାଯିବ ଓ Avil 25 mg ଦିନକୁ ୨ଥର ଦିଆଯିବ ।

(୪) ହାଡ଼ଫୁଟି ସହ ଅନ୍ୟାନ୍ୟ ଆନୁସଙ୍ଗିକ ରୋଗ ବାହାରିଲେ ନିକଟତମ ଡାକ୍ତରଙ୍କ ସହ ପରାମର୍ଶ ନିତାନ୍ତ ଆବଶ୍ୟକ ।

ହୋମିଓପ୍ୟାଥିକ ପ୍ରତିଷେଧକ ବ୍ୟବସ୍ଥା ।—ଅଣ୍ଟା, ଶର୍ଦ୍ଦି, କାଶ ଜ୍ୱର-ଥିଲେ ହୋମିଓ ପ୍ୟାଥିକ ପ୍ରତିଷେଧକ ଔଷଧ ବ୍ୟବହାର କରିବା ଉଚିତ ନୁହେଁ । ମିଳିମିଳାର ପ୍ରତିଷେଧକ ଭାବେ Morbilinum 200 ଏବଂ ହାଡ଼ଫୁଟିର ପ୍ରତିଷେଧକ ଭାବେ Rhus Tox 200 ସକାଳେ ଓ ସନ୍ଧ୍ୟାରେ ପାନେଲେଖା ଏହିପରି ତିନିଦିନ ଦେଲେ ହାଡ଼ଫୁଟି ଓ ମିଳିମିଳା ରୋଗରୁ ରକ୍ଷା ମିଳିଥାଏ ।

ହୋମିଓପ୍ୟାଥିକ ଔଷଧ ବ୍ୟବସ୍ଥା

ହାଡ଼ଫୁଟି :— (୧) Variolinum-200 ଦିନକୁ ପାନେକରି ଖାଇଲେ ହାଡ଼ଫୁଟି ଭୟଙ୍କର ଆକାର ଧାରଣ କରେନାହିଁ ଓ ଶୀଘ୍ର ଆରୋଗ୍ୟ ହେବାରେ ସାହାଯ୍ୟ କରିଥାଏ ।

(୨) ଶୁଖିଲା କାଶସହ ଜ୍ୱରଥିଲେ ବା ଅତ୍ୟଧିକ ଶୋଷସହ ରୋଗୀ ଚୁପ୍‌ଚାପ ରହିବାକୁ ଇଚ୍ଛା କରୁଥିଲେ Bryonia Alb. 30 ଦିନକୁ ଚାରିପାନ ଦେବେ ।

(୩) ଦେହ ହାତ ଘୋଳାବିନ୍ଧା ସହ ଜ୍ୱରଥାଇ ବ୍ୟସ୍ତ ହେଉଥିଲେ Rhus Tox 200 ଦିନକୁ ଦୁଇ ତିନିପାନ ଦେବେ ।

(୪) ହାଡ଼ଫୁଟିର ଜ୍ୱର ଛାଡ଼ିବାପରେ Merc. Sol 30 ଦିନକୁ ଚାରିପାନ ଦେଲେ ଫୋଟକା ଗୁଡ଼ିକ ଶୀଘ୍ର ଶୁଖିଯାଇ ଭଲ ହୋଇଯାଏ ।

(୫) ଯଦି ଛାତିରେ କଫରହି ଜ୍ୱର ଛାଡ଼ୁ ନଥିବ ତେବେ Antim Tart-30 ପ୍ରତି ଚାରିଘଣ୍ଟା ଅନ୍ତରରେ ଦେଲେ ହାଡ଼ଫୁଟିର ଫୋଟକାଗୁଡ଼ିକ ଶୁଖିବାସହ ଜ୍ୱର କାଶ ଓ କଫ ମଧ୍ୟ ଶୀଘ୍ର ଭଲହୁଏ ।

ମିଳିମିଳା—(୧) ମିଳିମିଳା ଦେହରେ ଭଲଭାବେ ପ୍ରକାଶ ପାଇ ନଥିଲେ Pulsatilla. 30 ଦିନକୁ ଛଅପାନ ଖାଇବାକୁ ଦେଲେ ସମସ୍ତ ଉଦ୍ଭେଦ ପ୍ରକାଶ ପାଇ ଶୀଘ୍ର ଭଲ ହେବାରେ ସାହାଯ୍ୟ କରିଥାଏ ଓ ତତ୍‌ଜନିତ ପତଳାଝାଡ଼ା କରାଏ ନାହିଁ ।

(୨) Bryonia. 30 ଦିନକୁ ଛଅପାନ ଦେଲେ ମିଳିମିଳା ଶୀଘ୍ର ଭଲହେବା ସହିତ ପରବର୍ତ୍ତୀ ଉପସର୍ଗ ଯଥା ଅଣ୍ଟା, ଶର୍ଦ୍ଦି, କଫ ଇତ୍ୟାଦି ହେବାକୁ ଦିଏନାହିଁ ।

(୩) ଦେହହାତ ଘୋଳାବିନ୍ଧା ସହ ଶୁଖିଲା କାଶ, ମୁଣ୍ଡବିନ୍ଧା, ଗଳାଦରଜ ଓ ମୁଖମଣ୍ଡଳ ଲାଲ ଦେଖା ଯାଉଥିଲେ Belladona. 6 ପ୍ରତି ଚାରିଘଣ୍ଟାରେ ଦେବେ ।

(୪) ମିଳିମିଳାରେ ଶର୍ଦ୍ଦି, କାଶ, କଫ, ପତଳା ଝାଡ଼ାହେଲେ Silicea. 30 ଓ Antim Tart. 6 ଦୁଇଘଣ୍ଟା ଅନ୍ତରରେ ଅଦଳ ବଦଳ କରି ଦେବା ଭଲ ।

(୫) ମିଳିମିଳା ଓ ହାଡ଼ଫୁଟିର ପରବର୍ତ୍ତୀ ଦୁର୍ବଳତା ଦୂର କରିବା ନିମନ୍ତେ Hydrastis. 6 ଦିନକୁ ଦୁଇପାନ ଦଶଦିନ ପର୍ଯ୍ୟନ୍ତ ଦେବେ ।

ଆୟୁର୍ବେଦୀୟ ଚିକିତ୍ସା

ମିଳିମିଳା ବା ହାଡ଼ଫୁଟିହେବାର ଚତୁର୍ଥ ଦିନ ଦେହରେ ଲହୁଣୀ ବୋଲି ସାମାନ୍ୟ ଲହୁଣୀ ଖାଇବାକୁ ଦେଲେ ଦେହମଧ୍ୟରେ ଲୁଚିଥିବା ରୋଗ ବାହାରି ପଡ଼ିବ । ସାତଦିନରେ ହଳଦୀ, ନିମପତ୍ର ସିଝାଇ ତତ୍ତ ପାଣିରେ ରୋଗୀକୁ ଗାଧୋଇ ଦେବେ । ଦିନରେ ଦୁଇଥର ପାନରସ ଏକ ଚାମଚରେ ମହୁ ମିଶାଇ ଖାଇବେ । ତାହାଦ୍ୱାରା ଅଣ୍ଟାଜ୍ୱର ହେବନାହିଁ । ଅନନ୍ତ-ମୂଳକୁ ଚାଉଳଧୂଆ ପାଣିରେ ବାଟି ଖାଇବାକୁ ଦେଲେ ହାଡ଼ଫୁଟି ପ୍ରଶମିତ ହୁଏ । ବାସିପାଣିରେ ମହୁ ମିଶାଇ ଖାଇଲେ ହାଡ଼ଫୁଟି ଜନିତ ଶରୀର ଦାହ ବେଦନା ପ୍ରଶମିତ ହୁଏ । କଲରା ପତ୍ର ରସ ଓ ହଳଦୀ ଚୂର୍ଣ୍ଣ ଏକତ୍ର ମିଶାଇ ଖାଇଲେ ମିଳିମିଳା ଦୂର ହୁଏ । ହାଡ଼-ଫୁଟିରୁ ମୁକ୍ତି ପାଇବାପାଇଁ ପୁରୁଷ ଲୋକର ଡାହାଣ ହାତରେ ଓ ସ୍ତ୍ରୀଲୋକର ବାମ ହାତରେ ହରିଡ଼ା ମଞ୍ଜି ବାନ୍ଧିବେ । କଣ୍ଟାକାଇର ମୂଳ ଚାରିଅଣା ଓ ଗୋଲମରିଚ ଚାରିଅଣା ଓଜନର ଏକତ୍ର ବାଟି ଖାଇଲେ ହାଡ଼ଫୁଟି କମ୍ବା ମିଳିମିଳା ଆକ୍ରମଣ କରେନାହିଁ ।

Images: Aptakama Mishra, Processing: Srujanika

ରାସାୟନିକ ବିପଦ

ଜିଲାପିରୁ ଜେଲି—ସବୁ ମୂଳରେ କ୍ୟାନସର

ବିଭିନ୍ନ ଖାଦ୍ୟପଦାର୍ଥ, ଔଷଧ ଏପରି କି ସାମାନ୍ୟ ଦ୍ରବ୍ୟକୁ ଆକର୍ଷଣୀୟ କରିବା ପାଇଁ ବହୁବିଧ ରାସାୟନିକ ପଦାର୍ଥ ନିର୍ବିଚାରଭାବେ ବ୍ୟବହାର କରାଯାଉଛି । ସାମାନ୍ୟ ଜିଲାପିଠାରୁ ଜେଲି ପର୍ଯ୍ୟନ୍ତ ସବୁଠି ରାସାୟନିକ ପଦାର୍ଥର ଅଖଣ୍ଡ ପ୍ରଭାବ । ପରିବା ପତ୍ରକୁ ତଟକା ରଖିବା ପାଇଁ ବିଭିନ୍ନ ଔଷଧର ବ୍ୟବହାର କରାଯାଉଛି । ପରିବା ଗୋଦାମରେ ପାଚିଲା ପୋଟଳ ନେଲି କରିବାକୁ ମଧ୍ୟ ସ୍ୱତନ୍ତ୍ର ରଙ୍ଗ ବାହାରିଲାଣି । ହୋଟେଲର ବାସୀ, ପଚା ତରକାରୀକୁ ସ୍ୱାଦିଷ୍ଟ କରିବା ପାଇଁ ମଧ୍ୟ ଔଷଧ ଓ ସେଣ୍ଟ ବ୍ୟବହାର କରାଗଲାଣି । କିନ୍ତୁ ଏହାର ପରିଣତି ବିଷୟରେ ନା ଗ୍ରାହକ ନା ବିକ୍ରେତା କେହି ସଚେତନ ନୁହଁନ୍ତି । ପରିଣାମରେ ମହା ଦୁରାରୋଗ୍ୟ ବ୍ୟାଧି ସମସ୍ତେ ଭୋଗୁଛନ୍ତି । ଏବେ ବୈଜ୍ଞାନିକମାନେ ପରୀକ୍ଷା କରି ଜାଣିପାରିଛନ୍ତି ଯେ ପୃଥିବୀର ବିଭିନ୍ନ ସ୍ଥାନରେ ବ୍ୟବହୃତ ହେଉଥିବା ପଚାଶ ହଜାର ପ୍ରକାରର ରସାୟନିକ ପଦାର୍ଥ ମଧ୍ୟରୁ ଅନ୍ତତଃ ପନ୍ଦର ଶହ କେମିକାଲ କ୍ୟାନସର ସୃଷ୍ଟି କରୁଛି । ପରୀକ୍ଷାଗାର ଗବେଷଣାରୁ ଏହା ଜଣାଯାଇଛି ।

ସମଗ୍ର ବିଶ୍ୱରେ ଏବେ ପ୍ରାୟ ୪୨ ଲକ୍ଷଟି ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି ଏବଂ ପ୍ରତିବର୍ଷ ହାରାହାରି ଏକ ହଜାର ନୂଆ ରାସାୟନିକ ପଦାର୍ଥ ସୃଷ୍ଟି ହେଉଛି । କିନ୍ତୁ ଏଗୁଡ଼ିକ ମଧ୍ୟରୁ ମାତ୍ର ଅଳ୍ପ କେତୋଟି କେମିକାଲକୁ ନେଇ ଯେଉଁ ପରୀକ୍ଷା କରାଯାଇଥିଲା ସେଥିରୁ ଏଭଳି ଉଦ୍‌ବେଗଜନକ ଫଳ ମିଳିଛି ।

ଆମେରିକାର ଜାତୀୟ ଟକ୍‌ସିକୋଲଜିକାଲ ରିସର୍ଚ୍ଚ ସେଣ୍ଟରର ଜନୈକ ଖ୍ୟାତନାମା ବୈଜ୍ଞାନିକ ଲରେନ୍‌ସ ଫିସବନ୍ କହିଛନ୍ତି ଯେ, ବିଶ୍ୱରେ ଏବେ ରସାୟନ ଶିଳ୍ପର ପ୍ରସାର ଅଭୂତପୂର୍ବ ଭାବେ ଘଟୁଛି ଏବଂ ପ୍ରତିବର୍ଷ ପ୍ରାୟ ଦଶ କୋଟି ଟନ୍ ରାସାୟନିକ ପଦାର୍ଥ ପୃଥିବୀରେ ବିକ୍ରି ହେଉଛି । କେବଳ ଆମେରିକାରେ ପ୍ରତି ବର୍ଷ ୩୦୦ରୁ ୭୦୦ ଯାଏ ନୂଆ ରାସାୟନିକ ପଦାର୍ଥ ସୃଷ୍ଟି ହେଉଛି ଏବ ୟୁରୋପୀୟ ଲୋକଙ୍କ ଦ୍ୱାରା ପ୍ରାୟ ୩୪ ହଜାର କେମିକାଲ ଦୈନିକ ବ୍ୟବହୃତ ହେଉଛି ।

ଇତିମଧ୍ୟରେ ଜାପାନର ୬ଟି ବୃହତ୍ ଗବେଷଣାଗାରରେ କେଉଁ ସବୁ କେମିକାଲ ଯୋଗୁ କ୍ୟାନସର ହେଉଛି, ତା ଉପରେ ପରୀକ୍ଷା ଚାଲିଛି ଏବଂ ଏଥିପାଇଁ ଏଣ୍ଡିପୋକକୁ ବ୍ୟବହାର କରାଯାଉଛି ବୋଲି ମିସି ମାସ୍ତା ଜାତୀୟ ବଂଶ ବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକ ଶ୍ରୀ ଓ୍ୱାଇ. ତାଜିମା ପ୍ରକାଶ କରିଛନ୍ତି ।

ଶ୍ରୀ ଫିସବନଙ୍କ ମତରେ ଯେଉଁ ସବୁ କେମିକାଲଗୁଡ଼ିକ କ୍ୟାନସର ସୃଷ୍ଟି କରୁଥିବା ଆପାତତଃ ଜଣାଯାଉଛି ସେଗୁଡ଼ିକର ବ୍ୟବହାର କମାଇ ଦେଲେ କ୍ୟାନସର ରୋଗ ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହେବ । ବାୟୁ, ଜଳ, ଖାଦ୍ୟ, ଔଷଧ ଆଦି ମାଧ୍ୟମରେ ଆମେ ସାଧାରଣତଃ ଏହି ମାରାତ୍ମକ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସିଥାଉ । ୧୯୪୦ ମସିହାରେ ସମଗ୍ର ବିଶ୍ୱରେ ମାତ୍ର କୋଡ଼ିଏ କୋଟି ଟନ୍ ରାସାୟନିକ ପଦାର୍ଥ ଉତ୍ପାଦନ ହେଉଥିବା ବେଳେ ୧୯୭୬ ମସିହାରେ ତାହା ୧୧୪୦ କୋଟି ଟନକୁ ବୃଦ୍ଧି ପାଇଛି । ଏଥିରୁ ରାସାୟନିକ ପଦାର୍ଥ ଉପରେ ଲୋକେ ଅଧିକରୁ ଅଧିକ ନିର୍ଭରଶୀଳ ହେଉଥିବା ଜଣାଯାଏ । ଯଦି ଅଚିରେ ଲୋକଙ୍କ ରୁଚି ପରିବର୍ତ୍ତନ ନ ଘଟେ ବା ଯେଉଁ କେମିକାଲ ପାଇଁ କ୍ୟାନସର ବ୍ୟାପୁଛି ତାହାର ପ୍ରସାର ନ କମେ ତେବେ ସମଗ୍ର ମାନବ ଜାତି କ୍ୟାନସର ଭୋଗିବେ ବୋଲି ସେ ସତର୍କ କରି ଦେଇଛନ୍ତି ।

ଭାରତୀୟ ଜ୍ଞାନରୁ ଚୀନ ଲାଭବାନ୍

ସାଢ଼େ କୋଡ଼ିଏ ବର୍ଷ ତଳେ ଭାରତର ଦୁଇ ଜଣ ବୈଜ୍ଞାନିକ 'ଆନ୍ଥର କଲଚର' ଜରିଆରେ ବିଭିନ୍ନ ଗଛର ବୀର ସୃଷ୍ଟି ପାଇଁ ଏକ ସ୍ୱତନ୍ତ୍ର କୌଶଳ ପ୍ରୟୋଗ କରିଥିଲେ । ବର୍ତ୍ତମାନ ଚୀନ ସେହି କୌଶଳ ଅବଲମ୍ବନ କରି ନିଜର ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ାଇବାରେ ସକ୍ଷମ ହୋଇ ପାରିଛି ।

ଏହି କୌଶଳ ଉଦ୍‌ଭାବନ କରିଥିବା ବୈଜ୍ଞାନିକ ଦ୍ୱୟ ହେଲେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡକ୍ଟର ଗୁହ ଓ ଡକ୍ଟର ମହେଶ୍ୱରୀ । ନିଜ ଦେଶରେ ସେମାନଙ୍କ ପରୀକ୍ଷାର ସଦୁପଯୋଗ କରାଯାଇ ପାରି ନ ଥିବା ବେଳେ ଚୀନ ଏହି କୌଶଳ ଅବଲମ୍ବନ କରି ଗହମ, ରବର, କମଳା, ଅଙ୍ଗୁର ଓ ଆପଲ ଆଦିର ଉତ୍ପାଦନ ବୃଦ୍ଧି କରିଛି ।

ବିଜିଂସ୍ଥ ଜେନେଟିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଡକ୍‌ଟର ହୁହାନ ଏକଥା ପ୍ରକାଶ କରି ଆହୁରି କହିଛନ୍ତି ଯେ 'ଆନ୍ଥର କଲଚର' ଓ 'ପରାଗ ସଙ୍ଗମ' କୌଶଳ ଏ ଦୁଇଟିର ପ୍ରୟୋଗ କରି ଚୀନ କେତେ ବର୍ଷ ହେଲା ବହୁ ନୂତନ କିସମର ଧାନ, ଗହମ ଓ ତମାଖୁ ସୃଷ୍ଟି କରି ପାରିଛି ଯେଉଁଗୁଡ଼ିକ ରୋଗ ପ୍ରତିରୋଧୀ ।

ଆନ୍ଥର କଲଚର ଜରିଆରେ ସର୍ବାଧିକ ଫଳ ପାଇବା ପାଇଁ ଚୀନ ପକ୍ଷରୁ ଗବେଷଣା କରି ଦେଖାଯାଇଛି ଯେ ଗହମର ଆନ୍ଥର କଲଚର ପାଇଁ ୯ ପ୍ରତିଶତ ସୁକ୍ରୋଜ ମାଧ୍ୟମ ଏବଂ ରେପସିଡ଼ ବାର୍ଲି ପାଇଁ ୧୨ ପ୍ରତିଶତ ସୁକ୍ରୋଜ ମାଧ୍ୟମ ଆବଶ୍ୟକ । ❊

Images: Aptakama Mishra, Processing: Srujanika

ଆଜି ବାହାଘର କାଲି ଛାଡ଼ପତ୍ର

ଲେଖକ ଓଡ଼ିଶାର ଶ୍ରେଷ୍ଠ ଆଇନଜୀବୀ ମାନଙ୍କ ମଧ୍ୟରେ ଅନ୍ୟତମ । କର ଓ କମ୍ପାନୀ ମାମଲାରେ ସେ ସମଗ୍ର ଦେଶର ଅଗ୍ରଣୀ ଆଇନଜୀବୀ ମାନଙ୍କ ମଧ୍ୟରେ ପରିଗଣିତ । ସେ ଓଡ଼ିଶା ବାରକାଉନ୍‌ସିଲର ସଦସ୍ୟ ଓ ନିଖିଳ ଉତ୍କଳ ଆଇନଜୀବୀ ସଂଘର କ୍ରମାଗତ ତିନିଥର ପାଇଁ ସମ୍ପାଦକ । ଆଇନ ସମ୍ପର୍କୀୟ ବହୁ ଆଲୋଚନା ଚକ୍ରରେ ସେ ଅଧ୍ୟକ୍ଷତା କରିଛନ୍ତି ଓ ଭାଗ ନେଇଛନ୍ତି ।

ପୃଥିବୀରେ ଅନେକ ଦେଶ ଅଛି ଯେଉଁଠି ସ୍ୱାମୀ ରାତିରେ ଜୋରରେ ଘୁଙ୍ଗୁଡ଼ି ମାରିଲେ ସ୍ତ୍ରୀ ଛାଡ଼ପତ୍ର ଆବେଦନ କରିପାରେ କିମ୍ବା ସ୍ତ୍ରୀ ଘରେ ବିଲେଇ ପୋଷିବାକୁ ଚାହିଁଲେ ଓ ପୁରୁଷ ନ ଚାହିଁଲେ ଯଦି ମତାନ୍ତର ଘଟେ ତେବେ ପୁରୁଷ ଛାଡ଼ପତ୍ର ଆବେଦନ କରିପାରେ । ଗୋଟିଏ ସ୍କାଣ୍ଡିନେଭିଆନ୍ ରାଜ୍ୟରେ ସ୍ୱାମୀ ତିନିସପ୍ତାହ ଧରି ମୋଜା ସଫା କରିବ ନାହିଁ ବୋଲି ଜିଦ୍ କରିବାରୁ ସ୍ତ୍ରୀ ଛାଡ଼ପତ୍ର ଆବେଦନ କରିଥିଲା ଓ ଅଦାଲତ ତାହା ମଞ୍ଜୁର କରିଥିଲା ।

ରକ୍ଷଣଶୀଳ ହିନ୍ଦୁ ସମାଜରେ ଛାଡ଼ପତ୍ରକୁ ଆଇନତଃ ସ୍ୱୀକାର କରାଯାଉ ନ ଥିଲା ଓ ୧୯୫୫ ମସିହା ପର୍ଯ୍ୟନ୍ତ କୌଣସି ହିନ୍ଦୁର ଛାଡ଼ପତ୍ର ଦେବାର ଆଇନଗତ ଅଧିକାର ନ ଥିଲା ।

ପ୍ରଥମଥର ପାଇଁ ୧୯୫୫ରେ ହିନ୍ଦୁ ବିବାହ ଆଇନରେ କେତେକ ଯୁଗାନ୍ତକାରୀ ପରିବର୍ତ୍ତନ ଅଣାଯାଇଥିଲା । ତାହାମଧ୍ୟରୁ ହିନ୍ଦୁ ଦମ୍ପତି ଆଇନଗତ ବିଚ୍ଛେଦ ଓ ଛାଡ଼ପତ୍ର ଆଇନ ଅନ୍ୟତମ ।

ହିନ୍ଦୁ ବିବାହ ଆଇନର ପ୍ରଚଳନ ପୂର୍ବରୁ ଧରାଯାଉଥିଲା ଯେ ବିବାହ ଏକ ପବିତ୍ର ଘଟଣା ବା ସଂସ୍କାର । ପୁରୁଷ ଓ ନାରୀର ଏହା ଏକ ପବିତ୍ର ମିଳନ ବୋଲି ଧରାଯାଉଥିଲା । ଯାହାର ଉଦ୍ଦେଶ୍ୟ ଥିଲା ମୋକ୍ଷ ଲାଭ ଏବଂ ଧର୍ମ କାର୍ଯ୍ୟ କରିବା ପାଇଁ ଏକ ପୁତ୍ରର ଜନ୍ମ । ପାଟନା ହାଇକୋର୍ଟ କାମିନୀ ଦେବୀ ବନାମ କାମେଶ୍ୱର ମାମଲାରେ ପ୍ରାୟ ୭୦ ବର୍ଷ ତଳେ ଉପରୋକ୍ତ ମତ ଦେଇଥିଲେ ।

ଶ୍ରୀ ଅରଜିତ ପଶାୟତ

ବିବାହ ଏକ ସାମଜିକ ଚୁକ୍ତି ବୋଲି ଆମ ସମାଜରେ ଧରାଯାଏ ନାହିଁ । କିନ୍ତୁ କେତେକ ବିଚାରପତି ଏହାକୁ ଏକ ଚୁକ୍ତି ଦୃଷ୍ଟିକୋଣରୁ ଦେଖିବା ପାଇଁ ପରାମର୍ଶ ଦେଇଛନ୍ତି । ବିଚାରପତି ତେନ୍ଦୁଲ୍‌କର ଏକ ମାମଲାରେ ମତ ଦେଇଥିଲେ ଯେହେତୁ କନ୍ୟାଦାନ ଏକ ଦାନ, ହିନ୍ଦୁ ବିବାହ ଏକ ଚୁକ୍ତି । ବିଚାରପତି ବିଶ୍ୱନାଥ ଶାସ୍ତ୍ରୀ ମଧ୍ୟ ଅନୁରୂପ ମତ ଦେଇ କହିଛନ୍ତି ଯେ ପ୍ରତ୍ୟେକ ବିବାହରେ ଏକ ଚୁକ୍ତି ନିହିତ କାରଣ ବିବାହ ସମୟରେ ସ୍ୱାମୀ ସ୍ତ୍ରୀର ସମ୍ମତି ଆବଶ୍ୟକ; ଏ ଦୁଇଜଣ ମଧ୍ୟରୁ କେହି ନାବାଳକ ଥିଲେ ପିତା ମାତାଙ୍କର ସମ୍ମତି ଆବଶ୍ୟକ । ମାନ୍ୟବର ବିଚାରପତି ଆହୁରିମଧ୍ୟ ମତ ଦେଇଛନ୍ତି ଯେ ପ୍ରତ୍ୟେକ ବିବାହରେ କନ୍ୟା ଦାନ କରାଯାଏ, ଯାହା ବ୍ରାହ୍ମ ବିବାହରେ ମାଗଣାରେ ହୁଏ ଏବଂ ଆସୁରିକ ବିବାହରେ ଅର୍ଥ ବଦଳରେ ହୁଏ ।

କୌଟିଲ୍ୟଙ୍କ ମତ ଅନୁସାରେ ବିବାହକୁ ଏକ ସାମାଜିକ ଚୁକ୍ତି ବୋଲି କହିବା ଉଚିତ । କିନ୍ତୁ ମନୁଙ୍କ ମତରେ ପାଣି ଗ୍ରହଣର ଅର୍ଥ ହେଉଛି କନ୍ୟାର ଦାନ ଯାହା ଫଳରେ ବରର କନ୍ୟା ଉପରେ କ୍ଷମତା ରହିବ ।

ହିନ୍ଦୁ ବିବାହ ଆଇନ, ବିବାହକୁ ଦୁଇ ଭାଗରେ ବିଭକ୍ତ କରିଛି । ପ୍ରଥମ ବିଭାଗରେ ସମ୍ପୂର୍ଣ୍ଣ ଭାବରେ ବେଆଇନ ବିବାହ ଏବଂ ଦ୍ୱିତୀୟ ବିଭାଗରେ ଆବେଦନକ୍ରମେ ବିବାହକୁ ବେଆଇନ ।

ଛାଡ଼ପତ୍ର ପାଇଁ ପ୍ରଚଳିତ ଆଇନରେ ଆଠ ପ୍ରକାର ଅଭିଯୋଗ କରାଯାଇ ପାରେ । କିନ୍ତୁ ଅଧିକାଂଶ ଅଭିଯୋଗ ଅଦାଲତ ମାନଙ୍କରେ ନିମ୍ନଲିଖିତ କାରଣ ମାନଙ୍କଯୋଗୁଁ ସାଧାରଣତଃ ଆଗତ କରାଯାଇଥାଏ ।

(୧) ସ୍ୱାମୀ ବା ସ୍ତ୍ରୀ ନିଜର ସ୍ତ୍ରୀ ବା ସ୍ୱାମୀ ଛଡ଼ା ଅନ୍ୟ ସ୍ତ୍ରୀ ବା ପୁରୁଷ ସହିତ ଯୌନକ୍ରିୟା ।

(୨) ବିବାହ ପରେ ଆବେଦନକାରୀ ବା ଆବେଦନ କାରିଣୀ ସହିତ କ୍ରୂର ବ୍ୟବହାର ।

୧୯୭୬ ମସିହା ପୂର୍ବେ ପ୍ରଥମ ଅଭିଯୋଗ ଛାଡ଼ପତ୍ର ପାଇଁ ଏକ କାରଣ ବୋଲି ପରିଗଣିତ ହେଉନଥିଲା । ଏ ପ୍ରକାର ଯୌନକ୍ରିୟା ଭାରତୀୟ ପେନାଲ କୋଡ଼ର ୪୯୭ ଧାରାରେ ବର୍ଣ୍ଣିତ ।

ଏ ପ୍ରକାର ଘୃଣ୍ୟ ଅଭିଯୋଗ କରି ଯିଏ ଛାଡ଼ପତ୍ର ପାଇଁ ଆବେଦନ କରିବ ତାଙ୍କୁ ନିର୍ଦ୍ଦିଷ୍ଟ ପ୍ରମାଣ ସହ ଅଭିଯୋଗ ସାବ୍ୟସ୍ତ କରିବାକୁ ପଡ଼ିବ । ଏ ସମ୍ପର୍କରେ ଗୋଟିଏ ଦୁଇଟି ନିର୍ଦ୍ଦିଷ୍ଟ ମାମଲାରେ କରାଯାଇଥିବା ଅଭିଯୋଗ ବିଷୟରେ ଅବତାରଣା କରାଯାଇ ପାରେ ।

Images: Aptakama Mishra, Processing: Srujanika

ପ୍ରଥମ ମ ମଲାଟି କଲିକତା ହାଇକୋର୍ଟରେ ଦାଏର ହୋଇଥିଲା ଏବଂ ଏହା ୧୯୭୬ ପୂର୍ବ ଆଇନ ଅନୁଯାୟୀ ଦାଖଲ ହୋଇଥିଲା ।

କଲିକତା ହାଇକୋର୍ଟରେ ଅପିଲକାରୀ ୫୫ ବର୍ଷ ବୟସ୍କ ଡକ୍ଟର ଶଚୀନ୍ଦ୍ର ନାଥ ଘୃତକର୍ଣ୍ଣୀ M.B. and D. T. M. (Calcutta) E. M.R (Madras) D. M. R. T. (London) କଲିକତା ମେଡ଼ିକାଲ କଲେଜର ରେଡିଓଥେରାପି ବିଭାଗର ରିଡ଼ର ଏବଂ ଅନ୍ୟ ପକ୍ଷରେ ଶ୍ରୀମତୀ ନଳିନୀମା ଘୃତକର୍ଣ୍ଣୀ (୫୦ ବର୍ଷ ବୟସ୍କା) ଡାକ୍ତର ଘୃତକର୍ଣ୍ଣୀଙ୍କର ସ୍ତ୍ରୀ ।

ଉଭୟଙ୍କ ବିବାହ ୧୯୩୭ ମସିହା ରେ ବରିଶାଲରେ (ବର୍ତ୍ତମାନ ପୂର୍ବ ପାକିସ୍ଥାନରେ) ହୋଇଥିଲା । ସେତେବେଳେ ଏମ. ଏସସି. ପଢ଼ୁଥିବା ଶଚୀନ୍ଦ୍ରଙ୍କ ବୟସ ପ୍ରାୟ ତେଇଶି ବର୍ଷ ଓ ସଦ୍ୟ ମାଟ୍ରିକ ପାସ କରିଥିବା ନଳିନୀମାଙ୍କ ବୟସ ଅଠର ବର୍ଷ ହୋଇଥିଲା ।

ସମୟ କ୍ରମେ ଶଚୀନ୍ଦ୍ର ଉଚ୍ଚଶିକ୍ଷା ପାଇଁ କଲିକତା ଓ ଲଣ୍ଡନ ଗଲେ । ଶେଷରେ ଶଚୀନ୍ଦ୍ର ଓ ନଳିନୀମା କଲିକତାର ୪୫ ମୋହନ ଲାଲ ଷ୍ଟ୍ରିଟରେ ରହିଲେ । ବିବାହର ଏଗାର ବର୍ଷ ପରେ ଉଭୟ ସ୍ଥାୟୀଭାବରେ ଉପରୋକ୍ତ ଠିକଣାରେ ରହିଲେ । ଏ ମଧ୍ୟରେ ତାଙ୍କର ଦୁଇ ଝିଅ ଏ ଗୋଟିଏ ପୁଅ ଜନ୍ମଲାଭ କଲେ । ବିବାହର ବର୍ଷକ ପରେ ଝିଅ ଖନା ଜନ୍ମଲାଭ କରିଥିଲା । ତାର ତିନି ଚାରି ବର୍ଷ ପରେ ରେବା (ଅନ୍ୟନାମ କୃଷ୍ଣା) ଜନ୍ମଗ୍ରହଣ କରିଥିଲା ଓ ଶେଷ ସନ୍ତାନ ପଲ୍ଲୀ ୧୯୪୬ ମସିହାରେ ଜନ୍ମଗ୍ରହଣ କରିଥିଲା । ଶଚୀନ୍ଦ୍ର ଓ ନଳିନୀମା କଲିକତାରେ ରହିବାର ପ୍ରାୟ ୨ବର୍ଷ ପରେ ଚଞ୍ଚଳ ନାମକ ଅନ୍ୟ ଏକ ପୁଅ ଜନ୍ମଗ୍ରହଣ କଲା ।

ବଡ଼ ଝିଅ ଖନା ୧୯୫୫ ମସିହାରେ ତା'ର ପିତାଙ୍କର ବନ୍ଧୁପୁତ୍ର ଡାକ୍ତର ଶାନ୍ତିପଦ ଗାଙ୍ଗୁଲିଙ୍କୁ ବିବାହ କଲା । ବିବାହ ପରେ ଶାନ୍ତିପଦ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ଗଲେ ଏବଂ ଏଥିପାଇଁ ସମସ୍ତ ଖର୍ଚ୍ଚ ଶଚୀନ୍ଦ୍ର ବହନ କଲେ । ଶାନ୍ତିପଦ ଓ ଖନାଙ୍କର ଗୋଟିଏ ପୁଅ ହେଲା । ୧୯୬୬ ମସିହାରେ ଚାରି ବର୍ଷ ବୟସର ନାତି ଆଦରର ଅଜା ଶଚୀନ୍ଦ୍ରଙ୍କ ପାଖକୁ ଯେଉଁଦିନ ଚିଠି ଲେଖି ଭଲ ମନ୍ଦ ଖବର ବୁଝୁଥିଲା ଠିକ୍ ସେଇଦିନ ଛାଡ଼ପତ୍ର ବା ଆଇନଗତ ବିଚ୍ଛେଦ ପାଇଁ ଶଚୀନ୍ଦ୍ର ଆବେଦନ କଲେ । ଏଭଳି ଏକ ରହସ୍ୟମୟ ଆବେଦନର ଉତ୍ତର ଉଭୟ ଶଚୀନ୍ଦ୍ର ଓ ନଳିନୀମା ଗୋଟିଏ ନିର୍ଦ୍ଦିଷ୍ଟ ଘଟଣାକୁ କେନ୍ଦ୍ର କରି ଦିଅନ୍ତି । କିନ୍ତୁ ଉଭୟଙ୍କର ଚିନ୍ତାଧାରା ଭିନ୍ନ । ଏହି ଅସାଧାରଣ ଘଟଣାଟି ଘଟିଥିଲା ୧୯୬୧ ମସିହା ଜାନୁୟାରୀ ୨୮ ତାରିଖରେ । ମଝିଆ ଝିଅ ଅଠର ବର୍ଷ ବୟସ୍କା ରେବା (କୃଷ୍ଣା) ପୋଲିସ୍ ପାଖରେ ଅଭିଯୋଗ କଲା ଯେ ବର୍ଷେ ତଳେ (ମାର୍ଚ୍ଚ ମାସ ୧୦ ତାରିଖ ୧୯୬୦ରେ) ବାପା ଶଚୀନ୍ଦ୍ର (ଯେ କି ସେତେବେଳେ ୪୭ ବର୍ଷ ବୟସ୍କ) ତା ସହିତ ଯୌନକ୍ରିୟା କରିବାକୁ ଚେଷ୍ଟା କରିଥିଲେ । ଏହି ଭଳି ଘୃଣ୍ୟ ଅଭିଯୋଗ ଫଳରେ ତିନି ଦିନ ପରେ ଶଚୀନ୍ଦ୍ରଙ୍କୁ ପୋଲିସ୍ ଗିରଫ କଲା ଏବଂ ସେ ମାଜିଷ୍ଟ୍ରେଟ୍ଙ୍କ ପାଖରୁ ଜାମିନ୍‌ରେ ଆସିଲେ । ତାର ୫ ଦିନ ପରେ ପୋଲିସ୍ ତାଙ୍କ ଘର ଖାନତଲାସ୍ କଲା ଓ ନଳିନୀମା ସେଇ ଦିନ ତାଙ୍କ ଘର ଛାଡ଼ି ଅନ୍ୟତ୍ର ଚାଲିଗଲେ । ପୋଲିସ୍ ଅନୁସନ୍ଧାନ ପରେ ଶଚୀନ୍ଦ୍ରଙ୍କ ବିରୁଦ୍ଧରେ ତାଙ୍କ ଝିଅ ସହିତ ବଳାତ୍କାର କରିଥିବା ଅଭିଯୋଗପତ୍ର ଦାଖଲ କଲେ । ୧୯୬୧ ଡିସେମ୍ବରରେ ଶଚୀନ୍ଦ୍ରଙ୍କୁ ଅଦାଲତ୍ ଖଲାସ୍ ଆଦେଶ ଦେଲା ।

ସ୍ତ୍ରୀ କାମାତୁର—ସ୍ୱାମୀର ଅଭିଯୋଗ

ଶଚୀନ୍ଦ୍ର ନିଜ ଛାଡ଼ପତ୍ର ଆବେଦନରେ ଦର୍ଶାଇଥିଲେ ଯେ ତାଙ୍କ ସ୍ତ୍ରୀ ନଳିନୀମା ଜଣେ ଅତ୍ୟଧିକ କାମାତୁରା ନାରୀ ଓ ସଦାସର୍ବଦା ଯୌନକ୍ରିୟା ପାଇଁ ଆତୁର । ଯଦିଓ ସେ ନଳିନୀମାଙ୍କର ଏ ପ୍ରକାର ବ୍ୟବହାର କୌଣସି ପ୍ରକାରେ ସହ୍ୟ କରୁଥିଲେ । ୧୯୬୧ ମସିହା ଜାନୁୟାରୀ ୧ ତାରିଖରେ ଏଭଳି ଏକ ଘଟଣା ଘଟିଲା ଯାହାଫଳରେ ସେ ଛାଡ଼ପତ୍ର ଆବେଦନ କରିବାକୁ ମନସ୍ଥ କଲେ । ତାଙ୍କୁ ଏ ଉଦ୍ୟମରେ ବିଫଳ କରିବା ପାଇଁ ନଳିନୀମାଙ୍କର କୁପରାମର୍ଶରେ ରେବା ଉପରୋକ୍ତ ମିଛ ମକଦ୍ଦମା ଆରମ୍ଭ କରାଇଲା । ତେଣୁ ତାଙ୍କ ବିରୁଦ୍ଧରେ ହୋଇଥିବା ମକଦ୍ଦମା ସମାପ୍ତିର ସତେଇଶ ଦିନ ଭିତରେ ସେ ଏହି ଛାଡ଼ପତ୍ର ଆବେଦନ କରିଥିଲେ । ଉତ୍ତରରେ ନଳିନୀମା ଦର୍ଶାଇଲେ ଯେ ସେ କାମାତୁରା ନୁହନ୍ତି ବରଂ ଶଚୀନ୍ଦ୍ର ଏଭଳି ଏକ ନଷ୍ଟ ଚରିତ୍ର ଯେ, ନିଜର ନିକଟତମ ସମ୍ପର୍କୀୟା ସହିତ ମଧ ସହବାସ କରିବାକୁ ଇଚ୍ଛୁକ । ସତ୍ୟ ମକଦ୍ଦମାରେ ହାରିଯାଇ ଥିବାରୁ ରାଗ ସୁଝେଇବା ପାଇଁ ସେ ଛାଡ଼ପତ୍ର ଆବେଦନ କରିଛନ୍ତି ।

ଶଚୀନ୍ଦ୍ର ନଳିନୀମାଙ୍କର ଉଚ୍ଛୃଙ୍ଖଳ କାମାତୁରତାର ବହୁତେଟି ଦୃଷ୍ଟାନ୍ତ ଦେଇଥିଲେ ।

(୧) ଶଚୀନ୍ଦ୍ରଙ୍କ ବଡ଼ଭାଇ ଜତେନ୍ଦ୍ରଙ୍କ ପୁଅ ଗୋପାଳ ସହିତ ୧୯୪୧ ଜୁଲାଇରେ ଯୌନକ୍ରିୟା ।

Images: Aptakama Mishra, Processing: Srujanika

(୨) ଶଚୀନ୍ଦ୍ରଙ୍କ ପୁଅ ଶ୍ରୀ ଉମାକାନ୍ତ ସହିତ ୧୯୫୫ ଜୁଲାଇରେ ଯୌନକ୍ରିୟା ।

(୩) ସେହି ଉମାକାନ୍ତ ସହିତ ୧୯୫୯ ଜୁଲାଇରେ ସହବାସ ।

(୪) ୧୯୬୧ ଜାନୁୟାରୀ ଏକ ତାରିଖରେ ଶଚୀନ୍ଦ୍ରଙ୍କ ଘର ଜଗୁଆଳି ନାରାୟଣ ଚକ୍ରବର୍ତ୍ତୀ ସହିତ ସହବାସ ।

ଶଚୀନ୍ଦ୍ର ଦର୍ଶାଇଥିଲେ ଯେ ଶେଷୋକ୍ତ ଘଟଣା ତାଙ୍କ ମନରେ ଗଭୀର ଆଘାତ ଦେଇଥିଲା ଓ ସେ ଛାଡ଼ପତ୍ର ଆବେଦନ କରିବାକୁ ମନସ୍ଥ କରିଥିଲେ ଯାହା ପାଇଁ ନଳୀମା ରେବା ଦ୍ୱାରା ମିଛ ମକଦ୍ଦମା କରାଇଥିଲେ ।

ଏଭଳି ଏକ ଗୁରୁତର ମାମଲାରେ ଆଲିପୁରର ଅତିରିକ୍ତ ଜିଲ୍ଲା ଜଜ୍ ଶଚୀନ୍ଦ୍ରଙ୍କର ଆବେଦନ ଖାରଜ କରି ଦେଲେ । ଏହା ବିରୁଦ୍ଧରେ ଶଚୀନ୍ଦ୍ର କଲିକତା ହାଇକୋର୍ଟରେ ଅପିଲ୍ ଦାଏର କଲେ ।

ଏଭଳି ମାମଲାରେ ସାକ୍ଷ୍ୟ ପ୍ରମାଣ କିଭଳି ଭାବରେ ଗ୍ରହଣ ଓ ବିଚାର କରାଯିବ ସେ ବିଷୟରେ ଅପିଲ ଶୁଣୁଥିବା ବିଚାରପତି ଦ୍ୱୟ ମାନ୍ୟବର ଶ୍ରୀ ବିଜୟେଶ ମୁଖାର୍ଜି ଓ ଶ୍ରୀ ଏସ୍. କେ. ଦତ୍ତ ଏକ ସୁଦୀର୍ଘ ରାୟ ଦେଇଥିଲେ । ସମସ୍ତ ତଥ୍ୟ, ସାକ୍ଷ୍ୟ ଓ ଆଇନକୁ ଆଖିରେ ରଖି ସେମାନେ ଅପିଲ୍‌କୁ ବରଖାସ୍ତ କଲେ । ସେମାନେ ରାୟ ଦେଲେ ଯେ ଉପରୋକ୍ତ ଚାରୋଟିଯାକ ଅଭିଯୋଗର ସତ୍ୟତା ଶଚୀନ୍ଦ୍ର ପ୍ରମାଣ କରି ପାରିଲେ ନାହିଁ ।

ଏହିଭଳି ବହୁ ଜଘନ୍ୟ ଅଭିଯୋଗ ଛାଡ଼ପତ୍ର ମାମଲାରେ ଆଗତ କରାଯାଏ । କେତେକ କ୍ଷେତ୍ରରେ ଘଟଣା ସତ୍ୟ ବୋଲି ପ୍ରମାଣିତ ହୋଇ ଛାଡ଼ପତ୍ର ଆବେଦନ ମଞ୍ଜୁର ମଧ୍ୟ ହେଉଛି ।

ନିଷ୍ଠୁରତା ପାଇଁ ଛାଡ଼ପତ୍ର

ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୁଏ ନିଷ୍ଠୁରତାକୁ ନେଇ । ନିଷ୍ଠୁରତା ଉଭୟ ଶାରୀରିକ ଓ ମାନସିକ ହୋଇ ପାରିବ ବୋଲି କୋର୍ଟମାନେ ମତ ଦେଇଛନ୍ତି । ମାନସିକ ନିଷ୍ଠୁରତା ଭିତରେ ବହୁ ଘଟଣା ଆସିବ ବୋଲି ବିଚାରପତିମାନେ ମତ ଦେଇଛନ୍ତି ।

ସ୍ୱାମୀ ସ୍ତ୍ରୀକୁ ନଷ୍ଟ ଚରିତ୍ର କହିବା ମାନସିକ ନିଷ୍ଠୁରତା ବୋଲି ମତ ପ୍ରକାଶ ପାଇଛି । ସେହିଭଳି ସ୍ତ୍ରୀ ସ୍ୱାମୀକୁ ବହୁଲୋକଙ୍କ ସମ୍ମୁଖରେ ଅପମାନିତ କରି ଅସମ୍ମାନ ଓ ଘୃଣାଭାବ ପ୍ରକାଶ କରିବା ମାନସିକ ନିଷ୍ଠୁରତା ବୋଲି ପଞ୍ଜାବ ହାଇକୋର୍ଟ ମତ ଦେଇଛନ୍ତି । ଅଧିକନ୍ତୁ ଅନ୍ୟ ଜଣେ ନାରୀକୁ ବିବାହ କରିବା ପାଇଁ ସ୍ୱାମୀ ଯଦି ପ୍ରତିଶ୍ରୁତି ଦିଏ ତାହା ମାନସିକ ନିଷ୍ଠୁରତା ବୋଲି ରାଜସ୍ଥାନ ହାଇକୋର୍ଟ ମତ ଦେଇଛନ୍ତି ।

୧୯୭୬ ମସିହାରେ ଆଉ ଏକ ଛାଡ଼ପତ୍ର ସମ୍ପର୍କୀୟ ନୂତନ ଧାରା ହିନ୍ଦୁ ବିବାହ ଆଇନରେ ଯୋଡ଼ା ହେଲା । ଏହି ନୂତନ ଧାରା (୧୩ ଖ) ଅନୁଯାୟୀ ଉଭୟ ପକ୍ଷ ରାଜି ହୋଇ ଆବେଦନ କଲେ ଛାଡ଼ପତ୍ର ମଞ୍ଜୁର ହୋଇ ପାରିବ । ଏହି ଧାରା ଅନୁଯାୟୀ ଦରଖାସ୍ତରେ ଦର୍ଶାଇବାକୁ ପଡ଼ିବ ଯେ ଉଭୟ ପକ୍ଷ ବର୍ଷେ କିମ୍ବା ତାଠାରୁ ଅଧିକ ସମୟ ଧରି ପରସ୍ପରଠାରୁ ଦୂରରେ ରହୁଛନ୍ତି ଏବଂ ସେମାନେ ପରସ୍ପର ନିକଟରେ ରହିବା ସମ୍ଭବ ନୁହେଁ, ତେଣୁ ସେମାନେ ଉଭୟେ ଛାଡ଼ପତ୍ର ଦେବାକୁ ଚାହାନ୍ତି ।

ଛାଡପତ୍ର ଆଇନ ବିଫଳ ହୋଇଛି

ଲେଖକଙ୍କ ମତରେ ଛାଡ଼ପତ୍ର ଆଇନ ପ୍ରଣୟନ ଫଳରେ ଦାମ୍ପତ୍ୟ ଜୀବନରେ ସୁଖଶାନ୍ତି ବଢ଼ି ନାହିଁ; ବରଂ ଉଚ୍ଛୃଙ୍ଖଳତା ବଢ଼ିଛି । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ବହୁ ଯୁବକ ଯୁବତୀ ନିଜର କାମନା ଚରିତାର୍ଥ କରିବା ପାଇଁ ମିଛ ସାକ୍ଷ୍ୟ ଦେଇ ନିଜର ସାଥୀଠାରୁ ଛାଡ଼ପତ୍ର ନେଇ ପୁଣି ନୂଆ ସାଥୀ ଖୋଜିବାକୁ ଚେଷ୍ଟା କରିଛନ୍ତି । ନିରୀହ, ଯୁବକ ଯୁବତୀଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆଣି ବହୁଲୋକଙ୍କର ଉପସ୍ଥିତିରେ ଯେଉଁଭଳି ଚରିତ୍ର ସଂହାର କୋର୍ଟ କଚେରୀରେ ହେଉଛି ସେଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଛାଡ଼ପତ୍ର ଆଇନ ତାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ କରି ପାରି ନାହିଁ ବରଂ ସଂପୂର୍ଣ୍ଣ ବିଫଳ ହୋଇଛି । ବୈବାହିକ ଜୀବନର ଅସ୍ଥାୟିତ୍ୱ ପାଇଁ କୋହଳ ଛାଡ଼ପତ୍ର ଆଇନ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରକ୍ଷଣଶୀଳ ସମାଜରେ ବିବାହ ଭଳି ପବିତ୍ର ସମ୍ପର୍କକୁ କ୍ଷଣିକ ଉତ୍ତେଜନାରେ ତୁଟାଇ ଦେବାଭଳି କ୍ଷମତାର ଅପବ୍ୟବହାରକୁ ଦୂରେଇ ଦେବା ପାଇଁ ଛାଡ଼ପତ୍ର ଆଇନରେ କୋହଳ ନୀତିର ପରିବର୍ତ୍ତନ ଆବଶ୍ୟକ । ୧୯୫୫-୫୬ ମସିହା ପୂର୍ବରୁ ମଧ୍ୟ ଦାମ୍ପତ୍ୟ କଳହ, ମନୋମାଳିନ୍ୟ ହେଉଥିଲା । କିନ୍ତୁ ସହନଶୀଳତା ଓ ପରସ୍ପର ବୁଝାମଣା ଯୋଗୁ ସମସ୍ତ ମତପାର୍ଥକ୍ୟ ଏଡ଼େଇ ଦେଇ ସୁଖମୟ ଦାମ୍ପତ୍ୟ ଜୀବନଯାପନ ସମ୍ଭବ ହେଉଥିଲା । ସାମାଜିକ ପରିବର୍ତ୍ତନ ନାମରେ ପାଶ୍ଚାତ୍ୟ ସଭ୍ୟତାର ପଦାନୁସରଣ ଫଳରେ ସୁଖମୟ ଦାମ୍ପତ୍ୟ ଜୀବନ ସ୍ଥାନରେ ଅସ୍ଥିର ଓ ଅସଫଳ ବୈବାହିକ ଜୀବନ ଉପସ୍ଥିତ ହେଲା । ସାମାଜିକ ଉଚ୍ଛୃଙ୍ଖଳତା ବହୁପରିମାଣରେ ବୃଦ୍ଧି ପାଇଲା । ବିବାହ ଆଉ ଏକ ପବିତ୍ର ସମ୍ପର୍କ ବୋଲି ପରିଗଣିତ ନ ହୋଇ ଆଇନସଙ୍ଗତ ବେଶ୍ୟାବୃତ୍ତି ବୋଲି ଧରା ହେଲା । ସ୍ତ୍ରୀ ବା ସ୍ୱାମୀ ରୋଗଗ୍ରସ୍ତ ହେଲେ ବା ମାନସିକ ରୋଗାକ୍ରାନ୍ତ ହେଲେ ତାର ସେବା ନ କରି ଛାଡ଼ପତ୍ର ପାଇଁ ଅଦାଲତର ଆଶ୍ରୟ ନିଆ ହେଉଛି । ବୈବାହିକ ଜୀବନ ଏହାଠାରୁ ଅଧିକ ବ୍ୟାବସାୟିକ ବୋଲି ଆଉ ବୋଧେ କେବେ ପରିଗଣିତ ହେଉ ନ ଥିଲା । ରକ୍ଷଣଶୀଳ ସମାଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୈବାହିକ ଜୀବନକୁ ବ୍ୟବସାୟିକ ସମ୍ପର୍କ ବା ଦୃଷ୍ଟିକୋଣରୁ ବାଦ ଦେଇ ଆମ ପୂର୍ବ ପୁରୁଷମାନେ ଯେଉଁଭଳି ଆନନ୍ଦମୟ ଜୀବନ କଟାଉଥିଲେ ତାକୁ ଲକ୍ଷ୍ୟରଖି ଛାଡ଼ପତ୍ର ଆଇନରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବା ଉଚିତ ।

*

କୁକୁରପାଇଁ ପୁଅ ବିରୁଦ୍ଧରେ ମାର ମକଦ୍ଦମା

ହନୋଲୁଲୁର ଜଣେ ମହିଳା ତାଙ୍କ ନିଜ ପୁଅ ବିରୁଦ୍ଧରେ ୫୦ହଜାର ପାଉଣ୍ଡର ଏକ କ୍ଷତି ପୂରଣ ମୋକଦ୍ଦମା କରିଛନ୍ତି । ପୁତ୍ରଜଣଙ୍କେ ତାଙ୍କ ମା ତା ପାଳିଥିବା ଏକ କୁକୁରକୁ ଜବରଦସ୍ତ ଛଡ଼ାଇ ନେଇଥିବାର ଅଭିଯୋଗରେ ଏହି ମକଦ୍ଦମା ହୋଇଛି ।

ମକଦ୍ଦମାର ବିବରଣୀରୁ ଜଣାଯାଏ ଯେ ପୁଅ ଉକ୍ତ କୁକୁରଟିକୁ ନିଜମାଆଙ୍କୁ ଦୁଇବର୍ଷ ତଳେ ଉପହାର ସ୍ୱରୂପ ଦେଇଥିଲେ । କିନ୍ତୁ ଏବେ ମାତାଙ୍କ ଅନୁମତି ବିନା ସେ କୁକୁରଟିକୁ ନେଇଯିବାରୁ ମାଙ୍କ ମନରେ ଦାରୁଣ ଦୁଃଖ ସୃଷ୍ଟି ହୋଇଛି । କୁକୁରଟିର ବଜାରଦର ମାତ୍ର ୨୦୦ ପାଉଣ୍ଡ ହୋଇଥିବା ସତ୍ତ୍ୱେ ତା ପ୍ରତି ଅତିରିକ୍ତ ସ୍ନେହଜାତ ହୋଇଥିବାରୁ ଏଭଳି ପରିମାଣର ଅର୍ଥ କ୍ଷତିପୂରଣ ରୂପେ ଦାବୀ କରାଯାଇଛି ବୋଲି ମହିଳାଙ୍କର ଓକିଲ ସୁଆନନ୍ଦରେ ଦର୍ଶାଇଛନ୍ତି ।

—o—

Images: Aptakama Mishra, Processing: Srujanika

Images: Aptakama Mishra, Processing: Srujanika

ଲୋକସଭା ପାଇଁ ମଧ୍ୟବର୍ତ୍ତୀ ନିର୍ବାଚନର ସମ୍ଭାବନା ନାହିଁ ?

ନୂଆଦିଲ୍ଲୀସ୍ଥ ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ

ଯଥା ସମୟରେ ଅର୍ଥାତ୍ ୧୯୮୧ ମସିହା ଜାନୁଆରୀ ମାସରେ ଲୋକସଭା ପାଇଁ ସାଧାରଣ ନିର୍ବାଚନ କରାଗଲେ କଂଗ୍ରେସ (ଇ) ସଂଖ୍ୟା-ଗରିଷ୍ଠତା ହାସଲ କରିବାର ସମ୍ଭାବନା ନଥିବାରୁ ଆକସ୍ମିକ ଭାବେ ଶ୍ରୀମତୀ ଗାନ୍ଧୀ ୧୯୮୪ ମସିହାରେ ମଧ୍ୟବର୍ତ୍ତୀ ନିର୍ବାଚନ କରିଦେଇ ପାରନ୍ତି ବୋଲି ଜାତୀୟ ସ୍ତରରେ ରାଜନୈତିକ ଭାଷ୍ୟକାର ମାନେ ମତ ଦେଉଥିଲେ । ସେମାନଙ୍କ କଳ୍ପନା ଅନୁଯାୟୀ ଚଳିତ ବର୍ଷ ଫେବୃୟାରୀ ମାସରେ ଲୋକସଭା ପାଇଁ ନିର୍ବାଚନ ହେବା କଥା । ଏବଂ ସେମାନେ ଯାହାସବୁ ବିଶ୍ଳେଷଣ କରୁଥିଲେ ତାହା ହେଲା ।

(୧) ଡିସେମ୍ବର ମାସରେ ଭୋଟର ତାଲିକା ସଂଶୋଧନ କରିବା ପାଇଁ ନିର୍ବାଚନ କମିଶନଙ୍କ ତତ୍ପରତା, ( ) ବିଭିନ୍ନ ରାଜ୍ୟରେ ବିବଦମାନ କଂଗ୍ରେସ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରି ରଖାଯିବାର ଉଦ୍ୟମ (ମହାରାଷ୍ଟ୍ର, ଆନ୍ତୁଲେ, ବିହାର—ଜଗନ୍ନାଥ ମିଶ୍ର ଇତ୍ୟାଦି ସତ୍ତ ପରିବାରରୁ ଅନ୍ତତଃ ଜଣଙ୍କୁ ଆତ୍ମନିଯୁକ୍ତି ଲାଗି ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଘୋଷଣା ଏବଂ (୩) ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଜାତୀୟ ରାଜନୀତିରେ ପ୍ରତିଷ୍ଠିତ କରିବା ପାଇଁ ସୁପରିକଳ୍ପିତ ଉଦ୍ୟମ । ଏଥିରୁ ମନେ-କରାଯାଉଥିଲା କି ହୁଏତ ପ୍ରଧାନ ମନ୍ତ୍ରୀ ଲୋକ-ସଭା ନିମନ୍ତେ ଫେବୃୟାରୀ ମାସରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ କରାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି । ସର୍ବୋପରି ଚଳିତ ବର୍ଷ ଖୁବ୍ ଭଲ ଫସଲ ଉତ୍ପାଦନ ହୋଇ ଥିବାରୁ ଏହା ନିର୍ବା-ଚନ କରାଇବା ପାଇଁ ଶ୍ରୀମତୀ ଗାନ୍ଧୀଙ୍କୁ ଉତ୍ସା-ହିତ କରିବ ବୋଲି ସେମାନେ ମତ ଦେଉଥିଲେ ।

ଗତ ଛ ମାସ ଭିତରେ ଶ୍ରୀମତୀ ଗାନ୍ଧୀ ଯାହା ସବୁ କରିଛନ୍ତି ତାହା ପ୍ରାକ୍ ନିର୍ବାଚନ କାଳୀନ ପ୍ରସ୍ତୁତି ବୋଲି ସାଧାରଣ ଲୋକ ମଧ୍ୟ ଧରିନେଇ ଥିଲେ । ସେମାନଙ୍କ ହିସାବ ଅନୁ-ଯାୟୀ ସଂସଦ ଅଧିବେଶନ ଶେଷ ହେବା ପରେ ଲୋକେ ଖ୍ରୀଷ୍ଟଜନ୍ମ ଉତ୍ସବରେ ଥିବେ ଏବଂ ଠିକ୍ ସେତିକି ବେଳେ ଅର୍ଥାତ୍ ୧୯୮୪ ମସିହା ଫେବୃୟାରୀ ମାସରେ ଶ୍ରୀମତୀ ଗାନ୍ଧୀ ନିର୍ବାଚନ କରିଦେବେ । କଂଗ୍ରେସର ବରିଷ୍ଠ ନେତାମାନେ ନିଜ ନିଜ ଦରବାର ମାନଙ୍କରେ ମଧ୍ୟ ଆସନ୍ନ ମଧ୍ୟବର୍ତ୍ତୀ ନିର୍ବାଚନ ବିଷୟରେ ଚର୍ଚ୍ଚା କରି କିପରି ଭୋଟର ମାନଙ୍କର ସମ୍ମୁଖୀନ ହେବେ ସେ ବିଷୟରେ ପର୍ଯ୍ୟାଲୋଚନା ଆରମ୍ଭ କରିଦେଇଥିଲେ ।

ଶ୍ରୀମତୀ ଗାନ୍ଧୀ ମାନସିକ ସ୍ତରରେ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ସେହି ନିର୍ବାଚନ ମାଧ୍ୟମରେ କିପରି ପ୍ରତିଷ୍ଠିତ କରାଯାଇ ପାରିବ ସେଥିପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନେବା ଆରମ୍ଭ କରିଦେଇ ଥିଲେ । ଗୌହାଟି କଂଗ୍ରେସ ଅଧିବେଶନରେ ସ୍ୱର୍ଗତ ସଞ୍ଜୟ ଗାନ୍ଧୀଙ୍କୁ ଯେପରି ଭାବେ ଶ୍ରୀମତୀ ଗାନ୍ଧୀଙ୍କ ଉତ୍ତରାଧିକାରୀ ରୂପେ ପ୍ରତିପାଦିତ କରାଯାଇଥିଲା ସେହି ଢାଞ୍ଚାରେ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କ ପାଇଁ କଲିକତା କଂଗ୍ରେସ ଅଧିବେଶନ ଆୟୋଜନ କରାଯାଇଥିଲା । ବସ୍ତୁତଃ କଲିକତା କଂଗ୍ରେସ ଥିଲା ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କ ଅଭି-ଷେକ ଉତ୍ସବ । ଶ୍ରୀଯୁକ୍ତ ଗାନ୍ଧୀ ଯେ କଂଗ୍ରେସର ନୀତି ନିର୍ଦ୍ଧାରକ ଏହା ପ୍ରତିପାଦିତ କରିସାରି ତାଙ୍କୁ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ମନୋ-ନୟନ ନିମନ୍ତେ ଅଖଣ୍ଡ କ୍ଷମତା ଦେବା ଶ୍ରୀମତୀ ଗାନ୍ଧୀଙ୍କ ଉଦ୍ଦେଶ୍ୟ ଥିଲା ଏବଂ ତଦନୁଯାୟୀ ସବୁ ଆୟୋଜନ ମଧ୍ୟ ହୋଇଥିଲା ।

ସମସ୍ତ ହିସାବ ସତ୍ତ୍ୱେ ମଧ୍ୟବର୍ତ୍ତୀ ନିର୍ବାଚନ ହେଲା ନାହିଁ, କି ହେବାର ମଧ୍ୟ ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ ଭାବେ ଜଣା ଯାଉଛି । ଗତ ଉପ ନିର୍ବାଚନ ମାନଙ୍କରେ କଂଗ୍ରେସ (ଇ) ଆଶାନୁରୂପ ଭୋଟ ନ ପାଇବା କଣ ଏହାର ମୁଖ୍ୟ କାରଣ ?

ଉକ୍ତ ଉପ ନିର୍ବାଚନ ଗୁଡିକରେ କଂଗ୍ରେସ-(ଇ) ଆଶାନୁରୂପ ଭୋଟ ପାଇଥିଲେ ସାଧାରଣ ଭୋଟରଙ୍କୁ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କର ଆକୃଷ୍ଟ କରିବା କ୍ଷମତା ରହିଛି ବୋଲି କଂଗ୍ରେସ ମହଲରୁ ବ୍ୟାପକ ପ୍ରଚାର ଅଭିଯାନ ଆରମ୍ଭ ହୋଇଥାନ୍ତା ଏବଂ ଶ୍ରୀମତୀ ଗାନ୍ଧୀଙ୍କ ରାଜ-ନୈତିକ ଉତ୍ତରାଧିକାରୀ ହେବା ନିମନ୍ତେ ଶ୍ରୀଯୁକ୍ତ ଗାନ୍ଧୀ ଆବଶ୍ୟକୀୟ କଳା, କୌଶଳ ହାସଲ କରିଛନ୍ତି ବୋଲି ତାଙ୍କର ସମର୍ଥକ ମାନେ ପ୍ରବଳ ପ୍ରଚାର କରିଥାନ୍ତେ । ଏହି ପ୍ରଚାର ଓ ଉତ୍ସାହର କେନ୍ଦ୍ରବିନ୍ଦୁ ରୂପେ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ଅବସ୍ଥାପିତ କରି ଶ୍ରୀମତୀ ଗାନ୍ଧୀ ଲୋକସଭା ପାଇଁ ହଠାତ୍ ମଧ୍ୟବର୍ତ୍ତୀ ନିର୍ବାଚନର ଘୋଷଣା କରିଥାନ୍ତେ ଏବଂ ଭାରତୀୟ ଲୋକଙ୍କ ଆଗରେ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ଦରିଦ୍ର ଜନତାର ତ୍ରାଣକର୍ତ୍ତା ରୂପେ ଅଭିହିତ କରାଯାଇ କଂଗ୍ରେସ ନେତୃତ୍ୱ ଦେଶର ଯୁବଶକ୍ତି ନିକଟରେ ମାଆ ନେଇ କରିବୋଲି କୁହାଯାଇ ଶ୍ରୀଯୁକ୍ତ ଗାନ୍ଧୀଙ୍କ ଗୋଡ଼ାଣିଆ ମାନଙ୍କୁହିଁ ଲୋକସଭା ନିମନ୍ତେ ନିର୍ବାଚିତ କରାଇବାପାଇଁ ଉଦ୍ୟମ ହୋଇ-ଥାନ୍ତା । କିନ୍ତୁ ଏବେ ଏ ସମସ୍ତ ଯୋଜନାର ପୁନର୍ବିନ୍ୟାସ ଆବଶ୍ୟକ ହୋଇଛି । କାରଣ ମଧ୍ୟବର୍ତ୍ତୀ ନିର୍ବାଚନ କରାଗଲେ କଂଗ୍ରେସ ଯେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବ ତାହା ଆଉ କେହି ଯୋରଦେଇ କହିପାରୁ ନାହାନ୍ତି ।

ସ୍ୱାଭାବିକ ପରିସ୍ଥିତିରେ ୧୯୮୫ ମସିହା ଜାନୁଆରୀ ମାସରେ ଲୋକସଭା ପାଇଁ ନିର୍ବାଚନ ହେବା କଥା କିନ୍ତୁ ଇଂଲଣ୍ଡରେ ମାର୍ଗାରେଟ ଥାଚର ମଧ୍ୟବର୍ତ୍ତୀ ନିର୍ବାଚନ କରାଇ ପୁଣି କ୍ଷମତାସୀନ ହେବା ପରେ ଭାରତରେ ଶ୍ରୀମତୀ ଗାନ୍ଧୀ ମଧ୍ୟ ଅନୁରୂପ କୌଶଳ ଅବଲମ୍ବନ କରି ପୁଣି କ୍ଷମତାସୀନ ହେବାକୁ ଚେଷ୍ଟାକରି ପାରନ୍ତି ବୋଲି ଏକ ଧାରଣା ଭାରତର ରାଜନୀତିକ ପର୍ଯ୍ୟବେକ୍ଷକ ମାନଙ୍କ ମନରେ ସୃଷ୍ଟି ହୋଇଥିଲା ଏବଂ ବିଦେଶର କେତେକ ଗୁଇନ୍ଦା ସଂସ୍ଥା ମଧ୍ୟ ଏହି ଧାରଣା ସତ୍ୟ ହୋଇପାରେ ବୋଲି ଅନୁମାନ କରିଥିଲେ । ଏହାକୁ ଭିତ୍ତିକରି ବିଭିନ୍ନ ସମ୍ବାଦ ପ୍ରକାଶ ପାଇବା ପରେ କଂଗ୍ରେସ ମହଲରୁ ଏହାକୁ ସଂଳାପ ଭାବେ ଖଣ୍ଡନ

କରାଯାଇ ନଥିଲା ବରଂ ଏହା ହୋଇଯାଇରେ ବେଳ ବିଭିନ୍ନ କାର୍ଯ୍ୟସୂଚୀ ମାଧ୍ୟମରେ କଂଗ୍ରେସର ତୁଙ୍ଗ ନେତାମାନେ ଧାରଣା ସୃଷ୍ଟି କଲେ । ବିରୋଧୀଦଳ ଗୁଡ଼ିକ ମଧ୍ୟ ଏହି ଧାରଣାର ବଶବର୍ତ୍ତୀ ହୋଇ ପ୍ରବଳ ପ୍ରଚାର ଆରମ୍ଭ କରିଦେଇଥିଲେ । ତେବେ ସମସ୍ତଙ୍କର ଆଖିଥିଲା ୧୪ଟି ନିର୍ବାଚନ ମଣ୍ଡଳୀର (୩ଟି ଲୋକସଭା ଏବଂ ୧୧ଟି ବିଧାନସଭା) ଉପ-ନିର୍ବାଚନ ଉପରେ ।

ଉପ ନିର୍ବାଚନ ଫଳାଫଳ

ଏହି ୧୪ଟି ଉପ ନିର୍ବାଚନରୁ କଂଗ୍ରେସ ବିଧାନସଭା ପାଇଁ ୮ଟି ଓ ଲୋକସଭା ପାଇଁ ଗୋଟିଏ ଏହିଭଳି ମୋଟ ୯ଟି ଆସନ ହାସଲ କରିଥିଲେ ମଧ୍ୟ ସାମୁହିକ ଦୃଷ୍ଟିରୁ ଏହା କଂଗ୍ରେସ ପ୍ରତି ଅସ୍ୱସ୍ତିକର ହୋଇଛି । କାରଣ ତିନୋଟି ଲୋକସଭା ଆସନ ମଧ୍ୟରୁ ଯେଉଁ ଗୋଟିକରେ (ଖୋନପେଟ) କଂଗ୍ରେସ ଜିତିଛି ସେଥିରେ କଂଗ୍ରେସ ଏକଲକ୍ଷ ୬୦ ହଜାର ୨୦୪ ଭୋଟ ପାଇଥିବା ସ୍ଥାନରେ ଦେଖାଯାଇଲା ପାଇଛନ୍ତି ଏକଲକ୍ଷ ୪୭ ହଜାର ୮୭୭ ଭୋଟ । ପ୍ରଭେଦ ମାତ୍ର ୧୩ ହଜାର । ସେହି ନିର୍ବାଚନ ମଣ୍ଡଳୀରେ ମୋଟ ତିନିଲକ୍ଷ ୯୪ହଜାର ୬୬୩ ବୈଧ ଭୋଟ ମିଳିଥିଲା । ଏହାଭିତରୁ କଂଗ୍ରେସ ପାଇଥିଲା ଶତକଡ଼ା ୪୨.୬; ଜନତା—୩୭.୫ ଭାଗ ଲୋକଦଳ—୧୭.୮ ଭାଗଲେଖା ଭୋଟ ପାଇଥିଲେ । ଦିଲ୍ଲୀ ନିକଟବର୍ତ୍ତୀ ହରିଆନାରେ କଂଗ୍ରେସର ବିଜୟକୁ ଏକ ବିରାଟ ସଫଳତା ବୋଲି କହିହେବ ନାହିଁ ।

ବିହାରର ବେତିଆ ନିର୍ବାଚନ ମଣ୍ଡଳୀରେ ସ୍ୱର୍ଗତ କେଦାର ପାଣ୍ଡେଙ୍କ ପୁଅ ଶ୍ରୀ ମଙ୍ଗଳ ପାଣ୍ଡେ ମୋଟ ଭୋଟର ଶତକଡ଼ା ୩୧.୫ ଭାଗ ଭୋଟ-ପାଇ ପରାସ୍ତ ହୋଇଥିଲେ ମଧ୍ୟ ବିଜୟୀ କମ୍ୟୁନିଷ୍ଟ ପ୍ରାର୍ଥୀ ମାତ୍ର ୩୫.୧ ପ୍ରତିଶତ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ଏଠାରେ ଲୋକଦଳ ଶତକଡ଼ା ୧୮.୭ଭାଗ ଓ ଜନତା ୧୧.୧ ଭାଗ ଭୋଟ ପାଇଛନ୍ତି ।

ବୁଲନ୍ଦସହରରେ ଜନତା ପ୍ରାର୍ଥୀ ୩୭.୯୫ ଭାଗ ଭୋଟପାଇ ଜିତିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ପାଇଛନ୍ତି ଶତକଡ଼ା ୩୩.୭୮ ଭାଗ ଭୋଟ । ଲୋକଦଳ ଏଠାରେ ପାଇଛି ଶତକଡ଼ା ୨୧ଭାଗ ଭୋଟ । ଏହି ତିନୋଟିଯାକ ଲୋକସଭା ନିର୍ବାଚନ ମଣ୍ଡଳକୁ ଗୋଟିଏ ଏକକ ରୂପେ ବିଚାର କଲେ, କଂଗ୍ରେସ ପାଇଛି ଶତକଡ଼ା ୩୫.୮ଭାଗ ଭୋଟ ଏବଂ ଜନତା ପାଇଛି ୨୮.୩ ଏବଂ ଲୋକଦଳ ୧୯ଭାଗ । ଜନତା ଲୋକଦଳ ମିଳିତଭାବେ ପ୍ରାର୍ଥୀ ଠିଆ କରାଇଥିଲେ ପରିଣତି କଣ ହୋଇଥାନ୍ତା ତାହା ସହଜରେ ଅନୁମେୟ । କିନ୍ତୁ ବିରୋଧୀ ଦଳ ମଧ୍ୟରେ ବିଭେଦ କଂଗ୍ରେସର ସଫଳତାର ଚାବିକାଠି ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଦୁର୍ଭେଦ୍ୟ ଦୁର୍ଗରୂପେ ପରିଚିତ ଉତ୍ତର ପ୍ରଦେଶର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀପାଇଁ ହୋଇ-ଥିବା ଉପ ନିର୍ବାଚନରେ ମୋଟ ୭୧୮,୧୦୪ ଭୋଟରଙ୍କ ମଧ୍ୟରୁ ୪୦୬, ୯୬୦ ବା ଶତକଡ଼ା ୫୬.୫୭ ଭାଗ ଲୋକ ଭୋଟ ଦେଇଥିଲେ) ଏହା ମଧ୍ୟରୁ କଂଗ୍ରେସ ପାଇଥିଲା ୧୩୪,୩୮୩ ଭୋଟ ବା ଶତକଡ଼ା ୩୩.୦୨ ଭାଗ । ଏଠାରେ ବିରୋଧୀ ଦଳ ଗୁଡ଼ିକ ବିଶେଷ ପ୍ରାଧାନ୍ୟ ପାଇନଥିଲେ ମଧ୍ୟ ପୂର୍ବ ନିର୍ବାଚନ ତୁଳନାରେ ଲୋକପ୍ରିୟତା ହ୍ରାସ ହୋଇଥିବା ଜଣାପଡୁଛି ।

ବିହାରରେ ମୁଖ୍ୟମନ୍ତ୍ରୀ ନିଜେ ଉପ-ନିର୍ବାଚନ ଲଢ଼ିଥିଲେ ଏବଂ ସେ ପାଇଥିଲେ ଶତକଡ଼ା ୭୨.୬୦ ଭାଗଭୋଟ । କିନ୍ତୁ ଅନ୍ୟ ନିର୍ବାଚନ ମଣ୍ଡଳୀରେ ବିଜୟୀ କଂଗ୍ରେସ ପ୍ରାର୍ଥୀ ପାଇଥିଲେ ଶତକଡ଼ା ୩୮, ୦୨ ଭାଗ ଭୋଟ ।

ରାଜସ୍ଥାନରେ ବିଜୟୀ କଂଗ୍ରେସ ପ୍ରାର୍ଥୀ ଶତକଡ଼ା ୫୦: ୦୯ ଭୋଟ ହରିଆନାର, ଫତେବାଦରେ ବିଜୟୀ କଂଗ୍ରେସ ପ୍ରାର୍ଥୀ ଶତକଡ଼ା ୫୦,୩୭ ଭୋଟ ପାଇଛନ୍ତି ପଶ୍ଚିମ-ବଙ୍ଗରେ କଂଗ୍ରେସର ଦୁଇଟି ସ୍ଥାନରେ ଆଖି ଦୃଶିଆ ବିଜୟ ହୋଇଛି ଏବଂ ମାର୍କସ ପନ୍ଥୀ କମ୍ୟୁନିଷ୍ଟ ଦଳର ବିପର୍ଯ୍ୟୟ ହୋଇଛି । ଏଠାରେ ଦୁଇଟି ସ୍ଥାନମଧ୍ୟରୁ କଂଗ୍ରେସ ଗୋଟିକରେ ଶତକଡ଼ା ୪୯-୧୫ ଅନ୍ୟଟିରେ ୫୨-୪୩ ଭୋଟ ପାଇଛି ।

ଏହି ସାମଗ୍ରିକ ଅଧ୍ୟୟନରୁ ଜଣାଯାଏ ଯେ ଅନୁକୂଳ ଫସଲ ପରିସ୍ଥିତି ଯୋଗୁ କଂଗ୍ରେସ (ଆଇ) ଅନ୍ତତଃ ଶତକଡ଼ା ୫୦ ଭାଗ ଭୋଟ ପାଇବ ବୋଲି ଆଗରୁ ଯେଉଁ କଳ୍ପନା ଜଳ୍ପନା ଚାଲିଥିଲା ତାହା ଭୁଲ ପ୍ରମାଣିତ ହୋଇଛି ଏବଂ ବିରୋଧୀ ଦଳ ଗୁଡ଼ିକ ମଧ୍ୟରେ ଯଦି ଏକତା ଚେଷ୍ଟା କରାଯାଇ ପାରେ (ଯାହାକି ସୁଦୂର ପରାହତ) ତେବେ କଂଗ୍ରେସ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇପାରେ । କିନ୍ତୁ ସେମାନଙ୍କର ଏ ମହାମିଳନର ସମ୍ଭାବନାକୁ ହ୍ରାସ କରିବା ପାଇଁ ଶ୍ରୀମତୀ ଗାନ୍ଧୀ ବିଭିନ୍ନ କୌଶଳ ଅବଲମ୍ବନ କରିବା ସ୍ୱାଭାବିକ । ନିର୍ଦ୍ଦିଷ୍ଟ ସମୟରେ ନିର୍ବାଚନ କରାଗଲେ ସେମାନଙ୍କ ମଧ୍ୟରେ ବିଭେଦ ଅଧିକ ତୀବ୍ର ହେବବୋଲି ବୋଧହୁଏ କଂଗ୍ରେସ ମହଲ ଅନୁଭବ କରୁଛନ୍ତି । ଏହାଛଡ଼ା ଭଲ ଫସଲ ସତ୍ତ୍ୱେ ଅତ୍ୟାବଶ୍ୟକ ଜିନିଷର ଦରଦାମ ହ୍ରାସ ପାଉନାହିଁ । ଏବଂ ଫସଲର ପ୍ରକୃତ ଦରଦାମ ଉପରେ ପଡ଼ିଲା ବେଳକୁ ଆହୁରି କଷ୍ଟକର ଲାଗିଯିବ । ପ୍ରତି ପରିବାରକୁ ଜଣଙ୍କୁ ଋଣଦେବା ଯୋଜନା ଯଥାଯଥ ଭାବେ କାର୍ଯ୍ୟକାରୀ ହେଲା ବେଳକୁ ମଧ୍ୟ ବେଶ କଷ୍ଟକର ଲାଗିଯିବ । ଏହାଛଡ଼ା ପାକିସ୍ଥାନ ହଠାତ୍ ଭାରତଉପରେ ଆକ୍ରମଣ କରିଦେଇ ପାରେ ବୋଲି ଶ୍ରୀ ରାଜୀବ କିଛିଦିନ ତଳେ ଭାଷଣ ପ୍ରସଙ୍ଗରେ କହିବା ଏବଂ ଯଥା ସମୟରେ ଲୋକସଭା ପାଇଁ ନିର୍ବାଚନ କରାଯିବବୋଲି ମଧ୍ୟ ସେ ବାରମ୍ବାର କହିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।

ଯଥା ସମୟରେ ନିର୍ବାଚନ ହେଲେ ଶ୍ରୀଯୁକ୍ତ ଗାନ୍ଧୀ ସତ କହିଥିଲେ ବୋଲି ଲୋକେ ଧରିନେବେ ଏବଂ ପାକିସ୍ତାନ ଯଦିବା ଆକ୍ରମଣ କରିବାର ଦୁଃସାହାସ କରେ ତାହା ମଧ୍ୟ କଂଗ୍ରେସର ଲୋକ ପ୍ରିୟତା ବଢ଼ାଇବାରେ ସାହାଯ୍ୟ କରିବ ଏବଂ ଏହାର ସୁଫଳ ଇନ୍ଦିରାଗାନ୍ଧୀ ଭୋଗ କରିବେ । ଜେନେରାଲ ଜିଆ ତାଙ୍କ ସ୍ଥିତି ଦୃଢ଼କରିବ ପାଇଁ ଏବଂ ଶ୍ରୀମତୀ ଗାନ୍ଧୀ ଶ୍ରୀ ରାଜୀବଙ୍କୁ ପ୍ରତିଷ୍ଠିତ କରିବା ନିମନ୍ତେ ନିଜ ନିଜ ଭିତରେ ଏକ ସାଲିସ ଲଢ଼େଇ ମଧ୍ୟ କରିଦେଇ ପାରନ୍ତି ।

ଏ ସବୁ ବିଶ୍ଳେଷଣରୁ ଶ୍ରୀମତୀ ଗାନ୍ଧୀ ବର୍ତ୍ତମାନ ପରିସ୍ଥିତିରେ ମଧ୍ୟବର୍ତ୍ତୀ ନିର୍ବାଚନ ନକରାଇ ଯଥା ସମୟରେ ନିର୍ବାଚନ କରାଇବା ଅଧିକ ସମ୍ଭବ । □

ଖାରବେଳ

ବିଜ୍ଞାପନ ହାର

ପୁରା ପୃଷ୍ଠା —	୨,୦୦୦ ଟଙ୍କା
ଅଧା ପୃଷ୍ଠା —	୬୦୦ ଟଙ୍କା
ଚଉଠ ପୃଷ୍ଠା —	୩୦୦ ଟଙ୍କା
ଏକ କଲମ —	୪୦୦ ଟଙ୍କା
ସର୍ବନିମ୍ନ —	୧୦୦ ଟଙ୍କା

Images: Aptakama Mishra, Processing: Srujanika

ସ୍ନାନ—ଉନ୍ମୁକ୍ତ ବକ୍ଷାର

ଉଲଗ୍ନତା ଏବେ ସମାଜରେ ଗୃହୀତ ହୋଇଗଲାଣି । ପୂର୍ବେ ଉନ୍ମୁକ୍ତ ବକ୍ଷରେ ସ୍ନାନ କରିବାଟାକୁ ମଧ୍ୟ ଯେଉଁ ସମାଜରେ ଲୋକେ ଘୃଣା କରୁଥିଲେ ସେହି ସମାଜରେ ସମୁଦ୍ର କୂଳରେ ଉନ୍ମୁକ୍ତବକ୍ଷା ଯୁବତୀମାନଙ୍କର ସ୍ନାନ ଏକ ନିତିଦିନିଆ ଘଟଣା ହୋଇଗଲାଣି । ବିଶେଷ କରି ଫ୍ରାନସରେ ଉଲଗ୍ନ ହୋଇ ସମୁଦ୍ରରେ ଗାଧୋଇବା ଏକ ଫେସନରେ ପରିଣତ ହେଲାଣି ।

ମୁଦ୍ରାସ୍ଫୀତି ଯୋଗୁ ଦରଦାମ ଯେପରି ବଢ଼ିଚାଲିଛି ସେଥିରେ ଦୁଇ ବେଳା ଗଣ୍ଡେ ଖାଇବାକୁ ମିଳିବାତ ମୁସ୍କିଲ ଲୁଗା କଥା ଚିନ୍ତା କରୁଛି କିଏ! ଫ୍ରାନସରେ କିନ୍ତୁ ନଗ୍ନତା ଗ୍ରହଣୀୟ ହୋଇ ଯିବାରୁ ଯୁବତୀମାନେ ବିକିନି ବା ଅତିକ୍ଷୁଦ୍ର ପୋଷାକରୁ ପୋଷାକଶୂନ୍ୟ ଅବସ୍ଥାକୁ ଚାଲି ଆସିଲେଣି ।

ସେଠାରେ ମାତ୍ର ଦଶବର୍ଷ ତଳେ ସମୁଦ୍ରରେ ନଗ୍ନ ଦେହରେ ସନ୍ତରଣ କରୁଥିବା ବ୍ୟକ୍ତିମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ବୁଲୁଥିଲେ । ପାଞ୍ଚବର୍ଷ ତଳେ କେବଳ "ମନୋକିନି" ପିନ୍ଧିବା ଯୁବତୀମାନଙ୍କ ପକ୍ଷେ ଉଚିତ କି ନୁହେଁ ସେ ବିଷୟରେ ପ୍ରବଳ ତକ ବିତର୍କ ଚାଲିଥିଲା ଏବଂ ଏହା ବିପକ୍ଷରେ ବହୁ ଲୋକ ମତ ଦେଉଥିଲେ । ଆଜି କିନ୍ତୁ ଶତକଡ଼ା ୮୭ ଭାଗ ଲୋକଙ୍କ ମତରେ ସ୍ୱତନ୍ତ୍ର ଅବକାଶରେ ନଗ୍ନତା ସ୍ପୃହଣୀୟ । ବିଶେଷ କରି ସମୁଦ୍ର କୂଳରେ ନଗ୍ନ ସ୍ନାନ ସମ୍ପର୍କରେ କାହାର କିଛି କହିବାର ନାହିଁ ।

ଏଭଳି ମତାମତ ପ୍ରକାଶ ପାଇବା ପରେ ଫ୍ରାନସର ସମୁଦ୍ର କୂଳରେ ସ୍ନାନ କରିବା ପାଇଁ ଲକ୍ଷ ଲକ୍ଷ ବିଦେଶାଗତଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି । ଯେଉଁମାନେ ଛୁଟିଦିନ କଟାଇବାକୁ ଫ୍ରାନସ ଆସୁଛନ୍ତି ସେ ସମସ୍ତଙ୍କର ମନ ସମୁଦ୍ର କୂଳରେ ନଗ୍ନ ହୋଇ ଗାଧୋଇବାକୁ ଏବଂ କେଉଁଠି ଏହି କାର୍ଯ୍ୟ କରିବାକୁ ସୁବିଧା ହେବ ସେଥିପାଇଁ ହୋଟେଲ ଖୋଜିବାରେ ସେମାନେ ବ୍ୟସ୍ତ ।

ତେଣୁ ପ୍ରତ୍ୟେକ ଅବକାଶବାସର ଗୁଡ଼ିକ ସେମାନଙ୍କର ବିଦେଶାଗତ ଅତିଥିମାନଙ୍କୁ ସମୁଦ୍ର କୂଳରେ ସ୍ନାନ ସୁଯୋଗ ଦେବାପାଇଁ ବ୍ୟଗ୍ର । ଏହି ନଗ୍ନ ସୂର୍ଯ୍ୟ ପୂଜକ ମାନେ ଅବଶ୍ୟ ପର ମନରେ କଷ୍ଟ ଦେଲା ଭଳି କିଛି କାର୍ଯ୍ୟ କଲେ ଅଥବା ଦେଖେଇ ହେଲେ ଦଣ୍ଡନୀୟ ହେବେ । ଅଥଚ ଉନ୍ମୁକ୍ତ ବକ୍ଷର ପ୍ରଦର୍ଶନୀ ଦଣ୍ଡନୀୟ ନୁହେଁ ବୋଲି ସେଠାରେ ଅଦାଲତ ଗୁଡ଼ିକ ମତ ଦେଇ ସାରିଲେଣି ।

ବୈଷୟିକ ଦୃଷ୍ଟିରୁ ପ୍ରମାଣିତ ହୋଇ ପାରିଲେ ସର୍ବସାଧାରଣରେ ନଗ୍ନ ହୋଇ ଚାଲିବା ଅପରାଧରେ ତିନିମାସରୁ ୩ ବର୍ଷ ପର୍ଯ୍ୟନ୍ତ ଜଣଙ୍କୁ କାରାଦଣ୍ଡ ଭୋଗ କରିବାକୁ ପଡ଼ିପାରେ । ଏକ୍ସ-ଏନ୍ ପ୍ରୋଭିନ୍ସରେ ଜଣେ ଯୁବତୀ ଉନ୍ମୁକ୍ତ ବକ୍ଷରେ ଟେବୁଲ ଟେନିସ ଖେଳିବା ଅପରାଧରେ କିଛିଦିନ ତଳେ ଦଣ୍ଡିତ ହୋଇଛନ୍ତି । ତଥାପି ଅଦାଲତ ମତରେ ଯୌନ ବୁଭୁକ୍ଷା ପ୍ରଦର୍ଶନ ନ କରୁଥିଲେ କେବଳ ଆବରଣହୀନ ମନୁଷ୍ୟ ଶରୀର ସାଧାରଣତଃ କାହାପାଇଁ ହେଲେ କ୍ଷତି-କାରକ ନୁହେଁ । ଏଭଳି ମନ୍ତବ୍ୟ ପରେ ସ୍ଥାନୀୟ ପୌର ପରିଷଦ ଗୁଡ଼ିକ ନଗ୍ନତା ବିରୁଦ୍ଧରେ ସ୍ୱତନ୍ତ୍ର ଆଇନ ପ୍ରଣୟନ ନ କଲେ ଏହି ଅପରାଧରେ କାହା ବିରୁଦ୍ଧରେ ମକଦ୍ଦମା କରିବା ଅତ୍ୟନ୍ତ କଠିନ ବ୍ୟାପାର ହୋଇଯିବ ।

ନଗ୍ନତାକୁ ପ୍ରତିରୋଧ କରିବାପାଇଁ ୧୯୭୫ ମସିହାରେ କରସିକାସ୍ଥ ଏକ ପଞ୍ଚାୟତ ପକ୍ଷରୁ ଏକ ଆଇନ ପ୍ରଣୟନ କରାଯାଇ ଉଲଗ୍ନ ବ୍ୟକ୍ତିକୁ ନୀଳବର୍ଣ୍ଣରେ ମଣ୍ଡିତ କରି ଗୋଟିଏ ଗଧ ଉପରେ ବସାଇ ରାସ୍ତାରେ ବୁଲାଇବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା । ସେହିଭଳି ବ୍ରିଟେନର ଏର୍‌ଡେଭେନ୍‌ରେ ଜଣେ ମେୟର ଦଳେ ପୋଲିସଙ୍କୁ ନେଇ ନଗ୍ନ ହୋଇ ଗାଧୋଇବା ଲୋକଙ୍କ ଉପରେ ପାଇପ୍ ସାହାଯ୍ୟରେ ବିଷ୍ଠା ଫୋପାଡ଼ୁଥିଲେ ।

କିନ୍ତୁ ଏବେ ସେହି ଧରଣର ଅଭିଯାନ ଚଳାଇଲେ ଲୋକେ ତାହାର ପ୍ରତିରୋଧ କରିବେ । ଫ୍ରାନ୍ସର ସମାଜ-ବାଦୀ ସମ୍ବାଦପତ୍ର ଲେ ମାଟିନ୍ ପକ୍ଷରୁ ଲୋକଙ୍କ ମତାମତ ସଂଗ୍ରହ କରାଯାଇ ଜଣାଯାଇଛି ଯେ ଫ୍ରାନ୍ସର ଶତକଡ଼ା ୮୭ ଭାଗ ଲୋକ ଏବେ ସମ୍ପୂର୍ଣ୍ଣ ନଗ୍ନତାକୁ ବୈଧ ହେବା ଚାହାନ୍ତି । ଯଦିଓ ମତା-ମତ ଦେଇଥିବା ଲୋକଙ୍କ ଭିତରୁ ଶତକଡ଼ା ୩୦ ଭାଗ କହିଛନ୍ତି କି ରାସ୍ତାରେ ଜଣେ ଉଲଗ୍ନ ମହିଳାଙ୍କୁ ଦେଖିଲେ ଆମେ ବାସ୍ତବିକ୍ ଦୁଃଖ ଅନୁଭବ କରିବୁ, ଶତକଡ଼ା ୪୮ ଭାଗ ଲୋକ ନଗ୍ନ ପୁରୁଷଙ୍କୁ ଦେଖିଲେ ମଧ୍ୟ ଦୁଃଖିତ ହେବେ ବୋଲି ମତ ଦେଇଛନ୍ତି କିନ୍ତୁ ନଗ୍ନତାକୁ ସହ୍ୟ କରିବା ପାଇଁ ଶତକଡ଼ା ୧୦୦ ଯୁବକ ଯୁବତୀ ମତ ଦେଇ ଥିଲେ । ମତାମତ ନିଆଯାଇଥିବା ଲୋକଙ୍କ ଭିତରୁ ଶତକଡ଼ା ୭ ଭାଗ କଦବା କ୍ୱଚିତ ନଗ୍ନସ୍ନାନ କରିଥିଲେ ବୋଲି ସ୍ୱୀକାର କରିଥିଲେ । କିନ୍ତୁ ଏବେ ଯେଭଳି ସ୍ୱୀକାରୋକ୍ତିର ସଂଖ୍ୟା ବହୁତ ଅଧିକ ହେବ କାରଣ ସରକାରିଭାବେ ସମୁଦ୍ର ବେଳାଭୂମିସ୍ଥ ବହୁ ସ୍ଥାନକୁ ନଗ୍ନ ସ୍ନାନପାଇଁ ଚିହ୍ନୋଟ କରାଯାଇ ସାରିଲାଣି ଏବଂ ଏଭଳି ସ୍ଥାନର ସଂଖ୍ୟା କ୍ରମେ ବଢ଼ିବାରେ ଲାଗିଛି ।

ହୁଏତ ଏପରି ସମୟ ଆସିବ କେଉଁ ପରିସ୍ଥିତିରେ ପୋଷାକ ନିହାତି ପିନ୍ଧିବା ଆବଶ୍ୟକ ସେଥିପାଇଁ ନୋଟିସ ଟାଙ୍ଗିବାକୁ ପଡ଼ିବ । □

Images: Aptakama Mishra, Processing: Srujanika

ଜାତୀୟ ସମୃଦ୍ଧିରେ ନୌଶକ୍ତିର ଅବଦାନ

ଭାଇସ ଆଡମିରାଲ-ଏସ୍ କେ ଗୁପ୍ତ

ପୃଥିବୀକୁ ଯଦି ଏକ "ଜଳ ବହୁଳ" ଗ୍ରହ କୁହାଯାଏ ତେବେ ତାହା ସତ୍ୟର ଅପଳାପ ହେବ ନାହିଁ । କାରଣ ପୃଥିବୀର ଶତକଡ଼ା ୭୧ ଭାଗ ଅଂଚଳକୁ ଉନୋଟି ମହାସାଗରର ଜଳରାଶି ଘୋଡ଼ାଇ ରଖିଛି । ତେଣୁ ପୃଥିବୀର ଏହି ଗଠନ ପ୍ରଣାଳୀକୁ ଯଦି ଲକ୍ଷ୍ୟ କରାଯାଏ ତେବେ ଦେଖାଯିବ ଯେ ଏଥିରେ ବହୁ କୌତୂହଳ ସନ୍ନିବେଶିତ ହୋଇ ରହିଛି । ସଭ୍ୟତାର ଜନ୍ମ-ପାଇଁ ମୂଳ ଆଧାର ହେଉଛି ଜଳ । ଅତୀତରେ ଯେଉଁସବୁ ସଭ୍ୟତା କିମ୍ବା ସଂସ୍କୃତି ଗଢ଼ି ଉଠିଛି ସେଗୁଡିକ ନଦୀ କୂଳରେ ହିଁ ଗଢ଼ି ଉଠିଥିଲା । ମୁଖ୍ୟତଃ ପୃଥିବୀର ନାମଜାଦା ସଭ୍ୟତା ମାନ ଟାଇଗ୍ରୀସ, ଇୟୁଫ୍ରେଟିସ, ହ୍ୱାଂଗହୋ, ସିଂଧୁ, ନୀଳ ଏବଂ ଗଂଗା ନଦୀ କୂଳରେ ଗଢ଼ି ଉଠିଥିଲା । ଏହାର ସାହାଯ୍ୟରେ ମାଲପତ୍ର ପରିବହନ ସାଙ୍ଗକୁ ଜ୍ଞାନ ଓ ଦକ୍ଷତାର ମଧ୍ୟ ଆଦାନପ୍ରଦାନ ହେଉଛି । ଆଗକୁ ମାଡ଼ି ଚାଲିବା ହେଉଛି ମାନବ ଜାତିର ସହଜାତ ପ୍ରବୃତ୍ତି । ନଦୀରୁ ମଣିଷ କ୍ରମେ ସମୁଦ୍ର ବକ୍ଷରେ ଯାତ୍ରା କଲା । ଏହା ଫଳରେ ମହାସାଗର ବକ୍ଷରେ ବହୁ ଅଭିଯାନ ଆରମ୍ଭ ହେଲା । ଯାତାୟାତ ପାଇଁ ଆଉ ପାହାଡ଼, ପର୍ବତ ଓ ମରୁଭୂମି ମଧ୍ୟ ଦେଇ ଯିବାକୁ ହେଲା ନାହିଁ । ସମୁଦ୍ର ବକ୍ଷରେ ଜଳଯାତ୍ରାର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ମଣିଷ ସମାଜର କ୍ରମବର୍ଦ୍ଧନରେ ଏକ ନୂତନ ମାଇଲ ଖୁଣ୍ଟ ପୋତା ଗଲା । ପୃଥିବୀ ପୃଷ୍ଠରେ ଜାହାଜର ଚାହିଦା କ୍ରମେ ବର୍ଦ୍ଧିତ ହେଲା । ଘୋଡ଼ା ଓ ଓଟର ଚାହିଦା ହ୍ରାସ ପାଇଲା । ଯାତାୟାତ ପାଇଁ ସେମାନଙ୍କ ଉପରେ ଆଉ ସଂପୂର୍ଣ୍ଣ ଭାବେ ନିର୍ଭର କରିବାକୁ ହେଲା ନାହିଁ ।

ସମାଜର ଚାହିଦାକୁ ନେଇ ଆଇନରେ ପରିବର୍ତ୍ତନ ଘଟେ । ବର୍ତ୍ତମାନ ମହାସାଗର ବକ୍ଷରେ ଯାହା ଯେଉଁ ଯେଉଁସବୁ ଆଇନକାନୁନ ମାନ ପ୍ରଣୟନ କରାଯାଇଛି ତାହାକୁ ପୁରାତନ ଆଇନକାନୁନ ସହିତ ଯଦି ତୁଳନା କରାଯାଏ ତେବେ ସେଥିରୁ ଅନେକ କୌତୂହଳ ଜନ୍ମିବ । ଅତୀତରେ ଯେଉଁସବୁ ସାମୁଦ୍ରିକ ଆଇନ ପ୍ରଣୟନ କରାଯାଇଥିଲା ତାହା ସ୍ୱାଧୀନ ଚଳାଧାରା ଉପରେ ପର୍ଯ୍ୟବେକ୍ଷିତ ଥିଲା । ଏହା ବ୍ୟତୀତ ଏଥିରେ ଦୁଇଟି ଧାରଣା ମଧ୍ୟ ଥିଲା । ପ୍ରଥମ କଥା ହେଲା ଯେ ସମୁଦ୍ର ସମ୍ପଦକୁ ଅସରନ୍ତି ଭଣ୍ଡାର ବୋଲି ବିଚାର କରାଯାଉଥିଲା ଏବଂ ଦ୍ୱିତୀୟରେ ସମୁଦ୍ରର ସମ୍ପଦ ଉପରେ ସମସ୍ତଙ୍କର ଅଧିକାର ଅଛି ବୋଲି ବିଚାର କରାଯାଉ-ଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଉପକୂଳରେ ଥିବା ୪୦ଟି ରାଷ୍ଟ୍ର ସ୍ୱାଧୀନତା ପାଇଲା । ଏହି ରାଷ୍ଟ୍ରଗୁଡିକ ନିଜ ନିଜର ସମୃଦ୍ଧି ଘଟାଇବା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ଓ କାରିଗରୀ କୌଶଳ ବ୍ୟବହାର କଲେ । ଏହା ସାହାଯ୍ୟରେ ସମୁଦ୍ରରେ ଥିବା ପ୍ରାଣୀଜ ଓ ଅଣଜୈବିକ ସମ୍ପଦର ଶୋଷଣ ଯୋରସୋରରେ ଆରମ୍ଭ ହେଲା । ମାଛ, ସମୁଦ୍ର ଗର୍ଭରୁ ମିଳୁଥିବା ଖଣିଜ ଦ୍ରବ୍ୟ, ତୈଳ ଓ ଗ୍ୟାସ ପ୍ରଭୃତି ସମୁଦ୍ର ସମ୍ପଦ ଉପରେ ସମସ୍ତଙ୍କର ଅଧିକାର ସମାନ ବୋଲି ପୂର୍ବକାଳରେ ଆଇନ କରାଯାଇ ଥିଲା । ଏହି ରାଷ୍ଟ୍ରମାନେ ନିଜ ଦେଶର ଜନସାଧାରଣଙ୍କର ବିଭିନ୍ନ ଚାହିଦା ପୂରଣ କରିବା ପାଇଁ ସମୁଦ୍ରକୁ ଶୋଷଣ କରିବାରେ ଲାଗିଗଲେ । ଏଥିଯୋଗୁ ଏକ ଜଟିଳ ପରିସ୍ଥିତି ଉପୁଜିଲା ଯାହା ଫଳରେ କି ସମୁଦ୍ର ଆଇନ ସମ୍ବନ୍ଧରେ ଜାତିସଙ୍ଘ ତରଫରୁ ଏକ ସମ୍ମିଳନୀର ଆହ୍ୱାନ କରାଗଲା । ଏହି ସମ୍ମିଳନୀରେ ସମୁଦ୍ର ଆଇନରେ କେତେକ ପରିବର୍ତ୍ତନ କରାଗଲା । ଏହା ଫଳରେ ପ୍ରତ୍ୟେକ ଉପକୂଳବର୍ତ୍ତୀ ରାଷ୍ଟ୍ରର ସମୁଦ୍ର ସୀମା ୧୨ ମାଇଲ ରହିଲା । ଏହାକୁ ସମୁଦ୍ର ମଧ୍ୟରେ ଆଞ୍ଚଳିକ ଜଳସୀମା କୁହାଯାଏ । ସମୁଦ୍ରର ୨୪ ମାଇଲ ମଧ୍ୟରେ ବହିଃଶୁଳ୍କ, ମାଛଧରା ଏବଂ ବହିଃ-ବେପାର ଅଞ୍ଚଳ ରହିଲା । ଏହା ବ୍ୟତୀତ ଦୁଇ ଶହ ମାଇଲଯାଏ ପୁରାପୁରି ଅର୍ଥନୈତିକ ଅଞ୍ଚଳ ରହିଲା । ଏହି ଅଞ୍ଚଳ ମଧ୍ୟରୁ ଜୈବିକ ଓ ଅଣଜୈବିକ ସମ୍ପଦର ଉତ୍ତୋଳନ ପାଇଁ ସବୁ ରାଷ୍ଟ୍ରକୁ କ୍ଷମତା ଦିଆଗଲା । ଏହା ଭାରତ ମହାସାଗର ପାଇଁ ଉଲ୍ଲେଖନୀୟ ।

ଏହି ପ୍ରସିଦ୍ଧ ମହାସାଗର ୨୮ ନିୟୁତ ବର୍ଗ କିଲୋମିଟର ଅଂଚଳ ମାଡ଼ି ବସିଛି । ଏହା ୩ଟି ମହାଦେଶକୁ ଘେରି ରହିଛି । ପୃଥିବୀର ଏକ ପଞ୍ଚମାଂଶ ସମୁଦ୍ର ଅଞ୍ଚଳକୁ ମାଡ଼ି ବସିଛି । ଏହି ମହାସାଗରର ଉପକୂଳରେ ସମଗ୍ର ପୃଥିବୀର ଏକ ଚତୁର୍ଥାଂଶ ଲୋକ ବାସ କରନ୍ତି । ପୃଥିବୀରେ ସାମୁଦ୍ରିକ ଅର୍ଥନୈତିକ ଅଞ୍ଚଳ ଅଧିକାରୀ ଦେଶ ହିସାବରେ ଭାରତର ସ୍ଥାନ ହେଉଛି ଦ୍ୱାଦଶ । ଏହାର ସୀମା ହେଉଛି ଦୁଇ ନିୟୁତ ବର୍ଗକିଲୋମିଟର । ଏଥିଯୋଗୁ ନୌ-ବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ସାମୁଦ୍ରିକ ସମ୍ପଦକୁ ଜଗିବାର ଗୁରୁ-ଦାୟିତ୍ୱ ନୌବାହିନୀ ଉପରେ ନ୍ୟସ୍ତ କରା-ଯାଇଛି । ଆମର ସାମୁଦ୍ରିକ ଅର୍ଥନୈତିକ ଅଞ୍ଚଳକୁ ପ୍ରବେଶ କରି ଆସୁଥିବା ଚୋରା ବେପାରୀ ଓ ଚୋରା ଅନୁପ୍ରବେଶକାରୀମାନଙ୍କର ଉଦ୍ୟମକୁ ଭଣ୍ଡୁର କରିବାର ଦାୟିତ୍ୱ ମଧ୍ୟ ନୌବାହିନୀକୁ ଦିଆଯାଇଛି । ସମୁଦ୍ର ଶଯ୍ୟାରୁ ସଂପଦ ଉଦ୍ଧାର କରିବା, ସମୁଦ୍ରଗର୍ଭ ଓ ସମୁଦ୍ର ଉପକୂଳର ବିକାଶ ସାଧନ ନିମନ୍ତେ ନୌବାହିନୀର ଏକ ଉଲ୍ଲେଖନୀୟ ଭୂମିକା ଅଛି । ନୌବାହିନୀର ଗଠନ, କାରିଗରୀ କୌଶଳ ଏବଂ ଜ୍ଞାନ ଦେଶର ନୀତିକୁ କାର୍ଯ୍ୟକାରୀ କରିବାରେ ଯଥେଷ୍ଟ ସାହାଯ୍ୟ କରେ । ଏହା ବ୍ୟତୀତ ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ଯଥା ଗଣ୍ଡଗୋଳ, ଅଗ୍ନିକାଣ୍ଡ କିମ୍ବା ଦୁର୍ଘଟଣା ବେଳେ ମଧ୍ୟ

(ଅବଶିଷ୍ଟାଂଶ ୩୯ ପୃଷ୍ଠାରେ)

Images: Aptakama Mishra, Processing: Srujanika

ସାଧୁମେହେର ଓ ଅଭିଳାଷ

* ବିନୋଦ ନନ୍ଦ

କୋଠା ଉପରେ ପହଞ୍ଚିବାକୁ ହେଲେ ସିଢ଼ିଉପରେ ଚଢ଼ିବାକୁ ହୁଏ । ସମାଜରେ ଉଠିବାକୁ ହେଲେ ଅନ୍ୟମାନଙ୍କ କାନ୍ଧ ଉପରେ ଗୋଡ଼ରଖି ଉଠିବାକୁ ପଡ଼େ । ଓଡ଼ିଶା ବ୍ୟତୀତ ଅନ୍ୟ ପ୍ରଦେଶରେ ପ୍ରତିଭାକୁ ସେଠାକାର ଲୋକମାନେ କାନ୍ଧରେ ଟେକି ଉପରକୁ ଉଠାଇ ଦିଅନ୍ତି । କିନ୍ତୁ ଆମର ଏଠି ପ୍ରତିଭାର ଗୋଡ଼ଟାଣି ଦିଆଯାଏ !

ସାଧୁ ମେହେରଙ୍କ ସାଧନା ପ୍ରମାଣିତ ହୋଇଥିଲା ହିନ୍ଦି ଚଳଚ୍ଚିତ୍ର 'ଅଙ୍କୁର'ର ଶ୍ରେଷ୍ଠ ଅଭିନେତାଭାବେ ସ୍ୱର୍ଣ୍ଣକମଳ ପୁରସ୍କାର ବିଜେତାଭାବେ । ସେତେବେଳେ ପ୍ରତ୍ୟେକ ଓଡ଼ିଆ ନିଜକୁ ଗର୍ବିତ ମନେ କରିଥିଲେ । ପରେ ପରେ ସାଧୁ ମେହେର ନିର୍ଦ୍ଦେଶନା ଦେଲେ ଓଡ଼ିଆ-ଚିତ୍ର 'ଅଭିମାନ'ରେ । ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରକୃତରେ ସେ ଏକ ନିଖୁଣ ଓଡ଼ିଆଛବି ଉପହାର ଦେଲେ । କିନ୍ତୁ ବ୍ୟାବସାୟିକ ଚକ୍ରାନ୍ତର ଶିକାର ହୋଇ 'ଅଭିମାନ' ଠିକ୍ ରୂପେ ପରିବେଷିତ ହୋଇ ପାରିଲାନାହିଁ । ତଥାପି ଅଭିମାନ ନକରି ସାଧୁ ମେହେର ନିର୍ଦ୍ଦେଶନା ଦେଲେ 'ଅପରିଚିତା' । 'ଅପରିଚିତା'ର ପରିଚୟ କିନ୍ତୁ ଓଡ଼ିଆ-ଦର୍ଶକ ପାଇପାରିଲେ ନାହିଁ । ଏଥିରେ ହତୋତ୍ସାହିତ ନହୋଇ ପୁଣି ସେ ଲାଗି ପଡ଼ିଲେ କାମରେ । ନିଜ ପ୍ରଯୋଜନାରେ ମନରେ ଅନେକ ଅଭିଳାସ ନେଇ ସେ ପ୍ରସ୍ତୁତ କଲେ ରଙ୍ଗୀନ ଓଡ଼ିଆଛବି 'ଅଭିଳାଷ' ଯାହାକି ଖୁବ୍ ନିକଟରେ ମୁକ୍ତିଲାଭ କରିଛି ।

(ଉତ୍ତମ ଓ ଅପରାଜିତା "ଅଭିଳାଷ" ଚଳଚ୍ଚିତ୍ରରେ)

'ଅଭିଳାଷ'ର କାହାଣୀ ଲେଖିଛନ୍ତି ଶ୍ରୀ ରମେଶ ମହାନ୍ତି ଓ ସାଧୁ ମେହେର । "ଗ୍ରାମବହୁଳ ଭାରତ ବର୍ଷରେ ଚିକିତ୍ସା ଅଭାବରୁ ବହୁବ୍ୟକ୍ତି ଅକାଳରେ ମୃତ୍ୟୁ ବରଣ କରନ୍ତି ।" ଏହି ବଳିଷ୍ଠ ସତ୍ୟର ପୃଷ୍ଠଭୂମି ଉପରେ କାହାଣୀ ଆଧାରିତ । ଗ୍ରାମ୍ୟ ଜୀବନର ଅନ୍ୟାନ୍ୟ ସମସ୍ୟା, ଗାଁ ସରପଞ୍ଚର କୂଟଚକ୍ରାନ୍ତ, ଗାଁ ମନ୍ଦିର ପୂଜକର କଥା ଉପରେ ସରଳ ନିରୀହ ଗ୍ରାମବାସୀଙ୍କର ଅଖଣ୍ଡ ବିଶ୍ୱାସ, ଜାତିଭେଦ ତଥା ସର୍ବୋପରି ଗ୍ରାମ୍ୟ-ଲୋକଚରିତ୍ର ସବୁ କାହାଣୀରେ ନିଖୁଣ ଭାବେ ସନ୍ନିବେଶିତ କରାଯାଇଛି । ଏସବୁ ବିରୁଦ୍ଧରେ ନାୟକ ଡାକ୍ତର ଚିନ୍ମୟ ଶ୍ରେଷ୍ଠରାୟ (ଉତ୍ତମ ମହାନ୍ତି)ଙ୍କର ସଂଗ୍ରାମ ଓ ଆତ୍ମବଳୀ ନିଶ୍ଚିତ ଭାବରେ ଦର୍ଶକ ମାନଙ୍କର ମନକୁ ଛୁଇଁପାରିଛି । ପୂର୍ଣ୍ଣ ମହାପାତ୍ରଙ୍କ ସଂଳାପ ରଚନା ଭଲ ହୋଇଛି । ଫଟୋଗ୍ରାଫି ମଧ୍ୟ ଖୁବ୍ ଭଲ । କିନ୍ତୁ ମଝିରେ ମଝିରେ ଚିତ୍ରଟିର ଗତି ମନ୍ଥର ହୋଇଯାଇଛି । ଯାହାକୁ କି ସମ୍ପାଦନା ବେଳେ ନଜର ନେଇ ହୋଇଥାନ୍ତା । ସରୋଜ ପଟ୍ଟନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନା ନିଶ୍ଚିତ ଭାବରେ ଦର୍ଶକଙ୍କ ମନକୁ ଛୁଇଁବ । ଚିତ୍ରଟିର ସମସ୍ତ ଗୀତ ପ୍ରାୟ situation song । ସର୍ବୋପରି ଚିତ୍ର ନାଟ୍ୟ ଲେଖକ ଓ ନିର୍ଦ୍ଦେଶକ ସାଧୁ ମେହେରଙ୍କ ପ୍ରତିଭା ସ୍ୱୀକାର୍ଯ୍ୟ । ବଳିଷ୍ଠ ନିର୍ଦ୍ଦେଶକ ହିସାବରେ ସେ ନିଜକୁ ପୁଣିଥରେ ପ୍ରମାଣିତ କରି ପାରିଛନ୍ତି ।

ଚିତ୍ରଟିର ମୁଖ୍ୟ ନାୟକ ଉତ୍ତମ ମହାନ୍ତି ଭଲ ଅଭିନୟ କରିଛନ୍ତି ।

(ଅବଶିଷ୍ଟାଂଶ ୩୦ ପୃଷ୍ଠାରେ)

Images: Aptakama Mishra, Processing: Srujanika

ସାପ୍ତାହିକ ରାଶିଫଳ

ଆଚାର୍ଯ୍ୟ ବିଭୂତି ଭୂଷଣ

ମେଷ :—ରବିବାର ଦିନଟି ଆପଣଙ୍କର ଅର୍ଥ ଚିନ୍ତା ରହିବ । ସାମାନ୍ୟ କିଛି ଆୟ ହେଲେ ମଧ୍ୟ ବ୍ୟୟର ମାତ୍ରା ଅଧିକ ହେବ । ସୋମ, ମଙ୍ଗଳ ଅଯଥା ଅର୍ଥହାନି ଏବଂ ମାନହାନି ହେବାର ସମ୍ଭାବନା ଅଛି । ଅନେକ ଦୁଶ୍ଚିନ୍ତାରୁ ଆପଣ କିଛି ରକ୍ଷା ପାଇବେ । ବନ୍ଧୁ ବାନ୍ଧବରେ କେହି ହେଲେ ଆପଣଙ୍କୁ ସାହାଯ୍ୟ କରିପାରନ୍ତି । କର୍ମ କ୍ଷେତ୍ରରେ ନୂତନ ଆଶା ଓ ଉଦ୍ଦୀପନା ନେଇ ଆଗେଇ ଯିବେ, ଶେଷ ୩ଦିନ ଖୁବ୍ ସୁରୁଖୁରୁରେ କଟିବ । ବିଳାସ ବ୍ୟସନ ସହିତ ସମାଜ ସେବା ଓ ରାଜନୈତିକ କର୍ମପ୍ରତି ଆଗ୍ରହୀ ହେବେ । ଆର୍ଥିକ ଅବସ୍ଥାର ସାମନ୍ୟ ଉନ୍ନତି ଘଟିପାରେ । ଗୃକଶା ବ୍ୟବସାୟ କ୍ଷେତ୍ରରେ ସୁଫଳ ମିଳିପାରେ ।

ଶୁଭଦିନ :—୧୨, ୧୩, ୧୪

ବୃଷ :— ରବିବାର ଠାରୁ ମଙ୍ଗଳ ବାର ପର୍ଯ୍ୟନ୍ତ ଆପଣଙ୍କର ମାନ ସମ୍ମାନ ଲାଭ, କର୍ମ କ୍ଷେତ୍ରରେ ପ୍ରଶଂସାମୟ । ସାମାନ୍ୟ ଅର୍ଥଲାଭର ଯୋଗ ଅଛି । ତଥାପି ଦୂରଦୃଷ୍ଟି ନରଖିଲେ ଆପଣ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଯାଇପାରନ୍ତି । ସାମାଜିକ କର୍ମରେ ତତ୍ପରତା ଦେଖାଦେବ । ବୁଧବାର ଠାରୁ ମାନସିକ ଦୁଶ୍ଚିନ୍ତା ବଢ଼ିଯିବ । ଅର୍ଥହାନି, କର୍ମକ୍ଷେତ୍ରରେ ବାଧାବିଘ୍ନ ବୃଥା ଭ୍ରମଣ ଓ ବୃଥା ଅପବାଦ ଦେଖାଦେବ । ଶନିବାରଟି ସାମାନ୍ୟ ଶୁଭକର ହେବ । ପାରିବାରିକ ଓ ଶାରୀରିକ କଷ୍ଟରୁ ରକ୍ଷା ପାଇପାରନ୍ତି । ଆର୍ଥିକ ଅବସ୍ଥା ସେତେ ଭଲରହିବ ନାହିଁ ।

ଶୁଭଦିନ :—୧୨, ୧୫, ୧୭,

ମିଥୁନ :—ରବିବାର ଦିନଟି ସାମାନ୍ୟ କ୍ଲେଶଯୁକ୍ତ ଓ ମାନସିକ ଆଶଙ୍କା ରହିଲେ ମଧ୍ୟ କୌଣସି ଅସୁବିଧାରେ ପଡ଼ିବେ ନାହିଁ । ଶୁକ୍ରବାର ପର୍ଯ୍ୟନ୍ତ ସୁଖାଦ୍ୟ, ବନ୍ଧୁ ମିଳନ, ରାଜନୀତି ଓ ସାମାଜିକ କର୍ମରେ ଆଗୁସାର ହେବେ । କର୍ମକ୍ଷେତ୍ରରେ ଅନେକ ସୁଫଳ ମିଳିବ ଓ ନୂତନ କାର୍ଯ୍ୟ ପ୍ରାପ୍ତି ହୋଇପାରେ, ଆର୍ଥିକ ଉନ୍ନତି ଘଟିବ । ପାରିବାରିକ ଶାନ୍ତି ପାଇ ପାରିବେ । ମାନସିକ ବିକୃତିରୁ ରକ୍ଷା ପାଇପାରିବେ, ବୈବାହିକ ଓ ଆନୁଷ୍ଠାନିକ କର୍ମରେ ଲିପ୍ତ ରହିପାରନ୍ତି । ଶନିବାରଟି ଆପଣଙ୍କର ବୃଥାବ୍ୟୟ ଏବଂ ମାନସିକ ଅଶାନ୍ତିରେ କଟିବ । ଶାରୀରିକ କଷ୍ଟ ମଧ୍ୟ ରହିପାରେ ।

ଶୁଭଦିନ :—୧୩, ୧୪, ୧୫,



କର୍କଟ :—ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଅନେକ ଦୁଶ୍ଚିନ୍ତାରେ ସମୟ କାଟିବେ । ମାନସିକ ଅଶାନ୍ତି ରହିବ, ଶାରୀରିକ କଷ୍ଟ ମଧ୍ୟ ରହିବ, ଆର୍ଥିକ ଅବସ୍ଥା ଭଲରହିବ ନାହିଁ । କୌଣସି ବ୍ୟକ୍ତିଦ୍ୱାରା ଠକେଇରେ ପଡ଼ିପାରନ୍ତି । ବୃଥା ମାନ ଅପମାନ ସହିବାକୁ ପଡ଼ିବ । ଆଖିରୋଗ କିମ୍ବା ପେଟରୋଗ ଦେଖା ଦେଇପାରେ । ଅଯଥା ବ୍ୟୟ ହେବ । ବୁଧବାରଠାରୁ ସାମାନ୍ୟ ପରିବର୍ତ୍ତନ ହେବାର ଆଶାଅଛି, ତଥାପି ଆପଣଙ୍କୁ ମରୀଚିକା ପଛରେ ଗୋଡ଼ାଇଲା ଭଳି ଲାଗିବ । ସାମାଜିକ ଓ ପାରିବାରିକ ଜଞ୍ଜାଳ ଦେଇ ଗତି କରିବାକୁ ପଡ଼ିବ । ଶୁଭକର୍ମ ପ୍ରତି ଆଗ୍ରହୀ ହେବେ, ଆର୍ଥିକ ଲାଭ ହେବ, କର୍ମ କ୍ଷେତ୍ରରେ ସମ୍ମାନ ଲାଭ କରିବେ, ଶନିବାରଟି ଅଶୁଭ କର ହେବ ।

ଶୁଭଦିନ :—୧୨, ୧୫, ୧୭,

ସିଂହ :—ରବିବାର ଦିନଟି ମଉଜ ମଜଲିସି ସହିତ ବନ୍ଧୁ ମିଳନ ଓ ସୁଖାଦ୍ୟ ଯୋଗଅଛି, ହଠାତ୍ ଶରୀର କଷ୍ଟ ଓ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ପାରନ୍ତି, ମାନସିକ ଓ ଶାରୀରିକ ପୀଡ଼ା ବୁଧବାର ପର୍ଯ୍ୟନ୍ତ ଲାଗିରହିବ । କର୍ମକ୍ଷେତ୍ରରେ ସାମାନ୍ୟ ବାଧାବିଘ୍ନ ଦେଖାଦେବ, ନିଜଲୋକ ବିଶ୍ୱାସ ଘାତକତା କରିପାରନ୍ତି, ତଥାପି ଆପଣ ତାଙ୍କୁ ଉଚିତ୍ ଶିକ୍ଷାଦେଇ ନିଜର ମାନସିକ ଶାନ୍ତି ପାଇପାରିବେ, ଶେଷ ୨ ଦିନ ଅବସ୍ଥା ସାମାନ୍ୟ ପରିବର୍ତ୍ତନ ହେବ, ରାଜନୀତି, ସମାଜ ସେବା ଓ ବାଣିଜ୍ୟିକ କାର୍ଯ୍ୟରେ ଆଗ୍ରହୀ ହେବେ-ଏବଂ ଏଥିରେ ସମ୍ମାନ ଲାଭ କରି ପାରିବେ । କର୍ମକ୍ଷେତ୍ରରେ ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ ।

ଶୁଭଦିନ :—୧୨, ୧୩, ୧୪,୧୭

କନ୍ୟା :—ରବିବାର ଠାରୁ ମଙ୍ଗଳ ବାର ପର୍ଯ୍ୟନ୍ତ ଖୁବ୍ କର୍ମ ତତ୍ପରତାର ସହିତ ସମୟ କାଟିବେ, କର୍ମ କ୍ଷେତ୍ରରେ ପ୍ରଶଂସା ଲାଭ କରିପାରିବେ, କେତେକ ସାମାଜିକ ଓ ପାରିବାରିକ ଦାୟିତ୍ୱ-ପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପ କରି ସିଦ୍ଧିଲାଭ କରିପାରନ୍ତି । ପରୋପକାର, ସମାଜ ସେବା କର୍ମରେ

Images: Aptakama Mishra, Processing: Srujanika

ଆଗଭଳି ହେବେ । ବନ୍ଧୁମାନଙ୍କ ମେଳରେ ଆମୋଦ ପ୍ରମୋଦରେ ସମୟ କାଟିବାକୁ ଭଲ ପାଇବେ । ସୌଖିନ ଜିନିଷ ପ୍ରତି ଆଗ୍ରହ ବଢ଼ିଯିବ । ଭ୍ରମଣ ଯୋଗ ରହିଛି, ବୁଧବାର ଠାରୁ ମାନସିକ ଅଶାନ୍ତି, ଓ ଶାରୀରିକ ପୀଡ଼ା ଦେଖାଦେବ, ପାରିବାରିକ ଜଞ୍ଜାଳ ଓ ଆର୍ଥିକ ଦୁଶ୍ଚିନ୍ତା ସାମାନ୍ୟ ଦେଖାଦେଇ ପାରେ, ରବିବାରଟି ଘାତବାର ।

ଶୁଭଦିନ :— ୧୩, ୧୪, ୧୫, ୧୬



ତୁଳା :—ରବିବାର ଦିନଟି କିଛି ବ୍ୟସ୍ତ ହେଲେ ମଧ୍ୟ ମାନସିକ ଶାନ୍ତି- ରହିବ । ସୋମବାର ଠାରୁ ନୂତନ କାର୍ଯ୍ୟ ଲାଭ । ସମାଜ ସେବା ଓ ପରୋପକାରରେ ମନଦେବେ, ବ୍ୟବସାୟ ବାଣିଜ୍ୟରେ ଲାଭ ଜନକ ଫଳ- ପାଇବେ । ବିଳାସ ବ୍ୟସନ ଓ ପ୍ରେମ- ଜନିତ ବ୍ୟାପାରରେ ଲିପ୍ତ ରହିବେ, ଆନୁଷ୍ଠାନିକ କର୍ମ ଓ ବିଳାସ ସାମଗ୍ରୀ ପାଇଁ ଅନେକ ଖର୍ଚ୍ଚ କରିବେ, ନୂତନ ବନ୍ଧୁ ଲାଭ ଯୋଗଅଛି, ବୁଧ, ଗୁରୁ ଘାତଚନ୍ଦ୍ର । ଶେଷ ୨ଦିନ ମାନସିକ ଅଶାନ୍ତି ଓ ଶାରୀରିକ କଷ୍ଟ ଦେଖାଦେବ, ପାରିବାରିକ ଜଞ୍ଜାଳ ଆପଣଙ୍କୁ ହତୋତ୍ସାହ କରିଦେବ । କର୍ମ କ୍ଷେତ୍ରରେ ହତାଶ ହୋଇ ପାରନ୍ତି ।

ଶୁଭଦିନ :— ୧୫, ୧୬, ୧୭, ୧୮

ବିଛା :—ରବିବାର ଦିନଟି ମାନ, ଅପମାନ ଓ ବାଦ ବିସମ୍ବାଦରେ କଟିବ । ସୋମ ମଙ୍ଗଳ ଅର୍ଥହାନି, ମାନସିକ ଦୁଶ୍ଚିନ୍ତା । ନିଜର କଥା ରକ୍ଷା କରିଭଳି କାର୍ଯ୍ୟ କରିପାରିବେ ନାହିଁ । ଅନେକ କ୍ଷେତ୍ରରେ ଅପଦସ୍ଥ ହେବେ । ବୁଧବାର ଠାରୁ, ସାମାନ୍ୟ ପରିବର୍ତ୍ତନ ହେବ, ନୂତନ କାର୍ଯ୍ୟ ପ୍ରାପ୍ତି, ଭ୍ରମଣ, ତୀର୍ଥଯାତ୍ରା, ଦେବପୂଜା, ଏବଂ ପିତୃ ମାତୃ ପ୍ରତି ଭକ୍ତି ମନରେ ଦେଖାଦେବ । ବିଳାସ ବ୍ୟସନରେ ସମୟ କାଟିବାକୁ ଇଚ୍ଛାକରିବେ । ବୈବାହିକ କର୍ମ କିମ୍ବା କୌଣସି ଶୁଭକର୍ମ ପ୍ରତି ଆକୃଷ୍ଟ ହୋଇ- ପଡ଼ିବେ । ଖର୍ଚ୍ଚ ବଢ଼ିଗଲେବି ମାନସିକ ଶାନ୍ତି ଓ ପାରିବାରିକ ସହାନୁଭୂତି ପାଇ ପାରିବେ ।

ଶୁଭଦିନ :—୧୨, ୧୭, ୧୮,



ଧନୁ :—ରବିବାର ଦିନଟି ରାଜ ସମ୍ମାନ ଲାଭ ହୋଇପାରେ । ଶୁଭକାର୍ଯ୍ୟ ପ୍ରତି ଆକୃଷ୍ଟ ହେବେ, ସୋମବାର ଠାରୁ ସାମାଜିକ ଓ ରାଜନୈତିକ କର୍ମ ଯୋଗୁଁ ମାନସିକ ଅଶାନ୍ତି ଦେଖାଦେବ, ବୃଥା ବାଦ ଅପବାଦ ସହିବାକୁ ପଡ଼ିବ, ମାନସମ୍ମାନ ହାନି, ବୃଥା ବ୍ୟୟ ଏବଂ କର୍ମକ୍ଷେତ୍ରରେ ହତୋତ୍ସାହ ହୋଇ ପଡ଼ିବେ । ଅନେକ ହତାଶା ମଧ୍ୟରେ ଆପଣଙ୍କୁ କେହି ସାହାସ ଦେଇପାରନ୍ତି । କିନ୍ତୁ ଆଶା ଫଳପ୍ରଦ ହେବନାହିଁ । ଶନିବାର ଦିନଟି ସାମାନ୍ୟ ଶୁଭକର ହେବ । ନିରାଶା ମଧ୍ୟରେ ଆଶାର ସ୍ୱପ୍ନ ଦେଖିବେ, ପାରିବାରିକ ଜଞ୍ଜାଳ ଓ ଆର୍ଥିକ ଅବସ୍ଥା ସେତେଟା ଭଲ ରହି ନପାରେ ।

ଶୁଭଦିନ :—୧୨, ୧୭, ୧୮,



ମକର:– ରବିବାର ଦିନଟି ମନ ବ୍ୟାକୁଳ ରହିବ । କୌଣସି ଜିନିଷ-ପଛରେ ଗୋଡ଼ାଇ ନ ପାଇଲେ ଭଲ ଲାଗିବ, ସୋମ, ମଙ୍ଗଳ ୨ ଦିନ ସୁଖପ୍ରଦ ହେବ, କର୍ମକ୍ଷେତ୍ରରେ ପ୍ରଶଂସ- ନୀୟ ହେବେ । ଉଚ୍ଚତର ଲୋକଙ୍କ ଠାରୁ ମାନସମ୍ମାନ ଲାଭ, ବନ୍ଧୁ ମିଳନ, ପ୍ରିତି- ଭୋଜନ ଇତ୍ୟାଦି ହେବ, ସମାଜ ସେବା ଓ ପରୋପକାର କର୍ମରେ ନିଜକୁ ନିୟୋଜିତ କରିବେ, ସାତ୍ତ୍ୱିକ ଭାବନା ମନରେ ଅନେକ ଦେଖାଦେବ । ଈଶ୍ୱର ବିଶ୍ୱାସୀ ହୋଇପଡ଼ିବେ । ବୁଧବାର ଠାରୁ ବୃଥାବ୍ୟୟ, ବାଦ ବିସମ୍ବାଦ, ଓ ମାନହାନି ହେବାର ସମ୍ଭାବନା ଅଛି, କେତେକ ହୀନକାର୍ଯ୍ୟରେ ଆପଣ ମନ ଓ ଅର୍ଥ ବିନିଯୋଗ କରିପାରନ୍ତି ।

ଶୁଭଦିନ :—୧୩, ୧୪, ୧୫, ୧୬,



କୁମ୍ଭ :— ରବିବାର ଦିନଟି ସୁଖାଦ୍ୟ ଓ ଆଳସ୍ୟ- ମପରାୟଣତାରେ କଟିବ । ସୋମ, ଙ୍ଗଳ ମନବ୍ୟାକୁଳ ରହିବ । ମାନସିକ ଦୁଶ୍ଚିନ୍ତା ସହିତ ବୃଥାବ୍ୟୟ ଓ ଭ୍ରମଣ ମଧ୍ୟ ରହିବ । କର୍ମକ୍ଷେତ୍ରରେ ଉଚ୍ଚା- ଭିଳାସ ଥିଲେ ମଧ୍ୟ ଆଶା ସମ୍ପନ୍ନହେବା ଅନେକ କଷ୍ଟ ହେବ । ବୁଧ, ଗୁରୁ ମାନ- ସମ୍ମାନ ଲାଭ ହୋଇପାରେ, କର୍ମ କ୍ଷେତ୍ରରେ ପ୍ରଶଂସା ଭାଜନ ହେବେ ଏବଂ ଆପଣଙ୍କ ମତାମତ ପାଇଁ ଲୋକପ୍ରିୟତା ଅର୍ଜନ କରିପାରିବେ । ରାଜନୈତିକ କର୍ମ ପ୍ରତି ଓ ସାହିତ୍ୟ କଳା । ପ୍ରତି ଯଥେଷ୍ଟ ସେବା ମନୋଭାବ ଆସିବ । ଶେଷ ୨ଦିନ ସାମାନ୍ୟ ଅଶାନ୍ତିରେ କାଟି ପାରନ୍ତି, କର୍ମକ୍ଷେତ୍ରରେ ବାଧାବିଘ୍ନ ଦେଖା ଦେବ, ପାରିବାରିକ ଜଞ୍ଜାଳ ପ୍ରତି ଭୟ କରିବେ । ଅହେତୁକ କାରଣ ନେଇ ସାମାନ୍ୟ ବାକ୍‌ତର୍କ ହୋଇପାରେ ।

ଶୁଭଦିନ :—୧୫, ୧୬, ୧୭, ୧୮,

ମୀନ :—ରବିବାର ଦିନଟି ବୃଥାବ୍ୟୟ ଓ ଭ୍ରମଣ ଯୋଗଅଛି । ସୋମ ମଙ୍ଗଳ ଅନେକ ଉଜ୍ଜ୍ୱଳ ଆଶାର ସ୍ୱପ୍ନ ଦେଖିବେ । କର୍ମକ୍ଷେତ୍ରରେ ପ୍ରଶଂସା ଭାଜନ ହୋଇପାରିବେ । ନୂତନ କର୍ମ ଓ ନୂତନ ବନ୍ଧୁଲାଭ ହେବ । ଆର୍ଥିକ କ୍ଷେତ୍ରରେ ନୂଆ ଉତ୍ସାହ ଓ ଉଦ୍ଦୀପନା ଦେଖାଦେବ । ବୈବାହିକ ଓ ଆନୁଷ୍ଠାନିକ କର୍ମପ୍ରତି ଯଥେଷ୍ଟ ଆକୃଷ୍ଟ ହେବେ, ସାମାନ୍ୟ ମନବ୍ୟାକୁଳ ବୁଧ, ଗୁରୁବାର, ଦିନରେ ଦେଖା ଦେଇପାରେ । କିନ୍ତୁ କୌଣସି କାର୍ଯ୍ୟରେ ନୈରାଶ୍ୟ ହେବେ- ନାହିଁ । ଶେଷ ୨ଦିନ ରାଜସମ୍ମାନ ଯୋଗ ଅଛି, କର୍ମ କ୍ଷେତ୍ରରେ ଉଚ୍ଚାଭିଳାଷୀ ହେବେ ।

ଶୁଭଦିନ :—୧୨, ୧୭, ୧୮,

—୦—

Images: Aptakama Mishra, Processing: Srujanika

ରତ୍ନ-ନକଲ ବନାମ ଅସଲ

ପ୍ରଖ୍ୟାତ ଡ଼ରେକ୍ଟର ଔପନ୍ୟାସିକ ଇଆନ ଫ୍ଲେମିଂ ଲେଖିଛନ୍ତି ଏବଂ ଜେମ୍ସବଣ୍ଡ ଭାବିଛନ୍ତି ଯେ, ଯେଉଁ ଗୁଡ଼ିକ ହୀରା, ସେଗୁଡ଼ିକ ସବୁଦିନେ ଜାଜ୍ୱଲ୍ୟମାନ ହୋଇ ରହିଥିବ । ଏ ସମ୍ପର୍କରେ କେହି କେହି ମଧ୍ୟ ପ୍ରଶ୍ନ କରିନାହାନ୍ତି, ବା ନିଜର ସନ୍ଦେହ ପ୍ରକାଶ କରିନାହାନ୍ତି ।

ହୀରାର ଝଲକ, ଉଜ୍ଜ୍ୱଳତା ଏବଂ କଠିନତା ସବୁକିଛି ହେଉଛି ଏକ କମ୍ବଦନ୍ତୀ । କବି ଓ ଭାବୁକମାନେ ସେଗୁଡ଼ିକୁ ଅବିନଶ୍ୱର କରି ଦେଇଛନ୍ତି । ପୃଥିବୀର ବିଖ୍ୟାତ ଲେଖକମାନେ ମଧ୍ୟ ଏହାର ଉଚ୍ଚପ୍ରଶଂସା କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ହୀରକର ବର୍ଣ୍ଣାଢ୍ୟ ସୌନ୍ଦର୍ଯ୍ୟ ସେମାନଙ୍କୁ ଆକୃଷ୍ଟ କରିଛି । କି ନାରୀ କି ପୁରୁଷ ସମସ୍ତେ ହୀରକର ସୌନ୍ଦର୍ଯ୍ୟରେ ମୁଗ୍‌ଧ ।

ପଞ୍ଚତନ୍ତ୍ର ଗଳ୍ପମାନରୁ ଜଣାଯାଏ ଯେ, ପକ୍ଷୀ ଓ ସରୀସୃପମାନେ ମଧ୍ୟ ହୀରାର ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି ।

ଏହି ବସ୍ତୁଟି ହେଉଛି ଅତି ମୂଲ୍ୟବାନ୍ । ତେଣୁ ବହୁଲୋକଙ୍କ ପାଖରେ ଏହା ମିଳେନାହିଁ । ଏପରିକି ଅତି ଧନୀସମାଜରେ ମଧ୍ୟ ଖୁବ୍ କମ୍ ଲୋକଙ୍କ ପାଖରେ ଏହା ଥାଏ । କ୍ୱଚିତ କେହି ନିଜ ମୁଦିରେ ହୀରାବସାଇ ଥାଆନ୍ତି । ହୀରା ହାର ଓ ଅନ୍ୟାନ୍ୟ ହୀରା ଲଗାଗହଣା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ବେଶୀ ନୁହେଁ । ହୀରା ଦୁଷ୍ପ୍ରାପ୍ୟ ହୋଇଥିବାରୁ ତାହାର ବିକଳ୍ପ ତଥା ଅନୁରୂପ ଜାଜ୍ୱଲ୍ୟ ପଦାର୍ଥ-ପାଇଁ ମଣିଷ ସର୍ବଦା ବ୍ୟଗ୍ର ଏବଂ ଏଥିପାଇଁ ପୃଥିବୀ ବିଖ୍ୟାତ ରେଙ୍ଗୁନ ହୀରାର ଚାହିଦା ଏବେ ବହୁଳଭାବେ ବୃଦ୍ଧି ପାଉଛି ।

ରେଙ୍ଗୁନ ହୀରା ହେଉଛି ବାସ୍ତବିକ ନକଲି ହୀରା । ଏହାକୁ ମଣିଷ ତିଆରି କରିଛି । ଏକ ପ୍ରକାରର ଧାତବ ପଦାର୍ଥରେ ଥିବା କୋରଣ୍ଡମ ଆଲ୍ଲୁମିନାରୁ ଏହା ପ୍ରସ୍ତୁତ ହୁଏ । ତାମିଲରେ ଶହ ଶହ ବର୍ଷଧରି ଏହାକୁ "କୁରୁନ୍ତମ" କୁହାଯାଏ । ଏଥିରେ ହୀରାର କ୍ରିଷ୍ଟାଲ ଧୂଳି ଏବଂ ବିଶେଷ ଧରଣର ପଦାର୍ଥ 'ବୋଆର୍ଟ' ଥାଏ ।

ବହୁବର୍ଷ ପୂର୍ବେ ବର୍ମାରେ ନକଲି ରତ୍ନ ଶିଳ୍ପ କେନ୍ଦ୍ରମାନ ଗଢ଼ି ଉଠିଥିଲା । ତାମିଲନାଡୁରୁ ସେଠାରେ ବାସ କରୁଥିବା ଲୋକମାନେ ମୁଖ୍ୟତଃ ଏହି ବ୍ୟବସାୟ କରୁଥିଲେ । ଏହାକୁ ରେଙ୍ଗୁନ ହୀରା ବ୍ୟବସାୟ କୁହନ୍ତି । ବର୍ମାରୁ ପଳାଇ ଆସିଥିବା ତାମିଲର ରତ୍ନ ବ୍ୟବସାୟୀମାନେ ଭାରତରେ ବହୁ କଠିନ ସମୟର ସମ୍ମୁଖୀନ ହେଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଇରୋଡ଼-ଜିଲ୍ଲାରେ ବାସ କଲେ । ବର୍ମାରୁ ପଳାଇ ଆସିଥିବା ରତ୍ନ ବ୍ୟବସାୟୀ ମାନେ କେରଳର ତ୍ରିଚୂର, ଗୁଜୁରାଟର କାମ୍ବେ ଏବଂ ରାଜସ୍ଥାନର ଜୟପୁରଠାରେ ବାସକଲେ । ତ୍ରିଚୁରରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ଏହି ଭୂମିହୀନ ଗ୍ରହଣୀ ଚଣ୍ଡାଳୀମାନଙ୍କର ଉପକାର ହେଲା । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ହୀରା କାଟିବା, ସଫା କରିବା ଏବଂ ନକଲି ରତ୍ନ ତିଆରି କରିବା ସମ୍ପର୍କରେ ତାଲିମ ଦିଆଗଲା । ଆତ୍ମନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଯୁବକମାନଙ୍କୁ ତାଲିମ ଦେବା ଯୋଜନାର ପରବର୍ତ୍ତିନ ହେବାଦ୍ୱାରା ଉନ୍ନତି ହେଲା । ଅବଶ୍ୟ ଏହି ବ୍ୟବସାୟରେ ତୀବ୍ର ପ୍ରତି-ଯୋଗିତା ଅଛି । ଏହାସତ୍ତ୍ୱେ ବି ନକଲି ରତ୍ନ ବ୍ୟବସାୟ ବେଶ ଲାଭଜନକ ହୋଇ ପାରିଛି ।

ମେଟ୍ଟୁପାଲାୟମଠାରୁ ଏହି ଶିଳ୍ପ ପାଇଁ କଞ୍ଚାମାଲ ମିଳେ । ଏଠାରୁ ଆସୁଥିବା ନାଲି ଓ ଧଳାପଥର-ଗୁଡ଼ିକୁ କର୍ମଶାଳାରେ କାଟି ଘଷି ଉଜ୍ଜ୍ୱଳ ପଥରରେ ପରିଣତ କରାଯାଏ । ଗୋଟିଏ କିଲୋଗ୍ରାମ ପଥରରୁ ପ୍ରାୟ ୧୦ ହଜାର ଖଣ୍ଡ କ୍ଷୁଦ୍ର ଚକଚକିଆ ପଥର ନିର୍ମାଣ କରାଯାଇ ପାରୁଛି । □

(୭୭ ପୃଷ୍ଠାର ଅବଶିଷ୍ଟାଂଶ)

ନାୟିକା ଅପରାଜିତା ଏ ଛବିରେ ନିଜର ଆସନକୁ ଅଧିକ ସୁଦୃଢ଼ କରି ପାରିଛନ୍ତି । କିନ୍ତୁ ଶେଷ ଦୃଶ୍ୟରେ ଅପରାଜିତା ତାଙ୍କ ଅଭିନୟର ଭାର-ସାମ୍ୟତା ରକ୍ଷାକରି ପାରି ନାହାନ୍ତି । ପୋଖତ ଅଭିନେତ୍ରୀ ସୁଜାତା ତାଙ୍କ ଅଭିନୟରେ ପୂର୍ବ ପରମ୍ପରା ଅକ୍ଷୁର୍ଣ୍ଣ ରଖି ପାରିଛନ୍ତି । ଜୟା ମଧ୍ୟ ଖୁବ୍ ଭଲ ଅଭିନୟ କରିଛନ୍ତି । ବ୍ୟୋମକେଶ ତ୍ରିପାଠୀ ଓ ନିରଞ୍ଜନ ଶତପଥୀଙ୍କ ଭଳି ପୁରୁଖା ଅଭିନେତା ଓ ସର୍ବୋପରି ସାଧୁ ମେହେରଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିପାରିଛି ।

ସମୁଦାୟ ଛବିଟି ଓଡ଼ିଶାର ବିଭିନ୍ନ ସ୍ଥାନରେ ଖୁବ୍ ଭଲ ଲୋକେସନ୍ ମାନଙ୍କରେ ସୁଟିଂ ହୋଇଛି । ଛବିଟିରେ ଯେପରି ଭାବରେ ଅଖଣ୍ଡ ଗ୍ରାମ୍ୟ ଜୀବନର ପ୍ରତିଛବି ପ୍ରତିଫଳିତ ହୋଇଛି ତାହା ଚଳିତ ଦଶକର ଓଡ଼ିଆଛବି ମାନଙ୍କରେ କ୍ୱଚିତ ଦେଖିବାକୁ ମିଳେ । ତେଣୁ 'ଅଭିଳାଷ'କୁ ଏକ ଖାଣ୍ଟି ଓଡ଼ିଆଛବି ବୋଲି ନିଶ୍ଚିତ ଭାବରେ କୁହାଯିବ । □

Images: Aptakama Mishra, Processing: Srujanika

ଅଳ୍ପ ଖର୍ଚ୍ଚରେ ବାସଗୃହ ନିର୍ମାଣ

ଶ୍ରୀ ଜି. ସ. ମାଥୁର

ନିର୍ମାଣ କ୍ଷେତ୍ରରେ ଲାଗୁଥିବା ସାମଗ୍ରୀର ଦର ବୃଦ୍ଧି ଯୋଗୁ ଏବଂ କେତେକ କ୍ଷେତ୍ରରେ ସେଗୁଡ଼ିକର ଅଭାବ ଯୋଗୁ ନିର୍ମାଣ ଖର୍ଚ୍ଚ ବଢ଼ି ଯାଉଛି ଏବଂ ଦେଶରେ ବାସଗୃହ ଦୁର୍ଦ୍ଦଶା ମେଣ୍ଟାଇ ହେଉନାହିଁ । ବର୍ତ୍ତମାନ ସିମେଣ୍ଟ ତଥା ଇସ୍ପାତ ଅଭାବ । ସିମେଣ୍ଟର ଚାହିଦା ଏତେ ବୃଦ୍ଧି ପାଇଛି ଯେ ଏହାର ଦର ଆକାଶ ଛୁଆଁ ହେଲାଣି । କିନ୍ତୁ ଦେଶରେ ସିମେଣ୍ଟର ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି । ଏବେ ପ୍ରତ୍ୟେକ ବର୍ଷ ଦେଶରେ ୩୪ ନିୟୁତ ଟନ ସିମେଣ୍ଟ ଉତ୍ପାଦନ ହେଉଛି । ଗୃହନିର୍ମାଣ ଲାଗି ଦେଶରେ ଭଲ ଇଟା କିମ୍ବା କାଠ ମଧ୍ୟ ମିଳୁନାହିଁ । ସାଧାରଣତଃ ସିମେଣ୍ଟ, ଇସ୍ପାତ, ଇଟା, କାଠ ନିର୍ମାଣ କାର୍ଯ୍ୟରେ ଲାଗିଥାଏ । ଘର ତିଆରିରେ ମୋଟ ଯେତେ ଖର୍ଚ୍ଚ ହୁଏ ତାହାର ଶତକଡ଼ା ୭୦ରୁ ୭୫ଭାଗ କେବଳ ଏହି ସାମଗ୍ରୀ କ୍ରୟ କରିବାରେ ବ୍ୟୟ ହୋଇଥାଏ । ଗତ ଦଶନ୍ଧି ମଧ୍ୟରେ ଏଗୁଡ଼ିକର ଦାମ ଶତକଡ଼ା ୩ଶହ ଭାଗ ବୃଦ୍ଧି ପାଇଛି । ତେଣୁ ବଡ଼ ବଡ଼ କୋଠାବାଡ଼ି ନିର୍ମାଣ କରିବା ପୂର୍ବରୁ ସୁବିଧାରେ ଏବଂ ଯଥେଷ୍ଟ ପରିମାଣରେ ନିର୍ମାଣ ସାମଗ୍ରୀଗୁଡ଼ିକ ମିଳୁଛି କି ନାହିଁ ଦେଖିବାକୁ ହେବ ।

ନିର୍ମାଣ ସାମଗ୍ରୀ ତିଆରି କରିବା ପାଇଁ ଆବଶ୍ୟକ କଞ୍ଚାମାଲର ପର୍ଯ୍ୟାପ୍ତ ପରିମାଣରେ ଆମ ଦେଶରେ ମିଳୁଛି । ନିର୍ମାଣ କାର୍ଯ୍ୟରେ ଲାଗୁଥିବା ଇଟା ଓ ଟାଇଲ ଇତ୍ୟାଦି ଆମର କୁଟୀର ଶିଳ୍ପରେ ତିଆରି ହୁଏ । ନିର୍ମାଣ କାର୍ଯ୍ୟ ପାଇଁ ଇଟାର ଆବଶ୍ୟକତା ସବୁଠାରୁ ବେଶୀ । ଆମ ଦେଶରେ ପ୍ରାୟ ୧୫ ହଜାରଟି ଇଟାଭାଟୀ କାର୍ଯ୍ୟ କରୁଛି । ପ୍ରତ୍ୟେକ ବର୍ଷ ଭାରତରେ ୪ଶହ କୋଟି ଇଟା ତିଆରି ହୁଏ । କୋଇଲାକୁ ନେଇ ଇଟା ଭଲ ବା ଖରାପ ହୋଇଥାଏ । ପୋଡ଼ିବା ଉପରେ ଏହା ନିର୍ଭର କରେ । ଇଟାଗୁଡ଼ିକୁ ଏପରିଭାବେ ପୋଡ଼ିବାକୁ ହେବ ଯେ ଯାହା ଦ୍ୱାରା ଶତକଡ଼ା ୩୦ଭାଗ କୋଇଲା ବଞ୍ଚାଯାଇ ପାରିବ । ତେଣୁ ଇଟାଭାଟୀ ଗୁଡ଼ିକରେ ଇଟା ପୋଡ଼ିବା ବେଳେ ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରାଯିବା ଉଚିତ । ଇଟାଗୁଡ଼ିକର ମାନ ପ୍ରତି ଉପଯୁକ୍ତ ଧ୍ୟାନ ଦେବାପାଇଁ ଏନ୍. ବି. ଓ. ପକ୍ଷରୁ କେତେକ ନିର୍ଦ୍ଦେଶ ଦିଆଯାଇଛି । ଇଟା ତିଆରି ପାଇଁ ଏକ ମେସିନ୍ ମଧ୍ୟ ଅଛି । ଏହା ସାହାଯ୍ୟରେ ଉନ୍ନତ ମାନର ଇଟା ତିଆରି ହୋଇପାରିବ । କିନ୍ତୁ ଇଟା ଶିଳ୍ପରେ ଏ ପର୍ଯ୍ୟନ୍ତ ଏହା ପ୍ରୟୋଗ ହୋଇନାହିଁ । ଉତ୍ତମ ମାନର ଇଟା ତିଆରି କରାଯାଇ ପାରିଲେ ସିମେଣ୍ଟ ଓ ଇସ୍ପାତର ଖର୍ଚ୍ଚ ହ୍ରାସ ପାଇବ ।

ସିମେଣ୍ଟ ଖର୍ଚ୍ଚ ହ୍ରାସକରିବା ପାଇଁ ଇଟା କାମରେ ପଥରଚୂନ ବ୍ୟବହାର କରିବା ଉପଦେଶ ଦିଆଯାଇଛି । ପ୍ରତ୍ୟେକ ବର୍ଷ ନିର୍ମାଣ କାର୍ଯ୍ୟପାଇଁ ୧୦ ଲକ୍ଷ ଟନ ପଥରଚୂନ ଉତ୍ପାଦନ ହୁଏ । ପ୍ରତ୍ୟେକ ଦିନ ୧୦ରୁ ୩୦ ମେଟ୍ରିକ ଟନ ଓଜନର ଚୂନପଥର ଉତ୍ପାଦନ ଲାଗି ଏକ ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା ପାଇଁ ଏନ୍. ବି ଓ ନିର୍ଦ୍ଦେଶ ଦେଇଛନ୍ତି । ୧୦।୧୫ ଲକ୍ଷ ଟଙ୍କା ପୁଞ୍ଜି ଖଟାଇ ଏହା କରାଯାଇ ପାରିବ । ବିଭିନ୍ନ ରାଜ୍ୟରେ ଏହା ମଧ୍ୟରେ ୪୪ଟି ନୂଆ କାରଖାନା ପ୍ରତିଷ୍ଠା ହୋଇ-ସାରିଲାଣି । ସିମେଣ୍ଟ ଓ ଚୂନପଥରରେ ଗାନ୍ଥିଣି ମସଲା ପ୍ରସ୍ତୁତ କରିବା ପାଇଁ ଉପଦେଶ ଦିଆ-ଯାଇଛି । ଏହାଫଳରେ ସିମେଣ୍ଟର ବ୍ୟବହାର ହ୍ରାସ ପାଇବ ।

ପୋଡ଼ା କୁଣ୍ଡାର ଉପଯୋଗୀତା

କୁଣ୍ଡାକୁ ପୋଡ଼ିଦେଲେ ଯେଉଁ ପାଉଁଶ ହୁଏ ସେଥିରେ ପୋଜୋଲୋନିକ ଗୁଣ ଥାଏ । ଏହା ପ୍ଲାଷ୍ଟର କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ । ଏହିପରି ସଂଯୋଜକ ଦ୍ରବ୍ୟ ପ୍ରସ୍ତୁତ କରିବାପାଇଁ ବର୍ତ୍ତମାନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ତେଣୁ ବର୍ତ୍ତମାନ ଗାନ୍ଥିଣି ମସଲା ପ୍ରସ୍ତୁତ କରିବାରେ ପୋଡ଼ା କୁଣ୍ଡା ପାଉଁଶ ଉପରେ ଗୁରୁତ୍ୱ ଦିଆଯାଉଛି ।

ଘର ତିଆରି କାର୍ଯ୍ୟରେ ସାଧାରଣତଃ ଶାଳ ପିଆଶାଳ ଓ ଦେବଦାରୁ କାଠ ବ୍ୟବହାର ହୁଏ । କିନ୍ତୁ ତାହାର ଦାମ ଏବେ ବହୁତ ବୃଦ୍ଧି ପାଇଛି । ବର୍ତ୍ତମାନ ଏକ ହିସାବ କରି ଦେଖା-ଯାଇଛି ଯେ ପ୍ରତ୍ୟେକ ବର୍ଷ ନିର୍ମାଣକାର୍ଯ୍ୟ ପାଇଁ ୪୦ଲକ୍ଷ ଘନମିଟର କାଠ ଆବଶ୍ୟକ ହେବ । କିନ୍ତୁ ଏବେ ମାତ୍ର କାଠ ୩୦ଲକ୍ଷ ଘନଫୁଟ କାଠ ମିଳୁଛି । ଏବେ କିନ୍ତୁ ବିଭିନ୍ନ ଗବେଷଣା ପ୍ରତିଷ୍ଠାନର ପରାମର୍ଶ କ୍ରମେ ୧୧୭ଟି କିସମର କାଠକୁ ନିର୍ମାଣ କାର୍ଯ୍ୟରେ ଲଗାଇବା ପାଇଁ ସ୍ଥିର କରାଯାଇଛି । ଏଗୁଡ଼ିକ ବିଭିନ୍ନ ଅଞ୍ଚଳରେ ମିଳିଥାଏ । ଏହାକୁ ବ୍ୟବହାର କରିବାପାଇଁ ଏନ୍. ବି ଓ, ମଧ୍ୟ ପରାମର୍ଶ ଦେଇଛି ।

ବର୍ତ୍ତମାନ ଆମ ଦେଶରେ ଯେତେ ପରିମାଣରେ ସିମେଣ୍ଟ ଓ ଇସ୍ପାତ ଉତ୍ପାଦନ ହେଉଛି ତାହାର ନିର୍ମାଣ ଖର୍ଚ୍ଚର ଚାହିଦା ଅପାତତଃ ପୂରଣ କରି ପାରୁଛି । ଉନ୍ନତ ମାନର ସିମେଣ୍ଟ ଓ ଇସ୍ପାତ ଆମ ଦେଶରେ ଉତ୍ପାଦନ ହେଉଛି । ଏଗୁଡ଼ିକ ହିସାବରେ ଖର୍ଚ୍ଚ କରିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ତାହା-ହେଲେ ଏଗୁଡ଼ିକୁ ଅଧିକ ପରିମାଣରେ ସଂଚୟ କରାଯାଇ ପାରିବ । ଏବେ ଆମ ଦେଶରେ ବିଭିନ୍ନ କିସମର ସିମେଣ୍ଟ ଉତ୍ପାଦନ ହେଉଛି । ପ୍ୟାକିଂ କରିବା ସମୟରେ ଯେତେ ପରିମାଣରେ ସିମେଣ୍ଟ ନଷ୍ଟ ହୁଏ ତାହା ରୋକିବାକୁ ହେବ । ଏଥିପାଇଁ ସିମେଣ୍ଟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଯେଉଁ-ପରି ଅଖା ଥଳିଆ ବାହାର କରାଯାଇଛି ତାହାକୁ ବ୍ୟବହାର କରିବାକୁ ହେବ। ସିମେଣ୍ଟ ଖର୍ଚ୍ଚକୁ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ଯଦି ହାଲୁକା ଧରଣର କଂକ୍ରିଟ ବ୍ୟବହାର କରାଯାଏ ତେବେ ଅଳ୍ପ ସିମେଣ୍ଟ ଓ ଇସ୍ପାତ ଖର୍ଚ୍ଚ ହେବ ।

ନିର୍ମାଣ କ୍ଷେତ୍ରରେ କଠିନ କାଠ ପରିବର୍ତ୍ତେ ହାଲୁକା କାଠ ବ୍ୟବହାର ହେବା ଉଚିତ । ଅଳ୍ପ ଖର୍ଚ୍ଚରେ ବାସଗୃହ କରିବାକୁ ହେଲେ ଆଜବେଷ୍ଟଓ ଓ ସିମେଣ୍ଟ ଛାତ ପରିବର୍ତ୍ତେ ଆସଫାଲ୍ଟିକ କିମ୍ବା ବାଉଁଶବତା ଛାତ କରାଯିବା ଉଚିତ ।

Images: Aptakama Mishra, Processing: Srujanika

ପ୍ଲାଷ୍ଟିକ୍ ରଡ଼

ପାଣି ଟାଙ୍କି ପାଇଁ ଇସ୍ପାତ ଆବଶ୍ୟକ ହୁଏ । କିନ୍ତୁ ଏକ ପ୍ରକାରର ପ୍ଲାଷ୍ଟିକ ରଡ଼ ମିଳୁଛି ଯାହା ଦ୍ୱାରା ପାଣି ଟାଙ୍କି ନିର୍ମାଣ କରାଯାଇପାରୁଛି । ପ୍ଲାଷ୍ଟିକ ବ୍ୟବହାର କରି ଇସ୍ପାତର ବ୍ୟବହାରକୁ ହ୍ରାସ କରାଯାଇ ପାରିବ । ଶିଳ୍ପ ଓ କୃଷି କାର୍ଯ୍ୟରୁ ନିର୍ଗତ ହେଉଥିବା କେତେକ ଦ୍ରବ୍ୟ ମଧ୍ୟ ନିର୍ମାଣ କାର୍ଯ୍ୟରେ ଲାଗିଥାଏ ।

ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀର ଉତ୍ପାଦନ ବୃଦ୍ଧି ନିମନ୍ତେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ରାଷ୍ଟ୍ରାୟତ୍ତ ସଂସ୍ଥା ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷ ଓ ଭାରତୀୟ ସିମେଂଟ କର୍ପୋରେସନ ସାହାଯ୍ୟରେ ଦେଶରେ ଯଥେଷ୍ଟ ପରିମାଣରେ ଇସ୍ପାତ୍ ଓ ସିମେଣ୍ଟ ଉତ୍ପାଦନ ବୃଦ୍ଧି କରାଯାଇଛି । କିନ୍ତୁ ସେହି ପରିମାଣରେ ବୃଦ୍ଧି ଇଟା ଉତ୍ପାଦନ କ୍ଷେତ୍ରରେ ଘଟୁନାହିଁ । ଘରୋଇ ସଂସ୍ଥା ଦ୍ୱାରା ନିର୍ମାଣ କରାଯାଉଥିବା ସାମଗ୍ରୀ ଗୁଡ଼ିକର ମାନ ମଧ୍ୟ ସେତେ ଉନ୍ନତ ହେଉନାହିଁ । ଜାତୀୟ ଆୟର ଶତକଡ଼ା ୫୦ ଭାଗ ନିର୍ମାଣ କ୍ଷେତ୍ରରେ ବ୍ୟୟ ହେଉଛି ତେଣୁ ଏଥିପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀର ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ । ନିର୍ମାଣ ସାମଗ୍ରୀର ନିଅଣ୍ଟିଆ ପରିସ୍ଥିତି ଯୋଗୁ ଦେଶର ବିକାଶ ବାଧାପ୍ରାପ୍ତ ହେଉଅଛି । କାରଣ ଏହାଦ୍ୱାରା ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ । ଏହି ଅବସ୍ଥା ସୁଧାରିବା ପାଇଁ ନିର୍ମାଣ ସାମଗ୍ରୀ ଉତ୍ପାଦନ ଶିଳ୍ପ ପ୍ରତି ଅଗ୍ରାଧିକାର ଦିଆଯିବା ଉଚିତ । ଆଗାମୀ ଯୋଜନା ଗୁଡ଼ିକରେ ଏଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଏ ।

ଦାରିଦ୍ର୍ୟ ସୀମାରେଖାର ତଳେଥିବା ଲକ୍ଷ ଲକ୍ଷ ଲୋକ ଯେଉଁମାନେ କି ସହର ଓ ଗ୍ରାମରେ ବାସ କରୁଛନ୍ତି ସେମାନଙ୍କୁ ଅଳ୍ପ ଦରରେ ବାସଗୃହ ଯୋଗାଇ ଦେବା ଆବଶ୍ୟକ । ନିର୍ମାଣ ସାମଗ୍ରୀ ଉତ୍ପାଦନ କରୁଥିବା ଶିଳ୍ପ ସଂସ୍ଥାମାନେ ଏହା କରିପାରିବେ । ଏହା ହୋଇ ପାରିଲେ ଆମ ଦେଶର ଲକ୍ଷ ଲକ୍ଷ ଲୋକ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ପାଇ ପାରିବେ ।

୧୯୮୩ ମସିହାର ଏକ ହିସାବରୁ ଦେଖାଯାଉଛି ଯେ ଆମ ଦେଶରେ ଆହୁରି ୨୨ ଲକ୍ଷ ୬୦ ହଜାର ବାସଗୃହ ଆବଶ୍ୟକ । ଏଥିମଧ୍ୟରୁ ଗ୍ରାମାଞ୍ଚଳରେ ୧୭ ଲକ୍ଷ ୨୦ ହଜାର ଏବଂ ସହରାଞ୍ଚଳରେ ୫ ଲକ୍ଷ ୫୦ ହଜାର । ଏମାନଙ୍କୁ ବାସଗୃହ ଯୋଗାଇ ଦେବାରେ ଏବଂ ଦେଶରୁ ବାସଗୃହ ସମସ୍ୟା ଦୂର କରିବା ଦିଗରେ ବହୁ ଅସୁବିଧା ମାନ ଦେଖାଦେଇଛି । ମୌଳିକ ଆବଶ୍ୟକତା ପୂରଣ କାର୍ଯ୍ୟକ୍ରମରେ ସହର ତଳି ଅଞ୍ଚଳ ଓ ଗ୍ରାମାଞ୍ଚଳରେ ରହୁଥିବା ଭୂମିହୀନ ମାନଙ୍କୁ ବାସଗୃହ ଯୋଗାଇ ଦେବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମାନଙ୍କୁ ବାସଗୃହ ଯୋଗାଇ ଦେବାକୁ ହେଲେ ବିପୁଳ ପରିମାଣରେ ବାସଗୃହ ନିର୍ମାଣ କରିବାକୁ ହେବ । ନିର୍ମାଣ ସାମଗ୍ରୀ ଉତ୍ପାଦନ କରିବା ପାଇଁ ବହୁ ଧନୀ ରାଷ୍ଟ୍ର ବୈଜ୍ଞାନିକ କୌଶଳ ବ୍ୟବହାର କରିଛନ୍ତି । ଆମ ଦେଶରେ ଏବେ ତାହାର ଆବଶ୍ୟକତା ପଡ଼ିଛି । ସ୍ଥାନୀୟ ସାମଗ୍ରୀଗୁଡ଼ିକର ସଦ୍‌ଉପଯୋଗ କରିବା ଉଚିତ । ତା' ହେଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଆଶା କରାଯାଏ । □

ଭାରତ ଋଷରୁ ୬୦ ଲକ୍ଷ ଟନ୍ ଅଶୋଧିତ ତୈଳ ଆମଦାନୀ କରିବ

ଭାରତ ସୋଭିଏତ ୟୁନିଅନଠାରୁ ଚଳିତ ବର୍ଷ ୬୦ ଲକ୍ଷ ଟନରୁ ଅଧିକ ପରିମାଣରେ ତୈଳ ଓ ପେଟ୍ରୋଲ ଜାତ ପଦାର୍ଥ ଆମଦାନୀ କରିବାକୁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁସାରେ ୩୫ ଲକ୍ଷ ଟନ ଅଶୋଧିତ ତୈଳ ଏବଂ ୨୫.୭ ଲକ୍ଷଟନ କିରୋସିନ ଓ ହାଇସ୍ପିଡ଼ ଡିଜେଲ ଆମଦାନୀ କରାହେବ । ଏହାର ଦାମ ଟଙ୍କା ଆକାରରେ ଦିଆହେବ ଏବଂ ତାହା ହେଉଛି ୧୪୫୦କୋଟି ଟଙ୍କା ।

ଗତ ବର୍ଷ ଭାରତ ସୋଭିଏତ ୟୁନିଅନଠାରୁ ୫୮.୨ଲକ୍ଷ ଟନ ଅଶୋଧିତ ତୈଳ ଓ ପେଟ୍ରୋଲିଅମ ଜାତ ଦ୍ରବ୍ୟ ଆମଦାନୀ କରିଥିଲା । ଭାରତର ମୋଟ ଆମଦାନିର ପ୍ରାୟ ୨୫ ଶତାଂଶ ଅଶୋଧିତ ତୈଳ ଏବଂ ୫୦ ଶତାଂଶ ପେଟ୍ରୋଲିଅମଜାତ ପଦାର୍ଥ ସୋଭିଏତ ୟୁନିଅନରୁ ଆସିଥାଏ ।

୧୯୮୩ ମସିହାରେ ଭାରତ ସୋଭିଏତ ୟୁନିଅନରୁ ଆମଦାନୀ କରିଥିଲା ୨୧.୫ ଲକ୍ଷ ଟନ କିରୋସିନ ଓ ହାଇସ୍ପିଡ଼ ଡିଜେଲ ଏବଂ ୨୫ଲକ୍ଷ ଟନ ଅପରିଶୋଧିତ ତେଲ । ଏହାର ମୂଲ୍ୟ ହେଉଛି ୧୦୦୦ କୋଟି ଟଙ୍କା । □

ଗୋଟିଏ ପକ୍ଷୀର ମୂଲ୍ୟ ୨୦ ଲକ୍ଷ ଟଙ୍କା

ଆପଣ ବିଶ୍ୱାସ କରନ୍ତୁ ବା ନକରନ୍ତୁ 'ଗଲ୍‌ଫ ଦେଶର ଶେଖମାନେ ପାକିସ୍ଥାନରେ ଗୋଟିଏ ଗୋଟିଏ ଭାରତୀୟ ରାଜହଂସ (ଇଣ୍ଡିଅନ୍ ବଷ୍ଟର୍ଡ଼) ଶୀକାର କରିବାର ସୁବିଧା ପାଇବା ସକାଶେ ଦଶଲକ୍ଷ ଟଙ୍କା ଦେଇ ଆସୁଛନ୍ତି ଏବଂ ଭାରତରେ ଉକ୍ତ ପକ୍ଷୀ ଶିକାର କରିବାକୁ ସୁଯୋଗ ଦିଆଗଲେ ଅଧିକ ଅର୍ଥ ଦେବାକୁ ମଧ୍ୟ ସେମାନେ ପ୍ରସ୍ତୁତ ଅଛନ୍ତି । ଗଲ୍‌ଫ ଦେଶ ଭ୍ରମଣରୁ ଫେରିଆସିବା ପରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଶ୍ରୀ ଶିବଚରଣ ମାଥୁର୍ ଏକଥା ପ୍ରକାଶ କରିଛନ୍ତି ।

ଏହି ପକ୍ଷୀର ମାଂସ ଖାଇଲେ 'ପୌରୁଷ' ବୃଦ୍ଧିପାଏ ବୋଲି ସେମାନଙ୍କର ବିଶ୍ୱାସ । ତେଣୁ କାମଉଦ୍ରେକକାରୀ ମାଂସ ଭକ୍ଷଣ କରିବାକୁ ବିଳାସୀ ଶେଖମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ । ଅଧିକ ପଇସା ଦେବାର ଲୋଭ ଦେଖାଇଲେ ହୁଏତ ଭାରତ ସରକାର ସେମାନଙ୍କୁ ଉକ୍ତ ପକ୍ଷୀ ଶିକାର କରିବାର ଅନୁମତି ଦେବେ ସେଥିପାଇଁ ସେମାନେ ଦାମ୍ ବଢ଼ାଇବାକୁ ପ୍ରସ୍ତୁତ । କିନ୍ତୁ ସେମାନେ ଯେତେ ଟଙ୍କା ଦେଲେ ମଧ୍ୟ ଭାରତରେ ଉକ୍ତ ପକ୍ଷୀ ଶିକାରର ଅନୁମତି ପାଇବା ଅସମ୍ଭବ । କିଛିଦିନ ତଳେ ଜଣେ ଶେଖଙ୍କୁ ଭାରତ ସରକାର ଦେଶରୁ ଏଥିପାଇଁ ତଡ଼ିବାକୁ ବାଧ୍ୟ ହୋଇଥିଲେ । ଉକ୍ତ ଶେଖଜଣଙ୍କ ପକ୍ଷୀଶିକାର ଉଦ୍ଦେଶ୍ୟରେ ସଦଳ ବଳେ ପ୍ରାୟ ୧୨ ଟି ଆମେରିକୀୟ ଲିମୋସାଇନ୍ କାର୍, କେତୋଟି ଶୀତଳ ଭଣ୍ଡାର ଯୁକ୍ତ ଭ୍ୟାନ୍ ଓ ବହୁ ସଂଖ୍ୟକ ତାଲିମ ପ୍ରାପ୍ତ ଛଞ୍ଚାଣ ଧରି ରାଜସ୍ଥାନ ମରୁଭୂମି ନିକଟରେ ପକ୍ଷୀ ଅନ୍ୱେଷଣରେ ବୁଲୁଥିଲେ । ପରିବେଶରକ୍ଷାକାରୀ ମାନଙ୍କ ଆନ୍ଦୋଳନ ଫଳରେ ଉକ୍ତ ଶିକାରୀ ଦଳକୁ ତଡ଼ିବାପାଇଁ ଭାରତ ସରକାର ବାଧ୍ୟ ହୋଇଥିଲେ ।

ଚଉଦ ବର୍ଷତଳେ ଏହି ବିରଳଜାତୀୟ ପକ୍ଷୀ ମାନଙ୍କର ସଂଖ୍ୟାଥିଲା ପ୍ରାୟ ୧୦୦୦ । କିନ୍ତୁ ଏବେ ସେମାନଙ୍କର ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । □

Images: Aptakama Mishra, Processing: Srujanika

ରୁରାଲ ହେଭେନ୍

ସାଧାରଣ ଜମା ୨୪ କୋଟି ଟଙ୍କା ତୋଷରପ ?

ତଥାପି ମ୍ୟାନେଜିଂ ଡିରେକ୍ଟର ଅବାଧରେ ବୁଲୁଛନ୍ତି

ନେତାମାନେ କ୍ଷମତା ଲୋଭରେ ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ସଂଗ୍ରହ କରିଥାଆନ୍ତି । ବ୍ୟବସାୟୀ ଗୋଷ୍ଠୀ ଲୋଭରେ ଅପମିଶ୍ରିତ ପଦାର୍ଥ ବିକ୍ରୟ କରିବାର ଦୃଷ୍ଟାନ୍ତ ରହିଛି । ମାତ୍ର ଜଣେ ସାହିତ୍ୟିକ ହିଁ ତାର୍ କୋଟିପତି ହେବା ଆଶାରେ ଲକ୍ଷାଧିକ ଲୋକଙ୍କର ସଞ୍ଚିତ ପ୍ରାୟ ୧୪କୋଟି ଟଙ୍କା ହିଁ ରହସ୍ୟଜନକ ଭାବେ ଅନ୍ତର୍ଦ୍ଧାନ ହୋଇଯିବା ଘଟଣା ଏ ରାଜ୍ୟର ଇତିହାସରେ କେବେ ଘଟିନଥିଲା ।

ଓଡ଼ିଶାର କେତେଜଣ ଠକେଇ, ଅପମିଶ୍ରଣ, ଇତ୍ୟାଦିରେ କୁଖ୍ୟାତି ଅର୍ଜନ କରିଥିବା କଥା ଜଣାଶୁଣା । କିନ୍ତୁ ଓଡ଼ିଆ ସାହିତ୍ୟରେ ଏମ୍. ଏ. ପାସ୍‌କରି ଏବଂ ସାହିତ୍ୟରେ ଗବେଷଣା କରି ପି. ଏଚ୍. ଡି. ଉପାଧି ପାଇବା ପରେ ସମଗ୍ର ରାଜ୍ୟବାସୀଙ୍କୁ ଠକିଦେବା କଥାଟି ବିଶ୍ୱାସ କରିବା ଦୁରୁହ ବ୍ୟାପାର । ପୁରୀଜିଲ୍ଲା ଖଜୁରିଆ ପଦା ଗ୍ରାମର ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ-କରୁଥିବାବେଳେ ପି. ଏଚ୍. ଡି ଉପାଧି ଲାଭ କରିଥିଲେ । ପରେ ବାରଙ୍ଗସ୍ଥିତ କୁଞ୍ଜବିହାରୀ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ପରେ ୧୯୭୯ ମସିହାରେ କାର୍ଯ୍ୟଚ୍ୟୁତ ହୋଇଥିଲେ । ସରସ୍ୱତୀଙ୍କ ବରପୁତ୍ର ହୋଇ ଜ୍ଞାନଭଣ୍ଡାରର ଅଧିକାରୀ ହେବା ପରିବର୍ତ୍ତେ ଲକ୍ଷ୍ମୀଙ୍କର ପୁତ୍ରହୋଇ ଧନଭଣ୍ଡାର ଲାଭକରିବା ପାଇଁ ଆଗ୍ରହ ବଢ଼ିଲା ଡ. ଦ୍ୱିବେଦୀଙ୍କର । ତେଣୁ ସେ ସାହିତ୍ୟିକ ଜୀବନକୁ ବିଦାୟ ଜଣାଇ ୧୯୮୦ ମସିହା ଜାନୁୟାରୀ ମାସରେ ଆରମ୍ଭ କଲେ ବ୍ୟବସାୟିକ ଜୀବନ । ଗଢ଼ିଲେ ରୁରାଲହେଭେନ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ୍ । ଡ. ଦ୍ୱିବେଦୀ-ସ୍ୱୟଂ ରହିଲେ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର, ଆଉ ତାଙ୍କର ଦୁଇ ଅନୁଜ ଶ୍ରୀ ଉପେନ୍ଦ୍ର ନାଥ ଓ ଶ୍ରୀ ରବୀନ୍ଦ୍ର ନାଥଙ୍କୁ ରଖିଲେ କମ୍ପାନୀର ଅନ୍ୟତମ ଡାଇରେକ୍ଟର ଭାବେ ।

ଶ୍ରୀ ଅମ୍ବିକା ପ୍ରସାଦ କାନୁନ୍‌ଗୋ

୧୯୮୦ ମସିହା ଜାନୁୟାରୀ ମାସରୁ ୧୯୮୨ ମସିହା ଜୁଲାଇ ମାସ—ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ଭୁବନେଶ୍ୱର ଶହୀଦ ନଗରସ୍ଥିତ ୪୫୭ ନମ୍ବର ପ୍ଲଟରେ ଥିବା ମୁଖ୍ୟ କାର୍ଯ୍ୟାଳୟ ବ୍ୟତୀତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ମୁଖ୍ୟ ଅଞ୍ଚଳ ମାନଙ୍କରେ ଜନ୍ମଲାଭ କଲା ରୁରାଲ ହେଭେନ୍‌ର ଶାଖା । ପ୍ରଥମଶାଖା ଉନ୍ମୋଚିତ ହୋଇଥିଲା ପୁରୀଜିଲ୍ଲାର ସିହଙ୍ଗାଠାରେ । ଏହା ବୋଧହୁଏ ଡ. ଦ୍ୱିବେଦୀଙ୍କ ବ୍ୟବସାୟିକ ଜୀବନର ସୁବର୍ଣ୍ଣ ଯୁଗର ଆରମ୍ଭ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ପରେ କ୍ରମାଗତ ଭାବେ ଉନ୍ମୋଚିତ ହେବାକୁ ଲାଗିଲା ରୁରାଲ ହେଭେନ୍‌ର ଶାଖା ରାଜ୍ୟର ମୁଖ୍ୟ ଅଞ୍ଚଳ ମାନଙ୍କରେ । ଶାଖାର ଉଦ୍‌ଘାଟକ ଭାବେ ଯୋଗ ଦେଲେ । ଡ. ହରେକୃଷ୍ଣ ମହତାବ, ତତ୍‌କାଳୀନ ରାଜସ୍ୱମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା, ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଭଳି, ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ପଦସ୍ଥ ସରକାରୀ ଅଫିସର ଗଣ । ଅତିଥିମାନେ ଡ. ଦ୍ୱିବେଦୀଙ୍କ କାର୍ଯ୍ୟ-କ୍ରମକୁ ପ୍ରଶଂସା କଲେ ଏବଂ ଜନ-ସାଧାରଣଙ୍କୁ ଏଥିରେ ସହଯୋଗ କରିବାପାଇଁ ଅନୁରୋଧ କଲେ । ଏହିପରି ଭାବେ ଅଢ଼େଇ ବର୍ଷ ସମୟ ମଧ୍ୟରେ ରୁରାଲ ହେଭେନ୍‌ର ତେଅରଟି ଶାଖା ଉଦ୍‌ଘାଟିତ ହେଲା, ପରିଚାଳନା ଗତ ସୁବିଧା ଦୃଷ୍ଟିରୁ କଟକ, ପୁରୀ, ବାଲେଶ୍ୱର ଠାରେ ଆଞ୍ଚଳିକ ଅଫିସ ଖୋଲାଗଲା ।

ରିଜର୍ଭ ବ୍ୟାଙ୍କର ସ୍ୱୀକୃତି

ରୁରାଲ ହେଭେନ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ 'ଅଣ-ବ୍ୟାଙ୍କିଂ ଅନୁଷ୍ଠାନ' ଭାବେ ସ୍ୱୀକୃତି ମିଳିବା ପରେ ଦୀର୍ଘ ମିଆଦି ଜମା, ଦୈନିକ ଜମା, ପୁନଃ ପୌନିକ ଜମା (Recurring.Deposit) ଯୋଜନାରେ ଜନସାଧାରଣଙ୍କ ଠାରୁ ଅର୍ଥ ସଂଗ୍ରହ କରାଯାଇ ଥିଲା । ଦୀର୍ଘ-ମିଆଦି ଜମାପାଇଁ ଶତକଡ଼ା ୫୧୦ଙ୍କାରୁ ୧୧ ଟଙ୍କା ପଚିଶ ପଇସା, ପୁନଃ ପୌନିକ ଜମାପାଇଁ ଶତକଡ଼ା ୧୧ଟଙ୍କା ପଚିଶ ପଇସା ଏବଂ ଦୈନିକ ଜମାପାଇଁ ଶତକଡ଼ା ୬ଟଙ୍କା ହାରରେ ସୁଧ ଦେବାର ବ୍ୟବସ୍ଥା ପ୍ରଚଳିତ ଥିଲା ।" ମାତ୍ର କେତେକ କ୍ଷେତ୍ରରେଏହି ନିୟମର ବ୍ୟତିକ୍ରମ କରାଯାଇ ଥିବାର ଜଣା-ଯାଇଛି ।

ରୁରାଲ ହେଭେନ୍‌ର ନର୍ସିଂହ-କୋଇଲି ଶାଖାରେ ଶ୍ରୀ ସୁଧାଂଶୁ ର ସ୍ୱାଇଁ ଗତ ୮୨ ମସିହା ଜାନୁୟାରୀ ମାସ ୧ ତାରିଖରେ ୨୭ ହଜାର ୫ ଶହଟଙ୍କା, ୩୬ ମାସପାଇଁ ଜମା କରିଥିଲେ । ଉକ୍ତ ଜମାପାଇଁ ଶତକଡ଼ା ୧୦ ହାରରେ ସୁଧ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ଜମା ରସିଦ ଉପରେ ଲେଖାଯାଇଥିବ ବେଳେ, ସେହି ବ୍ୟକ୍ତି ସେହିବର୍ଷ ଜାନୁୟାରୀ ମାସ ୮ତାରିଖରେ ପୁନର୍ବାର

Images: Aptakama Mishra, Processing: Srujanika

୩୬ ମାସ ପାଇଁ ୧୬ହଜାର ଟଙ୍କା ଜମା କରିଥିଲେ । ଦ୍ୱିତୀୟ ଥର ଜମାପାଇଁ କମ୍ପାନୀ ପକ୍ଷରୁ ତାଙ୍କୁ ଶତକଡ଼ା ୧୬ ଟଙ୍କା ହାରରେ ସୁଧ ଦିଆଯିବ ବୋଲି ତାଙ୍କର ଜମା ରସିଦରେ ଉଲ୍ଲେଖ କରା-ଯାଇଥିଲା । ଏହି ଘଟଣାରୁ ଅନୁମାନ କରାଯାଏ ଯେ, ଲୋକମାନଙ୍କ ଠାରୁ ଅଧିକ ଅର୍ଥ ପାଇବା ଆଶାରେ କମ୍ପାନୀ ନିଜ ନିର୍ଦ୍ଧାରିତ ନିୟମକୁ ମଧ୍ୟ ସ୍ଥଳବିଶେଷରେ ଲଙ୍ଘନ କରୁଥିଲା ।

ନିଯୁକ୍ତି

ରୁରାଲ ହେଭେନ୍‌ରେ ପ୍ରତ୍ୟେକ ଶାଖା ପାଇଁ ଆବଶ୍ୟକ ମ୍ୟାନେଜର, ଡେଭଲପ୍‌ମେଣ୍ଟ ଅଫିସର, କ୍ଲର୍କ କମ୍ କ୍ୟାସିଅର ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ନିଯୁକ୍ତି ପାଇଁ ସର୍ବନିମ୍ନ ଯୋଗ୍ୟତା ଯଥାକ୍ରମେ ଗ୍ରାଜୁଏଟ, ମାଟ୍ରିକ ଓ ଅଣ୍ଡର ମାଟ୍ରିକ୍ ରଖାଯାଇ ଥିଲା । ଏହିସବୁ ପଦବୀରେ ନିଯୁକ୍ତି ପାଇଁ ସମ୍ବାଦ ପତ୍ର ମାନଙ୍କରେ ବିଜ୍ଞାପନ ପ୍ରକାଶ ପାଇବା ପରେ ବହୁ ଶିକ୍ଷିତ ବେକାର ଯୁବକ ଯୁବତୀ ନିଯୁକ୍ତି ପାଇବା ଆଶାରେ ଦରଖାସ୍ତ କରିଥିଲେ । ମ୍ୟାନେଜର ଓ ଡେଭଲପ୍‌ମେଣ୍ଟ ଅଫିସର ପଦବୀ ପ୍ରାର୍ଥୀମାନଙ୍କ ଠାରୁ ୨୫ଟଙ୍କା, କରଣୀ ଚାକିରୀ ପାଇଁ ୧୫ଟଙ୍କା ପରୀକ୍ଷା ଫିସ ନିଆ ଯାଇଥିଲା । ଜାତୀୟ କରଣ ବ୍ୟାଙ୍କ ମାନଙ୍କର ପରୀକ୍ଷା ଢଙ୍ଗରେ ରୁରାଲ ହେଭେନ୍‌ ପକ୍ଷରୁ ଭୁବନେଶ୍ୱରସ୍ଥିତ 'ରିଜିଓନାଲ କଲେଜ ଅଫ ଏଜୁକେସନ'ରେ ଲିଖିତ ପରୀକ୍ଷା କରା ଯାଇଥିଲା । ମୌଖିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀ ମାନଙ୍କ ମଧ୍ୟରୁ ବ୍ରାଞ୍ଚ ମ୍ୟାନେଜର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତିମାନଙ୍କ ଠାରୁ ୩ହଜାର ଟଙ୍କା ଉନ୍ନୟନ ଅଫିସର ପଦବୀ ପାଇଁ ୨୫ ଶହ ଓ ଚତୁର୍ଥ ଶ୍ରେଣୀ ଚାକିରୀପାଇଁ ୫ଶହ ଟଙ୍କା ଅମାନତ ସ୍ୱରୂପ ଜମା ନିଆଯାଇ ଥିଲା । କର୍ମଚାରୀ ମାନଙ୍କୁ ନିଯୁକ୍ତି ପରେ ୩ ମାସ ପର୍ଯ୍ୟନ୍ତ ପ୍ରୋବେସନରେ ରଖା ଯାଉଥିଲା ଏବଂ ଏହି ସମୟ ମଧ୍ୟରେ ମ୍ୟାନେଜର ମାନଙ୍କୁ ମୋଟ ମାସିକ ୪୫୦ ଟଙ୍କା ଭତ୍ତା ଦିଆ ଯାଉଥିଲା । ପରେ ୫୦୦ ଟଙ୍କା ବେତନ ହାରରେ ମୋଟ ପ୍ରାୟ ୮୫୦ ଟଙ୍କା ଦିଆଯାଉ-ଥିଲା । ସେହିପରି ଉନ୍ନୟନ ଅଫିସର ମାନଙ୍କୁ ଏହି ସମୟ ମଧ୍ୟରେ ମାସିକ ୪ଶହ ଟଙ୍କା ଦିଆ ଯାଉଥିବା ବେଳେ ପରେ ୮୦୦ ଟଙ୍କା, କ୍ଲର୍କକମ୍ କ୍ୟାସିଅରଙ୍କୁ ପ୍ରଥମେ ୩୫୦ ଟଙ୍କା ଦିଆ ଯାଉଥିବା ବେଳେ ପରେ ପ୍ରାୟ ମୋଟ ୫୫୦ ଟଙ୍କା ବେତନ ବାବଦରେ ଦିଆ-ଯାଉଥିଲା । ସଂସ୍ଥାଟି ବନ୍ଦହେବା ବେଳକୁ ସେଥିରେ ବ୍ରାଞ୍ଚ ମ୍ୟାନେଜର ପ୍ରାୟ ୮୦ଜଣ, ଟ୍ରେନିଂ ପାଉଥିବା ଅଫିସର ୩୦ଜଣ, କ୍ଲର୍କକମ୍ କ୍ୟାସିଅର ୩୫୦ଜଣ ଏହିପରି ମୋଟ ୭୬୦ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ । ସଂସ୍ଥାଟି ବନ୍ଦ ହୋଇଯିବା ପରେ ସେହି ଉଚ୍ଚଶିକ୍ଷିତ ଯୁବକମାନେ ଏବେ ବେକାର ଅବସ୍ଥାରେ ଅଛନ୍ତି ।

ରୁରାଲ ହେଭେନ୍‌ରେ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏମ. ଡି. ଡଃ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ବ୍ୟତୀତ, ତାଙ୍କ ଭାଇ ଶ୍ରୀ ରବୀନ୍ଦ୍ରନାଥ ଦ୍ୱିବେଦୀ ଷ୍ଟୋର ଅଫିସର ଭାବେ କାର୍ଯ୍ୟ କରୁଥିଲେ । ଏତଦ୍‌ବ୍ୟତୀତ ସେକ୍ରେଟାରୀ ପଦରେ କୁମାରୀ ମିନାକ୍ଷୀ ପରିଡ଼ା, ଲ୍ୟାଣ୍ଡ ଅଫିସର ପଦରେ ଯଥାକ୍ରମେ ଶ୍ରୀ ପଦ୍ମନାଭ ମିଶ୍ର (ଅବସର ପ୍ରାପ୍ତ ଓ: ଏ: ଏସ୍:) ଓ ଶ୍ରୀ ଗଣେଶ୍ୱର ମିଶ୍ର, ଜଣେ ଏକାଉଣ୍ଟସ୍ ଅଫିସର, ଅର୍ମିନ, ଓ ପିଅନ, ଏହିପରି ମୋଟ ପ୍ରାୟ ୧୦ ଜଣ ବ୍ୟକ୍ତି କାର୍ଯ୍ୟ କରୁଥିଲେ ।

ରୁରାଲ ହେଭେନ୍‌ରେ ସମସ୍ତ କାର୍ଯ୍ୟ ପ୍ରାଥମିକ ସ୍ତରରେ ସୁରୁଖୁରୁରେ ଚାଲୁଥିବା ବେଳେ ଏବଂ ଏହା ବେଶ୍ ଲୋକପ୍ରିୟ ହୋଇ ଉଠିବା ସମୟରେ, ଅଧିକ ଲାଭ ଆଶାରେ କମ୍ପାନୀର ଏମ. ଡି., ଡଃ ଦ୍ୱିବେଦୀ ଏକ ନୂତନ ଯୋଜନାର ପ୍ରଚଳନ କଲେ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ଲୋକ ମାନଙ୍କୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ସୁବିଧା ଦରରେ ଗୃହୋପ-ଯୋଗୀ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ୪୭୫ ଜଣ ବ୍ୟକ୍ତିଙ୍କ ଠାରୁ ମୋଟ ୨୮ ଲକ୍ଷ ୬୪ ହଜାର ୫୭୯ ଟଙ୍କା ସଂଗ୍ରହ କରିଥିଲେ । ପୂର୍ବରୁ ଭୁବନେଶ୍ୱରର ତତ୍କାଳୀନ ତହସିଲ-ଦାର ଶ୍ରୀ ଫାଲଗୁନ୍ ସିଂହ ୪ ଏକର ଜମି ବିଭିନ୍ନ ଲୋକଙ୍କୁ ଲିଜ ଦେଇ-ଥିଲେ । ଡଃ ଦ୍ୱିବେଦୀ ସେହି ଲୋକ ମାନଙ୍କୁ ଜମିର ଆଂଶିକ ଦାମ ଦେଇ, ଉକ୍ତ ଜମିର ବିକ୍ରୟ ପାଇଁ କ୍ଷମତାପତ୍ର ଆଣିଥିଲେ । ସେ ଏ ବାବଦରେ ପ୍ରାୟ ୮ ଲକ୍ଷ ୪୭ ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ମାତ୍ର ପରେ ସରକାର ଉକ୍ତ ୪ ଏକର ଜମିର ଲିଜ୍ ରଦ୍ଦ କରି ଦେବାରୁ ଡ. ଦ୍ୱିବେଦୀ ବହୁ ଅସୁବିଧାରେ ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ଲୋକ-ମାନଙ୍କ ନିକଟରେ ଅପଦସ୍ତ ମଧ୍ୟ ହେଲେ । ରୁରାଲ ହେଭେନ୍‌ର ଏମ: ଡି ଡଃ ଦ୍ୱିବେଦୀ ଜମି ବିକ୍ରୟ ପାଇଁ ଆଣିଥିବା କ୍ଷମତା ପତ୍ର ବଳରେ ଲୋକ ମାନଙ୍କ ଜମି ରେଜିଷ୍ଟ୍ରୀ କରିଦେବା ବେଳେ ସଂପୃକ୍ତ ବ୍ୟକ୍ତିମାନେ ପ୍ରକୃତରେ ଜମିର ଦଖଲ ପାଉ ନ ଥିଲେ । ଏକଥା ଜଣାପଡ଼ିବା ଫଳରେ ଏହି ଯୋଜନାରେ ଯୋଗ ଦେଇଥିବା ଜମାକାରୀମାନେ ଜମି ବଦଳରେ ସେମାନଙ୍କ ଅର୍ଥ ଫେରସ୍ତ ଦାବୀକଲେ । ଡଃ ଦ୍ୱିବେଦୀ ଅନ୍ୟ ଉପାୟ ନପାଇ ବାଧ୍ୟ ହୋଇ ୯୪ ଜଣଙ୍କୁ ୪ଲକ୍ଷ ୪୦ ହଜାର ଟଙ୍କା ଫେରାଇ ଦେଇଥିଲେ । ପରେ ଯେତେ-ବେଳେ ଏକଥା ପ୍ରଚାରିତ ହେଲା ସବୁ ଜମାକାରୀମାନେ ଜମି ବଦଳରେ

Images: Aptakama Mishra, Processing: Srujanika

ସେମାନଙ୍କର ଅର୍ଥ ଦାବୀକଲେ କିନ୍ତୁ ହଠାତ୍ ସମସ୍ତଙ୍କୁ ଅର୍ଥ ଫେରାଇବାକୁ ଅସମର୍ଥ ହୋଇ ଡ଼ଃ ଦ୍ୱିବେଦୀ ଆତ୍ମ ଗୋପନ କଲେ । ଏ ଖବର ସମ୍ବାଦ-ପତ୍ର-ମାନଙ୍କରେ ପ୍ରକାଶିତ ହେବା ପରେ ବିଭିନ୍ନ ଶାଖାରେ ଟଙ୍କା ଜମା କରିଥିବା ବ୍ୟକ୍ତିମାନେ ସେମାନଙ୍କ ଟଙ୍କା ଫେରସ୍ତ ପାଇଁ ଦାବୀ କରିବାରୁ ବ୍ରାଞ୍ଚ ମ୍ୟାନେଜର ମାନେ ବାଧ୍ୟହୋଇ ଶାଖାଗୁଡ଼ିକ ବନ୍ଦ କରିଦେଲେ । କାରଣ ଜମାଟଙ୍କାରୁ ବହୁ ପରିମାଣ ଅର୍ଥ ଋଣ ସୂତ୍ରରେ ଲୋକଙ୍କୁ ଦିଆ ଯାଇଥିଲା । ଅବଶିଷ୍ଟ ଟଙ୍କା ମୁଖ୍ୟକାର୍ଯ୍ୟାଳୟକୁ ପଠା ଯାଇଥିଲା । ବିଭିନ୍ନ ବ୍ରାଞ୍ଚ ଓ ମୁଖ୍ୟ ଅଫିସରେ କେତେଟଙ୍କା ଜମା କରା-ଯାଇଥିଲା ତାର ପ୍ରକୃତ ହିସାବ ମିଳିବା ସମ୍ଭବ ହୋଇନାହିଁ । କଣ୍ଟିନ୍ତ କୋଇଲି ଠାରେ ଥିବା ଗୋଟିଏ ବ୍ରାଞ୍ଚରେ ହିସାବରୁ ଜଣାଯାଇଛି ଯେ ଲୋକ ମାନଙ୍କ ଠାରୁ ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରାୟ ୧୮ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଥିଲା ସେହିପରି ୭୩ଟି ବ୍ରାଞ୍ଚରେ ମୋଟ ଆନୁମାନିକ ଜମାର ପରିମାଣ ପ୍ରାୟ ୧୪ କୋଟି ଟଙ୍କାହେବ । ଜନ-ସାଧାରଣଙ୍କ ଠାରୁ ବିଭିନ୍ନ ଯୋଜନାରେ ଅର୍ଥ ସଂଗ୍ରହ କରିସାରିଲା ପରେ ହଠାତ୍ ଏହି ସଂସ୍ଥା ବନ୍ଦ ହୋଇଯିବା ପରେ ମାତ୍ର ୪ଜଣ ବ୍ୟକ୍ତିଙ୍କ ପକ୍ଷରୁ ଏହି ଠକେଇ ସମ୍ପର୍କରେ ପୋଲିସ ନିକଟରେ ଲିଖିତ ଅଭିଯୋଗ କରା ଯାଇଥିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅଭିଯୋଗ

ଜଗତସିଂହପୁର ଡ଼ାକ୍ତର ଖାନାର ଶ୍ରୀ ବି. ଏମ୍‌. ଖାଡ଼ଙ୍ଗା ପ୍ରଥମେ ୧୯୮୨ ମସିହା ଅଗଷ୍ଟ ମାସ ୭ ତାରିଖରେ ଭୁବନେଶ୍ୱରସ୍ଥିତ ଶହୀଦ ନଗର ଥାନାରେ ଠକେଇ ସମ୍ପର୍କରେ ଏକ ଏତଲା ଦେଇଥିଲେ । ଏତଲାର ବିବରଣୀରୁ ପ୍ରକାଶଯେ ତାଙ୍କୁ (ଡ଼ାକ୍ତର ଖାଡ଼ଙ୍ଗାଙ୍କୁ) ରୁରାଲ ହେଲ୍‌ଥ ପକ୍ଷରୁ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖର ନଗରରେ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ମୋଟ ୧ ହଜାର ୮ଶହ ୪୦ ଟଙ୍କା ନେଇ ଜମି ନ ଦେଇ ଠକିଛନ୍ତି । ଡ଼ାକ୍ତର ଖାଡ଼ଙ୍ଗାଙ୍କ ଅଭି-ଯୋଗର ୩ମାସ ପରେ ଅର୍ଥାତ୍ ୧୯୮୨ ମସିହା ନଭେମ୍ବର ମାସ ୧ତାରିଖ ମଧ୍ୟ-ରାତ୍ରରେ କଟକ ନନ୍ଦୀସାହିସ୍ଥିତ 'କୋଣାର୍କ ଲଜ୍‌'ରୁ' ଡ଼. ଦ୍ୱିବେଦୀଙ୍କୁ ଗିରଫ କରାଯାଇ ପରିଦନ କ୍ରାଇମ୍‌-ବ୍ରାଞ୍ଚ ପକ୍ଷରୁ କୋର୍ଟକୁ ଚାଲାଣ କରାଯାଇ ଥିଲା । କୋର୍ଟରେ ଡ଼. ଦ୍ୱିବେଦୀ ଜାମିନରେ ଛାଡ଼ ପାଇଛନ୍ତି । ତାଙ୍କ ବ୍ୟକ୍ତିଗତ ତାଙ୍କର କମ୍ପାନୀର ଅନ୍ୟ ଦୁଇ ଡ଼ାଇରେକ୍ଟର ତଥା ତାଙ୍କ ଭାଇ ଶ୍ରୀ ଉପେନ୍ଦ୍ର ଦ୍ୱିବେଦୀ ଓ ଶ୍ରୀ ରବୀନ୍ଦ୍ର ଦ୍ୱିବେଦୀ ଫେରାର ଅଛନ୍ତି ବୋଲି କ୍ରାଇମ୍‌ ବ୍ରାଞ୍ଚ ପକ୍ଷରୁ କୁହାଯାଉଛି ।

ଡାକ୍ତର ଶ୍ରୀ ଖାଡ଼ଙ୍ଗାଙ୍କ ବ୍ୟକ୍ତିଗତ ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀଙ୍କ ଘରୋଇ ସଚିବ ଶ୍ରୀ ଏସ୍‌. ସି. ଗଡ଼ନାୟକ ମଧ୍ୟ ଗତ ୧୦।୮।୮୨ ତାରିଖରେ ଶହୀଦ-ନଗର ଥାନାରେ ଅନ୍ୟଏକ ଲିଖିତ ଅଭିଯୋଗ କରି କହିଛନ୍ତି ସେ ସେ (ଗଡ଼ନାୟକ) ଭୁବନେଶ୍ୱର ଚନ୍ଦ୍ର-ଶେଖର ନଗରରେ ଜମି ପାଇବା ଉଦ୍ଦେଶ୍ୟରେ ୩ ହଜାର ୧୦ ଟଙ୍କା ରୁରାଲ ହେଲ୍‌ଥର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଜମା କରିଥିଲେ । ତାଙ୍କୁ ଜମି ଯୋଗାଇ ଦିଆ ନ ଯାଇ କମ୍ପାନୀ ପକ୍ଷରୁ ଠକାଯାଇଛି ।

ରାଜ୍ୟ ଅପରାଧ ବିଭାଗ (କ୍ରାଇମ-ବ୍ରାଞ୍ଚ) ପକ୍ଷରୁ ଏହି ଦୁଇଟି ଅଭିଯୋଗ ସମ୍ପର୍କରେ ଅନୁସନ୍ଧାନ କରାଯାଇ ଡ଼: ଦ୍ୱିବେଦୀଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ଼ର ୪୨୦/୩୪ ଧାରାରେ ମକଦ୍ଦମା ରୁଜୁ କରାଯାଇ ଏ ସମ୍ପର୍କରେ ତାଙ୍କ ରିପୋର୍ଟ (ଚାର୍ଜସିଟ୍) ଗତ ୩୦।୧୧।୮୩ ତାରିଖରେ ଭୁବନେଶ୍ୱରସ୍ଥିତ ମାନ୍ୟବର ଏସ୍‌. ଡ଼ି. ଜେ. ଏମ୍ କୋର୍ଟରେ ଦାଖଲ କରାଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଜଣାଯାଇଛି ।

ଏହି ଦୁଇଟି ଅଭିଯୋଗ ବ୍ୟତୀତ ବାଲେଶ୍ୱର ଟାଉନ୍ ଥାନାରେ ରୋମାନ କ୍ୟାଥଲିକ ଚର୍ଚ୍ଚର ଫାଦର ଜ୍ୟାକବ୍ ଗତ ୨୬।୧୧।୮୨ ତାରିଖରେ ଆଉ ଏକ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗଟି ପୂର୍ବ ଦୁଇ ଅଭିଯୋଗ ଠାରୁ ଭିନ୍ନ । ଅଭିଯୋଗର ବିବରଣୀରୁ ପ୍ରକାଶ ଯେ, ରୁରାଲ ହେଲ୍‌ଥ୍‌ର ବାଲେଶ୍ୱର ଶାଖାରେ ସେ (ଫାଦର-ଜ୍ୟାକବ) ୧୦ ଟଙ୍କା ଜମାକରି ଏକ ସଞ୍ଚୟ ଖାତା ଖୋଲିଥିଲେ । ପରେ ସେହି ଖାତାରେ ୭୦ ହଜାର ଟଙ୍କା, ଏକ ଚେକ ମାଧ୍ୟମରେ ଜମା କରିଥିଲେ । ସେଥିମଧ୍ୟରୁ ଗତ ୨।୭।୮୨ ତାରିଖରେ ମାତ୍ର ୮ ହଜାର ଟଙ୍କା ଉଠାଇଥିଲେ । ଅବଶିଷ୍ଟ ୬୨ ହଜାର ୧୦ଟଙ୍କା ତାଙ୍କ ସଞ୍ଚୟ ଖାତାରେ ଥିବା ବେଳେ ହଠାତ୍ ରୁରାଲ ହେଲ୍‌ଥର ବ୍ରାଞ୍ଚଟି ବନ୍ଦ ହୋଇ ଯିବାରୁ ସେ ତାଙ୍କ ଜମାଟଙ୍କା ଫେରସ୍ତ ପାଇ ନାହାନ୍ତି ।

କଟକ ଜିଲ୍ଲାର ସାଲେପୁର ଥାନାରେ ଅନ୍ୟଏକ ଠକେଇ ସମ୍ପର୍କରେ ଖୁଣ୍ଟଣୀ ଗ୍ରାମର ଶ୍ରୀ ସୁରେଶଚନ୍ଦ୍ର ସାହୁ ମଧ୍ୟ ଏକ ଅଭିଯୋଗ କରିଛନ୍ତି, ଅଭି-ଯୋଗର ବିବରଣୀରୁ ପ୍ରକାଶ ଯେ, ଶ୍ରୀ ସାହୁ ଗୋଟିଏ ଟ୍ରକ ଚେସିସ ଋଣ ସୂତ୍ରରେ ନେବାପାଇଁ ଗତ ୨୪।୩।୮୨ ତାରିଖରେ କଣ୍ଟିନ୍ତ କୋଇଲି ଠାରେ ଥିବା ରୁରାଲହେଲ୍‌ଥ ଶାଖାରେ ନଗଦ ୫୫ ହଜାର ଟଙ୍କା ଜମା କରିଥିଲେ । କିଛିଦିନ ପରେ ରୁରାଲ ହେଲ୍‌ଥର ଏମ୍. ଡ଼ି., ଡ଼. ଦ୍ୱିବେଦୀ ଶ୍ରୀ ସାହୁଙ୍କୁ ଟ୍ରକ ଚେସିସ କିଣିବାପାଇଁ ୧ଲକ୍ଷ ୯୮ହଜାର ୬୧ ଟଙ୍କା ୪୦ ପଇସାର ଏକ ଚେକ ଦେଇଥିଲେ । ମାତ୍ର ଉକ୍ତ ଏକାଉଣ୍ଟରେ ଦିଆ ଯାଇଥିବା ଆବଶ୍ୟକ ଅର୍ଥ ନଥିବାରୁ ଉକ୍ତ ଚେକଟି ଭଙ୍ଗା ନଯାଇ ପାର

Images: Aptakama Mishra, Processing: Srujanika

ଫେରଲ । ଶ୍ରୀ ସାହୁ ଏପର୍ଯ୍ୟନ୍ତ ତାଙ୍କ ଜମାକରଥିବା ଅର୍ଥ ମଧ୍ୟ ପାଇନାହାନ୍ତି । ନିରାଶ ହୋଇ ଆଇନର ସାହାଯ୍ୟ ଲୋଡ଼ିଛନ୍ତି ।

ବାଲେଶ୍ୱର ଓ ଖାଲେପୁର ଥାନାରେ ହୋଇଥିବା ଦୁଇଟି ଅଭିଯୋଗ ସମ୍ପର୍କରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅନୁସନ୍ଧାନ ଚାଲିଛି ।

ଅତୀତରେ ଏହି ପ୍ରକାରର ଅନେକ ଚିଟିଂଫଣ୍ଡ ସଂସ୍ଥା ଦ୍ୱାରା ଶୋଷିତ ହେବାର ତିକ୍ତ ଅନୁଭୂତି ରାଜ୍ୟବାସୀଙ୍କର ଥିଲା, ଏଣୁ ଅନ୍ୟ ଏକ 'ଚିଟିଂ ଫଣ୍ଡ' ଆକାରରେ ବଜାରକୁ ନ ଆସି "ସେଇ ଜିନଷ—ସେଇ କାମ—ଏବେ କିନ୍ତୁ ନୂଆ – ନାମ" ଥିଓରୀକୁ ପାଥେୟ କରି 'ରୁରାଲ—ହେଡ଼ିଟ' ବ୍ୟାଙ୍କ ଢାଞ୍ଚାରେ ଓଡ଼ିଶାରେ ଆତ୍ମପ୍ରକାଶ କଲା । ଆଖି ଝଲସା କାର୍ଯ୍ୟାଳୟ, ଶ୍ରୁତିମଧୁର—ପ୍ରତିଶ୍ରୁତି ସାଙ୍ଗକୁ ଯୌବନଛନ୍ଦ ମହିଳାକର୍ମଚାରୀ ମାନଙ୍କୁ ନିଯୁକ୍ତି ଦେଇ ଅଧିକରୁ ଅଧିକ ଅର୍ଥସଂଗ୍ରହ କରାହୋଇ ଚାଲିଲା । ରାଜ୍ୟ ସରକାରଙ୍କ ଗୁଇନ୍ଦା ସଂସ୍ଥା ଦେଖାଚାହିଁ। ବିଭାଗ ଏହି ସଂସ୍ଥା ମୁଖ୍ୟଙ୍କର ମନ୍ଦଉଦ୍ଦେଶ୍ୟ ସମ୍ପର୍କରେ କୌଣସି ତଥ୍ୟ ସଂଗ୍ରହ ନକରି ନପାରିବା ଏବଂ ମନ୍ତ୍ରୀମାନେ ନିର୍ବିଚାରରେ ଏହି ସଂସ୍ଥାସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ହୋଇ ପଡ଼ିବା ଦ୍ୱାରା ଜନସାଧାରଣ ପ୍ରତାରିତ ହୋଇଛନ୍ତି ବୋଲି, ପ୍ରତିପାଦିତ କରାଯିବାର ଆବଶ୍ୟକତା ନାହିଁ ।

ଏହି ସଂସ୍ଥାଟି ବନ୍ଦ ହୋଇଯିବା ପରେ କର୍ମଚାରୀ ମାନେ ଏକ ସଂଘ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କର ଦାବୀ ଉପସ୍ଥାପନ କରିଥିଲେ ଓ ବହୁଦିନଧରି ବିଧାନ ସୌଧ ସମ୍ମୁଖରେ ଧାରଣା ଚଳାଇଥିଲେ । ଏ ସମ୍ପର୍କରେ କର୍ମଚାରୀ ସଙ୍ଘ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଏକ ସ୍ମାରକ ପତ୍ର ଗତ ବର୍ଷ ଅଗଷ୍ଟ ମାସ ୧୯ ତାରିଖରେ ଦିଆଯାଇଥିଲା । ଏହି ସ୍ମାରକ ପତ୍ରରେ କର୍ମଚାରୀ ମାନେ, ସେମାନଙ୍କ କର୍ମ ସଂସ୍ଥାନର ନିରାପତ୍ତା, ନୂତନ ପରିଚାଳନା କମିଟି ଗଠନ କରାଯିବା ସେଥିରେ ରାଜ୍ୟ ସରକାରଙ୍କର ପ୍ରତିନିଧି ନିଯୁକ୍ତି, କର୍ମଚାରୀ ମାନଙ୍କ ଆତ୍ମରକ୍ଷା ଦିଗରେ ଆଇନଗତ ସହାୟତା, ଏବଂ ବିଭିନ୍ନ ଶାଖାରେଥିବା ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଯେପରି ନଷ୍ଟକରି ଦିଆ ନ ଯାଏ ସେଥିପାଇଁ ସରକାରଙ୍କ ସହଯୋଗ ଲୋଡ଼ିଥିଲେ । ଏତଦ୍ ବ୍ୟତୀତ ଫେରାର ଥିବା କମ୍ପାନୀର ଏମ୍. ଡ଼ି., ଡ଼ଃ ଦ୍ୱିବେଦୀଙ୍କୁ ଖୋଜି ବାହାର କରିବାପାଇଁ ମଧ୍ୟ କର୍ମଚାରୀ ମାନଙ୍କ ପକ୍ଷରୁ ଅନୁରୋଧ କରାଯାଇ ଥିଲା ।

ଏ ସମ୍ପର୍କରେ ରାଜ୍ୟ ବିଧାନ ସଭାରେ କେତେଜଣ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ଗତ ୧ । ୧୦ । ୮୨ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାଏକ କହିଥିଲେ ଯେ, କର୍ମଚାରୀ ମାନଙ୍କର ସ୍ୱାର୍ଥପ୍ରତି ଦୃଷ୍ଟି ଦିଆଯିବ । ମାତ୍ର ସଂସ୍ଥାଟି ବନ୍ଦ ହେବାର ପ୍ରାୟ ୧୭ମାସ ପରେ ବି କର୍ମଚାରୀମାନଙ୍କ ଦାବି ପ୍ରତି କି ବିଚାର କରାଗଲା ତାହା ଜଣାପଡ଼ୁନାହିଁ ।

ଅନ୍ୟ ପକ୍ଷରେ ଯେଉଁଲୋକମାନେ ସେମାନଙ୍କର ଝାଳବୁହା ଧନ ବ୍ୟାଙ୍କ ଭଳି ଜଣା ପଡ଼ୁଥିବା ଏହି ସଂସ୍ଥାରେ ଜମା କରୁଥିଲେ ସେମାନଙ୍କର ଟଙ୍କା ଫେରସ୍ତ ମିଳିବ କି ନାହିଁ ତାହା ଏ ଯାଏ ସ୍ପଷ୍ଟ ହୋଇନାହିଁ ।

ଭାରତୀୟ ରିଜର୍ଭବ୍ୟାଙ୍କ ପକ୍ଷରୁ ଏହିଭଳି ସଂସ୍ଥାକୁ 'ଅଣ ବ୍ୟାକିଂ ସଂସ୍ଥା' ଭାବେ ସ୍ୱୀକୃତି ଦିଆଯାଉ ଥିବାରୁ ସେହି ସ୍ୱୀକୃତିକୁ ପାଥେୟ କରି ଅତୀତରେ ଏହିଭଳି ଅନେକ ସଂସ୍ଥା ଲୋକ ମାନଙ୍କୁ ଠକିଦେଇ ଥିବାର ବହୁ ଅଭିଯୋଗ ଆର୍ ବି. ଆଇ: ର ଦୃଷ୍ଟିକୁ ଆସିଥିଲେ ମଧ୍ୟ ସେ ଏହିଭଳି ସ୍ୱୀକୃତି ଦେବାବେଳେ ସାଧାରଣଙ୍କ ଜମା ଅର୍ଥରେ ସୁରକ୍ଷା ଦିଗରେ ବିଶେଷ ପଦକ୍ଷେପ ନ ନେବା ଦୁଃଖର ବିଷୟ ।

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାନଙ୍କରେ ସାଧାରଣ ଅର୍ଥର ସୁରକ୍ଷା ପାଇଁ ଏକ ବ୍ୟାଙ୍କ ପକ୍ଷରୁ ବିନିଯୋଗ କରାଯାଇ ଥିବା ଅର୍ଥ ବୁଡ଼ି ନଯିବାପାଇଁ ଯେପରି 'ଡିପୋଜିଟ ଇନସୁରେନ୍ସ କ୍ରେଡ଼ିଟ ଗ୍ୟାରେଣ୍ଟି କରପୋରେସନ ଅଫ୍

(ଅବଶିଷ୍ଟାଂଶ ୩୬ ପୃଷ୍ଠାରେ)

ରେଖା • ଅନନ୍ତ ପାଢ଼ୀ • ବର୍ଶୈକରୁ

Images: Aptakama Mishra, Processing: Srujanika

ମହାଭାରତର ଦ୍ୱାରକା କିମ୍ବଦନ୍ତୀ ନୁହେଁ ଏକ ଐତିହାସିକ ସତ୍ୟ

ପ୍ରଫେସର ଏସ୍ ଆର. ରାଓ

ପ୍ରତ୍ନତତ୍ତ୍ୱିକ ଖନନ କାର୍ଯ୍ୟ କେବଳ ଭୂମି ଉପରେ ହୁଏ ବୋଲି ଆମେ ସମସ୍ତେ ଜାଣୁ । ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଇତିହାସ ସମ୍ପର୍କରେ ଯାହା କିଛି ସୂଚନା ମିଳିଥାଏ । କିନ୍ତୁ ସାଂପ୍ରତିକ ଦଶନ୍ଧି ହେଲା ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟମାନ ସମୁଦ୍ର ଗର୍ଭରେ କରାଯାଉଛି । ଏଥିରୁ ବୁଡ଼ି ଯାଇଥିବା ଜାହାଜ, କିମ୍ବା ସମୁଦ୍ର ଜଳରେ ବୁଡ଼ି ଯାଇଥିବା ସହରର ଭଗ୍ନାବଶେଷମାନ ଉଦ୍ଧାର କରାଯାଉଛି ।

ଅବଶ୍ୟ ଏହି ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ପଛରେ ଯେ କେବଳ ଧନରତ୍ନ ପ୍ରାପ୍ତିର ଆଶା କିମ୍ବା ଜାଣିବାର ଆଗ୍ରହ ରହିଛି ତାହା ନୁହେଁ । ଦେଶର ଅତୀତ ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ । ପ୍ରାୟ ୫ହଜାର ବର୍ଷ ତଳେ ଭାରତରେ ତିଆରି ହୋଇଥିବା ଜାହାଜମାନ ଦେଶ ବିଦେଶକୁ ଯାଉଥିବାର ପ୍ରମାଣ ରହିଛି । ଚାଲୁକ୍ୟ, ମହାରାଠା, ବିଜାପୁର ସୁଲତାନ ଏବଂ ମୋଗଲ ଶାସକମାନେ ବାଣିଜ୍ୟ ପୋତ ଓ ନୌବାହିନୀ ବ୍ୟବହାର କରୁଥିଲେ । ପର୍ତ୍ତୁଗୀଜ ଡଚ୍, ଇଂଲଣ୍ଡ ଏବଂ ଫ୍ରାନ୍ସର ବହୁ ଜାହାଜ ଭାରତ ମହାସାଗରରେ ବିଚରଣ କରିଛନ୍ତି ଓ ସଂଘର୍ଷ କରି ବୁଡ଼ିଯାଇଛି । ପ୍ରାୟ ହଜାର ହଜାର ଜାହାଜ ଝଡ଼ ବତାସର ସମ୍ମୁଖୀନ ହୋଇ ଭାରତ ମହାସାଗରରେ ବୁଡ଼ିଛନ୍ତି ।

ମହାଭାରତରୁ ଆମ୍ଭେମାନେ ଜାଣିବାକୁ ପାଉ ଯେ ଦ୍ୱାରକା ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି । ତାମିଲ ସାହିତ୍ୟରୁ ମଧ୍ୟ ଜଣାପଡ଼େ ଯେ କାବେରୀପଟ୍ଟନାମ ସାମୁଦ୍ରିକ ଝଡ଼ରେ ଧ୍ୱଂସ ହୋଇଯାଇଛି । ସମୁଦ୍ରର ସ୍ରୋତ, ଲହରୀ ଏବଂ ଢେଉ ସମ୍ପର୍କରେ ସିନ୍ଧୁ ସଭ୍ୟତାର ଲୋକମାନେ ଅତି ନିକଟରୁ ଭାବେ ଅଧ୍ୟୟନ କରୁଥିଲେ । ଏଥିରୁ ସେମାନେ ଯେଉଁ ଜ୍ଞାନ ଆହରଣ କରିଥିଲେ ତାହାର ବଳରେ ଲୋଥାଲଠାରେ ସେମାନେ ପ୍ରଥମ ଜାହାଜ ନିର୍ମାଣ କାରଖାନା କରିଥିଲେ । ଏହାଥିଲା ପୃଥିବୀର ପ୍ରଥମ ଜାହାଜ କାରଖାନା ପ୍ରାୟ ଖ୍ରୀଷ୍ଟପୂର୍ବ ୨୩ ଶହରେ ଏହା ନିର୍ମାଣ କରାଯାଇଥିଲା । ଭାରତର ଉପକୂଳ ଲମ୍ବା ହେଉଛି ୭୪ଶହ କିଲୋମିଟର ଏବଂ ଏହି ସମୁଦ୍ର ଉପକୂଳରେ ୧୭୬ଟି ବନ୍ଦର ଅଛି । ଏଗୁଡ଼ିକ ବିଭିନ୍ନ ପ୍ରକାରର । ପୃଥିବୀର ସାମୁଦ୍ରିକ ଇତିହାସରେ ଏହା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ଲୋଥାଲରୁ ଏବେ ମାଟିରେ ତିଆରି ଜାହାଜର ନମୁନାମାନ ମିଳୁଛି । ଏଥିରୁ ପ୍ରମାଣ ମିଳୁଛି ଯେ ଏଠାରୁ ଜାହାଜମାନ ଦେଶ ବିଦେଶକୁ ଯାଉଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦିରେ କାବେରୀ ପାଟ୍ଟଣାଠାରେ ଯେଉଁସବୁ ପୋତାଶ୍ରୟମାନ ନିର୍ମାଣ କରାଯାଇଥିଲା ତାହା ରୋମାନ ସଭ୍ୟତାର ସମକକ୍ଷ ଥିଲା । ଏପରିକି ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ବମ୍ବେର ବନ୍ଦରଠାରେ ମଧ୍ୟ ପୋତାଶ୍ରୟମାନ ନିର୍ମାଣ କରାଯାଇଥିଲା । ଭାରତର ସମୁଦ୍ର ଇଞ୍ଜିନିୟରମାନେ ସେତେବେଳେ ମାଲବାହୀ ଜାହାଜ ନିର୍ମାଣରେ ଯଥେଷ୍ଟ ପ୍ରାଧାନ୍ୟ ଲାଭ କରିଥିଲେ । ସମୁଦ୍ରରେ ବିନା ଅସୁବିଧାରେ ଜାହାଜଗୁଡ଼ିକ ଯେପରି ଯାତାୟତ କରିପାରିବ ସେଥିପ୍ରତି ସେମାନେ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ । ସେତେବେଳେ ଜାହାଜଗୁଡ଼ିକ କାଠରେ ତିଆରି ହେଉଥିଲା ଭାରତୀୟ ଜାହାଜ ଗୁଡ଼ିକର ନିର୍ମାଣ କୌଶଳରେ ପର୍ତ୍ତୁଗାଲ ଓ ବ୍ରିଟେନର ନୌଇଞ୍ଜିନିୟରମାନେ ବହୁଳଭାବେ ପ୍ରଭାବିତ ହୋଇଥିଲେ । ସମଗ୍ର ପୃଥିବୀର ସଂସ୍କୃତି ଓ ସାମୁଦ୍ରିକ ଭାବର ସହିତ ପ୍ରତିଷ୍ଠା କ୍ଷେତ୍ରରେ ସେତେବେଳେ ଭାରତର ଜାହାଜଗୁଡ଼ିକ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକାମାନ ଗ୍ରହଣ କରିଥିଲେ ତାହା ନୀତିମାନର ବ୍ୟବସ୍ଥାଠାରୁ ଯଥେଷ୍ଟ ଉନ୍ନତ ଧରଣର । ଏହି ଯେଉଁ ଗୌରବମୟ ଅତୀତ ତାହା ବର୍ତ୍ତମାନ ଆମ୍ଭମାନଙ୍କ ପାଇଁ କିମ୍ବଦନ୍ତୀ ହୋଇଯାଇଛି ।

ସାଂପ୍ରତିକ ସମୁଦ୍ର ଗର୍ଭରେ ବିଲୀନ ପୁରାଣ ପ୍ରସିଦ୍ଧ ଶ୍ରୀକୃଷ୍ଣଙ୍କର ରାଜ୍ୟ ଦ୍ୱାରକା ନଗରୀର ଖନନ କାର୍ଯ୍ୟ ଚାଲିଛି । ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ସେଠାରେ ଏବେ ଯାହା ସବୁ ଦେଖିବାକୁ ମିଳୁଛି, ସେଥିରୁ ଜଣାଯାଏ ଯେ, ଦ୍ୱାରକା କେବଳ ଏକ କିମ୍ବଦନ୍ତୀ ନଥିଲା, ଏହାଥିଲା ଏକ ଐତିହାସିକ ସତ୍ୟ । ଅର୍ଥାତ୍ ପ୍ରକୃତରେ ଦ୍ୱାରକା ବୋଲି ଏକ ରାଜ୍ୟଥିଲା ଏବଂ ଶ୍ରୀକୃଷ୍ଣ ନାମକ ଭୁବନ ବିଖ୍ୟାତ କୂଟନୀତିଜ୍ଞ ସେଠାରେ ରାଜୁତି କରୁଥିଲେ ।

ମହାଭାରତର ଦ୍ୱାରକା

ମହାଭାରତ ଯୁଗରେ ଦ୍ୱାରକାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନଥିଲା । ବର୍ତ୍ତମାନର ଐତିହାସିକ, ଭାରତବିତ୍ ଓ ସାମୁଦ୍ରିକ ବୈଜ୍ଞାନିକମାନେ ଦ୍ୱାରକାର ଅବସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଯଥେଷ୍ଟ ଆଗ୍ରହ ପ୍ରକାଶ କରିଛନ୍ତି । ଦ୍ୱାରକା ସମ୍ପର୍କରେ ମିଳୁଥିବା ତଥ୍ୟ ପ୍ରମାଣାଦି ଐତିହାସିକମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା । ଯାହା ପୁରାଣ ଯୁଗକୁ ଉଦ୍ଭାସିତ କରୁଛି ।

ଭାରତବିତ୍‌ମାନଙ୍କ ମତରେ ଯାହା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବାସସ୍ଥଳୀ, ସାମୁଦ୍ରିକ ବିଜ୍ଞାନମାନଙ୍କ ମତରେ ତାହା ହେଲା ସମୁଦ୍ରରୁ ଆବାଦ କରାଯାଇଥିବା ପ୍ରଥମ ସ୍ଥଳଭୂମି ।

୧୯୭୯—୮୦ ମସିହାରେ ଦ୍ୱାରକାଧୀଶଙ୍କ ମନ୍ଦିର ସ୍ଥାପଟରେ ପ୍ରଥମେ ଖନନ କାର୍ଯ୍ୟ ଆରମ୍ଭ

Images: Aptakama Mishra, Processing: Srujanika

ହେଲା । ଏଠାରେ ଲାଗ ଲାଗ ତିନୋଟି ମନ୍ଦିର ନିର୍ମାଣ କରାଯାଇଛି । କିନ୍ତୁ ସେଗୁଡ଼ିକ ସବୁ ସମୁଦ୍ର ଗର୍ଭରେ ବିଲୀନ ହୋଇଯାଇଛି । ପ୍ରଥମ ମନ୍ଦିରଟି ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା । କିନ୍ତୁ ସର୍ବଶେଷ ମନ୍ଦିରଟି ନବମ ଖ୍ରୀଷ୍ଟାବ୍ଦରେ କରାଯାଇଛି । ଯଦିଓ ମନ୍ଦିରର ସ୍ତମ୍ଭ ଲୁଣି ପବନ ଯୋଗୁ ନଷ୍ଟ ହୋଇଯାଇଛି ତଥାପି ଅବଶିଷ୍ଟ ଅଂଶର ସୌନ୍ଦର୍ଯ୍ୟ ଓ ନିର୍ମାଣ କୌଶଳ ଦର୍ଶକର ମନକୁ ଆକୃଷ୍ଟ କରେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ସେଠାରେ ଯେଉଁ ମନ୍ଦିର ନିର୍ମାଣ କରାଯାଇ ଥିଲା ସେ ସମ୍ପର୍କରେ ଗବେଷଣା କରାଯାଇ ଜଣାପଡ଼ିଛି ଯେ ଏହାର ଚାରିପଟେ ଏକ ବିରାଟ ସହର ସଭ୍ୟତା ଗଢ଼ି ଉଠିଥିଲା । ଏହି ଖନନ କାର୍ଯ୍ୟଦ୍ୱାରା ଆହୁରି ମଧ୍ୟ ପ୍ରମାଣ ମିଳୁଛି ଯେ ଉକ୍ତ ମନ୍ଦିରଟି ଖ୍ରୀଷ୍ଟପୂର୍ବ ୧୫ ରୁ ୧୦ ମଧ୍ୟରେ

ମହାଭାରତ ଯୁଦ୍ଧ ବେଳର

ସହର ସଭ୍ୟତା

ଦୁଇଥର ଧ୍ୱଂସ ପାଇଛି । ଖ୍ରୀଷ୍ଟପୂର୍ବ ୧୪୦୪ରେ ମହାଭାରତ ଯୁଦ୍ଧ ହେବା ସମୟରେ ଏଠାରେ ସହର ସଭ୍ୟତା ଥିବାର ପ୍ରମାଣ ମିଳୁଛି । କିନ୍ତୁ ମହାଭାରତ ଯୁଗରୁ ଖ୍ରୀଷ୍ଟପୂର୍ବ ୧୫ ଶତ ମଧ୍ୟରେ ଏହି ସହର ୪ଥର ଧ୍ୱଂସ ପାଇଛି । କେବଳ ସାମୁଦ୍ରିକ ବିପତ୍ତି ଯୋଗୁ ଯଦି ଏହା ନଷ୍ଟ ହୋଇଥାଏ ବୋଲି ଧରିବାକୁ ହେବ ତେବେ ସମୁଦ୍ର ଗର୍ଭରେ ଏହି ସହରର କେତେକ ଅଂଶ ନିଶ୍ଚିତଭାବେ ଲୀନ ହୋଇଛି । ଏଠାରେ ଥିବା ବରୁଣ ଦେବତାଙ୍କ ମନ୍ଦିର ସମ୍ପର୍କରେ ମଧ୍ୟ ୧୯୮୩ ମସିହାରେ ସର୍ଭେ କରାଯାଇଥିଲା ।

ଦ୍ୱାରକାରେ ଭଗବାନ ଶ୍ରୀକୃଷ୍ଣଙ୍କ ବାସସ୍ଥାନ ସମ୍ପର୍କରେ ମଧ୍ୟ ପ୍ରମାଣ ମିଳିଛି । ସେଠାରେ ଦ୍ୱାରକାଧୀଶଙ୍କର ଏକ ମନ୍ଦିର ଅଛି । କୁହାଯାଏ ଯେ ମୁଖ୍ୟ ସ୍ଥଳଭାଗ ସହିତ ଏହାର ସମ୍ପର୍କ ଥିଲା । ଦ୍ୱାରିକାରେ ହୋଇଥିବା ଖନନ କାର୍ଯ୍ୟରୁ ପ୍ରମାଣ ମିଳିଛି ଯେ ମହାଭାରତ ଯୁଗରେ ଏହି ସ୍ଥାନ ଯେଉଁ ଗୌରବ ଅର୍ଜନ କରିଥିଲା ତାହା କିମ୍ବଦନ୍ତୀ ନୁହେଁ । ବରଂ ନିଛକ ବାସ୍ତବତା । ୧୯୮୪ ମସିହାରେ ଏ ସମ୍ପର୍କରେ ଅଧିକ ଗବେଷଣା କରାଯିବ ବୋଲି ଜଣାଯାଏ । ଦ୍ୱାରକାର ସମୁଦ୍ର ଗର୍ଭରୁ ଏକ ଭଙ୍ଗା ଜାହାଜର ସନ୍ଧାନ ମଧ୍ୟ ମିଳୁଛି । ପଞ୍ଚମ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିବା କେତେକ ଇଟାର ସନ୍ଧାନ ନାଗପଟ୍ଟନମ ବନ୍ଦରରୁ ମିଳୁଛି । ପ୍ରତ୍ନତତ୍ତ୍ୱ ଗବେଷଣାରୁ ଆହୁରି ମଧ୍ୟ ଜଣାଯାଇଛି ଯେ ନାଗପଟ୍ଟନମ ବନ୍ଦରର ଅବସ୍ଥିତି କାବେରୀ ପଟ୍ଟନମ୍‌ଠାରୁ ଅଧିକ ପୁରାତନ ।

ପ୍ରାକ୍ ଐତିହାସିକ ଯୁଗରେ ନିର୍ମାଣ କରାଯାଇଥିବା ଇଟାର ସନ୍ଧାନ ଏଠାରୁ ମିଳୁଛି । ଏଠାରେ ଯେତେବେଳେ ସମୁଦ୍ର ପତନ ବୃଦ୍ଧି ପାଉଥିଲା ଠିକ୍ ସେତିକିବେଳେ ଇଟାଲୀରେ ମଧ୍ୟ ସମୁଦ୍ର ପତନ ବୃଦ୍ଧି ପାଉଥିବାର ପ୍ରମାଣ ମିଳୁଛି ।

ପ୍ରୋଜେକ୍ଟ ରିପୋର୍ଟରୁ ଜଣାପଡ଼େ ଯେ ଭାରତ ମହାସାଗରରେ ଖୁବ୍ କମ୍‌ରେ ୫୦ଟି ଯାଏ ଜାହାଜରେ ଭଙ୍ଗାରୁଜା ଅଂଶ ମିଳିଛି । ବିଶେଷକରି ସୁରଟ, ବମ୍ବେ, ଗୋଆ ଓ ଟୁଟିକୋରିନ ବନ୍ଦରଠାରେ ଅନେକଗୁଡ଼ିଏ ଜାହାଜର ଭଙ୍ଗାରୁଜା ଅଂଶ ମିଳୁଛି । ହୁଗୁଳି ଉପକୂଳରେ ମଧ୍ୟ ଅନେକ ଜାହାଜ ଧ୍ୱଂସ ପାଇଥିବାର ପ୍ରମାଣ ମିଳିଛି । କିନ୍ତୁ ସମୁଦ୍ର ଗର୍ଭରେ ଏହି ସବୁ ଧ୍ୱଂସ ପାଇଥିବା ଜାହାଜ ଗୁଡ଼ିକର ସନ୍ଧାନ କରିବା ପାଇଁ ଅନେକଗୁଡ଼ିଏ ଉପକରଣର ଆବଶ୍ୟକତା ରହିଛି । ତାହା ହେଲା ପାଣି ଭିତରେ ବ୍ୟବହାର କରି ହେଉଥିବା କ୍ୟାମେରା ଟେଲିଭିଜନ ଏବଂ ଅନ୍ୟାନ୍ୟ ବହୁ ବୈଜ୍ଞାନିକ ସାମଗ୍ରୀ । ଏଥିପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ଆବଶ୍ୟକ । ଏହା ବ୍ୟତୀତ ଯେଉଁମାନେ ଏହି କାର୍ଯ୍ୟ କରିବେ ସେମାନଙ୍କ ପାଇଁ ୫ବର୍ଷରେ ୫୦ଲକ୍ଷ ଟଙ୍କା ବ୍ୟୟ ହେବ । ବର୍ତ୍ତମାନ ସମୁଦ୍ର ବୁଡ଼ାଳୀ ଓ ବୋଟଗୁଡ଼ିକ ଭଡ଼ାରେ ଆସୁଛି । କିନ୍ତୁ ଶୀଘ୍ର ସବୁ ଯନ୍ତ୍ରପାତିରେ ସୁସଜ୍ଜିତ ଏକ ଜାହାଜକୁ ଏହି କାର୍ଯ୍ୟରେ ଲଗାଯିବ ବୋଲି ଆଶା କରାଯାଉଛି । ବୁଡ଼ାଳୀମାନେ ନିର୍ବିଘ୍ନରେ ପାଣି ଭିତରେ ବୁଡ଼ି କରି ଯେପରି ଦୁଇଦିନ ଯାଏ ରହି କାର୍ଯ୍ୟ କରିପାରିବେ ତାହାର ବ୍ୟବସ୍ଥା କରାଯାଇଛି । କେତେକ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଗ୍ରାଜୁଏଟ୍ ସ୍ତରରେ ସାମୁଦ୍ରିକ ପ୍ରତ୍ନତତ୍ତ୍ୱକୁ ଏକ ପାଠ୍ୟ ବିଷୟଭାବେ ପ୍ରଚଳନ କରାଇବା ପାଇଁ ଉଦ୍ୟମ କରାଯାଉଛି । ଏହା କରାଗଲେ ଉକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ସମୁଦ୍ର ଗର୍ଭରେ ଗବେଷଣାଗାର ଏବଂ ସାମୁଦ୍ରିକ ସଂଗ୍ରହାଳୟମାନ ପ୍ରତିଷ୍ଠା କରାଯିବ । ବିଶ୍ୱବିଦ୍ୟାଳୟ-ଗୁଡ଼ିକ ଏ କ୍ଷେତ୍ରରେ ଆଞ୍ଚଳିକ କେନ୍ଦ୍ର ଭାବେ କାର୍ଯ୍ୟ କରିବେ । ସାମୁଦ୍ରିକ ପ୍ରତ୍ନତତ୍ତ୍ୱ ବିଭାଗ ସେମାନଙ୍କୁ ନିର୍ଦ୍ଦେଶ ଦେବେ । ପୋଷ୍ଟ ଗ୍ରାଜୁଏଟ ସ୍ତରରେ କେଉଁ ବିଷୟରେ ଶିକ୍ଷା ଦିଆଯିବ । ତାହାର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

ଅହମଦାବାଦଠାରେ ଥିବା ମହାକାଶ ପ୍ରୟୋଗ କେନ୍ଦ୍ର ତରଫରୁ ଦ୍ୱାରକାର ଖନନ କାର୍ଯ୍ୟ ସମ୍ପର୍କରେ ଭିଡିଓ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ଶିକ୍ଷା ଉଦ୍ଦେଶ୍ୟରେ ଏହା କରାଯାଉଛି । ବୌଦ୍ଧଧର୍ମର ଜାତକ ଗଳ୍ପ ଓ ତାମିଲ ସାହିତ୍ୟରେ ଯେଉଁ ସବୁ ପୁରାତନ ନାବିକମାନଙ୍କର ବର୍ଣ୍ଣନା କରାଯାଇଛି ସେମାନଙ୍କ ଉପରେ ମଧ୍ୟ ଭିଡିଓ ଚଳଚ୍ଚିତ୍ର ନିର୍ମାଣ ହେଉଛି । ବୁଡ଼ିବାକୁ ଏକ ଜାତୀୟ କ୍ରୀଡ଼ାର ମର୍ଯ୍ୟାଦା ଦିଆଯାଇ ସୌଖୀନ୍ ବୁଡ଼ାଳୀ ମାନଙ୍କୁ ଉତ୍ସାହିତ କରାଯାଉଛି । ୟୁରୋପରେ ଯେତେ ଗୁଡ଼ିଏ ଭଙ୍ଗା ଜାହାଜର ସନ୍ଧାନ କରାଯାଉଛି ସେଥିରେ ଏହି ସୌଖୀନ ବୁଡ଼ାଳୀମାନଙ୍କର ଭୂମିକା ଗୁରୁତ୍ୱ-ପୂର୍ଣ୍ଣ ।

ସି. ଏସ୍.ଆଇ.ଆର କମ୍ବା ବିଜ୍ଞାନ ଓ ବୈଷୟିକ ବିଜ୍ଞାନ ବିଭାଗ ଅଧୀନରେ ସାମୁ-ଦ୍ରିକ ପ୍ରତ୍ନତତ୍ତ୍ୱ ପ୍ରତିଷ୍ଠାନ ଖୁବ୍ ଶିଘ୍ର ପ୍ରତିଷ୍ଠା କରାଯିବ । ଏହାର ଆଞ୍ଚଳିକ ଅଫିସ ଗୁଡ଼ିକ ଦ୍ୱାରକା, ବମ୍ବେ, ମାଙ୍ଗାଲୋର, କୋଚିନ, ମାନ୍ଦ୍ରାଜ, ବିଶାଖାପାଟଣା ଓ କଲିକତା ଠାରେ ପ୍ରତିଷ୍ଠା କରାଯିବ ।

୧୯୮୪ ମସିହାରେ ସାମୁଦ୍ରିକ ପ୍ରତ୍ନତତ୍ତ୍ୱ ଉପରେ କେତେଗୁଡ଼ିଏ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । □

ଖାରବେଳ

ବାର୍ଷିକ ମୂଲ୍ୟ	—ଟ ୧୨୫ଙ୍କା (୫୨ଟି ସଂଖ୍ୟା)
ଷଣ୍ମାସିକ	—ଟ ୬୫ ଙ୍କା (୨୬ଟି ସଂଖ୍ୟା)
ତ୍ରୈମାସିକ	—ଟ ୩୪ ଙ୍କା (୧୩ଟି ସଂଖ୍ୟା)
ମାସିକ	— ୧୧ ଙ୍କା

ଏଜେଣ୍ଟମାନଙ୍କ ପାଇଁ ସ୍ୱତନ୍ତ୍ର କମିଶନ୍‌ର ବ୍ୟବସ୍ଥା ଅଛି ।

Images: Aptakama Mishra, Processing: Srujanika

ନୌଶକ୍ତିର ଅବଦାନ

(୨୭ ପୃଷ୍ଠାର ଅବଶିଷ୍ଟାଂଶ)

ନୌବାହିନୀ ତୁରନ୍ତ ସାହାଯ୍ୟ ଯୋଗାଇ ଦେଇଥାଏ ।

ନୌବାହିନୀର ମର୍ଯ୍ୟାଦା ବୃଦ୍ଧି ପାଇଁ ତାହା ସମ୍ମୁଖରେ ଯେଉଁ ଦୁଇଟି ଆହ୍ୱାନ ଯଥା ବିକାଶ ଏବଂ ସଂଘର୍ଷ ଦେଖାଦେଇଛି ତାହାର ଗୁରୁତ୍ୱ ଉପଲବ୍ଧି କରିବା ଉଚିତ । ସାମୁଦ୍ରିକ ଆଇନ କ୍ଷେତ୍ରରେ ଏବେ ଯେଉଁସବୁ ବୈପ୍ଳବିକ ପରିବର୍ତ୍ତନମାନ ଘଟୁଛି ତାହା ହୁଏତ ଦିନେ ବର୍ତ୍ତମାନର ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଥିବା ସମାଜକୁ ଗୋଟିଏ ଗୋଷ୍ଠୀରେ ପରିଣତ କରିଦେବ ।

ବର୍ତ୍ତମାନ ସମାଜରେ ଯେଉଁ ପରିବର୍ତ୍ତନର ଚିହ୍ନ ଦେଖା ଦେଇଛି ସେଥିରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଲୋକମାନଙ୍କର ଜୀବନ ଧାରଣମାନରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ । ସମୁଦ୍ର ଉପକୂଳରେ ବଢ଼ି ଉଠୁଥିବା ନିର୍ମାଣ କାର୍ଯ୍ୟ, ଶକ୍ତି ଉତ୍ତୋଳନ ପ୍ରଭୃତି କାର୍ଯ୍ୟମାନ ହେଉଛି । ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ପ୍ରତିଷ୍ଠାନମାନଙ୍କରେ ମହାକାଶ ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ, ଏବଂ ଆଣବିକ ଶକ୍ତି ସମ୍ପର୍କରେ ଯେପରି ଅଧ୍ୟୟନମାନ କରାଯାଉଛି ଠିକ୍ ସେହିପରି ସମୁଦ୍ର ବିଜ୍ଞାନ ସମ୍ପର୍କରେ ମଧ୍ୟ ପାଠପଢ଼ା ହେଉଛି । ଏବେ ସମୁଦ୍ର ବିଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଏ ସମ୍ପର୍କରେ ନୂତନ ତଥ୍ୟମାନ ଶିକ୍ଷା ଦିଆଯାଉଛି । ଭାରତ ପାଇଁ ସମୁଦ୍ରର ଅବଦାନ ଅବିସ୍ମରଣୀୟ ।

ଏହି ଗ୍ରହରେ ସବୁଠୁ ସମୁଦ୍ର ଘେରି ରହିଛି । ତେଣୁ ସଂଘର୍ଷ ନକରି ସମୁଦ୍ର ସମ୍ପଦର ଉପଯୁକ୍ତ ବିନିଯୋଗ କରିବାରେ ଆପାତତଃ କୌଣସି ବାଧାବିଘ୍ନ ନାହିଁ । ବର୍ତ୍ତମାନ ସମଗ୍ର ପୃଥିବୀରେ ଯେଉଁ ସଂଘର୍ଷର ବାତାବରଣ ଦେଖାଦେଇଛି ସେଥିରେ ସାମୁଦ୍ରିକ କୌଶଳର ଯଥେଷ୍ଟ ଗୁରୁତ୍ୱ ରହିଛି । କାରଣ ମହାସାଗର ବକ୍ଷରେ ଘଟୁଥିବା ଘଟଣାବଳୀର ଆନ୍ତର୍ଜାତୀୟ ରାଜନୈତିକ ଓ ଅର୍ଥନୈତିକ ପ୍ରଭାବ ଅଛି । କାରଣ ପୃଥିବୀର ସମସ୍ତ ମହାସାଗର ପରସ୍ପର ସହିତ ସମ୍ପୃକ୍ତ ହୋଇ ରହିଛି ।

ଏହି ପରିପ୍ରେକ୍ଷୀରେ ଭାରତ ମହାସାଗର କଥା ବିଚାର କରାଯାଉ । ଏଠାରେ ପ୍ରାୟ ବରଫ ପଡ଼େ ନାହିଁ । ଭାରତ ମହାସାଗର ୟୁରୋପ ସହିତ ପ୍ରାଚ୍ୟ ଭୂଖଣ୍ଡକୁ ସଂଯୋଗ କରିବା ସଙ୍ଗେ ସଙ୍ଗେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧ ମଧ୍ୟରେ ମଧ୍ୟ ସଂଯୋଗ ସ୍ଥାପନ କରିଛି । ଏହାର ଉପକୂଳରେ ଭାରତର ୭ହଜାର କିଲୋମିଟର ଅଞ୍ଚଳ ରହିଛି । ଏଠାରେ ୧୦ଟି ବଡ଼ ବନ୍ଦର, ୨୦ଟି ମଧ୍ୟମ ଧରଣର ବନ୍ଦର ଏବଂ ୧୫ଟି କ୍ଷୁଦ୍ର ପୋତାଶ୍ରୟ ରହିଛି । ଏହା ସାଙ୍ଗକୁ ଉପକୂଳ ଦ୍ୱୀପ ଆଣ୍ଡାମାନ, ନିକୋବର ଏବଂ ଲାକ୍ଷାଦ୍ୱୀପ ଅଛି । ସାମରିକ କୌଶଳ ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହା ବ୍ୟତୀତ ପୃଥିବୀର କେତେକ ଗୁରୁତ୍ୱପୂର୍ଣ୍ଣ ଘାଟୀ ମଧ୍ୟ ଏହି ଭାରତ ମହାସାଗର ବକ୍ଷରେ ସ୍ଥାପନ କରାଯାଇଛି । ଯାହାକି ସମଗ୍ର ପୃଥିବୀର ଦୃଷ୍ଟି ଆକର୍ଷଣ କରୁଛି । ଏପରି କ୍ଷେତ୍ରରେ ଆମ୍ଭମାନେ ଏକ ନୌବାହିନୀକୁ ଏଠାରେ ମୂତୟନ କରିବା ଉଚିତ । ଆମର ଉପମହାଦେଶ ନାମରେ ଏହି ବାହିନୀ ଏଠାରେ ରହିବ ଏବଂ ଆମ୍ଭର ଜାତୀୟ ସ୍ୱାର୍ଥକୁ ସହାୟତା ଦେବ ।

ମହାସାଗରର ସୁରକ୍ଷା ପାଇଁ ବର୍ତ୍ତମାନ ସମୁଦ୍ରକୂଳବର୍ତ୍ତୀ ରାଷ୍ଟ୍ରମାନେ ବିଭିନ୍ନ କିସମର ଜାହାଜ, ବୁଡ଼ା ଜାହାଜ, ନୌବିମାନ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମହଜୁଦ କରି ରଖୁଛନ୍ତି । ଏବେ ଯେଉଁ ପରିବର୍ତ୍ତନମାନ ଘଟୁଛି ସେଥିରେ ଯୁଦ୍ଧ ସମୟରେ ସମୁଦ୍ର ଉପରେ ନିୟନ୍ତ୍ରଣ ନିତାନ୍ତ ଭାବେ ଆବଶ୍ୟକ । ତେଣୁ ସମୁଦ୍ର ଶିକ୍ଷାର ମାନ ଯଥେଷ୍ଟ ବୃଦ୍ଧି ହେବା ଉଚିତ । ମହାସାଗର ବକ୍ଷରେ ନୌଶକ୍ତିକୁ ସୁଦୃଢ଼ କରାଯାଇ ପାରିଲେ ତାହା ଆମର ସାମୁଦ୍ରିକ ସଂପଦର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଆମର ଜାତୀୟ ନିରାପତ୍ତାକୁ ମଧ୍ୟ ରକ୍ଷା କରିବ । ଏହିସବୁ ଦୃଷ୍ଟିକୋଣରୁ ନୌଶକ୍ତିର ବୃଦ୍ଧି ପାଇଁ ଆମ୍ଭର ଯେଉଁ ପୁଞ୍ଜି ବିନିଯୋଗ ହେଉଛି ତାହା ଆମର ପ୍ରଗତି ପଥରେ ଯଥେଷ୍ଟ ସାହାଯ୍ୟ କରୁଛି । ଦେଶର ବାଣିଜ୍ୟ ବ୍ୟବସାୟକୁ ଏହା ଦ୍ୱାରା ବର୍ଦ୍ଧିତ କରାଯାଇପାରୁଛି । ମହାସାଗର ଉପରେ ଯେଉଁ ଦେଶର ଯେତେ ନିୟନ୍ତ୍ରଣ ବେଶୀ ତାହାର ପ୍ରଗତି ମଧ୍ୟ ସେତେବେଶୀ । କେବଳ ଯେ, ଜାତୀୟ ଅର୍ଥନୈତିକ ପରିସ୍ଥିତି ଉପରେ ଏହାର ପ୍ରଭାବ ଅଛି ତାହା ନୁହେଁ ବରଂ ଆମର ଜାତୀୟ ନିରାପତ୍ତାକୁ ରକ୍ଷା କରିବା ଦିଗରେ ଏହାର ଉଲ୍ଲେଖନୀୟ ଅବଦାନ ରହିଛି । □

ଜୁଆଲ କ୍ରେଡ଼ିଟ୍

(୩୭ ପୃଷ୍ଠାର ଅବଶିଷ୍ଟାଂଶ)

ଇଣ୍ଡିଆର ଅନ୍ତର୍ଭୁକ୍ତ କରାଯାଇଛି, ସେହିଭଳି ଏହି ଅଣବ୍ୟାଙ୍କ ଅନୁଷ୍ଠାନକୁ ସ୍ୱୀକୃତ ହେଲାବେଳେ କଡ଼ାକଡ଼ି ଭାବେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ନିୟମ ପ୍ରଣୟନ କରାଗଲେ ନିଶ୍ଚିତ ଜମାକାରୀ ମାନଙ୍କର ଅର୍ଥର ସୁରକ୍ଷା ହୋଇ ପାରନ୍ତା ।

ଲୋକମାନଙ୍କୁ ପ୍ରତାରିତ କରିଥିବା ଲୋକ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର କୌଣସି ଦାୟିତ୍ୱ ନାହିଁ ବୋଲି ସେମାନେ ଭାବୁଛନ୍ତି କି ?

ଯଦି ନୁହେଁ ତେବେ ପ୍ରତାରିତ କର୍ମଚାରୀ ଓ ପ୍ରତାରିତ ଜନସାଧାରଣଙ୍କର ନିଯୁକ୍ତି ଓ ଅର୍ଥ ଫେରସ୍ତ ସମ୍ପର୍କରେ ନିଷ୍ପତ୍ତି ନେବାରେ ଟାଳଟୁଳ ମନ୍ତ କାହିଁକି ? □

କୋଡ଼ିଏ ବର୍ଷରେ ବୁଢ଼ୀ

(୭୪ ପୃଷ୍ଠାର ଅବଶିଷ୍ଟାଂଶ)

କାରକ ବୋଲି ମନେ ହୁଏ । ଏଠାରେ ମାତ୍ର ଦୁଇ ହଜାର ବାଳକ ବାଳିକା ଓ ଯୁବକ ଯୁବତୀଙ୍କୁ (୧୧ରୁ ୧୭ବର୍ଷ ବୟସ ଭିତରେ) ବିଭିନ୍ନ ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ତାଲିମ ଦିଆଯାଉଛି । ଏମାନଙ୍କ ଭିତରୁ ପ୍ରାୟ ଅଧେ ଅଲିମ୍ପିକ ଶୃଙ୍ଖଳା ଅନୁଯାୟୀ ଆଇସ୍‌ଫିଗର ସ୍କେଟିଂ ସନ୍ତରଣ ଓ ଆର୍ଟିଷ୍ଟିକ୍ ଜିମନାଷ୍ଟିକ ପାଇଁ ତାଲିମ ପାଉଛନ୍ତି ।

କିନ୍ତୁ ତାଲିମ ପ୍ରଣାଳୀ ଦୃଷ୍ଟିରୁ ପୂର୍ବ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ କିଛି ପ୍ରଭେଦ ନାହିଁ ।

ଆଇସ୍ ଫିଗରସ୍କେଟିଂରେ ଜର୍ମାନୀର ସର୍ବଶ୍ରେଷ୍ଠ ପ୍ରତିଭା ପିଟର ଫକ୍ (୧୮ବର୍ଷ

Images: Aptakama Mishra, Processing: Srujanika

ଅମର ଚିତ୍ର କଥା

କୌତୁକ-ବିହାର

ନଂ-୨

• ସଂଖ୍ୟା ଓ ଅକ୍ଷରର ମେଳକ କରଅ



© RANG REKHA FEATURES PVT. LTD 1980.

ପ୍ରଥମ ଓ ଦ୍ୱିତୀୟ ଚିତ୍ର ମଧ୍ୟରେ ଥିବା ୭ଟି ପାର୍ଥକ୍ୟ ଦର୍ଶାଅ

WIN A HUNDRED PRIZES!

THE FIRST 100 CORRECT ENTRIES RECEIVED AT THE FOLLOWING ADDRESS WILL EACH RECEIVE A COPY OF **AMAR CHITRA KATHA:**

FEMINA-AMAR CHITRA KATHA FUN-LAND
POST BOX NO. 17018. BOMBAY- 400 028

SOLUTION TO WORD-MAZE NO. 1

C	F	R	A	N	C	E	B	B	I
H	T	J	A	P	A	N	U	K	N
I	N	H	E	Q	U	I	L	C	D
N	U	T	B	G	O	D	G	R	O
A	I	R	A	N	Y	Z	A	O	N
N	T	H	E	L	L	A	R	W	E
T	U	R	K	E	Y	H	I	N	S
S	P	M	J	J	X	O	A	E	I
Y	U	G	O	S	L	A	V	I	A
O	T	H	A	I	L	A	N	D	T

WORD-MAZE NO. 2

M	A	L	O	G	A	R	N	E	T
B	T	O	P	A	Z	I	D	A	T
A	P	E	A	R	L	M	E	N	U
J	L	O	U	E	N	E	A	R	R
F	A	V	E	B	K	A	M	D	Q
L	Y	S	O	Y	U	I	E	A	U
H	S	A	P	P	H	I	R	E	O
I	M	A	K	E	I	N	A	D	I
N	A	K	A	N	R	A	L	A	S
A	D	I	A	M	O	N	D	M	E

◀ HIDDEN IN THIS WORD-MAZE ARE THE NAMES OF TEN PRECIOUS STONES. FIND THEM OUT.

RULES.
1) EVERY LETTER IN THE WORD-MAZE NEED NOT BE USED.
2) WORDS CAN BE FORMED IN ANY ONE OF THE FOLLOWING DIRECTIONS — VERTICAL, HORIZONTAL OR DIAGONAL.
3) A LETTER CAN BE USED MORE THAN ONCE.
4) ENTRIES MUST BE SENT IN THIS FORM.

ସ୍କୁଲ ସାରି ଘରକୁ ଫେରିବା କ୍ଷଣି ତାଲିମ କେନ୍ଦ୍ରକୁ ନେବା ନିମନ୍ତେ ଦୁଆର ମୁହଁରେ କାର ଅପେକ୍ଷା କରି ଠିଆ ହୋଇଥାଏ । ଗାଡ଼ିରେ ବସି ଯିବା ବେଳେ ହିଁ ସେ ତାଙ୍କର ମଧ୍ୟାହ୍ନଭୋଜନ କରିଥାନ୍ତି ଏବଂ ସ୍କୁଲରେ ଦିଆ ହୋଇ ଥିବା ହୋମ ଟାସ୍କ କରିବା ପାଇଁ ମାତ୍ର ଦୁଇଘଣ୍ଟା ସମୟ ସେ ପାଆନ୍ତି । ଛୁଟି ମଧ୍ୟ ନାହିଁ । ସ୍କୁଲ ଛୁଟି ସବୁ ତାଙ୍କର ସ୍କେଟିଂ ଲିଗ ସେଣ୍ଟରରେ କଟେ ।

ଯୁନେ ହିରିଙ୍କ ମଧ୍ୟ ଅବସ୍ଥା ସେଇୟା । ପେଟ ଶୁଖାଇ ଏବଂ ଅଳ୍ପ ଖାଇ ନିଜର ଓଜନ ୪୪କିଲୋଗ୍ରାମ ଭିତରେ ରଖିଛନ୍ତି ଏବଂ ୧୭ବର୍ଷ ହୋଇ ଥିଲେ ମଧ୍ୟ ଏହି ସୁନ୍ଦରୀଙ୍କୁ ଏପର୍ଯ୍ୟନ୍ତ ଯୌବନ ସ୍ପର୍ଶ କରିନାହିଁ ।

ସେତେବେଳେ ସପ୍ତାହକୁ ୬୦ ଘଣ୍ଟା ଯେ ପରିଶ୍ରମ କରନ୍ତି ତାହା ନୁହେଁ । ତାଲିମ ନେବାପାଇଁ ତାଙ୍କୁ ଏକଦା ସ୍କୁଲରୁ ବର୍ଷେ ମଧ୍ୟ ଛୁଟି ନେବାକୁ ପଡ଼ିଥିଲା ।

ପଶ୍ଚିମ ଜର୍ମାନୀର ପିଲମାନେ ହାରାହାରି ୮ ହାତରୁ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ତାଲିମ ଗ୍ରହଣ କରନ୍ତି ଏବଂ ଦିନେ ଦିନେ ଘଣ୍ଟା ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ତାଙ୍କୁ ତାଲିମ ଦିଆଯାଏ । ଏମାନଙ୍କ ପାଇଁ ସାଙ୍ଗସାଥୀ ମାନଙ୍କ ସହ ହସଖୁସି ବା ବିଶ୍ରାମପାଇଁ ସମୟ ନଥାଏ । କିନ୍ତୁ ତାଙ୍କ ବାପ ମା ଅବଶ୍ୟ ଏଥିପାଇଁ ଅନୁମତି ଦେଇଥାନ୍ତି । ଅଭିଭାବକ ମାନଙ୍କ ବିନା ଅନୁମତିରେ କିଛି ହୋଇ ପାରିବନାହିଁ ।

କିନ୍ତୁ ଏଭଳି କଠୋର ଅଧ୍ୟବସାୟ କରୁଥିବା ପିଲ ମାନଙ୍କ ମନସ୍ତାତ୍ତ୍ୱିକ ସମସ୍ୟା ଅନ୍ୟାନ୍ୟ ସାଧାରଣ ପିଲଙ୍କ ତୁଳନାରେ ଅଧିକ ନୁହେଁ ବୋଲି ଟ୍ୟୁବିନ୍‌ଜେନ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ଏକ ପରୀକ୍ଷାରୁ ଜଣାଯାଇଛି ।

କିନ୍ତୁ ସେମାନଙ୍କର ଶାରୀରିକ ସମସ୍ୟା ଅତି ଗୁରୁତର । ଏହି ତାଲିମରେ ଅଂଶ ଗ୍ରହଣ କରିଥିବା ଅଧିକାଂଶ ପ୍ରତିଯୋଗୀଙ୍କ ମେରୁଦଣ୍ଡରେ ପରିବର୍ତ୍ତନ ହୋଇ ଯାଉଥିବା ଲକ୍ଷ୍ୟ କରାଯାଉଛି । ଏସବୁ ଦୃଷ୍ଟିରୁ ବିଶେଷଜ୍ଞମାନେ ମତ ଦେଇଛନ୍ତି କି ପିଲାବେଳୁ ସ୍ପୋର୍ଟସ୍‌ରେ ପ୍ରତିଦ୍ୱନ୍ଦୀ ମନୋଭାବ ନେଇ ସ୍ୱତନ୍ତ୍ର ତାଲିମ ଦିଆଯିବା ଅନୁଚିତ । ଏହାଛଡ଼ା ସ୍ପୋର୍ଟସରେ କୃତିତ୍ୱ ହାସଲ କରିବା ପରେ ସେମାନଙ୍କ ଭବିଷ୍ୟତ ବିଶେଷ ଆକର୍ଷଣୀୟ ହେଉ ନଥିବାରୁ ମଝିରେ ବହୁପିଲା ଆଉ ତାଲିମ ନେଉନାହାନ୍ତି ।

ଯୁନେ ହିରିଙ୍କ ମତରେ "ସମସ୍ତେ ମତେ ପାଦିଆ ଉପରେ ପଦକ ପରିହିତା ରୂପେ ଦେଖିବାକୁ ଚାହାନ୍ତି । କିନ୍ତୁ ତା ପରେ ମୁଁ କଣ କରୁଛି ତା ଜାଣିବାକୁ କାହାରି ଆଗ୍ରହ ନଥାଏ । ନିକଟରେ ଷ୍ଟର୍ଣ୍ଣ ମ୍ୟାଗାଜିନ୍‌କୁ ଏକ ସାକ୍ଷାତକାରରେ ସେ ଏକଥା କହିଥିଲେ । □

Images: Aptakama Mishra, Processing: Srujanika

ଶବ୍ଦ ଶୃଙ୍ଖଳ 2

ଶ୍ରୀ ନିରଞ୍ଜନ ବେହେରା



ବାମରୁ ଡାହାଣକୁ—

୧—ଶାସନ କର୍ତ୍ତୃ ପକ୍ଷ, ୨-ରକ୍ତ ବଶିଷ୍ଟ ଅସୁର, ୩-ଇନ୍ଦ୍ର ଭୁବନ, ୪-ସ୍ୱାମୀଙ୍କ ଭ୍ରାତା, ୫-ପଦ୍ମନଳିକା, ୬-ଛଟିଶ, ୭-ମତାନ୍ତର, ୮-ଆରମ୍ଭ, ୯-ହାତୀର ପ୍ରଧାନ ଖାଦ୍ୟ, ୧୦-ଉଇଲ୍ ପତ୍ର, ୧୧-ପୁଷ୍ପର ପୂର୍ବାବସ୍ଥା, ୧୨-ଡଙ୍ଗାରେ ଥାଏ ।

ଉପରୁ ତଳକୁ—

୧—ଘଣ୍ଟଣା ସ୍ଥଳ, ୫-ମହାଦେବ, ୬-ଭୂଷଣ, ୯-ସ୍ତ୍ରୀ, ୧୦-ବର୍ତ୍ତୁଳ, ୧୩-ସର୍ବଶକ୍ତିମାନ, ୧୪-ମନ, ୧୫-ବର୍ଷା-ଋତୁରେ ବୋବାଉଥିବା ପକ୍ଷୀ, ୧୬-ରାବଣର ଶତ୍ରୁ, ୧୭-ଓଡ଼ିଶାର ଜିଲ୍ଲା ବିଶେଷ, ୧୯-ଏକ ଓଡ଼ିଆ ଶିଶୁ-ପତ୍ରିକା ।

ଶବ୍ଦ ଶୃଙ୍ଖଳ ୧୧ର ଉତ୍ତର

ବାମରୁ ଡାହାଣକୁ—

୧-ବିଧାନ ସଭା, ୨-ରାଜନୀତି, ୩-ଡଉଆ ଖାନା, ୪-ମାଙ୍କଡ଼, ୫-ଆଗମନ, ୬-ରୁଅ, ୭-ରଜାଗର, ୮-ଉପତ୍ୟକା, ୯-କସ୍ତୁରୀ, ୧୦-ଗଜାନନ, ୧୧-ଗଣତନ୍ତ୍ର ।

ଉପରୁ ତଳକୁ—

୧—ବିରାଡ଼, ୬-ଉପବାସ, ୮-ଉରଗ, ୯-କଙ୍କାଳ, ୧୨-ପକେଟମାରୁ, ୧୩-ଅପ୍ରସ୍ତୁତ, ୧୪-ଚଡ଼ଚଡ଼ା, ୧୫-ଆଭିଜାତ୍ୟ, ୧୬-ନାଗର, ୧୭-ଜାରଣ, ୧୮-ନନ୍ଦନ କାନନ ।

ଜାଣନ୍ତି କି ?

୧—ସାଧାରଣତଃ କେତେ ଜଣ ଖେଳାଳୀଙ୍କୁ ନେଇ ଗୋଟିଏ ବାସ୍କେଟ ବଲ୍ ଟିମ୍ ଗଠନ କରାଯାଏ । ୭, ୧୦ ଅଥବା ୧୨ ?

୨—ଗୋଟିଏ ଷ୍ଟାଣ୍ଡାର୍ଡ ବିଲିଆର୍ଡ ଟେବୁଲର 'କୁସନ୍' 'ସ୍ଲେଟ' ଉପରେ ଅଢ଼େଇଇଞ୍ଚ ଅଧିକ ରହି ପାରିବ କି ?

୩—ଗୋଟିଏ ବାସ୍କେଟ ବଲର ଗୋଲେଇ କେତେ ?

୪—ଟେନିସ୍‌ରେ 'ବଲସର୍ଭ' କରିବା ପାଇଁ ପକାଇବା ପରେ ତାକୁ ନ ମାରି ପୁଣିଥରେ ଧରିବା (କ୍ୟାଚ୍-କରିବା) ଭୁଲ କି ?

୫—ଜଣେ ଭାର ଉତ୍ତୋଳନକାରୀ ତାର ଶେଷ ଚେଷ୍ଟାବେଳେ ଭାର ଦ୍ରବ୍ୟର ଓଜନ ଅଢ଼େଇ କିଲୋଗ୍ରାମ ବଢ଼େଇ ପାରିବ କି ?

୬—ସ୍କ୍ୱାସ୍ ମ୍ୟାଚର ମଧ୍ୟବର୍ତ୍ତୀ ଅବସର ସମୟ କେତେ ?

୭—ଭାରତରେ ପ୍ରଥମେ କେଉଁ ସନ୍ତରଣକାରୀ କ୍ଲବ ଆନୁଷ୍ଠାନିକ ଭାବେ (ଅଫିସିଆଲ) ଗଠିତ ହୋଇଥିଲା ।

୮—ଆଜାଦ୍ ଟ୍ରଫି କଣ ଏବଂ କାହା ଉଦ୍ଦେଶ୍ୟରେ ଏହା ଅର୍ପିତ ?

୯—କେଉଁ ପ୍ରସିଦ୍ଧ କ୍ରିକେଟ ଖେଳାଳୀଙ୍କୁ ଶ୍ରଦ୍ଧାରେ 'ଇଲେକ୍ଟ୍ରିକ ହିଲ୍‌ସ' ବୋଲି ଡକାଯାଉଥିଲା ।

୧୦—କେଉଁ ଆଥେଲେଟଙ୍କ ଡାକ-ନାମ ଥିଲା । 'ଦି ବୋନ ଆଣ୍ଡି ଲୋପ' ?

(ଓଲଟାଇ ପଢନ୍ତୁ)

ଉତ୍ତର

୧—୧୦

୨— ନା ଏହା ଦୁଇଇଞ୍ଚରୁ ଅଧିକ ଲମ୍ବିବ ନାହିଁ ।

୩—୭୫ ରୁ ୭୮ ସେଣ୍ଟିମିଟର—

୪— ନା, କାରଣ ଧର୍ଭର ବଲ୍ ମାରିବାକୁ ଉଦ୍ୟମ କରିନାହିଁ ।

୫—ମ୍ୟାଚ ମଝିରେ ଏକ ମିନଟ ଏବଂ

(ପର ପୃଷ୍ଠା ଦେଖନ୍ତୁ)

Images: Aptakama Mishra, Processing: Srujanika

ହକିର କ୍ରମ ବିକାଶ

ଶ୍ରୀ ସୁହାସ ଆଗାସେ

ହକି ଖେଳର ଜନ୍ମ ଜାତକ ତିଆରି କରିବା ପାଇଁ ଅତୀତରେ ବହୁ ଲେଖକ ଗବେଷକ ଚେଷ୍ଟା କରି ବହୁକଥା କହିଛନ୍ତି । କିନ୍ତୁ ହକିଖେଳ ପ୍ରକୃତରେ କେବେ ଓ କେଉଁଠି ଆରମ୍ଭ ହେଲା ତାହା ଏ ପର୍ଯ୍ୟନ୍ତ ନିର୍ଦ୍ଧାରିତ ରୂପେ ଜଣା ଯାଇନାହିଁ ।

୧୯୫୨ ମସିହାରେ ହୋଇଥିବା କେତେକ ଆବିଷ୍କାରରୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର କେତେଶହ ବର୍ଷ ପୂର୍ବରୁ ହକିଖେଳ ହେଉଥିବା ଆପାତତଃ ଜଣା ପଡ଼ୁଛି । ଗୋଟିଏ ବଙ୍କୁଲ ବାଡ଼ିରେ ପେଣ୍ଡୁ ଗଡ଼ାଇବାକୁ ପୁରାତନ କାଳରେ ପର୍ସିଆନ୍ ମାନେ ଖୁବ୍ ଭଲ ପାଉଥିଲେ ବୋଲି ବିଭିନ୍ନ ପୋଥିରୁ ପ୍ରମାଣମିଳୁଛି । ଗ୍ରୀକ୍‌ମାନେ ସେମାନଙ୍କର ଏହି ଖେଳକୁ ଗ୍ରହଣ କରି ରୋମାନ୍ ମାନଙ୍କୁ ଶିଖାଇ ଥିଲେ । ରୋମରୁ ଏହିଖେଳ କ୍ରମେ ଫ୍ରାନ୍‌ସକୁ ଗଲା । ସେଠାରେ ଏହି ଖେଳର ନାମ ହେଲା ହକେଟ୍ । ଯାହାର ଅର୍ଥ ଫରାସି ଭାଷାରେ ଗାଈଆଳ ବାଡ଼ି । ଫ୍ରାନ୍ସରୁ ଏହା କ୍ରମେ ଇଂଲଣ୍ଡରେ ପହଞ୍ଚିଲା ଏବଂ ସେଠାକାର ଦେଶି ପଦ୍ଧତିରେ ହେଉଥିବା ଏହି ଖେଳକୁ ଲଣ୍ଡନ ବେଲେପ୍ଲେ.ହରଲେ’ ଏବଂ ଆୟାର୍ଲାଣ୍ଡରେ ସିନ୍ତି’ ବୋଲି ନାମିତ କରାଯାଇଥିଲା ।

ଏହି ଖେଳ ସ୍ଥାନ ବିଶେଷରେ ବିଭିନ୍ନ ନିୟମାନୁଯାୟୀ ଖେଳା ଯାଉଥିଲା । ବହୁଦିନ ପର୍ଯ୍ୟନ୍ତ ଏହି ଖେଳରେ ସର୍କଲ୍ (ଡ଼ି) ନଥିଲା ଏବଂ ୨୮୦ ଗଜ ଲମ୍ବ ପଡ଼ିଆର ଯେ କୌଣସି ଅଂଶରୁ ଗୋଲ ସ୍କୋର କରାଯାଉଥିଲା । ଟିମ ଗଠନ ପଦ୍ଧତି ମଧ୍ୟ ବର୍ତ୍ତମାନ ଠାରୁ ସମ୍ପୂର୍ଣ୍ଣ ପୃଥକ୍ ଥିଲା ।

ବଲ ବାଡ଼େଇ ଦୌଡ଼ିବା ଥିଲା ଖେଳାଳୀ ମାନଙ୍କର ଏକମାତ୍ର ନୀତି । ଫଳରେ କେବଳ ଗୁଡ଼ାଏ ଶାରୀରିକ ପରିଶ୍ରମହିଁ କରିବା ସାର ହେଉଥିଲା । ଊନବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ଅଣ ବୈଜ୍ଞାନିକ ପଦ୍ଧତିରେ ହିଁ ହକି ଖେଳ ଚାଲିଥିଲା ।

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଇଂଲଣ୍ଡରେ ଆଧୁନିକ ହକି ଜନ୍ମ ଲାଭ କଲା । ୧୮୭୫, ୧୮୮୬, ୧୯୦୦ ଓ ମସିହା ହକିଖେଳ ଇତିହାସ ପାଇଁ ବିଶେଷ ଉଲ୍ଲେଖ ଯୋଗ୍ୟ ।

୧୮୭୫ ମସିହାରେ ହକି ଖେଳପାଇଁ ପ୍ରଚଳିତ ନିୟମର ପରିବର୍ତ୍ତନ ଆବଶ୍ୟକ ବୋଲି ଅନୁଭବ କରାଗଲା । ୧୮୮୬ ମସିହାରେ ହକିଖେଳ ନିମନ୍ତେ ନିର୍ଦ୍ଦିଷ୍ଟ ନିୟମ ଓ ଖେଳର ଧାରା ନିର୍ଦ୍ଧାରଣ କରିବାପାଇଁ ଇଂଲଣ୍ଡରେ ଏକ କେନ୍ଦ୍ରୀୟ ସଙ୍ଗଠନ ସୃଷ୍ଟି ହେଲା ।

ଊନବିଂଶ ଶତାବ୍ଦିର ଶେଷ ଆଡ଼କୁ ପ୍ରଚଳିତ ନିୟମର ଆବଶ୍ୟକୀୟ ପରିବର୍ତ୍ତନ କରିବା ପାଇଁ ଆନ୍ତର୍ଜାତିକ ହକି ରୁଲ୍‌ସ୍ ବୋର୍ଡ଼ ଗଠନ କରାଗଲା ।

ବ୍ରିଟେନ୍‌ର ଉତ୍ସାହ ଓ ଆଗ୍ରହ ଫଳରେ ୧୯୦୦ ମସିହାରେ ପ୍ୟାରିସ୍ ଗେମ୍‌ରେ ଏବଂ ୧୯୦୮ ମସିହାରେ ଅଲିମ୍ପିକ କ୍ରୀଡ଼ାରେ ଏହି ଖେଳ ପ୍ରଦର୍ଶିତ ହେଲା । ଏହା ଫଳରେ ଏହି ଖେଳ କ୍ରମେ ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ, ସାଉଥ୍ ଆଫ୍ରିକା, ଜାପାନ ଓ ବିଶ୍ୱର ଅନ୍ୟାନ୍ୟ ଅଂଶରେ ଲୋକପ୍ରିୟତା ଅର୍ଜନ କଲା ।

ଭାରତୀୟ ଉପ ମହାଦେଶର ଶୁଷ୍କ ଓ ଉଷ୍ମ ଜଳବାୟୁ ସାଙ୍ଗକୁ ଉତ୍ତମ ପ୍ରାନ୍ତର ସୁବିଧା ଥିବାରୁ ଭାରତୀୟମାନେ ଅତିଶୀଘ୍ର ଏହି କ୍ରୀଡ଼ାରେ ପାରଙ୍ଗମ ହୋଇ ଉଠିଲେ ଏବଂ ଷ୍ଟିକ୍ ଓ୍ୱାର୍କ, ବଲ କଣ୍ଟ୍ରୋଲ ଓ ସର୍ଟ ପାସ୍‌ରେ ଭାରତୀୟ ମାନେ ଅନ୍ୟ ସମସ୍ତଙ୍କ ବଳିଗଲେ ।

କିନ୍ତୁ ଏହି ଉପ ମହାଦେଶର ଶ୍ରେଷ୍ଠତ୍ୱକୁ କ୍ରମେ ୟୁରୋପୀୟ ଦେଶର ଖେଳାଳୀ ମାନେ ନିଜର ବେଗ, ଶକ୍ତି ଓ ନୂତନ କୌଶଳ ଦ୍ୱାରା କ୍ଷୁର୍ଣ୍ଣ କରିବାରେ ସକ୍ଷମ ହେଲେ ଏବଂ ଭାରତୀୟ ଉପ ମହାଦେଶ ତାର ପୂର୍ବ ଗୌରବ ହରାଇଲା । □

ଚତୁର୍ଥ ଓ ପଞ୍ଚମ ସେଣ୍ଟ୍ ମଲ୍ଟିରେ ଦୁଇମିନଟ୍ ।
୭—୧୯୨୭ ରେ ଗଠିତ କଲିକତା ସୁଇମିଂ କ୍ଲବ ।
୮—ଯେଉଁ ଭାରତୀୟ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଜାତୀୟ ଓ ଆନ୍ତର୍ଜାତିକ ଇଭେଣ୍ଟ ଗୁଡ଼ିକରେ ସର୍ବାଧିକ ସଂଖ୍ୟାରେ ଅଂଶ ଗ୍ରହଣ କରିଥିବେ ସେହି ବିଶ୍ୱବିଦ୍ୟାଳୟକୁ ପ୍ରତିବର୍ଷ ଆଜାଦ ଟ୍ରଫି ଦିଆଯାଏ ।
୯—ଓ୍ୱେଷ୍ଟ ଇଣ୍ଡିଜ୍‌ର ଲେରି କନଷ୍ଟାଣ୍ଟାଇନ୍ ।
୧୦—ଆମେରିକାର ଜେସେ ଓଏନ୍ସ ।
□

ଭାରତର ମୋଟ ଚାଷୋପଯୋଗୀ ଜମିର ପରିମାଣ ହେଉଛି ୧୭୫୦ ଲକ୍ଷ ହେକ୍ଟର ।

ଏଥିମଧ୍ୟରୁ ୧୧.୪ ଲକ୍ଷ ହେକ୍ଟର ଜମି ଉଦ୍ୟାନ ଚାଷର ଅନ୍ତର୍ଭୁକ୍ତ ।

ପ୍ରତିବର୍ଷ ୬୨ ଲକ୍ଷ ହେକ୍ଟର ଜମିରେ ୫୫୦ ଲକ୍ଷ ଟନ ଫଳ ଓ ପନିପରିବା ଉତ୍ପାଦିତ ହୁଏ । ଏହାର ମୂଲ୍ୟ ୭,୦୦୦ କୋଟି ଟଙ୍କାରୁ ଅଧିକ ହେବ ।

❋ ଲେମ୍ବୁ ଜାତୀୟ ଫଳ ୨,୩୦,୭୦୦ ହେକ୍ଟରର ଜମିରେ ଚାଷ ହୁଏ ଏବଂ ପ୍ରାୟ ୧୭.୫୧ ଲକ୍ଷ ଟନ ଫଳ ମିଳେ । □

Images: Aptakama Mishra, Processing: Srujanika

ଖାରବେଳ

ଅକାଳୀଙ୍କ କାଳ ନିରୂପଣ

ଜଳସେଚନ ମନ୍ତ୍ରୀଙ୍କ ୭ କୋଟି ଟଙ୍କାର ଦୁର୍ନୀତି

ଓଡ଼ିଶାରେ ନିଷିଦ୍ଧ ଔଷଧର ବ୍ୟବହାର

ମସ୍ତିଷ୍କ ଜ୍ୱର

ବିଧାନର ଯୋଜନାରେ କ୍ଷତି ବଢ଼ି ବଢ଼ି ଚାଲିଛି

ଓଡ଼ିଶାରେ ୨ୟ ଇସ୍ପାତ କାରଖାନା ହେବନାହିଁ ?



Images: Aptakama Mishra, Processing: Srujanika

ପ୍ରଜାତନ୍ତ୍ର

ଖାରବେଳ

ବରିଷ୍ଠ ସାମ୍ବାଦିକ ଶ୍ରୀ ରମାକାନ୍ତ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ଖାରବେଳ' ସାପ୍ତାହିକ ପତ୍ରିକାଟି ଶୈଳୀ, ରଚନା, ଆଉମୁଖ୍ୟ ଦୃଷ୍ଟିରୁ ଓଡ଼ିଶା ସାମ୍ବାଦିକତା ସାହିତ୍ୟ କ୍ଷେତ୍ରରେ ସଂପୂର୍ଣ୍ଣ ନୂତନ । ଏହାର ପ୍ରତ୍ୟେକ ପୃଷ୍ଠାରେ ନୂତନତ୍ୱ ପରିସ୍ଫୁଟିତ । ବିଷୟବସ୍ତୁ ଚୟନ ଓ ଉପସ୍ଥାପନାରେ ମଧ୍ୟ ଅଭିନବତ୍ୱ ପ୍ରକଟିତ । ବାସ୍ତବରେ ଓଡ଼ିଶାରେ ଏହିଭଳି ଏକ ପତ୍ରିକାର ଯଥେଷ୍ଟ ଆବଶ୍ୟକତା ରହିଥିଲା ।

ଓଡ଼ିଆ ଭାଷାରେ ପ୍ରଥମଥର ପାଇଁ ବିଶ୍ୱ-ବିଖ୍ୟାତ 'ଟାଇମ୍' ଭଳି ଓ ଫ୍ରାନ୍ସ ଗଢ଼ଣ ପ୍ରକାଶ କରିବା ଦ୍ୱାରା ଏହି ପତ୍ରିକା ଜଗତର ମର୍ଯ୍ୟାଦା ବୃଦ୍ଧି କରିପାରିଛି ଏବଂ ପାଠକ-ମାନଙ୍କ ଚିତ୍ତବିନୋଦନ ପାଇଁ ଆବଶ୍ୟକୀୟ ସାମଗ୍ରୀ ପରିବେଷଣ କରିବାରେ ସକ୍ଷମ ହୋଇଛି ।

ଏହା ଛଡ଼ା ବହୁ ଗବେଷଣା ମୂଳକ ତଥ୍ୟ ଅନୁସନ୍ଧାନଧର୍ମୀ ସମ୍ବାଦ ଏହାର ଅନ୍ୟତମ ବୈଶିଷ୍ଟ୍ୟ । ସାଧାରଣ ରୋଗର ଏଲୋପାଥିକ, ହୋମିଓପାଥିକ ଓ ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ ପ୍ରକାଶ କରି ସାଧାରଣ ଗୃହସ୍ଥ ମାନଙ୍କର ଏହା ବହୁ ଉପକାର ସାଧନ କରୁଛି ।

ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ ଦ୍ୱାରକା-ଏକ ଐତିହାସିକ ସତ୍ୟ, ଭୁବନେଶ୍ୱରଙ୍କର ଅର୍ଥ ଆତ୍ମସାତ ଇତ୍ୟାଦି ତଥ୍ୟମୂଳକ ଲେଖା ମଧ୍ୟ ପ୍ରକାଶ ପାଇଛି ଏବଂ 'କ୍ରସଓ୍ୱାର୍ଡ଼' ପରି ଭଲ ଓଡ଼ିଆ ଭାଷାରେ ଶବ୍ଦ ଶୃଙ୍ଗାର ପ୍ରବର୍ତ୍ତନ ଏକ ଅଭିନବ ପଦକ୍ଷେପ । ଭାରତର ବରିଷ୍ଠ ବ୍ୟଙ୍ଗ ଚିତ୍ରକାର ଶ୍ରୀ ଅନନ୍ତ ପାଇଙ୍କ 'ରେଖା' ମଧ୍ୟ ଏହାକୁ ସମୃଦ୍ଧ ବୃଦ୍ଧି ମନ୍ତ୍ର କରିଛି ।

ଆମେ ଏ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ । ତା ୨୬ । ୨ । ୮୪

Images: Aptakama Mishra, Processing: Srujanika

୧୯୮୪—୩ୟ ସଂଖ୍ୟା

ଫ୍ଲାସ୍ ଗର୍ଡନ୍		୨
ବ୍ଲଷ ବନସ୍ତରେ ଚର୍ବି		୩
ବିଦ୍ୟୁତ୍ ମନ୍ତ୍ରୀ ୭ କୋଟି ଟଙ୍କା ଆତ୍ମସାତ କଲେଣି ?		୫
ବୋଲକର ସି. ପି. ସି. ସଭାପତିଙ୍କ ଭଣଜାଙ୍କ ଅବସ୍ଥା		୬
ଟିକସ ଫାଙ୍କିର କାରଣ	ଶ୍ରୀ ଅରଜିତ୍ ପଣ୍ଡାସୁତ	୭
ପରମ ଶୈବ ଯୁଗସ୍ରଷ୍ଟା ଜୋଥୀ ରାମଲିଙ୍ଗମ୍	ଶ୍ରୀ ଜା ନା ସୁବ୍ରମଣ୍ୟମ୍	୮
ହସ ଓ ଦୀର୍ଘଜୀବୀ ହୁଅ	ଶ୍ରୀ କମଳ ଓ ଶ୍ରୀ ସାମନ୍ତ	୧୦
ଓଡ଼ିଶାରେ ନିଷିଦ୍ଧ ଔଷଧର ବ୍ୟବହାର	ପ୍ରଫେସର ଏସ୍. ଜି. କାବ୍ରା	୧୧
ବ୍ରହ୍ମପୁରରେ ଝୁଣ୍ଟା ବାଲିରେ ଫସଲ ଅମଳ		୧୧
ଆମ ଶୁଭ ସଙ୍କେତ ଦୂର, ବହୁକୋଳ	ପ୍ରଫେସର କମଳ କୁମାରୀ ପଟ୍ଟନାୟକ	୧୨
କଟକ ମ୍ୟୁନିସିପାଲିଟିକୁ ନିର୍ବାଚନ ହେବନାହିଁ		୧୪
ଭାରତୀୟ ନୌବାହିନୀର ନୂତନ ଶକ୍ତି	କର୍ଣ୍ଣେଲ ଆର. କେ. ମାଥୁର	୧୫
ମସ୍ତିଷ୍କ ଜ୍ୱର ଓ ତାର ପ୍ରତିକାର	ଡାକ୍ତର ଗୋପାଳ ଚନ୍ଦ୍ର କର ଡାକ୍ତର ଜ୍ୟୋତି ମହାପାତ୍ର କବିରାଜ ବିରଜା ଶଙ୍କର ଆଚାର୍ଯ୍ୟ	୧୬
ଏଣିକି କୁଣ୍ଡାତେଲ ଖାଇହେବ		୧୯
ତୈଳକୂପରୁ ଅଧିକ ତୈଳ ଉତ୍ତୋଳନ ଉଦ୍ୟମ		୨୦
ବିମାନର ଯୋଜନାରେ ଯାତ୍ରୀ ବଢ଼ିବଢ଼ି ଚାଲିଛନ୍ତି	ଶ୍ରୀ ବିଜୟ ନାୟକ	୨୧
'ଇନ୍‌କିଲାବ' ଅମିତାଭଙ୍କ ଭବିଷ୍ୟତ	ଶ୍ରୀ ହରିହର ପ୍ରସାଦ ମାହାଲିକ	୨୪
କର୍ମପନ୍ଥାର ପ୍ରତିଫଳନ		
ଝିଟିପିଟି ଅଟେ ମୋର ଗୁରୁ	ଶ୍ରୀ ରବୀନ୍ଦ୍ର କୁମାର ମାଥୁର	୨୫
ବିଂଶସୂତ୍ରୀ କାର୍ଯ୍ୟକ୍ରମ—ଓଡ଼ିଶା ବହୁ ପଛରେ ପଡ଼ିଛି		୨୬
ଭଲିବଲ ଖେଳରେ ଯୋଗାସନର ଆବଶ୍ୟକତା	ଶ୍ରୀ ଏମ୍ ଏଲ୍. ସିଙ୍ଘାଲ	୨୭
ରାଶିଫଳ	ଆଚାର୍ଯ୍ୟ ବିଭୂତି ଭୂଷଣ	୨୮
ଓଡ଼ିଶାରେ ୨ୟ ଇସ୍ପାତ କାରଖାନା ପ୍ରତିଷ୍ଠା ସୁଦୂର ପରାହତ ?		୩୦
ଫାଣ୍ଟମ୍		୩୨
ଅକଳୀଙ୍କ କାଳ ନିରୂପଣ		୩୩
ଶରଦ ଶୃଙ୍ଗାର	ଶ୍ରୀ ନିରଞ୍ଜନ ବେହେରା	୩୬
ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଭାରତ ବହୁ ପଛରେ	ରମାକାନ୍ତ ମିଶ୍ର	୩୭
ରେଖା	ଅନନ୍ତ ପାଇ	୩୯
ଅପମିଶ୍ରଣ ଜାଣିବାର ସହଜ ଉପାୟ		୪୦

ମୁଖ୍ୟସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-753012
ଫୋନ-୨୩୫୯୭

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ ।

ମୂଲ୍ୟ ଟ୩-୦୦

Images: Aptakama Mishra, Processing: Srujanika

ଫ୍ଲାସ୍ ଗର୍ଡନ 3

Images: Aptakama Mishra, Processing: Srujanika

ଶୁଦ୍ଧ ବନସ୍ପତିରେ ଗୋରୁ ଚର୍ବି

ଆମ ଦେଶର ବିଶେଷ କରି ହିନ୍ଦୁ ସମାଜରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୁଏ । ଗୁଆ ଘିଅ ବା ମଇଁଷି ଘିଅ ଦୁର୍ମୂଲ୍ୟ ହୋଇଥିବାରୁ ସାଧାରଣ ଲୋକେ ଗତ କେତେବର୍ଷ ମଧ୍ୟରେ ବନସ୍ପତି ଘିଅ ଉପରେ ଅଧିକରୁ ଅଧିକତର ଭାବେ ନିର୍ଭର କରୁଛନ୍ତି । ଏପରିକି ଠାକୁର ମନ୍ଦିର ମାନଙ୍କରେ ଦିଆ ଯାଉଥିବା ଘିଅ ଉପରେ ମଧ୍ୟ ପାରଂପାରିକ ଗୁଆ ଘିଅ ପରିବର୍ତ୍ତେ ବନସ୍ପତି ଘିଅ ବ୍ୟବହାର କରାଯାଉଛି । ବିଭିନ୍ନ ମଞ୍ଜିରୁ ନିଷ୍କାସିତ ତେଲରୁ ଏହି ବନସ୍ପତି ଘିଅ ତିଆରି ହେଉଥିବାରୁ ଦେବାଳୟ ମାନଙ୍କରେ ଏହାର ବ୍ୟବହାର ଅପବିତ୍ର ନୁହେଁ ବୋଲି ପଣ୍ଡିତମାନେ ମତବ୍ୟକ୍ତ କରୁଥିଲେ । ଏପରି ଏକ ଅବସ୍ଥାରେ ଗୋରୁ ଚର୍ବି ମିଶାଯିବା ଘଟଣା ସମଗ୍ର ଦେଶରେ କୋଟି କୋଟି ଲୋକଙ୍କ ବିଶ୍ୱାସ ମୂଳରେ କୁଠାରଘାତ କରିଛି । ବନସ୍ପତିର କ୍ରମବର୍ଦ୍ଧମାନ ବ୍ୟବହାର ଅଥବା ଚାହିଦା ବୃଦ୍ଧି ଯୋଗୁ ମାରାତ୍ମକ ବ୍ୟବସାୟୀମାନେ ଏହାକୁ ଭେଜାଲ କରିବାକୁ ସୁଯୋଗ ପାଇଲେ ଏବଂ ଶେଷରେ ଶୁଦ୍ଧ ବନସ୍ପତିରେ ଜନୈକ ଜୈନ ଗୋରୁ ଚର୍ବି ମିଶାଇଥିଲେ ବୋଲି ଜଣାପଡ଼ିବା ପରେ ସେ ଏବେ ହାଜତରେ ଅଛନ୍ତି ।

ପ୍ରକୃତରେ ଏହି ଘଟଣା ଗତବର୍ଷ ଦେଶରେ ଖୁବ୍ ଗୋଟାଏ ଆଲୋଡ଼ନ ସୃଷ୍ଟି କରିଥିଲା ପ୍ରାୟ ଦୁଇବର୍ଷ ତଳେ ଏଇ କଟକ ସହରରେ ଖାଣ୍ଟି ଗୁଆ ଘିଅ ନାମରେ ପୋଡ଼ା ମୋବିଲ ଓ ଗଙ୍ଗାମାଟିର ଏକ ମିଶ୍ରଣ ହେଉଥିବା ଘଟଣା ଧରା ପଡ଼ିଥିଲା । ଗଙ୍ଗାମାଟି ଓ ମୋବିଲକୁ ଖାଣ୍ଟି ଗୁଆଘିଅ କହି କିଣୁଥିବା ଲୋକର ଅବଶ୍ୟ କିଛି କ୍ଷତି ହୋଇନାହିଁ କିନ୍ତୁ ତାକୁ ଖାଇଥିବା ଲୋକେ ଏଯାବତ୍ ବ୍ୟାଧିଗ୍ରସ୍ତ ହୋଇ ପଡ଼ିଛନ୍ତି ।

ଆଇନ୍ ଅନୁସାରେ ବନସ୍ପତି ଉତ୍ପାଦନରେ ଗୋରୁଚର୍ବି ବା ଅନ୍ୟ କୌଣସି ଚର୍ବିର ମିଶ୍ରଣ ସମ୍ପୂର୍ଣ୍ଣ ନିଷିଦ୍ଧ । ତେଣୁ ବନସ୍ପତି ଉତ୍ପାଦନପାଇଁ ଶିଳ୍ପ ନିୟମ ଅନୁଯାୟୀ କେହି ଚର୍ବି ବିଦେଶରୁ ଆମଦାନୀ କରିପାରିବ ନାହିଁ ।

> **ବନସ୍ପତି ଘିଅରେ ଗୋରୁଚର୍ବି ମିଶୁଛି ବୋଲି ଜଣାପଡ଼ିବା ପରେ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଏହା ପରେ ପରେ ବନସ୍ପତି ଘିଅର ବ୍ୟବହାର ବହୁ ପରିମାଣରେ ହ୍ରାସ ପାଇଯାଇଛି ଏବଂ ଗାଁ ଗହଳରେ ପୂଜା ପର୍ବରେ ଆଉ ଏ ଘିଅ ଘରେ ପୂରାଇ ଦେଉନାହାନ୍ତି । ଶିକ୍ଷିତ ଅଥଚ ନୈଷ୍ଠିକ ହିନ୍ଦୁ ପରିବାରରେ ମଧ୍ୟ ଏହି ଘିଅ ବ୍ୟବହାର ଏକ ପ୍ରକାର ନିଷିଦ୍ଧ ହୋଇଯାଇଛି କହିଲେ ଚଳେ । ଆମ ଓଡ଼ିଶାରେ ମଧ୍ୟ ଘିଅରେ ଚର୍ବି ମିଶୁଛି ବୋଲି ପ୍ରଚାରିତ ହେବା ପରେ ଏହାର ବ୍ୟବହାର ଶତକଡ଼ା ୩୦ ଭାଗ କମିଯାଇଛି । ବନସ୍ପତି ଶିଳ୍ପ ପକ୍ଷରୁ ଲୋକଙ୍କ ମନରୁ ଏ କୁଧାରଣା ଦୂର କରିବା ପାଇଁ ବହୁ ବିଧ ଉଦ୍ୟମ ହେଉଥିଲେ ମଧ୍ୟ ତାହାର କିଛି ପ୍ରଭାବ ପଡୁନାହିଁ । ଅବଶ୍ୟ ଏବେ ବିଦେଶରୁ ଗୋରୁ ଚର୍ବି ଆମଦାନୀ ନିଷିଦ୍ଧ ହୋଇଛି । କିନ୍ତୁ ଶୁଦ୍ଧ ବନସ୍ପତିରେ ଏହି ଚର୍ବି ମିଶିବାର ସୁଯୋଗ ସୃଷ୍ଟି ହେଲା କିପରି ?**

ଅଥଚ ଅନ୍ୟାନ୍ୟ ଶିଳ୍ପଯଥା ସାବୁନ୍, ମହମବତୀ, ଗ୍ରୀଜ୍ ଇତ୍ୟାଦି ନିର୍ମାଣରେ ଏହି ଚର୍ବି ବ୍ୟବହାର କରାଯାଉ ଥିବାରୁ ସେସବୁ ଶିଳ୍ପପାଇଁ ବାହାରୁ ଚର୍ବି ଆମଦାନୀ କରାଯାଇ ପାରିବ । ଅନ୍ୟଶିଳ୍ପ ପାଇଁ ଚର୍ବି ବ୍ୟବହାର କରିବା ନିମନ୍ତେ ଆମଦାନୀ ଲାଇସେନ୍ସ ଆଣି ସେହି ଚର୍ବିକୁ ଲାଭଖୋର ବ୍ୟବସାୟୀ ମାନେ ବନସ୍ପତି ଘିଅରେ ମିଶାଇ ଆସୁଥିଲେ । ଏବଂ ତାହା ମାତ୍ର ୮ମାସତଳେ ଧରାପଡ଼ିଲା । କିନ୍ତୁ ବିଦେଶରୁ ଭାରତକୁ ଚର୍ବି ଆମଦାନୀ ୧୯୬୭ ମସିହାରୁ ପି. ଏଲ. ୪୮୦ ଚୁକ୍ତି ଅନୁଯାୟୀ ଆରମ୍ଭ ହୋଇଥିଲା । ପରେ ସାବୁନ୍ ଓ ଅନ୍ୟାନ୍ୟ ତୈଳାକ୍ତ ଦ୍ରବ୍ୟର ଉତ୍ପାଦନ ଲାଗି ଏହିଚର୍ବି ଆମଦାନୀ ନିମନ୍ତେ ୧୯୬୯ ମସିହାରେ କେନ୍ଦ୍ର ସରକାର ବିଭିନ୍ନ ଶିଳ୍ପସଂସ୍ଥା ମାନଙ୍କୁ ଅନୁମତି ଦେଲେ । କିନ୍ତୁ ୧୯୬୯ ମସିହାପୂର୍ବରୁ ମଧ୍ୟ ମେଟାଲ ଫଲସ୍, ଫ୍ୟାଟି ଏସିଡ୍, ଲୁବ୍ରିକେଟିଂ ଗ୍ରୀଜ ତିଆରି କରୁଥିବା ଶିଳ୍ପସଂସ୍ଥା ଗୁଡିକୁ ଗୋରୁଚର୍ବି ଆମଦାନୀ କରିବାକୁ ଅନୁମତି ଦିଆଯାଇ ଥିଲା ।

ବିଶେଷଜ୍ଞ ମତ

ବିଶେଷଜ୍ଞ ମାନଙ୍କ ମତରେ ବନସ୍ପତି, ଶୁଦ୍ଧ ଘିଅ ଓ ଅନ୍ୟାନ୍ୟ ଖାଦ୍ୟପୋଯୋଗୀ ତେଲକୁ ସହଜରେ ମିଶାଇ ହେବ ଏବଂ ସାଧାରଣ ଖାଉଟିଙ୍କ ପକ୍ଷେ ଏହିମିଶ୍ରଣ ବିଷୟ ଜାଣିବା ସମ୍ଭବ ନୁହେଁ କାରଣ ଘିଅରେ ଗୋରୁଚର୍ବି ମିଶିଲେ ଘିଅର ବାସନା ଗୋରୁଚର୍ବିର ଗନ୍ଧକୁ ଦାବିଦେବ। ଏଥିରୁ ଘିଅ ନାମରେ ସାଧାରଣ ଲୋକେ ବିଭିନ୍ନ ପଶୁଚର୍ବି କେତେକାଳ ହେଲା ଯେ ଖାଇ ଆସୁଛନ୍ତି ତାହା କିଏ କହିବ ?

Images: Aptakama Mishra, Processing: Srujanika

ଦେଶରେ 'ବନସ୍ପତି ଘିଅ ଉତ୍ପାଦନ ବେଳେ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବାର ସମସ୍ତ ବ୍ୟବସ୍ଥା ଆଇନ୍‌ରେ ଅଛି ଏବଂ ଏଥିପାଇଁ ୧୯୪୭ ମସିହାରୁ ଭେଜିଟେବୁଲ ପ୍ରଡକ୍ଟସ କଣ୍ଟ୍ରୋଲ ଅର୍ଡ଼ର କାର୍ଯ୍ୟକାରୀ ହେଉଛି ଏବଂ ୧୯୭୫ ମସିହାରେ ମଧ୍ୟ ଭେଜିଟେବୁଲ ଅଏଲ ପ୍ରଡକ୍ଟସ (ଷ୍ଟାଣ୍ଡାର୍ଡ ଅଫ କ୍ୱାଲିଟି) ଅର୍ଡର ଲାଗୁହୋଇଛି ।

ଏହି ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ବନସ୍ପତି ତିଆରି ହେଉଥିବା ବିଭିନ୍ନ କମ୍ପାନୀରେ ଆକସ୍ମିକ ତଦନ୍ତ କରାଯିବ ଏବଂ ସାଂପଲ ନିଆଯାଇ ପରୀକ୍ଷା କରାଯିବ । ଆଇନ୍ ଅନୁସାରେ ବନସ୍ପତି ଘିଅ ତିଆରି ବେଳେ କପାତେଲ, ସୋୟାବିନ୍‌ତେଲ, କୁଣ୍ଡାତେଲ, ମକାତେଲ, ସୂର୍ଯ୍ୟମୁଖୀ ତେଲ, ରେପସିଡ଼ ତେଲ ଆଦି ବ୍ୟବହାର କରାଯାଇ ପାରିବ । କିନ୍ତୁ ଏଥିରେ ଘୁଷୁରି, ଛେଳି ବା ଅନ୍ୟ କୌଣସି ପଶୁ ବା ପକ୍ଷୀର ଚର୍ବି ମିଶିବାର ଅବକାଶ ହିଁ ନାହିଁ । ଏହା ସତ୍ତ୍ୱେ ବନସ୍ପତିରେ ଚର୍ବି ମିଶିଲା କିପରି ?

୧୯୬୮-୬୯ରୁ ପଶୁ ଚର୍ବି ଆମଦାନୀ ଷ୍ଟେଟ ଟ୍ରେଡ଼ିଂ କର୍ପୋରେସନ୍ ଜରିଆରେ ନିୟନ୍ତ୍ରିତ ହେବା ପରଠାରୁ ଗୋରୁ ଚର୍ବି ଆମଦାନୀ କରିବା ନିମନ୍ତେ ଆମଦାନୀ ନୀତିରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇ ନଥିଲା । ଅଥଚ ଯେଉଁ ଜିନିଷ ଆମଦାନୀ ପାଇଁ ନିଷିଦ୍ଧ ହୋଇଥିଲା ସେଥିରେ ଗୋରୁଚର୍ବି ସ୍ଥାନ ପାଇନଥିଲା । ତେଣୁ ଏହି ଟିକିଏ ଫାଙ୍କ ଯୋଗୁ ହିନ୍ଦୁ ବହୁଳ ଭାରତକୁ ଗୋରୁଚର୍ବି ଆମଦାନୀ ସୁଗମ ହୋଇଗଲା ।

୧୯୮୩ ମସିହାର ୧୧ ତାରିଖ ଦିନ ବମ୍ବେରେ ଅବକାରୀ ବିଭାଗ ପକ୍ଷରୁ ଗୋଟିଏ ଜାହାଜରୁ ୨-୩ କୋଟି ଟଙ୍କା ମୂଲ୍ୟର ଗୋରୁଚର୍ବି ଜବତ କରାଗଲା । ସେତେବେଳେ ଆଉ ଦୁଇଟି ଜାହାଜରେ ଗୋରୁ ଚର୍ବି ବୋଝେଇ ହୋଇ ଭାରତକୁ ଆସୁଛି ବୋଲି ମଧ୍ୟ ଖବର ମିଳିଲା । ଏହାକୁ ଭିତ୍ତି କରି ତୁମୁଳ ଆନ୍ଦୋଳନ ସୃଷ୍ଟି ହେବାପରେ ତଦାନୀନ୍ତନ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ କହିଲେ କି ଗୋରୁ ଚର୍ବି ଆମଦାନୀ ନିଷିଦ୍ଧ ହୋଇଥିବେଁ ବି କଲିକତା ବନ୍ଦର ବାଟେ ଦେଶକୁ ବାହାରୁ ଗୋରୁ ଚର୍ବି ଚାଲି ଆସୁଛି । ଏବଂ ଅମୃତସରରେ ଦୁଇଟି ଘିଅ ନମୁନା ପରୀକ୍ଷାରୁ ସେଥିରେ ଗୋରୁଚର୍ବି ମିଶିଥିବା ଜଣାଯାଇଛି । ଅବଶ୍ୟ କୌଣସି ପରିସ୍ଥିତିରେ ମଧ୍ୟ ଗୋରୁ ଚର୍ବି ଆମଦାନୀ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ଦୃଢ଼ ପ୍ରତିଶ୍ରୁତି ଦେଲେ । ଅମୃତସରରୁ 'ପିପଳ ଗଛ ଚିହ୍ନ' ଥିବା ବନସ୍ପତି ଘିଅରୁ କିପରି ଗୋରୁ ଚର୍ବି ବାହାରିଲା ସେ ସମ୍ପର୍କରେ ଅଧିକ ଅନୁଧ୍ୟାନ କରିବା ନିମନ୍ତେ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ଏବଂ ଅଗଷ୍ଟ ୨୯ ତାରିଖ ଦିନ ଦେଶରୁ ଗୋରୁ ଚର୍ବି ଆମଦାନୀ ନିଷିଦ୍ଧ ହେଲା ଏବଂ ଜାତୀୟ ନିରାପତ୍ତା ଆଇନ୍ ବଳରେ ଜୈନ ଶୁଦ୍ଧ ବନସ୍ପତିର ମାଲିକ ଶ୍ରୀ ଭି. କେ. ଜୈନଙ୍କୁ ଗିରଫ କରାଗଲା । ସେପ୍ଟେମ୍ବର ୧୩ ତାରିଖ ଦିନ ପଞ୍ଜାବର ଆଉ ଜଣେ ବନସ୍ପତି ମାଲିକ ରାଜିନ୍ଦର ମିତ୍ତଲଙ୍କୁ ମଧ୍ୟ ଗିରଫ କରାଗଲା ।

ଏହି ଗୋରୁଚର୍ବି ଆମଦାନୀ ଘଟଣାକୁ ଏକ ସାମ୍ପ୍ରଦାୟିକ ରୂପ ଦେବା ପାଇଁ ଆର୍. ଏସ୍. ଏସ୍. ଉଦ୍ୟମ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଗଲା ଏବଂ ଜନତା ସରକାର ବେଳେ ୧୯୭୯ ମସିହାରେ ହିଁ ଗୋରୁଚର୍ବି ଆମଦାନୀକୁ ପ୍ରଶ୍ରୟ ଦିଆଯାଇ ଥିଲା ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପାର୍ଲାମେଣ୍ଟରେ କୁହାଗଲା କିନ୍ତୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ପକ୍ଷରୁ କଂଗ୍ରେସ ସରକାରଙ୍କ ଏ ଉକ୍ତିର ପ୍ରତିବାଦ କରାଯାଇ ପ୍ରକୃତ ପକ୍ଷେ କଂଗ୍ରେସ ସରକାର ଭେଜାଲ ଘିଅ ରୋକିବାରେ ସମ୍ପୂର୍ଣ୍ଣ ବ୍ୟର୍ଥହୋଇ ପରମୁଣ୍ଡରେ ଅଠା ଲଗାଇବାକୁ ଚେଷ୍ଟା କରୁଛନ୍ତି ବୋଲି କୁହାଗଲା ।

ପ୍ରକୃତ ଘଟଣା କଣ

୧୯୭୭ ମସିହାରେ ଜନତା ସରକାର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବର୍ତ୍ତମାନର ମୁଖ୍ୟ ସଚିବ ଡକ୍ଟର ପି. ସି. ଆଲେକଜାଣ୍ଡରଙ୍କ ଅଧ୍ୟକ୍ଷତାରେ ଆମଦାନୀ ରପ୍ତାନୀପାଇଁ ଏକ କମିଟି ଗଠନ କରିଥିଲେ । ଏହି କମିଟି ମତ ଦେଇଥିଲେ କି ଯେଉଁସବୁ ଦ୍ରବ୍ୟ ନିଷିଦ୍ଧ ନୁହେଁ ବା ଯାହା ଉପରେ କୌଣସି କଟକଣା ଲାଗୁନାହିଁ ସେହିସବୁ ଦ୍ରବ୍ୟକୁ ଶିଳ୍ପ ବ୍ୟବହାର କାରମାନେ ମୁକ୍ତଭାବେ ଆମଦାନୀ କରିବାର ସୁଯୋଗ ପାଇବା ଉଚିତ ଏବଂ ଏଥିପାଇଁ ସେମାନଙ୍କୁ ପାରଂପରିକ ଲାଇସେନ୍‌ସ ନେବା ଦରକାର ନାହିଁ । ଜନତା ସରକାର ଏହି ନୀତିକୁ କାର୍ଯ୍ୟକାରୀ କରିଥିଲେ ଏବଂ ଏହାହିଁ ଗୋରୁଚର୍ବି ଆମଦାନୀର ପଥ ଉନ୍ମୁକ୍ତ କରିଥିଲା ।

ଇତିମଧ୍ୟରେ କେନ୍ଦ୍ର ସରକାର ପ୍ରଥମେ ଗୋରୁଚର୍ବି ଓ ପରେ ସବୁ ପଶୁଚର୍ବି ଆମଦାନୀ ନିଷିଦ୍ଧ କରିଦେଇଥିବାରୁ ଜାତୀୟ ଅର୍ଥନୀତିରେ ଏହାର କୁପ୍ରଭାବ ଏବେ ପରିଦୃଷ୍ଟ ହେଉଛି । ୧୪୭ଟି ପ୍ରତିଷ୍ଠାନ ପକ୍ଷରୁ ଏହିଚର୍ବି ଆମଦାନୀ କରାଯାଉଥିଲା ଏବଂ ସେମାନେ ଏବେ ନଯଯୌନତସ୍ଥୌ ଅବସ୍ଥାରେ ଅଛନ୍ତି । ଏମାନଙ୍କ ଭିତରେ ଅଟୋମୋବାଇଲ, ଡାଏମଣ୍ଡ ଓ ଅନ୍ୟାନ୍ୟ ରପ୍ତାନୀ ଭିତ୍ତିକ ଶିଳ୍ପମାନ ମଧ୍ୟ ରହିଛି ଏବଂ ତାଙ୍କର ଆବଶ୍ୟକୀୟ କଞ୍ଚାମାଲ-ଚର୍ବି ଅଭାବରୁ ଏଗୁଡ଼ିକ ଏବେ ଅର୍ଦ୍ଧମୃତ ଅବସ୍ଥାରେ କାଳାତିପାତ କରୁଛନ୍ତି । ଏ ପରିସ୍ଥିତିରେ ଦେଶରେ ଉତ୍ପନ୍ନ ହେଉଥିବା ଚର୍ବିର ଦର ଅତିରିକ୍ତ ବୃଦ୍ଧି ପାଇବାରେ ଲାଗିଛି ଏବଂ ରପ୍ତାନି ପାଇ ଉଦ୍ଦିଷ୍ଟ ଶିଳ୍ପଗୁଡ଼ିକ ବନ୍ଦ ହେବା ଯୋଗୁ ୧୯୮୩—୮୪ ମସିହାରେ ଭାରତ ପ୍ରାୟ ୪୦୦ କୋଟି ଟଙ୍କା ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ହରାଇବାକୁ ଯାଉଛି ।

Images: Aptakama Mishra, Processing: Srujanika

ଚର୍ବି ଅମଦାନୀ ନଷିଦ୍ଧ ହେବା ପରେ ସାବୁନ୍, ତଥା ମହମବତୀ ଶିଳ୍ପ ଆଦି ଅନ୍ୟାନ୍ୟ ତେଲ ଉପରେ ନଜର ସ୍ଥିତ ପାଇଁ ନିର୍ଭର କଲେଣି ଏବଂ ଏହା ଫଳରେ ନଡ଼ିଆ ତେଲର ଦାମ୍ ବର୍ତ୍ତମାନ ଆକାଶଛୁଆଁ ହେଲାଣି । କେରଳ ଭଳି ଯେଉଁ ରାଜ୍ୟ ମାନଙ୍କରେ ଲୋକେ ନଡ଼ିଆ ତେଲକୁ ରନ୍ଧନ ଓ ଦେହରେ ଲଗାଇବାରେ ବ୍ୟବହାର କରନ୍ତି ସେମାନେ ଏବେ ଏହି ଦରବୃଦ୍ଧି ଯୋଗୁ ମୁଣ୍ଡରେ ହାତ ଦେଲେଣି । ଏହି ଅବସ୍ଥାର ପ୍ରତିକାର ପାଇଁ ଚର୍ବି ପରିବର୍ତ୍ତେ ଅନ୍ୟ ଏକ ସିନ୍ଥେଟିକ ଦ୍ରବ୍ୟ ସାବୁନରେ ବ୍ୟବହାର କରାଯାଇ ପାରିବ କି ନାହିଁ ସେ ବିଷୟରେ ସାବୁନ୍ ଶିଳ୍ପ ପକ୍ଷରୁ ଗବେଷଣା ଆରମ୍ଭ କରାଗଲାଣି । ଏହାର ଫଳାଫଳ ଜାଣିବାକୁ ଦୁଇ ଏକ ବହୁତ ଦିନ ଲାଗିଯାଇପାରେ । କିନ୍ତୁ ଦେଶ ଭିତରେ ଛେଳି, ଗୋରୁ, ଘୁଷୁରି ଇତ୍ୟାଦିର ଚର୍ବି ସଂଗ୍ରହ କରୁଥିବା ବ୍ୟକ୍ତିମାନେ ଏବେ ଖୁବ୍ ଲାଭବାନ ହେଲେଣି ଏବଂ ଗତ ୧୦ ମାସ ମଧ୍ୟରେ ଦେଶ ଭିତରେ ଏହାର ଦାମ ପ୍ରାୟ ଶତକଡ଼ା ୮୦ ଭାଗ ବଢ଼ିଗଲାଣି । ଏହା ଅବଶ୍ୟ ବନସ୍ପତି ଘିଅରେ ମିଶିବାକୁ ଯାଉନାହିଁ । କିନ୍ତୁ ସାବୁନ୍ କାରଖାନା ମାନଙ୍କ ଭିତରେ ଏହା କ୍ରୟ କରିବାକୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି ।

ବଜାର ଗୁଆ ଘିଅରେ ଚର୍ବି ମିଶିବା ଅଧିକ ସହଜ !

ବନସ୍ପତି ଘିଅରେ ପଶୁ ଚର୍ବି ମିଶିଗଲେ ଅତି ସହଜ ଏବଂ ସାଧାରଣ ଲୋକେ ତାହା ଜାଣି ପାରିବେ ନାହିଁ ବୋଲି ଦଳେ ବିଶେଷଜ୍ଞ ମତ ଦେଉଥିଲା ବେଳେ ଅନ୍ୟ କେତେକଙ୍କ ମତରେ ଏହା ସହଜରେ ମିଶି ପାରିବ ନାହିଁ ଏବଂ ମିଶିଲେ ମଧ୍ୟ ଜଣାପଡ଼ିବ ।

ପ୍ରଥମ ମତ ଅନୁସାରେ (୧) ଘିଅର ବାସନା ଚର୍ବିର ବାସନାକୁ ସହଜରେ ଚାପି ଦେବ । (ଅବଶ୍ୟ ବନସ୍ପତିର କୌଣସି ବାସନା ନାହିଁ) (୨) ଘିଅ ଓ ଚର୍ବି ଉଭୟେ ପଶୁଜାତ ଦ୍ରବ୍ୟ ହୋଇଥିବାରୁ ତେଲରୁ ତିଆରି ବନସ୍ପତି ଘିଅ ଅପେକ୍ଷା ଖାଣ୍ଟି ଗୁଆ ଘିଅ ବା ମଇଁଷି ଘିଅ ବୋଲି ବଜାରରେ ଯାହା ବିକ୍ରି ହେଉଛି ସେଥିରେ ଏହି ପଶୁଚର୍ବି ମିଶିବା ଅଧିକ ସହଜ ।

ଚୀନା ହୋଟେଲରେ ଚର୍ବି ବ୍ୟବହାର

ଆମ ଦେଶରେ ଚୀନା ଖାଦ୍ୟର ଆଦର କ୍ରମେ ଅଧିକ ପ୍ରସାର ଲାଭ କରୁଛି । କିନ୍ତୁ ଏହି ସବୁ ହୋଟେଲରେ ମୁଖ୍ୟତଃ ଚର୍ବିରେ ହିଁ ସବୁକିଛି ଭଜା ଭଜି କରାଯାଇ ସବୁ ଖାଦ୍ୟ ସୁସ୍ୱାଦୁ କରାଯାଇ ଥାଏ ବୋଲି ସେଠାକାର କର୍ମଚାରୀ ମାନେ ମତ ଦିଅନ୍ତି । ସେଇଥିପାଇଁ ଚୀନା ଖାଦ୍ୟ ସବୁ ଉଷୁମ ବା ଗରମ ଅବସ୍ଥାରେ ଖାଇଲେ ହିଁ ସ୍ୱାଦିଷ୍ଟ ହୋଇଥାଏ । କିନ୍ତୁ ଥଣ୍ଡା ହୋଇଗଲେ ତାହା ଏକାନ୍ତ ରୁଚିହୀନ ଜଣାପଡ଼େ । ଅଥଚ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟରେ ଏଭଳି କିଛି ପାର୍ଥକ୍ୟ ଜଣାପଡ଼େ ନାହିଁ । ଏଥିରୁ ଗ୍ରାହକମାନେ ବହୁ କିଛି ଆଶଙ୍କା କରୁଛନ୍ତି ଏବଂ କଟକରେ ଗତ ତିନି ମାସ ହେଲା ଚୀନା ହୋଟେଲ ମାନଙ୍କରେ କାରବାର ଶତକଡ଼ା ପ୍ରାୟ ୪୦ ଭାଗ କମିଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ୁଛି ।

କିନ୍ତୁ ଘିଅ ଶିଳ୍ପପତି ମାନଙ୍କ ସୂତ୍ରରୁ କୁହାଯାଉଛି କି ପ୍ୟାକେଟ କରାହୋଇଥିବା ଚର୍ବିକୁ ଚିହ୍ନୋଟ କରିବା ଅତି ସହଜ କାରଣ (୧) ଚର୍ବି ଏକ ପଶୁଜାତ ଦ୍ରବ୍ୟ ଓ ବନସ୍ପତି ଉଦ୍ଭିଦରୁ ସୃଷ୍ଟି । ଉଭୟଙ୍କ ମୌଳିକ ଚରିତ୍ର ଭିନ୍ନ ହୋଇଥିବାରୁ ଦୁଇଟିର ମିଶ୍ରଣ ଅସମ୍ଭବ (୨) ଚର୍ବିରେ ସର୍ବଦା ସ୍ତର ସୃଷ୍ଟି ହୋଇଥାଏ । (୩) ଚର୍ବିରେ କେତେବେଳେ ଦାନା ସୃଷ୍ଟି ହୁଏ ନାହିଁ ଅଥଚ ଶୁଦ୍ଧ ବନସ୍ପତି ଘିଅ ସର୍ବଦା ଦାନାଦାର ହୋଇଥାଏ । (୪) ଚର୍ବି ଥିବା ଟିଣରୁ ସର୍ବଦା ଏକ ପ୍ରକାର ଆଇଁଷିଆ ଗନ୍ଧ ବାହାରେ ।

କିନ୍ତୁ ଏହି ମତକୁ ପ୍ରତିହତ କରି କୁହାଯାଏ କି ପଶୁ ଚର୍ବିର ଏକ ଉତ୍କଟ ଗନ୍ଧ ଥିଲେ ମଧ୍ୟ ଏହି ଗନ୍ଧକୁ ରାସାୟନିକ ପ୍ରକ୍ରିୟା ଦ୍ୱାରା ହ୍ରାସ ଅଥବା ସମ୍ପୂର୍ଣ୍ଣ ଦୂର କରାଯାଇ ପାରେ । ଗନ୍ଧ ଦୂର କରାଗଲା ପରେ ତାକୁ ବନସ୍ପତିରେ ମିଶାଇଲେ ସହଜରେ ଧରାହେବ ନାହିଁ । କଟକରେ ଯଦି ମୋବିଲକୁ ଗୁଆ ଘିଅରେ ରୂପାନ୍ତରିତ କରାଯାଇ ପାରିଲା ତେବେ ଜାତୀୟ ସ୍ତରରେ ପଶୁ ଚର୍ବିକୁ ଖାଣ୍ଟି ଗୁଆ ଘିଅ ବା ଶୁଦ୍ଧ ବନସ୍ପତିରେ କାହିଁକି ବା ରୂପାନ୍ତରିତ କରାହେବ ନାହିଁ ?

ଏହି ଅପମିଶ୍ରଣକୁ ଚଉକି କରିବା ପାଇଁ ବିଶେଷ କରି ଚର୍ବି ମିଶିଛି କି ନାହିଁ ତାହା ଜାଣିବା ପାଇଁ ଯେଉଁ ପଦ୍ଧତିରେ ପରୀକ୍ଷା କରାଯାଏ ତାକୁ ଗ୍ୟାସ୍ ଲିକ୍ୟୁଇଡ୍ କ୍ରୋମୋଟୋଗ୍ରାଫ ଟେଷ୍ଟ (ଏଲ୍.ପି.ଟି.) କୁହାଯାଏ । କିନ୍ତୁ ଏହି ପରୀକ୍ଷା ବିନା ଉତ୍ପାଦନ ସ୍ଥଳରେ ହେବ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟବସାୟୀମାନେ ମିଶାଇଲେ ତାହା ପରୀକ୍ଷା କରିବା ପାଇଁ ପ୍ରତି ଘରୁ ନମୁନା ସଂଗ୍ରହ କରିବାକୁ ପଡ଼ିବ । ଆମ ଦେଶରେ ଏଭଳି ବ୍ୟାପକ ବ୍ୟବସ୍ଥା ନାହିଁ । □

ରାଜ୍ୟ ବିଦ୍ୟୁତମନ୍ତ୍ରୀ ୭ କୋଟି ଟଙ୍କା ଆୟ କଲେଣି ?

ଏହାର ତୁରନ୍ତ ଅନୁସନ୍ଧାନ କରାଯାଉବୋଲି ପ୍ରଧାନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ?

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଓଡ଼ିଶାର ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ତାଙ୍କ ମନ୍ତ୍ରୀତ୍ୱକାଳ ମଧ୍ୟରେ ପ୍ରାୟ ୭ କୋଟି ଟଙ୍କା ସଂଗ୍ରହ କରି ନିଜ ସମ୍ପତ୍ତି ବୃଦ୍ଧି କରି ପାରିଛନ୍ତି-ବୋଲି ଅଭିଯୋଗ କରି ଏହାର ତଦନ୍ତ କରିବା ନିମନ୍ତେ ରାଜ୍ୟର କେତେକ ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ଓ ଉଚ୍ଚ ପ୍ରଶାସନିକ କର୍ମଚାରୀ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତଥା ରାଷ୍ଟ୍ରପତି ଶ୍ରୀ ଜୈଲ ସିଂହଙ୍କ ନିକଟକୁ ସ୍ମାରକପତ୍ର ପଠାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ଏହି ସ୍ମାରକ ପତ୍ର କଲିକତାରେ ପ୍ରସ୍ତୁତ କରାଯାଇଥିଲା ଏବଂ ନୂଆଦିଲ୍ଲୀରେ ଶ୍ରୀମତୀ ଗାନ୍ଧୀଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ଥିବା ଉତ୍ତରପ୍ରଦେଶର ଜଣେ ବ୍ୟକ୍ତିଙ୍କ ଜରିଆରେ ଏହି ସ୍ମାରକ ପତ୍ର ଦିଆଯାଇଛି ।

ଓଡ଼ିଶାରେ ପଞ୍ଜାବ ମାନଙ୍କମଧ୍ୟରେ ଜଣେ ଅତି ଜଣାଶୁଣା ବ୍ୟକ୍ତି ରାଷ୍ଟ୍ରପତିଙ୍କୁ ଏହି ସ୍ମାରକ ପତ୍ରର ନକଲ ଦେବା ଦାୟିତ୍ୱ ନେଇଛନ୍ତି ।

ଜଳସେଚନ ଓ ବିଦ୍ୟୁତ୍ ବିଭାଗ ଦାୟିତ୍ୱ ନେବା ପରଠାରୁ ପ୍ରତ୍ୟେକ ବଡ଼ ବଡ଼ କାର୍ଯ୍ୟରେ ଶ୍ରୀଯୁକ୍ତ ପଟ୍ଟନାୟକ କୁଆଡ଼େ ଟେଣ୍ଡର ଗ୍ରହଣ କରିବା ଅବସ୍ଥାରେ ଶତକଡ଼ା ୧ ଭାଗ ହାରରେ ନିଜର ବଟି ନେଉଥିଲେ । ତାହା ପରବର୍ଷ ଏହା ଶତକଡ଼ା ୨ ଭାଗକୁ ବୃଦ୍ଧି ପାଇଥିଲା ଏବଂ ଗତ ବର୍ଷ ଏହା ଶତକଡ଼ା ୩ ଭାଗକୁ ବୃଦ୍ଧି ପାଇଛି । ଯେଉଁ କଣ୍ଟ୍ରାକ୍ଟରମାନେ ଶତକଡ଼ା ୩ ଭାଗ ଟଙ୍କା ଅଗ୍ରୀମ ଦେଇପାରୁନାହାନ୍ତି ସେମାନଙ୍କ ଟେଣ୍ଡର 'ଲୋଏଷ୍ଟ' ହୋଇଥିଲେ ମଧ୍ୟ ତାଙ୍କୁ କାମ ମିଳୁନାହିଁବୋଲି ବିଭିନ୍ନ ମହଲରେ ଆଲୋଚନା ଚାଲିଛି ।

ଉକ୍ତ ସ୍ମାରକ ପତ୍ରରେ ପ୍ରଦତ୍ତ ଏକ ପରିସଂଖ୍ୟାନ ଅନୁଯାୟୀ ପ୍ରତିବର୍ଷ ଜଳସେଚନ

(ଅବଶିଷ୍ଟାଂଶ ୪୦ ପୃଷ୍ଠାରେ)

Images: Aptakama Mishra, Processing: Srujanika

ବୋଲାଙ୍ଗିର ପି.ସି.ସି ସଭାପତିଙ୍କ ତ୍ରିଶଙ୍କୁ ଅବସ୍ଥା

ରାଜ୍ୟ ସଭାପାଇଁ ଆବେଦନ କରିଥିବା ଲୋକସଭା ସଭ୍ୟମାନଙ୍କୁ ଆଉ ଟିକେଟ ଦିଆଯିବ ନାହିଁ ବୋଲି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନୀତି ନିର୍ଦ୍ଧାରଣ

(ନିଜ ପ୍ରତିନିଧିଙ୍କ ଠାରୁ)

କଂଗ୍ରେସ ଦଳର ଯେଉଁ ଲୋକସଭା ସଦସ୍ୟମାନେ ରାଜ୍ୟସଭା ଟିକେଟ ପାଇବା ପାଇଁ ଦରଖାସ୍ତ କରିଥିଲେ ଆସନ୍ନ ଲୋକସଭା ନିର୍ବାଚନ ବେଳେ ସେମାନଙ୍କ ପ୍ରାର୍ଥୀତ୍ୱ ବିଚାରକୁ ନିଆଯିବ ନାହିଁ ବୋଲି କେନ୍ଦ୍ର କଂଗ୍ରେସ ନେତୃତ୍ୱ ଆପାତତଃ ସ୍ଥିର ଧାର୍ଯ୍ୟ କରିଥିବାରୁ ଓଡ଼ିଶାର ତିନିଜଣ ଲୋକସଭା ସଦସ୍ୟ ତ୍ରିଶଙ୍କୁ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶାର ବୋଲାଙ୍ଗିର ପି.ସି.ସି. ସଭାପତି ଶ୍ରୀ ନିତ୍ୟାନନ୍ଦ ମିଶ୍ର, ଶ୍ରୀ ଲକ୍ଷ୍ମଣ ମଲ୍ଲିକ ଓ ପୂର୍ବତନ କେନ୍ଦ୍ର ଉପମନ୍ତ୍ରୀ ଶ୍ରୀ ଗିରିଧାରୀ ଗମାଙ୍ଗ ଅନ୍ତର୍ଭୁକ୍ତ ।

ଶ୍ରୀ ମଲ୍ଲିକ ଲୋକସଭାକୁ ନିର୍ବାଚିତ ହେବା ପରେ ରାଜ୍ୟରେ ମନ୍ତ୍ରୀ ହେବା ଆଶାରେ ରାଜ୍ୟ ବିଧାନ ସଭାକୁ ମଧ୍ୟ ନିର୍ବାଚିତ ହେବାକୁ ଚେଷ୍ଟା କରି ଅତୀତରେ ଶିଶୁପାଳ ହୋଇଥିଲେ ଏବଂ ବର୍ତ୍ତମାନର ରାଜ୍ୟ ରାଜସ୍ୱ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ତାଙ୍କର ସେ ଉଦ୍ୟମକୁ ପଣ୍ଡ କରିଦେଇଥିଲେ । ହରିଜନ ନେତାରୂପେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମଧ୍ୟ ସ୍ଥାନ ପାଇବାର ଆଶା ଚରିତାର୍ଥ ନହେବାରୁ ଆସନ୍ନ ଲୋକସଭା ନିର୍ବାଚନରେ ଭୋଟରଙ୍କ ସମ୍ମୁଖୀନ ହେବାକୁ ଭୟକରି ରାଜ୍ୟ ସଭାକୁ ଚାଲିଯିବା ପାଇଁ ସେ ପ୍ରାଣପଣେ ଉଦ୍ୟମ କରିଥିଲେ ବି ଶେଷରେ ସେ ନିରାଶ ହୋଇ ମ୍ରିୟମାଣ ହୋଇ ପଡ଼ିଛନ୍ତି । ଜଗତସିଂପୁର ସବ୍‌ଡିଭିଜନ୍‌ରେ ଶ୍ରୀ ବସନ୍ତ ବିଶ୍ୱାଳ ଓ ଶ୍ରୀ ବାସୁଦେବ ମହାପାତ୍ରଙ୍କ ପ୍ରାଧାନ୍ୟ ସାଙ୍ଗକୁ ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ପ୍ରାର୍ଥୀମାନଙ୍କର ପରାଜୟ ତାଙ୍କୁ ଅତି ଅଡୁଆ ଅବସ୍ଥାରେ ପକାଇଛି । ରାଜ୍ୟସଭା ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପାଇଁ ହୋଇଥିବା ପି.ସି.ସି. ବୈଠକରେ ତାଙ୍କ ପ୍ରାର୍ଥୀତ୍ୱ ବିଷୟରେ ସୁପାରିଶ କରିବା ପାଇଁ ସେ ଅତି କାତର ଭାବେ ନିବେଦନ କରିଥିବା ଜଣାଯାଏ ।

ସେହିଭଳି ପି.ସି.ସି ସଭାପତି ଶ୍ରୀ ନିତ୍ୟାନନ୍ଦ ମିଶ୍ର ନିଜେ ଲୋକସଭା ସଭ୍ୟ ଥାଇ ରାଜ୍ୟସଭାକୁ ଯିବା ନିମନ୍ତେ ଆବେଦନ କରି ରାଜ୍ୟ କଂଗ୍ରେସ ଲୋକଙ୍କ ମୁହଁରେ ଚୂନବୋଳି ଦେଇଛନ୍ତି । ତାଙ୍କର ଏ ଉଦ୍ୟମରୁ ଓଡ଼ିଶାରେ ଆସନ୍ନ ପାର୍ଲାମେଣ୍ଟ ନିର୍ବାଚନରେ କଂଗ୍ରେସ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେବାର ଆଶଙ୍କା ଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ପି.ସି.ସି, ସଭାପତି ସଙ୍ଗଠନକୁ ମଜଭୁତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବେ ବୋଲି ବାହାସ୍ଫୋଟ ମାରୁଥିବା ବେଳେ ନିଜେ ଭୋଟରଙ୍କ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ନୁହଁନ୍ତି ବୋଲି ଜଣାପଡ଼ିବାରୁ କଂଗ୍ରେସ ଲୋକହିସାବରେ ଯାହାବି ତାଙ୍କର ସମ୍ମାନ ଥିଲା ତାହା ମାଟିରେ ମିଶିଗଲାଣି । ବଲାଙ୍ଗିର ରାଜନୀତିରେ ଶ୍ରୀ ମିଶ୍ର ଓ ସରକାରୀ ଦଳର ଉପମୁଖ୍ୟ ସଚେତକ ଶ୍ରୀ ପ୍ରସନ୍ନ କୁମାର ପାଲଙ୍କ ଅହିନକୁଳ ସଂପର୍କ । ଶ୍ରୀ ପାଲ ଏହି ମଉକାରେ ବଲାଙ୍ଗିର ଜିଲ୍ଲାରେ ଶ୍ରୀ ମିଶ୍ରଙ୍କର ସ୍ଥିତି ବିପନ୍ନ କରି ତାଙ୍କୁ ଏକଘରକିଆ କରିଦେବା ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ କରି ଦେଲେଣି । ଏବେ ଅବସ୍ଥା ଏପରିଯେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଦୈନିକ ଭେଟିବା ଛଡ଼ା ଶ୍ରୀ ମିଶ୍ରଙ୍କର ଅନ୍ୟ କିଛି ବାଟ ନାହିଁ । ଓଡ଼ିଶା ରାଜନୀତିରେ ବିଶେଷ କିଛି ପ୍ରଭାବ ନ ଥିବା ପୂର୍ବତନ କେନ୍ଦ୍ର ଉପମନ୍ତ୍ରୀ ଶ୍ରୀ ଗିରିଧାରୀ ଗମାଙ୍ଗଙ୍କ ମଧ୍ୟ ଅବସ୍ଥା ସେଇଆ ।

ରାଜ୍ୟ ସଭା ପାଇଁ ଦରଖାସ୍ତ କରିଥିବା ମୋଟ ୩୫ ଜଣଙ୍କ ଭିତରୁ ତଥାକଥିତ ଅସନ୍ତୁଷ୍ଟ ନେତା ଶ୍ରୀ କହ୍ନୁଚରଣ ଲେଙ୍କା, ଅବକାରୀ ମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ।

ଅସନ୍ତୁଷ୍ଟ ନେତା ପରେ ସନ୍ତୁଷ୍ଟ ହେବା ଆଶାରେ ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଶାଇଥିଲେ ମଧ୍ୟ ଏ ଯାବତ୍ ତାଙ୍କର କିଛି ନ ହେବାରୁ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଅନ୍ୟତମ ମୁଖ୍ୟ ଗୁମାସ୍ତା ଶ୍ରୀମଖନ୍‌ଲାଲ୍ ଫୋତେଦାରଙ୍କୁ ଗୁହାରିକରି ରାଜ୍ୟ ସଭାକୁ ଯିବାନିମନ୍ତେ ଶ୍ରୀ ଲେଙ୍କା ଅଣ୍ଟା ଭିଡ଼ିଥିଲେ । କିନ୍ତୁ ତାଙ୍କଗୁହାରି କେହି ଶୁଣିଲେନାହିଁ । ଶ୍ରୀ ଫୋତେଦାର କୁଆଡ଼େ ମୁଖ୍ୟମନ୍ତ୍ରୀ ଓ ଶ୍ରୀ ଲେଙ୍କାଙ୍କ ମଧ୍ୟରେ ମିଳନ ଘଟାଇବାରେ ମୁଖ୍ୟଅଂଶ ଗ୍ରହଣ କରିଥିଲେ ଏବଂ ଏ ମିଳନପରେ ଶ୍ରୀ ଲେଙ୍କାଙ୍କୁ ଯଥାଯୋଗ୍ୟ ସ୍ଥାନରେ ଅବସ୍ଥାପିତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଏହି ପ୍ରତିଶ୍ରୁତି ଅନୁଯାୟୀ ଶ୍ରୀ ଲେଙ୍କାଙ୍କୁ ପି. ସି. ସି. ସଭ୍ୟ ରୂପେ ଗ୍ରହଣ କରାଗଲା । ଏହାପରେ ସେ ଅଧିକ କିଛି ଆଶାକରିବା ଅନୁଚିତ୍ ବୋଲି ପି-ସି-ସି କୋଷାଧ୍ୟକ୍ଷ କୁଆଡ଼େ ତାଙ୍କୁ ଖେକଠୋକ୍ କହି ଦେଇଛନ୍ତି ।

ରାଜ୍ୟ ସଭାପାଇଁ ମନୋନୟନ ପତ୍ର ଦାଖଲ କରାଯିବାର ଅବ୍ୟବହିତ ପୂର୍ବରୁ କେତେକ ଏମ୍-ଏଲ୍-ଏ ଗୋଟିଏ ଅଞ୍ଚଳପକ୍ଷରୁ ଅଲବତ୍ ମନୋନୟନ ପତ୍ର ଦାଖଲ କରାଯିବ ବୋଲି ବାହାରେ କହି ବୁଲିବା ପରେ ସେମାନଙ୍କୁ ଅଳ୍ପକେ ସନ୍ତୁଷ୍ଟ କରି ଦିଆଯିବାରୁ ବିଭିନ୍ନ ହୋଟେଲରେ ଦୁଇଦିନ ପର୍ଯ୍ୟନ୍ତ ସେମାନେ ରହିଗଲେ ବୋଲି ଜଣାଯାଇଛି । □

ଖାରବେଳ

ବାର୍ଷିକ ମୂଲ୍ୟ	—ଟ ୧୨୫ଙ୍କା
ଷାଣ୍ମାସିକ	—ଟ ୬୫ ଙ୍କା
ତ୍ରୈମାସିକ	—ଟ ୩୪ ଙ୍କା
ମାସିକ	—ଟ ୧୧ ଙ୍କା

ଏଜେଣ୍ଟମାନଙ୍କ ପାଇଁ ସ୍ୱତନ୍ତ୍ର କମିଶନ୍‌ର ବ୍ୟବସ୍ଥା ଅଛି

Images: Aptakama Mishra, Processing: Srujanika

ଟିକସ ଫାଙ୍କିର କାରଣ

ଟିକସ ଆଇନରେ ନୈତିକତାର ସ୍ଥାନ ନାହିଁ ବୋଲି ପ୍ରବାଦ ଅଛି । ଆମ ଦେଶରେ ଆଇନର ବ୍ୟବସ୍ଥା ଏପରି ଯେ ସ୍ଥଳ ବିଶେଷରେ କେତେକ ବ୍ୟକ୍ତିଙ୍କୁ ନିଜ ଆୟର ଶତକଡ଼ା ୯୦ ଭାଗ ଟଙ୍କା ଆୟକର ସ୍ୱରୂପ ଦେବାକୁ ପଡୁଛି । ଫଳରେ ସେହିଭଳି ଆୟକାରୀ ଶ୍ରେଣୀର ଲୋକେ ଟିକସ ଦେବା ପରିବର୍ତ୍ତେ ଟିକସକୁ ଏଡ଼ାଇ ଚାଲିବା ପାଇଁ ବିଭିନ୍ନ କୌଶଳମାନ ଖଞ୍ଜନ୍ତି । ଏହି ହିସାବ ବହିର୍ଭୂତ ଧନ କଳାଟଙ୍କା ରୂପେ ଦେଶରେ ଏକ ସମାନ୍ତରାଳ ଅର୍ଥନୀତି ସୃଷ୍ଟି କରିଛି ଏବଂ ଦେଶର ଅର୍ଥନୀତି ସେଇଥିପାଇଁ ଏକ ଗୁରୁତର ସଙ୍କଟର ମଧ୍ୟ ସମ୍ମୁଖୀନ ହୋଇଛି ।

ସୁପ୍ରିମକୋର୍ଟଙ୍କ ମତରେ ଟିକସ ଫାଙ୍କିବାଟା ଦୋଷାବହ ଏବଂ ନିଜର ଆୟକୁ ଖାତାପତ୍ରରେ ଦେଖାଇଲା ବେଳେ ବିଭିନ୍ନ କୌଶଳ ଅବଲମ୍ବନ କରି ଯଦି ଟିକସ ଏଡ଼ାଇବା ପାଇଁ ଚେଷ୍ଟା କରାଯାଏ ତେବେ ତାହା ଦୋଷାବହ ନୁହେଁ । ଅର୍ଥାତ ଜଣେ

ଶ୍ରୀ ଅରଜିତ୍ ପଶାୟତ

ଲୋକ ବାର୍ଷିକ ଗୋଟିଏ ସୂତ୍ରରୁ ଲକ୍ଷେ ଟଙ୍କା ଆୟ କରୁଥିଲେ ମଧ୍ୟ ଯଦି କୌଣସିମତେ ସେହି ଟଙ୍କାକୁ ଟିକସ ପଡୁ ନ ଥିବା କ୍ଷେତ୍ରରୁ ଆୟ ହୋଇଛି ବୋଲି ଦେଖାଇ ଦେଇପାରେ ତେବେ ତାହା ଅପରାଧ ହେବନାହିଁ । ଏ ସ୍ଥଳରେ ଗୋପାଳନ, ଚାଷ, କୁକୁଡ଼ା ପାଳନ ଆଦିରୁ ହେଉଥିବା ଆୟ ପ୍ରଣିଧାନ ଯୋଗ୍ୟ । ଉପରୋକ୍ତ ବ୍ୟକ୍ତି ଯଦି ନିଜ ଆୟର ବର୍ଣ୍ଣନ କରି ଦୁଗ୍ଧ ଉତ୍ପାଦନ ବା କୃଷି ଇତ୍ୟାଦିରୁ ଆୟ ହୋଇଛି ବୋଲି ଦେଖାଇ ଦେଇପାରେ ତେବେ ତାକୁ ସୁରକ୍ଷଣ ମାଫ୍ ।

ଟିକସ ଦେବାଟା ଗୋଟିଏ ନାଗରିକ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଦେଶରେ ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ସ୍ୱତଃ ନିଜ ଟିକସ ଦେଇ ଦେବାକୁ ଭଲ ପାଆନ୍ତି । ଅବଶ୍ୟ ଟିକସ ଦେବାଟାକୁ ଲୋକେ ଯଦିଓ ବିଶେଷ ନାପସନ୍ଦ କରନ୍ତି ଯେଉଁ ପରିମାଣର ଟିକସ ଧାର୍ଯ୍ୟ ହୋଇଛି ସେହିପରିମାଣ ଟିକସ ଦେବାକୁ ସେମାନେ ବିରକ୍ତ ହୁଅନ୍ତି । ଅନ୍ୟ କେତେକ ଟିକସ ଆଦାୟକାରୀଙ୍କୁ ନିଜର ପହିଲା ନମ୍ବର ଶତ୍ରୁ ବୋଲି ଭାବନ୍ତି ଏବଂ ଟିକସ ଆଦାୟକାରୀଙ୍କୁ ଯେତେ ପ୍ରକାରେ ଠକା କାଟିବା ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଥାନ୍ତି ।

ଟିକସ ଏଡ଼ାଇବା ଆଇନ ସିଦ୍ଧ ।

ଟିକସ ନ ଦେବାଟା ବେଆଇନ କିନ୍ତୁ ଟିକସକୁ ଏଡ଼ାଇ ଚାଲିବାଟା ଆଇନ ସିଦ୍ଧ । ଟିକସ ନ ଦେବାପାଇଁ ସାଧାରଣତଃ ଆୟକର ରିଟର୍ଣ୍ଣରେ ଭୁଲ ତଥ୍ୟ ଦିଆଯାଇ ଥାଏ ଅଥବା କେତେକ ସୂତ୍ରରୁ ଆୟ ହେଉଥିଲେ ମଧ୍ୟ ତାହା ଦର୍ଶାଯାଇ ନ ଥାଏ । ଆଇନରେ ଏଭଳି ଟିକସ ଫାଙ୍କି ବିରୁଦ୍ଧରେ କଠୋର ଦଣ୍ଡର ବ୍ୟବସ୍ଥା ଥିଲେ ମଧ୍ୟ ଏହି ଦଣ୍ଡ ଟିକସ ଫାଙ୍କି ତୁଳନାରେ କିଛି ନୁହେଁ କହିଲେ ଚଳେ । ଏଇଥିପାଇଁ ଆମ ସମୟର ଜଣେ ଅତି ପ୍ରଗତିଶୀଳ ବିଚାର ପତି ଶ୍ରୀ କୃଷ୍ଣା ଆୟାର ଏକ ରାୟରେ ଟିକସ ଫାଙ୍କି ଓ ଟିକସ ଏଡ଼ାଇବା ମଧ୍ୟରେ ଥିବା ପ୍ରଭେଦକୁ ସ୍ପଷ୍ଟ କରି ନ ଗଲେ ଜନମଙ୍ଗଳ ରାଷ୍ଟ୍ରରେ ଏକ ବିପଦ୍‌ଜନକ ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଶୁଣାଇଛନ୍ତି ।

ଅବାସ୍ତବ ଟିକସ

ଏହି ପରିପ୍ରେକ୍ଷୀରେ ଟିକସ ଫାଙ୍କି କଥା ବିଚାର କରାଯାଇ ପାରେ ।

ଦେଶରେ ଯେପରି ଭାବେ ଟିକସ ହାର ଧାର୍ଯ୍ୟ କରାଯାଇଛି ତାହା ସଂପୂର୍ଣ୍ଣ ଅବାସ୍ତବ ଏବଂ ଏହି ଅବାସ୍ତବ ବ୍ୟବସ୍ଥାହିଁ ଟିକସ ଫାଙ୍କିର ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ କାରଣ, କେତେକ କ୍ଷେତ୍ରରେ ଆୟକାରୀଙ୍କୁ ଶତକଡ଼ା ୯୦ ଭାଗ ଟିକସ ଦେବାକୁ ପଡ଼ୁଛି । ୱାଞ୍ଚୁ କମିଟି ଏଥିପାଇଁ ନିଜ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ସରକାର ଏହାକୁ ଗ୍ରହଣ କରି ଉଚ୍ଚ ଆୟକାରୀ ବ୍ୟକ୍ତିଙ୍କ ପାଇଁ ଟିକସ ପରିମାଣ କିଛିଟା ହ୍ରାସ କରିଥିଲେ । ଲୋକେ ନିଜ ଆୟର ଅଧିକାଂଶ ଅଂଶକୁ ଟିକସ ଆକାରରେ ଦେଇଦେବାକୁ ପ୍ରସ୍ତୁତ ନୁହନ୍ତି ଏବଂ ସେମାନଙ୍କୁ ଶୋଷଣ କରାଯାଉଛି ବୋଲି ଏ କ୍ଷେତ୍ରରେ ସେମାନେ ଅନୁଭବ କରନ୍ତି । ସେହିଭଳି ବିକ୍ରିକର କ୍ଷେତ୍ରରେ ମଧ୍ୟରେ ନିତ୍ୟ ସାମଗ୍ରୀ ଉପରେ କର ନ ଦେବାକୁ ସବୁ କ୍ରେତା ଇଚ୍ଛା କରିଥାନ୍ତି ।

ବିକ୍ରିକର ଆଇନ୍‌ରେ ମଧ୍ୟ କେତେକ ଦ୍ରବ୍ୟକୁ ସୌଖିନ ପଦାର୍ଥ ଶ୍ରେଣୀଭୁକ୍ତ କରାଯାଇ ସେଗୁଡ଼ିକ ଉପରେ ଅତିରିକ୍ତ ଟିକସ ବସାଯାଇଛି । କିଛିଦିନ ହେଲା ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀକୁ ମଧ୍ୟ ସୌଖିନ ଦ୍ରବ୍ୟ ତାଲିକାଭୁକ୍ତ କରାଯାଇଛି । ତେଣୁ ଲୋକେ ବିନା ଟିକସରେ ଏହି ଦ୍ରବ୍ୟସବୁ କିଣିବା ପାଇଁ ଦୋକାନୀଙ୍କୁ ବାଧ କରୁଛନ୍ତି ଏବଂ ଦୋକାନୀ ବିଚରା ଗରାଖ ହରାଇବା ଭୟରେ କ୍ରେତାଙ୍କ କଥାନୁଯାୟୀ ଜିନିଷ ବିକୁଛି ।

ଅଧିକ ଟିକସ ଅଧିକ ଫାଙ୍କି

ଯେଉଁ କ୍ଷେତ୍ରରେ ଟିକସ ଅଧିକ ଫାଙ୍କିବା ପ୍ରବଣତା ମଧ୍ୟ ଅଧିକ । ଟିକସ ମୁକ୍ତ ଦ୍ରବ୍ୟ କ୍ଷେତ୍ରରେ ଅବଶ୍ୟ ଟିକସ ଫାଙ୍କିର ପ୍ରଶ୍ନ ଉଠୁନାହିଁ । କିନ୍ତୁ ସ୍ଥାନ ବିଶେଷରେ ପରବର୍ତ୍ତୀ ଆୟକରରୁ ରିହାତି ପାଇବା ପାଇଁ କେତେକ ଟିକସମୁକ୍ତ ସାମଗ୍ରୀର ବିକ୍ରି ଆଦୌ ଦେଖାଇ ନ ଥାନ୍ତି । ଏବେ ଅଧିକାଂଶ ଦ୍ରବ୍ୟ ଉପରେ ଉତ୍ପାଦନ ସ୍ଥଳରେ ଟିକସ ଧାର୍ଯ୍ୟ କରାଯାଉଥିବାରୁ ବିକ୍ରିକର ଟିକସ ଫାଙ୍କିବା ପରିମାଣ ହ୍ରାସ ପାଉଛି । ସେଇଥିପାଇଁ ବିକ୍ରି ଟିକସ ପୁରାପୁରି ହଟାଇ ଦେବାପାଇଁ କେତେକ ମହଲରୁ ପରାମର୍ଶ ଦିଆଯାଇ ଥିଲା । ବିକ୍ରିକର ପରିବର୍ତ୍ତେ ଅବକାରୀ ଶୁଳ୍କ ଧାର୍ଯ୍ୟ କରିବାକୁ ସେମାନେ ଯେଉଁ ପରାମର୍ଶ ଦେଇଥିଲେ ତାକୁ କେତେକ ରାଜ୍ୟ ସରକାର ସମର୍ଥନ କଲେ ଓ କେତେକ ବିରୋଧ କଲେ । ଏହାଛଡ଼ା ବିକ୍ରିକର ପରିବର୍ତ୍ତେ "ଭାଲ୍ୟୁ ଆଡେଡ଼ ଟ୍ୟାକ୍ସ" ବସାଇବା ପ୍ରସ୍ତାବ ମଧ୍ୟ ସର୍ବାନ୍ତକରଣରେ ଗ୍ରହଣ ଯୋଗ୍ୟ ହୋଇନାହିଁ ।

ଟିକସ ଫାଙ୍କିର ଅନ୍ୟତମ ମୁଖ୍ୟ କାରଣ ରୂପେ ଦୁର୍ନୀତିଗ୍ରସ୍ତ ଅଫିସର କର୍ମଚାରୀଙ୍କ କଥା ଉଲ୍ଲେଖ କରାଯାଇ ପାରେ । ବିକ୍ରିକର ବିଭାଗର କେତେକ ଅଫିସର ଓ କର୍ମଚାରୀ କେତେକ ବ୍ୟବସାୟୀ ସଂସ୍ଥାରୁ ନିୟମିତ ମାସିକ ପାଉଣା ନେଉଥିବା ଜଣାଶୁଣା । ସେଭଳି କର୍ମଚାରୀମାନଙ୍କ ମଧ୍ୟରୁ କେତେକ ଅତି ଆରାମରେ ଚଳନ୍ତି ଏବଂ ନିର୍ଦ୍ଦିଷ୍ଟ ପଦବୀରେ ରହିବା ପାଇଁ ସେମାନଙ୍କୁ ବହୁତ ପଇସା ମଧ୍ୟ ଖର୍ଚ୍ଚ କରିବାକୁ ପଡ଼େ । ସେଭଳି ଅଫିସର, କର୍ମଚାରୀମାନଙ୍କ ଚକ୍ରାନ୍ତରେ ସାଧୁ ବ୍ୟବସାୟୀ ମାନେ ମଧ୍ୟ ଅସାଧୁ ହେବାକୁ ବାଧ୍ୟ ହୁଅନ୍ତି । □

Images: Aptakama Mishra, Processing: Srujanika

ପରମ ଶୈବ ଯୁଗସ୍ରଷ୍ଟା ଜୋଥୀ ରାମଲିଙ୍ଗମ୍

ଶ୍ରୀ କା. ନା. ସୁବ୍ରମଣ୍ୟମ୍

ଜୋଥି ରାମଲିଂଗମ ଏପରି ଜଣେ ଅସାଧାରଣ ବ୍ୟକ୍ତି ଥିଲେ ଯେ କି ଜାତି, ଧର୍ମ ବର୍ଣ୍ଣର ବାଛବିଚାର ନଥିବା ଏକ ସମାଜ ପ୍ରତିଷ୍ଠା କରିବା ପାଇଁ ତାଙ୍କର ସର୍ବସ୍ୱକୁ ବାଜି ଲଗାଇ ଦେଇଥିଲେ । ସେ ଏକ ଶ୍ରେଣୀ ବିହୀନ ସମାଜ ଗଠନ ସଂପର୍କରେ ଆହ୍ୱାନ ଦେଇଥିଲେ । ଏହି ସମାଜରେ ଲୋକମାନଙ୍କର ଗୋଟିଏ ଗୋଷ୍ଠୀ ରହିବ, ଗୋଟିଏ ବିଶ୍ୱାସ ରହିବ, ଗୋଟିଏ ଚିନ୍ତାଧାରା ରହିବ । ସେମାନେ ଏକ ଈଶ୍ୱରରେ ବିଶ୍ୱାସ କରିବେ ଏବଂ ପ୍ରତ୍ୟେକଙ୍କର ଗୋଟିଏ ପତ୍ନୀ ରହିବ ଏହା ଥିଲା ତାଙ୍କର ମତ ।

୧୮୨୩ ମସିହା ଅକ୍ଟୋବର ୫ ତାରିଖ ଦିନ ରାମଲିଙ୍ଗମ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାମାତା ଥିଲେ ତାମିଲ । ଧର୍ମ ପ୍ରତି ସେମାନଙ୍କର ପ୍ରବଳ ରକ୍ଷଣଶୀଳ ମନୋଭାବ ଥିଲା । କିନ୍ତୁ ସେମାନଙ୍କର ଶିକ୍ଷାଦୀକ୍ଷା ସେପରି କିଛି ନଥିଲା କହିଲେ ଚଳେ । ତେଣୁ ରାମଲିଙ୍ଗମ ମାତ୍ର ତିନି ଚାରି ବର୍ଷ ଶିକ୍ଷାଲାଭ କରିଥିଲେ । ଘରୋଇ ଭାବେ ତାଙ୍କୁ ପାଠ ପଢ଼ାଇବା ପାଇଁ ବହୁ ଚେଷ୍ଟା ହୋଇଥିଲା । କିନ୍ତୁ ଫଳ କିଛି ହେଲା ନାହିଁ । କିନ୍ତୁ ଏହା ସତ୍ତ୍ୱେ ରାମଲିଙ୍ଗମଙ୍କୁ ଯାହା ଭଲ ଲାଗୁଥିଲା ତାହାକୁ ସେ ସଙ୍ଗେ ସଙ୍ଗେ ମନେ ରଖୁଥିଲେ । ୧୮୭୪ରେ ରାମଲିଙ୍ଗମ ଦେହ ତ୍ୟାଗ କରିଥିଲେ ।

ରାମଲିଙ୍ଗମ ବହୁ ତାର୍କିକ ଭାଷଣମାନ ଦେଉଥିଲେ । ସଂଘବଦ୍ଧ ଧର୍ମଗୁଡ଼ିକ ବିରୁଦ୍ଧରେ ସେ ଏକାକୀ ସଂଗ୍ରାମ କରୁଥିଲେ । ଏକଦା ଗୋଟିଏ ପବିତ୍ର ଧର୍ମଗ୍ରନ୍ଥ ପ୍ରତି ଅବମାନନା ପ୍ରଦର୍ଶନ କରି ସେ ନିଜର ଗୀତଗୁଡ଼ିକୁ ପବିତ୍ର ବୋଲି କହିବାରୁ ତାଙ୍କ ନାମରେ ଇଂରେଜ କୋର୍ଟରେ ମକଦ୍ଦମା ଦାଏର କରାଗଲା । ଜାଫନାର ତାମିଲ ପଣ୍ଡିତ ଅରମୁଗା ନାୱଲର ତାଙ୍କ ବିରୁଦ୍ଧରେ ମକଦ୍ଦମା ଦାଏର କରିଥିଲେ । କେତେବର୍ଷ ପାଇଁ ନାଭାଲର ଖ୍ରୀଷ୍ଟ ଯାଜକ-ମାନଙ୍କର ଧର୍ମଗ୍ରନ୍ଥ ବାଇବେଲକୁ ଅନୁବାଦ କରୁଥିଲେ । ପରେ ସେ ହିନ୍ଦୁ ଧର୍ମ ପ୍ରତି ଏତେଦୂର ଆକୃଷ୍ଟ ହୋଇଗଲେ ଯେ ହିନ୍ଦୁ ଧର୍ମର ପ୍ରଚାର ପାଇଁ ନିଜକୁ ସଂପୂର୍ଣ୍ଣଭାବେ ନିୟୋଗ କରିଥିଲେ । ଏହା ଫଳରେ ନାଭାଲର ବହୁତ ଲୋକପ୍ରିୟ ହୋଇ ଉଠିଲେ । ନାଭାଲର ଯେଉଁ ମକଦ୍ଦମା ରାମଲିଙ୍ଗମଙ୍କ ବିରୁଦ୍ଧରେ ଦାଏର କରିଥିଲେ ତାହା ବାସ୍ତବରେ ଏକ ଆମୋଦ-ଦାୟକ ମକଦ୍ଦମା ଥିଲା । ନାଭାଲରଙ୍କର ଅଭିଯୋଗ ଥିଲା ଯେ, ରାମଲିଙ୍ଗମ ନିଜର ଗୀତଗୁଡ଼ିକୁ ପବିତ୍ର କହିବା ଦ୍ୱାରା ପବିତ୍ର ଧର୍ମ-ଗ୍ରନ୍ଥ ପ୍ରତି ଅବମାନନା ପ୍ରଦର୍ଶନ କରିଛନ୍ତି । ଏପରି ଏକ ଯୁକ୍ତି ଶୁଣି ମକଦ୍ଦମାର ବିଚାର କରୁଥିବା ବିଚାରପତି ହତବାକ୍ ହୋଇଗଲେ ଏବଂ ତାଙ୍କ ଆଗରେ ଏକ ଅଡୁଆ ପରିସ୍ଥିତି ଉପୁଜିଲା । ଦିନେ ରାମଲିଙ୍ଗମ ସ୍ଥିର କଲେ ଯେ, ସେ ନିଜେ ବିଚାରାଳୟକୁ ଯିବେ । ମୁଣ୍ଡରେ ହାତବୁଣା ସୂତାରେ ତିଆରି ହୋଇଥିବା ଟୋପି ପିନ୍ଧି ହାତରେ ନାଡ଼ିଶବାଡ଼ି ଧରି ବିଚାର କକ୍ଷମଧ୍ୟକୁ ରାମଲିଙ୍ଗମ ପ୍ରବେଶ କରିବାମାତ୍ରେ ସେଠାରେ ବସିଥିବା ଲୋକମାନେ ତାଙ୍କୁ ସମ୍ମାନ ଜଣାଇବା ପାଇଁ ଆସନ ଛାଡ଼ି ଠିଆ ହୋଇପଡ଼ିଲେ । ଅଭିଯୋଗକାରୀ ନାୱଲର ଥିଲେ ପ୍ରଥମ ବ୍ୟକ୍ତି ଯେ ଠିଆ ହୋଇପଡ଼ି ରାମଲିଙ୍ଗମଙ୍କୁ ସମ୍ମାନ ଜଣାଇଥିଲେ । ବିଚାରପତି ଏହା ଦେଖି ହୃଦୟଙ୍ଗମ କଲେ ଯେ, ରାମଲିଙ୍ଗମ ଯେଉଁ କବିତାମାନ ଲେଖିଛନ୍ତି ସେଥିରେ କିଛି ଯାଏଆସେ ନାହିଁ । କିନ୍ତୁ ଏହା ସତ୍ୟ ଯେ, ରାମଲିଙ୍ଗମ୍‌ଙ୍କ ପ୍ରତି ସମସ୍ତଙ୍କ ଅଗାଧ ସମ୍ମାନ ରହିଛି । ତେଣୁ ମକଦ୍ଦମାଟିକୁ ସେ ଖାରଜ କରିଦେଲେ ।

ପୁନର୍ଜନ୍ମ ବାଦ ତଥା ଏହାର ଆମୋଦାତ୍ମକ ପ୍ରତିକ୍ରିୟା ସର୍ବଦା ସମସ୍ତଙ୍କୁ ଆକୃଷ୍ଟ କରିଛି । ଜଣେ ତାମିଲ ଲେଖକ ଲେଖିଛନ୍ତି ଯେ ଜୋଥୀରାମଲିଙ୍ଗମ୍ ପୁନର୍ବାର ମହାତ୍ମା ଗାନ୍ଧୀ ହୋଇ ଜନ୍ମଗ୍ରହଣ କରିଥିଲେ । ସାହିତ୍ୟ ଏକାଡେମୀ ତାମିଲ ଲେଖକଙ୍କର ଏହି ପୁସ୍ତକକୁ ପୁରସ୍କାର ଦେଇଛନ୍ତି । ସତ୍ୟ ଓ ଧର୍ମ ସମ୍ବନ୍ଧରେ ରାମଲିଙ୍ଗମ କହୁଥିଲେ ତଥାପି ବି ତାଙ୍କର ଇଚ୍ଛାଥିଲା ଏକ ଆଧୁନିକ ସମାଜ ପ୍ରତିଷ୍ଠା କରିବା । ଶ୍ରେଣୀ ବିହୀନ ସମାଜ ଗଠନ ଥିଲା ତାଙ୍କର ଲକ୍ଷ୍ୟ । ସେ ଅହିଂସାର ପୂଜା କରୁଥିଲେ । କାହାରିକୁ ହତ୍ୟା କରିବା, ମାଂସ ମାଛ ଭକ୍ଷଣ କରିବା ଓ ମଦ୍ୟ-ପାନ କରିବାକୁ ସେ ସର୍ବଦା ବାରଣ କରୁଥିଲେ । ସବୁ ଜାତିଭେଦ ଉଠାଇ ଦେବା ଥିଲା ତାଙ୍କର ପ୍ରଚାର । ଏହିସବୁ ଗୁଣ ଓ ବିଚାର ଶକ୍ତି ଯୋଗ ଜୋଥୀ ରାମଲିଙ୍ଗମ ଜଣେ ମହାପୁରୁଷ ହୋଇ ପାରିଥିଲେ ।

ଜୋଥୀ ରାମଲିଙ୍ଗମ ଯେଉଁ ଉପଦେଶମାନ ଦେଉଥିଲେ ତାହା କ୍ରମେ ଧର୍ମରେ ପରିଣତ ହେବା କଥାରେ କିଛି ବିସ୍ମୟ ନାହିଁ । କାରଣ ସେତେବେଳେ ଧର୍ମ ମାଧ୍ୟମରେ ଚିନ୍ତାଶୀଳ ବ୍ୟକ୍ତିମାନେ ଜନସାଧାରଣଙ୍କର ଜୀବନକୁ ପ୍ରଭାବିତ କରୁଥିଲେ । ରାମଲିଙ୍ଗମ ଜଣେ ନିରକ୍ଷର ବ୍ୟକ୍ତିଥିଲେ । କିନ୍ତୁ ତାଙ୍କର ମାନସିକ ଶକ୍ତି ପ୍ରଚୁର ଥିଲା । ଏହା ସାହାଯ୍ୟରେ ସେ ବହୁତ କିଛି କରିଯାଇଛନ୍ତି । ତାଙ୍କର ପ୍ରାୟ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା କହିଲେ ଚଳେ । କିନ୍ତୁ ଦର୍ଶନଶାସ୍ତ୍ର ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ସେ ବହୁତ ପ୍ରଭାବବିସ୍ତାର କରିପାରିଛନ୍ତି । ତାଙ୍କର ଦୈବୀ-ମାନସିକ ଶକ୍ତି ଯୋଗୁ ଏହା ସମ୍ଭବ ହୋଇ-ପାରିଛି । ରାମଲିଙ୍ଗମ ଏକଥା ଭଲଭାବେ ଜାଣିଥିଲେ ଯେ, ମଣିଷ ଗୋଟିଏ ଜାତି ଏହା ଯଦି ମଣିଷ ନିଜ ଭିତରେ ଚିନ୍ତା କରେ ତେବେ ସମଗ୍ର ମାନବ ସମାଜ ଦିନେ ନଷ୍ଟ ହୋଇଯିବ । ଏକ ଜାତି ଏକ ବିଶ୍ୱ ପ୍ରତିଷ୍ଠା କରିବା ଥିଲା ତାଙ୍କର ଲକ୍ଷ୍ୟ । ଗୋଟିଏ ଈଶ୍ୱରଙ୍କୁ ଯଦି ମାନବମମାନ ପୂଜା କରେ ତେବେ ଏହି ଲକ୍ଷ୍ୟ ସଫଳ ହେବ ବୋଲି ସେ ଜାଣିଥିଲେ । ପରେ ତାଙ୍କର ଏହି ଚିନ୍ତାଧାରାରେ କେରଳର ଶ୍ରୀ ନାରାୟଣ ଗୁରୁସ୍ୱାମୀ ଉଦ୍‌ବୁଦ୍ଧ ହୋଇଥିଲେ । ସେ ପ୍ରଚାର କରିଥିଲେ ୩ଟି ମାର୍ଗ । ତାହା ଥିଲା

Images: Aptakama Mishra, Processing: Srujanika

ଏକ ଈଶ୍ୱର, ଏକ ଜାତି ଓ ଏକ ଧର୍ମ । ମଣିଷ ସମାଜ ପାଇଁ ଚିଦାମ୍ବରମଠାରେ ଥିବା ପବିତ୍ର ଷୃଦ୍ ମଣ୍ଡପର୍ ମୂର୍ତ୍ତି ହେଉଛନ୍ତି ଭଗବାନ ... ଏଠାରେ ରାମଲିଙ୍ଗମ ଜନ୍ମ ଗ୍ରହଣ କରିଥିଲେ । ଏହା ହେଉଛି ନଟରାଜଙ୍କର ଭୂମି । ତାଣ୍ଡବ ନୃତ୍ୟ କରି ସେ ସୃଷ୍ଟି କରିଥିଲେ ଏହି ସଂସାର । ରାମଲିଙ୍ଗମଙ୍କର ସଙ୍ଗୀତ ଥିଲା ଭିନ୍ନ ସ୍ୱାଦର । ଏହା ପାରମ୍ପରିକ ଭକ୍ତି ସଙ୍ଗୀତ ନଥିଲା । କାରଣ ନଟରାଜ ହେଉଛନ୍ତି ଦେବତାଙ୍କ ମଧ୍ୟରେ ରାଜା । ଜୋଥୀ ରାମ-ଲିଙ୍ଗମ ନଟରାଜଙ୍କର ଏପରି ଗୁଣଗାନ କରିଥିଲେ ଯେ ଜଣେ ନୈଷ୍ଠିକ ବ୍ରାହ୍ମଣ ଏହାକୁ ଆଉ ଜଣେ ହରିଜନ ସନ୍ୟାସୀ ନନ୍ଦନଙ୍କ ଠାରୁ ଶ୍ରବଣ କଲା ପରେ ନଟରାଜଙ୍କୁ ଦର୍ଶନ କରିବାକୁ ଚିଦାମ୍ବରମକୁ ଆସିଥିଲେ । ସେଠାରେ ସେ ନଟରାଜଙ୍କୁ ତାଣ୍ଡବନୃତ୍ୟ କରୁଥିବାର ଦେଖିଥିଲେ ବୋଲି ପ୍ରବାଦ ଅଛି ।

ତାମିଲ କବି ସୁବ୍ରମନ୍ୟମ ଭାରତୀୟ ଲୋକମାନଙ୍କ ମଧ୍ୟରେ ଜାତୀୟ ସଂହତି ଉଦ୍ରେକ କରିବା ନିମନ୍ତେ ରାମଲିଙ୍ଗମଙ୍କର କେତେକ କବିତାକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରାଇଥିଲେ । ଏହାର ସୁଫଳ ସେତେବେଳେ ବେଶ ମିଳିଥିଲା । ଊନବିଂଶ ଶତାବ୍ଦୀରେ ଏହି କବିତା ଗୁଡ଼ିକ ଅତି ଲୋକପ୍ରିୟତା ଅର୍ଜ୍ଜନ କରିଥିଲା । ଏବେ ମଧ୍ୟ ତାହାର ଯଥେଷ୍ଟ ଆବଶ୍ୟକତା ରହିଛି ।

ଚିଦାମ୍ବରଠାରେ ଥିବା ମନ୍ଦିର ଦୀକ୍ଷିତାର ମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ତେଣୁ ଏହି ମନ୍ଦିରରେ ଥିବା ଦେବତା ଓ ତାହାର ସମ୍ପତ୍ତି ଉପରେ ସେମାନେ ନିଜର ଏକମାତ୍ର କର୍ତ୍ତୃତ୍ୱ ଜାହିର କରିଥିଲେ । ତାମିଲ ଭାଷାରେ ପୂଜା ଅର୍ଚ୍ଚନା କରିବାପାଇଁ ସେମାନେ ନିଷେଧ କରିଥିଲେ । ନଟରାଜ ଓ ନଟରାଜଙ୍କ ଭକ୍ତ-ମାନଙ୍କ ମଧ୍ୟରେ ମଧ୍ୟସ୍ଥତା କରିବାପାଇଁ ବା ପୂଜା ଅର୍ଚ୍ଚନା ନିମନ୍ତେ ସେମାନେ ଅନ୍ୟ କାହାରିକୁ ସୁଯୋଗ ଦେଉନଥିଲେ । ବାସ୍ତବ ଦୃଷ୍ଟି କୋଣରୁ ଘଟଣାର ବିଚାର କରିବା ପାଇଁ ରାମଲିଙ୍ଗମ୍ ସେମାନଙ୍କୁ ଅନେକ ବୁଝାଇଥିଲେ । ମନ୍ଦିରର ସମ୍ପତ୍ତି ଉପରେ ତାଙ୍କର ଆଦୌ ଲୋଭ ନାହିଁ ବୋଲି ସେମାନଙ୍କୁ ସେ କହିଥିଲେ । ନଟରାଜଙ୍କୁ ସେ ନିଜ ଭାଷାରେ ପୂଜା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ମନ୍ଦିରର ପୂଜକମାନେ ତାହା କରିବାକୁ ତାଙ୍କୁ ତାଙ୍କୁ ଅନୁମତି ଦେଲେ ନାହିଁ । ଏପରିକି ନଟରାଜଙ୍କ ବିଗ୍ରହ ପାଖରେ ପହଞ୍ଚିବାକୁ ଯେଉଁ ୫ଟି ରୂପାର ପାବଚ୍ଛ ଅଛି ତାହା ମଧ୍ୟ ସ୍ପର୍ଶ କରିବାକୁ ରାମଲିଙ୍ଗମ୍ଙ୍କୁ ଅନୁମତି ଦିଆଗଲା ନାହିଁ । ମନ୍ଦିରର କର୍ତ୍ତୃପକ୍ଷଙ୍କୁ ବୁଝାଇ ନ ପାରିବାରୁ ରାମଲିଙ୍ଗମ୍ ଚିଦାମ୍ବରମ ଛାଡ଼ି ପଳାଇଗଲେ । ଗଲାବେଳେ ସେ କହିଗଲେ ଯେ ଚିଦାମ୍ବରମରେ ପ୍ରକୃତ ଦେବତା ନାହାନ୍ତି । ଦେବତାଙ୍କ ନାମରେ ସେଠାରେ ଏକ ଅନୁଷ୍ଠାନ ମାତ୍ର ଚାଲୁଛି । ନିଜର ଶୀଶଲ୍ଲ ବଲଲେ ସେ କହିଲେ ଯେ ପ୍ରକୃତ ନଟରାଜ ଯେଉଁଠି ତାଣ୍ଡବ ନୃତ୍ୟ କରୁଛନ୍ତି ତାହା ଅନ୍ୟ ସ୍ଥାନରେ । ଏହି ସ୍ଥାନଟି ଚିଦାମ୍ବରର ଉତ୍ତର ପଶ୍ଚିମରେ ଥିବା ବାଦା-ଲୁରଠାରେ । ମାଡ଼ାମ ବ୍ଲାଭାଟସ୍କିମଙ୍କ ମତରେ ରାମଲିଙ୍ଗମ ଏକ ସ୍ୱର୍ଗୀୟ ଦୀପ୍ତି ପାଇଲେ ଏବଂ ତାହାକୁ ତାଣ୍ଡବ ନୃତ୍ୟର କେନ୍ଦ୍ର କରିଦେଲେ । ବାଦାଲୁର ଠାରେ ସେ ଏହି ଦୀପ ପାଇଥିବାରୁ ସେହି ଦିନଠାରୁ ତାଙ୍କ ନାମ ଆଗରେ ଜୋଥୀ ଲାଗିଲା । ତାମିଲ ଭାଷାରେ ଜୋଥୀର ଅର୍ଥ ହେଉଛି ଆଲୋକ ।

ଦୀକ୍ଷିତାର ମାନଙ୍କର ପୁରାତନ ପରମ୍ପରା ବିରୁଦ୍ଧରେ ଯିବା ଏକ ସାହସିକ ପଦକ୍ଷେପ । ସେ ପୁରାତନ ପରମ୍ପରା—ବିରୁଦ୍ଧରେ ଏକ ନୂତନ ସଙ୍ଗଠନ ସୃଷ୍ଟି କଲେ । ଏହାକୁ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ଲୋକ ମିଳିଲେ ନାହିଁ । ଧର୍ମ ବେଳେ ବେଳେ ଭୁଲ ମାର୍ଗର ଲୋକମାନଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ । ବେଳେ ବେଳେ ଖରାପ ଶିଷ୍ୟମାନେ ମଧ୍ୟ ବ୍ରଣ୍ଡ ହୋଇଥାଆନ୍ତି । ଆଦିମକାଳରୁ ଏହା ହୋଇ-ଆସୁଛି । ମୂଳରୁ ରାମଲିଙ୍ଗମ୍ଙ୍କ ନିକଟରେ କେତେକ ଖରାପ ଶିଷ୍ୟ ଜୁଟିଯିବାରୁ ସେ ବହୁତ ଅସୁବିଧାରେ ସମ୍ମୁଖୀନ ହେଲେ । ନିଜର ଧର୍ମ ଉଦ୍ୟମ ସମ୍ପର୍କରେ ମୃତ୍ୟୁ ବେଳେ ସେ କହିଥିଲେ ଯେ ମଲା ପୂର୍ବରୁ ମୁଁ ଏକ ଦୋକାନ ଖୋଲିଲି । କିନ୍ତୁ କେହି କିଛି କିଣିବାକୁ ଆସିଲେ ନାହିଁ । ମୁଁ ପୁନର୍ବାର ଆସିବି ଏବଂ ଲୋକମାନେ ସେତେବେଳେ ଅଧିକ ନିଗ୍ରନ୍ତ ହୋଇଥିବେ ଓ ମୁଁ ଏକ ଦୋକାନ ଖୋଲିବି । ବିଫଳତାର ଏହା ଏକ ସ୍ୱୀକାରୋକ୍ତି କିନ୍ତୁ ଏହି ବିଫଳତାରେ କେତେ ସାହସ ଥିଲା ?

ରାମଲିଙ୍ଗମଙ୍କ କବିତାଗୁଡ଼ିକ ବେଶ୍ ଲୋକପ୍ରିୟ ଓ ଉତ୍ସାହଜନକ ଥିଲା । ତାଙ୍କର ଗଦ୍ୟ ରଚନା ମଧ୍ୟ ସେହିପରି ଥିଲା । ତାଙ୍କର ଜୀବିତାବସ୍ଥାନରେ ତାମିଲନାଡୁରେ କଦବା କେଉଁଠି ପତ୍ରିକା ପ୍ରକାଶ ପାଉଥିଲା । କିନ୍ତୁ ସେଗୁଡ଼ିକର ସାହାଯ୍ୟ ସେ ନେଉନଥିଲେ । ଧର୍ମ, ଓ ସାମାଜିକ ପରିବର୍ତ୍ତନ ଉପରେ ସେ ଲେଖାମାନ ଲେଖୁଥିଲେ । ସତ୍ୟସଙ୍ଘ ନାମକ ଏକ ଅନୁଷ୍ଠାନ ସେ ଗଠନ କରିଥିଲେ । କେତେ ସ୍ଥାନରେ ସେ ଦରିଦ୍ର ଲୋକମାନଙ୍କ ପାଇଁ ଅନ୍ନଛତ୍ର ମାନ ଖୋଲିଥିଲେ ।

ସ୍ୱେଚ୍ଛାକୃତଭାବେ ସେ ଦାରିଦ୍ର୍ୟ ଗ୍ରହଣ କରିଥିଲେ । ସତ୍ ଉପାୟରେ ଉପାର୍ଜ୍ଜନ କରିବାକୁ ସେ ପରାମର୍ଶ ଦେଉଥିଲେ । କାରଣ ସତ୍ ଉପାୟହିଁ ହେଉଛି ଏକମାତ୍ର ସମ୍ପତ୍ତି । ଏହାର ତୁଳନା ନାହିଁ । ସାମାଜିକ ଦୋଷ ଦୁର୍ବଳତା ଯୋଗୁ ଜନସାଧାରଣ ଆର୍ଥିକ ଅସୁବିଧା ଭୋଗୁଛନ୍ତି ବୋଲି ସେ ୟରୁ-ଥିଲେ । ଯଦିଓ ସେ ତାମିଲନାଡୁରେ ବାସ କରୁଥିବା ତାମିଲମାନଙ୍କୁ ଦୁଃଖ ନିର୍ଯ୍ୟାତନା ସମ୍ପର୍କରେ କହୁଥିଲେ ତଥାପି ବି ତାହା ସମଗ୍ର ମାନବ ସମାଜ ପ୍ରତି ପ୍ରଯୁଜ୍ୟ ।

ସେ ଏପରି ଏକ ସମାଜ ଗଠନ କରିବାକୁ ଚାହୁଁଥିଲେ ଯେଉଁଠାରେ କି ଦୟା, ସତ୍ୟ ଓ ଅହିଂସା ଥିବ । ପ୍ରତ୍ୟେକ ନରନାରୀ ସମାନ । ଜାତି, ବର୍ଣ୍ଣ, ଶ୍ରେଣୀ ଲୋପ ପାଇବା ଉପରେ ସେ ଗୁରୁତ୍ୱ ଦେଉଥିଲେ ।

ସତ୍ ଜୀବନ ଧାରଣ ପାଇଁ ରାମଲିଙ୍ଗମ ୪ଟି ମାର୍ଗ ଦର୍ଶାଇଅଛନ୍ତି । ପ୍ରଥମେ ହେଲା ଦାସ ମାର୍ଗ । ଏଥିରେ ପ୍ରତ୍ୟେକ ଜୀବଜନ୍ତୁଙ୍କର ସେବା କରିବ । ସତପୁତ୍ର ମାର୍ଗ । ଏଥିରେ ପ୍ରତ୍ୟେକ ଜୀବଜନ୍ତୁଙ୍କଠାରେ ପୁତ୍ରପରି ରହିବ । ମହା ମାର୍ଗରେ ପ୍ରତ୍ୟେକଙ୍କ ସହିତ ବନ୍ଧୁତା କରିବା ଏବଂ ୪ର୍ଥ ଟି ହେଲା ସନ ମାର୍ଗ । ନିଜେ ଯେପରି ଅନ୍ୟମାନଙ୍କୁ ସେହିପରି ଭାବିବା ।

ଏକମାତ୍ର ଦେବତା ଅଛନ୍ତି ଓ ତାଙ୍କୁ ଭକ୍ତିରେ ପୂଜା କରିବାକୁ ରାମଲିଙ୍ଗମ ପରାମର୍ଶ ଦେଇଛନ୍ତି । ବଳୀଦାନ ବ୍ୟବସ୍ଥାର ସେ ତୀବ୍ର ବିରୋଧ କରିଛନ୍ତି । ଏକ ସାମାଜିକ ପରିବର୍ତ୍ତନ ଘଟାଇବା ତାଙ୍କର ଲକ୍ଷ୍ୟ ଥିଲା । ପ୍ରାୟ ୫୦ ବର୍ଷଧରି ସେ ତାମିଲନାଡୁ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ସତ୍ମାର୍ଗ ଅନୁସରଣ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ । ମାନବ ସମାଜ ପାଇଁ ସେ ଦୟାର ଓ ସାମ୍ୟର ବାର୍ତ୍ତା ପ୍ରଚାର କରି ଯାଇଛନ୍ତି । □

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଓ ଶ୍ରୀ ସାମନ୍ତ

ପାକିସ୍ଥାନର ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଅବଦୁସ୍ ସଲାମ୍ ତାଙ୍କ ନିଜର ଗ୍ରେଟଝିଅକୁ ସବୁଦିନେ **ଅଙ୍କ,** ପଦାର୍ଥବିଜ୍ଞାନ ପଢ଼ାନ୍ତି । କିନ୍ତୁ କ୍ଲାସରେ ଝିଅଟି ପଦାର୍ଥ ବିଜ୍ଞାନରେ ଫେଲ୍ ହେଲା ।

ଝିଅଟି ଫେଲ୍ ହେବାର କାରଣ ଜାଣିବାକୁ ପୁଚ୍ଛିବାରୁ ଶ୍ରେଣୀ ଶିକ୍ଷକ କହିଲେ ।

ତୋ ବାପା ଯେଉଁସବୁ ବାଜେକଥା ଘରେ ପଢ଼ାଉଛନ୍ତି ସେସବୁ ସ୍କୁଲ ଖାତାରେ ଲେଖିଲେ ଫେଲ୍ ହେବୁ ।

ଏକଥା ଶୁଣିବା ପରେ ଝିଅଟି ବିଜ୍ଞାନ ପଢ଼ା ଛାଡ଼ିଦେଇ ସାହିତ୍ୟ ପଢ଼ୁଛି ।

“ରିଡରସ୍ ଡାଇଜେଷ୍ଟ”

× × ×

ଅଷ୍ଟାଦଶ ଶତାବ୍ଦୀରେ ୟୁରୋପର ଦୁଇଟି ଦେଶ ମଧ୍ୟରେ ଘୋର ଯୁଦ୍ଧ ଚାଲିଥିଲା । କୌଣସି ପକ୍ଷ ଅନ୍ୟକୁ ପରାସ୍ତ କରିବାର ସମ୍ଭାବନା ସୃଷ୍ଟି ହେଉ ନଥିଲା । ଏହିପରି ଭାବେ ଯୁଦ୍ଧ ଚାଲିଥିଲା ବେଳେ ଗୋଟିଏ ଦେଶର ରାଜା ତାଙ୍କ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଦିନେ ସନ୍ଧ୍ୟାରେ ଘୋଷଣା କଲେ “ଆସନ୍ତା କାଲି ସନ୍ଧ୍ୟା ସୁଦ୍ଧା ଯେଉଁମାନେ ଶତ୍ରୁପକ୍ଷ ସୈନ୍ୟଙ୍କ ମୁଣ୍ଡ କାଟି ଆଣିବେ ସେମାନଙ୍କୁ ମୁଣ୍ଡ ପିଛା ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଦିଆଯିବ ।

ପରଦିନ ସୈନ୍ୟମାନେ ପ୍ରବଳ ଉତ୍ସାହରେ ଯୁଦ୍ଧ କରି ପ୍ରତିପକ୍ଷ ସୈନ୍ୟଙ୍କୁ ପରାସ୍ତ କଲେ ଏବଂ ଶତ୍ରୁମାନଙ୍କ ମୁଣ୍ଡ ନେଇ ରାଜାଙ୍କ ପାଖରେ ହାଜର ହେଲେ ।

ଶେଷରେ ଜଣେ ସୈନ୍ୟ ଦଶଟି କଟାହାତ ଆଣି ରାଜାଙ୍କୁ ଦେଲେ ।

ରାଜା ଉତ୍କ୍ଷିପ୍ତ ହୋଇ ହାତ ଆଣିବାର କାରଣ ପଚାରିବାରୁ ସୈନ୍ୟ ଜଣକ ଭୟରେ ଥରଥର କହିଲା ମଣିମା ଯୁଦ୍ଧ କ୍ଷେତ୍ରରେ ଆଦୌ ମୁଣ୍ଡ ମିଳିଲା ନାହିଁ । ତେଣୁ ହାତକାଟି ଆଣିଛି ।

× × ×

ବିଚାରକ —ତୁମେ ତୁମ ସ୍ତ୍ରୀଙ୍କୁ କାହିଁକି ଛାଡ଼ପତ୍ର ଦେବ ?

ରାମ :—ସେ ମୋ ସହିତ ଗଲା ଦୁଇବର୍ଷ ହେବ କଥା ହୋଇ ନାହିଁ ।

ବିଚାରକ ! — କିନ୍ତୁ ତମେ ବର୍ତ୍ତମାନ କହିଲ ନା ତୁମର ଗଲାମାସରେ ଗୋଟିଏ ପିଲା ହୋଇଛି ?

ରାମ :—ପିଲା ଜନ୍ମ କରିବାକୁ କଥାବାର୍ତ୍ତାର ଦରକାର କଅଣ ।”

× × ×

ଓକିଲ :—ତୁମେ ଏତେ ନିଶ୍ଚିତ କିପରି ହେଲ ?

ସାକ୍ଷୀ :—ମୁଁ ଜାଣିଥିଲି କେବଳ ଜଣେ ବୋକାଲୋକ ମତେ ଏ ପ୍ରଶ୍ନ ପଚାରିବ ।

× × ×

—ବାବୁ, କଣ୍ଟାଟା ଓଲଟା କାମ କରୁଛି ।”

—“ମାନେ ।”

—“କାନ୍ଥରେ ନପଶି ହାତୁଡ଼ିରେ ପଶିଯାଉଛି ।”

—ବାବୁ ଟଳମଟଳ ଅବସ୍ଥାରେ ଉଠି ଠିଆହେଲେ ଏବଂ ଦେଖି ସାନ ଚାକରକୁ ଚଟକଣାଏ ପକାଇ —

“—ବେ, ତୋ ବୁଦ୍ଧି କେଉଁଠି ଅଛି ? ଦେଖୁନୁ ଏ କଣ୍ଟାଟାର ମୁନ ଓଲଟା ଆଡ଼କୁ ଅଛି, ଏ କଣ୍ଟା ଏ କାନ୍ଥର ନୁହେଁ-ଆରପଟ କାନ୍ଥର ।”

× × × ×

ଅଧ୍ୟାପକ— ସବୁଠୁ ଭଲ ଜିନିଷ କଅଣ ?

ଛାତ୍ର—ସୁରା ଓ ସାକ୍ୱୀ ।

× × × ×

—ଜଣେ ବ୍ୟବସାୟୀ ଆଉ ଜଣେ ବ୍ୟବସାୟୀଙ୍କୁ “ଆମର ଏହି ଅନୁଷ୍ଠାନଟି ଲାଭ ବିହୀନ ଅନୁଷ୍ଠାନ । ଅବଶ୍ୟ ଆରମ୍ଭ ବେଳେ ଆମର ଉଦ୍ଦେଶ୍ୟ ତାହା ନଥିଲା, ବର୍ତ୍ତମାନ ସେଇ ଅବସ୍ଥାରେ ପହଞ୍ଚିଛୁ ।”

× × × ×

ଜଣକ ସହିତ ପ୍ରେମରେ ପଡ଼ିବା ଏବଂ ହତାଶ ହେବା କିଛି ଗୋଟାଏ ବଡ଼କାମ ନୁହେଁ । କିନ୍ତୁ ଗୋଟିଏ ନୂଆ ଝିଅକୁ ମଣ କରିବା ପାଇଁ ଟଙ୍କା ଦରକାର ।

× × × ×

“—କେତେକ ଲୋକଙ୍କର କିଛି ପ୍ରୟୋଜନୀୟତା ନଥାଏ, ତାଙ୍କ ଦେଖା ମିଳେନାହିଁ ।”

—“ଆଉ ପଞ୍ଚାଏ ଅଛନ୍ତି ଯେଉଁମାନଙ୍କୁ ଖୋଜା ଚାଲିଛି ତେଣୁକରି ତାଙ୍କ ଦେଖା ମିଳୁନାହିଁ ।”

Images: Aptakama Mishra, Processing: Srujanika

ଓଡ଼ିଶାରେ ନିଷିଦ୍ଧ ଔଷଧର ବ୍ୟବହାର

ଏପିସି, ଡ୍ରିଷ୍ଟାନ, ଭେଜାନିନ୍, ସ୍ପାସ୍‌ମିଣ୍ଡନ ସ୍ୱାସ୍ଥ୍ୟପକ୍ଷେ ଗୁରୁତର କ୍ଷତିକାରକ

ପ୍ରଫେସର ଡକ୍‌ଟର ଏସ୍. ଜି. କାବ୍ରା

ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଭାରତୀୟ ଡ୍ରଗ କଣ୍ଟ୍ରୋଲରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ଔଷଧର ବ୍ୟାପକ କାରବାର ଓଡ଼ିଶାରେ ଚାଲିଛି ଏବଂ ଏହି ଔଷଧ ସେବନ-ଜନିତ ରାଜ୍ୟର ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ବିଶେଷଜ୍ଞ ମାନଙ୍କ ଏକ ସର୍ଭେରୁ ଜଣାପଡ଼ିଛି ।

ଜାତୀୟ ସ୍ତରରେ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଡ୍ରଗ୍ସ୍ ଟେକ୍‌ନିକାଲ ଆଡ଼ଭାଇଜରି ବୋର୍ଡରେ ବହୁ ତର୍କ ବିତର୍କ ପରେ କେତେଗୁଡ଼ିଏ ଔଷଧ ଶରୀର ପକ୍ଷେ କ୍ଷତିକାରକ ବୋଲି ସ୍ଥିର କରାଯାଇ ତାହାର ବ୍ୟବହାର ନିଷିଦ୍ଧ କରାଯାଇ ଥିଲା ଏବଂ ଏଗୁଡ଼ିକର ସେବନ ଫଳରେ ଶରୀରରେ ମାରାତ୍ମକ ପ୍ରତିକ୍ରିୟା ସୃଷ୍ଟି ହେବ ବୋଲି ମଧ୍ୟ ବିଶେଷଜ୍ଞମାନଙ୍କ ପକ୍ଷରୁ ସତର୍କ କରି ଦିଆଯାଇଥିଲା । କିନ୍ତୁ ଓଡ଼ିଶା ସମେତ ବହୁ ରାଜ୍ୟରେ ସରକାରୀ କଳର ଦକ୍ଷତାର ଅଭାବ ଯୋଗୁ ଡ୍ରଗ କଣ୍ଟ୍ରୋଲରଙ୍କ ଏହି ନିୟମକୁ କାର୍ଯ୍ୟକାରୀ କରାଯାଇ ପାରୁନାହିଁ । ଫଳରେ ନିରୀହ ଲୋକେ ଏହାର ଶିକାର ହେଉଛନ୍ତି । ଡ୍ରଗ କଣ୍ଟ୍ରୋଲରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ଔଷଧ ଗୁଡ଼ିକ ହେଲା:—

ଫେନାସିଟିନ୍ ଏହା ଏକ ଯନ୍ତ୍ରଣା ହ୍ରାସ କାରୀ ଔଷଧ । ଏହା ସେବନ କଲେ ଯକୃତ୍ (କିଡ୍‌ନି) ର ଅପୂରଣୀୟ କ୍ଷତିଘଟିଥାଏ ଏବଂ ଏହାର ଗୋଟିଏ ଅଂଶକୁ ରକ୍ତ ସଞ୍ଚାଳନ ହୋଇ ପାରେ ନାହିଁ । ନିର୍ଦ୍ଦିଷ୍ଟ ପରିମାଣରେ ଏହି ଔଷଧ ସେବନ ୧୯୮୨ ମସିହାରୁ ନିଷିଦ୍ଧ ହୋଇଥିଲେ ମଧ୍ୟ ଏହାର ବ୍ୟବହାର ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି । ୬୫ଟି ଫର୍ମୁଲେସନ୍‌ରେ ଏହା ଆସିଟେସାଇଲିକ ଏସିଡ ଏବଂ କାଫେନ ସହ ମିଶ୍ରିତ ଏବଂ ଆନ୍ୟ ୧୪ଟି ଫର୍ମୁଲେସନରେ ଏହା ଆସିଟିଆଲସାଇଲିକ ଏସିଡ଼୍ ଟିକୋଡେନ୍ ସହ ମିଶୁଛି । ଏହି ଫର୍ମୁଲେସନର ଅଧିକାଂଶ ଔଷଧ ପାରିବାରିକ ଚିକିତ୍ସାରେ ବ୍ୟବହୃତ ହୋଇଥାଏ ଏବଂ ଲୋକେ ବିନା ପ୍ରେସକ୍ରିପସନ୍‌ରେ ସାଧାରଣତଃ ଦୋକାନ ମାନଙ୍କରୁ ଏହି ଔଷଧ କିଣିଥାନ୍ତି । ଏହି ଔଷଧ ଥିବା ବିଭିନ୍ନ ବ୍ରାଣ୍ଡ ନାମ ହେଲା ଏ ପି.ସି (ବହୁ କମ୍ପାନୀ ଦ୍ୱାରା ପ୍ରସ୍ତୁତ) କାପ୍ରାମିନ୍ (ଗ୍ଲାସ୍କୋ) କୋଡରାଲ ବରୋଜ ଓ୍ୱେଲକମ୍ କୋଲଥେନ୍ ପି ପି ଏ (ଫେୟାରଡିଲ) ଡାର୍ଜିପାଲ (ଏସ୍.କେ.ଏଫ) ଡ୍ରିଷ୍ଟାନ (ହ୍ୱାଇଟହଲ) ନିଓଫାବ୍ରିନ୍ (ନିଓଫାର୍ମା) ଭେଜାନିନ୍ (ଓ୍ୱାରନର ହିନ୍ଦୁସ୍ତାନ) ଭେରଡନ୍ (ଇଣ୍ଡନ୍) ଏବଂ ଡୋଲଭିସନ୍ (ଟେସୁର)

ଅନ୍ୟଏକ ଔଷଧ **ଆମିଡୋ ପାଇରିନ୍** ଖାଇଲେ ହାଡ଼ରସର (ବୋନ୍‌ମାରୋ) ର ପରିମାଣ କମିଯିବ ଅଥବା ଅନ୍ତଃନାଳୀରେ ଭ୍ୟାନସର ହୋଇପାରେ ବୋଲି ଆଶଙ୍କା କରି ଏହି ଔଷଧର ବ୍ୟବହାର ମଧ୍ୟ ନିଷିଦ୍ଧ କରାଯାଇଥିଲା । ହାଡ଼ ଗଣ୍ଠି ବିନ୍ଧିବା ତଥା ଶରୀରର ଅନ୍ୟାନ୍ୟ ଅଂଶରେ ହେଉଥିବା ଯନ୍ତ୍ରଣା ଉପଶମ କରିବା ପାଇଁ ଏହି ଔଷଧ ବ୍ୟବହାର କରାଯାଇ ଥାଏ । ଏହି ଔଷଧଟି ପ୍ରାୟ ୪୦ଟି 'ବ୍ରାଣ୍ଡ' ନାମରେ ବ୍ୟବହୃତ ହୁଏ । ସେଗୁଡ଼ିକ ମଧ୍ୟରେ ସାଧାରଣରେ ଜଣାଶୁଣା ବ୍ରାଣ୍ଡ ଗୁଡ଼ିକ ହେଲା ବିକୋପାଇରିନ୍ (ବିକନ୍) ବାପ୍ଲୋପାଇରିନ୍ (ବାପ୍ଲୋକେମ୍) ବୁଟାପାଇରିନ୍ (ଇନ୍ଗା) କାବାକୁର୍ଜୀନ୍ (ଶିବ) ଡୋଲୋରଣ୍ଡନ୍ (ଇଣ୍ଡନ୍) ଏସ୍‌କିପାଇରିନ୍; ନିଓଫାବ୍ରିନ୍ (ନିଓଫାର୍ମା) ସ୍ପାସ୍‌ମିଣ୍ଡନ୍ (ଇଣ୍ଡନ) ଅପହଟଡନ୍ (ସାଣ୍ଡୋଜ୍) ଯୁନିସ୍ପାଜମ୍ (ଯୁନିକେମ୍) ।

୧୯୮୨ ମସିହାରେ ଭାରତୀୟ ହେଲ୍‌ଥ ସର୍ଭିସେସ୍‌ର ଡିରେକ୍‌ଟର ଜେନେରାଲ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ବିଭାଗ ନିର୍ଦ୍ଦେଶକ ମାନଙ୍କ ନିକଟକୁ ଏହି ନିଷିଦ୍ଧ ଔଷଧର ଏକ ତାଲିକା ପଠାଇଥିଲେ । ଏହି ତାଲିକାରେ ୧୮ଟି ଔଷଧର ମୂଳନାମ (ଜେନେଟିକ୍ ନେମ୍) ଦିଆ ଯାଇଥିଲା । ଏହି ଛଡ଼ା ହଜାର ହଜାର ବ୍ରାଣ୍ଡ ନାମରେ ମଧ୍ୟ ଏହି ଔଷଧ ସବୁ ବଜାରରେ ବିକ୍ରି ହେଉଛି । ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ଔଷଧର ତାଲିକା ପ୍ରସ୍ତୁତ କରି ସେଗୁଡ଼ିକର ପ୍ରଚଳନ ବନ୍ଦ କରାଇବା ହୁଏତ ଜିଲ୍ଲା ଔଷଧ ନିୟନ୍ତ୍ରକ ମାନଙ୍କ ପକ୍ଷେ କଷ୍ଟକର ବ୍ୟାପାର ହୋଇପାରେ କିନ୍ତୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟର ଔଷଧ ଯଥା ଫେନାସିଟିନ୍ ଆମିଡୋ ପାଇରିନ୍ ଏବଂ ହାଇଡ୍ରୋକ୍ସିକୁଇନୋଲାଇନ୍‌ର ବ୍ୟବହାର ନିଷିଦ୍ଧ କରିବା କର୍ତ୍ତୃପକ୍ଷଙ୍କ ପକ୍ଷରେ କଷ୍ଟକର ନୁହେଁ । କିନ୍ତୁ ଏହା ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ ।

ରାଜ୍ୟର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଯେଉଁସବୁ ଔଷଧ କ୍ରୟ କରାଯାଉଛି ଏବଂ ବିଭିନ୍ନ ସରକାରୀ ଡାକ୍ତରଖାନା ମାନଙ୍କୁ ପଠାଯାଉଛି ସେଥିରେ ମଧ୍ୟ ନିଷିଦ୍ଧ ଔଷଧ ରହୁଯାଉଛି । ଫଳରେ ବଜାରରେ ଏହି ଔଷଧ ପ୍ରଚଳନ ବନ୍ଦକରିବାର ପ୍ରଶ୍ନ ଉଠୁନାହିଁ । □

ବ୍ରହ୍ମପୁରରେ ଲୁଣିଆ ବାଲିରେ ଫସଲ ଅମଳ

ଭାରତ ବର୍ଷରେ ପ୍ରଥମଥର ପାଇଁ ଉପକୂଳ ବର୍ତ୍ତୀ ଅଞ୍ଚଳର ସୁଦୀର୍ଘ ବାଲୁକା ପ୍ରାନ୍ତରରେ ସମୁଦ୍ରର ଲୁଣିପାଣି ବ୍ୟବହାର କରି ଫସଲ ଅମଳ କରିବାର କୌଶଳ ଉଦ୍ଭାବନ କରାଯାଇପାରିଛି ।

ଗୁଜୁରାଟସ୍ଥ ଭାବନଗରରେ ପ୍ରତିଷ୍ଠିତ ସେଣ୍ଟ୍ରାଲ ସଲ୍ଟ ଆଣ୍ଡ ମାରିନ୍ କେମିକାଲସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବୈଜ୍ଞାନିକ ମାନେ ଦୀର୍ଘଦିନ ଧରି ଏ ସମ୍ପର୍କରେ ଗବେଷଣା ଚଳାଇ ଆସିଥିଲେ ଏବଂ ନିକଟରେ ସେମାନେ ଏ ଦିଗରେ ସଫଳତା ଅର୍ଜନ କରିପାରିଛନ୍ତି ।

ଏହି କୌଶଳ ଅବଲମ୍ବନରେ ସମୁଦ୍ର କୂଳରେ ଏବେ ବାଜରା, ଗହମ, କନ୍ଦମୂଳ ଇତ୍ୟାଦି ଉତ୍ପାଦନ କରାଯାଇ ପାରିବ ବୋଲି ସେହି ସଂସ୍ଥାର ଡିରେକ୍‌ଟର ପ୍ରଫେସର ଡନୁସି ଖାଁ ପ୍ରକାଶ କରିଛନ୍ତି । ଏହି କୌଶଳକୁ ଆନ୍ତର୍ଜାତିକ ବାୟୋସାଲାଇନ୍ ରିସର୍ଚ୍ଚ କନ୍‌ଫରେନ୍‌ସରେ ସ୍ୱୀକୃତି ମିଳିଛି ଏବଂ ଭାରତବର୍ଷରେ ଏହି କୌଶଳ ଅବଲମ୍ବନରେ କୃଷିବାସ କଲେ ଗ୍ରାମାଞ୍ଚଳର ଅର୍ଥନୀତିରେ ଏକ ବିରାଟ ପରିବର୍ତ୍ତନ ସଙ୍ଘଟିତ ହେବା ସଙ୍ଗେ ସଙ୍ଗେ ଦେଶର ଫସଲ ଉତ୍ପାଦନ ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବ । ଓଡ଼ିଶାରେ ବ୍ରହ୍ମପୁର ନିକଟବର୍ତ୍ତୀ ଏକ ସ୍ଥାନରେ ଉକ୍ତ ପ୍ରତିଷ୍ଠାନ ପକ୍ଷରୁ ଏକ ବିରାଟ ଅଞ୍ଚଳରେ ଫିଲ୍ଡ଼୍ ଓ୍ୱାର୍କ ବା ପ୍ରତ୍ୟକ୍ଷ କାର୍ଯ୍ୟ ଆରମ୍ଭ କରାଯାଇଛି । □

ଆମ ଶୁଭ ସଙ୍କେତ—ଦୂବ, ବରକୋଳି

ଦୂବ—Cynodon dactylon; ବରକୋଳି—Zizyphus Jujuda

ପ୍ରଫେସର ଡକ୍ଟର କମଳ କୁମାରୀ ପଟ୍ଟନାୟକ

ବୋହୁଟିଏ ଘରକୁ ଆସିଲେ ବରକନ୍ୟାଙ୍କୁ ମାଇପେ ହୁଳହୁଳି ଦେଇ ଦୂବ, ବରକୋଳି ପତ୍ର, ହୁଳଦିଆ ଚାଉଳରେ ବନ୍ଦାଇ ଘରକୁ ଆଣନ୍ତି । ବାସ୍ତବିକ୍ ଆମର ଏହି ପ୍ରଥା ବେଶ୍ ଚମତ୍କାର । ସମସ୍ତେ ତାକୁ ଉପଭୋଗ କରନ୍ତି । ହିନ୍ଦୁ ଧର୍ମରେ କେବଳ ସେତିକି ନୁହେଁ, ସମସ୍ତ ପୂଜା, ଉପାସନା, ବ୍ରତ, ଉପବାସରେ ଦୂବ, ବରକୋଳି ପତ୍ରର ବ୍ୟବହାର କରାଯାଇଥାଏ । ପ୍ରକୃତିର ସନ୍ଧାନରେ ଏହି ଦୂବ—ବରକୋଳି ପତ୍ର ଆମର ମଙ୍ଗଳର ସଙ୍କେତ ବୋଲି ଧରି ବ୍ୟବହାରକୁ ସଂଯୋଗ କରି ଦେଇଛନ୍ତି । ଯୁଗ ଯୁଗଧରି ଏହି ଗଛ ଆମ ଘରପାଖେ ବଂଶ ବିସ୍ତାରକରି ରହି ପାରିଛନ୍ତି । ସେମାନଙ୍କର ବିଲୁପ୍ତି ଘଟିନାହିଁ ।

ଦୂବଘାସ ଅଳ୍ପ ସମୟରେ ଖୁବ୍ ବଢ଼ି ମାଡ଼ିଯାଏ । ଏହାର କାଣ୍ଡରେ ଥିବା ଗଣ୍ଠି ମାଟିରେ ମାଡ଼ି ରହିଲେ । ଗଣ୍ଠିରୁ ଅସଂଖ୍ୟ ଛୋଟ ଛୋଟ ଚେର ବାହାରି ମାଟିକୁ ଜାବୁଡ଼ି ଧରେ । ଏଣୁ ଦୂବଘାସକୁ ସହଜରେ ଉପାଡ଼ି ହୁଏନାହିଁ । ଖରାଦିନେ ପାଣି ଅଭାବରୁ ଦୂବ-ସବୁଜ ଗାଲିଚା ଉପରେ ନାଲି ଟହଟହ ସାଧବ ବୋହୂ ଥିଥିରର ଚାଲିବା ଆରମ୍ଭକରେ । ଏ ଦୃଶ୍ୟ ବେଶ୍ ମନ ମୁଗ୍ଧକର । ଯିଏ ଯେ ଦେଖିଛି-ତାକୁ ଭୁଲିନି । ସହର, ନଗର-ଶିଳ୍ପ, କାରଖାନାର ପରିବେଶ –ସେଠାରେ ପ୍ରକୃତିର ବୈଚିତ୍ର ସଂଯୋଗ—'ସବୁଜ ଦୂବ ଘାସରେ ସାଧବବୋହୁର ସମାବେଶ,' କ୍ୱଚିତ ପରିଲକ୍ଷିତ ହୁଏ, ସତ; ତେବେ ସେଠାରେ ମଧ୍ୟ ଦୂବ-ଘାସର ଆଦର ଯଥେଷ୍ଟ ରହିଛି । ବଡ଼ ବଡ଼ ପାର୍କ, ବଗିଚାରେ ଲୋକେ କୃତ୍ରିମ ଉପାୟରେ

ଆମ ସମସ୍ତ ଶୁଭ କାର୍ଯ୍ୟରେ ଦୂବ ବରକୋଳି ପତ୍ରକୁ ନେଇ କଳ୍ପନା କଲାବେଳେ କିଏ କେବେ କଣ ଭାବିଛି ଯେ ଏଥିରେ ଆମର ବହୁ ଦରକାରୀ ଦ୍ରବ୍ୟଗୁଣ ମାନ ରହିଛି ? ତେବେ ଏତିକି ଜାଣି-ବାରେ ତୃପ୍ତ ହୋଇ ରହିବା ଠିକ୍ ନୁହେଁ । ଏଥିରେ ଆହୁରି ସକ୍ରିୟ ଦ୍ରବ୍ୟଗୁଣମାନ ରହିଛି । ତାକୁ ଖୋଜି ପାଇବାକୁ ହେଲେ ଏହା ଉପରେ ଉଚ୍ଚଧରଣର ଗବେଷଣା ଆବଶ୍ୟକ । ଆମ ପୂର୍ବପୁରୁଷଙ୍କ ଅବଦାନରୁ ଉଭୟ ଦୂବ-ବର-କୋଳି ପତ୍ର ଆମର 'ଶୁଭସଙ୍କେତ' ଏଇଥି ପାଇଁ ଦୂବ-ବରକୋଳି ପାଇଁ ଆମର ଖୋଜା ଲୋଡ଼ା । ତେଣୁ ଦୂବ, ବରକୋଳି ପତ୍ର ଯୁଗ ଯୁଗ ଧରି ବଞ୍ଚି ରହିଛି ଆମ ଗୃହ-ପାର୍ଶ୍ୱରେ । ଗବେଷକଙ୍କ ଆଗରେ ଭରପୂର ହୋଇ ରହିଛି ଗବେଷଣା ପାଇଁ ଉପାଦେୟ ପଦାର୍ଥ । ସେଗୁଡ଼ିକ ଉପଯୋଗ କରି ନୂତନ ତଥ୍ୟ ଆବିଷ୍କାର କରିବାର ସମୟ ଆଜି ପହଞ୍ଚିଛି । ଆମେ ଆଜି ଅପେକ୍ଷା କରି ବସିଛେ ଦୂବ-ବରକୋଳିର ସଂକ୍ରାନ୍ତରେ ଉପା-ଦେୟ ଅଧିକ କଥାଜାଣିବା ପାଇଁ ।

ନିଆଯାଇଛି, ବାସ୍ତବରେ, ଦୂବ—ବରକୋଳିକୁ ଆମେ ଠୁଣ୍ଠୁକିଆ ଔଷଧି ରୂପେ ମଧ୍ୟ ବ୍ୟବହାର କରି ଆସୁଛୁ । ଦେଖିବାକୁ ଗଲେ ଅତି ନଗନ୍ୟ ଦୂବଘାସ ଓ କଣ୍ଟା ଗାଲୁଆଲୁ ବରକୋଳି ଗଛ ଉଭୟେ ଆମର ଉପକାରୀ ବନ୍ଧୁ । ହୁଏତ ଏହି ଉପକାରୀ ଗଛଗୁଡ଼ିକୁ କପରି ଭାବେ ସୁରକ୍ଷା କରାଗଲେ ଆମେ ଉପକୃତ ହୋଇ ପାରିବା-ସେଇଟା ଥିଲା ଆମ ଭକ୍ତ ପୂର୍ବପୁରୁଷ ମାନଙ୍କର ଲକ୍ଷ୍ୟ । ଏଣୁ ସେମାନେ ସନାତନ ଧର୍ମ—ହିନ୍ଦୁଧର୍ମର ବିଧି ବିଧାନରେ ଏହି ଦୁଇଟି ଗଛର ଘାସ ଶୁଖିଯାଏ ସତ; କିନ୍ତୁ ବର୍ଷାଦିନେ ପାଣି ପାଇଲା ମାତ୍ରକେ କାଣ୍ଡର ଗଣ୍ଠିରୁ ସବୁସବୁ ଦୂବଘାସ ଗଜୁରି ଉଠେ । ଦୂବଘାସ ଚେରର ମାଟି ବାନ୍ଧିରଖିବା ଧର୍ମ ହେତୁ ମୃତ୍ତିକା ସଂରକ୍ଷଣ ହୁଏ । କଅଁଳିଆ ଘାସଖାଇ ଗାଈ ପରିପୁଷ୍ଟ ହେବା ସଙ୍ଗେ ସଙ୍ଗେ ଅଧିକ ଦୁଧ-ଦେବାକୁ ସକ୍ଷମ ହୁଅନ୍ତି । ତଦ୍ୱାରା ଆମେ ଉପକୃତ ହେଉ । ଗାଁ, ଗଣ୍ଡାରେ ଯେଉଁଠିକି ସହରର ଶିଳ୍ପଗନ୍ଧ ବାଜିନି, ସେଠି ବର୍ଷାଦିନେ ଦୂବଘାସ ଖୁବ୍ ଘଞ୍ଚହୋଇ ବଢ଼ିଯାଏ । ଦୂବର ଦୂବଘାସର ଗାଲିଚା ବା ଗ୍ରୀନ୍‌ଲନ ତିଆରି କରନ୍ତି । ଗ୍ରୀନ୍‌ଲନ ଉପରେ ବସ, କବାଡ଼ିଠୁ ଆରମ୍ଭ କରି ଗାର୍ଡ଼େନ୍‌ପାର୍ଟି ଖୁବ୍ ଉପଭୋଗ୍ୟ । ଦୂବଘାସର ମଞ୍ଜି କ୍ଷୁଦ୍ର ଓ ହାଲୁକା । ପବନରେ ସେଗୁଡ଼ିକ ଏଣେ ତେଣେ ବିଛେଇ ହୋଇ ଯାଆନ୍ତି । ସକୃଷ୍ଟ ପରିବେଶ ପାଇଲେ ମଞ୍ଜିରୁ ଦୂବଘାସ ଜନ୍ମେ । ଏଇଥିଯୋଗୁ ହିଁ ଦୂବଘାସର ବିସ୍ତୃତି ସର୍ବବ୍ୟାପି ।

ଦୂବଘାସକୁ ଔଷଧି ରୂପେ ଗାଁ ଗହଳି ତଥା ସହରବାସୀ ଲୋକେ

ବ୍ୟବହାର କରିଥାନ୍ତି । ଦୂବଘାସକୁ ସାମାନ୍ୟ ମକଚି ଦେଇ ତାକୁ ପତଳା କନାରେ ବାନ୍ଧି ଶୁଙ୍ଘିଲେ ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ । ହାତ, ଗୋଡ଼ ଖଣ୍ଡିଆ ହୋଇ ରକ୍ତ ବୋହିଲେ ଦୂବଘାସର ରସକୁ କ୍ଷତ ସ୍ଥାନରେ ଦେଲେ ରକ୍ତ ବନ୍ଦ ହୁଏ । ପାଇଲସ୍ ରୋଗୀ (ମଳରେ ରକ୍ତ ପଡ଼ିଲେ) ପ୍ରତିଦିନ ସକାଳୁ ଖାଲିପେଟରେ ଦୂବ-ରସ ଏକଚାମଚ ଓ ମହୁ ଏକଚାମଚ ଏକତ୍ରିତ କରି ୮।୧୦ ଦିନକର ଖାଇଲେ ରୋଗ ଉପଶମ ହୁଏ ।

ଆୟୁର୍ବେଦିକ ତଥ୍ୟ ଅନୁଯାୟୀ ଦୂବଘାସ ରସରେ ମିଠା, କଷା ଓ ଖଟା ଅଂଶଥାଏ । ଚର୍ମ ରୋଗପାଇଁ ଦୂବତେଲକୁ ପାଚନ କରି ବ୍ୟବହୃତ କରାଯାଏ । ବହୁତ ଦିନଧରି ଘା' ନ ଶୁଖି ଲସାବୋହିଲେ ରୋଗୀ ଦୂବଘାସର ରସ, ଘୋଳଦହି ସଙ୍ଗେ ଏକତ୍ରିତ କରି ଖାଇଲେ ଘା'ରୁ ଲସାବୋହିବା ବନ୍ଦ ହୁଏ । ଅଜୀର୍ଣ୍ଣ ଝାଡ଼ା ବା ବହୁଦିନ ଧରି ଝାଡ଼ା ବନ୍ଦ ନହେଲେ ଏପରିକି ନାଳଝାଡ଼ା ହେଉଥିବା ରୋଗୀ ଦୂବରସ ଦିନକୁ ଏକଚାମଚ କରି ୭।୮ ଦିନଧରି ଖାଇଲେ ରୋଗୀ ଆରୋଗ୍ୟ ଲାଭ କରେ ।

ଦୂବଘାସର ଦ୍ରବ୍ୟ ଗୁଣ ସମ୍ପର୍କରେ ବୈଜ୍ଞାନିକ ଗବେଷଣା ମାନ ଭଣା ଅଧିକେ ପରିବେକ୍ଷଣ କରାଯାଇଛି । ସେଥିରୁ ଜଣାପଡ଼ିଛି ଯେ ଦୂବଘାସରେ ଏକପ୍ରକାର ଜୈବିକ ବସ୍ତୁ (ଏକପ୍ରକାର ଆଲ୍‌କାଲଏଡ୍) ରହିଛି । ଏହି ଆଲ୍‌କାଲଏଡ୍‌ର ଧର୍ମ ଓ ଗୁଣାବଳୀ ସ୍ତନ୍ୟପାୟୀ ପ୍ରାଣୀ ମୂଷାମାନଙ୍କ ଉପରେ ପରୀକ୍ଷା କରା-ଯାଇଛି । ସେଥିରୁ ଜଣାଯାଇଛି ଯେ ଏହି 'ଆଲ୍‌କାଲ୍‌ଏଡ୍' ରକ୍ତସ୍ରାବ ହ୍ରାସ କରିବାରେ ସାହାଯ୍ୟ କରେ, ଏହି 'ଆଲକାଲଏଡ଼ର' ଆଉ ଏକ ଧର୍ମହେଲା ପ୍ରାଣୀର ରକ୍ତରେ ଥିବା ସର୍କରା (blood sugar) ର ପରିମାଣ ଦୂବରସ ପ୍ରୟୋଗ କରିବାର ଘଣ୍ଟାଏ ପରେ ଶତକଡ଼ା ୧୫ଭାଗ କମିଯାଇଥାଏ । ଠେକୁଆ ଉପରେ, ପରୀକ୍ଷା କରି ଜଣାପଡ଼ିଛି ଯେ, ଏହି ଆଲକାଲଏଡ଼ର ଉଭୟ ରକ୍ତସ୍ରାବ ଓ ରକ୍ତ ଜମାଟ ବାନ୍ଧିବାର ଧର୍ମ ରହିଛି ।

ଦୂବରେ ଆଉଏକ ଜୈବିକ ବସ୍ତୁ (ଏକପ୍ରକାର ଗ୍ଲାଇକୋସାଇଡ଼) ରହିଛି । ଠେକୁଆ ଉପରେ ପରୀକ୍ଷା କରି ଜଣାଯାଇଛି ଯେ ଏହି 'ଗ୍ଲାଇକୋସାଇଡ' ରକ୍ତରେ ଥିବା ଶର୍କରାର ପରିମାଣକୁ ପ୍ରଥମ ଘଣ୍ଟାପରେ ହ୍ରାସ କରାଇ ଦେଇଥାଏ । ଯଦିଓ ଦୂବରେ ଥିବା 'ଆଲକାଲଏଡ୍' ଓ ଗ୍ଲାଇକୋସାଇଡ୍'ର ଉପାଦେୟ ଗୁଣାବଳୀ ମୂଷା ଓ ଠେକୁଆପରି ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଉପରେ ପରୀକ୍ଷଣ ହୋଇଛି ତଥାପି ଏଗୁଡ଼ିକ ମଣିଷ ଉପରେ କି ପ୍ରକାର ପ୍ରତିକ୍ରିୟା କରିବ ତା'ର ସଠିକ ଗବେଷଣା ବା ପରୀକ୍ଷା ବୈଜ୍ଞାନିକ ଚିନ୍ତା-ଧାରାରେ ନିର୍ଦ୍ଧାରଣ କରାଯାଇନାହିଁ । ତେବେ ଏ ସମ୍ପର୍କରେ ବହୁବିଧ ଗବେଷଣାମାନ ଚାଲିଛି । ନିକଟ ଭବିଷ୍ୟତରେ ଏ ଗୁଡ଼ିକରେ ଆମପାଇଁ କି ପ୍ରକାର ଉପଯୋଗୀ ଦ୍ରବ୍ୟଗୁଣ ରହିଛି, ତାହା ହୁଏତ ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିବ ।

ମଣିଷ ତା'ର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରକୃତି ଉପରେ ଯେତେ ଅତ୍ୟାଚାର କଲେହେଁ ପ୍ରକୃତି ସବୁବେଳେ ତା'ର ସ୍ୱରସାମ୍ୟ ବଜାୟ ରଖିଥାଏ । ସେଥିପାଇଁ ପ୍ରକୃତି-ର ଥିବା ପ୍ରତ୍ୟେକଟି ଜୀବବିଶେଷ ଖାଦ୍ୟର । ପ୍ରାଣୀ-ଜଗତ ଓ ଉଦ୍ଭିଦଜଗତ ପରସ୍ପର ନିର୍ଭରଶୀଳ । ଗୋଟିକୁ ବାଦଦେଇ ଅନ୍ୟଟିର ସ୍ଥିତି ଚିନ୍ତା-କରାଯାଇ ପାରେନା । ଏହି ନିର୍ଭରଶୀଳତା ହିଁ ଆମକୁ ବହୁତଥ୍ୟ ଶିକ୍ଷା ଦେଇଛି । ସେଇଥି ଯୋଗୁହିଁ ମୁନି ଋଷିମାନେ ବନ, ଲତା ପରିବେଶରେ ରହି ସେମାନଙ୍କର ଖାଦ୍ୟତଥା ଉପଯୋଗ କରି ପରିପୁଷ୍ଟ ହୋଇ ଦୀର୍ଘାୟୁ ହୋଇଥାଆନ୍ତି । ଠିକ୍ ସେହିପରି ପଶୁମାନଙ୍କ ପାଇଁ ମଧ୍ୟ ଏହା ଯୁକ୍ତିଯୁକ୍ତ । ଉଦାହରଣ ସ୍ୱରୂପ କୁକୁର ବିଲେଇ ବେଳେ ବେଳେ ଦୂବଘାସ ଖାଇ ବାନ୍ତିକରିବା ଦେଖାଯାଏ । ଜଣାଯାଏ ଯେ ବିଲେଇ ବା କୁକୁରର ଦେହ ଖରାପ ବିଶେଷତଃ ପେଟ ରୋଗ ଜନିତ ହେଲେ ସେମାନେ ଆପଣା ଛାଏଁ ପଡ଼ିଆରେ ବୁଲି ଦୂବ-ଘାସ ଖାଆନ୍ତି ଏବଂ କିଛିକ୍ଷଣ ପରେ ବାନ୍ତିକରି ଆରୋଗ୍ୟ ଲାଭ କରନ୍ତି । ଦୂବଘାସର କେଉଁ ଦ୍ରବ୍ୟଗୁଣ ହେତୁ ଏହା ସମ୍ଭବ ସେ ସମ୍ପର୍କରେ ବୈଜ୍ଞାନିକ ଗବେଷଣା ଆବଶ୍ୟକ ।

୧୯୬୭ ମସିହାରେ ବୈଜ୍ଞାନିକ ଗ୍ରେପ୍ର ଗବେଷଣା କରି ମତାମତ ଦେଇ କହିଛନ୍ତି ଯେ ଦୂବରେ ଆଖିର ପରଳ ଭଲକରିବାର ଦ୍ରବ୍ୟଗୁଣ ରହିଛି । ୧୯୬୮ ମସିହାରେ ବୈଜ୍ଞାନିକ ଶ୍ରୀଧର ଏବଂ ତାଙ୍କ ସହକର୍ମୀ ସେମାନଙ୍କ ଗବେଷଣାରୁ ଜାଣି ପାରିଛନ୍ତି ଯେ ଦୂବଗଛକୁ ସୁରାସାର (alcohol)ରେ ନିଷ୍କାସନ କରି ତାକୁ ବସନ୍ତିଆ ଜ୍ୱରରସ ବା ଭୂତାଣୁ (Vaccinia Virus) ଦ୍ୱାରା ଆକ୍ରାନ୍ତ ହୋଇଥିବା ରୋଗୀକୁ ଦେଲେ ସେ ଆରୋଗ୍ୟ ଲାଭ କରେ ।

ଏତ ଗଲା ଦୂବଘାସର ଦ୍ରବ୍ୟଗୁଣ । ଦୂବ ସାଙ୍ଗକୁ "ବରକୋଳି"—ତାର ଦ୍ରବ୍ୟଗୁଣ ମଧ୍ୟ ଭିଣୋଅଧିକେ କେହି କେହି ଜାଣନ୍ତି ।

ବରକୋଳିର ମଉଜ

ବରକୋଳି କିଏ ବା ନ ଖାଇଛି ? ବାଡ଼ିରେ ବରକୋଳି ଗଛଟିଏ ଅଛି । କୋଳି ପାଚିଛି, ଝିଲ୍ଲିଏ କେଳିଗଛ ମୂଳେ ଲୁଣ୍ଠା, କୋଳି ମିଠାହେଉ କି ଖଟାହେଉ ଚିନ୍ତା-ନାହିଁ । ସେଥିରୁ ଦୁଇ, ଚାରିଟା ନ ଗ୍ରେବାଇଲେ କିଏ ନଚ୍ଛମୂଳ ଗୁନ୍ଛି ? ପାଚିଲା କୋଳିକୁ ବିଭିନ୍ନ ପ୍ରକାର ଆଚାରରେ ଆମେ ସାଇତି ରଖୁ । ତାହିଁକ ନା ଖରାଦିନରେ ଝଟଝଟ ଥିଲେ ଭାରି ମଜା ବେଶ୍ ଲାଗେ । ବିଶେଷତଃ କଅଁଳିଆ ପାଟିକୁ କୋଳି ଆଚାରଟା ଭାରି ଜମେ । ଏଣୁ କୋଳିକୁ କଞ୍ଚା, ପାଚିଲାରୁ ଆରମ୍ଭକରି ତାକୁ ଆଚାର କରି ଖାଉ. ଏତ ଗଲା କୋଳି ମଉଜ । ତେବେ ତାର ଦ୍ରବ୍ୟଗୁଣ କଣ ? ଗରମ ଘା ହେଲେ କିମ୍ବା ବଡ଼ ଘା ହୋଇଥିଲେ ବରକୋଳି ପତ୍ରକୁ ଚକଟି କରି ବଟି ଲେପ ଦେଲେ ଦିନକ ଭିତରେ ଘା ଫାଟି ପୂଜ, ପାଣି ନିଗିଡ଼ି ଯାଏ । ରୋଗୀ ଆରାମ ପାଏ । କଅଁଳିଆ ବରକୋଳି ପତ୍ର ୧୦ଗ୍ରାମ ଓ ଲବଙ୍ଗ ୪।୫ ଟା ଏକତ୍ରିତ କରି ବାଟି ତାକୁ ମିଳିମିଳା ହୋଇଥିବା ରୋଗୀକୁ ଘୋଳ ଦହି ସହିତ ଖାଲିପେଟରେ ଦିନକୁ ଏକପାନ କରି ୦।୫ ଦିନ ପିଇବାକୁ ଦେଲେ ରୋଗୀ ମିଳିମିଳା କଷ୍ଟ ଓ ଦେହ ପୀଡ଼ାରୁ ମୁକ୍ତିପାଏ । କାମଳ ରୋଗ ବା ଜଣ୍ଡିସ ରୋଗୀପାଇଁ ମଧ୍ୟ ବରକୋଳି ପତ୍ର ବ୍ୟବହୃତ କରାଯାଇ ଥାଏ । ବରକୋଳିର କଅଁଳିଆ ଅଗପତ୍ର ୫ ଗ୍ରାମ ୫।୭ଟା ଗୋଲମରିଚ ସହିତ ଏକତ୍ରିତ କରି ବାଟି ମିଶ୍ରି ସରବତ ସହ ୪।୫ ଦିନ ଖାଇଲେ

(ଅବଶିଷ୍ଟାଂଶ ୧୯ ପୃଷ୍ଠାରେ)

Images: Aptakama Mishra, Processing: Srujanika

କଟକ ମ୍ୟୁନିସିପାଲିଟିକୁ ନିର୍ବାଚନ ହେବନାହିଁ

ରାଜ୍ୟ ସରକାରଙ୍କ ଗୁପ୍ତ ନିଷ୍ପତ୍ତି

ସମ୍ପ୍ରତି ଓଡ଼ିଶାର ବିଭିନ୍ନ ମ୍ୟୁନିସିପାଲିଟି ତଥା ଏନ୍. ଏ.ସି ଗୁଡ଼ିକରେ ନିର୍ବାଚନ ହେବା ସମ୍ପର୍କେ ଆପାତତଃ ସ୍ଥିର କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର କଟକ ମ୍ୟୁନିସିପାଲିଟି ପାଇଁ ନିର୍ବାଚନ ନକରିବା'କୁ ସିଦ୍ଧାନ୍ତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

କଟକ ମ୍ୟୁନିସିପାଲିଟି ନିର୍ବାଚନରେ କଂଗ୍ରେସ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେବା ନିଶ୍ଚିତ ଏବଂ ଏହାର ଫଳାଫଳ ଆସନ୍ତା ଲୋକସଭା ନିର୍ବାଚନରେ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ଥିବାରୁ ରାଜ୍ୟସରକାର-ଏ ନୀତି ଅବଲମ୍ବନ କରୁଛନ୍ତି । ଅଥଚ କଟକକୁ ଏକ କର୍ପୋରେସନରେ ପରିଣତ କରାଯିବାର ଉଦ୍ୟମ ହେଉଥିବାରୁ ମ୍ୟୁନିସିପାଲିଟି ପାଇଁ ନିର୍ବାଚନ କରାଇବାର ଆବଶ୍ୟକତା ନାହିଁ ବୋଲି ବାହାରେ ପ୍ରଚାର କରାଯାଉଛି ।

ଜାଣିବା ଶୁଣିବା ମହଲର ଖବର ଅନୁଯାୟୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କ କଟକ ଗସ୍ତବେଳେ ସମସ୍ତ ଆୟୋଜନ ସତ୍ତ୍ୱେ କଟକ ବାଲିଯାତ୍ରା ପଡ଼ିଆରେ ମାତ୍ର ସାତହଜାର ଲୋକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନିଜେ ବିବ୍ରତ ହୋଇ ପଡ଼ିଥିଲେ । ବାହାରକୁ ଉକ୍ତ ସଭା ସଫଳ ହୋଇଛି ବୋଲି କୁହାଯାଉଥିଲେବି କଟକରେ ପ୍ରକୃତରେ କଂଗ୍ରେସର କୌଣସି ସଙ୍ଗଠନ ନଥିବା ମୁଖ୍ୟମନ୍ତ୍ରୀ ଅନୁଭବ କରିଛନ୍ତି । ରାଜୀବ ଗାନ୍ଧୀଙ୍କ ସଭାକୁ ବହୁଲୋକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ କଟକର ବିଭିନ୍ନ ସ୍ଥାନରୁ ଶ୍ରେଷ୍ଠ ଶ୍ରେଷ୍ଠ ଶୋଭାଯାତ୍ରା ମାନ ବାହାର କରିବାର ନିଷ୍ପତ୍ତି ହୋଇ ଏଥିପାଇଁ ଆବଶ୍ୟକୀୟ ଅର୍ଥର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସହରର ଏମ. ଏଲ ଏ ଶ୍ରୀ ଶ୍ରୀକାନ୍ତ ପଣ୍ଡାଙ୍କ ବ୍ୟତୀତ ଅନ୍ୟକେହି ଶୋଭାଯାତ୍ରା ବାହାର କରିବାରେ ସକ୍ଷମ ହେଲେ ନାହିଁ । କଟକରେ ଥିବା ବଡ଼ ବଡ଼ କଂଗ୍ରେସୀ ପଣ୍ଡାମାନେ ଏଥିରେ ମ୍ରିୟମାଣ ଏବଂ ହତାଶ ହୋଇ ପଡ଼ିଲେ ।

ମୁଖ୍ୟମନ୍ତ୍ରୀ ନିଜେ ଏକଥା ହୃଦୟଙ୍ଗମ କରିବା ସତ୍ତ୍ୱେ ଏହାର କୌଣସି ପ୍ରତିକାର କରିପାରୁ ନାହାନ୍ତି । ତାଙ୍କ ବୋଲିକରି ଜିଲ୍ଲା କଂଗ୍ରେସ କମିଟି ଉପରେ ରାଜ୍ୟ କଂଗ୍ରେସ ନେତୃତ୍ୱର ଆସ୍ଥାହୀନତା ଅପର ପକ୍ଷରେ ନିଜର ସଙ୍ଗଠନକୁ ଦୃଢ଼ ରଖିଥିବା ସ୍ଥାନୀୟ ଏମ୍. ଏଲ ଏ ଶ୍ରୀ ଶ୍ରୀକାନ୍ତ ପଣ୍ଡାଙ୍କୁ ତଥା କଥିତ କଂଗ୍ରେସ ନେତୃତ୍ୱର ପ୍ରଣେଭସ୍ଥ । ଏଭଳି ଏକ ଅବସ୍ଥାରେ ନିଜଦୋଷ ସଂଶୋଧନ ନକରି ରାଜ୍ୟ ନେତୃତ୍ୱ କଟକ ବାସୀଙ୍କ ଉପରେ ପ୍ରଶାସନିକ ଆଧିପତ୍ୟକୁ ଜବରଦସ୍ତ ଲଦି ଦେଇଛନ୍ତି । କିଛିଦିନ ତଳେ କଟକରେ କଂଗ୍ରେସର ସାଙ୍ଗଠନିକ ବ୍ୟାପାର ବିଷୟରେ ଆଲୋଚନା କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ବାସ ଭବନରେ ସ୍ଥାନୀୟ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ-ପଟ୍ଟନାୟକଙ୍କ ଉପସ୍ଥିତିରେ କର୍ମୀ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମ୍ୟୁନିସିପାଲିଟି ଟିକଟ ଆଶାୟୀ ବହୁସଂଖ୍ୟକ ଲୋକ ମଧ୍ୟ ଯୋଗ ଦେଇଥିଲେ । କିନ୍ତୁ ଏହି ବୈଠକରେ ସଙ୍ଗଠନକୁ ଦୃଢ଼ କରିବାପାଇଁ କୌଣସି ସୂତ୍ର ବାହାରିପାରିଲା ନାହିଁ । ବରଂ ବୋଲିକରି ଡ଼ି. ସି. ସି. ର ଦୋଷ ଦୁର୍ବଳତା ଘୋଡ଼ାଇବାପାଇଁ ଲୋକଙ୍କ ଭିତରେ ନିଜର କୌଣସି ସ୍ଥିତି ନଥିବା କେହି ଜଣେ ରାଜ୍ୟସଭା ସଦସ୍ୟାଙ୍କ ପ୍ରଚ୍ଛନ୍ନ ଉଦ୍ୟମ ଯୋଗୁ ସେଠାରେ ଏକ ତିକ୍ତ ବାତାବରଣ ସୃଷ୍ଟି ହୋଇଥିଲା ।

ଏ ବିଭ୍ରାଟରୁ ଫାଇଦା ଉଠାଇବା ପାଇଁ ବର୍ତ୍ତମାନ ଦୁଇଜଣ ଆଡ଼ଭୋକେଟ୍ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ଜନତା ଦଳ କ୍ଷମତାଚ୍ୟୁତ ହେବା ପରେ କଂଗ୍ରେସରେ ଗୋଡ଼ାଇ ପଶିଛନ୍ତି ଏବଂ ଅନ୍ୟ ଜଣେ ପାକିସ୍ତାନ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ପୂର୍ବରୁ ଗିରଫ ହୋଇଥିଲେ । ଏହାଛଡ଼ା ଦ୍ୱିତୀୟ ମହାଶୟ କଟକରେ ନନ୍ଦିନୀ ଶତପଥୀଙ୍କ ଉପନିର୍ବାଚନ ବେଳେ ମାତ୍ର ଦୁଇହଜାର ଟଙ୍କା ବିନିମୟରେ ସ୍ୱପକ୍ଷ ତ୍ୟାଗ କରିଥିଲେ ବୋଲି ସମସ୍ତେ କୁହାକୁହି ହେଉଛନ୍ତି । ଅର୍ଥ ଓ କ୍ଷମତାଲାଭ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତଥିବା ଲୋକ-ମାନଙ୍କୁ ଏବେ ଅଧିକାଂଶ କ୍ଷେତ୍ରରେ ପ୍ରାଧାନ୍ୟ ଦିଆ ଯାଉଥିବାରୁ ଏ ଦୁଇଜଣଙ୍କ ମଧ୍ୟରୁ କେହିଜଣେ ରାଜ୍ୟ କଂଗ୍ରେସ ନେତୃତ୍ୱର ଆଶୀର୍ବାଦ ପାଇପାରନ୍ତି । କିନ୍ତୁ ପ୍ରକୃତ କଂଗ୍ରେସ ଲୋକେ କଟକ ସହରରେ ନିର୍ବାଚନ ହେଲେ ସ୍ୱାଧୀନଭାବେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି ।

ଓଡ଼ିଶାର ରାଜନୈତିକ ପ୍ରାଣକେନ୍ଦ୍ର ରୂପେ ପରିଚିତ କଟକ ନଗରରୁ ଗତ ଲୋକସଭା ଉପ ନିର୍ବାଚନରେ କଂଗ୍ରେସ ଆଶାନୁରୂପ ଭୋଟ ପାଇନଥିଲା । ଏ ଅବସ୍ଥାର ଉନ୍ନତି ହେବା ପରିବର୍ତ୍ତେ ଦ୍ରୁତ ଅବନତି ହେଉଥିବାରୁ କଂଗ୍ରେସ ନେତୃତ୍ୱ ବିଚଳିତ । ରଙ୍ଗ ବନ୍ଧ ଓ ଅନ୍ୟାନ୍ୟ କେତେକ ଆଖିଦୃଶିଆ କାର୍ଯ୍ୟଦ୍ୱାରା କଟକବାସୀଙ୍କୁ ପ୍ରଭାବିତ କରାଯାଇ ପାରିବ ବୋଲି ଯେଉଁଆଶା କରାଯାଇଥିଲା ତାହାମଧ୍ୟ କ୍ରମେ ଭୁଲ ପ୍ରମାଣିତ ହେଉଛି । ଏ ପରିସ୍ଥିତିରେ ମ୍ୟୁନିସିପାଲିଟି ନିର୍ବାଚନ କରାଗଲେ କଂଗ୍ରେସ ଅତି ବେଶିରେ ୫ଟି ସ୍ଥାନ ଅଧିକାର କରିପାରେ ବୋଲି କଳ୍ପନା କରାଯାଉଛି । ତେଣୁ ଶକ୍ତି ପରୀକ୍ଷା ପରିବର୍ତ୍ତେ ସଂଘର୍ଷ ଏଡ଼ାଇବା ବିଜ୍ଞତାର କାର୍ଯ୍ୟ ହେବବୋଲି କଂଗ୍ରେସ ନେତୃତ୍ୱ ସ୍ଥିର-କରିଥିବା ପ୍ରକାଶ ।

ଅଧିକନ୍ତୁ ରାଜ୍ୟ କଂଗ୍ରେସ ନେତୃତ୍ୱର ଚିନ୍ତାଧାରା ଯାହା ସେଥିରୁ ଜଣାଯାଉଛି ଯେ କଟକ ନଗରୀରେ କଂଗ୍ରେସ ସଙ୍ଗଠନ ବରଂ ନ ରହିବା ଭଲ କିନ୍ତୁ ଜଣେ ଟାଣୁଆଲୋକ ସଙ୍ଗଠନ କରିବା ଅନୁଚିତ । ନିର୍ବାଚନରେ ଯଦି ଇନ୍ଦିରା-ଗାନ୍ଧୀଙ୍କ ସପକ୍ଷରେ ହାଓ୍ୱା ବହେ ତେବେ ଯେ କେହି ପ୍ରାର୍ଥୀ ହେଲେ ଜିତିବ । ଯଦି ଇନ୍ଦିରା ବିରୋଧୀ ହାଓ୍ୱା ବହେ ତେବେ ଟାଣୁଆଲୋକ ହେଲେ ବି ହାରିବ । ଏ ଅବସ୍ଥାରେ ଏକ ଶକ୍ତିଶାଳୀ ଲୋକଙ୍କୁ ସଙ୍ଗଠନ ଦାୟିତ୍ୱରେ ରଖି ନିଜ ଉପରକୁ ଅଧିକ ଗ୍ରୁପ ଆଣିବା ଦରକାର କଣ ? □

(ନିଜ ପ୍ରତିନିଧିଙ୍କ ଠାରୁ)

Images: Aptakama Mishra, Processing: Srujanika

ଭାରତୀୟ ନୌବାହିନୀର ନୂତନ ଶକ୍ତି

କର୍ଣ୍ଣେଲ ଆର. କେ. ମାଥୁର

ଗତ କେତେବର୍ଷ ମଧ୍ୟରେ ଭାରତୀୟ ନୌବାହିନୀର ଦାୟିତ୍ୱ ବହୁଗୁଣ ବୃଦ୍ଧି ପାଇଛି। ଭାରତ ମହାସାଗରରେ ବୃହତ୍ ଶକ୍ତିମାନଙ୍କର ବିଭିନ୍ନ ଧରଣର ଯୁଦ୍ଧ ଜାହାଜ ଓ ଶକ୍ତିଶାଳୀ ନୌବେଳାର ଉପସ୍ଥିତି ଯୋଗୁ ସୁଦୀର୍ଘ ଉପକୂଳ ତଥା ବୈଦେଶିକ ବାଣିଜ୍ୟ ଲାଗି ଆବଶ୍ୟକ ସାଗର ପଥର ସୁରକ୍ଷା ନୌବାହିନୀ ପକ୍ଷେ ବିରାଟ ଆହ୍ୱାନ ସଦୃଶ ହୋଇଛି। ତା' ସଙ୍ଗକୁ ମୂଳ ଭୂଖଣ୍ଡର ଉପକୂଳ ଓ ଦ୍ୱୀପାଞ୍ଚଳ ସମେତ ସମୁଦ୍ର କୂଳରୁ ୨୦୦ ମାଇଲ ଦୂର ମଧ୍ୟରେ ଥିବା ଭାରତୀୟ ଅର୍ଥନୈତିକ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ମଧ୍ୟ ନୌବାହିନୀକୁ ତୁଲାଇବାକୁ ପଡ଼ୁଛି। ସମୁଦ୍ର ଗର୍ଭରେ ଏହି ଅର୍ଥନୈତିକ ଅଞ୍ଚଳର ପରିମିତ ମୂଳ ଭୂଖଣ୍ଡର ଅର୍ଦ୍ଧାଂଶରୁ ଅଧିକ।

ପଶ୍ଚିମରେ କଚ୍ଛର ଲୁଣି ଜଳପଙ୍କଆ ବନ ଅଞ୍ଚଳଠାରୁ ପୂର୍ବରେ ହୁଗୁଲି ନଦୀର ଗ୍ରୀଷ୍ମମଣ୍ଡଳୀୟ ମୁହାଣ ଯାଏ ଭାରତର ୬୦୦୦ କିଲୋମିଟର ଦୀର୍ଘ ଉପକୂଳ ସୀମା ବିସ୍ତୃତ। ତା' ଛଡ଼ା ଆରବ ସାଗର ଓ ବଙ୍ଗୋପସାଗର ମଧ୍ୟରେ କେତେକ ଦ୍ୱୀପାଞ୍ଚଳ ରହିଛି ଏବଂ ସେଗୁଡ଼ିକ ପରିସୀମା ଅଧିକ ଦୁର୍ଗମ। ମୁଖ୍ୟତଃ ନାତିଶୀତୋଷ୍ଣ ଓ ଶୀତ ପରିବେଶ ଲାଗି ଉଦ୍ଦିଷ୍ଟ ଜାହାଜ, ଉପକରଣ, ଓ କୌଶଳର ସାହାଯ୍ୟ ନେଇ ଗ୍ରୀଷ୍ମମଣ୍ଡଳୀୟ ଜଳ ଭାଗରେ ଦାୟିତ୍ୱ ପାଳନ କରିବାବେଳେ ଭାରତୀୟ ନୌବାହିନୀ ନୂତନ ପାରିପାର୍ଶ୍ୱିକ ସମସ୍ୟାର ସମ୍ମୁଖୀନ ହୋଇଛି। ନୌଗବେଷଣା ଓ ଉନ୍ନୟନ ଉପରେ ବର୍ତ୍ତମାନ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡି. ଆର ଡି, ଓ) ଅଧିକରୁ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ନୌବାହିନୀକୁ ଆଧୁନିକ ଅସ୍ତ୍ରଶସ୍ତ୍ର ଓ ପ୍ଲାଟଫର୍ମ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ପ୍ରତିଷ୍ଠିତ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥାକୁ ଅଧିକ ଦକ୍ଷତାର ସହିତ ପ୍ରୟୋଗ କରିବା ଲାଗି ଚେଷ୍ଟା ଚାଲିଛି।

ଜଳ ମଧ୍ୟରେ ଜାଣିବା ବ୍ୟବସ୍ଥା

ମହାସାଗରର ପରିବେଶ ସମ୍ପର୍କରେ ଜାଣିବା ଲାଗି କୋଚିନସ୍ଥିତ ନୌ ପଦାର୍ଥ ବିଜ୍ଞାନ ଓ ସାମୁଦ୍ରିକ ବିଜ୍ଞାନ ଗବେଷଣାଗାରର (ଏନ୍. ପି. ଓ. ଏଲ୍.) ଅବଦାନ ଉଲ୍ଲେଖଯୋଗ୍ୟ। ଜଳ ମଧ୍ୟସ୍ଥ ଅସ୍ତ୍ର ବ୍ୟବସ୍ଥା ସମ୍ପର୍କରେ ଜାଣିବା ଲାଗି ଏଭଳି ଜ୍ଞାନ ଅତ୍ୟାବଶ୍ୟକ। ଏହି ଗବେଷଣାଗାରରେ ପ୍ରସ୍ତୁତ ସମୁଦ୍ର ବିଜ୍ଞାନ ଯନ୍ତ୍ରପାତିଗୁଡ଼ିକ ସାମୁଦ୍ରିକ ସ୍ରୋତର ବେଗ ଓ ଦିଗ ଜାଣିବା ଲାଗି ବ୍ୟବହୃତ ହୋଇଥାଏ। ସମୁଦ୍ର ଗର୍ଭରେ ପରିଦୃଷ୍ଟ ଅଲୋକକୁ କ୍ଷୀଣ କରିବା କାର୍ଯ୍ୟ, ସାମୁଦ୍ରିକ ତରଙ୍ଗ ଜୁଆର ଓ ଶବ୍ଦ ସମ୍ପର୍କରେ ମଧ୍ୟ ଏହାଦ୍ୱାରା ତଥ୍ୟ ସଂଗ୍ରହ କରାଯାଇଥାଏ। ଏନ୍. ପି. ଓ: ଦ୍ୱାରା ନିର୍ମିତ ସମ୍ପ୍ରସାରଣଶୀଳ ବାଥଥରମୋଗ୍ରାଫ୍ ଯନ୍ତ୍ରଟିକୁ ଅତି ଗଭୀରରେ ଉତ୍ତାପର ଶୈତ୍ୟ ସ୍ଥିର କରିବା ଲାଗି ନୌବାହିନୀର ଜାହାଜଗୁଡ଼ିକ ବ୍ୟବହାର କରିଥାନ୍ତି। ପାଣି ତଳେ ଅଗ୍ନିକୁ ଆୟତ୍ତ କରିବା ସମସ୍ୟା ପାଇଁ ଏହା ଉପଯୋଗୀ। ଏହାମଧ୍ୟ ବୁଡ଼ାଜାହାଜ ଲକ୍ଷ୍ୟ କରିବା ଲାଗି ବ୍ୟବହୃତ ହୋଇଥାଏ। ଏହି ଗବେଷଣାଗାରର ବର୍ତ୍ତମାନ ବୁଡ଼ାଜାହାଜ ବିଧ୍ୱଂସୀ ଯୁଦ୍ଧ ପାଇଁ ଆବଶ୍ୟକ ସୋନବଯୁକ୍ତ ଓ ଅନ୍ୟ ଯନ୍ତ୍ରପାତିର ନକ୍ସା ପ୍ରସ୍ତୁତ କରାଯାଉଛି। ଜାହାଜ ଓ ବୁଡ଼ାଜାହାଜର ତଳକୁ କ୍ଷୟ ଓ ପ୍ରତିକୂଳ ସାମୁଦ୍ରିକ ପରିବେଶକୁ ରକ୍ଷା କରିବା ପାଇଁ ବମ୍ବେସ୍ଥିତ ଡି. ଆର. ଡି. ଓ. ର ନୌରାସାୟନିକ ଓ ଧାତବ ଗବେଷଣାଗାର ନୌବାହିନୀକୁ କାରିଗରୀ ଜ୍ଞାନ ଯୋଗାଇ ଦେଉଛନ୍ତି। କଳଙ୍କି ଓ ମଇଳା ନ ଲାଗିବା ଲାଗି ଏକ ରଙ୍ଗ ତିଆରି କରିବାରେ ଗବେଷଣାଗାର ସଫଳ ହୋଇଛନ୍ତି। ଏହା ଛଡ଼ା ଗବେଷଣାଗାରରେ ପ୍ରସ୍ତୁତ କାଥୋଡ଼ିକ୍ ବ୍ୟବସ୍ଥା ଦ୍ୱାରା ଲଘୁ ବୈଦ୍ୟୁତିକ ଅଞ୍ଚଳ ସୃଷ୍ଟି କରାଯାଇ ଜାହାଜ ତଳକୁ କଳଙ୍କିରୁ ରକ୍ଷା କରାଯାଇ ପାରୁଛି। ଧାତବ କ୍ଷେତ୍ରରେ ଟିଟାନିୟମ, ଅନ୍ୟ ଚେନଲେସ୍ ଧାତୁ ଓ ମିଶ୍ରଧାତୁର ୱେଲ୍ଡିଂ ପାଇଁ ଏହି ଗବେଷଣାଗାର ସ୍ୱତନ୍ତ୍ର ଧରଣର କାରିଗରୀ ପଦ୍ଧତି ଉଦ୍ଭାବନ କରିପାରିଛନ୍ତି। ଏହା ଫଳରେ ମୂଲ୍ୟବାନ ସାମୁଦ୍ରିକ ଉପକରଣର ୱେଲ୍ଡିଂ, ମରାମତି ଓ ରକ୍ଷା ସମ୍ଭବ ହୋଇଛି।

ନୂଆ ଧରଣର ଟର୍‌ପେଡୋ ଟ୍ୟୁବ

ବିଶାଖାପାଟଣାଠାରେ ନୂଆ କରି ପ୍ରତିଷ୍ଠିତ ଡି. ଆର ଡି ଓ. ର ନୌବିଜ୍ଞାନ ଓ କାରିଗରୀ ଜ୍ଞାନ ଗବେଷଣାଗାର ସମୁଦ୍ର ପାଣି ତଳେ ସଞ୍ଚରିତ ଶବ୍ଦର ଦୂରତା ମାପିବାକୁ ଓ ବିଭିନ୍ନ ପ୍ରକାର ବିଶ୍ଲେଷଣ କରିବାକୁ ଆବଶ୍ୟକ ଆୟୁଧର ନକ୍ସା ପ୍ରସ୍ତୁତ କରିଛନ୍ତି। ଆଉମଧ୍ୟ ଏହି ଗବେଷଣାଗାରର ସାହାଯ୍ୟରେ ବାଷ୍ପ ଟରବାଇନର ଆୟୁଷ ବୃଦ୍ଧି ପାଇପାରୁଛି ଏବଂ ଠିକଣା ସମୟରେ ଅଦଳବଦଳ ବା ମରାମତି ଦ୍ୱାରା ବଡ଼ ବଡ଼ ଯନ୍ତ୍ରପାତିଗୁଡ଼ିକୁ ବ୍ୟାପକ କ୍ଷୟକ୍ଷତିରୁ ରକ୍ଷା କରାଯାଇପାରୁଛି।

ଜାହାଜ ଓ ବୁଡ଼ାଜାହାଜରେ ଲାଗିଥିବା ଧାତୁର ସ୍ପନ୍ଦନ ଯୋଗେ ସୃଷ୍ଟି ହେଉଥିବା ଡେଜନ୍‌ସ୍ଥ ଶବ୍ଦରୁ ଏହାର ପ୍ରକୃତି ଓ ସ୍ତର ନିର୍ଣ୍ଣୟ କରିବା ଲାଗି ଏ ଗବେଷଣାଗାରରେ ଉଦ୍ଭବ କେତେକ ନୂତନ ବ୍ୟବସ୍ଥା ନୌବାହିନୀ କାର୍ଯ୍ୟକାରୀ କରୁଛନ୍ତି। ଗବେଷଣାଗାରର ଟରପେଡୋ କାରିଗରୀ ପଦ୍ଧତି ଦ୍ୱାରା ଗଭୀର ଜଳ ମଧ୍ୟରେ ବୁଡ଼ାଜାହାଜଭଳି ଭ୍ରାମ୍ୟମାଣ ଯାନର ଅବସ୍ଥିତି ସ୍ଥିର କରିବା ଓ ବିଭିନ୍ନ ପ୍ରକାରର ସୋନାର ସଙ୍କେତର ଜବାବ ଦେବା ସମ୍ଭବ ହୋଇପାରିଛି। ଏବିଧ ଭାସମାନ ପଦ୍ଧତି ଦ୍ୱାରା ଏକ ସଙ୍ଗରେ ଜଳ ମଧ୍ୟରେ ୨ଟି ସ୍ଥାନ ଠାବ କରାହାଇପାରୁଛି।

ନୌବାହିନୀର ସର୍ବାଧୁନିକ ଜାହାଜରେ ଖଞ୍ଜିବାକୁ ଏହି ଗବେଷଣାଗାର ଟର୍‌ପେଡୋ ଟ୍ୟୁବ ନିକ୍ଷେପକ ନିର୍ମାଣ କରିଛନ୍ତି। ଜଳ ମଧ୍ୟରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରର ଦକ୍ଷତା ପରୀକ୍ଷା ଲାଗି ପରୀକ୍ଷା ସ୍ଥଳୀ ସ୍ଥିର କରାଯାଇଛି।

ଉଲ୍ଲେଖଯୋଗ୍ୟ ଅଗ୍ରଗତି

ବସ୍ତୁତଃ ପ୍ରତିରକ୍ଷା ଗବେଷଣା ଯେଭଳି ବ୍ୟାପକ ସେଇଭଳି ସ୍ୱତନ୍ତ୍ର। ଡି. ଆର. ଡି. ଓ. ର ନକ୍ସା ଓ ଉନ୍ନୟନ ପ୍ରକଳ୍ପ ସାହାଯ୍ୟରେ ପ୍ରାୟ ୪୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଉତ୍ପାଦନ କରାଯାଇସାରିଲାଣି।

(ଅବଶିଷ୍ଟାଂଶ ୧୮ ପୃଷ୍ଠାରେ)

Images: Aptakama Mishra, Processing: Srujanika

ମସ୍ତିଷ୍କ ଜ୍ୱର ଓ ତାର ପ୍ରତିକାର

ଡାକ୍ତର ଗୋପାଳ ଚନ୍ଦ୍ର କର
ଏମ୍. ଡି. (ପାଟନା) ଏଫ୍. ଆଇ. ସି. ଏସ୍
ଡାକ୍ତର ଜ୍ୟୋତି ମହାପାତ୍ର
ଏମ୍. ଡି, ଡି. ପି. ଏମ୍, ଏଫ୍. ଆଇ. ସି. ଏସ୍.
ଡାକ୍ତର ପ୍ରଦୀପ ରାଓ,
ଡି. ଏମ୍ ଏସ୍ (କଲିକତା) ଏମ୍ . ବି ଏସ୍
କବିରାଜ ବିରଜାଶଙ୍କର ଆଚାର୍ଯ୍ୟ,
ଆୟୁର୍ବେଦ ତୀର୍ଥ; ଏମ୍. ଏ. ଏସ୍ : ଏଚ୍

ମସ୍ତିଷ୍କ ଜ୍ୱର କହିଲେ କଣ ବୁଝାଏ ଓ ଏହା କିପରି ହୁଏ, ଏ ବିଷୟରେ ଜାଣିବା ପାଇଁ ସାଧାରଣତଃ ବହୁ ବ୍ୟକ୍ତି ଆଗ୍ରହୀ । ଏହା ଏକ ଗୁରୁତର ରୋଗ ଓ ଉପଯୁକ୍ତ ସମୟରେ ଏହାର ଚିକିତ୍ସା ନ ହେଲେ, ରୋଗୀର ପ୍ରାଣହାନି ଘଟିବା ବା ପକ୍ଷାଘାତ ଯୋଗୁ ବିକଳାଙ୍ଗ ହୋଇ ଯିବାର ଆଶଙ୍କା ରହିଛି । ତେଣୁ ଏ ବିଷୟରେ କେତୋଟି ମୌଳିକ ଓ ପ୍ରାଥମିକ ତଥ୍ୟ ସର୍ବସାଧାରଣଙ୍କର ଦୃଷ୍ଟି ଗୋଚର ହେବା ଉଚିତ ।

'ମସ୍ତିଷ୍କ ଜ୍ୱର' ନାମରୁ ହିଁ ଅନୁମିତ ହୁଏ ଯେ, ଜ୍ୱର ଏହାର ପ୍ରଧାନ ଲକ୍ଷଣ । କିନ୍ତୁ ଏ ରୋଗର ବିଭିନ୍ନ କାରଣ ରହିଛି ଓ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶ ଆକ୍ରାନ୍ତ ହେଲେ ଜ୍ୱର ଛଡ଼ା ରୋଗର ଭିନ୍ନ ଭିନ୍ନ ଲକ୍ଷଣ ମଧ୍ୟ ପ୍ରକାଶ ପାଏ । ତେଣୁ ଏ ରୋଗ ବିଷୟରେ ବୁଝିବା ନିମନ୍ତେ ମସ୍ତିଷ୍କର ଗଠନ ପ୍ରଣାଳୀ ସମ୍ପର୍କରେ କିଛିଏ ସୂଚନା ଦିଆଯିବା ଆବଶ୍ୟକ ।

ମସ୍ତିଷ୍କ ବା Brain ମନୁଷ୍ୟ ଶରୀରର ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏବଂ ଏହାଦ୍ୱାରା ଶରୀରର ଅନ୍ୟ ସବୁ ଅଂଶ ପରିଚାଳିତ ହୁଏ । ଏପରିକି ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ଇତ୍ୟାଦିର କାର୍ଯ୍ୟକ୍ଷମତା ମଧ୍ୟ ଶରୀରର ଏହି ସର୍ବୋଚ୍ଚ କେନ୍ଦ୍ର ଦ୍ୱାରା ନିୟନ୍ତ୍ରିତ ହୁଏ । ତେଣୁ ଏହା ଅତି ସୁରକ୍ଷିତ ହୋଇ ରହିବା ସ୍ୱାଭାବିକ । ସାଧାରଣ ଆଘାତରେ ଏହା ଯେପରି କ୍ଷତଗ୍ରସ୍ତ ନହୁଏ, ସେଥିପାଇଁ ଏହା ମସ୍ତକ ବା ଏକ ଅସ୍ଥି ପ୍ରକୋଷ୍ଠ ମଧ୍ୟରେ ରହିଥାଏ । ଏହାକୁ Granium ବୋଲି କୁହାଯାଏ । ଏହା ଏପରିଭାବେ ଗଠିତ ଯେ, ମସ୍ତିଷ୍କର ସୂକ୍ଷ୍ମ ଓ କୋମଳ ଅଂଶ ଗୁଡ଼ିକ ଏହା ମଧ୍ୟରେ ଠିକ୍‌ରୂପରେ ଖାପ ଖାଇ ରହିପାରେ । କୋମଳ ମସ୍ତିଷ୍କକୁ ଉପଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ଓ ଏହାକୁ ଆଘାତରୁ ରକ୍ଷା କରିବା ପାଇଁ Granium ମଧ୍ୟରେ ଏକ ପ୍ରକାରର ଜଳୀୟ ପଦାର୍ଥ ଏହାକୁ ଘେରି ରହିଥାଏ । ଏହାକୁ Gerebro —spinal fuid ବୋଲି କୁହାଯାଏ । ମସ୍ତକ ଭିତରେ ଏହା ସଞ୍ଚାଳିତ ହେଉଥିଲେ ମଧ୍ୟ ସବୁବେଳେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ରହିଥାଏ । ମସ୍ତିଷ୍କ ଜ୍ୱରରେ ଏହାର ପରିମାଣ ବୃଦ୍ଧିପାଏ, ଏହି ତରଳ ପଦାର୍ଥରେ ଜୀବାଣୁ ଓ ନଷ୍ଟହୋଇ ଯାଇଥିବା ଜୀବକୋଷ ଦେଖା ଯାଆନ୍ତି ଓ ଏଥିରେ ଥିବା ଖାଦ୍ୟସାର ଗୁଡ଼ିକର ପରିମାଣରେ ବୃଦ୍ଧି ବା କ୍ଷୟ ହୋଇଥାଏ । ତେଣୁ ଏଥିରୁ କିଛି ଅଂଶ ବାହାର କରିନେଇ ପରୀକ୍ଷାଗାରରେ ବିଶ୍ଳେଷଣ କଲେ, ଏହି ରୋଗ ବିଷୟରେ ବହୁ ତଥ୍ୟ ଜାଣିହୁଏ ।

ଏହି ଜଳୀୟ ଅଂଶ ଯେପରି ବାହାରି ନଯିବ ଓ ମସ୍ତିଷ୍କ ଯେପରି ସୁରକ୍ଷିତ ହୋଇ ରହିବ, ସେଥିପାଇଁ ଏହା ୩ଟି ଆସ୍ତରଣ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି । ଏହି ତିନୋଟି ଝିଲ୍ଲିକ ଆସ୍ତରଣର ନାମ ବାହାରୁ ଭିତରକୁ ଯଥାକ୍ରମେ Duramater, Arachnoid mater ଓ Piamater । ସ୍ଥାନେସ୍ଥାନେ ଏହି ତିନୋଟି ଆସ୍ତରଣ ପରସ୍ପର ସହିତ ସଂଯୁକ୍ତ ହୋଇ ମସ୍ତିଷ୍କର ଦୂଷିତ ରକ୍ତ ସଂଗ୍ରହ କରିଥାନ୍ତି । ଏହିସ୍ଥାନ ଗୁଡ଼ିକୁ Sinus ବା 'ରକ୍ତଭଣ୍ଡାର' ବୋଲି କୁହା ଯାଇଥାଏ । ବାହାରୁ କୌଣସି ଆଘାତ ପାଇଲେ ବା ମସ୍ତକର ନିକଟବର୍ତ୍ତୀ ଅଂଶ ଗୁଡ଼ିକ ଘଣ୍ଟିଆ ହେଲେ ଜୀବାଣୁମାନେ ଏହି Sinus ଗୁଡ଼ିକୁ ସହଜରେ ଆକ୍ରମଣ କରିଥାନ୍ତି ।

ଏହିସବୁ ଆସ୍ତରଣ ଦ୍ୱାରା ଆବୃତ ହୋଇ ମସ୍ତିଷ୍କ ରହିଥାଏ । ଏହାର ଯେଉଁ ଅଂଶ ସବୁଠାରୁ ଉପରେ ଥାଏ ତାହାକୁ Cerebrum କହନ୍ତି । ଦେହର ପ୍ରକୃତି-ସ୍ନାୟୁର ଆରମ୍ଭ ଏହି ଅଂଶରୁ ହୋଇଥାଏ । ସେଥିରୁ କେତେକ ଶରୀରର ବିଭିନ୍ନ ଅଙ୍ଗର ଚାଳନା ପାଇଁ ଉଦ୍ଦିଷ୍ଟ ଓ ଅନ୍ୟ କେତେକ ବିଭିନ୍ନ ପ୍ରକାରର ଅନୁଭୂତି ପାଇଁ ଉଦ୍ଦିଷ୍ଟ, ତେଣୁ ଏହାକୁ ପ୍ରଧାନତଃ ଦୁଇଭାଗ କରାଯାଏ, ଯଥା—motor Cortex ଓ Sensory Cortex ମସ୍ତିଷ୍କ ଜ୍ୱରଯୋଗୁ ଏହି ଅଂଶଟି ଆକ୍ରାନ୍ତ ହେଲେ ପକ୍ଷାଘାତରୋଗ ହୋଇଥାଏ । ଯେହେତୁ ବାମ ଓ ଦକ୍ଷିଣ ପାଖରେ ଦୁଇଟି Cerebral hemisphere ରହିଅଛି ଓ ଗୋଟିଏ ଅଂଶ ଶରୀରର ବିପରୀତ ପାର୍ଶ୍ୱର ଅଙ୍ଗ ଗୁଡ଼ିକର ଚାଳନା ପାଇଁ ଉଦ୍ଦିଷ୍ଟ, ତେଣୁ ବାମ Cerebral hemisphere ଆକ୍ରାନ୍ତ ହେଲେ ଦେହର ଦକ୍ଷିଣପାର୍ଶ୍ୱ ଅଚଳ ହୋଇ-ଥାଏ ଓ ଦକ୍ଷିଣ hemesphere ରେ ରୋଗ ଯୋଗୁ ଦେହର ବାମପାର୍ଶ୍ୱ ଅଚଳହୁଏ ।

Cerebral hemisphere ଦ୍ୱାରା ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ବାକ୍‌ଶକ୍ତି, ସାଧାରଣ ବୁଦ୍ଧି ଓ ବ୍ୟବହାର ମଧ୍ୟ ନିୟନ୍ତ୍ରିତ ହୋଇ-ଥାଏ । ତେଣୁ ମସ୍ତିଷ୍କ ଜ୍ୱରରେ ଏହି ଅଂଶ ଆକ୍ରାନ୍ତ ହେଲେ ଏସବୁ ମଧ୍ୟ ପରିବର୍ତ୍ତିତ ହୁଏ ଓ ବହୁ ସମୟରେ ମାନସିକ ବିକାର ମଧ୍ୟ ଦେଖା ଦେଇଥାଏ ।

Ceremrub ବ୍ୟତୀତ ମସ୍ତିଷ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକ ହେଲା—Thalamus, Cerebelhum. Pons, Medulla ଓ Spinal Cord, ଏସବୁ ପ୍ରତ୍ୟେକେ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିଥାନ୍ତି । ମସ୍ତିଷ୍କ ଜ୍ୱରଯୋଗୁ ଏଥିରୁ କୌଣସି ଅଂଶ ଆକ୍ରାନ୍ତ ହେଲେ ଭିନ୍ନ ଭିନ୍ନ ପ୍ରକାରର ଲକ୍ଷଣ ଦେଖାଯାଏ । ସେଥିରୁ କେତେକ ଅତି ଗୁରୁତର ଓ ଖୁବ୍ ଶୀଘ୍ର ପ୍ରାଣହାନିର ଆଶଙ୍କା ମଧ୍ୟ ରହିଥାଏ ।

ବର୍ତ୍ତମାନ ଆଲୋଚନାର ବିଷୟ ହେଲା, ମସ୍ତିଷ୍କ ଜ୍ୱର କାହିଁକି ଓ କିପରି ହୋଇଥାଏ-ସାଧାରଣ ଦୃଷ୍ଟିରେ କହିବାକୁ ହେଲେ, ଯଦି ଜୀବାଣୁ (Bacteria) ବା ଭୂତାଣୁ (virus) ଦ୍ୱାରା ମସ୍ତିଷ୍କ ଆକ୍ରାନ୍ତ ହୁଏ, ତେବେ ମସ୍ତିଷ୍କ ପ୍ରଦାହ (inflammation to coma) ହୁଏ ଓ ରୋଗୀ ପ୍ରବଳ ଜ୍ୱରଯୋଗୁ ଧୀରେ ସଙ୍କାଗ୍ରନ୍ତ ହୋଇଯାଏ । ଏହି ଅବସ୍ଥାରେ ରୋଗ ଚିହ୍ନା ନପଡ଼ିଲେ ଓ ଉପଯୁକ୍ତ ଚିକିତ୍ସା

ନହେଲେ, ଏହା ଅତି ଗୁରୁତର ହୁଏ ଓ ରୋଗୀର ପ୍ରାଣହାନି ଘଟିଥାଏ କିମ୍ବା ସେ ସାରାଜୀବନ ପାଇଁ ବିକଳାଙ୍ଗ ବା ବୁଦ୍ଧିହୀନ ହୋଇରହେ ।

ଜୀବାଣୁ ଗୁଡ଼ିକ ମସ୍ତିଷ୍କର ଝିଲ୍ଲିକ ଆସ୍ତରଣ ଗୁଡ଼ିକୁ ଆକ୍ରମଣ କଲେ, ଏହାକୁ Meningitis କୁହାଯାଏ ଏବଂ ଯଦି ସେଗୁଡ଼ିକ ମସ୍ତିଷ୍କର କୌଣସି ଅଂଶକୁ ଆକ୍ରମଣ କରନ୍ତି, ତେବେ ଏହାକୁ Encephalitis କୁହାଯାଏ । ସାଧାରଣତଃ ଭୂତାଣୁ ବା virus Encephatis ହୁଏ ଓ ଜୀବାଣୁ ବା Bacteria ଦ୍ୱାରା Meningitis ହୁଏ ।

ଏହାଛଡ଼ା ଅନ୍ୟ କେତେକ ରୋଗ, ଯଥାଃ- ଜଳାତଙ୍କ, ମସ୍ତିଷ୍କକୁ ଆକ୍ରମଣ କରୁଥିବା ମ୍ୟାଲେରିଆ ଜ୍ୱର, ଯକ୍ଷ୍ମା ଓ ଟାଇଫଏଡ୍ ଇତ୍ୟାଦି ଦ୍ୱାରା ମଧ୍ୟ ଗୁରୁତର ପ୍ରକାରର ମସ୍ତିଷ୍କ ପ୍ରଦାହ ହୋଇପାରେ । ଏସବୁ ରୋଗରେ ଶରୀରର ଅନ୍ୟାନ୍ୟ ଅଂଶରେ ରୋଗର ଲକ୍ଷଣ ଦେଖାଯିବା ସହିତ ରୋଗୀ ସଙ୍କଟାପନ୍ନ ହୋଇଯାଏ ଓ ପକ୍ଷାଘାତ ମଧ୍ୟ ହୋଇପାରେ ।

କେତେକଙ୍କ ଧାରଣା ଅନୁସାରେ ମଶା କାମୁଡ଼ା ଯୋଗୁ 'ମସ୍ତିଷ୍କଜ୍ୱର' ହୁଏ । ଏଠାରେ ମନେରଖିବା ଉଚିତ ଯେ, ଯେଉଁ କେତେକ ଭୂତାଣୁ 'ମସ୍ତିଷ୍କ ପ୍ରଦାହ' ବା Encephalitis ରୋଗପାଇଁ ଦାୟୀ, ସେମାନେ କେବଳ ଅଳ୍ପ କେତେକ ସ୍ଥଳରେ ମଶାଦ୍ୱାରା ବାହିତ ହୁଅନ୍ତି । Japenese B virus ଓ Stlouisvirus ଏହି ଜାତୀୟ । ବିଭିନ୍ନ ପଶୁ, ପକ୍ଷୀ ଏହି ଭୂତାଣୁକୁ ନିଜ ଶରୀରରେ ଆଶ୍ରୟ ଦେଇଥାନ୍ତି । ମଶା ପ୍ରଥମେ ଏହି ପଶୁମାନଙ୍କୁ କାମୁଡ଼ି ତା' ପରେ ସୁସ୍ଥ ମନୁଷ୍ୟକୁ କାମୁଡ଼ିଲେ Encephnlihis ହେବାର ସମ୍ଭାବନା ଥାଏ । ଜଳାତଙ୍କ ରୋଗ ସହିତ କୁକୁରର ସମ୍ବନ୍ଧ ସମସ୍ତଙ୍କୁ ଜଣା । ଏ ରୋଗର ଭୂତାଣୁ ପାଗଳା କୁକୁରର ଲାଳରେ ଥାଏ । କୁକୁର ମନୁଷ୍ୟକୁ କାମୁଡ଼ିଲେ କିମ୍ବା ତାର ଲାଳ ମନୁଷ୍ୟଦେହର କୌଣସି କ୍ଷତସ୍ଥାନରେ ସଂସ୍ପର୍ଶରେ ଆସିଲେ, ଏହି ଭୂତାଣୁମାନେ ସେ ବାଟେ ସିଧାସଳଖ ସ୍ନାୟୁଗୁଡ଼ିକୁ ଆକ୍ରମଣ କରନ୍ତି ଓ ସେହିବାଟେ ମସ୍ତିଷ୍କକୁ ଯାଇ ସେଠାରେ ଥିବା ଜୀବକୋଷ ଗୁଡ଼ିକୁ ନଷ୍ଟ କରିଦିଅନ୍ତି । କୁକୁରଛଡ଼ା ଘୁଷୁରି, ଘୋଡ଼ା, ମାଙ୍କଡ଼, ବିଲୁଆ, ମୂଷା ଓ କେତେକ ଜାତୀୟ ପକ୍ଷୀ ମଧ୍ୟ ଏହିସବୁ ଭୂତାଣୁମାନଙ୍କୁ ନିଜଦେହରେ ଆଶ୍ରୟ ଦେଇଥାନ୍ତି ।

ବିଭିନ୍ନ ପ୍ରକାରର ଜୀବାଣୁ ଶରୀରର ରକ୍ତ ସଞ୍ଚାଳନ ଦ୍ୱାରା ମସ୍ତିଷ୍କ ଉପରେ ଥିବା ଝିଲ୍ଲୀକ ଆସ୍ତରଣ ବା Meninges କୁ ଯାଇ ତାକୁ ଆକ୍ରମଣ କଲେ Meningitis ବା ଅନ୍ୟ ଏକ ପ୍ରକାରର ମସ୍ତିଷ୍କଜ୍ୱର ହୁଏ । ଏହାର ଲକ୍ଷଣ ଭୂତାଣୁ ଦ୍ୱାରା ହେଉଥିବା ମସ୍ତିଷ୍କ ପ୍ରଦାହଠାରୁ ସାମାନ୍ୟ ଭିନ୍ନ । ସାଧାରଣତଃ ଜୀବାଣୁମାନେ ବିଭିନ୍ନ ପ୍ରକାର 'ଆଣ୍ଟିବାୟୋଟିକ୍' ଔଷଧ ଦ୍ୱାରା ନଷ୍ଟ ହୋଇଯାଆନ୍ତି । କିନ୍ତୁ ଭୂତାଣୁମାନଙ୍କୁ ନଷ୍ଟକରିବା ଭଳି ଔଷଧ ସଂଖ୍ୟା ଖୁବ୍ କମ୍ । ତେଣୁ ଚିକିତ୍ସା ଦୃଷ୍ଟିରୁ ଦେଖିଲେ, Meningitisର ଲକ୍ଷଣ ବେଶୀ ଗୁରୁତର ମନେହେଲେ ମଧ୍ୟ, ଏହା ଭଲହେବା ସହଜ ସାଧ୍ୟ । ଏଥିରେ ମସ୍ତିଷ୍କ ଭିତରର କୋଷ ଗୁଡିକ ନଷ୍ଟ ନ ହେଉଥିବାରୁ ପ୍ରାୟଶଃ ଏହାର କୁଫଳରୋଗ ଭଲହେବା ପରେ ରହେନାହିଁ । କିନ୍ତୁ ଭୂତାଣୁ ଜନିତ ମସ୍ତିଷ୍କ ପ୍ରଦାହ ବା Encephalitisirə ର ଲକ୍ଷଣ ପ୍ରଥମେ ପ୍ରଥମେ ଗୁରୁତର ମନେ ନ ହେଲେ ମଧ୍ୟ ଏହା ମସ୍ତିଷ୍କର ଅଧିକ କ୍ଷତିକାରକ । ଏ ରୋଗ ଭଲହୋଇ ଗଲେ ମଧ୍ୟ ବହୁକ୍ଷେତ୍ରରେ ମସ୍ତିଷ୍କର ସ୍ଥାୟୀ କ୍ଷତି କରିଥାଏ ଓ ବହୁଦିନ ପରେ ମଧ୍ୟ ଏହାଯୋଗୁ ଝିଙ୍କୁଲା ବାତ, ହାତଗୋଡ଼ ଅଚଳ ଓ ମାନସିକ ବିକାର ଇତ୍ୟାଦି ହୋଇପାରେ ।

ମସ୍ତିଷ୍କ ଜ୍ୱରର ଲକ୍ଷଣ

ମସ୍ତିଷ୍କ ଜ୍ୱରର ଲକ୍ଷଣଗୁଡ଼ିକୁ ସାଧାରଣତଃ ଶାରୀରିକ ଓ ମାନସିକ, ଏହିପରି ଦୁଇଭାଗରେ ବିଭକ୍ତ କରାଯାଇ ଥାଏ । ପୁଣି ଜୀବାଣୁ ଜନିତ ମସ୍ତିଷ୍କଜ୍ୱର ଓ ଭୂତାଣୁ ଜନିତ ମସ୍ତିଷ୍କ ଜ୍ୱରର ଲକ୍ଷଣରେ ସାମାନ୍ୟ ପାର୍ଥକ୍ୟ ରହିଥାଏ । ଏହି ପାର୍ଥକ୍ୟ ଅଭିଜ୍ଞ ଚିକିତ୍ସକଙ୍କ ଦୃଷ୍ଟିରେ ଓ ମସ୍ତିଷ୍କଭିତରେ ଥିବା ଜଳୀୟ ରସର ପରୀକ୍ଷାଦ୍ୱାରା ଜଣା ଯାଇଥାଏ ।

ଶାରୀରିକ ଲକ୍ଷଣ :--

ମସ୍ତିଷ୍କ ଜ୍ୱରର ପ୍ରାରମ୍ଭିକ ଅବସ୍ଥାରେ ସାଧାରଣତଃ ଜ୍ୱର ସାମାନ୍ୟ ପରିମାଣରେ ଥାଏ । କିନ୍ତୁ ମୁଣ୍ଡବିନ୍ଧା ଓ ଶରୀରର ଦୁର୍ବଳତା ଜ୍ୱର ତୁଳନାରେ ଅତ୍ୟଧିକ ଜଣାପଡ଼େ । ଦିନେ ବା ଦୁଇଦିନ ମଧ୍ୟରେ ଶରୀରର ତାପ ୧୦୨° ବା ୧୦୩° କୁ ବୃଦ୍ଧିପାଏ । ତା ସହିତ କ୍ରମାଗତ ବାନ୍ତି ହୁଏ ଓ ରୋଗୀ ପ୍ରଳାପ କରିବାକୁ ଲାଗେ । ମସ୍ତକ ଓ ଗ୍ରୀବା ଉଭୟ ସ୍ଥାନରେ ଅତ୍ୟଧିକ ପୀଡ଼ା ଯୋଗୁଁ ଶୟନର ଭଙ୍ଗୀରେ ସାମାନ୍ୟ ପରିବର୍ତ୍ତନ କଲେ ମଧ୍ୟ ତାହା ଅତି କଷ୍ଟଦାୟକ ହୁଏ ଓ ମୁଣ୍ଡନୁଆଁଇ ରଖିବା ଅସମ୍ଭବ ହୋଇପଡ଼େ । କେତେକ କ୍ଷେତ୍ରରେ ରୋଗୀ ଅତ୍ୟଧିକ ତନ୍ଦ୍ରାଗ୍ରସ୍ତ ହୋଇରହେ ଓ ଧୀରେ ତାର ଚେତନା ଲୋପପାଏ । ଅନ୍ୟ କେତେକ କ୍ଷେତ୍ରରେ ରୋଗୀଠାରେ ବିରକ୍ତି ଭାବ ଓ ଆଲୋକ ପ୍ରତି ଅସହିଷ୍ଣୁତା ପ୍ରକାଶପାଏ । ଜ୍ୱର ହେବାର ଦିନେ ବା ଦୁଇଦିନ ଭିତରେ ଏହି ସବୁ ଲକ୍ଷଣ ଦେଖିଲେ ଏହା ମସ୍ତିଷ୍କ ଜ୍ୱରର ପ୍ରାଥମିକ ଅବସ୍ଥା ହୋଇପାରେ ବୋଲି ସନ୍ଦେହ କରିବା ଉଚିତ ।

ଡାକ୍ତରୀ ପରୀକ୍ଷାରେ, ରୋଗ ମସ୍ତିଷ୍କକୁ ଆକ୍ରମଣ କରିଥିବା ବିଷୟ ସହଜରେ ଜଣାଯାଏ । କାରଣ ରୋଗୀ ଅଧିକାଂଶ କ୍ଷେତ୍ରରେ ଅଚେତନ ହୋଇଥାଏ ଓ ତା ଶରୀରର ବିଭିନ୍ନ ଅଂଶରେ ପକ୍ଷାଘାତର ଲକ୍ଷଣ ଦେଖାଯାଏ । ଚକ୍ଷୁ ଡୋଳାର ଆକୃତିରେ ପରିବର୍ତ୍ତନ ହୁଏ ଓ ଆଲୋକଦ୍ୱାରା ଏହା ଅତି ଧୀରେ ଧୀରେ ସଙ୍କୁଚିତ ହୋଇଥାଏ । କେତେକ କ୍ଷେତ୍ରରେ ଆଖି ଓ ମୁହଁର ସ୍ନାୟୁ ଓ ମାଂସପେଶୀ ଗୁଡ଼ିକ କାର୍ଯ୍ୟ ନକରିବାରୁ ମୁହଁ ବଙ୍କା ଦେଖାଯାଏ ଓ ଆଖି ବନ୍ଦ ହୋଇପାରେ ନାହିଁ । ଏହାକୁ Facial palsy କୁହାଯାଏ । ବହୁକ୍ଷେତ୍ରରେ ରୋଗୀର ବାକ୍‌ଶକ୍ତି ମଧ୍ୟ ଲୋପପାଏ । ରୋଗୀ ଶିଶୁ ହୋଇଥିଲେ, ଜ୍ୱର ସହିତ ଝିଙ୍କୁଲା ବାତ ମଧ୍ୟ ଅଧିକାଂଶ କ୍ଷେତ୍ରରେ ହୋଇଥାଏ । ଏହାଦ୍ୱାରା ଶିଶୁଟିର ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ ଓ ବାରମ୍ବାର ବାତ ମାରିଲେ ମସ୍ତିଷ୍କର ସ୍ଥାୟୀ କ୍ଷତିହୋଇ, ଶିଶୁଟି ବୁଦ୍ଧିହୀନ ହୋଇ ଯିବାର ଆଶଙ୍କା ଥାଏ । ଶିଶୁର ବୟସ ଯେତେ କମ୍ ହୁଏ, ମସ୍ତିଷ୍କ ଜ୍ୱରଦ୍ୱାରା ତାର ସେତେ ବେଶୀ କ୍ଷତି ହୋଇଥାଏ, ଏଭଳି ଶିଶୁମାନେ ଅତି ଚଞ୍ଚଳ ହୁଅନ୍ତି ଓ ଭଲମନ୍ଦ ଜାଣିପାରନ୍ତି ନାହିଁ । ତେଣୁ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ବିରଳ ନୁହେଁ । ବହୁ କ୍ଷେତ୍ରରେ ସେମାନେ ବିଦ୍ୟାଳୟକୁ ଯାଇ ସେଠାରୁ କିଛି ଶିଖିବାପାଇଁ ଅକ୍ଷମ ହୁଅନ୍ତି । ନିଜର ଯତ୍ନ ନିଜେ ନନେଇ ପାରିବା ଯୋଗୁ, ପିତାମାତା ଓ ପରିବାରର ଅନ୍ୟମାନଙ୍କ ଉପରେ ପ୍ରତି

Images: Aptakama Mishra, Processing: Srujanika

ବର୍ଷସ୍ତରେ ସେମାନେ ନିର୍ଭରଶୀଳ ହୋଇ ଓ ସମାଜରେ ଚଳିବାକୁ ଅକ୍ଷମ ହୋଇଥାନ୍ତି ।

ମାନସିକ ଲକ୍ଷଣ:—

ମସ୍ତିଷ୍କ ଜ୍ୱରରେ ମାନସିକ ବିକାରର ବହୁ ଲକ୍ଷଣ ମଧ୍ୟ ଦେଖା ଯାଇଥାଏ । ରୋଗୀ ପୁରାପୂରି ଅଚେତନ ନହେଲେ ମଧ୍ୟ ତାର ଚିହ୍ନିବା ଶକ୍ତି ଲୋପପାଏ ଓ ବ୍ୟବହାରରେ ମଧ୍ୟ କେତେକ ପରିବର୍ତ୍ତନ ଦେଖାଯାଏ । ସମୟ ସମୟରେ ତା' ଠାରେ ଅଧିକ ଉତ୍ତେଜନା କିମ୍ବା ମାନସିକ ଅବସାଦ ଦେଖାଯାଏ । କେତେକ ରୋଗୀ ଅନ୍ୟମାନଙ୍କୁ ସନ୍ଦେହ କରିଥାନ୍ତି ଓ ଅତ୍ୟଧିକ ଭୟଭୀତ ହୁଅନ୍ତି । ଉତ୍ତେଜିତ ହୋଇ ନିଜର ଓ ଅନ୍ୟମାନଙ୍କର ଶାରୀରିକ କ୍ଷତିକରିବା ଓ ଜିନିଷପତ୍ର ଭାଙ୍ଗି ନଷ୍ଟ କରିବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ମାନସିକ ଅବସାଦ ବା Depression ହେଲେ କଥାବାର୍ତ୍ତା କରିବାର ସ୍ପୃହା ଆସେନାହିଁ ଓ କେତେକ ସ୍ଥଳରେ ଆତ୍ମହତ୍ୟା କରିବାର ପ୍ରବୃତ୍ତି ମଧ୍ୟ ଦେଖାଯାଏ ।

ଏଲୋପ୍ୟାଥିକ ଚିକିତ୍ସା

ଏ ସବୁ ଲକ୍ଷଣ ମୁଖ୍ୟତଃ ମାନସିକ ରୋଗରେ ଦେଖାଯାଏ । ତେଣୁ ରୋଗର ପ୍ରଥମ ଅବସ୍ଥାରେ, ଜ୍ୱର ଇତ୍ୟାଦି ଶାରୀରିକ ଲକ୍ଷଣ ନଥାଇ କେବଳ ଏ ସବୁ ଦେଖାଗଲେ ରୋଗର ନିଦାନରେ ଅସୁବିଧା ହୋଇପାରେ ।

୧-ଜ୍ୱର ମସ୍ତିଷ୍କ ଆକ୍ରାନ୍ତ କରିଛି ଜାଣିଲେ ଏହା କେବେ 100 ରୁ ଅଧିକ ବଢ଼ିବାକୁ ଦେବା ଉଚିତ ନୁହେଁ । ସେଥିପାଇଁ paracelamol 500-mg ବଟିକା ଦିନ-ଭିତରେ ୨।୩ ଥର ଦିଆଯାଇ ପାରିବ ।

୨-ଜ୍ୱର ସହ ବାନ୍ତି ମୁଣ୍ଡବୁଲା ଓ ପ୍ରକୋପ ହେଉଥିଲେ Chleolrnomgine 25-mt ବଟିକା ଦିଆଯାଇ ପାରିବ ।

୩— ମସ୍ତିଷ୍କ ଜ୍ୱରର ଲକ୍ଷଣ ଦେଖିଲେ ଯେତେଶୀଘ୍ର ସମ୍ଭବ ନିକଟତମ ଡାକ୍ତରଙ୍କ ପରାମର୍ଶ ନେବା ବାଞ୍ଛନୀୟ ।

ହୋମିଓପାଥିକ ଚିକିତ୍ସା

୧- ମସ୍ତିଷ୍କ ଜ୍ୱର ଲକ୍ଷଣ ଦେଖିଲେ ପ୍ରଥମାବସ୍ଥାରେ Belladora 200 ଦିନକୁ ଦୁଇପାନ କରିଦେଲେ ମସ୍ତିଷ୍କର ପ୍ରଦାହ, ଜ୍ୱର, ବାତୁଳତା ଆଦି ଉପଶମ ହୁଏ ।

୨- ଜ୍ୱରସହ ପିତ୍ତଳାର ଲକ୍ଷଣ ଥିଲେ ଏବଂ ସଙ୍ଜ୍ଞାହୀନ ଅବସ୍ଥା ସହ ଆଖିର ଡୋଳା ବଡ଼ବଡ଼ ହୋଇ ବେକସହିତ ବାଙ୍କିଭଳି ଟାଣ ହୋଇଗଲେ CICUTA— VIR-OSA 30, ଦିନକୁ ତିନିପାନ କରିଦେବ ।

୩- ଛୋଟ ପିଲାଙ୍କର ରକ୍ତହୀନତା ସହ ଘନ ଘନ ପରିସ୍ରା ହୋଇ ତକିଆରେ ମୁଣ୍ଡ ଏପଟ ସେପଟ ଗଡ଼ଉଥିଲେ ଓ ରହିରହି ଚିତ୍କାରସହ କାନ୍ଦୁଥିଲେ ZINCMET-200 ଦିନକୁ ଦୁଇପାନ କରି ଦେବ ।

୪- ଯକ୍ଷ୍ମା, ଧାତୁଗତ ଦୋଷରୁ ମସ୍ତିଷ୍କଜ୍ୱର ହେଲେ IODOFORM, 6X ଦିନକୁ ଚାରିପାନ ଦେବ ।

୫- ମସ୍ତିଷ୍କ ପ୍ରଦାହସହ ଅତିଶୟ ଦୁର୍ବଳତା ଥାଇ, ଜ୍ୱରରେ ମୁଣ୍ଡ ମାଡ଼ିହୋଇ ଯାଉଥିଲେ ଏବଂ ଅଧିକାଂଶ ସମୟ ଆଖିପତା ଖୋଲିରଖି ଘନଘନ ଚିତ୍କାର କରୁଥିଲେ IPISMEL 30, ଦିନକୁ ଚାରିପାନ ଦେବ । ଯଦି ଉପରୋକ୍ତ ଔଷଧରେ ଆଶୁଫଳ ନମିଳିଲା ନିକଟତମ ଚିକିତ୍ସକଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ ।

ମସ୍ତିଷ୍କଜ୍ୱରର ଆୟୁର୍ବେଦ ଚିକିତ୍ସା

୧— ସୈନ୍ଧବ ଲୁଣ ଶୁଣ୍ଠୀ ପିପ୍ପଳୀ ସମାନ ଭାବରେ ନେଇ ଚୂର୍ଣ୍ଣକରି ଅଦାରସରେ ମିଶାଇ ମୁଖରେ ଧାରଣ କରିବ ।

୨—ମହୁଲ ସୈନ୍ଧବଲୁଣ, ମହାଭୈରବ ବଡ଼ପିପ୍ପଳୀ, ଗୋଲମରିଚ ପ୍ରତ୍ୟେକ ୫ ରତିନେଇ ପାଣିରେ ବାଟି ନସ୍ୟନେବ ।

୩—କାଏଁଚ ବୁଢ଼ି, କଙ୍କଡ଼ା ଶୃଙ୍ଗୀ, ଶୁଣ୍ଠୀ ପିପ୍ପଳୀ, ଗୋଲମରିଚ ଦୁର୍ଲଭା, କଳାଜୀରା, ପ୍ରତ୍ୟେକ ଚାରିତୋଳା ନେଇ ଏକତ୍ର ଚୂର୍ଣ୍ଣକରି ମହୁ ସଙ୍ଗରେ ମିଶାଇ ପ୍ରତ୍ୟେକ ଦିନ ଦୁଇଥର ଦୁଇତୋଳା ମାତ୍ରାରେ ଗୁଡ଼ି ଖାଇବ ।

୪—ଶିରିଷ ମଞ୍ଜି, ପିପ୍ପଳୀ, ଗୋଲମରିଚ ସୈନ୍ଧବଲୁଣ ସମାନ ମାତ୍ରାରେ ନେଇ ଗୋମୂତ୍ରରେ ବାଟି ଚକ୍ଷୁରେ ଲଗାଇବ ।

୫—କୁଡ଼ଚିଫଳ କଙ୍କଡ଼ା ଶୃଙ୍ଗୀ ଦୁର୍ଲଭା କଳାଜୀରା ପ୍ରତ୍ୟେକ ସମାନ ମାତ୍ରାରେ ନେଇ ଚୂର୍ଣ୍ଣକରି ମହୁରେ ମିଶାଇ ଖାଇବ ।

୬—ଗନ୍ଧଶୁଣ୍ଠୀ, ଚିତ୍ର ବ୍ରାହ୍ମଣଘୋଟିଆ କଙ୍କଡ଼ା ଶୃଙ୍ଗୀ ଦୁର୍ଲଭା ଗୁଳୁଚି, ଶୁଣ୍ଠୀ ଅକାନବିନ୍ଧ ମୂଳ ଚିରେଇତା, ପୀତା-କଟୁକୀ ଏହାକୁ ସିଝାଇ ତାକୁ ଆଉଥରେ ପିପ୍ପଳୀ ଗୁଣ୍ଡ ଦେଇ ସକାଳେ ପିଇବ ।

□

(୧୫ ପୃଷ୍ଠାର ଅବଶିଷ୍ଟାଂଶ)

ବର୍ତ୍ତମାନ ପରୀକ୍ଷାଧୀନ ଥିବା କେତେକ ଉଚ୍ଚ କାରିଗରୀ ବ୍ୟବସ୍ଥାକୁ ଅଳ୍ପ କେତେ ବର୍ଷ ମଧ୍ୟରେ ଉତ୍ପାଦନ କାର୍ଯ୍ୟରେ ଲଗାଯିବ ଏବଂ ସେତେବେଳେ ଅଧିକ ମୂଲ୍ୟର ଦ୍ରବ୍ୟ ଉତ୍ପାଦିତ ହୋଇପାରିବ ।

ନିରାପତ୍ତା ବ୍ୟବସ୍ଥାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡି: ଆର. ଡି. ଓ. ଯେଉଁ ଅତ୍ୟାଧୁନିକ କାରିଗରୀ ଜ୍ଞାନର ଅଭିବୃଦ୍ଧି ସମ୍ଭବ କରାଇ ପାରିଛନ୍ତି ଜାତୀୟ ଉନ୍ନୟନ ଓ ଭାରତୀୟ ମାନଙ୍କର ଜୀବନ ମାନ ବୃଦ୍ଧି ଉଦ୍ୟମ ଲାଗି ମଧ୍ୟ ତାହା ସହାୟକ ହୋଇପାରିବ । ସେଥିଲାଗି ଯଥାଯଥ ବେସାମରିକ ଉଦ୍ୟୋଗକୁ କାରିଗରୀ ଜ୍ଞାନ ହସ୍ତାନ୍ତର ଏବଂ ପ୍ରତିରକ୍ଷା ବହିର୍ଭୁକ୍ତ ଏଜେନ୍ସି-ଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ଡି. ଆର. ଡି ଓ. ନିଷ୍ପତ୍ତି ସ୍ଥିର କରିଛନ୍ତି । ଏହାଛଡ଼ା ନୌବାହିନୀର ବୃହତ୍ ଜାହାଜ ଲାଗି ନିର୍ମିତ ସ୍ୱଦେଶୀ ବ୍ୟାଟେରୀ ଶସ୍ତା ଓ ଅଧିକ ଉନ୍ନତ ।

ଆଗାମୀ ଦିନଗୁଡ଼ିକ ପାଇଁ ଡି. ଆର. ଡି ଓ ଅଧିକ ଉନ୍ନତ ବୈଷୟିକ କ୍ଷେତ୍ରରେ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି । ବହୁଗୁଣ ଶକ୍ତିବିଶିଷ୍ଟ ଆଧୁନିକ ଅସ୍ତ୍ର ବ୍ୟବସ୍ଥାର ଆବଶ୍ୟକତା ପୂରଣ ଲାଗି ବଡ଼ ବଡ଼ ଯନ୍ତ୍ରପାତି ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଡି. ଆର ଡି ଓ. ଆଶାବାଦୀ ଓ ସକ୍ଷମ । ଦଶନ୍ଧି ପରେ ଦଶନ୍ଧି ଧରି କଠୋର ଶ୍ରମ, ଶିକ୍ଷା ଓ ବିଭିନ୍ନ ପ୍ରକାର କାରିଗରୀ ଜ୍ଞାନ ଆହରଣ ବର୍ତ୍ତମାନ ଲାଭପ୍ରଦ ହେଉଛି । ଆମ ନୌବାହିନୀର ଆଧୁନିକୀକରଣ ପ୍ରକ୍ରିୟାରେ ନିଜର ଦାୟିତ୍ୱ ପାଳନ ଲାଗି ମାତ୍ର ୨୫ବର୍ଷ ମଧ୍ୟରେ ଏହି ସଙ୍ଗଠନ ଦକ୍ଷ ଓ ଲକ୍ଷଭିତ୍ତିକ ହୋଇପାରିଛି ।

□

Images: Aptakama Mishra, Processing: Srujanika

(୧୩ ପୃଷ୍ଠାର ଅବଶିଷ୍ଟାଂଶ)

କାମଳ ରୋଗ ଉପଶମ ହୁଏ । ଗ୍ରେଷ୍ଟ ପିଲଙ୍କୁ ଝାଡ଼ାହେଲେ ବରକୋଳି ପତ୍ର ୫।୭ଟା ବାଟି ତା ସହିତ ଗାଈଦହିକୁ ଚନ୍ଦନ ପରି ଘୋରି ଏକତ୍ରିତ କରି ମିଶ୍ରି ସରବତରେ ଦିନକୁ ଦୁଇଥର କରି ଏକସପ୍ତାହ ଦେଲେ ଝାଡ଼ା ବନ୍ଦହୁଏ ।

ଆଧୁନିକ ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ବରକୋଳି ପତ୍ରରେ ଏକପ୍ରକାର 'ଗ୍ଲାଇକୋ ସାଇଡ୍' ରହିଛି । ଏହା ବ୍ଲଡ଼-କୋଲେଷ୍ଟ୍ରଲକୁ କମାଇ ଦେଇଥାଏ । ମୁଣ୍ଡରେ ରୁପି ହେଲେ ବରକୋଳି ପତ୍ର ବାଟି ମୁଣ୍ଡରେ ଭଲକରି ଘସି ଶୁଖିଲା ପର୍ଯ୍ୟନ୍ତ କିଛିସମୟ ରଖି ଉଷୁମ ପାଣିରେ ମୁଣ୍ଡ ଧୋଇଦେଲେ ରୁପି ମୁଣ୍ଡରୁ ଚାଲିଯାଏ । ବାଳ ଉପୁଡ଼ିବା ମଧ୍ୟ କମିଯାଏ ଏବଂ ବାଳ ନରମ ରହେ ।

କେତେକ ବରକୋଳି ସ୍ୱାଦ ମିଠା ଏବଂ ଆଉ କେତେକ ସ୍ୱାଦ ଖଟା । ମିଠା ବରକୋଳିରେ ଶୀଘ୍ର ପୋକ ଲାଗେ । ଅଥଚ ଖଟାକୋଳି ପାଚିଲା ପର୍ଯ୍ୟନ୍ତ ପୋକ ଧରେନାହିଁ । ଗବେଷଣାରୁ ଜଣାପଡ଼ିଛି ଯେ ଖଟା କୋଳି ଗଛର ପତ୍ରରେ ହାରାହାରି ୯.୬% ଓ ମିଠା କୋଳି ପତ୍ରରେ ହାରାହାରି ୧୧.୦୧% ପୁଷ୍ଟିସାର ବା ପ୍ରୋଟିନ୍ ରହିଛି । ପତ୍ରରେ ଥିବା ପ୍ରୋଟିନ ପରିମାଣ କୋଳି ପାଚିବା ଅବସ୍ଥାରେ କ୍ରମଶଃ ବୃଦ୍ଧି ପାଇ ହାରାହାରି ୧୬.୯% ପର୍ଯ୍ୟନ୍ତ ହୋଇଥାଏ । କିନ୍ତୁ ଖଟା କୋଳିରେ ଅପକ୍ୱ ଅବସ୍ଥାରେ ପ୍ରୋଟିନର ପରିମାଣ ହାରାହାରି ୯% ଏବଂ ପକ୍ୱ ଅବସ୍ଥାରେ ତାହା ହ୍ରାସପାଇ ହାରାହାରି ୪.୪% ହୋଇଯାଏ । ମିଠା କୋଳିରେ ସାଧାରଣତଃ ପ୍ରୋଟିନର ପରିମାଣ ଅପେକ୍ଷାକୃତ କମ (୩.୦%) । ଉଭୟ ଖଟା ଓ ମିଠା କୋଳିର ପତ୍ର ଓ ଫଳରେ ପ୍ରୋଟିନଜନିତ ଆମିନୋ ଅମ୍ଳର ସଂଖ୍ୟା, ଦ୍ରବଣୀୟ ଆମିନୋ-ଅମ୍ଳ ସଂଖ୍ୟାଠାରୁ ଅଧିକ । ଆମ ଶରୀର ଉପଯୋଗୀ ଆବଶ୍ୟକୀୟ ଆମିନୋଅମ୍ଳ ଯଥା:—ଲ୍ୟୁସିନ୍, ଆଇସୋଲ୍ୟୁସିନ୍, ଭାଲିନ୍ ଫେନାଇଲ ଆଲାନାଇନ୍, ମିଥିଓନିନ୍ ବରକୋଳିର ଉଭୟ ପତ୍ର ଓ ଫଳରେ ମିଳିଥାଏ । ଆମ ଶରୀରର ପ୍ଲାଜମାପ୍ରୋଟିନ୍ ଗଠନ ପାଇଁ ଆବଶ୍ୟକୀୟ ଆମିନୋଅମ୍ଳ ମଧ୍ୟରୁ କେତୋଟି ଯଥା.—ଗ୍ଲାଇସିନ୍, ପ୍ରୋଲାମିନ୍, ଲ୍ୟୁସିନ୍, ଆଇସୋ-ଲ୍ୟୁସିନ୍ ଗ୍ଲୁଟାମିକ୍ ଅମ୍ଳ, ହିଷ୍ଟିଡ଼ିନ୍ ଓ ମିଥିଓନିନ ବରକୋଳିରେ ରହିଛି ।

ବରକୋଳିର ଆଉ ଏକ ବିଶେଷତ୍ୱ ହେଲା ଏଥିରେ 'ସିଷ୍ଟିନ୍' ନାମକ ଦ୍ରବୀୟ ଆମିନୋଅମ୍ଳ ପତ୍ରରେ ରହିଥାଏ । ଏହି ଅମ୍ଳ କେଶମୂଳ ମଜଭୁତ କରିବା ସଙ୍ଗେ ସଙ୍ଗେ କେଶ ବୃଦ୍ଧିରେ ମଧ୍ୟ ସହାୟତା କରିଥାଏ । ଗାଁ ଗହଳିରେ ବରକୋଳି ପତ୍ରକୁ ବାଟି ମୁଣ୍ଡ ଛଡ଼ାଇବାରେ ଯଥାର୍ଥତା ରହିଛି,—ଯେହେତୁ ଏଥିରେ 'ସିଷ୍ଟିନ୍' 'ଆମିନୋଅମ୍ଳ' ରହିଛି ।

ବରକୋଳିର ଆଉ ଏକ ବିଶେଷତ୍ୱ ହେଲା ଏଥିରେ 'ସିଷ୍ଟିନ୍' ନାମକ ଦ୍ରବଣୀୟ ଆମିନୋ ଅମ୍ଳ ପତ୍ରରେ ରହିଥାଏ । ଏହି ଅମ୍ଳ କେଶମୂଳ ମଜଭୁତ କରିବା ସଙ୍ଗେ ସଙ୍ଗେ ବୃଦ୍ଧିରେ ମଧ୍ୟ ସହାୟତା କରିଥାଏ । ଗାଁ ଗହଳିରେ ବରକୋଳି ପତ୍ରକୁ ବାଟି ମୁଣ୍ଡ ଛଡ଼ାଇବାରେ ଯଥାର୍ଥତା ରହିଛି, ଯେହେତୁ ଏଥିରେ 'ସିଷ୍ଟିନ' ଆମିନୋଅମ୍ଳ ରହିଛି । □

ଏଣିକି କୁସୁମତେଲ ଖାଇହେବ

କୁସୁମତେଲରେ ଅତ୍ୟଧିକ ପରିମାଣରେ ମୁକ୍ତଭାବେ 'ଫ୍ୟାଟି ଏସିଡ୍' ଥିବାରୁ ଏହାକୁ ଖାଇହୁଏ ନାହିଁ । ଏହି ଏସିଡ୍ ଯୋଗୁ କୁସୁମତେଲ ସାଧାରଣ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ହୋଇଥାଏ । କିନ୍ତୁ ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ଏହି କୁସୁମତେଲକୁ କୌଣସି ବୈଷୟିକ ବ୍ୟବସ୍ଥା ଦ୍ୱାରା ଖାଇବା ତେଲରେ ପରିଣତ କରିବା ପାଇଁ ବୈଜ୍ଞାନିକ ମାନେ ବହୁ ଦିନରୁ ଚଳାଇ ଥିଲେ । ଏ କ୍ଷେତ୍ରରେ ସେମାନେ ଏବେ ସଫଳତା ହାସଲ କରିଥିବାରୁ ଯୋଗୁ ଅଚିରେ ଦେଶରୁ ଖାଇବା ତେଲ ସଙ୍କଟ ଦୂର ହେବାର ଆଶା ଉଜ୍ଜ୍ୱଳ ହୋଇଛି ।

ବୈଜ୍ଞାନିକ ମାନେ କୁସୁମତେଲରୁ ଉକ୍ତ 'ଫାଟି ଏସିଡ୍' ବାହାର କରିବାପାଇଁ ପୂର୍ବରୁ "ହାଇ ଭାକାମ୍ ଷ୍ଟ୍ରିପିଙ୍ଗ୍ ଷ୍ଟିମ୍" ପଦ୍ଧତି ଅବଲମ୍ବନ କରୁଥିଲେ । ଏବେ କେତେଦିନ ତଳେ ଜଣାପଡ଼ିଛି ଯେ 'ଆଲ୍‌କୋହଲ' ପ୍ରୟୋଗ କରାଗଲେ କୁସୁମତେଲରୁ ଉକ୍ତ ଫ୍ୟାଟି ଏସିଡ୍ ପରିମାଣ ଯଥେଷ୍ଟ କମିଯିବ । ତେଲରୁ ଉକ୍ତ ଅମ୍ଳ ନିଷ୍କାସନ କ୍ରମରେ ଆଲକୋହଲକୁ ଏ ଦ୍ରାବକ ରୂପେ ବ୍ୟବହାର କରାଯାଇ ପାରିବ ।

ଆଲକୋହଲ ବ୍ୟବହାର କରାଗଲେ ଅନ୍ୟ ଦ୍ରାବକ ତୁଳନାରେ ଏହା ଅମ୍ଳର ପରିମାଣ ବହୁତ କମାଇଦେବ ଏବଂ ଖର୍ଚ୍ଚ ମଧ୍ୟ କମ୍ ହେବ । ଦ୍ୱିତୀୟତଃ ସାଧାରଣ ଗୃହ ଉତ୍ତାପରେ ଏହା କରାଯାଇ ପାରିବ । ତୃତୀୟତଃ ତେଲଶୋଧନ କଲାବେଳେ ନଷ୍ଟ ହେଉଥିବା ଆଲକୋହଲକୁ ସଂଗ୍ରହ କରି ପୁଣି ତାର ଉପଯୋଗ କରିହେବ । କଲିକତାରେ ହୋଇଥିବା ଏ ସମ୍ବନ୍ଧୀୟ ଗବେଷଣାରୁ ଆହୁରି ମଧ୍ୟ ଜଣାଯାଇଛି ଯେ ଶୋଧନ ହୋଇଥିବା ଏହି ତେଲକୁ ଆଲକୋହୋଲ ସାହାଯ୍ୟରେ ଅଧିକ ଶୋଧନ କଲେ ଯେଉଁ ତେଲ ବାହାରିବ ସେଥିରୁ ବନସ୍ପତି ଘିଅ ମଧ୍ୟ ତିଆରି କରିହେବ ।

ଆଲକୋହଲ ସାହାଯ୍ୟରେ କୁସୁମତେଲରୁ ଉକ୍ତ ଅମ୍ଳ ନିଷ୍କାସନର ଦକ୍ଷତାର ନିର୍ଭର କରେ ସେଥିରେ ପ୍ରୟୋଗ କରାଯାଉଥିବା ଆଲ୍କୋହୋଲର ପରିମାଣ ତଥା ଏଥିପାଇଁ ଲାଗୁଥିବା ସମୟ ଉପରେ । ନିଷ୍କାସନ ପାଇଁ ଅଧିକ ଆଲକୋହୋଲ ପ୍ରୟୋଗ କରି ଏହାକୁ ଧୀରେ ଧୀରେ ନିଷ୍କାସନ କଲେ ଅଧିକ ପରିମାଣରେ ଅମ୍ଳ ନିଷ୍କାସନ ହୋଇ ପାରିବ ବୋଲି ଏକ ଅଧ୍ୟୟନରୁ ଜଣାଯାଇଛି । କୁସୁମତେଲ ଓ ଅଲ୍କୋହଲର ଅନୁପାତ ୧:୧ରୁ ୧:୬ରୁ ଏବଂ ୧:୩ରୁ ବୃଦ୍ଧି କରାଗଲେ ଫ୍ୟାଟି ଏସିଡ ନିଷ୍କାସନର ପରିମାଣ ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି । (ପି. ଟି. ଆଇ) □

ବିଜ୍ଞାପନ ହାର

ପୁରା ପୃଷ୍ଠା —	୧,୦୦୦ ଟଙ୍କା
ଅଧା ପୃଷ୍ଠା —	୬୦୦ ଟଙ୍କା
ଚଉଠ ପୃଷ୍ଠା —	୩୦୦ ଟଙ୍କା
ଏକ କଲମ —	୪୦୦ ଟଙ୍କା
ସର୍ବନିମ୍ନ —	୧୦୦ ଟଙ୍କା

Images: Aptakama Mishra, Processing: Srujanika

ତୈଳକୂପରୁ ଅଧିକ ତୈଳ ଉତ୍ତୋଳନ ଉଦ୍ୟମ

ଗୋଟିଏ ତୈଳ କୂପରେ ଯେତେ ପରିମାଣର ତୈଳ ମହଜୁଦ ଥାଏ ତାହାର ଶତକଡ଼ା ୨୦ ଭାଗ ତୈଳ ସାଧାରଣତଃ ଆମେ ପାଇଥାଉ । ପ୍ରଚଳିତ ବୈଜ୍ଞାନିକ କୌଶଳ ପ୍ରୟୋଗ ଦ୍ୱାରା ଏହାଠାରୁ ଅଧିକ ତୈଳ ଉତ୍ତୋଳନ କରାଯାଇ ପାରେ ନାହିଁ । ବାକି ଶତକଡ଼ା ୮୦ ଭାଗ ତୈଳ କୂପ ମଧ୍ୟରେ ରହିଯାଏ । ବର୍ତ୍ତମାନ ଯେପରି ତୈଳର ଚାହିଦା ବୃଦ୍ଧି ପାଉଛି ଏବଂ ପେଟ୍ରୋଲ-ଜାତ ଦ୍ରବ୍ୟର ଦାମ୍ ବଢ଼ୁଛି ସେ ଅବସ୍ଥାରେ ଯଦି ଆଉ ଶତକଡ଼ା ୨୦ ଭାଗ ତୈଳ କୂପ ମଧ୍ୟରୁ ଉତ୍ତୋଳନ କରାଯାଇ ପାରନ୍ତା ତେବେ ଦେଶର ଅର୍ଥନୈତିରେ ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ହୁଅନ୍ତା ।

ଏହି କାର୍ଯ୍ୟ ସାଧନ କରିବା ପାଇଁ ତୈଳ ଓ ପ୍ରାକୃତିକ ଗ୍ୟାସ କମିଶନ ପକ୍ଷରୁ ଅହମ୍ମଦାବାଦଠାରେ ଗବେଷଣା କରାଯାଉଛି । ପାଞ୍ଚ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗବେଷଣା କେନ୍ଦ୍ରରେ ବର୍ତ୍ତମାନ ଦେଶର ୧୫୦ ଜଣ ବୈଜ୍ଞାନିକ ଅଧିକ ତୈଳ ଉତ୍ତୋଳନ ସଂପର୍କରେ ଗବେଷଣା କରୁଛନ୍ତି ।

ଇତି ମଧ୍ୟରେ ତୈଳ ମହଜୁଦ ଅନୁଧ୍ୟାନ ପ୍ରତିଷ୍ଠାନ ପକ୍ଷରୁ କେତେକ ଉପାୟ ଉଦ୍‌ଭାବନ କରାଯାଇଛି । ଦେଶର କେତେକ ତୈଳ କୂପରେ ଏହି ଉପାୟ-ଗୁଡ଼ିକ କାର୍ଯ୍ୟକାରି କରାଯାଇଛି ଏବଂ ସେଥିରୁ ସାଫଲ୍ୟ ମିଳିଛି । ଏହିଗୁଡ଼ିକ ହେଲା ଅଗ୍ନି ଓ ଜଳ, ବନ୍ୟା ଓ ବାଷ୍ପ, ଗ୍ୟାସ୍ ଇଂଜେକସନ, ରାସାୟନିକ ଚିକିତ୍ସା, ହାଇଡ୍ରୋ ଫ୍ରାକଚରିଂ । ଆବଶ୍ୟକତା ଅନୁଯାୟୀ ଏହି ଉପାୟ-ଗୁଡ଼ିକ ପ୍ରୟୋଗ କରାଯାଉଛି ।

ଗୁଜରାଟର ନାଓଗାଁ ଏବଂ କାଲଲର ପୁରାତନ ତୈଳ କୂପରେ କୃତ୍ରିମ ବନ୍ୟା ସୃଷ୍ଟି କରାଯାଇ ସୁଫଳ ମିଳିଛି । ଅଂକ୍ଲେଶ୍ୱର ତୈଳ କୂପରେ ଏହି ପ୍ରକ୍ରିୟା ପ୍ରୟୋଗ କରି ଶତକଡ଼ା ୬୦ ଭାଗ ତୈଳ ଉଦ୍ଧାର କରାଯାଇ-ପାରିଛି । ଏଠାରେ ୧୦ କୋଟି ଟନ ତୈଳ ମହଜୁଦ ଅଛି ଏବଂ ଦେଶର ସବୁଠାରୁ ବେଶୀ ତୈଳ ଏଠାରେ ମହଜୁଦ ଥିବାର ଜଣାଯାଏ । ଏହି ତୈଳ କୂପ ଆରମ୍ଭ ହେବା ଦିନଠାରୁ ଏଠାରେ ଜଳ ଇଂଜେକସନ ଉପାୟ ଅବଲମ୍ବନ କରାଯାଉଛି ।

ସାନଂଦ ତୈଳ କୂପରେ ଏବେ ପଲିମର ମିଶ୍ରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଉପାୟ ପ୍ରୟୋଗ ଦ୍ୱାରା ପୂର୍ବରୁ ଯେତେ ପରିମାଣ ତୈଳ ଉତ୍ତୋଳନ କରାଯାଉଥିଲା ତାହାଠାରୁ ଅଧିକ ତୈଳ ଉତ୍ତୋଳନ କରାଯାଇ ପାରିବ । ଏହି ଉପାୟରେ ସାନନ୍ଦ ତୈଳ କୂପରୁ କିପରି ଅଧିକ ପରିମାଣରେ ଅଶୋଧିତ ତୈଳ ଉତ୍ତୋଳନ କରାଯାଇ ପାରିବ ସେ ସଂପର୍କରେ ମଧ୍ୟ ବୈଜ୍ଞାନିକ-ମାନେ ଗବେଷଣା କରୁଛନ୍ତି । ଏହି ଅଂଚଳରେ ପରୀକ୍ଷାମୂଳକ ଭାବେ ୫ଟି ତୈଳ କୂପ ଖନନ କରାଯାଇଛି । ଏଥି-ମଧ୍ୟରୁ ୨ ଟି ତୈଳ କୂପରେ ପଲିମୋର ପ୍ରକ୍ରିୟା ପ୍ରୟୋଗ କରାଯାଇଛି । ଏହା ବ୍ୟତୀତ ଉତ୍ତର ଗୁଜରାଟର ୨ କିଲୋ-ମିଟର ତଳେ ଯେଉଁ ୬୦ ହଜାର କୋଟି ଟନର କୋଇଲା ମହଜୁଦ ରହିଅଛି ତାହାକୁ କିପରି ବ୍ୟବହାର କରାଯାଇ ପାରିବ ସେ ସଂପର୍କରେ ମଧ୍ୟ ଏହି ପ୍ରତିଷ୍ଠାନ ପକ୍ଷରୁ ଗବେଷଣା କରା-ଯାଉଛି । ୧୯୮୮ ମସିହା ବେଳକୁ ଏଠାରେ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ଆଶା କରାଯାଏ । ଏତେ ଗଭୀର ମାଟି ତଳୁ ଅଳ୍ପ ଖର୍ଚ୍ଚରେ କୋଇଲା ଉତ୍ତୋଳନ କରିବାର କୌଶଳ ପୃଥିବୀର ଅନ୍ୟ କୌଣସି ଦେଶରେ ବାହାର କରାଯାଇ ପାରିନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପ୍ରତିଷ୍ଠାନର ବୈଜ୍ଞା-ନିକ କୌଶଳ ପ୍ରୟୋଗ କରି ୧୯୮୨-୮୩ ମସିହାରେ ଦେଶର କୋଇଲା ଉତ୍ପାଦନକୁ ୧୩୦ ନିୟୁତ ଟନକୁ ବୃଦ୍ଧି କରାଯାଇ ପାରିଛି । ଏହା ବ୍ୟତୀତ ଦେଶର ପ୍ରାୟ ୧୦୦ ହଜାର କୋଟି ଟନ କୋଇଲା ମହଜୁଦ ଅଛି ବୋଲି ଠାବ କରାଯାଇଛି । ଏଥିମଧ୍ୟରୁ କେବଳ ଶତକଡ଼ା ୨୫ ଭାଗ କୋଇଲା ଉତ୍ତୋଳନ କରାଯିବ ।

ନୂତନ ବୈଜ୍ଞାନିକ କୌଶଳ ପ୍ରୟୋଗ କରି ତୈଳ ଉତ୍ତୋଳନ ହାର ବୃଦ୍ଧି ଓ କୋଇଲା ଖଣିର ସଂଧାନ କରାଯାଇ ପାରିଲେ ତାହା ଭବିଷ୍ୟତରେ ଦେଶର ଶକ୍ତି କ୍ଷେତ୍ରରେ ଦେଖା ଦେବାକୁ ଥିବା ବିପଦକୁ ଏଡ଼ାଇ ଦେଇ ପାରିବ ।

(ପି. ଆଇ. ବି) □

ସରକାରଙ୍କ ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ସୁନା ଖଣି ଲିଃ (ବିଜିଏମ) କେବଳ ସୁନା ଉତ୍ପାଦନରେ ଲିପ୍ତ ।

୧୯୮୩ ମସିହା ଏପ୍ରିଲରୁ ୧୯୮୪ ମସିହା ମଧ୍ୟରେ ବିଜିଏମ୍ ୧୩୭ କେ. ଜି. ସୁନା । ଜାନୁୟାରୀ ଉତ୍ପାଦନ କରିଥିଲା ।

ବ୍ୟାନର ଉପାଜନାରେ କ୍ଷତି ବଢ଼ିବଢ଼ି ଚାଲିଛି

ଯାତ୍ରୀମାନଙ୍କ ଉହୁଲ ବିକଳ ଶୁଣୁଛି କିଏ ?

ଶ୍ରୀ ବିଜୟ୍ ନାୟକ

ଓଡ଼ିଶାରେ ବ୍ୟାନରସ୍କିମ୍ କାର୍ଯ୍ୟକାରୀ ହେବା ପରେ ଫେବୃଆରି ମାସ ଶେଷ ସୁଦ୍ଧା ମୋଟ ପ୍ରାୟ ଏକ କୋଟି ଚାଳିଶ ଲକ୍ଷ ଟଙ୍କା କ୍ଷତି ହେଲାଣି । ଭିଡ଼ ଦିନମାନଙ୍କରେ ଯାତ୍ରୀମାନଙ୍କୁ ବସ୍-ଛାତରେ ବସି ଯିବାକୁ ପଡ଼ୁଛି ଏବଂ ରାସ୍ତାରେ ପିଲା କବିଲା ଧରି ଲୋକମାନେ ଘଣ୍ଟାଘଣ୍ଟା ଧରି ବସି ରହୁଛନ୍ତି । ଏ କ୍ଷତି ସତ୍ତ୍ୱେ ପରିବହନ ନିଗମ ବେଳର ଆୟ ତୁଳନାରେ ବ୍ୟାନର ସ୍କିମର ଆୟ ଶତକଡ଼ା ୧୫ଭାଗ ବୃଦ୍ଧି ପାଇଛି । କିନ୍ତୁ ଯାତ୍ରୀ ମାନଙ୍କର ଅସୁବିଧା ଓ ସରକାରଙ୍କ କ୍ଷତିର କାରଣ କଣ । ପରିବହନ ବ୍ୟବସାୟ କରୁଥିବା ଶ୍ରୀ ନାୟକଙ୍କ ଆଲୋଚନା ।

ଓଡ଼ିଶାରେ ବ୍ୟାନର ସ୍କିମ୍‌ର ପ୍ରବର୍ତ୍ତନ ପୂର୍ବରୁ ପରିବହନ ବିଭାଗରେ ବାର୍ଷିକ ପ୍ରାୟ ତିନିକୋଟି ଟଙ୍କା କ୍ଷତି ହୋଇଥିଲା । ଏହି କ୍ଷତି ଭରଣା କରିବା ତଥା ଯାତ୍ରୀମାନଙ୍କୁ ଘରୋଇ ବସ୍ ମାଲିକଙ୍କ ଦୌରାତ୍ମ୍ୟରୁ ରକ୍ଷାକରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପରିବହନ କ୍ଷେତ୍ରରେ ବ୍ୟାନର ସ୍କିମ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ଏହାର ପରିଣତି ବର୍ତ୍ତମାନ ବିଷମୟ ହୋଇଛି । କ୍ଷତି ବଢ଼ି ବଢ଼ି ଚାଲିଛି ଏବଂ ଲୋକମାନେ ଗମନାଗମନ କ୍ଷେତ୍ରରେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ପୂର୍ବେ ବେସରକାରୀ ଉଦ୍ୟମରେ ଯେଉଁ ଶିକ୍ଷିତ ତଥା ବେକାର ଯୁବକ ସବୁ ପରିବହନ ବ୍ୟବସାୟ କରୁଥିଲେ ସେଥିରୁ ସେମାନେ ନିଜ ଗୁଜୁରାଣ ମେଣ୍ଟାଇବା ସଙ୍ଗେ ସଙ୍ଗେ ଲାଭରୁ ଋଣ ଆଦି ପରିଶୋଧ କରୁଥିଲେ ଏବଂ ଜନସାଧାରଣଙ୍କୁ ଏକ ସୁପରିଚାଳିତ ପରିବହନ ମାଧ୍ୟମ ଯୋଗାଇବାରେ ସକ୍ଷମ ହୋଇଥିଲେ ଅବଶ୍ୟ କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହେଉଥିଲା, କିନ୍ତୁ ଏବେ ସେମାନଙ୍କ ହାତରୁ କାର୍ଯ୍ୟତଃ ମାଲିକାନା କାଢ଼ିନେଇ ସରକାର ବ୍ୟାନର ସ୍କିମ୍ ପ୍ରଚଳନ କରିବା ପରେ ଦ୍ୱସ କ୍ଷେତ୍ରରେ କୋଟି କୋଟି ଟଙ୍କା କ୍ଷତି ହେବା ସାଙ୍ଗକୁ ପରିବହନ ଦକ୍ଷତା ମଧ୍ୟ ହ୍ରାସ ପାଉଥିବାରୁ ସାଧାରଣରେ ବିସ୍ମୟ ଓ ବିରକ୍ତି ପ୍ରକାଶ ପାଉଛି ।

ଇନ୍ଦିରା ଗାନ୍ଧୀ ବ୍ୟାଙ୍କ ଜାତୀୟକରଣ କରିବା ପୂର୍ବରୁ ମୁଷ୍ଟିମେୟ ପରିବହନ ବ୍ୟବସାୟୀ ଜଣ ପିଛା ୫୦ ୬୦ ଖଣ୍ଡ ବସ୍ ରଖି ଏ କ୍ଷେତ୍ରରେ ଏକଚାଟିଆ କାରବାର ଚଳାଉଥିଲେ । ସେତେବେଳେ ଯାତ୍ରୀମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟପ୍ରତି ବିଶେଷ ଦୃଷ୍ଟି ଦିଆଯାଉନଥିଲା ଏବଂ ବହୁ ରାସ୍ତାରେ ତଥାକଥିତ ଦିଆସିଲି ଖୋଳ ବସ୍‌ରେ ଯାତ୍ରୀ ମାନଙ୍କୁ ଆଳୁବସ୍ତାଭଳି ଖୁନ୍ଦାଖୁନ୍ଦି କରି ନେବାକୁ ବସ୍ ମାଲିକମାନେ ପରାଙ୍ମୁଖ ହେଉ ନଥିଲେ । ପରିବହନ ବ୍ୟବସ୍ଥାର ଅଭାବ ଯୋଗୁ ବାଧ୍ୟହୋଇ ଲୋକେ ଉହୁଲ ବିକଳରେ ଏଭଳି ଯାତ୍ରା କରୁଥିଲେ

ବ୍ୟାଙ୍କ ଜାତୀୟ କରଣ ପରେ ଶିକ୍ଷିତ ଯୁବକମାନେ ପରିବହନ କ୍ଷେତ୍ରରେ ପ୍ରବେଶକଲେ ଏବଂ ଅନ୍ୟାନ୍ୟ ଅର୍ଥଲଗାଣକାରୀ ସଂସ୍ଥାମାନେ ମଧ୍ୟ ଏହି ଯୁବକମାନଙ୍କୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବାକୁ ଆଗଭର ହେବାରୁ ଏ କ୍ଷେତ୍ରରେ ଅତି ଅଳ୍ପ ସମୟ ମଧ୍ୟରେ ଆଶାତୀତ ଉନ୍ନତି ସାଧିତ ହେଲା । ନବାଗତ ବସ୍ ମାଲିକମାନେ ଯାତ୍ରୀ ମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟପ୍ରତି ଦୃଷ୍ଟି ଦେବାରେ ପ୍ରତିଯୋଗିତା କଲେ ଏବଂ ବିଭିନ୍ନ ସ୍ଥାନରୁ ଠିକ୍ ସମୟରେ ବସ୍ ଛୁଟିବା ସଙ୍ଗେ ସଙ୍ଗେ ବହୁ ନୂଆ ନୂଆ ରାସ୍ତାରେ ବସ୍ ଚାଲିଲା ଏବଂ ମୁଷ୍ଟିମେୟ ପୁଞ୍ଜିପତିଙ୍କ ଏକଚାଟିଆ କାରବାର ବନ୍ଦହେଲା ।

ଓଡ଼ିଶାରେ ସରକାରୀ ଉଦ୍ୟୋଗରେ ଗଠିତ ଓଡ଼ିଶା ରାଜ୍ୟ ପରିବହନ ନିଗମ ଏବଂ ଓଡ଼ିଶା ସଡ଼କ ପରିବହନ ନିଗମ ପକ୍ଷରୁ ଚାଲୁଥିବା ବସ୍ ଗୁଡ଼ିକରେ ଯାତ୍ରୀମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟପ୍ରତି ଆବଶ୍ୟକୀୟ ଦୃଷ୍ଟି ଦିଆଯାଉ ନଥିବାରୁ ଲୋକେ କ୍ରମେ ଘରୋଇ ବସ୍ ମାନଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇ ପଡ଼ିଥିଲେ । ଏ ଅବସ୍ଥାରେ ନିଜ ଦୋଷ ତ୍ରୁଟି ସଂଶୋଧନ କରି ସରକାରୀ ପରିବହନ ନିଗମ ଗୁଡ଼ିକୁ ଲାଭକାରୀ ସଂସ୍ଥାରେ ପରିଣତ କରିବା ପରିବର୍ତ୍ତେ ଲାଭ କରୁଥିବା ଘରୋଇ ପରିବହନ ସଂସ୍ଥା ଗୁଡ଼ିକୁ ଏକ କ୍ଷତିଗ୍ରସ୍ତ ସଂସ୍ଥା ସହ ଯୋଡ଼ିଦେବା ଫଳରେ ଏବେ ଏକ କିମ୍ଭୂତ କିମାକାର ଅବସ୍ଥା ସୃଷ୍ଟି ହୋଇଛି ।

ବ୍ୟାନର ସ୍କିମ୍ ଫଳରେ ସରକାରୀ ଆୟ ବଢ଼ିବାତ ଦୂରର କଥା ମଝିରେ କେବଳ ପରିବହନ କର୍ମଚାରୀ ଓ ବଡ଼ ବଡ଼ ବସ୍ ମାଲିକଙ୍କଛଡ଼ା ଆଉ କାହାର ଲାଭ ହେଉନାହିଁ । ଛୋଟ ଛୋଟ ବସ୍ ମାଲିକମାନେ ଆଗରୁ ଲାଭ କରୁଥିଲେ କିନ୍ତୁ ଏବେ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି

Images: Aptakama Mishra, Processing: Srujanika

କ୍ଷତିର କାରଣ

କିନ୍ତୁ ଏହାର କାରଣ କଣ ? ପରିବହନ ନିଗମର କ୍ଷତି ହେବାର ମୂଳ କାରଣ ହେଉଛି ରୁଟ ଆଲଟମେଣ୍ଟ ବେଳେ ବ୍ୟବସାୟୀଙ୍କ ଦୃଷ୍ଟିଭଙ୍ଗୀର ଅଭାବ ।

ବସ୍ କଣ୍ଡକ୍ଟର ମାନେ ହେଉଛନ୍ତି ଲାଭ ବା କ୍ଷତିର ମୂଳ । ସେମାନଙ୍କ ଦକ୍ଷତା ଓ ସାଧୁତା ଉପରେ ବହୁତ କଥା ନିର୍ଭର କରେ । ଘରୋଇ ବସ୍ ମାଲିକ ମାନେ ନିଜ ପସନ୍ଦ ମୁତାବକ ଦକ୍ଷ କଣ୍ଡକ୍ଟର ନିଯୁକ୍ତ କରନ୍ତି ଏବଂ ତାଙ୍କ ସାଧୁତା ତଥା ଦକ୍ଷତାକୁ ଚାହିଁ ଦରମା ଦିଅନ୍ତି । ସବୁ ଘରୋଇ ସଂସ୍ଥାରେ ଊଣା ଅଧିକେ ଏହି ନିୟମ ଲାଗୁହୁଏ । କିନ୍ତୁ ପରିବହନ ନିଗମରେ ନିଯୁକ୍ତ କଣ୍ଡକ୍ଟର ମାନେ ନିଗମର ସ୍ୱାର୍ଥରକ୍ଷା କରିବାକୁ ଅକ୍ଷମ । ସେମାନଙ୍କ ଦକ୍ଷତାର ଅଭାବ ନାହିଁ, ଅଭାବ ଅଛି ଦୃଷ୍ଟି ଭଙ୍ଗୀର । କଣ୍ଡକ୍ଟର ନିଯୁକ୍ତି ପାଇବା ପରେ ସେମାନେ ଉପରିସ୍ଥ କର୍ତ୍ତାଙ୍କର ଯେପରି ଜୁଲୁମ ଓ ଅତ୍ୟାଚାରର ଶୀକାର ହୁଅନ୍ତି ସେଥିରେ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବା ସେମାନଙ୍କ ପକ୍ଷେ ଏକ ଦୁରୁହ ବ୍ୟାପାର । ତେବେ ବି ସେମାନଙ୍କ ଚାକିରି ସୁରକ୍ଷିତ ନୁହେଁ, ବିଶେଷତଃ ଆୟ ଯାଞ୍ଚ ନାମରେ ଉପରିସ୍ଥ କର୍ତ୍ତାଙ୍କର ଜୁଲୁମ ଓ ପାଉଣା ଆଦାୟ ଫଳରେ ଯେତେଦିନ ଚାକିରି ଥିବ ଆଖି ବୁଜି ଖାଇବା ନୀତି ସେମାନେ ଅବଲମ୍ବନ କରିବାକୁ ପାରିପାର୍ଶ୍ୱିକ ପରିସ୍ଥିତି ଦୃଷ୍ଟିରୁ ବାଧ ହେଉଛନ୍ତି । କଣ୍ଡକ୍ଟର ମାନଙ୍କ ଏହି ଆଭିମୁଖ୍ୟର ସ୍ରଷ୍ଟା ହେଉଛନ୍ତି ଉପରିସ୍ଥ କର୍ମକର୍ତ୍ତା ବୃନ୍ଦ ।

ପ୍ରତ୍ୟେକ କଣ୍ଡକ୍ଟରଙ୍କୁ ଡ୍ୟୁଟିରେ ଯିବାଠାରୁ ଟଙ୍କା ପଇଠ କରିବା ପର୍ଯ୍ୟନ୍ତ ଦୈନିକ ହାତଗୁଞ୍ଜା ସ୍ୱରୂପ ୪୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ଏହି ଟଙ୍କା ବଣ୍ଟନରେ ଯେଉଁମାନେ ଭାଗ ପାଆନ୍ତି ସେମାନେହେଲେ ଟି.ଜି.ଆର ୨ଟଙ୍କା; ଏସ୍.ଏସ୍.ଏମ୍ ୧୦ଟଙ୍କା ଏସ୍.ଏମ୍.-୫ଟଙ୍କା; ଟ୍ରେଭଲ ଚେକର-୧୦ ଟଙ୍କା; ଅଡ଼ିଟର-୧୦ ଟଙ୍କା, କ୍ୟାସିଅର-୫ ଟଙ୍କା । ଏହା-ଛଡ଼ା ଡି.ଟି.ଏମ୍‌ଙ୍କର ଅଲଗା ହିସାବ ଅଛି । ଦୈନିକ ଏସବୁ ଖର୍ଚ୍ଚ ତୁଲାଇ ଯିଏ ଏ.ଏସ.ଏମ ଠାରୁ ଉପରିସ୍ଥ ସବୁ କର୍ମଚାରୀଙ୍କୁ ସନ୍ତୁଷ୍ଟ କରି ରଖି-ପାରିଲା ତା ଚାକିରି ଦୀର୍ଘସ୍ଥାୟୀ ଏବଂ ସେ ସୁନାପିଲା । ଅନ୍ୟଥା ଚାକିରିରୁ ସସ୍‌ପେଣ୍ଡ । ଦୂର ରୁଟକୁ ବଦଲି ଇତ୍ୟାଦି ଅନେକ କଥା ତାକୁ ଭୋଗିବାକୁ ପଡ଼ିବ ।

ଦୈନିକ ଭତ୍ତା ୧୭ ଟଙ୍କା

ବ୍ୟାନର ସ୍କିମ୍‌ରେ କଣ୍ଡକ୍ଟରମାନେ ଅସ୍ଥାୟୀ ଚାକିରିଆ ରୂପେ ନିଯୁକ୍ତି ପାଇଥାନ୍ତି ଏବଂ ସେମାନଙ୍କର ଦୈନିକ ଭତ୍ତା ମାତ୍ର ୧୭ ଟଙ୍କା । ଏହା ଦିନ ମଜୁରିଆଙ୍କ ଠାରୁ ସାମାନ୍ୟ ବେଶୀ । ଏତିକି ଟଙ୍କା ଦରମା ପାଇ ସମସ୍ତଙ୍କୁ ସନ୍ତୁଷ୍ଟ କରି ନିଜର ଚାକିରି ବଜାୟ ରଖିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି କପରି ବା ସାଧୁ ହୋଇପାରିବ ? ପରି-ବହନ ନିଗମର ଉଚ୍ଚ କର୍ମକର୍ତ୍ତାଙ୍କ ବ୍ୟକ୍ତିଗତ ସଙ୍କୋଚ କର୍ତ୍ତା ମଧ୍ୟ ବେଶ ଦି ପଇସା ରୋଜଗାର କରୁଛନ୍ତି । ଚେୟାରମ୍ୟାନ୍ ତାଙ୍କର ୩ବର୍ଷର କାର୍ଯ୍ୟ କାଳ ମଧ୍ୟରେ ଦୁଇଟି ଟ୍ରକ୍ ଓ ଗାଁରେ ୧୫ ବଖରା ଘର କରି ପାରିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ମୁଖ୍ୟ-ମନ୍ତ୍ରୀଙ୍କ ପାଇଁ ବିଧାନସଭା ସ୍ଥାନ ତ୍ୟାଗ କରିଥିବାରୁ ଯାହା କଲେ ବି ତାଙ୍କୁ ଗୁରୁଖୁନ ମାଫ୍ ।

ଏହା ଛଡ଼ା ଆବଶ୍ୟକତାକୁ ଅନୁ-ଧ୍ୟାନ ନକରି କେତେକ ରୁଟ୍‌ରେ ଅଧିକ ସଂଖ୍ୟକ ବସ ଦିଆଯାଇଥିବାରୁ ସେଥିରୁ କ୍ଷତି ହେଉଛି କାରଣ ଲାଭଜନକ ରୁଟ୍‌ରେ ବସ ଚଳାଇବା ପାଇଁ ରାଜ-ନୈତିକ ବସ୍ ମାଲିକମାନଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦିତା ଚାଲୁଥିବାରୁ ସେହି ରୁଟ୍ ମାନଙ୍କରେ ଅଧିକ ବସ ଯାତାୟାତ କରୁଛି ।

ଏହା ଛଡ଼ା ସେହି ପୁରୁଣା କାଳିଆ ପଦ୍ଧତିରେ ଟିକେଟ କଟାଯାଉଥିବାରୁ ସେହି ପଦ୍ଧତିରେ ବେଶ ଦି ପଇସା ରୋଜଗାର କରିବା ପାଇଁ କଣ୍ଡକ୍ଟରମାନେ ଜଣାଶୁଣା ପଦ୍ଧତି ଅବଲମ୍ବନ କରୁଛନ୍ତି, ଓ ଚେକିଂ ଷ୍ଟାଫ ସହିତ ସାଲିସ୍ କରି ସେମାନଙ୍କୁ କିଛି ଦେଇଦେଲେ କାମ ଶେଷ । ତେଣିକି ସରକାର ପଇସା ପାଆନ୍ତୁ ବା ନ ପାଆନ୍ତୁ । ବସରେ ଯିବା ପାଇଁ ଜାଗା ଖାଲି ଥିଲେ ମଧ୍ୟ ବେଳେ ବେଳେ କଣ୍ଡକ୍ଟରମାନେ ବାଟ ପାସେ-ଞ୍ଜର ମାନଙ୍କୁ ନନେବା କ୍ଷତିର ଅନ୍ୟ ଏକ ମୁଖ୍ୟ କାରଣ ।

ଏହି କ୍ଷତି ସାଙ୍ଗକୁ ନିଜର ଚାକିରି-ପ୍ରତି ବିଶେଷ ଆସକ୍ତି ନଥିବା କଣ୍ଡକ୍ଟର ମାନଙ୍କ ବେପରୱାୟ ମନୋଭାବ ଯାତ୍ରୀ ଓ ପରିବହନ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ତିକ୍ତ କରୁଛି ।

ରାଜ୍ୟ ପରିବହନ ବିଭାଗ ରାଜ୍ୟରେ ପରିବହନ ଅବସ୍ଥାକୁ ସୁନିୟନ୍ତ୍ରିତ କରିବା କଥା କିନ୍ତୁ ଏହି ବିଭାଗର ଅଫିସରମାନେ motor vehicle act ର ନିୟମ ମାନି କାର୍ଯ୍ୟ କରନ୍ତି ନାହିଁ, ଏମାନେ ଆଇନକୁ ସବାସର୍ବଦା ବ୍ୟକ୍ତି-ଗତ ଫାଇଦା ଉଠାଇବାରେ ବ୍ୟବହାର କରନ୍ତି । ବ୍ୟାନର ସ୍କିମ ଫଳରେ ଏହି ବିଭାଗର କର୍ମଚାରୀମାନଙ୍କର ରୋଜଗାର ହ୍ରାସ ପାଇଛି । ତେଣୁ ଏମାନେ ଏହି ସ୍କିମକୁ ଭଣ୍ଡୁର କରିବା ପାଇଁ ବ୍ୟଗ୍ର । ତେଣୁ ବସ ମାଲିକମାନଙ୍କୁ ଅସୁବିଧାରେ ପକାଇବା ପାଇଁ, ପରିବହନ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ପାଇଁ ଟ୍ୟାକ୍ସ ବାକି ଅଛି ବୋଲି ଦର୍ଶାଇ, ଅନେକ ଗାଡ଼ି-ଠାରୁ ବାକିଆ ଟ୍ୟାକ୍ସ ଆଦାୟ ପାଇଁ OSRTC ଉପରେ ଚାପ ପକାଉଛନ୍ତି । ଅନେକ ବସ ମାଲିକଙ୍କର ୪୦ ହଜାରରୁ, ୨ ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ବାକି ଅଛି । ଏତେ ବାକି ରହିଲା କପରି ? ଆଜିଯାଏ, ଏହି ଅଫିସରମାନେ ଏହି ଗାଡ଼ିଙ୍କୁ ଚାଲିବାର ସୁବିଧା ଦେଇଥିଲେ କପରି ?

Images: Aptakama Mishra, Processing: Srujanika

ଓ କାହିଁକି ପୂର୍ବେ R.T.O. ଓ ଅନ୍ୟ S.T.A ର କର୍ମଚାରୀମାନେ ବସ ମାଲିକ-ମାନଙ୍କ ସହିତ ସାଲିସ୍ କରି ବିନା ଟ୍ୟାକ୍ସରେ ଗାଡ଼ି ଚଳିବାରେ ସୁବିଧା ଦେଉଥିଲେ । ଯାହାଫଳରେ ଏହି ବିଭାଗ ମୁଖ୍ୟ ଅଧିକାରୀମାନେ କଟକ ଓ ଭୁବନେଶ୍ବରରେ ବେନାମିଘର ନିର୍ମାଣ କରିବାର ଅଭିଯୋଗ ହେଉଛି । ଗାଡ଼ି ମାଲିକମାନଙ୍କର ଅଭିଜ୍ଞତାରୁ ଜଣାଯାଏ, ନିୟମିତ ଟ୍ୟାକ୍ସ ଦେଲେ ମଧ୍ୟ ବିଭିନ୍ନ ଆଳରେ ସେମାନଙ୍କୁ ଜୋରିମାନା ଦେବାକୁ ପଡ଼େ, କିନ୍ତୁ R.T.O. staff ଓ S.T.A. staffଙ୍କ ସହିତ ମାସିକିଆ ପାଉଣା ବ୍ୟବସ୍ଥା କଲେ ଏଥିରୁ ସବୁ ରିହାତି ମିଳେ ।

ଏବେ ମଧ୍ୟ, ଏହି କର୍ମଚାରୀମାନେ ବ୍ୟାନରରେ ଚାଲିବା ଗାଡିରୁ ଫାଇନ୍ ନେଉଛନ୍ତି, ଯେଉଁ ରସିଦ ଦେଉଛନ୍ତି, ସେ ରସିଦ ମଧ୍ୟ ଜାଲ ଯାହା ଫଳରେ, ବସମାଲିକ, ଯେଉଁ ଜୋରିମାନ ଦେଲି ତାହା ସେମାନେ ଆତ୍ମସାତ କଲେ, ଏବଂ ଶେଷରେ ବସମାଲିକ ନାମରେ ମକଦ୍ଦମା ହେଲା ଓ ୩।୪ ବର୍ଷ ପରେ ବସମାଲିକକୁ କୁମାର୍ଗରେ ଯିବାର ବାଟ ଦେଖାଇଲା ।

ବ୍ୟାନର ସ୍କିମ ପ୍ରବର୍ତ୍ତନ ଫଳରେ, ସରକାର ଟିକସ ବାବଦ ଯେଉଁ ଅଧିକା ପଇସା ପାଇବାର ଆଶାଥିଲା ତାହା ମଧ୍ୟ ଭଣ୍ଡୁର ହେବାକୁ ଯାଉଛି । ପରିଶେଷରେ ଏପରି ଅବସ୍ଥା ଆସିବ, ସାଧାରଣଙ୍କ କ୍ଷତିର ପରିମାଣ ବଢି ବଢି ଚାଲିବ, ଏବଂ କ୍ଷୁଦ୍ରକ୍ଷୁଦ୍ର ବସ ମାଲିକ ମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ । ଶିକ୍ଷିତ ବେକାର ଯୁବକମାନେ ଆୟର ପନ୍ଥା ହରାଇବେ ଓ ଅର୍ଥ ଲଗାଣ ସଂସ୍ଥାରେ ଋଣି ହୋଇ, ଦେବାଳିଆ ଅବସ୍ଥାରେ ରହିବେ, ଓ ପରିବହନ ନିଗମ ମଧ୍ୟ ଆହୁରି ଦେବାଳିଆ ଅବସ୍ଥାକୁ ଆସିବ, ଯାହାଫଳରେ ପୂର୍ବର ଏକଚାଟିଆ କରୁଥିବା ବସ ମାଲିକମାନେ, ସମସ୍ତ ସୁବିଧା ହାସଲ କରିବେ । ଏହା ପାଇଁ ଆଗରୁ ସଚେତ ହେବା ଆବଶ୍ୟକ ।

ଟିକସ ଆଦାୟରେ ଜାଲ କାରବାର

ବ୍ୟାନର ସ୍କିମ କାର୍ଯ୍ୟକାରୀ ହେଲେ ରାଜ୍ୟ ସରକାର ସାମୟିକ ଭାବେ କ୍ଷତି ସହିଲେ ମଧ୍ୟ ବସ ପିଚ୍ଛା ଟିକସ ବାବଦ ଆୟ ପ୍ରାୟ ଦେଢ କୋଟି ଟଙ୍କା ବଢ଼ିଯିବ ବୋଲି ପରିବହନ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦର୍ଶାଯାଇଥିଲା । କିନ୍ତୁ ଏବେ ପ୍ରକୃତରେ ତାହା ହେଉନଥିବାରୁ ଜୋରିମାନା ଇତ୍ୟାଦି କରି ସେତିକି ପରିମାଣ ଟଙ୍କା ଉଠାଇବା ପାଇଁ ପରି-ବହନ ବିଭାଗ ପକ୍ଷରୁ ପ୍ରବଳ ଉଦ୍ୟମ ଆରମ୍ଭ ହୋଇ ଏହା ଏକ ଜୁଲମରେ ପରିଣତ ହେଲାଣି ।


No......26.....

[*See* rule 31 (*i*) of the Orissa Nizarat Manual, 1963]

Book No. 428 of 19

From whom received.........

On what account.........

Amount Rs. P.

In cash.......... 500/-

In stamps..........

Total..........

(Rupees .... only)

Dated 19 *Receiving Officer*

OGP (Forms) 1335—2,25,000— 5-1-21982—3

ବିଭାଗୀୟ ଅଫିସର ମାନଙ୍କ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଯୋଗୁ ପ୍ରାୟ ଅଧିକାଂଶ ବସ ମାଲିକଙ୍କ ଉପରେ ଟିକସ ବାବଦରେ ବହୁ ଅର୍ଥ ଅନାଦାୟ ହୋଇ ପଡ଼ିରହିଛି । ଏବେ ସେହି ଅର୍ଥ ଆଦାୟ କରିବା ତଥା ବିଳମ୍ବ ଜନିତ ଜୋରିମାନା ଧାର୍ଯ୍ୟ କରି ସେହି ଜୋରି-ମାନା ପାଇଠ କରିବାରେ ଗୁରୁତର ଦୁର୍ନୀତି ହେଉଥିବା ଜଣାଗଲାଣି । ମୁଖ୍ୟତଃ ଜୋରିମନା ଆଦାୟ କ୍ଷେତ୍ରରେ ଜାଲ ରସିଦ ଦିଆଯାଇ ସେ ଟଙ୍କା ଆତ୍ମ-ସାତ କରାଯାଇଥିବା ଖବର ମିଳୁଛି । ଫଟୋ ଚିତ୍ରରେ ପ୍ରକାଶ ପାଇଥିବା ରସିଦ୍‌ରେ ୨୭।୧।୮୪ ତାରିଖ ଅପରାହ୍ନ ୪ଟା ବେଳେ ଓ ଏସ ଇଉ ୫୭୫୪ ଗାଡ଼ିର ଡ୍ରାଇଭରଙ୍କ ଠାରୁ ୫୦୦ ଟଙ୍କା ଜୋରି-ମାନା ଆଦାୟ କରାଯାଇ ଉକ୍ତ ରସିଦ ଦିଆଯାଇଥିଲା । କିନ୍ତୁ ରସିଦରେ ଗାଡ଼ି ନମ୍ବର ନାହିଁ କି ଆଦାୟ କାରୀଙ୍କ ସ୍ବାକ୍ଷର ନାହିଁ । ଏ ରସିଦ ଜରିଆରେ ଆଦାୟ ହୋଇଥିବା ଟଙ୍କା ସରକାରଙ୍କ ପାଖେ ପଇଠ ହେଲା ନା ବିଭାଗୀୟ ଉପରିସ୍ଥ କର୍ତ୍ତାଙ୍କ ପାଖେ ପଇଠ ହେଲା ?

'ଇନ୍‌କିଲାବ୍' ଅମିତାଭଙ୍କ ଭବିଷ୍ୟତ କର୍ମପନ୍ଥାର ପ୍ରତିଫଳନ

ଶ୍ରୀ ହରିହର ପ୍ରସାଦ ମାହାଲିକ

ଶ୍ରୀ ଏନ୍, ବୀରସ୍ୱାମୀ ପ୍ରଯୋଜିତ ଶ୍ରୀ-ଈଶ୍ୱରୀ (ବାଙ୍ଗାଲୋର) ଦ୍ୱାରା ନିର୍ମିତ 'ଇନ୍‌କିଲାବ୍' ରାଜନୈତିକ ନେତା ବିଶେଷକରି ବିରୋଧୀ ଦଳ ନେତାମାନଙ୍କ ପ୍ରତି ଏକ ଆକ୍ଷେପ । ଏଥିରେ ଆଧୁନିକ ରାଜନୈତିକ ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ । ରାଜନୀତିକ ଦଳର ନେତାମାନେ ନିଜର ସ୍ୱାର୍ଥସିଦ୍ଧି ପାଇଁ କିପରି ଯେ କୌଣସି ଅନୈତିକ ତଥା ଅପରାଧ ମୂଳକ କାର୍ଯ୍ୟକରି ପାରନ୍ତି ତା ସ୍ପଷ୍ଟ ଭାବରେ ଦର୍ଶାଇ ଦିଆଯାଇଛି । ନିଜେ ବସ୍ତି ଅଞ୍ଚଳ ପୋଡ଼ିଦେଇ ଭୋଟ ପାଇବାକୁ ଲୋକମାନଙ୍କୁ ଘର ତିଆରି ପାଇଁ ଟଙ୍କା ବାଣ୍ଟିବା, ଏଭଳି କାର୍ଯ୍ୟର ଏକ ନମୁନା । ନିର୍ଦ୍ଦେଶକ ଟି. ରାମା ରାଓ ଏ ଚଳଚ୍ଚିତ୍ରକୁ ୧୭ରିଲ ନକରି ୧୫ରିଲ ମଧ୍ୟରେ ସୀମିତ ରଖିପାରିଥିଲେ ଏହା ଏକ ଅତି ସୁନ୍ଦର ଚିତ୍ର ହୋଇପାରିଥାଆନ୍ତା ।

ଅମରନାଥ (ଅମିତାଭ ବଚନ) ଉଚ୍ଚ ଶିକ୍ଷିତ ହୋଇମଧ୍ୟ କୌଣସି ଚାକିରି ଯୋଗାଡ଼ କରି ନପାରି ଭେଲ୍‌ପୁରି ବିକ୍ରୀ କରି ପେଟ ପୋଷନ୍ତି । ପିଲାଦିନରୁ ସେ ପିତୃମାତୃହୀନ । ମା'ର ମୃତ୍ୟୁ ଶଯ୍ୟାରେ ସେ ପ୍ରତିଜ୍ଞା କରନ୍ତି ଯେ ସେ ଅନ୍ୟାୟ ଓ ଅନୀତି ପଥରେ ଯିବେ ନାହିଁ । ସେଥିପାଇଁ ଆବଶ୍ୟକ ହେଲେ ଜୀବନ ଦେବେ । ଅମରନାଥ ଉଚ୍ଚଶିକ୍ଷା ପାଇବା ପରେ ବହୁ ଚେଷ୍ଟାକରି ଚାକିରି ଖଣ୍ଡିଏ ନପାଇ ଶେଷରେ ବହୁ କଷ୍ଟରେ ବିରୋଧୀଦଳ (ଗରିବୌଁକା ପାର୍ଟି) ନେତା ଶଙ୍କର ନାରାୟଣ (କାଦର ଖାଁ) ଙ୍କ ସୁପାରିଶ କ୍ରମେ ପୋଲିସ ଚାକିରି ପାଆନ୍ତି । ଜଣେ ସଚ୍ଚୋଟ ପୋଲିସ ଅଫିସର ଭାବରେ ସେ ଦରିଦ୍ର, ଅତ୍ୟାଚାରିତ ଜନସାଧାରଣଙ୍କର ସେବା କରନ୍ତି । ମାତ୍ର ଶଙ୍କର ନାରାୟଣଙ୍କ ମନରେ ଥାଏ ଅନ୍ୟପ୍ରକାର ଚିନ୍ତା । ସୀତାରାମ (ଉତ୍ପଳ ଦତ୍ତ) ନାମକ କୋଟିପତି କଳାବଜାରୀଙ୍କୁ ନିଜ ଦଳରେ ଉଚ୍ଚ ଆସନ ଦେଇ ସେ ନାନାପ୍ରକାର ଚକ୍ରାନ୍ତ କରନ୍ତି ସରକାରଙ୍କୁ ବଦ୍‌ନାମ କରିବାକୁ ।

ଏହାଛଡ଼ା ପରିବହନ ଯେତ୍ରରେ ଶୃଙ୍ଖଳା ବୃଦ୍ଧି ପାଇଁ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସବୁ କର୍ମଚାରୀଙ୍କ ଅଭିମୁଖ୍ୟର ପରିବର୍ତ୍ତନ ଲାଗି ବିହିତ ପଦକ୍ଷେପ ନିଆଯିବା ଆବଶ୍ୟକ । ଟ୍ରାଫିକ ଦେଖି ରୁଟ୍‌ରେ ବସ ଚଳାଇଲେ ଲୋକମାନେ ଏବେ ଯେପରି ଖରାରେ ହନ୍ତସନ୍ତ ହେଉଛନ୍ତି ସେଥିରୁ ରକ୍ଷା ପାଇବେ ।

ଯେଉଁ ଶିକ୍ଷିତ ଯୁବକମାନେ ଋଣ ଆଣି ପରିବହନ ବ୍ୟବସାୟ କରୁଛନ୍ତି ସେମାନଙ୍କ ପାଖେ ବିଶେଷ ପୁଞ୍ଜି ନାହିଁ ମାସର ୧୭ ତାରିଖରେ ବିଲ ଦେଲେ ସେମାନଙ୍କୁ ଚୁକ୍ତି ମୁତାବକ ୨୦ ତାରିଖ ସୁଦ୍ଧା ପଇସା ମିଳିଯିବା କଥା । କିନ୍ତୁ କାର୍ଯ୍ୟତଃ ତାହା ହେଉନାହିଁ । କାରଣ ସ୍ୱରୂପ କର୍ମଚାରୀ ଅଭାବ ବୋଲି କୁହାଯାଉଛି । କିନ୍ତୁ ଏହି ବିଳମ୍ବ ପାଇଁ ନାଲିଫିତାର କରାମତି କମ୍ ଦାୟୀ ନୁହେଁ କିଛି କାଳ ପରେ ଏହି ବିଲ ଶୀଘ୍ର ପାଇବା ପାଇଁ ମଧ୍ୟ ଉଦ୍ୟୋଗୀମାନଙ୍କୁ ପାଉଣା ଦେବାକୁ ପଡ଼ି ନ ପାରେ ବୋଲି କିଏ କହିବ ? ପଇସା ଠିକ୍ ସମୟରେ ନ ପାଉଥିବାରୁ ମାଲିକମାନେ ଗାଡ଼ିର ମରାମତି କରି ପାରୁନାହାନ୍ତି କି ଦିନେ ଦିନେ ଗାଡ଼ିରେ ତେଲ ପକାଇବା ମଧ୍ୟ ସେମାନଙ୍କ ପକ୍ଷେ ଚେଷ୍ଟାକର ହୋଇପଡୁଛି । ନିଛକ ବାସ୍ତବତାକୁ କେହି ହୃଦୟଙ୍ଗମ କରିବାକୁ ନାହାନ୍ତି ।

ବ୍ୟାନର ସ୍କିମ କାର୍ଯ୍ୟକାରୀ ହେବା ପରେ ଯେତେବେଳେ ଘରୋଇ ମାଲିକଙ୍କ ବସ ନିଆଗଲା ସେତେବେଳେ ତାଙ୍କ ଗାଡ଼ି ଯିବାପାଇଁ କୌଣସି ରୁଟ ଚାର୍ଟ କରାଯାଇ ନଥିଲା । ସେ ଅବସ୍ଥା ଏବେବି ଅପରିବର୍ତ୍ତିତ ରହିଛି । ଏ ଅବସ୍ଥାରେ ପରିବର୍ତ୍ତନ ହେବା ଆବଶ୍ୟକ ।

ବ୍ୟାନର ସ୍କିମର ବହୁ ବିଫଳତା ସତ୍ତ୍ୱେ କେତେକ ଆସାମାଜିକ ବ୍ୟକ୍ତିଙ୍କୁ ଜବତ କରିବାରେ ଏହା ସହାୟକ ହୋଇ ପାରିଛି ।

ପୂର୍ବେ ବିଭିନ୍ନ ସ୍ଥାନରେ ଆସୋସିଏସନ ନାମରେ ଚାନ୍ଦା ଆଦାୟ କରୁଥିବା ଆସାମାଜିକ ବ୍ୟକ୍ତିଙ୍କ ସହଜ ପନ୍ଥାରେ ଆୟ ବନ୍ଦହୋଇ ଯାଇଛି । ବସ୍‌ଷ୍ଟାଣ୍ଡ ଗୁଡ଼ିକରେ ଆଗରୁ ଆସାମାଜିକ ବ୍ୟକ୍ତି ଓ ଦାଦା ମାନଙ୍କର ଆଡ୍‌ଡା ହେଉଥିଲା । ଏବେ ସେ ଆଡ୍‌ଡା ଭାଙ୍ଗି ଯାଉଛି ଏବଂ ସେମାନଙ୍କ ସହାୟତାରେ ଘରୋଇ ବସ ମାଲିକମାନଙ୍କ ମଧ୍ୟରେ ଚାଲିଥିବା ଅହେତୁକ ପ୍ରତିଦ୍ୱନ୍ଦ୍ୱୀତା ବନ୍ଦ ହୋଇ ଯାଇଛି । ଏହାଛଡ଼ା ଟ୍ରାଫିକ କନେଷ୍ଟବଲଙ୍କ ଠାରୁ ଆରମ୍ଭକରି ଥାନା ପର୍ଯ୍ୟନ୍ତ ଓ ଏବଂ ଆର୍ ଟି ଓ ଅଫିସରୁ ଏସ. ଟି: ଏ. ଅଫିସ ପର୍ଯ୍ୟନ୍ତ ସମସ୍ତଙ୍କର ବଟି ଆଦାୟ ମଧ୍ୟ ବନ୍ଦହୋଇ ଘରୋଇ ବସ ମାଲିକମାନଙ୍କୁ ମୁକ୍ତି ମିଳିଛି । ◻

Images: Aptakama Mishra, Processing: Srujanika

ପୋଲିସ ଅଫିସର ଅମରନାଥଙ୍କୁ ନିଜ ହାତରେ ରଖିବାକୁ କୋଟିପତି ସୀତାରାମିଙ୍କ ଝିଅ ଆଶା (ଶ୍ରୀଦେବୀ)ଙ୍କୁ ଅମରନାଥ ସହିତ ବିବାହ କରାଇ ଦେଇ ଶଙ୍କର ନାରାୟଣ ନିଜ ଚକ୍ରାନ୍ତର ଜାଲ ବିସ୍ତାଇ ଦିଅନ୍ତି । ରାଜ୍ୟରେ ଏକ ବଡ଼ ଗୁଣ୍ଡାଦଳ ଦ୍ୱାରା ଚୋରି, ଡକାୟତି, ନାରୀ ଧର୍ଷଣ ଓ ଅରାଜକତା ସୃଷ୍ଟି କରନ୍ତି ଏ ବିରୋଧୀ ଦଳ । ଶେଷରେ ଅମରନାଥଙ୍କ ଦ୍ୱାରା ଗୁଣ୍ଡାଦଳ ଓ ଦଳର ନେତା ନିପାତ ହୁଅନ୍ତି । ଫଳରେ ଅମରନାଥ ଆସିଷ୍ଟାଣ୍ଟ ପୋଲିସ କମିଶନର ପଦକୁ ଉନ୍ନୀତ ହୁଅନ୍ତି । ଅମରନାଥଙ୍କୁ ଏକ କଳାବଜାରି ଦଳ ସହିତ ସମ୍ପୃକ୍ତ ଥିବାର ଏକ ଚକ୍ରାନ୍ତ କରନ୍ତି ସୀତାରାମ ଓ ଅମରନାଥଙ୍କୁ ଜଣେ କୁଖ୍ୟାତ କଳାବଜାରି ସହିତ କଥାବାର୍ତ୍ତା କଲାବେଳେ ଫଟୋ ଉଠାଇ ବ୍ଲାକମେଲ କରନ୍ତି ଓ ନିଜ-ଦଳର ଉଦ୍ଦେଶ୍ୟରେ ପୋଲିସ ଅଫିସରଙ୍କୁ ବ୍ୟବହାର କରନ୍ତି । ଅମରନାଥ ବାଧ୍ୟହୋଇ ପୋଲିସ ଚାକିରିରୁ ଇସ୍ତଫା ଦେଇ ଗରିବ ଦଳରେ ଯୋଗ ଦିଅନ୍ତି ଓ ଦଳର ନେତା ହୁଅନ୍ତି । ଅମରନାଥଙ୍କ ବିପୁଳ ଜନପ୍ରିୟତା ଫଳରେ ଗରିବ ଦଳ ନିର୍ବାଚନରେ ବିପୁଳ ଭୋଟରେ ବିଜୟ ହାସଲ କରେ ଓ ଅମରନାଥ ଦଳର ନେତା ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହେବାକୁ ଯାଆନ୍ତି । ମାତ୍ର ଶଙ୍କର ନାରାୟଣ ଓ ସୀତାରାମ ପୂର୍ବରୁ ମନ୍ତ୍ରୀମଣ୍ଡଳର ତାଲିକା ପ୍ରସ୍ତୁତ କରିସାରି ଥାଆନ୍ତି । ଜଣେ ହତ୍ୟାକାରୀ ଗୁଣ୍ଡାକୁ ଆଇନ ମନ୍ତ୍ରୀ, ଜଣେ ମୂର୍ଖକୁ ଶିକ୍ଷାମନ୍ତ୍ରୀ, ଜଣେ ଖାଦ୍ୟଅପମିଶ୍ରଣ-କାରୀଙ୍କୁ ଖାଦ୍ୟମନ୍ତ୍ରୀ ଓ କଳାବଜାରି ଦଳର ନେତା ସ୍ୱରାଷ୍ଟ୍ରମନ୍ତ୍ରୀ ତାଲିକାରେ ଥିବା ଦେଖି ଅମରନାଥ ପୂର୍ବ ପରି-କଳ୍ପିତ ଯୋଜନା ଅନୁଯାୟୀ ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ତଥାକଥିତ ମନ୍ତ୍ରୀମାନଙ୍କୁ ଷ୍ଟେନଗନ୍ ଦ୍ୱାରା ହତ୍ୟା କରନ୍ତି । ଶେଷରେ ନିଜ ଶ୍ୱଶୁର ସୀତାରାମ ଓ ଦଳର ନେତା ଶଙ୍କର ନାରାୟଣ ମଧ୍ୟ ଅମରନାଥଙ୍କ ଗୁଳିରେ ଟଳିପଡ଼ନ୍ତି । ଅମରନାଥ ଗିରଫ ହୁଅନ୍ତି, ମାତ୍ର ଦେଶବାସୀଙ୍କୁ ଦେଇଯାଆନ୍ତି ଭ୍ରଷ୍ଟାଚାର, ଦୁର୍ନୀତି ଓ ଅନ୍ୟାୟ ବିରୁଦ୍ଧରେ ବିପ୍ଳବ (ଇନ୍‌କିଲାବ) ର ଆହ୍ୱାନ ।

ଅମିତାଭଙ୍କ ଚମତ୍କାର ଅଭିନୟ, ବିରୋଧୀଦଳ ନେତା ଭୂମିକାରେ କାଦର ଖାଁ । ଓ ଉତ୍ପଳ ଦତ୍ତଙ୍କ ଚରିତ୍ର ଉପଯୋଗୀ ଅଭିନୟ ଏବଂ ଟି. ରାମାରାଓଙ୍କ ନିର୍ଦ୍ଦେଶନା ଯୋଗୁ ଇନକିଲାବ 'ବକ୍ସ ଅଫିସ୍' ହିଟ୍ ହୋଇପାରିଛି । ତେବେ ଚିତ୍ରରେ ଥିବା କେତେକ ଅଦରକାରୀ ଫାଇଟିଂ ଓ ନାଚଗୀତ ଦ୍ୱାରା ନାଟକୀୟ ଉତ୍କଣ୍ଠା ବାଧାପ୍ରାପ୍ତ ହୋଇଛି । ସବୁ ହିନ୍ଦି ଚିତ୍ରରେ ହୋଲି ଖେଳ ଓ ନାଚ ମନୋରଞ୍ଜନ ସୃଷ୍ଟି କରିବା ପରିବର୍ତ୍ତେ ବିରକ୍ତି ସୃଷ୍ଟି କରୁଛି । ନାୟିକା ଭୂମିକାରେ ଶ୍ରୀଦେବୀ ଆବଶ୍ୟକୀୟ ଯୌନ ଆକର୍ଷଣ ସୃଷ୍ଟି କରିଛନ୍ତି । ଅନ୍ୟସବୁ ଦୃଷ୍ଟିରୁ ଚଳଚ୍ଚିତ୍ରଟି ଲୋକପ୍ରିୟ ହୋଇପାରିଛି । □

ଝିଟିପିଟି ଅଟେ ମୋର ଗୁରୁ

ଶ୍ରୀ ରବୀନ୍ଦ୍ର କୁମାର ମାଥୁର

ବିଭିନ୍ନ କ୍ରୀଡ଼ାକ୍ଷେତ୍ରରେ ବିଶେଷ ନୈପୁଣ୍ୟ ପ୍ରଦର୍ଶନ କରିବାପାଇଁ ଏବେ ସବୁ ସ୍ୱତନ୍ତ୍ର ପ୍ରକାରର ଔଷଧମାନ ବାହାର କରାଗଲାଣି । ଏହି ଔଷଧ ସବୁ ଆବିଷ୍କାର କରିବାପାଇଁ ଯେଉଁମାନେ ଅହୋରାତ୍ର ଉଦ୍ୟମ କରୁଛନ୍ତି ସେମାନେ ଗବେଷଣା କାଳରେ ନାନା କୌତୁହଳୋଦ୍ଦୀପକ ବିଷୟର ଯୋଗାଯୋଗ ଲକ୍ଷ କରୁଛନ୍ତି । ଉଦାହରଣ ସ୍ୱରୂପ ମାରାଥନ୍ ରନର ଓ ଝିଟିପିଟି ମଧ୍ୟରେ ଏକ ସାଧାରଣ ଗୁଣ ରହିଛିବୋଲି କିଏ କ'ଣ ଆଗରୁ ଜାଣିଥିଲା ! ପ୍ରକୃତରେ କଥାଟା ହେଉଛି ମାରାଥନ୍ ରନର୍ ଓ ଝିଟିପିଟି ଉଭୟେ ଶରୀରର ଗୋଟିଏ ପ୍ରକାରର କାର୍ଯ୍ୟପ୍ରଣାଳୀ ଉପରେ ନିର୍ଭର କରନ୍ତି ଯାହାର ନାମ ହେଉଛି ଆନୋ-ଏରୋବିକ୍ ମେଟାବୋଲିଜମ୍ । ରନର ଏହା ସାହାଯ୍ୟରେ ଇପ୍ସିତ ଦୂରତା ଅତିକ୍ରମ କରେ ଏବଂ ଝିଟିପିଟି ଏହା ସାହାଯ୍ୟରେ ଆକ୍ରମଣକାରି କବଳରୁ ନିଜକୁ ରକ୍ଷାକରେ ।

ଉଭୟଙ୍କ ମଧ୍ୟରେ ଥିବା ଏହି ଯୋଗସୂତ୍ରକୁ ବେଞ୍ଜାମିନ୍ ଡ଼ାଏଲ ନାମକ ଜଣେ ବ୍ୟକ୍ତି ପ୍ରଥମେ ଆବିଷ୍କାର କରି-ଥିଲେ । ତାଙ୍କର ମୂଳ ଗବେଷଣାର ବିଷୟବସ୍ତୁ ଥିଲା ଝିଟିପିଟିର ଆତ୍ମରକ୍ଷା କୌଶଳ । କେତେକ ଧରଣର ଝିଟିପିଟି ଆକ୍ରମଣର ସମ୍ମୁଖୀନ ହେଲେ ସେମାନେ ନିଜ ନିଜ ଲାଞ୍ଜର ଶେଷଭାଗରୁ ଗୋଟିଆ ଅଂଶଟିଏ ଛିଣ୍ଡାଇ ପକାନ୍ତି ଏବଂ ଏହି ଅଂଶଟି କିଛି ସମୟ ପାଇଁ (ସ୍ଥଳ ବିଶେଷରେ ୫ ମିନିଟ ପର୍ଯ୍ୟନ୍ତ) ଛଟପଟ ହୁଏ ।

ଏହି ପ୍ରକ୍ରିୟାର ମୂଳ ଅତି ସହଜରେ ବୁଝିହେବ । ଛିଣ୍ଡା ଲାଞ୍ଜଟିରେ ଫୁସ୍ ଫୁସ୍ ନ ଥିବାରୁ ଏହା ସ୍ୱାଭାବିକ ଭାବରେ କାମ କରିବାପାଇଁ ଆବଶ୍ୟକ ଅମ୍ଳଜାନ ପାଇପାରେ ନାହିଁ ।

(ଅବଶିଷ୍ଟାଂଶ ୨୭ ପୃଷ୍ଠାରେ)

Images: Aptakama Mishra, Processing: Srujanika

ବିଂଶସୂତ୍ରୀ କାର୍ଯ୍ୟକ୍ରମ—ଓଡ଼ିଶା ବହୁ ପଛରେ ପଡ଼ିଛି

ଅଣକଂଗ୍ରେସି ସରକାର ଥିବା ତାମିଲନାଡୁ ଏ କ୍ଷେତ୍ରରେ ପ୍ରଥମ

ଇନ୍ଦିରା ଗାନ୍ଧୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ରୂପାୟିତ କରିବାରେ ଅଣକଂଗ୍ରେସ ସରକାର ଥିବା ତାମିଲନାଡୁ ରାଜ୍ୟ ପ୍ରଥମସ୍ଥାନ ଅଧିକାର କରିଛି ବୋଲି କେନ୍ଦ୍ର ସରକାରଙ୍କ ଏକ ଅନୁଧ୍ୟାନରୁ ଜଣାଯାଇଛି ।

କିଛିକାଳ ହେଲା ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ ଏ କ୍ଷେତ୍ରରେ ବ୍ୟାପକ ସଫଳତା ଅର୍ଜନ କରାଯାଇଛିବୋଲି ଯେଉଁ ପ୍ରଚାର ଚାଲିଥିଲା ତାହା ସମ୍ପୂର୍ଣ୍ଣ ମିଥ୍ୟାବୋଲି ଏହାଦ୍ୱାରା ପ୍ରତିପାଦିତ ହୋଇଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ରୂପାୟିତ କରିବାରେ ଦେଶର ମୋଟ ପାଞ୍ଚଟି ରାଜ୍ୟ ସଫଳ ହୋଇଛନ୍ତି । ସେ ଗୁଡ଼ିକ ମଧ୍ୟରେ ତାମିଲନାଡୁର ସ୍ଥାନ ପ୍ରଥମ । ଆଉ ୪ଟି ରାଜ୍ୟ ହେଲେ ହିମାଚଳ ପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର, ଓ ରାଜସ୍ଥାନ ।

ତାମିଲନାଡୁ ଓ ରାଜସ୍ଥାନ ବିଂଶସୂତ୍ରୀ କାର୍ଯ୍ୟକ୍ରମର ୧୮ଟି ଦଫାର ସଫଳତା ପାଇଁ "ଏ" ଗ୍ରେଡ୍ ଏବଂ ତିନୋଟି ଦଫାପାଇଁ "ବି" ଗ୍ରେଡ୍ ହାସଲ କରିଛନ୍ତି । ତାମିଲନାଡୁ ଏହି କାର୍ଯ୍ୟକ୍ରମର ୧୬ଟି ଦଫାରେ ସଫଳତା ହାସଲ କରି ପ୍ରଥମ ସ୍ଥାନ ପାଇଥିବା ବେଳେ ରାଜସ୍ଥାନ ୧୫ଟି ଦଫାରେ ସଫଳତା ହାସଲ କରି ଦ୍ୱିତୀୟ ସ୍ଥାନ ଲାଭକରିଛି ।

ଚଳିତ ବର୍ଷର ଜାନୁୟାରୀ ମାସ ସୁଦ୍ଧା ମଧ୍ୟପ୍ରଦେଶ ଓ ଗୁଜୁରାଟ ଏ ଦିଗରେ ଶତକଡ଼ା ୭୦ ରୁ ୮୦ ଭାଗ ସଫଳତା ହାସଲ କରିଥିଲା ବେଳେ ସାତଟି ରାଜ୍ୟ ଶତକଡ଼ା ୭୦ ଭାଗରୁ କମ୍ ସଫଳତା ହାସଲ କରିଛନ୍ତି । ଓଡ଼ିଶା ଏଥି ମଧ୍ୟରେ ଅନ୍ୟତମ । ଏହି ସ୍ତରର ଅନ୍ୟ ଛଅଟି ରାଜ୍ୟ ହେଲେ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ହରିଆନା, ନାଗାଲାଣ୍ଡ, ଆସାମ ଓ ବିହାର । ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା କ୍ଷେତ୍ରରେ ହରିଆନା ଏହାର ଧାର୍ଯ୍ୟଲକ୍ଷ୍ୟକୁ ଅତିକ୍ରମ କରି ଶତକଡ଼ା ୧୧୯.୯ ଭାଗ ଅର୍ଥାତ୍ ୬୬,୮୯୮ ପରିବାରକୁ ସାହାଯ୍ୟ ଦେଇଛି । କେରଳ, ପଞ୍ଜାବ, ମହାରାଷ୍ଟ୍ର, ହିମାଚଳ-ପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶରେ ଶତକଡ଼ା ୮୦ ଭାଗରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଏହି କାର୍ଯ୍ୟ-କ୍ରମର ଅନ୍ତର୍ଭୁକ୍ତ କରାଯାଇଛି । ଏ ଦିଗରେ ଜାତୀୟ ସଫଳତାର ହାର ୭୦.୪ ଭାଗ ଥିବା ସ୍ଥଳେ ଓଡ଼ିଶାରେ ଗତ ଜାନୁୟାରୀ ମାସ ଶେଷ ସୁଦ୍ଧା ୭୧.୪ ଭାଗ ସଫଳତା ହାସଲ ହୋଇଛି ।

ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନାରେ ୫ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଶତକଡ଼ା ୧୦୦ ଭାଗରୁ ଊର୍ଦ୍ଧ୍ୱ ସଫଳତା ହାସଲ କରିଛନ୍ତି । ଏହିସବୁ ରାଜ୍ୟଗୁଡ଼ିକ ହେଲା ସିକିମ୍ (୨୭୪.%,) ହିମାଚଳ ପ୍ରଦେଶ (୧୦୬.୭%) ମଣିପୁର (୧୦୪.୨%) ଏବଂ ଗୁଜରାଟ (୧୦୧.୯%) । ଗୁଜରାଟ ଭୂମିହୀନ ଲୋକଙ୍କୁ ୩୧:୧୬୦ ଏକର ଜମି ଦେଇ ଧାର୍ଯ୍ୟ ଲକ୍ଷର ୩ ଗୁଣ ସଫଳତା ହାସଲ କରିପାରିଛି । □

ଭଲିବଲ ଖେଳରେ ଯୋଗାସନର ଆବଶ୍ୟକତା ।

ଶ୍ରୀ ଏମ୍.ଏଲ୍ ସିଙ୍ଗାଲ

ଭଲିବଲ ଖେଳରେ ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗ ବ୍ୟବହୃତ ହୋଇ-ଥାଏ । ଏଣୁ ଶରୀର ଚାଳନା ଦୃଷ୍ଟିରୁ ଏହା ଏକ ସମ୍ପୂର୍ଣ୍ଣ କ୍ରୀଡ଼ା କହିଲେ ଅତ୍ୟୁକ୍ତି ହେବନାହିଁ ଏବଂ ଏହି ଖେଳରେ ଶରୀରର ପ୍ରତ୍ୟେକ ମାଂସ-ପେଶୀ କାର୍ଯ୍ୟ କରନ୍ତି । ଶରୀରର ବିଭିନ୍ନ ଅବୟବ ମଧ୍ୟରେ ସଂହତି ରକ୍ଷାକରିବା ଓ ନିୟନ୍ତ୍ରଣ କରିବା ପାଇଁ ଯୋଗ ବିଶେଷ ପ୍ରୟୋଜନ । ଏହି ଖେଳରେ ଦକ୍ଷତା ହାସଲ କରିବା ନିମନ୍ତେ କେତେକ ଯୌଗିକ ବ୍ୟାୟାମ ଆବଶ୍ୟକବୋଲି ଲେଖି ଲେଖକ ଦର୍ଶାଇଛନ୍ତି ।

ଆମ ଋଷିଙ୍କ ଲାଗି ଯୋଗ ଏକ ଉନ୍ନତ ମାର୍ଗ । ଏହି ମାର୍ଗରେ ଶରୀର ଏବଂ ମନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ପାରେ ଯୋଗ ବଳରେ ମନ, ଇନ୍ଦ୍ରିୟ ଓ ଶରୀରକୁ ସୃଙ୍ଖଳ କରାଯାଇ ପାରୁଥିବାରୁ କ୍ରୀଡ଼ାବିତ୍ ମାନେ ଯୋଗାସନ ଅଭ୍ୟାସ କଲେ ସେଥିରୁ ବହୁ ସୁବିଧା ପାଇ ପାରିବେ ।

ଯୋଗଶାସ୍ତ୍ରର ମତ ଅନୁସାରେ ଶରୀର ଉପରେ ମନର ପ୍ରଭାବ ଖୁବ୍ ବେଶି । କିନ୍ତୁ ମନ ଉପରେ ଶରୀରର ପ୍ରଭାବ ବେଶି ନାହିଁ, ଯୋଗରେ ମାନସିକ ବ୍ୟାୟାମକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲେବି ଶାରୀରିକ ବ୍ୟାୟାମକୁ ମଧ୍ୟ ଉପଯୁକ୍ତ ଗୁରୁତ୍ୱ ଦିଆଯାଇଛି । ଏହି ବ୍ୟାୟାମକୁ ଯୋଗାସନ କୁହାଯାଏ ଏବଂ ଏହି ବ୍ୟାୟାମ କଲେ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ହୋଇ ପାରିବ ।

ଆସନ ଅଭ୍ୟାସ ଫଳରେ ସ୍ନାୟୁପ୍ରବର୍ତ୍ତତା ନିୟନ୍ତ୍ରିତହୋଇ ମାନସିକ ଶାନ୍ତି ମିଳେ । ଏହାଫଳରେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକର ଉତ୍ତମ ସଞ୍ଚାଳନ ହୋଇ-ଥାଏ ଏବଂ ମେରୁଦଣ୍ଡର ସ୍ଥିତି ସ୍ଥାପକତା (elasticity) ଅକ୍ଷୁର୍ଣ୍ଣ ରଖି ଶରୀରର ସବୁ ଅଂଶର ସମାନୁପାତିକ ଅଭିବୃଦ୍ଧି ଘଟାଇ ଥାଏ ।

ଭଲିବଲ ଖେଳରେ ଏହି ଆସନର ଉପାଦେୟତା ଭଲଭାବରେ ଉପଲବ୍ଧି ହୁଏ । କାରଣ ସତ୍ୟରତାକୁ ଛାଡ଼ିଦେଲେ କେବଳ ଭଲି-ବଲ ଖେଳରେ ଶରୀରର ଉପର ଓ ତଳ ଅଂଶର ତୀବ୍ର ସଞ୍ଚାଳନ ଆବଶ୍ୟକ ହୋଇଥାଏ । ବହୁ-ଦିନର ଅଧ୍ୟୟନ ଓ ବ୍ୟକ୍ତିଗତ ଅନୁଭୂତି ପରେ ଭଲିବଲ ଖେଳାଳୀମାନଙ୍କପାଇଁ କେଉଁ ଆସନ କପରି ଉପଯୋଗୀ ତାହା ଦର୍ଶାଯାଇ ପାରିଛି ।

Images: Aptakama Mishra, Processing: Srujanika

DECLARATION FORM IV

1. Place of Puublication	Khannagar, Cuttack
2. Periodicity of its Publication	Monthly
3. Printer's Name :	A. K. Das
(Whether citizen of India ?	Yes
(If Foreigner, state the country of origin and Address	Khannagar, Cuttack
4. Publisher's Name	Rabibasara Publication, Khannagar, ctc
(Whether citizen of India ?)	Yes
(If Foreigner, state the country of origin and Address	Khannagar, Cuttack
5. Editor's Name	Ramakanta Mishra
(Whether citizen of India ?)	Yes
(If Foreigner, state the country of origin and Address	Khannagar, Cuttack
6. Names and address of individuals who own the newspapers and partners or share holders holding more than one percent of the total capital.	Rabibasara Publication Khannagar, Cuttack

I, A. K. Das, hereby declare that the particulars given above are true to the best of my knowledge and belief.

Sd/- A. K. DAS

Signature of publisher

ଝିଟିପିଟି ଅଟେ ମୋର ଗୁରୁ

(୨୫ ପୃଷ୍ଠାର ଅବଶିଷ୍ଟାଂଶ)

ଶ୍ରୀ ଡାଏଲ୍ କହନ୍ତି ଯେ ଜଣେ ମାରାଥନ୍ ରନର ମଧ୍ୟ ଦୌଡ଼ିଲାବେଳେ ନିଜେ ସୃଷ୍ଟି କରୁଥିବା ଅମ୍ଳଜାନ ଅପେକ୍ଷା ଅଧିକ ଅମ୍ଳଜାନ ବ୍ୟବହାର କରେ । କିନ୍ତୁ ଏହି ପ୍ରକ୍ରିୟାରେ ଅମ୍ଳଜାନ ଅଭାବରେ ଗ୍ଲାଇକୋଜେନ ନାମକ ଏକ-ପ୍ରକାର ସୁଗାର ଯୌଗିକକୁ ଖେଳାଳୀର ଶରୀର ଖର୍ଚ୍ଚ କରେ । ଏହି ବାଟର ମଧ୍ୟରେ ଶରୀର ଆବଶ୍ୟକ ପରିମାଣ ଶକ୍ତି ଉତ୍ପାଦନ କରି ନପାରୁଥିବାରୁ ପରିଣାମରେ ଲାକ୍ଟେଟ ନାମକ ଏକ ରସାୟନିକ ବିଷାକ୍ତ ପଦାର୍ଥ ଶରୀରରେ ଉତ୍ପନ୍ନହୋଇ ଶରୀରକୁ କ୍ଳାନ୍ତ ଓ ଅବଶ କରିପକାଏ ।

ଝିଟିପିଟିର ଛିଣ୍ଡା ଲାଞ୍ଜରେ ମଧ୍ୟ ଏହି ଅତିରିକ୍ତ ଲାକଟେଟ ଦୃଷ୍ଟିଗୋଚର ହୁଏ । ଏଥିରୁ ମନୁଷ୍ୟ ଶରୀରର ମାଂସପେଶୀୟ ଶକ୍ତି ସମ୍ପର୍କରେ ଅଧିକ କିଛି କଳ୍ପନା କରି ହେବ ବୋଲି ଶ୍ରୀ ଡାଏଲ ଆଶା ପୋଷଣ କରନ୍ତି । (ୟୁ ଏନ୍. ଆଇ)

ସର୍ବାଙ୍ଗାସନ—ଏହି ଆସନ ଥାଇରଏଡ୍‌କୁ ପ୍ରଭାବିତ କରେ ଏବଂ ଏହା ଜରିଆରେ ସମଗ୍ର ଶରୀରରେ ମଧ୍ୟ ପ୍ରଭାବିତ ହୁଏ । ଏହି ଆସନ ନିୟମିତଭାବେ ଅଭ୍ୟାସକଲେ କାନ୍ଧର ଶକ୍ତି ବଢେ ।

ହଳାସନ—ଏହି ଆସନ ଦୈନିକ ତିନ ମିନିଟ୍‌ରୁ ସାତ ମିନିଟ୍ ପର୍ଯ୍ୟନ୍ତ ଅଭ୍ୟାସ କରିବା ଉଚିତ । ଏହି ଆସନ ନିୟମିତଭାବେ ଅଭ୍ୟାସକଲେ ମେରୁ ହାଡର ସ୍ଥିତିସ୍ଥାପକତା ଅକ୍ଷୁର୍ଣ୍ଣ ରହେ ଓ ଅନ୍ତନାଳୀର ମାଂସପେଶୀକୁ ଶକ୍ତିଶାଳୀ କରେ । ଏହି ଆସନ ସ୍ପାଇକର ଓ ଡିଫେଣ୍ଡର ମାନଙ୍କପାଇଁ ବିଶେଷ ଉପଯୋଗୀ ।

ସଲ୍ଲଭାସନ—ପଙ୍ଗପାଳର ସଂସ୍କୃତ ପ୍ରତିଶବ୍ଦ ହେଉଛି ସଲ୍ଲଭ ଏବଂ ଏଥିରୁ ଏହି ନାମର ସୃଷ୍ଟି । ଏହି ଆସନ ତଳିପେଟ ଓ ପେଟର ଶକ୍ତି ବୃଦ୍ଧି କରେ ।

ପଶ୍ଚିମୋତ୍ତାସନ—ଏହା ଏକ ଅତି ଉତ୍ତମ ବ୍ୟାୟାମ ଏବଂ ଏହା ନିୟମିତ ଅଭ୍ୟାସ-କଲେ ଶରୀରର ସମସ୍ତ ମାଂସପେଶି ସମାନ-ଭାବେ ପରିବର୍ଦ୍ଧିତ ହୁଅନ୍ତି । ଏହା ଜଙ୍ଘକୁ ଶକ୍ତିଶାଳୀ କରେ ଏବଂ ସ୍ପାଇକର, ବ୍ଲକର ଏବଂ ଡିଫେଣ୍ଡର ମାନଙ୍କପାଇଁ ଏହା ଉପଯୋଗୀ ।

ମୟୂରାସନ—ଏହି ଆସନ ଫଳରେ ବାହୁର ଶକ୍ତି ବୃଦ୍ଧି ହୁଏ ଏବଂ ଶରୀରର ଶ୍ୱାସ-କାରୀ ପ୍ରଣାଳୀକୁ ନିୟମିତ ରକ୍ତ ସଞ୍ଚାଳନ କରିବାରେ ସାହାଯ୍ୟ କରେ । ଏହା ସ୍ପାଇକର ଓ ବ୍ଲକର ମାନଙ୍କନିମନ୍ତେ ବିଶେଷ ଉପଯୋଗୀ ।

ପ୍ରତିଦିନ ପ୍ରାକ୍ଟିସ ପୂର୍ବରୁ ୧୫ ବା ୨୦ ମିନିଟ୍ ପାଇଁ ଏହି ସବୁ ଆସନ ଅଭ୍ୟାସକଲେ ଭଲିବଲ ଖେଳାଳିମାନେ ଉତ୍ତମ ଫଳଲାଭ କରିବେ । କିନ୍ତୁ ଏ ଆସନ ଅଭ୍ୟାସ କରୁଥିବା ଖେଳାଳୀ ମାନେ ନିୟମିତଭାବେ ଏହା କରିବା ଉଚିତ ଓ ମଦ୍ୟପାନ ବା ଧୂମ ପାନରୁ ବିରତ ରହିବା ଉଚିତ । □

ଭାରତର ସୁନା ଉତ୍ପାଦନ

୧୯୮୨ ମସିହାରେ ସୁନା ଉତ୍ପାଦନ ପରିମାଣ ୧୩୬୯ କେ. ଜି. ଥିଲାବେଳେ ୧୯୮୩-୮୪ ରେ ଏହା ୧୨୦୦ କେ. ଜି. ହେବ ବୋଲି ଆଶା କରାଯାଉଛି ।

ଅନନ୍ତପୁର ଜିଲ୍ଲା ଅନ୍ତର୍ଗତ ସ୍ୱାପାମାନ୍ଧା-ଠାରେ ଏକ ନୂତନ ଖଣିର କାର୍ଯ୍ୟ ଆସନ୍ତା ଏପ୍ରିଲ ମାସରେ ଆରମ୍ଭ ହେବ । ପ୍ରଥମ ବର୍ଷରେ ଏଥିରୁ ୧୯୧ କେ. ଜି. ସୁନା ଉତ୍ପାଦିତ ହୋଇ ପାରିବ ବୋଲି ଆଶା ।

କୋଲାର ଭଳି ପୁରାତନ ସୁନା ଖଣିରୁ ଉତ୍ପାଦନ କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସୁଥିବାରୁ ବିଜିଏମ୍ ଏହାର କାର୍ଯ୍ୟକୁ ଅନ୍ୟ ଖଣି କମ୍ପାନୀରେ ବ୍ୟାପକ କରୁଛି ।

Images: Aptakama Mishra, Processing: Srujanika

ରାଶିଫଳ (ମାର୍ଚ୍ଚ ୨୪—ଏପ୍ରିଲ ୨୩)

ଆଚାର୍ଯ୍ୟ ବିଭୂତି ଭୂଷଣ

ମେଷ:—ଏ ମାସରେ ଆପଣଙ୍କର ଅନେକ ମାନସିକ ଚିନ୍ତା ରହିବ, ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ସରକାରୀ କାର୍ଯ୍ୟ କ୍ଷେତ୍ରରେ ଅନେକ ବାଧା ବିଘ୍ନ ଦେଖା ଦେବ, ଲକ୍ଷ୍ୟହୀନ ଭାବରେ ଭ୍ରମଣ କରିବେ, ଅନେକ ବ୍ୟୟ ଦେଖାଦେବ । ଅଯଥା ଶତ୍ରୁ ଦେଖାଦେବେ, ସାମାଜିକ କର୍ମରେ ଆପଣ ଶୋଷିତ ଲାଞ୍ଛିତ ଓ ଅପମାନିତ ହୋଇ ପାରନ୍ତି । ବଡ଼ ବଡ଼ ଆନୁଷ୍ଠାନିକ ତଥା ରାଜନୈତିକ କର୍ମପାଇଁ ମନ ବଳାଇଲେ ମଧ୍ୟ କେତେକ ସ୍ୱାର୍ଥାନ୍ୱେଷୀ ଲୋକଙ୍କ କବଳରେ ପଡ଼ି ହଇରାଣ ହରକତ ହୋଇ ପାରନ୍ତି । ମାନସିକ ଦୁଶ୍ଚିନ୍ତା ଦେଖା ଦେବ, ପାରିବାରିକ ଅଶାନ୍ତି ଦେଖା ଦେବ, ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଭଲ ରହିନପାରେ । ରାଜନୀତି କ୍ଷେତ୍ରରେ ଉଚ୍ଚ ଆଶା ଓ ସ୍ୱପ୍ନ ଦେଖିଲେ ମଧ୍ୟ ହତାଶ ହେବାର ଆଶା ବହୁତ ଅଛି । କର୍ମ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ ନାହିଁ । ସରକାରୀ କର୍ମଚାରୀଙ୍କ ପ୍ରତି ଭ୍ରମଣ ଯୋଗ ରହିଛି । ମାସର ପ୍ରଥମାର୍ଦ୍ଧ ଅପେକ୍ଷା ୨ୟାର୍ଦ୍ଧ ସୁଖକର ହେବ । ମାନସିକ ଶାନ୍ତି ପାରିବାରିକ ଓ ସାମାଜିକ କ୍ଷେତ୍ରରେ ସ୍ନେହ ଓ ସହାନୁଭୂତି ପାଇ ପାରିବେ, ଉଚ୍ଚପଦସ୍ଥ ଲୋକଙ୍କ ଦ୍ୱାରା ଉଚ୍ଚ ଆସନ ପାଇଁ ବିବେଚିତ ହୋଇ ପାରନ୍ତି । ଛାତ୍ରମାନଙ୍କ ପାଇଁ ମାସଟି ଦୁଶ୍ଚିନ୍ତାରେ କଟିବ, ମହିଳାମାନେ ବିଳାସ କାର୍ଯ୍ୟରେ ମାତି ଅନେକ ବ୍ୟୟ କରିବେ ।

ଶୁଭଦିନ:—୧୭, ୧୮, ୧୯, ୨୦, ୨୧, ୨୭, ୨୮, ୨୯, ୩୦, ୩୧, ୩, ୪, ୭, ୭, ୮,



ବୃଷ:—ଏ ମାସଟି ଆପଣଙ୍କ ପକ୍ଷେ ଶୁଭକାରକ ହେବ । ନୂତନ କର୍ମପନ୍ଥା ଅନୁସରଣ କରିବେ, ବିଭିନ୍ନ ଉପାୟରେ ଅର୍ଥ ରୋଜଗାର ହୋଇ ପାରିବ, ପାରିବାରିକ ସୁଖଶାନ୍ତି ସହିତ ବିଳାସ, ବ୍ୟସନ ଆଡ଼କୁ ମନ ବଳାଇବେ । ତୀର୍ଥଯାତ୍ରା ଓ ଆନୁଷ୍ଠାନିକ କର୍ମପ୍ରତି ଆକୃଷ୍ଟ ହେବେ, ଆର୍ଥିକ ବ୍ୟୟ ଅଧିକ ହେଲେମଧ୍ୟ ପୂର୍ବାପେକ୍ଷା ଆୟ ଅଧିକ ନିଶ୍ଚୟ ହେବ । କର୍ମ କ୍ଷେତ୍ରରେ ଉଚ୍ଚଆଶା ପୋଷଣ କରିବେ ଓ ସମ୍ମାନିତ ମଧ୍ୟ ହୋଇ ପାରନ୍ତି, ବ୍ୟବସାୟ ବାଣିଜ୍ୟରେ ଆଶାନୁରୂପ ଫଳ ପାଇବେ; ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ, ଅନେକ ଜଞ୍ଜାଳ, ଥିଲେ ମଧ୍ୟ ଆପଣ ଭିତରେ କର୍ମ ତତ୍ପରତା ଦେଖା ଦେବ, ମାନସିକ ଶାରୀରିକ ଓ ସାମାଜିକ ଶାନ୍ତି ପାଇବେ, ଆପଣ ହୃଦୟର ଧର୍ମ ପ୍ରତି ଆଗ୍ରହ, ନୈତିକ କର୍ମ, ଈଶ୍ୱର ବିଶ୍ୱାସ ଓ ପରୋପକାର ପାଇଁ ଯଥେଷ୍ଟ ସକ୍ରିୟ ହେବେ, ସମୟ ସମୟରେ ମାନସିକ ଅଧଃପତନ ଯୋଗୁ ନୈତିକ ଅଧପତନ ଦେଖା ଦେଇ ପାରେ, ତଥାପି ଆଗାମୀ ମାସଟି ସୁରୁଖୁରୁରେ କଟିବ, ଛାତ୍ରମାନେ ଦୃଢ଼ପ୍ରତିଜ୍ଞ ଓ କର୍ତ୍ତବ୍ୟ ପରାୟଣ ହେବେ, ମହିଳାମାନେ ବିଳାସ ବ୍ୟସନ ପ୍ରିୟ ହେବେ ।

ଶୁଭଦିନ:—୧୪, ୧୫, ୧୯, ୨୦, ୨୧; ୨୨, ୨୯, ୩୦, ୩୧, ୫, ୯, ୧୨,

ମିଥୁନ:—ଏ ମାସଟି ଆପଣଙ୍କର ଶୁଭକାରକ ହେବ, ଆର୍ଥିକ ସ୍ଥି-ସ୍ଥିତିର ପରିବର୍ତ୍ତନ ହୋଇ ପାରେ, ନୂତନ କର୍ମ ପନ୍ଥା ଅବଲମ୍ବନ କରିପାରନ୍ତି, ବ୍ୟବସାୟ ବାଣିଜ୍ୟରେ ଲାଭଜନକ ଫଳ ପାଇ ପାରିବେ, କର୍ମ କ୍ଷେତ୍ରରେ କଠିନ ପରିଶ୍ରମକରି ସୁଫଳ ଲାଭକରିବେ, ସରକାରୀ କର୍ମସଂସ୍ଥାରେ ପଦୋନ୍ନତି ଏବଂ ମାନସମ୍ମାନ ଦେଖାଦେବ । ବୈବାହିକ ଆନୁଷ୍ଠାନିକ କର୍ମ ତଥା ସାମାଜିକ ପରୋପକାର ଓ ରାଜନୈତିକ କର୍ମପ୍ରତି ଆକୃଷ୍ଟ ହେବେ, ପାରିବାରିକ ଶାନ୍ତି ମଧ୍ୟ ପାଇ ପାରିବେ, ବ୍ୟବସାୟିକ ମନୋବୃତ୍ତି ଅନେକ ଦେଖାଦେବ, ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ବଡ଼ବଡ଼ କାର୍ଯ୍ୟ ହାସଲ ଓ ସମ୍ମାନ ଲାଭକରିବେ । ସ୍ୱାସ୍ଥ୍ୟ ଭଲରହିବ । ଗୃହରେ ପିଲାମାନଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ସାମାନ୍ୟ ମାନସିକ ଅଶାନ୍ତି ଦେଖାଦେଇ ପାରେ, ଆପଣ ମାସ ସାରା ପ୍ରେମାଗ୍ରତ ଓ ସମ୍ଭୋଗଶୀଳ ରହିବେ, ଈଶ୍ୱର ଭକ୍ତିସହିତ ଗୁରୁଜନମାନଙ୍କ ଶ୍ରଦ୍ଧା ଓ ଭକ୍ତିଭାବ ମନରେ ପ୍ରକାଶ ପାଇବ, ଛାତ୍ରମାନେ ବୈଷୟିକ ଶିକ୍ଷାପ୍ରତି ଆକୃଷ୍ଟ ମହିଳା ମାନେ କପଟୀ, ପ୍ରେମିକା ଓ ଆଶଙ୍କା ହେବେ ।

ଶୁଭଦିନ:—୧୬, ୧୭, ୨୧, ୨୨, ୨୩, ୨୫, ୧, ୨, ୩, ୪, ୭, ୮, ୧୨, ୧୩,

କର୍କଟ:—ଏ ମାସରେ ଆପଣ ମାନସିକ ଓ ଶାରୀରିକ କଷ୍ଟର ସମ୍ମୁଖୀନ ହୋଇପାରନ୍ତି । ଦୁର୍ଘଟଣା ଭୟ ରହିଛି, ପାରିବାରିକ ଅଶାନ୍ତି ଦେଖାଦେବ, ଅନେକେ ନିଜର ଚେଷ୍ଟିତ କର୍ମପାଇଁ ମାନସିକ ଅଶାନ୍ତି ଦେଖାଦେବ, ସାମାଜିକ କ୍ଷେତ୍ରରେ ଶତ୍ରୁବୃଦ୍ଧି ଓ ଈର୍ଷା-ପରାୟଣତା ଦେଖା ଦେବ, ପାରିବାରିକ

Images: Aptakama Mishra, Processing: Srujanika

ଅଶାନ୍ତି, ଆର୍ଥିକ ଅନାଟନ ଓ ମାନସିକ ଅଶାନ୍ତି ଦେଖାଦେବ; ପାରିବାରିକ ସ୍ନେହ ସହାନୁଭୂତି ପାଇ ନ ପାରନ୍ତି । ନିଜକୁ ଘରଠାରୁ ଦୂରରେ ସର୍ବଦା ରଖିବାକୁ ଇଚ୍ଛା କରିବେ, କୁକ୍ଷିଜାତ ରୋଗ ଦେଖାଦେଇ ପାରେ । ବୃଥା ଭ୍ରମଣ, ଓ ଅଯଥା ଖର୍ଚ୍ଚ ମଧ୍ୟ କରିବେ । ଆର୍ଥିକ ପରିସ୍ଥିତି ଯୋଗୁ ସର୍ବଦା ଦୁଶ୍ଚିନ୍ତା ଦେଖାଦେବ, ବିଦେଶ ଭ୍ରମଣ ପ୍ରତି ମନ ବଳାଇବେ, ମାନସିକ ସ୍ଥିରତା ଦେଖାଦେବ ନାହିଁ । କେଉଁ ଆଡ଼େ ଯେପରି ଗୁଡ଼ି ଚାଲିଯିବାକୁ ଇଚ୍ଛାକରିବେ, କୌଣସି ନିକଟଲୋକ ଦ୍ୱାରା ଠକେଇରେ ପଡ଼ିପାରନ୍ତି । ନିଜକୁ ସବୁ କାର୍ଯ୍ୟରେ ହତାଶ ହେବାଭଳି ମନେ କରିବେ । ସ୍ତ୍ରୀମାନେ ଅନେକ ପରିଶ୍ରମ କଲେ ମଧ୍ୟ ସୁଫଳ ପାଇପାରିବେ ନାହିଁ । ମହିଳା ମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ।

ଶୁଭଦିନ—୧୩, ୧୪, ୧୭, ୧୮ ୨୪, ୨୫, ୨୬, ୨୭, ୩, ୪, ୫, ୭, ୯, ୧୦,

ସିଂହ .— ଆପଣ ଅନେକ ଶୁଭକର୍ମ ପ୍ରତି ଆଶା ପୋଷଣ କଲେ ମଧ୍ୟ କର୍ମ କ୍ଷେତ୍ରରେ ଅନେକ ବାଧାବିଘ୍ନ ଦେଖା ଦେବ, ବ୍ୟବସାୟ ବାଣିଜ୍ୟରେ ନିରାଶ ଏବଂ ହତାଶ ହୋଇପାରନ୍ତି । ନିଜ ଲୋକମାନେ ଈର୍ଷାପରାୟଣ ହେବେ । ଶତ୍ରୁବୃଦ୍ଧି ଏବଂ ମତାନ୍ତର ଦେଖାଦେବ । ଅନେକ ବ୍ୟୟ କରି ଶାନ୍ତି ମଧ୍ୟ ପାଇପାରିବେ ନାହିଁ । ରୋଜଗାର କ୍ଷେତ୍ରରେ ସେତେ ଭଲଫଳ ପାଇ-ପାରିବେ ନାହିଁ । ଅନେକ ସମୟରେ ଅଳସୁଆ ଓ ଚିନ୍ତାମଗ୍ନ ରହିବେ; ମାନସିକ ଅସ୍ଥିରତା ଦେଖା ଦେବ । ନିଷ୍ପ୍ରହିନ ହୋଇ ପଡ଼ିବେ । ପ୍ରତ୍ୟେକ କାର୍ଯ୍ୟପ୍ରତି ବିତୃଷ୍ଣାଭାବ ଦେଖାଦେବ; ପାରିବାରିକ ଅଶାନ୍ତି ଓ ଶାରୀରିକ କଷ୍ଟ ପରିବାରରେ ଦେଖାଦେବ । ଅଯଥା ଖର୍ଚ୍ଚ କରିବେ । ଆର୍ଥିକ ପରିସ୍ଥିତି ସେତେ ଭଲରହିବ ନାହିଁ ମାଲିମକଦ୍ଦମା ଭୟ ରହିଛି । ସରକାରୀ କର୍ମରେ ଅପଦସ୍ଥ ହେବେ । ଆପଣ ବଡ଼ ସନ୍ଦେହୀ, ଓ ନିଷ୍ପ୍ରହିନ ହୋଇ ପଡ଼ିବେ, କାହାକୁ ବିଶ୍ୱାସ କରିବେ ନାହିଁ । ସ୍ତ୍ରୀମାନେ କଠିନ ପରିଶ୍ରମ କରି ସେତେ ଭଲ ଫଳ ପାଇପାରିବେ ନାହିଁ । ମହିଳା ମାନେ ଶାରୀରିକ କଷ୍ଟ ଭୋଗ କରିବେ ।

ଶୁଭଦିନ—୧୬, ୧୭, ୨୦, ୨୧, ୨୭; ୨୮, ୨୯; ୩୦, ୩୧, ୬; ୭; ୮; ୧୨; ୧୩ ।

କନ୍ୟା.— ମାନସିକ ଦୁଶ୍ଚିନ୍ତା ଓ ପାରିବାରିକ ଜଞ୍ଜାଳ ଯୋଗୁ ଆପଣ ସର୍ବଦା ବ୍ୟାକୁଳ ରହିବେ । ବ୍ୟବ-ସାୟିକ ମନୋବୃତ୍ତି ବୃଦ୍ଧି ପାଇବ । ରୋଜଗାର ପାଇଁ ଉଚ୍ଚ ଆଶା ଓ ନୂତନ ଯୋଜନା ପୋଷଣ କଲେ ସୁଦ୍ଧା ଅନେକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇନପାରନ୍ତି । ବ୍ୟବସାୟ ବାଣିଜ୍ୟରେ ଆଶାନୁରୂପ ଫଳ ପାଇପାରିବେ ନାହିଁ । ଖଳଲୋକଙ୍କ ଦ୍ୱାରା ଠକେଇରେ ପଡ଼ିପାରନ୍ତି, ବୈଷ-ୟିକ ଶିକ୍ଷା ପ୍ରତି ଯଥେଷ୍ଟ ଆକୃଷ୍ଟ ହୋଇପଡ଼ିବେ, ବୈବାହିକ ଓ ପ୍ରେମ-ଜନିତ କାର୍ଯ୍ୟ ପାଇଁ ମନରେ କେତେକ ଦୁଶ୍ଚିନ୍ତା ଓ ଅଶାନ୍ତି ଦେଖାଦେବ । ପାରିବାରିକ ଜଞ୍ଜାଳ ସହିତ ସାମାଜିକ ଅପ୍ରିୟତା ଦେଖାଦେବ । ତାମସିକ କାର୍ଯ୍ୟପ୍ରତି ଆକୃଷ୍ଟ ହେବେ, କେତେକ ବନ୍ଧୁଙ୍କ ଦ୍ୱାରା ଅବହେଳିତ ଓ ଲାଞ୍ଛିତ ମଧ୍ୟ ହେବେ । ସାମାନ୍ୟ ସାବଧାନ ନହୋଇଲେ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ । ପାରିବାରିକ ଅଶାନ୍ତି ଓ ଜମିବାଡ଼ି ଜନିତ ଗଣ୍ଡଗୋଳ ଦେଖା-ଦେବ । ସ୍ୱାସ୍ଥ୍ୟ ସେତେ ଭଲ ରହିବ ନାହିଁ, ତଥାପି ଆପଣ ହାତେ ମାପି ଗୁଖଣ୍ଡେ ଚାଲିବେ, ଅନେକ କ୍ଷେତ୍ରରେ ନିଜର ପ୍ରଜ୍ଞା ଦେଖାଦେବ । ସ୍ତ୍ରୀମାନେ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେବେ । ନାରୀମାନେ ପାରିବାରିକ ଜଞ୍ଜାଳରେ ଲିପ୍ତ ରହିବେ ।

ଶୁଭଦିନ—୧୩, ୧୪, ୧୭, ୧୮, ୨୧, ୨୨, ୩୦, ୩୧, ୧, ୨, ୭, ୮, ୯, ୧୦, ୧୧,



ତୁଳା—ଏ ମାସଟି ଆପଣ ପାରିବାରିକ ଆସକ୍ତି ସ୍ନେହ, ସହାନୁଭୂତି ଓ ଶାନ୍ତି ପାଇପାରିବେ । କର୍ମ କ୍ଷେତ୍ରରେ ଦୈବକୃପା ଓ ବନ୍ଧୁମାନଙ୍କର ସାହାଯ୍ୟ-ଲାଭ କରିପାରିବେ । ଅନେକ କ୍ଷେତ୍ରରେ ବାଧାପ୍ରାପ୍ତ ଓ ହତାଶା ସତ୍ତ୍ୱେ ଆପଣ ସଫଳତା ଅର୍ଜନ କରିବେ । ମାନସିକ ଶାନ୍ତି ପାଇପାରନ୍ତି, ନୂତନ ବନ୍ଧୁ ଲାଭ ହେବ ଯିଏକି ଆପଣଙ୍କ କାର୍ଯ୍ୟକ୍ଷେତ୍ରରେ ଅନେକ ସାହାଯ୍ୟ କରିବେ, ଆପଣ ଅନେକ ଈଶ୍ୱର ବିଶ୍ୱାସି ଓ ସ୍ୱାଭାବିକ ଜୀବନ ଯାପନ ପାଇଁ ଅଭିଳାଷୀ ହୋଇ ପଡ଼ିବେ । ପାରିବାରିକ ଜଞ୍ଜାଳ ରହିଲେ ମଧ୍ୟ ନିଜର କର୍ମ ତତ୍ପରତା ଯୋଗୁ ମାନସିକ ଶାନ୍ତି ପାଇବେ । ସମାଜସେବା ପରୋପକାର, ଧର୍ମକାର୍ଯ୍ୟ ଓ ନୈତିକ-କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବେ । ଦେବ, ବ୍ରାହ୍ମଣ ଗୁରୁଜନମାନଙ୍କ ପ୍ରତି ପ୍ରଗାଢ଼ ଭକ୍ତିଭାବ ଦେଖାଦେବ । ଆର୍ଥିକ ଅବସ୍ଥା ପ୍ରାୟ ଭଲ ରହିବ । ଅନେକ ଉଚ୍ଚାଭିଳାଷୀ ହେବେ, ସ୍ତ୍ରୀମାନେ ଭୌଗୋଳିକ ଶିକ୍ଷା ତଥା ଭ୍ରମଣ ପ୍ରତି ଆକୃଷ୍ଟ ହେବେ । ମହିଳାମାନେ ସଂଗ୍ରୋଗଶୀଳା ଓ ବିଳାସ ସାମଗ୍ରୀ ଆଡ଼କୁ ମନ ବଳାଇବେ ।

ଶୁଭଦିନ—୧୩, ୧୪, ୧୫, ୧୬, ୧୯, ୨୦, ୨୪, ୨୫, ୧, ୨, ୩, ୪, ୯, ୧୦, ୧୧, ୧୨ ।

ବିଛା—ଏ ମାସରେ ଆପଣ ଦୂରଯାତ୍ରା କମ୍ବା ତୀର୍ଥଯାତ୍ରା ପ୍ରତି ଆଗ୍ରହୀ

(ଅବଶିଷ୍ଟାଂଶ ୩୧ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ସୁଦୂର ପରାହତ ?

ପାରାଦୀପ ଫସଫେଟ ପାଇଁ ୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ନୀଳାଚଳ ଇସ୍ପାତ ନିଗମପାଇଁ ମାତ୍ର ୨କୋଟି ଟଙ୍କାର ବ୍ୟୟ ବରାଦ ।

ଓଡ଼ିଶା ସରକାରଙ୍କ ରାଜନୈତିକ ନେତୃତ୍ୱ ଅଭାବ ଯୋଗୁ ଇସ୍ପାତ କାରଖାନା ନ କରାଇବା ପାଇଁ କେନ୍ଦ୍ର ପକ୍ଷରୁ ମନ୍ଥର ଗତିରେ ଷଡ଼ଯନ୍ତ୍ର ଆରମ୍ଭ ହୋଇ ଯାଇଛି ଓ ପୂଜା ଉପହାର କଳ୍ପନା ବିଳାସରେ ପରିଣତ ହୋଇଛି ।

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରଥଙ୍କ ଦୃଢ଼ତା ଯୋଗୁ ଫସଫେଟ କାରଖାନାକୁ ପାରାଦୀପରେ ନ ବସାଇବା ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅତି ଚତୁରତାର ସହ କାର୍ଯ୍ୟ କରୁଥିଲେ ମଧ୍ୟ ତାହା ଫସର ଫାଟି ଯାଇଛି ।

ଓଡ଼ିଶାକୁ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦଶହରା ଉପହାର ସ୍ୱରୂପ ଦ୍ୱିତୀୟ ଇସ୍ପାତ୍ କାରଖାନା ଅର୍ପଣ କରିଛନ୍ତି ବୋଲି ଗତ ଦୁଇବର୍ଷ ହେଲେ ବ୍ୟାପକ ପ୍ରଚାର କରାଯାଉଥିଲେ ମଧ୍ୟ ତାହାର ପ୍ରତିଷ୍ଠାର ସମ୍ଭାବନା ଏବେ କ୍ଷୀଣରୁ କ୍ଷୀଣତର ହେଉଥିବା ଜଣାଯାଉଛି । ଏଥିପାଇଁ ବର୍ତ୍ତମାନ କଂଗ୍ରେସନେତୃତ୍ୱର ରାଜନୈତିକ ପରାକାଷ୍ଠାଶୂନ୍ୟ ଯେତିକି ପରିମାଣରେ ଦାୟୀ ପୂର୍ବତନ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଦୂରଦର୍ଶିତା ମଧ୍ୟ ତତୋଧିକ ପରିମାଣରେ ଦାୟୀ ।

ଶ୍ରୀ ବିଜୁ ପଟ୍ଟନାୟକ କେନ୍ଦ୍ରରେ ଇସ୍ପାତ୍ ମନ୍ତ୍ରୀ ହେବା ପରେ ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲେ ହୁଏତ ତାଙ୍କ ଅବଧି ଶେଷହେବା ପୂର୍ବରୁ ଏହା ଓଡ଼ିଶାରେ ସ୍ଥାପିତ ହୋଇପାରିଥାନ୍ତା କିନ୍ତୁ ସେ ତାହା ନକରି ପରବର୍ତ୍ତୀ ନିର୍ବାଚନ ପୂର୍ବରୁ ଏହା ସ୍ଥାପନ କଲେ ଓଡ଼ିଶାରେ ପୁଣି ଜନମତକୁ ନିଜ ଆଡ଼କୁ ନେଇପାରିବେ ବୋଲି ହିସାବ କରି ଜାଣିଶୁଣି ସେ ଦିଗରେ ତତ୍ପରତା ପ୍ରକାଶ କଲେନାହିଁ । ଜନତା ସରକାରର ଅକାଳ ମୃତ୍ୟୁହେବା ଫଳରେ ବିଜୁବାବୁଙ୍କ ବ୍ୟକ୍ତିଗତ ରାଜନୈତିକ ଆଶା ଫଳବତୀ ହେଲନାହିଁ ଏବଂ ଓଡ଼ିଶାର ଜଣେ ଲୋକ ବିଭାଗୀୟ ମନ୍ତ୍ରୀ ଥାଇ ମଧ୍ୟ ଓଡ଼ିଶା ତାର ନ୍ୟାଯ୍ୟ ଦାବୀ ପାଇବାର ଅଧିକାରରୁ ବଞ୍ଚିତ ହେଲା ।

ପରବର୍ତ୍ତୀ କାଳରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ କରିବାର ଧ୍ୱନିଦେଇ ରାଜ୍ୟରେ ଦ୍ୱିତୀୟ ଇସ୍ପାତ୍ କାରଖାନା ଅବଶ୍ୟ ହେବ ବୋଲି ଅତି ଦମ୍ଭର ସହ ଘୋଷଣା କରି ମଧ୍ୟ କେନ୍ଦ୍ରରେ ନିଜର ରାଜନୈତିକ ପରାକାଷ୍ଠା ପ୍ରଦର୍ଶନ କରି ନ ପାରିବାରୁ ଦ୍ୱିତୀୟ ଇସ୍ପାତ କାରଖାନା ଦିବା ସ୍ୱପ୍ନରେ ପରିଣତ ହେବାକୁ ବସିଲାଣି ।

କାରଖାନାର ସ୍ଥାନ ପାରାଦୀପଠାରୁ ଦୈତାରୀକୁ ଘୁଞ୍ଚିବା ପରେ ଜାଣିବା ଶୁଣିବା ମହଲ ଏ ଦିଗରେ ଯେଉଁ ଆଶଙ୍କା ପ୍ରକାଶ କରୁଥିଲେ ତାହା ସତ୍ୟରେ ପରିଣତ ହେବାକୁ ଯାଉଛି । ପାରାଦ୍ୱୀପ ଏକ ବାତ୍ୟାଞ୍ଚଳ ହୋଇଥିବାରୁ ସେଠାରେ ଇସ୍ପାତ କାରଖାନା ବସାଇବା ଠିକ୍ ହେବନାହିଁ ବୋଲି କୁଆଡ଼େ ବିଶେଷଜ୍ଞମାନେ ମତ ଦେଇଥିବା କଥାକହି କେନ୍ଦ୍ର ନେତୃତ୍ୱ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ବୁଝାଇ ଦେଇଥିଲେ କିନ୍ତୁ ସେହି ପାରାଦ୍ୱୀପ ବାତ୍ୟାଞ୍ଚଳରେ ଏବେ ଶହଶହ କୋଟି ଟଙ୍କା ବ୍ୟୟରେ ପାରାଦ୍ୱୀପ ଫସଫେଟ କାରଖାନା ଗଢ଼ିଉଠୁଛି । ଏହି କାରଖାନା ପୂର୍ଣ୍ଣାଙ୍ଗ ହେଲାବେଳକୁ ଏଥିରେ ପ୍ରାୟ ଦେଢହଜାର କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିବ ।

୧୯୮୪—୮୫ ମସିହା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ବଜେଟ୍ ଆଗତ କରାଯାଇଛି ସେଥିରେ ପାରାଦୀପ ଫସଫେଟ କାରଖାନା ପାଇଁ ୭୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ନୀଳାଚଳ ଇସ୍ପାତ ନିଗମ ପାଇଁ ନିର୍ଦ୍ଦିଷ୍ଟ ଶିରୋନାମାରେ କୌଣସି ବ୍ୟୟ ବରାଦ କରାଯାଇନାହିଁ ।

ଅନ୍ୟାନ୍ୟ ଖର୍ଚ୍ଚପାଇଁ ବରାଦ କରାଯାଇଥିବା ମୋଟ ୧୨କୋଟି ୫୦ଲକ୍ଷ ମଧ୍ୟରୁ ଇସ୍ପାତ ନିଗମର ଭାଗ ଦୁଇକୋଟି ଟଙ୍କା ପଡ଼ିଛି । ଏଥିରୁ ୨ୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକତାର ଅଭାବ ଥିବା ପ୍ରତୀୟମାନ ହୁଏ ।

ଏହି ନୀଳାଚଳ ଇସ୍ପାତ ନିଗମପାଇଁ ଏବେ ଭୁବନେଶ୍ୱର, ଦୈତାରି ଓ କଲିକତାରେ ତିନୋଟି ଅଫିସ କାର୍ଯ୍ୟ କରୁଛି ଏବଂ ଏଥିରେ ମାତ୍ର ୧୩ ଜଣ କର୍ମଚାରୀ ଅଛନ୍ତି । ସେମାନେ ପ୍ରତ୍ୟହ ଅଫିସ ଆସି କେବଳ ହାଜିରା ପକାଇବା ସାର ହେଉଛି । ଏକହଜାରକୋଟି ଟଙ୍କା ଅଥରାଇଜଡ଼ କ୍ୟାପିଟାଲରେ ଗଠିତ ନୀଳାଚଳ ଇସ୍ପାତ୍ ନିଗମ ବସ୍ତୁତଃ ଏବେ ପଙ୍ଗୁ ହୋଇ ପଡ଼ିଛି ।

ଅପର ପକ୍ଷରେ ମାତ୍ର ଏକବର୍ଷ ହେବ କେନ୍ଦ୍ରରେ ସାର ଓ ରସାୟନ ବିଭାଗ ଦାୟିତ୍ୱ ନେଇଥିବା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ରଥଙ୍କ ଦୃଢ଼ତା ଯୋଗୁ ପାରାଦୀପ ଫସଫେଟ କାରଖାନାର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଚଳିତ ବର୍ଷର ବଜେଟରେ ଏ କାରଖାନା ପାଇଁ ମୋଟ ୭୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ସେ ମନ୍ତ୍ରୀତ୍ୱ ଗ୍ରହଣ କରିବାପରେ ଏକ ସମୟରେ ପାରାଦୀପରେ ଏହି କାରଖାନା ନ ବସାଇବାକୁ କେନ୍ଦ୍ର ସରକାର ଚିନ୍ତା କରୁଥିଲେ । କିନ୍ତୁ ଶ୍ରୀ ରଥଙ୍କ ହସ୍ତକ୍ଷେପ ଓ ଦୃଢ଼ତା ଫଳରେ କେନ୍ଦ୍ର ନେତୃତ୍ୱ ନିଜ ନିଷ୍ପତ୍ତିର ପରିବର୍ତ୍ତନ କଲେ । ଏଡ଼େବଡ଼ ପ୍ରକଳ୍ପ ସମ୍ପର୍କରେ ଅବଶ୍ୟ ଶ୍ରୀ ରଥଙ୍କ ଆଡ଼ୁ କୌଣସି ପ୍ରଚାର କରାଯାଉନାହିଁ ବା ବିଭାଗୀୟ କର୍ତ୍ତା ମଧ୍ୟ ଜନ ସାଧାରଣଙ୍କୁ ଏ ବିଷୟରେ ଅବଗତ କରାଇବା ନିମନ୍ତେ କୌଣସି ପଦକ୍ଷେପ ନେଇନାହାନ୍ତି । ପାରାଦୀପ ଫସଫେଟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାପାଇଁ ଏବେ ଯଥାସମ୍ଭବ ଉଦ୍ୟମ କରାଯାଉଥିବା ପ୍ରକାଶ । ☐

Images: Aptakama Mishra, Processing: Srujanika

ହେବେ, ସେଥିପାଇଁ ମଧ୍ୟ ଅନେକ ବ୍ୟୟ କରିବେ । ମାନସିକ ଅସ୍ଥିରତା ଦେଖାଦେବ, କୌଣସି କାର୍ଯ୍ୟ କରିବା ପାଇଁ ସ୍ଥିରପ୍ରଜ୍ଞ ହୋଇପାରିବେ ନାହିଁ । ଦୀର୍ଘସୂତ୍ରିତା ଦେଖା ଦେବ, ଆଳସ୍ୟ ପରାୟଣ ହେବେ । କର୍ମ କ୍ଷେତ୍ରରେ ପ୍ରଶଂସା ଭାଜନ ହୋଇପାରିବେ ନାହିଁ । ରାଜନୈତିକ କର୍ମ ପ୍ରତି ଆକୃଷ୍ଟ ହେବେ । ପରୋକ୍ଷ ରାଜନୀତି କରିବେ, ଏବଂ ଅତ୍ୟନ୍ତ କୁଟୀଳ କୁଟନୀତିଜ୍ଞ ହୋଇପାରିବେ । ବ୍ୟବସାୟ କ୍ଷେତ୍ରରେ ସାମାନ୍ୟ ମାନ୍ଦା ପଡ଼ିପାରେ ତଥାପି ଆପଣ ଉଚ୍ଚ ଆଶା ପୋଷଣ କରିବେ । ପାରିବାରିକ କ୍ଷେତ୍ରରେ ଅନେକ ଝଞ୍ଜାଳ ଦେଖାଦେବ, ବୈବାହିକ ତଥା ଆନୁଷ୍ଠାନିକ ଶୁଭକର୍ମ ପ୍ରତି ଶ୍ରଦ୍ଧା, ଭକ୍ତି ଜାତ ହେବ । ସମୟ ସମୟରେ ତାମସିକ ଭୋଜନରେ ଲିପ୍ତ ରହିବେ, ପରୋପକାର ଓ ସମାଜସେବା ପ୍ରତି ଆଗ୍ରହ ବଢ଼ିବ । ଛାତ୍ରମାନେ ଦୀର୍ଘସୂତ୍ରିତା ଓ ଆଶାହୀନ ହୋଇପଡ଼ିବେ, ମହିଳାମାନେ ଶୁଭକାର୍ଯ୍ୟ ପ୍ରତି ମନ ବଳାଇବେ ।

ଶୁଭଦିନ:—୧୫, ୧୬, ୧୭, ୧୮, ୨୧, ୨୨, ୨୬, ୨୭, ୩, ୪; ୫, ୬, ୧୧, ୧୨; ୧୩;

ଧନୁ:—ଜୀବନକୁ ଅଧିକ ବିଳାସ ବ୍ୟସନ ଆଡ଼କୁ ନେବେ, ଯାନ ବାହାନ ପ୍ରତି ଆସକ୍ତି ପୋଷଣ କରିବେ । ରାଜନୈତିକ କର୍ମରେ ନିଜକୁ ନିୟୋଜିତ କରିବାକୁ ଚେଷ୍ଟା କରିବେ । ଦର୍ଶନ ଓ ସାହିତ୍ୟ ପ୍ରତି ଆକୃଷ୍ଟ ହେବେ, କର୍ମ କ୍ଷେତ୍ରରେ ଚିନ୍ତାଶୀଳ ରହିବେ । ବଡ଼ ବଡ଼ କର୍ମରେ ଆଶା ପୋଷଣ କଲେସୁଦ୍ଧା ନିଜର ଅଜ୍ଞତା ଯୋଗୁ ହତାଶ ହୋଇପାରନ୍ତି । କେତେକ ଲୋକ ଈର୍ଷାପରାୟଣ ହେବେ, ଏବଂ ଅପଥ୍ୟ ଖାଦ୍ୟ ଦେଖାଦେବ ନୈତିକ କାର୍ଯ୍ୟ ଓ ଧର୍ମବାଣୀ ଶୁଣାଇ ନିଜେ ଅନୀତି ଓ ଅଧର୍ମ କାର୍ଯ୍ୟ କରିବେ, ଅନେକ କାର୍ଯ୍ୟ ଗୁପ୍ତ ରଖିବାକୁ ଚେଷ୍ଟା କରିବେ, ସମୟ ସମୟରେ ବିରାଡ଼ି ବୈଷ୍ଣବର ଲକ୍ଷଣମାନ ଦେଖାଦେବ, କର୍ମ କ୍ଷେତ୍ରରେ ଅଧୈର୍ଯ୍ୟ ହୋଇପାରନ୍ତି ମନରେ ବିକାର ଓ ଭୟଭାବ ଜାତ ହେବ । ରାଜନୈତିକ ଓ ସାମାଜିକ କର୍ମ ପ୍ରତି ଆକୃଷ୍ଟ ହେବେ । ନ୍ୟାୟ ଓ ଦର୍ଶନ ପ୍ରତି ମଧ୍ୟ ଗଭୀର ଶ୍ରଦ୍ଧା ରହିବ, ପର୍ଯ୍ୟଟନ ଯୋଗୁ ସ୍ୱାସ୍ଥ୍ୟହାନି ହେବାର ସମ୍ଭାବନା ଅଛି । ଆର୍ଥିକ ଅବସ୍ଥା ମଧ୍ୟମ ଧରଣର ରହିବ; ଅନେକ ଦାନଧର୍ମ ପ୍ରତି ମନ ବଳାଇବେ । ଛାତ୍ରମାନେ ଦୂରଯାତ୍ରା ଓ ଭୌଗଳିକ ଶିକ୍ଷାପ୍ରତି ମନ ବଳାଇବେ । ମହିଳାମାନେ ଧର୍ମ କାର୍ଯ୍ୟ ଓ ସାମାଜିକ କାର୍ଯ୍ୟ ପ୍ରତି ମନ ବଳାଇବେ ।

ଶୁଭଦିନ:—୧୭; ୧୮· ୧୯; ୨୦; ୨୪: ୨୫; ୨୯; ୩୦' ୩୧, ୬; ୭; ୯;



ମକର:—ଏ ମାସଟି ଆପଣଙ୍କ ପକ୍ଷେ ଶୁଭକାରକ; କର୍ମ କ୍ଷେତ୍ରରେ ମାନସମ୍ମାନ ବୃଦ୍ଧି, ନୂତନ ଦିଗ୍‌ଦର୍ଶନ ଓ ବନ୍ଧୁ ଲାଭର ଯୋଗ ଅଛି । ଶୁଭକାର୍ଯ୍ୟ ଓ ଭ୍ରମଣରେ ଅନେକ ସମୟ ଅତିବାହିତ ହେବ । ସମାଜସେବା, ରାଜନୀତି; ପରୋପକାର; ଆନୁଷ୍ଠାନିକ କର୍ମ ତଥା ଦେବାଳୟ; ବିଦ୍ୟାଳୟ; ପ୍ରତି କର୍ମ ତତ୍ପରତା ଦେଖାଦେବ । ଦାନ ଧର୍ମରେ ସମୟ କଟାଇବାକୁ ଚାହିଁବେ । ଜ୍ଞାନବାନ ଓ ନୀତିମାନ ଲୋକଙ୍କ ଗହଣରେ ସମୟ କାଟିବାକୁ ପସନ୍ଦ କରିବେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ବନ୍ଧୁମାନଙ୍କ ଠାରୁ ଆଶାନୁରୂପ ସାହାଯ୍ୟ ଓ ସହାନୁଭୂତି ପାଇପାରିବେ । ପାରିବାରିକ ଶାନ୍ତି ଓ ସାମାଜିକ ମହାନୁଭବତା ଦେଖାଦେବ । ସାହିତ୍ୟ ଦର୍ଶନ ପ୍ରତି ମନ ବଳାଇବେ; ନୈତିକତା ଓ ନ୍ୟାୟ ପରାୟଣତା ହେବେ । ବ୍ୟବସାୟ ବାଣିଜ୍ୟରେ ପ୍ରଚୁର ଅର୍ଥ ଲାଭ ହେବ । କର୍ମ କ୍ଷେତ୍ରରେ ସମ୍ମାନହାସଲ କରିପାରନ୍ତି । ତଥାପି ମାନସିକ ଚିନ୍ତା ରହିବ, ଉଚ୍ଚାଭିଳାଷୀ ହେବେ । ଛାତ୍ରମାନେ ପ୍ରଶଂସାର ସହିତ କୃତକାର୍ଯ୍ୟ ହେବେ । ମହିଳାମାନେ ଧର୍ମ ବିଶ୍ୱାସୀ ଓ ପ୍ରେମାଶକ୍ତ ହେବେ ।

ଶୁଭଦିନ:—୧୩' ୧୪; ୧୯; ୨୦; ୨୧; ୨୨; ୨୬; ୨୭; ୧; ୨; ୭; ୮; ୯; ୧୦ ।

କୁମ୍ଭ:—ଆପଣ ଏ ମାସରେ ଅନେକ ବ୍ୟବସାୟିକ ଓ ପାରିବାରିକ ଝଞ୍ଜାଳରେ ଲିପ୍ତରହିବେ; ମାନସିକ ଅସ୍ଥିରତା ଦେଖା ଦେବ; କୌଣସି କାର୍ଯ୍ୟରେ ସ୍ଥିତପ୍ରଜ୍ଞ ହୋଇ ରହିପାରିବେ ନାହିଁ । ପାରିବାରିକ ଝଞ୍ଜାଳ ଓ ଅଶାନ୍ତି ଲାଗିରହିବ । ମନର ଅସ୍ଥିରତା ଯୋଗୁ କେଉଁଆଡ଼କୁ ଚାଲିଯିବାକୁ ଇଚ୍ଛା କରିବେ, ଲକ୍ଷ୍ୟହୀନ ଭାବରେ ବ୍ୟୟ କରିବେ; କର୍ମ କ୍ଷେତ୍ରରେ ବିଶେଷ ସଫଳତା ହୋଇ ନପାରେ । ଅନେକ ଲୋକଙ୍କ ଉପରେ ଆଶାଭରସା ରଖିଲେ ବି ନିରାଶ ହେବାର ଆଶଙ୍କା ବହୁତ । ସର୍ବଦା ଚିନ୍ତାଶୀଳ ରହିବେ; ସାହିତ୍ୟ, ଦର୍ଶନ ଓ ବିଜ୍ଞାନ ପ୍ରତି ପ୍ରଗାଢ଼ ଅନୁରାଗ ରହିବ । ଦୂରଯାତ୍ରାକୁ ପସନ୍ଦ କରିବେ, ନୂତନ ବନ୍ଧୁ ମିଳନ ହେବାର ଯୋଗ ରହିଛି । କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ-କର୍ମଚାରୀଙ୍କ ଠାରୁ ସାହାଯ୍ୟ ଓ ସହାନୁଭୂତି ପାଇ ପାରନ୍ତି । ତଥାପି ଆର୍ଥିକ ଅବସ୍ଥା ସୁଧୁରିବ ନାହିଁ । ଆୟ ଅପେକ୍ଷା ବ୍ୟୟ ଖୁବ୍ ଅଧିକ ହେବ । ସାମାଜିକ ସେବା, ନୈତିକ ଓ ଧର୍ମକାର୍ଯ୍ୟ କରି ପ୍ରଶଂସିତ ହେବେ; ଧର୍ମ ବିଶ୍ୱାସ ଓ ଦେବପୂଜା ପ୍ରତି ଅତ୍ୟଧିକ ଆକୃଷ୍ଟ ହେବେ । ଛାତ୍ରମାନେ ଚିନ୍ତାଶୀଳ ରହିବେ । ନାରୀମାନେ ସ୍ୱାସ୍ଥ୍ୟହାନି ଓ ବୃଥାଚିନ୍ତା କରିବେ ।

(ଅବଶିଷ୍ଟାଂଶ ୩୩ ପୃଷ୍ଠାରେ)

ଫାଣ୍ଟମ୍

3

ଲି. ଫକ୍
ସି. ବେରୀ

Images: Aptakama Mishra, Processing: Srujanika

ଅକାଳୀଙ୍କ କାଳ ନିରୂପଣ

(ୟୁ. ଏନ୍. ଆଇ ପକ୍ଷରୁ ହୋଇଥିବା ଏକ ସର୍ଭେର ରିପୋର୍ଟ)

ସ୍ୱାଧୀନତା ପ୍ରାପ୍ତି ଠାରୁ ହିଁ ପଞ୍ଜାବରେ କିଛି ନା କିଛି ସଙ୍କଟ ଲାଗି ରହିଛି। ଦେଶ ବିଭାଜନ ପୂର୍ବରୁ ଶିଖ୍ ମାନେ ଆଜାଦ ପଞ୍ଜାବ ପାଇଁ ଦାବୀ କରୁଥିଲେ ଏବଂ ସେମାନଙ୍କ ସଂଖ୍ୟା ମୋଟ ଜନ ସଂଖ୍ୟାର ଶତକଡ଼ା କୋଡ଼ିଏ ଭାଗ ହୋଇଥିବାରୁ ବାକି ଶତକଡ଼ା ୪୦ ହିନ୍ଦୁ ଓ ଶତକଡ଼ା ୪୦ ଭାଗ ମୁସଲମାନଙ୍କଠାରୁ ସ୍ୱତନ୍ତ୍ର ହୋଇ ସେମାନେ ଭାରସାମ୍ୟ ରକ୍ଷାକରି ଏକ ଶକ୍ତିଶାଳୀ ଗୋଷ୍ଠି ରୂପେ ପରିଗଣିତ ହୋଇ ପାରିବେ ବୋଲି ସେତେବେଳେ କଳନା କରିଥିଲେ । ୧୯୪୯ ମସିହା ଅକ୍ଟୋବର ଦୁଇ ତାରିଖରେ ସାଚ୍ଚାର-ସୂତ୍ର ଅନୁଯାୟୀ ପଞ୍ଜାବର ପଞ୍ଜାବୀ ଭାଷାଭାଷୀ ଓ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ କ୍ରମଶଃ ଇଂରେଜୀ ଓ ଉର୍ଦ୍ଦୁ ପରିବର୍ତ୍ତେ ପଞ୍ଜାବୀ ଓ ହିନ୍ଦୀର ପ୍ରବର୍ତ୍ତନ କରାଯିବାକୁ ପରାମର୍ଶ ଦିଆଯାଇ ଥିଲା । କିନ୍ତୁ ଏହି ପରାମର୍ଶ ଉଭୟ ଗୋଷ୍ଠୀର ଭାଷାଗତ ବିଭେଦ ଦୂର କରିପାରିଲା ନାହିଁ ଏବଂ ଶେଷରେ ଭାଷାଭିତ୍ତିରେ ପଞ୍ଜାବର ପୁନର୍ଗଠନ ପାଇଁ ସ୍ୱର ଉତ୍ତୋଳନ କରାଗଲା ।

୧୯୫୫ ମସିହାରେ ରାଜ୍ୟ ପୁନର୍ଗଠନ କମିଶନଙ୍କ ନିକଟରେ ଅକାଳୀ ଦଳପକ୍ଷରୁ ପଞ୍ଜାବୀ ସୁବା ଗଠନର ଦାବୀ ସହ ଯେଉଁ ସ୍ମାରକପତ୍ର ଦାଖଲ କରାଯାଇଥିଲା ସେଥିରେ ପ୍ରସ୍ତାବିତ ପଞ୍ଜାବୀ ସୁବାରେ ଗୁରୁଦାସପୁର, ଅମୃତସର, ଫିରୋଜପୁର, ଲୁଧିଆନା ଜଳନ୍ଧର, ହୋସିଆରପୁର, ଅମ୍ବାଲା, କରନାଲ, ସୀରସା, ଭଟିଣ୍ଡା, କପୁରତାଲା, ଫତେଗଡ଼ ସାହିବ ଓ ସାଙ୍ଗୁର ଜିଲ୍ଲା ସହିତ ରାଜସ୍ଥାନର ଗଙ୍ଗାସାଗର ଜିଲ୍ଲାକୁ ସାମିଲ କରିବାକୁ କୁହାଯାଇଥିଲା । ପରେ ଅବଶ୍ୟ ୮୭ ଲକ୍ଷ ଲୋକଙ୍କୁ ନେଇ ଗଠିତ ପଞ୍ଜାବ ରାଜ୍ୟରେ ଅମୃତସର, ଜଳନ୍ଧର, ହୋସିଆରପୁର, ଫିରୋଜପୁର, ଲୁଧିଆନା, କପୁରତାଲା, ଭଟିଣ୍ଡା, ରୋପର ଓ ଚଣ୍ଡିଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ (ଆମ୍ବାଲା ଜିଲ୍ଲାର) କଙ୍ଗାଘାଟ ଓ ନାଲାଗଡ଼ ତହସିଲଛଡ଼ା ପାତିଆଲା ଜିଲ୍ଲା ଏବଂ ଜିନ୍ଦ ଓ ନରୱାନ ତହସିଲଛଡ଼ା ସାଙ୍ଗୁର ଜିଲ୍ଲା ରଖିବାକୁ ରାଜିହେଲେ ।

୧୯୬୬ ରେ ପଞ୍ଜାବ ପୁନର୍ଗଠିତ ତଥା ବିଖଣ୍ଡିତ ହେବାପରେ (ପଞ୍ଜାବ, ହରିଆନା ଓ ହିମାଚଳ ପ୍ରଦେଶ) ଅକାଳୀ ଦଳ ଚଣ୍ଡୀଗଡ଼କୁ ପୁରାପୁରି ପଞ୍ଜାବକୁ ଦିଆଯାଉ ବୋଲି ଦାବୀ କରି ପୁଣି ଆନ୍ଦୋଳନ ଆରମ୍ଭ କଲେ । ପୂର୍ବ ବିଭାଜନ ସୂତ୍ର ଅନୁଯାୟୀ ଚଣ୍ଡୀଗଡ଼କୁ ବିଭିଷି ଅଞ୍ଚଳ ରୂପେ ଗ୍ରହଣ କରାଯାଇ ପଞ୍ଜାବ ଓ ହରିଆଣାର ମିଳିତ ରାଜଧାନୀ ରୂପେ ସ୍ୱୀକାର କରାଯାଇଥିଲା । ସେତେବେଳେ ଅକାଳୀ ଦଳର ଅତ୍ୟନ୍ତ ପ୍ରଭାବଶାଳୀ ନେତା ସନ୍ଥ ଫତେସିଂହ ଏହି ପ୍ରସ୍ତାବିତ ରାଜ୍ୟ ଗଠନରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ ମାତ୍ର ଏହାର କେତେମାସ ଭିତରେ ପଞ୍ଜାବର ଚଣ୍ଡିଗଡ଼, ଭାକ୍ରାଡ୍ୟାମ୍ ଓ ହରିଆନାର ଆଉକେତେକ ପଞ୍ଜାବଭାଷି ଅଞ୍ଚଳକୁ ସାମିଲ କରିବା ଦାବୀକରି ପୁଣି ଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ଦାବୀଫଳରେ ୧୯୭୦ ଜୁନ୍ ୯ ତାରିଖ ଦିନ କେନ୍ଦ୍ର ସରକାର ଚଣ୍ଡିଗଡ଼ ଅବଶେଷରେ ପଞ୍ଜାବକୁ ଦିବ ବୋଲି ନିଷ୍ପତ୍ତିକରି

(୩୧ ପୃଷ୍ଠାର ଅବଶିଷ୍ଟାଂଶ)

ଶୁଭଦିନ:—୧୩, ୧୪, ୧୫; ୧୬; ୨୧; ୨୨, ୨୯, ୩୦, ୩୧, ୩, ୪, ୯,

ମୀନ:—ଏ ମାସରେ ଆପଣଙ୍କ ମାନସିକ ଅଶାନ୍ତି ଓ ଅପବ୍ୟୟ ଦେଖାଦେବ; କର୍ମକ୍ଷେତ୍ରରେ ନୈରାଶ୍ୟ ଦେଖା ଦେବ; ସାଧୁ ସନ୍ୟାସୀ ମାନଙ୍କ ଉପଦେଶ ପ୍ରତି ଆକୃଷ୍ଟ ହେବେ, ମନ୍ତ୍ରଯନ୍ତ୍ର ଶିକ୍ଷାପ୍ରତି ବିଶ୍ୱାସ ଆସିବ; ସାମାଜିକ ଓ ନୈତିକ କର୍ମରେ ନିଷ୍କ୍ରିୟତା ଓ ଦୀର୍ଘସୂତ୍ରିତା ବୃଦ୍ଧି ପାଇବ, ପରୋପକାର ଓ ସମାଜ ସେବା କରିବାକୁ ଇଚ୍ଛାଥିଲେ ମଧ୍ୟ କର୍ମ ତତ୍ପରତା ଦେଖା ହେବନାହିଁ । ଶରୀର କଷ୍ଟ, ସ୍ୱାସ୍ଥ୍ୟହାନୀ ହୋଇ ପାରେ, ରାଜକାର୍ଯ୍ୟ ଅପମାନିତ ଓ ଦଣ୍ଡିତ ହୋଇ ପାରନ୍ତି । ଦୁର୍ଘଟଣା ଭୟ ରହିଛି । ସ୍ୱାସ୍ଥ୍ୟହାନୀ ନେଇ ଅଯଥା ଖର୍ଚ୍ଚ ହେବାର ସମ୍ଭାବନା ଅଛି । କର୍ମ କ୍ଷେତ୍ରରେ ଯାହା କଲେ ମଧ୍ୟ ପ୍ରଶଂସିତ ହୋଇ ପାରିବେ ନାହିଁ । ବୃଥା ବାଦ ଅପବାଦ ସହିବାକୁ ପଡ଼ିବ । ବ୍ୟବସାୟ ବାଣିଜ୍ୟରେ ବ୍ୟୟ ହେବାର ସମ୍ଭାବନା ଅଧିକ । ତଥାପି ଆପଣ ଧୈର୍ଯ୍ୟବାନ ହୋଇ ରହିବେ । ଛାତ୍ରମାନେ ଗବେଷଣାରତ ରହିବେ । ମହିଳା ମାନେ ପ୍ରତ୍ୟେକ କାର୍ଯ୍ୟରେ ଉଦାସୀନ ରହିବେ ।

ଶୁଭଦିନ:—୧୫, ୧୬, ୧୭, ୧୮, ୨୪, ୨୫, ୨୬, ୨୭; ୨୮; ୧; ୨; ୫; ୭, ୧୧; ୧୨ । □

ଏହା ୫ ବର୍ଷ ଭିତରେ କାର୍ଯ୍ୟକାରୀ ହେବବୋଲି ଜଣାଇଦେଲେ । ଅବଶ୍ୟ ଏଭଳି ନିଷ୍ପତ୍ତି ନିଆଗଲା ବେଳେ ଚଣ୍ଡୀଗଡ଼ର କେତେକ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ହରିଆନାକୁ ଯିବବୋଲି ମଧ୍ୟ ସ୍ଥିରହେଲା ।

କିନ୍ତୁ ଇତିମଧ୍ୟରେ ପଞ୍ଜାବ ରାଜନୈତିକ ଅବସ୍ଥାର ପରିବର୍ତ୍ତନ ହେଲା । ଅକାଳୀ ମାନେ ୧୯୭୨ ମସିହା ବିଧାନସଭା ନିର୍ବାଚନରେ ପରାସ୍ତ ହେଲେ ଏବଂ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲା । ୧୯୭୨ ମସିହା ଡିସେମ୍ବର ୧୧ ତାରିଖରେ ଅକାଳୀ ଦଳପକ୍ଷରୁ ଏକ କମିଟୀ ଗଠନ କରାଯାଇ, ଶିଖ ମାନଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବାକୁ କୁହାଗଲା । ଏହି କମିଟୀ ଦେଇଥିବା ରିପୋର୍ଟକୁ ଅକାଳୀ ଦଳ କାର୍ଯ୍ୟକାରୀ କମିଟୀ ପୁରାପୁରି ଗ୍ରହଣକରି ଏହାକୁ ଏକ ଚାର୍ଟର ବା ସମ୍ପୂର୍ଣ୍ଣ ଦାବିପତ୍ରର ମର୍ଯ୍ୟାଦା ଦେଲା । ଏକାର୍ଯ୍ୟ ଅବଶ୍ୟ ହେଲା ୧୯୮୧ ଅପ୍ରେଲ ୧୩ ତାରିଖ ବା କମିଟୀ ରିପୋର୍ଟ ଦେବାର ଦୀର୍ଘ ୮ ବର୍ଷ ପରେ ।

ଏହାର ପୂର୍ବବର୍ଷ ଅର୍ଥାତ୍ ୧୯୮୦ ମସିହାରେ ଶ୍ରୀ ପ୍ରକାଶ ସିଂ ବାଦଲଙ୍କ ନେତୃତ୍ୱରେ ଗଠିତ ଅକାଳୀ ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରାଗଲା ଏବଂ ଏହାପରେ ସେଠାରେ ହୋଇଥିବା ବିଧାନସଭା ନିର୍ବାଚନରେ ଜ୍ଞାନୀ ଶ୍ରୀ ଦରବାର ସିଂହଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲା । ଆନନ୍ଦପୁର ସାହିବ ପ୍ରସ୍ତାବକୁ ପୁନର୍ବାର ସକ୍ରିୟ କରାଯାଇ ଅକାଳୀ ଦଳପକ୍ଷରୁ ଆନ୍ଦୋଳନ ଆରମ୍ଭ ହେଲା । କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ୧୯୮୩ ମସିହା ଫେବ୍ରୁଆରି ୧୩ ତାରିଖରେ ଅକାଳୀ ଦଳର ଧର୍ମଗତ ଦାବି ଗୁଡ଼ିକ ଗ୍ରହଣ କରିନେଲେ । ଏହାସତ୍ତ୍ୱେ ସେମାନଙ୍କ ଆନ୍ଦୋଳନ ଅବ୍ୟାହତ ରହିଲା ଏବଂ ୧୯୮୩ ମସିହା ଅପ୍ରେଲ ୪ ତାରିଖ ଦିନ ହୋଇଥିବା ରାସ୍ତା ରୋକୋ ଆନ୍ଦୋଳରେ ପ୍ରାୟ ୪ଜଣ ନିହତହେଲେ । ସେହିବର୍ଷ ଜୁଲାଇ ୧୭ ତାରିଖରେ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଅକାଳୀ ଦଳ ତାର ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥଗିତ ରଖିଲା । ଅଗଷ୍ଟ ୨୯ ତାରିଖ ଦିନ ଆକାଙ୍କ୍ଷା ଦଳପକ୍ଷରୁ ହୋଇଥିବା କାମରୋକୋ ଆନ୍ଦୋଳନ ଶାନ୍ତି ପୂର୍ଣ୍ଣଭାବେ ସମାହିତ ହୋଇଥିଲା ଏବଂ ଏହି ଅବସରରେ ଆକାଙ୍କ୍ଷାଦଳର ଚରମପନ୍ଥୀ (ସନ୍ଥ ଜର୍ନାଲ ସିଂହ ଭିନ୍ଦରନ୍ ୱାଲଙ୍କ ନେତୃତ୍ୱରେ ପରିଚାଳିତ) ଓ ଉଦାରପନ୍ଥୀ ମାନଙ୍କ ଭିତରେ ତୀବ୍ର ମତଭେଦ ହୋଇଥିବା ପର୍ଯ୍ୟବେକ୍ଷକ ମାନେ ଲକ୍ଷ୍ୟ କରିଥିଲେ ।

ସ୍ୱତନ୍ତ୍ର ଦେଶଗଠନ ଦାବୀ

୧୯୮୩ ସେପ୍ଟେମ୍ବର ମାସ ୪ ତାରିଖଦିନ ସନ୍ଥ ଭିନ୍ଦରନ୍ ୱାଲ ଅମୃତସରସ୍ଥ ଗୁରୁ ନାନକ ନିବାସରେ 'ସଚାଶିଖ୍' ମାନଙ୍କର ଏକ ଦୁଇଦିନିଆ ବୈଠକ ଡକାଇ ଶିଖ୍ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଦେଶ ଗଠନ କରା ନ ଯିବା ପର୍ଯ୍ୟନ୍ତ ଶିଖ୍ ମାନଙ୍କ ଆନ୍ଦୋଳନ ଚାଲୁ ରହିବ ବୋଲି ଉଦ୍ଦୀପ୍ତ କଣ୍ଠରେ ଘୋଷଣା କଲେ । ଆନନ୍ଦପୁର ସାହିବରେ ଗୃହୀତ ପ୍ରସ୍ତାବ ଶିଖ୍ ଆନ୍ଦୋଳନର ପ୍ରାଥମିକ ପଦକ୍ଷେପ ମାତ୍ର । ଏହି ଆନ୍ଦୋଳନର ଚୂଡ଼ାନ୍ତ ରୂପରେଖ ଶିଖସନ୍ଥ ଦ୍ୱାରା ପରେ ନିର୍ଦ୍ଧାରିତ ହେବ ବୋଲି ସେ ଘୋଷଣା କରିଥିଲେ ।

ଆଉ ଏକ ପ୍ରସ୍ତାବରେ ସମଗ୍ରଦେଶର ଶିଖମାନଙ୍କୁ ଆକାଳୀ ମୋର୍ଚ୍ଚାରେ ଅଂଶ ଗ୍ରହଣକରି ପୂର୍ବସୂରି ମାନଙ୍କର ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ କରାଯାଇ ଥିଲା ଏବଂ ଅମୃତଧାରୀ ଶିଖ ମାନଙ୍କର କାର୍ଯ୍ୟ କଳାପକୁ କଠୋର ସମାଲୋଚନା କରାଯାଇଥିଲା । ଏହି ସମ୍ମିଳନୀ ପରେ ସନ୍ଥ ଭିନ୍ଦରନ୍ ୱାଲ ଓ ସନ୍ଥ ହରଚନ୍ଦ ସିଂହ ଲଙ୍ଗୱାଲ ପରସ୍ପର ଭିତରେ ଥିବା ମତଭେଦ ଦୂର କରିଥିଲେ ବୋଲି ସମ୍ବାଦ ପ୍ରକାଶ ପାଇଥିଲେ ।

ଶିଖ ଛାତ୍ର ସଂଘ

ସେପ୍ଟେମ୍ବର ୨୦ ତାରିଖ ଦିନ ନିଖିଳଭାରତ ଶିଖଛାତ୍ର ସଂଘର ଏକ ବୈଠକ ମଞ୍ଜିଟ ସାହିବ ଗୁରୁଦ୍ୱାର ଠାରେ ଅନୁଷ୍ଠିତ ହୋଇ ନକଲି ସଂଘର୍ଷ ଜରିଆରେ ନିରୀହ ଶିଖମାନଙ୍କୁ ପୋଲିସ ହତ୍ୟା କରୁଛି ବୋଲି ଅଭିଯୋଗ କରାଯାଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ନିରୀହ ଶିଖମାନଙ୍କୁ ମିଥ୍ୟା ଅପରାଧରେ ଅତ୍ୟାଚରିତ କରାଯାଇଛି ବୋଲି ଦର୍ଶାଇ ଆନ୍ତର୍ଜାତିକ କ୍ଷମାସଂସ୍ଥା (ଆମେନେସ୍ଟି ଇଣ୍ଟର ନ୍ୟାସନାଲ) କୁ ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରାଗଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସନ୍ଥ ହରଚନ୍ଦ ସିଂହ ଲଙ୍ଗୱାଲ, ସନ୍ଥ ଜରନେଲ ସିଂହ ଭିନ୍ଦରନ୍ ୱାଲ, ଶ୍ରୀ ଜଗଦେବ ସିଂହ ଲଙ୍ଗୱାଲ ଓ ଭାଇ ଅମରିକ ସିଂ ଯୋଗ ଦେଇଥିଲେ । ଜାମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଡକ୍ଟର ଫାରୁକ୍ ଅବଦୁଲ୍ଲା ଓ ଜୁମା ମସଜିଦ୍‌ର ସାହି ଇମାମ୍ ଏ ବୈଠକରେ ଯୋଗ ଦେବେ ବୋଲି ଆଗରୁ ପ୍ରଚାରିତ ହୋଇଥିଲେ ମଧ୍ୟ ବାସ୍ତବରେ ସେମାନେ ଆସି ନଥିଲେ । ଏହି ସମ୍ମିଳନୀରେ ଶ୍ରୀ ତାଲୱଣ୍ଡି ପଞ୍ଜାବରେ ଏକ ସମାନ୍ତରାଳ ସରକାର ଗଠନ କରିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ ।

ଅକ୍ଟୋବର ୩ ତାରିଖରେ ଶ୍ରୀ ତଲୱଣ୍ଡି ପଞ୍ଜାବର ପୂର୍ବତନ ଶିକ୍ଷାମନ୍ତ୍ରୀ ଶ୍ରୀ ସୁଖଜିନ୍ଦର ସିଂହ ଓ ଜଳନ୍ଧରର ଅକାଳୀ ପତ୍ରିକାର ମୁଖ୍ୟ ସମ୍ପାଦକ ଶ୍ରୀ ଭରପୁର ସିଂହ ବଲବୀରଙ୍କୁ ଗିରଫ କରାଗଲା ପରେ ଅବସ୍ଥାର ଦ୍ରୁତ ଅବନତି ହେଲା । ଅକ୍ଟୋବର ୬ତାରିଖରେ ଚରମପନ୍ଥୀ ମାନେ ଭିନ୍ନ ଧର୍ମାବଲମ୍ବୀ ୮ଜଣ ବ୍ୟକ୍ତିଙ୍କୁ ଦୁଇଟି ଘଟଣାରେ ହତ୍ୟା କଲେ ।

Images: Aptakama Mishra, Processing: Srujanika

ପଞ୍ଜାବ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଦିବସ

୨ । ୧୦ । ୪୯—ପଞ୍ଜାବର ଭାଷା ସମସ୍ୟା ସମାଧାନ ଲାଗି ସାଚ୍ଚର ସୂତ୍ର ଘୋଷଣା ।

୩୦ । ୯ । ୫୫—ରାଜ୍ୟ ପୁନର୍ଗଠନ କମିଶନଙ୍କ ରିପୋର୍ଟ ଦାଖଲ ।

୧୧ । ୧୨ । ୭୨—ଶିଖ୍ ମାନଙ୍କ ସମସ୍ୟା ବିଷୟରେ ଅନୁଧ୍ୟାନ କରି ରିପୋର୍ଟ ଦେବା ନିମନ୍ତେ ଅକାଳୀ ଦଳପକ୍ଷରୁ ଏକ କମିଟି ଗଠିତ ।

୧୩ । ୪ । ୮୧—ଅକାଲୀ ଦଳ ପକ୍ଷରୁ ଆନନ୍ଦପୁର ସାହିବ ପ୍ରସ୍ତାବକୁ ନିଜର ଦାବୀପତ୍ର ରୂପେ ଗ୍ରହଣ ।

ଫେବୃୟାରି ୨—ଆନନ୍ଦପୁର ସାହିବ ପ୍ରସ୍ତାବରେ ଥିବା ଧର୍ମସମ୍ବନ୍ଧୀୟ ଦାବୀଗୁଡ଼ିକୁ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଗ୍ରହଣ କରିନେଲେ ।

ଏପ୍ରିଲ-୪—ରାସ୍ତା ରୋକୋ ଆନ୍ଦୋଳନ ।

ଅଗଷ୍ଟ—୪—କାମ ରୋକୋ ଆନ୍ଦୋଳନ ।

ସେପ୍ଟେମ୍ବର ୩—୪—ନିର୍ମଳ ହୃଦୟୀ ଶିଖ ମାନଙ୍କର ସମ୍ମିଳନୀ ଆହ୍ୱାନ—ସନ୍ଥ ଭିନ୍ଦରନ୍ ୱାଲ୍ଙ୍କ ପକ୍ଷରୁ ।

ଅକ୍ଟୋବର—୬—ପଞ୍ଜାବରେ ରାଷ୍ଟ୍ରପତି ଶାସନଜାରି ।

ଅକ୍ଟୋବର—୭—ପଞ୍ଜାବ ଓ ଚଣ୍ଡୀଗଡ଼କୁ ଉପଦ୍ରୁତ ଅଞ୍ଚଳ ରୂପେ ଘୋଷଣା ।

ଅକ୍ଟୋବର—୨୩—ଆଞ୍ଚଳିକ ସୀମା ବିବାଦ ବିଷୟର ସମାଧାନ ପାଇଁ ପାଇଁ ଏକ ଟ୍ରିବୁନାଲ ଗଠନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ।

ଅକ୍ଟୋବର—୩୦—ଆକାଳୀ ଦଳ ପ୍ରଧାନ ମନ୍ତ୍ରୀଙ୍କ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ।

ନଭେମ୍ବର—୧୫—ଲୋକ ସଭାରେ ପଞ୍ଜାବ ସମସ୍ୟା ସମ୍ପର୍କରେ ବିତର୍କ ।

ନଭେମ୍ବର—୧୬—ପଞ୍ଜାବରେ ରାଷ୍ଟ୍ରପତି ଶାସନଜାରିକୁ ପାର୍ଲାମେଣ୍ଟର ଅନୁମୋଦନ ।

ନଭେମ୍ବର—୨୯—ଅକାଳୀ ଦଳ ପକ୍ଷରୁ ସରକାରଙ୍କୁ ଚରମପତ୍ର ପ୍ରଦାନ ।

୧୯୮୪—

ଜାନୁୟାରି—୧୭—ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ ଲାଗି ଅକାଳୀ ବ୍ୟବସ୍ଥାପକ ମାନଙ୍କ ବୈଠକ ।

ଜାନୁୟାରି—୨୬—ଅକାଳୀ ଦଳପକ୍ଷରୁ ନୂତନ କାର୍ଯ୍ୟକ୍ରମ ଘୋଷଣା ।

ଫେବୃୟାରି—ଦିଲ୍ଲୀ ବନ୍ଦ । ସମ୍ବିଧାନର ୨୫ ଧାରାର ନକଲ ପୋଡ଼ି ନୂଆଦିଲ୍ଲୀ ଓ ଚଣ୍ଡୀଗଡ଼ରେ ବିଖ୍ୟାତ ଆକାଳୀ ନେତାଙ୍କ କାରାବରଣ ।

ମାର୍ଚ୍ଚ—୪—ପଞ୍ଜାବ ସରକାର ଅମୃତସର, ଗୁରୁଦାସପୁର ଓ କପୁରଥାଲ ଜିଲ୍ଲାକୁ ଉପଦ୍ରୁତ ଅଞ୍ଚଳରୂପେ ଘୋଷଣା କଲେ ।

ପଞ୍ଜାବର—ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଦରବାରା ସିଂହଙ୍କୁ ତୃତୀୟଥର ପାଇଁ ହତ୍ୟାକରିବା ଉଦ୍ୟମ ବ୍ୟର୍ଥ । □

ସେହିଦିନ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରିହେଲା ଏବଂ ବିଧାନସଭାକୁ ସସ୍‌ପେଣ୍ଡ କରାଗଲା । ଅକ୍ଟୋବର ୭ ତାରିଖ ଦିନ ପଞ୍ଜାବ ଓ ଚଣ୍ଡୀଗଡ଼ କେନ୍ଦ୍ର ଶାସିତଅଞ୍ଚଳକୁ ଉପଦ୍ରୁତ ଅଞ୍ଚଳରୂପେ ଘୋଷଣା କରାଗଲା । ଏହା ପରେପରେ ପୂର୍ବତନ କ୍ୟାବିନେଟ ସେକ୍ରେଟେରୀ ତଥା ପଶ୍ଚିମ ବଙ୍ଗ ରାଜ୍ୟପାଳ ଶ୍ରୀ ପାଣ୍ଡେଙ୍କୁ ପଞ୍ଜାବ ରାଜ୍ୟପାଳ ରୂପେ ନିଯୁକ୍ତ କରାଗଲା ଏବଂ ଆକାଳୀ ଦଳ ଉଚ୍ଚ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ଏ ନିଷ୍ପତ୍ତିକୁ 'କଠୋର' ବୋଲି ଅଭିହିତ କଲେ ଏବଂ ସନ୍ଥ ଭିନ୍ଦରନ୍‌ୱାଲା ଶିଖମାନଙ୍କୁ ଏଥିରେ ଉତ୍ତେଜିତ ନ ହେବାକୁ ପରାମର୍ଶ ଦେଇ ପୂର୍ବରୁ ମୋଗଲ ସାମ୍ରାଜ୍ୟରେ ଶିଖ୍‌ମାନେ ଏହାଠାରୁ ଅଧିକ ନିର୍ଯ୍ୟାତନା ଭୋଗକରିଥିବା ମନେ ପକାଇ ଦେଇଥିଲେ ।

ହରିଆନାରେ ପ୍ରତିକ୍ରିୟା

ପଞ୍ଜାବରେ ଚରମପନ୍ଥୀ ମାନଙ୍କ ପକ୍ଷରୁ ହେଉଥିବା ହିଂସାକାଣ୍ଡର ପ୍ରତିକ୍ରିୟା ହରିଆନାରେ ସୃଷ୍ଟି ହୋଇଥିଲା । ଫଳରେ ସେଠାରେ ସଂଘର୍ଷ ଘଟି ୧୩ଜଣ ବ୍ୟକ୍ତି ଆହତ ହୋଇଥିଲେ । ଦେଶର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଶିଖ ମାନଙ୍କର ମଙ୍ଗଳପାଇଁ ଅକାଳୀ ନେତାମାନେ ପଞ୍ଜାବରେ ଶାନ୍ତି ପ୍ରତିଷ୍ଠା ଦିଗରେ ସହଯୋଗ କରନ୍ତୁ ବୋଲି ହରିଆନାର ମୁଖ୍ୟମନ୍ତ୍ରୀ ଏ ଘଟଣା ପରେ ପରେ ଆହ୍ୱାନ ଦେଇଥିଲେ । କିନ୍ତୁ ତାଙ୍କର ସେ ଆହ୍ୱାନର କୌଣସି ପ୍ରଭାବ ପଡ଼ିଲା ନାହିଁ ।

ଅକ୍ଟୋବର ୧୧ ତାରିଖ ଦିନ ଅକାଳୀମାନେ ଅମୃତସରରେ ଏକ ରୁଦ୍ଧ ଦ୍ୱାର ବୈଠକରେ ୪ଟି ପ୍ରସ୍ତାବ ଗ୍ରହଣ

(ଅବଶିଷ୍ଟାଂଶ ୩୮ ପୃଷ୍ଠାରେ)

ଶବ୍ଦ ଶୃଙ୍ଗାର 3

ଶ୍ରୀ ନିରଞ୍ଜନ ବେହେରା



ବାମରୁ ଡାହାଣକୁ — ୧-ଯଥାକ୍ରମେ ନାଟକ ଓ ଚଳଚ୍ଚିତ୍ର ହୋଇଥିବା ଏକ ଓଡ଼ିଆ ଉପନ୍ୟାସ, ୨-ସୂର୍ଯ୍ୟ, ୩-ଦଳପତିଙ୍କୁ ଅନ୍ଧାନୁସରଣ କରୁଥିବା ଏକ ପଶୁଗୋଷ୍ଠୀ, ୪-ସୂର୍ଯ୍ୟ, ୫-ଶିଳ୍ପଶାଳା, ୬-ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର, ୭-ପ୍ରତିକଥାରେ ହସୁଥିବା ବ୍ୟକ୍ତି, ୮-ସୁବିଧାବାଦ, ୯-ମିଷ୍ଟାନ୍ନ ପ୍ରସ୍ତୁତ କରିବା ଶସ୍ୟଚୂର୍ଣ୍ଣ, ୧୦ - ରାଜସଭା, ୧୧-ସମ୍ବାଦ ମନ୍ତ୍ର ।

ଉପରୁ ତଳକୁ — ୩-ଅଗ୍ରସରା ବିଶେଷ, ୧୨-ଯମ, ୧୩-ପନ୍ଦରୁ ହେଉଥିବା ଗଛ, ୧୪ – ଓଡିଶାର ସରକାରୀ କୁମ୍ଭୀର ଗୃହ କେନ୍ଦ୍ର, ୧୫-୧୯୬୨ରେ ଚୀନ ଦ୍ୱାରା ଆକ୍ରାନ୍ତ ଭାରତୀୟ ଘାଟୀ, ୧୬ - 'ଜୟ ଜଗତ' ଯେଉଁ ନେତାଙ୍କ ବାଣୀ, ୧୭-ସ୍ନେହ, ୧୮-କୃଷ୍ଣଙ୍କ ଦ୍ୱାରା ନିହତ ରାକ୍ଷସ, ୧୯-ଗଡ଼ଖାଇ, ୨୦-ଯିଏ ନାଗରା ବଜାଏ ।

ଜାଣନ୍ତି କି ?

୧ । ପ୍ରଥମ ଥୋମାସ କପ୍ ବ୍ୟାଡମିଣ୍ଟନ୍ ମ୍ୟାଚ କେବେ ହୋଇଥିଲା ?

୨ । ବାସ୍କେଟ୍ ବଲ ଖେଳରେ କେଉଁ ଅଞ୍ଚଳକୁ "କି" ବୋଲି କୁହାଯାଏ ?

୩ । ଭାରତରେ ଅନୁଷ୍ଠିତ ପ୍ରଥମ ଶ୍ରେଣୀୟ କେଉଁ କ୍ରିକେଟ ମ୍ୟାଚରେ ସବୁଠାରୁ ଅଧିକ ସ୍କୋର ହୋଇଥିଲା ?

୪ । କେଉଁ ଟେଷ୍ଟ ସିରିଜ୍‌ରେ ଭାରତ ପ୍ରତ୍ୟେକ ଟେଷ୍ଟରେ ୪୦୦ରୁ ଅଧିକ ରନ୍ କରିଥିଲା ?

୫ । ଏସୀୟ ଯୁବ ଫୁଟବଲ ଖେଳ ପାଇଁ ଖେଳାଳୀ ମାନଙ୍କ ବୟସ ସୀମା କେତେ ?

୬ । ବିଲିକିନ୍ କିଙ୍ଗ କେତେ ଥର ଓ୍ୱିମ୍ବିଲିଡ଼ନ୍ ସିଙ୍ଗଲ ଟାଇଟଲ ଲାଭ କରିଛନ୍ତି ?

୭ । ମ୍ୟାଟସ୍ ଓ୍ୱିଲାଣ୍ଡର (ସ୍ୱିଡେନ୍) ୟାନିକ୍ ନୋଆ (ଫ୍ରାନସ) ଓ ଓ ଜିମି ଏରିଆସ (ଆମେରିକା) ଙ୍କ ବୟସ କେତେ ?

୮ । ଲୁଇସ ଭିଲ କେଉଁ ସ୍ପୋର୍ଟର ଅପରାଜିତ ନାୟକ ?

୯ । 'ଲ ମାଦ୍ରିଦ୍' ରେସ୍ତୋରାଁ' କେଉଁଥି ପାଇଁ ବିଖ୍ୟାତ ?

୧୦ । ୯୯ ରନ୍ କରିବା ପରେ ଅଧିକାଂଶ କ୍ଷେତ୍ରରେ କିଏ ଉଇକେଟ୍ ହୋଇଛନ୍ତି ?

ଉତ୍ତର

(୧)—୧୯୪୮ – ୪୯, (୨)— ଖେଳାଳୀ ମାନଙ୍କ ଦ୍ୱାରା ଫ୍ରିଂ ଥ୍ରୋ ପାଇଁ ବ୍ୟବହୃତ ୬ ଫୁଟିଆ ଅର୍ଦ୍ଧବୃତ୍ତ (୩) ୯୧୨; ହୋଲକର ବନାମ ମହୀଶୂର ୧୯୪୫—୪୬ । (୪) ୧୯୫୫—୫୬ ରେ ନ୍ୟୁଜିଲାଣ୍ଡ ସହ ହୋଇଥିବା ଖେଳରେ

(ପର ପୃଷ୍ଠା ଦେଖନ୍ତୁ)

ଶବ୍ଦ ଶୃଙ୍ଗାର—୧୨ ଉତ୍ତର

ବାମରୁ ଡାହାଣକୁ—୧-ଧରକାର, ୨-ବକାସୁର, ୩-ଅମରାବତୀ, ୪-ଦେବର, ୫-ପରଜା, ୬-ନଈ, ୭-ଅପତ୍ର ୮-ଆକାଶ, ୯-ବରଡାଳ, ୧୦-ଚରମ-ଲିପି, ୧୧-କଳକା, ୧୨-ଆତୁଲା ।

ଉପରୁ ତଳକୁ—୧-ସରକମିନ, ୫-ପଶୁପତି, ୬-ଅଳଙ୍କାର, ୯-ବନଛା' ୧୦ - ଚକା, ୧୩-ଈଶ୍ବର, ୧୪-କାମଦେବ, ୧୫-ଡାହୁକ, ୧୬-ରାବଣାର, ୧୭-ବରକନିଆ, ୧୮ - ସୁନ୍ଦରଗଡ଼, ୧୯-ସୁନାପିଲା ।

Images: Aptakama Mishra, Processing: Srujanika

ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଭାରତ ବହୁ ପଛରେ

ରମାକାନ୍ତ ମିଶ୍ର

ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କର ଜୀବନ ଧାରଣର ମାନ ଉନ୍ନତ କରି ସମୃଦ୍ଧ ସମାଜ ଗଠନ କରିବାପାଇଁ ଯେଉଁ ସବୁ କିଛି ଯୋଜନା କରାଯାଇଥାଏ । ଲୋକ ମାନଙ୍କର ଅର୍ଥନୈତିକ ଓ ନୈତିକ ମାନ ବୃଦ୍ଧି କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ପରିବାର ନିୟନ୍ତ୍ରଣର ଭୂମିକା ବିଶେଷ ଉଲ୍ଲେଖ ଯୋଗ୍ୟ । ଭାରତ ଭଳି ଅନଗ୍ରସର ରାଜ୍ୟରେ ଯେଉଁଠି ଶତକଡ଼ା ୯୫ ଭାଗ ଲୋକଙ୍କପାଇଁ ଅବସର ବିନୋଦନର ଅନ୍ୟ କୌଣସି ବିକଳ୍ପ ନାହିଁ ସେଠାରେ ଲୋକସଂଖ୍ୟାର ଦ୍ରୁତବୃଦ୍ଧି ହେବା ସ୍ୱାଭାବିକ । କିନ୍ତୁ ଯେଉଁସବୁ ଉନ୍ନତ ରାଷ୍ଟ୍ରରେ ଜନସାଧାରଣଙ୍କର ଅବସର ବିନୋଦନ ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ଅଛି ସେଠାରେ ସ୍ୱତଃ ଜନସଂଖ୍ୟା ବୃଦ୍ଧିର ହାର ଅତିକମ୍ ହୋଇଥାଏ । କିନ୍ତୁ ଦେଶକୁ ଅନଗ୍ରସର ସ୍ତରରୁ ଉନ୍ନତ ସ୍ତରକୁ ଉଠାଇବାକୁ ହେଲେ ଲୋକସଂଖ୍ୟା ବୃଦ୍ଧିର ପରିମାଣ ହ୍ରାସକରିବା ଏକାନ୍ତ ଅପରିହାର୍ଯ୍ୟ ।

ଭାରତ ଏକ ଗଣତାନ୍ତ୍ରିକ ରାଜ୍ୟ ହୋଇଥିବାରୁ ଏଠାରେ ଚୀନ ଭଳି ଜବରଦସ୍ତ ପରିବାର ନିୟନ୍ତ୍ରଣ ଲାଗୁକରି ଜନସଂଖ୍ୟା ହ୍ରାସ କରିବା ସମ୍ଭବନୁହେଁ । ସେଥିପାଇଁ ଏଠାରେ ଲୋକେ ଯେପରି ସ୍ୱତଃ ପ୍ରବୃତ୍ତଭାବରେ ନିଜ ପରିବାରର ନିୟନ୍ତ୍ରଣ କରିବାକୁ ଆଗ୍ରହୀ ହେବେ ସେ ଦିଗରେ ବ୍ୟାପକ ଶିକ୍ଷାଦାନର ବ୍ୟବସ୍ଥା ହେବା ଆବଶ୍ୟକ ଏବଂ ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କିଛିଟା ସଫଳ ପଦକ୍ଷେପ ଅବଶ୍ୟ ନିଆଯାଇଛି । ତଥାପି ଏ କ୍ଷେତ୍ରରେ ଭାରତ କମ୍ୟୁନିଷ୍ଟ ଚୀନ ଏପରିକି ଇଣ୍ଡୋନେସିଆର ବହୁ ପଛରେ ପଡ଼ିଛି । ଚୀନର ସାମାଜିକ ବ୍ୟବସ୍ଥା ଭିନ୍ନ ହୋଇଥିବାରୁ ତାର ସଫଳତା ସହିତ ଅବଶ୍ୟ ଭାରତକୁ ତୁଳନା କରିବା ଭୁଲହେବ । କିନ୍ତୁ ଇଣ୍ଡୋନେସିଆ ତୁଳନାରେ ଭାରତ ପଛରେ ପଡ଼ିବା ବାସ୍ତବିକ ଅକ୍ଷମଣୀୟ ।

୧୯୮୧ ମସିହାର ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ସାଢ଼େ ୬୮ କୋଟି ହୋଇଥିଲା ଏବଂ ତା ପୂର୍ବ ଦଶବର୍ଷ ଭିତରେ ଶତକଡ଼ା ୨୫.୦ ହାରରେ ଜନସଂଖ୍ୟା ବୃଦ୍ଧି ପାଇଥିଲା । ଉପଯୁକ୍ତ ଚିକିତ୍ସା ଯୋଗୁ ଦେଶରେ ମୃତ୍ୟୁହାର କମିବା ଏବଂ ସନ୍ତାନ ଉତ୍ପନ୍ନ କ୍ଷମ ଦମ୍ପତିଙ୍କ ସଂଖ୍ୟା ବୃଦ୍ଧିଯୋଗୁ ଜନସଂଖ୍ୟା ହାରର ଦ୍ରୁତବୃଦ୍ଧି ହେଉଛି । କିନ୍ତୁ ସରକାରୀ ଲକ୍ଷ୍ୟ ଅନୁଯାୟୀ ୨୦୦୦ ଶତାବ୍ଦି ବେଳକୁ ଭାରତରେ ଶିଶୁମାନଙ୍କ ଜନ୍ମହାର ହଜାର ପିଛା ୨୧ ଜଣ ଏବଂ ଲୋକଙ୍କ ମୃତ୍ୟୁ ସଂଖ୍ୟା ହଜାର ପିଛା ୯୦କୁ କମାଯିବା ଆବଶ୍ୟକ । କିନ୍ତୁ ତାହା ସମ୍ଭବ ହେବ କିପରି ?

ଏକ ଗବେଷଣାରୁ ଜଣାଯାଏ ଯେ ୧୯୮୩ ମସିହା ମାର୍ଚ୍ଚମାସ ସୁଦ୍ଧା ଇଣ୍ଡୋନେସିଆର ସବୁଠାରୁ ଜନବହୁଳ ଦ୍ୱୀପ ଜାଭାରେ ୧୫ରୁ ୪୪ ବର୍ଷବୟସ୍କ ମହିଳାମାନଙ୍କ ଭିତରୁ ଶତକଡ଼ା ୫୦ ଜନ୍ମ ନିୟନ୍ତ୍ରଣ ପାଇଁ କଣ୍ଟ୍ରାସେପ୍ଟିଭ୍ ବା ଜନ୍ମ ନିରୋଧକ ବଟିକା ବ୍ୟବହାର କରୁଥିଲେ । ଅବଶ୍ୟ ସମଗ୍ର ଦେଶରେ ସେହି ବୟସ ସୀମାର ମହିଳାମାନଙ୍କ ମଧ୍ୟରୁ ଶତକଡ଼ା ୩୯ଭାଗ ଏହି ବଟିକା ବ୍ୟବହାର କରୁଥିଲେ । କିନ୍ତୁ ଭାରତ ବର୍ଷରେ ୧୯୮୨–୮୩ ମସିହାରେ ମାତ୍ର ଶତକଡ଼ା ୨୬ଭାଗ ମହିଳା ଏହି ଔଷଧ ବ୍ୟବହାର କରୁଥିବା ପ୍ରକାଶ । ଇଣ୍ଡୋନେସିଆ ତୁଳନାରେ ଭାରତରେ ମୁଣ୍ଡପିଛା ଚିକିତ୍ସକଙ୍କ ସଂଖ୍ୟା ତିନିଗୁଣ ଅଧିକ ହୋଇଥିଲେ ବି ଏଠାରେ ସେହି କାର୍ଯ୍ୟକ୍ରମ ଫଳପ୍ରଦ ହୋଇ ପାରୁନାହିଁ । ଏଥିପାଇଁ ରାଜନୈତିକ ନେତୃତ୍ୱ ପରିବର୍ତ୍ତେ ପ୍ରଶାସନିକ ନେତୃତ୍ୱକୁ ଅଧିକ ପରିମାଣରେ ଦାୟୀ କରାଯାଇ ପାରେ ।

ଇଣ୍ଡୋନେସିଆରେ ଜନ୍ମ ନିୟନ୍ତ୍ରଣ ପାଇଁ ଯେଉଁସବୁ ଉଦ୍ୟମ ହେଉଛି ତାର ସୁଫଳ ଲୋକଙ୍କ ଉପରେ ପଡ଼ିବାର

(ଅବଶିଷ୍ଟାଂଶ ୩୯ ପୃଷ୍ଠାରେ)

---

(୫) ୨୦ ବର୍ଷରୁ କମ୍ (୬) ୧୯୬୨ ଓ ୧୯୭୫ ମଧ୍ୟରେ ୬ଥର (୭) ଓ୍ୱାଲଣ୍ଡର ଓ ଏରିଆନ୍ଙ୍କ ବୟସ ୧୯ବର୍ଷ ଲେଖାଁ ଏବଂ ନୋଆ ଉଭୟଙ୍କ ଠାରୁ ୪ବର୍ଷ ବଡ଼ (୮) ମହମ୍ମଦ ଅଲ୍ଲୀ (୯) ଟୁର୍ ଡ୍ ଫ୍ରାନ୍ସ୍ (ଏହି ଚନ୍ଦାଧାରା ଏହି ରେସ୍ତୋରାଁରେ ୧୯୦୨ ମସିହାରେ ଜନ୍ମଲାଭ କରିଥିଲା । ସେହିଦିନ ହେନରି ଡେସ୍ ଗ୍ରେନ୍ ଓ ଜିଓ ଲେଫେଭ୍ରେ ଏକ ମଧ୍ୟାହ୍ନ ଭୋଜନରେ ଏକତ୍ର ବସି ଆଲୋଚନା କରୁଥିବା ବେଳେ ଏହି-କଥା ମୁଣ୍ଡକୁ ଢୁକିଥିଲା । (୧୦) ମାଇକ୍ ସ୍ମିଥ୍ ଓ ଜିଓଫ ବୟ୍କଟ (ଇଂଲଣ୍ଡର) ଉଭୟେ ୯୯ ରନ୍ ବେଳେ ୨ ଟି ଅବକାଶରେ ଉପନିସ୍ ହୋଇଥିଲେ ।

Images: Aptakama Mishra, Processing: Srujanika

କରିଥିଲେ । ଗୋଟିଏ ପ୍ରସ୍ତାବରେ ଅକାଳୀ ମାନଙ୍କ ଦାବୀ ତଥା ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷାକରିବା ପାଇଁ ବିରୋଧୀ ଦଳ ମାନଙ୍କର ଏକ ବୈଠକ ଡାକିବାକୁ ସ୍ଥିରହେଲା ଏବଂ ଅନ୍ୟ ଏକ ପ୍ରସ୍ତାବରେ ଆକାଳୀ ଦଳ ତାଙ୍କର ପୂର୍ବ ଆନ୍ଦୋଳନ ଚାଲୁ ରଖିବାକୁ ସ୍ଥିର କଲେ । ଏହାର ୫ଦିନ ପରେ କେନ୍ଦ୍ର ସରକାର ଅନ୍ୟ ଏକ ଅଧ୍ୟାଦେଶ ବଳରେ ଚରମପନ୍ଥୀ ମାନଙ୍କୁ ଜବତ କରିବା ନିମନ୍ତେ ସଶସ୍ତ୍ର ବାହିନୀକୁ କେତେକ ଅତିରିକ୍ତ କ୍ଷମତା ପ୍ରଦାନ-କଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ସନ୍ଥ ଲଙ୍ଗୋୱାଲ୍ ନିଜର ପ୍ରତିକ୍ରିୟା ପ୍ରକାଶ କରି ଦକ୍ଷିଣ ଆଫ୍ରିକାରେ କଳା ଲୋକଙ୍କ ପ୍ରତି ହେଉଥିବା ବ୍ୟବହାର ଅନୁରୂପ ଶିଖ ମାନଙ୍କୁ ବ୍ୟବହାର କରା ଯାଉଛି ମତ ଦେଇଥିଲେ । ଏହିଭଳି ବାଦ ବିସମ୍ବାଦ ଚାଲିଥିବା ବେଳେ ଅକ୍‌ଟୋବର ୨୩ ତାରିଖ ଦିନ ୫ଟି ବିରୋଧୀ ଦଳକୁ ନେଇ ଗଠିତ ମିଳିତ ସାମ୍ମୁଖ୍ୟ ପଞ୍ଜାବ ସମସ୍ୟା ସମ୍ପର୍କରେ ତ୍ରିପକ୍ଷୀୟ ଆଲୋଚନା ଆରମ୍ଭ କରିବାକୁ ପରାମର୍ଶ ଦେଲେ ଏବଂ ଆକାଳୀଦଳକୁ ଅସ୍ଥାୟୀ ଭାବେ ଆନ୍ଦୋଳନ ବନ୍ଦ ରଖିବାକୁ ନିବେଦନ କଲେ । କିନ୍ତୁ ତା ପରଦିନ ଆକାଳୀ ଦଳ ପକ୍ଷରୁ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରାଗଲା । କିନ୍ତୁ ଅବଶ୍ୟ ସେହିଦିନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପି. ସି. ସେଠୀ ପୁନର୍ବାର ଅଲୋଚନା ଆରମ୍ଭ କରିବାକୁ କେନ୍ଦ୍ର ରାଜିବୋଲି ଘୋଷଣା କଲେ । ସେହି ମାସ ୨୮ତାରିଖ ଦିନ ଚଣ୍ଡୀଗଡ଼ରେ କଂଗ୍ରେସ କର୍ମୀ ମାନଙ୍କର ଏକ ସମାବେଶରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ସୂଚନା ଦେଲେ ଯେ ଆବଶ୍ୟକ ହେଲେ ଆଞ୍ଚଳିକ ବିବାଦ ବିଷୟ ଆଲୋଚନା କରିବା ନିମନ୍ତେ ପୁଣି ଏକ ଟ୍ରିବ୍ୟୁନାଲ ଗଠନ କରାଯାଇ ପାରେ । ଏହି ଟ୍ରିବ୍ୟୁନାଲ ଚଣ୍ଡୀଗଡ଼ ଓ ଅନ୍ୟାନ୍ୟ ଅଞ୍ଚଳ ବିଷୟରେ ସ୍ୱାନ ପର୍ଯ୍ୟାଲୋଚନା କରିବେ । କିନ୍ତୁ ସନ୍ଥ ଲଙ୍ଗୋୱାଲ୍ ପ୍ରଧାନ ମନ୍ତ୍ରୀଙ୍କ ଏହି ପ୍ରସ୍ତାବ ଖାରଜ-କରିଦେଲେ । ସେ ଯୁକ୍ତି କଲେ ଯେ ଚଣ୍ଡିଗଡ଼ ପଞ୍ଜାବ ପାଇଁ ତିଆରି ହୋଇ-ଥିଲା ଆବୋହର ଏବଂ ଫଜିଲକା ଅଞ୍ଚଳ ପଞ୍ଜାବ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ଏ ବିଷୟରେ ସ୍ୱାନ ବିଚାରର ପ୍ରଶ୍ନ ଉଠୁନାହିଁ ।

ଏହିଭଳି ସଙ୍କଟ ଜନକ ପରିସ୍ଥିତି ଭିତରେ ପଞ୍ଜାବ ସମସ୍ୟା ଗତି କରୁଥିବା ବେଳେ ନଭେମ୍ବର ମାସରେ ଅକାଳି ଦଳ ଭିତରେ ବିଭେଦ ସୃଷ୍ଟି ହୋଇ-ଥିବାର ସୂଚନା ମିଳିଲା ।

ଏହି ବିଭେଦ ନଭେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ବେଶ ଘନୀଭୂତ ହେଲା ଏବଂ ଏହା ସନ୍ଥ ଲଙ୍ଗୋୱାଲ୍ ଏବଂ ଭିନ୍ଦ୍ରାଓ୍ୱାଲିଙ୍କ ନେତୃତ୍ୱରେ ଦୁଇଟି ବିବଦ-ମାନ ଗୋଷ୍ଠୀରେ ପରିଣତ ହେଲା ।

ଇତି ମଧ୍ୟରେ ଚରମ ପନ୍ଥିମାନେ ୧୮ ତାରିଖ ଦିନ ଏକ ବସ୍ ହରଣକରି-କରି ସେଥିରେ ଥିବା ୪ ଜଣ ହିନ୍ଦୁ ଯାତ୍ରୀଙ୍କୁ ହତ୍ୟା କଲେ ଏବଂ ଏହାର ପ୍ରତିବାଦରେ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ବନ୍ଦ ପାଳନ କରାଗଲା ଏବଂ ଏହି ବନ୍ଦକୁ ସନ୍ଥ ଲଙ୍ଗୋୱାଲ୍ ସମର୍ଥନ କଲେ । ନିରଙ୍କାରି ବାବା ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ବୋଲି ସନ୍ଦେହ କରାଯାଉଥିବା ରଣଜିତ୍ ସିଂହଙ୍କୁ ଦିଲ୍ଲୀରେ ୧୪ ତାରିଖ ଦିନ ଗିରଫ କରାଗଲା ପରେ ଏ ଗିରଫ-ଦାରୀ ପଛରେ ସନ୍ଥ ଲଙ୍ଗୋୱାଲ ଗୋଷ୍ଠୀର ହାତ ରହିଛି ବୋଲି ସନ୍ଥ ଭିନ୍ଦରନ୍‌ୱାଲା, ଓ ଶିଖ୍ ଛାତ୍ରସଂଘ ସନ୍ଦେହ କଲେ । ନଭେମ୍ବର ୨୬ ଓ ୨୭ ତାରିଖ ଦିନ ଶିଖ୍ ବୁଦ୍ଧିଜୀବୀ ମାନଙ୍କର ଏକ ସମ୍ମିଳନୀ ଲୁଧିଆନାରେ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଶିଖ୍ ଦେଶ ଗଠନ ଦାବୀକୁ ନିନ୍ଦା କରାଯାଇ ତା ପରିବର୍ତ୍ତେ ଶିଖ-ମାନଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯିବାକୁ ନିବେଦନ କରାଗଲା । କିନ୍ତୁ ସେହି ମାସ ୨୯ ତାରିଖରେ ଅକାଳି ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଏକ ଚରମ ପତ୍ର ଦିଆଯାଇ ଜାନୁୟାରୀ ୨୬ ତାରିଖ ମୁଦ୍ଧା ସେମାନଙ୍କ ଦାବୀ ପୂରଣ ନ କଲେ ଆକାଳୀ ଦଳ ପକ୍ଷରୁ ନୂତନ କାର୍ଯ୍ୟ ପନ୍ଥା ଗ୍ରହଣ କରାଯିବ ବୋଲି ଧମକ ଦିଆଗଲା ।

ଭବିଷ୍ୟତ କର୍ମପନ୍ଥା ସ୍ଥିର କରି-ବାକୁ ସନ୍ଥ ଲଙ୍ଗୋୱାଲ୍ ଜାନୁଆରୀ ୧୬ ତାରିଖ ଦିନ ସବୁ ଶିଖ୍ ବିଧାୟକ ମାନଙ୍କର ଏକ ବୈଠକ ଡକାଇଲେ ଏବଂ ସନ୍ଥ ଭିନ୍ଦରନ୍‌ୱାଲଙ୍କ ସହ ପରାମର୍ଶ କରିବା ପରେ ଫେବ୍ରୁଆରୀ ୨୭ ତାରିଖରୁ ସମ୍ବି-ଧାନର ୨୫ ଧାରାକୁ ଦଳର ପାଞ୍ଚଜଣ ଶୀର୍ଷ ନେତା ପୋଡ଼ିବା ଆରମ୍ଭ କରିବେ ବୋଲି ଘୋଷଣା କରାଗଲା । ସମ୍ବିଧାନ ର ଉକ୍ତ ଧାରା ଧର୍ମନିରପେକ୍ଷତା ନାମରେ ଶିଖ ମାନଙ୍କୁ ମୂଳ ପୋଛ କରିବା ଲାଗି ଉଦ୍ଦିଷ୍ଟ ବୋଲି ବର୍ଣ୍ଣନା କରାଗଲା । ଏହି ସମ୍ବିଧାନ ପୋଡ଼ି ପରେ ଅକାଳୀ ଦଳ-ପକ୍ଷରୁ ନୂତନ କର୍ମପନ୍ଥା ଗ୍ରହଣ କରାଯିବ ବୋଲି ମଧ୍ୟ ସେ ଘୋଷଣା କଲେ ।

କିନ୍ତୁ ଅକାଳୀ ଦଳର ଏହି କର୍ମପନ୍ଥାକୁ ସନ୍ଥ ଭିନ୍ଦରନ୍‌ୱାଲ୍ ନାପସନ୍ଦ କରି ଶିଖ ମାନଙ୍କ ମଧ୍ୟରେ ଅହିଂସା ପାଇଁ ଯୁକ୍ତି କରୁ-ଥିବା ଲୋକେ ପ୍ରକୃତରେ ଶିଖ ଇତିହାସ ଭୁଲିଯାଇଛନ୍ତି ବୋଲି ମତଦେଲେ । ଏହାଛଡ଼ା ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କୁ ସାମୁହିକ ଭାବେ ହତ୍ୟା କରିବା ପାଇଁ ବହୁସଂଖ୍ୟାରେ ମଟର ସାଇ-କେଲ ଓ ଅସ୍ତ୍ରଶସ୍ତ୍ର କିଣିବାକୁ ସେ ପରାମର୍ଶ ଦେଇଥିଲେ ।

ତାଙ୍କର ଏହି ପରାମର୍ଶକୁ ସନ୍ଥ ଲଙ୍ଗୋୱାଲ୍ ଗ୍ରହଣ ନ କରି ସନ୍ଥ ଭିନ୍ଦର-ନ୍‌ୱାଲଙ୍କ ମଧ୍ୟରେ ଏହି ମୌଳିକ କଥାକୁ ଭିତ୍ତିକରି ତାଙ୍କର ମତଭେଦ ହୋଇଥିବା ସେ ସ୍ୱୀକାର କରିଥିଲେ ବୋଲି ସମ୍ବାଦ ପତ୍ର ମାନଙ୍କରେ ପ୍ରକାଶ

Images: Aptakama Mishra, Processing: Srujanika

ପାଇଥିଲା । କିନ୍ତୁ ତା ପରଦିନ ଉଭୟ ସନ୍ଥ ଏମିର କିଛି କହିଥିବା ଅସ୍ୱୀକାର କରିଥିଲେ ।

ଫେବୃଆରୀ ୪ ତାରିଖରୁ ଅକାଳୀ ଦଳ ସହ ପୁଣି ଥରେ ଆପୋଷ ଆଲୋଚନା କରିବାକୁ କେନ୍ଦ୍ର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା ଏବଂ ନୂଆଦିଲ୍ଲୀରେ ୧୦ ତାରିଖ ଦିନ ଆଲୋଚନା ଆରମ୍ଭ ହେବା ପରେ ପରେ ପଞ୍ଜାବର ବିଭିନ୍ନ ସହର ମାନଙ୍କରେ ସଂଘର୍ଷ ଘଟି ୧୩ ଜଣ ନିହତ ଓ ୧୦୦ ଜଣ ଆହତ ହେବାରୁ ଏ ଆଲୋଚନା ବନ୍ଦ ରହିଲା । ପଞ୍ଜାବ ହିନ୍ଦୁ ସଙ୍ଗଠନ ଓ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ମିଳିତ ଭାବରେ ବନ୍ଦ ପାଳନର ଆହ୍ୱାନ ଦିଆଯାଇଥିବା ବେଳେ ଏ ସଂଘର୍ଷ ଘଟିଥିଲା । କିନ୍ତୁ ଏ ବନ୍ଦ ହରିଆଣା ଓ ହିମାଚଳ ପ୍ରଦେଶରେ ଅଭୂତପୂର୍ବ ଭାବରେ ସଫଳ ହୋଇଥିଲା ।

ଫେବୃଆରୀ ୧୮ ତାରିଖ ଦିନ ଅକାଳୀ ଦଳ ନେତା ସନ୍ଥ ଲଙ୍ଗୱାଲ ଘୋଷଣା କଲେ ଯେ ତାଙ୍କ ଦଳ କେନ୍ଦ୍ର ସରକାରଙ୍କ ସହ ଆଉ କୌଣସି ପ୍ରକାରର ଆଲୋଚନାରେ ଭାଗ ନେବେ ନାହିଁ । ଠିକ୍ ଏହା ପରେ ପରେ ଦଳର ୨୭ ଜଣ ତୁଙ୍ଗ ନେତାଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି ଏବଂ ଇତିମଧ୍ୟରେ ଚରମପନ୍ଥୀ ମାନଙ୍କ କାର୍ଯ୍ୟ କଳାପ କ୍ରମେ ବୃଦ୍ଧି ପାଇବାରେ ଲାଗିଛି । □

(୩୭ ପୃଷ୍ଠାର ଅବଶିଷ୍ଟାଂଶ)

ଏକମାତ୍ର କାରଣ ହେଉଛି ସେଠାରେ ଶିକ୍ଷିତଙ୍କ ସଂଖ୍ୟା ଅଧିକ ତେଣୁ ପରିବାର ନିୟନ୍ତ୍ରଣର ଅର୍ଥନୈତିକ ଆବଶ୍ୟକତା ସମ୍ପର୍କରେ ସେମାନେ ଅଧିକ ସଚେତନ ସେଠାରେ ମୁସଲମାନ ମାନେ ସଂଖ୍ୟା ଗରିଷ୍ଠ ହୋଇଥିବା ସତ୍ତ୍ୱେ ଯେପରି ଭାବେ ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ଅର୍ଜନ କରାଯାଇ ପାରୁଛି ଅନ୍ୟାନ୍ୟ ମୁସଲମାନ ଦେଶ ବିଶେଷ କରି ବହୁସଂଖ୍ୟକ ମୁସଲମାନ ଥିବା ଭାରତ ବର୍ଷରେ ତାହା ବିଶେଷ ଭାବେ ଅନୁକରଣୀୟ । ଧର୍ମର ଦୋହାଇ ଦେଇ କୌଣସି ସମ୍ପ୍ରଦାୟର ଲୋକ ପରିବାର ନିୟନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବା ଓ ଅର୍ଥନୈତିକ ତଥା ସାମାଜିକ ଦୃଷ୍ଟିକୋଣରୁ ଏକ ଗର୍ହିତ କାର୍ଯ୍ୟ ଏକଥା ଅବଶ୍ୟ ସମସ୍ତେ ସ୍ୱତଃ ହୃଦୟଙ୍ଗମ କରିବା ଉଚିତ ।

ଇଣ୍ଡୋନେସିଆର ଉଦ୍ୟମ ଫଳରେ ୧୯୬୫—୭୦ରୁ ୧୯୭୫ ଭିତରେ ଜନ୍ମହାର ଶତକଡ଼ା ୨୪ଭାଗ କମିଯାଇଛି । କିନ୍ତୁ ଭାରତରେ ଜନସଂଖ୍ୟା ବୃଦ୍ଧି ହାର ମାତ୍ର ଶତକଡ଼ା ୧୯ଭାଗ କମିଥିଲା । ଅବଶ୍ୟ ସେ ସମୟ ଭିତରେ ଚୀନରେ ଏହା ଶତକଡ଼ା ୪୦ ଭାଗ କମିଥିଲା ।

୧୯୮୦ ମସିହା ସୁଦ୍ଧା ଇଣ୍ଡୋନେସିଆର ଶିକ୍ଷିତ ସଂଖ୍ୟା ଶତକଡ଼ା ୬୨ ଭାଗ ହୋଇଥିବା ବେଳେ ସେତିକବେଳେ ଭାରତରେ ଶିକ୍ଷିତଙ୍କ ସଂଖ୍ୟା ଥିଲା ଶତକଡ଼ା ୩୬ । ଏହାଛଡ଼ା ସେ ଦେଶରେ ସେତିକ ସମୟ ଭିତରେ ଶତକଡ଼ା ୯୧ ଭାଗ ଝିଅ ସ୍କୁଲରେ ନାମ ଲେଖାଇଥିବା ବେଳେ ଭାରତରେ ତାର ସଂଖ୍ୟା ଥିଲା ମାତ୍ର ଶତକଡ଼ା ୭୧ । ଏଥିରୁ ଶିକ୍ଷା ଯେ ଏ କ୍ଷେତ୍ରରେ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ତାହା ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇପାରେ ।

ଅବଶ୍ୟ ଏହି ଲକ୍ଷ୍ୟ ହାସଲ ଦିଗରେ ଭାରତରେ ଆବଶ୍ୟକୀୟ ଉତ୍ସାହ ସୃଷ୍ଟି ହୋଇପାରିଛି ବୋଲି ଯୋଜନା ଭବନ ପକ୍ଷରୁ ଦାବୀ ହେଉଛି । ଏବଂ ସେମାନଙ୍କ ଯୋଜନା ଅନୁଯାୟୀ ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ପ୍ରତ୍ୟେକ ଗ୍ରାମ ପାଇଁ ଜଣେ ସ୍ୱାସ୍ଥ୍ୟ ସେବକ ନିଯୁକ୍ତ ହୋଇ ସାରିଥିବେ ଏବଂ ପ୍ରତ୍ୟେକ ଗ୍ରାମକୁ ଜଣେ ଲେଖାଏ ଧାଈ ଯୋଗାଇ ଦିଆଯିବ ଯିଏକି ପରିବାର ନିୟନ୍ତ୍ରଣ ସମ୍ପର୍କରେ ସମୁଚିତ ଶିକ୍ଷା ଦେଇପାରିବା ସଙ୍ଗେ ସଙ୍ଗେ ପ୍ରସୂତି ସମ୍ପର୍କୀୟ କେତେକ ଚିକିତ୍ସା ମଧ୍ୟ କରିପାରିବ । ପ୍ରତି ୫ ହଜାର ଗ୍ରାମବାସୀଙ୍କ ପାଇଁ ଗୋଟିଏ ଲେଖା ସ୍ୱାସ୍ଥ୍ୟ ଉପକେନ୍ଦ୍ର ବ୍ୟବସ୍ଥା କରି ସେଠାରେ ଲୁପ୍ ପ୍ରଭୃତି ପ୍ରୟୋଗ କରିବାର ମଧ୍ୟ ସମୁଚିତ ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାସାକ୍ଟୋମି ଅପରେସନର ବ୍ୟବସ୍ଥା ରହିବ ବୋଲି ଯୋଜନା ହୋଇସାରିଛି, କିନ୍ତୁ ଏ ସବୁର ସଫଳତା ନିର୍ଭର କରିବ ଶିକ୍ଷା ଉପରେ । ଏବଂ ଧର୍ମଗତ ମତାନ୍ଧତାର ଊର୍ଦ୍ଧ୍ୱରେ ରହି ଏକ ଦୃଢ଼ ନିଶ୍ଚିତ ପଦକ୍ଷେପ ଗ୍ରହଣ କଲେ ଭାରତରେ ଏହା ନିଶ୍ଚିତ ଭାବେ ସଫଳ ହେବ । □

ରେଖା

ଅନନ୍ତ ପାଇ   ଅଜିତ ବୈଶକର

Images: Aptakama Mishra, Processing: Srujanika

ଅମର ଚିତ୍ର କଥା

କୌତୁକ ବିହାର

ନଂ ୩

• କାହାକୁ ପୁର୍ତ୍ତଗୀଜ ଯୁଦ୍ଧ ମଣିଷ କୁହା ଯାଏ ?



ପ୍ରଥମ ଓ ଦ୍ୱିତୀୟ ଚିତ୍ର ମଧ୍ୟରେ ଥିବା ୬ଟି ପାର୍ଥକ୍ୟ ଦର୍ଶାଅ ।

WIN A HUNDRED PRIZES!

THE FIRST 100 CORRECT ENTRIES RECEIVED AT THE FOLLOWING ADDRESS WILL EACH RECEIVE A COPY OF AMAR CHITRA KATHA

FEMINA-AMAR CHITRA KATHA FUN-LAND
POST BOX NO. 17018, BOMBAY – 400 028

SOLUTION TO WORD-MAZE NO. 2.

M	A	L	O	G	A	R	N	E	T
B	T	O	P	A	Z	I	D	A	T
A	P	E	A	R	L	M	E	N	U
J	L	O	L	U	E	N	E	A	R
F	A	V	E	B	K	A	M	D	Q
L	Y	S	O	Y	U	I	E	A	U
H	S	A	P	P	H	I	R	E	O
I	M	A	K	E	I	N	A	D	I
N	A	K	A	N	R	A	L	A	S
A	D	I	A	M	O	N	D	M	E

WORD-MAZE NO. 3.

I	R	O	N	T	O	O	L	S	M
W	H	A	T	E	F	I	R	E	O
V	E	R	W	I	W	L	L	B	N
O	E	B	L	L	I	H	W	E	E
W	R	I	T	I	N	G	E	L	Y
C	L	O	T	H	I	N	G	E	E
U	P	A	P	E	R	S	O	V	L
R	S	I	S	N	O	T	T	E	E
C	A	L	E	N	D	A	R	R	Q
P	R	I	N	T	I	N	G	E	U

◀ HIDDEN IN THIS WORD-MAZE ARE THE NAMES OF WHAT WE CONSIDER, THE TEN MOST IMPORTANT INVENTIONS OF THE ANCIENT WORLD.

RULES:

1) EVERY LETTER IN THE WORD-MAZE NEED NOT BE USED.
2) WORDS CAN BE FORMED IN ANY ONE OF THE FOLLOWING DIRECTIONS — VERTICAL, HORIZONTAL OR DIAGONAL.
3) A LETTER CAN BE USED MORE THAN ONCE.
4) ENTRIES MUST BE SENT IN THIS FORM.

(ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ବାଜେଟରେ ହାରାହାରି ପ୍ରାୟ ଏକଶହକୋଟି ଟଙ୍କାର କାମ ହେଉଥିବାରୁ ଗତ ତିନିବର୍ଷ ଭିତରେ କେବଳ ବର୍ଷି ବାବଦରେ ଶ୍ରୀ ପଟ୍ଟନାୟକ ପ୍ରାୟ ୬ କୋଟି ଟଙ୍କା ଆଦାୟ କରିଛନ୍ତି ।

ସମସ୍ତଙ୍କ ସହ ଉତ୍ତମ ସମ୍ପର୍କରଖି ଅତି ଭଦ୍ର ଭାବରେ ବ୍ୟବହାର କରୁଥିବା ଏହି ଧୂର୍ତ୍ତ ବ୍ୟକ୍ତି ଜଣକ ସବୁଠାରୁ ବେଶି ଦୁର୍ନୀତି ପରାୟଣ ହୋଇଥିଲେ ମଧ୍ୟ ଲୋକ ଲୋଚନକୁ ତାଙ୍କ କାର୍ଯ୍ୟ କଳାପ ଆସିପାରିନାହିଁ ବୋଲି ଉକ୍ତ ସ୍ମାରକ ପତ୍ରରେ କୁହାଯାଇଛି । ଏହାଛଡ଼ା ନିଜର ସବୁ ଆତ୍ମୀୟସ୍ୱଜନଙ୍କ ନାମରେ ଶ୍ରୀ ପଟ୍ଟନାୟକ ଓଡ଼ିଶା ସରକାରଙ୍କୁ ସବୁ ଦ୍ରବ୍ୟ ସପ୍ଲାଇ କରିବାରେ ଲାଗିଛନ୍ତି ଏବଂ ଜଣେ ମହାଯୋଗୀଙ୍କ ନାମରେ ନାମିତ ଏକ ନିର୍ମାଣ ସଂସ୍ଥା ଜରିଆରେ ମଧ୍ୟ ତାଙ୍କର ଠିକାଦାରୀ କାର୍ଯ୍ୟ ଚାଲିଛି ।

ସୁହାଗୀ ଜଳସେଚନ ଯୋଜନା କାର୍ଯ୍ୟପାଇଁ ମଗାଯାଇଥିବା ଟେଣ୍ଡରରେ ନିମ୍ନତମ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟ ଦିଆନଯାଇ ତାଠାରୁ ୪୦ ଲକ୍ଷ ଟଙ୍କା ଅଧିକ ଟେଣ୍ଡର ଦେଇଥିବା ଠିକାଦାରଙ୍କୁ କିପରି ଏ କାର୍ଯ୍ୟ ଦିଆଗଲା ତାହାର ସବିଶେଷ ତଦନ୍ତ ହେଉବୋଲି ସେଥିରେ ଦାବୀ କରାଯାଇଛି । ଏହାଛଡ଼ା ଶ୍ରୀ ପଟ୍ଟନାୟକଙ୍କୁ ହାତଗୁଞ୍ଜା ଦେଇପାରୁ ନଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ନିଜର ଠିକାଦାରୀ ଲାଇସେନସ ବାତିଲ କରିଦେଲେଣି ଏବଂ ଏଭଳିଭାବେ କାର୍ଯ୍ୟ ଚାଲିଲେ ଓଡ଼ିଶାରେ ହେଉଥିବା ସମସ୍ତ ଜଳ-ସେଚନ କାର୍ଯ୍ୟ ଅନ୍ୟାୟ ଅର୍ଥ ଉପାର୍ଜନର ଏକ ସୁଗମପନ୍ଥାରେ ପରିଣତ ହେବବୋଲି ସେଥିରେ ସତର୍କ କରିଦିଆଯାଇ ପ୍ରଧାନ ମନ୍ତ୍ରୀ ତାଙ୍କ ନିଜ ଲୋକଙ୍କ ଜରିଆରେ ତୁରନ୍ତ ଏ ସଂପର୍କରେ ଅନୁସନ୍ଧାନ କରନ୍ତୁ ବୋଲି ଉକ୍ତ ସ୍ମାରକ ପତ୍ରରେ ନିବେଦନ କରାଯାଇଛି । □

ଖାରବେଳ

ଅପମିଶ୍ରଣ ଜାଣିବାର ସହଜ ଉପାୟ

ମୁନଫାଖୋର ବ୍ୟବସାୟୀମାନେ ଶୀଘ୍ର ଧନ ଉପାର୍ଜନ ପାଇଁ ଖାଦ୍ୟ-ସାମଗ୍ରୀରେ ଶସ୍ତା ସାମଗ୍ରୀ ମିଶାଇ ଅପ-ମିଶ୍ରଣ କରିବା ଏକ ସାଧାରଣ ଘଟଣା ହେଲାଣି । କିନ୍ତୁ ଏହାକୁ ସହଜ ଓ ସରଳ-ଭାବେ ପ୍ରତିହତ କରାଯାଇ ପାରିବ ।

ଉଦାହରଣ ସ୍ୱରୂପ ଘିଅ ଏବଂ ଲହୁଣୀରେ ବନସ୍ପତି ଓ ଚର୍ବି ମିଶାଯାଇ ଏଗୁଡ଼ିକୁ ଅପମିଶ୍ରଣ କରାଯାଏ । ଯଦି କିଣାଯାଇଥିବା ଘିଅ କିମ୍ବା ଲହୁଣୀ ଅପମିଶ୍ରଣ ହୋଇଥିବା ସନ୍ଦେହହୁଏ ତେବେ ସେଥିରୁ ଏକ ଚାମଚ ନେଇ ତାକୁ ତରଳାଅ । ଏଥିରେ ୫ ମିଲି-ଲିଟର ହାଇଡ୍ରୋକ୍ଲୋରିକ୍ ଏସିଡ଼ ଏବଂ କିଛି ଚିନି ପକାଅ । ଯଦି ଏସିଡ଼ର ଆସ୍ତରଣ କ୍ରମଶଃ ଲାଲ ହୁଏ ତେବେ ସେଥିରେ ବନସ୍ପତି ମିଶିଛି ବୋଲି ନିଶ୍ଚିତ ହେବ । ପରେ କେତେ ବୁନ୍ଦା ଟିଙ୍କ୍‌ଚର ଆୟୋଡ଼ିନ୍ ମିଶାଅ । ଯଦି ଏହା ବାଇଗଣୀ ରଙ୍ଗ ହୁଏ ତେବେ ଏଥିରେ ମଣ୍ଡ ମିଶିଛି ବୋଲି ଧରାପଡ଼ିବ ।

କରଡ଼ିଗୁଣ୍ଡ, ଇଟାଗୁଣ୍ଡ, ସୁଗନ୍ଧିତ ପାଉଡ଼ର ଏବଂ ଅନ୍ୟାନ୍ୟ କେତେକ ଜିନିଷି ଲଙ୍କା ଗୁଣ୍ଡରେ ମିଶାଯାଇ-ଥାଏ । ଏହି ଲଙ୍କାଗୁଣ୍ଡକୁ ଜନସାଧାରଣ ବ୍ୟାପକ ଭାବେ ବ୍ୟବହାର କରନ୍ତି । ଯଦି ଲଙ୍କାଗୁଣ୍ଡ ଭେଜାଲ ବୋଲି ସନ୍ଦେହ ହୁଏ ତେବେ ଏଥିରୁ ଏକ ଚାମଚ ନେଇ ଜଳାଅ । ଯଦି ଏହା ଜଳି ପାଉଁଶ ହୋଇଯାଏ ଏବଂ ଏଥିରୁ ରାଗ ଗନ୍ଧ ନବାହାରେ ତେବେ ନିଶ୍ଚିତ ଭାବେ ଏହା ଅପମିଶ୍ରିତ ହୋଇଛି ବୋଲି ଧରାଯିବ ।

ହଳଦୀଗୁଣ୍ଡକୁ ବିଭିନ୍ନ ଉପାୟରେ ଅପମିଶ୍ରଣ କରାଯାଇଥାଏ । ଗିଲାସେ ପାଣିରେ କିଛି ହଳଦୀ ଗୁଣ୍ଡ ପକାଇ ସେଥିରେ ହାଇଡ୍ରୋକ୍ଲୋରିକ ଏସିଡ୍ କେତେ ଟୋପା ମିଶାଇ ଏହା ଲାଲ ରଙ୍ଗ ହେବା ପର୍ଯ୍ୟନ୍ତ ଘାଣ୍ଟ । ଯଦି ଏହି ଲାଲ ରଙ୍ଗ ସେହିପରି ରହେ ତେବେ ଜାଣିବ ଯେ ଏହା ଅପମିଶ୍ରିତ ହୋଇଛି । ଖାଣ୍ଟି ହଳଦୀ ଗୁଣ୍ଡରେ ଏହି ଲାଲରଙ୍ଗ ମିଳେଇଯିବ ।

ବ୍ୟବହୃତ ଚା ପତ୍ରକୁ ଖରାରେ ଶୁଖାଯାଇ କୃତ୍ରିମ ଭାବେ ରଙ୍ଗକରି ବିକ୍ରିଯୋଗ୍ୟ ଚା ଗୁଣ୍ଡରେ ମିଶାଇ ଦିଆଯାଏ । ଏହା ସହଜରେ ଧରାଯାଇ ପାରିବ । ଗୋଟିଏ ସମ୍ପୂର୍ଣ୍ଣ ଓଦା ହୋଇଥିବା ଧଳା ବ୍ଲଟିଙ୍ଗ କାଗଜ ନିଅ ଏବଂ ଏହା ଉପରେ ଚାଗୁଣ୍ଡକୁ ବିଞ୍ଚିଦିଅ । ଯଦି ହଳଦିଆ ଲାଲ କିମ୍ବା କଳା ରଙ୍ଗର ଦାଗମାନ ବ୍ଲଟିଙ୍ଗ୍ କାଗଜ ଉପରେ ଦେଖାଦିଏ ତେବେ ଚା ଗୁଣ୍ଡ ଅପମିଶ୍ରିତ ବୋଲି ଜଣାପଡ଼ିବ । ସେହିପରି କଫି ଗୁଣ୍ଡରେ ମଧ୍ୟ ତେନ୍ତୁଳି ମଞ୍ଜିଗୁଣ୍ଡ ମିଶାଯାଇଥାଏ । ଏହାକୁ ପରୀକ୍ଷା କରିବାର ସହଜ ଉପାୟ ହେଲା— ଗୋଟିଏ ଗ୍ଲାସରେ ପାଣି ନେଇ ଏକ ଚାମଚ କଫି ଗୁଣ୍ଡକୁ ସେଥିରେ ଘାଣ୍ଟିଲେ କଫି ଭାସି ଉଠିବ ଏବଂ ମିଶ୍ରିତ ପଦାର୍ଥ ପାଣି ତଳେ ବସିଯିବ ।

ଡାଲଜାତୀୟ ଶସ୍ୟ ଯଥା-ହରଡ଼, ବୁଟ ମୁଗ ଆଦିକୁ କ୍ଷତିକାରକ ଓ ମେଟାନିଲ ରଙ୍ଗଦ୍ୱାରା ରଙ୍ଗୀନ କରା-ଯାଉଛି । କିଛି ଓଦା ଡାଲ ଉପରେ ହାଇଡ୍ରୋକ୍ଲୋରିକ ଏସିଡ଼ ସିଞ୍ଚିଦେଲେ ଯଦି ରଙ୍ଗ ଲାଲ ମିଶା ବାଇଗଣୀ ହୁଏ ତେବେ ନିଶ୍ଚିତ ଅପମିଶ୍ରିତ ହୋଇଛି ବୋଲି ଜଣାପଡ଼ିବ । ସେହିପରି କୌଣସି ମିଠେଇ ଉପରେ ଯଦି କେତେ ଟୋପା ହାଇଡ୍ରୋ କ୍ଲୋରିକ ଏସିଡ୍ ପକା-ଯାଏ ଏବଂ ଏହାର ରଙ୍ଗ ଯଦି ବାଇଗଣୀ ହୁଏ ତେବେ ଏହା ମେଟାନିଲ ମିଶ୍ରିତ ବୋଲି ଜଣାପଡ଼ିବ । ଏହିଭଳି ଯଦି ସାବ-ଧାନତା ଗ୍ରହଣ କରାଯାଏ ତେବେ ନିଶ୍ଚିତ-ଭାବେ ଅପମିଶ୍ରଣରୁ ରକ୍ଷାମିଳିବ ।

ଏହିସବୁ ସାଧାରଣ ଓ ସହଜ ପ୍ରଣାଳୀ ଦ୍ୱାରା ଯେ କେହି ହେଲେ ଅପମିଶ୍ରିତ ଖାଦ୍ୟ ଖାଇବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ନିଜ ସ୍ୱାସ୍ଥ୍ୟ ଅଟୁଟ ରହିବ । □

ମହାକାଶରେ ନଭୋଚାରୀଙ୍କ ଯୋଗାଭ୍ୟାସ

ମସ୍କୋର ନକ୍ଷତ୍ର ନଗରୀ ମହାକାଶ-ଯାତ୍ରୀ ତାଲିମ କେନ୍ଦ୍ରଠାରେ ମାର୍ଚ୍ଚ ୧୯ ତାରିଖ ଦିନ ସୋଭିଏତ୍-ଭାରତ ସମ୍ମିଳିତ ମହାକାଶ ଅଭିଯାନର ଅଂଶ-ଗ୍ରହଣକାରୀ ଭାରତୀୟ ସୋଭିଏତ୍ ମହାକାଶଯାତ୍ରୀମାନେ ସାମ୍ବାଦିକମାନଙ୍କୁ ସାକ୍ଷାତ କରିଥିଲେ ।

ମହାକାଶଯାତ୍ରୀ ତାଲିମ କେନ୍ଦ୍ରର ମୁଖ୍ୟ, ବୈମାନିକ ଲେଫଟେନାଣ୍ଟ ଜେନେରାଲ ଭ୍ଲାଦିମିର ଶାତାଲୋଭ କହିଲେ ଉଭୟ ଚାଳକ ଦଳ (ମହା-କାଶଯାତ୍ରୀ ଗବେଷକ ରାକେଶ ଶର୍ମା ଏବଂ ରବିଶ ମାଲହୋତ୍ରା, ମହାକାଶ ଯାନର କମାଣ୍ଡର ଦ୍ୱୟ ୟୁରି ମାଲିଶେଭ ଏବଂ ଅନାତୋଲି ବେରେଜୋଭୟ ଏବଂ ଫ୍ଲାଇଟ ଇଞ୍ଜିନିୟର ଦ୍ୱୟ ଗିଓର୍ଗି ସ୍ରେକାଲୋଭ ଓ ଗିଓର୍ଗି ଗ୍ରେଚକୋ ଏହି ଉଡ୍ଡୟନ ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ।

ବର୍ତ୍ତମାନ ମହାକାଶଯାତ୍ରୀ ମାନେ ସ୍ୱଳ୍ପକାଳ ପାଇଁ ମସ୍କୋ ନିକଟସ୍ଥ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିଶ୍ରାମ ନେବେ । ତା' ପରେ ସେମାନେ ନକ୍ଷତ୍ର ନଗରୀକୁ ଫେରି ଆସିବେ ଓ କିଛିଦିନ ସେମାନେ ଚୂଡ଼ାନ୍ତ ପ୍ରାକ୍‌ତାଲିମ ପାଇଁ ବୈକାନୁରସ୍ଥିତ ମହାକାଶ ବନ୍ଦରକୁ ଉଡ଼ିଯିବେ ।

ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ରାକେଶ ଶର୍ମା କହିଲେ ଯେ ଭାରତୀୟ ମହାକାଶଯାତ୍ରୀ—ମହାକାଶ ଯାନରେ ତାଙ୍କ ସହିତ ଭାରତର ଜାତୀୟ ପତାକା, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ; ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଭେଙ୍କଟ ରମଣଙ୍କର ଫଟୋସହ, ମହାତ୍ମା ଗାନ୍ଧୀଙ୍କ ସମାଧି ସ୍ଥଳ ରାଜଘାଟରୁ ପବିତ୍ର ମାଟି, ଅଭିଯାନର ପ୍ରସ୍ତୁତିରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଭାରତୀୟ ସଙ୍ଗଠନର ପତାକା ଓ ପ୍ରତୀକସବୁ ନେଇଯିବେ । ସେ ଦର୍ଶାଇଥିଲେ ଯେ ସୋଭିଏତ୍ ଓ ଭାରତୀୟ ବିଜ୍ଞାନୀ ମାନେ ଅଭିଯାନ ପାଇଁ ବ୍ୟାପକ ପରୀକ୍ଷାମୂଳକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି । ସେଥି ମଧ୍ୟରେ ଔଷଧପତ୍ର, ଧାତୁ ଶିଳ୍ପ ସଂକ୍ରାନ୍ତ ପରୀକ୍ଷା ଏବଂ ପ୍ରାକୃତିକ ସମ୍ପଦ ସଂକ୍ରାନ୍ତ ଅନୁଶୀଳନ ଅନ୍ତର୍ଭୁକ୍ତ । ଏଥିପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଉପକରଣର ଅଧିକାଂଶ ସାଲ୍ୟୁଟ-୭କୁ ଆଣାଯାଇ ଖଞ୍ଜା ଯାଇଛି । ଅବଶିଷ୍ଟ ଯନ୍ତ୍ରପାତିସବୁ ପରେ ଯାଉଥିବା ଚାଳକ ମାନେ ନେଇଯିବେ ।

Images: Aptakama Mishra, Processing: Srujanika

ଉଡ୍‌ଡୟନର ପ୍ରାକ୍ ତାଲିମ କାଳରେ ରାକେଶ ଶର୍ମା ଓ ରବିଶ ମାଲହୋତ୍ରା ସକ୍ରିୟ ଯୋଗାଭ୍ୟାସ କରିଥିଲେ । ରବିଶ ମାଲହୋତ୍ରା ଏହି ପ୍ରସଙ୍ଗରେ କହିଲେ ଭାରତୀୟ ମହାକାଶ ଯାତ୍ରୀ ମହାକାଶ ଷ୍ଟେସନ ମଧ୍ୟରେ ମଧ୍ୟ ଯୋଗ ବ୍ୟାୟାମ କରିବେ । ସେ କହିଲେ ଯେ ଏଭଳି ପରୀକ୍ଷାର ଉଦ୍ଦେଶ୍ୟ ହେଉଛି ମହାକାଶରେ ଓଜନହୀନତା ଫଳରେ ଦେଖା ଦେଉଥିବା ମହାକାଶଜନିତ ରୋଗ'ର ସମ୍ଭାବନାକୁ ସମ୍ପୂର୍ଣ୍ଣରୂପେ ନ ହେଲେ ମଧ୍ୟ ଅନେକ ଅଂଶରେ ଦୂର କରିବା । ଭାରତୀୟ ବିଶେଷଜ୍ଞ-ମାନେ ମନେ କରନ୍ତି ଯେ ଏହା ସମ୍ଭବ । ଆମର ଅଭିଯାନ ଖୁବ୍ ଦୀର୍ଘ ହେବନାହିଁ । ତା' ସତ୍ତ୍ୱେ ଆମେ କିଛିଟା ଫଳ ଆଶା କରୁଛୁ । ଆମେ ବୈଜ୍ଞାନିକ ଅନୁସନ୍ଧାନର ସଠିକ୍ ପଥରେ ଅଛୁ କି ନାହିଁ ସେଥିରୁ ଏହା ପ୍ରମାଣିତ ହେବ । ଯାହାହେଉ, ଏହି ଅଭିଯାନ ମନୁଷ୍ୟଚାଳିତ ମହାକାଶ ଅଭିଯାନ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିବ, ମହାକାଶର ଗବେଷଣା ଚିକିତ୍ସା କ୍ଷେତ୍ରରେ ଅବଦାନ ଦେବ ।

ରବିଶ ମାଲହୋତ୍ରା ମନେ କରନ୍ତି ଯେ ସୋଭିଏତ-ଭାରତ ମିଳିତ ଅଭିଯାନ କେବଳ ଭାରତ ବା ସୋଭିଏତ୍ ୟୁନିୟନ ପକ୍ଷରେ ନୁହେଁ ସମଗ୍ର ବିଶ୍ୱ ପକ୍ଷରେ ଐତିହାସିକ ଘଟଣା ହେବ । ଭାରତ ଓ ସୋଭିଏତ ୟୁନିୟନ ଉଭୟେ ଏ ବିଷୟରେ ଏକମତ ଯେ ବହିରାକାଶ କେବଳ ଶାନ୍ତିପୂର୍ଣ୍ଣ ହେବ ନାହିଁ, ଏଠାରେ ଅସ୍ତ୍ରଶସ୍ତ୍ର ରଖିବାର କେଣସି ଅବକାଶ ରହିବନାହିଁ । ଭାରତ ଓ ସୋଭିଏତ ୟୁନିଅନର ଜନଗଣ ଯେ ଶାନ୍ତି ଓ ମୈତ୍ରୀର ମହତ୍ ଆଦର୍ଶ ପାଇଁ କେତେଦୂର ନିଜକୁ ଉତ୍ସର୍ଗ କରି ପାରିଛନ୍ତି ଆମର ଏହି ଅଭିଯାନ ସମଗ୍ର ମାନବ ଜାତିଆଗରେ ପୁଣିଥରେ ନିର୍ଭର ଯୋଗ୍ୟଭାବେ ପ୍ରମାଣିତ କରିବ ।

□

ଶକ୍ତି—କେତେକ ଜାଣିବା କଥା

* ଦେଶରେ ରନ୍ଧନ ଗ୍ୟାସର ବିକ୍ରୟ ଓ ଉତ୍ପାଦନ ପରିମାଣ ୧୯୯୧-୯୨ ମସିହାରେ ମସିହାରେ ୨୪ ଲକ୍ଷ ଟନରେ ପହଞ୍ଚିବ ବୋଲି ଆଶା କରାଯାଇଛି । ୧୯୮୨-୮୩ ମସିହାରେ ଏହି ପରିମାଣ ମାତ୍ର ଛଅ ଲକ୍ଷ ଟନ୍ ଥିଲା ।

* ୧୯୮୨—୮୩ ମସିହାରେ କିରୋସିନର ଚାହିଦା ୫୨ ଲକ୍ଷ ଟନ ଥିଲାବେଳେ ୧୯୯୧-୯୨ ମସିହାରେ ୮୭ ଲକ୍ଷ ଟନକୁ ବୃଦ୍ଧି ପାଇବ ବୋଲି ଆଶା ।

ଉଚ୍ଚମାନ ଡିଜେଲର ଚାହିଦା ପରିମାଣ ୧୯୮୨-୮୩ ରେ ୧୧୯ ଲକ୍ଷ ଟନ ଥିଲାବେଳେ ୧୯୯୧-ମସିହାରେ ୨୩୧ ଲକ୍ଷ ଟନ ହେବବୋଲି ଆଶା ।

* ପେଟ୍ରୋଲର ଚାହିଦା ୧୯୯୧-୯୨ ମସିହାରେ ୩୧ ଲକ୍ଷ ଟନ ହେବ । କିନ୍ତୁ ୧୯୮୨-୮୩ ମସିହାରେ ଏହା ୧୭ ଲକ୍ଷ ଟନ ଥିଲା ।

* ବିଦ୍ୟୁତ ଉତ୍ପାଦନ ପରିମାଣ ୧୯୮୨-୮୩ ମସିହାରେ ୧୩୧,୫୭ ବିଲିୟନ ୟୁନିଟ ଥିଲାବେଳେ ୧୯୮୩-୮୪ରେ ୧୪୪ ୩ ବିଲିୟନ ୟୁନିଟ ହୋଇଥିଲା ।

* ୧୯୮୪ ମସିହା ଜାନୁଆରୀ ସୁଦ୍ଧା ୩,୩୨,୮୧୭ ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ୫୧.୫ ଲକ୍ଷ ପମ୍ପସେଟକୁ ବିଦ୍ୟୁତଚାଳିତ କରା-ଯାଇ ପାରିଛି ।

* ୧୯୮୩ ମସିହା ଏପ୍ରିଲରୁ ୧୯୮୪ ମସିହା ଜାନୁଆରୀ ମାସ ମଧ୍ୟରେ ୯୩୨.୪ ଲକ୍ଷ ଟନ କୋଇଲା ଉତ୍ତୋଳନ କରାଯାଇଥିଲା । ୧୯୮୨ ମସିହାରେ ତତ୍ତୁଲ୍ୟ ସମୟ ମଧ୍ୟରେ ଏହି ପରିମାଣ ଥିଲା ୮୭୭,୫ ଲକ୍ଷ ଟନ ।

* କୋଲ ଇଣ୍ଡିଆ ଲିମିଟେଡ ଓ ସିଂଗାରେନି କୋଇଲା ଖଣି ଗୁଡ଼ିକରୁ ପ୍ରତ୍ୟହ ୧୦୮୭୨ ଟି ରେଳ ୱାଗନରେ କୋଇଲା ବୋଝେଇ କରାଯାଉଛି ।

* ଷଷ୍ଠ ଯୋଜନା କାଳ ମଧ୍ୟରେ ଦେଶର ଗାଁଗହଳରେ ଧୂମବିହୀନ ଚୁଲ୍ଲୀ ପ୍ରତିଷ୍ଠା କରାଯିବ ଏବଂ ଏଥିପାଇଁ ଏକ ଲକ୍ଷ କର୍ମଚାରୀଙ୍କୁ ତାଲିମ ଦିଆଯାଇ ସାରିଛି । □

ସୁନ୍ଦର ଛପା ଓ ଡିଜାଇନ୍
ପାଇଁ
ଅନୁସନ୍ଧାନ କରନ୍ତୁ
ପ୍ରଜ୍ଞା ପ୍ରିଣ୍ଟର୍ସ, ଖାନନଗର କଟକ
ଫୋନ—୨୩୫୯୭
(ଇଂରାଜୀ ଓ ଓଡ଼ିଆରେ ସମସ୍ତ ଛାପାକାର୍ଯ୍ୟ ଏଠାରେ କରାଯାଏ)

Images: Aptakama Mishra, Processing: Srujanika

ଖାରବେଳ

ଶ୍ରୀ ରଥଙ୍କ ପ୍ରବନ୍ଧ
ଆକ୍ରମଣରେ
ମୁଖ୍ୟମନ୍ତ୍ରୀ ଜର୍ଜରିତ

ନନ୍ଦିନୀ ନୂଆ ଦଳ
ଗଢ଼ିବେ

ବିଦେଶରେ
ଭାରତୀୟ ଅନାଥଶିଶୁ

ମୁଖ୍ୟ ନର୍ଦ୍ଦମା ସଫାକର

ଓଡ଼ିଆ ଭାଷା ବିରୋଧୀ
ବିଶ୍ୱକବି

ଜଳସେଚନ ମନ୍ତ୍ରୀଙ୍କ
ଅଣଓଡ଼ିଆ ପ୍ରୀତି

Images: Aptakama Mishra, Processing: Srujanika

ରୁକ୍ମଣୀ ୩୭ ପୃଷ୍ଠାରେ

Images: Aptakama Mishra, Processing: Srujanika

ଖାରବେଳ

୧୯୮୪—୪ର୍ଥ ସଂଖ୍ୟା

ଫ୍ଲାସ ଗର୍ଜନ ୪		୨
ଭାରତର ମହାକାଶ ଅଭିଯାନ	ଶ୍ରୀ ରମାକାନ୍ତ ମିଶ୍ର	୩
ପୃଥିବୀର ସର୍ବ ପ୍ରାଚୀନ ଗବେଷଣା ସଂସ୍ଥା-ଏସିଆଟିକ୍ ସୋସାଇଟି		୬
ଔଷଧର ଗନ୍ତା ଘର ସମୁଦ୍ର	ଡ. ଭି. ସି. ଜ. ରେଡ୍ଡି	୮
କେନ୍ଦ୍ର ମନ୍ତ୍ରୀ ଶ୍ରୀ ରଥଙ୍କ ଆକ୍ରମଣରେ ମୁଖ୍ୟମନ୍ତ୍ରୀ ଜର୍ଜରିତ		୯
ରାଜ୍ୟ ଜଳସେଚନ ମନ୍ତ୍ରୀଙ୍କ ଅଣଓଡ଼ିଆପ୍ରୀତି		୧୦
ଆମ୍ଭ ନିଭରଶୀଳ ଅନ୍ଧ ପ୍ରଦୀପ ମଣ୍ଡଳ		୧୧
ଇନ୍ଦିରା ଗାନ୍ଧୀ ଜଗନ୍ନାଥ ଦର୍ଶନ କରିବେ		୧୨
ନନ୍ଦିନୀ ଆଞ୍ଚଳିକ ଦଳ ଗଠନ କରିବେ		୧୩
ଜାତୀୟ ଗ୍ରାଣ୍ଡମାଷ୍ଟର ଚମ୍ପିଆନସିପ	ଶ୍ରୀ ଧ୍ରୁବ ଆଗାସେ	୧୪
ଧନୀ ଦେଶରେ ଭାରତୀୟ ଅନାଥ ଶିଶୁ	ଶ୍ରୀ ଅଭିଜିତ ପଣାସ୍କର	୧୫
ପାୟୋରିଆର ସମସ୍ୟା ଓ ପ୍ରତିକାର	ଡାକ୍ତର ବିହାରିକାନ୍ତ ପଟ୍ଟନାୟକ ଡାକ୍ତର ପ୍ରଦୀପ ଗୁପ୍ତ	୧୬
ଷ୍ଟୁଡ଼ିଓ ପେନସିଲ ଓ ପିଲଙ୍କ ରଫ ଖାତାର ବୈଜ୍ଞାନିକ—ଆଇନଷ୍ଟାଇନ୍	ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ	୧୮
ମନୁଷ୍ୟ ଶରୀରରୁ ନିର୍ଗତ ଜ୍ୟୋତି ରୋଗ ନିରୂପଣରେ ସହାୟକ ହେବ		୨୦
ବନ୍ୟ ଔଷଧରେ ମଶା ନିୟନ୍ତ୍ରଣ	ଶ୍ରୀ କେ. ଏସ୍. ଜୟରମଣ	୨୧
ହସ ଓ ଦୀର୍ଘଜୀବୀ ହୁଅ		୨୨
ରାଜ୍ୟସଭା ନିର୍ବାଚନରେ ପଶ୍ଚିମ ଓଡ଼ିଶା ଉପେକ୍ଷିତ		୨୩
ଫାଣ୍ଟମ୍ ୪		୨୩ କ
ବିଶ୍ୱକବି ରବୀନ୍ଦ୍ରନାଥ ଓଡ଼ିଆ ବିରୋଧୀ ଥିଲେ	ଶ୍ରୀ ଗୋବର୍ଦ୍ଧନ ମିଶ୍ର	୨୪
ମାଫକର ଭାଇ ମାଫ କର, ମୁଖ ବନ୍ଧ ମା ସାଫ କର	ପ୍ରଫେସର କମଳ କୁମାର ପଟ୍ଟନାୟକ	୨୬
ଫୁଟବଲ ଖେଳ ପାଇଁ ଏକ ନିର୍ଦ୍ଦିଷ୍ଟ ଜାତୀୟ ଅଭିମୁଖ୍ୟ ଆବଶ୍ୟକ		୩୦
ରାଶିଫଳ		୩୧
ପବିତ୍ର ଗଙ୍ଗା ଜଳର ଅଦ୍ଭୁତ ଶକ୍ତି		୩୪
ଶବ୍ଦ ଶୃଙ୍ଗାର ୪	ଶ୍ରୀ ନିରଞ୍ଜନ ବେହେରା	୩୬
ଦଣ୍ଡୀ ବ କୁଙ୍ଗ—ବନ୍ଧୁ ଆଡ଼ମ୍ବର ଲଘୁକ୍ରିୟା	ଶ୍ରୀ ହରିହର ପ୍ରସାଦ ମାହାଲିକ	୩୭
ରାଜ୍ୟ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେଉ ନାହିଁ		୩୮
କୌତୁକ ବଜାର		୩୯

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-753012
ଫୋନ-୨୩୫୯୬

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ ।

ମୂଲ୍ୟ ଟ୩-୦୦

Images: Aptakama Mishra, Processing: Srujanika

ଫ୍ଲାସ୍ ଗର୍ଡନ 4

ଆରାମ କରୁ ଫ୍ଲାସ୍ ! ଅବସରଟାକୁ ଉପଭୋଗ କରୁ
ଆର୍ ବୋଣ୍ଡ ଆ-ମଙ୍ଗୋ ଗ୍ରହରେ ଅବସ୍ଥିତ
© 1983 King Features Syndicate, Inc. World rights reserved.
WAAAAAA
AAWAAAAAAAA
NNNNYAAAA

ଭାରତର ମହାକାଶ ଅଭିଯାନ

ଶ୍ରୀ ରମାକାନ୍ତ ମିଶ୍ର

ଭାରତର ପ୍ରଥମ ମହାକାଶଚାରୀ ଶ୍ରୀ ରାକେଶ ଶର୍ମା ଅନ୍ତରୀକ୍ଷରେ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ପରେ ଏପ୍ରିଲ ୧୧ ତାରିଖ ଭାରତୀୟ ସମୟ ଅପରାହ୍ନ ୪ଟା ୧୨ ମିନିଟରେ ଭୂପୃଷ୍ଠରେ ଅବତରଣ କରିଥିଲେ । ମସ୍କୋଠାରୁ ୩୦୦ କିଲୋମିଟର ଦୂର ଆର୍କାଲିକ୍‌ର ବରଫାବୃତ ଏକ ଅଞ୍ଚଳରେ ସେମାନେ ଅବତରଣ କରିଥିଲେ । ତାଙ୍କସହ ଋଷର ଦୁଇଜଣ ମହାକାଶଚାରୀ କମାଣ୍ଡର ୟୁରି ମାଲିଶେଭ୍ ଓ ଫ୍ଲାଇଟ୍ ଇଞ୍ଜିନିୟର ଗେନାଡ଼ି ଷ୍ଟ୍ରିକାଲୋଭ ସୋୟୁଜ-୧୧ ଯାନରେ ଏପ୍ରିଲ ୩ତାରିଖ ଦିନ ବୈକୋନୁର କସ୍‌ମୋଡ୍ରମରୁ ମହାକାଶ ଯାତ୍ରା କରିଥିଲେ ।

ଶ୍ରୀ ଶର୍ମା ସାଲ୍ୟୁଟ ୭ ଯାନରେ ପୃଥିବୀ ପରିକ୍ରମା କରୁଥିବା ବେଳେ ଏପ୍ରିଲ—୭ ତାରିଖଦିନ ଭାରତ ବର୍ଷର ଯେଉଁସବୁ ଫଟୋ ଚିତ୍ରମାନ ନେଇଛନ୍ତି ସେଥିରୁ ଦେଶରେ ଏପର୍ଯ୍ୟନ୍ତ ଅନାବିଷ୍କୃତ ହୋଇ ରହିଥିବା ଖଣିଜ ସମ୍ପଦ ଠାବ କରିବା ସମ୍ଭବ ହେବ ବୋଲି ବୈଜ୍ଞାନିକ ମାନେ ଆଶା ପ୍ରକାଶ କରୁଚନ୍ତି । ଏହି ଫଟୋସର୍ଭେ କାର୍ଯ୍ୟର ସାଙ୍କେତିକ ନାମ "ଟେରା" ରୂପେ ଅଭିହିତ ହୋଇଥିଲା । ସେହି ଫଟୋଗୁଡ଼ିକରୁ ତୈଳ, ପ୍ରାକୃତିକ ବାଷ୍ପ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଥିବା ଅଞ୍ଚଳ ଗୁଡ଼ିକ ଠାବ କରାଯିବା ସଙ୍ଗେସଙ୍ଗେ ଭୂତତ୍ତ୍ୱ, ପରିବେଶ ଅଧ୍ୟୟନ; ଓ କୃଷି ସଂକ୍ରାନ୍ତୀୟ ଗବେଷଣା ପାଇଁ ମଧ୍ୟ ଏହା ଉପଯୋଗୀ ହେବ । ଶ୍ରୀ ଶର୍ମାଙ୍କ ସହିତ ସୋଭିଏତ୍ ମହାକାଶଚାରୀ ୟୁରୀ ମାଲିଶେଭ୍ ଓ ଗେନାଡ଼ି ଷ୍ଟ୍ରେକାଲୋଭ ମଧ୍ୟ ଏହି ଭୂତାତ୍ତ୍ୱିକ ଅନୁଧ୍ୟାନ କାର୍ଯ୍ୟରେ ଯୋଗ ଦେଇଥିଲେ । ଏହି ଅନୁଧ୍ୟାନ କାର୍ଯ୍ୟ ପାଇଁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ବଛା ଯାଇଥିଲା ଏବଂ ଭାରତର ପଶ୍ଚିମାଞ୍ଚଳ ତଥା ପୂର୍ବଉପକୂଳର ମଧ୍ୟ ବ୍ୟାପକ ଫଟୋ ଉଠାଯାଇଛି ।

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦେଇ ପ୍ରଥମ ପରିକ୍ରମଣ କାଳରେ ମହାକାଶଚାରୀମାନେ ସେ ଅଞ୍ଚଳର ଶତକଡ଼ା ୯୦ଭାଗ ଅଂଶର ଫଟୋଚିତ୍ର ଗ୍ରହଣ କରିଥିଲେ । ସମୁଦ୍ର ଜାତ ଦ୍ରବ୍ୟାଦି ସନ୍ଧାନ, ତୈଳ ଓ ପ୍ରାକୃତିକ ବାଷ୍ପର ଖଣି ଠାବ କରିବା ଏବଂ ଜଙ୍ଗଲର ମାନଚିତ୍ର ପ୍ରସ୍ତୁତକରିବା ଉଦ୍ଦେଶ୍ୟରେ ଏହି ଫଟୋଚିତ୍ର ସବୁ ନିଆଯାଇ ଥିଲା ।

ମୁଦ୍ରିକାକୃତି ବଳୟ

ଦ୍ୱିତୀୟ ପରିକ୍ରମଣ କାଳରେ ସେମାନେ ଲାକ୍ଷାଦ୍ୱୀପ ଉପରେ ବିଶେଷ ଦୃଷ୍ଟିପାତ କରିଥିଲେ । ଏହି ଅଞ୍ଚଳରେ ସେମାନେ ମୁଦ୍ରିକାକୃତିର ବଳୟମାନ ଥିବା ଲକ୍ଷ୍ୟ କରିଥିଲେ । ପୂର୍ବରୁ ଏଭଳି ବଳୟ ଥିବା ଅଞ୍ଚଳରୁ ଖଣିଜ ପଦାର୍ଥର ସନ୍ଧାନ ବହୁକ୍ଷେତ୍ରରେ ମିଳିଥିବାରୁ ଲାକ୍ଷାଦ୍ୱୀପରୁ ମଧ୍ୟ ଖଣିଜପଦାର୍ଥର ସନ୍ଧାନ ମିଳିବା ଆଶା ଉଜ୍ଜ୍ୱଳ ହୋଇଛି । ଏହାଛଡ଼ା ସେମାନେ ଗଙ୍ଗା ଓ ନର୍ମଦା ନଦୀର ସନ୍ନିହିତ ଅଞ୍ଚଳର ମଧ୍ୟ ବ୍ୟାପକ ଫଟୋ ନେଇଛନ୍ତି ।

ତୃତୀୟ ପରିକ୍ରମଣ କାଳରେ ସେମାନେ ହିମାଳୟ ଓ ପାମିର ଉପତ୍ୟକା ଉପର ଦେଇ ଯାଇଥିଲେ ଏବଂ ହିମାଳୟ ପର୍ବତମାଳାରେ ବାଦଲର ଘନତ୍ୱ ଉପତ୍ୟକାର ବାଦଲର ଘନତ୍ୱଠାରୁ ଢେର ବେଶି ହୋଇଥିବା ସେମାନେ ଲକ୍ଷ୍ୟ କରିଥିଲେ ।

ଶ୍ରୀ ଶର୍ମା ଲାକ୍ଷାଦ୍ୱୀପରୁ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବ୍ୟାପ୍ତ ଯେଉଁ ସବୁ ଅଞ୍ଚଳମାନଙ୍କ ଫଟୋ ନେଇଛନ୍ତି ତାହା ଭିତରେ ଆରବ ଉପସାଗର, ବଙ୍ଗୋପସାଗର, ପଶ୍ଚିମ ଓ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ (ଗୁଜୁରାଟରୁ ମଧ୍ୟପ୍ରଦେଶ, ଚମ୍ବଲରୁ ଆଗ୍ରା, ନୂଆଦିଲ୍ଲୀ, ବ୍ରହ୍ମପୁତ୍ର ଉପତ୍ୟକା ଓ ହିମାଳୟ ସମେତ,) ଅନ୍ତର୍ଭୁକ୍ତ । ମହାକାଶରୁ ଉଠାଯାଇଥିବା ଫଟୋର ସିଦ୍ଧାନ୍ତକୁ ନିର୍ଭୁଲକରିବା ପାଇଁ ଏଣେ ବିମାନ ତଥା ଭୂପୃଷ୍ଠରୁ ମଧ୍ୟ ବହୁ ସଂଖ୍ୟକ ଫଟୋ ଉଠାଯାଇଥିଲା । ଏହି ପରିକ୍ରମଣ କାଳରେ ଭାରତୀୟ ଆକାଶ ବିଶେଷ ମେଘାଚ୍ଛନ୍ନ ହୋଇ ନଥିବାରୁ ଗ୍ରହଣ କରାଯାଇ ଥିବା ଫଟୋ ଗୁଡ଼ିକର ମାନ ବେଶ ଉନ୍ନତ ଓ ସ୍ପଷ୍ଟ ହୋଇଛି । ସାଲ୍ୟୁଟ—୭ ଯାନରେ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ସରିଆସିଲା ବେଳକୁ ଏପ୍ରିଲ ୯ତାରିଖରେ ଗୋଟିଏ ଗବେଷଣା ଯନ୍ତ୍ରରେ ଏକ ତ୍ରୁଟି ଦେଖାଦେବା ଫଳରେ ସିଲଭର—ଜାରମାନିଅମ ଆଲୟ ସମ୍ବନ୍ଧୀୟ ଗବେଷଣା ବନ୍ଦ ହୋଇ ଯାଇଥିଲା । ମହାକାଶରେ ଉତ୍ତାପର ତାରତମ୍ୟ ଯୋଗୁ ସେହି ଯନ୍ତ୍ରର କେତୋଟି ମାଇକ୍ରୋଚିପସ୍ ଠିକ କାମକରି ପାରୁନାହିଁ । ଏହାର ଏକଦିନ ପୂର୍ବରୁ ଏଭାପୋରେଟରରେ ଦେଖା ଦେଇଥିବା କ୍ୟାବଲ ତ୍ରୁଟୀ ସଂଶୋଧନ ହୋଇଥିଲା ।

ଭାରତରେ ମହାକାଶ ଗବେଷଣାର ଆରମ୍ଭ

କେରଳରୁ ତ୍ରିଭାନ୍ଦ୍ରମ୍ ନିକଟବର୍ତ୍ତୀ ଥୁମ୍ବା ନାମକ ଏକ କୈବର୍ତ୍ତି ପଲ୍ଲୀରୁ ପ୍ରଥମଥର ପାଇଁ ସାଉଣ୍ଡିଂରକେଟ ପ୍ରେରଣ କରାଯାଇ ଭାରତ ପକ୍ଷରୁ ମହାକାଶ ଗବେଷଣା ଆରମ୍ଭ କରାଯାଇ ଥିଲା । ଏହି ଥୁମ୍ବା ଇକ୍ୱାଟୋରିଆଲ ରକେଟ ଲଞ୍ଚିଂ ଷ୍ଟେସନ (TERLS) ୧୯୬୨ ମସିହାରେ ସୋଭିଏତ୍ ୟୁନିଅନ୍, ଆମେରିକା ଓ ଫ୍ରାନ୍ସର ସହାୟତାରେ ପ୍ରତିଷ୍ଠା କରାଯାଇଥିଲା । ଏହି ସ୍ଥାନଟିର ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଇକ୍ୱାଟୋରିଆଲ ଆୟନୋସ୍ଫିଅର ଏବଂ ଇକ୍ୱାଟୋରିଆଲ ଇଲେକ୍ଟ୍ରୋଜେଟ୍ କାର୍ଯ୍ୟକଳାପ ସମ୍ପର୍କରେ ପରୀକ୍ଷା ନିରୀକ୍ଷା କରିବାପାଇଁ ଏହା ଏକ ଅପୂର୍ବ ସ୍ଥାନ । ଏଇଥିପାଇଁ ଜାତିସଂଘ ପକ୍ଷରୁ ଏହା ଏକ ଆନ୍ତର୍ଜାତିକ ଗବେଷଣା କେନ୍ଦ୍ରର ମର୍ଯ୍ୟାଦା ଲାଭକରିଛି ଏବଂ ବିଶ୍ୱର ବୈଜ୍ଞାନିକମାନେ ନିଜ ନିଜର ପରୀକ୍ଷା ନିରୀକ୍ଷା ପାଇଁ ଏହାର ଅବାଧ ସହାୟତା ନେଇ ପାରିବେ ।

୧୯୪୮ ମସିହାରେ ବମ୍ବେସ୍ଥ ଟାଟା-ଇନଷ୍ଟିଚ୍ୟୁ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ପକ୍ଷରୁ ଅତି ଉଚ୍ଚ କକ୍ଷାଂଶର ପରିସ୍ଥିତି ଜାଣିବାପାଇଁ ବରାବର ପ୍ଲାଷ୍ଟିକ ବେଲୁନ୍ ସବୁ ଛଡ଼ା ଯାଉଥିଲା । ଏହାଥିଲା ମହାକାଶ ସଂକ୍ରାନ୍ତୀୟ ପରୀକ୍ଷାର ଆଦ୍ୟମାରମ୍ଭ । ଭାରତୀୟ ଅଣୁଶକ୍ତି ବିଭାଗ ୧୯୬୨ ମସିହାରେ ଡକ୍ଟର ବିକ୍ରମ ସାରାଭାଇଙ୍କ

Images: Aptakama Mishra, Processing: Srujanika

ଅଧ୍ୟକ୍ଷତାରେ ଭାରତୀୟ ଜାତୀୟ ମହାକାଶ ଗବେଷଣା କମିଟି ଗଠନ କଲେ ଏବଂ ୧୯୬୯ ମସିହା ଅଗଷ୍ଟ ୧୫ ତାରିଖଦିନ ଏହି କମିଟି ପୁନରାୟ ଭାରତୀୟ ଜାତୀୟବିଜ୍ଞାନ ଏକାଡେମୀ ଦ୍ୱାରା ପୁନର୍ଗଠିତ ହେଲା। ସେହି ଦିନଠାରୁ ଏହି ପୁନର୍ଗଠିତ କମିଟି ଅଧୀନରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ISRO) ସ୍ଥାପନ ହେଲା ଏବଂ ୧୯୭୨ ମସିହାରେ ଏହାକୁ ଭାରତୀୟ ମହାକାଶ ବିଭାଗ ନିୟନ୍ତ୍ରଣାଧୀନ କରାଗଲା।

ମୁଖ୍ୟ ୪ଟି କେନ୍ଦ୍ର

ଏହି ମହାକାଶ ବିଭାଗ ଓ ISROର ସଦର କାର୍ଯ୍ୟାଳୟ ବାଙ୍ଗାଲୋରରେ ୪ଟି କେନ୍ଦ୍ର ଅବସ୍ଥିତ।

ଇସ୍‌ରୋ ଅଧୀନରେ ସଂପୃକ୍ତ ୪ଟି କେନ୍ଦ୍ର କାର୍ଯ୍ୟ କରୁଛି। ଏ ଗୁଡିକ- ହେଲା ସ୍ପେସ୍ ଆପ୍ଲିକେସନ ସେଣ୍ଟର (SAC) ଅହମ୍ମଦାବାଦ, ଦି ଇସ୍‌ରୋ ସାଟେଲାଇଟ୍ ସେଣ୍ଟର (TSAC) ବାଙ୍ଗାଲୋର; ଦି ବିକ୍ରମ୍ ସାରାଭାଇ ସ୍ପେସ୍ ସେଣ୍ଟର (VSSC) ତ୍ରିଭାନ୍ଦ୍ରମ୍ ଏବଂ SHAR ସେଣ୍ଟର, ଶ୍ରୀହରିକୋଟା ଆନ୍ଧ୍ର ପ୍ରଦେଶ।

ରାକେଶ ଶର୍ମା

ସ୍କ୍ୱାଡ୍ରନ ଲିଡର ରାକେଶ ଶର୍ମାଙ୍କ ଜନ୍ମ ୧୯୪୯ ମସିହା ଜାନୁଆରୀ ୧୩ ତାରିଖ ଦିନ। ପଞ୍ଜାବର ପାଟିଆଲା ତାଙ୍କର ଜନ୍ମସ୍ଥାନ ହୋଇଥିଲେ ହେଁ ତାଙ୍କର ଶିକ୍ଷାଦୀକ୍ଷା ସବୁ ହୋଇଥିଲା ହାଇଦ୍ରାବାଦରେ। ସେଠା ନିଜାମ କଲେଜରେ ଡିଗ୍ରୀକୋର୍ସ ପଢୁଥିବା ଅବସ୍ଥାରେ ୧୯୬୬ ମସିହାରେ ସେ ଖଡ଼କବାସଲାସ୍ଥ ଜାତୀୟ ପ୍ରତିରକ୍ଷା ଏକାଡେମୀର ଏୟାରଫୋର୍ସ କ୍ୟାଡେଟ ରୂପେ ଯୋଗ ଦେଇଥିଲେ। ସାଢ଼େ ଚାରି-ବର୍ଷର ତାଲିମପରେ ଭାରତୀୟ ବିମାନ ବାହିନୀର ଅଫିସର ରୂପେ ସେ ୧୯୭୦ ମସିହା ଜାନୁୟାରୀ ୧୩ ତାରିଖରେ ଯୋଗଦେଲେ। ୧୯୭୧ ମସିହା ଭାରତ-ପାକ୍ ଯୁଦ୍ଧରେ ସେ ଅଂଶ ଗ୍ରହଣ କରି ୨୧ଟି ମିଶନ୍ (ଆକ୍ରମଣରେ) ରେ ଅଂଶ ଗ୍ରହଣ କରିଥିଲେ।

ମହାକାଶଚାରୀ ରୂପେ ବଛାଯିବା ବେଳକୁ ଶ୍ରୀ ଶର୍ମା ଟେଷ୍ଟ ପାଇଲଟ ରୂପେ ଅବସ୍ଥାପିତ ହୋଇଥିଲେ। ସେ ତାଙ୍କ ସେବାକାଳ ମଧ୍ୟରେ ମିଗ୍, କାନବେରା, ଆର୍.ଏସ୍—748; ହଣ୍ଟର, କାରିବୋଉ ଇସ୍କାରା, HPT-32; କିରଣ, ଅଜିତ ଏବଂ ମାରୁତ ବିମାନ ଆଦି ସର୍ବମୋଟ ୧, ୬୦୦ ଘଣ୍ଟାଧରି ଚଳାଇଛନ୍ତି। ତାଙ୍କର ହବି ହେଲା ବହିପଢ଼ା, ମ୍ୟୁଜିକ ଓ କ୍ରିକେଟ।

ତାଙ୍କ ସହଧର୍ମିଣୀ ମଧୁ ଜଣେ ଇଣ୍ଟିରିଅର ଡିଜାଇନର। ନକ୍ଷତ୍ର ନଗରୀରେ ନିଜ ସ୍ୱାମୀଙ୍କ ସହ ଯୋଗ ଦେବା ପୂର୍ବରୁ ସେ ବାଙ୍ଗାଲୋରରେ କାମ କରୁଥିଲେ। ଉଭୟଙ୍କର ଗୋଟିଏ ପୁଅ-କପିଳ-(ବୟସ ୮ବର୍ଷ) ଅଛି ଏବଂ ୬ବର୍ଷର ଏକ ଝିଅ ୧୯୮୩ ମେ ୧ତାରିଖ ଦିନ ମସ୍କୋରେ ପ୍ରାଣ ହରାଇଥିଲା। □

ରବିଶ ମାଲହୋତ୍ରା

ଉଇଂ କମାଣ୍ଡର ରବିଶ ମାଲହୋତ୍ରା ଲାହୋରରେ ୧୯୪୩ ମସିହା ଡିସେମ୍ବର ୨୫ ତାରିଖ ଦିନ ଜନ୍ମ ହୋଇଥିଲେ। ଦେଶ ବିଭାଜନ ପରେ ମାଲହୋତ୍ର ସପରିବାର କଲିକତା ପଳାଇ ଆସିଥିଲେ। ସେଣ୍ଟ ଥୋମାସ୍ ହାଇସ୍କୁଲରୁ ସିନିଅର କେମ୍ବ୍ରିଜ ପାଶ କରିବା ପରେ ସେ ୧୯୫୯ରେ ଖଡ଼କ ଭାସଲାସ୍ଥ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ଯୋଗ ଦେଇଥିଲେ। ୧୯୬୩ ମସିହାରେ ସେ ବାୟୁସେନାରେ ଯୋଗ ଦେଇଥିଲେ ଏବଂ ୧୯୬୬ ଓ ୧୯୭୧ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ୧୯୭୧ ଯୁଦ୍ଧରେ ସେ ୧୮ଥର ଆକ୍ରମଣ କରିଥିଲେ।

ମହାକାଶଚାରୀ ରୂପେ ମନୋନୀତ ହେବାବେଳକୁ ସେ ବାଙ୍ଗାଲୋରସ୍ଥ ଟେଷ୍ଟ ପାଇଲଟ ସ୍କୁଲର କମାଣ୍ଡିଂ ଅଫିସର ଥିଲେ। ସେ ସଫଳତାର ସହିତ ଭାମ୍ପାୟାର, 86 ଏଫ— ମିଗ୍—21; ଅଜିତ, କାନବେରା ଓ କିରଣ ଭଳି ଯୁଦ୍ଧବିମାନ ଚାଳନା କରିଛନ୍ତି, ଏବଂ ତାଙ୍କ ସେବାକାଳ ଭିତରେ ସେ ମୋଟରେ, ୩,୪୦୦ ଘଣ୍ଟା ବିମାନ ଚାଳନା କରିଛନ୍ତି।

ଶ୍ରୀ ମାଲହୋତ୍ରା ଓ ତାଙ୍କ ସ୍ତ୍ରୀ ମୀନାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। □

ସ୍ପେସ୍ ଆପ୍ଲିକେସନ ସେଣ୍ଟର

ଏହି ଚାରୋଟି କେନ୍ଦ୍ର ମଧ୍ୟରୁ ସ୍ପେସ୍ ଆପ୍ଲିକେସନ ସେଣ୍ଟର ହେଉଛି ମୁଖ୍ୟ କେନ୍ଦ୍ର ଯାହା ମହାକାଶର ଗବେଷଣା ସଂକ୍ରାନ୍ତୀୟ ଜ୍ଞାନ ସମ୍ବନ୍ଧକୁ ବାସ୍ତବ କ୍ଷେତ୍ର ଯଥା ଟେଲି-କମ୍ୟୁନିକେସନ୍, ଟି ଭି. ବ୍ରଡ୍‌କାଷ୍ଟିଂ ତଥା ରିସେପସନ କ୍ଷେତ୍ରରେ ପ୍ରୟୋଗ କରେ ଏବଂ ଏଥି ସହିତ ପ୍ରାକୃତିକ ଏବଂ ପୁନର୍ନବୀକରଣ ଯୋଗ୍ୟ ସମ୍ବଳ ଠାବ ଦିଗରେ କାର୍ଯ୍ୟ କରିଥାଏ।

ଇସ୍‌ରୋ ସାଟେଲାଇଟ୍ ସେଣ୍ଟର କେବଳ ଉପଗ୍ରହ ସଂକ୍ରାନ୍ତୀୟ ଗବେଷଣାରେ ଲିପ୍ତ। ଏହି ସଂସ୍ଥା ପକ୍ଷରୁହିଁ ଆର୍ଯ୍ୟଭଟ୍ଟ, ଭାସ୍କର-୧ ଓ ୨, ରୋହିଣୀ ଏବଂ ଆପଲ ଉପଗ୍ରହମାନ ତିଆରି କରାଯାଇଥିଲା।

ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର ମୁଖ୍ୟତଃ ମହାକାଶ କୌଶଳ ଉନ୍ନୟନ କାର୍ଯ୍ୟ ଯଥା ସାଉଣ୍ଡିଂ ରକେଟ ଏବଂ ଉତ୍କ୍ଷେପଣ ଯାନ ଉନ୍ନୟନରେ ବ୍ୟବସ୍ଥା କରନ୍ତି।

Images: Aptakama Mishra, Processing: Srujanika

ଏକ ବିହଙ୍ଗାବଲୋକନ

୧୯୬୧ ଅଗଷ୍ଟ :—ମହାକାଶ ଗବେଷଣା ଭାରତର ଅଣୁଶକ୍ତି ବିଭାଗ ଅଧୀନସ୍ଥ ହେଲା ।

୧୯୬୨ :—ଥୁମ୍ବା ଇକ୍ୱାଟୋରିଆଲ ରକେଟ ଲଞ୍ଚ ଷ୍ଟେସନ୍ ପ୍ରତିଷ୍ଠା ।

ମହାକାଶ ଯାତ୍ରା କାର୍ଯ୍ୟକ୍ରମକୁ ସାହାଯ୍ୟ ଓ ସହାୟତା ଦେବା ପାଇଁ INCOSPAR ବା ଇଣ୍ଡିଆନ୍ ନ୍ୟାସନାଲ କମିଟୀ ଫର ସ୍ପେଶ୍ ରିସର୍ଚ୍ଚ ଗଠିତ ହେଲା ।

୧୯୬୩, ନଭେମ୍ବର :— ଥୁମ୍ବାରୁ ୨ ପର୍ଯ୍ୟାୟ ବିଶିଷ୍ଟ ନାଇକେ ଆପାଚେ ସାଉଣ୍ଡିଂ ରକେଟ୍ ପ୍ରେରଣ ।

୧୯୬୩, ୭୪:—ମିଟିଓରୋଲଜିକାଲ ରକେଟ ପ୍ରେରଣ ପାଇଁ ଭାରତ ରୁଷିଆ ଚୁକ୍ତି ।

୧୯୬୯, ଅଗଷ୍ଟ ୧୫ .—ଇଣ୍ଡିଆନ୍ ନ୍ୟାସନାଲ ସାଇନ୍ସ ଏକାଡେମୀର ତତ୍ତ୍ୱାବଧାନରେ INCOSPARର ପୁନର୍ଗଠନ ; ଅଣୁଶକ୍ତି ବିଭାଗ ଅଧୀନରେ ISROର ସୃଷ୍ଟି ।

୧୯୭୨, ମେ :—ସ୍ପେଶ କମିଶନ୍ ଗଠନ । ମହାକାଶ ଗବେଷଣା ସମ୍ବନ୍ଧରେ ଭାରତ—ରୁଷ ଚୁକ୍ତି ସମ୍ପାଦନ ।

ସେପ୍ଟେମ୍ବର :—ISROକୁ ମହାକାଶ ଗବେଷଣା ବିଭାଗ ଅଧୀନସ୍ଥ କରାଗଲା ।

୧୯୭୫, ଅପ୍ରେଲ — ସୋଭିଏତ୍ କସ୍ମୋଡ୍ରମରୁ ଆର୍ଯ୍ୟଭଟ୍ଟ ପ୍ରେରଣ ।

ଅଗଷ୍ଟ ୧ ରୁ ୧୯୭୬ ଜୁଲାଇ ୩୧ ଭାରତର ପ୍ରଥମ ବଡ଼ ଧରଣର ମହାକାଶ ଗବେଷଣା ଯୋଜନା SITE

୧୯୭୭ ଫ୍ରାଙ୍କୋ—ଜର୍ମାନ୍ ସାଟେଲାଇଟ SYMPHONIE ର ସହାୟତାରେ STEP ବା ସାଟେଲାଇଟ୍ ଟେଲି କମ୍ୟୁନିକେସନ ଏକ୍ସପେରିମେଣ୍ଟ ପ୍ରୋଜେକ୍ଟ ଆରମ୍ଭ ।

୧୯୭୯, ଜୁନ୍—୭ :—ଭାସ୍କର ୧ ପ୍ରେରଣ;

ଅଗଷ୍ଟ—୧୦ —SLO—3 ଭାରତର ପ୍ରଥମ ପରୀକ୍ଷାମୂଳକ ଉପଗ୍ରହ ପ୍ରେରଣ ।

୧୯୮୦, ଜୁଲାଇ ୧୮.—SHAR ରୁ ଦ୍ୱିତୀୟ SLV– 3 ଉପଗ୍ରହ ପ୍ରେରଣ । ଡିସେମ୍ବର—ସ୍ୱର୍ଗତ ରୁଷ ରାଷ୍ଟ୍ରପତି ଲିଓନିଡ଼୍ ବ୍ରେଜନେଭ୍ ମିଳିତଭାବେ ରୁଷଭାରତ ମହାକାଶଚାରୀଙ୍କ ଅନ୍ତରୀକ୍ଷ ଯାତ୍ରା ସମ୍ପର୍କରେ ସୂଚନା ଦେଲେ । ଏବଂ ଏଥିରେ ସହାୟତା ଲାଗି ଆଗ୍ରହ ପ୍ରକାଶ କଲେ ।

ଜୁନ, ୧୯—ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ APPLE ଫ୍ରେଞ୍ଚ ଗାଏନାର କୋଉରୁରୁ ପଠାଗଲା ।

ଅଗଷ୍ଟ—୧୩—APPLE ଉପଗ୍ରହକୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ।

ନଭେମ୍ବର—୨୦, ଭାସ୍କର—୨ ପ୍ରେରଣ

୧୯୮୨ ଏପ୍ରେଲ ୧୦—ଇନ୍‌ସାଟ—୧କ ଆମେରିକାରୁ ପ୍ରେରଣ

ସେପଟେମ୍ବର—୭ ଇନ୍‌ସାଟ— ୧କ ପରିତ୍ୟକ୍ତ ହେଲା ।

କେତେକ ବଛାବଛା ଭାରତୀୟ ମହାକାଶଚାରୀଙ୍କୁ ମସ୍କୋ ନିକଟରେ ତାଲିମ ଦିଆଗଲା

୧୯୮୩, ଅପ୍ରେଲ-୧୭ :—SHAR ରୁ SLV-3 ପ୍ରେରଣ ।

ଅଗଷ୍ଟ-୩୦, ଇନ୍‌ସାଟ ୧ ଖ ଆମେରିକାର ସ୍ପେଶ ସଟଲ ସାହାଯ୍ୟରେ ପ୍ରେରଣ ।

ଅକ୍ଟୋବର-୧୫ :—ଇନସାଟ ୧ ଖ କାର୍ଯ୍ୟକ୍ଷମ ହେଲା ।

୧୯୮୪ ଅପ୍ରେଲ ୩, ପ୍ରଥମ ଭାରତୀୟ ନଭୋଚାରୀ ଶ୍ରୀ ରାକେଶ ଶର୍ମା ଅନ୍ୟ ଦୁଇଜଣ ସହଯୋଗୀ ରୁଷ ଅନ୍ତରୀକ୍ଷ ଯାତ୍ରୀଙ୍କ ସହିତ ସୋୟୁଜ ଟି-୧୧ ରେ ମହାକାଶ ଗଲେ ।

ଅପ୍ରେଲ—୧୧.—ସେହି ତିନିଜଣ ଅନ୍ତରୀକ୍ଷଚାରୀଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ।

□

ଏହି ସଂସ୍ଥା ରୋହିଣୀ ସାଉଣ୍ଡିଂ ରକେଟର ଉନ୍ନତି ବିଧାନ କରିବା ସଙ୍ଗେ ସଙ୍ଗେ ଉପଗ୍ରହ ଉତ୍‌କ୍ଷେପଣ ଯାନ (SLV-3); ଅଗମେଣ୍ଟେଡ଼ ସାଟେଲାଇଟ ଲଞ୍ଚଭେଇକଲ (ASLV), ପୋଲାର ସାଟେଲାଇସ ଲଞ୍ଚ ଭେଇକଲ (PSLV) ଆଦିର ଉନ୍ନତି ସାଧନ କରିବାରେ ବ୍ୟସ୍ତ ।

ଶ୍ରୀ ହରିକୋଟାସ୍ଥ ରେଞ୍ଜରେ ବହୁ ପର୍ଯ୍ୟାୟୀ ସାଉଣ୍ଡିଂ ରକେଟ ଉତ୍‌କ୍ଷେପଣର ସୁବିଧା ସୁଯୋଗମାନ ରହିଛି । ଏଠାରୁ ଉପଗ୍ରହ ମଧ୍ୟ ପ୍ରେରଣ କରାଯାଇ ପାରେ । ଉପଗ୍ରହ ମାନଙ୍କ ଠାରୁ ସଙ୍କେତ ଗ୍ରହଣ କରିବା ଏବଂ ସେମାନଙ୍କୁ ନିୟନ୍ତ୍ରଣ କରିବାର ମୁଖ୍ୟ କେନ୍ଦ୍ର ହେଉଛି ଏଠାରେ ।

ଉପରୋକ୍ତ ୪ଟି କେନ୍ଦ୍ର ଛଡ଼ା ତ୍ରିବାନ୍ଦ୍ରମ ବାଙ୍ଗାଲୋର ଅହମଦାବାଦ, ହାଇଦ୍ରାବାଦଠାରେ ମହାକାଶ ସମ୍ବନ୍ଧୀୟ ଗବେଷଣା, ପାଇଁ ବହୁ ସହାୟକ ପ୍ରତିଷ୍ଠାନମାନ ରହିଛି । ଏହି ସବୁ କେନ୍ଦ୍ର ଗୁଡ଼ିକର ପ୍ରତ୍ୟକ୍ଷ ଓ ସକ୍ରିୟ କାର୍ଯ୍ୟାନୁଷ୍ଠାନ ଯୋଗୁ ଭାରତ ଏ ପର୍ଯ୍ୟନ୍ତ ମହାକାଶ ଗବେଷଣା କ୍ଷେତ୍ରରେ ଆବଶ୍ୟକୀୟ ଅଗ୍ରଗତି କରି ଚାଲିଛି ।

ବହୁ ବର୍ଷତଳେ ଅର୍ଥାତ୍ ୧୯୬୩-୭୪ ମସିହାରେ ରୁଷିଆର ହାଇଡ୍ରୋମିଟ ରୋଲଜିକାଲ ସର୍ଭିସେସ୍ ଏବଂ ଭାରତର ଅଣୁଶକ୍ତି ବିଭାଗ ମଧ୍ୟରେ ହୋଇଥିବା ଏକ ଚୁକ୍ତି ବଳରେ ପ୍ରତି ସପ୍ତାହରେ ଥୁମ୍ବା ଷ୍ଟେସନରୁ ସୋଭିଏତ୍ ଏମ—୧୦୦ ରକେଟ ସାହାଯ୍ୟରେ ପାଣିପାଗ ସଂକ୍ରାନ୍ତୀୟ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ହୋଇ ଆସୁଛି । କିନ୍ତୁ ୧୯୭୨ ମସିହାରେ ହିଁ ପ୍ରକୃତରେ ମହାକାଶ ଗବେଷଣା ସଂକ୍ରାନ୍ତରେ ପ୍ରବଳ ଉତ୍ସାହ ସୃଷ୍ଟି ହେଲା ଏବଂ ସେହିବର୍ଷ ରୁଷସହ

(ଅବଶିଷ୍ଟାଂଶ ୮ ପୃଷ୍ଠାରେ)

ପୃଥିବୀର ସର୍ବ ପ୍ରାଚୀନ ଗବେଷଣା ସଂସ୍ଥା—ଏସିଆଟିକ୍ ସୋସାଇଟି

୧୭୮୪ ମସିହା ଜାନୁୟାରୀ ୧୫ ତାରିଖରେ କଲିକତାର ୧-ପାର୍କଷ୍ଟ୍ରିଟରେ ଏସିଆଟିକ୍ ସୋସାଇଟି ପ୍ରତିଷ୍ଠା କରାଯାଇଥିଲା । ପୃଥିବୀରେ ଏ ଧରଣର ଅନୁଷ୍ଠାନ ମଧ୍ୟରେ ଏହା ସର୍ବପ୍ରାଚୀନ । ସେତେବେଳେ ପୋର୍ଟ ଉଇଲିୟମରେ ଥିବା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସାର ରବର୍ଟ ଚ୍ୟାମ୍ବରଙ୍କ ଅଧ୍ୟକ୍ଷତାରେ କଲିକତାର ୩୦ ଜଣ ବିଶିଷ୍ଟ ୟୁରୋପୀୟ ନାଗରିକଙ୍କ ବୈଠକ ବସି ଏସିଆଟିକ୍ ସୋସାଇଟି ଗଠନର ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସୋସାଇଟିର ପ୍ରଥମ ସଭାପତି ଥିଲେ ଅନ୍ୟଜଣେ ବିଚାରପତି ସାର ଉଇଲିୟମ ଜୋନସ । ସେ ତାଙ୍କର ଉଦ୍‌ଘାଟନ ଭାଷଣରେ କହିଥିଲେ ଯେ ଆମ ଅନ୍ୱେଷଣର ଲକ୍ଷ୍ୟ କଣ । ଯଦି କେହି ଆମକୁ ପଚାରେ ଆମେ କହିବୁ । "ମଣିଷ ଓ ପ୍ରକୃତି", ଜଣଙ୍କ ଦ୍ୱାରା ଯାହା କରାଯାଏ ଓ ଅନ୍ୟଦ୍ୱାରା ଯାହା ଜନ୍ମନିଏ । ଏହି ସ୍ମରଣୀୟ ଶବ୍ଦ ଦୁଇଟି ସେହି ଦିନଠାରୁ ସୋସାଇଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ସ୍ଥାନ ପାଇ ଆସିଛି ଏବଂ ସ୍ମାରକୀ ଲେଖାଗୁଡ଼ିକରେ ଉଦ୍‌ଘୋଷିତ ହୋଇଛି । ଏହି ଲେଖାରେ ଉଲ୍ଲେଖ କରାଯାଇଛି

"ଏହାର ଅନୁସନ୍ଧାନ କାର୍ଯ୍ୟ ଏସିଆର ଭୌଗୋଳିକ ପରିସୀମା ଭିତରେ ସୀମିତ ରହିବ ଏବଂ ସେହି ସୀମା ମଧ୍ୟରେ ମଣିଷ ଯାହା କରୁଛି ବା ପ୍ରକୃତି ଯାହା ଜନ୍ମ ଦେଉଛି ସେ ସମ୍ପର୍କରେ ଅନ୍ୱେଷଣ କରାଯିବ ।"

ତାପରେ ଏସିଆ ସମ୍ପର୍କୀୟ ଶିକ୍ଷା ଓ ଗବେଷଣା ସାହିତ୍ୟ ଓ ବିଜ୍ଞାନର ବିଭିନ୍ନ ଶାଖାରେ ଏହାର କାର୍ଯ୍ୟ ବ୍ୟାପକ ହୋଇଛି । ତେଣୁ ଏହାକୁ ବ୍ୟାପକ ଅର୍ଥରେ ଏକ ଏକାଡେମୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବ୍ରିଷ୍ଟୋଲ ନେଚରାଲିଷ୍ଟ ସୋସାଇଟିର ସଭାପତି ଶ୍ରୀ ଏଲ୍: ଏସ୍ ପାମର ଓ ଅବୈତନିକ ସମ୍ପାଦକ ଶ୍ରୀ ଆର: ବାସିଣ୍ଡଲେଙ୍କ ଭାଷାରେ "ଏସିଆଟିକ୍ ସୋସାଇଟି ପ୍ରତିଷ୍ଠା କରି ସାର ଉଇଲିୟମ୍ ଜୋନ୍‌ସ ଏସିଆର ମଣିଷ ବା ପ୍ରକୃତି ସମ୍ପର୍କୀୟ ସମସ୍ତ ଗବେଷଣାର ପ୍ରଦୀପ ଜାଳି ଦେଇଛନ୍ତି । ଏହି ସୋସାଇଟିର କାର୍ଯ୍ୟକ୍ରମ ବିଭିନ୍ନ ଭାବରେ ଫଳବତୀ ହୋଇଛି । ଏ କ୍ଷେତ୍ରରେ ବିଶେଷ କରି ଗୋଟିଏ ଦିଗ ସମ୍ପର୍କରେ ଉଲ୍ଲେଖ କରାଯାଇ ପାରେ । ତାହା ହେଉଛି ଭାରତର ପ୍ରାକୃତିକ ଇତିହାସ । ପ୍ରତ୍ନତତ୍ତ୍ୱ ଏବଂ ପ୍ରତିନିଧି-ମୂଳକ ଚିତ୍ରକଳାର ସଂଗ୍ରହ । ଏଗୁଡ଼ିକୁ ୧୮୬୭ ମସିହାରେ ପ୍ରତିଷ୍ଠିତ ଭାରତୀୟ ସଂଗ୍ରହାଳୟରେ ରଖାଯାଇଛି । ସୋସାଇଟିର ପ୍ରାକୃତିକ ଇତିହାସ ସମ୍ପର୍କୀୟ କାର୍ଯ୍ୟକ୍ରମକୁ ସରକାରୀ ସର୍ଭେ ବିଭାଗ, ଉଦ୍‌ଭିଦ ବିଜ୍ଞାନ, ଭୌଗୋଳିକ ଓ ପ୍ରାଣୀ ବିଜ୍ଞାନ ସଂସ୍ଥାଗୁଡ଼ିକ ସାହାଯ୍ୟ କରି ଆଗେଇ ନେଇ ଯାଇଛନ୍ତି ଏବଂ କ୍ଷେତ୍ରରେ ଯାହା ସବୁ ସଂଗ୍ରହ କରାଯାଇଛି ସେଗୁଡ଼ିକୁ ସଂଗ୍ରହାଳୟରେ ରଖାଯାଇଛି । ବର୍ତ୍ତମାନ ଶତାବ୍ଦୀରେ ଏସିଆଟିକ୍ ସୋସାଇଟି ଆନୁକୂଲ୍ୟରେ ଭାରତୀୟ ବିଜ୍ଞାନ କଂଗ୍ରେସ ଆସୋସିଏସନ ପ୍ରତିଷ୍ଠା କରାଯାଇଛି ଏବଂ ଏହି ଆସୋସିଏସନ୍ ଭାରତୀୟ ବିଜ୍ଞାନର ଜାତୀୟ ସଂସ୍ଥାର ଜନକ । ଏ: ଏସ୍: ବି. ର ପୁତ୍ର ଓ ପୌତ୍ର ଭାବରେ ଏହି ଦୁଇ ନୂତନ ସଙ୍ଗଠନ ଭାରତୀୟ ପ୍ରାକୃତିକ ଇତିହାସର ଅଧ୍ୟୟନକୁ ଅବ୍ୟାହତ ରଖିଛନ୍ତି ।"

ପୁସ୍ତକାଳୟ

ବିଗତ ଦୁଇ ଶହ ମଧ୍ୟରେ ଏସିଆଟିକ୍ ସୋସାଇଟି ବହୁ ସଂଖ୍ୟକ ପାଣ୍ଡୁଲିପି ଓ ମୁଦ୍ରିତ ପୁସ୍ତକ ସଂଗ୍ରହ କରିଛନ୍ତି । ସୋସାଇଟି ପକ୍ଷରୁ ମଧ୍ୟ ବହୁ ପୁସ୍ତକ ବସ୍ତୁତଃ ପ୍ରକାଶ ପାଇଛି । ଏବଂ ଅନ୍ୟ ବହୁ ଦେଶ ପାଇଁ ଏ ସୋସାଇଟି ଆଦର୍ଶ ସ୍ଥାନୀୟ ହୋଇ ପାରିଛି ।

ରୟାଲ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲର ପୂର୍ବତନ ସାଧାରଣ ସମ୍ପାଦକ ଡକ୍ଟର କାଳିଦାସ ନାଗ କହିଛନ୍ତି ଯେ "ସାର ଉଇଲିୟମ ଜୋନ୍‌ସ ଓ ତାଙ୍କର ଉତ୍ତରାଧିକାରୀ ଏଚ୍ ଟି: କୋଲେବ୍ରୁକ୍ ଓ ତାଙ୍କର ସହଯୋଗୀ ମାନଙ୍କର ଅନୁପ୍ରେରଣା ଫଳରେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ ବହୁ ମୂଲ୍ୟବାନ ଲେଖା, ସଂସ୍କୃତ ବହି, ବ୍ୟାକରଣ, ଅଭିଧାନ ଏବଂ ଗୁରୁତ୍ୱପୂର୍ଣ୍ଣ ଏସିଆଟିକ୍ ଗବେଷଣା ମୂଳକ ସନ୍ଦର୍ଭ ପ୍ରକାଶ କରିଛନ୍ତି । ଏହାର ବିଦ୍ୱାନ ସଭ୍ୟମାନଙ୍କ ସହଯୋଗରେ ସୋସାଇଟି ଏସିଆର ଅନ୍ୟ ବହୁଭାଷା, ସଂସ୍କୃତି ସମ୍ପର୍କରେ ଅଧ୍ୟୟନ ଓ ଗବେଷଣା କରିଛି । ଚୀନା ସାହିତ୍ୟ ଜୋନ୍‌ଙ୍କ ଦ୍ୱାରାହିଁ ବଙ୍ଗଳାରେ ଛପା ଯାଇଥିଲା । ଲାଟିନ୍ ଅଭିଧାନ ପ୍ରଣୟନ କରିବାରେ ହର୍ଷମାନ କୋଚିନର ରେଭେରେଣ୍ଡ ଗାବର୍ଟଙ୍କୁ ସାହାଯ୍ୟ କରିଥିଲେ । ସୋସାଇଟି ପକ୍ଷରୁ ମଧ୍ୟ ହଙ୍ଗେରୀର ସୋମାଡ଼ କୋରସ୍ ଓ

Images: Aptakama Mishra, Processing: Srujanika

ଭାରତର ରାୟବାହାଦୁର ଶରତଚନ୍ଦ୍ର ଦାସ, ଡଃ ସତୀଶଚନ୍ଦ୍ର ବିଦ୍ୟାଭୂଷଣ ଓ ଅନ୍ୟମାନଙ୍କ ସାହାଯ୍ୟ କରିବା ଲାଗି ତିବ୍ବତୀୟ ବ୍ୟାକରଣ ଓ ଅଭିଧାନ ଛପା ଯାଇଥିଲା ।”

ସୋସାଇଟିର ପ୍ରଥମ ଭାରତୀୟ ସଭାପତି ଡ. ରାଜେନ୍ଦ୍ରଲାଲ ମିତ୍ର ୧୮୮୪ ମସିହାରେ ଏହାର ଶତବାର୍ଷିକୀ ସମୀକ୍ଷା ପୁସ୍ତକ ପ୍ରକାଶ କରିଥିଲେ । ଏଥିରେ ଭାରତୀୟ ପ୍ରତ୍ନତତ୍ତ୍ୱ, ଚିତ୍ରକଳା, ପୁସ୍ତକ ସମାଲୋଚନା ଇତ୍ୟାଦି ସ୍ଥାନ ପାଇଥିଲା ଏବଂ ସତ୍ୟବ୍ରତ ସମଶ୍ରାମୀ ଓ ହରପ୍ରସାଦ ଶାସ୍ତ୍ରୀଙ୍କ ଭଳି ପଣ୍ଡିତମାନେ ସୋସାଇଟି ସହିତ ସହଯୋଗ କରିଥିଲେ । ଅନ୍ୟ ଭାଷାଗୁଡ଼ିକ ମଧ୍ୟରେ ଓ ନିକଟ ମଧ୍ୟପ୍ରାଚୀର ଆରବୀ ଓ ପର୍ସିୟାନ ଭାଷାର ଅଧ୍ୟୟନ ପ୍ରତି ମଧ୍ୟ ସୋସାଇଟି ଯଥାଯଥ ଦୃଷ୍ଟି ଦେଇଛନ୍ତି । ଇଂରେଜୀ ଭାଷାରେ ଜୋନସ୍‌ଙ୍କ ଦ୍ୱାରା କାଳୀଦାସଙ୍କର ଶକୁନ୍ତଳା ନାଟକର ଅନୁବାଦ କରାଯାଇ ସୋସାଇଟି ପକ୍ଷରୁ ପ୍ରକାଶ ପାଇଥିଲା । ସେହିଭଳି ସୋସାଇଟି ଦ୍ୱାରା ହିତୋପଦେଶ ଓ ମନୁସଂହିତା ଇଂରେଜୀ ଭାଷାରେ ପ୍ରକାଶ ପାଇଲା । ଆନ୍ତର୍ଜାତିକ ଭାଷା ଲାଗି ଏକ ମହାନ ଉଦ୍ୟମ ।

ନାମକରଣ

ପ୍ରଥମେ ୧୭୮୪ ର ୧୮୨୫ ମସିହା ଯାଏ ସୋସାଇଟିର ନାମଥିଲା ଏସିଆଟିକ୍ ସୋସାଇଟି । ୧୯୨୫ ରେ ଏଥିରୁ କ୍ ଲୋପ ପାଇଲା । ୧୮୩୨ ମସିହାରେ କାପ୍ଟେନ୍ ଜେ. ଡି. ହରବର୍ଟଙ୍କ ପତ୍ରିକା ଗ୍ଲିମ୍ପସ୍ ଇନ୍ ସାଇନସ୍ ପତ୍ରିକାକୁ ଜର୍ଣ୍ଣାଲ୍‌ସ ଅଫ୍ ଏସିଆଟିକ୍ ସୋସାଇଟି ନାମରେ ପ୍ରକାଶ କରିବାକୁ ସୋସାଇଟି ଜେମସ୍ ପ୍ରିନ୍‌ସେପଙ୍କୁ ଅନୁମତି ଦେଲେ । ଜର୍ଣ୍ଣାଲ୍‌ସ ଅଫ୍ ରୟାଲ ଏସିଆଟିକ ସୋସାଇଟିଠାରୁ ଏ ପତ୍ରିକାର ପାର୍ଥକ୍ୟ ଜଣାଇ ଦେବା ଲାଗି ପ୍ରିନ୍‌ସେପ୍ ଏଥିରେ ଅଫ୍ ବେଙ୍ଗଲ ଶବ୍ଦଟି ଯୋଗକଲେ । ୧୮୪୧ ମସିହାରେ ପତ୍ରିକାର ପ୍ରକାଶ ଦାୟିତ୍ୱ ନିଜେ ସୋସାଇଟି ଗ୍ରହଣ କଲାବେଳକୁ ଜର୍ଣ୍ଣାଲ ଅଫ୍ ଦି ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ ନାମଟି ସାରା ବିଶ୍ୱରେ ପରିଚିତ ହୋଇ ସାରିଥିଲା । ତେଣୁ ୧୮୫୧ ମସିହାରେ ପ୍ରକାଶିତ ସୋସାଇଟିର ବାଇ’ଲରେ ଅଫ୍ ବେଙ୍ଗଲ ଶବ୍ଦଟି ରଖାଗଲା । ୧୯୩୭ ମସିହାଠାରୁ ଏହା ରୟାଲ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ ନାମରେ ପରିଚିତ ହେଲା । ୧୯୫୧ ଜୁଲାଇ ୧ ତାରିଖଠାରୁ ଦି ଏସିଆଟିକ୍ ସୋସାଇଟି” ନାମରେ ଏହାକୁ ନାମିତ କରାଗଲା ।

ସୋସାଇଟିର ସଂଗ୍ରହାଳୟରେ ବହୁ ସଂଖ୍ୟକ ପୁସ୍ତକ, ପତ୍ର ପତ୍ରିକା, ଓ ପାଣ୍ଡୁଲିପି ରହିଛି । ଏହା ୫ଭାଗରେ ବିଭକ୍ତ ଯଥା :— ସାଧାରଣ ବିଭାଗ, ସଂସ୍କୃତ ବିଭାଗ, ସେଲାମିକ୍ ବିଭାଗ, ଚୀନ ତିବ୍ବତୀୟ, ବିଭାଗ ଓ ଦକ୍ଷିଣ ପୂର୍ବ ଏସିଆ ବିଭାଗ ।

ଡଃ ଏନ୍: ଓ୍ୱାଲିଚଙ୍କ ତତ୍ତ୍ୱାବଧାନରେ ୧୮୧୪ ଖ୍ରୀଷ୍ଟାବ୍ଦରେ ସୋସାଇଟି ପକ୍ଷରୁ ଏକ ସଂଗ୍ରହାଳୟ ସୃଷ୍ଟି କରାଗଲା । ୧୮୭୬ ମସିହାରେ ଇଣ୍ଡିଆନ ମ୍ୟୁଜିୟମ ଅଫ୍ କାଲକାଟା ପ୍ରତିଷ୍ଠିତ ହେବା ପରେ ସୋସାଇଟି ତାହାର ସଂଗ୍ରହ ଗୁଡ଼ିକୁ ଏହି ସଂଗ୍ରହାଳୟକୁ ଦାନ କରିଥିଲା । ତେବେ ବି ସୋସାଇଟିର ନିଜର ଏକ ସଂଗ୍ରହାଳୟ ରହିଛି । ଏଥିରେ ଅଶୋକଙ୍କ ଶିଳାଲିପି, କେତେକ ତମ୍ବାପଟା ଓ ହଜାର ହଜାର ମୁଦ୍ରା ରଖାଯାଇଛି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀଯାଏ ବିଭିନ୍ନ ସମୟର ତମ୍ବାପଟା ଏହି ସଂଗ୍ରହାଳରେ ଥିବାରୁ ଭାରତୀୟ ଇତିହାସ ଓ ସଂସ୍କୃତି ଅଧ୍ୟୟନରେ ଏହା ଯଥେଷ୍ଟ ସାହାଯ୍ୟ କରିପାରୁଛି । ଭାରତରେ ପ୍ରଥମେ ମୁଦ୍ରା ପ୍ରଚଳିତ ହେବା ଦିନଠାରୁ ବର୍ତ୍ତମାନ ଯାଏ ପ୍ରଚଳିତ ସମସ୍ତ ପ୍ରକାର ମୁଦ୍ରା ସଂଗ୍ରହ କରି ଏଥିରେ ରଖାଯାଇଛି । ଏହାଛଡ଼ା ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ ଲୁଣ୍ଠନ ଘଟଣାର ଆଇନଗତ କାଗଜପତ୍ର, ପ୍ରଫେସର ନିର୍ମଳଚନ୍ଦ୍ର ଘୋଷଙ୍କ ଦ୍ୱାରା ସଂଗୃହୀତ ଗାନ୍ଧୀଜୀଙ୍କର ଚିଠି ଓ ନୂଆଖାଲି ବିହାର ଓ କଲିକତାରେ ତାଙ୍କ ଶାନ୍ତି ଅଭିଯାନର କାଗଜପତ୍ର ମଧ୍ୟ ସୋସାଇଟିର ସଂଗ୍ରହାଳୟରେ ରହିଛି ।

କଳାସଂଗ୍ରହ

ବହୁ ମୂଲ୍ୟବାନ ତୈଳଚିତ୍ର ଖୋଦେଇ ଓ ଭାସ୍କର୍ଯ୍ୟ କୃତି ସଂଗୃହୀତ ହୋଇ ସୋସାଇଟିର ଶ୍ରେଷ୍ଠ ସଂଗ୍ରହାଳୟଟିରେ ସ୍ଥାନ ପାଇଛନ୍ତି । ୧୯୭୧ ମସିହାଠାରୁ ଏସିଆଟିକ୍ ସୋସାଇଟିରେ ଏକ ଗବେଷଣା ଡିରେକ୍ଟୋରେଟ କାର୍ଯ୍ୟକାରୀ କରିଛନ୍ତି ।

ସୋସାଇଟି ପ୍ରତିଷ୍ଠିତ ହେବାର ୨୦ବର୍ଷଯାଏ ଏହାର ଘର ନଥିଲା । ୧୮୦୫ ମସିହାରେ ପାର୍କଷ୍ଟ୍ରିଟର ଗୋଟିଏ କଣରେ ସୋସାଇଟିକୁ ଖଣ୍ଡିଏ ଜମି ଦେଲେ । ସେଠାରେ ୧୮୦୫ ମସିହାରେ ସୋସାଇଟିର ଗୃହନିର୍ମାଣ କାର୍ଯ୍ୟ ଶେଷ ହେଲା । କିନ୍ତୁ ସ୍ଥାନାଭାବ ଯୋଗୁ ୧୯୬୧ ମସିହାଠାରୁ ସୋସାଇଟି ତାହାର ନବ ନିର୍ମିତ ନଅତାଲା କୋଠାରେ କାର୍ଯ୍ୟ କରୁଛି । □

ଅଳ୍ପ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ପ୍ରଜନନ ବୟସ ସୀମା ଅନ୍ତର୍ଗତ ନାରୀମାନେ ୪ କିମ୍ବା ୫ ଗୋଟି ଶିଶୁର ଜନନୀ ହୋଇଥିବାବେଳେ ଉନ୍ନତ ରାଷ୍ଟ୍ର ଗୁଡ଼ିକରେ ଏହି ସଂଖ୍ୟା ଗୋଟିଏ କିମ୍ବା ଦୁଇଟି ମଧ୍ୟରେ ସୀମିତ । ଅଳ୍ପ ଉନ୍ନତ ଦେଶଗୁଡ଼ିକରେ ଶିଶୁ ଜନ୍ମ ଉପରୋକ୍ତ ହାରରେ ବଢ଼ି ଚାଲେ ତେବେ ୨୦୨୫ ମସିହା ସୁଦ୍ଧା ଉକ୍ତ ଦେଶ ଗୁଡ଼ିକର ଲୋକସଂଖ୍ୟା ଦୁଇଗୁଣ ହୋଇଯିବ ।

Images: Aptakama Mishra, Processing: Srujanika

ଔଷଧର ଗନ୍ତାଘର ସମୁଦ୍ର

ଡକ୍ଟର ଭି. ସ. ଜି. ରେଡ୍ଡି

ଉତ୍ତମ ସ୍ୱାସ୍ଥ୍ୟ ଓ ନୂତନ ଔଷଧ ନିର୍ମାଣ କରିବାପାଇଁ ମଣିଷ ଯୁଗ ଯୁଗ ଧରି ଉଦ୍ୟମ କରିଆସିଛି । ସମୁଦ୍ରରୁ ଆମ୍ଭେମାନେ ଅନେକ ଗୁଡ଼ିଏ ଔଷଧ ପାଇଥାଉ । ସମୁଦ୍ର ପୃଥିବୀର ଶତକଡ଼ା ୭୧ ଭାଗ ଅଂଶରେ ମାଡ଼ି ରହିଛି । ଏଥିରେ ଅନେକ ଜୀବଜନ୍ତୁ ଏବଂ ଅନ୍ୟାନ୍ୟ ବସ୍ତୁ ମୂଲ୍ୟବାନ ପଦାର୍ଥ ରହିଛି ।

ସାମୁଦ୍ରିକ ଲତା ଓ ଜୀବଜନ୍ତୁ ଗୁଡ଼ିକ ମଣିଷର ସ୍ୱାସ୍ଥ୍ୟ ରକ୍ଷାରେ ଅନେକ ସାହାଯ୍ୟ କରିଆସିଛି । ଏମାନେ ଟିୟୁମର ଭଲ କରିଦେଇ ପାରିବେ । ବିଭିନ୍ନ ଜୀବାଣୁଙ୍କୁ ମାରିଦେଇ ପାରିବେ । ଏପରି କେତେକ ସାମୁଦ୍ରିକ ଜୀବ ଅଛି ଯାହାକି ଶରୀରର କ୍ଷତି ସାଧନ ମଧ୍ୟ କରିଥାଏ । ରୋଗ ଗୁଡ଼ିକର ଚିକିତ୍ସା କରିବାପାଇଁ ସମୁଦ୍ରରୁ ଏତେ ପରିମାଣରେ ଔଷଧ ମିଳେଯେ ଏହାକୁ ଏକ ବିରାଟ ଔଷଧ ଭଣ୍ଡାର ସହିତ ତୁଳନା କରାଯାଇ ପାରେ । ରୋଗ ପ୍ରତିରୋଧକ ଶକ୍ତି, କର୍କଟ ରୋଗପାଇଁ ଔଷଧ ଏବଂ ସ୍ନାୟୁବିକ ରୋଗପାଇଁ ବିଭିନ୍ନ କିସମର ଔଷଧ ଆମ୍ଭେମାନେ ଉଦ୍‌ଭାବନ କରୁଛୁ । କରୁଛୁ । କେତେକ କ୍ଷେତ୍ରରେ ସଫଳତା ଆଶାନୁରୂପକ ମିଳୁନାହିଁ କିନ୍ତୁ ଏପରି କେତେକ ଦ୍ରବ୍ୟ ମିଳୁଛି ଯାହାକି ଆଶ୍ଚର୍ଯ୍ୟଜନକ ଭାବେ ଏହିସବୁ ରୋଗକୁ ଭଲ କରିଦେବାରେ ସାହାଯ୍ୟ କରୁଛି । ଏ ଗୁଡ଼ିକ ସବୁ ପ୍ରକୃତିରେ ହିଁ ବାସକରୁଛନ୍ତି । କିନ୍ତୁ ହଠାତ୍ ଏ ଗୁଡ଼ିକ ମିଳିବେ ନାହିଁ ।

ସାମୁଦ୍ରିକ ଗୁଳ୍ମରୁ ସିଫାଲୋସ୍ପୋରିନ ଓ ଆଉ କେତେକ ରୋଗ ପ୍ରତିରୋଧକାରୀ ଔଷଧ ତିଆରି ହୋଇଛି । ଆମ ଦେଶରେ ଅଳ୍ପଦିନ ହେଲା ସମୁଦ୍ରରୁ ଔଷଧ ସଂଗ୍ରହ ଗବେଷଣା ଆରମ୍ଭ ହୋଇଛି । ଏହା ୧୯୫୦ ମସିହାର ଘଟଣା । ଏ କ୍ଷେତ୍ରରେ ଜାତୀୟ ସାମୁଦ୍ରିକ ଗବେଷଣା ପ୍ରତିଷ୍ଠାନ ଓ ଲକ୍ଷ୍ନୌଠାରେ ଥିବା କେନ୍ଦ୍ରୀୟ ଔଷଧ ଗବେଷଣା ପ୍ରତିଷ୍ଠାନ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ଗବେଷଣାରୁ ଜଣାଯାଏଯେ, ସମୁଦ୍ରରୁ ମିଳୁଥିବା ଜୀବକୋଷ ଗୁଡ଼ିକ ମଣିଷର ସ୍ୱାସ୍ଥ୍ୟ ରକ୍ଷାରେ ଯଥେଷ୍ଟ ସାହାଯ୍ୟ କରିବେ । (ପି. ଆଇ. ବି) □

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ଭାରତର ଅନ୍ୟଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ଏହିଚୁକ୍ତି ଅନୁଯାୟୀ ରୁଷର ବୈଷୟିକ ସହାୟତାରେ ଭାରତରେ ଆର୍ଯ୍ୟଭଟ୍ଟ ନାମକ କୃତ୍ରିମ ଉପଗ୍ରହର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଏବଂ ରୁଷର ରକେଟ ସାହାଯ୍ୟରେ ରୁଷରୁ ଏହାକୁ ୧୯୭୫ ମସିହା ଏପ୍ରିଲ ୧୫ ତାରିଖଦିନ କକ୍ଷପଥକୁ ଛଡ଼ାଗଲା । ଶୀଘ୍ର ରଞ୍ଜନରଶ୍ମିର (ଏକ୍ସରେ) ଉତ୍ସ ନିରୂପଣ, ଏରୋନୋମି ସମସ୍ୟାର ଅନୁଧ୍ୟାନ ତଥା ସୂର୍ଯ୍ୟରୁ ନିର୍ଗତ ନ୍ୟୁଟ୍ରନ୍ ଓ ଗାମାରଶ୍ମି ସମ୍ପର୍କରେ ଅଧ୍ୟୟନ କରିବା ଥିଲା ଏହାର ଲକ୍ଷ୍ୟ ଆର୍ଯ୍ୟଭଟ୍ଟର ଉତ୍କ୍ଷେପଣ ପରେ ମହାକାଶ ଟେକ୍ନୋଲୋଜିରେ ଭାରତ ନିଜର ଆସ୍ଥାନ ପ୍ରତିଷ୍ଠା କରିପାରିଲା । ଆର୍ଯ୍ୟଭଟ୍ଟ ପରେ ପରେ ISRO ପକ୍ଷରୁ ଭାସ୍କର—୧ ଓ ୨ ଯାନ ପ୍ରେରଣ କରାଗଲା । ଭାସ୍କର—୧ ଓ ଆର୍ଯ୍ୟଭଟ୍ଟର କାର୍ଯ୍ୟ ପ୍ରାୟ ସମାନ କିନ୍ତୁ ପ୍ରକୃତ ମହାକାଶ କାର୍ଯ୍ୟ ଆରମ୍ଭ ହେଲା ୧୯୮୦ ମସିହା ଜୁଲାଇ ୧୮ ତାରିଖଦିନ ସେହିଦିନ SLV-3 ରକେଟରେ ୩୫ କିଲୋଗ୍ରାମ ଓଜନର ରୋହିଣୀ ଉପଗ୍ରହକୁ ଶ୍ରୀହରିକୋଟାରୁ କକ୍ଷାଂଶକୁ ପ୍ରେରଣ କରାଗଲା । ଦୀର୍ଘ ୭ବର୍ଷର କଠୋର ଅଧ୍ୟବସାୟ ପରେ ଭାରତୀୟ ବୈଜ୍ଞାନିକମାନେ ଏହି ସଫଳତା ହାସଲ କଲେ ।

ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଭାରତ ପକ୍ଷରୁ ପୋଲାର ସାଟେଲାଇଟ୍ ଲଞ୍ଚ ଭେଇକଲ (PSLV) ତିଆରି ଚେଷ୍ଟା ଚାଲିଛି ଯାହାକି ୬୦୦କିଲୋଗ୍ରାମ ଓଜନର ଉପ ଗ୍ରହକୁ ମହାକାଶରେ ଅବସ୍ଥାପିତ କ୍ଷମ କରିବାରେ ହେବ । ଏହି ଧରଣର ରକେଟ ତିଆରି ସରିଲେ ପାଗ ପର୍ଯ୍ୟବେକ୍ଷଣ ଉପଗ୍ରହ ପ୍ରେରଣ କରିବାରେ ଭାରତ ଆତ୍ମ ନିର୍ଭରଶୀଳ ହୋଇପାରିବ ।

୧୯୭୮ ମସିହାରେ ଉପଗ୍ରହ ଜରିଆରେ ବିଭିନ୍ନ ସ୍ଥାନସହ ଯୋଗାଯୋଗ ସ୍ଥାପନକରିବା ପାଇଁ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ଆରମ୍ଭହେଲା । ଏଥିପାଇଁ ସାଟେଲାଇଟ ଟେଲିକମ୍ୟୁନିକେସନ୍ସ ପ୍ରୋଜେକ୍ଟ ଆରମ୍ଭ ହୋଇଥିଲା ଏବଂ ISRO ଏବଂ ଭାରତୀୟ ଡାକ ଓ ତାର ବିଭାଗର ମିଳିତ ସହଯୋଗରେ ଏ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହିଭଳି କ୍ରମାଗତଭାବେ ଉନ୍ନତି କରି ଭାରତ ଏବେ INSAT ଉପଗ୍ରହ ସ୍ତରରେ ପହଞ୍ଚିଛି, ଯେଉଁ ଉପଗ୍ରହ ସାହାଯ୍ୟରେ ଦେଶସାରା ପାଣିପାଗର ଅବସ୍ଥା ସମ୍ପର୍କରେ ଜାଣିବା ସଙ୍ଗେ ସଙ୍ଗେ ଟି ଭି ଏବଂ ରେଡ଼ିଓ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରିତ ହୋଇ ପାରୁଛି ।

□

Images: Aptakama Mishra, Processing: Srujanika

କେନ୍ଦ୍ରମନ୍ତ୍ରୀ ଶ୍ରୀ ରଥଙ୍କ ପ୍ରଚଣ୍ଡ ଆକ୍ରମଣରେ ମୁଖ୍ୟମନ୍ତ୍ରୀ ଜର୍ଜରିତ

ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ସଂଗଠନର ବିପର୍ଯ୍ୟୟ ଯୋଗୁ ଗୋଡ଼ାଣିଆମାନେ ହତାଶ

(ଆମ ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ରଥଙ୍କ ପ୍ରଚଣ୍ଡ ରାଜନୈତିକ ଆକ୍ରମଣରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ନାହିଁ-ନାହିଁ ରାବ ଦେଲେଣି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ଲକ୍ଷ୍ୟ କରୁଛନ୍ତି ।

ଓଡ଼ିଶାରେ ଏକ ବୋଲକରା ପ୍ରଦେଶ କଂଗ୍ରେସ କମିଟି ଗଠନକରି ସଂଗଠନକୁ ନିଜର ସମ୍ପୂର୍ଣ୍ଣ ଆୟତ୍ତରେ ରଖି ଆବଶ୍ୟକ ସ୍ଥଳେ ରାଜନୈତିକ ଉଦ୍ଦେଶ୍ୟରେ ତାହାକୁ ବ୍ୟବହାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ସୁପରିକଳ୍ପିତ ଯୋଜନା କରିଥିଲେ ତାହା କାର୍ଯ୍ୟକାରୀ ହେବାରେ ଏବେ ନାନା ପ୍ରତିବନ୍ଧକ ସୃଷ୍ଟି ହେଲାଣି । ତାଙ୍କର ବୋଲକରା ଲୋକେ ମଧ୍ୟ ତାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ତତ୍ପର ହୋଇ ଉଠିଥିବାର ଅନେକ ସଙ୍କେତ ମିଳିଲାଣି ।

ଓଡ଼ିଶାର କଂଗ୍ରେସ ସଂଗଠନକୁ ନିଜ ଇଚ୍ଛାମତେ ଗଢ଼ିବା ଓ ଭାଙ୍ଗିବାର କର୍ତ୍ତୃତ୍ୱ ଏବେବି ରହିଛି ବୋଲି ପ୍ରତିପାଦିତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗଞ୍ଜାମ, ଫୁଲବାଣୀ ଓ ସମ୍ବଲପୁର ଜିଲ୍ଲାର କଂଗ୍ରେସ କମିଟି ସଭାପତି ପଦପାଇଁ ନିର୍ବାଚନ କରାଇଥିଲେ । ଏହି ନିର୍ବାଚନରେ ତାଙ୍କର ବୋଲକରା ଲୋକଙ୍କୁ ସଭାପତି ରୂପେ ନିର୍ବାଚିତକରି ସଂଗଠନ କ୍ଷେତ୍ରରେ ସେ ହିଁ ସବୁ କିଛି ଏହା ସାଧାରଣ ଲୋକଙ୍କୁ ତଥା ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରୁଥିବା କଂଗ୍ରେସ ଲୋକଙ୍କୁ ଦର୍ଶାଇବା ତାଙ୍କର ଅସଲ ଉଦ୍ଦେଶ୍ୟ ଥିଲା । ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଦୁଇ ମାସ ତଳେ ସବୁ ମୁଖ୍ୟମନ୍ତ୍ରୀଙ୍କର ସ୍ଥାୟୀ ଭକ୍ତରୂପେ ପରିଚିତ ଅର୍ଥସର୍ବସ୍ୱ ଶ୍ରୀ ଇନ୍ଦ୍ରଜିତ୍ ରାୟଙ୍କୁ ପ୍ରଦେଶ କଂଗ୍ରେସର ରିଟର୍ଣ୍ଣିଂ ଅଫିସର ରୂପେ ମଧ୍ୟ ନିଯୁକ୍ତ କରାଯାଇଥିଲା । ରିଟର୍ଣ୍ଣିଂ ଅଫିସର ନିର୍ବାଚନ ପରିଚାଳନା ନାମରେ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କୁ ଜିଲ୍ଲା ସଭାପତି ରୂପେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଦେଇ ଦିଲ୍ଲୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଥାନ୍ତେ । ଏଥିପାଇଁ ଆବଶ୍ୟକ ସମସ୍ତ ପ୍ରକାର ସହାୟତା ମଧ୍ୟ ତାଙ୍କୁ ଦିଆଯାଇଥିଲା ।

କିନ୍ତୁ ଏଭଳି ବ୍ୟାପକ ପ୍ରସ୍ତୁତି ଓ ସତର୍କତା ମୂଳକ ବ୍ୟବସ୍ଥା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କର ଘୋର ବିରୋଧୀ ଓ ଶ୍ରୀ ରଥଙ୍କ ଅତି ଘନିଷ୍ଠ ବନ୍ଧୁମାନେ ଉକ୍ତ ତିନି ଜିଲ୍ଲାର କଂଗ୍ରେସ ସଭାପତି ରୂପେ ନିର୍ବାଚିତ ହୋଇ ଯିବାରୁ ମୁଖ୍ୟମନ୍ତ୍ରୀଙ୍କ ଶିବିରରେ ସମସ୍ତେ ହତାଶ ହୋଇ ପଡ଼ିଛନ୍ତି ।

ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତିରୂପେ ଶ୍ରୀ ହେମାନନ୍ଦ ବିଶ୍ୱାଳ ନିର୍ବାଚିତ ହେବା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏକ ପ୍ରଚଣ୍ଡ ଆଘାତ ହୋଇଛି । ଶ୍ରୀ ବିଶ୍ୱାଳ ବିଗତ ଗୃହବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି, ସ୍ୱଜନପ୍ରୀତି ତୋଷଣ ସମ୍ପର୍କରେ ଦଳର ସର୍ବୋଚ୍ଚ ନେତ୍ରୀ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ଏବଂ ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟି ଚେୟାରମ୍ୟାନ ଥାଇ ସେ ରିପୋର୍ଟ କିଣାରେ ରାଜ୍ୟସରକାରଙ୍କ ପକ୍ଷରୁ ହୋଇଥିବା ଦୁର୍ନୀତି ପଦାରେ ପକାଇଦେବାରୁ ତାଙ୍କୁ ସେ ପଦବୀରୁ ଅନ୍ତର କରାଯାଇଥିଲା ।

ଏବେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତିରୂପେ ନିର୍ବାଚିତ ହେବାପରେ ସମଗ୍ର ପଶ୍ଚିମ ଓଡ଼ିଶାର ଅବିସମ୍ବାଦିତ କଂଗ୍ରେସ ନେତାରୂପେ ସେ ଆତ୍ମପ୍ରକାଶ କରିଥିବାରୁ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ମନୋନୟନ ବେଳେ ମୁଖ୍ୟମନ୍ତ୍ରୀ କ୍ଷମତାରେ ଥିଲେ ମଧ୍ୟ ତାଙ୍କ ଗୋଡ଼ାଣିଆ ମାନଙ୍କୁ ସହଜରେ ଟିକେଟ ଦେଇ ପାରିବେ ନାହିଁ ବୋଲି ଅନୁମାନ କରାଯାଉଛି ।

ପଶ୍ଚିମ ଓଡ଼ିଶା ପ୍ରତି ବରାବର ଅବିଚାର କରାଯାଉଛି ବୋଲି ଅତୀତରେ କୁହାଯାଉଥିଲେ ମଧ୍ୟ କୌଣସି ପ୍ରକାର ତୀବ୍ର ପ୍ରତିକ୍ରିୟା ଏ ପର୍ଯ୍ୟନ୍ତ ଅନୁଭୂତ ହୋଇ ନ ଥିଲା । କିନ୍ତୁ ଶ୍ରୀ ବିଶ୍ୱାଳଙ୍କ ନିର୍ବାଚନ ସେମାନଙ୍କ ଅସନ୍ତୋଷର ପରିପ୍ରକାଶ । ଶ୍ରୀ-ବିଶ୍ୱାଳଙ୍କୁ ହରାଇ ଦେବାପାଇଁ ରାଜ୍ୟର ଦୁଇ-ଜଣ ମନ୍ତ୍ରୀ ଯଥାସମ୍ଭବ ଚେଷ୍ଟା କରିଥିଲେ ଏବଂ ରିଟର୍ଣ୍ଣିଂ ଅଫିସର ମଧ୍ୟ ଏଥିରେ ସହାୟତା କରୁଥିଲେ । ଏହାସତ୍ତ୍ୱେ ସେଠାରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରଥଙ୍କ ଜଣେ ଘନିଷ୍ଠବନ୍ଧୁ ଜିଲ୍ଲା କଂଗ୍ରେସ କମିଟିରୂପେ ନିର୍ବାଚିତ ହୋଇ-ଯିବାରୁ ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ମନୋବଳ କମିଯାଉଛି ।

ସେହିଭଳି ଫୁଲବାଣୀରେ ଶ୍ରୀ ଜଗନ୍ନାଥ ଜାନୀଙ୍କ ନିର୍ବାଚନ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି କରିଛି । ଶ୍ରୀ ଜାନୀ ସଂପ୍ରତି ରାଜ୍ୟ ସଭା ସଦସ୍ୟ ଅଛନ୍ତି ଏବଂ ଶ୍ରୀରଥ ସହିତ ତାଙ୍କର ଘନିଷ୍ଠତା ଅତି ଜଣାଶୁଣା । ସେଠାରେ ତାଙ୍କର ପ୍ରତିଦ୍ୱନ୍ଦୀ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଦାସାନୁଦାସ ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଶ୍ରୀ ମୃତ୍ୟୁଞ୍ଜୟ ନାୟକ ଏମ ପି ଙ୍କୁ ଯେନତେନ ପ୍ରକାରେଣ ଜିଲ୍ଲା କଂଗ୍ରେସ ସଭାପତି କରିବା ପାଇଁ ଉଦ୍ୟମ ହୋଇଥିଲା । ଏବଂ ରିଟର୍ଣ୍ଣିଂ ଅଫିସର ଏ ଦିଗରେ ଯଥେଷ୍ଟ ତତ୍ପର ଥିଲେ ମଧ୍ୟ ଭୋଟରମାନଙ୍କ ସତର୍କତା ଦୃଷ୍ଟିରୁ ସେଠାରେ କିଛି ବେନିୟମ କାର୍ଯ୍ୟ ହୋଇପାରି ନଥିଲା । ବିଧାନସଭା ଉପବାଚସ୍ପତି ଶ୍ରୀ ହିମାଂଶୁଶେଖର ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଏହି ମଉକାରେ ନିଜ ରାଗ ସୁଝାଇଦେଲେ ବୋଲି ସେଠାଲୋକେ କୁହାକୁହି ହେଉଛନ୍ତି.

ରାଜନୈତିକ ବ୍ୟୁହ

ଗଞ୍ଜାମରେ ଶ୍ରୀ ରଥଙ୍କୁ ଏକ ରାଜନୈତିକ ଘେରଭିତରେ ପକାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରବଳ ଉଦ୍ୟମ ହେଉଥିଲେ ମଧ୍ୟ ସେଠାରେ କିଛି କାର୍ଯ୍ୟକାରୀ ହେଉନଥିବାରୁ ସେ ଅତ୍ୟନ୍ତ ଉତ୍ତେଜିତ ହୋଇ ଉଠିଛନ୍ତି । ଶ୍ରୀ ବୃନ୍ଦାବନ ନାୟକଙ୍କୁ କଂଗ୍ରେସରେ ଗ୍ରହଣକରି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରଥଙ୍କୁ କାବୁକରିବା ପାଇଁ ଶ୍ରୀ ପଟ୍ଟନାୟକ ଯେଉଁ ସୁଚତୁର ଉଦ୍ୟମ କରିଥିଲେ ସେଠାରେ ତାହା ଫଳପ୍ରଦ ହେଲନାହିଁ । ବରଂ ଶ୍ରୀ-ନାୟକଙ୍କୁ କଂଗ୍ରେସରେ ଗ୍ରହଣ କରାଯାଇ ଥିବା ବିରୁଦ୍ଧରେ ଶ୍ରୀ ରଥ ପ୍ରତ୍ୟକ୍ଷ ଭାବେ ତୀବ୍ର ଅସନ୍ତୋଷ ପ୍ରକାଶ କରିବାରୁ ଶ୍ରୀ ନାୟକଙ୍କୁ

Images: Aptakama Mishra, Processing: Srujanika

ରାଜ୍ୟ ଜଳସେଚନ ମନ୍ତ୍ରୀଙ୍କ ଅଣଓଡ଼ିଆ ପ୍ରୀତି

ରେମାଳ ସ୍ପିଲୱେ କାମ ପଞ୍ଚମ ଲୋଏଷ୍ଟ ଟେଣ୍ଡରଦାତାଙ୍କୁ ଦିଆଯାଇ ଥିବାରୁ ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟ ସମ୍ପର୍କରେ ସନ୍ଦେହ ।

(ନିଜ ପ୍ରତିନିଧିଙ୍କ ଠାରୁ)

ରାଜ୍ୟ ବିଦ୍ୟୁତ ଓ ଜଳସେଚନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏବେ ଓଡ଼ିଶାରେ ଅଣଓଡ଼ିଆ ବ୍ୟବସାୟୀମାନଙ୍କୁ ସବୁଦିଗରୁ ଉତ୍ସାହିତ କରିବାକୁ ନିଷ୍ପତ୍ତି କରିଥିବା ତାଙ୍କ ନିକଟତମ ମହଲରୁ ଜଣାଯାଏ ।

ଓଡ଼ିଆ ଠିକାଦାର, ବ୍ୟବସାୟୀ ମାନେ ମନ୍ତ୍ରୀଙ୍କୁ ଆବଶ୍ୟକୀୟ ଚାନ୍ଦା ଦେଇ ସେ କଥା ବାହାରେ ପ୍ରକାଶ କରିଦେଉଥିବାରୁ ମନ୍ତ୍ରୀ ମହାଶୟ ଅତ୍ୟଧିକ ଉତ୍କ୍ଷିପ୍ତ ହୋଇ ଏଭଳି ସିଦ୍ଧାନ୍ତ କରିଥିବା ପ୍ରକାଶ । ଅଣ ଓଡ଼ିଆ ବ୍ୟବସାୟୀ ମାନେ କେବଳ ଅର୍ଥସର୍ବସ୍ୱ ହୋଇ ଥିବାରୁ ମନ୍ତ୍ରୀମାନଙ୍କୁ ଚାନ୍ଦାଦେଇ ସେମାନେ ବାହାରେ କିଛି କହି ବୁଲୁନାହାନ୍ତି । ତେଣୁ ସେମାନଙ୍କୁ କାମଦେଇ ଟଙ୍କା ଆଦାୟ କରିବା ଅଧିକ ନିରାପଦ ବୋଲି ଶ୍ରୀ ପଟ୍ଟନାୟକ ବିଚାରୁଛନ୍ତି । ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀଙ୍କ ନିକଟତମ ଅଫିସର ମାନେ ପ୍ରାଥମିକ କାର୍ଯ୍ୟ ଆରମ୍ଭ କଲେଣି । ଓଡ଼ିଶାରେ ନିର୍ମିତ ହେବାକୁ ଥିବା ଇନ୍ଦ୍ରାବତୀ ପ୍ରକଳ୍ପର କାର୍ଯ୍ୟ ଯେପରି କୌଣସି ଓଡ଼ିଆଙ୍କ ହାତକୁ ନଯାଏ ସେଥିପାଇଁ ଟେଣ୍ଡର ଦେବାବେଳେ ସତର୍କତା ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ରେମାଳ ସ୍ପିଲୱେ

ଶ୍ରୀ ପଟ୍ଟନାୟକଙ୍କ ନିଜ ଜିଲ୍ଲା କେନ୍ଦୁଝରର ଠାରେ ରେମାଳ ସ୍ପିଲୱେ କାମପାଇଁ ଯେଉଁ ଟେଣ୍ଡର ମଗାଯାଇ ଥିଲା ସେଥିରେ ଜଣେ ଓଡ଼ିଆ ବ୍ୟବସାୟୀଙ୍କ ଟେଣ୍ଡର ସର୍ବନିମ୍ନ ହୋଇଥିଲେ ମଧ୍ୟ ତାଙ୍କୁ କାମ ଦିଆନଯାଇ ପଞ୍ଚମ ଲୋଏଷ୍ଟ ହୋଇଥିବା ଜଣେ ଅଣଓଡ଼ିଆଙ୍କୁ ଏହି କାମ ଦିଆଯାଇ ଥିବାରୁ ଓଡ଼ିଆ ବ୍ୟବସାୟୀ ମହଲରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି । ଏହି ଦୁଇଟେଣ୍ଡରର ମଧ୍ୟରେ ପ୍ରାୟ ୮୦ ଲକ୍ଷ ଟଙ୍କାର ତାରତମ୍ୟ ରହିଛି ।

ଏହି ଅନିଷ୍ଟଘଟଣା ସମ୍ପର୍କରେ ଚାରିଜଣ ବିଧାନସଭା ସଦସ୍ୟ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ମୁଖ୍ୟମନ୍ତ୍ରୀ ଏଭଳି ଦୁର୍ନୀତି ପ୍ରତି ବିଶେଷ ଗୁରୁତ୍ୱ ଦେଉ ନଥିବାରୁ ସେମାନେ ଏ ସମ୍ପର୍କରେ ରାଜ୍ୟପାଳଙ୍କୁ ଲେଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

□

ଗଞ୍ଜାମର କଂଗ୍ରେସ ଲୋକେ କୃଷ୍ଣ ସେଠୀ ଭଳି ବ୍ୟବହାର କରି ନିଜପାଖରେ ପୂରାଇ ଦେଉ ନାହାନ୍ତି । ଶ୍ରୀ ନାୟକ ଏବେ କଂଗ୍ରେସରେ ମିଶି ମହରଚରୁ ଯାଇ କାନ୍ତାରରେ ପଡ଼ିଛନ୍ତି ।

ଏ ବ୍ୟବସ୍ଥା ଫଳପ୍ରଦ ନ ହେବାରୁ ସେଠାରେ ଶ୍ରୀ ସୋମନାଥ ରଥଙ୍କୁ ମନ୍ତ୍ରୀକରି ନିର୍ବାଚନ ଜରିଆରେ ଶ୍ରୀ ରାମଚନ୍ଦ୍ର ରଥଙ୍କର ଜଣେ ବିରୋଧୀ ଲୋକଙ୍କୁ ଜିଲ୍ଲା କଂଗ୍ରେସ ସଭାପତି କରି ଉଭୟଙ୍କୁ ତାଙ୍କ ବିରୁଦ୍ଧରେ ପ୍ରୟୋଗ କରିବୋଲି ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର କରିଥିଲେ । କିନ୍ତୁ ଜିଲ୍ଲାକଂଗ୍ରେସ ନିର୍ବାଚନରେ ଶ୍ରୀ ରଥଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ଶ୍ରୀ ରାଧାଗୋବିନ୍ଦ ସାହୁ ନିର୍ବାଚିତ ହେବାପରେ ଏ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଶ୍ରୀ ସାହୁ ନିର୍ବାଚିତ ହେବାପରେ ଶ୍ରୀ ରଥଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାରେ ଲାଗି ପଡ଼ିଲେଣି ଏବଂ ଡି. ସି. ସି ପକ୍ଷରୁ ଅନୁଷ୍ଠାନିକ ଭାବେ ଏବେ ବିଭିନ୍ନ ସ୍ଥାନକୁ ଶ୍ରୀ ରଥଙ୍କୁ ନିମନ୍ତ୍ରଣ କରାଯାଇ ବିଭିନ୍ନ ସଭା ସମିତିର ଆୟୋଜନ ହେଉଛି ।

ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାରେ ଲାଗିପଡ଼ିଲେଣି ଏବଂ ଡି, ସି. ସି. ପକ୍ଷରୁ ଅନୁଷ୍ଠାନିକଭାବେ ଏବେ ବିଭିନ୍ନ ସ୍ଥାନକୁ ଶ୍ରୀ ରଥଙ୍କୁ ନିମନ୍ତ୍ରଣ କରାଯାଇ ବିଭିନ୍ନ ସଭା ସମିତିର ଆୟୋଜନ ହେଉଛି ।

ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ଏ ରାଜନୈତିକ ବିପର୍ଯ୍ୟୟକୁ ସମସ୍ତେ କୌତୁହଳର ସହ ଲକ୍ଷ୍ୟ କରୁଛନ୍ତି ।

ରାଜ୍ୟରେ ଯଥାଯଥ ନିର୍ବାଚନ ଜରିଆରେ ପି. ସି, ସି. ଗଠନ କରାଯାଇ ନଥିବାରୁ ଶ୍ରୀ ରଥ ଏହି ପି. ସି. ସି. ନିର୍ବାଚନକୁ ମୂଳରୁ ବାସନ୍ଦ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶ୍ରୀ ରଥଙ୍କୁ ଏହି ପି. ସି. ସି. ରେ ସାମିଲ କରିବା ପାଇଁ ପ୍ରତ୍ୟେକ୍ଷ ଭାବେ ଉଦ୍ୟମ କରି ମଧ୍ୟ ସଫଳ ନ ହେବାରେ ଅତି ଧୀରସ୍ଥିର ଭାବରେ ତାଙ୍କ ବିରୁଦ୍ଧରେ ଏକ ବ୍ୟୂହ ରଚନାରେ ଲାଗି ପଡ଼ିଥିଲେ । କିନ୍ତୁ ଅବଶେଷରେ ଏ ବ୍ୟୂହ ଭଙ୍ଗ ହୋଇଯିବାରୁ ସେ ବଡ଼ ଚିନ୍ତିତ ଅବସ୍ଥାରେ ଅଛନ୍ତି । □

* ବିଶ୍ୱର ଜନସଂଖ୍ୟା ୧୯୮୮ ମସିହା ବେଳକୁ ୫୦୦ କୋଟିରେ ପହଞ୍ଚିବ । ବିଶ୍ୱ ଜନସଂଖ୍ୟାର ଏକ ଅନୁପାତିକ ହିସାବ ନିଆଯାଇ ଜନସଂଖ୍ୟା ସମୀକ୍ଷା ବ୍ୟୁରୋ ତରଫରୁ ଏହା କଳନା କରାଯାଇଛି ।

* ବିଗତ ୨୦ ବର୍ଷ ମଧ୍ୟରେ କେତେକ ଉନ୍ନତ ରାଷ୍ଟ୍ରରେ ଜନ୍ମ ହାର ହ୍ରାସ ପାଇଥିବାବେଳେ ଉକ୍ତ ସମୟ ମଧ୍ୟରେ ଆୟୁ ହାର ବୃଦ୍ଧି ପାଇଛି । ଅଳ୍ପ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଏହି ଜନ୍ମ ହାର ପ୍ରତି ହଜାର ଲୋକପିଚ୍ଛା ୩୩ ହୋଇଥିବା ସ୍ଥଳେ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଏହି ହାର ହଜାର ପିଚ୍ଛା ୧୫ ।

* ଉଭୟ ଉନ୍ନତ ଏବଂ ଅଳ୍ପ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ମୃତ୍ୟୁ ହାର ପ୍ରାୟ ଏକା ପ୍ରକାର । ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଏହା ପ୍ରତି ହଜାରରେ ୧୦ ଜଣ ହୋଇଥିବାବେଳେ ଅଳ୍ପ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଏହା ହଜାର ପିଚ୍ଛା ୧୨ ଜଣ ।

Images: Aptakama Mishra, Processing: Srujanika

କୃତୀତ୍ୱର କାହାଣୀ

ଆତ୍ମନିର୍ଭରଶୀଳ ଅନ୍ଧ ପ୍ରଦୀପ ମଣ୍ଡଳ

ପଶ୍ଚିମବଙ୍ଗର ୨୪-ପ୍ରଗଣା ଜିଲ୍ଲା ଅନ୍ତର୍ଗତ ନରେନ୍ଦ୍ରପୁର ରାମକୃଷ୍ଣମିଶନ ଆଶ୍ରମର ଅନ୍ଧ ବାଳକଙ୍କ ଶିକ୍ଷାନୁଷ୍ଠାନରେ ପ୍ରବେଶ କଲାବେଳେ ଆମେ କେହି ଜଣେ ସୁମଧୁର କଣ୍ଠରେ "ରାମକୃଷ୍ଣ ଚରନ ସରୋଜେ ମାଜାରେ ମୋନ ମଧୁପ ମୋର" (ହେ ମନ ମୋର ମହୁମାଛି ପରି ପ୍ରଭୁ ରାମକୃଷ୍ଣଙ୍କ ଚରଣ କମଳ ତଳେ ମଜି ଯା) ବଙ୍ଗଳା ଗୀତ ଗାଉ-ଥିବାର ଶୁଣିଥିଲୁ। ଏହି ଚିତ୍ତାକର୍ଷକ ଗାୟକ ଥିଲେ ୩୩ବର୍ଷ ବୟସ୍କ ପ୍ରଦୀପ ମଣ୍ଡଳ। ପରେ ପରେ ଆମେ ଜାଣିବାକୁ ପାଇଲୁ ଯେ ପ୍ରଦୀପ ମଣ୍ଡଳ ୧୯୮୩ ମସିହାରେ ଅନ୍ଧମାନଙ୍କ ନିମନ୍ତେ ଜାତୀୟ ପୁରସ୍କାର ପାଇଥିଲେ।

ପ୍ରଦୀପ, ୨୪ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ଗାଜଭମହଲ ଗ୍ରାମର ଅଧିବାସୀ। ତାଙ୍କ ବାପା ଶ୍ରୀ ହରିଦୟ କିଷ୍ଟ ମଣ୍ଡଳ ଜଣେ ନାମମାତ୍ର କୃଷୀ। ଦୁର୍ଭାଗ୍ୟବଶତଃ ପ୍ରଦୀପ ୩ ବର୍ଷ ବୟସର ବାଳକ ଥିଲାବେଳେ ତାଙ୍କ ଦୃଷ୍ଟିଶକ୍ତି ହରାଇ-ଥିଲେ। ତେଣୁ କାଳିଘାଟ ମନ୍ଦିରରେ ଭିକ୍ଷା ବୃତ୍ତି କରି ପ୍ରଦୀପ ତାହାର ଜୀବନ ଧାରଣ କରିବା ପାଇଁ କେତେକ ବ୍ୟକ୍ତି ତାଙ୍କ ବାପାଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ତାଙ୍କର ପିତାମାତା ଏ ପ୍ରସ୍ତାବରେ ରାଜି ହୋଇ ନଥିଲେ। ପୁଅକୁ ଜଣେ ଗାୟକ ଭାବରେ ଗଢ଼ିବା ପାଇଁ ପ୍ରଦୀପଙ୍କ ମାଆଙ୍କ ଇଚ୍ଛାଥିଲା। ତେଣୁ ପ୍ରଦୀପ ଗୀତ ଗାଇବା, ତବଲା ପ୍ରଭୃତି ବାଦ୍ୟ ଯନ୍ତ୍ର ବଜାଇବାର ଅଭ୍ୟାସ ଆରମ୍ଭ କରିଥିଲେ। ଏହିପରି ଭାବରେ ସମୟ ଗଡ଼ି ଚାଲିଲା।

ଦିନେ ପ୍ରଦୀପର ବାବା ଶୁଣିବାକୁ ପାଇଲେ ଯେ ଅନ୍ଧ ବାଳକମାନଙ୍କୁ ସାଧାରଣ ପାଠ୍ୟକ୍ରମ ବ୍ୟତୀତ କୃଷି, ଗୋପାଳନ, କୁକୁଡ଼ା ପାଳନ, ଓ ସଙ୍ଗୀତ ଆଦି ବୈଷୟିକ ଶିକ୍ଷା ଦେବା ନିମନ୍ତେ ନରେନ୍ଦ୍ରପୁର ରାମକୃଷ୍ଣମିଶନ ଆଶ୍ରମ ୧୯୭୩ ମସିହାରେ ଅନ୍ଧ ବାଳକ ଶିକ୍ଷାନୁଷ୍ଠାନ ଆରମ୍ଭ କରିଛନ୍ତି। ଅନ୍ଧ ପିଲାମାନଙ୍କୁ ବ୍ରାଇଲ ପଦ୍ଧତି ଜରିଆରେ ଶିକ୍ଷା ପ୍ରଦାନ କରାଯିବ। ପ୍ରଦୀପ ୧୯୭୭ ମସିହାରେ ଏହି ବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ସେତେବେଳେ ତାଙ୍କ ବୟସ ଥିଲା ୨୪ ବର୍ଷ। ସେଠାରେ ସେ ଦେଢ଼ ବର୍ଷ କାଳରହି କୃଷି, ଗୋପାଳନ ଏବଂ କୁକୁଡ଼ା ଚାଷ ବିଷୟରେ ତାଲିମ ନେଇଥିଲେ। ପରୀକ୍ଷାରେ ସେ କୃତିତ୍ୱ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

ଶିକ୍ଷା ସମାପ୍ତ ହେଲା। ବିଦ୍ୟାଳୟ ତରଫରୁ ତାଙ୍କୁ ବିଦାୟ ଦେବା ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୫୦ଟି ଗୃହପାଳିତ ଲେଗହର୍ଣ୍ଣ କୁକୁଡ଼ା ଦିଆ-ଯାଇଥିଲା। କର୍ତ୍ତୃପକ୍ଷ ଉକ୍ତ ପକ୍ଷୀଗୁଡ଼ିକୁ ନଦୀଆ ଜିଲ୍ଲା ଅନ୍ତର୍ଗତ ରାମଘାଟ ରାଜ୍ୟ କୁକୁଡ଼ା ଫାର୍ମରୁ ଆଣିଥିଲେ। ତାପରେ ପ୍ରଦୀପ ତାଙ୍କ ବନ୍ଧୁଙ୍କ ସହାୟତାରେ ଆଉ ୫୦ଟି ପକ୍ଷୀ କିଣିଥିଲେ। ଏହିପରି ଭାବରେ ୧୦୦ଟି ପକ୍ଷୀକୁ ନେଇ ସେ ତାଙ୍କର କୁକୁଡ଼ା ଫାର୍ମ ଆରମ୍ଭ କଲେ।

ତାଙ୍କ ଗ୍ରାମରେ କୁକୁଡ଼ା ଫାର୍ମଟି ଆରମ୍ଭ କରାଗଲା। ବର୍ତ୍ତମାନ ତାଙ୍କର ପକ୍ଷୀ ସଂଖ୍ୟା ୧୦୦ରୁ ୩୫୦ ବୃଦ୍ଧି ପାଇଛି। ପ୍ରତ୍ୟେକ ପକ୍ଷୀ ବର୍ଷକୁ ହାରାହାରି ୨୮୦ଟି ଅଣ୍ଡା ଦେଉଛି। ଅଣ୍ଡାଗୁଡ଼ିକୁ ସେ ସପ୍ତାହରେ ଥରେ ଡାଇମଣ୍ଡ ହାରବରରେ ବିକ୍ରୀ କରନ୍ତି। କୁକୁଡ଼ା ଗୁଡ଼ିକ ଅଣ୍ଡା ଦେବା ନିମନ୍ତେ ଅକ୍ଷମ ହେବା ପରେ ସେଗୁଡ଼ିକ ମଧ୍ୟ ବଜାରରେ ବିକ୍ରୀକରି ଦିଆଯାଏ।

କୁକୁଡ଼ା ଚାଷରୁ ସେ ମାସକୁ ହାରାହାରି ୭୦୦ ଟଙ୍କା ଆୟ କରୁଥିଲେ।

ସେ ୧୯୮୨ ମସିହାରେ ତାଙ୍କ ଗ୍ରାମରେ ୯ ହଜାର ଟଙ୍କା ବ୍ୟୟକରି ୩ ଏକର ଚାଷଜମି କିଣିଥିଲେ। ସେ ଏହିଅର୍ଥ କୁକୁଡ଼ା ଚାଷରୁହିଁ ଜମା କରିଥିଲେ। ତାଙ୍କ ବୃଦ୍ଧ ପିତାଙ୍କୁ ଚାଷ କାର୍ଯ୍ୟ ନିମନ୍ତେ ଦୁଇଜଣ ସାନଭାଇ ସାହାଯ୍ୟ କରୁଥିଲେ। ସେମାନେ ଜମିରେ ଧାନ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ କରନ୍ତି। ଏହି ତିନିଏକର ଜମିରୁ ମଣ୍ଡଳ ପରିବାର ତାଙ୍କର ବର୍ଷକର ଡାଲି ଚାଉଳ ଚାହିଦା ଚଳାଇ ନିଅନ୍ତି।

ପ୍ରଦୀପ ତାଙ୍କ ଜୀବନ ଧାରଣ ନିମନ୍ତେ କାହାରି ଅଧୀନରେ ଚାକିରୀ କରି ନଥିବରୁ ତଥା ଭିକ୍ଷା ବୃତ୍ତି ଅବଲମ୍ବନ କରି ନଥିବାରୁ ବହୁତ ଆନନ୍ଦିତ। ବରଂ ବୁଦ୍ଧିମତ୍ତା ସାଧୁତା; କଠିନ ପରିଶ୍ରମ ଏବଂ କାର୍ଯ୍ୟ ଦକ୍ଷତା ଯୋଗୁ ଆଜି ତାଙ୍କର ଛଅଜଣିଆ ପରିବାର ସୁରୁଖୁରୁରେ କାଳାତିପାତ କରୁଅଛି।

ବଞ୍ଚିବା ପାଇଁ ଭିକ୍ଷାବୃତ୍ତି, ଚୋରି, ବେକାରି ଭତ୍ତା ସବୁ ଅନାବଶ୍ୟକ। କେବଳ କଠିନ ପରିଶ୍ରମ ଏବଂ ଲକ୍ଷ୍ୟ ପୂରଣ ନିମନ୍ତେ ମନବଳହିଁ, ଦରକାର ବୋଲି ପ୍ରଦୀପ ମଣ୍ଡଳ କହନ୍ତି। □

Images: Aptakama Mishra, Processing: Srujanika

ଇନ୍ଦିରା ଗାନ୍ଧୀ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବେ ?

(ବିଶେଷ ପ୍ରତିନିଧିଙ୍କ ଠାରୁ)

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରା ଗାନ୍ଧୀ ଆସନ୍ତା ମାସରେ ଓଡ଼ିଶା ପରିଦର୍ଶନ କରିବା ଅବକାଶରେ ଶ୍ରୀ-ଜଗନ୍ନାଥଙ୍କୁ ଦର୍ଶନ କରିବେ ବୋଲି କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ପୂର୍ବରୁ ଶ୍ରୀମତୀ ଗାନ୍ଧୀ ଜଗନ୍ନାଥ ଦର୍ଶନ ପାଇଁ ଉଦ୍‌ଗ୍ରୀବ ହୋଇ ଥିଲେ ହେଁ ପଣ୍ଡିତ ମଣ୍ଡଳୀ ଶ୍ରୀମତୀ ଗାନ୍ଧୀଙ୍କୁ ବିଧର୍ମୀ ଆଖ୍ୟା ଦେଇ ମନ୍ଦିର ଦର୍ଶନ ନିଷେଧ କରିଥିଲେ ।

କିନ୍ତୁ ପାର୍ସୀମାନେ ସୂର୍ଯ୍ୟ ପୂଜକ ଏବଂ ବହୁ ପୂର୍ବରୁ ପାର୍ସୀମାନେ ଜଗନ୍ନାଥଙ୍କ ଦର୍ଶନ କରି ଆସୁଛନ୍ତି ବୋଲି ପ୍ରତ୍ୟକ୍ଷ ପ୍ରମାଣ ମିଳିବା ପରେ ଶ୍ରୀମତି ଗାନ୍ଧୀଙ୍କ ଜଗନ୍ନାଥ ଦର୍ଶନ ପଥ ସୁଗମ ହୋଇଛି ।

ଏ ବିଗରେ କିଛିବର୍ଷ ତଳେ କଂଗ୍ରେସ କ୍ଷମତାହୀନ ହୋଇଥିବା ଅବସ୍ଥାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍ୟମ କରି ବିଫଳ ହୋଇଥିଲେ । ଗତ ଦୁଇ ବର୍ଷତଳେ ଜଗନ୍ନାଥ ଧର୍ମର ବିଶିଷ୍ଟ ଗବେଷକ ପଣ୍ଡିତ ସଦାଶିବ ରଥ ଶର୍ମା ମଧ୍ୟ ବିଦ୍ୱାନ୍ ମଣ୍ଡଳୀରେ ଆଲୋଚନା ଜରିଆରେ ଶ୍ରୀମତୀ ଗାନ୍ଧୀ ଜଗନ୍ନାଥ ବିଗ୍ରହ ଦର୍ଶନ କରିବାରେ କିଛି ବାଧାନାହିଁ ବୋଲି ପ୍ରତିପାଦିତ କରିଥିଲେ ଏବଂ ଏବେ ସେହି ସିଦ୍ଧାନ୍ତ କାର୍ଯ୍ୟକାରୀ ହେବାକୁ ଯାଉଛି ।

ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ପ୍ରତିକୂଳ ମତହେତୁ ହିନ୍ଦୁଧର୍ମ ଗ୍ରହଣ କରିଥିବା ବହୁ ବିଦେଶୀ ଏବେ ମଧ୍ୟ ଜଗନ୍ନାଥ ମନ୍ଦିର ଭିତରକୁ ଯାଇପାରୁ ନାହାନ୍ତି ।

□

କଟକ ସଦର ଏମ୍‌ଏଲ୍‌ଏ ଗିରଫ ଓ ପରେ ଜାମିନରେ ଖଲାସ

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ବିଧାନସଭା ସଦସ୍ୟ ଶ୍ରୀ-ଦୋଳଗୋବିନ୍ଦ ପ୍ରଧାନ କିଛିଦିନ ତଳେ ଗିରଫ ହୋଇ ଜାମିନ୍‌ରେ ଖଲାସ ହୋଇଥିବାର ଏକ କୌତୂହଳ ପ୍ରଦ ଖବର ନିର୍ଭର ଯୋଗ୍ୟ ସୂତ୍ରରୁ ଜଣା-ଯାଇଛି ।

ଘଟଣାରୁ ପ୍ରକାଶ ଯେ ଆବଶ୍ୟକୀୟ ଲାଇସେନ୍‌ସ ନଥାଇ କଟକ ଭୁବନେଶ୍ୱର ରାସ୍ତାରେ ଯାତାୟତ କରୁଥିବା ମେଟାଡୋର ଓ ଟ୍ରେକର ଗୁଡ଼ିକୁ ପୋଲିସ ଜବତ୍ କରି ଥାନାରେ ରଖିଥିଲା ପରେ ସେଗୁଡ଼ିକୁ ମୁକୁଳାଇବା ପାଇଁ ପ୍ରାଥମିକ ସ୍ତରରୁ ଶ୍ରୀ ପ୍ରଧାନ ଉଦ୍ୟମ କରି ବିଫଳ ହୋଇଥିଲେ ।

ଏହାପରେ ଟ୍ରେକର ୟୁନିୟନ୍‌ର ସଭାପତିରୂପେ ସେ ସହରାଞ୍ଚଳ ଏସ୍‌: ପି ଙ୍କ ସହିତ ଏ ବିଷୟରେ ଆଲୋଚନା କରିବା ନିମନ୍ତେ ଯାଇଥିଲେ । ଏ ଆଲୋଚନା ବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ କ୍ରମେ ଗୁରୁତର ଆକାର ଧାରଣ କରିବାରୁ ସେଠାରେ ଏସ୍ ପି ଶ୍ରୀ ପ୍ରଧାନଙ୍କୁ । ଆପଣ ଗିରଫ ହେଲେ, ବୋଲି କହିଥିଲେ ।

ଏ ମୌଖିକ ଗିରଫଦାରୀର କିଛି ସମୟ ପରେ ଉଭୟେ ଶାନ୍ତ ଅବସ୍ଥାକୁ ଆସିବାରେ ବ୍ୟକ୍ତିଗତ ମୁଚ୍‌ଲିକାରେ ଶ୍ରୀ ପ୍ରଧାନ ସେଠାରୁ ମୁକୁଳି ଆସିଛନ୍ତି ।

ଜବତ ହୋଇଥିବା ମେଟାଡୋର ଓ ଟ୍ରେକର ସବୁ ଏବେ ମଧୁପାଟଣା ଫାଣ୍ଡିରେ ଅଟକ ରହିଛି ଏବଂ ଟ୍ରେକର ମାଲିକ ମାନେ ଏବେ ଏଥି ପାଇଁ ଅଦାଲତର ଆଶ୍ରୟ ନେଇଛନ୍ତି ।

□

ବିଧାନ ସଭାରେ ଖାରବେଳ ପ୍ରସଙ୍ଗ

ଗତ ରାଜ୍ୟ ବିଧାନସଭା ଅଧି-ବେଶନ ଚାଲିଥିବାବେଳେ ବିରୋଧୀ ନେତା ଶ୍ରୀ ଶରତ ଚନ୍ଦ୍ର ଦେବ ଖାରବେଳରେ ପ୍ରକାଶିତ "ଜଳସେଚନ ମନ୍ତ୍ରୀଙ୍କ ଛ କୋଟି ଟଙ୍କା ଦୁର୍ନୀତି" ଶୀର୍ଷକ ସମ୍ବାଦ ବିଷୟ ଉପସ୍ଥାପନ କରିଥିଲେ । ଏ ସମ୍ବାଦର ସ୍ପଷ୍ଟୀକରଣ ଛଳରେ ବିଭାଗୀୟ ମନ୍ତ୍ରୀ ଅଧିକ ରେଟରେ କାମଦେବା କିଛି ନୂଆକଥା ନୁହେଁ ବୋଲି କହି ପ୍ରକାରାନ୍ତରେ ଦୁର୍ନୀତିକୁ ସ୍ୱୀକାର କରିଥିଲେ ।

ବିରୋଧୀ ଦଳର ନେତା ଜନ-ସାଧାରଣଙ୍କ ସମୂହ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ବିଧାନ ସଭାରେ ଏ ପ୍ରସଙ୍ଗ ଉତ୍ଥାପନ କରିଥିବାରୁ ଖାରବେଳ ପକ୍ଷରୁ ଆମେ ତାଙ୍କୁ କୃତଜ୍ଞତା ଜଣାଉଛୁ ।

ସମ୍ପାଦକ

Images: Aptakama Mishra, Processing: Srujanika

ନନ୍ଦିନୀ ଆଞ୍ଚଳିକଦଳ ଗଠନ କରିବେ

(ଆମ ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଏକଦା ଅତି ପ୍ରିୟପାତ୍ରୀ ଥିବା ଶ୍ରୀମତୀ ନନ୍ଦିନୀ ଶତପଥୀ ଅଚିରେ ଆଞ୍ଚଳିକ ରାଜନୈତିକ ଦଳ ଗଠନ କରୁଥିବା ତାଙ୍କ ନିକଟତମ ମହଲରୁ ଜଣାଯାଇଛି ।

୧୯୮୦ ମସିହାରେ ସେ ରାଜ୍ୟ ବିଧାନସଭାକୁ ଜଗଜୀବନ କଂଗ୍ରେସ (ଅର୍ସ)ର ସଭ୍ୟନେତ୍ରୀ ରୂପେ ନିର୍ବାଚିତ ହେବାପରେ ଏବେ କେତେକାଳ ହେଲା ନିର୍ଦ୍ଦଳୀୟ ସଦସ୍ୟା ରୂପେ ରହିଛନ୍ତି ଏବଂ ସେ କଂଗ୍ରେସ (ଆଇ)ରେ ଯୋଗ ଦେଉଛନ୍ତି ବୋଲି ଗତ ୪ବର୍ଷ ଭିତରେ ବହୁଥର କଳ୍ପନା ଜଳ୍ପନା ପ୍ରକାଶ ପାଇ ପରିଶେଷରେ ତାହା ଖଣ୍ଡିତ ହୋଇଛି । କଂଗ୍ରେସ ବାହାରେ ଥିଲେ ମଧ୍ୟ କଂଗ୍ରେସ ଦଳ ଭିତରେ ତାଙ୍କର ବହୁ ସମର୍ଥକ ବିଧାୟକ ଥିବା ଜଣାଶୁଣା । କଂଗ୍ରେସକୁ ଶ୍ରୀମତୀ ଶତପଥୀ ପ୍ରତ୍ୟାବର୍ତ୍ତନ କଲେ ବର୍ତ୍ତମାନର କଂଗ୍ରେସ ନେତୃତ୍ୱର ସ୍ଥିତି ଦୋହଲିଯିବ ବୋଲି ରାଜନୈତିକ ଭାଷ୍ୟକାର ମାନଙ୍କ ମତ ସହିତ ହୁଏତ ଅଧିକେ ସମସ୍ତେ ଏକମତ ଏବଂ ଏଥିପାଇଁ ତାଙ୍କୁ କଂଗ୍ରେସରେ ପୁରାଇ ନଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ପକ୍ଷରୁ ପ୍ରବଳ ପ୍ରତିରୋଧ ଉଦ୍ୟମ ଚାଲିଥିଲା ।

ଶ୍ରୀମତୀ ଶତପଥୀ ତାଙ୍କ ସମର୍ଥକମାନଙ୍କ ଚାପରେ ଆପାତତଃ ଏଭଳି ନିଷ୍ପତ୍ତି ନେଇଛନ୍ତି ଏବଂ ଆସନ୍ତା ମେ କିମ୍ବା ଜୁନ୍ ମାସ ବେଳକୁ ସମଭାବାପନ୍ନ ବ୍ୟକ୍ତି ମାନଙ୍କର ଏକ ରାଜ୍ୟ ସ୍ତରୀୟ ସମ୍ମିଳନୀ ବସି ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରାଯିବ

ଏହି ଉଦ୍ଦେଶ୍ୟରେ ସେ ବର୍ତ୍ତମାନ ରାଜ୍ୟସାରା ଗସ୍ତକରି ବିଭିନ୍ନ ସ୍ଥାନରେ ସଭାସମିତି ମାନଙ୍କରେ ଯୋଗ ଦେଉଛନ୍ତି ଏବଂ ନାଗରିକ କମିଟୀମାନ ଗଠନ କରୁଛନ୍ତି । ଏହି ନାଗରିକ କମିଟୀ ଗୁଡ଼ିକ ଅବଶେଷରେ ତାଙ୍କ ପ୍ରସ୍ତାବିତ ଦଳର ଆଞ୍ଚଳିକ ଶାଖାରୂପେ କାର୍ଯ୍ୟ କରିବେ ବୋଲି ତାଙ୍କ ନିକଟତମ ସୂତ୍ରରୁ ପ୍ରକାଶ ।

ଓଡ଼ିଶା ସରକାରଙ୍କ ଉପରେ ଉତ୍‌କ୍ଷିପ୍ତ ଅଥଚ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ବିଶ୍ୱାସ କରୁ ନଥିବା କେତେକ ଶିଳ୍ପପତି ଶ୍ରୀମତୀ ଶତପଥୀଙ୍କୁ ଆର୍ଥିକ ସହାୟତା ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଞ୍ଚଳିକ ଦଳ ଗଠନ ଚୂଡ଼ାନ୍ତ ହୋଇ ସାରିବା ପରେ ଜନତା ଦଳସହ ବୁଝାମଣା କରାଯାଇ କଂଗ୍ରେସ ବିରୁଦ୍ଧରେ ପ୍ରାର୍ଥୀ ଦିଆଯିବ କି ସବୁସ୍ଥାନରୁ ପ୍ରାର୍ଥୀ ଦିଆଯିବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ।

ଭାରତର ପୂର୍ବାଞ୍ଚଳରେ ସ୍ୱର୍ଗତ ସଞ୍ଜୟ ଗାନ୍ଧୀଙ୍କ ନିକଟରେ ମଥାନତ କରିନଥିବା ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧାର୍ଥଶଙ୍କର ରାୟ ଓ ଶ୍ରୀମତୀ ନନ୍ଦିନୀ ଶତପଥୀ ଏ ପର୍ଯ୍ୟନ୍ତ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇନାହାନ୍ତି ।

ପଶ୍ଚିମ ବଙ୍ଗରେ ଅଣକଂଗ୍ରେସ ସରକାର ଥିବାରୁ ଏବଂ ଜ୍ୟୋତିବସୁଙ୍କ ସହ ରାଜନୈତିକ ମୁକାବିଲା କରିବା ପାଇଁ ସେଠା କଂଗ୍ରେସ ଦଳରେ ଉଚ୍ଚ ପ୍ରତିଷ୍ଠା ଓ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ନାହାନ୍ତି । ତେଣୁ ଘଟଣା ଚକ୍ରରେ ଶ୍ରୀ ରାୟଙ୍କୁ କଂଗ୍ରେସରେ ନିଆଯିବା କଥା ବାରମ୍ବାର ଉଠିଥିଲେ ମଧ୍ୟ ଶ୍ରୀ ପ୍ରଣବ ମୁଖାର୍ଜୀ ଓ ଶ୍ରୀ ଘନି ଖାଁ ଚୌଧୁରୀଙ୍କ ବିରୋଧ ଏ ଦିଗରେ ଅନ୍ତରାୟ ହୋଇଛି । ଏ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ମତାମତକୁ ଉପେକ୍ଷା କରି ଶ୍ରୀ ରାୟଙ୍କୁ କଂଗ୍ରେସରେ ଗ୍ରହଣ କରାଗଲେ ସେଠାରେ ସାଧାରଣ କଂଗ୍ରେସ ଲୋକେ ଶ୍ରୀ ରାୟଙ୍କୁ ଅକୁଣ୍ଠ ସମର୍ଥନ ଜଣାଇ ବାମପନ୍ଥି ସାମ୍ମୁଖ୍ୟ ବିରୁଦ୍ଧରେ ଯୁଦ୍ଧ କରିବାକୁ ଆଗେଇ ଆସିବେ । କିନ୍ତୁ ଶ୍ରୀ ରାୟ, ଶ୍ରୀ ରାଜୀବ ଗାନ୍ଧୀଙ୍କ ନେତୃତ୍ୱକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିବେ କି ନାହିଁ ତାହା

Images: Aptakama Mishra, Processing: Srujanika

ଜାତୀୟ ଗୁଚୁଡାଣ୍ଡୁ ଚମ୍ପିଆନ୍ ସିପ୍

ଶ୍ରୀ ସୁଭାଷ ଆଗାସେ

ତୃତୀୟ ଗୁଚୁଡାଣ୍ଡୁ ଚମ୍ପିଆନ୍ ସିପ୍ ମ୍ୟାଚ ଭାରତର ଏକ ଅଖ୍ୟାତ ପଲ୍ଲୀ ଓ୍ୱାଧୂର ଠାରେ ଅନୁଷ୍ଠିତ ହେବବୋଲି ଜାତୀୟ ସ୍ତରରେ ସଙ୍ଗଠକମାନେ ସ୍ଥିରକଲେ । ଏହି ମ୍ୟାଚରେ ଭାରତର ସବୁରାଜ୍ୟ ସମେତ ପଡ଼ୋଶୀ ଶ୍ରୀଲଙ୍କା, ନେପାଳ, ବଙ୍ଗଳା ଦେଶ ଆଦି ମଧ୍ୟ ଅଂଶଗ୍ରହଣ କରିବେ ବୋଲି ସ୍ଥିର କରାଗଲା । ଏ ଖବର ପାଇବା ପରେ ଓ୍ୱାଧୂର ଗାଁର ଲୋକେ ବେଶ ଉତ୍ସାହିତ ହୋଇ ଉଠିଲେ ଏବଂ ଏହାର ସଙ୍ଗଠନ ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ ତୁଲାଇବାକୁ ମଧ୍ୟ ଆନନ୍ଦରେ ରାଜି ହୋଇଗଲେ । କାରଣ "ଆମେ ମଧ୍ୟ କିଛି କରିପାରୁ ବୋଲି ବିଶ୍ୱବାସୀଙ୍କୁ ଦେଖାଇଦେବା ପାଇଁ ଗ୍ରାମବାସୀ ମାନଙ୍କ ବଡ଼ ପରିକର । ଏତେଦିନେ ସୁଯୋଗ ଯୁଟିଛି, କେତେଲକ୍ଷ ଟଙ୍କା ଖର୍ଚ୍ଚ

ଲେଖକ ଶ୍ରୀ ଆଗାସେ ଦେଶର ଜଣେ ବିଶିଷ୍ଟ କ୍ରୀଡା ଭାଷ୍ୟକାର । କ୍ରୀଡ଼ା ନାମରେ ଆୟୋଜକ ମାନେ କିପରି ଟଙ୍କା ଉଦରସ୍ଥ କରନ୍ତି ଏବଂ ଯେଉଁ କ୍ରୀଡ଼ାର ବିକାଶ ପାଇଁ ଏହା ଉଦ୍ଦିଷ୍ଟ ତାହା ଅବଶେଷରେ କିପରି ଶୋଷଣର ପରିଣତ ହୁଏ ଏବଂ ବିଦେଶୀ କ୍ରୀଡ଼ାବିତ୍‌ମାନେ ଲାଞ୍ଛିତ ହୁଅନ୍ତି ବିଷୟକୁ ଅତି ମନୋଜ୍ଞ ଶୈଳୀରେ ସେ ଦର୍ଶାଇଛନ୍ତି । ଲେଖକଙ୍କର ଏହି ପ୍ରବନ୍ଧ କ୍ରୀଡା ସଙ୍ଗଠକ ମାନଙ୍କ ପ୍ରତି ଏକ ଚରମ ଆହ୍ୱାନ ।

ହୋଇଗଲେ ବା ପରବାୟ କଣ । କିନ୍ତୁ ଜାତୀୟ ସ୍ତରର ଏକ ମ୍ୟାଚ୍ କିପରି ଆୟୋଜିତ ହୁଏ ସେ ସମ୍ପର୍କରେ ଗ୍ରାମବାସୀମାନଙ୍କର ସମ୍ୟକ୍ ଧାରଣା ନାହିଁ । ତେଣୁ ଗ୍ରାମର ସର୍ବୋଚ୍ଚ ଶିକ୍ଷିତ ଯୁବକ ଦାଦୁ (ବୟସ ୨୮ ବର୍ଷ) କୁ ଦିଲ୍ଲୀ ପଠାଇ ନିଖିଳ ଭାରତ ଗୁଚୁଡାଣ୍ଡୁ ଫେଡେରେସନର ମହାସଚୀବ ଶ୍ରୀ କୋଣ୍ଡାଜି ରାଓଙ୍କ ସହିତ ସାକ୍ଷାତ୍ ଆଲୋଚନା କରି ଏହାର ଆୟୋଜନ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ସ୍ଥିର କରାଗଲା ।

ଏ ନିଷ୍ପତ୍ତି ପରେ ପରେ ଦାଦୁ ମୁହୂର୍ତ୍ତେ ମାତ୍ର ବିଳମ୍ବ ନକରି ବଳଦ ଗାଡିରେ ନିକଟବର୍ତ୍ତୀ ଷ୍ଟେସନକୁ ଯାତ୍ରା ଆରମ୍ଭ କଲେ । ଦିଲ୍ଲୀରେ ପହଞ୍ଚିବାକୁ ତାଙ୍କୁ ତିନି ଦିନ ତିନି ରାତି

(ଅବଶିଷ୍ଟାଂଶ ୬୫ ପୃଷ୍ଠାରେ)

ଜାଣିବାକୁ ବୋଧହୁଏ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଚେଷ୍ଟା କରୁଛନ୍ତି । ସେଥିପାଇଁ ଶ୍ରୀ ରାୟ କଂଗ୍ରେସ ଦଳରେ ମିଶିବାକୁ ଅନୁଷ୍ଠାନିକ ଭାବେ ଦରଖାସ୍ତ କରିସାରିଥିଲେ ମଧ୍ୟ ତାଙ୍କ ଦରଖାସ୍ତ ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ।

ଓଡ଼ିଶାରେ ଶ୍ରୀମତୀ ଗାନ୍ଧୀଙ୍କର ଅତି ବିଶ୍ୱାସଭାଜନ ହୋଇଥିବା ଶ୍ରୀମତୀ ନନ୍ଦିନୀ ଶତପଥୀ ଘଟଣା ଚକ୍ରରେ ବିରୋଧୀ ଦଳରେ ରହିଥିଲେ ମଧ୍ୟ ମନ ସର୍ବଦା ତାଙ୍କର ଶ୍ରୀମତୀ ଗାନ୍ଧୀଙ୍କ ପାଖରେ ରହିଛି । ୧୯୭୭ ମସିହାରେ ଜୟପ୍ରକାଶଙ୍କର ନିବେଦନକୁ ପ୍ରତ୍ୟାଖ୍ୟାନ କରି ଜନତା ଦଳ ଟିକଟରେ ଢେଙ୍କାନାଳରୁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହେବା ପରେ ମଧ୍ୟ ତାଙ୍କୁ ରାଜ୍ୟର ଜନତା ଦଳ ଶାସନ ଭାବେ ଗ୍ରହଣ ନକରି ତାଙ୍କ ବିରୁଦ୍ଧରେ ମକଦ୍ଦମା ଆଦି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ଜନତା ଦଳ ଜାତୀୟ କାର୍ଯ୍ୟକାରୀ କମିଟିର ସଦସ୍ୟା ହୋଇ ସୁଦ୍ଧା ସେ ଏଠାରେ ଅପମାନିତ ଓ ଲାଞ୍ଛିତ ହେବାରୁ ପୁନର୍ବାର ସେ ଭିନ୍ନ ପନ୍ଥା ଗ୍ରହଣ କରିଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜେଲ୍ ଗଲାବେଳେ ତାଙ୍କୁ ସାକ୍ଷାତ୍ କରିବା ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ବ୍ୟକ୍ତିଗତ ଭାବେ ସେ ଶ୍ରୀମତୀ ଗାନ୍ଧୀଙ୍କ ସହିତ ଅଛନ୍ତି ବୋଲି ପ୍ରକାରାନ୍ତରେ ପ୍ରତିପାଦିତ କରିବାକୁ ଚେଷ୍ଟା କରିଆସିଛନ୍ତି ।

୧୯୮୦ ନିର୍ବାଚନ ପୂର୍ବରୁ କଂଗ୍ରେସରୁ ବାହାରି ଯାଇଥିବା ବିଭିନ୍ନ ଲୋକଙ୍କୁ ପୁନର୍ବାର କଂଗ୍ରେସରେ ଗ୍ରହଣ କରାଯାଉ ଥିବାରୁ ଶ୍ରୀମତୀ ଶତପଥୀ ହୁଏତ ପୁଣି କଂଗ୍ରେସକୁ ଲେଉଟିବେ ବୋଲି କଳ୍ପନା କରାଯାଉଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ବିରୁଦ୍ଧରେ ହୋଇଥିବା ମକଦ୍ଦମା ପ୍ରତ୍ୟାହାର, ଶ୍ରୀମତୀ ଶତପଥୀଙ୍କ ପ୍ରତି ଶ୍ରୀମତୀ ଗାନ୍ଧୀଙ୍କ ହାର୍ଦ୍ଦିକତା ଆଦି ଏହାର ପୂର୍ବ ଲକ୍ଷଣ ବୋଲି ମନେ କରାଯାଉଥିଲା । କିନ୍ତୁ ଏସବୁ ସତ୍ତ୍ୱେ ଶ୍ରୀମତୀ ଶତପଥୀଙ୍କର କଂଗ୍ରେସ ପ୍ରତ୍ୟାବର୍ତ୍ତନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସଫଳତାର ସହ ପ୍ରତିରୋଧ କରି ଚାଲିଛନ୍ତି । କାରଣ ଶ୍ରୀମତୀ ଶତପଥୀଙ୍କର ପ୍ରତ୍ୟାବର୍ତ୍ତନ ଶ୍ରୀ ପଟ୍ଟନାୟକଙ୍କ ରାଜନୈତିକ ଆୟୁ ଶେଷ କରିଦେବ ବୋଲି ମୁଖ୍ୟମନ୍ତ୍ରୀ ନିଜେ ଭଲଭାବେ ଜାଣନ୍ତି ।

ଦୀର୍ଘ ସାରବର୍ଷର ପ୍ରତୀକ୍ଷା ପରେ, କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ ଆଶା ଚରିତାର୍ଥ ହେଉ ନଥିବାରୁ ଏବଂ ଲୋକସଭା ନିର୍ବାଚନ ପାଖେଇ ଆସୁଥିବାରୁ କୌଣସି ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ଶ୍ରୀମତୀ ଶତପଥୀ ବାଧ୍ୟ ହୋଇଛନ୍ତି ।

ଆଞ୍ଚଳିକ ଦଳର ନେତ୍ରୀ ରୂପେ ଆସନ୍ତା ଲୋକସଭା ନିର୍ବାଚନରେ ସେ ବିରୋଧୀ ଦଳ ସହିତ ମେଣ୍ଟକରି ଢେଙ୍କାନାଳରୁ ପ୍ରାର୍ଥୀ ହୋଇ ପାରନ୍ତି । ଥରେ ଦିଲ୍ଲୀକୁ ନିର୍ବାଚିତ ହୋଇଗଲା ପରେ ସେଠାରେ ତାଙ୍କ ପୁରୁଣା ବନ୍ଧୁମାନଙ୍କ ସହାୟତାରେ ପୁଣି କ୍ଷମତା ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିବା ପଥସୁଗମ ହେବ ବୋଲି ସେ ବିଶ୍ୱାସ କରୁଛନ୍ତି ।

ଢେଙ୍କାନାଳ ଲୋକସଭା ସଭ୍ୟ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ହେଁ ତାଙ୍କୁ କଂଗ୍ରେସ ଲୋକେ ନେତାରୂପେ ଗ୍ରହଣ କରୁନାହାନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଚ୍ଛନ୍ନ ଇଙ୍ଗିତରେ ଦଳର କୌଣସି ବିଧାୟକ ତାଙ୍କସହିତ ମଧ୍ୟ ସମ୍ପର୍କ ରକ୍ଷା କରୁନାହାନ୍ତି । କଂଗ୍ରେସ ଦଳରେ ଥାଇ ମଧ୍ୟ କଂଗ୍ରେସ କର୍ମୀଙ୍କ ଦ୍ୱାରା ଆଦୃତ ହେଉ ନ ଥିବାରୁ ଶ୍ରୀମତୀ ଶତପଥୀ ନିଜ ଦଳରୁ ସେଠାରେ ପ୍ରାର୍ଥୀହେଲେ ପାରମ୍ପରିକ କଂଗ୍ରେସ ଭୋଟ ପାଇବାର ବହୁ ସମ୍ଭାବନା ଅଛି । ଗତ ଲୋକସଭା ନିର୍ବାଚନ ତୁଳନାରେ ଶ୍ରୀମତୀ ଗାନ୍ଧୀଙ୍କ ଲୋକପ୍ରିୟତା ହ୍ରାସ ପାଇ ଥିବାରୁ ଶ୍ରୀମତୀ ଶତପଥୀ ଏହାର ସୁବିଧା ନେବାକୁ କଳ୍ପନା କରୁଥାଇ ପାରନ୍ତି ।

ଅପର ପକ୍ଷରେ ଓଡ଼ିଶା । ବିଧାନ ସଭାପାଇଁ ନିର୍ବାଚନ ହେଲେ ଆଞ୍ଚଳିକ ଦଳପକ୍ଷରୁ କେତେକ ବିଧାୟକ ନିର୍ବାଚିତ ହୋଇଥିଲେ କଂଗ୍ରେସ ଓ ଜନତା ଦଳ ମଧ୍ୟରେ ସେ ରାଜନୈତିକ ଭାରସାମ୍ୟ ରକ୍ଷା କରିବାରେ ସମର୍ଥ ହୋଇ ନିଜ ଆକାଂକ୍ଷା ମଧ୍ୟ ଚରିତାର୍ଥ କରିପାରିବେ । ◘

Images: Aptakama Mishra, Processing: Srujanika

ଧନୀ ଦେଶରେ ଭାରତୀୟ ଅନାଥ ଶିଶୁ

ଶ୍ରୀ ଅରଜିତ ପଶାୟତ

କିଛିଦିନ ତଳେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଏକ ସମ୍ବାଦ ଦେଶର ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା । ତାହା-ହେଲା ଯେ ଦେଶର ବିଭିନ୍ନ ସ୍ଥାନରୁ ଅନାଥ ଶିଶୁମାନଙ୍କୁ ଲାଳନପାଳନ କରି ବଡ଼କରିବା ଆଳରେ ବହୁ ବିଦେଶୀୟ ଲୋକ ଦେଶ ବାହାରକୁ ନେଇ ଯାଉଛନ୍ତି ଓ ସେମାନଙ୍କୁ ଧର୍ମ ପରିବର୍ତ୍ତନ କରାଇ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି । ଓଡ଼ିଶାରେ ଏଭଳି ଘଟଣା ଘଟୁଥିବାର ମଧ୍ୟ ଅଭିଯୋଗ କରା ଯାଇଥିଲା ।

ଏ ସମ୍ପର୍କରେ ଲଣ୍ଡନରୁ ପ୍ରକାଶ ପାଉଥିବା "ଦିମେଲ୍" ନାମକ ଏକ ଖବର କାଗଜରେ ପ୍ରକାଶ ପାଇଥିଲା ଯେ ଶହଶହ ଅବାଞ୍ଛିତ ଶିଶୁ କଲିକତାର ବସ୍ତିରୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଅଯତ୍ନରେ ପଠାଯାଉଛନ୍ତି । ଗୋଟିଏ ଦୃଷ୍ଟାନ୍ତ ଦେଇ ଏହି ସମ୍ବାଦପତ୍ର ପ୍ରକାଶ କରିଥିଲେ ଯେ ନାଥନ୍ ନାମକୁ ଗୋଟିଏ ଦୁଇମାସର ଶିଶୁ ନିଉୟର୍କରେ ପହଞ୍ଚିବାମାନେ ଦେହରେ ଜଳ-ଶୂନ୍ୟତା ଯୋଗୁ ମରିଯାଇଥିଲା ।

ଏହି ସମ୍ବାଦ ପଢ଼ିବା ପରେ ଶ୍ରୀ ଲକ୍ଷ୍ମୀକାନ୍ତ ପାଣ୍ଡେ ନାମକ ଜଣେ ସୁପ୍ରୀମକୋର୍ଟର ଓକିଲ ଏକ ଚିଠି ସୁପ୍ରୀମକୋର୍ଟକୁ ଲେଖି ଏ ମାମଲାରେ ହସ୍ତକ୍ଷେପ କରିବାପାଇଁ ଅନୁରୋଧ କରିଥିଲେ । ଏହି ଚିଠିକୁ ରିଟ୍ ଆବେଦନ ବୋଲି ଗ୍ରହଣକରି ସୁପ୍ରୀମକୋର୍ଟ ବିଚାର ପରେ ଏକ ଗୁରୁତ୍ୱ ପୂର୍ଣ୍ଣ ରାୟ ଦେଇଛନ୍ତି । ମାନ୍ୟବର ଶ୍ରୀ ଭଗବତୀ ଶ୍ରୀ ଆର. ଏସ୍. ପାଠକ ଓ ଶ୍ରୀ ଏ: ଏନ୍ ସେନ୍ ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ପରେ ୬୫ ପୃଷ୍ଠାର ଏକ ରାୟଦେଇ ଏ ସମ୍ପର୍କରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଅଭିଯୋଗ କରିଥିଲେ ଯେ ଶିଶୁମାନଙ୍କୁ ଲାଭ ପାଇଁ "ବିକ୍ରୟ" କରାଯାଉଛି ଏବଂ ଅନାଥ ଶିଶୁମାନଙ୍କର ପ୍ରକୃତ ସୁବିଧାସୁଯୋଗ ପ୍ରତି ଦୃଷ୍ଟି ନଦିଆଯାଇ ସେମାନଙ୍କୁ ଅତ୍ୟାଚାର ମୁଖକୁ ଠେଲି ଦିଆଯାଉଅଛି ।

ମାନ୍ୟବର ବିଚାରପତି ମାନେ ତାଙ୍କର ରାୟରେ କହିଛନ୍ତି ଯେ ନିଃସ୍ୱ ଶିଶୁମାନଙ୍କୁ ବିକ୍ରୀକରି ଲାଭ ଉଠାଇବା ଏକ ଜଘନ୍ୟ କାର୍ଯ୍ୟ । ସେମାନେ ନିର୍ଦ୍ଦେଶ ଦେଇଛନ୍ତିଯେ କେବଳ ସରକାର ଦ୍ୱାରା ସ୍ୱୀକୃତ ଅନୁଷ୍ଠାନ ଗୁଡ଼ିକ ଭାରତୀୟ ଶିଶୁମାନଙ୍କୁ ଲାଳନପାଳନ କରିବାକୁ ଚାହୁଁଥିବା ବିଦେଶୀୟ ମାନଙ୍କର ଆବେଦନର ବିଚାର କରିପାରିବେ । ଏହି ଅନୁଷ୍ଠାନ ଗୁଡ଼ିକ ଧରାବନ୍ଧା ଭାବରେ ରିପୋର୍ଟ ପ୍ରସ୍ତୁତକରି ଏହି ବିଦେଶୀୟ ମାନଙ୍କର ଆର୍ଥିକ ଅବସ୍ଥା, ପାରିବାରିକ ଇତିହାସ, ମାନସିକ ଭାବନା ଏବଂ ଭାରତୀୟ ଶିଶୁକୁ ଚଳାଇବାର କ୍ଷମତା ପ୍ରତି ଦୃଷ୍ଟିଦେବେ । ମାନ୍ୟବର ବିଚାରପତି ମାନେ ଆଶା ପୋଷଣ କରିଛନ୍ତି ଯେ ଏହା ଫଳରେ ନିଃସ୍ୱହଣ ଶିଶୁ ଅଯୋଗ୍ୟ ବା ଅବାଞ୍ଛିତ ଲୋକଙ୍କ ହାତରେ ପଡ଼ିବାର ସମ୍ଭାବନା ବନ୍ଦ ନହେଲେ ମଧ୍ୟ ବହୁପରିମାଣରେ ହ୍ରାସ ପାଇବ । ବିଦେଶୀୟ ପିତାମାତା ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ବାଟରେ ଶିଶୁର ପ୍ରକୃତ ରକ୍ଷଣାବେକ୍ଷଣ କରିବେ ବୋଲି ଏକ ବଣ୍ଡ ଲେଖିଦେବେ ବା ଜାମିନ୍‌ଦାର ରଖିବେ ।

ଯେଉଁ ବିଦେଶୀ ସାମାଜିକ ସଂସ୍ଥାମାନେ, ଏ ବିଷୟରେ ସହାୟତା କରିବେ ସେମାନେ ଶିଶୁର ଅବସ୍ଥା ସମ୍ପର୍କରେ ପ୍ରଥମ ବର୍ଷରେ ତିନି-ମାସରେ ଥରେ ଏ ତାପରେ ଛ,ମାସରେ ଥରେ ରିପୋର୍ଟ ପଠାଇବେ । ଯଦି ବିଦେଶୀ ପିତାମାତା ଭାରତୀୟ ଶିଶୁଟିକୁ ଆଇନସଙ୍ଗତ ଭାବରେ ନିଜର ସନ୍ତାନ ବୋଲି ଗ୍ରହଣ କରିବା ପୂର୍ବରୁ କୌଣସି ପାରିବାରିକ ମନୋମାଳିନ୍ୟର ସମ୍ମୁଖୀନ ହୁଅନ୍ତି ତେବେ ଏହି ସଂସ୍ଥା ଗୁଡ଼ିକ ଶିଶୁର ଯତ୍ନନେବା ଓ ଅନ୍ୟ ବିଦେଶୀ ପିତାମାତାଙ୍କର ସନ୍ଧାନ ନେବେ ଯେଉଁମାନେ ଏହି ଶିଶୁମାନଙ୍କୁ ପୋଷ୍ୟ-ସନ୍ତାନ ଭାବରେ ଗ୍ରହଣ କରିବାକୁ ରାଜିହେବେ । ଏ ବିଷୟରେ ସେମାନେ ଭାରତର ସ୍ୱୀକୃତି ପ୍ରାପ୍ତ ସଂସ୍ଥା ମାନଙ୍କର ସାହାଯ୍ୟ ନେବେ ।

କେନ୍ଦ୍ର ସରକାରଙ୍କୁ ମାନ୍ୟବର ବିଚାର-ପତିମାନେ ନିର୍ଦ୍ଦେଶ ଦେଇଛନ୍ତିଯେ ସରକାର ତିନିମାସ ମଧ୍ୟରେ ସ୍ୱୀକୃତିପ୍ରାପ୍ତ ସମାଜସେବୀ ଓ ଶିଶୁକଲ୍ୟାଣ ସଂସ୍ଥା ମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ ଓ ଏହି ତାଲିକାର ନକଲ ପ୍ରତ୍ୟେକ ହାଇକୋର୍ଟ, ରାଜ୍ୟସରକାର ଓ ବିଦେଶରେ ଥିବା ଭାରତୀୟ ଏମ୍ବାସି ଓ ହାଇ-କମିଶନ୍ ମାନଙ୍କୁ ପଠାଯିବ ।

ମାନ୍ୟବର ବିଚାରପତିମାନେ ଆଶା ପ୍ରକାଶ କରିଛନ୍ତିଯେ କେନ୍ଦ୍ର ସରକାର ଏକ କେନ୍ଦ୍ରୀୟ ସଂସ୍ଥା ଗଠନ କରିବେ ଓ ଦେଶର ବିଭିନ୍ନ ସ୍ଥାନରେ ଏହାର ଶାଖାମାନେ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଇଚ୍ଛୁକ ବିଦେଶୀୟ ପିତାମାତା-ଙ୍କର ଆବେଦନ ଯାଞ୍ଚ କରିବେ ଓ ଏ ସମ୍ପର୍କରେ ନିୟମାବଳୀ ପ୍ରସ୍ତୁତ କରିବେ । ସେମାନେ ନିର୍ଦ୍ଦେଶ ଦେଇଛନ୍ତି ଯେ ପିଲା ସଂସ୍ଥାରେ ପହଞ୍ଚିବା ଦିନଠାରୁ ଦେଶ ଛାଡ଼ିବା ପର୍ଯ୍ୟନ୍ତ ତାର ଦୈନିକ ଖର୍ଚ୍ଚ ପାଇଁ ଷାଠିଏ ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରାଯାଇପାରିବ । ସମାଜସେବୀ ଓ ଶିଶୁକଲ୍ୟାଣ ସଂସ୍ଥାଗୁଡ଼ିକର ଆର୍ଥିକ ଦୂରବସ୍ଥାକୁ ଆଖିରେ ରଖି ସେମାନେ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଯଦି କୌଣସି ବିଦେଶୀ ଶିଶୁକଲ୍ୟାଣ ସଂସ୍ଥା ଜରିଆରେ ଶିଶୁ ନିଅନ୍ତି ଏବଂ ସେହି ସଂସ୍ଥାକୁ କୌଣସି ଅର୍ଥଦାନ କରନ୍ତି । ତେବେ ଶିଶୁଟି ତାର ପାଳିତ ପିତାମାତାଙ୍କ ଘରେ ପହଞ୍ଚିବା ପରେ ସେଭଳି ଅର୍ଥଦାନ କରିପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

କୌଣସି ଶିଶୁକୁ ପାଳିତ ହେବାପାଇଁ ଦେବା ପୂର୍ବରୁ ସଂସ୍ଥାମାନେ କେତେକ ଅନୁ-ସନ୍ଧାନ କରିବେ । ସେ ମଧ୍ୟରୁ ମୁଖ୍ୟ ହେଲାଯେ ଶିଶୁର ପିତାମାତା ଅର୍ଥଲୋଭରେ ତାକୁ ପରିତ୍ୟାଗ କରି ନଥିବେ ଏବଂ ପିଲାଟି ଅନାଥ ବା ପରିତ୍ୟକ୍ତ ହୋଇଥିବ ।

ଯଦି ପିଲାଟି ଦେଶ ବାହାରକୁ ପାଳିତ ହେବାକୁ ଯିବ ତେବେ ତାର ବୟସ ତିନିବର୍ଷରୁ କମ୍ ହେବା ଉଚିତ ବୋଲି ମାନ୍ୟବର ବିଚାରପତି ମାନେ ମନ୍ତବ୍ୟ ଦେଇଛନ୍ତି । ତେବେ ଏହି ଆବଶ୍ୟକତା କଡ଼ା କଡ଼ି ଭାବରେ ପାଳିତ ନହୋଇ ଆବଶ୍ୟକ କ୍ଷେତ୍ରରେ ତିନିବର୍ଷରୁ ସାତବର୍ଷ ମଧ୍ୟରେ ହେଲେ ଚଳିବ, କାରଣ ଏହି ବୟସ ସୀମା ମଧ୍ୟରେ ପିଲାର ବୁଝିବାର ଶକ୍ତି କମ୍ ଥାଏ ଏବଂ ନୂତନ ପରିବେଶରେ ପିଲାମାନେ ନିଜକୁ ଚଳାଇ ନେଇଥାନ୍ତି । □

Images: Aptakama Mishra, Processing: Srujanika

ଡାକ୍ତର ନିହାର କାନ୍ତ ପଟ୍ଟନାୟକ
ବି.ଡି.ଏସ୍ (କଲିକତା), ଏମ୍.ଡି.ଏସ୍.(ଲକ୍ଷ୍ନୌ)
ଡାକ୍ତର ପ୍ରଦୀପ ରାଓ
ଡି ଏମ୍. ଏସ୍ (କଲିକତା), ଏମ୍. ବି. ଏସ୍

ପାୟୋରିଆର ସମସ୍ୟା ଓ ପ୍ରତିକାର

ମନୁଷ୍ୟ ଦେହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନହେଲା ମୁଖଗହ୍ୱର । ମନୁଷ୍ୟର ଜୀବନ ଧାରଣ କରିବାପାଇଁ ଅପରିହାର୍ଯ୍ୟ ଖାଦ୍ୟ ମୁଖ ଗହ୍ୱର ମଧ୍ୟଦେଇ ପେଟକୁ ଯାଇଥାଏ । ଏଥି ନିମନ୍ତେ ଦାନ୍ତ ଓ ମାଡ଼ିର ପ୍ରୟୋଜନ ସବୁଠାରୁ ଅଧିକ । ତେଣୁ ଏହାକୁ ସୁସ୍ଥ ଓ ସବଳ ରଖିବା ଆବଶ୍ୟକ । ଦାନ୍ତ ଯେ କେବଳ ସୌନ୍ଦର୍ଯ୍ୟ ବୃଦ୍ଧି ବା କଥା କହିବା ପାଇଁ ଆବଶ୍ୟକ ତାହାନୁହେଁ; ଏହା ଖାଦ୍ୟକୁ ଭଲଭାବେ ଚୋବାଇ ହଜମ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏଣୁ ଦାନ୍ତ ଓ ମାଡ଼ିର ସ୍ୱାସ୍ଥ୍ୟରକ୍ଷା ପ୍ରତ୍ୟେକଙ୍କ ପାଇଁ ଜରୁରୀ ଅଟେ । ସ୍ୱାସ୍ଥ୍ୟରକ୍ଷା ଶିକ୍ଷା ଅଭାବ ହେତୁ ଅନେକ ବ୍ୟକ୍ତି ଦାନ୍ତ ଓ ମାଡ଼ିର ଉପଯୁକ୍ତ ସୁରକ୍ଷା କରିପାରୁ ନଥିବାରୁ ଦାନ୍ତ ଜନିତ ବହୁ ରୋଗ ଭୋଗ କରିଥାନ୍ତି ।

ମନୁଷ୍ୟର ଅଙ୍ଗ ପ୍ରତ୍ୟଙ୍ଗ ଯଥା— ଆଖି, କାନ, ନାକ ପରି ଦାନ୍ତ ଓ ମାଡ଼ିର ଯଦି ଉପଯୁକ୍ତ ସୁରକ୍ଷା କରାଯାଏ ତେବେ ଏହା ମଧ୍ୟ ସାରା ଜୀବନ ଆମର ସହାୟକ ହେବ । ଦାନ୍ତର ସୁରକ୍ଷା ପ୍ରଧାନତଃ ମାଡ଼ି ଉପରେ ନିର୍ଭର କରିଥାଏ । ମାଡ଼ି କହିଲେ ଖାଲି ଦାନ୍ତକୁ ଘେରି ରହିଥିବା ନରମ ମାଂସ (Soft tissue) ବୁଝିଲେ ହେବ ନାହିଁ । ଏହା ଭିତରେ ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ଗଠନ (Structure) ଯଥା—ଦାନ୍ତକୁ ଘେରି ରହିଥିବା ହାଡ଼ (Alverola Bone) ଦାନ୍ତ ମୂଳ ଓ ତାକୁ ଘେରି ରହିଥିବା ହାଡ଼କୁ ସଂଯୋଗ କରୁଥିବା ତନ୍ତୁ (periodental Ligament) ଓ ଦାନ୍ତର ମୂଳଭାଗ (Root) ସମୂହକୁ ମାଡ଼ି କୁହାଯାଏ । ଏହି ଉପରୋକ୍ତ ଗଠନ ମାନଙ୍କରେ ଯଦି ରୋଗହୁଏ ତେବେ ଦାନ୍ତ ଦୁର୍ବଳ ହୋଇପଡ଼େ । ଏହା ହଲିବାକୁ ଆରମ୍ଭ କରେ ଓ ତା'ର ଯାହାକାମ, ସେ ଆଉ କରିବାକୁ ସକ୍ଷମ ହୁଏନାହିଁ । ତା'ପରେ ଗୋଟିକପରେ ଗୋଟିଏ ଦାନ୍ତ ହରାଇବାକୁ ପଡ଼ିଥାଏ । ଏହି ରୋଗକୁ ସାଧାରଣତଃ ପାୟୋରିଆ (periodantitis) କୁହାଯାଏ ।

ଆମେରିକା ଭଳି ଉନ୍ନତ ଦେଶରେ ମଧ୍ୟ ହାରାହାରି ଶତକଡ଼ା ୬୦ରୁ ୭୦ ଭାଗ ଲୋକ ପାୟୋରିଆ ଦୋଷରୁ ଦାନ୍ତ ହରାଇ ଥାଆନ୍ତି । ଭାରତରେ ଶତକଡ଼ା ୮୦ଭାଗ ଲୋକ ଏହି ରୋଗରେ ଆକ୍ରାନ୍ତ ହେବା ଦେଖାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାଦ୍ୱାରା ୧୯୬୧ ମସିହାରେ ଭାରତ, ଶ୍ରୀଲଙ୍କା, ଇରାକ, ନାଇଜେରିଆ ଓ ସୁଦାନ ପ୍ରଭୃତି ଦେଶ ମାନଙ୍କରେ କରା ଯାଇଥିବା ସମୀକ୍ଷାରୁ ଜଣାଯାଏ ଯେ ହାରାହାରି ଶତକଡ଼ା ଶହେରୁ ଶହେ ଲୋକଙ୍କର ଅଳ୍ପବହୁତ ମାଡ଼ି-ରୋଗ ଅଛି । (WHO tech, surv 1961)

ମାଡ଼ିରେ ରୋଗ କିପରି ହୁଏ

ବର୍ତ୍ତମାନ ପ୍ରଶ୍ନହେଉଛି ମାଡ଼ିରେ ରୋଗହୁଏ କିପରି । ଯଦିଓ ସାଧାରଣ ଲୋକଙ୍କ ନିମନ୍ତେ ଏହା ଅବିଶ୍ୱାସ ଯୋଗ୍ୟ ତଥାପି ଏହା ସତ୍ୟଯେ ମୁଖ ଗହ୍ୱର ମଧ୍ୟରେ ଲକ୍ଷଲକ୍ଷ ଜୀବାଣୁ ଅଛନ୍ତି । ଆମେ ଖାଲିଆଖିରେ ଏହା ଦେଖି ପାରୁନା । ଖାଇ ସାରିଲା ପରେ ଅନେକ କ୍ଷୁଦ୍ରାତିକ୍ଷୁଦ୍ରତମ ଖାଦ୍ୟପଦାର୍ଥ ଆମ ଦାନ୍ତ ଓ ମାଡ଼ିରେ ଲାଗିରହିଥାଏ । ଆହାର ମୁଖ ଗହ୍ୱରରେ ଅନେକ ଜୀବାଣୁଙ୍କର ବଂଶ ବିସ୍ତାର କରିବାରେ ସାହାଯ୍ୟ କରିଥାଏ । ଏହାକୁ ଇଂରାଜୀରେ "Plaque" କୁହାଯାଏ ଏବଂ କ୍ରମେ ଶକ୍ତ ହୋଇ ଦାନ୍ତ ମୂଳରେ ଜମିଯାଏ । ଏହାକୁ Calculus କହନ୍ତି । ଆସ୍ତେ ଆସ୍ତେ ଏହା ବୃଦ୍ଧି ପାଇ ଏହାର ମୂଳରେ ଥିବା ମାଡ଼ିକୁ ଠେଲି ଦିଏ । ଜୀବାଣୁ ମାନଙ୍କର ଉପସ୍ଥିତି ଓ ବିଷାକ୍ତ ରାସାୟନିକ ପ୍ରକ୍ରିୟା କ୍ରମେ କ୍ରମେ ମାଡ଼ିକୁ ଆକ୍ରାନ୍ତ କରି ଦୁର୍ବଳ କରିଦିଏ । ଏହା ପରେ ମାଡ଼ି ଫୁଲିବାକୁ ଆରମ୍ଭ କରେ ଏବଂ ସେଥିରୁ ରକ୍ତ ଓ ପରେ ପୂଜ ବାହାରେ, ମୁଖ ଦୁର୍ଗନ୍ଧଯୁକ୍ତ କରିଦିଏ । ଯଦି ଏହାର ଉପଯୁକ୍ତ ସମୟରେ ଚିକିତ୍ସା କରାନଯାଏ ତେବେ ଏହି ଜୀବାଣୁ (Bacteria) ମାନେ ଏକ ପ୍ରକାର ରାସାୟନିକ ପଦାର୍ଥ ତ୍ୟାଗ କରି ଦାନ୍ତ ହାଡ଼କୁ କ୍ଷୟ କରି ଦିଅନ୍ତି । ଦାନ୍ତର ଚାରିପାଖେ ଥିବା ହାଡ଼ ଧୀରେ ଧୀରେ ନଷ୍ଟ ହୋଇ ଶେଷରେ ଦାନ୍ତ ହଲିବାକୁ ଆରମ୍ଭ କରେ ଓ ଶେଷରେ ଦାନ୍ତଟି ଖସି ପଡ଼େ । ଏହି ରୋଗ ଆମ ଅଜାଣତରେ କ୍ରମେ ବୃଦ୍ଧି ପାଇ ଅନେକ ଦିନପରେ ଜଣାପଡ଼େ । କାରଣ ଏହି ରୋଗର ପ୍ରଥମ ପର୍ଯ୍ୟାୟରେ କୌଣସି କଷ୍ଟ ହୁଏ ନାହିଁ ଏବଂ ଯେତେବେଳେ କଷ୍ଟ ଅନୁଭୂତ ହୁଏ ସେତେବେଳେ ଲେଡିଗୁଡ଼ କହୁଣୀକୁ ବୋହିଗଲା ଭଳି ଭଲ ହେବାରେ ମଧ୍ୟ ଅନେକ ସମୟ ସାପେକ୍ଷ ହୋଇଥାଏ । ଏଣୁ ଏହାର ଚିକିତ୍ସା ନିମନ୍ତେ ଧୈର୍ଯ୍ୟ ଆବଶ୍ୟକ । ଖାଲି ଯେ ଏହି ରୋଗ ମୁଖ ଗହ୍ୱରରେ ଆବଦ୍ଧ ତାହା ନୁହେଁ । ଥରେ ଏ ହେଲେ ଜୀବାଣୁ ମାନେ ରକ୍ତରେ ପ୍ରବେଶ କରି ଏହା ହୃତପିଣ୍ଡ, ଫୁସ୍‌ଫୁସ୍ ଏ ଯକୃତ ଆଦିକୁ ରୋଗ ଗ୍ରସ୍ତ କରି

Images: Aptakama Mishra, Processing: Srujanika

ମୃତ୍ୟୁ ମୁଖକୁ ଠେଲି ଦିଅନ୍ତି । ସାଧାରଣ ଆଣ୍ଠୁଗଣ୍ଠି ବାତ ମଧ୍ୟ ଏଥି ଯୋଗୁଁ ହୋଇଥାଏ । ମାଡ଼ିରୁ ବାହାରୁ ଥିବା ରକ୍ତ ଓ ପୂଜ ଖାଦ୍ୟ ସହିତ ପ କସ୍ଥଳୀକୁ ଯାଇ ମନୁଷ୍ୟର ସାଧାରଣ ସ୍ୱାସ୍ଥ୍ୟ ମଧ୍ୟ ବିପନ୍ନ କରିପକାନ୍ତି ।

ଏଣୁ ପ୍ରତିବର୍ଷ ଅନ୍ତତଃ ଦୁଇଥର ଦାନ୍ତ ଡାକ୍ତରଙ୍କୁ ନିଜର ଦାନ୍ତ ଦେଖାଇ ପରାମର୍ଶ ନେବା ଉଚିତ । ମାଡ଼ି ଓ ଦାନ୍ତର ଚିକିତ୍ସା ଡାକ୍ତରଙ୍କ ଦାୟିତ୍ୱ ହେଲେ ମଧ୍ୟ, ଏହାର ପ୍ରତିକାର ବା ସ୍ୱାସ୍ଥ୍ୟରକ୍ଷା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତି ବିଶେଷଙ୍କର ଅଟେ । ଏଥିପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ନିହାତି ପ୍ରୟୋଜନ । ପାୟୋରିଆ ରୋଗର କାରଣ, ଲକ୍ଷଣ ଓ ପରିଶେଷରେ ଏ ରୋଗଦ୍ୱାରା କି କି କ୍ଷତି ସାଧନ ହୋଇଥାଏ, ସେଥିପ୍ରତି ଚେତନା ସୃଷ୍ଟି କରିବା ହେଉଛି ପ୍ରଧାନ ଲକ୍ଷ । ଏହି ରୋଗର ପ୍ରତିକାରକ ବ୍ୟବସ୍ଥା ନିମନ୍ତେ ଜନ ସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ପିଲମାନଙ୍କୁ ସ୍କୁଲ କଲେଜ ପାଠ୍ୟ ବିଷୟରେ ଅବଗତ କରାଇବା ନିହାତି ଆବଶ୍ୟକ ।

ଦାନ୍ତ ଉପରେ ଓ ଦାନ୍ତ ସନ୍ଧି ମାନଙ୍କରେ ଜମି ଯାଇଥିବା ପଦାର୍ଥକୁ ଉପଯୁକ୍ତ ଦାନ୍ତକାଠି (Tooth Brush) ବ୍ୟବହାର ଦ୍ୱାରା ନିୟମିତ ପରିଷ୍କାର କରିବା ଉଚିତ୍ । ଦୈନିକ ମୁଖ୍ୟତଃ ମଧ୍ୟାହ୍ନ ଆହାର ପରେ ଓ ରାତ୍ରି ଆହାର ପରେ ବ୍ରସ୍‌ଦ୍ୱାରା ଦ୍ୱାରା ଦାନ୍ତ ସଫା ସଫା କରିବା ଦରକାର । ଦାନ୍ତ ଭଲ କରି ସଫା ନକଲେ plusue ଆସ୍ତେ ଆସ୍ତେ ଶକ୍ତ ହୋଇ Culeu lus ରେ ପରିଣତ ହୋଇଥାଏ, ଯାହାକି ଆଉ ବ୍ରସ ଦ୍ୱାରା ସଫା କରିବା ସମ୍ଭବପର ହୁଏ ନାହିଁ । ଏହାକୁ କେବଳ ଦାନ୍ତ ଡାକ୍ତର ତାଙ୍କର ଯନ୍ତ୍ର ସାହାଯ୍ୟରେ ସଫା କରିପାରନ୍ତି । ଏଣୁ ଦାନ୍ତ ଡାକ୍ତରଙ୍କ ପାଖକୁ ଯିବା ଅପେକ୍ଷା ପ୍ରଥମରୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରତିକାର ବ୍ୟବସ୍ଥା କରିବା ଉଚିତ । କଥାରେ ଅଛି Precaution is better than cure.

ଦାନ୍ତକୁ ପରିଷ୍କାର ରଖିବା ପାଇଁ ଆଜିକାଲି ବହୁପ୍ରକାର ଉପାୟ ବାହାରି-ଲାଣି । ପାଶ୍ଚାତ୍ୟ ଦେଶମାନଙ୍କରେ ଏଥି ନିମନ୍ତେ ଅନେକ ପ୍ରକାର ବ୍ୟବହାରିକ ଯାନ୍ତ୍ରିକ ପଦ୍ଧତି ବାହାରିଲାଣି । ଯଥା Water Irrigators, Battery powered tooth brushes, Medicated tooth picks; manual tooth brushes, Dentfloss, Interdentol stimulators, Interspace brushes ପ୍ରଭୃତି । ମାତ୍ର ଆମ ଦେଶରେ ଏଗୁଡ଼ିକର ପ୍ରଚଳନ କେବଳ କେତେକ ଧନୀକଙ୍କ ଭିତରେ ସୀମିତ । ସାଧାରଣ ଲୋକେ Tooth brush ବ୍ୟବହାର କରିବା ଦେଖାଯାଇଥାଏ । ଏଣୁ Tooth brush ରେ ମଧ୍ୟ ଆମ୍ଭେ ଦାନ୍ତର ଉପଯୁକ୍ତ ସୁରକ୍ଷା କରିପାରିବା ଯଦି ପରିଷ୍କାର କରିବା ପ୍ରଣାଳୀ ଆମ୍ଭମାନଙ୍କୁ ଶିକ୍ଷା ଦିଆଯାଏ ।

ଆଲୋପ୍ୟାଥିକ ଚିକିତ୍ସା ବ୍ୟବସ୍ଥା

ଲୋକଙ୍କର ଧାରଣା ଯେ ପାୟୋରିଆ ରୋଗ ବା ମାଡ଼ି ରୋଗର ଆରୋଗ୍ୟ ସମ୍ଭବ ନୁହେଁ, ମାତ୍ର ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁ ଆଜି ଏହା ସମ୍ଭବ ହୋଇଛି । ବର୍ତ୍ତମାନ ପୃଥିବୀରେ ଏ ରୋଗର ବହୁଳତା ଦୃଷ୍ଟିରୁ ଏହାର ନିରାକରଣ ପାଇଁ ବ୍ୟାପକ ଚେଷ୍ଟା ଚାଲିଛି ଓ ଚିକିତ୍ସା ବିଜ୍ଞାନ ମଧ୍ୟ ଏ ଦଶନ୍ଧି ମଧ୍ୟରେ ଅନେକ ଅଗ୍ରଗତି କରିଛି । ଏଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଦାନ୍ତ ବିଷୟରେ ସାଧାରଣ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ, ଯଦି କୌଣସି ସନ୍ଦେହ ଜାତ ହୁଏ ତେବେ ବେଳ ଥାଉଁ ଥାଉଁ ଦାନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ।

ମାଡ଼ିରୁ ରକ୍ତ ବାହାରିବା ପରେ ଆସ୍ତେ ଆସ୍ତେ ପୂଜ ବାହାରେ । ସେ ସମୟରେ କୌଣସି ଶଲ୍ୟ ଚିକିତ୍ସା କରାଇଲେ ପ୍ରଚୁର ରକ୍ତ ବାହାରିବାର ସମ୍ଭାବନା ଥିବାରୁ, ପ୍ରଥମେ ରୋଗୀକୁ ଦୈନିକ ୭୫୦ ରୁ ୧୦୦୦ ଗ୍ରାମ ଟେଟ୍ରା-ସାଇକ୍ଲିନ ବା ଆମ୍ପିସିଲିନ୍ ସହିତ ୭୦୦ ରୁ ୮୦୦ ଗ୍ରାମର ମେଟ୍ରୋନିଡାଜଲ ଭାଗ ଭାଗ କରି ଦିନରେ ୩ ଥରରୁ ୪ ଥର ୪/୫ ଦିନ ଖାଇବାକୁ ପଡ଼ିବ । ତା ସହିତ Vit.C, Vit.B Complex ମଧ୍ୟ ଖାଇବାକୁ ପଡ଼ିବ । ଏହା ଛଡ଼ା ଦୈନିକ ଦୁଇଥର Hydrogen peroxide Antiseptic ପାଣିରେ ମିଶାଇ କୁଳି କରିବାକୁ ପଡ଼ିବ । ପ୍ରଥମେ ମାଢ଼ିର ଫୁଲା ଓ ରକ୍ତ, ପୂଜ ବାହାରିବା ବନ୍ଦ ହୋଇଗଲେ, ଦାନ୍ତ ଡାକ୍ତରଙ୍କ ଦ୍ୱାରା ମାଢ଼ି ଭିତର ଶଲ୍ୟ ଚିକିତ୍ସା ଦ୍ୱାରା ସଫା କରାଇ ନେବା ଉଚିତ୍ । ଯଦି ରୋଗ ବେଶୀ ଗୁରୁତର ହୋଇଥାଏ ତେବେ Flarp operation ଦ୍ୱାରା ମାଢ଼ି ଭିତରୁ ରୋଗ ଗ୍ରସ୍ତ Tissue କୁ ବାହାର କରିଦେଲେ ମାଢ଼ି ପୁଣି ପୂର୍ବ ଭଳି ସୁସ୍ଥ ହୋଇଯାଏ ।

ଯଦି Chronic Infection ଦ୍ୱାରା ମାଢ଼ି ବୃଦ୍ଧି ପାଇଥାଏ (Gingival Hyperplasiv) ତେବେ Gingivoctomy operation ଦ୍ୱାରା ପୁଣି ମାଢ଼ିର ପୂର୍ବାବସ୍ଥା ଫେରାଇ ଅଣାଯାଇପାରେ ଓ Alveolar ostcoplastic operation ଦାନ୍ତର ମୂଳପାଖେ ଘେରି ରହିଥିବା ରୋଗଗ୍ରସ୍ତ ହାଡ଼କୁ ମଧ୍ୟ ବହୁ ପରିମାଣରେ ଠିକ କରାଯାଇ ପାରେ । ଏହି ରୋଗ ଦ୍ୱାରା ହଲୁଥିବା ଦାନ୍ତକୁ Periodonitol Appliances ଦ୍ୱାରା ମଧ୍ୟ ଦୃଢ଼ କରାଯାଇ ପାରେ ।

ପାୟୋରିଆର ହୋମିଓପ୍ୟାଥିକ ଚିକିତ୍ସା

୧ । ଦାନ୍ତରୁ ମାଢ଼ି ତଳକୁ ଟସିଯାଇ ପୂଜ ବାହାରୁଥିଲେ ଏବଂ ଦାନ୍ତ ହଲି ପାଟିରୁ ଗନ୍ଧ ବାହାରୁଥିଲେ Kali Carb 30 ଦିନକୁ ୪ ଥର ଖାଇବେ ।

(ଅବଶିଷ୍ଟାଂଶ ୧୯ ପୃଷ୍ଠାରେ)

Images: Aptakama Mishra, Processing: Srujanika

ମୁଣ୍ଡା ପେନ୍‌ସିଲ୍ ଓ ପିଲାଙ୍କ ରଫ୍ ଖାତାର ବୈଜ୍ଞାନିକ—ଆଇନ୍‌ଷ୍ଟାଇନ୍

ଶ୍ରୀ ଗିରିଜାଭୂଷଣ ପଟ୍ଟନାୟକ

ମୁଣ୍ଡା ପେନ୍‌ସିଲ୍‌ଟିଏ । ଆଉ ପିଲାଙ୍କ ଏକ୍‌ସରସାଇଜ ଖାତାଟିଏ । ସେଇ ହେଉଛି ତାଙ୍କର ଲାବରେଟରୀ । ସକାଳୁ ସେ ବାହାରି ଯାଇଛନ୍ତି ବୁଲିବାପାଇଁ ଆଉ ଫେରି ନାହାନ୍ତି । ସମଗ୍ର ଦେଶର ପ୍ରତିରକ୍ଷା ବାହିନୀକୁ ସତର୍କକରି ଦିଆଯାଇଛି । ବିମାନ ବନ୍ଦର, ଜାହାଜ ବନ୍ଦରଠାରୁ ସୈନ୍ୟବାହିନୀ ଦ୍ୱାରା ଅବରୁଦ୍ଧ ।

କୁଆଡ଼େ ଗଲେ ସେ ? ଖୋଜା ଚାଲିଛି । ଅପରାହ୍ନ । ଦେଖାଗଲା ଏକ ପଳିତ କେଶ ବୃଦ୍ଧ ଏକ ଗଳି ଭିତରେ ପଡ଼ିଆରେ ସାନ ସାନ ପିଲାଙ୍କସହ ଗୋଲି ଖେଳରେ ମାତିଯାଇଛନ୍ତି । କିଏ ଏହି ବୃଦ୍ଧ ? ପାଗଳ ନା' କଣ ? ସ୍ତ୍ରୀ ତାଙ୍କୁ ଖୋଜି ଖୋଜି ଯାଇ ପହଞ୍ଚିଲେ ।

"କଣ ତମେ କରୁଚ ଏଠି ? ଏଇଟା କଣ ଗୋଲି ଖେଳିବାର ସମୟ ?" ସ୍ତ୍ରୀଙ୍କର ପ୍ରଶ୍ନ ।

"ସମୟ ...ସେଇଟା କଣ ? ତାକୁଇ ତ ମୁଁ ଖୋଜି ବୁଲୁଛି ।" ହସହସ ମୁହଁରେ ବୃଦ୍ଧଙ୍କର ଉତ୍ତର ।

ସମୟ କଣ ବୋହିଯାଏ, ନଈପରି ? ନାଁ ସ୍ଥିରହୋଇ ରହିଯାଏ, ତାର ବି ପାଦ ଥକିଯାଏ । ବିରାଟ ଏଇପ୍ରଶ୍ନ ।

ସମୁଦ୍ରକୂଳରେ ଜଣେ ବୃଦ୍ଧଙ୍କୁ ଗୋଟିଏ ସୁନ୍ଦରୀ ସାନଝିଅଟି ସାଙ୍ଗରେ ବୁଲିବାର ଦେଖାଯାଏ । ଅଜା ନାତୁଣୀ ଗପି ଗପି ବୁଲୁଛନ୍ତି । ହଠାତ୍ ସାନ ଝିଅଟି ପ୍ରଶ୍ନକଲା ।

"ବୈଜ୍ଞାନିକ ! କଣ ତୁମର ସେଇ ଆପେକ୍ଷିକ ତତ୍ତ୍ୱ ଯାହାକୁ କେହି ବୁଝିପାରୁ ନାହାନ୍ତି ।"

ବୃଦ୍ଧ ହସି ହସି ଉତ୍ତର ଦେଲେ, ସେ ଗୁଡ଼ାକ ବୋକା । ମୋର ତତ୍ତ୍ୱର ଉତ୍ତର ଶୁଣ ନେ । "ମୁଁ ?" ଝିଅଟିର ମୁହଁରେ ପ୍ରଶ୍ନ ବାଚୀ ଚିହ୍ନ ଉଙ୍କିଛି ।

ହଁ, ତୁ । ଯେଉଁଭଳି ଗୋଟିଏ ସୁନ୍ଦର କହୁରୁକିଆ ଝିଅପାଖରେ, ପାଞ୍ଚଘଣ୍ଟା ବୁଲିଲେ ମୋତେ ପାଞ୍ଚମିନିଟ ପରିଲାଗେ । ଆଉ ବୁଢ଼ିଟାଏ ସାଙ୍ଗରେ ବୁଲିଲେ ପାଞ୍ଚ ମିନିଟଟା ପାଞ୍ଚଘଣ୍ଟା ପାଲଟି ଯାଏନାହିଁ ?"

ଝିଅଟି ହସିହସି ଗଡ଼ିଯାଏ । ଆଉ ପୃଥିବୀର ପଦାର୍ଥ ବିଜ୍ଞାନୀମାନଙ୍କୁ ସେଇ ତତ୍ତ୍ୱ ଚକିତ କରିଦିଏ । ଏବଂ ୧୯୫୫ ମସିହାରେ ସେଇ ବୈଜ୍ଞାନିକଙ୍କ ପରଲୋକ ହେବା ପରେ କୁହାଯାଏ ଆଗାମୀ ପ୍ରାୟ ଏକ ଶତାବ୍ଦୀ ପାଇଁ ପଦାର୍ଥ ବିଜ୍ଞାନ ଏକ "କ୍ଲୋଜଡ଼ ସବ୍‌ଜେକ୍ଟ ।" ନୂଆ କିଛି ଆବିଷ୍କାର କରିବାର ନାହିଁ ଏହି ବୈଜ୍ଞାନିକଙ୍କ ପରେ ।

କିଏ ସେ ? କଣ ତାଙ୍କର ପ୍ରତିଭା ? କେଉଁଠୁ ଆସିଲା ତାଙ୍କର ଏଇବୁଦ୍ଧି ? ମସ୍ତିଷ୍କରେ ତାଙ୍କର କଣ ଅସାଧାରଣ ବସ୍ତୁଥିଲା ?

ସେ ତାଙ୍କର ଉଇଲରେ ଆପଣାର ମୁଣ୍ଡଟିକୁ ଦେଇଯାଆନ୍ତି ପ୍ରିନ୍‌ସଟନ ବିଶ୍ୱବିଦ୍ୟାଳୟର ଡାକ୍ତରଖାନାକୁ । ମୃତ୍ୟୁର ପୂର୍ବରୁ ଯେଉଁ ମସ୍ତିଷ୍କ ଥିଲା ପୃଥିବୀର ବିସ୍ମୟ, ମୃତ୍ୟୁପରେ ବି ସେ ସେହିପରି ବିସ୍ମୟ ହୋଇ ରହିଗଲା । ପୃଥିବୀର ପ୍ରସିଦ୍ଧ ଡାକ୍ତରମାନେ ତାଙ୍କର ମୁଣ୍ଡକୁ ଖୋଲି ତାଡ଼ି ଦେଖିଲେ ।

ଆଶ୍ଚର୍ଯ୍ୟ !

ଏକ ସାଧାରଣ ମୁଣ୍ଡ ଯାହା ଏଇ ମୁଣ୍ଡ ବି ସେଇଆ । କୌଣସି ପାର୍ଥକ୍ୟ ନାହିଁ, ନାହିଁ କିଛି ସ୍ୱାତନ୍ତ୍ର୍ୟ । ତା ହେଲେ ?

ସେ ଅଜସ୍ର ପ୍ରଶ୍ନର ସମାଧାନ ହୋଇ ପାରି ନାହିଁ । ମଣିଷ ଆଜି ଚାଲିଛି । ପିଲା ଦିନେ ଏଇ ବୈଜ୍ଞାନିକ ଅଙ୍କରେ ଦୁର୍ବଳଥିଲେ । ତାଙ୍କୁ ଅଙ୍କର ପ୍ରେମରେ ପକାଇବାର ଦାୟିତ୍ୱ ନେଇଥିଲେ ତାଙ୍କର ଦାଦା । ମ୍ୟୁନିକ୍ ସମୟରେ ସନ୍ଧ୍ୟା ନଇଁ ଆସେ । କିଏ କେତେପ୍ରକାର ଗଳ୍ପରେ ବସିଯାଆନ୍ତି ଜୁଆଁ ପାଖରେ ଉଷୁମ ଟାଣି ଟାଣି । ସେତିକବେଳେ ଦାଦା ପୁତୁରା ବସି ଯାଆନ୍ତି ଗୋଟାଏ ଲୁଚି ରହିଥିବା ବାଘକୁ ଖୋଜିବା ପାଇଁ ।

ଦାଦା ଆରମ୍ଭ କରନ୍ତି ।

ଏଇ ଜଙ୍ଗଲ ଭିତରେ ଲୁଚି ରହିଛି ସେଇଟା । ତାର ନାମ ଆମକୁ ଜଣା ନାହିଁ । କିନ୍ତୁ ତାକୁ ଆମେ ଡାକିବା 'x' (ଏକ୍ସ) ନାମରେ । ଚାଲ ଖୋଜିବା ତାକୁ । ଆଉ ଏଇ 'ଏକ୍ସ' ହେଉଛି ବୀଜ ଗଣିତର ମୂଳ ସୂତ୍ର । ବହୁଦିନ ପରର କଥା ।

ଜଣେ ଭଦ୍ରଲୋକଙ୍କର ପ୍ରଚ୍ଛଦ ପଟର ଚିତ୍ର ଆଙ୍କିବା ପାଇଁ ଜଣେ ପ୍ରସିଦ୍ଧ ଶିଳ୍ପୀ ଆସିଥିଲେ । ତାଙ୍କ ଆଗରେ ବସିଛନ୍ତି ଉକ୍ତ ଭଦ୍ରଲୋକ । ବୟସ ଅତିକାନ୍ତ ହୋଇଛି । କଳାକାର ଦେଖୁଛନ୍ତି ଏକ ଅଭିନବ ଦୃଶ୍ୟ । ଜଣେ ଭଦ୍ର-ଲୋକ ଆସୁଛନ୍ତି ମଝିରେ ମଝିରେ ଆଉ ସେ ପହଞ୍ଚିଲା କ୍ଷଣି ତାଙ୍କର ଛବିର ନାୟକ ତାଙ୍କୁ କ'ଣ ସବୁ ଜର୍ମାନ ଭାଷାରେ କହି ଯାଉଛନ୍ତି ଯାହାର ବିନ୍ଦୁ ବିସର୍ଗ ବୁଝି ପାରୁନାହାନ୍ତି ଶିଳ୍ପୀ । କିନ୍ତୁ ଉକ୍ତ ବ୍ୟକ୍ତି ତାକୁ ନୀରବରେ ଟିପି ନେଉଛନ୍ତି ଆଉ ପୁଣି ସେ ଫେରି ଆସୁଛନ୍ତି କିଛି ସମୟ ପରେ ।

ଅଭିନବ ଏହି ଦୃଶ୍ୟ ।

ଶିଳ୍ପୀ ଆଉ ରହି ପାରିଲେ ନାହିଁ । ପଚାରିଲେ ବାଧ ହୋଇ । ସେ କିଏ ? ଆପଣ ତାଙ୍କୁ କ'ଣ କହୁଛନ୍ତି ? କଣ ସେ ଟିପି ନେଉ-ଛନ୍ତି ?

ସେ ହସିଲେ ।

କହିଲେ, ସେ ମୋର ଗାଣିତିକ । ମୁଁ ପିଲାଦିନରୁ ଅଙ୍କରେ ଦୁର୍ବଳ କିନା । ସେଇଥି ଯୋଗୁଁ ମୁଁ ମୋର ମନକୁ ଯାହା ରୁଚେ ତାହା କହିଯାଏ । ସେ ତାକୁ ଟିପି ନେଇ ଗଣିତରେ କଷି ଆଣନ୍ତି ।

ଇମିତି ସେ ଡାକିଥିଲେ ଦିନେ ଏକ ତତ୍ତ୍ୱକୁ । ଯାହା ପୃଥିବୀକୁ ଚମତ୍କୃତ କରିଥିଲା । ପୃଥିବୀ ସ୍ତମ୍ଭୀଭୂତ ହୋଇ ଠିଆ ହେଲା । ଯୁଗ ଯୁଗର ଧାରଣା ବଦଳି ଯାଉଛି ଏଇ ତତ୍ତ୍ୱର ବିସ୍ଥାନ ଫଳରେ ।

ସମୟ ସ୍ଥିର ନୁହେଁ । ସମୟ ସ୍ଥାଣୁ ନୁହେଁ । ସମୟ ବୋହି ଯାଏ । କିନ୍ତୁ ସମୟ

Images: Aptakama Mishra, Processing: Srujanika

ସମସ୍ତରେ ତା'ର ବ ପାଦ ଅଳ୍ପସାଏ । ସମସ୍ତ ହେଉଛି ଏକ ପ୍ରବାହ ତାକୁ ଜାଣିବାକୁ ପଡ଼ିବ ନୂତନ ସ୍କେଲରେ । ଆଲୋକର ଗତିଠାରୁ ଅଧିକ ଗତିରେ ତମେ ମହା ଶୂନ୍ୟକୁ ଛୁଟିଯାଅ । ସାଙ୍ଗରେ ଗୋଟିଏ ଫୁଟିକିଆ ସ୍କେଲ୍ ନେଇ-ଯାଅ । ସେଇଠି ତାକୁ ମାପିଲେ ଦେଖାଯିବ ତାହାର ଲମ୍ବ କମିଯାଇଛି । ଠିକ୍ ସେଇପରି ତମର ବୟସ ମଧ୍ୟ ସ୍ଥିର ରହି ଯାଇଛି ସବୁଠି ସମସ୍ତ ଅନ୍ୟ ମାନଙ୍କପାଇଁ ବୋଧ ଯାଇଛି ସ୍ୱାଭାବିକ ଗତିରେ । ତମ ପାଇଁ କିନ୍ତୁ ତାହା ସ୍ଥିର ହୋଇ ରହି ଯାଇଛି ।

ସମସ୍ତ....ଘଣ୍ଟା, ଦଣ୍ଡା, ମିନିଟ, ସେକେଣ୍ଡ । ସମସ୍ତ ଦିନ, ମାସ, ବର୍ଷ, ଶତାବ୍ଦୀ ।

ସମସ୍ତର ନୂତନ ନିର୍ଦ୍ଧାରଣ । କିନ୍ତୁ ଏହାର ନିର୍ଦ୍ଧାରକଙ୍କ ହାତରେ ଘଣ୍ଟିବ ନାହିଁ ଅର୍ଥା-ଭାବରୁ । ଅର୍ଥାତ ବିଶ୍ୱର ସବୁ ମୁଣ୍ଡରେ ସେ ବଞ୍ଚିଥାଏ ଥୋଇଛନ୍ତି ଆପଣାର କଳନାରେ ଆପଣାର କଳ୍ପନାରେ ।

କି ବିଚିତ୍ର ।

ସବୁଥିଲା ତାଙ୍କପାଇଁ ବିଚିତ୍ର । ଖ୍ୟାତି, ପ୍ରତିଷ୍ଠା, ସମ୍ମାନ ତାଙ୍କର ମସ୍ତିଷ୍କକୁ ବିଭ୍ରାନ୍ତ କରିନାହିଁ । ନୂଆଗଠିତ ହୋଇଥିବା ଇହୁଦୀ ରାଷ୍ଟ୍ର ଇସରାଏଲର ରାଷ୍ଟ୍ରପତି ହେବା ପାଇଁ ସେ ଅସମ୍ମତ ! ଠିକ୍ ସେଇପରି ସେ ଅସମ୍ମତ ମାର୍କିନ ଯୁକ୍ତରାଷ୍ଟ୍ରର କୁଖ୍ୟାତ ପରରାଷ୍ଟ୍ର ସଚୀବ ମ୍ୟାକାର୍ଥୀଙ୍କର "ଅନ୍-ଆମେରିକାନ କମିଟି" ଆଗରେ ସାମ୍ୟବାଦ-ବିରୋଧରେ ସାକ୍ଷ୍ୟ ଦେବା ପାଇଁ ।

ସେ କେବଳ ତ ବୈଜ୍ଞାନିକ ନୁହନ୍ତି । ସବୁର ଉର୍ଦ୍ଧ୍ୱରେ ହେଉଛନ୍ତି ମଣିଷ । ଏକଥା ସେ ଭୁଲିବାକୁ ପ୍ରସ୍ତୁତ ନୁହେଁ । "ମଣିଷକୁ ସେ ଦେଖିଛନ୍ତି ବୈଜ୍ଞାନିକର ନିର୍ଲିପ୍ତତା ନେଇ କିନ୍ତୁ ଏକ ସନ୍ଥର ପ୍ରଜ୍ଞା' ନେଇ । ସେଇ ଯୋଗୁଁ ସେ ଛାଡ଼ିଲେ ଜର୍ମାନ, ଆପଣାର ପ୍ରିୟ ପିତୃଭୂମି । ଇଉରୋପ ଆକାଶରେ ସେଦିନ ନଇଁଆସିଲା ଘନ ଅନ୍ଧକାର । ସେଇ ଅନ୍ଧକାର ଭିତରେ ବୁଡ଼ିଗଲା ଭବିଷ୍ୟତ । ବହୁତ ବୁଦ୍ଧିଜୀବୀ ପ୍ରାଣକୁ ବିକ୍ରି କରିଦେଲେ । ଦେହକୁ ରକ୍ଷା କରିବାପାଇଁ । କିନ୍ତୁ ସମସ୍ତେ ନୁହନ୍ତି । ଅନ୍ୟ-ମାନେ ଛାଡ଼ିଲେ ଦେଶ । ମଣିଷ ଜାତି ବଡ଼, ଦେଶ ନୁହେଁ । ଫାସୀବାଦର ଡ୍ରାଗନେଟ୍ ଭେଦ କରି ଆଇନଷ୍ଟାଇନ ଛାଡ଼ିଲେ ଜର୍ମାନୀ । ଆଉ ଫେରି-ନାହାନ୍ତି । ଫେରିବାର ଆଉ ଆବଶ୍ୟକତା କଣଥି

ସେଇଯୋଗୁ ସେ ଥିଲେ ଯୁଦ୍ଧ ବିରୋଧୀ, ଶାନ୍ତିର ପୂଜାରୀ । ତାଙ୍କୁ ପଚାରା ଗଲା । ବୈଜ୍ଞାନିକ, ତୃତୀୟ ମହାଯୁଦ୍ଧ କପ ରୂପନେବ ? ସେ କହିଲେ, ସେ କଥା କହି ପାରିବ ନାହିଁ । କିନ୍ତୁ ତା' ପରବର୍ତ୍ତୀ ଯୁଦ୍ଧ କପ ହେବ ନିଶ୍ଚୟ କହିପାରିବ । ସେତେବେଳକୁ ମଣିଷ ଯୁଦ୍ଧ କରିବ ଧନୁ ଆଉ ଶରରେ । ଉତ୍ତ ମିଳିଯାଇଛି ।

ଶାନ୍ତିର ଏଇ ଉଦଗ୍ର ସେନାପତି ତାଙ୍କର ସମସାମୟିକ ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ତାଙ୍କର ତିରୋଧାନ ଦିବସରେ ମନ୍ତବ୍ୟ ଦେଲେ—

"ଆଗାମୀ ଶତାବ୍ଦୀରେ ଯେତେବେଳେ ମଣିଷକୁ କୁହାଯିବ ଯେ ଭଗବାନ ମଣି ଦେହ ଧରି ଧରାପୃଷ୍ଠରେ ଜନ୍ମଲଭ କରିଥିଲେ ସେତେବେଳେ ସେ ତାକୁ ବିଶ୍ୱାସ କରିବ ନାହିଁ ।"

ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ ଏଇଥିଲା— ଆଇନ ଷ୍ଟାଇନଙ୍କର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି । □

(୧୭ ପୃଷ୍ଠାର ଅବଶିଷ୍ଟାଂଶ)

୧ । ମାଢ଼ି ଫୁଲି ପାଟି ଗନ୍ଧ ହେଉ-ଥିଲେ ଏବଂ ପାଟିରୁ ଲାଳ ବାହାରୁ ଥିଲେ Merc. Car-30 ଦିନକୁ ୩ ପାନ ଖାଇବେ ।

୩ ଦାନ୍ତ କଳା ପଡ଼ିଯାଇ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ୁଥିଲେ ଏବଂ ମାଢ଼ି ଫୁଲି ରକ୍ତ ବାହାରୁ ଥିଲେ ଓ ଅଧିକାଂଶ ସମୟରେ ପାଟିରେ ଲାଳ ଜକଉ ଥିଲେ Staphysagnia 200 ଦିନକୁ ପାନେ କରି ଖାଇବେ ।

୪ । ଦାନ୍ତ ମଜଭୁତ ଥାଇ ମାଢ଼ି ଫୁଲି ଦରଜ ହେଉଥିଲେ ଏବଂ ସାମାନ୍ୟ ବାଜଗଲେ ମାଢ଼ିରୁ ରକ୍ତ ବାହାରିଲେ Argentum slit. 30 ଦିନକୁ ୩ ପାନ ଖାଇବେ ।

୫ । ଦାନ୍ତ ହଲି ମାଢ଼ି ଫୁଲିଥିଲେ ଏବଂ ପାଟି ଖଟା ଖଟା ବା ରକ୍ତଆ ଲାଗୁ-ଥିଲେ Mag Carb. 30 ଦିନକୁ ୩ ପାନ ଖାଇବେ ।

୬ । ମାଢ଼ି ଫୁଲି ଦାନ୍ତ ହଲୁଥିଲେ ଏବଂ ଦାନ୍ତ ଘଷିଲା ସମୟରେ ରକ୍ତ ବାହାରୁ ଥିଲେ ଓ ଉଭୟ ଥଣ୍ଡା ଓ ଗରମ ଖାଦ୍ୟ ବା ପାନୀୟ ମାଢ଼ିରେ ଲାଗିଲେ ଦରଜ ବା ବିନ୍ଧୁଥିଲେ CARBO VEG. 30 ଦିନକୁ ୪ ପାନେ ଖାଇବେ ।

୭ । ମାଢ଼ିକୁ ଚିପିଲେ ଦାନ୍ତ ମୂଳରୁ ଘନ ରକ୍ତ ବାହାରୁ ଥିଲେ ଓ ବିଭିନ୍ନ ଔଷଧ ଖାଇ ଶୀଘ୍ର ଭଲ ନ ହେଉଥିଲେ SILICIA 200 ଦିନକୁ ଦୁଇ ପାନ ଖାଇବେ ।

୮ । ପାଟିରୁ ଉପଯୁକ୍ତ ପରିମାଣରେ ବାହାରୁ ନଥିଲେ ବା ପାଟି ଶୁଖିଲା ରହି ଆଦୌ ଶୋଷ ନ କରୁଥିଲେ ଓ ପାଟି ଗନ୍ଧ ହେଉଥିଲେ ଏବଂ ଦାନ୍ତବିନ୍ଧା ପାଟିରେ ଥଣ୍ଡା ପାଣି ରଖିଲେ କମି-ଯାଉଥିଲେ Pulsatilla-30 ଦିନକୁ ତିନି ପାନ ଖାଇବେ । □

ରାଜସ୍ଥାନ କେନାଲ ବ୍ୟବସ୍ଥା ଜାଣନ୍ତି କି ?

* ରାଜସ୍ଥାନରେ ମୋଟ ୯୬୨୫ କିଲୋମିଟର ଲମ୍ବର କେନାଲ ବ୍ୟବସ୍ଥା ରହିଛି । ଦେଶର ଅନ୍ୟାନ୍ୟ ଅଞ୍ଚଳର କେନାଲ ବ୍ୟବସ୍ଥା ତୁଳନାରେ ଏହା ଅଧିକ ।
* ଏହି କେନାଲ ବ୍ୟବସ୍ଥା ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଲାଗି ମୋଟ ୩୪୦କୋଟି ଟଙ୍କା ବ୍ୟବହୃତ ହୋଇଛି ।
* କେନାଲ ବ୍ୟବସ୍ଥା ଦ୍ୱାରା ଅତିରିକ୍ତ ୩୭ ଲକ୍ଷ ହେକ୍ଟର ଜମିକୁ ସେଚ ସୁବିଧା ଯୋଗାଇ ଦିଆଯାଇ ପାରୁଛି ।
* ଏହି ସେଚ ବ୍ୟବସ୍ଥା ଦ୍ୱାରା ୩୭ଲକ୍ଷ ଟଙ୍କା ଟଙ୍କା ମୂଲ୍ୟର ଅତିରିକ୍ତ ଖାଦ୍ୟ ଶସ୍ୟ ଓ ଅର୍ଥକାରୀ ଫସଲ ଉତ୍ପାଦିତ ହୋଇ ପାରିବ ।
* ପୂର୍ଣ୍ଣାଙ୍ଗ କେନାଲ ବ୍ୟବସ୍ଥା ଲାଗି ୩୯୦୦ କ୍ୟୁବିକ୍ ମିଟର ମାଟି ଖୋଳାଯିବ । ଏହି ମାଟିରେ ଏଭେରେଷ୍ଟ ପର୍ବତ ଉଚ୍ଚର ଏକ ପିରାମିଡ୍ ନିର୍ମାଣ ହୋଇ ପାରିବ । □

Images: Aptakama Mishra, Processing: Srujanika

ମନୁଷ୍ୟ ଶରୀରରୁ ନିର୍ଗତଜ୍ୟୋତି ରୋଗ ନିରୂପଣରେ ସହାୟକ ହେବ

ଦେବ ଦେବୀଙ୍କ ମୂର୍ତ୍ତିର ଏହି ଶକ୍ତିହିଁ ଭକ୍ତଙ୍କୁ ଆକୃଷ୍ଟ କରେ—ବୈଜ୍ଞାନିକ ନିରୂପଣ

ପ୍ରତ୍ୟେକ ସଜୀବ ବସ୍ତୁର(ପ୍ରାଣୀ ଓ ଉଦ୍ଭିଦ) ଶରୀରର ଚତୁପାର୍ଶ୍ୱରେ ଜ୍ୟୋତିର ଏକ ବଳୟ ଥାଏ । ତାହା ସାଧାରଣ ଆଖିକୁ ଦେଖା ନଗଲେ ମଧ୍ୟ ଯୋଗୀ ବା ମୁନି ଋଷି ମାନେ ତାହା ଦେଖି ପାରିଥାନ୍ତି ଏବଂ ସେହି ଜ୍ୟୋତିର ଫଟୋଚିତ୍ର ମଧ୍ୟ ବହୁକ୍ଷେତ୍ରରେ ଉଠାଯାଇଥାଏ ।

ସମ୍ପ୍ରତି ମାଡ୍ରାସସ୍ଥ ସରକାରୀ ଡାକ୍ତରଖାନାରେ ଦଳେ ବୈଜ୍ଞାନିକ ଏବେ ସେହି ଜ୍ୟୋତିର ଫଟୋ ଉଠାଇ ସେଥିରୁ ସମ୍ପୃକ୍ତ ମନୁଷ୍ୟର ରୋଗ ନିର୍ଦ୍ଧାରଣ କରିବାରେ ସଫଳ ହୋଇଛନ୍ତି ।

ସେହି ଡାକ୍ତରଖାନା ନ୍ୟୁରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ପି. ନରେନ୍ଦ୍ରନ୍ କହିଛନ୍ତି ଯେ ତାଙ୍କ ବିଭାଗର ଡାକ୍ତରମାନେ ଏଭଳି ଏକ ମେସିନ୍ ତିଆରି କରିଛନ୍ତି ଯାହା ସାହାଯ୍ୟରେ କି ରୋଗୀମାନଙ୍କ ଶରୀର-ଜ୍ୟୋତିର ଫଟୋ ନିଆଯାଇ ପାରୁଛି । ସୁସ୍ଥ ଲୋକଙ୍କ ଶରୀରର ଜ୍ୟୋତି ଅସୁସ୍ଥ ଲୋକଙ୍କ ଶରୀର ଜ୍ୟୋତିରୁ ସମ୍ପୂର୍ଣ୍ଣ ପୃଥକ୍ ଏବଂ ଭିନ୍ନ ଭିନ୍ନ ରୋଗ ଭୋଗୁଥିବା ଲୋକଙ୍କ ଶରୀରରୁ ଭିନ୍ନ ଭିନ୍ନ ଜ୍ୟୋତି ନିର୍ଗତ ହେଉଥିବାରୁ ଏଥିରୁ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ରୋଗ ନିର୍ଦ୍ଧାରଣ କରିହେଉଛି । ଇତିମଧ୍ୟରେ ସେ ହସପିଟାଲରେ ପ୍ରାୟ ଏକ-ହଜାର ରୋଗୀଙ୍କର ଶରୀର ଜ୍ୟୋତି ନିଆଯାଇ ସେମାନଙ୍କ ରୋଗ ନିର୍ଦ୍ଧାରଣ କରାଗଲାଣି ।

ମନୁଷ୍ୟ ଶରୀରର ଏହି ଜ୍ୟୋତି ବା "ବାୟୋ ଏନରଜି"ର ଉଜ୍ଜ୍ୱଳତା ସମ୍ପୃକ୍ତ ବ୍ୟକ୍ତିର ଆଧ୍ୟାତ୍ମିକ, ଓ ଶାରୀରିକ ଅବସ୍ଥାକୁ କେନ୍ଦ୍ରକୁ ତୀବ୍ର କିମ୍ବା ମଳିନ ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ଯୋଗୀଙ୍କ ଶରୀରର ଜ୍ୟୋତି ଅତି ଉଜ୍ଜ୍ୱଳ ହେଉଥିବା ବେଳେ ମୃତ୍ୟୁର ନିକଟବର୍ତ୍ତୀ ହେଉଥିବା ବ୍ୟକ୍ତିର ଏହି ଜ୍ୟୋତି ମଳିନ ହୋଇଥାଏ । ଉତ୍ତମ ଶରୀର ଓ ମାନସିକ ସୁସ୍ଥ ମନୁଷ୍ୟର ଏହି ଜ୍ୟୋତି ସମ୍ପୂର୍ଣ୍ଣ ବିଚ୍ଛୁରିତ ଓ ଧାରବାହିକ ହୋଇଥିବା ବେଳେ ବିଷାଦଗ୍ରସ୍ତ ମନୁଷ୍ୟ ଠାରେ ଏହାର ବ୍ୟତିକ୍ରମ ଦେଖାଯାଏ ।

ଡାକ୍ତର ନରେନ୍ଦ୍ର କହିଛନ୍ତି ଯେ କେତେ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତଏହି ମେସିନ୍ ସାହାଯ୍ୟରେ ଲୋକମାନଙ୍କ ହାତର ଆଙ୍ଗୁଳିରୁ ବାହାରୁଥିବା ଜ୍ୟୋତିରୁ ଫଟୋ ଉଠାଯାଇ ପାରୁଛି ଏବଂ ସମଗ୍ର ଶରୀରରୁ ନିର୍ଗତ ଜ୍ୟୋତିର ଫଟୋ ଉଠାଇବା ପାଇଁ ଏବେ ମେସିନ୍ ତିଆରି ହେଉଛି ।

୭୨ ପ୍ରକାର ରୋଗ ଭୋଗୁଥିବା ୧୩୪ ଜଣ ବ୍ୟକ୍ତିଙ୍କ ଜ୍ୟୋତିରୁ ଫଟୋ ଉଠାଯାଇ ସେଗୁଡିକର ଶ୍ରେଣୀ ବିଭାଗ କରାଯାଇ ସାରିଲାଣି ଏ ଯୋଜନା ୧୯୭୯ ମସିହାରୁ ଆରମ୍ଭ ହୋଇଥିଲା ଏବଂ ଏଥିପାଇଁ କେନ୍ଦ୍ରରୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ପକ୍ଷରୁ ଅର୍ଥ ଅନୁଦାନ ମିଳିଥିଲା । ଇତିମଧ୍ୟରେ ଏ କ୍ଷେତ୍ରରେ ଯାହା ସବୁ କାମ ହୋଇଛି ସେ ସମ୍ପର୍କରେ ଏକ ସଂକ୍ଷିପ୍ତ ରିପୋର୍ଟ ଡାକ୍ତର ନରେନ୍ଦ୍ର କେନ୍ଦ୍ରକୁ ପଠାଇ ସାରିଲେଣି ।

ପ୍ରତ୍ୟେକ ରୋଗପାଇଁ ଶରୀରରୁ ସ୍ୱତନ୍ତ୍ର ଜ୍ୟୋତି ନିର୍ଗତ ହୁଏବୋଲି ଆବିଷ୍କୃତ ହେବା ଅତି ଗୁରୁତ୍ୱପୂର୍ଣ୍ଣ । ବ୍ରେନ୍ ଟ୍ୟୁମର ଥିବା ଜଣେ ବ୍ୟକ୍ତିର ଜ୍ୟୋତି ବୋତଲ ଆକୃତିର ହୋଇ-ଥିବାବେଳେ ସିରୋସିସ ରୋଗ ଭୋଗୁଥିବା ବ୍ୟକ୍ତିର ଜ୍ୟୋତି ବୃକ୍ଷ ସଦୃଶ ହୋଇଥାଏ ଏବଂ ଗ୍ୟାଷ୍ଟ୍ରୋ ଏଣ୍ଟେରାଇଟସ୍ ରୋଗୀର ଜ୍ୟୋତି ହସ୍ତାଙ୍ଗୁଳି ସହିତ ସମାନ୍ତରାଳ ଭାବେ ଗତି କରେ । ବିଷାଦଗ୍ରସ୍ତ ରୋଗୀର ଜ୍ୟୋତି ଏପରି ଅସ୍ୱାଭାବିକ ଯେ ତାକୁ ଅତି ସହଜରେ ଜାଣିହେବ ।

ଏ ଯୋଜନା ଆରମ୍ଭ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ପ୍ରାୟ ୧୩୪ଟି ରୋଗର ପ୍ରକୃତି ନିର୍ଦ୍ଧାରଣ ହୋଇ ସାରିଲାଣି ।

ଏକ ଅସାଧାରଣ କ୍ଷେତ୍ରରେ ସେହି ଡାକ୍ତରଖାନାର ଜଣେ ଡାକ୍ତର ଯାହାଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା, ଫଟୋରେ ତାଙ୍କର ଜ୍ୟୋତି ଅସ୍ୱଚ୍ଛ ଉଠିଲା । ଠିକ୍ ଏହାର ଏକ ସପ୍ତାହ ପରେ ସେ କାମଳ ରୋଗରେ ଆକ୍ରାନ୍ତ ହେଲେ । ଏହିଭଳି ବହୁ ଘଟଣାରୁ ଶରୀରର ଜ୍ୟୋତି କୌଣସି ରୋଗ ଆଗମନ, ଏପରିକି କ୍ୟାନସର ଆଗମନର ମଧ୍ୟ ସୂଚନା ଦେଇ ପାରିବ ।

ଜ୍ୟୋତି ଅଧ୍ୟୟନ ବଳରେ କୌଣସି ରୋଗ କିପରି ଭାବେ ଉପଶମ ହେଉଛି ତାହା ମଧ୍ୟ ଅନୁଧ୍ୟାନ କରାଯାଇ ପାରିବ । ରୋଗ ଯଦି ଉତ୍କଟ ହୋଇଥାଏ ତେବେ ଜ୍ୟୋତି କ୍ରମେ କ୍ଷୀଣହେବ ଏବଂ ମୃତ୍ୟୁ ପୂର୍ବରୁ ଏହାର ନିଃସରଣ ଅନିୟମିତ ହୋଇଉଠିବ ।

ମୃତବ୍ୟକ୍ତିର ଶରୀରରୁ ଏହି ଜ୍ୟୋତି କ୍ରମଶଃ ଲୋପ ପାଇଯାଏ ବୋଲି ମୃତ୍ୟୁର ଛ ଘଣ୍ଟା ପରେ ଉଠାଯାଇଥିବା ଏକ ଫଟୋରୁ ଜଣାପଡୁଛି । ଏହା ପରେ ଶବରୁ ଆଉ ଜ୍ୟୋତି ନିର୍ଗତ ନହୋଇ କେବଳ ଏକ ପ୍ରକାର କ୍ଷୀଣ ଆଭା ଶରୀରକୁ ପରିବେଷ୍ଟନ କରି ରହିଥାଏ ।

ସାଧୁ, ସନ୍ଥ ବା ମହାପୁରୁଷ ମାନଙ୍କର ଶରୀର ସର୍ବଦା ଏକ ଆଲୋକିତ ଜ୍ୟୋତିଦ୍ୱାରା ପରିବେଷ୍ଟିତ ହୋଇ ରହିଥାଏ ବୋଲି ଆମର ପାରମ୍ପରିକ ବିଶ୍ୱାସ ଅଛି । ଏହି ବିଶ୍ୱାସର ବୈଜ୍ଞାନିକ ସତ୍ୟତା ପରୀକ୍ଷା କରିବାପାଇଁ ଜଣେ ଯୋଗୀଙ୍କ ଉପରେ ପରୀକ୍ଷା ଚଳାଇବାକୁ ସ୍ଥିର କରାଗଲା । ହୃଷିକେଶରେ ରହୁଥିବା ଜଣେ ମାନ୍ୟଗଣ୍ୟ ଯୋଗୀଙ୍କ ଶରୀରର ଜ୍ୟୋତିର ଫଟୋ ଉଠାଇବା ପାଇଁ ତାଙ୍କର ଅନୁମତି ନିଆଗଲା ଏବଂ ସେ ଏଥିପାଇଁ ସ୍ୱୀକୃତ ହେଲେ । ତାଙ୍କ ଶରୀରରୁ ନିର୍ଗତ ଜ୍ୟୋତି ଏଭଳି ଉଜ୍ଜ୍ୱଳ ଓ ତୀବ୍ର ହେଲା ଯେ ଫଟୋ ଉଠାଉଥିବା ମେସିନ୍ ମଧ୍ୟ ଥରିବାକୁ ଲାଗିଲା । ଅନ୍ୟ ତିନିଜଣ ଯୋଗୀଙ୍କର ଫଟୋ ଉଠାଇଲା ବେଳେ ମଧ୍ୟ ସେୟା ହୋଇଥିଲା ।

ତାମିଲନାଡ଼ୁରେ ନିଆଁରେ ଚାଲୁଥିବା ୧୬ ଜଣ ବ୍ୟକ୍ତିଙ୍କର ମଧ୍ୟ ଫଟୋ ଉଠାଯାଇ ଥିଲା ।

Images: Aptakama Mishra, Processing: Srujanika

ବିନା ଔଷଧରେ ମଶା ନିୟନ୍ତ୍ରଣ

ଓଡ଼ିଶାର ମ୍ୟୁନିସିପାଲିଟିମାନେ ପଣ୍ଡିଚେରୀରୁ କିଛି ଶିଖିବେ କି ?

ଶ୍ରୀ କେ. ଏସ୍. ଜୟରମଣ

ଓଡ଼ିଶାର ସମସ୍ତ ସହର ବିଶେଷ କରି ଉପକୂଳବର୍ତ୍ତୀ ସହରମାନଙ୍କରେ ମଶା ପ୍ରାଦୁର୍ଭାବ ଏକ ଅସମାଧିତ ପ୍ରଶ୍ନ ହୋଇ ସର୍ବଦା ରହି ଆସିଛି । ସଂପ୍ରତି ଅନୁପଯୋଗୀ ହୋଇ ପଡ଼ିଥିବା ଡି. ଡି. ଟି ସିଞ୍ଚନ ଠାରୁ ମଶା ପ୍ରତିଷେଧକ ଶକ୍ତିଶାଳୀ ଔଷଧକୁ କୁହୁଡ଼ି ଆକାରରେ ବାୟୁମଣ୍ଡଳକୁ ଛାଡ଼ି ମଧ୍ୟ ଏହା ନିୟନ୍ତ୍ରଣ କରାଯାଇ ପାରୁନାହିଁ ।

କିନ୍ତୁ ଫାଇଲେରିଆ ରୋଗ ଓ ମଶା ପାଇଁ କୁଖ୍ୟାତ ଅନ୍ୟ ଏକ ସହର ପଣ୍ଡିଚେରୀରେ ସଂପ୍ରତି ବିନା ଔଷଧ ପ୍ରୟୋଗରେ ଏହି ମଶାମାନଙ୍କ ଦମନ କରାଯାଇ ପାରିଛି । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ଏକ ନିଛକ ସତ କଥା । ବୈଜ୍ଞାନିକ ମାନେ ସହରର ପରିବେଶକୁ ନିର୍ମଳ ରଖି ଏଭଳି କୃତକାର୍ଯ୍ୟ ହୋଇ ପାରିଛନ୍ତି ଏବଂ ଭାରତବର୍ଷର ଯେ କୌଣସି ସହର ପାଇଁ ଏହା ଏକ ଅଭିନବ ଘଟଣା ।

ପଣ୍ଡିଚେରୀରେ ଫାଇଲେରିଆ ଅତି ବ୍ୟାପକ ହୋଇଥିବାରୁ ଏହାକୁ ୫ ବର୍ଷ ଭିତରେ ସମ୍ପୂର୍ଣ୍ଣ ରୂପେ ଦୂର କରିବା ପାଇଁ ଇଣ୍ଡିଆନ କାଉନ୍‌ସିଲ ଅଫ ମେଡ଼ିକାଲ ରିସର୍ଚ୍ଚ ଏକ ଆହ୍ୱାନ ସ୍ୱରୂପ ଗ୍ରହଣ କରିଥିଲେ । ଏଥିପାଇଁ ସେମାନେ ଔଷଧ ଉପରେ ନିର୍ଭର ନକରି ପରିବେଶ ଉପରେ ନିର୍ଭର କରିବାକୁ ନିଷ୍ପତ୍ତି କଲେ । ସେମାନଙ୍କ ସହ ପଣ୍ଡିଚେରୀର ସ୍ୱାସ୍ଥ୍ୟ ବିଭାଗ ଅବଶ୍ୟ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ ।

ଏହି ମଶାମାରି ଯୋଜନା ଆରମ୍ଭ ହେବା ପୂର୍ବରୁ ମଶା ଋତୁରେ ସେଠାରେ ପ୍ରତି ସନ୍ଧ୍ୟାରେ ପ୍ରାୟ ଏକ କୋଟି ମଶା ନିଜ ନିଜ ରହିବା ସ୍ଥାନରୁ ବାହାରୁ ଉତ୍ପାତ ଆରମ୍ଭ କରି ଦିଅନ୍ତି । କିନ୍ତୁ ଆଜି ସେମାନଙ୍କ ସଂଖ୍ୟା ମାତ୍ର କେତେ ସହସ୍ରକୁ କମିଆସିଛି ।

ଏହି ଯୋଜନା ଦାୟିତ୍ୱରେ ଥିବା ଡାକ୍ତର ଡି: କେ: ରାଜଗୋପାଳନ କହନ୍ତି ଯେ ଯୋଜନା ଆରମ୍ଭରୁ ଆମେ ମଶାମାନଙ୍କୁ ନିର୍ମୂଳ କରିବାର ଲକ୍ଷ୍ୟ ରଖିନଥିଲୁ । ସେମାନଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ କରିବା ଥିଲା ଆମର ଲକ୍ଷ୍ୟ । କାରଣ ସଂଖ୍ୟା ହ୍ରାସ ହେଲେ ପିଲାମାନଙ୍କୁ ଆଉ ଫାଇଲେରିଆ ରୋଗ ଆକ୍ରମଣ କରିବାର ସମ୍ଭାବନା କମିଯିବ ।

ଦୀର୍ଘଦିନ ଧରି ଔଷଧ ପ୍ରୟୋଗ କରାଯିବା ଫଳରେ ମଶା ଗୁଡ଼ିକ ଶରୀରରେ ସେହି ଔଷଧ ପ୍ରତିରୋଧ ଶକ୍ତି ସୃଷ୍ଟି ହୋଇଯାଇଥିଲା । ଏବଂ ସେମାନଙ୍କ ସଂଖ୍ୟା ଏଭଳି ଭାବେ ବଢ଼ିଥିଲା ଯେ

ସେମାନଙ୍କ ଜ୍ୟୋତି ଅନ୍ୟମାନଙ୍କଠାରୁ ଅଧିକ ଉଜ୍ଜ୍ୱଳ । କିନ୍ତୁ ସେଥିରେ ଗୃହଳବାର ଠିକ୍ ପରେ ପରେ ତାଙ୍କ ଜ୍ୟୋତିର ଉଜ୍ଜ୍ୱଳତାରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେଉନାହିଁ ।

ଯୋଜନାର ଆଦ୍ୟମାରମ୍ଭ ବିଷୟରେ ସୂଚନା ଦେଇ ଡାକ୍ତର ନରେନ୍ଦ୍ରନ୍ କହୁଛନ୍ତି ଯେ ଋଷର କିରଲିନ୍ ଭ୍ରାତୃଙ୍କ ଏ କ୍ଷେତ୍ରରେ କାର୍ଯ୍ୟକଳାପ ତାଙ୍କୁ ଉତ୍ସାହିତ କରିଥିଲା । ନିର୍ଜୀବ ବସ୍ତୁ ଯଥା କାଠ, ପଥର, କାଗଜ ଇତ୍ୟାଦିର ଜ୍ୟୋତି ଅତି ମଳିନ ହୋଇଥିବାବେଳେ ଉଦ୍‌ଭିଦ ଜଗତର ଜ୍ୟୋତି ତେଜସ୍ୱାନ ଓ ବିଚ୍ଛୁରିତ ହୋଇଥାଏ । ଏକ ପରୀକ୍ଷାରେ ଗଛର ଏକ ପତ୍ରର ଫଟୋ ନିଆଯିବା ପରେ ସେ ପତ୍ରକୁ ଛିଣ୍ଡାଇ ଆଣିବାର କିଛି ସମୟରେ ପୁଣି ତାର ଫଟୋ ନିଆଯାଇଥିବାରୁ ଛିଣ୍ଡା ପତ୍ରର ଜ୍ୟୋତି ମଳିନ ପଡ଼ିଯାଇଥିବା ଲକ୍ଷ୍ୟ କରାଯାଇଥିଲା । ଏଥିରୁ ଜୀବନ ସହିତ ଜ୍ୟୋତିର ସଂପର୍କ ଥିବା ନିର୍ଦ୍ଧାରିତ ହୋଇଥିଲା ।

ମଣିଷ ଶରୀରରୁ ନିଆଯାଇଥିବା ପ୍ରଥମ ଫଟୋରୁ ଏହା ଗତିଶୀଳ ଏବଂ ସର୍ବଦା ପରିବର୍ତ୍ତନଶୀଳ ତଥା ବହୁବର୍ଣ୍ଣୀୟ ବୋଲି ଜଣା ପଡ଼ିଥିଲା । ଜ୍ୟୋତିର ବର୍ଣ୍ଣ ଲାଲ, କମଳା ରଙ୍ଗ, ନୀଳ ଓ ସବୁଜ ହୋଇଥାଏ, କଳା ଓ ଧଳା ରଙ୍ଗର ଜ୍ୟୋତି ମନୁଷ୍ୟ ଶରୀରରେ ଦେଖାଯାଏ ନାହିଁ ।

ଫଟୋ ଉଠାଉଥିବା ମେସିନ୍ ସମ୍ପର୍କରେ ପ୍ରଶ୍ନ କରିବାରୁ ଏହା ଏକ ହାଇ ଫ୍ରିକ୍ୱେନ୍‌ସି ମେସିନ୍ ଏବଂ ମାଇକ୍ରୋଚିପ୍‌ସ ସହାୟତାରେ ଏହା କାର୍ଯ୍ୟ କରୁଛିବୋଲି ସେ କହିଥିଲେ । ଏହି ମେସିନ୍ ସହ ସଂଯୁକ୍ତ ଏକ ପ୍ଲେଟ ଉପରେ ହାତ ରଖିଲେ ମେସିନ୍ ହାତର ଜ୍ୟୋତି ଗ୍ରହଣକରି ଆଲୋକ ତରଙ୍ଗରେ ରୂପାନ୍ତରିତ କରେ ଏବଂ ଏହାକୁ ଲିପିବଦ୍ଧ ମଧ୍ୟ କରେ ।

ଏଥିରେ ସାଧାରଣ ଫଟୋ ଫିଲ୍ମ ମଧ୍ୟ ବ୍ୟବହାର କରାଯାଇ ପାରିବ । ଏଥିରେ କୌଣସି ତେଜସ୍କ୍ରିୟ ସଂପୃକ୍ତ ନଥିବାରୁ ଏହି ପଦ୍ଧତିରେ କୌଣସି କ୍ଷତି ହେବନାହିଁ ।

ଦେବ ଦେବୀଙ୍କ ଶକ୍ତି ହିଁ ଭକ୍ତଙ୍କୁ ଆକୃଷ୍ଟ କରେ । କେବଳ ରୋଗ ଉପରେ ନିଜର ଗବେଷଣାକୁ ସୀମିତ ନରଖି ବିଭିନ୍ନ ଦେବାଳୟରେ ଥିବା ମୂର୍ତ୍ତୀମାନଙ୍କ ସମ୍ପର୍କରେ ମଧ୍ୟ ନିକଟରେ ସେ ଅଧ୍ୟୟନ ଆରମ୍ଭ କରିବେ । ଯେଉଁ ମନ୍ଦିରକୁ ବହୁ ଭକ୍ତ ଯାଆନ୍ତି ସେହି ମନ୍ଦିରର ମୂର୍ତ୍ତୀ ଅଧିକ ଶକ୍ତିଶାଳୀ ବୋଲି ତାଙ୍କର ମତ । ସେ କହନ୍ତି ଯେ ମୂର୍ତ୍ତୀ ଶରୀରରେ ଥିବା ଚକ୍ର ମୂର୍ତ୍ତୀର ନ୍ୟାସ ବେଳେ ଏବଂ ତାପରବର୍ତ୍ତୀ ଅବସ୍ଥାରେ ମନ୍ତ୍ରୋଚ୍ଚାରଣ ଯୋଗୁ ଏକ୍ରିତ କ୍ଷମତା ଲାଭ କରିଥାଏ ଏବଂ ଚକ୍ରର ଏହି ଶକ୍ତି ହିଁ ଭକ୍ତମାନଙ୍କୁ ଆକୃଷ୍ଟ କରେ ।

ଏହି ଅଧ୍ୟୟନର ଅଂଶ ସ୍ୱରୂପ ପ୍ରଥମେ ଏକ ଇଟାର ଫଟୋ ନିଆଯିବ ଏବଂ ଏହା ପରେ ବହୁ ପୁରୋହିତଙ୍କ ଦ୍ୱାରା ସେହି ଇଟାର 'ଲକ୍ଷାର୍ଚ୍ଚନା କରାଗଲା ପରେ ପୁଣି ଫଟୋ ନିଆଯିବ । ଦ୍ୱିତୀୟ ଫଟୋର ଜ୍ୟୋତି ପ୍ରଥମ ଅପେକ୍ଷା ଅଧିକ ଉଜ୍ଜ୍ୱଳତର ହେବବୋଲି ସେ ଅନୁମାନ କରନ୍ତି ।

ଡାକ୍ତର ନରେନ୍ଦ୍ରନ୍ ତାଙ୍କର ଏହି ଗବେଷଣାତ୍ମକ ଅନୁଷ୍ଠାନ ସମ୍ପର୍କରେ ଗତ ନଭେମ୍ବର ମାସରେ ହଂକଂ ଠାରେ ଅନୁଷ୍ଠିତ ହୋଇଥିବା ଷଷ୍ଠ ଏସୀୟ ଅଷ୍ଟ୍ରୋଲୋଜିକାଲ କଂଗ୍ରେସରେ ନିବନ୍ଧ ଉପସ୍ଥାପନ କରିଥିଲେ । □

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଶ୍ରୀ ସାମନ୍ତ

—ଯେଉଁ ତରୁଣୀମାନେ ନିଆଁ ନେଇ ଖେଳନ୍ତି ତାଙ୍କର ଦିଆସିଲି କାଠି ଦରକାର ହୁଏ ନାହିଁ ।

\+ + + +

ଶିକ୍ଷକ—ପୃଥିବୀର ସବୁଠୁ ଭଲ-ଲୋକ କାହାକୁ କହିବା ।

ଛୋଟପିଲା—"ମୋ ବାପା ।"

ଶିକ୍ଷକ—ତମ ବାପା ? କେମିତି ?

ଛୋଟ ପିଲା—ସେ ସବୁଦିନ ଚକୋଲେଟ୍, ଆଇସ କ୍ରିମ୍ କିଣି ଦିଅନ୍ତି ।

\+ + + +

ଶିକ୍ଷକ—ରାମ, କାଲି କାହିଁକି ସ୍କୁଲକୁ ଆସି ନଥିଲୁ ?

—ମୁଁ କାଲି ସକାଳେ ଆପଣଙ୍କୁ ଡାକ୍ତର ଖାନାରେ ଦେଖିଥିଲି, ଭାବିଲି, ଆପଣଙ୍କର ଦେହ ଖରାପ ଥିବ, ତେଣୁ ଆସିଲି ନାହିଁ ।

ଜଣେ ଲୋକ—"ମୋର ତିନି-ପ୍ରକାର କରଜଦାତା ଅଛନ୍ତି ।

୧—ଯେଉଁମାନଙ୍କୁ ଠିକ ସମୟରେ ପଇସା ଦେବାକୁ ହୁଏ ।

୨-ଯେଉଁମାନଙ୍କୁ ମଝିରେ ମଝିରେ କିଛି ଦେଲେ ଚଳିବ ।

୩—ଯେଉଁ ମାନଙ୍କୁ ବିଲକୁଲ ନ-ଦେଲେ ଚଳିବ ।

\+ + + +

ମକ୍କେଲ :—ମୁଁ ମୋର ଦାନ ପତ୍ର ଲେଖିବାକୁ ଚାହେଁ, କଅଣ କେମିତି ଲେଖିବି ଜାଣେ ନାହିଁ ।

ଓକିଲ :—ସବୁ ଦାୟିତ୍ୱ ମତେ ଦିଅନ୍ତୁ, ମୁଁ ସବୁକଥା ବୁଝିବି ।

\+ + +

—"ତୁମେ କଅଣ ଭାବ ଯେ ବିବାହଟା ଗୋଟାଏ ଲଟେରୀ ?"

—"ମୋଟେ ନୁହେଁ । ଲଟେରୀରେ ସାମାନ୍ୟ ହେଲେବି ଗୋଟାଏ ସମ୍ଭାବନା ଥାଏ । ବିବାହରେ ମୋଟେ ନାହିଁ ।" □

ପଣ୍ଡିଚେରୀର ପ୍ରତି ପାଞ୍ଚ ଜଣରେ ଜଣେ ଲୋକ ଅନ୍ତତଃ ଫାଇଲେରିଆ ରୋଗ ବହନ କରୁଥିବା ଜଣା ପଡିଥିଲା । କିନ୍ତୁ ମଶା ନିୟନ୍ତ୍ରଣର ଉପାୟ ସ୍ୱରୂପ ସେମାନଙ୍କ ଜନ୍ମସ୍ଥାନ ନିର୍ଦ୍ଦିଷ୍ଟ କରି ସେଗୁଡ଼ିକୁ ନଷ୍ଟ କରିବା ପାଇଁ ପରିବେଶ ନିର୍ମଳ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା ।

ତେଣୁ ଇଣ୍ଡିଆନ ମେଡିକାଲ ରିସର୍ଚ୍ଚ କାଉନ୍‌ସିଲ ଓ ରାଜ୍ୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମିଳିତ ଭାବେ ତିନିବର୍ଷ କାଳ ସହରକୁ ନିର୍ମଳ ରଖିବା ଅଭିଯାନ ଆରମ୍ଭ କଲେ ଏବଂ ସହର ଜନ-ସାଧାରଣ ଏ ଅଭିଯାନରେ ମଧ୍ୟ ନିଜକୁ ସାମିଲ କଲେ ।

ବର୍ଷ ବର୍ଷ ଧରି ଅଳିଆ ଆବର୍ଜନାରେ ପୋତିହୋଇ ପଡିଥିବା ୫୦ କିଲୋମିଟର ଲମ୍ବର ଆବଦ୍ଧ ନାଳକୁ ପ୍ରଥମେ ଟ୍ୟାଙ୍କର ସାହାଯ୍ୟରେ ସମୁଦ୍ର ପାଣି ଆଣି ସଫା କରାଗଲା । ଏହା ଫଳରେ ଜମି ରହିଥିବା ପାଣି ବହିବାକୁ ଆରମ୍ଭ କଲା ଏବଂ ଲୁଣି ପାଣିରେ ମଶା ଡିମ୍ବ ଗୁଡ଼ିକ ନଷ୍ଟ ହୋଇଗଲା । ରାସ୍ତା କଡ଼ରେ ଥିବା କଚ୍ଚା ନାଳ ଗୁଡିକରୁ ପଙ୍କ ଉଦ୍ଧାର କରାଗଲା । ଏହା ଫଳରେ ମଶା ମାନଙ୍କର ଜନ୍ମ ସ୍ଥାନର କ୍ଷେତ୍ରଫଳ କମିଗଲା ।

ସହରରେ ଥିବା ହଜାର ହଜାର ସେପଟିକ୍ ଟ୍ୟାଙ୍କରେ ବ୍ଲିଚିଂ ପାଉଡର ପକାଗଲା ଏବଂ ସେଗୁଡ଼ିକର ଭେଣ୍ଟ ପାଇପ ବା ନିଷ୍କାସନ ପଥକୁ ଜାଲି ଦ୍ୱାରା ବାନ୍ଧି ଦିଆଗଲା ଫଳରେ ତା ଭିତରକୁ ଆଉ ମଶା ପଶିପାରିଲେ ନାହିଁ । ଏହି ସେପଟିକ୍ ଟ୍ୟାଙ୍କ ଗୁଡିକ ମଶା ଜନ୍ମଲାଭ କରି-ବାର ଅତି ପ୍ରକୃଷ୍ଟ କ୍ଷେତ୍ର ।

ରାସ୍ତା କଡ଼ରେ ଥିବା ବିଭିନ୍ନ ଖାଲ ଜାଗା ଯାହା କି ବର୍ଷା ପରେ ପରେ ଭରିଯାଏ ଏବଂ ମଶା ମାନଙ୍କର ବଂଶ ବୃଦ୍ଧିରେ ସହାୟତା କରେ ସେଗୁଡିକ ସବୁ ବାଲିରେ ପୋତିଦିଆଗଲା । କୋଠାଘର ମାନଙ୍କ ଆଗରେ ଥିବା ବହୁ ସଂଖ୍ୟକ ସିମେଣ୍ଟ ପାଣି ଟାଙ୍କି ମାନଙ୍କରେ ଢାଙ୍କୁଣୀ ଦିଆଗଲା । କତା ଦଉଡ଼ି ପଗୁଇବା ପାଇଁ ସହରରେ ଥିବା ପ୍ରାୟ ପାଞ୍ଚ ହଜାର ଛୋଟ ଛୋଟ ଗାଡ଼ିଆକୁ ପୋତି ଦିଆଗଲା ଏବଂ ଅବ୍ୟବହୃତ କୂଅ ମାନଙ୍କରେ ଲାର୍ଭା ଖାଉଥିବା ମାଛ ସବୁ ଛାଡ଼ି ଦିଆଗଲା ।

ଏହାଛଡ଼ା ସମୁଦ୍ର ନିକଟରେ ୨୦୦ ହେକ୍ଟର ଜମିରେ ଥିବା ଏକ ବିରାଟ ଖାଲୁଆ ଅଞ୍ଚଳ ଯେଉଁଠିକି ଗତ ପଚିଶ ବର୍ଷ ଧରି ଅଳିଆ ଆବର୍ଜନା ସବୁ ଜମି ରହୁଥିଲା ଏବଂ ସହରର ସବୁ ନର୍ଦ୍ଦମା ପାଣି ସେହି ଖାଲକୁ ଯାଇ ମଶା-ମାନଙ୍କ ବଂଶ ବିସ୍ତାରରେ ସାହାଯ୍ୟ କରୁଥିଲା, କର୍ତ୍ତୃପକ୍ଷ ସେହି ଖାଲୁଆ ଅଞ୍ଚଳରୁ ପମ୍ପ ସାହାଯ୍ୟରେ ପାଣି ବାହାର କରି ସମୁଦ୍ରରେ ପକାଇଲେ ଏବଂ ସେହି ଆବର୍ଜନା ମୟ ଜଳକୁ ସମୁଦ୍ରକୁ ନିଷ୍କାସିତ କରିବା ନିମନ୍ତେ ମଧ୍ୟ ପ୍ରାକୃତିକ ବ୍ୟବସ୍ଥା ଅବଲମ୍ବନ କଲେ ।

ଏବେ ସେହି ଆବର୍ଜନାମୟ ନର୍ଦ୍ଦମା ଏକ ସୁନ୍ଦର ପୁଷ୍କରିଣୀରେ ରୂପାନ୍ତରିତ ହୋଇଛି ଏବଂ ତା ଚାରିପାଖେ ଏକ ସୁନ୍ଦର ଉଦ୍ୟାନ ମଧ୍ୟ ଗଢ଼ିଉଠିଛି । ଏହି ପୁଷ୍କରିଣୀରେ ପଡୁଥିବା ନର୍ଦ୍ଦମା ପାଣି ସମୁଦ୍ରକୁ ଯାଉଥିବାରୁ ସହରର ନାଳ ଗୁଡିକରେ ପାଣି ଆଉ ଜମା ହୋଇ ନ ରହି ସ୍ରୋତରେ ପରିଣତ ହୋଇଛି ଏବଂ ମଶାମାନଙ୍କର ଡିମ୍ବ ଦେବାର ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ଏହି ଯେଉଁ ଯୋଜନା ପଣ୍ଡିଚେରୀରେ କାର୍ଯ୍ୟକାରୀ କରାଗଲା ସେଥିରେ ବର୍ଷକୁ ମୁଣ୍ଡ ପିଛା ମାତ୍ର ୮ ଟଙ୍କା କରି ଖର୍ଚ୍ଚ ହୋଇଥିଲା । ଆଖ ପାଖ ଗାଁରେ ଲୋକେ ନିଜ ଘରେ ଡି.ଡି.ଟି. ପକାଇବାକୁ ଆପତ୍ତି କରୁଥିଲେ କିନ୍ତୁ ସେମାନଙ୍କ ଘର ପାଖରେ ଥିବା ପୋଖରୀ ମାନଙ୍କରୁ ଦଳ ସଫାକରି ତାହା ବିକିବା ପାଇଁ ପ୍ରବର୍ତ୍ତାଇବାରୁ ସେମାନେ ଆନନ୍ଦରେ ତାହା କଲେ । ନିକଟରେ ଥିବା ଏକ କାଗଜ କଳ ସେହି ଶୁଖିଲା ଦଳ ଗୁଡ଼ିକୁ କିଣିନେଲା ।

ଓଡ଼ିଶାର କଟକ, ବ୍ରହ୍ମପୁର, ପୁରୀ, ବାଲେଶ୍ୱର ଆଦି ଉପକୂଳବର୍ତ୍ତୀ ସହରାଞ୍ଚଳ ମାନଙ୍କରେ ମଶା ପ୍ରାଦୁର୍ଭାବ ରୋକିବା ପାଇଁ ଅନୁରୂପ ବ୍ୟବସ୍ଥାମାନ ଗ୍ରହଣ କରାଯାଇ ପାରେ ।

□

Images: Aptakama Mishra, Processing: Srujanika

ରାଜ୍ୟସଭା ନିର୍ବାଚନରେ ପଶ୍ଚିମ ଓଡ଼ିଶା ଉପେକ୍ଷିତ

(ନିଜ ପ୍ରତିନିଧିଙ୍କଠାରୁ)

ଗତ ରାଜ୍ୟସଭା ନିର୍ବାଚନରେ ବିରୋଧୀ ଦଳ ତଥା ପଶ୍ଚିମ ଓଡ଼ିଶାର ସ୍ୱାର୍ଥରକ୍ଷା ନାମରେ ପାର୍ଟି କରୁଥିବା ବ୍ୟକ୍ତିମାନେ ରାଜ୍ୟ ସରକାରଙ୍କୁ ଅପଦସ୍ଥ କରି ନିଜର ଦାବି ସାବ୍ୟସ୍ତ କରିବାର ଏକ ସୁବର୍ଣ୍ଣ ସୁଯୋଗ ହରାଇଲେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ମତ ଦେଇଛନ୍ତି ।

ରାଷ୍ଟ୍ରପତି ନିର୍ବାଚନବେଳେ କଂଗ୍ରେସ ନିଜ ଶକ୍ତିଠାରୁ ଅଧିକ ଭୋଟ ପାଇଥିବାରୁ ବିରୋଧୀ ଦଳର କେତେକ ବ୍ୟବସ୍ଥାପକ ଓଡ଼ିଶା ମନ୍ତ୍ରୀମଣ୍ଡଳର ପକେଟରେ ଅଛନ୍ତି ବୋଲି ସେତେବେଳେ ସାଧାରଣ ଲୋକେ ଧରି ନେଇଥିଲେ । ବିରୋଧୀ ଦଳର ମନୋବଳ ଭାଙ୍ଗି ଦେବା ପାଇଁ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ଏହି କଥାକୁ ପ୍ରକାରାନ୍ତରେ ପ୍ରବଳ ଭାବରେ ପ୍ରଚାର କରାଯାଉଥିଲା । ଏହି କଳଙ୍କରୁ ନିଜକୁ ମୁକ୍ତ କରିବା ପାଇଁ ବିରୋଧୀ ଦଳ ପକ୍ଷରୁ ଗତ ରାଜ୍ୟସଭା ନିର୍ବାଚନ ବେଳେ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ଦିଆଯାଇଥିଲା ଏବଂ ସେ ୨୧ ଟି ଭୋଟ ପାଇଥିଲେ । ବିରୋଧୀ ଦଳର ପ୍ରାର୍ଥୀ ଜିତିବା ପାଇଁ ଆଉ ମାତ୍ର ୯ଟି ଭୋଟର ଆବଶ୍ୟକତା ଥିଲା ।

ଦଳମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାର ସ୍ୱାର୍ଥରକ୍ଷା କରିବା ପାଇଁ ଡିଣ୍ଡିମ ପିଟୁଥିବା ବ୍ୟକ୍ତିମାନେ ଏକାଠି ହୋଇଥିଲେ ହୁଏତ ଜଣେ ଅଣଓଡ଼ିଆ ଓଡ଼ିଶାରୁ ନିର୍ବାଚିତ ହୋଇ ପାରିନଥାନ୍ତେ । ଏ କ୍ଷେତ୍ରରେ ବିରୋଧୀ ଦଳ ତଥା ପଶ୍ଚିମ ଓଡ଼ିଶା ବିଧାୟକ ମାନଙ୍କ ରାଜନୈତିକ ଅଦୂରଦର୍ଶୀତା ପାଇଁ ହିଁ ଜଣେ ଓଡ଼ିଆ ଲୋକ ରାଜ୍ୟ ସଭା ଯିବା ସୁଯୋଗରୁ ବଞ୍ଚିତ ହେଲା ।

ବିରୋଧୀ ଦଳ ନିଜ ଭିତରୁ କାହାକୁ ପ୍ରାର୍ଥୀ ନକରି ପଶ୍ଚିମ ଓଡ଼ିଶାର ଜଣେ ବିଶିଷ୍ଟ ନିର୍ଦ୍ଦଳୀୟ ବ୍ୟକ୍ତିଙ୍କୁ (ଯଥା ଶ୍ରୀ ଶ୍ରଦ୍ଧାକର ସୁପକାର, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ପତି) ରାଜ୍ୟସଭା ନିମନ୍ତେ ପ୍ରାର୍ଥୀ କରିଥିଲେ ବିରୋଧୀଦଳ ଓ କଂଗ୍ରେସର ପଶ୍ଚିମ ଓଡ଼ିଶା ସଭ୍ୟଙ୍କ ସହାୟତାରେ ଜିଣିବା ସହଜ ହୋଇଥାନ୍ତା ଓ ଓଡ଼ିଶାର ସାମ୍ପ୍ରତିକ ରାଜନୈତିକ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ହୋଇଥାନ୍ତା ଏବଂ କଂଗ୍ରେସର 'ନାମରଦ' ଅସନ୍ତୁଷ୍ଟ ନେତା ମାନଙ୍କଠାରେ ସାମାନ୍ୟ ପୌରୁଷ ସଞ୍ଚାର ହୋଇ ପାରିଥାନ୍ତା । ବମ୍ବେ, ଗୁଜୁରାଟ, ବିହାରରେ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ଚରମ ପନ୍ଥା ମାନ ଗ୍ରହଣ କରାଯାଉଥିଲେ, ମଧ୍ୟ ଓଡ଼ିଶାରେ କାର୍ଯ୍ୟ କ୍ଷେତ୍ରରେ କେବଳ ପିଟିସନ ଦେବାଛଡ଼ା ଅସନ୍ତୁଷ୍ଟ ନେତାମାନେ କିଛି କରିପାରୁ ନଥିବାରୁ ରାଜ୍ୟ ରାଜକୋଷର ଅବାଧ ଲୁଣ୍ଠନ ଲାଗିଛି । କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଇଚ୍ଛା ବିରୁଦ୍ଧରେ ଜଣେ ପ୍ରାର୍ଥୀ ଏଠାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ଏହି ଲୁଣ୍ଠନ କିଛିଟା ହ୍ରାସ ପାଇଥାନ୍ତା ବୋଲି ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି ।

ଦିଲ୍ଲୀରେ ରାଜ୍ୟର ଭିନ୍ନ ମତାବଲମ୍ବି ଗୋଷ୍ଠୀ ପକ୍ଷରୁ ରାଜ୍ୟ ସଭାରେ ସେମାନଙ୍କ ଭିତରୁ ଜଣଙ୍କୁ ପ୍ରାର୍ଥୀ କରାଯିବାକୁ ପ୍ରବଳ ଉଦ୍ୟମ ହୋଇଥିଲା । କିନ୍ତୁ କେରଳ ନେତା ଶ୍ରୀ ପାନିକରଙ୍କୁ ଓଡ଼ିଶାରୁ ନିର୍ବାଚିତ କରିବା ପାଇଁ ଉଚ୍ଚ କଂଗ୍ରେସ କର୍ତ୍ତୃପକ୍ଷ ବଦ୍ଧ ପରିକର ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ଟିକେଟ ଦେବାକୁ ଏକ ପ୍ରକାର ବାଧ୍ୟ ହୋଇଥିଲେ । ଯେଉଁ ତିନି ଜଣ ଓଡ଼ିଆ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ସେମାନଙ୍କ ମଧ୍ୟରୁ ଜଣେ ରାଜ୍ୟର ଜଣେ ମନ୍ତ୍ରୀଙ୍କ ପରିବାରରେ ଗୁମାସ୍ତା କାମ କରୁଥିଲେ ବୋଲି ଜଣାପାଇଛି । ଅନ୍ୟ ଜଣେ ରାଜ୍ୟର କୌଣସି ମନ୍ତ୍ରୀଙ୍କର ସମ୍ବନ୍ଧୀ ହେବାର ନିଶ୍ଚିତ ସମ୍ଭାବନା ଅଛି ବୋଲି ପ୍ରବଳ ଜନରବ ସୃଷ୍ଟି ହୋଇଛି ।

ରାଜ୍ୟ ସଭା ନିର୍ବାଚନରେ ସାମାନ୍ୟତମ ତ୍ରୁଟି ନ ହେବାପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ଅତି ସତର୍କତା ମୂଳକ ବ୍ୟବସ୍ଥା ଅବଲମ୍ବନ କରିଥିଲେ ମଧ୍ୟ ରାଜ୍ୟ ଜଳସେଚନ ମନ୍ତ୍ରୀଙ୍କ ବ୍ୟାଲଟ ପେପରଟି ଅବଶେଷରେ ଅକାମୀ ହୋଇଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଭୁଲ ଯାଗାରେ ଭୋଟ ଦେଇ ଦେବା ପରେ ପୁଣି ଏକ ବାଲଟ ପେପର ନେବାକୁ ସେ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ଆଇନଗତ କାରଣରୁ ତାହା ହୋଇପାରି ନଥିଲା ।

ଏହିଭଳି ଆଉ ସାତ ଜଣ ବିଧାୟକ ଭୁଲ କରିଥିଲେ ରାଜ୍ୟ ବିଧାନସଭାରେ ଏକ ନୂତନ ଇତିହାସ ସୃଷ୍ଟି ହୋଇ କେନ୍ଦ୍ର ପକ୍ଷରୁ ଲଦି ଯାଉଥିବା ନିଷ୍ପତ୍ତିର ଠିକଣା ଜବାବ ଦିଆଯାଇ ପାରିଥାନ୍ତା ବୋଲି କେତେକ ନେତା ମତ ପ୍ରକାଶ କରିଥିଲେ ।

ପଶ୍ଚିମ ଓଡ଼ିଶାରୁ ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯାଉଛି ବୋଲି ଶେଷ ପର୍ଯ୍ୟନ୍ତ ବହୁ କଂଗ୍ରେସ ଲୋକ ଧରିନେଇଥିଲେ । କିନ୍ତୁ ଶେଷରେ ତାହା ନ ହେବାରୁ ସେ ନିଜେ ଏବେ ସରକାରଙ୍କ ବିରୁଦ୍ଧରେ ସାମାନ୍ୟ ଗୁଞ୍ଜରଣ ଆରମ୍ଭ କରିଛନ୍ତି । □

Images: Aptakama Mishra, Processing: Srujanika

ଫାଣ୍ଟମ୍

4

ଲି. ଫକ୍
ଚି. ବେରୀ

Images: Aptakama Mishra, Processing: Srujanika

ବିଶ୍ୱ କବି ରବୀନ୍ଦ୍ରନାଥ ଓଡ଼ିଆ ବିରୋଧୀ ଥିଲେ ?

ଗୋରାଚନ୍ଦ୍ର ମିଶ୍ର

ରବୀନ୍ଦ୍ରନାଥ ଠାକୁର—ବିଶ୍ୱକବି । ତାଙ୍କ ଅନୁଷ୍ଠାନର ନାମ ବିଶ୍ୱଭାରତୀ । ବିଶ୍ୱର ସବୁଠାରୁ ବଡ଼ ପୁରସ୍କାର—ନୋବେଲ ପ୍ରାଇଜ୍‌ର ବିଜେତା ସେ । ବିଶ୍ୱର ସବୁ ଭାଷାରେ ଅନୂଦିତ ତାଙ୍କ ରଚନାବଳୀ । ତାଙ୍କର ବହୁ କାବ୍ୟ କବିତାରେ ବିଶ୍ୱଭାବ ପ୍ରକଟିତ । ମଣିଷ ମଣିଷ ଭିତରେ ହିଂସା ଦ୍ୱେଷ, ଅସୂୟା ବିରୁଦ୍ଧରେ ସେ ତାଙ୍କର ସାବଲୀଳ ଭାଷାରେ ଖଡ଼ଗ ଉତ୍ତୋଳନ କରିଛନ୍ତି । ଶାନ୍ତି, ପ୍ରୀତି, ପ୍ରେମ, ମୈତ୍ରୀର ପ୍ରଚାର କରିଛନ୍ତି । ତାଙ୍କର "ଜନଗଣ ମନ ଅଧିନାୟକ ଜୟହେ ଭାରତ ଭାଗ୍ୟ-ବିଧାତା" ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରାଠା, ଦ୍ରାବିଡ଼, ଉତ୍କଳ, ବଙ୍ଗ" ସଙ୍ଗୀତମୟ କବିତା ସ୍ୱାଧୀନ ଭାରତର ଜାତୀୟ ସଙ୍ଗୀତ ଭାବରେ ଗୃହୀତ । (ଅବଶ୍ୟ ଏ କବିତା ୧୯୧୧ ଖ୍ରୀଷ୍ଟାବ୍ଦରେ ଭାରତର ତତ୍‌କାଳୀନ ଅଧିନାୟକ ବ୍ରିଟିଶ ସମ୍ରାଟ ପଞ୍ଚମ ଜର୍ଜଙ୍କ ପ୍ରଶସ୍ତି-ଗାନ ଉଦ୍ଦେଶ୍ୟରେ ଲେଖା ଯାଇଥିଲା । ସେତେବେଳେ ସେ 'ଭାରତ ଭାଗ୍ୟ-ବିଧାତା' ତଥା 'ରାଜରାଜେଶ୍ୱର' ଭାବରେ ପଞ୍ଚମଜର୍ଜଙ୍କୁ ସମ୍ବୋଧନ କରି-ଥିଲେ । ଏପରି ସମ୍ବର୍ଦ୍ଧନା ସେ ତାଙ୍କ ଜୀବନରେ ଭାରତ କେଉଁଠି ହେଲେ ପାଇନଥିଲେ । ଏହି କବିତାରେ ଉତ୍କଳ ଶବ୍ଦ ରହିଥିଲେ ମଧ୍ୟ ଏହା ଯେ ଓଡ଼ିଶା ପ୍ରତି ତାଙ୍କର ଶ୍ରଦ୍ଧା ବା ଅନୁରାଗ ଯୋଗୁ ସମ୍ଭବ ହୋଇଥିଲା ତାହା ନୁହେଁ । ରବୀନ୍ଦ୍ର ସାହିତ୍ୟ ସମ୍ପର୍କରେ ଗବେଷଣାରତ ବଙ୍ଗଳାର ଜଣେ ବିଶିଷ୍ଟ ଗବେଷକ ଶ୍ରୀ ସୁକାନ୍ତ ନାଗ ଲେଖିଛନ୍ତି- "ଏ କଥା କୁହାଯାଇ ପାରେ ଯେ କେବଳ ଛନ୍ଦର ତାଗିଦ ଯୋଗୁ 'ଉତ୍କଳ' ଶବ୍ଦଟି ଏହି କବିତା ଭିତରକୁ ଆସିଛି ଏବଂ ଛନ୍ଦର ତାଗିଦ ଯୋଗୁହିଁ ଭାରତର ଅନେକ ଅଞ୍ଚଳର ନାମ ବାଦ ପଡ଼ିଛି ।"

ତିର୍ତ୍ତୋଲରେ ଜମିଦାରୀ

ଓଡ଼ିଶାର କଟକଜିଲ୍ଲାର ତିର୍ତ୍ତୋଲ ନିକଟ ପଣ୍ଡୁଆ ଠାରେ ରବୀନ୍ଦ୍ରନାଥଙ୍କ ପରିବାରର ଜମିଦାରୀ ଥିଲା । ଏହି ଜମିଦାରୀ ବୁଝିବା ଲାଗି ରବୀନ୍ଦ୍ରନାଥ ପଣ୍ଡୁଆକୁ ପାଞ୍ଚ-

ଥର ଆସିଥିଲେ ଓ ସେଠାରେ ରହୁଥିଲେ ମଧ୍ୟ । ଓଡ଼ିଶାରେ ଅବସ୍ଥାନ କାଳରେ ସେ 'ଚିତ୍ରାଙ୍ଗଦା' ଓ 'ମାଳିନୀ' ଭଳି କାବ୍ୟ ରଚନା କରିଥିଲେ । ପୁରୀର ସମୁଦ୍ର ପ୍ରତି ତାଙ୍କର ବିଶେଷ ଆକର୍ଷଣ ଥିଲା । 'ସମୁଦ୍ର ପ୍ରତି' କବିତାରେ ସେ ପୁରୀ ସମୁଦ୍ରର ଅତିସୁନ୍ଦର ବର୍ଣ୍ଣନା କରିଛନ୍ତି । ଓଡ଼ିଶାର ପ୍ରତିଷ୍ଠିତ ଜାତୀୟ ସରକାର ପକ୍ଷରୁ ତାଙ୍କୁ ପୁରୀଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ସେ କହି-ଥିଲେ—"ମୁଁ ଓଡ଼ିଶାର ଲୋକ !" ଓଡ଼ିଶାର ନଦୀ ପର୍ବତ ଓ ସମୁଦ୍ର ପ୍ରତି ମୋର ଯଥେଷ୍ଟ ଆକର୍ଷଣ ରହିଛି ।"

ଏହିସବୁ କହିବା, ଲେଖିବା ସତ୍ତ୍ୱେ ରବୀନ୍ଦ୍ରନାଥ ଥିଲେ ଜଣେ ସ୍ୱଭାଷା-ଭିମାନୀ ବଙ୍ଗାଳୀ । ସେ ଆଞ୍ଚଳିକତା-ଭାବରୁ ନିଜକୁ ମୁକ୍ତ କରିପାରି ନଥିଲେ । ତାଙ୍କର ଏହି ସଂକୀର୍ଣ୍ଣ ମନୋଭାବ ସ୍ୱରଚିତ 'ଭାଷା ବିଚ୍ଛେଦ' ପ୍ରବନ୍ଧରୁ ଜଣାପଡ଼େ । ଏହି ପ୍ରବନ୍ଧରେ ରବୀନ୍ଦ୍ର-ନାଥ ଲେଖିଥିଲେ "ବଙ୍ଗଳା, ଓଡ଼ିଆ ଓ ଆସାମୀ ଏହି ତିନୋଟି ଭାଷା 'ଏକ୍ମ ଭବନ' (housed together) ହେବା ଉଚିତ । ଏହାହେଲେ ଦେଶର ବହୁତ ହିତସାଧନ ହୋଇ ପାରନ୍ତା । ଇଂରେଜମାନଙ୍କ ଶାସନାଧୀନ ଭାରତ ବର୍ଷରେ ଭିନ୍ନଭିନ୍ନ ପ୍ରଦେଶ ପୂର୍ବାପେକ୍ଷା ପରସ୍ପରର ନିକଟବର୍ତ୍ତୀ ହୋଇ ପାରିଛି । ରାସ୍ତା ଘାଟର ସୁବିଧା, ବାଣିଜ୍ୟ ବ୍ୟବସାୟ, ଗୃକଶୀ ଆଦି ଫଳରେ ପ୍ରଦେଶ ଗୁଡ଼ିକ ପରସ୍ପର ସହିତ ସମ୍ମିଳିତ ହେବା ସମ୍ଭବ ହୋଇପାରିଛି । ସମସ୍ତ ପ୍ରତିବେଶୀ ଜାତିର ପ୍ରଭେଦ ଯେ ଅତି ସାମାନ୍ୟ ଏବଂ କ୍ରମଶଃ ସମସ୍ତେ ଏକ ହେବା ଉଚିତ ବୋଲି ମୋର ମନେହୁଏ ।"

ତତ୍‌କାଳୀନ ବଙ୍ଗାଳୀ ଭାଷାଭିମାନୀ କାନ୍ତି ଭଟ୍ଟାଚାର୍ଯ୍ୟଙ୍କ ଭଳି "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ" ବୋଲି ରବୀନ୍ଦ୍ରନାଥ ସିଧାସଳଖ ମତ ପ୍ରକାଶ ନ କରିଥିଲେ ମଧ୍ୟ ସେ ତାଙ୍କର ଏହି ପ୍ରବନ୍ଧରେ ଲେଖିଥିଲେ—"ଓଡ଼ିଶା ଓ

Images: Aptakama Mishra, Processing: Srujanika

ଆସାମରେ ବଙ୍ଗଳାଶିକ୍ଷା ଯେପରି କ୍ଷିପ୍ର ଭାବରେ ବ୍ୟାପ୍ତ ହୋଇଥିଲା–ବାଧା ନ ପାଇଥିଲେ ବଙ୍ଗଳାଭାଷାର ଏଇ ଦୁଇଟି 'ଉପବିଭାଗ' (ଓଡ଼ିଆ ଓ ଆସାମୀ) ଭାଷାର ଯେଉଁ ସାମାନ୍ୟ ଅନ୍ତରାଳ ରହି-ଆସିଛି ତାକୁ ଭାଙ୍ଗିଦେଇ ଦିନେ "ଏକ ଗୃହବର୍ତ୍ତୀ" କରାଯାଇ ପାରିଥାନ୍ତା।"

"ସାମାନ୍ୟ ଅନ୍ତରାଳ"—ଏ କଥା ମୁଁ କହୁଛି କାରଣ ବଙ୍ଗଳାଭାଷା ସହିତ ଆସାମୀ ଓ ଓଡ଼ିଆଭାଷାର ଯେଉଁ ଟିକିକ ପ୍ରଭେଦ ରହିଛି ସେହି ପ୍ରଭେଦକୁ ଭିତ୍ତିକରି ପରସ୍ପରଠାରୁ ଭିନ୍ନ ହେବାର କୌଣସି କାରଣ ନାହିଁ। ଏହି ଦୁଇଟି ଭାଷା ଚଟ୍ଟଗ୍ରାମର ବଙ୍ଗଳା ଭାଷା ଅପେକ୍ଷା ମୂଳ ବଙ୍ଗଳା ଭାଷାଠାରୁ ଅଧିକ ଦୂରବର୍ତ୍ତୀ ନୁହେଁ।"

"ଅବଶ୍ୟ ଉପଭାଷା ନିଜ ଜନ୍ମ-ଭୂମିରୁ ଏକା ବେଳକେ ଲୋପ ପାଇ ପାରେନା। ଏହା ପୁରୁଷାନୁକ୍ରମେ ସଂକ୍ରମିତ ହୋଇଥାଏ, କିନ୍ତୁ ଲିଖିତ ଭାଷା ଯେତେ ବୃହତ୍ ପରିଧି ଭିତରେ ବ୍ୟାପ୍ତହୁଏ ଦେଶ ପକ୍ଷରେ ସେତିକି ମଙ୍ଗଳକର।

"ଭାରତ ବର୍ଷରେ ଯେଉଁ ଯେଉଁ ସମାନଶ୍ରେଣୀର ଭାଷାର "ଏକୀଭବନ" ସ୍ୱାଭାବିକ ଅଥବା ସ୍ୱଳ୍ପଚେଷ୍ଟା ସାଧ୍ୟ ସେଗୁଡ଼ିକୁ 'ଏକ' ହେବାକୁ ଦିଆଗଲେ ଆମ ମାନଙ୍କର ବ୍ୟାପକ ଓ ସ୍ଥାୟୀ ଉନ୍ନତିର ପଥ ପ୍ରଶସ୍ତ ହୋଇପାରନ୍ତା।

"ଆସାମୀ ଓ ଓଡ଼ିଆ ଯଦି ବଙ୍ଗଳାର ସଗୋତ୍ର ଭାଷା ନ ହୋଇଥାନ୍ତା ତାହା-ହେଲେ ଆମମାନଙ୍କର ଏତେ କଥା କରିବାର କୌଣସି ଅଧିକାର ନଥାନ୍ତା।

ମୁଁ କଟକରେ ଅବସ୍ଥାନ ସମୟରେ ଓଡ଼ିଆ ବକ୍ତୃତା ଶୁଣିଛି। ଏହି ଭାଷା ସହିତ ସାଧୁ ବଙ୍ଗଳା ଭାଷାର ପ୍ରଭେଦ ତର୍କ୍କମା ସହିତ ମଧ୍ୟମ ଅଞ୍ଚଳ ଅପେକ୍ଷା ଅଧିକନୁହେଁ। ଯେଉଁଭାଷା ଭାଇଭାଇ ମଧ୍ୟରେ ଅବାଧଭାବ ପ୍ରବାହ ସଂଚାର ଲାଗି ଉଦ୍ଦିଷ୍ଟ ହେବା ଉଚିତ ପ୍ରାଦେଶିକ ଅଭିମାନ ଓ ବୈଦେଶିକ ଉତ୍ତେଜନାର

"ସେଥିଲାଗି ମୁଁ କହୁଛି ଆସାମ ଓ ଓଡ଼ିଶାରେ ବଙ୍ଗଳାଭାଷା ଯଦି ପଢ଼ାଲେଖାର ଭାଷା ହୁଅନ୍ତା ତାହା ହେଲେ ବଙ୍ଗଳା ସାହିତ୍ୟର ଯେପରି ମଙ୍ଗଳ ସାଧନ ହୁଅନ୍ତା ସେହିପରି ଦେଶର ମଧ୍ୟ ମଙ୍ଗଳ ହୁଅନ୍ତା। କିନ୍ତୁ ଇଂରେଜ ମାନଙ୍କର କୃତ୍ରିମ ଉତ୍ସାହରେ ବଙ୍ଗଳାର ଏହି ଦୁଇ ଉପକଣ୍ଠ ବିଭାଗ (ଆସାମ ଓ ଓଡ଼ିଶା) ର 'ଦଳେ ଶିକ୍ଷିତ ଯୁବକ' ବଙ୍ଗଳା ପ୍ରଚଳନ ବିରୁଦ୍ଧରେ ବିଦ୍ରୋହ ଧ୍ୱଜା ଉତ୍ତୋଳନ କରି ସ୍ଥାନୀୟ ଭାଷାର ଜୟକୀର୍ତ୍ତନ କରିବାରେ ଲାଗିଛନ୍ତି।

ଇଙ୍ଗିତରେ ତାହା ମଧ୍ୟରେ ଦୃଢ଼ ଓ ଉଚ୍ଚ ବ୍ୟବଧାନ ପ୍ରାଚୀର ଗଢ଼ି ତୋଳିବା ଉଚିତ ନୁହେଁ। ଏହାକୁ ସ୍ୱଦେଶ ହିତୈଷିଣୀର ଲକ୍ଷଣ କୁହାଯାଇ ନ-ପାରେ। ଏପ୍ରକାର ପ୍ରାଦେଶିକ ଅଭିମାନ ସର୍ବୋତ ଭାବେ ଅଶୁଭ କର।

ଫକୀର ମୋହନଙ୍କ ପ୍ରତି ଆକ୍ଷେପ

ରବୀନ୍ଦ୍ରନାଥ ତାଙ୍କର ଏହି ପ୍ରବନ୍ଧରେ 'ଦଳେ ଶିକ୍ଷିତ ଯୁବକଙ୍କୁ' ଲକ୍ଷ୍ୟକରି ଯେଉଁ ଆକ୍ଷେପ କରିଛନ୍ତି ତାହା ଯେ ଫକୀରମୋହନ ସେନାପତି ଆଦିଙ୍କ ପ୍ରତି ଉଦ୍ଦିଷ୍ଟ ତାହାହିଁ ସ୍ପଷ୍ଟ ମନେହୁଏ। ସେତେବେଳେ ଫକୀର-ମୋହନ ସେନାପତି ପ୍ରମୁଖ ଓଡ଼ିଆ ସାହିତ୍ୟ ରଥୀମାନେ କାନ୍ତି ଭଟ୍ଟା-ଚାର୍ଯ୍ୟଙ୍କ ଉକ୍ତିକୁ ଦୃଢ଼ଭାବରେ ଖଣ୍ଡନ କରିବାରେ ଲାଗିଥିଲେ। କେବଳ ଯେ ସେମାନେ କଥାରେ ଖଣ୍ଡନ କରିଥିଲେ ତାହାନୁହେଁ, ବହୁବିଧ ଓଡ଼ିଆ ସାହିତ୍ୟ ରଚନାକରି ଓଡ଼ିଆ ଭାଷା ଯେ ବଙ୍ଗଳା ଠାରୁ ପ୍ରାଚୀନ, ସମୃଦ୍ଧ ଏବଂ ସ୍ୱତନ୍ତ୍ର ତାହା ପ୍ରତିପାଦିତ କରିଥିଲେ। କିନ୍ତୁ "ମୁଁ ଓଡ଼ିଶାର ଲୋକ'ବୋଲି କେବଳ ମୁହଁରେ କହୁଥିବା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଓଡ଼ିଆ ଶିକ୍ଷିତ ଯୁବ ସାହିତ୍ୟିକ ମାନଙ୍କର "ବିଦ୍ରୋହ ଧ୍ୱଜା ଉତ୍ତୋଳନ"କୁ ସହ୍ୟକରି ପାରି ନଥିଲେ। ସେ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ଭାବରେ ହେଉ ତାଙ୍କର 'ଭାଷା ବିଚ୍ଛେଦ' ପ୍ରବନ୍ଧରେ ବଙ୍ଗଳା-ଭାଷାଠାରୁ ଓଡ଼ିଆ ଓ ଆସାମୀ ଭାଷାର "ବିଚ୍ଛେଦ"କୁ ସହ୍ୟ କରି ନପାରି ନିରର୍ଥକ ଭାବେ ଅଶ୍ରୁ ମୋଚନ କରି-ବାରେ ଲାଗିଥିଲେ। ଓଡ଼ିଆ ଭାଷାକୁ ଲୋପ କରିଦେବା ଲାଗି ଯେଉଁ କେତେ ଜଣ ଉଗ୍ର ଭାଷାଭିମାନୀ ବଙ୍ଗାଳି ସେତେବେଳେ ଚକ୍ରାନ୍ତ ଚଳାଇଥିଲେ, ରବୀନ୍ଦ୍ରନାଥ ଯେ ସେମାନଙ୍କୁ ନାନାଭାବରେ ଉତ୍ସାହିତ କରି ଆସୁଥିଲେ ତାହା ତାଙ୍କର ଏହି 'ଭାଷା-ବିଚ୍ଛେଦ' ପ୍ରବନ୍ଧରୁ ସୁସ୍ପଷ୍ଟ। ସେ ତାଙ୍କର ଏହି ପ୍ରବନ୍ଧରେ ଓଡ଼ିଆ ବଙ୍ଗଳାର ଏକ ଉପଭାଷା ଭାବରେ ପ୍ରତିପାଦନ କରିବା ଲାଗି ଉଦ୍ୟମ କରିଛନ୍ତି। □

ସୈନ୍ୟ ମାନଙ୍କ ପାଇଁ "ହିଟିଂବ୍ୟାଗ୍"

ବରଫାବୃତ ସୀମାନ୍ତ ଅଞ୍ଚଳ ତଥା ଅତ୍ୟୁଚ୍ଚ ପାର୍ବତ୍ୟ ଅଞ୍ଚଳ ମାନଙ୍କରେ କାମ କରୁଥିବା ସେନା ବାହିନୀର ଲୋକମାନଙ୍କର ପ୍ରଧାନ ଶତ୍ରୁ ହେଲା ହାଡ଼ଭଙ୍ଗା ଶୀତ। ସେମାନଙ୍କୁ ଏଥିରୁ ରକ୍ଷା କରିବାକୁ ହାଇଦ୍ରାବାଦସ୍ଥ ଡିଫେନ୍ସ ମେଟାଲ-ର୍ଜିକାଲ ରିସର୍ଚ୍ଚ ଲାବୋରେଟୋରି ଏକ ନୂଆ ଧରଣର ଶସ୍ତା ଓ ସରଳ ବ୍ୟାଗ ତିଆରି କରି-ଛନ୍ତି। ଏହି ବ୍ୟାଗ ସାହାଯ୍ୟରେ ସୈନ୍ୟମାନେ ଆବଶ୍ୟକତା ଅନୁଯାୟୀ ଉଷ୍ମତା ପାଇପାରିବେ ଏବଂ ଏହି ବ୍ୟାଗର ଅନ୍ୟାନ୍ୟ ବହୁବିଧ ଉପ-ଯୋଗ ମଧ୍ୟ କରାଯାଇ ପାରିବ।

ଏବେ ବିଭିନ୍ନ ସେନା ଛାଉଣୀରେ ଏହି ବ୍ୟାଗର ଉପାଦେୟତା ପରୀକ୍ଷା କରାଯାଉଛି ଏବଂ ଆଣ୍ଟାର୍କଟିକା ଯାଇଥିବା ଭାରତୀୟ ଅଭି-

Images: Aptakama Mishra, Processing: Srujanika

ଆଣବିକ ଶକ୍ତି କୋଇଲାଠୁ ଶସ୍ତା ପଡ଼ିବ

ଆଣବିକ ଶକ୍ତିର ଦରବୃଦ୍ଧି ଘଟିଲେ ମଧ୍ୟ ଅବଶେଷରେ ଏହା କୋଇଲା ଠାରୁ ଶସ୍ତା ହେବ ବୋଲି ନ୍ୟୁକ୍ଲିଆର୍ ଏନର୍ଜି ଏଜେନ୍ସି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ।

ୟୁରୋପ ଓ ଜାପାନରେ ଏହି ଆଣବିକ ଶକ୍ତି ଶତକଡ଼ା ୩୦ ରୁ ୭୫ ଭାଗ ପର୍ଯ୍ୟନ୍ତ ଶସ୍ତା ପଡ଼ିବ ବୋଲି ଉକ୍ତ ଏଜେନ୍ସି ବିଶ୍ୱାସ କରନ୍ତି । ସେମାନଙ୍କ ମତରେ ଆଣବିକ ପ୍ଲାଣ୍ଟ ନିର୍ମାଣ ଖର୍ଚ୍ଚ ଶତକଡ଼ା ୫୦ ଭାଗ ଏବଂ ଏହା ସହିତ ଆଣବିକ ଶକ୍ତି ଇନ୍ଧନର ଦର ଦୁଇ ବା ତିନିଗୁଣ ବଢ଼ି ଆଣବିକ କେନ୍ଦ୍ର ଗୁଡ଼ିକ କର୍ମଦକ୍ଷତା ଶତକଡ଼ା ୫୪ ଭାଗରୁ କମ୍ ହେଲେ ମଧ୍ୟ ଆଣବିକ ଶକ୍ତି କୋଇଲା ଅପେକ୍ଷା ଶସ୍ତା ପଡ଼ିବ ।

ଆଣବିକ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବା ପ୍ରଣାଳୀରେ ସବୁଠାରୁ ଅଧିକ ଅର୍ଥ ଆବଶ୍ୟକ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ । ପରିବର୍ଦ୍ଧିତ ନିରାପତ୍ତା ବ୍ୟବସ୍ଥା ଯୋଗୁ ଏହି ପ୍ଲାଣ୍ଟ ନିର୍ମାଣ ଖର୍ଚ୍ଚ ଆହୁରି ବଢ଼ିଯାଉଛି । ଅତ୍ୟଧିକ ସୁଧ ଓ ନିର୍ମାଣ ସମୟ ମଧ୍ୟ ପ୍ଲାଣ୍ଟର ଦାମ ବଢ଼େଇ ଦେଉଛି । ଏସବୁ ସତ୍ତ୍ୱେ ଅଣୁଶକ୍ତି ନିର୍ଗତ ବିଦ୍ୟୁତ୍, କୋଇଲା ନିର୍ଗତ ବିଦ୍ୟୁତ୍‌ଠାରୁ ଶସ୍ତା । ଆମେରିକାର କୋଇଲା ଖଣି ଅଞ୍ଚଳ ନିକଟବର୍ତ୍ତୀ ସ୍ଥାନମାନଙ୍କ ପାଇଁ ଏ ଯୁକ୍ତି ଲାଗୁ ନହେଲେ ମଧ୍ୟ ସେଠାରେ କୋଇଲା ଭିତ୍ତିକ ବିଜୁଳି ଉତ୍ପାଦନ କେନ୍ଦ୍ର ମାନଙ୍କରୁ ଧୂଆଁରୁ ସଲଫର କାଢ଼ିବା ଲାଗି ଓ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ । କିନ୍ତୁ ଅଣୁଶକ୍ତି ଭିତ୍ତିକ ବିଜୁଳି ଉତ୍ପାଦନ କ୍ଷେତ୍ରରେ ସଲ୍‌ଫର କାଢ଼ିବାରେ କୌଣସି ଆବଶ୍ୟକତା ନାହିଁ । ତେଣୁ ଏଠିମଧ୍ୟ ଶସ୍ତା । (ପି. ଟି,) □

ହାତରେଖା ଓ କୁଷ୍ଠରୋଗ

ହାତରେଖାରୁ ସଂପୃକ୍ତ ବ୍ୟକ୍ତି ନିକଟ ଭବିଷ୍ୟତରେ କୁଷ୍ଠରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଛି କି ନାହିଁ ତାହା ଜଣାପଡ଼ିବ ବୋଲି ଆଗ୍ରା କେନ୍ଦ୍ରୀୟ ଜାଲମା କୁଷ୍ଠ ପ୍ରତିଷ୍ଠାନର ଏକ ଅଧ୍ୟୟନରୁ ଜଣାପଡ଼ିଛି ।

ହାତ ଓ ଅଙ୍ଗୁଳିର ରେଖା ଗୁଡ଼ିକ ଜେନେଟିକସ୍ ବା ବଂଶଗୁଣ ଦ୍ୱାରା ନିର୍ଦ୍ଧାରିତ ହେଉଥିବାରୁ ଏହାର ଅଧ୍ୟୟନ ବଂଶାନୁକ୍ରମିକ କୁଷ୍ଠରୋଗର ସଂକ୍ରମଣ ସମ୍ଭାବନା ସମ୍ପର୍କରେ ସମ୍ୟକ୍ ସୂଚନା ଦେଇପାରିବ ବୋଲି ଏହି ପ୍ରତିଷ୍ଠାନର ଜେନେଟିକ୍ସ ଡକ୍ଟରର ଏସ୍. କେ. ବୋଷ୍ ପ୍ରକାଶ କରିଛନ୍ତି ।

ପ୍ରାୟ ଶହେ ରୋଗୀଙ୍କର ହାତରେଖା ଅଧ୍ୟୟନ କଲା ପରେ କୁଷ୍ଠରୋଗର ଆଶଙ୍କା ଓ ସେମାନଙ୍କ ହସ୍ତରେଖାର ଶୈଳୀ ମଧ୍ୟରେ ଏକ ପ୍ରକାର ସମ୍ପର୍କ ଥିବା ଲକ୍ଷ୍ୟ କରାଯାଇଛି । ଏହା କେବଳ ସଂକ୍ରମିତ ହେଉଥିବା ରୋଗ (ଲେପ୍ରୋମାଟାଇସ୍) କ୍ଷେତ୍ରରେ ପ୍ରଯୁଜ୍ୟ । ଅଣସଂକ୍ରାମକ କୁଷ୍ଠ (ଟ୍ୟୁବର୍‌କ୍ୟୁଲଏଡ୍ ଟାଇପ୍) ରୋଗ କ୍ଷେତ୍ରରେ ଏଭଳି ସମ୍ପର୍କ ନିର୍ଦ୍ଧାରିତ ହୋଇପାରିନାହିଁ ।

ଅଧ୍ୟୟନ କରିବା ପାଇଁ କୁଷ୍ଠ ରୋଗୀ ମାନଙ୍କ ଆଙ୍ଗୁଠି ଓ ହାତରେ ସୃଷ୍ଟି ହେଉଥିବା ଲୁପ୍ ସହିତ ସାଧାରଣ ଲୋକଙ୍କ ହାତର ଲୁପ୍‌ର ତୁଳନା କରାଯାଇଥିଲା । ସଂକ୍ରାମକ କୁଷ୍ଠ ରୋଗୀ ମାନଙ୍କ ହାତର ଏହି ଲୁପ୍‌ମାନଙ୍କ ଧାଡ଼ି ସହିତ ସ୍ୱାଭାବିକ ଲୋକଙ୍କ ରେଖା ଧାଡ଼ିର ପାର୍ଥକ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଉଦାହରଣ ସ୍ୱରୂପ ରୋଗୀମାନଙ୍କର "ଲୁପ ଉଲନାର" ଶତକଡ଼ା ୪୬ ଭାଗ ଥିବାବେଳେ ସ୍ୱାଭାବିକ ଲୋକ କ୍ଷେତ୍ରରେ ଏହା ଶତକଡ଼ା ୫୩ ଭାଗ । □

ଆଖି ପରଳ କାଢ଼ିବାର ନୂଆ ପଦ୍ଧତି

ଆଖିରୁ ପରଳ କାଢ଼ିବା ପାଇଁ ସୋଭିଏତ୍ ଇଞ୍ଜିନିୟରମାନେ କ୍ରିଓଟମ୍ ନାମକ ଏକ ନୂତନ ପଦ୍ଧତି ଆବିଷ୍କାର କରିଛନ୍ତି । ଏହି ପଦ୍ଧତିରେ ପାରଂପରିକ ଯନ୍ତ୍ରପାତି ବଦଳରେ ଅତ୍ୟଳ୍ପ ଉତ୍ତାପ ପ୍ରୟୋଗକରି ଏହା ସାଧନ କରାଯାଇ ପାରିବ ।

ଏହି ପଦ୍ଧତିର ମୁଖ୍ୟଅଂଶ ହେଲା ଏକ ଅତି ସରୁ ଛୁଞ୍ଚି ଯାହାକି ଦୁଇପ୍ରକାର ଥର୍ମୋ ଇଲେକ୍ଟ୍ରିକ୍ ପଦାର୍ଥରୁ ଗଠିତ । ଏହି ଛୁଞ୍ଚିରେ ସିଧାସଳଖ ବିଦ୍ୟୁତ୍ ସଞ୍ଚାରିତ ହେଲେ ଏହାର ମୁନର ଉତ୍ତାପ ଶୂନ୍ୟତଳେ ୧୫ ଡିଗ୍ରୀ ସେଣ୍ଟିଗ୍ରେଡ଼କୁ ସହସା କମିଯିବ ସର୍ଜନ କେବଳ ଏହି ଛୁଞ୍ଚିକୁ ପରଳରେ ଛୁଆଇଁ ପରଳକୁ ବାହାର କରିଦେଇ ପାରିବ । ଏହି ଅସ୍ତ୍ରୋପଚାର ପାଇଁ ମାତ୍ର କେତେ ସେକେଣ୍ଡ ସମୟ ଲାଗିବ । ଏ ପର୍ଯ୍ୟନ୍ତ ଆଖିରୁ ପରଳ କାଢ଼ୁଥିବା ସର୍ଜନମାନଙ୍କୁ ଏ କ୍ଷେତ୍ରରେ ନିଜର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ୁଥିଲା । ଅଧିକନ୍ତୁ ଆଖି ଡୋଳାରେ ଥିବା ନନ୍-ମ୍ୟାଗନେଟିକ୍ ପଦାର୍ଥ ଠାବକରିବା ଅତି ଶକ୍ତିଶାଳୀ ମାଇକ୍ରୋସ୍କୋପ୍ ସାହାଯ୍ୟରେ ମଧ୍ୟ କଷ୍ଟକର ହେଉଥିଲା । ଏହାକୁ ଠାବ କରିବା ପରେ ବାହାର କରିବା ମଧ୍ୟ ଅନ୍ୟ ଏକ କଠିନ କାର୍ଯ୍ୟ ଥିଲା । କ୍ରିଓଟମ୍ କୌଶଳ ଦ୍ୱାରା ଏହିସବୁ ଅପରେସନ ଅତି ସହଜରେ ଏଣିକି କରିହେବ । □

Images: Aptakama Mishra, Processing: Srujanika

"ମାଫକର ଭାଇ ମାଫକର, ମୁଖ ନର୍ଦ୍ଦମା ସାଫ କର"

ପ୍ରଫେସର ଡକ୍‌ଟର-କମଳ କୁମାରୀ ପଟ୍ଟନାୟକ

"ମାଫକର ଭାଇ ମାଫକର ମୁଖ ନର୍ଦ୍ଦମା ସାଫକର ।" ଏତିକ କହି ଝିଅ ଦେଖି ଆସିଥିବା ବନ୍ଧୁମାନେ ମୁହଁ ବୁଲାଇ ବାହୁଡ଼ିଗଲେ । ନିର୍ବନ୍ଧ କାର୍ଯ୍ୟ ବନ୍ଦ ହେଲା । ବାପ, ମାଙ୍କର ଭାବନା ପଡ଼ିଲା । ସାହି ପଡ଼ିଶା ଲୋକେ କୁହାକୁହି ହେଲେ—"ମଲା ମଲା—ଏଡେ ସୁନ୍ଦର ଝିଅ - ଗୋଟିଏ ଗୃଞ୍ଜଳରେ ଗଢ଼ା, ସତରେ ଚମ୍ପା ପରି ତା' ଦେହର ରଙ୍ଗ । ପୁଣି ପାଠୁଆ ଝିଅ । ସବୁ କାମରେ ନିପୁଣା । ତାକୁ ଫେରେ କିଏ ବାହୁନଲା ମ ? ବୁଝୁ ବୁଝୁ କଣ ନା— ଝିଅ କଥା କହିଲା ବେଳେ ତା' ମୁହଁରୁ ଦୁର୍ଗନ୍ଧ ବାହାରେ । ଭାରି ଅସହ୍ୟ, ପାଖରେ ତା'ର ବସି ହେବନି । ତାକୁ ଫେରେ କିଏ ଘରକୁ ବୋହୂ କରି ନେବ ? ଦେଖୁ ଦେଖୁ ଏ କଥା ଗୃହଆଡ଼େ ରଟିଗଲା ।

କଥାରେ କହନ୍ତି 'ତୁଣ୍ଡ ବାଇଦ ସହସ୍ର କୋଶ' । ଝିଅ ସହିବ କେମିତି ! ପୁଣି ମଝିରେ ମଝିରେ ସାହି ପଡ଼ିଶାଙ୍କ ଫୁସୁର ଫାସର କଥା, "ହଇଲୋ ପାଣ୍ଡୁ ବୋଉ ଝିଅ ବାପ ତ ଏଡ଼େ ବଡ଼ ହାକିମ, ବଜାରରେ କେତେ କିସମର ଟୁଥ୍ ପେଷ୍ଟ, ସେଥିକୁ ପୁଣି ଟୁଥବ୍ରସ ଏମିତି କେତେ କଥା—କଣ ତା' ଝିଅକୁ ଯୋଗାଡ଼ ନଥିବ ! ହଇଲୋ—ସେ କଣ ଏତେ ଗେଲବସରିଆ କରିଛନ୍ତି କି ଯମା ସେ ଦାନ୍ତ ଘଷେନି । ହଁ—ଲୋ ମା— ହାକିମ ତ ତା'ର ଦାନ୍ତ ଘଷେନି, ତା'ର ଦାନ୍ତ ତ ଏତେ ସଫା । ସେ କାହିଁକି ଦାନ୍ତ ଘଷୁଥିବ ! ହାକିମ ଦାନ୍ତ ପରି ସୁନାନାକି ଝିଅର ଦାନ୍ତ ସବ ହେବ କି ? ଏ କଥା ଶୁଣୁ ଶୁଣୁ ଧୋକଡ଼ି ଆଈ ବୁଢ଼ୀ କେତକ ଚମ ଧୁଡ଼ୁ ଧୁଡ଼ୁ ହାତ ବଠାକୁ ଭରଦେଇ ଅଣ୍ଟା ସଳଖି ଉଠୁ ଉଠୁ କହିଲା—"ଛୁଆଲୋ ଏକ କଥା, ସେତ ବଡ଼ ବଡ଼ଆଙ୍କ କଥା ଆମେ ହେଲୁ ଅପାଠୁଆ, ମୂରୁଖ, ମଳମୁଣ୍ଡିଆ ମରହଟିଆ । ଆମକୁ କିଏ ପଗ୍ଭରିବ ଲୋ ମା ? ହଁ—ଆମ ଗାଁ ପଧାନ ସାହୁକାର ପୁଅ ପରା କଣ ସାହେବ ଦେଶରୁ ଫେରିଛି । ସେ ପୁଅ ପରା ଭାରି ଭଲ । ଉଦୁଉଦିଆ ଦିପହର ବେଳେ ଆସି ମୋ ପାଖରେ - ଏଇ ମାଟି ବରଣ୍ଡା ଉପରେ ବସି ଦୁଃଖ ସୁଖ ହୁଏ ସେ କୁଆଡ଼େ ଜଙ୍ଗଲ ଗଛ ଉପରେ ବିଜ୍ଞାନ କାମ କଣ କରୁଛି । ସେ ମତେ କେତେ କଣ ବୁଝେଇଲା ମୁଁ କାହିଁକି ବା ବୁଝନ୍ତି ଟିକେ ? ହଁଲୋ ମା ସେ କହୁଥିଲେ ସେ ସାହେବ ମୁଲକରେ ଲୋକମାନେ ଲାଗିପଡ଼ିଛନ୍ତି ନିମଗଛ ଦ୍ୱରିଆଡ଼େ ଲଗାଇବେ ବୋଲି ; ଆମର ଯେଉଁ ଗଛ ମନକୁ ଉଠେ, ସେ ଗଛ ପାଇଁ ତାଙ୍କର ଭାବନା । ପଗ୍ଭରିଲରୁ ସେ କହିଲା—ନିମ୍ବଗଛ ପରା ଅଦିନା ବାୟୁକୁ ସଫା କରିଦେବ, ଆଉ ତା' ଦେହରୁ କେତେ କଣ ଔଷଧ ପତ୍ର ବାହାର କରିବେ ଆମ ଦେହ ମୁଣ୍ଡ ପାଇଁ । ପୁଣି ସେଥିରୁ କଣ ଦାନ୍ତସଫା ଅଞ୍ଜନ ମଧ ବାହାର କରୁଛନ୍ତି । ଏକଥା ଶୁଣି ମୁଁ ତ ହସି ହସି ଗଡ଼ିଗଲି ଲୋ ଝିଅ । ନିମ୍ବଗଛର ଠୁଣ୍ଠୁଣିକିଆ ଔଷଧ ଯେତେ ଅଛି ମୋ ଜଭ ଅଗରେ ପରା । ପିଲାଦିନରୁ ଏଇ ଆସି ମୋତେ ସ୍ତରିକୋଡ଼ି ଦଶ ହେଲାଣି ଦେଖୁନୁ ମୋ ଦାନ୍ତ ଗୋଟିଏ ବି ହଲିନି । ନିମ୍ବ ଦାନ୍ତକାଠିରେ ପରା ପିଲାଦିନରୁ ମୁଁ ଦାନ୍ତ ଘଷୁଛି । ଆଉ ମୋ ପାଟିତ ଗନ୍ଧୁନି । ସହରିଆ ଲୋକ, କେତେ ଭେଳିକି ଦେଖେଇଲେଣି । "କାଉ ବେଶି ବୁଦ୍ଧିଆ ହୋଇ ଗୁହ ଖାଏ" । ସେଇଥିପାଇଁ ପରା ଝିଅଟାର ପାଖ ପଶିହେବନି । ଗୁହ ପରି ତା ପାଟି ଗନ୍ଧ । ତାକୁ କିଏ ବୋହୂ କରି ନେବ ବା ? ପୁଅକୁ କଣ ତା'ର ଝିଅ ମିଳିବନି ? ପ୍ରଧାନ ପୁଅ ରାମକୁ ପରା ମୁଁ ଜଙ୍ଗଲ ଗଛର ଦାନ୍ତ କାଠି କଥା କହୁଥିଲି, ପଚାରୁଛନି ତାକୁ ସେ ସବୁ ଗୋଟି ଗୋଟି କରି ବୁଝେଇ ଦେବ । ହେଇଲୋ ହେଇ ମୋ ପୁଅର କେତେ ଆୟୁଷ ମ' ତା' କଥା ପଡ଼ୁ ପଡ଼ୁ ଆସିଲାଣି ।

ରାମୁରେ ମୋ ବାପା । ମୋ ଆୟୁଷ ନେଇ ତୁ ବୁଢ଼ା ହୋଇ ବଞ୍ଚ । ମୋ ପାଚିଲା ବାଳ ତୁ ନେ । ତୁ ବଞ୍ଚିଥିଲେ ଆମର, ଆମ ଗାଁର କାରଣ ହେବୁ । ହଇରେ ବାପ, ତୁ ଯେଉଁ ଦାନ୍ତ କାଠି ଟୁଥ ବ୍ରଶ ଅପେକ୍ଷା ଭଲ ବୋଲି କହୁଥିଲୁ ସେଦିନ, କହିଲୁରେ ପୁଅ, ଟିକିଏ ବୁଝେଇ ଦେମ ।

ରାମୁ ବୁଢ଼ୀପାଖରେ ଟିକିଏ ଗେହ୍ଲେଇ ହୋଇ ବସି ପଡ଼ିଲା ବାରଣ୍ଡା ଉପରେ । ଗାଁ ଲୋକ ସବୁ ତା ଚାରିପାଖେ ରୁଣ୍ଡ ହୋଇଗଲେ । କଣ ସବୁ ନୂଆ ନୂଆ କଥା ବିଦେଶୀ ଫେରନ୍ତା ରାମୁ କହିବ ।

ରାମୁ ଆରମ୍ଭ କଲା—

ବୁଝିଲ ଭାଇ ଏଇଟା ହେଲା ଆଧୁନିକ ଯୁଗ ! ଦୋକାନ ବଜାରରେତ

Images: Aptakama Mishra, Processing: Srujanika

କେତେ ରକମର ଟୁଥ୍‌ପେଷ୍ଟ ତାହାଁ ସାଙ୍ଗକୁ ଟୁଥ୍‌ବ୍ରସ ମିଳୁଛି । କଏ କାହାଁକ ଆଉ ଦାନ୍ତ କାଠିକୁ ପଗୁରିବ ? ଆମ ବାୟୁମଣ୍ଡଳରେ ଅସଂଖ୍ୟ ଖୁବ୍ ଛୋଟ ଛୋଟ ଆମ ଆଖିକୁ ନ ଦିଶିଲା ପରି ଜୀବାଣୁ (ବ୍ୟାକ୍‌ଟେରିଆ) ବୁଲୁଛନ୍ତି । ସେମାନେ କ ଅତି କ୍ଷୁଦ୍ର, ବଞ୍ଚିବେ କେମିତି ? ସେମାନେ ଯେଉଁଠି ଖାଦ୍ୟ ଓ ସେମାନେ ରହିଲା ପରି ଉପଯୁକ୍ତ ସ୍ଥାନ ପାଇବେ ଆସି ଏକାଠି ହୋଇଯିବେ, ଏବଂ ସେମାନଙ୍କର ବଂଶ ବିସ୍ତାର କରିବେ । ଏଇ ଜୀବାଣୁ ବହୁତ ପ୍ରକାର । ସେମାନଙ୍କ ଭିତରୁ କେତେକ ଆମ ଦେହ, ମୁଣ୍ଡ, ମୁହଁ, ପେଟ, ଖାଦ୍ୟ ନଳୀ ଏମିତି ସବୁଜାଗାରେ ବାସ କରନ୍ତି । ସେକଥା କହି ବସିଲେ ବହୁତ କଥା । ଏଣୁ ଆଜ କେବଳ ସେହି ଜୀବାଣୁ କଥା କହିବି ଯେଉଁମାନେ ଆମ ମୁହଁ ବା ପାଟିରେ ରହନ୍ତି । ସେମାନେ ଅନ୍ଧାର ଭିତରେ ବଂଶ ବୃଦ୍ଧି କରନ୍ତି । ଆମେ ଶୋଇ ପଡ଼ିଲେ ଆମ ପାଟି ବହୁତ ସମୟ ବନ୍ଦହୋଇ ରହେ । ଆମ ଦାନ୍ତ ମୂଳରେ ଥିବା ଖାଦ୍ୟ ଖାଇ ସେମାନେ ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର ବଂଶ ବୃଦ୍ଧି କରନ୍ତି । କେତେକ ଜୀବାଣୁ ବଂଶ ବୃଦ୍ଧି କଲାବେଳେ ସେମାନଙ୍କ ଦେହରୁ ଦୁର୍ଗନ୍ଧ ବାହାରେ । ଏଣୁ ଆମେ ଶୋଇ ଉଠିଲାବେଳେ ପାଟି ଗନ୍ଧାଏ । ଏଣୁ ଶୋଇ ଉଠିସାରି ଆମେ ପ୍ରଥମେ ପାଟି କୁଳ କରୁ । ଏ ଅଭ୍ୟାସ ନ ରଖିଲେ ଆମ ପାଟି ଗନ୍ଧାଏ । କଥା କହିଲା ବେଳେ ପାଟିରୁ ଦୁର୍ଗନ୍ଧ ବାହାରେ । ଏହି ଜୀବାଣୁ ସବୁ ଦାନ୍ତମୂଳ ଓ ଜିଭରେ ରହିଥାଆନ୍ତି । ଏଣୁ ଦାନ୍ତ ଘଷି ସାରି ଜିଭ ଛେଲିବା ମଧ୍ୟ ଦରକାର । ଫଳରେ ଜୀବାଣୁସବୁ କେତେକାଂଶରେ ଆମ ପାଟିରୁ ବାହାରି ଯାଆନ୍ତି । ତେବେ ଏ ଜୀବାଣୁର ବଂଶ ସହଜରେ ନଷ୍ଟ ହୁଏ ନାହିଁ । ଦାନ୍ତ ଘଷିଲେ ମଧ୍ୟ ଆଉ କେତେକ ଆମ ପାଟିରେ ରହିଯାଆନ୍ତି । ପୁଣି ସେମାନେ ବଂଶ ବୃଦ୍ଧି କରନ୍ତି । ଏଣୁ ନିୟମିତ ଭାବେ ଦିନକୁ ଦୁଇଥର ଅର୍ଥାତ୍ ସକାଳୁ ଥରେ ଓ ରାତି ଭୋଜନ ପରେ ଥରେ ଦାନ୍ତକୁ ଭଲ କରି ଘଷି ଜିଭ ସଫା କଲେ ଦାନ୍ତ ଠାଣ ରହେ । ମାଢ଼ି ମଜଭୁତ ହୁଏ ଏବଂ ମୁହଁ ଆଉ ଗନ୍ଧାଏ ନାହିଁ । ବର୍ତ୍ତମାନ ଯୁଗରେ ବହୁ ପ୍ରକାର ଟୁଥପେଷ୍ଟ ଓ ଟୁଥବ୍ରସ ବାହାରିଲାଣି । କ ସହର କ ଗାଁ ସମସ୍ତେ ତାକୁ ଆଦରି ଗଲେଣି । ତେବେ କେତେକ ଟୁଥପେଷ୍ଟ ଯେଉଁ ରାସାୟନିକ ଜିନିଷ ସବୁ ନେଇ ତିଆରି ହେଉଛି, ସେସବୁ ଆମ ଦେହ ପାଇଁ କ୍ଷତିକାରକ । ତେଣୁ ଅତି ସହଜ ଓ ସୁଲଭ ପ୍ରଣାଳୀରେ ଆମେ କେମିତି ଆମ ଦାନ୍ତକୁ ଠାଣ ରଖିପାରିବା ସେ କଥା ଚିନ୍ତା କରିବା କରିବା କଥା । ଟୁଥବ୍ରସରେ ଆମେ ଦାନ୍ତ ଘଷିସାରି ଧୋଇ ଦେଇ ଥୋଇ ଦେଉ । ଓଦା ଅବସ୍ଥାରେ ଟୁଥବ୍ରସ ରଖିଦେଲେ ବାୟୁମଣ୍ଡଳରେ ଉଡ଼ୁଥିବା ଜୀବାଣୁମାନେ ସେହି ଟୁଥବ୍ରସରେ ଆଶ୍ରୟ ନିଅନ୍ତି । ସେଥିରେ ଲାଗିଥିବା ଖାଦ୍ୟ କଣିକା ସେମାନଙ୍କ ପାଇଁ ଯଥେଷ୍ଟ । ଏଣୁ ସେହି ଟୁଥବ୍ରସକୁ ପୁଣି ବ୍ୟବହାର କଲାବେଳେ ଆମେ ଦାନ୍ତ ସଫା କରିବା କଣ ପାଟି ଭିତରକୁ ଅଯଥା ଆହୁରି କେତେକ ଜୀବାଣୁ ପୁରାଇବା । ଏଣୁ ଟୁଥବ୍ରସ ଥରେ ବ୍ୟବହାର କଲେ ତାକୁ ଲୋସନ ପାଣିରେ ବୁଡାଇ ରଖିବା କଥା । ସେସବୁ କରିବା ପାଇଁ ଆମର ଫୁରସତ ନ ଥାଏ କିମ୍ବା ଆମେ ସେଥିପାଇଁ ନଜର ଦେଇ ନଥାଉ ଏଣୁ ସବୁଠାରୁ ସହଜ ଉପାୟ ହେଲା ଆମେ ଅତି ପରିଚିତ "ଦାନ୍ତକାଠି" ; ଗଛରୁ କଞ୍ଚା ଦାନ୍ତକାଠିଟିଏ ଛିଣ୍ଡାଇଲୁ ଆଉ ସେଥିର ଦାନ୍ତ ଘଷିଲୁ, କାଠିଟିକୁ ଦୁଇଫାଳ କରି ଜିଭକୁ ଦୁଇଥର ଛେଲି କୁଳ କରିଦେଲୁ । କାମ ଶେଷ । ପୁଣି ତା' ଆରଦିନ ସକାଳୁ ଆଉ ଖଣ୍ଡିଏ ଦାନ୍ତକାଠି । ଆମ ଗାଁ ଗହଳରେ କଞ୍ଚା ଦାନ୍ତକାଠି ମିଳିବା ତ ସହଜ କଥା । ସହରବାସୀଙ୍କ ପାଇଁ ଯାହା ଟିକିଏ ଅସୁବିଧା ତେବେ ଦାନ୍ତକାଠିର ଗ୍ରାହକ ବଢ଼ିଲେ ଗାଁରୁ ପୁଣି ଦାନ୍ତକାଠି ସହରକୁ ବିକ୍ରୀ ହେବାପାଇଁ ଯିବ । ଗରିବ ଶ୍ରେଣୀର ଲୋକେ ଦାନ୍ତକାଠି ଯୋଗାଇ ସହଜରେ ଦୁଇ ପଇସା ପାଇବେ । ଆଉ ଆମ କାମ ମଧ୍ୟ ସୁରୁଖୁରୁରେ ଚାଲିଯିବ । ତେବେ ଏଥିପାଇଁ ଆମର ଦାନ୍ତକାଠିର ଉପକାରିତା କଣ ତା ଉପରେ ସଚେତନ ହେଲେସିନା ଲୋକଙ୍କୁ କହିବା ଦାନ୍ତକାଠିଟା ଆମପାଇଁ

ଦାନ୍ତକାଠିର ଉପକାରିତା

ସୁବିଧା । ଏଥିପାଇଁ ତ ଅଧିକ ପଇସା ସାରିବାକୁ ପଡ଼ିବନି । ଏତେ ସାହେବୀ ଢଙ୍ଗ କଲେ ଆମେ ଦାନ୍ତକୁ କପରି ମଜଭୁତ କରି ରଖିବା ? ଦେଖୁଚ-କେତକ ଆଈର ଦାନ୍ତକୁ । ସେ ଏପର୍ଯ୍ୟନ୍ତ ପକ୍ୱା ମାଂସ ହାଡ଼କୁ ଗୁଣ୍ଡାକରି ଦେଉଛି ସେହି ଦାନ୍ତରେ । ନଡ଼ିଆ, ଚଣା, ମୁଢ଼ି ଚୋବେଇ ଖାଇକରି କ ମଉଜରେ ଅଛି କହିଲ ଦେଖି । ଆଉ ତମ ମାନଙ୍କ ଭିତରୁ ଅଧେରୁ ଅଧିକ ତା' ବୟସରୁ ବହୁତ କମ୍ । ତମ ଦାନ୍ତ ସବୁ କୁଆଡ଼େ ଗଲା ? ଦାନ୍ତରେ ଖାଦ୍ୟ ଚୋବାଇ ଖାଇଲେ ଆମ ପାଟିରେ ଥିବା ଲାଳରେ ବହୁତ ଖାଦ୍ୟ ଜୀର୍ଣ୍ଣ ହୋଇଯାଏ । ଆଉ ବାକିତକ ଆମ ପାକସ୍ଥଳୀକୁ ଯାଏ । ସେ ପରେ ଜୀର୍ଣ୍ଣହୁଏ । ଦାନ୍ତ ନ ଥାଇ ଖାଦ୍ୟ ଖାଇଲେ ଆମେ ଖାଦ୍ୟକୁ ଶୀଘ୍ର ଜୀର୍ଣ୍ଣ କରି ପାରିବାନି । ଏଣେ ଖାଦ୍ୟର ସୁଆଦ ଜାଣି ପାରିବାନି । ପାଟିରେ ପାକୁଳେଇ ଖାଇଲେ ସିନା ଖାଇବାର ମଜା । ତା' ସାଙ୍ଗକୁ ଜିଭ ଥିଲାରୁ ସିନା ଆମେ ସୁଆଦ, ଅସୁଆଦ ବାରୁଛେଁ । ଦାନ୍ତ ନଥାଇ ଖାଦ୍ୟ, ପ୍ରାଣ ବିକଳରେ ବଞ୍ଚିବା ପାଇଁ ତୋକ ପକାଇଲେ କ'ଣ ବା ଲାଭ । ଏଣୁ ଦାନ୍ତକୁ ପ୍ରଥମରୁ ମଜଭୁତ କରି ରଖି ପାରିଲେ ଆମେ ଖାଦ୍ୟକୁ ଉପଭୋଗ

Images: Aptakama Mishra, Processing: Srujanika

କରି ପାରିବା । ସେଥିପାଇଁ ଟିକିଏ ପରିଶ୍ରମ, ଦାନ୍ତକୁ ଦାନ୍ତ କାଠିରେ ସଫା କରିବା ।

ସାଧାରଣତଃ ନିମ୍ବ, ମହାନିମ୍ବ, କରଞ୍ଜ, ମୂତ୍ତୁରି, ଆଙ୍କୁଳ, ଡାଳକୁ ଦାନ୍ତକାଠି ରୂପେ ଆମ ପୂର୍ବପୁରୁଷମାନେ ବ୍ୟବହାର କରୁଥିଲେ । ସେତେବେଳେ ତ ଟୁଥପେଷ୍ଟ ସଙ୍ଗେ ଟୁଥ୍‌ବ୍ରସର ବ୍ୟବହାର ସେତେ ନଥିଲା । ସେସବୁ ସାହେବୀ କାରବାର । ସାହେବ ଦେଶରେ ସେମାନେ ଦାନ୍ତ ଆଦୌ ଘଷନ୍ତି ନାହିଁ କହିଲେ ଚଳେ । ସେଥିରେ ପୁଣି ସେମାନେ ଟଫି, ବାଦାମ ଚକୋଲେଟ ପାଟିରେ ପକାଇ ଖେଳୁଥାନ୍ତି । ଥଣ୍ଡା ଦେଶ ପାଟିଟା ସବୁବେଳେ ବନ୍ଦ ରହିଲେ ଦେହ ଟିକିଏ ଉଷୁମ ହୁଏ । ଏତିକି କରୁ କରୁ ସେମାନଙ୍କ ପାଟିରେ ଯେଉଁ ଖାଦ୍ୟ-ସାମଗ୍ରୀ ଲାଗି ରହିଥାଏ ତାର ଆଶ୍ରୟ ନିଅନ୍ତି ଜୀବାଣୁ ବା ବ୍ୟାକ୍ଟେରିଆ । ଏଣୁ ସେମାନଙ୍କ ପାଟି ଗନ୍ଧାଏ । ଦାନ୍ତ ଶିଘ୍ର ପଡ଼ିଯାଏ । ଦେଖିବାକୁ ଗଲେ ପ୍ରାୟ ଅଧିକାଂଶ ସାହେବୀ ଲୋକ ଦାନ୍ତରୋଗରେ ଆକ୍ରାନ୍ତ ହୁଅନ୍ତି । ଯାହାକୁ କହନ୍ତି ପାଇରିଆ । ଏହି ରୋଗରେ ଦାନ୍ତ ମୂଳରୁ ରକ୍ତ ପଡ଼େ, ପୂଜ ମଧ୍ୟ ହୁଏ । ତେବେ ଆମମାନଙ୍କ ଅଭ୍ୟାସ ଦାନ୍ତ ଘଷିବା, ଦାନ୍ତ ସଫା ରଖିବା ତେବେ ଦାନ୍ତକାଠିରେ ନ ଘଷିବା କାହିଁକି ?

ଆଉ କେତେକ ଲୋକ ଗଛର ଚେରକୁ ମଧ୍ୟ ଦାନ୍ତକାଠି ରୂପେ ବ୍ୟବହାର କରିଥାନ୍ତି, ସେଗୁଡ଼ିକ ମଧ୍ୟରୁ କଣ୍ଟାଏରେ ଓ ଅପମାରଙ୍ଗ ମୂଳ ବହୁଳ ଭାବରେ ବ୍ୟବହାର କରାଯାଇଥାଏ ।

ଏହାଛଡ଼ା ସୀତାଫଳ, ରାମଫଳ, କେନ୍ଦୁ, କଣ୍ଟାବାଉଁଶ, ଅଁଳା, ଜାମୁ, କଇଁଥ, ବେଲ, ଗମ୍ଭାରୀ, ସିମିଳି ଏପରିକି ଆମ୍ବ, ପିଜୁଳି ଇତ୍ୟାଦି ଡାଳକୁ କାଟି ଦାନ୍ତକାଠି ରୂପେ ବ୍ୟବହାର କରିବା ମଧ୍ୟ ଗାଁ ଗହଳରେ ଦେଖାଯାଏ ।

ଦାନ୍ତକାଠି ମାଢ଼ିକୁ ଟାଣ କରେ

ଶିଶୁ ଥିଲାବେଳେ ବାପାମାନେ ପିଲାଙ୍କୁ ଦାନ୍ତ ଘଷିବା ଅଭ୍ୟାସ କରାଇବା ଉଚିତ, ଶିଶୁ କ୍ରମଶଃ ବଡ଼ହୋଇ ଦାନ୍ତ-ଘଷିବା ଅଭ୍ୟାସଟାକୁ ବଜାୟ ରଖେ, ଦାନ୍ତ-କାଠିରେ ଦାନ୍ତ ଘଷିଲେ ମଧ୍ୟ ତାକୁ ଏକ ନିୟମାନୁସାରେ ଘଷିବା ଉଚିତ । ଅର୍ଥାତ୍ ପ୍ରଥମେ ଦାନ୍ତକାଠିକୁ ଭଲକରି ଚୋବାଇବ । ଦାନ୍ତକାଠି ଚୋବାଇଲା ବେଳେ କାଠିର ଯେଉଁରସ ବାହାରେ ତାହାମାଢ଼ି ଭିତରେ ପଶେ । ଦାନ୍ତ-କାଠିରେ ବହୁପ୍ରକାର ଜୈବିକ ବସ୍ତୁ ମାନଥାଏ । ଏସବୁ ପଦାର୍ଥ ପିତା, କଷା ଲାଗୁଥିବା ଦାନ୍ତକାଠିରେ ବହୁଳ ପରିମାଣରେ ରହିଥାଏ । ଏହି ଜୈବିକ ବସ୍ତୁ ଦାନ୍ତମୂଳକୁ ଟାଣ କରିବା ସଙ୍ଗେ ସଙ୍ଗେ ଆମ ପାଟିରେ ଲାଗି ରହିଥିବା ବ୍ୟାକଟେରିଆକୁ ମଧ୍ୟ ମାରିଦିଏ । ଏଣୁ ଦାନ୍ତ କାଠିରେ ଦାନ୍ତ ଘଷିଲେ ଆମ ପାଟି ଆଉ ଗନ୍ଧାଏ ନାହିଁ । ହଁ ଦାନ୍ତ-କାଠି ଚୋବାଇ ଚୋବାଇ ନରମ ହୋଇ ଗଲେ ସେଥିରେ ଦାନ୍ତକୁ ଧୀରେ ଧୀରେ ମାଜିଦେବ, ଏବଂ ମାଜିସରିଲା ପରେ କୁଳିକରି ଦାନ୍ତ କାଠିକୁ ଦୁଇଫାଳ କରି ଜିଭକୁ ଭଲରୂପେ ଛେଲାଇ ଦେବାକୁ ପଡ଼ିବ । ଜିଭରେ ଥିବା ଅପରିଷ୍କାର ପଦାର୍ଥ ସହ ବ୍ୟାକ୍‌ଟେରିଆ ମଧ୍ୟ ବାହାରି ପଡ଼େ । କାରଣ ମିନିଟଧରି ଦାନ୍ତ କାଠି ପାଟି ଭିତରେ ରହିଲେ ଆମର ଉପକାର ହୁଏ । ଏଣୁ ତରବରରେ ଦାନ୍ତ ଘଷିଦେଲେ ଚଳିବ ନାହିଁ । ଦାନ୍ତ ସଫାରଖିବା ସଙ୍ଗେ ସଙ୍ଗେମାଢ଼ିର ସୁରକ୍ଷା ମଧ୍ୟ ଆବଶ୍ୟକ । ମାଢ଼ିକୁ ମଜଭୁତ ରଖିବା ଅର୍ଥ ହେଉଛି ଦାନ୍ତକାଠିର ରସ କିଛି ସମୟ ମାଢ଼ିରେ ଲାଗିରହିବା ଆବଶ୍ୟକ । ମାଢ଼ି ଟାଣ ରହିଲେ ସେଥିରେ ଖଞ୍ଜା ହୋଇଥିବା ଦାନ୍ତ ସହଜରେ ଝଡ଼ିପଡ଼େ ନାହିଁ । ମାଢ଼ିରେ ରକ୍ତ ସଞ୍ଚାଳନ ସୁବିଧାରେ ହୁଏ ।

ଦାନ୍ତରୁ ରକ୍ତ ପଡ଼ିବା

ଦୈବାତ୍ ଦାନ୍ତରୁ ରକ୍ତ ପଡ଼ିଲେ ବଉଳ ଗୁଳିକୁ ସିଝାଇ କୁଳିକଲେ ଦାନ୍ତରୁ ରକ୍ତପଡ଼ିବା ବନ୍ଦ ହେବା ସଙ୍ଗେ ସଙ୍ଗେ ମାଢ଼ି ଟାଣରହେ । ବଉଳଗୁଳି ରସ କଷା । ଏହି କଷାରସରେ ଜୈବିକ ବସ୍ତୁମାନ ରହିଥାଏ । ଏହା ଦାନ୍ତ-ମାଢ଼ିର ରକ୍ତସ୍ରାବ ବନ୍ଦକରାଏ । ବଉଳ ଗୁଳି ଛଡ଼ା, ଲିମ୍ବୁଗୁଳି, ଡ଼ିମ୍ବିରି, ସପେଟା, ଅଶ୍ୱତ୍ଥ ଇତ୍ୟାଦି ଗଛର ଗୁଳି ସିଝାଇ, ସେ ପାଣିକୁ ମଧ୍ୟ କୁଳିକଲେ ଦାନ୍ତ ମୂଳରୁ ରକ୍ତପଡ଼ିବା ବନ୍ଦହୁଏ । ଏପରିକି ମାଳତି ପତ୍ର, ଦୂବଘାସ ଓ ଚିତାକୁଟୀ ପତ୍ରକୁ ସିଝାଇ କୁଳିକଲେ ମଧ୍ୟ ଦାନ୍ତମୂଳ ଟାଣହେବା ସଙ୍ଗେ ସଙ୍ଗେ ରକ୍ତ ପଡ଼ିବା ବନ୍ଦହୁଏ ।

ଦାନ୍ତରୋଗ ଯୋଗୁଁ ପେଟ ବେମାର ହୁଏ । କାରଣ ଦାନ୍ତରେ ଲାଗି ରହିଥିବା ବ୍ୟାକ୍‌ଟେରିଆ ସବୁ ଆମ ଖାଦ୍ୟ ସଙ୍ଗେ ଗୋଳାଇ ହୋଇ ପେଟକୁ ଯାଏ, ଆମକୁ ଅଜୀର୍ଣ୍ଣ ରୋଗହୁଏ । ଏଣୁ ସାହାଡ଼ା, ବାହାଡ଼ାରେ ଅଁଳା ମଞ୍ଜିକୁ ସମାନ ଅନୁସାରେ ଗୁଣ୍ଡକରି ସେଥିରୁ ୧ ଗ୍ରାମର ପାଣିରେ ଗୋଳାଇ ପ୍ରତିଦିନ ଖାଇଲେ ପେଟ ରୋଗ ଭଲହୁଏ ।

ଏଥିରୁ ଜଣାଗଲା ଯେ କୃତ୍ରିମ ଧାରାରେ ପ୍ରସ୍ତୁତ ହେଉଥିବା ଟୁଥପେଷ୍ଟ ଓ ଟୁଥବ୍ରସ୍ ଅପେକ୍ଷା ଆମ ପରିବେଶରେ ସହଜରେ ବଢ଼ୁଥିବା ଉଦ୍‌ଭିଦରୁ ଆମେ ଦାନ୍ତରୋଗରୁ ମୁକ୍ତ ପାଉ ।

ଆଗ୍ରୁ—ଦାନ୍ତ କାଠିରେ ଦାନ୍ତ-ଘଷିବା ବେଳେ କେବେ କଣ ଆମେ ସଚେତନ ହେଉ ଯେ ଆମେ ପ୍ରତିଦିନ କେତୋଟି ଗଛକାଠି ନଷ୍ଟ କରୁଛୁ । ସେଥିପାଇଁ ମଧ୍ୟ ଆଗେ ଉଦ୍‌ଯୋଗ

Images: Aptakama Mishra, Processing: Srujanika

ଫୁଟବଲ ଖେଳପାଇଁ ଏକ ନିର୍ଦ୍ଦିଷ୍ଟ ଜାତୀୟ ଆଭିମୁଖ୍ୟ ଆବଶ୍ୟକ

ଶ୍ରୀ ଶାନ୍ତନୁ ରାୟ

ଭାରତରେ ଫୁଟବଲ ଖେଳର ଅଭିବୃଦ୍ଧି ତଥା ଉନ୍ନତି ପାଇଁ ଜାତୀୟ ସ୍ତରରେ ଉଭୟ ଜୁନିୟର ଓ ସିନିୟର ଖେଳାଳିଙ୍କ ପାଇଁ କଠୋର ଶୃଙ୍ଖଳାବଦ୍ଧ ତାଲିମ ଶିବିର ଆବଶ୍ୟକ । ଜାତୀୟ ଫୁଟ-ବଲ ଚମ୍ପିୟାନ ଲିଗ୍ ବ୍ୟତୀତ ଆଉ ଗୃହରେଟି ଡିଭିଜନ୍ ଲୀଗ୍ ମ୍ୟାଚ କରାଗଲେ ଦେଶରେ ଫୁଟ-ବଲ ଖେଳର ଗୁଣାତ୍ମକ ମାନ ବୃଦ୍ଧି ପାଇବ । ଅତୀତରେ ଏ କ୍ଷେତ୍ରରେ ସଂପୃକ୍ତ କର୍ତ୍ତୃପକ୍ଷ ଯେପରି ଅଧା-ପନ୍ତରିଆ ନୀତି ଅବଲମ୍ବନ କରି ଆସିଛନ୍ତି ତାକୁ ପରିହାର କରି ନିଖିଳ ଭାରତ ଫୁଟବଲ ଫେଡେ-ରେସନ୍ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବା ଉଚିତ୍ ବୋଲି ଲେଖକ ଏଥିରେ ଦର୍ଶାଇ-ଛନ୍ତି ।

ତୃତୀୟ ନେହେରୁ ଗୋଲଡ୍‌କପ୍ ଫୁଟବଲ ଚାମ୍ପିଆନସିପ୍ ଶେଷ ହେବା ତଥା ବ୍ରାଜିଲର ସାଓ-ପୋଲୋ ଦଳ ଭାରତରୁ ଫେରିଯିବା ପରେ ଦେଶରେ ଫୁଟବଲ ଖେଳରେ ପୁଣି ସ୍ୱାଭାବିକ ଶୀତରେ ମାନ୍ଦା ଅବସ୍ଥା ଦେଖାଦେଇଛି । ନିକଟ ଭବିଷ୍ୟତରେ କୌଣସି ବୃହତ୍ ଜାତୀୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାର ସମ୍ଭାବନା ନଥିବାରୁ ଫୁଟବଲ ଖେଳାଳୀ ମାନଙ୍କୁ ପ୍ରସ୍ତୁତ କରି ରଖିବା ପାଇଁ ଆଉ ତାଲିମ ଶିବିର ଅନୁଷ୍ଠିତ ହେବାର ମଧ୍ୟ ସମ୍ଭାବନା ଅତି କ୍ଷୀଣ । ଫଳରେ ଜାତୀୟ ସ୍ତରର ଖେଳାଳୀ ମାନେ ନିଜ ନିଜ ରାଜ୍ୟକୁ ଫେରିଯାଇ ବିଭିନ୍ନ କ୍ଲବରେ ସ୍ଥାନୀୟ ମ୍ୟାଚ ମାନଙ୍କରେ ଅଂଶ ଗ୍ରହଣ କରୁଛନ୍ତି ।

ଅତୀତରେ ସର୍ବଦା ଏହିଭଳି ହୋଇ ଆସିଛି । ନିଖିଳ ଭାରତ ଫୁଟବଲ ଫେଡେରେସନ୍ ଅତୀତରୁ କିଛି ଶିକ୍ଷା ଲାଭ ନକଲେ ତୃତୀୟ ଆନ୍ତର୍ଜାତିକ ନେହେରୁ କପ୍ ଟୁର୍ଣ୍ଣାମେଣ୍ଟରେ ଭାରତ ଯେଉଁ ଦକ୍ଷତା ପ୍ରଦର୍ଶନ କରିଥିଲା ତାହା ସବୁ ମାଟି ହୋଇଯିବ ।

ନେହେରୁ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର କ୍ରୀଡ଼ା ନୈପୁଣ୍ୟର ପ୍ରଶଂସା କରି ଏହି ଉତ୍ସାହ ଓ ଉଦ୍ଦୀପନାକୁ ବଜାୟ ରଖିବା ନିମନ୍ତେ ଭାରତୀୟ ଦଳକୁ ବିଦେଶ ପଠାଯିବା ଉଚିତ୍ ବୋଲି ଏସିଆନ୍ ଫୁଟବଲ କନ୍‌ଫେଡେରେସନ୍‌ର ସେକ୍ରେଟେରୀ ଜେନେରାଲ ପିଟର ଭେଲାପାନ୍ ଯଥାଯଥ ମତ ଦେଇ-ଥିଲେ । ଏହା କରାଗଲେ ଭାରତୀୟ ଦଳ ନିଜ ଦେଶ ତଥା ବାହାରେ ଭଲ ଖେଳି ପାରିବେ ଏବଂ ସେମାନଙ୍କ ବୈଷୟିକ ଦକ୍ଷତା ମଧ୍ୟ ବଢ଼ି ପାରିବ । ଅନ୍ୟଥା ପ୍ରାକ୍ ଅଲିମ୍ପିକ ଖେଳରେ ଭାରତ ରିଆଜ୍‌ରେ ସାଉଦି ଆରବୀୟ ଠାରୁ ଯେପରି ୫-୦ ଗୋଲରେ ପରାସ୍ତ ହୋଇ-ଥିଲା ସେ ଘଟଣାର ପୁନରାବୃତ୍ତି ହେବ ।

(ଅବଶିଷ୍ଟାଂଶ ୩୩ ପୃଷ୍ଠାରେ)

କରିବା ଉଚିତ୍ । ଦାନ୍ତକାଠି ରୂପେ ବ୍ୟବହୃତ ହୋଇ ଥିବା ଅନ୍ୟାନ୍ୟ ଉଦ୍‌ଭିଦ ତୁଳନାରେ ନିମ୍ବ ଦାନ୍ତକାଠିକୁ ଆମେ ସହଜରେ ଓ ସୁବିଧାରେ ବ୍ୟବହାର କରିପାରିବା, ଯଦି ଆମେ ନିମ୍ବଗଛକୁ ମନେକରି ଆମ ବାଡ଼ି ବଗିଚାରେ ଲଗାଇବା, ତା' ଛଡ଼ା ରାସ୍ତା ଦୁଇକଡ଼ରେ ଅଧିକ ସଂଖ୍ୟାରେ ନିମ୍ବଗଛ ରୋପଣ କରିବା । ନିମ୍ବ ଗଛଟିଏ ବଢ଼ାଇବା ପାଇଁ ବହୁତ ସମୟ ଦରକାର ହୁଏନାହିଁ । କିମ୍ବା ଏଗଛ ଲଗାଇଲେ ଗୋରୁ, ଗାଈ ବା ଛେଳି ଇତ୍ୟାଦି ତୃଣଭୋଜୀ ପ୍ରାଣୀ ତାକୁ ଖାଆନ୍ତି ନାହିଁ, ଯେହେତୁ ନିମ୍ବଭାରି ପିତା । ଏଣୁ ନିମ୍ବଗଛ ସହଜରେ ଆମେ ଉପୁଜାଇ ପାରି ତା'ର ଉପଭୋଗ କରି ପାରିବା । ନିମ୍ବଗଛ ଆମର ପୂଜ୍ୟ । ଆମ ବଡ଼ ଠାକୁର ଜଗନ୍ନାଥ ଦାରୁବ୍ରହ୍ମ ରୂପେ ଆବିର୍ଭାବ-ସେ ମଧ୍ୟ ଏହି ନିମ୍ବ ପିଣ୍ଡରୁ ତିଆରି । ନିମ୍ବ ଆମ ଉପକାରରେ ଆସେ । ଏକଥା ଆମେ ଜାଣିଛୁଁ । ଏହାଛଡ଼ା ନିମ୍ବ ଗଛର ଗନ୍ଧ ବାୟୁ ମଣ୍ଡଳକୁ ବିଶୁଦ୍ଧ କରେ । (ଖାରବେଳ ଦ୍ୱିତୀୟ ସଂଖ୍ୟା ଦ୍ରଷ୍ଟବ୍ୟ)

ତେବେ—କହିଲ ଦେଖି ଯେଉଁ ଗଛ ଆମର ଏତେ ଉପକାରୀ ତାକୁ ଟିକିଏ ଆଦର କଲେ ଆମର କ୍ଷତି କଣ ? ଆଚ୍ଛା—ଦାନ୍ତକାଠି—ଉଦ୍‌ଭିଦରୁ ଖଣ୍ଡେ ଡାଳ—ତା'ର ମର୍ଯ୍ୟାଦା ବହୁତ, ଏଣୁ ଏଭଳି ଆମେ ପ୍ରତ୍ୟେକେ ଗୋଟାଏ ଲେଖାଁ ଆମ ଉପଯୋଗୀ ଗଛ ଲଗାଇବା । ଫଳରେ ଆମେ ଉପକୃତ ହେବା ସଙ୍ଗେ ଆମ ପରିବେଶ ସୁନ୍ଦର ଓ ସବୁଜ ହୋଇ ରହିବ ।

ମୁହଁରୁ ଗନ୍ଧ ବାହାରିଲେ ଲୋକେ ଆମଠୁ ଦୂରେଇ ଯିବେ, ଆମସଙ୍ଗେ ପାଖରେ ବସି କେହି ଖୁସିରେ ଗପସପ କରିବେ ନାହିଁ । ଫଳରେ ଆମେ ଅଳୁଆଁ ମଣିଷ ପରି ସମସ୍ତଙ୍କ ଠାରୁ ଦୂରେଇ-ଯିବା । ଏଣେ ଆମର ସ୍ୱାସ୍ଥ୍ୟମଧ୍ୟ ହାନି-ହେବ । ବେଳ ଥାଉ ଥାଉ ବନ୍ଧ ବାନ୍ଧିଲେ ଆମେ ସୁଖିହୋଇ ବଞ୍ଚିବା ।

ବିଦେଶ ଫେରିବା ପ୍ରଧାନ ପୁଅ ଗପ ଗାଁ ଲୋକଙ୍କ ମନକୁ ଭାରି ପାଇଲା । ହାରିବୋଉ କଥାଟିକ ବେଶ ବୁଝିଗଲା । ହଠାତ୍ ଉଠି କହିଲା—"ହଁରେ ପୁଅ, ମୁଁ ଝିଟ ଯାଉଛି ମା'ଙ୍କ ଘରକୁ, ବିଚରି ଝିଅଟାର ଦାନ୍ତରୋଗଟା ଭଲ ହୋଇଗଲେ ତ ପୁଣି ଘର ସଂସାର କରିବ ମୁଁ ଦେଇକୁ ବୁଝେଇ କହିବି ।

□

Images: Aptakama Mishra, Processing: Srujanika

ମେଷ ମାସର ବାର ରାଶିଫଳ (ଏପ୍ରିଲ ୧୩ରୁ ମେ ୧୨)

ମେଷ :— ଏ ମାସଟି ଆପଣଙ୍କୁ ସାମାଜିକ କାର୍ଯ୍ୟରେ ଅନେକ ଉତ୍ସାହିତ ଓ ପ୍ରଭାବିତ କରିବ । ଅର୍ଥିକ ଚିନ୍ତା ସେତେ ରହିବ ନାହିଁ । ଦୂରଯାତ୍ରା ଭ୍ରମଣ, ତୀର୍ଥ, ସମାଜସେବା ଓ ରାଜନୈତିକ କାର୍ଯ୍ୟରେ ଲିପ୍ତ ରହିବେ । କାର୍ଯ୍ୟ କ୍ଷେତ୍ରରେ ବନ୍ଧୁମାନଙ୍କ ଦ୍ୱାରା ଅନେକେ ଉତ୍ସାହିତ ହେବେ । ମାନସିକ ଚିନ୍ତା ଥିଲେ ମଧ୍ୟ ଆପଣ ଅନେକ ବଡ଼ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରିବେ । ପାରିବାରିକ କ୍ଷେତ୍ରରେ ସ୍ଥିର ସାମାନ୍ୟ କଷ୍ଟ ଦେଖାଦେବ । ଗୃହରେ ସାମାନ୍ୟ ଜଞ୍ଜାଳ ଦେଖା ଦେଇପାରେ । ଆପଣ ଗୃହଠାରୁ ନିଜକୁ ଦୂରରେ ରଖିବାକୁ ସର୍ବଦା ଇଚ୍ଛା କରିବେ । ଆପଣ ଅନେକ ବଡ଼ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରି ସିଦ୍ଧହସ୍ତ ନ ହେଲେ ମଧ୍ୟ ହତାଶ ହେବେ । ବୈବାହିକ ଓ ଆନୁଷ୍ଠାନିକ କର୍ମପ୍ରତି ଆଗ୍ରହାନ୍ୱିତ ହେବେ । ଦେବଭକ୍ତି, ପୂଜାପାଠ ଆଡ଼କୁ ମନ ବଳାଇବେ । ଛାତ୍ରମାନେ ସୁରୁଖୁରୁରେ ସମୟ କାଟିବେ । ମହିଳାମାନଙ୍କ ପେଟ ସମ୍ବନ୍ଧୀୟ ରୋଗ ଦେଖା ଦେଇପାରେ ।

ବୃଷ :— ଏ ମାସଟି ଆପଣଙ୍କ ପକ୍ଷେ ସେତେ ଶୁଭକାରକ ନୁହେଁ । ମାନସିକ ଦୁଶ୍ଚିନ୍ତା ସହିତ ଆର୍ଥିକ ଅନାଟନ ଲାଗିରହିବ । ଖର୍ଚ୍ଚ ଏ ମାସରେ ଅନେକ ବୃଦ୍ଧି ପାଇବ । ବୃଥାଭ୍ରମଣ, ମାନସିକ ଅଶାନ୍ତି, ଶାରୀରିକ କଷ୍ଟ ବୃଥା ବ୍ୟୟ, ପାରିବାରିକ ଜଞ୍ଜାଳ, ସାମାଜିକ ସାକୃଷ୍ଟା ଲାଗିରହିବ । ତଥାପି ଆପଣଙ୍କର ଈଶ୍ୱର ଭକ୍ତି ଯୋଗୁ ମାସଟି ସାମାନ୍ୟ ଶାନ୍ତିରେ କଟିପାରେ । ସାମାନ୍ୟ ଦୁର୍ଘଟଣା ଭୟ ମଧ୍ୟ ରହିଛି । ଗୃହରେ ବାପ ମାଙ୍କ ଶରୀରରେ କଷ୍ଟ ଦେଖାଦେଇପାରେ । ବ୍ୟବସାୟ କ୍ଷେତ୍ରରେ କ୍ଷୟ କ୍ଷତି ହେବାର ସମ୍ଭାବନା ବେଶୀ । କର୍ମ କ୍ଷେତ୍ରରେ ଅନେକ ଜଞ୍ଜାଳ ଆପଣଙ୍କ ଉତ୍ସାହରେ ବାଧା ସୃଷ୍ଟି କରିବ । ଛାତ୍ରମାନେ ଚିନ୍ତାଶୀଳ ହେବେ, ନାରୀମାନେ ଦେବାର୍ଚ୍ଚନାରେ ମନୋନିବେଶ କରିବେ ।

ମିଥୁନ :— ଏ ମାସଟି ଆପଣଙ୍କ ପକ୍ଷେ ଅତ୍ୟନ୍ତ ଶୁଭକାରକ । ଆକସ୍ମିକ ଉନ୍ନତି, ବୃତ୍ତିଗତ ବ୍ୟବସାୟରେ ପଦୋନ୍ନତି ଓ ସମ୍ମାନ ପ୍ରାପ୍ତିର ଯୋଗ ଅଛି । ପରୋପକାର ଓ ସମାଜ ସେବାରେ ନିଜକୁ ନିୟୋଜିତ କରିବେ । ପାରିବାରିକ ଶାନ୍ତି ଓ ସାମାଜିକ ପଦମର୍ଯ୍ୟାଦା ପାଳିପାରିବେ । ତୀର୍ଥ, ଭ୍ରମଣ, ବନ୍ଧୁମାନଙ୍କ ଗୃହରେ ସୁଖ ଶାନ୍ତି ପାଇପାରିବେ । ମାନସିକ ଅସ୍ଥିରତା ସାମାନ୍ୟ ଥିଲେ ମଧ୍ୟ କେତେକ ସ୍ତରରେ ଆପଣ କର୍ମ ସ୍ପୃହା ପାଇପାରିବେ । ବୈବାହିକ ଯୋଗ ମଧ୍ୟ ଅଛି । ଗୃହକରଣ ଓ ଆନୁଷ୍ଠାନିକ ଶୁଭକର୍ମ ପ୍ରତି ମନ ବଳାଇବେ । କେତେକ ଲୋକ ଆପଣଙ୍କ ପ୍ରତି ଈର୍ଷାନ୍ୱିତ ହୋଇ ପାରନ୍ତି କିନ୍ତୁ ଶତ୍ରୁମାନଙ୍କୁ ଆପଣ ପରାସ୍ତ କରିବେ । ମହିଳାମାନେ ସୁରୁଖୁରୁରେ ଓ ସଉକରେ ସମସ୍ତ କାଟିବେ । ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ପ୍ରଶଂସା ପାଇପାରିବେ ।

ଆଚାର୍ଯ୍ୟ ବିଭୂତି ଭୂଷଣ



କର୍କଟ :— ଏ ମାସରେ ଆପଣଙ୍କ ପକ୍ଷେ ଫଳ ମଧ୍ୟମ ହେବ । ଆର୍ଥିକ ଓ ଶାରୀରିକ ଦିଗ ଉପରେ ସେତେ କଷ୍ଟ ନ ରହିଲେ ମଧ୍ୟ ମାନସିକ ଓ ପାରିବାରିକ ଅଶାନ୍ତି ରହିବ । ଅନେକ ଦିନରୁ ବିଗତ ଚିନ୍ତା ଉପରେ ଆପଣଙ୍କୁ ଇତସ୍ତତଃ ହେବାକୁ ପଡ଼ିବ । ଅନେକ କାର୍ଯ୍ୟ ଆପଣଙ୍କୁ କରିବାର ଥିଲେ ମଧ୍ୟ ଆପଣ ନକରିପାରି ହାସ୍ୟାସ୍ପଦ ହେବେ । କର୍ମ କ୍ଷେତ୍ରରେ କିଛି ନୂତନ କର୍ମ ଲାଭ ଓ ପଦୋନ୍ନତି ହେବାର ସମ୍ଭାବନା ଅଛି । ସୌଖିନ ଦ୍ରବ୍ୟପ୍ରତି ଅନେକ ମନ ବଳାଇବେ ଓ ବିଳାସ ବ୍ୟସନ ପ୍ରିୟ ହେବେ । ମୁଣ୍ଡରେ ଅନେକ ଚିନ୍ତା ଥାଇ ଆପଣ ଖାମଖିଆଲି ରହି ପାଗଳ ଭଳି ବୁଲିବେ । ସାଂସ୍କୃତିକ କାର୍ଯ୍ୟ ପ୍ରତି ମନ ନିବେଶ କରିବେ । ଛାତ୍ରମାନେ କଳାବିଦ୍ୟା ପ୍ରତି ଆକୃଷ୍ଟ ହେବେ, ଓ ନାରୀମାନେ ତାମସିକ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହେବେ ।

ସିଂହ :— ଏ ମାସର ମଧ୍ୟମ ଭାଗରେ ଆପଣ ଅନେକ ସୁଖଶାନ୍ତି ପାଇ ପାରନ୍ତି । ନୂତନ କର୍ମପନ୍ଥା, ଅର୍ଥଲାଭ, ରାଜସମ୍ମାନ ଓ ବୃତ୍ତିଗତ ବ୍ୟବସାୟରେ ପଦୋନ୍ନତି ଲାଭ କରିପାରନ୍ତି । ସାଂସ୍କୃତିକ ଓ ମାଙ୍ଗଳିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । କିନ୍ତୁ ଆପଣଙ୍କର କାହାପ୍ରତି ବିଶ୍ୱାସ ଆସି ନପାରେ । ଏ ମାସରେ ଶୁଭକର୍ମ ମଧ୍ୟରେ ବିବାହ, ଦେବପୂଜା, ତୀର୍ଥଭ୍ରମଣ, ବଣଭୋଜି ଓ ନୂତନ କର୍ମପନ୍ଥା ପାଇପାରନ୍ତି । ଅଶୁଭ କାର୍ଯ୍ୟ ମଧ୍ୟରେ ମାନସିକ ଅସ୍ଥିରତା ଓ ଭ୍ରାତୃ ବିବାଦ ଦେଖା ଦେଇପାରେ । ସ୍ୱାସ୍ଥ୍ୟ ଭଲ ରହିବ । ଛାତ୍ରମାନେ ମନ ଲଗି ଫଳ ପାଇବେ । ନାରୀମାନେ ଉଚ୍ଚମନା ଓ ଆଦରଣୀୟା ହେବେ ।

କନ୍ୟା :— ଏ ମାସଟି ଆପଣଙ୍କ ଶରୀର ଓ ମନ ଉପରେ ଅନେକ କଷ୍ଟ ଦେବ । ବନ୍ଧୁମାନଙ୍କ ସହିତ ଓ ଗୃହରେ ମଧ୍ୟ ଅପ୍ରିୟତା, ଦେଖାଦେବ । ଆପଣଙ୍କୁ କେତେକ କାର୍ଯ୍ୟରେ ନିଜ ଲୋକମାନେ ଅବିଶ୍ୱାସ କରିପାରନ୍ତି । ଆପଣ କୁଟିଳ ମନା ହେବେ, କିନ୍ତୁ ନିସ୍ୱାର୍ଥପର କାର୍ଯ୍ୟରେ ଜଡ଼ିତ ରହିବେ । କର୍ମ କ୍ଷେତ୍ରରେ ବିଶେଷ ଲାଭ ହେବାର ନାହିଁ । ଆର୍ଥିକ ଚିନ୍ତା ରହିବ, ଶାରୀରିକ କଷ୍ଟ ଯୋଗୁ ବୃଥା ଅର୍ଥ ବ୍ୟୟ ହେବାର ସମ୍ଭାବନା ଅଧିକ । ପିଲାପିଲି ମାନଙ୍କ କଷ୍ଟ ଧରିଥିବା ଦେଖା ଦେଇପାରେ । ସାମାଜିକ କାର୍ଯ୍ୟରେ ହାସ୍ୟାସ୍ପଦ ହେବେ । କିନ୍ତୁ ଆପଣ ଈଶ୍ୱର ବିଶ୍ୱାସୀ ହେବେ । ନାରୀମାନେ ବାକ୍ ଚତୁରୀ ହେବେ । ଛାତ୍ରମାନେ କଳା ଓ ଆଧ୍ୟାତ୍ମିକ ଶିକ୍ଷାପ୍ରତି ମନ ବଳାଇବେ ।



ତୁଳା :— ଏ ମାସରେ ଆପଣଙ୍କର ପରିବାର ଜଞ୍ଜାଳ ଜନିତ କର୍ମ କ୍ଷେତ୍ରରେ କ୍ଷତି ଓ ପଦାବନତି ଏତେ ଦେଖାଦେବ ଯେ ଆପଣ ନିରୁତ୍ସାହିତ ହେବେ ଓ ମାନସିକ ବଳ ହରାଇବେ, ବନ୍ଧୁମାନେ ବିଶ୍ୱାସଘାତକତା କରିବେ ।

Images: Aptakama Mishra, Processing: Srujanika

ବ୍ୟବସାୟରେ କୌଣସି କାର୍ଯ୍ୟରେ ସ୍ଥିରହୋଇ ରହି ପାରିବେ ନାହିଁ । କିନ୍ତୁ ଅନେକ କାର୍ଯ୍ୟରେ ହସ୍ତକ୍ଷେପ କରିବେ । ନିଜର ସାହସିକତା ଧୈର୍ଯ୍ୟ ଓ ମାନସିକ ସ୍ଥିରତାଯୋଗୁ ଅନେକ କାର୍ଯ୍ୟରେ ବାଧାବିଘ୍ନରୁ ରକ୍ଷା ପାଇ ପାରିବେ, ନିଜକୁ ସବୁ କାର୍ଯ୍ୟଠାରୁ ଦୂରେଇ ରହିବାକୁ ଇଚ୍ଛାକଲେ ମଧ୍ୟ ଆପଣଙ୍କୁ ସବୁକ୍ଷେତ୍ରରେ ଜଞ୍ଜାଳ ଗ୍ରାସି ରହିବ, ଛାତ୍ରମାନେ ଅଯଥା ବିଚଳିତ ଓ ଦୁଶ୍ଚିନ୍ତାଗ୍ରସ୍ତ ହେବେ । ମହିଳାମାନେ ତାମସିକ କାର୍ଯ୍ୟରେ ମନ ବଳାଇବେ ।

ବିଛା :—ଏ ମାସଟି ଆପଣଙ୍କ ପକ୍ଷେ ଅତ୍ୟନ୍ତ ଶୁଭକାରକ । ବିବାହ, ବାଣିଜ୍ୟ, ନୂତନ କର୍ମଲାଭ, ପଦୋନ୍ନତି, ପାରିବାରିକ ସ୍ନେହ ସହାନୁଭୂତି ଓ ସାମାଜିକ କାର୍ଯ୍ୟରେ ସମ୍ମାନ ଓ ନୈତିକ କର୍ମ ତତ୍ପରତା, ଈଶ୍ୱର ଭକ୍ତି, ଓ ପରୋପକାର ଦେଖାଦେବ, ଭ୍ରମଣ ଯୋଗ ରହିଛି । ବଡ଼ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରିବା ପାଇଁ ସାମାନ୍ୟ ଚିନ୍ତାଶୀଳ ହେବେ କିନ୍ତୁ ଆପଣ ଯେ କୌଣସି ପ୍ରକାରେ ଆପଣଙ୍କ ଉଦ୍ଦେଶ୍ୟ ସାଧନ କରିପାରନ୍ତି । ଆପଣ ଅନେକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିପାରିବେ । ଶୁଭ କାର୍ଯ୍ୟରେ ମଧ୍ୟ ତାମସିକ ପ୍ରବୃତ୍ତି ବୃଦ୍ଧି ଯୋଗୁ କୁଟିଳତା ଦେଖାଦେବ । ନାରୀମାନେ ବିଳାସ ବ୍ୟସନ ପ୍ରିୟ ହେବେ, ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ଉତ୍ତମ ଫଳ ପାଇ ପାରିବେ ।

ଧନୁ :—ଏ ମାସରେ କର୍ମ କ୍ଷେତ୍ରରେ ଆପଣ ଆସ୍ଥା ହରାଇବେ । ଆନୁଷ୍ଠାନିକ ତଥା ବୈବାହିକ ଶୁଭକର୍ମ ମାନଙ୍କରେ ନିଜକୁ ନିୟୋଜିତ କରିବେ କିନ୍ତୁ ନିଜକର୍ମ କୁଶଳତା ଉପରେ ଅନେକ ଅଁଚ ଆସିପାରେ । ଅଯଥା ଖର୍ଚ୍ଚ ଓ ପାରିବାରିକ ଜଞ୍ଜାଳ ଦେଖା ଯୋଗଅଛି । ମାନସିକ ଦୁର୍ବଳତା ଓ ବୃଥା ଭ୍ରମଣ ଦେବ । ବନ୍ଧୁବର୍ଗରେ ପ୍ରିୟ ଭାଜନ ହୋଇ ପାରିବେ ନାହିଁ । ଆପଣ ଅନ୍ୟମାନଙ୍କ ପ୍ରତି ବିଶ୍ୱାସ ଓ ଆସ୍ଥା ହରାଇବେ । ସାମାଜିକ ରାଜନୈତିକ ଓ ପାରିବାରିକ ସ୍ତରରେ ଅନେକ କାର୍ଯ୍ୟ ଆପଣ ଗୁପ୍ତ ରଖିବେ, ସ୍ୱାସ୍ଥ୍ୟ କିନ୍ତୁ ଭଲ ରହିବ । ରାଜନୈତିକ ଓ ସାମାଜିକ ସ୍ତରରେ ଆସ୍ଥା ହରାଇବାର ଆଶଙ୍କା ଅଛି । ଚିତ୍ର ବିଜ୍ଞାନ ଓ କଳାପ୍ରତି ଆକୃଷ୍ଟ ହେବେ । ନାରୀମାନେ ଦେଶ ଭ୍ରମଣରେ ମନ ଦେବେ, ଛାତ୍ରମାନେ ମୌଳିକ ଶିକ୍ଷାପ୍ରତି ଆକୃଷ୍ଟ ହେବେ ।



ମକର :—ଏ ମାସରେ ଆପଣ ଅନେକ ବଡ଼ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରି ସାଧାରଣ ମହଲରେ ଉଚ୍ଚପ୍ରଶଂସା ଓ ସମ୍ମାନ ପାଇପାରିବେ । କର୍ମକ୍ଷେତ୍ରରେ ଅନେକ ବାଧାବିଘ୍ନ ଦେଖାଦେବ କିନ୍ତୁ ଆପଣ ସିଦ୍ଧହସ୍ତ ହୋଇ ଅନେକ ପ୍ରୟାସ ଓ ଦକ୍ଷତାର ସହିତ ଆଗେଇ ଯିବେ, କିନ୍ତୁ ମାନସିକ ବ୍ୟତିବ୍ୟସ୍ତତା ଓ ସ୍ୱାସ୍ଥ୍ୟହାନୀ ହେବାର ସମ୍ଭାବନା ଅଛି । ଈଶ୍ୱର ଭକ୍ତି ଓ ତନ୍ତ୍ରସାଧନା ପ୍ରତି ସଚେଷ୍ଟ ଆଗ୍ରହୀ ହେବେ । ଆର୍ଥିକ ଅବସ୍ଥା ସେତେ ଭଲରହିବ ନାହିଁ । ବ୍ୟବସାୟ ବାଣିଜ୍ୟ ମାନ୍ଦା ପଡ଼ିବ । ନାରୀମାନେ ବିଳାସ ବ୍ୟସନ ପ୍ରିୟ ହେବେ, ଛାତ୍ରମାନେ ଆଧ୍ୟାତ୍ମିକତା ଉପରେ ବିଶ୍ୱାସ କରିବେ ।

କୁମ୍ଭ :—ଏ ମାସରେ ଆପଣ ଅନେକ ସୁଯୋଗ ପାଇଲେ ମଧ୍ୟ ସବୁ ଉପଭୋଗ କରିପାରିବେ ନାହିଁ, କର୍ମ କ୍ଷେତ୍ରରେ ନୂତନତ୍ୱ ଲାଭ, ବ୍ୟବସାୟ ବାଣିଜ୍ୟରେ ପ୍ରଚୁର ଅର୍ଥଲାଭ ହେବ । ଚାକିରୀରେ ପଦୋନ୍ନତି, ବୈବାହିକ ଓ ଆନୁଷ୍ଠାନିକ କର୍ମରେ ଆଗ୍ରହୀ, ବନ୍ଧୁମାନଙ୍କ ଠାରୁ ସାହାଯ୍ୟ ପ୍ରାପ୍ତି, ଉଚ୍ଚ ପ୍ରଶଂସା ଓ ରାଜ ସମ୍ମାନ ପାଇପାରନ୍ତି । ଶାରୀରିକ, ଆର୍ଥିକ ଓ ମାନସିକ ଶାନ୍ତିରହିବ । ପାରିବାରିକ ଜଞ୍ଜାଳ ଉପରେ ସାମାନ୍ୟ ଇତସ୍ତତ ହେଇ ପାରନ୍ତି ଏବଂ ନିଜକୁ ତାଠାରୁ ଦୂରରେ ରଖିବେ । ତୀର୍ଥଯାତ୍ରା ଓ ଆଧ୍ୟାତ୍ମିକତା ବୃଦ୍ଧି ପାଇବ । ଛାତ୍ରମାନେ ରୋମାଞ୍ଚକର ଶିକ୍ଷାପାଇଁ ଆଗ୍ରହୀ ହେବେ । ନାରୀମାନେ ଉପଯୋଗୀ ଓ ସୌଖିନ ଜିନିଷ ପ୍ରତି ଆଗ୍ରହୀହେବେ ।



ମୀନ :—ଏ ମାସରେ ଆପଣ ପ୍ରଚୁର ଆୟ କରିଲେ ମଧ୍ୟ ବ୍ୟୟହେତୁ ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ଅହେତୁକ ଖର୍ଚ୍ଚ ଆସି ପହଞ୍ଚିବ । ବୃଥା ଭ୍ରମଣ, ଓ ମାନସିକ ଅଶାନ୍ତି ତଥା ପରିବାରରେ ପିଲାପିଲିଙ୍କ ସ୍ୱାସ୍ଥ୍ୟ ଭଲରହିବ ନାହିଁ । ସାମାଜିକ ଓ ନୈତିକ କ୍ଷେତ୍ରରେ ପଦହାନୀ ହେବାର ସମ୍ଭାବନା ଅଧିକ । ବନ୍ଧୁମାନେ ଈର୍ଷା ପରାୟଣ ହେବେ, ରାଜନୈତିକ କର୍ମପ୍ରତି ଆକୃଷ୍ଟ ହେବେ କିନ୍ତୁ ବିଳାସ ବ୍ୟସନରେ ବାଧାପ୍ରାପ୍ତି ହୋଇପାରେ । କର୍ମ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ ନାହିଁ । କିନ୍ତୁ ଆପଣଙ୍କର ବିବେଚନା ଶକ୍ତି ଓ ଧୈର୍ଯ୍ୟ ବୃଦ୍ଧି ପାଇବ । ବଡ଼ ସ୍ଥିତପ୍ରଜ୍ଞ ହୋଇ ପଡ଼ିବେ, ଛାତ୍ରମାନେ ନ୍ୟାୟ ଶାସ୍ତ୍ରପ୍ରତି ଆକୃଷ୍ଟ ହେବେ । ନାରୀମାନଙ୍କଠାରେ ଆଧ୍ୟାତ୍ମିକତା ଓ ଈଶ୍ୱର ବିଶ୍ୱାସ ବୃଦ୍ଧି ପାଇବ ।

□

ରକ୍ତଚାପ ରୋଗର ମୂଳ ମସ୍ତିଷ୍କ

ପ୍ରତିବର୍ଷ ହଜାର ହଜାର ଲୋକ ଉଚ୍ଚ ରକ୍ତଚାପ ରୋଗରେ ଆକ୍ରାନ୍ତ ହେଉଥିଲେ ମଧ୍ୟ ଏହି ରୋଗର ମୂଳକାରଣ କଣ ଶତକଡ଼ା ୯୦ଭାଗ କ୍ଷେତ୍ରରେ ଜଣାଯାଉନାହିଁ । ପିଟ୍ସ୍ବର୍ଗ ବିଶ୍ୱବିଦ୍ୟାଳୟର ନ୍ୟୁରୋସର୍ଜନ ମାନେ ଏବେ ଏହିରୋଗର କାରଣ ଧାର୍ଯ୍ୟ କରିବାରେ ସକ୍ଷମ ହୋଇଛନ୍ତି । ସେମାନେ କହନ୍ତି ଯେ ମସ୍ତିଷ୍କର ବାମପଟେ ତଳୁ ଯାଇଥିବା ଏକ ଧମନୀରେ ଥିବା ଛୋଟ 'ଲୁପ' ଏ ରକ୍ତଚାପ ପାଇଁ ମୁଖ୍ୟତଃ ଦାୟୀ । ଏହାକୁ ଅସ୍ତ୍ରୋପଚାର ଜରିଆରେ ସଂଶୋଧନ କରିବାର ପ୍ରଣାଳୀ ମଧ୍ୟ ସେମାନେ ଆବିଷ୍କାର କରି ପାରିଛନ୍ତି ।

ମୁଣ୍ଡ ଓ ବେକର ବହୁ ଯନ୍ତ୍ରଣା ଦାୟକ ରୋଗ କ୍ରାନିଆଲ ନରଭସ୍‌ରୁ ସୃଷ୍ଟି ହୋଇଥାଏ । ଏହି କ୍ରାନିଆଲ ନର୍ଭ ହେଉଛି ଅସଲରେ ୧୨ ହଳ ବିଶିଷ୍ଟ ଯାହାକି ମସ୍ତିଷ୍କକୁ ଶରୀରର ଅନ୍ୟାନ୍ୟ ଅଂଶ ସହ ସଂଯୁକ୍ତକରେ । ମସ୍ତିଷ୍କର ବାମପଟ କାଣ୍ଡର ନବମ ବା ଦଶମ ନର୍ଭରେ କିଛିଦୋଷ ତ୍ରୁଟି ଦେଖାଗଲେ ଉଚ୍ଚ ରକ୍ତଚାପ ହୁଏବୋଲି ସାଇନସ୍ ଡାଇଜେଷ୍ଟରେ ପ୍ରକାଶ ପାଇଛି ।

ବୟସ ବଢ଼ିବା ସଙ୍ଗେସଙ୍ଗେ ଧମନୀର ସ୍ଥିତିସ୍ଥାପକତା ଦୁର୍ବଳ ହୋଇପଡ଼ି ଏହାକ୍ରମେ ଫୁଲିବାକୁ ଲାଗେ । ଏହି ବର୍ଦ୍ଧିତ ଅଂଶ ୯ମ ଓ ୧୦ମ କ୍ରାନିଆଲ୍ ନର୍ଭକୁ ଚିପିଯାଇ ପାରେ । ଏହାହିଁ ରକ୍ତଚାପ ସୃଷ୍ଟି କରିଥାଏ ବୋଲି ସେମାନଙ୍କର ମତ ।

ଅସ୍ତ୍ରୋପଚାର କରି ଏହି ବର୍ଦ୍ଧିତ ଅଂଶ ଓ ନର୍ଭ ବା ସ୍ନାୟୁ ତନ୍ତ୍ରକୁ ଅଲଗା କରି ଦେଲେ ଏହା ଭଲ ହୋଇଯିବ ।

□

Images: Aptakama Mishra, Processing: Srujanika

ତାସକନ୍ଦ ଫିଲ୍ମୋତ୍ସବ ପାଇଁ ୩୦ଟି ଭାରତୀୟ ଚଳଚ୍ଚିତ୍ର

ଚଳିତ ବର୍ଷ ମେ' ମାସରେ ତାସକନ୍ଦ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏସିଆ, ଆଫ୍ରିକା ଓ ଲାଟିନ ଓ ଆମେରିକାନ ଦେଶମାନଙ୍କର ୮ମ ଅନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ଭାରତର ପ୍ରାୟ ୩୦ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ପ୍ରତିଥର ଭଳି ଏଥର ମଧ୍ୟ ଭାରତ ଏକ ବିରାଟ ପ୍ରତିନିଧି ଦଳ ପଠାଇବ । ବିଶିଷ୍ଟ ସୋଭିଏତ ଚଳଚ୍ଚିତ୍ର ସମାଲୋଚକ ଏବଂ "ସୋଭିଏତ ସ୍କ୍ରିନ" ପତ୍ରିକାର ସଂପାଦକ ଲ. ଓର୍ଲୋଭ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହିକଥା କହିଛନ୍ତି ।

ଡ. ଓର୍ଲୋଭଙ୍କ ସହିତ ଜଣେ ସୋଭିଏତ ଚଳଚ୍ଚିତ୍ର ପ୍ରଯୋଜକ ଇ. ଇଶମୁଖାମେଦୋଭ ମଧ୍ୟ ଆସିଛନ୍ତି । ସେମାନେ ତାସକନ୍ଦ ଚଳଚ୍ଚିତ୍ର ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ଚଳଚିତ୍ର ଶିଳ୍ପ ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ କରିବାକୁ ବମ୍ବେ ଓ ମାନ୍ଦ୍ରାଜ ଯାଇଥିଲେ । ସେମାନେ ବହୁ ବିଶିଷ୍ଟ ପ୍ରଯୋଜକ, ନିର୍ଦ୍ଦେଶକ, ପରିବେଷକ ଓ ଶିଳ୍ପୀଙ୍କ ସମେତ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରଣାଳୟର ଉପମନ୍ତ୍ରୀ ଗୁଲାମ ନବି ଆଜାଦଙ୍କ ସହିତ ଏବଂ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରଣାଳୟର ଚଳଚ୍ଚିତ୍ର ଉତ୍ସବ ନିର୍ଦ୍ଦେଶାଳୟର କର୍ମକର୍ତ୍ତାମାନଙ୍କ ସହିତ ମଧ୍ୟ ସାକ୍ଷାତ କରିଥିଲେ ।

ଭାରତୀୟ ସିନେମା ଜଗତରେ ନୂତନ ପ୍ରବଣତା ସମ୍ପର୍କରେ ଦର୍ଶାଇବାକୁ ଯାଇ ଡ଼ ଓର୍ଲୋଭ ଉଲ୍ଲେଖ କରିଥିଲେ ଯେ ସୋଭିଏତ ଚଳଚ୍ଚିତ୍ର ଦର୍ଶକମାନେ ଭାରତୀୟ ଚଳଚ୍ଚିତ୍ର ସଂପର୍କରେ ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ ଟେଲିଭିଜନରେ ପ୍ରଦର୍ଶିତ ହେଉଥିବା ଭାରତୀୟ ଚଳଚିତ୍ର କାର୍ଯ୍ୟକ୍ରମକୁ ବ୍ୟାପକ ସ୍ତରରେ ସ୍ୱାଗତ ଜଣାଉଛନ୍ତି । ସେ କହିଲେ, ଟେଲିଭିଜନରେ ଶଶିକାପୁର, ସାବନା ଆଜମୀ ଓ ରେଖାଙ୍କ ସହିତ ତାଙ୍କର ସାକ୍ଷାତ-କାର ସୋଭିଏତ ୟୁନିଅନରେ ଖୁବ୍ ଜନପ୍ରିୟ ହୋଇଛି ।

ବମ୍ବେ ଓ ମାନ୍ଦ୍ରାଜରେ ଅବସ୍ଥାନ କାଳରେ ପ୍ରତିନିଧି ଦଳ ଅନେକ ଗୁଡ଼ିଏ ନୂଆ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇଥିଲେ । ସେଗୁଡ଼ିକ ମଧ୍ୟରେ ଦେବାନନ୍ଦଙ୍କ ନିର୍ଦ୍ଦେଶିତ "ଆନନ୍ଦ ଔର ଆନନ୍ଦ" ଗୋବିନ୍ଦ ନିହାଲନିଙ୍କର ନିର୍ଦ୍ଦେଶିତ "ଅର୍ଦ୍ଧ ସତ୍ୟ", କୁମାର ସାହାନିଙ୍କ ନିର୍ଦ୍ଦେଶିତ "ତରଙ୍ଗ" ଏବଂ ଜବରା ପଟେଲଙ୍କ ନିର୍ଦ୍ଦେଶିତ "ସୁବାହ" ସୋଭିଏତ ପ୍ରତିନିଧି ଦଳଙ୍କୁ ମୁଗ୍ଧ କରିଥିଲା । ତାସକନ୍ଦ ଫିଲ୍ମୋତ୍ସବକୁ ରାଜକାପୁର, ଶଶିକାପୁର, ଦେବାନନ୍ଦ, ଅମିତାଭ ବଚନ, ସବନା ଆଜମୀ, ସ୍ମିତାପଟେଲ ଓ ରେଖାଙ୍କ ସମେତ ଭାରତର ବହୁ ଚଳଚ୍ଚିତ୍ର ଶିଳ୍ପୀଙ୍କୁ ଆମନ୍ତ୍ରଣ କରାଯାଇଛି । ଚଳଚ୍ଚିତ୍ର ଉତ୍ସବର ନିର୍ଦ୍ଦେଶାଳୟଙ୍କ ଦ୍ୱାରା ଚୂଡ଼ାନ୍ତ ନାମ ତାଲିକା ସ୍ଥିର କରାଯିବ ବୋଲି ଡ଼. ଓର୍ଲୋଭ କହିଥିଲେ ।

ସେ କହିଲେ, ଏହି ଫିଲ୍ମୋତ୍ସବରେ ତିନୋଟି ମହାଦେଶର ୧୦୦ରୁ ଅଧିକ ଦେଶ ଭାଗ ନେବେ ଏବଂ ଏପର୍ଯ୍ୟନ୍ତ ୮୦ଟି ଦେଶ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇସାରିଲେଣି । ଏଥର ଏହି ଚଳଚ୍ଚିତ୍ର ଉତ୍ସବଟି ଉଜବେକ ପ୍ରଜାତନ୍ତ୍ର ଗଠନର ୬୦ ତମ ବାର୍ଷିକୀ ସହିତ ଏକକାଳୀନ ଅନୁଷ୍ଠିତ ହେବାକୁ ଯାଉଛି । ତାହାଛଡ଼ା ୟୁନେସ୍କୋର ସିଦ୍ଧାନ୍ତ ଅନୁଯାୟୀ ତାସକନ୍ଦ ନଗରୀର ୨୦୦୦ତମ ବାର୍ଷିକୀ ମଧ୍ୟ ଏହା ସହିତ ପାଳିତ ହେବ । □

(୩୦ ପୃଷ୍ଠାର ଅବଶିଷ୍ଟାଂଶ)

ତେଇଶି ବର୍ଷରୁ କମ୍ ବୟସ୍କ ସାଇ-ପୋଲୋ ଦଳର ଖେଳ ଦେଖିସାରିବା ପରେ ଏ କ୍ଷେତ୍ରରେ ଭାରତର ଖେଳାଳି ମାନଙ୍କୁ ଯେ କେତେଦୂର ଯିବାକୁ ବାକିଅଛି ତାହା ନିଃ-ସନ୍ଦେହରେ କୁହାଯାଇ ପାରେ । ଏହି ପଥ ଅତିକ୍ରାନ୍ତ କରିବାକୁ ଭାରତୀୟ ଖେଳାଳି ମାନଙ୍କ ଏକ ନିଷ୍ଠା ତଥା ଉତ୍ସର୍ଗୀକୃତ ମନୋଭାବ ଆବଶ୍ୟକ । ଏହି ମନୋଭାବ ସୃଷ୍ଟି କରି ଖେଳରେ ପାରଙ୍ଗମ କରିବା ନିମନ୍ତେ ତାଲିମ ଶିବିର ଗୁଡ଼ିକର ଆବଶ୍ୟକତା ଅନିବାର୍ଯ୍ୟ ।

ଅଲଇଣ୍ଡିଆ ଫୁଟବଲ ଫେଡେରେସନ୍ ଅବଶ୍ୟ ଗୋଟିଏ ଟିମ୍‌କୁ ଜାପାନରେ ଅନୁଷ୍ଠିତ ହୋଇଥିବା କିରିନ୍ କପ୍ ମ୍ୟାଚରେ ଅଂଶ ଗ୍ରହଣ କରିବାକୁ ପଠାଇବ ବୋଲି ସ୍ଥିର କରିଛି । ଏହି ମ୍ୟାଚ ମେ ମାସରେ ଅନୁଷ୍ଠିତ ହେବ । ସେହିଭଳି ଦକ୍ଷିଣ କୋରିଆର ସେଓଲ ଠାରେ ଜୁନ୍ ମାସରେ ଅନୁଷ୍ଠିତ ହେଉଥିବା ଅନ୍ୟ ଏକ ମ୍ୟାଚକୁ ମଧ୍ୟ ଗୋଟିଏ ଟିମ୍ ଯିବ । ଏହି ଦୁଇମାସ ଭିତରେ ଯଦି ଉପଯୁକ୍ତ ଆୟୋ-ଜନ କରାଯାଏ ଏବଂ ଯୁଗୋସ୍ଲୋଭିଆର କୋଚ ଶ୍ରୀ ସିରକ୍‌ଙ୍କୁ ପୁଣି ଭାରତୀୟ ଖେଳାଳି ମାନଙ୍କୁ ତାଲିମ ଦେବା ପାଇଁ ଡକାଯାଏ ତେବେ ଭାରତୀୟ ଦଳ ଉକ୍ତ ଉଭୟ ମ୍ୟାଚରେ ଆଶାନୁ-ରୂପ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିପାରିବେ । ଅନ୍ୟଥା କେବଳ ମ୍ୟାଚରେ ଅଂଶ ଗ୍ରହଣ କରିବା ହିଁ ସାରହେବ ।

୧୯୭୦ ମସିହାରେ ଭାରତ ଏସିଆନ୍ ଫୁଟବଲ ମ୍ୟାଚରେ ବ୍ରୋଞ୍ଜ ପଦକ ଲାଭ କରିବା ପରଠାରୁ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ବଡ଼ ଧରଣର ଆନ୍ତର୍ଜାତିକ ମ୍ୟାଚରେ ଭାରତ ସଫଳତା ହାସଲ କରିପାରି ନାହିଁ । ଅବଶ୍ୟ ୧୯୭୭ ମସିହାରେ ଏସିଆନ୍ ୟୁଥ୍ ଚମ୍ପିଆନ୍ ସିପ୍ ମ୍ୟାଚରେ ଭାରତ ଇରାନ୍ ସହ ମିଳିତ ଭାବେ ବିଜୟ ହାସଲ କରିଥିଲା । ଏହି ୧୦ ବର୍ଷର ପରିସଂଖ୍ୟାନକୁ ହିସାବ କଲେ ଏସୀୟ ଫୁଟବଲ କ୍ଷେତ୍ରରେ ଭାରତର ସ୍ଥାନ ଅତି ନଗଣ୍ୟ ବୋଲି ଜଣାଯିବ ।

ଏ ପରିପ୍ରେକ୍ଷୀରେ ଦୀର୍ଘକାଳିନ ତାଲିମ ଶିବିର ମାନ ସଙ୍ଗଠିତ କଲେ ଜୁନିୟର ଖେଳାଳୀ ମାନେ ସିନିୟର ଖେଳାଳି ମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ଅବକାଶରେ ସେମାନଙ୍କ-ଠାରୁ ଆବଶ୍ୟକୀୟ କ୍ରୀଡ଼ା କୌଶଳ ଜାଣି-ପାରିବେ ଏବଂ ଅବଶେଷରେ ଏହା ସେମାନଙ୍କୁ ସାହାଯ୍ୟ କରିବ । କାଠମାଣ୍ଡୁ ଠାରେ ହୋଇ-ଥିବା ଏସୀୟ ଯୁବ ଟୁର୍ଣ୍ଣାମେଣ୍ଟ ଫୁଟବଲ ଖେଳରେ ଯୋଗ ଦେଇଥିବା ଇରାକ ଟିମ୍ ସେମାନଙ୍କ ସିନିୟର ମାନଙ୍କ ବିରୁଦ୍ଧରେ ପ୍ରାୟ ବର୍ଷେକାଳ ଖେଳି ଅଭ୍ୟାସ କରିଥିଲେ । ଏହାର ଫଳାଫଳ ଅତି ଆନନ୍ଦଦାୟକ ହୋଇଥିଲା ଏବଂ ଇରାକ ବିଜୟ ଲାଭ କରିଥିଲା । ତେବେ ଆମେ ସେ ପଦ୍ଧତି କାହିଁକି ଅନୁସରଣ ନ କରିବା ?

Images: Aptakama Mishra, Processing: Srujanika

ପବିତ୍ର ଗଙ୍ଗା ଜଳର ଅଦ୍ଭୁତ ଶକ୍ତି ଏକ—ବୈଜ୍ଞାନିକ ନିରୂପଣ

ଅତି ପ୍ରାଚୀନ କାଳରୁ ଗଙ୍ଗା ଓ ଯମୁନା ନଦୀର ଜଳକୁ ହିନ୍ଦୁମାନେ ଅତି ପବିତ୍ର ଜଳ ହିସାବରେ ଗ୍ରହଣ କରି ଆସିଛନ୍ତି । ଏଭଳି ମନୋଭାବ ପଛରେ ଧର୍ମଗତ ମତାନ୍ଧତା ପରିବର୍ତ୍ତେ ବୈଜ୍ଞାନିକ କାରଣ ପ୍ରଚ୍ଛନ୍ନ ଭାବେ ନିହିତ ଅଛି ସାଂପ୍ରତିକ ବୈଜ୍ଞାନିକ ଗବେଷଣାରୁ ପ୍ରମାଣିତ ହୋଇଛି ।

ରୁର୍କୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଅନୁଧ୍ୟାନର ବିବରଣୀ ଅନୁଯାୟୀ ଏହି ଉଭୟ ନଦୀ ନିଜ ଜଳକୁ ପରିଷ୍କାର ଓ ଜୀବାଣୁମୁକ୍ତ କରିବାର ଅସାଧାରଣ କ୍ଷମତା ଧାରଣ କରିଛନ୍ତି ।

ଭାରତର ଅନ୍ୟାନ୍ୟ ନଦୀମାନଙ୍କୁ ଅପରିଷ୍କାର ଜୈବିକ ପଦାର୍ଥ ଫୋପାଡ଼ିଲେ ପ୍ରାକୃତିକ ଉପାୟରେ ତାହା ପରିଷ୍କୃତ ହେବା ପାଇଁ ଯେତିକି ସମୟ ଲାଗେ ଗଙ୍ଗା ଓ ଯମୁନା ନଦୀ ଜଳରେ ୨୫ ଗୁଣ ଅଧିକ କ୍ଷିପ୍ରତାରେ ସାଧିତ ହୁଏ ବୋଲି ସିଭିଲ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟର ବୈଜ୍ଞାନିକ ଡକ୍ଟର ଡି. ଏମ୍. ଭାର୍ଗବଙ୍କ ଗବେଷଣାରୁ ଜଣାପଡ଼ିଛି ।

ଡେରାଡ଼ୁନ୍‌ରୁ ବାରାଣସୀ ପର୍ଯ୍ୟନ୍ତ ପ୍ରାୟ ଏକ ହଜାର କିଲୋମିଟର ବ୍ୟାପି ଦୀର୍ଘ ସ୍ଥାନର ବିଭିନ୍ନ ପ୍ରାନ୍ତରୁ ଏ ଦୁଇ ନଦୀର ଜଳ ନେଇ ତାହାର କ୍ୱାଲିଟି ସମ୍ପର୍କରେ ପାରିପାର୍ଶ୍ୱିକ ବୈଜ୍ଞାନିକମାନେ ଗବେଷଣା କରିଥିଲେ । ସେମାନଙ୍କ ଗବେଷଣାରୁ ଜଣାଗଲା ଯେ ଏହି ଏହି ନଦୀ ଦୁଇଟି ଗର୍ଭକୁ ଯେତେ ଅପରିଷ୍କୃତ ଜୈବିକ ପଦାର୍ଥ ନିଷ୍କାସିତ ହେଉଛି ତାର ଶତକଡ଼ା ଷାଠିଏ ଭାଗ ଅଂଶ ଅଧଘଣ୍ଟାକରୁ ଘଣ୍ଟାକ ଭିତରେ ନଦୀ ଜଳରେ ଲୀନ ହୋଇଯାଉଛି । ଏହା ସ୍ୱାଭାବିକ ପ୍ରକ୍ରିୟାରେ ସମ୍ଭବ ନୁହେଁ । ଆବର୍ଜନାରେ ଥିବା ସମସ୍ତ ଜୀବାଣୁ ନଷ୍ଟ ହୋଇଯିବା ପରେ ଏହି ପାଣିର ବିଶୁଦ୍ଧତାରେ କୌଣସି ଆଞ୍ଚ ଆସୁନାହିଁ । ସେ ତାଙ୍କର ଏହି ତଥ୍ୟ ଏନ୍‌ଭାୟୋର୍ଣ୍ଣମେଣ୍ଟାଲ ଇଞ୍ଜିନିୟରିଂ ଜର୍ଣ୍ଣାଲରେ ପ୍ରକାଶ କରିଛନ୍ତି ।

ଗଙ୍ଗା ଓ ଯମୁନା ନଦୀର ଜଳର ଗୁଣାତ୍ମକ ମାନ ଖରାଦିନ ଓ ଶୀତଦିନରେ ନଦୀର ଉପରମୁଣ୍ଡ ଓ ତଳମୁଣ୍ଡରେ ପରୀକ୍ଷା କରାଯାଇଥିଲା । ଏପରିକି କାନ୍‌ପୁର ଓ ବାରାଣସି ଭଳି ଶିଳ୍ପ ବହୁଳ ସ୍ଥାନମାନଙ୍କରୁ ଗଙ୍ଗାଜଳ ଓ ଦିଲ୍ଲୀରୁ ଯମୁନାଜଳ ପରୀକ୍ଷା କରାଯାଇ ଏହା ଶୁଦ୍ଧ ଥିବା ଜଣାଗଲା । ଜଳରେ ଯେତିକି ପରିମାଣରେ ଅମ୍ଳଜାନ ଦ୍ରବୀଭୂତ ହୋଇ ରହିଥାଏ ସେଥିରୁ ଜଳର ଶୁଦ୍ଧତା ଜଣାଯାଏ । ଅଶୁଦ୍ଧ ପାଣିରେ ଏହି ଅମ୍ଳଜାନର ପରିମାଣ କମ୍ ଥାଏ । କିନ୍ତୁ ଗଙ୍ଗା ଓ ଯମୁନା ନଦୀର ଜଳ ଅପରିଷ୍କୃତ ହେଲେ ମଧ୍ୟ ଏଥିରେ ଅମ୍ଳଜାନର ଭାରସାମ୍ୟ ସହସା ପୂର୍ବାବସ୍ଥାକୁ ଫେରିଆସେ ।

ଏହି ଅନୁଧ୍ୟାନରୁ ଆହୁରି ମଧ୍ୟ ଜଣାଯାଏ କି ନଦୀଜଳରେ ନର୍ଦ୍ଦମା ପାଣି ପଡ଼ିଲେ ଅପରିଷ୍କୃତ ପାଣିରେ ଥିବା ଜୈବିକ ପଦାର୍ଥମାନ ହଠାତ୍ ମୁଣ୍ଡାହୋଇ ଅଲଗା ହୋଇଯାଏ । ଫଳରେ ଅମ୍ଳଜାନର ଭାରସାମ୍ୟ ପୂର୍ବାବସ୍ଥାକୁ ଫେରିଆସେ । ଏହି ପ୍ରକ୍ରିୟାପାଇଁ ସାଧାରଣତଃ ଖୁବ୍ ଅଧିକ ସମୟ ଲାଗୁଥିବାରୁ ଆବର୍ଜନା ପଡ଼ୁଥିବା ଗଙ୍ଗା ଓ ଯମୁନା ନଦୀର ଜଳ ଦୋଷମୁକ୍ତ ନୁହେଁ ବୋଲି ପୂର୍ବରୁ ଥିବା ଧାରଣା ଏବେ ଭୁଲ ପ୍ରମାଣିତ ହୋଇଛି ।

(ପି. ଟି. ଆଇ. ସାଇନ୍‌ସ ସର୍ଭିସ) □

ଜାତୀୟ ସ୍ତରରେ ତାଲିମ ଶିବିର ଅନୁଷ୍ଠିତ ହେଲେ ଏହା ଖେଳାଳୀଙ୍କ ମନବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଦେଶସହ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟ ନିମନ୍ତେ ଦରକାର ପଡ଼ିଲେ ହଠାତ୍ ଦଳେ ଖେଳାଳୀଙ୍କୁ ବାଛିନେଇ ହେବ । ନହେଲେ ଏ ସାମାନ୍ୟ କାର୍ଯ୍ୟ ପାଇଁ ମଧ୍ୟ ପୁଣି କ୍ୟାମ୍ପକରି ଖେଳାଳୀ ବାଛିବାକୁ ହେବ ।

ଜାତୀୟ ତାଲିମ ଶିବିର ଅନୁଷ୍ଠିତ ନ ହୋଇଥିବାରୁ ପ୍ରଶାନ୍ତ, ମନୋରଞ୍ଜନ, ଆଲୋକ, ସବିର ଭଳି ଖେଳାଳୀ ମାନେ ନିଜ ନିଜ କ୍ଲବକୁ କଲିକତା ଲିଗ୍‌ରେ ଜିତେଇବାକୁ ଉଦ୍ୟମ କରୁଛନ୍ତି ଏବଂ ପରମିନ୍ଦର, ନସିନ୍ଦର ଓ ଅନ୍ୟମାନେ ନିଜ ନିଜ କ୍ଲବକୁ ହାର୍ଡଉଡ଼ ଲିଗ୍ ବା ଡୁରାଣ୍ଡ କପରେ ଜିତେଇବାକୁ ଚେଷ୍ଟା କରୁଛନ୍ତି । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ କାମ କରିବାକୁ ସେମାନଙ୍କର ଅବକାଶ ନାହିଁ ।

ଗତବର୍ଷ ଆମର ଜାତୀୟଦଳ ସୋଭିଏତ୍ ରୁଷ୍‌କୁ ଯାଇଥିଲା ବେଳେ ଢାକାରେ ଗୋଲ୍ଡକପରେ ଅଂଶ ଗ୍ରହଣ କରିବାକୁ ଫେଡେରେସନ ଅନ୍ୟ ଏକ ଟିମ ମନୋନୟନ କରିଥିଲେ । ଢାକାରେ ଏହିଦଳ ଖୁବ୍ ଭଲ ଖେଳିଥିଲେ ଏବଂ ଏହାର ଭଲ ପ୍ରଭାବ ମଧ୍ୟ ପଡ଼ିଥିଲା । ଖେଳାଳୀ ମାନଙ୍କୁ ପ୍ରସ୍ତୁତ କରିଥିଲେ ଦୈବାତ୍ କୌଣସି ଜାତୀୟ ଖେଳାଳୀଙ୍କ ଶରୀର ଅସୁସ୍ଥ ହେଲେ ତାଙ୍କ ବଦଳରେ ଅନ୍ୟଜଣଙ୍କୁ ସହସା ପଠାଇହେବ। ସାଉଥ୍ ଆରବୀୟ ଓ ଭାରତ ମଧ୍ୟରେ ହୋଇଥିବା ପ୍ରି ଅଲିମ୍ପିକ ମ୍ୟାଚ୍‌ରେ ମନୋରଞ୍ଜନ ଭଟ୍ଟାଚାର୍ଯ୍ୟ, ଅଲୋକ ମୁଖାର୍ଜି, ଓ ସୁଦୀପ ଚାଟାର୍ଜୀ ଏକାବେଳକେ ଅସୁସ୍ଥ ହୋଇ ପଡ଼ିବାରୁ ପୂର୍ବରୁ ଆନ୍ତର୍ଜାତିକ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିନଥିବା ତିନିଜଣ ଖେଳାଳୀଙ୍କୁ ସେମାନଙ୍କ ସ୍ଥାନରେ ପଠାଇବାରୁ ଭାରତ ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

ଏଭଳି ସବୁ ଆକସ୍ମିକ ପରିସ୍ଥିତିର ସମ୍ମୁଖୀନ ହେବାକୁ ଫେଡ଼େରେସନ ଜାତୀୟ ତାଲିମ ଶିବିରରେ ଆୟୋଜନ କରିବା ସଙ୍ଗେ ସଙ୍ଗେ ଜାତୀୟ ସ୍ତରରେ ଏବଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଫୁଟବଲ୍ ଲିଗମାନ ଆୟୋଜନ କରିବା ଉଚିତ୍ ।

□

Images: Aptakama Mishra, Processing: Srujanika

(୧୭ ପୃଷ୍ଠାର ଅବଶିଷ୍ଟାଂଶ)

ଲାଗିଲା ଏବଂ ବାଟରେ ତିନିଥର ଗାଡ଼ି ବଦଳ କରିବାକୁ ପଡ଼ିଲା । ଦିଲ୍ଲୀ ବିଷୟରେ ଅବଶ୍ୟ ତାର କିଛି ବିଶେଷ ଧାରଣା ନଥିଲା । ମାତ୍ର ସ୍କୁଲ ବହିରୁ ଯାହାକିଛି ଜାଣିଥିଲା ।

ଅବଶେଷରେ ଦିଲ୍ଲୀରେ ପହଞ୍ଚିବା ପରେ ଷ୍ଟେସନ୍‌ରେ ପାଗ୍ରେଟି ନେବାକୁ କାହାକୁ ହେଲେ ଦେଖିଲା ନାହିଁ ଯଦିଓ ଶ୍ରୀ ଗୁପ୍ତଙ୍କୁ ଆଗରୁ ସେ ଏ ବିଷୟରେ ଖବର ଦେଇଥିଲା । ଷ୍ଟେସନ୍‌ରେ ଥିବା ଏକ ଅଟୋରିକ୍‌ସା ଡ୍ରାଇଭର ଦୟା ପରବଶ ହୋଇ ଟଙ୍କାକ ଗ୍ରାହାକୁ ୫ ଟଙ୍କା ନେଇ ଶ୍ରୀ ଗୁପ୍ତଙ୍କ ଘରେ ଦାଦୁକୁ ପହଞ୍ଚାଇ ଦେଲା । ଦାଦୁ ପାଖରେ ନିଜ ଗାଁକୁ ଫେରିବା ପାଇଁ ଆବଶ୍ୟକ ଗାଡ଼ିଭଡ଼ା ଛଡ଼ା ଅଧିକ କିଛି ନାହିଁ । କୋଣ୍ଡାଙ୍କ ଗୁପ୍ତ ତାଙ୍କର ବାରବଖରିଆ କୁଡ଼ିଆରେ ଦାଦୁଙ୍କୁ ସ୍ୱାଗତ କଲେ ଓ ଗ୍ଲାସେ କପେ ଦେଇ ଆପ୍ୟାୟିତ କଲା ପରେ ଦୁଇ ତିନୋଟି ଫାଇଭ୍‌ଷ୍ଟାର ହୋଟେଲ ଠିକଣା ବତାଇଦେଲେ ଯେଉଁଠି ଦାଦୁ ଆରାମରେ ରହିପାରିବ । ଦାଦୁ ସେହିଦିନ ଆଲୋଚନା ସାରି ଫେରିଯିବ ବୋଲି କହିବାରୁ ଶ୍ରୀ ଗୁପ୍ତ ସେଥିରେ ରାଜି ହୋଇଗଲେ ।

ଆଲୋଚନା ଆରମ୍ଭ କରି ଶ୍ରୀ ଗୁପ୍ତ କହିଲେ ସେହି ମ୍ୟାଚକୁ ପ୍ରାୟ ଦଶ ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ଏବଂ ଅଫିସିଆଲ ଯିବେ । ତେଣୁ ଗ୍ରାମର ସର୍ବୋତ୍କୃଷ୍ଟ ହୋଟେଲରେ ସେମାନଙ୍କ ରହିବା ବ୍ୟବସ୍ଥା ହେବ । ଯଦି ଭଲ ହୋଟେଲ ନଥାଏ ତେବେ ମ୍ୟାଚ ପୂର୍ବରୁ ହୋଟେଲ ତିଆରି କରିଦେଲେ ଚଳିବ । ତା'ଠୁ କମ ଦାମିକିଆ ହୋଟେଲରେ ସାଧାରଣ ପରିଷଦ ବୈଠକ ଡକାଯିବ । କୋଚ, ଅମ୍ପାୟାର, ରେଫରି ଓ କଳ ମାନଙ୍କ ପାଇଁ ସନ୍ତୋଷ ଜନକ ଆୟୋଜନ କରିବାକୁ ପଡ଼ିବ । ଏ ସମସ୍ତ ଖର୍ଚ୍ଚ ଆୟୋଜକ ଅର୍ଥାତ ଗ୍ରାମବାସୀ ମାନେ ବହନ କରିବେ ।

ହଠାତ ଖେଳାଳୀ ମାନଙ୍କ କଥା ମନେ ପଡ଼ିଯିବାରୁ ଦାଦୁ ସେମାନଙ୍କ କଥା ପଚାରିଦେଲେ । ମହା ସଚିବ ଗୁପ୍ତ କହିଲେ ଖେଳାଳୀ ମାନଙ୍କ କଥା ସେପରି କିଛି ଗୁରୁତ୍ୱପୂର୍ଣ୍ଣ ନହେଁ । ସେମାନଙ୍କୁ ଯେଉଁଠି ରଖିଦେଲେ ବି ଚଳିବ । ଏପରିକି ଗୁହାଳରେ ମଧ୍ୟ ।

କ୍ରୀଡ଼ାର ସଙ୍ଗଠନ ତନ୍ତ୍ର ସମ୍ପର୍କରେ ଦାଦୁକୁ ଶ୍ରୀ ଗୁପ୍ତ କହିଲେଯେ ଫେଡେରେସନ୍‌ର ସମସ୍ତ କର୍ମକର୍ତ୍ତା ଆଞ୍ଚଳିକ ସଙ୍ଗଠନ ମାନଙ୍କ ସହିତ ସଙ୍ଗଠନ କମିଟିର ସଭ୍ୟ ହେବେ ଏବଂ ସେ ନିଜେ ଏହାର ଚେୟାରମ୍ୟାନ ଓ ଦାଦୁ ସଙ୍ଗଠନ ସଂପାଦକ ରହିବ ।

ଏହାଛଡ଼ା ଗୁଡ଼ିଏ ସବ୍ କମିଟି ଗଠିତ ହେବ ଯାହାର ମୁଖ୍ୟ ରୂପେ ଗ୍ରାମର ବିତ୍ତଶାଳୀ ଓ ପ୍ରଭାବଶାଳୀ ଲୋକମାନେ ରହିବେ । କାରଣ ସେମାନଙ୍କୁ ରଖା ନଗଲେ ଚାନ୍ଦା କିମ୍ବା ବିଜ୍ଞାପନ ଆଦାୟ ହୋଇ ପାରିବ ନାହିଁ । ଅବଶ୍ୟ ଏସବୁ କମିଟି ସତ୍ତ୍ୱେ କେବଳ ଜଣେ ଲୋକର ଇଙ୍ଗିତରେ ସବୁ ପରିଚାଳିତ ହେବ ବୋଲି ଶ୍ରୀ ଗୁପ୍ତ ଦାଦୁଙ୍କୁ ଭଲଭାବେ ବୁଝାଇ ଦେଲେ । ଦାଦୁ ନିଜର ଦକ୍ଷତା ବିଷୟରେ ଗୁପ୍ତଙ୍କୁ ବୁଝାଇବା କ୍ରମେ ବିଭିନ୍ନ କମିଟି ତଥା ପ୍ରତିନିଧି, କର୍ମକର୍ତ୍ତା ଓ ଅନ୍ୟମାନେ କଏ କେଉଁଠାନରେ ରହିବେ ତାହା ଚୂଡ଼ାନ୍ତ ହେଲା ।

ଖେଳାଳୀମାନେ ମ୍ୟାଚ ହେବାକୁ ଥିବା ପଡ଼ିଆରେ ରହିବେ ବୋଲି ନିଷ୍ପତ୍ତି ହେଲା । କାରଣ ଦିନବେଳା ସେମାନେ ଖେଳିବେ ଓ ରାତିରେ ଖରାଦିନ ହୋଇଥିବାରୁ ଖେଳ ପଡ଼ିଆରେ ଶୋଇବା ଅଧିକ ଆରାମ ଦାୟକ ହେବ ।

ଏ ମ୍ୟାଚରୁ ଯେଉଁ ଲାଭ ହେବ ତାହାର ଏକ ବଡ଼ ଭାଗ ଫେଡେରେସନ୍‌କୁ ଦେବାକୁ ହେବ । ଏକ ଜାତୀୟ ମ୍ୟାଚ ଆୟୋଜନ କରିବାର ଗୌରବ ଲାଭ କରିବା ପାଇଁ ଆୟୋଜକ ମାନଙ୍କୁ ଅତି କମ୍‌ରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଅବଶ୍ୟ ଶ୍ରୀ ଗୁପ୍ତ ସରକାରଙ୍କ ଠାରୁ ଅଳ୍ପକିଛି ସାହାଯ୍ୟ ଆଣିବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଫେଡେରେସନ୍ ଗତ ଦଶ ବର୍ଷ ହେବ ସରକାରଙ୍କୁ ନିଜ ଆୟ ବ୍ୟୟର କୌଣସି ହିସାବ ଦେଇନାହିଁ ।

ଦାଦୁ, ଗୁପ୍ତଙ୍କ ସହ କଥାବାର୍ତ୍ତା ସାରି ସନ୍ଧ୍ୟା ବେଳକୁ ଖାଲି ପେଟରେ ଫେରିଲା । ଆଜି କପେ ଚା ମାତ୍ର ମିଳିଥିଲା । ସକାଳୁ ସନ୍ଧ୍ୟା ଭିତରେ ଗୁପ୍ତ ଦାଦୁକୁ ବସାଇ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ । ଗାଁକୁ ଫେରିବା ପରେ ଦାଦୁ ହାଲିଆ ହୋଇ ଆଗ ଦିନେ ଶୋଇଗଲେ ।

ତା ପରଦିନ ଗ୍ରାମସଭା ଡକାଇ ଯାହା ସବୁ ଆଲୋଚନା ହେଲା ତାହାର ବିବରଣୀ ଜଣାଇ ଦେଲା । ଖେଳରେ ଏତେଟଙ୍କା ଖର୍ଚ୍ଚ ନକରି ସେହିଟଙ୍କାକୁ ଅନ୍ୟକୌଣସି ଉନ୍ନୟନ କାମରେ ଲଗାଇ ୫୦ ହଜାର ଟଙ୍କା ଭିତରେ ଖେଳଖର୍ଚ୍ଚ ସାରିବାକୁ ଗା ମୁଖିଆମାନେ ପରାମର୍ଶ ଦେଲେ ଏବଂ ସେମାନଙ୍କ ଭିତରୁ ଜଣେ ଟଙ୍କା ଦାୟିତ୍ୱରେ ରହିବାକୁ ସ୍ଥିରହେଲା । ଏହି ନିଷ୍ପତ୍ତି କୋଣ୍ଡାଙ୍କ ଗୁପ୍ତଙ୍କୁ ଜଣାଇବା ପରେ ସେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଗ୍ରାମବାସୀ ମାନେ ଫେଡେରେସନ ବିରୁଦ୍ଧରେ ବିଦ୍ରୋହ କରୁଛନ୍ତି ବୋଲି ଅଭିହିତ କଲେ । ସ୍ୱଳ୍ପଦିନ ଭିତରେ ଗ୍ରାମବାସୀମାନେ ତାଙ୍କ ନିଷ୍ପତ୍ତି ନ ଜଣାଇଲେ ଓ୍ୱାଧୁର ତା ନାଁବଦଳରେ କୌଣସି ଜାତୀୟ ମ୍ୟାଚ କରିପାରିବ ନାହିଁ ବୋଲି ମଧ୍ୟ ଧମକ ଦେଲେ ।

ଗ୍ରାମବାସୀମାନେ ଏ କଡ଼ା ଚଠି ପାଇ ଶଙ୍କିଗଲେ । ଉଚିତର କ୍ଷେତ୍ରରେ କେବଳ ସ୍ୱୀକୃତି ପାଇବା ଉଦ୍ଦେଶ୍ୟରେ ଶେଷରେ ଏହି ମ୍ୟାଚ କରାଇବାକୁ ସେମାନେ ସ୍ଥିରକଲେ ।

ମ୍ୟାଚ୍ ଆରମ୍ଭ ହେବାର ଏକସପ୍ତାହ ଆଗରୁ ଶ୍ରୀଗୁପ୍ତ ନିଜେ ଘଟଣା ସ୍ଥଳରେ ପହଞ୍ଚି ପ୍ରତ୍ୟକ୍ଷ ଦାୟିତ୍ୱ ନେଲେ । ତାଙ୍କର ପ୍ରଥମ କାମହେଲା ଗ୍ରାମବାସୀମାନେ ସଂଗ୍ରହ କରିଥିବା ୫ଲକ୍ଷ ଟଙ୍କା ନିଜ ହାତକୁ ନେବା । ତାଙ୍କପାଇଁ ସଂରକ୍ଷିତ ହୋଟେଲ ସୁଟ ଶୀତତାପ ନିୟନ୍ତ୍ରିତ ହୋଇ ନଥିବାରୁ ଅବଶ୍ୟ ସେ ପ୍ରଥମେ ବିଗିଡ଼ି ଗଲେ । କିନ୍ତୁ ଗ୍ରାମବାସୀ ମାନେ ତ ଶୀତତାପ ନିୟନ୍ତ୍ରଣ କଣ ଜାଣନ୍ତି ନାହିଁ ।

କ୍ରମଶଃ କର୍ମକର୍ତ୍ତା ବୃନ୍ଦ, ଖେଳାଳୀ ଦଳ ପ୍ରତିନିଧିମାନେ ଆସି ପହଞ୍ଚିଲେ । କେତେକ ସାମ୍ବାଦିକ ମଧ୍ୟ ଆସିଲେ । କେତେକ ସମ୍ବାଦିକ ଗୁପ୍ତଙ୍କର ବନ୍ଧୁ ଏବଂ ସେମାନଙ୍କୁ ଖୁବ୍ ଆପ୍ୟାୟିତ କରାଗଲା । ଅନ୍ୟ କେତେକ ଗାଁରୁ ଶୀଘ୍ର କାଢ଼ନ୍ତି । ସେମାନେ ନିଜ ବ୍ୟବସ୍ଥାରେ ରହିଲେ ।

ଖେଳ ଆରମ୍ଭ ହେବାପୂର୍ବରୁ ଖେଳାଳୀ ମାନଙ୍କୁ କିପରି ହୀନ ପରିବେଶ ଭିତରେ ରଖାଯାଇଛି ସେ ବିଷୟରେ କେତେକ ସମ୍ବାଦ ପତ୍ର କଠୋର ସମାଲୋଚନା କଲେ । କିନ୍ତୁ ସେସବୁ ବାଜେ କାଗଜ ନ ପଢ଼ିବାକୁ ଗୁପ୍ତ ଦାଦୁ ତଥା ଅନ୍ୟମାନଙ୍କୁ ପରାମର୍ଶ ଦେଲେ । ଦାଦୁ ଛଡ଼ା ଅନ୍ୟ କେହି ଗ୍ରାମବାସୀ ପଢ଼ି ନ ଥିବାରୁ ପ୍ରକୃତରେ ଖବର କାଗଜରେ କଣ ବାହାରିଛି ତାହା ସେମାନେ ଜାଣିଲେନାହିଁ ।

ମୂଳରୁ ଶେଷ ପର୍ଯ୍ୟନ୍ତ ଗୁପ୍ତ ସମସ୍ତଙ୍କୁ ଶୋଧାଶୋଧି କରି ସ୍ଥାନୀୟ ସଙ୍ଗଠକ ମାନଙ୍କ ସମ୍ପର୍କରେ ଟୁର୍ଣ୍ଣାମେଣ୍ଟ ପରେ କଟୁ ମନ୍ତବ୍ୟ ଦେଲେ ।

Images: Aptakama Mishra, Processing: Srujanika

ଶବ୍ଦ ଶୃଙ୍ଗାର 4

ଶ୍ରୀ ନିରଞ୍ଜନ ବେହେରା



ବାମରୁ ଡାହାଣକୁ-୧—ପକ୍ଷୀ-ବିଶେଷ, ୨—ମତ୍ସ୍ୟଗନ୍ଧାର ସ୍ୱାମୀ, ୩—ଆମ ପଡ଼ଶା ଦେଶ, ୪—ପିତାଙ୍କ ଦ୍ୱିତୀୟ ସ୍ତ୍ରୀ, ୫—ବ୍ୟାୟାମ, ୬—ବାଲୁଙ୍ଗାଧାନ, ୭—ମହତ୍ତ୍ୱ ଲୋକ, ୮—ପୌରାଣିକ ଅସ୍ତ୍ର ।

ଉପରୁ ତଳକୁ-୧—ଚନ୍ଦ୍ର, ୩—ସ୍ୱାଧୀନ ଭାରତର ପ୍ରଥମ ଜାତୀୟ ସଙ୍ଗୀତ, ୬—ପଦ୍ମ, ୯—ପିତୃ ପକ୍ଷ, ୧୦—ଗବାକ୍ଷ, ୧୧—ବାଣୀ, ୧୨—ବୃଦ୍ଧି, ୧୩—ଲବ ଯେଉଁ ଉଦ୍ଭିଦ ତଳେ ଜନ୍ମ ହୋଇଥିଲେ । ୧୪— କଉଡ଼ି ଗଣିବାର ଏକକ ରାଶି, ୧୫—ବସ୍ତୁର ସୂକ୍ଷ୍ମାଂଶ, ୧୬—ଗାନ୍ଧୀଜୀଙ୍କ ପୂର୍ବରୁ ଅନ୍ୟ ନେତାଙ୍କ ଦ୍ୱାରା ହୋଇଥିବା ଜାତୀୟ ଆନ୍ଦୋଳନ, ୧୭—ବେତାର ବାର୍ତ୍ତା ।

ଶବ୍ଦ ଶୃଙ୍ଗାର ୩ ର ଉତ୍ତର

ବାମରୁ ଡାହାଣକୁ ୧—ମାଟିର ମଣିଷ, ୨—ଧନକର, ୩—ମେଣ୍ଢାପଲ, ୪—ରବ, ୫—କାରଖାନା, ୬—ଅମଡ଼ାବାଟ, ୭—ହସକୁରା, ୮—ଗୋଲଘିଆ, ୯—ମଇଦା, ୧୦—ଦରବାର, ୧୧—ଖବର କାଗଜ ।

ଉପରୁ ତଳକୁ-୩—ମେନକା, ୧୨—ଶମନ, ୧୩—ଅମର ପୋଇ, ୧୪—ଟିକରପଡ଼ା, ୧୫—ଲଦାଖ, ୧୬—ଧନୋବା, ୧୭—ଆଦର, ୧୮—ଷଣ୍ଢାସୁର, ୧୯—ପଗଖା ୨୦—ନାଗରାଟ ।

ଜାଣିଛନ୍ତି କି ?

(୧) ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଚମ୍ପିଆନ୍‌ସିପ୍ କେବେ ଆରମ୍ଭ ହେଲା ?

(୨) ନେହେରୁ ଗୋଲ୍ଡ଼କପ୍ ଫୁଟ-ବଲ ଟୁର୍ଣ୍ଣାମେଣ୍ଟରେ କିଏ ରନର୍ସ ଅପ୍ ହୋଇଥିଲା ।

(୩) ବାସ୍କେଟବଲ ଖେଳରେ ଗୋଟିଏ ପଟେ କେତେଜଣ ଖେଳାଳୀ ଥାନ୍ତି ?

(୪) ୧୯୭୮ ମସିହାରେ ଆମେରିକାର କିଏ ପୁରୁଷ ବର୍ଗରେ ସିଙ୍ଗଲସ୍ ଚମ୍ପିଆନ୍‌ସିପ୍ ପାଇଥିଲେ ।

(୫) ୧୯୭୬ ଅଲମ୍ପିକସ୍‌ରେ କିଏ ପୁରୁଷ ବର୍ଗରେ ୪୦୦ ମିଟର ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ ?

(ଅବଶିଷ୍ଟାଂଶ ୩୯ ପୃଷ୍ଠାରେ)

କୋଣାର୍କ ଘୁରି ଫେରିଥିବା ପରେ ହୋଟେଲ ବିଲ, ଘରଭଡ଼ା, ଖାଦ୍ୟ, ପାନୀୟ ଆଦି ଖର୍ଚ୍ଚ ଦିଆଯାଇ ନାହିଁ ବୋଲି ଜଣାପଡ଼ିଲା । ଗ୍ରାମବାସୀମାନେ ଆଉ କେତେହଜାର ଟଙ୍କା ସୁଧାକର ତାହା ମେଣ୍ଟାଇଲେ । ବାବୁ ଗ୍ରାମବାସୀ ମାନଙ୍କ ପ୍ରରୋଚନାରେ କୋଣାର୍କକୁ ସବୁ କାମପାଇଁ କୈଫିୟତ ତଲବ କଲ । ସେଓ ଏହାର ଉତ୍ତରରେ ତାଙ୍କୁ ତାହାର ପ୍ରଶ୍ନ କରିବାର ଅଧିକାର ନାହିଁ ବୋଲି କହିଲେ ।

ଆଜି ପର୍ଯ୍ୟନ୍ତ ସେହି ପାଞ୍ଚଲକ୍ଷ ଟଙ୍କାର ହିସାବ ମିଳିନାହିଁ । ସରକାର ଶ୍ରୀରାଓଙ୍କ ବିରୁଦ୍ଧରେ ଏବେ ତଦନ୍ତ ଆରମ୍ଭ କରିଛନ୍ତି । କିନ୍ତୁ ଓ୍ୱାଘୁର ଗାଁବାଲା ଏକଥା କିଛି ଜାଣନ୍ତି ନାହିଁ । ସେମାନେ ସମସ୍ତେ ବର୍ତ୍ତମାନ ବାବୁଙ୍କୁ ଦୋଷୀ କରିଛନ୍ତି । ଗାଁରେ ଏକ ଘରକିଆ ହୋଇ ବାବୁ ତାର ପୂର୍ବକର୍ମ ସ୍ଥଳକୁ ଫେରି ଯାଇଛି ।

କିଛିଦିନ ତଳେ ମୁଷ୍ଟିକଯୋଦ୍ଧା ଫେଡେରେସନ ପକ୍ଷରୁ ଓ୍ୱାଘୁର ଗ୍ରାମରେ ଏକ ଟୁର୍ଣ୍ଣାମେଣ୍ଟ କରିବାକୁ ନିବେଦନ କରାଯାଇଥିଲା । କିନ୍ତୁ ଗ୍ରାମବାସିମାନେ ସେମାନଙ୍କୁ ମାରି ଗୋଡ଼େଇଲେ । □

Images: Aptakama Mishra, Processing: Srujanika

ଦଣ୍ଡା ବାଳୁଙ୍ଗା—ବହୁ ଆଡମ୍ବର ଲଘୁକ୍ରିୟା

ଶ୍ରୀ ହରିହର ପ୍ରସାଦ ମାହାଲିକ

ଶ୍ରୀ ବସନ୍ତ ନାୟକଙ୍କ ପ୍ରଯୋଜିତ ମୁଭିଜ୍‌ର ଓଡ଼ିଆ ସାମାଜିକ ଚିତ୍ର 'ଦଣ୍ଡା ବାଳୁଙ୍ଗା' ବକ୍ସ ଅଫିସ ଦୃଷ୍ଟିରୁ ଏକ ସଫଳ ଚଳଚ୍ଚିତ୍ର ହେଲେ ମଧ୍ୟ ଗୁଣାତ୍ମକ ମାନ ଦୃଷ୍ଟିରୁ ଏହା ଦର୍ଶକମାନଙ୍କୁ ନିରାଶ କରିଛି । ଦକ୍ଷିଣ ଭାରତରେ ନିର୍ମିତ ହିନ୍ଦି ଚଳଚ୍ଚିତ୍ର ଫର୍ମୁଲାରେ ଏଥିରେ ସବୁପ୍ରକାର ମସଲା ରହିଛି । ଗ୍ରାମ୍ୟ ପରିବେଶ, ପ୍ରେମ, ଧର୍ଷଣ, ପ୍ରତିଶୋଧ, ଫାଇଟିଂ, ଶସ୍ତା ହାସ୍ୟରସ, ନାଚ ଗୀତ, ସର୍କସ, ପୋଲିସ, ଡକାୟତି, ହତ୍ୟାକାଣ୍ଡ ଆଦି ସବୁପ୍ରକାର ରସରେ ପରିପୂର୍ଣ୍ଣ ଏ ୧୯ରିଲ୍‌ର ରଙ୍ଗୀନ ଚିତ୍ର ସାଧାରଣ ଦର୍ଶକମାନଙ୍କୁ ହୁଏତ ଆକୃଷ୍ଟ କରିପାରିଛି । ମାତ୍ର ଚଳଚ୍ଚିତ୍ର ସମୀକ୍ଷକ ତଥା ଉଚ୍ଚମାନର ଚଳଚ୍ଚିତ୍ର ଦର୍ଶକମାନଙ୍କୁ ଏହା ନିରାଶକରିଛି ।

ଏହାର କାହାଣୀ 'ରାଣ୍ଡୀ ପୁଅ ଅନନ୍ତା' ଅବଲମ୍ବନରେ ରଚିତ ହେଲାଭଳି ମନେହୁଏ । କଟକ ସହରଠାରୁ ଅଳ୍ପ ଦୂରରେ ଗୋଟିଏ ଗ୍ରାମରେ ଜଣେ ବିଧବା ମହିଳା ତାଙ୍କର ଏକମାତ୍ର ପୁଅ କାଳିଆ ସହିତ ରହନ୍ତି । ତାଙ୍କ ପରିବାରରେ ଆଉ କେହି ନାହାନ୍ତି । କାଳିଆର ମାମୁଁ ଏକ ମିଥ୍ୟା ହତ୍ୟା ଅପରାଧରେ ଜେଲରେ ଥାଆନ୍ତି, ଗାଁରେ କାଳିଆ ପାଠ ପଢ଼େ ନାହିଁ, ମାତ୍ର ଗାଁ ଟୋକାଦଳଙ୍କ ନେତା ହୋଇ ଅନ୍ୟାୟ ଅନାଚାର ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଗ୍ରାମ କରି ଆନନ୍ଦ ପାଏ । କାଳିଆ ଦଳର ୫ଜଣ ସଭ୍ୟଙ୍କ ମଧ୍ୟରୁ ଜଣେ ହେଉଛି ଯୁବତୀ ଝିଅ ସତୀ । କାଳିଆର ଏ ଦୁର୍ନୀତି ବିରୋଧୀ କାର୍ଯ୍ୟକୁ ଧନୀ ଲୋକେ ସହିପାରନ୍ତି ନାହିଁ । ମା ପାଖରେ ସବୁବେଳେ କାଳିଆ ବିରୁଦ୍ଧରେ ଅଭିଯୋଗ ହୁଏ ।

ପ୍ରତାପ ନାମକ କଟକର ଜଣେ ଚରିତ୍ରହୀନ ଧନୀବ୍ୟକ୍ତି ସେ ଗ୍ରାମବାଟ ଦେଇ କାରରେ ଯାଉଯାଉ କାର ଚକ ଫାଟିଯାଏ । ରାତିରେ ତାଙ୍କ ବଙ୍ଗଳାରେ ରହି ପ୍ରତାପ ବଙ୍ଗଳା ଚୌକିଦାରକୁ ଗାଡ଼ିଚକା ମରାମତି ପାଇଁ ନିଜ ଡ୍ରାଇଭର ସହିତ ସହରକୁ ପଠାଇ ଦିଅନ୍ତି । ରାତିରେ ଚୌକିଦାରର ଏକମାତ୍ର ଝିଅ ସତୀକୁ କୌଶଳ କ୍ରମେ ଧର୍ଷଣ କରନ୍ତି ସତୀ ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ଆତ୍ମହତ୍ୟା କରେ । କାଳିଆ ଶପଥ କରେ ସେ ଯେକୌଣସି ପ୍ରକାରେ ଏହାର ପ୍ରତିଶୋଧ ନେବ ।

ଇତି ମଧ୍ୟରେ କାଳିଆର ମାମୁଁ ଜେଲରୁ ଖଲାସ ହୋଇ ଗାଁକୁ ଆସନ୍ତି ଓ କାଳିଆକୁ ସହର ଯିବାକୁ ନିମନ୍ତ୍ରଣ କରନ୍ତି । ଶିବଚରଣ ନାମକ ଜଣେ ଧନୀବ୍ୟକ୍ତିଙ୍କୁ ହତ୍ୟା ଅପରାଧରେ ତାର ମାମୁଁଙ୍କୁ ୧୦ବର୍ଷ ଜେଲ ହୋଇଥିଲା । ଶିବଚରଣଙ୍କ ଦ୍ୱିତୀୟ ସ୍ତ୍ରୀ ସୁରେଖା ସହିତ କୁଚକ୍ରୀ ପ୍ରତାପର ଅବୈଧ ପ୍ରେମଥିଲା । ଶିବଚରଣଙ୍କ ସମ୍ପତ୍ତି ଆତ୍ମସାତ କରିବା ଲକ୍ଷ୍ୟରେ ସୁରେଖାର ସହଯୁକ୍ତାରେ ଶିବଚରଣଙ୍କୁ ପ୍ରତାପ ହତ୍ୟାକରେ । ଶିବଚରଣଙ୍କ ଏକମାତ୍ର କନ୍ୟା ମୀନାକ୍ଷୀ ଏ ହତ୍ୟା ଦେଖିଥିଲେ ମଧ୍ୟ ପ୍ରତାପ ତାକୁ ଖଟଉପରୁ ତଳକୁ ଠେଲି ପକାଇ ଦେବା ପରେ ସେ ସଂପୂର୍ଣ୍ଣ ଅନ୍ଧ ହୋଇଯାଏ । ଶିବଚରଣ ପୂର୍ବରୁ ଏସବୁ ଆଶଙ୍କା କରି ତାଙ୍କ ଓକିଲ ବନ୍ଧୁ ରହିମଙ୍କ ସାହାଯ୍ୟରେ ନିଜ ଝିଅ ନାମରେ ସମସ୍ତ ସଂପତ୍ତି ଉଇଲ କରି ଦେଇ ଥାଆନ୍ତି । ଫଳରେ ପ୍ରତାପ ନିରାଶ ହୁଅନ୍ତି ।

କାଳିଆ କଟକ ଆସି ମୀନାକ୍ଷୀ ସମ୍ପର୍କରେ ଆସେ ଓ କ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମହୁଏ । ମୀନାକ୍ଷୀ ନିଜ ଜୀବନ କାହାଣୀ କହିବା ପରେ କାଳିଆ ଜାଣିପାରେ ଯେ ସତୀର ଧର୍ଷଣକାରୀ ଓ ଶିବଚରଣଙ୍କ ହତ୍ୟାକାରୀ ଜଣେ ଲୋକ ଯାହା ହାତରେ ସାପ ଚିହ୍ନ ରହିଛି ଏବଂ ସେ ହେଉଛି କୁଚକ୍ରୀ ଲକ୍ଷପତି ପ୍ରତାପ । ଇତି ମଧ୍ୟରେ ମୀନାକ୍ଷୀକୁ ନିଜର ଜଣେ ଭଣଜା ସହିତ ବିବାହ କରାଇ ପ୍ରତାପ ଓ ସୁରେଖା ମୀନାକ୍ଷୀର ସମ୍ପତ୍ତି ହସ୍ତଗତ କରିବାକୁ ଚକ୍ରାନ୍ତ କରନ୍ତି । କାଳିଆ ନାନା ପ୍ରକାର କୌଶଳ କରି ସେଥିରେ ବାଧାଦିଏ । ଶିବ ମନ୍ଦିରରେ ମୀନାକ୍ଷୀକୁ ଜବରଦସ୍ତି ବିବାହ କରାଇବାକୁ ଉଦ୍ୟମ କଲାବେଳେ ସାପ ଦଂଶନରେ ସୁରେଖାର ମୃତ୍ୟୁ ହୁଏ । ଏହାପରେ ମୀନାକ୍ଷୀକୁ ଜିପ୍‌ରେ ନେଇ ପ୍ରତାପ ପଳାଇ ଯାଉଥିବା ବେଳେ ରହିମଙ୍କ ଏକମାତ୍ର ପୁଅ ନାଜିର ଓ ତାର ସ୍କୁଲ ସାଥୀମାନେ ବାଟ ବନ୍ଦ କରନ୍ତି । ମୀନାକ୍ଷୀ ଏ ଗୋଳମାଳରେ ଖସି ପଳାଇଯାଏ ସତ, ମାତ୍ର ପ୍ରତାପ ଜିପ ମଡ଼ାଇଦେବା ଫଳରେ ନାଜିରର ମୃତ୍ୟୁହୁଏ ।

ଶେଷରେ କାଳିଆ ସହିତ ପ୍ରତାପ ଓ ତାଙ୍କ ଗୁଣ୍ଡା ମାନଙ୍କର ସଂଘର୍ଷ ହୁଏ । ଦୀର୍ଘ ଫାଇଟିଂ ପରେ ପ୍ରତାପ ବିଜୟ ହାସଲକରେ । ହତ୍ୟା, ଧର୍ଷଣ ଓ ଗୁଣ୍ଡାମି ଅପରାଧରେ ପ୍ରତାପ ପୋଲିସ ଦ୍ୱାରା ଗିରଫହୁଏ । ବାଳକ ନାଜିର ମୃତ୍ୟୁ ପୂର୍ବରୁ ନିଜର ଚକ୍ଷୁ ମୀନାକ୍ଷୀ ପାଇଁ ଦାନକରି ଦେଇଯାଏ । ମୀନାକ୍ଷୀ ପୁଣି ଦୃଷ୍ଟିଶକ୍ତି ଫେରିପାଏ ।

ଏହାର କାହାଣୀ ମନଲୋଭା ନୁହେଁ କିନ୍ତୁ ଏହାକୁ ଅଯଥା ୧୯ରିଲ ଦୀର୍ଘ କରାଯାଇଛି । ହିନ୍ଦି ଚିତ୍ରଭଳି ହୋଲି ଉତ୍ସବ, ନାଚଗୀତ, ଗାଁ ଅବଧାନଙ୍କ ପାଠ ପଢ଼ାଇବା ଦୃଶ୍ୟ, ମୀନାକ୍ଷୀର କଳ୍ପନା ଦୃଶ୍ୟରେ ଉତ୍ତମଙ୍କ ବିଭିନ୍ନ ରୂପ, ସର୍କସ, ପ୍ରତାପର ଭଣଜା ସହିତ ଷ୍ଟେସନରେ କାଳିଆର ଦୀର୍ଘ କଥୋପକଥନ ଓ ବହୁଗ୍ରାମ୍ୟ ଦୃଶ୍ୟକୁ ଯଥେଷ୍ଟ କମାଇ ଦିଆଯାଇ ପାରିଥାଆନ୍ତା । ୧୬ ରିଲ ମଧ୍ୟରେ ସୀମାବଦ୍ଧ ରଖିଥିଲେ ଚିତ୍ରଟି ଅଧିକ ଉପଭୋଗ୍ୟ ହୋଇ ଥାଆନ୍ତା । ଏହାର ଚିତ୍ରନାଟ୍ୟ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ । ମହମ୍ମଦ ମହସିନଙ୍କ ଏହା ଦ୍ୱିତୀୟ ନିର୍ଦ୍ଦେଶିତ ଚଳଚ୍ଚିତ୍ର । ତେବେ 'ଫୁଲଚନ୍ଦନ' ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ଥିଲା । ଯାଇଛନ୍ତି । କାଳିଆ ଭୂମିକାରେ ଉତ୍ତମ, ମୀନାକ୍ଷୀ ଭୂମିକାରେ ଅପରାଜିତା, ମାମୁଁ ଭୂମିକାରେ ହେମନ୍ତ ଓ ପ୍ରତାପ ଭୂମିକାରେ ବିଜୟ ମହାନ୍ତିଙ୍କ ଅଭିନୟ ନିଖୁଣ ହୋଇପାରିଛି । ଗାଁ ଜମିଦାର ଭୂମିକାରେ ଦୁଃଖିରାମ, ଚୌକିଦାର ଭୂମିକାରେ ପ୍ରିୟନାଥ ମିଶ୍ର ସ୍ୱାଭାବିକ ଅଭିନୟ କରିଛନ୍ତି । ନବାଗତା ଛନ୍ଦିତା ସାବତଙ୍କ ଚଞ୍ଚଳ ଅଭିନୟ ଦର୍ଶକମାନଙ୍କୁ ପ୍ରଭାବିତ କରିଛି । ମାତ୍ର ସବୁବେଳେ ଏକ ଗୁଜରାଟୀ ନର୍ତ୍ତକୀବେଶରେ ତାଙ୍କୁ ଗାଁରେ ବୁଲୁଥିବାର ଦେଖା ଯାଇଛି, ଏହା ଅସ୍ୱାଭାବିକ ମନେହେଲା । ମାମନା, ଧୀର, ଜସ୍ପୀ ଓ ଶ୍ୟାମଲେନ୍ଦୁ ଆବଶ୍ୟକାଧିକ ହାସ୍ୟରସ ଯୋଗାଇଛନ୍ତି । ଶମ୍ଭୁ ଭୂମିକାରେ ମାଷ୍ଟର ପିଣ୍ଟୁଙ୍କ ଅଭିନୟ ବେଶ ସ୍ୱାଭାବିକ ହୋଇଛି । ସୁଜାତାଙ୍କ ଅଭିନୟରେ କୃତ୍ରିମତା (over acting) ପରିଲକ୍ଷିତ ହୁଏ । ସୁରେନ୍ଦ୍ର ସାହୁଙ୍କ ରଙ୍ଗୀନ ଫଟୋଗ୍ରାଫି ଚମତ୍କାର କିନ୍ତୁ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନା ଅତ୍ୟନ୍ତ ଗତାନୁଗତିକ । ତେଣୁ ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବେଶୀଦିନ ମନେରଖିବା ଭଳି ଏକ ଚିତ୍ର ହୋଇ ପାରିନାହିଁ । ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର କାହାଣୀକୁ କେନ୍ଦ୍ରକରି ଉଚ୍ଚମାନର ଚଳଚ୍ଚିତ୍ର ନିର୍ମାଣ ଆଉ ହେଉନଥିବା ଦୁଃଖର କଥା । □

Images: Aptakama Mishra, Processing: Srujanika

ରାଜ୍ୟ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେଉନାହିଁ

ମନ୍ତ୍ରୀହେବା ଆଶାରେ ମୁଖ୍ୟମନ୍ତ୍ରୀଙ୍କ ସହ ହାତମିଳେଇ ଥିବା ଅସନ୍ତୁଷ୍ଟ କଂଗ୍ରେସ ନେତାମାନେ ହତାଶ

(ନିଜ ପ୍ରତିନିଧିଙ୍କ ଠାରୁ)

ବଜେଟ ଅଧିବେଶନ ପରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଂପ୍ରସାରଣ କରାଯିବ ବୋଲି ପୂର୍ବରୁ ଯାହା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କୁହା ଯାଉଥିଲା ତାହା ଆଉ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ରାଜ୍ୟସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଧାନସଭା ସଭ୍ୟ ମାନଙ୍କୁ ଆଶା ଦେଖାଇ ସୁଶୃଙ୍ଖଳ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ସେଭଳି ଏକ ବିବୃତି ଦେଇଥିଲେ ଏବଂ ଅଧିକାଂଶ କଂଗ୍ରେସ ବ୍ୟବସ୍ଥାପକ ମୁଖ୍ୟମନ୍ତ୍ରୀଙ୍କ ଏ ଉକ୍ତିକୁ ଧ୍ରୁବ ସତ୍ୟବୋଲି ଧରିନେଇ ବିଧାନ-ସଭା ବାହାରେ ଓ ଭିତରେ 'ରାଜ୍ୟ-ନେତୃତ୍ୱ ପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ପ୍ରତିଦ୍ୱନ୍ଦ୍ୱିତା ଚଳାଇଥିଲେ । ବିଧାନସଭା ଅଧିବେଶନ ସରିବା ପରେ ଏବଂ ରାଜ୍ୟସଭା ନିର୍ବାଚନ ନିର୍ବିଘ୍ନରେ ସମାହିତ ହୋଇଯିବା ପରେ କଂଗ୍ରେସ ବ୍ୟବସ୍ଥାପକ ମାନଙ୍କୁ ଏବେ ପୁଣି ନେତୃତ୍ୱ ପକ୍ଷରୁ ହତାଦର ଆରମ୍ଭ ହୋଇ ଯାଇଛି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ବିଷୟରେ କୌଣସି ବିଧାୟକ ପଚାରିଲେ ସେ ବିରକ୍ତ ହେଉଥିବା ପ୍ରକାଶ ।

ନିର୍ଦ୍ଧାରିତ ସମୟରେ ଅର୍ଥାତ ମାତ୍ର ଆଠମାସ ପରେ ଲୋକସଭାକୁ ନିର୍ବାଚନ ହେବାକୁ ଥିବାରୁ ତା ପୂର୍ବରୁ' ମନ୍ତ୍ରୀମଣ୍ଡଳ ସଂପ୍ରସାରଣ କରି ଦିବାସ୍ୱପ୍ନ ଦେଖୁଥିବା ବହୁ ଆଶାୟୀ ବ୍ୟବସ୍ଥାପକ ମାନଙ୍କୁ ହତାଶ କରିବା ଠିକ୍ ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ ବିଚାରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏ ପ୍ରକାର ମତ ଯୋଗୁ ମନ୍ତ୍ରୀହେବା ଆଶାରେ ରାଜ୍ୟ ନେତୃତ୍ୱ ନିକଟରେ ଆତ୍ମ ସମର୍ପଣ କରିଥିବା ଅସନ୍ତୁଷ୍ଟ ବିଧାୟକ ମାନେ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେବା ଆରମ୍ଭ କରିଛନ୍ତି । କିନ୍ତୁ ଏପଟେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ବରାବର ବିରୋଧ କରି ଆସୁଥିବା ନେତାମାନେ ମଧ୍ୟ ଅସନ୍ତୁଷ୍ଟ →ସନ୍ତୁଷ୍ଟ →ଅସନ୍ତୁଷ୍ଟ ମାନଙ୍କୁ ପାଖରେ ପୂରେଇ ଦେଉନାହାନ୍ତି । □

ମନ୍ତ୍ରୀ ୩୫ଟଙ୍କା ମଧ୍ୟ ଉତ୍କୋଚ ନେଉଛନ୍ତି

ରାଜ୍ୟର ଜନୈକ କ୍ୟାବିନେଟ୍ ମନ୍ତ୍ରୀ ସଂପୃକ୍ତ ପିଅନ ଚାକିରୀ କରେଇଦେଇଥିବା ଜଣେ ବ୍ୟକ୍ତିଠାରୁ ଉତ୍କୋଚ ସ୍ୱରୂପମାତ୍ର ୩୫ ଟଙ୍କା ନେଇଥିବାର ଏକ କୌତୁହଳ ପୂର୍ଣ୍ଣ ବିବରଣୀ ଆମର ହସ୍ତଗତ ହୋଇଛି ।

ଘଟଣାରୁ ପ୍ରକାଶ ଯେ ନିଜ ଅଧୀନସ୍ଥ ଏକ ବିଭାଗରେ ପିଅନ ଚାକିରୀ କରିଦେବେ ବୋଲି ମନ୍ତ୍ରୀ ମହାଶୟ ତାଙ୍କ ନିର୍ବାଚନ ମଣ୍ଡଳୀର ଜଣେ ବ୍ୟକ୍ତିଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବହୁଦିନ ଦୌଡ଼ିବା ପରେ ଅବଶେଷରେ ସେ ବ୍ୟକ୍ତି ଏକହଜାର ଟଙ୍କା ଦେଲେ ଚାକିରୀ ମିଳିବ ବୋଲି ମନ୍ତ୍ରୀଙ୍କର ଜଣେ ଚାମଚା ସୂଚନା ଦେଇଥିଲେ । କିନ୍ତୁ ସେ ବ୍ୟକ୍ତି ଜଣକ ଆଗରୁ ଏହିଭଳି ଥରେ ୫ଶହ ଟଙ୍କା ନେଇ ଠକି ଯାଇଥିବାରୁ ନିଯୁକ୍ତି ପାଇଲା ପରେ ମନ୍ତ୍ରୀଙ୍କୁ ସିଧାସଳଖ ଯାଇ ଟଙ୍କା ଦେବେବୋଲି କହିଥିଲେ । ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ସେ ଜଣେ ଭଲକର୍ମୀ ହୋଇ ଥିବାରୁ ମନ୍ତ୍ରୀ ଶେଷରେ ତାଙ୍କୁ ନିଯୁକ୍ତି କରାଇଦେଲେ ଏବଂ ନିଯୁକ୍ତି ପତ୍ର ପଠାଯିବା ପରେ ପୂର୍ବସର୍ତ୍ତ ଅନୁଯାୟୀ ତାଙ୍କୁ ଟଙ୍କା ଦେବାକୁ କହିଲେ । ମାତ୍ର ସେଦିନ ସେ ଲୋକପାଖରେ ୫ ଶହଟଙ୍କା ନଥିବା କହିବାରୁ ପକେଟରେ ଯାହା ଅଛି ଆଣ କହି ତାଠାରୁ ମାତ୍ର ୩୫ ଟଙ୍କା ନେଇ ଯାଇଥିଲେ । ସଂପୃକ୍ତ ବ୍ୟକ୍ତି ଏବେ ତାଙ୍କ ନାମ ପ୍ରକାଶ ନକରି ବିଧାନ ସଭା ନିର୍ବାଚନ ପରେ ତାଙ୍କ ନାମ ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି । □

ତାମିଲନାଡୁରେ ହାତୀ ବ୍ୟାଙ୍କ ପ୍ରତିଷ୍ଠା କରାଯିବ

ତାମିଲନାଡୁ ବଣ୍ୟଜନ୍ତୁ ସଂରକ୍ଷଣ ବିଭାଗ ପକ୍ଷରୁ ଅତିଶିଘ୍ର ସେଠାରେ ଏକ ହାତୀ ବ୍ୟାଙ୍କ ପ୍ରତିଷ୍ଠା କରାଯିବ ଏବଂ ବାଘ ଓ ସାପ ଧରିବା ପାଇଁ ଏକ ସ୍ୱତନ୍ତ୍ର ବାହିନୀ ଗଠନ କରାଯିବାର ନିଷ୍ପତ୍ତି ହୋଇଛି । ହାତୀ ବ୍ୟାଙ୍କରେ ପୋଷାହାତୀ ମାନଙ୍କୁ ରଖାଯାଇ ଭଡ଼ାରେ ବିଭିନ୍ନ ଉତ୍ସବ ଓ ଯାନଯାତ୍ରା ନିମନ୍ତେ ମନ୍ଦିର ମାନଙ୍କୁ ଯୋଗାଇ ଦିଆଯିବ ।

ଆଗରୁ ବିଭିନ୍ନ ମନ୍ଦିର ଓ ମଠମାନେ ନିଜର ହାତୀ ରଖି ଆସୁଛନ୍ତି ସତ୍ୟ କିନ୍ତୁ ସେ ପ୍ରାଣୀ ଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯାଇ ପାରୁନାହିଁ ।

ସେହିଭଳି ବ୍ୟାଘ୍ର ଓ ସର୍ପ ବାହିନୀର କର୍ମଚାରୀ ମାନେ ଖବର ପାଇବା ମାତ୍ରେ ଜନବସତି ଭିତରେ ଉତ୍ପାତ କରୁଥିବା କୌଣସି ବାଘ ବା ସାପକୁ ଅଚେତନ କରି ନିରାପଦ ସ୍ଥାନକୁ ନେଇଯିବେ । ଏବେ ସହରାଞ୍ଚଳରେ ରହିଥିବା ମନ୍ଦିର ମାନଙ୍କରେ ଯେଉଁସବୁ ହାତୀ ରହିଛନ୍ତି ସେଗୁଡ଼ିକୁ ମୁଖ୍ୟତଃ ଭିକ୍ଷା ବୃତ୍ତି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି ।

ହାତୀବ୍ୟାଙ୍କ ପ୍ରତିଷ୍ଠା କରାଯାଇ ସାରିଲା ପରେ ବିଭିନ୍ନ ଦେବାଳୟ ମାନଙ୍କରେ ହାତୀ ରଖାଯିବା ନିଷିଦ୍ଧ କରାଯିବ । □

Images: Aptakama Mishra, Processing: Srujanika

ଅମର ଚିତ୍ର କଥା
କୌତୁକ ବିହାର
ନଂ-୪

● ଅସମତା ଦର୍ଶାଅ



ଉତ୍ତର : 2-ଓଟପକ୍ଷୀ ଏକ ଚଢେଇ, ବାକି ସମସ୍ତେ ପଶୁ

ପ୍ରଥମ ଓ ଦ୍ୱିତୀୟ ଚିତ୍ର ମଧ୍ୟରେ ଥିବା ଛଅଟି ପାର୍ଥକ୍ୟ ଦର୍ଶାଅ

WIN A HUNDRED PRIZES!

THE FIRST 100 CORRECT ENTRIES RECEIVED AT THE FOLLOWING ADDRESS WILL EACH RECEIVE A COPY OF AMAR CHITRA KATHA:

FEMINA-AMAR CHITRA KATHA FUN-LAND
POST BOX NO. 17018, BOMBAY-400 028

SOLUTION TO WORD-MAZE NO. 3

I	R	O	N	T	O	O	L	S	M
W	H	A	T	E	F	I	R	E	O
V	E	R	W	I	W	L	L	B	N
O	E	B	L	L	I	H	W	E	E
W	R	I	T	I	N	G	E	L	Y
C	L	O	T	H	I	N	G	E	E
U	P	A	P	E	R	S	O	V	E
R	S	I	S	N	O	T	T	E	E
C	A	L	E	N	D	A	R	R	Q
P	R	I	N	T	I	N	G	E	U

WORD-MAZE NO. 4

P	O	N	G	A	L	Q	U	E	O
G	H	H	S	B	A	R	R	A	N
U	S	O	D	A	S	S	E	R	A
D	A	L	A	I	H	A	T	E	M
I	R	I	W	S	U	E	R	W	I
P	G	A	N	A	P	A	T	I	L
A	W	I	L	K	L	B	E	O	L
D	R	A	K	H	I	S	R	U	B
V	I	S	D	I	V	A	L	I	E
A	D	U	R	G	A	P	U	J	A

◀ HIDDEN IN THIS WORD-MAZE ARE THE NAMES OF TEN IMPORTANT FESTIVALS OF INDIA

RULES:
1) EVERY LETTER IN THE WORD-MAZE NEED NOT BE USED
2) WORDS CAN BE FORMED IN ANY ONE OF THE FOLLOWING DIRECTIONS — VERTICAL, HORIZONTAL OR DIAGONAL.
3) A LETTER CAN BE USED MORE THAN ONCE.
4) ENTRIES MUST BE SENT IN THIS FORM.

(୩୭ ପୃଷ୍ଠାର ଅବଶିଷ୍ଟାଂଶ)

(୬) କେଉଁ କ୍ରୀଡ଼ା ସହିତ ନିମ୍ନଲିଖିତ କପ୍ ଗୁଡ଼ିକ ସଂପୃକ୍ତ (କ) ଓ୍ୱିମ୍ୟାନ କପ୍ (ଖ) ସାଉଥ୍ ଆମେରିକାନ୍ କପ୍ (ଗ) ସ୍ୱାଥ୍‌ଲିଙ୍ଗ କପ୍ ।

(୭) ୧୮୯୬ ମସିହାରେ ଅନୁଷ୍ଠିତ ପ୍ରଥମ ଆଧୁନିକ ଅଲମ୍ପିକ କ୍ରୀଡ଼ା ପ୍ରତିଯୋଗିତାରେ କେତୋଟି ଦେଶର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ ?

(୮) ଇଂଲଣ୍ଡରେ କେତେଥର ଅଲମ୍ପିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି ?

(୯) କେବେ ଓ କେଉଁଠି ପ୍ରଥମ ଥର ପାଇଁ ଧନୁଶର ଚାଳନା ପ୍ରତିଯୋଗିତା ହୋଇଥିଲା ?

(୧୦) ବକ୍ସିଂରେ କିଏ ବ୍ରାଉନ୍ ବମ୍ବର ରୂପେ ପରିଚିତ ?

ଉତ୍ତର

(୧) ୮୮୭୪; (୨) ଚୀନ; (୩) ୫; (୪) ଜିମ୍ମି କନ୍ନୋରସ୍; (୫) ଆଲବର୍ଟୋ ଜୁଁଟୋରେନା; (୬) (କ) ଲନଟେନିସ୍ (ଖ) ଫୁଟବଲ (ଗ) ଟେବୁଲ୍ ଟେନିସ୍; (୭) ୧୨; (୮) ଦୁଇଥର—୧୯୦୮ ଓ ୧୯୩୮ ରେ (୯) ୧୯୦୮ ରେ ଇଂଲଣ୍ଡର ଯୁର୍କଠାରେ; (୧) ଜୋସଲୁଇସ୍ ।

ସୈନ୍ୟ ମାନଙ୍କ ପାଇଁ "ହିଟିଂବ୍ୟାଗ୍"

(୨୫ ପୃଷ୍ଠାର ଅବଶିଷ୍ଟାଂଶ)

ଯାତ୍ରୀ ଦଳ ମଧ୍ୟ ଏହି ବ୍ୟାଗର ଉପାଦେୟତା ପରୀକ୍ଷା କରିବା ପାଇଁ ଏହାକୁ ସାଙ୍ଗରେ ନେଇଥିଲେ । ଏହି ହାତ ପାଦ ନା ପ୍ଲାଷ୍ଟିକ ବ୍ୟାଗରେ ମାତ୍ର ୨୦୦ ଗ୍ରାମ ଓଜନର ଧାତବ ଚୂର୍ଣ୍ଣ ରହିଛି । ଏହି ଧାତବ ଚୂର୍ଣ୍ଣ ଆଂଶିକ ଭାବେ ବାୟୁର ସଂସ୍ପର୍ଶରେ ଆସିଲେ ମାତ୍ର କେତେ ମିନିଟ ଭିତରେ ଏହା ୫୦ ଡ଼ିଗ୍ରୀରୁ ୭୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଉତ୍ତାପ ଉନ୍ମେଷ ସୃଷ୍ଟି କରିପାରିବ ।

ବୈଜ୍ଞାନିକ ମାନଙ୍କ ମତରେ ପକେଟରେ ରହିପାରୁଥିବା ଏହିଭଳି ଏକ ମୁଣାକୁ ବାରମ୍ବାର ଦୁଇମାସ ପାଇଁ ବ୍ୟବହାର କରାଯାଇ ପାରିବ । ବ୍ୟାଗ ଭିତରେ ଥିବା ଧାତବ ପଦାର୍ଥକୁ ଖାଲିହାତରେ ଆସ୍ତେ ଆସ୍ତେ ଠୁକେଇ ଦେଲେ ଏହା ଚୂର୍ଣ୍ଣରେ ପରିଣତ ହୋଇଯିବ ଏବଂ ଏହାପରେ ତାକୁ ହାତ ପାପୁଲି ଉପରେ ଥୋଇ ଫୁଙ୍କିଲେ ବଡ଼ ସାନ ହେବ ଏବଂ ଆବଶ୍ୟକୀୟ ଉତ୍ତାପ ସୃଷ୍ଟି କରିପାରିବ । ଏହାର ମୁହଁକୁ ମୋଡ଼ି ବନ୍ଦ କରିଦେଲେ ଏଥିରେ ଉତ୍ତାପ ସୃଷ୍ଟି ହେବନାହିଁ ।□

ଖାରବେଳ

ବିଜ୍ଞାପନ ହାର

ପୁରା ପୃଷ୍ଠା	—୧,୦୦୦	ଟଙ୍କା
ଅଧା ପୃଷ୍ଠା	— ୬୦୦	ଟଙ୍କା
ଚଉଠ ପୃଷ୍ଠା	— ୩୦୦	ଟଙ୍କା
ଏକ କଲମ	— ୪୦୦	ଟଙ୍କା
ସର୍ବନିମ୍ନ	— ୧୦୦	ଟଙ୍କା

Images: Aptakama Mishra, Processing: Srujanika

ଖାରବେଳ

Images: Aptakama Mishra, Processing: Srujanika





Images: Aptakama Mishra, Processing: Srujanika

ଖାରବେଳ

୧୯୮୪—୫ମ ସଂଖ୍ୟା

ପ୍ରଚ୍ଛଦ ପଟ୍ଟ—ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ଗହଣରେ ଭାରତ ରୁଷ ଅନ୍ତରୀକ୍ଷଯାତ୍ରୀ ଓ ସେମାନଙ୍କ ସହଧର୍ମିଣୀ ଗଣ

ପଶ୍ଚାତ୍ ପଟ୍ଟ—ରାଜଧାନୀରେ ଯୋଗଦେଇଥିବା ଦକ୍ଷିଣ ଭାରତର ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀ ବୃନ୍ଦ

ଶଢ ଶୃଙ୍ଗାର ଓ ଜାଣନ୍ତି କି ? ୩
ପୋଖରନ୍ ବିସ୍ଫୋରଣର ଦଶ ବର୍ଷ ପରେ ୪
ଭାରତରୁ ଶତାବାଘ ବଂଶ ଲୋପ ୭
କାମାକ୍ଷା ବାବୁ ଓଡ଼ିଶା କଂଗ୍ରେସ ସ୍ରୋତରୁ ବିଚ୍ଛିନ୍ନ ହୋଇ ପଡ଼ୁଛନ୍ତି ୮
ଡାକ୍ତର ଯୋଗେଶ ରାଉତ କଟକ ଲୋକସଭା ନିର୍ବାଚନ ମଣ୍ଡଳୀରୁ ବିରୋଧୀ ଦଳ ପ୍ରାର୍ଥୀ ହେବେ ?
ବସ୍ ମାଲିକ ସଂଘର ୫ ଲକ୍ଷ ଟଙ୍କା ତୋଷରପାତ ୯
ଅମିତାଭ ବଚନ ଦିଲ୍ଲୀରୁ ଲୋକସଭା ପାଇଁ କଂଗ୍ରେସ ପ୍ରାର୍ଥୀ ହେବେ ? — ହରିହର ପ୍ରସାଦ ମହାଲିକ ୧୦
ଆଦିବାସୀ ହେଲପର ବାଳକ ମାଲିକ ହେଲା ୧୨
ଓଡ଼ିଶାର ଦୁଇଜଣ କଂଗ୍ରେସ ସଭ୍ୟଙ୍କ ଦଳ ତ୍ୟାଗ ୧୩
ବହୁମୂତ୍ର ରୋଗର ଦେଶୀ ଚିକିତ୍ସା — ଡଃ କମଳ କୁମାରୀ ପଟ୍ଟନାୟକ ୧୪
ଡାଏବେଟିସ ବା ମଧୁମେହ ରୋଗ — ଡାକ୍ତର ଗୋପାଳ କର ୧୫
ଗରୀବ ଲୋକଙ୍କ ପାଇଁ ଫ୍ରିଜ ୧୭
ମର୍କଟଙ୍କ ମଧ୍ୟରେ ଅସନ୍ତୁଷ୍ଟ ଗୋଷ୍ଠୀ
ସ୍ତନ୍ୟପାନର ଉପକାରିତା — ଡ. ସୁଧୀରନ୍ଦର ଶର୍ମା ୧୮
ହଳେ ହାତୀ ଦାନ୍ତର ମୂଲ୍ୟ ୭୫ ହଜାର ଟଙ୍କା
ପୋଲିସ ସାକ୍ଷୀ — ଶ୍ରୀ ଅରିଜିତ ପଟ୍ଟନାୟକ ୧୯
ପୁରୁଷଙ୍କ ପାଇଁ ଜନ୍ମ ନିୟନ୍ତ୍ରଣ ବଟିକା ୨୦
ମୁଖ୍ୟମନ୍ତ୍ରୀଙ୍କ ଆଦେଶ ତଳିଆ କର୍ମଚାରୀ ମାନୁ ନାହାନ୍ତି ୨୧
ଭବିଷ୍ୟତ ଯୁଦ୍ଧ କୌଶଳ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ — ଶ୍ରୀ ଭି. କେ. ବରଦ୍‌ରାଜନ ୨୨
ହସ ଓ ଦୀର୍ଘଜୀବୀ ହୁଅ — ଶ୍ରୀ କମଳ ଓ ଶ୍ରୀ ସାମନ୍ତ ୨୬
ଡକ୍‌ଟର ରାଜେନ୍ଦ୍ର ପ୍ରସାଦ ୨୭
ଆପଣଙ୍କ ରାଶିଫଳ ୨୮
ହଳେ କିଡ଼ନିର ଦାମ ଦୁଇ ଲକ୍ଷ ଟଙ୍କା ୩୨
କେବଳ ଚିଙ୍ଗୁଡ଼ି ଓ ଲୁହା ପଥର ରପ୍ତାନୀ ଯଥେଷ୍ଟ ନୁହେଁ ୩୩
କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବ ଏବେ ବି ଅକ୍ଷୁର୍ଣ୍ଣ ରହିଛି ୩୪
ଭଦ୍ରଙ୍କର ହାଣ୍ଟିଂଟେଙ୍ଗ୍ରୁ ରୋଗ ୩୫
ଜାଗ୍ରତ ଓଡ଼ିଶାର ଭବିଷ୍ୟତ ୩୬
ଭାରତ ବଙ୍ଗଳା ଦେଶ ସୀମା ବିବାଦ— ଏକ ସମୀକ୍ଷା ୩୭
ଓଡ଼ିଶା ପୋଲିସ ଆସୋସିଏସନ ସଭାପତି ସକ୍ରିୟ ରାଜନୀତି କରିବେ ? ୩୯

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-753012
ଫୋନ-୨୩୫୯୭

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ ।

ମୂଲ୍ୟ ଟ୩-୦୦

Images: Aptakama Mishra, Processing: Srujanika

ଶବ୍ଦ ଶୃଙ୍ଗାର 5

ଶ୍ରୀ ନିରଞ୍ଜନ ବେହେରା



ବାମରୁ ଡାହାଣକୁ—୧-ଓଡ଼ିଶାର ଲୋକପ୍ରିୟ ଆଦିବାସୀ ଯୁଗ୍ମନୃତ୍ୟ, ୨- ବନ୍ଦୀକକ୍ଷ, ୩-ବିଆଳୀ ଧାନ, ୪—ଗୋଟିଏ ଝିଅର ନାମ, ୫-ଅମେଳ. ୬-ଚଗୁଲିଆ, ୭-ଗ୍ରାମୋଫୋନ୍, ୮—ଅସ୍ୱସ୍ଥ, ୮-ଯୁଦ୍ଧ।

ଉପରୁ ତଳକୁ—୧-ରେଣୁକାପତ୍ର, ୧୦-ବୃଥା, ୧୧-କ୍ରମାଗତ, ୧୨-ଷଷ୍ଠୁପାତାଳ, ୧୩-ପାଣ୍ଡବଙ୍କୁ ପୋଡ଼ି ମାରିବା ଯୋଜକ, ୧୪—ପୂଜନୀୟ, ୧୫-ଆପଣା ସ୍ୱାର୍ଥ ପାଇଁ କେଶ ଓ ପାଦ ଉଭୟ ଧରିବା ବ୍ୟକ୍ତି, ୧୬—କିମ୍ବଦନ୍ତୀ ପଦ, ୧୭-ସଂଗ୍ରହ।

ଶବ୍ଦ ଶୃଙ୍ଗାର—୪ର ଉତ୍ତର

ବାମରୁ ଡାହାଣକୁ-୧-ଶଙ୍ଖଚିଲ, ୨-ପଗଶର, ୩-ବଙ୍ଗଳା ଦେଶ, ୪ ବିମାତା, ୫-କସରତ, ୬-ମାବାର, ୭-ମହାମାନବ, ୮-ଖର

ଉପରୁ ତଳକୁ—୧ ଶଶାଙ୍କ, ୩-ବନ୍ଦେ ମାତରମ. ୭—ମହତ୍ତ୍ୱ, ୯—ଅପରପକ୍ଷ, ୧୦-ଜଳାକବାଟୀ, ୧୧—ସରସ୍ୱତୀ, ୧୨-ସ୍ଥବର, ୧୩-ଲବଙ୍ଗଲତା, ୧୪-ଜାହାଣ, ୧୫-ପରମାଣୁ, ୧୬-ସ୍ୱଦେଶୀ ଆନ୍ଦୋଳନ, ୧୮-ଆକାଶ ବାଣୀ।

ଜାଣନ୍ତି କି ?

୧। ସଟ ପୁଟ ଖେଳରେ ଜଣେ ପ୍ରତିଯୋଗୀ ସଟ ପିଙ୍ଗି (ଥ୍ରୋ) ପାରିବେ କି ?

୨। ଫୁଟବଲ୍ ଖେଳର ଗୋଲର ଚଉଡ଼ା କେତେ ?

୩। ଓ୍ୱାଟର ପୋଲୋ ମ୍ୟାଚ ପାଇଁ ପାଣିର ଗଭୀରତା କେତେ ହେବ?

୪। ରେଫରି ଜଣେ ବକ୍ସରଙ୍କୁ ସତର୍କ କଲାବେଳେ ବିଚାରକମାନେ କପରି ନମ୍ବର ଦିଅନ୍ତି ?

୫। ଶଙ୍ଗରେ କେତେବେଳେ ଜଣେ ଜିମ୍ନାଷ୍ଟର କ୍ରୀଡ଼ା କୌଶଳର ମୂଲ୍ୟାୟନ ଆରମ୍ଭ ହୁଏ ?

୬। ଖୋ ଖୋ ପଡ଼ିଆର ଆକାର କଣ ?

୭। ବଟରଫ୍ଲାଇ ଷ୍ଟ୍ରୋକ୍ ସ୍ୱିମର ଉଭୟ ହାତକୁ ଏକାଠି ଆଗକୁ ଆଣିବା ଏକାନ୍ତ ଭାବେ ଆବଶ୍ୟକ କି?

୮। ଅନଡବଲଡ୍ ବ୍ରିଜ୍ କଣ୍ଟ୍ରାକ୍ଟରେ ନୋ ଟ୍ରମ୍ପସରେ ଗୋଟିଏ ଟ୍ରିକ୍ ପାଇଁ କେତେ ପଏଣ୍ଟ ମିଳେ।

୯। ଜଣେ ଫୁଟବଲ ଖେଳାଳୀ ସିଧା ସଳଖ କର୍ଣ୍ଣରକିକ୍ ଗ୍ରହଣ କଲେ ତାହା ଅଫ୍ସାଇଡ୍ କି ?

୧୦। ବାସ୍କେଟ ବଲ ଟିମରେ ମୋଟ କେତେଜଣ ଖେଳାଳୀ ଥାନ୍ତି ?

ଉତ୍ତର

୧। ନା, ଏହାକୁ ରଖିବାକୁ (ପୁଟ) ହେବ। ୨। ୭. ୩୨ ମିଟର।

୩। ୮୮ ମିଟରରୁ କମ୍ ହେବ ନାହିଁ।

୪। ସେମାନେ ରେଫରିର ନିଷ୍ପତ୍ତି ସହିତ ଏକମତ ହେଲେ ପ୍ରତିପକ୍ଷକୁ ଗୋଟିଏ ପଏଣ୍ଟ ଦିଅନ୍ତି।

୫। ସେ ଚଟାଣ ତ୍ୟାଗ କରିବା ପରଠାରୁ। (୬) ୧୨ ମିଟର।

୭। ହଁ, ପାଣି ଉପରେ ଏହା କରିବା ଦରକାର।

୮। ପ୍ରଥମ ଟ୍ରିକ୍ ପାଇଁ ୪୦ ଏବଂ ପରବର୍ତ୍ତୀ ଟ୍ରିକ୍ ପାଇଁ ୩୦।

୯। ହଁ।

୧୦। ପାଞ୍ଚଜଣ। ଗୋଟିଏ ଟିମ୍କୁ ଆଉ ପାଞ୍ଚଜଣ ବଦଳ କରିବାର ସୁଯୋଗ ଦିଆଯାଏ।

Images: Aptakama Mishra, Processing: Srujanika

ପୋଖରାନ୍ ବିସ୍ଫୋରଣର ଦଶବର୍ଷ ପରେ

ରମାକାନ୍ତ ମିଶ୍ର

ଅଣୁଶକ୍ତି ଉତ୍ପାଦନ କ୍ଷେତ୍ରରେ ଏପର୍ଯ୍ୟନ୍ତ ଭାରତ ପଛରେ ପଡ଼ିଛି

ଦଶବର୍ଷ ତଳେ ଅର୍ଥାତ୍ ୧୯୭୪ ମସିହା ମେ ୧୮ ତାରିଖ ଦିନ ଭାରତ ପକ୍ଷରୁ ରାଜସ୍ଥାନର ପୋଖରାନ୍ ଠାରେ ସଫଳତାର ସହିତ ଭୂଗର୍ଭରେ ପରମାଣୁ ବିସ୍ଫୋରଣ କରାଯାଇଛି ବୋଲି ଆକାଶ ବାଣୀରେ ସମ୍ବାଦ ପ୍ରଚାରିତ ହେବା ପରେ ସମଗ୍ର ବିଶ୍ୱ ସ୍ତମ୍ଭୀଭୂତ-ହୋଇ ପଡ଼ିଥିଲା । ଭାରତ ପକ୍ଷରୁ ଏତେ ବଡ଼ କାର୍ଯ୍ୟ ହେଉଥିବା ସମ୍ପର୍କରେ କୌଣସି ବିଦେଶୀ ଗୁପ୍ତଚର ସଂସ୍ଥା ଘୁଣାକ୍ଷରରେ ମଧ୍ୟ ଏହାର ସୂଚନା ପାଇ ନଥିଲେ । କାଳକ୍ରମେ ଭାରତ ଏଭଳି ବହୁ ଆଣବିକ ବିସ୍ଫୋରଣ ଘଟାଇ ବିଶ୍ୱର ଷଷ୍ଠ ଆଣବିକ ଶକ୍ତିରୂପେ ଆତ୍ମ ପ୍ରକାଶ କରିବ ବୋଲି ସବୁ ଆନ୍ତର୍ଜାତିକ ସମ୍ବାଦପତ୍ର ଗୁଡ଼ିକ ସେତେବେଳେ ମତ ଦେଇଥିଲେ ।

କିନ୍ତୁ ତା ପରଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଦଶବର୍ଷ ଭିତରେ ଭାରତ ପକ୍ଷରୁ ଆଉ କୌଣସି ପରୀକ୍ଷା ମୂଳକ ବିସ୍ଫୋରଣ କରାଯାଇ ନାହିଁ । ପାକିସ୍ଥାନ ତାର ଇସ୍‌ଲାମିକ ବୋମା ବା ଅଣୁ ଅସ୍ତ୍ର ତିଆରି କରିବା ପାଇଁ ସକ୍ରିୟ ହେଉଥିବା ଜଣାଶୁଣା । ଏହି ଅସ୍ତ୍ର ତିଆରି ଲାଗି ଆବଶ୍ୟକୀୟ ଯନ୍ତ୍ରପାତି ଚୋରାରେ ବିଦେଶରୁ ଆଣିବାକୁ ନିଜ ଦେଶର ବିଶିଷ୍ଟ ବୈଜ୍ଞାନିକ ମାନଙ୍କୁ ମଧ୍ୟ ନିୟୋଜିତ କରିଥିଲା ଏବଂ ଏବେ ସେ ଦେଶ ଆଣବିକ ଅସ୍ତ୍ର ତିଆରି କରିବା ଦିଗରେ ଯଥେଷ୍ଟ ଅଗ୍ରଗତି କରିଥିବାର ସବୁଦିଗରୁ ସୂଚନା ମିଳିଲାଣି । ଏ ପରିସ୍ଥିତିରେ ଭାରତ ମଧ୍ୟ ଅଣୁ ଅସ୍ତ୍ର ନିର୍ମାଣ କରୁ ବୋଲି ଦେଶର ସବୁ ମହଲରୁ ପ୍ରବଳ ଦାବୀ ହେଉଛି । ଏହା ସତ୍ତ୍ୱେ, ଭାରତ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ଅଣୁଶକ୍ତିର ବିନିଯୋଗ କରିବ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ପୁନର୍ବାର ମେ ୬ ତାରିଖ ଦିନ ଏକ ବେତାର ଆଲୋଚନା ଜରିଆରେ ଘୋଷଣା କରିଛନ୍ତି । ଅବଶ୍ୟ ଭାରତ ନିଜର ପ୍ରତିରକ୍ଷା ପ୍ରସ୍ତୁତି ଓ ଗବେଷଣା କ୍ଷେତ୍ରରେ ଆଦୌ ଶିଥିଳତା ପ୍ରକାଶ କରିବ ନାହିଁ ବୋଲି ସେ ସୂଚାଇଛନ୍ତି । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଭେଙ୍କଟ ରମଣ ଲୋକସଭା ସଦସ୍ୟ ଡକ୍ଟର ଚରଣ ସିଂହ ଓ ଜେନେରାଲ ରାଜେନ୍ଦ୍ର ସିଂହ ଜାରୋଙ୍କ ସହ ବେତାର ଆଲୋଚନା ବେଳେ ଏହା କହିଥିଲେ । ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ମଧ୍ୟ ଏହି କଥା ବାରମ୍ବାର ଘୋଷଣା କରିଛନ୍ତି ।

ଭାରତର ଅଗ୍ରଗତି

ଏ ପରିପ୍ରେକ୍ଷୀରେ ଅଣୁଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତ ଗତ ଦଶନ୍ଧି ଭିତରେ କି ଅଗ୍ରଗତି କରିଛି ତାହା ପର୍ଯ୍ୟାଲୋଚନା କଲା-ବେଳେ ମୁଖ୍ୟତଃ ଗୁରୁତ୍ୱ କ୍ଷେତ୍ରରେ ଆଣବିକ ଜ୍ଞାନର ଉପଯୋଗିତା ବିଚାର୍ଯ୍ୟ । ତାହା ହେଲା

ପୃଥିବୀର ଦରିଦ୍ରତମ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । ଜାତୀୟ ଆୟ ଓ ମୁଣ୍ଡ ପିଛା ଆୟ ବଢ଼ାଇବାକୁ ହେଲେ ଆମକୁ କୃଷି ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ ଓ ଶିଳ୍ପର ଦ୍ରୁତ ପ୍ରସାର କରିବାକୁ ପଡ଼ିବ । କିନ୍ତୁ ଏ ଦୁଇଟି ଯାକ କାମ ପାଇଁ ଆବଶ୍ୟକ ବିଜୁଳି ଶକ୍ତି । ବହୁ ପଞ୍ଚବାର୍ଷିକ ଯୋଜନା ପରେ ମଧ୍ୟ ବିଜୁଳି ଉତ୍ପାଦନ କ୍ଷେତ୍ରରେ ଆମେ ଚାହିଦା ପୂରଣ କରିବାକୁ ସମର୍ଥ ହୋଇନାହୁଁ । କୋଇଲାରୁ ଏବଂ ଜଳଭଣ୍ଡାର ମାନଙ୍କରୁ ଉତ୍ପନ୍ନ ବିଜୁଳି ଦେଶର ଚାହିଦା ମେଣ୍ଟାଇ ନପାରିବାରୁ ଅଣୁଶକ୍ତିର ସାହାଯ୍ୟରେ ବିଜୁଳି ଉତ୍ପାଦନ ପାଇଁ ଏକ ଉଚ୍ଚାଭିଳାଷୀ ଯୋଜନା ଦେଶରେ କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ ଏ କ୍ଷେତ୍ରରେ ମଧ୍ୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଆମ ପକ୍ଷରେ ସମ୍ଭବ ହୋଇନାହିଁ ।

ଏହି ଜ୍ଞାନ ବଳରେ (କ) ଅଧିକ ଶକ୍ତି (ବିଜୁଳି) ଉତ୍ପାଦନ କରିବା (ଖ) ଅନ୍ୟାନ୍ୟ କ୍ଷେତ୍ରରେ ମାନବସଭ୍ୟତାର କଲ୍ୟାଣ କରିବା (ଗ) ବୈଜ୍ଞାନିକ ଜ୍ଞାନର ପରିସରବୃଦ୍ଧି କରିବା (ଘ) ଦେଶର ନିରାପତ୍ତା ସୁଦୃଢ଼ କରିବା

ଭାରତର ମୁଣ୍ଡପିଛା ଶକ୍ତି ଖର୍ଚ୍ଚ ବିଶ୍ୱରେ ସବୁଠାରୁ କମ୍ ବୋଲି ଏକ ପରିସଂଖ୍ୟାନରୁ ଜଣାଯାଇଛି । ଏହି ଶକ୍ତିଖର୍ଚ୍ଚ ମୁଣ୍ଡ ପିଛା ଆୟ ସହିତ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ । କାରଣ ଯେଉଁ ଦେଶରେ ଲୋକଙ୍କର ଆୟ ଯେତେବେଶୀ ସେ ଦେଶରେ ଲୋକଙ୍କର ମୁଣ୍ଡ ପିଛା ଶକ୍ତି ଖର୍ଚ୍ଚ ମଧ୍ୟ ସେତେବେଶି । ଗତ ତ୍ରିଶ ବର୍ଷ ଧରି ଭାରତରେ ଦ୍ରୁତ ଶିଳ୍ପ ବିକାଶ ପାଇଁ ଚେଷ୍ଟା ହୋଇଥିଲେ ବି ଏ ପର୍ଯ୍ୟନ୍ତ ଆମେ ପୃଥିବୀର ଅନ୍ୟତମ ଦରିଦ୍ରତମ ରାଜ୍ୟ ହୋଇ ରହିଯାଇଛୁ ।

ଅନ୍ୟ ଏକ କୌତୁହଳ ବିଷୟ ହେଲା ଯେ ଗତ ୬୦ ବର୍ଷ ଧରି ଦେଶର ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକୁ ଯେତିକି ବିଜୁଳିଶକ୍ତି ଆବଶ୍ୟକ ଆମେ ସେତିକି ମଧ୍ୟ ଯୋଗାଇ ପାରୁନାହିଁ । ଆବଶ୍ୟକ ମୁତାବକ ବିଜୁଳି ଉତ୍ପାଦନ ହେଉଥିଲେ ଆମ ଦେଶର ଶିଳ୍ପ ଉତ୍ପାଦନ ମଧ୍ୟ ଅପେକ୍ଷାକୃତ ଅଧିକ ହୋଇପାରିଥାନ୍ତା । ଏଥିପାଇଁ ୬ଷ୍ଠ ଯୋଜନା କାଳରେ ଅଧିକ ବିଜୁଳି ଉତ୍ପାଦନ ପାଇଁ ଜୋରଦାର ଉଦ୍ୟମ ହୋଇଥିଲା । ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ ।

ଏହି ବିଜୁଳି ଉତ୍ପାଦନ ବୃଦ୍ଧି ପାଇଁ ଆମେ ଆଣବିକ ଶକ୍ତି ଉପରେ ନିର୍ଭର କରିବା ଛଡ଼ା ଅନ୍ୟପନ୍ଥା ନାହିଁ ବୋଲି ଡକ୍ଟର ହୋମି ଭାବା ମୂଳରୁ ମତ ପ୍ରକାଶ କରି ଆସିଛନ୍ତି । ସେ ଏଭଳି ମତ ଦେବାର କାରଣ ହେଲା ଯେ ଆମ ଦେଶରେ ଯଥେଷ୍ଟ ପରିମାଣରେ ତୈଳ ମହଜୁଦ ନାହିଁ । ଆମ ଦେଶର କୋଇଲା ମଧ୍ୟ ଅତି ନିକୃଷ୍ଟ ଧରଣର । କିନ୍ତୁ ଆମ ଦେଶରେ ଯଥେଷ୍ଟ ପରିମାଣରେ ଥୋରିୟମ୍ ମହଜୁଦ ଅଛି । ତେଣୁ ଏହି ଥୋରିୟମକୁ ଉପଯୋଗ କରି ଆଣବିକ ଜ୍ଞାନ ସାହାଯ୍ୟରେ ଆମକୁ ବିଜୁଳି ଉତ୍ପାଦନ କରିବାକୁ ପଡ଼ିବ । ଏଥିପାଇଁ ଆବଶ୍ୟକ ୟୁରାନିୟମ (୨୩୩) ଥୋରିୟମରୁ ବାହାର କରିବାକୁ ହେବ । କିନ୍ତୁ ୟୁରାନିୟମର ଆବଶ୍ୟକତା ବିଜୁଳି ଉତ୍ପାଦନରେ କେବଳ ତୃତୀୟ ପର୍ଯ୍ୟାୟରେ ହୋଇଥାଏ । ତା ପୂର୍ବ ଅବସ୍ଥାର ଇନଫ୍ରାଷ୍ଟ୍ରକ୍‌ଚର ନ ରହିଲେ ଅଣୁ ଶକ୍ତିର ଉପଯୋଗ କରିହେବ ନାହିଁ ।

Images: Aptakama Mishra, Processing: Srujanika

ଅଣୁ ଶକ୍ତିର ବିକାଶର ପ୍ରାଥମିକ ଅବସ୍ଥାରେ ଅର୍ଥାତ ପଞ୍ଚ ଦଶକର ମଧ୍ୟ ଭାଗରେ ଭାରତ ଏ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିଥିଲା । ୧୯୬୫ ମସିହା ବେଳକୁ ଭାରତ ତାର ରିସର୍ଚ୍ଚ ରିଆକ୍ଟର ଅପସରା ତିଆରି କରିସାରିଥିଲା । ୧୯୬୫ ଅଗଷ୍ଟ ମାସରେ ଏଥିରେ କେତେକ ତ୍ରୁଟି ଦେଖାଯାଇଥିଲା । କିନ୍ତୁ ସେଦିନ ଠାରୁ ଏହା ନିର୍ବିଘ୍ନରେ ଏ ପର୍ଯ୍ୟନ୍ତ କାର୍ଯ୍ୟ କରି-ଚାଲିଛି ।

ଏହା ସାଙ୍ଗକୁ ଡକ୍ଟର ଭାବାଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଏକ ଦଳ ବିଶିଷ୍ଟ ବୈଜ୍ଞାନିକଙ୍କୁ ଅଣୁଶକ୍ତି ଉତ୍ପାଦନ କ୍ଷେତ୍ରରେ ଯଥାଯଥ ତାଲିମ ଦିଆଯାଇ ପାରିଥିଲା ଏବଂ ଦେଶରେ ଅଣୁଶକ୍ତି ତଥା ମହାକାଶ ଗବେଷଣା ପାଇଁ ପରୀକ୍ଷାଗାର ସ୍ଥାପନ କରାଗଲା । ୬ଷ୍ଠ ଦଶକର ମଧ୍ୟ ଭାଗ ବେଳକୁ କାନାଡ଼ା ଓ ଆମେରିକା ସହାୟତାରେ ଭାରତରେ ପାୱାର ରିଆକ୍ଟର ସ୍ଥାପନପାଇଁ ଆବଶ୍ୟକୀୟ ଚୁକ୍ତି ସମ୍ପାଦନ ହୋଇଗଲା ଏବଂ ଭାରତର ବୈଜ୍ଞାନିକମାନେ ଅଣୁଶକ୍ତି ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି କରିବା ପାଇଁ ବଦ୍ଧପରିକର ବୋଲି ସେମାନଙ୍କ କାର୍ଯ୍ୟକଳାପରୁ ଜଣା ପଡ଼ିଲା ।

ଏଭଳି ଭାବେ ଭାରତ ଅଗ୍ରଗତି କରି ଚାଲିଥିଲା ବେଳେ ଏକ ବିମାନ ଦୁର୍ଘଟଣାରେ ଡକ୍ଟର ଭାବା ପ୍ରାଣ ହରାଇବାରୁ ୧୯୬୬ ରୁ ୬୯ ପର୍ଯ୍ୟନ୍ତ ଅଣୁଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତରେ ଏକ ଅନିଶ୍ଚିତ ଅବସ୍ଥା ସୃଷ୍ଟି ହୋଇଥିଲା । ଯଦିଓ ଏ କ୍ଷେତ୍ରରେ ବୈଜ୍ଞାନିକ ମାନେ ନିଜେ ନିଜେ ଭଲ କାମ କରୁଥିଲେ ସେମାନଙ୍କୁ ଦିଗ୍ ଦର୍ଶନ ଦେବାପାଇଁ ଡକ୍ଟର ଭାବାଙ୍କ ପରେ ଆଉ କେହି ରହିଲେନାହିଁ । ଫଳରେ ଭାରତର ୧୯୮୦ ମସିହାସୁଦ୍ଧା ୮୦୦୦ ମେଗାୱାଟ୍ ଅଣୁଶକ୍ତି ଉତ୍ପାଦନ କରିବବୋଲି ଯେଉଁ ଲକ୍ଷ୍ୟ ରଖିଥିଲା ତାହା ପୂରଣ ହେବା ଦିଗରେ ସନ୍ଦେହ ସୃଷ୍ଟି ହେଲା । କାରଣ ଏହି ଲକ୍ଷ୍ୟ ହାସଲ କରିବାପାଇଁ ୟୁରାନିୟମ୍‌କୁ ଖଣିରୁ କାଢ଼ି ତାକୁ ବିଶୋଧନକରି ରିଆକ୍ଟର ପର୍ଯ୍ୟନ୍ତ ନେବା, ଫୁଏଲ ଫାବ୍ରିକେଶନର ସୁଯୋଗ ସୃଷ୍ଟି କରିବା ବ୍ୟବହୃତ ଇନ୍ଧନ ସଂରକ୍ଷଣ କରିବା, ଏହାର ପୁନର୍ବ୍ୟବହାର କରିବା ପଦ୍ଧତିର ବିକାଶ ଏବଂ ସର୍ବୋପରି ହେଭିୱାଟର ଓ ରିଆକ୍ଟର

ଅବଶିଷ୍ଟାଂଶ ପର ପୃଷ୍ଠାରେ

ତାଳଚେର ହେଭିୱାଟରପ୍ଲାଣ୍ଟରେ ବିଦେଶୀସଂସ୍ଥାର ଅନ୍ତର୍ଘାତକାର୍ଯ୍ୟ

ହେଭି ୱାଟର ବା ଗୁରୁଜଳ ପ୍ରାକୃତିକ ୟୁରାନିଅମ୍‌କୁ ଇନ୍ଧନ ରୂପେ ବ୍ୟବହାର କରୁଥିବା ଆଟମିକ ରିଆକ୍ଟର ପାଇଁ ଏକାନ୍ତ ଆବଶ୍ୟକ ଏହାକୁ ଦୃଷ୍ଟିରେ ରଖି ୧୯୮୦-ମସିହାରୁ ବିଭିନ୍ନ ସାର କାରଖାନା ମାନଙ୍କ ନିକଟରେ ଏହି ହେଭି ୱାଟର ପ୍ଲାଣ୍ଟ ବସାଇବାର ଯୋଜନା କରା-ଯାଇଥିଲା । କିନ୍ତୁ ଭାରତ କେପରି ଅଣୁଶକ୍ତି ଉତ୍ପାଦନର ପ୍ରତ୍ୟେକ ଦିଗରେ ଆତ୍ମନିର୍ଭରଶୀଳ ହୋଇ ନପାରେ ସେଥିପାଇଁ କେତେକ ବିଦେଶୀ ସଂସ୍ଥା ଅନ୍ତର୍ଘାତ କାର୍ଯ୍ୟ ଆରମ୍ଭ କରିଦେଲେ ତାଳଚେର ହେଭି ୱାଟର ପ୍ଲାଣ୍ଟପାଇଁ ଆବଶ୍ୟକ କୁଲିଂପ୍ଲାଣ୍ଟ ପଶ୍ଚିମ ଜର୍ମାନୀରୁ ସେ ଦେଶର ଏକ ଜାହାଜରେ ଆସୁଥିବା ବେଳେ ଆଇବେରିଆନ୍ ଉପକୂଳରେ ସେ ଜାହାଜର କ୍ୟାପଟେନ୍ ଉକ୍ତ କୁଲିଂ ପ୍ଲାଣ୍ଟକୁ ସମୁଦ୍ରକୁ ଫିଙ୍ଗିଦେଲେ । କ୍ୟାପଟେନ ନିଜ-କାର୍ଯ୍ୟର କୈଫିୟତ ଦେଇ କହିଲେ ଯେ ଜାହାଜକୁ ଏକ ସାମୁଦ୍ରିକ ଝଡ଼ରୁ ରକ୍ଷା କରିବା ପାଇଁ ହାଲୁକା କରିବାକୁ ପଡ଼ିଲା ତେଣୁ ବହୁ ଜିନିଷପତ୍ର ସମୁଦ୍ରକୁ ଫୋପାଡ଼ି ଦେବାକୁ ସେ ବାଧ୍ୟହେଲେ । ଏହା ପରେ ପରେ ଟ୍ୟୁଟିକୋରିନ ସାର କାରଖାନା ନିକଟରେ ବସା ଯାଇଥିବା ଅନ୍ୟଏକ ହେଭି ୱାଟର ପ୍ଲାଣ୍ଟରେ ହଠାତ୍ କୌଣସି ଏକ ଅଜଣା କାରଣରୁ ନିଆଁ ଲାଗି ସେ ପ୍ଲାଣ୍ଟଟି ନଷ୍ଟ ହୋଇଗଲା । ସେହିଭଳି ୧୯୭୭ ମସିହା ଡିସେମ୍ବର ମାସରେ ବରୋଦାରେ ପ୍ରତିଷ୍ଠିତ ହେଭି ୱାଟର ପ୍ଲାଣ୍ଟରେ ପରୀକ୍ଷାମୂଳକ ଉତ୍ପାଦନ ହୋଇ ସାରିଥିଲା । ଏବଂ ବ୍ୟବସାୟିକ ଭିତ୍ତିରେ ସେଠାରେ ଉତ୍ପାଦନ ଆରମ୍ଭ କରିବା ପୂର୍ବରୁ ସେଠାରେ ନିଆଁ ଲାଗି ସବୁକିଛି ଗୋଳମାଳ ହୋଇଗଲା । ଏଭଳି ଅନ୍ତର୍ଘାତ କାର୍ଯ୍ୟ ଓ ଅନ୍ୟାନ୍ୟ କେତେକ ଆନୁସଙ୍ଗିକ କାରଣ ଯୋଗୁ ଭାରତରେ ପ୍ରତିଷ୍ଠିତ ସବୁ ହେଭି ୱାଟର ପ୍ଲାଣ୍ଟର ଆଶାନୁରୂପ ଉତ୍ପାଦନ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ତେଣୁ ଆମକୁ ବିଦେଶରୁ ଏହି ଜଳ ଆମଦାନି କରିବାକୁ ପଡ଼ୁଛି । ତାଳଚେରରେ ବିଶେ-ଷକରି ଯେଉଁ ପଦ୍ଧତିରେ ଜଳ ଉତ୍ପାଦନ କରାଯାଉଛି ସେ ପଦ୍ଧତିରେ କେବେହେଁ ଲକ୍ଷ୍ୟ ହାସଲ କରାଯାଇ ପାରିବନାହିଁ । ଭାରତରେ ହେଭି ୱାଟର ଉତ୍ପାଦନ ସୁନିୟନ୍ତ୍ରଣ କରି ପାରିଲେ ହିଁ ଆମେ ଅଣୁଶକ୍ତି ସାହାଯ୍ୟରେ ବିଦ୍ୟୁତ୍ ଉତ୍ପାଦନ କରିବାରେ ସ୍ୱାବଲମ୍ବୀ ହୋଇ ପାରିବା । କାରଣ ୨୩୫ ମେଗାୱାଟ ଉତ୍ପନ୍ନ କ୍ଷମତା ସଂପନ୍ନ ଏକ ୟୁରାନିଆମ୍ ରିଆକ୍ଟର ବସାଇଲେ ଆମର ୨୩୫ରୁ ୨୫୦ଟନ୍ ଗୁରୁଜଳ ଆବଶ୍ୟକ ହେବ !

ଫାଷ୍ଟ ବ୍ରିଡର ରିଆକ୍ଟରପ୍ରୋଗାମ

ଚଳିତ ବର୍ଷ ଶେଷଆଡ଼କୁ ଏକ ଟେଷ୍ଟ ରିଆକ୍ଟର ବସାଇବା ପାଇଁ ଏବେ ଉଦ୍ୟମ ହେଉଛି । ଏଥିରୁ ଯେଉଁ ଜ୍ଞାନ ଆହରଣ କରାଯିବ ତାକୁ ଭିତ୍ତି କରିକରି ୫୦୦ ମେଗାୱାଟ ବିଜୁଳିଶକ୍ତି ଉତ୍ପାଦନ କରି ପାରିବା ଭଳି ଏକ କମର୍ସିଆଲ ବ୍ରିଡର ଅଚିରେ ନିର୍ମାଣ କରାଯିବ । ଏହିଭଳି ବ୍ରିଡର ଗୁଡ଼ିକପାଇଁ ଅତି ଶକ୍ତିଶାଳୀ ୟୁରାନିଅମ୍ ପ୍ଲୁଟୋନିଅମ ମିଶ୍ରଣ ଇନ୍ଧନ ସ୍ୱରୂପ ଆବଶ୍ୟକ । କିନ୍ତୁ ଭାରତ ଏପର୍ଯ୍ୟନ୍ତ ଏହି ପ୍ଲୁଟୋନିଅମ୍ ଉତ୍ପନ୍ନ କରିବା କ୍ଷମତା ହାସଲକରି ନଥିବାରୁ ସମ୍ଭବତଃ ଫ୍ରାନ୍ସରୁ ଏହା ଆମଦାନି କରିବାକୁ ପଡ଼ିବ ଫଳରେ ଏ କ୍ଷେତ୍ରରେ ଭାରତ ନିଜର ଆତ୍ମ ନିୟନ୍ତ୍ରଣ ହରାଇବାର ଆଶଙ୍କା ଅଛି । ତେବେ ପ୍ଲୁଟୋ-

Images: Aptakama Mishra, Processing: Srujanika

ଯନ୍ତ୍ରାଂଶ ନିର୍ମାଣ କାର୍ଯ୍ୟରେ ଆମେ ବିଶେଷ ଅଗ୍ରଗତି କରିନଥିଲୁ । ତେଣୁ ଏନ୍‌ରଜି ସର୍ଭେ କମିଟି ପ୍ରଥମେ ଶକ୍ତି ଉତ୍ପାଦନ ଲକ୍ଷ୍ୟ ୫୦୦୦ ମେଗାଓ୍ୱାଟକୁ ଓ ପରେ ତାକୁ ୨୭୦୦ ମେଗାଓ୍ୱାଟକୁ କମେଇ ଦେଲେ ।

ଡକ୍ଟର ହୋମି ଭାବାଙ୍କ ପରେ ଡକ୍ଟର ବିକ୍ରମ ସାରାଭାଇ ଅଣୁଶକ୍ତି କ୍ଷେତ୍ରରେ ଆବଶ୍ୟକୀୟ ଉନ୍ନତି ସାଧନ କରିବା ସଙ୍ଗେ ସଙ୍ଗେ ମହାକାଶ ଗବେଷଣା ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା ହେବା ଉଚିତ୍ ବୋଲି ମତ ଦେଇ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ ଯାହାକି ଭାରତ ସରକାରଙ୍କ ଦ୍ୱାରା ଗୃହୀତ ହୋଇ କାର୍ଯ୍ୟକାରୀ କରାଗଲା । ଫଳରେ ଭାରତରେ ଅଣୁଶକ୍ତି ସାଙ୍ଗକୁ ସ୍ପେସ (ମହାକାଶ) ଓ ଇଲେକ୍ଟ୍ରୋନିକ ଗବେଷଣା ପଥ ପ୍ରଶସ୍ତ ହେଲା କିନ୍ତୁ ୧୫ ବର୍ଷ ତଳେ ଗୃହୀତ ହୋଇଥିବା ସାରାଭାଇଙ୍କର ପ୍ରସ୍ତାବ ଅନୁଯାୟୀ ୧୯୮୦ ମସିହା ବେଳକୁ ୨୭୦୦ ମେଗାଓ୍ୱାଟ ବିଜୁଳି ଉତ୍ପାଦନ ଲକ୍ଷ୍ୟ ହାସଲ କରାଯାଇ ପାରିଲା ନାହିଁ କାରଣ ସ୍ୱରୂପ ମୁଖ୍ୟତଃ ରିଆକ୍ଟରର ନିର୍ମାଣ ଓ ତାକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ବୋଲି କୁହାଯାଇ ପାରେ । ୧୯୭୦ ରେ ଆମେରିକା ଭାରତକୁ ଅଣୁ ଅସ୍ତ୍ର ପ୍ରସାର ନିରୋଧ ଚୁକ୍ତିରେ ସ୍ୱାକ୍ଷର କରିବାକୁ ଚାପ ପକାଇ ବିଫଳ ହେବା ପରେ ଭାରତକୁ ଏ କ୍ଷେତ୍ରରେ ଆନ୍ତରିକତାର ସହିତ ସାହାଯ୍ୟ କଲା ନାହିଁ । ଏହାଛଡ଼ା ତାରାପୁର ପାଇଁ ଆମେରିକାରୁ ଆସିଥିବା ପାଓ୍ୱାର ପ୍ଲାଣ୍ଟ ଓ କୋଟା ପାଇଁ କାନାଡ଼ାରୁ ଆସିଥିବା ପାଓ୍ୱାର ପ୍ଲାଣ୍ଟ ଅତି ପୁରୁଣା କାଳିଆ ହୋଇଥିବାରୁ ସେଥିରେ ବହୁ ଦୋଷତ୍ରୁଟି ଦେଖାଦେଲା । ତେଣୁ ୧୯୯୧-୯୨ ସୁଦ୍ଧା ୨୫୦୫ ମେଗାଓ୍ୱାଟ୍ ଶକ୍ତି ଉତ୍ପନ୍ନ କରିବାକୁ ପୁନର୍ବାର ପରିବର୍ତ୍ତିତ ଲକ୍ଷ୍ୟ ଧାର୍ଯ୍ୟ କରାଗଲା । ଇତି ମଧ୍ୟରେ ଭାରତ ନିଜେ ନିଜ ସମ୍ବଳରୁ ପ୍ରାକୃତିକ ୟୁରାନିୟମ ଇନ୍ଧନରେ ପରିଚାଳିତ ନ୍ୟୁକ୍ଲିଅର ରିଆକ୍ଟର ତିଆରି କରି ବସାଇ ପାରିବ ବୋଲି ଆଟମିକ ଏନର୍ଜି କମିଶନ୍ ପକ୍ଷରୁ ଘୋଷଣା କରାଯାଇଛି ।

ଆବଶ୍ୟକ ସ୍ଥଳେ ଦେଶର ନିରାପତ୍ତା ରକ୍ଷା ପାଇଁ ଅଣୁଶକ୍ତି କମିଶନ୍ ଆଣବିକ ଅସ୍ତ୍ର ନିର୍ମାଣ କରିବାରେ ସମ୍ପୂର୍ଣ୍ଣ ସକ୍ଷମ ହେବ ବୋଲି ପୋଖରାନ୍ ବିସ୍ଫୋରଣରୁ ପ୍ରମାଣିତ ହୋଇଯାଇଛି । ଏହି ବିସ୍ଫୋରଣ ଅତି ସୁନ୍ଦର ଭାବେ ସମାହିତ ହୋଇଛି । ପରମାଣୁ ଅସ୍ତ୍ର ପାଇଁ ଆବଶ୍ୟକ ଅସୁରକ୍ଷିତ ପ୍ଲୁଟୋନିଅମ୍ ମଧ୍ୟ ଧ୍ରୁବ ରିଆକ୍ଟରରୁ ମିଳିପାରିବ ବୋଲି ଆଶା କରାଯାଉଛି ।

ଆଟମିକ ଏନର୍ଜି ବିଭାଗ ନିଜ ପ୍ରତିଶ୍ରୁତି ମୁତାବକ ୨୭୦୦ ମେଗାଓ୍ୱାଟ ବିଜୁଳି ଉତ୍ପନ୍ନ କରିବାକୁ ୧୯୮୦ ମସିହା ସୁଦ୍ଧା ଅକ୍ଷମ ହୋଇଛନ୍ତି, ଏବଂ ଅଣୁଶକ୍ତି କେନ୍ଦ୍ର ଗୁଡ଼ିକୁ ଚାଲୁରଖିବା ପାଇଁ ଆବଶ୍ୟକ ହେଭି ଓ୍ୱାଟର ଉତ୍ପାଦନ କରିବାରେ ମଧ୍ୟ ଏ ପର୍ଯ୍ୟନ୍ତ ସଫଳ ହୋଇନାହାନ୍ତି । ତଥାପି ଏ କ୍ଷେତ୍ରରେ ସେମାନେ ଯେଉଁ ସଫଳତା ହାସଲ କରିଛନ୍ତି ତାହା ପ୍ରଶଂସାର୍ହ । ୧୯୫୫ ରୁ ୧୯୬୫ ମସିହା ମଧ୍ୟରେ ଡକ୍ଟର ଭାବାଙ୍କ ନେତୃତ୍ୱରେ ଯେଉଁ ପ୍ରଗତି ସାଧିତ ହୋଇଥିଲା ତାହା ପୂର୍ବରୁ ଆଲୋଚିତ ହୋଇଛି । ଷଷ୍ଠ ଦଶକର ଶେଷ ଭାଗ ଦେଶ ପାଇଁ ସଙ୍କଟ ପୂର୍ଣ୍ଣ ଥିଲା । କାରଣ ଚୀନ୍ ଏବଂ ଜାମୁ ଓ କାଶ୍ମୀର ଉପରେ ପାକିସ୍ଥାନର ଆକ୍ରମଣ ଦେଶର ଅର୍ଥନୀତିକୁ ଦୁର୍ବଳ କରି ପକାଇଥିଲା । ଏହାର ପରବର୍ତ୍ତୀ ଅବସ୍ଥାରେ ଆମେରିକା ଓ ତାର ବନ୍ଧୁ ଦେଶ ମାନଙ୍କଠାରୁ ଭାରତ ଉପରେ ଅର୍ଥନୀତିକ ଓ ରାଜନୈତିକ ଚାପ ଭାରତର ଶକ୍ତିକୁ ଏକ ପ୍ରକାର ଚପି ଦେଇଥିଲା । ପରେ ପରେ ଅଭୂତପୂର୍ବ ମୂଲ୍ୟବୃଦ୍ଧି ଆମର ସ୍ଥିତିକୁ ଦୋହଲାଇ ଦେଇଥିଲା । ତେଣୁ ଏ ପରିସ୍ଥିତିରେ ଅଣୁଶକ୍ତିର ବିକାଶ ବାଧାପ୍ରାପ୍ତ ହୋଇଥିଲା । ସାରାଭାଇଙ୍କ ଯୋଜନା ଦ୍ରୁତ ଗୌରବ ଫେରିପାଇବାର ଏକ ପ୍ରଚେଷ୍ଟା ମାତ୍ର ଥିଲା । କିନ୍ତୁ ୧୯୭୦ ରେ ମଧ୍ୟ ଆମେ ବିଶେଷ ଅଗ୍ରଗତି କରି ପାରିନଥିଲୁ । ଏ ଅବସ୍ଥାରେ ପୋଖରାନ୍ ବିସ୍ଫୋରଣ ପୂର୍ବରୁ ଭାରତ ଉପରେ ଯେପରି ମୃଦୁଚାପ ପଡ଼ୁଥିଲା ପୋଖରାନ ବିସ୍ଫୋରଣ ପରେ ଚାପ ଅଧିକ ତୀବ୍ର ହେବାକୁ ଲାଗିଛି ଏବଂ ବିଭିନ୍ନ ଆଣବିକ ଯନ୍ତ୍ରପାତି ମଧ୍ୟ ବିଦେଶରୁ ଆଉ ଆଣିବା ସମ୍ଭବ ହେଉନାହିଁ । ଏ ପରିସ୍ଥିତିରେ କେବଳ ଦେଶୀ କାରିଗରି ଓ କୌଶଳ ଅବଲମ୍ବନ କରିବା ଛଡ଼ା ଅନ୍ୟ ବାଟ ନାହିଁ । ଆମର ବୈଜ୍ଞାନିକ ମାନେ ଏଥିରେ ସଫଳ ହେବେତ ? □

ନିଅମରେ ନ୍ୟାଚରାଲ ୟୁରାନିୟମ ବା ଥୋରିଅମ୍‌ର ଢାଙ୍କୁଣୀ ଦେଇ ଏହାକୁ ଇନ୍ଧନ ରୂପେ କଲ୍ପକମ୍ ରିଆକ୍ଟରରେ ବ୍ୟବହାର କରାଯାଇ ପାରିବ ବୋଲି କୁହାଯାଉଛି ।

ରିସର୍ଚ୍ଚ ରିଆକ୍ଟର ଆର—୫

ଏହାର ଅନ୍ୟନାମ ଧ୍ରୁବ । ୧୦୦ ମେଗାଓ୍ୱାଟ ବିଜୁଳି ଉତ୍ପନ୍ନକ୍ଷମ ଏହି ରିଆକ୍ଟର ବସିବ ବସିବ ବୋଲି ୫ ବର୍ଷ ବିତିଗଲାଣି । କିନ୍ତୁ ଚଳିତ ବର୍ଷ ଶେଷ ବେଳକୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଏହା କାର୍ଯ୍ୟକାରୀ ହେଲେ ପ୍ଲୁଟୋନିଅମ ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ ଆଇସୋଟୋପ୍ ଉତ୍ପାଦନ ପାଇଁ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଯାଇ ପାରିବ ।

ୟୁରାନିଅମ୍ ଏନ୍‌ରିଚମେଣ୍ଟ

ସାରାଭାଇ ଯୋଜନାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ୧୯୭୦ ମଧ୍ୟ ଭାଗରେ ଏହା ସରକାରଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥିଲା । କିନ୍ତୁ ଏବେ ପୁଣି ପରୀକ୍ଷା ମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଭାରତ ପକ୍ଷରେ ଅସ୍ତ୍ରତିଆରି ପାଇଁ ଏନ୍‌ରିଚଡ୍ ୟୁରାନିୟମ୍ ଆବଶ୍ୟକ ନ ହୋଇପାରେ କିନ୍ତୁ ତାରାପୁର ଭଳି ରିଆକ୍ଟର ପାଇଁ ଏହା ଅନାବଶ୍ୟକ । ଏଭଳି ରିଆକ୍ଟର ତିଆରି କରିବା ସହଜ ଓ ଶସ୍ତା ଏଥିପାଇଁ ବ୍ୟୟବହୁଳ ହେଭିଓ୍ୱାଟର ମଧ୍ୟ ଅନାବଶ୍ୟକ ।

ଦୁଃଖ ପ୍ରକାଶ

ଯଥା ସମୟରେ ଫାଣ୍ଟମ୍, ଫ୍ଲାସ ଗର୍ଡନ ଏବଂ ଅମର ଚିତ୍ର କଥାର ବ୍ଲକ ଆମର ହସ୍ତଗତ ହୋଇ ନଥିବାରୁ ଚଳିତ ସଂଖ୍ୟାରେ ଏ ତିନୋଟି ବିଷୟ ଦିଆଯାଇ ପାରିଲା ନାହିଁ । ସେଥିପାଇଁ ଆମେ ଦୁଃଖିତ ।

ସଂପାଦକ

Images: Aptakama Mishra, Processing: Srujanika

ଭାରତରୁ ଚିତାବାଘ ବଂଶ ଲୋପ

ପାଶ୍ୱପାର୍ଶ୍ୱିକ ବାତାବରଣ ପ୍ରତି ନିସ୍ପୃହତା ପରମାଣୁ ଯୁଦ୍ଧର ଧ୍ୱଂସଲୀଳା ଠାରୁ ଅଧିକ ମାରାତ୍ମକ

ସହର ଲୋକ ବିଶେଷତଃ ଦ୍ରୁତ-ଗତିରେ ବଢ଼ି ଚାଲିଥିବା ମହାନଗରୀର ଲୋକଙ୍କ ପାଇଁ ମୁକ୍ତ ବାୟୁ ଟିକିଏ ଆହରଣ କରିବା ଆଜିକାଲି ଏକ ଦୁରୁହ ତଥା ବ୍ୟୟ ସାପେକ୍ଷ ବ୍ୟାପାରରେ ପରିଣତ ହୋଇଛି । ଆଧୁନିକ ସଭ୍ୟତା, ସହର ଗୁଡ଼ିକର ଶିଳ୍ପୀକରଣ ଏବଂ ଲୋକସଂଖ୍ୟା ହାରର କ୍ରମାଗତ ବୃଦ୍ଧି ଯୋଗୁଁ ପ୍ରକୃତିର ଭାରସାମ୍ୟତାରେ ଆଞ୍ଚ ଆସି ଏହା ଆଜି ବିଭିନ୍ନ ପ୍ରକାରରେ ଦୂଷିତ ହୋଇ-ଯାଇଛି । ଫଳତଃ ଆମଦେଶର ପ୍ରକୃତି ଜଗତରୁ କେତେକ ଅତି ମୂଲ୍ୟବାନ୍ ଜୀବ ଓ ବୃକ୍ଷଲତାର ଜାତି ଲୋପ ପାଇ-ଗଲେଣି ।

ଆମ ଦେଶରେ ଥିବା ହିଂସ୍ରଜନ୍ତୁଙ୍କ ମଧ୍ୟରେ ଚିତାବାଘ ବଂଶ ସବୁଦିନ ପାଇଁ ଲୋପ ପାଇ ଯାଇଛି । ପ୍ରାୟ ୫୦୦ ପ୍ରକାର ପକ୍ଷୀ ଏବଂ ଅସଂଖ୍ୟ ପ୍ରକାର ବୃକ୍ଷଲତା ଏବଂ ଫୁଲଜାତୀୟ ଗଛ ମଧ୍ୟ ଆମର ପ୍ରକୃତିରୁ ବର୍ତ୍ତମାନ ବିଲୁପ୍ତ । ପାରି-ପାର୍ଶ୍ୱିକ ବାତାବରଣ ପ୍ରତି ମଣିଷର ନିସ୍ପୃହତା ଯୋଗୁହିଁ ଏହି ଧ୍ୱଂସଲୀଳା ସଙ୍ଗଠିତ ହୋଇଛି । ଅନ୍ୟ କଥାରେ କହିବାକୁ ଗଲେ ବର୍ତ୍ତମାନ ସମୟରେ ଏକ ପରମାଣୁ ବୋମା ଜନିତ ଧ୍ୱଂସ ଲୀଳାର ଭୟ ଅପେକ୍ଷା କ୍ରମାଗତ ପାରିପାର୍ଶ୍ୱିକଗତ ବାତାବରଣ ଦୂଷିତକରଣ ଜନିତ ଓ ଆଟଙ୍କାର ପରିମାଣ ବେଶୀ ।

ଶୃଙ୍ଖଳାହୀନ ଭାବରେ ସହର ଏବଂ ଏବଂ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ଅଗ୍ରଗତି ଏବଂ ମୁକ୍ତ ଜଳପଥ ଓ ନିକାଞ୍ଚନ ଅଞ୍ଚଳ-ଗୁଡ଼ିକର କ୍ରମାଗତ କ୍ଷୟ ହେତୁ ଅନେକ ପ୍ରାଚୀନ ସଭ୍ୟତା ଯେ ଧ୍ୱଂସ ପାଇଛି ତାହା ଆମର ଇତିହାସ ସବୁବେଳେ ପ୍ରମାଣ କରିଛି । ସୁତରାଂ ଉପରୋକ୍ତ ପରିସ୍ଥିତିରେ ଜାତିର ସଂସ୍କୃତିକ ପରମ୍ପରାରେ ଯେଉଁ କ୍ଷୟ ଦେଖା-ଦେଇଛି ତାହାର ଯଥାଶୀଘ୍ର ପ୍ରତିକାର କରାଯିବା ଆବଶ୍ୟକ । ଶିଳ୍ପସମାଜର କୁପ୍ରଭାବ ଦ୍ୱାରା ଆମର ବହୁ ପ୍ରାଚୀନ ସ୍ଥାପତ୍ୟ ଏବଂ କୀର୍ତ୍ତି ସବୁ ଆସ୍ତେ ଆସ୍ତେ ଅବକ୍ଷୟ ହୋଇ ଯାଇଛନ୍ତି । ଏ ପର୍ଯ୍ୟନ୍ତ ଅସଂରକ୍ଷିତ ଅବସ୍ଥାରେ ଥିବା ପ୍ରାୟ ୩୦,୦୦୦ କୀର୍ତ୍ତିସ୍ତମ୍ଭକୁ ଛାଡ଼ି-ଦେଲେ ବିଭିନ୍ନ ରାଜ୍ୟ ସରକାରଙ୍କ ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ତ୍ତମାନ ଯଥାକ୍ରମେ ୧୦,୦୦୦ ଏବଂ ୫,୦୦୦ କୀର୍ତ୍ତି ସ୍ତମ୍ଭର ରକ୍ଷଣାବେକ୍ଷ କରା-ଯାଇଛି । ଏହିସବୁ କୀର୍ତ୍ତିସ୍ତମ୍ଭର ପାଖରେ ଏବଂ ଚତୁର୍ଦ୍ଦିଗରେ ପ୍ରଚଳିତ ଉନ୍ନୟନ ପ୍ରକ୍ରିୟାର ତ୍ୱରାନ୍ୱିତ ଗତି ଯୋଗୁଁ ବିଭିନ୍ନ ପ୍ରକାର ଶିଳ୍ପ ସଂସ୍ଥା ଦ୍ରୁତଗତିରେ ଗଢ଼ି ଉଠିଥିବାରୁ ଏହାର ପ୍ରଭାବରେ ଆମର ଐତିହାସିକ ବିଭବଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ସଂଘଟିତ ହେଉଛି ।

ସମୁଦ୍ର ତଟବର୍ତ୍ତୀ ପ୍ରାନ୍ତ ଦେଶ ଏବଂ ନିସ୍ତବ୍‌ଧତା ବିରାଜମାନ କରୁଥିବା ଅଞ୍ଚଳ ଯାହା ଦିନେ ଦୂଷିତକରଣ ପ୍ରକ୍ରିୟାରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ଥିଲା ସେଗୁଡ଼ିକ ମଧ୍ୟ ଆଜି ମଣିଷର ଲକ୍ଷ୍ୟହୀନ ଅପବ୍ୟବହାର ଫଳରେ ଉଣାଅଧିକେ ଆକ୍ରାନ୍ତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ପରିବେଶର ଭାରସାମ୍ୟତା ରକ୍ଷା କରିବା ଦିଗରେ ଏକ ଦେଶବ୍ୟାପୀ ଚେତନା ସୃଷ୍ଟିର ଆବ-ଶ୍ୟକତା ଆମ ଉପରେ ଏକ ନୂତନ ଦାୟିତ୍ୱ ନ୍ୟସ୍ତ କରିଛି । ଏହି ନୂତନ ଦାୟିତ୍ୱଟି ହେଲା ଆମର ପରିବେଶର ଗୁଣାତ୍ମକ ସୁରକ୍ଷା କରାଯାଇ ଏପର୍ଯ୍ୟନ୍ତ ଦୂଷିତ ହୋଇଚାଲିଥିବା ମୁକ୍ତ ଏବଂ ପ୍ରଶାନ୍ତ ଅଞ୍ଚଳ ଗୁଡ଼ିକର ସ୍ୱକୀୟ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା । ଐତିହାସିକ ସ୍ଥାନ ଏବଂ କୀର୍ତ୍ତି ସ୍ତମ୍ଭଗୁଡ଼ିକର ଯଥାର୍ଥ ସୁରକ୍ଷା ନିମନ୍ତେ ଫତେପୁରସିକ୍ରୀ, କୁଶୀନଗର ଏବଂ ଶ୍ରାବସ୍ତିଠାରେ ବ୍ରଜଭୂମି ପରିକ୍ରମା ସଙ୍ଗଠନ ପାଇଁ ଅଭିପ୍ରେତ ଜାତୀୟ ନକ୍‌ସା (ଡିଜାଇନ୍) ପ୍ରତିଷ୍ଠାନ ପକ୍ଷରୁ ଏକ ସମନ୍ୱିତ ଉନ୍ନୟନ ଯୋଜନା ପ୍ରସ୍ତୁତ କରା-ଯାଇଛି । ଜୀବନ୍ତ ସମ୍ପଦାବଳୀର ସଂରକ୍ଷଣ ବଂଶପରମ୍ପରାଗତ ବୈଚିତ୍ରା-ବଳୀର ସମନ୍ୱିତ ସୁରକ୍ଷା ଏବଂ ପରିବେଶଗତ ପ୍ରସ୍ତୁତି ପ୍ରକ୍ରିୟାର ନିରବଚ୍ଛିନ୍ନ ଧାରାକୁ ଅବ୍ୟାହତ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୧୨ଟିରୁ ଉର୍ଦ୍ଧ୍ୱ ବାୟୋ-ସ୍ପିଅର ରିଜର୍ଭ ପ୍ରତିଷ୍ଠା କରାଯିବ ବୋଲି ଯୋଜନା କରାଯାଇଛି ।

ସମଗ୍ର ଦେଶରେ ପରିବେଶ ଭାରସାମ୍ୟତାର ସଂରକ୍ଷଣ କରିବା ସଙ୍ଗେସଙ୍ଗେ ଜାତିର ସାଂସ୍କୃତିକ ତଥା ପ୍ରାକୃତିକ ଦତ୍ତ ଐତିହ୍ୟ ଏବଂ ବିଭବର ସୁରକ୍ଷା ନିମନ୍ତେ ଗ୍ରାମ, ଜିଲ୍ଲା ତଥା ରାଜ୍ୟସ୍ତରରେ "ସ୍ୱତନ୍ତ୍ର ପରିବେଶ ଉନ୍ନୟନ ଦଳ" ଗଠନ କରାଯିବା ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି ଏବଂ ଯଥାଶୀଘ୍ର ଏମାନେ ନିଜର କାର୍ଯ୍ୟ ଆରମ୍ଭ କରିଦେବାର ସମ୍ଭାବନା ରହିଛି । □

Images: Aptakama Mishra, Processing: Srujanika

କାମାକ୍ଷା ବାବୁ ଓଡ଼ିଶା କଂଗ୍ରେସ ସ୍ରୋତରୁ ବିଚ୍ଛିନ୍ନ ହୋଇପଡ଼ୁଛନ୍ତି

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ କାମାକ୍ଷାପ୍ରସାଦ ସିଂହଦେଓ ଓଡ଼ିଶାର କଂଗ୍ରେସ ରାଜନୀତିରେ କ୍ରମେ ସମସ୍ତଙ୍କଠାରୁ ବିଚ୍ଛିନ୍ନ ହୋଇ ଏକ ଘରକିଆ ହୋଇ ଯାଉଥିବା ଲକ୍ଷ୍ୟ କରାଯାଉଛି ।

ତାଙ୍କର ଏକ ଶକ୍ତିଶାଳୀ ବ୍ୟବସାୟୀ ବନ୍ଧୁ ମହଲ ଶ୍ରୀ ସିଂହଦେଓଙ୍କ ଭବିଷ୍ୟତ ଅତି ଉଜ୍ଜ୍ୱଳ ବୋଲି ଚିତ୍ରିତ କରୁଥିବା ବେଳେ ତାଙ୍କ ପାଖକୁ କୌଣସି କଂଗ୍ରେସ ଏମ୍-ଏଲ୍-ଏ ଏପରିକି ସାଧାରଣ କଂଗ୍ରେସ କର୍ମୀ ଯାଉନଥିବା ସାଧାରଣରେ ଯୁଗପତ୍ କୌତୂହଳ ସୃଷ୍ଟି କରିଛି ।

ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶର ରାଜନ୍ୟ ବର୍ଗଙ୍କ ଚାପଫଳରେ ରାଜୁଡ଼ା ବର୍ଗଙ୍କ ଅନ୍ୟ-ତମ ପ୍ରତିନିଧି ରୂପେ ତାଙ୍କୁ କେନ୍ଦ୍ରମନ୍ତ୍ରୀ-ମଣ୍ଡଳରେ ପ୍ରଥମେ ଉପମନ୍ତ୍ରୀ ରୂପେ ସ୍ଥାନ ଦିଆଯାଇଥିଲା । ସେତେବେଳେ ପ୍ରଧାନମନ୍ତ୍ରୀ କିମ୍ବା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ପଚାରି ହେଲେ ପଚାରି ନଥିଲେ । ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସମସ୍ତଙ୍କୁ ପଦୋନ୍ନତି ଦିଆଯାଇଥିବାରୁ ଘଟଣା ଚକ୍ରରେ ଶ୍ରୀ ବୁଟା ସିଂହ କ୍ୟାବିନେଟ୍ ମନ୍ତ୍ରୀ ହେଲେ ଏବଂ ଶ୍ରୀ କାମାକ୍ଷାପ୍ରସାଦ ସିଂହଦେଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାକୁ ଉତ୍ତୀର୍ଣ୍ଣ ହେଲେ ।

ଏ ଦୁଇଟିଯାକ ଅବକାଶରେ ଓଡ଼ିଶାରେ କଂଗ୍ରେସ ସଙ୍ଗଠନ ଦୃଷ୍ଟିରୁ ତାଙ୍କୁ ପଦୋନ୍ନତି ଦିଆଯାଇ ନଥିବା ଅତି ସ୍ପଷ୍ଟ । ଏପରିକି "ବଗର ଅଣ୍ଡା ବଢ଼ିଲେ ମୀନର ବିପତ୍ତି" ହେଲାଭଳି ଶ୍ରୀ ସିଂହଦେଓ ଉପରକୁ ଉଠିଲେ କାଳେ କିଛି ବିପଦ ଦେଖାଦେବ ସେଥିପାଇଁ କୌଣସି ବିଧାୟକ ଯେପରି ତାଙ୍କ ସହ ସମ୍ପର୍କ ନ ରଖନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀ ପରୋକ୍ଷରେ ସବୁ ବିଧାୟକଙ୍କୁ ତାଗିଦ୍ କରିଦେଇଛନ୍ତି । ଫଳରେ ଢେଙ୍କାନାଳ ଗସ୍ତରେ ଗଲେମଧ୍ୟ ଶ୍ରୀ ସିଂହଦେଓଙ୍କୁ କେହି ଭେଟୁନାହାନ୍ତି । ଏଭଳି ଅବସ୍ଥା ଅବ୍ୟାହତ ରହିଲେ ଲୋକସଭା ନିର୍ବାଚନରେ ଶ୍ରୀ ସିଂହଦେଓଙ୍କ ଜିତିବା ସମ୍ଭାବନା ନିଶ୍ଚିତରୂପେ ଊଣା ହୋଇଯିବ ବୋଲି ସେ ନିଜେ ହୃଦୟଙ୍ଗମ କଲେଣି । ଏବଂ ଏହାର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେ କଂଗ୍ରେସ ଲୋକଙ୍କୁ ଛାଡ଼ି ପୂର୍ବତନ ସ୍ୱତନ୍ତ୍ର ଦଳର ଲୋକଙ୍କ ଉପରେ ନିର୍ଭରକରି ନିର୍ବାଚନ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିବା ତାଙ୍କ ନିକଟତମ ମହଲରୁ ଜଣାଯାଉଛି ।

ଏଣେ ଲୋକସଭାନିର୍ବାଚନବେଳେ ଢେଙ୍କାନାଳ ଜିଲ୍ଲା କଂଗ୍ରେସକମିଟି ପକ୍ଷରୁ ଶ୍ରୀ ସିଂହଦେଓ ସହିତ ଏକାଧିକ ପ୍ରାର୍ଥୀଙ୍କ ନାମ ସୁପାରିଶ କରିବାକୁ ସଙ୍ଗଠନ ସ୍ତରରେ ମଧ୍ୟ ମସୁଧା ହେଲାଣି ।

ଶ୍ରୀ ସିଂହଦେଓ ନିଜେ ମୂଳରୁ କଂଗ୍ରେସ ଦଳରେ ନଥିଲେ । ଜିଲ୍ଲା କଂଗ୍ରେସ କମିଟି ଉପରେ ତାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ଅପର ପକ୍ଷରେ ସେ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସଭାଜନ ନୁହନ୍ତି କି ମୁଖ୍ୟ ମନ୍ତ୍ରୀଙ୍କର ଖୋଲା ଖୋଲି ବିରୋଧ ମଧ୍ୟ କରୁନାହାନ୍ତି । ଏଭଳି ଏକ କିମ୍ଭୂତକିମାକାର ପରିସ୍ଥିତି ଭିତରେ ନିଜକୁ ସେ କିପରି ପ୍ରତିଷ୍ଠା କରିବେ ତାହା ସମସ୍ତେ କୌତୂହଳର ସହ ଲକ୍ଷ୍ୟ କରୁଛନ୍ତି । □

ଡାକ୍ତର ଯୋଗେଶ ରାଉତ କଟକ ଲୋକସଭା ନିର୍ବାଚନମଣ୍ଡଳୀରୁ ବିରୋଧୀଦଳ ପ୍ରାର୍ଥୀ ହେବେ ?

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ବାଙ୍କୀର ପୂର୍ବତନ ବିଧାୟକ ତଥା ମୁଖ୍ୟ-ମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ବତନ ଘନିଷ୍ଠ ବନ୍ଧୁ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କୁ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିରୋଧୀଦଳ ପକ୍ଷରୁ ପ୍ରାର୍ଥୀ କରାଯିବା ଆପାତତଃ ସ୍ଥିର ହୋଇଥିବା ବିଜୁବାବୁଙ୍କ ନିକଟତମ ସୂତ୍ରରୁ ଜଣାଯାଇଛି ।

ଏହି ନିର୍ବାଚନ ମଣ୍ଡଳୀ ପାଇଁ ବାରିଷ୍ଟର ରବିଜିତ ମହାନ୍ତି, ଶ୍ରୀ ନିଲୋଚନ କାନୁନଗୋଙ୍କ ନାମ ମଧ୍ୟ ଚର୍ଚ୍ଚିତ ହୋଇଥିଲା । ବାରିଷ୍ଟର ମହାନ୍ତି ପୂର୍ବରୁ ୧୪ ଅବକାଶରେ ଶେଷ ମୁହୂର୍ତ୍ତରେ ନିଜ ମତ ପରିବର୍ତ୍ତନ କରିଥିବାରୁ ତାଙ୍କ କଥାକୁ କୌଣସି ନେତା ବିଶ୍ୱାସ କରୁ ନାହାନ୍ତି । ତେଣୁ ସେ ଠିଆ ହେବାର ପ୍ରଶ୍ନ ଉଠୁନାହିଁ । ଶ୍ରୀ ନିଲୋଚନ କାନୁନଗୋ ପ୍ରବଳ ଅହଙ୍କାରୀ ହୋଇଥିବାରୁ ତାଙ୍କୁ ମଧ୍ୟ କୌଣସି ନେତା ପସନ୍ଦ କରୁ ନାହାନ୍ତି ।

ଏ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀଙ୍କୁ ପରାସ୍ତ କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଡାକ୍ତର ଯୋଗେଶ ରାଉତଙ୍କୁ ପ୍ରାର୍ଥୀ କରାଯିବାକୁ ସ୍ଥିର ହୋଇଛି ।

ବିରୋଧୀ ଦଳ ଗତ ଲୋକସଭା ଉପ ନିର୍ବା-ଚନର ଫଳାଫଳ ବିଶ୍ଲେଷଣ କରି ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ତାହା ହେଲା—କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାତଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କଟକ ସହର, କଟକ ସଦର, ଚୌଦ୍ୱାର ଓ ସାଲେପୁରରୁ ବିରୋଧୀଦଳର ଯେ କୌଣସି ପ୍ରାର୍ଥୀ ସଂଖ୍ୟା ଗରିଷ୍ଠ ଭୋଟ ପାଇବ । କିନ୍ତୁ ବାକି ତିନୋଟି ନିର୍ବାଚନ ମଣ୍ଡଳୀ ବାଙ୍କୀ, ଆଠଗଡ଼ ଓ ବଡ଼ମ୍ବା ନରସିଂହପୁରରେ ମୁଖ୍ୟମନ୍ତ୍ରୀ ନିଜର ସମସ୍ତ ସାଙ୍ଗଠନିକ ଶକ୍ତିକୁ ଠୁଳ କରିଥିବାରୁ ତାହାକୁ ପ୍ରତିହତ କରିବାପାଇଁ ସେ ଅଞ୍ଚଳର ଜଣେ ଲୋକପ୍ରିୟ ତଥା ଟାଣୁଆ ସଙ୍ଗଠକ ଆବଶ୍ୟକ । ଡାକ୍ତର ରାଉତ ଏହି ଦୁଇ ଗୁଣରେ ଅଧିକାରୀ ।

ଏଠାରେ ଉଲ୍ଲେଖ ଯୋଗ୍ୟ କି ଗତ ଉପ-ନିର୍ବାଚନ ବେଳେ ଶ୍ରୀମତୀ ପଟ୍ଟନାୟକ ଶ୍ରୀ ରବି ରାୟଙ୍କ ଠାରୁ ମାତ୍ର ୪୦ ହଜାର ଅଧିକ ଭୋଟରେ ଜିତିଥିଲେ ଏବଂ ଶ୍ରୀମତୀ ପଟ୍ଟନାୟକଙ୍କୁ ଜିତାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କଠୋର ପରିଶ୍ରମ କରିବାକୁ ପଡ଼ିଥିଲା । ଶ୍ରୀ ରାୟ ନିଜେ କଟକରୁ ଠିଆ ହେବା ପାଇଁ ଆଉ ଆଗ୍ରହୀ ନୁହନ୍ତି ।

ଏହାଛଡ଼ା ସେ ଦଳରେ ମଧ୍ୟ ବିଜୁବାବୁଙ୍କ ଗୋଷ୍ଠୀ ଶ୍ରୀ ରାୟଙ୍କ ଗୋଡ଼କୁ ଜୋରରେ ତଳକୁ ଟାଣୁଛନ୍ତି । □

Images: Aptakama Mishra, Processing: Srujanika

ବସ୍ ମାଲିକ ସଂଘ

କର୍ମକର୍ତ୍ତାମାନଙ୍କର ୫ଲକ୍ଷ ଟଙ୍କା ତୋଷରପାତ ଅଭିଯୋଗ ଉପରେ ଚାଲିଥିବା ତଦନ୍ତ ବନ୍ଦ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

କଟକ ଘରେଇ ବସ୍ ମାଲିକ ସଙ୍ଘର କର୍ମକର୍ତ୍ତାମାନେ, ୫ଲକ୍ଷ ଟଙ୍କା ତୋଷରପାତ୍ କରିଥିବା, ଭିଜିଲାନ୍ସ ବିଭାଗ ନିକଟରେ କେତେକ ବିଶିଷ୍ଟ ବସ୍ ମାଲିକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଫଳରେ ଭିଜିଲାନ୍ସ ବିଭାଗ ମକଦ୍ଦମା ରୁଜୁକରିଥିବା ଖବର ପ୍ରକାଶ ପାଇଥିଲା । କିନ୍ତୁ ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀ ଓ ଭିଜିଲାନ୍ସ ବିଭାଗର ଜଣେ ପଦସ୍ଥ ଅଫିସରଙ୍କ ହସ୍ତକ୍ଷେପ ଫଳରେ, ଏହି ଅନୁସନ୍ଧାନ ବନ୍ଦ ହୋଇଯିବାରୁ, ଜନସାଧାରଣଙ୍କ ମନରେ କୌତୁହଳ ପ୍ରକାଶ ପାଇଛି ଏବଂ ଅଭିଯୋଗକାରୀ ବସ୍ ମାଲିକମାନଙ୍କୁ ବ୍ୟାନର ଯୋଜନାରେ ବିଭିନ୍ନପ୍ରକାର ଅସୁବିଧାରେ ପକାଇବା ପାଇଁ ଚେୟାରମ୍ୟାନଙ୍କ ଉପରେ ଚାପ ପକାଯାଉଥିବାର ଖବର ମିଳୁଛି ।

ଘରେଇ ବସ୍ ମାଲିକସଙ୍ଘ ନାମକ ଏକ ଅନୁଷ୍ଠାନ ୧୯୮୧ ମସିହାରୁ ବାଦାମବାଡ଼ିଠାରେ କାର୍ଯ୍ୟକରି ଆସୁଥିଲା । ଏହି ଅନୁଷ୍ଠାନ ବସ୍ ମାଲିକମାନଙ୍କୁ ବେଆଇନ ଚାନ୍ଦା ଆଦାୟ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ରକ୍ଷା କରିବା, ପରିବହନ ବ୍ୟବସାୟକୁ ସୁପରିଚାଳନା କରିବା, ସୁସଙ୍ଗଠିତ ଭାବେ ବସ୍ ମାଲିକମାନଙ୍କ ସ୍ୱାର୍ଥ ରକ୍ଷାକରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ପ୍ରତ୍ୟେକ ମାଲିକ; ମାସିକ ଟ ୬୦ଟଙ୍କା ଓ ପ୍ରବେଶିକା ସଭ୍ୟ ଚାନ୍ଦା ବାବଦକୁ ଟ ୬୦ଙ୍କା ଦେଉଥିଲେ । ଏହି ଅନୁଷ୍ଠାନର ୨୫୦ ଜଣ ସଭ୍ୟ ଥିଲେ । ଏତଦ୍‌ବ୍ୟତୀତ ଦୈନିକ ୫ଟଙ୍କା ଲେଖାଏଁ ଅନ୍ୟାନ୍ୟ ଅନେକ ବସ ମାଲିକଙ୍କୁ ଦେବାକୁ ପଡୁଥିଲା । ହିସାବରୁ ଜଣାଯାଏ ସଙ୍ଘର ମାସିକ ୩୦ ହଜାର ଓ ବାର୍ଷିକ ୨ ଲକ୍ଷ ଟଙ୍କା ଆୟଥିଲା । ତିନିବର୍ଷ ଭିତରେ ସର୍ବମୋଟ, ୬ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଏହି ଅନୁଷ୍ଠାନର ଆୟ ବଢୁଥିଲେ ମଧ୍ୟ ଆୟ ବ୍ୟୟର ହିସାବ ଗତ ୩ବର୍ଷଧରି ସାଧାରଣ ସଭ୍ୟମାନଙ୍କୁ ଦିଆଯାଇ ନାହିଁ ।

ଅନୁସନ୍ଧାନରୁ ଜଣାଯାଏ ଯେ କେତେକ ଅଫିସର ଓ ମନ୍ତ୍ରୀମାନେ ଏହିଅର୍ଥରୁ କିଛିଅଂଶ ନେଉଛନ୍ତି ବୋଲି କର୍ମକର୍ତ୍ତାମାନେ କହୁଛନ୍ତି ଏବଂ ପୋଲିସ ନାମରେ, ଗସ୍ତଖର୍ଚ୍ଚ ଇତ୍ୟାଦି ବାବଦରେ ଅନେକ ଅର୍ଥ ଏହି କର୍ମକର୍ତ୍ତାମାନେ ତୋଷରପାତ କରିଛନ୍ତି ।

ଘରେଇ ବସ ମାଲିକ ସଙ୍ଘ ଦଳେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ (ମାଫିଆ ଗୋଷ୍ଠୀ)ଙ୍କ ସଖୀ କଣ୍ଢେଇ ହୋଇ କାର୍ଯ୍ୟ କରୁଥିଲା । ଯାହା ଫଳରେ ସାଧାରଣ ନିରହ ବସ୍‌ମାଲିକ ମାନଙ୍କୁ ସରକାରୀ ଅଫିସର, ପୋଲିସ୍ ଓ ମନ୍ତ୍ରୀମଣ୍ଡଳର ଧମକଦେଇ ଆତଙ୍କିତ ଅବସ୍ଥାରେ ରଖାଯାଉଥିଲା । ଏପରିକି, କର୍ମକର୍ତ୍ତାଙ୍କ କାର୍ଯ୍ୟକଳାପକୁ ସାମାନ୍ୟ ଭାବେ 'ସମାଲୋଚନା କଲେ, ଅନେକ ନିରହ ବସମାଲିକ ମାନଙ୍କୁ ଗାଡ଼ିବନ୍ଦ ରଖିବାକୁ ପଡ଼ୁଥିଲା । ଏହିସଙ୍ଘ, ବସ ମାଲିକ ସ୍ୱାର୍ଥପ୍ରତି ଦୃଷ୍ଟି ଦେଉନଥିଲେ ଓ କର୍ମକର୍ତ୍ତା ମାନେ ସଂଘ ନାମରେ ନିଜର ସ୍ୱାର୍ଥ ହାସଲ କରୁଥିଲେ । ସଙ୍ଘର ଅର୍ଥର ଅପବ୍ୟୟ କରୁଥିଲେ । ଆଇନ ଅନୁଯାୟୀ ଏହି ସଙ୍ଘ ରେଜିଷ୍ଟ୍ରିଭୁକ୍ତ । ତେଣୁ ଅନୁଷ୍ଠାନର ଅର୍ଥ, ଓ ଆୟବ୍ୟୟ ସର୍ବସାଧାରଣଙ୍କ ଦୃଷ୍ଟିକୁ ଅଣାଯିବା ଆବଶ୍ୟକ ।

ଉପରୋକ୍ତ ଅବ୍ୟବସ୍ଥା ଯୋଗୁଁ ସାଧାରଣ ବସ୍ ମାଲିକମାନେ ସଙ୍ଗଠିତ ଭାବେ, ସଙ୍ଘର ହିସାବପତ୍ର ଓ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ କର୍ମକର୍ତ୍ତା ମାନଙ୍କ ଉପରେ ଚାପ ପକାଇବା ଫଳରେ ଆସନ୍ତା ଜୁନ ୧୯ ତାରିଖରେ, ସାଧାରଣ ବୈଠକ ଡାକି, ହିସାବ ଦେବାକୁ କର୍ମ କର୍ତ୍ତାମାନେ ରାଜି ହୋଇଛନ୍ତି । ତଥାପି ଶେଷ ମୁହୂର୍ତ୍ତରେ ଏହା ଏଡ଼ାଇ ଦେବାପାଇଁ ଚେଷ୍ଟା ଚାଲିଛି । ସଙ୍ଘର କର୍ମକର୍ତ୍ତା ମାନଙ୍କ କୁକାର୍ଯ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନକାରୀ ମାଲିକ ମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦିଆଯାଉଛି । ଏପରିକି ଗାଡ଼ି ବ୍ୟବସାୟ କରୁଥିବା କେତେକ କ୍ଷମତାଶାଳୀ ସଭ୍ୟ ଅନେକ ମାଲିକ ମାନଙ୍କୁ ଜଣେକ ମନ୍ତ୍ରୀଙ୍କ ସହାୟତାରେ ହଇରାଣ କରିବାର ଧମକ ଦେଉଥିବାର ସମ୍ବାଦମିଳୁଛି ।

□

ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ରାଜ୍ୟ ଅର୍ଥ ମନ୍ତ୍ରୀଙ୍କ ବିଦ୍ରୋହ ?

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ୱେଚ୍ଛାଚାରୀ ଶାସନ ଚଳାଇ ନିଜର ସ୍ୱାର୍ଥସାଧନ କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ କରି ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ପଟ୍ଟନାୟକ କିଛିଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପାଇଛି ।

ଉକ୍ତ ସ୍ମାରକ ପତ୍ରରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଗୋଡ଼ାଣିଆ ମାନଙ୍କ ମନମୁଖୀ କାରବାର ସାଙ୍ଗକୁ ଦକ୍ଷିଣ ଓଡ଼ିଶା ପ୍ରତି ବୈମାତୃକ ଭାବ ପ୍ରଦର୍ଶନ କରାଯାଇ ସେଠାରେ କୌଣସି ଉନ୍ନୟନ କାର୍ଯ୍ୟ ଗତ ଚାରିବର୍ଷ ଭିତରେ ହୋଇନାହିଁ ବୋଲି ଦର୍ଶାଯାଇଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ କି ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ବିରୁଦ୍ଧରେ ଆଗତ କେତେକ ଦୁର୍ନୀତି ଅଭିଯୋଗ ଲୋକପାଳଙ୍କ ବିଚାରାଧୀନ ଅଛି । □

※ ୧୯୮୧-୮୪ ମସିହାରେ ଅଏଲ ଆଣ୍ଡ ନ୍ୟାଚୁରାଲ ଗ୍ୟାସ କମିଶନ୍ ମୋ ୬୬କୋଟି ଟଙ୍କା ଲାଭକରି ଏକ ନୂତନ ରେକର୍ଡ଼ ସୃଷ୍ଟି କରିଚନ୍ତି । ଏହି ଛଡ଼ା ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ତରଳ ପେଟ୍ରୋଲିୟମ ଗ୍ୟାସ ଉତ୍ପାଦନରେ ମଧ୍ୟ ଏହା ନୂଆ ରେକର୍ଡ଼ ସୃଷ୍ଟି କରିଛି ।

Images: Aptakama Mishra, Processing: Srujanika

ରାଜନୀତିରେ ଚିତ୍ରତାରକାଙ୍କ ପ୍ରବେଶ ଯୋଗୁ ଦକ୍ଷିଣ ଭାରତରେ କଂଗ୍ରେସ (ଇ) ମୂଳପୋଛ

ଅମିତାଭ ବଚନ ଲୋକସଭା ପାଇଁ ଦିଲ୍ଲୀରୁ କଂଗ୍ରେସ ପ୍ରାର୍ଥୀ ହେବେ ?

ଗତ ପ୍ରାୟ ୧୦ବର୍ଷ ମଧ୍ୟରେ ଦକ୍ଷିଣ ଭାରତର ୪ଟି ଯାକ ରାଜ୍ୟରେ ରାଜନୀତି କ୍ରମେ ଚଳଚ୍ଚିତ୍ର ତାରକା ମାନଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହେଉଛି । ତାମିଲ-ନାଡ଼ୁ ଓ ଆନ୍ଧ୍ର ପ୍ରଦେଶରେ ଚିତ୍ର-ତାରକାମାନେ ମୁଖ୍ୟମନ୍ତ୍ରୀ ପଦରେ ରହିଛନ୍ତି ଏବଂ ସେମାନଙ୍କର ଲୋକ-ପ୍ରିୟତା ରାଜନୀତିକ ନେତାମାନଙ୍କ ଠାରୁ ଯଥେଷ୍ଟ ଅଧିକ ରହିଛି । କର୍ଣ୍ଣାଟକ ଓ କେରଳରେ ଚିତ୍ରତାରକା ମାନେ ସରକାର ଗଠନ କରିପାରି ନଥିଲେ ମଧ୍ୟ ଜନପ୍ରିୟ ଚିତ୍ରତାରକ ମାନେ ରାଜନୀତିକ ଦଳ ଗଠନ କରି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛନ୍ତି ।

ହରିହର ପ୍ରସାଦ ମହାଲିକ

ଏଣେ ରାଜୀବ ଗାନ୍ଧୀଙ୍କ ଘନିଷ୍ଠ ବନ୍ଧୁ ପ୍ରଖ୍ୟାତ ହିନ୍ଦି ଚିତ୍ରତାରକା ଅମିତାଭ ନିଜେ ମଧ୍ୟ ଲୋକସଭା ନିର୍ବାଚନ ପାଇଁ ସଜବାଜ ହେଲେଣି । ସେ ବର୍ତ୍ତମାନ ଏଭଳି ସମ୍ବାଦକୁ ଅସ୍ୱୀକାର କରୁଥିଲେ ମଧ୍ୟ କଂଗ୍ରେସ (ଇ) ଦଳରେ ତାଙ୍କର ଯୋଗଦାନ ଆଉ ଗୁପ୍ତ ରହିନାହିଁ ।

ତାମିଲନାଡ଼ୁ

ଏ ପଦ୍ଧତିର ଆରମ୍ଭ ହେଲା ପ୍ରଥମେ ତାମିଲନାଡ଼ୁରେ । ଡି. ଏମ୍. କେ ନେତା କରୁଣାନିଧି ଜଣେ ଚଳଚ୍ଚିତ୍ର କାହାଣୀ ଲେଖକ ଓ ଅଭିନେତା ମଧ୍ୟ । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କର ବିରୋଧୀ ନିଖିଳ ଭାରତ ଆନ୍ନା ଡି. ଏମ୍. କେ ଦଳର ନେତୃତ୍ୱ ନେଇଥିଲେ ତାମିଲନାଡ଼ୁର ସବୁଠାରୁ ଜନପ୍ରିୟ ଚଳଚ୍ଚିତ୍ର ନାୟକ ଏମ୍. ଜି: ରାମ-ଚନ୍ଦ୍ରନ । ତାଙ୍କୁ ଏମ. ଜି. ଆର କୁହାଯାଏ । ସେ ଯେତେବେଳେ ନିର୍ବାଚନ ପ୍ରଚାରରେ ବାହାରୁ ଥିଲେ ସବୁ ସ୍ଥାନରେ ହଜାର ହଜାର ଲୋକ ତାଙ୍କ ଭାଷଣ ଶୁଣିବାକୁ ରୁଣ୍ଡ ହେଉଥିଲେ ଓ ବହୁ ଯୁବକ ଯୁବତୀ ତାଙ୍କ ପାଦସ୍ପର୍ଶ କରି ନିଜକୁ ଧନ୍ୟ ମଣୁଥିଲେ । ଏବେ ମଧ୍ୟ ତାଙ୍କର ଲୋକପ୍ରିୟତା ସେହିଭଳି ରହିଛି । ଏଭଳି ବିପୁଳ ଜନପ୍ରିୟତା ହାସଲ କରିବା କୌଣସି ରାଜନୀତିକ ନେତା ପକ୍ଷରେ ଆଦୌ ସମ୍ଭବନୁହେଁ ।

ସେହି ଲୋକପ୍ରିୟତା ବଳରେ ଏମ. ଜି. ଆରଙ୍କ ନିଖିଳ ଭାରତ ଆନ୍ନା, ଡି, ଏମ, କେ, ଦଳ ତାମିଲ-ନାଡ଼ୁ ବିଧାନସଭା ନିର୍ବାଚନରେ ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରି ପାରିଛି । ତାମିଲନାଡ଼ୁ ରାଜନୀତିରେ ଦୀର୍ଘଦିନ ଧରି କଂଗ୍ରେସ ସରକାର ଗଠିତ ହୋଇପାରି ନାହିଁ । କାରଣ ଡି, ଏମ, କେ ଓ ଆନ୍ନା. ଡି ଏମ. କେ ଦଳ କ୍ରମାନ୍ୱୟରେ ସେଠାରେ ସରକାର ଗଠନ କରି ଚାଲିଛନ୍ତି ।

ତାମିଲ ଚଳଚ୍ଚିତ୍ରର ପ୍ରଖ୍ୟାତ ଅଭିନେତ୍ରୀ ଜୟଲଳିତା ମଧ୍ୟ ଗତ ୧୯୮୨ ଜୁନ ମାସରେ ଅଖିଳ ଭାରତ ଆନ୍ନା ଡି, ଏମ, କେ ଦଳରେ ଯୋଗଦେଇ ୧୯୮୩ ଜାନୁୟାରୀ ମାସରେ ଦଳର ପ୍ରଚାର ବିଭାଗ ସେକ୍ରେଟେରୀ ପଦବୀରେ ନିଯୁକ୍ତ ହେଲେ । ସେ ଏମ, ଜି. ରାମଚନ୍ଦ୍ରନ୍ଙ୍କ ଅତି ବିଶ୍ୱସ୍ତ ସହକର୍ମୀ ଭାବରେ ଦଳରେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ଦଳର ଶାଖା କାର୍ଯ୍ୟାଳୟ ମାନଙ୍କୁ ନିର୍ଦ୍ଦେଶ ନାମା ପଠାଇବାରେ ଲାଗିଲେ । ମାତ୍ର ୩୬ବର୍ଷ ବୟସରେ ଜୟଲଳିତା ରାଜ୍ୟ ସଭାର ସଦସ୍ୟା ରୂପେ ନିର୍ବାଚିତ ହୋଇ ଦଳର ଗୌରବ ବୃଦ୍ଧି କରୁଛନ୍ତି । ଏମ, ଜି, ଆର,ଙ୍କ ଦଳକୁ ଜୟଲଳିତା ହେଉଛନ୍ତି ଦଳର ଦ୍ୱିତୀୟ ପ୍ରଭାବଶାଳୀ ନେତ୍ରୀ ଓ ସେ ଯେଉଁ ସଭାକୁ ଯାଆନ୍ତି ସେଠାରେ ବିରାଟ ଜନ ସମାଗମ ହୋଇଥାଏ । ପ୍ରାୟ ପ୍ରତିସଭାରେ ସେ ଡି, ଏମ, କେ ଦଳ ଓ ଶ୍ରୀ କରୁଣା-ନିଧିଙ୍କର ତୀବ୍ର ସମାଲୋଚନା କରି ଭାଷଣ ଦିଅନ୍ତି । ଜୟ ଲଳିତାଙ୍କ ରାଜନୀତିକ ଉତ୍‌ଥାନରେ ତାମିଲନାଡ଼ୁ ୩ଜଣ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଈର୍ଷାନ୍ୱିତ ହୋଇ ପଡିଲେଣି । ଜୟଲଳିତା ଏବେ ରାଜ୍ୟସଭାର ଶୋଭାବର୍ଦ୍ଧନ କରୁଛନ୍ତି ।

ତାମିଲ ଚଳଚ୍ଚିତ୍ରର ଉଦୀୟମାନ ଅଭିନେତା ଭାଗ୍ୟରାଜଙ୍କୁ ମଧ୍ୟ ଏମ, ଜି, ଆର ନିଜର ଚଳଚ୍ଚିତ୍ର ଜଗତର ଉତ୍ତରାଧିକାରୀ ବୋଲି କହୁଛନ୍ତି । ସେ ହୁଏତ ରାଜନୀତିରେ ପ୍ରବେଶ କରି ପାରନ୍ତି ।

ତାମିଲନାଡ଼ୁ କଂଗ୍ରେସ (ଇ) ଦଳରେ ମଧ୍ୟ ଦୁଇଜଣ ବିଶିଷ୍ଟ ଚିତ୍ର-ତାରକା ରହିଛନ୍ତି । ସେମାନେ ହେଲେ ପ୍ରଖ୍ୟାତ ତାମିଲ ଅଭିନେତା ଶିବାଜୀ ଗଣେଶନ୍ ଓ ନିକଟରେ ଦଳରେ ଯୋଗ ଦେଇଥିବା ପ୍ରଖ୍ୟାତ ଅଭିନେତ୍ରୀ ବୈଜୟନ୍ତୀମାଳା । ୫୦ବର୍ଷ ବୟସ୍କା । ଶ୍ରୀମତୀ ବୈଜୟନ୍ତୀ ମାଳା ବାଲି ହିନ୍ଦୀ ଓ ତାମିଲ ଚଳଚ୍ଚିତ୍ରରେ ନାୟିକା ଭୂମିକାରେ ଦୀର୍ଘକାଳ ଅଭିନୟ କରିଛନ୍ତି ଓ ସେ ଜଣେ ବିଶିଷ୍ଟ ଭାରତ ନାଟ୍ୟମ ନୃତ୍ୟଶିଳ୍ପୀ ମଧ୍ୟ । ଡଃ ବାଲିଙ୍କୁ ବିବାହ କରିବା ପରେ ସେ ଚଳଚ୍ଚିତ୍ର ଜଗତରୁ ବିଦାୟ ନେଇଥିଲେ । ସେ ଶ୍ରୀମତୀ ଗାନ୍ଧୀଙ୍କର ଜଣେ ଦୃଢ଼ ସମର୍ଥକ ।

Images: Aptakama Mishra, Processing: Srujanika

ତାଙ୍କ ମତରେ ଦେଶର ଏ ଘଡ଼ସନ୍ଧି ବେଳେ ସମସ୍ତେ ଶ୍ରୀମତୀ ଗାନ୍ଧୀଙ୍କ ହାତ ମୁଠାକୁ ଟାଣକରିବା ଉଚିତ୍ । ତାଙ୍କ ସହିତ ତାଙ୍କ ସ୍ୱାମୀମଧ୍ୟ କଂଗ୍ରେସ (ଇ) ରେ ଯୋଗ ଦେଇଛନ୍ତି । ବୈଜୟନ୍ତୀ-ମାଳା ଚଳଚ୍ଚିତ୍ରରୁ ଅବସର ନେବାପରେ ମାଡ୍ରାଜରେ ଏକ ନୂତନ ବିଦ୍ୟାଳୟ କରିଥିଲେ । ଏବେ ସେ ଶିବାଜୀ ଗଣେଶନଙ୍କ ନେତୃତ୍ୱକୁ ସୁଦୃଢ଼ କରିବାକୁ ରାଜ୍ୟ କଂଗ୍ରେସ (ଇ) ରେ ଯୋଗ ଦେଇଛନ୍ତି । ଶିବାଜୀ ଗଣେଶନ ହେଉଛନ୍ତି ରାଜ୍ୟ ସଭାର ମନୋନୀତ ସଦସ୍ୟ । ତାଙ୍କୁ ଗତ ଫେବୃୟାରୀ ମାସରେ 'ପଦ୍ମ ଭୂଷଣ' ଉପାଧିରେ ସମ୍ମାନିତ କରାଯାଇଛି ।

ଆନ୍ଧ୍ର ପ୍ରଦେଶ

ଆନ୍ଧ୍ର ପ୍ରଦେଶ ରାଜନୀତିରେ ସବୁବେଳେ କଂଗ୍ରେସ ଦଳ ନେତୃତ୍ୱ ନେଇ ଆସିଥିଲା । ଗତ ସାଧାରଣ ନିର୍ବାଚନର ମାତ୍ର ୭ମାସ ପୂର୍ବରୁ ପ୍ରଖ୍ୟାତ ତେଲୁଗୁ ଚଳଚ୍ଚିତ୍ର ତାରକା ଏନ୍. ଟି. ରାମାରାଓଙ୍କ ନେତୃତ୍ୱରେ ସେଠାରେ 'ତେଲୁଗୁ ଦେଶମ୍' ଦଳ ଗଠିତ ହେଲା । ନିର୍ବାଚନରେ ତାଙ୍କ ଦଳ ବିପୁଳ ସଂଖ୍ୟାଗରିଷ୍ଠତା ହାସଲକଲା । ଏଥିରେ ଅନ୍ୟସବୁ ରାଜନୈତିକ ଦଳ ଏଥିରେ ସ୍ତମ୍ଭୀଭୂତ ହୋଇଗଲେ । ଏବେ କଂଗ୍ରେସ (ଇ) ଆନ୍ଧ୍ରରେ ବିରୋଧୀ ଦଳର ଭୂମିକା ଗ୍ରହଣକରିଛି । ଏନ୍. ଟି. ଆର ମୁଖ୍ୟତଃ କୃଷ୍ଣ କିମ୍ବା କୌଣସି ଦେବତା ଭୂମିକାରେ ଚଳଚ୍ଚିତ୍ରରେ ଅଭିନୟ କରନ୍ତି ଓ ସେ ଶତାଧିକ ତେଲୁଗୁ ଚିତ୍ରର ନାୟକ ରୂପେ ଆନ୍ଧ୍ରରେ ଅତ୍ୟନ୍ତ ଜନପ୍ରିୟ ହୋଇପାରିଛନ୍ତି । ଗ୍ରାମାଞ୍ଚଳର ଲୋକେ ତାଙ୍କୁ ବାସ୍ତବରେ ଦେବତା ଭଳି ମାନ୍ୟ କରନ୍ତି । ସେ କେବଳ ଚଳଚ୍ଚିତ୍ରରେ ନୁହେଁ ବାସ୍ତବରେ ମଧ୍ୟ ଅବତାର ପୁରୁଷ ସମ୍ମାନ ପାଉଛନ୍ତି । କିନ୍ତୁ ତାଙ୍କ ସହିତ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଶ୍ରୀମତୀ ଯମୁନା ରମଣ ରାଓ ଏବେ ଏନ୍. ଟି. ଆରଙ୍କ ବିରୋଧୀ ଭୂମିକା ଗ୍ରହଣ କରି ଆନ୍ଧ୍ର ପ୍ରଦେଶ କଂଗ୍ରେସ (ଇ) କମିଟିର ସଦସ୍ୟା ରୂପେ ରାଜନୀତିରେ ପ୍ରବେଶ କରିଛନ୍ତି । ଆନ୍ଧ୍ରର ପୂର୍ବତନ ମନ୍ତ୍ରୀ, କଂଗ୍ରେସ (ଇ) ସଭାପତି ତଥା ଅଭିନେତା ନିର୍ଦ୍ଦେଶକ କୋନା ପ୍ରଭାକର ରାଓଙ୍କ ପ୍ରରୋଚନାରେ ଯମୁନା ଦେବୀ କଂଗ୍ରେସ (ଇ) ରେ ଯୋଗ ଦେଇଥିଲେ । ଗତ ବର୍ଷ ଅଗଷ୍ଟ ମାସରେ ତାଙ୍କୁ ପ୍ରଦେଶ କଂଗ୍ରେସ (ଇ) କମିଟିର ସଦସ୍ୟା ରୂପେ ଗ୍ରହଣ କରାଯାଇ ଥିଲା । ତାଙ୍କ ଉଦ୍ୟମରେ ବିଧାନ ସଭା ଉପନିର୍ବାଚନରେ କଂଗ୍ରେସ (ଇ) ଗୋଟିଏ ଆସନ ପାଇଥିଲେ ମଧ୍ୟ ଶ୍ରୀମତୀ ଗାନ୍ଧୀ ତାଙ୍କ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିନାହାନ୍ତି । ତେଣୁ ସେ କେତେଦିନ କଂଗ୍ରେସ (ଇ) ଦଳରେ ରହିବେ ତାହା ଲକ୍ଷ୍ୟ କରିବା କଥା ।

କର୍ଣ୍ଣାଟକ

କର୍ଣ୍ଣାଟକ ରାଜନୀତିରେ କନ୍ନଡ଼ ଚଳଚ୍ଚିତ୍ର ଅଭିନେତା ତଥା କଣ୍ଠଶିଳ୍ପୀ ଡଃ ରାଜକୁମାରଙ୍କ ଆବିର୍ଭାବ କ୍ଷମତାସୀନ ଜନତା ଦଳ ଉପରେ ବିଶେଷ କିଛି ପ୍ରଭାବ ପକାଇ ପାରି ନାହିଁ । ତଥାପି ତାଙ୍କର ଲୋକପ୍ରିୟତାକୁ ଏଡ଼ାଇ ଦିଆଯାଇ ନପାରେ । ସରକାରୀ ଚାକିରୀରେ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତିବେଳେ କନ୍ନଡ଼ ଭାଷାରେ ଜ୍ଞାନ ଥିବା ବିଷୟ ପରୀକ୍ଷା କରିବାକୁ ସେ ଦାବୀ କରି କନ୍ନଡ଼ ଅଧିବାସୀଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ପାରିଛନ୍ତି । ଏବେ ନିଯୁକ୍ତିର ଦୁଇ ବର୍ଷ ପରେ ଏଭଳି ପରୀକ୍ଷା କରିବା ନିୟମ ରହିଛି । ନିକଟରେ ରାଜକୁମାରଙ୍କ ସମର୍ଥକ ମାନଙ୍କ ଦ୍ୱାରା ତାମିଲ ଲୋକଙ୍କ ଉପରେ ଆକ୍ରମଣ ଓ ତାର ପ୍ରତିଶୋଧ ନେବାକୁ ତାମିଲନାଡୁର ଉତ୍ତରକାମଣ୍ଡକୁ ସୁଟିଂ ପାଇଁ ଯାଇଥିବା ରାଜକୁମାର ଓ ତାଙ୍କ ଦଳ ଉପରେ ତାମିଲମାନଙ୍କ ଆକ୍ରମଣ ତାତ୍ପର୍ଯ୍ୟ ପୂର୍ଣ୍ଣ । ଏହାଦ୍ୱାରା ତାମିଲ ଓ କନ୍ନଡ଼ ଭାଷୀଙ୍କ ମଧ୍ୟରେ ତିକ୍ତ ସମ୍ପର୍କ ସୃଷ୍ଟି ହୋଇଛି । ସେ ଯାହାହେଲେ ମଧ୍ୟ କର୍ଣ୍ଣାଟକ ବିଧାନ ସଭା ପାଇଁ ଆଗାମୀ ନିର୍ବାଚନରେ ରାଜକୁମାର ଓ ତାଙ୍କର ପ୍ରସ୍ତାବିତ ଦଳ ନିଶ୍ଚୟ କିଛି ଆସନ ଦଖଲ କରିବେ, ଏହା ନିଃସନ୍ଦେହରେ କୁହାଯାଇ-ପାରେ । ଡଃ ରାଜକୁମାର ମଧ୍ୟ ପୂର୍ବରୁ 'ପଦ୍ମଭୂଷଣ' ଉପାଧି ପାଇ ସାରିଛନ୍ତି ।

କେରଳ

କେରଳରେ ସବୁଠାରୁ ଲୋକପ୍ରିୟ ପ୍ରଖ୍ୟାତ ମାଲୟଲମ ଚିତ୍ର ତାରକା ପ୍ରେମନଜୀର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ ରାଜନୀତିରେ ପ୍ରବେଶ କରିଛନ୍ତି । ସେ ରାଜକୁମାରଙ୍କ ଭଳି ଅବ୍ୟବସ୍ଥିତ ଚିତ୍ତ ନୁହନ୍ତି । ସେ ସ୍ପଷ୍ଟ ଘୋଷଣା କରିଛନ୍ତି ଯେ କେରଳରେ ଦୀର୍ଘ ଦିନଧରି ଚାଲିଥିବା ମିଳିତ ସରକାରର ଅବସାନ ଘଟାଇ ଗୋଟିଏ ଦଳଦ୍ୱାରା ସରକାର ଗଠନ ତାଙ୍କର ଲକ୍ଷ୍ୟ । ୧୯୮୭ମସିହା ସୁଦ୍ଧା ତାଙ୍କର ନୂତନ ରାଜନୈତିକ ଦଳ କ୍ଷମତା ଦଖଲ କରିବାରେ ସଫଳ ହେବବୋଲି ତାଙ୍କର ଦୃଢ଼ ବିଶ୍ୱାସ ।

ପ୍ରେମ ନଜୀର ୭୨୦ଟି ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅଭିନୟ କରି କେରଳ ଭାରତରେ ନୁହେଁ ସମଗ୍ର ପୃଥିବୀରେ ରେକର୍ଡ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ମଧ୍ୟ 'ପଦ୍ମଭୂଷଣ' ଉପାଧିରେ ସମ୍ମାନିତ କରାଯାଇଛି ।

ବମ୍ବେ

ଅନ୍ୟ ପକ୍ଷରେ ହିନ୍ଦୀ ଚଳଚ୍ଚିତ୍ରର ସର୍ବାଧିକ ଲୋକ ପ୍ରିୟ ଅଭିନେତା ଅମିତାଭ ବଚନ କଂଗ୍ରେସ (ଇ) ରେ ଯୋଗ ଦେଇଛନ୍ତି । ସେ ଯେତେ ଅସ୍ୱୀକାର କଲେ ମଧ୍ୟ ତାଙ୍କୁ ତାଙ୍କ

Images: Aptakama Mishra, Processing: Srujanika

ସଫଳତାର କାହାଣୀ

ଆଦିବାସୀ ହେଲପର ବାଳକ ୱାର୍କସପ୍ ମାଲିକ ହେଲା

ଆଦିବାସୀ ଯୁବକ ଶ୍ରୀ ନିମାଇ ମାଣ୍ଡି ବଡ଼ ଭାଗ୍ୟବାନ । କିଛିବର୍ଷ ପୂର୍ବେ ଗୋଟିଏ ମଟର ଗ୍ୟାରେଜରେ ହେଲପର ରୂପେ କାର୍ଯ୍ୟ କରୁଥିଲେ । ମାତ୍ର ଆଜି ସେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରର ଏକ ଅଟୋ—ଇଲେକ୍‌ଟ୍ରିକାଲ ୱାର୍କସପର ମାଲିକ ।

୩୦ବର୍ଷ ବୟସ୍କ ନିମାଇଁ, ବାରିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ତକତପୁରର ଏକ ଜମିହୀନ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବର୍ଷ ବର୍ଷ ଧରି ଅକ୍ଳାନ୍ତ ପ୍ରଚେଷ୍ଟା, କର୍ତ୍ତବ୍ୟ ପରାୟଣତା ଏବଂ କର୍ତ୍ତବ୍ୟ ନିଷ୍ଠା ଫଳରେ ସେ ଆଜିର ସଫଳତା ହାସଲ କରି ଗୌରବର ଅଧିକାରୀ ହୋଇପାରିଛନ୍ତି । ତାଙ୍କର ପିତା ଜଣେ ଦୈନିକ ମଜୁରିଆ ଥିଲେ । ତାଙ୍କର ସ୍ୱଳ୍ପ ମଜୁରିରେ ସେ ଗୋଟିଏ ବଡ଼ ପରିବାର ଭରଣ ପୋଷଣ କରୁଥିଲେ । ଫଳରେ ତାଙ୍କର ସ୍ୱଳ୍ପ ଆୟଦ୍ୱାରା ନିମାଇଁଙ୍କୁ ସ୍କୁଲ ଶିକ୍ଷା ଦେବା ନିମନ୍ତେ ସେ ଅସମର୍ଥ ଥିଲେ । ତେଣୁ ବାଳକ ନିମାଇଁ କୌଣସି ମତେ ନିଜର ଭରଣ ପୋଷଣ କରିବା ପାଇଁ ଏଣେ ତେଣେ ବୁଲି ଶେଷରେ ବାରିପଦାର ଏକ ଘରୋଇ ଗ୍ୟାରେଜରେ ହେଲପର ବୟ ରୂପେ କାମ ପାଇଲେ । ସେଠାରେ ବିଦ୍ୟୁତ୍ ଫିଟିଙ୍ଗ୍ ଏବଂ ମରାମତି ବିଷୟରେ ଦକ୍ଷତା ହାସଲ କଲାପରେ ଗୋଟିଏ ଅଟୋମୋବାଇଲ ଫାର୍ମରେ ମାସିକ ୨୧୦ଟଙ୍କା ଦରମାରେ ଚାକିରି କଲେ । ସେ ସେହି ଫାର୍ମରେ ଉତ୍ସାହ ଏବଂ ନିଷ୍ଠାର ସହିତ ୫ବର୍ଷ କାର୍ଯ୍ୟକଲେ । ତାପରେ ସେ ନିଜେ ଗୋଟିଏ ଅଟୋ-ଇଲେକ୍‌ଟ୍ରିକାଲ ଦୋକାନ ଖୋଲିବା ପାଇଁ ଚିନ୍ତା କଲେ । ମାତ୍ର ତାଙ୍କର ଦାରିଦ୍ର୍ୟ ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ଦୋକାନଟିଏ ଖୋଲିବା ପାଇଁ ତାଙ୍କ ପାଖରେ କୌଣସି ସମ୍ପତ୍ତି ନଥିଲା କିମ୍ବା ବ୍ୟାଙ୍କରୁ ଋଣ ପାଇବା ନିମନ୍ତେ ତାଙ୍କ ସପକ୍ଷରେ କେହି ସାକ୍ଷୀ ଦେବା ନିମନ୍ତେ ଆଗ୍ରହୀ ନଥିଲେ ।

ଏହି ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ନିମାଇଁଙ୍କୁ ଅନ୍ଧକାରରେ ଆଲୋକ ପ୍ରଦାନ କରିଥିଲା । ସୌଭାଗ୍ୟବଶତଃ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆଇ. ଟି. ଡି. ଏ. କାର୍ଯ୍ୟକ୍ରମରେ ତାଙ୍କର ନାମ ଅନୁମୋଦନ କରିଥିଲେ । ବାରିପଦାସ୍ଥିତ କାନାଡ଼ା ବ୍ୟାଙ୍କ୍ ଶାଖା ତାଙ୍କୁ ୨ହଜାର ଟଙ୍କାର ଏକ ଋଣ ମଞ୍ଜୁର କଲେ । ଏହି ଋଣରେ ସେ ୧ହଜାର ଟଙ୍କା ସବ୍‌ସିଡ଼ି ପାଇଲେ । ଏହି ଅର୍ଥରେ ଶ୍ରୀ ମାରଣ୍ଡି ଗୋଟିଏ ଜଏଲ୍ ଟେଷ୍ଟିଂ ଯନ୍ତ୍ର, ଗୋଟିଏ ବ୍ୟାଟେରୀ ଚାର୍ଜର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି କ୍ରୟକରି ବାରିପଦାର ତୁଳସୀ ଚଉରାଠାରେ ତାଙ୍କର ନିଜର ଅଟୋ--ଇଲେକ୍‌ଟ୍ରିକାଲ ମରାମତି ଦୋକାନ ଆରମ୍ଭ କରିଥିଲେ । ସେହିଦିନୁ ସେ ଆଉ କେବେ ପଛକୁ ଫେରି ନାହାନ୍ତି— ସଫଳତାର ନିଶ୍ରେଣୀରେ ସେ ଆଗେଇ ଚାଲିଲେ ।

ଆଗରୁ ନିମାଇଁଙ୍କର ଟ୍ରକ ଡ୍ରାଇଭର ଏବଂ ଅଟୋମୋବାଇଲ ମାଲିକମାନଙ୍କ ସହିତ ଭଲ ସମ୍ପର୍କ ଥିବାରୁ ଗ୍ରାହକଙ୍କର ଅଭାବ ରହିଲା ନାହିଁ । ଆସ୍ତେ ଆସ୍ତେ ତାଙ୍କର ଆୟ ବୃଦ୍ଧି ହେବାରେ ଲାଗିଲା ଏବଂ ସେ ଅଳ୍ପସମୟ ମଧ୍ୟରେ ବ୍ୟାଙ୍କ୍ ଋଣ ପରିଶୋଧ କରିବାରେ ସକ୍ଷମ ହୋଇପାରିଥିଲେ । ତାପରେ ତାଙ୍କ ଦୋକାନରେ ଉନ୍ନତି ନିମନ୍ତେ ସେ ବାରିପଦାସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସହାୟତା ଲୋଡ଼ିଥିଲେ । ବ୍ୟାଙ୍କ୍ ତାଙ୍କୁ ୮ ହଜାର ଟଙ୍କାର ଋଣ ମଞ୍ଜୁର କରିଥିଲେ । ଏହି ଋଣରେ ଶ୍ରୀ ମାଣ୍ଡି ଗୋଟିଏ ୱେଲଡିଂ ମେସିନ୍, ଗ୍ୟାସମିଟର, ସିଲିଣ୍ଡର ତଥା ଅନ୍ୟାନ୍ୟ ବ୍ୟବସାୟଗତ ଯନ୍ତ୍ରପାତି କ୍ରୟକଲେ । ତାଙ୍କର ବ୍ୟବସାୟ ଭଲ ଭାବରେ ଚାଲିଲା । ଫଳରେ ଏବେ ସେ ଦୈନିକ ୫୦ ଟଙ୍କାରୁ ୭୦ ଟଙ୍କା ଭିତରେ ଆୟ କରିପାରନ୍ତି ।

ସଂପ୍ରତି ଶ୍ରୀ ମରାଣ୍ଡି, ତାଙ୍କ ସ୍ତ୍ରୀ, ମାଆ ଏବଂ ଦୁଇଜଣ ଭଉଣୀ, ଜଣେ ଭାଇଙ୍କ ସହ ଏକ ସମୃଦ୍ଧିଶାଳୀ ଏବଂ ସୁଖକର ଜୀବନ ଯାପନ କରୁଛନ୍ତି ।

ଏହା ନିରାଟ ସତ୍ୟ ଯେ ଯେଉଁବ୍ୟକ୍ତି ଆତ୍ମ ସହାୟତା କରେ ସେ ସଫଳତାର ଅଧିକାରୀ ହୋଇଥାଏ । ଶ୍ରୀ ମରାଣ୍ଡି ହେଉଛନ୍ତି ତାହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ନିଷ୍ଠା ଏବଂ କଠିନ ପରିଶ୍ରମ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ । □

ବନ୍ଧୁ ତଥା ନିଖିଳ ଭାରତ କଂଗ୍ରେସ (ଇ) କମିଟିର . ସାଧାରଣ ସମ୍ପାଦକ ଶ୍ରୀ ରାଜୀବ ଗାନ୍ଧୀ ଆଗାମୀ ଲୋକସଭା ନିର୍ବାଚନରେ ଦିଲ୍ଲୀରୁ ପ୍ରାର୍ଥୀ କରାଇବାର ସୂଚନା ମିଳୁଛି । ଅମିତାଭ ମଧ୍ୟ କହୁଛନ୍ତି ଦିଲ୍ଲୀ ମୋର ପ୍ରଥମସ୍ଥାନ, ବମ୍ବେ ତା ପରେ । ତେଣୁ ନିର୍ବାଚନ ବେଳେ କଂଗ୍ରେସ (ଇ) ଦଳ ଅମିତାଭଙ୍କ ବିପୁଳ ଲୋକପ୍ରିୟତାରୁ ଫାଇଦା ଉଠାଇବା ନିଶ୍ଚିତ ।

ବର୍ତ୍ତମାନ ଚଳଚ୍ଚିତ୍ର ହେଉଛି ସବୁଠାରୁ ପ୍ରଭାବଶାଳୀ ତଥା ଜନପ୍ରିୟ ଗଣମାଧ୍ୟମ । ଜନସାଧାରଣ ଚଳଚ୍ଚିତ୍ର ଓ ଚିତ୍ରତାରକା ମାନଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହେଉଛନ୍ତି । ରାଜନୀତିକ ନେତାମାନଙ୍କ ପ୍ରତି ଲୋକେ ଅତ୍ୟନ୍ତ ବୀତସ୍ପୃହ । ସେ ଦୃଷ୍ଟିରୁ ଆଗାମୀ ୧୦ ବର୍ଷ ମଧ୍ୟରେ ସମଗ୍ର ଦେଶରେ ଚିତ୍ର ତାରକା ମାନେ ଯଦି ରାଜନୀତିରେ ପ୍ରବେଶ କରି ଶାସନ କ୍ଷମତା ଦଖଲ କରନ୍ତି ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । □

ମହାକାଶରେ ଉତ୍ପାଦିତ ଦ୍ରବ୍ୟବିକ୍ରି ହେବ

ମହାକାଶରେ ଉତ୍ପାଦିତ 'ପଲିଷ୍ଟ୍ରିସିନ୍ ସ୍ପିଅର' ଅନ୍ତର୍ଜାତୀୟ ବଜାରକୁ ବିକ୍ରି ନିମନ୍ତେ ଛଡ଼ାଯିବ ବୋଲି ଜଣାଯାଇଛି । ଆମେରିକାର ଏସ୍. ଟି. ଏସ-୬ ଅନ୍ତରୀକ୍ଷ ଯାନର ମହାକାଶ ଚାରୀମାନେ ଏହା ଉତ୍ପାଦନ କରିଥିଲେ । ସେଠାରେ ୧୫ ଗ୍ରାମ ଓଜନର ୧୦ ମାଇକ୍ରୋମିଟର ପଲିଷ୍ଟ୍ରିସିନ୍ ଗୋଲକ ତିଆରି ହୋଇଥିଲା । ଏବଂ ଏହାକୁ ପ୍ରାୟ ସାଢ଼େ ତିନିକୋଟି ଟଙ୍କା ମୂଲ୍ୟରେ ବିକ୍ରି କରାଯିବ । □

Images: Aptakama Mishra, Processing: Srujanika

ଓଡ଼ିଶାର ଦୁଇଜଣ କଂଗ୍ରେସ ସଭ୍ୟଙ୍କ ଦଳ ତ୍ୟାଗ

ଅତିଶୀଘ୍ର ଆଉ ପାଞ୍ଚଜଣ ଯିବେ ?

(ନିଜ ପ୍ରତିନିଧିଙ୍କ ଠାରୁ)

ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଓଡ଼ିଶାରେ କଂଗ୍ରେସ (ଇ) ର ଦୁଇଜଣ ବିଧାନସଭା ସଦସ୍ୟ ଦଳରୁ ଇସ୍ତଫା ଦେଇ ଶ୍ରୀ ଏଚ୍: ଏନ୍: ବହୁଗୁଣାଙ୍କ ଦ୍ୱାରା ଗଠିତ ଗଣତାନ୍ତ୍ରିକ ସମାଜବାଦୀ ଦଳରେ ଯୋଗ ଦେବା ରାଜନୈତିକ ମହଲରେ ଯୁଗପତ୍ ବିସ୍ମୟ ସୃଷ୍ଟି କରିଛି । ଅତିଶୀଘ୍ର ଆଉ ୫ଜଣ ବିଧାୟକ ସେମାନଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି ।

ଦଳ ତ୍ୟାଗ କରିଥିବା ଶ୍ରୀ ନେଲସନ୍ ସୋରେନ୍ ପୂର୍ବରୁ ରାଜ୍ୟ ପୋଲିସ ବିଭାଗରେ ଚାକିରି କରୁଥିଲେ ଏବଂ ଚାକିରିରୁ ଇସ୍ତଫା ଦେଇ ସେ ରାଜନୀତିରେ ପ୍ରବେଶ କରିଥିଲେ । ଅନ୍ୟତମ ସଦସ୍ୟ ଶ୍ରୀ ଜୁଲିୟସ୍ ବିଲୁଙ୍ଗ (ସାରଣରେ ବିଲୁଙ୍ଗ ଗୁରୁ ନାମରେ ପରିଚିତ) ଜଣେ ପୁରୁଣା କଂଗ୍ରେସ କର୍ମୀ ଓ ନିଜର ଆମାୟିକ ବ୍ୟବହାର ପାଇଁ ସମସ୍ତଙ୍କ ଦ୍ୱାରା ପ୍ରସଂଶିତ ।

ଓଡ଼ିଶାରେ କଂଗ୍ରେସ ନେତାଙ୍କ ମନମୁଖୀ କାରବାର ବିରୁଦ୍ଧରେ ପଶ୍ଚିମ ଓଡ଼ିଶାରେ ଯେଉଁ ବିଦ୍ରୋହର ପଦଧ୍ୱନି ଶୁଣା ଯାଇଥିଲା ଉପରୋକ୍ତ ଆଦିବାସୀ ସଦସ୍ୟ ଦ୍ୱୟଙ୍କ ଇସ୍ତଫା ଦାବୀ ତାହାର ଚୂଡ଼ାନ୍ତ ପରିପ୍ରକାଶ ବୋଲି କୁହାଯାଉଛି ।

ଶ୍ରୀ ବିଲୁଙ୍ଗ ଜଣେ ବିଧାନସଭା ସଦସ୍ୟ ହୋଇଥିଲେ ମଧ୍ୟ ପୋଲିସ୍ ଦ୍ୱାରା ତାଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଅପମାନିତ ହୋଇଥିଲେ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ଏହାର କୌଣସି ପ୍ରତିକାର କରି ନଥିଲେ । ସେହିଭଳି ଶ୍ରୀ ସୋରେନ୍ଙ୍କ ନିର୍ବାଚନ ମଣ୍ଡଳୀରେ କୌଣସି ଉନ୍ନୟନ କାର୍ଯ୍ୟ ହେଉନାହିଁ ବୋଲି ସେ ବାରବାର ଅଭିଯୋଗ କରିଆସୁଥିଲେ ମଧ୍ୟ ରାଜ୍ୟ ନେତୃତ୍ୱ ସେଥିପ୍ରତି ଆଦୌ କର୍ଣ୍ଣପାତ କରୁଥିଲେ । ଅବଶେଷରେ ସେ ବିରକ୍ତ ହୋଇ ଦଳ ତ୍ୟାଗକଲେ ।

ଓଡ଼ିଶାରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପ୍ରତିଦ୍ୱନ୍ଦୀ ରୂପେ ବିରୋଧୀ ଦଳର ଶ୍ରୀ ବିଜୁ ପଟ୍ଟନାୟକ ବିରାଜମାନ କରୁଥିଲେ ହେଁ କଂଗ୍ରେସର ଉକ୍ତ ଦୁଇ ବିଧାୟକ ବିଜୁ ବାବୁଙ୍କ ଦଳରେ ଯୋଗନଦେବା ଏକ ରାଜନୈତିକ ରହସ୍ୟ ହୋଇଯାଇଛି । ଶ୍ରୀ ବହୁଗୁଣାଙ୍କ ଦଳର ଓଡ଼ିଶାରେ କୌଣସି ସଙ୍ଗଠନ ନାହିଁ । ଏଥିରୁ ବିଜୁବାବୁଙ୍କୁ ମଧ୍ୟ ଅଧିକାଂଶ ଆଦିବାସୀ ବିଶ୍ୱାସ କରୁ ନଥିବା ପ୍ରତୀୟମାନ ହେଉଛି । □

ମଶାନିୟନ୍ତ୍ରଣ ପାଇଁ ନୂଆ ଅବିଷାକ୍ତ ଔଷଧ

ମଶା ନିୟନ୍ତ୍ରଣ ପାଇଁ ଏକ ଅବିଷାକ୍ତ ରାସାୟନିକ ପଦାର୍ଥ ସମ୍ପ୍ରତି ଆବିଷ୍କୃତ ହୋଇଛି । ଏହାର ଆବିଷ୍କାରକ ହେଉଛନ୍ତି ଓ୍ୱାଶିଂଟନ ସ୍ଥିତ ନାଭାଲ ରିସର୍ଚ୍ଚ ଲାବୋରେଟୋରୀର ରସାୟନବିତ୍ ଓ୍ୱିଲିୟମ ଡ଼. ଗାରେଟ ।

ଏହି ରାସାୟନିକ ଯୌଗିକଟିର କ୍ଷେତ୍ର ପରୀକ୍ଷା ସରିଗଲାଣି ଏବଂ ଅତିଶୀଘ୍ର ଏହା ବଜାରକୁ ଛଡ଼ାଯିବ । ଏହି ରାସାୟନିକ ପଦାର୍ଥଟି ହେଉଛି ଏକ ଆଇସୋଷ୍ଟେରିଲ୍ ଆଲକୋହଲ ଯେଉଁଥିରେ ଅକ୍ସିଥାଇଲିନ୍ ଗ୍ରୁପର ଦୁଇଟି ପଦାର୍ଥ ରହିଛି ।

ଏହି ଔଷଧ ପାଣିରେ ପକାଇଲେ ପାଣି ଉପରେ ପରମାଣୁ ମୋଟେଇ ଏକ ସର ବସିଯିବ ଏବଂ ଏହି ସର ମଶାମାନଙ୍କ ଡ଼ିମ୍ବ ଓ ଲାର୍ଭାର ଶ୍ୱାସନଳୀକୁ ଓଦା କରିଦେଇ ତଳକୁ ବୁଡ଼ାଇ ଦେବ । ଅନ୍ୟାନ୍ୟ କୌଣସି ଜୀବଜନ୍ତୁଙ୍କର ବିଶେଷ କିଛି କ୍ଷତି ନକରି ଏହା ମଶା ମାନଙ୍କୁ ସହଜରେ ମାରି ପାରିବ । □

ପାଣିରେ ମିଳେଇ ଯାଉଥିବା ଅଦ୍‌ଭୁତ କାଚ

ଇଂଲଣ୍ଡର ଷ୍ଟାଣ୍ଡାର୍ଡ ଟେଲିଫୋନ ଲାବୋରେଟୋରୀରେ ସମ୍ପ୍ରତି ଏକ ଅଦ୍‌ଭୁତ ଧରଣର କାଚ ତିଆରି ହୋଇଛି ଯାହାକି ପାଣିରେ ମିଳାଇ ଯାଇ ପାରିବ । ଏହି କାଚକୁ ଏବେ ଜଳସୃଷ୍ଟ ରୋଗ ବା ଆର୍ଦ୍ଧ୍ରଜନିତ ରୋଗ ଚିକିତ୍ସା କ୍ଷେତ୍ରରେ ସଫଳତାର ସହିତ ବ୍ୟବହାର କରାଯାଇପାରିବ ।

ଏହି ଦ୍ରବଣୀୟ ଗ୍ଲାସ୍ ବା ମିଳାଇ ଯାଉଥିବା କାଚ ଫସଫରସ୍, କାଲସିୟମ ଏବଂ ସୋଡ଼ିଅମ ଅକ୍ସାଇଡ଼୍‌କୁ ଏକ ପ୍ଲାଟିନମ୍ ପାତ୍ରରେ ୬୦୦୦ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ତାପରେ ତରଳାଇ ତିଆରି କରାଯାଇଛି । ଏଥିରେ ପାରଂପରିକ କାଚରେ ଥିବା ସିଲିକନ୍ ଅକ୍ସାଇଡ଼୍ ନାହିଁ ଏହି କାଚର ରାସାୟନିକ ପଦାର୍ଥ ଗୁଡ଼ିକର ମିଶ୍ରଣ ଅନୁପାତକୁ ପରିବର୍ତ୍ତନ କଲେ ଏହା ମାଟି ଏବଂ ମନୁଷ୍ୟ ଶରୀରର ତନ୍ତୁରେ ମଧ୍ୟ ମିଳାଇ ଯାଇ ପାରିବ । □

Images: Aptakama Mishra, Processing: Srujanika

ବହୁମୂତ୍ର ରୋଗର ଦେଶୀ ଚିକିତ୍ସା

ଏହାର ନିରାକରଣ ପାଇଁ କୁନ୍ଦୁରି, କଇଁଚକାକୁଡ଼ି, କାଙ୍କଡ଼, ନିମ୍ବପତ୍ର, ପିଆଶାଳ କାଠ ରସ, ପୁରୁଣି, ବଥୁଆ, ମଦରଙ୍ଗା ଶାଗ ଆଦି ଅତି ଉପାଦେୟ

ପ୍ରଫେସର ଡ. କମଳକୁମାରୀ ପଟ୍ଟନାୟକ

ସାଧାରଣତଃ ଯାହାର ବହୁବାର ପରିସ୍ରା ହୁଏ ତାକୁ ବହୁମୂତ୍ର ରୋଗ ହୋଇଛି ବୋଲି ଧରି ନିଆ ଯାଇଥାଏ । କିନ୍ତୁ ତା' ଠିକ୍ ନୁହେଁ, କାରଣ ବହୁବିଧ କାରଣ ହେତୁ ଘନ ଘନ ପରିସ୍ରା ହୋଇଥାଏ । ଏପରି ଏକ ଦ୍ୱନ୍ଦ୍ୱରୁ ମୁକ୍ତି ପାଇବାକୁ ହେଲେ ଡାକ୍ତରଙ୍କ ପରାମର୍ଶ ଏକାନ୍ତ ଆବଶ୍ୟକ ।

ବହୁମୂତ୍ର ରୋଗ ଏକ ବଂଶଗତ ରୋଗ, ମା ବାପା କିମ୍ବା ସେମାନଙ୍କ ବଂଶରେ କାହାର ବହୁମୂତ୍ର ବେମାରି ଥିଲେ ପୁଅ,ଝିଅ ପାଖରେ ଏହି ରୋଗ ଦେଖା ଯାଇଥାଏ । ଏଣୁ ବିବାହ ପ୍ରସ୍ତାବ ପଡ଼ିଲେ ବର କନ୍ୟାଙ୍କ ଜାତକ ମିଳନ କରିବା ଅପେକ୍ଷା ସେମାନଙ୍କ ବଂଶଗତ ରୋଗର ପରୀକ୍ଷା କରି ନେବା ଉଚିତ । ତେବେଯାଇ ସୁସ୍ଥ ସନ୍ତାନ ସନ୍ତତି ଏ ସମାଜରେ ସୃଷ୍ଟି ହୋଇ ପାରିବେ । ଏ ସମସ୍ତ କଥା ଜାଣି ସୁଦ୍ଧା ଆମେ ଏ ପର୍ଯ୍ୟନ୍ତ ବଂଶଗତ ରୋଗ ନିର୍ମୂଳ ବିଷୟରେ ସଚେତନ ହୋଇ ପାରିନୁ । ଆଧୁନିକ ପରୀକ୍ଷାରୁ ବହୁମୂତ୍ର ରୋଗପାଇଁ ବହୁପ୍ରକାର ଔଷଧ ଓ ଧାରାବାହିକ ଚିକିତ୍ସା ମାନେ ନିର୍ଦ୍ଧାରିତ ହୋଇ ସାରିଛି । ଏହି ରୋଗରେ ପୀଡ଼ିତ ରୋଗୀର ମେଦ ବୃଦ୍ଧି ଘଟିଥାଏ, ଅର୍ଥାତ୍ ରୋଗୀ କ୍ରମଶଃ ମୋଟା ହେବାକୁ ଲାଗେ । ଏଣୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମେଦବୃଦ୍ଧି ଏକ ଅଶୁଭ ସଙ୍କେତ ବୋଲି ଧରି ନିଆଯାଇଥାଏ । ତେବେ ସବୁଦିନିଆ ଗବେଷଣାରୁ ଜଣାପଡ଼ିଛି ଯେ କେବଳ ମେଦ-ବୃଦ୍ଧିରେ ମଧ୍ୟ ଲୋକେ ବହୁମୂତ୍ର ରୋଗରେ ପୀଡ଼ିତ ହୁଅନ୍ତି । ଏହି ସଂପର୍କରେ ଆମ ରାଜ୍ୟର ସୁନାମଧନ୍ୟ ବୈଜ୍ଞାନିକମାନେ ତାଙ୍କ ଗବେଷଣାଗତ ତଥ୍ୟରୁ ସଠିକ୍ ପ୍ରମାଣ ମାନ ପ୍ରତିଷ୍ଠା କରି ପାରିଛନ୍ତି । ସେମାନଙ୍କର ତଥ୍ୟ ଅନୁସାରେ କ୍ଷୀଣ ଓ ଦୁର୍ବଳ ସ୍ୱାସ୍ଥ୍ୟ ଥିଲେ ମଧ୍ୟ ବହୁମୂତ୍ର ରୋଗ ହୋଇପାରେ । ତେବେ ବହୁମୂତ୍ର ରୋଗ କେଉଁ ବୟସରେ ହୁଏ ସେ ବିଷୟରେ ମଧ୍ୟ ବହୁତ ମତଭେଦ ରହିଛି ।

ସାଧାରଣତଃ ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ଲୋକ ବହୁମୂତ୍ର ରୋଗରେ ପୀଡ଼ିତ ହେବା ଦେଖାଯାଏ । ଏଣୁ ଚାଳିଶବର୍ଷ ଟପିଲେ ବହୁମୂତ୍ର ରୋଗରୁ ରକ୍ଷାପାଇବା ପାଇଁ ଶର୍କରା ବା ଚିନି ଖାଇବା ପରିମାଣ କମାଇ ଦେବାକୁ ଡାକ୍ତରମାନେ ପରାମର୍ଶ ଦେଇଥାଆନ୍ତି । ବୟସ ଅଧିକ ହେଲେ ଯେ ବହୁମୂତ୍ର ରୋଗହୁଏ ତା' ସବୁବେଳେ ଠିକ୍ ନୁହେଁ । କେତେକେ ଖୁବ୍ କମ୍ ବୟସରେ ମଧ୍ୟ ଏହିରୋଗରେ ପୀଡ଼ିତ ହୋଇଥାଆନ୍ତି । ଏହି ରୋଗ ଭୋଗ କରୁଥିବା ଲୋକଙ୍କୁ ଶର୍କରା ବା ଚିନିଜାତୀୟ ଜିନିଷ ଖାଇବାକୁ ବାରଣ କରାଯାଇଥାଏ, କିନ୍ତୁ ଚିନିର ପରିମାଣ ଅତ୍ୟଧିକ ମାତ୍ରାରେ ରକ୍ତରେ ହ୍ରାସ ପାଇଲେ ମଧ୍ୟ ରୋଗୀପାଇଁ ବିପଦ ।

ଡାକ୍ତରୀ ଔଷଧ ଛଡ଼ା ଆମ ଗାଁ ଗହଳରେ ବହୁମୂତ୍ର ରୋଗ ପ୍ରତିଷେଧକ ପାଇଁ ବହୁବିଧ ଉଦ୍ଭିଦ ବ୍ୟବହାର କରିବା ଦେଖାଯାଏ । ସେ ମଧ୍ୟରୁ କେତେକ ଉଦ୍ଭିଦ କିପରି ଭାବେ ବହୁମୂତ୍ର ରୋଗପାଇଁ ବ୍ୟବହୃତ ହୁଏ, ତା ବିଷୟରେ ସଂକ୍ଷିପ୍ତ ଆଲୋଚନା କରାଯାଇଛି ।

ନିମ୍ବ, କୁନ୍ଦୁରି, କାଙ୍କଡ଼, କଇଁଚ କାକୁଡ଼ିର ଉପାଦେୟତା

ନିମ୍ବ (Azadirachta indica) ଆମର ଅତି ପରିଚିତ ଉଦ୍ଭିଦ । ଏହାର ବହୁବିଧ ଉପକାର ସମ୍ବନ୍ଧରେ ଆମେ ଅନେକ ଅଧିକ ଜାଣିଛେ । ବହୁମୂତ୍ର ନିବାରଣ ଓ ପ୍ରତିଷେଧ ପାଇଁ ନିମ୍ବ ବ୍ୟବହୃତ ହୋଇଥାଏ, ନିମ୍ବପତ୍ର (a Compound leafs), ଯେଉଁଥିରେ କି ୧୧ଟି ଛୋଟଛୋଟ ଖଣ୍ଡପତ୍ର (leaf lets) ରହିଥାଏ, ତାକୁ ୭ଟି ଗୋଲ-ମରିଚ ସହ ଏକାଠି ବାଟି ଖାଲିପେଟରେ ପ୍ରତିଦିନ ଖାଇଲେ ରକ୍ତରେ ଶର୍କରା ପରିମାଣ ବଢ଼େନାହିଁ ଏବଂ ପରିସ୍ରାରେ ଚିନିଅଂଶ ବାହାରେ ନାହିଁ । ମନେ ରଖିବା ଉଚିତ ଯେ ଯେଉଁ ବଂଶରେ ବହୁମୂତ୍ର ରୋଗ ରହିଛି, ସେ ବଂଶର ଲୋକ ୪୦ ବର୍ଷ ପରେ ପ୍ରତିଦିନ ଏହି ଉପାୟରେ ନିମ୍ବପତ୍ର ଖାଇଲେ ବହୁମୂତ୍ର ରୋଗରୁ ମୁକ୍ତ ରହିବାର ସମ୍ଭାବନା ରହିଛି । ଏହାଛଡ଼ା କୁନ୍ଦୁରି (Cephalandra Inidica), କଇଁଚ କାକୁଡ଼ି (Melothria heterophyla), କାଙ୍କଡ଼ (Momordica Cochinelunensis) ପତ୍ରର ରସ ... ବହୁମୂତ୍ର ରୋଗୀକୁ ... ପ୍ରତିଷେଧ ... ଏହି ସଦାବିହାରୀ (Vinca rosea) ଗଛର ଚେରରୁ ଏକ ତୋଳା ନେଇ, ତୋଳ-ମରିଚ ସହ ଏକାଠି ... ବାଟି-

ପେଟରେ ... । ୨୦ ଦିନ ଖାଇଲେ ରୋଗ ଉପଶମ ହୋଇଥାଏ । ଏହି ଔଷଧ ସେବନ କାଳରେ ... ମଝିରେ ରୋଗୀ ରକ୍ତ ଓ ମୂତ୍ରର ଶର୍କରାଅଂଶ ପରୀକ୍ଷା କରିନେବା ଉଚିତ; କାରଣ ରୋଗୀର ରକ୍ତରେ ଶର୍କରା ପରିମାଣ ଅତ୍ୟଧିକ ମାତ୍ରାରେ କମିଗଲେ ରୋଗୀର କ୍ଷତିଘଟେ । ଏହାଛଡ଼ା ସଦାବିହାରୀ ଫୁଲ ୭ଟିକୁ ସାବଧାନ ସହିତ ଛୁଣ୍ଡାଇ ଆଣି ଏକଗ୍ଲାସ ପାଣିରେ ସନ୍ଧ୍ୟାବେଳେ ଭିଜାଇ ଦେଲେ ଫୁଲ ଦେହରେ ଲାଗି ରହିଥିବା ପାଣିପତ୍ର ... (...) ... ଦ୍ରବ୍ୟଗୁଣ ରହିଛି ସ୍ନାସରେ ଥିବା ପାଣିରେ ମିଳେଇ

Images: Aptakama Mishra, Processing: Srujanika

ଯାଏ । ପରଦିନ ସକାଳେ ଫୁଲ ସାଙ୍ଗଟିକୁ ବାହାର କରି ନେଇ ସେହି ପାଣିତକ ଖାଲି-ପେଟରେ ପିଇଲେ ବହୁମୂତ୍ର ରୋଗୀର ଉପକାର ହୁଏ । କଲରା (Momordica charantia) ଆମେ ପନିପରିବା ରୂପେ ବ୍ୟବହାର କରିଥାଉ । କଲରା ଫଳ ଓ ପତ୍ର ଉଭୟ ବହୁମୂତ୍ର ରୋଗୀପାଇଁ ଆବଶ୍ୟକ । ପୋଖତ ପିଆଶାଳ (Pterocarpus sauta linus) କାଠର ଏକଘନ ସେଣ୍ଟିମିଟର କାଠ ତାକୁ ଗ୍ଲାସେ ପାଣିରେ ଭିଜାଇ ରଖିବାର ୧୨ଘଣ୍ଟା ପରେ ସେହିପାଣିକୁ ସକାଳୁ ଖାଲି ପେଟରେ ପିଇଲେ ରୋଗୀ କେତେକାଂଶରେ ଆରୋଗ୍ୟ ଲାଭକରେ । ଜମ୍ବୁ, କଦମ୍ବ, କଇଁଚ କାକୁଡି, କାଙ୍କଡ, ସଦାବାହାର, ପିଆଶାଳ କାଠରସ ପ୍ରତ୍ୟେକଟି ଉତ୍ତମ ପିତା । ଏଥିରେ ବିଭିନ୍ନ ପ୍ରକାର ଜୈବିକ ପଦାର୍ଥ ଯଥା:—ଆଲକାଲଏଡ ଓ ଗ୍ଲାଇକୋସାଇଡସ୍ ରହିଛି, ହୁଏତ ଏହିସବୁ ଜୈବିକ ବସ୍ତୁ ରୋଗ ଉପଶମ କରିଥାଏ । ତେବେ ଏଥିରେ ଥିବା କେଉଁ କେଉଁ ଆଲକାଲଏଡ଼ ଓ ଗ୍ଲାଇକୋସାଇଡ଼ ବହୁମୂତ୍ର ରୋଗ ନିଷେଧ କରିବାରେ ସାହାଯ୍ୟ କରେ ବା ନିରୋଧ କରେ ତା'ର ଗବେଷଣା ଏ ପର୍ଯ୍ୟନ୍ତ କରଯାଇ ପାରିନି । ଅନୁଭୂତ ଚିକିତ୍ସାରୁ ହିଁ ଏହି ଉଦ୍ଭିଦଗୁଡ଼ିକ ବହୁମୂତ୍ର ରୋଗପାଇଁ ଉପାଦେୟ ବୋଲି ଗଣନା କରାଯାଇଛି ।

ଶାଗର ମାହାତ୍ମ୍ୟ

ବହୁଦିନ ଧରି ବହୁମୂତ୍ର ରୋଗରେ ପିଡ଼ୀତ ରୋଗୀର ଦୃଷ୍ଟିଶକ୍ତି ହ୍ରାସ ପାଏ । ଆଖିରେ ପରଳ ପଡ଼େ । ଉଭୟ ସ୍ନାୟୁ ମଜଭୁତ ଓ ଦୃଷ୍ଟିଶକ୍ତି ବଜାୟ ରଖିବାପାଇଁ ଏହି ରୋଗରେ ପୀଡ଼ିତଥିବା ମଣିଷ ପୁରୁଣୀ (Boerhaavia repensis), ବଥୁଆ (Chenopodium album) ମଦରଙ୍ଗା (Alternanthera sesslis) ଚୁନ୍‌ଚୁନିଆ (Warrelia Quadrifolia) [illegible] (Phyllochlamys Spinosa), ଅଗସ୍ତି (Sebdnia grandiflrora) ଗନ୍ଧଣା (Paemira latifolia) ପୋଟଳ (Trichosanthds dioica) କେସରଦୁର (Eclipta alba) ଶାଗ ନିୟମିତ ଭାବେ ପ୍ରତିଦିନ ଖାଇବା ଉଚିତ । ରେଭେନ୍‌ସା କଲେଜ ଉଦ୍ଭିଦ ବିଜ୍ଞାନାଗାର ଗବେଷଣାରୁ ଜଣାପଡ଼ିଛି ଯେ ଉଲ୍ଲିଖିତ ଶାଗଗୁଡ଼ିକରେ ବହୁ ପ୍ରକାର ଦ୍ରବଣୀୟ ଆମିନୋଅମ୍ଳ ରହିଛି । ବିଶେଷତଃ ଏହି ଶାଗମାନଙ୍କରୁ ଅଧିକାଂଶ ଶାଗରେ ପ୍ରୋଟିନ ପରିମାଣ ଅପେକ୍ଷାକୃତ ଅଧିକ ପରିମାଣରେ ରହିଛି । ଏଥିରେ ଥିବା ଆମିନୋ ଅମ୍ଳ ପ୍ଲାଜ୍‌ମା ପ୍ରୋଟିନ ଗଠନ କରିବାରେ ସହାୟତା କରିଥାଏ । ଏହା ଛଡ଼ା ଏଥିରେ ଥିବା ଅଧିକାଂଶ ଆମିନୋଅମ୍ଳ ଉପାଦେୟ ଆମିନୋ ଅମ୍ଳ । (essential amino acids) ଏଗୁଡ଼ିକ ଶରୀରର ଗଠନମୂଳକ କାମରେ ସାହାଯ୍ୟ କରିଥାଏ, ଏହା ଛଡ଼ା କଣ୍ଟା ଲେଉଟିଆ (Amaranthus spinosus) ଶାଗରେ ବିଭିନ୍ନପ୍ରକାର ଉପାଦେୟ ଅମିନୋ-ଅମ୍ଳ ତଥା ପ୍ରୋଟିନର ପରିମାଣ ଅନ୍ୟ ଶାଗ ତୁଳନାରେ ଅପେକ୍ଷାକୃତ ଅଧିକ ପରିମାଣରେ ରହିଥିବା ହେତୁ କଣ୍ଟାଲେଉଟିଆ ଶାଗ ବହୁମୂତ୍ର ରୋଗୀଙ୍କ ପାଇଁ ଅଧିକ ଉପକାରୀ ଶାଗ କହିଲେ ଅତ୍ୟୁକ୍ତି ହେବନାହିଁ । ସବୁଶାଗରୁ ମିଶାମିଶି କରି ଖାଇଲେ ରୋଗୀ ଅଧିକ ଉପକୃତ ହୁଏ । ସମସ୍ତ ସମୟରେ ବହୁମୂତ୍ର ରୋଗୀର ଆଖି ଲେଞ୍ଜେରା ଧରେ । ଆଖିରେ ଲେଞ୍ଜେରା ହେଲେ ଆଖିକୁ ପରିଷ୍କାର ପାଣିରେ ଧୋଇ ଦେଇ ଚିତାକୁଟୀ (Euphorbia hirta) ଗଛର ଖିର ଲଗାଇ ଦେଲେ ଆଖି ପରିଷ୍କାର ହୁଏ ଏବଂ ଲେଞ୍ଜେରା ଧରିବା କମିଯାଏ । ଚିତାକୁଟୀ ଗଛରେ ସାଧାରଣତଃ କାକରବେଳା ଅର୍ଥାତ୍ ସକାଳ ଓ ସନ୍ଧ୍ୟାରେ ଖିର ବାହାରେ ଏଣୁ ଏହିଗଛର ଖିରର ଉପଯୋଗ ସକାଳ ଓ ସନ୍ଧ୍ୟାରେ କଲେ ହିଁ ଭଲ ।

ମାଣ୍ଡିଆର ଗୁଣ

ବହୁମୂତ୍ର ରୋଗୀ ଶର୍କରା କମ୍ବା ଶର୍କରା ଜନିତ ଖାଦ୍ୟ, ଅର୍ଥାତ୍, ଚାଉଳ, ମକା, ଆଳୁ ଚୂଡ଼ା, ମୁଢ଼ି, ଇତ୍ୟାଦି ଖାଇବାକୁ ବାରଣ କରାଯାଇଥାଏ । ମାଣ୍ଡିଆ (Eleusine Corocana) ଏହି ରୋଗୀଙ୍କୁ ପ୍ରଧାନ ଖାଦ୍ୟ ରୂପେ ଦେଲେ ରୋଗୀର ଉପକାର ହୁଏ । ମାଣ୍ଡିଆ ବହୁ କିସମର । କେତେକ ଧଳା ଓ କେତେକ କଳା, ଆଉ କେତେକ ଧୂସରିଆ ତ ଆଉ କେତେକ ମାଟିଆ ରଙ୍ଗ ହୋଇଥାଏ । ଏହି ସବୁପ୍ରକାର ମାଣ୍ଡିଆରେ ଶର୍କରା ବ୍ୟତୀତ ବହୁ ପ୍ରକାରର ଉପାଦେୟ ଆମିନୋଅମ୍ଳ ମାନ ରହିଛି, ରୋଗୀପାଇଁ ଏ ସମସ୍ତ ଆମିନୋଅମ୍ଳ ବହୁତ ଦରକାରୀ । ମାଣ୍ଡିଆକୁ ଗୁଣ୍ଡକରି ଚୂରି ତାକୁ ଖିରି କରି ଘୋଳ ଦହିରେ ଖାଇଲେ ରୋଗୀର ପେଟ ଅଣ୍ଡାରହେ ଓ ତତ୍ ସଙ୍ଗେ ସଙ୍ଗେ ଶରୀର ଗଠନପାଇଁ ଉପାଦେୟ ଆମିନୋ ଅମ୍ଳ ମଧ୍ୟ ପାଇଥାଏ । ମାଣ୍ଡିଆକୁ ୮।୧୨ ଘଣ୍ଟା ବତୁରାଇ ତାକୁ ପତଳା କନାରେ ବାନ୍ଧି ରଖିଦେଲେ ସେଥିରୁ ଗ୍ରେଟଗ୍ରେଟ ଗଜା ବାହାରିଆସେ । ଏହି ଗଜାମାଣ୍ଡିଆକୁ ଶୁଖାଇ ଗୁଣ୍ଡକରି ରାନ୍ଧି ଖାଇଲେ ରୋଗୀ ଅପେକ୍ଷାକୃତ ଅଧିକ ଉପକୃତ ହୋଇଥାଏ । ମାଣ୍ଡିଆଟା ସାଧାରଣତଃ ଏକ ଗୁରୁପାକ ଖାଦ୍ୟ । କିନ୍ତୁ ଗଜାମାଣ୍ଡିଆ ଲଘୁପାକ ଖାଦ୍ୟ । ଗଜା ହେଲାବେଳେ ସେଥିରୁ ପ୍ରସ୍ତୁତ ହେଉଥିବା ପାଚକରସ (enzymes) ଜଟିଳ ଖାଦ୍ୟକୁ ସରଳ ଖାଦ୍ୟରେ ପରିଣତ କରିଥାଏ, ଫଳରେ ରୋଗୀ ସରଳଖାଦ୍ୟ ଜନିତ ଗଜା ମାଣ୍ଡିଆକୁ ଖାଇଲେ ଉପକୃତ ହେବା ସଙ୍ଗେ ସଙ୍ଗେ ସହଜରେ ଜୀର୍ଣ୍ଣ କରିପାରେ ।

ବହୁମୂତ୍ର ରୋଗୀକୁ ଡିମ୍ବିରି (Ficus hispida) ମଧ୍ୟ ଖାଇବାକୁ ଦିଆଯାଏ । ଏଥିରେ ଗ୍ଲାଇକୋସାଇଡ଼ ଓ ଗ୍ଲୁକୋସାଇଡ଼ ଜୈବିକ ଯୌଗିକ ପଦାର୍ଥମାନ ରହିଛି । ଏଗୁଡ଼ିକ ରୋଗୀର ଶରୀରର ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟକାରୀ ହୋଇଥାଏ ।

ବହୁମୂତ୍ର ରୋଗୀର ରକ୍ତନଳୀ (ଶିରା ଓ ଧମନୀ) ଉପରେ ମେଦ ଜମିବା ଆଦୌ ଉଚିତ ନୁହେଁ । ସମସ୍ତ ସମୟରେ ଏହି ରୋଗୀଙ୍କର ରକ୍ତ କଣିକାରେ ଚର୍ବିଅଂଶ ଅଧିକ ହେବା ଦେଖାଯାଏ । ରୋଗୀପାଇଁ ଏହା ଏକ ଅଶୁଭ ଲକ୍ଷଣ । ଶିରା ଓ ଧମନୀ ଉପରେ ଚର୍ବି ଜମିବା ହେତୁ ତା' ଉପରେ ଚାପ ପଡ଼ିଲେ ହଠାତ୍ ରୋଗୀର ହୃଦ୍‌ଯନ୍ତ୍ରକ୍ରିୟା ବନ୍ଦ ହୋଇଯାଏ ଏବଂ ତା'ର ମୃତ୍ୟୁଘଟେ, ଚର୍ବି ନ ଜମିବାପାଇଁ ନିୟମିତ ଭାବେ ଦିନକୁ ୨।୩ ଗ୍ରାମ କଞ୍ଚା ପିଆଜ (Allium cepa) ଓ ୨।୪ କୋଳା ରସୁଣ (Aellium indicum) ଖାଇବା ଉଚିତ ।

କଞ୍ଚା କାକୁଡ଼ି ଖାଇବା ଦରକାର

ସମସ୍ତ ସମୟରେ ରୋଗୀର ଖାଦ୍ୟର ପରିମାଣ କମାଇବାକୁ ଦରକାର ପଡ଼ିଥାଏ । ଏହି ସମୟରେ ଖାଦ୍ୟ ସାଙ୍ଗକୁ ଯଥେଷ୍ଟ କଞ୍ଚାକାକୁଡ଼ି (Cucumis Sativus) ଖାଇବା ପାଇଁ ଦିଆଯାଏ । କାକୁଡ଼ି ଖାଇଲେ ପେଟ ପୂରି ଆସେ ଏବଂ ଅଧିକା ଖାଦ୍ୟ ଖାଇ ହୁଏ ନାହିଁ । ତାହାର ଏକମାତ୍ର କାରଣ ହେଲା କାକୁଡ଼ିରେ ଥିବା ଅଧିକା ପାଣି ଏବଂ ତା' ସାଙ୍ଗକୁ ସେଲ୍ୟୁଲୋଜ ରହିଛି । ସେଲ୍ୟୁଲୋଜ ଜୀର୍ଣ୍ଣ କରିପାରେ

Images: Aptakama Mishra, Processing: Srujanika

କେବଳ ତୃଣଭୋଜୀ ପ୍ରାଣୀ; କାରଣ ସେମାନଙ୍କ ଖାଦ୍ୟ ନଳୀରେ ସେଲ୍ୟୁଲୋଜ ଜୀର୍ଣ୍ଣକରିବା ପାଇଁ ପାଚକ ରସ ଝରେ । ମଣିଷର ସେହି ପାଚକ ଗ୍ରନ୍ଥି ନଥିବା ହେତୁ ତାହା ଜୀର୍ଣ୍ଣକରି ପାରେନାହିଁ । ଜୀର୍ଣ୍ଣ ନହୋଇ ସେଲ୍ୟୁଲୋଜ ମଳଦେଇ ବାହାରିଆସେ ! ଫଳରେ ରୋଗୀର ମଳବନ୍ଧ ହେବା ପ୍ରଶ୍ନନାହିଁ ।

ବର୍ଷାଦିନେ ଆମ ଗାଁ ବାଡ଼ି ବଗିଚାରେ ଜାମୁକୋଳି (Eugenia jamblana) ପାଚେ ଜାମୁକୋଳି ଏହି ରୋଗୀପାଇଁ ବହୁତ ଉପକାରୀ । ବେଳେ ବେଳେ ଜାମୁକୋଳି ମଞ୍ଜିକୁ ଶୁଖାଇ ଗୁଣ୍ଡକରି ରୋଗୀକୁ ଦିନକୁ ସେଥିରୁ ଅଧତୋଳା ଓଜନର ଖାଇବାକୁ ଦିଆଯାଏ । ଜାମୁକୋଳିରେ କେଉଁସବୁ ଦ୍ରବ୍ୟ ଗୁଣ ଥିବାହେତୁ ବହୁମୂତ୍ର ରୋଗୀକୁ ଖାଇବାକୁ ଦିଆଯାଏ, ତା'ର ତଥ୍ୟ ଏପର୍ଯ୍ୟନ୍ତ ଜଣାପଡ଼ିନ ।

ଏହି ରୋଗୀଙ୍କର ଝାଡ଼ା ନିୟମିତଭାବେ ହେବା ଉଚିତ । କଠିନ ଝାଡ଼ା ଏହି ରୋଗୀ ପାଇଁ ଖୁବ୍ କ୍ଷତିକାରକ, ଏଣୁ ଏହି ରୋଗୀ ମାନଙ୍କୁ ତ୍ରିଫଳା ଅର୍ଥାତ୍ ଶୁଖିଲା ହରିଡ଼ା (Terminalia chebula) ବାହାଡ଼ା (Teriminalia belerica) ଓ ଅଁଳା (Embelica toticinalis) ପ୍ରତ୍ୟେକଟିକୁ ଏକ ଅନୁପାତ ଓଜନରେ ନେଇ ଗୁଣ୍ଡକରି ସେଥିରୁ ଏକ ଚାମଚ କରି ଖାଲି ପେଟରେ ଖାଇ ପାଣି ପିଇଲେ ମଳଦୋଷ କଟେ । ତା' ସାଙ୍ଗକୁ ଏଥିରେ ଥିବା ଦ୍ରବ୍ୟଗୁଣ ଖାଦ୍ୟକୁ ସହଜରେ ଜୀର୍ଣ୍ଣ କରିବାରେ ସାହାଯ୍ୟ କରେ । ତଦ୍ୱାରା ଭଲ ଭୋକହୁଏ ।

ବରକୋଳି (Zygiphuszuzuba) ଏହି ରୋଗୀଙ୍କ ପାଇଁ ଖୁବ୍ଭଲ । କାରଣ ବରକୋଳିରେ ଥିବା ଦ୍ରବ୍ୟଗୁଣ ରକ୍ତରେ ତୈଳଅଂଶ (fat) କୁ ହ୍ରାସ କରିଦିଏ । ତା'ଠାରୁ ଆହୁରି ଉପଯୋଗୀ କୋଳି ହେଲା ଭୁଇଁ ବରକୋଳି, (zizi phus numuiaria) ଏଥିରେ ବରକୋଳିରେ ରହିଥିବା ଦ୍ରବ୍ୟଗୁଣ ଛଡ଼ା ଅଧିକ ପରିମାଣରେ ଆଲକାଲଏଡ ରହିଥାଏ । ଏଣୁ ଭୁଇଁ ବରକୋଳି ପିତା-ଲାଗେ । ଏହି ପିତା ଅଂଶ (ଆଲକାଲଏଡ଼) ହିଁ ରୋଗ ଉପଶମ ପାଇଁ ଆବଶ୍ୟକ ।

ଗୁଡ଼ମାର

'ଗୁଡ଼ମାର' ବହୁମୂତ୍ର ରୋଗପାଇଁ ଅବ୍ୟର୍ଥ ଔଷଧ ବୋଲି ବହୁଳଭାବେ ଗୁଡ଼ମାରକୁ ଏହି ରୋଗୀଙ୍କ ପାଇଁ ବ୍ୟବହୃତ ହେଉଥିଲା । ଗୁଡ଼ମାରର ପ୍ରଧାନ ଲକ୍ଷଣ ହେଲା, ଏହାର ପତ୍ରକୁ ଟିକିଏ ଚୋବାଇ ସାରିବା ପରେ ଚିନି ବା ଗୁଡ଼ ଖାଇଲେ ମିଠା ଲାଗେ ନାହିଁ । ସେହି ହେତୁରୁ ତାକୁ ଗୁଡ଼ମାର ନାମ ଦିଆଯାଇଛି । ପରବର୍ତ୍ତୀ ଗବେଷଣାରୁ ଜଣାପଡ଼ିଛି ଯେ ଗୁଡ଼ମାର ଗୁଡ଼କୁ ଅନ୍ୟ କୈବିକ ପଦାର୍ଥରେ ପରିଣତ କରେନାହିଁ । ବରଂ ଏଥିରେ ଥିବା ଦ୍ରବ୍ୟଗୁଣ ଜିଭରେ ଥିବା ସ୍ୱାଦ କଳିକା (Test bud) କୁ ସାମୟିକ ଭାବେ ନିଷ୍କ୍ରିୟ କରିଦିଏ, ତଦ୍ୱାରା ଗୁଡ଼ମାର ପତ୍ର ଖାଇସାରି ଗୁଡ଼ ଖାଇଲେ ତା'ର ସ୍ୱାଦ ଆମେ ଜାଣି ପାରୁନାହୁଁ ।

ଉଲ୍ଲିଖିତ ଉଦ୍ଭିଦ ଗୁଡ଼ିକୁ ବହୁମୂତ୍ର ରୋଗୀକୁ ଦିଆଯାଇଥାଏ । । କାରଣ ଆମ ପୂର୍ବ ପୁରୁଷ ମାନଙ୍କର ଅନୁଭୂତିରୁ ଆମେ ଏହା କ୍ରମେ ଶିଖିଛୁ । ତେବେ ଏସବୁ ଅନୁଭୂତିର ବୈଜ୍ଞାନିକ ପ୍ରମାଣ ମାନ ଆମକୁ ସ୍ଥାପନ କରିବାକୁ ପଡ଼ିବ । ଔଷଧୀ ଉଦ୍ଭିଦ ଉପରେ ଗବେଷଣାମାନ ବିଭିନ୍ନ ସ୍ଥାନରେ ଚାଲୁ ହେଲଣି । ତେବେ ଏ ପର୍ଯ୍ୟନ୍ତ ଔଷଧୀ ଉଦ୍ଭିଦରେ ଥିବା ଦ୍ରବ୍ୟଗୁଣ କଣ ରହିଛି ଏବଂ ସେଗୁଡ଼ିକ କିପରିଭାବେ କେଉଁ ରୋଗୀ ପାଇଁ ଉପାଦେୟ ତା'ର ପୁଙ୍ଖାନୁପୁଙ୍ଖ ତତ୍ତ୍ୱ ଆମେ ପାଇ ପାରିନେ । ଦିନ ଥିଲା ମୁନି ଋଷିମାନେ ନିବିଡ଼ ଜଙ୍ଗଲରେ ରହି କନ୍ଦା ଫଳ ପତ୍ରଖାଇ ସବୁଜ ପରିବେଶରେ ବଞ୍ଚିରହି ପାରୁଥିଲେ । କୌଣସି ରୋଗ ସେମାନଙ୍କ ଦେହକୁ ସ୍ପର୍ଶ କରୁ ନଥିଲା । ସେମାନଙ୍କ ଅନୁଭୂତିରୁ ଆମେ ବିଭିନ୍ନ ଉଦ୍ଭିଦର ବ୍ୟବହାର ଜାଣି ପାରିଛେଁ । ଏପରିକି ଶୁଶ୍ରୁତ ସଂହିତା ଓ ଚରକ ସଂହିତାରେ ମଧ୍ୟ ଉଦ୍ଭିଦର ଦ୍ରବ୍ୟଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି । ମଣିଷ ଯେତେବେଳେ ପୃଥିବୀକୁ ଛାଡ଼ି ଚନ୍ଦ୍ରକୁ ଯାଉଛି, ମହାକାଶରେ ଉଡି ଦେଖୁଛି ଗବେଷଣା କରୁଛି, ନୂତନ ତଥ୍ୟମାନ ସଂଗ୍ରହ କରୁଛି ସେତେବେଳେ ଆମ ପରିବେଶରେ ଯେଉଁସବୁ ବସ୍ତୁ ଯୁଗଯୁଗ ଧରି ଆମପାଇଁ ଏତେ ଉପକାରୀ "- ଔଷଧି-ଉଦ୍ଭିଦ -" ତା' ଉପରେ ଏ ପର୍ଯ୍ୟନ୍ତ ଯଥେଷ୍ଟ ଗବେଷଣା ହୋଇପାରୁନି । ଏହି ଠୁଣ୍ଟାଠୁଣ୍ଟିଆ ବ୍ୟବହାରିକ ଔଷଧ ଉପରେ ବର୍ତ୍ତମାନ ଆନ୍ତର୍ଜାତିକ କ୍ଷେତ୍ରରେ ସେମିନାର ମାନ ବସିଲଣି । ଏଥିରୁ ମନେହୁଏ ଏତେକାଳ ପରେ ଲୋକେ ଏଥିପାଇଁ ସଚେତନ ହେଉଛନ୍ତି । ଉଦ୍ଭିଦ ଆମପାଇଁ କେତେ ଉପକାରୀ । ତାକୁ ବଞ୍ଚାଇଲେ ତ ପୁଣି ଆମେ ବଞ୍ଚିବା ।

ବହୁମୂତ୍ର ରୋଗପରି ଏମିତି ବହୁତ ରୋଗ ରହିଛି, ଯାହାକି ବଂଶ ଗତ ବେମାରୀ । ବାସ୍ତବିକ ବଂଶଗତ ବେମାରକୁ ନିର୍ମୂଳ କରିବା ବଡ଼ କଷ୍ଟସାଧ୍ୟ । ଆଜିର ମଣିଷ ଅନାଇ ବସିଛି ସେହି ଜେନଟିକ୍ ଇଞ୍ଜିନିଅର (Genetic-engeneer) କୁ, ଯେ ଦିନେ ମାପଚୂପ କରି ଆମ କୋଷରେ ଥିବା ଗୁଣସୂତ୍ର (chrom-osome)ରେ ଥିବା ଗୁଣ (gene) ଗୁଡ଼ିକୁ ଗୋଟି ଗୋଟିକରି ବାଛି ଥୋଇଦେବ, କେଉଁଟି ଭଲ ଆଉ କେଉଁଟି ଖରାପ । ବଂଶ ଗତ ରୋଗପାଇଁ ଯେଉଁ ଜିନ୍ ରହିଛି ଆମକୋଷରେ ତା'କୁ ସେ ବାହାର କରି ଆଣିବ । ବାଃ, କି ଚମତ୍କାର ଏ ଜେନ୍‌ଟିକ୍ ଇଞ୍ଜିନିୟରିଙ୍ଗ, ସେ ତ ବହୁତ ବଡ଼କଥା । ତା ପୂର୍ବରୁ ସଚେତନ ମଣିଷ ଆମ ପରିବେଶ—ପ୍ରକୃତି ତଥା ଉଦ୍ଭିଦକୁ କିପରି ସୁରକ୍ଷା କରିବା ତା'ଠୁ ସବୁ-ପ୍ରକାର ସୁବିଧା ନେଇ ତାର କିପରି ବଂଶବୃଦ୍ଧି କରାଇବ । ସେ ଚେଷ୍ଟାକୁ ଉପେକ୍ଷା କରାଯାଇ ନ ପାରେ । ତେବେ ସିନା ଆମବନ୍ଧୁ ଉଦ୍ଭିଦ' ସୁରକ୍ଷା କରିବା ସଙ୍ଗେସଙ୍ଗେ ଆମର ରୋଗ ବୈରାଗରେ ସହାୟତା କରିବ । □

ଖାରବେଳ

ବାର୍ଷିକ ମୂଲ୍ୟ — ଟ ୧୨୫ ଙ୍କା ।
ଷଣ୍ମାସିକ — ଟ ୬୫ ଙ୍କା ।
ତ୍ରୈମାସିକ — ଟ ୩୪ ଙ୍କା ।
ମାସିକ — ଟ ୧୧ ଙ୍କା ।
ପ୍ରତି ଖଣ୍ଡ — ଟ ୩ ଙ୍କା ।

ଏଜେଣ୍ଟ ମାନଙ୍କ ପାଇଁ ସ୍ୱତନ୍ତ୍ର କମିଶନର ବ୍ୟବସ୍ଥା ଅଛି ।

Images: Aptakama Mishra, Processing: Srujanika

ଗରୀବ ଲୋକଙ୍କ ପାଇଁ 'ଫ୍ରିଜ୍'

ମାତ୍ର ୨୦୦ ଟଙ୍କାରେ ତିଆରି ହେବ   କୃଷି ଗବେଷଣା ପ୍ରତିଷ୍ଠାନର ସଫଳତା

ଦୀର୍ଘ ୯୦ଦିନ ପର୍ଯ୍ୟନ୍ତ ଫଳମୂଳ ଓ ପରିବାପତ୍ର ସାଇତି ରଖିହେଲା ଭଳି ଦେଶୀ ଫ୍ରିଜ ବା ଶୀତଳଭଣ୍ଡାର ନିର୍ମାଣ କରିବାରେ ଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକମାନେ ସଫଳ ହୋଇଛନ୍ତି । ଏହି ଦେଶୀ ଫ୍ରିଜ ପାଇଁ ବିଜୁଳି ବା ଅନ୍ୟ କୌଣସି ଶକ୍ତିର ଆବଶ୍ୟକତା ନାହିଁ । ଏବଂ ଏଥିପାଇଁ ଖର୍ଚ୍ଚ ହେବ ମାତ୍ର ୨୦୦ ଟଙ୍କା ।

ଶସ୍ତା ଏବଂ ସହଜରେ ମିଳୁଥିବା ସ୍ଥାନୀୟ କଞ୍ଚାମାଲ ଯଥା ଇଟା, ବାଲି ବାଉଁଶ ଓ ଖସ୍‌ଖସ୍ ବା ବେଣା ଚେର ଏବଂ ଅଖା ବସ୍ତାରେ ଏହା ତିଆରି କରାଯାଇ ପାରିବ ।

ଆନୁମାନିକ ଏକ କ୍ୱିଣ୍ଟାଲ ଫଳମୂଳ ରଖିପାରିଲା ଭଳି ଏକ ଶୀତଳ ଭଣ୍ଡାର ତିଆରି କରିବା ନିମନ୍ତେ ପ୍ରାୟ ୩୫୦ ଖଣ୍ଡ ଇଟା, ଦଶବସ୍ତା ବାଲି ଦରକାର । ବଡ଼ ଭଣ୍ଡାର ତିଆରି କଲେ ନିର୍ମାଣ ଖର୍ଚ୍ଚ ଆନୁପାତିକ ହାରରେ କମିଯିବ ।

ଏହି ଶୀତଳ ଭଣ୍ଡାର ପାଇଁ ଦୁଇ-ସ୍ତରୀୟ ଇଟାକାନ୍ଥ ତିଆରି କରିବାକୁ ହେବ । ଏହି ଦୁଇକାନ୍ଥ ମଝିରେ ସାଢ଼େ ୭ ସେଣ୍ଟିମିଟର ଜାଗା ରହିବ ଏବଂ ଏହି ଖାଲିସ୍ଥାନକୁ ନଦୀ ବାଲିରେ ଭର୍ତ୍ତି କରିବାକୁ ହେବ । ଉପର ଛାତକୁ ବାଉଁଶରେ ତିଆରି ବେଣା ଚେରର ଚାଟି ବା ବସ୍ତାରେ ଘୋଡ଼ାଇବାକୁ ହେବ ।

ଏହି ଭଣ୍ଡାରଟି ଥରେ ପାଣିରେ ଜୁଡ଼ୁବୁଡ଼ୁ ହୋଇଗଲେ ସକାଳେ ଏବଂ ସନ୍ଧ୍ୟାରେ ଦୁଇଥର ମାତ୍ର ଏଥିରେ ପାଣି ଛିଞ୍ଚିବାକୁ ହେବ । ଏହା ଛାଇ ଯାଗାରେ ତିଆରି କରିବାକୁ ହେବ ।

ଏହି ଭଣ୍ଡାର ଭିତରେ ରହୁଥିବା ଫଳ ଗୁଡ଼ିକ ଧିମତାଲରେ ପାଚୁଥିବାରୁ ଆମ୍ବଜାତୀୟ ଫଳକୁ ଏହା ଭିତରେ ସଂରକ୍ଷଣ କରି ସହଜରେ ରଖାଯାଇ ପାରିବ ।

ଭାରତୀୟ ଚାଷୀମାନେ ନିଜ ପରିବା ବା ଫଳମୂଳ ବଜାରକୁ ନେଲା ବେଳେ ବଜାର ଦର କମିଯାଇଥିଲେ ମଧ୍ୟ ତାହା ବିକିବାକୁ ବାଧ୍ୟ ହୋଇଥାନ୍ତି ଅନ୍ୟଥା ଫଳମୂଳ ପଚିଯିବ । କିନ୍ତୁ ଏହିଭଳି ଶୀତଳ ଭଣ୍ଡାରରେ ଫଳମୂଳ ସାଇତି ରଖିଲେ ବଜାର ଭାଉ ଦେଖି ତାହା ସେମାନେ ବିକି ପାରିବେ ।

ଖରାଦିନେ ବାହାରେ ତାପମାତ୍ରା ୪୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ହୋଇଥିବା ବେଳେ ଏହି ଭଣ୍ଡାର ଭିତରର ତାପ-ମାତ୍ରା ୨୦ରୁ ୨୩ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ରହିଥାଏ ।

ମର୍କଟଙ୍କ ମଧ୍ୟରେ ଅସନ୍ତୁଷ୍ଟ ଗୋଷ୍ଠୀ

ମାଙ୍କଡ଼ ମାନେ ନିଜର ଆଶାତୀତ ସଂଖ୍ୟା ବୃଦ୍ଧିକୁ ସହ୍ୟକରି ପାରନ୍ତି ନାହିଁ । ସେମାନଙ୍କ ଗୋଷ୍ଠୀର ଅଭିବୃଦ୍ଧି ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କଲେ ସେମାନଙ୍କ ମଧ୍ୟରୁ ଅସନ୍ତୁଷ୍ଟ ଗୋଷ୍ଠୀ ବାହାରି ଏକ ସ୍ୱତନ୍ତ୍ର ଦଳ ଗଠନ କରନ୍ତି ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହୋମ-ଇକୋନୋମିକ୍‌ସ୍ ଇନଷ୍ଟିଚ୍ୟୁଟ୍‌ର ଗବେଷିକା ଡକ୍‌ଟର ଶ୍ରୀମତୀ ଇକ୍‌ବାଲ ମଲ୍ଲିକ ମାଙ୍କଡ଼ ମାନଙ୍କ ବଂଶ ଚରିତ୍ର ଦୀର୍ଘଦିନ ଧରି ଅନୁଧ୍ୟାନ କଲାପରେ ଜାଣି ପାରିଛନ୍ତି କି ଗୋଟିଏ ଗୋଟିଏ ମାଙ୍କଡ଼ପଲର ସଂଖ୍ୟା ୧୦୦ରୁ ଅଧିକ ହେଲେ ସେମାନଙ୍କ ଭିତରେ ବିବାଦ ସୃଷ୍ଟି ହୋଇ ଭିନ୍ନମତାବଲମ୍ବି ଗୋଷ୍ଠୀ ବାହାରନ୍ତି ।

ଶ୍ରୀମତୀ ମଲ୍ଲିକ ତାଙ୍କ ଅନୁଧ୍ୟାନ ପ୍ରାରମ୍ଭରେ ତୁଗଲକାବାଦର ଦୁଇଟି ମାଙ୍କଡ଼ ପଲଙ୍କ (କ ଓ ଖ) ଗତିବିଧି ଲକ୍ଷ୍ୟ କରୁଥିଲେ । ତିନିବର୍ଷ ପରେ କ ଦଳରୁ ଆଉ ଦୁଇଟି ଦଳ (ଗ ଓ ଘ) ସୃଷ୍ଟି ହେଲା । କିନ୍ତୁ ଖ ଦଳର ସଂଖ୍ୟା ୪୦ ଥିବାରୁ ସେଥିରୁ କିଏ ଆଉ ଗ ବା ଘ ଦଳରେ ଯୋଗ ଦେଲେନାହିଁ । ଏହି ଚାରୋଟି ଦଳ ମଧ୍ୟରେ କ ଦଳ ଏବେବି ବୃହତ୍ତମ ଏବଂ ଏହାର ସଂଖ୍ୟା ୧୨୩ ଅତିକ୍ରମ କଲାପରେ ଏଥିରୁ ଅସନ୍ତୁଷ୍ଟ ଗୋଷ୍ଠୀ ବାହାରି ଆସନ୍ତି ।

ନବଗଠିତ ମାଙ୍କଡ଼ ଦଳ କ ଦଳ ନିକଟବର୍ତ୍ତୀ ସ୍ଥାନରେ ନରହି ବହୁ ଦୂରରେ ନିଜକୁ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଏବଂ ସେଠାରେ ତାଙ୍କ ନୂଆ ନେତା ନିର୍ବାଚିତ କରାଇଥିଲେ । ଦଳ ଭାଗ ଭାଗ ହେଲାବେଳେ ମୂଳଦଳ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ନିଜ ପାଖରେ ରଖାଇ ଦିଅନ୍ତି ନାହିଁ । (ପି:ଟି:ଆଇ)

□

ସୁନ୍ଦର ଛପା ଓ ଡିଜାଇନ୍
ପାଇଁ
ଅନୁସନ୍ଧାନ କରନ୍ତୁ
ପ୍ରଜ୍ଞା ପ୍ରିଣ୍ଟର୍ସ
ଖାନନଗର କଟକ
ଫୋନ—୨୩୫୯୭
ଇଂରାଜୀ ଓ ଓଡ଼ିଆରେ ସମସ୍ତ
ଛାପାକାମ ଏଠାରେ କରାଯାଏ

Images: Aptakama Mishra, Processing: Srujanika

ସୌରଶକ୍ତି ସାହାଯ୍ୟରେ ରେଳଷ୍ଟେସନ କାର୍ଯ୍ୟଚାଲୁଛି

କର୍ଣ୍ଣାଟକର ରାଜ୍ୟର କୋଲାର୍ ସୁନାଖଣି ନିକଟବର୍ତ୍ତୀ ବଣାନଭମ୍ ରେଲ ଷ୍ଟେସନର ଯାବତୀୟ କାର୍ଯ୍ୟ ସୌରଶକ୍ତି ସାହାଯ୍ୟରେ ସମ୍ପନ୍ନ କରାଯାଉଛି । ଭାରତରେ ସୌରଶକ୍ତି ସହାୟତାରେ ରେଲଷ୍ଟେସନର କାମ କରାଯିବା ଏହାହିଁ ପ୍ରଥମ ।

ଏହି ସୌରଶକ୍ତି ଆହରଣ ଯନ୍ତ୍ରପାତି ସମୂହକୁ ଭାରତ ହେଭି ଇଲେକ୍ଟ୍ରିକାଲ୍ସ୍ ଲିମିଟେଡ଼ର କଣ୍ଟ୍ରୋଲ ଇକ୍ୟୁପ୍‌ମେଣ୍ଟ ଡିଭିଜନ ପକ୍ଷରୁ ତିଆରି କରାଯାଇଥିଲା ।

ଏହା ପୂର୍ବରୁ ତାମିଲନାଡ଼ୁରେ ସଲେମ ...

ନିକଟବର୍ତ୍ତୀ କାଡୁପୁର ରେଲଷ୍ଟେସନର ସିଗନାଲ ବ୍ୟବସ୍ଥା ଦେଶରେ ପ୍ରଥମଥର ପାଇଁ ସୌରଶକ୍ତି ସହାୟତାରେ କରା ଯାଇଥିଲା । କଣ୍ଟ୍ରୋଲ ଇକ୍ୟୁପମେଣ୍ଟ ଡିଭିଜନ ବା ସି. ଇ. ଡି. ପକ୍ଷରୁ ତୈଳ ଓ ବାଷ୍ପ କମିଶନଙ୍କୁ ମଧ୍ୟ ଅଫସୋର ଡ୍ରିଲିଂ ପ୍ଲାଟଫର୍ମ ପାଇଁ ଆବଶ୍ୟକୀୟ ଶକ୍ତି ନିମନ୍ତେ ସୌରଶକ୍ତି ଆହରଣ ଯନ୍ତ୍ରପାତିର ନିର୍ମାଣ ଚାଲିଛି । ଏହିଭଳି ଶକ୍ତି ଉତ୍ପାଦନ ଯନ୍ତ୍ର ତିଆରି କରିବାକୁ ଏବେ ଆନ୍ଧ୍ରପ୍ରଦେଶ ଓ ତାମିଲନାଡ଼ୁ ପକ୍ଷରୁ ନିବେଦନ କରାଗଲାଣି ।

ସୌରଶକ୍ତି ଆହରଣ ନିମନ୍ତେ ପ୍ରସ୍ତୁତ ହେଉଥିବା ଯନ୍ତ୍ରରେ ଲାଗୁଥିବା ବେସିକ ସିଲିକନ୍ ଏବେ ବାହାରୁ ଆମଦାନୀ କରିବାକୁ ପଡ଼ୁଥିବାରୁ କମ ପରିମାଣରେ ଏହିସବୁ ତିଆରି କରିବା କଷ୍ଟକର ହୋଇ ପଡ଼ୁଛି । କିନ୍ତୁ ଅତିଶୀଘ୍ର ଏହି ବେସିକ ସିଲିକନ୍ ତିଆରି କରିବା ଲାଗି ୯୦ କୋଟି ଟଙ୍କା ବ୍ୟୟରେ ଏକ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହେଲେ ଭାରତର ଗ୍ରାମାଞ୍ଚଳରେ ସୂର୍ଯ୍ୟକିରଣରୁ ବିଜୁଳି ଶକ୍ତି ଉତ୍ପାଦନ କରିବା ପଥ ସୁଗମ ହେବ । □

ହଳେ ହାତୀ ଦାନ୍ତର ମୂଲ୍ୟ ପଞ୍ଚସ୍ତରୀ ହଜାର ଟଙ୍କା

ବେଆଇନ୍ ହାତୀ ଶୀକାର ବୃଦ୍ଧି ପାଇବାରୁ ଉଦ୍‌ବେଗ

କର୍ଣ୍ଣାଟକ, ତାମିଲ ନାଡ଼ୁ ଓ କେରଳ ସୀମାନ୍ତର ଜଙ୍ଗଲ ଅଞ୍ଚଳରେ ଗତ ଚାରିବର୍ଷ ଭିତରେ ପ୍ରାୟ ୫୯ଟି ହାତୀକୁ ବେଆଇନ୍ ଭାବେ ଶୀକାର କରାଯାଇ ଥିବାରୁ ସମ୍ପୃକ୍ତ ମହଲରେ ଉଦ୍‌ବେଗ ସୃଷ୍ଟି ହୋଇଛି ।

ଦେଶର ବିଭିନ୍ନ ଅଞ୍ଚଳରେ ହାତୀଦାନ୍ତର ଅବାଧ ବେପାରକାରବାର ଚାଲି ଥିବାରୁ ବଜାରରେ ଏହାର ମୂଲ୍ୟ ବଢ଼ିଚାଲିଛି ଏବଂ ଶୀକାରୀମାନେ ଆଖି ବୁଜି ଦନ୍ତାହାତୀ ମାନଙ୍କୁ ମାରିବାରେ ଲାଗିଛନ୍ତି । ଗୋଟିଏ ବୟସ୍କ ଦନ୍ତାହାତୀର ଦାନ୍ତ (ଓଜନ ୭୫ କିଲୋ) ପ୍ରାୟ ୭୫ ହଜାର ଟଙ୍କାରେ ବିକ୍ରୀ ହୋଇଥାଏ ।

ଦନ୍ତାହାତୀ ଶୀକାର ଫଳରେ ମାଈ ଓ ଅଣ୍ଡିରା ହାତୀମାନଙ୍କ ଆନୁପାତିକ ଭାରସାମ୍ୟରେ ବିଭ୍ରାଟ ଦେଖାଦେଇଛି । ତଥାପି ବିପଜ୍ଜନକ ପରିସ୍ଥିତି ଏ ଯାବତ୍ ସୃଷ୍ଟି ହୋଇନାହିଁ ।

ଏହାର ପ୍ରତିରୋଧ ପାଇଁ ଏବେ ଫରେଷ୍ଟ ଗାର୍ଡ଼ମାନଙ୍କୁ ଏଭଳି ଶୀକାରୀଙ୍କୁ ଦେଖିଲା ମାତ୍ରେ ଗୁଳି କରିବାକୁ ଆଦେଶ ଦିଆଯାଇଛି । ଗତବର୍ଷ ଶୀକାରୀଙ୍କୁ ପ୍ରତିରୋଧ କରି ଜଣେ ଫରେଷ୍ଟଗାର୍ଡ଼ ପ୍ରାଣ ହରାଇଥିଲେ । ଯେଉଁ ଶୀକାରୀ ମାନଙ୍କୁ ଗିରଫ କରାଯାଉଛି ସେମାନେ ଜାମିନ୍‌ରେ ଖସି ଯାଉଥିବାରୁ ହାତୀ ଶୀକାର ବନ୍ଦ କରି ହେଉନାହିଁ ।

ଜଙ୍ଗଲ ଅଞ୍ଚଳରେ ଶୀକାର ବନ୍ଦ କରିବା ଲାଗି ସମ୍ପୃକ୍ତ ବିଭାଗ ପକ୍ଷରୁ ୨୨ଟି ଓ୍ୱାର୍‌ଲେସ୍ ସେଟ୍ କାର୍ଯ୍ୟରେ ଲଗାଯାଇଛି । □

ସ୍ତନ୍ୟପାନର ଅପର ଦିଗ

ଏହା ସବୁବେଳେ ଶିଶୁଙ୍କ ପାଇଁ ମଙ୍ଗଳପ୍ରଦ ନୁହେଁ

ଡା. ସୁଧୀରଚନ୍ଦ୍ର ଶର୍ମା

ଗତ କେତେଦିନ ହେଲା ଯେଉଁମାନେ ସମ୍ବାଦପତ୍ର ପଢ଼ୁଥିବେ ସେମାନେ ଶିଶୁଙ୍କପକ୍ଷେ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ସମଧିକ ଅବଗତ ଥିବେ । ସବୁ କ୍ଷେତ୍ରରେ ଏବେ ବୋତଲ ଦୁଧ ଅପେକ୍ଷା ସ୍ତନ୍ୟପାନ ଉପରେ ଗୁରୁତ୍ୱ ଦିଆଯାଉଛି ଏବଂ ମା ମାନଙ୍କୁ ସେମାନଙ୍କ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ନିମନ୍ତେ ବରାବର ପ୍ରୋତ୍ସାହିତ କରାଯାଉଛି । ୟୁନିସେଫ୍, ବିଶ୍ୱସ୍ୱାସ୍ଥ୍ୟ ସଂଘ ପକ୍ଷରୁ ଏ ଦିଗରେ ବ୍ୟାପକ ପ୍ରଚାର ହେବାରୁ ଶିଶୁଖାଦ୍ୟ ଉତ୍ପାଦନ କାରୀମାନେ ସେମାନଙ୍କ ପ୍ରଚାର କୌଶଳ ବାଧ୍ୟ ହୋଇ ବଦଳାଇଲେଣି । ସେମାନେ ଏବେ ଶିଶୁଖାଦ୍ୟରେ ସିଗାରେଟ ଉତ୍ପାଦନ କାରୀଙ୍କ ଭଳି ସତର୍କବାଣୀ ଲିପିବଦ୍ଧ କରୁଛନ୍ତି । ତଥାପି ବଜାରରେ ଶିଶୁଖାଦ୍ୟର ଚାହିଦା ବଢ଼ିଚାଲିଛି ।

ଯେଉଁମାନେ ନିଜ ସନ୍ତାନଙ୍କୁ ସ୍ତନ୍ୟପାନରୁ ବଞ୍ଚିତ କରନ୍ତି ଅଧିକାଂଶ କ୍ଷେତ୍ରରେ ପରିସ୍ଥିତିର ତାଡ଼ନା ହିଁ ସେମାନଙ୍କୁ ଏଥିପାଇଁ ବାଧ୍ୟ କରିଥାଏ । ଯେଉଁ କ୍ଷେତ୍ରରେ ମହିଳାମାନେ ଏକ ବିତ୍ତଶାଳୀ ପରିବାରରେ ଥାନ୍ତି ବା ଯେଉଁଠି ଶିଶୁମାନଙ୍କୁ ବୋତଲରେ ଦୁଧ ପିଆଇବା ପାଇଁ ସମାଜ ବାଧାଦିଏ ସେଠାରେ ସାଧାରଣତଃ ମା ମାନେ ଶିଶୁମାନଙ୍କୁ ସ୍ତନ୍ୟପାନ କରାଉଛନ୍ତି, ତେଣୁ ବସ୍ତୁତଃ ଅନଗ୍ରସର ରାଜ୍ୟରେ ହିଁ ଆର୍ଥିକ ଅନାଟନ ଗ୍ରସ୍ତ ପରିବାରର ମହିଳା ମାନେ ବୋତଲ ଦୁଧ ଦେଇବାକୁ ଅଧିକ ପସନ୍ଦ କରନ୍ତି ।

ନିକଟରେ ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ ବୁଲେଟିନ୍‌ରେ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ପ୍ରାଞ୍ଜଳଭାବେ ବୁଝାଇ ଦିଆଯାଇଛି । ସ୍ତନ୍ୟପାନ ଯୋଗୁ ରୋଗ ସଂକ୍ରମଣରୁ କିପରି ଶିଶୁ ରକ୍ଷାପାଏ, ଜନ୍ମ ବ୍ୟବଧାନ କିପରି ବୃଦ୍ଧିପାଏ, ମାର ସ୍ୱାସ୍ଥ୍ୟ କିପରି ଭଲରହେ ଏହାସବୁ ଆଲୋଚନା କରାଯାଇଛି ।

ଏସବୁ ପ୍ରଚାର ସତ୍ତ୍ୱେ ମା'କ୍ଷୀର ସର୍ବଦା ଶିଶୁମାନଙ୍କ ପାଇଁ ସର୍ବୋତ୍କୃଷ୍ଟ ଖାଦ୍ୟ ନୁହେଁ ।

(ଅବଶିଷ୍ଟାଂଶ ୨୧ ପୃଷ୍ଠାରେ)

Images: Aptakama Mishra, Processing: Srujanika

ମାଲିମକଦ୍ଦମାରେ ମୁଦେଇ ତରଫରୁ ଓ ମୁଦାଲି ତରଫରୁ ସାକ୍ଷ୍ୟ ଦିଆଯାଇଥାଏ । ଓଡ଼ିଶାର ଏକ ଖ୍ୟାତନାମା ସ୍ଥାନରେ ଭଡ଼ାରେ ସାକ୍ଷୀ ମିଳିଥାଏ ବୋଲି ଲୋକେ ପରିହାସ କରିଥାନ୍ତି । ଏଭଳି ସାକ୍ଷୀମାନେ ସବୁକଥା ଆଖିରେ ଦେଖିଲା ଭଳିଆ ଅତି ବିଶ୍ୱାସଯୋଗ୍ୟ ଭାବରେ କହିପାରନ୍ତି ବୋଲି ନିନ୍ଦୁକମାନେ କହନ୍ତି । କିନ୍ତୁ ଭାରତର ରାଜଧାନୀ ଦିଲ୍ଲୀରେ ମଧ୍ୟ ଏଭଳି ସାକ୍ଷୀମାନେ ଅଛନ୍ତି ଏବଂ ସେମାନେ ପୋଲିସ୍ ସପକ୍ଷରେ ସର୍ବଦା ସାକ୍ଷ୍ୟ ଦିଅନ୍ତି ବୋଲି ଏକ ଚାଞ୍ଚଲ୍ୟକର ତଥ୍ୟ ସୁପ୍ରିମ କୋର୍ଟରେ ଏକ ମାମଲାରୁ ଜଣା ପଡ଼ିଲା । ଏକ ମକଦ୍ଦମାର ଶୁଆଲ ଶୁଣିଲାପରେ ଅଦାଲତରେ ଉପସ୍ଥାପିତ ତଥ୍ୟର ବିଚାରକରି ସୁପ୍ରିମକୋର୍ଟର ବିଚାରପତି ଶ୍ରୀକୃଷ୍ଣା ଆୟାର (ବର୍ତ୍ତମାନ ଅବସର ପ୍ରାପ୍ତ), ଶ୍ରୀ ପାଠକ ଓ ଶ୍ରୀ-ଚିନାପ୍‌ପା ରେଡ଼ୀ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ । ମାନ୍ୟବର ବିଚାର-ପତିମାନେ ଆଶଙ୍କା ପ୍ରକାଶ କରି କହିଥିଲେ "Who will police the police ?"

ପ୍ରେମଚନ୍ଦ ପାନିବାଲା

ପ୍ରେମଚନ୍ଦ ନାମକ ଏକ ବ୍ୟକ୍ତି ଡିଲାଇଟ୍ ସିନେମା ନିକଟରେ ଯୁବକ ଅବସ୍ଥାରୁ ଥଣ୍ଡାପାଣି ଓ କୋକାକୋଲା ପ୍ରଭୃତି ପାନୀୟ ବିକ୍ରୀ କରୁଥିଲା । ପୁଲିସ୍ ଭୟରେ ସିନେମା ପାଖ ଗଳିରେ ଟ୍ରଲି ଉପରେ ଥଣ୍ଡାପାଣି ଓ ଅନ୍ୟାନ୍ୟ ପାନୀୟ ସବୁ ରଖି ସେ ବିକ୍ରୀ କରୁଥିଲା । ସମୟ କ୍ରମେ ସେ ପ୍ରେମଚନ୍ଦ୍ ପାନିବାଲା ନାମରେ ପରିଚିତ ହେଲା । ସୁପ୍ରିମ୍ କୋର୍ଟରେ ଦାଖଲ ହୋଇଥିବା କାଗଜପତ୍ର ଅନୁଯାୟୀ ପୋଲିସ୍‌ବାଲାଙ୍କ ଦୟା ଓ ବାହୁ ଛାୟାତଳେ ସେ ବ୍ୟବସାୟରେ କ୍ରମେ ଉନ୍ନତି କଲା । ଦୁର୍ଭାଗ୍ୟବଶତଃ ସେ ଗୋଟିଏ ଜୁଆଖେଳ ମାମଲାରେ ସଂପୃକ୍ତ ହୋଇ ପୁଲିସ ପାଖରେ ହାଜର ହେଲା । ସେଇଦିନଠାରୁ ତାର ବିପତ୍ତି ବଢ଼ିଚାଲିଲା । ୨୫ବର୍ଷ ବୟସ୍କ ପ୍ରେମଚନ୍ଦ ଯେଭଳି ତାଙ୍କ ଜାଲରୁ ଖସି ନଯାଏ, ସେଥିପାଇଁ ପୋଲିସ୍ ତାଙ୍କୁ ନିଜର ସ୍ଥାୟୀ ସାକ୍ଷୀ କରିଦେଲେ ।

ପ୍ରେମଚନ୍ଦ ପ୍ରକାଶ କରିଥିଲା ଯେ ଥରେ ପୋଲିସ୍ ଭୟରେ ମିଥ୍ୟା ସାକ୍ଷ୍ୟ ଦେଲାପରେ ବହୁବାର ସେ ପୋଲିସ୍ କହିବା ମୁତାବକ ମିଥ୍ୟା ସାକ୍ଷ୍ୟ ଦେଲା ।

ପ୍ରେମଚନ୍ଦର ଓକିଲ କୋର୍ଟରେ ଦର୍ଶାଇ ଥିଲେ ଯେ ପୁଲିସ୍ ଅତ୍ୟାଚାରରୁ ରକ୍ଷା ପାଇବାପାଇଁ ବାରମ୍ବାର ସାକ୍ଷୀ ହିସାବରେ ପ୍ରେମଚନ୍ଦ ପୋଲିସ୍ କହିବା ମୁତାବକ କୋର୍ଟରେ ମିଛ କହିଲେ ଏବଂ ପ୍ରାୟ ତିନିହଜାର କେଶ୍‌ରେ ସେ ଏହିଭଳି ମିଥ୍ୟା ସାକ୍ଷ୍ୟ ଦେଇଛନ୍ତି । ମାନ୍ୟବର ବିଚାରପତି ମାନେ ଏଭଳି ସାଂଘାତିକ ତଥ୍ୟ ପ୍ରକାଶ ପାଇବା ପରେ ବିସ୍ମୟ ଚକିତ ହୋଇଥିଲେ । ପ୍ରେମଚନ୍ଦର ଓକିଲ ପ୍ରାୟ ଏକହଜାର ଅଦାଲତରୁ ଯାଇଥିବା ସମନ୍ (Summon) କୋର୍ଟରେ ଦାଖଲ କରିଥିଲେ । ଏସବୁ ଦେଖି ସେମାନେ ମତପ୍ରକାଶ କରିଥିଲେ ଯେ ତିନିହଜାର ବୋଲି ପ୍ରେମଚନ୍ଦ ଯାହା କହୁଛି ତାହା ହୁଏତ ଅତିରଞ୍ଜିତ ହୋଇପାରେ କିନ୍ତୁ ସେ ନିଶ୍ଚିତ ଭାବରେ ବହୁ ସଂଖ୍ୟକ ମାମଲାରେ ସାକ୍ଷ୍ୟ ଦେଇଛି ଏଥିରେ ସନ୍ଦେହ ନାହିଁ । ସେମାନେ ଦୁଃଖ ପ୍ରକାଶ କରିଥିଲେ ଯେ ଏଭଳି ଘଟଣା ସବୁ ସତ୍ୟହେଲେ ଲୋକଙ୍କର ପୋଲିସ୍ ତଦନ୍ତ ଓ ବିଚାର ବିଭାଗର ଉପରେ ବିଶ୍ୱାସ ରହିବନାହିଁ । ଯଦି ପୋଲିସ୍ ଘଟଣାସବୁ ସତ୍ୟ ପ୍ରମାଣିତ କରିବାପାଇଁ କୋର୍ଟରେ ମିଛ ସାକ୍ଷୀ ହାଜର କରାଏ ତେବେ ପୋଲିସ୍, ଓ ବିଚାର ବିଭାଗ ସବୁ ଉପରୁ ଲୋକଙ୍କର ଆସ୍ଥା ତୁଟିଯିବ ।

ଅଦାଲତମାନେ ପୋଲିସ ଦ୍ୱାରା ହାଜର କରାଯାଇଥିବା ସାକ୍ଷୀ ମାନଙ୍କର ସାକ୍ଷ୍ୟକୁ ବିଚାର କରି, ବିଶ୍ୱାସକରି ହୁଏତ ରାୟଦେବେ ଓ ବହୁ ଲୋକଙ୍କୁ ଦଣ୍ଡାଦେଶ କରିବେ । ସମାଜର ଲୋକେ ହୁଏତ ଏଭଳି ଦଣ୍ଡ ବିଷୟ ଜାଣି ପୋଲିସଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷାକରି ଥିବାରୁ ପ୍ରଶଂସା କରିବେ । କିନ୍ତୁ

(ଲେଖକ ଶ୍ରୀ ଅରଜିତ-ପଶାୟତ ଓଡ଼ିଶାର ଶ୍ରେଷ୍ଠ ଆଇନଜୀବୀ ମାନଙ୍କ ମଧ୍ୟରେ ଅନ୍ୟତମ । ଦେଶର ସର୍ବଶ୍ରେଷ୍ଠ କର ଓ କମ୍ପାନୀ ମାମଲାର ଆଇନଜ୍ଞ ମାନଙ୍କ ମଧ୍ୟରେ ସେ ପରିଗଣିତ । "ଖାରବେଳ" ରେ ଧାରାବାହିକ ଭାବରେ ତାଙ୍କର ଆଇନ ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ଲେଖା ପ୍ରକାଶ ପାଉଛି ।)

Images: Aptakama Mishra, Processing: Srujanika

ପୁରୁଷଙ୍କ ପାଇଁ ଜନ୍ମ ନିୟନ୍ତ୍ରଣ ବଟିକା

ଅତିଶୀଘ୍ର ବଜାରକୁ ଆସିବ

ଭାରତରେ ପୁରୁଷମାନଙ୍କ ପାଇଁ ଜନ୍ମ ନିରୋଧ ବଟିକା ଅତିଶୀଘ୍ର ପ୍ରଚଳିତ ହେବ ବୋଲି ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚ ପକ୍ଷରୁ ଘୋଷଣା କରାଯାଇଛି ।

ଏହି ପ୍ରତିଷ୍ଠାନର ନୂଆଦିଲ୍ଲୀସ୍ଥ ପରିବାର ନିୟନ୍ତ୍ରଣ ଇନ୍‌ଷ୍ଟିଚ୍ୟୁଟରେ ଏ ପ୍ରକାର ବଟିକା ତିଆରି ହୋଇ ପ୍ରାୟ ଛଜଣ ସ୍ୱେଚ୍ଛାସେବକଙ୍କ ଦେହରେ ଏହା ସଫଳତାର ସହ ପ୍ରୟୋଗ କରାଯାଇ ସାରିଲାଣି । ପୂର୍ବରୁ ମାଙ୍କଡମାନଙ୍କ କ୍ଷେତ୍ରରେ ମଧ୍ୟ ଏହାର ପ୍ରୟୋଗ ସଫଳ ହୋଇଥିଲା ।

ଏହି ବଟିକା ତିଆରି କରୁଥିବା ଡାକ୍ତର ସୋମନାଥ ରାୟ କିଛିଦିନ ତଳେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ସ୍ୱେଚ୍ଛାସେବକ ମାନଙ୍କ କ୍ଷେତ୍ରରେ ହୋଇଥିବା ପ୍ରୟୋଗରୁ ଏ ବଟିକା ଖାଇଲେ କୌଣସି ଖରାପ ପ୍ରତିକ୍ରିୟା ସୃଷ୍ଟି ହେଉ ନଥିବା ଅଥବା ଏହାର କୌଣସି ବିଷାକ୍ତ ଗୁଣ ନଥିବା ମଧ୍ୟ ଉପଲବ୍ଧ କରାଯାଇଛି ।

ଏହାକୁ ଭିତ୍ତିକରି ଅତିଶୀଘ୍ର ବହୁ ସଂଖ୍ୟକ ପୁରୁଷଙ୍କୁ ପରୀକ୍ଷାମୂଳକ ଭାବେ ଏ ବଟିକା ବ୍ୟବହାର କରିବାକୁ ଦିଆଯିବ । ଏ ବଟିକାଟି ମୁଖ୍ୟତଃ 'ସିପ୍ରୋଟେରୋନ୍ ଆସେଟେଟ୍'ରୁ ପ୍ରସ୍ତୁତ କରାଯାଇଛି ଏବଂ ଦୈନିକ ଏଥିରୁ ୨୦ମିଲିଗ୍ରାମ ଭରି ସେବନ କଲେ ପୁରୁଷଙ୍କ ବୀର୍ଯ୍ୟରେ ଶୁକ୍ରକୀଟ ଗୁଡିକ ସ୍ତ୍ରୀ ଜରାୟୁରେ ଥିବା ଡିମ୍ବାଣୁ ସହ ଏକାକାର ହେବାରେ ଅକ୍ଷମ ହୋଇ ପଡ଼ିବେ । ଏହାକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଏ ବଟିକା ସହିତ ଦୈନିକ ୨୫୦ ମିଲିଗ୍ରାମ ଟେଷ୍ଟୋଷ୍ଟେରୋନ୍ ଇନାନ୍‌ଥେଟ (ଏକ-ହରମୋନ୍) ମାସକୁ ଦୁଇଥର ଖାଇବାକୁ ହେବ ।

ଗତ ପାଞ୍ଚବର୍ଷ ହେଲା ପୃଥିବୀର ବିଭିନ୍ନ ଦେଶର ବୈଜ୍ଞାନିକମାନେ ଏଭଳି ଏକ ବଟିକା ତିଆରି କରିବାପାଇଁ ଉଦ୍ୟମ ଚଳାଇଥିଲେ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାମଧ୍ୟ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିଲେ । କିନ୍ତୁ ପାଶ୍ଚାତ୍ୟ ଜଗତରେ ବୈଜ୍ଞାନିକମାନେ ଆଉ ଏ ଦିଗରେ ଅଧିକ ଅଗ୍ରସର ହେଲେନାହିଁ ।

ଇତିମଧ୍ୟରେ କେନ୍ଦ୍ର ସରକାର ପ୍ରତିରୋଧ କାରକ ଜନ୍ମନିୟନ୍ତ୍ରଣ ପାଇଁ ୬୦କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଛନ୍ତି ।

ଆଇ. ସି. ଏସ୍. ଆର୍.ର ଡିରେକ୍‌ଟର ଜେନେରାଲ ପ୍ରଫେସର ଭି. ରାମଲିଙ୍ଗସ୍ୱାମୀଙ୍କ ମତରେ ଦେଶରେ ସୀମିତ ସମ୍ବଳ ସତ୍ତ୍ୱେ ୧୯୮୫—୯୦ ମସିହା ଭିତରେ ଏହି ପ୍ରତିରୋଧ କାରକ ଜନ୍ମ ନିୟନ୍ତ୍ରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ ।

ଭାରତରେ ୨୦ବର୍ଷ ହେଲା ଲୁପ୍‌ର ପ୍ରଚଳନ କରାଯାଇଥିଲେ ମଧ୍ୟ ଉପଯୁକ୍ତ ପରାମର୍ଶ ବ୍ୟବସ୍ଥା ଅଭାବରୁ ଏହାର ଜନପ୍ରିୟତା ଆଶାନୁରୂପ ହୋଇପାରିନାହିଁ ।

ଏବେ ବିଶ୍ୱରେ ପ୍ରାୟ ମାତ୍ର ୬ କୋଟି ମହିଳା ଗର୍ଭନିରୋଧ ନିମନ୍ତେ ଲୁପ୍ ବ୍ୟବହାର କରୁଛନ୍ତି ଏବଂ ତା ମଧ୍ୟରୁ କେବଳ ଚୀନ୍‌ରେ ସାଢ଼େ ୪ କୋଟି ମହିଳା ଏହା ବ୍ୟବହାର କରନ୍ତି । ମାତ୍ର ଭାରତରେ ଏହାର ବ୍ୟବହାର କାରୀଙ୍କ ସଂଖ୍ୟା ହେଉଛି ମାତ୍ର ୨୦ଲକ୍ଷ ।

କେତେକ ଦେଶୀଗୁଳ୍ମରୁ ତିଆରି ଔଷଧକୁ ମଧ୍ୟ ଜନ୍ମନିରୋଧ କ୍ଷେତ୍ରରେ ଏବେ ପ୍ରୟୋଗ କରିବାକୁ ଚେଷ୍ଟା କରାଯାଉଛି ।

□

ନିରୀହ ଲୋକେ ମିଥ୍ୟା ସାକ୍ଷ୍ୟପାଇଁ ଦଣ୍ଡ ପାଇବେ ।

ବିଚାରପତି ମାନେ କଡ଼ା ମନ୍ତବ୍ୟ ଦେଇ ଏଭଳି ଘଟଣାର ପୁନରାବୃତ୍ତି ଯେଭଳି ନହେବ ସେଥିପାଇଁ ସତର୍କ ରହିବାକୁ ଆଦେଶ ଦେଇଥିଲେ ।

ଏ ଘଟଣା ଅତି ନାଟକୀୟ ଭାବରେ କୋର୍ଟରେ ପହଞ୍ଚିଥିଲା । ପୋଲିସ୍‌ର ବାହୁଚ୍ଛାୟା ତଳେ ପ୍ରେମଚାନ୍ଦ ବେପାର କରୁଥିଲା । କାରଣ ସେ କରୁଥିବା ବେପାର ଆଇନ ସଙ୍ଗତ ନଥିଲା । ଏଣେ ଗୋଟିଏ ପରେ ଗୋଟିଏ କେଶ୍‌ରେ ପ୍ରେମଚାନ୍ଦ ପୋଲିସ୍‌ର ସାକ୍ଷୀ ହେଉଥିଲା । କିଛିବର୍ଷ ପରେ ପ୍ରେମଚାନ୍ଦର ଅବସ୍ଥା ସ୍ୱଚ୍ଛଳ ହୋଇଥିଲା ଓ ସେ ପୋଲିସ୍‌ର କାମରେ ସାହାଯ୍ୟ କରିବାକୁ ଅମଙ୍ଗ ହେଲା । ଏଥିରେ ଅସନ୍ତୁଷ୍ଟ ହୋଇ ପୋଲିସ୍ ତା ନାମ କେତୋଟି କେଶ୍‌ରେ ଅପରାଧୀ ହିସାବରେ ଯୋଡ଼ିଦେଲେ । ପୁଣି ପ୍ରେମଚାନ୍ଦ ପୋଲିସ୍ କଥାରେ ପରିଚାଳିତ ହେଲେ ସେ କେଶ୍ ଗୁଡ଼ିକରେ ଗୁରୁତ୍ୱ ଦିଆଯାଉ ନଥିଲା । ଏଭଳି ଗୋଟିଏ ସମୟ ଆସିଲା ଅଦାଲତ ମାନେ ଆଉ ପ୍ରେମଚାନ୍ଦକୁ ବିଶ୍ୱାସ ଯୋଗ୍ୟ ସାକ୍ଷୀ ବୋଲି ଗ୍ରହଣ କଲେନାହିଁ । କିନ୍ତୁ ପୋଲିସ୍ ତାଙ୍କୁ ସାକ୍ଷୀ ହିସାବରେ ହାଜର କରାଇ ଚାଲିଲେ । ଏଣେ ପ୍ରେମଚାନ୍ଦର ଆର୍ଥିକ ସ୍ୱଚ୍ଛଳତା ବଢ଼ି ଚାଲିଲା । ଦୁଇଟି ବଡ଼ ମୂଲ୍ୟବାନ କୋଠା, ଗୋଟିଏ ଫଳରସ କାରଖାନାର ସେ ସମୟ କ୍ରମେ ମାଲିକ ହେଲା । ଏ ସବୁକୁ ଆଖିରେ ରଖି ଓ ନିଜ ପିଲାଙ୍କର ଭବିଷ୍ୟତ କଥା ଚିନ୍ତାକରି ପ୍ରେମଚାନ୍ଦ ଆଉ ମିଛ ସାକ୍ଷୀ ଦେବାକୁ ଅମଙ୍ଗ ହେଲା । ପ୍ରେମଚାନ୍ଦ ସୁପ୍ରୀମ କୋର୍ଟରେ ଅଭିଯୋଗ କରିଥିଲା ଯେ ସେ ମିଛ ସାକ୍ଷୀ ଦେବାକୁ ଅମଙ୍ଗ ହେବାରୁ ପୋଲିସ୍ ତାକୁ ଦିଲ୍ଲୀ ସୀମା ବାହାରକୁ ଚାଲିଯିବାପାଇଁ ଆଦେଶ ଦେଇଥିଲା । ଏଭଳି ଆଦେଶକୁ ଆଇନ ବିରୋଧୀ ବୋଲି ଘୋଷଣା କରିବାକୁ ସେ ସୁପ୍ରୀମ କୋର୍ଟରେ ଆବେଦନ କରିଥିଲା ।

ଲୋକେ ଆସ୍ତେ ଆସ୍ତେ ପୋଲିସ ଉପରେ ଆସ୍ଥା ହରାଇବା ଆରମ୍ଭ କଲେଣି । କଥାବାର୍ତ୍ତା ହେଲେଣି ପୋଲିସ୍ ମାନେ ଆଇନ ଶୃଙ୍ଖଳା ରକ୍ଷାକରିବା ବଦଳରେ ନାରୀ ଧର୍ଷଣରେ ବ୍ୟସ୍ତ ରହୁଛନ୍ତି । ଆଜି ସମ୍ବାଦପତ୍ର ଖୋଲିଲେ ଆଖିରେ ପଡ଼ୁଛି ପୋଲିସ୍ କର୍ମଚାରୀଙ୍କ ନାରୀଧର୍ଷଣ । ଏଭଳି ଘଡ଼ିସନ୍ଧିବେଳେ ଯଦି ପ୍ରେମଚାନ୍ଦ ଭଳି ପୋଲିସ୍ ସାକ୍ଷୀମାନେ ବାହାରିବେ ତେବେ ଏ ଦେଶକୁ କେବଳ ଭଗବାନ ରକ୍ଷା କରିପାରିବେ ।

□

Images: Aptakama Mishra, Processing: Srujanika

ମୁଖ୍ୟମନ୍ତ୍ରୀଙ୍କ ଆଦେଶ ତଳିଆକର୍ମଚାରୀ ମାନୁନାହାନ୍ତି

ବାଦାମବାଡ଼ି ଅଞ୍ଚଳରେ ଯେଉଁ ଲୋକଙ୍କର ଜମି ଦଖଲ କରାଯାଇ ନୂଆ ବସଷ୍ଟାଣ୍ଡ କରାଯାଇଛି ସେମାନଙ୍କୁ ଥଇଥାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ ବୋଲି ସଂପୃକ୍ତ ଲୋକେ ଅଭିଯୋଗ କରିଛନ୍ତି ।

ଏବେ ସେ ଅଞ୍ଚଳରେ ଜମି ଗୁଣ୍ଠ ପ୍ରାୟ ୪୦ହଜାର ଟଙ୍କାରେ ବିକ୍ରୟ ହେଉଥିଲେ ମଧ୍ୟ ସେଠା ଲୋକଙ୍କ ଠାରୁ ଗୁଣ୍ଠମାନ ୬ହଜାର ଟଙ୍କାରେ ସରକାର ଜମିକ୍ରୟ କରିଥିଲେ । ଆର୍ଥିକ ଦିଗରୁ ଗୁରୁତର କ୍ଷତିର ସମ୍ମୁଖୀନ ହୋଇଥିବା ସେ ଲୋକମାନଙ୍କୁ ବସ୍ ଷ୍ଟାଣ୍ଡ ନିକଟରେ

କାରଣ ମା କ୍ଷୀରରେ ଆବଶ୍ୟକ ପରିମାଣ ଲୌହ ବା ତମ୍ବା ଭଳି ଧାତବ ପଦାର୍ଥ ନାହିଁ ବୋଲି କେତେକାଳ ହେଲା ଜଣାପଡ଼ିଲାଣି । ତେଣୁ କେବଳ ମା କ୍ଷୀର ଉପରେ ନିର୍ଭର କରୁଥିବା ପିଲାଙ୍କର ଏ ଦୁଇଟି ଖଣିଜ ପଦାର୍ଥର ଅଭାବ ରହିଯିବା ସ୍ୱାଭାବିକ । ଏବଂ ଏହାଛଡ଼ା ଗରୀବଶ୍ରେଣୀର ସ୍ତ୍ରୀ ଲୋକମାନେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟାଭାବ ଯୋଗୁ ପିଲାଙ୍କୁ ଆବଶ୍ୟକ ପରିମାଣ କ୍ଷୀର ଯୋଗାଇବା ମଧ୍ୟ ସମ୍ଭବ ନୁହେଁ । ଯେଉଁ ମା' ମାନଙ୍କର ନିଜର ସ୍ୱାସ୍ଥ୍ୟ ଭଲନାହିଁ ବା ନିଜେ ପୁଷ୍ଟିହୀନତାର ରୋଗ ଭୋଗୁଛନ୍ତି ସେମାନେ ନିଜ ପିଲାଙ୍କୁ କ୍ଷୀର ଦେବାକୁ ସକ୍ଷମ ହେବେ କିପରି ? ଅନଗ୍ରସର ଦେଶର ନାରୀମାନଙ୍କ ନିକଟରେ ଏହାଏକ ପ୍ରଧାନ ପ୍ରଶ୍ନ ।

ମନୁଷ୍ୟ ଶରୀର ବହୁ ପଦାର୍ଥକୁ ନେଇ ଗଠିତ । ମଣିଷର ତନୁରେ ମୋଟ ୮୧ରୁ ୯୨ଟି ପ୍ରାକୃତିକ ପଦାର୍ଥଥିବା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଛି । ମନୁଷ୍ୟ ଶରୀର ମୁଖ୍ୟତଃ ୬ଟି ପଦାର୍ଥ ଯଥା ଅମ୍ଳଜାନ, ଅଙ୍ଗାରକାମ୍ଳ ଜାନ, ଉଦ୍‌ଯାନ, ପୋଟାସିଅମ୍ ଏବଂ କ୍ଲୋରିନ୍‌କୁ ନେଇ ଗଠିତ ହୋଇଥିଲେ ବି ଏହା ବାଦ ଆଉ ପ୍ରାୟ ୧୬ଟି ପଦାର୍ଥ ଶରୀରର ଅଭିବୃଦ୍ଧି ପାଇଁ ଅତ୍ୟାବଶ୍ୟକ । ଅବଶ୍ୟ ଏ ଗୁଡ଼ିକର ଉପସ୍ଥିତିପରିମାଣ ଅତି ଅଳ୍ପ । ଏଗୁଡ଼ିକୁ ଡାକ୍ତରୀଭାଷାରେ 'ଟ୍ରେସ୍ ଏଲିମେଣ୍ଟ' କୁହାଯାଏ ଏବଂ ଶରୀରର ପ୍ରତି ଗ୍ରାମ ତନ୍ତୁ ବା ତରଳ ପଦାର୍ଥରେ ଏହି ଟ୍ରେସ୍ ଏଲିମେଣ୍ଟର ପରିମାଣ ପ୍ରାୟ ୧୦ ମାଇକ୍ରୋଗ୍ରାମ । ମା' କ୍ଷୀରରେ ଏହି ଟ୍ରେସ୍ ଏଲିମେଣ୍ଟର ପରିମାଣ ଉପରେ ଶିଶୁର ପୁଷ୍ଟି ନିର୍ଭରଶୀଳ ।

ଆଜିରୁ କୁହାଯାଇଛି ବହୁପଦାର୍ଥ ମଧ୍ୟରୁ ମାତ୍ର ୧୬ଟି ଟ୍ରେସ୍ ଏଲିମେଣ୍ଟ ଶରୀର ପକ୍ଷେ ଅପରିହାର୍ଯ୍ୟ । ସେଗୁଡ଼ିକ ହେଲା ଆଇରନ୍, କପର, ମାଙ୍ଗାନିଜ, ଜିଙ୍କ୍, କୋବାଲ୍ଟ, ମଲିବଡ଼େନମ୍, କ୍ରୋମିଅମ, ଟିନ୍, ଫ୍ଲୋରାଇନ୍, ସେଲେନିଅମ୍, ନିକେଲ, ଆରସେନିକ୍ ଓ କାଡ଼ମିଅମ୍ । ଏ ପଦାର୍ଥ ଗୁଡ଼ିକର କାର୍ଯ୍ୟ ସମ୍ପର୍କରେ କେବଳ ଗତ ୨୦ବର୍ଷ ଭିତରେ ଯାହା କିଛି ଜଣାଗଲା । କିନ୍ତୁ ଆଇରନ ଓ ଆୟୋଡିନ୍‌ର ଉପାଦେୟତା ସମ୍ପର୍କରେ ଆମେ ଦୀର୍ଘ ୧୦୦ ବର୍ଷହେଲା ଜାଣିଛୁ ।

ଲୌହଯୁକ୍ତ ଖାଦ୍ୟାଭାବରୁ ବିଶ୍ୱର କୋଟି କୋଟି ଲୋକ ରକ୍ତହୀନତା ଜନିତ ରୋଗ ଭୋଗ କରୁଥିବା ଜଣାଶୁଣା । ଆୟୋଡିନ୍ ଅଭାବରୁ ମଧ୍ୟ ସେହିଭଳି ବହୁବିଧ ରୋଗହୁଏ । କିନ୍ତୁ ଅନ୍ୟ 'ଟ୍ରେସ ଏଲିମେଣ୍ଟର'ର ଅଭାବରୁ କଣ କଣ ରୋଗ ହୁଏ ତାହା ଅଳ୍ପ କେତେ ଦିନ ହେଲା ଜଣାପଡ଼ିଲା ।

ଜିଙ୍କ ଅଭାବରୁ ଶରୀରର ଅଭିବୃଦ୍ଧି ହ୍ରାସ ପାଇଥାଏ, ରତିଳିପ୍ସା ପାଇଁ ଶକ୍ତି ଆସେନାହିଁ । ଚର୍ମର ପ୍ରତିରୋଧ ଶକ୍ତି ହ୍ରାସପାଏ । କ୍ରୋମିଅମ ଅଭାବରେ କେତେକ ଧରଣର 'ମଧୁମେହ' ରୋଗ ଓ ହୃଦରୋଗ ହୁଏ । ସେଲେନିଅମ ଅଭାବରୁ କେଶାନ୍ ରୋଗ (ଚୀନର କେଶାନ୍ ରାଜ୍ୟରେ କେବଳ ଯୁବକ ଯୁବତୀ ମାନଙ୍କ ହେଉଥିବା ଏକ ପ୍ରକାର ହୃଦରୋଗ) ପ୍ରଭୃତି ଦେଖାଦିଏ ।

କିନ୍ତୁ ପ୍ରଶ୍ନ ହେଉଛି ଏସବୁ ପଦାର୍ଥ ଗୁଡ଼ିକର ଅଭାବ ଶରୀରରେ କାହିଁକି ସୃଷ୍ଟି ହୁଏ ? ଏସବୁ ପଦାର୍ଥ ମାଟିରୁ ଖାଦ୍ୟଶସ୍ୟ ବାଟେ ଆମଦେହକୁ ଆସିଥାଏ । ମାତ୍ର ଏବେ ସଘନ କୃଷିଯୋଗ୍ୟ ମାଟିରେ ଏହି ପଦାର୍ଥର ପରିମାଣ ହ୍ରାସ ପାଉଥିବାରୁ ଶସ୍ୟରେ ଏହାର ପରିମାଣ କମିଯାଉଛି ଏବଂ ଆମେ ସେହି ଶସ୍ୟ ଖାଇ ଏହି ଅଭାବ ତଥା ପୁଷ୍ଟିହୀନତାର ସମ୍ମୁଖୀନ ହେଉଛୁ ।

ମାଟିର ଉର୍ବର ଶକ୍ତି ବଢ଼ାଇବା ପାଇଁ ନାଇଟ୍ରୋଜେନ୍, ଫସଫରସ୍ ପୋଟାସିଅମ ପ୍ରଭୃତି ସାର ଆକାରରେ ପ୍ରୟୋଗ କରାଯାଉଥିବାବେଳେ ଏହି ଟ୍ରେସ୍‌ଏଲିମେଣ୍ଟର ପ୍ରୟୋଗ କରାଯିବାର କିଛି ବ୍ୟବସ୍ଥା ହେଉନାହିଁ । ଏହାର ପ୍ରତିକାର ପାଇଁ ଆମେରିକା, ସ୍ୱିଡେନ ପ୍ରଭୃତି ଦେଶମାନଙ୍କରେ 'ଟ୍ରେସ ଏଲିମେଣ୍ଟ' ବଟିକାମାନ ବିକ୍ରିହେଲାଣି । କିନ୍ତୁ ଏ ବଟିକା ଖାଇଦେଲେ କାମ ସରିଗଲାନାହିଁ । ପରିମାଣ ଅପେକ୍ଷା ଭାରସାମ୍ୟ ରକ୍ଷା ଏ କ୍ଷେତ୍ରରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ ଆରସେନିକ ଏକ ବିଷ ହୋଇଥିଲେ ମଧ୍ୟ ସେଲେନିଅମ ସହିତ ସହିତ ମିଶିରହିଲେ ଏହା କ୍ୟାନସର ପ୍ରତିରୋଧରେ ସହାୟତା କରିଥାଏ ।

ଯେଉଁ ଶିଶୁଖାଦ୍ୟ ସବୁ ଏବେ ବଜାରରେ ମିଳୁଛି ସେଥିରେ ମା କ୍ଷୀରରେ ଥିବା ସବୁ ପଦାର୍ଥ ଅଛି କି ନାହିଁ ତାହା ଯାଞ୍ଚ କରିବା ହେବ ପ୍ରଥମ କାର୍ଯ୍ୟ । କିନ୍ତୁ ଏହି ଟ୍ରେସ ଏଲିମେଣ୍ଟର ପରିମାଣ କେତେହେବ ତାହା ରୁଗ୍‌ଣମାତାର କ୍ଷୀର ଏବଂ ଜଣେ ସ୍ୱାସ୍ଥ୍ୟବତୀ ମାତାର କ୍ଷୀରକୁ ତୁଳନାକରି ହିଁ ନିର୍ଦ୍ଧାରଣ କରାଯାଇ ପାରିବ ଏବଂ ସଂପୃକ୍ତ ଶିଶୁକୁ ଆବଶ୍ୟକୀୟ ପୁଷ୍ଟିହୀନତାରୁ ରକ୍ଷା କରାଯାଇ ପାରିବ ।

ରୁଗ୍‌ଣ ବା ଜରାକ୍ରାନ୍ତ ମା ମାନଙ୍କ କ୍ଷୀର ତୁଳନାରେ ବୋତଲ ଦୁଧ ସ୍ଥଳ ବିଶେଷରେ ଶିଶୁମାନଙ୍କ ଅଭିବୃଦ୍ଧିରେ ଅଧିକ ସହାୟତା କରୁଥିବା ମଧ୍ୟ ଦେଖାଯାଉଛି । ଏହାଛଡ଼ା କ୍ରମବର୍ଦ୍ଧମାନ ଶିଳ୍ପରୁ ନିର୍ଗତ ଲିଡ ଓ ସୋଡ଼ମିଅମ ପ୍ରଭୃତି ବିଷାକ୍ତଦ୍ରବ୍ୟ କ୍ରମେ ମନୁଷ୍ୟ ଶରୀରକୁ ଆଚ୍ଛନ୍ନ କଲାଣି । ମା କ୍ଷୀରରେ ମଧ୍ୟ ଏହାର ପରିମାଣ ବୃଦ୍ଧି ପାଇବା ସ୍ୱାଭାବିକ । ଶିଶୁଏହି କ୍ଷୀର ଖାଇଲେ ମୂଳରୁ କ୍ଷତିଗ୍ରସ୍ତ ହେବା ଅସ୍ୱାଭାବିକ ନୁହେଁ ।

ତେଣୁ ସ୍ତନ୍ୟପାନକୁ ଉତ୍ସାହିତ କରିବା ସର୍ବାନ୍ତକରଣେ ସ୍ୱାଗତ ଯୋଗ୍ୟ ହେଲେ ବି ଦିନ ଆସିବ ଯେତେବେଳେ କେବଳ ମା କ୍ଷୀର ଶିଶୁପାଇଁ ଯଥେଷ୍ଟ ବିବେଚିତ ହେବନାହିଁ । □

Images: Aptakama Mishra, Processing: Srujanika

ଭବିଷ୍ୟତର ଯୁଦ୍ଧ କୌଶଳ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ

ଶ୍ରୀ ଭି. କେ ବରଦ୍‌ରାଜନ

ଦେଶର ତିନୋଟି ପ୍ରତିରକ୍ଷା ପରୀକ୍ଷାଗାରରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ଦଳେ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଭାରତ ଭବିଷ୍ୟତର ଯୁଦ୍ଧ କୌଶଳ କ୍ଷେତ୍ରରେ ବ୍ୟବହୃତ ହେବାକୁ ଥିବା କ୍ଷେପଣାସ୍ତ୍ର ନିର୍ମାଣରେ ସମ୍ପୂର୍ଣ୍ଣରୂପେ ଆତ୍ମନିର୍ଭରଶୀଳ ହୋଇ ପାରିଛି ।

ନିଜସ୍ୱ ବୈଷୟିକ ଜ୍ଞାନ ପ୍ରୟୋଗ କରି ଏହି ଇଞ୍ଜିନିୟର ଓ ବୈଜ୍ଞାନିକମାନେ ପ୍ରତିରକ୍ଷା ବାହିନୀର ତିନୋଟି ଯାକ ଶାଖାପାଇଁ ଆବଶ୍ୟକ ଅତି ଜଟିଳ ଅସ୍ତ୍ରଶସ୍ତ୍ର ଏବଂ ତାହାର ସହାୟକ ଯନ୍ତ୍ରପାତି ନିର୍ମାଣ କରିବାର ଏକ ଦୃଢଭିତ୍ତି ସ୍ଥାପନ କରିପାରିଛନ୍ତି ।

ସେମାନଙ୍କ ଗବେଷଣା ପ୍ରସୂତ ଫଳସ୍ୱରୂପ ଅତି ଜଟିଳ ଇଲେକ୍‌ଟ୍ରୋନିକ ଅସ୍ତ୍ରଶସ୍ତ୍ର, ମିଜାଇଲସିଷ୍ଟମ ଓ ସହାୟକ ଅନୁସନ୍ଧାନୀ ରାଡ଼ାର ସବୁ ନିର୍ମିତ ହୋଇପାରିଛି । ଯେଉଁ ବିଜ୍ଞାନାଗାରରେ ସେମାନେ କାର୍ଯ୍ୟ କରୁଛନ୍ତି ସେ ଗୁଡ଼ିକରେ ପ୍ରତ୍ୟେକ ଅସ୍ତ୍ରର ପରୀକ୍ଷା ନିରୀକ୍ଷା କଂପ୍ୟୁଟର ସାହାଯ୍ୟରେ କରାଯାଇଥାଏ ।

୬୦ ମସିହାର ପ୍ରାକ୍‌କାଳରେ ଏହି ତିନୋଟି ପରୀକ୍ଷାଗାର—ଡିଫେନ୍‌ସ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ ଲାବରେଟୋରୀ (ଡି. ଆର: ଡି: ଏଲ୍) ଡିଫେନ୍‌ସ ଇଲେକ୍‌ଟ୍ରୋନିକ୍‌ସ ରିସର୍ଚ୍ଚ ଲାବରେଟରି (ଡି: ଇ. ଆର: ଏଲ:) ଏବଂ ଡିଫେନ୍‌ସ ମେଟାଲର୍ଜିକାଲ ରିସର୍ଚ୍ଚ ଲାବରେଟୋରୀ (ଡି. ଏମ୍: ଆର' ଏଲ) ପ୍ରତିଷ୍ଠା କରାଯାଇଥିଲା ଏବଂ ଏହି ପରୀକ୍ଷାଗାର ଗୁଡିକ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ନୂଆ ନୂଆ ଅସ୍ତ୍ରଶସ୍ତ୍ର ତଥା ଯନ୍ତ୍ରପାତି ପ୍ରବର୍ତ୍ତନ କରିବାରେ ସଫଳ ହୋଇଚନ୍ତି ।

ଡି: ଆର ଡି. ଏଲ୍ ୧୯୬୧ ମସିହାରେ ସ୍ଥାପିତ ହୋଇଥିଲା ଏବଂ ଏହାର ଲକ୍ଷ୍ୟଥିଲା ଗାଇଡେଡ଼ ମିଜାଇଲ ଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା କରି "ଗାଇଡେଡ଼ ୱେପନ୍ ସିଷ୍ଟମ" ର ଉନ୍ନତି ସାଧିତ କରିବା । ଏ କ୍ଷେତ୍ରରେ ଭାରତ ଏକ ବିରାଟ ସଫଳତା ହାସଲକରିଛି । ଆସନ୍ତା କେତେବର୍ଷ ଭିତରେ ଏ କ୍ଷେତ୍ରରେ ତିନିଗୋଟି ନୂଆ ବ୍ୟବସ୍ଥା ପର୍ଯ୍ୟାୟକ୍ରମେ ପ୍ରଚଳିତ ହେବବୋଲି ସେହି ସଂସ୍ଥାର ଡିରେକ୍‌ଟର ଏ. ପି.. ଜେ ଅବଦୁଲ କାଲାମ ଦିଲ୍ଲୀର ଦଳେ ସାମ୍ବାଦିକଙ୍କ ନିକଟରେ ପ୍ରକାଶ କରିଛନ୍ତି । ଏହି ପରୀକ୍ଷାଗାର ସ୍ଥାପିତ ହେବା ପରଠାରୁ ଏହା ମଧ୍ୟରେ ୨ଟି ବଡ଼ 'ୱେପନ୍ ସିଷ୍ଟମ୍' ତିଆରି ସରିଲାଣି ଏବଂ ଅଚିରେ ଏହି ସଂସ୍ଥା ପକ୍ଷରୁ ଭବିଷ୍ୟତର କ୍ଷେପଣାସ୍ତ୍ର ତିଆରି କରାଯାଇ ପାରିବ ।

ଲେସର ଗାଇଡାନ୍‌ସ ପଦ୍ଧତିକୁ ଭିତ୍ତିକରି ଏବେ ଟ୍ୟାଙ୍କ୍ ବିଧ୍ୱଂସୀ କ୍ଷେପଣାସ୍ତ୍ର ତିଆରି କରିବା ପାଇଁ ବୈଜ୍ଞାନିକ ମାନେ ଚେଷ୍ଟା କରୁଛନ୍ତି । ଏହା ସଫଳ ହେଲେ ପୂର୍ବରୁ 'ଟାରଗେଟ ରେଞ୍ଜ, କ୍ଷେପଣାସ୍ତ୍ର ତୁଳନାରେ ଏହା ଅଧିକ ଫଳପ୍ରଦ ହୋଇପାରିବ ।

ଅଧିକନ୍ତୁ ପ୍ରୋପୁଲସନ୍ ଟେକ୍ନୋଲୋଜି, ଗାଇଡାନ୍‌ସ ସିଷ୍ଟମ୍ ଇତ୍ୟାଦିରେ ମଧ୍ୟ ପ୍ରଭୂତ ଉନ୍ନତି ସାଧିତ ହୋଇପାରିଛି । ପ୍ରୋପୁଲସନ୍ ଟେକ୍ନୋଲୋଜି କ୍ଷେତ୍ରରେ ସାଢ଼େ ୩ସେକେଣ୍ଡରେ ୩୦ ଟନ୍‌ଥ୍ରପ ସୃଷ୍ଟି କରିପାରିଲା ଭଳି ମୋଟର ତିଆରି କରାଯାଇ ପାରିଛି । ସେହିଭଳି ଗାଇଡାନ୍‌ସ କ୍ଷେତ୍ରରେ ୱାୟର ଗାଇଡାନ୍‌ସ, କମାଣ୍ଡ ଗାଇଡାନ୍‌ସ ଓ ଲେସର ଟେକ୍ନୋଲୋଜି ସିଷ୍ଟମ୍‌ରେ ମଧ୍ୟ ଉଲ୍ଲେଖ ଯୋଗ୍ୟ ଅଗ୍ରଗତି କରାଯାଇପାରିଛି ।

ଇଲେକ୍‌ଟ୍ରୋନିକ୍ ଯୁଦ୍ଧ କୌଶଳ ସମ୍ପର୍କରେ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା କାମ ଡି ଇ ଆର. ଏଲ: ଦ୍ୱାରା ପରିଚାଳିତ ହେଉଛି । ୧୯୬୨ ମସିହାରେ ଏ ସଂସ୍ଥା ପ୍ରତିଷ୍ଠା ହେବା ପରଠାରୁ ଦେଶୀ କଳକବଜା ସାହାଯ୍ୟରେ ମଇକ୍ରୋୱେଭ ଯନ୍ତ୍ରପାତି ତିଆରିକରିବା ଏବେ ସମ୍ଭବ ହୋଇଛି । ଏହି ସଂସ୍ଥାର ଡିରେକ୍‌ଟର ରୂପେ ଶ୍ରୀ ଇ-ଭଗିରଥ ରାଓ ଅବସ୍ଥାପିତ ଅଛନ୍ତି ଏବଂ ତାଙ୍କ ସଂସ୍ଥା ଏବେ ଇଲେକ୍‌ଟ୍ରୋମ୍ୟାଗନେଟିକ୍ ଇଣ୍ଟରଫିଅରାନ୍‌ସ ସିଷ୍ଟମ ସମ୍ପର୍କରେ ଗବେଷଣାରତ ଅଛି । ଜାହାଜ ବା ଉଡ଼ାଜାହାଜରେ କ୍ରମେ ଇଲେକ୍‌ଟ୍ରୋନିକ୍‌ସର ବ୍ୟବହାର ବୃଦ୍ଧି ପାଇଥିବାରୁ ଏ କ୍ଷେତ୍ରରେ ଅଧିକ ଗବେଷଣା ଅପରିହାର୍ଯ୍ୟ ହୋଇଉଠିଛି ।

ସଜାଗ ପ୍ରହରୀ

ଆଧୁନିକ ସମରାଭ୍ୟାସ କାଳରେ ଶତ୍ରୁର ସ୍ଥିତି ଏବଂ ଗତି ପ୍ରତି ତୀକ୍ଷ୍ଣ ଧ୍ୟାନ ଦିଆଯାଇଥାଏ । ଏହି ତଥ୍ୟ ଯୋଗାଇ ଦେଇଥାନ୍ତି ସ୍ଥଳଭାଗ କିମ୍ବା ଆକାଶଯାନ କିମ୍ବା ଉପଗ୍ରହରେ ସ୍ଥାପିତ ସଜାଗ ଯନ୍ତ୍ର । ଦୂରବର୍ତ୍ତୀ ବା ନିଭୃତ ସଜାଗଯନ୍ତ୍ର ସାମରିକ ସେବାର ଏକ ଅପରିହାର୍ଯ୍ୟ ଅଂଶ ।

ଭାରତରେ ଦୂରବର୍ତ୍ତୀ ସତର୍କତା ବ୍ୟବସ୍ଥା ୧୯୭୦ ମସିହାରେ ଗ୍ରହଣ କରାଗଲା । ଭ୍ଲଲକ ବିସ୍ତନ ସୁ-୨ ବିମାନଠାରୁ ଏହା ଆରମ୍ଭ ହେଲା ।

ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥା (ଡି:ଆର:ଡି:ଓ·) ପକ୍ଷରୁ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ବିଭିନ୍ନ ପ୍ରକାର ଯନ୍ତ୍ରମାନ ପ୍ରସ୍ତୁତ କରାଗଲା ।

ଶତ୍ରୁପକ୍ଷର ବାଟେଷୀରେ ସନ୍ଧାନ କରିବା ନିମନ୍ତେ ପାର୍ବତ୍ୟପୂର୍ଣ୍ଣ ଅଞ୍ଚଳରେ ଅବସ୍ଥାପିତ ସାମରିକ ବାହିନୀପକ୍ଷରେ ବଡ଼ ଦୁରୂହ ବ୍ୟାପର ଥିଲା । ଏଥିପାଇଁ ଦିଲ୍ଲୀର ପ୍ରତିରକ୍ଷା ବିଜ୍ଞାନ କେନ୍ଦ୍ରରେ ଶବ୍ଦ ଅନୁସନ୍ଧାନ ଯନ୍ତ୍ରପାତି ତିଆରି କରାଯାଇଛି । ଏଥିରେ ମାଇକ୍ରୋଫୋନ ଗ୍ରୀଡ଼ ଲଗାଯାଇଛି ।

(ଅବଶିଷ୍ଟାଂଶ ୨୫ ପୃଷ୍ଠାରେ)

ହେଉଥିବା ଦୋକାନ ଘର ଅଗ୍ରାଧିକାର ଭିତ୍ତିରେ ଭଡ଼ାରେ ଦିଆଯିବ ବୋଲି ରାଜନୈତିକ ନିଷ୍ପତ୍ତି ହୋଇଥିଲା ।

କିନ୍ତୁ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତିକୁ ଭିତ୍ତିକରି କୌଣସି ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ଦିଆଯାଇ ନାହିଁକି ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇ ନଥିବାରୁ ସଂପୃକ୍ତ ଲୋକଙ୍କ ମଧ୍ୟରେ ଘୋର ଉତ୍ତେଜନା ସୃଷ୍ଟି ହୋଇଛି । □

Images: Aptakama Mishra, Processing: Srujanika

ଡାଏବେଟିସ୍ ବା ମଧୁମେହ ରୋଗ

ଡାକ୍ତର ଗୋପାଳ ଚନ୍ଦ୍ର କର

ଡାଏବେଟିସ୍ ବା ମଧୁମେହ ରୋଗ ମନୁଷ୍ୟର ଏକ ପୁରାତନ ଶତ୍ରୁ । ଭାରତ ଗ୍ରୀକ୍ ଓ ରୋମର ପୁରାତନ ଚିକିତ୍ସା-ଗ୍ରନ୍ଥ ମାନଙ୍କରେ ଏହିରୋଗ ବିଷୟ ଉଲ୍ଲେଖ କରାଯାଇଛି । ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ଆୟୁର୍ବେଦ ଶାସ୍ତ୍ରରେ ଶୁଶ୍ରୁତ ଓ ଚରକଙ୍କ ବର୍ଣ୍ଣନା ଅନୁଯାୟୀ ଏହିରୋଗ ଭୋଗୁଥିବା ବ୍ୟକ୍ତିର ପରିସ୍ରାରେ ବହୁ ପରିମାଣ ଶର୍କରା ନିର୍ଗତ ହେଉଥିବାରୁ ପରିସ୍ରାରେ ପିମ୍ପୁଡ଼ି ଲାଗନ୍ତି । ପରିସ୍ରାର ମିଠାଗୁଣ ଯୋଗୁ ସେତେବେଳେ ତାକୁ ମଧୁମେହ ବୋଲି ଆଖ୍ୟା ଦିଆଯାଇଥିଲା ଏବଂ ସେହିନାମ ଏବେ ବି ଭାରତରେ ପ୍ରଚଳିତ ଅଛି । ଆଧୁନିକ ଡ଼ାଏବେଟିସ ନାମ ଦ୍ୱିତୀୟ ଶତାବ୍ଦିରେ ବିଖ୍ୟାତ ଚିକିତ୍ସକ ଆରଟେମ୍ୟୁସ୍ ଗ୍ରୀକ ଶବ୍ଦ 'ଡାଏବେଟିସ୍‌କୁ' ଭିତ୍ତିକରି ଏହି ରୋଗର ନାମକରଣ କରିଥିଲେ । ଗ୍ରୀକ୍‌ରେ ଏହିଶବ୍ଦର ଅର୍ଥ ଇଂରେଜିରେ 'ସାଇଫନ୍' ବା ଯେଉଁବାଟେ ଜଳ ନିଷ୍କାସିତ ହୁଏ । ଡାଇବେଟିସ୍ ଯୋଗୁ ରୋଗୀର ଶରୀରର ସାରାଂଶ ମୂତ୍ରବାଟେ ବୋହିଯାଉଥିବାରୁ ସେ ଏପରି ନାମ-କରଣ କରିଥିବା ପ୍ରତୀୟମାନ ହୁଏ ।

ଆମ ଭାରତରେ ପ୍ରକୃତରେ ମଧୁମେହ ରୋଗୀଙ୍କ ସଂଖ୍ୟା କେତେ ତାହା ନିର୍ଦ୍ଧାରଣ କରାଯାଇ ନାହିଁ । କିନ୍ତୁ ଏକ ଅଟକଳ ଅନୁଯାୟୀ ଦେଶରେ ଶତକଡ଼ା ଦୁଇଭାଗ ଲୋକ ଏହିରୋଗ ଭୋଗ କରୁଛନ୍ତି । ଅତଏବ ଏହି ହିସାବ ଅନୁଯାୟୀ ଭାରତରେ ସେମାନଙ୍କ ସଂଖ୍ୟା ଅନୁମାନିକ କୋଟିଏ ଚାଳିଶ ଲକ୍ଷ ହେବ ବୋଲି କୁହାଯାଇ ପାରେ । ଭାରତରେ ଏହି ରୋଗୀଙ୍କ ସଂଖ୍ୟା ତୁଳନାତ୍ମକ ଦୃଷ୍ଟିରୁ କମ୍ ହୋଇଥିବା ବେଳେ ଆମେରିକାରେ କ୍ୟାନସର ଓ ହୃଦରୋଗ ପଛକୁ ଏହା ତୃତୀୟ ମାରାତ୍ମକ ରୋଗରୂପେ କୁଖ୍ୟାତି ଅର୍ଜନ କରିଛି ।

ଆମର ଚଳିତ ସାଧାରଣ ବିଶ୍ୱାସ ଅନୁଯାୟୀ ଏହା କେବଳ ସହର ସଭ୍ୟତା ଓ ଧନୀକ ଗୋଷ୍ଠୀର ରୋଗ ନୁହେଁ । ବିଭିନ୍ନ ସର୍ଭେର ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ଏ ରୋଗର ପ୍ରାଦୁର୍ଭାବ ସାମାନ୍ୟ ଊଣା ମାତ୍ର ।

କାରଣ

ଚଳିତ ଶତାବ୍ଦୀର ପ୍ରାକ୍‌କାଳରେ ଚିକିତ୍ସକମାନେ ଏହିରୋଗର ପ୍ରଧାନ କାରଣ ଜାଣିବାରେ ସକ୍ଷମ ହୋଇଥିଲେ । ଶରୀରରେ ଇନ୍‌ସୁଲିନ୍‌ର (ଏକପ୍ରକାର ପ୍ରାକୃତିକ ହରମୋହନ) ଅଭାବ ଘଟିଲେ ଏହିରୋଗ ହୁଏ ବୋଲି ଜଣାଗଲା । ସାଧାରଣତଃ ଆମେ ଖାଇ ସାରିବା ପରେ ଶ୍ୱେତସାର ଜାତୀୟ ଖାଦ୍ୟ ପେଟରେ ହଜମ ହେବା ପ୍ରକ୍ରିୟାରେ ଗ୍ଲୁକୋଜରେ (ସାଧାରଣ ଚିନି) ପରିଣତ ହୁଏ ଏବଂ ଏହି ଗ୍ଲୁକୋଜ୍ କ୍ରମେ ରକ୍ତରେ ମିଶେ । ଏହି ମିଶ୍ରଣ ପାଇଁ ପାଙ୍କ୍ରିଆସ୍ ବା ଅଗ୍ନାସୟରୁ ଅଳ୍ପ ପରିମାଣର ଇନ୍‌ସୁଲିନ୍ ନିର୍ଗତ ହୁଏ ଏବଂ ତାହା ରକ୍ତରୁ ଗ୍ଲୁକୋଜ୍‌କୁ ଶରୀରର ବିଭିନ୍ନ ତନ୍ତୁରେ ଥିବା କୋଟି କୋଟି କୋଷ ନିକଟକୁ ବହନ କରିନିଏ । ଏହିକୋଷ ଭିତରେ ଇନ୍‌ସୁଲିନ୍‌କୁ ଜାଳି ଶରୀରର ଆବଶ୍ୟକୀୟ ଶକ୍ତି ସୃଷ୍ଟି କରିବାରେ ମଧ୍ୟ ଏହି ଇନ୍‌ସୁଲିନ୍ ସହାୟତା କରିଥାଏ । ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ଗୋଟିଏ ପଦାର୍ଥ ଯେତେ-ବେଳେ ଶରୀରରେ ନିଷ୍କ୍ରିୟ ହୋଇପଡ଼େ ବା ତାହାର ଅଭାବ ଦେଖାଦିଏ ସେତେବେଳେ ତନ୍ତୁକୋଷ ଗୁଡ଼ିକ ଦୁର୍ଦ୍ଦଶା ଗ୍ରସ୍ତ ହୋଇପଡ଼ନ୍ତି । ଇନ୍-ସୁଲିନ୍ ଅଭାବ ଫଳରେ ରକ୍ତରେ ଥିବା ସୁଗାର ବା ଚିନି ତନ୍ତୁକୋଷକୁ ଯାଇ ନପାରିବାରୁ ରକ୍ତରେ ଏହାର ପରିମାଣ ବୃଦ୍ଧି ପାଇବାରେ ଲାଗେ । ଏହି ପ୍ରାଚୁର୍ଯ୍ୟହିଁ ବିପତ୍ତିର କାରଣ ହୁଏ । ଏବଂ ରକ୍ତରୁ ଏହି ଚିନି କିଡ୍-ନିରେ ଛାଣିହୋଇ ପରିସ୍ରାରେ ବହୁ ପରି-ମାଣରେ ନିର୍ଗତ ହୁଏ ।

ଶରୀରର ତନ୍ତୁକୋଷ ଗୁଡ଼ିକ ଚିନି ଅଭାବ ଯୋଗୁ ଆବଶ୍ୟକୀୟ ଶକ୍ତି ସୃଷ୍ଟି କରିପାରନ୍ତି ନାହିଁ ଏବଂ ରୋଗୀ କ୍ରମେ ଦୁର୍ବଳ ହୋଇ-ଯାଏ ଏବଂ ତାକୁ ପ୍ରବଳ ଭୋକ ଓ ଶୋଷ ହୁଏ । ଡାଏବେଟିସ୍‌ର ଏହି ତିନୋଟି ହେଉଛି ମୁଖ୍ୟ ଲକ୍ଷଣ ।

ଏ ରୋଗ ଯେ କୌଣସି ବୟସର ଲୋକଙ୍କୁ ଏପରିକି ଶିଶୁଙ୍କୁ ମଧ୍ୟ ହୋଇ ପାରେ । କିନ୍ତୁ ସାଧାରଣତଃ ମଧ୍ୟ ବୟସ୍କ ଲୋକଙ୍କୁ ହେଉଥିବା ମଧୁମେହ ରୋଗୀର ଡାକ୍ତରୀ ନାମହେଲା 'ନନ୍-ଇନ୍‌ସୁଲିନ୍ ଡ଼ିପେଣ୍ଡେଣ୍ଟ ଡାଏବେଟିସ୍ (NIDDM) । କିନ୍ତୁ ଏହିରୋଗ ଭୋଗୁଥିବା ବହୁ ଲୋକଙ୍କର ଶରୀରରେ ଇନ୍‌ସୁଲିନ୍‌ର ପରିମାଣ ଆଶ୍ଚର୍ଯ୍ୟ ଜନକ ଭାବେ ଆବଶ୍ୟକ ମୁତାବକ ଥାଏ । ବୋଧହୁଏ ଏଭଳି ଲୋକଙ୍କର ଇନ୍‌ସୁଲିନ୍ କୌଣସି ଅଜ୍ଞାତ କାରଣବଶତଃ ତନ୍ତୁ କୋଷରେ ପହଞ୍ଚିପାରେ ନାହିଁ ବା ଏହାର କୌଣସି ରାସାୟନିକ ପରିବର୍ତ୍ତନ ହୋଇଯାଏ ଯେଣୁ ତନ୍ତୁ-

କୋଷଗୁଡ଼ିକ ଏହାର କୌଣସି ଉପଯୋଗ କରିପାରନ୍ତି ନାହିଁ ।

ମୋଟା ଲୋକଙ୍କ ବିପତ୍ତି

ମୋଟା ଲୋକଙ୍କୁ ମଧୁମେହ ରୋଗ ହେବାର ଆଶଙ୍କା ବେଶୀ ଥାଏ । ଶରୀରରେ ସୁଗାର ବା ଚିନିକୁ ବ୍ୟବହାର କରିବା ଛଡ଼ା ଚର୍ବି ସଞ୍ଚୟ କରିବା ପାଇଁ ମଧ୍ୟ ଇନ୍‌ସୁଲିନ୍‌ର ଆବଶ୍ୟକତା ପଡ଼େ । ତେଣୁ ମୋଟା ଲୋକଙ୍କ କ୍ଷେତ୍ରରେ ଉକ୍ତ ଚର୍ବି ସଞ୍ଚୟ ପାଇଁ ବିଭିନ୍ନ ତନ୍ତୁ କୋଷରୁ ଇନ୍‌ସୁଲିନ୍ ଶ୍ରେଷ୍ଠ ହୁଏ । ଫଳରେ "ମଧୁମେହ" ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୁଏ ।

ଏହାଛଡ଼ା ବଂଶଗତ ଦୋଷ ମଧ୍ୟ ଏ ରୋଗର ଅନ୍ୟ ଏକ କାରଣ ବୋଲି ଏବେ ନିର୍ଦ୍ଧାରଣ କରାଯାଇଛି । ଯେଉଁମାନଙ୍କର ସମ୍ପର୍କୀୟ ମାନଙ୍କ ଭିତରୁ କେହି ଏହି ରୋଗ ଭୋଗ କରୁଥାନ୍ତି ସେମାନେ ଏହି ରୋଗର ଶୀକାର ହେବା ଆଶଙ୍କା ଅଧିକ ଥାଏ । ସେହିଭଳି ମଧୁମେହ ଭୋଗୁଥିବା ଦମ୍ପତ୍ତିଙ୍କର ସନ୍ତାନଠାରେ ଏହି ରୋଗ ହେବାର ଶତକଡ଼ା ୨୫ଭାଗ ଆଶଙ୍କା ସୃଷ୍ଟି ହୁଏ । ବିଶେଷଜ୍ଞ ମାନଙ୍କ ମତରେ ସଗୋତ୍ର ବିବାହ କରୁ ନଥିବା ହିନ୍ଦୁମାନଙ୍କ ଠାରେ ଏହି ରୋଗ ସାଧାରଣତଃ ଦେଖାଯାଏ ନାହିଁ । ଅଥଚ ତାମିଲ ନାଡୁ ଭଳି ରାଜ୍ୟରେ ଯେଉଁଠି ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ବିବାହ ପ୍ରଚଳିତ ସେଠାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଜାତୀୟ ହାର ଅପେକ୍ଷା ଅଧିକ ।

NIDDM ଛଡ଼ା ଅନ୍ୟ ଏକ ପ୍ରକାରର ମଧୁମେହ ମଧ୍ୟ ଦେଖାଯାଏ । ତାହା ହେଲା ଇନ୍‌ସୁଲିନ୍ ଡିପେଣ୍ଡେଣ୍ଟ ଡାଏବେଟିସ୍ ମେଲିଟସ (ITDDM) ଏହା ଅବଶ୍ୟ କଦାଚିତ୍ ହୋଇଥାଏ ଏବଂ ବୋଧହୁଏ ଶୈଶବରୁ ପାନ୍‌କ୍ରିଅସ୍ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେଲେ ଇନ୍‌ସୁଲିନ୍ ସୃଷ୍ଟିକାରୀ ତନ୍ତୁଗୁଡ଼ିକ ମରିଯାଆନ୍ତି ଏବଂ ଇନ୍‌ସୁଲିନ୍ ତିଆରି ହୋଇ ପାରେନାହିଁ । ଏ ପ୍ରକାରର ମଧୁମେହ କ୍ୱଚିତ୍ ହେଲେମଧ୍ୟ ଅତ୍ୟନ୍ତ ମାରାତ୍ମକ । IDDM ଭୋଗୁଥିବା ଲୋକଙ୍କ ଲକ୍ଷଣ ବାହାରକୁ ସାଧାରଣତଃ ଜଣାପଡ଼େ ନାହିଁ । କିନ୍ତୁ IDDM ର ଲକ୍ଷଣ ଅତି ପ୍ରାଥମିକ ଅବସ୍ଥାରୁ ଜଣା ପଡ଼ିଥାଏ ।

ଚର୍ମ ବା ମୂତ୍ରଯନ୍ତ୍ରରେ କୌଣସି ସଂକ୍ରମଣ ସହଜରେ ଭଲ ନହେଲେ ମଧୁମେହ ହୋଇଥିବା ଆପାତତଃ ଅନୁମାନ କରାଯାଇ ପାରେ । କାରଣ ମଧୁମେହ ଯୋଗୁ ଶରୀରର ସାଧାରଣ ପ୍ରତିରକ୍ଷା ବ୍ୟବସ୍ଥା ଶିଥିଳ ହୋଇ ପଡ଼ିଥାଏ । ରୋଷେଇ କରିବା ବା କୌଣସି କାମ କରିବା ବେଳେ ସାଧାରଣ କ୍ଷତଟିଏ ହେଲେ ମଧ୍ୟ ମଧୁମେହ ରୋଗୀ କ୍ଷେତ୍ରରେ ତାହା ସହଜରେ ଶୁଖେନାହିଁ ଏବଂ କ୍ରମେ ବଡ଼ ହେବାକୁ ଲାଗେ ।

ଏଭଳି ଘଟଣା ଜଣାପଡ଼ିବା ମାତ୍ରେ ନିୟମିତ ଚିକିତ୍ସାରେ ରହିଲେ ଏ ରୋଗର ପ୍ରତିରୋଧ କରିହେବ । କିନ୍ତୁ ଅବସ୍ଥା ଅଣଆୟତ୍ତ ନହେଲେ ଲୋକେ ସହଜରେ ଚିକିତ୍ସକ ମାନଙ୍କ ପାଖକୁ ନଯାଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ବେଳେ ବେଳେ କଷ୍ଟସାଧ୍ୟ ହୋଇପଡ଼େ । ବହୁ ବିଳମ୍ବରେ ଚିକିତ୍ସା ଆରମ୍ଭ କଲା ବେଳକୁ ରୋଗୀର ହୃଦରୋଗ ବାହାରି ପଡ଼ିଥାଏ ବା ପାରାଲିସିସ୍ ରୋଗର ଆରମ୍ଭ ହୋଇ ସାରିଥାଏ ।

ଖାଦ୍ୟ ଓ ବ୍ୟାୟାମ

ଖାଦ୍ୟ ଓ ବ୍ୟାୟାମ ଜରିଆରେ ଅଧିକାଂଶ ମଧୁମେହ ରୋଗର ଉପଶମ ହୋଇଥାଏ । ପୂର୍ବରୁ ବିଶ୍ୱାସ କରାଯାଉଥିଲା କି ମଧୁମେହ ରୋଗୀ ଶ୍ୱେତସାର ଯୁକ୍ତ ଖାଦ୍ୟ ଯଥା ଭାତ ଓ ରୁଟି ଖାଇବା କମାଇଦେବା ଆବଶ୍ୟକ । କିନ୍ତୁ ଗବେଷକ ମାନେ ଏବେ ପରୀକ୍ଷା କରି ନିଷ୍ପତ୍ତିରେ ପହଞ୍ଚିଛନ୍ତି କି ଅଧିକ ଶ୍ୱେତସାର ଖାଦ୍ୟ ଏବଂ କମ୍‌ଚର୍ବି

ଖାରୁବେଳ

ଯୁକ୍ତ ଖାଦ୍ୟ ଖାଇଲେ ଏହି ରୋଗକୁ ଅଧିକ ସହଜରେ ନିୟନ୍ତ୍ରଣ କରି ହେଉଛି । ଅବଶ୍ୟ ଚିନି, ମିଠା ଇତ୍ୟାଦିରେ ଅତ୍ୟଧିକ ଶ୍ୱେତସାର ଥିବାରୁ ସେସବୁ ବର୍ଜନୀୟ ।

ମଧୁମେହ ରୋଗୀ ନିୟମିତ ଭାବେ ଚିକିତ୍ସିତ ହେଉଥିଲେ ଏହାକୁ ସହଜରେ ନିୟନ୍ତ୍ରଣ କରିହେବ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଆମଦେଶରେ ଏହି ରୋଗ ନିର୍ଦ୍ଧାରଣ କ୍ଲିନିକ୍ ବହୁସଂଖ୍ୟାରେ ନାହିଁ । ଏବଂ ସାଧାରଣ ଚିକିତ୍ସକ ମାନେ ଅତ୍ୟାଧୁନିକ ଚିକିତ୍ସା ବିଷୟରେ ମଧ୍ୟ ଅଜ୍ଞ । ଗ୍ରାମାଞ୍ଚଳରେ ଅଧିକାଂଶ ରୋଗୀ ସ୍ୱତନ୍ତ୍ର ଚିକିତ୍ସା ସୁଯୋଗ ନପାଇ ବିଶେଷ ଯୋଗ୍ୟତା ନଥିବା ଡାକ୍ତରଙ୍କ ଉପରେ ଏଥିପାଇଁ ନିର୍ଭର କରିଥାନ୍ତି ।

ମଧୁମେହ ରୋଗୀମାନେ ଚିକିତ୍ସାଧୀନ ଥିବାବେଳେ ଯଦି ହଠାତ୍ ଔଷଧ ଖିଆ ବନ୍ଦକରି ଦିଅନ୍ତି ତେବେ ମଧ୍ୟ ଜଟିଳତା ଦେଖାଦିଏ ଏବଂ ସ୍ଥଳ ବିଶେଷରେ ରୋଗୀର ପ୍ରାଣନାଶ ମଧ୍ୟ ବିଚିତ୍ର ନୁହେଁ ।

ଚିକିତ୍ସା ଓ କେତୋଟି ନିୟମ

ଏହି ପ୍ରାଚୀନ ରୋଗକୁ ପ୍ରତିହତ କରିବା ପାଇଁ ଆଧୁନିକ ଚିକିତ୍ସକମାନେ କେତେକ ନୂଆ ନୂଆ ପନ୍ଥାର ପ୍ରୟୋଗ କରୁଛନ୍ତି । ଏହାମଧ୍ୟରୁ ଏବେ 'କୃତ୍ରିମ ପାନ୍‌କ୍ରିଆସ୍'ର ରୋପଣ ବହୁଳ ଭାବେ ପ୍ରଚଳିତ ହେଲାଣି । ଏହି କୃତ୍ରିମ ଅଙ୍ଗଟିକୁ ଆମେରିକା ଇଂଲଣ୍ଡ ଗବେଷକ ମାନେ ତିଆରି କରିଛନ୍ତି ଏବଂ ଏହା ଶରୀର ଭିତରେ ଶର୍କରା ପରିମାଣକୁ ନିୟନ୍ତ୍ରଣ କରି ଆବଶ୍ୟକୀୟ ଇନ୍‌ସୁଲିନ୍ ତିଆରି ହେବାରେ ସାହାଯ୍ୟ କରୁଛି । ଅନ୍ୟ କେତେକ ବୈଜ୍ଞାନିକ ଜେନେଟିକ ଇଞ୍ଜିନିୟରିଂ କୌଶଳ ପ୍ରୟୋଗ କରି ଏ ରୋଗର ଉପଶମ ଦିଗରେ ଉଦ୍ୟମ କରୁଛନ୍ତି । କିନ୍ତୁ ଏହା କାର୍ଯ୍ୟକାରୀ

Images: Aptakama Mishra, Processing: Srujanika

ହେବାକୁ ବହୁତଦିନ ଲାଗିଯାଇ ପାରେ । କିନ୍ତୁ ମଧୁମେହ ରୋଗୀ ବା ସେ ରୋଗ ଭୋଗିବାର ଆଶଙ୍କା ଥିବା ବ୍ୟକ୍ତିମାନେ ନିମ୍ନଲିଖିତ ନିୟମ ମାନି ଚଳିଲେ ସେମାନଙ୍କର ଯଥେଷ୍ଟ ଉପକାର ହେବ ବୋଲି ବିଶେଷଜ୍ଞ ମାନଙ୍କର ମତ । ସେଗୁଡ଼ିକ ହେଲା :

---

(୧) ଆପଣଙ୍କ ବୟସ ଯଦି ୩୫ ଟପିଲାଣି ଏବଂ ଆପଣଙ୍କ ନିକଟ ସମ୍ପର୍କୀୟ କେହି ଏ ରୋଗ ଭୋଗୁଛି ନିୟମିତ ଭାବେ ନିଜକୁ ପରୀକ୍ଷା କରାନ୍ତୁ । ବାରମ୍ବାର ଫୋଟକା ବା ବଥହେବା, ଅଳଟ ଲାଗିବା, ପ୍ରବଳ ଭୋକ ହେବା ଏବଂ ବାରମ୍ବାର ପରିସ୍ରା ହେବା ଏ କ୍ଷେତ୍ରରେ ସତର୍କ ଘଣ୍ଟି ସ୍ୱରୂପ । (୨) ନିଜ ଚିକିତ୍ସକଙ୍କ ପରାମର୍ଶ ଅନୁରୂପ ଖାଦ୍ୟ ଓ ଔଷଧ ଖାଆନ୍ତୁ (୩) ପରିସ୍ରାରେ ସୁଗାର ଆସୁଛି କି ନାହିଁ ପରୀକ୍ଷା କରି ନିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଇନ୍‌ସୁଲିନ ଇଞ୍ଜେକ୍‌ସନ ନିଅନ୍ତୁ । (୪) ନିଜ ପାଦ ବିଶେଷକରି ଅଙ୍ଗୁଳି ମଧ୍ୟବର୍ତ୍ତୀ ଅଂଶ ସର୍ବଦା ପରିଷ୍କାର ରଖନ୍ତୁ ଏବଂ ଯଥୋପଯୁକ୍ତ ଜୋତା ବା ଚପଲ ପିନ୍ଧନ୍ତୁ (୫) ନିଜ ହାତ ବ୍ୟାଗ ଭିତରେ ଡାଏବେଟିକ ଆଇଡେଣ୍ଟିଫିକେସନ କାର୍ଡ ରଖନ୍ତୁ ଏବଂ ସେଥିରେ ନିଜନାମ ଲିପିବଦ୍ଧ କରନ୍ତୁ ।

ଏକଦା ମଧୁମେହ ରୋଗ ନିର୍ଦ୍ଧାରଣକୁ ଫାଶୀଦଣ୍ଡ ଘୋଷଣା ସହିତ ତୁଳନା କରାଯାଉଥିଲା କିନ୍ତୁ ଉପରୋକ୍ତ ନିୟମମାନ ପାଳନ କଲେ ମଧୁମେହ ରୋଗୀମାନେ ସ୍ୱାଭାବିକ ଓ ନିରାପଦ ଜୀବନ ଯାପନ କରିପାରିବେ ।

ପରିସ୍ରା ପରୀକ୍ଷାର ସହଜ ଉପାୟ

ଗୋଟିଏ ସଫା ଓ ଶୁଖିଲା ପରୀକ୍ଷା ନଳୀ (TestTude) ରେ ପାଞ୍ଚ ମିଲିଲିଟର (C C 5) ବେନେଡିକ୍ଟ ରିଏଜେଣ୍ଟ (Benedict Reagenh) ନିଅନ୍ତୁ । ସେଥିରେ ୮ ରୁ ୧୦ ଟୋପା ପରିସ୍ରା ଗୋଟିଏ ଡ୍ରପର ସାହାଯ୍ୟରେ ପକାନ୍ତୁ । ପରୀକ୍ଷାନଳୀଟି ଟିକେ ହଲାଇ ଦେଇ ଗୋଟିଏ ସ୍ପିରିଟ୍ ଲ୍ୟାମ୍ପ ବା ନିଆଁକୁ ଦେଖାନ୍ତୁ । ଏହାକୁ ଦୁଇ-ମିନିଟ୍ ପର୍ଯ୍ୟନ୍ତ ଗରମ କରୁଥିବା ସମୟରେ ମଝିରେ ମଝିରେ କାଢ଼ିଆଣି ହଲାନ୍ତୁ । ଏହାପରେ କାଚର ବାହାର ପଟ ଗୋଟିଏ ସଫାକନାରେ ପୋଛି ଦେଲେ ରଙ୍ଗର ପରିବର୍ତ୍ତନ ଅନୁଯାୟୀ ମୂତ୍ରରେ ଏହିପରି ଶର୍କରା ଭାଗ ଜଣାପଡ଼ିବ—

(୧) କୌଣସି ପରିବର୍ତ୍ତନ ନହେଲେ ଶର୍କରା ଭାଗ ନାହିଁ ।

(୨) ସବୁଜ (Green) ରଙ୍ଗ O .5 gms % ବା ଶତକଡ଼ା ଦଶମିକ ପାଞ୍ଚଭାଗ ।

(୩) ହଳଦିଆ (Yellow) ରଙ୍ଗ ହେଲେ 1gm % ବା ଶତକଡ଼ା ୧-ଗ୍ରାମ ଭାଗ ।

(୪) କମଳାରଙ୍ଗ (Orange) ହେଲେ 1·5gm % ବା ଶତକଡ଼ା ୧ ଦଶମିକ ୫ ଗ୍ରାମ ଓ

(୫) ନାଲିରଙ୍ଗ ହୋଇ (Red) ଇଟାଗୁଣ୍ଡ ବସିଲାପରି ହେଲେ 2 gm% ବା ଶତକଡ଼ା ୨ଗ୍ରାମ ଭାଗ ଅଛି ବୋଲି ଜାଣିବେ ।

ଯେତେ ଅଧିକ ଥିବ ତଦନୁଯାୟୀ ଶୀଘ୍ର ଚିକିତ୍ସା ବନ୍ଦୋବସ୍ତ କରିବାକୁ ହେବ ।

ସାଧାରଣତଃ ରକ୍ତରେ ଶତକଡ଼ା ୮୦ରୁ ୧୨୦ ମିଲିଗ୍ରାମ ଶର୍କରା ଭାଗଥାଏ । ଖାଇବା ପରେ ଏହାର ଭାଗ ଉପର ଆଡ଼କୁ ଓ ଖାଲିପେଟରେ ନିମ୍ନ ଆଡ଼କୁ ଥିବା ଆବଶ୍ୟକ । ତେଣୁ ରକ୍ତ ଖାଲିପେଟରେ ଓ ଖାଇବାପରେ ଦୁଇ ରକମର ପରୀକ୍ଷା କରାଯାଏ । ଏହି ପରୀକ୍ଷା କାଲୋରିମିଟର ଦ୍ୱାରା କରାଯାଉଥିଲା । ଆଧୁନିକ ପଦ୍ଧତିରେ ଏହା ଫଟୋସେନ୍‌ସିଟିଭ୍ ପଦ୍ଧତିରେ ମୁହୂର୍ତ୍ତିକ ମଧ୍ୟରେ କରି ହଉଛି ।

ଏହାର ଚିକିତ୍ସା ପାଇଁ ବର୍ତ୍ତମାନ ଅନେକ ଗୁଡ଼ିଏ ଔଷଧ ଚିକିତ୍ସା ବୈଜ୍ଞାନିକମାନେ ବାହାର କଲେଣି । କିନ୍ତୁ ରୋଗୀ ଖାଦ୍ୟପେୟ ସମ୍ବନ୍ଧରେ ଚିକିତ୍ସକ ସହ ନିଜର ରକ୍ତରେ ଥିବା ଶର୍କରା ଅନୁଯାୟୀ ପରାମର୍ଶ କରିବା ପ୍ରଥମ ଆବଶ୍ୟକ । ଖାଦ୍ୟପେୟର ନିୟମ ମାନି ମଧ୍ୟ ରୋଗ ନିୟନ୍ତ୍ରଣ ସମ୍ଭବ ନହେଲେ ଦରକାର ସ୍ଥଳେ Insulin ଇଞ୍ଜେକ୍‌ସନ, ଡାଇବେନିଜ୍ ରେଷ୍ଟିନନ୍ ଇତ୍ୟାଦି ଅନେକ ରକମ ଔଷଧ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଖାଇବାକୁ ହେବ । ସେଥି ପାଇଁ ବଡ଼ ବଡ଼ ମେଡ଼ିକାଲ କଲେଜରେ ଗୋଟିଏ ଲେଖା Endocrinolgoy (ଏଣ୍ଡୋକ୍ରିନୋଲୋଜି) ବିଭାଗ ଖୋଲାଗଲାଣି ଓ ସେଥିରେ ବିଶେଷଜ୍ଞମାନେ ରକ୍ତ ରୋଗ ଓ ରୋଗୀଙ୍କ ଉନ୍ନତ ଚିକିତ୍ସା କରୁଛନ୍ତି । □

ଭବିଷ୍ୟତର ଯୁଦ୍ଧ କୌଶଳ

(୨୨ ପୃଷ୍ଠାର ଅବଶିଷ୍ଟାଂଶ)

ବାଙ୍ଗାଲୋରସ୍ଥିତ ଇଲେକ୍‌ଟ୍ରୋନିକ୍‌ସ ଏବଂ ରାଡ଼ାର ଉନ୍ନୟନ ଉନ୍ନୟନ ସଂସ୍ଥା (ଏଲ ଆଇ. ଡ଼ି. ଇ:) ପକ୍ଷରୁ ଶତ୍ରୁର କମାଣ ଯନ୍ତ୍ରପାତିର ସନ୍ଧାନ ପାଇଁ ଅଧିକ କାର୍ଯ୍ୟକ୍ଷମ ପଦ୍ଧତି ବାହାର କରାଯାଇଛି ।

ସେନାବାହିନୀ ଅଞ୍ଚଳ କିମ୍ବା ନିଷିଦ୍ଧାଞ୍ଚଳରେ ଅନଧିକାର ପ୍ରବେଶକୁ ଜାଣିବା ପାଇଁ ଏକ ନୂତନ ପଦ୍ଧତି ହାଇଦରାବାଦସ୍ଥିତ ପ୍ରତିରକ୍ଷା ଇଲେକ୍‌ଟ୍ରୋନିକସ ଗବେଷଣା ପରୀକ୍ଷାଗାର (ଡ଼ି. ଇ. ଆର: ଏଲ.) ପକ୍ଷରୁ ବାହାର କରାଯାଇଛି । ଏଥିରେ ମାଇକ୍ରୋୱେଭ ବ୍ୟବହୃତ । ୮୦ ମିଟର ବ୍ୟବଧାନରେ କଣସବୁ ଘଟଣା ଘଟୁଛି ତାହା ଏହି ଯନ୍ତ୍ରରୁ ଜାଣିହେବ । ଏତଦ୍‌ବ୍ୟତୀତ ଶତ୍ରୁପକ୍ଷର ମୋର୍ଟାର୍ ଏବଂ ବନ୍ଧୁକର କେନ୍ଦ୍ରସ୍ଥଳକୁ ଜାଣିବା ଲାଗି ଏକ ହାଲୁକା ରାଡ଼ାର ମଧ୍ୟ ଡି: ଇ ଆର. ଏଲ୍ ପ୍ରସ୍ତୁତ କରିଛି । ବାଙ୍ଗାଲୋରସ୍ଥିତ ଏଲ୍ ଆର ଡି ଇ ପକ୍ଷରୁ ଉଚ୍ଚ ଦୃଢ଼ତାସମ୍ପନ୍ନ ନିମ୍ନ ଦୃଷ୍ଟିକାରୀ ରାଡ଼ାର ବାହାର କରାଯାଇଛି । ଏହି ଦ୍ୱାରା ଅନୁସନ୍ଧାନ କାର୍ଯ୍ୟ ସହଜ ହୋଇ ପାରୁଛି ।

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଓ ଶ୍ରୀ ସାମନ୍ତ

ଜଣେ ମଦୁଆ ଠିକ୍ ଗୋଟାଏ ହୁଇସ୍କି ବୋତଲ ପରି—ଖାଲି ବେକ ଆଉ ପେଟ, ମୁଣ୍ଡ ନାହିଁ ।

× × × ×

ଦର୍ଶକ:—ଏ କଲେଜରେ କଣ ପଢ଼ାଯାଏ ?

ଛାତ୍ର:—କହିପାରିବି ନାହିଁ ଆଜ୍ଞା, ମୁଁ କେବଳ କ୍ରିକେଟ ଖେଳିବାକୁ ଏଠିକି ଆସେ ।

ଡେରାଡ଼ୁନଠାରେ ଥିବା ଯନ୍ତ୍ରପାତି ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ (ଆଇ. ଆର. ଡି.ଇ) ଦିନ ଓ ରାତି ସମୟରେ ଗ୍ରହଣ କରାଯାଉଥିବା ସାମରିକ କାର୍ଯ୍ୟକଳାପକୁ ସନ୍ଧାନ, ଅନୁଧ୍ୟାନ ଏବଂ ଟ୍ରାକ୍ କରିବା ଲାଗି ଏକ ତାପଜ ଇମେଜର ନକ୍‌ସା ପ୍ରସ୍ତୁତ କରିଛି ।

ଅଳ୍ପ ଉଚ୍ଚରେ ଉଡ଼ୁଥିବା ବିମାନର ସନ୍ଧାନ ପାଇଁ ଏକ ପଦ୍ଧତି ବାହାର କରିବା ଆକାଶବାହିନୀ ପାଇଁ ନିହାତି ଜରୁରୀ ହୋଇ ପଡ଼ିଛି । ବାଙ୍ଗାଲୋର ଏଲ. ଆର ଡି ଇ ପକ୍ଷରୁ ଏଥିପାଇଁ ଉପାୟ ଖୁବ୍ ଶୀଘ୍ର ବାହାର କରାଯିବ । ଜାହାଜ ଓ ବିମାନବାହୀ ଜାହାଜର ଚଳାଚଳ ପାଇଁ ଏହି ସଂସ୍ଥା ପକ୍ଷରୁ ଏକ ଆକାଶମାର୍ଗ ନିରୂପଣ ଦର୍ଶକ ଯନ୍ତ୍ର (ଏୟାରଏଲ୍ ଡିଟେକ୍ଟର ଫାଇଣ୍ଡିଂ ଇକ୍ୟୁପମେଣ୍ଟ) ମଧ୍ୟ ବାହାର କରାଯାଇଛି । ଏହା ଉଦ୍ଧାରକାରୀ-ଙ୍କୁ ଯଥେଷ୍ଟ ଦୂରରୁ ସଙ୍କେତ ଦେଇ ପାରିବ । ଏତଦ୍‌ବ୍ୟତୀତ ଜଙ୍ଗଲ ଅଞ୍ଚଳରେ ଆକାଶମାର୍ଗରୁ ପକାଯାଇଥିବା ଜିନିଷପତ୍ରର ସନ୍ଧାନ ଦେବାପାଇଁ ଏକ ପଦ୍ଧତି ବାହାର କରାଯାଇଛି ।

ଜାହାଜ ବିଧ୍ୱଂସକାରୀ କମାଣ ବାହୀ ବିମାନ ଯାହାକି ଜଳପୃଷ୍ଠସ୍ତରର ନିମ୍ନ ଉଚ୍ଚତାରେ ଉଡ଼ୁଥିବ ତାହାର ସନ୍ଧାନ ନେବା ନିମନ୍ତେ ଡି ଆର ଡି ଓ ଗବେଷଣାଗାର ପକ୍ଷରୁ ସର୍ବାଧୁନିକ କାରିଗରୀ କୌଶଳମାନ ବାହାରକରାଯାଉଛି । □

ଜଣେ ବଙ୍ଗାଳୀ:— କାଳି ଦାସ ବଙ୍ଗାଳୀ ଥିଲେ । ଦାସ ଉପାଧିରୁ ତାହା ପ୍ରମାଣିତ ହେଉଛି ।

ଦ୍ରାବିଡ଼ ଭଦ୍ରଲୋକ :—ଭୁଲ । ସେକ୍‌ସ ପିଅର ଜଣେ ତେଲୁଗୁ ଥିଲେ । ତାଙ୍କ ପ୍ରଥମ ନାମଥିଲା ଶେଷପ୍‌ପା ଆୟ୍ୟାର । ସେ ମୁସଲମାନ ଧର୍ମ ଗ୍ରହଣ କରି ନିଜକୁ ସେଖ୍‌ପିଅର ବୋଲାଇଲେ, ତା ପରେ ବିଲାତ ଯାଇ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବା ପରେ ସେକ୍‌ସ-ପିଅର ବୋଲାଇଲେ ।

× × × ×

ସ୍ୱାମୀ — ତୁମେ ଭାଲୁ ଦେଖିଛ ?

ସ୍ତ୍ରୀ.—ତମକୁ ଦେଖିଛି ।

× × × ×

କର୍ମପ୍ରାର୍ଥୀ :—ଆପଣ ମୋର ଯୋଗ୍ୟତା ଅନୁଯାୟୀ ମୂଲ ଦେଉ-ନାହାନ୍ତି ?

ମାଲିକ :—ଦେବାକୁ ମୋର ଖୁବ ଇଚ୍ଛା, କିନ୍ତୁ ଆଇନ ଅନୁସାରେ ସେତେ କମ ଦେଇ ହେଉନାହିଁ ।

× × ×

ଜଣେ ଶିକ୍ଷିତ ଭଦ୍ରଲୋକ ଗୁଡ଼ିଏ ବାଜେ କଥାକୁ ସୁନ୍ଦର ଭାଷାରେ ଲେଖି-ପାରେ କିନ୍ତୁ ତଥାପି ସେଗୁଡ଼ିକ ବାଜେକଥା ।

× × ×

ସୀତା :—ତମ ସ୍ୱାମୀ କଅଣ ଭଲ ପାଆନ୍ତି ?

ଗୌରୀ .— ଝିଅଙ୍କ ପଛରେ ଗୋଡ଼ାଇବାକୁ ।

ସୀତା. — ସେଥିରେ ତୁମର ଅସୁବିଧା କିଛି ହୁଏନା ?

ଗୌରୀ —କାହିଁକି ହେବ ? କୁକୁର ମଟର ପଛରେ ଗୋଡ଼ାଏ । ଯଦିବା ଗୋଟାଏ ମଟର ପାଏ ସେ ତାକୁ ଚଳେଇ ପାରିବନାହିଁ ।

× × × ×

ପ୍ରଥମ ବନ୍ଧୁ :—ମନମରା ହୋଇ କାହିଁକି ବସିଛୁ ? କଅଣ ଭାବୁଛୁ ?

ଦ୍ୱିତୀୟ ବନ୍ଧୁ :—ମୋର ଭବିଷ୍ୟତ

ପ୍ରଥମ ବନ୍ଧୁ :—ସେଥିରେ ହତାଶ ହେବାର କଅଣ ଅଛି ।

ଦ୍ୱିତୀୟ ବନ୍ଧୁ :—ମୋର ପୁରାତନ

× × ×

"ନିରାମିଷ ଖାଦ୍ୟ ଖାଇବାରେ ତମର ବାପାଙ୍କର କଅଣ ଉପକାର ହେଲା ?"

"ସେ ଜାଣି ପାରିଲେ ନାହିଁ । ଖାଦ୍ୟା ଭାବରୁ ମରିଗଲେ ।"

× × ×

ରମେଶ ବାବୁ ଜଣେ ବ୍ୟବସାୟୀ । ସେ ଥରେ ଗୋଟାଏ ନିଲାମ ଡାକିବାକୁ ଯାଇ ଦେଖିଲେ ଯେ ତାଙ୍କର ମନିବେଗ ହଜି ଯାଇଛି । ତା ଭିତରେ ପାଞ୍ଚ-ହଜାର ଟଙ୍କା ଥିଲା । ସେ ନିଲାମ ଡକାଳିକୁ ଯାଇ କଅଣ କହିଲେ ନିଲାମ ଡକାଳି ଉଚ୍ଚ ସ୍ୱରରେ ଡାକିଲା ।

ରମେଶ ବାବୁ ତାଙ୍କର ମନି ବେଗ ହଜାଇ ଦେଇଛନ୍ତି । ତହିଁରେ ପାଞ୍ଚ-ହଜାର ଟଙ୍କା ଥିଲା । ଯେ ଟଙ୍କା ଥଳୀଟି ତାଙ୍କୁ ଆଣିଦେବ, ସେ ତାକୁ ଶହେଟଙ୍କା ଦେବେ ।

ପଛଆଡ଼ୁ ଜଣେ, "ମତେ ଦେଲେ ଦୁଇଶହ ଟଙ୍କା ଦେବି" । □

Images: Aptakama Mishra, Processing: Srujanika

ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ହେବାର ଏକବର୍ଷ ପୂର୍ବରୁ ଅର୍ଥାତ୍ ୧୮୮୪ ମସିହା ଡିସେମ୍ବର ମାସ ୩ ତାରିଖ ଦିନ ବିହାର ଅନ୍ତର୍ଗତ ଜେରାଦେଇ ଗ୍ରାମରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଜନ୍ମ ଗ୍ରହଣ କରିଥିଲେ । ଗାଁ ସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ସେ କଲିକତାସ୍ଥିତ ପ୍ରେସିଡେନ୍‌ସି କଲେଜରେ ଯୋଗ ଦେଇଥିଲେ । ଛାତ୍ରାବସ୍ଥାରେ ମଧ୍ୟ ସେ ରାଜନୈତିକ କାର୍ଯ୍ୟକଳାପରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିବା ଆରମ୍ଭ କରିଥିଲେ । ୧୯୦୬ ମସିହାରେ ରାଜେନ୍ଦ୍ର ପ୍ରସାଦ "ଡନ୍ ସୋସାଇଟି" ନାମକ ଏକ ଅନୁଷ୍ଠାନରେ ଯୋଗ ଦେଲେ, ଯାହା ତାଙ୍କ କଲେଜ ଜୀବନରେ ଗଭୀର ପ୍ରଭାବ ପକାଇଥିଲା । ଏହିପରି ଭାବରେ ତାଙ୍କର ପାଠପଢ଼ା ଅବ୍ୟାହତ ରହି ସର୍ବଶେଷରେ ୧୯୧୧ ମସିହାରେ ସେ ଏମ୍. ଏଲ୍. ଡିଗ୍ରୀ ହାସଲ କଲେ ।

୧୯୦୬ ମସିହାରେ ଏକ ସ୍ୱେଚ୍ଛାସେବକ ରୂପେ ରାଜେନ୍ଦ୍ରବାବୁ ଭାରତୀୟ ଜାତୀୟ କଂଗ୍ରେସ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ୧୯୧୧ ମସିହାରେ ସେ କଂଗ୍ରେସର ଜଣେ ସାଧାରଣ ସଭ୍ୟ ହେଲେ । କିନ୍ତୁ ୧୯୧୬ ମସିହାରେ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିବା ପରେ ଏକ ଜାତୀୟ ରାଜନୈତିକ ନେତା ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ ହେଲା । ଠିକ୍ ଏହି ବର୍ଷରେ ହିଁ ସ୍ୱାଧୀନତା ପାଇଁ କଂଗ୍ରେସର ଆନ୍ଦୋଳନ କ୍ରମେ ତୀବ୍ରତର ହେବାକୁ ଲାଗିଲା । କ୍ରମାଗତ ଭାବରେ ଘଟିଥିବା କେତେକ ଘଟଣା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଆନ୍ଦୋଳନ କରିବା ପାଇଁ ଉତ୍ସାହିତ କଲା । ୧୯୧୮—୧୯ ମସିହାରେ ଗୃହୀତ ମଣ୍ଟେଗୁ ଚେମସ୍‌ଫୋର୍ଡ ସଂସ୍କାର ଦ୍ୱାରା ରାଜ୍ୟଗୁଡ଼ିକରେ ଏକପ୍ରକାର ଦ୍ୱୈତ-ଶାସନ ପ୍ରତିଷ୍ଠା ତଥା ୧୯୧୯ ମସିହା ରଓଲାଟ ବିଲ୍‌ର ପ୍ରବର୍ତ୍ତନକୁ ଜନସାଧାରଣଙ୍କ ଦ୍ୱାରା କଳା ଆଇନ ରୂପେ ନିନ୍ଦା କରାଗଲା । ଏହି ଆଇନ ବିରୁଦ୍ଧରେ ସମସ୍ତ ଭାରତରେ ବ୍ୟାପକ ବିକ୍ଷୋଭ ଓ ଜନଜାଗରଣ ସୃଷ୍ଟି ହେଲା । ଯାହାର ଶେଷ ପରିଣତି ହେଲା ଜାଲିଆନାୱାଲାବାଗ ହତ୍ୟା କାଣ୍ଡ ।

ଉପରୋକ୍ତ ଘଟଣାବଳୀ ରାଜେନ୍ଦ୍ର ପ୍ରସାଦଙ୍କ ମନକୁ ଗଭୀର ଭାବେ ପ୍ରଭାବିତ କଲା । ଏହା ତାଙ୍କ ମନରେ ତୀବ୍ର ପ୍ରତିହିଂସା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଦେଶର ସ୍ୱାଧୀନତା ପାଇଁ ତାଙ୍କର ସଂଗ୍ରାମକୁ ଆହୁରି ତୀବ୍ର କଲା । ସେ ୧୯୨୦ ମସିହାରେ ବିହାର ରାଜନୈତିକ ସମ୍ମିଳନୀରେ ସଭାପତିତ୍ୱ କରି ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଲେ ଏବଂ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କଲେ । ସେ ଅନୁଭବ କଲେ ଯେ ସ୍ୱରାଜ୍ୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ପ୍ରଥମେ ସ୍କୁଲ ଏବଂ କଲେଜଗୁଡ଼ିକ ପରିତ୍ୟାଗ କରାଯିବା ଦରକାର । ଏଥିପାଇଁ ଏକ ଜାତୀୟ ମହାବିଦ୍ୟାଳୟ ସ୍ଥାପନ କରି ସରକାରୀ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରିଥିବା ପିଲାମାନଙ୍କୁ ସେ ଶିକ୍ଷା ପ୍ରଦାନ କରିଥିଲେ । ସ୍ମରଣ କରାଯାଇ ପାରେ ଯେ ଏହି ମହାବିଦ୍ୟାଳୟ ହିଁ ପରବର୍ତ୍ତୀ ୨୫ ବର୍ଷ ଧରି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କର ରହିବା ସ୍ଥଳୀ ହୋଇଥିଲା ।

ହିନ୍ଦୀ ଭାଷାରେ ପ୍ରକାଶିତ 'ଦେଶ୍' ଖବର କାଗଜର ସେ ସମ୍ପାଦକ ଥିଲେ । [illegible] ପାଇଁ ସେ ସର୍ଚ୍ଚ୍‌ଲାଇଟ ନାମକ ଏକ

(ଅବଶିଷ୍ଟାଂଶ ୩୧ ପୃଷ୍ଠାରେ)

HOTEL SAGAR VIHAR

(Belabhumi Hotel)

Bhutmundai, Cuttack

(PARADEEP HINTER LAND)

With **OSFC** Finance

Provides

Resturant Service

(Chinese, Punjabi, & General food)

Awaiting for opening of **South Indian Meals & Tiffin**

Stay Accommodation also available

Business Hours 10 A. M. to 10 P. M.

Images: Aptakama Mishra, Processing: Srujanika

ଆପଣଙ୍କ ରାଶିଫଳ

ଆଚାର୍ଯ୍ୟ ଚନ୍ଦ୍ରଭୂଷଣ

ମେଷ :- ଏ ମାସରେ ଆପଣଙ୍କର ଧର୍ମବଳ ଉଚ୍ଚରେ ଅଛି । ଯେଉଁ କାର୍ଯ୍ୟରେ ହାତ ଦେବେ ତାହା ମାସର ଶେଷ ଉର୍ଦ୍ଧ ଆଡ଼କୁ ଭଲ ଫଳ ଦେବ, ଯାହା ଆଶାକରି ନଥିଲେ ତାହା ହେବ, ଯାହା ଚେଷ୍ଟା କରିବେ ଅନେକ ବାଧା-ବିଘ୍ନ ଦେଇ ଗତି କରିବ, ଅନେକ ଶତ୍ରୁ ରହିବେ କିନ୍ତୁ କେହି କିଛି କ୍ଷତି କରି ପାରିବେ ନାହିଁ । ଆପଣ ସାମାଜିକ, ରାଜନୈତିକ, ଆର୍ଥିକ ଓ ମାନସିକ ଅଶାନ୍ତି ସହିତ ଅନେକ ସମସ୍ୟାର ସମ୍ମୁଖୀନ ହେବେ, କିନ୍ତୁ ଆପଣ ସେଗୁଡ଼ିକ ସମାଧାନ କରିବେ, ହତାଶ ହେବାର କିଛି କାରଣନାହିଁ । ମାସର ଶେଷ ଆଡ଼କୁ ଶତ୍ରୁମାନେ ମିତ୍ର ହୋଇଯିବେ । ଧନ ଯେଉଁଠାରୁ ଆଶାକରି ନଥିବେ ସେଠାରୁ ପାଇବେ, କର୍ମ କ୍ଷେତ୍ରରେ କାରଣ ଯେଉଁଥି-ପାଇଁ ହେଉଛନ୍ତି ତା'ର ଆଶୁ ସମାଧାନ ହୋଇ ଯିବ, କିନ୍ତୁ ଆପଣଙ୍କ ମନରେ କୌଣସି କାରଣ ନେଇ ଅହେତୁକ ଭୟ ଲାଗିରହିବ ଓ ତାହା ମାନସିକ ବିକୃତି ଓ ଅଶାନ୍ତିର କାରଣ ହେବ, କ୍ରୋଧାବେଗ ମନରେ ଦେଖା-ଦେବ । କୌଣସି ଲୋକଙ୍କ ଯିବା ଆସିବାକୁ ଆପଣ ଆଦୌ ପସନ୍ଦ କରିବେନାହିଁ । ସେଥିପାଇଁ ଆପଣଙ୍କ ମନରେ ଚିନ୍ତା ଦେଖା ଦେବ-ଭକ୍ତି ଜାଗରିତ ହେବ, ଆପଣ ନିରାଶା ମଧ୍ୟରେ ଆଶା ସଞ୍ଚାର କରିପାରିବେ । ପରିବାରରେ ସ୍ତ୍ରୀ ପିଲାପିଲିଙ୍କ ସ୍ୱାସ୍ଥ୍ୟ ସେତେ ଭଲରହିବନାହିଁ । ମାସର ୧ମାର୍ଦ୍ଧ ଅପେକ୍ଷା ୨ୟାର୍ଦ୍ଧ ଆଡ଼କୁ ରୋଜଗାର, ପାରିବାରିକ ଓ ସାମାଜିକ ସ୍ଥିତି ଭଲ ରହିବ, ଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ଦେଶ ବିଦେଶ ଭ୍ରମଣକୁ ପସନ୍ଦ କରିବେ ଓ ନାରୀମାନେ ସର୍ବଦା କ୍ରୋଧଶୀଳ ହେବେ ।

ଶୁଭଦିନ .— ୧୯, ୨୦, ୨୧, ୨୨, ୨୫ ୨୬, ୨୯, ୩୦, ୪, ୫, ୬, ୭,



ବୃଷ :— ଏ ମାସରେ ଆପଣ ଅନେକ ଉଚ୍ଚ ଆଶା କରିପାରନ୍ତି; କିନ୍ତୁ ତାହାସବୁ ଫଳପ୍ରଦ ହେବା ସମ୍ଭବ ନୁହେଁ । କର୍ମକ୍ଷେତ୍ରରେ ଅନେକ ବାଧା ବିଘ୍ନ ଦେଖାଦେବ, ସାମାଜିକ ସ୍ତରରେ ଆପଣଙ୍କର ଅନେକ ଶତ୍ରୁ ଦେଖା ଦେବେ, ଆପଣଙ୍କ ପ୍ରତି ଅନେକ ଲୋକ ଈର୍ଷା ପରାୟଣ ହୋଇ ପାରନ୍ତି, ଶାରୀରିକ ସ୍ୱାସ୍ଥ୍ୟ ଆଦୌ ଭଲରହିବ ନାହିଁ । ମାନସିକ ଅଶାନ୍ତି ଓ ବିକୃତି ଦେଖାଦେବ, ଘରଦ୍ୱାର ଛାଡ଼ି ଯେପରି କେଉଁ ଆଡ଼େ ଚାଲିଯିବାକୁ ଇଚ୍ଛା କରିବେ କିନ୍ତୁ ଆପଣଙ୍କ ମନରେ ଦେବ ଭକ୍ତି ଓ ଆଧ୍ୟାତ୍ମିକ ଚିନ୍ତାଧାରା ଦେଖା ଦେବ, ସେଥିଯୋଗୁ ଆପଣ ଅନେକ ବାଧାବିଘ୍ନକୁ ଖାତିର ନକରି କର୍ମକ୍ଷେତ୍ରରେ ଆଗେଇ ଯିବେ, ଆପଣ ଫଳଉପରେ ଆଶା ନରଖି କର୍ମକରି ଚାଲିବେ । ଜୀବନର ଗତି ଓ ମାନ ବଢ଼ାଇବା ଭଲ ଆପଣ ବୋଧ କରିବେ, କିନ୍ତୁ ଆପଣଙ୍କୁ କେହି ଜଣେ ଅନ୍ତରାଳରେ କିମ୍ବା ଅଜ୍ଞାତରେ ସାହାଯ୍ୟ କରୁଥିବ, ସେ ବନ୍ଧୁର ପ୍ରେରଣାରେ ଓ ଇଙ୍ଗିତରେ ଆପଣ ସମାଜରେ ଉଚ୍ଚ ପ୍ରଶଂସିତ ହେବେ, କିନ୍ତୁ ଆର୍ଥିକ ଅବସ୍ଥା ସେତେ ଭଲରହିବ ନାହିଁ । ଆପଣ କାହାକୁ ସହଜରେ ବିଶ୍ୱାସ କରିବେ ନାହିଁ । ସରଳ ବିଶ୍ୱାସୀ ହୋଇ ଆପଣ ଅନେକ ସାମାଜିକ ଓ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବେ । ବ୍ୟବସାୟ କ୍ଷେତ୍ରରେ ଆପଣ ଯଥେଷ୍ଟ ଉଚ୍ଚ ଆଶା କରିବେ, କର୍ମକ୍ଷେତ୍ରରେ ସାମାନ୍ୟ ଲାଭବାନ ହେବେ, ଭ୍ରମଣକୁ ପସନ୍ଦ କରିବେ, ତୀର୍ଥ ଯାତ୍ରା ହୋଇପାରେ, ଛାତ୍ର ମାନେ ନିରୁତ୍ସାହିତ ହେବେ, ମହିଳାମାନଙ୍କ ସ୍ୱାସ୍ଥ୍ୟ ସେତେ ଭଲରହିବ ନାହିଁ ।

ଶୁଭଦିନ :— ୧୪, ୧୫, ୧୬, ୨୧, ୨୨, ୨୩, ୨୪, ୨୭, ୨୮, ୧, ୭; ୮, ୯; ୧୦ ।

ମିଥୁନ :— ଏ ମାସଟି ଆପଣ ହତାଶା ମଧ୍ୟରେ ଗତ କରିବେ; କ୍ଷୀଣକର୍ମ ଓ କ୍ଷୀଣ ଆଶାନେଇ ଆପଣ ଅନେକ କ୍ଷେତ୍ରରେ ନିରୁତ୍ସାହିତ ହେବେ; ପ୍ରିୟଲୋକ ମାନଙ୍କ ସହିତ ମତାନ୍ତର ହେବ । କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ । ବ୍ୟବସାୟ ବାଣିଜ୍ୟରେ ଲାଭ ଜନକ ଫଳ ପାଇବାପାଇଁ ଆଶା କରିବା ବୃଥା । ଅନେକସ୍ଥଳରେ ଅଯଥା ବ୍ୟୟହେବ; ବୃଥାରେ ମଧ୍ୟ ଭ୍ରମଣ କରି ପାରନ୍ତି; କୌଣସି ଋଣ ନେଇ ମୂଳରୁ ଲାଗିଯାଇ ପାରନ୍ତି । ଆୟ ଅପେକ୍ଷା ବ୍ୟୟ ଅଧିକହେବ, ଗୁରୁଜନ ମାନଙ୍କ ସହିତ ମନୋ-ମାଳିନ୍ୟ ହେବ, ପାରିବାରିକ ଜଞ୍ଜାଳ, ମାନସିକ, ଅଶାନ୍ତି, ଓ ଶାରୀରିକ କଷ୍ଟସହିତ ବୃଥାବ୍ୟୟ ବେଶୀହେବ, ମାମଲମକଦ୍ଦମା ଜନିତ ସହିତ ସାମାଜିକ ଅସମ୍ମାନତା ବଢ଼ିପାରେ, ଆର୍ଥିକ ଅବସ୍ଥା ନେଇ ମାନସିକ ବିକୃତି ଦେଖାଦେଇ ପାରେ, ମାସର ଶେଷଆଡ଼କୁ ଅବସ୍ଥାର ସାମାନ୍ୟ ପରିବର୍ତ୍ତନ ହେବ, ଦେବ ଭକ୍ତି ଓ ଆଧ୍ୟାତ୍ମିକତା ପ୍ରତି ମନ ବଳିବ । ପରିବାରବର୍ଗ ସହ ତୀର୍ଥଯାତ୍ରା କରିପାରନ୍ତି । ମହିଳାମାନଙ୍କ ମାନସିକ ଅସ୍ଥିରତା ଦେଖା-ଦେବ ଓ ଅସତ୍ ଉପାୟରେ ବ୍ୟୟ କରିବେ; ଛାତ୍ରୀମାନେ ବ୍ୟବସାୟିକ ଶିକ୍ଷାପ୍ରତି ମନ ବଳାଇବେ ।

ଶୁଭଦିନ :— ୧୫, ୧୬, ୧୭, ୧୮, ୨୩, ୨୪, ୨୫. ୨୬, ୩୦. ୩୧, ୧, ୨; ୪, ୪, ୯, ୧୦, ୧୧, ୧୨ ।



କର୍କଟ :— ଏ ମାସଟି ଆପଣଙ୍କ ପାଇଁ ଶୁଭକାରକ ହେବ ଓ ଅନେକ ନୂତନ ଆଶା ଓ କର୍ମର ସଞ୍ଚାର ହେବ, କେତେକ ମହତ କାର୍ଯ୍ୟରେ ଆପଣ ପ୍ରେରଣା ପାଇପାରନ୍ତି, ସାଧୁସନ୍ଥମାନଙ୍କ ସଂସ୍ପର୍ଶରେ ଆପଣ ଆସି ଜୀବନର ମାନ ବୃଦ୍ଧି କରିପାରିବେ, କର୍ମ କ୍ଷେତ୍ରରେ ସହକର୍ମୀମାନଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା ହୋଇପାରିବ, ପଦୋନ୍ନତି ହୋଇପାରେ କିମ୍ବା କର୍ମକ୍ଷେତ୍ରରେ ପ୍ରଶଂସା ଭାଜନ ହୋଇ-ପାରନ୍ତି । ବ୍ୟବସାୟ ବାଣିଜ୍ୟରେ ସୁଫଳ ପାଇପାରିବେ । ସାମାଜିକ ସ୍ତରରେ ଉଚ୍ଚ ପଦସ୍ଥ କର୍ମୀମାନଙ୍କ ଠାରୁ ସମ୍ମାନ ପାଇ-ପାରିବେ, ଆପଣ ଅତ୍ୟଧିକ ଆଶାବାଦୀ ହୋଇ

Images: Aptakama Mishra, Processing: Srujanika

ପଡ଼ିବେ । ଜୀବନର ମାନ ବଢ଼ାଇବାକୁ ସମ୍ପୂର୍ଣ୍ଣ ଚେଷ୍ଟା କରିବେ, ମାନସିକ ଉଚ୍ଚାଶା ସହିତ ଶାରୀରିକ ସମ୍ଭୋଗପ୍ରତି ମନ ବଳାଇବେ, ରାଜନୈତିକ କର୍ମପ୍ରତି ଆକୃଷ୍ଟହେବେ, ଜୀବନକୁ ଉପଭୋଗ କରିବାପାଇଁ ପ୍ରେମାଶ୍ପଦର ପରିସ୍ଥିତି ସହିତ ଓତଃପ୍ରୋତଃ ଜଡ଼ିତ ରହିବେ, କଳା ଓ ସାହିତ୍ୟ ପ୍ରତି ଯଥେଷ୍ଟ ଅନୁରାଗ ଦେଖାଦେବ, ବନ୍ଧୁ ମହଲକୁ ଏ କ୍ଷେତ୍ରରେ ସାହାଯ୍ୟ ପାଇପାରନ୍ତି, ବିଦେଶ ଭ୍ରମଣ ଓ ତୀର୍ଥଯାତ୍ରା ପ୍ରତି ମଧ୍ୟ ମନ ବଳିବ, ଆର୍ଥିକ ପରିସ୍ଥିତି ପ୍ରତି ଭ୍ରୂକ୍ଷେପ କରିବେନାହିଁ । ମାନସିକ ବ୍ୟାକୁଳତା ସାମାନ୍ୟ ଦେଖାଦେଇ ପାରେ ଛାତ୍ରମାନେ ଦୂରଯାତ୍ରାକୁ ପସନ୍ଦ କରିବେ ମହିଳାମାନେ ପ୍ରେମାଶ୍ପଦର କାର୍ଯ୍ୟରେ ଲିପ୍ତ ରହିବେ ।

ଶୁଭଦିନ :—୧୮, ୧୯, ୨୦, ୨୧, ୨୬, ୨୭, ୨୮, ୨୯, ୧, ୨, ୫, ୬, ୧୧, ୧୨ ।

ସିଂହ :—ଏ ମାସଟି ଆପଣଙ୍କ ପକ୍ଷେ ଅତ୍ୟନ୍ତ ଶୁଭକାରକ, ହେବ, କାର୍ଯ୍ୟ କ୍ଷେତ୍ରରେ ଆକସ୍ମିକ ପଦୋନ୍ନତି ଓ ସାମାଜିକ ସ୍ତରରେ ପଦମର୍ଯ୍ୟାଦା ପାଇ ପାରିବେ, ପାରିବାରିକ ସ୍ତରରେ ଆନୁଷ୍ଠାନିକ କର୍ମ କୁଶଳତା ଦେଖାଦେବ, ଆର୍ଥିକ ଉନ୍ନତି ମଧ୍ୟ ଘଟିବ, ବ୍ୟବସାୟ ବାଣିଜ୍ୟରେ ନୂତନବନ୍ଧୁ କେହି ଆପଣଙ୍କୁ ସହସା ସାହାଯ୍ୟ କରିପାରନ୍ତି, ଆଶାତୀତ ଭାବରେ ଆପଣ ଅନେକ କାର୍ଯ୍ୟରେ ଫଳ ପାଇପାରନ୍ତି, ଗୋ ବ୍ରାହ୍ମଣ ଆଡ଼କୁ ପୂଜା କରିବାକୁ ମନବଳାଇବେ, ରାଜନୈତିକ ଓ ସାମାଜିକ ସ୍ତରରେ ନିଜର ପ୍ରତିପତ୍ତି ରଖିପାରିବେ, ଦୂରଦେଶ ଭ୍ରମଣକୁ ପସନ୍ଦ କରିବେ । ବିଳାସ ବ୍ୟସନ ଓ ପ୍ରେମଜନିତ ବ୍ୟାପାରରେ ମଧ୍ୟ ଲିପ୍ତ ରହିବେ । ମାନସିକ ଶାନ୍ତି ଓ ଧୈର୍ଯ୍ୟ ଆପଣଙ୍କୁ ଅନେକବାଟ ଆଗେଇ ନେଇଯିବ । ପାଖରେ କିଛି ନଥିଲେ ମଧ୍ୟ ଆପଣ ଖୁସିରେ ସମୟ କାଟିପାରିବେ । ନିଜର ସ୍ତ୍ରୀ କିମ୍ବା ମାଙ୍କ ଉପରେ ସାମାନ୍ୟ ଶାରୀରିକ କଷ୍ଟ ଦେଖାଦେଇପାରେ, ସେଥିପାଇଁ ସାମାନ୍ୟ ଅସ୍ଥିରତା ଦେଖାଦେବ । କିନ୍ତୁ ନିଜର ବ୍ୟବସାୟିକ କର୍ମକ୍ଷେତ୍ରରେ ଓ ଆର୍ଥିକ ମାନଦଣ୍ଡ ଅତ୍ୟନ୍ତ ଉଚ୍ଚତର ହେବ । ନାରୀମାନେ ବିଳାସ ବ୍ୟସନପ୍ରିୟା ହେବେ ଓ ଭ୍ରମଣକୁ ଭଲ ପାଇବେ, ଛାତ୍ରମାନେ ମୌଳିକ ଶିକ୍ଷା ଓ ବୈଜ୍ଞାନିକ ଦୃଷ୍ଟିକୋଣ ପ୍ରତି ଆକୃଷ୍ଟ ହେବେ ।

ଶୁଭଦିନ :—୧୪, ୨୦, ୨୧, ୨୨, ୨୩, ୨୪, ୨୯, ୩୦, ୩୧, ୩, ୪, ୨୮ ।

କନ୍ୟା:—ଏ ମାସରେ ଆପଣ ଅନେକ ହତାଶା ପୋଷଣକରି ବଡ଼ ଅସ୍ଥିର ହେବେ, ମାନସିକ ଅଶାନ୍ତି ସହିତ କର୍ମକ୍ଷେତ୍ରରେ ଅନେକ ଗୁଡ଼ିଏ ଜଞ୍ଜାଳ, ସାମାଜିକ ସମାଲୋଚନା ଓ ପାରିବାରିକ କର୍ମରେ ଅବହେଳା ଦେଖାଦେବ । ଆର୍ଥିକ ପରିସ୍ଥିତି ସେତେ ଭଲ ନରହିଲେ ମଧ୍ୟ ଆପଣ ହାତେ ମାପି ଗୁଣେ ଗୁଳୁଥିବେ ଏବଂ ନିଜର ମାନସିକ ଭାରସାମ୍ୟ ଓ ଧୈର୍ଯ୍ୟ ହେତୁ ଆପଣ କୌଣସି ଦୁରୁହ କାର୍ଯ୍ୟକୁ ଭ୍ରୂକ୍ଷେପ ନକରି ଅନେକ ବାଟ ଆଗେଇଯିବେ' ଆପଣଙ୍କ ଅନେକ କାର୍ଯ୍ୟ ସମାଲୋଚନର ବିଷୟ ହେଲେ ମଧ୍ୟ ଆପଣଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତିମାନ ବୃଦ୍ଧି କରିପାରେ । ସାହିତ୍ୟ ଓ ଗଣିତ ପ୍ରତି ଯଥେଷ୍ଟ ଆକୃଷ୍ଟ ହେବେ, ମାସର ମଧ୍ୟାର୍ଦ୍ଧକୁ ଆର୍ଥିକ ଉନ୍ନତି ଭଲହୋଇପାରେ । ବ୍ୟବସାୟ ବାଣିଜ୍ୟରେ କେବେ ହତାଶ ହେବେନାହିଁ । ନିଜର ବିବେଚନା ଶକ୍ତି ଯଥେଷ୍ଟ ବଢ଼ିଯିବ ଓ ନ୍ୟାୟପରାୟଣତା ଦେଖାଦେବ, ନ୍ୟାୟ ଓ ସମ୍ମାନକୁ ଆଗରେ ରଖି ଆପଣ ବଡ଼ବଡ଼ ଚିନ୍ତାଧାରାରେ କାର୍ଯ୍ୟକରି ଚାଲିବେ । ଆର୍ଥିକ ଅସୁବିଧା ରହିଲେ ମଧ୍ୟ ପଛକୁ ନ ଅନାଇଁ ଆଗକୁ ମାଡ଼ି ଚାଲିବେ । ବଡ଼ବଡ଼ ସମସ୍ୟାର ସମ୍ମୁଖୀନ ହେବେ ଓ ଆଇନତଃ ଏହାର ସମାଧାନ କରି ପାରନ୍ତି, ତଥାପି ଅନେକ ହତାଶା ଓ ଜଞ୍ଜାଳ ସହିତ ଲିପ୍ତ ରହିବାକୁ ପଡ଼ିବ । ନାରୀମାନେ ସୁଲେଖିକା ହୋଇପାରିବେ । ଛାତ୍ରମାନେ କଳା ଓ ଦର୍ଶନ ପ୍ରତି ମନ ବଳାଇବେ ।

ଶୁଭଦିନ:—୧୫, ୧୬, ୧୭, ୨୨, ୨୩, ୨୪, ୨୫, ୩୦, ୩୧, ୧, ୨, ୫, ୬, ୯, ୧୦ ।



ତୁଳା :—ଏ ମାସଟି ଆପଣଙ୍କ ପକ୍ଷେ ଅଶୁଭକର ହେବ । କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ, ବଡ଼ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟାକରି ମୂଳକର୍ମ ମଧ୍ୟ ହରାଇବାର ଆଶା ଅଧିକ । ପାରିବାରିକ ଅଶାନ୍ତି ଓ ଜଞ୍ଜାଳ ,ଅନେକ ଦେଖାଦେବ, ମାନସିକ ବିକୃତି ସହିତ ଘରଗୁଞ୍ଜ ଗୁଳାହିଁଙ୍କୁ ଇଚ୍ଛାକରିବେ ଗୃହରେ ବାଦ ବିସମ୍ବାଦ ଓ ସାମାଜିକ ସ୍ତରରେ ମାନହାନୀ ଓ ରାଜଦଣ୍ଡର ସମ୍ଭାବନା ରହିଛି । ବ୍ୟବସାୟ ବାଣିଜ୍ୟରେ ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ । କ୍ଷୟକ୍ଷତିର ସମ୍ଭାବନା ଯୋଗୁ ଆର୍ଥିକ ମାନଦଣ୍ଡ ଖର୍ବ ଯାଇପାରେ । ସାମାଜିକ ସ୍ତରରେ ଶତ୍ରୁବୃଦ୍ଧି ଚୌରଭୟ ଓ ବାଦ ବିସମ୍ବାଦ ଉପୁଜିବ । ପ୍ରିୟ ଲୋକମାନେ ଅପ୍ରିୟ ହେବେ, ବିପଥଗାମୀ ହୋଇ କିମ୍ବା କାହା ପ୍ରେରଣାରେ ଭୁଲବାଟରେ ଯାଇ ଅନେକ ଅପବ୍ୟୟ କରିବେ, ବ୍ୟକ୍ତିଗତ ଆସ୍ଥା ଓ ବିଶ୍ୱାସ ହରାଇବାର ସମ୍ଭାବନା ଅଧିକ । ସାମାନ୍ୟ ତାମସିକ ପ୍ରବୃତ୍ତିରେ ଲିପ୍ତ ରହିବେ । କିନ୍ତୁ ନିଜର ଗୁରୁଜନମାନଙ୍କ ପ୍ରତି ଭକ୍ତି ଶ୍ରଦ୍ଧା ଓ ଆଧ୍ୟାତ୍ମିକ ବିଶ୍ୱାସ ଦେବପୂଜା ଓ ଆଧ୍ୟାତ୍ମିକ ଭୟ ଓ ଚିନ୍ତାଧାରା ରହିବ, ନାରୀମାନେ ସମ୍ଭୋଗଶୀଳା ହେବେ ।

ଶୁଭଦିନ :—୧୪, ୧୫, ୧୮, ୧୯, ୨୫, ୨୬, ୨୭, ୨୮, ୩, ୪, ୫, ୬, ୯, ୧୦, ୧୩, ୧୪,

ବିଛା: ଆପଣ ସ୍ୱାଧୀନ ଚେତା ଉଚ୍ଚଆଶା ପୋଷଣ କରି ଅନେକ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରିବେ । ସାଧାରଣ ସ୍ନେହ ସହାନୁଭୂତି କିଛି ରହିପାରେ । କିନ୍ତୁ ଆପଣ ଅନେକ ସ୍ତରରେ ସମାଲୋଚିତ ହେବେ । ବ୍ୟକ୍ତିଗତ ଆସ୍ଥା ଓ ବିଶ୍ୱାସ କାହା ଉପରେ ରହିବ ନାହିଁ । ଆପଣ ଅନେକ ଦାୟିତ୍ୱ ନେବେ । ତାମସିକ ପ୍ରବୃତ୍ତି ସହିତ ରାଜସିକ କର୍ମରେ ଲିପ୍ତ ରହିବେ । ସମୟରେ ଈର୍ଷା ପରାୟଣ ହୋଇ ମାନସିକ ଅଶାନ୍ତି ଭୋଗକରିବେ, ଚୌର ଓ ଠକେଇର 'ଭୟମଧ୍ୟ ରହିଛି, ସାମାଜିକ ଓ ରାଜନୈତିକ ସ୍ତରରେ ଗୁପ୍ତଭାବରେ ଅନେକ ବାଟ ଆଗେଇଯାଇ ପାରନ୍ତି । କର୍ମକ୍ଷେତ୍ରରେ ସବୁ ନିରାଶଭଳି ବୋଧହେବ । ସମୟ ସମୟରେ ମାନସିକ ବିକୃତି ଦେଖାଦେବ ଓ ସାମାଜିକ ସ୍ଥିତି ହରାଇଲେ ଭଲ ଲାଗିବ । ଅଯଥା ବ୍ୟୟ, ଅପବାଦ, ଭ୍ରମଣ ଓ ଚିନ୍ତା ଦେଖାଦେବ । ଧନପ୍ରତି ଆସ୍ଥା ହରାଇବେ, ପାରିପାର୍ଶ୍ୱିକ ଜୀବନ ସେତେ ସୁଖମୟ ହେବ-

Images: Aptakama Mishra, Processing: Srujanika

ନାହିଁ । ଅନେକ ଜଞ୍ଜାଳର ସମ୍ମୁଖୀନ ହେବେ । କେତେକ ଆନୁଷ୍ଠାନିକ କର୍ମରେ ଖର୍ଚ୍ଚାନ୍ତ ହୋଇ ପାରନ୍ତି । ଅର୍ଥଗତ ଲାଳସାରେ ପଡ଼ି ସମସ୍ତ ସମୟରେ ନିଜେ ନିଜର ବ୍ୟକ୍ତିତ୍ୱକୁ ଭୁଲିଯାଇ ପାରନ୍ତି, ଶାରୀରିକ ସ୍ୱାସ୍ଥ୍ୟ ସେତେ ଭଲରହିବ ନାହିଁ । ନାରୀମାନେ ଭ୍ରମଣ ଓ ସ୍ୱାର୍ଥକୁ ପସନ୍ଦ କରିବେ, ଛାତ୍ରମାନେ କ୍ରୀଡ଼ାନୀତି ପ୍ରତି ଆଗ୍ରହୀ ହେବେ ।

ଶୁଭଦିନ . ୧୬, ୧୭, ୨୦, ୨୧, ୨୬, ୨୭, ୨୮, ୨., ୨୯, ୪, ୫, ୬, ୭, ୧୦, ୧୧ ।

ଧନୁ ଏ ମାସଟି ଆପଣଙ୍କ ମନରେ ଅନେକ ଆଶାର ସଞ୍ଚାର ଆଣି ଆସିବ, କର୍ମ କ୍ଷେତ୍ରରେ ନୂତନ ମାର୍ଗ ଅବଲମ୍ବନ କରିବେ । ସାମାଜିକ ଓ ରାଜନୈତିକ ଭୟ ରହିବ, ନିଜର ଜୀବନର ମାନଦଣ୍ଡ ବଦଳାଇବା ପାଇଁ ଓ ଶତ୍ରୁମାନଙ୍କୁ ମିତ୍ର କରାଇବାକୁ ଚେଷ୍ଟା କରିବେ, ଆପଣଙ୍କର ଅନେକ ଦିନର ଶତ୍ରୁ ମଧ୍ୟ ମିତ୍ର ହୋଇଯାଇ ପାରନ୍ତି, ଆପଣ ସହିଷ୍ଣୁତା, ଧୈର୍ଯ୍ୟ, ସାହସିକତା ସ୍ପଷ୍ଟବାଦିତା, ଓ ପରୋପକାର ସମାଜ ସେବା, କାର୍ଯ୍ୟରେ ଅନେକ ନିପୁଣତା ଓ ପାରଦର୍ଶିତା ଲାଭକରିବେ, ସାମାଜିକ ସ୍ତରରେ ମାନସମ୍ମାନ ବୃଦ୍ଧି ହେବ, ରାଜନୈତିକ ସ୍ତରରେ ସାମାନ୍ୟ ସମାଲୋଚିତ ହୋଇ ପାରନ୍ତି । ସମସ୍ତ ସମୟରେ ନିଜର ବିବେଚନା ଶକ୍ତି ହରାଇଲା ଭଳି ବୋଧକରିବେ, ଏବଂ ନୂତନ ଚେତାବନି ପାଇଲାଭଳି ଆପଣଙ୍କୁ ଲାଗିବ, ଧର୍ମ ବିଶ୍ୱାସ, ଆଧ୍ୟାତ୍ମିକତା ଓ ଦେବପୂଜା ପ୍ରତି ଆକୃଷ୍ଟ ହେବେ, ସାହିତ୍ୟ କଳା ଓ ବୈଷୟିକ ଶିକ୍ଷାପ୍ରତି ଅନୁରାଗ ରହିବ, ପାରିବାରିକ ଜଞ୍ଜାଳ ଦେଖାଦେଲେ ମଧ୍ୟ ଆପଣ ସମାଧାନ କରିପାରିବେ, ମାନସିକ ଶାନ୍ତି ରହିବ । ଆର୍ଥିକ ଅବସ୍ଥାର ପରିବର୍ତ୍ତନ ହୋଇ ପାରେ । କର୍ମ କ୍ଷେତ୍ରରେ ପଦୋନ୍ନତି ଓ ବ୍ୟବସାୟ ବାଣିଜ୍ୟରେ ସାମାନ୍ୟ ଲାଭ ହୋଇପାରେ । ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ, ମାସର ଶେଷ ଆଡ଼କୁ ଶରୀରରେ ଷ୍ଟିଙ୍କ ଭୟ ଦେଖାଦେଇ ପାରେ । ମହିଳାମାନେ କର୍ମନିପୁଣା ହେବେ, ଛାତ୍ରମାନେ ବୈଷୟିକ ଶିକ୍ଷା ପ୍ରତି ମନ ବଳାଇବେ ।

ଶୁଭଦିନ :—୧୪, ୧୮, ୧୯, ୨୨, ୨୩, ୮, ୨୮, ୩୦, ୩୧, ୫, ୬, ୭, ୮, ୧୧, ୧୨ ।

ମକର :— ମାସର ୧ମାର୍ଦ୍ଧ ଅପେକ୍ଷା ୨ୟାର୍ଦ୍ଧକୁ ସାମାନ୍ୟ ପରିବର୍ତ୍ତନ ଦେଖା ଦେବ । ଆପଣଙ୍କ ମନରେ ତନ୍ତ୍ର ଓ ଦେବପୂଜା ପ୍ରତି ଆସକ୍ତି ଆସିବ, ସାମାଜିକ ସ୍ତରରେ କେତେକ କାର୍ଯ୍ୟରେ ଆସ୍ଥା ହରାଇଲା ଭଳି ଲାଗିବ, ଅନ୍ୟ ମାନଙ୍କର ବିଶ୍ୱାସଭାଜନ ହେଲା-ଭଳି କର୍ମ କରିବାକୁ କରାଇବାକୁ ଆପଣ କୂଟନୀତି ପ୍ରୟୋଗ କରିପାରନ୍ତି । କର୍ମ କ୍ଷେତ୍ରରେ ସେତେ ହତାଶ ହେବେ ନାହିଁ । ବ୍ୟବସାୟ ବାଣିଜ୍ୟରେ ବିଶେଷ ଲାଭ ନହେଲେ ମଧ୍ୟ କ୍ଷତି ହେବାର ସମ୍ଭାବନା ନାହିଁ । ମାନସିକ ଦୁଶ୍ଚିନ୍ତା ଓ ପାରିବାରିକ ଜଞ୍ଜାଳ କମ୍ ରହିବ, ପରୋପକାର ଓ ସମାଜ ସେବାପ୍ରତି ଯଥେଷ୍ଟ ମନ ବଳାଇବେ । ସାମାଜିକ ସ୍ତରରେ ଅନେକ ଶତ୍ରୁ ସୃଷ୍ଟି ହେଲେ ସୁଦ୍ଧା କେହି ସାମନା ସାମନି ହେବେ ନାହିଁ । ଶାରୀରିକ କଷ୍ଟ ବୃଦ୍ଧି ସମ୍ଭବ ହୋଇପାରେ । ବାକ୍ ଚାତୁରୀରେ ଆପଣଙ୍କୁ କେହି ଲୋକ ବିପଥଗାମୀ କରାଇ ଆପଣଙ୍କର ସାମାନ୍ୟ କ୍ଷୟକ୍ଷତି କରିପାରେ । ମନରେ ଆପଣ ଅନେକ ଉଚ୍ଚଆଶା ପୋଷଣ କରିବେ । କିନ୍ତୁ ମାସର ଶେଷଆଡ଼କୁ କେତେକ ଫଳପ୍ରଦ ହେବ । କର୍ମ କ୍ଷେତ୍ରରେ ସାମାନ୍ୟ ହତାଶା ଦେଖାଦେବ, ମାସର ଶେଷଆଡ଼କୁ ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ଓ ସ୍ନେହ ସହାନୁଭୂତି ମିଳିପାରେ । ମହିଳାମାନେ ସ୍ୱାର୍ଥପର ହେବେ । ଛାତ୍ରମାନେ ଦୂରଯାତ୍ରାକୁ ପସନ୍ଦ କରିବେ ।

ଶୁଭଦିନ :— ୧୪, ୧୫, ୧୬, ୧୭. ୨୦, ୨୧, ୨୪, ୨୫, ୩୧, ୧, ୨, ୩, ୯, ୦, ୧୧, ୧୨ ।

କୁମ୍ଭ :— ଏ ମାସରେ ଆପଣ ଅନେକ ଖର୍ଚ୍ଚାନ୍ତ ହେବେ ଓ ଅପବ୍ୟୟ କରିପାରନ୍ତି । ଅଭାବ ଅସୁବିଧା ଦେଖା ଦେବ । କର୍ମ କ୍ଷେତ୍ରରେ ଅସ୍ଥିରତା ଓ କୌଣସି କାର୍ଯ୍ୟର ସମାଧାନ ସୁରୁଖୁରୁରେ କରିପାରିବେ ନାହିଁ । ମନରେ ଅନେକ ଉଚ୍ଚ ଆଶା ପୋଷଣକରି କେବଳ ହତାଶା ମଧ୍ୟରେ ଗତି କରିବେ । କର୍ମ କ୍ଷେତ୍ରରେ ଅନେକ ବାଧାବିଘ୍ନ ଦେଖାଦେବ, ବ୍ୟବସାୟ ବାଣିଜ୍ୟରେ କେହି ଲୋକର ସାହାଯ୍ୟରେ ଉଠିପାରନ୍ତି, ଜମି, ବାହନ ଆଡ଼କୁ ଯଥେଷ୍ଟ ମନ ବଳାଇବେ, ବିଳାସ ବ୍ୟସନପ୍ରିୟତା ଓ ଆଶକ୍ତି ଦେଖାଦେବ । ଆଧ୍ୟାତ୍ମିକତା ଓ ଈଶ୍ୱର ଭକ୍ତି ଦେଖାଦେବ । ରାଜସିକ କର୍ମରେ ଲିପ୍ତରହିବେ, ସ୍ୱାର୍ଥପରତା ଓ ବିଳାସ ବ୍ୟସନରେ ଅନେକ ଖର୍ଚ୍ଚକରି ପାରନ୍ତି, ଆର୍ଥିକ ପରିସ୍ଥିତି ସେତେ ଭଲରହିବ ନାହିଁ । ଅନେକ କ୍ଷେତ୍ରରେ ନିଚମନା ଓ କିମ୍ଭୁତ କିମାକାର ହୋଇପାରନ୍ତି, ବାକ୍‌ସ୍ୱାଧୀନତା ଓ କର୍ମ ସ୍ୱତନ୍ତ୍ରତା ଦେଖାଦେବ । ମାନସିକ ଦୁଶ୍ଚିନ୍ତା ଅନେକ ରହିବ ପାରିବାରିକ ଜଞ୍ଜାଳରେ ମାନସିକ ବିକୃତି ଓ ଆର୍ଥିକ ଦୁରାବସ୍ଥା ଦେଖା ଦେଇପାରେ, କଳା ଓ ସାହିତ୍ୟ ପ୍ରତି ମନ ବଳାଇବେ । ହୃଦୟରେ ମମତା ଶାନ୍ତି ଓ ପ୍ରେମଭାବ ଦେଖାଦେବ, ସାମାଜିକ ସ୍ତରରେ ସାମାନ୍ୟ ମାନସମ୍ମାନ ପାଇ ପାରନ୍ତି । ମହିଳାମାନେ ଗୋଲମାଲରେ ସମୟ କାଟିବେ । ଛାତ୍ରମାନେ କଳା ସାହିତ୍ୟ ଦର୍ଶନ ପ୍ରତି ଆକୃଷ୍ଟ ହେବେ, ଓ ଭ୍ରମଣକୁ ପସନ୍ଦ କରିବେ ।

ଶୁଭଦିନ .—୧୬, ୧୭, ୨୨, ୨୩, ୨୭, ୧, ୩, ୯; ୧୦ ।

ମୀନ :—ଏ ମାସଟି ଆପଣଙ୍କର ଅନେକ ଶୁଭଙ୍କର ହେବ, କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି, ପଦୋନ୍ନତି, ଦେଖାଦେବ, ସହକର୍ମୀ ମାନେ ପ୍ରିୟଭାଜନ ହୋଇ ପାରିବେ, ଶତ୍ରୁମାନେ ମିତ୍ର ହେବେ । ବ୍ୟବସାୟ ବାଣିଜ୍ୟରେ ଯଥେଷ୍ଟ ଉନ୍ନତି ହେବ । ବିବାହ ବ୍ରତ, ଗୃହୋପକରଣ ଓ ଯାନବାହନ ଆଡ଼କୁ ମନ ବଳାଇବେ । ପ୍ରେମର ଶିକାର ହୋଇପାରନ୍ତି । ବିବେଚନା ଶକ୍ତି ଯଥେଷ୍ଟ ଥିଲେମଧ୍ୟ ବିପଥଗାମୀ ହେବାର ସମ୍ଭାବନା ଅଛି । ସମାଜସେବା, ପରୋପକାର, ଆଇନଗତ କାର୍ଯ୍ୟ, ସାହାସିକତା, ସହିଷ୍ଣୁତା ଓ ସ୍ନେହ ସହାନୁଭୂତି ଦେଖାଦେବ । ସାମାଜିକ ସ୍ତରରେ ନିଜର କାର୍ଯ୍ୟ କଳାପ ପସନ୍ଦ ଯୋଗ୍ୟ ହେବ, ପାରି-ବାରିକ ଜଞ୍ଜାଳ ଥିଲେ ମଧ୍ୟ ପରିବାର ସହିତ ବିଳାସ ବ୍ୟସନ ଓ ଦୂରଯାତ୍ରାରେ ସମୟ କାଟିପାରନ୍ତି, ଆର୍ଥିକ ଅବସ୍ଥାର ଅଳ୍ପ ପରିବର୍ତ୍ତନ ହେବ, ବ୍ୟବସାୟରେ ଲାଭହେବ, ଅଧ୍ୟାତ୍ମିକ ଭୟ ମନରେ ରହିବ. ଶାରୀରିକ ସୁଖ ଓ ମାନସିକ ଶାନ୍ତି ପାଇ ପାରନ୍ତି । ସ୍ୱାସ୍ଥ୍ୟ ଭଲ

Images: Aptakama Mishra, Processing: Srujanika

ଡ. ରାଜେନ୍ଦ୍ର ପ୍ରସାଦ

(୨୯ ପୃଷ୍ଠାର ଅବଶିଷ୍ଟାଂଶ)

ଇଂରେଜୀ ଖବର କାଗଜ ପାଇଁ ମଧ୍ୟ କାମ କରିଥିଲେ । ୧୯୩୮ ମସିହାରେ ଗାନ୍ଧିଜୀ ବନ୍ଦୀ ହେବା ବେଳେ ତାଙ୍କ କାମର ଭାର ରାଜେନ୍ଦ୍ର ପ୍ରସାଦ ନେଇଥିଲେ । ରାଜଗୋପାଳଚାରୀଙ୍କ ସହ ଦେଶ ସାରା ବୁଲି ସେ ସ୍ୱରାଜ ଆନ୍ଦୋଳନକୁ ଲୋକପ୍ରିୟ କରାଇଥିଲେ । ରାଜନୈତିକ ବନ୍ଦୀମାନଙ୍କୁ ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ କରାଯିବା ପ୍ରସ୍ତାବର ସେ ଘୋର ବିରୋଧୀ ଥିଲେ । ଏପରି କୌଣସି ଗୋଟିଏ ଶ୍ରେଣୀର ବନ୍ଦୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁବିଧା ସୁଯୋଗ ଦିଆଗଲେ ଏହା ସେମାନଙ୍କର ଦଳଗତ ମନୋଭାବକୁ ଧ୍ୱଂସ କରିଦେବ ବୋଲି ସେ ଅନୁଭବ କରିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରି ସେ ବହୁଥର କାରାବରଣ କରିଥିଲେ ।

୧୯୩୪ ମସିହାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ । ଏହି ଅଧିବେଶନରେ ଭାରତର ସମ୍ବିଧାନ ପ୍ରଣୟନ ପାଇଁ ଭାରତବାସୀଙ୍କ ଦ୍ୱାରା ନିର୍ବାଚିତ ଏକ ଶାସନ ବିଧାୟକ ସଭା ଗଠନ କରିବା ସେ ଦାବୀ କରିଥିଲେ । ୧୯୩୫ ମସିହାରେ ଭାରତ ଶାସନ ଆଇନ ପ୍ରଣୀତ ହେଲା, ଏବଂ ଭାରତ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ, ବ୍ୟବସ୍ଥା ପ୍ରବର୍ତ୍ତନ କରାଗଲା । ଏକ ନିର୍ଦ୍ଦିଷ୍ଟ ଗସ୍ତ କ୍ରମରେ ସମଗ୍ର ଭାରତ ବୁଲି ଭାଷଣ ମାଧ୍ୟମରେ କର୍ମୀମାନଙ୍କୁ ପ୍ରେରଣା ଓ ପଥପ୍ରଦର୍ଶନ କରିବାର ଗୌରବ ଲାଭ କରିବାରେ ସେ ହେଉଛନ୍ତି ପ୍ରଥମ କଂଗ୍ରେସ ସଭାପତି । ଉର୍ଦ୍ଦୁ ଓ ହିନ୍ଦୀ ଭାଷା ମଧ୍ୟରେ ସେ କୌଣସି ତାରତମ୍ୟ ଦେଖୁ ନଥିଲେ । ଜିନ୍ନାଙ୍କ ସହ ଏକ ରାଜିନାମାରେ ପହଞ୍ଚି ସାମ୍ପ୍ରଦାୟିକ ବଣ୍ଟଆରା ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ସେ ସବୁପ୍ରକାର ଉଦ୍ୟମ କରିଥିଲେ । ସମଗ୍ର ଦେଶରେ ଗୋଟିଏ ଭାଷା ହିସାବରେ ହିନ୍ଦୀର ଆବଶ୍ୟକତା ଉପରେ ତାଙ୍କର ଯେଉଁ ଗଭୀର ଆସ୍ଥା ଥିଲା ତାହା ସର୍ବଜନବିଦିତ ।

ଏ. ଆଇ. ସି ସି. ତରଫରୁ ୧୯୪୨ ମସିହା ଅଗଷ୍ଟ ମାସରେ ଯେତେବେଳେ 'ଭାରତଛାଡ଼' ପ୍ରସ୍ତାବ ଗୃହୀତ ହେଲା ସେତେବେଳେ ଗାନ୍ଧିଜୀଙ୍କ ସହିତ ରାଜେନ୍ଦ୍ର ପ୍ରସାଦ ଏବଂ ଅନ୍ୟାନ୍ୟ ଖ୍ୟାତନାମା ନେତା ମାନଙ୍କୁ ଗିରଫ କରାଗଲା । ଏତିକବେଳେ ଗାନ୍ଧିଜୀ "କର ଅବା ମର" ଆହ୍ୱାନ ଦେଲେ । ଏହି ସମୟରେ ସେ ଜେଲରେ ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ । ରୋଗଶଯ୍ୟାରେ ଥାଇ ସେ ଗୋଟିଏ ପୁସ୍ତକ ଲେଖିଥିଲେ ଯେଉଁଥିରେ ସେ ଦ୍ୱିଜାତିତତ୍ତ୍ୱ ବିରୋଧରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି ଦର୍ଶାଇଥିଲେ ଯେ ମୁସଲମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାକିସ୍ଥାନ ନାମକ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନର କୌଣସି ଯୌକ୍ତିକତା ନାହିଁ ।

୧୯୪୬ ମସିହା ସେପ୍ଟେମ୍ବର ମାସରେ ମଧ୍ୟବର୍ତ୍ତୀ କାଳୀନ ସରକାର ଗଢ଼ାହେଲା ପରେ ତାଙ୍କୁ ସେଥିରେ ଖାଦ୍ୟ ଏବଂ କୃଷି ବିଭାଗର ଦାୟିତ୍ୱ ଦିଆ ଯାଇଥିଲା । ସେତେବେଳେ ଖାଦ୍ୟର ବ୍ୟାପକ ଅଭାବ ଦେଖା ଦେଇଥିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ ଆମଦାନୀ ଉପରେ ନିର୍ଭର କରିବା ପରିବର୍ତ୍ତେ ଅଧିକ ଖାଦ୍ୟ ଉତ୍ପାଦନ କରିବାର ଗୁରୁତ୍ୱ ଉପଲବ୍ଧି କରିଥିଲେ । ଏଥିପାଇଁ ଜାତୀୟ ଉନ୍ନୟନ ଅଭିମୁଖୀ ଯୋଜନାଗୁଡ଼ିକରେ କୃଷିକୁ ସର୍ବୋଚ୍ଚ ଅଗ୍ରାଧିକାର ଦେବାରେ ସେ ସବୁବେଳେ ଚେଷ୍ଟିତ ଥିଲେ ।

୧୯୪୬ ମସିହା ଡିସେମ୍ବର ଅନୁଷ୍ଠିତ ହୋଇଥିବା ଶାସନ ବିଧାୟକ ସଭାର ପ୍ରଥମ ଅଧିବେଶନରେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ଏହାର ସଭାପତି ରୂପେ ବଛା ଯାଇଥିଲା । ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ହେଲା ପରେ ଡକ୍ଟର ପ୍ରସାଦ ପ୍ରଥମ ରାଷ୍ଟ୍ରପତି ପଦ ଅଳଂକୃତ କରିଥିଲେ । ୧୯୫୨ ଏବଂ ୧୯୫୭ ମସିହାରେ ମଧ୍ୟ ସେ ପୁନର୍ବାର ଦୁଇଥର ପାଇଁ ଭାରତର ରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଥିଲେ । ୧୯୬୨ ମସିହାରେ ରାଷ୍ଟ୍ରପତି ପଦରୁ ଅବସର ନେବା ପରେ ସେ ସଦାକତ ଆଶ୍ରମରେ ହିଁ ବାସ କରୁଥିଲେ ।

୧୯୬୩ ମସିହା ଫେବୃୟାରୀ ମାସ ୨୮ ତାରିଖ ଦିନ ୭୯ ବର୍ଷ ବୟସରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁପୂର୍ବରୁ ଠିକ୍ ବାପୁଜୀଙ୍କ ପରି ତାଙ୍କ ପାଟିରୁ କେବଳ "ରାମ ରାମ" ଶବ୍ଦହିଁ ଉଚ୍ଚାରିତ ହେଉଥିଲା । ୧୯୮୪ ମସିହାରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରିବା ଅବକାଶରେ ତାଙ୍କ ଦ୍ୱାରା ପରିପୁଷ୍ଟ ଏକ କୃତଜ୍ଞ ଜାତି ଆଜି ତାଙ୍କୁ ସ୍ମରଣ କରୁଛି । □

ଦିଲ୍ଲୀରେ ଚୋରା ଚମଡ଼ା କାରବାର ବୃଦ୍ଧି

ନୂଆ ଦିଲ୍ଲୀରେ ସମ୍ପ୍ରତି ବେଆଇନ ଭାବେ ଚମଡ଼ା କାରବାର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି ।

ଶିକାରୀ ଓ ବ୍ୟବସାୟୀମାନେ ନୂଆ ଦିଲ୍ଲୀରେ ମିଳିତ ହୋଇ ବିଦେଶକୁ ଏହି ଚମଡ଼ା ରପ୍ତାନି କରି ବେଶ ଲାଭବାନ୍ ହୋଇଥିବାର ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିଲାଣି ।

ଗତବର୍ଷ ବଣ୍ୟଜନ୍ତୁ ବିଭାଗ ପକ୍ଷରୁ କେତେକ ଯାଗା ଅଚାନକ ଖାନତଲାସ କରାଯାଇ ୯୦୫ଟି ଜୀବନ୍ତ ଜନ୍ତୁ, ୨୦୩ ଟି ମୃତ ପଶୁ ଚମଡ଼ା ୩୫,୮୧୦ଟି ଧୂଲେଇ ହୋଇଥିବା ଚମଡ଼ା ଓ ୪,୪୨୯ ଟି ଧୂଲେଇ ହୋଇ ନଥିବା ଚମଡ଼ା ଜବତ୍ କରାଯାଇ ଥିଲା ।

ଚମଡ଼ା ଛେଲିବା ପାଇଁ ଶିକାରୀମାନେ ଯେଉଁ ଜୀବନ୍ତ ପଶୁ ରଖିଥିଲେ ତା ମଧ୍ୟରେ ଥିଲେ ୯୦୦ଟି କଇଁଚ । ଏଗୁଡ଼ିକୁ ପରେ ଯମୁନା ନଦୀରେ ଛାଡ଼ି ଦିଆଯାଇ ଥିଲା ।

ଏହି ଖାନତଲାସ ବେଳେ ଧରା ପଡ଼ିଥିବା ଚମଡ଼ାର ମୂଲ୍ୟପ୍ରାୟ ଲକ୍ଷେ ଡଲାର ହେବ ।

ବ୍ୟବସାୟୀ ମାନେ ବିଭିନ୍ନ ଯାଗାରେ ଗୋଦାମ ଘରସବୁ ଭଡ଼ାନେଇ ସେଠାରେ ଶିକାରୀ ମାନଙ୍କ ଠାରୁ ସଂଗ୍ରହ କରିଥିବା ଚମଡ଼ା ଓ ଚମଡ଼ା ଜାତଦ୍ରବ୍ୟ ମହଜୁଦ କରିରଖନ୍ତି ଏବଂ ସେଠାରୁ ବିଦେଶକୁ ଚାଲାଣ କରିଦିଅନ୍ତି । □

ରହିବ; ଗୁରୁଜନମାନଙ୍କ ପ୍ରତି ଭକ୍ତି ଓ ବନ୍ଧୁମାନଙ୍କର ସ୍ନେହ ସହାନୁଭୂତି ପାଇପାରିବେ । ଧର୍ମ କାର୍ଯ୍ୟପ୍ରତି ମନବଳାଇବେ, ମହିଳାମାନେ ପତିଭକ୍ତା, ଆଶକ୍ତା, ଓ ଧର୍ମପରାୟଣା ହେବେ । ଛାତ୍ରମାନେ ନ୍ୟାୟ ଓ ତର୍କଶାସ୍ତ୍ରପ୍ରତି ମନ ବଳାଇବେ ।

ଶୁଭଦିନ :—୧୮, ୧୯, ୨୦, ୨୧, ୨୪, ୨୫, ୨୮, ୨୯, ୧, ୨, ୭, ୮, ୯, ୧୦ । □

Images: Aptakama Mishra, Processing: Srujanika

ହଳେ କିଡନୀର ଦାମ ଦୁଇ ଲକ୍ଷ ଟଙ୍କା

ପାଶ୍ଚାତ୍ୟ ଜଗତରେ ମଣିଷ କଲିଜା ରୋପଣ ଖର୍ଚ୍ଚ ୨୪ ଲକ୍ଷ ଟଙ୍କା

ଆମେରିକା, କାନାଡ଼ା ପ୍ରଭୃତି ଶକ୍ତିଶାଳୀ ଦେଶ ମାନଙ୍କରେ ମଣିଷର ଅଙ୍ଗ ପ୍ରତ୍ୟଙ୍ଗ ସବୁ ଅତ୍ୟଧିକ ମୂଲ୍ୟରେ ବିକ୍ରୀ ହେଉଥିବାରୁ ଚିକିତ୍ସା ଜଗତରେ ବିଶେଷ କରି ସର୍ଜନ ମାନଙ୍କ ମଧ୍ୟରେ ଏକ ତୁମୁଳ ଆଲୋଡ଼ନ ସୃଷ୍ଟି ହୋଇଛି ।

ଅନଗ୍ରସର ରାଷ୍ଟ୍ରର ଗରିବ ଲୋକ ମାନଙ୍କଠାରୁ ଅତି ଅଳ୍ପ ମୂଲ୍ୟରେ ମନୁଷ୍ୟର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ କିଣି ତାକୁ ମନଇଚ୍ଛା ଦାମ୍‌ରେ କେତେକ ସଂସ୍ଥା ବିକ୍ରି କରୁଥିବାରୁ କେବଳ ଧନୀ ଲୋକେ ହିଁ ସର୍ବାଧୁନିକ ଶଲ୍ୟ ଚିକିତ୍ସାର ଫଳ ଭୋଗ କରୁଛନ୍ତି ଏବଂ ଅତ୍ୟାବଶ୍ୟକ କ୍ଷେତ୍ରରେ ରୋଗୀ ଦରିଦ୍ର ହୋଇଥିଲେ ଏଭଳି ଶଲ୍ୟ ଚିକିତ୍ସାର ଉପକାର ସେ ପାଇପାରୁ ନାହିଁ ।

ଗତବର୍ଷ ସେପ୍‌ଟେମ୍ବର ମାସରେ ଭିରଜିନିଆର ଜଣେ ଡାକ୍ତର ନିଜେ ଗଢ଼ିଥିବା ଏକ ସଂସ୍ଥା ହଳେ ଯକୃତ୍ ବା କିଡ଼ନୀକୁ ୨ ଲକ୍ଷ ଟଙ୍କାରେ ଯୋଗାଇ ଦେଇ ପାରିବ ବୋଲି ଘୋଷଣା କରିବା ପରେ ସମସ୍ତେ ଭ୍ରୂକୁଞ୍ଚିତ କରିଥିଲେ । ସେ ଡାକ୍ତର ଜଣଙ୍କ ଅନୁନ୍ନତ ରାଷ୍ଟ୍ରର ଲୋକମାନଙ୍କ ଠାରୁ ଏହି କିଡ଼ନୀ ସଂଗ୍ରହ କରୁଥିବା ସୂଚାଇଥିଲେ । ସେହିଭଳି ବ୍ରାଜିଲରେ ଗରିବ ଲୋକମାନେ ନିଜର ଆର୍ଥିକ ଅଭାବ ପୂରଣ ପାଇଁ ନିଜ ଆଖିର କରନିଆ ବା କଳାଡୋଳା ବିକ୍ରି କରୁଥିବା ଖବର ପ୍ରକାଶ ପାଇଛି ।

କାନାଡ଼ାରେ ଆଇକ୍ ବ୍ରାଇଲର୍ ନାମକ ଜଣେ ଭଦ୍ରବ୍ୟକ୍ତି ବ୍ୟବସାୟିକ ଭିତ୍ତିରେ ଗୋଟିଏ ଗୋଟିଏ କିଡ଼ନୀକୁ ୫୦ ହଜାର ଟଙ୍କା ମୂଲ୍ୟରେ କିଣିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଘୋଷଣା କରିଥିଲେ । ଶହ ଶହ ଲୋକ ତାଙ୍କର ଏ ପ୍ରସ୍ତାବରେ ରାଜି ହୋଇଛନ୍ତି । କିନ୍ତୁ ଶଲ୍ୟ ଚିକିତ୍ସକମାନେ ନୈତିକତା ଦୃଷ୍ଟି କୋଣରୁ ଏଭଳି ଅଙ୍ଗ କାଟିବା ପାଇଁ କୁଣ୍ଠାବୋଧ କରୁଛନ୍ତି ।

ଶ୍ରୀ ସୁରେଶ ଜୈନ ।

ଏହିଭଳି କେତେକ ଘଟଣାରୁ ମଣିଷର ଅଙ୍ଗ ପ୍ରତ୍ୟଙ୍ଗର ଚାହିଦା କ୍ରମେ ଦ୍ରୁତ ଭାବରେ ବଢ଼ିବାକୁ ଲାଗିଥିବାରୁ ଏହାକୁ ନିୟନ୍ତ୍ରଣ ନକଲେ ଅଚିରେ ଏହା ସଭ୍ୟତାର ଏକ ସଙ୍କଟରେ ପରିଣତ ହୋଇ ଯିବାର ଆଶଙ୍କା ସୃଷ୍ଟି ହେଲାଣି । କୌଣସି ଲୋକର ଜୀବନ ରକ୍ଷାଲାଗି, ନିଜର ଏକ ଅଙ୍ଗ ସ୍ୱତଃ ପ୍ରବୃତ୍ତ ଭାବେ ଦାନ କରିବା ଭିନ୍ନକଥା । କିନ୍ତୁ ଏହାକୁ ଏକ ବ୍ୟବସାୟରେ ପରିଣତ କଲେ ଏହାର ପରିଣତି ବିଷମୟ ହୋଇ ଉଠିବା ସ୍ୱାଭାବିକ ।

ଶଲ୍ୟ ଚିକିତ୍ସା କ୍ଷେତ୍ରରେ ସଂପ୍ରତି ଯେତେ ଅଧିକ ଉନ୍ନତି ହେଉଛି ମନୁଷ୍ୟ ଅଙ୍ଗର ଚାହିଦା ସେତେ ବୃଦ୍ଧି ପାଉଛି । ଏକଦା ହାର୍ଟ ଟ୍ରାନ୍ସପ୍ଲାଣ୍ଟ ବା ହୃଦୟ ରୋପଣକୁ ଅତି ବିପଜ୍ଜନକ ମନେ କରାଯାଇ ତାକୁ ପ୍ରାୟ ବାତିଲ କରି ଦିଆଯାଇଥିଲା । କିନ୍ତୁ ଏବେ ନୂଆ ନୂଆ କୌଶଳ ଉଦ୍‌ଭାବନ ହେବା ପରେ ପୁଣି ହୃଦ୍‌ରୋପଣ ସମସ୍ତଙ୍କୁ ଆକୃଷ୍ଟ କରିଛି । ଆଣ୍ଟି ରିଜେକ୍‌ସନ ଔଷଧ ସାଇକ୍ଲୋସ୍ପୋରିନ୍ ହୃଦ୍ ରୋପଣକୁ ଏବେ ଅଧିକ ନିରାପଦ କରି ପାରୁଛି ।

ସେହିପରି ହାଡ଼ରସ, ଅଗ୍ନାଶୟ, କଲିଜା, ଫୁସ୍‌ଫୁସ୍ ରୋପଣ ମଧ୍ୟ କ୍ରମେ ଅଧିକରୁ ଅଧିକତର ଭାବେ ଆଦୃତ ହେବାରେ ଲାଗିଛି ।

କାନାଡାର ଡାକ୍ତର ମାନଙ୍କ ମତରେ ବର୍ତ୍ତମାନର ଚିକିତ୍ସା ନୀତି, ସମ୍ବାଦପତ୍ର ମାନଙ୍କର ସତର୍କ ଦୃଷ୍ଟି ଏବଂ ଅଙ୍ଗ ବିକ୍ରୟ ବିରୁଦ୍ଧରେ ଆନ୍ତର୍ଜାତିକ ଗ୍ରୁପ ତଥା ଅଙ୍ଗରୋପଣ ଲାଗି ଅତି ଆଧୁନିକ ବ୍ୟୟବହୁଳ ଚିକିତ୍ସାଳୟ ଆବଶ୍ୟକ ହେଉଥିବାରୁ ଏ କ୍ଷେତ୍ରରେ କଳାବଜାରର ଆଦୌ ସମ୍ଭାବନା ନାହିଁ । କିନ୍ତୁ ବସ୍ତୁତଃ ଆବଶ୍ୟକ ତୁଳନାରେ ଯଥେଷ୍ଟ ଅଙ୍ଗ ପ୍ରତ୍ୟଙ୍ଗ ମିଳୁ ନଥିବାରୁ ଏ କ୍ଷେତ୍ରରେ ଶୋଷଣ ତଥା କଳା ବଜାର ଓ ପ୍ରୀୟାପ୍ରୀତି ତୋଷଣର ଅବକାଶ ରହିଥିବା ସ୍ପଷ୍ଟ ।

ଲଣ୍ଡନ ବିଶ୍ୱବିଦ୍ୟାଳୟ ହସ୍‌ପିଟାଲ ଅଙ୍ଗରୋପଣ ବିଭାଗର ମୁଖ୍ୟ ଡାକ୍ତର କାଲଭିନ୍ ଷ୍ଟିଲରଙ୍କ ଉକ୍ତି ଏ କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ । ସେ କହନ୍ତି ମୋ ପାଖରେ ଅଙ୍ଗରୋପଣ ଲାଗି ଯଦି ତିନିଜଣ ରୋଗୀ ଯଥା (୧) ଜଣେ ୩୦ ବର୍ଷ ବୟସ୍କ ଡାକ୍ତର (୨) ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜଣେ ସମ୍ପର୍କୀୟ (୩) ସ୍ୱାମୀ ପରିତ୍ୟକ୍ତା ହୋଇଥିବା ଯୋଗୁ ଅତ୍ୟଧିକ ମଦ୍ୟପାନ କରି ଦୁଃଖରେ କାଳ କାଟୁଥିବା ଜଣେ ୫୦ ବର୍ଷ ବୟସ୍କା ମହିଳା ଥାଆନ୍ତି ତେବେ ଆପଣ କୁହନ୍ତୁ ଏମାନଙ୍କ ମଧ୍ୟରୁ କିଏ ଅଙ୍ଗ ରୋପଣର ପ୍ରଥମ ସୁଯୋଗ ପାଇବେ ?

ଡାକ୍ତରଙ୍କ ମତରେ ଅଧିକ ସଂଖ୍ୟକ ଦାତା ବାହାରିଲେ ଏହି ଅଙ୍ଗାଭାବ ଦୂର କରାଯାଇ ପାରିବ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏଭଳି ଦାତା ପାଇବା କଷ୍ଟ । ଲୋକଙ୍କର ମତାମତ ନେଲାବେଳେ ସେମାନେ ମୃତ୍ୟୁପରେ ନିଜ ନିଜ

Images: Aptakama Mishra, Processing: Srujanika

କେବଳ ଚିଙ୍ଗୁଡ଼ି ଓ ଲୁହାପଥର ରପ୍ତାନି ଯଥେଷ୍ଟ ନୁହେଁ

ଗତ କେତେବର୍ଷ ହେଲା ଭାରତୀୟ ଶିଳ୍ପପତି ମାନେ ଜାପାନୀ ଟେକ୍ନୋଲୋଜି ବା କାରିଗରୀ ଜ୍ଞାନ ସମ୍ପର୍କରେ ଅଧିକ ଆଗ୍ରହ ପ୍ରକାଶ କରୁଥିବା ପରିଲକ୍ଷିତ ହେଉଛି । ଏହା ଫଳରେ ଭାରତ ଓ ଜାପାନ ମଧ୍ୟରେ ମିଳିତ ବୈଷୟିକ ସହଯୋଗରେ ପ୍ରତିଷ୍ଠିତ ଶିଳ୍ପ ସଂଖ୍ୟା ୨୭ ରୁ ୧୯୮୨ ରେ ୫୧କୁ ବୃଦ୍ଧି ପାଇଛି । କିନ୍ତୁ ଜାପାନୀ ମାନେ ମାରୁତି—ସୁଜକି ଭଳି ମିଳିତ ସହଯୋଗରେ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ବିଶେଷ ଆଗ୍ରହୀ ବୋଲି ସେଠାର ବ୍ୟବସାୟ ମହଲରୁ ସୂଚନା ମିଳିଛି ।

ଗତମାସ ୨° ତାରିଖଠାରେ ଦିଲ୍ଲୀ ଭାରତୀୟ ସାମ୍ବାଦିକ ମାନଙ୍କୁ ଜାପାନ ପ୍ରଧାନମନ୍ତ୍ରୀ କହିଥିଲେ କି ଜାପାନୀ ଶିଳ୍ପପତି ମାନେ ଭାରତରେ ପୁଞ୍ଜି ବିନିଯୋଗ କରିବାଲାଗି ଯେପରି ଉତ୍ସାହିତ ହେବେ ସେ ଦିଗରେ ଭାରତ ଆଡ଼ୁ ପ୍ରଥମେ ଉଦ୍ୟମ ପ୍ରକାଶପାଇବା ଉଚିତ ଏବଂ ଆମେରିକା ଓ ଚୀନ୍‌ଭଳି ଭାରତୀୟ ମାନେ ଜାପାନର ପରିସ୍ଥିତି ଭଲଭାବେ ଅନୁଧ୍ୟାନ କରିବା ଉଚିତ୍ । ଏବେ ଭାରତ ଓ ଜାପାନ ମଧ୍ୟରେ ବାର୍ଷିକ ପ୍ରାୟ ଅଢ଼େଇ ବିଲିୟନ୍ ଡଲାର ମୂଲ୍ୟର ବାଣିଜ୍ୟ ବ୍ୟବସାୟ ହେଉଛି । ଏହି ବ୍ୟବସାୟର ପରିମାଣ ଦୁଇଗୁଣକୁ ବୃଦ୍ଧି କରିବା ଲାଗି ଭାରତ ଆଡ଼ୁ ଉଦ୍ୟମ ହେବା ଉଚିତ ବୋଲି ଜାପାନର ବିଶିଷ୍ଟ ଶିଳ୍ପପତି ମାନେ

ଅଙ୍ଗ ଦାନ କରିବାକୁ ପ୍ରସ୍ତୁତ ବୋଲି କହି ଦିଅନ୍ତି । କିନ୍ତୁ ଏଭଳି ଏକ ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁଣ୍ଠାବୋଧ କରନ୍ତି । ଚିକିତ୍ସକ ମାନେ ମଧ୍ୟ କୌଣସି ଲୋକର ମୃତ୍ୟୁପରେ ତାଙ୍କର ଅଙ୍ଗଦାନ କରିବାକୁ ସମ୍ପର୍କୀୟ ମାନଙ୍କୁ ସହସା ବିଭିନ୍ନ କାରଣରୁ ପ୍ରବର୍ତ୍ତାଇ ପାରନ୍ତି ନାହିଁ ।

ଏଭଳି ଏକ ପରିସ୍ଥିତିରେ ଅଙ୍ଗ ପ୍ରତ୍ୟଙ୍ଗର ବ୍ୟବସାୟ କରାଯିବା ଉଚିତ ବୋଲି ପାଶ୍ଚାତ୍ୟ ଜଗତରେ ଦଳେ ଖୁବ୍ ଦୃଢ଼ଭାବେ ଯୁକ୍ତି କରୁଛନ୍ତି । ଅଙ୍ଗ ପ୍ରତ୍ୟଙ୍ଗର ବ୍ୟବସାୟ ହେଲେ ସହଜରେ ଆବଶ୍ୟକତା ପୂରଣ କରି ହେବ ବୋଲି ସେମାନେ ଦର୍ଶାଇଛନ୍ତି । ଏହା କଲେ ଅବଶ୍ୟ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେବାକୁ ପଡ଼ିବ ।

ଅଙ୍ଗ ପ୍ରତ୍ୟଙ୍ଗ ମିଳିବା ତ ଏକ କଷ୍ଟକର ବ୍ୟାପାର । କିନ୍ତୁ ତାହାର ରୋପଣ କାର୍ଯ୍ୟ ମଧ୍ୟ ଅତ୍ୟଧିକ ବ୍ୟୟ ବହୁଳ । ଆମେରିକାର ଏକ ହିସାବ ଅନୁଯାୟୀ ନିମ୍ନମତେ ବିଭିନ୍ନ ଅଙ୍ଗରୋପଣ ଲାଗି ଖର୍ଚ୍ଚ ହୋଇଥାଏ ।

ଆଖିଡୋଳା-ଅଢ଼େଇହଜାରରୁ ୫ହଜାର ଡଲାର, ହାଡ଼ରସ-ଷାଠିଏ ହଜାରରୁ ଦେଢ଼ ଲକ୍ଷ ଡଲାର; ଫୁସ୍‌ଫୁସ୍—୫୦ହଜାରଠାରୁ ଦେଢ଼ ଲକ୍ଷ୍ୟ ଡଲାର; ହୃଦୟ ଓ ଫୁସ୍‌ଫୁସ୍ ଉଭୟ ପାଇଁ-ଅଠସ୍ତରି ହଜାରରୁ ଲକ୍ଷେ ଡଲାର, ହୃଦୟ— ୫୫ ହଜାରରୁ ଲକ୍ଷେ ଦଶ ହଜାର; କଲିଜା--୫୫ ହଜାରରୁ ୨ଲକ୍ଷ ୪୦ ହଜାର ଡଲାର; ଅଗ୍ନାଶୟ-୨୦ହଜାରରୁ ୫୦ ହଜାର ଡଲାର; ଯକୃତ-୨୫ ହଜାରରୁ ୩୫ହଜାର ଡଲାର । ଉପରୋକ୍ତ ଅଙ୍ଗ ରୋପଣ ଖର୍ଚ୍ଚ ସହିତ ଅଙ୍ଗକିଣିବା ଖର୍ଚ୍ଚ ପ୍ରାୟ ସମାନ ।

ଯେଉଁମାନେ ବିନା ମୂଲ୍ୟରେ ନିଜର ଅଙ୍ଗ ଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ଶବରୁ ଅଙ୍ଗ ପ୍ରତ୍ୟଙ୍ଗ କାଢ଼ି ନିର୍ଦ୍ଦିଷ୍ଟ ସ୍ଥାନକୁ ନେବା ମଧ୍ୟ ଏକ ଦୁରୁହ ବ୍ୟାପାର ।

ଏହାର ସମାଧାନ ହୋଇପାରିବ ଯଦି ବିଭିନ୍ନ ଦେଶରେ ଆଇନ୍ ପ୍ରଣୟନ କରାଯାଏ କି ଲୋକର ମୃତ୍ୟୁ ପରେ ତାର ଅଙ୍ଗପ୍ରତ୍ୟଙ୍ଗ ସେ ଦାନ କରିଛି ବୋଲି ଧରି ନିଆଯିବ । ଅବଶ୍ୟ ଯେଉଁମାନେ ସ୍ୱତନ୍ତ୍ର ଭାବେ ନିଜ ଅଙ୍ଗ ଦାନ ବାରଣ କରିଥିବେ ସେମାନଙ୍କ କଥା ଭିନ୍ନ । ଗ୍ରୀସ୍, ଇଟାଲି ସ୍ୱିଡେନ, ଫ୍ରାନ୍‌ସ ଓ ଇସ୍ରାଏଲ ପ୍ରଭୃତି ଦେଶରେ ଏଭଳି ବ୍ୟବସ୍ଥା ପ୍ରଚଳିତ ହୋଇ ସେଠାରେ ଆବଶ୍ୟକତା ପୂରଣ କରାଯାଇ ପାରୁଛି । କିନ୍ତୁ ଇଂରେଜି ଭାଷାଭାଷୀ ଅଞ୍ଚଳରେ ସ୍ୱତଃ ପ୍ରବୃତ୍ତଭାବେ ଅଙ୍ଗ ପ୍ରତ୍ୟଙ୍ଗ ଦାନ କରିବାକୁ ପଡ଼ୁ ଥିବାରୁ ସେଠାରେ ସର୍ବଦା ଅଙ୍ଗ-ପ୍ରତ୍ୟଙ୍ଗ ନିଅଣ୍ଟ ହେଉଛି ।

କିନ୍ତୁ ଏଭଳି ଆଇନ୍ ପ୍ରଣୟନ କରିବା ନୈତିକତା ଦୃଷ୍ଟିରୁ କେତେ-ଦୂର ଗ୍ରହଣୀୟ ତାହାମଧ୍ୟ ପ୍ରଣିଧାନ ଯୋଗ୍ୟ । କୌଣସି ଗଣତାନ୍ତ୍ରିକ ଦେଶରେ ଜଣେ ଲୋକର ଇଚ୍ଛା ବିରୁଦ୍ଧରେ ତା ଶରୀରର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗ କାଟିନେବାର ଅଧିକାର ସେ ରାଷ୍ଟ୍ରର ଅଛି କି ? ଲୋକମାନଙ୍କ ମତରେ ଅନ୍ତତଃ ଜୀବନର କେତେକ କାର୍ଯ୍ୟ ପ୍ରଶାସନିକ ନିୟନ୍ତ୍ରଣର ଉର୍ଦ୍ଧ୍ୱରେ ରହିବା ଉଚିତ । □

କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବ ଏବେବି ଅକ୍ଷୁଣ୍ଣ ରହିଛି

ରାଜ୍ୟ ଯୁବ କଂଗ୍ରେସର ସଭାପତି ରୂପେ ଶ୍ରୀ ଶରତଚନ୍ଦ୍ର ରାଉତରାୟ ଏମ୍. ଏଲ୍. ଏ ମନୋନୀତ ହେବା ପରେ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ପ୍ରଭାବ ଏବେ ବି ଅକ୍ଷୁର୍ଣ୍ଣ ରହିଥିବା ପ୍ରତିପାଦିତ ହୋଇଛି । କିନ୍ତୁ କ୍ରମାଗତ ଭାବେ ତିନିଜଣ ଯୁବକଂଗ୍ରେସ ସଭାପତି (ସର୍ବଶ୍ରୀ ଗୁରୁପଦ ନନ୍ଦ, ସୁଭାଷ କୁମାର ମହାନ୍ତି ଓ ଶରତ ଚନ୍ଦ୍ର ରାଉତରାୟ) କଟକ ଜିଲ୍ଲାରୁ ମନୋନୀତ ହେବା ଫଳରେ ରାଜନୈତିକ କ୍ଷେତ୍ରରେ ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ଭାବ ପୋଷଣ କରାଯାଉଛି ବୋଲି କେତେକ ମହଲ ମନ୍ତବ୍ୟ ଦେଉଛନ୍ତି ।

ସମ୍ବଲପୁର, ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି ରୂପେ ମୁଖ୍ୟମନ୍ତ୍ରୀଙ୍କ ବିରୋଧୀ ଲୋକେ ନିର୍ବାଚିତ ହେବା ପରେ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଓଡ଼ିଶାର ରାଜନୈତିକ ପରିସ୍ଥିତିର ପୁର୍ନବିଚାର କରିବେ ବୋଲି ସାଧାରଣରେ ଚର୍ଚ୍ଚା କରାଯାଉଥିଲା । କିନ୍ତୁ ଯୁବକଂଗ୍ରେସ ସଭାପତି ମନୋନୟନ ପରେ ଆପାତତଃ ଓଡ଼ିଶା ପରିସ୍ଥିତିର ପୁର୍ନବିଚାର କରିବା ଲାଗି ପ୍ରଧାନମନ୍ତ୍ରୀ ପ୍ରସ୍ତୁତ ହୋଇ ନଥିବା ସୂଚିତ ହେଉଛି ।

ଓଡ଼ିଶାରେ ମାତ୍ର ୨୧ଟି ଲୋକ ସଭା ଆସନ ଥିବାରୁ ପ୍ରଧାନ ମନ୍ତ୍ରୀଙ୍କ କ୍ଷମତା ରାଜନୀତି ଦୃଷ୍ଟିରୁ ଓଡ଼ିଶାକୁ ବିଶେଷ ପ୍ରାଧାନ୍ୟ ଦିଆ ଯାଉନାହିଁ । ତେଣୁ ଏଠା ମୁଖ୍ୟମନ୍ତ୍ରୀଙ୍କ ମତ ବିରୋଧରେ କୌଣସି କାର୍ଯ୍ୟ କରିବାକୁ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଆଗ୍ରହୀ ନୁହନ୍ତି ବୋଲି ଗୋଟିଏ ମହଲ ମତ ଦେଉଥିଲା ବେଳେ ଅନ୍ୟଏକ ମହଲ ମତରେ ଆସନ୍ତା ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ଶ୍ରୀମତୀ ଗାନ୍ଧୀ ଓଡ଼ିଶାର ରାଜନୈତିକ ସ୍ଥିତାବସ୍ଥା ବଜାୟ ରଖିବାକୁ ଚାହୁଁଛନ୍ତି । ଅନ୍ୟଥା ଲୋକସଭା ନିର୍ବାଚନରେ ବିପର୍ଯ୍ୟୟ ହେଲେ ମୁଖ୍ୟମନ୍ତ୍ରୀ ସହଜରେ ଦାୟିତ୍ୱ ଏଡ଼ାଇ ଦେଇ ପାରିବେ । ଓଡ଼ିଶାରେ କଂଗ୍ରେସ ଶାସନ ପ୍ରତିଷ୍ଠା ହେବା ପରଠାରୁ ସଙ୍ଗଠନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ବିରୁଦ୍ଧରେ କିଛି କରାଯାଇ ନ ଥିବାରୁ ଲୋକସଭା ନିର୍ବାଚନରେ ଯଦି ବିପର୍ଯ୍ୟୟ ହୁଏ ତେବେ ତାଙ୍କୁହିଁ ଏଥି ନିମନ୍ତେ ପୁରାପୁରି ଦାୟୀ କରାଯାଇ ପାରିବ । □

ମତ ଦେଇଛନ୍ତି । ଜାପାନ ବଣିକ ସଂଘର ସଭାପତି ଶ୍ରୀ ଇନ୍‌ଗାବେ କାକୁ ଟୋକିଓରେ ଭାରତୀୟ ସାମ୍ବାଦିକମାନଙ୍କ ସହ ଆଲୋଚନା ପ୍ରସଙ୍ଗରେ ସୂଚାଇଥିଲେ କି ଭାରତ ଜାପାନକୁ କେବଳ ଚିଙ୍ଗୁଡ଼ି ମାଛ ଓ ଲୁହାପଥର ରପ୍ତାନି କରିବାକୁ ଉଦ୍ୟମ କରିବା ଉଚିତ୍ ନୁହେଁ ।

ଭାରତ ଜାପାନକୁ ସମୁଦ୍ର ଜାତ ଦ୍ରବ୍ୟ ସହ, ଇଞ୍ଜିନିୟରିଂ ଦ୍ରବ୍ୟ, ଓ ଆସବାବ ପତ୍ର ଇତ୍ୟାଦି ରପ୍ତାନି କରି ପାରିବ । ଜାପାନୀ ମାନଙ୍କର ଅସାଧାରଣ କ୍ରୟଶକ୍ତି ଥିଲେ ବି ସେଠା ବଜାରରେ ରପ୍ତାନୀକାରି ମାନଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରୁ ସମ୍ମୁଖୀନ ପଡ଼ିବ ।

ଶ୍ରୀ କାକୁ ନିଜେ ୪୫ ଥର ଭାରତ ଭ୍ରମଣରେ ଆସି ଜାପାନକୁ ରପ୍ତାନୀ ଯୋଗ୍ୟ ୧୩ ଟି ବିଷୟର ତାଲିକା କରିଛନ୍ତି । ସେ ଗୁଡ଼ିକ ହେଲା ହାଣ୍ଡ ଟୁଲସ, ଛୋଟ ଏବଂ କଟିଂ ଟୁଲସ, ଗ୍ରାଇଣ୍ଡିଂ ହ୍ୱିଲ, ଲୁଗା କଲ ଯନ୍ତ୍ରପାତି, ଅନ୍ୟାନ୍ୟ ଯନ୍ତ୍ରପାତି, ସାଇକେଲ ପାର୍ଟସ, ଡିଜେଲ ଇଞ୍ଜିନ୍, ପମ୍ପ ଓ କମ୍ପ୍ରେସର, ୱେଲଡ଼ିଂ ଯନ୍ତ୍ରପାତି, ସର୍ଜିକାଲ, ମେଡ଼ିକାଲ ଓ ବୈଜ୍ଞାନିକ ଯନ୍ତ୍ରପାତି ଆଦି ।

ଭାରତ ମୋଟ ୨୬୩.୩୪କୋଟି ଟଙ୍କା ମୂଲ୍ୟର ଉକ୍ତ ଯନ୍ତ୍ରପାତି ବିଦେଶକୁ ଗତବର୍ଷ ରପ୍ତାନି କରିଥିଲା । ତାହା ଭିତରୁ ଜାପାନକୁ ମାତ୍ର ଦେଢ଼ କୋଟି ଟଙ୍କା ମୂଲ୍ୟର ଉପରୋକ୍ତ ଜିନିଷପତ୍ର ରପ୍ତାନି କରାଯାଇ ଥିଲା । ଅଥଚ ଜାପାନ ସେହିବର୍ଷ ମୋଟ ୧୪,୬୬୨ କୋଟି ମୂଲ୍ୟର ସେହିସବୁ ଜିନିଷ ବିଦେଶରୁ ନିଜ ଦେଶକୁ ଆମଦାନୀ କରିଥିଲା । ଜାପାନ ଓ ଭାରତ ମଧ୍ୟରେ ପାରସ୍ପରିକ ବୁଝାମଣା ଅଭାବରୁ ଏଭଳି ଅଳ୍ପ ପରିମାଣ ଜିନିଷ ଭାରତରୁ ଜାପାନ ବଜାରକୁ ଯାଉଛି । ଏହାର ପ୍ରତିକାର ସ୍ୱରୂପ ଜାପାନରେ ଭାରତ ପକ୍ଷରୁ ବହୁ ସଂଖ୍ୟକ ପ୍ରଦର୍ଶନୀ ଶୋ ରୁମ୍ ମାନ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଜାପାନୀ ଆମଦାନୀକାରୀ ମାନଙ୍କୁ ଭାରତ ନିମନ୍ତ୍ରଣ କରିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ । □

ବିଜ୍ଞାପନ ହାର

ପୁରା ପୃଷ୍ଠା	—୧,୦୦୦	ଟଙ୍କା
ଅଧା ପୃଷ୍ଠା	— ୬୦୦	ଟଙ୍କା
ଚଉଠ ପୃଷ୍ଠା	— ୩୦୦	ଟଙ୍କା
ଏକ କଲମ	— ୪୦୦	ଟଙ୍କା
ସର୍ବନିମ୍ନ	— ୧୦୦	ଟଙ୍କା

Images: Aptakama Mishra, Processing: Srujanika

ଭୟଙ୍କର ହାଣ୍ଡିଗୋଡ଼ୁ ରୋଗ ମଲ୍ଲୀକଙ୍କଡ଼ା ଖାଇବା ଯୋଗୁ ହେଉଛି

କର୍ଣ୍ଣାଟକଙ୍କର ସିମୋଗା ଜିଲ୍ଲାରେ ହାଣ୍ଡିଗୋଡ଼ୁ ନାମକ ଏକ ଅଦ୍ଭୁତ ରୋଗ ମଲ୍ଲୀ କଙ୍କଡ଼ା ଓ ମାଛ ଖାଇବା ଯୋଗୁ ହେଉଥିବା ଅକ୍ସଫାମ୍‌ର ଏକ ଅନୁଧ୍ୟାନରୁ ଜଣାଯାଇଛି । ଏଣ୍ଡ୍ରିନ୍ ଓ ପାରଥିଆନ୍ ନାମକ ଦୁଇଟି କୀଟ-ନାଶକ ଔଷଧ ଧାନବିଲରେ ପଡ଼ିବା ପରେ ବିଲରେ ଥିବା କଙ୍କଡ଼ାମାନ ଏହାର ପ୍ରଭାବରେ ମରି ଯାଆନ୍ତି । ଖାଦ୍ୟାଭାବ ସମୟରେ ମନୁଷ୍ୟ ମାନେ ଏହି ମଲ୍ଲୀ କଙ୍କଡ଼ା ଖାଇ ଉକ୍ତ ଅଦ୍ଭୁତ ରୋଗର ଶିକାର ହେଉଛନ୍ତି ବୋଲି ଉକ୍ତ ଅନୁଧ୍ୟାନ ରିପୋର୍ଟରେ କୁହା ଯାଉଛି ।

୧୯୭୫ ମସିହାର ପ୍ରାକ୍ କାଳରେ ପ୍ରଥମେ ସିମୋଗା ଜିଲ୍ଲାର ହାଣ୍ଡିଗୋଡ଼ୁ ଗ୍ରାମରେ ୫ଜଣ କୃଷକ ସେମାନଙ୍କୁ ଅବଶ ଲାଗିବା ସଙ୍ଗେ ସଙ୍ଗେ ଆଣ୍ଠୁ ଗଣ୍ଠିରେ ଭୟଙ୍କର ଯନ୍ତ୍ରଣା ହେଉଥିବା କହିଥିଲେ ।

ସ୍ଥାନୀୟ ଚିକିତ୍ସାଳୟର ଡାକ୍ତର-ମାନେ ସେମାନଙ୍କର ଏତାଦୃଶ ଲକ୍ଷଣ ଦେଖି ପ୍ରଥମେ କିଛି ଠଉରେଇ ପାରିନଥିଲେ । ତାହାର ଏକ ସପ୍ତାହ ଭିତରେ ପୂର୍ବ ଲୋକଙ୍କ ସମ ସାମାଜିକ-ଅର୍ଥନୈତିକ ସ୍ତରର ଅନ୍ୟ ୩୦ଜଣ ଲୋକ ଅନୁରୂପ ରୋଗ ଭୋଗ କରୁଥିବା ଜଣାଇଲେ ।

ପ୍ରଥମେ ନ୍ୟୁରୋସର୍ଜନ ମାନେ ଏହାକୁ ଏକପ୍ରକାର ପକ୍ଷାଘାତ ରୋଗ ବୋଲି ମନେ କରିଥିଲେ । କିନ୍ତୁ ପରେ ସେମାନଙ୍କ ଗଭୀର ଅନୁଧ୍ୟାନ ଫଳରେ ଏହା ହାଡ଼ ସମ୍ପର୍କୀୟ ରୋଗ ବୋଲି ଜଣାପଡ଼ିଲା । କିନ୍ତୁ ସେମାନେ ଏହାର କାରଣ ନିର୍ଣ୍ଣୟ କରିବାରେ ସଫଳ ହେଲେ ନାହିଁ ।

ଏ ରୋଗ ହେବାମାତ୍ରେ ଆଙ୍ଗୁଠି, କହୁଣି, ଆଣ୍ଠୁ, କଟି ଓ କାନ୍ଧ କ୍ରମଶଃ କଦାକାର ହୋଇଯାଏ ଏବଂ ଅସହ୍ୟ ଯନ୍ତ୍ରଣା ହୁଏ । ପରେ ପରେ ରୋଗୀର ହାଡଗୁଡ଼ିକ ନଷ୍ଟ ହେବାକୁ ଲାଗେ ଏବଂ ରୋଗୀ ଠିଆହେବା ବା ଚାଲିବାକୁ ସକ୍ଷମ ହୁଏନାହିଁ । ଉତ୍ପତ୍ତି ସ୍ଥଳର ନାମାନୁସାରେ ଏହିରୋଗର ନାମକରଣ ହାଣ୍ଡିଗୋଡ଼ୁ ବୋଲି କରାଯାଇଛି ଏବଂ ପାରିପାର୍ଶ୍ୱିକ ବିଶାରଦ ମାନେ ସେହି ସ୍ଥାନକୁ ଭାରତର ମୀନାମାତା ବୋଲି ଆଖ୍ୟା ଦେଇଛନ୍ତି ।

ଜାପାନର ପୂର୍ବାଞ୍ଚଳରେ ଥିବା କ୍ୟୁସୁ ନାମକ ଏକ ଦ୍ୱୀପର ଛୋଟିଆ ସହର ମୀନାମାତା । ସେଠାର ଅଧିବାସୀ-ମାନେ ୧୯୫୩ ମସିହାରେ ଏହିଭଳି ଏକପ୍ରକାର ରୋଗର ଶିକାର ହୋଇ ପଙ୍ଗୁ ହୋଇ ପଡ଼ୁଥିଲେ । ସେଠାର ଅଧିବାସୀ ମାନଙ୍କର ମଧ୍ୟ ରୋଗ ହେବା ମାତ୍ରେ ଆଣ୍ଠୁଗଣ୍ଠି ଦରଜ ହୋଇ ଦୃଷ୍ଟିଶକ୍ତି ଲୋପ ପାଉଥିଲା [illegible] ଶୁଣିବା ମଧ୍ୟ ସେମାନଙ୍କ ପକ୍ଷେ କଷ୍ଟକର ହୋଇ ପଡ଼ୁଥିଲା । ଏହିସବୁ ଲକ୍ଷଣରୁ ଚିକିତ୍ସକମାନେ କୌଣସି ଧାତବ ବିଷର ପ୍ରଭାବରେ ଏହା ସବୁ ହେଉଛି ବୋଲି ଆଶଙ୍କା କରିଥିଲେ । ଅବଶେଷରେ ମଲ୍ଲୀମାଛ ଖାଇ ଲୋକେ ଏ ରୋଗ ଭୋଗୁଛନ୍ତି ବୋଲି ଜଣାଗଲା । ନିକଟବର୍ତ୍ତୀ ଏକ ରସାୟନ କାରଖାନାରୁ ନିର୍ଗତ ମିଥାଇଲ ମର୍କ୍ୟୁରୀ ପାଣିରେ ପଡ଼ିବା ପରେ ମାଛମାନେ ମରି ଯାଉଥିଲେ ଏବଂ ସ୍ଥାନୀୟ ଅଧିବାସୀ ମାନେ ଏହି ମଲ୍ଲୀମାଛ ଖାଇ ଏ ରୋଗ ଭୋଗୁଥିଲେ ।

ଅକ୍ସଫାମ ଅନୁଧ୍ୟାନରେ ଉଲ୍ଲେଖ କରାଯାଇଛି ଯେ ହାଣ୍ଡି ଗୋଡ଼ୁ ରୋଗ ଭୋଗୁଥିବା ସମୟରେ ଜମି ମାଲିକ-ମାନେ ସେମାନଙ୍କ ମୂଲିଆ ମାନଙ୍କୁ ପୂର୍ବଭଳି ମଜୁରି ବାବଦରେ ଖାଇବାକୁ ଦେଉ ନଥିଲେ । ଫଳରେ ମୂଲିଆ-ମାନେ ବାହାରେ ଯାହା ମିଳୁଥି[illegible] ତାହା ଖାଉଥିଲେ । ବିଲରୁ ମିଳୁଥିବା ମଲ୍ଲୀ କଙ୍କଡ଼ା ତାଙ୍କପାଇଁ ଏକ ରୁଚିକର ଖାଦ୍ୟ ହୋଇ ଯାଇଥିଲା । ଫଳରେ ସେମାନେ ଏ ଅଦ୍ଭୁତ ରୋଗର ଶିକାର ହୋଇଥିଲେ ।

□

ଦକ୍ଷ ପରିଚାଳନା

ସରକାରୀ ପରିଚାଳନାଧୀନ ହିନ୍ଦୁସ୍ତାନ ମେସିନ୍ ଟୁଲ୍‌ସ୍ ଲିମିଟେଡ୍ ଏବଂ ଭାରତ ହେଭି ଇଲେକ୍ଟ୍ରିକାଲସ୍ ଲିମିଟେଡ୍ ସଂସ୍ଥା ଭାରତ ବର୍ଷର ସବୁଠାରୁ ଦକ୍ଷ ପ୍ରତିଷ୍ଠାନ ବୋଲି ଜାତୀୟ ସ୍ତରରେ ହୋଇଥିବା ଏକ ଅନୁଧ୍ୟାନରୁ ଜଣାଯାଇଛି ।

ଏହି ଅନୁଧ୍ୟାନ ରିପୋର୍ଟରେ ଦେଶର ସବୁଠାରୁ ଭଲ ପରିଚାଳିତ ୮ଟି ବ୍ୟବସାୟୀ ସଂସ୍ଥା ଏବଂ ସବୁଠାରୁ ଖରାପ ପରିଚାଳିତ ୮ଟି ବ୍ୟବସାୟୀ ସଂସ୍ଥାକୁ ଚିହ୍ନୋଟ କରାଯାଇଛି ।

ଭଲ ପରିଚାଳିତ ବ୍ୟବସାୟୀ ସଂସ୍ଥା ଭିତରେ ହିନ୍ଦୁସ୍ତାନ୍ ଲିଭର୍, ଟେଲକୋ, ଟିସ୍କୋ, ଆଇ-ଟି-ସି, ଲାରସେନ୍ ଆଣ୍ଡ ଟବ୍ରୋ ଏବଂ ଓ. ଏନ୍. ଜି. ସି । ସବୁଠାରୁ ନିମ୍ନମାନର ପରିଚାଳିତ ସଂସ୍ଥା ଗୁଡ଼ିକ ହେଲା SATL, କୋଲ ଇଣ୍ଡିଆ, ହେଭି ଇଞ୍ଜିନିୟରିଂ କର୍ପୋରେଶନ, ନ୍ୟାସନାଲ୍ ଟେକ୍ସଟାଇଲ କର୍ପୋ-ରେସନ୍ ମେଟାଲ୍ ବକ୍ସ, ବିନି, ଭି-ଜି-ଫୋର୍ଜ, ଏବଂ ବିନ୍ନୀ କ୍ଲଥ ମିଲସ୍ ।

□

Images: Aptakama Mishra, Processing: Srujanika

ଭାରତ ବଙ୍ଗଳା ଦେଶ ସୀମା ବିବାଦ

ଭାରତ ଓ ବଙ୍ଗଳା ଦେଶ ସୀମାନ୍ତରେ ଭାରତ ପକ୍ଷରୁ ତାର ବାଡ଼ ନିର୍ମାଣକୁ କେନ୍ଦ୍ରକରି ସଂପ୍ରତି ଦୁଇଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି । ଉଭୟ ଦେଶ ମଧ୍ୟରେ ଗଙ୍ଗା ନଦୀର ଜଳ ବଣ୍ଟନ ନେଇ ଯେଉଁ ତିକ୍ତତା ଥିଲା ତାହାଏହି ତାରବାଡ଼ ନିର୍ମାଣ ଫଳରେ ଅଧିକ ବୃଦ୍ଧି ପାଇଛି ଏବଂ ସୀମାନ୍ତରେ ଏଥିପାଇଁ ଦୁଇ-ଦେଶର ନିରାପତ୍ତା ବାହିନୀ ମଧ୍ୟରେ ଗୁଳି ବିନିମୟ ଘଟି କେତେକ ସୈନ୍ୟ ମଧ୍ୟ ମୃତାମୃତ ହେଲେଣି ।

ଭାରତ ଓ ବଙ୍ଗଳା ଦେଶର ସୀମାନ୍ତ ୩, ୬୦୦ କିଲୋମିଟର ବ୍ୟାପ୍ତ ଏବଂ ୧୯୪୭ ମସିହାରୁ ତଦାନୀନ୍ତନ ପୂର୍ବ ପାକିସ୍ଥାନ ବା ବର୍ତ୍ତମାନର ବଙ୍ଗଳା ଦେଶରୁ ଅନୁପ୍ରବେଶ ଲାଗିରହି ଥିବାରୁ ଏହାକୁ ବନ୍ଦକରିବା ପାଇଁ ଆସାମ, ପଶ୍ଚିମବଙ୍ଗ ଓ ବଙ୍ଗଳା ଦେଶର ନିିର୍ଦ୍ଦିଷ୍ଟ ଠାରେ ବାଡ଼ ଦେବା ଛଡ଼ା ଅନ୍ୟ କିଛି ବାଟନାହିଁ ବୋଲି ଭାରତ କହୁଥିଲା ବେଳେ ବଙ୍ଗଳା ଦେଶରୁ ଗତ କେତେକାଳ ହେଲା ଭାରତକୁ ଆଦୌ ଅନୁପ୍ରବେଶ ହେଉ ନଥିବାରୁ ସୀମାନ୍ତରେ ବାଡ଼ ଦେଲେ ଆନ୍ତର୍ଜାତିକ କ୍ଷେତ୍ରରେ ବଙ୍ଗଳା ଦେଶର ସମ୍ମାନ ନଷ୍ଟହେବ ବୋଲି ସେ ଦେଶ ପକ୍ଷରୁ କୁହାଯାଉଛି ।

ଚଳିତ ବର୍ଷ ଉକ୍ତ ନିର୍ଦ୍ଦିଷ୍ଟ ଠାରୁ ଧୁବ୍ରି ନଗରରେ ଏକଶହ କିଲୋମିଟର ବ୍ୟାପୀ ଅଞ୍ଚଳରେ ତାରବାଡ଼ ଦେବାକୁ ଭାରତ ଯୋଜନା କରିଛି ଏବଂ ତଦନୁ-ଯାୟୀ କେନ୍ଦ୍ର ପୂର୍ତ୍ତ ବିଭାଗ ପକ୍ଷରୁ ରାମରାଇକୁଥି ଠାରେ କଂକ୍ରିଟ୍ ପିଲାର ବସାଇବା କାର୍ଯ୍ୟ ଆରମ୍ଭ କରାଗଲା ବେଳେ ଗତମାସ ଏପ୍ରିଲ ୧୫ତାରିଖରେ

ଜାଗ୍ରତ ଓଡ଼ିଶାର ଭବିଷ୍ୟତ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

'ଜାଗ୍ରତ ଓଡ଼ିଶା' ନାମକ ଏକ ଅନୁଷ୍ଠାନର ସୃଷ୍ଟି ହେବା ପରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ରାଜନୈତିକ ଭବିଷ୍ୟତ ସମ୍ପର୍କରେ ଚାଲିଥିବା ସମସ୍ତ ପ୍ରକାର କଳ୍ପନା ଜଳ୍ପନାର ଅବସାନ ଘଟିଛି । ଏହି ଅନୁଷ୍ଠାନର ସଭାନେତ୍ରୀ ନିଜେ ସକ୍ରିୟ ରାଜନୀତିରେ ଥାଇ ଏକ ସାମାଜିକ— ସାଂସ୍କୃତିକ ସଙ୍ଗଠନ ଜରିଆରେ ଲୋକଙ୍କ ନିକଟକୁ ଯିବାକୁ କାହିଁକି ସ୍ଥିରକଲେ ତାହା ଓଡ଼ିଶା ରାଜନୀତିର ଛାତ୍ରମାନଙ୍କ ପକ୍ଷେ ଚର୍ଚ୍ଚାର ବିଷୟ ହୋଇଛି ଏବଂ ତାଙ୍କର ଗତିବିଧିକୁ ସମସ୍ତେ ଏବେ ଆଗ୍ରହର ସହିତ ଲକ୍ଷ୍ୟ କରୁଛନ୍ତି ।

ଗତ ମେ ୪ତାରିଖ ଦିନ ଏହି ଅନୁଷ୍ଠାନ ଗଠନ ଅବକାଶରେ ଭୁବନେଶ୍ୱରରେ ଶ୍ରୀମତୀ ଶତପଥିଙ୍କ ସମର୍ଥକବର୍ଗଙ୍କ ଯେଉଁ ସମ୍ମିଳନୀ ହୋଇଥିଲା ସେଥିରେ ରାଜ୍ୟର ସବୁ ଜିଲ୍ଲାର ମୋଟ ୬୮୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ବିଶେଷତଃ ପଶ୍ଚିମ ଓଡ଼ିଶା, ଓ ଉତ୍ତର ଓଡ଼ିଶାରୁ ବହୁ ସଂଖ୍ୟାରେ ଲୋକ ଆସିଥିଲେ । କଟକ ଓ ବାଲେଶ୍ୱରରୁ ବହୁକମ୍ ଲୋକ ଯୋଗ ଦେଇଥିବା ପରିଲକ୍ଷିତ ହୋଇ ଥିଲା । ଏହି ସମ୍ମିଳନୀରେ ତାଙ୍କର ପୁରୁଣା ସମର୍ଥକ ମାନଙ୍କ ଭୂମିକା ମଧ୍ୟ ଗୌଣ ଥିଲା । ଯେଉଁ ନୂଆ ନୂଆ ବ୍ୟକ୍ତିମାନେ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଯୁବକ ମାନଙ୍କ ସଂଖ୍ୟାଥିଲା ଅଧିକ । ଅତୀତରେ ଶ୍ରୀମତୀ ଶତପଥୀଙ୍କ ଅତି ନିକଟତମ ଲୋକ ରୂପେ ପରିଚିତ ଶ୍ରୀମତୀ ଚନ୍ଦ୍ରିକା ମହାପାତ୍ର ଓ ଶ୍ରୀ ବିଜୟ ନାୟକଙ୍କୁ ଏଠାରେ ସକ୍ରିୟ ଭାବେ ଦେଖିବାକୁ ମିଳି ନଥିଲା । ତାଙ୍କ ପ୍ରଭାବଶାଳୀ ପୁତ୍ର ଶ୍ରୀ ତଥାଗତ ଶତପଥୀ ଓ ତାଙ୍କର ଅନୁଗାମୀ-ମାନେ ମଧ୍ୟ ନ ଥିଲେ । ପୁରୁଣା ସମର୍ଥକଙ୍କ ଭିତରୁ ଶ୍ରୀ ରାମନାଥ ପଣ୍ଡା ସମ୍ମିଳନୀରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀର ଆଲୋ-ଚନାରୁ ଏହାଏକ ରାଜନୈତିକ ଦଳର ସମ୍ମିଳନୀ ଭଳି ମନେ ହେଉ ନଥିଲା ।

ସେଠାରେ ଉପସ୍ଥିତ ଥିବା ଅଳ୍ପ କେତେକ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ଆଉ ସମସ୍ତେ ଏପରି କାର୍ଯ୍ୟ କ୍ରମକୁ ରୂପାୟିତ କରା ଯିବାରେ ସନ୍ଦେହ ପ୍ରକାଶ କରିଥିଲେ ।

ଓଡ଼ିଶାରେ ଥିବା ଶ୍ରୀମତୀ ଶତ-ପଥୀଙ୍କ ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କ ମଧ୍ୟରୁ ଅନେକ ଏଥିରେ ହତଶ୍ରୋଦ୍ଧ ହେଲେ ମଧ୍ୟ ଶ୍ରୀମତୀ ଶତପଥୀଙ୍କ ଉପରେ ସେମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । କଂଗ୍ରେସ ଦଳ ଓ ଜନତା ଦଳରେ ଥିବା ତାଙ୍କର ଶୁଭେଚ୍ଛୁ ଓ ସମର୍ଥକ ମାନେ ବିଭିନ୍ନ ସମୟରେ ଶ୍ରୀମତୀ ଶତପଥୀଙ୍କୁ ଭେଟି ଏହି ସଙ୍ଗଠନ ବିଷୟରେ ଅନେକ କଥା ଜାଣିବାକୁ ଚାହୁଁଥିବା ପ୍ରକାଶ ।

କଟକ ଭୁବନେଶ୍ୱରରେ କୌଣସି ରାଜ-ନୀତି ଦଳ ସହିତ ସମ୍ପୃକ୍ତ ନଥିବା ଅନେକ ବୁଦ୍ଧିଜୀବୀ, ଓକିଲମାନେ ଏହି ସଙ୍ଗଠନ ସହିତ ସମ୍ପୃକ୍ତ ହେବାକୁ ଆଗ୍ରହ ପ୍ରକାଶ କରୁଥିବାର କ୍ରମେ ପରିଲକ୍ଷିତ ହେଉଛି ।

Images: Aptakama Mishra, Processing: Srujanika

ଏକ ବିହଙ୍ଗା ବଲୋକନ

୧୯୪୭ ଅଗଷ୍ଟ :— ଭାରତର ବିଭକ୍ତ କାରଣ ।

୧୯୫୮ :— ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଫିରୋଜ ଖାଁ ନୁନ୍ ବେରୁବାଡ଼ି ଅଞ୍ଚଳକୁ ଅଧାଅଧି ବାଣ୍ଟିନେବାକୁ ରାଜିହୋଇ ଚୁକ୍ତିବଦ୍ଧ ହେଲେ ।

୧୯୬୦ .— ଏହି ଚୁକ୍ତିକୁ ସ୍ୱୀକୃତି ଦେବାପାଇଁ ଭାରତର ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ ହେଲା ।

୧୯୭୧ ମାର୍ଚ୍ଚ :— ସୁପ୍ରିମ୍ କୋର୍ଟ ଏହି ଚୁକ୍ତିକୁ ବୈଧ ଘୋଷଣା କଲେ ।

ଡିସେମ୍ବର ୧୬ :— ବଙ୍ଗଳା ଦେଶ ସ୍ୱାଧୀନ ହେଲା ।

୧୯୭୪, ମେ ୧୬ :— ଭାରତ ଓ ବଙ୍ଗଳା ଦେଶ ସୀମାନ୍ତ ଚୁକ୍ତି ସ୍ୱାକ୍ଷର କଲେ । ଆମେରିକାର ଏକ ଉପଗ୍ରହ ନ୍ୟୁମୁର୍ ଦ୍ୱୀପ ଠାବକଲା ।

୧୯୭୯ :— ଏହି ଦ୍ୱୀପ ସମ୍ପର୍କରେ ଭାରତ ବଙ୍ଗଳା ଦେଶ ମଧ୍ୟରେ ଆଲୋଚନା ଆରମ୍ଭ

୧୯୮୧ ମେ ୩୦ .— ବଙ୍ଗଳା ଦେଶ ରାଷ୍ଟ୍ରପତି ଜିଆଉର ରହମନ୍ ଆତତାୟୀର ଆକ୍ରମଣରେ ନିହତ ।

୧୯୮୨, ଅକ୍ଟୋବର — ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଓ ଲେଫ୍ଟନାଣ୍ଟ ଜେନେରାଲ ଏରସାଦ 'ନ୍ୟୁମୁର୍' ଦ୍ୱୀପ ବିଷୟରେ ଆଲୋଚନା କଲେ ।

୧୯୮୩ ଜୁଲାଇ-୨୦.— ତିସ୍ତା ନଦୀର ଜଳ ବଣ୍ଟନ ସମ୍ପର୍କରେ ଭାରତ ଓ ବଙ୍ଗଳା ଦେଶ ମଧ୍ୟରେ ଚୁକ୍ତି ସମ୍ପାଦନ ।

୧୯୮୪, ଅପ୍ରେଲ ୧୫ :— ଭାରତର; ପଶ୍ଚିମବଙ୍ଗ, ଆସାମ ଓ ବଙ୍ଗଳା ଦେଶର ନିକଟରେ ତାର ବାଡ଼ଦେବା ଆରମ୍ଭ ହେଲା ।

ଅପ୍ରେଲ ୨୯, .— ଗଙ୍ଗାନଦୀର ଜଳବଣ୍ଟନ ସମ୍ପର୍କରେ ଭାରତ ଏବଂ ବଙ୍ଗଳା ଦେଶ ମଧ୍ୟରେ ଏକ ବୁଝାମଣା ହେଲା ।

ସେଠାରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏବଂ ଉଭୟ ପକ୍ଷର ନିରାପତ୍ତା ବାହିନୀ ଜାଗ୍ରତଆର ହୋଇରହିଥିଲେ ।

ସୀମାନ୍ତରେ ତାରବାଡ଼ ନ କରାଇ ଦେବାକୁ ଏବଂ ଆବଶ୍ୟକ ହେଲେ ଏଥିପାଇଁ ବଳ ପ୍ରୟୋଗ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବଙ୍ଗଳା ଦେଶ ରାଇଫଲ ବାହିନୀର ମୁଖ୍ୟ ଭାରତୀୟ ପ୍ରତିପକ୍ଷଙ୍କୁ ସୂଚନା ଦେଇଥିଲେ ଏବଂ ଏହାପରେ ଏପ୍ରିଲ ୨୦ ତାରିଖ ସନ୍ଧ୍ୟା ସନ୍ଧ୍ୟା ୬ଟା ବେଳେ ବଙ୍ଗଳା ରାଇଫଲ ବାହିନୀ ପକ୍ଷରୁ ଭାରତୀୟ ଅଞ୍ଚଳ ଉପରକୁ ପ୍ରାୟ ୧୦ ମିନିଟ ଧରି ଗୁଳି ଚାଳନା କରାଯାଇଥିଲା, ଭାରତର ସୀମାନ୍ତ ରକ୍ଷା ବାହିନୀ ମଧ୍ୟ ଆତ୍ମରକ୍ଷା ମୂଳକ ଗୁଳି ଚାଳନା କରିବାକୁ ବାଧ୍ୟ ହୋଇଥିଲେ । ଏହି ଗୁଳି ଚାଳନାରେ ଉଭୟ ପକ୍ଷରୁ ଜଣେ ଲେଖା" ମରିଥିବା ଦୁଇ ଦେଶ ଦାବୀ କରିଥିଲେ ।

ଅନ୍ୟଏକ ଘଟଣାରେ ଏପ୍ରିଲ ୨୪ ତାରିଖ ଦିନ ଗୋଲପଡ଼ା ଅଞ୍ଚଳରେ କାମ ଚାଲିଥିବା ବେଳେ ବଙ୍ଗଳା ଦେଶର ଆକ୍ରମଣରେ ଭାରତ ସୀମାନ୍ତ ରକ୍ଷୀ ବାହିନୀର ଜଣେ ସବ୍‌ଇନ୍‌ସ୍‌ପେକ୍ଟର ଶ୍ରୀ ଭରଦ୍ୱାଜ ଆହତ ହୋଇଥିଲେ । ଭାରତ ପକ୍ଷରୁ ଓ ଘଟଣାର ତୀବ୍ର ପ୍ରତିବାଦ କରାଯାଇଥିଲା ।

ବଙ୍ଗଳା ଦେଶର ରାଷ୍ଟ୍ରପତି ଜେନେରାଲ ଏରସାଦ ଏହାକୁ ସୀମାନ୍ତରେ ଅଶନି ସଙ୍କେତ ବୋଲି ବର୍ଣ୍ଣନା କରି, ଦେଶର ଜନସାଧାରଣ ନିଜ ଭିତରେ ଥିବା ସମସ୍ତ ବାଦ ବିସମ୍ବାଦ ଭୁଲି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ଆହ୍ୱାନ କରିଛନ୍ତି ।

ଅନ୍ୟ ପକ୍ଷରେ ଭାରତପକ୍ଷରୁ ମଧ୍ୟ ସ୍ପଷ୍ଟ କରି ଦିଆଯାଇଛି ଯେ ନିଜ ସୀମାରେ ତାର ବାଡ଼ ଦେବାରେ ଅଧିକାର ଆମର ଅଛି ଏବଂ ଚୋରା କାରବାର ଏବଂ ଅନୁପ୍ରବେଶ ରୋକିବା ପାଇଁ ତାରବାଡ଼ ଅବଶ୍ୟ ଦିଆଯିବ ।

ଇତି ମଧ୍ୟରେ ଜଳପାଇଗୁଡ଼ି ଜିଲ୍ଲାରେ ଭାରତ ଓ ବଙ୍ଗଳା ଦେଶ ପକ୍ଷରୁ ମିଳିତଭାବେ ସୀମାନ୍ତ ସର୍ଭେ କାମ ଚାଲିଥିବା ବେଳେ ନଗର ବେରୁବାଡ଼ି ଗ୍ରାମ ପଞ୍ଚାୟତର ଖୁଦିପଡ଼ା ଓ ସିଙ୍ଗିପଡ଼ା ଗ୍ରାମଦ୍ୱୟକୁ ବଙ୍ଗଳା ଦେଶ ନିଜ ଅଞ୍ଚଳ ବୋଲି ଦାବୀ କରୁଥିବାରୁ ସେଠାରେ ତୁରନ୍ତ ସର୍ଭେକାମ ବନ୍ଦ ରଖାଯାଉ ବୋଲି ପଶ୍ଚିମବଙ୍ଗ ପକ୍ଷରୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଏକ ସ୍ମାରକପତ୍ର ଦିଆଯାଇଛି ।

ଏହି ଦୁଇ ଗ୍ରାମର ଲୋକସଂଖ୍ୟା ୨୭୦ ଏବଂ ୧୦୧ ଏକର ହେଉଛି ଏହାର କ୍ଷେତ୍ରଫଳ । ଏ ଦୁଇଗ୍ରାମ ଭାରତର ଦଖଲରେ ଥିବା ମାର୍ଚ୍ଚ ମାସରେ ଜଣାପଡ଼ିଲା । କିନ୍ତୁ ସେ ପର୍ଯ୍ୟନ୍ତ ଭାରତ କର୍ତ୍ତୃପକ୍ଷ ଏ ଦୁଇଗ୍ରାମ ନିଜର ବୋଲି ଜାଣିନଥିଲେ । ମାର୍ଚ୍ଚ ୯ ତାରିଖ ଦିନ ବଙ୍ଗଳା ଦେଶ ପକ୍ଷରୁ ଏ ଦୁଇଗ୍ରାମର ଅଧିବାସୀ ମାନଙ୍କୁ ସ୍ଥାନଚ୍ୟୁତ ଚାଲିଯିବା ପାଇଁ ନୋଟିସ ଦିଆଯିବା ପରେ ଗ୍ରାମବାସୀ ମାନେ ଜଳପାଇଗୁଡ଼ି ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଭେଟି ମାର୍ଚ୍ଚ ୧୯ ତାରିଖରେ ଏହା ଜଣାଇଲେ ଏବଂ ଏହାପରେ ପଶ୍ଚିମ ବଙ୍ଗ ସରକାରଙ୍କ ନିଦ ଭାଙ୍ଗିଲା ।

Images: Aptakama Mishra, Processing: Srujanika

ବେରୁବାଡ଼ି ଅଞ୍ଚଳ ପାକସ୍ଥାନକୁ ଦିଆଯିବା ବେଳେ ସେଠାରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ସେ ଅଞ୍ଚଳର ମାନଚିତ୍ର ଏଯାଏ ପ୍ରକାଶ କରାଯାଇ ନଥିଲା ।

ଏହା ପୂର୍ବରୁ ଅବଶ୍ୟ ତିନ୍‌ବିଘା ଅଞ୍ଚଳକୁ କେନ୍ଦ୍ର କରି ଦୁଇଦେଶ ମଝିରେ ସୃଷ୍ଟି ହୋଇଥିବା ଉତ୍ତେଜନା ପ୍ରଶମିତ ହୋଇ ଯାଇଛି । ୧୯୮୧ ଅକ୍ଟୋବର ୭ ତାରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଓ ବଙ୍ଗଳାଦେଶ ରାଷ୍ଟ୍ରପତି ଶ୍ରୀ ଏରସାଦଙ୍କ ମଧ୍ୟରେ ଆଲୋଚନା ହୋଇ ଏହି ଅଞ୍ଚଳ ସମ୍ପର୍କରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ଚୁକ୍ତି ଅନୁଯାୟୀ ବଙ୍ଗଳା ଦେଶ ସହିତ ଦହଗ୍ରାମକୁ ସଂଯୁକ୍ତ କରିବା ନିମନ୍ତେ ତିନ୍‌ବିଘା ଅଞ୍ଚଳକୁ ସ୍ଥାୟୀ ଭାବେ ବ୍ୟବହାର କରାଯିବ ଏବଂ ୧୫, ୧୩୦ ବର୍ଗ ମାଇଲ ପରିମିତ ଏହି ଅଞ୍ଚଳ ଉପରେ ଭାରତର ସାର୍ବ- ଭୌମତ୍ୱ ଜାରି ରହିବ । ଏହା ଛଡ଼ା ସେହି ଅଞ୍ଚଳରେ ଉଭୟ ଦେଶର ସାମରିକ ଓ ବେସାମରିକ ଲୋକେ ସ୍ୱଚ୍ଛନ୍ଦରେ ଚଳାଚଳ କରିବେ ।

ସୀମାନ୍ତ ଚୁକ୍ତି

ଭାରତ ଓ ବଙ୍ଗଳା ଦେଶ ମଧ୍ୟରେ ୧୯୭୪ ମସିହା ମେ ୧୪ ତାରିଖଦିନ ସୀମାନ୍ତ ଚୁକ୍ତି ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହୋଇଥିଲା । ସେତେବେଳେ ସ୍ୱର୍ଗତ ମୁଜିବୁର ରହେମାନ୍ ବଙ୍ଗଳା ଦେଶର ସର୍ବେ ସର୍ବା ଥିଲେ । ଏହି ଚୁକ୍ତି ଅନୁ- ଯାୟୀ ବନା ଛିଟ ପୂରଣରେ ଦୁଇ ଦେଶରେ ଥିବା ଅଞ୍ଚଳ ସବୁ ଅଦଳ ବଦଳ ହେବା କଥା । ଏହା ପୂର୍ବରୁ ୧୯୫୮ ମସିହାରେ ବେରୁବାଡ଼ି ଅଞ୍ଚଳକୁ ଅଧାଅଧି କରି ନିଜ ନିଜ ଭିତରେ ବାଣ୍ଟି ନେବାକୁ ୧୯୫୮ ମସିହାରେ ଏକ ବୁଝାମଣା ଭାରତ ପାକିସ୍ଥାନ ମଧ୍ୟରେ ହୋଇଥିଲା ।

ସ୍ୱର୍ଗତ ପଣ୍ଡିତ ଜବାହର ଲାଲ ନେହେରୁ ଓ ଫିରୋଜ ଖାଁ ନୁନ୍‌ଙ୍କ ମଧ୍ୟରେ ହୋଇଥିବା ଏହି ଚୁକ୍ତିକୁ ସ୍ୱୀକୃତି ଦେବାଲାଗି ୧୯୬୦ ମସିହାରେ ଏକ ସମ୍ବିଧାନ ସଂଶୋଧନ କରା ଯାଇଥିଲା । ଏହାର ବୈଧତା ସମ୍ପର୍କରେ ସେତେବେଳେ ବହୁ ଆଦାଲତରେ ପ୍ରଶ୍ନ ଉଠାଯାଇଥିଲା । ଏବଂ ଶେଷରେ ୧୯୮୧ ମସିହାରେ ଭାରତର ସୁପ୍ରିମକୋର୍ଟ ଏହି ସମ୍ବିଧାନ ସଂଶୋଧନକୁ ବୈଧ ବୋଲି ରାୟ ଦେଇଥିଲେ ।

୧୯୭୪ ମସିହା ଚୁକ୍ତି ଅନୁଯାୟୀ ମାଲିକାନା ବଦଳ ହୋଇଥିବା ଅଞ୍ଚଳର ଲୋକେ ବଦଳ ପରବର୍ତ୍ତୀ ଦେଶର ନାଗରିକ ରୂପେ ରହିବାର ଅଧିକାର ପାଇଥିଲେ ।

୧୯୮୨ ମସିହାରେ ତିନବିଘା ବିଷୟର ଆଶୁ ସମାଧାନ ହୋଇଥିଲେ ମଧ୍ୟ ବଙ୍ଗଳା ଦେଶର ସମ୍ବାଦପତ୍ର, ଗୁଡ଼ିକ ଭାରତ ବିରୁଦ୍ଧରେ ଏ ସମ୍ପର୍କରେ ବରାବର କୁତ୍ସାରଟନା କରି ଆସୁଛନ୍ତି । ଦୈନିକ 'ଆଜାଦର' ଏକ ରିପୋର୍ଟରେ ଅଭିଯୋଗ କରାଯାଇଥିଲା କି ସ୍ୱାଧୀନତା ସଂଗ୍ରାମବେଳେ ସିଲହଟ ଜିଲ୍ଲାର ପଦୁଆ ସୀମାନ୍ତ ଅଞ୍ଚଳରେ ୧୯୭୧ ମସିହାରେ ଭାରତୀୟ ସେନା ବାହିନୀ ଏକଘାଟି ତିଆରି କରିଥିଲେ ।

ସ୍ୱାଧୀନତା ପରେ ସେ ଯାଗାକୁ ଭାରତୀୟ ସୀମାନ୍ତରକ୍ଷୀ ବାହିନୀ ଦଖଲକରି ରଖିଥିବାରୁ ସେଠାରେ ବଙ୍ଗଳା ଦେଶର ପ୍ରାୟ ଚୁରିହଜାର ଏକର ଜମି ଚାଷ ହୋଇ ନପାରି ଶସ୍ୟ ଉତ୍ପାଦନ ହେଲା ପଡ଼ିରହିଛି ।

ସାମୁଦ୍ରିକ ସୀମା ସଂକ୍ରାନ୍ତୀୟ ଆଲୋଚନା

୧୯୮୨ ମସିହା ଅକ୍ଟୋବର ମାସରେ ବଙ୍ଗଳା ଦେଶର ରାଷ୍ଟ୍ରପତି ଶ୍ରୀ ଏର୍‌ସାଦ୍ ଭାରତକୁ ଦୁଇଦିନିଆ ଗସ୍ତରେ ଆସିଥିଲାବେଳେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ ସାମୁଦ୍ରିକ ସୀମା ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଏହାପୂର୍ବରୁ ୧୯୭୮ ମସିହା ମାର୍ଚ୍ଚ ୨୪ ତାରିଖ ଦିନ ଭାରତ ଓ ବଙ୍ଗଳା ଦେଶ ପ୍ରତିନିଧିଙ୍କ ମଧ୍ୟରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ଏବଂ ଆଲୋଚନାର ଅଗ୍ରଗତି ସମ୍ପର୍କ ଗୁପ୍ତ ରଖା ଯାଇଥିଲା ।

ଇନ୍ଦିରା—ଏରସାଦ ଆଲୋଚନା ବେଳେ ନ୍ୟୁମୁର୍ ଦ୍ୱୀପ ବିଷୟ ମଧ୍ୟ ଉତ୍ଥାପିତ ହୋଇଥିଲା । ଏହା ପୂର୍ବରୁ ୧୯୮୧ ମସିହା ମେ ୨୮ ତାରିଖ ଦିନ ବଙ୍ଗଳା ଦେଶ ପାର୍ଲିମେଣ୍ଟରେ ଗୃହୀତ ଏକ ପ୍ରସ୍ତାବରେ ଏହି ଦ୍ୱୀପ ଉପରେ ଭାରତର ଅଧିକାର ଦାବୀକୁ ନିନ୍ଦା- କରାଯାଇ ଏହାର ଯେପରି ହେଲେ ପ୍ରତିରକ୍ଷା କରାଯିବ ବୋଲି କୁହାଯାଇ ଥିଲା । ବଙ୍ଗଳା ଦେଶ ଏହି ଦ୍ୱୀପକୁ ଦକ୍ଷିଣ ତାଲପଟି ନାମ ଦେଇଥିଲା ବେଳେ ଭାରତରେ ଏହା ନ୍ୟୁମୁର୍ ବା ପୂର୍ବାଶା ଅନ୍ତରୀପ ବୋଲି ଅଭିହିତ କରା ଯାଇଥିଲା ।

୧୯୮୧ ମେ ୨୫ ତାରିଖରେ ଭାରତ ପକ୍ଷରୁ ହୋଇଥିବା ସର୍ଭେରେ ଏହି ଅନ୍ତରୀପ ଉପରେ ବଙ୍ଗଳା ଦେଶର ଦାବୀ ଅଯୌକ୍ତିକ ବୋଲି ପ୍ରତିପାଦିତ ହୋଇଥିଲା । ଏହି ସର୍ଭେ ଓ ଉପଗ୍ରହରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଦ୍ୱୀପଠାରୁ ନିକଟତମ ସ୍ଥଳଭାଗ ଭାରତୀୟ ଉପକୂଳର ଦୂରତ୍ୱ ୫.୨ କିଲୋମିଟର ହୋଇଥିବା ବେଳେ ବଙ୍ଗଳା ଦେଶଠାରୁ ଏହା ସାଢ଼େ ୭ କିଲୋମିଟର ଦୂରରେ ଅବସ୍ଥିତ । କିନ୍ତୁ ଭାରତର ଏ ସର୍ଭେ ରିପୋର୍ଟକୁ ବଙ୍ଗଳା ଦେଶ ପ୍ରତ୍ୟାଖ୍ୟାନ କରିଦେଇ- ଥିଲା ।

ମାତ୍ର ଦେଡ଼ବର୍ଗ କିଲୋମିଟର କ୍ଷେତ୍ର- ଫଳ ବିଶିଷ୍ଟ ଏହି ଦ୍ୱୀପକୁ ୧୯୭୮ ମସି- ହାରେ ଆମେରିକାର ଏକ ଉପଗ୍ରହ ଆବି- ଷ୍କାର କରିଥିଲା । ସେହିଦିନ ଠାରୁ ଏ ଦ୍ୱୀପ-

Images: Aptakama Mishra, Processing: Srujanika

ଦେଶ ମଧ୍ୟରେ ଏହାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି । ଏହି ଦ୍ୱୀପକୁ ପଶ୍ଚିମବଙ୍ଗ ସରକାର ପୂର୍ବାଶା ନାମକରଣ କରିଥିଲେ ଏବଂ ଏହାର କ୍ଷେତ୍ରଫଳ ଏବେ ବଢ଼ି ବଢ଼ି ୧୨ ବର୍ଗ କିଲୋମିଟରରେ ହେଲାଣି । ୧୯୮୦ ମସିହା ମାର୍ଚ୍ଚ ୩ତାରିଖ ଭାରତ ଆନୁଷ୍ଠାନିକ ଭାବେ ଏ ଦ୍ୱୀପ ଉପରେ ନିଜର ସାର୍ବଭୌମତ୍ୱ ଜାହିର କରିବା ପରେ ସେହିଦିନ ଭାରତର ତ୍ରିରଙ୍ଗା ପତାକା ସେଠାରେ ଉଡ଼ିଥିଲା । ଜୁଲାଇ ୧୦ ତାରିଖଦିନ ବଙ୍ଗଳା ଦେଶ ସେଠାରେ ତାର ପତାକା ଉଡ଼ାଇବ ବୋଲି ଧମକ ଦେଇଥିଲା ଏବଂ ତାର ଗନ୍‌ବୋଟ ଗୁଡ଼ିକ ସେହି ଦ୍ୱୀପ ନିକଟରେ ପହଁଚିଗଲା ମାତ୍ରକେ ଭାରତ ଏଥିରେ ଉଦ୍‌ବେଗ ପ୍ରକାଶ କରିଥିଲା ଏବଂ ଏ ଘଟଣା ପ୍ରତି ବିଶ୍ୱର ଦୃଷ୍ଟି ଆକୃଷ୍ଟ ହୋଇଥିଲା । କିନ୍ତୁ ଭାରତର ଆନ୍ତରିକ ଉଦ୍ୟମ ଫଳରେ ଉଭୟ ଦେଶ ଆପୋଷରେ ଏହା ତୁଟାଇବାକୁ ରାଜିହୋଇ ଘୋଷଣାନାମାରେ ସ୍ୱାକ୍ଷରକଲେ ।

ଜଳ ବିବାଦ

ଏହାଛଡ଼ା ଗଙ୍ଗାନଦୀର ଜଳବଣ୍ଟନ ସମସ୍ୟା ଦୁଇଦେଶର ସମ୍ପର୍କରେ ଅନ୍ୟ ଏକ କଣ୍ଟକ ସଦୃଶ ଏ ପର୍ଯ୍ୟନ୍ତ ରହିଅଛି । ୧୯୭୭ ମସିହା ଏପ୍ରିଲ ୨୯ ତାରିଖଦିନ ଏ ନଦୀର ଜଳବଣ୍ଟନ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଏକ ବୁଝାମଣା ହୋଇଥିଲା । ଏ ବୁଝାମଣା ଅନୁଯାୟୀ ଫାରକା ଠାରେ ବଙ୍ଗଳା ଦେଶ ଜଳାଭାବ ବେଳେ ୩୪,୫୦୦ କ୍ୟୁସେକ୍ ପାଣିନେବ ଏବଂ ଭାରତ ୨୦,୫୦୦ କ୍ୟୁସେକ୍ ପାଣିନେବ । ଏହି ବ୍ୟବସ୍ଥା ଚଳିତବର୍ଷ ମେ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଆସନ୍ତା ଅକ୍ଟୋବର ସମୟ ଅର୍ଥାତ୍ ୧୯୮୫ ମସିହା ଜାନୁୟାରୀ ୧ ତାରିଖରୁ ଆରମ୍ଭହେବା ପୂର୍ବରୁ ଉଭୟ ଦେଶ ମଧ୍ୟରେ ଏହାର ଏକ ସ୍ଥାୟୀ ସମାଧାନ ଆଶା କରାଯାଉଛି । □

ବଡ଼ଲୋକଙ୍କୁ ଫାଶି ନାହିଁ ? ଦଣ୍ଡନାହିଁ

ଖାରବେଳର ପ୍ରଥମ ସଂଖ୍ୟାରେ ଖ୍ୟାତ ନାମା ଆଇନଜୀବୀ ଶ୍ରୀ ଅରକ୍ଷିତ ପଶାୟତଙ୍କର ପ୍ରକାଶିତ ଲେଖା "ବଡ଼ଲୋକଙ୍କୁ ଫାଶୀ ନାହିଁ" ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପାଠକ ମହଲରେ ଏ ଲେଖା ଉପରେ ବହୁ ପ୍ରକାରର ଆଲୋଚନା ହୋଇଥିଲା ।

ଅଳ୍ପଦିନ ତଳେ ଏକ ସମାବେଶରେ ପୁନାଠାରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ଶ୍ରୀ-ଚନ୍ଦ୍ରଚୂଡ଼ ମନ୍ତବ୍ୟ ପ୍ରକାଶ କରିଛନ୍ତି ଯେ ଆମ ଦେଶରେ ଧନୀଲୋକ ମାନଙ୍କ ପାଇଁ ମୃତ୍ୟୁଦଣ୍ଡ ନାହିଁ କି ଅନ୍ୟ କୌଣସି ଉପଯୁକ୍ତ ଦଣ୍ଡନାହିଁ । ଏକ ଦୃଷ୍ଟାନ୍ତ ଦେଇ ସେ କହିଲେ ଯେ ବମ୍ବେ ହାଇକୋର୍ଟର ପ୍ରଧାନ ବିଚାରପତି ଥିଲାବେଳେ ପଣେ ଅପରାଧୀକୁ ସେ ଆଜୀବନ କାରାଦଣ୍ଡ ଦେଉଥିଲେ । ଦଣ୍ଡାଦେଶର ଅଳ୍ପ କିଛିଦିନ ପରେ ଏକ ସଭାରେ ସେ ଦେଖିଲେ ଯେ ଆଜୀବନ କାରାଦଣ୍ଡ ବରଣ କରିଥିବା ଆସାମୀ ସଭା ମଞ୍ଚରେ ତାଙ୍କ ନିକଟରେ ବସିଛି ।

ଶ୍ରୀ ପଶାୟତ ତାଙ୍କ ଲେଖାରେ ଆଇନର ଦୁର୍ବଳତା ବିଷୟରେ ଯେଉଁ ମତ ପ୍ରକାଶ କରିଥିଲେ ଭାରତର ନ୍ୟାୟାଳୟର ପ୍ରଧାନ ବିଚାରପତି ମାନ୍ୟବର ଚନ୍ଦ୍ରଚୂଡ଼ ଅନୁରୂପ ମତ ବ୍ୟକ୍ତକରି ଦୁଃଖ ପ୍ରକାଶ କରିଛନ୍ତି । ଆମେ ଆଶାକରୁ ଏ ବିଷୟରେ ପ୍ରତ୍ୟେକ ଚିନ୍ତାଶୀଳ ଓ ଦାୟିତ୍ୱ ସମ୍ପନ୍ନ ନାଗରିକ ଓ ଆଲୋଚନା କରି ମତ-ପ୍ରକାଶ କରିବେ ।

ସମ୍ପାଦକ

□

ଓଡ଼ିଶାର ପୋଲିସ ଆସୋସିଏସନ୍ ସଭାପତି ରାଜନୀତି କରିବେ ?

ଓଡ଼ିଶା ରାଜ୍ୟ ପୋଲିସ ଆସୋସିଏସନର ସଭାପତି ଶ୍ରୀ ରବି ଦାସ ନିଜର ଚାକିରିରୁ ଅବ୍ୟାହତି ନେଇ ସକ୍ରିୟ ରାଜନୀତିରେ ପ୍ରବେଶ କରିବାକୁ ସ୍ଥିର କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ଶ୍ରୀ ଦାସ ବିଜୁବାବୁଙ୍କ ଜଣେ ଜଣାଶୁଣା ସମର୍ଥକ ଏବଂ ସେ ପୋଲିସ ଆସୋସିଏସନ୍‌ର ସଭାପତି ଥିବାପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆସୋସିଏସନ୍‌ର କୌଣସି ସଭାସମିତିରେ ଯୋଗ ନଦେବାକୁ ସ୍ଥିର କରିଛନ୍ତି ବୋଲି ଏକ ଗୁଜବ ବିଭିନ୍ନ ମହଲରେ କିଛିଦିନ ତଳେ ପ୍ରବଳଭାବେ ପ୍ରଚାରିତ ହୋଇଥିଲା । ପୋଲିସ୍ ଆସୋସିଏନ୍‌ର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯୋଗଦେବେ ବୋଲି ସ୍ୱୀକୃତି ଦେଇ ଶେଷ ମୁହୂର୍ତ୍ତରେ ନ ଆସିବାରୁ ଉକ୍ତ ଗୁଜବ ସତ୍ୟ ବୋଲି ବିଭିନ୍ନ ମହଲ ଧରି ନେଇଥିଲେ ।

ଏବେ ପୋଲିସ ମାନଙ୍କ ପ୍ରତିନିଧି ରୂପେ ବିଧାନସଭାକୁ ଠିଆହେବା ପାଇଁ ବହୁ ସଚେତନ ପୋଲିସ କର୍ମଚାରୀ ଶ୍ରୀ ଦାସଙ୍କୁ ପ୍ରବର୍ତ୍ତାଉଛନ୍ତି ଏବଂ ଶ୍ରୀ-ଦାସ ଅବଶେଷରେ ସେଥିରେ ସମ୍ମତ ହୋଇଥିବା ପ୍ରକାଶ ।

କଂଗ୍ରେସ ଦଳର ଜଣେ ରାଜମନ୍ତ୍ରୀ ବିଧାୟକଙ୍କ ନିର୍ବାଚନ ମଣ୍ଡଳୀରୁ ଶ୍ରୀ ଦାସ ଠିଆହେଉଥିବାର ଅପାତତଃ ସୂଚନା ମିଳୁଛି । ଶ୍ରୀ ଦାସ ନିର୍ବାଚନରେ ଠିଆ ହେଲେ ତାଙ୍କୁ ଶିକ୍ଷିତ ମହଲର ସମର୍ଥନ ମିଳିବା ସଙ୍ଗେ ସଙ୍ଗେ ବିଭିନ୍ନ ଥାନାର ପୋଲିସ କର୍ମଚାରୀମାନେ ପରୋକ୍ଷରେ ପ୍ରବଳ ପ୍ରଚାର କରି ସାଧାରଣ ଭୋଟ ସଂଗ୍ରହ କରିବାରେ ମଧ୍ୟ ସକ୍ଷମ ହୋଇ ପାରିବେ । □

Images: Aptakama Mishra, Processing: Srujanika

ଖାରବେଳ



Images: Aptakama Mishra, Processing: Srujanika

'ଧୀରେ ଆଲୁଅ' ରେ ବୁଲୁ ଓ ରୁନୁ ଭୂମିକାରେ
ସୌମେନ୍ଦ୍ର ତ୍ରିପାଠୀ ଓ ଅମୃତ ଅହମଦ

Images: Aptakama Mishra, Processing: Srujanika

୧୯୮୪—୬ଷ୍ଠ ସଂଖ୍ୟା

RNI Regd No :42123/84

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-753012
ଫୋନ-୨୩୫୯୬

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ ।

ମୂଲ୍ୟ ଟ୩-୦୦

ଆବରଣ — ୧ମ ପୃଷ୍ଠା – ସେନାମଣ୍ଡମାନଙ୍କ ଗହଣରେ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣମନ୍ଦିର ପରିଦର୍ଶନ
୨ୟ ପୃଷ୍ଠା — ଆତଙ୍କବାଦୀଙ୍କ ଦ୍ୱାରା ସଂଗୃହୀତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର
ଶେଷ ପୃଷ୍ଠା — ବିଲୁ ଝୁନୁ ଭୂମିକାରେ ସୌମେନ୍ଦ୍ର ତ୍ରିପାଠି ଓ ଅନିତା ଅହମ୍ମଦ

ଶବ ଶୃଙ୍ଗାର ଓ ଆପଣ ଜାଣନ୍ତି କି ?		୧
ପଞ୍ଜାବ ସଙ୍କଟ ସମାହିତ ନା ଘନୀଭୂତ	ଶ୍ରୀ ରମାକାନ୍ତ ମିଶ୍ର	୩
ଭାରତରେ ପ୍ରତିଦିନ ୪୦୦ ଦୁର୍ଘଟଣା ଘଟୁଛି		୬
ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସୁଭାଷ ମହାନ୍ତିଙ୍କ ବିରୋଧ		୮
ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା	ଶ୍ରୀ ଧୀରେନ୍ଦ୍ର ନାଥ ଦାସ	୯
ଲୋକସଭା ଓ ବିଧାନସଭା ପାଇଁ ଏକାବେଳକେ ନିର୍ବାଚନ ହେବ ନାହିଁ		୧୧
ଭାରତରେ ପ୍ରାଣୀ ବୀମା ଯୋଜନା		୧୨
ପାକିସ୍ତାନୀ ପ୍ରଯୋଜକଙ୍କ ଉପରେ ଗାନ୍ଧୀ ଚିତ୍ରର ପ୍ରଭାବ		୧୪
ଦେଶରେ ସ୍କୁଟର ଉତ୍ପାଦନ ବୃଦ୍ଧି		୧୪
ସଂପୂର୍ଣ୍ଣ ନୂତନ ସ୍ୱାଦର ସଂଙ୍କର ଧର୍ମୀ ଓଡ଼ିଆ ଚିତ୍ର - ଧାରେ ଆଲୁଅ	ଶ୍ରୀ ହରିହର ପ୍ରସାଦ ମହାଲିକ	୧୫
ଆମାଶୟ ରୋଗ	ଡାକ୍ତର ପ୍ରଦୀପ ରାଓ	୧୬
ହୋମିଓପ୍ୟାଥିର ବିଜ୍ଞାନ ସମ୍ମତ ଭିତ୍ତି		୧୮
ନାରୀ ଧର୍ଷଣ	ଶ୍ରୀ ଅରିଜିତ ପଶାୟତ	୧୯
ସଫଳତାର କାହାଣୀ		୨୧
କଣ୍ଟ୍ରୋଲେଉଟିଅର ଗୁଣ	ଡଃ କମଳ କୁମାର ପଟ୍ଟନାୟକ	୨୨
ପେଜ ପିଇଲେ ଡାଏରିଆ ଭଲ ହେବ	ଶ୍ରୀ ସୁମକୃଷ୍ଣ ଚୌହାନ	୨୪
ମୁଖ୍ୟମନ୍ତ୍ରୀଙ୍କ କିଚନ୍ କ୍ୟାବିନେଟରେ ବିଦ୍ରୋହ		୨୫
ହସ ଓ ଦୀର୍ଘଜୀବୀ ହୁଅ	ଶ୍ରୀ କମଳ ଓ ଶ୍ରୀ ସାମନ୍ତ	୨୬
ରକ୍ତଦାଗରୁ ଅପରାଧୀଙ୍କୁ ଠାବ କରିବାର ନୂଆ କୌଶଳ		୨୬
ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା		୨୬
ଭାରତ ବର୍ଷ ଓ ଅଲମ୍ପିକ କ୍ରୀଡ଼ା		୨୮
ବ୍ରେନ୍‌ଟ୍ୟୁମର କାଢ଼ିବା ଲାଗି ଅତ୍ୟାଧୁନିକ ଯନ୍ତ୍ର		୨୯
ଶବ ସାହାଯ୍ୟରେ ରୋଗ ନିର୍ଦ୍ଧାରଣ		୩୦
ବଙ୍ଗଳା ଦେଶରେ ଗଣତନ୍ତ୍ରର ପୁନର୍ପ୍ରତିଷ୍ଠା ଲାଗି ଜନ ଆନ୍ଦୋଳନ		୩୧
ପାଣିପାଗ ଓ ଦେଶର ଅର୍ଥନୀତି		୩୨
ଆପଣଙ୍କ ରାଶିଫଳ		୩୫
ଅଣୁ ଶକ୍ତି ଉତ୍ପାଦନ ପାଇଁ ଦେଶୀ ଇନ୍ଧନ		୩୮
ସାମୁଦ୍ରିକ ଦଳ ଖାଦ୍ୟ ଓ ଔଷଧ ସମସ୍ୟାର ସମାଧାନ କରିବ		୩୯
ଭାରତକୁ ଖଣ୍ଡ ଖଣ୍ଡ କରିଦେବା ଲାଗି ଆମେରିକାର ଷଡ଼ଯନ୍ତ୍ର		୪୦
କନ୍‌ଭେଣ୍ଟ ସ୍କୁଲରେ ପୂଜ୍ୟ ପୂଜାର ବ୍ୟତିକ୍ରମ		୪୦

Images: Aptakama Mishra, Processing: Srujanika

ଶବ୍ଦ ଶୃଙ୍ଗାର 6

ଶ୍ରୀ ନିରଞ୍ଜନ ବେହେରା



ବାମରୁ ଡାହାଣକୁ – ୧-ତତ୍ତ୍ୱାବଧାରକ ୨--- ରାଜ ପ୍ରତିନିଧିଙ୍କ ରହିବା ସ୍ଥାନ, ୩-ଯାଦୁ ବିଦ୍ୟା, ୪ ଆସନ ଗ୍ରହଣ କରିବା, ୫-ରାବଣ, ୬-ଲୁହାକୁ ସୁନାରେ ପରିଣତ କରୁଥିବା ରତ୍ନ ବିଶେଷ, ୭-ଦୁଇଦେଶ ମଧ୍ୟରେ ସମ୍ବନ୍ଧ ସ୍ଥାପନ କାରୀ; ୮-କୃଷ୍ଣଙ୍କ ଭୂଷଣ ମଣି, ୯-କୃଷ୍ଣ ଯାହାକୁ ଭସ୍ମ କରୁଥିଲେ, ୧୦-ସ୍କନ୍ଦ, ୧୧-ଦେବ ମନ୍ଦିରର ଅଂଶ ବିଶେଷ ।

ଉପରୁ ତଳକୁ ୧-ଅଭି ମାନୀ, ୬-ବିଶ୍ୱାସ, ୭-ପୃଥିବୀର ଦୀର୍ଘତମ, ମାଟିବନ୍ଧ, ୧୩-ଶରଚ୍ଚନ୍ଦ୍ର, ୧୪-ଆରମ୍ଭ, ୧୫-ଜଳ, ୧୬-ପ୍ରକାରେ ଲାଗୁଥିବା ଶସ୍ୟ ସମୂହ, ୧୭-ମାୟା, ୧୮ ବହୁମୂଲ୍ୟ ପଦାର୍ଥ, ୧୯-ଚନ୍ଦ୍ର ।

ଜାଣିଛନ୍ତି କି ?

୧ । ଭାରତରେ ଜିମ୍ନାଷ୍ଟିକ୍ ଆସୋସିଏସନ୍ କେବେ ଗଠିତ ହୋଇଥିଲା ?

୨ । ଗୋଟିଏ ବାସ୍କେଟ ବଲର ଗୋଲେଇ କେତେ ?

୩ । ବକ୍ସିଂର କେଉଁ ଶ୍ରେଣୀକୁ ଫ୍ଲାଇଜର ଓ୍ୱେଟ କୁହାଯାଏ ?

୪ । କେଉଁ ଦେଶରେ ଆଧୁନିକ ଭଲିବଲ ଖେଳର ଜନ୍ମ ହୋଇଥିଲା ?

୫ । କେଉଁ ଦିନ ଠାରୁ ଅଲମ୍ପିକ୍ ଗେମସ୍‌ରେ ଭାରତ ବରାବର ଭାର ଉତ୍ତୋଳନରେ ଅଂଶ ଗ୍ରହଣ କରି ଆସୁଛି ?

୬ । କେଉଁ ମଲ୍ଲବୀରଙ୍କୁ ପଦ୍ମଶ୍ରୀ ଉପାଧି ଦିଆଯାଇଥିଲା ?

୭ । ଅଲମ୍ପିକ୍ ଗେମ୍‌ସରେ କେବେ ସାଇକେଲ ଚାଳନା ଏକ କ୍ରୀଡ଼ା ରୂପେ ଗୃହୀତ ହେଲା ?

୮ । କବାଡ଼ି ଖେଳର ସମୟ ସୀମା କେତେ ?

୯ । ଦିଲ୍ଲୀର ଫିରୋଜସାହା କୋଟଲା ପଡ଼ିଆରେ ଭାରତ କେବେ ଓ କାହା ବିରୁଦ୍ଧରେ ଆନୁଷ୍ଠାନିକ ଭାବେ ଟେଷ୍ଟ କ୍ରିକେଟ ମ୍ୟାଚ୍ ଖେଳିଥିଲା ?

୧୦ । ଭାରତ ବନାମ ଓ୍ୱେଷ୍ଟ ଇଣ୍ଡିଜ ସିରିଜ୍‌ରେ କେଉଁ ଭାରତୀୟ ବୋଲର ସର୍ବାଧିକ ଓ୍ୱିକେଟ ନେଇଥିଲେ ?

ଉତ୍ତର :—

୧—୧୯୫୧

୨—୩୦ ଇଞ୍ଚ

୩ – ଲାଇଟ୍ ହେଭିଓ୍ୱେଟ

୪—ଆମେରିକା

୫—୧୯୩୨

୬—ସୁନ୍ଦରୀରାମ

୭—୧୮୯୬ ରେ ଏଥେନ୍‌ସ୍‌ରେ

୮—କୋଡ଼ିଏ ମିନିଟ ସମୟର ଦୁଇଟି ଇନିଂସ୍ ଏବଂ ମଝିରେ ୫ ମିନିଟ ବିଶ୍ରାମ

୯—୧୯୪୮ ସସିହ୍ରାରେ ଓ୍ୱେଟଇଣ୍ଡିଜ ବିରୁଦ୍ଧରେ

୧୦-କପିଳ ଦେବ

ଶବ୍ଦ ଶୃଙ୍ଗାର–୫ର ଉତ୍ତର

ବାମରୁ ଡାହାଣକୁ— ୧-ପତର ଶଉଁରା, ୨-କାରାଗାର, ୩-ଆଶୁଧାନ, ୪-ମନୋରମା, ୫-ଅସାମଞ୍ଜସ୍ୟ, ୬-ଖରୁଆ, ୭— କଳ-ଗାହଣା, ୮—ହଡ଼ିଆର, ୯—ସମର ।

ଉପରୁ ତଳକୁ—୧—ପର ଶୁଶ୍ରୂଷା, ୧୦—ଅକାରଣ, ୧୧—ଅବିରତ, ୧୨—ରସାତଳ, ୧୩— ଜଳଧର, ୧୪—ନୈବେଦ୍ୟ, ୧୫—ଚରଣଚଟିଆ, ୧୬—ରାଜନାମା, ୧୭—ଆହରଣ ।

ପଞ୍ଜାବ ସଙ୍କଟ : ସମାହିତ ନା ଘନୀଭୂତ ?

ଶ୍ରୀ ରମାକାନ୍ତ ମିଶ୍ର

ଶିଖ୍ ଚରମପନ୍ଥୀ ମାନଙ୍କୁ ଗୁରୁଦ୍ୱାରରୁ ବାହାର କରିଦେବା ଉଦ୍ଦେଶ୍ୟରେ ସେନା ବାହିନୀର ସାହାଯ୍ୟ ନିଆଯିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା-ଗାନ୍ଧୀଙ୍କ ଏ ପଦକ୍ଷେପକୁ ଦେଶବାସୀ ଦଳମତ ନିର୍ବିଶେଷରେ ଅକୁଣ୍ଠ ସମର୍ଥନ ଜ୍ଞାପନ କରିଛନ୍ତି ।

ଦେଶର ସ୍ଥିତିପ୍ରତି ବିପଦ ଦେଖା ଦେଲେ ଦଳମତ ନିର୍ବିଶେଷରେ ଭାରତ ବାସୀ ଯେ ଏକଯୁଟ ହୋଇପାରନ୍ତି ତାହା ପୁଣିଥରେ ଏହା ଦ୍ୱାରା ପ୍ରମାଣିତ ହେଲା । ଅତୀତରେ ଭାରତ ଉପରେ ପାକିସ୍ତାନ ପକ୍ଷରୁ ହୋଇଥିବା ଆକ୍ରମଣ ବେଳେ ମଧ୍ୟ ଅନୁରୂପ ସଂହତି ପ୍ରକାଶ ପାଇଥିଲା । ସେନା ବାହିନୀର ହସ୍ତକ୍ଷେପ ଘଟଣାକୁ ଭାରତ ସମେତ ବିଦେଶର ସବୁ ସ୍ୱାଧୀନ ତଥା ବଡ଼ବଡ଼ ସମ୍ବାଦପତ୍ର ମାନେ ମଧ୍ୟ ଅକୁଣ୍ଠ ସମର୍ଥନ ଜ୍ଞାପନ କରିଛନ୍ତି । ଆନ୍ତର୍ଜାତିକ ମତାମତ ତଥା ଜାତୀୟ ମତାମତ ଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଯେ ଉପଯୁକ୍ତ ସମୟରେ ଠିକଣା ପଦକ୍ଷେପ ନେଇଛନ୍ତି ତାହା ପ୍ରମାଣିତ ହୁଏ । ଆଗରୁ ଏଭଳି ପଦକ୍ଷେପ ନେଇଥିଲେ ହୁଏତ ଏତେ ଧନଜୀବନ କ୍ଷୟ ହୋଇ ନଥାନ୍ତା ବୋଲି ଦଳେ ଯେଉଁ ମତ ଦେଇଛନ୍ତି ତାହା କେବଳ କଳ୍ପନା ବିଳାସ । କାରଣ ସହିବାର ଶେଷ ସୀମାରେ ପହଞ୍ଚିବା ପୂର୍ବରୁ ସେନା ବାହିନୀ ମୁତୟନ କରିଥିଲେ ଏହି କାର୍ଯ୍ୟପ୍ରତି ବର୍ତ୍ତମାନ୍ ଭଳି ହୁଏତ ଅକୁଣ୍ଠ ସମର୍ଥନ ମିଳିନଥାନ୍ତା ।

ମାତ୍ର ଶିଖ ଚରମପନ୍ଥୀମାନଙ୍କୁ ଗୁରୁଦ୍ୱାର ମାନଙ୍କରୁ ନିକାଳି ଦେବା ପରେ କଣ ଏ ସମସ୍ୟାର ସ୍ଥାୟୀ ସମାଧାନ ହୋଇଗଲା ? ଏ ପ୍ରଶ୍ନ ଏବେ ସମସ୍ତଙ୍କୁ ଘାରୁଛି ।

ସ୍ୱର୍ଣ୍ଣ ମନ୍ଦିରରେ ସୈନ୍ୟ ମାନଙ୍କର ପ୍ରବେଶକୁ ଭାରତ ବର୍ଷର ପ୍ରତ୍ୟେକ ନାଗରିକ ସମର୍ଥନ ଜଣାଇଥିଲା ବେଳେ ସବୁରାଜ୍ୟରେ ଶିଖ୍‌ମାନେ ଏହାକୁ ନାପସନ୍ଦକରି ଦୋକାନ ବଜାର ବନ୍ଦ-କରିଛନ୍ତି ଓ ଶୋଭାଯାତ୍ରା ଆଦି ବାହାର କରିଛନ୍ତି । ସେମାନଙ୍କ ମନୋଭାବର ଚୂଡ଼ାନ୍ତ ଅଭିବ୍ୟକ୍ତି ସଦୃଶ ବିଖ୍ୟାତ ସାମ୍ବାଦିକ ଶ୍ରୀ ଖୁସ୍‌ବନ୍ତ ସିଂହ ରାଷ୍ଟ୍ରପତିଙ୍କୁ ନିଜେ ପାଇଥିବା ପଦ୍ମଭୂଷଣ ଉପାଧି ଫେରାଇ ଦେଇଛନ୍ତି । କଂଗ୍ରେସର ଦୁଇଜଣ ଶିଖ ପାର୍ଲାମେଣ୍ଟ ସଦସ୍ୟ ଲୋକସଭାରୁ ଇସ୍ତଫା ଦେଇଛନ୍ତି, ବିଦେଶରେ ଅବସ୍ଥାପିତ ଜଣେ ଶିଖ୍ କୂଟନୀତିଜ୍ଞ ନିଜ ଚାକିରୀଛାଡ଼ି ଅନ୍ୟ ଦେଶରେ ରାଜନୈତିକ ଆଶ୍ରୟ ଭିକ୍ଷା କରିଛନ୍ତି ଏବଂ ସର୍ବୋପରି ଅମୃତ-ସରରେ ଯେଉଁ ଧର୍ମପୀଠର କ୍ଷୟକ୍ଷତି ହୋଇଛି ତାକୁ ସରକାର ମରାମତି ନ କରି ଆମକୁ ମରାମତି କରିବାକୁ ଦିଅନ୍ତୁ ବୋଲି ଶିଖ ପୁରୋହିତମାନେ ଦାବୀ କରିଛନ୍ତି । ଅଧିକନ୍ତୁ ପାକି-ସ୍ଥାନ ରେଡ଼ିଓର ପ୍ରଚାରରେ ପ୍ରଭାବିତ ହୋଇ କେତେକ ଶିଖ ଜବାନ୍ ମଧ୍ୟ ବିଦ୍ରୋହ କରି ଜଣେ ବ୍ରିଗେଡ଼ିଅରଙ୍କୁ ମାରି ପକାଇଛନ୍ତି ।

ଉପରୋକ୍ତ ଘଟଣା ମାନଙ୍କରୁ ଅକାଳୀଦଳ ବା ଶିଖ୍ ଚରମପନ୍ଥୀଙ୍କ କାର୍ଯ୍ୟକଳାପ ପଛରେ ସବୁ ଶିଖଙ୍କର ବାହ୍ୟିକ ସମର୍ଥନ ନଥିଲେ ବି ଆନ୍ତରିକ ସମର୍ଥନ ଥିଲାବୋଲି ସ୍ପଷ୍ଟ ପ୍ରତୀୟମାନ ହୁଏ । ସ୍ୱର୍ଣ୍ଣମନ୍ଦିରରେ ସେନା ବାହିନୀର ପ୍ରବେଶ ପରେ ହଠାତ୍ ଶିଖ୍ ଚରମ-ପନ୍ଥୀମାନଙ୍କ କାର୍ଯ୍ୟ କଳାପ ଥମି ଯାଇଥିଲେ ମଧ୍ୟ ଏହାର ଏହାର ଯେ ସୁଦୂରପ୍ରସାରୀ ପ୍ରଭାବ ନପଡ଼ିବ ତାହା କେହି ନିଶ୍ଚିତ ଭାବେ କହିପାରିବେ ନାହିଁ ।

୨୨ ମାସର ଆନ୍ଦୋଳନ

ଧର୍ମାନ୍ଧ ଶିଖ୍ ଚରମପନ୍ଥୀ ମାନଙ୍କର ଗତ ୨୨ମାସର ହିଂସାତ୍ମକ ଆନ୍ଦୋଳନ ମାତ୍ର ୨୪ଘଣ୍ଟା ସାମରିକ କାର୍ଯ୍ୟାନୁଷ୍ଠାନ ଫଳରେ ଫସର ଫାଟିଗଲା । ଏହା ନକ୍ସଲପନ୍ଥୀ ଆନ୍ଦୋଳନ, ଆସାମ ଆନ୍ଦୋଳନ, ବିଭିନ୍ନ ଛାତ୍ର ଆନ୍ଦୋଳନ ଏପରିକି ତେଲଙ୍ଗାନା ଆନ୍ଦୋଳନର ମିଳିତ ଧ୍ୱଂସଲୀଳା ଠାରୁ ପଞ୍ଜାବର ଧ୍ୱଂସଲୀଳା ଅଧିକ ଭୟାବହ ଓ ବ୍ୟାପକ ହୋଇଥିଲା । ପ୍ରାଥମିକ ଅବସ୍ଥାରେ ସେମାନେ ସେମାନଙ୍କ ଧର୍ମା-ବଲମ୍ବୀ ନିରଙ୍କାରି ମାନଙ୍କୁ ମାରୁଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥା ରେ ହିନ୍ଦୁମାନଙ୍କୁ ଆଖିବୁଜି ମାରିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ । ଏହାର ପ୍ରତିକ୍ରିୟା ପଡ଼ୋଶୀ ହରିଆଣା ଛଡ଼ା ଅନ୍ୟ କେଉଁଆଡ଼େ ପ୍ରକାଶ ପାଇନଥିଲା ! କିନ୍ତୁ ଅଧିକ କାଳବିଳମ୍ବ କରିଥିଲେ ହୁଏତ ମତାନ୍ଧ ହିନ୍ଦୁମାନେ ଏହାର ପୁରା ସୁଯୋଗ ନେଇଥାନ୍ତେ ଏବଂ ଶିଖ ଜନସଂଖ୍ୟାର ଶତକଡ଼ା ୭୦ଭାଗ ଲୋକ ପଞ୍ଜାବ ବାହାରେ ରହୁଥିବାରୁ ସେମାନଙ୍କ ଅବସ୍ଥା କଣ

Images: Aptakama Mishra, Processing: Srujanika

ହୋଇ ଥାନ୍ତା ତାହା ସହଜେ ଅନୁମେୟ ।

ପଞ୍ଜାବ ସନ୍ତ୍ରାସ ବାଦୀଙ୍କ କାର୍ଯ୍ୟ ଫଳରେ ପାରମ୍ପରିକ ସଦ୍‌ଭାବ ସମ୍ପନ୍ନ ଦୁଇଟି ଧର୍ମର ଲୋକଙ୍କ ମଧ୍ୟରେ ଘୃଣା ଅବିଶ୍ୱାସର ବୀଜ ବପନ ହେଲା ଏବଂ ସାମାଜିକ ସ୍ତରରେ ଯେଉଁ କ୍ଷତିହେଲା ତାହା ପୂରଣ ହେବା ହୁଏତ ସମ୍ଭବ ସାହାସ ପାଇ ସେ ଅକାଳୀ ଦଳର ମୂଳୋତ୍ପାଟନ କରିବା ସଙ୍ଗେ ସଙ୍ଗେ ସମଗ୍ରଦେଶରେ ମଧ୍ୟ କ୍ଷତି ସାଧନ କଲେ ଏବଂ ପାକିସ୍ଥାନ ତଥା ସି.ଆଇ-ଏଇର କ୍ରୀଡ଼ାନକ ଭାବେ ସ୍ୱତନ୍ତ୍ର ଖାଲିସ୍ଥାନ ଗଠନ କରିବାର ସ୍ୱପ୍ନରେ ସେ ନିମଗ୍ନ ହେଲେ ।

ଏକ ହତ୍ୟାକାଣ୍ଡ ଅପରାଧରେ ନିଜ ଏବଂ ନିରଙ୍କାରୀ ହତ୍ୟାକାଣ୍ଡରେ ଯେ ଜଡ଼ିତ ଥିବା ଅଭିଯୋଗ ହୋଇଥିଲେ ମଧ୍ୟ ବିନାସର୍ତ୍ତରେ ତାଙ୍କୁ ସେତେବେଳେ ଖଲାସ କରି ଦିଆଯାଇଥିଲା । ଯେଉଁମାନେ ଯେଉଁ ଉଦ୍ଦେଶ୍ୟ ପାଇଁ ତାଙ୍କୁ ସେତେବେଳେ ଖଲାସକଲେ ତାହା ପରବର୍ତ୍ତୀ କାଳରେ ବୁମେରାଙ୍ଗ୍ ଭଳି କାର୍ଯ୍ୟକଲା ।

୧୯୫୫ ଓ ୧୯୮୪

ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ପୂର୍ବରୁ ୧୯୫୫ ମସିହାରେ ଥରେ ପୋଲିସ୍ ପ୍ରବେଶ କରିଥିଲେ ଏବଂ ୧୯୮୪ ମସିହାରେ ତା ଭିତରକୁ ସେନା ବାହିନୀକୁ ପ୍ରବେଶ କରିବାକୁ ପଡ଼ିଲା । ସେତେବେଳେ ସରକାରଙ୍କ ବିରୁଦ୍ଧରେ ଆକାଳୀ ଦଳ ପକ୍ଷରୁ ହେଉଥିବା ମୋର୍ଚ୍ଚାର ପ୍ରତିରୋଧ କରିବା ପାଇଁ ସ୍ୱର୍ଣ୍ଣ ମନ୍ଦିର ମଧ୍ୟରେ ପୋଲିସକୁ ପ୍ରବେଶ କରିବାକୁ ପଡ଼ିଥିଲା ଏବଂ ଏଥିଯୋଗୁ ସମଗ୍ର ଶିଖ୍ ସଂପ୍ରଦାୟ ଉତ୍ତେଜିତ ହୋଇ ଉଠିଥିଲେ ।

ପୋଲିସ ପ୍ରବେଶ ପରେ ଆନ୍ଦୋଳନ କମିବା ପରିବର୍ତ୍ତେ ଏଭଳି ବ୍ୟାପକ ହେଲା ଯେ ତଦାନିନ୍ତନ ମୁଖ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଭୀମସେନ ସାଚ୍ଚରଙ୍କୁ ସେତେବେଳେ ଇସ୍ତଫା ଦେବାକୁ ପଡ଼ିଥିଲା ଏବଂ ସେ ଏଥିପାଇଁ ନିଃସର୍ତ୍ତ କ୍ଷମାଭିକ୍ଷା କରିଥିଲେ । କିନ୍ତୁ ସେତେବେଳେ ଅକାଳୀମାନେ ଢେଲା, ପଥର, ବାଡ଼ିରେ ପୋଲିସର ମୁକାବିଲା କରିଥିଲେ ଏବଂ ପୋଲିସ ପକ୍ଷରୁ ମୁଖ୍ୟତଃ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇ କାହିଁ ଗୁଳିଚାଳନା କରାଯାଇଥିଲା । ଏ ଗଣ୍ଡଗୋଳର ବହୁଲୋକ ଆହତ ହୋଇଥିଲେ ବି କେହି ନିହତ ହୋଇନଥିଲେ । କିନ୍ତୁ ଏଥରର ପ୍ରତିରୋଧ ହେଲା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଏବଂ ଶହଶହ ଲୋକ ମୃତାହତ ହେଲେ ।

୧୯୫୫ ମସିହାରେ ତଦାନିନ୍ତନ ଡି.ଆଇ.ଜି. ଶ୍ରୀ ଅଶ୍ୱିନୀକୁମାର (ଯେକି ପରେ ସୀମାନ୍ତ ରକ୍ଷୀ ବାହିନୀର ଡିରେକ୍ଟର ଜେନେରାଲ ହୋଇ ଅବସର ଗ୍ରହଣ କଲେ) ମାତ୍ର ୪୦୦ ପୋଲିସ୍ ନେଇ ମନ୍ଦିର ଭିତରେ ପ୍ରବେଶ କରିଥିଲେ । ସେହିଦିନ ଠାରୁ ଏଯାବତ ଶ୍ରୀ କୁମାର ଚରମ ପନ୍ଥୀଙ୍କ କଳା ତାଲିକାରେ ରହି ଆସିଛନ୍ତି । ତାଙ୍କଛଡ଼ା ଅନ୍ୟ ଯେଉଁ ହିନ୍ଦୁ ଅଫିସର ସେଥିରେ ଅଂଶ ଗ୍ରହଣ କରିଥିଲେ ସେ ହେଉଛନ୍ତି ଶ୍ରୀ ଏ- ଏସ୍-ସିନ୍ଧୁ (ଫିଲ୍ଲପୁର ପୋଲିସ୍ ଟ୍ରେନିଂ ସ୍କୁଲର ତଦାନିନ୍ତନ ପ୍ରିନ୍‌ସିପାଲ) ।

ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନ ତୁଳନାରେ ସେତେବେଳର କାର୍ଯ୍ୟାନୁଷ୍ଠାନ ଅତି ସହଜ ସାଧିଥିଲା କାରଣ ସ୍ୱର୍ଣ୍ଣମନ୍ଦିର ଭିତରେ ଲୁଚିଥିବା ସ୍ୱେଚ୍ଛାସେବକମାନେ ନା କିଛି ସାମରିକ ତାଲିମ ପାଇଥିଲେ ବା ସେମାନଙ୍କ ହାତରେ ଥିଲା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର । ଏବେ ଚରମପନ୍ଥୀମାନେ ଯେଭଳି ସୁସଜ୍ଜିତ ହୋଇ ଗୁରୁଦ୍ୱାରକୁ ଏକ ପ୍ରତିରକ୍ଷା ଦୁର୍ଗରେ ପରିଣତ କରିଥିଲେ ପୋଲିସ ବାହିନୀ ତା ଭିତରକୁ ପଶିଥିଲେ କେବଳ ପାଣି ବିନା ମାଛଭଳି ଛଟପଟ ହୋଇ ମରିଯାଇ ଥାନ୍ତେ ।

ହେବ ନାହିଁ । ମାତ୍ର ପରିସ୍ଥିତି ଏତେ ଦୂରକୁ ଗଲା କପରି ? ସନ୍ଥ ଭିନ୍ଦରାନ୍‌ୱାଲା ଏଭଳି ଏକ ଅବିସମ୍ବାଦିତ ନେତା ରୂପେ ପରିଣତ ହେଲେ କିପରି ?

ଅକାଳୀ ଦଳର ରାଜନୈତିକ ପ୍ରଭାବକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ସନ୍ଥ ଭିନ୍ଦରାନ୍‌ୱାଲାଙ୍କୁ ପ୍ରାଥମିକ ଅବସ୍ଥାର ଦିଲ୍ଲୀ କର୍ତ୍ତୃପକ୍ଷ ପରୋକ୍ଷଭାବେ ବେଶ ଉତ୍ସାହିତ କରୁଥିଲେ । ଏଥିରେ ଫୁରସତ ଅନୁଯାୟୀ ଦିଲ୍ଲୀ ପୋଲିସ ନିକଟରେ ଆତ୍ମ ସମର୍ପଣ କରିବାକୁ ସେ ୧୯୮୨ ମସିହାରେ ଦିଲ୍ଲୀ ଯାଇଥିଲାବେଳେ ତାଙ୍କୁ ସାଧାରଣ ଅପରାଧୀ ରୂପେ ଗଣ୍ୟ କରାଯାଇଥିଲେ ହୁଏତ ଆଜିର ଏ ଦୁର୍ବିସହ ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା କିନ୍ତୁ ଦୁଇଜଣ କେନ୍ଦ୍ରମନ୍ତ୍ରୀ ସେତେବେଳେ ତାଙ୍କ ପାଦତଳେ ମୁଣ୍ଡରଖି ବନ୍ଦନା କଲେ ।

ସରକାର ବିନା ସର୍ତ୍ତରେ ଖଲାସ କରିବାରୁ କ୍ରମଶଃ ସେ ଧର୍ମାନ୍ଧ ଶିଖ୍‌ମାନଙ୍କର ଏକ ହିରୋରୂପେ ପରିଣତ ହେଲେ ଏବଂ ସମସ୍ତ ଶିଖ୍‌ଙ୍କ ଗହଣରେ ସଚରାଚର ଚଳପ୍ରଚଳ କରି ତାଙ୍କ ସ୍ୱପ୍ନର ସ୍ୱାଧୀନ ଖାଲିସ୍ଥାନ ପାଇଁ ପାଗଳ ହୋଇ ଉଠିଲେ । ଇରାନ୍‌ର ଆୟତୋଲ୍ଲା ଖୋମେଇନିଙ୍କ ଅନୁରୂପ ଏକ ଶିଖରାଜ୍ୟ ଭାରତରେ ଗଠନ

Images: Aptakama Mishra, Processing: Srujanika

କରିବାକୁ ସମସ୍ତଙ୍କର ସାହାଯ୍ୟ ଲୋଡ଼ିଲେ । ଅର୍ଥ ଆଦାୟ ନିମନ୍ତେ ସୀମାନ୍ତର ସବୁ ଚୋରା ବେପାରୀଙ୍କୁ ସେ ସାହାଯ୍ୟ କଲେ ଏବଂ ତାଙ୍କର ଆଶ୍ରାରେ ସେମାନଙ୍କର ଅବାଧ ଗଞ୍ଜେଇ, ଅଫିମ କାରବାର ଚାଲିବା ସଙ୍ଗେ ସଙ୍ଗେ ମନ୍ଦ୍ରଙ୍କ ଟଙ୍କା ଓ ଅସ୍ତ୍ରଶସ୍ତ୍ରର ଅଭାବ ରହିଲାନାହିଁ ।

ଏଭଳି ଏକ ଅବସ୍ଥାରେ ପୂର୍ବତନ ସାମରିକ ଅଫିସର ମାନେ ତାଙ୍କର ପ୍ରତିରକ୍ଷା ଉପଦେଷ୍ଟା ରୂପେ ଜୁଟି ଏକ ଶକ୍ତିଶାଳୀ ସନ୍ତ୍ରାସବାଦୀ ବାହିନୀ ଗଠନ କରିବାରେ ସହାୟତା କଲେ ତାଙ୍କ ସହ ପ୍ରାୟ ୭୦ଜଣ ପୂର୍ବତନ କର୍ଣ୍ଣେଲ, କ୍ୟାପଟେନ୍ ଓ ଜେନେରାଲ ପାହ୍ୟାର ଅଫିସର ମାନେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ଥିଲେବୋଲି ଏବେ ଜଣାପଡ଼ୁଛି । ବହୁଚର୍ଚ୍ଚିତ ମେଜର ଜେନେରାଲ ସୁବେଗ ସିଂହ ଯେ କି ବଙ୍ଗଳା ଦେଶର ସ୍ୱାଧୀନତା ସଂଗ୍ରାମ-ବେଳେ ସେଠାକାର ଗରିଲା ବାହିନୀଙ୍କୁ ତାଲିମ ଦେଉଥିଲେ ସେ ଶିଖ୍ ଗରିଲା-ମାନଙ୍କୁ ତାଲିମ ଦେବା ଫଳରେ ସେମାନେ ଅତି ସୁଶିକ୍ଷିତ ଓ ସଙ୍ଗଠିତ ସୈନିକରେ ପରିଣତ ହୋଇଗଲେ । ଏହା ସହିତ ଭିନ୍ଦରନ୍‌ୱାଲାଙ୍କ ମନୋବଳକୁ ଆହୁରି ବଢାଇ ଦେଲା ଏବଂ ରାଜ୍ୟପୋଲିସ୍ ବାହିନୀ ତାଙ୍କ କାର୍ଯ୍ୟ କଳାପ ରୋକିବାରେ ବିଫଳ ହେବାରୁ ତାଙ୍କପ୍ରତି ସାଧାରଣ ଲୋକଙ୍କ ସମର୍ଥନ ମଧ୍ୟ ବୃଦ୍ଧି ପାଇଲା ।

ପୂର୍ବତନ ସେନାପତି ମାନଙ୍କ ତତ୍ତ୍ୱାବଧାନରେ ଚରମପନ୍ଥୀ ମାନଙ୍କୁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବା ସହଜ ହୋଇଗଲା ଏବଂ କେଉଁ ଧରଣର ଅସ୍ତ୍ରଶସ୍ତ୍ର ଆବଶ୍ୟକ ତାହାମଧ୍ୟ ସେମାନେ ଉତ୍ତମରୂପେ ନିର୍ଦ୍ଧାରଣ କରିପାରିଲେ ।

ଏ ଭଳି ଭଙ୍ଗାରୁଜା କାର୍ଯ୍ୟ ଓ ଅରାଜକତା ଆଉ ଦୁଇମାସ ଚାଲି ଥିଲେ ଅବଶେଷରେ ଭିନ୍ଦରନ୍‌ୱାଲା ସ୍ୱର୍ଣ୍ଣ ମନ୍ଦିରରୁହିଁ ସ୍ୱାଧୀନ ଖାଲିସ୍ତାନ ରାଷ୍ଟ୍ର ଗଠନ ବିଷୟ ଘୋଷଣା କରି ବିଦେଶି ଶକ୍ତିଙ୍କ ସାହାଯ୍ୟ କରିବା ନିମନ୍ତେ ନିବେଦନ କରିଥାନ୍ତେ ଏବଂ ଏହି ଆଳରେ ପାକିସ୍ତାନ ସେନାବାହିନୀ ଭାରତରେ ପ୍ରବେଶ କରିବାର ପଥ ଉନ୍ମୁକ୍ତ ହୋଇଯାଇ ଥାନ୍ତା । ଭାରତ ବାହାରେ ତଥା କଥିତ ଖାଲିସ୍ତାନର ନେତା ମାନେ ଭାରତର ଶତ୍ରୁ ରାଷ୍ଟ୍ର ମାନଙ୍କ ଠାରୁ ସାହାଯ୍ୟ ପାଇବା ଲାଗି ବ୍ୟାପକ ଉଦ୍ୟମ କରିଥାନ୍ତେ ଏବଂ ଭାରତ ବର୍ଷରେ ଗୃହଯୁଦ୍ଧର ନିଆଁ ଲାଗି ଲାଗିଯାଇଥାନ୍ତା ।

ଯେତେ ସଂଖ୍ୟକ ପାକିସ୍ତାନୀ ଅନୁପ୍ରବେଶକାରୀ ଶିଖ ଚରମପନ୍ଥୀ ମାନଙ୍କ ସହ ଯୋଗ ଦେଇଥିଲେ ସେଥିରୁ ଭାରତ ବିରୁଦ୍ଧରେ ବିଭିନ୍ନ ଦେଶର ଯେ ପ୍ରଚ୍ଛନ୍ନ ଷଡଯନ୍ତ୍ର ରହିଥିଲା ତାହା ସୁସ୍ପଷ୍ଟ । ଏବଂ ଶ୍ରୀମତୀ ଗାନ୍ଧୀ ପଞ୍ଜାବ ସମସ୍ୟାର ଦୃଢ଼ତା ପ୍ରକାଶ କରିବାରେ ଯଦି ଅଧିକ ବିଳମ୍ବ କରିଥାନ୍ତେ ତାହାହେଲେ ହୁଏତ ଇତିହାସ ତାଙ୍କୁ କ୍ଷମା ଦେଇ ନଥାନ୍ତା ।

ଚରମପନ୍ଥୀ ମାନେ ଯେତେ ପରିମାଣରେ ଓ ଯେତେପ୍ରକାର ଅସ୍ତ୍ରଶସ୍ତ୍ର ଠୁଳ କରିଥିଲେ ଏବଂ ଗୁରୁଦ୍ୱାର ମାନଙ୍କୁ ଯେପରି ଭାବେ ସୁରକ୍ଷିତ କରି ଗୋଟିଏ ଗୋଟିଏ ପ୍ରତିରକ୍ଷା ଦୁର୍ଗରେ ପରିଣତ କରିଥିଲେ ସେଥିରୁ ସେମାନେ ଦୀର୍ଘକାଳ ପାଇଁ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ ବୋଲି ସ୍ପଷ୍ଟ । ତେବେ ଗୁରୁଦ୍ୱାର ଭିତରକୁ ଏତେ ପରିମାଣରେ ଓ ଏତେ ଜଟିଳ ଅସ୍ତ୍ରଶସ୍ତ୍ର ଗଲା କିପରି ? ରାଜ୍ୟ ପୋଲିସ, ଗୁଇନ୍ଦା ସଂସ୍ଥା, କେନ୍ଦ୍ର ଗୁଇନ୍ଦା ସଂସ୍ଥା ସର୍ବୋପରି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍‌ୱିଙ୍ଗ୍ ବା 'ର' କଣ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । କୌଣସି ଗୋଟିଏ ସଂସ୍ଥା ପକ୍ଷରୁ ମଧ୍ୟ ଏ ଦିଗରେ ତଥ୍ୟ ସଂଗ୍ରହ ହୋଇଥିବା ଜଣାପଡ଼ି ନାହିଁ । ଅପରପକ୍ଷରେ ଡକ୍ଟ୍ର ଆର: ଆଇ ଠାରୁ ଆରମ୍ଭ କରି ଚିଫ୍-ସେକ୍ରେଟେରୀଙ୍କ ପର୍ଯ୍ୟନ୍ତ ସମସ୍ତେ ମିଳିତ ଭାବେ ଚରମପନ୍ଥୀଙ୍କୁ ପରୋକ୍ଷ ସାହାଯ୍ୟ ନ କରିଥିଲେ ଏତେ ଅସ୍ତ୍ରଶସ୍ତ୍ରର ଏପରି ବିପୁଳ ସମ୍ଭାର କଦାପି ସଫଳ ହୋଇ ନଥାନ୍ତା ।

ଖୁସାମତ ସିଂହଙ୍କ ଖେଦ

ବାମପନ୍ଥୀ ବୁଦ୍ଧିଜୀବୀ ମହଲରେ ଖୁସାମତ୍ ସିଂ ରୂପେ ଖ୍ୟାତ ବିଶିଷ୍ଟ ସାମ୍ବାଦିକ ଶ୍ରୀ ଖୁସବନ୍ତ ସିଂ ସ୍ୱର୍ଣ୍ଣ ମନ୍ଦିରରେ ସେନାବାହିନୀର ପ୍ରବେଶ ଘଟଣାର ପ୍ରତିବାଦ ସ୍ୱରୂପ ନିଜେ ପାଇଥିବା ପଦ୍ମଭୂଷଣ ଉପାଧି ରାଷ୍ଟ୍ର-ପତିଙ୍କୁ ଫେରାଇ ଦେଇଛନ୍ତି

ସେ ଜଣେ ଚିନ୍ତାଶୀଳ, ବିବେକ ସମ୍ପନ୍ନ ଲୋକ ରୂପେ ସମାଜରେ ଯେଉଁ ପ୍ରତିଷ୍ଠା ଅର୍ଜନ କରିଥିଲେ । ଗୋଟିଏ କାର୍ଯ୍ୟ ଦ୍ୱାରା ତାଙ୍କର ମର୍ଯ୍ୟାଦା ନଷ୍ଟ ହୋଇଗଲା । ଏ କାର୍ଯ୍ୟରେ ବିରକ୍ତି ପ୍ରକାଶ କରି ଭାରତର ବିଭିନ୍ନ ପ୍ରାନ୍ତରୁ ତାଙ୍କ ନିକଟକୁ ବହୁ ପତ୍ର ପଠାଯାଉଛି ଏବଂ ଶିଖ ଚରମ-ପନ୍ଥୀମାନେ ନିରୀହ ଲୋକଙ୍କୁ ହତ୍ୟା କରୁଥିଲା ବେଳେ ତାଙ୍କର ସେ ବିବେକ କେଉଁଠି ଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଶ୍ରୀ ସିଂ ଅବଶ୍ୟ ସାଧାରଣ ଭାବେ ଏହାର ଉତ୍ତର ଦେଇ ନାହାନ୍ତି କିନ୍ତୁ କଂଗ୍ରେସର କେତେକ ନେତା ତାଙ୍କୁ ପାର୍ଲାମେଣ୍ଟ ସଭ୍ୟ ପଦରୁ ଇସ୍ତଫା ଦେଇ ଦେବା ପାଇଁ ଯେଉଁ ଆହ୍ୱାନ କରିଛନ୍ତି ତାକୁ ସେ ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି । ସୁବିଧାବାଦୀ ରାଜନୀତିର ଏହା ଏକ ନିଚ୍ଛକ ଅଭି-ବ୍ୟକ୍ତି ବ୍ୟତୀତ ଅନ୍ୟ କଣ ହୋଇ ପାରେ ବୋଲି ଖାରବେଳର ଜଣେ ପାଠକ ପ୍ରଶ୍ନ କରିଛନ୍ତି ।

Images: Aptakama Mishra, Processing: Srujanika

ଚମ୍ବଲର ଡକାୟତମାନେ ଗ୍ରାମବାସୀଙ୍କ ସହାୟତାରେ ଯେପରି ବଳବାନ୍ ହୋଇ ଉଠିଥିଲେ ସେହିପରି ଚରମପନ୍ଥୀମାନେ ମଧ୍ୟ ରାଜ୍ୟ ପ୍ରଶାସନର ସହାୟତାରେ ବଳବାନ୍ ହୋଇ ଉଠିଥିଲେ ବୋଲି ଭାବିବା ଅଯୌକ୍ତିକ ନୁହେଁ । ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଚରମପନ୍ଥୀ ମାନଙ୍କର ଯେଉଁ ଆଦର୍ଶ ପ୍ରତି ସେଠା ଲୋକ ଓ ପ୍ରଶାସନର ସମର୍ଥନ ମିଳୁଥିଲା ତାହା କଣ ଦୂର ହୋଇଗଲା ନା ଔଷଧ ପ୍ରୟୋଗ କରି ରୋଗକୁ ଦବାଇ ଦେଲାଭଳି ଅବସ୍ଥା ସୃଷ୍ଟି ହେଲା ?

ସାମରିକ କାର୍ଯ୍ୟାନୁଷ୍ଠାନ

ଜୁନ ୫ ଓ ୬ ତାରିଖ ଦିନ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ଚରମପନ୍ଥୀ ମାନଙ୍କୁ ବାହାର କରିବା ପୂର୍ବରୁ ସେମାନଙ୍କୁ ବାହାର ଜଗତଠାରୁ ବିଚ୍ଛିନ୍ନ କରି ଦେବାର କୌଶଳ ଅବଲମ୍ବନ କରିଥିଲେ ହୁଏତ ସେମାନେ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହୋଇଥାନ୍ତେ ଏବଂ ଏତେ ସଂଖ୍ୟାରେ ଯବାନ୍‌ମାନେ ପ୍ରାଣ ହରାଇ ନଥାନ୍ତେ ବୋଲି କେତେକ ସାମରିକ ବିଶାରଦ ମତବ୍ୟକ୍ତ କରୁଛନ୍ତି । ଏହା ଅବଶ୍ୟ ଏକ ଜଟିଳ ପ୍ରଶ୍ନ । ଚରମପନ୍ଥୀମାନଙ୍କୁ ବାହାର ଜଗତଠାରୁ ବିଚ୍ଛିନ୍ନ କରିବାକୁ ହୋଇଥିଲେ ବିଜୁଳି, ପାଣି ଲାଇନ୍ ଇତ୍ୟାଦି ସେମାନେ ରହୁଥିବା ସ୍ଥାନରୁ କାଟି ଦେଇଥିଲେ ଅବରୁଦ୍ଧ ସ୍ଥାନରୁ ସେମାନେ ଆସିବାକୁ ବାଧ୍ୟ ହୋଇଥାନ୍ତେ ବୋଲି କେତେକ କହୁଛନ୍ତି । କିନ୍ତୁ ଏଭଳି ବ୍ୟବସ୍ଥା ଗ୍ରହଣ କରିଥିଲେ ଚରମପନ୍ଥୀମାନେ ଦଳଦଳ ହୋଇ ମନ୍ଦିର ବାହାରକୁ ଯାଇ ଅତ୍ୟନ୍ତ ଅମାନୁଷିକ ଭାବେ ନିରୀହ ଲୋକମାନଙ୍କୁ ହତ୍ୟାକରିବା ପାଇଁ ପଶ୍ଚାତ୍‌ପଦ ହୋଇ ନଥାନ୍ତେ । ଏ କଥାକୁ ଆଖିଆଗରେ ରଖି ଆମର ସୈନ୍ୟବାହିନୀ ଅବରୋଧ କରିବା ପଥ ପରିହାର କରିଥିଲେ ।

କିନ୍ତୁ ଶିଖ୍ ମାନଙ୍କର ପବିତ୍ରତମ ଉପାସନା ପୀଠ ହରମନ୍ଦିରସାହିବକୁ ଅକ୍ଷତ ରଖି ଚରମପନ୍ଥୀ ମାନଙ୍କୁ ନିକାଳିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ଏହାକୁ କାର୍ଯ୍ୟକାରି କରିବା ସେମାନଙ୍କ ପକ୍ଷେ ଅତୀବ କଷ୍ଟସାଧ୍ୟ ହୋଇଥିଲା । ଏକ ଉପାସନା ପୀଠର ପବିତ୍ରତା ରକ୍ଷା ପାଇଁ ଇଟା ଚୂନର କାନ୍ଥକୁ ମଣିଷଜୀବନ ଠାରୁ ଅଧିକ ମୂଲ୍ୟବାନ ମନେ କରାଗଲା ଫଳରେ ଜବାନମାନଙ୍କୁ ଆଖିବୁଜି ସମୁଦ୍ର ତେଉଭଳି ଆଗକୁ ମାଡ଼ିଯିବାକୁ ପଡ଼ିଲା

ରୋକିବାକୁ ସେନାବାହିନୀ ମୁତୟନ କରାଯାଇଛି । ସେଠାରେ ସୈନ୍ୟମାନଙ୍କୁ ଗଣ୍ଡଗୋଳକାରି ମାନଙ୍କ ସହିତ କେବେ ଯୁଦ୍ଧ କରିବାକୁ ପଡ଼ିନାହିଁ । ସେନା ବାହିନୀର ଉପସ୍ଥିତି ଏବଂ ସେମାନଙ୍କ ପଦଯାତ୍ରା ହିଁ ଅବସ୍ଥା ସମ୍ଭାଳିବାରେ ଯଥେଷ୍ଟ ହୋଇଛି ।

ବେସାମରିକ କାର୍ଯ୍ୟରେ ସାହାଯ୍ୟ କରିବାକୁ ସ୍ୱାଧୀନତା ପରବର୍ତ୍ତୀ ବର୍ଷ ଅର୍ଥାତ୍ ୧୯୪୮ ମସିହାରେ ସେନାବାହିନୀର ସାହାଯ୍ୟ ନିଆଯାଇଥିଲା ।

ଏବଂ ପରିଣତିରେ ଶତାଧିକ ମୃତାହତ ହେଲେ ।

ନିଜର ବିପର୍ଯ୍ୟୟ ଆସନ୍ନ ଜାଣି ସ୍ୱର୍ଣ୍ଣ ମନ୍ଦିରକୁ ସମୂଳେ ଧ୍ୱଂସ କରିବା ପାଇଁ ଚରମପନ୍ଥୀମାନେ ଯେଉଁ ଉଦ୍ୟମ କରିଥିଲେ । ତାକୁ ଅବଶ୍ୟ ପ୍ରତିରକ୍ଷା-ବାହିନୀ ପ୍ରତିହତ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟଥା ଅବସ୍ଥା ଅଧିକ ଜଟିଳ ହୋଇଥାନ୍ତା ।

ସ୍ୱାଧୀନତା ପରେ ଭାରତର ଯେଉଁ ସବୁ ଅଞ୍ଚଳ ମାନଙ୍କରେ ଅରାଜକତା

ସେତେବେଳେ ହାଇଦ୍ରାବାଦ ବିଦ୍ରୋହ ଦମନ କରିବା ପରେ ତେଲେଙ୍ଗାନାରେ କମ୍ୟୁନିଷ୍ଟଙ୍କୁ ଜବତ କରିବାକୁ ସେନା ବାହିନୀ ମୁତୟନ କରାଯାଇଥିଲା । ସେହିଦିନ ଠାରୁ ଏ ପର୍ଯ୍ୟନ୍ତ ବହୁ ଘଟଣାରେ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ପାଇଁ ସେନା ବାହିନୀର ସାହାଯ୍ୟ ନିଆଯାଇଛି । ନାଗାଲାଣ୍ଡ ବିଦ୍ରୋହ ଓ ଆସାମ ଆନ୍ଦୋଳନର ମୁକାବିଲା କରିବାକୁ ପ୍ରତିରକ୍ଷା ବାହିନୀକୁ ଅବଶ୍ୟ

Images: Aptakama Mishra, Processing: Srujanika

ବେଶ କିଛିଦିନ ଲାଗିଯାଇଥିଲା । କିନ୍ତୁ ପଞ୍ଜାବର ଅବସ୍ଥା ଥିଲା ସମ୍ପୂର୍ଣ୍ଣ ଅଲଗା ।

ଏଠାରେ ଭାରତୀୟ ସେନାବାହିନୀ ତାଙ୍କର ପ୍ରତିପକ୍ଷ ରୂପେ ନିଜର ପୂର୍ବତନ ସହକର୍ମୀ ମାନଙ୍କୁ ମୁକାବିଲା କରିଥିଲେ ।

ସ୍ୱର୍ଣ୍ଣ ମନ୍ଦିର ପ୍ରତିରକ୍ଷା ବ୍ୟବସ୍ଥା, ବୋମାତିଆରି କାରଖାନା ଦେଖି ସମସ୍ତେ ଅବାକ୍ ହୋଇଗଲେ । ଟ୍ରାକ୍ଟର ଇଞ୍ଜିନ ଓ ଧାନକୁଟା କଳ ବ୍ୟବହାର କରି ସେମାନେ ଯେପରି ଅତ୍ୟାଧୁନିକ ପ୍ଲାଷ୍ଟିକ ବୋମା ତିଆରି କରୁଥିଲେ ସେଥିରୁ ତାଙ୍କ ପଛରେ ବିଚକ୍ଷଣ ଅସ୍ତ୍ରଶସ୍ତ୍ର ବିଶାରଦ ମାନଙ୍କର ପୂର୍ଣ୍ଣ ସାହାଯ୍ୟ ରହିଥିବା ସ୍ପଷ୍ଟ ।

ଅର୍ଥ ସଂଗ୍ରହ ଓ ନିର୍ମାଣ ସାଙ୍ଗକୁ ଚରମପନ୍ଥୀ ମାନଙ୍କ ଗୁଇନ୍ଦା ବ୍ୟବସ୍ଥା ମଧ୍ୟ ସମସ୍ତଙ୍କୁ ଆଚମ୍ବିତ କରିଥିଲା । ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ-ଦରବାରା ସିଂହ ମଧ୍ୟ କଥା ପ୍ରସଙ୍ଗରେ ସମ୍ବାଦିକ ମାନଙ୍କୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଯେ କୌଣସି ଗୁପ୍ତ ନିଷ୍ପତ୍ତି ଚରମପନ୍ଥୀ ମାନଙ୍କ କାନକୁ ଚାଲିଯାଉଥିଲା । ଫଳରେ ସେମାନଙ୍କ ବିରୁଦ୍ଧରେ କୌଣସି ସଫଳ ପଦକ୍ଷେପ ନେବା ସମ୍ଭବ ହୋଇନଥିଲା । ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଯେତେବେଳେ ସମଗ୍ର ଦେଶସହ ପଞ୍ଜାବର ଯୋଗାଯୋଗ ବିଚ୍ଛିନ୍ନ କରି ଦିଆଗଲା ତାପରେ ମଧ୍ୟ କିଛିଦିନପାଇଁ ଚରମପନ୍ଥୀଙ୍କ ଦିଲ୍ଲୀ ସମର୍ଥକ ବର୍ଗ ପଞ୍ଜାବ ଘଟଣା ବଳୀ ସମ୍ପର୍କରେ ଠିକ ଖବର ପାଇପାରୁଥିଲେ । ରେଳ-ବାଇରେ ଦୁଇଜଣ କର୍ମଚାରୀ ରେଳୱେ ଓ୍ୱାୟାରଲେସ ଜରିଆରେ ଏହି ଖବର ପଠାଉଥିବା ପରେ ଜଣା ପଡ଼ିଥିଲା । ତଥ୍ୟ ସମ୍ବନ୍ଧରେ ଚରମପନ୍ଥୀମାନେ କିପରି ସଜାଗ ଓ ସକ୍ରିୟ ରହିଥିଲେ ତାହା ସ୍ପଷ୍ଟ ।

ସନ୍ଥ ଭିନ୍ଦରନ୍‌ୱାଲାଙ୍କ ମୃତ୍ୟୁ ପରେ ଦେଶବାସୀ ଆପାତତଃ ଆଶ୍ୱସ୍ତ ହୋଇଛନ୍ତି । କିନ୍ତୁ ତାଙ୍କ ସ୍ଥାନ ଶୂନ୍ୟ ରହିବ ତ ? □

ଭାରତରେ ପ୍ରତିଦିନ ୪୦୦ ଦୁର୍ଘଟଣା ଘଟୁଛି

ଏଥିରେ ପ୍ରାଣ ହରାଉଥିବା ବ୍ୟକ୍ତି ମାନଙ୍କ ହାରାହାରି ବୟସ ୩୦ ବର୍ଷ

ଭାରତ ବର୍ଷରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାୟ ୨୫ ରୁ ୩୦ ହଜାର ଲୋକ ପ୍ରାଣ ହରାଉଛନ୍ତି ବୋଲି ଭାରତୀୟ ରୋଡକଂଗ୍ରେସ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣା-ପଡ଼ିଛି । ସେମାନଙ୍କ ରିପୋର୍ଟ ଅନୁଯାୟୀ ପ୍ରତି ୧୦,୦୦୦ ଗାଡ଼ିରେ ୬୭.୫ ଜଣ ଲୋକ ପ୍ରାଣ ହରାଇଥା'ନ୍ତି ।

ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏ ମାସ [illegible] ଗଠିତ [illegible] ରିପୋର୍ଟ ଅନୁଯାୟୀ ଆମ ଦେଶରେ [illegible] ୪୦୦ ଟି ଦୁର୍ଘଟଣା [illegible] ୮୦ ଜଣ ଲୋକ ନିହତ [illegible] ଜଣ ଲୋକ ଆହତ ହୁଅନ୍ତି ।

କିନ୍ତୁ ନ୍ୟାସନାଲ ରୋଡ୍ ଅକ୍ସିଡେଣ୍ଟ ପ୍ରିଭେନସନ୍ ସୋସାଇଟିର ଡେପ୍ୟୁଟିରମ୍ୟାନ

Images: Aptakama Mishra, Processing: Srujanika

ଶ୍ରୀ ସୁଭାଷ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ?

ରାଜ୍ୟସ୍ତରୀୟ ସଭାପତି ତଥା ଯୁବକଂଗ୍ରେସର ପୂର୍ବତନ ସଭାପତି ଶ୍ରୀ ସୁଭାଷ ଚନ୍ଦ୍ର ମହାନ୍ତି ଆଜି କାଲି ଆଉ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଜ୍ଞାପନ କରୁନାହାନ୍ତି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି । ସ୍ଥାନୀୟ ରାଜନୀତି ସେହି ଦୁଇଜଣଙ୍କ ମତଭେଦର ମୁଖ୍ୟ କାରଣ । ପଞ୍ଚାୟତର ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ଚେୟାରମ୍ୟାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଶ୍ରୀ ମହାନ୍ତିଙ୍କ ମତାମତ ଅବଜ୍ଞା କରାଯାଇ ଡାକ୍ତର ଲଳିତ ମହାନ୍ତି ଓ ଶ୍ରୀ ରମାନନ୍ଦ ସାହୁଙ୍କ ମତାମତ ପ୍ରତି ଗୁରୁତ୍ୱ ଦିଆଯାଇ ଥିବାରୁ ମହାନ୍ତି ବାବୁ ବୁଝିଲେ ଅଭିମାନରେ କ୍ଷୁଣ୍ଣ ହୋଇଛନ୍ତି ।

ଏଣେ ରାଜ୍ୟସଭା ପାଇଁ ଆଶାୟୀ ହୋଇ ବିଫଳ ହୋଇଥିବା ଡାକ୍ତର ଲଳିତ ମହାନ୍ତି ସୁଭାଷ ବାବୁଙ୍କୁ ଅଡ଼ୁଆରେ ପକାଇ ନିଜ ରାଗ ଶୁଝାଇବା ପାଇଁ ଲାଗିପଡ଼ିଥିବାରୁ ଅଠଗଡ଼ ଓଡ଼ିଶା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଶିବିରରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲାଣି ।

ଏଠାରେ ସ୍ମରଣ କରାଯାଇ ପାରେ ଯେ ଗତ ଥର ରାଜ୍ୟସଭାକୁ ମୁଖ୍ୟମନ୍ତ୍ରୀ କଂଗ୍ରେସର ଯେଉଁ ୪ ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଥିଲେ ସେମାନଙ୍କ ଭିତରେ ମୂଳରୁ ଶ୍ରୀ ସୁଭାଷ ମହାନ୍ତିଙ୍କ ନାମ ନଥିଲା । ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶାର ଅନ୍ୟତମ ଯୁବନେତା ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କୁ ରାଜ୍ୟସଭାକୁ ପଠାଇବାକୁ ଏକ ପ୍ରକାର ସଂକଳ୍ପବଦ୍ଧ ହୋଇଥିଲେ । କିନ୍ତୁ ଦିଲ୍ଲୀରେ ରାଜୀବ ଗାନ୍ଧୀ ଯୁବ କଂଗ୍ରେସ ଲୋକଙ୍କୁ ରାଜ୍ୟସଭାକୁ ନେବା ନିମନ୍ତେ ସ୍ଥିର- ବାରୁ ଓଡ଼ିଶା ଯୁବ କଂଗ୍ରେସ ସଭାପତି ଦଳୀୟ ଟିକେଟ ପାଇଲେ ଓ ଜଗନ୍ନାଥବାବୁ ବାଦ ପଡ଼ିଗଲେ । ରାଜ୍ୟସଭା ନିର୍ବାଚନ ପରେ ବିଧାୟକ ଓ କଂଗ୍ରେସ ଲୋକଙ୍କ ଏକ ସମାବେଶରେ ମୁଖ୍ୟମନ୍ତ୍ରୀ ମଧ୍ୟ ପରୋକ୍ଷରେ ଏହା ସ୍ୱୀକାର କରିଥିଲେ ।

କିନ୍ତୁ ସୁଭାଷ ବାବୁ ଏ ପର୍ଯ୍ୟନ୍ତ ସେ ବିଷୟରେ ନୀରବ ରହି ଏବେ ସେ ଘଟଣାକୁ ଗୁରୁତ୍ୱ ପ୍ରଚାର କରି ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ କୃତଜ୍ଞ ହେବାର କୌଣସି କାରଣ ନାହିଁ ବୋଲି କହି ବୁଲୁଛନ୍ତି । ଏ ଘଟଣା ଲୋକସଭା ସଦସ୍ୟ ଶ୍ରୀମତୀ ପଟ୍ଟନାୟକଙ୍କ କାନକୁ ଆସିବା ପରେ ସେ ଏକ ତାଳପକା ଉଦ୍ୟମ କରି ବିଫଳ ହୋଇଥିବା କଂଗ୍ରେସ ମହଲକୁ ଜଣାପଡ଼ିଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ କି ସୁଭାଷ ବାବୁଙ୍କୁ ସ୍ୱତନ୍ତ୍ର ଦଳରୁ ଆଣି କଂଗ୍ରେସରେ ଭର୍ତ୍ତି କରିଥିବା ପୂର୍ବତନ ଗଡ଼ଜାତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିପିନ ବିହାରୀ ପଟ୍ଟନାୟକଙ୍କ ପ୍ରତି ମଧ୍ୟ ଶ୍ରୀ ମହାନ୍ତି ଅନୁଗତ ନାହାନ୍ତି । ତେଣୁ କୌଣସି ପ୍ରେମରେ ଉଦ୍‌ବୁଦ୍ଧ ହୋଇ କଂଗ୍ରେସ ଦଳରେ ସୁଭାଷ ବାବୁଙ୍କୁ ପ୍ରତିଷ୍ଠିତ କରିଥିବା ଜାନକୀବାବୁଙ୍କ ପ୍ରତି ସେ କେତେ ଦୂର ଅନୁଗତ ରହିବେ ବୋଲି କଂଗ୍ରେସ କର୍ମୀମାନେ ପ୍ରଶ୍ନ କରିଛନ୍ତି । □

ବୁକ୍‌ସ୍‌ ଇଣ୍ଟରନ୍ୟାସ୍‌ନାଲ୍‌

ରାଉରକେଲାର ସୁଧୀ ପାଠକ ବୃନ୍ଦଙ୍କୁ ଆମର ସସ୍ନେହ ନମସ୍କାର

ଆପଣ ଆମ ସେବାର ସୁଯୋଗ ଜୁଲାଇ ମାସ ଦ୍ୱିତୀୟ ସପ୍ତାହଠାରୁ ପାଇବେ ।

ଆପଣଙ୍କର ଯେ କୌଣସି ସମୟର ମନମୁତାବକ ବହି ଆମ ପାଖରେ ମିଳି ପାରିବ ।

ଭାଷା — ଇଂରାଜୀ, ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ସଂସ୍କୃତ ।

ବୁକ୍‌ସ୍‌ ଇଣ୍ଟରନ୍ୟାସ୍‌ନାଲ୍‌

୨୧, ସୁପର ମାର୍କେଟ, ଉଦିତ ନଗର, ରାଉରକେଲା - ୭୬୯୦୦୧

ପରବର୍ତ୍ତୀ ଘୋଷଣା ପାଇଁ ଅପେକ୍ଷା କରନ୍ତୁ ।

ଅଧିକ ବିବରଣୀ ଜାଣିବାପାଇଁ

ବୁକ୍‌ସ୍‌ ଇଣ୍ଟରନ୍ୟାସ୍‌ନାଲ୍‌, ବାଙ୍କା ବଜାର, କଟକ-୨ଙ୍କ ସହ ଯୋଗାଯୋଗ କରନ୍ତୁ ।

ଶ୍ରୀ ଏସ୍‌-କେ ମଜୁମଦାରଙ୍କ ମତରେ ରାସ୍ତା ଦୁର୍ଘଟଣାରେ ଦେଶରେ ପ୍ରତିଦିନ ୬୫ ଜଣ ଲୋକ ମରୁଛନ୍ତି ଏବଂ ଏକହଜାର ଜଣ ଆହତ ହେଉଛନ୍ତି । ଅନ୍ୟଭାଷାରେ କହିବାକୁଗଲେ ପ୍ରତିବର୍ଷ ୨୪ ୦୦୦ ଲୋକ ନିହତ ଏବଂ ସାଢେ ୩ ଲକ୍ଷ ଲୋକ ଆହତ ହେଉଛନ୍ତି ।

ଏହି ଦୁର୍ଘଟଣା ଜନିତ କ୍ଷୟକ୍ଷତି ସମ୍ପର୍କରେ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ଅଟକଳ କରାଯାଇଛି । ପରିବହନ ମନ୍ତ୍ରଣାଳୟର ହିସାବ ଅନୁଯାୟୀ ପ୍ରତିବର୍ଷ ଦୁର୍ଘଟଣାରେ ପ୍ରାୟ ୨୦୦ କୋଟି ଟଙ୍କା କ୍ଷତି ହେଉଛି ।

ସେଣ୍ଟ୍ରାଲ ରୋଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଏକ ରିପୋର୍ଟରେ କୁହାଯାଇଛି ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ହାରାହାରି ବୟସ ୩୧ ବର୍ଷ ।

ଏହି ଦୁର୍ଘଟଣା ଯୋଗୁ କେତେ କ୍ଷତି ହେଉଛି ସେ ସମ୍ପର୍କରେ ଅବଶ୍ୟ ଭିନ୍ନ ଭିନ୍ନ ଅଟକଳ ପ୍ରକାଶ ପାଇଛି । ତେବେ ସଂପୃକ୍ତ କେନ୍ଦ୍ର ମନ୍ତ୍ରଣାଳୟର ଏକ ହିସାବ ଅନୁଯାୟୀ ରାସ୍ତା ଦୁର୍ଘଟଣା ଫଳରେ ବାର୍ଷିକ ପ୍ରାୟ ୭୦୦ କୋଟି ଟଙ୍କାର କ୍ଷତି ହେଉଛି ଏବଂ କେତେକ ୟୁରୋପୀୟ ରାଷ୍ଟ୍ରରେ ଏହି କ୍ଷତି ଗୁଡ଼ିକର ପରିମାଣ ସେମାନଙ୍କ ମୋଟ ଜାତୀୟ ରାଜସ୍ୱର ପ୍ରାୟ ଶତକଡ଼ା ୧ ଭାଗ । □

ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା

ଶ୍ରୀ ଧୀରେନ୍ଦ୍ର ନାଥ ଦାସ

ଚଳିତ ମାସ ୩୦ ତାରିଖ ଦିନ ଜଗତର ନାଥ ଶ୍ରୀ ଜଗନ୍ନାଥ ଶ୍ରୀ ମନ୍ଦିରର ବାଇଶି ପାହାଚ ଅତିକ୍ରମ କରି ନନ୍ଦିଘୋଷ ରଥରେ ବସି ରଥଯାତ୍ରାରେ ବାହାରିବେ । ବଡ଼ଭାଇ ବଳଭଦ୍ର ଏବଂ ସାନଭଉଣୀ ସୁଭଦ୍ରା ମଧ୍ୟ ଯଥାକ୍ରମେ 'ତାଳଧ୍ୱଜ' ଏବଂ 'ଦେବୀଦଳନ' ରଥ ଆରୋହଣ କରି ତାଙ୍କ ସହିତ ରଥଯାତ୍ରାରେ ଯୋଗ ଦେବେ । ବାସ୍ତବିକ ରଥଯାତ୍ରା ଦିନ ଦେଶ ବିଦେଶର ପ୍ରତ୍ୟେକ ପ୍ରାନ୍ତରରୁ ଆସି ସମବେତ ହେଉଥିବା ଲକ୍ଷ ଲକ୍ଷ ଭକ୍ତଙ୍କର ଦୀର୍ଘ ସମୟର ପ୍ରତୀକ୍ଷା ତିନିମୂର୍ତ୍ତିଙ୍କର ସାମାନ୍ୟ ଦର୍ଶନ ମାତ୍ରେ ପରମ ଆନନ୍ଦରେ ପରିଣତ ହୋଇଯାଏ । ଜଣେ ଜୀବନକାଳ ମଧ୍ୟରେ ଏପରି ଏକ ଦୃଶ୍ୟ ଅବଲୋକନ କରିବା ନିଶ୍ଚିତ ଭାବେ ବିରଳ । ମୁଣ୍ଡରେ ଟାହିଆ ପିନ୍ଧି ନାନା ବର୍ଣ୍ଣଶୋଭିତ ବସନ ଓ ଭୂଷଣରେ ସଜ୍ଜିତ ହୋଇ ଦଇତା ଓ ସେବକଙ୍କ ସାହାଯ୍ୟରେ ଶ୍ରୀମନ୍ଦିରର ବାଇଶି ପାହାଚରେ ଘଣ୍ଟା ମାର୍ଦ୍ଦଳର ଧ୍ୱନି ମଧ୍ୟରେ ଟୁଙ୍କି ଟୁଙ୍କି ତିନିମୂର୍ତ୍ତି ଆଗେଇ ଆସନ୍ତି, ଯାହାକୁ ପ୍ରଚଳିତ ରୀତିରେ 'ପହଣ୍ଡି ବିଜେ' କୁହାଯାଏ । ଏହି ପହଣ୍ଡି ବିଜେ ଦୃଶ୍ୟକୁ କଳ୍ପନାରେ ନଦେଖି ବାସ୍ତବପକ୍ଷେ ନିଜ ଆଖିରେ ଦେଖିବା ଅଧିକ ସମୀଚୀନ । ତିନି ଦିଅଁଙ୍କର ପହଣ୍ଡି ଦେଖିଲେ ପରେ ଭଗବାନ ଯେ ଅବତାର ଗ୍ରହଣ କରି ବ୍ୟକ୍ତିବିଶେଷ ରୂପରେ ପୂଜିତ ହେଉଛନ୍ତି ଏହାକୁ ଅବା କିଏ ବିଶ୍ୱାସ ନ କରିବ ? ପାହାଚ ପରେ ପାହାଚ ଅତିକ୍ରମ କରି ତିନିମୂର୍ତ୍ତି ବଳଭଦ୍ର ସୁଭଦ୍ରା ଏବଂ ଜଗନ୍ନାଥ ଯେତେବେଳେ କ୍ରମାନ୍ୱୟରେ ଆସି ମନ୍ଦିରର ସିଂହଦ୍ୱାର ନିକଟରେ ପଦାର୍ପଣ କରନ୍ତି ସେତେବେଳେ ଆକାଶର ବକ୍ଷକୁ ଆନନ୍ଦଧ୍ୱନିରେ ବିଦୀର୍ଣ୍ଣ କରି ଲକ୍ଷ ଲକ୍ଷ ଜନତାଙ୍କ ଯୋଡ଼ହସ୍ତ ଦିଅଁଙ୍କପ୍ରତି ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ ରୂପେ ସ୍ୱତଃ ଉପରକୁ ଉଠିଯାଏ । ଦିଅଁଙ୍କ ମହିମା ସ୍ମରଣ କରି ଅନେକ ଭକ୍ତ ଭଜନ ପାଠ କରୁଥିବାର ଦେଖାଯାଏ । ବିଭିନ୍ନ ଜାତି, ବର୍ଣ୍ଣ ଏବଂ ଧର୍ମଧାରା ସମ୍ପନ୍ନ ଭକ୍ତଗଣ ଏପରି ଏକ ବିରାଟ ଉତ୍ସବରେ ପରସ୍ପରଠାରେ ଏକତ୍ରିତ ହୋଇ ଭଗବାନଙ୍କ ସହ ଏକ ହୋଇ ଯାଇଥିବା ଅନୁଭବ କରନ୍ତି । କ୍ଷଣିକ ପାଇଁ ମଣିଷର ଆତ୍ମା ଏହି ଅନିତ୍ୟ, ଅସାର ପୃଥିବୀ ପରିତ୍ୟାଗ କରି କେଉଁ ଏକ ଅଜଣା ଏବଂ ଅଲଙ୍ଘନୀୟ ଉଚ୍ଚତାର ପରିଧିକୁ ଅତିକ୍ରମ କରେ, ଯାହା କେବଳ ଅନୁଭବିହିଁ ଜାଣେ । ଭଗବତ ଗୀତାରେ ବର୍ଣ୍ଣିତ ନିଜକୁ ଅକାତରରେ ଶୂନ୍ୟ କରିବାର ଏହି ସ୍ୱଗତ ଅନାବିଷ୍ଟତା ମୂଳକ ମନୋବୃତ୍ତି କେବଳ ଇତିହାସର ଏକ ଅତୀବ ସୁଦର୍ଶନ ସାମଗ୍ରୀ ହୋଇ ରହିନାହିଁ, ବରଂ ଆଜିର ଏହି ଈଶ୍ୱରଶୂନ୍ୟ ଯନ୍ତ୍ରଚାଳିତ ଯୁଗରେ ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାର ଦୃଶ୍ୟାବଳୀ ମଧ୍ୟରେ ଏହା ଆଜି ରୂପାୟିତ ହେଉଅଛି । ବର୍ଷ ବର୍ଷ ଧରି ଗଜପତି ନାମ ଧାରଣ କରି ପୁରୀର ରାଜା ମେହେନ୍ତରର ସଦୃଶ ହସ୍ତରେ ସାଙ୍କେତିକ ସୁବର୍ଣ୍ଣମୁଠା ଧରି ରଥଯାତ୍ରା ଆରମ୍ଭ ପୂର୍ବରୁ ରଥ ଚାରିପାର୍ଶ୍ୱ ମାର୍ଜ୍ଜନା କରନ୍ତି । ଏହାପରେ ଶ୍ରୀ ଜୀଉଙ୍କର ପ୍ରସିଦ୍ଧ କରୁଣା ପ୍ରଦାନକାରୀ ରଥଟଣା ଆରମ୍ଭ ହୁଏ । ଗଜପତି ମହାରାଜାଙ୍କର ରଥମାର୍ଜ୍ଜନା କାର୍ଯ୍ୟ ବଜ୍ର ନିର୍ଘୋଷ ସ୍ୱରରେ ଏହି ସତ୍ୟ ଘୋଷଣା କରେ ଯେ ରାଜାଧିରାଜ ହେଲେମଧ୍ୟ ଶ୍ରୀ ଜଗନ୍ନାଥଙ୍କର ଅଗଣିତ ସାଧାରଣ ପ୍ରଜାଙ୍କ ଠାରୁ ସେ କୌଣସି ପ୍ରକାର ଉର୍ଦ୍ଧ୍ୱରେ ନାହାନ୍ତି, ବରଂ ସେହି ପୁରୁଷୋତ୍ତମଙ୍କର ସମୀପରେ ସେ ଏକ ଅକିଞ୍ଚନ ପ୍ରଜା । ଯାହାଙ୍କ ଚରଣରୁ ତାଙ୍କର ସବୁ ସାଂସାରିକ ମର୍ଯ୍ୟାଦା, ସମୃଦ୍ଧି ଏବଂ କୃତିତ୍ୱାବଳୀ ଜନ୍ମ ନେଇ ।

ଭାରତର ସାଂସ୍କୃତିକ ପରଂପରା ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଏହି ପବିତ୍ର ଦିନରେ ପାପ, ଅନ୍ୟାୟ ଓ ଅଜ୍ଞାନ ମଧ୍ୟରେ ସଢ଼ି ଆତ୍ମାନ୍ଧ ହୋଇଥିବା ପତିତମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସତ୍‌ପୁରୁଷ କରି ଗଢ଼ି ତୋଳିବା ନିମିତ୍ତ 'ପତିତପାବନ' ନାମ ଧାରଣ କରି ପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରା ପାଇଁ ଶ୍ରୀ ମନ୍ଦିରରୁ ବାହାରି ଆସନ୍ତି । ଐତିହାସିକ ତଥ୍ୟ ଅନୁଯାୟୀ ପରିସ୍ଥିତିର ଶୀକାର ହୋଇ ଉତ୍କଳର ଗଜପତି ମହାରାଜ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ 'ଇସଲାମ' ଧର୍ମରେ ଦୀକ୍ଷିତ ହୋଇଥିଲେ । ତେଣୁ ତାଙ୍କୁ ମନ୍ଦିର ପ୍ରବେଶ ଅଧିକାରରୁ ବଂଚିତ କରାଯାଇଥିଲା । କିନ୍ତୁ ପ୍ରଭୁଙ୍କର ଥରେ ମାତ୍ର ଦର୍ଶନ ପାଇବା ପାଇଁ ତାଙ୍କର ଇଚ୍ଛା ଯେତେବେଳେ ଅଦମ୍ୟ ହେଲା, ସେତେବେଳେ ମନ୍ଦିରର ମୁଖ୍ୟ ପ୍ରବେଶଦ୍ୱାରରେ ଶ୍ରୀ ଜୀଉଙ୍କର ଏକ ପ୍ରତିମୂର୍ତ୍ତିକୁ ପତିତପାବନ ନାମ ଦିଆଯାଇ ପ୍ରତିଷ୍ଠା କରାଗଲା । ସେହି ଦିନଠାରୁ ପ୍ରଭୁ ଶ୍ରୀ ଜଗନ୍ନାଥ ସବୁଧର୍ମ ଓ ସବୁ ବିଶ୍ୱାସର ଲୋକଙ୍କୁ ପତିତପାବନ ନାମରେ ପ୍ରବେଶ ଦ୍ୱାର ନିକଟରେ ଦର୍ଶନ ଦେଇଆସୁଛନ୍ତି ।

ଏହି ରଥଯାତ୍ରାର ଉତ୍ପତ୍ତି ସମ୍ବନ୍ଧରେ ଅନେକ ଐତିହାସିକ ସୂଚନା ଓ ମତବାଦ ରହିଛି । ବେଦ ଓ ଉପନିଷଦର ପୃଷ୍ଠାବଳୀରେ ରଥ ସଂପର୍କରେ ଅନେକ ସୂଚନା ମିଳେ । ଋକ୍ ବେଦରେ ଅଶ୍ୱମାନଙ୍କ ଦ୍ୱାରା ତ୍ରି-ତଳବିଶିଷ୍ଟ ରଥ ଟଣାଯାଉଥିବା ବିଷୟରେ ଉଲ୍ଲେଖ କରାଯାଇଛି । ଉପନିଷଦରେ ଶରୀରକୁ ରଥ ଓ ଶରୀରର ମଧ୍ୟସ୍ଥ ଆତ୍ମାକୁ ସାରଥୀ ସହ ତୁଳନା କରାଯାଇଛି । ବୌଦ୍ଧ ସାହିତ୍ୟ ବିଶେଷତଃ ଲଳିତ ବିହାର ଏବଂ ବୁଦ୍ଧ ଚରିତ ଗ୍ରନ୍ଥ ଦ୍ୱୟରେ ରଥର ପ୍ରକାର ଭେଦ ସମ୍ପର୍କରେ ଅନେକ ସୂଚନା ଦିଆଯାଇଛି । ରାମାୟଣ ଓ ମହାଭାରତ ମଧ୍ୟ ଅନେକ ପ୍ରକାର ରଥ ସମ୍ବନ୍ଧରେ ଆଲୋକପାତ କରନ୍ତି । ରଣାଙ୍ଗନରେ ତଥା ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ମାଧ୍ୟମ ରୂପେ ରଥ ବ୍ୟବହୃତ ହୋଇଥିବାର ସେଥିରେ ବର୍ଣ୍ଣିତ ହୋଇଛି । ରାମାୟଣ କହେ ଯେ ଲଙ୍କାର ଅସୁର ରାଜା ରାବଣ ସୀତାଙ୍କୁ ପଞ୍ଚବଟୀ ଅରଣ୍ୟରୁ ଅପହରଣ କରି ନିଜର ପୁଷ୍ପକ ବିମାନରେ ବସାଇ ନେଇଯାଇଥିଲା । ରାମଚନ୍ଦ୍ର ରାବଣକୁ ବଧ କରି ସୀତାଙ୍କୁ ଧରି ସେହି ପୁଷ୍ପକ ବିମାନରେ ଅଯୋଧ୍ୟାକୁ ଫେରି ଆସିଥିଲେ । ଅନ୍ୟ କେତେକ ବିଦ୍ୱାନଙ୍କ ମତରେ ଭଗବାନ ବୁଦ୍ଧଙ୍କର ପବିତ୍ର ଜନ୍ମ ଦିବସ ଦିନ ପ୍ରଥମ କରି ରଥଯାତ୍ରା ଉତ୍ସବ ଆରମ୍ଭ ହୋଇଥିଲା । ଆମର ପୁରାଣ ଗୁଡ଼ିକରେ ବିଭିନ୍ନ ହିନ୍ଦୁ ଦେବା ଦେବୀଙ୍କର ରଥଯାତ୍ରା ସମ୍ପର୍କୀୟ ବିବରଣୀ ବହୁଳ ଭାବରେ ଲକ୍ଷିତ । ଆଉ କେତେକ ବିଦ୍ୱାନଙ୍କ ମତରେ ଜୈନ ସଂସ୍କୃତିରୁ ରଥଯାତ୍ରାର ଉତ୍ପତ୍ତି ହୋଇଥାଇପାରେ । ଏହି ର କାରଣ ସ୍ୱରୂପ ସେମାନେ କେତେକ ନିର୍ଦ୍ଦିଷ୍ଟ

Images: Aptakama Mishra, Processing: Srujanika

ଉତ୍ସବ ଗୁଡ଼ିକରେ ଜୈନଙ୍କର ଧର୍ମର ତୀର୍ଥଙ୍କୁ ରଥରେ ବସାଯାଉଥିବା କଥା ଉଲ୍ଲେଖ କରନ୍ତି ।

ଜଗନ୍ନାଥ ଚେତନା ଏକତା ମଧ୍ୟରେ ବୈଚିତ୍ର

ରଥଯାତ୍ରାର ଉତ୍ପତ୍ତି ସମ୍ବନ୍ଧରେ ବିଦ୍ୱାନ ପ୍ରବକ୍ତାଗଣ ଯେତେପ୍ରକାର ମତ ଦେଲେ ମଧ୍ୟ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ବିଶ୍ୱ ପ୍ରସିଦ୍ଧ ପର୍ବ ଯାହା ସବୁ ପ୍ରକାର ଖଣ୍ଡମଣ୍ଡ, ନିଷ୍ଠା ଆଗ୍ରହ ମଧ୍ୟରେ ସୁଦୂର ଆମେରିକା ଓ ଅନ୍ୟାନ୍ୟ ଦେଶରେ ସଂଗଠିତ ହୋଇ ଲକ୍ଷ ଲକ୍ଷ ଜନତାଙ୍କୁ ନିଜ ଆଡ଼କୁ ଆକର୍ଷଣ କରୁଛି ତାହା କେବେହେଲେ ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ବା ବିଶ୍ୱାସ ମଧ୍ୟରୁ ଜନ୍ମଲାଭ କରିନାହିଁ । ବରଂ ଏକଥା ଆମେ କହିପାରିବା ଯେ ସବୁ ଭାରତୀୟ ଧର୍ମରୁ ଅନ୍ତର୍ନିହିତ ଗୁଣାବଳୀ ମଧ୍ୟରୁ ପ୍ରତ୍ୟେକଙ୍କର କିଛି କିଛି ସ୍ୱକୀୟ ମୌଳିକତା ଏବଂ ଆଗ୍ରହ ବିସ୍ତାରକୁ ନିଜ ମଧ୍ୟରେ ଅଂଶୀଭୂତ କରି ସେମାନଙ୍କୁ ଏକ ସୁସଂହତ ପୂର୍ଣ୍ଣଭାବେ ଚିତ୍ରି ତୋଳିବା ଦ୍ୱାରାହିଁ ଏହା ସୃଷ୍ଟି ହୋଇଛି । ଏକଥା ବୁଝାଇ କହିବା ନିଷ୍ପ୍ରୟୋଜନ ଯେ ଜଗନ୍ନାଥ ଚେତନା ଅପୂର୍ବ ସମନ୍ୱୟ ଦ୍ୱାରା ଅନେକ ଧର୍ମର ଖଣ୍ଡମଣ୍ଡ, ଆଗ୍ରହ ବିସ୍ତାରକୁ ଅଙ୍ଗୀଭୂତ କରି ସର୍ବଶେଷରେ ନିଜକୁ ଏକତା ମଧ୍ୟରେ ବିଭିନ୍ନତାର ଚରମ ପ୍ରତିଫଳନ ରୂପେ ପ୍ରତିଷ୍ଠା କରିଛି । ସେଥିପାଇଁ ଆମେ ଏହା ମଧ୍ୟରେ ଆଦିବାସୀ ଧର୍ମଧାରା, ବୌଦ୍ଧ, ଜୈନ, ଶୈବ ତଥା ବୈଷ୍ଣବ ଧର୍ମର ସୁସ୍ପଷ୍ଟ ଲକ୍ଷଣମାନ ଦେଖିପାରୁ । ସେଥିପାଇଁ ଅଦ୍ୱୈତ ବେଦାନ୍ତରେ ଭଗବତ୍ ଗୀତାର ଶ୍ରେଷ୍ଠ ପୁରୁଷ ରୂପେ ଶ୍ରୀ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ରୂପେ ବର୍ଣ୍ଣନା କରାଯାଇଛି । ଉପରୋକ୍ତ ଦୃଷ୍ଟିକୋଣରୁ ଚମତ୍କାର ଶିଳ୍ପସୌନ୍ଦର୍ଯ୍ୟ ଓ ସ୍ଥାପତ୍ୟ ପୂର୍ଣ୍ଣ ଏହି ଭାରତରେ ତିନି ଠାକୁରଙ୍କ ଶରୀରକୁ ଉଦ୍ଦେଶ୍ୟମୂଳକ ଭାବେ ଅନାବୃତ ଭାବେ ଗଢ଼ାଯିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ । ସବୁପ୍ରକାର ନିର୍ଦ୍ଦିଷ୍ଟ ଆକୃତିକୁ ପରାସ୍ତ କରିଥିବା ଶ୍ରୀ ଜିଉଙ୍କର ଶରୀର ସମଗ୍ର ପୃଥିବୀରେ ଏହି କଥା ପ୍ରଚାର କରୁଛି ଯେ ଏକ ସାଧାରଣ ସଂକେତ ଦେବା ବ୍ୟତୀତ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅବୟବ ସର୍ଗୀୟତାର ଚରମ ପ୍ରତିଫଳନ ବୋଲି କେବଳ ମାତ୍ର ଛଳନା କରିପାରେ । ପୁନଶ୍ଚ ସର୍ଗୀୟତାର ସଙ୍କେତ ହିସାବରେ ତିନି ମୂର୍ତ୍ତିଙ୍କର ଗଠନ ସୌଷ୍ଠବ ମଧ୍ୟ ବିଶେଷ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ସମଗ୍ର ମୁଖମଣ୍ଡଳରେ କେବଳ ଦୁଇଟି ଆଖିର ବ୍ୟାପକ ପରିସୀମା ସୂଚନା ଦେଉଛି ଯେ ପ୍ରତ୍ୟେକ ପଦାର୍ଥ ଆଖି ମଧ୍ୟରେ ସମଗ୍ର ବିଶ୍ୱର ସବୁ ଆଖିର ସମନ୍ୱୟ ହୋଇଛି ।

ହିନ୍ଦୁ ଧର୍ମର ସବୁ ଦେବା ଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କୁ ଗଣଦେବତାର ଦେବତା ଭାବରେ ଚରମ ଉତ୍କର୍ଷତା ଆଣିଛନ୍ତି ବୋଲି ବୁଝାଯାଇପାରେ । ଏହି ବିରାଟ ଉପମହାଦେଶରେ ଅନେକ ଖ୍ୟାତନାମା ସ୍ୱର୍ଗୀୟ ଗୁଣ ସଂପନ୍ନ ବ୍ୟକ୍ତିଙ୍କଠାରୁ ସଂପୂର୍ଣ୍ଣ ଅଲଗା ହୋଇ ସେ ସାଧାରଣ ଲୋକର ଆଧ୍ୟାତ୍ମିକ ଅଭିପ୍ସା ମଧ୍ୟରୁ ହିଁ ଜନ୍ମ ଗ୍ରହଣ କରିଛନ୍ତି । ଆଜି ମଧ୍ୟ ଓଡ଼ିଶାର ଏକ ଆଦିବାସୀ ଗୋଷ୍ଠୀ ଶବର ଜାତୀୟ ଲୋକଙ୍କର ବଂଶଧର ରୂପେ ପରିଗଣିତ ଦଇତାଗଣ ଶ୍ରୀ ଜିଉଙ୍କର ସବୁପ୍ରକାର ଖଣ୍ଡମଣ୍ଡ ରଥଯାତ୍ରା କାଳରେ ନିଜ ହାତରେ କରିଥାନ୍ତି । ଏହି ସମୟରେ ବ୍ରାହ୍ମଣମାନେ କେବଳ ମନ୍ତ୍ର ଉଚ୍ଚାରଣ ଛଡ଼ା ଆଉ କିଛି କାର୍ଯ୍ୟ କରିବା ନିଷେଧ ।

ରଥଯାତ୍ରା ଚାଲିଥିବା ମଧ୍ୟରେ ସବୁପ୍ରକାର ଭକ୍ତଙ୍କର ତ୍ରାଣକର୍ତ୍ତା ରୂପେ ଜଗନ୍ନାଥଙ୍କୁ ବୋଧିସତ୍ତ୍ୱ ଅବତାର ରୂପେ ପରିଗ୍ରହ କରିବାକୁ ପଡ଼େ । ଏହି ବୋଧିସତ୍ତ୍ୱ ଅବତାର ପ୍ରଥମେ ମହାଯାନପନ୍ଥୀ ବୌଦ୍ଧଭିକ୍ଷୁଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା, ଯାହାକି ପରେ ଖ୍ରୀଷ୍ଟିୟାନ ଧର୍ମର ମୂଳଭିତ୍ତି ରୂପେ ସ୍ଥାନ ପାଇଲା । ବାହୁଡ଼ା ଯାତ୍ରା ପୂର୍ବରୁ ରଥଗୁଡ଼ିକୁ ପୁରୀର ଧୂଳିଧୂସରିତ ବଡ଼ଦାଣ୍ଡ ଉପରେ ଆଗକୁ ପଛକୁ କରି ଚଳାଇବା ଅନ୍ତରାଳରେ ରହିଥିବା ଉଦ୍ଦେଶ୍ୟ ହେଲା ଜନଜୀବନର ଝଡ଼ଝଞ୍ଜାପୂର୍ଣ୍ଣ ଲମ୍ବା ପଥରେ ସାଧାରଣ ଗରିବ ଓ ଅଶିକ୍ଷିତ ଜନତା ଯେପରି ଭାବେ ଦୁଃଖ କଷ୍ଟର ସମ୍ମୁଖୀନ ହେଉଛନ୍ତି, ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ମଧ୍ୟ ତାହା ଅନୁଭବ କରି ଆଜି ସେହି ଅସହାୟ ଅଗଣିତ ଭକ୍ତଙ୍କର ମଙ୍ଗଳ ପାଇଁ ଠିକ୍ ଯେପରି ଭାବେ ଭିନ୍ନ ସମସ୍ୟା ମଧ୍ୟରେ ଆନ୍ଦୋଳିତ ହେଉଛନ୍ତି । ସର୍ବଦା, ଭଲ ହେବ ବା ମନ୍ଦ ହେବ, ସବୁପ୍ରକାର ପରିସ୍ଥିତି ମଧ୍ୟରେ ଠାକୁରଗଣ ଶାନ୍ତଶୀଳ ଓ ଦୀନଦୁଃଖୀ-ଜନତାଙ୍କ ଦୁଃଖ ମଧ୍ୟରେ ସମଭାଗୀ ହୋଇ ଦୁଃଖ ଲାଘବ ନିମିତ୍ତ ସମସ୍ତଙ୍କୁ ଆଶୀର୍ବାଦ କରୁଛନ୍ତି ।

ଶ୍ରୀ ଜଗନ୍ନାଥ କେବଳ ଗଣଦେବତା ନୁହନ୍ତି । ସଂପୂର୍ଣ୍ଣ ଜାତୀୟତାର ଭାବର ଦ୍ୟୋତକ ହୋଇ ଏକ ସୁସମ ସମାଜପ୍ରତି ନିଜର ବିଶ୍ୱାସ ପ୍ରକଟିତ କରି ସେ ଜାତୀୟ ସଂହତିର ଚରମ ସଙ୍କେତ ରୂପେ ଆଜି ଉଭା ହୋଇଛନ୍ତି । ସ୍ୱାଧୀନ ଭାରତରେ ମୁଖ୍ୟ ସମସ୍ୟା ରୂପେ ଉଭା ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ତାଙ୍କର ମହନୀୟ ଅବଦାନ ଯେ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ସ୍ୱୀକାର କରିବ । ସର୍ବଧର୍ମ ଓ ବିଶ୍ୱାସ ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ଆଣି ନିଜଠାରେ ସମସ୍ତଙ୍କୁ ସେ ଏକାପ୍ରକାରରେ ପ୍ରକଟିତ କରିଛନ୍ତି । କଥିତ ଅଛି ଯେ ପୂର୍ବକାଳରେ ଶବରମାନଙ୍କ ଦ୍ୱାରା ପୂଜିତ ହେଉଥିବା ନୀଳପର୍ବତର ଯାହାକୁ ଭଗବାନ ଶ୍ରୀକୃଷ୍ଣଙ୍କର ଶାବାଂଶମାତ୍ର ଅଦାହ୍ୟ ହୃଦୟ ବୋଲି ବୁଝାଯାଏ, ତାହା ଭାରତ ମହାସାଗରରେ ଭାସି ଭାସି ସର୍ବଶେଷରେ ଓଡ଼ିଶା ଉପକୂଳରେ ହିଁ ଲାଗିଥିଲା । ଏହି ଅନ୍ତର୍ନିହିତ ଲୋକକଥା ମଧ୍ୟରେ ଭାରତୀୟ ଉପ ମହାଦେଶ ମଧ୍ୟରେ ଥିବା ଆଧ୍ୟାତ୍ମିକ ସଂପର୍କର ଭାବଧାରା ଯେ ଗୋଟିଏ ସମୁଦ୍ରରୁ ଆଉ ଗୋଟିଏ ସମୁଦ୍ର ମାଧ୍ୟମରେ ସଂପ୍ରସାରିତ ହୋଇଛି, ତାହା ପ୍ରମାଣ କରାଯାଇଥିବାର ପ୍ରଚେଷ୍ଟା ସୁସ୍ପଷ୍ଟ ରୂପେ ନିହିତ । ଯଦି ଜଗନ୍ନାଥଙ୍କୁ କେଉଁଠାରେ କୃଷ୍ଣ ଏବଂ ରାମ ବୋଲି ଅଭିହିତ କରାଯାଉଛି, ତେବେ ଅନ୍ୟ ସମୟରେ ସେ ମଧ୍ୟ ବୌଦ୍ଧ ଅବତାର ହୋଇଛନ୍ତି । ପୁଣି କେଉଁଠାରେ ସେ ବିଷ୍ଣୁଙ୍କର ନବମ ଅବତାର ବୋଲି ଗୀତଗୋବିନ୍ଦର କବି ଶ୍ରୀ ଜୟଦେବ ବର୍ଣ୍ଣନା କରିଛନ୍ତି । ଆଉ କେଉଁ ସ୍ଥାନରେ ଜୈନମାନେ ତାଙ୍କୁ ଜୈନାବତାର ଭାବେ ଚିହ୍ନଣ କରିଛନ୍ତି । ଭାରତୀୟ ସନାତନ ଧର୍ମର ସବୁ ପ୍ରବକ୍ତାଗଣ ନିଜ ନିଜର ଦର୍ଶନ ପ୍ରଚାର କରିବା ପୂର୍ବରୁ ପୁରୀକୁ ଆସି ପ୍ରଥମେ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ କାମନା କରିଛନ୍ତି । ଅଦ୍ୱୈତବାଦର ଶ୍ରେଷ୍ଠ ପ୍ରବକ୍ତା ମହାପୁରୁଷ ଶଙ୍କର ମଧ୍ୟ ଶ୍ରୀ ଜଗନ୍ନାଥଙ୍କୁ ଅଦ୍ୱୈତ ଭାବର ଶ୍ରେଷ୍ଠ ଦୃଷ୍ଟାନ୍ତ ବୋଲି ବର୍ଣ୍ଣନା କରି ତାଙ୍କଦ୍ୱାରା ପ୍ରତିଷ୍ଠିତ ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ରରେ ଗୋଟିଏ ଧାମ ପ୍ରତିଷ୍ଠା କରିଛନ୍ତି । ଶଙ୍କରାଚାର୍ଯ୍ୟଙ୍କ ପରେ ରାମାନୁଜ ପୁରୀ ଆଗମନ କରି ଶ୍ରୀ ଜଗନ୍ନାଥଙ୍କୁ ଦୃଢ଼ ବିଶ୍ୱାସରେ ପୂଜାର୍ଚ୍ଚନା କରାଇଥିଲେ । ମାଧବାଚାର୍ଯ୍ୟ ମଧ୍ୟ ଏହି ସ୍ଥାନରେ ପ୍ରଥମେ ନିଜର ବହୁ ପ୍ରସିଦ୍ଧ ଦ୍ୱୈତବାଦ ଚୈତନ୍ୟ ମତର ପ୍ରତିଷ୍ଠା କରିଥିଲେ । □

Images: Aptakama Mishra, Processing: Srujanika

ଲୋକସଭା ଓ ବିଧାନସଭା ପାଇଁ ଏକାବେଳକେ ନିର୍ବାଚନ ହେବନାହିଁ

(ନୂଆଦିଲ୍ଲୀସ୍ଥ ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ନିର୍ଦ୍ଧିଷ୍ଟ ସମୟ ଅର୍ଥାତ୍ ଜାନୁଆରୀ ମାସରେ ଲୋକସଭା ପାଇଁ ନିର୍ବାଚନ କରାଯିବା ଅବକାଶରେ ବିଭିନ୍ନ ରାଜ୍ୟ ବିଧାନସଭା ଗୁଡିକ ପାଇଁ ମଧ୍ୟ ଏକା ବେଳକେ ନିର୍ବାଚନ କରିଦିଆଯାଉ ବୋଲି କଂଗ୍ରେସର ଏକ ଶକ୍ତିଶାଳୀ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଓ କଂଗ୍ରେସର ସାଧାରଣ ସଂପାଦକ ଶ୍ରୀ ରାଜୀବ ଗାନ୍ଧୀଙ୍କୁ ବୁଝାଇବାକୁ ଚେଷ୍ଟା କରି ସେ ଉଦ୍ୟମରେ ବିଫଳ ହୋଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାଯାଇଛି । ଏକାବେଳକେ ନିର୍ବାଚନ କରାଇବା ସପକ୍ଷରେ ସେମାନେ ଯେଉଁ ଯୁକ୍ତି ବାଢ଼ିଥିଲେ ତାହା ହେଲା (୧) କଂଗ୍ରେସ ଦଳର ନିର୍ବାଚନ ଖର୍ଚ୍ଚ ଏହା ଦ୍ୱାରା ହ୍ରାସ ପାଇବ ଏବଂ (୨) କଂଗ୍ରେସର ଲୋକପ୍ରିୟତା ହ୍ରାସ ପାଉଥିବାରୁ ଯଦି ଲୋକସଭା ନିର୍ବାଚନରେ ଦଳ ବିପର୍ଯ୍ୟସ୍ତ ହୁଏ ତେବେ ବିଧାନସଭା ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ନିର୍ବାଚନରେ ତାହା ତୀବ୍ର ଭାବେ ପ୍ରତିଫଳିତ ହେବାର ଆଶଙ୍କା ରହିଛି ।

ସେମାନଙ୍କ ଦ୍ୱିତୀୟ ଯୁକ୍ତିର ଭିତ୍ତି ଥିଲା ଗତ ମେ ମାସରେ ୧୪ଟି ରାଜ୍ୟରେ ଅନୁଷ୍ଠିତ ହୋଇଥିବା ୨୪ଟି ବିଧାନସଭା ଉପନିର୍ବାଚନର ଫଳାଫଳ ।

୨୪ଟି ସ୍ଥାନ ମଧ୍ୟରୁ କଂଗ୍ରେସ ମାତ୍ର ୧୭ଟି ସ୍ଥାନରେ ନିଜର ପ୍ରାର୍ଥୀ ଦେଇଥିଲା ଏବଂ ସେଥିରେ ୯ଟି ସ୍ଥାନରେ ଜୟଲାଭ କଲା । ଯେଉଁସବୁ ରାଜ୍ୟ ମାନଙ୍କରେ ଉପନିର୍ବାଚନ ହୋଇଥିଲା ସେଗୁଡିକ ହେଲା ଆନ୍ଧ୍ର ପ୍ରଦେଶ-୨, ବିହାର-୩, ଗୁଜୁରାଟ-୧, ହିମାଚଳ ପ୍ରଦେଶ-୧, ହରିଆଣା-୧, କର୍ଣ୍ଣାଟକ-୧, କେରଳ-୩, ମଧ୍ୟପ୍ରଦେଶ-୧, ମହାରାଷ୍ଟ୍ର - ୧, ନାଗାଲାଣ୍ଡ - ୧, ରାଜସ୍ଥାନ-୧, ତାମିଲନାଡୁ-୪, ଉତ୍ତର ପ୍ରଦେଶ -୨ ଏବଂ ପଶ୍ଚିମବଂଗ-୨ । ଏହା ସାଙ୍ଗକୁ ୬ଟି ଲୋକସଭା ସ୍ଥାନରେ ମଧ୍ୟ ଉପନିର୍ବାଚନ ହେବା କଥା । କିନ୍ତୁ ସାଧାରଣ ନିର୍ବାଚନର ଦିନ ପାଖେଇ ଆସୁଥିବାରୁ ଲୋକସଭାକୁ ଉପନିର୍ବାଚନ ନକରାଇବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ହୋଇଥିବା ଆବେଦନକୁ ନିର୍ବାଚନ କମିଶନ ଗ୍ରହଣ କରିନେଲେ ।

ଉପନିର୍ବାଚନର ସାମଗ୍ରିକ ଫଳାଫଳର ବିଶ୍ଳେଷଣରୁ ହିନ୍ଦୀ ଭାଷାଭାଷି ଅଞ୍ଚଳରେ କଂଗ୍ରେସର ଲୋକପ୍ରିୟତା ହ୍ରାସ ପାଉଥିବା ପ୍ରତିପାଦିତ ହୋଇଥିଲା । ଅଧିକନ୍ତୁ ଭିୱାଣ୍ଡି ଏବଂ ବମ୍ବେର କେତେକାଂଶରେ ସାମ୍ପ୍ରଦାୟିକ ଦଙ୍ଗାର ପରିଣତି ସ୍ୱରୂପ ମୁସଲମାନ ସଂପ୍ରଦାୟର ଲୋକେ କଂଗ୍ରେସ ପ୍ରତି କ୍ରମେ ବିତଶ୍ରଦ୍ଧ ହେଉଥିବାର ସୂଚନା ମିଳିଲା । ଏ ଅବସ୍ଥା ବେଶୀ ଦିନ ରହିଲେ କଂଗ୍ରେସ ବିରୁଦ୍ଧରେ ଲୋକମତ ଅଧିକ ବ୍ୟାପକ ହେବା ପୂର୍ବରୁ ବିଧାନସଭା ମାନଙ୍କ ପାଇଁ ଲୋକସଭା ସହିତ ନିର୍ବାଚନ କରାଇଦେଲେ ଅବସ୍ଥା ଆୟତ୍ତ ହୋଇପାରିବ ବୋଲି ସେମାନେ ଯୁକ୍ତି କରୁଥିଲେ । ଲୋକସଭା ପାଇଁ କଂଗ୍ରେସ ପୂର୍ବବତ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ ନକଲେ ମଧ୍ୟ ଏକକ ସଂଖ୍ୟା ଗରିଷ୍ଠତା ଅବଶ୍ୟ ହାସଲ କରିବ ବୋଲି ଧରିନେଇ ଉପରୋକ୍ତ ମତ ପ୍ରକାଶ କରାଯାଉ ଥିଲା ।

ଶ୍ରୀମତୀ ଗାନ୍ଧୀ ପ୍ରାଥମିକ ଅବସ୍ଥାରେ ଏ ଯୁକ୍ତିକୁ ଗୁରୁତ୍ୱର ସହ ଶୁଣୁଥିବାର ଛଳନା କରୁଥିଲେ ବି ଅବଶେଷରେ ଏ ଯୁକ୍ତି ତାଙ୍କ ପକ୍ଷେ ଗ୍ରହଣଯୋଗ୍ୟ ହେଲାନାହିଁ । କାରଣ ଶ୍ରୀମତୀ ଗାନ୍ଧୀ କଂଗ୍ରେସଦଳ ଅପେକ୍ଷା ନିଜର ରାଜନୈତିକ ସ୍ଥିତି ସମ୍ପର୍କରେ ଅଧିକ ଚିନ୍ତିତ । ଖାଲି ଲୋକସଭାପାଇଁ ନିର୍ବାଚନ କରାଗଲେ କେବଳ ତାଙ୍କର ଲୋକ ପ୍ରିୟତାକୁ ଭିତ୍ତିକରିହିଁ କି ଦଳୀୟ ପ୍ରାର୍ଥୀମାନେ ବିଜୟ ବା ପରାଜୟ ଲାଭକରିବେ । ତେଣୁ ଦଳର ଏମ୍ ପି ମାନେ ଶ୍ରୀମତୀ ଗାନ୍ଧୀଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଜ୍ଞାପନ କରିବାକୁ ବାଧ୍ୟହେବେ । କିନ୍ତୁ ଲୋକସଭାସହ ରାଜ୍ୟ ବିଧାନସଭାର ନିର୍ବାଚନ କରାଗଲେ ବିଧାନସଭା ପାଇଁ ପ୍ରାର୍ଥୀ ମନୋନୟନରେ ବିଭିନ୍ନ ମୁଖ୍ୟମନ୍ତ୍ରୀ ମାନଙ୍କର ମଧ୍ୟ ଏକ ଭୂମିକା ରହୁଥିବାରୁ ମୁଖ୍ୟମନ୍ତ୍ରୀ ମାନଙ୍କ ବ୍ୟକ୍ତିତ୍ୱ ମଧ୍ୟ ଲୋକସଭା ନିର୍ବାଚନର ଫଳାଫଳକୁ ପ୍ରଭାବିତ କଲାବୋଲି କହିବାର ଏକ ସୁଯୋଗ ସୃଷ୍ଟି ହେବ ଏବଂ କେତେକ ପୁରୁଣା ମୁଖ୍ୟମନ୍ତ୍ରୀ ଏ ସୁଯୋଗର ସଦ୍‌ବ୍ୟବହାର କରି ରାଜନୀତି କ୍ଷେତ୍ରରେ ନିଜର ଆଲୋକ ବିଚ୍ଛୁରଣ କରିବାକୁ ମଧ୍ୟ ପ୍ରୟାସୀ ହେବାର ଆଶଙ୍କା ରହିଛି । ଏହା ଶ୍ରୀମତୀ ଗାନ୍ଧୀ ବରଦାସ୍ତ କରିବା ଲୋକନୁହନ୍ତି । ତେଣୁ ମୂଳରୁ ଲୋକସଭା ଓ ବିଧାନସଭା ନିର୍ବାଚନକୁ ଅଲଗା କଲେ ଦଳର ଖର୍ଚ୍ଚ ଅବଶ୍ୟ ଅଧିକ ହେବ କିନ୍ତୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କୁ ସଂଯତ କରିଦେବ ।

ଏହା ଛଡ଼ା ଲୋକସଭା ନିର୍ବାଚନ କାଳେ ଉପସ୍ଥିତ ବିଧାନସଭା ସଦସ୍ୟ ଏବଂ ବିଧାନ ସଭାପାଇଁ ଆଶାୟୀ କଂଗ୍ରେସଲୋକେ ନିଜର ପ୍ରଭାବ ପ୍ରମାଣିତ କରିବା ନିମନ୍ତେ ଲୋକସଭାର କଂଗ୍ରେସ ପ୍ରାର୍ଥୀମାନଙ୍କୁ ଜିତାଇବାପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିବେ ଯାହାକି ମୋଟା ମୋଟି ଭାବେ କଂଗ୍ରେସପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବ ।

ଶ୍ରୀମତୀ ଗାନ୍ଧୀ ତାଙ୍କର ଲୋକପ୍ରିୟତା ହ୍ରାସ ପାଉଥିବା ହୃଦୟଙ୍ଗମ କରି, ସବୁ କଂଗ୍ରେସ ଲୋକଙ୍କୁ ଏକତ୍ର କରିବା ଉଦ୍ଦେଶ୍ୟରେ ଲୋକସଭା ନିର୍ବାଚନ ପାଇଁ ଉକ୍ତ କୌଶଳ ଅବଲମ୍ବନ କରିଥିବା ପ୍ରତୀୟମାନ ହୁଏ । ପଞ୍ଜାବ ସଙ୍କଟର ସମାଧାନ ପାଇଁ ସୈନ୍ୟବାହିନୀ ପଠାଇବା ଦ୍ୱାରା ତାଙ୍କ ଲୋକପ୍ରିୟତା ଯଥେଷ୍ଟ ବୃଦ୍ଧି ପାଇଛି । ନିର୍ବାଚନକୁ ଏକତ୍ର କରାଯିବାର ଧାରଣା ସୃଷ୍ଟି କରି ଅବଶେଷରେ କେବଳ ଲୋକସଭା ପାଇଁ ନିର୍ବାଚନ କରିବାକୁ ସେ ରାଜନୈତିକ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । □

ଖାରବେଳ

ବାର୍ଷିକ ମୂଲ୍ୟ	—	ଟ ୧୨୫ ଙ୍କା
ଷାଣ୍ମାସିକ	—	ଟ ୬୫ ଙ୍କା
ତ୍ରୈମାସିକ	—	ଟ ୩୪ ଙ୍କା
ମାସିକ	—	ଟ ୧୧ ଙ୍କା
ପ୍ରତି ଖଣ୍ଡ	—	ଟ ୩ ଙ୍କା

ଏଜେଣ୍ଟ ମାନଙ୍କ ପାଇ ସ୍ୱତନ୍ତ୍ର କମିଶନର ବ୍ୟବସ୍ଥା ଅଛି ।

Images: Aptakama Mishra, Processing: Srujanika

ଭାରତବର୍ଷର ପ୍ରାଣୀ ବୀମା ଯୋଜନା

ସମ୍ପ୍ରତି ମାନବ ସମାଜର କଲ୍ୟାଣ ସାଧନ କରୁଥିବା କ୍ଷୁଦ୍ର ରେଶମ କୀଟ ଠାରୁ ଆରମ୍ଭ କରି ଶକ୍ତିଶାଳୀ ହସ୍ତୀ, ଓଟ ଏବଂ ଘୁଷୁରି ମାନଙ୍କ ମଧ୍ୟ ବୀମା ହେଉଛି । ତେଣୁ ଏବେ ଦୁର୍ଘଟଣା କିମ୍ବା ସ୍ୱାଭାବିକ ମୃତ୍ୟୁରେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ଏହି ସମସ୍ତ ଆକସ୍ମିକ ଦୁର୍ଘଟଣା ନିମନ୍ତେ ଜେନେରାଲ ଇନସ୍ୟୁରାନ୍ସ କର୍ପୋରେସନ (ଜି. ଆଇ. ସି.) ବିବିଧ ବୀମା ଯୋଜନାର ପ୍ରବର୍ତ୍ତନ କରିଛନ୍ତି ।

ଗୋମହିଷାଦି ପ୍ରାଣୀଙ୍କର ବୀମା

ଗୋ ମହିଷାଦି ପ୍ରାଣୀଙ୍କ ବୀମା ଯୋଜନା ଦୁଇ ପ୍ରକାର । ବ୍ୟକ୍ତିଗତ ଏବଂ ବ୍ୟାଙ୍କ୍ ଅର୍ଥ ସହାୟତା ଦ୍ୱାରା କିଣାଯାଇଥିବା ଗୋମହିଷାଦି କୌଣସି ଅନୁଷ୍ଠାନର ଗୋମହିଷ ପ୍ରଥମ ପର୍ଯ୍ୟାୟର ଅଟେ । ଅନ୍ୟ ପକ୍ଷରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରୁ (ଆଇ. ଆର. ଡି. ପି.) ସବ୍‌ସିଡି ପାଇଥିବା ଗୋମହିଷାଦି ପ୍ରାଣୀ ଦ୍ୱିତୀୟ ପର୍ଯ୍ୟାୟ ଭୁକ୍ତ ।

ପ୍ରଥମ ଶ୍ରେଣୀରେ ଦୁଇବର୍ଷ ଠାରୁ ୧୨ ବର୍ଷ ବୟସ୍କ ଦୁଧିଆଳୀ ଗାଈ, ୩ ବର୍ଷରୁ ୧୨ ବର୍ଷ ବୟସ୍କ ମହିଷି, ଉନ୍ନତ ଜାତୀୟ ଷଣ୍ଢ, ବଳଦ ଏବଂ ଦୁଇ ବର୍ଷରୁ ୮ ବର୍ଷ ବୟସ୍କ ଅଣ୍ଡିରା ମହିଷି ଅନ୍ତର୍ଭୁକ୍ତ ।

ଦୁର୍ଘଟଣା, ଅସ୍ତ୍ରୋପଚାର ଗଣ୍ଡଗୋଳ, ବେସାମରିକ ଉତ୍ପାତ କିମ୍ବା ପ୍ଲିହାଜ୍ୱର ପ୍ରଭୃତି ରୋଗରେ ମୃତ୍ୟୁବରଣ କରିଥିବା ପ୍ରାଣୀ ନିମନ୍ତେ ସମ୍ପୂର୍ଣ୍ଣ ବୀମା ଯୋଜନା ଲାଗୁ ହୋଇଥାଏ । ମାତ୍ର ଚୋରି, ଗୁପ୍ତଭାବେ ପ୍ରାଣୀ ବିକ୍ରୟ ଏବଂ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଅକ୍ଷମ ନିମନ୍ତେ ବୀମା ଯୋଜନା କାର୍ଯ୍ୟକାରୀ ହୁଏ ନାହିଁ ।

ପଶୁ ଚିକିତ୍ସା ପ୍ରଣାଳୀ ଏବଂ ବୀମା କରାଯାଇଥିବା ପ୍ରାଣୀଙ୍କ ସଂଖ୍ୟାକୁ ନେଇ କିସ୍ତି ପରିମାଣ ଶତକଡ଼ା ୪ ରୁ ୨.୭୫ ଭାଗ ହୋଇଥାଏ ।

ଅତିରିକ୍ତ ପରିମାଣରେ କିସ୍ତି ପଇଠ କରାଯାଇ ସର୍ବାଧିକ ବୟସ ସୀମା କୋହଳ କରାଯାଇ ପାରିବ । ଏଥିପାଇଁ ଏକ ବର୍ଷ ନିମନ୍ତେ ଶତକଡ଼ା ଅର୍ଦ୍ଧଭାଗ ଏବଂ ଦୁଇବର୍ଷ ନିମନ୍ତେ ଶତକଡ଼ା ଏକ ଭାଗ ପଇଠ କରିବାକୁ ପଡ଼ିଥାଏ । ବିଦେଶୀ ଆନୀତ ଉନ୍ନତ ଗୋମହିଷାଦି ପାଇଁ ଶତକଡ଼ା ଦୁଇଭାଗ ଅଧିକ ଅର୍ଥ କିସ୍ତି ଆକାରରେ ଦେବାକୁ ହୋଇଥାଏ ।

ଆଇ. ଆର. ଡି. ପି. ଜରିଆରେ ତିନି ପ୍ରକାର ଗୋମହିଷାଦିଙ୍କର ବୀମା କରାଯାଇଥାଏ । ଏହି ବୀମା ପରିମାଣ ବ୍ୟାଙ୍କ୍ ଋଣ ସହିତ ସମାନ ହେବ କିମ୍ବା କ୍ଷୁଦ୍ର କୃଷୀମାନଙ୍କ ପାଇଁ ପ୍ରାଣୀର ବଜାର ମୂଲ୍ୟର ଶତକଡ଼ା ୭୫ ଭାଗ ଏବଂ ନାମମାତ୍ର କୃଷୀମାନଙ୍କ ନିମନ୍ତେ ପ୍ରାଣୀର ବଜାର ମୂଲ୍ୟର ଶତକଡ଼ା ୬୬.୬ ଭାଗ ବୀମା କରାଯାଇଥାଏ । ଉପରୋକ୍ତ ତିନି ପରିସ୍ଥିତିରେ ମଧ୍ୟ ମରୁଭୂମି ଅଧ୍ୟୁଷିତ ଅଂଚଳ କାର୍ଯ୍ୟକ୍ରମ ଅଥବା କ୍ଷୁଦ୍ର କୃଷକ ଉନ୍ନୟନ ଏଜେନ୍ସି ପ୍ରଭୃତି କେନ୍ଦ୍ର ସରକାରଙ୍କ ଯୋଜନାଭୁକ୍ତ କାର୍ଯ୍ୟକ୍ରମ ଦ୍ୱାରା ସବ୍‌ସିଡ଼ି ପାଇଥିବା ଏବଂ କୃଷି ନିମନ୍ତେ ବ୍ୟବହୃତ ହେଉଥିବା ବଳଦମାନଙ୍କୁ ଦୁଧିଆଳୀ ଗାଈର ସମପରିମାଣ ବୀମାଭୁକ୍ତ କରାଯାଇଥାଏ ।

ବିଭିନ୍ନ ସରକାରୀ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ପାଇଥିବା ଶଙ୍କର ଜାତୀୟ ମାଈ ବାଛୁରି, ଛଡ଼ାଗୁଡ଼ିକର ବୟସାନୁସାରେ ସବ୍‌ସିଡ଼ି ବୀମା ପରିମାଣ ୧୫୦ ଟଙ୍କାରୁ ଏକ ହଜାର ୨ଶହ ଟଙ୍କା ହୋଇଥାଏ ।

ଦୁଧିଆଳୀ ଗାଈ, ବଳଦ, ବାଛୁରି ଏବଂ ଛଡ଼ାଗୁଡ଼ିକ ପାଇଁ ବାର୍ଷିକ ବୀମା କରାଯାଇଥିବା ଅର୍ଥର ଶତକଡ଼ା ୨.୨୫ ଭାଗ କିସ୍ତି ଆକାରରେ ଦେବାକୁ ହୋଇଥାଏ ।

ବୀମା ଅର୍ଥଦାବୀ କରୁଥିବା ବ୍ୟକ୍ତି ବୀମା କଲା ସମୟରେ ସମସ୍ତ ସର୍ତ୍ତ ପୂରଣ କରିବା ପରେ ବୀମାଅର୍ଥ ପାଇପାରିବେ ।

ମେଣ୍ଢା ବୀମା

ସେହିପରି ଭାବରେ ୪ମାସରୁ ସାତବର୍ଷ ବୟସ୍କ ମେଣ୍ଢା ଏବଂ ୬ମାସରୁ ୫ବର୍ଷ ବୟସ୍କ ଛେଳିର ହୋଇଥାଏ । ବୀମା ପରିମାଣ ବ୍ୟାଙ୍କ ଋଣସହିତ ସମାନ ହୋଇପାରେ କିମ୍ବା ପ୍ରାଣୀର ବଜାର ଦରର ଶତକଡ଼ା ୮୦ ଭାଗ ହୋଇଥାଏ ।

ବ୍ୟକ୍ତିଗତ ମାଲିକାନା ଥିବା ଛେଳି, ମେଣ୍ଢା ଏବଂ ବ୍ୟାଙ୍କ୍ ଋଣନେଇ କିଣାଯାଇଥିବା ଛେଳି, ମେଣ୍ଢା କିମ୍ବା ଆଇ. ଆର. ଡି ପି ଦ୍ୱାରା ଯୋଗାଇ ଦିଆଯାଇଥିବା ଛେଳି, ମେଣ୍ଢାର ବୀମା ପରିମାଣରେ ପାର୍ଥକ୍ୟ ଦେଖାଦେଇଥାଏ ।

ବ୍ୟକ୍ତିଗତ ତଥା ଦେଶୀମେଣ୍ଢା ଏବଂ ଛେଳି ନିମନ୍ତେ ଯଥାକ୍ରମେ ଶତକଡ଼ା ୮ ଏବଂ ୧୦ଭାଗ କିସ୍ତି ଆକାରରେ ପଇଠ କରିବାକୁ ହୋଇଥାଏ । ମାତ୍ର ବିଦେଶୀ ଜାତୀୟ ଛେଳି, ମେଣ୍ଢା ନିମନ୍ତେ କିସ୍ତି ପରିମାଣ ଶତକଡ଼ା ୧୦ଭାଗ ହୋଇଥାଏ ଏବଂ ଆଇ. ଆର. ଡି, ପି, ଦ୍ୱାରା ଯୋଗାଇ ଦିଆଯାଇଥିବା ଛେଳି, ମେଣ୍ଢାଙ୍କ ପାଇଁ ଶତକଡ଼ା ୨ ୭୫ ଭାଗବୀମା କିସ୍ତି ଦେବାକୁ ପଡ଼େ । ପ୍ରାଣୀ ନଷ୍ଟର ବୀମାକଲା ସମୟରେ ବୀମା କରାଯାଇଥିବା ପ୍ରାଣୀର ଉତ୍ପାଦନ ଖର୍ଚ୍ଚ, ବୟସ ଏବଂ ମୃତ୍ୟୁ ସମୟରୁ ବିଚାରକୁ ନିଆଯାଇଥାଏ ।

ଘୁଷୁରୀ ବୀମା

ଅତି କମ୍‌ରେ ୧୦ଟି ଘୁଷୁରିର ଏକକାଳୀନ ବୀମା କରାଯାଇଥାଏ । ଯଦି ଘୁଷୁରି ମାନଙ୍କୁ ଶୂକର ଜ୍ୱରରେ ଇଂଜେକ୍‌ସନ ଦିଆଯାଇଥାଏ ତା' ହେଲେ ସେ କ୍ଷେତ୍ରରେ ବୀମା ଅର୍ଥ ପଇଠ ହୁଏ ।

ଏକ ମାସରୁ ୫ବର୍ଷ ବୟସ୍କ ପ୍ରତ୍ୟେକ ଘୁଷୁରି ଅନୁମାନିକ ୩୬୦ ଟଙ୍କାର ବୀମା କରାଯାଇଥାଏ । ଘୁଷୁରି ପ୍ରଜନନ କାର୍ଯ୍ୟକ୍ରମ ଅନୁଯାୟୀ ନିଜର ଚିକିତ୍ସା ବ୍ୟବସ୍ଥା ଥିବା ଫାର୍ମଗୁଡ଼ିକର ଘୁଷୁରି ଗୁଡ଼ିକୁ ବଜାର ଦରର ଶତକଡ଼ା ଶହେ ଭାଗ ବୀମା କରାଯାଇଥାଏ । ଅନ୍ୟ କ୍ଷେତ୍ରରେ ଘୁଷୁରିମାନଙ୍କର ପ୍ରାୟ ଶତକଡ଼ା ୮୦ଭାଗ ବୀମା କରାହୁଏ ।

ବ୍ୟାଙ୍କ୍ ଏବଂ ଆଇ, ଆର, ଡି, ପି, ଅନ୍ତର୍ଭୁକ୍ତ ଘୁଷୁରିମାନଙ୍କୁ ବାର୍ଷିକ ଯଥାକ୍ରମେ ଶତକଡ଼ା ୬ଭାଗ ଏବଂ ୨-୭୫ଭାଗ କିସ୍ତି ଆକାରରେ ପଇଠ କରିବାକୁ ହେବ ।

ହାତୀ ବୀମା ଯୋଜନା

ହାତୀ ରଖିଥିବା ସଂସ୍ଥା ଅର୍ଥାତ୍ ମନ୍ଦିର, ସର୍କସ କମ୍ପାନୀ ଏବଂ ବ୍ୟକ୍ତିବିଶେଷମାନେ ତାଙ୍କ

Images: Aptakama Mishra, Processing: Srujanika

ହାତୀଙ୍କର ବୀମା କରାଇ ପାରିବେ । ଷାଠିଏ ବର୍ଷ ବୟସ୍କ ବୟସର ହାତୀମାନଙ୍କୁ ବଜାର ଦରର ଶତକଡ଼ା ୮୦ଭାଗ ବୀମା କରାଯାଉଛି । ମାତ୍ର ୬୧ବର୍ଷରୁ ଊର୍ଦ୍ଧ୍ୱ, ଏବଂ ୬୫ ବର୍ଷରୁ କମ୍ ବୟସ୍କ ହାତୀମାନଙ୍କୁ ବୀମା କରାଇବାକୁ ଚାହୁଁଥିଲେ ବାର୍ଷିକ ଅତିରିକ୍ତ ଶତକଡ଼ା ଅର୍ଦ୍ଧେକ ପରିମାଣରେ କିସ୍ତି ଦେବାକୁ ହେବ । ମାତ୍ର ସନ୍ତାନ ଜନ୍ମ ଏବଂ ଶିଶୁ ହାତୀ ପାଳନ ଜନିତ ଅସୁସ୍ଥତାର ସମ୍ଭାବ୍ୟ ଦାୟିତ୍ୱ ନିମନ୍ତେ ଅଧିକ ଶତକଡ଼ା ଅର୍ଦ୍ଧଭାଗ ଦେବାକୁ ହେବ । ଏତଦ୍‌ବ୍ୟତୀତ ଅଧିକ ପରିମାଣରେ କିସ୍ତି ଦେଲେ ମାହୁନ୍ତ ମାନଙ୍କର ନିରାପତ୍ତା ବିଷୟରେ ମଧ୍ୟ ବୀମା କରାଯାଇ ପାରିବ ।

ହାତୀମାନଙ୍କୁ ସହଜରେ ଚିହ୍ନଟ କରିବା ପାଇଁ ଆଖିର ରଙ୍ଗ, ହାତୀ ଦେହରେ ଥିବା ଚିହ୍ନକୁ ଦେଖି ମଧ୍ୟ ପଶୁ ଚିକିତ୍ସାଳୟର ପ୍ରମାଣପତ୍ରରେ ଉଲ୍ଲେଖ କରିବାକୁ ପଡ଼ିଥାଏ ।

ଓଟ ବୀମା

ତିନି ବର୍ଷରୁ ୧୪ ବର୍ଷ ବୟସ୍କ ଅଣ୍ଡିରା ଓଟ ଏବଂ ୪ ବର୍ଷରୁ ୧୨ ବର୍ଷ ବୟସ୍କ ମାଈ ଓଟକୁ ବଜାର ଦରର ଶତକଡ଼ା ଶହେଭାଗ ଉପରେ ବୀମା କରାଯାଇଥାଏ । ଅଣ ଅଇ. ଆର. ଡି. ପି. ବୀମା ଉପରେ ବାର୍ଷିକ ଶତକଡ଼ା ୪ ଭାଗ ଏବଂ ସବ୍‌ସିଡ଼ି ପାଉଥିବା ଯୋଜନାରେ ଶତକଡ଼ା ୨.୨୫ ଭାଗ ପଇଠ କରିବାକୁ ପଡ଼ିଥାଏ । ପୂର୍ବରୁ ଇଂଜେକସନ୍ ଦିଆଯାଇ-ଥିବା ଓଟ ଯଦି 'ସୁରା' ରୋଗରେ ମରିଯାଏ ତା'ହେଲେ ବୀମା ଲାଗୁ ହୁଏ ।

କୁକୁଡ଼ା ବୀମା

କୁକୁଡ଼ା ଫାର୍ମର ଅନ୍ୟୁନ ୧୦୦ ଟି ଉନ୍ନତ ଜାତୀୟ କୁକୁଡ଼ା ଛୁଆ, ମାଈ କୁକୁଡ଼ା ଏବଂ ଗଂଜାମାନଙ୍କୁ ବୀମାଭୁକ୍ତ କରାଯାଇଥାଏ । ମାଈ କୁକୁଡ଼ା ଏବଂ ଗଂଜାଗୁଡ଼ିକ ୭୨ ସପ୍ତାହ ବୟସ୍କ ହେବା ପର୍ଯ୍ୟନ୍ତ ବୀମାର ପରିସରଭୁକ୍ତ ହୋଇ-ପାରିବେ । ବୀମା କରାଯାଇଥିବା ସମସ୍ତ ମଧ୍ୟରେ ଯଦି ପକ୍ଷୀ ମାନଙ୍କର ମୃତ୍ୟୁ ଘଟେ ତା' ହେଲେ ଫାର୍ମ ମାଲିକ ବୀମା ପଇସା ପାଇଥାନ୍ତି । ସବ୍‌-ସିଡ଼ି ପାଇଥିବା କାର୍ଯ୍ୟକ୍ରମଭୁକ୍ତ କୁକୁଡ଼ାଙ୍କ ନିମନ୍ତେ ୯୦ପଇସା ଏବଂ ଅନ୍ୟ ଯୋଜନା ଭୁକ୍ତ କୁକୁଡ଼ାଙ୍କ ପାଇଁ ୧ ଟଙ୍କା ୨୦ ପଇସା କିସ୍ତି ଦେବାକୁ ହୋଇଥାଏ । ଯଦି ପକ୍ଷୀର ମୂଲ୍ୟ ୨୫ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥାଏ ତା' ହେଲେ ୨୫ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ୫ ଟଙ୍କା ପାଇଁ ୧୦ ପଇସା କରି ଅଧିକ କିସ୍ତି ପଇଠ କରି-ବାକୁ ହୋଇଥାଏ ।

ମାଛ ବୀମା

ରୋଗ କିମ୍ବା ଦୁର୍ଘଟଣା ଜନିତ ନଷ୍ଟ ହେଉଥିଲେ ସେ କ୍ଷେତ୍ରରେ ମାଛ ବୀମା କରା-ଯାଇପାରିବ । ମାଛ ଗଡ଼ିଆ, ପୋଖରୀ, ହ୍ରଦ ଏବଂ ଅନ୍ୟାନ୍ୟ ସ୍ଥିର ନିର୍ମଳ ଜଳ ପ୍ରକଳ୍ପ-ଗୁଡ଼ିକ ପାଇଁ ବୀମା କରାଯାଇଥାଏ । ମାଛ ଗୋଟିଏ ସୂକ୍ଷ୍ମ ପ୍ରାଣୀ । ତେଣୁ ପରିଚାଳନାଗତ ତ୍ରୁଟି, ଅବହେଳା କିମ୍ବା ପ୍ରାକୃତିକ କାରଣ ଯୋଗୁ ମାଛ ନଷ୍ଟ ହେଉଥିବା କ୍ଷେତ୍ରରେ ବୀମା କରାଯାଏ ନାହିଁ । ନେବା ଆଣିବା ସମୟରେ ପ୍ରତିଯୋଗୀତା କିମ୍ବା ମାରାତ୍ମକ କୀଟାଣୁ ଦ୍ୱାରା ମାଛ ନଷ୍ଟ ହେଲେ ବୀମା କାର୍ଯ୍ୟକାରୀ ହୁଏ ନାହିଁ । ଆଂଶିକ କ୍ଷତି ନିମନ୍ତେ ମଧ୍ୟ ବୀମା ଯୋଜନା ଦାୟୀ ନୁହଁନ୍ତି । ମାଛ ବୀମା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ କିମ୍ବା ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗର ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥାଏ ।

ମାଛର ହାରାହାରି ମୂଲ୍ୟ ନେଇ ଶତକଡ଼ା ୨.୫ ଭାଗ ବାର୍ଷିକ କିସ୍ତି ଦେବାକୁ ହୋଇଥାଏ ।

ରେଶମ କୀଟ ବୀମା

ଗୃହପାଳିତ ପଶୁଙ୍କ ବ୍ୟତୀତ ବୀମା କମ୍ପାନୀ ମହୁମାଛି ଏବଂ ରେଶମ କୀଟର ମଧ୍ୟ ବୀମା କରିଥାଆନ୍ତି । ରେଶମ କୀଟ ଦୁର୍ଘଟଣା ଏବଂ ରୋଗରେ ନଷ୍ଟ ହେଲେ ବୀମା ଯୋଜନା ଲାଗୁ ହୁଏ । ମାତ୍ର ଅବହେଳା ବା ଅନ୍ୟାନ୍ୟ କାରଣରୁ ଏହା ଘଟିଲେ କ୍ଷତିପୂରଣ ମିଳେନାହିଁ । କୀଟ ନିମନ୍ତେ ଯଥେଷ୍ଟ ପରିମାଣରେ ପତ୍ର ଯୋଗାଇବାର ହ୍ରାସ ହେଲେ କିମ୍ବା ରୋଗ ବ୍ୟାପିବା ସଙ୍ଗେ ସଙ୍ଗେ ପ୍ରତିକାରମୂଳକ ବ୍ୟବସ୍ଥା କରା ନ ଗଲେ ବୀମା କାର୍ଯ୍ୟକାରୀ ହୁଏ ନାହିଁ । ଏଥିରେ ବୀମା କରାଯାଇଥିବା ଅର୍ଥର ବାର୍ଷିକ ଶତକଡ଼ା ୫ଭାଗ କିସ୍ତି ଆକାରରେ ଦିଆଯାଇଥାଏ ।

ମହୁମାଛି ବୀମା

ମହୁମାଛି ଥିବା ବାକ୍ସର ବୀମା ହୋଇ-ଥାଏ । ଏହି ବାକ୍ସ ଉପରେ କମ୍ପାନୀର କୋଡ଼ ନମ୍ବର ଆଦି ଲେଖା ହୁଏ । ଏଥି ନିମନ୍ତେ ପଲିସି ପ୍ରତି ଅନ୍ୟୁନ ୧୦ ଟଙ୍କା କିମ୍ବା ବୀମା କରାଯାଇଥିବା ଅର୍ଥର ଶତକଡ଼ା ୩ ଭାଗ ବାର୍ଷିକ କିସ୍ତି ଆକାରରେ ଦିଆ-ହୋଇଥାଏ । ଉନ୍ନତ ମାନର ମହୁ ମାଛି ନିମନ୍ତେ ୧୯୦ ଟଙ୍କାର ବୀମା କରାଯାଇଥାଏ । ଯଦି ମହୁ ଉତ୍ପାଦନ ହ୍ରାସ ହୁଏ ତେବେ ଏଥି ନିମନ୍ତେ ମହୁ ବାକ୍ସ ମାଲିକଙ୍କୁ କ୍ଷତି ପୂରଣ ମିଳେ ନାହିଁ ।

□

ଜଳ ପ୍ରତିରୋଧୀ କାଠ

କାଠ ଭିତରେ ପଲିମର ଭର୍ତ୍ତିକଲେ ଏହା ଜଳ ପ୍ରତିରୋଧୀ ହେବ ଏବଂ କାଠର ସ୍ଥାୟିତ୍ୱ ମଧ୍ୟ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକମାନେ ଏବେ ଜାଣି ପାରିଛନ୍ତି ।

ନୂଆଦିଲ୍ଲୀର, ଶ୍ରୀରାମ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅନୁଷ୍ଠାନରେ ଏକ ନୂଆ ପଦ୍ଧତିରେ କାଠ ଉପରେ ପଲିମରର ଏକ ଆସ୍ତରଣ ଦେଇ କାଠ ଭିତରକୁ ପଲିମର ପ୍ରବେଶ କରାଯାଉଛି । ଏହା ଫଳରେ ପ୍ଲାଷ୍ଟିକ ଭଳି କାଠ ମଧ୍ୟ ଦୀର୍ଘସ୍ଥାୟୀ ହୋଇପାରୁଛି ଏବଂ ଅତି ଶସ୍ତା କାଠକୁ ଏ ପଦ୍ଧତିରେ ଅତ୍ୟନ୍ତ ଉପା-ଦେୟ କାଠରେ ପରିଣତ କରାଯାଇ ପାରୁଛି ।

କାଠ ଭିତରେ ପଲିମର ଭର୍ତ୍ତି କଲେ ଏହା କାଠ ଦ୍ୱାରା ଶୋଷି ହୋଇ ଅବଶେଷରେ କାଠର ଏକ ଅଙ୍ଗରେ ପରିଣତ ହୋଇଯାଉଛି ଏବଂ କାଠର ପ୍ରାକୃତିକ ଗୁଣରେ କୌଣସି ପରି-ବର୍ତ୍ତନ ମଧ୍ୟ ହେଉ ନାହିଁ ।

□

ସିମେଣ୍ଟ କର୍ପୋରେସନର ୨୧ ନିୟୁତ ଟଙ୍କା ଲାଭ

ସିମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ ଗତ ଆର୍ଥିକ ବର୍ଷ ମଧ୍ୟରେ ମୋଟ ସାଢେ ୧୦ କୋଟି ଟଙ୍କାର କାରବାର କରି ୨୧ ନିୟୁତ ଟଙ୍କା ଲାଭ କରିଥିବା ଜଣାଯାଇଛି ।

ଏହାର ଚେୟାରମ୍ୟାନ ଶ୍ରୀ ଏ. ପି ମହେଶ୍ୱରୀଙ୍କ ବକ୍ତବ୍ୟ ଅନୁଯାୟୀ କର୍ପୋ-ରେସନ ମୋଟ ୨୧ ଲକ୍ଷ ଟନ୍ ସିମେଣ୍ଟ ଉତ୍ପାଦନ କରିଥିଲା । ପୂର୍ବ ବର୍ଷ ତୁଳନାରେ ଏହା ଶତକଡ଼ା ୧୧ ଭାଗ ଅଧିକ ।

□

Images: Aptakama Mishra, Processing: Srujanika

ପାକିସ୍ଥାନ ପ୍ରଯୋଜକଙ୍କ ଉପରେ "ଗାନ୍ଧୀ" ଚିତ୍ରର ପ୍ରଭାବ

ପାକିସ୍ଥାନର ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀ—ଗୁଲ୍ ହମିଦ ଖାଁ। ଏକ ଭିନ୍ନ ସ୍ୱାଦର ବ୍ୟକ୍ତି। ଅନ୍ୟାନ୍ୟ ପ୍ରଯୋଜକଙ୍କ ଭଳି ବ୍ୟବସାୟିକ ସଫଳତା ପ୍ରତି ଆକୃଷ୍ଟ ନହୋଇ ଚିତ୍ର ମାଧ୍ୟମରେ ମନୁଷ୍ୟ ସମାଜ ଭିତରେ ଭ୍ରାତୃତ୍ୱ ବନ୍ଧନର ବାଣୀ ପ୍ରଚାର କରିବାକୁ ସେ ସଙ୍କଳ୍ପବଦ୍ଧ। ରିଚାର୍ଡ ଆଟେନ୍‌ବରୋଙ୍କ ନିର୍ଦ୍ଦେଶିତ 'ଗାନ୍ଧୀ' ଚଳଚ୍ଚିତ୍ର ଦ୍ୱାରା ପ୍ରଭାବିତ ହୋଇ ସେ ଏବେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ଉଦ୍ଦେଶ୍ୟରେ 'ଡାଁସ-ଏ-ହକ୍ ନମନ' ଏକ ଉର୍ଦ୍ଦୁ ଚଳଚ୍ଚିତ୍ର ତିଆରି କରୁଛନ୍ତି ଯାହାର ଇଂଲିଶ ଡବିଂ ମଧ୍ୟ ହେଉଛି। ଇଂରେଜୀ ରୂପାନ୍ତରର ନାମ ସେ ଦେଇଛନ୍ତି 'ସର୍ଚ୍ଚ ଫର ଟ୍ରୁଥ୍'। ଧର୍ମାନ୍ଧତା ବିରୁଦ୍ଧରେ ଏହା ଉଦ୍ଦିଷ୍ଟ ଏବଂ ଏ ଚିତ୍ରର ମୁଖ୍ୟ ଚରିତ୍ର ଚାରିବନ୍ଧୁ—ଜଣେ ଶିଖ, ଜଣେ ମୁସଲମାନ, ଜଣେ ହିନ୍ଦୁ ଓ ଜଣେ ଖ୍ରୀଷ୍ଟିଆନ୍। ସବୁ ଧର୍ମକୁ ଏଠାରେ ସମାନ ଗୁରୁତ୍ୱ ଦିଆ ଯାଇଛି।

ଚଳିତବର୍ଷ ଡିସେମ୍ବର ମାସରେ ଏହି ଚିତ୍ରଟି ମୁକ୍ତିଲାଭ କରିବ। ଶ୍ରୀ ଖାଁ ଏହି ଚିତ୍ରଟିର ଗୋଟିଏ ଲେଖାଁ ପ୍ରିଣ୍ଟ ଉପହାର ସ୍ୱରୂପ ବଙ୍ଗଳାଦେଶ ଓ ଭାରତକୁ ଦେଉଛନ୍ତି।

ଶ୍ରୀ ଖାଁଙ୍କର ପରବର୍ତ୍ତୀ ଚିତ୍ର ବାଇବେଲର ଏକ କାହାଣୀ ଉପରେ ଆଧାରିତ ହେବ। ସେଥିରେ ଏକ ଜାତି ନିଜର ନିଜ ସମ୍ପ୍ରଦାୟ ପାଇଁ ଆତ୍ମବଳୀ ଦେଇଛି। ଏଥିରେ କିପରି ସବୁଜାତିର ଅସ୍ତିତ୍ୱ ସହିତ ଭାବ ପ୍ରବଣତାର ବନ୍ଧନରେ ଆବଦ୍ଧ ହୋଇ ପାରିବେ।

ଶ୍ରୀ ଖାଁ ନିଜେ ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସୀମାନ୍ତଗାନ୍ଧୀଙ୍କ ନାତି ଏବଂ କୋରାନ୍ ବାଇବଲ୍, ଗୀତା ଓ ଗ୍ରନ୍ଥ ସାହେବର ବହୁ ଅଧ୍ୟାୟ ତାଙ୍କର ମୁଖସ୍ଥ। ସେ ନିଜେ ଆଠଟି ଭାଷା — ଇଂରେଜୀ, ଉର୍ଦ୍ଦୁ, ପୁସ୍ତୁ, ଆରବିକ୍, ବଙ୍ଗଳା, ସିନ୍ଧି, ପଞ୍ଜାବ ଓ ହିନ୍ଦିରେ କଥାବାର୍ତ୍ତା କରିପାରନ୍ତି।

ଗାନ୍ଧୀଚିତ୍ର ବିଷୟରେ ସେ କହିଲେ ଯେ ଜଣେ ବିଦେଶୀ ଏହା ପ୍ରଥମେ କରିଥିବାରୁ ମୁଁ ଲଜ୍ଜା ଅନୁଭବ କରୁଛି। ଭାରତୀୟ ଉପମହାଦେଶରେ ବିଜ୍ଞ ବ୍ୟକ୍ତିଙ୍କର ଅଭାବନାହିଁ ଏବଂ ସେମାନେ ନିଜେ ଏହାଠାରୁ ଭଲକରି ପାରିଥାନ୍ତେ। □

ଦେଶରେ ସ୍କୁଟର ଉତ୍ପାଦନ ବୃଦ୍ଧି

କିନ୍ତୁ ଚାରିଚକିଆ ଯାନର ଉତ୍ପାଦନ ହ୍ରାସ ପାଇଛି।

ଟ୍ରକ୍ ଓ ଅନ୍ୟାନ୍ୟ ଚାରିଚକିଆ ଗାଡ଼ିର ଉତ୍ପାଦନ ଗତବର୍ଷ ହ୍ରାସ ପାଇଥିବା ବେଳେ ସ୍କୁଟର, ମଟର ସାଇକେଲ ଓ ମୋପେଡ୍ ଭଳି ଦୁଇ ଚକିଆ ଯାନର ଉତ୍ପାଦନ ପୂର୍ବବର୍ଷ ଅପେକ୍ଷା ଶତକଡ଼ା ୧୦ ଭାଗ ବୃଦ୍ଧି ପାଇଥିବା ଏକ ସମୀକ୍ଷାରୁ ଜଣାଯାଇଛି।

ଦୁଇଚକିଆ ଯାନ ଉତ୍ପନ୍ନ କରୁଥିବା ଦେଶର ୧୩ ଟି କାରଖାନା ଗତବର୍ଷ ପ୍ରାୟ ୨୭୪,୦୦୦ ଯାନ ଉତ୍ପନ୍ନ କରିଥିଲେ ବୋଲି କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟର ସର୍ବଶେଷ ରିପୋର୍ଟରୁ ଜଣାଯାଇଛି।

ସେହିଭଳି ମୋଟର ସାଇକେଲ ତିଆରି କରୁଥିବା ୪ଟି କମ୍ପାନୀ ସେହି ସମୟରେ ୧,୫୪,୦୦୦ ଯାନ ଉତ୍ପାଦନ କରିଥିଲେ। ମୋପେଡ ଓ ସେହିଭଳି ଯାନର ଉତ୍ପନ୍ନ ସଂଖ୍ୟା ଥିଲା ୩,୨୯,୦୦୦।

ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ଚଳିତ ଦଶକର ଶେଷ ଆଡ଼କୁ ଅର୍ଥାତ୍ ୧୯୮୯-୯୦ ବେଳକୁ ଦେଶରେ ବାର୍ଷିକ ପ୍ରାୟ ୩୦ ଲକ୍ଷ ଦୁଇଚକିଆ ଯାନ ଆବଶ୍ୟକ ହେବ ବୋଲି କଳନା କରାଯାଇ ୩୫ ଲକ୍ଷ ଯାନ ଉତ୍ପନ୍ନ କରିବାର କ୍ଷମତା ପର୍ଯ୍ୟନ୍ତ ଶିଳ୍ପ ଲାଇସେନ୍ସ ଦିଆଯାଇଛି। ଏହା ହେଲେ ଲୋକେ ସହଜରେ ସବୁ ସ୍କୁଟର ପାଇ ପାରିବେ।

ସେହିଭଳି ତିନିଚକିଆ ଯାନର ଉତ୍ପାଦନ ପରିମାଣ ୩୬,୦୩୨ଟି ହୋଇଥିଲା କିନ୍ତୁ ତା' ପୂର୍ବବର୍ଷ ଏହାର ପରିମାଣ ଥିଲା ୩୦,୬୩୫।

କିନ୍ତୁ କାର ଉତ୍ପାଦନ, କ୍ଷମତା ତୁଳନାରେ ଗତବର୍ଷ ବହୁତ କମି ଯାଇଥିଲା। ଦେଶର ବାର୍ଷିକ ୫୩୦୦୦ କାର ଉତ୍ପାଦନର କ୍ଷମତା ଥିବାବେଳେ ପ୍ରକୃତ ପକ୍ଷେ ଗତବର୍ଷ ୪୨,୬୩୯ ଟି କାର ଉତ୍ପାଦନ କରାଯାଇ ଥିଲା। କିନ୍ତୁ ମାରୁତି ଓ ଡଲଫିନ୍ ଭଳି ଅଳ୍ପ ତେଲ ଖର୍ଚ୍ଚ ହେଉଥିବା କାର ବଜାରକୁ ଆସିବା ପରେ ଏ କ୍ଷେତ୍ରରେ ସାମାନ୍ୟ ଉନ୍ନତି ହେବବୋଲି ଆଶା କରାଯାଉଛି।

ବାଣିଜ୍ୟିକ ଯାନ କ୍ଷେତ୍ରରେ ମଧ୍ୟ ଉତ୍ପାଦନ ଅନୁରୂପ ମତେ ହ୍ରାସ ପାଇଛି। ୧୯୮୨ ରେ ଏହି ପ୍ରକାର ଯାନ ଉତ୍ପାଦନର ପରିମାଣ ୮୮,୩୬୬ ଥିବାବେଳେ ଗତ ବର୍ଷ ଏହା ୮୫,୬୪୫ କୁ କମିଯାଇଛି। ଦେଶରେ ବାଣିଜ୍ୟିକ ଯାନ ଉତ୍ପନ୍ନ ପାଇଁ ଉଦ୍ଦିଷ୍ଟ ୨୦ ଟି କାରଖାନାର ମୋଟ ଉତ୍ପାଦନ କ୍ଷମତା ହେଉଛି ୦୩,୦୦୦ ଏହା ବାଦ୍ ଅଛି ୪ଟି କାରଖାନାକୁ ଇତି ମଧ୍ୟରେ ଶିଳ୍ପ ଲାଇସେନ୍ସ ଦିଆଯାଇଛି। □

ମନ୍ତ୍ରୀଙ୍କ ପାଖରେ ବର୍ଷାଧିକ କାଳ ଫାଇଲ ପଡ଼ିରହୁଛି

କଣ୍ଟ୍ରାକ୍ଟର ମାନଙ୍କଠାରୁ ଅଧିକ ଅର୍ଥ ପ୍ରାପ୍ତି ଆଶାରେ ରାଜ୍ୟଜଳସେଚନ ମନ୍ତ୍ରୀ ନିଜପାଖରେ ବର୍ଷ ବର୍ଷ ଧରି ବିଭିନ୍ନ ଫାଇଲ ପକାଇ ରଖୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ମନ୍ତ୍ରୀଙ୍କ ପାଖରେ ଫାଇଲ ପଡ଼ିରହୁଥିବା ବିଷୟକୁ ବିଭାଗୀୟ ଚିଫ୍ ଇଞ୍ଜିନିୟର ଓ ସେକ୍ରେଟେରୀ ମଧ୍ୟ ପରୋକ୍ଷ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ସୂଚାଇଥିବା ପ୍ରକାଶ।

ମନ୍ତ୍ରୀ ସ୍ତରରେ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ କୋଲାବ, ରେଙ୍ଗାଲି ଓ ଇନ୍ଦ୍ରାବତୀ ଯୋଜନାର ବିଭିନ୍ନ କାର୍ଯ୍ୟ ହୋଇପାରୁ ନାହିଁ ଏବଂ ଏ କ୍ଷେତ୍ରରେ ନିର୍ମାଣ ଖର୍ଚ୍ଚ ମଧ୍ୟ ବଢ଼ିବଢ଼ି ଚାଲିଛି।

ଆମ ଦେଶରେ ଉତ୍ପନ୍ନ ହେଉଥିବା ଖାଦ୍ୟଶସ୍ୟର ପ୍ରାୟ ଶତକଡ଼ା ୧୦ ଭାଗ ମୂଷା ଏବଂ ମୂଷାଜାତୀୟ ପ୍ରାଣୀ, ପତଙ୍ଗ ଏବଂ ଶସ୍ୟନାଶକ କୀଟ ମାନଙ୍କ ଦ୍ୱାରା ନଷ୍ଟ ହୋଇଥାଏ।

ଏହି କ୍ଷତିର ପରିମାଣ ୧୩୦ ଲକ୍ଷଟନ୍

ଦେଶରେ ତଦନୁରୂପ କ୍ଷୟକ୍ଷତିକୁ ରୋକିବା ପାଇଁ ୧୯୭୦ରୁ ୧୯୭୯ ମସିହା ମଧ୍ୟରେ କେନ୍ଦ୍ର କୃଷି ଏବଂ ଖାଦ୍ୟ ବିଭାଗପକ୍ଷରୁ ଶସ୍ୟରକ୍ଷା ଅଭିଯାନ ୟୁନିଟ୍ ପ୍ରତିଷ୍ଠିତ କରାଯାଇଥିଲା।

Images: Aptakama Mishra, Processing: Srujanika

ସଂପୂର୍ଣ୍ଣ ନୂତନ ସ୍ୱାଦର ସଙ୍କେତଧର୍ମୀ ଉଦ୍ଭାବନ—ଧାରେ ଆଲୁଅ

(ହରିହର ପ୍ରସାଦ ମହାଲିକ)

ଜନୈକ ଦମ୍ପତ୍ତି ଥରେ ସେମାନଙ୍କର ଦୁଇଟି ପିଲାଙ୍କୁ ଧରି କଟକ ଆସିବା ଉଦ୍ଦେଶ୍ୟରେ ବସ୍ ଧରିବାକୁ ନିଜ ଗାଁରୁ ବାହାରି ବଡ଼ରାସ୍ତା ଆଡ଼କୁ ଆସୁଥିଲେ । କିଛି ବାଟ ଆସିବା ପରେ ସେମାନେ ଲକ୍ଷ୍ୟ କଲେ ଯେ କେତେକ ଲୋକ ସନ୍ଦେହଜନକ ଭାବରେ ସେମାନଙ୍କୁ ଅନୁସରଣ କରୁଛନ୍ତି । ବିପଦ ଆଶଙ୍କା କରି ସ୍ତ୍ରୀଲୋକ ଜଣଙ୍କ ପିଲାଙ୍କୁ ନେଇ ଶୀଘ୍ର ଆଗକୁ ଯିବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଲେ । ସ୍ୱାମୀ ପଛକୁ ନ ଅନେଇ ଦ୍ରୁତ ଗତିରେ ପିଲାଙ୍କୁ ନେଇ ଆଗେଇବାକୁ ଲାଗିଲେ ।

ବଡ଼ ରାସ୍ତାରେ ପହଞ୍ଚି ସ୍ତ୍ରୀ ତାଙ୍କ ସହିତ ନ ଆସିଥିବା ଲକ୍ଷ୍ୟ କରି ସ୍ୱାମୀ ବ୍ୟସ୍ତ ହୋଇ ତାଙ୍କୁ ଖୋଜିବାକୁ ଲାଗିଲେ । କିଛି ବାଟ ଫେରି ଖୋଜା ଖୋଜି କରିବା ପରେ ସେ ଦେଖି ପାରିଲେ ଯେ ତାଙ୍କ ସ୍ତ୍ରୀ ଆଉ ଜୀବିତ ଅବସ୍ଥାରେ ନାହାନ୍ତି । ସେଇ ଦୁର୍ବୃତ୍ତମାନେ ତାଙ୍କୁ ଧର୍ଷଣ କଲାପରେ ନିର୍ମମ ଭାବରେ ହତ୍ୟା କରିଛନ୍ତି ।

ସ୍ତ୍ରୀଙ୍କ ମୃତ୍ୟୁ କି ପ୍ରକାର ସାମାଜିକ ସମସ୍ୟା ସୃଷ୍ଟି କରିପାରେ ଓ ଏ ସମସ୍ୟା ଗୁଡ଼ିକ କାହା ଜୀବନର ଗତି ଧାରାକୁ ସବୁଠାରୁ ଅଧିକ ପ୍ରଭାବିତ କରିପାରେ ? ମୃତ୍ୟୁ ଠାରୁ ପରବର୍ତ୍ତୀ ଘଟଣାବଳୀ ଅଧିକ ସମସ୍ୟା ବହୁଳ ତଥା ଗୁରୁତ୍ୱପୂର୍ଣ୍ଣ । ମା'ଙ୍କ ମୃତ୍ୟୁ ପରେ ସେ ଗ୍ରୁଣ୍ଡିହୋଇଥିବା ଶିଶୁଙ୍କ ଜୀବନରେ ମା'ର ଅନୁପସ୍ଥିତି କି ପ୍ରକାର ଗଭୀର କ୍ଷତ ଓ ସମସ୍ୟା ସୃଷ୍ଟି କରିପାରେ ଏବଂ କେଉଁ ଆଡ଼କୁ ତାହା ଗତି କରିପାରେ ସେହିଭଳି ଘଟଣା ଗୁଡ଼ିକରେ ଏକ କାଳ୍ପନିକ ରୂପରେଖ "ଗରୁଡ଼ ସିନେଗ୍ରାଫିକସ୍ " ପକ୍ଷରୁ "ଧାରେ ଆଲୁଅ" ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଇ ଦିଆ-ଯାଇଛି ।

ଅବଶ୍ୟ ଛବିରାଣୀ ହତ୍ୟାକାଣ୍ଡ ସହିତ ଏ ଘଟଣାର ଯଥେଷ୍ଟ ମେଳ ରହିଛି । ମାତ୍ର ଏ ସବୁ ଦୃଶ୍ୟ ଚଳଚ୍ଚିତ୍ରରେ ନାହିଁ । ପିଲା ଦୁଇଟିଙ୍କ ମୁହଁରେ କଥୋପକଥନ ମାଧ୍ୟମରେ ଏହାର ସୂଚନା ଦିଆଯାଇଛି । 'ଦୁଷ୍ଟ ଲୋକମାନେ ଆମ ମାଙ୍କୁ ମାରି ଦେଲେ' ବୋଲି ପୁଅ ବୁଲୁ ଓ ଝିଅ ଚୁନୁ କହିବାଶୁଣା ହେଉଛନ୍ତି ।

ସ୍ତ୍ରୀଙ୍କ ମୃତ୍ୟୁପରେ ଦୁଇଟି ପିଲାଙ୍କୁ ତାଙ୍କ ବାପା ହେମନ୍ତ ବାବୁ ଜଣେ ଆତ୍ମୀୟଙ୍କ ଘରେ ଛାଡ଼ି ଦେଇ ସହରକୁ ଚାଲି ଯାଆନ୍ତି । ସେଠାରେ ପିଲାମାନଙ୍କ ଉପରେ ଅତ୍ୟାଚାରର ସୀମା ରହେ ନାହିଁ । ସେଇ ଗାଁରେ ଜଣେ ଅବସରପ୍ରାପ୍ତ ଡାକ୍ତର ରୁଦ୍ରବାବୁ ଓ ତାଙ୍କ ବୋହୂ ସୁମିତ୍ରା ରହୁଥାଆନ୍ତି । ପୁଅ ଲଳିତ ଜଣେ ବିପ୍ଳବୀ । ତେଣୁ ପୋଲିସ ଭୟରେ ସେ ଘରେ ରହନ୍ତି ନାହିଁ । ସୁମିତ୍ରା ନିଃସଙ୍ଗତା ମଧ୍ୟରେ ପିଲା ଦୁଇଟିଙ୍କୁ ପାଇ ଅତ୍ୟନ୍ତ ଆନନ୍ଦିତ ହୁଅନ୍ତି । ନିଜ ସନ୍ତାନ ଭଳି ସେମାନଙ୍କୁ ସ୍ନେହ କରନ୍ତି । ମାତୃହରା ବୁଲୁ ଓ ଚୁନୁ ପୁଣି ମାତୃସ୍ନେହ ଫେରିପାଆନ୍ତି ।

ଲଳିତ ବେଳେ ବେଳେ ଗୁପ୍ତରେ ରାତିଅଧରେ ଘରକୁ ଫେରି ସୁମିତ୍ରାଙ୍କୁ ଭେଟୁ ଥାଆନ୍ତି । ଏକଥା ବୁଲୁ ଓ ଚୁନୁ ଦେଖିପାରନ୍ତି ଏବଂ ଘରେ ରହିବାପାଇଁ ଲଳିତଙ୍କୁ ଅନୁରୋଧ କରନ୍ତି । ଲଳିତ ପିଲାମାନଙ୍କ ଅନୁରୋଧ ଏଡ଼ାଇ ନ ପାରି ଘରେ ରହନ୍ତି । ବେଳେ ପିଲାମାନଙ୍କ ବାପା ହେମନ୍ତ ପିଲାମାନଙ୍କ ପିଉସୀଙ୍କୁ ନେଇ ରୁଦ୍ରବାବୁଙ୍କ ଘରକୁ ଆସନ୍ତି ପିଲାଙ୍କୁ ନେବା ପାଇଁ । ମାତ୍ର ପିଲାମାନେ ପିଉସୀଙ୍କ ଘରକୁ ଯିବାକୁ ରାଜି ନହୋଇ କାନ୍ଦିବା ଫଳରେ ସେମାନେ ଫେରିଯାଆନ୍ତି । ଏଇଠି ହେମନ୍ତ ଜାଣନ୍ତି ଲଳିତ ମଧ୍ୟ ତାଙ୍କରିଭଳି ଜଣେ ସମାଜ ସଂସ୍କାରକ ବିପ୍ଳବୀ ଓ ହେମନ୍ତ ସାମ୍ବାଦିକ । ଉଭୟଙ୍କର ଲକ୍ଷ୍ୟ ଏକ ।

ଇତିମଧ୍ୟରେ ପିଲାମାନେ ବେଳେ ଖେଳୁ ଖେଳୁ ପିଉସୀଙ୍କ ହାବୁଡ଼ରେ ପଡ଼ନ୍ତି । ପିଉସୀଙ୍କ କବଳରୁ ରକ୍ଷା ପାଇବାକୁ ଚୁନୁ ଦଉଡ଼ି ଦଉଡ଼ି ଦଉଡ଼ି ଗୋଟିଏ କୁଡ଼ିଆରେ ଲୁଚିଯାଏ । ମାତ୍ର ବୁଲୁ କୁଆଡ଼େ ଯାଇନପାରି ନଦୀକୁ ଡେଇଁ ପଡ଼ି ମୃତ୍ୟୁ ମୁଖରେ ପଡ଼େ । ଏଇଠାରୁ ଆରମ୍ଭ ହୁଏ ରୁଦ୍ରବାବୁଙ୍କ ପରିବାରରେ ଝଡ଼ । ଚୁନୁ ନିଜ ଭାଇକୁ ହରାଇ ସଂପୂର୍ଣ୍ଣ ଅସହାୟ ଓ ନିଃସଙ୍ଗ ହୋଇପଡ଼େ । ନିଜ ସାଥୀକୁ ଖୋଜି ବୁଲେ । ରୁଦ୍ରବାବୁ ଓ ସୁମିତ୍ରା ବହୁ ଚେଷ୍ଟା କରି ମଧ୍ୟ ଚୁନୁ ମୁହଁରେ ହସ ଫୁଟାଇ ପାରନ୍ତି ନାହିଁ ।

ହେମନ୍ତ ପୁଣି ଥରେ ଆସନ୍ତି ନିଜପିଲା ମାନଙ୍କୁ ନେବା ପାଇଁ ମାତ୍ର ନିଜପୁଅ ନିଖୋଜ ହୋଇଥିବା ସମ୍ବାଦ ଶୁଣି କ୍ରୋଧାନ୍ୱିତ ହୋଇ ରୁଦ୍ରବାବୁ ଓ ଲଳିତଙ୍କ ଉପରେ ଦୋଷ ରୋପ କରନ୍ତି । ପୋଲିସରେ ଖବର ଦିଅନ୍ତି ଲଳିତଙ୍କୁ ଗିରଫ କରିବାକୁ । ପରେ ନିଜର ଭୁଲ ବୁଝିପାରି ରାତିଅଧରେ ଆସି ଲଳିତଙ୍କୁ କ୍ଷମା ମାଗନ୍ତି । ସେ ଲଳିତଙ୍କୁ ପଳାଇ ଯିବାକୁ ପ୍ରବର୍ତ୍ତାଇ ନିଜେ ଲଳିତ ସ୍ଥାନରେ ବିପ୍ଳବୀ ସାଜି ପୋଲିସଦ୍ୱାରା ଗିରଫହୁଅନ୍ତି । ଶେଷରେ ପିଲାଙ୍କ ପିଉସୀ ଘୋର ଅନୁତାପ କରନ୍ତି । ଏ ସମାଜରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, କୁସଂସ୍କାର କଣ ଏତିକିରେ ଶେଷହେବ ? ଏହାର ପରିସମାପ୍ତି କେଉଁଠି ? ସବୁ ଭୁଲପାଇଁ ପିଲାମାନେ କାହିଁକି ଦଣ୍ଡ ଭୋଗିବେ ? ଏ ସାମାଜିକ ସମସ୍ୟାର ସମାଧାନ କେଉଁଠି ?

ଏ କାହାଣୀର ଲେଖିକା ମନୋରମା ଦାସ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ପୁନା ଚଳଚ୍ଚିତ୍ର ଓ ଟେଲିଭିଜନ ପ୍ରତିଷ୍ଠାନର ଅଧ୍ୟାପକ ସାଗିର ଅହମ୍ମଦ । ସଙ୍ଗୀତ ନିର୍ଦ୍ଦେଶନା ହରିହର ପଣ୍ଡା, ଗୀତ ରଚନା ସ୍ୱର୍ଣ୍ଣମଣି ତ୍ରିପାଠି ଓ ହରିହର ପଣ୍ଡା, ପ୍ରଚ୍ଛଦପଟ କଣ୍ଠଦାନ ଇନ୍ଦ୍ରାଣୀ ମିଶ୍ର । ଫଟୋଗ୍ରାଫୀ ବିଧୁଶ୍ରୀ ବିନ୍ଧାଣୀ ।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଆଂଶିକ ଆର୍ଥିକ ସହାୟତାରେ ନିର୍ମିତ ୧୪୦ ମିନିଟ୍‌ର ଏ କଳାଧଳା ଛବି ଏକ ସଂପୂର୍ଣ୍ଣ ନୂତନ ଧରଣର ପରୀକ୍ଷାମୂଳକ ଚଳଚ୍ଚିତ୍ର । ଏହା ସାଧାରଣ ଦର୍ଶକଙ୍କୁ ହୁଏତ ଭଲଲାଗି ନପାରେ କାରଣ ଏଥିରେ ଯୌନ ଉତ୍ତେଜକ ଦୃଶ୍ୟ, ନାଚଗୀତ, ଫାଇଟିଂ ଓ ଗ୍ଲାମର କିଛିନାହିଁ କିନ୍ତୁ ଚଳଚ୍ଚିତ୍ର ସମୀକ୍ଷକ ମାନଙ୍କ ପାଇଁ ଏହାଏକ ସୁନ୍ଦର ସଙ୍କେତଧର୍ମୀ ପରୀକ୍ଷା ମୂଳକ ଚଳଚ୍ଚିତ୍ର । ଏଥିରେ ବେଶୀ କଥୋପ-କଥନ ନାହିଁ । ନୀରବତା ମଧ୍ୟରେ ଭାବଭଙ୍ଗୀ

(ଅବଶିଷ୍ଟାଂଶ ୧୮ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଆମାଶୟ ରୋଗ

ଗତ କେତେ ମାସ ଧରି ଆମାଶୟ ରୋଗରେ ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ପ୍ରଭୃତି ପ୍ରଦେଶରେ ଅନେକ ଲୋକ ମୃତ୍ୟୁ ବରଣ କରୁଥିବା ପ୍ରକାଶିତ ହେଉଛି । ଏହି ଭୟରେ ସାଧାରଣ ଝାଡ଼ାହେଲେ ମଧ୍ୟ ଲୋକମାନେ ନିକଟତମ ଡାକ୍ତର ଖାନାରେ ଚିକିତ୍ସା ନିମନ୍ତେ ଧାଡ଼ି ବାନ୍ଧୁଛନ୍ତି । ଖବର କାଗଜ ସାଧାରଣ ଲୋକଙ୍କୁ ଆଗରୁ ସଚେତନ କରି ଦେବା ଦ୍ୱାରା ସେମାନଙ୍କର ଅନ୍ଧ ବିଶ୍ୱାସ ଏବଂ ଚିକିତ୍ସାରେ ଅବହେଳା ଦୂର ହେବା ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଉଥିବା ଅତି ଆନନ୍ଦର ବିଷୟ । ଯେ କୌଣସି ରୋଗ ଗୁରୁତର ହେବା ଆଗରୁ ତାହାର ପ୍ରତିକାର ଓ ଚିକିତ୍ସା କରିବା ଉଚିତ ।

ଏହି ଲେଖକର ଅନୁଭୂତି ହେଉଛି ଯେ, ବର୍ତ୍ତମାନ ଦେଖା ଦେଇଥିବା ଆମାଶୟ ରୋଗ କିଛି ନୂଆ ନୁହେଁ । ପ୍ରତିବର୍ଷ ପ୍ରାୟ ମାର୍ଚ୍ଚ–ମାସରୁ ଜୁଲାଇମାସ ମଧ୍ୟରେ ଅଧିକାଂଶ ଲୋକ ପେଟ ରୋଗରେ ବିଶେଷ କରି ଆମାଶୟ ଓ ତରଳଝାଡ଼ାରେ ଶିକାର ହୋଇଥାନ୍ତି । ଏହାଏକ ସଂକ୍ରାମକ ରୋଗ । ବିଭିନ୍ନ ଅସ୍ୱାସ୍ଥ୍ୟକର କାରଣରୁ ଏହା ସଂକ୍ରମିତ ହୋଇଥାଏ । ନିଜର ଖାଦ୍ୟପେୟ ଏବଂ ପରିବେଶ ପ୍ରତି ଟିକିଏ ଯତ୍ନନେଲେ ଏହି ଆମାଶୟ ରୋଗ କବଳରୁ ମୁକ୍ତି ମିଳିପାରିବ ଏବଂ ଏହାକୁ ଦୂରୀଭୂତ ମଧ୍ୟ କରାଯାଇ ପାରିବ ।

ଆମେ କଣ କରିବା ଉଚିତ.—

(୧) ନିଜେ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ଘରେ ଯେପରି ମାଛି ନ ହୁଅନ୍ତି, ସେଥି ପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ବ୍ୟବହୃତ ହେଉଥିବା ବାସନ କୁସନ ଗୁଡ଼ିକ ଭଲ ଭାବେ ପରିଷ୍କାର କରିବା ଏବଂ ଘରକୁ ଫିନାଇଲରେ ଧୋଇ ସଫା-କରିବା ମୁଖ୍ୟତଃ ଆବଶ୍ୟକ । କାରଣ ମାଛି ଓ ଜଳମଧ୍ୟ ଏହି ରୋଗର ଜୀବାଣୁକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରିବାରେ ସାହାଯ୍ୟ କରିଥାନ୍ତି ।

(୨) ରନ୍ଧା ହୋଇଥିବା ଖାଦ୍ୟ ପଦାର୍ଥ. କଞ୍ଚାଫଳ ତଥା ଅନ୍ୟାନ୍ୟ ଖାଦ୍ୟ ସାମଗ୍ରିକୁ ଭଲଭାବେ ଢାଙ୍କି ରଖିବା ଆବଶ୍ୟକ; ଯେପରି କି ସେ ଗୁଡ଼ିକରେ ମାଛି ବସିବାର ସୁଯୋଗ ପାଇବେ ନାହିଁ ।

(୩) ଦୋକାନ ବଜାରରେ ତିଆରି ହେଉଥିବା ଖାଦ୍ୟ ଯଥାସମ୍ଭବ ପରିତ୍ୟାଗ କରିବା ଉଚିତ, ଯଦି ଅସୁବିଧା ବଶତଃ କେଉଁଠି ଖାଦ୍ୟ ଗ୍ରହଣକରନ୍ତି ତେବେ ସଦ୍ୟ ତିଆରି ହୋଇଥିବା ଗରମ ଗରମ ଖାଦ୍ୟ ଖାଇବେ ।

(୪) ଘରେ ହେଉ ବା ବାହାରେ ହେଉ ସର୍ବଦା ପାଣିକୁ ଫୁଟାଇ ପରିଷ୍କାର କନାରେ ଛାଣିକରି ପିଇବେ ।

(୫) ଘରେ ତିଆରି କରୁଥିବା ତରକାରିର ପନିପରିବା ତଥା ମାଛ, ମାଂସକୁ ପ୍ରଥମେ ଭଲଭାବେ ପାଣିରେ ପରିଷ୍କାର କରି ତତ୍ପରେ କଟାକଟି କରି ରନ୍ଧିବା ଉଚିତ । ରନ୍ଧିବା ପୂର୍ବରୁ ହାତକୁ ଭଲ ଭାବେ ସାବୁନରେ ପରିଷ୍କାର କରିବ ।

(୬) ପରିତ୍ୟକ୍ତ ଖାଦ୍ୟ ସାମଗ୍ରି ଏବଂ ରୋଷେଇ ଘରର ଅଳିଆ ଆବର୍ଜନା ଗୁଡ଼ିକୁ କୌଣସି ଏକ ଅବ୍ୟବହୃତ ଗଡ଼ିଆରେ ପୋତି ଦେବା ଆବଶ୍ୟକ ନଚେତ୍ ସେଥିରେ ମାଛି ବସି ଆମାଶୟ ରୋଗକୁ ଅଧିକରୁ ଅଧିକତର ସଂକ୍ରମିତ କରିବ ।

(୭) ଝାଡ଼ା ଆସିବା ପରେ, ଖାଦ୍ୟ ଖାଇବା ପୂର୍ବରୁ ଏବଂ ପରେ ହାତକୁ ଭଲଭାବେ ସାବୁନରେ ପରିଷ୍କାର କରିବ । ଖାଦ୍ୟ ବାଢ଼ୁଥିବା ବା ପରଶୁଥିବା ଲୋକ ଏଥିପ୍ରତି ଅଧିକ ଯତ୍ନନେବା ଆବଶ୍ୟକ ।

(୮) ନିଜର ଘର ଓ ଘରର ନାଳକୁ ପରିଷ୍କାର ରଖିବା ବ୍ୟତୀତ ବାହ୍ୟ ପରିବେଶ ଯଥା—ରାସ୍ତା, ନର୍ଦ୍ଦମା, ଗଡ଼ିଆ, ପୋଖରୀ ଆଦିରେ ବ୍ଲିଚିଂ ପାଉଡ଼ର ପକାଇବା ଉଚିତ ।

(୯) ପାଇଖାନାକୁ ପ୍ରତ୍ୟେକ ଥର ଝାଡ଼ା ଆସିବା ପରେ ଫିନାଇଲ ପକାଇ ସଫା କରିବ । ଯେଉଁ ମାନଙ୍କ ଘରେ ପାଇଖାନା ନାହିଁ—ନଈ ବା ପୋଖରୀକୁ ଝାଡ଼ା ଯାଆନ୍ତି ସେମାନେ ମଳତ୍ୟାଗ ପରେ ଉକ୍ତ ମଳଉପରେ ଭଲଭାବେ ମାଟି ବା ବାଲି ଘୋଡ଼େଇ ଦେବା ନିହାତି ଆବଶ୍ୟକ । ପିଲାଙ୍କ ମଳକୁ ଏଠି ସେଠି ନ ଫୋପାଡ଼ି ପରିତ୍ୟକ୍ତ ବା ଅବ୍ୟବହୃତ ସ୍ଥାନରେ ପୋତିଦେବା ମଧ୍ୟ ଶ୍ରେୟସ୍କର ।

ଉପରୋକ୍ତ ବିଧି ବିଧାନ ପ୍ରତି ସଚେତନ ରହିଲେ ଆମାଶୟ ରୋଗ ବା ତରଳ ଝାଡ଼ା କେବେ ହେଲେ

Images: Aptakama Mishra, Processing: Srujanika

କୌଣସି ବ୍ୟକ୍ତିକୁ ଆକ୍ରାନ୍ତ କରି-ପାରିବନାହିଁ । ଏହି ରୋଗର ପ୍ରତିକାର ବ୍ୟବସ୍ଥା ନିମନ୍ତେ ଜନସାଧାରଣଙ୍କ ଦାୟିତ୍ୱ ତୁଳନାରେ ସରକାରଙ୍କ ଦାୟିତ୍ୱ ମଧ୍ୟ କିଛି କମନୁହେଁ ।

ଅମାଶୟ ରୋଗର ହୋମିଓପ୍ୟାଥିକ ଚିକିତ୍ସା :—ହୋମିଓପ୍ୟାଥିକ ଚିକିତ୍ସକମାନେ ସାଧାରଣତଃ ରୋଗୀ ଓ ରୋଗର ଲକ୍ଷଣ ଉପରେ ନିର୍ଭରକରି ଚିକିତ୍ସା କରିଥାନ୍ତି । ରୋଗର କାରଣ ଯାହାହେଉ ନା କାହିଁକି ସେଥିପ୍ରତି ଚିକିତ୍ସକ ବିଶେଷ ଦୃଷ୍ଟି ଦିଅନ୍ତିନାହିଁ । କିନ୍ତୁ ବୈଜ୍ଞାନିକ ଦୃଷ୍ଟି କୋଣରୁ ହୋମିଓ ପ୍ୟାଥିକ ଚିକିତ୍ସା ହେଲେ ରୋଗର କାରଣ ଜାଣିବା ନିହାତି ଦରକାର । ରୋଗର କାରଣ ଜାଣିଲେ, ତାହାଯେ, କେବଳ ରୋଗ ଚିକିତ୍ସାରେ ସାହାଯ୍ୟ କରିଥାଏ ତାହା ନୁହେଁ—ରୋଗୀର ଆନୁସଙ୍ଗିକ ଚିକିତ୍ସା କରିବାରେ ମଧ୍ୟ ଅଧିକ ସହାୟକ ହୋଇଥାଏ—ସାଧାରଣ ଲୋକ ଯେପରି ସ୍ୱଳ୍ପବ୍ୟୟ ହୋମିଓ ପ୍ୟାଥିକଔଷଧ ବ୍ୟବହାରକରି ନିଜର ଚିକିତ୍ସା କରି-ପାରିବେ, ସେଥିପ୍ରତି ଧ୍ୟାନ ଦେଇ କେବଳ କେତେକ ଅତି ଦରକାରୀ ଔଷଧର ନାମ ଓ ସେଥିରେ ଥିବା ଲକ୍ଷଣଗୁଡ଼ିକ ନିମ୍ନରେ ବର୍ଣ୍ଣନା କରା-ଯାଇଛି । ଯଦି ନିମ୍ନଲିଖିତ ଔଷଧ ସେବନକରି ଆଶୁ ଫଳ ନ ପାଆନ୍ତି ତେବେ ନିକଟତମ ଚିକିତ୍ସକଙ୍କର ପରାମର୍ଶ ନେବା ଉଚିତ । ଏତଦ୍ ବ୍ୟତୀତ ପ୍ରତ୍ୟେକ ରୋଗୀ ଏକଗ୍ଲାସ ଗ୍ଲୁକୋଜ ବା ଚିନି କିମ୍ବା ମିଶ୍ରିପାଣିରେ ଟିକେ ଖାଇବା ଲୁଣ ମିଶାଇ ଘନଘନ ପିଇବା ଦରକାର ।

(୧) ଘନଘନ ଢ଼ୋକେ ଢ଼ୋକେ ପାଣି ପିଇବାକୁ ଇଚ୍ଛାଥାଇ ମାନସିକ ବ୍ୟସ୍ତତା ପ୍ରକାଶ ପାଉଥିଲେ ଏବଂ ଏଥିସହ ତରଳ ଦୁର୍ଗନ୍ଧଯୁକ୍ତ ଝାଡ଼ାରେ ଲାଳ ଓ ବେଶି ପରିମାଣର ରକ୍ତଥାଇ ମଳ ଦ୍ୱାର ଜ୍ୱାଳା କରୁଥିଲେ Arsenic Alb-30 (ଆର୍ସେନିକ ଆଲବ୍-୩୦) ପ୍ରତି ୨ଘଣ୍ଟା ଅନ୍ତରରେ ଖାଇବେ ।

(୨) ପେଟ ମୋଡ଼ହୋଇ ସାମାନ୍ୟ ଝାଡ଼ାରେ ଥୋଲ ଥୋଲ ଲାଳସହ ଶବ୍ଦକରି ବାୟୁ ଯାଉଥିଲେ ଏବଂ ପେଟ ଘଡ଼ଘଡ଼ ହେଉଥିଲେ ଓ ଝାଡ଼ା ଆସିଲା ପରେ ସାମୟିକ ଆରାମ ଲାଗୁଥିଲେ Alees 6 (ଏଲୋଜ—୬) ପ୍ରତି ୨ଘଣ୍ଟା ଅନ୍ତରରେ ଦେବେ ।

(୩) ଛିଣ୍ଡିଛିଣ୍ଡା ଝାଡ଼ାସହ ରକ୍ତ ପଡ଼ୁଥିଲେ ଏବଂ ନାଭିପାଖରେ ପେଟ କାମୁଡ଼ିଲା ଭଳି ହେଉଥିଲେ ଓ ପେଟ ଚିପିଲେ ବା କିଛି ମୃପିକରି ଧରିଲେ

ଡାକ୍ତର ପ୍ରଦୀପ ରାଓ
ଡି. ଏମ୍. ଏସ୍ (କଲିକତା), ଏମ୍ ଡି. ଏସ୍ ହୋମ (କଲିକତା) ସଭ୍ୟପତି — ଓଡ଼ିଶା ରାଜ୍ୟ ହୋମିଓପ୍ୟାଥିକ ବୋର୍ଡ ।

ପେଟ ବ୍ୟଥା ଆରାମ ଲାଗୁଥିଲେ Colecynth 3x (କଲୋସିନ୍— 3x) ପ୍ରତି ୧ଘଣ୍ଟା ଅନ୍ତରରେ ଦେବେ ।

(୪) ବାନ୍ତି ଭାବ ସହ ଖାଦ୍ୟ-ଦେଖିଲେ ବାନ୍ତିଭାବ ଓ ବାନ୍ତି ବଢ଼ି ଯାଉଥିଲେ ଏବଂ ପେଟ ମୋଡ଼ହୋଇ ଘନଘନ ଝାଡ଼ା ଦେଖାଇ ଝାଡ଼ାରେ ଚିକଣ ଚକଚକ କରୁଥିବା ଲାଳସହ ସାମାନ୍ୟ ରକ୍ତ ପଡ଼ୁଥିଲେ Colchicum—30 (କଲଚିକମ-୩୦) ପ୍ରତି ୨ଘଣ୍ଟା ଅନ୍ତରରେ ଦେବେ ।

(୫) ଜଳ ପରିଷ୍କାର ଥାଇ ବାନ୍ତି-ଭାବ ଓ ଘନଘନ ବାନ୍ତିହୋଇ ଆଦୌ ଶୋଷ ନଥାଇ ଶାଗୁଆ ଲାଳମିଶା ରକ୍ତ-ଝାଡ଼ା ହେଉଥିଲେ Ipecae—6 (ଇପିକାକ୍-୬) ପ୍ରତି ୧ଘଣ୍ଟା ଅନ୍ତରରେ ଦେବ ।

(୬) ଗନ୍ଧଯୁକ୍ତ ପ୍ରଚୁର ଲାଳସହ ସାମାନ୍ୟ ରକ୍ତ ଝାଡ଼ାରେ ପଡ଼ୁଥିଲେ ଏବଂ ଝାଡ଼ା ସମୟରେ, ପୂର୍ବରେ ଏବଂ ପରେ ମଧ୍ୟ ପେଟ କାମୁଡ଼ ଥିଲେ ବା ମୂତ୍ର ସମୟରେ ଝାଡ଼ା ଦେଖାଉ ଥିଲେ Mercsol—30 (ମାର୍କସଲ୍—୩୦) ପ୍ରତି ୨ଘଣ୍ଟା ଅନ୍ତରରେ ଦେବେ ।

(୭) ସାମାନ୍ୟ ଝାଡ଼ାରେ ବେଶୀ ପରିମାଣର ରକ୍ତ ଓ କମ ପରିମାଣର ଲାଳ ଥାଇ ମାର୍କସଲର ଅନ୍ୟାନ୍ୟ ଲକ୍ଷଣ ଥିଲେ Merc cor—30 (ମାର୍କକର) ପ୍ରତି ୧ଘଣ୍ଟା ଅନ୍ତରରେ ଦେବେ ।

(୮) ମସଲା ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ପେଟ ମୋଡ଼ହୋଇ ଲାଳରକ୍ତ ଝାଡ଼ା ହେଉଥିଲେ ଏବଂ ଝାଡ଼ା ଆସିଲା ପରେ ପେଟ ମୋଡ଼ା କମି ଯାଉଥିଲେ Nax vom—3x (ନକ୍ସ ଭମିକା—୩x) ପ୍ରତି ୨ଘଣ୍ଟା ୩ଘଣ୍ଟା ଅନ୍ତରରେ ଦେବେ ।

(୯) ସକାଳୁ ଉଠିଲା ମାତ୍ରେ ଓ କିଛି ଖାଇଲାପରେ ମାଟିଆ ରଙ୍ଗର ଆଉବଦଳିଆ ରକ୍ତ ଲାଳମିଶା ଝାଡ଼ା ହେଉଥିଲେ ଏବଂ ଖାଲି ପେଟରେ ରହିଲେ ଝାଡ଼ା ବନ୍ଦହୋଇ ଯାଉଥିଲେ Trombidium — 30 (ଟ୍ରୋମ୍ବି-ଡ଼ିୟମ—୩୦) ପ୍ରତି ୨ଘଣ୍ଟା ଅନ୍ତରରେ ଦେବେ ।

(୧୦) ଯଦି ବିଭିନ୍ନ ଔଷଧ ଦେବା ସତ୍ତ୍ୱେ ଝାଡ଼ା ବନ୍ଦ ନହେଉଥିଲେ କିମ୍ବା ସକାଳୁ ଉଠିଲାମାତ୍ରେ ପେଟ ମୋଡ଼-ହୋଇ ଲାଳରକ୍ତ ମିଶା ନାଳଝାଡ଼ା ହୋଇଥିଲେ ଓ ଝାଡ଼ା ସମୟରେ ଏବଂ ଝାଡ଼ା ଆସିଲା ପରେ ମଳ ଦ୍ୱାର ପୋଡ଼ୁଥିଲେ Sulphur 30 (ସଲଫର-୩୦) ପ୍ରତି ୪ଘଣ୍ଟା ଅନ୍ତରରେ ଦେବେ ।

□

Images: Aptakama Mishra, Processing: Srujanika

ହୋମିଓପ୍ୟାଥି ଔଷଧର ବିଜ୍ଞାନ ସମ୍ମତ ଭିତ୍ତି

ବିଶ୍ୱରେ ପ୍ରଥମ ଥରପାଇଁ ଭାରତର ବୈଜ୍ଞାନିକ ମାନେ ପ୍ରସ୍ତୁତ କଲେ ।

ବିଶ୍ୱରେ ପ୍ରଥମ ଥର ପାଇଁ ଭାରତର ବିଭିନ୍ନ ପରୀକ୍ଷାଗାରରେ ଗବେଷଣାରତ ଦଳେ ବୈଜ୍ଞାନିକ ହୋମିଓପ୍ୟାଥି ଔଷଧର ବିଜ୍ଞାନସମ୍ମତ ଭିତ୍ତି ନିର୍ଦ୍ଧାରଣ କରିବାରେ ସଫଳ ହୋଇଛନ୍ତି ।

ବହୁପୂର୍ବ କାଳରୁ ହୋମିଓପ୍ୟାଥିର ଜୀବନଶକ୍ତି ଓ ଔଷଧର ଗୁଣ ସମ୍ପର୍କରେ ଯେଉଁ ଧାରଣା ରହି ଆସିଥିଲା ତାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରମାଣିତ କରିହେଉ ନଥିଲା । କେବଳ ବିଶ୍ୱାସ ଓ ଅଭିଜ୍ଞତାର ବଶବର୍ତ୍ତୀ ହୋଇ ଚିକିତ୍ସକ ମାନେ ଜୀବନୀ ଶକ୍ତି ଓ ଔଷଧ ଗୁଣକୁ ବିଚାରକୁ ନେଇ ରୋଗର ଚିକିତ୍ସା କରୁଥିଲେ ।

କିନ୍ତୁ ଦଳେ ହୋମିଓ ପ୍ୟାଥ, ବାୟୋକେମିଷ୍ଟ, ବାୟୋଫିଜିଷ୍ଟ ଓ ବାୟୋଲୋଜିଷ୍ଟ ମିଳିତଭାବେ ହୋମିଓପ୍ୟାଥି ଔଷଧର ଧର୍ମ ବା ଗୁଣାବଳୀ ସମ୍ପର୍କରେ ମିଳିତ ଭାବେ ବ୍ୟାପକ ଅନୁଧ୍ୟାନ କଲାପରେ ହୋମିଓ ପ୍ୟାଥି ଔଷଧର ଗୁଣ ବା ଧର୍ମ କେବଳ ବିଶ୍ୱାସର କଥା ନୁହେଁ ବରଂ ପରୀକ୍ଷାମୂଳକ ଭାବେ ପରୀକ୍ଷା କରିବା ଉପଯୋଗୀ ବିଜ୍ଞାନ ସମ୍ମତ ବୋଲି ପ୍ରତିପାଦିତ କରିଛନ୍ତି ।

ହୋମିଓପ୍ୟାଥି ଔଷଧର 'ଡାଏଲେକ୍‌ଟ୍ରିକ୍ କନଷ୍ଟାଣ୍ଟ'; ଏନ୍‌ଜାଇମ କାଇନେଟିକ୍ସ୍, ନ୍ୟୁକ୍ଲିଆର ମ୍ୟାଗ୍‌ନେଟିକ୍ ରେଜୋନାନ୍ସ' ପ୍ରଭୃତି ଗୁଣ ଗୁଡ଼ିକ ସମ୍ପର୍କରେ ଅଲଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ, ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ଜବାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟରେ ଅନୁଧ୍ୟାନ କରା ଯାଉଥିଲା ।

ଯେଉଁ ବିଶେଷଜ୍ଞ ଦଳ ଏ ଗବେଷଣା କରୁଥିଲେ ସେମାନଙ୍କ ସେମାନଙ୍କ ଭିତରେ ଥିଲେ ପ୍ରଫେସର ଆର. ଡି ଦୂଆ, ଡାକ୍ତର ରୁପଲାଲ ଜସଲ, ପ୍ରଫେସର ଆର. କେ ମିଶ୍ର ଏବଂ ଶ୍ରୀ ଦେଓଦତ୍ତ ରାଏ । ସେମାନଙ୍କ ଗବେଷଣାଗତ ସିଦ୍ଧାନ୍ତ ଅନୁଯାୟୀ ହୋମିଓପ୍ୟାଥି ଔଷଧର ଉପସ୍ଥିତି ଡିଉଟେରିଅମ୍ ଓ ପ୍ରୋଟୋନ୍ ମଧ୍ୟରେ ଲୌହର ଆଦାନ ପ୍ରଦାନ କ୍ଷେତ୍ରରେ ପ୍ରଭାବ ପକାଇ ଥାଏ ।

ଏ କ୍ଷେତ୍ରରେ ଏବେ ଯେଉଁସବୁ ଗବେଷଣା ହେଲା ତାକୁ ଭିତ୍ତିକରି ହୋମିଓ ପ୍ୟାଥି ଔଷଧର ନିର୍ଦ୍ଦିଷ୍ଟମାନ ରକ୍ଷା କରାଯାଇ ପାରିବ ଏବଂ ଏହି ମାନକୁ ନିୟନ୍ତ୍ରଣ ମଧ୍ୟ କରାଯାଇ ପାରିବ ।

ଏ ଯାବତ୍ ହୋମିଓପ୍ୟାଥିକ ଔଷଧ ଉତ୍ପାଦନ ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରଣାଳୀ ବା ଧାରା ଅବଲମ୍ବନ କରାଯାଉ ନଥିଲା । କିନ୍ତୁ ଏଣିକି ଏଲୋପ୍ୟାଥିକ ଔଷଧଭଳି ଏକ ନିର୍ଦ୍ଦିଷ୍ଟ ସୂତ୍ର ଅନୁଯାୟୀ ହୋମିଓପ୍ୟାଥି ଔଷଧ ପ୍ରସ୍ତୁତ କରିହେବ ଏବଂ ଔଷଧର ନିର୍ଦ୍ଦିଷ୍ଟ ପ୍ରଭାବ ସମ୍ପର୍କରେ ମଧ୍ୟ ଚିକିତ୍ସକମାନେ ଅବଗତ ହେବେ ।

ଏବେ ହୋମିଓ ପ୍ୟାଥି ଚିକିତ୍ସା କ୍ଷେତ୍ରରେ ରୋଗର ନିଦାନପାଇଁ ଯେଉଁ ପଦ୍ଧତି ଅବଲମ୍ବନ କରାଯିବାର ବ୍ୟବସ୍ଥା ହୋଇଛି ତଦନୁଯାୟୀ ରୋଗୀର ରକ୍ତ ପରୀକ୍ଷାକରି ଆବଶ୍ୟକ 'ପୋଟେନ୍‌ସି' ବା ଶକ୍ତିର ଔଷଧ ଦିଆଯିବ ।

ଆଗରୁ ଏଭଳି କିଛି ପରୀକ୍ଷା କରାନଯାଇ କେବଳ ରୋଗର ଲକ୍ଷଣ ଦେଖି ଔଷଧ ଦିଆ ଯାଉଥିଲା ।

□

(୧୫ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରଦର୍ଶନ ଦ୍ୱାରା ପରିସ୍ଥିତିକୁ ଜୀବନ୍ତ କରାଯାଇଛି । ବିଶେଷକରି ସୁମିତ୍ରା, ବୁଲୁ ଓ ବୁନୁ ଚମତ୍କାର ଅଭିନୟ କରିଛନ୍ତି । ଏ ଚିତ୍ରର ପ୍ରତ୍ୟେକଟି ଦୃଶ୍ୟ ଅତି ସୁନ୍ଦରରୂପେ ସଜ୍ଜାଯାଇପାରିଛି । ନିର୍ଦ୍ଦେଶକ ସାଗିର ଅହମ୍ମଦ ଏଥିପାଇଁ ଅଭିନନ୍ଦନୀୟ । ତେବେ ଚିତ୍ରଟିକୁ ୧୬ରିଲ ପରିବର୍ତ୍ତେ ୧୪ ରିଲ କରିଥିଲେ ଆହୁରି ନିଖୁଣ ହୋଇ ପାରିଥାନ୍ତା ।

ରୁଦ୍ରବାବୁ ଭୂମିକାରେ ପୂର୍ଣ୍ଣ ବିଦ୍ଧାଣୀ, ସୁମିତ୍ରା ଭୂମିକାରେ ନବାଗତା ଶର୍ମିଷ୍ଠା ମାଥ୍ୟସ୍, ବୁଲୁ ଭୂମିକାରେ ସୌମେନ୍ଦ୍ର ତ୍ରିପାଠୀ ଓ ବୁନୁ ଭୂମିକାରେ ଅମୃତା ଅହମଦ୍‌ଙ୍କ ଅଭିନୟ ନିଖୁଣ ହୋଇପାରିଛି । ସୌମେନ୍ଦ୍ର ଓ ଅମୃତାଙ୍କ ହୃଦୟସ୍ପର୍ଶୀ ଅଭିନୟ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ । ପ୍ରଶାନ୍ତ ସଙ୍ଗୀତ ଓ ଫଟୋଗ୍ରାଫୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇପାରିଛି ।

'ଧାରେ ଆଲୁଅ' ଚଳଚ୍ଚିତ୍ର ଗତ ଜାନୁଆରୀ ମାସରେ ବମ୍ବେଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ଭାରତୀୟ ପାନୋରମା ବିଭାଗରେ ପ୍ରଦର୍ଶିତ ହୋଇ ସମୀକ୍ଷକ ମାନଙ୍କ ଉଚ୍ଚପ୍ରଶଂସା ଲାଭ କରିଥିଲା । ଏହାର ଫଟୋଗ୍ରାଫର ବିଧୁଶ୍ରୀ ବିଦ୍ଧାଣୀ ଜୀ ଗହଳର ଦୃଶ୍ୟ ଏଭଳି ନିଖୁଣ ଭାବରେ ଗ୍ରହଣ କରିଛନ୍ତି ଦର୍ଶକମାନେ ବାସ୍ତବରେ ସେ ପରିବେଶ ମଧ୍ୟରେ ଥିବାଭଳି ବୋଧ କରୁଛନ୍ତି ।

ଶିଶୁର ମନସ୍ତତ୍ତ୍ୱ, ମାନବିକ ସୂକ୍ଷ୍ମ ଭାବଧାରା ଓ ଜୀବନରେ ଟିକିଏ ସ୍ନେହ ଶ୍ରଦ୍ଧାର ଆବଶ୍ୟକତାକୁ ଏକ ସାଙ୍କେତିକ ତଥା ବୋଧଗମ୍ୟ ଚଳଚ୍ଚିତ୍ର ମାଧ୍ୟମରେ ପରିସ୍ଫୁଟିତ କରିବାରେ ନିର୍ଦ୍ଦେଶକ ନିଶ୍ଚିତ ଭାବରେ ସଫଳ ହୋଇଛନ୍ତି ।

ଏ ଧରଣର ପରୀକ୍ଷା ମୂଳକ ଚଳଚ୍ଚିତ୍ରରେ ଘଟଣାଚକ୍ରର ଗତି ମନ୍ଥର ହେବା ସ୍ୱାଭାବିକ । କାରଣ ଏହା ସଙ୍କେତ ଧର୍ମୀ ଓ ଏଥିରେ 'ଆକସନ' ଅପେକ୍ଷା ପରିବେଶ ଓ ଭାବଧାରାର ପରିପ୍ରକାଶ ଅଧିକ । ତେଣୁ ସାଧାରଣ ଦର୍ଶକ ବିରକ୍ତି ବୋଧ କରିଛନ୍ତି । ଏ ଚଳଚ୍ଚିତ୍ର ସେ ଦୃଷ୍ଟିରୁ ବକ୍ସ ଅଫିସ୍ ହିଟ୍ ନହୋଇ ପାରିଲେ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ । ସଂପୂର୍ଣ୍ଣ ନୂତନ କଳାକାର ମାନଙ୍କୁ ନେଇ ଅଧିକାଂଶ ଆଉଟଡୋର ସୁଟିଂରେ ଅତି ଅଳ୍ପ ଖର୍ଚ୍ଚରେ ଏଭଳି ଏକ ଚିତ୍ର ପ୍ରସ୍ତୁତ ହୋଇପାରିଛି । ଏହା ଅନ୍ୟ ପ୍ରଯୋଜକ ମାନଙ୍କ ପକ୍ଷରେ ପଥପ୍ରଦର୍ଶକ ହେବା ଉଚିତ୍ । □

କାହାର ଖେଳ, କାହାର କାଳ, (ନାରୀଧର୍ଷଣ)

ଶ୍ରୀ ଅରଜିତ ପଶାୟତ

ଆଜି ଯେ କୌଣସି ଦିନ ସମ୍ବାଦପତ୍ର ଖୋଲିଲେ ଆଗେ ଆଖିରେ ପଡ଼ୁଛି ଜଘନ୍ୟ ନାରୀଧର୍ଷଣ ସମ୍ପର୍କୀୟ ସମ୍ବାଦ । ଗତ କେଇବର୍ଷ ଭିତରେ ନାରୀଧର୍ଷଣ ଘଟଣା ବହୁ ସଂଖ୍ୟାରେ ବଢ଼ିଯାଇଛି । କେତେକ ମତ ଦିଅନ୍ତି ଆଗେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ସାମାଜିକ ଲଜ୍ୟା ଓ କଳଙ୍କ ଭୟରେ ଏହାକୁ ପ୍ରକାଶ କରାଯାଉ ନଥିଲା । ଆଜି କେତେକଙ୍କ ମତରେ ଦେଶରେ ମାନବିକତାର ଅଭାବ, ଯୁବ ସମାଜରେ ଉଚ୍ଛୃଙ୍ଖଳା ଓ ଚଳଚ୍ଚିତ୍ର ଜଗତରେ କୋହଳ ଯାଞ୍ଚନୀତି (censorship) ଏଥିପାଇଁ ଦାୟୀ । ନାରୀଧର୍ଷଣ ପାଇଁ ଦଣ୍ଡ ଅତି କଠୋର ହେବା ଉଚିତ ବୋଲି ମତପ୍ରକାଶ ପାଇବାପରେ, ଏ ସମ୍ପର୍କରେ ପରିବର୍ତ୍ତିତ ଆଇନ ପ୍ରଚଳିତ ପାଇଁ ବ୍ୟବସ୍ଥା ହୋଇଛି ।

ନାରୀଧର୍ଷଣ ଏଭଳି ଏକ ଅପରାଧ ଯେଉଁଥିରେ ଜଣକର ଖୁସିପାଇଁ ଅନ୍ୟ ଜଣଙ୍କର ଚରିତ୍ର ଉପରେ ଅଲିଭା କଳଙ୍କ ଲାଗିଯାଏ । ଅନେକ ସମୟରେ ଅଭିଯୋଗ କରାଯାଇଥାଏ ଯେ ପ୍ରତିଶୋଧ ମନୋବୃତ୍ତି ନେଇ ଏଭଳି ମିଥ୍ୟା ଅଭିଯୋଗ କରାଯାଇଥାଏ । ତେଣୁ ଏହି ଅଭିଯୋଗ ପ୍ରମାଣ କରିବାକୁ ହେଲେ ଅଭିଯୋଗକାରିଣୀର ସାକ୍ଷ୍ୟ ଛଡ଼ା ଅନ୍ୟ ତଥ୍ୟ ପ୍ରମାଣ କରିବା କରିବା ଆବଶ୍ୟକ । ଏଭଳି ଯୁକ୍ତିକୁ ସୁପ୍ରୀମକୋର୍ଟ ଗ୍ରହଣ କରି ନ ଥାନ୍ତି । ଉତ୍ତର ପ୍ରଦେଶର ଏକ ମାମଲାରେ ସୁପ୍ରୀମକୋର୍ଟର ତତ୍କାଳୀନ ବିଚାରପତି ଶ୍ରୀକୃଷ୍ଣ ଆୟାର ଓ ଶ୍ରୀ ଚିନାପା ରେଡ୍ଡିଙ୍କର ରାଏ ଅତି ମହତ୍ତ୍ୱପୂର୍ଣ୍ଣ ।

ଦ୍ରୌପଦୀ ନାମିକା ଜଣେ ମଧ୍ୟବୟସ୍କା ବାଳସେବିକା ଗୋଟିଏ ବାଳିକା ସ୍କୁଲରେ ଶୋଇଥିଲା । ରାତି ପ୍ରାୟ ୨୨ଟା ସମୟରେ ରଫିକ ନାମଧେୟ ଜଣେ ବ୍ୟକ୍ତି ଓ ଅନ୍ୟ ତିନିଜଣ ତା ପ୍ରତି ବଳାତ୍କାର କରି ତାକୁ ଧର୍ଷଣ କରିଥିଲେ । ପରଦିନ ସକାଳେ ଦ୍ରୌପଦୀ ଏ ବିଷୟରେ ତାର ମୁଖ୍ୟ ସେବିକାକୁ କହିଲା ଓ ଦିନପ୍ରାୟ ୧୨ଟା ବେଳେ ପୋଲିସ୍‌କୁ ଖବର ଦିଆଗଲା । ଧର୍ଷଣର ସାକ୍ଷ୍ୟ ଉପରେ ଅନୁସନ୍ଧାନ ପରେ ମକଦ୍ଦମାର ବିଚାର ହେଲା । ମୁଖ୍ୟତଃ ତାର ସାକ୍ଷ୍ୟ ଉପରେ ରଫିକକୁ ସାତବର୍ଷ ଜେଲଦଣ୍ଡ ଆଦେଶ ହେଲା, ଯଦିଓ ଅନ୍ୟ ସାକ୍ଷୀମାନେ ପୂର୍ବରୁ କହିଥିବା କଥାକୁ ପରେ ଅସ୍ୱୀକାର କଲେ । କିନ୍ତୁ ଅନ୍ୟ ତିନିଜଣଙ୍କୁ ପୂରା ପ୍ରମାଣ ଅଭାବରୁ ଖଲାସ୍ କରି ଦିଆଗଲା । ରଫିକ୍ ଆହ୍ଲାବାଦ ହାଇକୋର୍ଟରେ ଅପିଲ୍ ଦାଏର୍ କଲା । କିନ୍ତୁ ହାଇକୋର୍ଟ ଅପିଲ୍ ନାମଞ୍ଜୁର କରି ତଳକୋର୍ଟର ରାଏକୁ କାଏମ ରଖିଲେ । ଏହି ରାଏ ବିରୁଦ୍ଧରେ ରଫିକ୍ ସୁପ୍ରୀମ କୋର୍ଟରେ ଅପିଲ୍-ଦାଏର୍ କଲେ । ଅପିଲ୍‌ର ଶୁଣାଣି ବେଳେ ତାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଖାଲି ଧର୍ଷିତାର ସାକ୍ଷ୍ୟ ଉପରେ ରଫିକ୍‌କୁ ଦୋଷୀ ସାବ୍ୟସ୍ତ କରିବା ଆଇନ ସଙ୍ଗତ ନୁହେଁ । ତାଛଡ଼ା ଧର୍ଷିତାର ଯୌନାଙ୍ଗରେ କୌଣସି କ୍ଷତ ନଥିବାରୁ ସେ ଧର୍ଷିତ, ହୋଇଛନ୍ତି ବୋଲି କହିବା ଆଇନ ସଙ୍ଗତ ନୁହେଁ । ଏ ଯୁକ୍ତି ସପକ୍ଷରେ ସୁପ୍ରୀମକୋର୍ଟର ଏକ ପୂର୍ବତନ ରାଏର ନଜିର୍ ଦିଆ ଯାଇଥିଲା । ସେ ରାଏ ଥିଲା ଓଡ଼ିଶାର ଏକ ମାମଲା ଯାହାକି ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଓ "ନନ୍ଦନ କାନନ ଧର୍ଷଣ ମାମଲା" ବୋଲି ପ୍ରସିଦ୍ଧି ଲାଭ କରିଥିଲା । ଏ ଘଟଣାବଳୀ ହେଲା ଯେ × × × ନାମକ ଜଣେ ଯୁବତୀ × × × ବୋଲି ଜଣେ ଭଦ୍ର ଲୋକଙ୍କର ସ୍ତ୍ରୀ ରୂପେ ନିଜକୁ ପରିଚୟ ଦେଉଥିଲା (ଓଡ଼ିଶା ହାଇକୋର୍ଟ), ତାଙ୍କୁ × × × ରକ୍ଷିତା ବୋଲି ମତ ଦେଇଥିଲେ ।) × × × ଅନ୍ତଃସତ୍ତ୍ୱା ଥିବା ଅବସ୍ଥାରେ ସେ ଓ × × × ହସଖୁସିରେ ସମୟ କଟାଇବା ପାଇଁ ନନ୍ଦନ କାନନ ଯାଇଥିଲେ । ସେମାନେ ସେଠାରେ ଅପରାହ୍ଣରେ ପହଞ୍ଚି ଏକ ଟୁରିଷ୍ଟ ଲଜ୍‌ରେ ରହିଲେ । ସନ୍ଧ୍ୟାରେ ବୁଲାବୁଲି ସାରି ପ୍ରାୟ ୭ଟା ୩୦ ସମୟରେ ସେମାନେ ଲଜ୍‌କୁ ଫେରିଲେ । ସେ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କେତେକ ଛାତ୍ର N. C. C. କାର୍ଯ୍ୟରେ ସେଠାକୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ ତିନିଜଣ ରାତିରେ କବାଟ ବାଡ଼େଇ ଉପରୋକ୍ତ ମହିଳା ଓ ତାଙ୍କ ସାଙ୍ଗରେ ଥିବା ଭଦ୍ରବ୍ୟକ୍ତିଙ୍କୁ କବାଟ ଖୋଲିବାକୁ କହିଲେ । ପ୍ରଥମେ ସେମାନେ ଫେରିଗଲେ ଓ କିଛି ସମୟପରେ ପୁଣି ଆସି କବାଟ ଖୋଲିବାକୁ କହିଲେ । କବାଟ ଖୋଲିଲା ପରେ ସେମାନେ ଭଦ୍ରବ୍ୟକ୍ତିଙ୍କୁ ବାହାରକୁ ନେଇ ଗୋଟାଏ ଛେ-ପାଖରେ ଛୁଡ଼ିଦେଲେ ଓ ଜଣକ ପରେ ଜଣେ ତିନିଜଣ ଯାଇ ଭିତରେ ଥିବା ମହିଳାଙ୍କୁ ଧର୍ଷଣ କରିଥିଲେ । ନନ୍ଦନକାନନର ଜଣେ ଚୌକିଦାର ପାଟିକୁଣ୍ଡ

Images: Aptakama Mishra, Processing: Srujanika

ଶୁଣି ଅନ୍ୟମାନଙ୍କ ଡାକିଲା ଓ ବହୁ-ଲୋକ ଜମାହେଲେ । ପୁଲିସ୍‌କୁ ଖବର ଦିଆଗଲା ଓ ପୁଲିସ୍ ତଦନ୍ତ ଆରମ୍ଭ କଲେ । ମହିଳାଙ୍କର ଏ ଘଟଣାର କିଛିଦିନ ପରେ ଗର୍ଭପାତ ହେଲା ।

ବିଚାରପରେ ଦୌରାଜଜ୍ ବିଭିନ୍ନ ଦଫାରେ ଅଭିଯୁକ୍ତ କରି ତିନିଜଣଙ୍କୁ ଦଣ୍ଡାଦେଶ କଲେ । ଏହା ବିରୁଦ୍ଧରେ ଅଭିଯୁକ୍ତମାନେ ହାଇକୋର୍ଟରେ ଅପିଲ ଦାଏର୍ କଲେ । କିନ୍ତୁ ହାଇକୋର୍ଟ ତଳକୋର୍ଟର ରାଏକୁ କାଏମ୍ ରଖିଲେ । ଏହା ବିରୁଦ୍ଧରେ ସୁପ୍ରୀମ କୋର୍ଟରେ ଅଭିଯୁକ୍ତଙ୍କ ତରଫରୁ ଅପିଲ୍ ଦାଏର୍ କରା ଯାଇଥିଲା । ଅଭିଯୁକ୍ତ ମାନେ ଦର୍ଶାଇ ଥିଲେ ଯେ ସେମାନେ ନିର୍ଦ୍ଦୋଷ । ସେମାନଙ୍କର ଜଙ୍ଗଲ ବିଭାଗ କର୍ମଚାରୀ ସଙ୍ଗରେ କଚସା ହୋଇଥିଲା । ତେଣୁ ସେମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଏଭଳି ମିଛ ମକଦ୍ଦମା କରାଯାଇଛି ।

ସୁପ୍ରୀମକୋର୍ଟ ଏକ ଦୀର୍ଘ ରାଏରେ ମତ ଦେଇଥିଲେ ଯେ ଯଦିଓ ଅଭିଯୁକ୍ତ ମାନେ ଅଭିଯୋଗକାରିଣୀଙ୍କ ସହ ଯୌନକ୍ରିୟା କରିଥିବାରୁ ପ୍ରମାଣ ହୋଇଛି, କିନ୍ତୁ ସାକ୍ଷ୍ୟରୁ ଜଣାପଡୁଛି ଯେ ଏହି ଯୌନକ୍ରିୟା ଅଭିଯୋଗ-କାରିଣୀଙ୍କ ସ୍ୱୀକୃତିସହ ହୋଇଥିଲା । ଧର୍ଷଣ ବୋଲି ଏହାକୁ କୁହାଯାଇ ପାରିବନାହିଁ । (ଏ. ଆଇ: ଆର୍) ୧୯୭୭ ସୁପ୍ରୀମକୋର୍ଟ ୧୩୦୭ ପୃଷ୍ଠା)

ସୁପ୍ରୀମ୍ କୋର୍ଟର ବିଚାରପତିମାନେ ମତ ଦେଇଥିଲେ ଯେ ନନ୍ଦନକାନନ ମାମଲାର ରାଏ ଏ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ସେମାନେ ମତ ଦେଇଥିଲେ ଯେ ଯେତେବେଳେ ଜଣେ ନାରୀ ଧର୍ଷିତା ହୁଏ କେବଳ ତାର ଶାରୀରିକ କ୍ଷତି ଯେ ହୁଏ ତାହାନୁହେଁ । ତତ୍-ସହିତ ଗଭୀର ଚିରସ୍ଥାୟୀ ମାନସିକ କ୍ଷତ ମଧ୍ୟହୁଏ । ସତ୍ୟତା ନଥିଲେ କୌଣସି ନାରୀ ନିଜର ମହତ ହରାଇ ଅନ୍ୟଜଣଙ୍କ ଦ୍ୱାରା ଧର୍ଷିତା ହୋଇଛି ବୋଲି ଅଭିଯୋଗ କରିବ ନାହିଁ । ସେମାନେ ହାଇକୋର୍ଟର ରାଏକୁ କାଏମ୍ ରଖି କହିଲେ ଯେ ସାତବର୍ଷର ଦଣ୍ଡାଦେଶକୁ କଠିନ ବୋଲି କୁହାଯାଇ ନପାରେ ।

ମାନ୍ୟବର ବିଚାରପତିମାନେ ଦୁଃଖ ପ୍ରକାଶ କରିଥିଲେଯେ ପ୍ରାୟ ଦଶ ବର୍ଷପରେ ଏହିଭଳି ଏକ ଜଘନ୍ୟ ମାମଲାର ପରିସମାପ୍ତି ଘଟିଲା । ସେମାନେ ଆଶା ପ୍ରକାଶ କରିଥିଲେ ଯେ ଏଭଳି ମାମଲାରେ ଶୀଘ୍ର ତଦନ୍ତ ହୋଇ ବିଶେଷ ଧରଣର ସାକ୍ଷ୍ୟ ଗ୍ରହଣ କରାଯାଇ ଯଥାଶୀଘ୍ର ସମ୍ଭବ ଏହାର ବିଚାର ସମାପ୍ତି କରାଯିବା ଉଚିତ । ସେମାନେ ମତ ଦେଇଥିଲେ ଯେ ଖାଲି କଠୋର ଦଣ୍ଡବିଧି ଆଇନଦ୍ୱାରା ଧର୍ଷିତା ମାନଙ୍କର ସଂଖ୍ୟା କମିବ ନାହିଁ । ଗୋଟିଏ ଉଦାହରଣ ଦେଇ ସେମାନେ ମତ ଦେଇଥିଲେ ଯେ ଡକ୍ଟର ଜନ୍‌ସନଙ୍କ ସମୟରେ ବିଲାତରେ ପକେଟ୍‌ମାର ମାନଙ୍କୁ ଫାଶୀଦଣ୍ଡ ଦିଆ-ଯାଇଥିଲା ଓ ଜନଗହଳିଥିବା ରାସ୍ତାରେ ସେମାନଙ୍କୁ ଫାଶୀ ଦିଆ ଯାଉଥିଲା । କିଛିଦିନ ପରେ କିନ୍ତୁ ଦେଖାଗଲା ଯେ ପକେଟ୍‌ମାର ଅପରାଧ କମିବାତ ଦୂରର କଥା, ଯେତେବେଳେ ଅପରାଧୀ ମାନଙ୍କୁ ଫାଶୀ ଦିଆ ହେଉଥିଲା ସେଠି ବେଶ୍ ଜନଗହଳି ହେଉଥିଲା ଓ ସେଇଠି ପକେଟ୍‌ମାର୍ ମାନେ ବେଶ୍ ଧନ୍ଦା ବଢ଼ାଇ ପାରୁଥିଲେ ।

ତେଣୁ ସାମାଜିକ ଚେତନାଧାରାର ପରିବର୍ତ୍ତନ ଆବଶ୍ୟକ ବୋଲି ସେମାନେ ମତଦେଇଥିଲେ ।

ସେ ଯାହା ହେଉନା କାହିଁକି ଏ ଲେଖକଙ୍କର ମତରେ ନାରୀଧର୍ଷଣ ଅପରାଧ ପାଇଁ ନାରୀମାନେ ମଧ୍ୟ ଆଂଶିକ ଦାୟୀ । ଲେଖକଙ୍କର ବିଭିନ୍ନ ମାମଲାର ତଥ୍ୟ ଆଲୋଚନା ପରେ ବିଶ୍ୱାସ ଯେ ଅଧିକାଂଶ କ୍ଷେତ୍ରରେ ନାରୀ-ଧର୍ଷଣ ବା ବଳାତ୍କାର ହୋଇନଥାଏ । ନନ୍ଦନକାନନ ମାମଲା ଭଳି ବହୁ କ୍ଷେତ୍ରରେ ସ୍ୱୀକୃତି ସହ ଯୌନକ୍ରିୟା ହୋଇଥାଏ କିନ୍ତୁ ଲୋକ ଚକ୍ଷୁକୁ ଆସିଯିବା ପରେ ଏହାକୁ ନାରୀଧର୍ଷଣ ବା ବଳାତ୍କାରର ରୂପ ଦିଆ ଯାଇଥାଏ । ନାରୀମାନଙ୍କର ଆଧୁନିକତା ଓ ତଥା କଥିତ Progressive ମତବାଦ ପାଶ୍ଚାତ୍ୟ ରଙ୍ଗ ଢଙ୍ଗରେ ନକଲ ସମାଜରେ ନାରୀ ଧର୍ଷଣର ସଂଖ୍ୟା ବଢ଼ାଇବା ପାଇଁ ମଧ୍ୟ ଦାୟୀ । ନାରୀ-ଧର୍ଷଣର ବା ବଳାତ୍କାର ନିଶ୍ଚୟ ଏକ ଘୃଣ୍ୟ ଅପରାଧ । କିନ୍ତୁ ଖାଲି ଅଭିଯୋଗ-କାରିଣୀର ଅଭିଯୋଗ ଓ ସାକ୍ଷ୍ୟକୁ ଭିତ୍ତିକରି ଜଣଙ୍କୁ ଦଣ୍ଡାଦେଶ ମଧ୍ୟ ଉଚିତ ହେବନାହିଁ ବୋଲି ଲେଖକର ମତ । ତଦ୍ୱାରା ଅନ୍ୟଜଣଙ୍କୁ ହଇରାଣ କରିବା ବା ପ୍ରତିଶୋଧ ନେବା ମନୋବୃତ୍ତି ନେଇ ମଧ୍ୟ ମିଛ ମକଦ୍ଦମାର ସଂଖ୍ୟା ବଢ଼ିବ । ଉଭୟ ଯୁବକ ଓ ଯୁବତୀମାନେ ସଂଯତ ହେଲେ ଓ ଆଧୁନିକତାର ଆଳରେ ଉଚ୍ଛୃଙ୍ଖଳ ନହେଲେ ଏ ଅପରାଧ ଅନେକ କମିଯିବ ବୋଲି ବିଶ୍ୱାସ ।

□

---

* ୧୯୮୧ ଜନଗଣନା ଅନୁସାରେ ଭାରତର ମୋଟ ମହିଳାଙ୍କ ସଂଖ୍ୟା ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ୟୁନିୟନ୍‌ର ଏକତ୍ର ମହିଳାଙ୍କ ସଂଖ୍ୟା-ଠାରୁ ଅଧିକ ।

* ଭାରତରେ ପ୍ରତି ୧୦୦୦ ପୁରୁଷରେ ୯୩୫ ଜଣ ମହିଳା ଅଛନ୍ତି । ଭାରତରେ କେରଳ ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ଏହି ମହିଳାହାର ପୁରୁଷଙ୍କଠାରୁ ବେଶୀ । ଏହି ରାଜ୍ୟରେ ପ୍ରତି ୧୦୦୦ ପୁରୁଷରେ ୧୦୩୪ ଜଣ ହେଉଛନ୍ତି ମହିଳା ।

* ଶିଶୁଅବସ୍ଥା ଏବଂ ଶିଶୁ ଜନ୍ମ ସମୟରେ ମୃତ୍ୟୁ ହାର ପୁରୁଷଙ୍କ ଅପେକ୍ଷା ମହିଳାଙ୍କ କ୍ଷେତ୍ରରେ ବିଶେଷ ଅଧିକ ।

Images: Aptakama Mishra, Processing: Srujanika

ନାଲକୋରେ ଆସନ୍ତା ବର୍ଷ ଉତ୍ପାଦନ ଆରମ୍ଭ ହେବ

ସରକାରୀ ଉଦ୍ୟୋଗ "ନାଲକୋ" ଦ୍ୱାରା ୨୨୪୨.୪ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ନିର୍ମାଣାଧୀନ ଆଲୁମିନିୟମ ପ୍ରକଳ୍ପ ଆଗାମୀ ଆର୍ଥିକବର୍ଷରେ ଉତ୍ପାଦନ କ୍ଷମ ହେବ ।

ଏହି ଆଲୁମିନିୟମ ପ୍ରକଳ୍ପରୁ ବାର୍ଷିକ ୮ ଲକ୍ଷ ଟନ୍ ଆଲୁମିନିୟମ ଉତ୍ପାଦନ ହେବ । ଏହି ପ୍ରକଳ୍ପ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଅନୁଗୁଳଠାରେ ଥିବା ଆଲୁମିନିୟମ ତରଳାଇବା କାରଖାନାକୁ ବାର୍ଷିକ ୪.୨୫ ଲକ୍ଷ ଟନ୍ ଆଲୁମିନିୟମ ଯୋଗାଇବ । ଅବଶିଷ୍ଟ ୩.୭୫ ଲକ୍ଷ ଟନ୍ ବିଶୋଧିତ ଆଲୁମିନିୟମ ବିଦେଶକୁ ରପ୍ତାନି କରାଯିବ ।

ଏହି ପ୍ରକଳ୍ପଟି ତିନୋଟି ୟୁନିଟ୍ ନେଇ ଗଠିତ । ଆବଶ୍ୟକୀୟ କଞ୍ଚାମାଲ କୋରାପୁଟ ଜିଲ୍ଲାର ପଞ୍ଚପଟ୍ଟମାଳି ବକ୍ସାଇଟ୍ ଖଣିରୁ ଆସିବ । ବକ୍ସାଇଟ ଖଣି ନିମନ୍ତେ ପ୍ରୟୋଜନ ହେଉଥିବା ପ୍ରାୟ ଶତକଡ଼ା ୬୦ ଭାଗ କାରିଗରୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ମୂଳ ନିର୍ମାଣ କାର୍ଯ୍ୟର ଶତକଡ଼ା ୪୨ଭାଗ କାର୍ଯ୍ୟକାରୀ ହେଲାଣି ।

ପଞ୍ଚପଟ୍ଟମାଳୀ ଖଣି କୋରାପୁଟ ଜିଲ୍ଲାର ଡାମନଯୋଡ଼ି ଆଲୁମିନିୟମ ପ୍ରକଳ୍ପକୁ ଆଲୁମିନିୟମ ଫିକ୍ସାକ୍ରୀୟ କଞ୍ଚାମାଲ (ବକ୍ସାଇଟ) ଯୋଗାଇବ । ସେହି କାରଖାନାରେ ବକ୍ସାଇଟକୁ ବିଶୋଧନ କରାଯିବ । ଅନୁଗୁଳ ଠାରେ ଥିବା ଆଲୁମିନିୟମ ତରଳାଇବା କାରଖାନାକୁ ୪.୨୫ ଲକ୍ଷଟନ୍ ବିଶୋଧିତ ଆଲୁମିନିୟମ ଦିଆଯିବ । ଏହି ଆଲୁମିନିୟମ ପ୍ରକଳ୍ପର ପ୍ରାୟ ଅର୍ଦ୍ଧାଂଶ କାମ ଏବଂ ଆଲୁମିନା ତରଳା କାରଖାନାର ପ୍ରାୟ ଶତକଡ଼ା ୬୫ ଭାଗ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଆଲୁମିନା କାରଖାନା ଏବଂ ଆଲୁମିନିୟମ ତରଳାଇବା ନିମନ୍ତେ କାରଖାନାର ପ୍ରୟୋଜନୀୟ ଯନ୍ତ୍ରପାତିର ଯଥାକ୍ରମେ ଶତକଡ଼ା ୬୫ଭାଗ ଏବଂ ଶତକଡ଼ା ୬୦ ଭାଗ ବରାଦ ଦିଆହୋଇଛି ।

ଆଲୁମିନିୟମ ତରଳାଇବା କାରଖାନାକୁ ଭାରତ ସରକାର ବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ନିର୍ମିତ ଏକ ଆବଦ୍ଧ ତାପଜ ବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ । ବିଦ୍ୟୁତ୍ ପ୍ରକଳ୍ପର ବଏଲର ହାଉସ ଏବେ ନିର୍ମାଣାଧୀନ ରହିଛି ।

ରାଜ୍ୟର ଦୁର୍ଗମ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଏହି ଆଲୁମିନିୟମ ପ୍ରକଳ୍ପଟିର ଉତ୍ପାଦନ ଆରମ୍ଭ ହେଲେ ସ୍ଥାନୀୟ ଆଦିବାସୀ ମାନଙ୍କ ବିକାଶ ନିମନ୍ତେ ଯଥେଷ୍ଟ ସହାୟକ ହେବ । ଉତ୍ପାଦନ ଆରମ୍ଭ ହେବାପରେ ଏହି ଆଲୁମିନିୟମ ପ୍ରକଳ୍ପ ବିଶ୍ୱର ଅନ୍ୟତମ ବୃହତ୍ ପ୍ରକଳ୍ପ ରୂପେ ପରିଗଣିତ ହେବ । □

ସଫଳତାର କାହାଣୀ

ମସଲା ପ୍ରସ୍ତୁତକାରୀ ମାଧୁରୀ

ମାଧୁରୀ ମସଲା ତିଆରି କରେ । ଗତବର୍ଷ ସେ ଏବଂ ତା'ର ସ୍ୱାମୀ ମିଶି ୪୦,୦୦୦ ହଜାର ଟଙ୍କା ମୂଲ୍ୟର ମସଲା ବିକ୍ରୀ କରିଥିଲେ ।

ମାଧୁରୀ ଏବଂ ତା'ର ସ୍ୱାମୀ ରାମଦାସ ପ୍ରଥମ ବିବାହ ପରେ ବରୋଦା ଗ୍ରାମକୁ ସେମାନଙ୍କର ଭିଟାମାଟି ରୂପେ ଗ୍ରହଣ କଲେ । ରାମଦାସ ମାଟ୍ରିକ୍ ପାଶ୍ କରିଥିଲା । ମାଧୁରୀ ସାଧାରଣଭାବେ କେବଳ ସାମାନ୍ୟ ଲେଖାପଢ଼ା କରିଥିଲା । ମାଧୁରୀ ଅଥବା ତା'ର ସ୍ୱାମୀ କେହି କିଛି ଚାକିରି ଖୋଜି ପାଇଲେନାହିଁ । ସୁତରାଂ ଶେଷରେ ସେମାନେ ଗରମ ମସଲା ତିଆରି କରିବା ଆରମ୍ଭକଲେ ଏବଂ ତା'କୁ ବିକି ସାଦକା ନିର୍ବାହ କରିବାକୁ ଲାଗିଲେ ।

ଲଙ୍କା, ଗୋଲମରିଚ ଏବଂ ଅନ୍ୟାନ୍ୟ ମସଲାକୁ ଏକାଠି ଗୁଣ୍ଡ କରାଯାଇ ଗରମ ମସଲା ତିଆରି କରାଯାଏ । ଘର ତିଆରି ଗରମ ମସଲାକୁ ଗୃହିଣୀମାନେ ବିଶେଷ ପସନ୍ଦ କରିଥାନ୍ତି, କାରଣ ସେମାନେ ପ୍ରସ୍ତୁତ କରୁଥିବା ତରକାରୀକୁ ଏହା ଅଧିକ ସ୍ୱାଦଯୁକ୍ତ ଓ ବାସ୍ନାମୟ କରେ । କ୍ରମାଗତ ଭାବେ ଆଠବର୍ଷ ଧରି ମାଧୁରୀ ଘରେ ଗରମ ମସଲା ତିଆରି କରୁଥିଲା, ଯାହାକୁ ରାମ ଦାସ ବୁଲିବୁଲି ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲା । ଏହିପରି ଭାବରେ ମସଲା ବିକି ପ୍ରତି ମାସରେ ସେମାନେ ୬୦୦ ଟଙ୍କା ଲାଭ କରୁଥିଲେ । ନିଃସନ୍ଦେହ ଭାବେ ଏହା ଉଭୟଙ୍କ ପାଇଁ ଏକ କଷ୍ଟକର ଜୀବନ ଥିଲା । କିନ୍ତୁ ଅନ୍ୟ କୌଣସି ପଥ ନଥିବାରୁ ସେମାନେ ଏହିପରିଭାବେ କୌଣସି ମତେ ନିଜର ଗୁଜୁରାଣ ମେଣ୍ଟାଇ ନେଉଥିଲେ ।

ସେମାନଙ୍କର ଏହି ଦୁଃଖକଷ୍ଟ ଅବସ୍ଥା ଦିନେ ସେହି ଗାଁର ମୁଖ୍ୟ ଗ୍ରାମ ସେବକଙ୍କର ଦୃଷ୍ଟି ଆକର୍ଷଣ କଲା । ଏହି ମସଲା ତିଆରି ବୃତ୍ତିକୁ ମେସିନ୍ ସାହାଯ୍ୟରେ କରିବାକୁ ସେ ଉଭୟଙ୍କୁ ପରାମର୍ଶ ଦେଲେ । ଗ୍ରାମ ସେବକଙ୍କର ଲିଖିତ ସୁପାରିଶ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ପକ୍ଷରୁ ମାଧୁରୀକୁ ଯଥାକ୍ରମେ ୩୦୦୦ ଟଙ୍କା ସବସିଡି ଓ ୯୦୦୦ ଟଙ୍କା ଋଣ ଦିଆଗଲା । ଏହି ଅର୍ଥ ସାହାଯ୍ୟରେ ସେମାନେ ମସଲା ଗୁଣ୍ଡ ପାଇଁ ଏକ ମେସିନ୍, ଭାଜିବା ପାଇଁ ଫ୍ରାଇଙ୍ଗଓଭେନ୍ ଏବଂ ମସଲା ତିଆରି କଞ୍ଚାମାଲ ତଥା ଗରମ ମସଲା ସାଇତି ରଖିବାପାଇଁ କେତୋଟି ବ୍ୟାରେଲ କିଣିଲେ ।

ଆଜିକାଲି ମାଧୁରୀକୁ ଆଉ ଲଙ୍କା, ଗୋଲମରିଚ ଇତ୍ୟାଦି ନିଜ ହାତରେ ଗୁଣ୍ଡ କରି ସମୟ ନଷ୍ଟ କରିବାକୁ ପଡ଼ୁନାହିଁ । ଏସବୁ କାମ ମେସିନ୍ ତା' ପାଇଁ କରିଦେଉଛି । ଏକ କିଲୋଗ୍ରାମ, ୫୦୦ ଗ୍ରାମ, ୫୦ ଗ୍ରାମ ଓଜନ ବିଶିଷ୍ଟ ଛୋଟ ଛୋଟ ପଲିଥିନ୍ ପ୍ୟାକେଟ ଗୁଡ଼ିକରେ ସେମାନଙ୍କର ମେସିନ୍ ପ୍ରସ୍ତୁତ ଗରମ ମସଲା ପ୍ୟାକ୍ କରାଯାଇ ବର୍ତ୍ତମାନ ଉଭୟ ପାଇକାରୀ ଏବଂ ଖୁଚୁରା ଦୋକାନ ଗୁଡ଼ିକୁ ବଣ୍ଟନ କରାଯାଉଛି । ଏହି ବଣ୍ଟନ କାମ ସ୍ୱୟଂ ରାମଦାସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଛି । ଏହି ଗରମ ମସଲାକୁ 'ଚନ୍ଦନ ମସଲା' ନାମ ଦିଆଯାଇ ବର୍ତ୍ତମାନ ବିକ୍ରି ପାଇଁ ପଠାଯାଉଛି ।

ସୁଖର ବିଷୟ ମାତ୍ର ବର୍ଷକ ମଧ୍ୟରେ ମାଧୁରୀ ତା'ର ଋଣ ସମ୍ପୂର୍ଣ୍ଣ ଭାବେ ପରିଶୋଧ କରିଦେଇଛି । ବର୍ତ୍ତମାନ ସେ ଜଣକୁ ସହକାରୀ ରୂପେ ନିଯୁକ୍ତ ଦେଇଛି । ମାଧୁରୀର ସନ୍ତାନ ବର୍ତ୍ତମାନ ଗୋଟିଏ ଭଲ ସ୍କୁଲକୁ ପଢ଼ିବାକୁ ଯାଉଛି । ସେମାନଙ୍କର ଜୀବନ ଯାପନ ଧାରା ନିଶ୍ଚିତଭାବେ ଏକ ଉନ୍ନତତର ସୋପାନରେ ପହଞ୍ଚିଛି । □

Images: Aptakama Mishra, Processing: Srujanika

କଂଟାଲେଉଟିଆର ଗୁଣ

ଡ଼: କମଲ କୁମାରୀ ପଟ୍ଟନାୟକ

ଏବର୍ଷ ରଜ ଛୁଟିଟା ଗାଁରେ କଟାଇବାକୁ ମିନର ବହୁତ ଦିନରୁ ଇଚ୍ଛାଥିଲା । ଭାଗ୍ୟକୁ ତା’ ଅଜାଆସି ଠିକ୍ ସମୟରେ ପହଞ୍ଚିଲେ । ଏବଂ ତାକୁ ତାଙ୍କ ଗାଁକୁ ନେଇଗଲେ । ମିନ-ଅଜାଙ୍କର ଏକମାତ୍ର ଅଲିଅଳି ନାତୁଣୀ । ସବୁବେଳେ ଅଜାଙ୍କ ପଛେ ପଛେ ବୁଲୁଥାଏ । ଅଜା ସକାଳୁ ଉଠି ବଗିଚାକୁ ଯାଆନ୍ତି ବଗିଚା କାମକରିବାକୁ, ମିନୁ ନିତ୍ୟନୈମିତ ଭାବେ ଦାନ୍ତଟା ଘଷି ଘଷି ଅଜାଙ୍କ ଲାଙ୍ଗୁଡ଼ ହୋଇ ବଗିଚାରେ ବୁଲୁଥାଏ । ବଗିଚାରେ ବୁଲୁ ବୁଲୁ ମିନ ହଠାତ୍ ଚିତ୍କାର କରି ଉଠିଲା, "ଅଜା କଣ୍ଟା, ମୋ ଗୋଡ଼ରେ ଗଳି-ଗଲା, କ ବଗିଚାକାମ କରୁଛ ମ ଏତେ କଣ୍ଟା ଗଛ ଅଛି, ତାକୁ ଫୋପାଡ଼ି ଦେଉନ ! ହେଇଦେ ରକ୍ତ ବୋହିଲାଣି ମୋ ପାଦରୁ, "ଅଜା କୋଡ଼କୁ ଫୋପାଡ଼ି ଦେଇ ଲମ୍ଫଝମ୍ଫ ହୋଇ ମିନପାଖରେ ହାଜର ।" ହଇଲୋ, ତୋର କଣ ହୋଇଗଲା ଯେ ଏତେ ରଡ଼ି ଛାଡ଼ୁଛୁ ? ଏଇ କଣ୍ଟାଗଛ ତ ମୁଁ ଜାଣିଜାଣି ରଖିଛି । ତୋ ଆଈ ଯାକୁ ଭାଜି ଆମକୁ ପଖାଳ ଭାତରେ ଗରମ ଗରମ ମେଞ୍ଚାଏ ଖୋଇଦିଏ । କି ମିଠା ଏ ଶାଗ, ତୁ କେବେ ଖାଇଛୁଟି ଯାକୁ ପରା କହନ୍ତି କଣ୍ଟା ଲେଉଟିଆ । ଏ ଶାଗର ଅପାର ଗୁଣ । ଏଥିରେ ବହୁତ ଭଲ ଜିନିଷ ରହିଛି । ମିନ ବିରକ୍ତ ହୋଇ କହିଲା, "ବୁଝିଲି ଅଜା—ତମର ଯେଉଁ ବିଜ୍ଞାନ ପାଠ । ଛାଡ଼, ଛାଡ଼, ସେସବୁ ଚୁଲିକୁ ଯାଉ, ମୋ ଗୋଡ଼ ତ ଏଣେ ଖଣ୍ଡିଆ ହେଲାଣି । କଣ ମ ଶାଗରେ ରହିଛି ଅପାର ଗୁଣ । ଏ ଯେଉଁ କଣ୍ଟାଫୋଡ଼ା ଖାଇଲି ନା ବାସ୍ତବିକ ଏହାର ଗୁଣ ନ ଗାଇବ କିଏ ?" ଅଜା ଦେଖିଲେ ମିନଭାରି ରାଗିଯାଇଛି । ତାକୁ ଆଉ କିଛି ଉପାୟ ଦିଶିଲାନି । **ବାଡ଼ିରୁ ବିଶଲ୍ୟକରଣୀ ପତ୍ରରୁ ମେଞ୍ଚାଏ ହାତରେ ମକଚି ତା’ ଦୋରୁଅକୁ ମିନର ଗୋଡ଼ରେ ଘଷିଦେଲେ । କିଛିକ୍ଷଣ ପରେ ମିନର ପାଦରୁ ରକ୍ତବୋହିବା ବନ୍ଦ ହୋଇଗଲା ।** ମିନପୁଣି ନାଚି କୁଦି ଏଣେ ତେଣେ ବୁଲିବାକୁ ଲାଗିଲା । ଅଜାଙ୍କ ବଗିଚାକାମ ଶେଷହେଲା, ଅଜା ନାତୁଣୀ ଦିହେଁ ପୋଖରୀରେ ଗାଧୋଇ ପାଧୋଇ କଣ୍ଟାଲେଉଟିଆରୁ ଶାଗକିଛି ଧରି ଘରକୁ ଫେରିଲେ । କଣ୍ଟା ଲେଉଟିଆ ଶାଗକୁ ଦେଖି ମିନପୁଣି ନାକ ଟେକିଲା । କହିଲା—"ଅଜାଙ୍କ ବୁଦ୍ଧିରେ ପରା କଣ୍ଟା ଫୋଡ଼ି ହୋଇ ଗଲାଣି । ସେ ଆଉ ଏ ଶାଗ ନଖାଇବ ତ ଆଉକଣ ଭଲଶାଗ ଖାଇବ ! ଅଜା ମୁରୁକି ହସି ମିନକୁ କୋଳରେ ଧରି ଘରଭିତରେ ପଶିଲେ ।"

"ଆଚ୍ଛା, ମିନ ତୋ ଆଈ ଏ ଶାଗ ଭାଜି ଆମକୁ ଦେବେ, ତୁ ଖାଇବୁ ଟି ?" ମିନ ଅଝଟ, ଅବୁଝା, ଅଲିଅଳି ହେଲେ କଣହେଲା ଅଜାଙ୍କ ପାଖରୁ ବିଜ୍ଞାନ ସମ୍ବନ୍ଧୀୟ ବହୁତ ଗପ ଶୁଣେ ଖୁବ୍ ମନଦେଇ । ଅଜା ମଧ୍ୟ ଗପ କହିଲା ବେଳେ ଭାରି ଜମକି ଦେଇ କଥାକହନ୍ତି । ସେ ଯେ ଜଣେ କୃଷିବିଭାଗର ଅଫିସର ଥିଲେ, ବର୍ତ୍ତମାନ ଅବସର ନେଇ ଗାଁରେ ସ୍ପଷ୍ଟ, ବାସ, ବାଡ଼ ବଗିଚା କରି ସମୟ କଟାନ୍ତି ।

ମିନ ମନେମନେ ଭାବୁଛି ଆଜି ଅଜା ନିଶ୍ଚୟ ତାକୁ ଏଶାଗ ବିଷୟରେ ଗୋଟିଏ ନୂଆକଥା ଶୁଣାଇବେ, ସତକୁ ସତ ସେଇୟା ହିଁ ଘଟିଲା ।

ଆଈ ଖିରି, ପୁରି, ଆଳୁଦମ କରି ଆଣି ଥୋଇଦେଲେ ଜଳଖିଆ ପାଇଁ ଅଜା, ନାତୁଣୀ ଏକାଠି ବସି ଜଳଖିଆ ଖାଇବାକୁ ଆରମ୍ଭ କଲେ । ନାତୁଣୀର ତ ଆଉ ଧୈର୍ଯ୍ୟ ନାହିଁ । "ଅଜା—ଅଜା—କଣ୍ଟା ଲେଉଟିଆର ଅପାର ଗୁଣ କଣ କହିଲ ?

"ବୁଝିଲୁ ମିନ । ଆମ ଗାଁ ଗହଳରେ ଗାଈ ଛୁଆ ଜନ୍ମକଲା ପରେ କଣ୍ଟା ଲେଉଟିଆ ଶାଗ ଗଛକୁ ଚିକିଁରେ କୁଟି, ପେଜରେ ଦିଅନ୍ତି, କାହିଁକି ନା ଗାଈ ବହୁତ ଦୁଧଦେବ । ବାସ୍ତବିକ ଏକଥା ସତ, ମୁଁ ନିଜେ ପରା ଆମ ଗାଈମାନଙ୍କୁ, ଏହା ଦିଏ । ଆଉ ଜାଣୁ ଏଇଗଛର **ଚେରକୁ ଅରୁଆ ଚାଉଳରେ ବାଟି ବଥ ଉପରେ ଲେପ ଦେଲେ, ବଥରୁ ପରୁ ପୂଜପାଣି ନିଗିଡ଼ିଯାଏ । ବଥ କାଟିବାକୁ ଆଉ ଡାକ୍ତରଖାନା ଦୌଡ଼ିବାକୁ ପଡ଼େନି ।** ତା’ଛଡ଼ା ଏଟା ମିଠା ଗଛଟା ପରା । ଖାଲି ତୋ ଆଈ ମାଆ ଟିକିଏ କଷ୍ଟକରି କଣ୍ଟାଗଛର ପତ୍ରଗୁଡ଼ିକୁ ନିକମା ହୋଇ ବାହାର କରେ । ମିନ ହଠାତ୍ କହିଲା—"ହଁ—ବୁଢ଼ୀ ପରିଶ୍ରମ କରିବ ଆଉ ଅଜା ବୁଢ଼ା ଖବର କାଗଜ, ମାଗାଜିନ୍ ପଢ଼ି ବସି-ବସି ଖାଇବେ ସୁଆଦିଆ ଶାଗ ।" ଅଜା ଠୋ ଠୋ ହୋଇ ହସି ପାଟିକରି କହିଲେ ହଇହୋ ଶୁଣୁଛ ! ତମ ନାତୁଣୀ ତମକୁ କି ପ୍ରକାର ସାର୍ଟିଫିକେଟ ଦେଲାଣି । ମିନ କହିଲା—"ବାସ୍-ଏତକ ହେଲାତ କଣ୍ଟା ଲେଉଟିଆର ଅପାର ଗୁଣ ! "ନା-ଆଉ କଣଅଛି ।"

Images: Aptakama Mishra, Processing: Srujanika

“ନା ମା—ଆହୁରି ଗୁଣଭାର ରହିଛି, ବର୍ତ୍ତମାନ ଗବେଷଣାରୁ ଜଣା ପଡ଼ିଛି ଯେ ଏଇଶାଗ ଚେରରେ ଏକ-ପ୍ରକାର ଜୀବାଣୁ (ବ୍ୟାକ୍ଟେରିଆ) ବାସ କରନ୍ତି । ଏଇ ଜୀବାଣୁ ବାୟୁମଣ୍ଡଳରୁ ଯବକ୍ଷାରଯାନ ବାଷ୍ପ ବାନ୍ଧି ରଖିପାରେ, ତାକୁ ସେ ଗଛକୁ ଯୋଗାଏ । ଗଛ ତାକୁ ପାଇ ପୁଷ୍ଟିକର (ପ୍ରୋଟିନ) ଖାଦ୍ୟ ପ୍ରସ୍ତୁତକରେ । ଏଣେ ଗଛ ମୂଳରେ ଜୀବାଣୁ ରହିବା ହେତୁ ଯବକ୍ଷାରଜାନ ବାଷ୍ପ ବନ୍ଧନ କରିବା ଜୀବାଣୁ ବାସ କରନ୍ତି । ଏଣୁ ଯବକ୍ଷାରଜାନ ସାର ବା ନାଇ-ଟ୍ରୋଜେନ ମାଟିରେ ନ ଦେଲେ ମଧ୍ୟ ଡାଲିଜାତୀୟ ଫସଲ ଭଲହୁଏ ଏବଂ ତା’ ସଙ୍ଗେ ସଙ୍ଗେ ମାଟିର ଉର୍ବରତା ବଢ଼େ । ସେଇଥିପାଇଁ ପରା ଧାନଚାଷ ପରେ ଧନଗ୍ଣ, ମୁଗ, ବିରି, କୋଳଥ ଇତ୍ୟାଦି ଡାଲି ଜାତୀୟ ଫସଲ କରାଯାଏ । ମାଟିର ଉର୍ବରତା ବଢ଼ାଇବା ପାଇଁ ତାକୁ ପରା ଫସଲ-ପର୍ଯ୍ୟାୟ କହନ୍ତି । **ଏଣିକି ଲୋକେ ଡାଲିଜାତୀୟ ଫସଲ ପରିବର୍ତ୍ତେ ଏହି କଣ୍ଟା ଲେଉଟିଆ ଶାଗ ମଞ୍ଜିକୁ କାଟି ବୁଣିଦେଇ ଫସଲ ପର୍ଯ୍ୟାୟରେ ବ୍ୟବହାର କରିବେ ।**

ତା’ ବିଷୟରେ ଏବେ ସୁଦ୍ଧା ବହୁତ ଗବେଷଣା ଚାଲୁରହିଛି । ଆଚ୍ଛା-କହିଲୁ ମିନି, ବିନା ପରିଶ୍ରମରେ ଏହି କଣ୍ଟା-ଲେଉଟିଆ ଆମ ବାଡ଼ି ବଗିଚାରେ ମାଡ଼ିଗଲେ ମାଟିର ଯବକ୍ଷାରଯାନ ସାର ବୃଦ୍ଧି ପାଇବ । ଆମକୁ ଆଉ ଖତ, ଗୋବର, ଆମୋନିଆ ସାର ମାଟିରେ ଦେବାକୁ ପଡ଼ିବନି, କେତେ ସହଜରେ ଆମ ମୃତ୍ତିକା ଉର୍ବର ହୋଇଯିବ ନୁହେଁ ? ମିନି ନିମଗ୍ନ ଚିତ୍ତରେ ସବୁ ଶୁଣୁଥିଲା, ତା ମୁଣ୍ଡରେ ଗୋଟାଏ ବିରାଟ ପ୍ରଶ୍ନ । ସେ ପୁଣି ପଚାରିଲା—‘ଅଜା ତେବେ କଣ କଣ୍ଟା-ଲେଉଟିଆ ଶାଗ ଖାଇବା ଯାହା ଡାଲି-ଖାଇବା ସେଇୟା, ଅଜା ଉତ୍ତର ଦେଲେ **“ମିନିଟା ଆମର ବେଶ୍ ବୁଦ୍ଧିଆ ଝିଅ କଥାଟା ଠିକ୍ ବୁଝି ନେଇଛି, ଏହି ଶାଗରେ ବାସ୍ତବିକ୍ ପ୍ରୋଟିନର ପରିମାଣ ଶତକଡ଼ା ୩୦ରୁ ୨୪% ରହିଛି । ଏଇଟା ପରା ଏକ ପ୍ରୋଟିନ ଜନିତ ଶାଗ । ଦେଖିଲୁ ବେଳକୁ ଆମ ଡାଲି-ଜାତୀୟ ଫସଲ ଅର୍ଥାତ୍ ଚିନା-ବାଦାମରେ ପ୍ରୋଟିନ୍ ପରିମାଣ ୨୭. ୨୪%, ୨୨. ୯% ମୁଗରେ ଓ ବିରିରେ ୨୪% ବାଦାମରେ ୨୨. ୯% ତେବେ** କହିଲୁ ଦେଖି କେଉଁଟିର ବେଶୀ ପୁଷ୍ଟିସାର ବା ପ୍ରୋଟିନ୍ ରହିଛି ?

କେବଳ ସେତିକି ନୁହେଁ ଏହି ଶାଗର ପ୍ରୋଟିନ୍ ପରିମାଣ ଅଣ୍ଡା (୧୩.୩%), ମାଛ (୧୮.୦), ମାଂସ (୧.୪%)ରୁ ମଧ୍ୟ ଯଥେଷ୍ଟ ବେଶୀ, ତୁ ତ ମିନି ପଢ଼ିଛୁ ପ୍ରୋଟିନଟା କେତେକ ଆମିନୋ ଅମ୍ଳ ନେଇ ଗଠିତ । ମଣିଷ ପାଇଁ ଉପଯୋଗୀ ଆଠଟି ଆମିନୋ ଅମ୍ଳ (ଯଥା :—ଆଇସୋଲୁଇସିନ୍, ଲୁଇସିନ୍, ଲାଇସିନ୍, ଥ୍ରିଓନାଇନ, ଉସିନ୍, ଟ୍ରିପ୍ଟୋଫେନ୍, ମିଥିଓନିନ୍ ଫେନାଇଲ ଆଲନିନ ଏଥିରେ ରହିଛି, ତୋପରି ପଢ଼ିଥିବା ପିଲାଙ୍କ ଉପଯୋଗୀ ଆଉ ଦୁଇଟି ଆମିନୋ-ଅମ୍ଳ (ଯଥା:—ହିଷ୍ଟିଡ଼ିନ୍ ଓ ଆରଜିନିନ୍) ମଧ୍ୟ ଏହି ମାପରେ ରହିଛି । ଅଜା କହିଥିବା ନୂଆ ନୂଆ ଶବ୍ଦଗୁଡ଼ିକ, ମିନି ମୁଣ୍ଡରେ ଢୁକିଲା ନାହିଁ । ମିନି ବିରକ୍ତ ହୋଇ କହିଲା ଅଜା ଏତେ ଗବେଷଣା କଥା କହନି ମ ! ଏ ଯେଉଁ ଗ୍ରୀକ୍ କି ଲାଟିନ୍ ଭାଷାରେ ନାଁ ଗୁଡ଼ା କହିଲ ମୁଁ ତ କାହିଁକି ମନେରଖି ଲାନି । ଅଜା ମିନିର ମୁଣ୍ଡକୁ ଆଉଁଶି ଦେଇ ଦେଇ କହିଲେ—ହଁ ମିନି ତୁ ବର୍ତ୍ତମାନ ଏସବୁ କଥା ବୁଝି ପାରିବୁନି । ବଡ଼ହେଲେ ଆହୁରି ଅଧିକା ବିଜ୍ଞାନପାଠ ଜାଣିବୁ । ସେତେ ବେଳେ ଏ ବିଷୟରେ ଆହୁରି ଅଧିକା କଥା ଜାଣିବୁ । ଅଜାନାତୁଣୀ ଗପ ସରିଲା-ବେଳକୁ ଭାତଖିଆ ବେଳଆସି ହେଲାଣି, ଆଈ ପାଟିକରି ଡାକିଲେ, ମିନି ତୋ ଅଜାଙ୍କ ଗପ ସରିଲା ନା ବାକିରହିଲା ? ଝିଅଟି ଆସ ବଢ଼ା ହେଲାଣି ଖାଇବ । ମିନି ଭାତଖାଇଲା ବେଳେ ଶାଗରୁ ମେଞ୍ଚାଏ ଖାଉ ଖାଉ କହିଲା—“ଅଜା ବାସ୍ତବିକ୍ ତମେ ଯାହା କହୁଥିଲ ଅକ୍ଷରେ ଅକ୍ଷରେ ସତ । ଏତେ ସୁଆଦିଆ ଶାଗତ ଆମକୁ ବୋଉ କେବେ ଖାଇବାକୁ ଦେଇ ନଥିଲା । ଏଣିକି ବୋଉକୁ କହିବ ଆମ ବାଡ଼ିର କଣ୍ଟା-ଲେଉଟିଆ ଆଉ ହାଣି ଫୋପାଡ଼ିବନି, ଆମେ ତାକୁ ନିତି ରାନ୍ଧି ଖାଇବୁ । ଏକେତ ସିଝା, ଏଣେ ତମେ କହୁଛ କଣ ନା ପ୍ରୋଟିନ ମଧ୍ୟ ମିଳିବ । ଅଜା, ନାତୁଣୀ ସମବେତ ସ୍ୱରରେ ହସି-ଉଠିଲେ, ଆଈ ବସି ପାଖରେ ବିଞ୍ଚି ଦେଉଥିଲେ । □

---

* ଭାରତରେ ସ୍ତ୍ରୀ ସାକ୍ଷରତା ହାର ୧୯୦୧ ମସିହାରେ ୨୦.୬୨ ହୋଇଥିବା ବେଳେ ୧୯୮୧ ମସିହାରେ ଏହା ୨୬.୮ ରେ ପହଞ୍ଚିଛି ।

୧୯୭୧ ମସିହା ଜନଗଣନା ଅନୁଯାୟୀ ସମୁଦାୟ ଜନସଂଖ୍ୟାର ଶତକଡ଼ା ୧୨. ୧୩ଭାଗ ଜଣ ମହିଳା କାମ କରି ଦିନ କାଟୁଥିବାବେଳେ ୧୯୮୧ ମସିହା ଜନଗଣନାରେ ଏହି ହାର ୧୪. ୧୪.କୁ ବୃଦ୍ଧି ପାଇଛି । ଠିକ୍ ସେହି ସମୟ ମଧ୍ୟରେ (୧୯୭୧) ମୋଟ ଜନସଂଖ୍ୟାର ଶତକଡ଼ା ୫୨.୬୧ ଭାଗ ଲୋକ କର୍ମଜୀବୀ ପୁରୁଷ ରୂପେ ସମୟ ଅତିବାହିତ କରୁଥିଲେ, ତାହା ୧୯୮୧ ଜନଗଣନାରେ ୫୧. ୨୩ କୁ ଖସି ଆସିଛି ।

Images: Aptakama Mishra, Processing: Srujanika

ପେଜ ପିଇଲେ ଡାଏରିଆ ଭଲହେବ

ଶ୍ରୀ ସୁମିକୃଷ୍ଣ ଚୌହାନ

ଏସିଆର ମା ମାନେ ପୁତ୍ରକାଳରୁ ସେମାନଙ୍କ ପିଲାଙ୍କୁ ପତଳା ଝାଡ଼ା (ଡାଏରିଆ) ହେଲେ ପେଜ ଖୁଆଇଥାନ୍ତି । ଏହି ପେଜ-ଖିଆ ବୈଜ୍ଞାନିକ ଦୃଷ୍ଟିକୋଣରୁ ଠିକ୍‌ବୋଲି ଢାକାରେ ଦଳେ ଗବେଷକଙ୍କ ଗବେଷଣା କରି ମତ ଦେଇଛନ୍ତି, ଏହି ପେଜ ବହୁଳ ପ୍ରଚଳିତ ପଣା (ଚିନି, ଲୁଣ ପାଣିର ମିଶ୍ରଣ) ଅପେକ୍ଷା ଅଧିକ ଉପାଦେୟ ବୋଲି ଢାକାସ୍ଥ ଡାଏରିଆ ରୋଗ ଗବେଷଣା ଆନ୍ତର୍ଜାତିକ କେନ୍ଦ୍ର ପକ୍ଷରୁ ପରୀକ୍ଷା କରାଯାଇ ପ୍ରମାଣିତ ହୋଇଛି ।

ଡାଏରିଆ ଯୋଗୁ ପ୍ରତି ମିନିଟରେ ଆଠ ବା ୯ ଜଣ ଶିଶୁ (ପାଞ୍ଚବର୍ଷରୁ କମ ବୟସ୍କ) ପ୍ରାଣ ହରାଉଛନ୍ତି । ପତଳା ଝାଡ଼ା ହେଲେ ମଳଦ୍ୱାରେ ଶରୀରର ଜଳ ଓ ଲବଣ ନିଷ୍କାସିତ ହୋଇଯାଉ ଥିବାରୁ ସେମାନଙ୍କ ଦେହ ନିସ୍ତେଜ ହୋଇପଡ଼େ ଓ ସେମାନେ ମୃତ୍ୟୁ ମୁଖରେ ପଡ଼ନ୍ତି । ମାତ୍ର କେତେବର୍ଷ ତଳେ ଏଭଳି ରୋଗୀଙ୍କୁ କେବଳ ସାଲାଇନ୍ ଦେବା ଛଡ଼ା ଅନ୍ୟ କୌଣସି ଚିକିତ୍ସା ବ୍ୟବସ୍ଥା ହୋଇପାରୁ ନଥିଲା । କିନ୍ତୁ ସାଲାଇନ୍ ଦେବା କେବଳ ଚିକିତ୍ସାଳୟରେ ସମ୍ଭବ ଏବଂ ଅନଗ୍ରସର ଦେଶର ପିଲାଙ୍କ ଭିତରୁ ଶତକଡ଼ା ୧୦ଭାଗ ଡାକ୍ତରଖାନା ଦେଖି ନଥାନ୍ତି ।

ଅବସ୍ଥାର ଉନ୍ନତି ପାଇଁ ଓରାଲ ରିହାଇଡ୍ରେସନ୍ ଥେରାପିର ପ୍ରବର୍ତ୍ତନ କରାଗଲା । ଏହା ହେଉଛି ସହଜରେ କରି ଯାଇପାରୁଥିବା ଚିନିପଣା ପିଲାଙ୍କୁ ପିଆଇବା । ଏହା ଅତି ଶସ୍ତା ଏବଂ ଯେ କୌଣସି ମହିଳା ଏହା ସହଜରେ କରି-ପାରିବେ ବୋଲି ବିଶ୍ୱାସ କରାଯାଉଥିଲା।

ଡାଏରିଆ ହେଲା ବେଳେ କେବଳ ଅନ୍ତ୍ରନାଳୀର ଆସ୍ତରଣ ଶର୍କରା ବା ଚିନିଜାତୀୟ ଖାଦ୍ୟ ଗ୍ରହଣ କରେ ଏବଂ ଶରୀରର ଅନ୍ୟ କୌଣସି ଅଙ୍ଗ ଖାଦ୍ୟ ଗ୍ରହଣ କରିପାରନ୍ତି ନାହିଁ, ଫଳରେ ଲୁଣମିଶ୍ରିତ ଚିନିପଣା ପିଇଲେ ଶରୀର ଆବଶ୍ୟକୀୟ ଜଳ ଓ ଲବଣ ପାଇଥାଏ ।

କିନ୍ତୁ ପେଜରେ ଚିନି ବଦଳରେ ଶ୍ୱେତସାର ରହିଥାଏ । ପରୀକ୍ଷାକରି ଦେଖାଯାଇଛି ଯେ ପେଜ ବା ଚାଉଳ ଚୂନାରେ ପାଣିଆ ଖିରି କରି ରୋଗୀଙ୍କୁ ଖାଇବାକୁ ଦେଲେ ଏହାର ଶତକଡ଼ା ୮୦ରୁ ୯୦ଭାଗ ଅଂଶ ଗ୍ଲୁକୋଜ୍‌ରେ ପରିଣତ ହୋଇ ଶରୀରରେ ଦ୍ରବୀଭୂତ ହୁଏ । ଏହା ଚିନିପଣା ଅପେକ୍ଷା ଦୁଇଗୁଣ ଅଧିକ ଫଳପ୍ରଦ ।

ସାଧାରଣ ଫର୍ମୁଲା ଅନୁଯାୟୀ ୨୦ଗ୍ରାମ ଗ୍ଲୁକୋଜ ପରିବର୍ତ୍ତେ ୩୦ଗ୍ରାମ ଚାଉଳ ଚୂନା ବ୍ୟବହାର କରି ୧୯୭୮ ମସିହାରେ ବଙ୍ଗଳା ଦେଶରେ ପରୀକ୍ଷା କରାଯାଇଥିଲା । ଏହି ଚାଉଳ ଚୂନାରେ ଲୁଣ ଓ ପୋଟାସିଅମ ମିଶାଇ ଅଳ୍ପ କେତେ ମିନିଟ ପାଇଁ ସିଝାଇ ଦିଆଯିବା ପରେ ରୋଗୀଙ୍କୁ ପିଇବାକୁ ଦିଆଯାଇଥିଲା । ଏବଂ ଏଥିରେ ଖୁବ୍ ଭଲ ଫଳ ମିଳିଥିଲା ।

ଚିନିପଣାକୁ ବାରମ୍ବାର ପିଇବାକୁ ଦେଲେ ଡାଏରିଆ ରୋଗୀର ଅବସ୍ଥା ଅଧିକ ଖରାପ ହୋଇଥାଏ । ତେଣୁ ଗାଁ ଗହଳରେ ଲୋକେ ମାପିଚୁପି ଏହି ଚିନିପଣା ପିଇବାକୁ ଦେବା ଉଚିତ୍ ଯାହାକି ସର୍ବଦା ସମ୍ଭବ ନୁହେଁ । କିନ୍ତୁ ପେଜରେ ଏ ବିପଦର ସମ୍ଭାବନା ନାହିଁ । କାରଣ ହଜମ ପ୍ରକ୍ରିୟାରେ ଆସ୍ତେ ଆସ୍ତେ ଗ୍ଲୁକୋଜ ନିର୍ଗତ ହୁଏ । କଲିକତାସ୍ଥ ଗାଷ୍ଟ୍ରୋଏଣ୍ଟେରୋଲୋଜି ପରୀକ୍ଷାଗାରର ଗବେଷକ ଡାକ୍ତର ଦିଲୀପ ମହାଲନବିସଙ୍କ ମତରେ ୫୦ଗ୍ରାମ ଓଜନ ଚାଉଳ ଚୂନାର ଜାଉ 'ରିହାଇଡ୍ରେସନ୍' ଅଧିକ ସଫଳତାର ସହ ସମ୍ପନ୍ନ କରେ ଏବଂ ଡାଏରିଆ ଶୀଘ୍ର ଭଲ କରେ ।

ଓ-ଆର-ଟି ବା ଓରାଲ ରିହାଇଡ୍ରେସନ୍ ଥେରାପିରେ ଚାଉଳ ଚୂନା ବ୍ୟବହାର କରିବାର କେତୋଟି ଅତିରିକ୍ତ ସୁବିଧା ମଧ୍ୟ ଅଛି । ସେଗୁଡ଼ିକ ହେଲା ଚାଉଳ ବିଶ୍ୱର ଅର୍ଦ୍ଧାଧିକ ଲୋକଙ୍କ ମୁଖ୍ୟ ଖାଦ୍ୟ ହୋଇଥିବାରୁ ଏହା ଯେ କୌଣସି ଦରିଦ୍ରତମ ଗ୍ରାମରେ ମଧ୍ୟ ସହଜରେ ମିଳିପାରିବ । ଏବଂ ଚାଉଳ-ଚୂନାକୁ ସିଝାଇ ତାର ମଣ୍ଡ ବ୍ୟବହାର କରିବା ଏସିଆର ସ୍ତ୍ରୀ ଲୋକମାନଙ୍କ ପକ୍ଷେ ଅଧିକ ସହଜ । ଏହା ସିଝିଥିବାରୁ ଏଥିରେ ଥିବା ସଂକ୍ରାମକ ଜୀବାଣୁ ମାନେ ମଧ୍ୟ ନଷ୍ଟ ହୋଇଯାନ୍ତି ।

ଭାରତୀୟ ଉପ ମହାଦେଶରେ ଡାଏରିଆ ହେଲେ ସାଧାରଣତଃ ରୋଗୀ ମାନଙ୍କୁ କାଞ୍ଜି ପାଣି ପିଇବାକୁ ଦିଆଯାଇଥାଏ । ଏହା ପୁଷ୍ଟିକର ଏବଂ ସହଜରେ ହଜମ ହୋଇଯାଏ ବୋଲି ସମସ୍ତେ ଜାଣନ୍ତି । ଆଇ. ସି. ଡି. ଡି. ଆରର ଡିରେକ୍ଟର ଡକ୍ଟର ଓ୍ୱିଲିଅମ ବି ଗ୍ରୀନଫଙ୍କ ମତରେ ଏକମାସର ଶିଶୁମଧ୍ୟ ଚାଉଳ (ଟିକିଏ ଲୁଣମିଶା) ହଜମ କରିଦେଇ ପାରିବ ।

କିନ୍ତୁ ପେଜ ଯଦି ପାରଂପାରିକ ରୀତିରେ ଡାଏରିଆ ଭଲକରେ ତେବେ ଏ ଅଞ୍ଚଳରେ ଡାଏରିଆ ଯୋଗୁ ଏତେଲୋକ ମରୁଛନ୍ତି ବା କାହିଁକି ? ଏହାମଧ୍ୟରୁ ଗୋଟିଏ ମୁଖ୍ୟକାରଣ ହେଲା ପେଜପାଇଁ ଆବଶ୍ୟକ ହେଉଥିବା ବହୁ ପରିମାଣରେ ଚାଉଳ । କିଲେ ଚାଉଳକୁ ଦେଢ଼ଲିଟର ପାଣିରେ ୪୫ ମିନିଟ ଫୁଟାଇଲେ ସେଥିରୁ ମାତ୍ର ଅଧଲିଟର ପେଜ ବାହାରିବ । ଗୋଟିଏ ପରିବାରର ୨ଟି ରୋଗୀ ବାହାରିଲେ ସମସ୍ତଙ୍କୁ ପେଜ ଚିକିତ୍ସା କରିବା ଲାଗି କେତେ ଚାଉଳ ଓ ଜାଳ ଦରକାର ହେବ ତାହା ଅନୁମାନ କରନ୍ତୁ । କିନ୍ତୁ ଏବେ ଏଭଳି ପେଜ ଉପରେ ନିର୍ଭର ନକରି ଚାଉଳଚୂନା ଉପରେ ନିର୍ଭର କରାଯାଇ ପାରିବ । ଚାଉଳ ଚୂନାକୁ ବହୁଦିନ ପର୍ଯ୍ୟନ୍ତ ସାଇତି ହେବ ଏବଂ ଆବଶ୍ୟକ ସ୍ଥଳେ ଏହାକୁ ରାନ୍ଧି ସେଥିରୁ ମଣ୍ଡ ବାହାର କରିହେବ ।

□

---

* ପାଞ୍ଚ ବର୍ଷ ବୟସ ସୀମା ମଧ୍ୟରେ ଭାରତରେ ପ୍ରତି ୧୦୦୦ ପୁଅ ମଧ୍ୟରେ ୬୮ ଜଣ ମୃତ୍ୟୁବରଣ କରୁଥିବାବେଳେ ପ୍ରତି ୧୦୦୦ ଝିଅଙ୍କ କ୍ଷେତ୍ରରେ ୭୦ଜଣ ମୃତ୍ୟୁବରଣ କରୁଛନ୍ତି ।

Images: Aptakama Mishra, Processing: Srujanika

ମୁଖ୍ୟମନ୍ତ୍ରୀଙ୍କ କିଚେନ୍ କ୍ୟାବିନେଟରେ ବିଦ୍ରୋହ ?

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ କିଚେନ୍ କ୍ୟାବିନେଟ ବା ପାରିବାରିକ ମନ୍ତ୍ରୀ ମଣ୍ଡଳରେ ସମ୍ପ୍ରତି ଏକ ଶ୍ରେଷ୍ଠ ଧରଣର ବିଦ୍ରୋହ ସଙ୍ଗଠିତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଉକ୍ତ ମନ୍ତ୍ରୀମଣ୍ଡଳର ଦୁଇଜଣ ଶକ୍ତିଶାଳୀ ସଦସ୍ୟ ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳ ଓ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ମଧ୍ୟରେ ଲୁଣା ନଦୀରେ ପୋଲ ନିର୍ମାଣ ଘଟଣାକୁ କେନ୍ଦ୍ରକରି ଏହି ବିବାଦ ଆରମ୍ଭ ହୋଇଛି।

ଶ୍ରୀମତୀ ପଟ୍ଟନାୟକ ଏହି ପୋଲ କେଉଁଠାରେ ନିର୍ମିତ ହେବ ସେ ସମ୍ପର୍କରେ ଆଗରୁ ସୂଚନା ଦେଇଥିଲେ ଏବଂ ତଦନୁଯାୟୀ ସାଲେପୁରର ବିଧାନସଭା ସଦସ୍ୟ ଶ୍ରୀ ପାଦ୍ମାଧର ସେଠି ଚାରିଆଡ଼େ ସେ ବିଷୟ ନେଇ ବୁଲିବା ପରେ ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ଉକ୍ତପୋଲର ସ୍ଥାନ ପରିବର୍ତ୍ତନ କରି ଜୟପୁର— କଟିକଟା ନିକଟରେ ଏହାର ନିର୍ମାଣକାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଆନୁଷ୍ଠାନିକ ଉଦ୍‌ଘାଟନ କରିବାରୁ ଶ୍ରୀମତୀ ପଟ୍ଟନାୟକ ଅପଦସ୍ତ ହୋଇ ପ୍ରଚଣ୍ଡ କ୍ରୋଧରେ ଶ୍ରୀ ବିଶ୍ୱାଳଙ୍କ ପ୍ରତି ବିମୁଖତା ପ୍ରଦର୍ଶନ କରିବା ଆରମ୍ଭ କରିଦେଇଛନ୍ତି। ଏବଂ ଉଭୟଙ୍କ ମଧ୍ୟରେ ଏଥି ନିମନ୍ତେ କେତେଦିନ ଧରି କଥାବାର୍ତ୍ତା ମଧ୍ୟ ବନ୍ଦ ହୋଇଯାଇଥିବା ପ୍ରକାଶ।

ପୂର୍ବରୁ ଶ୍ରୀମତୀ ପଟ୍ଟନାୟକଙ୍କ ଯାବତୀୟ ବ୍ୟକ୍ତିଗତ କାର୍ଯ୍ୟ ତଥା ବିମାନ ଟିକେଟକରିବା ଆଦି ଶ୍ରୀ ବିଶ୍ୱାଳଙ୍କ ଅଫିସଜରିଆରେ କରାଯାଉଥିଲା। କିନ୍ତୁ ଏହି ଘଟଣାପରେ ଶ୍ରୀମତୀ ପଟ୍ଟନାୟକ ଶ୍ରୀଯୁକ୍ତ ବିଶ୍ୱାଳଙ୍କ ଅଫିସର ସହାୟତା ନନେଇ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଜରିଆରେ ଏସବୁ କାର୍ଯ୍ୟ କରୁଛନ୍ତି। କିଛିଦିନ ତଳେ ଦିଲ୍ଲୀ ଯିବାପାଇଁ ଶ୍ରୀମତୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟତମ ସହାୟକଙ୍କ ଜରିଆରେ ଟିକେଟ କିଣିବାରୁ ଶ୍ରୀ ବିଶ୍ୱାଳଙ୍କ ସହାୟକ ପୂର୍ବରୁ କିଣିଥିବା ଏକ ବିମାନଟିକେଟ ରଦ୍ଦ କରାଯାଇଥିଲା ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି।

ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଫେରାଇ ଆଣିବାପାଇଁ ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ହସ୍ତକ୍ଷେପ କରିନାହାନ୍ତି। କାଳକ୍ରମେ ସେ ଦୁହିଁଙ୍କ ଭିତରେ ପୂର୍ବସମ୍ପର୍କ ଫେରି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶାକରୁଥିବା ବେଳେ କିଚେନ୍ କ୍ୟାବିନେଟର ଅନ୍ୟତମ ଶକ୍ତିଶାଳୀ ସଦସ୍ୟ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏ ବିବାଦକୁ ଅଧିକ ତୀବ୍ରକରିବା ପାଇଁ ପ୍ରବଳ ଉଦ୍ୟମ ଚଳାଇଛନ୍ତି ଏବଂ ତାଙ୍କ ନିକଟତମ ଲୋକମାନେ ଏ ଘଟଣାର ଟିକିନିଖି ବିବରଣୀ କଥାବାର୍ତ୍ତା ଛଳରେ ବିଭିନ୍ନ ମହଲରେ ପ୍ରଘଟ କରାଉଛନ୍ତି। ଗଗନବାବୁଙ୍କ ଟିକେଟ ରଦ୍ଦହୋଇ ବଳବାବୁଙ୍କ ଟିକେଟ କାଏମ ରହିଲା ବୋଲି ପରିହାସରେ ସେମାନେ କଥାବାର୍ତ୍ତା କରୁଥିବା ବେଶ କୌତୁହଳପ୍ରଦ ହେଉଛି।

ଏଠାରେ ଉଲ୍ଲେଖ ଯୋଗ୍ୟ କି ଶ୍ରୀ ବିଶ୍ୱାଳ ଓ ଶ୍ରୀ ପଟ୍ଟନାୟକ ଉଭୟେ ମୁଖ୍ୟମନ୍ତ୍ରୀଙ୍କ ନିକଟଲୋକ ବୋଲି ବାହାରେ ପରିଚିତ ହୋଇଥିଲେ ବି ଶ୍ରୀ ବିଶ୍ୱାଳ କାଳକ୍ରମେ ଅଧିକ ପ୍ରଭାବଶାଳୀହୋଇ ଉଠୁଥିବାରୁ ନିରଞ୍ଜନବାବୁ ଏଥିରେ କ୍ଷୁର୍ଣ୍ଣହୋଇ ନିଜର ଓର ମେଣ୍ଟାଇବାକୁ ସବୁମତେ ଉଦ୍ୟମ କରୁଛନ୍ତି ଏବଂ ଉକ୍ତବିବାଦ ତାଙ୍କପାଇଁ ଏକ ସୁବର୍ଣ୍ଣସୁଯୋଗ ସୃଷ୍ଟି କରିଛି।

ମୁଖ୍ୟମନ୍ତ୍ରୀ ନିଜର ସ୍ୱଭାବସୁଲଭ ରୀତିରେ ବସନ୍ତବାବୁ ଓ ନିରଞ୍ଜନବାବୁଙ୍କ ମଧ୍ୟରେ ଅପ୍ରକାଶିତ ବୈରଭାବରୁ ନିଜକୁ ଦୂରେଇ ରଖିବାର ଛଳନାକରି ଏହାକୁ ଉତ୍କଟ କରିବାରେ ପରୋକ୍ଷଭାବେ କାର୍ଯ୍ୟ କରିଥାନ୍ତି। କିନ୍ତୁ ଏବେ ଶ୍ରୀମତୀ ପଟ୍ଟନାୟକ ଏଭଳି ଏକ ବିବାଦରେ ଜଡ଼ିତହୋଇ ପଡ଼ିଥିବାରୁ ଜାନକୀବାବୁ ଏକ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ନିରଞ୍ଜନ ବାବୁଙ୍କ ସୂତ୍ରରୁ ପ୍ରକାଶ ଯେ କଟକଜିଲ୍ଲାରେ ବସନ୍ତ ବାବୁ ସର୍ବେ ସର୍ବା ବୋଲି ଦର୍ଶାଇବା ପାଇଁ ଶ୍ରୀମତୀ ପଟ୍ଟନାୟକଙ୍କ ଇଚ୍ଛା ବିରୁଦ୍ଧରେ କଟିକଟାଠାରେ ଏହିପୋଲ ନିର୍ମାଣକଲେ। ଏହାଦ୍ୱାରା ଅବଶ୍ୟ କିଶନ ନଗର ପାଟକୁରା ଓ ତିର୍ତ୍ତୋଲ ତିନୋଟି ନିର୍ବାଚନ ମଣ୍ଡଳୀର ଲୋକେ ଉପକୃତ ହେବେ। କିନ୍ତୁ ଶ୍ରୀ ବିଶ୍ୱାଳ କୁଆଡ଼େ ତିର୍ତ୍ତୋଲ ସାଙ୍ଗକୁ ପାଟକୁରାରେ ମଧ୍ୟ ନିର୍ବାଚନ ଲଢ଼ିବାକୁ ସଜବାଜ ହେଉଥିବାରୁ ଏଭଳି ପଦକ୍ଷେପ ନେଲେ ବୋଲି ସେମାନେ କହୁଛନ୍ତି।

□

ମଶାମାନେ ଦୈନିକ ଆଠ ଜଣ ଲୋକଙ୍କ ରକ୍ତ ପିଉଛନ୍ତି

କୋଚିନ୍‌ରେ ମଶା ମାନେ ସେଠାରେ ବାସ କରୁଥିବା ପ୍ରାୟ ୮ ଲକ୍ଷ ଲୋକଙ୍କ ଶରୀରରୁ ଦୈନିକ ହାରାହାରି ୫୦ ଲିଟର ରକ୍ତ ଶୋଷି ନେଉଛନ୍ତି। ଏହି ପରିମାଣ ରକ୍ତ ୮ଜଣ ସୁସ୍ଥ ଲୋକଙ୍କ ଶରୀରରେ ଥିବା ମୋଟରକ୍ତର ପରିମାଣ ସହିତ ସମାନ।

ପରିବେଶ ରକ୍ଷା ସମ୍ପର୍କରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ବକ୍ତାମାନେ ଏକଥା ପ୍ରକାଶ କରିବା ପରେ ଉପସ୍ଥିତ ଶ୍ରୋତମାନେ ଚକିତ ହୋଇପଡ଼ିଥିଲେ। କିନ୍ତୁ ଆମ କଟକରେ ଏହାର ପରିମାଣ କେତେ ହେବ ?

ଭାରତରେ ଜଣେ ପୁରୁଷର ଆୟୁକାଳ ସାଧାରଣତଃ ୫୧: ୬ବର୍ଷ ହେବାବେଳେ ଜଣେ ସ୍ତ୍ରୀ ଲୋକ କ୍ଷେତ୍ରରେ ଏହା ୪୯: ୭ ବର୍ଷ।

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଶ୍ରୀ ସାମନ୍ତ

"ମୁଁ ଏମିତି କଥାଟିଏ କହିବ ଯାହା ଶୁଣିଲେ ମୁଣ୍ଡରେ ବାଳ ଠିଆ ହୋଇଯିବ ।"

"ଅଦ୍ୱୈତ ବାବୁଙ୍କୁ କୁହ "

"ସେ କଏ "

"ଜଣେ ଲଣ୍ଡା ।"

× × ×

ବିଚାରକ — ତୁମର ଯଥେଷ୍ଟ ଅଛି, ତଥାପି ତୁମେ ଚୋରି କରୁଛ କାହିଁକି ?

ଅଭିଯୁକ୍ତ — ହଜୁର ଯାହାର ଯେତେ ବେଶୀ ଅଛି ତାର ସେତେ ଅଭାବ ।

ବିଚାରକ . — ତମକୁ ବର୍ଷେ ଜେଲ ଦେଉଛି, ଆଉ କେତେ ଅଭାବ ହେବ କୁହ । ତା ସାଙ୍ଗକୁ ଦେଇ-ଦେଲେ ଯିବ ।

× × ×

:—ବୋକା କାହାକୁ କହନ୍ତି ?

:—ଯେଉଁ ଲୋକକୁ ଅନ୍ୟ ବୋକାଏ ଚଲାଖ ବୋଲି କହିଲେ ସେ ସେଥିରେ ଆତ୍ମସନ୍ତୋଷ ଲଭ କରେ ।

× × ×

ବିଚାରକ '— ତୁମେ ଏତେଥର କଚେରୀକୁ ଆସୁଛ । ଲାଜ ମାଡ଼ୁନି ?

ଅଭିଯୁକ୍ତ ବ୍ୟକ୍ତି — ବହୁତ ଲୋକତ ରୋଜ ଆସୁଛନ୍ତି, କିନ୍ତୁ ଏଇ କାଠ ଅଡ଼ାରେ ଠିଆ ହେବାକୁ ଯାହା ଲାଜ ମାଡ଼ୁଛି ।

\+ + +

ଆଧୁନିକା.—ଶାଶୁଙ୍କ ସହିତ ଭଲ ବ୍ୟବହାର ଦେଖାଇବା ଉଚିତ ।

ବନ୍ଧୁ:—କାହିଁକି ?

ଆଧୁନିକା:—ଏନା ଦରମାରେ ଗୋଟାଏ ଛୁଆ ସମ୍ଭାଳିବା ପାଇଁ ଆଉ ଭଲ କେଉଁ ଆୟା ମିଳିବେ ନାହିଁ ।

× × ×

"ପାଗଳ ବୁଢ଼ାଙ୍କୁ ଜେଲ କାହିଁକି ଦିଆ ଯାଉନ ?"

"ଦେଶରେ ଆଇନ ଅଛି "?

"ପାଗଳ ବୁଢ଼ାଙ୍କ ପାଇଁ ଲୋକ ଅତିଷ୍ଠ ହୋଇ ପଡ଼ିଲେଣି । ଯେ ପାଗଳ ନୁହେଁ ସେ ବି ପାଗଳାମି ଆରମ୍ଭ କଲେଣି ।"

× × ×

ଜଣେ ଲୋକ ତବଲା ବଜାଉଥିଲା । ଶବ୍ଦ ହେଉଥିଲା—

ବୁଡ଼ବକ୍ ତୁମ୍, ବୁଡବକ୍ ତୁମ୍, ବୁଡ଼ବକ୍ ତୁମ୍ ।

× × ×

ମୋ ସ୍ତ୍ରୀଙ୍କ ଆଖିରେ ଗୋଟିଏ ବାଲି ପଡ଼ିଗଲା । ମତେ ଡାକ୍ତରଙ୍କୁ ଦଶଟଙ୍କା ଦେବାକୁ ହେଲା ।

କିଛି ନୁହେଁ । ମୋ ସ୍ତ୍ରୀଙ୍କ ଆଖିରେ ଗୋଟିଏ ଶାଢ଼ୀ ପଡ଼ିଲା, ମତେ ଚାରିଶହ ଟଙ୍କା ଦେବାକୁ ପଡ଼ିଲା ।

\+ + +

: ବିଧବା କାହାକୁ କହନ୍ତି ?

ଯେଉଁ ସ୍ତ୍ରୀଲୋକ ବେଶୀ ଦିନ ବଞ୍ଚିବା ଫଳରେ ତାର ସ୍ୱାମୀ ଶିଘ୍ର ମରିଯାଏ ତାକୁ ବିଧବା କହନ୍ତି ।

× × ×

ତାହେଲେ ତୁମେ ଗୁଳିକରି ତମ ସ୍ତ୍ରୀକୁ ହତ୍ୟା କଲ ?

ଘଟଣାଟା ଅଲଗା ପ୍ରକାର ।

କେମିତି ?

ମୁଁ ତାଙ୍କୁ କହୁଥିଲି ଯେ ସେ ମତେ ଟିକେ ଟିକେ କରି ହତ୍ୟା କରନ୍ତୁ ନାହିଁ. ବରଂ ଏକା ଥରକେ ଗୁଳିକରି ମାରିଦିଅନ୍ତୁ । ତାକୁ କପରି ବନ୍ଧୁକ ଟେକି ମାରିବାକୁ ହେବ ତାହା ଦେଖାଇଲି ବେଳକୁ ଗୁଳିଟା ବାହାରିଗଲା । ଏହା ଗୋଟାଏ ଦୁର୍ଘଟଣା ।

× × ×

. ଆପଣ ଜଣେ ଏତେବଡ଼ ନେତା, ଆପଣଙ୍କ ଅଭାବ କଅଣ ? ଆପଣ ତୃତୀୟ ଶ୍ରେଣୀରେ କାହିଁକି ଯାଆନ୍ତି ?

ତୃତୀୟ ଶ୍ରେଣୀରେ ଗଲେ, ଲୋକେ ସମ୍ମାନର ସହ ଯାଗା ଛାଡ଼ି ଦିଅନ୍ତି । କଏ ଚାହା ଦିଏ, କଏ ପାନ-ଦିଏ, କଏ ଜଳଖିଆ ଦିଏ, କଏ ପଙ୍ଖା କରିଦିଏ କେତେ ଅଭାବ' ଅଭିଯୋଗ ଚୁଗୁଲି ଶୁଣିବାକୁ ମିଳେ । ପ୍ରଥମ ଶ୍ରେଣୀ ଡବାରେ କିଛି ମିଳେନା ।

× × ×

ମଧୁଶଯ୍ୟା ରାତ୍ରୀ

କନ୍ୟା ତୁମେ କାହିଁକି ଡରିଗଲ ପରି ଜଣାପଡ଼ୁଛ ?

ବର ଗୋଟିଏ ବଖରାରେ ଜଣେ ସ୍ତ୍ରୀଲୋକ ସହ ରହିବାର ଅଭିଜ୍ଞତା ଏଇଟା ମୋର ପ୍ରଥମ ।

କନ୍ୟା . କିଛି ଚିନ୍ତା କରନାହିଁ । ମୁଁ ସବୁକଥା ବତେଇ ଦେବି । ◻

Images: Aptakama Mishra, Processing: Srujanika

ରକ୍ତ ଦାଗରୁ ଅପରାଧୀଙ୍କୁ ଠାବ କରିବାର ନୂଆ କୌଶଳ

ଏହାଦ୍ୱାରା ଶତକଡ଼ା ଶହେ କ୍ଷେତ୍ରରେ ସଫଳତା ମିଳିବ ବୋଲି ବୈଜ୍ଞାନିକ ମାନଙ୍କ ମତ ।

ତାମିଲନାଡୁ ଫୋରେନସିକ ଲାବୋରେଟୋରୀରେ ଅତିଶିଘ୍ର ଏକ ନୂଆ ଧାରଣର 'ବ୍ଲଡ଼ ଗ୍ରୁପିଙ୍ଗ ସିଷ୍ଟମ' ଅବଲମ୍ବନ କରାଯିବ ଯାହା ଫଳରେ କି ଲୋକଙ୍କ ରକ୍ତରେ ଥିବା ପ୍ରାୟ ତିନିକୋଟି ପ୍ରକାର ପାର୍ଥକ୍ୟ ସହଜରେ ଜାଣିହେବ । ସେହି ସିଷ୍ଟମ ବା ପ୍ରଣାଳୀକୁ ହ୍ୟୁମାନ୍ ଲ୍ୟୁକୋସାଇଟ ଆଣ୍ଟିଜେନ 'ଏ' ପଦ୍ଧତି (H L A) କୁହାଯାଉଛି ଏବଂ ଏ ପଦ୍ଧତି ଅବଲମ୍ବନରେ କୌଣସି ଅପରାଧୀକୁ ଚିହ୍ନଟ କରିବା ଶତକଡ଼ା ୯୯.୯ଭାଗ କ୍ଷେତ୍ରରେ ସଫଳ ହେବ । ପୂର୍ବରୁ ପାରମ୍ପରିକ 'ବ୍ଲଡ଼ ଗ୍ରୁପିଙ୍ଗ ସିଷ୍ଟମ' (A.B.O) ଜରିଆରେ ଶତକଡ଼ା ୨୫ ଭାଗ କ୍ଷେତ୍ରରେ ସଫଳତା ଲାଭକରି ହେଉଥିଲା ।

ଅପରାଧୀ ଚିହ୍ନଟ କ୍ଷେତ୍ରରେ କେତେକ ଅତି ଉନ୍ନତ ଦେଶରେ ଏହି ପ୍ରଣାଳୀ ଏବେ ଅବଲମ୍ବନ କରାଯାଉଛି ଏବଂ ଭାରତ ବର୍ଷର ତାମିଲନାଡୁରେ ପ୍ରଥମ ଥରପାଇଁ ଏହାର ପ୍ରଚଳନ କରାଯିବ ବୋଲି ସେଠାରେ ଫୋରେନସିକ ପରୀକ୍ଷାଗାରର ଡିରେକ୍ଟର ପ୍ରଫେସର ପି ଚନ୍ଦ୍ରଶେଖରନ୍ ପ୍ରକାଶ କରିଛନ୍ତି ।

ପ୍ରଫେସର ଚନ୍ଦ୍ରଶେଖରନ୍ କହିଛନ୍ତି କି ହତ୍ୟାକାଣ୍ଡ ଓ ଧର୍ଷଣ ଆଦି ଅପରାଧ ତଥା ପିତୃତ୍ୱ ନିୟନ୍ତ୍ରଣ କ୍ଷେତ୍ରରେ ଏ କୌଶଳ ଅବଲମ୍ବନ କରାଯିବ ।

ହତ୍ୟାକାଣ୍ଡର ତଦନ୍ତ ବେଳେ ସନ୍ଦେହ କରାଯାଉଥିବା ବ୍ୟକ୍ତିର ଶରୀରରୁ ରକ୍ତର ଦାଗନେଇ ତାହାକୁ ନିହତ ବ୍ୟକ୍ତିର ରକ୍ତଦାଗ ବୋଲି ନିର୍ଦ୍ଧିଷ୍ଟଭାବେ ପାରମ୍ପରିକ ରୀତିରେ ପ୍ରମାଣ କରିହେଉ ନଥିଲା । ଏହିଭଳି କ୍ଷେତ୍ରରେ ନୂତନ ବ୍ଲଡ଼ ଗ୍ରୁପିଙ୍ଗ୍ ସିଷ୍ଟମ ଦ୍ୱାରା ପାରିପାର୍ଶ୍ୱିକ ପ୍ରମାଣ ପରିବର୍ତ୍ତେ ବୈଜ୍ଞାନିକ ପଦ୍ଧତିରେ ଅପରାଧୀକୁ ଧରି ହେବ ଏବଂ ଜଣାଶୁଣା ଅପରାଧୀ ମାନଙ୍କର ଚିହ୍ନଟପତ୍ର ଭଳି ରକ୍ତର ଚିହ୍ନଟପତ୍ର ମଧ୍ୟ ସାଇତି ହେବ ।

ଏହି H L A ଆଣ୍ଟିଜେନ୍ ରକ୍ତ ବ୍ୟତୀତ ଝାଳ ଓ ବୀର୍ଯ୍ୟରେ ଥିବା ମଧ୍ୟ ଜଣା ପଡିଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ଏହାକୁ ଅଲଗାକରି ହୋଇ ନଥିଲା ଏବଂ ଏବେ ଏହାକୁ ଅଲଗା କରିବା ସମ୍ଭବ ହେଲା ।

ଯେଉଁ ମହିଳା ତାଙ୍କ ସନ୍ତାନର ପିତାଙ୍କୁ ଅଦାଲତରେ ନିର୍ଦ୍ଧାରଣ କରିବା ଚାହାନ୍ତି ସେମାନେ ନିଃସନ୍ଦେହରେ ଏହି ପ୍ରଣାଳୀର ସାହାଯ୍ୟ ନେଇ ପାରିବେ । କିନ୍ତୁ ଏହିସବୁ କ୍ଷେତ୍ରରେ ସାମାଜିକ ସମ୍ମାନର ପ୍ରଶ୍ନ ଜଡ଼ିତଥିବାରୁ ସ୍ୱତନ୍ତ୍ରଭାବେ ଏକ ପିତୃତ୍ୱ ନିର୍ଦ୍ଧାରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ । □

ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା

ଚଳିତ ବର୍ଷର ଉତ୍ପାଦନ ଯୋଜନା କମିଶନଙ୍କ ଲକ୍ଷ୍ୟ ଟପିଲା

ଚଳିତ ବର୍ଷ ଅର୍ଥାତ୍ ୧୯୮୩-୮୪ ମସିହା ପାଇଁ ଦେଶର ଖାଦ୍ୟ ଉତ୍ପାଦନ ୧୫ କୋଟି ଟନ୍ ହେବ । ଫଳରେ ଯୋଜନା କମିଶନଙ୍କ ଧାର୍ଯ୍ୟ ଲକ୍ଷ୍ୟ ଟପିଯାଇଛି । ଖାଦ୍ୟଶସ୍ୟ ଉତ୍ପାଦନରେ ଅଭୂତ ପୂର୍ବ ସଫଳତା ଯୋଗୁ ଦେଶର ଅର୍ଥନୀତିରେ ଏକ ସୁସ୍ଥ ବାତାବରଣ ସୃଷ୍ଟିହେବ ଏବଂ ଦରଦାମ ପରିସ୍ଥିତିରେ ମଧ୍ୟ ଉନ୍ନତି ଘଟିବ ବୋଲି ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ବିଭିନ୍ନ ରାଜ୍ୟରୁ ମିଳିଥିବା ହିସାବ ଅନୁଯାୟୀ ଧାନ, ଗହମ ଓ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଅମଳ କରାଯାଇଛି । ଚଳିତବର୍ଷ ଧାନ ଉତ୍ପାଦନର ଲକ୍ଷ୍ୟ ୫୬ ନିୟୁତ ଟନ୍ ଧାର୍ଯ୍ୟ ହୋଇଥିବା ବେଳେ ପ୍ରକୃତରେ ଏହା ୬୦ ନିୟୁତ ଟନ୍ ଉତ୍ପାଦିତ ହୋଇଛି । ସେହିଭଳି ଗହମ ୪୧ ନିୟୁତ ଟନ୍ ସ୍ଥାନରେ ୪୫ ନିୟୁତ ଟନ୍ ଏବଂ ଡାଲି ଜାତୀୟ ଫସଲ ୩୧ ନିୟୁତଟନ୍ ସ୍ଥାନରେ ୩୩ ନିୟୁତ ଟନ୍ ଉତ୍ପନ୍ନ ହୋଇପାରିଛି ।

ବିହାର, ମଧ୍ୟ ପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମବଙ୍ଗ ଧାନ ଉତ୍ପନ୍ନ କ୍ଷେତ୍ରରେ ଅଧିକ ସଫଳତା ପ୍ରଦର୍ଶନ କରିଛନ୍ତି ।

ଟି. ଭି. ସତ୍ୟନାରାୟଣ୍

ଅନୁକୂଳ ପାଗ ସାଙ୍ଗକୁ ବିଭିନ୍ନ ସାରର ଦର ଶତକଡ଼ା ସାଢ଼େ ୭ ଭାଗରୁ ୧୦ଭାଗ ପର୍ଯ୍ୟନ୍ତ କମାଇ ଦିଆଯିବା ଫଳରେ ଏଭଳି ସାଫଲ୍ୟ ଅର୍ଜନ କରାଯାଇ ପାରିଲା ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି । □

Images: Aptakama Mishra, Processing: Srujanika

ଭାରତ ବର୍ଷ ଓ ଅଲମ୍ପିକ କ୍ରୀଡ଼ା

୮୪ ବର୍ଷ ଭିତରେ କେବଳ ହକି ଛଡ଼ା ଅନ୍ୟ କୌଣସି କ୍ଷେତ୍ରରେ ସଫଳତା ନାହିଁ ।

ଲସ୍ ଏଞ୍ଜେଲସ୍‌ରେ ହେବାକୁ ଥିବା ଅଲମ୍ପିକ୍‌ରେ ଭାରତ କିଛି ଆଶା କରିବା ବୃଥା ।

ଅଲମ୍ପିକ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ୧୯୦୦ ମସିହାରେ ବେସରକାରି ଭାବେ ପ୍ରଥମେ ଅଂଶ ଗ୍ରହଣ କରିଥିଲା । ସେଥର ଇଂଲଣ୍ଡରେ ସ୍ଥାୟୀଭାବେ ବାସ କରୁଥିବା ଜଣେ ଆନଗ୍ଲୋ ଇଣ୍ଡିଆନ ନରମାନ ପ୍ରିଚାର୍ଡ଼ ଦୁଇଟି ରୌପ୍ୟ-ପଦକ ହାସଲ କରିଥିଲେ । ଇଭେଣ୍ଟ ହୋଇଥିଲା ୨୦୦ ମିଟର ଫ୍ଲାଟ ଏବଂ ୨୦୦ ମିଟର ହର୍ଡ଼ଲ୍ସ୍ । କିନ୍ତୁ ସେହି ବର୍ଷଠାରୁ ଅଲମ୍ପିକ ପ୍ରତିଯୋଗିତାରେ ଏ ଦୁଇଟି ଇଭେଣ୍ଟ ଆଉ ସ୍ଥାନ ପାଉନାହିଁ ।

ତା ପରଠାରୁ ଏ ଯାବତ କେବଳ ହକିକୁ ଛାଡ଼ିଦେଲେ ଅନ୍ୟ କୌଣସି କ୍ରୀଡ଼ାରେ ଭାରତ ଗୋଟିଏ ହେଲେ ପଦକ ଲାଭ କରିବାର ଗୌରବ ଅର୍ଜନ କରିନାହିଁ । ଅବଶ୍ୟ ହେଲସିଙ୍କିରେ ଶ୍ରୀ କେ. ଯାଦବ ବାଣ୍ଟମୱେଟ୍ କୁସ୍ତିରେ ଗୋଟିଏ ବ୍ରୋଞ୍ଜମେଡ଼ାଲ ପାଇଥିଲେ । ଏହାକୁ ଛାଡ଼ିଦେଲେ ରୋମ ଅଲମ୍ପିକରେ ମିଲଖା ସିଂହ ଗୋଟିଏ ପଦକ ହାସଲ କରିବା ପର୍ଯ୍ୟନ୍ତ ଯାଇ ୪ର୍ଥ ସ୍ଥାନରେ ରହିଗଲେ । ସେତେବେଳେ କ୍ୱାଟର ମାଇଲ ରେସ୍‌ରେ ମିଲଖା ଯେଉଁ ରେକର୍ଡ କରିଥିଲେ (୪୫-୬) ୨୪ ବର୍ଷପରେ ମଧ୍ୟ କୌଣସି ଭାରତୀୟ ତାକୁ ଭାଙ୍ଗିପାରି ନାହାନ୍ତି ।

ଅଲମ୍ପିକ କ୍ରୀଡ଼ାରେ ଭାରତର ସଫଳତା ବିଷୟରେ ଇତିହାସ କ୍ଷୀଣ ରହିଥିଲେ ବି ଆନୁଷ୍ଠାନିକ ଭାବରେ ଭାରତ ଏ ପ୍ରତିଯୋଗିତାରେ ୧୯୨୮ ମସିହାରେ ଯୋଗଦେବା ପୂର୍ବରୁ ୧୯୨୦ ମସିହାରେ ଅନ୍ତୱେରପ୍ ଅନୁଷ୍ଠିତ ପ୍ରତିଯୋଗିତାକୁ ଭାରତ ଦୁଇଜଣ ଆଥେଲେଟ ଓ ୨ଜଣ ମଲ୍ଲବୀରଙ୍କୁ ପଠାଇଥିଲା ଏବଂ ସେମାନଙ୍କର ଖର୍ଚ୍ଚ ସାର୍ ଦୋରାବଜୀ ଟାଟା ବହନ କରିଥିଲେ । ୧୯୨୪ ମସିହା ପ୍ୟାରି ପ୍ରତିଯୋଗୀତାରେ ଭାରତର ଜାତୀୟ ଅଲମ୍ପିକ କମିଟି ଆନ୍ତର୍ଜାତିକ ଅଲମ୍ପିକ କମିଟିର ରେଜିଷ୍ଟ୍ରୀଭୁକ୍ତ ହେଲା ଏବଂ ଆନୁଷ୍ଠାନିକ ଭାବେ ଅଲମ୍ପିକ ପ୍ରତିଯୋଗିତାରେ ଭାରତ ଅଂଶ ଗ୍ରହଣ କରିବାର ପଥ ପରିଷ୍କାର ହେଲା । କିନ୍ତୁ ୧୯୨୭ ମସିହାରେ ସାର ଦୋରାବଜୀ ଟାଟାଙ୍କ ସଭାପତିତ୍ୱରେ ଇଣ୍ଡିଆନ୍ ଅଲମ୍ପିକ ଆସୋସିଏସନ୍ ଗଠିତ ହୋଇ ଭାରତରେ ଅଲମ୍ପିକ କ୍ରୀଡ଼ା ଆନ୍ଦୋଳନ ଆରମ୍ଭ ହେଲା । ସେତେବେଳେ ଜି-ଡି- ସୋନ୍ଧି ଏହି ଆସୋସିଏସନର ସହକାରୀ ସମ୍ପାଦକ ଥିଲେ । ସେହି ବର୍ଷ ପାତିଆଲା ମହାରାଜ ଟାଟାଙ୍କ ପରବର୍ତ୍ତୀ ସଭାପତି ହେଲେ ଏବଂ ଶ୍ରୀ ସୋନ୍ଧି ସମ୍ପାଦକ ରୂପେ ଅବସ୍ଥାପିତ ହେଲେ ।

ତେଣୁ ଆନୁଷ୍ଠାନିକ ଭାବେ ୧୯୨୮ ମସିହାରେ ଆମଷ୍ଟରଡ଼ାମ୍ ପ୍ରତିଯୋଗୀତାରେ ଭାରତ ଅଂଶ ଗ୍ରହଣକଲା । ସେହି ଖେଳରେ ଭାରତ ହକିରେ ସ୍ୱର୍ଣ୍ଣପଦକ ହାସଲ କରିବାରୁ ସାରା ଦେଶରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥିଲା । ହକିଖେଳ ୧୯୦୮ ମସିହାରୁ ଅଲମ୍ପିକ କ୍ରୀଡ଼ାରେ ସ୍ଥାନ ପାଇଥିଲା ଏବଂ ଇଂଲଣ୍ଡ ହିଁ ପ୍ରଥମେ ହକିର ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା । କିନ୍ତୁ ଷ୍ଟକ-ହୋମ୍‌ରେ ଏହି କ୍ରୀଡ଼ାକୁ ବାଦ ଦିଆଗଲା ଏବଂ ୧୯୧୨ରେ ପୁଣି ଏହାକୁ ଗ୍ରହଣ କରାଗଲା । ସେହିବର୍ଷ ଆଉ-ଥରେ ଇଂଲଣ୍ଡ ସ୍ୱର୍ଣ୍ଣପଦକ ଲାଭକଲା । ୧୯୨୪ ରେ ହକିବାଦ ପଡ଼ିଯାଇଥିଲା । କିନ୍ତୁ ୧୯୨୮ ମସିହା ପରଠାରୁ ଏ ଯାବତ୍ ହକି ଅଲମ୍ପିକ କ୍ରୀଡ଼ାର ଏକ ଅବିଚ୍ଛେଦ୍ୟ ଅଙ୍ଗହୋଇ ରହି ଆସିଛି । ୧୯୨୮ରୁ ୧୯୬୦ ମସିହା ପର୍ଯ୍ୟନ୍ତ ବରାବର ଭାରତ ହକିରେ ସ୍ୱର୍ଣ୍ଣପଦକ ଲାଭକରି ଆସିଥିଲା । ଏଇଥି ପାଇଁ ଅଲମ୍ପିକ ପ୍ରତିଯୋଗିତା କହିଲେ ଭାରତରେ ହକି ପ୍ରତିଯୋଗିତାକୁ ହିଁ ବୁଝାଉଥିଲା ଏବଂ ଭାରତ କେବଳ ହକିରେ ବିଜୟ ଲାଭ କରି ସନ୍ତୁଷ୍ଟ ହୋଇ ରହିଗଲା ।

୧୯୨୮ ମସିହାରେ ବାଳକୃଷ୍ଣନଙ୍କ ପିତା ବ୍ରିଗେଡ଼ିଅର ଦଲୀପ ସିଂହ ଲଙ୍ଗଜମ୍ପରେ ଅଷ୍ଟମ ସ୍ଥାନ ଅଧିକାର କରି ଆଥେଲେଟିକସରେ ମଧ୍ୟ ଭାରତର ବିଜୟଲାଭ କରିବାର ସମ୍ଭାବନା ଅଛି ବୋଲି ସୂଚାଇଥିଲେ ।

ସେହିଭଳି ୧୯୫୨ ମସିହାରେ ଲେଭିପିଣ୍ଟୋ ସ୍ପ୍ରିଣ୍ଟ ଇଭେଣ୍ଟସ୍‌ର ୧୦୦ ଓ ୨୦୦ ମିଟର ପ୍ରତିଯୋଗୀତାରେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ ସେଥର ମଲ୍ଲବୀର ଶ୍ରୀ କେ, ଯାଦବ ଏକ ବ୍ରୋଞ୍ଜ ମେଡାଲର ଅଧିକାରୀ ହେଲେ ।

ହେଲେସିଙ୍କି ପ୍ରତିଯୋଗିତାକୁ ଭାରତ ପ୍ରଥମ ଥର ପାଇଁ ମହିଳା ପ୍ରତିଯୋଗୀ ମାନଙ୍କୁ ପଠାଇଲା । ସେଥର ଅଂଶ ଗ୍ରହଣ କରିଥିବା ମେରି ଡି-ସୌଜା ଏବଂ ଏମ୍-ନୀଳିମା ଘୋଷ ବିଶେଷ କିଛି ସାଫଲ୍ୟ ଅର୍ଜନ କରି ନଥିଲେ ।

Images: Aptakama Mishra, Processing: Srujanika

ବ୍ରେନ୍‌ଟ୍ୟୁମର କାଢ଼ିବା ଲାଗି ଅତ୍ୟାଧୁନିକ ଯନ୍ତ୍ର

ଅଷ୍ଟ୍ରେଲିଆର ଜଣେ ମେକାନିକାଲ ଇଞ୍ଜିନିୟର ସଂପ୍ରତି ଏପରି ଏକ ଯନ୍ତ୍ର ଉଦ୍ଭାବନ କରିଛନ୍ତି ଯାହା ସାହାଯ୍ୟରେ ଅତି ନିରାପଦ ଓ ସଫଳତାର ସହିତ ବ୍ରେନ୍ ଟ୍ୟୁମର ବାହାର କରାଯାଇ-ପାରୁଛି, ପାରମ୍ପରିକ ଯନ୍ତ୍ର ପାତି ତୁଳନାରେ ଏହା ଅଧିକ ନିର୍ଭର ଯୋଗ୍ୟ ଏବଂ ସବୁ ହସ୍‌ପିଟାଲ ରଖି ପାରିଲା ଭଳି ଏହାର ଦର ସ୍ଥିର କରାଯାଇଛି ।

ବ୍ରେନ୍ ଟ୍ୟୁମର କାଢ଼ିବା ନିମନ୍ତେ ବର୍ତ୍ତମାନର ଯନ୍ତ୍ରପାତି ସମ୍ପର୍କରେ ନ୍ୟୁରୋ ସର୍ଜ୍ଜନ ଡାକ୍ତର କେଭିନ ବ୍ଲସେଲ ଅସନ୍ତୋଷ ପ୍ରକାଶ କରିବା ପରେ ସିଡ଼ନୀସ୍ଥ ଉକ୍ତ ମେକାନିକାଲ ଇଞ୍ଜିନିୟର ଶ୍ରୀ ରିଗ୍ଭର୍ଡ଼ ପ୍ରୋଷ୍ଟ ଉକ୍ତ ନୂଆଯନ୍ତ୍ର ତିଆରି କରିବାରେ ଲାଗି ପଡ଼ିଥିଲେ । ନୂତନ ମେସିନ୍‌ଟିର ପେଟେଣ୍ଟ ଅଧିକାର ପାଇବାପାଇଁ ଏବେ ଚେଷ୍ଟା କରାଯାଉଛି ଏବଂ ଏହା ମୋଟର ଚାଳିତ ଅତି ହାଲୁକା ତଥା ଅତି ସୂକ୍ଷ୍ମ ଏକ ଡିସେକ୍‌ଟର । ଏହି ଯନ୍ତ୍ର ଏକା ବେଳକେ ମୁଣ୍ଡର ସଂପୃକ୍ତଅଂଶ କାଟିବ, ଧପାକରିବ (ଇରିଗେଟ୍) ଏବଂ ତନ୍ତୁର କଟାଅଂଶ ମଧ୍ୟ ବାହାର କରିବ ।

ତିନୋଟି ଯାକ କାର୍ଯ୍ୟ ଯନ୍ତ୍ରର ଶେଷଅଂଶରେ ସମାହିତ ହେଉଥିବାରୁ ଅପରେସନ୍ ନିମନ୍ତେ ଅତି କ୍ଷୁଦ୍ର ଅଂଶ ଉନ୍ମୁକ୍ତ କରିବା ଆବଶ୍ୟକ । ବର୍ତ୍ତମାନର ପ୍ରଚଳିତ ଅନ୍ୟ କୌଣସି ଯନ୍ତ୍ରରେ ଏସବୁ ସୁବିଧା ସୁଯୋଗ ନାହିଁ ।

ଡାକ୍ତର ବ୍ଲସେଲ ଏହି ଯନ୍ତ୍ରର ଏକ ନମୁନା ନେଇ ୧୫ଟି ଅପରେସନ କଲେଣି ଏବଂ ଏହି ଯନ୍ତ୍ରର କାର୍ଯ୍ୟରେ ସନ୍ତୁଷ୍ଟ ହୋଇଛନ୍ତି । ଏହି ଯନ୍ତ୍ର ସାହାଯ୍ୟରେ ତାଙ୍କର ସର୍ବଶ୍ରେଷ୍ଠ ଅପରେସନରେ ସେ ଆକାଉଷ୍ଟିକ ନିଉରୋମା (ଏକପ୍ରକାର ଟ୍ୟୁମର ଯାହା ଶ୍ରବଣକୁ ପ୍ରଭାବିତ କରେ ଏବଂ ଏବଂ ସ୍ଥଳ ବିଶେଷରେ ଏଥିପାଇଁ ରୋଗୀର ମୃତ୍ୟୁ ହୋଇଥାଏ) ନିଷ୍କାସନ ସଫଳତାର ସହ କରିଛନ୍ତି ।

ଡାକ୍ତର ବ୍ଲସେଲଙ୍କ ମତରେ ଏହି ମେସିନ୍ ଟିସୁ ବା ତନ୍ତୁଗୁଡ଼ିକ ନ ଚିରି ଚୋବାଇ ଗଲାଭଳି କାଟୁଥିବାରୁ ବ୍ରେନଷ୍ଟେମ୍ ବା ମସ୍ତିଷ୍କ କାଣ୍ଡକୁ ଆଡ଼େଇବା ଦରକାର ହୁଏନାହିଁ । ତେଣୁ ଅପରେସନ ସରିଗଲା ପରେ ରୋଗୀ ଉଠିଲାବେଳେ ବେଶ ସୁସ୍ଥ ଅନୁଭବ କରୁଛନ୍ତି ।

ଏହାଛଡ଼ା ଗୋଟିଏ ପିଟ୍ୟୁଟାରି ଟ୍ୟୁମର କାଢ଼ିବା ଏବଂ ମେନିନଜିଓମା କାଢ଼ିବାରେ ମଧ୍ୟ ସଫଳତାର ସହିତ ଏହିଯନ୍ତ୍ର ବ୍ୟବହାର କରାଯାଇଥିଲା । ଡାକ୍ତର ବ୍ଲସେଲ କହନ୍ତି ଯେ ଅନ୍ୟାନ୍ୟ ଶକ୍ତିଚାଳିତ ଯନ୍ତ୍ର ଏହା ଅପେକ୍ଷା ଉତ୍କୃଷ୍ଟନୁହେଁ ଏବଂ ସବୁଠାରୁ ଭଲଯନ୍ତ୍ର ଆଲଟ୍ରା-ସାଉଣ୍ଡ କଟର ଅତି ମାତ୍ରାରେ ବ୍ୟୟବହୁଳ । □

ମେଲବୋର୍ଣ୍ଣ ଅଲମ୍ପିକ୍ସରେ ମିଲଖା ସିଂ ନିଜ କୃତିତ୍ୱ ପ୍ରଦର୍ଶନ କରିଥିଲେ ବି ଅସହ୍ୟ ଗରମ ଯୋଗୁ ପଛକୁ ପଡ଼ିଯାଇଥିଲେ ଏବଂ ଏକ ମାତ୍ର ମହିଳା ଆଥେଲିଟ ମେରି ଲୀଲାରାଓ କୌଣସି ପ୍ରଭାବ ସୃଷ୍ଟି କରିପାରି ନ-ଥିଲେ ।

ଆଥଲେଟିକ କ୍ଷେତ୍ରରେ ଭାରତ ଶ୍ରେଷ୍ଠ ଖେଳାଳୀ ରୂପେ ଗୁରବଚନ ସିଂହଙ୍କୁ ସୃଷ୍ଟି କରିବାରେ ସମର୍ଥ ହୋଇଛି ଯେ କି ୧୧୦ମିଟର ହର୍ଡ଼ଲରେ ପଞ୍ଚମ ସ୍ଥାନ ଅଧିକାର କରିଥିଲେ । ଏହା ହୋଇଥିଲା ଟୋକିଓ ଅଲମ୍ପିକସ୍‌ରେ ଏହାପରେ ୧୨ବର୍ଷ ପର୍ଯ୍ୟନ୍ତ କୌଣସି ଆଥେଲଟିକ୍ ଇଭେଣ୍ଟରେ ଭାରତର କୌଣସି ପ୍ରତିଯୋଗୀ ଫାଇନାଲ ପର୍ଯ୍ୟନ୍ତ ଯାଇପାରି ନଥିଲେ ମଣ୍ଟ୍ରିଏଲ ପ୍ରତିଯୋଗିତାରେ ଶ୍ରୀରାମ ସିଂହ ଯେଉଁ ରେକର୍ଡ଼ କରିଥିଲେ (ଅଧମାଇଲ ପାଇଁ ୧ ୪୫. ୭୭) ତାହା ଏ ପର୍ଯ୍ୟନ୍ତ ଏସିଆର ରେକର୍ଡ଼ ହୋଇ ରହିଥିଲେ ଏ ଅଲମ୍ପିକରେ ସେ ସପ୍ତମ ସ୍ଥାନ ଅଧିକାର କରିଥିଲେ । ପୂର୍ବବର୍ତ୍ତୀ ଅଲମ୍ପିକରେ ଶ୍ରୀ ମହିନ୍ଦର ସିଂହ ଗୀଲ୍ ମେଡ଼ାଲ ପାଇବେ ବୋଲି ଆଶା କରାଯାଉ ଥିଲା । କିନ୍ତୁ ତାହାହେଲା ନାହିଁ କାରଣ ଯୋଗ୍ୟତା ବିବେଚନା ବେଳେ ସେ ଫାଉଲକଲେ ।

ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ଆଥେଲେଟିକ୍ କ୍ଷେତ୍ରରେ ଭାରତ ମଣ୍ଟ୍ରିଏଲରେ ନିଜର ଶ୍ରେଷ୍ଠ କୃତିତ୍ୱ ପ୍ରଦର୍ଶନ କରିଥିଲେ । ଏହି ଅବକାଶରେ ହିଁ ହରଚାନ୍ଦ ଦଶହଜାର ମିଟର ୨ :୪୮: ୭୨ ସମୟରେ ଅତିକ୍ରମ କରିଥିଲେ ଏବଂ ଶିବନାଥ ସିଂହ ମାରାଥନ୍ ରେସ୍‌ରେ ୩୫କିଲୋ ମିଟର ପର୍ଯ୍ୟନ୍ତ ଯାଇ ଏକାଦଶ ସ୍ଥାନ ଅଧିକାର କରିଥିଲେ ।

ରେସଲିଂ ଓ ୱେଟଲିଫ୍‌ଟିଂ ରେ ଅବଶ୍ୟ ତୁଳନାତ୍ମକ ଦୃଷ୍ଟିରୁ ଭାରତ ଭଲ କରିଛି ହେଲେସିଂକରେ ଶ୍ରୀମାଙ୍ଗାଭେ ଫିଦରୱେଟରେ ୪ର୍ଥ ସ୍ଥାନ ଏବଂ ମାଧୋ ସିଂହ ଓ ସଜ୍ଜନ ସିଂହ ରୋମ ଅଲମ୍ପିକରେ ଯଥାକ୍ରମେ ୫ମ ଓ ସପ୍ତମ ସ୍ଥାନ ହାସଲ କରିଥିଲେ ।

ଏସବୁ ସଫଳତାର ଉଲ୍ଲେଖ କେବଳ ଆତ୍ମସନ୍ତୋଷ ବ୍ୟକ୍ତ କରିବା ନୁହେଁ । ବିଶ୍ୱ ଜନସଂଖ୍ୟାର ଏକ ଷଷ୍ଠାଂଶର ପ୍ରତିନିଧିତ୍ୱ କରୁଥିବା ଭାରତ କ୍ରୀଡ଼ା କ୍ଷେତ୍ରରେ ଯେଉଁପରି ଦୟନୀୟ ଅବସ୍ଥାରେ ଅଛି ତାହାର ପ୍ରତିକାର ପାଇଁ ସରକାରୀ ସ୍ତରରେ ଆଜିଠାରୁ ଆନ୍ତରିକ ଉଦ୍ୟମ ହେଲେ ହୁଏତ ଦଶପନ୍ଦର ବର୍ଷପରେ କିଛି ସୁଫଳ ମିଳିପାରେ ।

Images: Aptakama Mishra, Processing: Srujanika

ଶବ୍ଦ ସାହାଯ୍ୟରେ ରୋଗ ନିର୍ଦ୍ଧାରଣ

ଦୀନେଶଚନ୍ଦ୍ର ଶର୍ମା

ଶବ୍ଦ କେବଳ ସଙ୍ଗୀତରେ ମଧୁମୟ ଛନ୍ଦନୁହେଁ । ଏହାର ପ୍ରୟୋଗ ବହୁବିଧ । ଔଷଧ, ଇଲେକ୍‌ଟ୍ରୋନିକସ୍, ଏବଂ ଧାତୁ ବିଜ୍ଞାନରେ ଶବ୍ଦର ପ୍ରୟୋଗ କରାଯାଇ ବିଭିନ୍ନ ନିର୍ଦ୍ଧାରଣ କରାଯାଇଥାଏ । ଚିକିତ୍ସା କ୍ଷେତ୍ରରେ ଶବ୍ଦ ପ୍ରୟୋଗକରି ଶରୀର ଭିତରେ କେଉଁଠି ଟ୍ୟୁମର ବା ବିଥ ହୋଇଥିଲେ ତାହା ଠଉରା ଯାଇପାରେ ବା ସେହିଭଳି ଅନେକ ପ୍ରୟୋଗ ମଧ୍ୟ କରାଯାଇ ପାରେ ।

ବିଭିନ୍ନ ରୋଗ ନିର୍ଦ୍ଧାରଣ ନିମନ୍ତେ 'ଅଲଟ୍ରା ସାଉଣ୍ଡ' ବା ଏକ ପ୍ରକାରର ବିଶେଷ ଶବ୍ଦ ତରଙ୍ଗ ବ୍ୟବହାର କରିବା ଅଳ୍ପ କେତେଦିନ ହେଲା ମାତ୍ର ପ୍ରଚଳିତ ହୋଇଛି । ପୂର୍ବରୁ ଯେଉଁସବୁ କାମ ଏକ୍‌ସରେ ଦ୍ୱାରା ସମ୍ପନ୍ନ ହେଉଥିଲା ଏବେ ତନ୍ମଧ୍ୟରୁ ଅଧିକାଂଶ କାମ ଏହି ଶବ୍ଦତରଙ୍ଗ ସହାୟତାରେ ସମ୍ପନ୍ନ କରାଯାଇ ପାରିବ ବୋଲି ଆଶା କରାଯାଉଛି ।

କାନାଡାର ଏକ ଗବେଷଣାର ଫଳାଫଳରୁ ଜଣା ଯାଇଛି ଯେ ସେଠାରେ ସ୍ତନ କ୍ୟାନସର ନିର୍ଦ୍ଧାରଣ ପାଇଁ ଯେଉଁ ମହିଳାମାନେ ଏକ୍‌ସରେ କରାନ୍ତି ସେହି ଏକ୍‌ସରେର କୁପ୍ରଭାବ ଯୋଗୁ ପ୍ରତି ହଜାରେ ପିଚ୍ଛା ଜଣେଲେଖା କ୍ୟାନସର ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏଥିରୁ ଏକ୍‌ସରେର ଭୟାବହତା ସହଜରେ ଅନୁମେୟ । କିନ୍ତୁ ଶବ୍ଦ ତରଙ୍ଗ ସହାୟତାରେ ରୋଗ ନିର୍ଦ୍ଧାରଣ କରାଗଲେ ଏ ସବୁର ଭୟ ରହିବ ନାହିଁ ।

ଆଲଟ୍ରା ସାଉଣ୍ଡ

ଶବ୍ଦ କଣ ତାହା ବୁଝାଇବା ଅନାବଶ୍ୟକ । କିନ୍ତୁ ଅଲଟ୍ରା ସାଉଣ୍ଡ ହେଉଛି ଏକ ବିଶେଷ ଶବ୍ଦ ତରଙ୍ଗ ଯାହାକି ତରଳ କଠିନ ଏବଂ ସ୍ଥାନ ବିଶେଷରେ ଗ୍ୟାସୀୟ ପଦାର୍ଥ ମାଧ୍ୟମରେ ପରିବାହିତ ହୋଇଥାଏ ଏବଂ କୃତ୍ରିମ ଉପାୟରେ ଏହି ଶବ୍ଦ ତରଙ୍ଗ ସୃଷ୍ଟି କରିବାକୁ ହୁଏ । ଏହାର ବିଶେଷତ୍ୱ ହେଲା ଉଚ୍ଚ ଫ୍ରିକ୍ୱେନ୍‌ସି ଯାହାକି ସେକେଣ୍ଡ ପିଚ୍ଛା ୨୦, ୦୦୦ ସାଇକଲରୁ ଅଧିକ । ରୋଗ ନିର୍ଦ୍ଧାରଣ ପାଇଁ ବ୍ୟବହୃତ ହେଉଥିବା ଶବ୍ଦର ଫ୍ରିକ୍ୱେନ୍‌ସି ଏକରୁ ୨କୋଟି ସାଇକେଲ ପର୍ଯ୍ୟନ୍ତ ହୋଇଥାଏ । ଅଲଟ୍ରା ସାଉଣ୍ଡ ଯନ୍ତ୍ରପାତି ଏହି ଶକ୍ତିର ଶବ୍ଦତରଙ୍ଗ ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ ଏବଂ ଏହି ତରଙ୍ଗ ଅସ୍ୱଚ୍ଛ ବସ୍ତୁ ଭେଦକରି ପ୍ରତିଫଳିତ ହେଲେ ଏହି ପ୍ରତିଫଳିତ ତରଙ୍ଗକୁ ରେକର୍ଡ଼ କରାଯାଇ ଆବଶ୍ୟକୀୟ ନିର୍ଦ୍ଧାରଣ କରାଯାଏ । ଏବେ ଏହି ଆଲଟ୍ରାସାଉଣ୍ଡକୁ ମସ୍ତିଷ୍କ, ହୃଦୟ ଓ ଜରାୟୁର ବିଭିନ୍ନ ରୋଗ ନିର୍ଦ୍ଧାରଣ ପାଇଁ ବ୍ୟବହାର କରାଯାଉଛି । ଗର୍ଭାବସ୍ଥାର ପ୍ରାକ୍-କାଳରେ ଏହି ଶବ୍ଦତରଙ୍ଗ ସାହାଯ୍ୟରେ ଗର୍ଭସ୍ଥ ଶିଶୁର ଅବସ୍ଥା ସମ୍ପର୍କରେ ସହଜରେ ଜାଣି ହେଉଛି । ସେହିଭଳି ହାର୍ଟ ବା ହୃତପିଣ୍ଡର ଅବସ୍ଥା ସମ୍ପର୍କରେ ଜାଣିବାପାଇଁ ଏହାର ପ୍ରୟୋଗ କରାଯାଉଛି । ଏହି ତରଙ୍ଗ ସାହାଯ୍ୟରେ ହୃତପିଣ୍ଡର କକ୍ଷ ଗୁଡ଼ିକର ଆକୃତି ଓ ବୈଷମ୍ୟ ଜାଣିହେଉଛି ।

ଯେଉଁ ରୋଗୀ ମାନଙ୍କର କିଡ୍‌ନି ବା ଯକୃତରେ କିଛିରୋଗ ହୋଇଥିବାର ଆଶଙ୍କା କରାଯାଏ ତାହା ନିର୍ଧାର୍ଯ୍ୟ ରୂପେ ଜାଣିବାକୁ ବାରମ୍ବାର ଏହି ତରଙ୍ଗ ପ୍ରୟୋଗ କଲେ ମଧ୍ୟ ରୋଗୀର କିଛି କ୍ଷତି ହୁଏନାହିଁ । ସେହିଭଳି କିଡ୍‌ନି ସଂକ୍ରାନ୍ତୀୟ ଯାବତୀୟ ରୋଗପାଇଁ ମଧ୍ୟ ଏହା ବ୍ୟବହାର କରାଯାଇ ପାରେ । ଅନ୍ତନାଳୀ ଭିତରେ କିଛିଦୋଷ ତ୍ରୁଟୀ ଥିଲେ ତାହା ଜାଣିବାକୁ ଆବ୍‌ଡୋମିନାଲ ସୋନୋଗ୍ରାଫି କୌଶଳ ଅବଲମ୍ବନ କରାଯାଇଥାଏ । କଲିଜାରେ ବିଥ ହେବା, ଅଗ୍ନାଶୟରେ ଆବୁ ଇତ୍ୟାଦି ଏହା ଦ୍ୱାରା ଜାଣିହୁଏ ।

ଅଲଟ୍ରା ସାଉଣ୍ଡ ତରଙ୍ଗ ପ୍ରୟୋଗ କରି କିଡ୍‌ନିରୁ ପଥର କାଢ଼ିବା ମଧ୍ୟ ସମ୍ଭବ ବୋଲି ଭାରତର ଦଳେ ବୈଜ୍ଞାନିକ ପରୀକ୍ଷା କରି ଜାଣି ପାରିଛନ୍ତି ।

ଅଷ୍ଟ୍ରେଲିଆର ଗବେଷକ ମାନେ ଏବେ ଏକ ନୂଆ ଧରଣର ଆଲଟ୍ରା ସାଉଣ୍ଡ କୌଶଳ ଅବଲମ୍ବନ କରି ଧମନୀ ସଂକ୍ରାନ୍ତୀୟ ରୋଗ ଆରମ୍ଭରୁ ଜାଣିପାରୁଛନ୍ତି । ମାତ୍ର ୧୦ ମିନିଟ ଭିତରେ ଜଣେ ରୋଗୀର ଏ ରୋଗ ସେମାନେ ପରୀକ୍ଷାକରି ଜାଣିପାରିବେ । ଏଥିପାଇଁ କୌଣସି ପ୍ରକାର ଏକ୍‌ସରେ ବା ଛୁଞ୍ଚିଫୋଡ଼ା ଅନାବଶ୍ୟକ ।

କାନାଡ଼ାର ବୈଜ୍ଞାନିକ ମାନେ ଆଉ ଏକପାଦ ଆଗେଇ ଯାଇ ଏଭଳି କୌଶଳ ଆବିଷ୍କାର କରିଛନ୍ତି ଯାହା ଫଳରେ କି ମହିଳା ମାନଙ୍କ ସ୍ତନ

ଦୁଇ ଜଣ ମହିଳାଙ୍କ ନେତୃତ୍ୱରେ

ବଙ୍ଗଳା ଦେଶରେ ଗଣତନ୍ତ୍ରର ପୁନର୍ପ୍ରତିଷ୍ଠା ଲାଗି ଜନଆନ୍ଦୋଳନ

ପୂର୍ବବଙ୍ଗର ଅଧିବାସୀମାନେ ଏକ ରକ୍ତାକ୍ତ ସଂଗ୍ରାମ ମାଧ୍ୟମରେ ପାକିସ୍ଥାନର ସାମରିକ ଏକଛତ୍ର ବାଦ କବଳରୁ ୧୯୭୧ ମସିହା ଡିସେମ୍ବର ମାସରେ ନିଜକୁ ମୁକ୍ତକରିବା ପରେ ଏବେ ପୁଣି ନିଜ ଦେଶରେ ଶାସନର ବିଡ଼ମ୍ବନା ସଦୃଶ ସାମରିକ ଏକଛତ୍ର ବାଦ ବିରୁଦ୍ଧରେ ଦୁର୍ବାର ସଂଗ୍ରାମ ଆରମ୍ଭ କରିଛନ୍ତି । ବଙ୍ଗଳାଦେଶର ୧୩ ବର୍ଷର ଇତିହାସରେ ଦ୍ୱିତୀୟଥର ଲାଗି ସେ ଦେଶର ୯କୋଟି ଲୋକେ ସାମରିକ ଶାସନାଧୀନ ହୋଇ ରହିଛନ୍ତି । ପ୍ରଥମ ସାମରିକ ଶାସନ ୧୯୭୫ ନଭେମ୍ବରରୁ ୧୯୭୯ ଅପ୍ରେଲ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା ଏବଂ ଦ୍ୱିତୀୟ ପର୍ଯ୍ୟାୟ ସାମରିକ ଶାସନ ୧୯୮୨ ମସିହା ମାର୍ଚ୍ଚ ମାସରୁ ଏ ଯାବତ୍ ଜାରି ରହିଛି । ଏହି ସାମରିକ ଶାସନ ହଟାଇ ତାହାସ୍ଥାନରେ ଗଣତନ୍ତ୍ରର ପୁନଃ ପ୍ରବର୍ତ୍ତନ ଲାଗି ସେଠାରେ ରାଜନୈତିକ ଦଳ ଗୁଡ଼ିକ ଆନ୍ଦୋଳନ ଚଳାଇଛନ୍ତି । ଏ ଆନ୍ଦୋଳନ କ୍ରମେ ଏକ ଗଣ ଆନ୍ଦୋଳନରେ ପରିଣତ ହେଉଥିବାର ସୂଚନା ମିଳିଲାଣି ।

ସେ ଦେଶର ରାଜନୈତିକ ସଙ୍ଗଠନ ଗୁଡ଼ିକୁ ମୁଖ୍ୟତଃ ଦୁଇଟି ଗୋଷ୍ଠୀରେ ବିଭକ୍ତ ଏବଂ ଏ ଦୁଇଗୋଷ୍ଠୀର ନେତୃତ୍ୱ ନେଉଛନ୍ତି ଦୁଇଜଣ ମହିଳା । ବଡଗୋଷ୍ଠୀଟି ୧୫ଟି ରାଜନୈତିକ ଦଳକୁ ନେଇ ଗଠିତ ଏବଂ ଏହିଗୋଷ୍ଠୀର ନେତ୍ରୀ ହେଉଛନ୍ତି ଆୱାମୀ ଲୀଗର ମୁଖ୍ୟ ତଥା ସ୍ୱର୍ଗତ ଶେଖ୍ ମୁଜିବୁର ରହମାନଙ୍କ କନ୍ୟା ୩୬ବର୍ଷ ବୟସ୍କ ଶେଖ ହାସିନା ୱାଜେଦ ଏବଂ ଅନ୍ୟ ଗୋଷ୍ଠୀଟି ସାତଟି ରାଜନୈତିକ ଦଳକୁ ନେଇ ଗଠିତ ଯାହାର ନେତ୍ରୀ ହେଉଛନ୍ତି ବଙ୍ଗଳାଦେଶ ନ୍ୟାସନାଲ ପାର୍ଟିର ମୃତ୍ୟୁ ତଥା ନିହତ ରାଷ୍ଟ୍ରପତି ଜିଆଉର ରହମାନଙ୍କ ବିଧବାପତ୍ନୀ ୪୦ବର୍ଷ ବୟସ୍କା ବେଗମ ଖାଲେଦା । ଏ ଦୁଇଟି ମୁଖ୍ୟଗୋଷ୍ଠୀ ବ୍ୟତୀତ ଦଶଟି ଦଳକୁ ନେଇ ଗଠିତ ଅନ୍ୟ ଗୋଟିଏ ସାମ୍ମୁଖ୍ୟ (ଜାତୀୟ ଐକ୍ୟ ସାମୁଖ୍ୟ)ର ନେତା ହେଉଛନ୍ତି ଖୋଣ୍ଡେକର ମୁସ୍ତାକ୍ ଅହମ୍ମଦ ଯେକି ଶେଖ୍ ମୁଜିବଙ୍କ ମନ୍ତ୍ରୀ ମଣ୍ଡଳରେ ଜଣେ ସଭ୍ୟ ଥିଲେ ଏବଂ ଅଳ୍ପ ଅଳ୍ପ ସମୟପାଇଁ ସେ ଦେଶର ରାଷ୍ଟ୍ରପତି ହୋଇଥିଲେ । ତାଙ୍କ ନିଜଦଳର ନାମ ହେଉଛି ବଙ୍ଗଳା ଦେଶ ଡେମୋକ୍ରାଟିକ୍ ଲୀଗ ।

ବଙ୍ଗଳାଦେଶର ସାମରିକ ଶାସକ ଲେଫ୍ଟେନାଣ୍ଟ ଜେନେରାଲ ହୁସେନ୍ ମହାମ୍ମଦ ଏରସାଦ ପାର୍ଲାମେଣ୍ଟ ତଥା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ୧୫ ଦଳୀୟ ଓ ସାତଦଳୀୟ ମେଣ୍ଟ ସେ ପ୍ରସ୍ତାବକୁ ସେମାନଙ୍କ ଦାବୀ ଅନୁରୂପ ହୋଇନାହିଁ ବୋଲି କହି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି ।

ପାର୍ଲାମେଣ୍ଟ ଓ ରାଷ୍ଟ୍ରପତି ପଦପାଇଁ ମେ ୨୭ତାରିଖ ଦିନ ନିର୍ବାଚନ ହେବବୋଲି ଲେଫ୍ଟେନାଣ୍ଟ ଜେନେରାଲ ଏରସାଦଙ୍କ ଘୋଷଣା ଅନୁଯାୟୀ ଦିବସ ଧାର୍ଯ୍ୟ ହୋଇଥିଲା ।

କିନ୍ତୁ ଏହି ନିର୍ବାଚନ ପୂର୍ବରୁ ସାମରିକ ଆଇନ୍ ସମ୍ପୂର୍ଣ୍ଣ ରୂପେ ଉଠାଇନିଆଯାଇ ନୋହିଲେ କରି ଦିଆଯିବ ବୋଲିମଧ୍ୟ ସେ ଘୋଷଣା କରିବାପରେ ମେ ୧୨ତାରିଖ ରାଷ୍ଟ୍ରପତି ନିର୍ବାଚନ ଦିବସ ରାଜନୈତିକ ଦଳଗୁଡ଼ିକ ସହ ପରାମର୍ଶ କ୍ରମେ ଧାର୍ଯ୍ୟ କରାଯିବ ବୋଲି ପୁନର୍ବାର ସାମରିକ ଶାସନମୁଖ୍ୟ ଘୋଷଣା କରିବାପରେ ବିଭିନ୍ନ ମହଲରେ ତାଙ୍କର ଆନ୍ତରିକତା ସମ୍ପର୍କରେ ସନ୍ଦେହ ସୃଷ୍ଟି ହେଲା ।

ଏହା ପରଦିନ ଅର୍ଥାତ୍ ମେ ୧୩ ତାରିଖରେ ୧୫ ଦଳୀୟ ମେଣ୍ଟର ଏକ ବୈଠକ ଆୱାମୀଲୀଗ୍ ସଭାନେତ୍ରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଏରସାଦ ସରକାରଙ୍କ ସହ ହୋଇଥିବା ଆଲୋଚନା ଅନୁଯାୟୀ ସାମରିକ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅବଶେଷରେ ସରକାରଙ୍କ ସହ ଜନଗଣଙ୍କ ମୁକାବିଲା ହେବବୋଲି ଏକ ପ୍ରସ୍ତାବରେ ସତର୍କ କରି ଦିଆଯାଇଥିଲା । ଶ୍ରୀ-ଏରସାଦଙ୍କ ସହ ଆଲୋଚନା ବେଳେ ନିର୍ବାଚନ

(ଅବଶିଷ୍ଟାଂଶ ୩୩ପୃଷ୍ଠାରେ)

ଧୂମହୀନ ସିଗାରେଟ

ନିକୋଟିନ୍ ଖୋର ଲୋକଙ୍କ ପାଇଁ ସଂପ୍ରତି ଏକ ପ୍ରକାର ଧୂମହୀନ ସିଗାରେଟ ବାହାର କରାଯାଇଛି । ଏହି ସିଗାରେଟରେ ପାରମ୍ପରିକ ତମାଖୁ ଦିଆ ନଯାଇ କେବଳ ନିକୋଟିନ୍ ଦିଆଯାଉଛି ଯାହାକୁ ଟାଣିଲେ ଧୂଆଁ ବାହାରିବ ନାହିଁ ଅଥଚ ଧୂମ ପାନକାରୀ ମାନେ ପୂର୍ବର ଆସ୍ୱାଦ ପାଇ ପାରିବେ । ଏହି ନୂତନ ସିଗାରେଟର ନାମ 'ଫେଭର' ରଖାଯାଇଛି ।

ଏହି ଧୂମହୀନ ସିଗାରେଟ ଫେଭରର ସ୍ରଷ୍ଟା ହେଉଛନ୍ତି ଶ୍ରୀ ଜେ ଫିଲିପ ରାଏ । ଫେଭର ଦେଖିବାକୁ ସାଧାରଣ ସିଗାରେଟ ଭଳି ଏବଂ ଏଥିରେ ତମାଖୁ ଅର୍କ ଓ ନିକୋଟିନ୍‌ର ଏକ ମିଶ୍ରଣ ଭର୍ତ୍ତି କରାଯାଇଛି । ଏହାକୁ ଟାଣିଲେ ପବନର ସଂସ୍ପର୍ଶରେ ନିକୋଟିନ୍ ବାଷ୍ପରେ ପରିଣତ ହୋଇ ପେଟକୁ ଯିବ ।

ଭିତରେ ସୋରିଷ ଦାନା ଆକୃତିର ଟ୍ୟୁମର ହୋଇଥିଲେ ମଧ୍ୟ ତାକୁ ଜାଣି ପାରିବେ । ଏହି କୌଶଳ ଶସ୍ତା ଏବଂ ପାରମ୍ପରିକ ଏକ୍ସରେ ତୁଳନାରେ କମ୍ କ୍ଷତିକାରକ । ଅଲଟ୍ରା ସାଉଣ୍ଡ ସୋନୋଗ୍ରାଫି ପଦ୍ଧତିର କ୍ରମେ ବହୁଳ ପ୍ରଚଳନ ହେଲାଣି । ଯେକୌଣସି ରୋଗୀକୁ ଡେକ୍ସଟ୍ରୋ ସାହାଯ୍ୟରେ ପରୀକ୍ଷା କରିବା ପୂର୍ବ ଏହି ପ୍ରଣାଳୀରେ ପରୀକ୍ଷା କଲେ ରୋଗୀର ବିଶେଷ କିଛି କ୍ଷତିହେବାର ଆଶଙ୍କା ନଥାଏ ।

□

ପାଣି ପାଗ ଓ ଦେଶର ଅର୍ଥନୀତି

କୃଷି କାର୍ଯ୍ୟ ନିମନ୍ତେ ପାଗ ଏବଂ ଜଳବାୟୁ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିଥାଏ । ଏହା ହେଉଛି ପ୍ରାକୃତିକ ବୈଚିତ୍ର୍ୟ । ବୀଜ ବପନ ସମୟରେ ଶୁଖିଲା ପାଗ କିମ୍ବା ଶସ୍ୟ ଅମଳ ସମୟରେ ବର୍ଷା ହେଲେ କେବଳ ଯେ କୃଷକ କ୍ଷତିଗ୍ରସ୍ତ ହୋଇଥାଏ ତାହା ନୁହେଁ ଏହା ଦେଶର ଆର୍ଥିକ ଅବସ୍ଥାକୁ ମଧ୍ୟ ବିପର୍ଯ୍ୟୟ ଆଡ଼କୁ ଟାଣି ନେଇଥାଏ । ବିଶେଷ କରି କୃଷି ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିବା ବିକାଶମୁଖୀ ରାଷ୍ଟ୍ରଗୁଡ଼ିକ ତଦନୁରୂପ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ।

ତେଣୁ ଉପରୋକ୍ତ ସମସ୍ୟାକୁ ଆଖି ଆଗରେ ରଖି କୃଷିର ଉନ୍ନତି ନିମନ୍ତେ ପାଣିପାଗ ବିଜ୍ଞାନର ଶୃଙ୍ଖଳିତ ଏବଂ ବୈଜ୍ଞାନିକ ଉପାୟରେ ପ୍ରୟୋଗ ପାଇଁ ଗୁରୁତ୍ୱ ଆରୋପ କରାଯାଇଛି । ଏଥିନିମନ୍ତେ ଆନ୍ତର୍ଜାତିକ ପାଣିପାଗ ବିଜ୍ଞାନ ସଂସ୍ଥା (ଆଇ. ଏସ୍. ଓ) ୧୯୧୩ ମସିହାରେ କୃଷିଭିତ୍ତିକ ପାଣିପାଗ ବିଜ୍ଞାନ କମିଶନ ପ୍ରତିଷ୍ଠା କରିଥିଲେ । ମାତ୍ର ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ଏହି କମିଶନର କାର୍ଯ୍ୟକାରିତାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଦୀର୍ଘ ୩୫ବର୍ଷ ପରେ ଏହା ପୁଣି ପୁନର୍ଜୀବିତ ହେଲା ।

ତାପରେ ୧୯୫୦ ମସିହାରେ ଏହି କୃଷିଭିତ୍ତିକ ପାଣିପାଗ ଉପରେ ଧ୍ୟାନ ଦିଆଯାଇଥିଲା । ସେହିବର୍ଷ ମାର୍ଚ୍ଚ ୩୦ ତାରିଖରେ ବିଶ୍ୱ ପାଣିପାଗ ବିଜ୍ଞାନ ସଂସ୍ଥା (ଡବ୍ଲିଉ. ଏମ୍. ଓ) ଗଠନ କରାଗଲା ଏବଂ ଏହାକୁ ଜାତିସଂଘର ପରିସରଭୁକ୍ତ କରାଗଲା । ବନୀକରଣ, କୃଷି ଏବଂ ପଶୁ ପାଳନରେ ଜଳ ବାୟୁର ଉଲ୍ଲେଖନୀୟ ଭୂମିକା ରହିଛି । କୃଷିଭିତ୍ତିକ ପାଣିପାଗ ବିଜ୍ଞାନ କେବଳ ଯେ ଜମି ପରିଚାଳନା ଓ ନିୟନ୍ତ୍ରଣ କରେ ତାହା ନୁହେଁ ଏହା କୃଷି କ୍ଷେତ୍ରରେ ଜମି ତିଆରି, ବୀଜ ବୁଣିବା, ବୃକ୍ଷ ରୋପଣ, ପ୍ରତିରୋପଣ, ସାର ଏବଂ କୀଟନାଶକ ଔଷଧ ବ୍ୟବହାର ରୋଗ ନିୟନ୍ତ୍ରଣ ଆଦି ବିଭିନ୍ନ କୃଷି ସଂକ୍ରାନ୍ତୀୟ ଦୈନନ୍ଦିନ କାର୍ଯ୍ୟାବଳୀର ନିଷ୍ପତ୍ତି କରିଥାଏ । ଜଳସେଚନ ଏବଂ କୃଷି ଯନ୍ତ୍ରପାତିର ପ୍ରୟୋଜନୀୟତା ପାଣିପାଗ ସୂଚନା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । କ୍ରମାଗତ ଭାବରେ ପାଣିପାଗର ସୂଚନା ମିଳିବା ଦ୍ୱାରା ବିଭିନ୍ନ ଋତୁରେ ମୃତ୍ତିକା ଆର୍ଦ୍ରତା ସଂକ୍ରାନ୍ତୀୟ ଭାରସାମ୍ୟ ରକ୍ଷା କରାଯାଇଥାଏ । ଫଳରେ ନିୟନ୍ତ୍ରିତ ଜଳସେଚନ ଦ୍ୱାରା ଶସ୍ୟକୁ ଜଳାଭାବ, ଜଳର ବହୁଳତା କିମ୍ବା ମୃତ୍ତିକା ନଷ୍ଟ ଆଦି ବିପଦରୁ ରକ୍ଷା କରାଯାଇପାରେ ।

ଶସ୍ୟ କ୍ଷେତ୍ରରେ ଦେଖାଯାଇଥିବା ବିଭିନ୍ନ ଶସ୍ୟ ରୋଗ ଏବଂ କୀଟାଣୁମାନଙ୍କ ଉପରେ ମଧ୍ୟ ପାଣିପାଗ ପ୍ରଭାବ ରହିଛି । ଏହା ତିନି ଉପାୟରେ ସଂଘଟିତ ହୋଇଥାଏ । ରୂପ ପୂର୍ଣ୍ଣ ପାଗ ଦ୍ୱାରା ପ୍ରାଣୀ ଏବଂ ଉଦ୍‌ଭିଦ ପ୍ରତ୍ୟକ୍ଷଭାବରେ ରୋଗାକ୍ରାନ୍ତ ହୋଇଥାଆନ୍ତି କିମ୍ବା ପ୍ରାଣୀମାନଙ୍କ କ୍ଷେତ୍ରରେ ପୁଷ୍ଟି ସାଧନରେ ଏହା ପ୍ରଭାବ ପକାଇଥାଏ । ସେଥିରେ ଦେଖାଯାଉଥିବା ଯାଦୁଆ ରୋଗ ଏବଂ ବିଭିନ୍ନ ପ୍ରାଣୀମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ରୋଗ ଜଳବାୟୁ ଦ୍ୱାରା ଘଟିଥାଏ । ତୃତୀୟତଃ ଜଳବାୟୁ ଯୋଗୁ ବିଭିନ୍ନ ରୋଗ ବ୍ୟାପିବାରେ ଦେଖାଯାଇଥାଏ । ଏପରିକି ବାୟୁ ଦ୍ୱାରା ବିଭିନ୍ନ ରୋଗ ଜୀବାଣୁ ଦୂରବର୍ତ୍ତୀ ଆଫ୍ରିକାରୁ ୟୁରୋପକୁ ମଧ୍ୟ ସହଜରେ ବହନ ହୋଇ ଆସିପାରେ । ମାତ୍ର ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏ ସମସ୍ୟାର ଦୂରୀକରଣ ଦିଗରେ ପ୍ରତିକାର ମୂଳକ ପଦକ୍ଷେପ ନିଆଗଲାଣି ।

ଶସ୍ୟ ସଂରକ୍ଷଣରେ ବିଭିନ୍ନ ରୋଗ ଜୀବାଣୁ ଦ୍ୱାରା ମଧ୍ୟ ଶସ୍ୟ ରୋଗ ବ୍ୟାପିବାର ପରିଲକ୍ଷିତ ହୋଇଥାଏ ଅନେକ ଉନ୍ନତଶୀଳ ରାଷ୍ଟ୍ରରେ ଶସ୍ୟ ସଂରକ୍ଷଣ ରୋଗ ଦେଖାଦେଇଥାଏ । ମାତ୍ର ବର୍ତ୍ତମାନ ପୃଥିବୀର ଖାଦ୍ୟ ସମସ୍ୟାକୁ ଦେଖିଲେ ତଦ୍ରୂପ କ୍ଷତି ଅପୂରଣୀୟ । ଦୁର୍ଭାଗ୍ୟର ବିଷୟ ଯେ, ଏହି କ୍ଷତି ନିମନ୍ତେ ଆମ୍ଭେ ନିଜେହିଁ ଦାୟୀ । ବେଶୀ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ରସାୟନ ସାମଗ୍ରୀ ଦ୍ୱାରାହିଁ ଏହି ରୋଗ ଦେଖାଦେଇଥାଏ । ବିଭିନ୍ନ ଅତ୍ୟାଧୁନିକ ବିହନର ବ୍ୟବହାର, ବହୁଳ କୃଷି, ଗୋଟିଏ ଜମିରେ ବର୍ଷରେ ଏକାଧିକ ଫସଲ ଆମଦାନୀ, ପ୍ରସାରିତ ସେଚ ବ୍ୟବସ୍ଥା ଏବଂ ରସାୟନ ସାରହିଁ ଏହି ରୋଗର କାରଣ ।

କିଛି ବର୍ଷ ତଳେ ଅତ୍ୟାଧୁନିକ କୃଷି ଯେ "ଜଳବାୟୁ ନିୟନ୍ତ୍ରିତ" ବୋଲି ଲୋକ ମୁହଁରୁ ଶୁଣାଯାଉଥିଲା ତାହା ଅଜି ନାହିଁ । ବିଶ୍ୱରେ ଦେଖା ଦେଇଥିବା ଖାଦ୍ୟ ସମସ୍ୟା ଯୋଗୁଁ ଦ୍ରୁତ ଏବଂ ବହୁଳ ଶସ୍ୟ ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା । ମାତ୍ର ଖାଦ୍ୟର ମାନ କମି ଗଲାଣି ବୋଲି ୧୯୭୪ ମସିହାରେ ହୋଇଥିବା ବିଶ୍ୱ ଖାଦ୍ୟ ସମ୍ମିଳନୀ ପ୍ରକାଶ ପାଇଲା । ତେଣୁ କୃଷିର ଉନ୍ନତି ତଥା ଉନ୍ନତ ମାନର ଖାଦ୍ୟଶସ୍ୟ ଉତ୍ପାଦନ କରି ବିଶ୍ୱର ଖାଦ୍ୟ ସମସ୍ୟା ସମାଧାନ କରିବାକୁ ହେଲେ କୃଷିଭିତ୍ତିକ ପାଣିପାଗ ବିଜ୍ଞାନ ଉପରେ ନିର୍ଭର କରିବାକୁ ପଡ଼ିବ । କୃଷି କ୍ଷେତ୍ରରେ ବିଭିନ୍ନ ସମସ୍ୟା ପାଣିପାଗ ବିଜ୍ଞାନ ଦ୍ୱାରା ନିୟନ୍ତ୍ରିତ ହେବା ଆବଶ୍ୟକ ।

ପୃଥିବୀର କ୍ରମ ବର୍ଦ୍ଧିଷ୍ଣୁ ମାନବ ସମାଜର ଖାଦ୍ୟ ଚାହିଦା ମେଣ୍ଟାଇବା ତଥା ଉନ୍ନତ ମାନର ପୁଷ୍ଟିକର ଖାଦ୍ୟ ଯୋଗାଇବା ନିମନ୍ତେ ପୁରାତନ ପଦ୍ଧତିରେ କୃଷି ଚଳାଇଲେ ଖାଦ୍ୟ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ତେଣୁ କୃଷି ନିମନ୍ତେ କେତେକ ବିଜ୍ଞାନ ସମ୍ମତ ପଦ୍ଧତି ନିର୍ଣ୍ଣୟ ହୋଇଛି । ଏହି ଆଧୁନିକ ପଦ୍ଧତି ଗୁଡ଼ିକ ମଧ୍ୟରେ କୃଷିଭିତ୍ତିକ ପାଣିପାଗ ବିଜ୍ଞାନ ଅନ୍ୟତମ । ଏହି ବିଜ୍ଞାନର ସୂଚନା ସାହାଯ୍ୟରେ କୃଷି କ୍ଷେତ୍ରରେ ଦେଖାଯାଉଥିବା ଶସ୍ୟ ନଷ୍ଟ, କ୍ଷତି, ଉତ୍ପାଦନ ହ୍ରାସ ଆଦି ସମସ୍ୟା ସହଜରେ ଦୂରୀଭୂତ ହୋଇପାରିବ । □

ବିଜ୍ଞାପନ ହାର

ପୁରା ପୃଷ୍ଠା	—୧,୦୦୦ ଟଙ୍କା
ଅଧା ପୃଷ୍ଠା	— ୬୦୦ ଟଙ୍କା
ଚଉଠ ପୃଷ୍ଠା	— ୩୦୦ ଟଙ୍କା
ଏକ କଲମ	— ୪୦୦ ଟଙ୍କା
ସର୍ବନିମ୍ନ	— ୧୦୦ ଟଙ୍କା

Images: Aptakama Mishra, Processing: Srujanika

(୩୯ ପୃଷ୍ଠାର ଅବଶିଷ୍ଟାଂଶ)

ପୂର୍ବରୁ ନାଗରିକ ମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ଫେରାଇ ଦେବା ତଥା ସୁପ୍ରିମକୋର୍ଟର କର୍ତ୍ତୃତ୍ୱକୁ ବ୍ୟାପକ କରିବାକୁ ଶ୍ରୀ ଏରସାଦ ରାଜି ହୋଇଥିଲେ । କିନ୍ତୁ ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା କରାଯିବା ପୂର୍ବରୁ ଏ ଦିଗରେ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରାଗଲା ନାହିଁ ।

ସାତଦଳୀୟ ମେଣ୍ଟ ମଧ୍ୟ ୧୫ ଦଳୀୟ ମେଣ୍ଟ ମନୋଭାବକୁ ସମର୍ଥନ କରି ୫ଦଫା ଦାବୀ ଅନୁଯାୟୀ ଦେଶରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା କରାଯାଉ ବୋଲି ଆହ୍ୱାନ କଲା ।

୫ଟି ଦାବୀ କଣ ?

୧୯୮୪ ମସିହା ଏପ୍ରିଲ ୧୧ ତାରିଖ ଦିନ ଶେଖ୍ ହାସିନା ଓ୍ୱାଜେଦ ମୁଖ୍ୟ ସାମରିକ ଶାସନକର୍ତ୍ତାଙ୍କ ସହିତ ସାଢ଼େ ତିନିଘଣ୍ଟା ଆଲୋଚନା କରିଥିଲେ । ଏ ଆଲୋଚନା ବେଳେ ସାମ୍ମୁଖ୍ୟ ପକ୍ଷରୁ ଏକ ଦୁଇପୃଷ୍ଠା ସମ୍ବଳିତ ଲିଖିତ ବକ୍ତୃତା ସେ ପାଠ କରିଥିଲେ ଯେଉଁଥିରେ ଉକ୍ତ ବହୁ ଚର୍ଚ୍ଚିତ ୫ଟି ନୂଆଦାବୀ ଥିଲା । ସେହି ପାଞ୍ଚଟି ଦାବୀହେଲା (୧) ସାମରିକ ଅଦାଲତ ପକ୍ଷରୁ ୧୪ଜଣ ଛାତ୍ର ନେତାଙ୍କୁ ଦିଆ ଯାଇଥିବା ଦଣ୍ଡାଦେଶ ପ୍ରତ୍ୟାହାର (୨) ଟ୍ରେଡ୍ ୟୁନିଅନ୍ ଆନ୍ଦୋଳନ ଉପରେ ଲାଗୁ କରାଯାଇଥିବା କଟକଣା ପ୍ରତ୍ୟାହାର (୩) ଯେଉଁସବୁ ରାଜନୈତିକ ବନ୍ଦୀମାନଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି ଏବଂ ଅନୁରୂପ କଠିନ ଦଣ୍ଡ ଦିଆଯାଇଛି ସେମାନଙ୍କୁ ଖଲାସ କରିବା ଏବଂ ସୁପ୍ରିମକୋର୍ଟରେ ଦଣ୍ଡାଦେଶ ବିରୁଦ୍ଧରେ ଅପିଲ କରିବାର ଅଧିକାର ଲୋକଙ୍କୁ ଦେବା (୪) ଶ୍ରମିକ ନେତା ତାଜୁଲ ଇସ୍ଲାମଙ୍କୁ ହତ୍ୟା କରିଥିବା ଗୁଣ୍ଡାସର୍ଦ୍ଦାର ସାଦ୍ଦକୁ ଗିରଫ କରି ତାଙ୍କୁ ଉପଯୁକ୍ତ ଦଣ୍ଡଦେବା ଏବଂ (୫) ଶିକ୍ଷାନୁଷ୍ଠାନ ଭିତରେ ଛାତ୍ର ଓ ଶିକ୍ଷକମାନଙ୍କ ନିରାପତ୍ତା ରକ୍ଷାକରିବା ଏବଂ ମଇମନ୍ ସିଂହ ବିଶ୍ୱବିଦ୍ୟାଳୟରେ ହୋଇଥିବା ଘଟଣାର ତଦନ୍ତ କରିବା ।

ପୂର୍ବରୁ ୧୫ଦଳରେ ମେଣ୍ଟପକ୍ଷରୁ ଯେଉଁ ୫ଟି ଦାବୀ ଆଗତ କରାଯାଇଥିଲା ତାହା-ଭିତରେ ସମ୍ବାଦପତ୍ର ଉପରୁ କଟକଣା ଉଠାଇ ନେବା, ଅବାଧ ରାଜନୈତିକ କାର୍ଯ୍ୟକଳାପର ସୁଯୋଗ ଦେବା, ୧୯୭୫ ମସିହା ପରଠାରୁ ଶ୍ରମିକ ଓ ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ହୋଇଥିବା ମକଦ୍ଦମା ସବୁ ପ୍ରତ୍ୟାହାର କରିବା ତଥା ସାମରିକ ଶାସନ ଉଠାଇଦେବା ଅନ୍ତର୍ଭୁକ୍ତ ଥିଲା । ସାତଦଳୀୟ ମେଣ୍ଟର ନେତ୍ରୀ ମଧ୍ୟ ଉକ୍ତ ୫ଦଫା ଦାବୀକୁ ସମର୍ଥନ କରି ନିର୍ବାଚନ ପୂର୍ବରୁ ସୈନ୍ୟମାନେ ଛାଉଣୀକୁ ଫେରି ଯାଆନ୍ତୁ ବୋଲି ଆହ୍ୱାନ କରିଥିଲେ ।

ତୃତୀୟ ଗୋଷ୍ଠୀ ଜାତୀୟ ଐକ୍ୟ ସାମୁଖ୍ୟ ୧୯୮୩ ମସିହା ନଭେମ୍ବର ମାସରୁ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରି ଦେଶରୁ ସାମରିକ ଶାସନ ପ୍ରତ୍ୟାହାର କରି ପାର୍ଲିମେଣ୍ଟ ନିମନ୍ତେ ନିର୍ବାଚନ କରିବାକୁ ଦାବୀ କରିଥିଲେ ।

ବିରୋଧୀ ଦଳ ନେତାମାନଙ୍କ ସହି ଦୁଇମାସ କାଳ ଆଲୋଚନା କରିବା ପରେ ଜେନେରାଲ ଏରସାଦ ଚଳିତବର୍ଷ ମେ ୧୨ ତାରିଖଦିନ କହିଲେ ଯେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ସମ୍ପର୍କରେ ବିଭିନ୍ନ ମେଣ୍ଟପକ୍ଷରୁ ଭିନ୍ନ-ଭିନ୍ନ କଥା କୁହାଯାଉଛି । ଗୋଟିଏ ମେଣ୍ଟ ପ୍ରଥମେ ରାଷ୍ଟ୍ରପତି ନିର୍ବାଚନ ଚାହୁଁଥିଲାବେଳେ ଅନ୍ୟଏକ ମେଣ୍ଟ ରାଷ୍ଟ୍ରପତି ଓ ପାର୍ଲିମେଣ୍ଟ ନିର୍ବାଚନ ଏକାବେଳକେ ହେବା ଚାହୁଁଛନ୍ତି । ତୃତୀୟ ଗୋଷ୍ଠୀ କେବଳ ଯେନ ତେନ ପ୍ରକାରେଣ ନିର୍ବାଚନ ହେଉବୋଲି କହୁଥିବା କହୁଥିବା ବେଳେ ୪ର୍ଥ ଗୋଷ୍ଠୀ ସାମରିକ ଆଇନ୍ ତଳରେ ଏକ ସାର୍ବଭୌମ୍ୟ ପାର୍ଲିମେଣ୍ଟ ପ୍ରତିଷ୍ଠା ହେବା ଚାହାନ୍ତି ।

୧୫ ଦଳୀୟ ମେଣ୍ଟ ୧୯୭୨ ମସିହା ସମ୍ବିଧାନର ପୁନଃପ୍ରବର୍ତ୍ତନ ସାଙ୍ଗକୁ ପାର୍ଲିମେଣ୍ଟାରୀ ପଦ୍ଧତୀୟ ସରକାର ପ୍ରତିଷ୍ଠା ହେବା ଚାହାନ୍ତି । ଅପର ପକ୍ଷରେ ସାତ ଦଳୀୟ ମେଣ୍ଟ ସେହି ସମ୍ବିଧାନର ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରତିଷ୍ଠା ହେବା ଚାହାନ୍ତି ।

୧୯୭୨ ମସିହାର ସମ୍ବିଧାନ

ବଙ୍ଗଳା ଦେଶ ପାକିସ୍ଥାନ ଶାସକଙ୍କ କବଳରୁ ନିଜକୁ ମୁକ୍ତ କଲାପରେ ୧୯୭୨ ମସିହାରେ ଯେଉଁ ସମ୍ବିଧାନ ପ୍ରଣୟନ କରିଥିଲା ସେଥିରେ ପ୍ରଶାସନ କ୍ଷମତା ମନ୍ତ୍ରୀମଣ୍ଡଳ ହାତରେ ନ୍ୟସ୍ତ କରାଯାଇଥିଲା ଯିଏକି ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପାର୍ଲିମେଂଟ ନିକଟରେ ଦାୟୀରହିବ । ଭାରତୀୟ ସମ୍ବିଧାନ ଢାଞ୍ଚାରେ ଏହା ସେଠାରେ ଗଢ଼ା ଯାଇଥିଲା ।

୩୧୪ଜଣ ସଦସ୍ୟ ବିଶିଷ୍ଟ ବଙ୍ଗଳାଦେଶ ପାର୍ଲିମେଂଟରେ ଆଓ୍ୱାମି ଲିଗର ସଂଖ୍ୟା ଥିଲା ୩୦୭ । ସେହି ପାର୍ଲିମେଂଟରେ ୧୯୭୫ ଜାନୁୟାରୀ ୨୫ତାରିଖ ଦିନ ସମ୍ବିଧାନ ସଂଶୋଧନ କରାଯାଇ ରାଷ୍ଟ୍ରପତିଭିତ୍ତିକ ଏକ-ଦଳୀୟ ସରକାର ବ୍ୟବସ୍ଥାର ପ୍ରବର୍ତ୍ତନ କରାଗଲା । ଏହି ସଂଶୋଧିତ ସମ୍ବିଧାନ ଅନୁଯାୟୀ ଜାନୁୟାରୀ ୨୬ତାରିଖ ଦିନ ଶେଖ୍ ମୁଜିବ୍ ରାଷ୍ଟ୍ରପତି ରୂପେ ଦାୟିତ୍ୱନେଲେ ଏବଂ ଫେବୃୟାରୀ ୨୫ତାରିଖ ଦିନ ସେ ଏକ ନୂତନ ଦଳ ଗଠନକଲେ ଯାହାର ନାମ ରଖାଗଲା ବଙ୍ଗଳାଦେଶ କୃଷକ ଶ୍ରମିକ ଆଓ୍ୱାମୀ ଲିଗ ବା ସଂକ୍ଷେପରେ ବକସାଲ । ଏ ଦଳ ଗଠିତ ହେବାପରେ ଅନ୍ୟ ସମସ୍ତ ରାଜନୈତିକ ଦଳଗୁଡ଼ିକୁ ଭାଙ୍ଗି ଦିଆଗଲା ।

ଏହା ପରେ ସେହିବର୍ଷ ଅଗଷ୍ଟ ୧୫ ତାରିଖ ଦିନ ଶେଖ୍ ମୁଜିବଙ୍କୁ ହତ୍ୟା କରାଗଲା ଏବଂ ତା ପରଠାରୁ ରାଷ୍ଟ୍ରପତି ପଦ ନିମନ୍ତେ ଦୁଇଥର ନିର୍ବାଚନ ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି । କିନ୍ତୁ ଆଓ୍ୱାମୀଲୀଗ ଏବେ ପାର୍ଲିମେଣ୍ଟାରି ଢାଞ୍ଚାରେ ସରକାର ପ୍ରତିଷ୍ଠା ହେବା ଚାହୁଁଛି । ଏଦଳର ଏକ ଗୋଷ୍ଠୀ ଏହା ନଚାହିଁ ବକ୍ସାଲର ପୁନରୁତ୍ଥାନ ପାଇଁ ଚେଷ୍ଟା କରୁଛନ୍ତି ।

୧୯୭୫ ନଭେମ୍ବର ୮ତାରିଖ ଦିନ ରାଷ୍ଟ୍ରପତି ସାୟେମ ୧୯୭୨ ମସିହାର ଏହି ସମ୍ବିଧାନକୁ ରଦ୍ଦକରି ଦେଇଥିଲେ । କିନ୍ତୁ ପରେ ଅର୍ଥାତ୍ ୧୯୭୮ ମସିହା ଡ଼ିସେମ୍ବର ୧୫ ତାରିଖରେ ଜେନେରାଲ ଜିଆ ଏହାକୁ ପୁଣିଥରେ କାଏମ ରଖି ଶେଖ୍ ମୁଜିବ୍ ସେଥିରେ ଯେଉଁସବୁ ସଂଶୋଧନ ମାନ କରିଥିଲେ ସେ ସବୁକୁ ବାତିଲ କରିଦେଲେ । ବର୍ତ୍ତମାନ୍ର ରାଷ୍ଟ୍ରପତି ଲେଫ୍ଟନାଣ୍ଟ ଜେନେରାଲ ଏରସାଦ୍ ୧୯୮୨ ମାର୍ଚ୍ଚ ୨୪ତାରିଖ ଦିନ ଏକ ସାମରିକ ବିଦ୍ରୋହ ମାଧ୍ୟମରେ ରାଷ୍ଟ୍ରପତି ଅବଦୁଲ ସତ୍ତାରଙ୍କୁ କ୍ଷମତାଚ୍ୟୁତ କରିବାପରେ ଏହି ସମ୍ବିଧାନକୁ ଅସ୍ଥାୟୀଭାବେ ରଦ୍ଦ କରିଦେଲେ ।

ଏରସାଦଙ୍କ ନୂଆ ସମ୍ବିଧାନ

ଏହା ପରଠାରୁ ଜେନେରାଲ ଏରସାଦ୍ ସେ ଦେଶରେ ଇସଲାମଧର୍ମକୁ ଭିତ୍ତିକରି ଏକ ନୂତନ ସମ୍ବିଧାନ ପ୍ରଣୟନ କରିବାକୁ ଉଦ୍ୟମ କରୁଥିବାର ସୂଚନା ବହୁବାର ଦେଇଛନ୍ତି

Images: Aptakama Mishra, Processing: Srujanika

ଯେଉଁଥିରେ କି ସୈନ୍ୟ ବାହିନୀର ମଧ୍ଯ ଶାସନକ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଭୂମିକା ରହିବ । କୋରାନ୍ ଓ ଇସଲାମ ଧର୍ମକୁ ଭିତ୍ତିକରି ଏହି ସମ୍ବିଧାନ ପ୍ରଣୀତ ହେବବୋଲି ସେ ୧୯୮୨ ଡିସେମ୍ବର ୨୨ତାରିଖ ଦିନ ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେଲେ ।

ଏହା ପରଠାରୁ ବିଭିନ୍ନ ସଭାସମିତି ମାନଙ୍କରେ ଭାଷଣ ଦେଇ ସେ ଏହା କହିଆସୁଛନ୍ତି ଏବଂ ପାକିସ୍ଥାନରେ ପ୍ରବର୍ତ୍ତିତ ସମ୍ବିଧାନ ଆମର ଆଦର୍ଶନୁହେଁ ବୋଲି ମଧ୍ଯ ସେ ସ୍ପଷ୍ଟ କହି ଦେଇଛନ୍ତି । ବଙ୍ଗଳା ଦେଶରେ ପ୍ରବର୍ତ୍ତିତ ହେବାକୁ ଥିବା ଇସ୍‌ଲାମୀୟ ସମ୍ବିଧାନରେ ଚୋରିପାଇଁ ହାତକଟିବା ବା ଅନ୍ୟକୌଣସି ଅପରାଧ ପାଇଁ ମୁଣ୍ଡକାଟ ଆଦିର ଅମାନୁଷିକ ବ୍ୟବସ୍ଥା ରହିବନାହିଁ । ଅଥଚ ପିଲମାନଙ୍କୁ କର୍ଷ ବୟସ ହେବାବେଳକୁ ସେମାନଙ୍କୁ ଧର୍ମ ସମ୍ବନ୍ଧରେ ଶିକ୍ଷା ଦିଆଯିବ ।

ନୂଆଦିଲ୍ଲୀରେ ଅନୁଷ୍ଠିତ ନିରପେକ୍ଷ ରାଷ୍ଟ୍ର ଶିଖର ସମ୍ମିଳନୀରେ ଯୋଗଦେବାକୁ ଆସିଥିବାବେଳେ କଲିକତାରେ ୧୯୮୩ ମାର୍ଚ୍ଚ ୧୩ତାରିଖ ଦିନ ସେ ସମ୍ବାଦିକ ମାନଙ୍କୁ କହିଥିଲେ କି ତାଙ୍କ ଦେଶରେ କୌଣସି ନିଷ୍ପତ୍ତି ନେବା କ୍ଷେତ୍ରରେ ସାମରିକ ବାହିନୀର ମଧ୍ୟ ଏକ ଭୂମିକା ରହିଛି । ଏହାକୁ ଅସ୍ୱୀକାର କରିବା ଫଳରେ ଅତୀତରେ ଶେଖ୍‌ମୁଜିବ ଓ ଜିଆଉର ରହମାନ୍ ନିହତ ହୋଇଛନ୍ତି । ମୁଁ ସେ ଘଟଣାର ପୁନରାବୃତ୍ତି ହେବା ଚାହେଁ ନାହିଁ ।

ଭାରତବର୍ଷରେ ଏକ ପରିପକ୍ୱ ରାଜନୈତିକ ନେତୃତ୍ୱ ଥିବାରୁ ସେଠାକଥା ଭିନ୍ନ । କିନ୍ତୁ ବଙ୍ଗଳା ଦେଶରେ ପରିପକ୍ୱ ରାଜନୈତିକ ନେତୃତ୍ୱ ଅଭାବଯୋଗୁ ସେନା ବାହିନୀର ଭୂମିକାକୁ ସମ୍ବିଧାନ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ । ତାଙ୍କମତରେ ପୂର୍ବରୁ ସେନା ବାହିନୀର ଆଚରଣୀୟତା ପ୍ରମାଣ କରାଯାଇ ପାରିନଥିବାରୁ ଦୁଇଜଣ ରାଷ୍ଟ୍ରପତି ନିହତ ହୋଇଥିଲେ । ପ୍ରତିରକ୍ଷା ସହିତ ଦେଶର ପ୍ରଶାସନ କ୍ଷେତ୍ରରେ ମଧ୍ଯ ସୈନ୍ୟବାହିନୀର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ଏହି ଭୂମିକାର ରୂପରେଖ ସ୍ଥିର କରିବା ଉଦ୍ଦେଶ୍ୟରେ ଇଣ୍ଡୋନେସିଆ, ଥାଇଲଣ୍ଡ, ଫିଲିପାଇନସ୍, ତୁର୍କୀ ଓ ଶ୍ରୀଲଙ୍କାର ସମ୍ବିଧାନ ମାନ ଅନୁଧ୍ୟାନ କରିବାକୁ ସେ ବିଶେଷଜ୍ଞମାନଙ୍କୁ ପଠାଇଛନ୍ତି ବୋଲି ବି, ବି. ସି ପକ୍ଷରୁ କୁହାଯାଇଥିଲା । ଏ ସମ୍ବାଦକୁ ବଙ୍ଗଳାଦେଶ ପକ୍ଷରୁ ଅସ୍ୱୀକାର କରାଯାଇ ନାହିଁ ।

ସେନା ବାହିନୀରେ ଏରସାଦ୍‌ଙ୍କ ସ୍ଥାନ

୧୯୭୮ ମସିହା ଡିସେମ୍ବର ୧ତାରିଖ ଦିନ ରାଷ୍ଟ୍ରପତି ଜିଆଉର ରହମାନ୍ ପଦାତିକ ବାହିନୀର ମୁଖ୍ୟରୂପେ ଜେନେରାଲ୍ ଏରସାଦଙ୍କୁ ଦାୟିତ୍ୱ ଦେଲେ । ତା ପୂର୍ବରୁ ଶ୍ରୀ ଏରସାଦ୍ ଜଣେ ମେଜର ଜେନେରାଲ ରୂପେ ସାମରିକ ବାହିନୀର ଉପମୁଖ୍ୟ ଥିଲେ । ରାଷ୍ଟ୍ରପତି ଜିଆ ନିଜେ ସାମରିକବାହିନୀ ସମୂହର ମୁଖ୍ୟ ବା କମାଣ୍ଡର ଇନ୍ ଚିଫ୍ ରୂପେ ରହିଲେ ।

କିନ୍ତୁ ରାଷ୍ଟ୍ରପତି ଜିଆଙ୍କ ନିଧନ ପରେ ଦେଶରେ ପ୍ରଶାସନରେ ସୈନ୍ୟବାହିନୀର ଏକ ନିର୍ଦ୍ଦିଷ୍ଟ ଭୂମିକା ଅଛି ବୋଲି ସେ ବରାବର କହିଆସୁଛନ୍ତି । ରାଷ୍ଟ୍ରପତି ଜିଆଙ୍କୁ ହତ୍ୟା କରିଥିବା ଅପରାଧରେ ୧୨ ଜଣ ସାମରିକ ଅଫିସରଙ୍କୁ ଫାଶୀଦଣ୍ଡ ଦିଆଯିବା ପରେ ସେଠାରେ ଯେପରି ପ୍ରତିକ୍ରିୟା ପ୍ରକାଶ ପାଇଲା ସେଥିରୁ ଜେନେରାଲ ଏରସାଦ୍ ଯେ ସେନା-ବାହିନୀର ଅକୁଣ୍ଠ ସମର୍ଥନ ପାଇଛନ୍ତି ଏହା କହିବା ଠିକ୍ ହେବନାହିଁ । ଅବଶ୍ୟ ତାଙ୍କ ପଛରେ ସୈନ୍ୟ ବାହିନୀର ଅକୁଣ୍ଠ ସମର୍ଥନ ଥିବା ଜେନେରାଲ ଏରସାଦ ବରାବର କହିଆସୁଛନ୍ତି କିନ୍ତୁ ନିଜ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଏହା ତାଙ୍କର ଏକ ପ୍ରଚ୍ଛନ୍ନ ଉଦ୍ୟମ ନୁହେଁ ତ ?

୧୨ ଜଣ ଅଭିଯୁକ୍ତ ସାମରିକ ଅଫିସରଙ୍କୁ ଫାଶୀ ଦିଆଗଲା ବେଳେ ସେଠାରେ ଉତ୍ତ୍ୟକ୍ତ ଜନତା ପକ୍ଷରୁ ଭଙ୍ଗାରୁଜା କାର୍ଯ୍ୟ ହୋଇଥିଲା ଏବଂ ରାସ୍ତାରେ ପୋଲିସ୍ ସହ ସେମାନଙ୍କର ସଂଘର୍ଷ ହୋଇଥିଲା । ସେହି ୧୨ ଜଣଙ୍କ କ୍ଷମା-ଭିକ୍ଷା ଆବେଦନ ପତ୍ରକୁ ତଦାନୀନ୍ତନ ରାଷ୍ଟ୍ର-ପତି ଅବଦୁସ୍ ସତ୍ତାର ଖାରଜ କରି ଦେଇଥିଲେ ଏବଂ ସାମରିକ ଅଦାଲତର ରାୟରେ ଆମେ ହସ୍ତକ୍ଷେପ କରିପାରିବୁ ନାହିଁ ବୋଲି ସେ ଦେଶର ସୁପ୍ରିମ କୋର୍ଟ ସେତେବେଳେ ମନ୍ତବ୍ୟ ଦେଇଥିଲେ ।

ଛୋଟ ବଡ଼ ୮ଟି ବିଦ୍ରୋହ

ଶେଖ୍ ମୁଜିବର ରହମାନଙ୍କ ନିଧନଠାରୁ ଆରମ୍ଭ କରି ଜିଆଉର ରହମନଙ୍କ ନିଧନ ପର୍ଯ୍ୟନ୍ତ ସେ ଦେଶରେ ଛୋଟବଡ଼ ଆଠଟି ସାମରିକ ବିଦ୍ରୋହ ସଂଗଠିତ ହୋଇଯାଇଛି । ଅଷ୍ଟମ ବିଦ୍ରୋହରେ ୧୯୮୧ ମେ ୩୦ ତାରିଖ ଦିନ ରାଷ୍ଟ୍ରପତି ଜିଆ ଚଟ୍ଟଗ୍ରାମ ଠାରେ ନିହତ ହେଲେ । ସେତେବେଳର ଉପରାଷ୍ଟ୍ରପତି ଅବଦୁସ୍ ସତ୍ତାର ଅସ୍ଥାୟୀ ରାଷ୍ଟ୍ରପତି ରୂପେ କାର୍ଯ୍ୟଭାର ଗ୍ରହଣ କଲେ ଏବଂ ଦେଶରେ ଜରୁରୀ କାଳୀନ ଅବସ୍ଥା ଜାରି କରି ଲୋକମାନଙ୍କ ମୌଳିକ ଅଧିକାର ଅସ୍ଥାୟୀ ଭାବେ ରଦ୍ଦକଲେ ।

ରାଷ୍ଟ୍ରପତି ଜିଆଉର ରହମନଙ୍କ ହତ୍ୟା ପରେ ସେ ବିଦ୍ରୋହର ନେତୃତ୍ୱ ନେଇଥିବା ମେଜର ଜେନେରାଲ୍ ମନ୍‌ଜୁର୍ ଅହମଦ ଚଟ୍ଟ-ଗ୍ରାମ ବେତାର ଜରିଆରେ ସେ ଦେଶ ପରି-ଚାଳନା କରିବା ପାଇଁ ଏକ ବିପ୍ଳବୀ ପରିଷଦ ଗଠନ କରିଥିବା ଘୋଷଣା କଲେ ଏବଂ ଭାରତ ସହ ବଙ୍ଗଳା ଦେଶର ହୋଇଥିବା ମୈତ୍ରୀ ଚୁକ୍ତି ରଦ୍ଦ କଲେ । ଏଥିରୁ ତାଙ୍କର ଭାରତ ବିରୋଧୀ ମନୋଭାବ ସ୍ପଷ୍ଟ । କିନ୍ତୁ ଢାକାରେ କ୍ଷମତା ଦଖଲ ପାଇଁ ତାଙ୍କ ଯୋଜନାର ସେ କୌଣସି ଆଭାସ ଦେଇ ନଥିଲେ ।

ବିଦ୍ରୋହର ମାତ୍ର ୫ ଦିନ ପରେ ମେଜର ଜେନେରାଲ ମନ୍‌ଜୁରଙ୍କୁ ଗିରଫ କରାଗଲା ଏବଂ ତାଙ୍କୁ ଖଲାସ କରିନେବା ପାଇଁ ଦଳେ ବିଦ୍ରୋହୀ ସୈନ୍ୟ ଚେଷ୍ଟା କରୁଥିବା ବେଳେ ଗୁଳି ବିନିମୟରେ ସେ ନିହତ ହେଲେ । ଜିଆଉର ରହମନଙ୍କ ମୃତ୍ୟୁ ପରେ ସେ ଦେଶରେ ପ୍ରତିଷ୍ଠିତ ହୋଇଥିବା ଶାସନସ୍ଥିରତାରେ ଏକ ତରଙ୍ଗ ସୃଷ୍ଟି ହେଲା । ତାଙ୍କର ମୃତ୍ୟୁ ପରେ ୧୯୮୧ ନଭେମ୍ବର ମଧ୍ୟରେ ଏକ ନିର୍ବାଚନ ଜରିଆରେ ଅବଦୁସ ସତ୍ତାର ସେ ଦେଶର ରାଷ୍ଟ୍ରପତି ରୂପେ ଅଧିଷ୍ଠିତ ହେଲେ । ଏ ନିର୍ବାଚନରେ ବହୁତ ଜାଲ୍ ଭୋଟ ଦିଆଯାଇଛି ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ମଧ୍ଯ କରାଯାଇଥିଲା । କିନ୍ତୁ ସତ୍ତାରଙ୍କ ସରକାର ବେଶି ଦିନ ତିଷ୍ଠିଲା ନାହିଁ । ଲେଫଟେନାଣ୍ଟ ଜେନେରାଲ ଏରସାଦ ଏକ ସାମରିକ ବିଦ୍ରୋହ ଜରିଆରେ ପୁଣି ମାର୍ଶାଲ ଶାସନ ଜାରି କଲେ । ଏବଂ ୧୯୮୩ ମସିହାରେ ସେ ନିଜକୁ ରାଷ୍ଟ୍ରପତି ନିଯୁକ୍ତ କରି ସି.ଇନ୍.ସି ବା ମିଳିତ ସେନା ବାହିନୀର ମୁଖ୍ୟ ସେନାପତି ରୂପେ ନିଜର ଚାକିରି କାଳ ଆଉ ଦୁଇ ବର୍ଷ ବଢ଼ାଇ ଦେଲେ, ତଦନୁଯାୟୀ ସେ ୧୯୮୦ ମସିହା ଡିସେମ୍ବର ମାସରେ ସେ ସେନା ବାହିନୀରୁ ଅବସର ନେବେ ।

କିନ୍ତୁ ରାଷ୍ଟ୍ରପତି ହେବା ପରେ ସେ ମାସରେ ଏହି ପଦ ପାଇଁ ନିର୍ବାଚନ ହେବ

Images: Aptakama Mishra, Processing: Srujanika

ଆପଣଙ୍କ ରାଶିଫଳ

ଆଚାର୍ଯ୍ୟ ବସନ୍ତ ଭୂଷଣ

ମେଷ:—ଏ ମାସଟି ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭକାରକ ହେବ । ମାନସିକ ଶାନ୍ତି ପାଇବେ । ଧର୍ମ ପରାୟଣ ହେବ, ଆଧ୍ୟାତ୍ମିକ ଶକ୍ତି ବିଷୟରେ ଜାଣିବା ପାଇଁ ବ୍ୟଗ୍ରହେବେ । ସାଂସ୍କୃତିକ କର୍ମପ୍ରତି ଆକୃଷ୍ଟ ହେବେ । ରାଜନୈତିକ ଜୀବନରେ ଅନେକ ବାଧା ବିଘ୍ନ ଆସୁଥିଲେ ମଧ୍ୟ ଉପର ମହଲରୁ ଯଥେଷ୍ଟ ଉତ୍ସାହ ପାଇ ପାରିବେ, ସାମାଜିକ କାର୍ଯ୍ୟ ତତ୍ପରତା ଯୋଗୁ ପ୍ରଶଂସା ଭାଜନ ହେବେ ପାରିବାରିକ ଓ ଆନୁଷ୍ଠାନିକ କର୍ମରେ କିଛି ବ୍ୟୟ କରି ପ୍ରିୟଭାଜନ ହେବା ସଙ୍ଗେ ସଙ୍ଗେ ଉନ୍ନତିକର କାର୍ଯ୍ୟରେ ନିଜକୁ ନିୟୋଜିତ କରି ପାରିବେ । କର୍ମ କ୍ଷେତ୍ରରେ ଅନେକ ଦିନର ଆଶାପୂରଣ ହେବ । ଚାକିରିରେ ପଦୋନ୍ନତି କିମ୍ବା ଉଚ୍ଚ କର୍ମଚାରୀଙ୍କ ଠାରୁ ପ୍ରଶଂସା ପାଇ ପାରିବେ, ବ୍ୟବସାୟ ବାଣିଜ୍ୟରେ ଲାଭ ହେବ । ଲୌହ ଓ ତରଳ ପଦାର୍ଥର ବ୍ୟବସାୟରେ ଖୁବ୍ ଲାଭବାନ ହୋଇ ପାରିବେ । ଅଧ୍ୟାତ୍ମିକ ଚିନ୍ତା ବୃଦ୍ଧି ପାଇବା ସଙ୍ଗେ କଳା ସାହିତ୍ୟ ଓ ଦେଶଭ୍ରମଣ ପ୍ରତି ମନ ବଳାଇବେ, ମନରେ ରାଜସିକ ପ୍ରବୃତ୍ତି ଦେଖା ଦେବ ଓ ପ୍ରେମରେ ମଧ୍ୟ ପଡ଼ିପାରନ୍ତି । ସ୍ୱାସ୍ଥ୍ୟ ଭଲ ରହିବ, ପରିବାରରେ ଅନ୍ୟ କାହାର ସ୍ୱାସ୍ଥ୍ୟ ନେଇ ସାମାନ୍ୟ ଝଞ୍ଜାଳ ଦେଖାଦେଇ ପାରେ । ନାରୀମାନେ ସୁଖ ସମୃଦ୍ଧିରେ ସମୟ କାଟିବେ । ଛାତ୍ରମାନେ ଗବେଷଣା ପୂର୍ଣ୍ଣ ଶିକ୍ଷାରେ ନିଜକୁ ନିୟୋଜିତ କରିବେ ।

ବୃଷ:—ଏ ମାସଟି ଆପଣଙ୍କର ମାନସିକ ଅସ୍ଥିରତା, ସାମାଜିକ ଭୟ ବ୍ୟବସାୟିକ ଝଞ୍ଜାଳ ଓ ପାରିବାରିକ ଦୁଶ୍ଚିନ୍ତା ଦେଖାଦେବ, ଆପଣ ଅନେକ କାର୍ଯ୍ୟରେ ହାତଦେଇ କେଉଁଥିରେ ଫଳ ପ୍ରଦ ହେବାର ସ୍ଥିରତା ହାସଲ କରିପାରିବେ ନାହିଁ । ସାମାଜିକ ଅସ୍ଥିରତା ମଧ୍ୟରେ ଶତ୍ରୁଭୟ ଓ ବହୁ ଅପ୍ରୀତିକର ପରିସ୍ଥିତି ଓ ବନ୍ଧୁମାନଙ୍କ ଦ୍ୱାରା କୁପରିଚାଳିତ ହୋଇ କ୍ଷୟ କ୍ଷତିରେ ପଡ଼ିପାରନ୍ତି । ମାନ ସମ୍ମାନ ମଧ୍ୟ ହାନି ହୋଇପାରେ, ବ୍ୟବସାୟ ବାଣିଜ୍ୟରେ ଆଶାନୁରୂପ ଫଳ ହେବନାହିଁ, ପାରିବାରିକ ଝଞ୍ଜାଳ ସହିତ ଶରୀରରେ କଫ ମଧ୍ୟ ଲାଗିରହିବ, ବୃଥା ଭ୍ରମଣ ଓ ଅଯଥା ବ୍ୟୟ ମଧ୍ୟ ଦେଖାଦେବ । ରାଜନୈତିକ କ୍ଷେତ୍ରରେ ମାନସମ୍ମାନ ହରାଇବେ ଓ ସାମାଜିକ କର୍ମର ଅଧୋପତନ ଦେଖା ଦେବ । ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ, ଶାରୀରିକ ସ୍ୱାସ୍ଥ୍ୟଯୋଗୁ ଅନେକ ବ୍ୟୟ ମଧ୍ୟ କରିବେ, ନିଜ ଲୋକମାନେ ସମୟରେ ଆପଣଙ୍କୁ ହତାଶ କରିପାରନ୍ତି, ଛାତ୍ରମାନଙ୍କର ଆଶା ପୂର୍ଣ୍ଣ ହୋଇ ନପାରେ, ମହିଳାମାନେ ଧର୍ମାନୁରାଗୀ ହେବେ ଓ ଧର୍ମଭୟ ରହିବ ।

ମିଥୁନ:—ଏ ମାସରେ ଆପଣ ଅନେକ ବୃଥା ଆଶା ଓ ସ୍ୱପ୍ନ ଦେଖିପାରନ୍ତି, କିନ୍ତୁ ସେଗୁଡ଼ିକ ସଫଳ ହେବା ପାଇଁ ଅନେକ ବାଧା ବିଘ୍ନ ଦେଖାଦେବ, ମନରେ ସର୍ବଦା ବୃଥା ଆଶାନେଇ ଅହେତୁକ ଭୟ ଦେଖାଦେବ, ସ୍ୱଜନେ ଅପ୍ରିୟ ହୋଇଯିବେ, କର୍ମ କ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀ ତଥା ସହକର୍ମୀମାନଙ୍କ ସହିତ ସେତେ ଭଲପଡ଼ିବ ନାହିଁ । ବ୍ୟବସାୟ ବାଣିଜ୍ୟ ସେତେ ଲାଭଜନକ ହୋଇ ପାରିବ ନାହିଁ, ଆପଣ କାହାରିକୁ ସହଜରେ ବିଶ୍ୱାସ କରିବେନାହିଁ । ସାମାନ୍ୟ କୁଟିଳମନା ହୋଇଯିବେ । ରାଜନୀତି କ୍ଷେତ୍ରରେ ଶତ୍ରୁତା ଓ ମନୋ ମାଳିନ୍ୟ ଘଟିପାରେ । ଆପଣ ସାମାନ୍ୟ ସ୍ୱାର୍ଥପର ହୋଇପାରନ୍ତି, ବ୍ୟକ୍ତିଗତ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱଦେବେ ଓ ସ୍ୱାର୍ଥପରତା ଯୋଗୁ ଆପଣ ଅନ୍ୟ ମାନଙ୍କର ଚକ୍ଷୁଶୂଳ ଓ ଈର୍ଷାର ପାତ୍ରହେବେ । ସାହିତ୍ୟ କଳାପ୍ରତି ଆପଣଙ୍କ ଯଥେଷ୍ଟ ଶ୍ରଦ୍ଧା ରହିବ, ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରି ପାରିବେ,



କର୍କଟ — ଏ ମାସଟି ଆପଣଙ୍କର ଅଯଥା ବ୍ୟୟ, କାର୍ଯ୍ୟହାନି, ମନସ୍ତାପ, ଶରୀର ପିଡ଼ା, ଶତ୍ରୁଭୟ, ଚୌରଭୟ ଓ ନିନ୍ଦାନିନ୍ଦା ଦେଖା ଦେବ । କର୍ମ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଠାରୁ ବଡ଼ ଆଶା ପାଇଲେ ମଧ୍ୟ ଆପଣଙ୍କୁ ଠିକ୍ ସମୟରେ ନିରୁତ୍ସାହିତ କରି ପାରନ୍ତି । ନିଜ ଲୋକମାନଙ୍କ ସହିତ ମନୋମାଳିନ୍ୟ ଦେଖାଦେବ । ଚାକିରି କ୍ଷେତ୍ରରେ ସହକର୍ମୀମାନେ

ବୋଲି ସେ ଜଣେ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବାରୁ ସେ ପାକିସ୍ତାନ ସାମରିକ ଶାସକଙ୍କ ନୀତି ଅବଲମ୍ବନ କରୁଛନ୍ତି ବୋଲି ସନ୍ଦେହ ହେଲାଣି ।

ସାମରିକ ଶାସନ ଜାରିଥିବା ବେଳେ ରାଷ୍ଟ୍ରପତି ନିର୍ବାଚନ କରାଇ ନେବା ପାଇଁ ବିରୋଧୀ ଦଳର ନେତା ମାନଙ୍କ ସହ ଏ ସମ୍ପର୍କରେ ଏକ ଆଲୋଚନା କରିବା ପାଇଁ ଜେନେରାଲ ଏରସାଦ ତ୍ରୟ ୩୦ଟି ଦଳର ନେତାଙ୍କୁ ଆମନ୍ତ୍ରଣ କରିଥିଲେ । କିନ୍ତୁ ଅବିଳମ୍ବେ ରାଜନୈତିକ କାର୍ଯ୍ୟର ସୁଯୋଗ ସୃଷ୍ଟି କରିବା, ସମ୍ବାଦ ପତ୍ରର ସ୍ୱାଧୀନତା ଫେରାଇ ଦେବା ତଥା ସବୁ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିବା ପୂର୍ବରୁ ଏ ଆଲୋଚନା ସମ୍ଭବ ନୁହେଁ କହି ୧୫ ଓ ୭ ଦଳୀୟ ମେଣ୍ଟ ଉକ୍ତ ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଏହାପରେ ସେଠାରେ ଗଣତନ୍ତ୍ରର ପୁନର୍ପ୍ରତିଷ୍ଠା ଲାଗି ଧାରାବାହିକ ଭାବେ ଆନ୍ଦୋଳନ ଚାଲିଛି । ଏହି ଆନ୍ଦୋଳନ କାଳ ଭିତରେ ହୋଇଥିବା ମ୍ୟୁନିସିପାଲିଟି ନିର୍ବାଚନରେ ବିରୋଧୀ ଦଳ ଉଲ୍ଲେଖ ଯୋଗ୍ୟ ସଫଳତା ହାସଲ କରିଥିବା ପ୍ରକାଶ ପାଇଛି । ଏଥିରେ ଅଓ୍ୱାମୀ ଲିଗ୍‌ର ସଫଳତା ବିଶେଷ ଭାବେ ପ୍ରଣିଧାନ ଯୋଗ୍ୟ । □

Images: Aptakama Mishra, Processing: Srujanika

ଆପଣଙ୍କର ନିନ୍ଦା କରିବେ । ବ୍ୟବସାୟ ବାଣିଜ୍ୟରେ କ୍ଷୟକ୍ଷତି ହୋଇ ପାରେ । ମାନସିକ ସ୍ଥିରତା ମଧ୍ୟ ହରାଇବେ । ନିର୍ଜନରେ ଚିନ୍ତାକରିବା, ଗୁରୁଜନ, ଦେବ ବ୍ରାହ୍ମଣ ଆଦରରେ ପୂଜା କରିବା, ଜ୍ୟୋତି-ଶାସ୍ତ୍ର ଓ ତାନ୍ତ୍ରିକ ଜ୍ଞାନ ପ୍ରତି ଅତ୍ୟଧିକ ଆଗ୍ରହ ହେବ । ତଥାପି ଆପଣଙ୍କ ହୃଦୟରେ ଏକା ସଙ୍ଗରେ ହରିପ୍ରେମ ଓ ନାରୀପ୍ରେମ ଦେଖା ଦେବ । ସେଥିରେ ଅନେକ ବ୍ୟୟ ମଧ୍ୟ କରିବେ । ଦେଶ ଭ୍ରମଣ ଓ କଳା ପ୍ରତି ଆକୃଷ୍ଟ ହେବେ । ପରୋପକାର ଓ ସମାଜ ସେବା ପ୍ରତି ମଧ୍ୟ ଗୁରୁତ୍ୱ ଦେବେ । ଆର୍ଥିକ ପରିସ୍ଥିତି ପ୍ରତି ଆଦୌ ସଚେତନ ରହିବେ ନାହିଁ । ପରିବାରରେ କାହା ସହିତ ଭଲ ମଧ୍ୟ ପଡ଼ିବ ନାହିଁ । ଛାତ୍ରମାନେ ଅନେକ-କ୍ଷେତ୍ରରେ ଉଦାର ରହିବେ । ମହିଳା-ମାନେ ବିଳାସ ବ୍ୟସନ ପ୍ରତି ମନ ବଳାଇବେ ।

ସିଂହ — ଏ ମାସଟି ଆପଣଙ୍କ ପାଇଁ ଶୁଭକାରକ ହେବ । ସାଂସ୍କୃତିକ ଓ ଆନୁଷ୍ଠାନିକ କର୍ମରେ ଆପଣ ଯଥେଷ୍ଟ ସୁନାମ ଅର୍ଜନ କରି-ପାରିବେ । କର୍ମ କ୍ଷେତ୍ରରେ ସାହସିକତାର ସହିତ କୃତକାର୍ଯ୍ୟ ହୋଇ ସୁନାମ ଅର୍ଜନ କରିବେ । ରାଜନୀତି ଓ ସମାଜ-ସେବା କାର୍ଯ୍ୟରେ ପ୍ରଶଂସା ଭାଜନ ହୋଇ ପାରିବେ । ଶତ୍ରୁମାନେ ମିତ୍ର ହୋଇ ପାରିବେ ଓ ଆପଣଙ୍କ ପାଖରେ ଆତ୍ମ ସମର୍ପଣ କରି ପାରନ୍ତି । ଯାନ-ବାହାନ କିମ୍ବା ଜମିବାଡ଼ି ପ୍ରତି ମନ ବଳାଇବେ । ବ୍ୟବସାୟ ବାଣିଜ୍ୟରେ ହଠାତ୍ ଲାଭବାନ ହେବେ ଏବଂ ଅନେକ ଦିନରୁ ସ୍ଥଗିତ କାର୍ଯ୍ୟ ସୁରୁଖୁରୁରେ ସମାଧାନ ହୋଇ ପାରିବ । ଚାକିରି କ୍ଷେତ୍ରରେ ସହକର୍ମୀମାନେ ପ୍ରଶଂସା ଓ ସମ୍ମାନ ଦେଇ ପାରନ୍ତି । ପଦୋନ୍ନତି ହେବାର ସମ୍ଭାବନା ମଧ୍ୟ ଅଛି । ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେତେକ ସୁବିଧା ଓ ସୁଯୋଗ ପାଇପାରନ୍ତି । ଶାରୀରିକ ଅବସ୍ଥା ଭଲ ରହିବ । ପାରିବାରିକ ଓ ସାମାଜିକ କେତେକ ସମସ୍ୟା ନେଇ ସାମାନ୍ୟ ମାନସିକ ଅସ୍ଥିରତା ଦେଖାଦେଇ ପାରେ କିନ୍ତୁ ବିଶେଷ କିଛି କ୍ଷୟକ୍ଷତି କରିବ ନାହିଁ । ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ତୀର୍ଥ ଯାତ୍ରା, ବିଦେଶ ଭ୍ରମଣ, ଆଧ୍ୟାତ୍ମିକ ଚିନ୍ତାଧାରା ବୃଦ୍ଧି, ଦେବୋପାସନାରେ ଖର୍ଚ୍ଚ ଓ ଈଶ୍ୱର ବିଶ୍ୱାସ ଦେଖାଦେବ । ସମୟ ସମୟରେ ନୀତି ହୀନତା ଦେଖା-ଦେବ । ରାଜସିକ ପ୍ରବୃତ୍ତିରେ ପରିଚାଳିତ ହେବେ । ଛାତ୍ରମାନେ ଶିକ୍ଷାକ୍ଷେତ୍ରରେ ପ୍ରଶଂସା ଭାଜନ ହେବେ । ନାରୀମାନେ ପ୍ରେମଶୀଳା ହେବେ ।

କନ୍ୟା :—କର୍ମକ୍ଷେତ୍ରରେ ଯାହା ବାଧାବିଘ୍ନ ଦେଖା-ଦେଲେ ବି ଆପଣଙ୍କ ମନରେ ଅନେକ ଉଚ୍ଚ ଆଶା ଦେଖା ଦେବ । ଅନେକ ବ୍ୟୟର ସମ୍ମୁଖୀନ ହେଲେ ବି ଆନୁଷ୍ଠାନିକ, ସାଂସ୍କୃତିକ, ସାମାଜିକ, ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଆପଣ ଆଶାରେ କେବଳ ବଞ୍ଚି ରହିଛନ୍ତି ବୋଲି ଜାଣି-ପାରିବେ । ଜୀବନର ପ୍ରତ୍ୟେକ ସୋପାନ-ରେ ଦୃଢ଼ ପ୍ରତିଜ୍ଞା ଓ ସାହସିକତା ପ୍ରଦର୍ଶନ କରିବାକୁ ପଡ଼ିବ । ସେଥିପାଇଁ ଆପଣ ଆଗରୁ ଜାଣିଶୁଣି ହୁସିଆର ରହି ଯାଉଥିବେ । ଓ ହାତେ ମାପି ମୁଖଣ୍ଡେ ଗିଳିବେ । ସାମାଜିକ କ୍ଷେତ୍ରରେ ସ୍ଥିତି ଓ ସମ୍ମାନ ସାମାନ୍ୟ ବୃଦ୍ଧି ପାଇ ପାରେ । ପରିବାରର ଉନ୍ନତି ପାଇଁ ସର୍ବଦା ବ୍ୟାକୁଳ ରହିଲେ ମଧ୍ୟ ଅନ୍ୟ କେତେକ ସମସ୍ୟା ନେଇ ଫଳପ୍ରଦ ହୋଇ ପାରିବେ ନାହିଁ । ମାନସିକ ଅସ୍ଥିରତା ଦେଖାଦେବ । ଆର୍ଥିକ ସମସ୍ୟା ଦେଖା-ଦେଲେ ମଧ୍ୟ ଆପଣ ସଦାଓ ଏହାର ସମ୍ମୁଖୀନ ହେବେ ତଥାପି ସମାଧାନ କରିପାରିବେ । ମନରେ ଅନେକ ବ୍ୟବସାୟିକ ମନୋବୃତ୍ତି ଦେଖା ଦେବ । ରାଜନୀତି ଆଡ଼କୁ ଅଗ୍ରସର ହେବେ । ସିଧାସଳଖ ରାଜନୀତିରେ ଫଳପ୍ରଦ ନହେଲେ ସୁଦ୍ଧା ରାଜନୀତି କ୍ଷେତ୍ରକୁ ନୀତିଜ୍ଞାନ ଓ ତତ୍ତ୍ୱଜ୍ଞାନ ଦେଇ ପାରିବେ । ମହିଳା ମାନେ ସ୍ନେହଶୀଳା ଓ ସୌଭାଗ୍ୟବତୀ ହେବେ । ମାନସିକ ଅବସ୍ଥା ସେତେ ଭଲ ରହିବ ନାହିଁ । ସ୍ଥିତପ୍ରଜ୍ଞ ହୋଇପାରିବେ ନାହିଁ । କୌଣସି କାର୍ଯ୍ୟରେ ଠିକ୍ ଭାବରେ ମତାମତ ଦେଇ ପାରିବେ ନାହିଁ । ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ପାରିବାରିକ ଜଞ୍ଜାଳ ମଧ୍ୟ ଦେଖାଦେବ, ତୀର୍ଥ ଭ୍ରମଣ ହୋଇପାରେ । ତନ୍ତ୍ର ଏବଂ ଆଧ୍ୟାତ୍ମିକ ବିଶ୍ୱାସ ଆପଣଙ୍କ ମନରେ ଅତ୍ୟଧିକ ବଢ଼ିଯିବ ।

ଚାକିରି କ୍ଷେତ୍ରରେ ସହକର୍ମୀ ଓ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ସହିତ ଭଲ ସମ୍ପର୍କ ରହିପାରିବ, ତୀର୍ଥ ଭ୍ରମଣ, ଈଶ୍ୱର ବିଶ୍ୱାସ ଓ ଧର୍ମାଶକ୍ତ ହେବେ, ଛାତ୍ରମାନେ ଗଣିତ କଳା ଓ ଦର୍ଶନ ପ୍ରତି ଆକୃଷ୍ଟ ହେବେ. ନାରୀମାନେ ନୀତି ପୂର୍ଣ୍ଣ କାର୍ଯ୍ୟ ଓ ଈଶ୍ୱର ବିଶ୍ୱାସରେ ସମୟ କାଟିବେ ।



ତୁଳା .— ମାସଟି ସାରା ମାନସିକ ଦୁଶ୍ଚିନ୍ତା ଓ ଶାରୀରିକ କଷ୍ଟ ରହିବ, ପରିବାରରେ ଅପ୍ରିୟତା ଦେଖାଦେବ, ପାରିବାରିକ ଜଞ୍ଜାଳରେ ଅନେକ ଘାରି ହେବାକୁ ପଡ଼ିବ, ବୃଥା ଅର୍ଥହାନି ଓ ତାମସିକ ପ୍ରବୃତ୍ତି ଆଡ଼କୁ ମନ ବଳାଇବେ, ମାମଲାମକଦ୍ଦମାର ଭୟ ରହିଛି । ସାମାଜିକ ଅସମ୍ମାନ ଓ ଦୁର୍ଘଟଣାର ଭୟ ମଧ୍ୟ ଅଛି । ଶତ୍ରୁବୃଦ୍ଧି ହେବ, ନିଜଲୋକ ମାନଙ୍କ ସହିତ ମନୋମାଳିନ୍ୟ ଓ ଈର୍ଷାଭାବ ଦେଖା-ଦେବ । ଆପଣ କାହାରିକୁ ସହଜରେ ବିଶ୍ୱାସ କରିବେନାହିଁ । ସର୍ବଦା ହାତେ ମାପି ମୁଖଣ୍ଡେ ଗିଳିବେ । ସାମାନ୍ୟ କୁଟିଳ ମନା ଓ ଚକ୍ରାନ୍ତର ବଶବର୍ତ୍ତୀ ହୋଇ ପାରନ୍ତି । କର୍ମକ୍ଷେତ୍ରରେ ନୂତନ କର୍ମକୁ

Images: Aptakama Mishra, Processing: Srujanika

ଆଶାକର ହତାଶ ହୋଇ ପାରନ୍ତି । ଶିକ୍ଷା କ୍ଷେତ୍ରରେ ସହକର୍ମୀ ମାନେ ଈର୍ଷା ପରାୟଣ ହେବେ, ବ୍ୟବସାୟ ବାଣିଜ୍ୟରେ ନାନାପ୍ରକାର ବାଧାବିଘ୍ନ ଦେଖାଦେବ. ଅହେତୁକ କ୍ଷୟ କ୍ଷତି ହେବାର ସମ୍ଭାବନା ମଧ୍ୟଅଛି, ତଥାପି ଆପଣଙ୍କ ମନରେ ଧର୍ମବିଶ୍ୱାସ ଓ ଈଶ୍ୱର ଭକ୍ତି ଲାଗିରହିବ । ଅନେକ ଦୁରବସ୍ଥାର ସମ୍ମୁଖୀନ ହୋଇ ମୁକ୍ତିଲାଭ କରିପାରନ୍ତି । ବୈବାହିକ ଜୀବନ ସେତେ ସୁଖମୟ ହୋଇପାରିବ ନାହିଁ । ଆର୍ଥିକ ଅବସ୍ଥା ଯୋଗୁ ଆପଣ ଅନେକ ସମୟରେ ହତାଶ ହୋଇପାରନ୍ତି । ଅଯଥା ଖର୍ଚ୍ଚ ଲାଗିରହିବ. ତଥାପି ବ୍ୟବସାୟ କ୍ଷେତ୍ରରେ ଆପଣ ସାହସିକତା ଓ ଧୈର୍ଯ୍ୟର ସହିତ ଆଗେଇ ଯିବେ, ଛାତ୍ରମାନେ ମୌଳିକ ଶିକ୍ଷାପ୍ରତି ଆଗ୍ରହୀ ହେବେ, ନାରୀମାନେ ସଂଯୋଗଶିଳା ହେବେ ।

ବିଛା.—ଏ ମାସରେ ଆପଣଙ୍କର ମାନସିକ ଅସ୍ଥିରତା କର୍ମ କ୍ଷେତ୍ରରେ ଅହେତୁକ ଭୟ ଓ ଅବିଶ୍ୱାସ ଆସି ଦେଖାଦେବ, ସମ୍ପତ୍ତି ପାଇଲେ ମଧ୍ୟ କୁମାର୍ଗରେ ଯାଇ ବ୍ୟୟ କରିବେ ଓ ଅନୁତାପ ମଧ୍ୟ କରିପାରନ୍ତି । ଖଳ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରନ୍ତି, ତାମସିକ ପ୍ରବୃତ୍ତିରେ ପରିଚାଳିତ ହେବେ । ଆନୁଷ୍ଠାନିକ କାର୍ଯ୍ୟପ୍ରତି ଇଚ୍ଛାକଲେ ମଧ୍ୟ ଅନେକ ବାଧାବିଘ୍ନ ଦେଖାଦେବ । ଗୁରୁଜନ ମାନଙ୍କ କଥା ନମାନି ହତାଶ ହେବେ । ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ଏକଗୁଣିଆ ମନ୍ତ ପ୍ରଦର୍ଶନ କରିବେ । ନିଜର ମୌଳିକ ଅଧିକାରକୁ ବଜାୟ ରଖିବାପାଇଁ ସର୍ବଦା ସଚେତନ ହେବେ କିନ୍ତୁ କେତେକ ଖଳଲୋକଙ୍କ ସଂସ୍ପର୍ଶରେ ଆସିବା ହାରି କାର୍ଯ୍ୟରେ ବାଧା ବିଘ୍ନ ଦେଖା ଦେବ, ଯାହାକୁ ନିଜର ଭାବିବେ ସେମାନେ ଈର୍ଷା ପରାୟଣ ହେବେ, ସାମାଜିକ କ୍ଷେତ୍ରରେ ଶତ୍ରୁତା, ମନୋମାଳିନ୍ୟ, ପରିବାରରେ ଅଶାନ୍ତି, ରାଜନୀତି କ୍ଷେତ୍ରରେ ଅସ୍ଥିରତା ଓ ଅହେତୁକ ଭୟ ଦେଖାଦେବ, ଆପଣ ଅନେକ ଧୈର୍ଯ୍ୟ ଓ ସାହସର ସହିତ ନିଜକୁ ସର୍ବଦା ରକ୍ଷା କରିବାକୁ ଚେଷ୍ଟା କରୁଥିବେ, ଆର୍ଥୀକ ବ୍ୟୟ ଅନେକ ଦେଖା ଦେବ, ଶାରୀରିକ ସ୍ୱାସ୍ଥ୍ୟ ସେତେ ଭଲ ରହିବ ନାହିଁ । ନାରୀମାନେ ଭ୍ରମଣକୁ ପସନ୍ଦ କରିବେ । ଛାତ୍ରମାନେ ବିଳାସ -ବ୍ୟସନପ୍ରିୟ ହେବେ ଓ ଅନେକ ଖର୍ଚ୍ଚାନ୍ତ ହେବେ ।



ଧନୁ — ଏ ମାସଟି ସାରା ମାନସିକ ଅଶାନ୍ତି ସାମାଜିକ ଭୟ, ଚରିତ୍ର-ଗତ ଦୁର୍ବଳତା, ଅସାମାଜିକ ଲୋକଙ୍କ ଦ୍ୱାରା ଶୋଷିତ, କୃପଣ ଲୋକଙ୍କ ଠାରୁ ସାହାଯ୍ୟ ଭିକ୍ଷା, ନିଚକର୍ମ ପ୍ରତି ଆସକ୍ତି, ଅସଦ୍ ବ୍ୟକ୍ତିଙ୍କ ସହିତ ସଂପର୍କ ସ୍ଥାପନ ଏବଂ ରାଜନୈତିକ ଓ ସାମାଜିକ କର୍ମରେ ସମାଲୋଚିତ ହେବେ । ମାନସିକ ସ୍ଥିରତା ଓ କର୍ମ କ୍ଷେତ୍ରରେ ସଦ୍‌ମାର୍ଗ ପାଇ-ପାରିବେ ନାହିଁ । ସମାଜରେ ଅନେକ ଶତ୍ରୁ ଏବଂ କର୍ମ କ୍ଷେତ୍ରରେ ସହକର୍ମୀ-ମାନଙ୍କ ସହିତ ମନାନ୍ତର ହୋଇପାରେ । ବ୍ୟବସାୟ ବାଣିଜ୍ୟରେ ହତାଶ ହେବାର ସମ୍ଭାବନା ଅଧିକ, ଆର୍ଥୀକ ପରିସ୍ଥିତି ସେତେ ଭଲ ରହିବ ନାହିଁ । ବୃଥା ଭାବନା ଏବଂ ଅଯଥା ଖର୍ଚ୍ଚ ଲାଗିରହିବ । ପାରିବାରିକ ଜଞ୍ଜାଳ ସହିତ ଦୁଶ୍ଚିନ୍ତା ଲାଗି ରହିବ । ଅଧିକ ଭ୍ରମଣ ଯୋଗ ରହିଛି, ମାନସିକ, ପାରିବାରିକ ଓ ସାମାଜିକ ଜଞ୍ଜାଳ ନେଇ ଶାରୀରିକ କଷ୍ଟ ଏବଂ ସ୍ୱାସ୍ଥ୍ୟ ହାନୀ ହେବାର ସମ୍ଭାବନା ଅଧିକ । ମାନସିକ ଭୟ ଓ ଦୁର୍ବଳତା ଯୋଗୁ ଭଗବାନଙ୍କ ଉପରେ ଭୟ ଓ ଭକ୍ତି ଜାଗରିତ ହେବ । ମନରେ ଈଶ୍ୱର ବିଶ୍ୱାସ ଓ ଧର୍ମ ଚେତନା ଦେଖାଦେବ । ଛାତ୍ରମାନେ ରାଜନୀତି ପ୍ରତି ଆକୃଷ୍ଟ ହେବେ । ନାରୀମାନେ ସ୍ୱାର୍ଥପର ଓ କୁଟିଳମନା ହେବେ ।

ମକର — ଏ ମାସଟି ଆପଣଙ୍କ ମନରେ ଅନେକ ନୂତନ ଆଶାର ସଞ୍ଚାର ଆଣି ଦେବ । କର୍ମକ୍ଷେତ୍ର ଯାହା ହେଉନା କାହିଁକି ଆପଣଙ୍କୁ ପାରିପାର୍ଶ୍ୱିକ ଅବସ୍ଥା ଅନେକ ବାଟ ଆଗେଇ ନେଇ ଯିବ । ପାରିବାରିକ ଓ ସାମାଜିକ ସ୍ନେହ ସହାନୁଭୂତି, ସାହାଯ୍ୟ ଓ ନୂତନ ପ୍ରେରଣା ପାଇପାରିବେ । ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଅସମ୍ଭବ କାର୍ଯ୍ୟରେ ହସ୍ତକ୍ଷେପ କରି କୃତକାର୍ଯ୍ୟ ହେବେ । ସମ୍ମାନ ଓ ପ୍ରଶଂସା ମଧ୍ୟ ମିଳି-ପାରେ । ପ୍ରଗାଢ଼ ଈଶ୍ୱର ବିଶ୍ୱାସ, ତନ୍ତ୍ର-ସାଧନା, ଓ ନୈତିକ ଜ୍ଞାନ ଆପଣଙ୍କ ମାନସିକ ଶକ୍ତି ଉପରେ ପ୍ରଭାବ ପକାଇବ । ମାନସିକ ସ୍ଫୁର୍ତ୍ତି ଓ କର୍ମର ସ୍ପୃହା ନେଇ ନିନ୍ଦା ଓ ପ୍ରଶଂସାକୁ ଅପେକ୍ଷା ନକରି ଅନେକ ଆଶା ଓ ଉଦ୍ଦିପନାର ସହିତ କର୍ମ କ୍ଷେତ୍ରରେ ଆଗେଇଯିବେ । ସହକର୍ମୀ ମାନଙ୍କର ପ୍ରଶଂସାର ପାତ୍ର ହୋଇ ପାରିବେ । ବ୍ୟବସାୟ ବାଣିଜ୍ୟରେ ସାମାନ୍ୟ ଲାଭ ହେବ । ଆର୍ଥୀକ ଅବସ୍ଥା ଭଲ ରହିବ । ବ୍ୟବସାୟରେ ଆକସ୍ମିକ ସାହାଯ୍ୟ ପାଇପାରନ୍ତି, ରାଜନୀତି ଓ ସାମାଜିକ କର୍ମରେ ନିରପେକ୍ଷ ଓ ସଚ୍ଚୋଟ ହେବେ । ପରୋପକାର ଓ ସମାଜସେବାରେ ନିଜକୁ ନିୟୋଜିତ କରିବେ । ଶାରୀରିକ ଅବସ୍ଥା ପ୍ରାୟ ଭଲ ରହିବ । ତୀର୍ଥଯାତ୍ରା ଓ ଦୂରଯାତ୍ରାର ଯୋଗ ରହିଛି । ନୀତି ଶାସ୍ତ୍ର ଉପରେ ଗଭୀର ଶ୍ରଦ୍ଧା ରହିବ । ନ୍ୟାୟ ପରାୟଣ ହୋଇ ପାରିବେ । ଛାତ୍ରମାନେ ଧର୍ମ ପରାୟଣ ଓ ପରୋପକାରୀ ହେବେ । ମହିଳାମାନେ ସମାଜ ସେବା ଓ ନ୍ୟାୟ ପୂର୍ଣ୍ଣ କାର୍ଯ୍ୟରେ ମନ ଦେବେ ।

କୁମ୍ଭ — ଏ ମାସଟି ଆର୍ଥୀକ, ଦୁଶ୍ଚିନ୍ତା ଅନେକ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ, ସତ ମାର୍ଗ, ସତ ସଙ୍ଗ, ଧର୍ମ କାର୍ଯ୍ୟ ଓ ପରୋପ-

Images: Aptakama Mishra, Processing: Srujanika

ଅଣୁ ଶକ୍ତି ଉତ୍ପାଦନ ପାଇଁ ଦେଶୀ ଇନ୍ଧନ

କଲ୍ପକମ୍ ଠାରେ ସ୍ଥାପିତ ହେବାକୁ ଥିବା ଫାଷ୍ଟବ୍ରିଡର ରିଆକ୍ଟରରେ ବ୍ୟବହୃତ ହେବ ।

ମାନ୍ଦ୍ରାଜ ନିକଟସ୍ଥ କଲ୍ପକମ୍‌ଠାରେ ଅଚିରେ ଶୀଘ୍ର ଏକ 'ଫାଷ୍ଟବ୍ରିଡର ଟେଷ୍ଟ ରିଆକ୍ଟର' ବସାଯିବ ଏବଂ ଏଥିରେ ଜାଳେଣୀ ରୂପେ ଦେଶୀ ଇନ୍ଧନ ବ୍ୟବହାର କରାଯିବ ବୋଲି ଭାରତୀୟ ଅଣୁଶକ୍ତି କମିସନ୍ ପକ୍ଷରୁ ଘୋଷଣା କରାଯାଇଛି ।

ଏହି ଦେଶୀ ଇନ୍ଧନ ହେଲା ୟୁରାନିୟମ୍ ଓ ପ୍ଲୁଟୋନିଅମ କାରବାଇଡ୍‌ର ଏକ ମିଶ୍ରଣ ଏବଂ ପୃଥିବୀରେ ପ୍ରଥମ ଥର ପାଇଁ ଏକ ଅଣୁଶକ୍ତି ଉତ୍ପାଦନ ରିଆକ୍ଟରରେ ଏହି ଇନ୍ଧନ ବ୍ୟବହୃତ ହେବ ବୋଲି ଅଣୁଶକ୍ତି କମିଶନ୍‌ର ଡେପୁଟି ଚେୟାରମ୍ୟାନ ଡକ୍ଟର ରାଜା ରମନ୍ନା ପ୍ରକାଶ କରିଛନ୍ତି ।

ଶକ୍ତି ଉତ୍ପାଦନ ନିମନ୍ତେ ଜାଳେଣୀ ରୂପେ ଆବଶ୍ୟକ ହେଉଥିବା ୫୦ କିଲୋଗ୍ରାମ ପ୍ଲୁଟୋନିଅମ ଆମ ଦେଶରୁ ହିଁ ଉତ୍ପନ୍ନ କରାଯାଇଛି । ରାଜସ୍ଥାନ ଅଣୁଶକ୍ତି କେନ୍ଦ୍ର ଓ ଅନ୍ୟାନ୍ୟ କେନ୍ଦ୍ରରେ ଖର୍ଚ୍ଚ ହୋଇ ଯାଇଥିବା ଜାଳେଣୀର ପୁନର୍ବିନ୍ୟାସ କରାଯାଇ ଏହା ସଂଗ୍ରହ କରାଯାଇଛି ।

କଲ୍ପକମ୍‌ଠାରେ ଯେଉଁ ରିଆକ୍ଟର ସ୍ଥାପିତ ହେବ ତାହା ଫ୍ରାନ୍‌ସର ନକ୍ସା ଅନୁଯାୟୀ ତିଆରି ହୋଇଛି ଏବଂ ଏହା ୫୦ ମେଗାଓ୍ୱାଟ ତାପ ଓ ୧୫ ମେଗାଓ୍ୱାଟ ବିଦ୍ୟୁତ୍ ଉତ୍ପାଦନ କରିବ । ଏଥିରେ ଶୀତଳୀ କରଣ ବସ୍ତୁରୂପେ ତରଳ ସୋଡିଅମ୍ ବ୍ୟବହୃତ ହେବ ।

ମୂଳରୁ କଲ୍ପକମ୍‌ରେ ପ୍ଲୁଟୋନିଅମ୍ ଅକ୍ସାଇଡ୍ ଓ ଉଚ୍ଚମାନର ୟୁରାନିୟମ ଅକ୍ସାଇଡ୍ ଜାଳେଣୀ ରୂପେ ବ୍ୟବହୃତ ହେବ ବୋଲି ବ୍ୟବସ୍ଥା କରାଯାଇଥିଲା ଏବଂ ୧୯୭୫ ମସିହାରେ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ଫ୍ରାନସ ଏହା ଯୋଗାଇଥାନ୍ତା ।

କିନ୍ତୁ ନିଉକ୍ଲିଅର ଜ୍ୱାଳାନୀ ରୂପରେ ଇନ୍ଧନ ଦେବାର ପ୍ରତିଶ୍ରୁତିରୁ ଫ୍ରାନସ୍ ଅବଶେଷରେ ଓହରି ଗଲା । ତେଣୁ ଭାରତ ବିକଳ୍ପ ପନ୍ଥା ସ୍ୱରୂପ ୟୁରାନିୟମ୍ ଅକ୍ସାଇଡ୍ ପରିବର୍ତ୍ତେ ପ୍ଲୁଟୋନିୟମ କାରବାଇଡ୍ ବ୍ୟବହାର କରିବାକୁ ସ୍ଥିର କଲା ! ଏହା ଅବଶ୍ୟ ପୃଥିବୀର ଅନ୍ୟ କେଉଁଠି ବ୍ୟବହୃତ ହୋଇନାହିଁ । ତଥାପି ଆମେ ଏଥିରେ ସଫଳତା ହାସଲ କରିବୁ ବୋଲି ଡକ୍ଟର ରମନ୍ନା ପ୍ରକାଶ କରିଛନ୍ତି ।

ସେହିପରି ତାରାପୁର ଅଣୁଶକ୍ତି କେନ୍ଦ୍ର ନିମନ୍ତେ ଆବଶ୍ୟକ ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ଏବଂ ମୁଖ୍ୟ ଭାବେ ଟିଉବ ଯୋଗାଇବାକୁ ଆମେରିକାମନା କରିବାରୁ ଏହାର ବିକଳ୍ପ ସବୁ ଦେଶରେ ତିଆରି କରାଯାଉଛି । ଏହି ଯନ୍ତ୍ରାଂଶ ଯୋଗାଣକୁ ଭିତ୍ତିକରି ଆମେରିକା ଓ ଭାରତ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଛି । □

କାରରେ ଅନେକ ଖର୍ଚ୍ଚ କରିବେ, ପର୍ଯ୍ୟଟନ ଓ ତୀର୍ଥ ଭ୍ରମଣ ଯୋଗ ରହିଛି । ଈଶ୍ୱର ବିଶ୍ୱାସ ଦାର୍ଶନିକ ଚିନ୍ତାଧାରା ଓ ନିତିଜ୍ଞାନ ହୃଦୟରେ ଜାଗ୍ରତ ହେବ । ଅନେକ ସମୟରେ ଚିନ୍ତାଶୀଳ ରହିବେ । କଳା ସାହିତ୍ୟ ଆଡ଼କୁ ମନ ମଧ୍ୟ ବଳାଇବେ । କେତେକ ବ୍ୟକ୍ତି ବିଶେଷଙ୍କର ପ୍ରେମରେ ପଡ଼ିଯାଇପାରନ୍ତି । କର୍ମ ଓ ଜୀବନ କ୍ଷେତ୍ରରେ ସେମାନଙ୍କଠାରୁ ଅନେକ ସାହାଯ୍ୟ, ସହାନୁଭୂତି ପାଇପାରିବେ, ରାଜନୀତି ଓ ସାମାଜିକ କାର୍ଯ୍ୟରେ କୁଟିଳ ମନା ହେବେ । ସର୍ବଦା ହାତେ ମାପି ମୁଣ୍ଡ ଗଳିବାର ଯୋଗ ରହିଛି । ବ୍ୟବସାୟ ବାଣିଜ୍ୟରେ ବିଶେଷ ଲାଭବାନ ନହେଲେ ମଧ୍ୟ ନୂତନ ବ୍ୟବସାୟ ପାଇଁ ବାଟ ପାଇ ପାରନ୍ତି ଏବଂ ଆକସ୍ମିକ ସାହାଯ୍ୟ ମଧ୍ୟ ମିଳିପାରେ । ଚାକିରି କ୍ଷେତ୍ରରେ ପଦୋନ୍ନତି ନହେଲେ ମଧ୍ୟ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ସହିତ ସୁସଂପର୍କ ରଖିପାରିବେ । ଆପଣଙ୍କ ମନରେ ନୈତିକତା ଓ ଧର୍ମଭୟ ଦେଖାଦେବ । ପାରିବାରିକ ଜଞ୍ଜାଳ ଓ ମାନସିକ ଦୁଶ୍ଚିନ୍ତା ଦେଖାଦେବ । ଶାରୀରିକ ସ୍ୱାସ୍ଥ୍ୟ ସେତେ ଭଲ ରହି ନପାରେ । କୌଣସି ଏକ ଅହେତୁକ ଚିନ୍ତାରେ ସର୍ବଦା ବଶବର୍ତ୍ତୀ ହୋଇ ରହିବେ ! ଛାତ୍ରମାନେ ଭ୍ରମଣ ଓ କଳାକୁ ପସନ୍ଦ କରିବେ । ନାରୀମାନେ ବିଳାସ ବ୍ୟସନ ପ୍ରତି ଆଗ୍ରହୀ ହେବେ ।



ମୀନ :— ମାସଟି ସାରା ଆପଣ ଦୁଶ୍ଚିନ୍ତା ଗ୍ରସ୍ତ ଓ ମାନସିକ ପୀଡ଼ାରେ ଆକ୍ରାନ୍ତ ହେବେ । ସାମାଜିକ ଓ ପାରିବାରିକ ଜଞ୍ଜାଳ ଦେଖାଦେବ । କର୍ମ କ୍ଷେତ୍ରରେ ଅହେତୁକ ଭୟ ଓ ସହକର୍ମୀ ମାନଙ୍କ ସହିତ ମନୋମାଳିନ୍ୟ ଲାଗିରହିବ । ବୃଥା ଶତ୍ରୁତା ଓ ଅଯଥାରେ ନିନ୍ଦା, ଅନେକ ସମୟରେ ସହିବାକୁ ପଡ଼ିବ । ପରିବାରର କେହି ହେଲେ ରୋଗରେ ପଡ଼ିବା ଯୋଗୁ ଆପଣ ମର୍ମାହତ ହୋଇପାରନ୍ତି । ନୈତିକ ଓ ଧର୍ମଭୟ ମଧ୍ୟ ଆପଣଙ୍କୁ ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ଅସୁବିଧା ଦେଖାଦେବ । ଖଳ ଲୋକଙ୍କ ଚକ୍ରାନ୍ତରେ ପଡ଼ି ଅର୍ଥହାନି କରିପାରନ୍ତି, ଅସାମାଜିକ ଲୋକଙ୍କ ଦ୍ୱାରା ଶୋଷିତ ଓ ଲାଞ୍ଛିତ ହୋଇ ପାରନ୍ତି । ରାଜନୀତି କ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ ଏ ସମୟରେ ଆପଣଙ୍କୁ ସତମାର୍ଗ ଓ ସତସଙ୍ଗ ମିଳିବା କଷ୍ଟହେବ । ଆପଣ ମାନସିକ ଅସ୍ଥିରତା ମଧ୍ୟରେ ପଡ଼ି କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିବେ । □

ସାମୁଦ୍ରିକ ଦଳ ଖାଦ୍ୟ ଓ ରସାୟନ ସମସ୍ୟାର ସମାଧାନ କରିବ

ଶ୍ରୀ ଏସ୍. ସି. ଶର୍ମା

ସାମୁଦ୍ରିକ ଦଳ ବା ଶୈବାଳକୁ ଦୀର୍ଘଦିନକାଳ ଖାଦ୍ୟ, ଔଷଧ ଏବଂ ସାର ରୂପେ ବ୍ୟବହାର କରାଯାଇ ଆସୁଥିଲା । ସେ ସବୁକୁ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯିବା ଅଳ୍ପ କେତେବର୍ଷ ତଳର ଘଟଣା ମାତ୍ର । ସେଥିରୁ ସୋଡ଼ା ଓ ପୋଟାସ ଉତ୍ପନ୍ନ ହୋଇ ବିଭିନ୍ନ ଶିଳ୍ପରେ ଲାଗୁଥିଲା । ଏହା ପରଠାରୁ ଶୈବାଳରୁ ବହୁପ୍ରକାରର ରାସାୟନିକ ଦ୍ରବ୍ୟ ଉତ୍ପାଦନ କରାଯାଇ ବହୁବିଧ କାର୍ଯ୍ୟରେ ସେଗୁଡ଼ିକର ପ୍ରୟୋଗ କରାଯାଉଛି ।

ବୈଜ୍ଞାନିକମାନେ ପରୀକ୍ଷା କରି ଜାଣିଛନ୍ତି ଯେ ଏଥିରେ ଅତ୍ୟାବଶ୍ୟକ ଆମିନୋ ଏସିଡ୍, ଭିଟାମିନ୍, ଆୟୋଡ଼ିନ୍ ଏବଂ ମାନିଟୋଲ ପ୍ରଭୃତି ବହୁ ମୂଲ୍ୟବାନ୍ ରାସାୟନିକ ପଦାର୍ଥ ଭରପୂର ହୋଇ ରହିଛି । କିନ୍ତୁ ଏଥିରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ହେଉଛି ପଲିସାକାରାଇଡ୍ସ୍ ବା ସିଓ୍ୱିଡ୍ ଗମ୍ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଲାଗୁଥିବା ପଲିସାକାରାଇଡ୍ସ୍ ମୁଖ୍ୟତଃ ନାଲି ଓ ଧୂସର ବର୍ଣ୍ଣର ଶୈବାଳରୁ ମିଳିଥାଏ । ଏହାଛଡ଼ା ଅଗର କାରାଜିନାନ୍ ଏବଂ ଫୋରସେଲାରନ୍ ମଧ୍ୟ ନାଲି ଶୈବାଳରୁ ଉତ୍ପନ୍ନ ହୋଇଥାଏ ।

ଅଗର ନାମକ ପଲିସାକାରାଇଡ୍ ଏକ ଅତି ମୂଲ୍ୟବାନ୍ ପଦାର୍ଥ, ଏହାକୁ ଦୀର୍ଘକାଳ ହେଲା ବ୍ୟାକ୍ଟେରିଆ କଲଚରର ଏକ ମାଧ୍ୟମ ରୂପେ ବ୍ୟବହାର କରାଯାଇ ଆସୁଛି । ଏହାର ବିଶେଷ ପ୍ରକୃତି ଯୋଗୁଁ ବିଭିନ୍ନ ଶିଳ୍ପରେ ଏହାକୁ କୌଣସି ସାମଗ୍ରୀକୁ ମୋଟା କରିବା, ଚକ୍ ଚକ୍ କରିବା ଆଦି କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟବହାର କରାଯାଇ ଥାଏ । ଭାରତରେ ଶିଳ୍ପରେ ଲାଗୁଥିବା ଆଗରୋଫାଇଟସ୍ ରୁ ପ୍ରାୟ ଶତକଡ଼ା ୩୦ ରୁ ୫୦ ଭାଗ ଅଗର ନିଷ୍କାସନ କରାଯାଇଥାଏ ।

ସେହିପରି ଆୟୋଡ଼ିନ ଉତ୍ପାଦନ କ୍ଷେତ୍ରରେ ମଧ୍ୟରେ ଶୈବାଳର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଜାପାନ ବର୍ଷର ମୋଟ ଆୟୋଡ଼ିନ୍ ଚାହିଦାର ଶତକଡ଼ା ୫ ଭାଗ ଏହି ଶୈବାଳରୁ ଉତ୍ପନ୍ନ କରିଥାଏ । ଏହି ଆୟୋଡ଼ିନ୍ ନିଷ୍କାସନ ବେଳେ ବାଇପ୍ରଡକ୍ଟ ବା ସହ ଉତ୍ପନ୍ନ ଦ୍ରବ୍ୟ ହିସାବରେ ବହୁ ପରିମାଣର ପୋଟାସିଅମ୍ ସଲ୍ଟ ମଧ୍ୟ ମିଳିଥାଏ ।

ଅନ୍ୟାନ୍ୟ ଗୁରୁତ୍ୱ ପୂର୍ଣ୍ଣ ରାସାୟନିକ ପଦାର୍ଥ ମଧ୍ୟରେ ଏକ ପ୍ରକାର ଟ୍ୟୁମର ନିରୋଧୀ ରାସାୟନିକ ଟକୋଟ୍ରିଏନଲ ଏବଂ କ୍ୟାନସର ନିରୋଧ ଦ୍ରବ୍ୟ (ଲିପିଡ୍) ମଧ୍ୟ ଏଥିରୁ ଉତ୍ପନ୍ନ ହେଉଛି । ସେହିଭଳି ଲ୍ୟୁକୋମିଆ ବା ରକ୍ତ କର୍କଟ ରୋଗର ପ୍ରତିଷେଧକ ଏକ ପ୍ରକାର ଶୈବାଳ ଲିଙ୍ଗ୍‌ବାୟା, ଗ୍ରାସିଲସରୁ ମଧ୍ୟ ଉତ୍ପନ୍ନ ହେଉଛି ।

ଔଷଧ ଓ ରସାୟନ ସାଙ୍ଗକୁ ସୁବାସିତ ଅତର ମଧ୍ୟ ଏହି ଶୈବାଳରୁ ଉତ୍ପାଦନ କରାଯାଇଛି । ଆସ୍‌ପାରାଗୋପସିସ୍ ଟ୍ୟାକ୍ସିଫରମିସ୍ ନାମକ ଏକ ଶୈବାଳରୁ ଅତି ଚମତ୍କାର ସୁଗନ୍ଧଯୁକ୍ତ ଅତର ନିଷ୍କାସିତ ହେଉଛି । ଏହି ଦଳରୁ ପ୍ରାୟ ୬.୪୩ ପ୍ରତିଶତ ଅତର ନିଷ୍କାସିତ ହୁଏ । ସେହିଭଳି ଅତି ମନୋହର ଏକପ୍ରକାର ହଳଦିଆ ବାସ୍ନାତେଲ ମଧ୍ୟ ଡିକ୍‌ଟୋୟୁଟା ଡିସ୍‌କୋଟୋମା ନାମକ ଏକ ଦଳରୁ ତିଆରି ହେଉଛି ।

ଶୈବାଳରୁ ଅତି ମୂଲ୍ୟବାନ୍ ତଥା ଅତି ଦରକାରୀ ସାମଗ୍ରୀ ସବୁ ନିଷ୍କାସିତ ହେଉଥିବାରୁ ଭାରତରେ ଶୈବାଳ ସମ୍ପର୍କରେ ସ୍ୱତନ୍ତ୍ର ଅଧ୍ୟୟନ ହେବା ଅତି ଜରୁରୀ ହୋଇପଡ଼ିଲାଣି ।

ଖାଦ୍ୟୋପଯୋଗୀ ଦଳ

ପୃଥିବୀର କେତେକ ଦେଶରେ ଏବେ ଏହି ସାମୁଦ୍ରିକ ଦଳ ଖାଦ୍ୟଦ୍ରବ୍ୟରୂପେ ବହୁଳଭାବରେ ବ୍ୟବହାର କରାଗଲାଣି । ସେହି ଖାଦ୍ୟୋପଯୋଗୀ ଦଳ ଭାରତର ସୌରାଷ୍ଟ୍ର ଉପକୂଳରେ ପ୍ରଚୁର ପରିମାଣରେ ମିଳୁଛି । ଏହି ଦଳରେ ବହୁ ପରିମାଣର ପ୍ରୋଟିନ୍ ରହିଥିବାରୁ ଖାଦ୍ୟ ସମସ୍ୟାର ସମାଧାନ କଲେ ଏହାକୁ ଉତ୍ତମରୂପେ ବିନିଯୋଗ କରାଯାଇ ପାରିବ ।

ଖାଦ୍ୟୋପଯୋଗୀ ସମୁଦ୍ର ଦଳର ଏକ ଲମ୍ବା ତାଲିକା ପ୍ରସ୍ତୁତ କରାଯାଇପାରେ । କିନ୍ତୁ ଜାପାନରେ ଖାଦ୍ୟ ରୂପେ ବ୍ୟବହୃତ ହେଉଥିବା ଅତି ସାଧାରଣ ଦଳର ବୈଜ୍ଞାନିକ ନାମ ହେଲା ଏଣ୍ଟେରୋମରଫା, ପୋର୍‌ଫାଇରା ଟେନେରା ଏବଂ ଗ୍ରାସିଲାରିଆ । ଏହି ସବୁ ଦଳରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ସାଙ୍ଗକୁ ଭିଟାମିନ୍ ବି-୧୨ ମଧ୍ୟ ବହୁଳ ପରିମାଣରେ ରହିଥାଏ । ଏହି ଦଳ ଖାଇଲେ କୁକୁଡ଼ା ଛୁଆ ଗୁଡ଼ିକ ମଧ୍ୟ ବେଶ୍ ହୃଷ୍ଟ ହୋଇ ବଢ଼ିଥାନ୍ତି । ଅନ୍ୟ ଏକ ଦଳ ସି. କନ୍‌ଫେରଭଏଡ୍‌କୁ ସାଲାଡ୍ ରୂପେ କଞ୍ଚା ବା ତରକାରି ରୂପେ ଖିଆଯାଉଛି ।

ଫିଲିପାଇନ୍ସ୍‌ରେ ହପନିଆ ମ୍ୟୁସିଫରମିସ୍ ନାମକ ଦଳକୁ କଞ୍ଚା କମ୍ବା ତରକାରିରେ ଖିଆଯାଉଛି ।

ଭୂମଧ୍ୟ ସାଗରୀୟ ଅଞ୍ଚଳ ମାନଙ୍କରେ ଏହି ଦଳକୁ ବିଭିନ୍ନ ତରକାରୀ ସ୍ୱାଦିଷ୍ଟ କରିବା ନିମନ୍ତେ ବିନିଯୋଗ କରାଯାଉଛି ଏବଂ କେତେକ କ୍ଷେତ୍ରରେ ଏଥିରୁ ଉତ୍କୃଷ୍ଟ ପାନୀୟ ମଧ୍ୟ ପ୍ରସ୍ତୁତ କରାଯାଉ ।

ସମୁଦ୍ରରେ ସୃଷ୍ଟି ହେଉଥିବା ଏକ ପ୍ରକାର ଏକକୋଷୀ ଶିଉଳି କ୍ଲୋରେଲାରେ ଗୋ ମାଂସ ସୋୟାବିନ୍ ଓ ପାଉଡର କ୍ଷୀର ଅପେକ୍ଷା ଅଧିକ ପ୍ରୋଟିନ୍ ରହିଥିବା ପରୀକ୍ଷାରୁ ଜଣାଯାଇଛି । ଏସବୁ ଦୃଷ୍ଟିରୁ ବିଶ୍ୱରେ ଖାଦ୍ୟ ସଙ୍କଟର ସମାଧାନ ପାଇଁ ଏହି ଶୈବାଳ ଉପରେ ନିର୍ଭର କରିବା ଦିନ ପାଖେଇ ଆସିଲାଣି ବୋଲି ବୈଜ୍ଞାନିକମାନଙ୍କର ମତ । □

ଭିଟାମିନ୍ -ଏ ମୁଖ କର୍କଟ ପ୍ରତିରୋଧ କରିବ

ଭାରତ ତଥା ଦକ୍ଷିଣ ପୂର୍ବ ଏସିଆର ଲୋକମାନେ ପାନ, ତମାଖୁ ଓ ଗୁଆ ଖାଉଥିବାରୁ ସେମାନଙ୍କୁ ସାଧାରଣତଃ ମୁଖ କର୍କଟ ରୋଗ ଅଧିକ ପରିମାଣରେ ହୋଇଥାଏ ଭିଟାମିନ୍ 'ଏ' ଖାଇବା ଦ୍ୱାରା ଏହି ମୁଖ କର୍କଟର ପ୍ରତିରୋଧ କରାଯାଇ ପାରିବ ବୋଲି ବ୍ରିଟେନ୍‌ର ଏକ ମେଡ଼ିକାଲ ବୁଲେଟିନ୍‌ରେ ପ୍ରକାଶ କରାଯାଇଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ରିପୋର୍ଟ ଅନୁଯାୟୀ ଦକ୍ଷିଣ- ପୂର୍ବ ଏସିଆରେ ପ୍ରତିବର୍ଷ ଏକ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ଭିଟାମିନ୍ 'ଏ' ସେମାନଙ୍କ ପାଇଁ ଅମୃତ ସଦୃଶ ।

Images: Aptakama Mishra, Processing: Srujanika

ଭାରତକୁ ଖଣ୍ଡ ଖଣ୍ଡ କରିଦେବା ଲାଗି ଆମେରିକାର ଷଡ଼ଯନ୍ତ୍ର

ଭାରତ ଭିତରେ ସି. ଆଇ. ଏ. ଜରିଆରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ସୃଷ୍ଟି କରି ଭାରତକୁ ଖଣ୍ଡଖଣ୍ଡ କରିବା ଲାଗି ଆମେରିକା ପକ୍ଷରୁ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ଚାଲିଛି ବୋଲି ଋଷର ବିଖ୍ୟାତ ସମ୍ବାଦପତ୍ର ଇଜ୍‌ଭେଷ୍ଟିଆରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପ୍ରକାଶ ପାଇଛି ।

ଆମେରିକା ରାଷ୍ଟ୍ରପତିଙ୍କ ରେଡ଼ିଓ ସୁରକ୍ଷା ଓ କୂଟନୀତି ସମ୍ବନ୍ଧୀୟ କର୍ମ ସୂଚୀରେ ଭାରତର ଘୋର କ୍ଷତି ସାଧନ କଲାଭଳି କେତେକ ବିଷୟ ସ୍ଥାନ ପାଇଥିବା ସେଥିରେ ଦର୍ଶାଯାଇଛି । ଗଣତନ୍ତ୍ରର ସୁରକ୍ଷା ନାମରେ ଆମେରିକା ସାଧାରଣତଃ ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିଥାଏ ଏବଂ ସେହିଭଳି ଭାବେ ଭାରତର କେତେକ ଧର୍ମାନ୍ଧ ଓ ଚରମପନ୍ଥୀ ମାନଙ୍କୁ ଉସୁକାଇ ପାକିସ୍ତାନ ସହାୟତାରେ ନିଜର ସ୍ୱାର୍ଥ ସାଧନ କରିବା ପାଇଁ ସେ ଚେଷ୍ଟିତ ଥିବା ସେଥିରେ କୁହାଯାଇଛି ।

ଭାରତ ବାହାରେ ଆମେରିକାର ଗୁଇନ୍ଦା ସଂସ୍ଥା ଦ୍ୱାରା ପରିପୁଷ୍ଟ ଧର୍ମାନୁଷ୍ଠାନ ମାନଙ୍କ ମଧ୍ୟରେ ଇସ୍‌କନ୍ ମଧ୍ୟ ଅନ୍ୟତମ ବୋଲି ଅନ୍ୟଏକ ସୂତ୍ରରୁ ମିଳିଥିବା ସମ୍ବାଦରୁ ଜଣାଯାଇଛି । ଇସ୍‌କନ୍‌ଭଳି ଅନ୍ୟାନ୍ୟ ବହୁ ଧର୍ମସଂସ୍ଥା ଆଧାରରେ ଏ ଦେଶରେ ନିଜର କାର୍ଯ୍ୟକଳାପ ଚଳାଉଛି ଆମେରିକାର ବନ୍ଧୁଭାବାପନ୍ନ ବ୍ୟକ୍ତି ମାନଙ୍କୁ ଠକିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଦେଶପ୍ରତି ଲୋକଙ୍କର ଅନୁରକ୍ତି ବଢ଼ାଇବାରେ ସାହାଯ୍ୟ କରିଥାନ୍ତି ।

ଧର୍ମାନୁଷ୍ଠାନ ବ୍ୟତୀତ ବହୁ ବୁଦ୍ଧିଜୀବୀ ଓ ରାଜନୀତିଜ୍ଞ ମାନଙ୍କୁ ମଧ୍ୟ ନିଜ ଜାଲରେ ବାନ୍ଧିବାକୁ ବିଭିନ୍ନ ସାଂସ୍କୃତିକ ସଂସ୍ଥା ମାଧ୍ୟମରେ ସି-ଆଇ-ଏ ପକ୍ଷରୁ ବରାବର ଉଦ୍ୟମ ହୋଇଆସୁଥିବା ଜଣାଶୁଣା । ଭାରତରେ ସି-ଆଇ-ଏ.ର କାର୍ଯ୍ୟକଳାପ ଆତଙ୍କ ଜନକ ଭାବେ ବୃଦ୍ଧି ପାଉଥିବାରୁ ଆସନ୍ତା ନିର୍ବାଚନରେ ଏହାର ପ୍ରଭାବ ପଡ଼ିବାର ଯଥେଷ୍ଟ ଆଶଙ୍କା ସୃଷ୍ଟି ହେଲାଣି । ନିକଟରେ ସି ଆଇ ଏ ପକ୍ଷରୁ ହୋଇଥିବା ଏକ ଷଡ଼ଯନ୍ତ୍ରକୁ ବ୍ରହ୍ମପୁତ୍ର ଯୋଜନା ଆଖ୍ୟା ଦିଆଯାଇଛି ।

ସି. ଆଇ. ଏ.ର ବ୍ରହ୍ମପୁତ୍ର ଯୋଜନା ଭିତରେ ରହିଛି ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଥିବା ରାଜ୍ୟ ଗୁଡ଼ିକ ଲାଗି ଏକ ମଧ୍ୟବର୍ତ୍ତୀ ରାଷ୍ଟ୍ର ଗଠନର ସ୍ୱପ୍ନ । ସେଥି ସହିତ ଉତ୍ତର ପଶ୍ଚିମରେ ପଞ୍ଜାବରେ ଖାଲିସ୍ତାନ ରାଷ୍ଟ୍ର ସ୍ଥାପନର ଯୋଜନା ମଧ୍ୟ ଜଡ଼ିତ ହୋଇଛି । ଦେଶକୁ ଖଣ୍ଡଖଣ୍ଡ କରିଦେବାର ଯୋଜନା ଯେଉଁମାନେ ଗ୍ରହଣ କରିଛନ୍ତି ସେମାନଙ୍କ ମତରେ ଭାରତର ଦକ୍ଷିଣାଞ୍ଚଳ ହେବ ସ୍ୱାଧୀନ ଦ୍ରାବିଡ଼ସ୍ଥାନ । ଅରଣ୍ୟ ବିଶେଷ ଉତ୍ତର ଅଞ୍ଚଳ ଜମ୍ମୁ ଓ କାଶ୍ମୀରକୁ ପାକିସ୍ତାନ ସଙ୍ଗେ ଯୁକ୍ତ କରିଦିବ । ଓ୍ୱାଶିଂଟନର ବିଶେଷଜ୍ଞମାନେ ସମସ୍ତ ବିଷୟ ତୁଲାଇକରି ଦେଖିଛନ୍ତି ଏବଂ ପ୍ରତିଟି ଆକସ୍ମିକ ଘଟଣା ଯେପରି ଯୋଜନା ରଚନା କରିଛନ୍ତି । ସି ଆଇ ଏର ପ୍ରଥମ ଲକ୍ଷ୍ୟ ହେଉଛି ପଞ୍ଜାବ ଓ ଆସାମ । ଏସବୁ କଥା ଏ କାଗଜରେ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରାଯାଇଛି । ଖାଲିସ୍ତାନ ଯୋଜନାର ମୂଳରେ ଭିତରେ ରହିଛି ବିଚ୍ଛିନ୍ନତାବାଦୀ ମାନଙ୍କର ପ୍ରେସିଡେଣ୍ଟ ଏବଂ ରେଗାନ ଓ ସି ଆଇ ଏର ଅତି ପ୍ରିୟ ସାର୍ଜେଣ୍ଟ ଜେ. ଏସ, ଚୌହାନ । ତାଙ୍କୁ ଭାରତର ଐକ୍ୟ ନଷ୍ଟ କରି ପଞ୍ଜାବ ପରିସ୍ଥିତିକୁ ଅସ୍ଥିର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଣେ ପୁଣି ଆମେରିକାର ବନ୍ଧୁ ପାକିସ୍ତାନ ରାଷ୍ଟ୍ରପତି ଜିଆଉଲ୍ ହକ୍ ନିଜମୋଡ଼ ଛନ୍ତି ହେଲେ ତାଙ୍କ ଉପରେ ଆମେରିକା ଭରସା କରିପାରୁ ନାହିଁ । କାରଣ ସେ ଖୁବ୍ ସାବଧାନ । ମାର୍କିନ ଯୁକ୍ତରାଷ୍ଟ୍ରର କ୍ଷମତାବାନ୍ ମାନେ ଆଶା ବାନ୍ଧି ବସିଛନ୍ତି ଯଦି ନା ତଦନେ ଚୌହାନ ଓ ଖାଲିସ୍ତାନ ମାର୍ଫତରେ ମାର୍କିନ ଯୋଜନା ବାସ୍ତବ ରୂପ ନେବ । ଅନ୍ୟ ଏକ ଲକ୍ଷ୍ୟ ହେଲା ଆସାମର ସଙ୍ଘର୍ଷକୁ ଏପରିଭାବେ କାମରେ ଲଗାଇବା ଯେପରିକି ତା'ର ଉତ୍ତର-ପୂର୍ବାଞ୍ଚଳ ଏବଂ କେନ୍ଦ୍ରଶାସିତ ରାଜ୍ୟଗୁଡ଼ିକ ଭାରତରୁ ବିଚ୍ଛିନ୍ନ ହୋଇ ପଡ଼ିବେ ।

□

କନ୍‌ଭେଣ୍ଟ ସ୍କୁଲରେ ପୂଜ୍ୟ ପୂଜାର ବ୍ୟତିକ୍ରମ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କ ମୃତ୍ୟୁରେ ରାଜ୍ୟ ସାରା ଶୋକଦିବସ ପାଳନ ଅବକାଶରେ ସବୁସ୍କୁଲ କଲେଜ ଓ ସରକାରି କାର୍ଯ୍ୟାଳୟ ଆଦି ବନ୍ଦ ରହିଥିବା ବେଳେ କଟକସ୍ଥ କନ୍‌ଭେଣ୍ଟ ସ୍କୁଲ କର୍ତ୍ତୃପକ୍ଷ ସରକାରୀ ନିର୍ଦ୍ଦେଶକୁ ଅମାନ୍ୟ କରି ସ୍କୁଲ ଖୋଲି ରଖିଥିଲେ ଏବଂ ରେଡ଼ିଓ ଘୋଷଣା ଶୁଣି ଯେଉଁ ଛାତ୍ରଛାତ୍ରୀ ମାନେ ସ୍କୁଲ ବନ୍ଦଭାବି ଯାଇ ନଥିଲେ ସେମାନଙ୍କୁ ପଠନ ଦିଗରୁ କ୍ଷତି ସହିବାକୁ ପଡ଼ିଥିଲା ।

ସେହିଭଳି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ-ମୃତ୍ୟୁରେ ଜୁନ୍ ୨୫ତାରିଖ ଦିନ ସବୁ କାର୍ଯ୍ୟାଳୟ ଓ ସ୍କୁଲକଲେଜ ବନ୍ଦଥିବା ବେଳେ କନ୍‌ଭେଣ୍ଟ ସ୍କୁଲ ଖୋଲା ରହିଥିଲା ଏବଂ କୌଣସି ଅଭିଭାବକ କାଳେ ଆପତ୍ତି କରିବେ ସେଥିପାଇଁ ସ୍କୁଲ କର୍ତ୍ତୃପକ୍ଷ ନିଜ ଟେଲିଫୋନ୍‌କୁ କାଡ଼ି ପଦାରେ ଥୋଇ ଦେଇଥିଲେ ।

ଏ ଘଟଣା ସମ୍ପର୍କରେ କେତେକ ଅଭିଭାବକ ସ୍ଥାନୀୟ ବିଧାୟକ ଶ୍ରୀ ଶ୍ରୀକାନ୍ତ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଇଥିଲେ ଏବଂ ଜିଲ୍ଲାପାଳଙ୍କର ଲିଖିତ ନିର୍ଦ୍ଦେଶ ପାଇବାପରେ ଅଧାରୁ ସ୍କୁଲ ବନ୍ଦ ହୋଇଥିଲା ବୋଲି ଜଣାପଡ଼ିଛି ।

ସେହି ସ୍କୁଲରେ ଓଡ଼ିଶାର ପୂଜ୍ୟ ଲୋକଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । □

Images: Aptakama Mishra, Processing: Srujanika

ଖାରବେଳ

କଣ୍ଟକିତ କାଶ୍ମୀର

ଜନତା ସରକାର
ନିକ୍ସନ୍‌ଙ୍କୁ ଅଣୁରହସ୍ୟ
ବିକୁଥିଲେ ?

ତିନବର୍ଷ ଭିତରେ,
ଭାରତ ଉଦ୍‌ଯାନ ବୋମା
ତିଆରି କରିବ ?

ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ
ପୁଣି ଏକ ରାଜନୈତିକ
ବିପର୍ଯ୍ୟୟ

ଚର୍ଯୀଭୁକ ନିରୋଧ
ଆଇନ୍‌ର ବିଫଳତା

କାରଖାନାରୁ ଚାଉଳ
ଉତ୍ପାଦନ

Images: Aptakama Mishra, Processing: Srujanika

Images: Aptakama Mishra, Processing: Srujanika

ଖାରବେଳ

୧୯୮୪—୭ମ ସଂଖ୍ୟା

RNI Regd No : 42123/84

କଣ୍ଟକିତ କାଶ୍ମୀର — ଶ୍ରୀ ରମାକାନ୍ତ ମିଶ୍ର ୩
ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପୁଣି ଏକ ରାଜନୈତିକ ବିପର୍ଯ୍ୟୟ ୫
ବୁର୍ଲା ଛାତ୍ରଙ୍କ ଉପରେ ପୋଲିସ ଓ ଗୁଣ୍ଡାଙ୍କ ନାରକୀୟ ଆକ୍ରମଣ ୭
ଛାତ୍ରମାନେ ଉତ୍ତର ଖାତାର ପୁନର୍ମୂଲ୍ୟାୟନ ଦାବୀ କରିପାରିବେ ନାହିଁ ୮
ହିନ୍ଦୀ ଚଳଚ୍ଚିତ୍ରରେ ନୂତନ ତରଙ୍ଗ — ଶ୍ରୀ ଧରାଧର ମହାଲିକ ୧୦

ଶ୍ରୀ ସେଠୀଙ୍କ ଉପରେ ପ୍ରଧାନ ମନ୍ତ୍ରୀଙ୍କ ଆସ୍ଥା ନାହିଁ ୧୨
ପ୍ରକୃତିର ଅତ୍ୟନ୍ତ ଉପଯୋଗୀ ଉପଗ୍ରହ— ଜାମ୍ବୁକୋଳି ୧୩
ଡକ୍ଟର ବିମଳ କୁମାର ପଟ୍ଟନାୟକ
ଆପଣଙ୍କ ରାଶିଫଳ — ଆଚାର୍ଯ୍ୟ ଜ୍ୟୋତିଭୂଷଣ ୧୫
ରାଜ୍ୟ ପୂର୍ତ୍ତ ମନ୍ତ୍ରୀଙ୍କ ବିରୁଦ୍ଧରେ ଯୁବକଂଗ୍ରେସ ସଭାପତିଙ୍କ ବିଷୋଦ୍‌ଗାର ୧୬
ଅତ୍ୟଧିକ ଦ୍ରବ୍ୟର ଯୋଗୁ କାମାକ୍ଷା ବାବୁଙ୍କ ଅସୁବିଧା ୧୭

ଭାରତ ତିନିବର୍ଷ ଭିତରେ ଉଦ୍‌ଯାନ ବୋମା ତିଆରି କରିପାରିବ ୧୯
ମରୁଭୂମିର ଡାକଘର ଓଟ ୨୦
ଜଳକଷ୍ଟ ଗ୍ରାମରେ ଦୁଗ୍ଧର ବନ୍ୟା ୨୧
ବିଜୁଳି ପୁଅର ସାମାଜିକ ଅସୁବିଧା ୨୧
କାରଖାନାରୁ ଚାଉଳ, ଗହମ ଉତ୍ପାଦନ ୨୨
ଜନତା ସରକାର କ'ଣ ବିଦେଶୀଙ୍କୁ ଅଣୁ ରହସ୍ୟ ବିକ୍ରିବାକୁ ଚେଷ୍ଟା କରୁଥିଲେ ? ୨୩

ମହାକାଶରେ ଉଲ୍‌କାରୁ ପ୍ଲାଟିନମ୍ ସଂଗ୍ରହ ଉଦ୍ୟମ ୨୩
ଚନ୍ଦାମାନଙ୍କ ପାଇଁ ସୁସମ୍ବାଦ ୨୪
ବିଜୁଳି କରେଣ୍ଟ ଦ୍ୱାରା ଫଟା ହାଡ଼ର ଚିକିତ୍ସା ୨୪
ଜେନିଟିକ୍ ପରାମର୍ଶ ୨୬
ଆତ୍ମ ବିଶ୍ୱାସର ପ୍ରତୀକ—କାଞ୍ଚନ ୨୭
ଆଖିଧରା ଟ୍ରାକୋମା — ଡାକ୍ତର ଲକ୍ଷ୍ମୀକାନ୍ତ ମହାପାତ୍ର, ଡାକ୍ତର ପ୍ରଦୀପ ରାଓ ୨୯
ଅସାବଧାନତା ଓ ଅଗ୍ନିକାଣ୍ଡ ୩୧
ଫାଣ୍ଟମ୍ ୩୨, ୩୩
ଯୌତୁକ ଆଇନର ବିଫଳତା — ଶ୍ରୀ ଅଭିଜିତ ପଣ୍ଡା ୩୪

ଖ୍ରୀଷ୍ଟପୂର୍ବ ୧୩ଶ ଶତାବ୍ଦୀର ଅଲିମ୍ପିକ ୩୭
ଗର୍ଭପାତ ପାଇଁ ନୂଆ ଔଷଧ ୩୯
ହସ ଓ ଦୀର୍ଘଜୀବୀ ହୁଅ ୪୦

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-୭୫୩୦୧୨
ଫୋନ-୨୩୫୯୭

ପ୍ରଚ୍ଛଦପଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ

ମୂଲ୍ୟ ଟ ୩-୦୦

Images: Aptakama Mishra, Processing: Srujanika

ସମ୍ପାଦକଙ୍କୁ ପତ୍ର

ମହାଶୟ,

ସାପ୍ତାହିକ ଖାରବେଳ ବସ୍ତୁତଃ ମାସିକ ଖାରବେଳରେ ପରିଣତ ହୋଇଛି । ଆମେ ସମସ୍ତେ ଏହାକୁ ଅଧିକ ସମୟ ପଢ଼ୁଥିଲେ ବି ମନ ଶାନ୍ତ ହେଉନ । ଏହାକୁ ସାପ୍ତାହିକ ପତ୍ରିକା ରୂପେ ପ୍ରକାଶ କରିବାକୁ ଉଦ୍ୟୋଗର ଚେଷ୍ଟା କରନ୍ତୁ ।

ହେମାଂଶୁ ଶେଖର ଦାସ, ରାଉରକେଲା

× +

ମହାଶୟ,

ଓଡ଼ିଆ ଭାଷାରେ ପ୍ରଥମ ଥର ପାଇଁ ଫାଣ୍ଟମ୍ ଓ ଫ୍ଲାସ ଗର୍ଡନ ଆପଣଙ୍କ ପତ୍ରିକାରେ ପ୍ରକାଶିତ ହେଲା । କିନ୍ତୁ ୫ମ ଓ ୬ଷ୍ଠ ସଂଖ୍ୟାରେ ଏ ଦୁଇଟି ଯାକ ଆକର୍ଷଣୀ ବିଷୟ ଦେଖିବାକୁ ମିଳିଲ ନାହିଁ । ଏ ବିଷୟ ଦୁଇଟି କଣ ଏଥିକରେ ରହିଗଲା? ଆଶା ଏହାର ପୁନଃପ୍ରକାଶ ଦିଗରେ ଯତ୍ନବାନ୍ ହେବେ ।

ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସମ୍ବଲପୁର

× ×

ମହାଶୟ,

ବ୍ରହ୍ମପୁରରେ ଖାରବେଳ ନିୟମିତ ଭାବେ ଆମେ ପାଉ ନାହୁଁ । ପ୍ରଥମେ ପ୍ରଥମେ ଏହା ନିୟମିତ ଆସୁଥିଲା । ଏହାର କାରଣ ଆମେ ବୁଝିବାକୁ ଅକ୍ଷମ । ଯଦି ଏଜେଣ୍ଟ ପକ୍ଷରୁ କିଛି ତ୍ରୁଟି ହୋଇ ଥାଏ ତେବେ ନୂଆ ଏଜେଣ୍ଟ ନିଯୁକ୍ତିର ବ୍ୟବସ୍ଥା କରୁ ନାହାନ୍ତି କାହିଁକି?

ରାଧାଚରଣ ପାଣ୍ଡ, ବ୍ରହ୍ମପୁର

ମହାଶୟ,

ଖାରବେଳର ପ୍ରତ୍ୟେକ ସଂଖ୍ୟା ଅତି ଉଚ୍ଚ କୋଟିର ଲେଖାରେ ସମୃଦ୍ଧ ହେଉଛି । କିନ୍ତୁ ରାଜ୍ୟର ଅର୍ଥନୈତିକ ଅବସ୍ଥା ତଥା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅନୁପାତିକ ଭାବେ ପ୍ରକାଶ ପାଉ ନାହିଁ ବୋଲି ଆମର ହୃଦବୋଧ ହେଉଛି । ଦୟାକରି ଓଡ଼ିଶାର ବାସ୍ତବ ଚିତ୍ର ଅଧିକ ପ୍ରକାଶ କରିବା ଦିଗରେ ଆପଣ ସଚେଷ୍ଟ ହୁଅନ୍ତୁ । ତଥା ସମ୍ବନ୍ଧୀୟ ସଂବାଧ୍ୟକ ବାର୍ତ୍ତା ଆପଣ ପ୍ରକାଶ କରିବାରେ ସକ୍ଷମ ହୋଇଛନ୍ତି । ଏହାକୁ ଅନ୍ୟାନ୍ୟ ସାଧାରଣ ସମ୍ବାଦ ଭଳି ନ ଛାପି ସ୍ୱତନ୍ତ୍ର ବିଭାଗ ଆକାରରେ ଛାପିଲେ ଭଲହେବ ବୋଲି ମୋର ମତ ।

ସୂର୍ଯ୍ୟମଣି ଦାସ, ବାଲେଶ୍ୱର

× ×

ମହାଶୟ,

ଖାରବେଳରେ ବହୁ ଉପାଦେୟ ବିଶ୍ଳେଷଣାତ୍ମକ ଲେଖା ତ ପ୍ରକାଶ ପାଉଛି । ସାଧାରଣ ପାଠକ ମାନଙ୍କ କମଲେ ରୋମାଞ୍ଚ ହର୍ଷାନ୍ୱିତ ଲେଖା କାହିଁକି ପ୍ରକାଶ ପାଉନାହିଁ । ଗଞ୍ଜାମରେ ବହୁ ସ୍ଥାନରେ ପୋଲିସ୍ ଅତ୍ୟାଚାର ବରାବର ଲାଗି ରହିଛି । ହତ୍ୟାକାଣ୍ଡ ଆଦି ତଦନ୍ତ କରିବାରେ ପୋଲିସ ପକ୍ଷରୁ ଅବହେଳା ପ୍ରକାଶ ପାଉଛି । ଓଡ଼ିଶାର କୌଣସି ଦୈନିକ ପତ୍ରିକାର ପ୍ରତିନିଧି ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରୁନାହାନ୍ତି କାରଣ ପୋଲିସ ସେମାନଙ୍କୁ କପଟ ହାତ କରିବାକୁ ଭୟ ଜାଣି-ଛନ୍ତି । କିନ୍ତୁ ଖାରବେଳ ଏକ ଅନୁସନ୍ଧାନଧର୍ମୀ ପତ୍ରିକା ହୋଇଥିବାରୁ ଆପଣ ନିଶ୍ଚୟ ଏଗୁଡିକ ପ୍ରକାଶ କରିବାକୁ ଯତ୍ନବାନ ହୁଅନ୍ତୁ ।

ଭାନୁ ନାଏକ, ସୋରଡ଼ା

ମହାଶୟ,

ଖାରବେଳ ଗୋଟିଏ ତାଇଜେଷ୍ଟ ପତ୍ରିକା ରୂପେ ପାଠକ ମହଲରେ ପ୍ରଭାବ ବିସ୍ତାର କରୁଛି; ଏହା ନିଃସନ୍ଦେହ । ଯାହାସବୁ ପ୍ରକାଶ ପାଉଛି ତା ସାଙ୍ଗକୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟି ଯାଉଛି ସେ ସମ୍ପର୍କରେ ମଧ୍ୟ କିଛିଟା ପ୍ରକାଶ ପାଇଲେ ଭଲ ହେବ ।

ରାଧାଗୋବିନ୍ଦ ଦାସ, ଜୟପୁର ।

× × +

ଓଡ଼ିଶାର ବିଭିନ୍ନ ସ୍ଥାନରେ ପୋଲିସର ଅତ୍ୟାଚାର, ସବର୍ଣ୍ଣ ଅସବର୍ଣ୍ଣ ସଂଘର୍ଷ ପ୍ରାୟ ପ୍ରତିଦିନ ଲାଗିରହିଛି । ଆପଣ ସ୍ୱତନ୍ତ୍ର ସମ୍ବାଦ-ଦାତା ପଠାଇ ସେ ବିଷୟରେ ଠିକଣାଖି ବିବରଣୀ କାହିଁକି ଦେଉ ନାହାନ୍ତି ?

ସୁମନ୍ତ ନାୟକ, ଫୁଲବାଣୀ

× ×

ମହାଶୟ,

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ବହୁ ଘଟଣା ଘଟି ଯାଉଥିଲେ ମଧ୍ୟ ତାହା ଲୋକ ଲୋଚନକୁ ଆସି ପାରୁନାହିଁ । ଏଠାରେ ଥିବା ବିଭିନ୍ନ ସମ୍ବାଦପତ୍ର ପ୍ରତିନିଧି ମାନଙ୍କର ଗତି ବିଧି ଆପଣଙ୍କୁ ଭଲ ଭାବେ ଜଣା ଥିବ । ସେମାନଙ୍କୁ ଖବର ଦେବା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ । ଆପଣଙ୍କ ଭୁବନେଶ୍ୱର ପ୍ରତିନିଧି କିଏ ଆମେ ଜାଣିଲେ ବହୁ ତଥ୍ୟ ତାଙ୍କୁ ଯୋଗାଇବାକୁ ସକ୍ଷମ ହେବୁ ଏବଂ ଖାରବେଳ ବିଭିନ୍ନ ରହସ୍ୟ ଉଦ୍‌ଘାଟନ କରିବାରେ ମଧ୍ୟ ସଫଳ ହେବ ।

ସତ୍ୟବ୍ରତ ମହାପାତ୍ର, ଭୁବନେଶ୍ୱର

କଣ୍ଟକିତ କାଶ୍ମୀର

ଜାମ୍ମୁ କଶ୍ମୀରରେ ସ୍ୱର୍ଗତ ଶେଖ୍ ଅବ୍ଦୁଲ୍ଲାଙ୍କ ପୁଅ ଡ଼ାକ୍ତର ଫାରୁକ ଅବଦୁଲ୍ଲାର ନେତୃତ୍ୱରେ ଗଠିତ ମନ୍ତ୍ରୀମଣ୍ଡଳକୁ ଭାଙ୍ଗି ତା ସ୍ଥାନରେ ସ୍ୱର୍ଗତ ଶେଖ୍‌ଙ୍କ ଜ୍ୱାଇଁ ଶ୍ରୀ ଜି.ଏମ୍ ଶାହାଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ କରାଯିବା ପରେ ସାରା ଦେଶରେ ବିରୋଧୀ ଦଳମାନେ ରାଜ୍ୟପାଳ ଶ୍ରୀ ଜଗମୋହନଙ୍କ କାର୍ଯ୍ୟର କଠୋର ସମାଲୋଚନା କରିଛନ୍ତି । ବିରୋଧୀ ଦଳମାନଙ୍କର ଯୁକ୍ତି ହେଉଛି ରାଜ୍ୟପାଳ ଯଦି ଫାରୁକ ସରକାର ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନ ଲାଭ କରୁନାହିଁ ବୋଲି ଅନୁଭବ କଲେ ତେବେ ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରିବା ପୂର୍ବରୁ (୧) ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ନେଲେ ନାହିଁ କାହିଁକି? (୨) ଯଦି ଏହା କରିବାକୁ ସେ ଉଚିତ ମନେକଲେ ନାହିଁ ତେବେ ବିଧାନସଭାକୁ ଭାଙ୍ଗି ସାନ ନିର୍ବାଚନର ଆଦେଶ କାହିଁକି ଦେଲେନାହିଁ ? ଅଧିକନ୍ତୁ ସେଠାରେ ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ମଧ୍ୟ ଅନୁରୂପ ପରାମର୍ଶ ଦେଇଥିବା ସତ୍ତ୍ୱେ ରାଜ୍ୟପାଳ ତଦନୁଯାୟୀ କାର୍ଯ୍ୟ ନ କରିବା ଫଳରେ ନିଜ ସୀମା ଲଙ୍ଘନ କରିଛନ୍ତି । ଭାରତୀୟ ସମ୍ବିଧାନର ବିଧି ବ୍ୟବସ୍ଥା ଅନୁସାରେ ଅବଶ୍ୟ ଏଭଳି ମତାମତ ଦିଆଯାଇଛି ।

କିନ୍ତୁ ଜାମ୍ମୁ ଓ କାଶ୍ମୀରର ସାମ୍ବିଧାନିକ ବ୍ୟବସ୍ଥା ଟିକିଏ ଭିନ୍ନ । କାରଣ ଭାରତୀୟ ସମ୍ବିଧାନ ଢାଞ୍ଚାରେ ଏହାର ଏକ ନିଜସ୍ୱ ସମ୍ବିଧାନ ରହିଛି । କାଶ୍ମୀର ସମ୍ବିଧାନର ୯୨ଧାରା ଭାରତୀୟ ସମ୍ବିଧାନର ୩୫୬ ଧାରାର ଅନୁରୂପ ଏବଂ ଏହି ଧାରା ଅନୁଯାୟୀ ସେହି ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସରକାର ଚଳି ନ ପାରିଲେ ରାଜ୍ୟପାଳ ନିଜ ହାତକୁ କ୍ଷମତା ନେବା କଥା । ଭାରତୀୟ ସମ୍ବିଧାନର ୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର ପରାମର୍ଶ ଅନୁସାରେ ଚଳିବାକୁ ବାଧ୍ୟ ହୋଇଥିବାବେଳେ କାଶ୍ମୀର ସମ୍ବିଧାନରେ ଏପରି ବାଧ୍ୟତା ମୂଳକ ବ୍ୟବସ୍ଥା ନାହିଁ ।

ସେଠା ସମ୍ବିଧାନରେ କୁହାଯାଇଛି ରାଜ୍ୟପାଳ ତାଙ୍କର ସମସ୍ତ କାର୍ଯ୍ୟ (ଧାରା ୩୭,୩୮,୯୨ ର ବ୍ୟବସ୍ଥା ବ୍ୟତିରେକ) ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ କ୍ରମେ କରିବେ । ୩୭ ଓ ୩୮ ଧାରା ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ନିଯୁକ୍ତି ସମ୍ପର୍କୀୟ । ସେହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ବେଳେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ

ରମାକାନ୍ତ ମିଶ୍ର

ସହ ପରାମର୍ଶ କରିବାକୁ ବାଧ୍ୟ ନୁହନ୍ତି କିନ୍ତୁ ସେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲୋଡ଼ିବାକୁ ବାଧ୍ୟ । ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ଅବକାଶରେ ବିଧାନ ସଭାକୁ ଅନ୍ୟାନ୍ୟ ରାଜ୍ୟ ମାନଙ୍କରେ ଯେପରି ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରାଯାଇଥାଏ ଜାମ୍ମୁ କାଶ୍ମୀର ବିଧାନ ସଭାକୁ ସେଭଳି ସସ୍‌ପେଣ୍ଡ କରିବାକୁ କୌଣସି ସାମ୍ବିଧାନିକ ବ୍ୟବସ୍ଥା ନାହିଁ । ଏହାର ଅର୍ଥ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରିବା ପରେ ହିଁ ବିଧାନସଭା ପାଇଁ ନିର୍ବାଚନ କରିବାକୁ ପଡ଼ିବ ।

ରାଜ୍ୟପାଳ ଶ୍ରୀ ଜଗମୋହନ ଏହି ପରିସ୍ଥିତି ଏଡ଼ାଇବା ପାଇଁ ରାଜ୍ୟରେ ସାନ ନିର୍ବାଚନ ନ କରିବା ଉଦ୍ଦେଶ୍ୟରେ ବୋଧହୁଏ ଶ୍ରୀ ଜି.ଏମ୍. ଶାହାଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଆମନ୍ତ୍ରଣ କଲେ ।

ସମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି ଏବଂ କେନ୍ଦ୍ରରେ ଥିବା କଂଗ୍ରେସ ଦଳର ସ୍ୱାର୍ଥ ରକ୍ଷା କରିବାକୁ ତାଙ୍କ ପକ୍ଷେ ଶ୍ରୀ ଶାହାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଛଡ଼ା ଅନ୍ୟ ବାଟ ନଥିଲା । ନିରପେକ୍ଷ ଭାବେ ସେ ଅବଶ୍ୟ ରାଷ୍ଟ୍ରପତି ଶାସନ ଜାରି କରି ପାରିଥାନ୍ତେ ବୋଲି ଯେଉଁମାନେ କହୁଛନ୍ତି ସେମାନେ ଏ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହେବାକୁ ବାଧ୍ୟ ବୋଲି ଥିବା ସମ୍ବିଧାନିକ ନିର୍ଦ୍ଦେଶକୁ ଭୁଲି ଯାଉଛନ୍ତି । ରାଜ୍ୟପାଳଙ୍କ ଏ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ନ ପାଇଥିଲେ ଅବସ୍ଥା ଆହୁରି ଜଟିଳ ହୋଇଥାନ୍ତା ।

ଅବଶ୍ୟ ରାଜ୍ୟପାଳଙ୍କ କାର୍ଯ୍ୟରେ ସମ୍ବିଧାନିକ ସଙ୍ଗତି ବିଷୟରେ କିଛି କହିବା ପୂର୍ବରୁ ସେଠାକାର ସ୍ୱତନ୍ତ୍ର ରାଜନୈତିକ ଓ ସାମରିକ ପରିସ୍ଥିତି ବିଚାର୍ଯ୍ୟ ।

୧୯୮୩ ମସିହା ଜୁନ୍ ୧୨ ତାରିଖ ଦିନ ଡାକ୍ତର ଫାରୁକ ଅବଦୁଲ୍ଲା କାଶ୍ମୀରରେ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ଯିବା ପର୍ଯ୍ୟନ୍ତ ଯେଉଁ ସବୁ ଘଟଣା ଘଟିଯାଇଛି ସେଥିରେ ତାଙ୍କ ନେତୃତ୍ୱରେ ଗଠିତ ଜାତୀୟ ସମ୍ମିଳନୀ ବରାବର କେନ୍ଦ୍ରରେ ଥିବା କଂଗ୍ରେସ ନେତୃତ୍ୱର ବିରୋଧ କରି ଆସୁଥିବା ସ୍ପଷ୍ଟ । ୧୯୮୩ ନିର୍ବାଚନରେ ବିଧାନ ସଭାର ୭୬ ଟି ଆସନ ମଧ୍ୟରୁ ଜାତୀୟ ସମ୍ମିଳନୀ ପାଇଥିଲା ୪୬, କଂଗ୍ରେସ ପାଇଥିଲା ୨୬, ବାକି ୪ ଟି ଆସନ ଅନ୍ୟମାନେ ପାଇଥିଲେ ।

ମୁଖ୍ୟମନ୍ତ୍ରୀ ହେବାପରେ ଡ଼ାକ୍ତର ଅବଦୁଲ୍ଲା ବରାବର ବିରୋଧୀ ଦଳମାନଙ୍କ ଗୋଷ୍ଠୀରେ ଯୋଗ ଦେବାରୁ କଂଗ୍ରେସ କର୍ତ୍ତୃପକ୍ଷ ତାଙ୍କୁ ଭଲ ଦୃଷ୍ଟିରେ ଦେଖୁ ନଥିଲେ । ତେଣୁ ତାଙ୍କୁ କଂଗ୍ରେସ କ୍ଷମତାଚ୍ୟୁତ କରିବାକୁ ଆଗ୍ରହୀ ବୋଲି ସେ ବରାବର ଅଭିଯୋଗ କରି ଆସୁଥିଲେ । ଅବଶ୍ୟ ୧୯୭୫ରେ ତାଙ୍କ ପିତାଙ୍କୁ କଂଗ୍ରେସ ହିଁ କ୍ଷମତାସୀନ କରିଥିଲା । ରାଜ୍ୟ ବିଧାନ ସଭାକୁ ହୋଇଥିବା ନିର୍ବାଚନରେ କଂଗ୍ରେସ ଜାତୀୟ ସମ୍ମିଳନୀ ସହ ମିଶି ସରକାର ଗଠନ କରିବାକୁ

Images: Aptakama Mishra, Processing: Srujanika

ଆଗ୍ରହୀ ଥିଲେ ମଧ୍ୟ ଡ଼ାକ୍ତର ଅବଦୁଲ୍ଲା ଏ ଦିଗରେ ଅନୁକୂଳ ମନୋଭାବ ପ୍ରଦର୍ଶନ କରି ନଥିଲେ ।

୧୯୭୭ ମସିହାରେ ଜନତା ପାର୍ଟି କେନ୍ଦ୍ରରେ କ୍ଷମତାରେ ଥିବାବେଳେ ଜାତୀୟ ସମ୍ମିଳନୀ କାଶ୍ମୀରର ତିନୋଟି ଯାକ ଅଞ୍ଚଳରୁ କାଶ୍ମୀର ଉପତ୍ୟକା ଜାମୁ ଓ ଲଦାଖ ମିଳିତ ଭାବେ ୪୮ ଟି ସ୍ଥାନ ଅଧିକାର କରିଥିବା ବେଳେ ୮୩ ନିର୍ବାଚନରେ ଜାତୀୟ ସମ୍ମିଳନୀ ଜାମୁ ଉପରୁ ନିଜର ପ୍ରଭାବ ହରାଇ ଥିବା ପ୍ରତିପାଦିତ ହେଲା ଓ କଂଗ୍ରେସ ଜାମୁରେ ପ୍ରଭାବ ବିସ୍ତାର କରିଥିବା ପ୍ରମାଣିତ ହେଲା । ଏବଂ ସେଠାରେ କଂଗ୍ରେସ ସ୍ୱୀକୃତି ପ୍ରାପ୍ତ ବିରୋଧି ଦଳରେ ପରିଣତ ହେଲା ।

ଏହା ପୂର୍ବରୁ ସେ ପର୍ଯ୍ୟନ୍ତ ବିଧାନ ସଭାରେ କଏ କେବେ ସ୍ୱୀକୃତି ପ୍ରାପ୍ତ ବିରୋଧୀ ଦଳରେ ପରିଣତ ହୋଇ ପାରିନଥିଲା ।

କିନ୍ତୁ ଡାକ୍ତର ଅବଦୁଲ୍ଲାଙ୍କ ମନ୍ତ୍ରୀମଣ୍ଡଳ ଶପଥ ନେବା ପରେ ପରେହିଁ ଜାତୀୟ ସମ୍ମିଳନୀ ଓ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ବଡ଼ ଧରଣର ସଂଘର୍ଷ ଆରମ୍ଭ ହୋଇଗଲା । ଜୁନ୍ ୧୪ ତାରିଖ ଦିନ ଏହିଭଳି ଏକ ସଂଘର୍ଷରେ ୨୦୦ ଲୋକ ଆହତ ହେଲେ ଏବଂ ପୋଲିସ ସଂଘର୍ଷରତ ଲୋକଙ୍କୁ ଘଉଡ଼ାଇବା ପାଇଁ ଶହ ଶହ ଲୁହ ବୁହା ବାଷ୍ପ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ବହୁବାର ଲାଠି ଚାଳନା ମଧ୍ୟ କରିଥିଲା ।

ଏହାର ତିନି ସପ୍ତାହ ପରେ ବଜେଟ୍ ଅଧିବେଶନ ଆରମ୍ଭ ବେଳେ କଂଗ୍ରେସ ଦଳ ରାଜ୍ୟପାଳଙ୍କ ଭାଷଣ ବର୍ଜନ କଲା ଓ ବାଚସ୍ପତି ନିର୍ବାଚନରେ ଭାଗ ନେଲା ନାହିଁ । ଜୁଲାଇ ୨୩ ରେ ଅଧିବେଶନର ବାକି ସମୟ ପାଇଁ ୨୦ ଜଣ କଂଗ୍ରେସ ବିଧାୟକଙ୍କୁ ସସ୍‌ପେଣ୍ଡ କରାଗଲା । ଏହିଭଳି ଭାବେ ଜାତୀୟ ସମ୍ମିଳନୀ ବିଧାନ ସଭା ଭିତରେ ଓ ବାହାରେ କଂଗ୍ରେସର ସମ୍ମୁଖିନ ହେଉଥିବା ବେଳେ ଦଳ ଭିତରେ ଅନ୍ତର୍ଦ୍ୱନ୍ଦ କ୍ରମେ ଘନୀଭୂତ ହେବାକୁ ଲାଗିଲା ।

ଦଳ ଭିତରେ ଅନ୍ତର୍ଦ୍ୱନ୍ଦ

ଶେଖ୍ ଅବଦୁଲ୍ଲାଙ୍କ ମନ୍ତ୍ରୀମଣ୍ଡଳର ବରିଷ୍ଠ ସଭ୍ୟ ଶ୍ରୀ ଦେବୀ ଦାସ ଠାକୁରଙ୍କ ସ୍ଥାନ ଥିଲା ମନ୍ତ୍ରୀମଣ୍ଡଳରେ ଦ୍ୱିତୀୟ । ଶେଖ୍ ଅବଦୁଲ୍ଲାଙ୍କ ନିର୍ଦ୍ଦେଶରେ ଶ୍ରୀ ଠାକୁର, ଡ଼ାକ୍ତର ଅବଦୁଲ୍ଲାଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ରୂପେ ଗଢ଼ିବାର ଦାୟିତ୍ୱ ନେଇଥିଲେ ଏବଂ ଶେଖଙ୍କ ମୃତ୍ୟୁ ପରେ ଶ୍ରୀ ଠାକୁରଙ୍କ ଘରେ ଅନୁଷ୍ଠିତ ହୋଇଥିବା ବୈଠକରେ ଶ୍ରୀ ଠାକୁର ନିଜେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଡ଼ାକ୍ତର ଅବଦୁଲ୍ଲାଙ୍କ ନାମ ପ୍ରସ୍ତାବ କରିଥିଲେ । କିନ୍ତୁ ଡ଼ାକ୍ତର ଅବଦୁଲ୍ଲାଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରୀ ଠାକୁର ସ୍ଥାନ ପାଇଲେ ନାହିଁ ଏବଂ କ୍ରମେ ଉଭୟଙ୍କ ଭିତରେ ସମ୍ପର୍କ ତିକ୍ତ ହେଲା ଓ ଶେଷରେ ଶ୍ରୀ ଠାକୁର କ୍ଷମତାସୀନ ଦଳର ପ୍ରାଥମିକ ସଭ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କୃତ ହେଲେ । ଏହା ସହିତ ଶ୍ରୀଜି: ଏମ୍ ଶାହା ସଭ୍ୟ ଥିବା ଜାତୀୟ ସମ୍ମିଳନୀର ୨୧ ଜଣିଆ କାର୍ଯ୍ୟକାରୀ କମିଟିକୁ ମଧ୍ୟ ଡାକ୍ତର ଅବଦୁଲା ଭାଙ୍ଗି ଦେଲେ । ଏହାପରେ କିଛିଦିନ ନୀରବ ରହିବା ପରେ ଶ୍ରୀ ଶାହା ପୁଣି ସକ୍ରିୟ ରାଜନୀତିକୁ ଫେରିବେ ବୋଲି ଘୋଷଣା କରିବା ଯୋଗୁ ଡାକ୍ତର ଅବଦୁଲା ଚିନ୍ତିଆଁ ହେଲେ ।

କଂଗ୍ରେସ ଦଳର ସଙ୍କଟ

କଂଗ୍ରେସ ଦଳ ଭିତରେ ମଧ୍ୟ ଏପଟେ ସଙ୍କଟ ଲାଗିରହିଥିଲା । ୧୯୮୩ ଅକ୍ଟୋବର ୧୫ ତାରିଖ ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୟଦ୍ ମୀର କାଶିମ୍ କାଶ୍ମୀର ଦଳରୁ ବହିଷ୍କୃତ ଏବଂ ତାଙ୍କର ଓ ଶ୍ରୀମତି ଗାନ୍ଧୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ପତ୍ର ବିନିମୟ ପରେ ସମ୍ବାଦ ପତ୍ରରେ ପ୍ରକାଶ ପାଇଲା ଏହି ଚିଠିରେ ଶ୍ରୀ କାଶୀମ୍ ନିର୍ବାଚନ-ବେଳେ ବିଶ୍ୱାସ ଘାତକତା କରିଥିଲେ ବୋଲି ଶ୍ରୀମତି ଗାନ୍ଧୀ ଅଭିଯୋଗ କରିଥିଲେ । ମୂଳରୁ କଂଗ୍ରେସ ସ୍ୱାଧୀନ ଭାବେ କାଶ୍ମୀର ନିର୍ବାଚନରେ ଅଂଶ ଗ୍ରହଣ ନ କରୁ ବୋଲି ଶ୍ରୀ କାଶୀମ୍ ଚାହୁଁଥିଲେ କିନ୍ତୁ କଂଗ୍ରେସ ଦଳ ଏଥିପ୍ରତି ଅନୁକୂଳ ମନୋଭାବ ପ୍ରଦର୍ଶନ କରିନଥିଲା ।

କ୍ରିକେଟ ଖେଳରେ ଗଣ୍ଡଗୋଳ

ରାଜ୍ୟର ଦୁଇ ମୁଖ୍ୟ ରାଜନୈତିକ ଦଳ ଏଭଳି ସଙ୍କଟ ଭିତର ଦେଇ ଗତି କରୁଥିବା ବେଳେ ଅକ୍ଟୋବର ୧୩ ତାରିଖ ଦିନ ଅନୁଷ୍ଠିତ ଦିନକିଆ ଆନ୍ତର୍ଜାତିକ ଟେଷ୍ଟ କ୍ରିକେଟ ମ୍ୟାଚରେ ଯେଉଁ ଅଶୋଭନୀୟ କାଣ୍ଡ ହେଲା ତାହା ସମସ୍ତ ଦେଶ ବାସୀଙ୍କୁ ଗଭୀର ଦୁଃଖ ଦେଲା ।

ସେଠାରେ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ହେଉଥିବା ମ୍ୟାଚ ବେଳେ ଜମାତ ଛାତ୍ରମାନେ ଭାରତ ବିରୋଧି ସ୍ଲୋଗାନ ଦେଇ ଭାରତୀୟ ଖେଳାଳିମାନଙ୍କୁ ମାରଧର କଲେ ଓ ବିଦେଶୀ ଖେଳାଳିଙ୍କ କ୍ରୋଡ଼ାଗ୍ରତ କଲେ । ଭାରତୀୟ କ୍ୟାପଟେନ୍ ଶ୍ରୀ କପିଲଦେବଙ୍କ ଉକ୍ତି ଅନୁଯାୟୀ ସେଠାରେ ମୁଖ୍ୟମନ୍ତ୍ରୀ ଓ ଡାଇରେକ୍ଟର ଜେନେରାଲ ପୋଲିସ ଉପସ୍ଥିତ ଥିଲେ ମଧ୍ୟ ପୋଲିସ ନୀରବ ଦ୍ରଷ୍ଟା ହୋଇ ରହିଥିଲେ ।

କେବଳ ସେତିକି ନୁହେଁ ଜମାତ ଛାତ୍ରମାନେ ପାକିସ୍ଥାନ ପତାକା ଉଡ଼ାଇ ଭାରତୀୟ ଖେଳାଳିମାନଙ୍କ ଉପରକୁ ପଚା ସେଓ, କମଳା ଓ ଟେକା ପଥର ଫୋପାଡ଼ିଥିଲେ ଏବଂ ଲଞ୍ଚ୍ ବ୍ରେକ ବେଳେ ପଡ଼ିଆ ଭିତରକୁ ପଶିଯାଇ ପିଚ୍ ଖୋଳି ଗାତ କରିଦେଲେ ।

ଅକ୍ଟୋବର ୧୫ ତାରିଖ ଦିନ ଉକ୍ତ ଘଟଣା ଜମାତ ଏ-ଇସଲାମି ଦ୍ୱାରା କରାଯାଇଛି ବୋଲି ସେହି ସଂସ୍ଥାର ନେତାମାନେ ଖୋଲା ଖୋଲି ଭାବେ କହି ବୁଲିଲେ ଏବଂ ଏ ଘଟଣା ଜରିଆରେ

Images: Aptakama Mishra, Processing: Srujanika

କାଶ୍ମୀର ବାସୀ ଭାରତ ବିରୁଦ୍ଧରେ ନିଜର ମନୋଭାବ ବ୍ୟକ୍ତ କଲେ ବୋଲି ଜମାଏତ୍ :ଏ: ଉଲବାର ସଭାପତି ଶ୍ରୀ ସବର ଅହମ୍ମଦ ସବର ବିବୃତ୍ତି ଦେଲେ ।

କେନ୍ଦ୍ର ସରକାର ଏହାକୁ ଏକ ଗୁରୁତର ଘଟଣା ରୂପେ ବିବେଚନା କଲେ ଏବଂ କାଶ୍ମୀର ପ୍ରଦେଶ କଂଗ୍ରେସର ସଭାପତି ମୁଫ୍‌ତି ମହମ୍ମଦ ସୟଦ ଏ ପରିସ୍ଥିତିରେ ରାଜ୍ୟପାଳ ନୀରବ ଦ୍ରଷ୍ଟା ହୋଇ ନ ବସି ନିଜର ସାମ୍ବିଧାନିକ କର୍ତ୍ତୃତ୍ବ ପ୍ରୟୋଗ କରନ୍ତୁ ବୋଲି ଦାବୀ କଲେ । କେନ୍ଦ୍ର ସ୍ଵରାଷ୍ଟ୍ର ମନ୍ତ୍ରୀ ଶ୍ରୀ ସେଠୀ କାଶ୍ମିର ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଏକ କଡ଼ା ଚିଠି ଲେଖି କ୍ରିକେଟ ଖେଳରେ ହୋଇଥିବା ଗଣ୍ଡଗୋଳ ଏକ ପୂର୍ବପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ଅଭିହିତ କରି ଏହାକୁ ଯୁବକ ସୁଲଭ ଉନ୍ମାଦତା ବୋଲି କୁହାଯାଇ ନପାରେ ବୋଲି ମତ ଦେଲେ ।

ବିଭିନ୍ନ ଆଡ଼ୁ ଏ ଘଟଣା ସମ୍ପର୍କରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଡାକ୍ତର ଅବଦୁଲ୍ଲା ଏହାକୁ ନିଜେ ଏକ ଲଜ୍ଜାଜନକ ଘଟଣା ବୋଲି ମତଦେଇ ଏହାର ଏକ ପ୍ରଶାସନିକ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଏବଂ ଭାରତ ସହ କାଶ୍ମୀରର ମିଶ୍ରଣ ସଂପର୍କରେ ଯେଉଁ ମାନେ ପ୍ରଶ୍ନ କରୁଛନ୍ତି ସେମାନଙ୍କୁ ଚେତାବନୀ ଶୁଣାଇଲେ ।

ଏହାପରେ ମଧ୍ୟ ଅନେକ ଘଟଣା ଘଟିଗଲା ଯାହା ସବୁ ଭାରତୀୟ ଲୋକଙ୍କ ମନରେ ଗଭୀର ସନ୍ଦେହ ଓ କ୍ଷତ ସୃଷ୍ଟି କଲା । ଅଗଷ୍ଟ ୧୪ ତାରିଖ ଦିନ କାଶ୍ମୀର ଉପତ୍ୟକାର ବିଭିନ୍ନ ଅଞ୍ଚଳରେ ପାକିସ୍ତାନ ପତାକା ଉଡ଼ାଯାଇ ପାକିସ୍ତାନର ସ୍ଵାଧୀନତା ଦିବସ ପାଳନ କରାଗଲା ଏବଂ ଅଗଷ୍ଟ ୧୫ ତାରିଖ ଦିନ ଆମର ସ୍ଵାଧୀନତା ଦିବସ ପାଳିତ ହେଉଥିବା ସ୍ଥାନରେ ସନ୍ତ୍ରାସବାଦୀ ମାନେ ବୋମା ପକାଇବାରୁ ବହୁ ଲୋକ ଆହତ ହେଲେ ଏବଂ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିବା ଜଣେ ଛାତ୍ରୀ ତାର ଚକ୍ଷୁ ହରାଇଲା । ଏ ଘଟଣା ପରେ ଉପତ୍ୟକାର ଆହୁ କେତେକ ସ୍ଥାନରେ ମଧ୍ୟ ବୋମା ବିସ୍ଫୋରଣ ହୋଇଥିଲା । ଏହାର ୧୫ ଦିନ ପରେ କୋଠିବାଗ ପୋଲିସ ଷ୍ଟେସନ୍ ନିକଟବର୍ତ୍ତୀ ଇଣ୍ଡିଆନ କଫି ହାଉସର ଗାଧୁଆ ଘରେ ଖଞ୍ଜା ଯାଇଥିବା ଏକ ବିରାଟ ବୋମା ବିସ୍ଫୋରଣ ହେବା ଫଳରେ ସମଗ୍ର ଉପତ୍ୟକା ଥରି ଉଠିଥିଲା । ଅକ୍ଟୋବର ୧୨-୧୩ ତାରିଖ ଦିନ ହରିପର୍ବତ ଦୁର୍ଗରେ ଥିବା ଡାକ ତାର ବିଭାଗର ସାଟେଲାଇଟ ଷ୍ଟେସନ ଉଡ଼ାଇ ଦେବା ପାଇଁ ମଧ୍ୟ ଚେଷ୍ଟା ହୋଇଥିଲା ।

ଏହି ସବୁ ଘଟଣା ପ୍ରବାହ ଯୋଗୁ ସେଠା ମୁଖ୍ୟମନ୍ତ୍ରୀ ଡାକ୍ତର ଫାରୁକ ଅବଦୁଲା ସନ୍ତ୍ରାସବାଦୀଙ୍କୁ ଗୋପନରେ ସାହାଯ୍ୟ କରି ପାକିସ୍ତାନ ସପକ୍ଷବାଦୀ ଲୋକଙ୍କୁ ଭିତରେ ଭିତରେ ପ୍ରୋତ୍ସାହନ ଦେଉଛନ୍ତି ବୋଲି ନୂଆ ଦିଲ୍ଲୀର ଧାରଣା ବଦ୍ଧମୂଳ ହେବାକୁ ଲାଗିଲା । ବମ୍ବେଠାରେ ଅକ୍ଟୋବର ୨୦ ତାରିଖ ଦିନ ହୋଇଥିବା ଏ ଆଇ ସି. ସି. ଅଧିବେଶନରେ ମଧ୍ୟ କାଶ୍ମୀର ସମସ୍ୟା ସମ୍ପର୍କରେ ବିଶେଷଭାବେ ଆଲୋଚନା ହୋଇଥିଲା ଏବଂ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ କାଶ୍ମୀର ସରକାରଙ୍କୁ ସେଠାରେ ଘଟିଥିବା ଭଙ୍ଗାରୁଜା କାର୍ଯ୍ୟ ପାଇଁ ସର୍ବୋତଭାବେ ଦାୟୀ କରିଥିଲେ ।

କଂଗ୍ରେସ ଅଧିବେଶନ ପରେ କାଶ୍ମୀର ଘଟଣା ପ୍ରବାହ ଦ୍ରୁତ ଗତିରେ ଧାବିତ ହେବାକୁ ଲାଗିଲା । ରାଜ୍ୟରେ ଜାତୀୟତା ବିରୋଧୀ ଶକ୍ତିକୁ ରାଜ୍ୟ ସରକାର ଦମନ କରିବାରେ ବିଫଳ ହୋଇଥିବାରୁ ଏହାର ପ୍ରତିବାଦ ସ୍ଵରୂପ କଂଗ୍ରେସ (ଆଇ) ଓ ପାନ୍ଥେର ଦଳ ପକ୍ଷରୁ ରାଜ୍ୟରେ ନଭେମ୍ବର ୭ ତାରିଖ ଦିନ ବନ୍ଦ ପାଳନର ଡାକରା ଦିଆଗଲା ଏବଂ ସେହିଦିନ ହିଂସାକାଣ୍ଡ ଘଟି ଶତାଧିକ ଲୋକ ଆହତ ହେଲେ । କଂଗ୍ରେସର ସାଧାରଣ ସଂପାଦକ ଶ୍ରୀ ରାଜୀବ ଗାନ୍ଧୀ ନଭେମ୍ବର ୧୦ ତାରିଖ ଦିନ କାଶ୍ମୀର ଗସ୍ତରେ ଯାଇ ସେଠାରେ ସାମ୍ପ୍ରଦାୟିକ ବିଚ୍ଛିନ୍ନତାବାଦୀ ଓ ଜାତୀୟତା ବିରୋଧୀ ଶକ୍ତିଙ୍କ ଅଭ୍ୟୁତ୍ଥାନ ହେଉଥିବାରୁ ଘୋର ଉଦ୍‌ବେଗ ପ୍ରକାଶ କଲେ ଏବଂ ଏ କ୍ଷେତ୍ରରେ ଦିଲ୍ଲୀ ନୀରବ ଦ୍ରଷ୍ଟା ହୋଇ ବସି ରହିବ ନାହିଁ ସତର୍କ କରିଦେଲେ ।

ଏହାର ପ୍ରତିକ୍ରିୟା ସ୍ଵରୂପ ତାଙ୍କ ମନ୍ତ୍ରୀମଣ୍ଡଳ ଭାଙ୍ଗି ଦେବା ପାଇଁ ଉଦ୍ୟମ କରାଗଲେ ଦେଶର ଐକ୍ୟ ନଷ୍ଟ ହେବ ବୋଲି ଡାକ୍ତର ଅବଦୁଲ୍ଲା ମଧ୍ୟ ଧମକ ଦେଲେ । ବିଭିନ୍ନ ସଭା ସମିତି ମାନଙ୍କରେ ଭାଷଣ ଦେଇ କେନ୍ଦ୍ର ସରକାର କାଶ୍ମୀରରେ ୧୯୫୩ ମସିହାର ପୁନରାବୃତ୍ତି କଲେ ପରିଣତି ଭୟାବହ ହେବ ବୋଲି ସେ ଚେତାବନୀ ଶୁଣାଇଲେ । ଏହି ଭଳି ବାଦ ବିସମ୍ବାଦ ଚାଲିଥିବା ବେଳେ ଜାନୁଆରୀ ୧୩ ତାରିଖ ଦିନ କଲିକତାରେ ଅନୁଷ୍ଠିତ ବିରୋଧୀ ଦଳ ସମ୍ମିଳନୀରେ ଡାକ୍ତର ଅବଦୁଲ୍ଲା ଯୋଗଦେଇ କାଶ୍ମୀରରେ କେନ୍ଦ୍ର ସରକାର ସମସ୍ତ ଗଣତାନ୍ତ୍ରିକ ସୀମା ଲଙ୍ଘନ କରି ରାଜ୍ୟ ସରକାରଙ୍କୁ କ୍ଷମତାଚ୍ୟୁତ କରାଇବାର ଉଦ୍ୟମ ହେଉଛି ବୋଲି ଅଭିଯୋଗ କରି ଏ ଦିଗରେ ସବୁ ବିରୋଧୀ ଦଳର ସହାୟତା ଲୋଡ଼ିଥିଲେ । କେନ୍ଦ୍ର ସରକାର ତାଙ୍କ ସରକାରର ପତନ କାହିଁକି ଘଟାଇବାକୁ ଚାହୁଁଛନ୍ତି ବୋଲି ଦିଲ୍ଲୀରେ ସାମ୍ବାଦିକ ମାନେ ପ୍ରଶ୍ନ କରିବାରୁ ତାହାର ଉତ୍ତରରେ ଡାକ୍ତର ଅବଦୁଲ୍ଲା କହିଲେ ବୋଧହୁଏ ମୁସଲମାନମାନଙ୍କୁ ଭୋଟ ବେଳେ କାଳେ ମୁଁ ପ୍ରଭାବିତ କରିବି ଏହି ଆଶଙ୍କାରେ କଂଗ୍ରେସ ଦଳ ମୂଳରୁ ମୋର ମର୍ଯ୍ୟାଦା ନଷ୍ଟ କରିବାକୁ ଚେଷ୍ଟା କରୁଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏକ ଲିଖିତ ବିବୃତି ପାଠ କରି କିପରି ତାଙ୍କ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଉଦ୍ୟମ ହେଉଛି ତାହା ସେ ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ ।

ଜାନୁଆରୀ ୨୪ ତାରିଖ ଦିନ ଜାମ୍ମୁ ଓ କାଶ୍ମୀରର କଂଗ୍ରେସ ନେତା ଓ ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ କାଶ୍ମୀର ଗସ୍ତରୁ ସେଠାରେ ଛଅଦିନ କାଳ ରାଜ୍ୟର ପରିସ୍ଥିତି ଅନୁଧ୍ୟାନ କଲା ପରେ ରାଷ୍ଟ୍ରପତିଙ୍କୁ ଭେଟି ତୁରନ୍ତ କାଶ୍ମୀରରେ ସେ ହସ୍ତକ୍ଷେପ କରନ୍ତୁ ଅନ୍ୟଥା କାଶ୍ମୀର ଭାରତରୁ ଚାଲିଯିବ ବୋଲି ସେମାନେ ମତ ଦେଇଥିଲେ । ଏହା ପରେ ସେହି ନେତା ମାନେ ମିଳିତ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ଭାଷଣ ଦେଇ ଡାକ୍ତର ଅବଦୁଲ୍ଲା ଦେଶଦ୍ରୋହୀ ଓ ବିଚ୍ଛିନ୍ନତାବାଦୀ ଶକ୍ତିଙ୍କ ସହ ହାତ ମିଳାଇ ଥିବାରୁ ଭୟାନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ କଲେ । ସାମ୍ବାଦିକ ସମ୍ମିଳନୀ କରିଥିବା ନେତାମାନେ ହେଲେ ଶ୍ରୀ ଅସ୍‌ଫ ଅହମ୍ମଦ ଖା, ଗୁଲାମ ନବି ଆଜାଦ (ଉଭୟେ କେନ୍ଦ୍ର ମନ୍ତ୍ରୀ) ଜି. ଏଲ୍. ଡୋଗ୍ରା, ଗୁଲାମ ରସୁଲକର ଓ ମୀର ଗୁଲାମ ମହମ୍ମଦ ରାଜପୁରୀ ।

ସେହିଦିନ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସେଠାକାର ରାଜ୍ୟପାଳ ଶ୍ରୀ ବି. କେ. ନେହେରୁ ଓ ମୁଖ୍ୟମନ୍ତ୍ରୀ ଡାକ୍ତର ଅବଦୁଲ୍ଲାଙ୍କ ସହ ରାଜ୍ୟର ପରିସ୍ଥିତି ବିଷୟ ଆଲୋଚନା କରିଥିଲେ ।

Images: Aptakama Mishra, Processing: Srujanika

କଂଗ୍ରେସ ନେତାମାନେ ଯେଉଁ ମତ ଦେଇଥିଲେ ତାହା ସହିତ ରାଜ୍ୟପାଳ ଶ୍ରୀ ବି, କେ, ନେହେରୁ ଏକମତ ହୋଇ ନଥିବା ଗୋଟିଏ ସୂତ୍ରରୁ ସେତେବେଳେ ପ୍ରକାଶ ପାଇଥିଲା ।

ସାନ ଭାଇଙ୍କ ଚେତାବନୀ

ଜାନୁଆରି ୨୬ ତାରିଖ ଦିନ କାଶ୍ମୀର ବିଧାନ ସଭାରେ ଡାକ୍ତର ଫାରୁକଙ୍କ ସପକ୍ଷରେ ଏକ ପ୍ରସ୍ତାବ ଗୃହୀତ ହେଲା । କିନ୍ତୁ ଏହାର ବିରୋଧାଭାସ ସ୍ୱରୂପ ଡାକ୍ତର ଅବଦୁଲ୍ଲାଙ୍କ ସାନଭାଇ ତାରିକ୍ ଅବଦୁଲ୍ଲା ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀରେ କାଶ୍ମୀରରେ କେନ୍ଦ୍ର ସରକାର ସହସା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ସେଠାରେ ପଞ୍ଜାବ ପରିସ୍ଥିତି ସୃଷ୍ଟି ହେବ ବୋଲି ସତର୍କ କରିଦେଲେ ଏବଂ ନିଜ ଭାଇଙ୍କ ବିରୁଦ୍ଧରେ ପ୍ରକାଶ୍ୟ ବିଦ୍ରୋହ କଲେ ।

ଏହା ପରଠାରୁ କଂଗ୍ରେସ ପକ୍ଷରୁ କାଶ୍ମୀର ସମ୍ପର୍କରେ ସ୍ୱର ବଦଳାଇ ଡାକ୍ତର ଅବଦୁଲ୍ଲାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ବିଚ୍ଛିନ୍ନତାବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି କୁହାଗଲା । କାଶ୍ମୀରରୁ ଭାରତୀୟ ସେନାବାହିନୀ ପ୍ରତ୍ୟାହାର କରିବା ପାଇଁ ଦାବି କରିବାକୁ ଜମାଏତ-ଏ-ଇସଲାମି ଓ ଜମାଏତ ଏ ତୁଲୁବା ଦାବି କରିବାକୁ ସାହାସ କଲାଣି ଏବଂ ଏଥିରୁ ସେଠାରେ ବିଚ୍ଛିନ୍ନତା ବାଦୀ ଶକ୍ତି କିପରି ସକ୍ରିୟ ହେଲେଣି ତାହା ପ୍ରମାଣିତ ହୁଏ ବୋଲି ଉଲ୍ଲେଖ କରି ସେମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ କାଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଚିଠି ଲେଖିଲେ ।

ଏହିଭଳି ଗଣ୍ଡଗୋଳିଆ ପରିସ୍ଥିତି ଚାଲିଥିବା ବେଳେ ଭାରତୀୟ କୂଟନୀତିଜ୍ଞ ଶ୍ରୀ ରବୀନ୍ଦ୍ର ମାହାତ୍ରେଙ୍କୁ କାଶ୍ମୀର ମୁକ୍ତି ସାମ୍ମୁଖ୍ୟର ଦଳେ ଦୁର୍ବୃତ୍ତ ହରଣଚାଳ କରିନେଇ ହତ୍ୟାକଲେ ଏବଂ ମୁକ୍ତି ସାମ୍ମୁଖ୍ୟର ସଭାପତି ଶ୍ରୀ ମକବୁଲ ବଟ୍ଟ ପୂର୍ବରୁ ପାଇଥିବା ଫାଶୀ ଦଣ୍ଡାଦେଶ ଫେବୃଆରି ୧୧ ତାରିଖ ଦିନ କାର୍ଯ୍ୟକାରୀ ହେଲା । ଏହାର ପ୍ରତିବାଦରେ ଫେବୃଆରି ୧୭ ତାରିଖ ଦିନ କାଶ୍ମୀରରେ ବିକ୍ଷୋଭ ପ୍ରଦର୍ଶନ ହେଲା ଏବଂ ଫେବୃଆରି ୨୪ ତାରିଖ ଦିନ ରାଜ୍ୟ ସଭାରେ ଡାକ୍ତର ଅବଦୁଲ୍ଲା କାଶ୍ମୀର ମୁକ୍ତି ସାମ୍ମୁଖ୍ୟର ପୃଷ୍ଠପୋଷକତା କରୁଛନ୍ତି ବୋଲି କେହି କେହି ଉଲ୍ଲେଖ କରିବାରୁ ବିରୋଧୀ ଦଳ ଓ କଂଗ୍ରେସ ଦଳ ମଧ୍ୟରେ ତୀବ୍ର ବାଦାନୁବାଦ ହୋଇଥିଲା । ଡାକ୍ତର ଅବଦୁଲ୍ଲା ଏ ଅଭିଯୋଗ ଖଣ୍ଡନ କରି ମୁଁ କେବଳ ଭାରତର ଏଜେଣ୍ଟ ଅନ୍ୟ କାହାରି ନୁହେଁ ବୋଲି ମତ ଦେଇଥିଲେ ।

କାଶ୍ମୀରରେ ଶ୍ରୀ ବି.କେ.ନେହେରୁଙ୍କ ସ୍ଥାନରେ ମାର୍ଚ୍ଚ ୨୬ ତାରିଖ ଦିନ ଶ୍ରୀ ଜଗମୋହନ ରାଜ୍ୟପାଳ ରୂପେ ନିଯୁକ୍ତ ହେଲେ ଏବଂ ସେହିଦିନ ଠାରୁ କାଶ୍ମୀରରେ କିଛି ଗୋଟାଏ ଘଟିବାକୁ ଯାଉଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ଧରିନେଇଥିଲେ । ଶ୍ରୀ ନେହେରୁ କାଶ୍ମୀର ସରକାରଙ୍କୁ ବରଖାସ୍ତ କରିବାକୁ ଅମଙ୍ଗ ହେବାରୁ ତାଙ୍କୁ ବଦଳ କରାଗଲା ବୋଲି ହୋଇଥିବା ଅଭିଯୋଗକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅସ୍ୱୀକାର କଲେ ଏବଂ ଶ୍ରୀ ଜଗମୋହନ ଅପ୍ରେଲ ୨୬ ତାରିଖ ଦିନ ସେଠା ରାଜ୍ୟପାଳ ରୂପେ ଦାୟିତ୍ୱ ଗ୍ରହଣ କଲେ ।

ଜାତୀୟ ସମ୍ମିଳନୀ ଦୁଇଭାଗ ହେଲା

ମେ ୧୩ ତାରିଖ ଦିନ କାଶ୍ମୀରର କ୍ଷମତାସୀନ ଜାତୀୟ ସମ୍ମିଳନୀ ଦୁଇଭାଗ ହୋଇଗଲା । ଅସନ୍ତୁଷ୍ଟ ମାନେ ସେଠାରେ ଡାକ୍ତର ଅବଦୁଲ୍ଲାଙ୍କୁ ଦଳର ସଭାପତି ପଦରୁ ବହିଷ୍କାର କରି ତାଙ୍କର ବଡ ଭଉଣୀ ଶ୍ରୀମତୀ ଖାଲିଦା ଶାହାଙ୍କୁ ସଭାନେତ୍ରୀ ରୂପେ ନିର୍ବାଚିତ କଲେ । ଏହି ସମ୍ମିଳନୀରେ ଅବଶ୍ୟ କୌଣସି ଏମ୍. ଏଲ୍. ଏ ବା ଏମ୍. ଏଲ୍. ସି- ଉପସ୍ଥିତ ନଥିଲେ ।

ମେ ୨୬ ତାରିଖ ଦିନ ଡାକ୍ତର ଅବଦୁଲ୍ଲାଙ୍କ ପକ୍ଷରୁ ଆହୂତ ଏକ ଜାତୀୟ ସମ୍ମିଳନୀ ବୈଠକରେ ତାଙ୍କ ଭିଣୋଇ ଶ୍ରୀ ଜି. ଏମ୍. ଶାହାଙ୍କ ସମେତ ୧୫୦ ଜଣ ଅସନ୍ତୁଷ୍ଟ ଗୋଷ୍ଠୀ ସଭ୍ୟଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବହିଷ୍କାର କରାଗଲା ଏବଂ ଡାକ୍ତର ଅବଦୁଲ୍ଲାଙ୍କ ନେତୃତ୍ୱରେ ପରିପୂର୍ଣ୍ଣ ଦଳପ୍ରତି ସମର୍ଥନ ଅଛି ବୋଲି ଦର୍ଶାଇବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସମସ୍ତଙ୍କୁ ହାଜର କରାଗଲା । ଏହା ସତ୍ତ୍ୱେ ଡାକ୍ତର ଅବଦୁଲ୍ଲା ବେଶି ଦିନ ବିଧାୟକମାନଙ୍କୁ ନିଜ ହାତରେ ରଖି ପାରିଲେ ନାହିଁ ଏବଂ ଶ୍ରୀ ଶାହା ଦଳର ବିଧାୟକ ମାନଙ୍କ ମଧ୍ୟରୁ କେତେଜଣଙ୍କୁ ହାତ କରି ସାରିବା ପରେ କଂଗ୍ରେସ (ଇ) ର ସହାୟତାରେ ସେଠାରେ ସରକାର ଗଢ଼ିବାକୁ ସକ୍ଷମ ହେଲେ ।

ପୂର୍ବରୁ ଶ୍ରୀ ନେହେରୁ ରାଜ୍ୟପାଳ ଥିବା ବେଳେ ଦୁଇଟି ଅବକାଶରେ ଶ୍ରୀ ଶାହା ନିଜ ସମର୍ଥକ ବର୍ଗଙ୍କୁ ହାଜର କରିବେ ବୋଲି କହି ଶେଷରେ ସେମାନଙ୍କୁ ହାଜର କରିପାରି ନଥିଲେ । ଗୋଟିଏ ଘଟଣାରେ ଶ୍ରୀ ନେହେରୁ ରାତି ୩ ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ଶ୍ରୀ ଶାହା ବିଧାୟକ ମାନଙ୍କୁ ହାଜର କରି ପାରିନଥିଲେ କିନ୍ତୁ ଶ୍ରୀ ଜଗମୋହନଙ୍କ ଅମଳରେ ତୃତୀୟ ଥର ଉଦ୍ୟମରେ ଶ୍ରୀ ଶାହା ସଫଳ ହେଲେ ଏବଂ ଜୁଲାଇ ୩୧ ତାରିଖକୁ ଡକାଯାଇଥିବା ବିଧାନସଭା ଅଧିବେଶନରେ ଶ୍ରୀ ଶାହା ଜିଣିବା ଏକ ପ୍ରକାର ନିଶ୍ଚିତ ।

କାଶ୍ମୀରରେ ପଞ୍ଜାବ ସନ୍ତ୍ରାସବାଦୀ ମାନଙ୍କୁ ଡାକ୍ତର ଅବଦୁଲ୍ଲା ଆଶ୍ରୟ ଦେଉଛନ୍ତି ବୋଲି ପୂର୍ବରୁ ଯେଉଁ ଅଭିଯୋଗ ହେଉଥିଲା ସେଠାରେ ହୋଇଥିବା ସର୍ବଶେଷ ବିମାନ ଅପହରଣ ଘଟଣାରୁ ତାହା ସତ୍ୟ ବୋଲି ଭାରତର ଜନସାଧାରଣଙ୍କ ହୃଦବୋଧ ହୋଇଛି । ସନ୍ତ୍ରାସବାଦ ଓ ବିଚ୍ଛିନ୍ନତା ବାଦ ଶକ୍ତିଙ୍କର ପ୍ରଭାବ ବୃଦ୍ଧି ରୋକିବାରେ ଡାକ୍ତର ଅବଦୁଲ୍ଲା ବିଫଳ ହୋଇଥିବା ବେଳେ ତାଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ବିରୋଧୀ ଦଳ ଗୁଡିକ ପାଇଁ ଉଚିତ ହେଉନାହିଁ । କାଶ୍ମୀର ଭଳି ଏକ ଅତି ଗୁରୁତ୍ୱପୂର୍ଣ୍ଣ ସୀମାନ୍ତରାଜ୍ୟରେ ଭାରତ ବିରୋଧ ମନୋଭାବ ସମ୍ପନ୍ନ ଲୋକଙ୍କୁ ଅତି କଠୋର ହସ୍ତରେ ଦମନ କରାଯିବା ଅପରିହାର୍ଯ୍ୟ । □

Images: Aptakama Mishra, Processing: Srujanika

ଏକ ଯୁବତୀକୁ କେନ୍ଦ୍ର କରି ବୁର୍ଲାରେ ଛାତ୍ରମେଧ ଯଜ୍ଞ ହେଲା ?

(ସ୍ୱତନ୍ତ୍ର ସମ୍ବାଦଦାତାଙ୍କ ଠାରୁ)

ବୁର୍ଲା ଇଞ୍ଜିନିୟରିଂ କଲେଜରେ ସମ୍ପ୍ରତି ଯେଉଁ ଛାତ୍ରମେଧ ଯଜ୍ଞ ହେଲା ତାହାର ମୂଳକାରଣ ଜଣେ ଉଗ୍ର ଆଧୁନିକା ଯୁବତୀ ବୋଲି ବିଶ୍ୱସ୍ତ ସୂତ୍ରରୁ ଅନୁସନ୍ଧାନ ପରେ ଜଣାଯାଇଛି । ଉକ୍ତ ଯୁବତୀ ଜଣକ ସ୍ଥାନୀୟ ଜଣେ ବ୍ୟବସାୟୀଙ୍କ ସମ୍ପର୍କୀୟା ଏବଂ ଜୁଲାଇ ୨ ତାରିଖ ଦିନ ବୁର୍ଲା ମେଡ଼ିକାଲ କଲେଜରେ ପ୍ରବେଶିକା ପରୀକ୍ଷା ଦେଇ ଘରକୁ ଫେରୁଥିବା ବେଳେ ଇଞ୍ଜିନିୟରିଂ କଲେଜର ଦଳେ ଛାତ୍ର ଉକ୍ତ ଯୁବତୀଙ୍କ ପ୍ରତି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ । ଏହାପରେ ଯୁବତୀଙ୍କ ସମ୍ପର୍କୀୟ ମାନେ ବୁର୍ଲା ଆସି ଛାତ୍ର ମାନଙ୍କୁ ମାରଧର କରିଥିଲେ ଏବଂ ଏ ଘଟଣାରେ କେତେକ ନିରୀହ ଛାତ୍ର ମଧ୍ୟ ମାଡ଼ ଖାଇଥିଲେ । ଯୁବତୀଙ୍କୁ ଅସଦ୍ ବ୍ୟବହାର ପ୍ରଦର୍ଶନ କରିଥିବା ଛାତ୍ରଙ୍କ ଭିତରେ ଫାଇନାଲ ଇୟରର ଜଣେ ଛାତ୍ର ଅଗ୍ରଣୀ ଥିଲେ ।

ଏ ଘଟଣା ସମ୍ପର୍କରେ ଉଭୟ ପକ୍ଷରୁ ପୋଲିସ୍‌କୁ ଏତଲା ଦିଆଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଠିକଣା ପଦକ୍ଷେପ ନିଆଗଲା ନାହିଁ ଏବଂ ଉକ୍ତ ବ୍ୟବସାୟୀଙ୍କର ବନ୍ଧୁବାନ୍ଧବମାନେ ନିଜେ ସବୁକଥା ଛିଣ୍ଡାଇ ଦେବା ପାଇଁ ବାହାରି ପଡ଼ିଲେ । ଏହାପରେ ବ୍ୟବସାୟୀମାନଙ୍କ ପକ୍ଷରୁ ପେସାଦାର ଗୁଣ୍ଡା ନିଯୁକ୍ତ କରାଗଲା ଏବଂ ରାସ୍ତାରେ ଯାଉଥିବା ଯୁବତୀ ମାନଙ୍କ ପ୍ରତି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଯୁବକ ମାନଙ୍କ ପ୍ରତି କାହାରି ସହାନୁଭୂତି ନଥିବାରୁ ପୋଲିସ ମଧ୍ୟ ଏ କ୍ଷେତ୍ରରେ ଟିକିଏ ମାନ୍ଦେଇ ଗଲା । କିନ୍ତୁ କେତେକ ନିରୀହ ଛାତ୍ର ଏ ଘଟଣାରେ ମାଡ଼ ଖାଇ ଯିବାରୁ ସାଧାରଣ ଛାତ୍ରଙ୍କୁ ଉତ୍ୟକ୍ତ କରିବା ପାଇଁ କେତେକଙ୍କୁ ମଉକା ମିଳିଗଲା ଏବଂ ଫଳରେ ୧୧ ଜଣ ନିରୀହ ଛାତ୍ର ପ୍ରାଣବଳୀ ଦେଲେ । ଏହା ସତ୍ତ୍ୱେ ପୋଲିସ ବା ଗୁଣ୍ଡା ବାହିନୀର ଏହି ଦମନ ଲୀଳା ବିରୁଦ୍ଧରେ ସମଗ୍ର ରାଜ୍ୟରେ ଯେପରି ବଳିଷ୍ଠ ଜନମତ ବା ବ୍ୟାପକ ଛାତ୍ର ଆନ୍ଦୋଳନ ହେବା କଥା ତାହା ସଂଗଠିତ ହେବାର ସମ୍ଭାବନା ନଥିବା ଘଟଣା ପ୍ରବାହରୁ ଜଣାପଡ଼ୁଛି ।

ଚେଙ୍ଗିଜ୍ ଖାଁଙ୍କ ଶେଷ ବଂଶଧର

୮୪ ବର୍ଷ ବୟସରେ ପ୍ରାଣ ତ୍ୟାଗ କଲେ

ଭାରତୀୟ ଲୋକଙ୍କ ନିକଟରେ ଏକ ଦୁର୍ଦ୍ଧର୍ଷ ତଥା ରକ୍ତପିପାସୁ ଆକ୍ରମଣକାରୀ ରୂପେ ପରିଚିତ ମଙ୍ଗୋଲର ବିଖ୍ୟାତ ରାଜା ଚେଙ୍ଗିଜ୍ ଖାଁଙ୍କ ୩୨ ପୁରୁଷ ପରର ଶେଷ ବଂଶଧର ୮୪ ବର୍ଷ ବୟସରେ ଗତ ଜୁଲାଇ ୨ ତାରିଖ ଦିନ ପ୍ରାଣ ତ୍ୟାଗ କରିଛନ୍ତି ।

ଚେଙ୍ଗିଜ୍ ଖାଁଙ୍କ ଏହି ଶେଷ ଉତ୍ତରାଧିକାରୀଙ୍କ ନାମ ଶ୍ରୀ ଓକର ହୁଟ୍ୟୋକତ୍ ଏବଂ ସେ କାଟ୍ୟୋଦେରେ ଶେଷ ନିଶ୍ୱାସ ତ୍ୟାଗ କଲେ ବୋଲି ପେକିଙ୍ଗର ଜିନ୍‌ହୁଆ ପତ୍ରିକାରେ ପ୍ରକାଶ ପାଇଛି । ଇତିହାସର ବିଡ଼ମ୍ବନା ସଦୃଶ ଏକ ଉଚ୍ଚ ବଂଶ ତଥା ଆଭିଜାତ ପରିବାରରେ ଜନ୍ମ ହୋଇ ମଧ୍ୟ ଶ୍ରୀ ଓକର ହୁଟ୍ୟୋକତ୍ ଏକ ଧୂରନ୍ଧର ବଣିଆ ପାଲଟି ଯାଇଥିଲେ ଏବଂ ଜୀବନର ଶେଷ ଆଡ଼କୁ ସେ ସ୍ଥାନୀୟ କମ୍ୟୁନିଷ୍ଟମାନଙ୍କ ସହ ମିଶି କାମ କରୁଥିଲେ ।

ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ବହୁ କମ୍ୟୁନିଷ୍ଟ ନେତା ଓ ସରକାରୀ ଅଫିସରଙ୍କ ସହ ପ୍ରାୟ ୩୦୦ ଲୋକ ଯୋଗ ଦେଇଥିଲେ ଏବଂ ତାଙ୍କ ଶବ ଭସ୍ମକୁ ତାଙ୍କ ପରିବାରବର୍ଗଙ୍କ ସମାଧିପୀଠ ଓରଦୋସଠାରେ ସମାଧିସ୍ଥ କରାଯିବ । □

ବୁର୍ଲା ଇଞ୍ଜିନିୟରିଂ କଲେଜରେ କେତେକ ପୁରାତନ ଛାତ୍ର ବରାବର ବଦମାସୀ କରି ଆସୁଛନ୍ତି ବୋଲି ସାଧାରଣ ଲୋକ ଓ ଅଭିଭାବକମାନଙ୍କର ଏକ ଦୃଢ଼ଧାରଣା ରହି ଆସିଥିବାରୁ ସେଠା ଘଟଣା ପ୍ରତି ସ୍ୱତଃ ଯେପରି ବିଭିନ୍ନ ମହଲରେ ସହାନୁଭୂତି ଜାତ ହେବା କଥା ତାହା ଏ ପର୍ଯ୍ୟନ୍ତ ହୋଇ ନାହିଁ ଏବଂ ସେ କଲେଜର ଛାତ୍ର ମାନଙ୍କ ପକ୍ଷରୁ ସେପରି କୌଣସି ଶକ୍ତିଶାଳୀ ଗୋଷ୍ଠୀ ଓଡ଼ିଶାର ଜନମତକୁ ପ୍ରଭାବିତ କରିବା ଦିଗରେ ଏ ପର୍ଯ୍ୟନ୍ତ ସକ୍ଷମ ହୋଇ ପାରିନାହିଁ । ଫଳରେ କାଁ ଭାଁ କେଉଁଠି କଲେଜ ଛାତ୍ରମାନେ ନିଜ ନିଜ ଶିକ୍ଷାନୁଷ୍ଠାନ ବନ୍ଦ କରିବା ଛଡ଼ା ଆନ୍ଦୋଳନାତ୍ମକ ପନ୍ଥାରେ ଅଧିକ ବାଟ ଆଗେଇ ପାରି ନାହାନ୍ତି ।

ଅନ୍ୟ ପକ୍ଷରେ ଲୋକସଭା ନିର୍ବାଚନ ଆସନ୍ନ ହୋଇଥିବା ଦୃଷ୍ଟିରୁ ରାଜ୍ୟରେ କୌଣସି ପ୍ରକାର ଛାତ୍ର ଆନ୍ଦୋଳନ କରାଇ ନ ହେବାପାଇଁ ରାଜ୍ୟ କଂଗ୍ରେସ ମନ୍ତ୍ରୀମଣ୍ଡଳ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି ଏବଂ ଛାତ୍ର ମାନଙ୍କ ଭିତରେ ବିଭେଦ ସୃଷ୍ଟି କରାଇବା ପାଇଁ ରାଜନୈତିକ ସ୍ତରଠାରୁ ଆରମ୍ଭ କରି ପ୍ରଶାସନିକ ସ୍ତର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପ୍ରଗାଢ଼ ଉଦ୍ୟମ ଚାଲିଛି । ଛାତ୍ର ଆନ୍ଦୋଳନର ଅଭିଜ୍ଞତା ଥିବା ମୁଖ୍ୟମନ୍ତ୍ରୀ ନିଜେ ଆନ୍ଦୋଳନ ଭଣ୍ଡୁର କରିବା ପାଇଁ ଅଭିଯାନ ଆରମ୍ଭ କରି ଦେଇଛନ୍ତି । ଅନ୍ୟ ଦିଗରେ ଛାତ୍ର ଅଶାନ୍ତିକୁ ଅଧିକ ପ୍ରଜ୍ୱଳିତ କରିବା ପାଇଁ ବିରୋଧୀ ଦଳର ନେତା ମାନେ ମିଳିତ ଭାବେ କିଛି କରିବା ପରିବର୍ତ୍ତେ କେବଳ ବିବୃତି ଦେଇ ଛାତ୍ରମାନେ କଣ କରୁଛନ୍ତି ତାହା ଦେଖିବାକୁ ଅପେକ୍ଷା କରିଛନ୍ତି । ଫଳରେ ନିର୍ଯ୍ୟାତିତ ଛାତ୍ର ମାନେ ନେତୃତ୍ୱ ବିହୀନ ହୋଇ ଶୃଙ୍ଖଳିତ ତଥା ଯୋଜନା ମୂଳକ ଭାବେ କିଛି କରିପାରୁ ନାହାନ୍ତି । ବିରୋଧୀ ଦଳରେ ଥିବା ଦୁଇ ନେତାମାନଙ୍କ ଭିତରୁ ବିଜୁ ପଟ୍ଟନାୟକ ଓ ଶ୍ରୀମତୀ ନନ୍ଦିନୀ ଶତପଥୀ ଏକାଠି ହେଲେ ଏହାର କିଛିଟା ପ୍ରଭାବ ପଡ଼ିଥାନ୍ତା । କିନ୍ତୁ ତାହା ହେବାର ସମ୍ଭାବନା ନାହିଁ । ସେହିଭଳି ସମାଜ ଓ ପ୍ରଜାତନ୍ତ୍ର ମିଳିତ ଭାବେ ଛାତ୍ର ଆନ୍ଦୋଳନକୁ ସମର୍ଥନ କଲେ ତାହାର ମଧ୍ୟ ସୁଦୂର ପ୍ରସାରୀ ପ୍ରଭାବ ପଡ଼ନ୍ତା କିନ୍ତୁ ଏ ଦିଗରେ ମଧ୍ୟ ଉଦ୍ୟମ ନାହିଁ । ଏହି ଦୁଇ ନେତାଙ୍କୁ କୌଣସି ଶକ୍ତି ଏକାଠି କରି ପାରିଲେ ଓଡ଼ିଶାର ପୁଣି ଏକ ଛାତ୍ର ଆନ୍ଦୋଳନ ପରେ ଏକ ବିରାଟ ଗଣ ଆନ୍ଦୋଳନରେ ପରିଣତ ହେବାର ନିଶ୍ଚିତ ସମ୍ଭାବନା ଥିବାରୁ ନେତୃବର୍ଗଙ୍କୁ ଅଲଗା ରଖିବା ପାଇଁ ରାଜ୍ୟ [illegible] ଏବେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । □

ଭାରତରେ ବିମାନ ଅପହରଣ—ଏକ ବିହଂଗାବଲୋକନ

୩୦-୧-୭୧- ଶ୍ରୀନଗରରୁ ଜାମ୍ମୁ ଯାଉଥିବା ଭାରତର ଏକ ଫକ୍‌ର ଫ୍ରେଣ୍ଡ୍‌ସିପ୍ ବିମାନକୁ ଅପହରଣକାରୀମାନେ ଲାହୋରକୁ ନେଇଗଲେ । ଫେବୃଆରି ୨ ତାରିଖ ଦିନ ଏହି ବିମାନକୁ ଅପହରଣକାରି ମାନେ ଧ୍ୱଂସ କରିଦେଲେ ଏବଂ ତା ପୂର୍ବରୁ ୧ ତାରିଖ ଦିନ ସେହି ବିମାନର ସମସ୍ତ ଯାତ୍ରି କାର ଯୋଗେ ଭାରତକୁ ଫେରିବାକୁ ବାଧ ହୋଇଥିଲେ କାରଣ ସେଠାକୁ ଭାରତର ଏକ ରିଲିଫ୍ ପ୍ଲେନ୍ ଯିବାକୁ ପାକ୍ କର୍ତ୍ତୃପକ୍ଷ ଅନୁମତି ଦେଇନଥିଲେ ।

ବିମାନ ବନ୍ଦରରେ ଅପହରଣକାରି ମାନଙ୍କୁ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଶ୍ରୀ-ଭୁଟ୍ଟୋ ଅଭିନନ୍ଦନ ଜଣାଇଥିଲେ ଏବଂ ଏ ଘଟଣା ପରେ ଭାରତ ଉପର ଦେଇ ପାକିସ୍ଥାନ ବିମାନ ଚଳାଚଳ ନିଷିଦ୍ଧ କରି ଦିଆଗଲା । ଅପହରଣ କାରିଙ୍କୁ ପାକିସ୍ଥାନ କର୍ତ୍ତୃପକ୍ଷ ଭାରତକୁ ଫେରାଇଲେ ନାହିଁ ।

୧୦-୯ ୭୬ - ଦିଲ୍ଲୀରୁ ବମ୍ବେ ଯାଉଥିବା ଏକ ବୋଇଁ ବିମାନକୁ ୬ଜଣ ଅପହରଣକାରୀ ଲାହୋର ନେଇଗଲେ । ସେହି ବିମାନରେ ମୋଟ ୮୬ ଜଣ ଯାତ୍ରି ଥିଲେ । ଏଥର ପାକ୍ କର୍ତ୍ତୃପକ୍ଷ ଅପହରଣ କାରି ଦଳର ନେତାକୁ ବିମାନ ବାହାରକୁ ଆସିବା ପାଇଁ ପ୍ରବର୍ତ୍ତାଇ ସେଥିରେ ସଫଳ ହେଲେ ଏବଂ ସେ ବାହାରକୁ ଆସିବା ପରେ ତାର ଅନ୍ୟ ୫ ଜଣ ସହଯୋଗୀଙ୍କୁ ବିମାନ ଭିତରେ କାବୁ କରି ନିଆଗଲା । ଏହା ପୂର୍ବରୁ ଖାଦ୍ୟରେ ନିଦ ଔଷଧ ମିଶାଇ ସେମାନଙ୍କୁ ଦିଆଯାଇଥିବା ଯୋଗୁ ସେମାନେ ନିସ୍ତେଜ ହୋଇ ପଡିଥିଲେ । ଅପହରଣ କାରି ମାନେ ବିମାନଟିକୁ ଲିବିଆ ନେଇ ଯିବାପାଇଁ ଚାହିଁ ଥିଲେ । କିନ୍ତୁ ତେଲ ଅଭାବରୁ ଲାହୋରରେ ଓହ୍ଲାଇବାକୁ ବାଧ ହୋଇ ଥିଲେ । ଏଥରର ଅପହରଣ କାରିଙ୍କୁ ମଧ ପାକିସ୍ଥାନ ଫେରାଇଲା ନାହିଁ ।

୨୦-୨-୭୮ ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିବା ଏକ ନିୟମିତ ଯାତ୍ରୀବାହି ବିମାନକୁ ଦୁଇଜଣ ଯୁବ କଂଗ୍ରେସ ସଭ୍ୟ ଖେଳନା ପିସ୍ତଲ ଦେଖାଇ ବନାରସ ନେଇଗଲେ । ଏହା ଅବଶ୍ୟ ଭାରତ ଭିତରେ ହୋଇଥିଲା ଏବଂ ଯାତ୍ରୀମାନଙ୍କ ମଧ୍ୟରୁ କେହି ହେଲେ ହତାହତ ହୋଇନଥିଲେ । ଏମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇଥିଲା ।

୮ ୪-୮୦ ନୂଆଦିଲ୍ଲୀ-ବମ୍ବେ ଏୟାରବସକୁ କରାଚୀକୁ ନେଇଯିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ମୀରଟ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଗିରଫ ହେଲେ । ତା ଠାରୁ ଗୋଟିଏ ଲୋଡେଡ୍ ପିସ୍ତଲ ଓ ୩ ଟି ଗୁଳି ଜବତ କରାଯାଇଥିଲା ।

୨୯-୯-୮୨ ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ବୋଇଂ ୭୩୭ ବିମାନକୁ ଦଳ ଖାଲସାର ୫ ଜଣସଭ୍ୟ ଲାହୋରକୁ ଅପହରଣ କରି ନେଇଥିଲେ କିନ୍ତୁ ପାକିସ୍ଥାନ କମାଣ୍ଡୋମାନେ ସେମାନଙ୍କୁ ବିମାନ ଭିତରେ କାବୁ କରି ନେଲେ ଏଥିରେ କେହି ହେଲେ ମୃତାହତ ହୋଇନଥିଲେ । ଏଥର ମଧ ପାକ୍ କର୍ତ୍ତୃପକ୍ଷ ଅପହରଣକାରୀଙ୍କୁ ଭାରତ ହାତରେ ଅର୍ପଣ କଲେ ନାହିଁ ।

୨୦-୮-୮୨ ବମ୍ବେ ଉଦୟପୁର ଯୋଧପୁର ଦିଲ୍ଲୀ ଯାଉଥିବା ଏକ ବିମାନରେ ଜଣେ ଶିଖ ଯୁବକ ପାଇଲଟକୁ ପିସ୍ତଲ ଦେଖାଇ ବିମାନଟିକୁ ଲାହୋର ନେଇ ଯିବାକୁ ବାଧ କରିଥିଲା । ଲାହୋର ବିମାନ ଘାଟିରେ ଏହାକୁ ଅବତରଣ କରିବାର ଅନୁମତି ନ ମିଳିବାରୁ ଏହା ଅମୃତସରସ୍ଥ ରାଜାସାଁସି ଘାଟିରେ ଅବତରଣ କଲା ଏବଂ ଭାରତୀୟ କମାଣ୍ଡୋ ମାନେ ଅତି କ୍ଷିପ୍ରତାର ସହ କାର୍ଯ୍ୟ କରି ଉକ୍ତ ଅପହରଣକାରୀକୁ ବିମାନ ଭିତରେ ହତ୍ୟା କଲେ । □

ଉତ୍ତରଖାତା ଗୁଡ଼ିକର ପୁର୍ନମୁଲ୍ୟାୟନ

କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍ କୋର୍ଟର ଗୁରୁତ୍ୱପୂର୍ଣ୍ଣ ରାୟ

ହାଇସ୍କୁଲ ପରୀକ୍ଷା ତଥା ବିଭିନ୍ନ ଚାକିରୀ ପାଇଁ ହେଉଥିବା ପ୍ରତିଯୋଗୀତା ମୂଳକ ପରୀକ୍ଷାର ଉତ୍ତରଖାତା ମାନଙ୍କର ପୁର୍ନମୂଲ୍ୟାୟନ, ବା ତନଖି କରିବା-ପାଇଁ ଦାବୀ କରିବାର ଅଧିକାର ସଂପୃକ୍ତ ପରୀକ୍ଷାର୍ଥୀ ମାନଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।

ପରୀକ୍ଷାର୍ଥୀ ମାନଙ୍କୁ ନିଜ ଉତ୍ତର ଖାତା ଦେଖିବାକୁ ଅନୁମତି ଦିଆଗଲେ ଏହାଦ୍ୱାରା ବିଭ୍ରାଟ ଓ ଅନିଶ୍ଚିତତା ସୃଷ୍ଟି ହେବ ଏବଂ କୌଣସି ପରୀକ୍ଷାର ଚୂଡ଼ାନ୍ତ ଫଳ ପ୍ରକାଶ ପାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ମତ ଦେଇଛନ୍ତି ।

ଶ୍ରୀ ଡି.ଏ.ଦେଶାଇ ଏବଂ ଶ୍ରୀ.ଭି-ବାଳକୃଷ୍ଣ ଏରାଡ଼ିଙ୍କୁ ନେଇ ଗଠିତ ଏକ ଡିଭିଜନ୍ ବେଞ୍ଚ ଉକ୍ତ ରାୟ ଦେଇଛନ୍ତି । ପୂର୍ବରୁ ଏ ସଂକ୍ରାନ୍ତରେ ମହାରାଷ୍ଟ୍ର ହାଇ-କୋର୍ଟ ରାୟ ଦେଇ ନିଜ ଉତ୍ତର

(ଅବଶିଷ୍ଟାଂଶ ୧୨ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପୁଣି ଏକ ରାଜନୈତିକ ପରାଜୟ

ରାଜ୍ୟ ଯୁବକଂଗ୍ରେସକୁ ନିଜର ବୋଲକରା ଅନୁଷ୍ଠାନରେ ପରିଣତ କରିବାକୁ ସମସ୍ତ ଚେଷ୍ଟା ପର୍ଯ୍ୟବସିତ ଫାଟିଲା

ରାଜ୍ୟ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ କିମ୍ବା କାହାକୁ ପଦୋନ୍ନତି ଦେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଅନୁମତି ଦେଲେନାହିଁ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ସାଂଗଠନିକ କ୍ଷେତ୍ରରେ ପୁଣି ଥରେ ଏକ ପରାଜୟର ସମ୍ମୁଖୀନ ହୋଇ ନିଜ ଦଳକୁ ଜଣରେ ସୃଷ୍ଟି ଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ରଥ ନିଜର ପ୍ରଭାବକୁ ଠିକଣା ସମୟରେ ପ୍ରୟୋଗ କରି ପାରୁଥିବା ପ୍ରତିପାଦିତ କରିଛନ୍ତି ବୋଲି ଦଳୀୟ ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ମତ ଦେଇଛନ୍ତି ।

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଅନେକ ଜିଲ୍ଲାରେ କଂଗ୍ରେସ ସଂଗଠନର ନିର୍ବାଚନ କରାଯିବା ଫଳରେ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଘୋର ବିରୋଧି ତଥା ଜଣାଶୁଣା ଅସନ୍ତୁଷ୍ଟ ଗୋଷ୍ଠୀର ନେତାମାନେ ନିର୍ବାଚିତ ହେବା ଯୋଗୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସାଂଗଠନିକ ଦୁର୍ବଳତା ପଦାରେ ପଡ଼ିଯାଇଥିଲା । କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଓଡ଼ିଶାରେ ଚାଲିଥିବା ଦଳୀୟ ପି ସି ସି ର ପ୍ରକୃତ ସ୍ୱରୂପ ସମ୍ପର୍କରେ ଅବଗତ ହେବା ପରେ ସାଂଗଠନିକ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ... ଓ ... ସ୍ଥିଆ ମାନଙ୍କ ମତକୁ ଆଧ ... ଶେଷ ଗୁରୁତ୍ୱ

ଖାରବେଳ

ଦେଉ ନଥିଲେ ।

ଯୁବ କଂଗ୍ରେସ ଗଠନ

ଇତ୍ୟବସରରେ ଓଡ଼ିଶାର ଯୁବ କଂଗ୍ରେସ ସଭାପତି ପାଇଁ ମନୋନୟନ ଆବଶ୍ୟକତା ପଡ଼ିଲା ଏବଂ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟ ନେତୃତ୍ୱ ପରିବର୍ତ୍ତନ କରିବାକୁ କଂଗ୍ରେସ କର୍ତ୍ତୃପକ୍ଷ ଆଗ୍ରହୀ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଶ୍ରୀ ଶରତ କୁମାର ରାଉତରାୟଙ୍କୁ ସଭାପତି ରୂପେ ମନୋନୀତ କରାଗଲା । ମୁଖ୍ୟମନ୍ତ୍ରୀ ଏହାକୁ ନିଜର ଏକ ବିଜୟ ବୋଲି ଧରିନେଇ ଯୁବ-କଂଗ୍ରେସକୁ ଅନ୍ୟ ଏକ ବୋଲକରା ସଂଗଠନରେ ପରିଣତ କରି ନିର୍ବାଚନ ବେଳେ ସେମାନଙ୍କୁ ଚାଙ୍ଗା ଧରାଇବା ମତଲବରେ ଥିଲେ । ଏହି ଉଦ୍ଦେଶ୍ୟରେ କେତେକ ଅଜଣା ଅଶୁଣା ଯୁବକ-ଙ୍କର ଏକ ତାଲିକା କରି ଏହାକୁ ଅନୁମୋଦନ କରିବା ନିମନ୍ତେ ଦିଲ୍ଲୀକୁ ପଠାଇଥିଲେ । ଏହି ତାଲିକା ପ୍ରସ୍ତୁତ ବେଳେ ରାଜ୍ୟ ଯୁବକଂଗ୍ରେସ ସଭା-ପତିଙ୍କ ସହ ମଧ୍ୟ ପରାମର୍ଶ କରାଯାଇ ନ ଥିଲା କି ସେ ଏ ବିଷୟରେ ଆଦୌ ଅବଗତ ନ ଥିଲେ ।

ଶ୍ରୀଯୁକ୍ତ ରଥଙ୍କ ପରାମର୍ଶ

ଏହି ତାଲିକାକୁ ଅନୁମୋଦିତ କରାଇ ନେବା ପାଇଁ ଶ୍ରୀଯୁକ୍ତ ପଟ୍ଟନାୟକ ବାରମ୍ବାର ଉଦ୍ୟମ କରିବା ସତ୍ତ୍ୱେ ଦୀର୍ଘ ଏକ ମାସ କାଳ ଏହା ଘୋଷିତ ହେଲା ନାହିଁ ଏବଂ ଶେଷରେ ଏ ବିଷୟରେ କେନ୍ଦ୍ର ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀଯୁକ୍ତ ରାମଚନ୍ଦ୍ର ରଥଙ୍କ ସହ ପରାମର୍ଶ କରିବାକୁ ଶ୍ରୀମତୀ ଗାନ୍ଧୀ ଯୁବ-କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ । ଶ୍ରୀଯୁକ୍ତ ରଥଙ୍କ ପରାମର୍ଶ କ୍ରମେ ଉକ୍ତ ତାଲିକାରେ ଆବଶ୍ୟକୀୟ ସଂଶୋଧନ କରାଯିବା ପରେ ଏହା ଘୋଷିତ ହେଲା ।

କଂଗ୍ରେସ କର୍ତ୍ତୃପକ୍ଷଙ୍କ ଏତାଦୃଶ ଆଚରଣ ମୁଖ୍ୟମନ୍ତ୍ରୀଙ୍କ ମନରେ ଗଭୀର କ୍ଷତ ସୃଷ୍ଟି କରିଛି ଏବଂ ଏହାକୁ ଏକ ଅଶୁଭ ସୂଚନା ବୋଲି ତାଙ୍କ ସମର୍ଥକମାନେ ମନେ କରୁଛନ୍ତି । ଏବେ ପ୍ରକାଶ ପାଇଥିବା ଯୁବ କଂଗ୍ରେସର ପୂର୍ଣ୍ଣାଙ୍ଗ ତାଲିକାରୁ

ମହାପ ଭର୍ଷ

ଏଥିରେ ଅଧିକାଂଶ ଶ୍ରୀଯୁକ୍ତ ରଥଙ୍କ ସମର୍ଥକ ରହିଥିବା ଜଣାଯାଇଛି । ଜାତୀୟ ପରିଷଦର ସଭ୍ୟ ରୂପେ ଶ୍ରୀ ରଥ ଯୁବ କଂଗ୍ରେସ କାର୍ଯ୍ୟ-କାରୀ କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ହୋଇ-ଥିବାରୁ କୌଣସି ବୈଠକରେ ତାଙ୍କର ଉପସ୍ଥିତି ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇ ପାରେ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଭଲଭାବେ ହୃଦୟଙ୍ଗମ କରିଛନ୍ତି ।

ନବ ଗଠିତ ଯୁବ କଂଗ୍ରେସର ପ୍ରଥମ ବୈଠକରେ ଉପ ସଭାପତି ଶ୍ରୀ ମାଗୁଣି ଚରଣ

ପଲଇଙ୍କ ନେତୃତ୍ୱରେ ଅନ୍ୟାନ୍ୟ ସଭ୍ୟମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ତଥା ସାଂଗଠନିକ କ୍ଷେତ୍ରରେ ଦେଖା ଦେଇଥିବା ନିଂସ୍ପୃହ-ତା ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ ।

ଯୁବକଂଗ୍ରେସ ସଭାପତି ନିଜେ କାର୍ଯ୍ୟକାରୀ କମିଟିର ସବୁ ସଦସ୍ୟ ତଥା କର୍ମକର୍ତ୍ତା ମାନଙ୍କୁ ଭଲ ଭାବେ ଜାଣି ନଥିବାରୁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ତାଙ୍କ ପକ୍ଷେ କଷ୍ଟକର ହେଉଛି ଏବଂ ଯୁବକଂଗ୍ରେସର ପରିଚାଳନା ପାଇଁ ଆବଶ୍ୟକ ଅର୍ଥ ରାଜ୍ୟ କୋଷାଧ୍ୟକ୍ଷ ଯୋଗାଉ ନଥିବା ମଧ୍ୟ ଅଭିଯୋଗ ହେଉଛି ।

ନବ ସଂଖ୍ୟା

Images: Aptakama Mishra, Processing: Srujanika

ହିନ୍ଦି ଚଳଚ୍ଚିତ୍ର ଜଗତରେ 'ନୂତନ ତରଙ୍ଗ'

(ହରିହର ପ୍ରସାଦ ମହାନ୍ତିଙ୍କ)

ସଂପ୍ରତି ହିନ୍ଦି ଚଳଚ୍ଚିତ୍ର ଜଗତର ପ୍ରଯୋଜନା, ନିର୍ଦ୍ଦେଶନା ତଥା ଅଭିନୟ କ୍ଷେତ୍ରରେ ଏକ ବଡ଼ ଧରଣର ବିପ୍ଳବର ସ୍ପଷ୍ଟ ସୂଚନା ମିଳୁଛି । ଅତୀତର ସବୁଠୁଁ ପ୍ରଖ୍ୟାତ ପ୍ରଯୋଜକ ମାନେ କୋଟି କୋଟି ଟଙ୍କା ବ୍ୟୟ କରି ବଡ଼ ଧରଣର ୩ ଘଣ୍ଟିଆ ଚଳଚ୍ଚିତ୍ର ସବୁ ନିର୍ମାଣ କରୁଥିଲେ ଏବଂ ଖ୍ୟାତନାମା ଚିତ୍ର ତାରକା ମାନଙ୍କୁ ୧୦ରୁ ୩୫ ଲକ୍ଷ ଟଙ୍କା ପାରିଶ୍ରମିକ ଦେଉଥିଲେ ସେ ପଦ୍ଧତି କ୍ରମେ ଲୋପ ପାଉଛି ।

ଏବେ ଶାନ୍, ରେଜିଆ ସୁଲତାନ ଭଳି ବଡ଼ ଧରଣର ଚିତ୍ର ସବୁ (big budget films) ଶୋଚନୀୟ ଭାବରେ ବିଫଳ ହେବା ପରେ ଚଳଚ୍ଚିତ୍ର ନିର୍ମାତା ମାନେ ନିଜର ଚିନ୍ତାଧାରା ବଦଳାଇବାକୁ ବାଧ୍ୟ ହେଉଛନ୍ତି । ତାହାର ଅର୍ଥ ନୁହେଁ ଯେ ଅଳ୍ପ ବ୍ୟୟରେ ନିର୍ମିତ ସବୁ ଆର୍ଟ ଫିଲ୍ମ୍ ବ୍ୟବସାୟିକ ଦୃଷ୍ଟିରୁ ସଫଳ ହେଉଛି । ଏ ଧରଣର ଆର୍ଟ ଫିଲ୍ମ ସବୁ ବିତରକ (distributor) ମାନଙ୍କ ଚକ୍ରାନ୍ତରେ ହୁଏତ କୌଣସି ପ୍ରେକ୍ଷାଳୟରେ ଆଦୌ ପ୍ରଦର୍ଶିତ ହୋଇ ପାରୁନାହିଁ । ନଚେତ୍ ବହୁ ବିଲମ୍ବରେ କେବଳ ନୁନ୍ ସୋ'ରେ ପ୍ରଦର୍ଶିତ ହେଉଛି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଓଡ଼ିଶାର ଜଣେ ଚଳଚ୍ଚିତ୍ର ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ଏକ ହିନ୍ଦିଚିତ୍ର 'ଶୋଧ' ଜାତୀୟ ଚଳଚ୍ଚିତ୍ର ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା । ଦୀର୍ଘ ଦୁଇ ବର୍ଷ ପରେ ମଧ୍ୟ ଉକ୍ତ ଚଳଚ୍ଚିତ୍ର ଓଡ଼ିଶାର କୌଣସି ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୋଇ ପାରିନାହିଁ । ସେହିପରି ବହୁ ପୁରସ୍କାର-ପ୍ରାପ୍ତ ହିନ୍ଦିମାନର ଚଳଚିତ୍ର (ସ୍ପର୍ଶ, ଖାରିଜ, ସ୍ପନ୍ଦନ, ଚକ୍ର, ୩୬ ଚୌରଙ୍ଗୀ ଲେନ୍, ଶୀତ ରାତ୍ରି, ଆକ୍ରୋଶ ପ୍ରଭୃତି) ଏ ପର୍ଯ୍ୟନ୍ତ ପ୍ରେକ୍ଷାଳୟ ମାନଙ୍କରେ ନିୟମିତ ସୋ'ରେ ପ୍ରଦର୍ଶିତ ହେବାର ସୁଯୋଗ ପାଇ ପାରିନାହିଁ । ଏହା ହୁଏତ ବିତରକ ଗୋଷ୍ଠୀର ଚକ୍ରାନ୍ତ ହୋଇପାରେ କିମ୍ବା ଜାତୀୟ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ୍‌ର ଆର୍ଥିକ ସହାୟତାରେ ନିର୍ମିତ ହୋଇଥିବା ଦୃଷ୍ଟିରୁ କର୍ପୋରେସନ ନିଜେ ବିତରକ ଦାୟିତ୍ୱ ଗ୍ରହଣ କରିବା ଯୋଗୁ ହୋଇ ପାରିଥାଏ । କାରଣ ଏନ୍, ଏଫ୍, ଡ଼ି. ସି. ର ବ୍ୟବସାୟିକ ଅଭିଜ୍ଞତା ଓ ପରିଚାଳନା ଅତି ଦୁର୍ବଳ ।

ମାୟା ମିରିଗ

ଚଳିତ ବର୍ଷ ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଦ୍ୱିତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ପୁରସ୍କୃତ ଏବଂ ବମ୍ବେ ଫିଲ୍ମୋତ୍ସବ-୮୪ ଓ କ୍ୟାନସ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ଉଚ୍ଚ ପ୍ରଶଂସିତ ଓଡ଼ିଆ ଚଳଚ୍ଚିତ୍ର 'ମାୟାମିରିଗ, ଓଡ଼ିଶାର କୌଣସି ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବାର ସମ୍ଭାବନା ମଧ୍ୟ କମ । କାରଣ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ ଏବଂ 'ମାୟାମିରିଗ'ର ପ୍ରଯୋଜନାକାରୀ ସଂସ୍ଥା 'ନେଟସ୍ ପ୍ରଡ଼କସନ୍‌ସ' ମଧ୍ୟରେ ଚଳଚିତ୍ରର ମାଲିକାନା ସତ୍ତ୍ୱକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଛି । ତେଣୁ ଓଡ଼ିଶାବାସୀ ଓଡ଼ିଆ ଭାଷାର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଦେଖିବାରୁ ବଞ୍ଚିତ ହେବେ । ବିଗତ ୫୦ ବର୍ଷ ମଧ୍ୟରେ ଓଡ଼ିଆରେ ଯେତେ ଚଳଚିତ୍ର ନିର୍ମିତ ହୋଇଛି 'ମାୟା ମିରିଗ' ସେ ସବୁ ଅପେକ୍ଷା ଉତ୍କୃଷ୍ଟ ଏବଂ ଏହା ସବୁ ଭାଷାଭାଷୀ ଚଳଚ୍ଚିତ୍ର ନିର୍ମାତା ମାନଙ୍କୁ ଏକ ନୂତନ ଦିଗଦର୍ଶନ ଦେଇପାରିଛି । ମାତ୍ର ୯ ଲକ୍ଷ ଟଙ୍କା ବ୍ୟୟରେ (କେବଳ ନିର୍ମାଣ ଖର୍ଚ୍ଚ ୪ ଲକ୍ଷ) ନିର୍ମିତ ଏ ରଙ୍ଗିନ ପାରିବାରିକ ଚଳଚ୍ଚିତ୍ର କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ଚଳଚିତ୍ର ନିର୍ମାଣ କ୍ଷେତ୍ରରେ ଏକ ନୂତନ ଆନ୍ଦୋଳନ ସୃଷ୍ଟି କରି ପାରେ ।

ସେହିଭଳି ଅତି କମ ଖର୍ଚ୍ଚରେ ନିର୍ମିତ ହିନ୍ଦି ଚିତ୍ର (ଅର୍ଦ୍ଧ ସତ୍ୟ) କେବଳ ଯେ ଜାତୀୟ ଚଳଚିତ୍ର ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି ତା ନୁହେଁ ବ୍ୟବସାୟିକ ଦୃଷ୍ଟିରୁ ମଧ୍ୟ ସଫଳ ହୋଇଛି । ଏ ଚଳଚ୍ଚିତ୍ରରେ ସାଂପ୍ରତିକ ସମାଜରେ ପୋଲିସ ଉପରେ ରାଜନୀତି ଚାପ ଏବଂ ଜଣେ ପୋଲିସ କର୍ମଚାରୀର ଅନ୍ତର୍ଦ୍ୱନ୍ଦ ଅତି ନିଖୁଣ ଭାବରେ ପ୍ରଦର୍ଶିତ ହୋଇଛି ।

ବଙ୍ଗଳା ଚିତ୍ର ସ୍ପର୍ଶ

ପଶ୍ଚିମ ବଙ୍ଗ ସରକାରଙ୍କ ଦ୍ୱାରା ନିର୍ମିତ ଗତ ବର୍ଷର ଶ୍ରେଷ୍ଠ ଚଳଚ୍ଚିତ୍ର 'ସ୍ପର୍ଶ' ମଧ୍ୟ ସମାଜରେ ଡାକ୍ତର, ପୋଲିସ ଓ ସବୁ ଶ୍ରେଣୀର ସରକାରୀ କର୍ମଚାରୀ ଉପରେ ରାଜନୀତିକ ନେତା ଓ ଶିଳ୍ପପତି ମାନଙ୍କ ଚାପରେ ସବୁ ପ୍ରକାର ଅନ୍ୟାୟ ଅତ୍ୟାଚାର ନିର୍ଦ୍ଦ୍ୱନ୍ଦରେ କରି ଚାଲିଛନ୍ତି ତା ଅତି ବାସ୍ତବ ଭାବରେ ଦର୍ଶାଇ ଦେଇଛି ।

ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଚୋହଲ

ଏଥର ବିପର୍ଯ୍ୟୟ ସାଙ୍ଗକୁ ବଜେଟ ଅଧି-ବେଶନ ପରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସଂପ୍ରସାରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ ଘୋଷଣା କରିଥିବା ସତ୍ତ୍ୱେ କେନ୍ଦ୍ର ହାଇ କମାଣ୍ଡ଼ ଓ ପକ୍ଷ ତାଙ୍କୁ ଏଥିପାଇଁ ଅନୁମତି ନଦେବାରୁ ରାଜ୍ୟରେ ଶ୍ରୀ ପଟ୍ଟନାୟକଙ୍କ ରାଜନୈତିକ ପ୍ରତିଷ୍ଠା ବହୁ ପରିମାଣରେ ବ୍ୟାହତ ହୋଇଛି ଏବଂ ପ୍ରବୀଣ ବିଧାୟକମାନେ ଏଥିପାଇଁ ମୁଖ୍ୟ-ମନ୍ତ୍ରୀଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖିଲେଣି ।

ଗତ ଏକମାସ ଧରି ମନ୍ତ୍ରୀମଣ୍ଡଳ ସଂପ୍ରସାରଣ କରିବାକୁ ଅଥବା ନିଜ ଜ୍ୱାଇଁଙ୍କ ସମେତ ତିନିଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ କରିବା-ଲାଗି ସେ ଯଥାସମ୍ଭବ ଉଦ୍ୟମ କରି ଶେଷରେ ବିଫଳ ହୋଇଛନ୍ତି ।

ଯୁବକଂଗ୍ରେସ ଗଠନରେ ବିପର୍ଯ୍ୟୟ ପରେ ଏକଥା ତାଙ୍କୁ ବେଶ ବାଧୁଛି ଏବଂ ଏଥିରୁ ଉଦ୍ଧରିବାଲାଗି ସେ କି ପଦକ୍ଷେପ ଗ୍ରହଣ କରିବେ ତାହାକୁ ରାଜନୈତିକ ଭାଷ୍ୟକାର ମାନେ କୌତୁହଳର ସହ ଲକ୍ଷ୍ୟ କରୁଛନ୍ତି ।

ଏଠାରେ ସ୍ମରଣ କରାଯାଇପାରେ ଯେ ନିଖିଲ ଭାରତ କଂଗ୍ରେସ କମିଟିର ତଦାନୀନ୍ତନ ସାଧାରଣ ସମ୍ପାଦକ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର ନିଜର ପ୍ରଭାବ ଖଟାଇ ଶ୍ରୀ ଚକ୍ରମଣି କେନାଙ୍କ ଅଧ୍ୟକ୍ଷତାରେ ଗଠିତ ପି ସି ସି. ରେ କେତେକ ଅସନ୍ତୁଷ୍ଟ ଗୋଷ୍ଠୀର ଲୋକଙ୍କୁ ଭର୍ତ୍ତିକରି ଦେବାରୁ ସେ କମିଟି ଘୋଷିତ ହେବାର ୧୫ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଭାଙ୍ଗିଦେଇ ଭାଙ୍ଗି ଦେଇଥିଲେ । କିନ୍ତୁ ଏଥର ଯୁବକଂଗ୍ରେସ ଘଟଣାରେ ତାହାର ପୁନରାବୃତ୍ତି କରିବାକୁ ଉଦ୍ୟମ କରି ମୁଖ୍ୟମନ୍ତ୍ରୀ ବିଫଳ ହୋଇଛନ୍ତି । □

Images: Aptakama Mishra, Processing: Srujanika

ମୃଣାଳ ସେନ୍‌ଙ୍କ 'ଖଣ୍ଡହର' ଚିତ୍ରରେ ଏକ ନିଃସଙ୍ଗ ଯୁବତୀ ଓ ତାର ମାଆର କରୁଣ କାହାଣୀ ପ୍ରତିଫଳିତ ।

ଏ ସବୁ ନୂତନ ଧରଣର ବାସ୍ତବବାଦୀ ଚଳଚ୍ଚିତ୍ରରେ ବଡ଼ ବଡ଼ ଚିତ୍ର ତାରକା ନାହାନ୍ତି, ଗ୍ଲାମର ବା ଚାକଚକ୍ୟ ନାହିଁ, ଅଧିକାଂଶ ଆଉଟ୍‌ଡୋର ସୁଟିଂ । କିନ୍ତୁ ମନୋରଞ୍ଜନର ଯଥେଷ୍ଟ ଉପାଦାନ ମଧ୍ୟ ରହିଛି । ତେଣୁ ବ୍ୟବସାୟିକ ଦୃଷ୍ଟିରୁ ଏ ଧରଣର ଚଳଚ୍ଚିତ୍ର ବିଫଳ ହେବାର କୌଣସି କାରଣ ନାହିଁ । ଅବଶ୍ୟ ଓଡ଼ିଆ ଭାଷାରେ ମାଟିର ମଣିଷ, ଶୀତରାତି, ନୀରବ ଝଡ଼, ଧାରେ ଆଲୁଅ ଭଳି କେତେକ ଉତ୍ତମ ଆର୍ଟ ଫିଲ୍ମକୁ ସାଧାରଣ ଦର୍ଶକ ମାନେ ଗ୍ରହଣ କରିପାରି ନାହାନ୍ତି । କାରଣ ଏଥିରେ ଚିତ୍ରନାଟ୍ୟ ଅତି ଦୁର୍ବଳ, ଚିତ୍ରର ଗତି ଅତି ମନ୍ଥର । ତେଣୁ ଏଗୁଡ଼ିକ କେବଳ ଜାତୀୟ ସ୍ତରରେ ପୁରସ୍କାର ପାଇବା ପରେ ଚଳଚ୍ଚିତ୍ର ସଂଗ୍ରହାଳୟରେ ସାଇତା ହୋଇ ରହିବ ।

ସମ୍ପ୍ରତି ହିନ୍ଦି ଚଳଚ୍ଚିତ୍ର ଜଗତରେ ପ୍ରଖ୍ୟାତ ଚିତ୍ର ତାରକାମାନେ କ୍ରମେ ସ୍ୱେଚ୍ଛାକୃତ ଭାବରେ ଅବସର ଗ୍ରହଣ କରୁଛନ୍ତି । ଅମିତାଭ ବଚନ ହୁଏତ ସ୍ୱାସ୍ଥ୍ୟଗତ କାରଣରୁ ଆଉ ଅଭିନୟ କରିବେ ନାହିଁ । ରାଜେଶ ଖାନ୍ନା ବହୁତ ମୋଟା ହୋଇଯିବା ଫଳରେ ଆଉ ହିରୋ ଭୂମିକାରେ ଅବତୀର୍ଣ୍ଣ ହେବା ଆଶା ନାହିଁ । ଜିତେନ୍ଦ୍ର ସବୁବେଳେ ଗୋଟାଏ ପ୍ରକାରର ଚରିତ୍ରରେ ଅଭିନୟ କରୁଛନ୍ତି ଯେଉଁଥିରେ ବେଶୀ ନାଚ ଗୀତ ଅଛି । ଧର୍ମେନ୍ଦ୍ର କେବଳ ଫାଇଟିଂ ପାଇଁ ଉପଯୁକ୍ତ । ଆଉ ନାୟକ ହେବା ତାଙ୍କ ସାଜୁ ନାହିଁ । ସଞ୍ଜୀବ କୁମାର ଓ ମନୋଜ କୁମାର ମଧ୍ୟ ଖୁବ୍ କମ ଚିତ୍ରରେ ଦେଖା ଯାଉଛନ୍ତି ।

ଏମାନଙ୍କ ସ୍ଥାନ ପୂରଣ କରିଛନ୍ତି ରାଜ ବବର୍, ନସିରୁଦ୍ଦିନ ସାହା, କୁମାର ଗୌରବ, ଫାରୁକ୍ ଶେଖ, ମିଥୁନ ଚକ୍ରବର୍ତ୍ତୀ, ଅନିଲ କାପୁର, ମାର୍କ ଜୁବର, ରାଜ କିରଣ, ଓମ ପୁରୀ, ସୁରେଶ ଓବେରୋଇ ପ୍ରମୁଖ ।

ସେହିପରି ପ୍ରଖ୍ୟାତ ଅଭିନେତ୍ରୀ ମାନଙ୍କ ମଧ୍ୟରୁ ସାଧନା ରାୟ, ପରଭିନ ବାବି ବିବାହ ପରେ ଅଭିନୟ ଜଗତରୁ ଅବସର ନେଇଛନ୍ତି । ରାଖୀ, ହେମା ମାଲିନୀ, ମୌସୁମୀ ଚାଟାର୍ଜି, ରେଖା, ଜିନତ ଅମନ୍ ପ୍ରମୁଖ ବହୁ ଚିତ୍ରରେ ନାୟିକା ହେବା ପରେ ଏବେ କ୍ଳାନ୍ତ ଶ୍ରାନ୍ତ । ସେମାନଙ୍କ ସ୍ଥାନରେ ଦକ୍ଷିଣ ଭାରତର ରତି ଅଗ୍ନିହୋତ୍ରୀ, ଶ୍ରୀଦେବୀ, ଜୟାପ୍ରଦା ପ୍ରମୁଖ ହିନ୍ଦି ଗ୍ଲାମର ଚିତ୍ରର ନାୟିକା ହେଲେଣି । ପୁନମ୍ ଧିଲନ୍, ମୁନ୍‌ମୁନ୍ ସେନ୍, ରଜନୀଗନ୍ଧା, ଅନିତା ରାଜ, ଡ଼ିମ୍ପଲ କାପାଡ଼ିଆ ପ୍ରମୁଖ ନୂତନ ଚିତ୍ର ଅଭିନେତ୍ରୀମାନେ କ୍ରମେ ଜନପ୍ରିୟ ହେଉଛନ୍ତି । ଶବନା ଆଜମୀ, ସ୍ମିତା ପାଟିଲ ଓ ଦୀପ୍ତି ନଭଲ୍ ଏବେ ଜନପ୍ରିୟତାର ଶୀର୍ଷରେ ଉପନୀତ ହେଲେଣି । ଯେଉଁ ଚିତ୍ରମାନଙ୍କର ହିନ୍ଦି ଚିତ୍ର ଗୁଡ଼ିକ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ହେଉଛି ସେ ସବୁ ଚିତ୍ରରେ ଅଭିନୟ କରୁଛନ୍ତି ଅଭିନେତ୍ରୀ ଶବନା ଆଜମୀ, ସ୍ମିତା ପାଟିଲ, ଦୀପ୍ତି ନଭଲ, ଅଭିନେତା ନାସିରୁଦ୍ଦିନ ସାହା, ଓମ୍ ପୁରୀ ଓ ଅନ୍ୟ କେତେକ । ଏମାନଙ୍କର ଅଭିନୟ ଶୈଳୀ ଅତି ଉଚ୍ଚ କୋଟିର ଏବଂ ଏମାନେ ସବୁ ପ୍ରକାର ଚରିତ୍ରରେ ଅତି ସ୍ୱାଭାବିକ ଅଭିନୟ କରିପାରନ୍ତି । ବିଶେଷକରି ଅଭିନେତ୍ରୀ ସାବନ ଆଜ୍‌ମୀଙ୍କୁ ଇଂରେଜୀ ଚଳଚ୍ଚିତ୍ର ଅଭିନେତ୍ରୀ ଭେନିସା ରେଡ୍‌ଗ୍ରେଭଙ୍କ ସହିତ ତୁଳନା କରାଯାଇ ପାରେ । ଅଭିନେତା ନସିରୁଦ୍ଦିନ ସାହା ଏବଂ ଓମ୍ ପୁରୀ ମଧ୍ୟ ଅତ୍ୟନ୍ତ ଉଚ୍ଚକୋଟିର ଅଭିନେତା ।

'ଅର୍ଦ୍ଧ ସତ୍ୟ' 'ଆକ୍ରୋଶ' ଓ 'ଶୋଧ' ଚିତ୍ରରେ ଓମ୍ ପୁରୀଙ୍କ ଅଭିନୟ ଦର୍ଶକମାନେ ଭୁଲି ପାରିବେ ନାହିଁ । 'ଆକ୍ରୋଶ' ରେ ଏକ ନିରୀହ ଆଦିବାସୀ ଯୁବକ ନିଜ ସ୍ତ୍ରୀର ହତ୍ୟା ଅଭିଯୋଗରେ ଗିରଫହୋଇ ଜେଲ୍‌ରେ ରହିଛି । ପ୍ରକୃତରେ ଜଙ୍ଗଲ କଣ୍ଟ୍ରାକ୍ଟର, ପୋଲିସ ଅଫିସର ଓ ସ୍ଥାନୀୟ ବିଧାୟକ ମିଳିତ ଭାବରେ ଉକ୍ତ ସ୍ତ୍ରୀକୁ ଧର୍ଷଣ କରି ହତ୍ୟା କରିଛନ୍ତି । ଏ ମିଥ୍ୟା ଦୋଷାରୋପ ଫଳରେ ଆଦିବାସୀ ଯୁବକ ଜଣକ (ଓମ ପୁରୀ) ମୂକହୋଇ ଯାଇଛି । ଶେଷରେ ଏମାନଙ୍କ କବଳରୁ ରକ୍ଷା କରିବାକୁ ନିଜ ଭଉଣୀକୁ ହତ୍ୟାକରି ଶେଷରେ ପୁଣି ଜେଲ୍‌କୁ ଯାଇଛି ।

ଏ ସବୁ ଚିତ୍ର ସାଧାରଣ ଦର୍ଶକମାନେ ଦେଖିବାରୁ ବଞ୍ଚିତ । କାରଣ ପ୍ରେକ୍ଷାଳୟ ଗୁଡ଼ିକ ବଡ଼ ବଡ଼ ବିତରଣ ସଂସ୍ଥା (ଡ଼ିଷ୍ଟ୍ରିବ୍ୟୁଟର ମାନଙ୍କ ଦ୍ୱାରା ନିୟନ୍ତ୍ରିତ) । ତେଣୁ ସେମାନେ ନିଜର ବଡ଼ ବଡ଼ ଚିତ୍ର ତାରକା ଥିବା (big budget) ଫିଲ୍ମ ସବୁ ସେଥିରେ ପ୍ରଦର୍ଶିତ କରାଇ ଥାଆନ୍ତି । ତେଣୁ ପୁରସ୍କାର ପ୍ରାପ୍ତ ଚିତ୍ର ମାନର ଚଳଚ୍ଚିତ୍ର ଗୁଡ଼ିକ ପ୍ରଦର୍ଶିତ ହୋଇ ପାରେନାହିଁ । ସରକାର ମଧ୍ୟ ଏ କ୍ଷେତ୍ରରେ ନୀରବ ଦର୍ଶକର ଭୂମିକା ଗ୍ରହଣ କରିଛନ୍ତି । ଚଳଚ୍ଚିତ୍ର ଉନ୍ନୟନ ନିଗମ ମଧ୍ୟ ଏ କ୍ଷେତ୍ରରେ ନିଜର କୌଣସି କର୍ତ୍ତବ୍ୟ ଅଛି ବୋଲି ମନେ କରୁନାହାନ୍ତି । ଯେଉଁ ପ୍ରଯୋଜକ ମାନେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ବା ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମରୁ ଋଣ ନେଇ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ସେମାନଙ୍କ ଚଳଚ୍ଚିତ୍ର ଗୁଡ଼ିକ ପ୍ରଦର୍ଶନ ନିମନ୍ତେ ମଧ୍ୟ ନିଗମ ପକ୍ଷରୁ କୌଣସି ଫଳପ୍ରଦ ଉଦ୍ୟମ ହେଉନାହିଁ । ତା' ଛଡ଼ା ପୁରସ୍କାର ପ୍ରାପ୍ତ ଚିତ୍ରମାନର ଚଳଚ୍ଚିତ୍ର ଗୁଡ଼ିକ ଉପରୁ ରାଜ୍ୟ ସରକାରମାନେ ଆମୋଦ କର ମଧ୍ୟ ଛାଡ଼ କରୁନାହାନ୍ତି । ଏହା ଫଳରେ ଏ ଧରଣରେ ଚଳଚ୍ଚିତ୍ର ଗୁଡ଼ିକ ଅତ୍ୟନ୍ତ ସଙ୍କଟ ଓ ସମସ୍ୟା ମଧ୍ୟ ଦେଇ ଗତି କରୁଛନ୍ତି ।

ତେଣୁ ଏ ଧରଣରେ ଚଳଚ୍ଚିତ୍ର ଗୁଡ଼ିକର ଭିଡ଼ିଓ କ୍ୟାସେଟ୍ ନିର୍ମିତ ହେବାର ଆବଶ୍ୟକତା ଦେଖା ଦେଇଛି । ତା ହେଲେ ଲୋକେ ବିଭିନ୍ନ ସ୍କୁଲ, ରେଷ୍ଟୁରାଣ୍ଟ ଓ ଭିଡ଼ିଓ ହଲ୍‌ମାନଙ୍କରେ ବସି ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇବେ । ବିଭିନ୍ନ ଗୋଷ୍ଠୀର ଚକ୍ରାନ୍ତରୁ ରକ୍ଷା ପାଇବାର ଏହା ହିଁ ଏକମାତ୍ର ପନ୍ଥା ବୋଲି ମନେହୁଏ । ☐

ମା'ର ଯନ୍ତ୍ରଣା

ପାରିବାରିକ କନ୍ଦଳ ଯୋଗୁ କାଶ୍ମୀରରେ ଡାକ୍ତର ଫାରୁକ ଅବଦୁଲ୍ଲାଙ୍କ ମନ୍ତ୍ରୀମଣ୍ଡଳର ପତନ ପରେ ଫାରୁକଙ୍କ ମା ତଥା ସ୍ୱର୍ଗତ ଶେଖ୍ ଅବଦୁଲ୍ଲାଙ୍କ ସହଧର୍ମିଣୀ ବେଗମ୍ ଅବଦୁଲ୍ଲାଙ୍କ ପକ୍ଷେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ନିଷ୍ପତ୍ତି ନେବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଥିଲା ।

କିଛି ଦିନ ଟାଳଟୁଳ ନୀତି ଧରିବା ପରେ ଅବଶେଷରେ ବେଗମ୍ ଅବଦୁଲ୍ଲା ତାଙ୍କର ବଡ଼ ପୁଅ ସହିତ ନିଜକୁ ସାମିଲ କରି ବଡ଼ ଝିଅ ଠାରୁ ନିଜକୁ ଦୂରେଇ ନେଲେ ।

ବଡ଼ ଝିଅ ଖାଲିଦା ଶାହା ବର୍ତ୍ତମାନର କାଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଓ ଜାତୀୟ ସମ୍ମିଳନୀର ଏକ ଗୋଷ୍ଠୀର ସଭାନେତ୍ରୀ । ଶ୍ରୀମତୀ ଖାଲିଦାଙ୍କ ସହିତ ତାଙ୍କର ଅନ୍ୟତମ ସାନଭାଇ ତାରିକ ଅବଦୁଲ୍ଲ ମଧ୍ୟ ହାତ ମିଳାଇଛନ୍ତି ।

ଅପରପକ୍ଷରେ ଫାରୁକଙ୍କ ସହ ତାଙ୍କର ଆଉଜଣେ ସାନଭାଇ ମୁସ୍ତାଫା ଓ ସାନ ଭଉଣୀ ସୁରେୟା ରହିଛନ୍ତି । ☐

ଶ୍ରୀ ସେଠୀଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କ ଆସ୍ଥା ନାହିଁ

ଶ୍ରୀ ସାଥେ କ୍ରମେ ସାଥିହୀନ ହୋଇ ପଡ଼ୁଛନ୍ତି

(ନିଜ ପ୍ରତିନିଧିଙ୍କ ଠାରୁ)

ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିକଟରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏକ ଗ୍ରେଟ କାଟିଆ ପରିବର୍ତ୍ତନ କରିବା ଅବକାଶରେ ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟ ସମ୍ପର୍କରେ ନିଜର ବିରକ୍ତି ପ୍ରକାଶ କରି ଅଛନ୍ତି ।

ଏହି ପରିବର୍ତ୍ତନରେ ଆସନ୍ତା ଲୋକସଭା ନିର୍ବାଚନ ଦୃଷ୍ଟିରୁ କାହାରିକୁ ବାଦ ଦିଆଯାଇ ନଥିଲେ ମଧ୍ୟ ଶ୍ରୀମତୀ ଗାନ୍ଧୀ କ୍ରମେ ଶ୍ରୀ ନରସିଂହ ରାଓଙ୍କୁ ବିଶେଷ ଗୁରୁତ୍ୱ ଦେଉଥିବା ସୂଚିତ ହୁଏ । ପଞ୍ଜାବ ସମସ୍ୟା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଗଲା ବେଳେ ଗତ କେତେ ଦିନ ହେଲା ଶ୍ରୀ ସେଠୀଙ୍କୁ ବିଶେଷ କରି ଖୋଜା ଲୋଡ଼ା କରାଯାଉ ନଥିଲା ଏବଂ ସେ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭେଙ୍କଟ ସୁବାୟା ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକାଗ୍ରହଣ କରୁଥିବା ପରିଲକ୍ଷିତ ହେଉଥିଲା । ସେ ଦୃଷ୍ଟିରୁ ତୁଙ୍ଗ ଅଫିସରମାନେ ମଧ୍ୟ ଶ୍ରୀ ସେଠୀଙ୍କ ନିର୍ଦ୍ଦେଶକୁ ଜାଣିପୁ ସ୍ତରରେ ବିଶେଷ ଗୁରୁତ୍ୱ ଦେଉ ନଥିଲେ ସ୍ୱର୍ଣ୍ଣ ମନ୍ଦିର ଭିତରକୁ ଅସ୍ତ୍ର ଶସ୍ତ୍ର ଯିବା ବିଷୟରେ ସମସ୍ତେ ଅଜ୍ଞ ଥିଲେ ଏବଂ ଏ ବିଷୟରେ ଶ୍ରୀମତୀ ଗାନ୍ଧୀ ପ୍ରତ୍ୟକ୍ଷ ଭାବେ ସବୁ ବୁଝୁଥିବାରୁ ସେଠାରେ ଅନ୍ୟ କାହା ପକ୍ଷେ କିଛି କରିବାର ଅବକାଶ ନଥିଲା ତଥାପି ପ୍ରଶାସନିକ ସଙ୍ଗଠନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଯେତିକି ଦକ୍ଷତା ପ୍ରଦର୍ଶନ କରିବା କଥା ତାହା ଦେଖାଇବାରେ ଶ୍ରୀ ସେଠି ବିଫଳ ହୋଇଥିବା ହୃଦୟଙ୍ଗମ କରି ତାଙ୍କର ଅର୍ଜିତ ଆନୁଗତ୍ୟ ଦୃଷ୍ଟିରୁ ଏକ କମ୍ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବଦଳି କରିଗଲା ।

ଶ୍ରୀ ସାଥେଙ୍କ ଦୁର୍ଦ୍ଦଶା

ସ୍ୱତନ୍ତ୍ର ବିଦର୍ଭ ରାଜ୍ୟ ଗଠନର ସ୍ୱପ୍ନ ଦେଖୁଥିବା ଶ୍ରୀ ବସନ୍ତ ସାଥେ ମନ୍ତ୍ରୀମଣ୍ଡଳ ଅଦଳ ବଦଳ ବାଦ ପଡ଼ଯାଇ ପାରନ୍ତି ବୋଲି ପୂର୍ବରୁ ଯେଉଁ କଳ୍ପନା କରାଯାଉ ଥିଲା ତାହା ଆପାତତଃ ଭୁଲ ପ୍ରମାଣିତ ହୋଇଛି । କିନ୍ତୁ ବିଦର୍ଭ ରାଜ୍ୟ ଗଠନର ଦାବୀ ପ୍ରତି ସେ କଂଗ୍ରେସର ବ୍ୟବସ୍ଥାପକ ମାନଙ୍କ ଠାରୁ ଆଶାନୁରୂପ ସମର୍ଥନ ପାଇ ପାରୁନଥିବାରୁ ଏହା ଅବଶେଷରେ ତାଙ୍କ ବିରୁଦ୍ଧରେ ଯାଇପାରେ ବୋଲି କେତେକ ମହଲ ମତ ଦେଇଛନ୍ତି ।

ସେମାନଙ୍କ ମତରେ ସ୍ୱତନ୍ତ୍ର ବିଦର୍ଭ ରାଜ୍ୟ କରାଗଲେ ଝାଡ଼ଖଣ୍ଡ ରାଜ୍ୟ ଗଠନ ପାଇଁ ଦାବୀ ହେବ ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଆଞ୍ଚଳିକ ମନୋଭାବ ଅଧିକ ଉତ୍କଟ ଆକାର ଧାରଣ କରିବ । ଏହାର ନିଶ୍ଚିତ ସମ୍ଭାବନା ଥିବା ସତ୍ତ୍ୱେ ଶ୍ରୀ ସାଥେଙ୍କ ମୁହଁରୁ ସ୍ୱତନ୍ତ୍ର ବିଦର୍ଭ ରାଜ୍ୟ ଗଠନ ଦାବୀ ହେବାରୁ ସମସ୍ତେ ବିସ୍ମିତ ହୋଇଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟତମ ମହଲ ତଥା ଶ୍ରୀ ରାଜୀବ ଗାନ୍ଧୀଙ୍କ ପକ୍ଷରୁ ଏହାକୁ ନାପସନ୍ଦ କରାଯାଇ ଥିଲା । କିନ୍ତୁ କେନ୍ଦ୍ର ମନ୍ତ୍ରୀମଣ୍ଡଳ ପରିବର୍ତ୍ତନରେ ତାଙ୍କୁ ବାଦଦିଆଯାଇ ନଥିବା ବିଶେଷ ତାତ୍ପର୍ଯ୍ୟ ପୂର୍ଣ୍ଣ ।

ବୈଦେଶିକ ମନ୍ତ୍ରୀ ରୂପେ ସଫଳତା ଅର୍ଜନ କରିଥିବା ଶ୍ରୀ ନରସିଂହ ରାଓଙ୍କୁ ସ୍ୱରାଷ୍ଟ୍ର ବିଭାଗର ଦାୟିତ୍ୱରେ ରଖାଯିବା ଦ୍ୱାରା ଏହି ବିଭାଗର ଆଶୁ ଉନ୍ନତି ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି ଏବଂ ଶ୍ରୀମତୀ ଗାନ୍ଧୀ କ୍ରମେ ଶ୍ରୀ ରାଓଙ୍କ ଉପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଅଧିକ ନିର୍ଭର କରୁଥିବା ପ୍ରତୀୟମାନ ହେଉଛି ।" □

(୮ମ ପୃଷ୍ଠାର ଅବଶିଷ୍ଟାଂଶ)

ଉତ୍ତରଖାତାର ପୂର୍ନମୂଲ୍ୟାୟନ

ଖାତାକୁ ନେଖିବା ଓ ପୁନର୍ମୂଲ୍ୟାୟନ କରାଇବା ନିମନ୍ତେ ସଂପୃକ୍ତ ପରୀକ୍ଷାର୍ଥୀ ମାନଙ୍କର ଅଧିକାର ରହିଛି ବୋଲି ମତ ଦେଇଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏହି ମତକୁ ଖାରଜ କରି ଦେଇଛନ୍ତି ।

ମହାରାଷ୍ଟ୍ର ଶିକ୍ଷା ପରିଷଦର ୧୦୪ (୩) ଧାରା ଅନୁଯାୟୀ କୌଣସି ପରୀକ୍ଷାର୍ଥୀ ନିଜର ଉତ୍ତର ଖାତାର ପୁର୍ନମୂଲ୍ୟାୟନ ପାଇଁ ଦାବୀ କରି ପାରିବେ ନାହିଁ କିନ୍ତୁ ଶିକ୍ଷା ପରିଷଦ ୧୦୪ (୨) ଧାରା ଅନୁଯାୟୀ ଯେ କୌଣସି ପରୀକ୍ଷାର୍ଥୀ ଆବଶ୍ୟକ ମଣିଲେ ନିଜ ଉତ୍ତର ଖାତାକୁ ପୁଣି ଥରେ ଯାଞ୍ଚ କରିପାରିବେ ଏହି ଯାଞ୍ଚ ବେଳେ ସବୁ ଉତ୍ତରର ମୂଲ୍ୟାଙ୍କନ ହୋଇଛି କି ନାହିଁ ଏବଂ ମିଶାଣ ସବୁ ଠିକ୍ ହୋଇଛି କି ନାହିଁ ତାହା ମୁଖ୍ୟତଃ ଦେଖା ଯାଇଥାଏ ।

ଏହି ରେଗୁଲେସନ୍ ବା ନିୟମର ବୈଧତା ସମ୍ପର୍କରେ ପ୍ରଶ୍ନ ଉଠାଇ ବମ୍ବେ ହାଇକୋର୍ଟରେ ୩୦ ଟି ରିଟ୍ ପିଟିସନ୍ ଦାଖଲ କରାଯାଇଥିଲା ଏବଂ ଏଗୁଡ଼ିକର ଶୁଣାଣି କରି ଖାତା ଗୁଡ଼ିକର ପୁର୍ନମୂଲ୍ୟାୟନ କରାଯାଇ ପାରିବ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଥିଲେ କିନ୍ତୁ ସୁପ୍ରିମ୍‌କୋର୍ଟ ଉକ୍ତ ନିୟମ ଗୁଡ଼ିକୁ ବୈଧ ବୋଲି ଘୋଷଣା କରି କହିଛନ୍ତି ଯେ ପରୀକ୍ଷା ସଂକ୍ରାନ୍ତରେ କୌଣସି ଏକ ସ୍ତରରେ ଫଳାଫଳକୁ ଚୂଡ଼ାନ୍ତ ବୋଲି ଧରିବାକୁ ହେବ । ଅନ୍ୟଥା ପ୍ରତ୍ୟେକ ପରୀକ୍ଷାର୍ଥୀ ନିଜ ନିଜ ଖାତାର ମୂଲ୍ୟାୟନ ସମ୍ପର୍କରେ ଅସନ୍ତୁଷ୍ଟ ହୋଇ ପୁଣି ଥରେ ମୂଲ୍ୟାୟନ କରିବାକୁ ଦାବୀ କରିବେ । ଫଳରେ କୌଣସି ପରୀକ୍ଷାର ଚୂଡ଼ାନ୍ତ ଫଳାଫଳ ଘୋଷିତ ହୋଇପାରିବ ନାହିଁ । □

Images: Aptakama Mishra, Processing: Srujanika

ପ୍ରକୃତିର ଋତୁଉପଯୋଗୀ ଉପଚାର—ଜାମୁକୋଳି

ଡକ୍ଟର କମଳକୁମାରୀ ପଟ୍ଟନାୟକ

ଏ ବର୍ଷ କଲେଜଟା ଟିକଏ ଡେରିରେ ଖୋଲୁଛି । ଏଣୁ ଗ୍ରୀଷ୍ମ ଛୁଟିରେ ମିନି ଅଜାଘରେ ବେଶ ସମୟ କଟାଇଲାଣି । ସବୁବେଳେ ଅଜା ନାତୁଣୀଙ୍କର କେତେ ନା କେତେ ଗପ ଚାଲିଥାଏ । ବର୍ଷା ହେଉଛି, ବଗିଚାରେ ବହୁ ରକମର ଗଛପତ୍ର, ସେଥିରେ ପୁଣି ଭରପୁର ଫୁଲ, ଫଳ । ତେବେ ବଗିଚାଟାର ଯତ୍ନ ନ ନେଲେ ଘାସ ମାଡ଼ିଯାଉଛି । ସେଥିପାଇଁ ପ୍ରତିଦିନ ବଗିଚା କାମରେ ଅଜା ଲାଗନ୍ତି । ତାଙ୍କୁ ନାତୁଣୀ ମଧ୍ୟ ମଝିରେ ମଝିରେ ଅଜାଙ୍କ ଘାସ ସଫା କରିବାରେ ସାହାଯ୍ୟ କରେ । ଅଜାଙ୍କ ମନ କିଣା ଗପ ତାଙ୍କୁ ବଗିଚାକାମ ମିନିକୁ ଭାରି ମୁଗ୍ଧ କରିଛି । ମିନି ବର୍ତ୍ତମାନ କଲେଜର ଛାତ୍ରୀ । ଫେରେ ବିଜ୍ଞାନ ପଢ଼ିଲାଣି ! ଗଛପତ୍ର ଉପରେ ତା'ର କିଛି କିଛି ଧାରଣା ମଧ୍ୟ ହେଲାଣି । ତେଣୁ ମଝିରେ ମଝିରେ ଅଜାଙ୍କୁ ଇଆଡ଼ୁ ସିଆଡ଼ୁ ଖଣ୍ଡେ ଡାଳ ଆଣି ଗେହ୍ଲେଇ ହୋଇ ପଚାରେ, 'ଅଜା କହିଲ ଦେଖି ଏଇ ଗଛର ବଟାନିକାଲ ନାମ କଣ" ? ଏମିତି ବହୁତ କଥା । ମିନିର ପ୍ରଶ୍ନର ଉତ୍ତର ଦେବାପାଇଁ ଅଜାଙ୍କୁ ଆଉ ଫୁରୁସତ ନଥାଏ । ଦିନେ ଅଜା ନାତୁଣୀ ବଗିଚାରେ ବୁଲୁଛନ୍ତି । ଝିପିରି ଝିପିରି ବର୍ଷା ପଡ଼ୁଛି । ବର୍ଷା ପାଣିରେ ଭିଜି ଭିଜି ଦିହେଁ ବଗିଚା ବୁଲୁଛନ୍ତି । ହଠାତ୍ ମିନିର ଆଖି ପଡ଼ିଲା 'ଜାମୁକୋଳି' ଗଛ ଉପରେ, "ଅଜା-ଅଜା ଦେଖୁଛଟି, ଆମ ଜାମୁକୋଳି ଗଛରେ କେତେ ଜାମୁକୋଳି ଟହ ଟହ ହୋଇ ପାଚିଲାଣି । ହେଇ ଦେଖ ମ କେତେ ସବୁ ପାଚିଲା କୋଳି ଗଛ ମୂଳେ ପଡ଼ିଛି" କଥା କହୁ କହୁ ମିନି ଜାମୁକୋଳି ଗୋଟାଇବାରେ ବ୍ୟସ୍ତ । ପଣତ କାନରେ ଜାମୁକୋଳି ଗୋଟାଇବାକୁ ଆରମ୍ଭ କଲାରୁ ଅଜା ମନା କଲେ, "ଜାଣିନୁ ମିନି ଜାମୁକୋଳି କଷ ଥରେ ଲାଗିଲେ ଛାଡ଼େନି । ଲୁଗା ନଷ୍ଟ କରିବୁନା କଣ" ? ଏତିକି କହି ଅଜା ଲମ୍ଫ-ଭମ୍ଫ ହୋଇ ଘର ଭିତରକୁ ଯାଇ ଗୋଟିଏ ପାଚିଆ ଆଣି ଦେଲେ ମିନିକୁ । ମିନି ନିକମା ହୋଇ ଜାମୁକୋଳି ତଳେ ଗୋଟାଇ ପାଚିଆରେ ଭର୍ତ୍ତି କଲା । କୂଅ ମୂଳେ ଜାମୁକୋଳିକୁ ଭଲଭାବେ ଧୋଇ ଅଜା ନାତୁଣୀ ଘରକୁ ଗଲେ । ମିନି ଆଈଠୁ ଲୁଣ ମୁଠାଏ ମାଗି ଜାମୁକୋଳିରେ ପକାଇ ପାଗ କଲାଣି ଖାଇବ ବୋଲି । ବାସ୍ତବିକ୍ ପିଲାଏ ଜାମୁକୋଳି ଖାଇବାକୁ ଭଲ ପାଆନ୍ତି । ବର୍ଷାଦିନେ ଦେଖିବ ଜାମୁକୋଳି ଗଛମୂଳେ ପିଲାଙ୍କ ଜାମୁକୋଳି ଗୋଟେଇବାର ଦୃଶ୍ୟ ଜାମୁକୋଳି ଖାଇବେ ତେଣେ ଘରକୁ ଫେରିବେ ଲୁଗାପଟାରେ କଷ ଲଗାଇ । ଘରକୁ ବାହୁଡ଼ିଲେ, ମା'ଙ୍କଠୁ ଅଜସ୍ର ଗାଳି, ମା'ର ଗାଳି ଦାଣ୍ଡରେ ଧୂଳି, "ଖାତିର କରୁଛି କିଏ ? ଆଗ ବର୍ଷାଦିନିଆ ଜାମୁକୋଳି ଖାଇବା ସରୁ । ମିନି ବି ତ ଗୋଟାଏ ଛୁଆ, ତାର ମଧ୍ୟ ସେହି ପିଲାଳିଆମି ରହିଛି । ତାର ଧର୍ମତ ସେ ପୁଣି ପାଳନ କରିବ ।

ମିନି ଜାମୁକୋଳିତକ ଲୁଣରେ ପକାଇ ରଖିଲା ବେଳେ ଗୁଣୁ ଗୁଣୁ ହୋଇ ମନକୁ ମନ କଣ ଗୁଡ଼ାଏ ଗପୁଥାଏ । ଅଜାଙ୍କ କାନରେ ସେସବୁ କଥା ବାଜି ଯାଉଛି, ପଛପଟୁ ଅଜା ବଡ଼ ପାଟିରେ କହିଲେ — ବୁଝିଲୁ ମିନି — ଦେଖୁଛି- ତୋ ପାଖରେ ମତେ ବିଶ୍ୱବିଦ୍ୟାଳୟର ପରୀକ୍ଷା ଦେବାକୁ ପଡ଼ିବ ନା କଣ ? ଦେଖାଯାଉ ତୋ ଜାମୁକୋଳି'ପ୍ରଶ୍ନର ଉତ୍ତର ଦେଇ ପାରୁଛି କି ନା ? ମିନି ସେଠୁ ଛିଞ୍ଚାଣ ପରି ଉଠିଆସି ଅଜାଙ୍କ ବେକରେ ଝୁଲିପଡ଼ି କହିଲା " ଅଜା— ବାସ୍ତବିକ ତମଠୁ ବହୁତ କଥା ମୁଁ ଶୁଣିଛି ପିଲାଦିନେ ଏ ଜାମୁକୋଳି ଖିଆ ମଜା ଗପ । କଣ ନା ଯୁବରାଜ ଜାମୁକୋଳି ଖାଇଲେ ତାଙ୍କର ଚେପେଟା ନାକଟା ଖଣ୍ଡା ନାକ ହୋଇଗଲା । ତା'ପରେ ଲୋଭରେ ଆଉ କିଛି ଜାମୁକୋଳି ଖାଇଲାରୁ ନାକଟା ବଢ଼ିବାକୁ ଲାଗିଲା ଶେଷକୁ ବଢ଼ି ବଢ଼ି ନାକଟା ଯାଇ ତଳେ ଘୁସୁରିଲା । କଥାରେ କହନ୍ତି ମୁହଁ ଭିତରେ ନାକ ସାର, ନାକ ନ ଥିଲେ ନାରଖାର । ହେଲେ ଚେପେଟା ନାକକୁ ଶୁଆ ନାକ କରିବାକୁ ଯାଇ ରାଜା ହିନସ୍ତା ହେଲେ । ଶେଷରେ ମନ୍ତ୍ରୀ ଆସିଲେ — ରଜାଙ୍କ ନାକ ପରୀକ୍ଷା ହେଲା ଫେରେ କଣ ହେଲାନା ପୁଣି ଆଉ ଗୋଟିଏ ଗଛର ଜାମୁକୋଳି ମଞ୍ଜି- ଆଣି ବାଟି ଖୁଆଇ ଦେଲାରୁ ଯୁବରାଜଙ୍କ ନାକ ଆସ୍ତେ ଆସ୍ତେ କମିବାକୁ ଲାଗିଲା । ରାଜାଙ୍କର ଯେତେବେଳେ ଶୁଆ ନାକପରି ସୁନ୍ଦର ନାକଟିଏ ହୋଇଗଲା — କବିରାଜ ତାଙ୍କ ଔଷଧ ବନ୍ଦ କରିଦେଲେ । ସେଠୁ ରଜା ପାଲଟି ଗଲେ ଗୋଟିଏ ସୌମ୍ୟ ଯୁବକ । ଏତିକି କହି ମିନି ହୋ ହୋ ହୋଇ ହସିଉଠିଲା, କହିଲା ଅଜା ଗୋଟାଏ ବଡ଼ ଠକ । ଏମିତି

Images: Aptakama Mishra, Processing: Srujanika

କଉତୁକିଆ ଗପ ମତେ କଣ ସେ ନ କହୁଛନ୍ତି ପିଲାଦିନେ — ମୁଁ ଆଜି ସୁଦ୍ଧା ଭୁଲିନି କେଉଁଠୁ ତାଙ୍କର ଏ କିମ୍ଭୁତ-କିମାକାର ଗପ ସବୁ ମନ ପଡ଼େ କେଜାଣି, ଅଜା ଟିକିଏ ହସିଦେଇ କହିଲେ ତୁ ତ ମିନି ସେ ଗପର ଶେଷ କଥାଟି ମନେ ରଖିନୁ। ତାପରେ ଯୁବରାଜ ଭାବି ବସିଲେ ମୋର ଏହି ସୁନ୍ଦରିଆ ନାତୁଣିଟାକୁ ତାଙ୍କର ରାଣୀ କରିନେବେ ବୋଲି ଆଉ ସେଠି ବସି ଗୁଡ଼ୁଲ ବାଛୁଥିଲେ। ଅଜା ନାତୁଣି ଗପ ତାଙ୍କ କାନରେ ବାଜୁଥାଏ ସେ ବେଶ୍ ତାକୁ ଉପଭୋଗ କରୁଥାନ୍ତି ଅଜାଙ୍କ ଶେଷ କଥା ସରୁ ନସରୁଣୁ ମିନି ଦୌଡ଼ିଆସି ଅଜାଙ୍କ ପାଟିରେ ହାତ-ଦେଇ ମାଡ଼ି ବସି କହିଲା ; ଅଜା — ତମେ ଭାରି ସଇତାନ" ଅଜା ଆଉ ନାତୁଣି ତିନହେଁ ହସି ହସି ଲୋଟି-ପଡ଼ିଲେ।

ଗାଁ ର ସଂଧ୍ୟା ନଇଁ ଆସିଲା। ଅଜା ନାତୁଣି ବାରଣ୍ଡାରେ ମସିଣାଟିଏ ପକାଇ ବସି ପଡିଲେ। ନାତୁଣି ଶୁଣିବ ଆଜି ଜାମୁକୋଳିର ମଜା ପିଲାଦିନର କଅଁଳ ମନକୁ ଛୁଇଁଲାପରି ମନଗଢ଼ା ଜାମୁକୋଳି କାହାଣୀ ଆଉ ତାକୁ ଶୁଣିବ ନୂଆରୂପରେ ବଡ଼ ହୋଇ। ସେ ଯେ ଏ ବର୍ଷ ୨ୟ ବାର୍ଷିକ ବିଜ୍ଞାନ ଛାତ୍ରୀ ତାକୁତ ପୁଣି ଅଜା ସେହି ଭାଷାରେ ବୁଝାଇବେ। ବୈଜ୍ଞାନିକ ଦୃଷ୍ଟିକୋଣରୁ ତାକୁ ଆଜି ଜାମୁକୋଳି ବିଷୟରେ କହିବେ।

ଅଜା ଆରମ୍ଭ କଲେ। ଆମେ ରହୁ ଏହି ଗ୍ରୀଷ୍ମ ପ୍ରଧାନ ଦେଶରେ ବିଭିନ୍ନ ଋତୁ ଆମ ଉପର ଦେଇ ଗଡ଼ିଯାଏ ପ୍ରତିବର୍ଷ। ପ୍ରକୃତିର ସର୍ଜନା ବାସ୍ତବିକ୍ ବଡ଼ ଆଶ୍ଚର୍ଯ୍ୟ। ଖରାଦିନେ ଆମ୍ବ, ପଣସ ତାଳସଜ, ସପୁରି, ସେପେଟା। ଶୀତଦିନେ କମଳା, ବରକୋଳି, କାନ୍ଦିଆ ବଡ଼ିଆଳ ରାମଫଳ ପୁଣି ବର୍ଷାଦିନେ ଜାମୁକୋଳି ଏମିତି ବିଭିନ୍ନ ରକମର ରୁଚିକର ଫଳ ଆମେ ପାଉ। ବୁଝିଲୁ ମିନି, ପ୍ରତି ଋତୁରେ ପ୍ରକୃତିରାଣୀ ଯେଉଁସବୁ ଫଳ ଆମକୁ ଯୋଗାଇ ଦେଉଛି, ସେସବୁ ଯଦି ଆମେ ଖାଇବା, ତେବେ ଆମକୁ ଜମା ବେମାର ହେବନାହିଁ। କାହିଁକନା ସେହି ଫଳରେ ରହିଛି ବହୁ ରକମର ଭିଟାମିନ୍, ଖଣିଜ ପଦାର୍ଥ, ଶର୍କରା ସ୍ନେହସାର ପୁଷ୍ଟିସାର — ଏପରି ବହୁ-ବିଧ ଆମ ସ୍ୱାସ୍ଥ୍ୟ ଉପଯୋଗୀ ଜିନିଷ। ଏସବୁକୁ ସିନ ଆମେ ନଜର ଦେଉନା କିନ୍ତୁ ଟିକିଏ ଯଦି ଆମେ ଏ ଉପରେ ଗୁରୁତ୍ୱ ଦିଅନ୍ତେ ତେବେ ଆମେ କେତେ ଭଲ ସ୍ୱାସ୍ଥ୍ୟ ନେଇ ବଞ୍ଚନ୍ତେ କହିଲୁ ଦେଖି, ପ୍ରକୃତିର ଭାରସାମ୍ୟ ରହିଛି ଏ କଥା ଜାଣିଛୁ ମିନି। ଉଦ୍ଭିଦ ଆମକୁ ଖାଦ୍ୟ ଯୋଗାଏ ଆଉ ଉଦ୍ଭିଦ ବଢିବା ପାଇଁ ଆମଠୁ ବହୁତ ଜିନିଷ ପାଇଥାଏ। ଏତେ ସୁନ୍ଦର ପୃଥିବୀରେ ମଣିଷ ଜନମ ପାଇ ପ୍ରକୃତିର ଭାରସାମ୍ୟକୁ ଏଡ଼ି ଦେଇ ଚଳିବା କିମିତି ? ଛୁଆଟିଏ ଜନ୍ମ ହେଲା ପିଲାଟିକୁ ଦେଢ଼ ମାସରୁ ମାସ ହେଲା ଭିତରେ ଶିଶୁ ଚିକିତ୍ସକ କହିଲେ ଛୁଆକୁ କମଳାରସ ସହ ଆବ-ଡ଼େକ୍ ଭିଟାମିନ୍ ଡ଼୍ରପ ଦିଅ, କାହିଁକି ନା ପିଲାର ଭିଟାମିନ୍ ଅଭାବ ହେଲେ ପିଲାର ରୋଗ ହେବ, ବଢିବ ନାହିଁ ଇତ୍ୟାଦି। **ଆମ ଗୃହପାଖେ ତ ରସାଳ ଫଳ ସବୁ ବିଭିନ୍ନ ଋତୁରେ ହୁଏ। ସେଥିରୁ ଯଦି ରସ ବାହାର କରି ଛୁଆକୁ ବିଭିନ୍ନ ଋତୁରେ ଖାଇବାକୁ ଦିଆ-ଯାଏ, ତେବେ ତା'ର ଭିଟାମିନ୍ ବା ଖଣିଜ ପଦାର୍ଥର ଅଭାବ ରହିବ ନାହିଁ। ତା, ଛଡ଼ା ସେଥିରୁ ବିଭିନ୍ନ ଲବଣ ଜାତୀୟ ଖାଦ୍ୟ ମଧ୍ୟ ମିଳିବ।** ଏଇଟା ବହୁତ ସହଜ କଥା, ଏଥିପାଇଁ ଆମର ଯାହା ଟିକିଏ ଚେଷ୍ଟା ଦରକାର। ବାଡ଼ି ବଗିଚାରେ ବିଭିନ୍ନ ଫଳ ଗଛ ସବୁ ଲଗାଇଲେ ବିଭିନ୍ନ ଫଳ ପାଇଲେ ଆମେ ଖାଇବା ଆମ ଛୁଆଙ୍କୁ ବି ଦେବା। ଭିଟାମିନ୍ ବା ଖଣିଜ ପଦାର୍ଥ ଅଭାବ ପାଇଁ ଉପୁଜୁଥିବା ରୋଗ ଆମଠାରେ ଦେଖାଯିବ କାହିଁକି ମିନି ହଠାତ୍ କହି ଉଠିଲା — ତେବେ କଣ ଅଜା କଅଁଳା ଛୁଆକୁ ଜାମୁକୋଳି ରସ ଦିଆଯିବ ? "ହଁ ଦେଲେତ କିଛି ହେବ ନାହିଁ। ତେବେ ଛୁଆର ବୟସ ଓ ଓଜନ ଅନୁ-ସାରେ ଅନୁପାତ କମ୍ ହେବା ଉଚିତ ଅର୍ଥାତ ଗ୍ରାମରେ କମ୍ବା ଦୁଇ ଗ୍ରାମର କରି ରସ ଦେଲେ ଛୁଆର କିଛି କ୍ଷତି ହେବ ନାହିଁ ଅଜା ପୁଣି ଆରମ୍ଭ କଲେ, ଜାମୁକୋଳି କଥା କହିବାକୁ ଯାଇ ଏଆଡ଼ୁ ସିଆଡ଼ୁ ବହୁକଥା ପଡ଼ିଲା। ସେ ସବୁ କଥା ମଧ୍ୟ ତୋର ଜାଣିବା ଉଚିତ୍। ଆଗ ଶୁଣ ଜାମୁକୋଳିର ଗୁଣାବଳି।

ଜାମୁକୋଳିରେ କଷା ଓ ମଧୁର ଅଂଶ ରହିଛି। ଜାମୁକୋଳିତ ଖାଇବାକୁ ଭଲ ଲାଗେ। ତେବେ ସେ ଗଛର ଅନ୍ୟାନ୍ୟ ଅଂଶରେ ମଧ୍ୟ ବହୁବିଧ ଦ୍ରବ୍ୟ ଗୁଣ ରହିଛି, ଜାମୁକୋଳି ଡ଼ାଙ୍ଗକୁ ଆମେ ଦାନ୍ତକାଠି ରୂପେ ବ୍ୟବହାର କରୁ। ଏହି ଦାନ୍ତକାଠିରେ ଦାନ୍ତ ଘଷିଲେ ଦାନ୍ତମୂଳ ଟାଣ ରହିବା ସଙ୍ଗେ ସଙ୍ଗେ ଦାନ୍ତରୁ ରକ୍ତ ପଡ଼ିବା ବନ୍ଦ ହୁଏ। ଦାନ୍ତ ମୂଳରେ ଆଉ ବୀଜାଣୁ ବା ବ୍ୟାକ-ଟେରିଆ ଜନ୍ମନ୍ତି ନାହିଁ, ଫଳରେ ପାଟି ଗନ୍ଧାଏ ନାହିଁ। ଜାମୁକୋଳି ଗଛର ଛାଲି ମଧ୍ୟ ବହୁତ ଉପକାରୀ ଜିନିଷ। ଦେଖିଥିବୁ ମିନି ଜାମୁକୋଳି ଗଛର ଗଣ୍ଡିର ଉପରଭାଗ ମଝିରେ ଫାଟିଯାଇଥାଏ। ସେ ସବୁ ହେଲା ଗଛ ବଢିବା ସଙ୍ଗେ ସଙ୍ଗେ ଗଛର ବକ୍କଳ ବା ଚର୍ମ ବାହାରି ଆସିବା। ଏହି ବକ୍କଳରେ ମଧ୍ୟ ବହୁବିଧ ଔଷଧି ଗୁଣ ମାନ ରହିଛି। ଦାନ୍ତ ରୋଗ ପାଇଁ ଏହି ବକ୍କଳକୁ ପାଣିରେ ଶିଝାଇ (୧ କିଲୋ ବକ୍କଳକୁ ୫ ଲିଟର ପାଣିରେ ଫୁଟାଇ ତାକୁ ଅଧା ଲିଟରକୁ ଆଣିବାକୁ ପଡ଼ିବ) ତାକୁ ଦୁଇ ଥର କୁଳିକଲେ ପାଟି ଦୁର୍ଗନ୍ଧ ନାଶ ହୁଏ, ଦାନ୍ତରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମାଢ଼ି ମଧ୍ୟ ଟାଣ ରହେ ତା' ଛଡ଼ା **ଛୁଆଙ୍କ ପେଟ ଗୋଳମାଳ ହୋଇ ଝାଡ଼ା ହେଲେ ଜାମୁକୋଳି ଛାଲି ୧ ତୋଳା ୨୧ ଟା ଗୋଲମରିଚ ସହ**

(ଅବଶିଷ୍ଟାଂଶ ୧୮ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଆପଣଙ୍କ ରାଶିଫଳ

ଆଚାର୍ଯ୍ୟ ବିଭୂତି ଭୂଷଣ

ମେଷ :—ଏ ମାସରେ ରବି ୪ର୍ଥ ଏବଂ ଗୁରୁ ୧ମ ସ୍ଥାନରେ ଅବସ୍ଥାନ କରୁଛନ୍ତି । ତେଣୁ ଆପଣ ଅନେକ ସୁଖ ସମୃଦ୍ଧିର ସ୍ୱପ୍ନ ଦେଖିବେ । ବାହ୍ୟ ଧନପ୍ରତି ଆସକ୍ତ ହେବେ । ରାଜନୀତି, ସମାଜସେବା ଓ ଆନୁଷ୍ଠାନିକ କର୍ମପ୍ରତି ଅଗ୍ରସର ହେବେ । କିନ୍ତୁ କାର୍ଯ୍ୟ ଗୁଡ଼ିକ ସୁରୁଖୁରୁରେ କେବେ ପୂରଣ ହେବନାହିଁ । ଅନେକ ମାନସିକ ଅଶାନ୍ତି ଓ ଦୁଶ୍ଚିନ୍ତା ଲାଗିରହିବ । ଯେଉଁ ଆଡ଼କୁ ଗତି କରିବେ ଉଦ୍ଦିଷ୍ଟ ପଥ ପାଇ ପାରିବେ ନାହିଁ । କିନ୍ତୁ କର୍ମ କ୍ଷେତ୍ରରେ ବିଭିନ୍ନ ଅଡୁ ପ୍ରଲୋଭନ ଦେଖାଦେବ । ମାନସିକ ପ୍ରକ୍ଷାଳନ କରିପାରିବେ ନାହିଁ । ଆର୍ଥିକ କ୍ଷେତ୍ରରେ ସ୍ୱ ବ୍ୟବସାୟରୁ ସାମାନ୍ୟ ଅର୍ଥ ଲାଭ ହୋଇ ପାରିବ । ଆର୍ଥିକ ସମସ୍ୟା ସେତେ ସନ୍ତୋଷଜନକ ନୁହେଁ । ବ୍ୟବସାୟ ବାଣିଜ୍ୟ ମଧ୍ୟମ ଧରଣ ରହିବ । ଚାକିରୀରେ ଅଶାନ୍ତି ଦେଖାଦେବ ଓ ସ୍ଥାନାନ୍ତରିତ ହୋଇପାରନ୍ତି । ଅଶ୍ୱିନୀ ନକ୍ଷତ୍ର ମେଷ ପକ୍ଷେ ଚାକିରି କ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ଅଛି । ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅଶାନ୍ତି ଦେଖାଦେବ । ନାରୀମାନେ ଉଚ୍ଚାଭିଳାଷୀ ହୋଇ ପଡ଼ିବେ । ଛାତ୍ରମାନେ ଦୂର ଯାତ୍ରା ଓ ଓ ବୈଜ୍ଞାନିକ ଶିକ୍ଷାପ୍ରତି ମନ ବଳାଇବେ ।

ବୃଷ :—ଏ ମାସଟି ଆପଣଙ୍କ ପକ୍ଷେ ସାମାନ୍ୟ ହିତକର ହେବ । ବହୁ ସମସ୍ୟା ଅନେଇଁବା ହୋଇ ପଡ଼ିବାପରେ ମୃଦୁ ବାୟୁ ଯେପରି ଆରାମ ଦାୟକ ହୁଏ ଆପଣଙ୍କୁ ଏ ମାସଟି ସେପରି ଅନୁଭୂତ ହେବ । କହିବାର ଦୁଃଖ ଯନ୍ତ୍ରଣାରେ ଘାଣ୍ଟି ଚକଟି ହେଲାପରେ ସାମାନ୍ୟ ଆଶ୍ୱସ୍ତି ଲାଭକରି ପାରିବେ । ଆର୍ଥିକ କ୍ଷେତ୍ରରେ ବେଶ୍ ଭଲ ଉପାର୍ଜନ ହେବ । ଚାକିରୀ, ବ୍ୟବସାୟରେ ପଦୋନ୍ନତିର ସମ୍ଭାବନା ଅଛି । ସାମାଜିକ କ୍ଷେତ୍ରରେ ସ୍ନେହ ସହାନୁଭୂତି ପାଇ ପାରିବେ । ପାରିବାରିକ ଜଞ୍ଜାଳ ଅନେକ ଦେଖାଦେଲେ ମଧ୍ୟ କେଉଁଥିରେ ଆଦୌ ବିଚଳିତ ନହୋଇ ସୁରୁଖୁରୁରେ ସବୁକିଛି ସମାଧାନ କରିବେ । ବ୍ୟବସାୟ ବାଣିଜ୍ୟରେ ଯଥେଷ୍ଟ ଉନ୍ନତି ହେବ ଏବଂ କୌଣସି ବନ୍ଧୁଙ୍କର ସାହାଯ୍ୟରେ ବିଶେଷ ଲାଭବାନ୍ ହେବେ । ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ରହିଲେ ମଧ୍ୟ ଏ ମାସରେ ସାମାନ୍ୟ ଶାରୀରିକ ଉନ୍ନତି ହେବ । ମାସଟି ମାନସିକ ଶାନ୍ତି ଓ ତୃପ୍ତିରେ କଟାଇ ପାରିବେ । ଦେବ ଦର୍ଶନ, ତୀର୍ଥଯାତ୍ରା, ଧର୍ମ ବିଶ୍ୱାସ ଓ ଈଶ୍ୱର ଉପାସନାରେ ନିଜକୁ ନିୟୋଜିତ କରିବେ । ଗୁରୁ ବ୍ରାହ୍ମଣ, ଓ ଦେବତା ପ୍ରତି ଯଥେଷ୍ଟ ଭକ୍ତି ଦେଖାଦେବ । ନାରୀମାନେ ଆମୋଦ ପ୍ରମୋଦରେ ସମୟ କାଟିବେ । ଛାତ୍ରମାନେ ମୌଳିକ ଶିକ୍ଷାପ୍ରତି ଆଗ୍ରହାନ୍ୱିତ ହେବେ ।

ମିଥୁନ —ଏ ମାସରେ ୧ ମାର୍ଚ୍ଚ ଅପେକ୍ଷା ୬ ମାର୍ଚ୍ଚ ଆପଣଙ୍କ ପକ୍ଷେ ଅନେକ ହିତକାରକ ହେବ । ଆପଣ ଉଚ୍ଚାଶା ପୋଷଣ କରିବେ । ରାଜନୀତି, ସମାଜସେବା ପ୍ରତି ଆଗ୍ରହାନ୍ୱିତ ହେବେ ଓ ରାଜନୈତିକ କୌଶଳ ଶିକ୍ଷାପ୍ରତି ଆଗ୍ରହ ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ଉଚ୍ଚାଶା ପୋଷଣ କରିବେ ଓ କେତେକ ମୌଳିକତା ଅବଲମ୍ବନ କରିବେ । ତଥାପି ଲାଭବାନ ହେବା କଷ୍ଟ । ୬ ମାର୍ଚ୍ଚ ବେଳକୁ ଅପ୍ରତ୍ୟାଶିତ ଭାବରେ ଆର୍ଥିକ ଉନ୍ନତି ଘଟିବ । ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ । ପାରିବାରିକ ଅଶାନ୍ତି ସହିତ ଗୃହରେ ସାମାନ୍ୟ ବାଦ ବିସମ୍ବାଦ ଓ ଅବୁଝାମଣା ଘଟିପାରେ । ସମାଜର କେତେକ ଲୋକ ଉପରୁ ଆପଣ ଆସ୍ଥା ଓ ବିଶ୍ୱାସ ହରାଇବେ । ଯାହାକୁ କେବେ ବିଶ୍ୱାସ କରୁ ନଥିବେ ସେମାନେ କେବଳ ବିଶ୍ୱାସର କାରଣ ହେବେ ଓ ଆପଣଙ୍କ ଜୀବନରେ ନୂତନ ପଥ ପ୍ରଦର୍ଶକ ହେବେ । ଚାକିରି କ୍ଷେତ୍ରରେ ସ୍ଥାନାନ୍ତରିତ ଓ ପଦୋନ୍ନତି ଅଛି । ଆର୍ଥିକ ଅବସ୍ଥାର ସାମାନ୍ୟ ପରିବର୍ତ୍ତନ ହେବ । ଛାତ୍ରମାନେ କଳାପ୍ରେମୀ ହେବେ । ନାରୀମାନେ ବିଳାସ ବ୍ୟସନରେ ସମୟ କାଟିବେ ।

କର୍କଟ — ଏ ମାସରେ ଆପଣ ଆନୁଷ୍ଠାନିକ କର୍ମ ଓ ଧର୍ମ କାର୍ଯ୍ୟ ପ୍ରତି ମନ ବଳାଇବେ । ଧର୍ମ କାର୍ଯ୍ୟରେ ବ୍ୟସ୍ତ, ତୀର୍ଥ ଭ୍ରମଣ ଦେବ ବ୍ରାହ୍ମଣ ସେବାରେ ନିଜକୁ ନିୟୋଜିତ କରିବେ, ମନରେ ଧର୍ମଭୟ ଦେଖା ଦେଇପାରେ ଅନେକ ସମୟ ଚିନ୍ତାଶୀଳ ରହି ପାରନ୍ତି । ପ୍ରେମାଶକ୍ତ ହୋଇ ପଡ଼ିବେ ଓ ଧାର୍ମିକ ବିକୃତ ଓ ଅଶାନ୍ତ ସମ୍ବନ୍ଧ ସମୟରେ ଦେଖାଦେବ । ଅର୍ଥଗତ ସମସ୍ୟାର ସାମାନ୍ୟ ପରିବର୍ତ୍ତନ ହୋଇପାରେ । ବ୍ୟବସାୟ ବାଣିଜ୍ୟରେ ମାନ୍ଦା ଦେଖାଦେବ । ପୂର୍ବ ଆୟୋଜିତ ଧନରୁ ଯାହା ପାଇପାରିବେ, କିନ୍ତୁ ନୂତନ କର୍ମ ଅନ୍ୱେଷଣରେ ଆପଣ ସର୍ବଦା ବ୍ୟାକୁଳ ରହିବେ । ରାଜନୀତି ପ୍ରତି ଆପଣ ସାମାନ୍ୟ ଆଶା କରିପାରନ୍ତି; କିନ୍ତୁ ଆପଣ ସାହିତ୍ୟ,କଳା ଓ ଧର୍ମ ଶାସ୍ତ୍ରରେ ବିଶେଷ ସମୟ କାଟିବେ । ଚାକିରି ଓ ଗୁରୁଜନରେ ମତାନ୍ତର ଦେଖାଦେବ । କେତେକ ଲୋକ ଆପଣଙ୍କ ପ୍ରତି ଈର୍ଷାପରାୟଣ ହୋଇପାରନ୍ତି । ଆପଣ ଅନେକ କ୍ଷେତ୍ରରୁ ଆସ୍ଥା ଓ ବିଶ୍ୱାସ ହରାଇ ପାରନ୍ତି । ସ୍ୱାସ୍ଥ୍ୟ କେବେ ଭଲ ରହିବ ନାହିଁ । ନାରୀ ମାନେ ଅନେକ ସମୟ ଜଞ୍ଜାଳ ଓ ଚିନ୍ତାଶୀଳା ରହିବେ । ଛାତ୍ର ମାନେ ଭ୍ରମଣ ଓ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ।

ସିଂହ — ଏ ମାସରେ ଆପଣ ଯେତେ ହିସିଆର ଚଳିଲେ ମଧ୍ୟ ଅଯଥା ବ୍ୟୟରେ ପଡ଼ିପାରନ୍ତି । ଅଯଥା ଅପବାଦ, ବହୁ ଖର୍ଚ୍ଚ ଦେଖାଦେବ । ସାମାଜିକ ସ୍ତରରେ ମାନ ସମ୍ମାନ ହରାଇବେ ଏବଂ ଆର୍ଥିକ ଅସଚ୍ଛଳ ଦେଖାଦେବ, ଆପଣଙ୍କ ଉପରେ ଅନେକଙ୍କର ଅବିଶ୍ୱାସ ଓ ଈର୍ଷା ଜାତ ହେବ । ଅନେକ ଚିନ୍ତା ଓ ପରଶ୍ରୀ କାତରତା ଆପଣଙ୍କ ହୃଦୟକୁ କଳୁଷିତ କରିବ । ଚାକିରି କ୍ଷେତ୍ରରେ ସ୍ଥାନାନ୍ତରିତ ହେବାର ଯୋଗ ଅଛି, ପଦୋନ୍ନତି ମଧ୍ୟ ହୋଇପାରେ ଏ ମାସଟି ମାନସିକ ଶାନ୍ତି ହରାଇବେ ଓ ଶାରୀରିକ କଷ୍ଟ ମଧ୍ୟ ଦେଖାଦେବ ଓ ଅପବ୍ୟୟ କରାଇବ, ଧର୍ମପ୍ରତି ଆପଣଙ୍କ ହୃଦୟରେ ସାମାନ୍ୟ ବିଶ୍ୱାସ ହେବ ଓ ନୈତିକତା ଉପରେ ବିଶ୍ୱାସ ରଖିବେ । ବ୍ୟବସାୟ ବାଣିଜ୍ୟରେ ଲାଭ ଆଶାରେ ଅନେକ ବ୍ୟସ୍ତ କରିଥାନ୍ତି । ମନରେ ଅନେକ ଉଚ୍ଚ ଆଶା ପୋଷଣ କରିବେ । ଏବଂ ସାମାଜିକ ଓ ରାଜନୈତିକ ଫାଇଦା ଉଠାଇବା ପାଇଁ କୌଶଳ ଅବଲମ୍ବନ କରିବେ ଛାତ୍ରମାନେ ବୈଷୟିକ ଶିକ୍ଷା ଓ ରାଜନୀତି ବିଜ୍ଞାନ ପ୍ରତି ଆଗ୍ରହୀ ହେବେ । ନାରୀମାନେ ଆମୋଦ ପ୍ରମୋଦରେ ସମୟ କଟାଇବେ ।

Images: Aptakama Mishra, Processing: Srujanika

କନ୍ୟା—ଏ ମାସଟି ଆପଣଙ୍କ ପକ୍ଷେ ହିତକର ହେବ । କର୍ମ କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହେବେ , ସାହିତ୍ୟ, ଦର୍ଶନ, ଓ କଳା ପ୍ରତି ସମ୍ମାନ ଓ ଗବେଷଣା ରତ ରହିବେ ନିଜେ ଅତ୍ୟନ୍ତ ସରଳ ହୋଇ ଅନେକ ଜଟିଳ ପରି- ସ୍ଥିତିକୁ ସମାଧାନ କରିପାରିବେ । ନୈତିକତା, ଧର୍ମପ୍ରୀତି ଓ ଇଶ୍ୱର ଭକ୍ତି ଯୋଗୁ ଆପଣ କେତେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବା ପାଇଁ ଚେଷ୍ଟା କରିପାରିବେ । ସାମାଜିକ କ୍ଷେତ୍ରରେ ଅନେକ ସମସ୍ୟାର ମୁକାବିଲା କରି ପାରନ୍ତି । ତଥାପି ଆପଣଙ୍କୁ ଅନେକ ଲୋକ ଅବିଶ୍ୱାସ କରିବେ ଓ ଇର୍ଷାପରାୟଣ ହେବେ । ଆପଣଙ୍କ ପ୍ରତି ସନ୍ଦେହ ଉପୁଜିବ, ରାଜନୀତି କ୍ଷେତ୍ରରେ ଆପଣ କୁଟିଳମନା ହେବେ ଏବଂ କୌଣସି ଉପାୟରେ ଅପଣଙ୍କ କାର୍ଯ୍ୟ ସମାଧାନ କରି- ପାରିବେ । ଚାକିରୀରେ ପଦୋନ୍ନତି ଓ ସମ୍ମାନ ପାଇପାରନ୍ତି । ବ୍ୟବସାୟ ବାଣିଜ୍ୟରେ ସାମାନ୍ୟ ଲାଭ ହେବ, ସ୍ୱାସ୍ଥ୍ୟ ଭଲ ରହିବ । ପାରିବାରିକ ଓ ସାମାଜିକ ଜଞ୍ଜାଳ ଦେଖାଦେବ , ମାନସିକ ଦୁଶ୍ଚିନ୍ତା ଲାଗିରହିବ । ଯାନବାହାନ ଜମିବାଡ଼ି ନେଇ ଚିନ୍ତାଶୀଳ ରହିବେ , ତଥାପି ଆପଣଙ୍କର ଜ୍ଞାନ, ବୁଦ୍ଧି ଅନେକଙ୍କର ପଥ ପ୍ରଦର୍ଶକ ହେବ ଛାତ୍ରମାନେ ଗଣିତ ଅଧ୍ୟୟନରେ ଆଗ୍ରହୀ ହେବେ । ମହିଳାମାନେ ଧର୍ମଶ୍ରୀରୁ ଓ ଭ୍ରମଣ ପ୍ରତି ମନ ବଳାଇବେ ।

ତୁଳା — ମାସଟି ସାରା ଆପଣ କର୍ମପ୍ରତି ଚିନ୍ତାଶୀଳ ରହିବେ ବ୍ୟବସାୟ ବାଣିଜ୍ୟରେ ପ୍ରଚୁର ଲାଭ ଆଶା କରିବେ ନିଜର ପରିଶ୍ରମ ଓ ବୁଦ୍ଧିଦ୍ୱାରା ଅନେକ ଧନ ରୋଜଗାର କରିବାରେ ସମର୍ଥ ହୋଇପାରିବେ । ପରୋପକାର, ସମାଜସେବା, ନୈତିକ କାର୍ଯ୍ୟାନୁଷ୍ଠାନ ଦେବପୂଜା ଓ ମନ୍ତ୍ରପାଠ ପ୍ରତି ଆକୃଷ୍ଟ ହେବେ ମନରେ କାମବାସନା ଦେଖା ଦେବ ତାକୁ ଚରିତାର୍ଥ କରିବା ପାଇଁ ମଧ୍ୟ ଅନେକ ବ୍ୟୟ ଓ ଭ୍ରମଣ କରିପାରନ୍ତି । ଚାକିରୀ କ୍ଷେତ୍ରରେ ପଦୋନ୍ନତି ଓ ସ୍ଥାନାନ୍ତର ଯୋଗ ଅଛି । ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ସମ୍ମାନ ଓ କାର୍ଯ୍ୟ ଦକ୍ଷତା ଲାଭ କରିପାରିବେ ପାରିବାରିକ ଜଞ୍ଜାଳ ଦେଖାଦେବ ସମସ୍ତ ସମୟରେ କେତେକ ଅହେତୁକ କାରଣ- ଯୋଗୁ ମାନସିକ ଅସ୍ଥିରତା ଦେଖାଦେବ । ଯାନ ବାହନ ପ୍ରତି ଆକୃଷ୍ଟ ହେବେ । ମାସରେ ଆର୍ଥିକ ଅବସ୍ଥାର ଉନ୍ନତି ହେବ ଓ ନୂତନ କର୍ମପନ୍ଥା ହାସଲ କରିପାରନ୍ତି । ସାମାଜିକ ସ୍ତରରୁ ଓ ବନ୍ଧୁମହଲରୁ ସାହାଯ୍ୟ ସହାନୁଭୂତି ପାଇ- ପାରନ୍ତି ରାଜନୈତିକ ଅସ୍ଥିରତା ଦେଖାଦେବ । ସେ ବିଷୟରେ ବିଶେଷ କିଛି ଚିନ୍ତା କରିପାରିବେ ନାହିଁ । ଛାତ୍ରମାନେ ତାମସିକ ପ୍ରବୃତ୍ତି ପ୍ରତି ଆକୃଷ୍ଟ ହେବେ ନାରୀମାନେ ସଂଯୋଗ ପ୍ରତି ମନ ବଳାଇବେ ।



ବିଛା — ଏ ମାସରେ ଆପଣଙ୍କ ମନରେ ଅନେକ ଅଶାନ୍ତି ଦେଖାଦେବ ପାରିବାରିକ ଜଞ୍ଜାଳ-ସହିତ ସାମାଜିକ, ରାଜନୈତିକ ଅସ୍ଥିରତା ଦେଖାଦେବ । କର୍ମକ୍ଷେତ୍ରରେ ଅନେକ ଚିନ୍ତାଶୀଳ ରହିବେ ଓ କାର୍ଯ୍ୟପନ୍ଥା ସନ୍ଦେହ ଜନକ ଭାବରେ ଗ୍ରହଣ କରିବେ । ତାହାପ୍ରତି ସହଜରେ ଆସ୍ଥା ଓ ବିଶ୍ୱାସ ରଖିବେ- ନାହିଁ ଅନେକ କ୍ଷେତ୍ରରେ ମନୋମାଳିନ୍ୟ ହେବ କେତେକ ଲୋକ ବ୍ୟକ୍ତିଗତ ଫାଇଦା ଉଠାଇବା ପାଇଁ ଆପଣଙ୍କୁ ଉପଯୋଗୀ କରାଇ ପାରନ୍ତି । କିନ୍ତୁ ଆପଣଙ୍କର ବୁଦ୍ଧି ଓ ଜ୍ଞାନ ବଳରେ ଆପଣ ଅନେକ ସମସ୍ୟାର ମୁକାବିଲା ଓ ସମାଧାନ କରିପାରିବେ । ଆର୍ଥିକ ଦୁଶ୍ଚିନ୍ତା ଲାଗିରହିବ , ଶାରୀରିକ କଷ୍ଟ ସହିତ ଅମିତବ୍ୟୟ ଲାଗିରହିବ , ବ୍ୟବସାୟ ବାଣିଜ୍ୟରେ ହିତାଣ ହେଇପାରନ୍ତି ଚାକିରି କ୍ଷେତ୍ରରେ ଅପବ୍ୟୟ ଓ ସ୍ଥାନାନ୍ତରିତ ଯୋଗ ଅଛି ଗୃହରେ ଅପ୍ରୀତିକର ପରିସ୍ଥିତି ଓ ମନମାଳିନ୍ୟ ଦେଖାଦେବ ରାଜନୈତିକ କର୍ମରେ କିଛି ହଠାତ୍ ସ୍ଥିରକରି ପାରିବେ ନାହିଁ । ଅନେକ ଭ୍ରମଣ ଓ ଅଯଥା ବ୍ୟୟ ଲାଗିରହିବ, ଛାତ୍ରମାନେ ରାଜନୀତି ପ୍ରତି ଆକୃଷ୍ଟ ହେବେ । ନାରୀମାନେ କୁଟିଳମନା ଓ ଗୃହକର୍ମ ନିପୁଣା ହେବେ ।



ଧନୁ—ଏ ମାସଟି ଆପଣଙ୍କର ମାନସିକ ବିକୃତି, ଦୁଶ୍ଚିନ୍ତା ସାମାଜିକ ଅସମ୍ମାନତା, ରାଜନୈତିକ ଅସ୍ଥିରତା ଏବଂ ନୈତିକ ଭୟ ଦେଖାଦେବ , କର୍ମ କ୍ଷେତ୍ରରେ ଅପଦସ୍ଥ ହେବେ ଏବଂ ସମାଲୋଚିତ ମଧ୍ୟ ହୋଇପାରନ୍ତି ବ୍ୟବସାୟ ବାଣିଜ୍ୟରେ ଅନେକ ବ୍ୟୟ ଓ ହିତାଣ ହେବାର ସମ୍ଭାବନା ଅଛି , ଅନେକ କ୍ଷେତ୍ରରୁ ଆପ ବିଶ୍ୱାସ ଓ ଆସ୍ଥା ହରାଇ ପାରନ୍ତି , ଚାକିରୀ କ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ବୃଥା ନିନ୍ଦା ସହିବାକୁ ପଡ଼ିବ । ବୃଥା ଭ୍ରମଣ ଓ ଅଯଥା ବ୍ୟୟ ମଧ୍ୟ ଲାଗି ରହିବ , ସାମାଜିକ ଓ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଦେଖାଦେବ, ଆପଣ କିଂ କର୍ତ୍ତବ୍ୟ ବିମୂଢ଼ ଓ ଜ୍ଞାନଶୂନ୍ୟ ହୋଇ ପଡ଼ିବେ , ବନ୍ଧୁମାନେ ଶତ୍ରୁତା ଆଚରଣ କରିବେ , କେତେକ ଲୋକ ଇର୍ଷା ପରାୟଣ ହୋଇ ପଡ଼ିବେ । ଶାରୀରିକ କଷ୍ଟ ଓ ସ୍ୱାସ୍ଥ୍ୟହାନି ଘଟିପାରେ , ରାଜନୀତି କ୍ଷେତ୍ରରେ ଅନେକ ସମସ୍ୟା ଲାଗିରହିବ , ଅନେକ କ୍ଷେତ୍ରରେ ଆପଣ ଅପଦସ୍ଥ ହେବେ ଓ ନିନ୍ଦା ଶୁଣିବେ । ଛାତ୍ରମାନେ ଦେଶ ଭ୍ରମଣ ପ୍ରତି ଆକୃଷ୍ଟ ହେବେ , ନାରୀମାନେ ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ ।

ମକର ଏ ମାସଟି ସାରା ଆପଣ ଅନେକ ସମସ୍ୟାର ସମ୍ମୁଖିନ ହେବେ ନୈତିକତା ଇଶ୍ୱର ବିଶ୍ୱାସ ଓ ଆଦର୍ଶପ୍ରତି ଆପଣ ସବୁଦା ସଚେତ ରହିବେ ରାଜନୀତି , ସମାଜସେବା ଓ ପରୋପକାରରେ ନିଜକୁ ନିୟୋଜିତ କଲେ ମଧ୍ୟ ଆପଣଙ୍କୁ ଅନେକ କ୍ଷେତ୍ରରେ ନିନ୍ଦା ଓ ଅପଯଶ ଅର୍ଜନ କରିବାକୁ ହେବ, ଆପଣଙ୍କ ମାନସିକ ଅଶାନ୍ତି ସହିତ ଅସ୍ଥିରତା ଦେଖାଯିବ , ସାମାଜିକ କ୍ଷେତ୍ରରେ ମାମଲାମକଦ୍ଦମା ଭୟ ଓ ଶାରୀରିକ ଦୋଷ ଦୁର୍ବଳତା ଦେଖାଦେବ ସାମାଜିକ ସ୍ତରରେ ଅପମାନିତ, ନିନ୍ଦିତ ଓ ସମାଲୋଚିତ ହେବେ ,ଜନ୍ମ ଓ ଇଶ୍ୱର ଭକ୍ତିରେ ନିଜକୁ ନିୟୋଜିତ କରିବେ । କର୍ମ କ୍ଷେତ୍ରରେ ଅଯଥା ମନୋମାଳିନ୍ୟ ଦେଖାଦେବ ବ୍ୟବସାୟ ବାଣିଜ୍ୟରେ ଆୟ ଅପେକ୍ଷା ବ୍ୟୟ ଅଧିକ ହେବ ଚାକିରୀ କ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ନିନ୍ଦା ସହିବାକୁ ପଡ଼ିବ ପାରିବାରିକ ଅଶାନ୍ତି ଓ ବାଦ ବିସମ୍ବାଦ ଦେଖାଦେବ ଛାତ୍ରମାନେ କୃଷି ଓ ବିଜ୍ଞାନ ପ୍ରତି ଆକୃଷ୍ଟ ହେବେ ନାରୀମାନେ ଦେଶ ଭ୍ରମଣ ଓ ସାହିତ୍ୟ ଚର୍ଚ୍ଚାରେ ନିଜକୁ ନିୟୋଜିତ କରିବେ ।



କୁମ୍ଭ — ଏ ମାସଟି ଆପଣଙ୍କ କର୍ମମୟ ଜୀବନରେ ସୁଖ ଶାନ୍ତି ଆଣିଦେବ , ନୂତନ କର୍ମପନ୍ଥା ହାସଲ କରିପାରିବେ ବ୍ୟବସାୟ ବାଣିଜ୍ୟ ତାହାର ସାହାଯ୍ୟରେ ଯଥେଷ୍ଟ ଉନ୍ନତି ସାଧନ କରିପାରିବେ । ଚାକିରୀରେ ପଦୋନ୍ନତି ଓ ମାନ ସମ୍ମାନ ରହିଛି ସାମାଜିକ ଓ ଆନୁଷ୍ଠାନିକ କର୍ମରେ ଅପଣଙ୍କ ନୈତିକତା ଓ ପ୍ରେରଣା କେତେ ଲୋକଙ୍କର ପଥ ପ୍ରଦର୍ଶକ ହେବ ଆପଣ ଠିକ୍ ଦୂର ଦୃଷ୍ଟି ହାସଲ କରିପାରିବେ ସାମାନ୍ୟ ଆଳସ୍ୟ ପରାୟଣ ରହିବେ ଏବଂ ପ୍ରତି

Images: Aptakama Mishra, Processing: Srujanika

କାର୍ଯ୍ୟରେ ଦୀର୍ଘସୂତ୍ରିତା ଦେଖାଦେବ । ଆପଣ ଅନେକ କୁଟିଳ ମନା ହେବେ ଓ ସହଯଶରେ କାହାକୁ ବିଶ୍ୱାସ କରିବେ ନାହିଁ । ତଥାପି ଆପଣଙ୍କର ଧର୍ମ, ସାହିତ୍ୟ, ଦର୍ଶନ, ଦେବଭକ୍ତି ଓ ଦେବୋପାସନା ପ୍ରତି ଯଥେଷ୍ଟ ଆଦର ରହିବ ପ୍ରେମ ଓ ସଂଭୋଗରେ ଅନେକ ସମୟ କାଳାତି-ପାତ କରିବେ । ପରୋପକାରରେ ନିଜକୁ ନିୟୋଜିତ କରିବେ । ସମାଜରେ ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଠାରୁ ଆଦର, ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ପାରିବେ । ନାରୀମାନେ ବିଳାସ ବ୍ୟସନ ପ୍ରତି ମନ ଚଳାଇବେ । ଛାତ୍ର-ମାନେ ଭୌଗଳିକ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ।

ମୀନ – ମାର୍ଚ୍ଚ ମାସ

ଆପଣଙ୍କର ମାନସିକ ଅଶାନ୍ତି ଓ ଶାରୀରିକ କଷ୍ଟ ଦେଖା-ଦେବ, ଭ୍ରମଣ ଓ ବୃଥା ବ୍ୟୟର ସମ୍ଭାବନା ଅଧିକ । ତୀର୍ଥ ଭ୍ରମଣ ଓ ଦେବ ପୂଜା ମଧ୍ୟ ହୋଇପାରେ । ନ୍ୟାୟ ଓ ରାଜନୀତି ପ୍ରତି ଆଶାୟୀ ହେବେ । ସାମାଜିକ କ୍ଷେତ୍ରରେ ଅପଦସ୍ଥ ଓ ପଦମର୍ଯ୍ୟାଦା ହାନି ହୋଇ ପାରେ । ଆପଣଙ୍କର ସଫଳତାର ସୁଯୋଗ ରାଜନୀତି ଓ ସାମାଜିକ ସ୍ତରରେ ଅନେକ ନେଇଯିବେ । ଆପଣ ଯେତେ କୁଟିଳମନା ହେଲେ ମଧ୍ୟ କୌଣସି କାର୍ଯ୍ୟରେ ନିଷ୍ଠୁରତା ଆଚରଣ କରି ପାରିବେ ନାହିଁ । ବ୍ୟବସାୟ ବାଣିଜ୍ୟରେ ଲାଭ ହୋଇ ପାରେ । ଆପଣ କୌଣସି ଲୋକର ସାହାଯ୍ୟ ଆଶା କରି ରହିଯାଇ ପାରନ୍ତି । ରାଜନୀତି କ୍ଷେତ୍ରରେ ମାନ ସମ୍ମାନ ଲାଭ କରି ପାରିବେ କିନ୍ତୁ କେତେକ ଖଳ ଲୋକ ଆପଣଙ୍କର ସ୍ଥିତିରେ ଈର୍ଷାପରାୟଣ ହୋଇ ପାରନ୍ତି । ଆର୍ଥିକ ଅବସ୍ଥା ମାସର ଶେଷ ଆଡ଼କୁ ସାମାନ୍ୟ ପରିବର୍ତ୍ତନ ହେବ । ଯାନବାହାନ ପ୍ରତି ଆଶା ରଖିବେ । ଦର୍ଶନ ଓ କଳା ପ୍ରତି ଆଦର ବଢ଼ିବ ଛାତ୍ରମାନେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ନାରୀ ମାନେ ଗୃହକର୍ମ ସହିତ ବିଳାସ ବ୍ୟସନ ପ୍ରତି ମନ ବଳାଇବେ । □

Pinkee Knowledge Centre

Kendrapara-75421

Books and magazines For all

ଅତ୍ୟଧିକ ପ୍ରଚାର ଯୋଗୁ କାମାକ୍ଷା ବାବୁଙ୍କ ଅସୁବିଧା

(ନୂଆଦିଲ୍ଲୀ ପ୍ରତିନିଧିଙ୍କଠାରୁ)

କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ଲସ୍ ଆଞ୍ଜେଲସ୍‌ରେ ଅନୁଷ୍ଠିତ ହେଉଥିବା ଅଲମ୍ପିକ କ୍ରୀଡ଼ାପ୍ରତିଯୋଗିତାରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ (ଚିଫ୍ ଡି-ମିଶନ୍) ନେଇ ଯିବେ ବୋଲି ନିଷ୍ପତ୍ତି ହେବା ପରେ ଶେଷ ମୁହୂର୍ତ୍ତରେ ଏହି ନିଷ୍ପତ୍ତିର ପରିବର୍ତ୍ତନ ସମସ୍ତଙ୍କ ମନରେ ଯୁଗପତ୍ ବିସ୍ମୟ ସୃଷ୍ଟି କରିଛି ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପରିବାର ସହ ଘନିଷ୍ଠ ଭାବେ ସଂପୃକ୍ତ ରାଜନୈତିକ ମହଲ ମତରେ ଶ୍ରୀଯୁକ୍ତ ସିଂହଦେଓଙ୍କ ସପକ୍ଷରେ ଏ ସମ୍ପର୍କରେ ଅତ୍ୟଧିକ ପ୍ରଚାର ଅବଶେଷରେ ତାଙ୍କ ପାଇଁ କାଳ ହେଲା ।

ପଞ୍ଜାବକୁ ଶ୍ରୀ ସିଂହଦେଓ ଥରେ ଦୁଇଥର ଯିବା ପରେ ସେ ପଞ୍ଜାବ ସଙ୍କଟ ସମା-ଧାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି-ଛନ୍ତି ବୋଲି କେତେକ ଜାତୀୟ ସମ୍ବାଦ ପତ୍ରରେ ପ୍ରକାଶ ପାଇବାଟାକୁ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ଓ ଶ୍ରୀମତୀ ଗାନ୍ଧୀ ଉଭୟେ ନାପସନ୍ଦ କରିଥିଲେ ।

ଏ ବିଷୟ ପୂର୍ଣ୍ଣ ଭାବେ ଭୁଲିଯିବା ପୂର୍ବରୁ ଶ୍ରୀଯୁକ୍ତ ସିଂହଦେଓଙ୍କ ଲସଆଞ୍ଜେଲସ୍ ଯିବା ବିଷୟ ମାଙ୍ଗରେ ପ୍ରଚାରିତ ହେବା ଫଳରେ ଜାତୀୟ ସ୍ତରରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ରାଜ-ନୈତିକ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି ବୋଲି କେତେକ ମହଲରେ ଧାରଣା ସୃଷ୍ଟି ହେଲା । ଏହି ଧାରଣାକୁ ପ୍ରତିହତ କରି ଶ୍ରୀ ସିଂହଦେଓଙ୍କୁ ନିଜ ସୀମା ଭିତରେ ରଖିବା ଉଦ୍ଦେଶ୍ୟରେ ଶ୍ରୀମତୀ ଗାନ୍ଧୀ ଶେଷ ମୁହୂର୍ତ୍ତରେ ତାଙ୍କୁ ଅ-ୟ କାର୍ଯ୍ୟ ବ୍ୟସ୍ତତା ଆଳରେ ଲସ-ଆଞ୍ଜେଲସ୍ ଯିବାକୁ ମନା କରିଦେଲେ ବୋଲି ଜାଣିବା ଶୁଣିବା ମହଲ ମତ ଦେଉଛନ୍ତି ।

ରାଜ୍ୟ ପୂର୍ତ୍ତମନ୍ତ୍ରୀଙ୍କ ବିରୁଦ୍ଧରେ ଯୁବ-କଂଗ୍ରେସ ସଭାପତିଙ୍କ ବିସ୍ଫୋରକ୍‌ଗାର

ମୁଖ୍ୟମନ୍ତ୍ରୀଙ୍କ ପ୍ରଚ୍ଛନ୍ନ ଇଙ୍ଗିତକ୍ରମେ ହୋଇଛି ବୋଲି ବିଭିନ୍ନ ମହଲରେ ସନ୍ଦେହ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

କଟକ ଜିଲ୍ଲା କଂଗ୍ରେସ କମିଟି ଅଧିବେଶନରେ ରାଜ୍ୟର ନବନିଯୁକ୍ତ ଯୁବ କଂଗ୍ରେସ ସଭାପତି ଶ୍ରୀ ଶରତ କୁମାର ରାଉତ ରାଜ୍ୟ ନଗରଉନ୍ନ-ୟନ ଓ ପୂର୍ତ୍ତମନ୍ତ୍ରୀ ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳଙ୍କ ବିରୁଦ୍ଧରେ ପ୍ରଚଣ୍ଡ ବିସ୍ଫୋରକ୍‌ଗାର କରିବା ରାଜ-ନୈତିକ ମହଲରେ କୌତୂହଳ ସୃଷ୍ଟି କରିଛି । ଉକ୍ତ ବୈଠକରେ ଆଲୋଚନା ଚାଲିଥିବା ବେଳେ ଯାଜପୁର ସବ୍‌ଡିଭିଜନ୍‌ରେ ଦୈନନ୍ଦିନ ପ୍ରଶା-ସନରେ ଶ୍ରୀ ବିଶ୍ୱାଳ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ଶ୍ରୀ ରାଉତ ଅଭିଯୋଗ କରିଥିଲେ ଏବଂ କଂଗ୍ରେସ ବିରୋଧୀ ଲୋକେ ନିଜ ପ୍ରତିଶ୍ରୁତି ମୁତାବକ ସରକାରୀ କାର୍ଯ୍ୟ କରାଇ ପାରୁଥିବା ବେଳେ କଂଗ୍ରେସ ଲୋକେ ଅସହାୟ ଭାବେ ଜୀବନ ଯାପନ କରୁଛନ୍ତି ଏବଂ ଏହା ଫଳରେ ସେଠାରେ କଂଗ୍ରେସ ସଙ୍ଗଠନ ଦୃଢ଼ ହୋଇ ପାରୁ ନାହିଁ ବୋଲି ମତ ଦେଇ ଥିଲେ । ଯୁବକ ସୁଲଭ ରୀତିରେ ଶ୍ରୀ ରାଉତ ଘୋର ଉତ୍ତେଜନା ମୂଳକ ଭାଷଣ ଦେବାପରେ ଶ୍ରୀ ବିଶ୍ୱାଳଙ୍କ ପକ୍ଷରୁ ଅନ୍ୟ କେହି ଉକ୍ତ ଆଲୋ-ଚନାର ଉତ୍ତର ନ ଦେବାରୁ ଶ୍ରୀ ବିଶ୍ୱାଳ ନିଜେ ଏହାର ଉତ୍ତର ଦେଇ ଆବଶ୍ୟକୀୟ ସମସ୍ତ ଅର୍ଥ ଦେବା ସତ୍ତ୍ୱେ ଯାଜପୁରରେ କଂଗ୍ରେସ ସଙ୍ଗଠନ ବଳିଷ୍ଠ ହୋଇ ପାରୁ ନଥିବା ନିଜ ଅଯୋଗ୍ୟତାର ପରିଚୟ ବୋଲି ମତ ଦେଇଥିଲେ ।

ଶ୍ରୀ ରାଉତ ରାଜନୀତିରେ ସଂପୂର୍ଣ୍ଣ ଅନଭିଜ୍ଞ ଓ ନୂଆ ହୋଇଥିବାରୁ କୌଣସି ଶକ୍ତିଶାଳୀ ଲୋକର ବିନା ଇଙ୍ଗିତରେ ଏ ଭଳି ଭାବେ ଶ୍ରୀ ବିଶ୍ୱାଳଙ୍କ ଉପରେ ଆକ୍ରମଣ କରିବାକୁ ସାହାସ କରି ନ ଥାନ୍ତେ ବୋଲି କଂଗ୍ରେସ ଲୋକେ କଥା ଭାଷା ହେଉଛନ୍ତି । ପୁନଃଶ ସେତୁ ନିର୍ମାଣ ଘଟଣାକୁ କେନ୍ଦ୍ର କରି ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ସହ ଶ୍ରୀ ବିଶ୍ୱାଳଙ୍କ ମତଭେଦ ପରେ ଏ ଘଟଣା ସମସ୍ତଙ୍କ ମନରେ ବିଭିନ୍ନ ପ୍ରକାର ସନ୍ଦେହ ସୃଷ୍ଟି କରିଛି । □

Images: Aptakama Mishra, Processing: Srujanika

(୧୪ ପୃଷ୍ଠାର ଅବଶିଷ୍ଟାଂଶ)

କାନ୍ତି ମଣ୍ଡ ପାଣିରେ ୮।୧୦ ପାନ କରି ଖୁଆଇ ଦେଲେ ତରଳ ଝାଡ଼ା କଠିନହୁଏ । ତୁଆ ଆରୋଗ୍ୟ ଲାଭ କରେ, ଏହି କୋଷ୍ଠବନ୍ଧକର ଗୁଣାବଳି ଉଭୟ ପତ୍ର ଓ ଫଳରେ ମଧ୍ୟ ରହିଛି । ଜାମୁକୋଳି ଫଳ ରସ ଅଗ୍ନି ବର୍ଦ୍ଧକ ଔଷଧ ରୂପେ ମଧ୍ୟ ବ୍ୟବହୃତ ହୋଇଥାଏ, ଅର୍ଥାତ୍ କୌଣସି କାରଣରୁ ଜୀର୍ଣ୍ଣ ଶକ୍ତି କମିଗଲେ କିମ୍ବା ଭୋକ ନ ହେଲେ ଗ୍ଲାସେ ଦୁଇ ଗ୍ଲାସ ଜାମୁକୋଳି ଫଳ ରସ ଖାଇଦେଲେ ଭଲ ଭୋକହୁଏ ଫଳରସ ତିଆରି କରିବାକୁ ଅସୁବିଧା ହେଲେ; ଜାମୁକୋଳିରୁ କିଛି କିଛି ସେମିତି ଖାଇଦେଲେ ମଧ୍ୟ ଚଳିବ ।

ଜାମୁକୋଳି ରସ ବହୁମୂତ୍ର ରୋଗ ନିରୋଧକ ପରି କାମ ଦେଇଥାଏ

୧୯୫୪ ମସିହାରେ ଗବେଷକ ନାଦକର୍ଣ୍ଣୀ ତାଙ୍କର ପରୀକ୍ଷା ମୂଳକ ଗବେଷଣାରୁ ପ୍ରମାଣିତ କରି ପାରିଛନ୍ତି ବହୁମୂତ୍ର ଏକ ବଂଶଗତ ରୋଗ, **ଯେଉଁ ବଂଶରେ ବହୁମୂତ୍ର ରୋଗ ରହିଛି ସେହି ବଂଶର ଲୋକେ ବର୍ଷା ଦିନେ ଜାମୁକୋଳି କିମ୍ବା ତାର ରସ ପ୍ରତିଦିନ ଗ୍ଲାସେ କରି ଖାଇବା ଉଚିତ୍ । ଫଳରେ ବହୁମୂତ୍ର ବଂଶରେ ଜନ୍ମ ହୋଇ ଥିବା ଲୋକଙ୍କର ବହୁମୂତ୍ର ରୋଗ ହେବାର ସମ୍ଭାବନା ଅପେକ୍ଷାକୃତ କମ ହୋଇଥାଏ** । ୧୯୫୪ ମସିହାରେ ଗବେଷକ ବୈଶ ତାଙ୍କର ଗବେଷଣାଗତ ପରୀକ୍ଷାରୁ ଜାଣିପାରିଲେ ଯେ ଜାମୁକୋଳି ମଞ୍ଜିର ଗୁଣ୍ଡ ଏକ ଗ୍ରାମ କରି ପ୍ରତିଦିନ ଖାଲି ପେଟରେ ବହୁମୂତ୍ର ରୋଗୀକୁ ଦିଆଗଲେ ରୋଗୀର ରକ୍ତଗତ ଶର୍କରା (blood sugar) ର ପରିମାଣ ହ୍ରାସ ପାଇଥାଏ କୌଣସି କାରଣରୁ ପରିସ୍ରା ଭଲଭାବେ ନ ହେଲେ କିମ୍ବା ପରିସ୍ରା ବନ୍ଦ ହେଲେ ଜାମୁକୋଳି ରସ ଦେଇ ରୋଗୀକୁ ଆରୋଗ୍ୟ କରାଯାଇଥାଏ ଏପରିକି ପେଟ ଗରମରୁ ପରିସ୍ରା ପୋଡ଼ା ହେଲେ ଜାମୁକୋଳି ରସ ଖାଇଲେ ରୋଗୀ ସୁସ୍ଥ ଲାଭ କରେ ।

ଏହାଛଡ଼ା ଜାମୁକୋଳି ଫଳରୁ ବିଭିନ୍ନ ପ୍ରକାର ଜୈବିକ ଯୌଗିକ ପଦାର୍ଥମାନ ବାହାର କରାଗଲାଣି । ସେଥିମଧ୍ୟରୁ ଟ୍ରିଟେରପିନ୍ ଅମ୍ଳ (triterpene acid) ଓଲିଏନୋଲିକ୍ ଅମ୍ଳ (oleanolic acid) କ୍ରାଟେଜିଲିକ ଅମ୍ଳ (crategelic acid) ପ୍ରଧାନ । ଏହିସବୁ ଅମ୍ଳ ଆମ ଶରୀର ପାଇଁ କିପରି ଉପଯୋଗୀ ତା' ଉପରେ ଗବେଷଣା ଚାଲୁ ରହିଛି ।

ବୁଝିଲୁ ମିନି, ତୁ ତ ଦେଖିଥିବୁ ଆମେ ଯେତେବେଳେ ଜଙ୍ଗଲ ବୁଲିବାକୁ ଯାଇଥିଲୁ କିମିତି ଗାଇ, ଗୋରୁ, ଛେଳିମାନେ ବର୍ଷାଦିନେ ଜାମୁକୋଳି ଗଛମୂଳେ ପାଚିଲା ଜାମୁକୋଳି ସବୁ ଚରିଯାଉଥିବେ, କେବେ କେବେ ରାସ୍ତାକଡ଼ରେ ମଧ୍ୟ ଏହି ଦୃଶ୍ୟ ସବୁ ଦେଖିଥିବୁ । ଗାଈ, ଛେଳି, ମେଣ୍ଢା ଇତ୍ୟାଦି ପଶୁମାନଙ୍କ ପାଇଁ ମଧ୍ୟ ଜାମୁକୋଳି ଫଳଟା ବଡ଼ ଉପକାରୀ । ସହର ମାନଙ୍କରେ ଆଉ ଜାମୁକୋଳି ଗଛର ବିସ୍ତୃତ କାହିଁ ଯେ ଗାଇ, ଗୋରୁ ଚରିବେ ? ମଣିଷ ତ ପାଉ ନାହାନ୍ତି ।

ଜାମୁକୋଳି ମଞ୍ଜି ସହଜରେ ଗଜୁରି ଉଠେ । ବର୍ଷାଦିନେ ଗଛମୂଳେ ଶହ ଶହ ଜାମୁକୋଳି ଫଳ ପଡ଼ିଥାଏ ଏବଂ ପକ୍ଷୀମାନେ ଜାମୁକୋଳି ଖାଇ ମଞ୍ଜିକୁ ତଳେ ପକାଇ ଦେଇଥାନ୍ତି । ସେ ସବୁ ମଞ୍ଜି ଅପଣା ଛାଏଁ ଗଜୁରି ଉଠେ । ଶହ ଶହ ଜାମୁକୋଳି ଗଛ ମା' ଗଛ (mother plant) ର ଚାରିପାଖେ ବଛେଇ ହୋଇ ଉଠି ଥାଆନ୍ତି । ସେଥିରୁ ଯଦି ଆମେ ପ୍ରତ୍ୟେକ ଦୁଇ ଚାରିଟା କରି ଉଠାଇ ଆଣି ଆମ ବାଡ଼ି ବଗିଚା, ରାସ୍ତାକଡ଼, ଗାଁର ଖାଲି ସ୍ଥାନ ମାନଙ୍କରେ ଲଗାଇ ଦିଅନ୍ତେ, ଆମର କେତେ ଉପକାର ହୁଅନ୍ତା କହିଲୁ ଦେଖି ? ଗଛ ସଂଖ୍ୟା ବଢ଼ିଲେ ଆମର ବାୟୁ ମଣ୍ଡଳ ବିଶୁଦ୍ଧ ହୁଅନ୍ତା, ତା ସାଙ୍ଗକୁ ବର୍ଷାଦିନେ ତା' ଫଳକୁ ଖାଇ ଆମକୁ କେତେ ତୃପ୍ତି ମିଳନ୍ତା ।

ମିନି ମନଯୋଗ ଦେଇ କଥାଟି ଶୁଣୁଥିଲା । ହଠାତ୍ କହି ଉଠିଲା — "ଅଜା ଏଇ ତ ବନ ମହୋତ୍ସବ ଚାଲିଛି ଏଇ ବର୍ଷାଦିନେ ଚାଲ ଆମ ବାଡ଼ି ଚାରିକଡରେ ଜାମୁକୋଳି ଗଛ ୧୦୦ ଟା ଖଣ୍ଡେ ଲଗାଇ ଦେବା । ମୁଁ ତ ଦେଖିଛି, ଜାମୁକୋଳି ଗଛ ୟୁକାଲିପଟାସ ଗଛ ପରି ଅତି ଶିଘ୍ର ବଢେ ଆମେ ତା ଠାରୁ ଉପକାରିତା ଖୁବ୍ ଶିଘ୍ର ପାଇ ପାରିବା

ଏ କଥା ଶୁଣି ଅଜା ମିନିକୁ ଆନନ୍ଦରେ କୁଣ୍ଢାଇ ପକାଇ କହିଲେ — ବାଃ ଖୁବ୍ ସୁନ୍ଦର କଥାଟିଏ କହିଲୁ ତ ? ଏଇ ବନ ମହୋତ୍ସବରେ ମୁଁ ଝାଉଁ, ଲେମ୍ବୁ, ଆମ୍ବ, ଚମ୍ପା, କୃଷ୍ଣଚୂଡ଼ା, ରାଧାଚୂଡ଼ା ଗଛ ସବୁ ଚାରା ଆଣି ଲଗାଇଛି ଆମ ବଗିଚାରେ । ଜାମୁକୋଳି ମଞ୍ଜି ତ ଆମ ବାରିରେ । ମେଞ୍ଚି ମଞ୍ଜିର ଚାରା ହିଁ ଆମ ବଗିଚାକୁ ଆହୁରି ସୁନ୍ଦର କରିବ ଠିକ୍ ତୋରି ପରି" । □

ଓଡ଼ିଶାର ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ

ଶିକ୍ଷିତ ବେକାର ଯୁବ ସଂପ୍ରଦାୟଙ୍କୁ ଆତ୍ମନିଯୁକ୍ତି କର୍ମଯୋଗାଣ କାର୍ଯ୍ୟକ୍ରମ ଜରିଆରେ କର୍ମସଂସ୍ଥାନର ବ୍ୟବସ୍ଥା କରି ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି । ଗତ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହି ପ୍ରଶଂସନୀୟ କାର୍ଯ୍ୟକ୍ରମ ଘୋଷଣାକରିଥିଲେ ଏବଂ ଓଡ଼ିଶା ରାଜ୍ୟରେ ୧୯୮୩-୮୪ ମସିହା ପାଇଁ ୮,୭୦୦ ବେକାରଙ୍କୁ କର୍ମ ଯୋଗାଇ ଦେବାର ଲକ୍ଷ ଧାର୍ଯ୍ୟ ହୋଇଥିଲା । ୧୯୮୪ ମେ ମାସ ସୁଦ୍ଧା ଏଥିରେ ଶତକଡ଼ା ପ୍ରାୟ ୮୭.୩ ଭାଗ ସଫଳତା ହାସଲ କରାଯାଇ ପାରିଛି । □

Images: Aptakama Mishra, Processing: Srujanika

ଭାରତ ତିନି ବର୍ଷ ଭିତରେ ହାଇଡ୍ରୋଜେନ ବୋମା ତିଆରି କରିପାରିବ

ପାକିସ୍ତାନ ଭାରତ ଉପରେ ପରମାଣୁ ବୋମା ପକାଇବାକୁ ସାହାସ କରିବ ନାହିଁ ବୋଲି ଆମେରିକାର ଏକ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞ ଦଳର ଅନୁଧ୍ୟାନ ରିପୋର୍ଟ

ପାକିସ୍ତାନ ଆଣବିକ ବୋମା ବା ଇସ୍‌ଲାମିକ ବୋମା ନିର୍ମାଣ କରିବା ଦିଗରେ ଆଗେଇ ଚାଲିଛି ବୋଲି ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ିବା ପରେ ଭାରତ ଓ ପାକିସ୍ତାନର ଆଣବିକ ବୋମା ନିର୍ମାଣ କ୍ଷମତା ସମ୍ପର୍କରେ ପାଶ୍ଚାତ୍ୟ ଜଗତରେ ଓ ବିଭିନ୍ନ ସାମରିକ ଗବେଷଣା ସଂସ୍ଥା ପକ୍ଷରୁ ତୁଳନାତ୍ମକ ବିଚାର ଆରମ୍ଭ ହୋଇ ଯାଇଛି ।

ଆମେରିକାର ଆଣବିକ ବୋମା ବିଶେଷଜ୍ଞ ମାନଙ୍କ ମତରେ ପାକିସ୍ତାନ ଗୋଟିଏ ବୋମା ତିଆରି କଲେମଧ୍ୟ ତାହା ଭାରତ ପ୍ରତି କେବଳ ଏକ ଫାଙ୍କା ଆଓ୍ୱାଜ୍ ବ୍ୟତୀତ ପ୍ରକୃତ ବିପଦ ସୃଷ୍ଟି କରିବ ନାହିଁ । ଏହାର ଯଥାର୍ଥତା ପ୍ରତିପାଦିତ କରିବାକୁ ଯାଇ ସେମାନେ କହନ୍ତି ଯେ ପାକିସ୍ତାନ ଭାରତର କୌଣସି ଅଞ୍ଚଳରେ ଏ ବୋମା ପକାଇ-ବାକୁ ସାହସ କରିବ ନାହିଁ କାରଣ ଭାରତର ପ୍ରତ୍ୟେକ ବଡ଼ ବଡ଼ ସହର ବା ଅନୁରୂପ ସହରାଞ୍ଚଳ ମାନଙ୍କରେ ଜନସଂଖ୍ୟାର ଶତକଡ଼ା ୧୦ ରୁ ୨୦ ଭାଗ ମୁସଲମାନ ବାସକରନ୍ତି । ଅଧିକନ୍ତୁ କାଶ୍ମୀର ଉପରେ ପାକିସ୍ତାନ ପକ୍ଷରୁ ଆଣବିକ ବୋମା ପକାଇବାର ପ୍ରଶ୍ନ ଉଠୁ ନାହିଁ କାରଣ ଏହାଦ୍ୱାରା ପାକିସ୍ତାନର ହିଁ ଅଧିକ କ୍ଷତି ହେବ ।

ଅନ୍ୟଦିଗରେ ପାକିସ୍ତାନର ଏ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଭାରତ ପକ୍ଷରୁ ଆଣବିକ ବୋମା ତିଆରି କରାଯାଇ ପାକିସ୍ତାନର ଯେକୌଣସି ଅଞ୍ଚଳ ଉପରେ ଏହା ନିକ୍ଷେପ କରାଯାଇ ପାରିବ କାରଣ ସେଠାରେ ବାସ-କରୁଥିବା ହିନ୍ଦୁ ମାନଙ୍କ ସଂଖ୍ୟା ଅତି ନଗଣ୍ୟ ।

ଭାରତ ଓ ପାକିସ୍ତାନର ସାମର୍ଥ୍ୟକୁ ବିଚାର କଲେ ପାକିସ୍ତାନ ଯେତିକି ସମୟ ଭିତରେ ଗୋଟିଏ ବୋମା ତିଆରି କରିପାରିବ ଭାରତ ସେତିକି ସମୟ ଭିତରେ ଅନ୍ତତଃ ୬୭ ଟି ବୋମା ତିଆରି କରିବାକୁ ସକ୍ଷମ ହେବ । ଏହାଛଡ଼ା ଏ କ୍ଷେତ୍ରରେ ଅଧିକ ଅଗ୍ରଗତି କରିବାକୁ ଇଚ୍ଛାକଲେ ଆସନ୍ତା ୧୫ ବର୍ଷ ଭିତରେ ଭାରତ ଏକ ହଜାର ବୋମା ତିଆରି କରିପାରିବ । ଭାରତର ଏବେ ଯେଉଁ ସାମର୍ଥ୍ୟ ଅଛି ସେତିକି ବିନିଯୋଗ କରି ଆସନ୍ତା ୩ ବର୍ଷ ଭିତରେ ଏକ ହାଇଡ୍ରୋ-ଜେନ୍ ବୋମା ମଧ୍ୟ ତିଆରି କରିପାରିବ । ପାକିସ୍ତାନ ତାର ସାମର୍ଥ୍ୟର ପୂର୍ଣ୍ଣ ବିନିଯୋଗ କଲେ ୨୦୦୦ ମସିହା ପୂର୍ବ ଅତି ବେଶିରେ ସତୁରୀ ଅଶିଟୀ ଆଣବିକ ବୋମା ତିଆରି କରିପାରିବ ।

ଆମେରିକାର ଜର୍ଜଟାଉନ୍ ବିଶ୍ୱ-ବିଦ୍ୟାଳୟ ପକ୍ଷରୁ ଭାରତ ଓ ପାକିସ୍ତାନ-ର ଆଣବିକ ସାମର୍ଥ୍ୟ ସମ୍ପର୍କରେ ଗତ ଗତ ଦୁଇ ବର୍ଷ କାଳ ଅଧ୍ୟୟନ କରି ପରେ ପ୍ରକାଶିତ ରିପୋର୍ଟରେ ଉକ୍ତ ତଥ୍ୟ ପରିବେଷଣ କରାଯାଇଛି । ବିଶ୍ୱ-ବିଦ୍ୟାଳୟ ପକ୍ଷରୁ ହୋଇଥିବା ଅନୁଧ୍ୟାନରେ ପ୍ରାୟ ୩୦ ଜଣ ବିଶେଷଜ୍ଞ ଅଂଶ ଗ୍ରହଣ କରିଥିଲେ । ଏହି ବିଶେଷଜ୍ଞ ମାନଙ୍କ ମଧ୍ୟରେ ମିଲିଟାରି ଷ୍ଟ୍ରାଟେଜିଷ୍ଟ, ଆଣବିକ ବୋମା ବିଶେଷଜ୍ଞ ଓ ଅଧ୍ୟାପକ ମାନେ ଅନ୍ତର୍ଭୁକ୍ତ ହୋଇ-ଥିଲେ ।

ସେମାନଙ୍କ ମତରେ ଯଦି ପାକିସ୍ତାନ ଓ ଭାରତ ଭିତରେ ଯୁଦ୍ଧ ଲାଗେ ତେବେ ଭାରତକୁ ହରାଇ ଦେବା ପାଇଁ ପାକିସ୍ତାନ ଆଟମ୍ ବୋମ୍ ବ୍ୟବହାର କରିବ । କିନ୍ତୁ ଏଭଳି ପଦକ୍ଷେପ ନେବା ତା ପାଇଁ ଅନୁକୂଳ ହେବ ନାହିଁ କାରଣ ଭାରତ ପାରମ୍ପରିକ ଯୁଦ୍ଧ କୌଶଳ ଅବଲମ୍ବନ କରି କାଶ୍ମୀରରେ କିଛି କାର୍ଯ୍ୟାନୁଷ୍ଠାନ କଲେ ପାକିସ୍ତାନର ଆଣବିକ ଉତ୍ତର ବିରୁଦ୍ଧରେ ବିଶ୍ୱ ଜନମତ ସୃଷ୍ଟି ହେବ ଏବଂ କାଶ୍ମୀରରେ ସେ ବୋମା ପକାଇଲେ ନିଜ ଲୋକଙ୍କର କ୍ଷତି କରିବ ।

ଭାରତ ମଧ୍ୟ ପାକିସ୍ଥାନ ଉପରେ ପରମାଣୁ ବୋମା ପକାଇଲେ ଅନୁରୂପ ଅସୁବିଧାର ସମ୍ମୁଖୀନ ହେବ । କିନ୍ତୁ ପାକିସ୍ଥାନ ତୁଳନାରେ ଭାରତର ଅନେକ ସୁବିଧା ରହିଛି । ସେଗୁଡ଼ିକ ହେଲା ଏହାର ବିରାଟ ସୈନ୍ୟବାହିନୀ ଓ ବିରାଟ ଭୂଖଣ୍ଡ ।

କିନ୍ତୁ ଚୀନ୍ ବିରୁଦ୍ଧରେ କୌଣସି ଆଣବିକ କାର୍ଯ୍ୟକୁ ଭାବ କରିବା ଭାରତ ପକ୍ଷେ ସୁବିଧା ଜନକ ନୁହେଁ । ଚୀନ୍‌ର ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିବା ହେଲେ ଭାରତକୁ ଲଙ୍ଗ ରେଞ୍ଜ ବମ୍ବର, ଆନ୍ତର୍ଦେଶୀୟ କ୍ଷେପଣାସ୍ତ୍ର ତଥା ନିଉଇଜ କ୍ଷେପଣାସ୍ତ୍ର ତିଆରି କରିବାକୁ ହେବ ଏ ସବୁ ଅସ୍ତ୍ରବଳରେ ହିଁ ସେ ଚୀନର ସହରାଞ୍ଚଳ ଉପରେ ଆକ୍ରମଣ କରିବାକୁ ସକ୍ଷମ ହେବ ।

ଭାରତ ପାକିସ୍ଥାନ ଯୁଦ୍ଧରେ କଣ କଣ ସବୁ ହୋଇପାରେ ସେ ସବୁର ସମ୍ଭାବନାତ୍ମକ ଚିତ୍ର ମଧ୍ୟ ଉକ୍ତ ଅଧ୍ୟୟନ ରେ ସ୍ଥାନ ପାଇଛି । ଉକ୍ତ ସମ୍ଭାବନା ମଧ୍ୟରୁ ଆମେରିକା ଉକ୍ତ ସମ୍ଭାବ୍ୟ ଯୁଦ୍ଧରେ ଜଡ଼ିତ ହେବ କି ନାହିଁ ତାହା ଅନ୍ୟତମ ରୁଷ୍‌ର ହସ୍ତକ୍ଷେପକୁ ପ୍ରତିହତ କରିବା ପାଇଁ ଆମେରିକା ଏ ପରିସ୍ଥିତିରେ ଜଡ଼ିତ ହୋଇପାରେ ବୋଲି ସେଥିରେ ଦର୍ଶାଯାଇଛି । କିନ୍ତୁ ଏ ବିବାଦରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ ରଖିବା ଆମେରିକା ପକ୍ଷେ ଶ୍ରେୟସ୍କର । □

Images: Aptakama Mishra, Processing: Srujanika

ମରୁଭୂମିର ଡାକ ଘର—ଓଟ

ଦିଗନ୍ତପ୍ରସାରି ମରୁଭୂମିର ବକ୍ଷ ମଧ୍ୟରେ ଟେଲିଗ୍ରାଫ ଖୁଣ୍ଟି କିମ୍ବା ଟେଲିଫୋନ୍ ତାର ନିର୍ଜୀବ ଆଙ୍ଗୁଠି ସଦୃଶ ଦଣ୍ଡାୟମାନ ରହିଥିବାର ଦୃଶ୍ୟ କେବେ ଦୃଷ୍ଟିଗୋଚର ହୁଏନାହିଁ । ମରୁଭୂମିର ଉଭୟ ବାଲୁକାରାଶି ଏବଂ ବାଲିପାହାଡ଼ ମଧ୍ୟରେ ଡାକବାଲା କେବେ ଘୂରି ବୁଲେନାହିଁ । ମଣିଷର ଏହି ଅଦମନୀୟ ବାହ୍ୟ ହସ୍ତକ୍ଷେପ ବିରୁଦ୍ଧରେ ବିସ୍ତୀର୍ଣ୍ଣ ଥର ମରୁଭୂମି ସବୁବେଳେ ସଂଗ୍ରାମ କରି ନିଜର ପାରମ୍ପରିକ ମୌଳିକତାକୁ ଗର୍ବର ସହ ଅକ୍ଷୁର୍ଣ୍ଣ ରଖିଛି ।

କିନ୍ତୁ ମଣିଷ ସେହି ମରୁଭୂମିରେ ଏବେ ମଧ୍ୟ ବାସ କରୁଛି । ସେ କେବେହେଲେ ନିରଙ୍କୁଶ ଏକାକୀତ୍ୱ ଚାହେଁନାହିଁ । ଥର ମରୁଭୂମିର ଏହି ଭୟାବହ ଛଳନାତ୍ମକ ବାଲୁକାରାଶି ଉପରେ କେହି ହେଲେ କେବେ ଗତିଶୀଳ ହୋଇପାରି ନାହାନ୍ତି । ଯନ୍ତ୍ରଚାଳିତ ଗାଡ଼ି ହେଉ କି ଶଗଡ଼ ହେଉ ସମସ୍ତେ ଏହା ମଧ୍ୟରେ ଅଚଳ ହୋଇଯାଆନ୍ତି । କିନ୍ତୁ ଏହି ଅସହାୟ ପରିସ୍ଥିତି ମଧ୍ୟରେ ଓଟ ହେଉଛି ଏକମାତ୍ର ପଶୁ ଯିଏ ମଣିଷକୁ ସହାୟତା କରିବାକୁ ଆଗେଇ ଆସିଛି । ବାସ୍ତବ ପକ୍ଷେ ମରୁଭୂମିର ସଙ୍ଗହୀନ ମଣିଷକୁ ଗତିଶୀଳ କରାଇବାରେ ଓଟର ଭୂମିକା ପ୍ରଶଂସନୀୟ । ରାଜସ୍ଥାନର ଭୟଙ୍କର ଥର ମରୁଭୂମି ମଧ୍ୟରେ ଓଟ କେବଳ "ମରୁଭୂମିର ଜାହାଜ" ଭୂମିକା ନେଇନାହିଁ, ବରଂ "ମରୁଭୂମିର ଡାକଘର" ଦାୟିତ୍ୱ ବହନ କରି ଏହା ମରୁଭୂମି ଜୀବନକୁ ସରସ, ସୁନ୍ଦର ଏବଂ ଗତିଶୀଳ କରିପାରିଛି ।

ରାଜସ୍ଥାନର ମରୁଭୂମି ଅଧ୍ୟୁଷିତ ହୁସାଙ୍ଗସାର ଅଞ୍ଚଳର ଲୋକଙ୍କର ବାହ୍ୟ ପୃଥିବୀ ସହ ଯୋଗାଯୋଗ ରଖିବାର ଏକମାତ୍ର ମାଧ୍ୟମ ହେଲା ଓଟଦ୍ୱାରା ଚିଠିପତ୍ର ପ୍ରେରଣ ବ୍ୟବସ୍ଥା । ଏହି ଓଟଟି ବିକାନୀର ଜିଲ୍ଲାର ଜେର୍‌ସେର ନାମକ ସ୍ଥାନଟିକୁ ନିଜର ମୁଖ୍ୟ କର୍ମସ୍ଥଳୀ ରୂପେ ବାଛି ନେଇ ସେହିଠାରୁ ବିଭିନ୍ନ ଦୁର୍ଗମ ସ୍ଥାନକୁ ଚିଠିପତ୍ର ନେବା ଆଣିବା କରୁଛି । ଉଲ୍ଲେଖଯୋଗ୍ୟ ଯେ ହୁସାଙ୍ଗସାର ଏବଂ ଏହା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରାୟ ପ୍ରାୟ ୭୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି । ବିଭିନ୍ନ କାରଣ ହେତୁ ସେଠାରେ ଗୋଟିଏ ନିୟମିତ ଡାକଘର ଖୋଲିଯିବା ସମ୍ଭବପର ହେଲାନାହିଁ । ଏହି ଦୃଷ୍ଟିରୁ ଭାରତୀୟ ଡ଼ାକ ଓ ତାର ବିଭାଗ ତରଫରୁ ଏହି ଅଞ୍ଚଳ ଲୋକଙ୍କ ସେବା ପାଇଁ ଓଟଦ୍ୱାରା ଚିଠିପତ୍ର ଆଦାନପ୍ରଦାନ କରିବା ବ୍ୟବସ୍ଥା ପ୍ରବର୍ତ୍ତିତ କରାଗଲା ।

ନିଜର ବିରାଟ କୁଜ ସମ୍ମୁଖରେ ବହୁପରିଚିତ ଲାଲ ରଙ୍ଗର ଚିଠି ବାକ୍‌ସଟିକୁ ଧାରଣ କରି ଓଟଟି ମରୁଭୂମି ମଧ୍ୟରେ ମାଇଲ ମାଇଲ ଧରି ରାସ୍ତା ଅତିକ୍ରମ କରେ । ଏହି ଓଟ ପିଠିରେ ଥିବା ଆଉ ଗୋଟିଏ ବାକ୍‌ସରେ ଡ଼ାକ ଟିକଟ, ପୋଷ୍ଟକାର୍ଡ଼ ଇତ୍ୟାଦି ନାନାପ୍ରକାର ଡ଼ାକ ଜିନିଷପତ୍ରମାନ ରହିଥାଏ, ଯାହାକି ଗ୍ରାମବାସୀଙ୍କର ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ । ଓଟର ଚାଳକଙ୍କୁ ଅନେକ ଭୂମିକା ଗ୍ରହଣ କରିବାକୁ ପଡ଼େ । ପ୍ରଥମତଃ ସେ ତାଙ୍କର ହେଉଛି ଜଣେ ଭ୍ରାମ୍ୟମାଣ ପୋଷ୍ଟମାଷ୍ଟର ବା ଡ଼ାକବାବୁ, ଯିଏ ଗ୍ରାମବାସୀଙ୍କ ପାଇଁ ଟଙ୍କା, ଚିଠିପତ୍ର ଏବଂ ସମ୍ବାଦ ଇତ୍ୟାଦି ବହନ କରି ଆଣିଥାନ୍ତି । ତାଙ୍କର ଆଗମନ ସମ୍ବାଦ ସେହି ମରୁଭୂମିର ଜନଜୀବନରେ ହର୍ଷ ଉଲ୍ଲାସ ଭରିଦିଏ । ଦ୍ୱିତୀୟତଃ ସେ ନିରକ୍ଷର ଗରିବ ଗ୍ରାମବାସୀଙ୍କ ପାଇଁ ଚିଠି ଲେଖାଳୀ ଏବଂ ଚିଠି ପଢ଼ାଳୀର କାର୍ଯ୍ୟ ମଧ୍ୟ ତୁଲାଇଥାନ୍ତି । ସୁତରାଂ ଗୋଟିଏ କଥାରେ କହିବାକୁ ଗଲେ ସେ ମରୁଭୂମି ମଧ୍ୟରେ ବାସ କରୁଥିବା ଲୋକଙ୍କ ପାଇଁ ବନ୍ଧୁ, ଉପଦେଷ୍ଟା ତଥା ଦାର୍ଶନିକର ମହନୀୟ ଦାୟିତ୍ୱ ଏକତ୍ର ଭାବେ ତୁଲାଇ-ଥାଆନ୍ତି । ସେ ଗୋଟିଏ ଗାଁ ଛାଡ଼ି, ଚାଲିଯିବାର ବହୁଦିନ ପର୍ଯ୍ୟନ୍ତ ତାଙ୍କର ଉପସ୍ଥିତି ସେହି ଗାଁର ଆବାଳ ବୃଦ୍ଧ-ବନିତା ଆମେ ବହିରେ ପଢ଼ିଥିବା ନିଃସଙ୍ଗ ଧାନ କଟାଳୀର ସ୍ୱର ପରି ହୃଦୟରେ ଅନୁଭବ କରିଥାନ୍ତି ।

ଗୋଟିଏ ଦିନ ମଧ୍ୟରେ ସେହି ଭ୍ରାମ୍ୟମାଣ ଡାକବାବୁ ଜଣେ ପ୍ରାୟ ୧୨ କି. ମି.ରାସ୍ତା ଓଟଦ୍ୱାରା ଅତିକ୍ରମ କରନ୍ତି । ନିରୀହ ଓ ଅଶିକ୍ଷିତ ଗ୍ରାମବାସୀଙ୍କ ଆଖିରେ ସେ ସର୍ବଦା ଜଣେ ସ୍ୱାଗତଯୋଗ୍ୟ ପରିଦର୍ଶକ । ଓଟଦ୍ୱାରା ଡାକ ବ୍ୟବସ୍ଥା ପ୍ରବର୍ତ୍ତନ କରି ଭାରତୀୟ ଡାକ ଓ ତାର ବିଭାଗ ସବୁବେଳେ କ୍ଷତି ସହୁଛନ୍ତି । କିନ୍ତୁ ତଥାପି ଏହି ବ୍ୟବସ୍ଥା ପରିହାର କରାଯିବ ନାହିଁ ବୋଲି ଡାକ ବିଭାଗ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି । ମରୁଭୂମିର ନିଃସଙ୍ଗ ଜୀବନଯାପନ କରୁଥିବା ଲୋକଙ୍କ ମଧ୍ୟରେ ହର୍ଷଉଲ୍ଲାସ ଭରି ହେଉଥିବାରୁ ଏହି ବାବଦରେ ହେଉଥିବା ଖର୍ଚ୍ଚ ସାମଗ୍ରିକ ସୁଖସୁବିଧା ତୁଳନାରେ କିଛି ନୁହେଁ ବୋଲି ଡାକ ଓ ତାର ବିଭାଗ ବିବେଚନା କରନ୍ତି ।

ବର୍ତ୍ତମାନ ଏହି ଓଟ ମାଲିକ ତଥା ଭ୍ରାମ୍ୟମାଣ ପୋଷ୍ଟମାଷ୍ଟରଙ୍କୁ ମାସିକ ଦରମା ହିସାବରେ ୧୭୫ ଟଙ୍କା ଏବଂ ଓଟର ରକ୍ଷଣାବେକ୍ଷଣ ପାଇଁ ମାସିକ ୮୦ ଟଙ୍କା ସରକାରଙ୍କ ପକ୍ଷରୁ ଦିଆଯାଉଛି । ଏହିପରି ଆଉ କେତୋଟି ଦୁର୍ଗମ ମରୁଭୂମିଗ୍ରସ୍ତ ଅଞ୍ଚଳ ମଧ୍ୟକୁ ଓଟଦ୍ୱାରା ଡାକ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ ଭାରତୀୟ ଡାକ ଓ ତାର ବିଭାଗ ବର୍ତ୍ତମାନ ଚିନ୍ତା କରୁଛନ୍ତି । □

Images: Aptakama Mishra, Processing: Srujanika

ଜଳ କ୍ଳିଷ୍ଟ ଗ୍ରାମରେ ଦୁଗ୍ଧର ବନ୍ୟା

ମହାରାଷ୍ଟ୍ର ରାଜ୍ୟର ସତାର ଜିଲ୍ଲାରେ 'ହିଭରିବ' ଗ୍ରାମଟି ଅବସ୍ଥିତ । ଏହି କ୍ଷୁଦ୍ର ଗ୍ରାମଟିରେ ଜଳାଭାବ ଯୋଗୁ ସାଧାରଣ ଜୀବନ ଯାପନ ସଙ୍କଟମୟ ହୋଇଥାଏ । ଚାତକ ପକ୍ଷୀ ବର୍ଷାବାରିକୁ ପ୍ରତୀକ୍ଷା କଲାପରି ଗ୍ରାମଟି ସୁଦୂର ଆକାଶରେ ମେଘର ଆବିର୍ଭାବକୁ ଅନାଇ ରହିଥାଏ । ଶୋଷିଲା ଗ୍ରାମବାସିମାନେ ସେମାନଙ୍କର ଶୁଷ୍କ ଜମିକୁ ଦେଖି ଦୁଃଖରେ ଦୀର୍ଘଶ୍ୱାସ ପକାଇଥାନ୍ତି ।

ଉକ୍ତ ଗ୍ରାମରେ ଏକ ନଳକୂପ ଖୋଦନ କରାଗଲାପରେ ଉତ୍କଣ୍ଠିତ ଶୁଷ୍କକଣ୍ଠଗୁଡ଼ିକରେ ଜଳର ପ୍ରାଚୁର୍ଯ୍ୟ ଦେଖାଦେଇଥିଲା । ମୃତପ୍ରାୟ ପ୍ରକୃତି ସବୁଜ ବନାନୀରେ ହସିଉଠିଲା । କଥାରେ ଅଛି —ଜଳହିଁ ଜୀବନ । ଶୁଷ୍କ ବିଭାବ ଗ୍ରାମ ଗୋଟିଏ ମାତ୍ର ଜଳଧାରାରେ ପ୍ଲାବିତ ହୋଇ ଦୁଗ୍ଧର ବନ୍ୟା ବୁହାଇ ଦେଲା ।

ନଳକୂପ କାର୍ଯ୍ୟକାରୀ ହେବାପୂର୍ବରୁ ବିଭାବ ଗ୍ରାମବାସି ଦୁଧିଆଳ ଗାଇ ମଇଁଷି ପାଳନ କରିବା ଧାରଣା ସ୍ୱପ୍ନରେ ସୁଦ୍ଧା ଆଣିନଥିଲେ । ନଳକୂପ ଆସିଲା ପରେ ପ୍ରତ୍ୟେକଙ୍କ ଜୀବନରେ ପରିବର୍ତ୍ତନ ଆସିଗଲା । ଜଳଯୋଗାଣ ହେଲାପରେ ଉକ୍ତ ଗ୍ରାମରେ ଏକ ଗୋ-ଶାଳା ଗଢ଼ି ଉଠିଲା ଯେଉଁ ଗ୍ରାମରେ ଟୋପାଏ ଜଳ ନିମନ୍ତେ ଇନ୍ଦ୍ରଦେବଙ୍କ ଅନୁକମ୍ପା ଉପରେ ନିର୍ଭର କରିବାକୁ ପଡ଼ୁଥିଲା, ସେଠାରେ ସଂପ୍ରତି ଗ୍ରାମବାସିମାନେ ଦୈନିକ ୧୫୦ ଲିଟର ଦୁଗ୍ଧ ବିକ୍ରୟ କରୁଛନ୍ତି । କୃଷି ଏବଂ ଅନ୍ୟାନ୍ୟ ଆନୁସଂଗିକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଗ୍ରାମରେ ସମବାୟ ସମିତି ଗଠନ କରାଗଲାଣି ବିଂଶ ଶତାବ୍ଦୀ ପ୍ରଗତିର ଆଲୋକର ବହୁଦୂରରେ ଥିବା ଏହି ସୁପ୍ତ ବିଭାବ ଗ୍ରାମଟି ଆଜି ସମୃଦ୍ଧି ପଥରେ ଅଗ୍ରସର ହେଉଛି ।

ସଂପ୍ରତି କୂପ, ଉତ୍ସକୂପ ଏବଂ ନଳକୂପ ଜରିଆରେ ମହାରାଷ୍ଟ୍ର ରାଜ୍ୟ ଗ୍ରାମାଞ୍ଚଳର ଅପୂର୍ବ ପରିବର୍ତ୍ତନ ଘଟୁଛି । ଷଷ୍ଠ ଯୋଜନାର ପ୍ରାରମ୍ଭରେ ମହାରାଷ୍ଟ୍ରର ୧୭, ୧୧୨ ଟି ଜଳକ୍ଳିଷ୍ଟ ଗ୍ରାମକୁ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ୧୯୮୪ ମସିହା ମାର୍ଚ୍ଚ ମାସ ଶେଷସୁଦ୍ଧା ୨୨୯.୮୫ କୋଟି ଟଙ୍କା ବ୍ୟୟରେ ୧୩, ୧୩୮ ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଚଳିତ ବର୍ଷର ଶେଷ ସୁଦ୍ଧା ୭୭.୫୨ କୋଟି ଟଙ୍କା ବ୍ୟୟ କରାଯାଇ ଅବଶିଷ୍ଟ ୩୯୭୪ଟି ଗ୍ରାମକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ।

ଜଳକ୍ଳିଷ୍ଟ ଗ୍ରାମମାନଙ୍କୁ ପାନୀୟଜଳ ଯୋଗାଇବା ବ୍ୟବସ୍ଥା ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମର ଅଂଶ ବିଶେଷ । ଏହି କାର୍ଯ୍ୟକ୍ରମର ସଫଳ ପୂର୍ତ୍ତି କାର୍ଯ୍ୟକାରିତା ନିମନ୍ତେ ଜଳ ଯୋଗାଣ, ଭୂନିମ୍ନ ଜଳ ଯୋଗାଣ ବୋର୍ଡ, ଉନ୍ନୟନ ସଂଗଠନ, ଜିଲ୍ଲା ପରିଷଦ ଆଦି ବିଭାଗ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଜଳାଭାବ ନଥିବା ଗ୍ରାମ ଗୁଡ଼ିକରେ ମଧ୍ୟ ନଳକୂପ ବସା ଯାଉଛି । ଯେଉଁଠାରେ ପାନୀୟ ଜଳ ନିମନ୍ତେ କୌଣସି ସରକାର ବ୍ୟବସ୍ଥାର ଅଭାବ ରହିଛି—ସେ ଅଞ୍ଚଳର ଜିଲ୍ଲାପାଳ ଘରୋଇ କୂପ ଗୁଡ଼ିକୁ ସର୍ବସାଧାରଣ ବ୍ୟବହାର ନିମନ୍ତେ ଅନୁମୋଦନ କରିବେ । ଏତଦ୍ ବ୍ୟତୀତ ଗ୍ରାମ ପଞ୍ଚାୟତ ଏବଂ ଜିଲ୍ଲା ପରିଷଦ ତାଙ୍କ ଇଲାକାରେ ଯେବେ ପାନୀୟ ଜଳ ଯୋଗାଇବାରେ ଅକ୍ଷମ ଥାଆନ୍ତି ତେବେ ସେ କ୍ଷେତ୍ରରେ ସରକାରୀ ଅର୍ଥ ବ୍ୟୟ କରି ସଂପୃକ୍ତ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଇବାରେ ବ୍ୟବସ୍ଥା କରିବେ ।

ବିଭାବ ଆଜି ଆନନ୍ଦ ମୁଖରିତ । କୂପଗୁଡ଼ିକରୁ ପର୍ଯ୍ୟାପ୍ତ ପାନୀୟ ଜଳ ମିଳୁଛି । ଉଦ୍ୟମ ଦ୍ୱାରା ଯେ ଭାଗ୍ୟର ପରିବର୍ତ୍ତନ ଘଟେ, ଷଷ୍ଠ ଯୋଜନାର ଶେଷ ଭାଗକୁ ତାହା 'ବିଭାବ' ଗ୍ରାମର ପ୍ରଗତିରୁ ସହଜରେ ଅନୁମାନ କରାଯାଇ ପାରିବ । □

ବିଜୁଳି ଯୁଇର ସାମାଜିକ ଅସୁବିଧା

କଟକରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁଳି ଯୁଇ ସ୍ଥାପିତ ହେବା ଏକ ଉତ୍ତମ ପଦକ୍ଷେପ ହୋଇଥିଲେ ମଧ୍ୟ ଏଥିରେ କେତେକ ସାମାଜିକ ଅସୁବିଧା ସୃଷ୍ଟି ହେଉଥିବାରୁ ପ୍ରଗତିଶୀଳ ଚିନ୍ତାଧାରାର ଲୋକମାନେ ମଧ୍ୟ ବିରକ୍ତି ପ୍ରକାଶ କରୁଛନ୍ତି ।

ଏହି ଯୁଇର ବ୍ୟବସ୍ଥା ଅନୁଯାୟୀ ରାତ୍ରି ୧୦ଟା ପରେ ଆଉ ସେଥିରେ ଶବ ଦାହ କରାଯାଇ ପାରିବ ନାହିଁ । ମଡ଼ାକୁ ବାସି କରିବା ଏକ ଅଧର୍ମ କାର୍ଯ୍ୟ ରୂପେ ହିନ୍ଦୁ ସମାଜରେ ପରିଗଣିତ ହୁଏ । ତେଣୁ ରାତିରେ କାହାର ମୃତ୍ୟୁ ହେଲେ ତାକୁ ଦାହ କରିବା ନିମନ୍ତେ ତା ପରଦିନ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବା କୌଣସି ହିନ୍ଦୁ ପରିବାର ପକ୍ଷେ ସମ୍ଭବ ନୁହେଁ । ଏ ଅବସ୍ଥାରେ ଇଚ୍ଛାକଲେ ମଧ୍ୟ ବିଜୁଳି ଯୁଇର ଉପଯୋଗ ସେମାନେ କରିପାରୁ ନାହାନ୍ତି ।

ଏହାଛଡ଼ା ବିଜୁଳି ଯୁଇର ବ୍ୟବହାର ଲାଗି ମୃତ ବ୍ୟକ୍ତି ପାଇଁ ଏକ ଡାକ୍ତରୀ ରିପୋର୍ଟ ବା ପୋଲିସ୍ ରିପୋର୍ଟ ଆବଶ୍ୟକ । କିନ୍ତୁ ଶବ ପଡ଼ିଥିବା ଘରର ଲୋକଙ୍କ ମାନସିକ ଅବସ୍ଥା ଦୃଷ୍ଟିରୁ ଏଭଳି ସାର୍ଟିଫିକେଟ ଯୋଗାଡ଼ କରିବା ସେମାନଙ୍କ ପକ୍ଷେ ଆଦୌ ସମ୍ଭବ ନୁହେଁ । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କେବଳ ବାହାରେ କଣ ହେଉଛି ତାକୁ ଆଖି—ଆଗରେ ରଖି କାର୍ଯ୍ୟ କରୁଥିବାରୁ

Images: Aptakama Mishra, Processing: Srujanika

କୃଷିକ୍ଷେତ୍ରରେ ନୂତନ ବିପ୍ଳବର ସୂଚନା

କାରଖାନାରୁ ଚାଉଳ, ଗହମ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଉତ୍ପାଦନ

ଆସନ୍ତା ଦୁଇବର୍ଷ ଭିତରେ ଆରମ୍ଭ ହେବାର ଉଜ୍ଜ୍ୱଳ ସମ୍ଭାବନା

ଆସନ୍ତା ଦୁଇବର୍ଷ ଭିତରେ ପୃଥିବୀରେ କେବଳ ଜମିରୁ ଫସଲ ହେବନାହିଁ, କଳ କାରଖାନା ଗୁଡ଼ିକ ଗହମ, ଧାନ, ମୁଗ ଓ ବିନ୍ସ ତିଆରି କରିବାରେ ଲାଗିପଡ଼ିବେ । କ୍ରମବର୍ଦ୍ଧମାନ ଖାଦ୍ୟାଭାବ ଦୂର କରିବାର ଏହା ଏକ ଚମତ୍କାର ପରିକଳ୍ପନା । ଆମେରିକାର ବାୟୋଲୋଜିଷ୍ଟ ଡକ୍ଟର କ୍ଲେଆର ଫି- ଫୋଲସମ୍ ଏବେ ଯେଉଁ କାର୍ଯ୍ୟରେ ହାତ ଦେଇଛନ୍ତି ତାହାର ଶେଷ ପରିଣତି ହେଉଛି ବିପୁଳ ପରିମାଣରେ ମାଣ୍ଡିଆ, ବାଜରା, ଧାନଠାରୁ ଆରମ୍ଭ- କରି ଗାଜର ପର୍ଯ୍ୟନ୍ତ ସବୁକିଛି କାରଖାନାରେ ଉତ୍ପାଦନ କରିବା ।

ଡକ୍ଟର ଫୋଲସମ୍ ଓ ତାଙ୍କ ସହଯୋଗୀ ଶ୍ରୀ ଏଫ. ଟି. ଆଣ୍ଡ୍ରିଉଜ୍ କହନ୍ତି ଯେ ସେମାନେ ଖାଦ୍ୟ ଉତ୍ପାଦନ କରିବା ପାଇଁ ଏଭଳି ପ୍ରଣାଳୀ ଅବଲମ୍ବନ କରିବେ ଯେଉଁଥିରେ କି ଭୂମିର କର୍ଷଣ, ଜଳସେଚନ ତଥା ସାର ପ୍ରୟୋଗର କୌଣସି ଆବଶ୍ୟକତା ପଡ଼ିବ ନାହିଁ । ସେମାନେ ଯେଉଁ ଫସଲ ଅମଳ କରିବେ ସେ ଗଛର ପତ୍ର, ଡେର ବା କାଣ୍ଡ କିଛି ରହିବ ନାହିଁ ଏବଂ ବର୍ଷସାରା କାରଖାନା ମାନଙ୍କରେ ତାର ଅମଳ ଚାଲିଥିବ ଠିକ୍ ଏକ ତୈଳ ବିଶୋଧନାଗାର ଭଳି ।

ଏହି ପ୍ରଣାଳୀରେ ଫସଲ ଅମଳ କଲେ ପାରଂପରିକ ଚାଷର ଏକ ଦଶମାଂଶ ଖର୍ଚ୍ଚରେ ଫସଲ ଉପୁଜାଇ ହେବ । କାରଖାନାରେ ତିଆରି ହେଉଥିବା ଖାଦ୍ୟ ବର୍ଷା ବା ଜଳବାୟୁ ଉପରେ ନିର୍ଭର କରୁ ନଥିବାରୁ ଫସଲ ମାଡ଼ି ଖାଇବାର ଆଦୌ ପ୍ରଶ୍ନ ନାହିଁ ।

ଉଭୟ ବୈଜ୍ଞାନିକ ବିଶ୍ୱରୁ କ୍ଷୁଧା ଦୂର କରିବା ଉଦ୍ଦେଶ୍ୟରେ ଏ ଯେଉଁ ଅଭିନବ ପରୀକ୍ଷା ଚଳାଇଛନ୍ତି ସେଥିରେ ବିହନର ଅଙ୍କୁରୋଦ୍‌ଗମରୁ ଆରମ୍ଭକରି ଫଳ ଧରିବା ପର୍ଯ୍ୟନ୍ତ ଗଛ ଯେଉଁ ପ୍ରକ୍ରିୟା ଭିତର ଦେଇ ଗତି କରେ ତାକୁ ଅତିକ୍ରମ କରାଯାଇଛି । ଗଛର ଆବଶ୍ୟକ ଅନୁରୂପ ସମସ୍ତ ଖାଦ୍ୟସାର ଅନ୍ୟାନ୍ୟ ଦ୍ରବ୍ୟ କାରଖାନାର ବାୟୁମଣ୍ଡଳକୁ ଯୋଗାଇ ଦିଆଯିବ ଏବଂ ସେଥିରୁ କ୍ଷିପ୍ର ଗତିରେ ମଞ୍ଜି ସୃଷ୍ଟି ହେବ । ମହାକାଶର ପରୀକ୍ଷାଗାରରେ କିପରି ଶସ୍ୟ ଉତ୍ପାଦନ କରାଯାଇ ପାରିବ ସେ ବିଷୟରେ ଉଭୟେ ଗବେଷଣା କରୁ କରୁ ଭୂପୃଷ୍ଠର କାରଖାନା ମାନଙ୍କରେ ମଧ୍ୟ ଏହା କରାଯିବା ସମ୍ଭବ ବୋଲି ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ ।

କାରଖାନାରେ ଶସ୍ୟ ତିଆରି କରିବାର ମୌଳିକ ଚିନ୍ତା ଅତି ସରଳ କିନ୍ତୁ ଯେଉଁ ପ୍ରକ୍ରିୟାରେ ସେହି ଶସ୍ୟର ଜୀବକୋଷ ମାନଙ୍କର 'କଲଚର' କରାଯିବ ତାହା ଅତି ଜଟିଳ । ବସ୍ତୁତଃ ଆମେ ଏହା ପୁରାପୁରି ବୁଝିବାକୁ ସକ୍ଷମ ହୋଇନାହୁଁ ବୋଲି ଉଭୟେ ବୈଜ୍ଞାନିକ କହନ୍ତି ।

କାରଖାନାରେ ଶସ୍ୟ ଉପୁଜାଇବା ପାଇଁ ଯେଉଁସବୁ ଯନ୍ତ୍ରପାତି ଆବଶ୍ୟକ ସେଗୁଡ଼ିକ ହେଲା (୧) ଟିସୁ ସଲ୍ୟୁସନ କଣ୍ଟେନର । ଏଥିରେ ଶସ୍ୟର ଜୀବନ୍ତ କୋଷ ରଖାଯାଇ ତାହାର କଲଚର କରାଯିବ (୨) ଏକ ରିଆକ୍ଟର ଯେଉଁଥିରେ କି ଡାଏଲସସ୍ ଟ୍ୟୁବିଂ ଥିବ ଏବଂ ସେଥିରେ କୋଷଗୁଡ଼ିକ ନିରବଚ୍ଛିନ୍ନ ଭାବେ ମିଳି ଏକାକାର ହେଉଥିବେ (୩) ଅନ୍ୟ ଏକ ପାତ୍ର ଯେଉଁଥିରେ କି ନବଗଠିତ କୋଷଗୁଡ଼ିକୁ ସଲ୍ୟୁସନରୁ ପୃଥକ କରି ରଖୁଥିବ । (୪) ଖାଦ୍ୟସାର ପାତ୍ର ଯେଉଁଥିରୁ କି ଆବଶ୍ୟକ ଖାଦ୍ୟସାର କୋଷଗୁଡ଼ିକ ଗ୍ରହଣକରି ବଢ଼ିପାରିବେ ।

କାରଖାନାରେ ଚାଉଳ ଗହମ ତିଆରି ହେଲେ ଚାଷୋପଯୋଗୀ ଜମି ସବୁ କଣ ହେବ ବୋଲି ପଚାରିବାରୁ ବୈଜ୍ଞାନିକଦ୍ୱୟ କହନ୍ତି ଯେ ସେ ଜମିସବୁରେ ଘରଡିଆରି ହେବ ବା ଅନ୍ୟ କାମରେ ଲାଗିବ ।

ଫୋଲସମ୍ ଏବଂ ଆଣ୍ଡ୍ରିଉଜଙ୍କ ମତରେ ତାଙ୍କ ନୂତନ ପ୍ରଣାଳୀ କୃଷି କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବ ଏବଂ ଏହାର ପ୍ରଚଣ୍ଡ ସାମାଜିକ ଓ ଅର୍ଥ ନୈତିକ ପ୍ରଭାବ ଅନୁଭୂତ ହେବ । ବିଶେଷ କରି ଭାରତ ଭଳି ଯେଉଁ ଦେଶରେ ଅଧିକାଂଶ ଲୋକ ବର୍ଷ ସାରା ଚାଷ୍ କାମରେ ଲାଗିଛନ୍ତି ସେଠାରେ ଏକ ବିରାଟ ଅର୍ଥନୈତିକ ବିପ୍ଳବ ସୃଷ୍ଟି ହେବ ।

□

ଏହାକୁ କେନ୍ଦ୍ରକରି ସାମାଜିକ ବିଭ୍ରାଟ ସୃଷ୍ଟି ହେଉଛି ଏବଂ ଲୋକଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଦ୍ୱାରା ଲୋକେ ଉପକୃତ ହୋଇପାରୁ ନାହାନ୍ତି

ଏହାର ପ୍ରତିକାର ସ୍ୱରୂପ ସେହି ମଶାଣୀରେ କୌଣସି ଡାକ୍ତର ବା ପୋଲିସକୁ ମୁତୟନ କରିବା ସଙ୍ଗେ ସଙ୍ଗେ ରାତିରେ ମଧ୍ୟ ଶବ ଦାହ କରିବା ବ୍ୟବସ୍ଥା କରାଯାଉ ବୋଲି ଖାରବେଳର କେତେକ ପାଠକ ପରାମର୍ଶ ଦେଇଛନ୍ତି । □

Images: Aptakama Mishra, Processing: Srujanika

ଜନତା ସରକାର ଲିବିଆକୁ ଆଣବିକ ରହସ୍ୟ ବିକିବାକୁ ଚେଷ୍ଟା କରୁଥିଲେ

ଅଣୁଶକ୍ତି କମିଶନ ଚେୟାରମ୍ୟାନଙ୍କ ଆପତ୍ତି ସତ୍ତ୍ୱେ ଏଥିପାଇଁ ଚୁକ୍ତି ହୋଇଥିଲା ବୋଲି ଗୁଞ୍ଜଲ୍ୟକର ତଥ୍ୟ ପ୍ରକାଶ

(ଆମ ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

କେନ୍ଦ୍ରରେ ଜନତା ସରକାର ଅମଳରେ ଭାରତ ଲିବିଆକୁ ଆଣବିକ ରହସ୍ୟ ବିକିକରିବା ଲାଗି ଏକ ପ୍ରକାର ସିଦ୍ଧାନ୍ତ କରିସାରିଥିଲା ବୋଲି ଏକ ଗୁଞ୍ଜଲ୍ୟକର ସମ୍ବାଦ କେତେକ ବିଦେଶୀ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇଛି ।

ଉକ୍ତ ସମ୍ବାଦ ଅନୁଯାୟୀ ୧୯୭୮ ମସିହାରେ ମାତ୍ର ୨୦ ଲକ୍ଷ ଟନ୍ ଅଶୋଧିତ ତୈଳ 'ଯାହାର ମୂଲ୍ୟ ୪୦ କୋଟି ଡଲାର, ପାଇବାପାଇଁ ପ୍ଲୁଟୋନିଏମ ରିପ୍ରୋସେସିଂ କୌଶଳ ସହିତ ଆଣବିକ ରହସ୍ୟ ହସ୍ତାନ୍ତର କରିଦେବା ଲାଗି ଭାରତ ରାଜି ହୋଇଥିଲା । ଏ ସମ୍ପର୍କୀୟ ଏକ ଦଲିଲରେ ତଦାନୀନ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ସ୍ୱାକ୍ଷର କରି ଦେଇଥିଲେ । ଅବଶ୍ୟ ଏଭଳି କୌଶଳ ହସ୍ତାନ୍ତରର ପରିଣତି ବିଷୟରେ ଶ୍ରୀ ଦେଶାଇ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । ଦଲିଲ ସ୍ୱାକ୍ଷର ପରେ ଅଣୁଶକ୍ତି କମିଶନର ଚେୟାରମ୍ୟାନ୍ ଡକ୍ଟର ସେଠନା ଏହି ଚୁକ୍ତିକୁ କାର୍ଯ୍ୟକାରୀ ନ କରାଇ ଦେବା ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ପରେ ତଦାନୀନ୍ତନ କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଶ୍ରୀ ଜର୍ଜ ଫର୍ଣ୍ଣାଣ୍ଡେଜ୍ ଲିବିଆ ପକ୍ଷରୁ ଓକିଲାତି କରିବା ଆରମ୍ଭ କରିଦେଇଥିଲେ । ଶ୍ରୀ ଜର୍ଜ ନିଜେ ଲିବିଆର ଉପରାଷ୍ଟ୍ରପତିଙ୍କୁ ଭାରତର ବିଭିନ୍ନ ଅଣୁଶକ୍ତି କେନ୍ଦ୍ରମାନ ବୁଲାଇ ଦେଖାଇବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇନଥିଲେ । ଶ୍ରୀ ସେଠନାଙ୍କ ଆପତ୍ତି ଯୋଗୁ ଏହି ଚୁକ୍ତି ଯେତେବେଳେ କାର୍ଯ୍ୟକାରୀ ହୋଇପାରିଲା ନାହିଁ ସେତେବେଳେ ଲିବିଆ ତୈଳ ଯୋଗାଣ ବନ୍ଦ କରିଦେବ ବୋଲି ଧମକ ଦେଉଥିବା ଶ୍ରୀ ଜର୍ଜ ପ୍ରଧାନମନ୍ତ୍ରୀଙ୍କୁ ଲିବିଆ ପକ୍ଷରୁ ଜଣାଇଥିଲେ ଏବଂ ଶ୍ରୀ ସେଠନାଙ୍କ କାର୍ଯ୍ୟ ସମ୍ପର୍କରେ ଲିଖିତ ଆପତ୍ତି କରିଥିଲେ ।

ଲିବିଆକୁ ଆଣବିକ ରହସ୍ୟ ହସ୍ତାନ୍ତର କଲେ ଅଚିରେ ସେ ପରମାଣୁ ବୋମା ତିଆରି କରିବାକୁ ସକ୍ଷମ ହେବ । ଯାହାକି ପୃଥିବୀର କୌଣସି ଦେଶ ଗ୍ରହଣୀୟ ନାହିଁ ବୋଲି ଶ୍ରୀ ସେଠନା ପ୍ରଧାନମନ୍ତ୍ରୀ ଶ୍ରୀ ଦେଶାଇଙ୍କୁ ସତର୍କ କରିଦେଇଥିଲେ । ଏହା ସତ୍ତ୍ୱେ ଶ୍ରୀ ଫର୍ଣ୍ଣାଣ୍ଡେଜ୍‌ଙ୍କ ଅତ୍ୟଧିକ ଆଗ୍ରହ ତାଙ୍କର ଦେଶ ପ୍ରେମ ସମ୍ପର୍କରେ ସନ୍ଦେହ ସୃଷ୍ଟି କରିଛି । ଯଦିଓ ସେହି ଚୁକ୍ତି ଏବେ ମୂଲ୍ୟହୀନ ତଥାପି ସେ ଚୁକ୍ତି କିପରି ସ୍ୱାକ୍ଷରିତ ହେଲା ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ବିଧେୟ । □

ମହାକାଶରେ ଉଲ୍‌କାରୁ ପ୍ଲାଟିନମ୍ ସଂଗ୍ରହ ଉଦ୍ୟମ

ବ୍ୟବସାୟ ଦୃଷ୍ଟିରୁ ଏହା ଲାଭଜନକ ହେବ

ପ୍ରାୟ ସବୁ ଉଲକା ପିଣ୍ଡରେ ପୃଥିବୀ ପୃଷ୍ଠ ପଥରର ଅପେକ୍ଷା ଅଧିକ ପରିମାଣର ପ୍ଲାଟିନମ୍, ପାଲାଡ଼ିଅମ୍, ଇରିଡ଼ିଅମ୍ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତବ ପଦାର୍ଥ ରହିଥିବା ଜଣାଶୁଣା । ଏହି ଉଲକାପିଣ୍ଡ ଗୁଡ଼ିକ ପୃଥିବୀର ଆକାଶରୁ ପଡୁଥିଲେବି ଏହା ଆକାଶରୁ ସୃଷ୍ଟ ନୁହେଁ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ବଳୟ ମଧ୍ୟକୁ ଚାଲି ଆସୁଥିବା ଉଲକାପୁଞ୍ଜରୁ ଉଲକାପିଣ୍ଡ ଗୁଡ଼ିକ ଆସିଥାନ୍ତି । ମହାକାଶରେ ଭ୍ରମଣରତ ଏହି ଉଲକାପୁଞ୍ଜରୁ ଖଣି ଖୋଳି ସେଥିରେ ଥିବା ଧାତବ ପଦାର୍ଥ ନିଷ୍କାସନ କରାଯାଇ ପାରିବ ଏବଂ ଏହା ଲାଭଜନକ ହେବ ବୋଲି ଆରିଜୋନା ବିଶ୍ୱ ବିଦ୍ୟାଳୟର ଜଣେ ବୈଜ୍ଞାନିକ ଜନ୍ ଏସ୍ ଲିଓ୍ୱିସ୍ ମତପ୍ରକାଶ କରିଛନ୍ତି । ନାସା ସୋଲାର ସିଷ୍ଟମ୍ ଏକ୍ସପ୍ଲୋରେସନ କମିଟି ମଧ୍ୟ ଶ୍ରୀ ଲିଓ୍ୱିସ୍‌ଙ୍କ ସହ ଏକମତ ହୋଇ ଅର୍ଥନୈତିକ ଦିଗରୁ ଏଭଳି ଉଦ୍ୟମ ଲାଭପ୍ରଦ ହୋଇପାରେ ବୋଲି କହିଛନ୍ତି ।

ଯେଉଁମାନେ ଅଷ୍ଟାଦ୍ରର ଉଲକାପୁଞ୍ଜ ଖଣି ଯୋଜନା ବିଷୟରେ ଅବଗତ ଥିବେ ସେମାନେ ହୁଏତ ଏ ବିଷୟରେ ସନ୍ଦିହାନ ହୋଇପାରନ୍ତି । କିନ୍ତୁ ଏ ଦିଗରେ କେତେ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଗଲେବା କ୍ଷତି କଣ ? ଏହି ଯୋଜନାର ପ୍ରବକ୍ତାମାନେ ସର୍ବଦା ମହାକାଶରେ ମାଇଲ ମାଇଲ ବ୍ୟାପି ସ୍ପେସ କଲୋନୀର ଛୋଟ ଛୋଟ କୁଡ଼ିଆରେ ବସି ପରୀକ୍ଷା ନୀରିକ୍ଷା କରିବାର ସ୍ୱପ୍ନରେ ବିଭୋର । ମାଇଲ ମାଇଲ ମ୍ୱ ଓ ପ୍ରସ୍ଥର ବିରାଟ ବିରାଟ ମହାକାଶଯାନ ସାହାଯ୍ୟରେ ବୃହଦାକାର ଉଲକାପିଣ୍ଡ ଗୁଡ଼ିକୁ ଭୂପୃଷ୍ଠକୁ ଆଣିବା ନିମନ୍ତେ ସେମାନେ ଏବେ ଯୁକ୍ତି କରୁଛନ୍ତି ବୋଲି ଟେକ୍ନୋଲୋଜି ରିଭ୍ୟୁରେ ପ୍ରକାଶ ପାଇଛି ।

କିନ୍ତୁ ଆପୋଲୋ ଯୁଗର ଚନ୍ଦ୍ରାଭିଯାନ ସବୁ ଇତିହାସର ବିଷୟ ହୋଇ-

Images: Aptakama Mishra, Processing: Srujanika

ଯିବାପରେ ମହାକାଶ ଗବେଷଣାକାରୀମାନେ ସବୁ ବିଷୟରେ ଖର୍ଚ୍ଚ ବିଷୟଟାକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରୁଛନ୍ତି । ତେଣୁ ମହାଶୂନ୍ୟରେ ଖଣି ଖୋଳିବାଟା ମଧ୍ୟ ବାଦ ପଡ଼ିନାହିଁ । କିନ୍ତୁ ସେହି ଖର୍ଚ୍ଚ ସର୍ବସ୍ୱ ବୈଜ୍ଞାନିକମାନଙ୍କୁ ଆକୃଷ୍ଟ କରିବାପାଇଁ ଆରିଜୋନା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ଉତ୍ତମ ଯୋଜନା କରିଛନ୍ତି ତାହା ହେଲା । କେବଳ ଯେଉଁ ଉଲ୍‌କାପୁଞ୍ଜ ଗୁଡ଼ିକୁ ପୃଥିବୀର ଅତି ନିକଟରେ ଗତି କରୁଥିବେ ଏବଂ ଯେଉଁ ଉଲ୍‌କାପୁଞ୍ଜ ଗୁଡ଼ିକରେ ଅବତରଣ କରିବା ଚନ୍ଦ୍ର ତୁଳନାରେ ଅଧିକ ସହଜସାଧ କେବଳ ସେଠାରେ ହିଁ ଖଣି ଖୋଳାହେବ । ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାନେ ଏହିଭଳି ୨ ଟି ଉଲ୍‌କାପୁଞ୍ଜ ଠାବ କରିଛନ୍ତି । କିନ୍ତୁ ଚଳିତ ବର୍ଷ ଶେଷ ଆଡ଼କୁ ସେହି ବିଶ୍ୱବିଦ୍ୟାଳୟର ସ୍ପେସ୍‌ୱାର୍ ଟେଲିସ୍କୋପ୍ ବ୍ୟବହାର ଉପଯୋଗୀ ହୋଇଗଲେ ପ୍ଲାଟିନମ୍ ଖଣି ଥିବା ଶତାଧିକ ଉଲ୍‌କାପୁଞ୍ଜ ଠାବ କରାଯାଇ ପାରିବ ।

ଉକ୍ତ ଉଲ୍‌କାପୁଞ୍ଜରୁ ଟନ୍ ଟନ୍ ଓଜନର ପ୍ଲାଟିନମ୍ ପଥରକୁ ସ୍ୱୟଂଚାଳିତ ଖଣି ଖୋଳା ଯନ୍ତ୍ର ସାହାଯ୍ୟରେ ବର୍ତ୍ତମାନର ମହାକାଶ ସଟଲ ସହାୟତାରେ ଭୂପୃଷ୍ଠର କକ୍ଷ ପଥକୁ ଆଣିହେବ ଏଥିପାଇଁ ପରିବହନ ଖର୍ଚ୍ଚ କେତେ ଲାଗିବ ତାହା ଅବଶ୍ୟ କହିବା କଷ୍ଟକର କିନ୍ତୁ ଭୂପୃଷ୍ଠରୁ ଅନୁରୂପ ଏକ ଦ୍ରବ୍ୟ କକ୍ଷ ପଥକୁ ପଠାଇଲେ ଯେତିକି ଜାଳେଣି ଲାଗିଥାନ୍ତା ତାହାର ଏକଶତାଂଶ ଜାଳେଣି ବ୍ୟବହାର କରି ଉଲ୍‌କା ପୁଞ୍ଜରୁ ତାହା ପୃଥିବୀ କକ୍ଷକୁ ଆଣିହେବ ।

ପୃଥିବୀର କକ୍ଷକୁ ସେହି ପଥର ଆସିଗଲେ ସେଥିରୁ ସ୍ୱୟଂଚାଳିତ ଯନ୍ତ୍ର ସାହାଯ୍ୟରେ ଗ୍ୟାସୀୟ କାର୍ବୋନିକ ପଦ୍ଧତିରେ ଆବଶ୍ୟକୀୟ ଧାତୁ ଛାଣି ହେବ । ଧାତୁ ନିଷ୍କାସନ ପାଇଁ ଏହି ପଦ୍ଧତି ବିଭିନ୍ନ ଶିଳ୍ପରେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ବ୍ୟବହାର କରାଯାଉଛି, ନାସାର ଏକ ଅନୁଦାନ ସହାୟତାରେ ଜନ୍ ଲେଓ୍ୱିସ୍ ଏବେ ଉକ୍ତ ଯନ୍ତ୍ରର ଏକ ମହାକାଶୀୟ ସଂସ୍କରଣ ତିଆରି କରୁଛନ୍ତି ।

କାର୍ବୋନିକ୍ ପଦ୍ଧତି ଅନୁଯାୟୀ ଗୁଣ୍ଡ ପଥରକୁ କାର୍ବନ ମନୋକସାଇଡ୍‌ରେ ମିଶାଯିବ । କାର୍ବନମନୋକ୍ସାଇଡ୍ ଉକ୍ତ ପ୍ରସ୍ତରଖଣ୍ଡକୁ ଗରମ କରି ବାହାର କରିଦେବ । ଏଥିପାଇଁ ଆବଶ୍ୟକ ୨୦୦ ଡିଗ୍ରି ସେଣ୍ଟିଗ୍ରେଡ୍ ଉତ୍ତାପ ସୂର୍ଯ୍ୟକିରଣରୁ ସଂଗ୍ରହ କରିହେବ । ସେହି ପଥରରେ ଥିବା ଅନାବଶ୍ୟକ ଧାତୁ ସବୁ କାର୍ବନ ମନୋକ୍ସାଇଡ୍‌ରେ ମିଶି କାର୍ବୋନିଲ୍ ଯୌଗିକରେ ପରିଣତ ହୋଇଯିବ । ଏହି ପଦ୍ଧତିରେ ଆବଶ୍ୟକ ଧାତୁ ବାହାର କରାଯାଇ ସାରିଲା ପରେ ଏକ ରକେଟ୍ ସାହାଯ୍ୟରେ ତାହା ଭୂପୃଷ୍ଠକୁ ଅଣାଯିବ ।

ଶ୍ରୀ ଲେଓ୍ୱିସ୍ ତାଙ୍କର ଧାତୁ ପରିଶୋଧନ ପ୍ରଣାଳୀକୁ ଆସନ୍ତା ଦୁଇ ତିନି ବର୍ଷ ଭିତରେ ମହାକାଶରେ ପରୀକ୍ଷା କରି ପାରିବେ ବୋଲି ଆଶା ରଖିଛନ୍ତି । ଏହି ଦଶକର ଶେଷ ଭାଗକୁ ପରୀକ୍ଷା ମୂଳକ ଭାବେ ସେ ଉଲ୍‌କାପୁଞ୍ଜରେ ଖଣି ଖୋଳି ୧୦ ରୁ ୧୫ ବର୍ଷ ଭିତରେ ବାଣିଜ୍ୟିକ ଭିତ୍ତିରେ ଧାତୁ ସଂଗ୍ରହ କରିବେ ବୋଲି ସେ ଯୋଜନା କରିଛନ୍ତି । ତାଙ୍କ ବକ୍ତବ୍ୟ ଅନୁସାରେ ଏହି ପଦ୍ଧତିରେ ସଂଗ୍ରହ ହେଉଥିବା ପ୍ଲାଟିନମ୍‌ର ମୂଲ୍ୟ କିଲୋଗ୍ରାମ ପିଛା ଦଶ ହଜାର ଡଲାର ହେବ । ଏଭଳି ଭାବେ ପ୍ଲାଟିନମ ଉତ୍ପନ୍ନ ହେଲେ ଏ କ୍ଷେତ୍ରରେ ଏକଚାଟିଆ କାରବାର ଚଳାଇ ଥିବା ଋଷିଆ ଓ ଦକ୍ଷିଣ ଆଫ୍ରିକାର ହୃତକମ୍ପ ହେବ ବୋଲି ସେ ସହାସ୍ୟ ବଦନରେ ପ୍ରକାଶ କରିଛନ୍ତି । କିନ୍ତୁ ପ୍ରକୃତରେ ଏଥିପାଇଁ କେତେ କଣ ଖର୍ଚ୍ଚ ହେବ ତାହା ଆସନ୍ତା ଦୁଇ ତିନି ବର୍ଷ ପରେହିଁ ଶ୍ରୀ ଲଓ୍ୱିସ କହିପାରିବେ ।

କିନ୍ତୁ ମହାକାଶ ସଟଲ ତିଆରି କରିଥିବା ରକ୍‌ୱେଲ ଇଣ୍ଟରନ୍ୟାସନାଲ ସଂସ୍ଥାର ଇଞ୍ଜିନିୟରିଂ ବିଶେଷଜ୍ଞ ବବ୍ ଓ୍ୱାଲଜ୍‌ନଙ୍କ ମତରେ ଲଓ୍ୱିସଙ୍କ ବିଶ୍ଳେଷଣରେ ଗୋଟିଏ ବିରାଟ ଅନିଶ୍ଚିତତା ରହିଯାଇଛି । କାର୍ବୋନିକ୍ ପଦ୍ଧତିରେ ବିଭିନ୍ନ ଧାତୁକୁ ସ୍ୱତନ୍ତ୍ର କରିବାପାଇଁ ବହୁ ସମୟ ଲାଗେ । ବିଶେଷକରି ଉଲ୍‌କା ପୁଞ୍ଜକୁ ପଠା ହେବାକୁ ଥିବା ଛୋଟ ଯନ୍ତ୍ରକୁ ଏଥିପାଇଁ ବହୁ ସମୟ ଲାଗିବ । ଯଦି ସେହି ଧାତୁ ଆଣିବାପାଇଁ ଦୀର୍ଘଦିନ ଲାଗିଯାଏ ତେବେ ବିନିଯୁକ୍ତ ମୂଳଧନ ଉପରେ ଯେଉଁ ସୁଧ ଲାଗିବ ତାହା ଲାଭକୁ ଖାଇଯିବ । ସେ ଯାହା ହେଲେବି ଏଭଳି ଏକ ଯୋଜନାକୁ ଆର୍ଥିକ ସହାୟତା ଦେବା ବେଶ୍ ଆଶା ଉଦ୍ଦୀପକ । ଏଥିପାଇଁ ଆବଶ୍ୟକ ଯନ୍ତ୍ରପାତି ସବୁ ବର୍ତ୍ତମାନର ସ୍ପେସ ସଟଲ ଓ ତାର ବାହୁରେ ଟିକିଏ ପରିବର୍ତ୍ତନ କରାଯାଇ ତିଆରି କରିହେବ । ଏ ଦିଗରେ କେବଳ ସରକାରଙ୍କୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଉପକୂଳରେ ଅନୁସନ୍ଧାନ କରୁଥିବା ବିରାଟ ସଂସ୍ଥା ବ୍ରାଉନ ଆଣ୍ଡ ରୁଟ୍ କମ୍ପାନୀ ଏକ ଛୋଟକାଟିଆ ଉଲ୍‌କାପୁଞ୍ଜ ଖଣିଯୋଜନା ହାତକୁ ନେଉଛନ୍ତି । □

ଖାରବେଳ

ବାର୍ଷିକ ମୂଲ୍ୟ	—	ଟ ୧୨୫ ଙ୍କା
ଷାଣ୍ମାସିକ	—	ଟ ୬୫ ଙ୍କା
ତ୍ରୈମାସିକ	—	ଟ ୩୪ ଙ୍କା
ମାସିକ	—	ଟ ୧୧ ଙ୍କା
ପ୍ରତି ଖଣ୍ଡ	—	ଟ ୩ ଙ୍କା

ଏଜେଣ୍ଟ ମାନଙ୍କ ପାଇ ସ୍ୱତନ୍ତ୍ର କମିଶନର ବ୍ୟବସ୍ଥା ଅଛି ।

Images: Aptakama Mishra, Processing: Srujanika

ଚନ୍ଦାମାନଙ୍କ ପାଇଁ ସୁସମ୍ବାଦ

ଏଣିକି ଔଷଧ ଲଗାଇଲେ ବାଳ କଅଁଳିବ

ଶହ ଶହ ବର୍ଷଧରି ପୁରୁଷ ମାନଙ୍କର ଚନ୍ଦା ହେବା ସମସ୍ୟାର ସମାଧାନ ଲାଗି ବୈଜ୍ଞାନିକ ମାନେ ଚେଷ୍ଟାକରି ଆସୁଛନ୍ତି । ଏବେ ସୌଭାଗ୍ୟ ବଶତଃ ହେବାରୁ ବୈଜ୍ଞାନିକ ମାନେ ଏଭଳି ଏକ ଔଷଧର ପ୍ରତିକ୍ରିୟା ଜାଣିବାକୁ ପାଇଛନ୍ତି ଯାହାକି ଚନ୍ଦା ହେବାର ପ୍ରାଥମିକ ଅବସ୍ଥାରେ ବାଳ ଉପୁଡ଼ା ବନ୍ଦକରି ଚନ୍ଦା ସ୍ଥାନରେ ବାଳ କଅଁଳେଇ ପାରିବ ।

ଟେକ୍‌ସାସ୍ ସ୍ଥିତ ସାନ୍ ଆନଣ୍ଟୋନିଓ ସ୍ୱାସ୍ଥ୍ୟ ବିଜ୍ଞାନ କେନ୍ଦ୍ରର ଚିକିତ୍ସକ ମାନେ ଗତ ଏକବର୍ଷ କାଳ ଉଚ୍ଚ ରକ୍ତଚାପ ରୋଗ ନିମନ୍ତେ ବ୍ୟବହୃତ ହେଉଥିବା ଏକ ଔଷଧ 'ମିନୋକ୍‌ସିଡିଲ୍‌' ର କୁପ୍ରଭାବ ସ୍ୱରୂପ ବାଳ କଅଁଳୁଥିବା ଲକ୍ଷ୍ୟ କରୁଛନ୍ତି ।

ଚର୍ମ ରୋଗ ବିଭାଗର ପ୍ରଫେସର ଡକ୍ଟର ରିଚାର୍ଡ ଡ଼. ଭିଲେଜ କହନ୍ତି ଯେ ସେ ଯେତେଜଣ ସ୍ୱେଚ୍ଛାସେବକଙ୍କର ଉପରେ ଉକ୍ତ ଔଷଧ ପ୍ରୟୋଗ କରିଛନ୍ତି ସେମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଜଣଙ୍କର ଉପୁଡ଼ି ଯାଇଥିବା ବାଳ ପୁଣି କଅଁଳିଛି । ଏହି ଔଷଧ ଖାଉଥିବା ଲୋକଙ୍କର ଅସମ୍ଭବଭାବେ କେଶବର୍ଦ୍ଧନ ହେଉଛି ବୋଲି ରିପୋର୍ଟ ମିଳିବା ପରେ ଉକ୍ତ ଔଷଧ ତିଆରି କରୁଥିବା ଉପଜୋନ କମ୍ପାନି ପକ୍ଷରୁ ଅଧିକ ଅନୁଧ୍ୟାନ ତଥା ଅଧ୍ୟୟନର ବ୍ୟବସ୍ଥା କରାଯାଇ ଥିଲା ।

ଶ୍ରୀ ଭିଲେଜ ସ୍ୱେଚ୍ଛାସେବକମାନଙ୍କ ଚନ୍ଦା ମୁଣ୍ଡରେ ଦିନକୁ ଦୁଇଥର ଲେଖାଁ ବଟିକା ପାଇଁ 'ମିନୋକ୍‌ସିଡିଲ୍‌' ମାଲିସ କରିଥିଲେ ଔଷଧ ଲଗାଇବାର ଚାରିମାସ ପରେ ବାଳ କଅଁଳିବା ଆରମ୍ଭ କଲା ଏବଂ ୬ ମାସ ପରେ ସ୍ୱେଚ୍ଛାସେବକ ମାନେ ନିଜେ ବାଳ କଅଁଳିଥିବା ଦେଖି ପାରିଲେ ।

ତାଙ୍କର ଅଧ୍ୟୟନରୁ ଜଣାଯାଇଛି ଅଧିକ କାଳ ଔଷଧ ବ୍ୟବହାର କଲେ ଅଧିକ ସୁଫଳ ମିଳୁଛି । କିନ୍ତୁ ମଝିରେ ଔଷଧ ବନ୍ଦ କରିଦେଲେ କଅଁଳିଥିବା ବାଳ ପୁଣି ଉପୁଡ଼ି ପଡ଼ୁଛି । ଏଥିରୁ ଉକ୍ତ ଔଷଧ କେଶବର୍ଦ୍ଧନ କରୁଥିବା ପ୍ରମାଣିତ ହେଉଥିଲେ ବି କିପରି ଭାବେ ଏହା ସଂଘଟିତ ହେଉଛି ତାହା ଏବେବି ଅଜ୍ଞାତ ହୋଇ ରହିଛି । □

ବିଜୁଳି କରେଣ୍ଟ ଦ୍ୱାରା ଫଟା ହାଡ଼ର ଚିକିତ୍ସା

ଅଳ୍ପ ଶକ୍ତି ସମ୍ପନ୍ନ ବିଜୁଳିଶକ୍ତି ସାହାଯ୍ୟରେ ଫ୍ରାକ୍‌ଚର ବା ଫଟା ହାଡ଼ର ଚିକିତ୍ସା କରିବାର ଏକ ନୂଆ କୌଶଳ ଡକ୍ଟର ମାଥିଉ ଜର୍ଜ ନାମକ ଜନୈକ ବୈଜ୍ଞାନିକ ଆବିଷ୍କାର କରିଛନ୍ତି । ସେ ଏହି କୌଶଳ ପ୍ରୟୋଗ କରି ଇତି ମଧ୍ୟରେ ସେ ୧୨ ଜଣ ରୋଗୀଙ୍କୁ ଭଲ କରି ସାରିଲେଣି ।

ଏହି ନୂଆ କୌଶଳ ସମ୍ପର୍କରେ ସୂଚନା ଦେଇ କୋଚିନ୍‌ରେ ଅବସ୍ଥାପିତ ଉକ୍ତ ଡାକ୍ତର କହନ୍ତି ଯେ ସେ ନିଜେ ବିଭିନ୍ନ ରୋଗୀଙ୍କ ଯନ୍ତ୍ରଣା ଲାଘବ କରିବା ପାଇଁ ଏକ ଯନ୍ତ୍ର । ମାଇକ୍ରୋଇଲେ-ଟ୍ରିକ୍ ରୋଲ ଆୟୁନ ଥେରାପି ଇନ୍‌ଷ୍ଟ୍ରୁ-ମେଣ୍ଟ ପ୍ରଚଳନ କରିଥିଲେ । ସେହି ଯନ୍ତ୍ରରେ ଏବେ ରୁପା ଓ ସୁନା ଇଲେକ୍‌ଟ୍ରୋଡ୍‌ ଲଗାଇ ସେ ଫଟା ହାଡ଼ର ଚିକିତ୍ସା କରିବାରେ ସଫଳ ହୋଇଛନ୍ତି ।

ଏହି ନୂତନ ଚିକିତ୍ସା ପଦ୍ଧତି ଅନୁସାରେ ଅଳ୍ପ ଶକ୍ତି ସମ୍ପନ୍ନ କରେଣ୍ଟ ହାଡ଼ ଫାଟି ଯାଇଥିବା ସ୍ଥାନରେ ପ୍ରବାହିତ କରାଯାଏ । ଦିନକୁ ୧୫ ମିନିଟ ଲେଖା ଦୁଇ ଥର ଦଶ ପନ୍ଦର ଦିନ ପର୍ଯ୍ୟନ୍ତ ଏହିଭଳି ଭାବେ କରେଣ୍ଟ ଦିଆଯାଏ ।

ଡାକ୍ତର ଜର୍ଜଙ୍କ ମତରେ କରେଣ୍ଟ ଦିଆଯିବାର ଦୁଇ ତିନିଦିନ ମଧ୍ୟରେ ରୋଗୀର ଯନ୍ତ୍ରଣା କମିଯାଏ ଏବଂ ଏହା ପରେ ପରେ ହାଡ଼ ଯୋଡ଼ହେବା ଆରମ୍ଭ ହୁଏ । ଏହି ପଦ୍ଧତିରେ ସୁବିଧା ହେଲା ଯେ ଫଟା ହାଡ଼ ଶିଘ୍ର ଯୋଡ଼ ହେବା ସଙ୍ଗେ ସଙ୍ଗେ ରୋଗୀକୁ ବେଶି ଦିନ ବିଛଣା ଧରିଏ ନାହିଁ । ଅଧିକନ୍ତୁ ଜଣେ ଚିକିତ୍ସକଙ୍କ ଦ୍ୱାରା ବହୁ ରୋଗୀଙ୍କୁ ଏହି ପଦ୍ଧତିରେ ଚିକିତ୍ସା କରିହେବ । □

ବିଜ୍ଞାପନ ହାର

ପୁରା ପୃଷ୍ଠା	—୧,୦୦୦	ଟଙ୍କା
ଅଧା ପୃଷ୍ଠା	— ୬୦୦	ଟଙ୍କା
ଚଉଠ ପୃଷ୍ଠା	— ୩୦୦	ଟଙ୍କା
ଏକ କଲମ	— ୪୦୦	ଟଙ୍କା
ସର୍ବନିମ୍ନ	— ୧୦୦	ଟଙ୍କା

Images: Aptakama Mishra, Processing: Srujanika

ବମ୍ବେ ଆକାଶ ବିଷାକ୍ତ ବାଷ୍ପଦ୍ୱାରା ଆଚ୍ଛାଦିତ ହେଉଛି ?

୧୯୫୨ ମସିହାରେ ଲଣ୍ଡନର ଆକାଶ ଏକ ପ୍ରକାର କୁହୁଡ଼ିଦ୍ୱାରା ଆଚ୍ଛନ୍ନ ହେବା ଫଳରେ ଯେମିତି ହଜାର ହଜାର ଲୋକ ମୃତ୍ୟୁ ବରଣ କରିଥିଲେ ବମ୍ବେ ଆକାଶରେ ଏବେ ସେହିପରି କୁହୁଡ଼ି ସୃଷ୍ଟି ହେବାର ଆଶଙ୍କା ଦେଖାଦେଲାଣି ।

ବମ୍ବେ ମ୍ୟୁନିସିପାଲ୍ କର୍ପୋରେସନର ବାୟୁମଣ୍ଡଳ ବିଶେଷଜ୍ଞ ଡାକ୍ତର ପି କେ ନାୟକଙ୍କ ମତରେ ବିଭିନ୍ନ ଯାନ ବାହନରୁ ନିର୍ଗତ ଧୂଆଁରେ ନାଇଟ୍ରୋଜେନ ଅକସ୍‌ସାଇଡ୍ ଓ ହାଇଡ୍ରୋକାର୍ବନ ବହୁ ପରିମାଣରେ ରହୁଥିବାରୁ ଏହା ବମ୍ବେ ଆକାଶକୁ ଘେରିଯାଇ ଏକ ବିଷାକ୍ତ ଅବସ୍ଥା ସୃଷ୍ଟି କରିବ । ଫପ୍ରତ୍ତ ଆମେରିକାର ଲସ୍ ଆଞ୍ଜେଲସ୍‌ରେ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଥିବାରୁ ସେଠା ସରକାର ଉଦ୍‌ବିଗ୍ନ ।

ଏହା ବ୍ୟତୀତ ବାୟୁମଣ୍ଡଳକୁ ଦୂଷିତ କରୁଥିବା ବେଞ୍ଜୋ ଆଲଫାପାଇରିନ୍ ନାମକ ଏକ ପଦାର୍ଥ ମଧ୍ୟ ବମ୍ବେର ବାୟୁ ମଣ୍ଡଳରେ ବୃଦ୍ଧି ପାଉଛି । ଏହି ବିଷାକ୍ତ ପଦାର୍ଥ କ୍ୟାନ୍‌ସର ରୋଗର ଅନ୍ୟତମ କାରଣ ବୋଲି କୁହାଯାଏ ୧୯୭୮-୮୧ ମସିହାରେ ଏହି ପଦାର୍ଥର ପରିମାଣ ଆତଙ୍କଜନକ ଭାବେ ବଢ଼ିଗଲା

କାଲିଫର୍ଣ୍ଣିଆର ଆଉଜଣେ ବୈଜ୍ଞାନିକ ଶ୍ରୀ ଏ ଜେ ହ୍ୱାଇସରଙ୍କ ମତରେ ବାୟୁମଣ୍ଡଳରେ ବିଷାକ୍ତ ବାଷ୍ପର ପରିମାଣ ସମ୍ପର୍କରେ ଅନୁଧ୍ୟାନ କଲାବେଳେ ଯାନ ବାହନର ଧୂଆଁରୁ ବାହାରୁଥିବା କାର୍ବନ ମନୋକସାଇଡ୍ ଓ ହାଇଡ୍ରୋକାର୍ବନ୍ ଏହି ଉଭୟକୁ ବିଚାରକୁ ନିଆଯିବା ଉଚିତ୍ । କିନ୍ତୁ ଅଧିକାଂଶ ଦେଶରେ ସାଧାରଣତଃ ପ୍ରଥମକୁ ପର୍ଯ୍ୟାଲୋଚନ ପରିସର ମଧ୍ୟକୁ ଅଣାଯାଇଥାଏ ମାତ୍ର ଦ୍ୱିତୀୟଟି ମଧ୍ୟ ଅନୁରୂପ କ୍ଷତିକାରକ । □

ଜେନେଟିକ୍ ପରାମର୍ଶ

ଜୟରୂପ ସିଂହ

ପ୍ରାୟ ତିନି ହଜାର ପ୍ରକାରର ରୋଗ ଏବଂ ଶାରୀରିକ ଅସୁସ୍ଥତା ବଂଶଗତ ବୋଲି ଜଣା ପଡ଼ୁଛି । ଏହି ଲମ୍ବା ତାଲିକାରେ ପ୍ରତିବର୍ଷ ୧୫୦ଟି ନୂଆ ରୋଗ,ବା ବୈଷମ୍ୟ ସର୍ବଦା ଯୁକ୍ତ ହେଉଛି । ସେହି ରୋଗମାନଙ୍କ ମଧ୍ୟରେ କ୍ଲିନେଫେଲଟର ସିନ୍‌ଡ୍ରୋମ୍ (ସ୍ତ୍ରୀ ସୁଲଭ ବକ୍ଷ ସହ ନପୁଂସକ ପୁରୁଷ) ଅନୋପ ଥାଲ୍‌ମସ୍ (ଚକ୍ଷୁହୀନ) ଜରୋଡରମା ପିଗ୍‌ମେଣ୍ଟୋସା (ସୂର୍ଯ୍ୟ କିରଣ ସହିବା ଶକ୍ତିର ଅଭାବ ଯୋଗୁ ଅତି ଅଳ୍ପ ବୟସରେ କ୍ୟାନ୍‌ସର ହେବ।) ବ୍ରାଚଡାକ୍ଟଲି (ଛୋଟିଆ ଛୋଟିଆ ଆଙ୍ଗୁଠି) ହେମୋଫିଲିଆ (ରକ୍ତ ମୁଣ୍ଡା ନ ବାନ୍ଧିବା) କେତେକ ପ୍ରକାରର ମଧୁମେହ, ହୃଦ୍‌ରୋଗ,ନିଦ ନହେବା ଆଦି ଅନ୍ତର୍ଭୁକ୍ତ ।

ଅଧିକାଂଶ ବୈଜ୍ଞାନିକଙ୍କ ମତରେ ଶତକଡ଼ା ୩ଭାଗ ଦମ୍ପତିଙ୍କ କ୍ଷେତ୍ରରେ ସେମାନଙ୍କ ସନ୍ତାନ ବଂଶଗତ ରୋଗ ଭୋଗିବାର ଆଶଙ୍କା ଥାଏ । ସେହିଭଳି ଶତକଡ଼ା ୫୦ ଭାଗ ଶିଶୁମୃତ୍ୟୁ ଜେନେଟିକ୍ ଦୋଷ ଯୋଗୁ ହୋଇଥାଏ ଏବଂ ଶତକଡ଼ା ୮୦ ଭାଗ ଜନ୍ମ ଦୋଷ ଏବଂ ମାନସିକ ବିକୃତି ମଧ୍ୟ ଏହି କାରଣରୁ ହୋଇଥାଏ

ପରିବାରର କୌଣସି ନବଜାତଟି ବଂଶଗତ ରୋଗ ଦେଖାଗଲେ ତା ପରବର୍ତ୍ତୀ ସନ୍ତାନର ଅବସ୍ଥା କଣ ହେବ ସେ ବିଷୟରେ ସମଗ୍ର ପରିବାର ଉଦ୍‌ବିଗ୍ନ ହୋଇ ପଡ଼ିଥାନ୍ତି । ଜେନେଟିକ୍ ପରାମର୍ଶ ଜରିଆରେ ସେହି ପରବର୍ତ୍ତୀ ସନ୍ତାନ ବିଷୟରେ ନିର୍ଧାର୍ଯ୍ୟ ରୂପେ କହି ହୁଏ ।

ଗର୍ଭୋଦୟ ପୂର୍ବରୁ ଅଥବା ସନ୍ତାନ ଜନ୍ମ ହେବା ପୂର୍ବରୁ ଛାତି କୌଣସି ବଂଶଗତ ରୋଗ ଦେଖା ହେବ କି ନାହିଁ ତାହା କହିବା ପାଇଁ ଏବେ ବହୁ ଜଟିଳ ତଥା ଉନ୍ନତ ପରୀକ୍ଷା ଜରିଆରେ ଭବିଷ୍ୟତ ବାଣୀ କରିହେଉଛି । ଏହିଭଳି ପରୀକ୍ଷା ବା କୌଶଳ ମଧ୍ୟରୁ ଆମ୍ନିଓସେଣ୍ଟେସିସ୍ ଅନ୍ୟତମ । ଏହି ପଦ୍ଧତିରେ ମାର ଗର୍ଭରୁ ଆମ୍ନିଓଟିକ ଫ୍ଲୁଇଡ୍ (ଶିଶୁକୁ ଘେରି ରଖିଥିବା ଲାଳ) କିଛି ବାହାରକୁ ଅଣାଯାଇଥାଏ । ଗର୍ଭହେବାର ଚତୁର୍ଦ୍ଦଶରୁ ଷୋଡ଼ଶ ସପ୍ତାହ ଭିତରେ ହିଁ ଏହା ସାଧାରଣତଃ କରାଯାଇଥାଏ । ଏହି ଲାଳର ଜୈବିକ ରାସାୟନିକ ବିଶ୍ଳେଷଣ ଦ୍ୱାରା ବହୁ ବଂଶଗତ ରୋଗର ବିଶ୍ଳେଷଣ କରିହେବ । ଏହି ଲାଳରେଥିବା ଜୀବକୋଷ ଗୁଡ଼ିକ ବଢ଼ୁଥିବା ଶିଶୁଠାରୁ ଆହୃତ ହୋଇଥିବାରୁ ତାହା ବିଶ୍ଳେଷଣ କଲେ ଜନ୍ମ ଲାଭ କରିବାକୁ ଥିବା ସନ୍ତାନର ଜେନେଟିକ ଗଠନରୁ ସେ କୌଣସି ବଂଶଗତ ରୋଗ ବହନ କରି ଆସୁଛି କି ନାହିଁ ତାହା ସହଜରେ ଜାଣିହେବ । ଏହି ସ୍ତରରେ କୌଣସି ଦୋଷ ଦେଖାଗଲେ ଗର୍ଭପାତ ଜରିଆରେ ସେହି ଭ୍ରୂଣଟିକୁ ନଷ୍ଟ କରିଦେବାର ସୁଯୋଗ ମିଳିଥାଏ ।

ଏହି ଲାଳରୁ ଶିଶୁର ଲିଙ୍ଗ ନିର୍ଦ୍ଧାରଣ କରିବା ମଧ୍ୟ ଅପେକ୍ଷାକୃତ ସହଜ କିନ୍ତୁ ସବୁ କ୍ଷେତ୍ରରେ ଏହି ଲିଙ୍ଗ ନିର୍ଦ୍ଧାରଣ ନିମନ୍ତେ ଅନୁମତି ଦିଆଯାଏ ନାହିଁ । ଯେଉଁ କ୍ଷେତ୍ରରେ ମା'ର ଏକସ୍ କ୍ରୋମୋଜୋମ୍ କେତେକ କ୍ଷତିକାରକ ଜିନ୍ ବହନ କରୁଥାଏ ଏବଂ ଯଦ୍ଦ୍ୱାରା କି କେବଳ ପୁଅ ପିଲାଙ୍କ ଗୁରୁତର ବୈଷମ୍ୟ ସୃଷ୍ଟି ହେବାର ଆଶଙ୍କା ଥାଏ କେବଳ ସେ କ୍ଷେତ୍ରରେ ଅନାଗତ ଶିଶୁର ଲିଙ୍ଗ ନିର୍ଦ୍ଧାରଣ ପାଇଁ ଚିକିତ୍ସକମାନେ ଅନୁମତି ଦେଇଥାନ୍ତି । କିନ୍ତୁ ଏହି ପ୍ରଣାଳୀର ଅସତ୍ ବ୍ୟବହାର କରି କେତେକ ଦେଶରେ କେବଳ କନ୍ୟା ସନ୍ତାନ ଭ୍ରୂଣକୁ ନଷ୍ଟ କରାଯାଉଥିବା କ୍ଷୋଭର ବିଷୟ ।

Images: Aptakama Mishra, Processing: Srujanika

ସଫଳତାର କାହାଣୀ

ଆତ୍ମ ବିଶ୍ୱାସର ପ୍ରତୀକ—କାଞ୍ଚନ

ଶ୍ରାବଣ ମାସର ଏକ ଭୟଙ୍କର ରାତ୍ରୀ। ମୂଷଳ ଧାରାର ବର୍ଷା ସାଙ୍ଗକୁ କୋହଲା ବତାସର ସୁ ସୁ ଆବାଜ ଓ ମେଘାଚ୍ଛନ୍ନ ଅନ୍ଧକାରମୟ ଆକାଶର ବଜ୍ରପାତର ଘଡଘଡ଼ ନିନାଦ ରାତ୍ରିକୁ ଆହୁରି ଭୟଙ୍କର କରି ଦେଉଥାଏ। ମଝିରେ ମଝିରେ କେଉଁଠି କୁକୁରଟିଏ ମର୍ମଭେଦ ଚିତ୍କାର ଛାଡୁଥାଏ।

ଠିକ୍ ଏହିଭଳି ଏକ ବିଭୀଷିକାମୟୀ କାଳ ରାତ୍ରିରେ ୨୮ ବର୍ଷ ବୟସ୍କା କାଞ୍ଚନ କୁମାରୀ ପାଣିଗ୍ରାହୀଙ୍କୁ ଅମାନୁଷିକ ଲାଞ୍ଛନା ନିର୍ଯାତନା ଦେଇ ତାହାର ମଦ୍ୟପ ସ୍ୱାମୀ ପରିତ୍ୟାଗ ପୂର୍ବକ ଘରୁ ବିତାଡ଼ିତ କରି ଦେଇଥିଲା। ମନରେ କେତେ ଆଶା ଓ ଭରସାର ଜାଗରଜାଳି ପରିଘରେ ସୁନାର ସଂସାର ଗଢ଼ିବାର ଆଶା ସବୁ ପାଣିଫୋଟକା ଭଳି ଚୂରମାର ହୋଇଯାଇଥିଲା। ସେଇ ଗୋଟିଏ ମୂହୂର୍ତ୍ତରେ ଶଶୁରାଳୟର ଶେଷ ରାତ୍ରୀ କାଞ୍ଚନର ମାନସ ପଟରୁ କଦାପି ବିସ୍ମୃତ ହେବ ନାହିଁ।

କାଞ୍ଚନର ପିତା ଗୋକୁଳାନନ୍ଦ ପାଣିଗ୍ରାହୀ ଜଣେ କ୍ଷୁଦ୍ର କୃଷୀ। କ୍ଷୁଦ୍ର କୃଷୀ ପରିବାରରେ ନିଜ କନ୍ୟାକୁ ବିବାହ କଲେ ସଂପର୍କ ମଧୁର ହେବା ସଙ୍ଗେ ସଙ୍ଗେ କନ୍ୟାର ଭବିଷ୍ୟତ ଜୀବନ ସୁଖମୟ ଓ ଶାନ୍ତିପୂର୍ଣ୍ଣ ହେବ ବୋଲି ଚିନ୍ତା କରି ପ୍ରତ୍ୟାଶି ପିତା ପୁରୀଜିଲ୍ଲା ବ୍ରହ୍ମଗିରି ନିକଟସ୍ଥ କୋଠାପାଲି ଗ୍ରାମରେ କାଞ୍ଚନକୁ ବିବାହ ଦେଇଥିଲେ।

ଗୋକୁଳାନନ୍ଦ ଝିଅର ସୁଖମୟ ଭବିଷ୍ୟତ ଜୀବନ ନିମନ୍ତେ ନିଜର କ୍ଷମତା ଅନୁଯାୟୀ ଯଥେଷ୍ଟ ଯୌତୁକ ଦେଇଥିଲେ। ମାତ୍ର ବିବାହ ପରେ ଆଉ ୫୦୦ ଟଙ୍କା ଏବଂ ଗୋଟିଏ ଭଲ ରେଡ଼ିଓସେଟ୍ ଦେବାପାଇଁ ତାଙ୍କର ଅର୍ଥଲୋଭି ସମୁଧି ତାଙ୍କୁ ବାଧ୍ୟ କରିଥିଲେ। କନ୍ୟାର ମଙ୍ଗଳ ଚିନ୍ତାକରି ଅସମର୍ଥ ପିତା ବାଧ୍ୟ ହୋଇ ବର ପକ୍ଷକୁ ସନ୍ତୁଷ୍ଟ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। କିନ୍ତୁ ଅର୍ଥଲୋଭି ବରପକ୍ଷକୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ତାଙ୍କର ଦାରିଦ୍ର୍ୟ ଅନ୍ତରାୟ ସୃଷ୍ଟି କରିଥିଲା।

କାଞ୍ଚନ ଶଶୁରାଳୟ ଗଲା ନୂଆ ସଂସାର ଗଢିବାର ଆଶାର ଉଦ୍ଦୀପନା ନେଇ। ମାତ୍ର ହାୟ : ଆଶା ନିରାଶାରେ ପରିଣତ ହେଲା। ସୁନାର ସଂସାର ଚୂନା ହୋଇଗଲା। ଶଶୁରାଳୟରେ ସେ ଅକଥନୀୟ ଅତ୍ୟାଚାର, ନିର୍ଯ୍ୟାତନାର ଶିକାର ହେଲା। ତାର ମଦ୍ୟପ ସ୍ୱାମୀ କାଞ୍ଚନକୁ ଅକଥନୀୟ ଶାରୀରିକ ଏବଂ ମାନସିକ ପୀଡ଼ା ଦେବାରେ ପଛଘୁଞ୍ଚା ଦେଇନଥିଲା। ଏତଦ୍ ବ୍ୟତୀତ ଶାଶୁ ନଣନ୍ଦ ମାନଙ୍କର ଗଞ୍ଜଣା କାଞ୍ଚନକୁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଥିଲା। ଦୋଷଥିଲେ ବିବାହର ପାଞ୍ଚ ବର୍ଷ ବିତି ଯାଇଥିଲେ ମଧ୍ୟ ହତଭାଗିନୀ କାଞ୍ଚନ ମାତୃତ୍ୱର ଗୌରବରେ ଗୌରବାନ୍ୱିତ ହୋଇପାରି ନ ଥିଲା। ଅପର ପକ୍ଷରେ ପ୍ରତିଶ୍ରୁତି ଅନୁଯାୟୀ ପାଞ୍ଚଶତ ଟଙ୍କା ଏବଂ ଗୋଟିଏ ଭଲ ରେଡ଼ିଓ ସେଟ୍ ପ୍ରଦାନ କରିବାରେ କାଞ୍ଚନ ପିତାଙ୍କର ଅକ୍ଷମତା ପରିସ୍ଥିତିକୁ ଆହୁରି ଦୁର୍ବିସହ କରିଥିଲା। ନରକ ସମାନ ଏହି ଶଶୁରାଳୟର ସମସ୍ତ ମାୟା ମମତା ତୁଟାଇଦେଇ ଏକ ଅନ୍ଧକାରମୟ ବର୍ଷା ରାତିରେ କାଞ୍ଚନ ସବୁଦିନ ପାଇଁ ବାପ ଘରକୁ ଚାଲି ଆସିଥିଲା।

ମାତ୍ର କାଞ୍ଚନର ଦରିଦ୍ର ପିତାଙ୍କର ସ୍ୱଳ୍ପ ଆୟରେ କାଞ୍ଚନର ଅନ୍ୟ ଦୁଇ ଭଉଣୀଙ୍କର ବିବାହ ଓ ସାନ ଭାଇର ଶିକ୍ଷା ଖର୍ଚ୍ଚ ସଙ୍ଗେ ସଙ୍ଗେ କାଞ୍ଚନର ଭରଣପୋଷଣ କଦାପି ସମ୍ଭବ ନଥିଲା।

ବିଚାରି କାଞ୍ଚନ ମନରେ ଆତ୍ମବିଶ୍ୱାସ ନେଇ ନିଜର ଭାଗ୍ୟ ପରିବର୍ତ୍ତନ ନିମନ୍ତେ ଏକାକିନୀ ପିତାଳୟ ତ୍ୟାଗ କରି ପୁରୀ ପଳାଇ ଆସିଥିଲା। ତାହାର ଉଦ୍ଦେଶ୍ୟ ଥିଲା ପୁରୀଠାରେ ସ୍ୱଳ୍ପ କାଳୀନ ପାଠ୍ୟକ୍ରମ ଜରିଆରେ ମାଟ୍ରିକ ପରୀକ୍ଷା ହେବ। ମାତ୍ର କେତେକ ପ୍ରତିବନ୍ଧକ ଯୋଗୁଁ ଏହା ଏହା ସମ୍ଭବ ହୋଇ ପାରିନଥିଲା। ସେ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ।

ଚଳିତ ମାର୍ଚ୍ଚ ମାସର ଏକ ଶୁଭ ସକାଳ। କାଞ୍ଚନ ପୁରୀଠାରେ ଥିବା 'ବସନ୍ତକୁମାରୀ ଆଶ୍ରମ'ରେ ପଦାର୍ପଣ କଲା। ପଚିଶ ବର୍ଷ ପୂର୍ବେ ଅନାଥ, ଦରିଦ୍ର, ବାଳିକା, ଅସହାୟ, ପରିତ୍ୟାକ୍ତା ମହିଳାମାନଙ୍କ ଥଇଥାନ ନିମନ୍ତେ ଆଇ.

(ଅବଶିଷ୍ଟାଂଶ ୩୦ ପୃଷ୍ଠାରେ)

ଜନ୍ମ ପୂର୍ବରୁ ସନ୍ତାନର କୌଣସି ବଂଶଗତ ରୋଗଥିବା ଜଣାପଡ଼ିଲେ କେବଳ ଭ୍ରୂଣହତ୍ୟା ତାହାର ଏକମାତ୍ର ସମାଧାନ ବୋଲି ଧରିନେବା ଅନୁଚିତ୍। ପ୍ରାଥମିକ ଅବସ୍ଥାରୁ ବଂଶଗତ ରୋଗ ନିର୍ଦ୍ଧାରଣ କରାଯାଇ ପାରିଲେ ଚିକିତ୍ସା ମାଧମରେ ତାକୁ ଭଲ କରିହେବ ଏବଂ ଜନ୍ମ ଯେଉଁ ପିଲାର କିଛି ଦୋଷ ଥିବ ତାକୁ ଅସ୍ତ୍ରୋପଚାରର ସାହାଯ୍ୟରେ ମଧ୍ୟ ଭଲ କରିହେବ। ☐

Images: Aptakama Mishra, Processing: Srujanika

ଆଖିଧରା 'ଟ୍ରାକୋମା'

ଡାକ୍ତର ଲକ୍ଷ୍ମୀକାନ୍ତ ମହାପାତ୍ର

ଆଖିଧରା ଗୋଟିଏ ଅତି ସାଧାରଣ ଚକ୍ଷୁରୋଗ । ଏହାର ଇଂରାଜୀ ନାମ 'Conjunctivitis' । ଏହି ରୋଗରେ ଆଖିର ଧଳାଡ଼ୋଳା ଓ ପତାକୁ ଲାଗି ରହିଥିବା ନେତ୍ର ଝିଲ୍ଲୀ ଲାଲ ପଡ଼ିଯାଏ ଓ ଆଖିରୁ ଲେଞ୍ଜେରାପାଣି ଗଡ଼ିଥାଏ । ସାମାନ୍ୟ ଚିକିତ୍ସା ବା ବିନା ଚିକିତ୍ସାରେ ମଧ୍ୟ ଅଳ୍ପ କେତେକ ଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ଭଲ ହୋଇଯାଏ ।

'ଟ୍ରାକୋମା' ଦୁଃସାଧ୍ୟ ଆଖିଧରା ରୋଗ ଏବଂ Chalamydozom Trachimats ନାମକ ଏକ କ୍ଷୁଦ୍ର ଜୀବାଣୁ (Virus) ଦ୍ୱାରା ଜାତ ହୋଇଥାଏ । ଏହା ବହୁ ପୂର୍ବକାଳରୁ ମଧ୍ୟପ୍ରାଚ୍ୟ ଦେଶ ମାନଙ୍କରେ ବ୍ୟାପକଭାବେ ସଂକ୍ରାମିତ ହୋଇଥିବାର ସୂଚନା ମିଳେ ଏବଂ ନେପୋଲିଅନଙ୍କ ଫରାସୀ ସେନା ବାହିନୀ ଦ୍ୱାରା ଏ ରୋଗ ୟୁରୋପକୁ ସଂକ୍ରାମିତ ହୋଇଥିବା ଇତିହାସରୁ ଜଣାପଡ଼େ ।

ପ୍ରଥମେ ଇଜିପ୍ଟରେ ଏହି ରୋଗ ଦେଖା ଦେଇଥିବାରୁ ଏହାକୁ ଇଜିପସିଆନ୍ ଅପଥାଲମିଆ ବୋଲି ମଧ୍ୟ କେତେକ ପୁରାତନ ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଏବେ ବିଶ୍ୱର ଅଧିକାଂଶ ଦେଶରେ ଏ ରୋଗର ପ୍ରାଦୁର୍ଭାବ ଅବ୍ୟାହତ ରହିଛି । ପୂର୍ବ ଏବଂ ମଧ୍ୟ ୟୁରୋପୀୟ ରାଜ୍ୟ, ପୂର୍ବ ଏବଂ ମଧ୍ୟ ଏସିଆ (ଭାରତ, ଚୀନ, ଜାପାନ) ଇଣ୍ଡୋନେସିଆ ଓ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ, ଆଫ୍ରିକା, ଏବଂ ଦକ୍ଷିଣ ଆମେରିକାର ବହୁ ସ୍ଥାନରେ ମଧ୍ୟ ଏ ରୋଗ ବ୍ୟାପକ ଭାବେ ଦେଖାଯାଏ । ଏହି ରୋଗ ବିଶେଷ କରି 'ଇଜିଜ୍' ଅଷ୍ଟ୍ରେଲିଆର ଅଧିବାସୀ, ଉତ୍ତର ଆମେରିକୀୟ ଭାରତୀୟଙ୍କ ଠାରେ ବିଶେଷ-ଦେଖା ଦେଉଥିଲେ ବି କୌଣସି ଜାତି ବା ଗୋଷ୍ଠୀ ଏହି ରୋଗରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ନୁହଁନ୍ତି । ଅବଶ୍ୟ ପାଶ୍ଚାତ୍ୟ ଦେଶ ମାନଙ୍କରେ ଏହାର ପ୍ରକୋପ କମ୍ ହୋଇଥାଏ । ଏହି ଭୟାନକ ରୋଗରେ ବିଶ୍ୱର ଏକ ପଞ୍ଚମାଂଶ ଲୋକ ଆକ୍ରାନ୍ତ ହୋଇଛନ୍ତି ବୋଲି ଏକ ସମୀକ୍ଷାରୁ ଜଣାଯାଇଛି । ସଂକ୍ଷେପରେ କହିବାକୁ ଗଲେ ବିଭିନ୍ନ ଚକ୍ଷୁ ରୋଗ ଯୋଗୁ

ଡାକ୍ତର ଲକ୍ଷ୍ମୀକାନ୍ତ ମହାପାତ୍ର ଭାରତର ଅନ୍ୟତମ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ । ନିକଟରେ ବ୍ରହ୍ମପୁରର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଓ ହସପିଟାଲ ଚକ୍ଷୁ ବିଭାଗ ମୁଖ୍ୟ ଅଧ୍ୟାପକ ପଦରୁ ଅବସର ଗ୍ରହଣ କରିବା ପରେ ସେ ଏବେ କଟକରେ ଅବସ୍ଥାନ କରୁଛନ୍ତି ଏବଂ ଅବସର ଗ୍ରହଣ ପରେ ଚିକିତ୍ସା ସହିତ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ଡାକ୍ତର ମହାପାତ୍ର ଚକ୍ଷୁ ରୋଗ ଓ ତାହାର ନିଦାନ ସମ୍ପର୍କରେ ଧାରାବାହିକ ଭାବେ ଏହି ପତ୍ରିକାରେ ଲେଖିବାକୁ ସ୍ୱୀକୃତ ଦେଇଛନ୍ତି । ଦୂରଦୂରାନ୍ତର ପାଠକମାନେ ଖାରବେଳ ମାଧ୍ୟମରେ ତାଙ୍କର ପରାମର୍ଶ ଗ୍ରହଣ କରିପାରନ୍ତି ।

ପୃଥିବୀରେ ଯେତେଲୋକ ଅନ୍ଧ ହୁଅନ୍ତି ତା ତୁଳନାରେ କେବଳ ଏହି ଗୋଟିଏ ରୋଗରୁ ଅଧିକାଂଶ ଦୃଷ୍ଟିଶକ୍ତି ହରାନ୍ତି । ଆଶୁ ଏବଂ ଉପଯୁକ୍ତ ଚିକିତ୍ସା ଅଭାବରେ ଏ ରୋଗ ଆଖି ଦୁଇଟିକୁ ସମ୍ପୂର୍ଣ୍ଣ ନଷ୍ଟ ବା ଦୃଷ୍ଟିହୀନ କରିଦେଇପାରେ । କେବଳ ମାତ୍ର ଏହି ଗୋଟିଏ ପ୍ରକାର ଆଖି ରୋଗରୁ ଆଗେ ଆମ ଦେଶର ଲକ୍ଷ ଲକ୍ଷ ଲୋକ ଅନ୍ଧ ହୋଇ ବସୁଥିଲେ । ଏବେ ଚକ୍ଷୁ ଚିକିତ୍ସା ବିଜ୍ଞାନର ଉନ୍ନତି ଓ ନାନା ଫଳପ୍ରଦ ଔଷଧର

ଆବିଷ୍କାର ଫଳରେ ଅବଶ୍ୟ ଏ ରୋଗର ପ୍ରାଦୁର୍ଭାବ ଅନେକ ହ୍ରାସ ପାଇଥିବା ଦେଖାଯାଇଛି । ତଥାପି ଏ ବିଷମ ଆଖିଧରା ରୋଗ ବିଷୟରେ ସମସ୍ତଙ୍କର ସାମ୍ୟକ୍ ଜ୍ଞାନ ରହିବା ଆବଶ୍ୟକ ।

ଏହା ଏକ ସଂକ୍ରାମକ ରୋଗ

ସାଧାରଣତଃ ଯେଉଁଠାରେ ବହୁ ଲୋକ ଏକାଠି ବାସ କରନ୍ତି ଏବଂ ସମୂହ ଭାବରେ ବିଛଣା, ଲୁଗା, ଗାମୁଛା ବା ରୁମାଲ ପ୍ରଭୃତି ବ୍ୟବହାର କରନ୍ତି ସେ ସବୁ ସ୍ଥାନରେ ସହଜରେ ଏହା ସଂକ୍ରମିତ ହୋଇଥାଏ । ସ୍କୁଲ ଓ କଲେଜରେ ଛାତ୍ରାବାସମାନଙ୍କରେ ଏହି କାରଣରୁ 'ଟ୍ରାକୋମା' ଅଧିକ ପରିମାଣରେ ଦେଖାଯାଇଥାଏ ।

ଟ୍ରାକୋମାର ଲକ୍ଷଣ — ଲକ୍ଷଣ ଦୃଷ୍ଟିରୁ ଏ ରୋଗକୁ ୪ଟି ଅବସ୍ଥା (stage) ରେ ବିଭକ୍ତ କରାଯାଇ ଥାଏ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପ୍ରଥମ ଅବସ୍ଥା (First stage)ପ୍ରଥମ ଅବସ୍ଥାରେ 'trachoma' ରେ ଅନ୍ୟ ସାଧାରଣ 'ଆଖିଧରା ' ଠାରୁ କୌଣସି ଅଧିକ ଲକ୍ଷଣ ପ୍ରକାଶିତ ହୁଏ ନାହିଁ । କିନ୍ତୁ ଚିକିତ୍ସା ଆଶୁ ଫଳପ୍ରଦ ଓ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ଏହି ଅବସ୍ଥାରେ ରୋଗ ନିର୍ଣ୍ଣୟ ହିଁ ଏକାନ୍ତ ଆବଶ୍ୟକ ଏହି ଅବସ୍ଥାରେ ନେତ୍ର ଅଣୁବୀକ୍ଷଣ ଯନ୍ତ୍ର (slitlamp) ଦ୍ୱାରା ପରୀକ୍ଷା ଓ ଗବେଷଣାଗାର (Laboratory) ରେ ଆଖି ଲେଞ୍ଜେରା (Conjuntival scraping

Images: Aptakama Mishra, Processing: Srujanika

ପରୀକ୍ଷା ଦ୍ୱାରା 'ଟ୍ରାକୋମା' ଧରା ପଡ଼ିଥାଏ । ସୁତରାଂ କୌଣସି ଆଖିଧରା ୭ ୮ ଦିନରୁ ଅଧିକ କାଳ ଧରି ଲାଗିରହିଲେ ଏହାକୁ 'ଟ୍ରାକୋମା' କି ନୁହେଁ ଜାଣିବାପାଇଁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଉପରୋକ୍ତ ଦୁଇ ପ୍ରକାର ପରୀକ୍ଷା କରାଇନେବା ଆବଶ୍ୟକ ।

ଦ୍ୱିତୀୟ ଅବସ୍ଥା(second stage) —ଏହି ଅବସ୍ଥାରେ ଟ୍ରାକୋମାର ସମସ୍ତ ଲକ୍ଷଣ ଆଖିରେ ପରିସ୍ଫୁଟ ହୋଇଥାଏ ତେଣୁ ରୋଗ ନିର୍ଣ୍ଣୟରେ କୌଣସି ଅସୁବିଧା ହୁଏନାହିଁ । କେତୋଟି ପ୍ରଧାନ ଲକ୍ଷଣ ହେଲା :

(୧) ଆଖିପତାର ଭିତରପଟେ କେତେକ ଦାନା (follicle) ଦେଖାଯାଏ । ଏହାର ଆକାର ସିଝା ସାରୁ ଦାନା ଭଳି । (୨) ନେତ୍ର ଝିଲ୍ଲୀ(Conjunctiva) ଲାଲ ମୋଟା ଓ ମସୃଣ (velvety) ଦେଖାଯାଏ । (୩) କଳାଡୋଳା, ଯାହାକି ସମ୍ପୂର୍ଣ୍ଣ ସ୍ୱଚ୍ଛ ତହିଁରେ କ୍ଷୁଦ୍ର କ୍ଷୁଦ୍ର ରକ୍ତନାଳ (Capilaries) ଦେଖାଯାଏ ଓ କଳାଡୋଳା ଧାରେ ଧାରେ ଅସ୍ୱଚ୍ଛ ହୋଇଯାଏ । କଳାଡୋଳାର ଉପରାର୍ଦ୍ଧରେ ଏହା ଅଧିକ ଦୃଷ୍ଟିଗୋଚର ହୋଇଥାଏ ।

(୪) ଏହି ଅବସ୍ଥାରେ କଳାଡୋଳାରେ 'ଘା' (Corneal ulcer) ଦେଖାଯାଏ । ବିଶେଷଜ୍ଞ ଚିକିତ୍ସା ନହେଲେ ଏଥିରେ ଆଖି ଅନ୍ଧ ହୋଇଯିବା ଆଶଙ୍କା ଅଧିକ ।

ତୃତୀୟ ଅବସ୍ଥା (Third stage) ଏହି ଅବସ୍ଥାରେ ରୋଗର ପ୍ରକୋପ ଅପେକ୍ଷାକୃତ ହ୍ରାସ ଯାଇଲେ ମଧ୍ୟ ପରବର୍ତ୍ତୀ ପରିସ୍ଥିତି ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥାଏ । ଆଖିରେ ଦେଖାଦେଇଥିବା କ୍ଷୁଦ୍ର ଦାନା ଓ ରକ୍ତନାଳୀ ଗୁଡ଼ିକ ଶୁଖିଯାଇ ବଧିରାତନ୍ତୁ (Fibrus-tissue) ରେ ପରିଣତ ହୁଏ । ଏହି ତନ୍ତୁ ଆଖିର ସମସ୍ତ କ୍ଷତ ଓ ବିପର୍ଯ୍ୟୟ ପାଇଁ ମୁଖ୍ୟତଃ ଦାୟୀ ।

ଚତୁର୍ଥ ଅବସ୍ଥା(fourth stage) ଏ ଅବସ୍ଥାରେ ବଧିରତନ୍ତୁ ବ୍ୟାପକ ଭାବରେ ସୃଷ୍ଟି ହେବା ଫଳରେ ଆଖିପତା, ନେତ୍ର ଝିଲ୍ଲୀ ଓ କଳାଡୋଳାରେ ନାନା ବିକୃତିର ଦେଖାଯାଏ । ରୋଗ ପ୍ରକୋପ ସମ୍ପୂର୍ଣ୍ଣ ଦୂର ହୋଇଗଲେ ମଧ୍ୟ ଏସବୁ ବିକାର ଫଳରେ ଚକ୍ଷୁ ଦୃଷ୍ଟିହୀନ ହୋଇଥାଏ । ଏହି ଲକ୍ଷଣ ଗୁଡ଼ିକମଧ୍ୟରେ ନିମ୍ନଲିଖିତ କେତେକ ଉଲ୍ଲେଖଯୋଗ୍ୟ । ଆଖିପତାର ବକ୍ରତା (entropion)— ଆଖିପତା ଭିତରକୁ ମୋଡ଼ି ହୋଇଯାଏ ଫଳରେ ପତାର ଲୋମ କଳାଡୋଳା ଉପରେ ଘଷିହୋଇ ଆଖିରେ ଫୁଲ ପକାଇଥାଏ ଓ ଦୃଷ୍ଟିହାନୀ ଘଟାଇଥାଏ। ୨) ଉପର ପତାର ଅଧୋଗତି(ptosis) ଉପର ପତାରେ ଅଧିକ ବଧିରା ତନ୍ତୁ ସୃଷ୍ଟି ହେବା ଫଳରେ ଏହାର ଓଜନ ବୃଦ୍ଧି ପାଏ ଓ ଏହା ତଳକୁ ଝୁଲିପଡ଼ି କଳା ଡୋଳାକୁ ଘୋଡ଼ାଇ ଦିଏ । ଫଳରେ ଦୃଷ୍ଟିହାନୀ ଘଟେ । ୩) ଶୁଷ୍କ ଝିଲ୍ଲୀ (xeroin) :—ଆଖିର ଝିଲ୍ଲୀ (Conjuntiva) ଶୁଖିଯାଏ । ୪)ଆଖି ଫୁଲ (Corneal opacils) - ଏଥିରେ କଳା ଡୋଳାରେ ଧଳା ଚିହ୍ନ ଦେଖାଯାଏ ଓ ଏହା ଅସ୍ୱଚ୍ଛ ହୋଇଯିବାରୁ ଦୃଷ୍ଟିହାନୀ ଘଟେ ।

ଆରମ୍ଭରେ ଚିକିତ୍ସା କଲେ ଟ୍ରାକୋମା ସହଜସାଧ୍ୟ ହୋଇଥାଏ । ୧୯୫୬ ମସିହାରେ ଉତ୍ତର ଭାରତରେ ଏହି ରୋଗର ପ୍ରାଦୁର୍ଭାବ ଏତେ ଅଧିକ ଥିଲା ଯେ , କେନ୍ଦ୍ର ସରକାର , ଏହାର ନିୟନ୍ତ୍ରଣ ପାଇଁ 'Trachoma pilot project' ନାମକ ଏକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ଚକ୍ଷୁଚିକିତ୍ସା ବିଜ୍ଞାନର ଉନ୍ନତି ଫଳରେ ଆଜି ଏ ରୋଗ ଆଉ ଦୁରାରୋଗ୍ୟ ହୋଇନାହିଁ ।

Sulphacetamide ନାମକ ଏକ ପ୍ରକାର ନେତ୍ରବିନ୍ଦୁ (eyedrop) ଏ ରୋଗର ପ୍ରଧାନ ଔଷଧ୧୦,୨୦,୩୦ ଶକ୍ତି ବିଶିଷ୍ଟ ଏହି ନେତ୍ରବିନ୍ଦୁ Albucid, locula ପ୍ରଭୃତି ବିଭିନ୍ନ ନାମରେ ଔଷଧ ଦୋକାନ ମାନଙ୍କରେ ମିଳେ । ଏହି ନେତ୍ରବିନ୍ଦୁକୁ ଦିନକୁ ୪।୫ ଥର ନିୟମିତ ଭାବେ ପକାଇଲେ ସୁଫଳ ମିଳିଥାଏ ।

ଯେଉଁ ରୋଗୀମାନଙ୍କ ଆଖିରୁ ଅଧିକ ଲେଞ୍ଜେରା ପାଣି ବାହାରେ ସେମାନେ ଏଥି ସଙ୍ଗେ ସଙ୍ଗେ Teramycin eye ointmentବା Chloromycetin eye ointment ପ୍ରଭୃତି ଆଣ୍ଟିବାୟୋଟିକ ନେତ୍ର ଅଞ୍ଜନ ମାନଙ୍କ ମଧ୍ୟରୁ କୌଣସି ଏକ ନେତ୍ରାଞ୍ଜନ ଶୋଇବା ଆଗରୁ ଆଖିରେ ଲଗାଇ ଶୋଇଲେ ଉପକାର ପାଇବେ ।

ଶିଶୁମାନଙ୍କର 'Trachoma' ଆଖିର ଚିକିତ୍ସା ସଙ୍ଗେ ସଙ୍ଗେ ମଧ୍ୟ କେତେକ ସ୍ଥଳରେ ଅଧିକ କାଳ କାର୍ଯ୍ୟକାରୀ ସଲଫା ଔଷଧ (Long active salpha) ଖାଇବାକୁ ଦିଆଯାଇଥାଏ ।

ରୋଗର ପ୍ରଥମ ଓ ଦ୍ୱିତୀୟ ଅବସ୍ଥାରେ ଉପରୋକ୍ତ ଚିକିତ୍ସାରେ ଆରୋଗ୍ୟତାର ସମ୍ଭାବନା ନିଶ୍ଚିତ । କିନ୍ତୁ Trachoma ୩ୟ ବା ୪ର୍ଥ ଅବସ୍ଥାକୁ ଗଡିକଲେ ଏହା ଔଷଧର ସାଧ୍ୟାତୀତ ହୋଇଥାଏ । ଏଥିପାଇଁ ଅସ୍ତ୍ର ଚିକିତ୍ସାର ଆବଶ୍ୟକ ହୁଏ । ତେଣୁ ଏ ଅବସ୍ଥାରେ ରୋଗୀକୁ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ କରି କୌଣସି ଚକ୍ଷୁ ଅନୁଷ୍ଠାନରେ ଭର୍ତ୍ତି କରିଦେବା ଶ୍ରେୟସ୍କର ।

“ଆଖିଧରା” ର ହୋମିଓପ୍ୟାଥିକ ଚିକିତ୍ସା

ଆଖିଧରା ନିମନ୍ତେ ହୋମିଓପାଥିକ ଚିକିତ୍ସା ସର୍ବୋତ୍କୃଷ୍ଟ ଅଟେ । ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଆଖିଧରା ଥାଏ ଏବଂ ପ୍ରତ୍ୟେକ ଆଖିଧରା ବ୍ୟକ୍ତି ଭିନ୍ନ ଭିନ୍ନ ଲକ୍ଷଣ ମାନ ପ୍ରକାଶ କରିଥାନ୍ତି । ଏଣୁ କୌଣସି ଗୋଟିଏ ଔଷଧ ସମସ୍ତ ଆଖିଧରା ରୋଗୀଙ୍କ ପାଇଁ ପ୍ରଯୁଜ୍ୟ ହୋଇନଥାଏ । ହୋମିଓପ୍ୟାଥିକ ଚିକିତ୍ସାରେ ବିଭିନ୍ନ ଲକ୍ଷଣ ପ୍ରକାଶ

Images: Aptakama Mishra, Processing: Srujanika

ପାଉଥିବା ଔଷଧ ଗୁଡ଼ିକର ନାମ ସହ ଲକ୍ଷଣମାନ ନିମ୍ନରେ ଦିଆଯାଇଛି — ଯେଉଁ ନିଦାନରେ ଥିବା ଲକ୍ଷଣ ଗୁଡ଼ିକ ରୋଗୀ ପ୍ରକାଶ କରୁଥିବ ଉକ୍ତ ଔଷଧଟି ରୋଗୀ ଖାଇଲେ ଅବିଳମ୍ବେ ଆରୋଗ୍ୟ ଲାଭକରିବ ।

୧) ଏକୋନାଇଟ-ନାପେଲସ - ୬
(Aconitum Napellus - 6

ହଠାତ୍ ଥଣ୍ଡା ପବନ ଲାଗି ଆଖି ଲାଲ ପଡ଼ି, ସୁଖିଲା ଓ ଗରମ ବୋଧ ସହିତ ବାଲି ପଡ଼ିଲା ଭଳି ଲାଗିବା — ଆଖିପତା ଫୁଲି ଲାଲ ହୋଇଯାଇ ପତା ଗୁଡ଼ିକ ହାତକୁ ଟାଣ ଲାଗିବ — ଏଥି-ସହ ମୁଣ୍ଡ ଭାର ହୋଇ ବିନ୍ଧିବା ଓ ମୁଣ୍ଡ ଗରମ ଲାଗିବ ।

୨) ଅରଜେଣ୍ଟମ୍ ନାଇଟ୍ରିକମ୍ - ୬
(Argentum Nitricum - 6

ଆଖିପତାର ଭିତର ପଟୁ ଫୁଲି ଲାଲ ପଡ଼ିଯିବା — ଅତି ମାତ୍ରାରେ ବହଳିଆ ପୂଜ ଭଳି ଆଖିରୁ ଲେଞ୍ଜରା ବାହାରି ଆଖିପତା ଯୋଡ଼ି ହୋଇଯିବା— ଆଖିଡ଼ୋଳା ସ୍ଥିର ଆଡ଼କୁ ବୁଲାଇଲେ ମୁଣ୍ଡ ବିନ୍ଧିବା — ଆଖି ପତାକୁ ଚାପି କରି ଧରିଲେ ଆଖି ଓ ମୁଣ୍ଡବିନ୍ଧା ଆରମ୍ଭ ଲାଗେ ।

୩) ବେଲଡୋନ - 3x
Belladona - 3x

ମୁଖମଣ୍ଡଳ ଲାଲ ପଡ଼ି ମୁଣ୍ଡ ବିନ୍ଧିବା ଆଖି ରକ୍ତବର୍ଣ୍ଣ ହୋଇ ଫୁଲିଯିବା ଓ ଆଖିଡ଼ୋଳା ବାହାରକୁ ବାହାରି ପଡ଼ିଲା ଭଳି ଲାଗିବା — ଆଖି ପୋଡ଼ିବା ଓ ବିନ୍ଧିବା — ଆଲୋକରେ ସମସ୍ତ କଷ୍ଟ ବଢ଼ିଯିବା ବା ଅନ୍ଧାରରେ ସମସ୍ତ କଷ୍ଟ ଉପଶମ ବୋଧହେବା- ଆଖି ସର୍ବଦା ସୁଖିଲା ରହିବ ।

୪) ଇଉଫ୍ରେସିଆ - ୩ ଏକ୍ସ
(Euprhrasia - 3x)

ଆଖିରୁ ଅନବରତ ପାଣି ବହିବା— ଆଖି ଲାଲ ପଡ଼ି ଫୁଲିଯାଇ ଜଳାପୋଡ଼ା କରିବା — ଆଖିରେ ପତଳା ପରଦା ଭଳି ଲେଞ୍ଜରା ପଡି ଅସ୍ୱସ୍ତି ବୋଧ-ହେବା ସଙ୍ଗେ ସଙ୍ଗେ ଆଖି ପତାକୁ ସର୍ବଦା ଫଟ ଫଟ କରି ପକେଇ ଉଠେଇବାକୁ ଇଚ୍ଛା ହେବା — ଏଥି-ସହ ନାକରୁ ମଧ୍ୟ ସାମାନ୍ୟ ପାଣି ବୋହୁଥିବ ।

୫) ଗୁଆରିଆ—୬ (Guarea—6)

ଆଖି ଲାଲ ପଡ଼ି ଫୁଲିଯିବା—ଆଖି ଡୋଳାରେ ଅସହ୍ୟ କଷ୍ଟବୋଧ ସହ ଯେପରିକ ଡୋଳା ଦୁଇଟି ଛୁଡ଼ିଯାଇ ବାହାରକୁ ବାହାରି ଆସିବା ଭଳି ବୋଧ ହେବାସହିତ ତଳ ଉପର ହୋଇ ଦେଖା-ଯିବା (ମୁଣ୍ଡ ତଳକୁ ଗୋଡ଼ ଉପରକୁ) — ଆଖି କଷ୍ଟ କମିଲେ କାନକୁ କମ୍ ଶୁଣିବା ଏବଂ କାନରେ ଭଲଭାବ ଶୁଣି-ପାରିଲେ ପୁନରାୟ ଆଖି କଷ୍ଟ ଆରମ୍ଭ ହେବା —ସର୍ବଦା ପଛରୁ ମୁଣ୍ଡକୁ କେହି ଯେପରି ଆଘାତ ଦେଉଛି ବା ଆଗକୁ ପଡ଼ିଗଲା ପରି ଲାଗିବ ।

୬) ପଲସେଟିଲା-୩୦ (Pulsatilla-30)

ଆଖି ଖୁଞ୍ଚହୋଇ ପୋଡ଼ିବା-ଆଖିରୁ

ଡାକ୍ତର ପ୍ରଦୀପ ରାଉ

(୨୨ ପୃଷ୍ଠାର ଅବଶିଷ୍ଟାଂଶ)

ଏନ୍. ଏ. ର ଜଣେ ଯୋଦ୍ଧା ଶ୍ରୀ ଏ. ସି. ଚାଟାର୍ଜୀ ଏହି ଆଶ୍ରମ ତାଙ୍କ ସ୍ନେହମୟୀ ମାତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ।

୧୯୮୦ ମସିହାରୁ ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର କର୍ତ୍ତୃପକ୍ଷ ବସନ୍ତ କୁମାରୀ ଆଶ୍ରମରେ ହତଭାଗିନୀ ମହିଳା ମାନଙ୍କୁ ଗାଂଦୁଆ, ବିଛଣା ଚଦର ଓ ସତରଂଜ ଆଦି ତିଆରି କରିବା ଦିଗରେ ତାଲିମ ଦେବା କାର୍ଯ୍ୟ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦ ଜଣ ମହିଳା ତାଲିମ ପାଇ ସାରିଲେଣି ।

ପରିତ୍ୟକ୍ତା ହତଭାଗିନୀ କାଞ୍ଚନ ଏବେ ଏହି ଆଶ୍ରମରେ ତାଲିମ ନେଉ-ଅଛି । ପୁରୀ ଜିଲ୍ଲା ବାସୁଦେବପୁରର ୧୮ ବର୍ଷ ବୟସ୍କା ସଂଯୁକ୍ତା ମଣ୍ଡଳ ମଧ୍ୟ ତାଙ୍କ ସାଥିରେ ତାଲିମ୍ ନେଉଛନ୍ତି ।

ଏହି ଅନୁଷ୍ଠାନରେ ପ୍ରତ୍ୟେକଙ୍କୁ ମାସିକ ୫୫ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥାଏ ଏବଂ କେନ୍ଦ୍ର ସରକାରଙ୍କ ସାମାଜିକ ମଙ୍ଗଳ ବିଭାଗ ଏହି ଅନୁଷ୍ଠାନକୁ ବାର୍ଷିକ ୬୨୫୦ ଟଙ୍କା ଅନୁଦାନ ପ୍ରଦାନ କରିଥାଆନ୍ତି । ଅବଶିଷ୍ଟ ଅର୍ଥ ବଦାନ୍ୟ ବ୍ୟକ୍ତି ମାନଙ୍କ ସାହାଯ୍ୟରେ ପୂରଣ ହୋଇଥାଏ ।

ଉକ୍ତ ବାଳିକାମାନେ ତାଲିମ ସମାପ୍ତ ହେଲାପରେ ଜିଲ୍ଲା ଶିଳ୍ପ କେନ୍ଦ୍ର ତାଙ୍କୁ ଆତ୍ମନିଯୁକ୍ତ କ୍ଷେତ୍ରରେ ସ୍ୱାବଲମ୍ବି କରିବା ପାଇଁ ବ୍ୟାଙ୍କ ସହାୟତା ଯୋଗାଇ ଦିଅନ୍ତି ।

ଆଗାମୀ ଛଅ ମାସ ଭିତରେ କାଞ୍ଚନର ତାଲିମ ସମ୍ପୂର୍ଣ୍ଣ ହୋଇ ସାରିବା ପରେ ସେ ନିଜର ବ୍ୟକ୍ତିଗତ ଗୃହଦୁଆ ନିର୍ମାଣ କାରଖାନା ସ୍ଥାପନ କରିବ ଏବଂ ଏଥିରୁ ସେ ଦୈନିକ ୩୦ ରୁ ୪୦ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିବ ବୋଲି ଆଶା ପ୍ରକାଶ କରିଛି । ଗୃହଦୁଆ କାମର ହାତ-ମୁଣା, ବିଛଣା ଚଦର, ତକିଆ ଖୋଳ ଏବଂ ରୁମାଲ ପ୍ରଭୃତିର ଦେଶ ଏବଂ ବିଦେଶରେ ବିଶେଷ ଚାହିଦା ବୃଦ୍ଧି ପାଉଥିବା ଦୃଷ୍ଟିରୁ ତାର କାରଖାନା ଉତ୍ତମ ରୂପେ ସମୃଦ୍ଧି ପଥରେ ଅଗ୍ରସର ହେବ ବୋଲି ସେ ଆଶା କରେ ।

ଏହା ବ୍ୟତୀତ କାରୁକାର୍ଯ୍ୟ ପଦାର୍ଥ-ଗୁଡ଼ିକର ବିକ୍ରୟ ନିମନ୍ତେ ଓଡ଼ିଶା ସମବାୟ ହସ୍ତଶିଳ୍ପ କର୍ପୋରେସନ ମଧ୍ୟ ସହଯୋଗ କରୁଛନ୍ତି ।

ସମାଜରେ ମର୍ଯ୍ୟାଦାର ସହ ବଞ୍ଚି ରହିବା ପାଇଁ ଆତ୍ମନିଯୁକ୍ତ ଯୋଜନା ମାଧ୍ୟମରେ କାଞ୍ଚନ ପରି କେତେ ଯେ ଲାଞ୍ଛିତ ଓ ହତଭାଗିନୀ ମହିଳା ଦୃଢ଼ ଆତ୍ମପ୍ରତ୍ୟୟ ଓ ଦୁର୍ବାର ଆଶା ନେଇ ଆଗେଇ ଚାଲିଛନ୍ତି ତାହା ଜୀବନର ଅନ୍ୟ ଏକ ଆହ୍ୱାନ । ☐

Images: Aptakama Mishra, Processing: Srujanika

ଅସାବଧାନତା ଓ ଅଗ୍ନିକାଣ୍ଡ

ଆପଣ ଆପଣଙ୍କ ବିଛଣାରେ ଶୋଇଥିବା ଅବସ୍ଥାରେ ନିଜକୁ ଅଗ୍ନିଦଗ୍ଧ କରିବାକୁ ଚାହାନ୍ତି କି ? ଯଦି ଆପଣ ଜଣେ ଧୂମପାୟୀ ଅଟନ୍ତି ତଥା ବିଡ଼ି କିମ୍ବା ସିଗାରେଟରେ ଶେଷ ଅଂଶକୁ ମଧ୍ୟ ଆନନ୍ଦର ସହିତ ଉପଭୋଗ କରୁଥାଆନ୍ତି ତା' ହେଲେ ଆପଣ, ଆପଣଙ୍କ ନରମ ବିଛଣା, ଶୋଇବା ଘରକୁ ଅଗ୍ନିଦଗ୍ଧ କରିବା ସଙ୍ଗେ ସଙ୍ଗେ ନିଜକୁ ମଧ୍ୟ ପୋଡ଼ି ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

ଅଗ୍ନିକାଣ୍ଡ ଘଟୁଥିବାର ପ୍ରାୟ ଶତକଡ଼ା ୧୮ ଭାଗ ଦୁର୍ଘଟଣା ଅସଞ୍ଜତ ଧୂମପାୟୀଙ୍କ ଦ୍ୱାରା ଫିଙ୍ଗା ଯାଇଥିବା ଖଣ୍ଡିଆ ସିଗାରେଟ୍‌ରୁହିଁ ସଂଗଠିତ ହୋଇଥାଏ । ଖଣ୍ଡିଆ ସିଗାରେଟ୍‌ର ସଂଯୋଗରେ ପାରଦ ୪୦୦ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଗରମ ହୋଇପାରେ ଏବଂ ତାହାର ପାଖାପାଖି ଅନ୍ୟ ପଦାର୍ଥମାନଙ୍କ ଉପରେ ପ୍ରଭାବ ପକାଇଥାଏ ।

ଗୋଟିଏ ଉତ୍କୃଷ୍ଟ ଆସ୍ତ୍ରେ ଦ୍ୱାରା ଖଣ୍ଡିଆ ସିଗାରେଟ୍ ଯୋଗୁଁ ଘଟୁଥିବା ବ୍ୟାପକ ଅଗ୍ନିକାଣ୍ଡକୁ ସହଜରେ ନିୟନ୍ତ୍ରଣ କରାଯାଇ ପାରିବ । କିନ୍ତୁ ଆସ୍ତ୍ରେଟି ଧାତୁ, ଚିନାମାଟି କିମ୍ବା କାଚରେ ନିର୍ମିତ ହୋଇଥିବା ଆବଶ୍ୟକ । ଯଦି ଏହି ଆସ୍ତ୍ରେରେ ପାଣି କିମ୍ବା ଅଳ୍ପ ବାଲି ଥାଏ ତା' ହେଲେ ଅଗ୍ନି ନିର୍ବାପନରେ ଏହା ଯଥେଷ୍ଟ ସହାୟକ ହୋଇଥାଏ । ମାତ୍ର କାଠ, ବାଉଁଶ କିମ୍ବା ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥିବା ଆସ୍ତ୍ରେ ଗୁଡ଼ିକ ଦେଖିବାକୁ ସୁନ୍ଦର ହୋଇଥିଲେହେଁ ସେଗୁଡ଼ିକ ଅଗ୍ନିର ସୁପରିବାହୀ ହୋଇଥିବାରୁ ଅଗ୍ନି ଲିଭାଇବା ପରିବର୍ତ୍ତେ ଅଗ୍ନି ପ୍ରଜ୍ଜ୍ୱଳନରେ ସାହାଯ୍ୟ କରିଥାନ୍ତି ।

କୋଠରୀର ଆସ୍ତ୍ରେରେ କୌଣସି ବସ୍ତୁର ଶେଷ ଜ୍ୱଳନ୍ତ ଅଂଶ ଛାଡ଼ିଦେଇ କୋଠରୀ ବାହାରକୁ ଚାଲିଯିବା ଅନୁଚିତ । କିଏ ଜାଣେ ହୁଏତ ଏହି କ୍ଷୁଦ୍ର ଅଂଶଟି ଯେ ଗୋଟିଏ ବିରାଟ ଅଗ୍ନିକାଣ୍ଡ ନ ଘଟାଇବ । ତେଣୁ କୋଠରୀରୁ ଯିବା ପୂର୍ବରୁ ଜ୍ୱଳନ୍ତ ଅଂଶଟିକୁ ଲିଭାଇଦେବା ଉଚିତ୍ ।

କେବଳ ଯେ ସିଗାରେଟ୍ ଦ୍ୱାରା ଅଗ୍ନିକାଣ୍ଡ ଘଟିଥାଏ ତାହାନୁହେଁ । ମାତ୍ର ଅନେକ ସମୟରେ ଦାର୍ଶ ଉତ୍ସବ ପୂଜାରୀ କିମ୍ବା ଗୃହିଣୀମାନେ ଅଗ୍ନିକାଣ୍ଡ ଘଟାଇ ଥାଆନ୍ତି । ସେମାନେ କୌଣସି ଉଚ୍ଚ ଯାଗାରେ ଦୀପ ରଖିବା ପରିବର୍ତ୍ତେ ଭୂମିରେ ରଖି ଥା'ନ୍ତି ଏବଂ ତାଙ୍କର ଏହି ଅସାବଧାନତା ଯୋଗୁ ଅଗ୍ନିକାଣ୍ଡ ଘଟିଥାଏ । ରୋଷେଇ ଘରର ଚୁଲି ଉପରେ କିମ୍ବା ପାର୍ଶ୍ୱବର୍ତ୍ତୀ ସ୍ଥାନରେ କାଠର ଥାକ କିମ୍ବା ପଟା ଥିଲେ ମଧ୍ୟ ବିପଦ ଦେଖା ଦେଇଥାଏ କାନ୍ଥରେ ଟଙ୍ଗା ଯାଇଥିବା କ୍ୟାଲେଣ୍ଡର ଏବଂ ପରଦା ଗୁଡ଼ିକ ଚୁଲିର ସମୀପବର୍ତ୍ତୀ ଥିଲେ ଅଗ୍ନିକାଣ୍ଡ ଘଟାଇବାରେ ସହାୟକ ହୋଇଥାଏ । ଶୋଇବା କୋଠରୀରେ ଧୂପକାଠି କିମ୍ବା କିରୋସିନି ଆଲୁଅ ଜଳାଇ ଶୋଇଲେ ତାହା ମଧ୍ୟ ବିପଦ ଟାଣି ଆଣିଥାଏ । କିରୋସିନି ଷ୍ଟୋଭରେ ଅତ୍ୟଧିକ ପମ୍ପଦେଲେ କିମ୍ବା ଜଳନ୍ତା ଷ୍ଟୋଭରେ କିରୋସିନି ଢାଳିଲେ ଅଗ୍ନିକାଣ୍ଡ ଘଟିବାର ସମ୍ଭାବନା ଥାଏ । ସେହିପରି ଯଦି ଗ୍ୟାସ୍ ଚୁଲି ବ୍ୟବହାର କରୁଥାଆନ୍ତି ତା' ହେଲେ ଚୁଲି ଧରାଇବାପାଇଁ ଗ୍ୟାସ ଛାଡ଼ିବା ପୂର୍ବରୁ ଲାଇଟର କିମ୍ବା ଦିଆସିଲି ପ୍ରସ୍ତୁତ କରି ରଖିବା ବାଞ୍ଛନୀୟ ଏବଂ ରୋଷେଇ ସରିଲା ପରେ ଗ୍ୟାସ୍ ନବ୍ ଏବଂ ସିଲିଣ୍ଡରକୁ ବନ୍ଦ କରିବା ଅତ୍ୟନ୍ତ ଜରୁରୀ ଅଟେ । ତାହା ନହେଲେ ରୋଷେଇକାରୀ ବ୍ୟକ୍ତି ସହିତ ରୋଷେଇ ଘର ମଧ୍ୟ ଜଳିଯିବାର ସମ୍ଭାବନା ରହିଛି ।

ଅଳିଆ ଗଦାରେ ଅଧାଜଳା ଦିଆସିଲି କାଠି ପକାଇବା , ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ ବାହାରିଯିବା କିମ୍ବା ରୋଷେଇ ଘରେ ପିଲାମାନଙ୍କ ଖେଳିବା ଦ୍ୱାରା ଅଗ୍ନିକାଣ୍ଡ ଘଟିଥାଏ ।

ଯଦି କେବେ ଆପଣଙ୍କ ଦେହରେ ନିଆଁ ଲାଗିଥାଏ ତା , ହେଲେ ଦୌଡ଼ା ଦୌଡ଼ି ନକରି ଭୂଇଁ ଉପରେ ନିଆଁ ଲିଭିବା ପର୍ଯ୍ୟନ୍ତ ଗଡ଼ିବୁଲିବେ । ଓଦା କମ୍ବଳ ଘୋଡାଇ ହେଲେ ମଧ୍ୟ ନିଆଁ ଲିଭିଯିବ ।

ଯଦି କେବେ ଧୂମ ପୂର୍ଣ୍ଣ କୋଠରୀରେ ଆପଣ ଥାଆନ୍ତି ତା ହେଲେ ଓଦାଲୁଗା ଦ୍ୱାରା ନିଜର ନାକ ଏବଂ ମୁହଁ ଘୋଡ଼ାଇବେ । ପୋଡ଼ାଘା ରେ ପାଣି ଢାଳିଲେ ଯନ୍ତ୍ରଣା କମିଯାଏ— ମାତ୍ର ତେଲ କିମ୍ବା ପେଟ୍ରୋଲ ଯୋଗେ ଘଟିଥିବା ପୋଡ଼ା ଘାରେ ପାଣି ଢାଳିବା ଅନୁଚିତ ।

ଆହୁରି ମଧ୍ୟ ଅଗ୍ନିକାଣ୍ଡକୁ କେବେ ନିଜେ ନିୟନ୍ତ୍ରଣ କରିବାକୁ ଚେଷ୍ଟା ନକରି ଅଗ୍ନିଶମ ବିଭାଗକୁ ଖବର ଦେବା ଉଚିତ । କାରଣ ନିଆଁ ଲିଭାଇବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୋଇଛି ।

କଥାରେ ଅଛି — ନିଆଁ ସହିତ ଖେଳିବ ନାହିଁ । □

ସର୍ବଦା ବହଳିଆ ହଳଦିଆ ଲେଞ୍ଜେରା ବାହାରିବା—ଲେଞ୍ଜେରା ଯୋଗୁ ଆଖିପତା ଯୋଡ଼ି ହୋଇଯିବା-ଆଖିପତାରେ ଘନଘନ ଆଲୁଅ ବାହାରିବା—ବିଶେଷ କରି ସଦ୍ୟଜାତ ଶିଶୁର ଆଖିଧରାରେ ଏହା ବିଶେଷ ଫଳପ୍ରଦ ।

୭) ରସ୍ ଟକ୍ସ-୩୦ (Rhus toxiodendron—30)

ଆଖି ନାଲିପଡ଼ି ଘା' ହେବା ଭଳି ଦେଖାଯିବା —ଆଖିପତା ଅତି ମାତ୍ରାରେ ଫୁଲିଯିବା—ଆଖିରୁ ପୁଜ ଭଳି ବାହାରିବା —ଆଖିପତା ଖୋଲିବା ଧାରେ ଗରମ ଗରମ ପାଣି ବୋହିବା— ଆଖି କିଛି ସମୟ ବନ୍ଦ ରଖିଲେ ଆଖିପତା ଦୃଢ଼ ଯୋଡ଼ି ହୋଇଯିବା — ଦହଦାତ ବନ୍ଧାବନ୍ଧ ହେବା — ବିଶେଷ କରି ଥଣ୍ଡା ବର୍ଷାରେ ଭିଜି ଆଖି ଧରି ଥିଲେ ଏହା ବ୍ୟବହାର କଲେ ତୁରନ୍ତ ଫଳ ମିଳିଥାଏ ।

୮) ଜିଙ୍କମ୍ ସଲଫ-୩୦

(Zincum Sulph - 30)

ଆଖି କୁଣ୍ଡାଇହେବା — ଆଖି ଝିଞ୍ଜିହୋଇ ପାଣି ବାହାରିବା — ଆଖି—ଡୋଳା କୋଣରୁ ଭିତରକୁ ଠେଲିହୋଇଯିବା ଭଳି ବୋଧ ହେବା — ଆଖିଡୋଳା ଘୂରିଆଡ଼େ ବୁଲାଇବାକୁ ଇଚ୍ଛା ହେବା ଏବଂ ସବୁଜିନିଷ ଅଧା ଝାପସା ଓ ଅଧା ଭଲ ଦେଖାଯାଉଥିଲେ ଏହି ଔଷଧ ପ୍ରୟୋଗ କରିବା ବିଧେୟ ।

୯ । ଯେ କୌଣସି ଆଖିଧରାରେ ଆଖିରେ ପକାଇବା ପାଇଁ ଇଉଫ୍ରେସିଆ —Q 1 ଭାଗ ଓ ଗୋଲାପ ପାଣି ବା ଡିଷ୍ଟିଲ୍‌ଡ୍ ୱାଟର (Dist. watet) ୯ ଭାଗ ମିଶାଇ ଦୁଇଟୋପା କରି ଆଖିରେ ଘନ ଘନ ପକାଇଲେ ଅନେକ ଉପଶମ ମିଳିଥାଏ । □

Images: Aptakama Mishra, Processing: Srujanika

ଫାଣ୍ଟମ 5, 6

Images: Aptakama Mishra, Processing: Srujanika

ଲି. ଫକ୍
ସି. ବେରୀ

© 1983 King Features Syndicate, Inc. World rights reserved.

(କ୍ରମଶଃ)

ଯୌତୁକ ନିରୋଧ ଆଇନର ବିଫଳତା

ଯୌତୁକର ତ୍ରୁଟି ପୂର୍ଣ୍ଣ ସଂଜ୍ଞା ନିର୍ଦ୍ଧାରଣ ଯୋଗୁ ଅପରାଧୀମାନେ ଦଣ୍ଡପାଉ ନାହାନ୍ତି

ଏବେ ଖବର କାଗଜ ଖୋଲିଲେ ନାରୀ-ଧର୍ଷଣ ଓ ଯୌତୁକ ଜନିତ ହତ୍ୟାକାଣ୍ଡ ସମ୍ପର୍କରେ ସଂବାଦ ଆଖିରେ ପଡ଼ୁଛି । ଯୌତୁକ ଦାବୀକୁ ବେଆଇନ ଘୋଷଣା କରି ୧୯୬୧ରେ ପ୍ରଥମେ ଆଇନ କରାଯାଇଥିଲା । Dowry Prohibition Act, 1961, ପ୍ରଥମେ ୧୯୬୧ ମସିହାର ୫ମ ମାସ ୨୦ ତାରିଖରେ ଲୋକସଭାରେ ଅନୁମୋଦିତ ହୋଇ-ଥିଲା । ଏବଂ ୧୯୬୧ ମସିହାର ଜୁଲାଇ ୧ ତାରିଖଠାରୁ ଏହା କାର୍ଯ୍ୟକାରୀ ହେଲା । କିନ୍ତୁ ୧୦ ବର୍ଷ ବିତିଗଲା ଏହି ଆଇନ ବାସ୍ତବରେ ଫଳ-ପ୍ରଦ ହେଲାଭଳି ଜଣାପଡ଼ୁ ନାହିଁ । ଗୋଟିଏ ବିଶିଷ୍ଟ ସମ୍ବାଦପତ୍ର ସୂତ୍ରରୁ ପ୍ରକାଶ ଯେ ଏ ପର୍ଯ୍ୟନ୍ତ କେବଳ ଗୋଟିଏ ମାମଲାରେ ଆସାମୀର ଦଣ୍ଡାଦେଶ କାଏମ୍ ରହିଛି ।

ଶ୍ରୀ ଅରକ୍ଷିତ ପଶାୟତ

ଆଇନଜ୍ଞ ମାନଙ୍କ ମତରେ ଏହି ଆଇନରେ ବହୁ ଦୋଷ ତ୍ରୁଟି ରହିଛି । ତେଣୁ ଏହି ଆଇନ ଅନୁଯାୟୀ ବହୁ ଦୋଷୀ ଦଣ୍ଡିତ ହେଉ-ନାହାନ୍ତି । ମୋର ମତରେ "ଯୌତୁକ"ର ପ୍ରକୃତ ସଂଜ୍ଞା କ'ଣ ସେ ବିଷୟରେ ଏ ଆଇନରେ ତ୍ରୁଟି ରହିଥିବାରୁ ବହୁ ଦୋଷୀ ଦଣ୍ଡାଦେଶ ନପାଇ ଖଲାସ୍ ହୋଇଯାଉଛନ୍ତି । ପ୍ରଚଳିତ ଆଇନ ଅନୁସାରେ ବିବାହର ମୂଲ୍ୟ (Considera-tion) ହିସାବରେ ଯଦି କେହି ଅର୍ଥ ବା ସମ୍ପତ୍ତି ଦାବୀ କରେ, (ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ) ତେବେ ତାହା ଯୌତୁକ ବୋଲି ଧରାଯିବ ଏବଂ ଯୌତୁକ ଦାବୀ କରୁଥିବା ବ୍ୟକ୍ତି ଦଣ୍ଡିତ ହେବ । ପ୍ରାୟ ସବୁ କ୍ଷେତ୍ରରେ ଏଭଳି ଦାବୀ ମୌଖିକ ହୋଇଥିବାରୁ ଏହାଯେ ବିବାହ ସହିତ ଜଡ଼ିତ ବା ବିବାହର ମୂଲ୍ୟ (Consi-deration) ଏହା ପ୍ରମାଣ କରିବା କଷ୍ଟ । ତେଣୁ ଯୌତୁକର ଏକ ଆକ୍ଷରିକ ସଂଜ୍ଞା ନକରି ଏକ ବାସ୍ତବିକ ସଂଜ୍ଞା ଆଇନରେ ରଖାଯିବା ଉଚିତ ।

ଆଇନର ସ୍ୱଳ୍ପତା ଓ ଫଳପ୍ରଦତାର ଅଭାବକୁ ଆଖିରେ ରଖି କେନ୍ଦ୍ର ସରକାର ଯୌତୁକ ଆଇନରେ ସଂଶୋଧନ ଓ ପରିବର୍ତ୍ତନ କରିବାକୁ ଚିନ୍ତା କରୁଛନ୍ତି ଏବଂ ଏ ସମ୍ପର୍କରେ ଏକ ସଂଶୋଧନ ଆଇନ ଲୋକସଭାରେ ୧୯୮୪ ମସିହା ମେ ୯ ତାରିଖରେ ଅଣା ଯାଇଛି । ଏ ସମ୍ପର୍କରେ ୧୯୮୨ ମସିହାରେ ଏକ କମିଟି ଗଠନ କରାଯାଇଥିଲା ଓ ବିଭିନ୍ନ ଦଳର ୧୨ ଜଣ ପାର୍ଲିଆମେଣ୍ଟ ସଦସ୍ୟ ସଭ୍ୟଥିଲେ :

ଯୌତୁକ ଦାବୀ ସଂପର୍କରେ ଏକ ଗୁରୁତ୍ୱ-ପୂର୍ଣ୍ଣ ମାମଲାରେ ମାନ୍ୟବର ସୁପ୍ରିମ କୋର୍ଟର ମୁର୍ତ୍ତାଜା ଫଜଲଅଲ୍ଲୀ, ଭରଦରାଜନ ଓ ଏମ୍. ପି. ଠକ୍କରଙ୍କ ରାଏ ଏଠାରେଉଲ୍ଲେଖ ଯୋଗ୍ୟ । ଏହି ମାମଲାର ବିଷୟ ବସ୍ତୁହେଲା ।

ପୁନାର ପ୍ରଦୀପ ଶଙ୍କର ରାଓଙ୍କର ବିବାହ ସେଇ ସହରର ଜାଦବଙ୍କର ଝିଅ ଅମିତାଙ୍କ ସହ ସ୍ଥିର ହୋଇଥିଲା । ପ୍ରଦୀପ ଇଞ୍ଜିନିଅରିଂ ଶିକ୍ଷାର ଦୁଇଟି ବିଷୟରେ ଗ୍ରାଜୁଏଟ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଚାକିରି କରନ୍ତି । ଅମିତା ବିଜ୍ଞାନରେ ଗ୍ରାଜୁଏଟ । ଅମିତା ଓ ପ୍ରଦୀପ ଉଭୟଙ୍କୁ ପସନ୍ଦ କରିବା ପରେ ପୁନା-ଠାରେ ୧୨-୬-୭୮ ତାରିଖରେ ବିବାହ ସ୍ଥିର ହେଲା ଓ ନିର୍ବନ୍ଧ ହେଲା । ପ୍ରଦୀପ ୧୯୭୯ ମେ ମାସରେ ଆମେରିକାରୁ ଫେରିବା ପରେ ୧୯-୬-୧୯୭୯ ତାରିଖରେ ତାଙ୍କର ଅମିତା ସହ ବିବାହ ହେଲା ।

ଜାଦବ ଏକ ଅଭିଯୋଗ ୫-୬-୧୯୮୦ ତାରିଖରେ କୋର୍ଟରେ ଦାଖଲ କଲେ ଯେ ୧୯-୬-୭୯ ତାରିଖରେ ଯେତେବେଳେ ବୈବାହିକ କର୍ମ ଚାଲିଥିଲା ଉଭୟ ପ୍ରଦୀପ ଓ ତାଙ୍କର ବାପା ଶଙ୍କର ରାଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କ ଠାରୁ ପଚିଶ ହଜାର ଟଙ୍କା ଦାବୀ କଲେ ଓ କହିଲେଯେ ସେହି ଟଙ୍କାରେ ବର କନ୍ୟା ଆମେ-ରିକା ଫେରିଯିବେ । ସେମାନେ ଧମକ ଦେଲେ ଯେ ଟଙ୍କା ନଦେଲେ ବୈବାହିକ କର୍ମ ପୂରଣ କରାଯିବ ନାହିଁ । କେତେକ ଶୁଭାକାଂକ୍ଷୀଙ୍କର ଅନୁରୋଧ ପରେ ବିବାହ କାର୍ଯ୍ୟ ଶେଷ କରାହେଲା । ପ୍ରଦୀପ ଜୁଲାଇ ମାସରେ ଏକା ଆମେରିକା ଫେରିଗଲେ । କିନ୍ତୁ ଅମିତା ପୁନାରେ ରହିଲା । ପ୍ରଦୀପ ଓ ଶଙ୍କରରାଓ ଜିଦ୍ କଲେଯେ ପଚିଶ ହଜାର ଟଙ୍କା ନଦେଲେ ସେମାନେ ଅମିତାକୁ ନେବେନାହିଁ । ପ୍ରାଥମିକ ଶୁଣାଣୀ ପରେ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ଉଭୟ ପ୍ରଦୀପ ଓ ଶଙ୍କର-ରାଓଙ୍କୁ କୋର୍ଟରେ ହାଜର ହେବା ପାଇଁ ସମନ ପଠାଇଲେ । ଏହି ହାଜର ହେବା ଆଦେଶ ବିଷୟରେ ପ୍ରଦୀପ ଓ ଶଙ୍କର ରାଓ ବମ୍ବେ ହାଇ-କୋର୍ଟରେ ମାମଲା ଦାଖଲ କଲେ । ପ୍ରଥମେ ଏହା ଜଣେ ବିଚାରପତିଙ୍କ ପାଖରେ ଶୁଣାଣୀ ହେବାପାଇଁ ଉପସ୍ଥାପିତ ହେଲା । ମାମଲାର ଗୁରୁତ୍ୱ ଦୃଷ୍ଟିରୁ ସେ ଏହା ଦୁଇଜଣ ବିଚାର-ପତିଙ୍କ ପାଖରେ ଶୁଣାଣୀ କରାଯାଉ ବୋଲି ଆଦେଶ ଦେଲେ ।

ପ୍ରଦୀପ ଓ ଶଙ୍କର ରାଓ ଯୁକ୍ତି ଦର୍ଶାଇଲେ ଯେ ଯଦିଓ ଯାଦବଙ୍କର ଅଭିଯୋଗ ସତ୍ୟହୁଏ ତେବେ ମଧ୍ୟ ଯୌତୁକ ନିବାରଣ ଆଇନ ଅନୁ-ଯାୟୀ ସେମାନେ ଦଣ୍ଡନୀୟ ନୁହନ୍ତି । ଅନ୍ୟ-ପକ୍ଷରେ ଜାଦବଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲାଯେ ପଚିଶ ହଜାର ଟଙ୍କା ଦାବୀକରି ପ୍ରଦୀପ ଓ ଶଙ୍କର ରାଓ ଯୌତୁକ ନିବାରଣ ଆଇନର ଖିଲାପ କରିଛନ୍ତି ଓ ସେହି ଆଇନର ୪ ଧାରା ଅନୁ-ଯାୟୀ ସେମାନେ ଅପରାଧି ।

ବିଚାରପତିମାନେ ୪ ଧାରାର ବ୍ୟାଖ୍ୟା କରି ମତ ଦେଲେଯେ ୪ ଧାରାରେ ଅପରାଧି ହେବା-ପାଇଁ ଖାଲି ଯୌତୁକ ଦାବୀକଲେ ଅପରାଧ ହେବନାହିଁ । ଯଦି ଅପରପକ୍ଷ ଦାବୀ ସ୍ୱୀକାର କରି ଯୌତୁକ ଦେବାକୁ ରାଜି ହୁଏ ବା ଯୌତୁକ ଦିଏ ତାହାଲେ କେବଳ ଅପରାଧ ହେବ ! ଏହି ମତ ଦେଇ ବିଚାରପତିମାନେ ଜାଦବଙ୍କର ଅଭିଯୋଗକୁ ଖାରଜ କରିଦେଲେ ।

ଏହି ରାଏ ବିରୁଦ୍ଧରେ ଜାଦବ ମାନ୍ୟବର ସୁପ୍ରିମ କୋର୍ଟରେ ଅପିଲ ଦାଖଲ କଲେ ଓ ଉପର ଲିଖିତ ମାନ୍ୟବର ବିଚାରପତି ମାନେ ଏହି ଅପିଲ ଶୁଣିଲେ ।

ପ୍ରଦୀପ ଓ ଶଙ୍କର ରାଓଙ୍କ ପକ୍ଷରୁ ଦିଲ୍ଲୀ ଓ ପାଟନା ହାଇକୋର୍ଟର ରାଏର ନଜିର୍ ଦେଖାଇ ଯୁକ୍ତି କରାଯାଇଥିଲାଯେ ଯଦିବା ଜାଦବଙ୍କର ଅଭିଯୋଗ ସତ୍ୟ ହୁଏ ତେବେ ମଧ୍ୟ ଯୌତୁକ ନିବାରଣ ଆଇନର ୪ ଧାରା ଅନୁଯାୟୀ ସେମାନେ ଦୋଷୀ ନୁହନ୍ତି । ଯୌତୁକ ଦେବାକୁ ଜଣେ ଯଦି ରାଜି ହୁଏ କେବଳ ସେହି କ୍ଷେତ୍ରରେ ଅପରାଧ ହୁଏ; ଖାଲି ଯୌତୁକ ମାଗିବାଟା ଅପରାଧ ନୁହେଁ ।

Images: Aptakama Mishra, Processing: Srujanika

With Best Compliments from

KONARK TELEVISION LIMITED

(A Govt of Orissa Enterprise.)

Offers

FOLLOWING PRESTIGIOUS MODELS

BLACK & WHITE

1. ROHINI DELUX
2. ROHINI ELEGANT
3. ROHINI
4. ROHINI PLAIN

COLOUR

1. RAINBOW DELUX
2. RAINBOW

Please Contact :—

1. Konark TV Show Room
   Bapujinagar, Bhubaneswar

2. Konark TV Show Room
   Market Complex Buxi Bazar, Cuttack

ଅନ୍ୟ ପକ୍ଷରେ ଜାଦବଙ୍କ ପକ୍ଷରୁ ବମ୍ବେ ହାଇକୋର୍ଟର ଅନ୍ୟ ଏକ ରାୟର ନଜିର ଦିଆଯାଇ ଯୁକ୍ତି ଦର୍ଶାଯାଇଥିଲା ଯେ କେବଳ ଯୌତୁକ ଦାବୀ ମଧ୍ୟ ଅପରାଧ ।

ମାନ୍ୟବର ବିଚାରପତିମାନେ ରାଏ ଦେଲେ ଯେ ଯୌତୁକ ନିବାରଣ ଆଇନର ୪ ଧାରାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିବାହରେ ଯୌତୁକ ପ୍ରଥାକୁ ଲୋପ କରିବା । ତେଣୁ ଏହି ଧାରା ଯୌତୁକକୁ ଏକ ଦଣ୍ଡନୀୟ ଅପରାଧ ବୋଲି ଦର୍ଶାଇଛି ।

ସେମାନେ ମତ ଦେଲେ ଯେ ୪ ଧାରା ଯୌତୁକ ଦେବାକୁ ବାରଣ କରିଛି । ତେଣୁ କେବଳ ଯୌତୁକ ଦେବାକୁ ରାଜିହେବା ବା ଯୌତୁକ ଦେବାକୁ ଅପରାଧ ବୋଲି ଧରି ଯୌତୁକ ଦାବୀକୁ ଅପରାଧ ରୂପେ ନଧରିବା ଆଇନର ଉଦ୍ଦେଶ୍ୟ ନୁହେଁ । ଏଭଳି ଏକ ଅର୍ଥ କରିବା ଆଇନର ପ୍ରକୃତ ଉଦ୍ଦେଶ୍ୟକୁ ଅସଫଳ କରିବା ସଙ୍ଗେ ସମାନ ହେବ ।

ସେମାନେ ଜାଦବଙ୍କର ଅପିଲ୍ ମଞ୍ଜୁର କରି ବିଚାର ବିଭାଗ ମାଜିଷ୍ଟ୍ରେଟଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଲେ ।

ଏହି ରାଏ ଫଳରେ ଯୌତୁକ ଦାବୀ ଆଇନର ୪ ଧାରାର ପ୍ରକୃତ ଅର୍ଥ ନେଇ ଯେଉଁ ଦ୍ୱନ୍ଦ ଲାଗିଥିଲା ତାହାର ସମାପ୍ତି ଘଟିଲା । କିନ୍ତୁ ଯୌତୁକ ପ୍ରଥା ଓ ଦାବୀ ଏ ପର୍ଯ୍ୟନ୍ତ ସମାଜର କଳଙ୍କ ହୋଇ ରହିଛି । ଯୌତୁକ ନ ଆଣିଥିବାରୁ ବହୁ ନିରୀହା ନାରୀ ଲାଞ୍ଛିତା ହେଉଛନ୍ତି ଓ ବହୁ କ୍ଷେତ୍ରରେ ଆତ୍ମହତ୍ୟା କରୁଛନ୍ତି ବା ହତ୍ୟାକାଣ୍ଡର ଶିକାର ହେଉଛନ୍ତି । ଯୌତୁକ ସଂପର୍କରେ ଏକ ଚମକପ୍ରଦ ସମ୍ବାଦ ବହୁ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା । ଯୌତୁକ ଦେବାକୁ ଅସମର୍ଥ ହେବାରୁ ବାହାଘର ଭାଙ୍ଗି ଯାଇଥିବା ଏକ ଝିଅ ସାହାସର ସହିତ କଲିକତାର ଆଜକାଲ୍ ସମ୍ବାଦପତ୍ରକୁ ଚିଠି ଲେଖି ଏହି ଦୁଃଖଦାୟକ ଘଟଣା ବର୍ଣ୍ଣନା କରିଥିଲା ଓ ସାମାଜିକ ସାହାଯ୍ୟ ଭିକ୍ଷା କରିଥିଲା ।

ପୁରୁଲିଆ ଜିଲ୍ଲାର ଆଦ୍ରା ସହରର ସ୍ୱପ୍ନା ଘୋଷର ବିବାହ କଲିକତାର ଭଗୀରଥ ଦାସ ନାମକ ଜଣେ ଯୁବକ ସହିତ ସ୍ଥିର ହୋଇଥିଲା । ଭଗୀରଥ ଓ ତାର ପିତା ଅନିଲ୍ ଦାସ୍ ସ୍ୱପ୍ନାକୁ ଦେଖି ପସନ୍ଦ କରି ଅପ୍ରେଲ ୧୫ ତାରିଖରେ ବିବାହ ସ୍ଥିର କରିଥିଲେ । କିନ୍ତୁ ଅପ୍ରେଲ ୮ ତାରିଖରେ ସେମାନେ ଗୋଟିଏ ଟେଲିଭିଜନ୍ ସେଟ୍ ଦାବୀ କଲେ ଓ ସ୍ୱପ୍ନାର ପିତା ଓ ଭାଇମାନେ ଏହି ଦାବୀ ପୂରଣ କରିବାକୁ ଅକ୍ଷମ ହେବାରୁ ଅନିଲ୍ ଦାସ ଏହି ବାହାଘର ଭାଙ୍ଗିଦେଲେ ।

ଦୁଃଖିତା ସ୍ୱପ୍ନା ଏହି ଅପମାନକୁ ସମଗ୍ର ନାରୀ ଜାତି ବିରୁଦ୍ଧରେ ଏକ ଅପମାନ ଭାବି ଏହା ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇବାକୁ ସ୍ଥିର କଲା ଓ ଆଜକାଲ୍ ଖବର କାଗଜକୁ ଲେଖିଲା ।

ହଜାର ହଜାର ସଂଖ୍ୟାରେ ଲୋକ ଏହି ଦୁଃଖଦାୟକ ଘଟଣାରେ ନିଜର ସହାନୁଭୂତି ପ୍ରକାଶ କଲେ । କେତେକ ସାହାସୀ ଯୁବକ ସ୍ୱପ୍ନାକୁ ବିବାହ କରିବାକୁ ପ୍ରସ୍ତାବ ଦେଲେ ।

ସ୍ୱପ୍ନା ଘୋଷର ସାହସ ବାସ୍ତବିକ ପ୍ରଶଂସା ଯୋଗ୍ୟ । କିନ୍ତୁ ଗୋଟିଏ ସ୍ୱପ୍ନାର ସାହସ

Images: Aptakama Mishra, Processing: Srujanika

ଖ୍ରୀଷ୍ଟପୂର୍ବ ୮ମଶ ଶତାବ୍ଦିର ଅଲମ୍ପିକ

ଅଲମ୍ପିକ କ୍ରୀଡା ସହିତ ଆଜି ପୃଥିବୀର ପ୍ରତ୍ୟେକ ଯୁବକ ଯୁବତୀ ଅତି ପରିଚିତ । ମଝିରେ ମଝିରେ ବୃହତ ଶକ୍ତିମାନଙ୍କ ମଧ୍ୟରେ ରାଜନୈତିକ ବିବାଦ ଯୋଗୁ ଗତ ୪୦ ବର୍ଷ ଭିତରେ କେତେକ ଦେଶ ଏହି କ୍ରୀଡାକୁ ବାସନ୍ଦ କରିଥିଲେ ବି ଏଥିରେ ଅଂଶ ଗ୍ରହଣ କରିବା ତଥା ଏକ ପଦକଲାଭ କରିବା ପୃଥିବୀର ଯେ କୌଣସି କ୍ରୀଡାବିତଙ୍କ ଅନ୍ତିମ ଅଭିଳାଷ । ଏହାଭଳି ଏକ ମର୍ଯ୍ୟାଦା ପୂର୍ଣ୍ଣ ଉତ୍ସବର ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦିରୁ । ଏହି ପ୍ରବନ୍ଧରେ ପୁରାତନ ଅଲମ୍ପିକର ଇତିହାସ ସମ୍ପର୍କରେ ବିଶେଷ ସୂଚନା ଦିଆଯାଇଛି ।

ଅଲମ୍ପିକ କ୍ରୀଡ଼ାର ଇତିହାସ ବିଗତ ତେଇଶ ଶହ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ପୁରାତନ କ୍ରୀଡା ପ୍ରତିଯୋଗିତାର ନିର୍ଦ୍ଦିଷ୍ଟ ଟିପ୍‌ପଣୀ ଖ୍ରୀ:ପୂ ୭୭୬ ରୁ ମିଳୁଥିଲେବି ପାରିପାର୍ଶ୍ୱିକ ପ୍ରମାଣରୁ ଏହି କ୍ରୀଡ଼ା ଖ୍ରୀ.ପୂ ୧୩୭୦ ରୁ ଅଲମ୍ପିଆଠାରେ ପେଲୋପସ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଜଣାଯାଏ । ଅବଶ୍ୟ ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ନିର୍ଦ୍ଦିଷ୍ଟ ଦିବସ ଏ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ପାରିନାହିଁ ।

ଏହି ଅଲମ୍ପିକ କ୍ରୀଡା ଖ୍ରୀ:ପୂ ୯ ମ ଶତାବ୍ଦି ବେଳକୁ ବନ୍ଦ ହୋଇ ଯାଇଥିଲା ଏବଂ ପରେ ଏରିସ୍‌ର ରାଜା ଇଫିଟସ୍‌ଙ୍କ ସମୟରେ ଏହାର ପୁନଃପ୍ରବର୍ତ୍ତନ କରାଗଲା । ଏହି ସମୟ ଭିତରେ ହିଁ ଗ୍ରୀସର ସବୁ ଯୁଦ୍ଧରତ ଦେଶ ମଧ୍ୟରେ ସନ୍ଧି ସ୍ଥାପିତ ହୋଇଥିଲା ଯାହାକି ଅଲମ୍ପିକ ପିସ୍ ବା କେଚେରିଆ ରୂପେ ଖ୍ୟାତ । ଏହି ସନ୍ଧି ଅନୁଯାୟୀ କ୍ରୀଡ଼ାର ତିନିମାସ ପୂର୍ବରୁ ଓ ଖେଳପରେ କ୍ରୀଡ଼ାବିତ୍‌ମାନେ ନିର୍ବିଘ୍ନରେ ସ୍ୱସ୍ଥାନକୁ ଫେରିବା ପର୍ଯ୍ୟନ୍ତ ଶାନ୍ତି ବିରାଜ ମାନ କରୁଥିଲା ।

ଏଭଳି ଏକ ବିରାଟ ଅପରାଧ ବା ସମସ୍ୟାର ଦୂରୀକରଣ ବା ସମାଧାନ କରିପାରିବ ନାହିଁ । ଏଥିପାଇଁ ଏକ ସାମାଜିକ ଚେତନା ଆବଶ୍ୟକ । ଦୁଃଖର କଥା ଯେଉଁମାନେ ଯୌତୁକ ଦାବୀକୁ ଅପସନ୍ଦ କରନ୍ତି ବା ନିନ୍ଦା କରନ୍ତି ସେଇମାନେ ଯୌତୁକ ଦିଅନ୍ତି ବା ଦାବୀ କରନ୍ତି ।

ଯୌତୁକ ପ୍ରଥାକୁ ଆଇନ ବଳରେ ଲୋପ କରିବା ସଂଭବ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଏଥିପାଇଁ ସାହାଯ୍ୟ ଦରକାର ସାହସର ସହିତ ଏହାର ପ୍ରତିବାଦ କରିବାର ଶକ୍ତି ଦରକାର ।

ବାହାହେବାକୁ ଯାଉଥିବା ଝିଅମାନେ ବାହାଘରବେଳେ ଯୌତୁକ ଦେଲେ ବାହା ହେବୁ ନାହିଁ ବୋଲି କହି ଏ ପ୍ରଥାର ପ୍ରତିବାଦ କରି ତାଙ୍କ ବାପାମାନଙ୍କର ଆଖି ଫିଟାଇଲେ ବେଶୀ ଫଳପ୍ରଦ ହେବବୋଲି ମୋର ଆଶା ।

□

କିନ୍ତୁ ବାସ୍ତବପକ୍ଷେ ଖ୍ରୀଷ୍ଟପୂର୍ବ ୭୭୬ ରେ ହିଁ ଯେଉଁ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା ସେ ସମ୍ପର୍କରେ ଆମେ ଲିଖିତ, ବିବରଣୀ ଦେଖିବାକୁ ପାଉ । ସେହି ବିବରଣୀରେ ଚମ୍ପିଆନ୍ ମାନଙ୍କର ନାମ ଉଲ୍ଲେଖ କରାଯାଇଛି । ସେତେବେଳେ ମାତ୍ର ଗୋଟିଏ ଇଭେଣ୍ଟରେ(୧୭୦ ମିଟର ଦୌଡ଼) । ପ୍ରତିଯୋଗୀମାନେ ଭାଗ ନେଇଥିଲେ ଏବଂ ସେମାନଙ୍କ ମଧ୍ୟରେ ଏଲିସର କୋରଇବସ୍ ଚମ୍ପିଆନ୍ ହୋଇଥିଲେ। ଏହା ପରେ ପରେ ବିଭିନ୍ନ ପ୍ରକାର ଦୌଡ଼, ଡିସ୍‌କସ୍ ଥ୍ରୋ, ଭାରବାହି ଲଙ୍ଗ୍‌ଜମ୍ପ, ମଲ୍ଲଯୁଦ୍ଧ, ବକ୍ସିଂ ଇତ୍ୟାଦି ଏହି ପ୍ରତିଯୋଗିତାରେ ସ୍ଥାନପାଇ କ୍ରୀଡ଼ାର ପରିସର ଅଧିକ ବ୍ୟାପକ କରିଥିଲା ।

ସେ ସମୟରେ ମଧ୍ୟ ଜଣକୁ ଶ୍ରେଷ୍ଠ କ୍ରୀଡ଼ାବିତ ରୂପେ ବିବେଚନା କରାଯାଉଥିଲା ଏବଂ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଧରଣର କ୍ରୀଡ଼ାର ବ୍ୟବସ୍ଥା ଥିଲା । ଖ୍ରୀ:ପୂ:ସପ୍ତମ ଶତାବ୍ଦିର ଜଣେ ଚମ୍ପିଆନ ଚିଓନସ୍ ଲଙ୍ଗ୍‌ଜମ୍ପରେ ୭.୦୫ ମିଟରରେ ଅତିକ୍ରମ କରିଥିଲେ ବୋଲି ଆଧୁନିକ ଗବେଷକ ମାନେ ମତ ଦେଇଛନ୍ତି । ଏହା ପରଠାରୁ ଧାରା ବାହିକ ଭାବେ ଅଲମ୍ପିକ କ୍ରୀଡ଼ାରେ ଯୋଗ ଦେଉଥିବା ପ୍ରତିଯୋଗୀ ଏବଂ ବିଭିନ୍ନ ଇଭେଣ୍ଟ ବିଷୟ ଲିପିବଦ୍ଧ ହୋଇ ରହିଛି ।

ପୁରସ୍କାର— କେବଳ ଅଲିଭମାଳ

ଅଲମ୍ପିକ କ୍ରୀଡ଼ାରେ ଜୟଲାଭ କରୁଥିବା ପ୍ରତିଯୋଗୀ ମାନଙ୍କୁ ସେତେବେଳେ କୌଣସି ମୂଲ୍ୟବାନ ପଦାର୍ଥ ଦାନ କରାଯାଉ ନଥିଲା। ମାତ୍ର ସେମାନଙ୍କୁ ଅଲିଭ ପତ୍ରର ମାଳ ପିନ୍ଧାଯାଇ ସମ୍ମାନିତ କରାଯାଉଥିଲା । ଅଲିଭ ମାଳ କିଛିଦିନ ଦିଆସିବା ପରେ ପ୍ରତିଯୋଗୀ ମାନଙ୍କୁ ମୂଲ୍ୟବାନ ଉପଢୌକନ ମାନ ଦିଆଗଲା ଏବଂ ଏ କ୍ଷେତ୍ରରେ ଦୁର୍ନୀତି ପ୍ରବେଶକଲା। ଖ୍ରୀଷ୍ଟାବ୍ଦ ୩୯୩ ରେ ଅଲମ୍ପିକ ଚମ୍ପିଆନ ମାନଙ୍କର ବିଶେଷ ଭୂମିକାରେ ଅବସାନ ହେଲା । କାରଣ ମିଲାନରୁ ସମ୍ରାଟ ଥିଓଡ଼ସିଅସ୍ ଅଲମ୍ପିକ କ୍ରୀଡ଼ା ସବୁଦିନ ପାଇଁ ବନ୍ଦ ହେଲା ବୋଲି ଘୋଷଣାକଲେ । ଏହି ଘୋଷଣା ପରେ ୧୫୦୩ ବର୍ଷ ପର୍ଯ୍ୟନ୍ତ ଆଉ ଏ ଖେଳ ଅନୁଷ୍ଠିତ ହେଲାନାହିଁ । ପ୍ରାଚୀନ ଅଲମ୍ପିକରେ ଖ୍ରୀ:ପୂ: ୧୬୪—୧୫୨ ମଧ୍ୟରେ ଲିଓନିଦାସ (ରୋଡ଼ସର) ୧୨ ଟି ଦୌଡ଼ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ ।

ଅଲମ୍ପିକ ଅଙ୍ଗନ

ଅଲମ୍ପିକ କ୍ରୀଡ଼ାଙ୍ଗନ ଅଲମ୍ପିଆ ଅଲଫିଅସ୍ ଓ କ୍ଲାଡ଼ିଓସ ନଦୀ ଦ୍ୱୟର ମଧ୍ୟ ଭାଗରେ ଗ୍ରୀସ୍‌ର ପଶ୍ଚିମ ପେଲୋପୋନିଜ ଠାରେ ଅବସ୍ଥିତ । ଏହି ସ୍ଥାନ ଅତି ସୁନ୍ଦର କାରୁକାର୍ଯ୍ୟରେ ପୂର୍ଣ୍ଣ ପ୍ରାଚୀନତମ ମନ୍ଦିର ମାନଙ୍କର ଭଗ୍ନାବଶେଷରେ ସମୃଦ୍ଧ । ମନ୍ଦିର ସହିତ ଏକ ବିରାଟ ଷ୍ଟାଡିଅମ୍ ଏବଂ

Images: Aptakama Mishra, Processing: Srujanika

ଏକ ଅଟ୍ଟାଳିକାର ଭଗ୍ନାବଶେଷ ମଧ୍ୟ ଏଠାରେ ଏବେବି ଦେଖିବାକୁ ମିଳେ । ଏହି ଅଞ୍ଚଳ ବା ସ୍ଥାନଟି ପବିତ୍ର ଆଲଟିସ୍ ନାମରେ ମଧ୍ୟ ଖ୍ୟାତ ଏବଂ କ୍ରୋନଅନ୍ ପାହାଡ଼ର ପାଦଦେଶରେ ଏହା ଅବସ୍ଥିତ । ପାହାଡ଼ର ପାଦଦେଶରେ ବହୁ ଦେବୀଙ୍କର ମନ୍ଦିର ମଧ୍ୟ ରହିଛି ।

ଏହି ଆଲଟିସ ବା ଜିଉସ୍‌ଙ୍କ ପବିତ୍ର ନିବାସ ସେ କାଳରେ ସବୁଠାରୁ ପବିତ୍ର ପୀଠ ରୂପେ ଗଣ୍ୟ ହେଉଥିଲା କାରଣ ସେଠାରେ ଗ୍ରୀକ୍‌ମାନଙ୍କର ଆଦି ଦେବତା ଜିଉଜ୍ ଓ ହିରାଙ୍କ ପ୍ରତିମୂର୍ତ୍ତି ବିଦ୍ୟମାନ । ଜିଉଜଙ୍କ ପୂଜା ମଣ୍ଡପ ସହ ତାଙ୍କର ଅଳଙ୍କାର ଗୃହ ଓ ପ୍ରଶାସନିକ ପ୍ରାସାଦ ମଧ୍ୟ ତା ନିକଟରେ ନିର୍ମିତ ହୋଇଥିଲା । ଏହାର ପରିସର ବାହାରେ ଦର୍ଶକ ତଥା କ୍ରୀଡ଼ାବିତ୍ ମାନଙ୍କ ପାଇଁ ରହିବା ଘର, ଗାଧୁଆ ଘର ଆଦିର ବ୍ୟବସ୍ଥା ଥିଲା । ଜିଉଜଙ୍କ ମନ୍ଦିର ଅତି ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ଏବଂ ମନ୍ଦିର ଭିତରେ ଜିଉଜଙ୍କ ଏକ ବିରାଟ ସ୍ୱର୍ଣ୍ଣ ପ୍ରତିମା ଅବସ୍ଥାପିତ ।

ଏହି କ୍ରୀଡ଼ାର ଅସୂମାରମ୍ଭ

ଖ୍ରୀଷ୍ଟପୂର୍ବ ଅଷ୍ଟାଦଶ ଶତାବ୍ଦି ବେଳକୁ ଏଲଅଉସ୍‌ର ଲୋକେ ଉତ୍ତର ଦିଗରୁ ଆସି ଅଲମ୍ପିଆ ନିକଟର ଏକ ସ୍ଥାନରେ ବସତି ସ୍ଥାପନ କଲେ । ସେତେବେଳେ ଉକ୍ତ ସ୍ଥାନଟି ପିସା ସହରର ପ୍ରଶାସନାଧୀନ ଥିଲା । ଖ୍ରୀ: ପୂ: ୭ମ ଶତକରେ ସ୍ଥାନୀୟ ଅଧିବାସିମାନଙ୍କ ସହିତ ଏଲଆଉସ୍ ମାନଙ୍କର ସଂଘର୍ଷ ହେଲା ଏବଂ ଶେଷରେ ଏଲଆଉସ୍‌ମାନେ ଜୟଯୁକ୍ତ ହେଲେ । ଏ ବିଜୟ ପରେ ସେମାନେ ଉକ୍ତ ସ୍ଥାନକୁ ଜିଉଜଙ୍କ ଉଦ୍ଦେଶ୍ୟରେ ଅର୍ପଣ କଲେ ଏବଂ ତାଙ୍କ ଆଦିଭୂମି ଥେସାଲିର ଏକ ପର୍ବତ ପ୍ରତି ସମ୍ମାନ ଜଣାଇବା ପାଇଁ ଉକ୍ତ ସ୍ଥାନର ନାମ ଅଲମ୍ପିଆ ରଖିଲେ ।

ଏହି ଅଲମ୍ପିଆରେ ପ୍ରତି ଚାରି ବର୍ଷରେ ଥରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାରୁ ଏହି ସ୍ଥାନ କ୍ରମେ ସମଗ୍ର ଗ୍ରୀକ୍ ଜାତି ମଧ୍ୟରେ ପ୍ରସିଦ୍ଧ ହୋଇ ଉଠିଲା । ପ୍ରାଚୀନ ଗ୍ରୀକ୍‌ମାନେ ଅବଶ୍ୟ ଅଲମ୍ପିକ ଖେଳର ଆରମ୍ଭ ପୁରାଣ ଯୁଗରୁ ହୋଇଥିବା କହନ୍ତି । ସେମାନଙ୍କ ମତରେ ସୃଷ୍ଟିର ଆରମ୍ଭରୁ ଏହି ଖେଳ ହୋଇ ଆସୁଛି ଏବଂ ସମଗ୍ର ଗ୍ରୀକ୍ ଜାତି ଏହି ଖେଳର ଏକ ଅଙ୍ଗ ସ୍ୱରୂପ ।

ଏହି ଅଲମ୍ପିକ କ୍ରୀଡ଼ାହିଁ ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ଦେଶରେ ଦିନ ବାର ଗଣନା କରିବାରେ ଭିତ୍ତି ସ୍ୱରୂପ କାର୍ଯ୍ୟ କଲା ।

ଶାରୀରିକ ସାମର୍ଥ୍ୟ ପ୍ରତିପାଦିତ କରିବା ବ୍ୟତୀତ ଏହି କ୍ରୀଡ଼ାର ଅନ୍ୟଏକ ସାମାଜିକ ଓ ରାଜନୈତିକ ବିଶେଷତ୍ୱ ସେତେବେଳେ ଅନୁଭୂତ ହେଉଥିଲା । ତାହାହେଲା : ଗ୍ରୀକ୍‌ମାନେ ସେତେବେଳେ ବହୁ ନଗର ରାଜ୍ୟରେ ବିଭକ୍ତ ହୋଇ ନିଜ ନିଜ ମଧ୍ୟରେ ସର୍ବଦା ଯୁଦ୍ଧ କରୁଥିଲେ ଏବଂ ଏସିଆ ମାଇନରଠୁ ଆରମ୍ଭ କରି ଇଟାଲି ପର୍ଯ୍ୟନ୍ତ ସେମାନେ ବିକ୍ଷିପ୍ତ ହୋଇ ଚାରିଆଡ଼େ ରହୁଥିଲେ । ଏହାସତ୍ତ୍ୱେ ସେମାନଙ୍କ ଉତ୍ସ ଯେ ଏକ ଏବଂ ଅଭିନ୍ନ ଏ ବିଷୟରେ ସେମାନେ ଅବଗତ ଥିଲେ । ଏଥିପାଇଁ ଉକ୍ତ ଅଲମ୍ପିକ କ୍ରୀଡ଼ା ଏକ ସଂହତି ସ୍ଥାପକର କାର୍ଯ୍ୟ କରୁଥିଲା ।

ଗ୍ରୀକ୍‌ମାନେ ଯିଏ ଯେଉଁଠି ଥାଆନ୍ତୁନା କାହିଁକି ଅଲମ୍ପିକ କ୍ରୀଡ଼ା ବେଳେ ଉକ୍ତ ପବିତ୍ର ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ସମସ୍ତେ ଆସି ଏକାଠି ରୁଣ୍ଡ ହେବାକୁ ବାଧ୍ୟ । କ୍ରୀଡ଼ା ପୂର୍ବରୁ ସ୍ୱତନ୍ତ୍ର ଦୂତମାନେ ଅଲଗା ପବିତ୍ର ମୁକୁଟ ପିନ୍ଧି ବିଭିନ୍ନ ଜାଗାକୁ ଯାତ୍ରା କରୁଥିଲେ ଏବଂ କ୍ରୀଡ଼ାର ଆରମ୍ଭ ବିଷୟ ଘୋଷଣା କରି ନଗର ରାଜ୍ୟ ମାନଙ୍କୁ ଯୁଦ୍ଧରୁ ନିବୃତ୍ତ ହେବାପାଇଁ ଜଣାଇ ଦେଉଥିଲେ । କ୍ରୀଡ଼ାର କିଛି ଦିନ ପୂର୍ବରୁ ଓ କ୍ରୀଡ଼ା ସମାପ୍ତିର କିଛି ଦିନ ପର ପର୍ଯ୍ୟନ୍ତ ଏହି ପବିତ୍ର ଶାନ୍ତି ସ୍ଥାପିତ ହେଉଥିଲା ଏବଂ ନିଜ ନିଜ ଭିତରେ ଯୁଦ୍ଧ ବା ଝଗଡ଼ା କରିବା ସମ୍ପୂର୍ଣ୍ଣ ନିଷିଦ୍ଧଥିଲା ।

ଏହି କ୍ରୀଡ଼ା ଅବକାଶରେ ସେକାଳର ପଣ୍ଡିତମାନେ ଅଲମ୍ପିଆରେ ନିଜ ନିଜର ଚିନ୍ତାଧାରା ବ୍ୟକ୍ତ କରୁଥିଲେ ଏବଂ ସମସ୍ତଙ୍କୁ ଶାନ୍ତିରେ ସହାବସ୍ଥାନ କରିବାକୁ ନିବେଦନ କରୁଥିଲେ ।

ଖ୍ରୀଷ୍ଟପୂର୍ବ ୭୭୬ ବେଳକୁ ଏହି ଖେଳର ମର୍ଯ୍ୟାଦା ବୃଦ୍ଧି ପାଇଲା ଏବଂ ୫୭୬ ଖ୍ରୀଷ୍ଟପୂର୍ବ ବେଳକୁ ଏହା ଗୌରବର ଶୀର୍ଷ ଦେଶରେ ପହଞ୍ଚି ସାରିଥିଲା । ଯେଉଁ କ୍ରୀଡ଼ା ଏକ ଧର୍ମାନୁଷ୍ଠାନର ପରମ୍ପରା ରୂପେ ପାଳିତ ହୋଇ ଆସୁଥିଲା ତାହା କ୍ରମେ ଗ୍ରୀକ୍ ଜାତିସୁତା ବୋଧର ପ୍ରତୀକରେ ରୂପାନ୍ତରିତ ହେଲା ।

କିନ୍ତୁ ସେତେବେଳେ ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ନଥିଲା । ଆଦିବାସୀ ଓ କ୍ରୀତଦାସ ମାନେ ଏଥିରେ ଅଂଶ ଗ୍ରହଣ କରିପାରୁ ନଥିଲେ । ରୋମ ସାମ୍ରାଜ୍ୟ ଗ୍ରୀସ୍ ଅଧୀନସ୍ଥ ହେବା ପରେ ଯାଇ ରୋମାନ ମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ନିମନ୍ତେ ଅନୁମତି ଦିଆଗଲା । ଅଲମ୍ପିକ ଖେଳର ପ୍ରଥମ ରୋମୀୟ ବିଜୟୀ ହେଲେ ଗାଇସୁସ୍ (ଖ୍ରୀ : ପୂ : ୭୨) । ୧୯୯ ତମ ଅଲମ୍ପିକରେ (ଖ୍ରୀଷ୍ଟାବ୍ଦ ୧୭) ସମ୍ରାଟ ତିବେରିଅସ୍ ବିଜୟୀ ହୋଇଥିଲେ । ସମ୍ରାଟ ନିରୋ ଖ୍ରୀଷ୍ଟାବ୍ଦ ୬୭ରେ ଅଲମ୍ପିକ ବିଜୟୀ ହୋଇଥିଲେ । ଅବଶ୍ୟ କ୍ରୀଡ଼ାରୁ ଓହରି ଯିବା ପାଇଁ ସମ୍ରାଟ ତାଙ୍କର ସମସ୍ତ ପ୍ରତିଦ୍ୱନ୍ଦୀଙ୍କୁ ବାଧ୍ୟ କରିଥିଲେ ।

କଠୋର ତାଲିମ୍

ଏଥିରେ ଅଂଶ ଗ୍ରହଣ କରିବାକୁ କ୍ରୀଡ଼ାବିତ୍ ମାନଙ୍କୁ ପ୍ରତିଯୋଗିତା ଆରମ୍ଭ ହେବାର ଏକମାସ ପୂର୍ବରୁ ଅଲମ୍ପିଆକୁ ଯିବାକୁ ପଡୁଥିଲା । ତାହାର

Images: Aptakama Mishra, Processing: Srujanika

ଦଶମାସ ପୂର୍ବରୁ ସେମାନେ ଆବଶ୍ୟକୀୟ କ୍ରୀଡ଼ା ତାଲିମ ପାଇଛନ୍ତି ବୋଲି ପ୍ରତିପାଦିତ କରିବାକୁ ହେଉଥିଲା । ଯେଉଁମାନେ ହତ୍ୟା ଅପରାଧ ଅଥବା ମନ୍ଦିର ଲୁଣ୍ଠନ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବେ ବା ପବିତ୍ର ମନ୍ଦିରର ଅବମାନନା କରିଥିବେ ସେମାନେ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିପାରୁ ନ ଥିଲେ । ସ୍ପାର୍ଟା, ପବିତ୍ର ଶାନ୍ତି କାଳରେ ଲେପ୍ରେଓନ୍ ଉପରେ ଆକ୍ରମଣ କରିଥିବାରୁ ତାକୁ ୪୨୦ ଖ୍ରୀ:ପୂ ଅଲିମ୍ପିକରୁ ବାସନ୍ଦ କରାଯାଇଥିଲା ।

ଅଲିମ୍ପିକ କ୍ରୀଡ଼ାରେ ଯେଉଁମାନେ ଅଂଶ ଗ୍ରହଣ କରୁଥିଲେ ସେମାନଙ୍କୁ ମଝିରୁ ଚାଲି ଯିବାକୁ ଅନୁମତି ଦିଆଯାଉ ନଥିଲା ଏବଂ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଲଙ୍ଗଳା ହେବାକୁ ପଡୁଥିଲା । କଠୋର ପ୍ରାଥମିକ ପରୀକ୍ଷା ପରେ ମନୋନୀତ ପ୍ରତିଯୋଗୀ ମାନଙ୍କୁ ଫାଇନାଲ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବାକୁ ଅନୁମତି ଦିଆଯାଉଥିଲା ।

ପ୍ରତିଯୋଗୀତା ଆରମ୍ଭ ହେଉଥିଲା ଈଶ୍ୱର ଉପାସନାରୁ ଏବଂ ଶେଷ ହେଉଥିଲା ବଳିଦାନରେ । କୃତି ପ୍ରତିଯୋଗୀ ମାନଙ୍କୁ ଦିଆଯାଉଥିବା ଅଲିଭ ପତ୍ରମାଳ ପାଇଁ ଆବଶ୍ୟକ ପତ୍ର ପିତାମାତା ଜୀବିତ ଥିବା ଯୁବକମାନେ ସଂଗ୍ରହ କରୁଥିଲେ ।

ପ୍ରଥମ ଅଲିଭମାଳ ପାଇଥିବା ଅଲିମ୍ପିକ ବିଜୟୀ ହେଉଛନ୍ତି ଡାଇକ୍ଲେସ ଯିଏ କି ଷ୍ଟାଡ଼ିଅନ୍ ରେସ୍‌ରେ ପ୍ରଥମ ହୋଇଥିଲେ (ସପ୍ତମ ଅଲିମ୍ପିକ—୭୫୨ ଖ୍ରୀ:ପ)

ସମ୍ରାଟ ଆଲେକଜାଣ୍ଡାରଙ୍କ ଅମଳରୁ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ତାଳପତ୍ର ଡାଳଟିଏ ଉପହାର ସ୍ୱରୂପ ଦିଆଗଲା । ଏହି ପ୍ରତିଯୋଗୀତାରେ ବିଜୟୀ ମାନଙ୍କୁ ଏଭଳି ମର୍ଯ୍ୟାଦା ଦିଆଯାଉଥିଲା ଯେ ସେବେଳର ରାଜା ଓ ଶାସକମାନେ ଏହି ଗୌରବ ହାସଲ କରିବା ପାଇଁ ଲାଳାୟିତ ହେଉଥିଲେ ଏବଂ ସେମାନେ ମଧ୍ୟ ଏଥିରେ ବିଶେଷ ଭାବେ ଅଂଶ ଗ୍ରହଣ କରିଥିଲେ ।

ଅଲିମ୍ପିକ କ୍ରୀଡ଼ାରେ ମହିଳାମାନଙ୍କୁ ଯୋଗ ଦେବାକୁ ଏପରିକି ଦେଖିବାକୁ ମଧ୍ୟ ଅନୁମତି ଦିଆଯାଉ ନଥିଲା । କିନ୍ତୁ କୁମାରୀ କନ୍ୟା ମାନଙ୍କ ପ୍ରତି ଏ ନିୟମ କୋହଳ କରା ଯାଉଥିଲା । ଏ ନିୟମ ଭଙ୍ଗ କରୁଥିବା ମହିଳା ମାନଙ୍କୁ ଟାଇପାଇଅନ ପର୍ବତ ଶିଖରରୁ ତଳକୁ ଫିଙ୍ଗି ମାରି ଦିଆଯାଉଥିଲା ।

ଅଲିମ୍ପିକ ଇତିହାସରେ କେବଳ ଏକମାତ୍ର ମହିଳା କାଲପାଟେଇରା ଏ ନିୟମ ଭଙ୍ଗ କରି ମଧ୍ୟ ଦଣ୍ଡ ପାଇ ନଥିଲେ କାରଣ ସେ ମହୀୟସୀ ଥିଲେ ଅଲିମ୍ପିକ ହିରୋମାନଙ୍କର କନ୍ୟା, ଭଗିନୀ ଓ ଜନନୀ । ସେ ଏକଦା କୋଚ ବେଶରେ ନିଜ ପୁଅକୁ ଅଲିମ୍ପିଆକୁ ଆଣିଥିଲେ । ପୁତ୍ରର ବିଜୟରେ ଉଲ୍ଲସିତ ହୋଇ ଆଗକୁ ନଇଁ ପଡ଼ିଲା ବେଳେ ତାଙ୍କ ଲୁଗା ଖସିଯିବାରୁ ସେ ଧରା ପଡ଼ିଯାଇଥିଲେ । କିନ୍ତୁ ବିଚାରପତିମାନେ ତାଙ୍କୁ କ୍ଷମା କରିଥିଲେ । ଏ ଘଟଣା ପରେ ପରେ କୋଚମାନଙ୍କୁ ମଧ୍ୟ ଲଙ୍ଗଳା ହେବାକୁ ପଡ଼ିବ ବୋଲି ନିୟମ କରାଗଲା ।

କିନ୍ତୁ ଏଭଳି ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ କ୍ରୀଡ଼ା ଚାଲିଥିବା ବେଳେ ସମ୍ରାଟ ଫ୍ଲେଭିଅସ୍-ଥିଓଡୋସିଅସ୍ ଭିନ୍ନ ମତ ପୋଷଣ କରି ଏହି ଖେଳ ବନ୍ଦ କରିଦେଲେ ଏବଂ ଷ୍ଟାଡ଼ିଅମ୍ ଓ ଜିମନାସିଅମ୍ ଗୁଡ଼ିକ ଧ୍ୱଂସ କରିଦେଲେ । ତାଙ୍କ ପରେ ଆଲାରିକ-୧ ମଧ୍ୟ ଏହି କ୍ରୀଡ଼ାଙ୍ଗନର ଅବଶିଷ୍ଟାଂଶ ନଷ୍ଟ କରିଦେଲେ ଏବଂ ଶେଷରେ ପ୍ରକୃତି ମଧ୍ୟ ପ୍ରତିକୂଳ ହେବାରୁ ବନ୍ୟା ଓ ଭୂମିକମ୍ପରେ ଅଲିମ୍ପିଆ ୭ ମିଟର ତଳେ ପୋତି ହୋଇଗଲା ।

ପ୍ରାଚୀନ ଅଲିମ୍ପିକର ଅନ୍ୟତମ ହିରୋ ମିଲୋଙ୍କର ଗୁରୁ ଥିଲେ ବିଶ୍ୱବିଖ୍ୟାତ ପିଥାଗୋରାସ୍ । ପିଥାଗୋରାସ୍ ନିଜେ ୪୮ ତମ ଅଲିମ୍ପିକରେ ବକ୍ସିଂ ପ୍ରତିଯୋଗୀତାରେ ବିଜୟୀ ହୋଇଥିଲେ ।

ପ୍ରାଚୀନ ଅଲିମ୍ପିକ କ୍ରୀଡ଼ା ପ୍ରତିଯୋଗିତା ଅଗଷ୍ଟ ସେପ୍‌ଟେମ୍ବର ମାସରେ ପୂର୍ଣ୍ଣିମୀ ରାତିରେ ଅନୁଷ୍ଠିତ ହେଉଥିଲା । ମୂଳରୁ ଦିନକ ପାଇଁ ଅନୁଷ୍ଠିତ ହୋଇ ପରବର୍ତ୍ତୀ କାଳରେ ଏହା ୫ ଦିନ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା । ସେତେବେଳେ ରଥ ଚାଳନା ଅତ୍ୟନ୍ତ ଲୋକପ୍ରିୟ ଥିଲା । ଆଜିକାଲି ଭଳି ସେତେବେଳେ ମଧ୍ୟ ଅଲିମ୍ପିକ ମଶାଲ ପ୍ରଜ୍ୱଳିତ ହେଉଥିଲା । କ୍ରୀଡ଼ା ଆରମ୍ଭରେ ରଥ ଚାଳନା ଓ ପରେ ଅଶ୍ୱ ଚାଳନା ପ୍ରତିଯୋଗୀତା ଅନୁଷ୍ଠିତ ହେଉଥିଲା । ତା ପରଦିନ ଏକ ଶହ ଷଣ୍ଢଙ୍କୁ ବଳି ଦିଆଯାଇ ସେମାନଙ୍କର ପଛ ଗୋଡ଼ଆ ପୋଡ଼ା ଯାଉଥିଲା ଏବଂ ଅବଶିଷ୍ଟ ମାଂସ ଭୋଜିରେ ବ୍ୟବହୃତ ହେଉଥିଲା ।

ହିଂସାତ୍ମକ କ୍ରୀଡ଼ା

ବକ୍ସିଂ, ମଲ୍ଲଯୁଦ୍ଧ ପ୍ରଭୃତି ପାଇଁ ଆଧୁନିକ ଧରଣର କୌଣସି ନିୟମ କାନୁନ୍ ନଥିଲା ଏବଂ ମୁଖ୍ୟତଃ ଶତ୍ରୁମାନେ ପରସ୍ପରକୁ ଏହି କ୍ରୀଡ଼ାରେ ମୁକାବିଲା କରୁଥିଲେ । ଏଥିପାଇଁ ଓଜନ ନଥିଲା, ରିଙ୍ଗ ନଥିଲା ବା ସମୟ ସୀମା ନଥିଲା ! ଅବଶ୍ୟ କାମୁଡ଼ିବା ଓ ଆଖି ତାଡ଼ିବା ନିଷିଦ୍ଧ ଥିଲା । ଦୁଇ ଯୋଦ୍ଧା ରକ୍ତାକ୍ତ ହେଲେ ଦର୍ଶକମାନେ ଉଲ୍ଲସିତ ହେଉଥିଲେ ।

ଖେଳର ଶେଷ ଦିବସରେ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା ଏବଂ ଦର୍ଶକ ମାନଙ୍କ ଚିତ୍ତ ବିନୋଦନ ନିମନ୍ତେ ଖ୍ରୀପୂ ୫୦୦ ରେ ଗର୍ଦ୍ଦଭ ଦୌଡ଼ ଅନୁଷ୍ଠିତ ହେଉଥିଲା । ଏହି ଗର୍ଦ୍ଦଭ ଦୌଡ଼ ଖ୍ରୀ: ପୂ ୪୪୪ ରେ ବନ୍ଦ କରି ଦିଆଗଲା ।

ଅଲିମ୍ପିକରେ ମହିଳାମାନଙ୍କ ପାଇଁ ବିଶେଷ ସୁବିଧା ସୁଯୋଗ ନଥିଲେ ମଧ୍ୟ ଦେବୀ ହିରାଙ୍କ ସମ୍ମାନାର୍ଥେ ବାଳିକା

Images: Aptakama Mishra, Processing: Srujanika

ଗର୍ଭପାତ ପାଇଁ ନୂଆ ଔଷଧ ।

ଜାପାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଓନୋ ଫର୍ମାସିଉଟିକାଲ କମ୍ପାନୀକୁ ଏକ ନୂଆ ଧରଣର ଗର୍ଭପାତ ଔଷଧ ତିଆରି କରି ବିକିବା ନିମନ୍ତେ ଅନୁମତି ଦିଆଯାଇଛି । ଏହି ଔଷଧକୁ ଖାଇବାର ୨୪ ଘଣ୍ଟା ମଧ୍ୟରେ ଗର୍ଭପାତ ହେବା ନିଶ୍ଚିତ ।

ସ୍ୱାସ୍ଥ୍ୟ ବୀମା ଯୋଜନା ଅନୁଯାୟୀ ଜାପାନରେ ଏହି ଔଷଧ ବ୍ୟବହାର କରିବା ନିମନ୍ତେ ଅନୁମତି ଦିଆଯିବ । ଏହି ନୂଆ ଔଷଧର ନାମ ପ୍ରେଗ୍ଲାଣ୍ଡିନ ରଖାଯାଇଛି ଏବଂ ଏହା ମୁଖ୍ୟତଃ ପ୍ରୋଷ୍ଟାଗ୍ଲାଣ୍ଡିନ୍‌କୁ ନେଇ ଗଠିତ । ଗର୍ଭୋଦୟର ୪ ରୁ ୬ ମାସ ଭିତରେ ଏହା ବ୍ୟବହୃତ ହୋଇ ପାରିବ ।

କୌଣସି ଗର୍ଭବତୀ ମହିଳାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲେ କେବଳ ଏହି ଔଷଧ ବ୍ୟବହାର କରାଯିବ । ଟୋକିଓ ହସପିଟାଲରେ ପରୀକ୍ଷାମୂଳକ ଭାବେ ଏହା ବ୍ୟବହୃତ ହୋଇ ସାରିଲାଣି ଏବଂ ଏହାର ଦାମ୍ ପ୍ରତି ପାନ ପାଇଁ ୧୯୦ ଟଙ୍କା । ଅତିଶୀଘ୍ର ବ୍ରିଟିଶ୍ ସ୍ୱାସ୍ଥ୍ୟ ସଂସ୍ଥା ଏହି ଔଷଧକୁ ସ୍ୱୀକୃତି ଦେବ ବୋଲି ଜାପାନ୍ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି । ଏହି ଔଷଧ ସେବନ କଲେ ପାରଂପରିକ ଗର୍ଭପାତ ଅପେକ୍ଷା କମ୍ ଦିନ ଡାକ୍ତରଖାନାରେ ରହିବାକୁ ପଡିବ । □

ତୁଳସୀ ସାହାଯ୍ୟରେ କ୍ରୋମିଅମ ଠାବ

ବ୍ୟାପକ ଭାବେ ତୁଳସୀ ହେଉଥିବା ସ୍ଥାନରେ କ୍ରୋମିଅମ୍ ଖଣି ଥିବାର ନିର୍ଦ୍ଦିଷ୍ଟ ସମ୍ଭାବନା ଥାଏ ବୋଲି ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନୀମାନେ ଆବିଷ୍କାର କରିଛନ୍ତି ।

ସେମାନଙ୍କ ଅଧ୍ୟୟନର ଫଳାଫଳ ଅନୁଯାୟୀ ତୁଳସୀ ଗଛ କ୍ରୋମିଅମ୍ ଗଚ୍ଛିତ ଥିବାର ସୂଚନା ଦିଏ ।

ଆନ୍ଧ୍ର ପ୍ରଦେଶର କୃଷ୍ଣା ଜିଲ୍ଲାରେ ୧୬ ବର୍ଗ କିଲୋମିଟର ବ୍ୟାପ୍ତ ଏକ ଅଞ୍ଚଳରେ ପ୍ରଚୁର ପରିମାଣର ତୁଳସି ଗଛ ହେଉଥିବା ଲକ୍ଷ୍ୟ କରି ଉକ୍ତ ବୈଜ୍ଞାନିକମାନେ ଅନୁସନ୍ଧାନ କରିବା ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଯେଉଁ ରେଳ ରାସ୍ତାରେ କ୍ରୋମିଅମ ପଥର ବରାବର ଯାଇଥାଏ ସେହି ରେଳରାସ୍ତା କଡ଼େ କଡ଼େ ଛିଟିକି ପଡ଼ିଥିବା କ୍ରୋମିଅମ୍ ପଥରକୁ ଆଶ୍ରୟ କରି ତୁଳସୀ ଗଛ ସବୁ ବଢ଼ୁଥିବା ମଧ୍ୟ ପରିଲକ୍ଷିତ ହେଉଛି । □

(୩୮ ପୃଷ୍ଠାର ଅବଶିଷ୍ଟାଂଶ)

ମାନଙ୍କ ପାଇଁ ୨୦୦ ମିଟର ଦୌଡ଼ ପ୍ରତିଯୋଗିତା କରାଯାଉଥିଲା ।

କବି ନାରେଟର ପିଣ୍ଡାରଙ୍କ ବର୍ଣ୍ଣନା ଅନୁଯାୟୀ ଏଲିସ ଠାରେ ଅଲିମ୍ପିକ ଏବଂ ଡେଲଫିଠାରେ ପିଥିଆନ୍ ଗେମସ୍ ପ୍ରତି ଚାରିବର୍ଷରେ ଅନୁଷ୍ଠିତ ହେଉଥିଲା । ଏବଂ ଆରଗୋଲିଡ୍‌ର ଉତ୍ତରରେ ନିମିଆ ଗେମସ୍ ଏବଂ କରିନ୍ଥରେ ଇସଥ୍ମିଆନ ଗେମ ପ୍ରତି ଦୁଇ ବର୍ଷ ଅନ୍ତରରେ ଅନୁଷ୍ଠିତ ହେଉଥିଲା ।

ପାରଂପରିକ ପ୍ରତିଯୋଗୀତା ପାଇଁ ତାଲିମ ଆବଶ୍ୟକ ବୋଲି ବିଖ୍ୟାତ ଗଣିତଜ୍ଞ ପିଥାଗୋରାସ ପ୍ରଥମେ ମତ ଦେଇ ଥିଲେ ଏବଂ ତାଙ୍କ ଠାରୁ ତାଲିମ ପାଇ ଷଷ୍ଠ ଶତକରେ ବହୁ ପ୍ରତିଯୋଗୀ କୃତିତ୍ୱ ପ୍ରଦର୍ଶନ କରିବା ପରେ ତାଲିମକୁ କ୍ରୀଡ଼ାର ଅନ୍ୟତମ ଅଙ୍ଗ ରୂପେ ଗ୍ରହଣ କରାଗଲା । ଏହାପରେ ତାଲିମ ଦାତାମାନଙ୍କ ଟେକ୍‌ଟ୍ରୋନ୍‌ରୂପେ ଅଭିହିତ କରାଗଲା । ଏହି ଟ୍ରେନରମାନେ ମୁଖ୍ୟତଃ ଗରିବ ଶ୍ରେଣୀର ଲୋକ ଏବଂ ଗୋଟିଏ ଫୁଲ କୋର୍ସ ପାଇଁ ସେମାନେ ସେଠାକାର ୧୦୦ ମୁଦ୍ରା ନେଉଥିଲେ ।

ବିଜୟୀ ମାନଙ୍କ ସହିତ ସଂପୃକ୍ତ ନଗର ରାଜ୍ୟ ମାନଙ୍କର ମଧ୍ୟ ଗୌରବ ବଢ଼ୁଥିବାରୁ ରାଜ୍ୟମାନଙ୍କ ପକ୍ଷରୁ ତାଲିମ ଦେବାପାଇଁ ମଧ୍ୟ ଅକୁଣ୍ଠିତ ଭାବେ ଅର୍ଥ ଖର୍ଚ୍ଚ କରାଯାଉଥିବା ବିବରଣୀରୁ ଜଣାପଡେ ।

ଗ୍ରୀକ୍ ଛଡ଼ା ଅନ୍ୟଜାତିର ଲୋକେ ମଧ୍ୟ କ୍ରୀଡ଼ା କସରତ ଜାଣିଥିଲେ । କିନ୍ତୁ ଇଜିପ୍ଟ, ଚୀନ୍ ଆସିରିଆରେ ଏହାକୁ ଏକ ଆମୋଦ ପ୍ରମୋଦ ରୂପେ ଗଣା ଯାଉଥିଲା । ତେଣୁ ସେ ଦେଶମାନଙ୍କରେ ପ୍ରତିଯୋଗିତାର କୌଣସି ଲକ୍ଷଣ ପ୍ରକାଶ ପାଉନଥିଲା । କେବଳ ବିଭିନ୍ନ ଉତ୍ସବ ତଥା ରାଜ ଦରବାରରେ ଦର୍ଶକମାନଙ୍କ ଚିତ୍ତ ବିନୋଦନ ନିମନ୍ତେ ଏହା ଅନୁଷ୍ଠିତ ହେଉଥିଲା । □

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଓ ଶ୍ରୀ ସାମନ୍ତ

ସୁନ୍ଦରୀ ଅଭିନେତ୍ରୀ : ସମସ୍ତେ ମତେ କହନ୍ତି ମୁଁ ସୁନ୍ଦରୀ ! ଆପଣଙ୍କ ସହିତ ମୋର ବିବାହ ହେଲେ ଯେଉଁ ପିଲା ହେବ ସେ ମୋର ସୌନ୍ଦର୍ଯ୍ୟ ପାଇବ ଏବଂ ଆପଣଙ୍କ ବୁଦ୍ଧି ପାଇବ । ସେ ଖୁବ୍ ସଫଳ ହେବ ।

ବିଦ୍ୱାନ ଲୋକ : କିନ୍ତୁ ଯେଉଁ ପୁଅ ବା ଝିଅ ହେବ ସେ ଯଦି ମୋର ସୌନ୍ଦର୍ଯ୍ୟ ପାଏ ଏବଂ ତୁମର ବୁଦ୍ଧି ପାଏ ତେବେ ତା ଆଡକୁ କେହି ଅନାଇବେ ନାହିଁ ।

× × ×

ପୁରୁଷ ଲୋକ ଗୁଡ଼ିକ ଖରାପ ବୋଲି ଉକ୍ତ ମହିଳା ତାଙ୍କୁ ଭଲ ପାଆନ୍ତି ନାହିଁ, ତାହା ନୁହେଁ । ସେ ତାଙ୍କୁ ଭଲ ପାଆନ୍ତି ନାହିଁ ଏହି କାରଣରୁ ଯେ ସେମାନେ ତାଙ୍କ ସହିତ ଖରାପ କିଛି କରନ୍ତି ନାହିଁ ।

× × ×

ଜଣେ ବିଖ୍ୟାତ ଲୋକଙ୍କ ମତରେ- ଦୁଇ ଶ୍ରେଣୀର ପୁରୁଷ ଅଛନ୍ତି । ଗୋଟିଏ ଦଳ ଯେଉଁମାନେ କୌଣସି ନାରୀର ପ୍ରେମ ଅର୍ଜନ କରି ପାରନ୍ତି ନାହିଁ ସେମାନେ ନାରୀ ପ୍ରତି ବିଦ୍ୱେଷ ଭାବାପନ୍ନ ହୋଇ ତାଙ୍କୁ ନିନ୍ଦା କରନ୍ତି । ଆଉ ଦଳକ ନାରୀର ପ୍ରେମ ପାଇଥାନ୍ତି ଏବଂ ତାଙ୍କୁ ଗୋଟାପଣେ ସ୍ତୁତି ଗାଆନ୍ତି ।

× × ×

ପ୍ରଥମ ନାରୀ : ମୁଁ ସବୁବେଳେ ମୋର ସ୍ୱାମୀଙ୍କୁ କହେ ଯେ ମୁଁ ତାଙ୍କୁ ବହୁତ ଭଲ ପାଏଁ ।

ଦ୍ୱିତୀୟ ନାରୀ : କିନ୍ତୁ ସତରେ କଣ ତାଙ୍କୁ ସେତେ ଭଲ ପାଅ ?

ପ୍ରଥମ ନାରୀ : ମୋଟେ ନୁହେଁ ।

ଦ୍ୱିତୀୟ ନାରୀ : ତେବେ କୁହ କାହିଁକି ?

ପ୍ରଥମ ନାରୀ ! ତାହା ଦ୍ୱାରା ସବୁକାମ ଚଟ୍‌ପଟ୍ ହୁଏ ।

× × ×

"କଅଣ ଅବସ୍ଥା ଦେଖିଲେ ଡ଼ାକ୍ତର ବାବୁ, ସେ ବଞ୍ଚିବେ ତ ?" "ମୋର ଯାହା ବିଚାର ଆପଣ ସବୁଠାରୁ ଖରାପ ପାଇଁ ପ୍ରସ୍ତୁତ ହୁଅନ୍ତୁ" । "ଧନ୍ୟବାଦ୍ ଡ଼ାକ୍ତରବାବୁ, ଆପଣ ମୋତେ ସାନ୍ତ୍ୱନା ଦେଲେ" ।

× × ×

ଜଣେ ଯୁବକ—"ଚାକିରିଟିଏ କଲେ ବାହାହେବାକୁ ଝିଅଟିଏ ମିଳିବ ସେପାଇଁ ଚାକିରି କଲି । ଅବିକା ଝିଅଟିଏ ପାଇଲି ଯେ ମତେ ଚାକିରି କଥା ଭୁଲି ଯିବାକୁ ପଡ଼ୁଛି ।

× × ×

ତମ ଅଫିସରେ ସବୁ ବିବାହିତ ଲୋକଙ୍କୁ ରଖୁଛ କାହିଁକି"

କାରଣ ସେମାନେ ଆଦେଶ ପାଳନରେ ଅଭ୍ୟସ୍ତ"

× × ×

ଥରେ ଜଣେ ବଳିଷ୍ଠ ଭଦ୍ରଲୋକଙ୍କର ମୁଦିଟିଏ ଚୋରି ଗଲା । ସେ ଥାନାରେ ଖବର ଦେଲେ ଏବଂ ପୋଲିସ ତଦାରଖ ଆରମ୍ଭ କଲେ । ଦୁଇ ଦିନ ପରେ ଭଦ୍ରଲୋକ ସେ ମୁଦିଟିକୁ ଖଟର ଶେଜ ତଳୁ ଆବିଷ୍କାର କଲେ । ସେ ସାଙ୍ଗେ ସାଙ୍ଗେ ଥାନାକୁ ଯାଇ ମୁଦି ପାଇଥିବା କଥା ଜଣାଇଲେ ।

ପୋଲିସ ଇନ୍‌ସ୍‌ପେକ୍ଟର କହିଲେ "ମିଛ କଥା, ଆମେ ଛ, ଜଣ ଲୋକଙ୍କୁ ସାମାନ୍ୟ ଜେରା କରିଛୁ । ଆଉ ପାଞ୍ଚ ଜଣଙ୍କୁ ଖୋଜୁଛୁ । ଜେରା କରିଥିବା ଲୋକଙ୍କ ଭିତରୁ ତିନି ଜଣ ଆପଣଙ୍କ ମୁଦି ଚୋରି କରିଥିବା ସ୍ୱୀକାର କଲେଣି । ମୁଦି ଆପଣଙ୍କ ପାଖରେ ଅଛି କହିଲେ ଚୋରଙ୍କୁ ସାହାଯ୍ୟ ବା ଆବେଟ୍‌ମେଣ୍ଟ ପାଇଁ ଆପଣଙ୍କୁ ଗିରଫ କରିବି" ।

× × ×

ବସ ଯାତ୍ରୀ ! କେଉଁ ପାଖ ଦେଇ ଓହ୍ଲାଇବି ?

କଣ୍ଡକ୍ଟର ଯେଉଁ ବାଟେ ଇଚ୍ଛା । ଗାଡ଼ିର ଦି'ଟା ପାଖ ଅଟକେ ।

× × ×

"ତୁମେ ମତେ ପ୍ରତ୍ୟାଖ୍ୟାନ କଲେ ମୁଁ ତୁମ ଘର ଆଗରେ ଆତ୍ମହତ୍ୟା କରିବି"

"ସେଇ କାମ କରିବ ନାହିଁ । ବାପା ତମକୁ ଘର ଆଖ ପାଖରେ ଦେଖିଲେ ବିରକ୍ତ ହୁଅନ୍ତି"

× × ×

ଭୋଟ କେନ୍ଦ୍ର ହେଉଛି ସେଇ ଯାଗା ଯେଉଁଠି ଧାଡିରେ ଠିଆ ହୋଇ ତୁମେ ବାଛ କିଏ ତୁମ ପଇସାତକ ବରବାଦ୍ କରିବ ।

× × ×

ଆଲେକଜାଣ୍ଡର କହିଥିଲେ, "ବହୁତ ଡାକ୍ତରଙ୍କ ସେବାରେ ମୁଁ ମରୁଛି"

× × ×

ଆମେରିକାରେ ବିବାହ ହେଉଛି ଗୋଟିଏ ସାମୟିକ ବନ୍ଦୋବସ୍ତ । □

× × ×

Images: Aptakama Mishra, Processing: Srujanika

ଖାରବେଳ

Images: Aptakama Mishra, Processing: Srujanika

With best compliments from

VAM ORGANICS

NEW DELHI

Images: Aptakama Mishra, Processing: Srujanika

୧୯୮୪—୮ମ ସଂଖ୍ୟା

RNI Regd No : 42123/84

ଖାରବେଳ

ଦାରିଦ୍ର୍ୟ ଏକ ବିଶ୍ଳେଷଣ	ଡ. ଜ୍ଞାନଚନ୍ଦ୍ର କର	୩
ହିନ୍ଦୁ ଆଇନ୍ ଓ ଶିଖ ଧର୍ମ	ଶ୍ରୀ ଅଭିଜିତ ପଶାୟତ	୫
ପ୍ରାଥମିକ ଶିକ୍ଷା ବିକାଶ ଆନ୍ଦୋଳନ	ଡ. ରାଧାନାଥ ରଥ	୭
ସଂରକ୍ଷିତ ଭ୍ରୂଣର ଭବିଷ୍ୟତ		୯
ଭାରତର ଶେଷ ସ୍ୱାଧୀନ ସମ୍ରାଟ		୧୦
ରାଜ୍ୟପାଳ ନା ଶିଖଣ୍ଡୀ ?	ଶ୍ରୀ ରମାକାନ୍ତ ମିଶ୍ର	୧୨
କଂଗ୍ରେସ ଏମ୍. ପି ମାନଙ୍କୁ ପ୍ରଧାନ ମନ୍ତ୍ରୀଙ୍କ ଭର୍ତ୍ସନା		୧୫
ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଅରବିନ୍ଦ		୧୫
ଶ୍ରୀ ରାମା ରାଓଙ୍କ ଶାସନର ଅନ୍ୟ ଦିଗ		୧୭
ଶ୍ରୀମତି ପଟ୍ଟନାୟକଙ୍କ କୂଟନୈତିକ ଜ୍ୱର		୧୮
ମୁଖ୍ୟମନ୍ତ୍ରୀଙ୍କ ନାମରେ ସ୍ୱସ୍ତି ହୋଟେଲର ବିଲ		୧୮
ଏଣିକି ଯୁବ କଂଗ୍ରେସ ଖର୍ଚ୍ଚ ନିରଞ୍ଜନ ବାବୁ ତୁଲାଇବେ		୧୮
ହସ ଓ ଦୀର୍ଘଜୀବୀ ହୁଅ	ଶ୍ରୀ କମଳ ଶ୍ରୀ ସାମନ୍ତ	୧୯
କୋଲେଷ୍ଟେରଲ କମାଇବା ପାଇଁ ଆୟୁର୍ବେଦୀୟ ଔଷଧ		୨୦
ଭାରତରେ ଅଣ ମସମୃକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ନିର୍ମାଣ		୨୧
ଅଦା ଓ ମେହେନ୍ଦି ସାହାଯ୍ୟରେ ପୋକ ନିୟନ୍ତ୍ରଣ		୨୧
ଛାୟା ପଥରେ ନୂତନ ଗ୍ୟାସୀୟ ମଣ୍ଡଳ ଠାବ		୨୨
ଚକ୍ଷୁ ରୋଗ – କାଟାରାକ୍ଟ	ଡା. ଲକ୍ଷ୍ମୀକାନ୍ତ ମହାପାତ୍ର	୨୨
ଫାଣ୍ଟମ୍		୨୪
ଚର୍ଚ୍ଚିତ ସାମ୍ବାଦିକ ଓ ଚିତ୍ର ତାରକା	ଶ୍ରୀ ହରେଶ୍ୱର ପ୍ରସାଦ ମହାଲିକ	୨୬
କେଶରାଜ ଶାଗ	ଡ. କମଳ କୁମାରୀ ପଟ୍ଟନାୟକ	୨୯
ଏ ବିପଦର ପ୍ରତିକାର କ'ଣ	ଶ୍ରୀ ଉଦୟନାଥ ଷଡ଼ଙ୍ଗୀ	୩୧
ଓଡ଼ିଶାରେ ଛାତ୍ର ଆନ୍ଦୋଳନ		୩[illegible]
ଡେଭିଏସନ କାମରୁ ଜଳସେଚନ ମନ୍ତ୍ରୀଙ୍କ ୭୦ ଲକ୍ଷ ଟଙ୍କା ଆୟ		୩[illegible]
ସବୁ ନାଟର ଗୋବର୍ଦ୍ଧନ ପୋଲିସ	ଟି. ପି. ଘୋଷ	୩[illegible]

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-୭୫୩୦୧୨
ଫୋନ-୨୩୫୯୭

ପ୍ରଚ୍ଛଦପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ

ମୂଲ୍ୟ ଟ ୩-୦୦

Images: Aptakama Mishra, Processing: Srujanika

ସମ୍ପାଦକଙ୍କୁ ପତ୍ର

ମହାଶୟ,

ଖାରବେଳ ଏକ ବିଶ୍ଳେଷଣାତ୍ମକ ଓ ଅନୁସନ୍ଧାନମୂଳକ ପତ୍ରିକା ସେଥିପାଇଁ ଏହା ସ୍ୱାଗତ ଯୋଗ୍ୟ । ଏହାର ପ୍ରତ୍ୟେକଟି ଲେଖା ଲୋମହର୍ଷଣକାରି ଅଟେ । ପ୍ରକୃତରେ ଏହି ପତ୍ରିକାଟି ସାପ୍ତାହିକ ହୋଇ ପ୍ରକାଶ ପାଇବା ଉଚିତ । ଏଥିରେ ସମାଲୋଚନା ମୂଳକ ସମ୍ବାଦ ପ୍ରକାଶ ପାଇଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି ଏବଂ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଘଟଣା ଏଥିରେ ସ୍ଥାନ ପାଇବା ଉଚିତ । କାରଣ ଗ୍ରାମାଞ୍ଚଳର କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ବଳୀକୁ ସମ୍ପ୍ରତି କୌଣସି ସମ୍ବାଦ ପତ୍ର ଓ ପତ୍ରପତ୍ରିକା ମଧ୍ୟ ସ୍ଥାନ ଦେଉ ନାହାନ୍ତି । ଏହି ପତ୍ରିକାଟିରେ ଯବନିକା ରେ ଥିବା ସତ୍ୟ ଉନ୍ମୋଚନ ପାଇଁ ବିପ୍ଳବର ଆହ୍ୱାନ ଓ ସତ୍ୟ ପ୍ରକାଶର ଦୁର୍ନିବାର ପ୍ରଚେଷ୍ଟା ଭରି ରହିବା ଉଚିତ । ସମାଜର ଉନ୍ନତି ପାଇଁ ଏହାର ଦୀର୍ଘଜୀବନ କାମନା କରୁଛି ।

ଆପଣଙ୍କର
ଶ୍ରୀ ରମେଶ ଚନ୍ଦ୍ର ଦାଶ
ଗନ୍ଧାଟି ଡିହ
ନୟାଗଡ଼,

× × ×

ମହାଶୟ,

ଆଦିବାସୀ ମାନଙ୍କୁ ସବୁ କ୍ଷେତ୍ରରେ ସବୁ ରାଜ୍ୟରେ ଅବହେଳା ପ୍ରଦର୍ଶନ କରାଯାଉଛି । ସେମାନଙ୍କର ଯେ ନିଜସ୍ୱ ଏକ ସଂସ୍କୃତି ରହିଛି ତାହା ବୋଧହୁଏ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ଭଲ ଭାବେ ଜ୍ଞାତ ନୁହନ୍ତି । ସେମାନଙ୍କ ସାମାଜିକ ରୀତି ନୀତି ପୂଜା ପାର୍ବଣ ଇତ୍ୟାଦି ସମ୍ପର୍କରେ ବହୁ ତଥ୍ୟ ମୂଳକ କଥା ଲେଖାଯାଇ ପାରନ୍ତା । ଆପଣ ଦୟାକରି ନିଜ ପତ୍ରିକାରେ ଏ ସବୁ ବିଷୟ ସ୍ଥାନ ଦେଲେ ଏହା ସର୍ବାଙ୍ଗ ସୁନ୍ଦର ହୋଇ ପାରିବ ।

ଶ୍ରୀ ଏକାଦଶୀ ମୁର୍ମୁ, କେନ୍ଦୁଝର

× × ×

ମହାଶୟ,

ଟାଟା, ଖଡ଼ଗପୁର, କଲିକତା ଅନ୍ୟାନ୍ୟ ଉପାନ୍ତ ଅଞ୍ଚଳରେ ରହୁଥିବା ଓଡ଼ିଆ ମାନେ ପ୍ରତିଦିନ ପ୍ରତିବେଶୀ ରାଜ୍ୟର ସାଂସ୍କୃତିକ ଆକ୍ରମଣରେ ଶିକାର ହୋଇଛନ୍ତି । ଏହାର ପ୍ରତିରୋଧ ପାଇଁ କେତେକ ଚେଷ୍ଟା କରି ମଧ୍ୟ ବିଶେଷ ସଫଳ ହୋଇ ନାହାନ୍ତି । ସମ୍ରାଟ ଖାରବେଳ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ତାଙ୍କ ନାମରେ ନାମିତ ଏହି ପତ୍ରିକା ଜାତୀୟତାର ସୁରକ୍ଷା କରିବା ସହିତ ସୀମାନ୍ତରେ ଥିବା ଓଡ଼ିଆ ମାନଙ୍କୁ ପ୍ରତିବେଶୀ ମାନଙ୍କ ସାଂସ୍କୃତିକ ଆକ୍ରମଣରୁ ରକ୍ଷା କରିବାରେ ନେତୃତ୍ୱ ନେବ ବୋଲି ଆଶା କରୁଛି ।

ଶ୍ରୀ ସିଦ୍ଧେଶ୍ୱର ଦାସ, ନୂଆଦିଲ୍ଲୀ

× × ×

ମହାଶୟ,

ପତ୍ରିକାର ଢାଞ୍ଚାରୁ ଏହା ଏକ ନିଉଜ ମ୍ୟାଗାଜିନ୍ ଭଳି ଜଣାଯାଉଥିଲେ କେତେକ ଅଣସମ୍ବାଦଧର୍ମୀ ପ୍ରବନ୍ଧ ମଧ୍ୟ ଏଥିରେ ସ୍ଥାନ ପାଉଥିବା ପରିଲକ୍ଷିତ ହେଉଛି । ଯଦି ସେଭଳି ପ୍ରବନ୍ଧ ଦେବା ନିହାତି ଆବଶ୍ୟକ ହୁଏ ତେବେ ସେପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲନ୍ତୁ ଏବଂ ସମ୍ପାଦକଙ୍କୁ ପତ୍ର ଆହୁରି ଅଧିକ ସଂଖ୍ୟାରେ ଦେଇ ଏକ ସ୍ୱତନ୍ତ୍ର ପୁସ୍ତକ ବିଭାଗ ଖୋଲିବାକୁ ଅନୁରୋଧ ।

ଶ୍ରୀ ହେମାନନ୍ଦ ଷଡ଼ଙ୍ଗୀ ଭୁବନେଶ୍ୱର

× × ×

ମହାଶୟ,

ଜାତୀୟ ସ୍ତରର ପତ୍ରିକା ଗୁଡ଼ିକରେ ବିଭିନ୍ନ ତଥ୍ୟ ସମ୍ବଳିତ ପୁସ୍ତକର ପର୍ଯ୍ୟାଲୋଚନା କରିବା ପ୍ରସଙ୍ଗରେ ପାଠକ ମାନଙ୍କ ସମ୍ପୂର୍ଣ୍ଣ ନୂତନ ବସ୍ତୁ ପରିବେଷଣ କରିବାରେ ସକ୍ଷମ ହେଉଛନ୍ତି । ଖାରବେଳରେ ସେହିଭଳି ବିଭିନ୍ନ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପୁସ୍ତକର ପର୍ଯ୍ୟାଲୋଚନା କରାଯାଇ ସମାଲୋଚନାର ସୀମା ବିସ୍ତାର କରିବା ଉଚିତ୍ । ଏହା କଲେ ନିଛକ ଓଡ଼ିଆ ପାଠକମାନେ ବିଦେଶରେ ଲେଖକମାନେ କି କି ବିଷୟ ଉପରେ ଆଲୋକପାତ କରୁଛନ୍ତି ତାହା ଜାଣି ପାରିବେ ।

ଶ୍ରୀ ଧର୍ମାନନ୍ଦ ଦାସ, ବୌଦ୍ଧ

× × ×

ମହାଶୟ,

ସବୁ ପତ୍ରିକାରେ ସମ୍ପାଦକୀୟ ଅଗ୍ରଲେଖା ପ୍ରକାଶ ପାଉଛି । କିନ୍ତୁ ଆପଣଙ୍କ ପତ୍ରିକାରେ ସେମିତି କିଛି ଲେଖା ବାହାରୁ ନାହିଁ କାହିଁକି ?

ଶ୍ରୀ ବିଶ୍ୱରଞ୍ଜନ ଦାସ, ପୁରୀ

× × ×

ମହାଶୟ,

ଗତ କେତୋଟି ସଂଖ୍ୟାରେ ରୋଗର ଚିକିତ୍ସା ସମ୍ପର୍କରେ ଆୟୁର୍ବେଦୀୟ ପରାମର୍ଶ ବାହାରୁ ନଥିବା ପରିଲକ୍ଷିତ ହେଉଛି । ଏହାର କାରଣ କ'ଣ ? ପୁଣି ଥରେ ଏହାକୁ ପ୍ରକାଶ କରିବା ନିମନ୍ତେ ଚେଷ୍ଟା କରନ୍ତୁ ।

ଶ୍ରୀ ରାଧାକାନ୍ତ ବିହିଦାର, ସମ୍ବଲପୁର

× × ×

ମହାଶୟ,

ସୁପ୍ରିମ କୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ଗୁରୁତ୍ୱପୂର୍ଣ୍ଣ ହତ୍ୟା ମକଦ୍ଦମା ମାନଙ୍କ ଶୁଣାଣୀ ଚାଲିଛି । ସେ ମକଦ୍ଦମା ମାନଙ୍କର ରାଏ ବାହାରିବା ପୂର୍ବରୁ ଜବାବ ସୁଆଲ ପ୍ରସଙ୍ଗରେ ଯେଉଁ ସବୁ ସମସ୍ୟା ମାନ ଉତ୍ଥାପିତ ହେଉଛି ସେ ବିଷୟରେ କିଛି ପ୍ରକାଶ କରିବାକୁ ଅନୁରୋଧ । ଏହା କଲେ ଆଇନ୍‌ର ସ୍ୱଳ୍ପତା ଏବଂ ଅପରାଧୀ ମାନଙ୍କ ବିଚକ୍ଷଣତା ବିଷୟ ମଧ୍ୟ ସାଧାରଣ ପାଠକ ମାନେ ଜାଣି ପାରିବେ ।

ଈଶ୍ୱର ଚନ୍ଦ୍ର ପାଲ, ବାଲେଶ୍ୱର

Images: Aptakama Mishra, Processing: Srujanika

ଦାରିଦ୍ର୍ୟ—ଏକ ବିଶ୍ଳେଷଣ

ଡକ୍ଟର ଜ୍ଞାନଚନ୍ଦ୍ର କର (ପି ଏଚ୍. ଡି)

ଦାରିଦ୍ର୍ୟ ଏକ ସାମାଜିକ ବ୍ୟାଧି । ଦାରିଦ୍ର୍ୟ ଦୂରୀକରଣ ବିନା ସମାଜର ବିକାଶ ଅସମ୍ଭବ, ଏ ସତ୍ୟ ବର୍ତ୍ତମାନ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ବୁଝିଲଣି । କର୍ମୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ, ସମାଜବିଜ୍ଞାନୀଠାରୁ ଅର୍ଥନୀତିଜ୍ଞ ପର୍ଯ୍ୟନ୍ତ ସମସ୍ତେ ଗରିବଙ୍କ ପାଇଁ ଚିନ୍ତିତ । ପ୍ରତିଟି ନିର୍ବାଚନରେ ରାଜନୈତିକ ଦଳର ପ୍ରତିଶ୍ରୁତି — ଆମେ ଦେଶରୁ ଦାରିଦ୍ର୍ୟ ହଟାଇଦେବୁ । ଦେଶରେ ଗରିବ ରହିବେ ନାହିଁ । ସ୍ୱାଧୀନତାର ଅଠତିରିଶ ବର୍ଷ ପରେ ମଧ୍ୟ ଦେଶରେ ଗରିବଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢିବାରେ ଲାଗିଛି ।

ଛଅଟି ପଞ୍ଚବାର୍ଷିକ ଯୋଜନାପରେ ମଧ୍ୟ ଆଜି ଦେଶରେ ଅର୍ଦ୍ଧେକ ଲୋକ ବଞ୍ଚିବାର ନ୍ୟୂନତମ ଆୟରୁ ବଞ୍ଚିତ ସେମାନେ ଦିନରେ ଦୁଇ ମୁଠା ଖାଇବାକୁ ପାଆନ୍ତି ନାହିଁ । ଆଉ ଗରିବ ତାଲିକାରେ ଆମ ରାଜ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି

ପ୍ରତି ଦଶଜଣରେ ସାତଜଣ ଲୋକ ଓଡ଼ିଶାରେ ଦୁଇଓଳି ପେଟପୁରା ଖାଇବାକୁ ପାଆନ୍ତି ନାହିଁ । ଏହାର ଅର୍ଥ ନୁହେଁ ଯେ ଅନ୍ୟ ତିନିଜଣଙ୍କ ଅବସ୍ଥା ଖୁବ ସ୍ୱଚ୍ଛଳ ।

ଗରିବ କିଏ ? ଦାରିଦ୍ର୍ୟ କଣ ? ଏ ପ୍ରଶ୍ନର ଉତ୍ତର ଖୁବ ସହଜ ବୋଲି ମନେ ହୁଏ । କିନ୍ତୁ ପ୍ରକୃତରେ ତାହା ସେତେ ସହଜ ନୁହେଁ । ଅବଶ୍ୟ ଉତ୍କଟ ଦାରିଦ୍ର୍ୟ ସମସ୍ତଙ୍କ ଆଖିରେ ପଡ଼େ । ଉତ୍କଟ ଦାରିଦ୍ର୍ୟର ସଂଜ୍ଞା ଅତି ସୁସ୍ପଷ୍ଟ । ଯେଉଁମାନଙ୍କର ଆୟ ଦୈନିକ ୨୨୫୦ କ୍ୟାଲୋରି ଯୁକ୍ତ ଖାଦ୍ୟ କିଣିବା ପାଇଁ ଅସମର୍ଥ । ସେମାନେ ଉତ୍କଟ ଦାରିଦ୍ର୍ୟର କଷାଘାତରେ ନିଷ୍ପେଷିତ । ଏହାପରେ ଏକ ସଂଜ୍ଞା ଦ୍ୱାରା ଭି.ଏମ ଦାଣ୍ଡେକର ଓ ନୀଳକଣ୍ଠ ରଥ "ଦାରିଦ୍ର୍ୟ ସୀମାରେଖା" ନିର୍ଣ୍ଣୟ କରିଥିଲେ । ୧୯୬୦—୬୧ ଦର ଦାମ ଭିତ୍ତିରେ ୨୦ ଟଙ୍କାରୁ କମ୍ ମାସିକ ଆୟ କରୁଥିବା ବ୍ୟକ୍ତି ଏହି ଶ୍ରେଣୀ ଭୁକ୍ତ । ଯେଉଁମାନେ "ଦାରିଦ୍ର୍ୟ ସୀମା ରେଖା" ତଳେ ଅଛନ୍ତି ସେମାନେ ମଣିଷ ପରି ବଞ୍ଚିନାହାନ୍ତି । ନିକଟରେ ଯୋଜନା କମିଶନ ଦ୍ୱାରା ପ୍ରଦତ୍ତ ରିପୋର୍ଟରେ ବର୍ଣ୍ଣାଯାଇଛି ଯେ, ଦେଶର ଅର୍ଦ୍ଧେକ ଲୋକ ଦାରିଦ୍ର୍ୟର ସୀମାତଳେ ଉତ୍କଟ ଦାରିଦ୍ର୍ୟରେ ସଢୁଛନ୍ତି । ପଞ୍ଜାବରେ ଦରିଦ୍ରଙ୍କ ସଂଖ୍ୟା ସବୁଠାରୁ କମ ଓ ଓଡ଼ିଶାର ଗ୍ରାମାଞ୍ଚଳରେ ଉତ୍କଟ ଦାରିଦ୍ର୍ୟର ପ୍ରକୋପ ସବୁଠାରୁ ବେଶୀ । ଉତ୍କଟ ଦାରିଦ୍ର୍ୟ ସମସ୍ତଙ୍କ ଆଖିରେ ପଡ଼େ । ସମସ୍ତଙ୍କୁ ବିହ୍ୱଳ କରେ । ବସ୍ତା ଘାଟରେ ବୁଲୁଥିବା ଭିକାରି, ଦୋକାନ ବଜାରରେ ହାତପତେଇ ମାଗୁଥିବା ରୋଗଣା ପିଲା ଓ ପେଟରେ ଓଦାକନା ପକାଇ ଖୋଲା ପଡ଼ିଆ, ଗଛମୂଳ, ଷ୍ଟେସନ ପ୍ଲାଟଫର୍ମ ବା ରାସ୍ତା କଡ଼ରେ ଶୋଇପଡ଼ିଥିବା ଲୋକ ଏ ଶ୍ରେଣୀ ଭୁକ୍ତ । ସୌଖିନ ହୋଟେଲର ଡଷ୍ଟବିନରେ ଉଚ୍ଛିଷ୍ଟ ପାଇଁ ଏମାନଙ୍କ ସଂଘର୍ଷ ବୁଲ-କୁକୁରଙ୍କ ସହିତ — ଏ ଦୃଶ୍ୟ ନିତି-ଦିନିଆ ଦେହସୁହା ।

ଦାରିଦ୍ର୍ୟର ବିଭିନ୍ନ ସ୍ତର ରହିଛି । ଯେଉଁମାନେ ପେଟ ପୂରାଇ ଦୁଇମୁଠା ଖାଇବାକୁ ପାଉଛନ୍ତି ସେମାନେ ଯେ ଦରିଦ୍ର ନୁହଁନ୍ତି ଏହା କହିବା ଠିକ ନୁହେଁ । ମଣିଷର ସାମାଜିକ ନ୍ୟୂନତମ ଚାହିଦା କେବଳ ପେଟ ପୂରାଇ ଦୁଇଓଳି ଖାଇବାରେ ସୀମିତ ନୁହେଁ । ସେ ଚାହେଁ ଅଧିକା ଅନେକ କିଛି । ଏହି "ଅଧିକା ଅନେକ କିଛି" ଏକ ନିର୍ଦ୍ଦିଷ୍ଟ ତାଲିକା ଭୁକ୍ତ ନୁହେଁ । ତାଲିକାରେ ବାରମ୍ବାର ପରିବର୍ତ୍ତନ ହେଉଥାଏ ସମାଜରେ ମିଳୁଥିବା ବିଭିନ୍ନ ବସ୍ତୁ ଓ ସ୍ୱାଚ୍ଛନ୍ଦ ପରିପ୍ରେକ୍ଷୀରେ । ପନ୍ଦର କୋଡ଼ିଏ ବର୍ଷ ତଳେ ଜଣେ ସାଧାରଣ ମନୁଷ୍ୟ ପୁଅକୁ ମାଟ୍ରିକ ଯାଏ ପଢ଼ାଇ ପାରିଲେ ନିଜକୁ ସୁଖି ମନେ କରୁଥିଲା । ଉଚ୍ଚଶିକ୍ଷା ସୀମିତ ଥିଲା । ଆଜିକାଲି କିନ୍ତୁ ଯେଉଁ ବାପଟି ନିଜ ପିଲାକୁ କଲେଜରେ ଉଚ୍ଚଶିକ୍ଷା ଦେବା ପାଇଁ ଅର୍ଥ ଯୋଗାଡ଼ କରିପାରୁନାହିଁ ନିଜକୁ ସେ ନ୍ୟୂନ ଓ ଦରିଦ୍ର ମନେ କରୁଛି । ପଚିଶ ବର୍ଷ ତଳେ ସାଧାରଣ ମଣିଷଟିଏ ପରିଧାନ କହିଲେ ମୋଟା ସୋଟା ଧୋତି ଖଣ୍ଡେ ଓ ଚାଦର ବା କମିଜ ଖଣ୍ଡେ ବୁଝୁଥିଲା । ଆଜି ସେହି ମଣିଷଟି ପରିଧାନ କହିଲେ ଟେରିକଟ୍ ବା ଟେରିଲିନ୍ କପଡ଼ାରେ ତିଆରି ପ୍ୟାଣ୍ଟ ସାର୍ଟ କଥା ଭାବୁଛି । ସିଏ ନିଜ ପାଇଁ ବା ନିଜ ପିଲାଙ୍କ ପାଇଁ ଏପରି କପଡ଼ାର ଜାମା ଓ ପ୍ୟାଣ୍ଟ କିଣିପାରୁ ନାହିଁ ସେ ନିଜକୁ ଗରିବ ବୋଲି ମନେ କରୁଛି ଏ ହେଲା ଆପେକ୍ଷିକ ଦାରିଦ୍ର୍ୟ । ଯେଉଁ ସମାଜରେ ଆୟ ଓ ବିତ୍ତ ଅସମାନ ଭାବେ ବଣ୍ଟିତ ହୋଇଥାଏ । ଏ ସର୍ବୋଚ୍ଚ ଆୟ ଓ ସର୍ବନିମ୍ନ ଆୟ ମଧ୍ୟରେ ପାର୍ଥକ୍ୟ ଅତିବେଶି । ସେଠାରେ ତୁଳନାତ୍ମକ ଦାରିଦ୍ର୍ୟର ସୀମା ନାହିଁ । ଜ୍ଞାନ ବିଜ୍ଞାନର ପ୍ରଗତି ସହିତ ବହୁ ନୂଆ ଦ୍ରବ୍ୟ ଓ ବିଳାସ ସାମଗ୍ରୀ ବଜାରକୁ ଆସେ । ଯେଉଁମାନଙ୍କ ପାଖରେ ପଇସା ଥାଏ ସେମାନେ ଏଗୁଡ଼ିକ କିଣନ୍ତି ଦରକାର ଥାଉ ବା ନଥାଉ । ଯେଉଁମାନେ ଏସବୁ ଜିନିଷ କିଣି ପାରନ୍ତି ନାହିଁ ସେମାନେ ନିଜକୁ ହତଭାଗ୍ୟ ଓ ଦରିଦ୍ର ମନେ କରନ୍ତି । ପଡ଼ୋଶୀଘରେ ଟେଲିଭିଜନ୍ ସେଟ୍‌ଟିଏ କିଣାହେଲେ ଟେଲିଭିଜନ ନଥିବା ଘରେ ଉଠେ ତୁମୁଳ ଝଡ଼ ।

Images: Aptakama Mishra, Processing: Srujanika

ଘରଣୀ ଠାରୁ ପିଲାମାନଙ୍କ ପାଏ ସମସ୍ତଙ୍କ ଦାବୀ ଟେଲିଭିଜନଟିଏ । ଏ ହେଲା "ବାହ୍ୟ ପ୍ରକାଶ ପରିଣାମ ଜନିତ ତୃଷ୍ଣା (demonstration effect) । ଏ ତୃଷ୍ଣା ପୂରଣ ନହେଲେ ଆସେ ମନରେ କ୍ଷୋଭ । ଦାରିଦ୍ର୍ୟର ସଂଜ୍ଞା ସାଧାରଣ-ଭାବେ ବୁଝାଯାଉଥିବା ଉତ୍କଟ ଦାରିଦ୍ର୍ୟ ଠାରୁ ଆରମ୍ଭ କରି ଆପେକ୍ଷିକ ଦାରିଦ୍ର୍ୟ ଓ ଆର୍ଥିକ ମର୍ଯ୍ୟାଦା ଜନିତ ମାନସିକ ଅବସ୍ଥା ପର୍ଯ୍ୟନ୍ତ ପରିବ୍ୟାପ୍ତ ।

ଦାରିଦ୍ର୍ୟ କାହିଁକି ?

ଏହାର କାରଣ ଅନେକ । ଦାରିଦ୍ର୍ୟର ଉତ୍ପତ୍ତି "ଅଧିକାର ବଞ୍ଚିତ କରଣରୁ"(Deprivation of entitlement) ଏକ ବଜାର ଅର୍ଥନୀତିରେ ଅଧିକାର ସାଧାରଣତଃ ବିନିମୟ ଅଧିକାର ବୁଝା ଯାଏ । ପୂର୍ବ ପୁରୁଷଙ୍କ ଠାରୁ ଉତ୍ତରାଧିକାର ସୂତ୍ରେ ପାଇଥିବା ଧନ ବା ନିଜେ ଉତ୍ପନ୍ନ କରୁଥିବା ସାମଗ୍ରୀ ବା ନିଜର ଶ୍ରମ, ବିନିମୟ ଜରିଆରେ ତୃଷ୍ଣା ମେଣ୍ଟାଇବାରେ ଅଧିକାର ସମସ୍ତଙ୍କର ଅଛି । ଯେତେବେଳେ ଏ ସବୁ ବିନିମୟ କରିବାରେ ସେ ଅକ୍ଷମ ହୁଏ ବା ବିନିମୟ ବଦଳରେ ପାଉଥିବା ଅନ୍ୟାନ୍ୟ ସାମଗ୍ରୀ ନିଜର ତୃଷ୍ଣା ପୂରଣ କରି ପାରନ୍ତି ନାହିଁ ସେତେବେଳେ ସେ ହୁଏ ଦରିଦ୍ର । ଏ ଦରିଦ୍ର ଉତ୍କଟ ଦାରିଦ୍ର୍ୟରୁ ଆରମ୍ଭ କରି ଆପେକ୍ଷିକ ଦାରିଦ୍ର୍ୟ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏକ ଭୂମିହୀନ ଶ୍ରମିକର 'ବିନିମୟ ଅଧିକାର' ନିଜ ଶ୍ରମ ବିନିମୟରେ ସୀମିତ । **ଯେତେବେଳେ ନିଯୁକ୍ତି ଅଭାବରୁ ସେ ନିଜର ଶ୍ରମ ବିନିମୟ କରିପାରେ ନାହିଁ ବା ଶ୍ରମ ବିନିମୟରୁ ନିଜର ଖର୍ଚ୍ଚ ତୁଲାଇବା ପାଇଁ ଦରକାର ହେଉଥିବା ପାରିଶ୍ରମିକ ପାଏ ନାହିଁ ସେତେବେଳେ ସେ ହୁଏ ଦରିଦ୍ର ଶ୍ରେଣୀଭୁକ୍ତ ।** ପାରିଶ୍ରମିକ ଯଦି ବଞ୍ଚିବା ପାଇଁ ଦରକାର ହେଉଥିବା ସର୍ବନିମ୍ନ ଖାଦ୍ୟ ସାମଗ୍ରୀ କିଣିବାରେ ଅକ୍ଷମ ହୁଏ ସେତେବେଳେ ଦାରିଦ୍ର୍ୟ ଉତ୍କଟ ଆକାର ଧାରଣ କରେ । ଜଣେ ଚାଷୀ ଯଦି ନିଜ କ୍ଷେତରୁ ପରିବାର ଭରଣ ପୋଷଣ ପାଇଁ ଦରକାର ହେଉଥିବା ସର୍ବନିମ୍ନ ଆୟ ନ ପାଏ ସେ ହୁଏ ଦାରିଦ୍ର୍ୟର ଶିକାର ।

ଅନ୍ୟ ପକ୍ଷରେ ଯେଉଁମାନେ ସମାନ ଯୋଗ୍ୟତା ଥାଇ ସୁପାରିଶ ବଳରେ ବା କଳେବଳେ କୌଶଳେ ଉଚ୍ଚ ବେତନ ଶ୍ରେଣୀ (ବା ଉତ୍କୋଚ ଶ୍ରେଣୀ) ସ୍ତରକୁ ଉଠିଯାନ୍ତି ସେମାନେ ହୁଅନ୍ତି ଅନ୍ୟ ବେତନ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଦାରିଦ୍ର୍ୟର ଅନ୍ୟ କାରଣ । ନାନା ହଟରମଟ କରି ଯେଉଁ ବ୍ୟବସାୟୀ ବେଶି ମୁନାଫା ଉଠାଏ ସେ ଅନ୍ୟ ବ୍ୟବସାୟୀଙ୍କ ପାଇଁ ହୁଏ ମାନସିକ ବା ଆପେକ୍ଷିକ ଦାରିଦ୍ର୍ୟର କାରଣ । ବିଗତ ଦଶ ପନ୍ଦର ବର୍ଷ ଭିତରେ ଏ ଶ୍ରେଣୀର କର୍ମଚାରୀ ଓ ବ୍ୟବସାୟୀଙ୍କ ସଂଖ୍ୟା କ୍ଷିପ୍ର ଗତିରେ ବଢିଯାଇଛି । ତା ସାଙ୍ଗକୁ ନୀତି ଓ ଆଦର୍ଶ ହୀନ ରାଜନୀତିଜ୍ଞ ମାନଙ୍କ ସଂଖ୍ୟା ମଧ୍ୟ ବହୁ ଗୁଣରେ ବଢିଛି । ରାଜନୀତି ଏକ ବ୍ୟବସାୟରେ ପରିଣତ ହୋଇଛି । ଯିଏ ସରପଞ୍ଚ ବା ଏମ୍ ଏଲ୍ ଏ ହୋଇ ପାରିଲା ନାହିଁ ସେ କ୍ଷେତ୍ରରେ ଜିତିଥିବା ଲୋକଙ୍କ ପ୍ରତି ଅସନ୍ତୁଷ୍ଟ । ଯେଉଁ ଏମ୍.ଏଲ୍.ଏ ମନ୍ତ୍ରୀ ହୋଇ ପାରିଲା ନାହିଁ ସେ ଲାଗି ପଡିଲା ମନ୍ତ୍ରୀ ମଣ୍ଡଳ ବିରୁଦ୍ଧରେ । ଯିଏ ମନ୍ତ୍ରୀ ହେଲା ସେ ଚଉକି ଛାଡିବାକୁ ନାରାଜ । ଯେ କୌଣସି ଉପାୟରେ ସେ ଚାହେଁ କ୍ଷମତାରେ ରହିବାକୁ । ସତେ ଯେମିତି କ୍ଷମତାରେ ନ ରହିଲେ ଦେଶ ସେବା କରିବା ସମ୍ଭବପର ନୁହେଁ । ଏ ସବୁ କ୍ଷମତା ମୋହ ପଛରେ ରହିଛି ପ୍ରଚ୍ଛନ୍ନ ଆର୍ଥିକ ଦୃଷ୍ଟିକୋଣ । କ୍ଷମତା ନଥିଲେ ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ । ଦିନ ଥିଲା ଦୁର୍ନୀତିଗ୍ରସ୍ତ ବ୍ୟବସାୟୀ, କର୍ମଚାରୀ ଓ ରାଜନୀତିଜ୍ଞଙ୍କୁ ସମାଜ ଘୃଣା କରୁଥିଲା । ବ୍ୟକ୍ତି ବିଶେଷର ସାମାଜିକ ସ୍ଥିତି ଅର୍ଥ ମାଧ୍ୟମରେ ନୁହେଁ ମାନବିକତା ମାଧ୍ୟମରେ ପରିପ୍ରକାଶ ପାଉଥିଲା । ଶୁଣ୍ଢି ମଦ ବିକି କରି ଖୁବ ପଇସା କରୁଥିଲା ସମାଜରେ କିନ୍ତୁ ତା ସ୍ଥାନ ଥିଲା ଅତି ତଳେ । ଆଜି ସମସ୍ତେ ଶୁଣ୍ଢି ହେବାକୁ ଚାହାନ୍ତି । ମଦ ଦୋକାନ ଲାଇସେନସ ପାଇଁ କି ଧାଁଧପଡ଼ , କେତେ ଦିଆନିଆ ଯେ ଅତି ଚାରିବାରେ ସେ ପାଞ୍ଚତାରକା ହୋଟେଲ ଜରିଆରେ ଶୁଣ୍ଢି ହୋଇଛି । ବର୍ତ୍ତମାନ ସମାଜରେ ଅର୍ଥ ହିଁ ସବୁ କିଛି ଯାହା ପାଖରେ ପ୍ରଭୂତ ଅର୍ଥ ଅଛି ସେ ସମାଜରେ ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତି ବିଗତ ଦୁଇ ଦଶନ୍ଧିରେ ନୀତିହୀନ ରାଜନୀତିଜ୍ଞ' ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ମୁନାଫାଖୋର ବ୍ୟବସାୟୀଙ୍କ ସମ୍ପର୍କ ଘନିଷ୍ଠ ହୋଇଛି । କାରଣ ପ୍ରତ୍ୟେକ ଅନ୍ୟଟିର ପରିପୂରକ -ପ୍ରତ୍ୟେକ ନିଜର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଅନ୍ୟ ଦୁଇଟି ଆଶ୍ରିତ । ଏମାନଙ୍କ ଚଳଣୀ ଅନ୍ୟକୁ ଆକର୍ଷିତ କରୁଛି । ସମସ୍ତଙ୍କ ଇଚ୍ଛା ସେ ଚଳଣୀ ସ୍ତରକୁ ଉଠିବାକୁ । ଫଳରେ ଆଜି ସମାଜରେ ପ୍ରତ୍ୟେକ ସ୍ତରରେ ଦୁର୍ନୀତି ବ୍ୟାପିଛି । ଏସିଆ ମହାଦେଶର ଅବସ୍ଥା ପର୍ଯ୍ୟବେକ୍ଷଣ କରି ଗୁନ୍ନାର ମିରଡାଲ ଏମାନଙ୍କୁ 'ନରମ ଦେଶ' (Soft state) ବୋଲି ବର୍ଣ୍ଣନା କରିଥିଲେ । ଏ ଦେଶରେ ନିୟମ କାନୁନ ପ୍ରତି ସମ୍ମାନ ନାହିଁ, ନୀତି ଓ କାର୍ଯ୍ୟ ଭିତରେ ଫରକ ଅନେକ ବେଶୀ ସବୁଥିରେ ଆନ୍ତରିକତାର ଅଭାବ ଯୋଜନାର ସୁଫଳ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ଆଜି ସୀମିତ ।

ଏହିଭଳି ଏକ ସାମାଜିକ ପରି-ପ୍ରେକ୍ଷୀରେ ଅର୍ଥନୈତିକ ଯୋଜନା ଗୁଡିକ ସଫଳ ରୂପାୟନ ଅତ୍ୟନ୍ତ ଦୁରୂହ ଓ କଷ୍ଟକର ହୋଇପଡୁଛି ସ୍ୱାଭାବିକ । ଯୋଜନା ପ୍ରସ୍ତୁତ ଠାରୁ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡିକର ସମ୍ପାଦନ କରିବାରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠିର ଚକ୍ରାନ୍ତ ଅବିରତ ରୂପେ ଚାଲେ । ପରି-ଣତିରେ ଯୋଜନା ଗୁଡିକ ପ୍ରଣୟନରେ

Images: Aptakama Mishra, Processing: Srujanika

ହିନ୍ଦୁ ଆଇନ ଓ ଶିଖ ଧର୍ମ

ଶ୍ରୀ ଅଭିଜିତ ପଶାୟତ

ଗୁରୁ ନାନକ କହିଥିଲେ "ନା କୋଇ ହିନ୍ଦୁ ନା କୋଇ ମୁସଲମାନ" ଗୁରୁଙ୍କର ଏହି ବାଣୀ ହିଁ ଏତ ବହୁ କାଳ ପର୍ଯ୍ୟନ୍ତ ତାଙ୍କର ଶିଷ୍ୟମାନଙ୍କୁ ହିନ୍ଦୁ ଓ ମୁସଲମାନଙ୍କ ସହିତ ସୁସମ୍ପର୍କ ରଖିବାକୁ ଉତ୍ସାହ ଦେଉଥିଲା । କିନ୍ତୁ ଗତ କେତେ ବର୍ଷ ଧରି ଏହି ଅବସ୍ଥାର ଘୋର ପରିବର୍ତ୍ତନ ହୋଇଛି । କେତେକ ଉଚ୍ଛୃଙ୍ଖଳ ଶିଖ ଖଲିସ୍ଥାନ ପ୍ରଭୃତି ଅବାନ୍ତର ଦାବୀ କରି ହିନ୍ଦୁ ଓ ଶିଖ ମାନଙ୍କର ସୁସମ୍ପର୍କରେ ବାଧା ସୃଷ୍ଟି କରୁଛନ୍ତି ।

ବହୁକାଳ ପୂର୍ବରୁ ହିନ୍ଦୁ ଓ ଶିଖ ମାନଙ୍କ ମଧ୍ୟରେ କିଛି ତଫାତ ପରିଲକ୍ଷିତ ହେଉନଥିଲା । ଗୋଟିଏ ପରିବାରର ଜଣେ ଭାଇ ହିନ୍ଦୁ ଓ ଆଉ ଜଣେ ଭାଇ ଶିଖ ଥିଲା । ପଞ୍ଜାବରେ ଏଭଳି ବହୁ ପରିବାର ଥିଲା ଏବଂ ଅଛି । ଗୁରୁ ନାନକଙ୍କ ଅମଳରୁ କେବଳ ଏତିକି ପରିଲକ୍ଷିତ ହେଉଥିଲା ଯେ ହିନ୍ଦୁ ମାନଙ୍କ ମଧ୍ୟରେ ଉତ୍କଟ ଜାତିଆଣ ଭାବ ଥିଲା । କିନ୍ତୁ ଗୁରୁ ନାନକ ଏହି ପ୍ରଥାର ଘୋର ବିରୋଧ କରୁ ଥିଲେ ଓ ଶିଖ ମାନେ ଏହି ଭେଦଭାବରୁ ଊର୍ଦ୍ଧ୍ୱରେ ରହୁଥିଲେ ।

ଶିଖ ଗୁରୁମାନେ ହିନ୍ଦୁ ମାନଙ୍କର ଧର୍ମ ରକ୍ଷା ପାଇଁ ସର୍ବଦା ସଚେତ ଥିଲେ । ଏମିତିକି ଯୁବକ ଗୁରୁ ଗୋବିନ୍ଦ ସିଂହ ଅତ୍ୟାଚାରୀ ଶାସକ ହାତରୁ କାଶ୍ମୀର ବ୍ରାହ୍ମଣ ମାନଙ୍କୁ ରକ୍ଷା କରିବାପାଇଁ ନିଜ ପିତା ଗୁରୁ ତେଗ୍ ବାହାଦୁରଙ୍କୁ ନିଜର ଜୀବନ ଦେବା ପାଇଁ ଉତ୍ସାହିତ କରିଥିଲେ । ଗୁରୁ ନାନକଙ୍କର ଉପଦେଶର ମୂଳ ମନ୍ତ୍ର ଥିଲା ମଣିଷ ମଣିଷ ଭିତରେ ସମସ୍ତ ଭେଦଭାବକୁ ଦୂର କରିବା ଏବଂ ଜାତିଆଣ ଭାବକୁ ଲୋପ କରିବା । ସର୍ବଦା ଶିଖ ଓ ହିନ୍ଦୁ ମାନେ ପରସ୍ପର ଉପରେ ବିଶ୍ୱାସ କରୁଥିଲେ ଏବଂ ପରାମର୍ଶ ଗ୍ରହଣ

କରୁଥିଲେ । ଗଦାର ଦଳର ପ୍ରତିଷ୍ଠାତା ବାବା ମୋହନସିଂ ଭାକନା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଲାଲା ହରଦୟାଳଙ୍କ ପରାମର୍ଶ ଗ୍ରହଣ କରିଥିଲେ । ସେହି କର୍ତ୍ତାର ସିଂ ସରଭା ବିପ୍ଲବୀ ରାସବିହାରୀ ବୋଷ ଓ ଶଚୀନ ସାନ୍ୟାଲଙ୍କ ସାହାଯ୍ୟ ନେଉଥିଲେ । ଶହୀଦ ଭଗତସିଂଙ୍କର ବନ୍ଧୁମାନେ ଥିଲେ ବିପ୍ଲବୀ ଯତୀନ୍ଦ୍ର ଦାସ, ରାଜଗୁରୁ ଓ ଶୁକଦେବ

(ଲେଖକ ଶ୍ରୀ ପଶାୟତ ଓଡ଼ିଶାର ଖ୍ୟାତନାମା ଆଇନଜୀବୀ କର ଓ କମ୍ପାନୀ ମକଦ୍ଦମାରେ ଦେଶର ସର୍ବଶ୍ରେଷ୍ଠ ଆଇନଜୀବୀ ମାନଙ୍କ ମଧ୍ୟରେ ସେ ପରିଗଣିତ । ଖାରବେଳର ସେ ଧାରାବାହିକ ଲେଖକ । ତାଙ୍କର ଲେଖା ବଡ଼ଲୋକଙ୍କୁ ଫାଶୀନାହିଁ ପାଠକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ପୂନାଠାରେ ଏକ ସମାରୋହରେ କ୍ଷୋଭ ପ୍ରକାଶ କରିଥିଲେ ଯେ ବଡ଼ଲୋକମାନେ ଦଣ୍ଡ ପାଉନାହାନ୍ତି । ବହୁ ପାଠକ ତାଙ୍କର ଏହି ଲେଖା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦାବୀ କରିଥିଲେ)

ଓ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଏଭଳି ଅନେକ କାର୍ଯ୍ୟକ୍ରମ ସ୍ଥାନ ପାଏ ଯାହା ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓ ସାମ୍ପ୍ରତିକ ଅବସ୍ଥା ପରିପ୍ରେକ୍ଷିରେ ସମ୍ପୂର୍ଣ୍ଣ ଅଦରକାରୀ । ଏଭଳି କାର୍ଯ୍ୟକ୍ରମ କେବଳ କେତେକ ମୁଷ୍ଟିମେୟ ଅବସ୍ଥାସମ୍ପନ୍ନ ଲୋକଙ୍କପାଇଁ ଉଦ୍ଦିଷ୍ଟ । ଉଦାହରଣରେ ଅଭାବ ନାହିଁ । ବିଗତ କିଛି ବର୍ଷ ଧରି ବିଭିନ୍ନ ସହରରେ 'ପର୍ଯ୍ୟଟକ —ଆକୃଷ୍ଟ ଆଳରେ ବହୁଳ ଭାବେ ଗଢି ଉଠୁଥିବା ସୌଖିନ ହୋଟେଲ କାହାପାଇଁ ଉଦ୍ଦିଷ୍ଟ ? ବିଦେଶୀ ପର୍ଯ୍ୟଟକ ନା ସମାଜର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହାର ଧରାବନ୍ଧା ଗ୍ରାହକ ।

ରାଷ୍ଟ୍ରୀୟ ସମ୍ବଳ ସୀମିତ । ଏ ସମ୍ବଳର ବିନିଯୋଗ କାର୍ଯ୍ୟକ୍ରମରେ ଅଗ୍ରାଧିକାର ଯଦି ନିଃସ୍ୱାର୍ଥପର ଭାବେ ସ୍ଥିରୀକୃତ ନହୁଏ । ତେବେ ସମ୍ବଳର ଅପବ୍ୟୟ ହିଁ ସାର ହେବ ସୁନିଶ୍ଚିତ ଗଢି ଉଠୁଥିବା ଅନୁଷ୍ଠାନ ଯଦି ନିଃସ୍ୱାର୍ଥପର ଭାବେ ପରିଚାଳିତ ନହୁଏ ତେବେ ଅଚିରେ ସେଗୁଡ଼ିକ ରୁଗଣ ଅବସ୍ଥାରେ ପହଞ୍ଚିବେ ଏବଂ ରୁଗଣ ଅନୁଷ୍ଠାନ ଗୁଡିକର ରକ୍ଷଣାବେକ୍ଷଣ ସମାଜ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ । ବିବେକ, ମାନବିକତା, ସାମାଜିକ ଦାୟିତ୍ୱ ଓ ଯୋଜନାକାରୀ ଧର୍ମଧ୍ୱଜୀଙ୍କର ମନୋବୃତ୍ତି ନଥିଲେ ଯୋଜନାର ସଫଳ ରୂପାୟନ ଅସମ୍ଭବ । □

Images: Aptakama Mishra, Processing: Srujanika

ହିନ୍ଦୁ ଆଇନ ଶିଖ ମାନଙ୍କ ପ୍ରତି ପ୍ରଯୁଜ୍ୟ ଅଟେ । ଲେଖକ ଅଟୋଓ୍ୱେଜ (ଇଣ୍ଡିଆ) ବନାମ ଆୟକର କମିଶନର ଓଡ଼ିଶା ମାମଲାରେ ଯୁକ୍ତି ଦର୍ଶାଇ ଥିଲେ, ଶିଖ ମାନଙ୍କ ପ୍ରତି ହିନ୍ଦୁ ଆଇନ ପ୍ରଯୁଜ୍ୟ ଓ ଶିଖ ଅବିଭକ୍ତ ପରିବାର ଗୁଡ଼ିକୁ ହିନ୍ଦୁ ଅବିଭକ୍ତ ପରିବାର ବୋଲି କୁହାଯାଇପାରିବ । ମୁଦ୍ରାଙ୍କର ହିନ୍ଦୁ ଆଇନକୁ ନଜିର ଦେଇ ଲେଖକ ଯୁକ୍ତି ବାଢ଼ିଥିଲେ ଯେ ଶିଖମାନେ ହିନ୍ଦୁ ମିତାକ୍ଷର ଆଇନ ଦ୍ୱାରା ପରିଚାଳିତ । ଓଡ଼ିଶା ହାଇକୋର୍ଟର ତତ୍କାଳୀନ ବିଚାରପତି (ବର୍ତ୍ତମାନ ସୁପ୍ରିମକୋର୍ଟର ବିଚାରପତି) ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ର ଏହି ଯୁକ୍ତି ଗ୍ରହଣ କରି ପକ୍ଷ ସର୍ଦ୍ଦାର ସନ୍ତୋକ ସିଂ ହିନ୍ଦୁ ମିତାକ୍ଷର ଆଇନ ଦ୍ୱାରା ପରିଚାଳିତ ବୋଲି ରାଏ ଦେଇଥିଲେ । ଅନୁରୂପ ମତ ପ୍ରିଭି କାଉନ୍ସିଲର ସୁନ୍ଦର ସିଂ ମଜିଥିଆ ମାମଲାର ରାଏରୁ ଜଣାପଡ଼େ ।

ହିନ୍ଦୁ ଆଇନ ଯେ ଶିଖମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ବହୁ କାଳରୁ ସ୍ୱୀକୃତ । ନିମ୍ନଲିଖିତ ମାମଲା ଗୁଡ଼ିକରେ ଅନୁରୂପ ରାଏ ଦିଆଯାଇଥିଲା ।

୧ ରାଣୀ ଭଗବାନ କୋଏର ବନାମ ବୋଷ ୧୯୦୩ ମସିହା ଏ.ଆଇ.ଆରରେ ପ୍ରକାଶିତ ।

୨ ଇନ୍ଦର ସିଂହ ବନାମ ସାଧୁ ସିଂହ (୧୯୪୪ ମସିହାର ମାମଲା)।

୩ ବାହାଦୁର ସିଂହ ବନାମ ଦଲିପ୍ ସିଂହ (୧୯୫୦ ମସିହାର ମାମଲା)

୪ ପ୍ରୀତମ ସିଂହ ବନାମ ମୃତ୍ୟୁକର ଅଫିସର ହିନ୍ଦୁ ଉତ୍ତରାଧିକାରୀ ଆଇନର ୨ ଧାରା ଅନୁଯାୟୀ ଏହି ଆଇନ ଶିଖମାନଙ୍କ ପ୍ରତି ପ୍ରଯୁଜ୍ୟ ।

ପ୍ରିତମ ସିଂହ ମାମଲାରେ ଯୁକ୍ତି ଦର୍ଶାଯାଇଥିଲା ଯେ ଜାଟ, ଗୁଜାର, ରାଜପୁତ, ସଇନ, ଅହୀର ପ୍ରଭୃତି କୃଷୀ-ଗୋଷ୍ଠୀ ପ୍ରତି ହିନ୍ଦୁ ଆଇନ ଲାଗୁ ହେବନାହିଁ । ଏହି ଯୁକ୍ତି ପଞ୍ଜାବ ହାଇକୋର୍ଟର ପୂର୍ଣ୍ଣାଙ୍ଗ ବେଞ୍ଚ ଗ୍ରହଣ କରିନଥିଲେ । ତତ୍କାଳୀନ ପ୍ରଧାନ ବିଚାରପତି ମାନ୍ୟବର ନାରୁଲା, ପ୍ରିତମ ସିଂହ ପଣ୍ଡାର ଓ ହରବନ୍ସଲାଲଙ୍କୁ ନେଇ ଗଠିତ ବେଞ୍ଚ ମତଦେଇଥିଲେ ଯେ ହିନ୍ଦୁ ଉତ୍ତରାଧିକାରୀ ଆଇନ ପ୍ରଚଳନ ପୂର୍ବରୁ ମଧ୍ୟ ଏହି ଗୋଷ୍ଠିକୁ ହିନ୍ଦୁ ଆଇନ ପ୍ରଯୁଜ୍ୟ ହେଉଥିଲା । ମାନ୍ୟବର ବିଚାରପତି ମାନେ ମତଦେଇଥିଲେ ଯେ ହିନ୍ଦୁ ମିତାକ୍ଷର ଆଇନ ପଞ୍ଜାବରେ ପ୍ରଚଳିତ ଓ ଗୁରୁବଚନ ସିଂହଙ୍କୁ (ପ୍ରିତମ ସିଂହଙ୍କର ପିତାଙ୍କୁ) ଏହି ଆଇନ ଲାଗୁହେବ ଏହି ମାମଲାରେ ଶିଖ ଜାଠମାନେ ହିନ୍ଦୁ ବୋଲି ଧରାଯାଇ ହିନ୍ଦୁ ମିତାକ୍ଷର ଆଇନ ଶିଖ ଜାଠ ଶ୍ରୀ ଗୁରୁବଚନ ସିଂହଙ୍କ ପ୍ରତି ପ୍ରଯୁଜ୍ୟ ବୋଲି ମାନ୍ୟବର ବିଚାରପତିମାନେ ମତ ଦେଇଥିଲେ । (୧୯୭୬ ମସିହା ୧୦୩ ଆଇ.ଟି.ଆର ୬୬୧ ପୃଷ୍ଠା ଦ୍ରଷ୍ଟବ୍ୟ) । ହିନ୍ଦୁ ବିବାହ ଆଇନର ୨ ଧାରା ଅନୁଯାୟୀ ଏହି ଆଇନ ଶିଖମାନଙ୍କ ପ୍ରତି ପ୍ରଯୁଜ୍ୟ । ଏହି ଧାରା ଅନୁଯାୟୀ ଗୋଟିଏ ଶିଶୁ (ବୈଧ ହେଉ ବା ଅବୈଧ ହେଉ) ର ବାପା ଓ ମା ଉଭୟ ହିନ୍ଦୁ, ବୌଦ୍ଧ, ଶିଖ ବା ଜୈନ ହୋଇଥିଲେ ବା ଜଣେ ଏହି ଚାରୋଟି ଧର୍ମ ଭିତରୁ ଗୋଟିକର ଓ ଅନ୍ୟ ଜଣକ ବଳକା ତିନ ଧର୍ମ ଭିତରୁ ଗୋଟିକର ହୋଇଥିଲେ ଏହି ଆଇନ୍ ତା ପ୍ରତି ପ୍ରଯୁଜ୍ୟ ହେବ ।

ହିନ୍ଦୁ ଆଇନରେ ୧୯୫୫ ମସିହାରେ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । କିନ୍ତୁ ଏହାର ବହୁ ପୂର୍ବରୁ ଶିଖ ବା ଯେଉଁ ବ୍ୟକ୍ତି ପବିତ୍ର "ଗ୍ରନ୍ଥ ସାହେବ" ରେ ବିଶ୍ୱାସ କରେ ସେମାନଙ୍କ ପ୍ରତି ହିନ୍ଦୁ ଆଇନ ଲାଗୁହେବ ବୋଲି ବହୁ ଉଚ୍ଚ ଅଦାଲତ ରାଏ ଦେଇଛନ୍ତି । ଏ ସମ୍ପର୍କରେ ନିମ୍ନ ରାଏ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ।

(୧) ୩୦ ଇଣ୍ଡିଆନ ଅପିଲ ୨୪୯ (ପ୍ରିଭିକାଉନ୍ସିଲର ରାଏ ରାଣୀ ଭଗବାନ କୋଏର ବନାମ ବୋଷ)

(୨) ଏ.ଆଇ.ଆର ୧୯୨୭ ଲାହୋର ୧୦୦ (ମହନ୍ତ ବସନ୍ତ ବନାମ ହେମ-ସିଂହ)

(୩) ୧୯୩୪ ଲାହୋର ୮୦୦ (ସୋହନଲାଲ ବନାମ କର୍ତ୍ତାର ସିଂହ)

ସେହିଭଳି ୧୯୪୩ ମସିହାରେ କଲିକତା ହାଇକୋର୍ଟ ରାଏ ଦେଇଥିଲେ ଯେ ଶିଖମାନଙ୍କ ପ୍ରତି ହିନ୍ଦୁ ବିବାହ ଆଇନ ପ୍ରଯୁଜ୍ୟ (ଏ.ଆଇ.ଆର ୧୯୪୩ କଲିକତା ୫୭୯ ପୃଷ୍ଠା ଦ୍ରଷ୍ଟବ୍ୟ) । ଏହି ରାଏରେ କୁହାଯାଇଥିଲା ଯେ ଶିଖମାନଙ୍କ ମଧ୍ୟରେ କେତେକ ଜାତିଆଣ ପ୍ରଥାରେ ବିଶ୍ୱାସ କରନ୍ତି ଏବଂ ଏଭଳି ଚଳଣି ସେମାନଙ୍କର ପୂର୍ବ ପୁରୁଷମାନେ ହିନ୍ଦୁ ଥିବାରୁ ପ୍ରଚଳିତ ।

ଏ ସମସ୍ତ ଦୃଷ୍ଟିକୋଣରୁ ବିଚାରକଲେ ପଞ୍ଜାବରେ ଶିଖ ଓ ହିନ୍ଦୁମାନଙ୍କ ମଧ୍ୟରେ ଦେଖାଦେଇଥିବା ଧର୍ମ ଜନିତ ବିଭେଦ ଅତ୍ୟନ୍ତ ଦୁଃଖ ଦାୟକ ।

—×—

ଅଭୟାରଣ୍ୟରେ କସ୍ତୁରୀ ମୃଗର ବଂଶ ବୃଦ୍ଧି

ସଂପ୍ରତି କସ୍ତୁରୀ ମୃଗର ବଂଶ ଲୋପ ପାଇ ଯାଉଛି ବୋଲି କ୍ଷେତ୍ରରେ ଉଦ୍‌ବେଗ ସୃଷ୍ଟି ହୋଇଥିଲା କେବେଳେ ହିମାଚଳ ବନ ବିଭାଗ ଅଧୀନସ୍ଥ କେଦାର କାଠ ଅଭୟାରଣ୍ୟରେ ଛଡ଼ା ଯାଇଥିବା କସ୍ତୁରୀ ମୃଗଙ୍କ ସଂଖ୍ୟା ବୃଦ୍ଧି ଏକ ନୂତନ ଆଶାର ସଞ୍ଚାର କରିଛି । ଏହି ଅଭୟାରଣ୍ୟ ଭିତରକୁ କିଛି ବର୍ଷ ତଳେ ଦୁଇଟି ମୃଗୁଣୀ ଓ ଗୋଟିଏ ମୃଗକୁ ଛଡ଼ା ଯାଇଥିଲା ଏବଂ ଦୁଇଟି ମୃଗୁଣୀ କେତେ ଦିନ ତଳେ ଗୋଟିଏ ଲେଖାଏ ଦୁଇଟି ଛୁଆ ଜନ୍ମ କରିଛନ୍ତି, ଏହି ମୃଗ ନାଭିରୁ ଅତି ସୁବାସିତ କସ୍ତୁରୀ ମିଳୁଥିବାରୁ ଘାତକ ମାନେ ଆଖି ବୁଜା ଭାବେ ଏହି ମୃଗକୁ ହତ୍ୟା କରିଥାନ୍ତି ଏବଂ ହିମାଳୟର ଉଚ୍ଚ ପାର୍ବତ୍ୟାଞ୍ଚଳରେ ସାଧାରଣତଃ ଏମାନେ ବାସ କରନ୍ତି । ଏବେ ଏହି ହରିଣ ନିଧନ ବିରୁଦ୍ଧରେ କଡ଼ା କଟକଣା ଜାରି କରାଯାଇଛି । □

Images: Aptakama Mishra, Processing: Srujanika

ପ୍ରାଥମିକ ଶିକ୍ଷାବିକାଶ ଆନ୍ଦୋଳନ

ଅଧ୍ୟାପକ ଡକ୍ଟର ରାଧାନାଥ ରଥ (ମନୋବିଜ୍ଞାନ)

ବର୍ତ୍ତମାନର ଶିଶୁ ଭବିଷ୍ୟତର ନାଗରିକ, ସେମାନେ ଜାତୀୟ ସମ୍ପଦ, ଏକବିଂଶ ଶତାବ୍ଦୀର ଅଧିନାୟକ ଦେଶର ମେରୁଦଣ୍ଡ ଇତ୍ୟାଦି ଇତ୍ୟାଦି ବହୁ ବକ୍ତୃତା ବର୍ଷ ବର୍ଷ ଧରି ଶୁଣି ଆସିଛୁ ସତ କିନ୍ତୁ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି -ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଧାରାବାହିକ ଗଠନାତ୍ମକ ଅଭିବୃଦ୍ଧି ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ପୁଷ୍ଟିକର ଖାଦ୍ୟ ଯୋଗାଣ ଯୋଜନାରେ କିମ୍ବା ସାମଗ୍ରିକ ଭାବରେ ସେମାନଙ୍କର ଯତ୍ନ ନେବାରେ ଆମର ଜାତୀୟ ଅଗ୍ରାଧିକାର ଯୋଜନା ହୋଇ ପାରିନାହିଁ । ଏଠି ସେଠି ପ୍ରାଥମିକ ଶିକ୍ଷକ ନିଯୁକ୍ତ କରିବା କିମ୍ବା ବଖରାଏ ଦିବଖରା ଘର ତିଆରି କରି ଦେବା କିଛି ପଉଷ୍ଟି କିମ୍ବା ଗୁଣ୍ଡଦୁଧ ଯୋଗାଇ ଦେବାରେ ଜାତୀୟ ଯୋଜନାରେ ଏହାର ଅଗ୍ରାଧିକାର ପ୍ରାଧାନ୍ୟର ପ୍ରମାଣ ମିଳେ ନାହିଁ ।

ଶକ୍ତି ଉତ୍ପାଦନ, କିମ୍ବା ଜଳସେଚନ୍ ବା ଶିଳ୍ପ ପ୍ରସାର କ୍ଷେତ୍ରରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ପରି ପିଲାଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପାଞ୍ଚ ଦଶ ହଜାର କୋଟିର ଯୋଜନା କୋଣସି ପଞ୍ଚବାର୍ଷିକ କାର୍ଯ୍ୟକ୍ରମ ଭିତରେ ନାହିଁ ।

ଏ ଦିଗରେ ସାମାଜିକ ଚେତନା କିମ୍ବା ଦାବୀ ମଧ୍ୟ ନାହିଁ କହିଲେ ଚଳେ । ଉଚ୍ଚଶିକ୍ଷା ଲାଗି ଯେପରି ଅତି ଶକ୍ତିଶାଳୀ ନେତୃତ୍ୱ ସବୁଠାରେ ଦେଖାଯାଉଛି ଏବଂ ସେମାନେ ଯେପରି ଅଜସ୍ର ଟଙ୍କା ବିନା ବିଚାରରେ ଅଣ ଉତ୍ପାଦନଶୀଳ ଓ ଅତି ଅପାରଗ କାହାଣୀ ସୃଷ୍ଟି କରିବାରେ ସମର୍ଥ ହୋଇପାରୁଛନ୍ତି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସେପ୍ରକାର ନେତୃତ୍ୱ ସାରା ଦେଶରେ ନାହିଁ କହିଲେ ଚଳେ । କିନ୍ତୁ ଏହାର ଜାତୀୟ ପ୍ରାଧାନ୍ୟ ଦୃଷ୍ଟିରୁ ଭବିଷ୍ୟତ ବଂଶଧରଙ୍କର ସୁସ୍ଥ ସବଳ ଜୀବନ ଋଦ୍ଧ ଉଲ୍ଲାସୀ, ଆଦର୍ଶବାଦୀ, କାର୍ଯ୍ୟଦକ୍ଷ ଚରିତ୍ର ଗଠନ ପାଇଁ ଜାତୀୟ ମୂଳଭିତ୍ତିର ଆବଶ୍ୟକତା ଦୃଷ୍ଟିରୁ ଏ ଦିଗରେ ସାମାଜିକ ଚେତନା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଜନ ଆନ୍ଦୋଳନ ଅତି ପ୍ରବଳ ଭାବରେ ଦେଖାଦେବା ଉଚିତ । ତା ନହେଲେ ଆମର ବର୍ତ୍ତମାନ ଯେପରି ଅସାରକତା ପୂର୍ଣ୍ଣ ଭବିଷ୍ୟତ ମଧ୍ୟ ଅନ୍ଧକାରମୟ ହୋଇ ରହିବ ।

ଏହି ମହାନ ଆଦର୍ଶ ସମସ୍ତଙ୍କ ମନରେ ରହିଛି । କିନ୍ତୁ କେଜାଣି କାହିଁକି ଏହାର ପ୍ରସାର ସମ୍ଭବ ହୋଇ ପାରୁ ନାହିଁ । ଏକ୍ଷେତ୍ରରେ ନେତୃତ୍ୱର ଅଭାବ ରହିଛି ଏହି ବିଷୟରେ ପ୍ରଶ୍ନ ଉଠାଇ ଖବର କାଗଜରେ ଲେଖାଲେଖି

ହେବା ଫଳରେ ଅତି ସ୍ୱାଭାବିକ ଭାବରେ ଲୋକମାନେ ସେମାନଙ୍କର ଏପରି ଉତ୍ସାହପ୍ରଦ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ଯେ, ଯେ କୌଣସି ଲୋକ ଏଥିରେ ଉଦ୍‌ବୁଦ୍ଧ ହୋଇ ପାରିବ । ଏ ବରିଷ୍ଠ ମାନଙ୍କୁ ସ୍ନେହ ସହିତ ଉପଯୁକ୍ତ ଉଦ୍ଦେଶ୍ୟଗାମୀ ହୋଇ ପାରିଲେ ଆମର ଜାତୀୟ ସ୍ୱପ୍ନ ସଫଳ ହୋଇ ପାରିବ ।

ଏହାର ଜାତୀୟ ଆବଶ୍ୟକତା ଓ ବର୍ତ୍ତମାନ କ୍ଷେତ୍ରରେ ତାର କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ମୋର ଦୁଇଟି ଲେଖା ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇବା ପରେ ବହୁଲୋକ ଏପରି ଆବେଗମୟ ସଦିଚ୍ଛାପୂର୍ଣ୍ଣ ଚିଠି ଲେଖିଲେ ଯେ ତାହା ଯେକୌଣସି ଲୋକର ପ୍ରାଣକୁ ମଧ୍ୟ ସ୍ପର୍ଶ କରିବ । ଅନେକ ଶିକ୍ଷକ ସାଧାରଣ ନାଗରିକ ଅର୍ଦ୍ଧଶିକ୍ଷିତ ଯୁବକ ଡାକ୍ତର ତଥା ଆଦର୍ଶବାଦୀ ରାଜନୀତିର ଲୋକେ ନିଜ ନିଜର ମତାମତ ସହିତ ଏ କ୍ଷେତ୍ରରେ କିପରି ଭାବରେ ସେମାନେ କାମ କରି ପାରିବେ ସେ ବିଷୟରେ ସେମାନଙ୍କର ଗଭୀର ଆଗ୍ରହ ପ୍ରକାଶ କରୁଛନ୍ତି । ସ୍କୁଲ ପରେ ସ୍କୁଲ ଏ ଆନ୍ଦୋଳନରେ ଯୋଗ ଦେବା ପାଇଁ ଖୁଡବଳ ଚିଠି ଆସୁଛି । ପାରାଦ୍ୱୀପ ବନ୍ଦରମୁହାଣ ଅଞ୍ଚଳରେ ଦଶ ବାରଟି ସ୍କୁଲରେ ଏହାର କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି । ଭାରପୁର ଠାରେ ପ୍ରାୟ ପଚିଶ ଜଣ ପ୍ରାଥମିକ ଶିକ୍ଷକ ମାନଙ୍କର ଗୋଟିଏ ସଭାରେ ଆମ୍ଭେମାନେ ଛଅ ଘଣ୍ଟା ଆଲୋଚନା କରିଥିଲୁ -ଏମାନଙ୍କ ଭିତରେ ଯେପରି ଗଭୀର ଆଗ୍ରହ ପ୍ରକାଶ ପାଇଥିଲା ତାହା ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ସାଲେପୁରଠାରେ ସେହିପରି ବହୁ ଶିକ୍ଷକଙ୍କର ଆଉ ଗୋଟିଏ ଆଲୋଚନା ସଭା ହୋଇଥିଲା । ସହର କେନ୍ଦ୍ର ଓ କାଂଶବାହାଲ ଠାରେ ମଧ୍ୟ ସେହିପରି ଆଲୋଚନା ଚକ୍ର ହୋଇଥିଲା । ସେମାନେ ଆନ୍ତରିକ ସହିତ ଏ କ୍ଷେତ୍ରରେ କାମ କରିବେ ବୋଲି ସଂକଳ୍ପ ହୋଇଛନ୍ତି । କଟକ ସହରରେ ଗହମାଡିଆ ପିଠାପୁର, ହରିପୁର, ବାଙ୍କାବାଗର ଦାସ ସ୍କୁଲ, ତଗରପଡ଼ା ଭୁବନ୍ତିପୁର ଖାନନଗର, ବିଦ୍ୟାଧର ପୁର ପ୍ରଭୃତି ସ୍କୁଲ୍ ମାନଙ୍କରେ ଏହାର କାର୍ଯ୍ୟକ୍ରମ ଆଗରୁ ହୋଇ ଯାଇଛି । ଶିକ୍ଷକ ଅଭିଭାବକ ମାନଙ୍କର ସଭାରେ ପ୍ରାଥମିକ ଶିକ୍ଷା ବିକାଶ କ୍ଷେତ୍ରରେ ବାପ ମା ଶିକ୍ଷକ ଶିକ୍ଷାର୍ଥୀ ଜନ ସାଧାରଣଙ୍କର ସାମଗ୍ରିକ ଉଦ୍ୟମରେ ଅଧିକ ଆବଶ୍ୟକତା ବିଷୟରେ ଆଲୋଚିତ ହୋଇଥିବା ଗୋଟିଏ ପୁସ୍ତିକା ମାଧ୍ୟମରେ ଏ ପ୍ରକାର ଆଲୋଚନା ଚକ୍ର ଆରମ୍ଭ କରାଯାଇଛି । ପ୍ରାଥମିକ ଶିକ୍ଷାର ପ୍ରାଥମିକ ଉନ୍ନତିକୁ ଆଖି ଆଗରେ ରଖି ବର୍ତ୍ତମାନ ଦୁଇଟି କାର୍ଯ୍ୟକ୍ରମ ଏହି ସ୍କୁଲ ମାନଙ୍କରେ ଆରମ୍ଭ କରାହୋଇଛି । ପ୍ରତ୍ୟେକ ପିଲାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗୋଟିଏ ସ୍ୱାସ୍ଥ୍ୟ କାର୍ଡ଼ ଛପା ହୋଇ ସ୍କୁଲରେ ଦିଆଯାଇଛି । ସ୍ୱେଚ୍ଛାସେବୀ ଡାକ୍ତରଙ୍କ ସାହାଯ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଛି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯେଉଁ ମାନଙ୍କର କୌଣସି ଚିକିତ୍ସାର ଆବଶ୍ୟକତା ରହିଛି ତାର ବନ୍ଦୋବସ୍ତ ପାଇଁ ଡାକ୍ତର ମାନେ ଆଗଭର ହୋଇଆସୁଛନ୍ତି । ଜୁଲାଇ ୮ ତାରିଖରେ ପ୍ରାୟ ପଚିଶ ଜଣ ଡାକ୍ତର ଗୋଟିଏ ସଭାରେ ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ ଏପରି ପିଲାଙ୍କର ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ । ପ୍ରଥମ ଅବସ୍ଥାରେ ୨୫ ଜଣ ଡାକ୍ତରଙ୍କୁ ନେଇ ଗୋଟିଏ ଚିକିତ୍ସା ପରାମର୍ଶ ପରିଷଦ ଗଠିତ ହେଲା । ତାର ସଭାପତି ଭାବରେ କାମ କରିବା ପାଇଁ ଡାକ୍ତର ଚତୁର୍ଭୁଜ ତ୍ରିପାଠୀ ରାଜି ହେଲେ । ଡାକ୍ତର ଗୁରୁ ପ୍ରସାଦ ମହାନ୍ତି, ଡାକ୍ତର ସୁକୁ-

Images: Aptakama Mishra, Processing: Srujanika

ମାର ବାସ, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଡାକ୍ତର ରାଧାଶ୍ୟାମ ଦାସ, ଡାକ୍ତର ଯୋଗମାୟା ପଟ୍ଟନାୟକଙ୍କୁ ନେଇ ଗୋଟିଏ କାର୍ଯ୍ୟକାରୀ କମିଟି ଗଠିତ ହେଲା । ତାପରେ ଆହୁରି ଅଧିକା ଡାକ୍ତର ମାନଙ୍କୁ ଏହି ପଞ୍ଚାୟତ ଭୁକ୍ତ କରାଯିବାକୁ କାର୍ଯ୍ୟକ୍ରମ ଠିକ୍ କରାହେଲା । ପ୍ରାଥମିକ ଶିକ୍ଷା ବିକାଶ ଆନ୍ଦୋଳନ ପରିଚାଳିତ ସ୍ୱାସ୍ଥ୍ୟ କାର୍ଡ଼ ଧରି ପିଲାମାନେ ଯେଉଁ ଡାକ୍ତରଙ୍କ ପାଖକୁ ଯିବେ ସେମାନେ ସେମାନଙ୍କ ସଙ୍ଗେ ସବୁ ପ୍ରକାର ଚିକିତ୍ସା ବନ୍ଦୋବସ୍ତ କରିବେ ବୋଲି ଡାକ୍ତର ମାନେ ଯୋଜନା କଲେ । ଏ ବ୍ୟବସ୍ଥା କ୍ରମେ ସାରା ରାଜ୍ୟରେ ପ୍ରସାରିତ ହେବାର କାର୍ଯ୍ୟକ୍ରମ ରହିଛି ।

ସ୍କୁଲକୃତ ସଂପାଦନା

ତା ଛଡ଼ା ସ୍କୁଲକୃତ ସମ୍ପାଦନା କାର୍ଡ ଛପା ହୋଇ ହୋଇ ସ୍କୁଲ ମାନଙ୍କରେ ଦିଆଯାଇ ଛି ପ୍ରତ୍ୟେକ ପିଲାର ସାତ ବର୍ଷ ଧରି ସ୍କୁଲ କୃତୀ ବିବରଣୀ ଏହି କାର୍ଡରେ ରହିବ ଏବଂ ଯେଉଁମାନେ କେତେକ ବିଷୟରେ ବହୁତ ଦୁର୍ବଳ ଥିବେ ସେମାନଙ୍କୁ ପଢ଼ାଇବା ପାଇଁ ସ୍ୱେଚ୍ଛା ସେବକ ମାନଙ୍କର ବନ୍ଦୋବସ୍ତ ହେଉଛି । ଯେଉଁ ପିଲାଙ୍କ ପକ୍ଷରେ ଘରୋଇ ଶିକ୍ଷକ ରଖିବା ସମ୍ଭବ ନୁହେଁ ସେମାନଙ୍କୁ ଏହି ସ୍ୱେଚ୍ଛା ସେବକମାନେ ଯାଇ ପଢ଼ାଇବେ । ତାଛଡ଼ା ସ୍କୁଲ ଶିକ୍ଷକ ମାନେ ମଧ୍ୟ ଏପରି ପିଲା ପ୍ରତି ବିଶେଷ ନଜର ଦେବେ । ଏପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାଇଛି ।

ମୋଟାମୋଟି ଭାବରେ ପ୍ରାଥମିକ ଶିକ୍ଷା ବିକାଶ ଆନ୍ଦୋଳନର ଲକ୍ଷ ହେଲା ପିଲାଙ୍କର ସର୍ବାଙ୍ଗୀନ ଚରିତ୍ର ଗଠନ ଲାଗି ଚାରିଆଡେ ଗୋଟିଏ ସାମାଜିକ ଚେତନା ତଥା ଆନ୍ଦୋଳନର ବାତାବରଣ ସୃଷ୍ଟି କରିବା ।

ବାପ ମା ଘରେ ପ୍ରତ୍ୟେକ ଦିନ ପିଲାଙ୍କ ସାଙ୍ଗରେ ଅନ୍ତତଃ ଏକ ଘଣ୍ଟା ବସି କଥାବାର୍ତ୍ତା କରନ୍ତୁ । ସେମାନଙ୍କର ପଢ଼ା ପଢ଼ି ସାମାଜିକ ନ୍ୟାୟ ଅନ୍ୟାୟ ବର୍ତ୍ତମାନ ଓ ଭବିଷ୍ୟତ ସମାଜର ମଙ୍ଗଳ ଇତ୍ୟାଦି ବିଷୟରେ ଆଲୋଚନା କଲେ ପିଲା ପିଲାଙ୍କଠାରେ ଚଳିଷ୍ଣୁ ମନୋବୃତ୍ତି ତଥା ପ୍ରେରଣା ଦେଖା ଦେବ । ସେହିପରି ଭାବରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପିଲାଙ୍କୁ ସ୍ନେହ କରିବା, ଆଦର ଯତ୍ନ କରିବା ଏବଂ ଭଲ ଭାବରେ ତାଙ୍କ ସହିତ ମିଳାମିଶା କାମ କରିବା ପାଇଁ ଅନୁରୋଧ କରାହୋଇଛି. ଯେ କୌଣସି ପରିସ୍ଥିତିରେ ମଧ୍ୟ ବାପ ମା କିମ୍ବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପିଲାଙ୍କୁ ଶାରୀରିକ ଶାସ୍ତି ନଦେବା ପାଇଁ ଆବେଦନ କରା ହୋଇଛି । ଜନସାଧାରଣ ପିଲାଙ୍କୁ ସ୍ନେହ ଦେଖାଇବା ଉଚିତ । ବାଟ ଘାଟରେ ପିଲାଙ୍କୁ ଦେଖିଲେ ଟିକିଏ ହସି କଥା କହିବା ସଙ୍ଗେ ସମ୍ଭବରେ ପିଲାଙ୍କୁ ଦୂର ଦୂର ମାର ମାର ନକରି ପାଖରେ ନେଇ ବସାଇବା ପ୍ରକୃତ ସ୍ନେହ ସହାନୁଭୂତ ପୂର୍ଣ୍ଣ ବ୍ୟବହାର କରିବା ଉଚିତ । ସେମାନଙ୍କର ଫଟୋ କାଗଜରେ ବାହାରିଲେ ସେମାନେ କେତେ ଖୁସି ନହେବେ କେବଳ ସେହି କେତେକ ବୃଦ୍ଧ ଲୋକଙ୍କର ଫଟୋ ସବୁବେଳେ ନବାହାରି ପିଲାଙ୍କର ଫଟୋ ବାହାରିଲେ ସେମାନେ କେତେ ବେଶୀ ପ୍ରେରଣା ପାଆନ୍ତେ ।

ମୋଟାମୋଟି ଭାବରେ ସବୁ କ୍ଷେତ୍ରରେ ସବୁ ପରିସ୍ଥିତିରେ ପିଲାଙ୍କ ପ୍ରତି ସାରା ସମାଜର ସ୍ନେହ ସଦିଚ୍ଛା ପୂର୍ଣ୍ଣ ଦୃଷ୍ଟି ଦେବା ପାଇଁ ଗୋଟିଏ ବାତାବରଣ ସୃଷ୍ଟି କରିବା ହେଉଛି ପ୍ରାଥମିକ ଶିକ୍ଷା ବିକାଶ ଆନ୍ଦୋଳନର ଲକ୍ଷ । ପିଲାଙ୍କୁ ଯଦି ଆମେ ଗଭୀର ସ୍ନେହ ଦେଖାଇବା ସେମାନଙ୍କର ଯତ୍ନ ନେବା ତାହେଲେ ସେମାନେ ପ୍ରତି ବଦଳରେ ସମାଜ ପ୍ରତି କୃତଜ୍ଞତା ଜ୍ଞାପନ କରିବେ ।

ଜାପାନରେ ପି. ଏଚ୍. ଡି ଡିଗ୍ରୀ ଧାରୀ ମାନେ ଦରୱାନ କାମ କରୁଛନ୍ତି

ପୃଥିବୀର ଶ୍ରେଷ୍ଠ ଶିଳ୍ପୋନ୍ନତ ରାଷ୍ଟ୍ର ଜାପାନରେ ଏବେ କଲାଣେ. ପି ଏଚ୍ ଡି ଡିଗ୍ରୀ ହାସଲ କରିଥିବା ପଣ୍ଡିତ ମାନେ ବିଭିନ୍ନ କଳ କାରଖାନା ମାନଙ୍କରେ ରାତ୍ରି ଜଗୁଆଳ କାମ କରିବାକୁ ବରଖାସ୍ତ କରୁଛନ୍ତି ବୋଲି କୋଦୋ ପତ୍ରିକାରେ ପ୍ରକାଶ ପାଇଛି । ସେହି ଦେଶରେ ପାଞ୍ଚ ହଜାର ପି ଏଚ୍ ଡି ଡିଗ୍ରୀ ଧାରୀ ବେକାର ଅଛନ୍ତି ଏବଂ ବିଜ୍ଞାନ ସ୍ନାତ୍ତ ମାନଙ୍କ ମଧ୍ୟରୁ ଶତକଡ଼ା ୫୧ ଭାଗ ବେକାର ହୋଇ ବସିଛନ୍ତି ।

ବେକାର ପି ଏଚ ଡି ହାସଲ କରିଥିବା ପଣ୍ଡିତ ମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ବା କଲେଜରେ ଶିକ୍ଷକ ଚାକିରି ମିଳୁ ନଥିବାରୁ ସେମାନେ ଏବେ ହନ୍ତସନ୍ତ ହେଉଛନ୍ତି ।

ଚାରିକୋଣିଆ ଗାତ ଖୋଳିବା ପାଇଁ ନୂଆ ମେସିନ୍

କଳ କାରଖାନା ମାନଙ୍କରେ ବିଭିନ୍ନ ଲୌହ ସାମଗ୍ରୀରେ ୪ କୋଣିଆ ଗାତ ଖୋଳିବା ପାଇଁ କୋଇମ୍ବାଟୁରସ୍ଥ ପି. ଏସ୍. ଜି. କଲେଜ ଅଫ ଟେକ୍ନୋଲୋଜିର ବୈଜ୍ଞାନିକ ମାନେ ଏକ ନୂଆ ପ୍ରକାରର ଟୁଲ ବା ଯନ୍ତ୍ର ତିଆରି କରିଛନ୍ତି । ଏହି ଯନ୍ତ୍ରଟି ସରଳ, ଏବଂ କମ ଖର୍ଚ୍ଚ ସାପେକ୍ଷ ତଥା କ୍ଷିପ୍ର କାର୍ଯ୍ୟକ୍ଷମ ।

ଏହି ଯନ୍ତ୍ରଟିକୁ ଲେଦ୍ ମେସିନ କିମ୍ବା ଭର୍ଟିକାଲ ମିଲିଂ ମେସିନରେ ସାମାନ୍ୟ ପରିବର୍ତ୍ତନ କରି ବ୍ୟବହାର କରି ହେବ

ଗାତ ନ ଖୋଳି ଭୂଗର୍ଭରେ ଜଳ ଠାବ

ଗାତ ନ ଖୋଳି (ଡ୍ରିଲିଂ) ଭୂଗର୍ଭସ୍ଥ ଜଳ ସମ୍ପଦ ଠାବ କରିବା ନିମନ୍ତେ ରୁଷିଆ ପକ୍ଷରୁ ଏକ ନୂଆ ଯନ୍ତ୍ର ବାହାର କରାଯାଇଛି ଯାହାର ନାମ ହେଉଛି ହାଇଡ୍ରୋସ୍କୋପ ।

ଏହି ହାଇଡ୍ରୋସ୍କୋପକୁ ରୁଷର ଦୁଇଜଣ ବୈଜ୍ଞାନିକ ଆନାଟୋଲି ସେମେନେଭ ଏବଂ ଆନାଟୋଲି ବରସ ଟାଭ୍ରିକ ତିଆରି କରିଛନ୍ତି ଏବଂ ଏହା ସାହାଯ୍ୟରେ ୧୦୦୦ ମିଟର ତଳେ ପାଣି ଅଛି ନାହିଁ ଜାଣି ହେବ କିନ୍ତୁ ଡ୍ରିଲିଂ କରିବାକୁ ପଡ଼ିବ ନାହିଁ ।□

ନୂଆ କିସମର ଅମୃତଭଣ୍ଡା

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ପୁଷା (ବିହାର) ଶାଖା ପକ୍ଷରୁ ୫ ଟି ନୂଆ ପ୍ରକାରର ଅଧିକ ଅମଳ କ୍ଷମ ଅମୃତଭଣ୍ଡା ଗଛ ସୃଷ୍ଟି କରାଯାଇ ପାରିଛି ଏହି ନୂଆ ଗଛ ଗୁଡ଼ିକରେ ୫୦ ରୁ ୪୫ କିଲୋଗ୍ରାମ କରି ଅମୃତଭଣ୍ଡା ଥରକରେ ଫଳିବ ଏବଂ ଝଡ଼ ବତାସରେ ଏହା ଝଡ଼ିପଡ଼ିବ ନାହିଁ ।□

ଖାରବେଳ

ଜେନେଟିକ୍ ବିଜ୍ଞାନର ଅଗ୍ରଗତି ଯୋଗୁ ଆଇନଗତ ଜଟିଳତା

ପିତାମାତାଙ୍କ ମୃତ୍ୟୁ ପରେ ସଂରକ୍ଷିତ ଭ୍ରୂଣର ଉତ୍ତରାଧିକାର ସଂପର୍କରେ ବାଦାନୁବାଦ

ସ୍ୱାମୀ ମୃତ୍ୟୁର ଦୁଇ ବର୍ଷ ପରେ ମଧ୍ୟ ସ୍ତ୍ରୀ ଗର୍ଭରୁ ସନ୍ତାନ ଜନ୍ମ ହେଲେ ତାର ସାମାଜିକ ମର୍ଯ୍ୟାଦା କ'ଣ ହେବ ?

ମୃତ ସ୍ୱାମୀର ବୀର୍ଯ୍ୟ ଧାରଣ କରି ଗର୍ଭବତୀ ହେବାର ଅଧିକାର ବିଧବା ପତ୍ନୀର ଅଛି କି ନାହିଁ ସେ ସମ୍ପର୍କରେ ଫ୍ରାନସରେ ଏକ ଅଭୂତପୂର୍ବ ଆଇନ ଯୁଦ୍ଧ ସମ୍ପ୍ରତି ଆରମ୍ଭ ହୋଇ ଯାଇଛି ଏବଂ ସେ ଦେଶର ବିଶିଷ୍ଟ ଆଇନଜ୍ଞ ମାନେ ଏ ସମସ୍ୟାର ସମାଧାନର ସୂତ୍ର ବାହାର କରି ପାରି ନାହାନ୍ତି । ଜଟିଳ ଆଇନ ଯୁଦ୍ଧ ଆରମ୍ଭ ହେଲା ଏଇଥିରୁ ।

ଫ୍ରାନସର ଜଣେ ମହିଳା ଶ୍ରୀମତୀ କରିନେ ପାରପାଲାଇକ୍ସଙ୍କର ସ୍ୱାମୀ ଶ୍ରୀ ଆଲେନ ୧୯୮୩ ମସିହା ଡିସେମ୍ବର ୨୫ ତାରିଖ ଦିନ ବିବାହର ମାତ୍ର ୨ ଦିନ ପରେ କ୍ୟାନସର ରୋଗରେ ପ୍ରାଣତ୍ୟାଗ କଲେ । କିନ୍ତୁ ମୃତ୍ୟୁ ପୂର୍ବରୁ ପ୍ୟାରିସ ନିକଟସ୍ଥ ଏକ ବୀର୍ଯ୍ୟ ସଂରକ୍ଷଣ କେନ୍ଦ୍ରରେ (ସ୍ପର୍ମ ବ୍ୟାଙ୍କ) ତାଙ୍କ ଶୁକ୍ର ସୁରକ୍ଷିତ ହୋଇ ସାରିଥିଲା । ନିଜ ସ୍ୱାମୀଙ୍କ ମୃତ୍ୟୁର କିଛି ଦିନ ପରେ ଉକ୍ତ ବିଧବା ପତ୍ନୀ ନିଜ ସ୍ୱାମୀଙ୍କ ଶୁକ୍ର ଧାରଣ କରି ଗର୍ଭବତୀ ହେବା ଉଦ୍ଦେଶ୍ୟରେ ଉକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ ଥିଲେ । କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର ସେ ଦାବୀକୁ ଗ୍ରହଣ କଲେ ନାହିଁ ଏବଂ ମୃତ ସ୍ୱାମୀଙ୍କ ଶୁକ୍ର ଦିଆଯାଇ ପାରିବ ନାହିଁ । ନିଜ ପତି ଅନୁରକ୍ତିର ପରାକାଷ୍ଠା ପ୍ରଦର୍ଶନ କରିବାକୁ ସଙ୍କଳ୍ପ ବଦ୍ଧ ହୋଇ ଥିବା ଶ୍ରୀ ଆଲିଏନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏ ଉତ୍ତରରେ ହତାଶ ହୋଇ ତାଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେଲେ ଓ ପ୍ରଥମ ପର୍ଯ୍ୟାୟରେ ତାଙ୍କର ବିଜୟ ହୋଇଛି ।

ଏହି ମାମଲାରେ ସ୍ପର୍ମ ବ୍ୟାଙ୍କ ପକ୍ଷରୁ ଯୁକ୍ତି କରାଯାଇଛି ଯେ ମୃତ ବ୍ୟକ୍ତି ନିଜ ଶୁକ୍ର ସମ୍ପର୍କରେ କୌଣସି ନିର୍ଦ୍ଦେଶ ଦେଇ ଯାଇନାହାନ୍ତି ଏବଂ ଏହାକୁ ଉତ୍ତରାଧିକାରୀ ସୂତ୍ରରେ ଲାଭ କରାଯାଇ ପାରିବ

ଉତ୍ତରାଧିକାରୀ ସୂତ୍ରରେ ଏହା ଲାଭ କରାଯାଇ ପାରିବ ନାହିଁ ବୋଲି ଦର୍ଶାଇଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଯୁକ୍ତି ହେଲା ଯେ ଫରାସୀ ନିୟମ ଅନୁଯାୟୀ କୌଣସି ସନ୍ତାନ ନିଜ ପିତା ମରିବାର ତିନି ଶହ ଦିନ ପରେ ଜନ୍ମ ହେଲେ ତାକୁ ଅବୈଧ ସନ୍ତାନ ରୂପେ ଗ୍ରହଣ କରିଯିବାର ବ୍ୟବସ୍ଥା ଥିବାରୁ ଆଲିଏନ୍‌ଙ୍କ ଶୁକ୍ର ଧାରଣ କରି ଶ୍ରୀମତୀ ଆଲିଏନ ଜନନୀ ହେଲେ ମଧ୍ୟ ନବଜାତର ଆଇନଗତ ସ୍ଥିତି ବିଷୟରେ ସନ୍ଦିହାନ ହେବାର ଆଶଙ୍କା ଅଛି । ତେଣୁ ଶ୍ରୀମତୀ ଆଲିଏନଙ୍କୁ ତାଙ୍କ ନାହିଁ କିନ୍ତୁ ଅଦାଲତ ବ୍ୟାଙ୍କର ଏ ଯୁକ୍ତିକୁ ଗ୍ରହଣ କରି ନାହାନ୍ତି ଏବଂ ଶ୍ରୀ ଆଲିଏନଙ୍କ ସପକ୍ଷରେ ରାଏ ଦେଇଛନ୍ତି ।

ଶ୍ରୀ ଆଲିଏନଙ୍କ ବୀର୍ଯ୍ୟ ସଂରକ୍ଷଣ ଦାୟିତ୍ୱ ବୀର୍ଯ୍ୟ ସଂରକ୍ଷଣ ଓ ଅନୁଧ୍ୟାନ କେନ୍ଦ୍ର ହସ୍ତରେ ନ୍ୟସ୍ତ ଅଛି ଏବଂ ଚଳିତ ମାସ ମଧ୍ୟରେ ଅଦାଲତ ରାଏ ବିରୁଦ୍ଧରେ ସେମାନଙ୍କୁ ଅପିଲ କରିବାକୁ ପଡ଼ିବ । ଯଦି ଉକ୍ତ କେନ୍ଦ୍ର କୌଣସି ଅପିଲ ନ କରନ୍ତି ତେବେ ଶ୍ରୀ ଆଲିଏନ ଛ ମାସ ଭିତରେ ତାହା ଦାବୀ କରି ନେଇ ଯାଇ ପାରିବେ ।

ସଂରକ୍ଷିତ ଭ୍ରୂଣ

ଏହା ସହିତ ଅନ୍ୟ ଏକ ଜଟିଳ ପ୍ରଶ୍ନ ମଧ୍ୟ ଫ୍ରାନସ ଚିନ୍ତାନାୟକ ମାନଙ୍କୁ ବିବ୍ରତ କରିଛି । ସେହି ପ୍ରଶ୍ନଟି ସୃଷ୍ଟି ହୋଇଛି ମେଲବୋର୍ଣ୍ଣସ୍ଥ ଭିକ୍‌ଟୋରିଆ ମେଡ଼ିକାଲ ସେଣ୍ଟରରେ ସଂରକ୍ଷିତ ହୋଇ ଥିବା ଦୁଇଟି ଭ୍ରୂଣକୁ (ଫ୍ରୋଜନ ଏମ୍ବ୍ରିଓ) କେନ୍ଦ୍ର କରି । ଲସ ଆଞ୍ଜେଲେସର ଏକ ଦମ୍ପତି ମାରିଓ ଏବଂ ଲେସା ରିଓସ ୧୯୮୧ ମସିହାରେ ଦୁଇଟି ଭ୍ରୂଣ ଉକ୍ତ ମେଡ଼ିକାଲର କେନ୍ଦ୍ରରେ ସଂରକ୍ଷିତ କରି ଯାଇଥିଲେ । ଉଭୟେ ସନ୍ତାନହୀନ

ଜେନେଟିକ ବିଜ୍ଞାନର ଅଗ୍ରଗତି ସଙ୍ଗେ ସଙ୍ଗେ ବିଶ୍ୱରେ କେତେକ ନୂଆପ୍ରକାର ସାମାଜିକ ଓ ବୈଧାନିକ ସମସ୍ୟା ସୃଷ୍ଟି ହେଲାଣି ଏବଂ ଚିନ୍ତାନାୟକ ମାନଙ୍କ ମଧ୍ୟରେ ଏହା ଏକ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ଟେଷ୍ଟ ଟ୍ୟୁବ ସନ୍ତାନ, ଶୀତଳୀକରଣ ଭ୍ରୂଣ ଓ ବୀର୍ଯ୍ୟ ସାହାଯ୍ୟରେ ଜନ୍ମଲାଭ କରୁଥିବା ସନ୍ତାନଗଣଙ୍କ ଆଇନଗତ ଅଧିକାର ଏବଂ ସ୍ୱତନ୍ତ୍ର ବିଶେଷରେ ଜୈବିକ ମାତା ପିତାଙ୍କ ମୃତ୍ୟୁ ହୋଇଗଲେ ସେମାନଙ୍କ ସାମାଜିକ ସ୍ଥିତି କଣ ହେବ ସେ ବିଷୟ ଏକ ଜଟିଳ ସାମାଜିକ ସମସ୍ୟା ସୃଷ୍ଟି କରିଛି । ଆମ ଭାରତରେ ଏହି ସମସ୍ୟା ମୋଟେ ସୃଷ୍ଟି ହୋଇନାହିଁ କହିଲେ ଚଳେ । କିନ୍ତୁ ପାଶ୍ଚାତ୍ୟ ରାଷ୍ଟ୍ରରେ ଯେଉଁଠି ଶୀତଳୀକରଣ ଭ୍ରୂଣ ସଂରକ୍ଷଣ ପାଇଁ ବହୁବିଧ ବ୍ୟବସ୍ଥା ହେଲାଣି ଏବଂ ବୁଦ୍ଧିଜୀବୀ ତଥା ନୋବେଲ ପୁରସ୍କାର ପ୍ରାପ୍ତ ବୈଜ୍ଞାନିକ ମାନଙ୍କ ବୀର୍ଯ୍ୟ ସଂରକ୍ଷଣ ବ୍ୟାଙ୍କ ଖୋଲାଗଲାଣି ଏବଂ ସର୍ବୋପରି ଯେଉଁଠି ମହିଳାମାନେ ଉକ୍ତ ସ୍ପର୍ମ ବ୍ୟାଙ୍କ ବା ବୀର୍ଯ୍ୟ ସଂରକ୍ଷଣ କେନ୍ଦ୍ରରୁ ନିଜ ମନ ମୁତାବକ ବ୍ୟକ୍ତିର ବୀର୍ଯ୍ୟ ଧାରଣ କରି ମାତା ହେବାରେ ଆନନ୍ଦ ଅନୁଭବ କଲେଣି ଓ ବିବାହକୁ ସମ୍ପୂର୍ଣ୍ଣରୂପେ ଏଡ଼ାଇଦେବାକୁ ସଚେଷ୍ଟ ହେଲେଣି ସେଠାରେ ଜେନେଟିକ ବିଜ୍ଞାନ ଏକ ସାମାଜିକ ବିସ୍ଫୋରଣ ସୃଷ୍ଟି କରିବାକୁ ବସିଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ ।

Images: Aptakama Mishra, Processing: Srujanika

ଥିବାରୁ କୃତ୍ରିମ ଉପାୟରେ ସନ୍ତାନ ଲାଭ କରିବା ପାଇଁ ମେଲବୋର୍ଣ୍ଣ ଆସି-ଥିଲେ ଏବଂ ଏଲସାଙ୍କ ଜରାୟୁରେ ଏକ ଭ୍ରୂଣ ରୋପଣ କରିବା ପରେ ମଧ୍ୟ ସେ ଗର୍ଭବତୀ ହୋଇ ନଥିଲେ । କିଛି ଦିନ ବ୍ୟବଧାନରେ ଅନ୍ୟ ଏକ ଉଦ୍ୟମ କରିବାକୁ ଉକ୍ତ ସ୍ୱାମୀ ସ୍ତ୍ରୀ ନିଷ୍ପତ୍ତି କରି ସେଠାରେ ଦୁଇଟି ଭ୍ରୂଣ ସଂରକ୍ଷିତ କରି ରଖିଲେ । ଭ୍ରୂଣକୁ ଥଣ୍ଡା କରି ଚିହ୍ନୋଟ ପତ୍ର ସହ ରଖାଗଲା ।

କିନ୍ତୁ ତାହା ପରେ ଉକ୍ତ ସ୍ୱାମୀ ସ୍ତ୍ରୀ ୨ ଜଣ ଏ ପର୍ଯ୍ୟନ୍ତ ଆସିଲେ ନାହିଁ । ଚିଲି ଉପରେ ଏକ ବିମାନ ଚାଳନା କରୁ କରୁ ଶ୍ରୀ ମେରିଓ ନିୟନ୍ତ୍ରଣ ହରାଇ ବସିଲେ ଫଳରେ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହେଲା ଏବଂ ଉଭୟ ସ୍ୱାମୀ ସ୍ତ୍ରୀ ଏଥିରେ ୧୯୮୩ ମସିହାରେ ପ୍ରାଣ ହରାଇଥିଲେ ।

ଏବେ ଆଇନଗତ ଜଟିଳତା ସୃଷ୍ଟି ହୋଇଛି ଉକ୍ତ ଭ୍ରୂଣ ଦ୍ୱୟକୁ କେନ୍ଦ୍ର କରି । ଫ୍ରାନସର ସମ୍ବାଦ ପତ୍ର ଗୁଡ଼ିକ ଉକ୍ତ ଡିମ୍ବାଣୁକୁ ଅନାଥ ବୋଲି ଅଭିହିତ କରିଛନ୍ତି । ବର୍ତ୍ତମାନ ପ୍ରଶ୍ନ ହେଉଛି ଉକ୍ତ ଡିମ୍ବାଣୁ ଦ୍ୱୟର କିଛି ଆଇନଗତ ଅଧି-କାର ଅଛି କି ? ଏହାକୁ ଅନ୍ୟ କୌଣସି ମହିଳାଙ୍କ ଜରାୟୁରେ ରୋପଣ କରାଯାଇ ପାରିବ କି ? ମାରିଓ ଓ ଏଲସାଙ୍କ ସମ୍ପତ୍ତି ଉପରେ ଉକ୍ତ ଡିମ୍ବା ଣୁର କିଛି ଅଧିକାର ରହିବ କି ? ଏହି ସବୁ ସମସ୍ୟା ଏବେ ଫ୍ରାନସରେ ବହୁଳ ଭାବେ ଚର୍ଚ୍ଚିତ ହେଉଛି ଏବଂ ଓକିଲ ତଥା ବିଧାୟକ ମାନେ ଏହାର କିଛି ସଠିକ ଉତ୍ତର ଦେଇ ପାରୁ ନାହାଁନ୍ତି । ୫୩ ବର୍ଷ ବୟସ୍କ ମେରିଓ ତାଙ୍କ ଉଇଲ ରେ ନିଜର ସମ୍ପତ୍ତି ତାଙ୍କର ଅନ୍ୟତମ ପତ୍ନୀଙ୍କ ଔରସରୁ ଜାତ ପୁତ୍ରକୁ ଅର୍ପଣ କରିଛନ୍ତି ଏବଂ ଏଲସା ତାଙ୍କ ମାତାଙ୍କୁ ନିଜ ସମ୍ପତ୍ତି ଦେଇ ଯାଇଛନ୍ତି ।

ଉକ୍ତ ଦମ୍ପତିଙ୍କ ଓକିଲ ଲିରି କହନ୍ତି ଯେ ଉକ୍ତ ଡିମ୍ବାଣୁ ଆଉ ଜଣେ ମହିଳାଙ୍କ ଠାରେ ରୋପଣ କରା ନଗଲେ ବଞ୍ଚିପାରିବ ନାହିଁ ତେଣୁ ଏହାକୁ ସଜୀବ ବୋଲି ଗ୍ରହଣ କରାଯିବା ଅନୁଚିତ । ଲିରୀଙ୍କ ମତରେ ଏ ସଂପର୍କରେ ଅଦାଲତରେ କେହି ପ୍ରଶ୍ନ କଲେ ତାଙ୍କୁ ଉକ୍ତ ଭ୍ରୂଣ ନିର୍ଦ୍ଦିଷ୍ଟ ସ୍ୱାମୀର ବୀର୍ଯ୍ୟ ଓ ସ୍ତ୍ରୀର ଡିମ୍ବାଣୁରୁ ସୃଷ୍ଟ ବୋଲି ପ୍ରମାଣ କରିବାକୁ ହେବ । ଉକ୍ତ ଭ୍ରୂଣ ଦ୍ୱୟ ଶୀତଳୀକରଣ ପ୍ରକ୍ରିୟାରେ ମୃତବତ୍ ରହିଥିବାରୁ ଅନ୍ୟ ଜଣେ ମହିଳାଙ୍କ ଦେହରେ ତାକୁ ରୋପଣ କରିବାର ଅଧିକାର କାହାର ଅଛି ?

ଏହି ଭ୍ରୂଣର ଆଇନଗତ ଅଧିକାର ସମ୍ପର୍କରେ ଫ୍ରାନସ ବାହାରେ ମଧ୍ୟ ବିଭିନ୍ନ ବିଶେଷଜ୍ଞ ମହଲରେ ଚର୍ଚ୍ଚା ହେଉଛି ।

ଜେନେଟିକ ବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ଏହିଭଳି ଆହୁରି କେତେକ ଆଇନଗତ ଜଟିଳତା ସୃଷ୍ଟି ହେଲଣି । କୌଣସି ସ୍ୱେଚ୍ଛାସେବୀ ମାତା (ସରୋଗେଟ ମଦର) ସନ୍ତାନକୁ ଜନ୍ମ ଦେବା ପରେ ଯଦି ଉକ୍ତ ଭ୍ରୂଣ ଦାନ କରିଥିବା ପିତା ମାତାଙ୍କ ହାତରେ ସେହି ସନ୍ତାନକୁ ପ୍ରତ୍ୟର୍ପଣ ନ କରେ ତେବେ କଣ ହେବ? ସେହି ସନ୍ତାନ ଉପରେ ସ୍ୱେଚ୍ଛାସେବୀ ମାତାର କିଛି ଅଧିକାର ଅଛି କି ? ତାହା ଅନ୍ୟ ଏକ ପ୍ରଶ୍ନ ।

ସେହିପରି ସ୍ୱେଚ୍ଛାସେବୀ ମାତା ଭ୍ରୂଣ ଧାରଣ କରି ସାରିବା ପରେ ସନ୍ତାନ ଜନ୍ମ କରିବା ପୂର୍ବରୁ ଯଦି ଜୈବିକ ପିତା ମାତାଙ୍କ (ବାୟୋଲୋଜିକାଲ ପ୍ୟାରେଣ୍ଟ) ମୃତ୍ୟୁ ହୁଏ । ତେବେ ଉକ୍ତ ସନ୍ତାନ ମୃତ ଜୈବିକ ପିତାମାତାଙ୍କ ସମ୍ପତ୍ତି ଉପରେ ନିଜର ଅଧିକାର ସାବ୍ୟସ୍ତ କରି ପାରିବ କି ? ସେହିଭଳି ଏକ ଦାବୀ ହେଲେ ଉକ୍ତ ସମ୍ପତ୍ତିର ଅନ୍ୟ ଉତ୍ତରାଧିକାରୀ ମାନେ କିଭଳି ପ୍ରତିକ୍ରିୟା ପ୍ରକାଶ କରିବେ ? ସେହି ଉତ୍ତରାଧିକାରୀମାନେ ଉକ୍ତ ସନ୍ତାନକୁ ସଂପତ୍ତିରୁ ବଞ୍ଚିତ କରିବାକୁ ହୁଏତ ଯୁକ୍ତି କରିବେ କି ଭ୍ରୂଣ ବ୍ୟାଙ୍କ ବା ବୀର୍ଯ୍ୟ ବ୍ୟାଙ୍କରେ ଯଥାଯଥ ଚିହ୍ନୋଟ ବ୍ୟବସ୍ଥା ନଥିବାରୁ କାହାର ସନ୍ତାନ ବୋଲି କିପରି ଜାଣିବା ? □

ଭାରତର ଶେଷ ସ୍ୱାଧୀନ ସମ୍ରାଟ ବାହାଦୂର ଶାହା ଜାଫର

ସର୍ବସାଧାରଣରେ ବାହାଦୁର ଶାହ ଜାଫର ନାମରେ ପରିଚିତ ସିରାଜ-ଉଦ୍ଦିନ ମହମଦ ଆବୁ ଜାଫର ତୈମୁରଲଙ୍ଗଙ୍କ ବଂଶର ଶେଷ ଉତ୍ତରା-ଧିକାରୀ ଥିଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ଭାରତରେ ଏହି ବଂଶର ସାମ୍ରାଜ୍ୟ ପ୍ରତିଷ୍ଠା ସମ୍ରାଟ ବାବରଙ୍କ ଦ୍ୱାରାହିଁ ସମାହିତ ହୋଇଥିଲା । ଆରବିକ ପର୍ଶିଆନ୍ ଏବଂ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଉଚ୍ଚ ଶିକ୍ଷା ଲାଭକରି ବାହାଦୂର ଶାହା ଘୋଡ଼ାଚଢ଼ା ବନ୍ଧୁକ ଚାଳନା, ଏବଂ ଦୁର୍ଗ ଅବରୋଧ ଆଦି ବିଭିନ୍ନ ପ୍ରକାର ସାମରିକ କୌଶଳ କ୍ଷେତ୍ରରେ ମଧ୍ୟ ଅପରାଜେୟ ଥିଲେ । ପିତା ଶ୍ରୀ ଆକବର ଶାହ ଶାନଙ୍କ ମୃତ୍ୟୁପରେ ୧୯୩୭ ମସିହା ସେପ୍ଟେମ୍ବର ମାସରେ ସେ ସମ୍ରାଟ ପଦରେ ଅଭିଷିକ୍ତ ହେଲେ । ସମ୍ରାଟ ହେବା ଦିନଠାରୁହିଁ ବ୍ରିଟିଶ ସରକାରଙ୍କ ସହ ତାଙ୍କ ତୀବ୍ର ଶତ୍ରୁତା ଆରମ୍ଭ ହୋଇଥିଲା । ତାଙ୍କର ପେନସନ ପରିମାଣକୁ କମାଇ ଦିଆଗଲା ଏବଂ ବ୍ରିଟିଶଙ୍କ ପ୍ରେରିତ ପତ୍ର ଗୁଡିକରେ ତାଙ୍କୁ ମହାଭାଗ ପରିବର୍ତ୍ତେ କେବଳ ପ୍ରିୟ ନାମରେହିଁ ସମ୍ବୋଧନ କରାଗଲା ।

୧୮୫୪ ମସିହାରେ ଉତ୍ତରାଧିକାରୀ ସୂତ୍ରରେ ରାଜପୁତ୍ର ମନୋନୟନ କରିବା ବେଳେ ବ୍ରିଟିଶ ସରକାର ହସ୍ତକ୍ଷେପ କରିବାରୁ ବାହାଦୁର ଶାହ ଏବଂ ବ୍ରିଟିଶ ଶାସନ ମଧ୍ୟରେ ମନୋମାଳିନ୍ୟ ଉତ୍ତେ-ଜନା ଚରମ ସୀମାରେ ପହଞ୍ଚି ଥିଲା । ଏହି ପ୍ରସଙ୍ଗରେ ରେସିଡେଣ୍ଟଙ୍କୁ ପତ୍ର ଲେଖି ଡଲହାଉସି ଲେଖିଲେ ବାହାଦୁର ଶାହଙ୍କ ମୃତ୍ୟୁ ପରେ ତାଙ୍କ ଦ୍ୱାରା ଶାସିତ ସାମ୍ରାଜ୍ୟ ଚିରଦିନ ପାଇଁ ଲୋପ ପାଇବ । ୧୮୫୭ ମସିହା ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏକତା ଏବଂ ସହାବସ୍ଥାନର ଅତୁଳନୀୟ ଉଦାହରଣ ପ୍ରଦର୍ଶନ କରୁଥିବା ଦିଲ୍ଲୀର

Images: Aptakama Mishra, Processing: Srujanika

ହିନ୍ଦୁ ଏବଂ ମୁସଲମାନ ଅଧିବାସୀଗଣ ସେମାନେ ସମ୍ରାଟଙ୍କ ପ୍ରତି କରାଯାଇ-ଥିବା ଏତାଦୃଶ ଉକ୍ତ ବ୍ୟବହାରକୁ ସହ୍ୟ କରି ପାରିଲେ ନାହିଁ ।

ସାଧାରଣ ଜନମାନସ ଧାରଣାର ଠିକ୍ ବିପରୀତ ରୂପେ ୧୮୫୭ ମସିହା ବିଦ୍ରୋହ ଥିଲା ପୂର୍ବ ପରିକଳ୍ପିତ । ବ୍ରିଟିଶଙ୍କ ଉପରେ ସାଧାରଣ ଜନତା ରାଜାଗଣ ଏବଂ ସବୁ ଦେଶପ୍ରେମୀକଂ ଦ୍ୱାରା ଏକ ସମୟରେ ସମ୍ମିଳିତ ଆକ୍ରମଣ କରି ସେମାନଙ୍କୁ ଭାରତରୁ ବିତାଡ଼ିତ କରିବାପାଇଁ ବାହାଦୂର ଶାହ ୧୮୫୭ ମସିହା ମଇ ମାସ ୩୧ ତାରିଖରେ ଆକ୍ରମଣ ଆରମ୍ଭର ଶୁଭଦିନ ରୂପେ ସ୍ଥିର କରିଥିଲେ । ଅତି ସଂଗୋପନେ ଏହି ଯୋଜନା ପ୍ରସ୍ତୁତ ହୋଇଥିଲା । ପଦ୍ମଫୁଲ ଏବଂ ରୁଟିକୁ ବିଦ୍ରୋହର ସଙ୍କେତ ରୂପେ ଗ୍ରହଣ କରାଯାଇ ସବୁଜ ସ୍ୱର୍ଣ୍ଣ ରଙ୍ଗର ପତାକାକୁ ଏହାର ବାର୍ତ୍ତା-ବାହକ ରୂପେ ସ୍ଥିର କରାଗଲା । କିନ୍ତୁ ଏହି ସୁଚିନ୍ତିତ ବିଦ୍ରୋହର ପ୍ରଥମ ସ୍ଫୁରଣ ଠିକେ ପୂର୍ବରୁ ହିଁ ଦୃଶ୍ୟମାନ ହୋଇଥିଲା । ଏନଫିଲଡ଼ ରାଇଫଲ ପ୍ରଚଳନ କରି ଗାଈ ଓ ଘୁଷୁରି ଚର୍ବିରେ ନିର୍ମିତ କାର୍ତ୍ତୁଜର ବାହ୍ୟ ଆବରଣକୁ ପାଟିରେ ଛିଣ୍ଡାଇ ବ୍ୟବହାର କରାଯିବାରୁ ବ୍ରିଟିଶ ସେନାବାହିନୀରେ କାର୍ଯ୍ୟ କରୁ-ଥିବା ଉଭୟ ହିନ୍ଦୁ ଓ ମୁସଲମାନ ଭାରତୀୟ ସୈନ୍ୟମାନେ ଏହାଦ୍ୱାରା ନିଜକୁ ଅପମାନିତ ମନେ କଲେ ।

ମେ ମାସ ୧୦ ତାରିଖରେ ବିଦ୍ରୋହ ଆରମ୍ଭ ହେଲା । ମିରଟ ସେନା ଛାଉ-ଣୀରେ ଥିବା ଭାରତୀୟ ସୈନ୍ୟମାନେ ସେମାନଙ୍କର ବ୍ରିଟିଶ ଅଫିସରମାନଙ୍କୁ ହତ୍ୟାକରି ଭଖତ ଖାନଙ୍କ ନେତୃତ୍ୱରେ ଦିଲ୍ଲୀ ଅଭିମୁଖେ ମାଡ଼ି ଚାଲିଲେ ଏବଂ ବାହାଦୁର ଶାହାଙ୍କୁ ସେମାନଂକର ସମ୍ରାଟ ବୋଲି ଘୋଷଣା କଲେ । ଜାଫ-ରଂକ ସମ୍ମାନ ଉଦ୍ଦେଶ୍ୟରେ ୨୧ ଥର ତୋପ ସାଲ୍ୟୁଟ ପ୍ରଦାନ କରି ବ୍ରିଟିଶ ରାଜ ଧ୍ୱଂସ ହେଉ ଏବଂ ବାହାଦୁର ଶାହ ବିଜୟ ମଣ୍ଡିତ ହୁଅନ୍ତୁ ବୋଲି ସେମାନେ ଧ୍ୱନି ଦେଲେ । ଭାରତର ସବୁ ହିନ୍ଦୁ ଓ ମୁସଲମାନ ବାହାଦୂର ଶାହାଙ୍କ ପଛରେ ଏକ ହୋଇ ଦଣ୍ଡାୟମାନ ହେଲେ ବୋଧହୁଏ ଏହାଠାରୁ ବଳି ଜାତୀୟ ଏକତାର ପ୍ରକୃଷ୍ଟ ଉଦା-ହରଣ ଆଉ କିଛି ନଥିଲା । ଅବଶ୍ୟ ଉଇତ୍ତରୀୟ ଯୋଗାଯୋଗ ବ୍ୟବସ୍ଥା ଏବଂ ଉନ୍ନତ ଧରଣର ଅସ୍ତ୍ର ଶସ୍ତ୍ର ଚାଳନା ଯୋଗୁଁ ଇଂରେଜମାନେ ଖୁବ୍ ଅଳ୍ପ ସମୟ ମଧ୍ୟରେ ଦିଲ୍ଲୀ ପୁନର୍ଦଖଲ କଲେ । ନିରୀହ ନାଗରିକ ମାନଙ୍କୁ ହତ୍ୟା କରା-ଗଲା ଏବଂ ଭୟ ଓ ଆତଙ୍କର ଶାସ-ନକୁ ଲକ୍ଷ୍ୟ କରାଗଲା । ଏହି ଦୃଶ୍ୟକୁ ଅବଲୋକନ କରି ସେତେବେଳେ ଦିଲ୍ଲୀରେ ଅବସ୍ଥାନ କରୁଥିବା ପ୍ରସିଦ୍ଧ କବି ଅହଦୁଲ୍ଲା ଖାନ୍ ଗାଲିବ୍ ବିପନ୍ନ ମନରେ ଲେଖିଲେ ଏଇଠି ମୋ ଆଗରେ ଦୃଶ୍ୟମାନ ହୋଇଛି କେବଳ ରକ୍ତର ଏକ ବିରାଟ ସାଗର । ଭଗବାନ କେବଳ ଜାଣନ୍ତି ଆଉ ଅଧିକା କଣ ଦେଖିବାକୁ ବାକି ରହିଛି ।

ସବୁଠାରୁ ଦୁର୍ଭାଗ୍ୟ ଜନକ ଘଟଣା ହେଲା ଯେତେବେଳେ ଲେଫଟ-ନାଣ୍ଟ ହଡ଼ସନ ସର୍ବସାଧାରଣଙ୍କ ସମ-କ୍ଷରେ ସମ୍ରାଟଙ୍କର ଦୁଇଟି ପୁଅ ଏବଂ ନାତିର ମସ୍ତକ ଛେଦନ କରି ସମ୍ରାଟଙ୍କୁ ଏହା ଭେଟି ଦେଲେ । କିନ୍ତୁ ସମ୍ରାଟ ଏଥିରେ ଆଦୌ ବିଚଳିତ ହୋଇ-ନଥିଲେ । ସମ୍ରାଟଙ୍କ ଆଖିରେ ଲୁହ ନଦେଖି ହଡ଼ସନ ବିସ୍ମୟ ପ୍ରକାଶ କଲା-ବେଳେ ବାହାଦୂର ଶାହ ଜାଫର ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲେ, ହଡ଼ସନ ସମ୍ରାଟ କେବେ କାନ୍ଦନ୍ତି ନାହିଁ । ଏହି ପ୍ରକାର ଏକ ବିରାଟ ବ୍ୟକ୍ତିତ୍ୱକୁ କେନ୍ଦ୍ରରେ ରଖି ୧୮୫୭ ମସିହା ବିଦ୍ରୋହ ସଂଗଠିତ ହୋଇଥିଲା । ବିଦ୍ରୋହ ବିଫଳ ହେଲା ପରେ ସମ୍ରାଟଙ୍କୁ ରେଙ୍ଗୁନ ନିର୍ବାସିତ କରାଗଲା । ସେଇଁଠି ସେ ୮୭ ବର୍ଷ ବୟସରେ ୧୮୬୨ ମସି-ହାରେ ଅତି ଦଣ୍ଡମୟ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ସ୍ୱଭାବତଃ ବାହାଦୂର ଶାହା ଜାଫର ଜଣେ ସୁଫୀ ଧର୍ମାବଲମ୍ବୀ ଥିଲେ କେବଳ ଏହି କାରଣରୁ ହିଁ ସେ ସବୁ ଧର୍ମ ପ୍ରତି ସହିଷ୍ଣୁ ଓ ଉଦାର ମନୋଭାବ ପୋଷଣ କରୁଥିଲେ । କବିତାର ଏକ ପରମ ସ୍ତାବକ ରୂପେ ସେ ନିଜ ନାମ ପଛରେ ଜାଫର ପଦବୀ ରଖିଥିଲେ । ନିର୍ବାସନକାଳରେ ଉର୍ଦ୍ଦୁ ଭାଷାରେ ତାଙ୍କ ଦ୍ୱାରା ରଚିତ ହୋଇଥିବା ଗଜଲ ଗୁଡ଼ିକ ସେମାନଙ୍କର ଭାବଗତ ଓ ସଙ୍ଗୀତମୟ ଉଚ୍ଛ୍ୱାସ ଯୋଗୁ ଏବେ ମଧ୍ୟ ସାହିତ୍ୟ ଜଗତରେ ଏକ ଚିରସ୍ଥାୟୀ ଆସନ ଲାଭ କରିଛନ୍ତି । ଦୁର୍ଭାଗ୍ୟବଶତଃ ନିଜ ଜନ୍ମ-ଭୂମିରେ ଚିର ସମାଧି ଲାଭ କରିବାପାଇଁ ତାଙ୍କର ଯେଉଁ ଶେଷ ଇଚ୍ଛା ଥିଲା ତାହା ପୂର୍ଣ୍ଣ ହେଲନାହିଁ । ନିଜର ମୃତ୍ୟୁ ଶଯ୍ୟାରେ ମଧ୍ୟ ଜାଫର କହିଥିଲେ ମୃତ୍ୟୁ ତାଙ୍କୁ କୌଣସି ପ୍ରକାର ଯନ୍ତ୍ରଣା ଦେଇ ପାରିବ ନାହିଁ । ଯଦି ସେ କିଛି ବେଦନା ଅନୁଭବ କରିଥିଲେ ତେବେ ତାହା ଥିଲା ନିଜ ଜନ୍ମ ଭୂମିରେ ଚିର ସମାଧି ନେବା ପାଇଁ ଆବଶ୍ୟକ ଦୁଇଗଜ ପରିମିତ ସ୍ଥାନ ପାଇବାକୁ ବଞ୍ଚିତ ହୋଇଥିବା ଯୋଗୁ ଏହି ବିରାଟ ହୃଦୟ ବିଶିଷ୍ଟ ବ୍ୟକ୍ତିର ଆତ୍ମା ତାଙ୍କର ଧର୍ମ ନିରପେକ୍ଷତା ଦୃଷ୍ଟି-କୋଣ ଏବଂ ସର୍ବୋପରି ତାଙ୍କର ଉତ୍କଟ ଦେଶପ୍ରାଣତାର ଅଚଞ୍ଚଳ ସ୍ରୋତକୁ ଆମେ ତାଙ୍କର ବାଣି ମଧ୍ୟରେହିଁ ସବୁ-ଠାରୁ ଭଲଭାବେ ଅନୁଭବ କରିପାରିବା ଜାଫରଙ୍କ ଭାଷାରେ ହିନ୍ଦୁସ୍ଥାନର ହିନ୍ଦୁ ଓ ମୁସଲମାନ ଅଧିବାସୀଗଣ ଜାଗ୍ରତ ହୁଅ । ମୋର ପ୍ରିୟ ଭ୍ରାତାଗଣ ଜାଗ୍ରତ ହୁଅ ଈଶ୍ୱରଂକ ଦ୍ୱାରା ମଣିଷ ପାଇଁ ପ୍ରଦତ୍ତ ସବୁ ଦାନଗୁଡ଼ିକ ମଧ୍ୟରେ ସ୍ୱାଧି-ନତାହିଁ ବୃହତ୍ତମ ଏବଂ ସର୍ବୋତ୍କୃଷ୍ଟ । ଏହି ଚରମ ଲୁଣ୍ଠନକାରୀ ଶକ୍ତି ଯିଏ ଗୋଟିଏ ପରେ ଗୋଟିଏ ବିଶ୍ୱାସଘାତ-

ରାଜ୍ୟପାଳ ନା ଶିଖଣ୍ଡୀ ?

ଆନ୍ଧ୍ରରେ ଶ୍ରୀ ଏନ୍ ଟି ରାମାରାଓଙ୍କ ମନ୍ତ୍ରୀମଣ୍ଡଳକୁ ସେଠା ରାଜ୍ୟପାଳ ଶ୍ରୀ ରାମ ଲାଲ ବରଖାସ୍ତ କରି ଶ୍ରୀ ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ପରେ ତାଙ୍କୁ କେନ୍ଦ୍ର କରି ସମଗ୍ର ଦେଶରେ ଏକ ତୁମୁଳ ରାଜନୈତିକ ଝଡ ସୃଷ୍ଟି ହୋଇଛି ଏବଂ ଦେଶର ସବୁ ବିରୋଧୀ ଦଳ ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ପ୍ରତିଷ୍ଠା ହୋଇଛି ।

ଯେଉଁ ରାଜନୀତି ବିଶାରଦ ମାନେ ଏ ସମ୍ପର୍କରେ ତର୍କ ବିତର୍କ କରୁଛନ୍ତି । ସେମାନଙ୍କ ଆଗରେ ତିନୋଟି ପ୍ରଧାନ ପ୍ରଶ୍ନ ଉଠୁଛି । ତାହା ହେଲା (୧) ଜଣେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କରିବାକୁ ବାଧ୍ୟ କି ? (୨) ରାଜ୍ୟ ମନ୍ତ୍ରୀମଣ୍ଡଳ ସଂଖ୍ୟାଧିକ ବିଧାୟକଙ୍କ ସମର୍ଥନ ହରାଇଲାଣି ବୋଲି କେଉଁ ପରିସ୍ଥିତିରେ ରାଜ୍ୟପାଳ ସିଦ୍ଧାନ୍ତ କରିବେ । (୩) ଏହା ଜାଣିବା ପାଇଁ ବିଧାୟକ ମାନଙ୍କ ବ୍ୟକ୍ତିଗତ ପତ୍ର ଯଥେଷ୍ଟ ନା ରାଜ୍ୟପାଳଙ୍କ ସମ୍ମୁଖରେ ସେମାନଙ୍କୁ ହାଜର କରିବାକୁ ପଡିବ?

ରାଜନୀତି ବିଶାରଦଙ୍କ ମତରେ କେବଳ ବିଧାନ ସଭାରେ ହିଁ କୌଣସି ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରରେ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନ ଅଛି କି ନାହିଁ ତାହାର ପ୍ରମାଣ ଦିଆଯାଇ ପାରିବ । ବିଧାୟକଙ୍କ ବ୍ୟକ୍ତିଗତପତ୍ର ବା ରାଜ୍ୟପାଳଙ୍କ ସମ୍ମୁଖରେ ସେମାନଙ୍କୁ ହାଜର କରାଯାଇ କୌଣସି ମୁଖ୍ୟମନ୍ତ୍ରୀ ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବା ବିଧେୟ ନୁହେଁ ।

୧୯୬୭ରୁ ବାଦାନୁବାଦ ଆରମ୍ଭ ହେଲା

ସମ୍ବିଧାନ ପ୍ରବର୍ତ୍ତିତ ହେବା ପରଠାରୁ ୧୯୬୭ ମସିହା ପର୍ଯ୍ୟନ୍ତ ରାଜ୍ୟପାଳ ମାନଙ୍କ ଭୂମିକା ବିଷୟରେ ବିଶେଷ ବାଦାନୁବାଦ ସୃଷ୍ଟି ହୋଇ ନଥିଲା । କିନ୍ତୁ ସେହିବର୍ଷ କେତେକ ରାଜ୍ୟରେ କଂଗ୍ରେସ ପ୍ରଥମ ଥର ପାଇଁ କ୍ଷମତାଚ୍ୟୁତ ହେବା ପରେ ଏ ପରିସ୍ଥିତି ଉପୁଜିଲା । ସେହି ବର୍ଷ ଯେଉଁ ରାଜ୍ୟ ମାନଙ୍କରେ କଂଗ୍ରେସ କ୍ଷମତାଚ୍ୟୁତ ହେଲା ସେଠାରେ ଅନ୍ୟ ବିରୋଧୀ ଦଳ ଗୁଡିକ ମଧ୍ୟ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିନଥିଲେ । ଫଳରେ କେଉଁ ଦଳକୁ ଡାକି ମନ୍ତ୍ରୀମଣ୍ଡଳ ଗଠନ କରିବାକୁ କୁହାଯିବ ତାହା ସ୍ଥିର କରିବା ସଂପୃକ୍ତ ରାଜ୍ୟପାଳଙ୍କ ମାନଙ୍କ ପାଇଁ ଏକ ଜଟିଳ ସାମ୍ବିଧାନିକ ସମସ୍ୟା ସୃଷ୍ଟି କଲା । ବ୍ୟକ୍ତିଗତ ଭାବେ ବିଧାୟକ ମାନଙ୍କ ପତ୍ର ମାଗିବା ବା ସଶରୀରରେ ସେମାନଙ୍କୁ ରାଜଭବନରେ ସାକ୍ଷାତ

ଶ୍ରୀ ଉମାକାନ୍ତ ମିଶ୍ର

କରିବା ପାଇଁ କୌଣସି ସାମ୍ବିଧାନିକ ବ୍ୟବସ୍ଥା ନଥିବାରୁ ପ୍ରକୃତରେ କିଏ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ହକ୍‌ଦାର ତାହା ନିର୍ଣ୍ଣୟ କରିବା ଅତି କଷ୍ଟସାଧ୍ୟ ହୋଇଥିଲା । ଏ ସଂପର୍କରେ ଭାରତରେ କୌଣସି ସୁସ୍ଥ ପରଂପରା ମଧ୍ୟ ନଥିଲା ଏ ପରିସ୍ଥିତିରେ ସମ୍ବିଧାନର ୧୬୩ (୨) ଧାରାରେ କୌଣସି ରାଜ୍ୟପାଳଙ୍କୁ ନିଜ ବିଚାର ଅନୁଯାୟୀ ନିଷ୍ପତ୍ତି ନେବାକୁ ପଡିଲେ ତାଙ୍କର ସେ ନିଷ୍ପତ୍ତିକୁ ଚୂଡ଼ାନ୍ତ ବୋଲି ଧରି ନେବାକୁ କୁହାଯାଇଛି । ଏହି ବିଚାରବୋଧ କ୍ଷମତା ଅସୀମ ବୋଲି ବାଖ୍ୟା କରିବାର ସୁଯୋଗ ଥିଲେ ବି ବସ୍ତୁତଃ ଏହା ଅଖଣ୍ଡ ନୁହେଁ ବୋଲି ୧୯୬୭ ମସିହାରେ ହୋଇଥିବା ରାଜ୍ୟପାଳ ସମ୍ମିଳନୀରେ ମତପ୍ରକାଶ ପାଇଥିଲା । ଉକ୍ତ ସମ୍ମିଳନୀର ବିତର୍କ ଅନୁଯାୟୀ ବିଧାନ ସଭା ନ ଡାକିବା, ପ୍ରୋରୋଗ କରିବା ଏବଂ ଭାଙ୍ଗିବା ବେଳେ ରାଜ୍ୟପାଳ ମାନେ କେବଳ ମୁଖ୍ୟମନ୍ତ୍ରୀଙ୍କ ଉପଦେଶ ଅନୁଯାୟୀ କାର୍ଯ୍ୟ ନକରି ନିଜର ବିଚାର ବୁଦ୍ଧି ପ୍ରୟୋଗ କରିବେ । କିନ୍ତୁ ଯେଉଁଠି ରାଜ୍ୟସରକାର ସଂଖ୍ୟାଗରିଷ୍ଠତା ହରାଇ ବିଧାନ ସଭା ସମ୍ମୁଖୀନ ନହେବାକୁ ଚେଷ୍ଟା କରୁଥିବେ ସେ କ୍ଷେତ୍ରରେ ଅନ୍ୟ ନେତାଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଆହ୍ୱାନ କରିବେ । ଏଥିପାଇଁ କୌଣସି କଡ଼ା କଡ଼ି ନିୟମ ପ୍ରବର୍ତ୍ତନ କରିବା ପରିବର୍ତ୍ତେ ସୁସ୍ଥ ପରଂପରା ସୃଷ୍ଟି କରିବା ସର୍ବାଗ୍ରେ ବିଧେୟ ଏବଂ ବିଧାନସଭାରେ ହିଁ ପ୍ରତିପକ୍ଷମାନଙ୍କ ସଂଖ୍ୟା ଧାର୍ଯ୍ୟ କରାଯାଇ ପାରିବ ।

ହରିଆନାରେ ସେଠା ମନ୍ତ୍ରୀମଣ୍ଡଳ ବିରୁଦ୍ଧରେ ଆଗତ ଏକ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ଚାଲି ଥିବା ବେଳେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ବିଧାନସଭା ପ୍ରୋରୋଗ କରି ଦେଇଥିବାରୁ ସେ ସଂପର୍କରେ ୧୯୬୦ ମସିହା ମାର୍ଚ୍ଚ ମାସରେ ଲୋକସଭାରେ ହୋଇଥିବା ବିତର୍କର ଉତ୍ତର ଦେଇ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ୱାଇ ବି ଚାଭନ କହିଥିଲେ

କି ରାଜ୍ୟପାଳଙ୍କର ମାତ୍ର ତିନୋଟି କ୍ଷେତ୍ରରେ ନିଜ ବିଚାର ଅନୁଯାୟୀ କାର୍ଯ୍ୟ କରିବାର କ୍ଷମତା ଅଛି । ତାହା ହେଲା (କ) ସମ୍ବିଧାନର ୨୩୯(୨) ଧାରା ଅନୁଯାୟୀ ଯେତେବେଳେ କି ତାଙ୍କୁ ପଡୋଶୀ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରଶାସକ ରୂପେ ନିଯୁକ୍ତ କରାଯାଏ । (ଖ) ସମ୍ବିଧାନର ୨୦୦ ଓ ୨୦୧ ଧାରା ଯେଉଁଠିକି କୌଣସି ବିଲକୁ ସେ ସ୍ୱୀକୃତ ଦେବା ବିଳମ୍ବ କରିପାରିବେ ଅଥବା ରାଷ୍ଟ୍ରପତିଙ୍କ ସ୍ୱୀକୃତ ଲାଗି ଅଟକାଇ ରଖିବେ (ଗ) ୩୫୬ ଧାରା ଯେଉଁଥିରେକି ସଂପୃକ୍ତ ରାଜ୍ୟର ଶାସନକଳ ସାମ୍ବିଧାନିକ ଢଙ୍ଗରେ ଚାଲି ପାରୁନାହିଁ ବୋଲି ତାଙ୍କର ହୃଦ୍‌ବୋଧ ହେଲେ ସେ ଏ ବିଷୟରେ ଏକ ରିପୋର୍ଟ ଦେଇ ପାରିବେ । ରାଜ୍ୟପାଳଙ୍କୁ ଯେ କୌଣସି ପରିସ୍ଥିତିରେ ନିଜର ବିଚାର ଶକ୍ତି ପ୍ରୟୋଗ କରିବାର ସୁଯୋଗ ଦିଆଗଲେ ସଂଘୀୟ ବ୍ୟବସ୍ଥାର ଅବସାନ ଘଟିବ ।"

ଅଧିକନ୍ତୁ ଭାରତ ଓ୍ୱେଷ୍ଟମିନିଷ୍ଟର ପାର୍ଲି-ପଦ୍ଧତି ଅନୁସରଣ କରୁଥିବାରୁ ସେ ପଦ୍ଧତି ବାହାରେ ରାଜ୍ୟପାଳ କୌଣସି କାର୍ଯ୍ୟ କରିବା ଅସମୀଚୀନ । ସେ ପଦ୍ଧତି ଅନୁଯାୟୀ ରାଜ୍ୟପାଳଙ୍କ କାର୍ଯ୍ୟ ହେଉଛି କିଏ ସରକାର ଗଢ଼ିପାରିବ ତାହା ଦେଖିବା କିନ୍ତୁ ସରକାର ଗଢ଼ିବା ପାଇଁ ଚେଷ୍ଟା କରିବା ନୁହେଁ । ଏହା ଛଡ଼ା ରାଜ୍ୟପାଳଙ୍କ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ରହିଛି ।

କିଏ କହେ ଆମର ଏହି ଅମୂଲ୍ୟ ଦାନକୁ ଲୁଟି ନେଇଛି ସେ କଣ କେବଳ ଚିରଦିନ ପାଇଁ ଆମକୁ ସ୍ୱାଧୀନତା ରୁ ବଞ୍ଚିତ କରି ପାରିବ ? ତୁମେମାନେ ସମସ୍ତେ ଭାଇ ପରି ଏବଂ ତୁମମାନଂକ ମଧ୍ୟରେ ବଡ଼ ଅବା ସାନ ତଫାତ ଆଦୌ ନାହିଁ ସୁତରାଂ ତୁମମାନଙ୍କୁ ମୁଁ ପୁଣି ଥରେ ଆହ୍ୱାନ କରୁଛି, ମୋର ଭାରତୀୟ ଭ୍ରାତା ଗଣ ଜାଗ୍ରତ ହୁଅ । □

ରାଜ୍ୟପାଳଙ୍କ କାର୍ଯ୍ୟ

୧) ପ୍ରଶାସନିକ ଓ ବୈଧାନିକ ବ୍ୟାପାର ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଖବର ଜାଣିବା (ସମ୍ବିଧାନ ୧୬୭ (କ) ଓ (ଖ) ଧାରା)

୨. ମନ୍ତ୍ରୀ ପରିଷଦର ବିଚାର ହୋଇନଥିବା ଅଥଚ ଜଣେ ମନ୍ତ୍ରୀ ନେଇଥିବା ଏକ ନିଷ୍ପତ୍ତିକୁ ମନ୍ତ୍ରୀପରିଷଦରେ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେବା ୧୬୭ ଧାରା(ଗ)

୩ ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ଏକ ପ୍ରସ୍ତାବକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ନ ପଠାଇ କିଛି ଦିନ ପାଇଁ ଅଟକାଇ ରଖିବା (୨୦୧ ଧାରା)

୪. ରାଜ୍ୟ ବିଧାନ ସଭାରେ ଗୃହୀତ କୌଣସି ବିଲ୍‌କୁ ନିଜର ସ୍ୱୀକୃତି ନଦେଇ ଏହାର ପୁନର୍ବିଚାର ନିମନ୍ତେ ବିଧାନ ସଭାକୁ ଫେରାଇବା (୨୦୦ଧାରା)

୫ କେତେକ ବ୍ୟାପାରରେ ଅଧ୍ୟାଦେଶ ଜାରି କରିବା ପୂର୍ବରୁ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ଲୋଡ଼ିବା (୨୧୩ ଧାରା)

୬. ରାଷ୍ଟ୍ରପତିଙ୍କୁ ୩୫୬ ଧାରା ଅନୁଯାୟୀ ବିବରଣୀ ପଠାଇବା ।

ରାଜ୍ୟପାଳଙ୍କ ଏହି ସବୁ କ୍ଷମତା ମଧ୍ୟରୁ ସମ୍ବିଧାନର ୩୫୬ ଧାରା ସମ୍ବନ୍ଧୀୟ କ୍ଷମତା ସମ୍ପର୍କରେହିଁ ଯାହାକିଛି ଉତ୍କଟ ବାଦ ବିସମ୍ବାଦ ସୃଷ୍ଟି ହୋଇଛି । ବିଶେଷ କରି ଷଷ୍ଠ ଦଶକର ଶେଷ ଭାଗରୁ ଏହି ବିବାଦ ଅତି ଉତ୍କଟ ଆକାର ଧାରଣ କରିଛି ଏବଂ ଏହା ସାହାଯ୍ୟରେ କେନ୍ଦ୍ରର କ୍ଷମତାସୀନ ଦଳ ବିଭିନ୍ନ ରାଜ୍ୟରେ ନିଜର ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରୁଥିବା ଅଭିଯୋଗ ହେଉଛି ।

ଏ ପ୍ରସଙ୍ଗରେ ଡକ୍ଟର ଜେ ଆର ସିଓ୍ୱଚଙ୍କ ଲିଖିତ polities of presidents Rule in India ଗ୍ରନ୍ଥ । ତାଙ୍କ ମତରେ ଯେଉଁ କ୍ଷେତ୍ରରେ କୌଣସି ରାଜ୍ୟରେ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ବା କଂଗ୍ରେସ ଦଳ ଦ୍ୱାରା ସମର୍ଥିତ ମନ୍ତ୍ରୀମଣ୍ଡଳ ପତନର ହେବା ପ୍ରାୟ ନିଶ୍ଚିତ ସେ କ୍ଷେତ୍ରରେ ସଂପୃକ୍ତ ବିଧାନ ସଭା ଗୁଡ଼ିକ ସସ୍‌ପେଣ୍ଡ୍ କରିବା ପରିବର୍ତ୍ତେ ଭାଙ୍ଗି ଦିଆଯାଇଛି । ଏହିଭଳି କାର୍ଯ୍ୟାନୁଷ୍ଠାନ ସମ୍ବିଧାନର ୧୭୪(୨) ଧାରାରେ ଏକିବାଙ୍କର କୋଟନ [୧୫] କେରଳ ୧୯୭୦, ପଶ୍ଚିମ ବଙ୍ଗ ଓ ବିହାର ୧୯୭୧, କରାଯାଇଛି ଅଥବା ୩୫୬ ଧାରା ଅନୁଯାୟୀ ଆନ୍ଧ୍ର ପ୍ରଦେଶ ୧୯୫୪, ପଣ୍ଡିଚେରୀ ୧୯୬୮ ପଶ୍ଚିମ ବଙ୍ଗ ୧୯୬୮ ଓ ୧୯୭୧ ମଣିପୁର ୧୯୬୯ ଏବଂ ଓଡ଼ିଶା ୧୯୭୩ ରେ କରାଯାଇଛି । ଏ ସବୁ କ୍ଷେତ୍ରରେ ବିରୋଧୀ ଦଳ ମାନଙ୍କୁ ସରକାର ଗଢ଼ିବାର ସୁଯୋଗ ଦିଆଯାଇ ନାହିଁ । ଦ୍ୱିତୀୟତଃ ସମ୍ବିଧାନର ୧୭୪ (୨) ଖ ଅଥବା ୩୫୬ ଧାରା ଅନୁଯାୟୀ ଯେଉଁଠି କିଛି ସ୍ଥୀ ଅଣ କଂଗ୍ରେସ ମୁଖ୍ୟମନ୍ତ୍ରୀ ବିଧାନ ସଭା ଭାଙ୍ଗିବା ପାଇଁ ପରାମର୍ଶ ଦେଇଛନ୍ତି ସେ କ୍ଷେତ୍ରରେ ବିଧାନସଭା ନଭାଙ୍ଗି କଂଗ୍ରେସ ଦଳକୁ ମନ୍ତ୍ରୀମଣ୍ଡଳ ଗଠନ କରିବାର ସୁଯୋଗ ଦିଆଯାଇଛି । ଏହାର ଉଦାହରଣ ହେଲା ସର୍ଦ୍ଦାର ଗୁରୁନାମ୍ ସିଂହ, ପଞ୍ଜାବ ୧୯୬୭ ଭୋଲା ପାସ୍ୱାନ୍ ଶାସ୍ତ୍ରୀ ବିହାର ୧୯୬୮ ରାଜା ନରେଶ ସିଂହ, ମଧ୍ୟ ପ୍ରଦେଶ (୧୯୬୯) ଶ୍ରୀ ହିତେନ୍ଦ୍ର ଦେଶାଇ, ଗୁଜୁରାଟ ଓ ଶ୍ରୀ କର୍ପୁରୀ ଠାକୁର, ବିହାର (୧୯୭୧) । ଅଧିକନ୍ତୁ କର୍ଣ୍ଣାଟକ ସରକାରଙ୍କ ପକ୍ଷରେ ୧୯୭୩ ମସିହା ସେପ୍‌ଟେମ୍ବର ମାସରେ ପ୍ରକାଶିତ ଏକ ଶ୍ୱେତପତ୍ରରେ ରାଜ୍ୟପାଳଙ୍କ ଏହି ଭଳି କେତେକ କାର୍ଯ୍ୟର ଦୃଷ୍ଟାନ୍ତ ଦେଖାଇଛନ୍ତି । ଏହାଛଡ଼ା ଅନ୍ୟାନ୍ୟ କେତେକ ଗବେଷକ ମାନଙ୍କ ପକ୍ଷରୁ ମଧ୍ୟ ଏ ସମ୍ପର୍କରେ ନିମ୍ନ ଲିଖିତ ମତେ ତଥ୍ୟ ସବୁ ପରିବେଷଣ କରାଯାଇଛି ।

କେରଳ :- ୧୯୬୫ ମାର୍ଚ୍ଚରେ କେରଳର ୧୩୩ ଟି ଆସନ ମଧ୍ୟରୁ ମାର୍କସପନ୍ଥୀ କମ୍ୟୁନିଷ୍ଟ ଦଳ ୪୦ ଟି ସ୍ଥାନ ହାସଲ କରିଥିଲେ ଏବଂ ସେ ଦଳର ନେତା ଶ୍ରୀ ନମ୍ବୁଦ୍ରିପଦ ଆହୁ ୨୩ ଜଣ ବିଧାୟକଙ୍କ ସମର୍ଥନ ଲାଭ କରିଥିବା ରାଜ୍ୟପାଳଙ୍କୁ ଜଣାଇବା ସତ୍ତ୍ୱେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ବିଧାନସଭା ପରେ ପରେ ଭାଙ୍ଗି ଦିଆଗଲା ।

ଭାରତରେ ପ୍ରଥମ

ରାଜସ୍ଥାନ :- ୧୯୬୭ ମାର୍ଚ୍ଚ ୪ ତାରିଖ ଦିନ ସେଠାର ରାଜ୍ୟ ପାଳ ଡକ୍ଟର ସମ୍ପୂର୍ଣ୍ଣାନନ୍ଦ କଂଗ୍ରେସ ନେତା ଶ୍ରୀ ମୋହନ ଲାଲ ସୁଖାଡ଼ିଆଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଆହ୍ୱାନ କଲେ । ସେତେବେଳେ ୧୮୩ ଆସନ ବିଶିଷ୍ଟ ବିଧାନ ସଭାରେ କଂଗ୍ରେସର ସଂଖ୍ୟାଥିଲା ୮୮ । କିନ୍ତୁ ମାର୍ଚ୍ଚ ୧୨ ତାରିଖ ଦିନ ବିଧାନସଭାରେ ନିଜ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ଶ୍ରୀ ସୁଖାଡ଼ିଆ ଅକ୍ଷମତା ପ୍ରକାଶ କଲେ । ମାର୍ଚ୍ଚ ୧୫ ତାରିଖ ଦିନ ବିଧାନସଭା ଅଧିବେଶନ ଡକା ହେବାର ଥିଲା କିନ୍ତୁ ତହିଁ ପୂର୍ବରୁ ମାର୍ଚ୍ଚ ୧୩ ତାରିଖ ଦିନ ରାଷ୍ଟ୍ରପତି ଶାସନ ଜାରି ହେଲା । ସେତେବେଳେ ବିରୋଧୀ ଦଳକୁ ସରକାର ଗଢ଼ିବା ପାଇଁ ସୁଯୋଗ ଦିଆଗଲା ନାହିଁ । ଯେତେବେଳେ ବିରୋଧୀ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ସମ୍ମୁଖରେ ୯୩ଜଣ ବିଧାୟକଙ୍କୁ ଭାରତ ଇତିହାସରେ ପ୍ରଥମ ଥର ପାଇଁ ହାଜର କରାଯାଇଥିଲା । କିନ୍ତୁ ମାର୍ଚ୍ଚ ୨୮ ତାରିଖ ଦିନ ଶ୍ରୀ ସୁଖାଡ଼ିଆଙ୍କୁ ପୁଣି ଥରେ ମୁଖ୍ୟ ମନ୍ତ୍ରୀ ରୂପେ ଶପଥ ପାଠ କରାଗଲା ଏବଂ ତାଙ୍କ ପଛରେ ୯୪ ଜଣ ବିଧାୟକଙ୍କ ସମର୍ଥନ ଥିବା ସେ ବିଧାନ ସଭାରେ ପ୍ରମାଣ କଲେ ।

ଘନ ଘନ ମତ ପରିବର୍ତ୍ତନ

ସେହି ଭଳି ହରିଆନାରେ ନଭେମ୍ବର ୧୯୬୭ ମସିହାରେ ସେଠା ରାଜ୍ୟପାଳ ଶ୍ରୀ ବି ଏନ ଚକ୍ରବର୍ତ୍ତୀ ଯେହି ରାଜ୍ୟରେ ମୁଖ୍ୟମନ୍ତ୍ରୀ ରାଓ ବିରେନ୍ଦ୍ର ସିଂହଙ୍କ ପଛରେ ସଂଖ୍ୟାଧିକ ସମର୍ଥନ ଥିବା ସତ୍ତ୍ୱେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କଲେ । ୧୯୭୦ ମସିହା ଫେବୃଆରି ୧୧ ତାରିଖ ଦିନ ବିହାର ରାଜ୍ୟପାଳ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ରାଷ୍ଟ୍ରପତିଙ୍କୁ ଦେଇଥିବା ରିପୋର୍ଟରେ ରାଜ୍ୟରେ ଦୃଢ଼ ସରକାର ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି କହିଥିବା ବେଳେ ତାର ତିନି ଦିନ ପରେ ନିଜର ମତ ପରିବର୍ତ୍ତନ କରି କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ଦୁର୍ଗା ପ୍ରସାଦ ରାୟଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଆମନ୍ତ୍ରଣ କଲେ । କିନ୍ତୁ ଏ ମନ୍ତ୍ରୀମଣ୍ଡଳ ବେଶି ଦିନ ଚାଲିଲା ନାହିଁ ।

ସେହି ବର୍ଷ ଅକ୍ଟୋବର ୨ ତାରିଖରେ ଉତ୍ତର ପ୍ରଦେଶ ରାଜ୍ୟପାଳ ଶ୍ରୀ ଗୋପାଳ ରେଡ୍ଡି ରାଷ୍ଟ୍ରପତିଙ୍କୁ ଦେଇଥିବା ରିପୋର୍ଟରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ତାର ୧୫ ଦିନ ପରେ କଂଗ୍ରେସ ନେତା ଶ୍ରୀ ଟି ଏନ୍ ସିଂହଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଡାକିଲେ ।

କିନ୍ତୁ ତାମିଲ ନାଡୁରେ ୧୯୬୭ ମସିହାରେ କରୁଣାନିଧିଙ୍କ ମନ୍ତ୍ରୀମଣ୍ଡଳ ପଛରେ ୧୮୪ ଜଣ ସଭ୍ୟଙ୍କ ସମର୍ଥନ ଥିବା ସତ୍ତ୍ୱେ (ବିଧାନ ସଭାର ମୋଟ ସଭ୍ୟ ସଂଖ୍ୟା ୨୩୪) ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ଚାଲିଥିବା ଦର୍ଶାଇ ରାଷ୍ଟ୍ରପତି ଶାସନ ଜାରି କରିବାକୁ ରାଜ୍ୟପାଳ ଶ୍ରୀ କେ. କେ. ଶାହା ପରାମର୍ଶ ଦେଇଥିଲେ ଏବଂ ଏହାର ତିନିଦିନ ପରେ ସେଠାରେ ତାହା କାର୍ଯ୍ୟକାରୀ ହୋଇଥିଲା ।

ଓଡ଼ିଶାରେ ୧୯୭୨ ଡିସେମ୍ବର ୧୨ ତାରିଖ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ

Images: Aptakama Mishra, Processing: Srujanika

ଇସ୍ତଫା ଦେବା ପରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା ଏବଂ ତାର ୧୩ ଦିନ ପରେ ଶ୍ରୀ ବିନାୟକ ଆଚାର୍ଯ୍ୟଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତ କରାଗଲା ।

ଆସାମରେ ବିରୋଧୀ ଦଳଙ୍କୁ ବାରମ୍ବାର ମନ୍ତ୍ରୀମଣ୍ଡଳ କରିବାର ସୁଯୋଗ ଦିଆଯାଉ ନାହିଁ ବୋଲି ବରାବର ଅଭିଯୋଗ ହୋଇ ଆସୁଛି ।

ହରିଆନାରେ ରାଜ୍ୟପାଳ ଶ୍ରୀ ଜି ଡି ତାପସେ ଲୋକଦଳ ନେତା ଶ୍ରୀ ଦେବୀ ଲାଲଙ୍କୁ ନିଜ ସମର୍ଥକ ବର୍ଗଙ୍କୁ ରାଜଭବନକୁ ସେ ୨୪ ତାରିଖ ସକାଳ ୧୦ଟା ବେଳେ ହାଜର କରିବାକୁ ଆନୁଷ୍ଠାନିକ ଭାବେ କହି ସେ ୨୩ ତାରିଖ ଦିନ ଭଜନ ଲାଲଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ପାଠ କରାଇଲେ ।

ଏହି ସବୁ ଘଟଣା ମାନଙ୍କରୁ ରାଜ୍ୟପାଳ ମାନେ କିଛି ନିଜର ପଦମର୍ଯ୍ୟାଦା ରକ୍ଷା କରି ନିରପେକ୍ଷ ଭାବେ କାର୍ଯ୍ୟ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କୁ ସୁହାଇଲା ଭଳି କାମ କରି ଶିଖଣ୍ଡି ଭୂମିକାରେ ବରାବର ଅବତୀର୍ଣ୍ଣ ହେଉଥିବା ଜଣା ଯାଉଛି । ତେଣୁ ସେହି ପଦବୀର ମର୍ଯ୍ୟାଦା ମଧ୍ୟ କ୍ରମେ କ୍ଷୟ ହେବାକୁ ଲାଗିଲାଣି ।

ଏହି ବିବାଦର ଅବସାନ ପାଇଁ ଭାରତର ୫ ଜଣ ବିଖ୍ୟାତ ଆଇନଜ୍ଞ ମାନଙ୍କୁ ରାଜ୍ୟପାଳଙ୍କ ଭୂମିକା ସମ୍ପର୍କରେ ପରାମର୍ଶ ଦେବାକୁ ୧୯୬୭ ମସିହା ମେ ୧୭ ତାରିଖ ଦିନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା । ସେହି ପାଞ୍ଚଜଣ ଆଇନଜ୍ଞ ହେଲେ ଶ୍ରୀ ଏମ୍ ସି ଶୀତଲବାଦ, ଶ୍ରୀ ଏନ୍ ସି ମହାଜନ୍ ଶ୍ରୀ ଏ କେ ସରକାର, ଶ୍ରୀ ପି ବି ଗଜେନ୍ଦ୍ର ଗଡ଼କର ଏବଂ ଶ୍ରୀ ଏଚ ଏସ୍ ସୀବାର । ଏମାନେ ସମସ୍ତେ କୃତ ବିଦ୍ୟ ।

ରାଜ୍ୟରେ କୌଣସି ରାଜନୈତିକ ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିନଥିଲେ ଏବଂ ସେହି ରାଜ୍ୟରେ କେତେକ ସ୍ୱାଧୀନ ସଦସ୍ୟ ଥିଲେ ରାଜ୍ୟପାଳ କଣ କରିବା ଉଚିତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ୫ ଜଣ ଆଇନଜ୍ଞଙ୍କ ପରାମର୍ଶ ଲୋଡ଼ା ଯାଇଥିଲା ଏବଂ ସେମାନଙ୍କ ସମ୍ମୁଖରେ ବିଚାର ପାଇଁ ତିନୋଟି ପ୍ରସ୍ତାବ ରଖାଯାଇ ଥିଲା । ସେଗୁଡ଼ିକ ହେଲା (୧) ଏକକ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ମନ୍ତ୍ରୀ ମଣ୍ଡଳ ଗଠନ କରିବାକୁ ଡାକିବା (୨) କ୍ଷମତାସୀନ ଦଳ ନବନିର୍ବାଚିତ ବିଧାନ ସଭାରେ ସଂଖ୍ୟାଗରିଷ୍ଠତା ହାସଲ ନକଲେ ତାହା ଏକକ ସଂଖ୍ୟା-ଗରିଷ୍ଠ ଦଳ ହୋଇଥିଲେ ବି ତାକୁ ସରକାର ଗଠନ ନିମନ୍ତେ ନଡାକି ତାର ପରବର୍ତ୍ତୀ ସଂଖ୍ୟା ଗରିଷ୍ଠ ବିରୋଧୀ ଦଳ ନେତାଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଡାକିବା । ନିର୍ବାଚନର ସାମଗ୍ରିକ ଫଳକୁ ଆଖିରେ ରଖି କ୍ଷମତା ସୀନ ଦଳ ଉପରୁ ଜନସାଧାରଣ ଆସ୍ଥା ହରାଇ ଛନ୍ତି ବୋଲି ଧରି ନେଇ ଏହି ପ୍ରସ୍ତାବ ବିଚାର ପାଇଁ ଦିଆଯାଇଥିଲା ।(୩) ରାଜ୍ୟପାଳ ନିଜ ସୂତ୍ରରୁ ଯେଉଁ ଲୋକ ସଂଖ୍ୟାଧିକ ସଭ୍ୟଙ୍କ ସମର୍ଥନ ପାଇ ପାରିବ ବୋଲି ଜାଣିପାରିବେ ତାଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ କହିବେ ।

ଉକ୍ତ ପାଞ୍ଚଜଣ ବିଶେଷଜ୍ଞଙ୍କ ମଧ୍ୟରୁ କେହି ହେଲେ ପ୍ରଥମ ପ୍ରସ୍ତାବରେ ରାଜି ହୋଇ ନଥିଲେ । ଶ୍ରୀ ଶୀତଲ ବାଦ, ସାର ଆଇଭର ଜେନିଂସଙ୍କ ମତ ସ୍ୱୀକାର କରି ଦ୍ୱିତୀୟ ପ୍ରସ୍ତାବ କୁ ସମର୍ଥନ କରିଥିଲେ । ଶ୍ରୀ ମହାଜନ ମଧ୍ୟ ଅନୁରୂପ ମତେ ସମର୍ଥନ ଜଣାଇ ଥିଲେ । କିନ୍ତୁ ଶ୍ରୀ ଏ କେ ସୀବାର ଓ ଶ୍ରୀ ଗଜେନ୍ଦ୍ର ଗଡ଼କର ତୃତୀୟ ପ୍ରସ୍ତାବକୁ ଅନୁମୋଦନ କରିଥିଲେ । ଶ୍ରୀ ସୀରଭି କହିଥିଲେ ଯେ କୌଣସି ବିଧାନ ସଭାରେ ଯଦି ସ୍ୱାଧୀନ ସଭ୍ୟମାନେ ଭାରସାମ୍ୟ ରକ୍ଷା କରୁଥାନ୍ତି ତେବେ ରାଜ୍ୟପାଳ ସେଭଳି ସଭ୍ୟମାନେ କାହାକୁ ସମର୍ଥନ କରିବେ ବୋଲି ପ୍ରତ୍ୟେକଙ୍କ ଠାରୁ ବୁଝିବା ଉଚିତ୍ ।

ମୋଟା ମୋଟି ଭାବେ ଏହି ପ୍ରସ୍ତାବ ତିନୋଟି ମଧ୍ୟରୁ ପ୍ରଥମଟିକୁ ସମସ୍ତେ ନାକଚ କରି ଦେଇଥିଲେ ଏବଂ ଦ୍ୱିତୀୟଟିକୁ ସାଧାରଣ ଭାବେ ଗ୍ରହଣ କରିଥିଲେ ।

ରାଜ୍ୟପାଳ କମିଟି

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ରାଜ୍ୟପାଳ ମାନଙ୍କ ଭୂମିକା ନିର୍ଣ୍ଣୟ କରିବାକୁ ଏକ ରାଜ୍ୟପାଳ କମିଟି ନିଯୁକ୍ତ କରାଯାଇଥିଲା । ଏହି କମିଟି ୧୯୭୧ ମସିହା ଅକ୍ଟୋବର ୧ ତାରିଖ ଦିନ ତାଙ୍କର ରିପୋର୍ଟ ଦେଇ କହିଥିଲେ ଯେ

ବିଧାନସଭାରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ଦଳ ମନ୍ତ୍ରୀ ମଣ୍ଡଳ ଗଠନ କରିବା ନିମନ୍ତେ ନିରଙ୍କୁଶ ଦାବୀ କରି ପାରିବେ ନାହିଁ । କାରଣ ଏଠାରେ ଦଳର ଆକାରଟା ବଡ଼ କଥା ନୁହେଁ । ଦଳ ବିଧାନ ସଭାରେ ସର୍ବାଧିକ ସଭ୍ୟଙ୍କ ସମର୍ଥନ ଲାଭ କରି ପାରିବ କି ନାହିଁ ବିଚାର୍ଯ୍ୟର ବିଷୟ ।

ବିଧାନ ସଭାରେ କୌଣସି ସଂଖ୍ୟା ନ୍ୟୁନ ଦଳର ନେତା ଯଦି ଅନ୍ୟ ଦଳର ସମର୍ଥନ ଲାଭ କରିବାର ସମ୍ଭାବନା ଥିବ ଏବଂ ଏ ବିଷୟରେ ରାଜ୍ୟପାଳଙ୍କ ଦୃଢ଼ବୋଧ ହେବ ତେବେ ସେ ତାଙ୍କୁ ମଧ୍ୟ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ମଧ୍ୟ ଡାକି ପାରିବେ ।

କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲିରେ ବିତର୍କ

କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲିରେ ୧୯୪୯ ମସିହା ମେ ୩୦ ତାରିଖ ଦିନ ରାଜ୍ୟପାଳଙ୍କ ଭୂମିକା ବିଷୟରେ ଯେତେବେଳେ ଆଲୋଚନା ହେଲା ସେତେବେଳେ ଡ୍ରାଫ୍ଟିଙ୍ଗ କମିଟିର ଅନ୍ୟତମ ସଦସ୍ୟ ସାର୍ ଏ କେ ଆୟାର କହିଲେ ଯେ ସ୍ୱାଭାବିକ ଭାବେ ଏଭଳି ଏକ ସୁସ୍ଥ ପରମ୍ପରା ସୃଷ୍ଟି ହେବ ଯେଉଁଥିରେକି ଭାରତ ସରକାର ପ୍ରାଦେଶିକ ସରକାର ମାନଙ୍କ ସହ ପରାମର୍ଶ କରି ରାଜ୍ୟପାଳ ନିଯୁକ୍ତ କରିବେ ଯିଏକି ସଂପୃକ୍ତ ରାଜ୍ୟର କ୍ଷମତା ଦଳ ସହ ସଂପୃକ୍ତ ହେବେନାହିଁ ଏବଂ ସାଧାରଣ ଜୀବନରେ ତାଙ୍କର ସାମାଜିକ ପ୍ରତିଷ୍ଠା ଥିବ । ଏଭଳି ବ୍ୟକ୍ତି ରାଜ୍ୟ ମନ୍ତ୍ରୀମଣ୍ଡଳର ଜଣେ ପରମ ହିତୈଷି ବନ୍ଧୁରୂପେ କାର୍ଯ୍ୟ କରି ପାରିବେ ।

କିନ୍ତୁ ଆଜି ରାମଲାଲଙ୍କ କାର୍ଯ୍ୟ ଏ ସବୁ ଆଲୋଚନାର ବିରୁଦ୍ଧାଚରଣ କରୁ ନାହିଁ କି? □

ଖାରବେଳ

ବାର୍ଷିକ ମୂଲ୍ୟ	—	ଟ ୧୨୫ ଙ୍କା
ଷଣ୍ମାସିକ	—	ଟ ୬୫ ଙ୍କା
ତ୍ରୈମାସିକ	—	ଟ ୩୪ ଙ୍କା
ମାସିକ	—	ଟ ୧୧ ଙ୍କା
ପ୍ରତି ଖଣ୍ଡ	—	ଟ ୩ ଙ୍କା

ଏଜେଣ୍ଟ ମାନଙ୍କ ପାଇ ସ୍ୱତନ୍ତ୍ର କମିଶନର୍ ବ୍ୟବସ୍ଥା ଅଛି ।

Images: Aptakama Mishra, Processing: Srujanika

ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଅରବିନ୍ଦ

୧୯୪୭ ମସିହାରେ ଭାରତ ପରିଦର୍ଶନ କରିଥିବା କ୍ୟାବିନେଟ୍ ମିଶନ ଉପରେ ଶ୍ରୀ ଅରବିନ୍ଦଙ୍କ ମତାମତ ଉଦ୍ଧାର କରି ଅମୃତ ବଜାର ପତ୍ରିକା ଲେଖିଥିଲେ "ଶ୍ରୀ ଅରବିନ୍ଦ ପ୍ରଥମ କରି କୌଣସି ସାଲିସ ନ କରି ଖୋଲି ଖୋଲି ଭାବେ ଏକ ଆତ୍ମ-ମର୍ଯ୍ୟାଦାସଂପନ୍ନ ରାଷ୍ଟ୍ରର ଯୋଗ୍ୟ ଆଦର୍ଶ ଅନୁଯାୟୀ ଭାରତ ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦାବୀ କରିଛନ୍ତି······ ପରେ ସେ ହିଁ କହିଛନ୍ତି ସ୍ୱାଧୀନତା ଖୁବ ଶୀଘ୍ର ଆସିବ ଏବଂ ଏହାକୁ କେହି ଅଟକାଇ ପାରିବେ ନାହିଁ ।" ଏହି କଥା ଭାବିଲାବେଳେ ଐତିହାସିକ ଆଲିପୁର କେସରେ ଅଭିଯୁକ୍ତ ଅରବିନ୍ଦଙ୍କ ସପକ୍ଷରେ ଲଢ଼ିଥିବା ଓକିଲ ଦେଶବନ୍ଧୁ ସି ଆର୍. ଦାସଙ୍କ ବକ୍ତବ୍ୟ କଥା ସ୍ୱତଃ ମନେ ପଡ଼ିଯାଏ । ସି ଆର ଦାସଙ୍କ ଭାଷାରେ "ଶ୍ରୀ ଅରବିନ୍ଦ ଜଣେ ଦେଶପ୍ରେମୀ କବି ଏବଂ ଜାତୀୟତାର ପ୍ରଚାରକ ଥିଲେ ।"

ଚଳିତ ଶତାବ୍ଦୀର ପ୍ରଥମ ଭାଗ ଅର୍ଥାତ ୧୯୦୩ ମସିହାଠାରୁ ୧୯୧୦ ମସିହା ମଧ୍ୟରେ ଭାରତର ରାଜନୈତିକ ରଙ୍ଗମଞ୍ଚରେ ଶ୍ରୀ ଅରବିନ୍ଦ ଖୁବ ଅଳ୍ପ ସମୟ ପାଇଁ ସକ୍ରିୟ ହୋଇଥିଲେ । ସଂଗ୍ରାମକୁ ନିଜର ସୁନିର୍ଦ୍ଦିଷ୍ଟ ଅବଦାନ ଦେଇଥିଲେ । ଦାଦାଭାଇ ନାରୋଜୀଙ୍କ ସଭାପତିତ୍ୱରେ କଲିକତା କଂଗ୍ରେସ ଅଧିବେଶନ ଆୟୋଜିତ ହେବା ଅବ୍ୟବହିତ ପୂର୍ବରୁ ବ୍ରିଟିଶ୍ ନିୟନ୍ତ୍ରଣାଧୀନରୁ ମୁକ୍ତ ରହି ସ୍ୱାଧୀନତା ହାସଲ ହିଁ ଏକମାତ୍ର ଲକ୍ଷ୍ୟ ବୋଲି ଶ୍ରୀ ଅରବିନ୍ଦ ଖୋଲିଖୋଲି ଘୋଷଣାକରିଥିଲେ ।

ଇଂଲଣ୍ଡରେ ଦୀର୍ଘଦିନ ଧରି ବଢ଼ି ଆସିଥିବାରୁ ସେ ଅନ୍ୟ ମାନଙ୍କ ଅପେକ୍ଷା ଉତ୍ତମ ରୂପେ ଇଂରେଜ ଚରିତ୍ର ଓ ମନସ୍ତତ୍ତ୍ୱ ବିଷୟରେ ଜ୍ଞାନ ଆହରଣ କରିବାର ସୁବିଧା ପାଇଥିଲେ । ବ୍ରିଟିଶ୍ ଅଧିବାସୀଗଣଙ୍କୁ ପ୍ରବଳ ଶାରୀରିକ ଆଘାତ ନ ଦେଲେ ସେମାନେ ଆମକୁ କ୍ଷମତା ହସ୍ତାନ୍ତର କରି ସାରିବା ପରେ ମଧ୍ୟ ଆମ ଦେଶ ଛାଡ଼ି କେବେ ହେଲେ ଯିବେ ନାହିଁ ବୋଲି ସେ ବିଶ୍ୱାସ କରୁଥିଲେ । ତେଣୁ ସେ ଏକ ସଶସ୍ତ୍ର ବିପ୍ଳବ କରିବା ନିମିତ୍ତ ଚିନ୍ତା କଲେ । ବ୍ରିଟିଶ୍ ବିରୁଦ୍ଧରେ ଏକ ସଶସ୍ତ୍ର ବିପ୍ଳବ ଗଢ଼ି ତୋଳିବା ଲାଗି ସେ ଦେଶର ଯୁବଗୋଷ୍ଠୀକୁ ନିଜେ ସାହାଯ୍ୟ କରି ସେମାନଙ୍କୁ ଏଥିପାଇଁ ପ୍ରସ୍ତୁତ କଲେ । ସେ ମଧ୍ୟ ବିଶ୍ୱାସ କରୁଥିଲେ ଯେ ସମୟର ପରିବର୍ତ୍ତିତ ଧାରା ଅନୁଯାୟୀ ଦିନେ ଦେଶର ସୈନ୍ୟ ବାହିନୀରେ ବିଦ୍ରୋହ ଦେଖା ଦେବ । ତାଙ୍କର ଦ୍ୱିତୀୟ କୌଶଳ ଥିଲା ବ୍ରିଟିଶ୍ ଶାସକଙ୍କ ସହ ସବୁ କ୍ଷେତ୍ରରେ ଅସହଯୋଗ । ବାସ୍ତବରେ ସେ କହୁଥିଲେ "ନିୟନ୍ତ୍ରଣ ବିନା ସହଯୋଗର ପ୍ରଶ୍ନ ନାହିଁ । ତୃତୀୟରେ ସେ ସବୁ ପ୍ରକାର ବ୍ରିଟିଶ୍ ଦ୍ରବ୍ୟ ପରିତ୍ୟାଗ କରି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ଅରବିନ୍ଦଙ୍କ ସଶସ୍ତ୍ର ସଂଗ୍ରାମ ଆରମ୍ଭ ଚିନ୍ତାକୁ ଖୁଦିରାମ, ବାରିନ୍, ଉପେନ, ଉଲସକର ଦତ୍ତ ପ୍ରଭୃତି ବିପ୍ଳବୀ ମାନେ ସ୍ୱାଗତ କରିଥିବା ବେଳେ ବ୍ରିଟିଶ୍ ଦ୍ରବ୍ୟ ବାସନ୍ଦ ବ୍ୟବସ୍ଥା ସ୍ୱଦେଶୀ ଏବଂ ଅସହଯୋଗ ଆଦି ଦର୍ଶନ ପ୍ରତି ମହାତ୍ମା ଗାନ୍ଧୀ ଏବଂ ତାଙ୍କର ଅନୁଗାମୀ ମାନଙ୍କୁ ପରବର୍ତ୍ତୀ ସମୟରେ ଆକୃଷ୍ଟ କରିଥିଲା ।

ଅରବିନ୍ଦ କେବଳ ଜଣେ ଆଦର୍ଶ ଭବିଷ୍ୟତ ପ୍ରବକ୍ତା ନଥିଲେ, ସେ ମଧ୍ୟ ଥିଲେ

କର୍ମଯୋଗୀ

ଜଣେ କର୍ମଯୋଗୀ । ଏକ ମଣିଷ ତିଆରି ଶିକ୍ଷାକୁ ଆଧାର କରି ଆଧୁନିକ ଭାରତ ଗଠନ କରିବା ପାଇଁ ସେ ନିଜର ମନ-ପ୍ରାଣ ଢାଳି ଦେଇଥିଲେ । ବାସ୍ତବ ପକ୍ଷେ କହିବାକୁ ଗଲେ ପ୍ରଥମେ ଇଂଲଣ୍ଡ ତା ପରେ ବେଙ୍ଗଲ ନ୍ୟାସନାଲ କଲେଜରେ ନିଜର ଶିକ୍ଷା ସମାପ୍ତ ପରେ ସେ ବରୋଦାଠାରେ ଜଣେ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ପ୍ରକୃତ ମଣିଷ ଗଢ଼ି ତୋଳିବା ହିଁ ଶିକ୍ଷାର ସର୍ବପ୍ରଥମ ଉଦ୍ଦେଶ୍ୟ ବୋଲି ସେ ଅନୁଭବ କରିଥିଲେ

(ଅବଶିଷ୍ଟାଂଶ ୧୭ ପୃଷ୍ଠାରେ)

କଂଗ୍ରେସ ଏମ୍ ପି ମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଭର୍ତ୍ସନା

ପାର୍ଲାମେଣ୍ଟରେ ଅପ୍ରତ୍ୟାଶିତ ଭାବେ ଏକ ସମ୍ବିଧାନ ସଂଶୋଧନ ପ୍ରସ୍ତାବରେ ଭୋଟ ବେଳେ କଂଗ୍ରେସ ଦଳ ହାରିଯିବା ଫଳରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଦଳୀୟ ପାର୍ଲାମେଣ୍ଟ ସଦସ୍ୟ ମାନଙ୍କୁ ଏଥି ନିମନ୍ତେ ଭର୍ତ୍ସନା କରିଥିବା ଜଣାଯାଇଛି ।

ଭୋଟ ଗ୍ରହଣ ବେଳେ ଯେଉଁ ଏମ ପି, ମାନେ ଗୃହରେ ଅନୁପସ୍ଥିତ ଥିଲେ ସେମାନଙ୍କ ତାଲିକା କରି ସେମାନଙ୍କୁ ଏକ ବୈଠକକୁ ଡାକି ଶ୍ରୀମତୀ ଗାନ୍ଧୀଙ୍କୁ ତିରସ୍କାର କରିବାକୁ ପଡ଼ିଥିଲା ଏବଂ ଭବିଷ୍ୟତରେ ଏହି କାର୍ଯ୍ୟର ପୁନରାବୃତ୍ତି ହେଲେ ସେମାନଙ୍କ କଥା ଟିପି କରି ରଖାଯିବ ବୋଲି କୁହାଯିବାରେ ଅନୁପସ୍ଥିତ ରହିଥିବା ପାର୍ଲାମେଣ୍ଟ ସଦସ୍ୟଙ୍କ ଭିତରେ କୋହଳିଆ ଭୟ ସୃଷ୍ଟି ହୋଇଥିଲା ଏବଂ ସଂପୃକ୍ତ ସଭ୍ୟମାନେ ଏଣିକି ଯଥାବିଧି ଗୃହରେ ଉପସ୍ଥିତ ରହିବେ ବୋଲି ଶପଥ କରିଛନ୍ତି । □

Images: Aptakama Mishra, Processing: Srujanika

ଶ୍ରୀ ରାମା ରାଓଙ୍କ ଶାସନର ଅନ୍ୟଧ୍ୟଦଶା

ନିଜ ଜ୍ଞାତି କୁଟୁମ୍ବଙ୍କ ସମ୍ପତ୍ତି ଓ 'ଅଫିସର ମାନଙ୍କ ପ୍ରଭାବ ବୃଦ୍ଧି ଯୋଗୁ ପ୍ରତ୍ୟେକ ବିଧାୟକ କ୍ଷୁବ୍ଧ ।

ଯାହା କଲେବି ତାଙ୍କର ଅଭିନୟ ଲୋକଙ୍କୁ ପ୍ରଭାବିତ କରି ପାରିବ ନାହିଁ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ଆନ୍ଧ୍ର ର ବରିଷ୍ଠ ଅଭିନେତା ମୁଖ୍ୟମନ୍ତ୍ରୀ ଶ୍ରୀ ରାମା ରାଓଙ୍କ ମନ୍ତ୍ରୀମଣ୍ଡଳର ପତନ ଘଟଣାକୁ ଜାତୀୟ ସ୍ତରରେ ବିରୋଧି ଦଳମାନେ ଏକ ନାଟକୀୟ ରୂପ ଦେବାକୁ ଚେଷ୍ଟା କରୁଥିଲେ ମଧ୍ୟ ପ୍ରକୃତ ପକ୍ଷେ ସେଠାରେ ଶ୍ରୀ ରାଓଙ୍କ ଉପରେ ନିଜ ଦଳର ବିଧାୟକ ମାନେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିବା କ୍ରମେ ଜଣାପଡ଼ୁଛି । ତେଲଗୁ ଦେଶମ୍ ପଛରେ କୌଣସି ରାଜନୈତିକ ଆଦର୍ଶବାଦ ନାହିଁ ଏବଂ ଐତିହ୍ୟଦନର ରାଜନୈତିକ ସଂଘର୍ଷରୁ ଏହା ସୃଷ୍ଟି ହୋଇନଥିବା ଯୋଗୁ ଏହି ଦଳର ସଦସ୍ୟ ମାନଙ୍କୁ ଏକାଠି ରଖିହେବ ନାହିଁ ବୋଲି ସମସ୍ତେ ଆଗରୁ ଆଶଙ୍କା କରୁଥିଲେ ଏବଂ କାର୍ଯ୍ୟତଃ ତେଲଗୁ ଦେଶମ୍ ନିର୍ବାଚନ ରଣ କୌଶଳ ସ୍ଥିର କରି ଥିବା ଶ୍ରୀ ଭାସ୍କର ରାଓ ଅବଶେଷରେ ବହୁବିଧାୟକଙ୍କ ସମର୍ଥନ ଲାଭ କରିବାରେ ସମର୍ଥ ହୋଇଥିଲେବି ଶ୍ରୀ ରାମା ରାଓଙ୍କୁ ଗାଦିଚ୍ୟୁତ କରିବା ପାଇଁ ସେ ଅବଲମ୍ବନ କରିଥିବା କୌଶଳରେ କେତେକ ତ୍ରୁଟି ରହିଯିବାରୁ ନିଜେ ଅସୁବିଧାରେ ପଡ଼ିଯାଇଛନ୍ତି । ଏହି କୌଶଳ ଗତ ତ୍ରୁଟିକୁ ଛାଡ଼ିଦେଲି ଶ୍ରୀ ରାମା ରାଓଙ୍କ ବିରୁଦ୍ଧରେ ସେଠା ଲୋକଙ୍କ ଅସନ୍ତୋଷ କ୍ରମେ ବଢ଼ି ବଢ଼ି ଏକ ବିସ୍ଫୋରକ ଅବସ୍ଥାକୁ ଚାଲି ଆସିଥିଲା ।

ତେଲେଗୁ ଦେଶମ୍ ର ପ୍ରତିଷ୍ଠାତା ଶ୍ରୀ ରାମା ରାଓ ନିଜେ ଜଣେ କଞ୍ଜୁସ୍ ଲୋକ ଏବଂ ତେଲେଗୁ ସିନେମାରେ ତାଙ୍କର ଆଧିପତ୍ୟ ହ୍ରାସ ପାଉଥିବା ଜାଣି ସେ କ୍ଷେତ୍ରରୁ ଓହରି ଯାଇ ରାଜନୀତିରେ ପ୍ରବେଶ କରିଥିଲେ । କିନ୍ତୁ ରାଜନୀତିଜ୍ଞଙ୍କର ବିଚକ୍ଷଣତା ବା ଦୂରଦର୍ଶିତା ତାଙ୍କର ନଥିଲା । ଫଳରେ ତାଙ୍କ ସହ ହାତ ମିଳାଇ ଥିବା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ଭାସ୍କର ରାଓ କ୍ରମେ ଅଧିକ ପ୍ରଭାବଶାଳୀ ହୋଇ ଉଠୁଥିଲେ । ଏହାକୁ ରାଜନୈତିକ ଦୃଷ୍ଟିରୁ କପରି ପ୍ରତିହତ କରାଯିବ ତାହା ଚିନ୍ତା ନକରି ନିଜର କେତେକ ବିଶ୍ୱସ୍ତ ଅଫିସରଙ୍କ ସହାୟତାରେହିଁ ସବୁକିଛି ଚଳାଇନେଇ ପାରିବେ ବୋଲି ଶ୍ରୀ ରାମା ରାଓ ଏକ ପ୍ରକାର ନିଶ୍ଚିନ୍ତ ହୋଇଯାଇଥିଲେ । ଉକ୍ତ ଅଫିସର ମାନଙ୍କ ପ୍ରଭାବ ଯୋଗୁ ଓଡ଼ିଶାର କଂଗ୍ରେସ ବିଧାୟକ ମାନଙ୍କ ଭଳି ସେଠାରେ ମଧ୍ୟ ବିଧାୟକମାନେ ନିର୍ଯ୍ୟାତିତ ଓ ଲାଞ୍ଛିତ ହେଉଥିଲେ । ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ଉପେକ୍ଷା କରାଯାଇ ଜିଲ୍ଲାପାଳମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଏପରିକି ସ୍ୱାଧୀନତା ଦିବସରେ ମନ୍ତ୍ରୀଙ୍କ ବଦଳରେ ଜିଲ୍ଲାପାଳମାନେ କେତେକ କ୍ଷେତ୍ରରେ ପତାକା ଉତ୍ତୋଳନ କରିବା ସ୍ଥିର ହେବାରୁ ପୁରୁଣା ତଥା ଅଭିଜ୍ଞ ଲୋକେ ଅତ୍ୟଧିକ କ୍ଷୁବ୍‌ଧ ହେଲେ ।

ରାଜୀବଙ୍କ ହସ୍ତକ୍ଷେପ

ସେଠା ଅବସ୍ଥା ସମ୍ପର୍କରେ ଅଭିହିତ ହେବା ପରେ କଂଗ୍ରେସର ସାଧାରଣ ସମ୍ପାଦକ ଶ୍ରୀ ରାଜୀବ ଗାନ୍ଧୀ ଏହାର ପୂର୍ଣ୍ଣ ଫାଇଦା ଉଠାଇବା ପାଇଁ ତତ୍ପର ହେଲେ ଏବଂ ଶ୍ରୀ ରାଓଙ୍କ ସହ ଏ ବିଷୟରେ ବାର୍ତ୍ତାବହ ମାନଙ୍କ ଜରିଆରେ ଆଲୋଚନା ଚାଲି ଅବଶେଷରେ ସମସ୍ତ କୌଶଳ ସ୍ଥିର କରାଗଲା ଏବଂ ରାଜ୍ୟପାଳ ଶ୍ରୀ ରାମଲାଲ ମଧ୍ୟ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ । କିନ୍ତୁ ରାଜୀବ ଗାନ୍ଧୀଙ୍କର କେତେକ ଗୋଡ଼ାଣିଙ୍କ ବ୍ୟଗ୍ରତା ଯୋଗୁ ସହସା ଶ୍ରୀ ରାମଲାଲ ଏଭଳି ଏକ ପଦକ୍ଷେପ ନେଇଗଲେ । ଶ୍ରୀ ଭାସ୍କର ରାଓ ମୁଖ୍ୟମନ୍ତ୍ରୀ ହେବାର ତିନି ସପ୍ତାହ ଭିତରେ ନିଜର ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ କରିନେଇ ପାରିବେ ଏବଂ ଶ୍ରୀ ରାମାରାଓ ଏଭଳି ଏକ ଧକ୍‌କାରେ ମ୍ରିୟମାଣ ହୋଇପଡ଼ିବାର ଆଶଙ୍କା ଥିବାରୁ ସେ ମଧ୍ୟ ବିଶେଷ କିଛି କରି ପାରିବେ ନାହିଁ ବୋଲି ପୂର୍ବରୁ କଳନା କରାଯାଇଥିଲା । କିନ୍ତୁ ଜାତୀୟ ସ୍ତରରେ ବିରୋଧୀ ଦଳ ନେତାମାନେ ଶ୍ରୀ ରାମ ରାଓଙ୍କୁ ସମର୍ଥନ ଦେବା ଫଳରେ ସେ ସକ୍ରିୟ ହୋଇ ଉଠି ଏହାକୁ ଏକ ଜାତୀୟ ବିତର୍କରେ ପରିଣତ କରିଦେଲେ ତାଙ୍କ ପଛରେ ପୂର୍ବରୁ ୧୬୮ ଜଣ ତେଲୁଗୁ ଦେଶମ ଓ ଅନ୍ୟ ଏମ୍,ଏଲ୍,ଏଙ୍କ ସମର୍ଥନ ଅଛି ବୋଲି କୁହାଯାଉଥିଲେ ବି ଏବେ ତାହା ୧୫୮କୁ ଖସି ଆସିଲାଣି ଏବଂ ବିଧାନ ସଭା ଅଧିବେଶନ ଡକା ହେଲା ବେଳକୁ ତାହା ଆହୁରି ତଳକୁ ଖସି ଯାଇଥିବ ।

ଶ୍ରୀ ଭାସ୍କର ରାଓ କାଳେ ଅଧିକ ଏସ୍,ଏଲ୍, ଏଙ୍କୁ ହାତ କରିନେବେ ସେଥିପାଇଁ ଶ୍ରୀରାମା ରାଓ ନିଜ ସମର୍ଥକ ବର୍ଗଙ୍କୁ ନେଇ ନିଜ ଛୁଆଙ୍କ ଦାନ୍ତରେ କାମୁଡ଼ି ବିଭିନ୍ନ ସ୍ଥାନରେ ଲୁଚାଇ ରଖିଲା ଭଳି କର୍ଣ୍ଣାଟକରେ ଲୁଚାଇ ରଖିଛନ୍ତି ଏଥିରୁ ନିଜ ସମର୍ଥକ ବର୍ଗଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଆସ୍ଥା ନଥିବା ପ୍ରମାଣିତ ହୁଏ ।

ଅପର ପକ୍ଷରେ ଲୋକସଭାରେ ରାଜ୍ୟପାଳଙ୍କ କାର୍ଯ୍ୟକୁ ସମର୍ଥନ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ବିବୃତ୍ତି ଦିଆଯିବା ପରେ ଶ୍ରୀ ରାମା ରାଓଙ୍କୁ କଂଗ୍ରେସ ଦଳ କନ୍ଦିନ କାଳେ ପୁଣି ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦେବେନାହିଁ ବୋଲି ଜଣାପଡ଼ୁଛି । ଆନ୍ଧ୍ର ବିଧାନ ଅଧିବେଶନ ଡକାଯିବା ଭିତରେ ଯଦି ଶ୍ରୀ ଭାସ୍କର ରାଓ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ବିଫଳ ହୁଅନ୍ତି ତେବେ ସେଠାରେ ରାଷ୍ଟ୍ରପତି ଶାସନ ଜାରିହେବାର ସମ୍ଭାବନା ଅଧିକ ।

ଇତି ମଧ୍ୟରେ ତାଙ୍କ ଉପରେ ବାକି ପଡ଼ିଥିବା ୧୦ ଲକ୍ଷ ଟଙ୍କା ଆୟକର ଆଦାୟ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ତତ୍ପରତା ଆରମ୍ଭ ହେଲାଣି □

Images: Aptakama Mishra, Processing: Srujanika

ଦେଶର କଥା

"ଦେଶର କଥା" ଶୀର୍ଷକ ଏକ ପୁସ୍ତକ ପ୍ରକାଶ କରି ବ୍ରିଟିଶ ମାନେ ଭାରତର ଶିଳ୍ପ ଏବଂ ବାଣିଜ୍ୟକୁ କିପରି ଶୋଷଣ କରୁଛନ୍ତି ତାର ଏକ ବିସ୍ତୃତ ବିବରଣୀ ସେ ପ୍ରଦାନ କରିଥିଲେ । ଏହି ପୁସ୍ତକ ତାରୁଣ୍ୟର ପ୍ରତୀକ ବଙ୍ଗ ଦେଶରେ କଳ୍ପନାକୁ ଆନ୍ଦୋଳିତ କରି ସେମାନଙ୍କ ଦ୍ୱାରା ସୃଷ୍ଟ ବିପ୍ଳବାତ୍ମକ ଆନ୍ଦୋଳନର ଏକ ଆବଶ୍ୟକୀୟ ଅଙ୍ଗ-ରୂପେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଉତ୍ସାହିତ କରିଥିଲା ।

ଏତେ ଅବଦାନ ଦେଇଥିବା ସତ୍ତ୍ୱେ ଖୁବ୍ କମ୍ ସଂଖ୍ୟକ ଲୋକ ଅରବିନ୍ଦଙ୍କ ସମ୍ପର୍କରେ ଅବହିତ ଥିଲେ । ଏକ ଇଂରେଜୀ ଦୈନିକ 'ବନ୍ଦେ ମାତରମ୍'ର ସମ୍ପାଦକ ରୂପେ ବିଦ୍ରୋହାତ୍ମକ ଲେଖା ଲେଖିଥିବା ଅଭିଯୋଗରେ ଯେତେବେଳେ ବ୍ରିଟିଶ ସରକାର ତାଙ୍କ ବିରୁଦ୍ଧରେ ଏକ ମକଦ୍ଦମା କଲେ, କେବଳ ସେତିକି ବେଳେହିଁ ତାଙ୍କର ଅବଦାନ ସମଗ୍ର ଦେଶବାସିଙ୍କର ଦୃଷ୍ଟି ଆକର୍ଷଣ କଲା । ପ୍ରଥମରୁହିଁ ବିପିନଚନ୍ଦ୍ର ପାଲ ଏହି ଖବର କାଗଜରେ ସମ୍ପାଦକ ଥିଲେ । କିନ୍ତୁ ଅଳ୍ପ କିଛି ଦିନ ପରେ ଅରବିନ୍ଦ ଏହାର ଅନୁପ୍ରେରଣାର ଉତ୍ସ ରୂପେ ଉଭା ହେବା ପରେ ସେ ସମ୍ପାଦକ ଦାୟିତ୍ୱ ଆପେ ଆପେ ପରିତ୍ୟାଗ କରିଥିଲେ । ଇତି ପୂର୍ବରୁ ଅରବିନ୍ଦ 'ଇନ୍ଦୁ ପ୍ରକାଶ' ନାମକ ଏକ କାଗଜରେ କେତୋଟି ପ୍ରବନ୍ଧ ଲେଖିଥିଲେ । ପରେ ପରେ ସେ ମଧ୍ୟ କର୍ମଯୋଗୀ, ଧର୍ମ ଏବଂ ଆର୍ଯ୍ୟ ନାମକ ପତ୍ରିକା ଗୁଡିକରେ ଅନେକ ଗୁଡ଼ିଏ ଦେଶପ୍ରେମ ମୂଳକ ଲେଖା ଲେଖିଥିଲେ । ଅରବିନ୍ଦଙ୍କ ଲିଖିତ ସମସ୍ତ ଲେଖା ଏକ ପ୍ରଗାଢ଼ ଜାତୀୟବାଦ ରୂପେ ତାଙ୍କ ବ୍ୟକ୍ତିତ୍ୱର ନିଚ୍ଛକ ପ୍ରତିଛବି ବହନ କରି ତାଙ୍କ ଦ୍ୱାରା ବିଧିନିର୍ଦ୍ଦିଷ୍ଟ ଏକ ବିରାଟ କାର୍ଯ୍ୟ ସମାପନ କରିବା ପାଇଁ ଅଭିପ୍ରେତ ଥିଲା ।

ଇନ୍ଦୁ ପ୍ରକାଶର ପୃଷ୍ଠା ମଧ୍ୟରେ ଅରବିନ୍ଦ, ସୁରେନ୍ଦ୍ର ନାଥ ବାନାର୍ଜି, ଦାଦାଭାଇ ନାଓରୋଜୀ, ଫିରୋଜ ଶାହା-ମେହେଟା ପ୍ରଭୃତି ନରମପନ୍ଥୀ ମାନଙ୍କ ଦ୍ୱାରା ଇଂରେଜ ସରକାରଙ୍କ ସହ ସାମ୍ବିଧାନିକ ପନ୍ଥାରେ ସଂଗ୍ରାମ କରିବା ନୀତିକୁ ସିଧାସଳଖ ନାପସନ୍ଦ କରିଥିଲେ। ଏହି ପ୍ରସଙ୍ଗରେ ସେ କହିଥିଲେ ସେମାନଙ୍କର ଆବେଦନ ଏବଂ ପ୍ରାର୍ଥନା କେବଳ ବ୍ୟର୍ଥତାରେ ହିଁ ପର୍ଯ୍ୟବେସିତ ହେବ । ଇଂରେଜମାନେ ଆମକୁ ସ୍ୱାଧୀନତା ହସ୍ତାନ୍ତର କଲାପରେ ଯଦି ସେମାନଙ୍କୁ ଗୁଳିରେ ଜବାବ ଦିଆନଯାଏ ତେବେ ସେମାନେ କେବେହେଲେ ଦେଶ ଛାଡ଼ି ଯିବେ ନାହିଁ ।

ଆଲିପୁର ବୋମା କେଶ୍

ବ୍ରିଟିଶ ସରକାର ବର୍ତ୍ତମାନ ସର୍ବସାଧାରଣରେ ଖ୍ୟାତ "ଆଲିପୁର ବୋମା କେସ୍"ରେ ତାଙ୍କୁ ଗିରଫ କରି ଜେଲରେ ବନ୍ଦୀ କଲେ । ସେ ଏତେ ଗରିବ ଥିଲେ ଯେ ନିଜ ସପକ୍ଷରେ ଲଢ଼ିବାକୁ ଏକ ଓକିଲ ନିଯୁକ୍ତ କରିପାରିଲେ ନାହିଁ । ସୁତରାଂ ତାଙ୍କର ଭଉଣୀ ସରୋଜିନୀ ତାଙ୍କ ପାଇଁ କେସ୍ ଲଢିବାକୁ ବିପୁଳ ପରିମାଣରେ ଅର୍ଥ ଦାନ କରିବାକୁ ସର୍ବସାଧାରଣଙ୍କୁ ଆବେଦନ କଲେ । ପ୍ରଥମେ ବ୍ୟୋମକେଶ ବାବୁ ଅରବିନ୍ଦଙ୍କ ପକ୍ଷ ସମର୍ଥନ କରି ଲଢିଲେ । ତା ପରେ ସି.ଆର.-ଦାସ ତାଙ୍କୁ ରକ୍ଷା କରିବାକୁ ଆଗେଇ ଆସି ନିଜର ଆକାଟ୍ୟ ଯୁକ୍ତି ଦ୍ୱାରା ପ୍ରମାଣିତ କଲେ ଯେ ଅରବିନ୍ଦ ଏହି କେସ୍‌ରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ଏହି କେସର ବିଚାର କରୁଥିବା ମାନ୍ୟବର ବିଚାର-ପତି ବିଚକ୍ରୋଫଟ ଯିଏ କେମ୍ବ୍ରିଜରେ ଅରବିନ୍ଦଙ୍କର ସହପାଠୀ ଥିଲେ ତାଙ୍କୁ ସଙ୍ଗେ ସଙ୍ଗେ ଖଲାସ କରି ଦେଇଥିଲେ । ଆଲିପୁର ବୋମା କେଶ୍ ତାଙ୍କ ଜୀବନରେ ଏକ ନାଟକୀୟ ପରିବର୍ତ୍ତନର ସୂତ୍ରପାତ କଲା । ଆଲିପୁର ଜେଲରେ ଏକ ବନ୍ଦୀଭାବେ ଜୀବନ କାଟୁଥିବା ସମୟରେ ଅରବିନ୍ଦ ନିଜ ମଧ୍ୟରେ ଏବଂ ନିଜ ଚାରି ପାଖରେ ପ୍ରଭୁ ନାରାୟଣଙ୍କ ଉପସ୍ଥିତି ଉପଲବ୍ଧି କରିଥିଲେ । କେବଳ ସେହି ପରମେଶ୍ୱର ପରମକାରୁଣିକଙ୍କ ନିର୍ଦ୍ଦେଶ ଅନୁସାରେ ଅରବିନ୍ଦ ରାଜନୀତି ପରିତ୍ୟାଗ କରି ପଣ୍ଡିଚେରୀ ଠାରେ ଏକ ଯୋଗିର ଜୀବନ ଅତିବାହିତ କଲେ । କବିଗୁରୁ ରବୀନ୍ଦ୍ର ନାଥ ଥରେ ତାଙ୍କର ପଣ୍ଡିଚେରୀ ଆଶ୍ରମ ପରିଦର୍ଶନ କରି ଅରବିନ୍ଦଙ୍କ ମଧ୍ୟରେ ଏକ ଉଜ୍ଜ୍ୱଳ ଜ୍ୟୋତି ବିଚ୍ଛୁରିତ ହେଉଥିବା ଲକ୍ଷ କଲେ । ଏହି ପରିପ୍ରେକ୍ଷୀରେ ରବିନ୍ଦ୍ର ନାଥଙ୍କର ଅରବିନ୍ଦଙ୍କ ପ୍ରତି ଭକ୍ତି ଶ୍ରଦ୍ଧାଞ୍ଜଳିକୁ ଉଦ୍ଧାର ଯୋଗ୍ୟ ।

ରବିନ୍ଦ୍ରଙ୍କ ଭାଷାରେ

ହେ ଅରବିନ୍ଦ ରବିନ୍ଦ୍ର ଆଜ ମସ୍ତକ ନତ, ପ୍ରମାଣ କରୁଛି ତୁମର ପାଦେ,
ବନ୍ଧୁ ହେ ମୋର, ଦେଶର ବନ୍ଧୁ ଏଇ ଭାରତର
ସ୍ୱାଧୀନ ଆତ୍ମାର ଅବତାରଶ୍ୱର ତୁମେ,
ହେ, ମହାନ୍ ଯୋଗୀ, ତୁମେତ ତେଜିଛ ଅର୍ଥ ପ୍ରାଚୁର୍ଯ୍ୟ, ଆରାମର ଖାଲି ସିଂହାସନ
ବରିତ ନେଇଛ ଭିକାରୀର ଥାଳ ତୁଚ୍ଛ କରି ଏ ଅନିତ୍ୟ ଧରା ଓ ବନ୍ଧନ
ହାତେ ଧରି ଉଭା ଈଶ୍ୱରଙ୍କ ଦୀପ ଫୁଟିଛି ଯେ ଏହି ଜ୍ୱଳନ୍ତ ବାର୍ତ୍ତାବହ
କିଏ ସେହି ରାଜା ? ବାନ୍ଧିବ ତାକୁ, ରୁନ୍ଧିବ କେବେ,
ଅମାନିଆ ଜ୍ୟୋତି ଅମୃତମୟ ସେ ଯେ ।

(ଅବଶିଷ୍ଟାଂଶ ୩୩ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଶ୍ରୀମତି ପଟ୍ଟନାୟକଙ୍କ କୂଟନୈତିକ ଜ୍ୱର

(ନିଜ ପ୍ରତିନିଧିଙ୍କଠାରୁ)

କଟକ ସହରରେ ଅଗଷ୍ଟ ୯ ତାରିଖରୁ ୧୩ ତାରିଖ ମଧ୍ୟରେ ହୋଇଥିବା ତିନୋଟି ସାଧାରଣ ସଭାରେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଓ ଶ୍ରୀ ବସନ୍ତ ବିଶ୍ୱାଳ ଏକତ୍ର ଭାଷଣ ଦେବେ ବୋଲି ଆଗରୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ଶ୍ରୀମତି ପଟ୍ଟନାୟକ ଏହି ସବୁ କାର୍ଯ୍ୟକ୍ରମରେ ଯୋଗ ନଦେବାରୁ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି ।

ଅଗଷ୍ଟ ୯ ତାରିଖ ଦିନ ସଂହତି ଦିବସ ପାଳନ କରିବାପାଇଁ କଂଗ୍ରେସ ଦଳପକ୍ଷରୁ ସ୍ଥାନୀୟ ବାରବାଟି ଷ୍ଟାଡ଼ିୟମ ଠାରେ ହୋଇଥିବା ଏକ ସମାବେଶରେ ଶ୍ରୀମତି ପଟ୍ଟନାୟକ ଯୋଗ ଦେଇନଥିଲେ । ନିଜ ନିର୍ବାଚନ ମଣ୍ଡଳୀରେ ହେଉଥିବା କର୍ମୀ ସମ୍ମିଳନୀରେ ଯୋଗ ନଦେବାଟାକୁ ଏକ ଗୁରୁତର ବିଷୟ ବୋଲି କଂଗ୍ରେସ ଲୋକେ ବିଚାରୁଛନ୍ତି ।

ସେହିଭଳି ୧୨ ତାରିଖ ଦିନ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମ ଉଦ୍‌ଘାଟନ କରିବା ଅବକାଶରେ ସେହି ସଭାରେ ଶ୍ରୀ ବିଶ୍ୱାଳ ଓ ଶ୍ରୀମତି ପଟ୍ଟନାୟକ ଉଭୟ ଭାଷଣ ଦେବେ ବୋଲି ଖବର କାଗଜରେ ଘୋଷଣା କରାଯାଇଥିଲେ ମଧ୍ୟ ଜ୍ୱର ହୋଇଥିବା ଆଳରେ ଶ୍ରୀମତି ପଟ୍ଟନାୟକଙ୍କ ଅନୁପସ୍ଥିତିରେ ମଧ୍ୟ ଏହା ସମାହିତ ହୋଇଥିଲା ।

ତାର ପର ଦିନ ପରେ ଚୌଦ୍ୱାରରେ ଏକ ବ୍ୟାଙ୍କ ପକ୍ଷରୁ ଆୟୋଜିତ ହୋଇଥିବା ଏକ ସଭାରେ ମଧ୍ୟ ଉଭୟେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ଶ୍ରୀମତି ପଟ୍ଟନାୟକ ସେଥିରେ ଯୋଗ ନ ଦେବାରୁ ସେ ସଭାକୁ ପୁରାପୁରି ବାତିଲ କରି ଦିଆଗଲା । ଶ୍ରୀମତି ପଟ୍ଟନାୟକଙ୍କୁ ଜ୍ୱର ହୋଇଥିବାରୁ ସେଠାକୁ ଗଲେନାହିଁ ବୋଲି ସଫେଇ ଦିଆଗଲା । ଅଥଚ ତା ପୂର୍ବ ଦିନ ଶ୍ରୀମତୀ ପଟ୍ଟନାୟକ କଟକ ସହରରେ ବୁଲୁଥିବା ଲୋକେ ଦେଖିଥିଲେ । ଏହି ତିନୋଟି ଘଟଣାରୁ ସେ ଦୁଇଜଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦ ଏ ପର୍ଯ୍ୟନ୍ତ ଦୂର ହୋଇନଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

□

ଯୁବ କଂଗ୍ରେସ ଖର୍ଚ୍ଚ ଏଣିକି ନିରଞ୍ଜନ ବାବୁ ତୁଲାଇବେ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ରାଜ୍ୟ ପୂର୍ତ୍ତମନ୍ତ୍ରୀ ତଥା ପି. ସି. ସି କୋଷାଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ବିରୁଦ୍ଧରେ ଯୁବକଂଗ୍ରେସ ସଭାପତି ଶ୍ରୀ ଶରତ ରାଉତ ପ୍ରକାଶ୍ୟ ବିଦ୍ରୋହ କରିବା ପରେ ଶ୍ରୀ ବିଶ୍ୱାଳ ଆଉ ଯୁବକଂଗ୍ରେସ ଖର୍ଚ୍ଚ ତୁଲାଇବାକୁ ଅମଙ୍ଗ ହୋଇଛନ୍ତି । କିନ୍ତୁ ଏହାର ପ୍ରତିକାର ଉଦ୍ଦେଶ୍ୟରେ ଶ୍ରୀ ବିଶ୍ୱାଳ ଓ ଶ୍ରୀ ରାଉତଙ୍କ ଭିତରେ କୌଣସି ଏକ ବୁଝାମଣା କରାଇବାକୁ ମୁଖ୍ୟମନ୍ତ୍ରୀ ଉଦ୍ୟମ ନକରି ରାଜ୍ୟ ଜଳସେଚନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ଏଣିକି ଯୁବକଂଗ୍ରେସ କଥା ବୁଝିବାକୁ ଦାୟିତ୍ୱ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତଦନୁଯାୟୀ ଶ୍ରୀ ପଟ୍ଟନାୟକ ଏବେ ବିଭିନ୍ନ ଜିଲ୍ଲାରେ ଯୁବକଂଗ୍ରେସ ନେତୃବର୍ଗଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠା ଆରମ୍ଭ କରିଦେଲେଣି ଏବଂ ଏହି ସୁଯୋଗରେ ସଙ୍ଗଠନ ଭିତରେ ନିଜର ପ୍ରଭାବ ପ୍ରତିଷ୍ଠା କରିବା ପାଇଁ ଭିତରେ ଭିତରେ ସୁଚିନ୍ତିତ ଉଦ୍ୟମ ଆରମ୍ଭ କରି ଦେଲେଣି । କିଛି ଦିନ ତଳେ ଯୁବକଂଗ୍ରେସର ଏକ ବୈଠକରେ ଖର୍ଚ୍ଚ ସମ୍ପର୍କରେ ଜନୈକ କର୍ମକର୍ତ୍ତା ଆଲୋଚନା କଲାବେଳେ 'ନିରଞ୍ଜନ କଣ କିଛି ବ୍ୟବସ୍ଥା କରି ନାହାଁନ୍ତି କି ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ । ଏହା ପରେ ପରେ ଯୁବକଂଗ୍ରେସ ସଦସ୍ୟମାନେ ସବୁ ବିଷୟରେ ନିରଞ୍ଜନ ବାବୁଙ୍କ ସହ କ୍ରମେ ଅଧିକରୁ ଅଧିକ ଭାବେ ପରାମର୍ଶ କରୁଥିବା ଦେଖାଯାଉଛି ।

ମୁଖ୍ୟମନ୍ତ୍ରୀଙ୍କ ନାମରେ ସ୍ୱସ୍ତି ହୋଟେଲର ବିଲ୍

ଏଭଳି ଦାୟିତ୍ୱ ହସ୍ତାନ୍ତରର ପ୍ରତିକ୍ରିୟା ସ୍ୱରୂପ ରାଜ୍ୟ ଯୁବ କଂଗ୍ରେସର ଦ୍ୱିତୀୟ କାର୍ଯ୍ୟକାରୀ କମିଟି ବୈଠକରେ ଯୋଗ ଦେଇଥିବା ସଭ୍ୟ ମାନଙ୍କର ରହିବା ଓ ଖାଇବାର କୌଣସି ବ୍ୟବସ୍ଥା ପି ସି ସି ପକ୍ଷରୁ ହୋଇ ନଥିଲା । ଅଧିବେଶନ ଶେଷ ହେବାପରେ ସଭ୍ୟମାନେ ସେମାନଙ୍କ ସମର୍ଥକ ବର୍ଗଙ୍କ ସହ ପି ସି ସି ଅଫିସ ନିକଟସ୍ଥ ସ୍ୱସ୍ତି ହୋଟେଲରେ ଭୋଜନ ସାରି ବିଲ୍ ମୁଖ୍ୟମନ୍ତ୍ରୀଙ୍କ ନାମରେ କରିବାକୁ କହିବା ପରେ ହୋଟେଲ କର୍ତ୍ତୃପକ୍ଷ ଅଡୁଆରେ ପଡିଥିଲେ । ଅବଶେଷରେ ମୁଖ୍ୟମନ୍ତ୍ରୀଙ୍କ ନାମରେ ତିନି ହଜାର ଦୁଇଶହ ଟଙ୍କାର ଏକ ବିଲ ପ୍ରସ୍ତୁତ ହେବାପରେ ଏହି ଜଟିଳତାର ସମାଧାନ ହୋଇଥିଲା ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏହା ପରବର୍ତ୍ତୀ ଅବସ୍ଥାରେ ପୈଠ କରାଯାଇଥିଲା । □

ବିଜ୍ଞାପନ ହାର

ପୁରା ପୃଷ୍ଠା —୧,୦୦୦ ଟଙ୍କା
ଅଧା ପୃଷ୍ଠା — ୬୦୦ ଟଙ୍କା
ଚଉଠ ପୃଷ୍ଠା — ୩୦୦ ଟଙ୍କା
ଏକ କଲମ — ୪୦୦ ଟଙ୍କା
ସର୍ବନିମ୍ନ — ୧୦୦ ଟଙ୍କା

Images: Aptakama Mishra, Processing: Srujanika

ହସ ଓ ଦୀର୍ଘଜୀବୀ ହୁଅ

ଶ୍ରୀ କମଳ ଶ୍ରୀ ସାମନ୍ତ

ତୁମେ ଏ ପ୍ରକାର ଖପ୍ଛା କାମ କାହିଁକି କରୁଛ ?

"ଖପ୍ଛା" ? ଯେଉଁ ପଇସାବାଲା ଲୋକଙ୍କ ଝିଅ ସ୍ୱାମୀର ଦେହକୁ କିଣନ୍ତି ଆଉ ମନକୁ କିଣି ପାରନ୍ତି ନାହିଁ, ଆମେ ତାହା ପୂର୍ଣ୍ଣ କରୁଛୁ ।

× × +

ଅଧ୍ୟାପକ : ତୁମଠୁ କୋଡ଼ିଏ ବର୍ଷ ବଡ଼ ଜଣେ ସ୍ତ୍ରୀ ଲୋକଙ୍କୁ ତୁମେ ବିବାହ କରିବ ନା କୋଡ଼ିଏ ବର୍ଷ ସାନ ସ୍ତ୍ରୀ ଲୋକଙ୍କୁ ବିବାହ ହେବ ?

ଛାତ୍ର : ତାହା ନିର୍ଭରଶୀଳ ...

ଅଧ୍ୟାପକ . କେମିତି

ଛାତ୍ର ସେଇଟା ମା' ଦରକାର କି ଝିଅ ଦରକାର ତା ଉପରେ ନିର୍ଭର କରେ ।

× × ×

ତରୁଣୀ ' କଅଣ ଭାବୁଛ ?

ଯୁବକ : ତୁମେ ଯାହା ଭାବୁଛ

ତରୁଣୀ : ତେବେ ବିଳମ୍ବ କାହିଁକି ?

× × ×

ପ୍ରଥମ ତରୁଣୀ : ରମେଶର ପ୍ରେମ ବନ୍ଧନରେ ମୁଁ ଆବଦ୍ଧ ଥିଲି ।

ଦ୍ୱିତୀୟ ତରୁଣୀ : ସେଇଠୁ ?

ପ୍ରଥମ ତରୁଣୀ : ଜଣେ କିଏ କବାଟ ଖୋଲିଦେଲା, ସେ ମତେ ମୁକ୍ତ କରିନେଲା ।

× × ×

"ସେ ହେଉଛି ତା ନଜରର ପ୍ରଧାନ ଶତ୍ରୁ"

"ମୁଁ ବଞ୍ଚିଥିବା ଯାଏ ଅବଶ୍ୟ ନୁହେଁ"

× × ×

"ବଜାରରେ ଜନ୍ମ ନିୟନ୍ତ୍ରଣ ବଟିକା କେବେ କେବେ ମିଳୁନି"

"କଲେଜ ଝିଅମାନେ ସବୁ କିଣି-ନେଇ ଯାଉଛନ୍ତି"

× × ×

"ରାମ ଜଣେ ଭାଗ୍ୟବାନ ଲୋକ"

"କାହିଁକି" ?

ତା ସ୍ତ୍ରୀ ତାକୁ ଛାଡ଼ି ଆଉ ଜଣଙ୍କ ସାଙ୍ଗରେ ପଳାଇଛି ।

× × ×

"ଝିଅ ଆଉ ପୁଅଙ୍କ ଭିତରେ ପ୍ରଭେଦ କଣ ?

"ଗୋଟିଏ ବୟସ ଯାଏ ଝିଅମାନେ ସ୍ଥିର ରହନ୍ତି ତାପରେ ଏଣେ ତେଣେ ବୁଲନ୍ତି । ସେମିତି ଗୋଟିଏ ବେଳ ଯାଏ ପୁଅମାନେ ଏଣେ ତେଣେ ବୁଲନ୍ତି ତାପରେ ଘରେ ସ୍ଥିର ହୋଇ ବସନ୍ତି"

× × ×

"ତୁମେ ଝିଅଙ୍କ ପଛରେ ଗୋଡ଼ାଅ କାହିଁକି ?

"ଆକର୍ଷଣ ପ୍ରଭାବରେ"

× × ×

ଜଣେ ବିଖ୍ୟାତ ବୈଜ୍ଞାନିକ ବାଙ୍ଗର ଥିଲେ । ଗୋଟିଏ ଭୋଜି ସଭାରେ ଜଣେ ଡେଙ୍ଗା ଭଦ୍ରଲୋକ ତାଙ୍କୁ ବିଦ୍ରୂପ କରିବା ଉଦ୍ଦେଶ୍ୟରେ ନଇଁ ପଡ଼ି ତାଙ୍କୁ କହିଲେ, "ଆପଣଙ୍କ ବିଷୟରେ ମୁଁ ବହୁତ ଶୁଣିଛି କିନ୍ତୁ ଦେଖିପାରି ନଥିଲି"

ବୈଜ୍ଞାନିକ ଉତ୍ତର ଦେଲେ "ମୁଁ ଆପଣଙ୍କୁ ବହୁତ ଥର ଦେଖିଛି, କିନ୍ତୁ ଆପଣଙ୍କ ବିଷୟରେ କିଛି ଶୁଣିନି" ।

× × ×

ଜଣେ ନେତାଙ୍କର ଅଳ୍ପ ବୟସ୍କା ସ୍ତ୍ରୀ ତାଙ୍କୁ କହିଲେ, "ପିଲାଟି ପୁଣି ଥରେ କିଛି କହିବାକୁ ଚେଷ୍ଟା କରୁଥିଲା"

"କଅଣ କହିଲା"

"ରାଜନୀତି ବିଷୟରେ ବୋଧହୁଏ । ସେ କଣ ଗୁଡ଼ାଏ ଧୀରେ ଧୀରେ ଆରମ୍ଭ କଲା ଏବଂ କ୍ରମେ ଖୁବ୍ ଜୋରରେ କହିଲା ଓ ଉତ୍ତେଜିତ ହୋଇପଡ଼ିଲା । ବେଗି ନାଲି ପଡ଼ିଗଲା । ଆଶ୍ଚର୍ଯ୍ୟ ସେ ଠିକ ତୁମର ଗୁଣଗୁଡ଼ିକ ପାଇଛି"

× × ×

ଗୋଟିଏ ସର୍କସ ଗଧ ବହୁତ ଦିନ ପରେ ତାର ପୁରୁଣା ସାଙ୍ଗ ଜଙ୍ଗଲୀ ଗଧକୁ ଭେଟିଲା । ଜଙ୍ଗଲ ଗଧ ଜଙ୍ଗଲରେ ଚରି ବୁଲି ବେଶ ମୋଟା ସୋଟା ହୋଇଥାଏ କିନ୍ତୁ ସର୍କସ ଗଧ ଦେହରେ ପଟେ ମାଂସ ନଥିଲା । ଜଙ୍ଗଲୀ ଗଧ ତାଙ୍କୁ ସହାନୁଭୂତି ଜଣାଇ କହିଲା, "ତୁ ଏଠିକି ଚାଲିଆ । ନଖାଇ ନ ପିଇ ତୁ ଶୁଖି ଗଲୁଣି"

ସର୍କସ ଗଧ କିଛି ସମୟ ଭାବି କହିଲା, "ତଥାପି ଗୋଟାଏ ଆଶା ଅଛି"

"କଅଣ ?"

"ଗୋଟାଏ ଫ୍ୟୁଚର ପ୍ରସ୍ପେକ୍ଟ",

"ସେ ପୁଣି କେମିତି ?"

"ଯେଉଁ ଝିଅଟା ଦୋଳ ଖେଳ ଦେଖାଏ ତାକୁ ମାଲିକ କହୁଛି ଯେ ସେ ଯେଉଁଦିନ ଖେଳ ଦେଖାଇଲା ବେଳେ ଖସି ପଡ଼ିବ, ତାକୁ ମୋ ସହିତ ବାହା କରିଦେବ ।"

+ + +

Images: Aptakama Mishra, Processing: Srujanika

ରକ୍ତରୁ କୋଲେଷ୍ଟରଲ କମାଇବା ପାଇଁ ଆୟୁର୍ବେଦୀୟ ଔଷଧ

ଅସ୍ଥି ବର୍ଷ ବୃଦ୍ଧି ନିମନ୍ତେ ବଜାରକୁ ଛଡ଼ାଯିବ —କ୍ଷାରସୂତ୍ର ବ୍ୟବହାର କଲେ ଫିଷ୍ଟୁଲା ମଧ୍ୟ ଭଲ ହେବ

ରକ୍ତରେ କୋଲେଷ୍ଟେରୋଲ ପରିମାଣ ହ୍ରାସ କରିବା ନିମନ୍ତେ ଅନ୍ତର୍ଜାତୀୟ ଭାରତ ଗୁଗୁଲିପିଡ୍ ନାମକ ଏକ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡ଼ିବି ନିମନ୍ତେ ସ୍ଥିର ହୋଇଛି।

ଗୁଗୁଲ ଗୁଳୁରୁ ପ୍ରସ୍ତୁତ ଏହି ଔଷଧର ଚୂଡ଼ାନ୍ତ ପରୀକ୍ଷା ସରିଗଲେ ଆସନ୍ତା ବର୍ଷ ବଜାରରେ ଏହା କିଣିବାକୁ ମିଳିବ।

ଆଧୁନିକ ଔଷଧ ଜଗତକୁ ଏହା ହେବ ଆୟୁର୍ବେଦର ଦ୍ୱିତୀୟ ଅବଦାନ। କିଛି ବର୍ଷ ତଳେ ଅନ୍ୟ ଏକ ଆୟୁର୍ବେଦୀୟ ଔଷଧ ଉଚ୍ଚ ରକ୍ତ ଚାପ ରୋଗ ଉପଶମ କରିବା ପାଇଁ ପ୍ରସ୍ତୁତ କରାଯାଇ ଥିଲେ ବି ବିଦେଶୀ ଔଷଧ କମ୍ପାନୀମାନେ ସେଥିପାଇଁ ବାହାଦୁରୀ ମାରିନେଇଥିଲେ। ପାତାଳଗରୁଡ଼ ଗଛରୁ ଉକ୍ତ ଔଷଧ ରେସେରପାଇନ୍ ପ୍ରସ୍ତୁତ ହୋଇଥିଲା।

ଗୁଗୁଳ ଗଛର ଅଠାକୁ ପାରମ୍ପରିକ ଭାବେ ଆଣ୍ଠୁ ଗଣ୍ଠି ଦରଜ ତଥା କୌଣସି ସ୍ଥାନ ଫୁଲି ଗଲେ ତାକୁ ଭଲ କରିବା ପାଇଁ ବ୍ୟବହାର କରାଯାଉଥିଲା। କିନ୍ତୁ ରକ୍ତରେ ଥିବା କୋଲେଷ୍ଟରଲ ପରିମାଣ କମାଇବାରେ ମଧ୍ୟ ଏହା ଯେ ସହାୟକ ସେ କଥା ୧୯୬୪ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଜଣେ ଗବେଷକ ଡକ୍ଟର ଜି. ଏସ୍. ସତ୍ୟବତୀ ଜାଣିବାକୁ ପାଇଲେ। ସୁଶ୍ରୁତ ସଂହିତାରେ ଶ୍ରୀମତି ସତ୍ୟବତୀ ପ୍ରଥମେ ଏହାର ବର୍ଣ୍ଣନା ଦେଖିଥିଲେ। ଡାକ୍ତର ସତ୍ୟବତୀ ଇଣ୍ଡିଆନ କାଉନ୍ସିଲ ଅଫ ମେଡ଼ିକାଲ ରିସର୍ଚ୍ଚର ଡେପୁଟି ଡିରେକ୍ଟର ଜେନେରାଲ ଅଛନ୍ତି ଏବଂ ଗତ କୋଡ଼ିଏ ବର୍ଷ ଧରି କୁକୁଡ଼ା, ଘୁଷୁରି, ମାଙ୍କଡ଼ ଓ ମଣିଷ ମାନଙ୍କ ଉପରେ ସେ ଏହାର ପରୀକ୍ଷା କରିଛନ୍ତି।

ଆୟୁର୍ବେଦରେ ବର୍ଣ୍ଣିତ ଅନ୍ୟାନ୍ୟ ଔଷଧ ଗୁଡ଼ିକର ବୈଜ୍ଞାନିକ ମୂଲ୍ୟାୟନ କରି ଔଷଧ ପ୍ରସ୍ତୁତ କରିବା ନିମନ୍ତେ ଆଇ ସି ଏମ ଆର ପକ୍ଷରୁ ଆସନ୍ତା ୫ ବର୍ଷ ମଧ୍ୟରେ ଗବେଷଣା କାର୍ଯ୍ୟ ପାଇଁ ସାଢ଼େ ୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଗବେଷଣା ଯୋଜନାରେ ମଳକଣ୍ଟକ, ମଧୁମେହ, ବାତଜ୍ୱର, ମୂତ୍ରାଶୟରେ ପଥରର ଚିକିତ୍ସା ପାଇଁ ଆୟୁର୍ବେଦ ଶାସ୍ତ୍ରରେ ନିଦାନ ଅନ୍ତର୍ଭୁକ୍ତ। ଏତଦ୍ ବ୍ୟତୀତ ଜନସଂଖ୍ୟା ହ୍ରାସ ପାଇଁ ମଧ୍ୟ ଦେଶୀ ଔଷଧ ଆବିଷ୍କାର କରିବା ଦିଗରେ ଉଦ୍ୟମ ଅବ୍ୟାହତ ରହିଛି।

ଶ୍ରୀ କେ ଏସ୍ ଜୟରମଣ

ଆଧୁନିକ ଚିକିତ୍ସା ଜଗତରେ ଫିଷ୍ଟୁଲା ଭଲ କରିବା ପାଇଁ କେବଳ ଶଲ୍ୟ ଚିକିତ୍ସା ବ୍ୟତୀତ କୌଣସି ଔଷଧ ଏ ଯାବତ୍ ଆବିଷ୍କୃତ ହୋଇ ନାହିଁ। ଏ ରୋଗ ବିଷୟରେ ସୁଶ୍ରୁତ ସଂହିତାରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି ଏବଂ ଏହା ଏକ ଅତି ଯନ୍ତ୍ରଣା ଦାୟକ ରୋଗ ଏବଂ ଭାରତର ହଜାର ହଜାର ଲୋକ ଏହି ରୋଗ ଭୋଗ କରୁଛନ୍ତି। ଏହି ରୋଗ ହେଲେ ଶରୀରର ବୃହତ୍ ଅନ୍ତ୍ରରୁ ଏକ ଘା ନଳୀ ଆକାରରେ ମଳ ଦ୍ୱାର ବାହାରକୁ ଫୁଟି ଯାଏ ଏବଂ ସେହି ବାଟେ ରକ୍ତ ପୂଜ ନିଗିଡ଼ିବା ବନ୍ଦ ନ ହେଲେ ରୋଗିର ମୃତ୍ୟୁ ହେବା ଅବଶ୍ୟମ୍ଭାବୀ ହୋଇ ଉଠେ।

ଆୟୁର୍ବେଦରେ ଏହାର ଚିକିତ୍ସା ପ୍ରଣାଳୀ ଅବଲମ୍ବନ କରିବାର ବର୍ଣ୍ଣନା ଦିଆଯାଇଛି ଯାହା କ୍ଷାରସୂତ୍ର ନାମରେ ଖ୍ୟାତ। ଏହିକ୍ଷାର ସୂତ୍ର ହେଉଛି ଏକ ସୂତା ଯେଉଁଥିରେ ୪ ପ୍ରକାର ବିଭିନ୍ନ ଗୁଳ୍ମର ରସ ପ୍ରଲେପ କରାଯାଇଥାଏ। ଏହି ସୂତାକୁ ଫିଷ୍ଟୁଲା ଭିତରେ ଭର୍ତ୍ତି କରାଯାଏ ଏବଂ ପ୍ରତି ସପ୍ତାହରେ ଏହାକୁ ଟିକିଏ ଟିକିଏ ବାହାରକୁ ଟଣା ଯାଏ। ଏହିପରି ୭ ମାସ ପରେ ସୂତାକୁ ପୂର୍ଣ୍ଣ ରୂପେ ବାହାର କଲାବେଳକୁ ଫିଷ୍ଟୁଲା ବୁଜିହୋଇ ଯାଇଥାଏ।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ମେଡ଼ିକାଲ କଲେଜରେ ଡାକ୍ତର ପି.କେ ଦେଶପାଣ୍ଡେ ଏହି ପ୍ରଣାଳୀ ଅବଲମ୍ବନ କରି ପ୍ରାୟ ଦୁଇ ହଜାର ରୋଗୀଙ୍କୁ ଭଲ କଲେଣି। ଆଧୁନିକ ଶଲ୍ୟ ଚିକିତ୍ସକ ମାନଙ୍କ ପାଇଁ ଏହି କ୍ଷାରସୂତ୍ର ଏକ ବିଶେଷ ଉପଯୋଗୀ ପଦାର୍ଥରେ ପରିଣତ ହେବ।

ଆଇ ସି ଏମ୍ ଆର୍ ପକ୍ଷରୁ ଏହି ଏହି କ୍ଷାରସୂତ୍ର ବ୍ୟବହାର ନିମନ୍ତେ ଆବଶ୍ୟକୀୟ ତାଲିମ ଦେବା ପାଇଁ ଏକ କେନ୍ଦ୍ର ଖୋଲାଯିବ। ଡାକ୍ତର ଦେଶପାଣ୍ଡେଙ୍କଠାରୁ ଏହି କ୍ଷାରସୂତ୍ର ବ୍ୟବହାରର ତାଲିମ ପାଇଥିବା ଶ୍ରୀଲଙ୍କାର ଜଣେ ସର୍ଜନ ଏବେ କୋଟିପତି ହୋଇ ସାରିଲେଣି।

ସେହିଭଳି ଡନା ଅପ୍ରେସନରେ ମୂତ୍ରାଶୟରୁ ପଥର ବାହାର କରିବା ପାଇଁ ମଧ୍ୟ ଅନ୍ୟ ଏକ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରାଯାଇଛି। ଏହି ଔଷଧ CRATAEVA NURVALA ବୃକ୍ଷରୁ ପ୍ରସ୍ତୁତ। ଏହି ବୃକ୍ଷର ଛାଲିକୁ ଗୁଣ୍ଡ କରି ଖାଇଲେ ମୂତ୍ର ଶୟରେ ପଥର ସୃଷ୍ଟି ହେବ ନାହିଁ ଏବଂ ଯଦିବା ହୋଇଥାଏ ତାହା ବାହାରି ଯିବ। ୫୭ ଜଣ ରୋଗୀଙ୍କ ଉପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ମେଡ଼ିକାଲ କଲେଜରେ ଏହି ଔଷଧ ପ୍ରୟୋଗ କରାଯାଇଥିଲା ଏବଂ

Images: Aptakama Mishra, Processing: Srujanika

ଭାରତରେ ଅତି ମାରାତ୍ମକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ନିର୍ମାଣ

ହାଇଦ୍ରାବାଦସ୍ଥିତ ଡିଫେନ୍ସ ମେଟାଲରଜିକାଲ ରିସର୍ଚ୍ଚ ଲାବରୋଟୋରୀରେ ସଂପ୍ରତି ଏକ ଶକ୍ତିଶାଳୀ ତଥା ମାରାତ୍ମକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ନିର୍ମାଣ କରାଯାଇଛି । ଏହା ଦ୍ୱାରା ଆମ ସେନା ବାହିନୀର ଆକ୍ରମଣ ଶକ୍ତି ବୃଦ୍ଧି ପାଇବ ।

ଏହି ଅସ୍ତ୍ର ବହୁଳ ଭାବେ ତିଆରି କରିବା ପାଇଁ ୭୦ କୋଟି ଟଙ୍କା ବ୍ୟୟରେ ତିରୁଚିରାପଲ୍ଲୀ ଠାରେ ଏକ କାରଖାନା ସ୍ଥାପିତ ହେଉଛି । ଏହି କ୍ଷେପଣାସ୍ତ୍ରକୁ ଏକ ଗନ୍ ସାହାଯ୍ୟରେ ପ୍ରୟୋଗ କରାଯାଇ ପାରିବ ଏବଂ ଏହା ଦୁଇକିଲୋମିଟର ଦୂରରେ ଥିବା ଟ୍ୟାଙ୍କକୁ ନିର୍ଭୁଲ ଭାବେ ଧ୍ୱଂସ କରି ଦେଇ ପାରିବ ।

ଏହି ବିଚକ୍ଷଣ ଅସ୍ତ୍ରଟିର ନାମ ଦିଆଯାଇଛି ଫିନ୍-ଷ୍ଟାବିଲାଇଜଡ୍ ଆର୍ମର ପାୟାରସିଂ ଡିସକାର୍ଡିଂ ସାବଟ୍ ବା ସଂକ୍ଷେପରେ FSAPDS ପ୍ରଥମେ ୪୦୦୦ କ୍ଷେପଣାସ୍ତ୍ର ତିଆରି ହୋଇ ଏହାକୁ ସଫଳତାର ସହ ପରୀକ୍ଷା କରାଯାଇ ସାରିଲା ପରେ କେନ୍ଦ୍ର ସରକାର ବହୁଳ ଭାବେ ଏହା ଉତ୍ପାଦନ କରିବାକୁ ଅନୁମତି ଦେଲେ ।

ସେହିଭଳି ଭାରତରେ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କ ପାଇଁ ଏକ ନୂଆ ଧରଣର ବହୁମୁଖୀ ଆସ୍ତରଣ ତିଆରି କରାଯାଇ ତାର ଉପଯୋଗୀତା ଆଭ୍ୟନ୍ତରେ ପରୀକ୍ଷା କରାଯାଉଛି । ଏହାର ନାମ ଦିଆଯାଇଛି କଞ୍ଚନ ଏବଂ ଦୁଇ ଫାଳ ହାଲୁକା ସିରାମିକ ମଝିରେ ଆଲୟ ଷ୍ଟିଲ ଦିଆଯାଇ ଏହି ଆସ୍ତରଣ ପ୍ରସ୍ତୁତ କରାଯାଇଛି କିନ୍ତୁ ଏହାର ନିର୍ଦ୍ଦିଷ୍ଟ ଭାଗ ମାପ ଗୁପ୍ତ ରଖାଯାଇଛି । ଏହି କଞ୍ଚନ ଆସ୍ତରଣ ବିଜୟନ୍ତ ଟ୍ୟାଙ୍କରେ ବ୍ୟବହୃତ ହେବ ଏବଂ ଏହାର ବ୍ୟବହାର ଫଳରେ ଉକ୍ତ ଟ୍ୟାଙ୍କର ପ୍ରତିରକ୍ଷା ତଥା ପ୍ରତିରୋଧ ସାମର୍ଥ୍ୟ ବୃଦ୍ଧି ପାଇବ । ଆମ ପଦାତିକ ବାହିନୀର ସୈନିକମାନଙ୍କୁ ଗୁଳିଗୋଳା ଆକ୍ରମଣରୁ ରକ୍ଷା କରିବା ପାଇଁ ସିରାମିକରେ ଏକ ପ୍ରକାର ଭେଲ୍ଟ ତିଆରି କରାଯାଇଛି । ସେହିଭଳି ଯୁଦ୍ଧରେ ବ୍ୟବହୃତ ହେଉଥିବା ଲ୍ରେଟ ଲ୍ରେଟ ଗାଡ଼ି ଗୁଡ଼ିକ ପାଇଁ ମଧ୍ୟ ଏକ ଇସ୍ପାତ ଚଦର ତିଆରି କରାଯାଇଛି ଯାହାର ନାମ ଦିଆଯାଇଛି 'ଜ୍ୟାକଲ୍ ପ୍ଲେଟ'

ସୋଭିଏତ ରୁଷ ନକ୍ସା ଅନୁଯାୟୀ ପ୍ରସ୍ତୁତ ଯୁଦ୍ଧ ଯାନ ପାଇଁ ଏହି ଇସ୍ପାତ ଚଦର ତିଆରି ହେବ । ଏଥିପାଇଁ ଆବଶ୍ୟକ ଆଲୟ ଷ୍ଟିଲ୍ ମିଶ୍ର ଧାତୁ ନିଗମ ଲିମିଟେଡରେ ପ୍ରସ୍ତୁତ କରାଯିବ ଏବଂ ରାଉରକେଲା କାରଖାନାରେ ଏହାକୁ ଚଦରରେ ରୂପାନ୍ତରିତ କରାଯିବ ।

ଡି ଆର ଏସ୍. ଏଲର ଜଣେ ମୁଖପାତ୍ରଙ୍କ ଉକ୍ତି ଅନୁସାରେ ଉକ୍ତ ସଂସ୍ଥା ପକ୍ଷରୁ ପ୍ରତିରକ୍ଷା ସାମଗ୍ରୀରେ ବ୍ୟବହାର ଉପଯୋଗୀ ଏଭଳି ଦ୍ରବ୍ୟମାନ ପ୍ରସ୍ତୁତ କରାଯାଉଛି ଯାହା ଫଳରେ କି ଦ୍ରବ୍ୟ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ବିପ୍ଳବର ସୂତ୍ରପାତ ହେବ । ଉକ୍ତ ସଂସ୍ଥା ପକ୍ଷରୁ ସ୍ୱଷ୍ଟ ଡିରେକ୍ସନାଲ୍ ସଲିଡିଫିକେସନ୍ ଟେକ୍ନୋଲୋଜି ବ୍ୟବହାର କରାଯାଇ ପ୍ରତିରକ୍ଷା ବିମାନ ଗୁଡ଼ିକର ଟରବାଇନ୍ ବ୍ଲେଡ଼ ମାନ ପ୍ରସ୍ତୁତ କରାଯିବ । ଏହା ପ୍ରବର୍ତ୍ତିତ ହେଲେ ଦେଶରେ ବାର୍ଷିକ କୋଡ଼ିଏ କୋଟି ଟଙ୍କାର ବୈଦେଶିକ ବିନିମୟ ମୁଦ୍ରା ସଞ୍ଚୟ କରାଯାଇ ପାରିବ । □

ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କ କ୍ଷେତ୍ରରେ ୧୭ ଜଣଙ୍କ ସପ୍ତାହ ମଧ୍ୟରେ ପରିଶ୍ରା ବାଟେ ପଥର ବାହାରି ଆସିଥିଲା

ସେହିଭଳି ପୋଡ଼ା ଘା ଭଲ କରିବାରେ କଞ୍ଚା ଅମୃତଭଣ୍ଡାର ରସରୁ ପ୍ରସ୍ତୁତ ଏକ ଅର୍କର ଉପାଦେୟତା ମଧ୍ୟ ପରୀକ୍ଷା କରି ଦେଖାଯାଇଛି । ଆଜମା ପାଇଁ ଶୀରିଷ ଗଛର ଏକ ଅର୍କ ଉପରେ ପରୀକ୍ଷା ନିରୀକ୍ଷା ଚାଲିଛି ଏବଂ ମଧୁମେହ ପାଇଁ ବିଜୟସାର ବୃକ୍ଷର ଉପାଦେୟତା ପରୀକ୍ଷା କରାଯାଉଛି ।

ସୀତାପୁରସ୍ଥ ନେହେରୁ ଇନଷ୍ଟିଚ୍ୟୁଟ ଅଫ ଅପଥାଲମୋଲୋଜିର ଗବେଷକ ମାନେ ରସତ (ହରିଦ୍ରାମ) ନାମକ ଏକ ଗୁଳୁରୁ ପ୍ରସ୍ତୁତ ଔଷଧ ଟ୍ରାକୋମା ଭଲକରୁଥିବା ଲକ୍ଷ କରିଛନ୍ତି ସାଧାରଣ ସାଗୁଅନ ଗଛରୁ ପ୍ରସ୍ତୁତ ଏକ ଅର୍କ ପେପଟିକ ଅଲସର ମଧ୍ୟ ଭଲ କରି ଦେଇ ପାରୁଛି । □

ଅଦା ଓ ମେହେନ୍ଦୀ ସାହାଯ୍ୟରେ ଫସଲ ରୋଗ ନିୟନ୍ତ୍ରଣ

ଫସଲକୁ କୀଟ ପତଙ୍ଗ ଦାଉରୁ ରକ୍ଷା କରିବା ପାଇଁ ମେହେନ୍ଦୀ ଓ ଅଦାକୁ ଫଳପ୍ରଦ ଭାବେ ବ୍ୟବହାର କରାଯାଇ ପାରିବ ବୋଲି ଏବେ ବୈଜ୍ଞାନିକ ମାନେ ନିର୍ଣ୍ଣୟ କରିଛନ୍ତି ।

ପାଥୋଜେନ ନାମକ ଏକ ଜୀବାଣୁ କେତେକ ଧରଣର ଫସଲ ନଷ୍ଟ କରିଥାନ୍ତି । ମେହେନ୍ଦୀ ଓ ଅଦାରୁ ପ୍ରସ୍ତୁତ ହୋଇଥିବା ଅର୍କ ଏହି ପାଥୋଜେନକୁ ଜବତ କରିପାରୁଥିବା ପରୀକ୍ଷାରୁ ଜଣାଯାଇଛି ।

୧୯୮୨ ମସିହା ଜାତୀୟ ଯୁବ ବୈଜ୍ଞାନିକ ପୁରସ୍କାର ପାଇଥିବା ଡକଟର ଆର୍ ଡି ତ୍ରିପାଠୀଙ୍କ ଗବେଷଣାର ଫଳାଫଳ ଅନୁଯାୟୀ କେତେକ ଗଛର ପତ୍ର, କାଣ୍ଡ ଓ ଚେର ପାଥୋଜେନ ସଂସ୍ପର୍ଶରେ ଆସି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରନ୍ତି । ସେହିଭଳି ରୋହି ଓ ଭାକୁର ମାଛ ମଧ୍ୟ ଏକ ପ୍ରକାର ସଂକ୍ରମଣ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । କିନ୍ତୁ ମେହେନ୍ଦୀ ଓ ଅଦାରୁ ପ୍ରସ୍ତୁତ ଉକ୍ତ ଅର୍କ ପ୍ରୟୋଗ କଲେ ସେମାନଙ୍କର ଏହି ରୋଗ ଭଲ ହୋଇ ଯାଉଛି । □

Images: Aptakama Mishra, Processing: Srujanika

ଛାୟା ପଥରେ ନୂତନ ଗ୍ୟାସୀୟ ମଣ୍ଡଳ ଠାବ

ପୃଥିବୀ ଠାରୁ ଏହାର ଦୂରତା ୩୦ ହଜାର ଆଲୋକ ବର୍ଷ

ଆମର ଛାୟା ପଥର କେନ୍ଦ୍ରାଞ୍ଚଳରେ ଉତ୍ତପ୍ତ ବାଷ୍ପର ଏକ ବିରାଟ ନୂଆ ମଣ୍ଡଳ କେତେକ ଜ୍ୟୋତିର୍ବିଜ୍ଞାନୀ ଠାବ କରି ପାରିଛନ୍ତି ।

କାଲିଫର୍ଣ୍ଣିଆ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଉକ୍ତ ମଣ୍ଡଳର ଦୂରତା ପୃଥିବୀ ଠାରୁ ପ୍ରାୟ ୩୦ ହଜାର ଆଲୋକ ବର୍ଷ ।

ଏହି ମଣ୍ଡଳଟିର ଲମ୍ବ ୧୫୦ ଆଲୋକ ବର୍ଷ ଠାରୁ ଊର୍ଦ୍ଧ୍ୱ ଏବଂ ଏହାର ବାହୁ ସବୁ ଉତ୍ପତ୍ତି ସ୍ଥଳରୁ ସିଧା ସଳଖ ଉପରକୁ ଉଠି ଆମର ସୌରମଣ୍ଡଳ ଅତିକ୍ରମ କଲା ପରେ ୯୦ ଡିଗ୍ରି କୋଣ ଅଙ୍କନ କରି ବଙ୍କା ହୋଇ ଯାଇଛି ।

ଏହା ଏକ ସୌର ଝଡ଼ ସଦୃଶ ଦେଖା ଯାଉଥିଲେ ମଧ୍ୟ ଏହାର ବାହୁ ଗୁଡ଼ିକ ସୌର ତରଙ୍ଗ ଠାରୁ ହଜାର ହଜାର କୋଟି ଗୁଣ ବଡ଼ ବୋଲି କାଲିଫର୍ଣ୍ଣିଆର ବିଶ୍ୱବିଦ୍ୟାଳୟ ଆଷ୍ଟ୍ରୋନମି ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ମାର୍କ ମୋରିସ ପ୍ରକାଶ କରିଛନ୍ତି ।

କେଉଁ କାରଣ ଯୋଗୁ ଉକ୍ତ ମଣ୍ଡଳ ସୃଷ୍ଟି ହେଲା ତାହା ଏବେ ବି ରହସ୍ୟାବୃତ ହୋଇ ରହିଛି । ମାତ୍ର ଛାୟା ପଥର ଆବର୍ତ୍ତନ ଯୋଗୁ ସୃଷ୍ଟି ହେଉଥିବା ଚୁମ୍ବକୀୟ କ୍ଷେତ୍ର ଏହାର ଉତ୍ସ ହୋଇପାରେ । ଛାୟାପଥର ଚୁମ୍ବକୀୟ କ୍ଷେତ୍ର ସମତଳ ଭୂମିରେ ଥାଏ ବୋଲି ଆଗରୁ ଅନୁମାନ କରାଯାଉଥିଲା । କିନ୍ତୁ ଉକ୍ତ ବାଷ୍ପ ମଣ୍ଡଳ ଆବିଷ୍କୃତ ହେବା ପରେ ଛାୟା ପଥର ଚୁମ୍ବକୀୟ ମଣ୍ଡଳ ଉତ୍ତର ଦକ୍ଷିଣ ବା ତଳ ଉପର ହୋଇ ରହି ଥିବା ଅନୁମାନ କରାଯାଉଛି ଏବଂ ସେଥିରୁ ମିଳୁଥିବା ପ୍ରମାଣରୁ ଜଣାଯାଇଛି ଯେ ଉକ୍ତ ଉତ୍ତପ୍ତ ଆୟୋନାଇଜଡ଼ ଗ୍ୟାସ କୌଣସି ଏକ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ନିୟନ୍ତ୍ରିତ ହେଉଛି ।

କାଲିଫର୍ଣ୍ଣିଆର ଡକ୍ଟର ମୋରିସ ଓ କଲମ୍ବିଆର ଫାରହାଦ ୟୁସୁଫ ଜାଦେହ ଓ ଡନ ଗ୍ରନସ ମିଳିତ ଭାବେ ଉକ୍ତ ବାଷ୍ପ ମଣ୍ଡଳ ଆବିଷ୍କାର କରିଛନ୍ତି । ■

ଖାରବେଳ

ଚକ୍ଷୁରୋଗ—କାଟାରାକ୍ଟ

ଡ. ଲକ୍ଷ୍ମୀକାନ୍ତ ମହାପାତ୍ର

ଯେଉଁ ସବୁ ଚକ୍ଷୁରୋଗରୁ ମନୁଷ୍ୟ ପରିଣତ ବୟସରେ ତାର ବହୁମୂଲ୍ୟ ଦୃଷ୍ଟି ଶକ୍ତି ହରାଇ ଅକର୍ମଣ୍ୟ ହୋଇଥାଏ, ତା ମଧ୍ୟରେ 'କାଟାରାକ୍ଟ' ସର୍ବପ୍ରଧାନ । ଏକ ସର୍ବ ଭାରତୀୟ ସମୀକ୍ଷାରୁ ଜଣାଯାଏ ଯେ ଆମଦେଶରେ ସମସ୍ତ ଅନ୍ଧଙ୍କ ମଧ୍ୟରେ ଏହି କାଟାରାକ୍ଟ ଜନିତ ଅନ୍ଧଙ୍କ ସଂଖ୍ୟା ଶତକଡ଼ା ୫୫ । ଏ ରୋଗରେ ଆଖିର ପୁଅ ଡୋଳା ମୋତି ଭଳି ଶୁଭ୍ର ଦେଖାଯାଏ ତେଣୁ ଏହାକୁ 'ମୋତି ବିନ୍ଦୁ' (ହିନ୍ଦିରେ ମୋତିଆ ବିନ୍ଦ) କୁହାଯାଇଥାଏ । କେତେକ ଏହାକୁ ପରଳ ବୋଲି ମଧ୍ୟ କହିଥାନ୍ତି । କିନ୍ତୁ ଇଂରାଜୀ ନାମ କାଟାରାକ୍ଟ (cataract) କହିଲେ ପୃଥିବୀର ଅଧିକାଂଶ ଲୋକ ଏହି ରୋଗକୁ ବୁଝିପାରିବେ, ତେଣୁ ଏହି ନାମ ବ୍ୟବହାରହିଁ ସର୍ବୋତ୍କୃଷ୍ଟ ।

ଆୟୁର୍ବେଦରୁ ଜଣାଯାଏ ଯେ (cataract) ରୋଗ ସହ ଭାରତର ଚିକିତ୍ସକମାନେ ବହୁ କାଳରୁ ପରିଚିତ । ଯେଉଁ ସମୟରେ (ଖ୍ରୀ:ପୂ: ୧୦୦୦ ବର୍ଷ) ଆଜିର ଶିଳ୍ପୋନ୍ନତ ରାଜ୍ୟ ମାନଙ୍କରେ ବିଜ୍ଞାନାଲୋକ ପ୍ରବେଶ କରି ନଥିଲା ସେହି ପୂର୍ବକାଳରେ ଭାରତୀୟ ଶଲ୍ୟ ଚିକିତ୍ସକ ମହର୍ଷି ସୁଶ୍ରୁତ ଏହି ଚକ୍ଷୁ ରୋଗର ବିଶଦ ବର୍ଣ୍ଣନା ତାଙ୍କ ରଚିତ ସୁଶ୍ରୁତ ସଂହିତାରେ ଲିପିବଦ୍ଧ କରିଯାଇଛନ୍ତି । ଏହା କମ୍ ଆଶ୍ଚର୍ଯ୍ୟ ଏବଂ ଗୌରବର କଥା ନୁହେଁ । ପରବର୍ତ୍ତୀ କାଳରେ ଯେଉଁ ପୁଣ୍ୟଶ୍ଲୋକ ବୈଜ୍ଞାନିକଙ୍କ ଅଦମ୍ୟ ଚେଷ୍ଟା ଫଳରେ କାଟାରାକ୍ଟର ସଫଳ ଶଲ୍ୟ ଚିକିତ୍ସା ଆଜି ସମ୍ଭବ ଓ ସହଜ ହୋଇପାରିଛି ସେମାନଙ୍କ ମଧ୍ୟରେ ଡେଭିଏଲ (୧୭୪୫) ଭନ୍‌ଗ୍ରାଫ (୧୮୬୫) କାଲର୍ଟ୍ (୧୮୯୪) ସ୍ମିଥ୍ (୧୯୧୦), ବାରାକାର (୧୯୧୭) ଷ୍ଟାଲାର୍ଡ (୧୯୩୩) ରିଡେଲ (୧୯୫୧) ଓ କ୍ରାଉଇଜ୍ (krwacwicz) (୧୯୬୧) ଙ୍କ ନାମ ଉଲ୍ଲେଖ୍ୟ ଯୋଗ୍ୟ ।

କାଟାରାକ୍ଟ କାହିଁକି ହୁଏ ? —ଆମ ଚକ୍ଷୁର ଅଭ୍ୟନ୍ତରରେ ଗୋଟିଏ ସ୍ୱଚ୍ଛକାଚ (lens) ରହିଛି । ଏହା ଫଳରେ ବହିର୍ଜଗତରେ ପ୍ରତିଛବି ସ୍ନାୟୁ ପଟଳ (retina) ରେ ପଡ଼ିଥାଏ । ଏହି ଜୀବନ୍ତ ଲେନ୍ସଟି ଆକୁଞ୍ଚନ ପ୍ରସାରଣ ଫଳରେ ନଜର ଶକ୍ତି (diopteric power) କମ ବେଶି କରିପାରେ ଯାହା ଫଳରେ ଦୂର ଓ ନିକଟ ଉଭୟ ଦେଖିବାରେ ସୁବିଧା ହୁଏ । ୪୦ ବର୍ଷ ବୟସ ହୋଇଗଲେ ଲେନସର ଏହି ସହଯୋଗ ଶକ୍ତି Accomodation କମିଯାଏ । ତେଣୁ ପାଖ ପଦାର୍ଥ ଦେଖିବା ପାଇଁ ଅସୁବିଧା ହୁଏ ଓ ଅଧିକା ଶକ୍ତିର ଚଷମା ପିନ୍ଧିବା ଆବଶ୍ୟକ ହୋଇଥାଏ । ଏହାକୁ ଚୁଳଶିଆ (presbyopia) କହନ୍ତି ୫୫ ରୁ ୬୦ ବର୍ଷ ବୟସ ବା ତଦୁର୍ଦ୍ଧ୍ୱ

ବୟସରେ ଆଖି ଭିତରେ ଏହି ଲେନସଟି ଧୀରେଧୀରେ ଅସ୍ୱଚ୍ଛ (OPAQUE) ହେବା ଆରମ୍ଭ ହୁଏ। ଫଳରେ ଦୂର ଜିନିଷ ଅସ୍ପଷ୍ଟ ଦେଖାଯାଇଥାଏ। ଲେନସର ଏହି କ୍ରମବର୍ଦ୍ଧିଷ୍ଣୁ ଅସ୍ୱଚ୍ଛତା ଧୀରେଧୀରେ ବୃଦ୍ଧି ପାଇ ପରିଶେଷରେ ସମ୍ପୂର୍ଣ୍ଣ ଦୃଷ୍ଟି ହାନି ଘଟାଇ ଥାଏ। ଏହାକୁ ବୟସ ଜନିତ କାଟାରାକ୍ଟ (SENILE CATARACT) କୁହାଯାଏ। ମଣିଷଙ୍କର ଶେଷ ଜୀବନରେ ଏହି କାଟାରାକ୍ଟ ହୋଇଥାଏ କିନ୍ତୁ କାହାର କେଉଁ ବୟସରେ ଆରମ୍ଭ ହେବ କହିବା ଅସମ୍ଭବ। ତେବେ, ବାପ ବା ମା'ର ୬୦ ବର୍ଷ ବୟସରେ କାଟାରାକ୍ଟ ହୋଇଥିଲେ ସନ୍ତାନର ୫୦-୫୫ ବୟସରେ ଏହା ଆଶା କରାଯାଇଥାଏ। ବୟସ ଜନିତ 'କାଟାରାକ୍ଟ' ଛଡ଼ା ଅନ୍ୟାନ୍ୟ ଅନେକ କାରଣରୁ ମଧ୍ୟ ଏହି ରୋଗ ଦେଖାଯାଇ ଥାଏ। ଯଥା- ୨) ଆଖିର ଅନ୍ୟାନ୍ୟ ରୋଗରୁ (COMPLICATED CATARACT), ୨) ବହୁମୂତ୍ର ରୋଗରୁ (DIABETICS CATARACT), ୩) ଆଖିରେ ଆଘାତ ଜନିତ (TRAVMATIC CATARACT), ୪) ବିଷାକ୍ତ ଔଷଧ ଜନିତ (IATROGENIC CATARACT), ଓ ୫) ଜନ୍ମଗତ ଦୋଷରୁ (DEVELOPMENTA CATRACT), ଇତ୍ୟାଦି। କିନ୍ତୁ ଏ ପ୍ରକାର କାଟାରାକ୍ଟ ସଂଖ୍ୟା ଅପେକ୍ଷାକୃତ ଅଳ୍ପ।

ରୋଗର ଲକ୍ଷଣ

ଏହି ଚକ୍ଷୁ ରୋଗର ବ୍ୟାପକତା ଓ ଭୟାବହତା ଦୃଷ୍ଟିରୁ ପ୍ରତ୍ୟେକ ବୟସ୍କ ବ୍ୟକ୍ତି କାଟାରାକ୍ଟ ଲକ୍ଷଣ ଗୁଡ଼ିକ ବିଷୟରେ ଅବହିତ ରହିବା ଉଚିତ। କେତୋଟି ପ୍ରଧାନ ଲକ୍ଷଣ ନିମ୍ନରେ ଦିଆଗଲା।

୧) ଚାଳିଶିଆ ଛାଡ଼ିଯାଏ

ଚାଳିଶିଆ ଛାଡ଼ିଯିବା ବା ପୁଣିଥରେ ବିନା ଚଷମାରେ ପାଖ ଜିନିଷ ଦେଖାଯିବା (SECOND SIGHT) କାଟାରାକ୍ଟର ପୂର୍ବାଭାସ ବୁଝିବାକୁ ହେବ। ଯେଉଁ ବ୍ୟକ୍ତି ୩୦ ବର୍ଷ ବୟସ ପରେ ଚଷମା ନ ଲଗାଇଲେ ଗ୍ରନ୍ଥ ଜିନିଷ ଆଖି ପାଖରେ ଦେଖିପାରୁ ନଥିଲେ, ସେ ଯଦି ୬୩ ବା ୭୦ ବର୍ଷ ବୟସରେ ହଠାତ୍ ବିନା ଚଷମାରେ ବହି ପଢ଼ିବାକୁ ସମର୍ଥ ହୁଅନ୍ତି, ତେବେ ଏହା ଆଖିରେ କାଟାରାକ୍ଟ ଆରମ୍ଭର ପ୍ରଥମ ଅବଦାନ। ଅନେକ ଏଥିରେ ଚାଳିଶିଆ 'ଛାଡ଼ିଗଲା' ଭାବି ଆନନ୍ଦିତ ହେବାର ଦେଖାଯାଏ କିନ୍ତୁ କିଛିଦିନ ପରେ ଯେତେବେଳେ ଦୃଷ୍ଟିହୀନତା ବଢ଼ି ବଢ଼ି ଅନ୍ଧତ୍ୱରେ ପରିଣତ ହୁଏ ସେତେବେଳେ ଏ ଆନନ୍ଦ ଦୁଃଖରେ ପର୍ଯ୍ୟବସିତ ହୋଇଥାଏ। ତେଣୁ ଚାଳିଶିଆ ଛାଡ଼ି ଅନୁଭୂତ ହେଲେ, ତୁରନ୍ତ ଚକ୍ଷୁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ।

(୨) ଦୂର ପଦାର୍ଥ ଅସ୍ପଷ୍ଟ ଦେଖାଯାଏ

କାଟାରାକ୍ଟ ଆରମ୍ଭ ହେଲେ ଦୂରରେ ଥିବା ବସ୍ତୁ ସବୁ ସ୍ପଷ୍ଟରେ ଚିହ୍ନା ହୁଏ ନାହିଁ। ସବୁ ଜିନିଷ ଧୂଆଁ କୁହୁଡ଼ି ବା, ଜାଲ ଗୁଡ଼ାଇ ହେଲା ଭଳି ଜଣାପଡ଼େ। ଏହି ଅସ୍ପଷ୍ଟ ଦୃଷ୍ଟି ଧୀରେ ଧୀରେ ଆହୁରି କମିଯାଏ ଓ ରୋଗୀ କେବଳ ଆଖି ଆଗରେ ଆଙ୍ଗୁଠି ହଲାଇଲେ ଜାଣିପାରେ। ଏହି ଅବସ୍ଥାକୁ କାଟାରାକ୍ଟର ପାକଳ (MATURE STAGE) ଅବସ୍ଥା କୁହାଯାଏ। ଏହି ପାକଳ ଅବସ୍ଥାହିଁ ଅସ୍ତ୍ର ଚିକିତ୍ସା ପାଇଁ ବିଶେଷ ଅନୁକୂଳ। କାଟାରାକ୍ଟ ପାକଳ ହେବାକୁ କେତେ ଡେରି ଅଛି ଜାଣିବାର ଏକ ସହଜ ପରୀକ୍ଷା ହେଉଛି ରୋଗୀକୁ କ୍ରମ ଆଙ୍ଗୁଠି ଦେଖାଇ ଗଣିବାକୁ କହିବା। ଯେତେ ଅଧିକ ଦୂରରେ ଆକ୍ରାନ୍ତ ଆଖିରେ ରୋଗୀ ଆଙ୍ଗୁଠି ଗଣିପାରିବ କାଟାରାକ୍ଟ ପାକଳ ହେବାକୁ ସେତିକି ଅଧିକ ବିଳମ୍ବ ଅଛି ବୋଲି ବୁଝିବାକୁ ହେବ।

(୩) ଅନ୍ଧାରରେ ଭଲ ଦେଖାଯାଏ

କାଟାରାକ୍ଟ ପାକଳ ହେବା ପୂର୍ବରୁ ଅନେକ ରୋଗୀ, ବିଶେଷତଃ ଯେଉଁମାନଙ୍କର କାଟାରାକ୍ଟ, ଲେନ୍ସର ମଧ୍ୟ ସ୍ଥଳରୁ ଆରମ୍ଭ ହୋଇଥାଏ (NUCLEAR CATARACT) ଆଲୋକ ଅପେକ୍ଷା ଅନ୍ଧାରରେ ଅପେକ୍ଷାକୃତ ସ୍ପଷ୍ଟ ଦେଖିପାରନ୍ତି। ପରନ୍ତୁ ଆଖିରେ କୌଣସି ଉଜ୍ଜ୍ୱଳ ଆଲୋକ ପଡ଼ିଲେ ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ଲୋପ ପାଇଯାଏ। ଏହି ରୋଗୀମାନେ ଦିନ ଅପେକ୍ଷା ରାତିରେ ଅଧିକ ସ୍ୱଚ୍ଛନ୍ଦରେ ଚଳପ୍ରଚଳ କରିପାରନ୍ତି।

(୪) ପୁଅଡୋଳା ଧଳା ଦେଖାଯାଏ

ସାଧାରଣତଃ ସୁସ୍ଥ ଆଖିର ପୁଅ ଡୋଳାର ରଙ୍ଗ ଗାଢ଼କଳା କିନ୍ତୁ ଆଖିରେ କାଟାରାକ୍ଟ ଆରମ୍ଭ ହେଲେ ଏହାର ରଙ୍ଗ ଧଳା ଦେଖାଯାଏ। ତେଣୁ ଏ ରୋଗକୁ 'ମୋତିଆବିନ୍ଦୁ' ବା ମୋତିଆ-ବିନ୍ଦୁ କୁହାଯାଇଥାଏ। ଏହା କାଟାରାକ୍ଟର ଏକ ପ୍ରଧାନ ଲକ୍ଷଣ।

ରୋଗ ନିର୍ଣ୍ଣୟ ଓ ଅନ୍ୟାନ୍ୟ ପରୀକ୍ଷା

ବୟସ ଜନିତ କାଟାରାକ୍ଟ (SENILE-CATARACT) ପୂର୍ବୋକ୍ତ ଲକ୍ଷଣ ମାନଙ୍କରୁ ନିର୍ଣ୍ଣୟ କରିବା କଷ୍ଟକର ନୁହେଁ। କିନ୍ତୁ ଅନ୍ୟାନ୍ୟ କାରଣରୁ ଜାତ କାଟାରାକ୍ଟ ନୁହେଁବୋଲି ନିଶ୍ଚିତ ହେବାକୁ ହେଲେ ଅନେକ ପରୀକ୍ଷା, ନିରୀକ୍ଷା ଆବଶ୍ୟକ ହୋଇଥାଏ। ଏହା ଛଡ଼ା ଅପରେସନ ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ଶରୀର ଓ ଆଖି ପରୀକ୍ଷା ଏକାନ୍ତ ଆବଶ୍ୟକ। ଅସ୍ତ୍ରୋପଚାରର ସୁଫଳ ଏହିସବୁ ପରୀକ୍ଷା ଉପରେ ଯଥେଷ୍ଟ ନିର୍ଭର କରେ। ଶାରୀରିକ ପରୀକ୍ଷା (SYSTEMIC EXAMINATION) ମଧ୍ୟରେ, ରକ୍ତଚାପ, ହୃଦ ଯନ୍ତ୍ର (HEART) ଓ ମଧୁମେହ (DIABETES) ପାଇଁ ପରୀକ୍ଷା ପ୍ରଧାନ। ସେହିପରି ଚକ୍ଷୁ ପରୀକ୍ଷା ମଧ୍ୟରେ, ନେତ୍ର ଚାପ (INTRAOCULAR TENSION) ରଶ୍ମି ଅନୁଭବ (PL & PR) ଓ ଲୋତକ ନାଳୀ (LACRIMAL PA-

(ଅବଶିଷ୍ଟାଂଶ ୨୭ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଫାଣ୍ଟମ୍ 7, 8

ଦୁର୍ଘଟଣା
!!!
ବଞ୍ଚିଛି?
ବୋଧହୁଏ
ଧୁଡୁମ୍
ଓଃ ଠିକ୍ ବେଳରେ ··· ପହଞ୍ଚି ଗଲେ ··· ମୋତେ ଫାଣ୍ଟମ୍ ନିକଟକୁ ନେଇଯାଅ ··· ଓଃ ···
ଫାଣ୍ଟମ୍ ?
ଗଭୀର ଅରଣ୍ୟକୁ ଚାଲ
ଯିବାକୁ ହେବ !
ଏବଂ ଫାଣ୍ଟମ୍ ···
?
© 1983 King Features Syndicate, Inc. World rights reserved.

ଲି. ଫଙ୍କ
ସି. ବେରୀ

Images: Aptakama Mishra, Processing: Srujanika

SSAGE) ପ୍ରଭୃତିର ପରୀକ୍ଷା ନିର୍ଣ୍ଣିତଭାବେ ଅପରିହାର୍ଯ୍ୟ । ଏ ସବୁ ପରୀକ୍ଷାରୁ କୌଣସି ଦୋଷର ସୂଚନା ମିଳିଲେ, ଏହି ଦୋଷ ଚିକିତ୍ସା ଦ୍ୱାରା ପ୍ରଥମେ ଦୂର ନକରି ଅପରେସନ୍ କରିବା ବିପଦ ଜନକ ।

ଅସ୍ତ୍ର ଚିକିତ୍ସା

ସମଗ୍ର ପୃଥିବୀରେ କାଟାରାକ୍ଟ୍ ରୋଗ ଏକ ସମସ୍ୟା, କାରଣ, କୌଣସି ଦେଶ ବା ଜାତି ଏହାର କବଳରୁ ମୁକ୍ତ ନୁହେଁ ” ତେଣୁ ଏହାର ପ୍ରତିକାର ପାଇଁ ଜାଗତିକ (GLOBAL) ଚେଷ୍ଟା ଅବ୍ୟାହତ ରହିବା ସ୍ୱାଭାବିକ । କିନ୍ତୁ ଦୁଃଖର ବିଷୟ ଏହିକି ଯେ ଆଜି ପର୍ଯ୍ୟନ୍ତ ଏ ରୋଗ ପାଇଁ କୌଣସି ଫଳପ୍ରଦ ଔଷଧ ଚିକିତ୍ସା (MEDICINE)ଆବିଷ୍କୃତ ହୋଇ ପାରି ନାହିଁ । ବଜାରରେ ଏହି ରୋଗର ଔଷଧ ନାମରେ ଯେତେ ନେତ୍ରବିନ୍ଦୁ (EYE DROP) ବା (EYE OINTMENT) ବିକ୍ରି ହେଉଛି, ସମସ୍ତ ସମାନଭାବେ ମୂଲ୍ୟହୀନ ଓ ପ୍ରଚୁର ସର୍ବସ୍ୱ । ଅନେକ ସମୟ ରୋଗୀର ମାନସିକ ଅସ୍ଥିରତାର ଚିକିତ୍ସା (PSYCHOLOGICAL TRETMENT) ପାଇଁ ଚକ୍ଷୁ ବିଶେଷଜ୍ଞ ମାନେ କାଟାରାକ୍ଟ୍ ପାକଳ ହେବା ପୂର୍ବରୁ ମଧ୍ୟ କୌଣସି ନା କୌଣସି ନେତ୍ର ବିନ୍ଦୁ ବ୍ୟବହାର ପାଇଁ ପରାମର୍ଶ ଦେଇଥାନ୍ତି ।

ଅପରେସନ୍ ହିଁ କାଟାରାକ୍ଟ ରୋଗର ଏକମାତ୍ର ଚିକିତ୍ସା, କାଟାରାକ୍ଟ ପାକଳ ହୋଇଗଲେ ଅସ୍ତ୍ରଚିକିତ୍ସା ଦ୍ୱାରା ଅସ୍ୱଚ୍ଛ ଲେନସଟିକୁ ଆଖି ଭିତରୁ ବାହାର କରି-ନେବା ଉଚିତ । ପାକଳ ଅବସ୍ଥାରେ ବାହାର ନକଲେ ଲେନସ୍ଟି ପାଚିଯାଏ (Hypermature) ଓ ଆଖିକୁ ନଷ୍ଟ କରି ଦେଇପାରେ । ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ହାତରେ ଏହି ଅପରେସନ କଲେ ଏହା ଶତକଡ଼ା ୯୫ ରୁ ଅଧିକ ସଫଳ ହୋଇ-ଥାଏ । ତେଣୁ କାଟାରାକ୍ଟ ଅପରେସନକୁ ଭୟ କରିବାର କୌଣସି କାରଣ ନାହିଁ । ଅପରେସନର କେତେମାସ ବା ୬ ସପ୍ତାହ ପରେ ଆଖି ପରୀକ୍ଷା କରାଇ ଉପଯୁକ୍ତ ଶକ୍ତିର ଚଷମା (Powered glasses) ପିନ୍ଧିଲେ ରୋଗମୁକ୍ତ ଆଖି ପୁଣି ଥରେ ଯୁବକ ସୁଲଭ ଦୃଷ୍ଟିଶକ୍ତି ଫେରି ପାଇ-ଥାଏ । ସାଧାରଣତଃ ଯେଉଁ ଆଖିରେ ରୋଗ ପୂର୍ବରୁ ଦୃଷ୍ଟିଦୋଷ (Refractive-error) ନଥିଲା, ସେପରି ଆଖିରେ ଅପ-ରେସନ ପରେ + ୧୦ ଶକ୍ତିର କାଚ ଦୂରଦୃଷ୍ଟି ପାଇଁ ଓ + ୧୪ ଶକ୍ତିର କାଚ ନିକଟ ଦୃଷ୍ଟିପାଇଁ ଲାଗିଥାଏ । ଦୂର ଓ ନିକଟ ଉଭୟ ଦୃଷ୍ଟିପାଇଁ ୨ ଟି ଭିନ୍ନ ଚଷମା କରିବା ସବୁବେଳେ ଉଚିତ ।

ଚୁଟୁକା ଚିକିତ୍ସାର କୁପରିଣାମ

କାଟାରାକ୍ଟର ଚିକିତ୍ସକ ଭାବେ ନିଜକୁ ପରିଚିତ କରାଇ ଅନେକ ଭଣ୍ଡ ଚିକିତ୍ସକ ଆମ ଦେଶରେ ବିଶେଷତଃ ପଲ୍ଲୀ ଅଞ୍ଚଳରେ ଲୋକମାନଙ୍କୁ ଅପରେ-ସନ କରିଥାଆନ୍ତି । ଏମାନଙ୍କୁ ‘ପରଳ-କଟା ବା ଆଡ୍‌ବାଲିଆ’ କହନ୍ତି । ଏମାନେ ଚକ୍ଷୁ ବିଜ୍ଞାନ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ଗୋଟିଏ ଲମ୍ବା ଲୁହା କଣ୍ଟାଭଳି ଯନ୍ତ୍ର ସାହାଯ୍ୟରେ ଆଖିର ଅସ୍ୱଚ୍ଛ ଲେନସକୁ ଚକ୍ଷୁ ଅଭ୍ୟନ୍ତରର ଘନନାଳ(Vitreous) ଭିତରକୁ ଏମାନେ ଠେଲି ଦିଅନ୍ତି । ଫଳରେ ନିରୀହ ରୋଗି ତତ୍‌କ୍ଷଣାତ ଦେଖିପାରେ ଓ ଏମାନଙ୍କୁ ମୁକ୍ତ ହସ୍ତରେ ପାରିଶ୍ରମିକ ଦେଇଥାଏ । ଅଳ୍ପ କିଛିଦିନ ପରେ ସ୍ଥାନଚ୍ୟୁତ ଲେନସ ଆଖିରେ ପ୍ରଦାହ (Endophthalmitis) ସୃଷ୍ଟି କରି ଆଖିଟିକୁ ନଷ୍ଟ କରିଦିଏ ଓ ରୋଗୀ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଏ, ଅତ୍ୟଧିକ ଯନ୍ତ୍ରଣା ଫଳରେ ଅନେକଙ୍କ ଆଖି ଡାକ୍ତରଖାନା ମାନଙ୍କରେ ଉଠାଇ ଦିଆଯାଏ । କିନ୍ତୁ ଏସବୁ ଜଟିଳତା ସୃଷ୍ଟି ହେଲାବେଳକୁ ଅପରେସନ କରିଥିବା ଭଣ୍ଡ ଚିକିତ୍ସକ-ମାନେ ଆଉ ସେ ସ୍ଥାନରେ ନଥାନ୍ତି, କି ସମ୍ପୃକ୍ତ ଗ୍ରାମକୁ ବହୁଦିନ ପର୍ଯ୍ୟନ୍ତ ଆସନ୍ତି ନାହିଁ । ଯେ କୌଣସି ବିଜ୍ଞ ବ୍ୟକ୍ତି ଏହି କୁଚିକିତ୍ସାର ପ୍ରତିବାଦ କରିବା ଉଚିତ ଏହା ମଧ୍ୟ ଆଜିକାଲି ଆଇନତଃ ଦଣ୍ଡନୀୟ । □

ଚଳଚ୍ଚିତ୍ର ସାମ୍ବାଦିକ ଓ ଚିତ୍ର ତାରକା

ହରିହର ପ୍ରସାଦ ମହାଲିକ

ଚଳଚ୍ଚିତ୍ର ଶିଳ୍ପରେ ସାମ୍ବାଦିକ ମାନଙ୍କର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନ ଦେଶର ବିଭିନ୍ନ ସହରରୁ ଶତାଧିକ ଚଳଚ୍ଚିତ୍ର ପତ୍ରିକା ପ୍ରକାଶ ପାଇଲାଣି ଓ ଦୈନିକ ସମ୍ବାଦ ପତ୍ର ମାନଙ୍କରେ ମଧ୍ୟ ସାପ୍ତାହିକ ଚଳ-ଚ୍ଚିତ୍ର ପୃଷ୍ଠା ପ୍ରକାଶ ପାଉଛି । ସେ ଦୃଷ୍ଟି-ରୁ ଚିତ୍ର ତାରକା ମାନଙ୍କ ସହିତ ଚଳ-ଚ୍ଚିତ୍ର ସାମ୍ବାଦିକ ମାନଙ୍କର ସୁସଂପର୍କ ରହିବାର ଆବଶ୍ୟକତାକୁ ଅସ୍ୱୀକାର କରି ହେବନି ।

ମାତ୍ର ଦୁଃଖର କଥା ଯେ ବର୍ତ୍ତମାନ ଚଳଚ୍ଚିତ୍ର ସାମ୍ବାଦିକତା ଅତି ନିମ୍ନ ସ୍ତରକୁ ଖସିଗଲାଣି । ଚଳଚ୍ଚିତ୍ର ସଂପର୍କରେ ସାଧାରଣ ଜ୍ଞାନ ନଥିବା ଯୁବକ ମାନେ ଚିତ୍ର ତାରକାଙ୍କ ସହିତ ମିଶିବାକୁ ଓ କଥାବାର୍ତ୍ତା କରିବାକୁ ପ୍ରଲୋଭିତ ହୋଇ ସାମ୍ବାଦିକ ହୋଇ ଯାଉଛନ୍ତି ।

ବମ୍ବେର କେତେକ ପ୍ରଖ୍ୟାତ ଅଭି-ନେତା ଅଭିନେତ୍ରୀ ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କ ସଂପର୍କରେ ଯେଉଁ ଅଭିମତ ଦେଇଛନ୍ତି ତା ଏଠାରେ ପ୍ରକାଶ କରା ଯାଉଛି ।

ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଅଶୋକ କୁମାରଙ୍କ ମତରେ- ଆଜିକାଲି ଅଭିନେତା ଅଭିନେତ୍ରୀ ମାନେ ସାଧା-ରଣତଃ ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କ

Images: Aptakama Mishra, Processing: Srujanika

ଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି । କାରଣ ସାମ୍ବାଦିକ ମାନେ ଚିତ୍ର ତାରକା ମାନଙ୍କ ବିବୃତ୍ତି ବା ଅଭିମତକୁ ଭୁଲ କରି ଛାପୁଛନ୍ତି କିମ୍ବା ସେମାନେ ଯାହା କହିନାହାନ୍ତି ତା ମଧ୍ୟ ଛାପି ଦେଉଛନ୍ତି। ଫଳରେ ବଡ଼ ଧରଣର ଗୁଜବ ସୃଷ୍ଟି ହୋଇ କେତେକ ଚିତ୍ର ତାରକାଙ୍କ ସୁନାମ ରେ ଆଞ୍ଚ ଆସୁଛି ।

କେତେକ ଚଳଚ୍ଚିତ୍ର ସାମ୍ବାଦିକ ଚାଞ୍ଚଲ୍ୟ ସୃଷ୍ଟି କରିବା ଲକ୍ଷରେ ସଂପୂର୍ଣ୍ଣ ମିଥ୍ୟା ଓ କାଳ୍ପନିକ ଘଟଣା ସବୁ ଛାପି ବାରେ ଆନନ୍ଦ ପାଆନ୍ତି । ଏହା ଅତ୍ୟନ୍ତ ଗର୍ହିତ ଓ ନୀତିହୀନ କାର୍ଯ୍ୟ । କେତେକ ଅଭିନେତା ମଧ୍ୟ ନିଜର ପ୍ରଚାର ପାଇଁ ଚଳଚ୍ଚିତ୍ର ସାମ୍ବାଦିକମାନଙ୍କୁ ବ୍ୟବହାର କରିଥାନ୍ତି ।ସେମାନେ କେଉଁ ଅଭିନେତ୍ରୀ ମାନଙ୍କୁ ଉପଭୋଗ କରିଛନ୍ତି ତା ମଧ୍ୟ ସାମ୍ବାଦିକ ମାନଙ୍କୁ କହିଦିଅନ୍ତି । ଏଥିରେ ଅଭିନେତ୍ରୀ ମାନେ ବଦନାମ ହୁଅନ୍ତି ସିନା ମାତ୍ର ପତ୍ରିକା ଭଲ ବିକ୍ରି ହୁଏ ।

କେତେକ ଅଭିନେତ୍ରୀ ମଧ୍ୟ ବଡ଼ ବଡ଼ ଅଭିନେତାଙ୍କ ସହିତ ନିଜର ନାମ ଖାରବେକ

କୁ ଯୋଡ଼ି ସଂବାଦ ପ୍ରକାଶିତ କରାଇ ଆନନ୍ଦ ପାଆନ୍ତି । ଚଳଚ୍ଚିତ୍ର ସାମ୍ବାଦିକ ମାନେ ଜଣକ ମୁହଁରୁ ଯେଉଁ ଚାଞ୍ଚଲ୍ୟ କର କାହାଣୀ ଶୁଣନ୍ତି ତାକୁ ଉକ୍ତ ଘଟଣା ସହିତ ଜଡ଼ିତ ଦ୍ୱିତୀୟ ବ୍ୟକ୍ତିଙ୍କ ମୁହଁରୁ ମଧ୍ୟ ଶୁଣିବା ଉଚିତ୍ ଓ ଦ୍ୱିତୀୟ ବ୍ୟକ୍ତିକୁ ନିଜର ମତାମତ ପ୍ରକାଶ କରିବାର ସୁଯୋଗ ଦେବା ଉଚିତ । ମାତ୍ର ଏହା କରାଯାଉନାହିଁ ।

ଅଶ୍ଳୀଳତା ଓ ମିଥ୍ୟା ଗୁଜବ ଆଡ଼କୁ ନ ଯାଇ ମଧ୍ୟ ଚଳଚ୍ଚିତ୍ର ଶିଳ୍ପ ସଂପର୍କରେ ବେଶ ଲେଖା ସବୁ ପ୍ରକାଶ କରି ପାରିବେ ଅଶୀ ଦଶକର ଶ୍ରେଷ୍ଠ ଅଭିନେତ୍ରୀ ଶବନା ଆଜମୀ କୁହନ୍ତି- ମୋ ମତରେ ଚଳଚ୍ଚିତ୍ର ସାମ୍ବାଦିକତା ଚାଞ୍ଚଲ୍ୟ ଓ ଗୁଜବ ସୃଷ୍ଟି ନ କରି ସୁଖପାଠ୍ୟ ହେବା ଉଚିତ । ମସଲା ଦିଆ କାହାଣୀ ପ୍ରକାଶ କରି ଚିତ୍ରତାରକା ମାନଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଆକ୍ଷେପ କରିବା ଅନୁଚିତ ।

ଚଳଚ୍ଚିତ୍ର ପତ୍ରିକା ଗୁଡ଼ିକରେ ଏ ଧରଣର ଗୁଜବ ପ୍ରକାଶିତ ହେଲେ ଚିତ୍ର ତାରକା ମାନଙ୍କ ପରିବାର ଉପରେ ଏହାର କି ପ୍ରଭାବ ପଡ଼ିବ ସେ କଥା ସାମ୍ବାଦିକ ମାନେ ଭାବନ୍ତି ନାହିଁ । ଯଦି ଜଣେ ଅଭିନେତା ବା ଅଭିନେତ୍ରୀ ଏକ ଅସୁବିଧା ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି ସେ ସବୁ ଘଟଣା ସାଧାରଣରେ ପ୍ରକାଶ କରି ସେମାନଙ୍କୁ ବେଶି ଅଡୁଆ ମଧ୍ୟକୁ ଠେଲି ଦେବା କଣ ସାମ୍ବାଦିକଙ୍କ କର୍ତ୍ତବ୍ୟ ?

ବ୍ୟକ୍ତିଗତ ଭାବରେ ଚଳଚ୍ଚିତ୍ର ପତ୍ର ପତ୍ରିକା ଗୁଡ଼ିକ ମୋ ସଂପର୍କରେ ଏ ପର୍ଯ୍ୟନ୍ତ ସଠିକ ସଂବାଦ ପରିବେଷଣ କରି ଆସିଛନ୍ତି । ଅନ୍ତତଃ ମୋ ସଂପ- ର୍କରେ ଯାହା କିଛି ପ୍ରକାଶ ପାଇଛି ତା ଉପରେ ମୋର ମତାମତ ଗ୍ରହଣ କରି ସେ ସବୁ ସଠିକ ଭାବରେ ପ୍ରକାଶ କରି- ଛନ୍ତି ।

ସାମ୍ବାଦିକ ମାନେ ସଚ୍ଚୋଟ ଓ ନିର୍ଭିକ ହେବା ଉଚିତ । ତା ହେଲେ ସେମାନେ ଯାହା ଲେଖିବେ ବା ପ୍ରକାଶ କରିବେ ତାକୁ ଲୋକେ ବିଶ୍ୱାସ କରିବେ । ଯେଉଁ ମାନେ ସବୁବେଳେ କୁତ୍ସାରଟନା ଓ ଗୁଜବ ସହିତ ସଂପୃକ୍ତ ସେମାନେ କ୍ରମେ ପରିତ୍ୟକ୍ତ ହେବା ନିଶ୍ଚିତ ।

ଅଭିନେତା ରାଜ ବାବର କୁହନ୍ତି- ଆଜିକାଲିର ଚଳଚ୍ଚିତ୍ର ସାମ୍ବାଦିକମାନଙ୍କ ପ୍ରତି ମୋର ଟିକିଏ ମାତ୍ର ସମ୍ମାନ ଓ ବିଶ୍ୱାସ ନାହିଁ । ପୂର୍ବରୁ ଏପରିକି ଚଳଚ୍ଚିତ୍ର ଜଗତର ଯୋଗ ଦେବା ପୂର୍ବରୁ ସାମ୍ବା- ଦିକ ମାନଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ଥିଲା ଓ ସେମାନଙ୍କ ସଂପର୍କରେ ମୋର ଉଚ୍ଚ ଧାରଣା ମଧ୍ୟ ଥିଲା । ସେତେବେଳେର ଚଳଚ୍ଚିତ୍ର ପତ୍ରିକା ଗୁଡ଼ିକ ଯଥେଷ୍ଟ ଉଚ୍ଚ ମାନର ଥିଲା । ମାତ୍ର ଏବେ କେବଳ ଗୁଜବ ଓ ଚାଞ୍ଚଲ୍ୟ ସୃଷ୍ଟି ଛଡ଼ା ଆଉ କିଛି ନାହିଁ । ଚଳଚ୍ଚିତ୍ର ସାମ୍ବାଦିକ ବୋଲା- ଉଛନ୍ତି ଓ ଚିତ୍ର ତାରକା ମାନଙ୍କ ସଂପର୍କ ରେ ମିଥ୍ୟା ଓ କଳଙ୍କିତ ବିଷୟ ସବୁ ଲେଖି ଦେଉଛନ୍ତି ।

କେତେକ ଅଭିନେତା ଅଭିନେତ୍ରୀ ନିଜର ପ୍ରଚାର ପାଇଁ ଏ ଧରଣର ସାମ୍ବା- ଦିକଙ୍କ ପଛରେ ଗୋଡ଼ାଉଛନ୍ତି କେତେକ ଅଭିନେତା ନିଜର ପ୍ରେମ କାହାଣୀ ଓ ବିଭିନ୍ନ ଅଭିନେତ୍ରୀ ମାନଙ୍କ ସହିତ ଘନିଷ୍ଠ ସଂପର୍କ ବିଷୟରେ ମିଥ୍ୟା ସମ୍ବାଦ ପରି-

Images: Aptakama Mishra, Processing: Srujanika

ବେଷଣ କରି ଚଳଚ୍ଚିତ୍ର ଶିଳ୍ପର ଯଥେଷ୍ଟ କ୍ଷତି ଘଟାଉଛନ୍ତି । ଚିତ୍ର ତାରକାମାନଙ୍କ ବ୍ୟକ୍ତିଗତ ଜୀବନ ଉପରେ ମିଥ୍ୟା ପ୍ରଚାର ଆଦୌ ଉଚିତ୍ ନୁହେଁ କୌଣସିଚଳଚ୍ଚିତ୍ର ପତ୍ରିକା ମୋତେ କୌଣସି ପ୍ରକାର ସାହାଯ୍ୟ କରି ନାହାନ୍ତି । ମୁଁ ଯାହା ହୋଇଛି ନିଜ ଉଦ୍ୟମରେ ହିଁ ହୋଇଛି ।

× × ×

ପ୍ରଖ୍ୟାତ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଜୟାପ୍ରଦା କହନ୍ତି - ମୁଁ କେବଳ ଚଳଚ୍ଚିତ୍ର ସାମ୍ବାଦିକ ନୁହେଁ ସମସ୍ତଙ୍କ ସହିତ ବନ୍ଧୁତା ଚାହେଁ । ମାତ୍ର ସେମାନେ ମୋତେ ଏଥିପାଇଁ ସୁଯୋଗ ଦେଉନାହାନ୍ତି କାରଣ ସାମ୍ବାଦିକ ମାନେ ମୋ ସମ୍ପର୍କରେ ଅସତ୍ୟ ସମ୍ବାଦ ପରିବେଷଣ କରିବାରେ ଲାଗିଛନ୍ତି । ସେ ଦୃଷ୍ଟିରୁ ମୁଁ ସାମ୍ବାଦିକ ମାନଙ୍କ ନିକଟରେ ନୀରବ ରହୁଛି ଓ ସେମାନଙ୍କ ସମ୍ପର୍କରେ ମୋର କିଛି କହିବାର ନାହିଁ ।

ମୋର ସବୁବେଳେ ଧାରଣା ଥିଲା ଯେ ସାମ୍ବାଦିକମାନେ ଅତ୍ୟନ୍ତ ପ୍ରତିଭାଶାଳୀ ବିଜ୍ଞ ବ୍ୟକ୍ତି । ମାତ୍ର ଏବେ ମୋର ସେ ଧାରଣା ବଦଳି ଯାଇଛି

× × ×

ବିଶିଷ୍ଟ ଅଭିନେତା ସଞ୍ଜୀବ କୁମାର କହନ୍ତି —ଚଳଚ୍ଚିତ୍ର ପତ୍ରିକାରେ ଅଶ୍ଳୀଳତା ଆଡ଼କୁ ନଯାଇ ସାମାନ୍ୟ କିଛି ଗୁଜବ ପଢ଼ିବାକୁ ଆଗ୍ରହ ସୃଷ୍ଟି କରିଥାଏ । ମୋର ଅଭିନୟ ସମ୍ପର୍କରେ ଯେଉଁସବୁ ସମାଲୋଚନା ପ୍ରକାଶ ପାଏ ସେସବୁ ମୁଁ ଆଗ୍ରହର ସହିତ ପଢ଼େ । ଚଳଚ୍ଚିତ୍ର ସାମ୍ବାଦିକତା ବିରୁଦ୍ଧରେ ମୋର କୌଣସି ଅଭିଯୋଗ ନାହିଁ । ତେବେ ଚିତ୍ରତାରକା ମାନଙ୍କ ଆତ୍ମୀୟ ବନ୍ଧୁବାନ୍ଧବଙ୍କ ସମ୍ପର୍କରେ ଅଶ୍ଳୀଳ ଗୁଜବ ପ୍ରକାଶ କରିବାକୁ ମୁଁ ସମର୍ଥନ କରେନାହିଁ । କୌଣସି ସାମ୍ବାଦିକ ବ୍ୟକ୍ତିଗତ କ୍ରୋଧ ଯୋଗୁ ଯଦି ସବୁବେଳେ ମୋ ବିରୁଦ୍ଧରେ ଲେଖନ୍ତି ତେବେ ମୁଁ ନିଶ୍ଚୟ କ୍ଷୁବ୍ଧ ହେବି

ଅଭିନେତ୍ରୀ ରାଖି କହନ୍ତି — ଯେଉଁ ଚଳଚ୍ଚିତ୍ର ସାମ୍ବାଦିକମାନେ ଭଦ୍ର, ଅମାୟିକ ଓ ଦାୟିତ୍ୱସମ୍ପନ୍ନ ସେମାନଙ୍କୁ ମୁଁ ପସନ୍ଦ କରେ ତେଣୁ ଉକ୍ତମାନର ଚଳଚ୍ଚିତ୍ର ପତ୍ରିକା ଗୁଡ଼ିକ ବିରୁଦ୍ଧରେ ମୋର କୌଣସି ଅଭିଯୋଗ ନାହିଁ ।

କିନ୍ତୁ ଗୁଜବ ପ୍ରଚାର କରୁଥିବା ଶସ୍ତା ଅଶ୍ଳୀଳ ଚଳଚ୍ଚିତ୍ର ପତ୍ରିକା ଗୁଡ଼ିକର ମୁଁ ବିରୋଧ କରେ । ଏ ଧରଣର ପତ୍ରିକା ଗୁଡ଼ିକରେ ଚିତ୍ରତାରକା ମାନଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଅପେକ୍ଷା କରି ସେମାନଙ୍କୁ ବଦନାମ କରାଯାଇଥାଏ ।

ଚଳଚ୍ଚିତ୍ର ତାରକାମାନେ ମଧ୍ୟ ମଣିଷ । ସେମାନଙ୍କର ଦୋଷ ଦୁର୍ବଳତା ରହିବା ସ୍ୱାଭାବିକ । ତେଣୁ ସେମାନଙ୍କର କେବଳ ଖରାପ ଗୁଣ ଗୁଡ଼ିକ ପ୍ରକାଶ କରିବା ଓ ଚାଞ୍ଚଲ୍ୟ ସୃଷ୍ଟି କରିବା ଦ୍ୱାରା ପତ୍ରିକା ହୁଏତ ଅଧିକ ବିକ୍ରୀ ହୋଇପାରେ । ମାତ୍ର ବିଜ୍ଞ ପାଠକ ପାଠିକା ମାନେ ଏସବୁ ସହଜରେ ବିଶ୍ୱାସ କରନ୍ତି ନାହିଁ ।

ଯେଉଁ ସାମ୍ବାଦିକ ମାନେ ମୋ ବିରୁଦ୍ଧରେ ମିଥ୍ୟା ଗୁଜବ ସୃଷ୍ଟି କରନ୍ତି ମୁଁ ସେମାନଙ୍କୁ ଦୀର୍ଘଦିନ ଧରି ମୋ ନିକଟକୁ ଆସିବାକୁ ଦିଏନାହିଁ । କେତେକ କ୍ଷେତ୍ରରେ ମୁଁ ସମ୍ପୃକ୍ତ ପତ୍ରିକା ବିରୁଦ୍ଧରେ ମକଦ୍ଦମା ମଧ୍ୟ କରିଛି । ପରେ ସେମାନେ କ୍ଷମା ମାଗିଛନ୍ତି ଓ ମକଦ୍ଦମା ପ୍ରତ୍ୟାହାର ପାଇଁ ଅନୁରୋଧ କରିଛନ୍ତି ।

ଜଣେ ଚିତ୍ର ତାରକାର ଉନ୍ନତି ଚଳଚ୍ଚିତ୍ର ପତ୍ରିକା ଉପରେ ନିର୍ଭର କରେ ନାହିଁ । ନିଜର ଦକ୍ଷତା ଓ ପ୍ରତିଭା ଉପରେ ଏହା ନିର୍ଭର କରେ । ପତ୍ର ପତ୍ରିକାରେ ପ୍ରଶଂସା ବା ନିନ୍ଦା ଉପରେ ମୁଁ ଆଦୌ ଗୁରୁତ୍ୱ ଦିଏନାହିଁ ।

× × ×

ଅଭିନେତ୍ରୀ ଡିମ୍ପଲ କାପାଡ଼ିଆ କହନ୍ତି — ଗତ ୧୦ ବର୍ଷ ଧରି ମୋ ସମ୍ପର୍କରେ ଚଳଚ୍ଚିତ୍ର ପତ୍ରିକାରେ ନାନା ପ୍ରକାର ଗୁଜବ ପ୍ରକାଶ ପାଉଛି । ରାଜେଶ ଖାନ୍ନାଙ୍କ ସହିତ ମୋର ବିବାହ, ବିବାହିତ ଜୀବନରେ ଅଶାନ୍ତି ଓ ଛାଡ଼ପତ୍ର ପାଇଁ ଉଦ୍ୟମ ଆଦି ବହୁତ ବିଷୟ ପ୍ରକାଶ ପାଇଛି । ପ୍ରଯୋଜକ ରମେଶ ସିପିଙ୍କ ସହିତ ଡିମ୍ପଲଙ୍କ ପ୍ରେମ ଏବଂ ଦୁଇଟି ସନ୍ତାନର ଜନ୍ମ ହୋଇ ମଧ୍ୟ ସେ କିପରି ସିପିଙ୍କୁ ନିଜ ଫାନ୍ଦରେ ପକାଇବାକୁ ଚେଷ୍ଟା କରୁଛନ୍ତି — ଏ ଧରଣର ବହୁ କୁତ୍ସାରଟନା ମଧ୍ୟ ପ୍ରକାଶ ପାଇଛି ।

ଚଳଚ୍ଚିତ୍ର ସାମ୍ବାଦିକ ମାନେ କାହିଁକି ଏଭଳି କୁତ୍ସିତ ସମାଲୋଚନା ପ୍ରକାଶ କରନ୍ତି ତାହା ବୁଝିହୁଏ ନାହିଁ । ସବୁ ସମାଲୋଚନା ଗଠନମୂଳକ ଓ ନିରପେକ୍ଷ ହେବା ଉଚିତ । କୌଣସି ଅଭିନେତା ଅଭିନେତ୍ରୀଙ୍କ ପ୍ରେମ ଓ ବିବାହିତ ଜୀବନର ଦୋଷ ଦୁର୍ବଳତାକୁ ଶୃଙ୍ଖଳିକର ଭାଷାରେ ପ୍ରକାଶ କରିବା ଆଦୌ ଉଚିତ ନୁହେଁ । ଏହାଦ୍ୱାରା ପତ୍ରିକାର ବିକ୍ରୀ ବଢ଼ିବ ମାତ୍ର ମାନ ବଢ଼ିବ ନାହିଁ । ତେବେ ଚଳଚ୍ଚିତ୍ର ସାମ୍ବାଦିକମାନଙ୍କ ବହୁ କୁତ୍ସାରଟନା ସତ୍ତ୍ୱେ ମୋର ବିବାହିତ ଜୀବନ ଉପରେ ଏହା କୌଣସି ପ୍ରଭାବ ପକାଇ ପାରିନାହିଁ । ଏ ଦୃଷ୍ଟିରୁ ମୁଁ ଭାଗ୍ୟବତୀ ।

□

Images: Aptakama Mishra, Processing: Srujanika

କେଶରାଜ ଶାଗ (Eclipta alba)

ଡ. କମଳ କୁମାରୀ ପଟ୍ଟନାୟକ

ଦିନେ ଅଜା କହୁଥିଲେ ଅମ୍ଳିଳତ ଶାଗ ଖାଇଲେ ବାଳ ବଢ଼େ । ସେଥିରେ ଥିବା ସିଷ୍ଟିନ ଆମିନୋଅମ୍ଳ ବାଳ ବଢ଼ିବାରେ ସାହାଯ୍ୟ କରେ । ମିନ ମନକୁ ଏକଥା ବେଶ୍ ଲାଗିଛି । ତା ମନ ଖାଲି ଛଟପଟ ହେଲାଣି କଣ କଲେ ତା ମୁଣ୍ଡ ବାଳ ବଢ଼ିବ । ଆଜି ଦିନେ ସେ ଅଜାଙ୍କୁ ପଚାରିଲା ଅଜା — କହିଲ ଦେଖି, ଆଉ କେଉଁ କେଉଁ ଶାଗରେ ବାଳ ବଢ଼ିବା ଗୁଣ ରହିଛି ? ଆମେତ ରହିଲୁ ସହରରେ ଗାଁ ବାଡ଼ିରେ ମିଳୁଥିବା ଶାଗ ଆମେ କେଉଁଠୁ ପାଇବୁ ? ସବୁ ଜାତିର ଶାଗର ଗୁଣ ଗ୍ରାମ ଜାଣିଥିଲେ ସିନା ତାକୁ ଦେଖି ରହିଁ ଯାହା ଆମ ବାଡ଼ ପଟେ ମିଳିବ ତାକୁ ଖାଇବୁ । "ଅଜା କହିଲେ" ଏମିତି ବହୁତ ଶାଗଲେ ମା— ତାକୁ ଖାଇଲେ ବାଳ ବଢ଼େ ଓ ବାଳ ଝଡ଼ୁନଥ ନାହିଁ । ଆଜି ତୋତେ 'କେଶରାଜ' ଶାଗ କଥା କହିବ । କେଶଦୁର୍ଗା ଶାଗକୁ କେହି କେହି କେଶରାଜ ବୋଲି କହନ୍ତି । ସଂସ୍କୃତରେ ଏହାକୁ ଭୃଙ୍ଗରାଜ କୁହାଯାଏ । ତୁ ତ ଜାଣିଛୁ ମିନ — ଭୃଙ୍ଗରାଜ ତେଲ ଆୟୁର୍ବେଦିକ ପ୍ରଣାଳୀରେ ତିଆରି ହେଉଛି ତାକୁ ଲଗାଇଲେ ବାଳ ବଢ଼େ, ବାଳ ଝଡ଼େ ନାହିଁ । ତେଣୁ ଭୃଙ୍ଗରାଜ ତେଲର ଆଦର ବେଶୀ । ଭୃଙ୍ଗରାଜପରି ଏହାର କେଶ ବୃଦ୍ଧି କରିବା ଗୁଣ ରହିଛି ବୋଲି ଏହାକୁ ଭୃଙ୍ଗରାଜ କହନ୍ତି । କିନ୍ତୁ କେଶଦୁର ଓ ଭୃଙ୍ଗରାଜ ମଧ୍ୟରେ ବହୁତ ତଫାତ ରହିଛି । ତେବେ ଏ ଦୁଇଟିଯାକ ଗୋଟିଏ ବଂଶରୁ ଜାତ । ସେ ବଂଶର ନାମ ହେଲା 'କମ୍ପୋଜିଟି' (compositae) ମିନ ଅଜାଙ୍କ କଥା ସବୁ ନ ସରୁଣୁ କହିଲା "ଅଜା — ବାଡ଼ର କୁଅଁ ବୃଣପଟେ ତ ଭୃଙ୍ଗରାଜ ଗଛ ସବୁ ପଡ଼ିଛି ତା ପାଖରେ ଆହୁରି ଛୋଟ ଛୋଟ ପତ୍ର ଥିବା ଗଛ ସବୁ ମଧ୍ୟ ବେଶ ମାଡ଼ିଛି

ନାରୀ ପୁରୁଷ ନିର୍ବିଶେଷରେ କେଶ ସମସ୍ତଙ୍କ ପାଇଁ ସୌନ୍ଦର୍ଯ୍ୟ ବର୍ଦ୍ଧକ । ଆଧୁନିକ ସହର ସଭ୍ୟତାରେ ପରିପୁଷ୍ଟ ଯୁବକ ଯୁବତୀମାନେ ଶାଗର ଉପାଦେୟତା ନ ଜାଣିବା ସ୍ୱାଭାବିକ । କିନ୍ତୁ ଗାଁ ଗହଳିରେ ସମସ୍ତଙ୍କ ଅଲକ୍ଷ୍ୟରେ ବାଡ଼ି ବଗିଚାରେ ଏପରିକି କୁଅମୂଳେ

ଅଯତ୍ନ ବର୍ଦ୍ଧିତ ଶାଗ ସବୁ ମନୁଷ୍ୟର କେଶ ବର୍ଦ୍ଧନରେ ସହାୟତା କରେ ବୋଲି ସାଧାରଣ ଲୋକଙ୍କର ଧାରଣା ନାହିଁ । ସେହିଭଳି ଅଯତ୍ନ ବର୍ଦ୍ଧିତ ଶାଗ କିପରି ସୌନ୍ଦର୍ଯ୍ୟର ଭିତ୍ତି—କେଶ ବର୍ଦ୍ଧନରେ ସାହାଯ୍ୟ କରେ ତାହା ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି

ତାଙ୍କ ମୁଣ୍ଡର ... ଭୃଙ୍ଗରାଜ ଫୁଲ ... ... କ

ଅଜା ମିନର କଥା ଶୁଣି ଖୁବ ଖୁସି ହୋଇଗଲେ । ମିନର ମୁଣ୍ଡକୁ ଆଦରରେ ସାଉଁଳ ଦେଇ ଦେଇ କହିଲେ ବାଃ ତୁ ତାକୁତ ନଜର କରିଛୁ । ସେଗୁଡ଼ାକ ପରା କେଶଦୁର । ଏହି ଶାଗ ପାଣି ସନ୍ତସନ୍ତିଆ ଜାଗାରେ ହୁଏ । ଏହି ସନ୍ତସନ୍ତିଆ ଜାଗାରେ ଏକ ପ୍ରକାର ନେଳ (algae) ବାସ କରନ୍ତି ଆଖିକୁ ଦେଖାଯାନ୍ତି ନାହିଁ । ଖୁବ ଛୋଟ ଛୋଟ ଅଣୁବୀକ୍ଷଣ ଯନ୍ତ୍ରରେ ଯାହା ଦେଖିଲେ ଜଣାଯାଏ । ଏ ନେଳ ସବୁ ବାୟୁମଣ୍ଡଳରୁ ଯବକ୍ଷାରଯାନ ବାଷ୍ପ (nitrogen gas) ବନ୍ଧନ କରିପାରନ୍ତି । ମାଟିରେ ଯବକ୍ଷାରଯାନର ପରିମାଣ ବଢ଼ିଲେ ମାଟି ଉର୍ବର ହୁଏ । ଏହି ଉର୍ବର ମାଟିରେ ବଢ଼ୁଥିବା କେଶଦୁର ଶାଗ ସହଜରେ ବଢ଼ିଗଲେ ଯବକ୍ଷାରଯାନ ସାରେ ପାଇ ଯବକ୍ଷାରଯାନ ଆମିନୋଅମ୍ଳ ଓ ପୁଷ୍ଟିସାର ବା ପ୍ରୋଟିନ ତିଆରି କରିବାରେ ସାହାଯ୍ୟ କରେ । ଏକଥା ତୁତ ଜାଣିଛୁ ତୋ ବିଜ୍ଞାନ ପାଠରୁ । ଜଣାଯାଏ ଯବକ୍ଷାରଯାନ ସାର ନେଇ କେଶଦୁର ଗଛରେ ପ୍ରୋଟିନ ତିଆରି କରେ । ଯଦିଓ ଏଥିରେ କଣ୍ଟାଲେଉଟିଆ ଶାଗ ପରି ପ୍ରୋଟିନ ପରିମାଣ ଅଧିକ ନୁହେଁ, ତେବେ ବିଭିନ୍ନ ପ୍ରକାର ଆମିନୋଅମ୍ଳ ମାନ ରହିଛି । ଆମ ଦେହରେ ଆମିନୋଅମ୍ଳର ପରିମାଣ କମିଗଲେ ବାଳ ଝଡ଼େ ଫଳରେ କେତେକ ରୋଗ ମଧ୍ୟ ହୋଇଥାଆନ୍ତି ଆମ ଦେହ ପାଇଁ ଦରକାର ଆମିନୋଅମ୍ଳକୁ ଠିକ୍ ଭାବେ ଯୋଗାଇ ପାରିଲେ ଆମ ବାଳ ଝଡ଼ିବନି । ମିନ ଦୌଡ଼ି ତୋ ହସି ଅଜାଙ୍କ ମୁଣ୍ଡ ବାଳକୁ ଅଡ଼ୁଆ ଚଡ଼ୁଆ କରିଦେଇ କହିଲା-ହଁ, ତା ତ ଠିକ ଦେଖୁଛି । ବୁଢ଼ାର ବାଳ ଯେମିତି କଳା ମଚମଚ ସେମିତି ଘଞ୍ଚ ମଧ୍ୟ । ସବୁ 'କେଶଦୁର୍ଗା' ଶାଗ ତ ତମ ପେଟକୁ ଗଲା । ଏଣୁ ବୁଢ଼ା ଦିନକୁ ଦିନ ଟୋକା ସାଜୁଛି । ଅଜା ହସି ହସି ପୁଣି ଆରମ୍ଭ କଲେ କେଶଦୁର ଶାଗର

Images: Aptakama Mishra, Processing: Srujanika

କୃତ୍ରିମ ଉପାୟରେ ମୁକ୍ତା ଉତ୍ପାଦନ

ଶ୍ରୀ ଟି.ଏନ.ବିଶ୍ୱନାଥନ

କୋଚିନସ୍ଥ ସେଣ୍ଟ୍ରାଲ ମ୍ୟାରିନ ଫିସରିଜ ରିସର୍ଚ୍ଚ ଇନଷ୍ଟ୍ୟୁଟ ପକ୍ଷରୁ ଅତି ଶିଘ୍ର କଲଚର ପ୍ରଣାଳୀ ଅବଲମ୍ବନରେ ମୁକ୍ତା ଉତ୍ପାଦନ କରାଯିବାର ଉଦ୍ୟମ ହେଉଛି । ଏଥିପାଇଁ ବ୍ୟବସାୟିକ ଭିତ୍ତିରେ ରାମେଶ୍ୱରମ ନିକଟବର୍ତ୍ତୀ ମଣ୍ଡପମ୍ ଠାରେ ଏକ ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଲାଣି ଏବଂ ଚଳିତ ବର୍ଷ ଏଥିରୁ ଉତ୍ପାଦନ ଆରମ୍ଭ ହେବା ଆଶାକରାଯାଉଛି ।

କଲ୍‌ଚର ପ୍ରଣାଳି ଅବଲମ୍ବନରେ ବ୍ୟବସାୟିକ ଭିତ୍ତିରେ ମୁକ୍ତା ଉତ୍ପାଦନ କରିବାପାଇଁ ତାମିଲନାଡୁର ମଣ୍ଡପମ୍ ଠାରେ ଏବେ ଏକ ଯୋଜନା କାର୍ଯ୍ୟକାରି କରାଯାଉଛି ଏ ଯୋଜନା ସଫଳ ହେଲେ ଆସନ୍ତାବର୍ଷ ଭାରତ ମୁକ୍ତା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିବ ।

ମଣ୍ଡପମ ନିକଟବର୍ତ୍ତୀ ସମୁଦ୍ରର ପରିବେଶ କୃତ୍ରିମ ଉପାୟରେ ମୁକ୍ତା ଉତ୍ପାଦନ ପାଇଁ ଅତ୍ୟନ୍ତ ଅନୁକୂଳ ହୋଇଥିବାରୁ ଏହି ସ୍ଥାନ ବଛାଯାଇଛି । ଏହା ଛଡ଼ା ଏହି ଅଞ୍ଚଳରେ ସମୁଦ୍ର ମଧ୍ୟ ଅପେକ୍ଷାକୃତ ଶାନ୍ତ ।

କଲଚର ପ୍ରଣାଳୀରେ ମୁକ୍ତା ଉତ୍ପାଦନ କରିବାର କୌଶଳ ଦଶବର୍ଷ ହେଲା ଜଣା ପଡ଼ିଥିଲେହେଁ ଭାରତରେ ମୁକ୍ତା ସୃଷ୍ଟିକାରି ଶାମୁକା ଆବଶ୍ୟକ ପରିମାଣରେ ଜନ୍ମ ହେଉ ନଥିବାରୁ ଏ କ୍ଷେତ୍ରରେ ବିଶେଷ କିଛି ଅଗ୍ରଗତି କରାଯାଇ ପାରିନଥିଲା । ଏହି ଶାମୁକାଙ୍କ ବଂଶ ବିସ୍ତାର କରିବାପାଇଁ ପରୀକ୍ଷାଗାରରେ ଶାମୁକା ଲର୍ଭା ସୃଷ୍ଟିର ଉଦ୍ୟମ ଆରମ୍ଭ ହେଲା । ପରୀକ୍ଷାଗାରରେ ଶାମୁକା ଲର୍ଭା ସୃଷ୍ଟି କରାଗଲା ସତ କିନ୍ତୁ ଏଥିରୁ ଛୁଆ ଫୁଟାଇବା ପ୍ରାଥମିକ ସ୍ତରରେ ଅସମ୍ଭବ ମନେ ହେଲା କାରଣ ଏ ଅଣ୍ଡା ଗୁଡ଼ିକର ଆକୃତି ଥିଲା ମାତ୍ର ୦.୦୫ ମିଲିମିଟର । ଅଧିକନ୍ତୁ ସେମାନେ ବଢ଼ିଥିବା ପାଣିରେ ସାମାନ୍ୟ ପରିବର୍ତ୍ତନ ହେଲେ ସେଗୁଡ଼ିକ ବଞ୍ଚୁନଥିଲେ ଏବଂ ତାଙ୍କୁ ଖାଇବାକୁ ଦିଆଯାଉଥିବା ମାଇକ୍ରୋଆଲଜୀର ଆକାର ଥିଲା ଅତି କ୍ଷୁଦ୍ର, (ପ୍ରାୟ ୦.୦୦୭-ମିଲିମିଟର) ଏହି ଲର୍ଭା ଗୁଡ଼ିକ

ଗୁଣାବଳି । ଆମ ଦେହ ପାଇଁ ଉପଯୋଗୀ ଆମିନୋଅମ୍ଳ ମଧ୍ୟରୁ ଲୁଇସିନ, ଆଇସୋଲୁଇସିନ, ଲାଇସିନ ଫେନାଇଲଆଲାନାଇନ ଏବଂ ମିଥିଓନାଇନ ଆମିନୋଅମ୍ଳ ଏହି ଶାଗରେ ରହିଛି । ଦେହର ରକ୍ତରେ ଥିବା ପ୍ଲାଜମା ପ୍ରୋଟିନ ପ୍ରସ୍ତୁତ କରିବା ପାଇଁ ଦରକାରୀ ଆମିନୋଅମ୍ଳ ମଧ୍ୟରୁ ଗ୍ଲାଇସିନ, ଗ୍ଲୁଟାମିନ, ଲୁଇସନ, ଆଇସୋଲୁଇସନ, ଗ୍ଲୁଟାମିକ, ହିଷ୍ଟିଡିନ, ଓ ମିଥିଓନିନ ଆମିନୋଅମ୍ଳ ମଧ୍ୟ ଏହି ଶାଗରେ ଭରପୂର ହୋଇ ରହିଛି । ସବୁଠୁ ବଡ଼ କଥା ହେଲା ଏଥିରେ ଥିବା ସିଷ୍ଟିନ ଆମିନୋ ଅମ୍ଳ ବୃଦ୍ଧି କରିବା ସଙ୍ଗେ ସଙ୍ଗେ କେଶ ମୂଳ ମଜଭୁତ ରଖେ ରୋଗ ବ୍ୟାଧି ଇତ୍ୟାଦି କାରଣ ହେତୁ ଆମ ଦେହରୁ ଆମିନୋଅମ୍ଳ କମି ଯାଏ । ସେ ସବୁକୁ ପୂର୍ଣ୍ଣ ପାଇବାକୁ ହେଲେ ଏହି ପ୍ରକାର ଶାଗ ଶବଜ ଖାଇଲେ ହେବ । ଏଥର ବୁଝିଲୁଟି ମିନି- କେଶଦୁରା ଶାଗ ଆମର କି ଉପକାର କରେ ।

କେବଳ ସେତିକି ନୁହେଁ । ଏହି ଶାଗର ଅନ୍ୟାନ୍ୟ ଗୁଣ ସବୁ ମଧ୍ୟ ରହିଛି ଲିଭର ଓ ଗଲ ବ୍ଲାଡର ରୋଗ ପାଇଁ ଏହି ଗଛକୁ ଉପଯୋଗ କରାଯାଏ । କଅଁଳା ଛୁଆ ଆଖି ଧରିଲେ କେଶଦୁରା ପତ୍ର ରସ ଓ ମହୁ ଏକତ୍ରିତ କରି ଦିଆଯାଏ । କାମଳ ରୋଗ ପାଇଁ ମଧ୍ୟ ଏହା ଔଷଧ ରୂପେ ବ୍ୟବହାର କରାଯାଏ । ଝାଡ଼ା କଠିନ ହେଲେ ଏହି ଚେରର ରସ ଦିଆଯାଏ । ଗୋରୁ ଗାଈର କ୍ଷତ ସ୍ଥାନରେ ଏହି ଚେରର ରସ ଲେପ ଦିଅନ୍ତି । ଏହା (ANTISEPTIC) ପରି କାର୍ଯ୍ୟ କରେ । ଭାରତ ବର୍ଷର ବିଖ୍ୟାତ ଚେର ମୂଳ ଔଷଧ ବିଶାରଦ ଆର ୯ନ ଲ୍ୟେପ୍ରା ୧୯୬୬ରେ ତାଙ୍କ ଗବେଷଣାରୁ ଏହା ଜାଣି ପାରିଛନ୍ତି । ଆମ ଦେଶର ଆଉ ଜଣେ ବିଶିଷ୍ଟ ବିଷାରଦ ଶ୍ରୀ ଏମ ଏଲ ଧର ତାଙ୍କ ଗବେଷଣାରୁ ଜାଣି ପାରିଛନ୍ତି ଯେ କେଶଦୁରା ରାଣିଖେତ ଭାଇରସ ରୋଗ ପାଇଁ ଅବ୍ୟର୍ଥ ଔଷଧ, ବର୍ତ୍ତମାନ ସୁଦ୍ଧା ଏହି ଟିକି ଶାଗ ଉପରେ ବହୁ ଗବେଷଣା ଚାଲିଛି । ଆମ ପରିବେଶ ସଫା କରୁ କରୁ ଏପରି ବହୁ ବିଧ ଭେଷଜ ଉଦଭିଦ ଆମେ ନିର୍ମୂଳ କରି ଦେଇଥାଉ । ଏଣୁ ଆଜିକାଲି ଏହି ଶାଗ ଆଉ ଏତେ ଚାରିଆଡ଼େ ମିଳିବା ଦେଖାଯାଉନାହିଁ । କେଶଦୁରର ଏଗୁଢ଼ ରହସ୍ୟ ଜାଣିବା ପରେ ଆମେ ଏଣିକି ସଚେତନ ରହିବା ଉଚିତ । ମିନି କହିଲା ଅଜା. ତମେ ଠିକ କହୁଛ । ଆମ ପାଖରେ ଏତେ ସହଜରେ ମିଳୁଥିବା ଜିନଷକୁ କାହିଁକି ସାଇତି ନ ରଖିବା'' ଅଜା ନାତୁଣୀ ଗପ ସରୁ ସରୁ ସଞ୍ଜ ହୋଇ ଆସିଲା । ଅଜା ତଳେ ହାତ ଭରା ଦେଇ ଉଠୁ ଉଠୁ କହିଲେ ''ମିନି ଶାଗର ଗୁଣ ଗ୍ରାମ ଜାଣିବା ପାଇଁ ତୋର ଏତେ ମନ ମୁଁ ଏଣିକି ଆମ ବାଡ଼ି ବଗିଚାରେ ଯେଉଁ ଅନାବନା ଶାଗ ରହିଛି- ପ୍ରତ୍ୟେକଙ୍କର ଯେଉଁ ସବୁ ଗୁଣ ରହିଛି ତତେ କହିବି କିନ୍ତୁ-ଗୋଟିଏ ସର୍ତ୍ତ ତତେ ଆମ ଗାଁରେ ରହିବାକୁ ପଡ଼ିବ । ତୁ ଗଛ ଚିହ୍ନିବୁ ଗପ ଶୁଣିବୁ ।'' ମିନି ଗେହ୍ଲାଇ ହୋଇ ଅଜାଙ୍କ କାନ୍ଧରେ ଢଳି ପଡ଼ି କହିଲା "ଅଜା-ମୁଁ ପକ୍କା ନିଷ୍ପତ୍ତି କରିଛି ସବୁ ଛୁଟି ତୁମ ପାଖରେ କଟାଇବି" ଅଜା ଖୁସି ହୋଇ ମିନି ହାତକୁ ଧରି ଘର ଭିତରେ ପଶିଲେ ।

□

Images: Aptakama Mishra, Processing: Srujanika

ଏ ବିପଦର ପ୍ରତିକାର କ'ଣ ?

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ସେ ଦିନ ବାଲ୍ୟ ବନ୍ଧୁ ନରୋତ୍ତମ ବାବୁ ହଠାତ୍ ଆସି ଦେଖା ଦେଲେ । ମୁହଁଟା ବିଷର୍ଣ୍ଣ ଅତ୍ୟନ୍ତ ଚିନ୍ତାକୁଳ । ବଡ଼ ବିବ୍ରତ ହୋଇ ପଡ଼ି ଥିଲା ପରି ବୋଧ ହେଲା । ମୁଁ କିଛିଏ ବିଚଳିତ ହୋଇ ଉଠିଲି ।

ନରୋତ୍ତମ ବାବୁ ସ୍ୱାଭାବତଃ ଖୁସ୍ ମିଜାଜର ହସକୁରିଆ ଲୋକ । ହସଟା ଯେପରି କି ସବୁବେଳେ ମୁହଁରେ ଲାଗି ରହିଥାଏ । କଥାବାର୍ତ୍ତା ମଧ୍ୟ ବେଶ୍ ରସିଆ । କଥା କହୁ କହୁ ବନ୍ଧୁମାନଙ୍କୁ ଖୁବ୍ ହସାଇ ଯାଆନ୍ତି । ଏତେ ଯେ ମଜା କଥା କୁଆଡ଼ୁ ଆସି ତାଙ୍କ ମଗଜରେ ଛୁଟି ଯାଏ ତାହା କହିଁ ପାରନ୍ତି ନାହିଁ ।

ଏହି ମେଳାପି ସ୍ୱଭାବ ଲାଗି ସରଳ ବନ୍ଧୁବତ୍ସଳ ନରୋତ୍ତମ ବାବୁ ଆମ ସମସ୍ତଙ୍କର ଅତି ପ୍ରିୟ ।

ଦୁଃଖ କଅଣ ଜାଣନ୍ତି ନାହିଁ । ଚିନ୍ତା କେବେ ତାଙ୍କ ପାଖ ମାଡ଼ିନାହିଁ । ହିଂସା ଦ୍ୱେଷ ନୀଚ୍ଛ ଲତା ଠାରୁ ତ ସେ ବହୁତ ଦୂରରେ । ଏଭଳି ସହୃଦୟ ଲୋକଙ୍କୁ ବା କିଏ ସୁଖ ନ ପାଇବ ।

ସୁଖେ ଦୁଃଖେ ଚଳିଯିବା ଭଳି କିଛି ଧନ ସମ୍ପତ୍ତି ବାପ ଅଜା ଅମଳରୁ ରହିଛି । ସେ ମଧ୍ୟ କଠିନ ପରିଶ୍ରମ କରି ତାହାର ଅଭିବୃଦ୍ଧି ଘଟାଇଛନ୍ତି ।

> **ଶ୍ରୀ ଉଦୟନାଥ ଷଡ଼ଙ୍ଗୀ ରାଜ୍ୟର ଅନ୍ୟତମ ବର୍ଷୀୟାନ୍ ସମ୍ପାଦକ । ଜନସଂଖ୍ୟା ବୃଦ୍ଧି ଜନିତ ବିଭିନ୍ନ ସାମାଜିକ ସମସ୍ୟା କିପରି ଏକ ବିସ୍ଫୋରକ ଅବସ୍ଥା ସୃଷ୍ଟି କଲାଣି ଏବଂ ପାରମ୍ପରିକ ସମାଜ କ୍ରମେ ଭୁଷୁଡ଼ି ପଡ଼ିଲାଣି ତାହା ଅତି ଚମତ୍କାର ଭାବେ ଏଥିରେ ସେ ଦର୍ଶାଇଛନ୍ତି ।**

କୌଣସି ଶାରୀରିକ ଶ୍ରମକୁ ସେ ଘୃଣା କରନ୍ତି ନାହିଁ କି ଯେତେ କଠୋର କାମ ପଡ଼ିଲେ ପଛେଇ ଆସନ୍ତି ନାହିଁ । ବୁଦ୍ଧି ବଳରେ ନିଜର ବିଚକ୍ଷଣ ଶକ୍ତି ଖଟାଇ ଯେଉଁ କାମରେ ହାତ ଦିଅନ୍ତି, ସେଥିରେ ନିଶ୍ଚୟ ସଫଳତା ହାସଲ କରି ଆସିଛନ୍ତି । କୌଣସି ବାଧାବିଘ୍ନ ତାଙ୍କ ପଥ ରୋଧ କରି ନାହିଁ କି ମନ ଟଳାଇ ପାରି ନାହିଁ ।

ଘରେ ଆଦର୍ଶ ସୁଗୃହିଣୀ - ଗୃହଲକ୍ଷ୍ମୀ । ପାଞ୍ଚଟି ସୁନ୍ଦର ସରଳ ଓ କୋମଳ ପ୍ରକୃତିର ତିନୋଟି ପୁଅ, ଦୁଇଟି କନ୍ୟା ।

ଏଭଳି ଭାଗ୍ୟବାନ ବ୍ୟକ୍ତିର ମନରେ ଦୁଃଖ ମୁହଁରେ ବିଷାଦର ଛାୟା କପାଳର ରେଖା ସଙ୍କୁଚିତ—ଯେ କୌଣସି ବନ୍ଧୁକୁ ବିଚଳିତ କରିଦେବ ।

ପାଖରେ ବସାଇ ଆଦର ଅଭ୍ୟର୍ଥନା କଲି କଥାବାର୍ତ୍ତାରୁ ବୁଝିପାରିଲି, ସାନପୁଅ ପାଇଁ ସ୍କୁଲରେ ସ୍ଥାନ ମିଳୁନାହିଁ । ମଝିଆ ପୁଅ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱର ସହିତ ଉନ୍ନତ ହୋଇଥିଲେ ମଧ୍ୟ ପାଖଆଖରେ ଯେତେ କଲେଜ, କେଉଁଥିରେ ଭର୍ତ୍ତି ହେବା ସମ୍ଭବ ହେଉନାହିଁ । ଭୀଷଣ ଭିଡ଼ । ଯେଉଁ ଶ୍ରେଣୀରେ ପଚାଶ ଜଣଙ୍କ ପାଇଁ ସ୍ଥାନ ରହିଛି, ସେଠାରେ ଅଢ଼େଇଶହ ପ୍ରାର୍ଥୀ । ସମସ୍ତେ ପୁଣି ଉଚ୍ଚ ନମ୍ବରପ୍ରାପ୍ତ କୃତୀ ଛାତ୍ରଛାତ୍ରୀ ।

ଯେତେ ଚେଷ୍ଟା କଲେ ମଧ୍ୟ ଛୋଟ ଝିଅ ଦୁଇଟିଙ୍କ ପାଇଁ ଉପଯୁକ୍ତ ଶିକ୍ଷାନୁଷ୍ଠାନ ମିଳୁ ନାହିଁ । ଘରେ ଜଣେ ଶିକ୍ଷୟିତ୍ରୀ ରଖିବାକୁ ବାଧ୍ୟ ହେଲେ ଏବଂ ପ୍ରତି ମାସରେ ଗୋଟିଏ ମୋଟା ସଂଖ୍ୟାର ଅର୍ଥ ସେଥିପାଇଁ ବ୍ୟୟ କରିବାକୁ ପଡ଼ୁଛି ।

ସବୁଠାରୁ ବଡ଼ ଶୋଚନୀୟ ହେଉଛି, ବଡ଼ପୁଅର ଅବସ୍ଥା ।

ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିଧାରୀ ଉଦୀୟମାନ ଯୁବକ— ମୁଖମଣ୍ଡଳ ପ୍ରତିଭା ଦୀପ୍ତ । ଫଳ ପ୍ରକାଶ ପରେ ଚୁପ୍ ହୋଇ ଘରେ ବସି ରହିଛି । କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନରେ ଗବେଷଣା କରିବାକୁ ପ୍ରବଳ ଆକାଂକ୍ଷା । ମାତ୍ର ସୁଯୋଗ ମିଳୁ ନାହିଁ କି ସ୍ଥାନ ମିଳୁ ନାହିଁ ।

ଅଳସ ମନ ହିଁ ସବୁ କଳ୍ପନାର ଗନ୍ତାଘର । ଏହିପରି କେତେ ଦିନ ବସିଗଲେ ସେ ଯେ ଜୀବନରୁ ହତାଶ ଓ ମ୍ରିୟମାଣ ହୋଇପଡ଼ିବ— ଏହା ଭାବି ହେଉ ନାହିଁ ।

ପ୍ରକୃତରେ ଏହାଠାରୁ ବଳି ଦୁର୍ଭାବନାର ବିଷୟ ଆଉ କଣ ଆଇପାରେ? ଜଣେ ସ୍ନେହଶୀଳ ପିତା ପକ୍ଷରେ ଏହା ଯେ କେତେ ଯନ୍ତ୍ରଣାଦାୟକ ତାହା କେବଳ ସେଇମାନେହିଁ ଅନୁଭବ କରି ପାରିବେ ।

ଏହି ପରିସ୍ଥିତି ଉପୁଜିବାର କାରଣ କଣ? କୋଡ଼ିଏ ବର୍ଷ ତଳେ ରାଜ୍ୟରେ ଯେତେ ସ୍କୁଲ କଲେଜ ଥିଲା, ବର୍ତ୍ତମାନ ଅନ୍ତତଃ ତାହା ଦଶ ଗୁଣ ବୃଦ୍ଧି ପାଇଛି । ପ୍ରତ୍ୟକ୍ଷରେ ସରକାରଙ୍କର ପରୋକ୍ଷରେ ଜନସାଧାରଣ ପ୍ରଜାମାନଙ୍କର ବହୁ କୋଟି ଟଙ୍କା ସେ ଦିଗରେ ବ୍ୟୟ କରାଯାଉଛି । ଚିନ୍ତାଶୀଳ ଦେଶପ୍ରେମୀମାନେ ମତ ଦେଉଛନ୍ତି, ଆମ ସ୍ୱାଧୀନ ରାଷ୍ଟ୍ରରେ ଜଣେ ହେଲେ କେହି ଅଶିକ୍ଷିତ ନ ରହନ୍ତୁ । ପ୍ରତ୍ୟେକ ପିତା ମାତାଙ୍କର ଏକାନ୍ତ କାମନା ସେମାନଙ୍କ ପୁଅଝିଅ ଉପଯୁକ୍ତ ଶିକ୍ଷା ପାଆନ୍ତୁ । କିନ୍ତୁ ତାହା ସମ୍ଭବ ହେଉ ନାହିଁ କାହିଁକି

କେଉଁ ପରିବେଶ ଓ କେଉଁ ଖାଦ୍ୟ ଖାଇ ଉତ୍ତମ ରୂପେ ବଢ଼ି ପାରିବେ ତାହା ଜାଣିବାକୁ ବୈଜ୍ଞାନିକମାନଙ୍କୁ ପ୍ରାୟ ବର୍ଷେ ଲାଗିଗଲା । ଏହାପରେ ୧୯୮୧ ମସିହାରେ ପ୍ରଥମ ଥର ପାଇଁ ଲାର୍ଭାକୁ ଏହାର ପରବର୍ତ୍ତୀ ଅବସ୍ଥା ସ୍ପାଟ୍‌କୁ ଆଣିବାକୁ ସକ୍ଷମ ହେଲେ । ଏ ଅବସ୍ଥାରୁ ସେଗୁଡ଼ିକୁ ଯୁବକ ଅବସ୍ଥାକୁ ନେବା ଅତି କଠିନକର ପାଠ ଥିଲା । ଏଥିପାଇଁ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଏକ ପ୍ରକାର ସ୍ୱତନ୍ତ୍ର ଜାଲ ନିର୍ମାଣ କରାଯାଇଥିଲା ।

ମଣ୍ଡପମସ୍ଥ ମୁକ୍ତା ଉତ୍ପାଦନ କେନ୍ଦ୍ରରେ ପୁରାଦମରେ ମୁକ୍ତା ଶାମୁକା ପ୍ରଜନନ ଆରମ୍ଭ ହୋଇଗଲେ ଆମଦେଶ ମୁକ୍ତା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଯିବ ଏବଂ ପ୍ରତିବର୍ଷ ଆମକୁ ବାହାରୁ ଏକ କୋଟି ଟଙ୍କା ମୂଲ୍ୟର ମୁକ୍ତା ଆମଦାନୀ କରିବାକୁ ପଡ଼ିବ ନାହିଁ । ଅଧିକନ୍ତୁ ଆମ ଦେଶ ବିଦେଶକୁ ମୁକ୍ତା ରପ୍ତାନି କରିବାରେ ସକ୍ଷମ ହେବ । □

ଏହାର ପ୍ରଥମ କାରଣ, ପ୍ରଧାନ କାରଣ ମଧ୍ୟ ଆମ ଦେଶରେ କଳ୍ପନାତୀତ ଭାବରେ ଜନସଂଖ୍ୟା ବୃଦ୍ଧି ପାଉଥିବାରେ ଲାଗିଛି । କେବଳ ସେଇଥିପାଇଁ ଆଜି ଖାଦ୍ୟର ଅଭାବ, ବାସଗୃହର ଅଭାବ, ଶିକ୍ଷାନୁଷ୍ଠାନର ଅଭାବ, ସ୍ୱାସ୍ଥ୍ୟ କେନ୍ଦ୍ରର ଅଭାବ ସାଙ୍ଗକୁ ସୁସ୍ଥ ଭାବରେ ଜୀବନ ନିର୍ବାହ କରିବା ପାଇଁ ଆଶ୍ରୟର ଅଭାବ । ଏହି ଅଭାବ ଆଖି ଦେଖିବାରେ ପେଷି ହୋଇ ଏ ଯୁଗର ମନୁଷ୍ୟ ରସଶୂନ୍ୟ ହୋଇପଡ଼ୁଛି । ଫଳରେ ମନୁଷ୍ୟ ଶରୀରରେ ପଶୁତ୍ୱର ପ୍ରଭାବ ବୃଦ୍ଧି ପାଉଛି — ଘର ସଂସାର ହୋଇଯାଉଛି ନର୍କକୁଣ୍ଡ ।

ହାଇସ୍କୁଲ ପରୀକ୍ଷାଫଳ

ନିକଟରେ ପ୍ରକାଶ ପାଇଥିବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାଫଳ କଥା ବିଚାରକୁ ନିଆଯାଉ । ମାଧ୍ୟମିକ ଶିକ୍ଷା ବୋର୍ଡ଼ ଅଧୀନରେ ଗତ ବର୍ଷ ମୋଟ ୧ ଲକ୍ଷ ୧୪ ହଜାର ୩୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ କେବଳ ୭୭ ହଜାର ୭୯୮ ଜଣଙ୍କ ମୁଣ୍ଡରେ ବୋର୍ଡ଼ ସିନ୍ଦୂର ଟୋପା ମାରି ଦେଲେ । ତା ଅର୍ଥ ଏମାନେ କୌଣସି କଲେଜ ବା ଉଚ୍ଚତର ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହେବାର ଅଧିକାରୀ । ଏ ୭୭ ହଜାର ୭୯୮ ପିଲାଙ୍କ ପାଇଁ କେତେ ସଂଖ୍ୟାର କଲେଜ ବା ଉଚ୍ଚତର ଶିକ୍ଷାନୁଷ୍ଠାନ ଦରକାର ? ସେ ସବୁ ଅନୁଷ୍ଠାନରେ ଏତେ ପିଲାଙ୍କୁ ସ୍ଥାନ ମିଳିବା କେବେ ଆଦୌ ସମ୍ଭବ ? ଯଦି ସମସ୍ତ ପରୀକ୍ଷାର୍ଥୀ ବା ଆଉ ଅଧିକ ପରୀକ୍ଷାର୍ଥୀଙ୍କୁ ଏ ଅଧିକାର ମିଳି ଯାଆନ୍ତା ତେବେ ସେତେବେଳର କଥାତ କଳ୍ପନାତୀତ ଏ ସେଉଁ ବହୁଳ ସଂଖ୍ୟକ ଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଲେ ସେମାନେ କରିବେ କଣ? ସମାଜର ଦେଶର ଗଳଗ୍ରହ ହେବା ବ୍ୟତୀତ ଆଉ କିଛି ଉପାୟ ନାହିଁ ।

କୌତୁହଳ ବଶତଃ ଲେଖକ ଗୋଟିଏ ନଗଣ୍ୟ କ୍ଷୁଦ୍ର ଗ୍ରାମର ସର୍ଭେ କରିଥିଲା ।

ଷୋଳଶ ବର୍ଷ ତଳେ ୬୭ ଟି ପରିବାର ବିଶିଷ୍ଟ ଏହି ଗ୍ରାମର ଲୋକ ସଂଖ୍ୟା ଥିଲା ୧୫୪ । ସ୍ତ୍ରୀପୁରୁଷ, ପିଲା, ବୁଢାବୁଢୀ ସମସ୍ତେ ଏଥିର ଅନ୍ତର୍ଭୁକ୍ତ । ଅପେକ୍ଷାକୃତ ସ୍ୱଚ୍ଛଳ ପରିବାରଠାରୁ ଦିନ ମଜୁରିଆ ପର୍ଯ୍ୟନ୍ତ ବିଭିନ୍ନ ଗୋଷ୍ଠୀର ଓ ବିଭିନ୍ନ ଜାତିର ଲୋକ । ସମସ୍ତେ ସମାନ ଭାବରେ ଚଳୁ ଥିବାରୁ କିଏ କେଉଁ ସ୍ତରର ତାହା ଜାଣିବା ସମ୍ଭବ ହେଉନଥିଲା । ପରସ୍ପର ମଧ୍ୟରେ ବେଶ୍ ସ୍ନେହ ସୌହାର୍ଦ୍ଦ୍ୟ ପରିଲକ୍ଷିତ ହେଉଥିଲା । ଗାଈ, ମଇଁଷି, ଛେଳି, ମେଣ୍ଢା, ମାଉସୀ ସଂପର୍କ ଗ୍ରାମବାସୀ ଭୁଲୁ ନ ଥିଲେ ଗୋଟିଏ ଘରେ କୌଣସି ଦୁର୍ଘଟଣା ଘଟିଲେ ବା ବିପଦ ପଡ଼ିଲେ ସମସ୍ତେ ଦଉଡ଼ି ଆସି ସମବ୍ୟଥିତ ହେଉଥିଲେ । ଆର୍ଥିକ ଭାବରେ ସାହାଯ୍ୟ କରିବାକୁ ଲାଗି ଯାଉଥିଲେ । ବିବାହ ବ୍ରତ ଆଦି କୌଣସି ଶୁଭ କର୍ମ କାହାର ଘରେ ହେଲେ, ସମସ୍ତ ଗ୍ରାମ ଆନନ୍ଦ ଉଲ୍ଲାସରେ ପୂରି ଉଠୁଥିଲା ।

ଏବେ ସେ ଗ୍ରାମର ପରିବାର ବା ଘରସଂଖ୍ୟା ଆଉ ୫୬୭କୁ ବଢ଼ିଛି । ଲୋକ ସଂଖ୍ୟା ୯ ଶହରୁ ଅଧିକ । ଅଥଚ ଗ୍ରାମର ନିଜ ବାସିନ୍ଦା ସ୍ୱଳ୍ପ ଶହ ମଧ୍ୟରେ । ବାକୀ ସମସ୍ତେ ବିଦେଶୀ । କିଏ ଗ୍ରାମକୁ କିପରି ଆସେ କେଉଁବା ଗ୍ରାମ ସହିତ କୌଣସି ସଂପର୍କ ରଖୁ ନାହିଁ । କଟକ, କଲିକତା ଜାମସେଦପୁର ରାଉରକେଲା ଶ୍ରମିକ । କେତେକଜଣ ଗୋଟିଏ ଶ୍ରମିକ ରୂପେ ସୁଦୂର ଆସାମ ପଞ୍ଜାବ ଉତ୍ତରପ୍ରଦେଶକୁ ବାହି ଯିବାକୁ ଲାଗିଲେଣି । ଅବଶ୍ୟ ସାମାନ୍ୟ କେତୋଟି ଘରର ମୁଣ୍ଡ ଟେକିଛି, ମାତ୍ର ଅଧିକାଂଶ ମାଟି କାନ୍ଥର ପୁରୁଣା ଘର ପରିବାର ସଂଖ୍ୟା ହେଉ ନ ପାରି ଭାଙ୍ଗି ଗଲାଣି । ପଡ଼ୋଶୀ ପଡ଼ୋଶୀ ମଧ୍ୟରେ ଶତ୍ରୁତା ଅତି ବେଶୀ କଳିକଜିଆ, ପାଟିତୁଣ୍ଡ, ମକଦ୍ଦମା ଲାଗି ରହିବା ଦଉଡ଼ିବା ପ୍ରତି ଦିନର କାର୍ଯ୍ୟ ହୋଇଛି ।

ଗ୍ରାମଟି ଏପରି ଶ୍ରୀହୀନ ହେଲା କାହିଁକି

ଅନୁସନ୍ଧାନ କଲେ ଯେ କେଉଁ କାରଣ ଏହାର କାରଣ ଅସମ୍ଭବ ପ୍ରକାର ଲୋକସଂଖ୍ୟା ବୃଦ୍ଧି

ପ୍ରତି ବର୍ଷ ହୁ ହୁ ଜନ୍ମ ସଂଖ୍ୟା ବଢ଼ି ଚାଲିଲା ମାତ୍ର ଗ୍ରାମର ଦୈର୍ଘ୍ୟପ୍ରସ୍ଥ ସୀମାବଦ୍ଧ । ଅଧିକ ଘର ତିଆରି ପାଇଁ ସ୍ଥାନର ଅଭାବ ଏବଂ ଚାଷ ଜମି ବଢୁ ନାହିଁ । ଆଗରୁ ଯାହା ଥିଲା ତାହା ଟିକି ଟିକି ଅଂଶ ହୋଇଗଲାଣି ବା ଅନ୍ୟ ଗ୍ରାମବାସୀ ଦଖଲକୁ ଚାଲିଗଲାଣି । ଘର ଅଭାବ, ଖାଦ୍ୟ ଅଭାବ ସେମାନଙ୍କୁ ଦେଶଛଡ଼ା କରାଇଛି । ପ୍ରକୃତିକୁ ବିକୃତ କରି ଦେଉଛି ସ୍ନେହ ମମତା ପରିବର୍ତ୍ତେ ହିଂସା ଦ୍ୱେଷ ସ୍ୱାର୍ଥପରତା ମନୁଷ୍ୟତାକୁ ଲୋପ କରି ଦେଉଛି ।

ହିସାବ କରି ଦେଖିଲେ ଅଳ୍ପବହୁତେ ରାଜ୍ୟର ସବୁ ଗ୍ରାମର ଏହି ଅବସ୍ଥା । ଅଭାବ ଅନଟନ ଭଳି ସମସ୍ତ ହାତରେ ଛାଡ଼ି ମନୁଷ୍ୟକୁ କାବୁ କରି ଦେଲାଣି । ଅଥଚ ଭୋଗ— ବିଳାସର ମୁଖା ଦେଖାଇ ହେବାର ଲୋଲୁପତା ବଢ଼ି ବଢ଼ି ଚାଲିଛି । ଆୟ ନାହିଁ ଉତ୍ପାଦନ ନାହିଁ 'ମନ ଜଳଉ ଉପରେ' ଭଳି କାଳ ବାଣ୍ଟୁଛି” ମନର କାମନା ମେଣ୍ଟାଇବା ଆଶା ଯୋଗୁଁ ମନୁଷ୍ୟ ଚୋରି, ଡକାୟତି, ଅନ୍ୟାୟ ଅନୀତି ଆଦି ସବୁ ପ୍ରକାର ଅସାଧୁ ଉପାୟର ଆଶ୍ରୟ ନେଉଛି ।

ଏହା ଆମ ରାଜ୍ୟ ନୁହେଁ । ସମଗ୍ର ପୃଥିବୀର ସମସ୍ତ ରାଷ୍ଟ୍ର ପ୍ରାୟ ଏହି ପରିସ୍ଥିତିରେ ପଡ଼ି ଅଣନିଶ୍ୱାସୀ ହୋଇ ଉଠିଲାଣି ।

ରାଷ୍ଟ୍ରସଂଘର ହିସାବ ଅନୁସାରେ ପୃଥିବୀର ଲୋକ ସଂଖ୍ୟା ୧୯୭୧ ରେ ଥିଲା ୩୬୧ କୋଟି । ୧୯୮୧ ରେ ହୋଇଛି ୪୫୭ କୋଟି । ଦଶବର୍ଷ ମଧ୍ୟରେ ବୃଦ୍ଧି ପାଇଛି ୧୧୭ କୋଟି । ପ୍ରତିଦିନ ଜନ୍ମ ସଂଖ୍ୟା ୨ ଲକ୍ଷ ୧୪ ହଜାର ଓ ଏହି ହିସାବରେ ପ୍ରତି ମିନିଟରେ ପୃଥିବୀକୁ ଆସୁଛନ୍ତି ୧୪୮ ଜଣ ମାନବ ଶିଶୁ ।

ଆମ ଭାରତବର୍ଷର ହିସାବ ଦେଖାଯାଉ । ପୃଥିବୀରେ ଦରିଦ୍ର ରୂପେ ଗଣ୍ୟ ଆମ ରାଷ୍ଟ୍ରର ଲୋକସଂଖ୍ୟା ୧୯୭୧ ରେ ୫୪ କୋଟି ୮୨ଲକ୍ଷ ଥିବା ସ୍ଥଳେ ୧ ରେ ୬୮ କୋଟି ୩୮ଲକ୍ଷ ଦଶ ବର୍ଷ ଭିତରେ ଯେଉଁ ୧୩ କୋଟି ୫୭ଲକ୍ଷ ଅଧିକା ଲୋକ ଆସିଲେ, ସେମାନଙ୍କ ଜୀବନଧାରଣ ତଥା ଚଳି ଚଳି ପାଇଁ ସେହି ଅନୁପାତରେ କୌଣସି ବ୍ୟବହାର୍ଯ୍ୟ ଦ୍ରବ୍ୟ ଉତ୍ପାଦନର କିଛି ବ୍ୟବସ୍ଥା ହେଲା କି? ନା, ବ୍ୟବସ୍ଥା କରିବା ସମ୍ଭବ ହେବ?

ଦରିଦ୍ର ଭାରତର ଅନୁନ୍ନତ ରାଜ୍ୟ ରୂପେ ଖ୍ୟାତି ଲଭିଥିବା ଆମ ଓଡ଼ିଶାର ଅବସ୍ଥା ତ ଅତ୍ୟନ୍ତ ଶୋଚନୀୟ । ଏଠାରେ ୧୯୮୧ ଜନଗଣନାରେ ଲୋକସଂଖ୍ୟା ହୋଇଛି ୨ କୋଟି ୬୨ ଲକ୍ଷ ୧୪ ହଜାର । ଦଶ ବର୍ଷ ତଳେ ୧୯୭୧ ରେ ହୋଇଥିଲା ୨ କୋଟି ୧୨ ଲକ୍ଷ ୪୪ ହଜାର । ଏଣୁ ଦଶବର୍ଷ ବଢ଼ି ଗଲା ୫୪ ଲକ୍ଷ ୭୬ ହଜାର । ଅର୍ଥାତ ବର୍ଷକୁ ୫ ଲକ୍ଷ ୦ ହଜାର ପର୍ଯ୍ୟନ୍ତ ଲୋକଙ୍କୁ ଆମେ ନିମନ୍ତ୍ରଣ କରି ଆଣୁଛୁ । ଅଥଚ ସେମାନଙ୍କୁ ସମ୍ବର୍ଦ୍ଧନା କରିବାର ସମ୍ବଳ ଆମର ନାହିଁ, ଫଳରେ ନବାଗତ ଅତିଥିମାନଙ୍କ ଜୀବନ ସେପରି କରୁଣ ହୋଇ ପଡ଼ୁଛି, ଅବଶେଷୀ ଆତିଥେୟଙ୍କ ଅବସ୍ଥା ମଧ୍ୟ ସେହିପରି ଶୋଚନୀୟ ହୋଇ ଉଠୁଛି ।

ଏହି ଅସହନୀୟ ବିପଦର ପ୍ରତିକାର କଣ ? ପରିତ୍ରାଣ କେଉଁଠି? ଏହି ଏକମାତ୍ର ଚିନ୍ତା ବିଶ୍ୱର ପ୍ରତ୍ୟେକ ମନୁଷ୍ୟକୁ ବର୍ତ୍ତମାନ ବିଚଳିତ କରୁ ନାହିଁ କି? □

Images: Aptakama Mishra, Processing: Srujanika

(୧୭ପୃଷ୍ଠାର ଅବଶିଷ୍ଟାଂଶ)

ଲଣ୍ଡନର କିଙ୍ଗସ କଲେଜର ପ୍ରଫେସର ଲପ୍ର ଶ୍ରୀ ଅରବିନ୍ଦ ଙ୍କ ସମ୍ବନ୍ଧିତ ସ୍ମାରକ ଶ୍ରେଣୀରେ ଅଧ୍ୟୟନ କଲାବେଳେ ଯାହା ଲେଖିଥିଲେ ତାହା ବାସ୍ତବିକ ପ୍ରଣିଧାନ ଯୋଗ୍ୟ । ସେ ଲେଖିଛନ୍ତି "ଇଂଲଣ୍ଡ ରହଣିର ଶେଷ ବର୍ଷରେ ହିଁ ଶ୍ରୀ ଅରବିନ୍ଦଙ୍କର ଆଧ୍ୟାତ୍ମିକ ଅଭିପ୍ସା ଏବଂ ଚେତନା ଶକ୍ତି ପ୍ରଥମ କରି ଜାଗ୍ରତ ହୋଇଥିବ । ଗୋଟିଏ ସ୍ୱେପଲଭିମିନସ୍ଟାର ଦାସ୍ତିକ୍ଷରେ ଥିବା ଜଣେ ଅଣ-ସାକ୍ସସ୍କାଗ୍ନ ଧର୍ମଯାଜକଙ୍କ ପରିବାରରେ ବହୁଦିନ ଧରି ସେ ବାସ କରିଥିଲେ । ଜୀବନରେ କେବେହେଲେ ଜଣେ ଖ୍ରୀଷ୍ଟ ଧର୍ମାବଲମ୍ବୀ ନ ଥିଲେ ମଧ୍ୟ ଖ୍ରୀଷ୍ଟିଆନ ଧର୍ମ ଏବଂ ବାଇବେଲ ହେଉଛି ପ୍ରଥମ ଧର୍ମଗ୍ରନ୍ଥ ଯାହା ସହ ସେ ବାଲ୍ୟ କାଳରୁ ପରିଚିତ ଥିଲେ । କିନ୍ତୁ ପ୍ରଥମରୁ ବାଇବେଲର ବାଣୀ ତାଙ୍କ ଆଗରେ ଯେପରି ଭାବେ ପରିବେଷିତ ହୋଇଥିଲା ଯେଉଁଥିରେ ସେ ତା ପ୍ରତି ବିମୁଖ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ଧର୍ମରେ ଯେପରି ଭାବେ ଅସହିଷ୍ଣୁତା ଓ ସଂକୀର୍ଣ୍ଣତା ପ୍ରବେଶ କଲା ତାହା ଦ୍ୱାରା ବିରକ୍ତ ହୋଇ ସେ ଧର୍ମ ସମ୍ବନ୍ଧୀୟ ସବୁ ବ୍ୟାପାରକୁ ନିଜକୁ ସଂପୂର୍ଣ୍ଣ ମୁକ୍ତ ରଖିବା ଶ୍ରେୟସ୍କର ମଣିଲେ । ଏହିପରି ଭାବେ କିଛି ଦିନ ସଂପୂର୍ଣ୍ଣ ନାସ୍ତିକ ଭାବେ ଆଚରଣ କଲାପରେ ସେ ଧର୍ମ ଉପରେ ବିଶ୍ୱାସ କିମ୍ବା ଅବିଶ୍ୱାସ ମନୋଭାବ କିଛି ପ୍ରକଟ କଲେ କଲେ ନାହିଁ । ଆଇ ସି.ଏସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ସେ ଭାରତର ଛଅଟି ଦାର୍ଶନିକ ଚିନ୍ତାଧାରା ଶୀର୍ଷକ ଏକ କ୍ଷୁଦ୍ର ପୁସ୍ତକ ସଂସ୍ପର୍ଶରେ ଆସିଲେ । ଏହି ପୁସ୍ତକରେ ଥିବା "ଆତ୍ମା" ଏବଂ "ଅଦ୍ୱୈତ" ସମ୍ବନ୍ଧୀୟ ସଂଜ୍ଞା ପାଠ କରି ସେ ଗଭୀର ଭାବରେ ପ୍ରଭାବିତ ହୋଇ ଥିଲେ । ଉପରୋକ୍ତ ପୁସ୍ତକଟି ପାଠ କରିବା ପରେ ତାଙ୍କ ମନରେ ଏହି ଚିନ୍ତା ଉଦ୍ରେକ ହେଲା ଯେ ଜୀବନ ଏବଂ ଜଗତ ବୋଲି ବୁଝା ଯାଉଥିବା ସଙ୍ଗା ଦ୍ୱୟର ଅନ୍ତରାଳରେ ସତ୍ୟର ଜୀବ-

ଆତ୍ମାର ସ୍ୱରୂପ ଉପଲବ୍ଧି

ନୋଚ ରୂପ ଖୋଜାପାଇବାର କୌଶଳ ନିହିତ ଥାଇପାରେ । ପ୍ରାରମ୍ଭିକ ସ୍ତରରେ ଏକ ଶକ୍ତିଶାଳୀ ଏବଂ ଅପରପକ୍ଷ ମାନସିକ ପ୍ରଚେଷ୍ଟା ଦ୍ୱାରା 'ଆତ୍ମାର ପ୍ରକୃତ ସ୍ୱରୂପ ଉପଲବ୍ଧି କରିବା ପାଇଁ ସେ ଉଦ୍ୟମ କରିଥିଲେ । ପରବର୍ତ୍ତୀ ସମୟରେ ଏହି 'ଆତ୍ମା' ହିଁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲା 'ତୁମେ ଚନ୍ଦ୍ରନାଗୋର ଯାଅ, ତୁମେ ପଣ୍ଡିଚେରୀ ଯାଅ । ଏହାର ପ୍ରଭାବ ସ୍ୱରୂପ ୧୯୧୦ ମସିହା ଏପ୍ରିଲ ମାସ୧ ତାରିଖ ଦିନ ଶୁଭ୍ର ସକାଳର ପ୍ରଥମ ପ୍ରହରରେ ହିଁ ଡ୍ୟୁପ୍ଲେ ନାମକ ଷ୍ଟିମର ଶ୍ରୀ ଅରବିନ୍ଦଙ୍କୁ ଧାରଣ କରି କଲିକତାରୁ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କଲା । ଏହିପରି ଭାବରେ ତାଙ୍କର ରାଜନୈତିକ ଜୀବନର ପରିସମାପ୍ତି ଘଟିଲା । ପଣ୍ଡିଚେରୀ ଆଗମନର ଯୌକ୍ତିକତା ପ୍ରତିପାଦନ କରି ଶ୍ରୀଅରବିନ୍ଦ କହିଲେ'ମୁଁ ଏକଥା କହି ପାରେ ଯେ ମୁଁ ରାଜନୀତି ପରିତ୍ୟାଗ-କରିବାକୁ ସ୍ଥିର କଲି ଯେତେବେଳେ ମୁଁ ଅନୁଭବ କଲି ଯେ ମୋର ଆଉକିଛି ଅଧିକା ସେଠାରେ କରିବାର ନାହିଁ । ବାସ୍ତବିକ ଏପରି ଏକ ଧାରଣା ମୋ ଚିନ୍ତାଠାରୁ ବହୁ ଦୂରରେ ଥିଲା । ମୁଁ ଏତେ ଦୂରକୁ ଚାଲିଆସିଲି; କାରଣ ମୋର'ଯୋଗ' ସହ ଅନ୍ୟ କେହି ହସ୍ତକ୍ଷେପ କରୁ ଏହା ମୁଁ ଚାହୁଁ ନଥିଲି ଏବଂ ଏହି ବିଷୟରେ ମୁଁ ମଧ୍ୟ ସୁସ୍ପଷ୍ଟ 'ଆଦେଶ' ଲାଭ କରିଥିଲି । ମୁଁ ରାଜନୀତି ସହ ସବୁ ପ୍ରକାର ଯୋଗ ସୋଗ ସମ୍ପୂର୍ଣ୍ଣ ରୂପେ ଛିନ୍ନ କରିଛି । କିନ୍ତୁ ଏହା କରିବା ପୂର୍ବରୁ ମୋର ଅନ୍ତଃ ପ୍ରଦେଶରୁ ଏକଥା ମୋତେ ଜଣା ନଥିଲା ଯେ କେଉଁ କାମର ଅଧିମାରମ୍ଭ କରିଥିଲି ତାହା ମୋର ପୂର୍ବରୁ ପରିକଳ୍ପନା ଧାରା ଅନୁସାରୀ ଅନ୍ୟମାନଙ୍କ ଦ୍ୱାରା ଆଗେଇ ଆସିବା ବିଧିନିର୍ଦ୍ଦିଷ୍ଟ । ମୋ ଦ୍ୱାରା ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଚୂଡ଼ାନ୍ତ ବିଷୟ ମୋର ବ୍ୟକ୍ତିଗତ କର୍ମ କିମ୍ବା ଉପସ୍ଥିତି ବିନା ସେ ନିଶ୍ଚିତ ରୂପେ ସଫଳ ହେବ ଏହି ବିଷୟରେ ସନ୍ଦେହର ଅବକାଶ ନାହିଁ । ବସ୍ତୁତଃ କ ଚରମ ସତ୍ୟ ଥିଲା ତାଙ୍କର ଏହି ଭବିଷ୍ୟତ ବାଣୀ ଭାରତର ସ୍ୱାଧୀନତା ସଂଗ୍ରାମର ପରିସମାପ୍ତି ଘଟିଲା ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ । ଆମ ପାଇଁ ଆହୁରି ତାତ୍ପର୍ଯ୍ୟର ବିଷୟ ହେଲା ୧୮୭୨ ମସିହା ସେହି ଅଗଷ୍ଟ ୧୫ତାରିଖ ଦିନ ଶ୍ରୀ ଅରବିନ୍ଦ କଲିକତାରେ ଜନ୍ମ ଗ୍ରହଣ

ମୀରା ଓ ଶ୍ରୀମା

କରିଥିଲେ । ମୀରା ଏବଂ ପରବର୍ତ୍ତୀ ଜୀବନରେ ପଣ୍ଡିଚେରୀର ଶ୍ରୀମା ରୂପେ ଖ୍ୟାତି ଲାଭ କରିଥିବା ମହିୟସୀ ମହିଳାଙ୍କର ସ୍ୱାମୀ ଫ୍ରାନସର ଏମ ପାଉଲ ରିଚାର୍ଡ ୬୦ ବର୍ଷ ତଳେ ଜାପାନର ଏକ ଦର୍ଶକ ମଣ୍ଡଳୀ ଆଗରେ ବାସ୍ତବିକ ଯଥାର୍ଥରେ ଘୋଷଣା କରିଥିଲେ । ଏସିଆର ସ୍ୱର୍ଗୀୟ ମନୋଭାବ ସମ୍ପନ୍ନ ଲୋକମାନଙ୍କୁ ଧାରଣ କରି କେତେ ବିରାଟ ପୁରୁଷ ବିରାଟ ଘଟଣା ଏବଂ ବିରାଟ ସମ୍ଭାବନାକୁ ନେଇ ସେ ଚରମ ମହୁର୍ତ୍ତ ଆଗେଇ ଆସୁଛି । ପୃଥିବୀର କୋଣ ଅନୁକୋଣର ମୋର ସମୁଦାୟ ଜୀବନ ତାର ଅନ୍ୱେଷଣରେ ବ୍ୟସ୍ତ । ମୋର ସମସ୍ତ ଜୀବନ କାଳ ମଧ୍ୟରେ ମୁଁ ଅନୁଭବ କରୁଛି ଯେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ସେମାନେ ନିଶ୍ଚୟ ଅଛନ୍ତି ସେମାନେ ବିଶ୍ୱନ ରହିଲେ ଏ ପୃଥିବୀ ନିଶ୍ଚୟ ମୃତ୍ୟୁ ଲଭିବ । କାରଣ ସେମାନେହିଁ ହେଉଛନ୍ତି ଏହାର ଆଲୋକବର୍ତ୍ତିକା । ଏହାର ଆତ୍ମା ଏବଂ ଏହାର । ଜୀବନ କେବଳ ଏହି ଏସିଆରେହିଁ ସେମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠତମ ସେ କେବଳ ସେମାନଙ୍କର ନୂତନ, ଭବିଷ୍ୟତର ମଧ୍ୟ ଆଶାର ଆଲୋକ । ସେହି ଶ୍ରେଷ୍ଠତମ ପୁରୁଷ ଜଣେ ହିନ୍ଦୁ ଏବଂ ତାଙ୍କ ନାମ ଶ୍ରୀ ଅରବିନ୍ଦ ଘୋଷ । □

ଡେଭିଏସନ କାମରୁ ରାଜ୍ୟ ଜଳସେଚନ ମନ୍ତ୍ରୀ ୬୦ଲକ୍ଷ ଟଙ୍କା ଆୟ କଲେଣି

ବିଭିନ୍ନ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଗଲା ବେଳେ ଯେଉଁ ସବୁ ସଂଶୋଧନ ବା ପରିବର୍ତ୍ତନ କରାଯାଏ ତାକୁ ବୈଷୟିକ ଭାଷାରେ ଡେଭିଏସନ କୁହାଯାଏ । ଏହି ସଂଶୋଧିତ ଅଟକଳକୁ ପୂର୍ବରୁ ଏକ ସ୍ୱାଭାବିକ କାର୍ଯ୍ୟ ସ୍ୱରୂପ ସଂପୃକ୍ତ ବିଭାଗରେ ମଞ୍ଜୁର କରା ହୋଇ ଆସୁଥିଲା । କିନ୍ତୁ ଗତ ଦୁଇ ବର୍ଷ ହେଲା ରାଜ୍ୟ ଜଳସେଚନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କର ଲୋଲୁପ ଦୃଷ୍ଟି ଏହିଭଳି କାର୍ଯ୍ୟ ଉପରେ ପଡ଼ିବା ଫଳରେ ତାଙ୍କ ଅର୍ଥ ଆଦାୟ ପାଇଁ ଆଉ ଏକ ଦ୍ୱାର ଉନ୍ମୁକ୍ତ ହୋଇଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ୁଛି ।

ଏହିଡେଭିଏସନ କାମ ପାଇଁ ତାଙ୍କ ପାଖକୁ ଫାଇଲ ଗଲେ ତାହା ବର୍ଷାଧିକ କାଳ ପଡ଼ି ରହୁଛି ଏବଂ ତାଙ୍କ ସହ ଦେଣ ନେଣ ତୁଟିଗଲେ ଏହି କାମକୁ ମଞ୍ଜୁରୀ ମିଳି ଯାଉଥିବା ପ୍ରକାଶ ।

ଏହି ଡେଭିଏସନ କାମ ବାବଦରୁ ସେ ଇତି ମଧ୍ୟରେ ପ୍ରାୟ ୬୦ ଲକ୍ଷ ଟଙ୍କା ଆଦାୟ କରି ସାରିଲେଣି ଏବଂ ଏ ବାବଦରେ ଟଙ୍କା ଆଦାୟ କଲାବେଳେ ସେ କାହାରି ମୁହଁକୁ ଚାହୁଁ ନାହାଁନ୍ତି ବୋଲି ଟଙ୍କା ଦେଇଥିବା ଲୋକ କୁହାକୁହି ହେଉଛନ୍ତି । □

Images: Aptakama Mishra, Processing: Srujanika

ଓଡ଼ିଶାରେ ଛାତ୍ର ଆନ୍ଦୋଳନ

ବୁର୍ଲାଠାରେ ଛାତ୍ର ନିଧନ ଘଟଣାକୁ କେନ୍ଦ୍ର କରି ଓଡ଼ିଶାରେ ସୃଷ୍ଟି ହୋଇଥିବା ଛାତ୍ର ଆନ୍ଦୋଳନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବାପାଇଁ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ମିଳିତ ଭାବେ ପ୍ରବଳ ଉଦ୍ୟମ କରାଯାଇ ଥିଲେ ମଧ୍ୟ ଆପାତତଃ ସେମାନଙ୍କର ଏ ଉଦ୍ୟମ ପଣ୍ଡ ହୋଇଯାଇଛି। ବର୍ଷାରମ୍ଭରୁ ସାଙ୍ଗକୁ ବିଭିନ୍ନ କଲେଜର ପ୍ରଥମ ବାର୍ଷିକ ଶ୍ରେଣୀରେ ନାମ ଲେଖାସରି ନଥିବାରୁ ଛାତ୍ର ଆନ୍ଦୋଳନ ଯେପରି ବ୍ୟାପକ ଓ ନିରବଚ୍ଛିନ୍ନ ଭାବେ ଚାଲିବ ବୋଲି ଆଶା କରାଯାଉଥିଲା ତାହା ମଧ୍ୟ ହୋଇନାହିଁ। ରାଜ୍ୟର ତିନୋଟି ବିଶ୍ୱବିଦ୍ୟାଳୟ ସୃଷ୍ଟି ହେବା ପରେ ଛାତ୍ରମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ଏକତା ରକ୍ଷାକରିବା ଅସମ୍ଭବ ହୋଇଥିବା, ଛାତ୍ର ଆନ୍ଦୋଳନ ବିଫଳ ହେବାର ଅନ୍ୟତମ ମୁଖ୍ୟ କାରଣ। ଅଧିକନ୍ତୁ କ୍ଷମତାଶୀନ ଆଂଶିକ ସଫଳ ହେଲେ। ଲାଭ ହେଲା ରାଜନୈତିକ ନେତାଙ୍କର କିନ୍ତୁ ପ୍ରାଣବଳୀ ଦେଲେ ୭ ଜଣ ନିରୀହ ଯୁବକ।

ଏ ଆନ୍ଦୋଳନର ଆରମ୍ଭରୁ ନେତୃତ୍ୱ ରାଜନୈତିକ ଦଳ ହାତକୁ ଚାଲିଯିବା ଫଳରେ ଛାତ୍ରମାନଙ୍କ ପ୍ରତି ଲୋକଙ୍କର ସହାନୁଭୂତି ଥିଲେ ମଧ୍ୟ ରାଜନୈତିକ ଆନ୍ଦୋଳନରେ ସାମିଲ ହେବାକୁ ସେମାନେ ପସନ୍ଦ ନକରି ନୀରବ ରହିଗଲେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଯେଉଁ କେତେକ ସ୍ଥାନରେ ଉତ୍ତେଜନା ସୃଷ୍ଟି ହେଲା ତାହାକୁ ବେଶିଦିନ ଉଜ୍ଜୀବିତ କରି ରଖି ହେଲାନାହିଁ। କିନ୍ତୁ ଲୋକସଭା ନିର୍ବାଚନରେ ଓଡ଼ିଶାର ଜନସାଧାରଣ ନିଜର ପ୍ରତିକ୍ରିୟା ପ୍ରକାଶ କରିବାକୁ ଅପେକ୍ଷା କରିଥିବାର ନିର୍ଦ୍ଦିଷ୍ଟ ସୂଚନା ଚାରିଆଡ଼ୁ ମିଳିଲାଣି।

କଂଗ୍ରେସ ଦଳ ପକ୍ଷରୁ ଉଠାଇ ହୋଇଥିବା ସ୍ୱାଧୀନ ଛାତ୍ର ନିର୍ଯ୍ୟାନୁଷ୍ଠାନ କମିଟିର କେତେକ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ଆଚରଣରେ କ୍ଷୁବ୍ଧ ହୋଇ ଇତି ମଧ୍ୟରେ ନୀରବ ହୋଇଗଲେଣି ଅଥଚ ବିରୋଧୀ ଦଳ ମାନଙ୍କ ପକ୍ଷରୁ ହୋଇଥିବା ଛାତ୍ର ନିର୍ଯ୍ୟାନୁଷ୍ଠାନ କମିଟୀ ଏ ପର୍ଯ୍ୟନ୍ତ ସକ୍ରିୟ ରହିଛି।

ଓଡ଼ିଶା ବନ୍ଦର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ସବୁ ନେତୃସ୍ଥାନୀୟ ଛାତ୍ର ଓ ରାଜନୈତିକ ଲୋକଙ୍କୁ ଗିରଫ କରାଯିବା ସତ୍ତ୍ୱେ ଏହା ସଫଳ ହୋଇଥିବାରୁ କଂଗ୍ରେସ ଶାସନ ବିରୁଦ୍ଧରେ ଓଡ଼ିଶାର ଲୋକେ ନୀରବ ପ୍ରତିବାଦ ଜଣାଇଛନ୍ତି ବୋଲି ବାହାରର ପର୍ଯ୍ୟବେକ୍ଷକ ମାନେ ମତ ଦେଇଛନ୍ତି।

ପୂର୍ବରୁ ବନ୍ଦ ପାଳନ ଅବକାଶରେ ରାଜ୍ୟର କ୍ଷମତାସୀନ ଦଳପକ୍ଷରୁ ଯେପରି

ଐତିହାସିକ ୭୪ ଆନ୍ଦୋଳନର ପୁନରାବୃତ୍ତି ହୋଇ ପାରି ନଥିଲେ ମଧ୍ୟ ସାରା ରାଜ୍ୟରେ କଂଗ୍ରେସ ବିରୋଧୀ ବାତାବରଣ ସୃଷ୍ଟି କରିଛି ଓ ଲୋକେ ଅଧିକ ସଚେତନ ହୋଇଛନ୍ତି।

ବୁର୍ଲାରେ ୧୪ ଜଣ ଛାତ୍ରଙ୍କ ହତ୍ୟା ଏବଂ ତତ୍‌ଜନିତ ଆନ୍ଦୋଳନରେ ୭ ଜଣଙ୍କ ଆତ୍ମବଳୀ ଯୋଗୁଁ ଇନ୍ଦିରାଙ୍କ ବିରୁଦ୍ଧରେ ଲୋକମତ ଯିବାର ଆଶଙ୍କା ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ପ୍ରଧାନମନ୍ତ୍ରୀ ଭୀଷଣ ଅସନ୍ତୁଷ୍ଟ।

ଦଳ ପକ୍ଷରୁ ଏହାକୁ ପ୍ରତିହତ କରିବାକୁ ବ୍ୟାପକ ଚେଷ୍ଟା ମଧ୍ୟ ଆନ୍ଦୋଳନ ପ୍ରଶମିତ କରିବାରେ ସହାୟକ ହୋଇଛି ବୋଲି ପର୍ଯ୍ୟବେକ୍ଷକ ମାନେ ମତ ଦେଇଛନ୍ତି।

ବୁର୍ଲା ଘଟଣାରେ ଆନ୍ଦୋଳନ ଯେପରି ବ୍ୟାପକ ନହୁଏ ସେଥିପାଇଁ ମୁଖ୍ୟମନ୍ତ୍ରୀ ମୂଳରୁ ସତର୍କତା ମୂଳକ ବ୍ୟବସ୍ଥା ସ୍ୱରୂପ ଜଣିକିଆ ତଦନ୍ତ କମିଶନ ନିଯୁକ୍ତ କରିଦେବା ପରେ ଛାତ୍ରମାନେ ଯେଉଁ ମୁଖ୍ୟ ଦାବୀକୁ କେନ୍ଦ୍ର କରି ଆନ୍ଦୋଳନ କରିଥାନ୍ତେ ତାହା ତିରୋହିତ ହୋଇଗଲା। ଏହାସତ୍ତ୍ୱେ ବିଭିନ୍ନ ବିରୋଧୀ ରାଜନୈତିକ ଦଳ ନିଜ ନିଜର ଛାତ୍ର ସଂଗଠନ ଜରିଆରେ ଏହାକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବାରେ

ବିରୋଧୀ ଦଳଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା

ଓଡ଼ିଶାରେ ବିରୋଧୀ ଦଳ ମାନେ ବର୍ତ୍ତମାନ ଏକଯୁଟ ହୋଇ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଲୋକ ସଭା ନିର୍ବାଚନରେ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେଉଥିବାରୁ ଛାତ୍ର ଆନ୍ଦୋଳନକୁ ଚାଲୁରଖି ରାଜ୍ୟରେ ଅଶାନ୍ତ ବାତାବରଣ ଲଗାଇ ରଖିବାକୁ ସେମାନେ ପ୍ରାୟ ସଙ୍କଳ୍ପବଦ୍ଧ। ଏଥିପାଇଁ ସବୁ କଲେଜରେ ୧ମ ବାର୍ଷିକ ନାମ ଲେଖା ସରି କଲେଜ ୟୁନିୟନ ମାନଙ୍କ ନିର୍ବାଚନ ଶେଷ ହୋଇଗଲା ପରେ ରାଜ୍ୟ ସ୍ତରୀୟ ଏକ ଛାତ୍ର ନେତା ସମ୍ମିଳନୀ କରି ଦ୍ୱିତୀୟ ପର୍ଯ୍ୟାୟରେ ସେପଟେମ୍ବର ମାସ ଶେଷ ଆଡ଼କୁ ପୁଣି ଥରେ ଆନ୍ଦୋଳନ କରିବାକୁ ମସୁଧା ଚାଲିଛି।

ପୂର୍ବରୁ ଏହାକୁ ପ୍ରତିହତ କରିବାକୁ ଉଦ୍ୟମ କରାଯାଇ ଆସୁଥିଲା ଏଥରକ ବନ୍ଦବେଳେ ତାହା ହୋଇନଥିଲା। ସଂଗ୍ରାମକୁ ଏଡ଼ାଇବାକୁ ଏଭଳି ବ୍ୟବସ୍ଥା ଅବଲମ୍ବନ କରାଯାଇଥିବା କଂଗ୍ରେସଦଳ ପକ୍ଷରୁ କୁହାଯାଇଥିବା ବେଳେ ବସ୍ତୁତଃ କଂଗ୍ରେସ ଲୋକେ ଅତ୍ୟନ୍ତ ଅପ୍ରିୟ ହୋଇ ଯାଇଥିବାରୁ ବନ୍ଦ୍‌ର ମୁକାବିଲା କରିବାକୁ ସାହସ କଲେନାହିଁ ବୋଲି ବିରୋଧୀଦଳ ପକ୍ଷରୁ କୁହାଯାଇଛି।

ସ୍ୱାଭାବିକ ଭାବେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ବିଫଳ ହୋଇଛି ଏବଂ ବିରୋଧୀ ଦଳ ନେତା ଶ୍ରୀ ବିଜୁ ପଟ୍ଟନାୟକ ଏହାକୁ ସଫଳ ହୋଇଛିବୋଲି ଅଭିହିତ କରିଛନ୍ତି। କିନ୍ତୁ ବନ୍ଦ ପୂର୍ବଦିନ ରାତିରୁ ସବୁ ଦୂର ଗାମୀ ବସ୍ ଚଳାଚଳ ବନ୍ଦ

Images: Aptakama Mishra, Processing: Srujanika

ସେପ୍ଟେମ୍ବର ମାସ ୪ର୍ଥ ସପ୍ତାହରୁ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ଆନ୍ଦୋଳନ ଆରମ୍ଭ କରିବାକୁ ବିରୋଧୀ ଦଳଙ୍କ ମସଧା ଏବଂ ବିରୋଧୀ ଦଳ ମଧ୍ୟରେ ପ୍ରତିଷ୍ଠିତ ହୋଇଥିବା ସମନ୍ୱୟ ରକ୍ଷା କରିବାକୁ ସମସ୍ତଙ୍କ ଉଦ୍ୟମ

କରିଦେବା ଏବଂ ସେମାନେ ସବୁ ବାଞ୍ଛନା ହୋଇଯିବା ମୁଖ୍ୟମନ୍ତ୍ରୀଙ୍କ ଉକ୍ତ ସପକ୍ଷରେ ଯାଉନାହାଁନ୍ତି ।

ବୁର୍ଲାରେ ଦୋକାନ ଖୋଲା

ଏହି ବନ୍ଦ ବେଳେ ଅତି ଆଶ୍ଚର୍ଯ୍ୟ ଜନକ ଭାବେ ଗଣ୍ଡଗୋଳର ଉତ୍ପତ୍ତି ସ୍ଥଳ ବୁର୍ଲା ବଜାର ଖୋଲା ରହିଥିଲା । ଏଥିରୁ ସେଠାକାର ବ୍ୟବସାୟୀ ମାନେ ଛାତ୍ର ମାନଙ୍କ ବିରୁଦ୍ଧରେ ଅତ୍ୟନ୍ତ ପ୍ରତିହିଂସା ପରାୟଣ ହୋଇଥିବା ପ୍ରତୀୟମାନ ହୁଏ ।

ଓଡ଼ିଶାର ୧୩ ଗୋଟି ଜିଲ୍ଲାରେ ଏହି ବନ୍ଦର ପ୍ରଭାବ ଅନୁଭୂତ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀମତି ଗାନ୍ଧୀ ଏଠା ପରିସ୍ଥିତି ସମ୍ପର୍କରେ ଶୁଣିବାକୁ ଚେଷ୍ଟା କରିଥିଲେ ଏବଂ ଓଡ଼ିଶାର ଶାସକ ଦଳ କ୍ରମେ ଅତ୍ୟଧିକ ଅପ୍ରିୟ ହୋଇ ପଡ଼ୁଥିବା ତାଙ୍କୁ ବିଭିନ୍ନ ସୂତ୍ରରୁ ଜଣାଯିବା ପରେ ସେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭୀଷଣ ଅସନ୍ତୁଷ୍ଟ ହୋଇଛନ୍ତି ବୋଲି ଜଣାଯାଇଛି । କିନ୍ତୁ ଓଡ଼ିଶା ଏକ କ୍ଷୁଦ୍ର ରାଜ୍ୟ ଏବଂ ଜାତୀୟ ରାଜନୀତିରେ ଏହାର ବିଶେଷ କିଛି ପ୍ରାଧାନ୍ୟ କିଛି ନଥିବାରୁ ଏଥିପ୍ରତି ସେ ବିଶେଷ ଦୃଷ୍ଟି ଦେଉ ନାହାନ୍ତି ।

ଶକୁନ୍ତଳା ଦେବୀଙ୍କ ମିଥ୍ୟା ଭବିଷ୍ୟତ ବାଣୀ

ଓଡ଼ିଶା ବନ୍ଦର ସଫଳତା ସାଙ୍ଗକୁ ବିଖ୍ୟାତ ଗଣିତଜ୍ଞା ଶ୍ରୀମତି ଶକୁନ୍ତଳା ଦେବୀ ଅଗଷ୍ଟ ୨୯ ତାରିଖ ସୁଦ୍ଧା ରାଜ୍ୟ ନେତୃତ୍ୱର ପରିବର୍ତ୍ତନ ହେବ ବୋଲି ଭବିଷ୍ୟତ ବାଣୀ ପ୍ରକାଶ କରିଥିବା ପ୍ରଚାରିତ ହେବା ପରେ ରାଜ୍ୟର ୩ ଜଣ ମନ୍ତ୍ରୀ ଅତ୍ୟଧିକ ଆତଙ୍କିତ ହୋଇ ପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀ ନୀଳମଣି ରାଉତରାଙ୍କ ପାଖରେ ହାଜର ହୋଇ ଯାଇଥିଲେ ଏବଂ ଅନ୍ୟ ଦୁଇଜଣ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ସିଧା ସଳଖ ସମ୍ପର୍କ ସ୍ଥାପନ କରି ଦେଇଥିଲେ ବୋଲି ଏକ କୌତୁହଳ ପୂର୍ଣ୍ଣ ବିବରଣୀ ଏବେ ଶୁଣିବାକୁ ମିଳୁଛି । କିନ୍ତୁ ବିଜୁ ବାବୁ ସେମାନଙ୍କୁ କୌଣସି ପ୍ରବୋଧନା ନଦେଇ ମନ୍ତ୍ରୀତ୍ୱରୁ ଇସ୍ତଫା ଦେବାକୁ ଆହ୍ୱାନ କରିବାରୁ ସେମାନେ ନିରାଶ ହୋଇ ଫେରି ଆସିଛନ୍ତି ।

ଦୁଇ କମିଶନଙ୍କ ନିରପେକ୍ଷତା

ବୁର୍ଲାରେ ଘଟିଥିବା ଛାତ୍ରମେଧ ଯଜ୍ଞ ସମ୍ବନ୍ଧୀୟ ସବୁ କିଛି ବିଷୟ ବିଚାର କରିବା ଲାଗି ରାଜ୍ୟ ସରକାର ହଳଆଡ଼ୁ ତରବରିଆ ଭାବେ ଜଷ୍ଟିସ୍ ନବକୁମାର ଦାଶଙ୍କ ଅଧ୍ୟକ୍ଷତାରେ ଜଣିକିଆ ବିଚାର ବିଭାଗୀୟ କମିଶନ୍ ନିଯୁକ୍ତି ଘୋଷଣା କଲା ପରେ ଶ୍ରୀ ଦାସ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଯାଇ ସାକ୍ଷାତ୍ କରିଥିଲେ ବୋଲି ସମ୍ବାଦ ପ୍ରକାଶ ପାଇଛି । ଏଥିରେ ଶ୍ରୀ ଦାସଙ୍କ ନିରପେକ୍ଷତା ସମ୍ପର୍କରେ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି । କୌଣସି କମିଶନ୍ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାରେ ସମ୍ବିଧାନିକ ପ୍ରତିବନ୍ଧକ ନାହିଁ ସତ୍ୟ କିନ୍ତୁ ଏଥିରେ ବିଚାର ବିଭାଗୀୟ ଔଚିତ୍ୟ ପ୍ରଶ୍ନ ଜଡ଼ିତ ।

ସେହିଭଳି ଛାତ୍ର ମାନଙ୍କ ପକ୍ଷରୁ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ବେସରକାରୀ କମିଶନ, ମଧ୍ୟ ନିରପେକ୍ଷ ନୁହଁନ୍ତି ବୋଲି ମତ ପ୍ରକାଶ ପାଉଛି । ରାଜ୍ୟ ସରକାରଙ୍କ ବିରୁଦ୍ଧରେ ହୋଇଥିବା ଏକ ଶୋଭାଯାତ୍ରାର ନେତୃତ୍ୱ ଗ୍ରହଣ କରି ସାରି ପୁଣି ସରକାରଙ୍କ ଏକ କାର୍ଯ୍ୟ ସମ୍ପର୍କରେ ବିଚାରପତି ଆସନ ଗ୍ରହଣ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ମହଲରେ ବହୁଳ ଭାବରେ ଆଲୋଚିତ ହେଉଛି । □

ବାରିଷ୍ଟର ମହାନ୍ତିଙ୍କ ଭୂମିକା

ଆନ୍ଦୋଳନକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ରାଜନୈତିକ ଅଭିଳାଷୀ ବାରିଷ୍ଟର ରଣଜିତ ମହାନ୍ତି ଇତି ମଧ୍ୟରେ କିଛିଟା ସକ୍ରିୟ ହୋଇଥିବା ପରିଲକ୍ଷିତ ହୋଇଛି । ଅତୀତରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାରମ୍ବାର ଇଚ୍ଛା ଭିଡ଼ି ଶେଷ ମୁହୂର୍ତ୍ତରେ ସେଥିରୁ ଓହରି ଯାଉଥିବାରୁ ତାଙ୍କୁ ସମ୍ମୁଖ ଭାଗକୁ ଆଣିବାକୁ ସବୁ ବିରୋଧୀ ଦଳ ଲୋକେ ଉଦ୍ୟମ କରିଥିଲେ ଏବଂ ସେମାନଙ୍କ ମିଳିତ ଉଦ୍ୟମ ଶେଷରେ ସଫଳ ହେବାରୁ ବନ୍ଦ ଦିନ ସ୍କୁଟର ପଛରେ ବସି ଶ୍ରୀ ମହାନ୍ତି କଟକର ବିଭିନ୍ନ ସ୍ଥାନ ପରିଦର୍ଶନ କରୁଥିବା ଦେଖାଯାଇଥିଲା ।

ପୋଲିସ ବାହିନୀରେ ଅସନ୍ତୋଷ

ବାଣୀବିହାର ଠାରେ ଛାତ୍ର ଆନ୍ଦୋଳନ ବେଳେ କେତେକ ପୋଲିସ କର୍ମଚାରୀ ମାନଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗରେ ଛାତ୍ର ମାନେ ଉତ୍ତ୍ୟକ୍ତ ହୋଇଉଠିବାରୁ ଛାତ୍ରଙ୍କ ଦାବୀ କ୍ରମେ ଘଟଣା ସ୍ଥଳରେ ଦୁଇଜଣ ପୋଲିସ ଅଫିସରଙ୍କୁ ହୋମ୍ ସେକ୍ରେଟେରୀଙ୍କ ନିର୍ଦ୍ଦେଶରେ ସସପେଣ୍ଡ କରାଯାଇଥିଲା । ଏହା ବିରୁଦ୍ଧରେ ପୋଲିସ ଅଫିସର ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବା ଖବର ମିଳିଛି । ପୋଲିସ କର୍ମଚାରୀ ମାନଙ୍କ ମତରେ ଯଦି ଉତ୍ତ୍ୟକ୍ତ ବିକ୍ଷୋଭକାରୀ ମାନଙ୍କ ଦାବୀ ଅନୁଯାୟୀ ସେମାନଙ୍କ ସମ୍ମୁଖରେ ପୋଲିସ ଅଫିସର ମାନଙ୍କୁ ସସପେଣ୍ଡ କରାଯାଏ ତେବେ ସମସ୍ତ ପୋଲିସ ବାହିନୀର ମନୋବଳ ହ୍ରାସ ପାଇବ ଏବଂ ଭବିଷ୍ୟତରେ ମଧ୍ୟ ପୋଲିସ କର୍ମଚାରୀ ମାନଙ୍କୁ ଏଭଳି ଭାବେ ଜବତ କରିବା ପାଇଁ ଉତ୍ସାହିତ ହେବେ । ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉକ୍ତ ସସପେଣ୍ଡ ଆଦେଶକୁ ଅତି ଗୁପ୍ତ ଭାବରେ

Images: Aptakama Mishra, Processing: Srujanika

ପ୍ରତ୍ୟାହାର କରିନଆଗଲା ଏବଂ କ୍ରମେ ଛାତ୍ର ମାନେ ମଧ୍ୟ ଏହା ଭୁଲିଗଲେ ।

ଛାତ୍ର ମାନଙ୍କ ଭିତରେ ବିଭେଦ ସୃଷ୍ଟି ଉଦ୍ୟମ

ଓଡ଼ିଶାରେ ଛାତ୍ର ଆନ୍ଦୋଳନକୁ ବିଫଳ କରିବା ପାଇଁ କଂଗ୍ରେସ ଦଳ ପକ୍ଷରୁ ଏକ ସମାନ୍ତରାଳ ଛାତ୍ର କ୍ରିୟାନୁଷ୍ଠାନ ଗଠନ କରାଯାଇଥିଲା ଏବଂ ଏହି ଏହି କ୍ରିୟାନୁଷ୍ଠାନ କମିଟି ଧ୍ୱଂସରୁ ଗଠିତ କ୍ରିୟାନୁଷ୍ଠାନ କମିଟି ସହ ପ୍ରତିଦ୍ୱନ୍ଦିତା ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଭିନ୍ନ ଭିନ୍ନ ବିବୃତି ଦେବା ଫଳରେ ଛାତ୍ର ସମାଜ ଉପରେ ଏହାର କିଛିଟା ପ୍ରଭାବ ପଡିଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ବିରୋଧୀ ଦଳ ମାନଙ୍କର ସଫଳ ପ୍ରଚାର ଫଳରେ କଂଗ୍ରେସ ସମର୍ଥିତ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱ ହ୍ରାସ ପାଇଥିଲା ଏବଂ ସେ କମିଟିର କେତେକ ନେତା ମଧ୍ୟ ସ୍ୱସ୍ଥାନ ତ୍ୟାଗ କରିଥିଲେ ।

ସମାଜପୋଡ଼ି ଓ ସମ୍ପାଦକଙ୍କୁ ଧମକ

ବୁର୍ଲା ଘଟଣା ପରଦିନ ସମାଜରେ ଛାତ୍ରମେଧ ଯଜ୍ଞ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରକାଶ ପାଇବା ଫଳରେ ଓଡ଼ିଶାର ପୁରପଲ୍ଲୀରେ ଏହାର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଜଣାଯାଏ । ସମାଜ ସଂପାଦକଙ୍କୁ ବିଭିନ୍ନ ବ୍ୟକ୍ତିଙ୍କ ଜରିଆରେ ଧମକ ଚମକ ଦେବା ସତ୍ତ୍ୱେ ଏଥିରେ ଫଳ ନ ମିଳିବାରୁ ସମାଜ ଅନୁଷ୍ଠାନ ଉପରେ ଭଡ଼ାଟିଆଙ୍କ ସାହାଯ୍ୟରେ ଆକ୍ରମଣ କରି ସବୁ କର୍ମଚାରୀଙ୍କୁ ଉପୁଦ୍ରବ କରିଦେବା ପାଇଁ ରାଜ୍ୟର ଜନୈକ ମନ୍ତ୍ରୀ ଓ ତାଙ୍କର ହନୁମାନଭକ୍ତ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ । ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା କେତେକ ଯୁବକଙ୍କ ଶକ୍ତିପରୀକ୍ଷା ଉଦ୍ଦେଶ୍ୟରେ ପ୍ରଥମେ ସମାଜ କାଗଜ ପୋଡ଼ିବା ପାଇଁ ଉକ୍ତ ନେତାଦ୍ୱୟ ନିଷ୍ପତ୍ତି କରିଥିଲେ ଏବଂ ତଦନୁଯାୟୀ ଠିକ୍ ସମୟରେ ମଧ୍ୟ ସମାଜକାଗଜ ଓ ଗାଡ଼ି ପୋଡ଼ାଗଲା । ଏହି ଘଟଣା ବିରୁଦ୍ଧରେ ତୀବ୍ର ଜନମତ ପ୍ରକାଶ ପାଇବାରୁ ସମାଜ ଅନୁଷ୍ଠାନ ଉପରେ ଆକ୍ରମଣ କରିବାକୁ ସେମାନେ ସାହସ କଲେନାହିଁ । କାରଣ ସମଗ୍ର ଦେଶରେ ଏ କାର୍ଯ୍ୟର ପ୍ରତିକ୍ରିୟା ସୃଷ୍ଟି ହେବାର ଆଶଙ୍କା ଥିଲା । ପରବର୍ତ୍ତୀ ଅବସ୍ଥାରେ ନିଜକୁ ରକ୍ଷା କରିବା ପାଇଁ ଜନୈକ କଂଗ୍ରେସ ନେତା "ଆମେ ପୋଡ଼ରେ" ବିଶ୍ୱାସ କରୁନାହିଁ ବୋଲି ବିବୃତି ଦେଇ ଏହି ଘଟଣା ନିମନ୍ତେ ବିସ୍ମୟ ଜନକଭାବେ ବିରୋଧୀ ଦଳଙ୍କୁ ଦାୟୀ କରିଥିଲେ । ସମାଜ ଛାତ୍ର ଆନ୍ଦୋଳନକୁ ସମର୍ଥନ କରୁଥିବାରୁ ଛାତ୍ର ବା ବିରୋଧୀଦଳ ପକ୍ଷରୁ ସମାଜ ପୋଡ଼ିବାର କୌଣସି ଅବକାଶ ହିଁ ନଥିଲା ।

କଲେଜ ୟୁନିଅନ ନିର୍ବାଚନପାଇଁ ପ୍ରସ୍ତୁତି

ବିଭିନ୍ନ କଲେଜ ମାନଙ୍କରେ ନାମଲେଖା ସରିଯିବା ପରେ ୟୁନିଅନ୍ ନିର୍ବାଚନରେ ନିଜ ସମର୍ଥିତ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଉଭୟ ବିରୋଧୀ ଓ କଂଗ୍ରେସ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଲାଣି । ଛାତ୍ରମାନେ ସାଧାରଣତଃ ବାମପନ୍ଥୀ ହୋଇଥିବାରୁ ଏହି ୟୁନିଅନ୍ ନିର୍ବାଚନରେ ବିରୋଧୀ ଦଳର ଛାତ୍ର ପ୍ରାର୍ଥୀମାନେ ଅଧିକ ସଂଖ୍ୟାରେ ଜିତିବା ଆଶା କରାଯାଉଛି । ପ୍ରତ୍ୟକ୍ଷ ନିର୍ବାଚନରେ ଜିଣି ନ ପାରିଲେ ମଧ୍ୟ ନିର୍ବାଚିତ ପ୍ରତିନିଧି ମାନଙ୍କୁ କପଟ ହାତ କରାଯାଇ ପାରିବ ସେଥିପାଇଁ କଂଗ୍ରେସ ଦଳର କେତେକ ପୁରାତନ ଛାତ୍ରନେତା ଆଜଠୁଁ ପ୍ରସ୍ତୁତି ପର୍ବ ଆରମ୍ଭ କଲେଣି ଏବଂ ଏଥିପାଇଁ ସେମାନଙ୍କ ହାତରେ ପ୍ରଚୁର ଅର୍ଥ ମଧ୍ୟ ରହିଛି ବୋଲି ବିଭିନ୍ନ ମହଲରେ ଆଲୋଚିତ ହେଉଛି । ◻

ସବ୍ ଇନ୍‌ସପେକ୍ଟର ଗୋବର୍ଦ୍ଧନ ପୋଲିସ

ମେଜର-ବି . ସି ଘୋଷ

ପରାଧୀନ ଭାରତରେ ପୋଲିସ ବାହିନୀ ଗୋରା ଶାସକମାନଙ୍କ ଦ୍ୱାରା ଜନସାଧାରଣଙ୍କୁ ଦମନ କରିବା ପାଇଁ ଆୟୁଧ ରୂପେ ବ୍ୟବହୃତ ହେଉ ଥିବାରୁ ସର୍ବଦା ଏହା ଲୋକଙ୍କ ଘୃଣାର ପାତ୍ର ହୋଇଥିଲା । ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ୍ୟ ସେ ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ କି ଲୋକେ ପୋଲିସକୁ ନିଜର ହିତୈଷୀ ତଥା ବନ୍ଧୁ ରୂପେ ଏ ପର୍ଯ୍ୟନ୍ତ ଗ୍ରହଣ କରିପାରି ନାହାନ୍ତି । ପୋଲିସ ନା ଶୁଣିଲେ ଅବଶ୍ୟ ଲୋକେ ଯେପରି ଆସନ୍ନ ଅତ୍ୟାଚାରରେ ଶିହରି ଉଠୁଥିଲେ ଏବେ ସେ ଅବସ୍ଥା ନାହିଁ କିନ୍ତୁ ଥାନାରେ ଡାଏରୀ ଦେବାଠାରୁ ଆରମ୍ଭ କରି କୌଣସି କାର୍ଯ୍ୟରେ ତଦନ୍ତ କରିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପଇସା ଖର୍ଚ୍ଚ କରିବାକୁ ପଡ଼ୁଥିବାରୁ ପୋଲିସ ସାଧାରଣ ଲୋକଙ୍କର ବା ବିପଦର ବନ୍ଧୁ ବୋଲି ବିଶେଷଣ ଅର୍ଜ୍ଜନ କରିପାରି ନାହାନ୍ତି ।

ଦେଶରେ ଆଇନ୍ ଶୃଙ୍ଖଳା ନାହିଁ ବୋଲି କହିଲା ବେଳେ ଆମକୁ ଗୋଟିଏ କଥା ସର୍ବଦା ମନେ ରଖିବାକୁ ପଡିବ ତାହା ହେଉଛି ଦେଶରେ ଆଇନ୍ ପ୍ରଚୁର ଅଛି କିନ୍ତୁ ଶୃଙ୍ଖଳା ନାହିଁ । ଯେଉଁମାନେ ଆଇନ୍‌କୁ କାର୍ଯ୍ୟକାରୀ କରିବା କଥା ସେମାନଙ୍କ ଅଯୋଗ୍ୟତା ଯୋଗୁଁ ହିଁ ଶୃଙ୍ଖଳା ପ୍ରତିଷ୍ଠିତ ହୋଇ ପାରୁନାହିଁ ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଆଠନ ଲକ୍ଷାଧିକ ପୋଲିସ ବାହିନୀ ଦୁର୍ନୀତି ଗ୍ରସ୍ତ ଓ ଅପାରଗ ହୋଇଥିବାରୁ ଆଜି ଭାରତ ବର୍ଷରେ ଆଇନ ଶୃଙ୍ଖଳା କ୍ଷେତ୍ରରେ ଚରମ ଅଧୋଗତି ଘଟିଛି ।

ବିଭିନ୍ନ ଥାନାରେ ହତ୍ୟାକାଣ୍ଡ ଡକାୟତି ଇତ୍ୟାଦିକୁ ପ୍ରତିହତ କରିପାରିବା ଦୂରର କଥା ଅପରାଧୀକୁ ଧରି ଦଣ୍ଡ ଦେବା ମଧ୍ୟ ଆମ ପୋଲିସ ବାହିନୀ ପକ୍ଷେ ସମ୍ଭବ ହେଉ ନାହିଁ କାରଣ ସେ ବିଭାଗର ଲୋକେ ନିଜର ଚାକିରି ବଜାୟ ରଖିବାକୁ ନିହାତି ଯାହାଟା କରିବା ଦରକାର ତାକୁ ଛାଡ଼ି ଅଧିକ କିଛି କରିବାକୁ ପ୍ରସ୍ତୁତ ନୁହନ୍ତି । ଉପରିସ୍ଥଙ୍କୁ ଠିକ୍ ରଖିବା ପାଇଁ କାଗଜ ପତ୍ର ସବୁ ପ୍ରସ୍ତୁତ କରିଦେଲେ ତାଙ୍କ ଡ୍ୟୁଟି ଶେଷ । କେତେକ ନିଜ ସ୍ୱାର୍ଥ ସାଧନ କରିବାକୁ ହେବ ।

ଉଦାହରଣ ସ୍ୱରୂପ ଏକ ହତ୍ୟାକାଣ୍ଡ ଘଟିଲେ ପୋଲିସ ସେଠାକୁ ଯିବ, ଚିରାଚରିତ ପ୍ରଥାରେ ତଦନ୍ତ କରିବ । ଏହା ହେଲା ତାଙ୍କର ଡ୍ୟୁଟି ତେଣିକି ଅପରାଧୀ ଧରାପଡି ଦଣ୍ଡ ପାଇବ କି ନାହିଁ ତାହା ନିର୍ଭର କରେ ସଂପୃକ୍ତ ଅଫିସରଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଉପରେ । ପୋଲିସ ବାହିନୀ ଅନ୍ୟାନ୍ୟ ବିଭାଗ ଅପେକ୍ଷା ଅଧିକ ସୁଶୃଙ୍ଖଳ ହୋଇ ଥିବାରୁ ମୂଳରୁ ଚୂଳ ପର୍ଯ୍ୟନ୍ତ ସମସ୍ତେ ସମସ୍ତଙ୍କର ସ୍ୱାର୍ଥରକ୍ଷା କରିବାରେ ହେଳା କରନ୍ତି ନାହିଁ । ଯାହା ମିଳେ ବାଣ୍ଟି କରି ଖାଆନ୍ତି ତେଣୁ ନିଜ ଭିତରେ ମଧ୍ୟ ମନୋମାଳିନ୍ୟ ସୃଷ୍ଟି ହେବାର ଆଶଙ୍କା ଊଣା । କିଏ କେତେ ଭାଗ ପାଇବ ତାହା ମଧ୍ୟ ଆଗରୁ ସ୍ଥିର ହୋଇଯାଇଛି । ତେଣୁ ବାଣ୍ଟିବାରେ ମଧ୍ୟ ଅସୁବିଧା ନାହିଁ । ଯେଉଁ ଥାନା ବା ଫାଣ୍ଡିରେ ଉପରି ଭଲ ଅଛି ଆଣ ଅନୁଷ୍ଠାନିକଭାବେ ତାହାର ବିଭିନ୍ନ ପଦବୀ ନିଜ ନିଜ ଭିତରେ ନିଲାମ ହୋଇଯାଏ । ଯିଏ ଅଧିକ ଦିଏ ସେହି ପୁରସ୍କୃତ ଆସନ ଅଳଙ୍କୃତ କରେ ନିତ୍ୟ ନୈମିତ୍ତିକ କୋଟା ବାଦେ ଏ ବ୍ୟବସ୍ଥା ଏବଂ ଅ ନାର ଇନ୍‌ସପେକ୍ଟର ଅଫିସର ଦା ଓ ଏସ୍ ପି ଙ୍କ ପର୍ଯ୍ୟନ୍ତ ଏହା ବ୍ୟାପ୍ତ ।

କିନ୍ତୁ ଏମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଆଇ. ପି ଏସ୍, ଅଫିସର ମାନେ ନିଯୁକ୍ତ ହୁଅନ୍ତି ସେମାନଙ୍କୁ ଡି ଏସ୍. ପି ପାହ୍ୟା ଉପରୁ ସିଧା ସଳଖ ନିଯୁକ୍ତି ମିଳେ । ତେଣୁ ତଳେ କଣ କିପରି ହେଉଛି ସେମାନଙ୍କ ପକ୍ଷେ ତାହା ଜାଣିବାର ଅବକାଶ ମଧ୍ୟ ନଥାଏ । ସଂଶୋଧନ କରିବାର ପ୍ରଶ୍ନ ଉଠୁଛି କେଉଁଠି ?

ସରକାର ଅସନ୍ତୁଷ୍ଟ ହେଲେ ପୋଲିସ କା ଯେ କୌଣସି ସରକାରୀ କର୍ମଚାରୀଙ୍କର ବିଶେଷ କିଛି କ୍ଷତି କରି ପାରିବେ ନାହିଁ ବୋଲି ସେମାନେ ଭଲ ଭାବେ ଜାଣନ୍ତି । ବଡ଼ ହେଲେ ବଦଳି, ସେଥିକୁ କିଏ ଖାତିର କରୁଛି । ଯେଉଁଠିକି ବଦଳି ହେଲେ ବି ନିଜ କୋଟା ଠିକ୍ ମିଳିଯିବ । ସେଇଥି ପାଇଁ ପଇସା ଛଡ଼ା ପୋଲିସ୍ ଲୋକେ ଅନ୍ୟ କିଛି ଚିହ୍ନନ୍ତି ନାହିଁ ବୋଲି ଏକ ପ୍ରବାଦ ପ୍ରଚଳିତ ଅଛି ।

କୌଣସି ସ୍ଥାନରେ ବିବାଦ ହେଲେ ତ ଆନନ୍ଦର କଥା । ଯିଏ ଯେତେ ବେଶି ପଇସା ଦେବ ପୋଲିସ ତା ଆଡ଼କୁ ସେତେ ବେଶୀ ଢଳିବ । ତେଣିକି କାର୍ଯ୍ୟ ଯାହା ହେଉ ପଛକେ । ଇନ୍ଦୁପୁର ହତ୍ୟା ଘଟଣାରେ ଅପରାଧୀ ବୋଲି ଅଭିଯୁକ୍ତ ଆସାମୀମାନେ ଖଲାସ ହୋଇଛନ୍ତି । ହତ୍ୟାକାଣ୍ଡ ଘଟିଛି କିନ୍ତୁ ଅସଲ ଅପରାଧୀ ଧରା ପଡ଼ି ନାହାନ୍ତି । ଦିନ ଦ୍ୱିପ୍ରହରେ ହତ୍ୟାକାଣ୍ଡ ଘଟିଲେ ମଧ୍ୟ ଦୋଷୀକୁ ଧରିବା ସମ୍ଭବ ହେଉ ନାହିଁ । ସ୍ଥଳ ବିଶେଷରେ ଫରିଆଦୀମାନଙ୍କ ନିର୍ଦ୍ଦେଶକୁ ମଧ୍ୟ ପୋଲିସ ଖାତିର କରୁନାହିଁ ବୋଲି ଖୋଦ୍ ଫରିଆଦୀମାନେ ଅଭିଯୋଗ କରୁଛନ୍ତି । ମାଜିଷ୍ଟ୍ରେଟ୍‌ମାନେ ଜାରି କରୁଥିବା ସମନକୁ ସେମାନେ ମାନୁ ନାହାନ୍ତି ଏବଂ କେତେକ କ୍ଷେତ୍ରରେ ଫରିଆଦୀମାନଙ୍କୁ ପୋଲିସ ବିରୁଦ୍ଧରେ ମଧ୍ୟ ଗିରଫ ପରୱାନା ଜାରି କରିବାକୁ ପଡ଼ୁଛି ।

ଖୋଲା ବଜାରରେ ଜଣେ ଆସାମୀ ବୁଲୁଥିଲେ ମଧ୍ୟ ପୋଲିସ ତାକୁ ପାଉ ନାହିଁ ବୋଲି ରିପୋର୍ଟ ଦେଉଥିବା ଜଣାଶୁଣା । ଅବଶ୍ୟ ଏ କ୍ଷେତ୍ରରେ ଆସାମୀ ନିଶ୍ଚିତ ଭାବେ ପୋଲିସକୁ ସନ୍ତୁଷ୍ଟ କରୁଥିବ । ଫରିଆଦି ମାନଙ୍କ ହଜାରେ କଡ଼ା ମନ୍ତବ୍ୟ ମଧ୍ୟ କିଛି ପ୍ରତିକାର କରିବ ନାହିଁ ।

ରାଜନୈତିକ ହସ୍ତକ୍ଷେପ

ପୋଲିସର ଦୈନନ୍ଦିନ କାର୍ଯ୍ୟକଳାପରେ ରାଜନୈତିକ ଲୋକେ ହସ୍ତକ୍ଷେପ କରୁଥିବାରୁ ସେମାନଙ୍କ ପକ୍ଷେ ନିରପେକ୍ଷ ଭାବେ କିଛି କରିବା ସମ୍ଭବ ହେଉ ନାହିଁ ବୋଲି ଏକ ଅଭିଯୋଗ ବରାବର ଶୁଣିବାକୁ ମିଳିଥାଏ । ଅବଶ୍ୟ କ୍ଷମତାହୀନ ଦଳର ଲୋକେ ନିଜ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ପୋଲିସ ଉପରେ ଚାପ ପକାଇଥାଆନ୍ତି କିନ୍ତୁ ଯେଉଁଠି ପୋଲିସର ସ୍ୱାର୍ଥରେ କୌଣସି ବାଧା ନଉପୁଜେ କେବଳ ସେହି କ୍ଷେତ୍ରରେହିଁ ପୋଲିସ ରାଜନୈତିକ କର୍ମୀଙ୍କ କଥାନୁଯାୟୀ କାର୍ଯ୍ୟ କରନ୍ତି ଅନ୍ୟଥା ନୁହେଁ । ତେଣୁ ସ୍ଥଳ ବିଶେଷରେ କ୍ଷମତାହୀନ ଦଳର ଲୋକେ ମଧ୍ୟ ଅପଦସ୍ଥ ହେଉଥିବା ଦେଖାଯାଏ ।

ଟଙ୍କା ଦେବେ କେଉଁମାନେ

ପୋଲିସର ସ୍ୱାର୍ଥ କହିଲେ କେବଳ ଅର୍ଥକୁ ବୁଝାଉ ଥିବାରୁ ଯେଉଁମାନେ ଅର୍ଥ ଦେବାକୁ ସକ୍ଷମ କେବଳ ସେମାନଙ୍କୁ ପୋଲିସ ରକ୍ଷା କରିବାକୁ ସଚରାଚର ଉଦ୍ୟମ କରିବ । ଦୁର୍ଭାଗ୍ୟ ବଶତଃ କେବଳ ଅପରାଧୀ ଓ ଧନୀ ବ୍ୟକ୍ତି ମାନେ ଟଙ୍କା ଦେବା ଅବସ୍ଥାରେ ଥିବାରୁ ଶତକଡ଼ା ୯୦ ଭାଗ ଲୋକଙ୍କ ଆପତ୍ତି ପୋଲିସ ମନକୁ ବିଚଳିତ କରି ପାରେ ନାହିଁ । ଭାରତ ବର୍ଷରେ ଏପର୍ଯ୍ୟନ୍ତ କୌଣସି ଧନୀ ଲୋକ ଫାଶୀ ପାଇଥିବାର ଦୃଷ୍ଟାନ୍ତ ଦେଖାଯାଏ ନାହିଁ । (ଖାରବେଳ ପ୍ରଥମ ସଂଖ୍ୟା ବଡ଼ ଲୋକଙ୍କୁ ଫାଶୀ ନାହିଁ ଦ୍ରଷ୍ଟବ୍ୟ) । କିନ୍ତୁ ପୋଲିସ ସହ ମତ ଭେଦ ହେଲେ କୌଣସି ଧନିକ ଦଣ୍ଡ ପାଇବାର ସମ୍ଭାବନା ଅଛି । ସେହିଭଳି କୌଣସି ଅପରାଧୀ ଲୁଟ କରିଥିବା ଦ୍ରବ୍ୟର ନିର୍ଦ୍ଦିଷ୍ଟ ଅଂଶ ପୋଲିସକୁ ଦେବାରେ ବିଫଳ ହେଲେ ଯାଇ ପୋଲିସ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ କରାଯିବ ନଚେତ୍ ନୁହେଁ । କିନ୍ତୁ ବେଳେ ବେଳେ ପୋଲିସର ଦାବି ଏତେ ଅଧିକ ହୋଇଯାଏ ଯେ ବିଚରା ଅପରାଧି ତାହା ପୂରଣ କରି ପାରେ ନାହିଁ ଏବଂ ଦଣ୍ଡକୁ ବରଣ କରିନିଏ ।

ଦୁର୍ଭାଗ୍ୟଜନକ ପରିସ୍ଥିତି

ଦେଶର ଅବସ୍ଥା ବର୍ତ୍ତମାନ ଏପରି ହେଲାଣି ଯେ ପୋଲିସର ବିନା ସହାୟତାରେ କୌଣସି ଅପରାଧ ବା ଅନ୍ୟାୟ କାର୍ଯ୍ୟ ହେଉ ନାହିଁ ବୋଲି ସାଧାରଣ ଲୋକେ ଧରି ନେଲେଣି । ସେହିଭଳି ଅପରାଧୀଙ୍କ ବିନା ପୋଲିସର ସ୍ଥିତି କଳନା କରିବା ଅସମ୍ଭବ ହୋଇଥିବାରୁ ଅପରାଧୀମାନେ ହିଁ ମାନସିକ ସ୍ତରରେ ପୋଲିସର ଶ୍ରେଷ୍ଠ ବନ୍ଧୁ ହୋଇ ଯାଉଛନ୍ତି । ବିଭିନ୍ନ ବସ୍ତିର ଦାଦା ଓ ସିନେମା ହଲର କଳାବଜାରୀଙ୍କୁ ଧରିଲେ ଥାନାରେ ଶୀଘ୍ର କାମ ହାସଲ ହୋଇ ଯିବାରୁ ସମ୍ଭାବନା ଅଧିକ । ତେଣୁ ସାଧୁ ଲୋକଙ୍କ ଉପସ୍ଥିତି ପୋଲିସର ସ୍ୱାର୍ଥ ବିରୋଧୀ ।

ପ୍ରତିକାର ସମ୍ଭବ କି ?

ଏ ସବୁ ବିଷୟ ଜାଣିବା ପରେ ପ୍ରଶ୍ନ ହେଉଛି ଏ ପରିସ୍ଥିତିର ପ୍ରତିକାର ସମ୍ଭବ କି ? ଆଜିର ଏ ଅବସ୍ଥା ଏକା ରାତିକେ ସୃଷ୍ଟି ହୋଇ ଯାଇ ନାହିଁ । ଶହ ଶହ ବର୍ଷ ଧରି କ୍ରମାଗତ ଭାବେ ଏହା ସୃଷ୍ଟି ହୋଇଛି ।

ବ୍ରିଟିଶ ଅମଳରେ ଲୋକଙ୍କୁ ଭୟଭୀତ କରି ରଖିବା ପାଇଁ ଲାଞ୍ଚ ନେବା ଓ ଅନ୍ୟାନ୍ୟ ଦମନ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୋରା ଶାସକମାନେ ପୋଲିସକୁ ଉତ୍ସାହିତ କରୁଥିଲେ । ସେତେବେଳେ ଗୋରାମାନଙ୍କ ଆଭିମୁଖ୍ୟ ଥିଲା ଲୋକଙ୍କୁ ଶାସନ କରିବା । ତେଣୁ ପୋଲିସକୁ ଲୋକଙ୍କର ବନ୍ଧୁ ହିସାବରେ ରଖିବାକୁ ସେମାନେ ଚାହୁଁ ନଥିଲେ । କୌଣସି ଠାରେ ପୋଲିସ ଅତ୍ୟାଚାର ଯଦି ବ୍ରିଟିଶ ଶାସନର ସହାୟକତା କରୁଥିଲା ତେବେ ଅତ୍ୟାଚାରୀ ମାନଙ୍କୁ କ୍ଷମା ମିଳି ଯାଉଥିଲା ।

ବ୍ରିଟିଶ ଶାସନ ପକ୍ଷରୁ ଭାରତୀୟ ମାନଙ୍କ ଚରିତ୍ର ଗଠନ କରିବା ପାଇଁ କର୍ଣ୍ଣିକାଳେ

Images: Aptakama Mishra, Processing: Srujanika

ଉଦ୍ୟମ ହେଉ ନଥିବା ବୋଲି ଲର୍ଡ଼ ଓ୍ୱାଭେଲ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି । ନିଜସ୍ୱୀୟ ଲୋକଙ୍କୁ ଶାସନ କରିବା ସୁବିଧାଜନକ ହୋଇଥିବାରୁ ଗୋରା ଲୋକେ ଭାରତୀୟମାନଙ୍କ ଚରିତ୍ର ଗଠନ କରିବାକୁ ନ ଚାହିଁବା ସ୍ୱାଭାବିକ । ଏହିଭଳି ଏକ ଅବସ୍ଥାର ପରିବର୍ତ୍ତନ ହେବାକୁ ସମୟ ଲାଗିବା ସ୍ୱାଭାବିକ । ପୋଲିସ ଲୋକେ ସାଧାରଣ ଭାରତୀୟଙ୍କ ମଧ୍ୟରୁ ଆସି ନ ଥିବାରୁ ସେମାନଙ୍କ ଚରିତ୍ରରେ ମଧ୍ୟ ଏହି ଦୋଷ ରହିବାଟା ଅସ୍ୱାଭାବିକ ନୁହେଁ ।

କେଣ୍ଟ ପେ କ୍ଲାସ ନିଯୁକ୍ତି ବେଳେ ହିଁ ଏ ସମସ୍ୟା ପ୍ରତି ଧ୍ୟାନ ଦିଆଯିବା ଉଚିତ୍ । ଯଥାଯଥ ଶିକ୍ଷା ପାଇଥିବା ଯୋଗ୍ୟ ଲୋକଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ଦରମା ହାରକୁ ଏଭଳି ଆକର୍ଷଣୀୟ କରିବା ଉଚିତ ଯାହା ଫଳରେ ଅତି ମେଧାବୀ ଓ ସହିତ ସମ୍ପନ୍ନ ଯୁବକମାନେ ଏଥିପ୍ରତି ଆକୃଷ୍ଟ ହେବେ । ଆମେରିକାରେ ସି.ଆଇ.ଏ ତାର ନବ ନିଯୁକ୍ତ କର୍ମଚାରୀଙ୍କୁ ମାସିକ ଦୁଇ ହଜାର ଡଲାର (ଭାରତୀୟ ମୁଦ୍ରାରେ ୨୦ ହଜାର ଟଙ୍କା) ଦରମା ଦେଇଥାଆନ୍ତି । ଏହି ସଂସ୍ଥା ତାର କର୍ମଚାରୀମାନଙ୍କୁ ବିଶ୍ୱରେ ସର୍ବାଧିକ ଦରମା ଦିଏ ବୋଲି କୁହାଯାଏ । ଆମ ଭାରତରେ ଏହାକୁ ଦୃଷ୍ଟି ଦେଇ ଆନୁପାତିକ ଦରମା ଦେବା ଉଚିତ । ଏହି ଚାକିରିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନ୍ୟାନ୍ୟ ଉନ୍ନତ ବ୍ୟବସ୍ଥା କରାଗଲେ ଏ ବିଭାଗରେ ଦୁର୍ନୀତି ବ୍ୟାପି ପାରିବ ନାହିଁ । ସେଥିରେ ଯେଉଁମାନେ ଯୋଗ ଦିଅନ୍ତି ପୂର୍ବରୁ ସେମାନେ ଅପରାଧୀ ବା ଦୁର୍ନୀତିଗ୍ରସ୍ତ ନଥାନ୍ତି । କିନ୍ତୁ ଅଭାବରେ ପଡ଼ି ସେମାନଙ୍କ ସ୍ୱଭାବ ନଷ୍ଟ ହୁଏ ।

ଦ୍ୱିତୀୟତଃ ପୋଲିସ କାର୍ଯ୍ୟ ଅନ୍ୟ ଏକ ସଂସ୍ଥା ଦ୍ୱାରା ତନଖି ହେବା ଉଚିତ । ବର୍ତ୍ତମାନ ପୋଲିସର ପ୍ରଶାସନିକ କାର୍ଯ୍ୟ ଏପରି ଆବଦ୍ଧ ଯେ କୌଣସି ବିଷୟରେ ଖବର ପାଇଁ ପୋଲିସ ସଂସ୍ଥା ବାହାରକୁ ସାଧାରଣ ଲୋକେ ଯାଇପାରୁ ନାହାଁନ୍ତି ଓ ଅନ୍ୟ କେତେକ ସଂସ୍ଥା ପୋଲିସ କାର୍ଯ୍ୟ ତନଖି କରୁଛି ବୋଲି ସେମାନେ ଜାଣିଲେ ଅନ୍ତତଃ ଟିକେ ସତର୍କ ହୋଇଯିବେ ।

ଅଡ଼ିଟର ମାନଙ୍କ କାର୍ଯ୍ୟ ତନଖି କରିବା ପାଇଁ ଯେପରି ଟେଷ୍ଟ ଅଡ଼ିଟରଥାଆନ୍ତି ପୋଲିସ କାର୍ଯ୍ୟକୁ ତନଖି କରିବା ପାଇଁ ସେହିଭଳି ଏକ ସଂସ୍ଥା ରହିବା ଉଚିତ ।

ଏହି ସଂସ୍ଥାର ଲୋକେ ପୋଲିସ ବିଭାଗର ହୋଇ ନଥିବେ ଏବଂ ସେମାନେ ଅତି ଶିକ୍ଷିତ ହୋଇଥିବା ଆବଶ୍ୟକ । ପବ୍ଲିକ ଆକାଉଣ୍ଟସ କମିଟୀ ଧାରାରେ ଏହା ସୃଷ୍ଟି ହେବା ବାଂଛନୀୟ । ବର୍ତ୍ତମାନ ଯେଉଁ ସବୁ ସଂସ୍ଥା ଅଛି ଯଥା ସି. ବି. ଆଇ, ଆଇ. ବି ଏବଂ R.A.W ସେ ସବୁ ପୋଲିସ ବିଭାଗୀୟ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ସେଗୁଡ଼ିକର କୌଣସି ଗୁଣାତ୍ମକ ବିକାଶ ପରିଲକ୍ଷିତ ହେଉନାହିଁ ।

କିନ୍ତୁ ଏହା ବାଦେ ଅନ୍ୟ ଏକ ସଂସ୍ଥା ପୋଲିସ କାର୍ଯ୍ୟ ତନଖି କରିବା ସଙ୍ଗେ ସଙ୍ଗେ ଲୋକଙ୍କ ହାରି ଗୁହାରି ଶୁଣିଲେ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ହେବ । କିନ୍ତୁ ଏହି ସଂସ୍ଥାର କୌଣସି ପ୍ରଶାସନିକ କ୍ଷମତା ରହିବା ଅନୁଚିତ୍ । ଅନ୍ୟଥା ଦ୍ୱୈତ ଶାସନ ସୁବିଧା ଅପେକ୍ଷା ବେଶୀ ଅସୁବିଧା ସୃଷ୍ଟି କରିପାରେ ।

ଯେଉଁ କ୍ଷେତ୍ରରେ ପୋଲିସକୁ ସାମରିକ ଶାସନ ଅଧୀନରେ ରଖାଯାଇଛି ସେଠାରେ ପୋଲିସର କାର୍ଯ୍ୟ ପୂର୍ବାପେକ୍ଷା ଅଧିକ ସନ୍ତୋଷ ଜନକ ହେଉଥିବା ପରିଲକ୍ଷିତ ହେଉଛି । କାରଣ ତାଙ୍କ ଉପରେ ସେନା ବାହିନୀ ଆଖି ରଖିଥିବା ସେମାନେ ଜାଣନ୍ତି । ସେଥିପାଇଁ ବିଭିନ୍ନ ଉପଦ୍ରୁତ ସ୍ଥାନରେ ସୈନ୍ୟ ବାହିନୀ ମୁତୟନ କରିବାକୁ ବରାବର ପାର୍ଟି ହୋଇଥାଏ ।

ଥରେ ପୋଲିସ ବିଭାଗରୁ ଦୁର୍ନୀତି ଦୂର ହୋଇଗଲେ ଅନ୍ୟାନ୍ୟ ବିଭାଗରୁ ଆପେ ଆପେ ଦୁର୍ନୀତି ଦୂର ହୋଇଯିବ ।

କିନ୍ତୁ ଆମର ରାଜନୈତିକ ନେତା ମାନେ ଶାସନରୁ ଦୁର୍ନୀତି ଦୂର କରିବା ଚାହାନ୍ତି କି ? ଆମ ଜାତୀୟ ଚରିତ୍ର ଏପରି ଅଧୋଗତ ହେଲଣି ଯେ କୌଣସି ବ୍ୟକ୍ତି କେବଳ ନିଜର ସ୍ୱାର୍ଥ ବୃତ୍ତ ଗଣ୍ଡି ବାହାରକୁ ଟିକିଏ ହେଲେ ଚାହୁଁ ନାହିଁ ।

ଆତ୍ମବଳୀ ଦେଇ ଦେଶର ମଙ୍ଗଳ କରିବାକୁ ଆମ ଭିତରୁ କେତେଜଣ ପ୍ରସ୍ତୁତ ? □

ମୁଦ୍ରାହୀନ ବ୍ୟାଙ୍କ

ଟେକ୍ସାସ୍‌ସ୍ଥ ଡଲସ୍‌ରେ ବିଶ୍ୱର ପ୍ରଥମ ମୁଦ୍ରାହୀନ ବ୍ୟାଙ୍କ ନିକଟରେ ଖୋଲାଯାଇଥିବା ଖବର ପ୍ରକାଶ ପାଇଛି ।

ଏହି ବ୍ୟାଙ୍କ ଡାକ ସାହାଯ୍ୟରେ ପଠା ଯାଉଥିବା (ଚେକ୍, ଡ୍ରାଫ୍ଟ) ଗ୍ରହଣ କରେ ଏବଂ କାଗଜପତ୍ର ସାହାଯ୍ୟରେ ସବୁ ପ୍ରକାର ଦେଣ ନେଣ କରେ କିନ୍ତୁ ନଗଦ ଟଙ୍କା ଗ୍ରହଣ କରେନାହିଁ । କୌଣସି ଜମାକାରୀ ଏହି ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଚାହିଁଲେ ସହରର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ପକ୍ଷରୁ ବସାଯାଇଥିବା ମେସିନ୍ ବ୍ୟବହାର କରିବାକୁ ହେବ ।

□

ସନ୍ତ୍ରାସବାଦୀଙ୍କୁ ଜବତ୍ କରିବାକୁ ରୋବଟ ଯାନ

ବହୁ ଦୂରରୁ ନିୟନ୍ତ୍ରଣ କରି ହେଉଥିବା ଏବଂ ବ୍ୟାଟେରି ଦ୍ୱାରା ପରିଚାଳିତ ଏକ ରୋବଟ ଯାନ ସମ୍ପ୍ରତି ଇଂଲଣ୍ଡ ପକ୍ଷରୁ ନିର୍ମାଣ କରାଯାଇଛି । ଏହି ଯାନକୁ ସନ୍ତ୍ରାସବାଦୀ ମାନଙ୍କୁ ଜବତ୍ କରିବା ପାଇଁ ବ୍ୟବହାର କରାଯାଇ ପାରିବ ଏବଂ କୌଣସି ଶିଳ୍ପରେ କିଛି ଆକସ୍ମିକ ଦୁର୍ଘଟଣା ଘଟିଲେ ଏହା ସାହାଯ୍ୟରେ ମଧ୍ୟ ଉଦ୍ଧାର କାର୍ଯ୍ୟ କରି ହେବ ଯାହାକୁ ମନୁଷ୍ୟ ପକ୍ଷେ କରିବା ସମ୍ଭବ ନୁହେଁ ।

ଏହି ୬ ଚକ ବିଶିଷ୍ଟ ଯାନକୁ ୨୨୦ ମିଟର ଦୂରରେ ଅତି ନିର୍ଭୁଲ ଭାବେ ଯେ କୌଣସି ବିପଜ୍ଜନକ ପରିସ୍ଥିତରେ ମଧ୍ୟ ନିୟନ୍ତ୍ରଣ କରି ହେବ । ଏହା ଲମ୍ବା ଲମ୍ବା ଘାସ ଉପରେ ଅନାୟାସରେ ଯାଇ ପାରିବ ଏବଂ ନିଜ ଚକ ଠାରୁ ଅଧିକ ଉଚ୍ଚ ପ୍ରତିବନ୍ଧକ ଅତିକ୍ରମ କରିପାରିବ ଏବଂ ଏପରିକି ସିଡ଼ି ମଧ୍ୟ ଚଢ଼ି ପାରିବ । ଏହାର ପ୍ରତ୍ୟେକ ଚକରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ମୋଟର ଗିଅର ବକ୍ସ ଖଞ୍ଜା ଯାଇଛି ଏବଂ ଏହାର ଗତି ଅତି ୨ ଫୁଟର ବେଗରୁ ଘଣ୍ଟାକୁ ୩ ମାଇଲ ପର୍ଯ୍ୟନ୍ତ ବଢ଼ାଯାଇ ପାରିବ ।

ଏହାର କମାଣ୍ଡ କନ୍‌ସୋଲ ଏବଂ ଦେଖିବା ପର୍ଦ୍ଦା ଓ ଅନ୍ୟାନ୍ୟ ଆନୁସଙ୍ଗିକ ନିୟନ୍ତ୍ରଣ ବ୍ୟବସ୍ଥା ଖଞ୍ଜା ଯାଇଛି । ଏଥିରେ ତିନୋଟି କ୍ଲୋଜ୍‌ ସର୍କିଟ ଟେଲିଭିଜନ କ୍ୟାମେରା ରହିଛି ଯାହା ସାହାଯ୍ୟରେ ପରିଚାଳକ ସବୁ କିଛି ଦେଖି ନିରାପଦରେ ନିଜ କାର୍ଯ୍ୟ ସମ୍ପନ୍ନ କରି ପାରିବ ।

□

Images: Aptakama Mishra, Processing: Srujanika

ଖାରବେଳ

ଭାରତର ଆନ୍ଧ୍ର ପର୍ବ

ରାଜୀବଙ୍କ ସ୍ୱପ୍ନରେ
ଗୋଷ୍ଠୀଯା ସ୍ଥିତି

ଆମ ବ୍ରହ୍ମାଣ୍ଡର
ଭବିଷ୍ୟତ କଣ?

Images: Aptakama Mishra, Processing: Srujanika

With Best Compliments from :

Vam Organic Chemicals Limited

Skyline House, 3rd Floor
85, Nehru Place
New Delhi-110019

Manufacturers of :

Acetic Acid : Acetaldehyde : Acetic Anhydride
And
Vinyl Acetate Monomer (VAM)

Phone : 6413289/6417517/6414467
Grams : Vargonic
Telex : 5294 VAM IN

Images: Aptakama Mishra, Processing: Srujanika

ଖାରବେଳ

୧୯୮୪—୯ମ ସଂଖ୍ୟା

RNI Regd No : 42123/84

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-୭୫୩୦୧୨
ଫୋନ-୨୩୫୯୬

ପ୍ରଚ୍ଛଦ ପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ

ମୂଲ୍ୟ ଟ ୩-୦୦

ସମଗ୍ର ଦକ୍ଷିଣ ଭାରତରେ କଂଗ୍ରେସର ୩
ଘୋର ବିପର୍ଯ୍ୟୟ ଆଶଙ୍କା — ଶ୍ରୀ ରମାକାନ୍ତ ମିଶ୍ର
କଳା ବିଲେଇ ଓ ଜାତକ — ଡ. ରାଧାନାଥ ରଥ ୨୧
ଶିଶୁ ଆଖିରେ କାଟାରାକଟ — ଡ. ଲକ୍ଷ୍ମୀକାନ୍ତ ମହାପାତ୍ର ୨୯
ଭାୟାଙ୍କରେ ଅମିତାଭ ବଚ୍ଚନଙ୍କ ମାତ୍ର ସାତ ଟଙ୍କା ଅଛି — ଶ୍ରୀ ଅରଜିତ ପଣ୍ଡାୟତ ୨୫
ସୁବର୍ଣ୍ଣ ଜୟନ୍ତୀ-ମାତ୍ର ୩୪
ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ସଙ୍କଟ — ଶ୍ରୀ ହରିହର ପ୍ରସାଦ ମହାନ୍ତିକ
ରାଶିଫଳ — ଅଗ୍ରୁମ୍ନି ବିଭୂତି ଭୂଷଣ ୩୧
ଛାତ୍ର ଛାତ୍ରୀଙ୍କ ଶିକ୍ଷା ତ୍ୟାଗ ୧୦

ଫାଣ୍ଟମ ୧୨, ୧୩
ରେଖା ୨
ଶବ୍ଦ ଶୃଙ୍ଗାର, ଆପଣ ଜାଣନ୍ତି କି ?

ରାଜୀବଙ୍କ ସ୍ୱତନ୍ତ୍ର ଗୁଇନ୍ଦା ବିଭାଗ ୩୬
ବେଶ୍ୟା ପଡ଼ାରେ କଂଗ୍ରେସ ବାବୁଙ୍କ ଉପସ୍ଥିତି ୮
ଜଳସେଚନ ମନ୍ତ୍ରୀଙ୍କ ବେନାମୀ ବ୍ୟବସାୟ ୮
ଜାନକୀ ବାବୁଙ୍କ ଲୋକପ୍ରିୟତା କ୍ରମଶଃ କମୁଛି ୩୯
କଂଗ୍ରେସର ମୁଖ୍ୟ ସଚେତକ ବିଜ୍ ବାବୁଙ୍କ ଏଜେଣ୍ଟ ରୂପେ କାମ କରୁଛନ୍ତି ? ୧୪
ବିଧାୟକମାନଙ୍କୁ ସନ୍ତୁଷ୍ଟ କରିବାକୁ ଅଭିନବ ପ୍ରଚେଷ୍ଟା ୧୭
କଲେଜ ଶିକ୍ଷକମାନେ ବର୍ଷକୁ ମାତ୍ର ୧୦୦ ପିରିୟଡ଼ ପଢ଼ାଉଛନ୍ତି ୧୮
ଲୋକସଭା ସଦସ୍ୟଙ୍କ ବିରୁଦ୍ଧରେ ସଦର ସରପଞ୍ଚମାନଙ୍କ ବିଦ୍ରୋହ ୭

ମରଣୋତ୍ତର ଜୀବନ — ଡା ଜିତେନ୍ଦ୍ର କୁମାର ଚନ୍ଦ୍ର ଗୁପ୍ତ ୧୧
ଅଙ୍ଗୁଳି ସ୍ପର୍ଶରେ ରୋଗ ଭଲ ହେବ — ଜି ଟୋଙ୍ଗ କୋଲ ୧୫
ସମୁଦ୍ର କାହିଁକି ନୀଳ ଦିଶେ ? ୨୦
ଆମ ବିଶ୍ୱ ବ୍ରହ୍ମାଣ୍ଡର ଭବିଷ୍ୟତ କଣ ? ୨୩
ଡେଙ୍ଗା ହେବା ପାଇଁ ନୂଆ ଔଷଧ ୨୭
ବିସ୍ଫୋରଣ ସାହାଯ୍ୟରେ ବନ୍ଧ ନିର୍ମାଣ ୨୮
ପରମାଣୁ ଯୁଦ୍ଧ ଜନିତ ଶୀତ ୧୮
ଅଖଣ୍ଡ ଯୌବନ ପାଇଁ ବିଦାରିକାଣ୍ଡ ଗୁଳି ଖାଆନ୍ତୁ ୩୮

ଥର ମରୁଭୂମିରେ ଜୀବଜଗତ ୯
ଶାଶ୍ୱତ ପ୍ରେମର ଆଦି ଗ୍ରନ୍ଥ ୨୬
ଭାରତର ଆଲଂକାରିକ ମାଛ ୩୭
ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ୩୬
ଅନ୍ତିମ ପୃଷ୍ଠା—ମୂଲ୍ୟବୋଧର ମୃତ୍ୟୁ ୪୦

Images: Aptakama Mishra, Processing: Srujanika

ଶବ୍ଦ ଶୃଙ୍ଗାର

୭ ଶ୍ରୀ ନିରଞ୍ଜନ ବେହେରା



ଜାଣନ୍ତି କି ?

୧- ଦୁଇଜଣ ମହିଳା ଲଙ୍ଗ ଜମ୍ପରଙ୍କ ମଧ୍ୟରେ କିଏ ବିଜୟ ଲାଭ କରିବ ଯଦି ଶ୍ରେଷ୍ଠ ଜମ୍ପର ବ୍ୟବଧାନ ୬.୨୭ ମିଟର ହୋଇଥିବ ?

୨- ଟେନିସ୍ ବଲ ସର୍ଭିସର କୋର୍ଟର ବାଉଣ୍ଡ୍ରି ଲାଇନରେ ପଡ଼ିଲେ ପୁଣି ସର୍ଭ କରିବା ଠିକ୍ ହେବ କି ?

୩- ଫ୍ରି ଷ୍ଟାଇଲ ରେସଲିଂରେ ଜଣେ ଯୋଦ୍ଧା ତାର ପ୍ରତିଦ୍ୱନ୍ଦୀର ଗୋଡ଼କୁ କଇଁଚି ଭଳି ଚିପି ଧରିବା ବିଧି ସମ୍ମତ କି ?

୪- ତୀର ତୁଳନା ପ୍ରତିଯୋଗୀତାରେ ଧନୁର ଲମ୍ବର କିଛି ସୀମା ଅଛି କି ?

୫- ପ୍ରବଳ ପବନ ହେଉଥିବା ବେଳେ କ୍ରିକେଟ ମ୍ୟାଚ୍‌ର ଦୁଇ କ୍ୟାପଟେନ ବେଲ ବ୍ୟବହାର ନକରିବାକୁ ନିଷ୍ପତ୍ତି ନେଇ ପାରିବେ କି ?

୬- ସାବର ଫେନ୍‌ସିଂର ଟାରଗେଟ ଏରିଆ କଣ ?

୭- ବମ୍ବେ ବ୍ୟତିରେକ ଅନ୍ୟ କେଉଁ ଭାରତୀୟ ସହରର ଉନୋଟି ପଡ଼ିଆରେ ଟେଷ୍ଟ ମ୍ୟାଚ ଖେଳାଯାଏ ।

୮- କେଉଁ ଖେଳରେ ନିମ୍ନଲିଖିତ ପଦ ଗୁଡ଼ିକ ବ୍ୟବହାର କରାଯାଏ । କ] ବରଣ୍ଡି ଖ] ପ୍ଲିଟ ଗ] ସାଉଅପ ଘ] ସ୍ଲାଇକିଂ ଙ] ବାଇଲାଇନ ।

୯- କେଉଁ ହେଭିଓ୍ୱେଟ ବକ୍‌ସର ସର୍ବାଧିକ ଡିଫେନ୍‌ସ ବାଉଟ୍ ଟାଇଟଲ ପାଇଛନ୍ତି ।

୧୦- କେଉଁ ଖେଳାଳୀ ଅଲ ଇଂଲଣ୍ଡ ବ୍ୟାଡ଼ମିଣ୍ଟନ ଚାମ୍ପିଆନ୍‌ସିପ୍ ମ୍ୟାଚରେ ୮ଟି ସିଙ୍ଗଲ ଟାଇଟେଲ ଲାଭ କରିଛନ୍ତି ।

ବାମରୁ ଡାହାଣକୁ - ୧- ଯାହା ସମାଧାନ କରାଯାଏ, ୨-ଅଗ୍ନି, ୩-ଓଡ଼ିଶାର ଇସ୍ପାତ ଶିଳ୍ପ-ଶାଳା ୪-ପଶ୍ଚିମବଙ୍ଗର ବିଖ୍ୟାତ ଆଳୁ ଉତ୍ପାଦନ ଅଞ୍ଚଳ, ୫- ମେଘ, ୬- ରାମଚନ୍ଦ୍ର କର୍ତ୍ତୃକ ପ୍ରତିଷ୍ଠିତ ସ୍ଥାନ, ୭- ବାରାଙ୍ଗନା, ୮-ସର୍ବଦା, ୯- ମାନବ ଇତିହାସର ପ୍ରାରମ୍ଭିକ ଯୁଗ, ୧୦- ଦୃଶ୍ୟକାବ୍ୟ, ୧୧- ଏକ ପ୍ରକାର ସ୍ୱରଯନ୍ତ୍ର, ୧୨- ଇନ୍ଦ୍ରିୟ ଦ୍ୱାରା ଲଭ୍ୟ ।

ଉପରୁ ତଳକୁ - ୧- ସ୍ନେହ, ୨- ଗ୍ରାମ ପ୍ରଧାନ, ୩- ଓଡ଼ିଶାର ଲୁଣ ଉତ୍ପାଦନ କେନ୍ଦ୍ର, ୪-ଚଞ୍ଚଳ, ୫-ଶ୍ରେଷ୍ଠ ପ୍ରିୟଜନ, ୬-ମଲ୍ଲୀ ପୁଷ୍ପ, ୭- ଚଉଦୁଆରରେ ଯେଉଁ ଶିଳ୍ପ ବିଦ୍ୟମାନ ୮- ଚନ୍ଦ୍ରକର, ୯- ରାମାୟଣ ବର୍ଣ୍ଣିତ ନଦୀ ବିଶେଷ, ୧୦-ଆମ୍ବ, ୧୧-କାକଳି ।

ଶବ୍ଦ ଶୃଙ୍ଗାର ୬ର ଉତ୍ତର

ବାମରୁ ଡାହାଣକୁ - ୧ ମାରଫତଦାର ୨ ରାଜଧାନୀ ୩ କୁହୁକ ୪ ଉପବେଶନ ୫ ଦର୍ଶନୀର ୬ ପରଶମଣି ୭ କୁଟମାଣ୍ଡ ୮ ସ୍ୱୟମନ୍ତକ ୯ ଜରାସନ୍ଧ ୧୦ ବନ୍ଦନା ୧୧ ନାଟମନ୍ଦିର ।

ଉପରୁ ତଳକୁ - ୧ ମାମା ୬ ବାଣ୍ଡୀ ୧୨ ସ୍ୱାଗତୁଦ ୧୩ ଶକଟ ୧୪ ନାଗଜନା ୧୫ ରସନା ୧୬ ଧର୍ମଶଯ୍ୟା ୧୭ ମମତା ୧୮ ରତନ ୯ କଳାକର ।

ଜାଣନ୍ତି କି ? ର ଉତ୍ତର

ଉତ୍ତର

୧- ଯେଉଁ ଜମ୍ପରଙ୍କ ପରବର୍ତ୍ତୀ ଉଦ୍ୟମ ଅଧିକ ଉତ୍ତମ । ୨- ହଁ ୩- ନା ୪- ନା

୫- ଅମ୍ପାୟାରଙ୍କ ଅନୁମୋଦନ କ୍ରମେ ହୋଇ ପାରିବ ।

୬- କେବଳ ଶରୀରର ଊର୍ଦ୍ଧ୍ୱାଂଶ

୭- କୋନସ ବର୍ଗ, ଓଲଡ୍ ଓ୍ୱାଣ୍ଡରସ, ଏଲିସ ପାର୍କ ଓ ନ୍ୟୁଓ୍ୱାଣ୍ଡରସ୍ ଗ୍ରାଉଣ୍ଡ ।

୮- [କ] ଗୋଲଫ୍ (ଖ)ଗୁଟି [ଗ]ବକସିଂ [ଘ]ଭଲିବଲ [ଚ]ରୁଗବି

୯- ଜୋ ଲୁଇସ

୧୦- ଇଣ୍ଡୋନେସିଆର ରୁଡ଼ି ହାରଟାନୋ ।

ରେଖା—ଅନନ୍ତ ପାଇ ଓ ଅଜିତ ବର୍ଣ୍ଣେକର

Images: Aptakama Mishra, Processing: Srujanika

ସମଗ୍ର ଦକ୍ଷିଣ ଭାରତରେ କଂଗ୍ରେସର ଘୋର ବିପର୍ଯ୍ୟୟ ହେବା ଆଶଙ୍କା

ନିଜର ସମସ୍ତ ଅଯୋଗ୍ୟତା ଓ ଅପକର୍ମ ସତ୍ତ୍ୱେ ଶ୍ରୀ ରାମାରାଓ ଘଟଣାଚକ୍ରରେ ଦକ୍ଷିଣ ଭାରତର ଅବିସମ୍ବାଦିତ ନେତା ରୂପେ ପ୍ରତିଷ୍ଠିତ ହେଲେ

ଦୂରଦୃଷ୍ଟିର ଅଭାବ ଯୋଗୁ ଆନ୍ଧ୍ରରେ ଶ୍ରୀ ରାଜୀବ ଗାନ୍ଧୀ ନିଜେ ରାଜନୈତିକ ନିଷ୍ପତ୍ତି ନେଇ କଂଗ୍ରେସ ଦଳକୁ ପଥଚ୍ୟୁତ କରିଦେଲେ

ଶେଷମୁହୂର୍ତ୍ତରେ ଶ୍ରୀମତି ଗାନ୍ଧୀଙ୍କ ହସ୍ତକ୍ଷେପ ଫଳରେ ଲୋକମତ ଓ ଗଣତନ୍ତ୍ର ପ୍ରତି ଅନ୍ତତଃ ଇନ୍ଦିରାଙ୍କ ଅଖଣ୍ଡ ସମ୍ମାନ ଥିବା ପ୍ରମାଣିତ ହେଲା

ଦୀର୍ଘ ଏକମାସର ରାଜନୈତିକ ପ୍ରଳୟ ପରେ ଶ୍ରୀ ରାମାରାଓ ଅବଶେଷରେ ପୁନର୍ବାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରି ବିରୋଧୀ ଦଳ ନେତୃବୃନ୍ଦଙ୍କ ଭାଷାରେ ଲୋକ ଶକ୍ତିର ବିଜୟ ପତାକା ଉଡ଼ାଇଛନ୍ତି । ଆପାତତଃ ସେଠାକାର ରାଜନୈତିକ ସମୁଦ୍ର ଶାନ୍ତ ।

୧୯ ମାସର ମୁଖ୍ୟମନ୍ତ୍ରୀତ୍ୱ ପରେ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତା ୩୦ ଦିନ କାଳ କ୍ଷମତାଚ୍ୟୁତ ହୋଇ ରହିବା ଅବକାଶରେ ତାଙ୍କ ଜୀବନର ଶ୍ରେଷ୍ଠ ଅଭିନୟ ରାଜନୈତିକ ରଙ୍ଗମଞ୍ଚରେ ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଇପାରେ ।

ଅପରପକ୍ଷରେ ଶ୍ରୀମତୀ ଗାନ୍ଧୀ ତାଙ୍କ ପ୍ରଧାନ ମନ୍ତ୍ରୀତ୍ୱ କାଳରେ ଦ୍ୱିତୀୟ ଥର ପାଇଁ ସେ ଯେ ଜଣେ ସଚ୍ଚା ଗଣତନ୍ତ୍ରବାଦୀ ତାହା ମଧ୍ୟ ପ୍ରମାଣିତ କଲେ । ଜରୁରୀକାଳୀନ ଅବସ୍ଥା ପରେ ଦେଶରେ ନିର୍ବାଚନ କରାଇ ସେ ଯେପରି ନିଜର ରାଜନୈତିକ ପରାକାଷ୍ଠାର ପରିଚୟ ଦେଇଥିଲେ ଆନ୍ଧ୍ର ଘଟଣାରେ ରାଷ୍ଟ୍ରପତି ଶାସନ ଜାରିକରିବା ପରିବର୍ତ୍ତେ ରାମାରାଓଙ୍କୁ ପୁର୍ନବାର ଗାଦିରେ ବସାଇବାକୁ ନିଷ୍ପତ୍ତି ନେଇ ଲୋକମତ ପ୍ରତି ତାଙ୍କର ଅତୁଟ ସମ୍ମାନ ଥିବା ପ୍ରତିପାଦିତ କଲେ ।

ଏଠାରେ ବିଶେଷ ଉଲ୍ଲେଖ ଯୋଗ୍ୟ ହେଉଛି ରାଜୀବ ଗାନ୍ଧୀଙ୍କ ରାଜନୈତିକ ବିଫଳତା ।

୧୯୮୦ ମସିହାରେ ଶ୍ରୀ ଟି ଅଞ୍ଜେୟା ଆନ୍ଧ୍ରରେ ମୁଖ୍ୟମନ୍ତ୍ରୀ ହେବା ଦିନଠାରୁ ଶ୍ରୀ ରାଜୀବ ଗାନ୍ଧୀ ପ୍ରାୟତଃ ଆନ୍ଧ୍ର ବିଷୟରେ ଆଜିପର୍ଯ୍ୟନ୍ତ ସମସ୍ତ ନିଷ୍ପତ୍ତି ନେଇଛନ୍ତି । ନିଜ ପୁଅଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ସ୍ୱାଧୀନ ଭାବେ ରାଜନୈତିକ ନିଷ୍ପତ୍ତି ନେବାପାଇଁ ଶ୍ରୀମତୀ ଗାନ୍ଧୀ ଜାଣିଶୁଣି ଆନ୍ଧ୍ର ଘଟଣାରେ ପ୍ରତ୍ୟକ୍ଷ ଭାବେ କିଛି କରୁ ନଥିଲେ । ଫଳରେ ରାଜୀବ ଗାନ୍ଧୀ ଓ ତାଙ୍କ ଉପଦେଷ୍ଟା ମାନେ ଆନ୍ଧ୍ର ବ୍ୟାପାରରେ ନିଷ୍ପତ୍ତି ନେବା କ୍ଷେତ୍ରରେ ଅତି ଶକ୍ତିଶାଳୀ ହୋଇ ଉଠିଥିଲେ ଏବଂ ପୂର୍ବତନ ରାଜ୍ୟପାଳ ଶ୍ରୀ ରାମଲାଲ୍ ଏକଥା ଭଲ ଭାବେ ବୁଝି ରାଜୀବଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିବାକୁ ଯାଇ ଅଡୁଆରେ ପଡ଼ିଗଲେ । ଏହାର ପରିଣତି କଂଗ୍ରେସ ଦଳ ପାଇଁ ବୁମେରାଙ୍ଗ ସ୍ୱରୂପ ହେଲା ।

ଏକଦା କଂଗ୍ରେସର ଦୁର୍ଭେଦ୍ୟ ଦୁର୍ଗ ରୂପେ ପରିଚିତ ଦକ୍ଷିଣ ଭାରତରେ ଆସନ୍ନ ଲୋକସଭା ନିର୍ବାଚନରେ କଂଗ୍ରେସର ବିଜୟ ସମ୍ଭାବନା କେବଳ ଆନ୍ଧ୍ର ଘଟଣାର କୁପରି ତୁଳନାଯୋଗୁ ଶତକଡ଼ା ୫୦ ଭାଗ କମିଗଲା । କର୍ଣ୍ଣାଟକରେ ଜନତା ମୁଖ୍ୟମନ୍ତ୍ରୀ ଶ୍ରୀ ହେଗଡ଼େ ପଦଚ୍ୟୁତ ହେବାରୁ ବର୍ତ୍ତିଗଲେ ଏବଂ ତାମିଲ ନାଡୁର ମୁଖ୍ୟମନ୍ତ୍ରୀ ଶ୍ରୀ ରାମଚନ୍ଦ୍ରନ ଲୋକଙ୍କ ସହ ନରହିବାରୁ ତାଙ୍କର ମଧ୍ୟ ରାଜନୈତିକ ବିପର୍ଯ୍ୟୟ ହେବାର ଆଶଙ୍କା ଦେଖା ଦେଲାଣି । ଶ୍ରୀ ରାମଚନ୍ଦ୍ରନଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନର ନିଦର୍ଶନ ସ୍ୱରୂପ ନିଜ ନିଜ ହାତରେ ରାମଚନ୍ଦ୍ରନଙ୍କ ଚିତା କୁଟାଇ ଥିବା ବିଧାୟକ ମାନେ ନିଜ ନେତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେଣି । ସେହିଭଳି କେରଳରେ କମ୍ୟୁନିଷ୍ଟ ମାନେ ମଧ୍ୟ ଏ ଅବକାଶରେ ସକ୍ରିୟ ହେବା କିଛି ଅସମ୍ଭବ ନୁହେଁ ।

ମୋଟା ମୋଟି ଭାବେ କହିବାକୁ ଗଲେ ସମଗ୍ର ଦକ୍ଷିଣ ଭାରତରେ କଂଗ୍ରେସ ଘୋର ରାଜନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ଆଶଙ୍କା ରହିଛି ।

ପଞ୍ଜାବ ଘଟଣାରେ ଏକ ସାହସିକ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଯେପରି ନିଜର ତଥା କଂଗ୍ରେସ ଦଳର ଲୋକପ୍ରିୟତା ବୃଦ୍ଧି କରି ପାରିଥିଲେ ଶ୍ରୀ ଯୁକ୍ତ ରାଜୀବ ଗାନ୍ଧୀ ଆନ୍ଧ୍ର ଘଟଣାରେ ନିଜର ଅପରିଣାମ ଦର୍ଶିତାର ପରିଚୟ ଦେଇ କଂଗ୍ରେସ ଦଳର ପ୍ରଭାବକୁ ସମାନୁପାତରେ ଖର୍ବ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆନ୍ଧ୍ର ଘଟଣାରେ ମୂଳରୁ ପ୍ରଧାନମନ୍ତ୍ରୀ ଗୋଟି ଚଳାଇ ନଥିଲେ କିନ୍ତୁ ଶେଷରେ ତାଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା ବୋଲି ଜଣାପଡ଼ୁଛି ।

ଏହି ପ୍ରଦେଶର ସୃଷ୍ଟି ହେବା ଦିନୁ ସେଠାରେ ସର୍ବଦା ବଡ଼ଧରଣର କିଛି ନା କିଛି ରାଜନୈତିକ ଉଥଲ ଲାଗିରହିଛି ଏବଂ ଏହା କଂଗ୍ରେସର ଦୁର୍ଭେଦ୍ୟ ଦୁର୍ଗ ବୋଲି ଧରିନେଇ ଦଳପକ୍ଷରୁ ମଧ୍ୟ ସେଠାରେ ବହୁ ପରୀକ୍ଷା ନିରୀକ୍ଷା କରାଯାଇଛି ।

ଆନ୍ଧ୍ର ପ୍ରଦେଶ ହେଉଛି ଭାରତର ପଞ୍ଚମ ବୃହତ୍ତମ ରାଜ୍ୟ ଏବଂ ଏହାର ଲୋକ ସଂଖ୍ୟା ପ୍ରାୟ ୬ କୋଟି । ଦେଶର ସ୍ୱାଧୀନତା ପ୍ରାପ୍ତି ବେଳେ ତେଲୁଗୁ ଭାଷାଭାଷୀ ଲୋକେ ପୂର୍ବତନ ମାନ୍ଦ୍ରାଜ ପ୍ରେସିଡ଼େନ୍ସି ଏବଂ ହାଇଦ୍ରାବାଦରେ ବିକ୍ଷିପ୍ତ ଭାବେ ଥିଲେ । ଆନ୍ଧ୍ର ନେତା ଶ୍ରୀ ପୋଟି ଶ୍ରୀରାମୁଲୁ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବୀ କରି ଆତ୍ମାହୁତି ଦେବାପରେ ୧୯୫୩ ମସିହା ଶେ । ୧୬ ଦେ

Images: Aptakama Mishra, Processing: Srujanika

ଆନ୍ଧ୍ର ଡାଏରୀ (୧୯୫୩—୮୪)

୧୯୫୩ ଅକ୍ଟୋବର ୧ ଆନ୍ଧ୍ର ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ।

୧୯୫୬ ନଭେମ୍ବର ୧ ତେଲେଙ୍ଗାନାକୁ ନେଇ ବୃହତ୍ତର ଆନ୍ଧ୍ର ଗଠନ ।

୧୯୭୧ ସେପ୍ଟେମ୍ବର ତେଲେଙ୍ଗାନା ଆନ୍ଦୋଳନ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ପଦରୁ ବ୍ରହ୍ମାନନ୍ଦ ରେଡ୍ଡିଙ୍କ ଇସ୍ତଫା ଏବଂ ନୂତନ ମୁଖ୍ୟମନ୍ତ୍ରୀ ରୂପେ ଶ୍ରୀ ପି ଭି ନରସିଂହ ରାଓ ଅବସ୍ଥାପିତ ।

୧୯୭୩ ଜାନୁଆରୀ ୧୮ ଆନ୍ଦୋଳନ ଅବ୍ୟାହତ ରହିବାରୁ ନରସିଂହ ରାଓଙ୍କ ଇସ୍ତଫା

ଜାନୁଆରୀ ୧୮ ରାଷ୍ଟ୍ରପତି ଶାସନ ଜାରି ଏବଂ ତେଲେଙ୍ଗାନା ସମସ୍ୟାର ସମାଧାନ ପାଇଁ ଶ୍ରୀମତୀ ଗାନ୍ଧୀଙ୍କ ଏକ ସୂତ୍ର ଘୋଷଣା ଯାହାକି ପରେ ସମ୍ବିଧାନରେ ଅନ୍ତର୍ଭୁକ୍ତ ହେଲା ।

ଡିସେମ୍ବର ୧୦ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ।

୧୯୭୮ ଫେବୃଆରୀ ୨୫ ଶ୍ରୀମତୀ ଗାନ୍ଧୀଙ୍କ କଂଗ୍ରେସ ବିଧାନସଭାରେ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କଲେ ।

ମାର୍ଚ୍ଚ କଂଗ୍ରେସ (ଆଇ) ନେତା ଡକ୍ଟର ଚେନ୍ନା ରେଡ୍ଡି ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ ।

୧୯୮୦ ଅକ୍ଟୋବର ୧୦ ଡକ୍ଟର ଚେନ୍ନା ରେଡ୍ଡିଙ୍କ ଇସ୍ତଫା ।

ଅକ୍ଟୋବର ୧୧ ଶ୍ରୀ ଟି ଆଞ୍ଜେୟା ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ ।

୧୯୮୨ ଫେବୃଆରୀ ୯ ଶ୍ରୀ ଆଞ୍ଜେୟାଙ୍କୁ ଇସ୍ତଫା ଦେବା ପାଇଁ ଦଳର ନିର୍ଦ୍ଦେଶ ।

ଫେବୃଆରୀ ୨୪ ଶ୍ରୀ ବି-ଭେଙ୍କଟରାମ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କଲେ ।

୧୯୮୨ ମାର୍ଚ୍ଚ ଶ୍ରୀ ଏନ୍ ଟି-ରାମାରାଓ ତେଲୁଗୁ ଦେଶମ ଗଠନ କଲେ ।

ଅକ୍ଟୋବର ଶ୍ରୀ ବିଜୟ ଭାସ୍କର ରେଡ୍ଡି ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ନେଲେ ।

୧୯୮୩ ଜାନୁଆରୀ ୫ ବିଧାନସଭାରେ ତେଲୁଗୁ ଦେଶମର ବିପୁଳ ବିଜୟ ।

ଜାନୁଆରୀ ୯ ତେଲୁଗୁ ଦେଶମର ମୁଖ୍ୟ ଶ୍ରୀ ରାମା ରାଓ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ ।

୧୯୮୪ ଅଗଷ୍ଟ ୧୩ ଅର୍ଥ ମନ୍ତ୍ରୀ ଶ୍ରୀ ଭାସ୍କର ରାଓ ଏବଂ ଅନ୍ୟ ତିନି ଜଣ ମନ୍ତ୍ରୀ ଇସ୍ତଫା ଦେଲେ ।

ଅଗଷ୍ଟ ୧୪ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଭାସ୍କର ରାଓ ବରଖାସ୍ତ ହେଲେ ।

ଅଗଷ୍ଟ ୧୬ ଶ୍ରୀ ରାମା ରାଓ ବରଖାସ୍ତ ହେଲେ ଓ ଶ୍ରୀ ଭାସ୍କର ରାଓ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ ।

ଅଗଷ୍ଟ ୨୧ ଶ୍ରୀ ରାମା ରାଓ ତାଙ୍କ ସମର୍ଥକ ବର୍ଗଙ୍କ ସହିତ ରାଷ୍ଟ୍ରପତି ଜୈଲ୍ ସିଂହଙ୍କୁ ସାକ୍ଷାତ୍ କଲେ ।

ଅଗଷ୍ଟ ୨୪ ପାର୍ଲାମେଣ୍ଟରେ ଆନ୍ଧ୍ର ଘଟଣା ଆଲୋଚନା ।

ଅଗଷ୍ଟ ୨୬ ରାଜ୍ୟପାଳ ଶ୍ରୀ ରାମଲାଲଙ୍କ ଇସ୍ତଫା ଏବଂ ଡକ୍ଟର ଶଙ୍କର ଦୟାଲ ଶର୍ମା ନୂତନ ରାଜ୍ୟପାଳ ରୂପେ ନିଯୁକ୍ତ ।

ଅଗଷ୍ଟ ୨୯ ବାଚସ୍ପତି ଶ୍ରୀ ଟି ସତ୍ୟନାରାୟଣ ଏବଂ ଉପବାଚସ୍ପତି ଶ୍ରୀ ଭୀମ ରେଡ୍ଡିଙ୍କ ମନ୍ତ୍ରୀମଣ୍ଡଳରେ ଯୋଗଦାନ ।

ସେପ୍ଟେମ୍ବର ୧୦ ଅସ୍ଥାୟୀ ବାଚସ୍ପତି ଶ୍ରୀ ବାଗା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ବିଧାନସଭାର ଅଧିବେଶନ ଆରମ୍ଭ ଓ ତୁମୁଳ ହଟ୍ଟଗୋଳ ମଧ୍ୟରେ ବୈଠକ ମୁଲତବୀ ।

ସେପ୍ଟେମ୍ବର ୧୩ ଅସ୍ଥାୟୀ ବାଚସ୍ପତିଙ୍କ ଇସ୍ତଫା ।

ସେପ୍ଟେମ୍ବର ୧୬ ପୁଣି ଶ୍ରୀ ରାମା ରାଓଙ୍କର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ ।

୧ ତାରିଖ ଦିନ ସ୍ୱତନ୍ତ୍ର ଆନ୍ଧ୍ର ରାଜ୍ୟ ଗଠିତ ହେଲା । ସେତେବେଳେ କୁର୍ନୁଲ ଏହାର ରାଜଧାନୀ ଥିଲା । ଆନ୍ଧ୍ର ପ୍ରଦେଶ ଗଠନ ଆରମ୍ଭ ହେବା ଦିନୁ ସେଠାରେ ବିଭିନ୍ନ ସମୟରେ ଧାରାବାହିକ ଭାବେ ଅତି ବ୍ୟାପକ ଆନ୍ଦୋଳନ ହୋଇ ଆସିଛି । ଆନ୍ଧ୍ର ସହିତ ମିଶିଥିବା ତେଲେଙ୍ଗାନା ଅଞ୍ଚଳ ଅର୍ଥନୈତିକ ଦୃଷ୍ଟିରୁ ଅପେକ୍ଷାକୃତ ଦୁର୍ବଳ ଥିବାରୁ ଏହାକୁ ଏକ ସ୍ୱତନ୍ତ୍ର ରାଜ୍ୟ କରିବା ପାଇଁ ମଧ୍ୟ ଏକଦା ପ୍ରବଳ ଆନ୍ଦୋଳନ ହୋଇଥିଲା । ୧୯୪୮ ମସିହାରେ ତେଲେଙ୍ଗାନା କମ୍ୟୁନିଷ୍ଟମାନଙ୍କ ବିଦ୍ରୋହର କେନ୍ଦ୍ର ସ୍ଥଳୀ ଥିଲା । ୧୯୪୮ ମସିହାରେ ଭାରତ ସରକାର ନିଜାମଙ୍କୁ ନିଜ ଶାସନାଧୀନ କରିବା ପୂର୍ବରୁ ବିଭିନ୍ନ ଗ୍ରାମାଞ୍ଚଳରେ କମ୍ୟୁନିଷ୍ଟମାନେ ନିଜର ଆସ୍ଥାନ ଦୃଢ଼ କରି ସାରିଥିଲେ ଏବଂ ସେଠାରୁ ଭାରତରେ ସର୍ବହରାର ଶାସନ ପ୍ରବର୍ତ୍ତନ କରିବାର ସ୍ୱପ୍ନ ଦେଖୁଥିଲେ । କିନ୍ତୁ ସେହି ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରାଯାଇଥିଲା । ୧୯୫୩ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ର ରାଜ୍ୟ ଗଠନ କରାଗଲା ପରେ ୧୯୫୬ ମସିହାରେ ତାହା ତେଲେଙ୍ଗାନାର ୯ଟି ଜିଲ୍ଲାକୁ ତା ସହିତ ମିଶି ପରିପୂର୍ଣ୍ଣ ଆନ୍ଧ୍ର ପ୍ରଦେଶ ଗଠନ କରାଗଲା ଏବଂ ସମଗ୍ର ଆନ୍ଧ୍ର ପ୍ରଦେଶକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇପାରେ । (୧) ଆନ୍ଧ୍ରର ୯ଟି ଉପକୂଳବର୍ତ୍ତୀ ଜିଲ୍ଲା (୨) ଅଭ୍ୟନ୍ତରୀଣ ରୟାଲସୀମା (୩) ରାଜଧାନୀ ହାଇଦ୍ରାବାଦ ସହିତ ୯ଟି ପଡ଼ୋଶୀ ରାଜ୍ୟକୁ ନେଇ ଗଠିତ ତେଲେଙ୍ଗାନା ।

ଏହି ତିନୋଟି ବିଭାଗ ମଧ୍ୟରୁ ଉପକୂଳବର୍ତ୍ତୀ ୯ଟି ଜିଲ୍ଲା ଓ ତେଲେଙ୍ଗାନାର ନେତା ମାନଙ୍କ ମଧ୍ୟରେ ଏକ ଭଦ୍ରଲୋକ ବୁଝାମଣା ହେବାପରେ ଯାଇ ପରିପୂର୍ଣ୍ଣ ଆନ୍ଧ୍ର ପ୍ରଦେଶ ୧୯୫୬ ମସିହାରେ ଗଠିତ ହେବା ସମ୍ଭବ ହେଲା । ଅନ୍ୟଥା ଏକ ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନ ପାଇଁ ବରାବର ଦାବୀ ହୋଇ ଆସୁଥିଲା । ଉଭୟ ଅଞ୍ଚଳର ପ୍ରାୟ ସବୁ ବିଶିଷ୍ଟ ନେତା ଉକ୍ତ ରାଜିନାମାରେ ସ୍ୱାକ୍ଷର କରିଥିଲେ ଏବଂ ଏଥିରେ ରାଜ୍ୟର ମନ୍ତ୍ରୀମଣ୍ଡଳ ଗଠନ ଠାରୁ ଆରମ୍ଭ କରି କେଉଁ ଅଞ୍ଚଳ ପାଇଁ କେତେ ଅର୍ଥ ବ୍ୟୟ କରାଯିବ ତାର ଠିକ ନିଖି ହିସାବ ମଧ୍ୟ କରାଯାଇଥିଲା । ଆନ୍ଧ୍ର ପକ୍ଷରୁ ଶ୍ରୀ ବି. ଗୋପାଳ ରେଡ୍ଡି, ଶ୍ରୀ ଏନ ସଞ୍ଜୀବ ରେଡ୍ଡି, ଶ୍ରୀ ଜି. ଲଚ୍ଛନ୍ନା ଏବଂ

Images: Aptakama Mishra, Processing: Srujanika

ତେଲେଙ୍ଗାନା ପକ୍ଷରୁ ଶ୍ରୀ ବି. ରାମକୃଷ୍ଣ ରାଓ, ଡକ୍ଟର କେ ଭି ରଙ୍ଗା ରେଡ୍ଡି ଓ ଡକ୍ଟର ଏମ୍ ଚେନ୍ନା ରେଡ୍ଡି ସେଥିରେ ସ୍ୱାକ୍ଷର କରିଥିଲେ ।

ନେତା ମାନଙ୍କ ମଧ୍ୟରେ ବୁଝାମଣା ହୋଇ ବୃହତ୍ତର ଆନ୍ଧ୍ର ପ୍ରଦେଶ ଗଠିତ ହୋଇଥିଲେ ମଧ୍ୟ ଲୋକଙ୍କ ମନରୁ ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନର ସ୍ୱପ୍ନ ତିରୋହିତ ହୋଇ ନଥିଲା । ତେଣୁ ବରାବର ସେଠାରେ ଏହାକୁ ଭିତ୍ତି କରି ରାଜନୈତିକ ଦ୍ୱନ୍ଦ ଲାଗି ରହିଥିଲା । ଉକ୍ତ ରାଜିନାମାକୁ ବସ୍ତୁତଃ ପାଳନ କରାଯାଉ ନାହିଁ ବୋଲି ଅଭିଯୋଗ କରି ଦଳେ ଚରମପନ୍ଥୀ ଗ୍ରୁପ ପୁଣିଥରେ ସ୍ୱତନ୍ତ୍ର

ଶ୍ରୀ ରମାକାନ୍ତ ମିଶ୍ର

ତେଲେଙ୍ଗାନା ରାଜ୍ୟ ଗଠନ ଦାବି କରି ୧୯୬୮ -୬୯ ମସିହାରେ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ଏ ଆନ୍ଦୋଳନ ବେଳେ ଡକ୍ଟର ଚେନ୍ନା ରେଡ୍ଡି, ଶ୍ରୀ କୋଣ୍ଡା ଲକ୍ଷ୍ମଣ ବାପୁଜି ସମେତ ସବୁ ଉଚ୍ଚ ନେତା ଗିରଫ ହୋଇଥିଲେ ଏବଂ ମନ୍ତ୍ରୀ ମଣ୍ଡଳରୁ ତେଲେଙ୍ଗାନା ଅଞ୍ଚଳର ୮ ଜଣ ଯାକ ମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇଥିଲେ । ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀ ବ୍ରହ୍ମାନନ୍ଦ ରେଡ୍ଡି ମଧ୍ୟ ନିଜ ପଦବୀରୁ ଏହି ଆନ୍ଦୋଳନ ଦମନ କରିବାରେ ବିଫଳ ହୋଇ ଇସ୍ତଫା ଦେଇଥିଲେ ।

କେନ୍ଦ୍ରର ହସ୍ତକ୍ଷେପ

ତାଙ୍କର ଉତ୍ତରାଧିକାରୀ ରୂପେ କେନ୍ଦ୍ରରୁ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଶ୍ରୀ ନରସିଂହ ରାଓ ମନୋନୀତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ଆନ୍ଦୋଳନ ଅବ୍ୟାହତ ରହିବାରୁ ୧୯୭୩ ମସିହାରେ ତାଙ୍କୁ ମଧ୍ୟ ବିଦାୟ ନେବାକୁ ପଡିଥିଲା । ଏହାପରେ ପ୍ରଧାନ ମନ୍ତ୍ରୀ ଏକ ସମାଧାନ ସୂତ୍ର ବାହାର କରି ଏହାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିବା ପରେ ସେଠା ଅବସ୍ଥା ଶାନ୍ତ ପଡିଲା ଏବଂ ଶ୍ରୀ ଜାଲଗମ ଭେଙ୍ଗଲ ରାଓଙ୍କ ନେତୃତ୍ୱରେ ପୁଣି ଏକ ନୂଆ ମନ୍ତ୍ରୀମଣ୍ଡଳ ଗଠନ କରାଗଲା ।

ଆନ୍ଧ୍ର ପ୍ରଦେଶ ଗଠନ ଦିନଠାରୁ ଏପର୍ଯ୍ୟନ୍ତ ସେଠାରେ ବିଭିନ୍ନ ସମୟରେ ଅତି ଉତ୍କଟ ରାଜନୈତିକ ଆନ୍ଦୋଳନ ଲାଗି ରହିଥିବା ଜଣାଯାଇଛି ଏଭଳି ଆନ୍ଦୋଳନ ସତ୍ତ୍ୱେ ୧୯୫୭ ରୁ ୧୯୮୦ ମସିହା ଭିତରେ କଂଗ୍ରେସ ଯେ ରାଜ୍ୟରୁ କଂଗ୍ରେସ ଶତକଡା ୪୫ ଭୋଟ ପାଇ ବିଧାନସଭାରେ ଶତକଡା ୬୩ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲା ୧୯୫୭ ପରଠାରୁ ସେଠାରେ ଲୋକସଭା ପାଇଁ ହୋଇଥିବା ନିର୍ବାଚନରେ କଂଗ୍ରେସ ସେଠାରେ ଜାତୀୟ ସ୍ତରର ହାରହାରି ଭୋଟ ଠାରୁ ଅଧିକ ପାଇ ଆସିଛି ।

୧୯୭୨ ମସିହା ବିଧାନ ସଭା ନିର୍ବାଚନରେ କଂଗ୍ରେସ ୨୮୭ରୁ ୨୧୯ଟି ଆସନରେ ଜୟଲାଭ କରିଥିଲା ଏବଂ ୧୯୭୭ ଲୋକସଭା ନିର୍ବାଚନରେ ମଧ୍ୟ କଂଗ୍ରେସର ବିଶେଷ କ୍ଷତି ହୋଇ ନଥିଲା । କିନ୍ତୁ ୧୯୭୭ ବାତ୍ୟାପରେ କଂଗ୍ରେସର ବିପର୍ଯ୍ୟୟ ସେଠାରେ ଆରମ୍ଭ ହେଲା । ୧୯୭୮ ମସିହା ଜାନୁ-

ଆରୀ ୨ ତାରିଖ ଦିନ କଂଗ୍ରେସର ନିର୍ବାଚନ ହେବା ପରେ ଆନୁଷ୍ଠାନିକ ବ୍ରହ୍ମାନନ୍ଦ ରେଡ୍ଡି କଂଗ୍ରେସ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ଭେଙ୍ଗଲ ରାଓ ଯୋଗ ଦେଲେ ଏବଂ ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସର ଆନ୍ଦୋଳନ ବର୍ତ୍ତିକା ରୂପେ ଡକ୍ଟର ଚେନ୍ନାରେଡ୍ଡି ପ୍ରତିଷ୍ଠିତ ହୋଇ ୧୯୭୮ ରେ ସେଠା ମୁଖ୍ୟମନ୍ତ୍ରୀ ହେଲେ । ୧୯୮୦ ଲୋକସଭା ନିର୍ବାଚନରେ କଂଗ୍ରେସ (ଆଇ) ଆଶାତୀତ ସଫଳତା ହାସଲ କରିଥିଲା । ୧୯୮୦ ମସିହାରେ ଶ୍ରୀମତୀ ଗାନ୍ଧୀ କ୍ଷମତାସୀନ ହେବାପରେ ଆନ୍ଧ୍ରରେ ପୁଣିଥରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହେଲା କାରଣ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଦିଲ୍ଲୀରୁ ବିଭିନ୍ନ ରାଜ୍ୟପାଇଁ ନିଜଦଳରେ ମୁଖ୍ୟମନ୍ତ୍ରୀ ମନୋନୟନ ଆରମ୍ଭ କଲେ । ଏହି ପ୍ରକ୍ରିୟାରେ ୧୯୭୮ ରେ ମୁଖ୍ୟମନ୍ତ୍ରୀ ହୋଇଥିବା ଡକ୍ଟର ଚେନ୍ନାରେଡ୍ଡି ୧୯୮୦ ଅକ୍ଟୋବର ୧୦ ତାରିଖ ଦିନ ବିଦାୟ ନେଲେ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟି ଆଞ୍ଜେୟା ନୂତନ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ନେଲେ, କିନ୍ତୁ ତାଙ୍କ ଆୟୁଷ ମଧ୍ୟ ଅଳ୍ପ ଦିନ ମଧ୍ୟରେ ପୂରିଗଲା । ୧୯୮୨ ମସିହା ଫେବ୍ରୁଆରି ୯ ତାରିଖ ଦିନ ତାଙ୍କୁ ଇସ୍ତଫା ଦେବାକୁ କୁହାଗଲା । ଏହି ସମୟ ଭିତରେ ଶ୍ରୀ ରାଜୀବ ଗାନ୍ଧୀ ହାଇଦ୍ରାବାଦ ଗସ୍ତରେ ଆସି ବିମାନ ଘାଟିରେ ଶ୍ରୀ ଆଞ୍ଜେୟାଙ୍କୁ ଗାଳି ଦେବାରୁ ସମସ୍ତ ଆନ୍ଧ୍ର ଜାତି ଅପମାନିତ ମନେ କରିଥିଲା ଏବଂ ତାଙ୍କ ପ୍ରତି ଜନସାଧାରଣଙ୍କ ଅକୁଣ୍ଠ ସହାନୁଭୂତି ପ୍ରଦର୍ଶନ କରି ୧୯୮୩ ନିର୍ବାଚନରେ ନିର୍ବାଚିତ କରିଥିଲେ । ୧୯୮୨ ଫେବ୍ରୁଆରି ୨୪ ତାରିଖରେ ଶ୍ରୀ ଅଞ୍ଜେୟାଙ୍କ ଉତ୍ତରାଧିକାରୀ ହୋଇଥିବା ଶ୍ରୀ ଭବାନାମ ଭେଙ୍କଟରାମା ରେଡ୍ଡି ମାତ୍ର ସାତ ମାସ ପରେ ନିଜ ସ୍ଥାନରୁ ବିଦାୟ ନେଲେ ଏବଂ ଶ୍ରୀ ବିଜୟ ଭାସ୍କର ରେଡ୍ଡି ନୂତନ ମୁଖ୍ୟମନ୍ତ୍ରୀ ହେଲେ ।

କଂଗ୍ରେସ ପକ୍ଷରୁ ସେହିରାଜ୍ୟରେ ଘନଘନ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରି ସେଠା ଲୋକଙ୍କ ଆତ୍ମସମ୍ମାନ ମୂଳରେ କୁଠାରାଘାତ କରାଯାଇ ଥିବା-

Images: Aptakama Mishra, Processing: Srujanika

ବେଳେ ଶ୍ରୀ ରାମାରାଓ ତେଲୁଗୁ ଦେଶ ଦଳ ପ୍ରତିଷ୍ଠା କରି ଅଳ୍ପ ସମୟ ମଧ୍ୟରେ ସମଗ୍ର ରାଜ୍ୟରେ ନିଜର ଅଖଣ୍ଡ ପ୍ରଭାବ ବିସ୍ତାର କଲେ ଏବଂ ୧୯୮୩ ମସିହାରେ ରାଜ୍ୟ ବିଧାନ ସଭା ପାଇଁ ହୋଇଥିବା ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କରିବା ସଙ୍ଗେ ସଙ୍ଗେ ଭାରତୀୟ ରାଜନୀତିରେ ଏକ ନୂତନ ତାରକା ସଦୃଶ ଜାଜ୍ଜ୍ୱଲ୍ୟମାନ ହେଲେ ।

ଆନ୍ଧ୍ରରେ ଶ୍ରୀ ଟି ଆଞ୍ଜୟା ମୁଖ୍ୟମନ୍ତ୍ରୀ ହେବା ପରଠାରୁ ଏପର୍ଯ୍ୟନ୍ତ କଂଗ୍ରେସ ଉଚ୍ଚକର୍ତ୍ତୃପକ୍ଷଙ୍କ ପକ୍ଷରୁ ଯେଉଁ ସବୁ ନିଷ୍ପତ୍ତି ନିଆ ଯାଇଛି ତାହା ମୂଳରେ ରାଜୀବ ଗାନ୍ଧୀ ଅଛନ୍ତି ଏବଂ ଆନ୍ଧ୍ର ସମ୍ପର୍କରେ ତାଙ୍କର ସମସ୍ତ ସିଦ୍ଧାନ୍ତ କାର୍ଯ୍ୟତଃ ଭୁଲ ପ୍ରମାଣିତ ହୋଇଛି ।

ଶ୍ରୀ ରାମା ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ କେନ୍ଦ୍ର ସହ ଉତ୍ତମ ବୁଝାମଣା ରଖି ତାଙ୍କ ସରକାର କାର୍ଯ୍ୟ କରିବ ବୋଲି ଘୋଷଣା କରିଥିଲେ ଏବଂ ରାଜ୍ୟରେ ଏକ ନିର୍ମଳ ଓ ଦକ୍ଷ ଶାସନ ପ୍ରଦର୍ଶନ କରି ତେଲେଗୁ ମାନଙ୍କ ଲୁପ୍ତ ଗୌରବ ଫେରାଇ ଆଣିବାର ପ୍ରତିଶ୍ରୁତି ଦେଇଥିଲେ ।

ଜାନୁଆରୀ ୯ ତାରିଖ ଦିନ ସେ ଦାୟିତ୍ୱ ଗ୍ରହଣ କରିବାପରେ ରାଜ୍ୟଅର୍ଥନୀତିକୁ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇ ସେ କେତେକ କାର୍ଯ୍ୟକ୍ରମ ରୂପାୟିତ କଲେ । ଚାଉଳ କିଲୋଗ୍ରାମ ୨ ଟଙ୍କାରେ ଯୋଗାଇ ଦେବା ଫଳରେ ସବ୍‌ସିଡ଼ି ବାବଦରେ ବାର୍ଷିକ ୩୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା । ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବା ବ୍ୟବସ୍ଥା କାର୍ଯ୍ୟକାରି କରିବା ଯୋଗୁ ବାର୍ଷିକ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା । ପରିଶେଷରେ କିଛି ବିଚାର ବିମର୍ଷ ନକରି ସରକାରୀ କର୍ମଚାରୀଙ୍କ ଅବସରଗ୍ରହଣ ସୀମା ହଠାତ୍ ୫୮ ବର୍ଷରୁ ୫୫ ବର୍ଷକୁ କମାଇ ଦେବା ଫଳରେ ୪୫ହଜାର କର୍ମଚାରୀ ଅବସର ନେଲେ ଏବଂ ରାଜ କୋଷରୁ ୧୪୦ କୋଟି ଟଙ୍କା ବ୍ୟୟହେଲା ।

ଶାସନ ଭାର ଗ୍ରହଣ କରିବା ପରେ ପରିଣତ ବୟସ୍କ ଚିନ୍ତା ନକରି ବା ସଂପୃକ୍ତ ମନ୍ତ୍ରଣାଳୟ ସହ ପରାମର୍ଶ ନକରି ବିଭିନ୍ନ ନିର୍ଦ୍ଦେଶ ଦେବାକୁ ଲାଗିଲେ । କାହାକୁ କିଛି ନପଚାରି ସେ କ୍ଷୀର ଦାମ ବଢ଼ାଇ ଦେବାରୁ ପ୍ରବଳ ପ୍ରତିକ୍ରିୟା ହେଲା ଏବଂ ତାହାର ୭୨ ଘଣ୍ଟା ଭିତରେ ତାଙ୍କୁ ପୁଣି ଦାମ କମାଇବାକୁ ପଡ଼ିଲା । ତିରୁପତି ମନ୍ଦିରରେ ବଳକା ୩୦ କୋଟି ଟଙ୍କା ରାଜ୍ୟ ରାଜକୋଷରେ ଜମା କରିବାକୁ ସେ କାହା ସହିତ ପରାମର୍ଶ ନକରି ନିର୍ଦ୍ଦେଶ ଦେଇ ଦେଲେ ।

ଦୁର୍ନୀତି ଦୂର କରିବାକୁ ପ୍ରତିଜ୍ଞା କରିଥିବା ମୁଖ୍ୟମନ୍ତ୍ରୀଙ୍କ ପୁଅ ଏକ ସଙ୍କୀର୍ଣ୍ଣ ଜାଗାରେ ଯେପରି ଦ୍ୱିତଳ ସିନେମା ଗୃହ କରିପାରିବେ ସେଥିପାଇଁ ଆଇନର ଆବଶ୍ୟକ ସଂଶୋଧନ କରାଗଲା ଏବଂ ରାଜ୍ୟ ସଚିବାଳୟ କର୍ମଚାରୀ ମାନଙ୍କ ସହ ବିଭିନ୍ନ ଇସୁରେ ତେଲୁଗୁ ଦେଶମ ମୁକାବିଲା କଲା । ଏହା ବ୍ୟତିତ ନିଜକୁ ପ୍ରଶାସନର ଯମ ବୋଲି ଅଭିହିତ କରି ସେ ମନ ଇଚ୍ଛା ଉଚ୍ଚ ଅଫିସର ମାନଙ୍କୁ ବଦଳି କରିବାକୁ ଲାଗିଲେ ଏବଂ ଏଥିପାଇଁ ଦଳର କର୍ମକର୍ତ୍ତା ମାନେ ଉତ୍କୋଚ ମଧ୍ୟ ନେଉଥିବାର ଅଭିଯୋଗ ହେଲା । ଏହାଫଳରେ ଶାସନରେ ମୂଳରୁ ବ୍ୟୁରୋକ୍ରାସି ବା ଅମଲାତନ୍ତ୍ର ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟ କରିବା ଆରମ୍ଭ କରିଦେଲେ ।

ଏଣେ ରାଜଧାନୀ ଓ ବିଭିନ୍ନ ସହରାଞ୍ଚଳରେ ରାମାରାଓଙ୍କ ବିରୁଦ୍ଧରେ ଜନମତ କ୍ରମଶଃ ବୃଦ୍ଧି ପାଉଥିବା ବେଳେ ଗ୍ରାମାଞ୍ଚଳରେ ତାଙ୍କର ପ୍ରଭାବ ବଢ଼ି ଚାଲିଥିଲା । କମ୍ୟୁନିଷ୍ଟ ଆନ୍ଦୋଳନ ବେଳେ କମ୍ୟୁନିଷ୍ଟ ମାନେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମ ସୀମିତ ରଖିଥିଲେ । କିନ୍ତୁ ତେଲୁଗୁ ଦେଶମ୍ ସମଗ୍ର ରାଜ୍ୟର ସତେଇଶ ହଜାର ଗ୍ରାମରେ ନିଜର କାର୍ଯ୍ୟ ବିସ୍ତାର କଲା । ଏହାକୁ ସଫଳ କରିବା ପାଇଁ ନିର୍ବାଚନ ପରେ ପରେ ସେ ୨୦୦ ବିଧାୟକ ଏବଂ ପରାସ୍ତ ହୋଇଥିବା ୯୪ ଜଣ ତେଲୁଗୁ ଦେଶମ ପ୍ରାର୍ଥୀଙ୍କୁ ଗାଁ ଗହଳିକୁ ଯାଇଁ ଦଳର କାର୍ଯ୍ୟକ୍ରମ ବୁଝାଇବାକୁ ମୁତୟନ କଲେ ଏବଂ ସେ ନିଜେ ମଧ୍ୟ ସବୁ ଗାଁ ବୁଲିଲେ ଏମ ଏଲ ଏ ମାନେ ଭୋଟରମାନଙ୍କୁ ଭେଟି ଯେଉଁ ସବୁ ରିପୋର୍ଟ ଦେଉଥିଲେ ତାହା ପ୍ରତ୍ୟେକ ଜିଲ୍ଲାରେ ଏକ ତିନିଜଣିଆ କମିଟି ଦ୍ୱାରା ଯାଞ୍ଚ କରାଯାଉଥିଲା ଏବଂ ସର୍ବଶେଷରେ ରାଜ୍ୟ ସ୍ତରରେ ମଧ୍ୟ ଏହାର ପର୍ଯ୍ୟାଲୋଚନା ହେଉଥିଲା

ଏହିଭଳି ଭାବେ ଗାଁ ଗହଳରେ ଲୋକପ୍ରିୟ ହେବା ପରେ ରାଜନୈତିକଅଭିଜ୍ଞତା ହୀନ ରାମାରାଓ ହଠାତ୍ କେନ୍ଦ୍ର ସହିତ ବିବାଦ ଆରମ୍ଭ କରିଦେଲେ ।

ବିରୋଧୀ ଦଳ ମାନଙ୍କର ପ୍ରଥମ ବୈଠକ ସେ ମେ ମାସ ୩୧ ତାରିଖ ଦିନ ବିଜୟୱାଡ଼ାରେ ଡାକିବା ପରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବିରୋଧୀ ଶକ୍ତି ସହ ନିଜକୁ ସାମିଲ କଲେ ଏବଂ ଏହା ପରେ ପରେ ଦିଲ୍ଲୀ ଓ ଶ୍ରୀନଗରରେ ହୋଇଥିବା ଅନ୍ୟ ଦୁଇଟି ବିରୋଧୀ ଦଳ ନେତା ସମ୍ମିଳନୀରେ ସେ ପ୍ରମୁଖ ଅଂଶ ଗ୍ରହଣ କଲେ ।

ଏହା ସାଙ୍ଗକୁ ରାଜ୍ୟ ବିଧାନ ପରିଷଦକୁ ଭାଙ୍ଗିବା ଆଦି କେତେକ ଘଟଣା ଯୋଗୁ କେନ୍ଦ୍ର ସରକାର ଓ ରାଜ୍ୟସରକାରଙ୍କ ମଧ୍ୟରେ ସମ୍ପର୍କ କ୍ରମେ ତିକ୍ତ ହେବାକୁ ଲାଗିଲା ।

ଏହି ଭଳି ଏକ ଶୀତଳ ଯୁଦ୍ଧବେଳେ ଶ୍ରୀ ରାଓ ଆମେରିକାକୁ ଚିକିତ୍ସା ନିମନ୍ତେ ଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ନିଜର ନିର୍ବାଚନ ମଣ୍ଡଳୀ ମେଦାକ ଗସ୍ତରେ ଯାଇଥିଲେ । ଶ୍ରୀ ରାଓ ତାଙ୍କ ଅନୁପସ୍ଥିତିରେ ରାଜ୍ୟର ଶାସନମୁଖ୍ୟ କିଏ ହେବ ତାହା ନିର୍ଣ୍ଣୟ କରାଯାଇ ନଥିବାରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ତାଙ୍କ ସହିତ ରାଜ୍ୟର ଚିଫ୍ ସେକ୍ରେଟେରି ଶ୍ରୀ ଶ୍ରବଣ କୁମାର ରାଜ୍ୟ ମନ୍ତ୍ରୀମଣ୍ଡଳର ସଭ୍ୟ ମାନଙ୍କୁ ପରିଚିତ କରାଇଥିଲେ । ଲୋକପ୍ରିୟ ସରକାର ଥିବା କୌଣସି ରାଜ୍ୟରେ ପୂର୍ବରୁ କେବେ ଏପରି ଅବସ୍ଥା ସୃଷ୍ଟି ହୋଇ ନଥିଲା ।

ଜୁଲାଇ ୨୦ ତାରିଖ ଦିନ ହାଇଦ୍ରାବାଦରେ ସାମ୍ପ୍ରଦାୟିକ ଦଙ୍ଗା ଚାଲିଥିବା ବେଳେ ମଧ୍ୟ ରାଜ୍ୟ ପ୍ରଶାସନକୁ କୌଣସି ରାଜନୈତିକ ଦିଗ୍‌ଦର୍ଶନ ଦିଆଯାଇ ପାରିନଥିଲା ଏବଂ ପ୍ରସଙ୍ଗ କ୍ରମେ ବାଧ୍ୟ ହୋଇ ଶ୍ରୀ ଭାସ୍କର ରାଓ ରାଜ୍ୟ ମନ୍ତ୍ରୀମଣ୍ଡଳର ଏକ ଅଣ ଆନୁଷ୍ଠାନିକ ବୈଠକ ଡକାଇ

Images: Aptakama Mishra, Processing: Srujanika

କଣ କରାଯିବା ଉଚିତ ସେ ବିଷୟରେ ସମସ୍ତଙ୍କର ମତାମତ ଲୋଡ଼ିଥିଲେ । ଶ୍ରୀ ରାମାରାଓଙ୍କ ଅନୁପସ୍ଥିତିରେ ଚିଫ୍ ସେକ୍ରେଟେରୀ କାର୍ଯ୍ୟତଃ ମୁଖ୍ୟମନ୍ତ୍ରୀ ରୂପେ ଶାସନ କରୁଥିଲେ ଏବଂ ଉକ୍ତ ବିଧ୍ୱସ୍ତ ଅଞ୍ଚଳକୁ କୌଣସି ମନ୍ତ୍ରୀଙ୍କୁ ଯିବାକୁ ସୁଯୋଗ ଦେଇ ନଥିଲେ । ଭାସ୍କର ରାଓ ଅବଶ୍ୟ ଚିଫ ସେକ୍ରେଟେରୀଙ୍କ ଆପତ୍ତିକୁ ଭ୍ରୂକ୍ଷେପ ନକରି ଉପଦ୍ରୁତ ଅଞ୍ଚଳ ପରିଦର୍ଶନ କରିଥିଲେ । ଶ୍ରୀ ରାମାରାଓ ହାଇଦ୍ରାବାଦକୁ ଫେରିବାପରେ ଶ୍ରୀ ଭାସ୍କର ରାଓ ରାଜ୍ୟ ଚିଫ୍ ସେକ୍ରେଟେରୀଙ୍କ ଦୌରାତ୍ମ୍ୟ ବିଷୟରେ ଏକ ଲମ୍ବା ଚିଠି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଲେଖିଥିଲେ ।

କିନ୍ତୁ ଏ ଚିଠିରେ ଥିବା ଅଭିଯୋଗର ତଦନ୍ତ କରିବା ପରିବର୍ତ୍ତେ ଶ୍ରୀ ଭାସ୍କର ରାଓଙ୍କୁ ବରଖାସ୍ତ କରିବାକୁ ଶ୍ରୀ ରାମାରାଓ ରାଜ୍ୟପାଳଙ୍କୁ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଭାଲେ ଭାସ୍କର ରାଓ ତାଙ୍କ ଆସ୍ଥାନ ଦୃଢ଼ କରିଦେଇଥିବେ ବୋଲି ଭୟ କରି ହିଁ ମୁଖ୍ୟମନ୍ତ୍ରୀ ଏଭଳି କାର୍ଯ୍ୟାନୁଷ୍ଠାନ କରିଥିଲେ ।

ତରତର ହେବାକୁ ପଡ଼ିଗଲା

ମୁଖ୍ୟମନ୍ତ୍ରୀଙ୍କ ଏଭଳି ଢଙ୍ଗର କାର୍ଯ୍ୟରେ ଉତ୍କ୍ଷିପ୍ତ ହୋଇ ଶ୍ରୀ ଭାସ୍କର ରାଓ ହଠାତ୍ ବିଦ୍ରୋହ ଘୋଷଣା କଲେ ଏବଂ ଅଗଷ୍ଟ ୧୫ ତାରିଖରେ ସମାନ୍ତରାଳ ତେଲୁଗୁ ଦେଶମ ଗଠନ କରି ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ନିଜର ଦାବୀ ସାବ୍ୟସ୍ତ କଲେ । ଏହାପୂର୍ବରୁ କଂଗ୍ରେସ ଦଳ ନେତାମାନଙ୍କ ସହ ଆଲୋଚନା କଲାବେଳେ ତାଙ୍କୁ ଆଉ କିଛି ଦିନ ଅପେକ୍ଷା କରିବାକୁ ସ୍ଥାନୀୟ କଂଗ୍ରେସ ନେତା ମାନେ ପରାମର୍ଶ ଅବଶ୍ୟ ଦେଇଥିଲେ । କିନ୍ତୁ ଅଧିକ ଦିନ ଅପେକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋତେ ତଳତଳାନ୍ତ କରିଦେବେ ବୋଲି ଶ୍ରୀ ଭାସ୍କର ରାଓ ଭାବିବାରୁ ତାଙ୍କୁ ଏ କାର୍ଯ୍ୟରେ ବାଧ୍ୟ ହୋଇ ଦଳ ପକ୍ଷରୁ ପ୍ରୋତ୍ସାହନ ଦିଆଗଲା । କିନ୍ତୁ ରାମା ରାଓଙ୍କ ଉପରେ ଶ୍ରୀମତୀ ଗାନ୍ଧୀଙ୍କ ପରିବାର ଅତିମାତ୍ରାରେ କ୍ଷୁବ୍ଧ ହୋଇଥିବାରୁ ଏବଂ ଶ୍ରୀ ରାଜୀବଙ୍କ ପରାମର୍ଶଦାତାମାନେ କାଶ୍ମୀର ଘଟଣାରେ ଅତ୍ୟନ୍ତ ଉତ୍ସାହିତ ହୋଇଥିବାରୁ ତୁରନ୍ତ ଆନ୍ଧ୍ରରେ କିଛି ଗୋଟାଏ କରି ବାହାବା ନେବାକୁ ଆଗେଇ ଆସିଲେ ଏବଂ ଏହାହିଁ ତାଙ୍କପାଇଁ ଶେଷରେ କାଳ ହେଲା ।

ରାଜ୍ୟପାଳ ଶ୍ରୀ ରାମଲାଲ ଉପରୁ ନିର୍ଦ୍ଦେଶ ପାଇ ନିଜ ବିଚାର ବୁଦ୍ଧି ପ୍ରୟୋଗ ନ କରି ରାମାରାଓଙ୍କୁ ବରଖାସ୍ତ କଲେ ଏବଂ ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ କଲେ ।

ଏହାପରେ ଆରମ୍ଭ ହେଲା ଆନ୍ଧ୍ରରେ ରାଜନୈତିକ ପ୍ରଳୟ । ଶ୍ରୀ ଭାସ୍କର ରାଓଙ୍କୁ ଏକ ମାସ ଭିତରେ ନିଜର ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବାକୁ କୁହାଯାଇ ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିରୋଧୀ ଦଳମାନେ ଅପେକ୍ଷା ନ କରି ତାହା ପୂର୍ବରୁ ଶ୍ରୀ ଭାସ୍କର ରାଓଙ୍କୁ ବହିଷ୍କାର କରାଯାଉ ବୋଲି ଦାବୀ କରି ହାଇଦ୍ରାବାଦରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଆଡ଼େ ହୁଲସ୍ଥୁଲ କଲେ ଏବଂ ଆନ୍ଧ୍ର ଘଟଣା ସବୁ ବିରୋଧୀ ଦଳଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାର ଏକ ଅପୂର୍ବ ସୁଯୋଗ ସୃଷ୍ଟି କଲା ।

ଶ୍ରୀ ଭାସ୍କର ରାଓଙ୍କ ମନ୍ତ୍ରୀମଣ୍ଡଳରେ ଆନ୍ଧ୍ର ବିଧାନ ସଭାର ବାଚସ୍ପତି ଓ ଉପବାଚସ୍ପତି ଯୋଗ ଦେବାପରେ ଶ୍ରୀ ରାମା ରାଓ ଅଧିକ ସତର୍କ ହୋଇଗଲେ ଏବଂ ତାଙ୍କ ସମର୍ଥକ ମାନଙ୍କୁ ପ୍ରତିପକ୍ଷଙ୍କ ପ୍ରଭାବରୁ ମୁକ୍ତ ରଖିବାପାଇଁ ସିନେମା କୌଶଳରେ ଗୋଟିଏ ସ୍ଥାନରେ ସୁରକ୍ଷିତ କରି ରଖିଲେ ଫଳରେ ଶ୍ରୀ ଭାସ୍କର ରାଓ ଅଧିକ ବିଧାୟକଙ୍କୁ ହାତ କରିବାରେ ବିଫଳ ହେଲେ ।

କଂଗ୍ରେସର ଲାଭ କଣ ହେଲା

ଡକ୍ଟର ଶଙ୍କର ଦୟାଲ ଶର୍ମା ସେଠାରେ ଶ୍ରୀ ରାମାରାଓଙ୍କୁ ମୁଖ୍ୟମନ୍ତ୍ରୀ ନକରି ରାଷ୍ଟ୍ରପତି ଶାସନ ଜାରି କରିଥିଲେ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ଏହି ସମସ୍ୟାକୁ କେନ୍ଦ୍ର କରି ବିରୋଧୀ ଦଳ ମାନେ ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲୁରଖି ଏକ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରି ରଖିଥାନ୍ତେ ଏବଂ ଏହା କଂଗ୍ରେସ ଦଳ ପାଇଁ ଅସୁବିଧା ଜନକ ହୋଇଥାନ୍ତା । କିନ୍ତୁ ରାମା ରାଓଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପରେ ସେ ଅବସ୍ଥାର ପ୍ରତିକାର କରାଯାଇ ପାରିଲା ଏବଂ ତା ଦ୍ୱାରା କେତେ ଦିନ ବିରୋଧୀ ଦଳ ବିଜୟୋତ୍ସବ ପାଳନ କଲେ ମଧ୍ୟ ଲୋକସଭା ନିର୍ବାଚନ ବେଳକୁ ଲୋକେ ଏ ବିଷୟ ଭୁଲି ଯାଇଥିବେ ବୋଲି ଆଶା କରାଯାଇ ପାରେ ।

ଦ୍ୱିତୀୟତଃ ଆନ୍ଧ୍ରରେ ତେଲୁଗୁ ଦେଶର ଯେଉଁ ଶକ୍ତିଶାଳୀ ଦୁର୍ଗ ଥିଲା ସେ ଦଳର ବିଭାଜନ ପରେ ତାହା ଭାଙ୍ଗି ଗଲା ଏବଂ କଂଗ୍ରେସ ଦଳ ଏହି ବିବାଦରୁ ନିଜର ଫାଇଦା ଉଠାଇବା ପାଇଁ ଅଦମ୍ୟ ଚେଷ୍ଟା କରିବ ।

ଶ୍ରୀ ଭାସ୍କର ରାଓଙ୍କୁ କେନ୍ଦ୍ର କରି ଏବେ ଯେଉଁ ତେଲୁଗୁ ଦେଶମ ହୋଇଛି ତାହାକୁ ବ୍ୟବହାର କରି କଂଗ୍ରେସ ଦଳ ଲୋକସଭା ନିର୍ବାଚନରେ ନିଜର ସ୍ଥିତି ଠିକଣା କରିବାକୁ ମଧ୍ୟ ଚେଷ୍ଟା କରିବେ ଏବଂ କେନ୍ଦ୍ର ସହ ମୁକାବିଲା କଲେ ପରିଣତି କଣ ହୁଏ ତାହା ମଧ୍ୟ ଶ୍ରୀ ରାମାରାଓ ଉପଲବ୍ଧି କରି ଏଣିକି ସଂଯତ ହେବାକୁ ଚେଷ୍ଟା କରିବେ । □

କଟକ ଲୋକସଭା ସଦସ୍ୟାଙ୍କ ବିରୁଦ୍ଧରେ ସଦର ସରପଞ୍ଚମାନଙ୍କ ବିଦ୍ରୋହ

ତାଙ୍କର କୌଣସି ସଭା ସମିତିକୁ ନ ଯିବା ପାଇଁ ଏକ ବୈଠକରେ ସେମାନଙ୍କର ଶପଥ ଗ୍ରହଣ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

କଟକ ସଦର ବିଧାନ ସଭା ନିର୍ବାଚନ ମଣ୍ଡଳୀର ଦୁଇ ଚେୟାରମ୍ୟାନ ଓ କଂଗ୍ରେସ୍ ସରପଞ୍ଚମାନେ ସ୍ଥାନୀୟ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ କୌଣସି ସଭାସମିତିରେ ସହଯୋଗ ନ କରିବା ଲାଗି ଶପଥ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଅବଶ୍ୟ ସେମାନେ ଏ ଶପଥକୁ ଦୀର୍ଘଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାର ସମ୍ଭାବନା ନାହିଁ ତଥାପି ନେତ୍ରୀଙ୍କ ବିରୁଦ୍ଧରେ ସେମାନଙ୍କର ବିରକ୍ତି ଏଥିରୁ ସ୍ପଷ୍ଟ ।

ଘଟଣାର ବିବରଣୀରୁ ଜଣାଯାଇଛି ଯେ କିଛିଦିନ ତଳେ ସ୍ଥାନୀୟ ବିଧାନସଭା ସଦସ୍ୟଙ୍କ ସହ ପରାମର୍ଶ ନକରି ଅନ୍ୟଜଣେ ଆଶାପ୍ରାର୍ଥୀଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଶ୍ରୀମତୀ ପଟ୍ଟନାୟକ ରାଜି ହୋଇଯାଇଥିଲେ । କିନ୍ତୁ ଉକ୍ତ ସଭାକୁ ନଯିବା ନିମନ୍ତେ ଶ୍ରୀମତୀ ପଟ୍ଟନାୟକଙ୍କୁ ପ୍ରବର୍ତ୍ତାଇବାକୁ ଦଳେ ସରପଞ୍ଚଙ୍କୁ ସ୍ଥାନୀୟ ବିଧାନ ସଭା ସଦସ୍ୟ ଗାଡ଼ିକରି ଭୁବନେଶ୍ୱର ପଠାଇଥିଲେ । ତଦନୁସାରେ ସେହିଦିନ ସେମାନେ ଶ୍ରୀମତୀ ପଟ୍ଟନାୟକଙ୍କୁ ଦେଖା କରିବା ପାଇଁ ରାତି ୯ଟାରୁ ମୁଖ୍ୟମନ୍ତ୍ରୀଙ୍କ ବାସ ଭବନରେ ଧାରଣା ଦେଇଥିଲେ । କିନ୍ତୁ ଭୋର ୩ଟା ପର୍ଯ୍ୟନ୍ତ ଧାରଣା ଦେବାପରେ ମଧ୍ୟ ଶ୍ରୀମତୀ ପଟ୍ଟନାୟକଙ୍କ ସହିତ ସେମାନଙ୍କର ସାକ୍ଷାତ ହେଲା ନାହିଁ । ଅଥଚ ଅନ୍ୟାନ୍ୟ ସାଧାରଣ ଲୋକଙ୍କୁ ଶ୍ରୀମତୀ ପଟ୍ଟନାୟକ ସେହି ସମୟ ଭିତରେ ସାକ୍ଷାତ ଦେଉଥିଲେ ।

ଏ ଘଟଣାରେ ଅତ୍ୟନ୍ତ ଉତ୍କ୍ଷିପ୍ତ ହୋଇ ପ୍ରତ୍ୟାବର୍ତ୍ତନ କଲାବେଳେ ଫୁଲନଖରା ଠାରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ବା ପାର୍ଲାମେଣ୍ଟ ସଦସ୍ୟାଙ୍କ କୌଣସି କାର୍ଯ୍ୟକ୍ରମରେ ସେମାନେ ଯୋଗନ ଦେବାକୁ ଶପଥ କରିଛନ୍ତି । ଏହି ଶପଥ ଗ୍ରହଣବେଳେ ଦୁଇ ବ୍ଲକର ଚେୟାରମ୍ୟାନ ମଧ୍ୟ ଉପସ୍ଥିତ ଥିଲେ । □

Images: Aptakama Mishra, Processing: Srujanika

ରାଜ୍ୟ ଜଳସେଚନ ମନ୍ତ୍ରୀଙ୍କ ବେନାମୀ ବ୍ୟବସାୟ

ୟୁନାଇଟେଡ୍ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ଼କୁ ଲକ୍ଷାଧିକ ଟଙ୍କାର ଅନୁକମ୍ପା ପ୍ରଦର୍ଶନ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ରାଜ୍ୟ ଜଳସେଚନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ କେବଳ ବଟି ଆଦାୟ କରିବାରେ ସନ୍ତୁଷ୍ଟ ନ ହୋଇ ଏକାଧିକ ବେନାମୀ ସଂସ୍ଥା ଜରିଆରେ ନିଜେ ବିଭିନ୍ନ ବ୍ୟବସାୟ ଆରମ୍ଭ କରିଦେଇଥିବା ଏବେ ବିଭିନ୍ନ ସୂତ୍ରରୁ ଜଣାଯାଇଛି ।

ଶ୍ରୀ ଅରବିନ୍ଦଙ୍କ ନାମରେ ନାମିତ ଏକ ସଂସ୍ଥା ଜରିଆରେ ତାଙ୍କର ଜଣେ ଆତ୍ମୀୟ ରାଜ୍ୟ ସରକାରଙ୍କୁ ବିଭିନ୍ନ ଦ୍ରବ୍ୟ ଯୋଗାଇ ପ୍ରାୟ ବର୍ଷକ ଭିତରେ ୫୦ ଲକ୍ଷ ଟଙ୍କାର ଫାଇଦା ଉଠାଇଥିବା ସରକାରୀ ମହଲରେ ଚର୍ଚ୍ଚା ହେଉଛି ।

କୁଆଁରିଆ ପ୍ରୋଜେକ୍ଟର ଏକ ସ୍ପିଲୱେ କରିବା ପାଇଁ ୟୁନାଇଟେଡ୍ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ଼ ନାମକ ଏକ ନିର୍ମାଣ ସଂସ୍ଥା ଠିକା ନେଇଥିଲେ କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସେ କାମ ସାରି ପାରିଲେ ନାହିଁ । ଏ ଅବସ୍ଥାରେ ସ୍ୱାଭାବିକଭାବେ ଉକ୍ତ ସଂସ୍ଥା ଉପରେ ଜୋରିମାନା ହେବା ପରିବର୍ତ୍ତେ ତାଙ୍କୁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଦିଆଯାଇ ସେ ଠିକା ଚୁକ୍ତି ସମ୍ପୂର୍ଣ୍ଣ କରାଯାଇଛି । ଏବଂ ସେହି ସ୍ପିଲୱେର ବଳକା କାମ ଅନ୍ୟ ଜଣେ ଠିକାଦାରଙ୍କୁ ଦିଆଯାଇଛି ।

ଅନ୍ୟ ଦିଗରେ ଯୁକ୍ତିଯୁକ୍ତ କାରଣ ଯୋଗୁ ଯେଉଁଠି ୧୯୭୦ ମସିହାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ପଡ଼ିରହିଛି ସେ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ନିଷ୍ପତ୍ତି ନିଆଯାଇ ନାହିଁ । ଫଳରେ ସେଠାରେ କାର୍ଯ୍ୟ ବ୍ୟାହତ ହେବା ସଙ୍ଗେ ସଙ୍ଗେ ନିର୍ମାଣ ଖର୍ଚ୍ଚ ମଧ୍ୟ ଆନୁପାତିକ ଭାବେ ବଢ଼ି ଚାଲିଛି । □

କାଗଜ ମଣ୍ଡରୁ ବିଭିନ୍ନ ଦ୍ରବ୍ୟ ତିଆରି

କାଗଜମଣ୍ଡରୁ ଅଣ୍ଡା ରଖା ଟ୍ରେ ବା ସେହିଭଳି ଦ୍ରବ୍ୟ ତିଆରି କରିବା ପାଇଁ ଆବଶ୍ୟକ କାରଖାନା ବିଶ୍ୱର ମାତ୍ର ଦୁଇଟି ଦେଶ ତିଆରି କରିବାକୁ ସକ୍ଷମ ହୋଇଛି ।

'କୋଚିନ୍‌ର ଶ୍ରୀ ଆର ଭି ଥାମ୍ପନ୍ ନାମକ ଜଣେ ଉଦ୍ଭାବକ ସେହି ମେସିନ୍ ଆମ ଦେଶରୁ ମିଳୁଥିବା ସାମଗ୍ରୀକୁ ନେଇ ତିଆରି କରିଛନ୍ତି ଏବଂ ଏହା ଫଳରେ କୋଟି କୋଟି ଟଙ୍କା ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ସଞ୍ଚୟ କରାଯାଇ ପାରିବ ।

ଏହି କାରଖାନାରେ ରଦ୍ଦି କାଗଜକୁ ମଣ୍ଡରେ ପରିଣତ କରାଯିବ ଏବଂ ସେହି ମଣ୍ଡରୁ ଉପରୋକ୍ତ ସାମଗ୍ରୀ ସବୁ ପ୍ରସ୍ତୁତ ହେବ । ଫଳରେ ପ୍ୟାକିଂ ପେଟି ପାଇଁ ଆଉ କାଠ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ।

ହିମାଚଳ ପ୍ରଦେଶ ସରକାରଙ୍କ ପକ୍ଷରୁ ସେଠାରେ କାଠ କେଶ ପରିବର୍ତ୍ତେ କାଗଜ ମଣ୍ଡରୁ କେଶ ତିଆରି କରିବା ପାଇଁ ଇତି ମଧ୍ୟରେ କାରଖାନା ବସାଯାଇ ସାରିଲାଣି । □

ବେଶ୍ୟା ପଡ଼ାରେ କଂଗ୍ରେସ ଛାତ୍ରଙ୍କ ଉତ୍ପାତ

ନାଗପୁରଠାରେ ଅନୁଷ୍ଠିତ ହେଉଥିବା କଂଗ୍ରେସ ଦଳର ଜାତୀୟ ଯୁବ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା କେତେକ ପ୍ରତିନିଧି ସେଠାକାର ବେଶ୍ୟା ପଡ଼ାରେ ଉତ୍ପାତ କରିବାରୁ ଅନ୍ତେବାସୀ ମାନେ ଦୁଇ ଦିନ ପାଇଁ ସେମାନଙ୍କ ବ୍ୟବସାୟ ବନ୍ଦ କରି ଦେଇଥିଲେ ବୋଲି ସମ୍ବାଦ ମିଳିଛି ।

ଅବସ୍ଥା ଏପରି ଅସମ୍ଭାଳ ହେଲା ଯେ ସେ ଅଞ୍ଚଳକୁ ପ୍ରତିନିଧି ବର୍ଗଙ୍କ କବଳରୁ ରକ୍ଷା କରିବା ପାଇଁ ପୋଲିସକୁ ପ୍ରହରୀରକ୍ଷା ଘେର କରିବାକୁ ପଡ଼ିଲା ।

ସେହି ଅଞ୍ଚଳ 'ଗଙ୍ଗା ଯମୁନା' ନାମରେ କୁଖ୍ୟାତ । ସେହି ଅଞ୍ଚଳର ଅନ୍ତେବାସୀଙ୍କ ସଂଗଠନ ଆମ୍ରପାଲୀ ପକ୍ଷରୁ କୁମାରୀ ଶାନ୍ତା ବାଇ ଅଭିଯୋଗ କରିଛନ୍ତି କି ଯୁବ ସମ୍ମିଳନୀ ଆରମ୍ଭ ହେବା ପରଦିନ ରାତିରେ ପ୍ରାୟ ଏକ ହଜାର ପ୍ରତିନିଧି ସେ ଅଞ୍ଚଳରେ ପହଞ୍ଚି ଥିଲେ ଏବଂ ସେମାନେ ସକାଳେ ସେ ଅଞ୍ଚଳ ଛାଡ଼ିଥିଲେ । ରାତିକର ଦୌରାତ୍ମ୍ୟରେ ସବୁ ମହଲା । ତା ପର ଦୁଇ ଦିନ ବ୍ୟବସାୟ ବନ୍ଦ କରିଦେଲେ । □

(ଟାଇମସ୍ ଅଫ ଇଣ୍ଡିଆ)

କଟକ ଭୁବନେଶ୍ୱର ମ୍ୟୁନିସିପାଲିଟି ଅତିଶୀଘ୍ର କର୍ପୋରେସନ ହେବ

(ନିଜ ପ୍ରତିନିଧିଙ୍କ ଠାରୁ)

କଟକ ଓ ଭୁବନେଶ୍ୱର ମ୍ୟୁନିସିପାଲିଟି ଦ୍ୱୟକୁ ଅତିଶୀଘ୍ର କର୍ପୋରେସନରେ ପରିଣତ କରିବା ନିମନ୍ତେ ରାଜ୍ୟ ସହରାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜ ପତ୍ର କାମ ଶେଷ ହୋଇଥିବା ଖବର ମିଳିଛି ।

ମଝିରେ କୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ନହେଲେ ଜାନୁଆରୀ ପହିଲାରୁ ଏହା କାର୍ଯ୍ୟକାରୀ ହେବ ଏବଂ ଉଭୟ ସ୍ଥାନରେ ରାଜ୍ୟ ସରକାରଙ୍କ ପକ୍ଷରୁ କର୍ପୋରେସନର ମେୟର ଓ ଅନ୍ୟାନ୍ୟ ସଭ୍ୟ ମାନଙ୍କୁ ମନୋନୀତ କରାଯିବ । ମନୋନୀତ କର୍ପୋରେସନ କାର୍ଯ୍ୟ କରିବା ଅବସ୍ଥାରେ ନିର୍ବାଚନ କରାଯିବ ବୋଲି ଆପାତତଃ ସ୍ଥିର ହୋଇଛି । □

Images: Aptakama Mishra, Processing: Srujanika

ଥର ମରୁଭୂମିରେ ଜୀବଜଗତ

ଦିଗନ୍ତ ବିସ୍ତାରିତ ବାଲୁକାମୟ ଥର ମରୁଭୂମି ଆଜି ଜୀବଜଗତ ନିମନ୍ତେ ନୈରାଶ୍ୟ କିମ୍ବା ଯନ୍ତ୍ରଣାଦାୟକ କ୍ଷେତ୍ର ନ ହୋଇ ପ୍ରାଣୀଜଗତ ବଞ୍ଚିବା ନିମନ୍ତେ ଉପଯୁକ୍ତ ବୋଲି ପ୍ରମାଣିତ ହୋଇଅଛି ।

ସାହାରା, କାଲାହାରୀ, ଆଟାକାମା ଏବଂ ଗୋବି ପ୍ରଭୃତି ପୃଥିବୀର ଅନ୍ୟାନ୍ୟ ମରୁଭୂମି ତୁଳନାରେ ଭାରତର ଥର ମରୁଭୂମିରେ ସବୁଠାରୁ ବେଶୀ ଜନବସତି, ପ୍ରାଣୀ ଏବଂ ବୃକ୍ଷଲତା ପରିଲକ୍ଷିତ ହୁଏ । ରାଜସ୍ଥାନ ଉପରେ ପତିତ ହେଉଥିବା ସୌର ରଶ୍ମିକୁ ଯଦି କୌଣସି ପ୍ରକାରେ କାର୍ଯ୍ୟରେ ଲଗାଯାଇ ପାରନ୍ତା ତା ହେଲେ ଆମ ପୃଥିବୀର ସମସ୍ତ ଶକ୍ତି ଆବଶ୍ୟକତା ଅକ୍ଲେଶରେ ପୂରଣ ହୋଇପାରନ୍ତା ବୋଲି ବୈଜ୍ଞାନିକମାନେ ମତ ବ୍ୟକ୍ତ କରନ୍ତି ।

ଆମ ଦେଶର ସମଗ୍ର ଭୌଗଳିକ ଅଞ୍ଚଳର ଶତକଡ଼ା ୧୨ ଭାଗ କିମ୍ବା ପ୍ରାୟ ୩୨ ଲକ୍ଷ ବର୍ଗ କିଲୋମିଟର ଶୁଷ୍କ ଅଞ୍ଚଳର ପରିସରଭୁକ୍ତ । ବିସ୍ତୃତ ବିଶାଳ ବାଲୁକା ପ୍ରାନ୍ତର ସ୍ଥାନେ ସ୍ଥାନେ ବାଲୁକାମୟ ପାହାଡ଼ ଏବଂ ଅଗଣିତ ତରଙ୍ଗାୟିତ ବାଲୁକା ସ୍ତୂପର ଥର ମରୁଭୂମି ପରିପୂର୍ଣ୍ଣ ରାଜସ୍ଥାନର ୧୧ଟି ପଶ୍ଚିମାଞ୍ଚଳ ଜିଲ୍ଲା ବ୍ୟତୀତ ଗୁଜରାଟ ଏବଂ ହରିଆନା ରାଜ୍ୟ ଗୁଡ଼ିକରେ ମଧ୍ୟ ଥର ମରୁଭୂମି ବିସ୍ତାର ଲାଭ କରିଅଛି । ଆହୁରି ମଧ୍ୟ ଉତ୍ତର ପାର୍ଶ୍ୱରେ ବରଫାଚ୍ଛନ୍ନ ହିମାଳୟ ପର୍ବତକୁ ଲାଗି ୯୦,୦୦୦ ବର୍ଗକିଲୋମିଟର ବିସ୍ତୃତ ଆଉ ଗୋଟିଏ ଶୀତଳ ମରୁଭୂମି ରହିଅଛି ।

ବାଲୁକାମୟ ଥର ମରୁଭୂମିରେ ପ୍ରାୟ ୧ କୋଟି ୯୦ ଲକ୍ଷ ଲୋକ ବାସ କରନ୍ତି । ମରୁଭୂମି ଗୁଡ଼ିକ ମଧ୍ୟରୁ ଥର ଭୂମିରେ ଜନସଂଖ୍ୟାର ଘନତା ସବୁଠାରୁ ବେଶୀ । ଅର୍ଥାତ୍ ଏହାର ପ୍ରତି ବର୍ଗକିଲୋମିଟରରେ ୬୧ ଜଣ ଲୋକ ବସବାସ କରୁଥିବା ସ୍ଥଳେ ଅନ୍ୟ ମରୁଭୂମି ମାନଙ୍କରେ ବର୍ଗକିଲୋମିଟର ପ୍ରତି ଜନବସତି ସଂଖ୍ୟା ହେଉଛି ମାତ୍ର ୩ । ଥର ମରୁଭୂମିରେ ମାନବ ସଂଖ୍ୟା ଯେ କେବଳ ବୃଦ୍ଧି ପାଉଛି ତାହା ନୁହେଁ ଗୃହପାଳିତ ପ୍ରାଣୀ ସମ୍ପଦର ମଧ୍ୟ ସଂଖ୍ୟା ବୃଦ୍ଧି ହୋଇଛି । ୧୯୫୧ ମସିହାରେ ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ୧କୋଟି ୨ଲକ୍ଷ ୭୦ ହଜାର ଥିବା ସ୍ଥଳେ ତାହା ବୃଦ୍ଧି ପାଇ ସଂପ୍ରତି ୨ କୋଟି ୩୦ ଲକ୍ଷ ହୋଇଛି ।

ପ୍ରତିବର୍ଷ ଅଧ ମାଇଲ ବଢୁଛି

ଥର ମରୁଭୂମି ପୂର୍ବାଞ୍ଚଳ ଆଡ଼କୁ ଅର୍ଦ୍ଧ ବୃତ୍ତ ଆକାରରେ ପ୍ରତି ବର୍ଷ ଅଧ-ମାଇଲ ହିସାବ ବିସ୍ତାର ଲାଭ କରୁଅଛି ବୋଲି ୧୯୫୦ ମସିହାରେ ହୋଇଥିବା ଏକ କଳନାରୁ ଜଣାଯାଏ । ତେଣୁ ଉକ୍ତ ଶୁଷ୍କ ଅଞ୍ଚଳର ତୁରନ୍ତ ବୈଜ୍ଞାନିକ ପରିକଳ୍ପନା ପାଇଁ ଜାତୀୟ ବିଜ୍ଞାନ ଏକାଡ଼େମୀ ପକ୍ଷରୁ ଗୁରୁତ୍ୱ ଆରୋପ କରାଯାଇଛି । ଏହା ସଙ୍ଗେ ସଙ୍ଗେ ୟୁନେସ୍କୋ ପରାମର୍ଶଦାତା କମିଟିର ସୁପାରିଶକ୍ରମେ ଭାରତ ସରକାର ୧୯୫୨ ମସିହାରେ ଯୋଧପୁରଠାରେ ଏକ ଶୁଷ୍କାଞ୍ଚଳ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏହି କେନ୍ଦ୍ର କ୍ରମେ ବିକାଶ ଲାଭ କରି ୧୯୫୯ ମସିହା କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା ପ୍ରତିଷ୍ଠାନ (କଜ୍ରି)ରେ ପରିଣତ ହୋଇଛି । ବିଶ୍ୱର ଉଷ୍ଣ ମରୁଭୂମି ଉପରେ ଗବେଷଣାରତ ଅଗ୍ରଣୀ ଅନୁଷ୍ଠାନମାନଙ୍କ ମଧ୍ୟରୁ ଏହା ଅନ୍ୟତମ ଦ୍ରୁତ ବିସ୍ତାର ଲାଭ କରୁଥିବା ବାଲୁକା ପାହାଡ଼ର ବିସ୍ତାରଶୀଳ ପ୍ରବୃତ୍ତିକୁ ସ୍ଥିର ରଖିବା ପାଇଁ ଏହି ଅନୁଷ୍ଠାନ ତରଫରୁ ପ୍ରଥମ ପଦକ୍ଷେପ ନିଆଯାଇ ସଫଳତା ହାସଲ କରାଯାଇ ପାରିଛି । ମରୁଭୂମିରେ ସେଲଟର ବେଲଟ୍‌ର ବ୍ୟବସ୍ଥା କରାଗଲା ଏବଂ ମରୁଭୂମିରେ ବଞ୍ଚି ପାରୁଥିବା ବୃକ୍ଷଲତା ରୋପଣ କରାଯାଇ ପ୍ରଥମେ ବାଲୁକା ସ୍ତୂପ ନିରୋଧ ନିମନ୍ତେ ବ୍ୟବସ୍ଥା କରାଗଲା ଏହା ଫଳରେ ପବନର ଅମାନିଆ ଗତି ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ଏହାର ବେଗ ମଧ୍ୟ ହ୍ରାସ ପାଇଲା ମୃତ୍ତିକା କ୍ଷୟ କମିଗଲା ଏବଂ ସୂର୍ଯ୍ୟ କିରଣ ଦ୍ୱାରା ଭୂମିରୁ ଜଳୀୟ ଅଂଶର ବାଷ୍ପୀୟକରଣ ହାର ମଧ୍ୟ ହ୍ରାସ ପାଇଲା । ଏହି ପଦ୍ଧତି ବ୍ୟୟସାପେକ୍ଷ୍ୟ ନୁହେଁ । ମାତ୍ର ୭୭୦ ଟଙ୍କାରେ ପ୍ରତି ହେକ୍‌ଟର ଜମିରେ ଏହି ପଦ୍ଧତି ଦ୍ୱାରା ମରୁଭୂମିର ବୃଦ୍ଧିକୁ ବନ୍ଦ କରାଯାଇଛି । ପାହାଡ଼ିଆ ବାଲୁକାରାଶିର ବିସ୍ତାରକୁ ପ୍ରତିରୋଧ କରିବା ଦ୍ୱାରା କୃଷି ଜମି ଗୁଡ଼ିକର ଉର୍ବରତା ବୃଦ୍ଧି ପାଉଛି ।

ସାଙ୍ଗ୍ର ମରୁଭୂମିର ବିସ୍ତାର ପ୍ରବୃତ୍ତିକୁ କେବଳ ଯେ ଆୟତ୍ତ କରି ପାରିଛି ତାହା ନୁହେଁ । ମରୁଭୂମି ବାସିନ୍ଦାଙ୍କର ଅର୍ଥନୈତିକ ସମୃଦ୍ଧି ଦିଗରେ ମଧ୍ୟ ଏହା ବିଶେଷ ସହାୟକ ହୋଇଅଛି । ମରୁଭୂମିର ବିଭିନ୍ନ ଭାଗର ମୃତ୍ତିକାର ପ୍ରକାର ଭେଦ ନେଇ ଏହା ଖଜୁରୀ, ପିଜୁଳି, ଆତ, ଡାଳମ୍ବ ଓ ମଲବେରୀ ପ୍ରଭୃତି ବୃକ୍ଷ ରୋପଣ କରୁଅଛି । ଥର ମରୁଭୂମିରେ କେତେକ ତୈଳ ବୀଜ ମଧ୍ୟ କୃଷି କରାଗଲାଣି । ଏତଦ୍‌ବ୍ୟତୀତ ବିଭିନ୍ନ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବା ଇଉକାଲିପଟାସ ଗଛ ମଧ୍ୟ ମରୁଭୂମିରେ ରୋପଣ କରାଯାଉଛି । ଥର ମରୁଭୂମିରେ ବସବାସ କରୁଥିବା ପ୍ରାଣୀଗୁଡ଼ିକ ବିଷୟରେ ମଧ୍ୟ ଗଭୀର ଅଧ୍ୟୟନ ହେବା ବାଞ୍ଛନୀୟ । ପୁଗଲ, ଚୋକଲା, ଏବଂ ଜୋଇସାଲମେରୀ ଆଦି କିଛି ସଙ୍କର ମେଣ୍ଢା ମଧ୍ୟ ଥର ମରୁଭୂମିରେ ଦେଖିବାକୁ ମିଳେ । ଉକ୍ତ ମେଣ୍ଢାମାନଙ୍କରୁ ମିଳୁଥିବା ପଶମର ଯେପରି ମାନ ଏବଂ ପରିମାଣ—ବୃଦ୍ଧି ପାଇ ପାରିବ ସେଥିପାଇଁ ସାଙ୍ଗ୍ର ପକ୍ଷରୁ ଗବେଷଣା କରାଯାଉଛି । ଆହୁରି ମଧ୍ୟ 'ପର୍ବତସାର'

Images: Aptakama Mishra, Processing: Srujanika

ନାମରେ ଏକ ଦୁଧିଆଳ ମେଣ୍ଢା ଥର ମରୁଭୂମିରେ ଦେଖାଯାଏ । ମରୁଭୂମିର ଜାହାଜ କୁହାଯାଉଥିବା ଓଟ ପଶୁ ଏବଂ ବନ୍ୟଗଧ ମଧ୍ୟ ବୈଜ୍ଞାନିକମାନଙ୍କ ଗବେଷଣାଗାର ପରିସର ଭୁକ୍ତ ହୋଇଅଛି । ଶୁଷ୍କ ଜମିରେ ଚାଷ କରିବାର କାରିଗରୀ କୌଶଳ ଜନସାଧାରଣଙ୍କୁ ଶିକ୍ଷା ଦିଆଯାଉଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ମଧ୍ୟରୁ ୨୦୦ କୃଷି ପରିବାରଙ୍କର 'ସାମଗ୍ରିକ ଉନ୍ନତି' କାର୍ଯ୍ୟ ସରକାର ହାତକୁ ନେଇଛନ୍ତି । ଚାଷ ଜମି ପରିଚାଳନା ଏବଂ ସିଞ୍ଚନ ଜଳ ସେଚନ ଆଦି ଉନ୍ନୟନମୂଳକ କାର୍ଯ୍ୟରେ ସେମାନେ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ରୀୟ ଶୁଷ୍କ ଅଞ୍ଚଳ ଯୋଜନା ଦ୍ୱାରା ଗ୍ରହଣ କରାଯାଇଥିବା କେତେକ ବୈଷୟିକ କୌଶଳ ଦ୍ୱାରା ମରୁଭୂମିର କୃଷକ ସମ୍ପ୍ରଦାୟ ଯେପରି ଉପକୃତ ହୋଇ ପାରିବେ ସେଥିପାଇଁ ସମସ୍ତ ଉଦ୍ୟମ ଜାରି ରହିଛି । ସୌର-ରଶ୍ମି ଗ୍ରହଣକାରୀ ବିଭିନ୍ନ ଯନ୍ତ୍ରପାତି ପ୍ରସ୍ତୁତ କରିବା ପାଇଁ ଏହି ସଂସ୍ଥା ଗବେଷଣା ଚଳାଇଛନ୍ତି । କେତେକ କ୍ଷେତ୍ରରେ ସେମାନେ ସଫଳତା ହାସଲ କରିଛନ୍ତି ଫଳରେ ସେମାନେ ସୌର ଶକ୍ତିରୁ ଜାତ ଜଳ ଗରମକାରୀ ଯନ୍ତ୍ର, ସୋଲାର ଷ୍ଟିମ କୁକର, ସୋଲାର ଡ୍ରାୟର ଆଦି ଯନ୍ତ୍ରପାତି ତିଆରି କରି ପାରନ୍ତି ।

ଆଜି ଥର ମରୁଭୂମିର ଉତ୍ତପ୍ତ ବାଲୁକା ରାଶି କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା ସଂସ୍ଥାର ବୈଜ୍ଞାନିକଙ୍କ ମନରେ ଭୀତି ସଞ୍ଚାର କରିବାରେ ଅକ୍ଷମ । ଚଳି

• ଆରବ ଦେଶ, ଇରାନ, ଇରାକ, ତାଞ୍ଜାନିଆ ବାତାର ନାଇଜେରିଆ ଏବଂ ଫିଲିପାଇନ ପ୍ରଭୃତି ଦେଶ ଗୁଡ଼ିକରେ ଥିବା କ୍ଷୁଦ୍ର ଏବଂ ବୃହତ ମରୁଭୂମି ଗୁଡ଼ିକ ନିୟନ୍ତ୍ରଣାଧୀନ କରିବା ପାଇଁ ସେମାନେ ଆଜି ଏହି ସଂସ୍ଥାର ପରାମର୍ଶ ନିମନ୍ତେ ପ୍ରୟାସୀ । ଏହି ସଂସ୍ଥାର ବୈଜ୍ଞାନିକଙ୍କ ନିକଟରେ ବିଶାଳ ଥର ମରୁଭୂମି ଆଜି ଅପରାଜିତ ଶତ୍ରୁ ରୂପେ ଦଣ୍ଡାୟମାନ ହୋଇନାହିଁ ସେ ଆଜି ବଶ୍ୟତା ସ୍ୱୀକାର କରିଛି ଏବଂ ମରୁଭୂମିବାସୀଙ୍କ ସେବାରେ ନିୟୋଜିତ ହେଉଛି । ପୁରୁଷ ପୁରୁଷ ଧରି କଷ୍ଟ ସ୍ୱୀକାର କରି ବଞ୍ଚି ଆସିଥିବା ମରୁଭୂମି ବାସିନ୍ଦାମାନେ ଆଜି ସୁଖମୟ ଜୀବନ ଯାପନ କରି ଅତୀତର କଷ୍ଟମୟ ଓ ବିଷାଦପୂର୍ଣ୍ଣ ଜୀବନକୁ ମନରୁ ପାଶୋରି ଦେଇଛନ୍ତି । □

ଛାତ୍ରଛାତ୍ରୀଙ୍କ ଶିକ୍ଷା ତ୍ୟାଗ

ଭାରତରେ ପ୍ରାୟ ଶତକଡ଼ା ୬୫ ଭାଗ ଛାତ୍ରଛାତ୍ରୀ ପ୍ରତିବର୍ଷ ନିଜର ପାଠ୍ୟ ସମାପ୍ତ କରିବା ପୂର୍ବରୁ ବିଦ୍ୟାଳୟ ତ୍ୟାଗ କରୁଛନ୍ତି ।

ଏହି ବିଦ୍ୟାଳୟ ତ୍ୟାଗର ହାର ପ୍ରଥମରୁ ୮ମ ଶ୍ରେଣୀ ମଧ୍ୟରେ କେରଳରେ ସର୍ବନିମ୍ନ ଅର୍ଥାତ ଶତକଡ଼ା ୧୪ ଭାଗ । କିନ୍ତୁ ଆମ ଓଡ଼ିଶାରେ ଏହାର ପରିମାଣ ଶତକଡ଼ା ୮୩.୫ ଭାଗ । ଅବଶ୍ୟ ବିହାର ଅବସ୍ଥା ଓଡ଼ିଶାଠୁ ଟିକିଏ ଅଧିକ ଖରାପ ।

ସମସ୍ତ ଦେଶର ପରିସଂଖ୍ୟାନକୁ ହିସାବ କଲେ ଭାରତରେ ଏହି ପ୍ରଥମରୁ ନବମ ଶ୍ରେଣୀ ମଧ୍ୟରେ ବିଦ୍ୟାଳୟ ତ୍ୟାଗୀଙ୍କ ସଂଖ୍ୟା ଶତକଡ଼ା ୮୩.୭ ଭାଗ । ପ୍ରଥମରୁ ୮ମ ଶ୍ରେଣୀ ମଧ୍ୟରେ ଶତକଡ଼ା ୭୭.୭ ଭାଗ ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଶତକଡ଼ା ୫୧.୮ ଭାଗ ।

ଯେଉଁ କ୍ଷେତ୍ରରେ ପିଲା ଭଲଭାବେ ଲେଖି ପଢ଼ିବା ଅବସ୍ଥାକୁ ଆସିବା ପୂର୍ବରୁ ବିଦ୍ୟାଳୟରୁ ତ୍ୟାଗ କରେ ତାକୁ ବୈଷୟିକ ଭାଷାରେ ଓ୍ୱେଷ୍ଟେଜ ବା ଶିକ୍ଷାନଷ୍ଟ ବୋଲି ଅଭିହିତ କରାଯାଏ । ସେହିଭଳି ଯେଉଁମାନେ ଅଧା ପଢ଼ୁଆ ଭାବେ ଲେଖିପଢ଼ି ପାରିବା ଅବସ୍ଥାରେ ବିଦ୍ୟାଳୟ ତ୍ୟାଗ କରନ୍ତି ସେମାନଙ୍କ ପକ୍ଷେ ପରବର୍ତ୍ତୀ କେତେ ବର୍ଷ ମଧ୍ୟରେ ତା ସମ୍ପୂର୍ଣ୍ଣ ଭୁଲିଯିବାର ଆଶଙ୍କା ଥାଏ ସେମାନଙ୍କୁ ମଧ୍ୟ ଶିକ୍ଷା-ନଷ୍ଟ ଶ୍ରେଣୀ ଭୁକ୍ତ କରାଯାଏ । ସ୍ଥାୟୀ ଭାବରେ ପାଠ ପଢ଼ି ପାରିବା ଭଳି ଜ୍ଞାନ ଆହରଣ କରିବାକୁ ଅତି କମ୍‌ରେ ଜଣେ ଛାତ୍ର ବା ଛାତ୍ରୀ ୫ ବର୍ଷ ସ୍କୁଲରେ ପଢ଼ିବା ଉଚିତ ବୋଲି ବିଶେଷଜ୍ଞମାନଙ୍କ ମତ ।

ଦେଶ ସ୍ୱାଧୀନ ହେବା ପରେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ଏବଂ ଦେଶରେ ସାକ୍ଷରତା ମଧ୍ୟ ତଦନୁପାତରେ ବୃଦ୍ଧି ପାଉଛି । ଏହାସତ୍ତ୍ୱେ ଦେଶରେ ଯେପରି ସାମଗ୍ରିକ ଭାବେ ଶିକ୍ଷାବିସ୍ତାର ହେବା କଥା ତାହା ହୋଇ ପାରୁନାହିଁ ।

ଶିକ୍ଷା ବିସ୍ତାର ତଥା ଦେଶର ସାକ୍ଷରତା ବୃଦ୍ଧି ପାଇଁ ଏକାଧିକ କମିଶନ ଯେତେ ସବୁ ପରାମର୍ଶ ବା ପ୍ରସ୍ତାବ ଦେଇଛନ୍ତି ତାହା କେବଳ ଅଳିଆ ଗଦାର କାଗଜ ହୋଇ ରହିଥିବାରୁ ଏ କ୍ଷେତ୍ରରେ ଆବଶ୍ୟକୀୟ ଅଗ୍ରଗତି ହୋଇ ପାରୁନାହିଁ ।

ପିଲାମାନେ ବିଦ୍ୟାଳୟ ତ୍ୟାଗ କରିବାର ମୁଖ୍ୟ କାରଣ ହେଉଛି ସେମାନଙ୍କ ପରିବାରର ଆର୍ଥିକ ଦୁର୍ଗତି । ପିଲାଟିକୁ ୯ ବା ଦଶ ବର୍ଷ ହୋଇଗଲେ ସେ କିଛି ରୋଜଗାର କରି ବାପ ମାଙ୍କୁ ସାହାଯ୍ୟ କରିବା ଅବସ୍ଥାକୁ ଆସିଯାଉଥିବାରୁ ତାର ପଢ଼ା ପ୍ରତି ପିତାମାତା ସହନଶୀଳ ହେଉ ନାହାନ୍ତି । ଏହାର ପ୍ରତିକାର ସ୍ୱରୂପ ସାକ୍ଷରତା ଶ୍ରେଣୀ ପ୍ରବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି । କିନ୍ତୁ ତାହା ମଧ୍ୟ କେବଳ କାଗଜ କଲମରେ ସୀମିତ ରହିଛି । ପିଲାମାନଙ୍କୁ ଦୈନିକ ଅଧଘଣ୍ଟାରୁ ଦୁଇଘଣ୍ଟା ପର୍ଯ୍ୟନ୍ତ ଶିକ୍ଷା ଦେଲେ ସେମାନେ ମୂର୍ଖ ହୋଇ ରହିବେ ନାହିଁ ବୋଲି ଶିକ୍ଷାକମିଶନ ପରାମର୍ଶ ଦେଇଥିଲେ । କିନ୍ତୁ ବିଭିନ୍ନ ରାଜ୍ୟରେ ଏଥିପାଇଁ ଆନ୍ତରିକତାର ସହିତ କାର୍ଯ୍ୟ ହେଉନାହିଁ ବୋଲି ଅଭିଯୋଗ ହେଉଛି ।

କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତାଙ୍କର ବାର୍ଷିକ ରିପୋର୍ଟରେ ଦେଶରୁ ବିଦ୍ୟାଳୟ ତ୍ୟାଗୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମାଇବାକୁ 'ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କାହାକୁ ଫେଲ ନକରିବାକୁ' ଏକ ଶିକ୍ଷକ ବିଶିଷ୍ଟ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଦୁଇ ଶିକ୍ଷକ ବିଶିଷ୍ଟ ସ୍କୁଲରେ ପରିଣତ କରିବାକୁ ଏବଂ ଅଣ ଅନୁଷ୍ଠାନିକ ଶିକ୍ଷା ପ୍ରବର୍ତ୍ତନ କରିବାକୁ ବିଭିନ୍ନ ରାଜ୍ୟସରକାର ମାନଙ୍କୁ ପରାମର୍ଶ ଦେଇଛନ୍ତି । କିନ୍ତୁ ଆୟ କରିବା ପାଇଁ ବ୍ୟସ୍ତଥିବା ରାଜନୈତିକ ନେତୃତ୍ୱ ଶିକ୍ଷା ବିସ୍ତାର ପାଇଁ ସଚେତନ ହେବାର ସମ୍ଭାବନା ନାହିଁ କହିଲେ ଚଳେ । (ୟୁ ଏନ ଆଇ) □

Images: Aptakama Mishra, Processing: Srujanika

ମରଣୋତ୍ତର ଜାଲିଆତି

ଡା ଜିତେନ୍ଦ୍ର କୁମାର ବଳବନ୍ତରାୟ

ମୃତ୍ୟୁ ପରେ ମଧ୍ୟ ନିଜ ଶତ୍ରୁଙ୍କ ଉପରେ ଦାଉ ସାଧିବାକୁ ଜଣେ ବ୍ୟକ୍ତି ତାର ଶବକୁ ଗଛରେ ଟାଙ୍ଗି ଦେଇ ଆକାରେ ବ୍ୟବସ୍ଥା ଦେବାକୁ ନିଜ ପୁଅକୁ ମୃତ୍ୟୁପୂର୍ବରୁ ଉପଦେଶ ଦେଇଥିଲେ ବୋଲି ଏକ ପ୍ରବାଦ ଅଛି । ଏହା ଏକ ପ୍ରବାଦ ହେଲେ ବି ଏମିତି ଅନେକ ଜାଲିଆତି ମୃତ ବ୍ୟକ୍ତି ଉପରେ କରାଯାଇଥାଏ । ଯେତେ ଯାହା ହେଲେ ବି ଆଧୁନିକ ବିଜ୍ଞାନ ଆଇନକୁ ଧୋକା ଖାଇବାକୁ ଦିଏ ନାହିଁ । ଅବଶେଷରେ ସତ୍ୟ ଉଦ୍‌ଘାଟିତ ହୁଏ । ଏଣୁ ଓ ହୃତାଣ ବାଦୀ ମାନେ ସମ୍ମାନରେ ତନ୍ତ୍ରିତ ପ୍ରବାହ କଲେବି ମରଣୋତ୍ତର ଜାଲିଆତି ଶେଷରେ ଧରାପଡ଼େ । ଅସଂଖ୍ୟ ଜାଲିଆତିର ଏହିଭଳି ଉଦାହରଣ ଦିଆଯାଇପାରେ । ବିଜ୍ଞାନର ଉର୍ଣ୍ଣିମ ବଜାୟଥିବା ଲୋକମାନେ ଦାର୍ଢ୍ୟ ଦୁର୍ଜ୍ଞାନତା ବଶତଃ କେବେ କେବେ ଧୋକା ପାଇ ଯାଆନ୍ତି । ସାମାଜିକ ନ୍ୟାୟ ପଥଭ୍ରଷ୍ଟ ହୋଇଯାଏ । ଜଣେ ବୈଜ୍ଞାନିକର ଭୂମିକା ଏହି ପରିପ୍ରେକ୍ଷୀରେ ଖୁବ ଗୁରୁତ୍ୱପୂର୍ଣ୍ଣ । ମୃତ୍ୟୁର ରଙ୍ଗ ବଦଳାଇବା ପାଇଁ ଜାଲିଆତିର ଉଦ୍ୟମ ଯେପରି ହୋଇଥାଏ, କେତେକ ସ୍ୱାଭାବିକ ପ୍ରକ୍ରିୟା ମଧ୍ୟ ଜାଲିଆତିର ରଙ୍ଗ ଭଳି ଦେଖାଯାଇଥାଏ । ଅନୁରୂପ ଅନେକ ଜଣା ଅଜଣା ପରିସ୍ଥିତି ସ୍ୱାଭାବିକ ମୃତ୍ୟୁକୁ ସନ୍ଦେହ ପୂର୍ଣ୍ଣ କରି ପକାଇଥାଏ । ଆଇନଜୀବୀ, ଡାକ୍ତର ଓ ଜନସାଧାରଣ ଏ କ୍ଷେତ୍ରରେ ସଚେତନ ହେବା ଅତ୍ୟାବଶ୍ୟକ । ଏ ସଂକ୍ରାନ୍ତର ସମ୍ପୃକ୍ତ ଡାକ୍ତରଙ୍କ ମତାମତ କେବଳ ଲେଖା ବା କଥୋପକଥନରେ ପର୍ଯ୍ୟବେକ୍ଷିତ ନ ହୋଇ ତଥ୍ୟ ପୂର୍ଣ୍ଣ ହେବା ଆବଶ୍ୟକ । ରଙ୍ଗିନ ଫଟୋଗ୍ରାଫି ନିଦାନ ତଥ୍ୟ ଏକତ୍ରରେ ରାସାୟନିକ ପରୀକ୍ଷା ସୁପର ଇମ୍ପୋଜିସନ୍ ଫଟୋଗ୍ରାଫୀ ଆଦି ଅନେକ ସମ୍ବଳମାନ ବିଚାରାଳୟରେ ଉପସ୍ଥାପନ କଲେ ଆଇନ୍ ହାତରୁ କେହି ଖସି ପାରିବେ ନାହିଁ । ଅଧିକନ୍ତୁ ସ୍ୱନ ରାଜନୀତି, ଶିଷ୍ଟ ମନାଇ ଗୋଷ୍ଠୀର ଚକ୍ରାନ୍ତର ବହୁ ଊର୍ଦ୍ଧ୍ୱରେ ରହି ଆଇନ୍‌କୁ ଠିକ୍ ବାଟରେ ନେଇହେବ । ମୃତ୍ୟୁର କାରଣ ବୋଲି ଭ୍ରମ ସୃଷ୍ଟି କରୁଥିବା କେତେକ ଘଟଣା କ୍ରମ୍‌ରେ ଆଲୋଚନା କରାଗଲା ।

(କ) ମୃତ୍ୟୁ ଓ ଶବ ବ୍ୟବଚ୍ଛେଦ ବ୍ୟବଧାନ ମଧ୍ୟରେ କେତେକ ଘଟଣା ସମୂହ :

୧- ଶ୍ୱାସନଳୀ ଅବରୁଦ୍ଧ :

ଶବ ବ୍ୟବଚ୍ଛେଦରୁ ଶ୍ୱାସ ନଳୀରେ ଖାଦ୍ୟାଂଶ ବା ସେହିଭଳି ପଦାର୍ଥ ଦେଖି ମୃତ୍ୟୁ ଶ୍ୱାସ ଅବରୋଧ ଯୋଗୁଁ ଘଟିଛି ବୋଲି ବିଶ୍ୱାସ କରାଯାଇଥାଏ । କେତେକ ସ୍ୱାଭାବିକ ମୃତ୍ୟୁରେ କିମ୍ବା ଶ୍ୱାସ ଅବରୁଦ୍ଧତା ବଶତଃ ମୃତ୍ୟୁ ଅବସରରେ ପାକସ୍ଥଳୀରୁ ଖାଦ୍ୟ ଉଦ୍‌ବେଳନ ଘଟି ଶ୍ୱାସନଳୀକୁ ଚାଲି ଆସିଥାଏ । ଯାହା ପ୍ରକୃତରେ ଅବରୁଦ୍ଧତାର କାରଣ ନୁହେଁ ।

୨- ରୋଗୀର ମୃତ୍ୟୁର ଠିକ୍ ଅବ୍ୟବହିତ ପୂର୍ବରୁ କିମ୍ବା ମୃତ୍ୟୁର ପରେ ରୋଗୀକୁ ବଞ୍ଚାଇବାର ବହୁଳ ଚେଷ୍ଟା କରାଯାଇଥାଏ । ଯଥା କୃତ୍ରିମ ଶ୍ୱାସ ସୃଷ୍ଟି ପୂର୍ବକ ହୃତପିଣ୍ଡ ସଞ୍ଚାଳନ ପାଇଁ ଓ ରେସ୍ପିରେଟର ସାହାଯ୍ୟରେ ଚାପ ପ୍ରୟୋଗ ପୂର୍ବକ ନିଶ୍ୱାସ ପ୍ରଶ୍ୱାସ ଫେରାଇ ଆଣିବା ପାଇଁ ଚେଷ୍ଟା କଲାବେଳେ ଛାତିରେ କେତୋଟି ପଞ୍ଜରା ହାଡ଼ ଭାଙ୍ଗି ଯାଇପାରେ । ଫୁସ୍ ଫୁସରେ ଫୋଟକା ହୋଇପାରେ କିମ୍ବା ବେକରେ କ୍ଷତ ଚିହ୍ନ ରହିପାରେ, ଏହି ସବୁକୁ ଆଘାତ ପ୍ରତିଆଘାତ, ତଣ୍ଟିଚିପା ଆଦିରୁ ଘଟିଛି ବୋଲି ଭ୍ରମ ହୋଇଥାଏ । ମାତ୍ର ଉପଯୁକ୍ତ ପରୀକ୍ଷା ଏ ଭ୍ରମ କରିପାରେ ।

୩- ମୃତ ବ୍ୟକ୍ତିକୁ ଶବବ୍ୟବଚ୍ଛେଦ ଗୃହକୁ ଆଣିବା ସମୟରେ ତା ଦେହରେ ଆଘାତ ସୃଷ୍ଟି ହୋଇଥାଏ, କେତେକ ଅସ୍ଥି ବି ଭାଙ୍ଗି ପାରିଥାଏ । ସେଗୁଡ଼ିକ ଠିକ୍ ଭାବରେ ନିରୀକ୍ଷଣ ନକଲେ ମତାମତ ଭୁଲ ହୋଇଯାଏ ।

୪- ଯେଉଁ ବ୍ୟକ୍ତି ପୋଡ଼ିହୋଇ ମରିଥାଏ କିମ୍ବା ଅତ୍ୟଧିକ ଉତ୍ତାପର ସମ୍ମୁଖୀନ ହୋଇଥାଏ ତା'ର ମାଂସ ପେଶୀରେ ଚାପଯୋଗୁ କ୍ଷତ ସୃଷ୍ଟି ହୁଏ । ମସ୍ତିଷ୍କରେ ରକ୍ତ ଜମାଟ, ଦଉଡ଼ି ଦେବା ଚିହ୍ନ ଭଳି ବେକରେ ଚିହ୍ନ ବି ଦେଖାଯାଇଥାଏ । ଚିକିତ୍ସା ସମୟରେ ଅସାବଧାନତା ବଶତଃ ଫୁସ୍ ଫୁସ୍ ଧମନୀରେ ତୈଳଜାତୀୟ ପଦାର୍ଥ ବି ସୃଷ୍ଟି ପୂର୍ବକ ରୋଗୀର ମୃତ୍ୟୁ ସମ ତୈଳ ଜାତୀୟ ପଦାର୍ଥ ବି ସୃଷ୍ଟି ହୁଏ । ଏ ସବୁର ସତର୍କ ବିଚାର ଓ ପ୍ରମାଣ ନ ରଖିଲେ ହୁଏତ ଆଇନ୍ ଓ ବିଜ୍ଞାନ ଧୋକା ଖାଇଯାଏ ।

୫- ବେଳେବେଳେ ଅଜଣା ବ୍ୟକ୍ତିର ଶବଟିରେ ହାତ, ଗୋଡ଼,ବେକ ଖଣ୍ଡାରେ କାଟି ହେବାଭଳି ଦେଖାଯାଏ । ଦେହସାରା ବିଭିନ୍ନ ଅଙ୍ଗରେ କ୍ଷତ ଚିହ୍ନ ବି ଥାଏ । ମୂଷା, ବରାଡ଼ି, କୁକୁର, ଗଧିଆ, ମାନଙ୍କ ଦ୍ୱାରା ତତ୍‌ଜନ୍ୟ କ୍ଷତ ବି ସଂଗଠିତ ହୋଇଥାଏ । ଏହି ମାଂସାଶୀ ପ୍ରାଣୀମାନଙ୍କ ଦ୍ୱାରା ସୃଷ୍ଟି ଚିହ୍ନ ଓ ମଣିଷକୃତ ଚିହ୍ନର ଯଥେଷ୍ଟ ସାମଞ୍ଜସ୍ୟ ଥିଲେ ବି ଏହାର ପୃଥକୀକରଣ କରାଯାଇ ପାରିବ ।

୬- ମୃତ୍ୟୁ ପରେ ଶବ ଉପରେ ଆଘାତ ବଶତଃ ଶିରାପ୍ରଶିରାରେ କ୍ଷତ ହୋଇ ଅନେକ ସମୟରେ ରକ୍ତସ୍ରାବ ହୋଇଥାଏ ଯାହାକୁ ମୃତ୍ୟୁ ପୂର୍ବର ଘଟଣା ବୋଲି ସନ୍ଦେହ କରାଯାଏ । ଏହାର ବିଚାର ପାଇଁ ଅନେକ ନିର୍ଦ୍ଦିଷ୍ଟ ପଦ୍ଧତି ଅଛି ।

୭- ଶବ ସଢ଼ିଗଲେ ଗୋଟିଏ ଗ୍ୟାସ ସୃଷ୍ଟି ଯୋଗୁଁ ଏହା ମୋଟା ଦେଖାଯାଏ, ଯାହାକୁ ବ୍ୟକ୍ତିର ପ୍ରକୃତ ଚେହେରା ବୋଲି ଭ୍ରମ ଭାବେ ବର୍ଣ୍ଣନା କରାଯାଇଥାଏ ପାଟି ଓ ନାକରୁ ରକ୍ତମିଶା ଲାଳବହେ । ଏହି ମସ୍ତିଷ୍କ କ୍ଷତ ରୂପେ ସନ୍ଦେହ ହୋଇପାରେ । ସଢ଼ା ଶବର ବେକରେ ଦଉଡ଼ି ଦାଗସମ ଦାଗ ସୃଷ୍ଟି ହୋଇଥାଏ । ଯାହାକୁ ଦଉଡ଼ି ଦ୍ୱାରା ହତ୍ୟା ବୋଲି ସନ୍ଦେହ କରାଯାଇଥାଏ । ସଢ଼ା ଶବର ରକ୍ତ ଘନ କୃଷ୍ଣ ଦେଖାଯାଏ । ଏହା ଶ୍ୱାସ ଅବରୁଦ୍ଧ ମୃତ୍ୟୁରେ ବି ହୋଇଥାଏ । ଶବ ପଚିଗଲେ ଫାଟିଯାଏ ଓ ଖାଦ୍ୟ ପଦାର୍ଥ ପେଟ ଭିତରେ ବିକ୍ଷିପ୍ତ ଅବସ୍ଥାରେ ଥାଏ । ଏହାକୁ ପାକସ୍ଥଳୀ ରୋଗ ଯୋଗୁଁ ଫାଟିଛି ବୋଲି ଭ୍ରମ ହେବା ସ୍ୱାଭାବିକ । ପାଚିଥିବା ଶବର ଫୋଟକା ପୋଡ଼ା ଯୋଗୁଁ ହୋଇଛି ବୋଲି ସନ୍ଦେହ ହୋଇଥାଏ । ସଢ଼ା ଶବର ମୁଣ୍ଡର ହାଡ଼ ବି ଫାଟିଯାଏ ଯାହାକୁ ଆଘାତ ଦ୍ୱାରା ସୃଷ୍ଟି ବୋଲି ଭ୍ରମ ହୁଏ ।

(୮) ଅନେକ ସମୟରେ ୨ୟବାର ଶବ ବ୍ୟବଚ୍ଛେଦ ପାଇଁ ମାଟିତଳୁ ଶବ ବାହାର କରାଯାଇଥାଏ । ସେହି ଶବରେ ଫଂଗସ୍ ହୋଇଯାଇଥାଏ ଓ ଫଂଗସ୍ ବାହାର କରିଦେଲେ ମୃତ୍ୟୁ ପୂର୍ବ କ୍ଷତସମ ସେ ସ୍ଥାନଟି ଦେଖାଯାଏ ।

(୯) ଚିକିତ୍ସା ଅବସରରେ ହେଉ କିମ୍ବା ପ୍ରାକୃତିକ ଉପାୟରେ ହେଉ ଶବ ଦେହରେ ଅନେକ ବିଷାକ୍ତ ପଦାର୍ଥ ପ୍ରବେଶ କରିଥାଏ ।

(ଅବଶିଷ୍ଟାଂଶ ୧୪ ପୃଷ୍ଠାରେ)

Images: Aptakama Mishra, Processing: Srujanika

ସେହି ଦୁର୍ଘଟଣାପରେ ତୁମ ଅବସ୍ଥା ଏବେ ଭଲ ଥିବା ଜଣାଯାଉଛି ଚେକ୍‌ଅପ୍ ପାଇଁ ଡାକ୍ତର ଖାନାକୁ ପଠା ଉଛି
କରପୁରର ସେହି ଇଡିଅଟ୍‌ମାନେ ବିନା କାରଣରେ ମୋତେ ଗୁଳି କଲେ
ମୁଁ ଏକ ଭଲ ଓକିଲ ନିଯୁକ୍ତ କରି କେଶ କରିବି
ଅରଣ୍ୟ ପେଟ୍ରୋଲ ...
ଅଭିଯୋଗ କରିବାକୁ ସେନାବାହିନୀ ନେତା
ତୁମେ କରପୁର ସୀମାରେ ଗୁଳି ଖାଇବାପୂର୍ବରୁ କ'ଣ ସବୁ ଅଦ୍ଭୁତ ଜିନିଷ ଦେଖିଥିଲ ?
ବିଶ୍ୱାସଯୋଗ୍ୟ ଅବଶ୍ୟ ନୁହେଁ ତଥାପି ମୁଁ ନିଜ ଆଖିରେ ଦେଖିଛି
ମୁଁ ଏକ ଘୋଟକ ... ଦେଖିଲି
ଏବଂ ଗଛ ଭଳି ଡେଙ୍ଗା ଏକ ରାକ୍ଷସ ...
Sy Barry 3/20
ଅବଶ୍ୟ ହଠାତ ଆଖି ପଡ଼ିଯାଇଥିଲା ଗୁଳି ଫୁଟିବାରୁ ଆମେ ଦୌଡ଼ିଲୁ
ମ୍ୟାକ୍‌କମ୍ବର ତୁମେ ସେମାନଙ୍କୁ ଦେଖିଥିଲ ?
ନା ଘନ ବାଦଲ ଯୋଗୁ କିଛି ଦିଶୁ ନଥିଲା
© 1983 King Features Syndicate, Inc.
ସେମାନେ ଥଟ୍ଟା କରୁଛନ୍ତି କିନ୍ତୁ ପ୍ରକୃତରେ ମୁଁ ଦେଖିଛି
ଠିକ ଅଛି ତୁମେ ତାଙ୍କ ସାଙ୍ଗରେ ଡାକ୍ତରଙ୍କ ପାଖକୁ ଯାଅ ଏବଂ ନିଜ କ୍ଷତ ପରୀକ୍ଷା କରାଇ ନିଅ
ସେହି ଯୋଦ୍ଧାମାନେ କାରପୁର ବିଷୟରେ ଯାହା କହୁଛନ୍ତି ସେ ବିଷୟରେ ତୁମର ମତ କ'ଣ ଗୁରାନ
ବହୁତ କୁହୁଡ଼ି ଯୋଗୁ ସାଧାରଣ ଜିନିଷର ଅସ୍ୱାଭାବିକ ଆକୃତି ଦେଖାଯାଏ ବିଶେଷକରି ଗୁଳିପରେ
ଆସନ୍ତା ଥର କରପୁରରେ

ମରଣୋତ୍ତର ଜାଲିଆତି

ମୃତ୍ୟୁ ପରେ ମଧ୍ୟ ନିଜ ଶତ୍ରୁଙ୍କ ଉପରେ ଦାଉ ସାଧିବାକୁ ଜଣେ ବ୍ୟକ୍ତି ତାଙ୍କ ଶବକୁ ଗଛରେ ଟାଙ୍ଗି ଦେଇ ଥାନାରେ ଡାଏରୀ ଦେବାକୁ ନିଜ ପୁଅକୁ ମୃତ୍ୟୁପୂର୍ବରୁ ଉପଦେଶ ଦେଇଥିଲେ ବୋଲି ଏକ ପ୍ରବାଦ ଅଛି । ଏହା ଏକ ପ୍ରବାଦ ହେଲେ ବି ଏମିତି ଅନେକ ଜାଲିଆତି ମୃତ ବ୍ୟକ୍ତି ଉପରେ କରାଯାଇଥାଏ । ଯେତେ ଯାହା ହେଲେ ବି ଆଧୁନିକ ବିଜ୍ଞାନ ଆଇନକୁ ଧୋକା ଖାଇବାକୁ ଦିଏ ନାହିଁ । ଅବଶେଷରେ ସତ୍ୟ ଉଦଘାଟିତ ହୁଏ । ଏଣୁ ଓ ହୃତାଶ ବାଦୀ ମାନେ ସମ୍ମାନରେ ତଡ଼ିତ ପ୍ରବାହ କଲେବି ମରଣୋତ୍ତର ଜାଲିଆତି ଶେଷରେ ଧରାପଡ଼େ । ଅସଂଖ୍ୟ ଜାଲିଆତିର ଏହିଭଳି ଉଦାହରଣ ଦିଆଯାଇପାରେ । ବିଜ୍ଞାନର ଉନ୍ନତି ମଧ୍ୟ ବଢ଼ାଇଥିବା ଲୋକମାନେ ଦାରିଦ୍ର୍ୟ ଦୃଷ୍ଟାନ୍ତ କାରଣତଃ କେବେ କେବେ ଧୋକାରେ ପାଇ ଯାଆନ୍ତି । ସାମାଜିକ ନ୍ୟାୟ ପଥଭ୍ରଷ୍ଟ ହୋଇଯାଏ । ଜଣେ ବୈଜ୍ଞାନିକର ଭୂମିକା ଏହି ପରିପ୍ରେକ୍ଷୀରେ ଖୁବ ଗୁରୁତ୍ୱପୂର୍ଣ୍ଣ । ମୃତ୍ୟୁର ରଙ୍ଗ ବଦଳାଇବା ପାଇଁ ଜାଲିଆତିର ଉଦ୍ୟମ ଯେପରି ହୋଇଥାଏ, କେତେକ ସ୍ୱାଭାବିକ ପ୍ରକ୍ରିୟା ମଧ୍ୟ ଜାଲିଆତିର ରଙ୍ଗ ଭଳି ଦେଖାଯାଇଥାଏ । ଅନୁରୂପ ଅନେକ ଜଣା ଅଜଣା ପରିସ୍ଥିତି ସ୍ୱାଭାବିକ ମୃତ୍ୟୁକୁ ସନ୍ଦେହ ପୂର୍ଣ୍ଣ କରି ପକାଇଥାଏ । ଆଇନଜୀବି, ଡାକ୍ତର ଓ ଜନସାଧାରଣ ଏ କ୍ଷେତ୍ରରେ ସଚେତନ ହେବା ଅତ୍ୟାବଶ୍ୟକ । ଏ ସଂକ୍ରାନ୍ତରେ ସମ୍ପୃକ୍ତ ଡାକ୍ତରଙ୍କ ମତାମତ କେବଳ ଲେଖା ବା କଥୋପକଥନରେ ପର୍ଯ୍ୟବେକ୍ଷିତ ନ ହୋଇ ତଥ୍ୟ ପୂର୍ଣ୍ଣ ହେବା ଆବଶ୍ୟକ । ରଙ୍ଗିନ ଫଟୋଗ୍ରାଫି ନିଦାନ ତଥ୍ୟ ଏକ୍‌ସରେ ରାସାୟନିକ ପରୀକ୍ଷା ସୁପର ଇମ୍ପୋଜିସନ୍ ଫଟୋଗ୍ରାଫୀ ଆଦି ଅନେକ ସମ୍ବଳମାନ ବିଚାରାଳୟରେ ଉପସ୍ଥାପନ କଲେ ଆଇନ୍ ହାତରୁ କେହି ଖସି ପାରିବେ ନାହିଁ । ଅଧିକନ୍ତୁ ସ୍ୱଳ୍ପ ରାଜନୀତି, ଶିଷ୍ଟ ମନାଇ ଗୋଷ୍ଠୀର ଚକ୍ରାନ୍ତର ବନ୍ଧୁ ଉର୍ଦ୍ଧ୍ୱରେ ରହି ଆଇନ୍‌କୁ ଠିକ୍ ବାଟରେ ନେଇହେବ । ମୃତ୍ୟୁର କାରଣ ବୋଲି ଭ୍ରମ ସୃଷ୍ଟି କରୁଥିବା କେତେକ ଘଟଣା କ୍ରମରେ ଆଲୋଚନା କରାଗଲା ।

(କ) ମୃତ୍ୟୁ ଓ ଶବ ବ୍ୟବଚ୍ଛେଦ ବ୍ୟବଧାନ ମଧ୍ୟରେ କେତେକ ଘଟଣା ସମ୍ବନ୍ଧ

୧- ଶ୍ୱାସନଳୀ ଅବରୁଦ୍ଧ

ଶବ ବ୍ୟବଚ୍ଛେଦରୁ ଶ୍ୱାସ ନଳୀରେ ଖାଦ୍ୟାଂଶ ବା ସେହିଭଳି ପଦାର୍ଥ ଦେଖି ମୃତ୍ୟୁ ଶ୍ୱାସ ଅବରୋଧ ଯୋଗୁଁ ଘଟିଛି ବୋଲି ବିଶ୍ୱାସ କରାଯାଇଥାଏ । କେତେକ ସ୍ୱାଭାବିକ ମୃତ୍ୟୁପରେ କିମ୍ବା ଶ୍ୱାସ ଅବରୁଦ୍ଧତା କାରଣତଃ ମୃତ୍ୟୁ ଅବସରରେ ପାକସ୍ଥଳୀରୁ ଖାଦ୍ୟ ଉଦ୍‌ବେଳନ ଘଟି ଶ୍ୱାସନଳୀକୁ ଚାଲି ଆସିଥାଏ । ଯାହା ପ୍ରକୃତରେ ଅବରୁଦ୍ଧତାର କାରଣ ନୁହେଁ ।

୨- ରୋଗୀର ମୃତ୍ୟୁର ଠିକ୍ ଅବ୍ୟବହିତ ପୂର୍ବରୁ କିମ୍ବା ମୃତ୍ୟୁର ପରେ ରୋଗୀକୁ ବଞ୍ଚାଇବାର ବହୁଳ ଚେଷ୍ଟା କରାଯାଇଥାଏ । ଯଥା ଦୃଢରେ ଷ୍ଟ୍ରୋକ୍ ସୃଷ୍ଟି ପୂର୍ବକ ହୃତପିଣ୍ଡ ସଞ୍ଚାଳନ ପାଇଁ ଓ ରେସ୍ପିରେଟରର ସାହାଯ୍ୟରେ ଷ୍ଟ୍ରୋକ ପ୍ରୟୋଗ ପୂର୍ବକ ନିଶ୍ୱାସ ପ୍ରଶ୍ୱାସ ଫେରାଇ ଆଣିବା ପାଇଁ ଚେଷ୍ଟା କଲାବେଳେ ଛାତିରେ କେତୋଟି ପିଞ୍ଜରା ହାଡ଼ ଭାଙ୍ଗି ଯାଇପାରେ । ଫୁସ୍ ଫୁସରେ ଫୋଟକା ହୋଇପାରେ କିମ୍ବା ବେକରେ କ୍ଷତ ଚିହ୍ନ ରହିପାରେ, ଏହି ସବୁକୁ ଆଘାତ ପ୍ରତିଆଘାତ, ତଣ୍ଟିଚିପା ଆଦିରୁ ଘଟିଛି ବୋଲି ଭ୍ରମ ହୋଇଥାଏ । ମାତ୍ର ଉପଯୁକ୍ତ ପରୀକ୍ଷା ଏ ଭ୍ରମ ଦୂର କରିପାରେ ।

୩- ମୃତ ବ୍ୟକ୍ତିକୁ ଶବବ୍ୟବଚ୍ଛେଦ ଗୃହକୁ ଆଣିବା ସମୟରେ ତା ଦେହରେ ଆଘାତ ସୃଷ୍ଟି ହୋଇଥାଏ, କେତେକ ଅସ୍ଥି ବି ଭାଙ୍ଗି ପାରିଥାଏ । ସେଗୁଡ଼ିକ ଠିକ୍ ଭାବରେ ନିରୀକ୍ଷଣ ନକଲେ ମତାମତ ଭୁଲ ହୋଇଯାଏ ।

୪- ଯେଉଁ ବ୍ୟକ୍ତି ପୋଡ଼ିହୋଇ ମରିଥାଏ କିମ୍ବା ଅତ୍ୟଧିକ ଉତ୍ତାପର ସମ୍ମୁଖୀନ ହୋଇଥାଏ ତା'ର ମାଂସ ପେଶୀରେ ରୂପଯୋଗୁ କ୍ଷତ ସୃଷ୍ଟି ହୁଏ । ମସ୍ତିଷ୍କରେ ରକ୍ତ ଜମାଟ, ଦଉଡ଼ି ଦେବା ଚିହ୍ନ ଭଳି ବେକରେ ଚିହ୍ନ ବି ଦେଖାଯାଇଥାଏ । ଚିକିତ୍ସା ସମୟରେ ଅସାବଧାନତା କାରଣତଃ ଫୁସ୍ ଫୁସ୍ ଧମନୀରେ ତୈଳଜାତୀୟ ପଦାର୍ଥ ବି ସୃଷ୍ଟି ପୂର୍ବକ ରୋଗୀର ମୃତ୍ୟୁ ସମ୍ଭବ ତୈଳ ଜାତୀୟ ପଦାର୍ଥ ବି ସୃଷ୍ଟି ହୁଏ । ଏ ସବୁର ସତର୍କ ବିଚାର ଓ ପ୍ରମାଣ ନ ରଖିଲେ ଉଭୟ ଆଇନ୍ ଓ ବିଜ୍ଞାନ ଧୋକା ଖାଇଯାଏ ।

୫- ବେଳେବେଳେ ଅଜଣା ବ୍ୟକ୍ତିର ଶବଟିରେ ହାତ, ଗୋଡ଼,ବେକ ଖଣ୍ଡାରେ କାଟି ହେବାଭଳି ଦେଖାଯାଏ । ଦେହସାରା ବିଭିନ୍ନ ଆକୃତିର କ୍ଷତ ଚିହ୍ନ ବି ଥାଏ । ମୂଷା, ବିରାଡ଼ି, କୁକୁର, ଗଧିଆ, ମାନଙ୍କ ଦ୍ୱାରା ଉକ୍ତ କ୍ଷତ ବି ସଂଗଠିତ ହୋଇଥାଏ । ଏହି ମାଂସାହାରୀ ପ୍ରାଣୀମାନଙ୍କ ଦ୍ୱାରା ସୃଷ୍ଟି ଚିହ୍ନ ଓ ମଣିଷକୃତ ଚିହ୍ନର ଯଥେଷ୍ଟ ସାମଞ୍ଜସ୍ୟ ଥିଲେ ବି ଏହାର ପୃଥକୀକରଣ କରାଯାଇ ପାରିବ ।

୬- ମୃତ୍ୟୁ ପରେ ଶବ ଉପରେ ଆଘାତ କାରଣତଃ ଶିରାପ୍ରଶିରାରେ କ୍ଷତ ହୋଇ ଅନେକ ସମୟରେ ରକ୍ତସ୍ରାବ ହୋଇଥାଏ ଯାହାକୁ ମୃତ୍ୟୁ ପୂର୍ବର ଘଟଣା ବୋଲି ସନ୍ଦେହ କରାଯାଏ। ଏହାର ବିଚାର ପାଇଁ ଅନେକ ନିର୍ଦ୍ଦିଷ୍ଟ ପଦ୍ଧତି ଅଛି ।

୭- ଶବ ସଢ଼ିଗଲେ ଗୋଟିଏ ଗ୍ୟାସ ସୃଷ୍ଟି ଯୋଗୁଁ ଏହା ମୋଟା ଦେଖାଯାଏ, ଯାହାକୁ ବ୍ୟକ୍ତିର ପ୍ରକୃତ ଚେହେରା ବୋଲି ଭ୍ରମ ଭାବେ ବର୍ଣ୍ଣନା କରାଯାଇ ଥାଏ ପାଟି ଓ ନାକରୁ ରକ୍ତମିଶା ନାଳବହେ । ଏହି ମସ୍ତିଷ୍କ କ୍ଷତ ରୂପେ

ଡା ଜିତେନ୍ଦ୍ର କୁମାର ବଳବନ୍ତରାୟ

ସନ୍ଦେହ ହୋଇପାରେ । ସଢ଼ା ଶବର ବେକରେ କଉଡ଼ି ଦାଗସମ ଦାଗ ସୃଷ୍ଟି ହୋଇଥାଏ । ଯାହାକୁ ଦଉଡ଼ି ଦ୍ୱାରା ହତ୍ୟା ବୋଲି ସନ୍ଦେହ କରାଯାଇଥାଏ । ସଢ଼ା ଶବର ରକ୍ତ ଘନ କୃଷ୍ଣ ଦେଖାଯାଏ । ଏହା ଶ୍ୱାସ ଅବରୁଦ୍ଧ ମୃତ୍ୟୁରେ ବି ହୋଇଥାଏ । ଶବ ପଚିଗଲେ ଫାଟିଯାଏ ଓ ଖାଦ୍ୟ ପଦାର୍ଥ ପେଟ ଭିତରେ ବିକ୍ଷିପ୍ତ ଅବସ୍ଥାରେ ଥାଏ । ଏହାକୁ ପାକସ୍ଥଳୀ ରୋଗ ଯୋଗୁଁ ଫାଟିଛି ବୋଲି ବି ଭ୍ରମ ହେବା ସ୍ୱାଭାବିକ । ପାଚିଥିବା ଶବର ଫୋଟକା ପୋଡ଼ା ଯୋଗୁଁ ହୋଇଛି ବୋଲି ସନ୍ଦେହ ହୋଇଥାଏ । ପଚା ଶବର ମୁଣ୍ଡର ହାଡ଼ ବି ଫାଟିଯାଏ ଯାହାକୁ ଆଘାତ ଦ୍ୱାରା ସୃଷ୍ଟି ବୋଲି ଭ୍ରମ ହୁଏ ।

(୮) ଅନେକ ସମୟରେ ଦ୍ୱିତୀୟବାର ଶବ ବ୍ୟବଚ୍ଛେଦ ପାଇଁ ମାଟିତଳୁ ଶବ ବାହାର କରାଯାଇଥାଏ । ସେହି ଶବରେ ଫଂଗସ୍ ହୋଇ ଯାଇଥାଏ ଓ ଫଂଗସ୍ ବାହାର କରିଦେଲେ ମୃତ୍ୟୁ ପୂର୍ବ କ୍ଷତସମ ସେ ସ୍ଥାନଟି ଦେଖାଯାଏ ।

(୯) ଚିକିତ୍ସା ଅବସରରେ ହେଉ କିମ୍ବା ପ୍ରାକୃତିକ ଉପାୟରେ ହେଉ ଶବ ଦେହରେ ଅନେକ ବିଷାକ୍ତ ପଦାର୍ଥ ପ୍ରବେଶ କରିଥାଏ ।

(ଅବଶିଷ୍ଟାଂଶ ୧୪ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଲି. ଫକ୍
ସି. ବେରୀ

Images: Aptakama Mishra, Processing: Srujanika

କଂଗ୍ରେସ ମୁଖ୍ୟସଚେତକ ନନ୍ଦବାବୁଙ୍କ ଏଜେଣ୍ଟ ରୂପେ କାର୍ଯ୍ୟ କରୁଛନ୍ତି

ତାଙ୍କର ଦୁର୍ନୀତି ଓ ପରମ ସୁବିଧାବାଦୀ କାର୍ଯ୍ୟଯୋଗୁ ରାଉରକେଲାରେ କଂଗ୍ରେସ ମୂଳ ପୋଛ ହେବାର ଆଶଙ୍କା ସୃଷ୍ଟି ହେଲାଣି ବୋଲି ରାଜୀବ ଗାନ୍ଧୀଙ୍କୁ ସେଠା କଂଗ୍ରେସ ଲୋକଙ୍କ ସ୍ମାରକ ପତ୍ର ।

ତାଙ୍କ ସଂପର୍କିତ କାଣ୍ଡ ବିଷୟରେ ତଦନ୍ତ କରିବାକୁ ଗୁଇନ୍ଦା ବିଭାଗର ତତ୍ପରତା ।

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ଓଡ଼ିଶା କଂଗ୍ରେସ ଦଳର ମୁଖ୍ୟ ସଚେତକ ଶ୍ରୀ ଗୁରୁପଦ ନନ୍ଦଙ୍କ ପରମ ସୁବିଧାବାଦୀ କାର୍ଯ୍ୟ କଳାପ ଫଳରେ ରାଉରକେଲାରେ କଂଗ୍ରେସ ସଂଗଠନ ମୂଳୋତ୍ପାଟିତ ହେବାକୁ ବସିଲାଣି ବୋଲି ଅଭିଯୋଗ କରି ପ୍ରାୟ ୧୦ ହଜାର ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକ ପତ୍ର ରାଜୀବ ଗାନ୍ଧୀଙ୍କ ନିକଟକୁ ପଠାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ଅତି କଷ୍ଟ ରୂପରେ ଲିଖିତ ଉକ୍ତ ସ୍ମାରକ ପତ୍ରରେ ତାଙ୍କ ବିରୁଦ୍ଧରେ ଏଗାର ଗୋଟି ଅଭିଯୋଗ ଆଣିତ କରାଯାଇଛି ଏବଂ ସେଥି ମଧ୍ୟରେ କେତେକ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ।

କୌଣସି ଜଣେ କଂଗ୍ରେସ ନେତାଙ୍କ ଘରଚଳିତ ଘରୋଇ କଲେଜରେ ଅଧ୍ୟୟନ କଲାପରେ ତାଙ୍କର ଉପରକୁ ଉଠିବା ପଥ ପ୍ରଶସ୍ତ ହୋଇଯାଇ ଥିବାରୁ ସେ ଅନ୍ୟ କୌଣସି କଂଗ୍ରେସ ଲୋକଙ୍କୁ ପଚାରୁ ନାହାନ୍ତି ଏବଂ ଅପର ପକ୍ଷରେ ଜନତା ଦଳର ନେତା ଶ୍ରୀ ଶରତ କରଙ୍କ ଜରିଆରେ ବିଜୁବାବୁଙ୍କ ସହ ସଂପର୍କ ସ୍ଥାପନ କରି କଂଗ୍ରେସର ଗୁରୁତ୍ୱ-ପୂର୍ଣ୍ଣ ଖବର ଯୋଗାଇ ଦେଉଛନ୍ତି ବୋଲି ସେଥିରେ ଅଭିଯୋଗ କରାଯାଇଛି ।

ରାଉରକେଲାରୁ ପୁନର୍ବାର ନିର୍ବାଚିତ ହେବାର ସମ୍ଭାବନା ନ ଥିବାରୁ ୧୦ଟଙ୍କା ପର୍ଯ୍ୟନ୍ତ ମଧ୍ୟ ହାତଗୁଞ୍ଜା ନେଉଥିବା ସେ ଏବେ ପଷ୍ଟ ଭଳି ହେଉ ନାହାନ୍ତି, ବଦଳି ପାଇଁ ଫୋନ କଲେ ସର୍ବନିମ୍ନ ୫୦୦ ଟଙ୍କା, ନିଯୁକ୍ତି ପାଇଁ ସର୍ବନିମ୍ନ ୧୦୦୦ ଟଙ୍କା ତାଙ୍କ ପକ୍ଷରୁ ଦରଧାର୍ଯ୍ୟ କରାଯାଇଛି । ଏହା ବାଦ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅନୁପାତିକ ଭାବେ ପଇସା ଅଦାୟ କରାଯାଉଛି ।

ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ କେତେକ ପଦସ୍ଥ ଅଫିସରଙ୍କ ସମ୍ମୁଖରେ ଅତି କଦର୍ଯ୍ୟ ଭାବରେ ସେ ଯାହାସବୁ ବର୍ଣ୍ଣନା କରିଥିଲେ ତାହା ପ୍ରକାଶ ପାଇଯିବା ପରେ ତାଙ୍କର ମନୋବଳ ଭାଙ୍ଗି ପଡିଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଜବଲ ଏଜେଣ୍ଟ ରୂପେ ବ୍ୟବହାର କରିବା ଉଦ୍ଦେଶ୍ୟରେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ । କିନ୍ତୁ କଂଗ୍ରେସର ଲୋକପ୍ରିୟତା କମୁଥିବା ଦେଖି ସେ ବର୍ତ୍ତମାନ ଅର ପଟକୁ ମୁହାଁଇଲେଣି ଓ ଶ୍ରୀ ଶରତ କର ତାଙ୍କୁ ଏଥିରେ ସମ୍ପୂର୍ଣ୍ଣ ସହାୟତା କରୁଥିବାରୁ ଜନତା ଦଳରେ ମଧ୍ୟ କେତେକ କ୍ଷୁବ୍ଧ ହେଲେଣି ।

କଟକର ସପ୍ଲାଇ ଅଫିସରେ ବସି ବସି ନିଜର ଗୁଜୁରାଣ ମେଣ୍ଟାଇବାରେ ଦକ୍ଷତା ହାସଲ କରିଥିବାରୁ ରାଉରକେଲା ଭଳି ଏକ ବୃହତ୍ତର କ୍ଷେତ୍ରରେ ସେ ଯେପରି କୃତିତ୍ୱ ପ୍ରଦର୍ଶନ କରୁଛନ୍ତି ତାହା ଆଗରୁ କେହି କରି ପାରି ନ ଥିଲେ । ଫଳରେ କଟକ ଠାରୁ ରାଉରକେଲା ଯାଏ ଅନେକଟି ପ୍ରାସାଦ, ସିନେମା ହଲ ଇତ୍ୟାଦିରେ ତାଙ୍କର ବିପୁଳ ଅର୍ଥ ସୁରକ୍ଷିତ ହୋଇ ପାରିଛି । ବୋଲି ଉକ୍ତ ସ୍ମାରକ ପତ୍ରରେ ଅଭିଯୋଗ କରାଯାଇଛି ।

କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଅଭିଯୋଗ ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରୁ ନଥିଲେ । କିନ୍ତୁ ମାସେ ତଳେ ଘରରେ କୌଣସି ଏକ ସ୍ଥାନରେ ରାଜୀବଙ୍କ ବିରୁଦ୍ଧରେ ସେ ଅନର୍ଗଳ କହିବାରୁ ସେ ବିଷୟ ପ୍ରସଙ୍ଗ କ୍ରମେ କେତେକ'ର' ଅଫିସରଙ୍କ କାନକୁ ଯିବାପରେ ତାଙ୍କ ବିରୁଦ୍ଧରେ ଭିତରିଆ ତଦନ୍ତ ଆରମ୍ଭ ହୋଇଛି ।

ଅଧିକନ୍ତୁ ରାଉରକେଲାରେ ସେ ସଂପୃକ୍ତ ଥିବା ଏକ ମହିଳା କଲେଜର ଚାନ୍ଦା ଉଠାଇବା ଅବକାଶରେ ନିଜେ ପ୍ରାୟ ୧୦ ଲକ୍ଷ ଟଙ୍କା ଅତ୍ମସାତ୍ କରିଥିବା ଏବଂ ରାଉରକେଲା ଷ୍ଟିଲପ୍ଲାଣ୍ଟ ଭଙ୍ଗା ମାଲ ଚୋରିରେ ହସ୍ତକ୍ଷେପ କରି ସେଥିରୁ ମଧ୍ୟ ପ୍ରତି ମାସରେ କିପରି ସେ ଅର୍ଥ କରି ଚାଲିଛନ୍ତି ତାର ସବିଶେଷ ବିବରଣୀ ସେଥିରେ ଦିଆଯାଇଛି । □

(୧୧ ପୃଷ୍ଠାର ଅବଶିଷ୍ଟାଂଶ)

ଓ ପରୀକ୍ଷାରୁ ବ୍ୟକ୍ତି ବିଷପାନରେ ମରିଛି ବୋଲି ଧାରଣା ହୁଏ ।

(ଖ) ଶବ ବ୍ୟବଚ୍ଛେଦ ସମୟର ଘଟଣାମାନ ।

(୧) ମସ୍ତିଷ୍କ ଉପରର୍ଦ୍ଧ ବାହାର କରିବା ସମୟରେ ଓ କେବଳ ଚର୍ମ ଅଲଗା କରିବା ସମୟରେ ଶିରାର ବାୟୁ ପ୍ରବେଶ କରି ଏମ୍ବୋଲିଜମରେ ଭ୍ରମ ସୃଷ୍ଟି କରିଥାଏ । ମସ୍ତିଷ୍କ ହାଡ଼ କାଟିବା ସମୟରେ ଅନ୍ୟ ହାଡ଼ ଭାଙ୍ଗି ଯାଇ ପାରେ । ସେହିପରି ବ୍ରେନକୁ ପଦାକୁ ଟାଣିବା ସମୟରେ ଏହା ମଧ୍ୟରେ କ୍ଷତ ବି ସୃଷ୍ଟି ହୋଇପାରେ । ଏହାର ବାସ୍ତବତା ଯଥାର୍ଥରେ ନିରୂପଣ କରିବା ଆବଶ୍ୟକ ।

(୨) ହାଇଅଏଡ୍ ବୋନ ଅସାବଧାନତା ବଶତଃ ଭାଙ୍ଗି ଗଳା ଚିପାରେ ମୃତ୍ୟୁ ହୋଇଛି ବୋଲି ଧାରଣା ସୃଷ୍ଟି ହୁଏ ।

(୩) ଶରୀରର ଅଂଶ ଅର୍ଥାତ୍ ଗୋଟିଏ ପାଗାରେ ରଖି ପରୀକ୍ଷା ପାଇଁ ପଠାଗଲେ ବିଷ ପ୍ରୟୋଗରେ ରୋଗୀ ମରିଛି ବୋଲି ଧାରଣା ସୃଷ୍ଟି ହୋଇଥାଏ ।

ଏହିଭଳି ଅନେକ ଘଟଣା ଜାଣିଶୁଣି ନହେଲେ ବି କୃତ୍ରିମ ଉପାୟରେ ସୃଷ୍ଟି ହୋଇ ଜାଲିୟାତିର ଭ୍ରମ ସୃଷ୍ଟି କରିଥାଏ । ଉପଯୁକ୍ତ ନିରୀକ୍ଷଣ ନକଲେ ମତାମତ ବି ଭୁଲ ହୋଇଯାଏ । ମୃତ ଶରୀରରେ ଜାଲିୟାତି ହୋଇ କୃତ୍ରିମ ଉପାୟରେ ମୃତ୍ୟୁର କାରଣ ବଦଳାଇବାର ଅପଚେଷ୍ଟା ହେଉ କିମ୍ବା ପ୍ରାକୃତିକ ଉପାୟରେ ଜାଲିୟାତି ସମ ଯେ କୌଣସି ଅବସ୍ଥା ସୃଷ୍ଟି ହେଉ ସେ ସବୁର ସଠିକତା ନିରୂପଣ କରାଯାଇପାରେ । □

ଭୁଲ ଯାଉଥିବା ସବ୍-ମେରିନ୍ ସହିତ ଯୋଗାଯୋଗ କରିବାକୁ ଆବଶ୍ୟକ ପାଣି ବୋମା ତିଆରି କରିବାରେ ଭାରତର ବୈଜ୍ଞାନିକ ମାନେ ସଫଳ ହୋଇଛନ୍ତି । ଏହା ସମୁଦ୍ର ପତ୍ତନରେ ଲୁଚି ପାଣି ସଂପ୍ରସାରଣ ଆସି ଏହା ବ୍ୟାଟେରୀ ଚାଳିତ ହୁଏ । □

Images: Aptakama Mishra, Processing: Srujanika

କେବଳ ମାଛ ମାଂସ ଯଥେଷ୍ଟ ନୁହେଁ

ଦୈନିକ ଖାଦ୍ୟରେ ଡାଲି ଖାଇବା ଅପରିହାର୍ଯ୍ୟ

ମିନି ଏ ଭିତରେ ଅଜାଙ୍କଠୁ ଗପ ଶୁଣିଲାଣି ବାଡ଼ି ବଗିଚାରେ ଥିବା ଅନା ବନା ଶାଗ ବିଷୟରେ । ତା' ମନ କିଣି ସେତିକରେ ତୃପ୍ତି! ଆଜି ନାତୁଣି ଅଜାଙ୍କୁ ପ୍ରଶ୍ନ କଲେ "ଆଚ୍ଛା ଅଜା ଆମେ ପ୍ରତି-ଦିନ ଭାତ ସାଙ୍ଗରେ ଡ଼ାଲି ଓ ଶାଗ ଖାଉ କାହିଁକି ? ମାଛ, ମାଂସ, ଅଣ୍ଡାରେତ ପ୍ରୋଟିନ ଅଛି । ଡ଼ାଲି ନ ଖାଇ ମାଛ, ମାଂସ ଖାଇଲେ କଣ ଚଳନ୍ତାନି ? ସତେ ଅଜା ମାଛ, ମାଂସ ଭାରି ଭଲ ଲାଗେ । ହେଲେ ଆଈ ପରା ଡାଲି ଶାଗ ଭାତରେ ଗୋଳେଇ ଖାଇବାକୁ ଜବରଦସ୍ତି କରେ ମୁଁ ଯାହା ଗିଳିଯାଏ ଆଖି ବୁଜିକରି । ହଁ-ହଁ ମୋର ମନେ ପଡ଼ିଲା ଶାଗରେ କଣ ସବୁ ଆମ ଦେହ ଉପଯୋଗୀ

ମାନେ ଗଲେ ସେମାନଙ୍କର ପେଟ ପୂରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟହାନି ହେବନି ସେ କଥା ଯେତେବେଳେ ମଣିଷ ଚିନ୍ତା କରୁଛି ସେତେବେଳେ ତୁ କଣ ପଙ୍ଖା ତଳେ ବସି ଆଈ ପରଷିବା ଖାଦ୍ୟକୁ ଖାଇବାକୁ ନାକ ଟେକୁଛୁ । ଏହି ଉଦ୍ଭିଦରୁ ଗୋଟିଏ କ୍ଷୁଦ୍ରତମ ଉଦ୍ଭିଦ ଯାହାକୁ କ୍ଲୋରେଲା ବୋଲି କହନ୍ତି, ତାକୁ ନେଇ ମହାକାଶ ଯାତ୍ରୀ ମହାକାଶ ଯାତ୍ରା କରିବେ ବୋଲି ଗବେ-ଷଣା ମାନ ଚାଲିଛି ।

ମିନି ହଠାତ ଅଜାଙ୍କ ପାଟିରୁ କଥା ଛଡ଼େଇ ନେଇ କହିଲା -ହଁ ଅଜା ସେ ଦିନ ପରା ଟେଲିଭିଜନରେ ଦେଖୁଥିଲି ରାକେଶ ଶର୍ମା କିମିତି ମହାକାଶ ଯାନ

ପ୍ରଫେସର କମଳ କୁମାରୀ ପଟ୍ଟନାୟକ

ପ୍ରୋଟିନ ଓ ଆମିନୋଅମ୍ଳ ସବୁ ରହିଛି ବୋଲି ସେଦିନ କହୁଥିଲ । ସେଇଥି ପାଇଁ ନା ଆଉ କଣ ? ତା ସାଙ୍ଗକୁ ପୁଣି ଚଟଣି, ସାଲାଡ କେତେ କଥା ଆଉ ଭାତ ସାଙ୍ଗରେ ଦିଏମ । ସତେ ଭାରି ବିରକ୍ତ ଲାଗେ । ଏତେ ଗୁଡ଼ିଏ ଜିନିଷ ଖାଇବା କଣ ଦରକାର ? ମତେ ଯାହା ଭଲ ଲାଗେ ସେତିକି ପେଟପୂରା ଖାଇ ଦେଲେ କଣ ଚଳନ୍ତାନି ?

ଅଜା ଆରମ୍ଭ କଲେ କଥା । ତୋ ପରି ପିଲାମାନଙ୍କର ଏମିତି ତାଙ୍କ ମା ମାନଙ୍କ ପାଖରେ ଅଭିଯୋଗ । କିଏ କହିବ ଶାଗ ଖାଇବନି । ମତେ ଶାଗ ମତେ ଭଲ ଲାଗୁନି ମାଂସ ଝୋଳ ଅଛି ମତେ ଡାଲି ଦରକାର ନାହିଁ , ପାଣି ଶିଝା ସନ୍ତୁଳା କଣ ମଣିଷ ଖାଆନ୍ତି ? ଇତ୍ୟାଦି, ହେଲେ ତମେ ମାନେ ହେଲ ପରା ଏ ବିଜ୍ଞାନ ଯୁଗର ପିଲା । କି ପ୍ରକାର ଖାଦ୍ୟ ନେଇ ଉପଗ୍ରହ ଆରୋହୀ

ରେ ଏମିତି ସେପଟ ହେଉଥିଲେ । ଦେଖି ବାକୁ ଭାରି ମଜା ଲାଗୁଥିଲା ।

ଅଜା ପୁଣି ଆରମ୍ଭ କଲେ ବେଶ ବେଶ ତୁ ତ ବହୁତ କଥା ଜାଣିଛୁ । ବୋକାତ ନୋହୁଁ । ହେଇ ଦେଖୁନୁ ଆମ ପଡ଼ୋଶୀ ମଧୁରାମ ବାବୁଙ୍କ ଏକ-ମାତ୍ର ପୁଅ କି ବଢ଼ିଆ ଧୋବ ଫର ଫର ଅରୁଆ ଭାତରୁ ଗଣ୍ଡାଏ ଗୁଆ ଘିଅ ଟିକିଏ ମିଶେଇ ଆଳୁ ଭରତା ସହ ଖାଇଦିଏ । ତା ମା କହନ୍ତି ପୁଅଟା ମୋର ଭାରି ସୁନା ଖାଇବାରେ ଆଦୌ ଅଝଟ କରେନି । ଭାତ ଗଣ୍ଡାକ ଖୁବ ଖୁସିରେ ଖାଇଦିଏ । ହେଲେ ମା' ମନରେ ଭାଳେଣି କଣ ନା ପିଲାଟା ଜମାବଢ଼ୁନି । ଦିନକୁ ଦିନ ରୋଗଣା ହୋଇ ଯାଉଛି, ଡାକ୍ତର ବାବୁ କହିଲେ ପିଲାଟି ପାଇଁ ଯେଉଁ ସବୁ ଅଧିକା ଖାଦ୍ୟ ଓ ଭିଟାମିନ ଦରକାର ସେ ପାଉ ନାହିଁ । ଅଥଚ ଘନ ବାବୁଙ୍କ ପୁଅ ଲୁଟୁ ନାଲିଆ ବଟଡ଼ା ଉଷୁନା ଚାଉଳର

ଭାତ, ତା ଫେରେ ଗଳା ହୋଇ ନଥାଏ ସେଥିରୁ ମୁଠାଏ, ଡାଲି, ତରକାରୀ, ଶାଗ, ସନ୍ତୁଳା ତା ଛଡ଼ା ଯେଉଁଦିନ ମାଛ ବା ମଂାସ ଯାହା ଥାଏ ସେଥିରୁ କିଛି ମିଶେଇ ମନ ବୋଧ କରି ଖାଏ । ପୁଣି ମା' ତାର କଷା, ପିଠା, ମଧୁର ବିଭିନ୍ନ ପନିପରିବା ତରକାରୀ କରି ଦିଅନ୍ତି । ତାକୁ ମଧ ସେ ପୋଛି ପାଛି ଖାଇଦିଏ । ଜମାରୁ ତାର କୌଣସି ଖାଦ୍ୟରେ ବିକାର ବି ନାହିଁ । କାହିଁ ତା'ର ସ୍ୱାସ୍ଥ୍ୟତ ଖୁବ ଚମତ୍କାର । ତା' ପାଇଁ ତ ତା' ମା'ର ଭାଳେଣି ପଡ଼ୁନି । ତେବେ ମଧୁ-ବାବୁଙ୍କ ଛୁଆ ଓ ଲୁଟୁର ଖାଦ୍ୟ ମଧ୍ୟରେ ଫରକ ରହିଲା କଣ ? ଦିହେଁ ତ ପେଟ ଭରି ଖାଦ୍ୟ ଖାଇଲେ । ଜଣେ ହେଲା ଦୁର୍ବଳ, ଆଉ ଜଣକ ତାଳଗଛ ପରି ବଢ଼ି ଚାଲିଛି । ତାର ଏକମାତ୍ର କାରଣ ହେଲା 'ଖାଦ୍ୟ' । ଆମ ଖାଦ୍ୟରେ ପ୍ରଧାନତଃ ଶ୍ୱେତସାର, ସ୍ନେହସାର ଓ ପୁଷ୍ଟିସାର ରହିବା ଆବଶ୍ୟକ । ଦରକାର, ତା' ସାଙ୍ଗକୁ କେତେକ ଖଣିଜ ପଦାର୍ଥ, ଖାଦ୍ୟସାର ବା ଭିଟାମିନ ମଧ ଦରକାର । ବାସ୍ତବିକ ଭିଟାମିନ ଆମର ବହୁତ ଉପକାରରେ ଆସେ । ଭିଟାମିନ ଅଭାବ ହେଲେ ଆମକୁ ରୋଗ ମାଡ଼ିବସେ । ଏଣୁ ଡାକ୍ତର ବାବୁ କହିବେ ଦେହରେ ଭିଟାମିନ ଅଭାବ ହେଲେ ଭିଟାମିନ ଟନିକ ଖାଅ । ଆମେ ଯଦି ଭିଟାମିନ ଆମ ଖାଇବା ଜିନିଷରେ ପ୍ରତିଦିନ ଖାଇପିବା ଭିଟାମିନ ଅଭାବ ଆମ ଦେହରେ ରହିବ ବା କାହିଁକି ? ତୁ ମା' ଭାରତ ଆବିଷ୍କାର' 'ଆମେରିକା ଆବିଷ୍କାର' ବିଷୟରେ ଗପ, କାହାଣୀ ମାନ ପଢ଼ିଛୁ, ନାବିକମାନେ ସ୍କରଭି ନାମକ ଏକ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ମରିଯାଉଥିଲେ । ଭିଟାମିନ 'ସି' ବା ଖାଦ୍ୟସାର'ଗ' ର ଅଭାବରେ ଏହି ରୋଗ ହୁଏ ବୋଲି ଶେଷକୁ ଜଣା ପଡ଼ିଲା । ଭିଟାମିନ 'ସି' ଟଟକା ପନି

Images: Aptakama Mishra, Processing: Srujanika

ପରିବା, କଞ୍ଚା ଫଳ ଓ ଶାଗରେ ରହିଛି । ସେମାନେ ଯେଉଁ ଖାଦ୍ୟ ଧରି ସମୁଦ୍ର ଭିତରେ ଦିନ ଦିନ ଧରି ରହୁଥିଲେ ସେଇ ଖାଦ୍ୟ ଓ ଫଳ ପନିପରିବା ସବୁ ପଚି ଯାଉଥିଲା । ସେଥିରୁ ଭିଟାମିନ 'ସି' ନଷ୍ଟ ହୋଇ ଯାଉଥିଲା । ଏଣୁ ସେମାନେ ଭିଟାମିନ୍ 'ସି' ଖାଦ୍ୟରୁ ପାଇ ପାରୁ ନ ଥିଲେ, ଫଳରେ ବହୁ ଲୋକଙ୍କ ପ୍ରାଣବାୟୁ ଉଡ଼ି ଯାଉଥିଲା ।

ମଣିଷ ସୁସ୍ଥ ସବଳ ହୋଇ ବଞ୍ଚି ରହିବାକୁ ହେଲେ କ କ ଖାଦ୍ୟ କେତେ କେତେ ପରିମାଣରେ ଦରକାର ତାର ଏକ ହିସାବ ରହିଛି । କେବଳ ସେତିକି ନୁହେଁ କେଉଁ ବୟସରେ କେତେ ପରିମାଣର ଖାଦ୍ୟ ଖାଇବା ଦରକାର ତା' ମଧ୍ୟ ନିର୍ଦ୍ଧାରିତ କରାଯାଇଛି । ତେବେ ଆମେ ନିତିଦିନ ଖାଇଲା ବେଳେ ସବୁକିଛି ଜିନିଷକୁ ମାପି ଗୁଣି ଖାଇବା ଅସମ୍ଭବ । ଏଣୁ ସବୁଥିରୁ ଟିକିଏ ଟିକିଏ ଖାଇଦେଲେ ଆମଦେହ ଯାହା କିଛି ଗ୍ରହଣ କରିନିଏ ସେଇଠୁ ଆମେ ରହୁ ସୁସ୍ଥ । ଦେଖିଲୁ ଆମେ ପ୍ରତିଦିନ ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର ଖାଦ୍ୟ ସାଙ୍ଗକୁ କିଛି ଭିଟାମିନ, ଲବଣ ଜାତୀୟ ପଦାର୍ଥ ଖାଇବା ଦରକାର । ଶ୍ୱେତସାର ରହିଛି ଆମ ଭାତରେ ରୁଟିରେ, ଡାଲିରୁ ପୁଷ୍ଟିସାର ପାଉ, ଘିଅ, ଲହୁଣୀ, ତେଲରୁ, ଆମେ ସ୍ନେହସାର ପାଉ । ଆମେ ଯେଉଁ ଲୁଣ ଖାଉ ସେଥିରେ ମଧ୍ୟ କେତେକ ଲବଣ ଜାତୀୟ ମୌଳିକ ପଦାର୍ଥ ରହିଥାଏ, ଭିଟାମିନ ଆମ କଞ୍ଚା ପନିପରିବା ଅର୍ଥାତ୍ ଟମାଟୋ, ପିଆଜ, କାକୁଡ଼ି, ସାଲାଡ଼ ପତ୍ରରୁ ଏବଂ ପୋଦିନା ଭୃଷୁଙ୍ଗ, ଧନିଆ ପତ୍ର ଚଟଣିରୁ ପାଉ । ଏଣୁ ଆମେ ପ୍ରତିଦିନ ଖାଦ୍ୟ ଖାଇଲା ବେଳେ ଏ ସବୁଥିରୁ କିଛି କିଛି ଖାଇ ପାରିଲେ ଆମେ 'ସୁଷମ' ଖାଦ୍ୟ ଆମ ଦେହ ପାଇଁ ପାଇଲୁ ବୋଲି ଧରିନେବା ସୁଷମ ଖାଦ୍ୟ ବିନା ଆମେ ବହୁ ପ୍ରକାର ରୋଗ ଯଥା—ପେଟରୋଗ, ବାତ, ଆଣ୍ଠୁ ଗଣ୍ଠି ପୀଡ଼ା, ଅନ୍ଧାର କଣା, ଚର୍ମରୋଗ, ହୃଦ୍‌ରୋଗ ଏପରିକି କ୍ୟାନସର ରୋଗରେ ଆକ୍ରାନ୍ତ ହେବା ।

ହଁ ତୁ ପଚାରିବା ପ୍ରଶ୍ନ ହେଲା ଆମେ କାହିଁକି ପ୍ରତିଦିନ ଡାଲି ଓ ଶାଗ ଖାଉଛେ? ତୋ ଭାଷାରେ ତୋ ଆଈ କାହିଁକି ଡାଲି, ଶାଗ ଭାତ ସାଙ୍ଗରେ ଖାଇବାକୁ ତତେ ଜବରଦସ୍ତ କରେ । ଦେଖିଲୁ ଆମ ଗାଁ କଥା. ମାଇପେ ଗାଧୋଇ, ପାଧୋଇ ଆସିଲେ ପଖାଳ ଦିଟା ବାଢ଼ି ଆଣିଲେ ତା ସାଙ୍ଗକୁ ବାଡ଼ିରୁ ସାଉଁଟି ଆଣିଥିବା ଛନଛନିଆ ଶାଗ ଭଜାରୁ ମେଞ୍ଚାଏ ଟିକିଏ ଖଟା, ପିଆଜ ଦି କୋଳି, କଞ୍ଚା ଲଙ୍କା, ଲୁଣ ଲଗାଇ ବେଶ ପେଟ ଭରି ଖାଇଦେଲେ । ସେଥିରୁ ମଧ୍ୟ ପିଲାଙ୍କୁ ମଧ୍ୟ ଦେଲେ । ବେଳେ ବେଳେ ବିଲରୁ ଧରି ଆଣିଥିବା ଚୂନାମାଛ ଦିଟା ଥିଲେ ଟିକିଏ ସୋରିଷ ଝୋଳ କରି ଖାଇଲେ । ସେମାନଙ୍କ ଖାଦ୍ୟ ଦେଖିଲେ କିଏ ନାକ ଟେକି କହୁଥିବ, ହୁଁ,ମ କଣଟା ଖାଇଲା ଯେ ପଖାଳ ଭିତରେ ଟିକିଏ ନାଲି ଶାଗ । ତା ସାଙ୍ଗକୁ ଖଟା ପାଣିରେ ପିଆଜ ଦି କୋଳି । ବାସ, ରସଗୋଲା ଖାଉଛନ୍ତି ନା ଛେନାଗଜା ଖାଉଛନ୍ତି ଯେ ଏତେ କଥା ? ଏ କଥା କହିଲା ବେଳେ କିଏ କେବେ ଚିନ୍ତା କଲାଣି ଯେ ଭାତରୁ ମିଳିଲା ଶ୍ୱେତସାର ତା' ସାଙ୍ଗକୁ ଶାଗ । ସେଥିରେ ରହିଛି ପ୍ରୋଟିନ ଏବଂ ଆମ ଉପଯୋଗୀ ଆମିନୋଅମ୍ଳ, କଞ୍ଚା ଲଙ୍କା, ପିଆଜରୁ ମିଳିବ ଭିଟାମିନ । ଶାଗଟା ଆମ ପାଇଁ କି ଉପଯୋଗୀ ଜିନିଷ । ତୁ କଣ ଭୁଲି ଗଲୁଣି । ତତେ ତ ଗୋଟାଏ ଦିଟା ଶାଗକୁ ବିଷୟରେ କହୁଥିଲି । ଶାଗ କହିଲେ ଖଡ଼ା, ଲେଉଟିଆ, ବଥୁଆ, ଚୁନଚୁନିଆ, ସଜନା, ମେଥି ଇତ୍ୟାଦିକୁ ବୁଝାଏ, ତା' ଛଡ଼ା ଫୁଲବାଣି ଇତ୍ୟାଦି ଆଦିବାସୀ ଅଞ୍ଚଳର ଲୋକେ [illegible] ଶାଗ ମଧ୍ୟ ଖାଆନ୍ତି । ବେଳେବେଳେ ବଣ ଜଙ୍ଗଲରେ ହେଉଥିବା ଝୁମ୍ପୁଡ଼ି ଶାଗ ମଧ୍ୟ ଆମେ ଖାଉ । କଖାରୁ ଶାଗ ଖରଡ଼ା ଲାଉ ଶାଗ ଡାଙ୍କ ଚଡ଼ଚଡ଼ି, ପୋଇ ଚିଙ୍ଗୁଡ଼ି ମାଛ ଚଡ଼ଚଡ଼ି, ନଡ଼ିଆ ଦେଇ ସଜନା ଶାଗ ଖରଡ଼ା, ନହଙ୍ଗା ଶାଗ କାଞ୍ଜି, ଖଟା ମାଳଙ୍ଗ ଶୋରିଷ ଦେଇ ଖଟା, ପୋଇ, କଲରା ପତ୍ର ପୋଡ଼ା — ଏପରି ବହୁ ପ୍ରକାର ଶାଗକୁ ଆମେ ରୁଚି କରି କରି ଖାଉ ।ଏସବୁ ଶାଗରେ କିଛି ନା କିଛି ଖାଦ୍ୟ ଗୁଣ ରହିଛି । ବିଶେଷତ ପୁଷ୍ଟିସାର ଓ ଶ୍ୱେତସାର ଖାଦ୍ୟ ଓ ଭିଟାମିନ ଶାଗରୁ ହିଁ ମିଳିଥାଏ । ତା ଛଡ଼ା ଏଥିରେ ବହୁ ପ୍ରକାର ଖଣିଜ ଲବଣ ମୌଳିକ ଯଥା—କାଲସିୟମ ପୋଟାସିୟମ, ମାଗନେସିୟମ, ଲୁହା ପଦାର୍ଥ ମାନ ରହିଛି । ଶାଗ ଟିକିଏ ପ୍ରତିଦିନ ଖାଇଲେ ସିନା ସେଥିରୁ ଆମ ଦେହ ଉପଯୋଗୀ ଜିନିଷ ପାଇ ପାରିବା ? ଶାଗରୁ ବିଶେଷତଃ ଆମେ ଭିଟାମିନ ଏ ବା ଖାଦ୍ୟସାର 'କ' ଆମେ ପାଇଥାଉ । ଭିଟାମିନ ଏ ଅଭାବରେ ଆମର ଦୃଷ୍ଟି-ଶକ୍ତି କମିଯାଏ ।

ଯେ ଜନ୍ମାନ୍ଧ । ତା'ର କଥା ଅଲଗା । ତା'ର ଐଶ୍ୱରୀୟ ଶକ୍ତି ଥିବା ହେତୁ ସେ ତା'ର ଜୀବନ କାଳ କଟାଇ ଦେଇଥାଏ । କିନ୍ତୁ କହିଲୁ ଦେଖି- ଯେ ଅରେ ଆଖି ପାଇଛି ଏବଂ ଏ ସୁନ୍ଦର ଦୁନିଆ ଉପଭୋଗ କରିଛି ତା' ଆଖି ନଷ୍ଟ ହୋଇଗଲେ ସେ କମିତି ବଞ୍ଚିବ ? ଶାଗରେ ରହିଥିବା ପ୍ରତ୍ୟକଟି ଜିନିଷ ଆମ ଦେହର ଉପକାରରେ ଲାଗେ, ଶାଗରେ ଅଧିକ 'ସେଲ୍ୟୁଲେଜ' ନାମକ ଜିନିଷ ଥିବାରୁ, ତାକୁ ନିୟମିତ ଖାଇଲେ ଆମର ଝାଡ଼ା ପରିଷ୍କାର ହୁଏ ।

ଦକ୍ଷିଣ ଭାରତର ଲୋକେ ଭୃରଶୁଙ୍ଗା ପତ୍ର, ତେନ୍ତୁଳି ପତ୍ର, ପୋଦିନା ପତ୍ର, [illegible] କାଉଁରିଆ ପତ୍ର, ଆମ୍ବିଳିଚ ଶାଗ ଇତ୍ୟାଦିକୁ ଲୁଣ, ଲଙ୍କା ଦେଇ

Images: Aptakama Mishra, Processing: Srujanika

ବାଟି ଚଟଣି କରି ଖାଆନ୍ତି । ଶାଗକୁ ସିଝାଇ ଖାଇଲେ ସେଥିରେ ଥିବା ବହୁତ ଭିଟାମିନ ନଷ୍ଟ ହୋଇଥାଏ, ଏଣୁ କଞ୍ଚାରେ ଚଟଣି କରି ଖାଇଲେ ଭିଟାମିନ ସବୁ ସୁରକ୍ଷିତ ହୋଇଥାଏ ଫଳରେ ଆମେ ଅପେକ୍ଷାକୃତ ଅଧିକ ଉପକୃତ ହୋଇ ପାରିବା । ବିଭିନ୍ନ ପ୍ରକାର ଶାଗକୁ ଚଟଣି କରି ଖାଇଲେ ବିଶେଷତଃ ଆମେ ଏଥିରୁ ଭିଟାମିନ 'ସି' ପାଇଥାଉ । ଭିଟାମିନ 'ସି' ଅଭାବ ହେଲେ ଆମ ଦାନ୍ତମୂଳ ଦୁର୍ବଳ ହୋଇପଡ଼େ, ଦାନ୍ତ ଅଳ୍ପ ବୟସରେ ଝଡ଼ିପଡ଼େ ଅନ୍ତନାଳୀରେ ଥିବା ରକ୍ତନାଳୀ ଫାଟିଯାଏ । ଆଣ୍ଠୁ ଗଣ୍ଠି ଦରଜ ହୁଏ, ଚମତଳେ ଥିବା ରକ୍ତନାଳୀ ଫାଟିଯିବା ଫଳରେ ଦେହର ଠାଏ ଠାଏ ନାଲି ଚକ୍ତା ପାଲଟି ଯାଏ ଏବଂ ଧିରେ ଧିରେ କଳା ପଡ଼ିଯାଏ । ସେହି ସବୁ ସ୍ଥାନ କୁଣ୍ଡେଇ ହୁଏ । ଏସବୁ ଜାଣିଲା ପରେ କହିଲୁ ଦେଖି ଆମେ କେଉଁ ଥାଉଁ ଥାଉଁ ବାଡ଼ ନ ବାନ୍ଧିବା କାହିଁକି । ଏଣିକି ତୁ ଆଈକୁ କହିବୁ ବିଭିନ୍ନ ଶାଗର ଚଟଣି କରି ତୋତେ ଖୁଆଇବ ।

ହଁ—ଆଉ ଗୋଟିଏ ତୋର ପ୍ରଶ୍ନ ନା । ଡାଲି ଆମେ ପ୍ରତିଦିନ କାହିଁକି ଖାଉ । ପଖାଳ ଭାତରେ ଶାଗ ଖରଡ଼ା ଯେମିତି ମଜା, ଗରମ ଭାତକୁ ଡାଲି ମଧ୍ୟ ସେମିତି ଜମକ । ଡାଲି କହିଲେ ଆମେ ସାଧାରଣତଃ ମୁଗ, ହରଡ଼, ବୁଟ, ମସୁର, କୋଳଥ ଇତ୍ୟାଦିକୁ ବୁଝୁ । ଉତ୍ତର ଭାରତରେ ବିରିକୁ ଡାଲି କରି ଖାଆନ୍ତି । ଆମେ ସବୁ ବିରିରେ ବିଭିନ୍ନ ପିଠା, ବଡ଼ି, ପାପଡ଼ ଇତ୍ୟାଦି କରି ଖାଉ ତା' ଛଡ଼ା ଡାଲିଜାତୀୟ ଫସଲ ମଧ୍ୟରେ ମୁଗ, ବୁଟ, ଶିମ୍ବ, ରାଜମା, ବରଗୁଡ଼ି ଝୁଡ଼ୁଙ୍ଗ, ମଟର ଇତ୍ୟାଦିକୁ ତରକାରୀ କରି ମଧ୍ୟ ଖାଉ । ଏପରିକି ଆମେ ଗଜାମୁଗ, ଗଜାବୁଟ, ଗଜାମଟରକୁ ନଡ଼ିଆ, ଗୁଡ଼ ଦେଇ ଖାଉ । ଡାଲିରେ ପ୍ରଧାନତଃ ପୁଷ୍ଟିସାର ଖାଦ୍ୟ ଥାଏ । ଏଥିରେ ରହିଥିବା କେତେକ ଆମିନୋ-ଅମ୍ଳ ଆମ ଅସ୍ଥି, ମଜ୍ଜା ଏପରିକି କୋଷ ଗଠନ କରିବାରେ ସାହାଯ୍ୟ କରେ । ଗଜାମୁଗ ଓ ଗଜାବୁଟରେ ଭିଟାମିନ 'ଇ' ଥାଏ । ଏହା ଆମ ଦେହକୁ ଅଧିକ ଶକ୍ତି ଦିଏ । ଗବେଷଣାରୁ ଜଣା ପଡ଼ୁଛି ଯେ ଖେସାରି ଡାଲି ଆମ ପାଇଁ ହିତକାରୀ ନୁହେଁ । ଏଥିରେ ଲଥିରନ୍ (lathyrin) ନାମକ ଏକ ପ୍ରକାର ଜିନିଷ ରହିଛି, ଏହା କ୍ୟାନସର ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରେ । ଏଣୁ ଏ ସମ୍ପର୍କରେ ବହୁ ଗବେଷଣା ଚାଲିଛି ।

ଉଦ୍ଭିଦଜାତ ପ୍ରୋଟିନ ଓ ପ୍ରାଣୀଜ ପ୍ରୋଟିନ ମଧ୍ୟରେ ପାର୍ଥକ୍ୟ ରହିଛି । ସେ ବିଷୟରେ ତୁ ଅଧିକା ପାଠ ପଢ଼ିଲେ ଜାଣିବୁ । ଏଣୁ ତୁ ଯେଉଁ କହିଦେଲୁ ଡାଲିରେ ତ ପ୍ରୋଟିନ ଅଛି । ମାଛ, ମାଂସରେ ପ୍ରୋଟିନ ରହିଛି । ଏଣୁ ଡାଲି ନ ଖାଇ ମାଛ, ମାଂସ ଖାଇଲେ ଚଳିବ କି ନାହିଁ ? ଯେହେତୁ ତତେ ମାଛ, ମାଂସ ଖାଇବାକୁ ଭଲ ଲାଗେ ଏଇ କଥାତ ? ଉଭୟରେ ପ୍ରୋଟିନ ରହିଛି । ସତ— ହେଲେ ଡାଲି ହେଲା ଉଦ୍ଭିଦଜାତ ପ୍ରୋଟିନ ଓ ମାଛ, ମାଂସ ହେଲା ପ୍ରାଣୀଜ ପ୍ରୋଟିନ । ପ୍ରତ୍ୟେକଟିର ଉପକାରିତା ଭିନ୍ନ । ଏଣୁ ଗୋଟିକ ବଦଳରେ ପାଟି ସୁଆଦ ପାଇଁ ଆଉ ଗୋଟିକୁ ଖାଇଦେଲେ ଚଳିଯିବ କହିଲେ ତ ହବନି । ସୁଷମ ଖାଦ୍ୟ ପାଇ ଆମର ବିଭିନ୍ନ ଖାଦ୍ୟ ଖାଇବା ଦରକାର । ଏଥର ବୁଝିଲୁ ତ ମିନି ଗାଁକୁ ଆସିଲେ ନାଲିଆ ଉଷୁନା ମୋଟା ଚାଉଳ ଭାତ, ତା' ସାଙ୍ଗକୁ ଡାଲି ଓ ଶାଗ ଖରଡ଼ାର ମାହାତ୍ମ୍ୟ ? ମୋଟା ନାଲିଆ ଉଷୁନା ଚାଉଳରେ ଅଧିକ ପରିମାଣରେ ଖଣିଜ ପଦାର୍ଥ ମାନ ରହିଛି । ସେ ସବୁ ଦେହକୁ ହିତ । □

ବିଧାୟକ ମାନଙ୍କୁ ସନ୍ତୁଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପ୍ରଚେଷ୍ଟା

ଗୋଟିଏ ବର୍ଷ ଏମ ଏଲ୍ ଏ ହୋଇ ମଧ୍ୟ ପେନସନ୍ ପାଇବା ପାଇଁ ଆବଶ୍ୟକୀୟ ବିଲ ଆଗତ

ଓଡ଼ିଶାର କଂଗ୍ରେସ ବିଧାୟକ ମାନଙ୍କୁ ପୂଜା ବୋନସ୍ ରୂପେ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଅଭିନବ ଉପହାର ପ୍ରଦାନ କରିଛନ୍ତି । ତାହା ହେଉଛି ବିଧାୟକ ପଦରୁ ଗଲା ପରେ ପେନସନ୍ ପାଇବାର କେତେକ କୋହଳ ବ୍ୟବସ୍ଥା । ପୂର୍ବେ ଅନ୍ତ କମରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ବିଧାୟକ ଭାବେ କାର୍ଯ୍ୟ କରୁଥିଲେ ସଂପୃକ୍ତ ବ୍ୟକ୍ତି ପେନସନ ପାଇବାକୁ ହକ୍ଦାର ହେବେ ବୋଲି ବିବେଚିତ ହେଉଥିଲେ । କିନ୍ତୁ ଏହି ବ୍ୟବସ୍ଥାରେ ଉପ ନିର୍ବାଚନରେ ଜିତିଥିବା କେତେକ ବିଧାୟକ ପେନସନ୍ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ଥିବାରୁ ତାହାର ସମସ୍ତ ସୀମା ହ୍ରାସ କରିଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ବିଧି ବିଧାନ ପ୍ରଣୟନ କରିବାର ବ୍ୟବସ୍ଥା ହୋଇଛି ।

କଂଗ୍ରେସ ଦଳର ଅଧିକାଂଶ ବିଧାୟକ ପୁନର୍ବାର ନିର୍ବାଚିତ ହେବାର ସମ୍ଭାବନା କ୍ଷୀଣ ଏବଂ ବିଧାନସଭାର ସଭ୍ୟ ପଦରୁ ଗଲେ ମଧ୍ୟ ସେମାନେ ମାସିକ ପେନସନ ହାତ ଖର୍ଚ୍ଚ ପାଇ-ପାରିବେ ଓ ବର୍ତ୍ତମାନର ନେତୃତ୍ୱ ପ୍ରତି ଅନୁରକ୍ତ ରହିବେ ସେଥିପାଇଁ ଏ ବ୍ୟବସ୍ଥା କରା-ଯାଇଛି ।

ବିଧାୟକ ମାନଙ୍କ ପେନସନ ବ୍ୟବସ୍ଥା ଉଠାଇ ଦେବାକୁ ବିଭିନ୍ନ ମହଲରେ ଦାବୀ ହେଉ ଥିବା ବେଳେ ସେମାନଙ୍କ ଅନ୍ତ ଅଳ୍ପକାର୍ଯ୍ୟ ପାଇଁ ବିଧାନ ସଭାରେ ପ୍ରବେଶ କରିଥିଲେ ହେଁ ପେନସନ୍ ଦେବାକୁ ବ୍ୟବସ୍ଥା ହେଉଥିବାରୁ ସାଧାରଣରେ ଏହାର ଘୋର ସମାଲୋଚନା ହେଉଛି । □

Images: Aptakama Mishra, Processing: Srujanika

କଲେଜ ଅଧ୍ୟାପକମାନେ ବର୍ଷସାରା ମାତ୍ର ୨୦୦ ପିରିଅଡ଼ ପଢ଼ାଉଛନ୍ତି

ଫଳରେ କୋର୍ସ ସରି ପାରୁ ନାହିଁ ଏବଂ ଛାତ୍ର ମାନେ ବାଧ୍ୟ ହୋଇ କଲେଜରେ ମଧ୍ୟ ଟିଉସନ ହେଉଛନ୍ତି ।

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଶିକ୍ଷକ ଧର୍ମଘଟ ବା ଛାତ୍ର ଧର୍ମଘଟ ଫଳରେ ଅଧିକାଂଶ ଦିନ କଲେଜ ମାନ ବନ୍ଦ ରହୁଥିବାରୁ ଛାତ୍ରମାନଙ୍କ ପଢ଼ାପଢ଼ିରେ ଘୋର ଅବନତି ଦେଖା ଦେଇଛି ଏବଂ ପିଲା ମାନଙ୍କୁ ମଣିଷ କରିବା ଆଶାରେ ଅତି କଷ୍ଟରେ ପାଠ ପଢ଼ାଉଥିବା ମଧ୍ୟବିତ୍ତ ଓ ନିମ୍ନ ବିତ୍ତ ପରିବାରର ଅଭିଭାବକଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଥିବା ପରିଲକ୍ଷିତ ହେଉଛି ।

ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଟ୍ୟୁସନ କରିବା ଭଲ ଭଲ ସ୍କୁଲର ଶିକ୍ଷକଙ୍କ ପକ୍ଷେ ଏକ ଲାଭଜନକ ପେଷାରେ ପରିଣତ ହୋଇଗଲାଣି ଏବଂ ସେମାନେ ଟ୍ୟୁସନକୁ ଅତ୍ୟଧିକ ଆସ୍ଥା କରୁଥିବାରୁ ସ୍କୁଲରେ ନାମକୁ ମାତ୍ର ଯାହାତାହା ପଢ଼ାଇ ଘରକୁ ଟ୍ୟୁସନକୁ ଆସିବା ପାଇଁ ପିଲାଙ୍କୁ ପ୍ରବର୍ତ୍ତାଉଥିବା ଏକ ସାଧାରଣ କଥା ହୋଇଥିଲେ ବି ରାଜ୍ୟ ସରକାର ବା ଅଭିଭାବକ ମାନଙ୍କ ପକ୍ଷରୁ ଏହା ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁ ନାହିଁ । ଫଳରେ ସ୍କୁଲରେ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିବା ପିଲାମାନଙ୍କ ଅଭିଭାବକ ମାନେ ବାଧ୍ୟ ହୋଇ ଯେନ ତେନ ପ୍ରକାରେଣ ଅର୍ଥ ସଂଗ୍ରହ କରି ନିଜ ପିଲାଙ୍କୁ ଟ୍ୟୁସନ କରୁଛନ୍ତି ! ସ୍କୁଲ ସମୟ ବାହାରେ ଜଣେ ଜଣେ ଶିକ୍ଷକଙ୍କ ଘରେ ସକାଳୁ ରାତି ୧୦ ଟା ଭିତରେ ସ୍ୱରେଟି ବ୍ୟାଚରେ ପିଲାମାନେ ଟ୍ୟୁସନ ହେଉଛନ୍ତି । ଘରକୁ ଆସୁଥିବା ଗଣିତ ଓ ଇଂରେଜି ଶିକ୍ଷକ ମାନେ ଦିନେ ଛଡ଼ା ଦିନେ ଆସିଲେ ମାସିକ ଦୁଇ ଶହରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ନେଇଥାନ୍ତି ।

ଗତ ଦୁଇ ତିନିବର୍ଷ ହେଲା କଲେଜକୁ ମଧ୍ୟ ଏ ଟ୍ୟୁସନ ବ୍ୟାଧି ବ୍ୟାପିଲାଣି । ବିଜ୍ଞାନ ପିଲାଙ୍କୁ ଗୋଟିଏ ଗୋଟିଏ ବିଷୟ ପଢ଼ାଇବା ପାଇଁ ଅଧ୍ୟାପକ ମାନେ ସୁରି ସୁରି ଠିକା କରିନେଉଛନ୍ତି । ଇଣ୍ଟରମିଡ଼ିଏଟ ଶ୍ରେଣୀରେ ଫିଜିକ୍ସ ୫୦୦ ଟଙ୍କା ; କେମେଷ୍ଟ୍ରି ୪୦୦ ଟଙ୍କା ହିସାବରେ ଚୁକ୍ତି ହେଉଛି । ଟ୍ୟୁସନକୁ ନଗଲେ ପ୍ରାକଟିକାଲରେ ହଇରାଣ ହେବା ଭୟରେ ପିଲାମାନେ ଏତେ ଏତେ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି ।

ଓଡ଼ିଶାରେ ସରକାରୀ ଓ ବେସରକାରୀ ଭାବେ ଏବେ ୨୦ ହଜାର କଲେଜ ଶିକ୍ଷକ ଅଛନ୍ତି । ସେମାନେ ପ୍ରତି ସପ୍ତାହରେ ୨୧ ଟିରୁ ୨୪ ପିରିଅଡ଼ କ୍ଲାସ ନେବା କଥା । ଏହି ବିଧାନ ଅନୁଯାୟୀ ୨ ୫ ଟି କାର୍ଯ୍ୟକାରୀ ଦିବସରୁ ନାମ ଲେଖା ଦିବସ ଇତ୍ୟାଦି କଟିଗଲେ ୮୦ ଦିନର ବା ୩୦ ସପ୍ତାହରେ ଅନ୍ୟୂନ ୬୦୦ଟି ପିରିଅଡ କ୍ଲାସ ନେବା କଥା । କିନ୍ତୁ ଏକ ବିଶେଷ ଅନୁଧ୍ୟାନରୁ ଜଣାଯାଇଛି ସେମାନେ ବର୍ଷସାରା ୧୦୦ଟି ପିରିଅଡ ମଧ୍ୟ ନେଉ ନାହାନ୍ତି । ଫଳରେ କଲେଜରେ ମଧ୍ୟ ଶିକ୍ଷା କ୍ଷେତ୍ରରେ ବିରାଟ ବିଶୃଙ୍ଖଳା ସୃଷ୍ଟି ହେଉଛି । ଶ୍ରେଣୀରେ ପଢ଼ିବା ପାଇଁ କିଛି ନଥିବାରୁ ଛାତ୍ରଛାତ୍ରୀ ମାନେ ବାହାରେ ବୁଲି ବଦମାସି କରିବା ଏକ ସ୍ୱାଭାବିକ କାର୍ଯ୍ୟ ହୋଇ ଯାଇଛି ।

ଗତ ଛାତ୍ର ଆନ୍ଦୋଳନକୁ ଡରି ସରକାରଙ୍କ ଭିତରିଆ ନିର୍ଦ୍ଦେଶରେ ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ରେଭେନସା କଲେଜରେ ପାଠ ପଢ଼ା ହେଉ ନଥିଲା ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ନେବାରେ ଜଣାଯାଇଛି । □

ନୀଳ ଗଛର ରସ ସାପ ବିଷ ଝାଡ଼ିବ

ନାଗ ସାପ ଦଂଶନ କରିଥିବା ଲୋକଙ୍କୁ ନୀଳ ଗଛର (ଇଣ୍ଡିଗୋଫିକ୍-ଟୋରିର) ରସ ପିଆଇ ଦେଲେ ସାପ ବିଷ ତାର ସହସା କ୍ଷତି କରିପାରିବ ନାହିଁ ବୋଲି ଭାରତୀୟ ବୈଜ୍ଞାନିକମାନେ ଜାଣି ପାରିଛନ୍ତି ।

ଡକ୍ଟର ଜେ. ଜୋସେଫ ଥାସଙ୍କ ଅଧ୍ୟକ୍ଷତାରେ ଦଳେ ବୈଜ୍ଞାନିକ ଏହାକୁ ମୂଷା ଏବଂ ବେଙ୍ଗ ଉପରେ ପରୀକ୍ଷା କରିସାରିଲା ପରେ ଉପରୋକ୍ତ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ।

ନାଗସାପ କାମୁଡ଼ିଥିବା ଲୋକଙ୍କୁ ପ୍ରାଥମିକ ଚିକିତ୍ସା ସ୍ୱରୂପ ଏହି ରସ ପିଆଇ ଦେଲେ ତା ଶରୀରରେ ବିଷ ସଞ୍ଚାର ପ୍ରକ୍ରିୟା ଧୀମେଇ ଯିବ ଏବଂ ଇତ୍ୟବସରରେ ତାକୁ ଡାକ୍ତରଖାନା ନିଆଯାଇ ପାରିବ । ସାପ କାମୁଡ଼ି ଥିବା ଲୋକକୁ ନୀଳ ଗଛ ଚେରର ରସ ଗୁରି-ଆଉନ୍‌ସ ଗୋଲମରିଚ ସହ ବାଟି ପେଇ ଦେବାକୁ ପଡ଼ିବ । ଠିକ୍ ନୀଳ ଗଛ ନ ମିଳିଲେ ଶୁଖିଲା ଗଛର ପତ୍ର ୫ ବା ୧୦ ଗ୍ରାମ ଗୁଣ୍ଡ କରି ଖାଇବାକୁ ଦିଆଯାଇ ପାରେ । □

ପାରମାଣବିକ ଯୁଦ୍ଧ ଜନିତ ଶୀତ

ସୋଭିଏତ ଓ ଆମେରିକାର ସର୍ବଶେଷ ଗବେଷଣାରୁ ଜଣାଯାଇଛି ଯେ ପାରମାଣବିକ ଯୁଦ୍ଧ ସାରା ପୃଥିବୀରେ ପାଣିପାଗ ଅବସ୍ଥାକୁ ବଦଳାଇ ଦେବ । ଏହା ପ୍ରତ୍ୟକ୍ଷଭାବେ ପାରମାଣବିକ ଆକ୍ରମଣର ପରିମାଣରୁ ଆହୁରି ବେଶି ସାଂଘାତିକ ।

ହିସାବରୁ ଦେଖାଯାଇଛି ଯେ ପାରମାଣବିକ ବିସ୍ଫୋରଣ ଓ ପାଣିପାଗ ଦୂଷିତ ହେବା ଫଳରେ ପାରମାଣବିକ ଶୀତକାଳ ଦେଖାଦେବ । ତାପମାତ୍ରା ଯଥେଷ୍ଟ ତଳକୁ ଖସିଯିବ । ଯେଉଁମାନେ ବଞ୍ଚିଯିବେ ସେମାନେ ଶୀତରେ ଜମାଟ ବାନ୍ଧି ବା ତୃଷ୍ଣାରେ ମରିଯିବେ ।

ସୀମିତ ପାରମାଣବିକ ଯୁଦ୍ଧରେ ପ୍ରବକ୍ତା ମାନେ କହୁଛନ୍ତି ଯେ ଉତ୍ତର ଗୋଲାର୍ଦ୍ଧରେ ସଂଘର୍ଷ ହେଲେ ଦକ୍ଷିଣ ଗୋଲାର୍ଦ୍ଧରେ ହେବ ଏଇ ଯୁଦ୍ଧରେ ଜୀବିତ ମାନଙ୍କର ବାସସ୍ଥଳ । ପାରମାଣବିକ ଯୁଦ୍ଧ ଫଳରେ ପାଣିପାଗର ପରିବର୍ତ୍ତନ ସହିତ ଆନ୍ତର୍ଜାତିକ ସମ୍ମିଳନୀର ଚୂଡ଼ାନ୍ତ ଦଲିଲରେ ଏକଥା ଯୋର ଦେଇ କୁହା ହୋଇଛି ।

ପାଣିପାଗ ଏବଂ ସାମାଜିକ ଅର୍ଥନୈତିକ ଦିଗରୁ ଏସିଆ ଆଫ୍ରିକା ଓ ଲାଟିନ ଆମେରିକାର ଦେଶ ମାନଙ୍କ ପକ୍ଷରେ ପ୍ରଳୟଙ୍କରୀ ହେବ ବୋଲି ସଂକ୍ଷେପରେ କୁହାଯାଇପାରେ । □

Images: Aptakama Mishra, Processing: Srujanika

କୋରିଆର ପ୍ରାଚୀନ ଚିକିତ୍ସା ପଦ୍ଧତି

ଅଙ୍ଗୁଳି ସ୍ପର୍ଶରେ ରୋଗ ଭଲ ହେବ

ଆପଣ ଭୟଙ୍କର ଲୁମ୍ବାଗୋ ରୋଗରେ (ଏକ ପ୍ରକାର ଯନ୍ତ୍ରଣା ଦାୟକ ଅଣ୍ଟାବଥା) ଶିକାର ହୋଇଛନ୍ତି କି ? ଏହି ରୋଗକୁ ଭଲ କରିବା ପାଇଁ ଆଧୁନିକ ଚିକିତ୍ସା ଶାସ୍ତ୍ରରେ କୌଣସି ଔଷଧ ନାହିଁ । କିନ୍ତୁ କୋରିଆର କୌଣସି ପାରମ୍ପରିକ ଫିଙ୍ଗର ପ୍ରେସର ଥେରାପିଷ୍ଟଙ୍କ ନିକଟକୁ ଗଲେ ସେ ଆପଣଙ୍କୁ ବିନା ଔଷଧରେ ଭଲ କରିଦେବେ ଏବଂ ଆପଣ ନିଜେ ମଧ୍ୟ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇ ପଡ଼ିବେ ।

ଏହି ଅଙ୍ଗୁଳି ଚାପ ପ୍ରୟୋଗ କାରି ଚିକିତ୍ସକ ଅନ୍ୟମାନଙ୍କ ଭଳି କୌଣସି ଔଷଧ ଦେବେ ନାହିଁ । ସେ କେବଳ ନିଜ ଅଙ୍ଗୁଳି ସାହାଯ୍ୟରେ ଶରୀରର କେତେକ ଅଂଶରେ ଚାପ ପ୍ରୟୋଗ କରିବେ । ଏହି ଚାପ ଫଳରେ ଶରୀରର ରକ୍ତ ପ୍ରବାହ ନିୟନ୍ତ୍ରିତ ହୋଇଯିବ ଏବଂ ଖସିଯାଇଥିବା ମେରୁହାଡ଼ ସ୍ୱସ୍ଥାନକୁ ଫେରିଯିବ । ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପାଇଁ ଆପଣଙ୍କୁ ସେହିଭଳି ଜଣେ ବିଶେଷଜ୍ଞଙ୍କ ପାଖରୁ ମାସକୁ ପ୍ରାୟ ୧୦ ଥର ଯିବାକୁ ପଡ଼ିପାରେ ।

ଆପଣଙ୍କର ସେହି କୋରିଆ ଚିକିତ୍ସକ ପ୍ରତ୍ୟେକ ଥର ଆପଣଙ୍କୁ ୧୦ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଚାପ ପ୍ରୟୋଗ କରିବେ ଏବଂ ଏହି ଚିକିତ୍ସା ଗ୍ରହଣ କଲାପରେ ଅନ୍ୟାନ୍ୟ ଚିକିତ୍ସକ ମାନଙ୍କ ପାଖକୁ ଯାଇ କାହିଁକି ଏତେ ଅର୍ଥ ଶ୍ରାଦ୍ଧ କଲି ବୋଲି ଭାବି ଆପଣ ନିଜେ ପଶ୍ଚାତାପ କରିବେ ।

ଏହି ପ୍ରାଚୀନ ରୋଗ ଉପଶମ କରିବା ପଦ୍ଧତିକୁ **ଚିଆପ** (ଚି ଅର୍ଥ ଅଙ୍ଗୁଳି ଓ ଆପ୍ ଅର୍ଥ ଚାପ) ବୋଲି କୁହାଯାଏ । କେତେକ ଏହିଭଳି ଚିକିତ୍ସକଙ୍କ ସମ୍ପର୍କରେ ଦେଖିବାକୁ ଆସିଥାନ୍ତି ଏବଂ ଏଭଳି ଚିକିତ୍ସକ ମାନେ ସାଧାରଣତଃ ମାଲିସ କେନ୍ଦ୍ର ବା ବ୍ୟାୟାମ ଶାଳା ପାଖରେ ନିଜର କେନ୍ଦ୍ର ଖୋଲିଥାନ୍ତି । କୋରିଆରେ ଅନେକ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ମଧ୍ୟ ଏହି ଚିଆପ ଥେରାପିର ପ୍ରବର୍ତ୍ତନ କରାଯାଇଛି ଏବଂ ସେମାନେ ଏହି ପଦ୍ଧତିରେ ମୁଣ୍ଡବିନ୍ଧା, ସର୍ଦ୍ଦି, ତଣ୍ଟି ପଡ଼ିବା, ମାଂସ ପେଶି ବିନ୍ଧିବା, ଜଖମ ହୋଇଥିବା ଆଙ୍ଗୁଠି, ସାଧାରଣ ଦୁର୍ବଳତା ଓ ଶେଜରେ ମୁତିବା ଇତ୍ୟାଦି ରୋଗ ଭଲ କରିଥାନ୍ତି । ଏହି ପ୍ରଣାଳୀରେ ଚିକିତ୍ସିତ ହେଲେ ଶାରୀରିକ ତଥା ମାନସିକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

ଲି ଚୋଙ୍ଗ କୋଲ

ଏ କ୍ଷେତ୍ରରେ ଅଧିକ ଦକ୍ଷତା ହାସଲ କରିଥିବା ଚିକିତ୍ସକ ମାନେ ରୋଗ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିପାରନ୍ତି କିନ୍ତୁ ସାଧାରଣ ଚିକିତ୍ସକମାନେ କେବଳ ରୋଗ ଭଲ କରିପାରନ୍ତି ।

ଏହି ପ୍ରଣାଳୀର ଇତିହାସ ଖୋଜି ପାଇବା କଷ୍ଟକର । କିନ୍ତୁ ମଣିଷ ସମଗ୍ର ବିଶ୍ୱର ଏକ ଆଣବିକ ପ୍ରତିବିମ୍ବ, ବୋଲି ଯେଉଁ ପ୍ରାଚ୍ୟ ଦର୍ଶନ ବା ଚିନ୍ତାଧାରା ଥିଲା ତାହାର ଏକ ଶାଖାରୁପେ କ୍ରମେ ଏହି ପ୍ରଣାଳୀ ବିକାଶ ଲାଭ କରିଥିବା ଅନୁମିତ ହୁଏ ।

ପ୍ରାଚ୍ୟ ଆୟୁର୍ବେଦ ଶାସ୍ତ୍ର ହାନ୍ୟାକ ଚୀନରୁ ସୃଷ୍ଟି ହୋଇଥିଲେ ବି ଚିଆପ ପଦ୍ଧତି କୋରିଆର ବିଭିନ୍ନ ଅଧିବାସୀ ମାନଙ୍କ ଅଭିଜ୍ଞତାରୁ କ୍ରମେ ଜନ୍ମ ଲାଭ କରିଥିବା ଅନୁମିତ ହେଉଛି ।

କୋରିଆର ସବୁ ମାତା ପିତା ସେମାନଙ୍କ ସନ୍ତାନଙ୍କୁ ପିଲାଦିନୁ ଏକ ପ୍ରକାର ଖେଳ କୌଶଳ ଶିଖାନ୍ତି ଯାହା ସେମାନଙ୍କ ସ୍ୱାସ୍ଥ୍ୟ ରକ୍ଷାରେ ସହାୟତା କରିଥାଏ । ପିଲାମାନେ ବାପ ମାଙ୍କୁ ଚିହ୍ନିବା ଅବସ୍ଥାକୁ ଆସିଗଲେ ସେମାନଙ୍କ ଗୋଟିଏ ହାତର ଆଙ୍ଗୁଠି ଅନ୍ୟ ହାତର ପାପୁଲିରେ ଦେଖାଇବା ଶିକ୍ଷା ଦିଆଯାଏ । ଏହି ଖେଳ ବେଳେ କୋଞ୍ଜି କୋଞ୍ଜି ଶବ୍ଦ ଉଚ୍ଚାରଣ କରାଯାଏ ଏବଂ ଏହା ଦ୍ୱାରା ପିଲାଙ୍କର କଣ୍ଠନ ବା ଯକୃତ ଶକ୍ତିଶାଳୀ ହୁଏ ।

ସେହିଭଳି ହଜମ ଶକ୍ତି ବଢ଼ାଇବା ପାଇଁ ଜାଏମ ଜାଏମ ଖେଳ ହୁଏ । ଏଥିରେ ପିଲାମାନେ ହାତ ମୁଠାକରି ବାହୁ ସାମନାକୁ ନିଅନ୍ତି ଏବଂ ଖୋଲି କରି ଭିତରକୁ ଆଣନ୍ତି । ନିଜର ଶକ୍ତି ବଢ଼ାଇବା ପାଇଁ ତାଳମାରି ନାଚିବାକୁ ଉତ୍ସାହିତ କରାଯାଏ । ଶରୀରର ୨୦୫ ଗଣ୍ଠି ଯାଗାକୁ ସଚଳ ଓ ସକ୍ରିୟ କରିବାକୁ ହାଓଲି ବୋଲି କହି ଚଢ଼େଇ ଉଡ଼ିବା ଭଳି ଅବସ୍ଥାରେ ପିଲାମାନେ ନିଜକୁ ଅବସ୍ଥାପିତ କରିଥାନ୍ତି ।

ଚିଆପ କେବଳ ଚିକିତ୍ସା ପାଇଁ ବ୍ୟବହୃତ ହୁଏ ନାହିଁ । କୋରିଆର ଅତି ଶକ୍ତିଶାଳୀ ମଲ୍ଲ ଯୋଦ୍ଧାମାନେ ଶତ୍ରୁକୁ ପରାସ୍ତ କରିବା ପାଇଁ ଅଙ୍ଗୁଳି ଚାପ ପ୍ରୟୋଗ କରିଥାନ୍ତି । ସେତେବେଳେ ସେମାନେ ନିଜ ଶରୀରର ସମସ୍ତ ସାମର୍ଥ୍ୟ ଓ ଶକ୍ତି ଅଙ୍ଗୁଳି ଅଗରେ କେନ୍ଦ୍ରୀଭୂତ କରିଥାନ୍ତି । ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ଆସନରେ ପ୍ରାଣାୟମ କରନ୍ତି ।

Images: Aptakama Mishra, Processing: Srujanika

ସୃଷ୍ଟି ପ୍ରକ୍ରିୟାର ରହସ୍ୟ

ସେମାନଙ୍କ ମତରେ ଦୁଇଟି ପରସ୍ପର ବିରୋଧୀ ଶକ୍ତି ଊମ ଓ ୟାଙ୍ଗ ବରାବର ସଂଘର୍ଷରତ ରହିଛନ୍ତି । ଊମ୍ ହେଉଛି ଶୀତଳ, ନିଷ୍କ୍ରିୟ, ଅନ୍ଧକାରମୟ ଓ ସ୍ତ୍ରୀଲିଙ୍ଗ ବିଶେଷ । ଏବଂ ୟାଙ୍ଗ ହେଉଛି ଉତ୍ତପ୍ତ; ସକ୍ରିୟ, ଉଜ୍ଜ୍ୱଳ ବା ତେଜୋମୟ ଏବଂ ପୁଂଲିଙ୍ଗ ବିଶେଷ । ଏହି ଦୁଇଟି ଶକ୍ତି ମଧ୍ୟରେ ଭାରସାମ୍ୟ ରହିଲେ ହିଁ ଉତ୍ତମସ୍ୱାସ୍ଥ୍ୟରକ୍ଷା କରାଯାଇ ପାରିବ ବୋଲି କୋରିଆ, ଚୀନ ଓ ଜାପାନର ପୁରାତନ ବିଶ୍ୱାସ ।

ଆମ ମନୁଷ୍ୟ ଶରୀର ୧୪ଟି ବ୍ୟବସ୍ଥାକୁ ନେଇ ଗଠିତ ଏବଂ ପ୍ରତ୍ୟେକଟି ଗୋଟିଏ ଗୋଟିଏ ଜୀବନୀ ଶକ୍ତି ପ୍ରବାହ ସହ ସଂପୃକ୍ତ । ପ୍ରବାହିତ ହେଉଥିବା ଏହି ଜୀବନୀ ଶକ୍ତିକୁ ଚୀନା ଭାଷାରେ ଚୀ ଏବଂ କୋରିଆ ଭାଷାରେ କି କୁହାଯାଏ । ଏହି ଶକ୍ତି ପ୍ରବାହରେ ବ୍ୟାଘାତ ସୃଷ୍ଟି ହେଲେ ପ୍ରତ୍ୟେକ ମନୁଷ୍ୟର ଶରୀରରେ ଥିବା ପ୍ରାକୃତିକ ଶକ୍ତିରେ ବିଭ୍ରାଟ ସୃଷ୍ଟି ହୁଏ ଏବଂ ପରିଣାମରେ ରୋଗ ଇତ୍ୟାଦି ହୁଏ ।

ଏହି ଜୀବନୀ ଶକ୍ତି ପ୍ରବାହ ଯେଉଁଠି ଆବଦ୍ଧ ହୋଇ ଯାଇଥିବା ନିରୂପିତ ହୁଏ ସେଠାରେ ଟିଆପ ସ୍ୱାସ୍ଥ୍ୟ କୌଶଳ ପ୍ରୟୋଗ କରାଯାଇ ତାକୁ ପ୍ରବାହିତ କରି ଦିଆଯାଏ । ଶରୀରର ୩୬୫ଟି ସ୍ଥାନରେ ଉକ୍ତ ଶକ୍ତି ଆବଦ୍ଧ ହୋଇ ରହିପାରେ ବୋଲି ନିରୂପିତ ହୋଇଛି ଏବଂ ତଦନୁଯାୟୀ ଟିଆପ ଚିକିତ୍ସକମାନେ ଅଙ୍ଗୁଳି ଗୃପ ପ୍ରୟୋଗ କରନ୍ତି ।

ଉପରୋକ୍ତ ଜୀବନ ଶକ୍ତି କେନ୍ଦ୍ର ମାନଙ୍କ ମଧ୍ୟରୁ ୪୦ଟି କେନ୍ଦ୍ର ଅଧିକ ଗୁରୁତ୍ୱପୂର୍ଣ୍ଣ । ଯୋଦ୍ଧା ମାନେ ଏହି ୪୦ଟି କେନ୍ଦ୍ରର କାର୍ଯ୍ୟ ସମ୍ପର୍କରେ ଅଭିଜ୍ଞ ଥାଆନ୍ତି ଏବଂ ନିଜର ପ୍ରତିପକ୍ଷକୁ କାବୁ କରିବା ପାଇଁ ଏହି କେନ୍ଦ୍ର ଭିତରୁ ଆବଶ୍ୟକ ସ୍ଥାନରେ ଗୃପ ପ୍ରୟୋଗ କରନ୍ତି । ଏହି ଗୃପର ତୀବ୍ରତା ଯୋଗୁ ପ୍ରତିପକ୍ଷ ବେଳେ ବେଳେ ମରିଯିବା ମଧ୍ୟ ବିଚିତ୍ର ନୁହେଁ ।

ଆଙ୍ଗୁଳି ଗୃପ ଦ୍ୱାରା ପକ୍ଷାଘାତରୁ ମସ୍ତିଷ୍କ ବିକୃତି ପର୍ଯ୍ୟନ୍ତ ସବୁକିଛି ଭଲ ହେବ ବୋଲି ଏବେ କୁହାଯାଉଛି ।

କ୍ୟୁଙ୍ଗ ବିଶ୍ୱବିଦ୍ୟାଳୟରେ ଓରିଏଣ୍ଟାଲ ଫିଜିଓ ଥେରାପି ଶିକ୍ଷା ଦେଉଥିବା ଡକ୍ଟର ଉନ ହ୍ୟୁଦାଏ କହନ୍ତି ଯେ ଟିଆପ ପ୍ରଣାଳୀରେ ବିକଳାଙ୍ଗ ଶିଶୁମାନଙ୍କର ଚିକିତ୍ସା କରାଗଲେ ଖୁବ ଭଲ ଫଳ ମିଳୁଥିବା ପ୍ରମାଣିତ ହୋଇଛି ।

କୋରିଆ ଟିଆପ ଥେରାପି ଆସୋସିଏସନ୍‌ର ସଭାପତି ଡକ୍ଟର ଓହ ଜଙ୍ଗହ୍ୱାନ କହନ୍ତି ଯେ ଆଧୁନିକ ଚିକିତ୍ସା ଶାସ୍ତ୍ରରେ ଦୁରାରୋଗ୍ୟ ରୂପେ କଥିତ କେତେକ ରୋଗକୁ ଏହି ପ୍ରଣାଳୀରେ ଭଲ କରି ଦିଆଯାଇ ପାରିବ । ଯେଉଁ କ୍ଷେତ୍ରରେ ଶଲ୍ୟ ଚିକିତ୍ସା ଏକାନ୍ତ ଆବଶ୍ୟକ ସେଠାରେ ଟିଆପ୍ ବିଫଳ ହୋଇପାରେ ।

ଏହି ୬୨ ବର୍ଷ ବୟସ୍କ ଟିଆପ ବିଶେଷଜ୍ଞ ଲସ ଆଞ୍ଜେଲସ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପକ ବିନିମୟ କାର୍ଯ୍ୟକ୍ରମରେ ଅଧ୍ୟାପନା କରୁଛନ୍ତି । ୧୯୮୩ ମସିହାରେ ଏକ ଲେକଚର ଟୁରରେ ଯାଇଥିବା ବେଳେ ଡକ୍ଟର ଓହ ଜଣେ ଆମେରିକୀୟ ମହିଳାଙ୍କୁ ଏହି ଚିକିତ୍ସାରେ ଭଲ କରି ଦେଇଥିଲେ । ଉକ୍ତ ମହିଳା ଜଣଙ୍କର ଶରୀରର ନିମ୍ନାଂଶ ପକ୍ଷାଘାତ ଯୋଗୁ ଅଚଳ ହୋଇ ପଡ଼ିଥିଲା ଏବଂ ସେ ହ୍ୱିଲ ଚେୟାରରେ ଯିବା ଆସିବା କରୁଥିଲେ । □

ନିଦ ବଟିକା ଖାଇଲେ ଜେନେଟିକ ଦୋଷ ସୃଷ୍ଟି ହେବ

ଡାୟାଜେପାମ ଓ ନାଇଟ୍ରାପେମ ନାମକ ଦୁଇଟି ରସାୟନିକ ପଦାର୍ଥକୁ ନେଇ ତିଆରି ହେଉଥିବା ଟ୍ରାଙ୍କୁଲାଇଜର ବା ନିଦ ବଟିକା ଖାଇଲେ ସଂପୃକ୍ତ ବ୍ୟକ୍ତିର ଜେନେଟିକ ଦୋଷ ସୃଷ୍ଟି ହେବ ଏବଂ ଏହା ସେମାନଙ୍କର ପରବର୍ତ୍ତୀ ବଂଶଧର ମାନଙ୍କୁ କ୍ଷତିଗ୍ରସ୍ତ କରିବ ବୋଲି କଲିକତା ବିଶ୍ୱ ବିଦ୍ୟାଳୟର ଦଳେ ଗବେଷକ ଜାଣିପାରି ନିଦ ବଟିକା ଖାଇବା ଅଭ୍ୟାସ ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ମୁଖ୍ୟତଃ ନାଇଟ୍ରାଭେଟ, ହିପନୋଟେକସ ୧୦ କାମ୍ପୋଜ ଓ ଭଲିଅମ-୨ରେ ଉକ୍ତ ରସାୟନିକ ପଦାର୍ଥ ଥାଏ । □

ସମୁଦ୍ର କାହିଁକି ନୀଳ ଦେଖାଯାଏ

ଦୁର୍ଦ୍ଦାନ୍ତ ବିରାଟକାୟ ପଶୁ ମାନଙ୍କ ସଂଖ୍ୟା ଏତେ କମ କାହିଁକି ଶୀର୍ଷକ ଏକ ପ୍ରବନ୍ଧ ପୁସ୍ତକର ପ୍ରଣେତା ପଲ କଲିଭିନକସ ସମୁଦ୍ର ନୀଳ ଦେଖା ଯିବାର କାରଣ ସମ୍ପର୍କରେ କହନ୍ତି ସୂର୍ଯ୍ୟ କିରଣ ସ୍ୱଚ୍ଛ ଜଳରାଶି ଉପରେ ପଡ଼ିଲେ ଆଲୋକର ଶକ୍ତି ଧୀରେ ଧୀରେ ଶୋଷିତ ହୁଏ । ଲୋହିତ ବର୍ଣ୍ଣର ୱେଭଲେନ୍‌ଥ ଅତି ଅଳ୍ପ ଶକ୍ତି ସମ୍ପନ୍ନ ହୋଇଥିବାରୁ ଏହା ପ୍ରଥମେ ଅନ୍ତର୍ହିତ ହୋଇଯାଏ । ଏହା ପରେ ନାରଙ୍ଗୀ ହଳଦିଆ ଓ ଅବଶେଷରେ ସବୁଜ ବର୍ଣ୍ଣ ମଧ୍ୟ ଶୋଷିତ ହୁଏ । କିନ୍ତୁ ନୀଳ ରଙ୍ଗର ଫ୍ରିକ୍ୱେନସି ଅତି କ୍ଷୁଦ୍ର ତଥା ଶକ୍ତିଶାଳୀ ହୋଇଥିବାରୁ ଏହା ସମୁଦ୍ର ଭିତରକୁ ଯାଇ ସେଠାରୁ ପ୍ରତିଫଳିତ ହୋଇ ପୁଣି ପାଣି ଉପରକୁ ଆସେ ଫଳରେ ପାଣିର ରଙ୍ଗ ଆମ ଆଖିକୁ ନୀଳ ଦିଶେ । □

ବିଜ୍ଞାପନ ହାର

ପୁରା ପୃଷ୍ଠା	୧,୦୦୦	ଟଙ୍କା
ଅଧା ପୃଷ୍ଠା	୬୦୦	ଟଙ୍କା
ଚଉଠ ପୃଷ୍ଠା	୩୦୦	ଟଙ୍କା
ଏକ କଲମ	୪୦୦	ଟଙ୍କା
ସର୍ବନିମ୍ନ	୧୦୦	ଟଙ୍କା

Images: Aptakama Mishra, Processing: Srujanika

କଳା ବିଲେଇ ଓ ଜାତକ

ଅବାସ୍ତବ, ଅଘଟଣ କଥାରେ ଆମେ କାହିଁକି ବିଶ୍ୱାସ କରୁ ?

ଡକ୍ଟର ରାଧାନାଥ ରଥ (ମନୋରଞ୍ଜନ)

ଥରେ ମୁଁ ମୋର ଝିଅ ବାହାଘର କଥା ଠିକ୍ କରିବା ପାଇଁ ଜଣେ ଭଦ୍ରଲୋକଙ୍କୁ ସାଙ୍ଗରେ ନେଇ ନିଜେ କାର ଚଳାଇ ଯାଉଥିଲି । ହଠାତ ମୋର ଚଳନ୍ତା ଗାଡ଼ି ଆଗରେ ଗୋଟିଏ ବିରାଟ କଳା ବିରାଡ଼ି ଅତି ଦ୍ରୁତ ବେଗରେ ରାସ୍ତାର ଏ ପାଖରୁ ସେ ପାଖ ଯାଏଁ ଦୌଡ଼ି ଚାଲିଗଲା । ମୁଁ ଗାଡ଼ିର ଗତି ଟିକିଏ କମାଇ ଦେଲି । ହଠାତ ଭଦ୍ରବ୍ୟକ୍ତି ଜଣକ ବହୁତ ଉଦ୍‌ବିଗ୍ନ ହୋଇ କହିଲେ ଗାଡ଼ି ବନ୍ଦ କରି କିଛି ବାଟ ପଛେଇ ପଛେଇ ଚଳେଇବା ପାଇଁ । ମୁଁ ଗାଡ଼ି ବନ୍ଦ ନକରି ପଚାରିଲି କାହିଁକି? କାରଣ ସେତେବେଳ ଯାଏଁ ମୁଁ କଳା ବିରାଡ଼ିକୁ ଅଶୁଭ ବୋଲି ଜାଣିନଥିଲି । ସେ ମୋ ହାତକୁ ଧରିବା ଉପରେ ଗାଡ଼ି ପଛେଇବା କାରଣ ଆମେମାନେ ଯେହେତୁ ଶୁଭ କାର୍ଯ୍ୟରେ ଯାଉଛୁ । କଳା ବିରାଡ଼ି ବହୁତ ଅଶୁଭ ତେଣୁ ତାର କାଳ ଦୃଷ୍ଟି ବା କୁପ୍ରଭାବକୁ ଏଡ଼ାଇବାକୁ ହେଲେ ପଛକୁ ହଟିଯାଇ ପୁଣି ଗଲେ ଯାଇ ହେବ । ମୁଁ କହିଲି ଯେ ଯଦି ସାମାନ୍ୟ ବିରାଡ଼ି-କଳା ହେଉ ବା ଧଳା ହେଉ ମୋର ଝିଅର ଭବିଷ୍ୟତ ନିର୍ଦ୍ଧାରଣ କରିବ ତା ହେଲେ ଆମେମାନେ କଣ ଏତେ ଦୁର୍ବଳ ଓ ଅକର୍ମୀ ଲୋକ ? ଯାହା ହେଉ ମୁଁ ଆଗେଇ ଚାଲିଲି । ସେଦିନ ବିଭାଘର କଥା ଠିକ ହେଲା ସମସ୍ତ ମଧ୍ୟ ଧାର୍ଯ୍ୟ ହୋଇଗଲା ଏବଂ ସେହି ଅନୁସାରେ ବିବାହ ହେଲା । ମୁଁ ଫେରିବା ବାଟରେ ଭଦ୍ରବ୍ୟକ୍ତିଙ୍କୁ ପଚାରିଲି କାହିଁ କିଛି ଅଶୁଭତ ହେଲା ନାହିଁ । ସେ କିନ୍ତୁ ତଥାପି ଉଦବିଗ୍ନ ଥାଆନ୍ତି । ପ୍ରକୃତରେ ତାଙ୍କର ବେଶି ଡର ଥାଏ ସେ ଗାଡ଼ି ଦୁର୍ଘଟଣା ସମ୍ଭାବନା ନେଇ । ଘରେ ପହଞ୍ଚିଲା ପରେ ପୁଣି ପଚାରିଲି ଯେ ସ୍ୱା ପରେ ତାଙ୍କର କଳା ବିରାଡ଼ି ପ୍ରତି ଆଉ ଅବିଶ୍ୱର ଓ ଉଦବିଗ୍ନତା ରହିବା କଥା ନୁହେଁ । ସେ କିଛି କହିଲେ ନାହିଁ ଏବଂ ଭବିଷ୍ୟତରେ ମଧ୍ୟ କଳା ବିରାଡ଼ି ଦେଖିଲେ ତାଙ୍କର ଅଶୁଭ ଉଦବିଗ୍ନତା ଠିକ ସେହିପରି ଦେଖାଦେବ ।

ଅର୍ଥାତ୍ ମନୁଷ୍ୟର ସ୍ୱଭାବସିଦ୍ଧ ଓ ଉପାର୍ଜିତ ଉଦବିଗ୍ନତା ଓ ଆତ୍ମ ବିଶ୍ୱାସ ହୀନତା ଯୋଗୁଁ ଅନେକ ସମୟରେ ଏପରି ନାନା ପ୍ରକାର ଅବାନ୍ତର ଘଟଣା ପ୍ରତି ବିଶେଷ ଭାବେ ଦୁର୍ବଳତା ତଥା ଅହେତୁକ ଭୟ ରହିଥାଏ । ଯେତେଥର ଏହା ଭୁଲ ପ୍ରମାଣିତ ହେଲେ ମଧ୍ୟ ସେ କଥା ମନେ ରହେ ନାହିଁ । ଯେତେଥର କିଛି ଅସୁବିଧା ହୋଇଥାଏ କିମ୍ବା ଏ ବିଷୟରେ ଅନ୍ୟ କାହାରିଠାରୁ ଏପରି ଅଘଟଣ କଥା ଶୁଣାଯାଇ ଥାଏ ସେ କଥା ହିଁ ସବୁବେଳେ ମନେ ରହିଥାଏ । ପ୍ରଥମରୁ କୌଣସି ସମ୍ଭାବ୍ୟ କାରଣ ନ ଥାଇ ଗୋଟିଏ ଘଟଣାକୁ ଯୁକ୍ତି ଯୁକ୍ତ ବୋଲି ଭାବି ନେବା ଏବଂ ପରେ ଯେତେ ନକାରା ଅନୁଭୂତ ହେଲେ ମଧ୍ୟ ତାକୁ ଭୁଲି ଯାଇ ଯେଉଁ କେତୋଟି କାଁ ଭାଁ ତଥାକଥିତ ଘଟଣା ସତ ବୋଲି ଧରି ନିଆଯାଇଥାଏ । ତେଣୁ ଜଣେ ଜଣେ ବ୍ୟକ୍ତି ଅତି ମାତ୍ରାରେ କୁସଂସ୍କାର ଗ୍ରସ୍ତ ଥିବାର ଜଣାଯାଏ । ସେମାନେ ବିନା କାରଣରେ ବାଜେ ଯୁକ୍ତିରେ ଏପରି ବହୁତ ଘଟଣା ସତ ବୋଲି ନିଜ ଆଗରେ ଓ ଅନ୍ୟ ପାଖରେ ବାରମ୍ବାର ପ୍ରମାଣ କରିବାକୁ ଚେଷ୍ଟା କରି ଥାଆନ୍ତି ।

ଥରେ ଏପରି ଜଣେ କୁସଂସ୍କାରଗ୍ରସ୍ତ ଲୋକ ମୋ ପାଖରେ ଜଣେ ବାବାଙ୍କର ଅଲୌକିକ ଶକ୍ତି ବିଷୟରେ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରୁଥିଲା ବେଳେ ଝିଟିପିଟି ଟିକ୍ ଟିକ୍ କଲା ଭଦ୍ରବ୍ୟକ୍ତି ତାଙ୍କ ଅଭିଜ୍ଞତାର ଯଥାର୍ଥତା ପ୍ରତିପାଦନ କରିବାରେ ଯେପରି ଅବ୍ୟର୍ଥ ଯୁକ୍ତି ପାଇଲେ କହିଲେ ଦେଖିଲେ ଝିଟିପିଟି କେମିତି ସତ କହିଲା । ତର୍ଣ୍ଣାଦନେ ମୋ ବାରଣ୍ଡାରେ ବହୁତ ଝିଟିପିଟି ରହନ୍ତି ଏବଂ କିଛି ସମୟ ବ୍ୟବଧାନରେ ଏପରି ଟିକ୍ ଟିକ୍ କରନ୍ତି । ତାପରେ ମୁଁ ଆରମ୍ଭ କଲି ଯେ ସେହି ବାବାଜୀ ଜଣକ କପଟ ଭଣ୍ଡ ଏବଂ ପ୍ରତାରକ ଠିକ ଏହି ସମୟରେ ମଧ୍ୟ ଝିଟିପିଟି ଗତାନୁଗତିକ ଭାବରେ ଟିକ୍ ଟିକ୍ କଲା । ମୁଁ କହିଲି ଦେଖିଲେ ଅନ୍ୟ ଝିଟିପିଟି କପରି ମୋ କଥାକୁ ସତ ବୋଲି କହିଲା ତାପରେ ସେ ଭଦ୍ର ବ୍ୟକ୍ତି ଏତେ ବେଶି ବ୍ୟଗ୍ର ହୋଇ ଉଠିଲେ ଯେ ସେଠାରୁ ସେ ହଠାତ ଉଠି ଚାଲିଗଲେ ତାପରେ ମୋ ସହିତ ଆଉ ତାଙ୍କର ଦେଖା ହୋଇନାହିଁ ଯଦିଚ ତା ପୂର୍ବରୁ ସେ ଆମ ଘରକୁ ବହୁଥର ଆସୁଥିଲେ ।

ଉପରୋକ୍ତ ଭଦ୍ରବ୍ୟକ୍ତି ଜଣେ ବଡ଼ ଦୁର୍ନୀତି ପରାୟଣ ଲୋକ ଏବଂ ନାନା ଅସାମାଜିକ ଉପାୟରେ ବହୁତ ପଇସା କରନ୍ତି । ତାଙ୍କର ଏ ପ୍ରକାରର ବହୁ କୁସଂସ୍କାର ରହିବାର କଥା । ନିଜକୁ

Images: Aptakama Mishra, Processing: Srujanika

ନିଜର କେତେକ ତାଡ଼ନାରୁ ରକ୍ଷା କରିବାପାଇଁ ନାନା ପ୍ରକାର ମିଥ୍ୟା କୁସଂସ୍କାର ଜାଲ ଭିତରେ ସେ ସବୁବେଳେ ଲୁଚି ରହିଥାଆନ୍ତି । କଥା କଥାରେ ଭାଗ୍ୟ ଜାତକରେ ଗ୍ରହ ଉପଗ୍ରହ ବିଷୟରେ ଯେଉଁମାନେ ବାରମ୍ବାର ଦ୍ୱାହି ଦିଅନ୍ତି ଏବଂ ନାନା ଅବାନ୍ତର କଥାରେ ବିଶ୍ୱାସ କରନ୍ତି ସେମାନଙ୍କର ମଧ୍ୟ ଆଉ ବିଶ୍ୱାସର ଅଭାବ । ମୋର ଝିଅ ବାହାଘର କାର୍ଯ୍ୟରେ ଅଧିକାଂଶ ଭଦ୍ରବ୍ୟକ୍ତି ପ୍ରସ୍ତାବ ବେଳେ ଝିଅର ଜାତକର ଆବଶ୍ୟକତା କଥା ଉଠାନ୍ତି । ମୁଁ ତାଙ୍କୁ ବୁଝାଏ ଯେ ଆମେ ଯଦି ଝିଅ ପୁଅ ଓ ସେମାନଙ୍କର ପରିବାରର ଗୁଣ ଦୁର୍ଗୁଣ ପ୍ରଭୃତି ବିଷୟରେ ବହୁ ତଥ୍ୟ ସଂଗ୍ରହ କଲାପରେ, ସିଦ୍ଧାନ୍ତ ନେବା ବିବାହ କରିବା ପାଇଁ ଏବଂ ବିବାହ ଯଦି ହୋଇଯାଏ ତାହାହେଲେ ସେମାନଙ୍କର ବିଶ୍ୱାସ ଅନୁଯାୟୀ ଜାତକରେ ନଥିଲେ କଣ ଏ ବିବାହ ହୋଇପାରିବ ? ତାହାହେଲେ ଆଗରୁ ଜାତକ ଦେଖାଇ କାହିଁକି ଗୋଟିଏ ପ୍ରକାର ଆଗନ୍ତୁକ ମଙ୍ଗଳ ଅମଙ୍ଗଳର ସମ୍ଭାବନା କଥା ମନରେ ରଖି ଆଗେଇବା ? ସବୁପ୍ରକାର ଭଲ ଥାଇ କେବଳ ଜାତକ ଯୋଗୁ ବିବାହ ବନ୍ଦ ହେବା ଯେପରି ଦୁର୍ଭାଗ୍ୟ ଜନକ ଜାତକ ଭଲ ଅଛି ବୋଲି ଅନ୍ୟାନ୍ୟ ଅସୁବିଧା କଥା ଭୁଲିଯାଇ ବିବାହର ସିଦ୍ଧାନ୍ତ କରିବା ସେହିପରି ମୂର୍ଖତା । ଏପରି ବହୁ ଘଟଣା ବା ଦୁର୍ଘଟଣା ସେମାନେ ଜାଣିଥିଲେ ସୁଦ୍ଧା ଜାତକ ମାଗନ୍ତି । ଅବଶ୍ୟ ଝିଅ ଘରକୁ ଜାତକ ମାଗିବା ପଛରେ ଭଲ ମନ୍ଦ ଭବିଷ୍ୟତ ସମ୍ଭାବନା ଅପେକ୍ଷା ବର୍ତ୍ତମାନର ଆର୍ଥିକ ଲୋଭ ବେଶି ପରିମାଣରେ କାମ କରୁଥିବାର ଜଣାଯାଏ ।

ଅନ୍ତ ମାହାରେ ଭାଗ୍ୟବାଦୀ ବ୍ୟକ୍ତିର ଅଚେତନ ମନରେ ନିଜ ପ୍ରତି ଗୋଟିଏ ଗଭୀର ଅବିଶ୍ୱାସ ଭାବ ଏବଂ ନିଜର ଯୋଗ୍ୟତା ଓ ଦକ୍ଷତା ବିଷୟରେ ପ୍ରବଳ ସନ୍ଦେହ ଥିବାର ସମ୍ଭାବନା ରହିଛି । ତା ମନ ଭିତରେ ଉଦବିଗ୍ନତା, ନ୍ୟୂନ ମନୋଭାବ ଏବଂ ଅନେକ ସମୟରେ ନାନା ପ୍ରକାରର ପାପ ଚିନ୍ତା ଯୋଗୁ ସେ ଅଦୃଷ୍ଟ ଉପରେ ଛାଡ଼ି ଦିଏ । ଭାଗ୍ୟରେ ଥିଲେ ସେ କଣ କରିବେ ? ଦୁର୍ନୀତି ଉପାୟରେ ନାନା କଥା କରିବାରେ ଭଗବାନଙ୍କର ଆଶୀର୍ବାଦ ରହିଛି ବୋଲି ସେମାନଙ୍କର ଆତ୍ମ ପ୍ରବଞ୍ଚନା ରହିଥାଏ । ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ସମସ୍ତ ପ୍ରକାରର ଉନ୍ନତି ଏବଂ ଅଭିଳାଷ କୁଆଡ଼େ ପୂର୍ଣ୍ଣ ହୁଏ ଗୋଟିଏ ଗଛର ସଦିଚ୍ଛା ଫଳରେ । ତେଣୁ ସେ ସେହି ଗଛକୁ ବୁହିଁ ମନାସନ୍ତି ଏବଂ ଗଛ ଯୋଗୁ ତାଙ୍କର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ଏ ପ୍ରକାରର ଅବାସ୍ତବ ବିଶ୍ୱାସ ଦୂର କରିବା କର୍ମଦକ୍ଷ ଓ ଦୃଢ଼ମନା ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । ଏପରି ଲୋକ ବିଶ୍ୱାସ ଯୋଗ୍ୟ ନ ହେବାର ମଧ୍ୟ ବହୁ ସମ୍ଭାବନା ରହିଛି । କାରଣ କେତେବେଳେ ଗଛ ତାଙ୍କୁ କି ଉପଦେଶ ଦେବ ବା କି ଭୟଙ୍କର ଅଭିଳାଷ ତାଙ୍କ ମନରେ ଗଛକୁ ଦେଖିଲେ ସୃଷ୍ଟି ହେବ ତାହା କିଏ କହିବ ? ସେ ନିଜେତ ଏ ବିଷୟରେ କହିପାରିବେନାହିଁ । ଗଛର ତଥାକଥିତ ରହସ୍ୟାବୃତ ଦୈବଶକ୍ତି ଆଗରେ ସେ କିଏ ? ଏ ବିଷୟରେ ଯେତେକ ଅଘଟନ କଥା ତାଙ୍କ ଅନୁଭୂତିରେ ଆସିଥିବ ତାଙ୍କୁ ଭୁଲିଯିବାର ସମ୍ଭାବନା ରହିଛି ।

ମୋଟା ମୋଟି ଭାବରେ ଅବାସ୍ତବ ଓ କାର୍ଯ୍ୟକାରିତା ସଂପର୍କ ନଥିବା ଯେ କୌଣସି ଘଟଣାକୁ କୁସଂସ୍କାର କୁହାଯାଇପାରିବ । ମନୁଷ୍ୟ ପିଲାଦିନରୁ ପ୍ରତ୍ୟେକ ଘଟଣା ପଛରେ ଗୋଟିଏ ନିର୍ଦ୍ଦିଷ୍ଟ କାରଣ ଅଛି ବୋଲି ସ୍ୱାଭାବିକ ଭାବରେ ଭାବିଥାଏ । ଏହା ମନୁଷ୍ୟର ସ୍ୱଭାବଗତ ଯୁକ୍ତିଯୁକ୍ତ ଚିନ୍ତାଧାରା । କୁସଂସ୍କାର ଗତ ଅନୁଭୂତି ବାସ୍ତବ ଘଟଣା ଓ ହେତୁବାଦ୍ୟ ଅଭିଜ୍ଞତା ଭିତରୁ ସମ୍ପୂର୍ଣ୍ଣ ତଫାତ୍ ଯଦି ଦୁଇଟି ଯାକ ଅନୁଭୂତି ମନୁଷ୍ୟକୁ ପ୍ରଭାବିତ କରିଥାଏ ବରଂ ଅନେକ ସମୟରେ ଅବାସ୍ତବ ଘଟଣା ବେଶି ତୀବ୍ର ଭାବରେ ମନୁଷ୍ୟକୁ ଆନ୍ଦୋଳିତ କରେ ଏବଂ ତାର ବହୁ କାର୍ଯ୍ୟକଳାପକୁ ଗଭୀର ଭାବରେ ପ୍ରଭାବିତ ମଧ୍ୟ କରେ । ସେ ଯେତେ ବେଶି ଘଟଣା ତା ବିରୁଦ୍ଧରେ ଶୁଣିଲେ ମଧ୍ୟ ସେ ତାକୁ ଛାଡ଼ି ପାରେ ନାହିଁ ବରଂ ବହୁତ ଉଦ୍ଭଟ ଯୁକ୍ତି ଓ ତଥ୍ୟ ନିଜ ମନରୁ ତା ସପକ୍ଷରେ ସୃଷ୍ଟି କରି ନିଜର ଅନ୍ଧ ବିଶ୍ୱାସକୁ ଆହୁରି ବେଶି ଦୃଢ଼ୀଭୂତ କରେ ଯେପରି କେତେକ କହିବାର ଶୁଣାଯାଏ ଯେ କାର୍ତ୍ତିକ ମାସରେ ମାଛ ଦେହରେ ଜୀବାଣୁ ଭର୍ତ୍ତିହୋଇଯିବା କଥା ବୈଜ୍ଞାନିକ ମାନେ ଅଣୁବୀକ୍ଷଣ ଯନ୍ତ୍ରରେ ପରୀକ୍ଷା କରି ଦେଖି ସାରିଛନ୍ତି । କେଉଁଠି ଏହି ତଥ୍ୟ ବାହାରି ଥାଏ ଅବଶ୍ୟ ସେତେବେଳେ ସେମାନଙ୍କର ମନେ ନ ଥାଏ । ଅନ୍ତ ମାହାରେ କୁସଂସ୍କାର ଗ୍ରସ୍ତ ଲୋକଙ୍କୁ ଅଧିକାଂଶ ସମୟରେ ଦୁର୍ବଳମନା ଓ ଅବିଶ୍ୱାସ ଯୋଗ୍ୟ ବ୍ୟକ୍ତି ହିସାବରେ ଧରାଯାଇଥାଏ । □

ଖାରବେଳ

ବାର୍ଷିକ ମୂଲ୍ୟ	—	ଟ ୧୨୫ ଙ୍କା
ଷଣ୍ମାସିକ	—	ଟ ୬୫ ଙ୍କା
ତ୍ରୈମାସିକ	—	ଟ ୩୪ ଙ୍କା
ମାସିକ	—	ଟ ୧୧ ଙ୍କା
ପ୍ରତି ଖଣ୍ଡ	—	ଟ ୩ ଙ୍କା

ଏଜେଣ୍ଟ ମାନଙ୍କ ପାଇ ସ୍ୱତନ୍ତ୍ର କମିଶନର ବ୍ୟବସ୍ଥା ଅଛି ।

ଆମ ବିଶ୍ୱ ବ୍ରହ୍ମାଣ୍ଡର ଭବିଷ୍ୟତ କଣ ହେବ ?

ସଂକୋଚନ ପ୍ରଣାଳୀରେ ଏହା ଧ୍ୱଂସ ପାଇବ ନା ଏହା ସଂପ୍ରସାରିତ ହୋଇ ଚାଲିଥିବ

ମହାକାଶୀୟ ଟେଲିସ୍କୋପ ସାହାଯ୍ୟରେ ଚଳିତ ଦଶକର ଶେଷ ସୁଦ୍ଧା ଏହି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ମିଳିବା ସମ୍ଭାବନା

ନାସା ପକ୍ଷରୁ ନିର୍ମିତ ହୋଇଥିବା ଅତ୍ୟାଧୁନିକ ବୃହତ୍ତମ ଦୁରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ବିଶ୍ୱ ବ୍ରହ୍ମାଣ୍ଡର ପରିସୀମା ୩୫୦ ଗୁଣ ବଢିଯିବ ଅର୍ଥାତ ଆମେ ଏବେ ଯେତେ ଦୁର ଦେଖିପାରୁଛୁ ତାଠାରୁ ୩୫୦ ଗୁଣ ଦୂର ଜିନିଷ ଦେଖିବାକୁ ସକ୍ଷମ ହୋଇପାରିବା ବୋଲି ବୈଜ୍ଞାନିକ ମାନେ ମତ ପ୍ରକାଶ କରିଛନ୍ତି । ଉକ୍ତ ଦୂର ବୀକ୍ଷଣ ଯନ୍ତ୍ରଟିକୁ ୧୯୮୬ ମସିହାରେ ମହାକାଶକୁ ଛଡ଼ାଯିବ ଏବଂ ଏହା ସାହାଯ୍ୟରେ ବ୍ରହ୍ମାଣ୍ଡର ରହସ୍ୟ ଉନ୍ମୋଚନ କରାଯିବା ସଙ୍ଗେ ସଙ୍ଗେ ବିଶ୍ୱର ସର୍ବଶେଷ ପରିଣତି କଣ ହେବ ସେ ବିଷୟରେ ମଧ୍ୟ ସୂଚନା ମିଳିପାରିବ ।

ମହାକାଶରେ ଏହି ଦୁରବୀକ୍ଷଣ ଯନ୍ତ୍ର ସ୍ଥାପନ ଯୋଜନା ୧୯୭୭ ମସିହାରୁ ଆରମ୍ଭ ହୋଇଥିଲେ ବି ବହୁ ଘାତ ପ୍ରତିଘାତ ଭିତର ଦେଇ ଗତି କରିବା ପରେ ଅବଶେଷରେ ୧୯୮୬ ରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି ଏବଂ ଏଥିରେ ମୋଟ ୧.୧ ବିଲିଅନ ଡଲାର ଖର୍ଚ୍ଚ ହୋଇଛି । ବିଶ୍ୱ ଇତିହାସରେ ଗୋଟିଏ ଟେଲିସ୍କୋପ ଯୋଜନା ପାଇଁ ଏତେ ପରିମାଣର ଅର୍ଥ ଆଗରୁ କେବେ ଖର୍ଚ୍ଚ ହୋଇନଥିଲା ।

ଏହି ଦୁରବୀକ୍ଷଣ ଯନ୍ତ୍ରର ୨୩୭ ସେଣ୍ଟିମିଟର ପ୍ରାଥମିକ ଦର୍ପଣ ତିଆରି କରିବାକୁ ପ୍ରାୟ ସାଢ଼େ ଚାରିବର୍ଷ ଲାଗିଯାଇଥିଲା ଏବଂ କେବଳ ଏହି ଦର୍ପଣଟିର ଓଜନ ୮୨୨ କିଲୋଗ୍ରାମ । ଗତ ବର୍ଷ ଏକ ଉପଗ୍ରହରେ ଉକ୍ତ ଦର୍ପଣଟିକୁ ଝୁଲାଗଲା ଏବଂ ଗାଇଡ଼ାନ୍‌ସ ସେନସର ଗୁଡ଼ିକୁ ସଫଳତାର ସହ ପରୀକ୍ଷା କରାଗଲା । ଚଳିତ ବର୍ଷ ଏହି ଯନ୍ତ୍ରର ଅନ୍ୟାନ୍ୟ ଉପକରଣ ମାନ ନିର୍ମିତ ହୋଇଯିବ ଏବଂ ୧୯୮୫ ରେ ଏହାକୁ ସାମଗ୍ରିକ ଭାବେ ପରୀକ୍ଷା କରାଯିବା ପରେ ଉକ୍ତ ଯନ୍ତ୍ରଟିକୁ ଉପଗ୍ରହ ସାହାଯ୍ୟରେ ମହାକାଶରେ ଅବସ୍ଥାପିତ କରାଯିବ ।

ମୃତ୍ୟୁ ପରବର୍ତ୍ତୀ ଅବସ୍ଥା ଜାଣିବାକୁ ଆଦମ କାଳରୁ ମଣିଷ ଯେପରି ଅବିରତ ଚେଷ୍ଟା କରିଚାଲିଛି ଆମ ବିଶ୍ୱ ବ୍ରହ୍ମାଣ୍ଡର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ମଧ୍ୟ ବୈଜ୍ଞାନିକ ମାନଙ୍କ ଚେଷ୍ଟା ଅବ୍ୟାହତ ରହିଛି, କିନ୍ତୁ ଠିକ ଉତ୍ତର ମିଳି ନାହିଁ । ଏ ସମ୍ପର୍କରେ ବୈଜ୍ଞାନିକ ମହଲରେ ଦୁଇଟି ମତ ପ୍ରଚଳିତ । ଗୋଟିଏ ହେଲା ବ୍ରହ୍ମାଣ୍ଡ ବା ସୌରଜଗତ କ୍ରମେ ସଂକୁଚିତ ହେଉଛି ଏବଂ ଏହି ପ୍ରକ୍ରିୟାରେ ଗ୍ରହ ଗୁଡ଼ିକ ସୂର୍ଯ୍ୟର ନିକଟବର୍ତ୍ତୀ ହୋଇ ଧ୍ୱଂସ ପାଇଯିବେ ଅନ୍ୟଟି ହେଉଛି ବ୍ରହ୍ମାଣ୍ଡ ସଂପ୍ରସାରିତ ହେଉଛି ଏହି ପ୍ରକ୍ରିୟାରେ ଗ୍ରହ ଗୁଡ଼ିକ ଶୀତଳ ହୋଇ ଧ୍ୱଂସ ପାଇଯିବେ କିନ୍ତୁ ଏ ଅନୁମାନ ଠିକ କି ଭୁଲ ତାହା ଚଳିତ ଦଶକର ଶେଷ ଭାଗ ସୁଦ୍ଧା ମହାକାଶୀୟ ଟେଲିସ୍କୋପ ସାହାଯ୍ୟରେ ଜଣାପଡ଼ିବ ।

ଏହା ମହାକାଶରେ ଅବସ୍ଥାପିତ ହୋଇଗଲା ପରେ ଗଡ଼ାର୍ଡ଼ ସ୍ପେଶ ଫ୍ଲାଇଟ କଣ୍ଟ୍ରୋଲ ସେଣ୍ଟରରୁ ଦିଆଯାଉଥିବା ନିର୍ଦ୍ଦେଶ ମୁତାବକ ଏହା କାର୍ଯ୍ୟ କରିବ ଏବଂ ଏହା ଚଳିତ ଶତାବ୍ଦି ଶେଷ ପର୍ଯ୍ୟନ୍ତ ନିଶ୍ଚିତ କାର୍ଯ୍ୟକ୍ଷମ ରହିବ ଏବଂ ଏହାର ୩୦ ବର୍ଷ ପର ପର୍ଯ୍ୟନ୍ତ ମଧ୍ୟ ଏହା କାର୍ଯ୍ୟକ୍ଷମ ରହିପାରିବ ବୋଲି ଆଶା କରାଯାଉଛି ।

ଏହାର ଆୟୁ ଏତେ ଦୀର୍ଘ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟକ୍ରମ ଅତି ବ୍ୟାପକ ଭାବେ ପ୍ରସ୍ତୁତ କରାଯାଇଛି ଏବଂ ଏହାର ସାହାଯ୍ୟ ନେବାକୁ ହେଲେ ୭ ମାସ ଆଗରୁ ବୁକିଂ କରିବା ଆବଶ୍ୟକ । ଅବଶ୍ୟ ଅସ୍ୱାଭାବିକ କ୍ଷେତ୍ରରେ ଏହି ବୁକିଂ ନିୟମକୁ କୋହଳ କରାଯିବ । ଏହି ସମୟ ନିର୍ଘଣ୍ଟ ବାଲ୍‌ଟିମୋରସ୍ଥ ସ୍ପେଶ ଟେଲିସ୍କୋପ ସାଇନସ ଇନଷ୍ଟିଚ୍ୟୁଟ ସ୍ଥିର କରିବ ଏବଂ ଏବେଠାରୁ ତା ପାଖରେ ହଜାର ହଜାର ଦରଖାସ୍ତ ଗଦା ହେଲାଣି ।

ପୃଥିବୀର ବାୟୁମଣ୍ଡଳ ଦ୍ୱାରା କୌଣସି ବାଧା ନପାଇ ଏହି ଟେଲିସ୍କୋପ ବର୍ତ୍ତମାନ ସମ୍ଭବ ହେଉଥିବା ଦୂରତାର ୭ ଗୁଣ ଅଧିକ ଦୂରରେ ଥିବା ଜିନିଷକୁ ଦେଖିପାରିବ । ଆମେ ସୌରମଣ୍ଡଳର ସର୍ବଶେଷ ବିବରଣୀ ଯାଙ୍ଗକୁ ପ୍ଲୁଟୋ ଓ ତାର ନବ ଆବିଷ୍କୃତ ଚନ୍ଦ୍ରର ମଧ୍ୟ ବିଶେଷ ବିବରଣୀ ଏହା ପଠାଇବା ସେ ପଠାଉଥିବା ତଥ୍ୟକୁ କେନ୍ଦ୍ର କରି ଗ୍ରହ ଉପଗ୍ରହ ଆଦି କେବଳ ଆମ ସୌରମଣ୍ଡଳରେ ଆକସ୍ମିକ ଭାବେ ସୃଷ୍ଟି ହୋଇଛି କି ଅନ୍ୟାନ୍ୟ ଛାୟାପଥରେ ମଧ୍ୟ ସ୍ୱାଭାବିକ ଭାବେ ସୃଷ୍ଟି ହୋଇଛି ତାହା ଜାଣି ହେବ ।

ଯଦି ଆମ ସୌରମଣ୍ଡଳ ଭଳି ଅନ୍ୟାନ୍ୟ ନକ୍ଷତ୍ର ମଣ୍ଡଳରେ ଗ୍ରହ ଉପଗ୍ରହ ସୃଷ୍ଟି ହୋଇଥିବ ତେବେ ସେଠାରେ ମଧ୍ୟ ଜୀବନର ବିକାଶ ହୋଇଥିବା ସମ୍ଭବ ବୋଲି କଳନା କରାଯାଇପାରେ ।

Images: Aptakama Mishra, Processing: Srujanika

ଆୟକର ଆଇନ ଓ ଚଳଚ୍ଚିତ୍ର ଜଗତ

ଶ୍ରୀ ଅରକ୍ଷିତ ପଶାୟତ

କିଛିଦିନ ତଳେ ଖବର କାଗଜରେ ଚଳଚ୍ଚିତ୍ର ଜଗତର ବହୁ ଖ୍ୟାତନାମା ବ୍ୟକ୍ତି ଆୟକର ବାକି ରଖିଥିବାର ପ୍ରକାଶ ପାଇଥିଲା । ଏହି ବାକି ତାଲିକାରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଏନ୍. ଟି. ରାମାରାଓ ପ୍ରସିଦ୍ଧ ଅଭିନେତା ନର୍ଗିସଙ୍କ ରାଜକାପୁର ପ୍ରମୁଖଙ୍କ ନାମ ଅନ୍ତର୍ଭୁକ୍ତ । **ଆୟକର ଦେବାରେ ହେଳା କରି ଦଣ୍ଡିତ ହେବା ବ୍ୟକ୍ତିମାନଙ୍କ ମଧ୍ୟରେ ସ୍ୱର୍ଗ ଗାୟିକା ମହାରାଣୀ କୁହା ଯାଉଥିବ ଲତା ମଙ୍ଗେସକର୍, ଅନଭିଯୁକ୍ତ ସମ୍ରାଟ୍ ଦିଲୀପ୍ କୁମାର, ଲୋକପ୍ରିୟ ଗାୟକ କିଶୋର କୁମାର ଅନ୍ତର୍ଭୁକ୍ତ ।**

ଲତାମଙ୍ଗେସକର୍ ପ୍ରକୃତରେ ଋଣ ନ କରି ମିଛ କାଗଜପତ୍ର କରିଥିବା ଅଭିଯୋଗରେ ଆୟକର କର୍ମକର୍ତ୍ତାମାନେ ତାଙ୍କ ଆୟକର ନିର୍ଦ୍ଧାରଣରେ ପଞ୍ଚାନବେ ହଜାର ଟଙ୍କା ଯୋଗ କରିଥିଲେ । "ପ୍ରଭୁକୁଞ୍ଜ" ନାମକ ଏକ କୋଠା କିଣାଯିବା ସମ୍ପର୍କରେ ଲତାମଙ୍ଗେସକର ଋଣଦଲାଲ୍ ମାନଙ୍କ ଜରିଆରେ ଋଣ କରିଥିବା ଦାବୀକୁ ଆୟକର ଅଫିସର୍ ଅଗ୍ରାହ୍ୟ କରି ଏହି ଟଙ୍କା ତାଙ୍କର ଗୁପ୍ତ ଏବଂ ବୁଝାଇପାରୁ ନ ଥିବା ଆୟ ବୋଲି ମତ ଦେଇଥିଲେ । ଲତା ଏହି ଆଦେଶ ବିରୁଦ୍ଧରେ ଅପିଲ୍ କରି ଶେଷରେ ବମ୍ବେ ହାଇକୋର୍ଟର ଆଶ୍ରୟ ନେଇଥିଲେ । କିନ୍ତୁ ବମ୍ବେ ହାଇକୋର୍ଟ ତାଙ୍କର ଯୁକ୍ତି ଗ୍ରହଣ କରି ନ ଥିଲେ । ଏହି ମାମଲାରେ ଲତା ଦଶଜଣ ବ୍ୟକ୍ତିଙ୍କ ଠାରୁ ଋଣ କରିଥିବାର ଦର୍ଶାଇଥିଲେ । ଆୟକର ଅଫିସର୍ ଏହି ଦଶଜଣ ବ୍ୟକ୍ତିଙ୍କ ପାଖକୁ ଆୟକର ଆଇନର ୧୩୧ ଧାରା ଅନୁଯାୟୀ ସମନ ପଠାଇଲେ । କିନ୍ତୁ ଏହି ସମନ ଜଣଙ୍କ ଛଡ଼ା ଅନ୍ୟ କାହାରି ଉପରେ ଜାରି ହୋଇ ପାରିଲା ନାହିଁ । ଯେଉଁ ଜଣେ ବ୍ୟକ୍ତି ସମନ୍ ଗ୍ରହଣ କଲେ ସେ ମଧ୍ୟ ଆୟକର ଅଫିସରଙ୍କ ପାଖରେ ହାଜର ହେଲେ ନାହିଁ । ଏହି ମାମଲା ଚାଲିଥିଲା ବେଳେ ଲତା ଦର୍ଶାଇଲେ ଯେ ଏହି ଋଣଗୁଡ଼ିକ ଶାନ୍ତିକୁମାର ଗାନ୍ଧୀ ନାମକ ଜଣେ ଋଣଦଲାଲ୍ ଜରିଆରେ ନିଆଯାଇଥିଲା । ଶାନ୍ତିକୁମାର ଆୟକର ଅଫିସରଙ୍କ ନିକଟରେ ପ୍ରକାଶ କଲେ ଯେ ସେ ଏହି ଋଣ ଯୋଗାଡ଼ କରି ଦେଇଥିଲେ । କିନ୍ତୁ ସମସ୍ତ ଘଟଣା ଓ କାଗଜପତ୍ରକୁ ଆଖିରେ ରଖି ଆୟକର ଅଫିସର ଲତାଙ୍କ ଦାବି ଅଗ୍ରାହ୍ୟ କରି ଦେଇଥିଲେ ।

ଏହିଭଳି ଆଉ ଏକ ମାମଲା :—ଲତା ମାନ୍ଦ୍ରାଜର ବାସୁମେନନ ନାମକ ଜଣେ ପ୍ରଯୋଜକଙ୍କ ଠାରୁ ଗୁପ୍ତରେ ଅର୍ଥ ନେଇଥିବା ଅଭିଯୋଗ ହୋଇଥିଲା । ବାସୁମେନନଙ୍କ ଘର ଆୟକର ଅଧିକାରୀମାନେ ଖାନତଲାସ୍ କଲାବେଳେ ଏକ ଡାଏରୀ ପାଇଥିଲେ । ସେଥିରେ ଲତାଙ୍କ ନାମ ପାଖରେ B, W, ପାଖରେ ବହୁ ହଜାର ଟଙ୍କା ଲିଖିତ ହୋଇଥିଲା । ଆୟକର ଅଧିକାରୀମାନେ Bକୁ Black ଓ Wକୁ White ଅର୍ଥକରି B ପାଖରେ ଲେଖା ଥିବା ଟଙ୍କାକୁ ଲତା ଗୁପ୍ତରେ

ଆମ ବିଶ୍ୱର ଭବିଷ୍ୟତ

ଆମ ବିଶ୍ୱର ଭବିଷ୍ୟତ କଣ ହେବ ତାହା ଏକ ଜଟିଳ ପ୍ରଶ୍ନ ଏବଂ ଏ ପ୍ରଶ୍ନର ସମାଧାନ ଦିଗରେ ଉକ୍ତ ଟେଲିସ୍କୋପ ସାହାଯ୍ୟ କରିପାରିବ ବୋଲି ଆଶା କରାଯାଉଛି । ବର୍ତ୍ତମାନ ଯେତିକି ପରିମାଣର ବସ୍ତୁ ଆମ ବିଶ୍ୱରେ ରହିଛି ତାର ହିସାବ ପାଇଗଲେ ବୈଜ୍ଞାନିକ ମାନେ ସେଥିରୁ ହିସାବ କରି କହିଦେବେ ଯେ ସେହି ବସ୍ତୁ ଆବଶ୍ୟକ ଆକର୍ଷଣ ଶକ୍ତି ସୃଷ୍ଟି କରି ଅବଶେଷରେ ବିଶ୍ୱକୁ ସଙ୍କୁଚିତ କରି ଧ୍ୱଂସ କରିଦେବ ଅଥବା କିଛି ଦିନରୁ ଆରମ୍ଭ ହୋଇଥିବା ବର୍ତ୍ତମାନର ସମ୍ପ୍ରସାରଣ ଅବ୍ୟାହତ ରହିବ । ଉକ୍ତ ଟେଲିସ୍କୋପରୁ ମିଳୁଥିବା ତଥ୍ୟକୁ ଭିତ୍ତି କରି ଚଳିତ ଦଶକର ଶେଷ ସୁଦ୍ଧା ବିଶ୍ୱ ସଙ୍କୁଚିତ ହେଉଛି ନା ସମ୍ପ୍ରସାରିତ ହେଉଛି ସେ ବିଷୟରେ ବୈଜ୍ଞାନିକମାନେ ନିର୍ଦ୍ଧାରିତ ରୂପେ କହି ଦେଇ ପାରିବେ ।

ସ୍ପେସ ଟେଲିସ୍କୋପ ସାଇନସ୍ ଇନଷ୍ଟିଚ୍ୟୁଟର ଡିରେକ୍ଟର ରିକାରଡୋ ଗିଆକୋନି କହନ୍ତି ଯେ ଗାଲିଲିଓ ବିଶ୍ୱରେ ପ୍ରଥମ ଟେଲିସ୍କୋପ ବ୍ୟବହାର କରିବା ପରେ ଯାହା ଅବସ୍ଥା ହୋଇଥିଲା ମହାକାଶୀୟ ଟେଲିସ୍କୋପ ବ୍ୟବହୃତ ହେବାପରେ ସେହିଭଳି ଏକ ଦାର୍ଶନିକ ଅବସ୍ଥା ସୃଷ୍ଟି ହେବ କି ନାହିଁ ତାହା ମୁଁ କହିପାରୁନାହିଁ । ଆମେ ଏହାର ସାହାଯ୍ୟରେ ନୂତନ ବସ୍ତୁ ଆବିଷ୍କାର କରିବୁ କି ନୂତନ ସୃଷ୍ଟି ରହସ୍ୟ ଉନ୍ମୋଚନ କରିବୁ ତାହା ମଧ୍ୟ ସ୍ପଷ୍ଟ ନୁହେଁ । କିନ୍ତୁ ଆମେ ଅତୀତରେ ଯେତେବେଳେ ନୂଆ ନୂଆ ଯନ୍ତ୍ର ବ୍ୟବହାର କରିଛୁ ତାହାର ଫଳାଫଳ ଆମକୁ ଆଶ୍ଚର୍ଯ୍ୟାଭିଭୂତ କରିଛି । ମହାକାଶୀୟ ଟେଲିସ୍କୋପ ଦ୍ୱାରା ଆବିଷ୍କୃତ ବିଷୟ ବସ୍ତୁ ପୁରାତନ ତଥ୍ୟକୁ ଭିତ୍ତି କରି ଚାଲିଥିବା ତର୍କ ବିତର୍କର ନୂତନ ଦିଗନ୍ତ ସୃଷ୍ଟି କରିବ ଏବଂ ସୃଷ୍ଟିର ରହସ୍ୟ ଭେଦ କରିବାରେ ମଧ୍ୟ ସକ୍ଷମ ହେବ ।

□

ନେଇଥିବା ଟଙ୍କା ବୋଲି ଧରିଥିଲେ ।

କିଶୋର କୁମାରଙ୍କୁ ୭ ମାସ ଜେଲ

ପ୍ରଚ୍ଛଦପଟ ଗାୟକ କିଶୋର କୁମାର ଆୟକର ମିଛ ହିସାବ ଦେଇଥିବା ଅଭିଯୋଗରେ ୭ ମାସ ଜେଲ ଦଣ୍ଡ ଭୋଗିଥିଲେ ।

ପବ୍ଲିକ ଆକାଉଣ୍ଟସ୍ କମିଟି ମତରେ ଚଳଚିତ୍ର ଅଭିନେତା ଅଭିନେତ୍ରୀମାନେ ବହୁ କର ଫାଙ୍କୁଛନ୍ତି । ରାଜେଶ ଖାନ୍ନାଙ୍କର ଫାଇଲ ଦେଖି ମତ ଦେଇଛନ୍ତି ଯେ ପ୍ରତିବର୍ଷ ଦେଖାଉଥିବା କ୍ଷତି ବିଶ୍ୱାସ ଯୋଗ୍ୟ ନୁହେଁ ତାଙ୍କ ଫାଇଲ୍‌ରୁ ଦେଖାଗଲା ଯେ ସେ ତିନୋଟି ଚଳଚ୍ଚିତ୍ର ପରିବେଷକ ସଂସ୍ଥାରେ ଭାଗୀଦାର । ଏହି ସଂସ୍ଥାଗୁଡ଼ିକ ନିମ୍ନଲିଖିତ ମତେ କ୍ଷତି କରାଯାଇଥିବା ଦର୍ଶାଯାଇଥିଲା ।

ବର୍ଷ ୧୯୭୬–୭୭— ଟ ୭,୮୦,୦୦ (କ୍ଷତି)
୧୯୭୭–୭୮— ଟ ୧୫,୧୭,୦୦୦ (କ୍ଷତି)
୧୯୭୮–୭୯— ଟ ୫,୪୭,୦୦୦ (କ୍ଷତି)

ଏହା ବ୍ୟକ୍ତିଗତ ୧୯୭୬-୭୭ ମସୀହାରେ ତାଙ୍କ ଆୟକର ହିସାବ ବେଶ୍ ଆମୋଦ ଦାୟକ ।

ସେ ନିମ୍ନମତେ ଆୟ ହିସାବ ଦେଖାଇଥିଲେ ।

ଗୃହ ସମ୍ପତ୍ତି ଆୟ—ଟ ୧୭୯.୦୦
ଅଭିନେତା ରୂପେଆୟ-ଟ ୩,୫୮,୬୯୮

ମୋଟ ଟ ୩,୫୮,୮୭୭

ଏଥିରୁ ପରିବେଷଣ ସଂସ୍ଥାର ଭାଗୀଦାର ହିସାବରେ କ୍ଷତି ଟ ୪,୭୯,-୭୦୨ ଯାଇ ସେ ବର୍ଷର ତାଙ୍କର ମୋଟ କ୍ଷତି ୧,୨୦,୮୩୫

ସେହିଭଳି ତାଙ୍କର ସମ୍ପତ୍ତି କିଛି ନ ଥାଇ ସେ ୧୯୭୮-୭୦ ବର୍ଷରେ ଟ ୮, ୩୧,୯୮୦ ଟଙ୍କା ଦେବାକୁ ଅଛି ବୋଲି ଦର୍ଶାଇଥିଲେ ।

ସେହିଭଳି ହେମାମାଳିନୀ ଟ ୪, ୨୯,୦୦୦ ଦେବାକୁ ଅଛି ବୋଲି ହିସାବ ଦେଖାଇଥିଲେ ।

ବ୍ୟାଙ୍କରେ ଅମିତାଭଙ୍କ ମାତ୍ର ୭ ଟଙ୍କା ଅଛି

କେହି ବିଶ୍ୱାସ କରି ପାରିବ କି ଅମିତାଭ ବଚନ ଯେଉଁ ପ୍ରତି ଚଳଚ୍ଚିତ୍ର ପାଇଁ ପଞ୍ଚତିରିଶ ଲକ୍ଷ ଟଙ୍କା ନେଉଥିବାର ପ୍ରକାଶ ପାଏ, ବ୍ୟାଙ୍କରେ ମୋଟ ସାତଟଙ୍କା ରଖିଥିବେ । ତାଙ୍କର କାନାରା ବ୍ୟାଙ୍କ (ଆକାଉଣ୍ଟ ନମ୍ବର ୧୫୪୫)ରେ ମୋଟ ସାତଟଙ୍କା ଥିଲା । ସେ ୧୯୮୦-୮୧ ମସିହାରେ ମୋଟ ୫ ଲକ୍ଷ ୧୭ ହଜାର ଟଙ୍କା ଆୟ ଦେଖାଇ ଥିଲେ ଓ ମୋଟ ୨ଲକ୍ଷ ୫୪ ହଜାର ଟଙ୍କା ସଂପତ୍ତିର ମାଲିକ ବୋଲି ଦର୍ଶାଇଥିଲେ । କିନ୍ତୁ ବିଶ୍ୱାସ କରାଯାଏ ଯେ ସେ ଏହି ବର୍ଷ ପ୍ରାୟ କୋଟିଏ ଟଙ୍କା ଆୟ କରିଥିଲେ । ୧୯୭୯-୮୦ ମସୀହାରେ ଧଳାଟଙ୍କା ଆୟ ସେ ପ୍ରାୟ ବାଇଶ ଲକ୍ଷ ଟଙ୍କା ଦେଖାଇ ସେଥିରୁ ଆୟକର ରିହାତି ପାଇଁ ଏକ ହସ୍‌ପିଟାଲକୁ ଅଠର ଲକ୍ଷ ଟଙ୍କା ଦାନ ଦେଖାଇଥିଲେ ।

୧୯୮୦-୮୧ ମସୀହାରେ ଅମିତାଭ ରେମଣ୍ଡ କମ୍ପାନୀର ଅଂଶ share ଖରିଦ ବହୀରେ ଆଠଲକ୍ଷ ଟଙ୍କା କ୍ଷତି ଦେଖାଇଥିଲେ । ଲେଖକ ମତରେ ଏହା ଏକ ଆଇନ ସଙ୍ଗତ କର ନ ଦେବା ପନ୍ଥା । ଆଇନର ଶଷଣ ବୁଦ୍ଧି ଖଟାଯାଇ ଏଭଳି ଏକ ପଦକ୍ଷେପ ନିଆଯାଇଛି କାରଣ ରେମଣ୍ଡ କମ୍ପାନୀର ଅଂଶ ଏକ ଲାଭ ଦାୟକ ଅଂଶ । ସେହିଭଳି ୧୯୭୮-୭୯ରେ ଆଇନ ସଙ୍ଗତ ଅଂଶ ବିକ୍ରୀକଣାରେ ଅମିତାଭ ଆଠଲକ୍ଷ ଟଙ୍କା କ୍ଷତି ଦର୍ଶାଇଥିଲେ ।

ଗତବର୍ଷ ଜୁଲାଇ ୨୯ ତାରିଖରେ ଅଭିନେତ୍ରୀ ରେଖା ତାଙ୍କର ସମ୍ପତ୍ତି ହିସାବ ତିନିଲକ୍ଷ ପନ୍ଦର ହଜାର ଟଙ୍କାର ଦେଇଥିଲେ । କିନ୍ତୁ ନଭେମ୍ବର ୨ ତାରିଖରେ ତାଙ୍କର ଘର ଆୟକର ଅଧିକାରୀମାନେ ଖାନତଲାସ କରିଥିଲେ ସେମାନେ ବିଭିନ୍ନ ଦାଷ ଭିମଜ ଏଣ୍ଡ ସନ୍‌ସର ୧୪- ୫- ୧୯୮୧ ତାରିଖରେ ଗୋଟିଏ ସାର୍ଟିଫିକେଟ ପାଇଲେ ଯେଉଁଥିରେ ରେଖା ପାଞ୍ଚଲକ୍ଷ ପଚିଶ ହଜାର ଟଙ୍କାର ହୀରା ଖରିଦ୍ କରିଥିବାର କଥା ଉଲ୍ଲେଖ ଥିଲା । ଏହି ଫଳକକୁ ଦୃଷ୍ଟିରେ ରଖି ସମ୍ପତ୍ତିକର ସହକାରୀ କମିଶନର୍ ଶ୍ରୀ ପଞ୍ଚକାମୀ ଆଇନର ୩୫ ଧାରା ଅନୁଯାୟୀ ଏକ ଅଭିଯୋଗ ଦାଖଲକରି ରେଖାଙ୍କ ଜେଲଦଣ୍ଡ ଆଦେଶ ପାଇଁ ପ୍ରାର୍ଥନା କରିଛନ୍ତି । ସେହିଭଳି ରାଜେଶ ଖାନ୍ନାଙ୍କ ନାମରେ ବହୁ ମାମଲା ଦାଖଲ କରାଯାଇଛି । ଏବେ ସମ୍ବାଦ ପତ୍ରରୁ ପ୍ରକାଶ ପାଇଥିଲା ଯେ ସେ ସମନ ପାଇ ମଧ୍ୟ କୋର୍ଟରେ ହାଜର ହେଉ ନାହାନ୍ତି । ଅତୀତରେ ଏଭଳି ଧୃଷ୍ଟତା ଯୋଗୁ କିଶୋର କୁମାର ଆଉ କେନାଥ୍ୱାର (ସାଧନାଙ୍କ ସ୍ୱାମୀ) ପ୍ରଭୃତି ଦଣ୍ଡିତ ହୋଇ ଜେଲ ଭୋଗିଛନ୍ତି ।

ଏବେ କିନ୍ତୁ ବହୁ ଅଭିନେତା ଅଭିଅଭିନେତ୍ରୀ ଆଇନ ସଙ୍ଗତ ପନ୍ଥାରେ କମ କର ଦେବାର ଯୋଜନା କରୁଛନ୍ତି । ଏ ସମ୍ପର୍କରେ ଅମିତାଭଙ୍କର i p c a ଲାବରେଟରିଜ୍ ପ୍ରାଇଭେଟ ଲିମିଟେଡ଼ କମ୍ପାନୀର ଅଂଶ, ଖରିଦ ଅମଜାଦ ଖାଁ ଓ ସଞ୍ଜୀବ କୁମାରଙ୍କ ହୋଟେଲ ଖୋଲିବା ଅଶୋକ କୁମାରଙ୍କ କୁକୁଡ଼ା ଫାର୍ମ ବିସ୍ମୟଯୋଗ୍ୟ ।

ଚଳଚିତ୍ର ଅଭିନେତା ଅଭିନେତ୍ରୀ ଓ ସେ ଜଗତ ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କର ଖ୍ୟାତି ଓ ଲୋକପ୍ରିୟତା ଯାହା ହେଉନା କାହିଁକି ସେମାନେ ଯେ ଆଇନରୁ ଉର୍ଦ୍ଧ୍ୱରେ ନୁହେଁ ଏ ବିଷୟ ପ୍ରମାଣିତ ହୋଇଛି ।

ଅମିତାଭ ବଚନ ଦର୍ଶାଇଥିବା ଚଳଚ୍ଚିତ୍ରରୁ ଅଭିନୟ ପାଇଁ ରୋଜଗାର ।

ଚଳଚ୍ଚିତ୍ର ଦେଖାଇଥିବା ଆୟ

ଜମିର ଏକଲକ୍ଷ
ମିଲି ଲକ୍ଷେ ପଚିଶ ହଜାର

(ଅବଶିଷ୍ଟାଂଶ ୨୭ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଶାଶ୍ୱତ ପ୍ରେମର ଆଦି ଗ୍ରନ୍ଥ

ଶିଖ ସମ୍ପ୍ରଦାୟର ପବିତ୍ର ଗ୍ରନ୍ଥ ଗୁରୁଗ୍ରନ୍ଥ ସାହେବଙ୍କୁ ପଞ୍ଚମ ଗୁରୁ ଅର୍ଜୁନ ଦେବଙ୍କ ଦ୍ୱାରା ସଂକଳନ କରାଯାଇଥିଲା । ଖ୍ରୀଷ୍ଟିଆନଙ୍କ ପାଇଁ ବାଇବେଲ, ହିନ୍ଦୁଙ୍କ ପାଇଁ ବେଦ ଏବଂ ମୁସଲ୍‌ମାନଙ୍କ ପାଇଁ ପବିତ୍ର କୋରାନର ମୂଲ୍ୟ ଯେତିକି ଆମେ ଯାହା ବୁଝୁଁ, ବୃହଦାକାର କଳେବରବିଶିଷ୍ଟ ଗୁରୁ ଗ୍ରନ୍ଥସାହେବର ମୂଲ୍ୟ ଶିଖମାନଙ୍କ ଆଖିରେ ଠିକ ସେଇଆ । ୧୪୩୦ ପୃଷ୍ଠାର କଳେବର ବିଶିଷ୍ଟ ଏହି ବିରାଟ ଗ୍ରନ୍ଥରେ ମୋଟ ୫୮୯୪ ଟି ପଂକ୍ତି ଅଛି ଯାହାକୁ ପଞ୍ଜାବୀ ଭାଷାରେ 'ଗୁରୁବାଣୀ' ଅର୍ଥାତ୍ ଗୁରୁଙ୍କ ମୁଖନିଃସୃତ ବାଣୀ ହିସାବରେ ମାନ୍ୟ କରାଯାଏ ।

ସର୍ବଧର୍ମର ମିଳନ ସଂକଳନ

କେବଳ ଶିଖଗୁରୁ ମାନଙ୍କର ମୁଖନିଃସୃତ ବାଣୀକୁ ନେଇ ପବିତ୍ର ଗ୍ରନ୍ଥ ସାହେବ ସଙ୍କଳନ ହୋଇ ନାହିଁ । ସୁଫୀ ଗୁରୁଙ୍କର କବିତାବଳୀ ଏବଂ ଭାରତୀୟ ମୁନିଋଷିମାନଙ୍କ ଦ୍ୱାରା ରଚିତ ଅନେକ ଭକ୍ତିମୂଳକ ସଙ୍ଗୀତ ଏବଂ ପ୍ରାର୍ଥନା ମଧ୍ୟ ଏହାର ପୃଷ୍ଠା ମଧ୍ୟରେ ସନ୍ନିବେଶିତ । ସୁତରାଂ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଏକ ଅତୁଳନୀୟ ସଙ୍କଳନ ରୂପେ ଗୁରୁ ଗ୍ରନ୍ଥସାହେବ ସବୁ ଜାତି, ଧର୍ମ, ବର୍ଣ୍ଣ ଏବଂ ଗୋଷ୍ଠୀର ସୀମା ସରହଦକୁ ଅତିକ୍ରମ କରିଯାଇଛି । ଗ୍ରନ୍ଥ ନିକଟରେ ମସ୍ତକ ନତ କରି ପ୍ରତ୍ୟେକ ଶିଖ ଭକ୍ତିରେ ତନ୍ମୟ ହୋଇ ଯେତେବେଳେ ଗୋଟିଏ ପରେ ଗୋଟିଏ ପ୍ରାର୍ଥନା ବୋଲିବାକୁ ଆରମ୍ଭ କରେ ସେତେବେଳେ ଏହି ପ୍ରାର୍ଥନାଟି ଯେ ହିନ୍ଦୁ ସମାଜରେ ଅସ୍ପୃଶ୍ୟ ଏବଂ ଘୃଣ୍ୟ ବୋଲି ବିବେଚିତ ହୋଇଥିବା ଜଣେ ମାନବବାଦୀ ଭାରତୀୟ ଋଷି କିମ୍ବା ଜଣେ ଶିଖଗୁରୁଙ୍କ ଦ୍ୱାରା ରଚିତ ହୋଇଥିଲା ଏହା ଭାବିବାକୁ ତାକୁ ଅବସର ନଥାଏ । ଏହି ପ୍ରାର୍ଥନା ଗୁଡ଼ିକର ଅନ୍ତରାଳରେ ଯେ ରହି ଆସିଛି ତାହାଁକୁ, ଗ୍ରନ୍ଥ ସମକ୍ଷରେ ଏହାକୁ ଆବୃତ୍ତି କଲାବେଳେ ତାର ମନ ଓ ହୃଦୟ ଏକପ୍ରକାର ଶ୍ରଦ୍ଧା ଓ ଭକ୍ତିରେ ବିଗଳିତ ହୋଇଯାଏ । ହିନ୍ଦୁ ସନ୍ନ୍ୟାସୀ, ମୁସଲମାନ ସୁଫୀ, ଉଚ୍ଚ ବ୍ରାହ୍ମଣ, ଦଳିତ ଶୂଦ୍ର ସେ ଯେ ହେଉନା କାହିଁକି ଗୁରୁବାଣୀ ଆବୃତ୍ତି ବେଳେ ଗ୍ରନ୍ଥ ନିକଟରେ ସମସ୍ତଙ୍କୁ ସମାନ ସୁବିଧା ଓ ସ୍ୱାଧୀନତା ଦିଆଯାଇଛି । ବାସ୍ତବିକ ଏହି ପ୍ରକାର ବ୍ୟବସ୍ଥା ଆମର ଧର୍ମ ଉପାସନା ଜଗତରେ ବିରଳ । ଗୁରୁ ଗ୍ରନ୍ଥ ସାହେବଙ୍କୁ ଶିଖ ଗୁରୁ ମାନଙ୍କର ଜୀବନ୍ତ ପ୍ରତିଫଳନ ବୋଲି ଗଣ୍ୟ କରାଯାଏ ଯେଉଁ ଦିନ ଶିଖ ସମ୍ପ୍ରଦାୟର ଦଶମଗୁରୁ ସ୍ୱର୍ଗାରୋହଣ କରିବା ପୂର୍ବରୁ ଗୋଟିଏ ପଇସା ଏବଂ ପାଞ୍ଚ ପଇସା ମାତ୍ର ଗ୍ରନ୍ଥ ସମ୍ମୁଖରେ ରଖି ମସ୍ତକନତ ପୂର୍ବକ ବଜ୍ର କଣ୍ଠରେ ଘୋଷଣା କଲେ ଯେ ଏହା ପରଠାରୁ ଗୁରୁ ମାନଙ୍କର ଶକ୍ତି ଓ କ୍ଷମତା ପବିତ୍ର ଗ୍ରନ୍ଥରେ ନିହିତ ହେବ ଠିକ୍ ସେହି ଦିନଠାରୁ ଶିଖ ଜୀବନରେ ରକ୍ତମାଂସ ଅବୟବପୂର୍ଣ୍ଣ ଗୁରୁମାନଙ୍କର ଜୀବନାବସାନ ଘଟି ଗୁରୁ ଗ୍ରନ୍ଥ ସାହେବଙ୍କୁ ହିଁ ଜୀବନ୍ତ ଗୁରୁ ଭାବେ ପୂଜା କରାଗଲା । ସୁତରାଂ ଏହି ପ୍ରଣାଳୀରେ ପବିତ୍ର ଗ୍ରନ୍ଥ "ଗୁରୁ ଗ୍ରନ୍ଥ ସାହେବ" ନାମରେ ପରିଚିତ ହେଲେ ।

ଆଦି ଗ୍ରନ୍ଥ ସଂକଳନର କାହାଣୀ ଅତ୍ୟନ୍ତ କୌତୂହଳ ଉଦ୍ଦୀପକ ଏବଂ ବିସ୍ମୟକର । ଶିଖ ଧର୍ମର ପ୍ରଥମ ଗୁରୁ ନାମରେ ଖ୍ୟାତ ଅର୍ଜୁନ ଦେବ ପୂର୍ବବର୍ତ୍ତୀ ଗୁରୁ ମାନଙ୍କ ଦ୍ୱାରା ରଚିତ ହୋଇ ଏଣେ ତେଣେ ବିଛୁରିତ ଅବସ୍ଥାରେ ଥିବା ଭଜନ ଗୁଡ଼ିକୁ ଏକୁଟିଆ ସଂଗ୍ରହ କରି ସଙ୍କଳନ କରିଥିଲେ । ଏହି ଭଜନ ଗୁଡ଼ିକ ସଙ୍କଳନ କଲାବେଳେ ସେ ନିଜ ରଚିତ ଭଜନ ଓ ପ୍ରାର୍ଥନା ଗୁଡ଼ିକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରିଥିଲେ । ଏ ହେଉଛି ଷୋଡ଼ଶ ଶତାବ୍ଦୀର କଥା । ଅମୃତସରର ରାମେଶ୍ୱର ମନ୍ଦିର ପରିସର ମଧ୍ୟରେ ଅନେକ ବୃକ୍ଷଙ୍କ ଦ୍ୱାରା ଆଚ୍ଛାଦିତ ଘନଗ୍ରନ୍ଥୀ ତଳେ ଥିବା ମୁକ୍ତ ଅଗଣା ଉପରେ ଗୁରୁ ଅର୍ଜୁନ ଦେବ ଉପବେଶନ କରିଥିଲେ । ତାଙ୍କ ପାର୍ଶ୍ୱଦେଶରେ ଥିଲା ପବିତ୍ର ପୁଷ୍କରିଣୀ । ଏହିପରି ଏକ ପରିବେଶ ମଧ୍ୟରେ ଘଣ୍ଟାଘଣ୍ଟା ଧରି ବସିରହି ସେ ଆଦି ଗ୍ରନ୍ଥ ସଙ୍କଳନ କାର୍ଯ୍ୟରେ ରତ ଥିଲେ । ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ତତ୍କାଳୀନ ଶିଖ ସମାଜରେ କବି ଏବଂ ଚିନ୍ତକ ବ୍ୟକ୍ତି ଭାବେ ଖ୍ୟାତି ଅର୍ଜନ କରିଥିବା ଭାଇ ଗୁରୁଦାସ । ଗୁରୁ ନାନକ ମୂଳ ଲେଖା ବୋଲି ବିବେଚିତ ଥିବା ଗ୍ରନ୍ଥ ପାଠ କରି ସେଥିରୁ ଉପାଦେୟ ଅଂଶ ଗୁଡ଼ିକୁ ଅଲଗା କରି ଭାଇ ଗୁରୁଦାସଙ୍କୁ ଡାକି ଦେଉଥିଲେ । ଆଦି ଗ୍ରନ୍ଥର ସଙ୍କଳନର ଏହି ହେଉଛି ପ୍ରଥମ ସୋପାନ ।

ଆଦି ଗ୍ରନ୍ଥରେ ଥିବା ଭଜନ ଗୁଡ଼ିକ ମଧ୍ୟରୁ ଏକ ବୃହତ ଅଂଶ ଶିଖ ଗୁରୁମାନଙ୍କର ଭଜନ ଓ ପ୍ରାର୍ଥନାରୁ ଆନୀତ ହୋଇଥିଲେ ହେଁ ସମାଜ ଓ ଜୀବନର ବିଭିନ୍ନ ସ୍ତରରୁ ଆସିଥିବା ଅନେକ ସାଧାରଣ ଭକ୍ତ ସନ୍ନ୍ୟାସୀ ଫକୀରଙ୍କର ରଚନାବଳୀ ମଧ୍ୟ ଏଥିରେ ସ୍ଥାନ ପାଇଛି । ଗୁରୁ ନାମଦେବଙ୍କ ରଚିତ ୬୦ ଟି ପ୍ରାର୍ଥନା ଆଦି ଗ୍ରନ୍ଥରେ ସ୍ଥାନ ପାଇଛି । ଗୀତଗୋବିନ୍ଦର ପ୍ରସିଦ୍ଧ ରଚୟିତା ଜୟଦେବଙ୍କର ଭଜନ ଗୁଡ଼ିକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଭକ୍ତ ତ୍ରିଲୋଚନଙ୍କର ଗୁରୁତ୍ୱପୂର୍ଣ୍ଣ ଭଜନ ସହ ବ୍ରାହ୍ମଣ ପରମାନନ୍ଦ, ସିନ୍ଧୁ ପ୍ରଦେଶ ଅନ୍ତର୍ଗତ ସଧନ ନାମକ ଏକ କଂସେଇ ଓ ଜାତିଭେଦ ବିରୁଦ୍ଧରେ ଅବିରତ ସଂଗ୍ରାମ କରିଥିବା ରାମାନନ୍ଦଙ୍କ ଦ୍ୱାରା ଲିଖିତ ଗୋଟିଏ ଲେଖାଏଁ ଭଜନକୁ ମଧ୍ୟ ଆଦି ଗ୍ରନ୍ଥ ଧାରଣ କରିଛି । ପିପା ନାମକ ରାମାନନ୍ଦଙ୍କର ଏକ ଶିଷ୍ୟର ଭଜନକୁ ମଧ୍ୟ ଆଦି ଗ୍ରନ୍ଥରେ ଲିପିବଦ୍ଧ କରାଯାଇଛି ସେହିପରି ବେଣୀ ଭକ୍ତଙ୍କ ଦ୍ୱାରା ରଚିତ ୩ ଟି ଭଜନ ଏବଂ ରାଜସ୍ଥାନର ଧନ୍ନା ଜାଟଙ୍କ ଲିଖିତ ଗୁରୁତ୍ୱପୂର୍ଣ୍ଣ ଭଜନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଭକ୍ତ ରବିଦାସଙ୍କର ୪୦ ଟି ଭଜନ ଏବଂ 'ସେନ୍' ନାମକ ଜଣେ ହିନ୍ଦୁ ଭଣ୍ଡାରୀ ଦ୍ୱାରା ଲିଖିତ ଗୋଟିଏ କବିତାକୁ ମଧ୍ୟ ଏଥିରେ ସ୍ଥାନ ମିଳିଛି ।

ଆଦି ଗ୍ରନ୍ଥ ସଙ୍କଳନରେ ସନ୍ନିବେଶିତ ଅସଂଖ୍ୟ ପଂକ୍ତି ମଧ୍ୟରୁ ୫୪୧ ଟି ଭଜନ କେବଳ କବୀରଙ୍କର ଲେଖନୀ ଦ୍ୱାରା ସୃଷ୍ଟ । ତାଙ୍କ ଦ୍ୱାରା ଲିଖିତ ଏତେ ଗୁଡ଼ିଏ ଭଜନ ଗ୍ରନ୍ଥରେ ସ୍ଥାନ ପାଇବାର କାରଣ ସ୍ୱରୂପ ଏତିକି କୁହାଯାଇ ପାରେ । ଯେ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଅସ୍ପୃଶ୍ୟତା ଏବଂ ଲୋକ ଦେଖାଣିଆ ନୀତି ନିୟମ ବିରୁଦ୍ଧରେ ସ୍ପଷ୍ଟ ଭାବେ ସ୍ୱର ଉତ୍ତୋଳନ କରି କବୀର ଶିଖ ଧର୍ମର ସ୍ରଷ୍ଟା ଗୁରୁ ନାନକଙ୍କ ବାଣୀ ଓ ଦୃଷ୍ଟି ଭଙ୍ଗୀର ବହୁ ନିକଟତର ହୋଇ ପାରିଥିଲେ । ସେହିପରି ଜଣେ ସୁଫି କବି ହିସାବରେ ପରିଚିତ ବାବା ଫରିଦଙ୍କ ଅବଦାନ ସ୍ୱରୂପ ୪ ଟି ଭଜନ ଏବଂ ୧୩୦ ଟି ଶ୍ଳୋକ ମଧ୍ୟ ଗ୍ରନ୍ଥର ପୃଷ୍ଠା ମଣ୍ଡନ କରିଛି । ଭିଖାନ ଶୂର ଦାସ, ସୁନ୍ଦର ଏବଂ

Images: Aptakama Mishra, Processing: Srujanika

ଗୁରୁ ନାନକଙ୍କର ଆଜୀବନ ସାଥି ଥିବା ମରଦାନା ପ୍ରଭୃତି ସନ୍ଥ ମାନେ ମଧ୍ୟ ଆଦି ଗ୍ରନ୍ଥକୁ ନିଜର ବହୁ ମୂଲ୍ୟବାନ ଅବଦାନ ପ୍ରଦାନ କରିଛନ୍ତି । ମହାନ ଗୁରୁମାନଙ୍କର ଗୁଣ କୀର୍ତ୍ତନ କରି କେତେକ ଭାଟଙ୍କ ଦ୍ୱାରା ରଚିତ "ସ୍ୱାୟାଶ" ଗୁଡ଼ିକ ମଧ୍ୟ ଗ୍ରନ୍ଥ ସାହେବ ପୃଷ୍ଠା ମଧ୍ୟରେ ରହିଛନ୍ତି ।

ଐତିହାସିକଙ୍କ ମତରେ ଆଦି ଗ୍ରନ୍ଥର ସଙ୍କଳନ କାର୍ଯ୍ୟ ୧୬୬୧ ସମ୍ବତ୍‌ରେ (ସାଲରେ) ଭାଦୋନ ଭାଦି ଏକାମ ମାସରେ ସମାପ୍ତ ହୋଇଥିଲା । ଏହାକୁ ଆମେ ସାଧାରଣ ଭାବେ ୧୬୦୪ ଖ୍ରୀଷ୍ଟାବ୍ଦ ବୋଲି ନାମିତ କରିପାରିବା । ଏହି ସଙ୍କଳନ କାର୍ଯ୍ୟ ସମାପ୍ତ ହେବାର ୫ ଦିନ ପରେ ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିରରେ ସେହି ମାସରେ ସୁଦି ଏକାମ ଦିନରେ ଏହାକୁ ମହାସମାରୋହରେ ଆନୁଷ୍ଠାନିକ ଭାବେ ସ୍ଥାପନା କରାଗଲା । ଆଜି ପର୍ଯ୍ୟନ୍ତ ଏହି ପବିତ୍ର ଗ୍ରନ୍ଥକୁ ଏକ ଅମୂଲ୍ୟ ସ୍ମୃତି ଚିହ୍ନ ରୂପେ ଜଲନ୍ଧର ଜିଲ୍ଲାର କର୍ତ୍ତାରପୁର ସାହିବଠାରେ ସଂରକ୍ଷିତ କରି ରଖାଯାଇଛି ।

ଆଦି ଗ୍ରନ୍ଥର ସମ୍ପୂର୍ଣ୍ଣ ସଙ୍କଳନ ସମସ୍ତଙ୍କୁ ବିଚାରକୁ ନେଲେ ଏକଥା ସ୍ପଷ୍ଟ ପ୍ରତିପନ୍ନ ହୁଏଯେ ସବୁଠାରୁ ପ୍ରାଚୀନତମ କବି ରୂପେ ଜୟଦେବ (୧୧୭୦ ଖ୍ରୀଷ୍ଟାବ୍ଦ) ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ତାଙ୍କପରେ ପ୍ରାଚୀନତମ କବି ରୂପେ ଗଣ୍ୟ ହେଉଥିବା ଖ୍ୟାତନାମା ସୁଫି କବି ବାବା ଫରିଦଙ୍କ (୧୧୭୩ ଖ୍ରୀଷ୍ଟାବ୍ଦ) ରଚନା ଗ୍ରନ୍ଥ ମଧ୍ୟରେ ସ୍ଥାନ ପାଇଛି । ପବିତ୍ର ଆଦି ଗ୍ରନ୍ଥର ସର୍ବଶେଷ ଅଂଶରେ ଶିଖଧର୍ମର ନବମ ଗୁରୁଙ୍କ ବାଣୀ ଦେଖିବାକୁ ମିଳେ ଯିଏ ୧୬୭୫ ଖ୍ରୀଷ୍ଟାବ୍ଦରେ ଶିଖଜାତି ତଥା ଦେଶ ପାଇଁ ଆତ୍ମୋତ୍ସର୍ଗ କରି ଶହୀଦ ହୋଇଥିଲେ ।

ସୁତରାଂ ଏକଥା କହିଲେ ଅପ୍ରାସଂଗିକ ହେବ ନାହିଁ ଯେ ପୂଣ୍ୟ ଗ୍ରନ୍ଥର ପୃଷ୍ଠା ଭିତରେ ପାଞ୍ଚ ଶହ ବର୍ଷର ଭକ୍ତି ଓ ପ୍ରେମରସାତ୍ମକ ଭାବର ଲହରୀ ବିଦ୍ୟମାନ । ବାସ୍ତବପକ୍ଷେ କହିବାକୁ ଗଲେ ଆଦିଗ୍ରନ୍ଥ ହେଉଛି ଏକମାତ୍ର ପୁସ୍ତକ ଯାହା ମଧ୍ୟରେ ଉପରୋକ୍ତ ଶତାବ୍ଦୀ ଗୁଡ଼ିକ ମଧ୍ୟରେ ଅବିଚ୍ଛିନ୍ନ ଭାବରେ ଭାରତୀୟଙ୍କର ମୌଳିକ ଭାବଗତ ଏକପ୍ରାଣତା ଗଠି କରିବାର ପ୍ରମାଣ ସ୍ପଷ୍ଟଭାବେ ନିହିତ । ସାଧାରଣ ଲୋକଙ୍କ ଭାଷାରେ ଲିଖିତ ହୋଇ ବିଭିନ୍ନ ଧର୍ମାବଲମ୍ବୀ ମଧ୍ୟରେ ସହାବସ୍ଥାନ ଓ ବନ୍ଧୁତା ଅତୁଟ ରଖିବାରେ ଏହା ଏକ ମହାର୍ଘ ନମୁନା ହୋଇ ରହିଛି । ଗୁରୁଗ୍ରନ୍ଥ ସାହେବରେ ପ୍ରତିଫଳିତ ଉପରୋକ୍ତ ବିଭବଟି ଆମର ଆଧୁନିକ ଜୀବନ ପ୍ରତି ଯେ କେତେକ ଅଧିକତର ପ୍ରଯୁଜ୍ୟ ତାହା ଏହି ଅଶାନ୍ତ ଓ ହତାଶାମୟ ମନୁଷ୍ୟଜଗତର ନିତିଦିନିଆ ଜୀବନ ପରିଧିରୁହିଁ ବୁଝାପଡ଼େ । ବାସ୍ତବିକ ଗୁରୁବାଣୀର ବାର୍ତ୍ତା ଚିରନ୍ତନ ଶାନ୍ତି ହୃଦ୍ୟତା ସାର୍ବଜନୀନ ଭ୍ରାତୃତ୍ୱ ଏବଂ ସହିଷ୍ଣୁତାର ଚରମ ଦ୍ୟୋତକ । ସଙ୍କୀର୍ଣ୍ଣ ଗୋଷ୍ଠୀ, ଜାତି ଏବଂ ବର୍ଣ୍ଣରୁ ମୁକ୍ତ ହୋଇ ଏହା ଶାନ୍ତିମୂର୍ତ୍ତି ସହାବସ୍ଥାନ ନୀତିର ଏକ ଅମୋଘ ମହୌଷଧ ହୋଇ ପାରିଛି । □

(୫ ପୃଷ୍ଠାର ଅବଶିଷ୍ଟାଂଶ)

ଦୋ ଅନଜାନେ	ତିନିଲକ୍ଷ
ଅମର ଆକବର	ପାଞ୍ଚଲକ୍ଷ
ଆନ୍ଥୋନି	
ସୁହାଗ	ପାଞ୍ଚଲକ୍ଷ
ପରବରିଶ	ଅଢ଼େଇଲକ୍ଷ
ଡନ୍	ଦେଢ଼ଲକ୍ଷ
ବରସାତ କି	ସାତଲକ୍ଷ
ଏକରାତ୍	
ଦୋସ୍ତାନା	ଛଲକ୍ଷ
ଖୁନ୍ ପସିନା	ଦେଢ଼ଲକ୍ଷ
ଶୋଲେ	ଲକ୍ଷେ ଏକଟଙ୍କା
ଶକ୍ତି	ନଲକ୍ଷ
ଗ୍ରେଟ ଗାମ୍ବଲର	ସାଢ଼େ ତିନିଲକ୍ଷ
ଖୁଧାର	ଆଠଲକ୍ଷ ଏକ
ଲାୱାରିସ	ଆଠଲକ୍ଷ
ନମକହଲାଲ୍	ସାତଲକ୍ଷ

(ଆପଣ ଏହା ବିଶ୍ୱାସ କରିବେକି ?)

ବିଶ୍ୱାସ ସୂତ୍ରରୁ ପ୍ରକାଶ ଯେ ଅମିତାଭ ଗୋଟିଏ ଚଳଚ୍ଚିତ୍ରରେ ଅଭିନୟ ପାଇଁ ପଞ୍ଚତିରିଶ ଲକ୍ଷ ଟଙ୍କା ନିଅନ୍ତି । □

ଗୋଡ଼ାମାନଙ୍କ ପାଇଁ ସୁସମ୍ବାଦ
ଡେଙ୍ଗା ହେବା ପାଇଁ ଔଷଧ ତିଆରି ହେବ

ମନୁଷ୍ୟ ଡେଙ୍ଗା ହେବା ପାଇଁ ଯେଉଁ ହରମୋନ ଆବଶ୍ୟକ ତାହା ପରୀକ୍ଷାଗାରରେ ଏବେ ପ୍ରସ୍ତୁତ କରିବା ପାଇଁ ଅଷ୍ଟ୍ରେଲିଆର ଦଳେ ବୈଜ୍ଞାନିକ ଖୁବ୍ ଯୋରସୋର ଉଦ୍ୟମ ଆରମ୍ଭ କରି ଦେଇଛନ୍ତି । ଏହି ଔଷଧ ଖାଇଲେ ପିଲାମାନେ ସ୍ୱାଭାବିକ ଭାବେ ଡେଙ୍ଗା ହେବେ ।

ଏବେ ଏହି ହରମୋନ କେବଳ ଶବ ବ୍ୟବଚ୍ଛେଦ ବେଳେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ବାହାର କରାଯାଉଛି ଏବଂ ମଣିଷ ଶରୀର ବାହାରେ ଏହାକୁ ତିଆରି କରାଯାଇ ନଥିବାରୁ ଏହି ଔଷଧର ଚାହିଦା ମଧ୍ୟ ମେଣ୍ଟାଇ ହେଉ ନାହିଁ । ଅଧିକନ୍ତୁ ଆଧୁନିକ ପଦ୍ଧତିରେ ବ୍ୟବହାର ଯୋଗୁଁ ଆଉ ଆଜିକାଲି ଶବ ବ୍ୟବଚ୍ଛେଦ କରିବାକୁ ପଡ଼ୁ ନାହିଁ ତେଣୁ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ହିଁ ହରମୋନ ବାହାର କରି ପିଲାଙ୍କୁ ଚିକିତ୍ସା କରିବାର ସୁଯୋଗ ମଧ୍ୟ କମିଯାଇଛି । ଏହାର ପ୍ରତିକାର ପାଇଁ ବାହାରେ ହରମୋନ ତିଆରି କରିବାର ଆବଶ୍ୟକତା ବୃଦ୍ଧି ପାଇଛି ।

ଏହି ହରମୋନ ତିଆରି ଯୋଜନା ନିଉ-ସାଉଥ୍ ୱେଲସ ବିଶ୍ୱବିଦ୍ୟାଳୟ ଏବଂ ଗାରଭନ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ରିସର୍ଚ୍ଚ ପକ୍ଷରୁ ମିଳିତ ଭାବେ କରାଯାଉଛି ।

ସିଂଥେଟିକ୍ ଦ୍ରବ୍ୟରୁ ହରମୋନ ତିଆରି ଉଦ୍ୟମ ଆମେରିକାରେ ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଅଷ୍ଟ୍ରେଲିଆର ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଏ ପଦ୍ଧତିରେ ହରମୋନ ଉତ୍ପାଦନ ଆରମ୍ଭ ହୋଇଗଲେ ପୃଥିବୀର ଆବଶ୍ୟକତା ମେଣ୍ଟାଇବାକୁ ଚେଷ୍ଟା କରାଯିବ । □

ଜୈବିକ ପ୍ରଣାଳୀରେ ମଶା ନିୟନ୍ତ୍ରଣ

ମଶା ମାନଙ୍କର ଲାର୍ଭା ଖାଇଯାଉଥିବା ଏକ ପ୍ରକାର ଫଙ୍ଗସ ସମ୍ପ୍ରତି ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି । ଏହି ଫଙ୍ଗସର ବୈଜ୍ଞାନିକ ନାମ ଲାଜେନିଡ଼ିଅମ ଜିଜାଣ୍ଟିଅମ ଏବଂ ଏହାକୁ ଅଲଗା ଭାବରେ ବଢ଼ାଇ ଲାର୍ଭାନାଶକ ରୂପେ ସଫଳତାର ସହିତ ବ୍ୟବହାର କରାଯାଇ ପାରିଲାଣି ବୋଲି ପଣ୍ଡିଚେରୀସ୍ଥ ଭେକ୍ଟର କଣ୍ଟ୍ରୋଲ ରିସର୍ଚ୍ଚ ସେଣ୍ଟରର ଡିରେକ୍ଟର ଡକ୍ଟର ପି.କେ ରାଜଗୋପାଳନ ପ୍ରକାଶ କରିଛନ୍ତି । □

Images: Aptakama Mishra, Processing: Srujanika

ବିସ୍ଫୋରଣ ସାହାଯ୍ୟରେ ବନ୍ଧ ନିର୍ମାଣ

ଡିନାମାଇଟ୍ କିମ୍ବା ସେହିଭଳି କୌଣସି ପଦାର୍ଥର ବିସ୍ଫୋରଣ ଘଟିଲେ ଏହାର ପ୍ରଭାବରେ ବଡ ବଡ଼ କୋଠା-ବାଡ଼ି ଆଦି ଭାଙ୍ଗିପଡ଼େ । କୌଣସି ପାହାଡ଼ ବା ସେହିପରି ବିରାଟକାୟ ବସ୍ତୁକୁ ଭାଙ୍ଗିବାପାଇଁ ସାଧାରଣତଃ ବିସ୍ଫୋରଣର ସହାୟତା ନିଆଯାଉଥାଏ କିନ୍ତୁ ନିୟନ୍ତ୍ରିତ ବିସ୍ଫୋରଣ ମାଧ୍ୟମରେ ଏବେ ବନ୍ଧ ତିଆରି କରାଗଲାଣି । ଏହି ଅଣ ପାରମ୍ପରିକ ଚିନ୍ତାଧାରାକୁ ପ୍ରଥମେ ସୋଭିଏତ ବୈଜ୍ଞାନିକ ମାନେ କାର୍ଯ୍ୟରେ ପରିଣତ କରି ଇତିମଧ୍ୟରେ ଗୋଟିଏ ବଡ଼ ବନ୍ଧ ନିର୍ମାଣ କରି ସାରିଲେଣି ।

ଏହି ପ୍ରଣାଳୀରେ କିପରି ନିର୍ମିତ ହୋଇଛି ତାହା ଅନୁଧ୍ୟାନ କରିବାକୁ ଯାଇଥିଲେ । ସୋଭିଏତର ଉକ୍ତ ବୃହତ୍ତମ ବନ୍ଧ ନ୍ୟୁରେକ ଡ୍ୟାମର ଉଚ୍ଚତା ୩୦୦ ମିଟର ।

ଭୂଗର୍ଭରେ କେତେକ ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ଜ୍ୟାମିତିକ ନିୟମରେ ଶକ୍ତିଶାଳୀ ବିସ୍ଫୋରଣ ଘଟାଇଲେ ସେହି ବିସ୍ଫୋରଣ ମାଟି ସବୁ ଉପରକୁ ଠେଲି ଏକ ବନ୍ଧ ସୃଷ୍ଟି କରିଥାଏ । ପୃଥିବୀରେ କେବଳ ଋଷିଆ ହେଉଛି ଏକମାତ୍ର ଦେଶ ଯିଏକି ସଫଳତାର ସହିତ ଏହି କୌଶଳ ପ୍ରୟୋଗ କରି ଚାଲିଛି ।

ଶ୍ରୀ କେ. ଏସ୍. ଆର୍. ମେନନ୍

ଋଷିଆରେ ମୁଖ୍ୟତଃ ରକ୍‌ଫିଲ ଡ୍ୟାମ ଓ କଫର ଡ୍ୟାମ ନିର୍ମାଣ ପାଇଁ ଏହି କୌଶଳ ଅବଲମ୍ବନ କରାଯାଉଛି । ନଦୀର ମୁଖ୍ୟ ବନ୍ଧ ନିର୍ମାଣ ବେଳେ ପ୍ରବାହିତ ଜଳସ୍ରୋତକୁ ଅବରୁଦ୍ଧ କରି ସେହି ଜଳକୁ ଅନ୍ୟ ଦିଗକୁ ନିଷ୍କାସିତ କରିବା ନିମନ୍ତେ କଫର ଡ୍ୟାମ ତିଆରି କରାଯାଇଥାଏ । ସେହିଭଳି ତଳ ଅଞ୍ଚଳରେ ମଧ୍ୟ ପାଣି ପଶିଯାଇ ଯେପରି ନିର୍ମାଣ କାର୍ଯ୍ୟ ବ୍ୟାହତ ନକରେ ସେଥିପାଇଁ ମଧ୍ୟ କଫର ଡ୍ୟାମ ନିର୍ମାଣ କରାଯାଏ । ଗୋଟିଏ ବଡ ନଦୀର ବନ୍ଧ ପକାଇବାକୁ ହେଲେ ପ୍ରାୟ ୫୦ ମିଟର ଉଚ୍ଚର କଫର ବନ୍ଧ ତିଆରି କରିବାକୁ ହୁଏ । ଏହି ବନ୍ଧ ନିୟନ୍ତ୍ରିତ ବିସ୍ଫୋରଣ ସାହାଯ୍ୟରେ ଅତି ଅଳ୍ପ ଖର୍ଚ୍ଚରେ ତିଆରି କରିଦିଆ-ହେଉଛି ।

ଭାରତୀୟ ଇଞ୍ଜିନିୟର ମାନେ ସୋଭିଏତ ୟୁନିୟନର ବୃହତ୍ତମ ନଦୀ-ବନ୍ଧ ପାଇଁ ଆବଶ୍ୟକ କଫର ଡ୍ୟାମ

କିନ୍ତୁ ଏହି କୌଶଳ ସବୁ ପ୍ରକାରର ମାଟି ପାଇଁ ଅନୁକୂଳ ନୁହେଁ ତେଣୁ ଏଥିପାଇଁ ସ୍ଥାନ ନିର୍ବାଚନ ଏକ ଗୁରୁତ୍ୱ ପୂର୍ଣ୍ଣ ବିଷୟ । ଏହି କୌଶଳ କମ ଲୋକ ଥିବା ପାହାଡ଼ିଆ ଅଞ୍ଚଳରେ ବ୍ୟବହାର କରାଯାଇ ପାରେ । କିନ୍ତୁ ସେଠାକାର ପଥର ଗୁଡ଼ିକୁ ଭଲ କରି ପରୀକ୍ଷା ନକଲେ ଏହା ବିସ୍ଫୋରଣ ଯୋଗେ ଗୁଣ୍ଡ ନହୋଇ ଉପରକୁ ଉଠି କ୍ଷତି ଘଟାଇବାର ଆଶଙ୍କା ଥାଏ ।

ଏହି କୌଶଳରେ ଅଳ୍ପ କେତେକ ଅସୁବିଧାକୁ ଛାଡ଼ିଦେଲେ ବହୁ ସୁବିଧା ମଧ୍ୟ ଅଛି । ସେଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲା ସ୍ୱଳ୍ପ ଖର୍ଚ୍ଚ, ଅଧିକନ୍ତୁ ପାରଂପରିକ ରୀତିରେ କଫର ଡ୍ୟାମ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଇନ୍‌ଫ୍ରାଷ୍ଟ୍ରକଚର ତଥା ରାସ୍ତାଘାଟ ଆଦି ନିର୍ମାଣ ଆବଶ୍ୟକ ହୁଏ ନାହିଁ ।

ଭାରତ ଋଷିଆ ମଧ୍ୟରେ ଏହି କୌଶଳ ବିନିମୟ ପାଇଁ ୧୯୮୧ ମସିହାରେ ଏକ ଚୁକ୍ତି ହୋଇଥିଲା ଏବଂ ତଦନୁଯାୟୀ ହିମାଚଳ ପ୍ରଦେଶର ଭାକ୍ରା ନଦୀରେ ତିଆରି ହେଉଥିବା ଏକ ବନ୍ଧ ପାଇଁ ଏହି କୌଶଳ ଅବଲମ୍ବନ କରାଯିବ ।

ଏଥିପାଇଁ ନଦୀ ସହିତ ୯୦ ଡିଗ୍ରୀ କୋଣ ଅଙ୍କନ କରି ଗୁଡ଼ିଏ ଟନେଲ ତିଆରି କରାଯିବ ଏବଂ ଏହି ଟନେଲ ମାନଙ୍କରେ ବିସ୍ଫୋରକ ପଦାର୍ଥ ଭର୍ତ୍ତି କଲା ପରେ ସେଥିରେ ନିଆଁ ଲଗାଯିବ । କିନ୍ତୁ ପ୍ରକୃତ ବିସ୍ଫୋରଣ ଘଟିବା ପୂର୍ବରୁ ପରୀକ୍ଷା ମୂଳକ ଭାବେ କେତେକ ବିସ୍ଫୋରଣ ଘଟାଇ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯିବ ।

ଏହି ପ୍ରଣାଳୀରେ ହିମାଳୟ ପାର୍ବତ୍ୟାଞ୍ଚଳରେ ଡ୍ୟାମ ଆଦି ତିଆରି କରାଯାଇ ପାରିବ ବୋଲି ଆଶା କରାଯାଉଛି । □

ସର୍ଜିକାଲ ଜିପରସ୍

ଅସ୍ତ୍ରୋପଚାର ପରେ ଶରୀରରେ ଦାଗ ରହିଯାଉଥିବାରୁ ସେଥିପାଇଁ ବହୁଲୋକ ମନଦୁଃଖ କରନ୍ତି । କିନ୍ତୁ ଏବେ ଅପରେସନ ପରେ ଆଉ ଦାଗ ଯେପରି ନରହେ ସେଥିପାଇଁ ପାରଂପାରିକ ଛୁଞ୍ଚି ସୂତା ବଦଳରେ ସର୍ଜନମାନେ ଏକପ୍ରକାର ଜିପର ବ୍ୟବହାର କଲେଣି । ପ୍ୟାଣ୍ଟ ସାର୍ଟରେ ଲାଗୁଥିବା ଜିପର ଭଳି ଅସ୍ତ୍ରୋପଚାର ହୋଇଥିବା ସ୍ଥାନରେ ଏହି ଜିପର ବ୍ୟବହାର କରି କ୍ଷତ ମୁହଁକୁ ବନ୍ଦ କରିଦିଆଯାଉଛି ଏବଂ ଏହାକଲେ ସେଠାରେ କ୍ଷତ ଶୁଖିବାପରେ ଆଉ ଦାଗ ରହୁନାହିଁ ।

କ୍ଷତ ମୁହଁରେ ସର୍ଜିକାଲ ଅଠାଦେଇ ଏହି ଜିପର ବସାଇ ଦିଆଯାଇ ତାକୁ ବନ୍ଦ କରିଦିଆଯାଉଛି ଏହି ଜିପର ଗୁଡ଼ିକରେ ଅତି ତୀକ୍ଷ୍ଣ ଓ ମୁନିଆଁ କଣ୍ଟା ସବୁ ରହିଛି । □

ମାଦକଦ୍ରବ୍ୟ ରପ୍ତାନୀରେ ପାକିସ୍ତାନ ପ୍ରଥମ

ବେଆଇନ ମାଦକ ଦ୍ରବ୍ୟ ହିରୋଇନ୍ ରପ୍ତାନୀ କରିବାରେ ପାକିସ୍ତାନ ଶୀର୍ଷ ସ୍ଥାନ ଅଧିକାର କରିଛି ବୋଲି ସେଠା ରାଷ୍ଟ୍ରପତି ଶ୍ରୀ ଜିଆ ଉଲ ହକ୍ ହିଁ ସ୍ୱୀକାର କରିଛନ୍ତି । ତାଙ୍କ ସରକାର ଏହି କାରବାର ବନ୍ଦ କରିବାକୁ ବ୍ୟାପକ ଉଦ୍ୟମ କରୁଥିଲେ ସୁଦ୍ଧା ଏହା ବିଶେଷ ଫଳପ୍ରଦ ହେଉ ନାହିଁ । □

Images: Aptakama Mishra, Processing: Srujanika

ଶିଶୁ ଆଖିରେ କାଟାରାକ୍ଟ

ଶିଶୁ ମାନଙ୍କ ଆଖିରେ କଣ ବୟସ୍କ ମାନଙ୍କ ଭଳି କାଟାରାକ୍ଟ (cataract) ରୋଗ ହୁଏ ? ଅନେକ ଶିକ୍ଷିତ ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ ଏ ପ୍ରଶ୍ନ କରିଥାନ୍ତି । ବୁଢ଼ା ବୁଢ଼ୀଙ୍କ ଆଖିରେ କାଟାରାକ୍ଟ ବା ପରଳ ଯୋଗୁଁ ଦୃଷ୍ଟିହୀନ ହେବା କଥା ଅଳ୍ପ ବହୁତ ସମସ୍ତଙ୍କୁ ଜଣା, କିନ୍ତୁ ଶିଶୁ ଆଖିର କାଟାରାକ୍ଟ(congenital cataract) ବିଷୟରେ ଅତି କମ ଲୋକ ସଚେତନ । ଅଥଚ, ଏହି ରୋଗରୁ ଆମ ଦେଶରେ ଲକ୍ଷ ଲକ୍ଷ ଶିଶୁ ଅନ୍ଧ ହୋଇ ବସିଛନ୍ତି । ଠିକ ସମୟରେ ଉପଯୁକ୍ତ ଚିକିତ୍ସା ପାଇଲେ ଏମାନେ ମଧ୍ୟ ସାଧାରଣ ସୁସ୍ଥ ନାଗରିକ ଭାବେ ଜୀବନକୁ ଉପଭୋଗ କରି ପାରିବେ । ଆଜି ଆମ ଦେଶରେ ଦୃଷ୍ଟି ପାଇଁ ସଂଗ୍ରାମ(Fight for sight) ଆରମ୍ଭ ହୋଇଛି । ଅନ୍ଧତ୍ୱ ଦୂରୀକରଣ ପାଇଁ ଜାତୀୟ ଯୋଜନା କାର୍ଯ୍ୟକାରୀ ହେଉଛି । ଶିଶୁ ଅନ୍ଧମାନଙ୍କ ଥଇଥାନ ଓ ତାଲିମ ପାଇଁ ସବୁ ସ୍ତରରେ ଉତ୍କଣ୍ଠା ପ୍ରକାଶ ପାଉଛି ଏ ପରିପ୍ରେକ୍ଷୀରେ ଶିଶୁ ଅନ୍ଧତ୍ୱର କାରଣ ବିଷୟରେ ସମ୍ୟକ ଧାରଣା ସମସ୍ତଙ୍କର ସୃଷ୍ଟି ହେବା ଉଚିତ ।

ଏମାନେ କାଟାରାକ୍ଟ ଯୋଗୁ ଦୃଷ୍ଟିହୀନ

ଶିଶୁ ଆଖିରେ କାଟାରାକ୍ଟର ଲକ୍ଷଣ

୧) **ଧଳାପୁଅଡୋଳା** (Levco-corea) ସାଧାରଣତଃ ସୁସ୍ଥ ଶିଶୁର ଆଖିର ପୁଅଡୋଳା (pupil) ଗାଢ କଳା ରଙ୍ଗ ଦେଖାଯାଏ । କିନ୍ତୁ ଶିଶୁ ଆଖିର ଜନ୍ମଗତ କାଟାରାକ୍ଟ (Congenital Cataract) ହୋଇଥିଲେ, ଏହା କଳା ବଦଳରେ ଧଳା ରଙ୍ଗ ଦେଖାଯାଏ ।

ତେଣୁ ନବଜାତ ଶିଶୁର ପୁଅଡୋଳାକୁ ଲକ୍ଷ୍ୟ କରିବା ପ୍ରତ୍ୟେକ ପିତାମାତାଙ୍କର ପ୍ରଧାନ କର୍ତ୍ତବ୍ୟ । ଅନେକ କ୍ଷେତ୍ରରେ ଜନ୍ମ ହେବାର କେତେକାଳ ପରେ ମଧ୍ୟ ପୁଅଡୋଳାର ଧଳା ରଙ୍ଗ ଦୃଷ୍ଟିଗୋଚର ହୋଇଥାଏ (Development Catarct) । ସୁତରାଂ ଶିଶୁର ଯେକୌଣସି ବୟସରେ ଧଳା ପୁଅଡୋଳା (White pupil) ଦେଖାଦେଲେ ତାହା ବିପଦସଙ୍କେତ ବୁଝିବାକୁ ହେବ । କାଟାରାକ୍ଟ ଛଡ଼ା ରେଟିନ କାନସର ରୋଗ (Retinoblastoma) ମଧ୍ୟ ଧଳା ପୁଅଡୋଳାର ଅନ୍ୟ ଏକ କାରଣ । ଏଥିରେ ଶିଶୁର ଜୀବନ ସଙ୍କଟାପନ୍ନ ହୋଇଥାଏ, ତେଣୁ ପୁଅଡୋଳାର ରଙ୍ଗ ଧଳା ଦେଖିଲେ ଏହାକୁ ଅବହେଳା ନ କରି ତୁରନ୍ତ ବିଶେଷଜ୍ଞ ଚକ୍ଷୁ ଡାକ୍ତରଙ୍କୁ ଦେଖାଇବା ଆବଶ୍ୟକ ।

୨) ଦୋଳାୟିତ ଚକ୍ଷୁ

ଜନ୍ମ ହେବାର ଅଳ୍ପ କେତେମାସ ପରେ ଶିଶୁର ଆଖି ଦୁଇଟିର ଗତି ନିୟନ୍ତ୍ରିତ ଓ ଦୃଷ୍ଟି ଲକ୍ଷ୍ୟ ସ୍ଥିର ହେବା କଥା । କିନ୍ତୁ ଯେଉଁ ଶିଶୁର ଆଖିରେ କାଟାରାକ୍ଟ ହୋଇଥାଏ ତାର ଚକ୍ଷୁ ଦୁଇଟିର ଦୃଷ୍ଟି ଲକ୍ଷ୍ୟହୀନ ଓ ଗତି ଅନିୟନ୍ତ୍ରିତ ହୋଇଥାଏ । ୩ ବା ୪ ମାସର ଶିଶୁ ଯଦି ତେଜ ଆଲୁଅ ବା ରଙ୍ଗିନ ଖେଳନା ଦେଖାଇଲେ ସେ ସେଗୁଡ଼ିକୁ ସ୍ଥିର ଦୃଷ୍ଟିରେ ନ ଚାହେଁ ତେବେ ତାର ଆଖିରେ କଟାରାକ୍ଟ ହୋଇଛି କି ନାହିଁ ପରୀକ୍ଷା କରାଇ ଦେଖିବା ଆବଶ୍ୟକ । ଅନେକ କଟାରାକ୍ଟଗ୍ରସ୍ତ ଆଖି କଟୁ ଖୋଜିବା ପରି ସବୁବେଳେ ଦୋଳାୟିତ ଭଙ୍ଗିରେ ଏପଟ ସେପଟ ହେବା ଦେଖାଯାଇଥାଏ ।

ଦୁର୍ବଳ ଦୃଷ୍ଟି

ଆଖିରେ କାଟାରାକ୍ଟ ହୋଇଥିବା ଶିଶୁର ଦୃଷ୍ଟିଶକ୍ତି ସୀମିତ । ଏହା ସାମାନ୍ୟ ଦୃଷ୍ଟି ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଦୃଷ୍ଟିହୀନତା ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥାଏ । ଦୃଷ୍ଟିର ପରିମାଣ ମୁଖ୍ୟତଃ କାଟାରାକ୍ଟର ଅବସ୍ଥିତି ଓ ଘନତ୍ୱ ବା ବ୍ୟାପକତା ଉପରେ ନିର୍ଭର କରେ । ପରିଷ୍କାର ଭାବରେ କୌଣସି ପଦାର୍ଥ ଦେଖି ନ ପାରିବାରୁ ତାର ଚତୁଃପାର୍ଶ୍ୱକୁ ଦେଖିବାର ଆଗ୍ରହ ଶିଶୁର କମିଆସେ ଓ ସେ ଅନିର୍ଦ୍ଦିଷ୍ଟ ଭାବେ ଆଖିକୁ ଏପଟ ସେପଟ କରିବା ଦେଖାଯାଏ ।

ଟେରା ଆଖି

ଶିଶୁର ଗୋଟିଏ ଆଖିରେ କାଟାରାକ୍ଟ ହେତୁ ଦୃଷ୍ଟିହୀନତା ଅଧିକ ହୋଇଥିଲେ ସେ ଆଖିଟି ଧୀରେ ଧୀରେ ଗୋଟିଏ ପଟକୁ ଢଳିଯିବା ବା ଟେରା ହୋଇଯିବା ଦେଖାଯାଏ ।

ଶିଶୁ ଆଖିରେ କଟାରାକ୍ଟ ହେବାର କାରଣ

ନିର୍ଦ୍ଦିଷ୍ଟଭାବେ କେଉଁ କାରଣରୁ ନବଜାତ ଶିଶୁର ଆଖିରେ କାଟାରାକ୍ଟ ଦେଖାଯାଏ ତାହା ଏ ପର୍ଯ୍ୟନ୍ତ ବିଜ୍ଞାନ ଆବିଷ୍କାର କରି ପାରିନାହିଁ । ତେବେ ଯେଉଁ ମୁଖ୍ୟ କାରଣ ଗୁଡ଼ିକ ଏଥିପାଇଁ ଦାୟୀ କରାଯାଉଛି ତନ୍ମଧ୍ୟରୁ କେତୋଟି ନିମ୍ନରେ ଦିଆଗଲା ।

୧ । ବଂଶାନୁକ୍ରମ

ବଂଶାନୁକ୍ରମେ କେତେକ ପରିବାରର ଶିଶୁମାନଙ୍କ ଆଖିରେ କାଟାରାକ୍ଟ

Images: Aptakama Mishra, Processing: Srujanika

ଦେଖାଯାଇଥାଏ । ବିଶେଷତଃ କେନ୍ଦ୍ରସ୍ଥ (Neuclear) ଓ ମଣ୍ଡଳସ୍ଥ (Zonular) କାଟାରାକ୍ଟ କେତେକ ବଂଶରେ ଅଧିକ ଦୃଷ୍ଟିଗୋଚର ହୋଇଥାଏ ।

୨ । ସଂକ୍ରାମକ ରୋଗ

ଗର୍ଭାବସ୍ଥାରେ ଯଦି ପ୍ରସୂତି କୌଣସି ଭୂତାଣୁ ଜନିତ ସଂକ୍ରାମକ ରୋଗରେ ଆକ୍ରାନ୍ତ ହୁଏ ତେବେ ଶିଶୁର ଆଖିରେ କାଟାରାକ୍ଟ ହେବାର ଦେଖାଯାଇଥାଏ ।

୩ । ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ

ପ୍ରସୂତିର ଖାଦ୍ୟାଭାବ ବା ଅନ୍ୟ କୌଣସି କାରଣରୁ ରକ୍ତରେ ଭିଟାମିନ୍ ବା ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ ହେଲେ ଶିଶୁର ଆଖିରେ କାଟାରାକ୍ଟ ଦେଖାଯାଇଥାଏ । ବିଶେଷତଃ ଖାଦ୍ୟପ୍ରାଣ 'ଘ' ଓ କାଲ୍‌ସିୟମ ଅଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ ।

୪ । ଜରାୟୁରୁ ରକ୍ତସ୍ରାବ

ଗର୍ଭାବସ୍ଥାରେ ମା'ର ଜରାୟୁରୁ ଅଧିକ ରକ୍ତସ୍ରାବ ହେଲେ ଶିଶୁର ବର୍ଦ୍ଧିଷ୍ଣୁ ଚକ୍ଷୁରେ ଅମ୍ଳଜାନ (Oxygen) ଅଭାବ ହେତୁ କାଟାରାକ୍ଟ ଦେଖା ଦେଇଥାଏ ।

ଉପର ଲିଖିତ ବା ଅନ୍ୟ ଯେ କୌଣସି କାରଣରୁ ହେଉ ଯଦି ଗର୍ଭାବସ୍ଥାରେ ଶିଶୁର ଆଖିର ସ୍ୱାଭାବିକ ଗଠନ ପ୍ରକ୍ରିୟା (Development) ବାଧାପ୍ରାପ୍ତ ହୁଏ ତେବେ ସେହି ଅବସ୍ଥାରେ ନବଜାତ ଲେନ୍‌ସ-ତନ୍ତୁ ଗୁଡ଼ିକ (Lens fibres) ଅସ୍ୱଚ୍ଛ ହୋଇଯାଏ । ଏହି ବ୍ୟତିକ୍ରମ ପୂର୍ବରୁ ପୂର୍ବବର୍ତ୍ତୀ ତନ୍ତୁ ଗୁଡ଼ିକର ସ୍ୱାଭାବିକ ସ୍ୱଚ୍ଛତା ଅପରିବର୍ତ୍ତିତ ରହେ । ଫଳରେ ଶିଶୁ ଆଖିର ଜନ୍ମଗତ କାଟାରାକ୍ଟ ସବୁବେଳେ ଆଂଶିକ ଓ ଅବର୍ଦ୍ଧମାନ । ଅପର ପକ୍ଷରେ ବୟସ୍କ ଲୋକମାନଙ୍କ ଆଖିରେ ଯେଉଁ କାଟାରାକ୍ଟ ଦେଖାଯାଏ ତାହା ସାଧାରଣତଃ କ୍ରମବର୍ଦ୍ଧମାନ ଓ ସମ୍ପୂର୍ଣ୍ଣ ହୋଇଥାଏ ।

ଦୃଷ୍ଟିହାନିର କାରଣ

ଆମର ଦୁଇ ଆଖି ଭିତରେ, ପୁଅଡ଼ୋଳା ପଛରେ, ଯେଉଁ ଜବକାଚ ବା ଲେନ୍‌ସ ଅଛି ତାହା ଏକ ଉତ୍ତଳ (Convex) ଓ ସ୍ୱଚ୍ଛ ଲେନ୍‌ସ । ଏହା ବହିର୍ଜଗତରେ ପ୍ରତିବିମ୍ବ ଚକ୍ଷୁର ସ୍ନାୟୁପଟଳ (Retina)ରେ ପକାଇ ଆମକୁ ଦେଖିବାରେ ସାହାଯ୍ୟ କରେ । ଯଦି ଏହି ଲେନ୍‌ସଟି ଅସ୍ୱଚ୍ଛ ହୋଇଯାଏ ତେବେ ତା ମଧ୍ୟ ଦେଇ ଆଲୋକରଶ୍ମି ପ୍ରବେଶ କରିପାରେ ନାହିଁ—ଫଳରେ ଦୃଷ୍ଟିହାନି ଘଟିଥାଏ । ଲେନ୍‌ସର କେନ୍ଦ୍ରସ୍ଥ ଅସ୍ୱଚ୍ଛତା ଅଧିକ ପରିମାଣରେ ଦୃଷ୍ଟିହାନି ଘଟାଇଥାଏ । ଶିଶୁମାନଙ୍କ ଠାରେ ଏହି କେନ୍ଦ୍ରସ୍ଥ କାଟାରାକ୍ଟ ହିଁ ଅଧିକ ଦେଖାଯାଏ ।

ଚିକିତ୍ସା

ବୟସ୍କ ମାନଙ୍କର ହେଉ ବା ଶିଶୁର ଆଖିରେ ହେଉ କାଟାରାକ୍ଟ ପାଇଁ କୌଣସି ଫଳପ୍ରଦ ଔଷଧ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ଫଳରେ ଅସ୍ତ୍ରୋପଚାରହିଁ ଏକମାତ୍ର ଫଳପ୍ରଦ ଚିକିତ୍ସା ରୂପେ ଆଦୃତ ।

ଅବଶ୍ୟ ସବୁବେଳେ ମନେରଖିବା ଉଚିତ ଯେ ପ୍ରତିକାର ଅପେକ୍ଷା ପ୍ରତିଷେଧହିଁ ଶ୍ରେୟଣୀୟ । ଗର୍ଭବତୀ ମାତାର ଉପଯୁକ୍ତ ଯତ୍ନ ନେଲେ ଶିଶୁର ଆଖିରେ କାଟାରାକ୍ଟ ହେବା ସମ୍ଭାବନା କମ୍ ହୁଏ । ଯଦି କୌଣସି ପ୍ରସୂତି ପୂର୍ବୋକ୍ତ ମତେ ସଂକ୍ରାମକ ବ୍ୟାଧି ଦ୍ୱାରା ଆକ୍ରାନ୍ତ ହୋଇଥାଏ ତେବେ ବିକଳାଙ୍ଗ ଶିଶୁକୁ ଜନ୍ମ ଦେବାକୁ ଦେବା ଅପେକ୍ଷା ଗର୍ଭପାତ ଶ୍ରେୟସ୍କର । ଏହା ଆଜିକାଲି ଆଇନ ସମ୍ମତ । ଏହାର ସୁଯୋଗ ନ ନେଇ ଦେଶରେ ଅନ୍ଧ ବିକଳାଙ୍ଗଙ୍କ ସଂଖ୍ୟାବୃଦ୍ଧି କରିବା ବିଜ୍ଞତାର ପରିଚୟ ନୁହେଁ ।

ଅସ୍ତ୍ରୋପଚାର

ଯଦି କାଟାରାକ୍ଟ ହୋଇଥିବା ଆଖିରେ ଶିଶୁ କିଛି ଦେଖିପାରୁଥାଏ ବା ପୁଅଡ଼ୋଳା ସମ୍ପ୍ରସାରିତ ହେଲେ ଶିଶୁ ଦେଖିପାରିବା ମନେହୁଏ ତେବେ ଆଇରିଡେକ୍‌ଟୋମୀ ନାମକ ଏକ ଛୋଟ ଓ ନିରାପଦ ଅପରେସନ କରାଯାଇଥାଏ ।

ପକ୍ଷାନ୍ତରେ ଯଦି ଶିଶୁ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇଥାଏ ତେବେ ଡିସିସନ୍ ବା ନିଡ଼ଲିଙ୍ଗ୍ (Discission or Needling) ନାମକ ଅପେକ୍ଷାକୃତ ଜଟିଳ ଅପରେସନ କରି ସମ୍ପୂର୍ଣ୍ଣ ଲେନ୍‌ସ ନିଷ୍କାସନ କରାଯାଇଥାଏ ।

ଉଭୟ ଅସ୍ତ୍ରୋପଚାର ନିଶାଦେଇ ଶିଶୁକୁ ଅଚେତ କରିବା ପରେ ହିଁ ଆରମ୍ଭ କରାଯାଏ, ତେଣୁ ନିଶାଜନିତ ବିପଦକୁ ମଧ୍ୟ ବିଚାର କରାଯାଇଥାଏ, ଶିଶୁର ୯ ମାସ ଠାରୁ ଏକ ବର୍ଷ ବୟସ ମଧ୍ୟରେ ଅପରେସନ୍ କରାଯାଇପାରେ । ଅଳ୍ପ ଦୃଷ୍ଟି ଥିବା ଆଖିକୁ ୫।୭ ବର୍ଷ ପର୍ଯ୍ୟନ୍ତ ଅପେକ୍ଷାକରି ତା'ପରେ ଅପରେସନ କରିବା ଉଚିତ୍ । ଯାହା-ହେଉ ଅସ୍ତ୍ରୋପଚାର କେବେ ଏବଂ କିପରି ହେବ ତାହା ଚକ୍ଷୁ ବିଶେଷଜ୍ଞଙ୍କ ମତ ଉପରେ ଛାଡ଼ିଦେବା ଶ୍ରେୟସ୍କର । କିନ୍ତୁ ଯଦି ଏ ରୋଗର ଚିକିତ୍ସା ବା ପରାମର୍ଶରେ ଅବହେଳା କରାଯାଏ ତେବେ କାଳକ୍ରମେ ଆଖିଦୁଇଟି ଶକ୍ତିହୀନ ହୋଇଯାଏ ଓ ବିଳମ୍ବରେ ସଫଳ ଅପରେସନ୍ ହେଲେ ମଧ୍ୟ ଦୃଷ୍ଟିଶକ୍ତି ଫେରି ଆସେ ନାହିଁ । ତେଣୁ ଶିଶୁ ଆଖିର କାଟାରାକ୍ଟର ଆଶୁ ଏବଂ ବିଶେଷଜ୍ଞ ଚିକିତ୍ସା ଏକାନ୍ତ ଆବଶ୍ୟକ । □

ଦେଶରେ ଟେଟ୍ରାସାଇକ୍ଲିନ୍ କାପ୍‌ସୁଲ (ଓରାଲ) ଔଷଧ ପ୍ରସ୍ତୁତ ଓ ବିକ୍ରୟ ନିଷିଦ୍ଧ କରାଯାଇଛି । ସେହିଭଳି ଫେନାସିଟିନ୍ ନାମକ ଅନ୍ୟ ଏକ ଔଷଧ ଆମଦାନୀ କରିବା ବା ଦେଶରେ ଉତ୍ପାଦନ ନିଷିଦ୍ଧ ହୋଇଛି । □

Images: Aptakama Mishra, Processing: Srujanika

ଆପଣଙ୍କ ରାଶିଫଳ

ଆଚାର୍ଯ୍ୟ ବିଭୂତି ଭୂଷଣ

ମେଷ — ମାସଟି ବିଳାସ ବ୍ୟସନ ସହିତ ଆମୋଦ ପ୍ରମୋଦ ମଧ୍ୟରେ କଟିବ । ତୀର୍ଥ ଭ୍ରମଣ, ନୂତନ ବନ୍ଧୁ ଲାଭ, ଦୂର ଯାତ୍ରା, ଐତିହ୍ୟ ସ୍ଥାନ ପରିଦର୍ଶନର ଯୋଗ ଅଛି ଅର୍ଥନୈତିକ କ୍ଷେତ୍ରରେ ବ୍ୟୟ ଅପେକ୍ଷା ଆୟ ଯଥେଷ୍ଟ ହେବ କିମ୍ବା ସ୍ୱତନ୍ତ୍ର ଉପାୟରେ ଅର୍ଥ ଲାଭର ପନ୍ଥା ପାଇ ପାରିବେ । ଆତ୍ମିକ ସ୍ୱାସ୍ଥ୍ୟ କିମ୍ବା ଅର୍ଥନୈତିକ ଉତ୍ଥାନ ହୋଇପାରେ, ବ୍ୟବସାୟ ବାଣିଜ୍ୟରେ ମଧ୍ୟ ଉନ୍ନତି ହେବ । ରାଜନୀତି କ୍ଷେତ୍ରରେ ସହକର୍ମୀମାନଙ୍କ ଉଚ୍ଚ ପ୍ରଶଂସା ଲାଭର ଯୋଗ ଅଛି । ଅଧ୍ୟାତ୍ମରେ ଆପଣ ଅନେକ ବ୍ୟକ୍ତିଙ୍କୁ ପ୍ରଭାବିତ କରିପାରିବେ । ମନ ମୁଗ୍ଧକର ତୃପ୍ତିଦାୟକ କେତେକ ଘଟଣା ଆପଣଙ୍କୁ କର୍ମର ବାସ୍ତବ କ୍ଷେତ୍ରରେ ଅନେକ ପ୍ରେରଣା ଦେବ ଆପଣ ରାଜନୈତିକ ସ୍ତରରେ କୃତକାର୍ଯ୍ୟ ହୋଇପାରନ୍ତି କିମ୍ବା ରାଜନୈତିକ ସାହାଯ୍ୟ ପାଇ ପାରନ୍ତି । ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଠାରୁ ସମ୍ମାନ ଓ ପ୍ରଶଂସା ମଧ୍ୟ ମିଳି ପାରିବ । ଆପଣଙ୍କ ମନରେ ଦାର୍ଶନିକ ଭାବଧାରା ଓ ଆଧ୍ୟାତ୍ମିକ ବିଶ୍ୱାସ ଯଥେଷ୍ଟ ବଢ଼ିଯିବ । ପରୋପକାର ଓ ସାମାଜିକ କର୍ମରେ ନିଜକୁ ନିୟୋଜିତ କରିବେ । ପାରିବାରିକ ବିଳାସ ବ୍ୟସନ ରହିଲେ ମଧ୍ୟ ପାରିବାରିକ ମାନସିକ ଅଶାନ୍ତି ଦେଖାଦେବ । ବ୍ୟବସାୟରେ ମାନସିକ ଅସ୍ଥିରତା ଦେଖାଦେବ । ବୈଷୟିକ ଜ୍ଞାନ ଲାଭ ପାଇଁ ମନ ବଳାଇବେ ତଥାପି ମାସଟି ସୁରୁଖୁରୁରେ କାଟି ପାରିବେ । ଛାତ୍ରମାନେ ରାଜନୈତିକ ଓ ସାମାଜିକ କର୍ମରେ ଲିପ୍ତ ରହିବେ । ମହିଳାମାନେ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ।

ବୃଷ— ମାସଟି ସାରା ମାନସିକ ଅଶାନ୍ତି ଓ ଶାରୀରିକ କଷ୍ଟ ରହିଲେ ସୁଦ୍ଧା ଆର୍ଥିକ କ୍ଷେତ୍ରରେ ଅନେକ ଆଶାବାଦୀ ହେବେ । ଆର୍ଥିକ ଅବସ୍ଥାର ସାମାନ୍ୟ ପରିବର୍ତ୍ତନ ଘଟିପାରେ । କିନ୍ତୁ ଏ ମାସଟିରେ ଅନେକ ବ୍ୟୟ ଦେଖାଦେବ । କେତେକ ସୌଖିନ ଦ୍ରବ୍ୟ ଓ ବିଳାସ ବ୍ୟସନ ପାଇଁ ଅନେକ ଖର୍ଚ୍ଚ କରିବେ ବ୍ୟବସାୟ ବାଣିଜ୍ୟରେ ପ୍ରକୃତ ଫଳ ହସ୍ତଗତ ନହେଲେ ମଧ୍ୟ ମାସର ମଧ୍ୟାଂଶ ବେଳକୁ ଆୟ ଏବଂ କର୍ମର ସୁସ୍ଥ ରକ୍ଷା ଲାଭ କରି ପାରିବେ । ଆପଣ ଅନେକ ସମୟ ଭାବପ୍ରବଣ ହୋଇପଡ଼ିବେ । ଅଯଥା ମାନସିକ ଅସ୍ଥିରତା ମଧ୍ୟରେ ଗତି କରିବେ । ମନରେ ଆଧ୍ୟାତ୍ମିକ ବିଶ୍ୱାସ, ଦେବ ପୂଜା, ପରୋପକାର, ସମାଜ ସେବା ସାହିତ୍ୟ, ଦର୍ଶନ ଚର୍ଚ୍ଚା, ରାଜନୀତି ପ୍ରତି ଆଗ୍ରହ ଦେଖାଦେବ ଯଦ୍ଵାରା ଆପଣ କର୍ମକ୍ଷେତ୍ରରେ କେତେକ ସ୍ତରରେ ଆସ୍ଥା ହରାଇପାରନ୍ତି ତଥାପି ଅନେକ କାର୍ଯ୍ୟରେ ବିଶ୍ୱାସ ଯୋଗ୍ୟ ହୋଇ ପାରନ୍ତି । ସହକର୍ମୀ ଓ ଉଚ୍ଚ ପଦସ୍ଥ କର୍ମଚାରୀ ମାନଙ୍କ ଠାରୁ ନୈତିକ ଓ ସାମାଜିକ କର୍ମ କରିବା ପାଇଁ ପ୍ରେରଣା ଆସିବ । ଆପଣ କ୍ଷମତା ଓ ସ୍ଥିତି ପଛରେ ଗୋଡ଼ାଇ ନପାରିଲେ ମଧ୍ୟ ଆସ୍ଥା କେବେ ହରାଇବେ ନାହିଁ କିମ୍ବା କାହାର ଅବିଶ୍ୱାସର ପାତ୍ର ହେବେ ନାହିଁ । ମାନ ଜୀବନର ମାନଦଣ୍ଡ ସାମାନ୍ୟ ଖର୍ବ ହେବ ଆର୍ଥିକ ଉନ୍ନତିର ବିଭିନ୍ନ ପନ୍ଥା ଆପଣଙ୍କ ଆଗରେ ମରୀଚିକା ଭଳି ଦେଖାଦେବ ଏବଂ ଆପଣ କେଉଁଥିରେ ହସ୍ତକ୍ଷେପ କରିବେ ସ୍ଥିର କରି ପାରିବେ ନାହିଁ । ପାରିବାରିକ ଜଞ୍ଜାଳ ସହିତ ଅସ୍ଥିରତା, ମନୋମାଳିନ୍ୟ ଏବଂ ସାମାଜିକ ମନୋମାଳିନ୍ୟ ଦେଖାଦେବ । ଛାତ୍ରମାନେ ବୈଷୟିକ ଶିକ୍ଷା ପ୍ରତି ମନ ବଳାଇବେ ନାରୀ ମାନେ ପତିଭକ୍ତା ଓ ସୁଲକ୍ଷଣୀ ହେବେ ।

ମିଥୁନ—ମାସଟି ସାରା ଆପଣ ଅନେକ ଆଶାର ସାଥୀ ହୋଇ ରହିବେ । କର୍ମ କ୍ଷେତ୍ରରେ ଯାହା ସବୁ ସମାଧାନ ନହୋଇ ପାରିଲେ ମଧ୍ୟ ଆପଣ ଅନେକ ଦୁଃସାହସିକ ଆଶା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସ୍ତରରେ ପୋଷଣ କରିବେ । ପ୍ରେମ କାମ ଉପରେ ମଧ୍ୟ ଅନେକ ଅର୍ଥ ବ୍ୟୟ ହେବାର ସମ୍ଭାବନା ଅଛି । ମାନସିକ ଅସ୍ଥିରତା ଓ ପାରିବାରିକ ଜଞ୍ଜାଳ ଦେଖାଦେବ । ସାମାଜିକ ଓ ବ୍ୟବସାୟିକ କ୍ଷେତ୍ରରେ ସାହାଯ୍ୟ ଓ ସହାନୁଭୂତି ପାଇପାରନ୍ତି । ଗୃହୋପକରଣ, ଯାନବାହାନ କିମ୍ବା ଘରର ନୂତନତ୍ୱ କିଛି ଲାଭ ହୋଇପାରେ । ସଭା ସମିତି ତଥା ଆନୁଷ୍ଠାନିକ କର୍ମ, ରାଜନୀତି ସମାଜସେବା ଆଡ଼କୁ ମନ ବଳାଇବେ କିନ୍ତୁ ଆପଣଙ୍କର ଶତ୍ରୁ ଓ ପ୍ରତିଦ୍ୱନ୍ଦ୍ୱୀ ଅନେକ କ୍ଷେତ୍ରରେ ରହିବେ । ଆପଣ ନିଜ ଲୋକଙ୍କଠାରୁ ବିଶ୍ୱାସ ଓ ଆସ୍ଥା ହରାଇବେ । ଶାରୀରିକ ଅବସ୍ଥା ସାମାନ୍ୟ କ୍ଲେଶ କର ହୋଇପାରେ ବ୍ୟବସାୟ ବାଣିଜ୍ୟରେ ବିଶେଷ ଲାଭ ହେବାର ଆଶା ନାହିଁ । ସ୍ୱକୀୟ କ୍ଷେତ୍ରରେ ସ୍ଥାନାନ୍ତରିତ କିମ୍ବା ଅସ୍ଥିରତା ଦେଖାଦେବ । ଆଭ୍ୟନ୍ତରୀଣ ଶତ୍ରୁ ଅନେକ ଦେଖାଦେବେ । ଆପଣ ଅନେକ ସମୟ ନୀରବ ଓ ଚିନ୍ତାଶୀଳ ରହିବେ । କେହି ଜଣେ ବନ୍ଧୁ ସାହାଯ୍ୟରେ ଆପଣ ଦୂର ଯାତ୍ରା ତଥା ମନ ମୁଗ୍ଧକର ପରିସ୍ଥିତିର ସମ୍ମୁଖୀନ ହୋଇ ପାରନ୍ତି । ଅବଶ୍ୟ ରାଜନୀତି କ୍ଷେତ୍ରରେ ଆପଣଙ୍କର ସାମାନ୍ୟ ଉନ୍ନତି ଘଟିଲେ ମଧ୍ୟ ଆପଣ ଇତଃସ୍ତତଃ ହେବେ । ଛାତ୍ରମାନେ ଦର୍ଶନ ଓ ରାଜନୀତି ଆଡ଼କୁ ମନ ବଳାଇବେ । ପିଲାମାନେ ବିଳାସ ବ୍ୟସନରେ ଲିପ୍ତ ରହିବେ ।



କର୍କଟ— ଏ ମାସଟି ଆପଣ ଅନେକ ଆଶାବାଦୀ ହୋଇ ପଡ଼ିବେ । ନୂତନ କର୍ମର ସନ୍ଧାନ ଓ ନୂତନ ଆୟ ବାଟ ଓ ଅର୍ଥନୈତିକ ଉନ୍ନତିର ସୁମାର୍ଗ ଆପଣଙ୍କୁ ଯୋଗ ହେବ । ସାମାଜିକ ସ୍ତରରେ ଯଦ୍ଵାରା କେତେକ ଶତ୍ରୁ କିମ୍ବା ଈର୍ଷାପରାୟଣ ଲୋକ ଦେଖାଦେବେ ତଥାପି ଆପଣ କର୍ମ କ୍ଷେତ୍ରରେ ସ୍ନେହ ସହାନୁଭୂତି ସହିତ ଉଚ୍ଚପ୍ରଶଂସା ଲାଭ କରି ପାରିବେ । ମାନସିକ ଉତ୍ଫୁଲ୍ଲତା ଓ ଶାରୀରିକ ସ୍ୱାସ୍ଥ୍ୟ ସମୃଦ୍ଧର ଉନ୍ନତି ଘଟିପାରେ । ବିଦେଶ ଯାତ୍ରା କିମ୍ବା ଦୂର ଯାତ୍ରା ପ୍ରତି ମନ ବଳାଇବେ । ମନରେ ଅନେକ କାମ ଓ ପ୍ରେମ ବାସନା ଦେଖାଦେବ । ସେଗୁଡ଼ିକ ଚରିତାର୍ଥ କରିପାରନ୍ତି କିମ୍ବା ବୈବାହିକ ତଥା ଆନୁଷ୍ଠାନିକ କର୍ମ ପ୍ରତି ଆକୃଷ୍ଟ ହୋଇ ପାରନ୍ତି । ସାମାଜିକ ସ୍ଥିତି ତଥା ଅର୍ଥନୈତିକ ମାନଦଣ୍ଡ ବଜାୟ ରଖି ପାରିବେ । ଆଧ୍ୟାତ୍ମିକ ଚିନ୍ତାଧାରା, ସାହିତ୍ୟ ନ୍ୟାୟ ଓ ଦର୍ଶନ ପ୍ରତି ଆକୃଷ୍ଟ ହେବେ । ଅନେକ ସମୟରେ ବ୍ୟବସାୟିକ ଓ ବୈଷୟିକ ଶିକ୍ଷାପ୍ରତି ଆକୃଷ୍ଟହେବେ । ଅର୍ଥ ଲାଭର ସୁଗମ ପଥ ଆପଣଙ୍କ ପାଇଁ ଉନ୍ମୋଚନ ହୋଇ ପାରିବ । ମାନସିକ ତୃପ୍ତି ସହିତ ପାରିବାରିକ ସ୍ନେହ ସୌହାର୍ଦ୍ଦ୍ୟ ଲାଭ କରି ପାରିବେ । ସମସ୍ତ ସମୟରେ ଆପଣ ଏକୁଟିଆ ରହିବାକୁ ଭଲ ପାଇବେ ଓ ନିଜର ଉଚ୍ଚାଶାକୁ ମନ ମଧ୍ୟରେ ଦବାଇ

Images: Aptakama Mishra, Processing: Srujanika

ରଖିବାକୁ ଭଲ ପାଇବେ । ନିଜର ସୁଖ କିମ୍ବା ଦୁଃଖ କାହାରି ଆଗରେ ବ୍ୟକ୍ତ କରିବା ପାଇଁ ଭଲ ପାଇବେ ନାହିଁ । ସୌଖିନ ଦ୍ରବ୍ୟପ୍ରତି ଆଗ୍ରହ ଓ ଆକର୍ଷଣ ଲାଭ ପାଇଁ କଳାପ୍ରତି ମନ ବଳାଇବେ । ଛାତ୍ରମାନେ ବିଦେଶ ଭ୍ରମଣକୁ ମନ ବଳାଇବେ । ନାରୀମାନେ ବିଳାସ ବ୍ୟସନ ସହିତ ପ୍ରେମାସକ୍ତା ହେବେ ।

ସିଂହ :- ମାସଟି ବିଶେଷ ସୁଖକର ନ ହେଲେ ମଧ୍ୟ ଆମୋଦ ପ୍ରମୋଦ ମଧ୍ୟରେ କଟିବ । ଅଯଥା ବ୍ୟୟ ଓ ଧନହାନୀ ହେବାର ଆଶଙ୍କା ଅଛି । ପରିବାରବର୍ଗରେ ମନାନ୍ତର ଓ ପାରିବାରିକ ଜଞ୍ଜାଳ ଦେଖାଦେବ । ମାସର 'ସ୍ୱର୍ଦ୍ଧ' ବେଳକୁ ଅବସ୍ଥାର ପରିବର୍ତ୍ତନ ହେବ । ସାମାଜିକ, ରାଜନୈତିକ ଓ ପାରିବାରିକ ଉନ୍ନତି ଦେଖାଦେବ । ଆର୍ଥିକ ଅବସ୍ଥା ମଧ୍ୟ ଭଲ ରହିବ । ଆମୋଦ ପ୍ରମୋଦରେ ଅନେକ ଖର୍ଚ୍ଚ କରିବେ । ବ୍ୟବସାୟ ବାଣିଜ୍ୟରେ ସୁବିଧା ସୁଯୋଗ ପାଇ ପାରିବେ । ନୂତନ କର୍ମ ଲାଭ ଓ ନୂତନ ବୃଦ୍ଧି ଲାଭ ହୋଇ ପାରିବ, ଗୃହୋପକରଣ, ଯାନବାହାନ ଓ ବୈବାହିକ ଆନୁଷ୍ଠାନିକ କର୍ମପ୍ରତି ମନ ବଳାଇବେ । କିନ୍ତୁ ମାନସିକ ଅସ୍ଥିରତା ଓ ଶାରୀରିକ କଷ୍ଟ ମାସଟି ସାରା ରହିବ, ସ୍ୱାସ୍ଥ୍ୟର ସାମାନ୍ୟ ଉନ୍ନତି ହୋଇପାରେ । ଆପଣ ଅନେକ ଅଯଥା ଆଶା କରି ଅନିଶ୍ଚିତତା ପଛରେ ଗୋଡ଼ାଇବେ, ଆପଣଙ୍କ ଉପରେ କାହାର ଆସ୍ଥା ଓ ବିଶ୍ୱାସ ରହିବ ନାହିଁ । ଆପଣଙ୍କୁ ଅନେକ କ୍ଷେତ୍ରରେ କୃତ୍ରିମତା ଅବଲମ୍ବନ କରିବାକୁ ପଡ଼ିବ, କେତେକ ସ୍ତରରେ ସମାଲୋଚିତ ଅପ୍ରସ୍ତୁତ ହେବାକୁ ପଡ଼ିବ । ଆପଣ ସ୍ପଷ୍ଟବାଦୀ ହେବେନାହିଁ । ମନରେ ଈର୍ଷା ଦେଖା ଦେବ । କିନ୍ତୁ ମାସଟି ସାରା ଚରିତ୍ରଗତ ଦୋଷ ଯାହା ରହିଲେ ମଧ୍ୟ ସାହିତ୍ୟ ସାଧନ, କଳା ଓ ଦର୍ଶନ ପ୍ରତି ଆସକ୍ତ ହେବେ, ଛାତ୍ରମାନେ ନୂତନ ବନ୍ଧୁ ପାଇବେ ଓ ବୈଷୟିକ ଜ୍ଞାନ ପ୍ରତି ମନ ବଳାଇବେ, ମହିଳାମାନେ ଚଞ୍ଚଳାଶିଳ ଓ କାମାତୁର ହେବେ ।

କନ୍ୟା :- ଏ ମାସଟି ଆପଣଙ୍କ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଅନେକ ରହିବ, ଯଦିଓ ଅନେକ ଆଶାବାଣୀ ହୋଇ ପଡ଼ିବେ, କାମନା ଅନେକ ଦୁଃଖର କାରଣ ହେବ, କେତେକ ଅହେତୁକ କାରଣରେ ଆପଣଙ୍କୁ ଇତସ୍ତତଃ ହେବାକୁ ପଡ଼ିବ, ଯେଉଁମାନଙ୍କୁ ବିଶ୍ୱାସ କରୁଥିବେ ସେମାନେ ଅସୁବିଧାରେ ପକେଇ ପାରନ୍ତି କିମ୍ବା ଆପଣଙ୍କ ହାତରେ ଆର୍ଥିକ ବୋଝ ଲଦି ଦେଇପାରନ୍ତି, ସାମାଜିକ; ରାଜନୈତିକ କ୍ଷେତ୍ରରେ ମଧ୍ୟ ମନାନ୍ତର ଘଟିପାରେ । ପାରିବାରିକ ଜଞ୍ଜାଳ ଦେଖାଦେବ ଓ ପରିବାରରେ ମାସଟି ସାରା ବ୍ୟୟ ଲାଗି ରହିବ । ଆୟ ଅପେକ୍ଷା ମାସଟି ବ୍ୟୟର ପରିମାଣ ଅଧିକ ହେବ, ସାହିତ୍ୟ ଚର୍ଚ୍ଚା ପରୋପକାର, ସେବା ମନୋଭାବ, ଓ ରାଜନୈତିକ ଉଦ୍‌ଯୋଗ ପୃଷ୍ଟି କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ, ସାମାଜିକ ଗୋଲମାଲରେ ପଡ଼ିପାରନ୍ତି । ଅବଶ୍ୟ ଆପଣଙ୍କର ସ୍ଥିର ମତରେ ହାତେ ମାପି ଗୃହସ୍ଥ ଶୃଙ୍ଖଳା ନୀତି ଅନୁସରଣ କରିବେ । ବ୍ୟକ୍ତିଗତ ବିଶ୍ୱାସ ହରାଇବେ । ଈଶ୍ୱର ବିଶ୍ୱାସ ଓ ଦେବାର୍ଚ୍ଚନା ରହିବ । ତନ୍ତ୍ର ପ୍ରତି ମନ ବଳାଇବେ; ଉଚ୍ଚସ୍ତର କ୍ଷମତା କିମ୍ବା ବୈଷୟିକ ଉନ୍ନତି ପାଇ ଚେଷ୍ଟା କରିବେ, ବୃତ୍ତିଗତ ବ୍ୟବସାୟରେ ମନୋ ମାଳିନ୍ୟ ଓ ଈର୍ଷା ପରାୟଣତା ଦେଖାଦେବ, ଛାତ୍ରମାନେ ରାଜନୀତି ଓ ଭ୍ରମଣ ପ୍ରତି ଆକୃଷ୍ଟ ହେବେ ମହିଳାମାନେ ଆମୋଦ ପ୍ରମୋଦରେ ଅନେକ ବ୍ୟୟ କରିବେ ।



ତୁଳା :- ମାସଟି ସାରା ଆର୍ଥିକ ଚିନ୍ତା ଓ ଅଯଥା ବ୍ୟୟ ଦେଖା ଦେବ । ଶାରୀରିକ କଷ୍ଟ କିମ୍ବା ପାରିବାରିକ ଜଞ୍ଜାଳ ନେଇ ଅନେକ ଖର୍ଚ୍ଚ ହେବ, ବ୍ୟବସାୟ ବାଣିଜ୍ୟରେ ଇତସ୍ତତ ହେବେ, କେଉଁଟି କରିବେ କେଉଁଟି ନ କରିବେ କିଛି ସ୍ଥିର କରି ପାରିବେ ନାହିଁ । ମାନସିକ ସ୍ଥିରତା ରହିବ ନାହିଁ । ନିଜ ଉପରୁ ଆସ୍ଥା ବିଶ୍ୱାସ ହରାଇ ପାରନ୍ତି । ପରିବାରରେ ସାମାନ୍ୟ ମନୋ ମାଳିନ୍ୟ ଦେଖା ଦେଇ ପାରେ ସାମାଜିକ ରାଜନୈତିକ ସ୍ତରରେ ଉଚ୍ଚ ଆଶା ପୋଷଣ କଲେ ମଧ୍ୟ ହତାଶ ହେବାର ସମ୍ଭାବନା ଅଛି, ରାଜନୈତିକ କ୍ଷମତା ଓ ପଦୋନ୍ନତି ପାଇଁ ଚେଷ୍ଟା କଲେ ମଧ୍ୟ ସମାଲୋଚିତ ଓ ଅପଦସ୍ତ ହେବାର ସମ୍ଭାବନା ଅଛି । ବ୍ୟବସାୟ ବାଣିଜ୍ୟରେ ବିଶେଷ ଲାଭବାନ ହେବେ ନାହିଁ । ଲୌହ ଓ ତରଳ ପଦାର୍ଥ ଉପରେ ବ୍ୟବସାୟ କରିବା ପାଇଁ ଅଧିକ ମନ ବଳାଇବେ । ସର୍ବଦା ବ୍ୟବସାୟରେ ନୂତନତ୍ୱ ଲାଭ କରିବାକୁ ଇଚ୍ଛା କରୁଥିବେ ମନ ବଳି ଉଠିବେ, ଓ ଅନେକ ବ୍ୟବସାୟିକ କାମରେ ଲିପ୍ତ ରହିବେ, ବୃତ୍ତିଗତ କ୍ଷେତ୍ରରେ ପଦ ମର୍ଯ୍ୟାଦା ରହିବ ନାହିଁ କିମ୍ବା ସହକର୍ମୀ ମାନଙ୍କସହ ସେତେ ଭଲ ସଂପର୍କ ରହିବ ନାହିଁ । ସାମାଜିକ କ୍ଷେତ୍ରରେ ମନାନ୍ତର, ରାଜଭୟ, ଓ ବୃଥାବ୍ୟୟ ଲାଗିରହିବ । ତଥାପି ତାମସିକ ପ୍ରବୃତ୍ତି ନେଇ କିମ୍ବା ପ୍ରେମ ବ୍ୟାଧି ଯୋଗୁ ଅନେକ ଖର୍ଚ୍ଚ ହୋଇପାରେ । କିନ୍ତୁ ଈଶ୍ୱର ବିଶ୍ୱାସ ଓ କଳାପ୍ରତି ଆକୃଷ୍ଟ ହେବେ, ଛାତ୍ରମାନେ ଭୌତିକ କିମ୍ବା ପ୍ରାକୃତିକ ଜ୍ଞାନ ହାସଲ କରିବା ପାଇଁ ମନ ବଳାଇବେ, ମହିଳାମାନେ ସମାଜ ସେବା ଓ ପରିବାରର ଉନ୍ନତି ପାଇଁ ନିଜକୁ ନିୟୋଜିତ କରିବେ ।

ବିଛା — ଏ ମାସଟି ଆପଣଙ୍କର ଅନେକ ସୁଖ ସମ୍ପଦର କାରଣ ହେବ । ଆର୍ଥିକ କ୍ଷେତ୍ରରେ ଉଚ୍ଚାଶା ପୋଷଣ କରିବେ । ବ୍ୟବସାୟ ବାଣିଜ୍ୟରେ ଉନ୍ନତିର ଲକ୍ଷଣ ଦେଖାଦେବ ଆପଣଙ୍କ ହୃଦୟରେ ନୈତିକତା ଈଶ୍ୱର ବିଶ୍ୱାସ ଦେବାର୍ଚ୍ଚନା ଦେଖାଦେବ । ଆନୁଷ୍ଠାନିକ କର୍ମ ତଥା ଗୃହକରଣ, ବିବାହ ବ୍ରତ, ଯାନ ବାହାନ କିମ୍ବା ଭୂମି ଲାଭର ଯୋଗ ଅଛି । ଆନୁଷ୍ଠାନିକ କର୍ମରେ କିଛି ନୂତନତ୍ୱ ଲାଭ କରିପାରନ୍ତି କିମ୍ବା ପରିବାରରେ କରାଇ ପାରନ୍ତି । ସେବା, ତ୍ୟାଗ ପରୋପକାରରେ ନିଜକୁ ନିୟୋଜିତ କରି ପାରିବେ । ସାମାଜିକ କର୍ମ ଓ ରାଜନୀତି କ୍ଷେତ୍ରରେ କୁଟିଳ ମନା ଓ କୁଚକ୍ରୀ ହୋଇ ପାରନ୍ତି ରାଜନୀତି କ୍ଷେତ୍ରରେ ସାମାନ୍ୟ ଅସ୍ଥିରତା ଓ ଉଚ୍ଚଆଶା ପୋଷଣ କରିବେ ତନ୍ତ୍ର ସାଧନା ଓ ଦେବ ପୂଜା ଆଡ଼କୁ ମନ ବଳାଇବେ । ସାଂସ୍କୃତିକ ଓ ଐତିହାସିକ କର୍ମ , ସାହିତ୍ୟ ଦର୍ଶନ ସଭା ସମିତି ଓ ଆନୁଷ୍ଠାନିକ କର୍ମରେ ନିଜକୁ ନିୟୋଜିତ କରିବେ । ରଜନୀତି କିମ୍ବା ନୈତିକ କର୍ମରେ ଲୋକ ଦୃଷ୍ଟିକୁ ଆସିପାରନ୍ତି । ତଥାପି କେହି ବନ୍ଧୁ ବିୟୋଗ କିମ୍ବା ଆକସ୍ମିକ ଦୁର୍ଘଟଣା ନେଇ ଅନେକ ମାନସିକ ଦୁଶ୍ଚିନ୍ତା ଓ ଆର୍ଥିକ କ୍ଷୟକ୍ଷତି ହେବାର ସମ୍ଭାବନା ଅଛି । ବୃତ୍ତିଗତ କ୍ଷେତ୍ରରେ ପଦୋନ୍ନତି ଉଚ୍ଚପଦସ୍ଥ ଲୋକଙ୍କ ଠାରୁ ପ୍ରଶଂସା ଓ ସହକର୍ମୀ ମାନଙ୍କଠାରୁ ସ୍ନେହ ସହାନୁଭୂତି ପାଇ ପାରିବେ । ବ୍ୟବସାୟ କ୍ଷେତ୍ରରେ

Images: Aptakama Mishra, Processing: Srujanika

ଅନୁନକ ସାହାଯ୍ୟ କେନ୍ଦ୍ର ଜଣେ କର ପାରନ୍ତି । ଛାତ୍ରମାନେ ଦୂରଯାତ୍ରା ପ୍ରତି ମନ ବଳାଇବେ । ମହିଳା ମାନେ ଗୃହକାର୍ଯ୍ୟ ଓ ସମାଜ ସେବାରେ ନିଜକୁ ନିୟୋଜିତ କରିବେ ।

ଧନୁ :- ମାସଟି ସାରା ଅନେକ ଆଶା ଓ ଦୁଶ୍ଚିନ୍ତାରେ କାଳ କାଟିବେ । ମନରେ ସର୍ବଦା ଅସ୍ଥିରତା ଦେଖାଦେବ, କିନ୍ତୁ ଅନେକ ଧୈର୍ଯ୍ୟ ଓ ସାହାସର ସହିତ ଆପଣ ଅନେକ ବାଟ ଆଗେଇ ଯାଇ ପାରନ୍ତି । ସାମାଜିକ ସ୍ତରରେ ସମାଲୋଚିତ ଓ ଅପଦସ୍ଥ ହେବାକୁ ପଡ଼ିବ । ନୈତିକ ଅଧୋପତନ, ଓ ମାନସିକ ବିକୃତି ଦେଖା ଦେବ, କେତେକ ଅହେତୁକ ଆଶାନେଇ ମରିଚିକା ପଛରେ ଆପଣ ଗୋଡ଼ାଇ ପାରନ୍ତି । ବୃଥାବ୍ୟୟ ଓ ଅପନିନ୍ଦା ଦେଖାଦେବ । କିନ୍ତୁ ସାମାଜିକ ଓ ଆର୍ଥିକ ସ୍ଥିତି ବଜାୟ ରଖିବେ । ବ୍ୟବସାୟ ବାଣିଜ୍ୟରେ ମଧ୍ୟ ଉନ୍ନତି ହେବ । ଗୃହକର୍ମ କ୍ଷେତ୍ରରେ ସହକର୍ମଗୃହସ୍ୱାମୀନଙ୍କ ଠାରୁ ଉଚ୍ଚ ପ୍ରଶଂସା ଲାଭ କରି ପାରିବେ । ପାରିବାରିକ ଆନନ୍ଦ ମଧ୍ୟ ଦେଖା ଦେବ, ସାଂସ୍କୃତିକ ଆନୁଷ୍ଠାନିକ କର୍ମରେ ଲିପ୍ତ ରହିବେ ଓ ସମ୍ମାନ ଲାଭ କେତେକ ସ୍ତରରେ ହୋଇନପାରେ । ସାହିତ୍ୟ, ଦର୍ଶନ, ନ୍ୟାୟ ଓ ବୈଷୟିକ କ୍ଷେତ୍ରରେ ନିଜକୁ ଆଗେଇ ନେବେ; ଆପଣ ଅନେକ କୁଟିଳମନା ହୋଇ ପଡ଼ିବେ ଓ ସାମାଜିକ ସ୍ତରରେ ଆଶା ଓ ବିଶ୍ୱାସ ହରାଇବା ଆଶା ଅଛି, ଅଯଥା ଶତ୍ରୁ ବୃଦ୍ଧି ଓ ଈର୍ଷାପରାୟଣତା ଦେଖା ଦେବ, ପରୋପକାର କିମ୍ବା ତ୍ୟାଗ ଆପଣ ଯାହା କରିବେ ନିଜର କେତେକ ଲୋକ ତାହା ସନ୍ଦେହ କରିବେ । ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ, ମାସଟି ସାରା ଅନେକ ଭ୍ରମଣ ଓ ଦୂରଯାତ୍ରା ଲାଗିରହିବ । ଦେବ ଉପାସନା ଓ ଭକ୍ତି ସାଧନାରେ ନିଜକୁ ନିୟୋଜିତ କରିବେ, କ୍ଷମତା ଓ ପଦୋନ୍ନତି ପାଇଁ ମାନସିକ ଅସ୍ଥିରତା ଦେଖାଦେବ, ଆପଣଙ୍କର କାହା ଉପରେ ବିଶ୍ୱାସ ରହିବ ନାହିଁ । ଛାତ୍ରମାନେ ସମାଜସେବା ଓ ନାରୀମାନେ ବିଳାସ ବ୍ୟସନରେ ନିଜକୁ ନିୟୋଜିତ କରିବେ ।

ମକର— ମାସଟି ସାରା ମାନସିକ ଦୁଶ୍ଚିନ୍ତା ଲାଗି ରହିବ ପଦ ମର୍ଯ୍ୟାଦାରେ ବାଧା ଦେଖା ଦେଇ ପାରେ, ଭୀଷଣ କାର୍ଯ୍ୟ ପରୀକ୍ଷାରେ ଆପଣଙ୍କୁ ସମ୍ମୁଖୀନ ହେବାକୁ ପଡ଼ିପାରେ । ଶାରୀରିକ କଷ୍ଟ, ଶତ୍ରୁଭୟ, ମାନସିକ ଅଶାନ୍ତି, ସାମାଜିକ ସମାଲୋଚନା, ଅଯଥା ଈର୍ଷା ପରାୟଣତା ଆର୍ଥିକ କ୍ଷୟକ୍ଷତି, ଗ୍ରହଭୟ, ମାନହାନି, ଓ ଅହେତୁକ ଭୟ ମନରେ ଅନେକ ଦେଖାଦେବ । ଆପଣ କୁଟିଳ, ମନା ହୋଇ ପଡ଼ିବେ । ଧୈର୍ଯ୍ୟ ଓ ସାହାସର ସହିତ ଗତି କରିବେ । ଧର୍ମ ଓ ଆଧ୍ୟାତ୍ମିକ କଥା ଉପରେ ବିଶ୍ୱାସ ରଖିବେ, ଅଯଥା ଭ୍ରମଣ ଓ ବୃଥା ବ୍ୟୟ ଲାଗିରହିବ, ବ୍ୟବସାୟ ବାଣିଜ୍ୟରେ ଆଶା ହରାଇବେ, ଅନେକ କ୍ଷୟ କ୍ଷତିର ସମ୍ଭାବନା ଅଛି । ପାରିବାରିକ ମନୋମାଳିନ୍ୟ ଓ ଜଞ୍ଜାଳ ଦେଖାଦେବ, ଆପଣଙ୍କ ପ୍ରତି ସନ୍ଦେହ, ଅବିଶ୍ୱାସ ଓ ଅନାସ୍ଥା ଦେଖାଦେବ । ନିଜର ଲୋକ କେତେକ ହତାଶ କରାଇ ପାରନ୍ତି, ମାନସିକ ଓ ଶାରୀରିକ କଷ୍ଟ ମାସଟି ସାରା ପ୍ରାୟ ଦେଖାଦେବ । ଧର୍ମଭୟ ଓ ନୀତି ହୀନତା ଦେଖାଦେବ । ଆପଣଙ୍କୁ ହାତେ ମାପି ଗୋଡ଼ଖଣ୍ଡେ ଚାଲିବାକୁ ପଡ଼ିବ ନୋହିଲେ ଅଯଥା ଅସୁବିଧାରେ ମନ ବଳାଇବେ । ନାରୀ ମାନେ ଗୃହକାର୍ଯ୍ୟ ଓ ନୈତିକ କର୍ମପ୍ରତି ଭୟ କରିବେ ।

କୁମ୍ଭ — ମାସଟି ସାରା ଅନେକ ଅଶାନ୍ତିରେ କଟାଇବେ ମାନସିକ, ଶାରୀରିକ; ଆର୍ଥିକ ଓ ପାରିବାରିକ ଅଶାନ୍ତି ଦେଖା ହେବ । ମାନସିକ ଅସ୍ଥିରତା ସହିତ ପାରିବାରିକ ଜଞ୍ଜାଳ ଆପଣଙ୍କୁ ହତାଶ କରାଇବ । ଆର୍ଥିକ ଅନାଟନ ମଧ୍ୟରେ ଗତି କରିବେ । ବ୍ୟବସାୟ କ୍ଷେତ୍ରରେ ବୃଥା ଶତ୍ରୁତା ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ଆୟ ଅପେକ୍ଷା ବ୍ୟୟ ଅନେକ ବଢ଼ିଯିବ । ସମାଜସେବା ପରୋପକାରରେ ନିଜକୁ ନିୟୋଜିତ କରିପାରନ୍ତି । ରାଜନୀତିରେ ସାମାନ୍ୟ ହସ୍ତକ୍ଷେପ କରିବେ ଓ ନିଜକୁ ସର୍ବଦା ପଦ୍ମପତ୍ରର ଜଳ ପରି ରଖିବାକୁ ଚେଷ୍ଟା କରୁଥିବେ । ଆଧ୍ୟାତ୍ମିକ ବିତୃଷ୍ଣା ଦେଖାଦେବ । ନୈରାଶ୍ୟ ଜନିତ ବ୍ୟାଧିରେ ଆପଣ ସର୍ବଦା ଚିନ୍ତାଶୀଳ ରହିବେ । ବ୍ୟବସାୟ କ୍ଷେତ୍ରରେ ଅନେକ ଉଚ୍ଚ ଆଶା ପୋଷଣ କରିବେ ଓ ସେଥିପାଇଁ ଅନେକ ବ୍ୟୟ ମଧ୍ୟ କରିବେ । ଅନେକ ଆନୁଷ୍ଠାନିକ କର୍ମ ତଥା; ଗୃହୋପକରଣ , ଯାନବାହାନ, ଭୂ ସମ୍ପତ୍ତି ପ୍ରତି ମନବଳାଇବେ । ବୈବାହିକ କର୍ମ ପ୍ରତି ମଧ୍ୟ ଆକୃଷ୍ଟ ହେବେ କିନ୍ତୁ ଆର୍ଥିକ ଅସୁବିଧା ଯୋଗୁ ସାମାଜିକ ସ୍ଥିତି ଓ ପାରିବାରିକ ଶାନ୍ତି ପାଇ ପାରିବେ ନାହିଁ । ଅଯଥା ଋଣ ଓ ବ୍ୟୟରେ ପାଡ଼ିହେବେ । ବୃଥା ବ୍ୟୟ ଓ ଭ୍ରମଣ ଲାଗି ରହିବ । ତୀର୍ଥ ଭ୍ରମଣ ହୋଇପାରେ । ଅନେକ କର୍ମରୁ ଏବଂ ବ୍ୟକ୍ତିଙ୍କଠାରୁ ଆସ୍ଥା, ବିଶ୍ୱାସ ହରାଇ ପାରନ୍ତି । କଳା, ସାହିତ୍ୟ, ଧର୍ମ ଓ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ଛାତ୍ରମାନେ ଗୃହକାର୍ଯ୍ୟ ଓ ମହିଳାମାନେ ବିଳାସ ବ୍ୟସନରେ ମନ ବଳାଇବେ ।

ମୀନ - ଏ ମାସରେ ଆପଣଙ୍କର ଅନେକ କ୍ଷୟକ୍ଷତି ହୋଇପାରେ, ମାନସମ୍ମାନ ମଧ୍ୟ ରହିବ ନାହିଁ, ସାମାଜିକ ସ୍ଥିତି ଓ ପାରିବାରିକ ଶାନ୍ତି ମଧ୍ୟ ଦେଖାଦେବ ନାହିଁ । ଶାରୀରିକ କଷ୍ଟ, ବୃଥା ଭ୍ରମଣ ଓ ଅଯଥା ଖର୍ଚ୍ଚ ଲାଗି ରହିବ । ତାମସିକ କର୍ମରେ ଲିପ୍ତ ରହିବେ । ପ୍ରେମ ଜନିତ ବ୍ୟାଧି ଦେଖା ଦେବ । ନୈତିକ ଅଧୋପତନ ଓ ମାନସିକ ଅସ୍ଥିରତା ଦେଖାଦେବ, ବ୍ୟବସାୟ ବାଣିଜ୍ୟରେ ଅନେକ ଉଚ୍ଚ ଆଶା ପୋଷଣ କରିବେ କିନ୍ତୁ ସେ ସବୁ ଆପଣଙ୍କୁ ମରୀଚିକା ଭଳି ଦେଖାଦେବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ, ଗୃହକାର୍ଯ୍ୟରେ ସହକର୍ମୀମାନେ ଅଯଥା ନିନ୍ଦା ଓ ଅପମାନ ଦେଇ ପାରନ୍ତି, ମନୋମାଳିନ୍ୟ ଓ ଈର୍ଷାପରାୟଣତା ଦେଖା ଦେବ, ସାମାଜିକ କ୍ଷେତ୍ରରେ ଶତ୍ରୁତା ମଧ୍ୟ ଦେଖା ଦେବ । ପାରିବାରିକ ଜଞ୍ଜାଳ ଓ ଧନ ହାନି ଯୋଗୁ ମାନସିକ ଅବସ୍ଥା ଭଲ ରହିବ ନାହିଁ । ଧର୍ମ ଭୟ ଓ ଅହେତୁକ କର୍ମ ଦେଖା ଦେବ । ଗ୍ରହ ଭୟ ଓ ଆକସ୍ମିକ ଦୁର୍ଘଟଣାରେ ଆପଣଙ୍କର ମାନଦଣ୍ଡ ହରାଇବେ । ଆର୍ଥିକ କ୍ଷୟ କ୍ଷତି ସହିତ ମାନସିକ ବିକୃତି ଦେଖାଦେବ । ସ୍ଥିତପ୍ରଜ୍ଞ ହେବାକୁ ଚେଷ୍ଟା କଲେ ମଧ୍ୟ ହେବ । କଷ୍ଟକର ହେବ । ଧୈର୍ଯ୍ୟ ଓ ସାହାସ ପ୍ରତି ସର୍ବଦା ବ୍ୟାକୁଳ ହେବେ । ସାବଧାନରେ ଈଶ୍ୱର ବିଶ୍ୱାସ ରଖି ଚଳିବାକୁ ପଡ଼ିବ । ଛାତ୍ରମାନେ ତୋଷାମଦକୁ ଭଲ ପାଇବେ । ନାରୀମାନେ ନୈତିକ କର୍ମ ଓ ଧର୍ମ ବିଶ୍ୱାସରେ ମନ ବଳାଇବେ । □

ଭାରତୀୟ ବୈଜ୍ଞାନିକମାନେ ଟେଷ୍ଟଟ୍ୟୁବରେ ଅମୃତଭଣ୍ଡା ଗଛ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ଟେଷ୍ଟଟ୍ୟୁବରେ ଅମୃତଭଣ୍ଡା ଗଛ କଲେ ଆଉ ଅଣ୍ଡିରା ଗଛ ହେବାର ଆଶଙ୍କା ରହିବ ନାହିଁ । □

Images: Aptakama Mishra, Processing: Srujanika

ସୁବର୍ଣ୍ଣ ଜୟନ୍ତୀ କିନ୍ତୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ସଙ୍କଟ

ଶ୍ରୀ ହରିହର ପ୍ରସାଦ ମହାଲିକ

ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ ପାଳନ ବର୍ଷରେ ଓଡ଼ିଆ ଚିତ୍ରର ମୁକ୍ତିଲାଭ ସଂଖ୍ୟା ଦେଖିଲେ ଏ ଶିଳ୍ପର ଭବିଷ୍ୟତ ସମ୍ପର୍କରେ ଆଶାର ସଞ୍ଚାର ହୁଏନାହିଁ । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଯେ ଗୁରୁତର ସଙ୍କଟ ମଧ୍ୟ ଦେଇ ଗତି କରୁଛି ତାର ସ୍ପଷ୍ଟ ସୂଚନା ମିଳେ । ଓଡ଼ିଆରେ ଦୀର୍ଘ ୫୦ ବର୍ଷ ମଧ୍ୟରେ ମାତ୍ର ୧୩୦ ଟି ଚଳଚ୍ଚିତ୍ର ନିର୍ମିତ ହୋଇଛି ଅର୍ଥାତ୍ ବର୍ଷକୁ ହାରାହାରି ୩ ଟି ଚିତ୍ର ମଧ୍ୟ ପଡ଼ୁନାହିଁ ।

ପ୍ରକୃତରେ ହିସାବ କଲେ ପ୍ରଥମ ଓଡ଼ିଆ ଚିତ୍ର ସୀତା ବିବାହ ୧୯୩୪ ରେ ମୁକ୍ତିଲାଭ କରିବାର ୧୫ ବର୍ଷ ପର୍ଯ୍ୟନ୍ତ ଆଉ କୌଣସି ଚିତ୍ର ନିର୍ମିତ ହୋଇନଥିଲା । ୧୯୪୯ ମସିହାରେ ଓଡ଼ିଶା ଥିଏଟର୍ସ ଲିମିଟେଡ୍ ଦ୍ୱାରା ପୌରାଣିକ ଚିତ୍ର 'ଲଳିତା' ନିର୍ମିତ ହୋଇଥିଲା । ତା ପରବର୍ଷ ୧୯୫୦ ମସିହାରେ ରୂପଭାରତୀ ଲିମିଟେଡ ଦ୍ୱାରା ଏକ ସଫଳ ପୌରାଣିକ ଚିତ୍ର 'ଶ୍ରୀ ଜଗନ୍ନାଥ' ନିର୍ମିତ ହୋଇ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ୧୯୫୦ ରୁ ୧୯୬୦ ମଧ୍ୟରେ ମାତ୍ର ୮ଟି ଓଡ଼ିଆ ଚିତ୍ର ନିର୍ମିତ ହୋଇଥିଲା ।

ଷାଠିଏ ଦଶକରେ ମୋଟ ୨୩ ଟି ଚଳଚ୍ଚିତ୍ର ନିର୍ମିତ ହୋଇ ବହୁ ନୂତନ କଳାକାର, ଅଭିନେତା, ଅଭିନେତ୍ରୀ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଚଳଚ୍ଚିତ୍ରର ଏକ ସୁଦୃଢ଼ ମୂଳଦୁଆ ସ୍ଥାପିତ ହୋଇପାରିଥିଲା । ଶ୍ରୀ ଲୋକନାଥ, ମାଣିକଯୋଡ଼ି ନୂଆବୋଉ, ସୂର୍ଯ୍ୟମୁଖି, ଜୀବନସାଥୀ, ଅମଡ଼ାବାଟ, ଅଭିନେତ୍ରୀ, ନବଜନ୍ମ, ମଲାଜହ୍ନ, ଭାଇଭାଉଜ, ମାଟିର ମଣିଷ, କା; ଅରୁନ୍ଧତୀ, ସ୍ତ୍ରୀ ଓ ବନ୍ଧନ ଭଳି ବହୁ ଉତ୍କୃଷ୍ଟ ଚଳଚ୍ଚିତ୍ର ମୁକ୍ତିଲାଭ କରି ବ୍ୟବସାୟିକ ସଫଳତା ମଧ୍ୟ ହାସଲ କରିଥିଲା । ସେତେବେଳେ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠି ଶର୍ମା, ପଞ୍ଚସଖା ପିକଚର୍ସ, ଛାୟାବାଣୀ ପ୍ରତିଷ୍ଠାନ ଓ ଗୌରପ୍ରସାଦ ପାଟଶୀ ଘୋଷ ମୁଖ୍ୟତଃ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ଥିଲେ ।

ସତୁରି ଦଶକରେ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତ ବିକାଶ ଘଟି ୪୭ ଟି ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ଏ ଦଶବର୍ଷକୁ ଓଡ଼ିଆ ଚଳଚ୍ଚିତ୍ରର ସ୍ୱର୍ଣ୍ଣ ଯୁଗ ବୋଲି କୁହାଯାଇପାରେ । କାରଣ ୧୯୭୮ରେ ୧୬ଟି, ୧୯୮୦ ରେ ୧୫ଟି ଚଳଚ୍ଚିତ୍ର ମୁକ୍ତିଲାଭ କରି ରେକର୍ଡ ସୃଷ୍ଟି କରିଥିଲା । ଅଦିନ ମେଘ, ସଂସାର ଧର୍ମ, ଘରସଂସାର, କନକଲତା, ଯାଯାବର, କୃଷ୍ଣସୁଦାମା, ସିନ୍ଦୁର ବିନ୍ଦୁ, ସୁନାର ସଂସାର, ଠିକଣା ଘରେ, ଗୌରି, ସାକ୍ଷୀଗୋପିନାଥ ଭଳି ଚଳଚ୍ଚିତ୍ର ସବୁ ୭୦ ଦଶକରେ ହିଁ ନିର୍ମିତ ହୋଇଥିଲା ।

ଓଡ଼ିଆ ଭାଷାରେ ସର୍ବ ପ୍ରଥମ ରଙ୍ଗୀନ ଚଳଚ୍ଚିତ୍ର 'ଗପ ହେଲେ ବି ସତ' ୧୯୭୬ ମସିହାରେ ମୁକ୍ତିଲାଭ କରିବା ପରେ ଶେଷଶ୍ରାବଣ, ତଅପୋଇ, ସଣ୍ଢ ଅନୁସୂୟା ଭଳି ସର୍ବାଙ୍ଗ ସୁନ୍ଦର ରଙ୍ଗିନ ଚଳଚ୍ଚିତ୍ରମାନ ନିର୍ମିତ ହୋଇ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ସମୃଦ୍ଧ କରିଥିଲା । ଏ ଦଶ ବର୍ଷ ମଧ୍ୟରେ ପ୍ରାୟ ୬ଟି ଦକ୍ଷିଣ ଭାରତୀୟ ଚିତ୍ର ଓଡ଼ିଆରେ ଡବିଂ ହୋଇ ମୁକ୍ତିଲାଭ କରିଥିଲା ।

୧୯୮୦ ଠାରୁ ଏ ପର୍ଯ୍ୟନ୍ତ ୪୬ଟି ଓଡ଼ିଆ ଚିତ୍ର ମୁକ୍ତିଲାଭ କଲାଣି । ମାତ୍ର ଏହା ମଧ୍ୟରୁ ଅଧିକାଂଶ ବ୍ୟବସାୟିକ ସଫଳତା ହାସଲ କରିପାରିନାହିଁ । ୧୯୮୦ ରେ ୧୩ଟି ଚଳଚ୍ଚିତ୍ର ମୁକ୍ତିଲାଭ କରି ଆଶାର ସଞ୍ଚାର କରିଥିବା ସ୍ଥଳେ ୧୯୮୧ ରେ ଏହା ୧୨ କୁ କମିଯାଇଥିଲା । ୧୯୮୨ରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଏକ ମାନ୍ଦା ଅବସ୍ଥା ସୃଷ୍ଟି ହୋଇ ମାତ୍ର ୬ଟି ଚିତ୍ର ମୁକ୍ତିଲାଭ କରିଥିଲା । ୧୯୮୩ରେ ମଧ୍ୟ ୯ଟି ଚିତ୍ର ମୁକ୍ତିଲାଭ କରିଥିଲା । ଏବର୍ଷ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହ ସୁଦ୍ଧା ୮ ଟି ଚିତ୍ର ମୁକ୍ତିଲାଭ କରିଛି । ପୂଜା ବେଳକୁ ହୁଏତ ଆଉ ୩ ବା ୪ଟି ଚିତ୍ର ମୁକ୍ତିଲାଭ କରିପାରେ ।

୮୦ ଦଶକରେ ନିର୍ମିତ ହୋଇଥିବା ଚଳଚ୍ଚିତ୍ର ଗୁଡ଼ିକ ମଧ୍ୟରେ ରାମାୟଣ ମେଘମୁକ୍ତି, ମା ଓ ମମତା, ଅପରାଜିତା, ରାମ ବଳରାମ, କିଏ ଜିତେ କିଏ ହାରେ, ପୂଜା, ଟିକେ ହସ ଟିକେ ଲୁହ, ସମୟ ବଡ଼ ବଳବାନ, ଫୁଲ ଚନ୍ଦନ, ହିସାବ ନିକାଶ, ଝିଅଟି ସୀତାପରି, ଭକ୍ତ ସାଲବେଗ, ସୁବର୍ଣ୍ଣସୀତା ଓ ଦଣ୍ଡାବାଳୁଙ୍ଗା ବ୍ୟବସାୟିକ ସଫଳତା ହାସଲ କରିପାରିଛନ୍ତି । ଏଥିମଧ୍ୟରୁ ଭକ୍ତ ସାଲବେଗ ଏବଂ ମା ଓ ମମତାର ସଫଳତା ଉଲ୍ଲେଖଯୋଗ୍ୟ ।

ବର୍ତ୍ତମାନ ପ୍ରଶ୍ନ ଉଠେ ୧୯୭୮ରେ ସର୍ବାଧିକ ୧୬ ଟି ଚଳଚ୍ଚିତ୍ର ୧୯୮୦ରେ ୧୩ଟି ୧୯୮୨ ରେ ୧୨ ଟି ଚଳଚ୍ଚିତ୍ର ନିର୍ମିତ ହୋଇଥିବା ସ୍ଥଳେ ୧୯୮୨ ୮୩ ରେ ଏହାର ସଂଖ୍ୟା ୬ ଓ ୯କୁ କମିଗଲା କାହିଁକି ? ଏ ବର୍ଷ ମଧ୍ୟ ଯେଉଁ ୮ଟି ଚିତ୍ର ମୁକ୍ତିଲାଭ କଲାଣି ତାମଧ୍ୟରୁ ୨ ବା ୩ଟିକୁ ବାଦଦେଲେ ବାକିସବୁ ଫ୍ଲପ୍ ହୋଇଛି କାହିଁକି ?

Images: Aptakama Mishra, Processing: Srujanika

ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପର ବିକାଶ ନିମନ୍ତେ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ ଗଠିତ ହୋଇଛି । ଓଡ଼ିଶାରେ ଷ୍ଟୁଡ଼ିଓ ମଧ୍ୟ ନିର୍ମିତ ହେଲାଣି । ଫଳରେ ପ୍ରଯୋଜକ ମାନେ ବମ୍ବେ, ମାନ୍ଦ୍ରାଜ ବା କଲିକତା ଦଉଡ଼ ଖର୍ଚ୍ଚାନ୍ତ ହେବା ଦରକାର ପଡୁନାହିଁ । ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ ପ୍ରଯୋଜକ ମାନଙ୍କୁ ଋଣ ଯୋଗାଡ଼ କରିଦେବା ସଙ୍ଗେ ସଙ୍ଗେ କମ୍ ସୁଧରେ ସଫଟ୍ ଲୋନ ଯୋଗାଇ ଦେଇଛନ୍ତି ଏବଂ ଦ୍ୱିଭାଷୀ ଚିତ୍ର ନିର୍ମାଣ କଲେ ସବସିଡ଼ି ମଧ୍ୟ ମିଳୁଛି । ରାଜ୍ୟରେ ପ୍ରେକ୍ଷାଳୟ ସଂଖ୍ୟା ୧୧୬ ରୁ ୧୮୮କୁ ବୃଦ୍ଧି ପାଇଗଲାଣି । ଏତେ ସୁବିଧା ଥାଇ ମଧ୍ୟ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ ଆଜି ଗୁରୁତର ସଙ୍କଟର ସମ୍ମୁଖୀନ ।

ଏହାର କାରଣ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ଓଡ଼ିଶାର ଚଳଚ୍ଚିତ୍ର ଦର୍ଶକମାନେ ଭଲ ମନ୍ଦ ବିଚାର କରିବାକୁ ଶିଖିଲେଣି । ଖାଲି ଯେ କୌଣସି ଓଡ଼ିଆ ଚିତ୍ର ମୁକ୍ତିଲାଭ କଲେ ତାକୁ ଦେଖିବାର ପୂର୍ବ ମନୋବୃତ୍ତି ଆଉନାହିଁ । ଜୀବନ ସଂଗ୍ରାମ ରାଜା ହରିଶ୍ଚନ୍ଦ୍ର ମହାସତୀ ସାବିତ୍ରୀ, ସ୍ୱପ୍ନସାଗର, ଦେଖ ଖବର ରଖ ନିଜର ଭଳି ବହୁ ଚଳଚ୍ଚିତ୍ର ଶୋଚନୀୟ ଭାବରେ ବିଫଳ ହୋଇଛି । ଦର୍ଶକମାନେ ଏବେ ଉତ୍କୃଷ୍ଟ ମାନର ମନୋରଞ୍ଜନ ଚଳଚ୍ଚିତ୍ର ଚାହୁଁଛନ୍ତି । ଓଡ଼ିଆ ଚିତ୍ରର ଅଭିନୟ ଫଟୋଗ୍ରାଫୀ ସଙ୍ଗୀତ ଓ ଅନ୍ୟାନ୍ୟ ବୈଷୟିକ ଦିଗ ଉଚ୍ଚକୋଟୀର ହେଲେ ମଧ୍ୟ କାହାଣି ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଆଶାନୁରୂପ ହୋଇପାରୁନାହିଁ । ଅଧିକାଂଶ ଚିତ୍ରର ଚିତ୍ରନାଟ୍ୟ ତ୍ରୁଟିପୂର୍ଣ୍ଣ ଓ ଗତି ଅତି ମନ୍ଥର ତା ଛଡ଼ା ହିନ୍ଦି ଚିତ୍ରକୁ ଅନୁକରଣ କରିବାର ବିଫଳ ଉଦ୍ୟମ ସ୍ପଷ୍ଟ ପରିଲକ୍ଷିତ ।

ଆମର ଅଭିନେତା ଅଭିନେତ୍ରୀମାନେ ବଙ୍ଗଳା ଚିତ୍ରର କଳାକାର ମାନଙ୍କଠାରୁ କୌଣସି ଗୁଣରେ ନ୍ୟୁନ ନୁହନ୍ତି । ପୁନା ଚଳଚ୍ଚିତ୍ର ପ୍ରତିଷ୍ଠାନରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ବହୁ ଓଡ଼ିଆ ସିନେମାଟୋଗ୍ରାଫର ଶବ୍ଦ ଗ୍ରହଣକାରୀ ଏଡ଼ିଟର ଓ ଟେକ୍‌ନିସିଆନ ଓଡ଼ିଆ ତଥା ହିନ୍ଦି ଚଳଚ୍ଚିତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି । ଆମର ସଙ୍ଗୀତ ନିର୍ଦ୍ଦେଶକ ମାନେ ମଧ୍ୟ ରାଜ୍ୟ ବାହାରେ ସୁନାମ ଅର୍ଜ୍ଜନ କରିଛନ୍ତି । କିନ୍ତୁ ଆମ ଚଳଚ୍ଚିତ୍ରରେ ପ୍ରଭାବଶାଳୀ କାହାଣି ଓ ସୁସମନ୍ୱିତ ଚିତ୍ରନାଟ୍ୟର ଅଭାବ ରହିଛି । ପ୍ରଯୋଜକମାନେ ଭଲ କାହାଣି ବାଛିପାରୁନାହାନ୍ତି । ତା ଛଡ଼ା ପ୍ରଶାନ୍ତ ନନ୍ଦ, ଶିଶିର ମିଶ୍ର, ନଗେନ ମହାପାତ୍ର, ସାଧୁ ମେହେରଙ୍କ ଭଳି କେତେ ଜଣଙ୍କୁ ଛାଡ଼ିଦେଲେ ଉଚ୍ଚମାନର ନିର୍ଦ୍ଦେଶକ ମଧ୍ୟ ନାହାନ୍ତି ଅତୀତର କେତେଜଣ ସଫଳ ନିର୍ଦ୍ଦେଶକ ଏବେ ଚଳଚ୍ଚିତ୍ର ଜଗତରୁ ଓହରି ଗଲେଣି ଫଳରେ ଯେ କୌଣସି ବ୍ୟକ୍ତି ନିର୍ଦ୍ଦେଶକ ହୋଇପାରୁଛନ୍ତି ଓ ପ୍ରଯୋଜକ ମାନଙ୍କ ଚିତ୍ରଟି ଫ୍ଲପ୍ ହେବାପରେ ସେମାନେ ଆଉ ଦ୍ୱିଭାଷୀ ଚିତ୍ର ନିର୍ମାଣ ପାଇଁ ଆଗ୍ରହୀ ହେଉନାହାନ୍ତି ।

ଆମୋଦ କର ଛାଡ଼ ହେଉ

ଦୀର୍ଘ ୫୦ ବର୍ଷପରେ ମଧ୍ୟ ଏବେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ଯେଉଁ ସଙ୍କଟ ସୃଷ୍ଟି ହୋଇଛି ତାର ସମାଧାନ କେବଳ ଯେ ଚଳଚ୍ଚିତ୍ର ପ୍ରଯୋଜକ ବା ନିର୍ଦ୍ଦେଶକଙ୍କ ଦ୍ୱାରା ହୋଇ ପାରିବ ତା ଆଶା କରିବା ବୃଥା । ଏଥିପାଇଁ ରାଜ୍ୟସରକାରଙ୍କ ଅକୁଣ୍ଠ ସମର୍ଥନ ଆବଶ୍ୟକ । ଅନ୍ୟାନ୍ୟ କେତେକ ରାଜ୍ୟଭଳି ଓଡ଼ିଶା ସରକାର ଓଡ଼ିଆ ଚଳଚ୍ଚିତ୍ର ଉପରୁ କେତେ ସମୟ ପାଇଁ ଆମୋଦର ସମ୍ପୂର୍ଣ୍ଣ ରୂପେ ଉଠାଇ ଦେବା ଆବଶ୍ୟକ କାରଣ ଗତ କେତେ ବର୍ଷ ମଧ୍ୟରେ ପ୍ରେକ୍ଷାଳୟ ମାନଙ୍କରେ ଟିକେଟ ଦର ୭ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଲଣି । ଏହା ମଧ୍ୟରୁ ଶତକଡ଼ା ୧୦୦ ଭାଗ ଆମୋଦ କର । ଅର୍ଥାତ ଟିକେଟ ଦର ୩ ଟଙ୍କା ହେଲେ ଆମୋଦ କର ମଧ୍ୟ ୩ ଟଙ୍କା ଲାଗୁଛି । ସେହିପରି ପ୍ରେକ୍ଷାଳୟ ମାଲିକ ମାନେ ମଧ୍ୟ ହଲଭଡ଼ା ଯଥେଷ୍ଟ ବୃଦ୍ଧି କଲେଣି । ବିଭିନ୍ନ ପ୍ରେକ୍ଷାଳୟର ସିଟ୍ ସଂଖ୍ୟା ଓ ଅନ୍ୟାନ୍ୟ ସୁଯୋଗ ଅନୁଯାୟୀ ହଲଭଡ଼ା ସପ୍ତାହକୁ ୮ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ହେଲାଣି । ତେଣୁ ଓଡ଼ିଆ ପ୍ରଯୋଜକ – ବିତରକ ମାନେ ଏତେ ଭଡ଼ା ଦେଇ ପ୍ରେକ୍ଷାଳୟରେ,ଓଡ଼ିଆ ଛବି ଚଳାଇବାକୁ ସାହସ କରୁନାହାଁନ୍ତି ।

ଏ ସବୁ ସମସ୍ୟାର ସମାଧାନ ନିମନ୍ତେ ଇଷ୍ଟର୍ଣ୍ଣ ଇଣ୍ଡିଆ ମୋସନ ପିକ୍‌ଚର ପ୍ରଡ୍ୟୁସର୍ସ ଆସୋସିଏସନ୍, ପ୍ରେକ୍ଷାଳୟ ମାଲିକ, ଡିଷ୍ଟ୍ରିବ୍ୟୁଟର, ରାଜ୍ୟ ଶିଳ୍ପ ଓ ସାଂସ୍କୃତିକ ବିଭାଗ ଏବଂ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ୍ ମିଳିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । କେବଳ ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରି ଶିଳ୍ପୀ ସମ୍ବର୍ଦ୍ଧନା ଓ ଭାଷଣ ଦ୍ୱାରା ଏ ସମସ୍ୟାର ସମାଧାନ ହେବ ନାହିଁ । ଏଥିପାଇଁ ଆତ୍ମସମୀକ୍ଷା ଓ ସୁସମନ୍ୱିତ କାର୍ଯ୍ୟପନ୍ଥା ଆବଶ୍ୟକ । □

ପୋର୍‌ଟେବଲ ନିବାସ

ଗୋଟିଏ ଘରର ଦାମ୍ ୨୪ ଲକ୍ଷ ଟଙ୍କା

ଭାରତ ଅର୍ଥ ମୁଭରସ୍ ଲିମିଟେଡ଼ ପକ୍ଷରୁ ଏବେ ଏକ ପ୍ରକାର ପୋର୍ଟେବଲ ଘର ନିର୍ମାଣ କରାଯାଇଛି । ଏହା ଅବଶ୍ୟ ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । କାରଣ ଗୋଟିଏ ଘରର ଦାମ୍ ପ୍ରାୟ ୨୫ ଲକ୍ଷ ଟଙ୍କା । ଏହି ଘର ଇସ୍ପାତ ଚଦରରେ ତିଆରି ଏବଂ ଶୀତତାପ ନିୟନ୍ତ୍ରିତ ଏହି ଘରଟିକୁ ଏକ କ୍ରେନ୍ ସାହାଯ୍ୟରେ ଟ୍ରକରେ ଲଦି ବିଭିନ୍ନ ସ୍ଥାନକୁ ନିଆଯାଇ ପାରିବ, ଏହା ଦୁଇଟି ଆକା-

(ଅବଶିଷ୍ଟାଂଶ ୩୮ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତନ

ଶ୍ରୀ ବସନ୍ତ ସାଠେଙ୍କ ଥିସିସ ଯୋଗୁ କଂଗ୍ରେସଦଳ ଘୋର ଅସୁବିଧାର ସମ୍ମୁଖୀନ

(ଆମ ନୂଆଦିଲ୍ଲୀ ପ୍ରତିନିଧିଙ୍କ ଠାରୁ)

ଆସନ୍ତା ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା (ଦୁଇ ତୃତୀୟାଂଶ) ହାସଲ କରିବାର ସମ୍ଭାବନା ନଥିବାରୁ ବର୍ତ୍ତମାନର ପାର୍ଲାମେଣ୍ଟକୁ ସମ୍ବିଧାନ ସଭାରେ (କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି) ପରିଣତ କରି ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତନ କରାଯାଉ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ବସନ୍ତ ସାଠେ ଏକ ପୁସ୍ତକରେ ପ୍ରସ୍ତାବ ଦେଇଛନ୍ତି। ଏହାକୁ ପ୍ରଧାନ ମନ୍ତ୍ରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଖୋଲା ଖୋଲି ଭାବେ ବିରୋଧ କରାଯାଇ ନାହିଁ କିନ୍ତୁ କଂଗ୍ରେସ ଦଳର ଜଣେ ସାଧାରଣ ସମ୍ପାଦକ ଓ ୭ଜଣ ଏମ୍ ପି ଶ୍ରୀ ସାଠେଙ୍କର ଏହି ଥେସିସକୁ ତୀବ୍ର ବିରୋଧ କରି ଏହା ସହିତ ଦଳୀୟ ମତର କୌଣସି ସମ୍ପର୍କ ନାହିଁ ବୋଲି ଦୃଢ଼ତାର ସହିତ ଅବଶ୍ୟ କହିଛନ୍ତି। ବିରୋଧୀ ଦଳ ମାନେ ଶ୍ରୀ ସାଠେଙ୍କ ଉକ୍ତିକୁ କଂଗ୍ରେସ ଦଳର ଚିନ୍ତାଧାରା ବୋଲି ଗ୍ରହଣ କରି ଦେଶ ବ୍ୟାପି ଏହା ବିରୁଦ୍ଧରେ ପ୍ରବଳ ପ୍ରଚାର ଅଭିଯାନ କରିବା ପରେ ଅବଶ୍ୟ କଂଗ୍ରେସ ଦଳ ପକ୍ଷରୁ ଏହାକୁ ପ୍ରତିହତ କରିବାର ଉଦ୍ୟମ ହେଲା।

ଏଥି ପୂର୍ବରୁ ସ୍ୱତନ୍ତ୍ର ବିଦର୍ଭ ରାଜ୍ୟ ଗଠନ କରିବା ନିମନ୍ତେ ଶ୍ରୀ ସାଠେ ପ୍ରକାଶ୍ୟ ଭାବେ ଦାବୀ କରିଥିଲେ ଏବଂ ଏଥିପାଇଁ ମହାରାଷ୍ଟ୍ର କଂଗ୍ରେସରେ ସେ ପ୍ରାୟ ଏକଘରକିଆ ହୋଇ ପଡ଼ିଥିଲେ। ବିଦର୍ଭ ସରକାର ପ୍ରବର୍ତ୍ତନ ଦାବୀ ପରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତନ ଦାବୀ ଏବେ କଂଗ୍ରେସ ଦଳକୁ ଘୋର ଅସୁବିଧାରେ ପକାଇଛି।

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଅବଦୁଲ ରହମାନ ଅନ୍ତୁଲେ ଦଳର ଅତି ଶକ୍ତିଶାଳୀ ନେତା ଥିବା ବେଳେ ଅନୁରୂପ ଏକ ପ୍ରସ୍ତାବ ଦେଇଥିଲେ ଏବଂ ତାହା ସେତେବେଳେ ଦେଶର ରାଜନୈତିକ ସରୋବରରେ ଏକ ତରଙ୍ଗ ସୃଷ୍ଟି କରିଥିଲା ଏବଂ ତାଉପରେ ବହୁ ତର୍କ ବିତର୍କ ହୋଇଥିଲା।

ଏବେ ଆନ୍ଧ୍ରରେ ରାମା ରାଓଙ୍କୁ ବିତାଡ଼ିତ କରିବା ପରେ ଶ୍ରୀ ସାଠେଙ୍କ ଏପ୍ରକାର ପ୍ରସ୍ତାବକୁ ସମସ୍ତେ ଭିନ୍ନ ରୂପରେ ଦେଖୁଛନ୍ତି। କେବଳ ବହି ଲେଖି ଶ୍ରୀ ସାଠେ ସନ୍ତୁଷ୍ଟ ହେବା ପରିବର୍ତ୍ତେ ଏହା ସପକ୍ଷରେ କଂଗ୍ରେସ ଏମ୍ ପି ଙ୍କ ସମର୍ଥନ ପାଇବାକୁ ଚେଷ୍ଟା କରିଥିଲେ ଏବଂ ଏକ ବୈଠକ ସଭାରେ ପ୍ରାୟ ୪୦ଜଣ ଏମ୍ ପି ଏହାକୁ ସମର୍ଥନ କରିବାରୁ ଏହାର ରାଜନୈତିକ ଗୁରୁତ୍ୱ ବୃଦ୍ଧି ପାଇଥିଲା। ଅବସ୍ଥା କ୍ରମେ ଏପରି ହେଲା ଯେ ଏ. ଆଇ. ସି. ସି ର ଜଣେ କର୍ମକର୍ତ୍ତାଙ୍କୁ ଏହା ଶ୍ରୀ ସାଠେଙ୍କର ବ୍ୟକ୍ତିଗତ ମତ ବୋଲି ସଫେଇ ଦେବାକୁ ପଡ଼ିଲା। ଶ୍ରୀ ସାଠେଙ୍କ ଏ ପ୍ରସ୍ତାବ ସହିତ ଶ୍ରୀମତୀ ଗାନ୍ଧୀଙ୍କୁ ବିରୋଧୀ ଦଳ ବାଲା ନିବିଡ଼ ଭାବେ ସଂପୃକ୍ତ କରିବାରୁ ଶ୍ରୀ ସାଠେ ବିରୋଧୀ ଦଳର ଏଜେଣ୍ଟ ଭାବେ କାମକରୁଛନ୍ତି ବୋଲି ୭ ଜଣ କଂଗ୍ରେସ ଏମ୍ ପି ବିବୃତି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଏଥିରୁ ବିଚ୍ଛିନ୍ନ କରିବା ହିଁ ଏତ ସେମାନଙ୍କର ଉଦ୍ଦେଶ୍ୟ।

କିନ୍ତୁ ଶ୍ରୀମତୀ ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳର ଜଣେ ସଦସ୍ୟ ନିଜ ନେତାଙ୍କ ସମର୍ଥନ ବିନା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଲୋକସଭା ନିର୍ବାଚନ ପୂର୍ବରୁ ଚର୍ଚ୍ଚା କରିବାକୁ ସାହାସ କଲେ କିପରି ତାହା ହେଉଛି ମୌଳିକ ପ୍ରଶ୍ନ। ଭାଷ୍ୟକାରମାନେ କହନ୍ତି ଯେ ଏଭଳି ପ୍ରସ୍ତାବ ସାଧାରଣରେ ଆଦୃତ ହୋଇଥିଲେ ଶ୍ରୀମତୀ ଗାନ୍ଧୀ ଏଥିପାଇଁ ବାହାବା ନେଇଥାନ୍ତେ। କିନ୍ତୁ ଏହା ଲୋକଙ୍କ ଦ୍ୱାରା ପରିତ୍ୟକ୍ତ ହେବାରୁ ଏଥିପାଇଁ ଏବେ ଶ୍ରୀ ସାଠେଙ୍କୁ ଦାୟୀ କରାଯାଉଛି। ବାରମ୍ବାର ରାଷ୍ଟ୍ରପତି ଭିତ୍ତିକ ଶାସନ ପ୍ରବର୍ତ୍ତନ ପାଇଁ ପ୍ରବୀଣ କଂଗ୍ରେସ ନେତାମାନଙ୍କ ପକ୍ଷରୁ ପ୍ରସ୍ତାବ ବା ପୁସ୍ତକ ପ୍ରଣୟନ କରା ଯାଉଥିବାରୁ ଶ୍ରୀମତୀ ଗାନ୍ଧୀଙ୍କ ପରିବାରର କୌଣସି ଅଂଶରେ ଏ ବିଷୟରେ ଗଭୀର ଭାବେ ଚିନ୍ତାକରାଯାଉଥିବା ଅନୁମିତ ହୁଏ। କିନ୍ତୁ ଆନ୍ଧ୍ରରେ ରାଜ୍ୟପାଳ ରାମଲାଲଙ୍କ କାର୍ଯ୍ୟ ପରେ ପ୍ରଚଳିତ ସମ୍ବିଧାନିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିବା ଭୁମରଙ୍କ ସଦୃଶ ହୋଇଛି। □

ରାଜୀବଙ୍କ ସ୍ୱତନ୍ତ୍ର ଗୁଇନ୍ଦା ବିଭାଗ

ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଶ୍ରୀ ରାଜୀବ ଗାନ୍ଧୀ ସମସ୍ତ ଦେଶରେ କଂଗ୍ରେସ ସଙ୍ଗଠନ ତଥା ବିଭିନ୍ନ ରାଜ୍ୟ ସରକାରମାନଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ସମ୍ବାଦ ସଂଗ୍ରହ କରିବା ପାଇଁ ନେହେରୁ ଯୁବ କେନ୍ଦ୍ର ସଂସ୍ଥାକୁ ପୁରାପୁରି ବିନିଯୋଗ କରିଛନ୍ତି।

ଏହି ଯୁବକେନ୍ଦ୍ରର ସଦସ୍ୟ ମାନଙ୍କୁ ଆବଶ୍ୟକୀୟ ତାଲିମ ଦେବାପରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ କାମ କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଉଛି ଏବଂ ନିର୍ବାଚନ ମଣ୍ଡଳୀରେ କାମ କରିବା ଅବକାଶରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ସ୍ଥିତି ଓ ରାଜ୍ୟ ସରକାରଙ୍କ କାର୍ଯ୍ୟ କଳାପ ବିଷୟରେ ସେମାନେ ସିଧାସଳଖ ରାଜୀବ ଗାନ୍ଧୀଙ୍କ ନିକଟକୁ ସମ୍ବାଦ ପଠାଉଛନ୍ତି।

କେନ୍ଦ୍ରରେ ଶ୍ରୀ ଜି ପି ରାୟଙ୍କୁ ଏହାର ସମନ୍ୱୟ ରକ୍ଷା କରିବା ପାଇଁ ଦାୟିତ୍ୱ ଦିଆଯାଇଛି ଏବଂ ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ଏହି ନେହେରୁ ଯୁବ କେନ୍ଦ୍ର କର୍ମୀ ମାନଙ୍କୁ କୋ-ଅର୍ଡିନେଟର ଆଖ୍ୟା ଦିଆଯାଇ ସେମାନଙ୍କୁ ନିଜ ଚଳିବା ପାଇଁ ମାସିକ ପାଞ୍ଚଶହ ଟଙ୍କା ବେତନ ଦିଆଯାଉଛି।

ଦକ୍ଷିଣ ପନ୍ଥୀ ଆର. ଏସ. ଏସ. ଢାଞ୍ଚାରେ ଦରମା ପ୍ରାପ୍ତ କର୍ମୀ ରଖିବା ବ୍ୟବସ୍ଥା ଦୁଇବର୍ଷ ହେଲା ଶ୍ରୀଯୁକ୍ତ ଗାନ୍ଧୀ କାର୍ଯ୍ୟକାରୀ କରିଛନ୍ତି। ଏହି କୋ ଅର୍ଡିନେଟର ମାନେ ବିଭିନ୍ନ ସ୍ଥାନରେ ରହି ସ୍ଥାନୀୟ ବାଧାସୃଷ୍ଟି ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରଧାନମନ୍ତ୍ରୀଙ୍କ କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମର ଫଳ ରୂପାୟନରେ ସାହାଯ୍ୟ କରିବେ ବୋଲି ବାହାରକୁ କୁହାଯାଉଥିଲେ ମଧ୍ୟ ପ୍ରକୃତରେ ଏହା ରାଜୀବଙ୍କର ରାଜନୈତିକ ଗୁଇନ୍ଦା ବିଭାଗ ଭଳି କାର୍ଯ୍ୟ କରୁଛି।

ଓଡ଼ିଶାରେ ଏହିଭଳି ଏବେ ୮ ଜଣ କୋ-ଅର୍ଡିନେଟର ଅଛନ୍ତି ଏବଂ ସେମାନେ ରାଜୀବଙ୍କ କାର୍ଯ୍ୟ କରିବା ପରିବର୍ତ୍ତେ ବିଭିନ୍ନ ଆଶାୟୀ ଲୋକଙ୍କୁ ଟିକେଟ କରାଇ ଦେବେ କହି ପଇସା ଆଦାୟ କରୁଥିବାରୁ ତାହା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ମୁଣ୍ଡବ୍ୟଥାର କାରଣ ହୋଇଛି। କିନ୍ତୁ ସେମାନଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ କଲେ ତାଙ୍କ କିଛି ଅସୁବିଧା ହେବ ବୋଲି ସେ ନୀରବ ରହିଛନ୍ତି। □

ଭାରତର ଆଳଂକାରିକ ମାଛ

ବୈଠକ ଖାନା ଗୃହରେ କାଚ ନିର୍ମିତ ଟାଙ୍କି ମଧ୍ୟରେ ନିୟନ୍ତ୍ରିତ ଅଥଚ କ୍ଷିପ୍ର ଗତିରେ କ୍ରୀଡ଼ାରତ ଥିବା ବିଦେଶୀ ମାଛର ଦୃଶ୍ୟ ଏକ ଅସୀମ ଆନନ୍ଦର ଆଧାର । କାଚ ଟାଙ୍କିରେ ଆଲୋକ ଅନ୍ଧାର ପରିବେଶ ମଧ୍ୟରେ ଏହା ଲୁଚକାଳି ଖେଳ ତାହାର କ୍ଷୁଦ୍ର ଆବାସ ସ୍ଥଳକୁ ସୁରୁଖୁରୁରେ ଯାତାୟତ କରିପାରେ । କେତେବେଳେ ଏହା ତାହାର ରଙ୍ଗ ବେରଙ୍ଗ କ୍ଷୁଦ୍ର ଡେଣା ସାହାଯ୍ୟରେ କ୍ଷିପ୍ର ଗତିରେ କ୍ରୀଡ଼ାରତ ଥାଏ, ତ କେତେବେଳେ ଏହା ଜଳ ସ୍ତର ସହିତ ସମାନ୍ତରାଳ ଭାବରେ ସ୍ଥିର ହୋଇ ଭାସୁଥାଏ । ଗୃହପାଳିତ ଜୀବ ଭାବରେ ଆଳଂକାରିକ ମାଛ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଧିକାରୀ, କାରଣ ଏହା ବନ୍ଦି ହୁଏ ନାହିଁ, କାମୁଡ଼େ ନାହିଁ କିମ୍ବା କାଚ ଘର ମଧ୍ୟରେ ଦୂଷିତ ପଦାର୍ଥ ତ୍ୟାଗ କରେ ନାହିଁ — ଯାହାକି ତାହାର ମାଲିକ ନିମନ୍ତେ ବିଶେଷ ସହାୟକ ହୋଇଥାଏ । ସୁରୁଚିପୂର୍ଣ୍ଣ ସାଜସଜ୍ଜାରେ ଭରପୂର ଏକ ବୈଠକ ଖାନାରେ ଏହାର ଜୀବନ ଉପଭୋଗ୍ୟ ଏବଂ ଜୀବନ୍ତ ହୋଇଥାଏ । ଏହା ଚିର ବିଚିତ୍ର ଜଳପୂର୍ଣ୍ଣ କାଚ ଘରେ ବସବାସ କରେ ଏବଂ ବଂଶବୃଦ୍ଧି କରିଥାଏ । ବୋଧହୁଏ ଏହି ରଙ୍ଗ-ବେରଙ୍ଗ ମାଛ ମାନଙ୍କର ନିୟନ୍ତ୍ରିତ, ଆନୁଗତ୍ୟହିଁ ଜନ ମନକୁ ଆକର୍ଷଣ କରିଥାଏ ।

ମାଛକୁ ଗୃହପାଳିତ ଜୀବରୂପେ ଆଶ୍ରୟ ଦେବାର ପ୍ରଥା ପୁରାତନ । ଇଜିପ୍ଟ, ସୁମେରିଆ ଓ ଇସ୍ରାଏଲ ପ୍ରଭୃତି ଦେଶର ଲୋକମାନଙ୍କର ମାଛ କୁଣ୍ଡ ରଖିବା ଏକ ସାଧାରଣ ସଉକ ଥିଲା । ଚୀନ, ଜାପାନ ଏବଂ ରୋମର ଲୋକମାନେ ମାଛ ସଂଗ୍ରହ କରିବାର ଅଭ୍ୟାସ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବରୁ ଆରମ୍ଭ କରିଥିଲେ । ସଂପ୍ରତି ଇଣ୍ଡୋ-ଚୀନ ଅଧିବାସୀମାନେ ମଧ୍ୟ ମାଛ ଚାଷ କରୁଛନ୍ତି । ଗୃହ ମଧ୍ୟରେ ଗୃହସଜା ନିମିତ୍ତ ଆଳଂକାରିକ ମାଛକୁ ଊନବିଂଶ ଶତାବ୍ଦୀରେ ସ୍ଥାନ ଦିଆଯାଇଛି । ୧୮୫୩ ମସିହାରେ ଲଣ୍ଡନର ରେଜେଣ୍ଟ ପାର୍କଠାରେ 'ମତ୍ସ୍ୟ ଆବାସ' ନାମରେ ପୃଥିବୀର ପ୍ରଥମ ମତ୍ସ୍ୟ ଜଳ ଆବାସ ସ୍ଥଳୀ ନିର୍ମାଣ କରାଯାଇଥିଲା ।

ଭାରତରେ ମତ୍ସ୍ୟ ପାଳନର ସୌଖୀନ ପ୍ରଥା ପୁରାତନ ନୁହେଁ । ଭାରତରେ ମତ୍ସ୍ୟ ପାଳନ ବ୍ୟବସ୍ଥା ଊନବିଂଶ ଶତାବ୍ଦୀରେ ପ୍ରାକ୍ କାଳରେ ଆରମ୍ଭ ହୋଇଥିଲେ ମଧ୍ୟ ଦେଶରେ ପ୍ରଥମ କରି ୧୯୫୧ ମସିହାରେ ମାନ୍ଦ୍ରାଜ ଏବଂ ବମ୍ବେଠାରେ ମତ୍ସ୍ୟ କ୍ରୀଡ଼ା ଉପଭୋଗ କେନ୍ଦ୍ର ଖୋଲାଯାଇଥିଲା ।

ମାତ୍ର ସଂପ୍ରତି ଆଳଂକାରିକ ମତ୍ସ୍ୟ ବ୍ୟବସାୟ ଏକ ବୃହତ୍ ଲାଭଜନକ ବାଣିଜ୍ୟରେ ପରିଗଣିତ ହେଉଛି । ପ୍ରତିବର୍ଷ ପ୍ରାୟ ୬୦୦ ନିୟୁତ ଡଲାରରୁ ଅଧିକ ମୂଲ୍ୟର ରଙ୍ଗ ବେରଙ୍ଗ ମାଛ ବିକ୍ରୟ ହେଉଅଛି । ଏଥି-ମଧ୍ୟରୁ ଶତକଡ଼ା ପ୍ରାୟ ୭୦ ଭାଗ ମାଛ କେବଳ ଦକ୍ଷିଣ-ପୂର୍ବ ଏସିଆରୁ ବିକ୍ରୟ କରାଯାଇଥାଏ । ଏହି ବ୍ୟବସାୟରେ ସିଂଗାପୁର, ହଂକଂ, ଥାଇଲଣ୍ଡ, ତାଇୱାନ ଏବଂ ମଧ୍ୟ ଜାପାନ ପ୍ରଭୃତି ରାଷ୍ଟ୍ରଗୁଡ଼ିକ ଅଗ୍ରଣୀ ଅଛନ୍ତି । ଆମ ଦେଶ ଏହି ବ୍ୟବସାୟରେ ଅବହେଳିତ ଏବଂ ଉତ୍ପାଦନ ମଧ୍ୟ ନୈରାଶ୍ୟ-ଜନକ । କେଣ୍ଡୁ ବାର୍ଷିକ ଏକ ଲକ୍ଷ ଟଙ୍କା ଆୟ ମଧ୍ୟ ମତ୍ସ୍ୟ ବ୍ୟବସାୟରୁ ମିଳୁ ନାହିଁ ।

ଭାରତରେ ଅଳଂକାରିକ ମତ୍ସ୍ୟ ଚାଷର ସମୃଦ୍ଧି ନିମନ୍ତେ ପ୍ରଚୁର ସୁବିଧା ରହିଛି । ରଙ୍ଗୀନ ମାଛଗୁଡ଼ିକ ସାଧାରଣତଃ ଉଷ୍ମ ଜଳରେ ବାସ କରନ୍ତି । ଭାରତୀୟ ନିର୍ମଳ ଜଳରେ ବୃଦ୍ଧି ପାଉଥିବା ବିଭିନ୍ନ ଜାତିର ପୋଷା ମାଛ ଅତ୍ୟନ୍ତ ଲୋକପ୍ରିୟ । ଏତଦ୍ବ୍ୟତୀତ ସାହାଦ୍ରିର ପଶ୍ଚିମ ଘାଟ, ନୀଳଗିରି, ଓଡ଼ିଶା, ପଂଜାବ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟ-ପ୍ରଦେଶ ଏବଂ ଆସାମର ପାର୍ବତ୍ୟ ଝରଣା ଗୁଡ଼ିକରୁ ମଧ୍ୟ ଚିହ୍ନିତ ମାଛ ସଂଗ୍ରହ କରାଯାଇଥାଏ । କର୍ଣ୍ଣାଟକର କାବେରୀ ନଦୀର ଉପତ୍ୟକା ଏବଂ ଖାସି ପାର୍ବତ୍ୟ ଅଞ୍ଚଳରେ ରଙ୍ଗ ବେରଙ୍ଗ ମାଛ ମିଳିଥାଏ । ପାର୍ବତ୍ୟ ଘେରା ଲକ୍ଷା ଦ୍ୱୀପ ପୁଂଜରେ ସ୍ୱତନ୍ତ୍ର ଧରଣର ମାଛ ମିଳିଥାଏ । ଆଣ୍ଡମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ଆଳଂକାରିକ ମାଛ ଚାଷ କରିବାରେ ଅନେକ ସୁବିଧା ରହିଛି ।

ଭାରତରୁ ଆଳଂକାରିକ ମାଛର ରପ୍ତାନି ୧୯୬୨ ମସିହାରେ ଆରମ୍ଭ ହୋଇଥିଲା । ୧୯୮୦-୮୧, ୧୯୮୧-୮୨ ଏବଂ ୧୯୮୨-୮୩ ମସିହାରେ ଉକ୍ତ ମାଛ ରପ୍ତାନିରୁ ଯଥାକ୍ରମେ ୧୬, ୪୪୧ ଟଙ୍କା, ୧, ୨୭୨ ଟଙ୍କା ଏବଂ ୨୪୦୩ ଉପାର୍ଜନ ହୋଇଅଛି । ଆମ ଦେଶରୁ ଏହି ମାଛ ଅଷ୍ଟ୍ରେଲିଆ, ବେଲଜିୟମ, ଇଟାଲି, ଫ୍ରାନ୍ସ, ହଲାଣ୍ଡ, ନିଉଜିଲାଣ୍ଡ, ସ୍ୱିଜରଲାଣ୍ଡ, ସାଉଦି-ଆରବ, ବ୍ରିଟେନ, ଆମେରିକା ଏବଂ ଜର୍ମାନୀକୁ ରପ୍ତାନି ହୋଇଥାଏ ।

ଅଳଙ୍କାରିକ ମାଛ ଶିଳ୍ପ ଆଜି ଅସଂ-ଗଠିତ ହୋଇଥିଲେ ସୁଦ୍ଧା ବମ୍ବେ, କଲିକତା, ମାନ୍ଦ୍ରାଜ ଏବଂ ଦିଲ୍ଲୀଠାରେ ଥିବା ମତ୍ସ୍ୟ ଶିଳ୍ପ ସମ୍ବନ୍ଧୀୟ କାରଖାନାଗୁଡ଼ିକ ପାଇଁ ଏହା ସହାୟକ ହେଉଛି । ଏହି କୁଟୀର ଶିଳ୍ପଗୁଡ଼ିକରେ ପ୍ରାୟ ଦଶ ହଜାର ବ୍ୟକ୍ତି କାମ କରି ନିଜର ଜୀବିକା ନିର୍ବାହ କରୁଛନ୍ତି । ସଂପ୍ରତି ସାମୁଦ୍ରିକ ବସ୍ତୁ ଉତ୍ପାଦନ ରପ୍ତାନି ଉନ୍ନୟନ ସଂସ୍ଥା ମତ୍ସ୍ୟ ଚାଷର ଉନ୍ନତି ପାଇଁ ବିଶେଷ ଆଗ୍ରହୀ । ଆଳଂକାରିକ ମାଛ ମାନଙ୍କର ଉନ୍ନତିକୁ

(୩୫ ପୃଷ୍ଠାର ଅବଶିଷ୍ଟାଂଶ)

ରରେ ପ୍ରସ୍ତୁତ କରାଯାଇଛି । ଗୋଟିଏ ଘରେ ୨ଟି ବେଡ଼ ଓ ଅନ୍ୟ ପ୍ରକାର ଘରେ ୪ଟି ବେଡ଼ ରହିଛି । ଏହା ବାଦେ ବେଷେଇ ଘର, ଗାଧୁଆ ଘର, ଅଫିସ ଓ ଡାଇଂ ରୁମ ଇତ୍ୟାଦି ଅଛି । ନିଜ ରୁଚି ଅନୁଯାୟୀ ସାମାନ୍ୟ ଅଦଳ ବଦଳ ମଧ୍ୟ କରାଯାଇ ପାରେ ।

ବଡ଼ ଘରଟିର ଲମ୍ବ ୬୭୦୦ ଏମ୍ ଏମ୍ ଏବଂ ସାନ ଘରର ଲମ୍ବ ୬୦୦୦ ଏମ୍ ଏମ୍ । ଘରର ଭିତର କାନ୍ଥରେ ଲାମି-ନେଟେଡ଼ କାଠ ଦିଆଯାଇଛି । ଏବଂ ଖଟ ଗୁଡ଼ିକ ଶାଗୁଆନ କାଠରେ ତିଆରି । ଓ୍ୱାଡ଼ରୋବ୍, ଷ୍ଟଡ଼ି ଟେବୁଲ ଟି ପୟ, ଗଦି ପକା ଚୌକି ଆଦି ସବୁ ଏଥିରେ ଅଛି । ସମଗ୍ର ବାସଗୃହଟି ଶୀତତାପ ନିୟନ୍ତ୍ରିତ । ଉକ୍ତ ସଂସ୍ଥା ପକ୍ଷରୁ ଏଭଳି ୪୦ଟି ଘର ତିଆରି କରାଗଲାଣି । ଏହାର ମୁଖ୍ୟ ଗ୍ରାହକ ହେଉଛନ୍ତି ଅଏଲ ଆଣ୍ଡ ନ୍ୟାଚୁରାଲ ଗ୍ୟାସ କମିଶନ୍ । ଦୁର୍ଗମ ଅଞ୍ଚଳରେ କର୍ମରତ ଲୋକଙ୍କ କ୍ୱାର୍ଟର ରୂପେ ଏହା ବ୍ୟବହୃତ ହେଉଛି । ଏହି ଘରକୁ ହନିମୁନ୍ କଟେଜ ବା ହଲିଡେ଼ ହୋମ ରୂପେ ମଧ୍ୟ ବ୍ୟବହାର କରିହେବ ଏବଂ ୫ ତାରକା ହୋଟେଲର ସମସ୍ତ ସ୍ୱାଚ୍ଛନ୍ଦ୍ୟ ଏଥିରେ ରହିଛି । ମରୁଭୂମିରେ କର୍ମରତ ଲୋକଙ୍କ ପାଇଁ ମଧ୍ୟ ଏହା ବ୍ୟବହୃତ ହୋଇପାରିବ । ଏହି ଘରେ ଚୋର ପଶିବାର ଭୟ ନାହିଁ । □

Images: Aptakama Mishra, Processing: Srujanika

ହିମାଳୟରେ ବଢ଼ୁଥିବା ବିଦାରିକାଣ୍ଡ ଗୁଳ୍ମର ଅଦ୍ଭୁତ ଶକ୍ତି

ଏହାକୁ ସେବନ କଲେ ଅଖଣ୍ଡ ଯୌବନ ଲାଭ ହେବ ଓ ସ୍ୱାସ୍ଥ୍ୟ ଅତୁଟ ରହିବ ବୋଲି ବୈଜ୍ଞାନିକ ନିରୂପଣ

ନିୟମିତ ଭାବେ ଏହା ସେବନ କରୁଥିବା ୭୦ ବର୍ଷ ବୟସ୍କା ବୃଦ୍ଧାଙ୍କ ମୁହଁର ଚର୍ମ ଟିକିଏ ହେଲେ ମୋଡ଼ ହୋଇନାହିଁ

ଆଧୁନିକ ଦମ୍ପତି ଜନ୍ମନିରୋଧ ପାଇଁ ବଟିକା ବ୍ୟବହାର କରି ବିରକ୍ତ ହୋଇଗଲେ ମଧ୍ୟ ତାକୁ ତ୍ୟାଗ କରି ପାରୁନାହାନ୍ତି । ଏହି ବଟିକା ଅନବରତ ଖାଇଲେ ବହୁ କୁପ୍ରଭାବ ଦେଖାଦେବ ବୋଲି ଚିକିତ୍ସକ ମାନଙ୍କ ସତର୍କ ବାଣୀରେ ସେମାନେ ଉଦ୍‌ବିଗ୍ନ କିନ୍ତୁ ବଟିକାର ବିକଳ୍ପ ନାହିଁ ଏହାକୁ ଅଧିକ କାଳ ଖାଇଲେ କ୍ୟାନସର ହେବାର ମଧ୍ୟ ଆଶଙ୍କା ଅଛି ବୋଲି ଗବେଷକ ମାନେ ସତର୍କ ବାଣୀ ଶୁଣାଇଲେଣି । କିନ୍ତୁ ଗର୍ଭ ନିରୋଧ ପାଇଁ ବଟିକାର ବିକଳ୍ପ କିଛି ନାହିଁ । ଏହାର ଉତ୍ତର ଏବେ ଏକ ଭାରତୀୟ ଗୁଳ୍ମ ବିଦାରିକାଣ୍ଡରୁ (ବୈଜ୍ଞାନିକ ନାମ ପିୟୁରେରିଆ ଟ୍ୟୁବରୋଜା) ମିଳିଛି ଏବଂ ଏହି ଗୁଳ୍ମର ଉପଯୋଗିତା ସମ୍ପର୍କରେ ଜାମୁ ରିଜିଓନାଲ ରିସର୍ଚ୍ଚ ଲାବରେଟୋରୀରେ ଚୂଡ଼ାନ୍ତ ପରୀକ୍ଷା କରାଯାଇଛି । ଏହି ଗୁଳ୍ମଟି ବର୍ଷସାରା ଚଢ଼ୁଥାଏ ଏବଂ ଗାଁ । ଗହଳରେ କେତେକ ଆଦିବାସୀ ଏହାର ଫଳକୁ ପରିବା ରୂପେ ବ୍ୟବହାର କରିଥାନ୍ତି । ଆୟୁର୍ବେଦ ବହୁ ପୂର୍ବକାଳରୁ ଏହି ଗୁଳ୍ମର ଔଷଧି ଗୁଣ ସମ୍ପର୍କରେ ପରିଚିତ । କବିରାଜ ମତରେ ଅଖଣ୍ଡ ଯୌବନ ଲାଭ କରିବା ତଥା ବହୁରୋଗର ଉପଶମ ପାଇଁ ଏହା ବ୍ୟବହୃତ ହୁଏ । ଚତୁର୍ଦ୍ଦଶ ଶତାବ୍ଦୀରେ ରଚିତ ଏକ ପୁସ୍ତକର ବର୍ଣ୍ଣନା ଅନୁସାରେ ଏହି ଗୁଳ୍ମରୁ ପ୍ରସ୍ତୁତ ଔଷଧ ସେବନ କଲେ ଏହା ମାଆ କ୍ଷୀର ପରିମାଣ ବୃଦ୍ଧି କରେ । ଏହାକୁ ଖାଇଲେ ପରିଶ୍ରା ହୁଏ ଏବଂ ସର୍ବୋପରି ଏହା କାମ ଉଦ୍ରେଜନା ବୃଦ୍ଧି କରେ । ଏହା ଶରୀରର ମାଂସପେଶୀକୁ ଶକ୍ତିଶାଳୀ କରି ରକ୍ତ ପରିଷ୍କାର କରେ ଶରୀରର କୌଣସି ସ୍ଥାନରେ ଜାଳିଗଲା ଭଳି ଯନ୍ତ୍ରଣା ହେଲେ ତାହାର ଉପଶମ କରେ ଏବଂ ମଣିଷକୁ ଦୀର୍ଘାୟୁ କରେ ।

କିନ୍ତୁ ଏଥିରେ ଗର୍ଭ ନିରୋଧକ ଗୁଣ ରହିଛି ବୋଲି ଆୟୁର୍ବେଦର କୌଣସି ଗ୍ରନ୍ଥରେ ବର୍ଣ୍ଣନା ନାହିଁ । ଅବଶ୍ୟ ଏହାର ଗର୍ଭ ନିରୋଧ ଗୁଣ ଆଦିବାସୀ ମାନେ ଜାଣି ତାକୁ ନିଜ ଭିତରେ ଗୋପନ ରଖିଥିଲେ । ଅକସ୍ମାତ ଡକ୍ଟର କେ ସି ଶର୍ମା ନାମକ ଜଣେ ସର୍ଜନ ଏହା ଜାଣି ପାରିଲେ । ଡକ୍ଟର ଶର୍ମା ଦୂର ଦୂରାନ୍ତରୁ ଅବସର ବିନୋଦନ ଅବକାଶରେ ସହରରେ ବିଭିନ୍ନ ଲତା ଗୁଳ୍ମ ସଂଗ୍ରହ କରିଥାନ୍ତି । ଏହିଭଳି ଗୁଳ୍ମ ସଂଗ୍ରହ କରୁଥିବା ବେଳେ ସେ ଜଣେ ଅତି ସ୍ୱାସ୍ଥ୍ୟବତୀ ଆଦିବାସୀ ମହିଳାଙ୍କୁ ଦେଖିଲେ । ଉକ୍ତ ମହିଳାଙ୍କ ବୟସ ୭୦ ବର୍ଷ ବୋଲି ଶୁଣି ଡକ୍ଟର ଶର୍ମା ସ୍ତମ୍ଭୀଭୂତ ହୋଇଗଲେ । ପ୍ରଥମରୁ ଉକ୍ତ ମହିଳାଙ୍କୁ ୩୦ ବା ୩୫ ବର୍ଷରୁ ଅଧିକ ହେବ ନାହିଁ ବୋଲି ସେ କଳନା କରିଥିଲେ ।

ଅତି ସବଳ ଓ ସୁଠାମ ମାଂସପେଶୀଯୁକ୍ତ ଉକ୍ତ ମହିଳା ଜଣଙ୍କ ମୁହଁରେ ବୟସର ଗୋଟିଏ ଗାର ମୁଡ଼ା ପଡ଼ିନଥିଲା । ତାଙ୍କ ସହ କଥା ବାର୍ତ୍ତା ପ୍ରସଙ୍ଗରେ ଡକ୍ଟର ଶର୍ମା ଜାଣିପାରିଲେ ଉକ୍ତ ମହିଳା ଜଣକ ବିଦାରି କାଣ୍ଡ ଫଳ ନିୟମିତ ଖାଉଥିବାରୁ ତାଙ୍କର ଏଭଳି ସୁନ୍ଦର ସ୍ୱାସ୍ଥ୍ୟ ରହିଛି ଏବଂ ଏହା ଫଳରେ ସେ ଗର୍ଭୋଦୟକୁ ମଧ୍ୟ ଏଡ଼ାଇ ପାରିଛନ୍ତି । ତାଙ୍କ ଭଳି ବହୁ ମହିଳା ଉକ୍ତ ଫଳ ଖାଇ ଏଭଳି ସ୍ୱାସ୍ଥ୍ୟର ଅଧିକାରୀ ହୋଇଛନ୍ତି ବୋଲି ଡକ୍ଟର ଶର୍ମା ଜାଣିବା ପରେ ଉକ୍ତ ଗୁଳ୍ମ ବିଷୟରେ ଅଧିକ ଗବେଷଣା କରିବାକୁ ଡକ୍ଟର ଶର୍ମା ରିଜିଓନାଲ ରିସର୍ଚ୍ଚ ଲାବରେଟୋରୀକୁ ଅନୁରୋଧ କରିଥିଲେ ।

ପରୀକ୍ଷାଗାରର ପକ୍ଷରୁ ହୋଇଥିବା ଅନୁସନ୍ଧାନରୁ ଜଣାଗଲାଯେ ଆସାମରେ ମଧ୍ୟ ବହୁ ଆଦିବାସୀ ଲୋକେ ଏହି ଗୁଳ୍ମକୁ ଅତିରିକ୍ତ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଏହି ଗୁଳ୍ମ ବ୍ୟବହାର କରୁଥିବା ଆଦିବାସୀ ସମ୍ପ୍ରଦାୟର ସଂଖ୍ୟା ସୀମିତ ଏବଂ ବିଦାରିକାଣ୍ଡର ବ୍ୟବହାର ସେମାନଙ୍କ ଜନ ସଂଖ୍ୟା ହ୍ରାସର କାରଣ । ଏହି ଗୋଷ୍ଠୀର ମହିଳା ମାନଙ୍କ ମୁହଁରେ ଆଦୌ ବାର୍ଦ୍ଧକ୍ୟ ଜନିତ ଭାଙ୍ଗ (ରିଙ୍କଲ୍) ଦେଖାଯାଏ ନାହିଁ । ଗୁଳ୍ମରେ ଥିବା କୌଣସି ହରମୋନର ପ୍ରଭାବରେ ଏହା ହୋଇଥାଇ ପାରେ ବୋଲି ବିଶେଷଜ୍ଞ ମାନଙ୍କ ମତ ।

ପ୍ରାଥମିକ ପରୀକ୍ଷା ସାରିବା ପରେ ଏହି ଗୁଳ୍ମ ଯେ ଏକ ଆଦର୍ଶ ଜନ୍ମ ନିରୋଧକ ରୂପେ ବ୍ୟବହୃତ ହୋଇ ପାରିବ ସେ ବିଷୟରେ ବୈଜ୍ଞାନିକ ମାନେ ନିଃସନ୍ଦେହ ହୋଇଛନ୍ତି । ଏହା ପ୍ରାଣୀ ମାନଙ୍କୁ ଦିଆଯାଇ ପରୀକ୍ଷା କରା ସରିଲାଣି ।

ପ୍ରାଣୀ ମାନଙ୍କ ଉପରେ ପରୀକ୍ଷା କରି ସାରିବା ପରେ ଏହାର ରାସାୟନିକ ପରୀକ୍ଷା କରାଯାଇ ଥିଲା ଏବଂ ଏଥିରେ ଦ୍ରବୀଭୂତ ହୋଇ ରହିଥିବା ବିଭିନ୍ନ ରସାୟନକୁ ବିଚ୍ଛିନ୍ନ କରି ଦେଖିବାପରେ ଏଥି ମଧ୍ୟରୁ ଗୋଟିଏ ରସାୟନରେ ଏଷ୍ଟ୍ରୋଜେନିକ, ପ୍ରୋଜେଷ୍ଟେସନାଲ ଓ ଆଣ୍ଟିଏଷ୍ଟ୍ରୋଜେନିକ ଗୁଣ ରହିଥିବା ଦେଖାଗଲା । ଏହି ଫଳାଫଳରେ ଉତ୍ସାହିତ ହୋଇ ବିଶେଷଜ୍ଞମାନେ ମୂଷାରେ ରକ୍ତ ପଡ଼ୁଥିବା କେତେକ ରୋଗୀଙ୍କ

ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିବା ପାଇଁ ନିକଟ ଅତୀତରେ ବମ୍ବେଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମାଛ ବୃଦ୍ଧି ପାଇଁ ପ୍ରୟୋଜନ ପାଷ୍ଟି ସଂଗ୍ରହ ନିମନ୍ତେ ଟିକିନିଖି ଅନୁସନ୍ଧାନ କରିବା ପାଇଁ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା । ତଦ୍ରୁପ ଅନୁସନ୍ଧାନ ମାନ ଆରବ ଉପସାଗର, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ କରାଯିବ । ଦେଶର ମତ୍ସ୍ୟ ପାଳନ ପାଇଁ ବିଭିନ୍ନ ସ୍ଥାନରେ ଉତ୍ପାଦନ କେନ୍ଦ୍ରମାନ ଖୋଲାଯିବ ।

ଆଳଙ୍କାରିକ ମାଛ ସ୍ୱତଃ ପ୍ରବୃତ୍ତ ଭାବରେ ମନୁଷ୍ୟକୁ ଚିରନ୍ତନ ଆନନ୍ଦ ପ୍ରଦାନ କରିଥାଏ ବୋଧହୁଏ ସେଥିପାଇଁ ମାନବ ସମାଜ ଏହି ମାଛଗୁଡ଼ିକ ପାଖରେ ରଖିବାକୁ ପସନ୍ଦ କରିଥାଆନ୍ତି । ଫଳରେ ମତ୍ସ୍ୟ ପାଳନ ଏକ ବୃହତ୍ ବ୍ୟବସାୟରେ ପରିଣତ ହେବାକୁ ଯାଉଛି । ଦେଶର ଦୁର୍ଗମ ତଥା ଗ୍ରାମାଞ୍ଚଳରେ ଏହା କର୍ମନିଯୁକ୍ତି ଯୋଗାଇ ପାରିବ । □

ଶ୍ରୀ ପୂଜକ ସମ୍ବାଦ୍

Images: Aptakama Mishra, Processing: Srujanika

ଜାନକୀ ବାବୁଙ୍କ ଲୋକପ୍ରିୟତା ଏମନ୍ତ କମିବାରେ ଲାଗିଛି

ସେକ୍ରେଟେରିଏଟର କୌଣସି କର୍ମଚାରୀ ଭୁବନେଶ୍ୱର ସଭାରେ ଯୋଗ ଦେଲେନାହିଁ ।

(ନିଜ ପ୍ରତିନିଧିଙ୍କ ଠାରୁ)

ବିରୋଧୀ ଦଳ ପକ୍ଷରୁ ସେପ୍‌ଟେମ୍ବର ୫ ତାରିଖ ଦିନ ରାଜ୍ୟସରକାରଙ୍କ ବିରୁଦ୍ଧରେ ହୋଇଥିବା ଗଣ ସମାବେଶରେ ପ୍ରତିକ୍ରିୟା ସ୍ୱରୂପ ୧୦ ତାରିଖ ଦିନ କଂଗ୍ରେସ ପକ୍ଷରୁ ମଧ୍ୟ ଭୁବନେଶ୍ୱର ଠାରେ ଅନୁରୂପ ଏକ ସମାବେଶର ଆୟୋଜନ ହୋଇଥିଲା । କିନ୍ତୁ ସେ ସମାବେଶରେ ଯୋଗ ଦେଇଥିବା ଲୋକ ସହିତ ସେଥିପାଇଁ ହୋଇଥିବା ଖର୍ଚ୍ଚ ତୁଳନା କଲେ ଏହା ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି ବୋଲି କୁହାଯାଇ ପାରେ ।

ଦେଢ଼ ଶହ ବସ୍ ଓ ବହୁ ସଂଖ୍ୟକ ଟ୍ରକ୍ ବ୍ୟବହୃତ ହୋଇଥିବା ସତ୍ତ୍ୱେ ସଭା ସ୍ଥଳରେ କୋଡ଼ିଏ ପଚିଶ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇ ପାରି ନଥିଲା । ଅତୀତରେ ଶ୍ରୀମତୀ ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ମଧ୍ୟ କଂଗ୍ରେସ ଦଳ ପକ୍ଷରୁ ଅନୁରୂପ ଏକ ସମାବେଶରେ ଆୟୋଜନ କରାଯାଇଥିଲା । ଏଥର ସଭାରେ ସେ ସଭାର ଏକ ଚତୁର୍ଥାଂଶ ଲୋକ ମଧ୍ୟ ଯୋଗ ଦେଇ ନଥିଲେ ବୋଲି ଉଭୟ ସଭାକୁ ଦେଖିଥିବା ପର୍ଯ୍ୟବେକ୍ଷକ ମାନେ ମତ ପ୍ରକାଶ କରିଛନ୍ତି ।

ସଭାରେ କଟକ ପୁରୀ ଭୁବନେଶ୍ୱର ଆଦି ପାଖ ଅଞ୍ଚଳରୁ ଅତି ଅଳ୍ପ ସଂଖ୍ୟକ ଲୋକ ଯାଇଥିବାରୁ ଆୟୋଜକ ମାନେ ନିରାଶ ହୋଇପଡ଼ିଥିଲେ ।

କଂଗ୍ରେସ ସଙ୍ଗଠନରେ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ସ୍ଥାନ ଦିଆଯାଇ ନାହିଁ । ଅଥଚ ସେଠାରେ ହୋଇଥିବା ସଭାରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କୁ କୌଣସି ପ୍ରାଧାନ୍ୟ ଦିଆଯାଇ ନଥିଲା କି ସ୍ଥାନୀୟ ଲୋକସଭା ସଦସ୍ୟ ମଧ୍ୟ ବିଶେଷ କିଛି ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିନଥିଲେ ।

କଟକ ସହରରୁ ଲୋକ ଯିବା ପାଇଁ ଦଶଟି ବସ ଆୟୋଜିତ ହୋଇଥିଲା ଏବଂ ଜଣେ ସରକାରି ଅଫିସର ଏହି ବସ୍ ପଠାଇବା ଦାୟିତ୍ୱରେ ଥିଲେ କିନ୍ତୁ ଶେଷ ପର୍ଯ୍ୟନ୍ତ ବାଦାମ ବାଡ଼ିରୁ ୫ଟି ବସ ଅଧା ଭର୍ତ୍ତି ହୋଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ । ଦଳୀୟ ନେତାଙ୍କ ପରିବର୍ତ୍ତେ ସରକାରୀ କର୍ମଚାରୀଙ୍କ ଜରିଆରେ ଲୋକସଂଗ୍ରହ ପାଇଁ ଉଦ୍ୟମ ହୋଇ ଥିବାରୁ ଦଳର ଲୋକଙ୍କ ଭିତରେ ଯେପରି ଆଗ୍ରହ ପ୍ରକାଶ ପାଇବା କଥା ତାହା ହୋଇ ନଥିଲା । ସେହିଭଳି ପୁରୀ ଖୋର୍ଦ୍ଧା ଓ ବ୍ରହ୍ମଗିରି ଅଞ୍ଚଳରେ ମଧ୍ୟ ଆଶାନୁରୂପ ଜନ ସମାବେଶ ହୋଇ ପାରିଲା ନାହିଁ ।

ଭୁବନେଶ୍ୱର ପ୍ୟାରେଡ଼ ପଡ଼ିଆରେ ଅପରାହ୍ନ ସାଢ଼େ ତିନିଟା ବେଳେ ସଭା ଆରମ୍ଭ ହୋଇଥିଲା ଏବଂ ତର୍କ ପ୍ରତିଯୋଗିତା ହେଲାଭଳି ଯିଏ ପାରେ ସିଏ ସେଠାରେ ବକ୍ତୃତା ଦେବା ଆରମ୍ଭ କରିବାରୁ ସଭାର ମର୍ଯ୍ୟାଦା ହ୍ରାସ ପାଇଥିଲା ଏବଂ ଲୋକେ ବିଭିନ୍ନ ପ୍ରକାର ଥଟ୍ଟା ପରିହାସରେ ଲିପ୍ତ ଥିବା ପରିଲକ୍ଷିତ ହୋଇଥିଲା ।

ଅବଶେଷରେ ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ଅପରାହ୍ନ ୪ଟା ୪୫ ମିନିଟରେ ଭାଷଣ ଆରମ୍ଭ କରିଥିଲେ । ୫ଟା ବେଳେ ସେକ୍ରେଟେରିଏଟ୍ ଛୁଟି ହେଉ ଥିବାରୁ କର୍ମସ୍ଥଳୀରୁ ପ୍ରତ୍ୟାବର୍ତ୍ତନରତ କର୍ମଚାରୀଙ୍କ ଉପସ୍ଥିତି ସଭାସ୍ଥଳୀର ସମାବେଶକୁ ସମୃଦ୍ଧ କରିବ ବୋଲି ଆଶା କରାଯାଉଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ଭାଷଣର ସମୟ ନିର୍ଦ୍ଧାରଣ ତଦନୁଯାୟୀ କରାଯାଇଥିଲା । କିନ୍ତୁ କର୍ମସ୍ଥଳୀରୁ ପ୍ରତ୍ୟାବର୍ତ୍ତନରତ ଗୋଟିଏ ହେଲେ କର୍ମଚାରୀ ସଭାରେ ଯୋଗଦେଲେ ନାହିଁ ।

ସେକ୍ରେଟେରିଏଟ୍ କର୍ମଚାରୀ ମାନଙ୍କ ମନୋଭାବରୁ ହିଁ ସାଧାରଣତଃ ରାଜ୍ୟ ସରକାରଙ୍କ ଲୋକପ୍ରିୟତା କଳନା କରାଯାଇ ଥାଏ । ଏହି କଳନା ଅନୁଯାୟୀ ରାଜ୍ୟ ସରକାର କ୍ରମେ ଘୋର ଅପ୍ରିୟ ହୋଇ ଉଠୁଥିବା ପରିଲକ୍ଷିତ ହେଉଛି ଏବଂ କଂଗ୍ରେସର କୁଟିନେତା ମାନେ ସରକାରଙ୍କ ଆୟୁ ଶେଷ ହୋଇ ଆସୁଥିବା ଜାଣି ଯାହା ମିଳୁଛି ତାହି ପାଟିରେ ପକାଇ ଦେବା ମତଲବରେ ରହିଲେଣି । □

ଉପରେ ଉକ୍ତ ଗୁଳ୍ମରୁ ପ୍ରସ୍ତୁତ କେତେକ ନିର୍ଯ୍ୟାସ ପ୍ରୟୋଗ କରିଥିଲେ ଏହାର ଫଳାଫଳ ଅତି ସନ୍ତୋଷ ଜନକ ହୋଇଛି ।

ସାଧାରଣତଃ ସମୁଦ୍ର ପତନର ୧୬୦୦ ମିଟର ଉପରେ ଏହି ଗୁଳ୍ମ ବଢ଼େ ଏବଂ କିଦାରକାଣ୍ଡର ସବୁଠାରୁ ଆକର୍ଷଣୀୟ ବସ୍ତୁ ହେଲା ଏହାର ଚେର ବ୍ୟବସ୍ଥା । ଏହାର ଚେର ମଝିରେ ମଝିରେ ବଡ଼ ବଡ଼ ଗଣ୍ଠି ହୋଇ ସେଥିରୁ ପୁଣି ସରୁ ଚେର ବାହାରି ଥାଏ ଏବଂ ଏହାକୁ ମଧ୍ୟ ଲୋକେ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ବେଳେବେଳେ ଗୋଟିଏ ଗୋଟିଏ ଗଣ୍ଠିର ଓଜନ ୩୫ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ ।

□

ଆଣ୍ଟାର୍କଟିକାରେ ୟୁରାନିଅମ ଠାବ

ଆଣ୍ଟାର୍କଟିକାରେ ତେଜସ୍କ୍ରିୟ ବସ୍ତୁ ଥିବା ପରୀକ୍ଷାର ନିର୍ଦ୍ଧାରିତ ରୂପେ ଜଣାଯାଇଛି ବୋଲି ସେଠାରେ ପରୀକ୍ଷାରତ ଭାରତୀୟ ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

ସେଠାକୁ ଯାଇଥିବା ତୃତୀୟ ଅଭିଯାନୀ ଦଳ ଯେଉଁସବୁ ପରୀକ୍ଷା କରିଥିଲେ ତାହାର ଫଳାଫଳରୁ ସେହି ଅଞ୍ଚଳରେ ୟୁରାନିଅମ ଧାତୁ ଥିବା ଜଣାଯାଏ । ସେହି ବସ୍ତୁ ସବୁ ନିର୍ଦ୍ଦିଷ୍ଟ ଭାବେ କେଉଁ ଅଞ୍ଚଳରେ ଓ କେତେ ପରିମାଣରେ ଅଛି ଏବେ ତାହା ପରୀକ୍ଷା କରାଯାଉଛି ବୋଲି ସେହି ଅଭିଯାନୀ ଦଳର ନେତା ଡକ୍ଟର ଏନ୍. କେ. ଗୁପ୍ତା ପ୍ରକାଶ କରିଛନ୍ତି ।

ସେ କହନ୍ତି ଯେ ଆଣ୍ଟାର୍କଟିକାରେ ଥିବା ଖଣିଜ ଦ୍ରବ୍ୟ କିପରି କଢ଼ାଯିବ ସେଥିପାଇଁ ଆମେ ଏକ ସ୍ୱତନ୍ତ୍ର ଟେକ୍ନୋଲୋଜି ପ୍ରୟୋଗ କରିବାକୁ ଉଦ୍ୟମ କରୁଛୁ । ୟୁରାନିଅମ ବ୍ୟତୀତ ସେଠାରେ ବହୁ ପରିମାଣର ତୈଳ ମହଜୁଦ୍ ଥିବା ମଧ୍ୟ ବିଶ୍ୱାସ କରାଯାଉଛି ।

ଏକଦା ଭାରତ ସାଉଥ ଆଫ୍ରିକା ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପରସ୍ପର ସଂଯୁକ୍ତ ଥାଇ ଏକ ବଡ଼ ମହାଦେଶ ଗଠନ କରିଥିଲେ ବୋଲି ଭୂତାତ୍ତ୍ୱିକ ଇତିହାସରୁ

Images: Aptakama Mishra, Processing: Srujanika

ଅନ୍ତିମ-ପୃଷ୍ଠା କିନ୍ତୁ ବାକ୍ୟ ନୁହେଁ

ମୂଲ୍ୟବୋଧର ମୃତ୍ୟୁ

ଚିଦାନନ୍ଦ

ଗାଁରେ ଦୁ'ଟା ମାଇପେ କଳି ଲାଗିଛନ୍ତି । ଜଣେ ତାକୁ କହୁଛି ତୋ ଘଇତା ମରୁ । ଅପର ଉତ୍ତର ଦେଉଛି ତୋ ପୁଅ ମରୁ ତୁ ଆଣ୍ଟୁକୁଡ଼ି ହୁ । ଏଇଟା ଅଶିକ୍ଷିତ ଗାଁ ମାଇପଙ୍କ କଳି ।

ଏଇଟା ଏବକୁ ଜୀବନର ସବୁ ବିଭାଗକୁ ବ୍ୟାପି ଗଲାଣି । ଉଦାର ଗଣତାନ୍ତ୍ରିକ ମାନବିକ ମନୋଭାବର ଅଭାବ ଯୋଗୁ ଏହା ଘଟୁଛି । ସାମୟିକ ଏକ ଘଟଣା ନୁହେଁ ଏହା ଏକ ସ୍ୱଭାବ । ଗଣତାନ୍ତ୍ରିକ ମନୋଭାବ ବକ୍ତୃତାର ଭୂଷଣ ନୁହେଁ ଏହା ହେଉଛି ଜୀବନର ନିଃଶ୍ୱାସ ଓ ବିଶ୍ୱାସ ଉଭୟ ।

ଦ୍ୱିତୀୟ ମହାଯୁଦ୍ଧର ସମୟ । ବ୍ରିଟିଶ ଦ୍ୱୀପପୁଞ୍ଜ ବ୍ରିଟିଶ ସାମ୍ରାଜ୍ୟ ଅବରୁଦ୍ଧ ନାତ୍ସି ସୈନ୍ୟବାହିନୀ ଦ୍ୱାରା । ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଚର୍ଚ୍ଚିଲ କାଠ ଦଳର ନେତା । ରକ୍ଷଣଶୀଳ । ଇଂଲଣ୍ଡ ସରକାରଙ୍କର ଏକ ବୈଜ୍ଞାନିକ ଉପଦେଷ୍ଟାର ଆବଶ୍ୟକତା ପଡ଼ିଲା ଯେଉଁ ବୈଜ୍ଞାନିକ ବିଜ୍ଞାନର ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବେ ଏବଂ ସେଇ ଦୃଷ୍ଟିରୁ ସରକାରଙ୍କୁ ଉପଦେଶ ଦେଇ ପାରିବେ । ପ୍ରସିଦ୍ଧ ବୈଜ୍ଞାନିକ ଜେ.ବି.ଏସ. ହାଲଡେନ୍ (ଯେ ପରେ ଓଡ଼ିଶାକୁ ଆପଣାର କର୍ମସ୍ଥଳୀ ଭାବରେ ବାଛି ନେଇଥିଲେ ଏବଂ ଭୁବନେଶ୍ୱରରେ ହିଁ ତାଙ୍କର ପରଲୋକ ହୋଇଗଲା) ଙ୍କୁ ଚର୍ଚ୍ଚିଲ ଏଇ ପଦବୀରେ ନିଯୁକ୍ତ ଦେଲେ । ହାଲଡେନ ଜଣେ ମାର୍କସ୍‌ବାଦୀ, ସମାଜ ବାଦୀ ଓ ସୋଭିଏତ ୟୁନିଅନ ପ୍ରତି ତାଙ୍କର ଅନୁରକ୍ତି ବିପୁଳ ଏକଥା ସମସ୍ତେ ଜାଣନ୍ତି । କେତେକ ପ୍ରଶ୍ନ ଉଠାଇଲେ । ସେମାନଙ୍କୁ ଚର୍ଚ୍ଚିଲଙ୍କର ଉତ୍ତର-ବିଜ୍ଞାନର ସବୁ ବିଭାଗକୁ ସ୍ପର୍ଶ କରି ଦକ୍ଷତା ହାସଲ କରିଥିବା ଭଳି ବୈଜ୍ଞାନିକ ଡକ୍ଟର ହାଲଡେନଙ୍କ ବ୍ୟତୀତ କେହି ନାହାନ୍ତି ଏବଂ ଦ୍ୱିତୀୟତଃ ସେ ହେଉଛନ୍ତି ପ୍ରଥମେ ବ୍ରିଟିଶ ପରେ ଆଉ ଯାହା କିଛି । ଚର୍ଚ୍ଚିଲଙ୍କର ଆଶା ବ୍ୟର୍ଥ ହୋଇନଥିଲା ।

\+ + + +

ଦିଲ୍ଲୀ ସାଉଥ ଆଭେନ୍ୟୁ । ଜବାହରଲାଲ ପୋଲିସ ଗାର୍ଡ ଦେଖିଲେ ବିଗିଡ଼ନ୍ତି । ତାଙ୍କୁ ପିଞ୍ଜରାରେ ରହିଲା ଭଳି ମନେହୁଏ । ସେଇଯୋଗୁ ତାଙ୍କର ଗାଡ଼ି ତ୍ରିମୂର୍ତ୍ତି ମାର୍ଗକୁ ଯିବା ବେଳକୁ ସବୁ ରାସ୍ତାମୁଣ୍ଡରେ ଭିଡ଼ ଜମେ, ଚେନାଚୁର ବାଲା, ଜୋତା ସଫାକରା ମୋଚି, ହରେକ ମାଲ୍ ଫେରିବାଲା ଏସବୁ ଗୋଇନ୍ଦା ମହଲର ଛଦ୍ମରୂପ । ଏ ବିଷୟରେ ସମସ୍ତେ ଜାଣନ୍ତି ଜାଣି ମୁଖ୍ୟ ରାସ୍ତାରୁ ପାଖ ରାସ୍ତାକୁ ଚାଲି ଯାଆନ୍ତି । ଜବାହାରଲାଲଙ୍କ ଗାଡ଼ି ଛୁଟୁଛି । ହଠାତ୍ ଦେଖାଗଲା ତାଙ୍କର ଗାଡ଼ି ଅଟକି ଯାଇଛି ଏବଂ ସେ ଗାଡ଼ିରୁ ଓହ୍ଲାଇ ଦଉଡ଼ୁଛନ୍ତି ପାଖ ରାସ୍ତାକୁ । ସେଇଠି ଜଣେ ଶ୍ମଶ୍ରୁଳ ଦୀର୍ଘକାୟ ବ୍ୟକ୍ତିର କଲରକୁ ଧରି ପକେଇ ତାଙ୍କୁ ଟାଣି ଟାଣି ଆଣୁଛନ୍ତି ଗାଡ଼ି ପାଖକୁ । ଜବାହରଲାଲଙ୍କର ଇମିତି ପ୍ରକୃତି ସମସ୍ତଙ୍କୁ ଜଣା । ବର୍ତ୍ତମାନ ଚେନାଚୁର, ମୋଚି, ଫେରିବାଲା ସମସ୍ତଙ୍କର ରୂପ ପ୍ରକାଶ ପାଇଗଲା । କିଏ କିଏ ଲୋକ ଯାହାକୁ ଜବାହରଲାଲ ଧରିଛନ୍ତି ଘୋର ଡକାୟତ ଖୁଣୀ ! ନା ସେ ହେଉଛନ୍ତି ଜବାହରଲାଲଙ୍କର ଏକଦା ସହକର୍ମୀ । ପ୍ରଜାମଣ୍ଡଳ ଦିନର କଥା । ନିଖିଳ ଭାରତ ପ୍ରଜାମଣ୍ଡଳର ସଭାପତି ଜବାହରଲାଲ । ଏକଦା ତାଙ୍କର ସେଠାର ସହକର୍ମୀ ଥିବା ଏଇ ଭଦ୍ରଲୋକ ରାଜନୈତିକ ମତଭେଦରେ ଚାଲି ଯାଆନ୍ତି ଆପଣାର ରାଜ୍ୟ ହାଇଦ୍ରାବାଦକୁ । ଜବାହରଲାଲ ଅନେକ ଥର ତାଙ୍କୁ ଲେଖିଛନ୍ତି ଆସିବା ପାଇଁ । ସେ ଆସି ନାହାନ୍ତି । ଆଜି ହାଜତରେ ପଡ଼ିଛନ୍ତି । ଜବାହାରଲାଲ ତାଙ୍କୁ ନେଇଗଲେ ସିଧା ଆପଣା ବେଡ଼ରୁମ୍‌କୁ । କିଏ ଏଇ ଭଦ୍ରଲୋକ ! ? ପ୍ରଟୋକୋଲର ହୁଲେଣି ପଡ଼ିଲା । ପରିଚୟ କିଏ ? କାହାର ସାହସ ? ସେତ ଏକ ଲମ୍ବା କାହାଣୀ । ସେଇ ରାତିରେ ତାଙ୍କର ଚୀନ ଯିବାର ଆୟୋଜନ ହେଲା ଚିକିତ୍ସା ପାଇଁ କାରଣ ସେ ଯକ୍ଷ୍ମାରୋଗୀ । ଜବାହରଲାଲ ନିଜେ ତାଙ୍କର ଡ୍ରେସ ତିଆରି କରାଇଲେ ସେଦିନ । ପ୍ରଧାନମନ୍ତ୍ରୀଙ୍କର ଉପର ବେଳାର ସବୁ କାର୍ଯ୍ୟକ୍ରମ ବାତିଲ କରାହୋଇଗଲା । ସମସ୍ୟା ଆରମ୍ଭ ହେଲା ଯେତେବେଳେ ଜବାହରଲାଲ ନିଜେ ତାଙ୍କୁ ଏୟାର ପୋର୍ଟରେ ଛାଡ଼ିଯିବାକୁ ବାହାରିଲେ । ପ୍ରଟୋକଲ ମଣିଷ ପାଇଁ ; ମଣିଷ ପ୍ରଟୋକଲ ପାଇଁ ନୁହେଁ । ଜବାହରଲାଲଙ୍କର ଯୋଧା ନୃତ କଣ୍ଠର ଆବାଜ । ପରିଶେଷରେ ସମାଧାନ ହେଲାଯେ ପ୍ରଧାନମନ୍ତ୍ରୀଙ୍କ ଗାଡ଼ିରେ ଏଇ ସାମ୍ୟବାଦୀ, କଂଗ୍ରେସ ବିରୋଧୀ କିନ୍ତୁ ଏକଦା ସହକର୍ମୀ ଯିବେ । ତାଙ୍କୁ ନେଇଯିବେ ଏୟାର ପୋର୍ଟ ପର୍ଯ୍ୟନ୍ତ ଇନ୍ଦୁ (ଆଜିର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ) ଆଉ ତ୍ରିମୂର୍ତ୍ତି ଗେଟ୍ ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବାକୁ ଆସିବେ ପ୍ରଧାନ ମନ୍ତ୍ରୀ, ନା ନା ବନ୍ଧୁ ଜବାହରଲାଲ ନେହେରୁ ।

ବିଦାୟର ବେଳା ।

ବନ୍ଧୁଙ୍କର ଗୋଟିଏ ହାତ ଜବାହରଲାଲଙ୍କ କାନ୍ଧରେ, ଆଉ ଗୋଟିଏ ଇନ୍ଦୁଙ୍କ କାନ୍ଧରେ । ଚାଲି ଚାଲି ଆସିଲେ ସେମାନେ ତ୍ରିମୂର୍ତ୍ତି ପର୍ଯ୍ୟନ୍ତ । ଜବାହରଲାଲ ବିଦାୟ ନେଉଛନ୍ତି । ଆଖିରୁ ଲୁହ ପୋଛୁଛନ୍ତି ।

\+ + + +

ଆଉ ଗୋଟିଏ ଦୃଶ୍ୟ ଡାକ୍ତରଖାନାରେ ବେଡ଼୍, ବୃଦ୍ଧ ରାମମନୋହର ଲୋହିଆଙ୍କର ଜୀବନ ଦୀପ ଲିଭି ଲିଭି ଆସୁଛି । ଲମ୍ବା ଲମ୍ବା ହାଇ ପଡ଼ିଲାଣି । ଜବାହାରଲାଲ ନେହେରୁ ପରିବାରର ସେ ଦୁର୍ଦ୍ଧାନ୍ତ ବିରୋଧୀ ନାମରେ ପରିଚିତ । ତାଙ୍କୁ ଦେଖିବାକୁ ଯାଇଛନ୍ତି ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ହଠାତ୍ ତାଙ୍କୁ ଦେଖି ରାମମନୋହର ବିଚଳିତ ହୋଇ ଉଠିଲେ । ସେ ଉଠି ବସି ପଡ଼ିଲେ । ଆରେ କିଏ ଅଛ, ତାଙ୍କୁ ବସାଅ, ଆରେ କିଏ ଅଛ ତାଙ୍କୁ ଖାଇବାକୁ ଦିଅ, ପିଇବାକୁ ଦିଅ । ବ୍ୟସ୍ତ ହୋଇ ପଡ଼ିଲେଣି ନେହେରୁ ପରିବାରର ଚିର ଶତ୍ରୁ ରାମମନୋହର ଲୋହିଆ । □

ଜଣାଯାଏ ଏବଂ ଉକ୍ତ ମହାଦେଶ ଗଣ୍ଡୱାନାଲାଣ୍ଡ ନାମେ ଖ୍ୟାତ । ତେଣୁ ଉପରୋକ୍ତ ଦେଶ ମାନଙ୍କରେ ମିଳୁଥିବା ଖଣିଜ ପଦାର୍ଥ ସବୁ ଆଣ୍ଟାର୍କଟିକାରେ ମଧ୍ୟ ମିଳିବ ବୋଲି ଆଶା କରାଯିବା ସ୍ୱାଭାବିକ ।

ଅଭିଯାତ୍ରୀ ଦଳ ମାନଙ୍କର ସଫଳତା ବିଷୟରେ ସେ କହିଛନ୍ତି ଯେ ଏବେ ଭାରତରେ ପାଣିପାଗ ସମ୍ପର୍କରେ ଅଧିକ ସଠିକ୍ ଓ ନିର୍ଦ୍ଧାର୍ଯ୍ୟ ଭାବେ ଭବିଷ୍ୟତ୍ ବାଣୀ କରିହେବ । ଭାରତ ମହାସାଗରସ୍ଥ ଦେଶମାନଙ୍କ ପାଣିପାଗ ଆଣ୍ଟାରକ୍‌ଟିକା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ତେଣୁ ସେଠାକାର ଅବସ୍ଥା ଜାଣିପାରିଲେ ଭାରତର ଅବସ୍ଥା ସହଜରେ ଜାଣି ହୋଇଯିବ ।

ଭାରତ ଉକ୍ତ ବରଫାବୃତ ମହାଦେଶରେ ଆଉ ଏକ ପରୀକ୍ଷା କେନ୍ଦ୍ର ବସାଇବେ ବୋଲି ସ୍ଥିର କରିଛି । ଏହା ହେଲେ ସେଠାରୁ ଆହୁରି ଅଧିକ ତଥ୍ୟ ଆମର ହସ୍ତଗତ ହୋଇପାରିବ । □

Images: Aptakama Mishra, Processing: Srujanika

ଖାରବେଳ

ଆଗାମୀ ଲୋକସଭା ନିର୍ବାଚନ
ସରକାର ଗଠନରେ ଅନିଶ୍ଚିତତା

ଭୂଗର୍ଭସ୍ଥ ଜଳ ଓ
ଖଣିଜ ଦ୍ରବ୍ୟ ନିର୍ଦ୍ଧାରଣ
ଲୋକ ସାହାଯ୍ୟରେ

ମୃନଗୁଡ଼ା ଯୋଜନାରେ
୩୦ ଲକ୍ଷ ଟଙ୍କା ହେରଫେର

Images: Aptakama Mishra, Processing: Srujanika

I Regn No. 42123/84 Postal Regn No. 0-20

ଜନନୀ (ଟେରାକୋଟା) — ଶିଳ୍ପୀ ଉପେନ୍ଦ୍ର ଜେନା

Images: Aptakama Mishra, Processing: Srujanika

୧୯୮୪—୧୦ମ ସଂଖ୍ୟା

RNI Regn No : 42123/84
Postal Regn. No—0.20

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-୭୫୩୦୧୨
ଫୋନ୍-୨୩୫୯୭

ପ୍ରଚ୍ଛଦ ପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ

ମୂଲ୍ୟ ଟ ୩-୦୦

ଶବ୍ଦ ଶୃଙ୍ଗାର ଓ ରେଖା ୨
ଲୋକସଭାରେ କୌଣସି ଦଳ ସଂଖ୍ୟାଗରିଷ୍ଠ ହେବ ନାହିଁ ?
ଶ୍ରୀ ବସନ୍ତ ପାଠ ୩
'ସମ୍ବାଦ'ରେ ସଙ୍କଟ ୭
ଶ୍ୟାମଘନ ଦରଙ୍କ ବରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ସମ୍ଭାବନା ନାହିଁ ୮
ମଣିପୁରୀ ଅଶ୍ୱ ୯
ଶ୍ରୀ ପୁରକୁ ଭାରତରୁ ବିଚ୍ଛିନ୍ନ କରିବାକୁ ଷଡ଼ଯନ୍ତ୍ର — ଶ୍ରୀ ରମାକାନ୍ତ ମିଶ୍ର ୧୦
ଗଙ୍ଗା ଶିଉଳି — ଡ. କମଳ କୁମାର ପଟ୍ଟନାୟକ ୧୩
ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କ ଅଭ୍ୟୁତ୍ଥାନ ଯୋଜନା କାର୍ଯ୍ୟତଃ ବିଫଳ ହୋଇଛି ୧୫
ସଭା ମଣ୍ଡପରେ ବସିବାକୁ ଯାଇ ରାଜ୍ୟସଭା ସଦସ୍ୟଙ୍କ ହଟହଟା ୧୬
ଅର୍ଥଲୋଭୀ ମହାଜନଙ୍କ ବ୍ୟବସାୟ ବନ୍ଦ ୧୭
ବରାହମିହିରଙ୍କ ସୂତ୍ର ସାହାଯ୍ୟରେ ଖଣିଜ ଦ୍ରବ୍ୟ ଓ ଭୂଗର୍ଭସ୍ଥ ଜଳର ସନ୍ଧାନ ୧୮

ଅକ୍ୟୁପଙ୍କଚର ଭାରତରୁ ସୃଷ୍ଟି ହୋଇଥିଲା ୧୯
ଗରିବଙ୍କ ସାଥୀ ୟୁନାନୀ ଔଷଧ ୧୯
ସମୁଦ୍ର ଗର୍ଭରେ ବିଲୀନ ଆଟଲାଣ୍ଟିସ୍ ୨୦
ଯୌତୁକ, ବଧୂ ନିର୍ଯ୍ୟାତନା ଓ ବଧୂହତ୍ୟା — ଡା. ଜିତେନ୍ଦ୍ର କୁମାର ବଳବନ୍ତରାଏ ୨୧
ଆମ ରାଜ୍ୟ ଶିକ୍ଷକ ଆନ୍ଦୋଳନ-ଏକ ସମୀକ୍ଷା — ଅଧ୍ୟାପିକା ବିଜୟଲକ୍ଷ୍ମୀ ଦେବୀ ୨୩
କ୍ୟାନସର- କେତେକ ପ୍ରଶ୍ନ ଓ ଉତ୍ତର ୨୭
କର୍କଟ ରୋଗର ହୋମିଓପ୍ୟାଥିକ ଚିକିତ୍ସା — ଡା: ପ୍ରଦୀପ ଗୁପ୍ତ ୨୭
ଡାହାଣି ଓ ଭୂତ ଟେକାପଥର ପକାଏ କି ? — ଡ ରାଧାନାଥ ରଥ ୨୯
ଟେଲିଭିଜନ ସାହାଯ୍ୟରେ ଶସ୍ୟ ସଂରକ୍ଷଣ ୩୦
ରାମଙ୍କ ଜନ୍ମ ମାତ୍ର ଅଢ଼େଇ ହଜାର ବର୍ଷ ତଳେ ହୋଇଥିଲା ୩୧
ରାଶିଫଳ — ଆସ୍ଟ୍ରୋ ବାଲୁକା ଭୂଷଣ ୩୨

ଦୁଇ ହଜାର ବର୍ଷ ତଳର ଶବ ଅକ୍ଷତ ରହିଛି ୩୩
ଲାଲବାଗ ଅଞ୍ଚଳରେ ପୋଲିସ ଅଫିସରଙ୍କ ଦୌରାତ୍ମ୍ୟ ୩୪
ନଭେମ୍ବର ମାସରେ ଭୂମିକମ୍ପ ହେବ ? ୩୪
ଫାଣ୍ଟମ୍ ୩୬, ୩୭
ବଡ଼ ବଡ଼ ନଦୀ ବନ୍ଧ ଓ ଭୂମିକମ୍ପ [illegible]
ମୁନୀଗୁଡ଼ା ଯୋଜନାରେ ୩୦ ଲକ୍ଷ ଟଙ୍କା ହେରଫେର ୩୮
ଚା ଓ କଫି କମ୍ପଳଟ ୩୯
କଂଗ୍ରେସ ଦଳରେ ଲକ୍ଷ୍ମଣ ବାବୁଙ୍କ ସ୍ଥିତି ବିପନ୍ନ ! ୩୯
ଏଣିକି ଗୋବର ଦୁଧ ଦୁହିଁବ ୩୯
ଚୈନ୍ୟବାହିନୀ ରକ୍ଷକ ନା ଭକ୍ଷକ ? — ଶ୍ରୀ ଅରବିନ୍ଦ ପଣ୍ଡା ୪୦
ମୂଲ୍ୟବୋଧର ମୃତ୍ୟୁ ୪୧

Images: Aptakama Mishra, Processing: Srujanika

ଶବ୍ଦ ଶୃଙ୍ଗାର

-୮

ଶ୍ରୀ ନିରଞ୍ଜନ ବେହେରା



ବାମରୁ ଡାହାଣକୁ-୧-ଐନ୍ଦ୍ରଜାଲିକ ୨-ଶବର, ୩ କୁଳାଙ୍ଗନା, ୪-ଉଦ୍ୟୋଗୀ, ୫-ମାଉସୀ, ୬-ତରଳ ପଦାର୍ଥରେ ମିଶିଥିବା କଠିନ ପଦାର୍ଥ, ୭-ଧୂମ୍ରବତୀ ୮-ଉପୁଡ଼ିଥିବା, ୯- ମୁଣ୍ଡବିହୀନ ଗଣପ, ୧୦-ତରକାରୀ, ୧୧- ମନ୍ତ୍ରସାଧକ, ୧୨-ଶେଷରେ ବିଚ୍ଛେଦ ଘଟାଇବା ପାଇଁ, ୧୩-ମର୍କଟ, ୧୪- ସ୍ୱରଯନ୍ତ୍ର ବିଶେଷ ।

ଉପରୁ ତଳକୁ-୬-ଗଳନ, ୭-ସ୍ପନ ୧୫- କ୍ଷତକାରକ, ୧୬-ଦେହସ୍ତ୍ର, ୧୭-କଟାସ, ୧୮-ଭିକ୍ଷାପାତ୍ର, ୧୯- ଧ୍ୱନି, ୨୦-ପଦ୍ୟ, ୨୧-ଦଶମହାବିଦ୍ୟା ମଧ୍ୟରୁ ଦେବୀ ବିଶେଷ, ୨୨-ଘାସ, ୨୩-ଖଜଣା, ୨୪-ଜନଶୂନ୍ୟ ପ୍ରାନ୍ତର, ୨୫-ଅନ୍ଧକାର, ୨୬-ଗଣିବା ଯନ୍ତ୍ର ।

ଶବ୍ଦ ଶୃଙ୍ଗାର - ୭ର ସମାଧାନ

ବାମରୁ ଡାହାଣକୁ-୧-ସମସ୍ୟା ୨-ବେହରଣ, ୩-ରାଉରକେଲା, ୪-ଗଡ଼ବେତାଳ, ୫-ଜୀମୂତ, ୬ ସେତୁବନ୍ଧ, ୭-ଗଣିକା, ୮-ଅହରହ, ୯-ପ୍ରସ୍ତରଯୁଗ, ୧୦-ନାଟକ, ୧୧-ଜଳତରଙ୍ଗ, ୧୨-ଜ୍ଞାନ, ।

ଉପରୁ ତଳକୁ ୧-ସମଗ, ୨-ବେଲାଲସେନ, ୮-ଅସ୍ତରଙ୍ଗ, ୯-ପ୍ରଖର, ୧୩-ମଉଡ଼ମଣି, ୧୪-ଭଟକ, ୧୫-କାଗଜକଲ, ୧୬-ରଙ୍ଗଜୀବ, ୧୭-ସରଯୂ, ୧୮-ଚୂତ, ୧୯ ବହଗ ସ୍ୱନ ।

ସଂପାଦକଙ୍କ ପତ୍ର

ମହାଶୟ,

ଆପଣଙ୍କ ସଂପାଦନାରେ ପ୍ରକାଶିତ "ଖାରବେଳ" ପତ୍ରିକାଟି ସାହିତ୍ୟ, କଳା ବିଜ୍ଞାନ, ଇତିହାସ, ରାଜନୀତି ବିଷୟରୁ ଇତ୍ୟାଦି ଉପରେ ଭାରସାମ୍ୟ ରକ୍ଷା କରି ନାନା ଲେଖା ପ୍ରସ୍ତୁତ କରୁଥିଲେହେଁ ଆଉ କିଛି ନୂତନ ଆଦର୍ଶ ପୂର୍ଣ୍ଣ ତଥ୍ୟ ପରିବେଷଣ କଲେ ପାଠକ ମନେ ଅଧିକ ପ୍ରଭାବିତ ହୁଅନ୍ତେ । ବର୍ତ୍ତମାନ ସମାଜରେ ରାଜନୀତିର ଯେଉଁ ଇନ୍ଦ୍ରଜାଲ ବିଛୁଯାଉଛି ଏହାର କୁ ପ୍ରଭାବ ଗ୍ରାମ ଯୁବକ ଶ୍ରେଣୀ ପ୍ରତ୍ୟେକଙ୍କୁ ଏପରି ଆକର୍ଷଣ କରୁଛି ଯେ ସମସ୍ତେ ଜାଣିଶୁଣି ସେଥିରେ ନିଜର ବିବେକ ହ୍ରାସ ଦେଉଛନ୍ତି । ଏହାର ପରିବର୍ତ୍ତନ ପାଇଁ ଓଡ଼ିଶା ତଥା ଭାରତର ବର୍ତ୍ତମାନ ଓ ପୂର୍ବର ରାଜନୈତିକ ବ୍ୟକ୍ତି ମାନଙ୍କ ସ୍ପଷ୍ଟବାଦିତା, ସାଧୁତା, କର୍ମନିଷ୍ଠତା, ଆଦର୍ଶ ବାଦିତା ସମ୍ପର୍କରେ ପ୍ରତି ସଂଖ୍ୟାରେ କିଛି କିଛି ବାହାରିଲେ ଖାରବେଳ ନୂତନସ୍ୱାଦର ସୁଖ ପାଠ୍ୟ ପତ୍ରିକା ରୂପେ ପରିଗଣିତ ହୋଇ ପାରିବ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସମାଲୋଚନା କରିବା ପାଇଁ ତ ଅଣ୍ଟା ଭିଡ଼ି ପ୍ରସ୍ତୁତ ଅଛନ୍ତି । ମାତ୍ର ଗୁଣର ଅଧିକାରୀ କିଏ ହେଉଛି ବର୍ତ୍ତମାନର ମନ୍ତ୍ରୀ ମାନଙ୍କର ନାରୀଧର୍ଷଣ, ଲାଞ୍ଚଖୋର ମନୋଭାବ କେତେକଙ୍କୁ ଗୁମଗୁ କରି ରଖିବା, ଗୁଣ୍ଡାମି ଶିଖାଇବା ଏବଂ ଦରକାର ପଡ଼ିଲେ ନିଜ ଫାଇଦା ଉଠାଇବା ପାଇଁ କର୍ମରେ ଲଗାଇବା ଭଳି କାର୍ଯ୍ୟ ଢେଙ୍କାନାଳରେ ଶଙ୍କର ପ୍ରତାପଙ୍କ ଖଟଣି ଠାରୁ ବଳି ପଡ଼ିଲାଣି । ତଥାପି ଲୋକ ବୁଝି ନାହାନ୍ତି । ଆଶ୍ଚର୍ଯ୍ୟର କଥା ଯେ ଗରିବର ରକ୍ତ ଶୋଷଣ ହେଉଛି । ତଥାପି ବୁଝି ଅବୁଝା ହେଉଛନ୍ତି । ଏ ସମ୍ପର୍କୀୟ କିଛି ତଥ୍ୟ ସଂଗ୍ରହ କରି ବାହାର କରିବାର ପଦକ୍ଷେପ ନେଲେ ଭଲ ହୁଅନ୍ତା । (ଇତି)

ଅନ୍ତର୍ଯାମି ବରାଳ ଢେଙ୍କାନାଳ

ରେଖା

Images: Aptakama Mishra, Processing: Srujanika

ଲୋକସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠ ହେବ ନାହିଁ

ଏ ଅବସ୍ଥାରେ କେନ୍ଦ୍ରରେ ଏକ ଦୃଢ଼ ସରକାର ପ୍ରତିଷ୍ଠା କରିବାପାଇଁ ରାଷ୍ଟ୍ରପତି ଭିତ୍ତିକ ଶାସନ ପ୍ରଚଳିତ ହେବା ଆବଶ୍ୟକ

ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତନ ହେବା ସମ୍ପର୍କରେ ଏକ ଜାତୀୟ ବିତର୍କ ହେବା ଉତ୍ତମ କଥା । କିନ୍ତୁ ଏ ସମ୍ପର୍କରେ ଯେଉଁ ରାଜନୈତିକ ଦଳ ବା ବ୍ୟକ୍ତିବିଶେଷ ଇତିମଧ୍ୟରେ ନିଜ ନିଜର ମତ ବ୍ୟକ୍ତ କରିଛନ୍ତି ତାହାକୁ ସେମାନଙ୍କ ସ୍ୱତନ୍ତ୍ର ମତ ବୋଲି ନ କହି ଚିନ୍ତନ ପ୍ରକ୍ରିୟା ବୋଲି କହିବା ଅଧିକ ସମିଚୀନ ହେବ । ବୋଧହୁଏ ଯଥାର୍ଥ ପରିପ୍ରେକ୍ଷୀରେ ଏ ପ୍ରଶ୍ନ ଉପସ୍ଥାପିତ କରାଯାଇ ପାରୁନାହିଁ ବୋଲି ଏ ଅବସ୍ଥା ସୃଷ୍ଟି ହୋଇଛି । ଏ ବିଷୟ ମୁଁ ପ୍ରଥମେ ଉଠାଇ ଥିବାରୁ ସୁସ୍ଥ ଆଲୋଚନା ପାଇଁ ସେ ବିଷୟରେ ଯଥାର୍ଥ ଉପସ୍ଥାପନା ମୋ ପକ୍ଷରୁ କରାଯିବା ଆବଶ୍ୟକ ।

ଏବେ ସମ୍ବିଧାନ ପରିବର୍ତ୍ତନ କରାଯିବାର ଆବଶ୍ୟକତା ଅଛି କି ନାହିଁ ସେ ବିଷୟରେ କୌଣସି ସିଦ୍ଧାନ୍ତ ନେବା ପୂର୍ବରୁ ଜାତୀୟ ସ୍ତରରେ ଯେଉଁ ଅବସ୍ଥା ସୃଷ୍ଟି ହୋଇଛି ସେଥି-

ଶ୍ରୀ ବସନ୍ତ ସାଠେ

ପ୍ରତି ସମୁଚିତ ଦୃଷ୍ଟିପାତ କରାଯିବା ବିଧେୟ । ଏହାର ପରବର୍ତ୍ତୀ ତର୍କର ବିଷୟ ହେବ ବର୍ତ୍ତମାନର ସମ୍ବିଧାନିକ ବ୍ୟବସ୍ଥାରେ ଇପ୍ସିତ ପରିବର୍ତ୍ତନ କରିହେବ କି ନାହିଁ ? ଏବଂ ଯଦି ହେବ କେଉଁ ବାଟରେ ହେବ ।

ଦେଶର ବିଭିନ୍ନ ସ୍ଥାନରେ ଏବେ ସାଂପ୍ରଦାୟିକତା, ଆଞ୍ଚଳିକ ମନୋଭାବ ଓ ଭାଷାଗତ କାରଣମାନଙ୍କରୁ ଆନ୍ଦୋଳନ ଓ ହିଂସାକାଣ୍ଡ ଆଦି ବରାବର ଘଟୁଛି ଏବଂ ଏହା ଯେ ଜାତୀୟ ସଂହତି ତଥା ଐକ୍ୟ ପ୍ରତି ବିପଦ ସୃଷ୍ଟି କରୁଛି ଏହା ଯେକୌଣସି ଚିନ୍ତାଶୀଳ ବ୍ୟକ୍ତି କହିବା ସ୍ୱାଭାବିକ । ଲୋକଙ୍କ ଦୃଷ୍ଟି ଅନ୍ୟ ଆଡ଼କୁ ନେଇଯିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ଏକ ପ୍ରସ୍ତାବ ଆସିଛି ବୋଲି ଏବେ କହିହେବ ନାହିଁ । କାରଣ ନିଛକ ବାସ୍ତବତାକୁ କଳ୍ପନା ବିଳାସ କହି ଉଡ଼େଇ ଦେବାକୁ ଚେଷ୍ଟା କଲେ ପରିଣତି ବିଷମୟ ହୋଇ ଉଠିବ । ଏଭଳି ଏକ ବିସ୍ଫୋରଣ ପୂର୍ବ ଅବସ୍ଥା ଭିତର ଦେଇ ଦେଶ ଗତି କରୁଥିଲା ବେଳେ ଲୋକସଭା ନିର୍ବାଚନ ପାଖେଇ ଆସୁଛି ।

ବର୍ତ୍ତମାନର ପରିସ୍ଥିତି ଯାହା ନିର୍ଦ୍ଦେଶ ଦେଉଛି ସେଥିରୁ ଜଣାପଡ଼ୁଛି ଯେ ଲୋକସଭାରେ କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବାର ଉଜ୍ଜ୍ୱଳ ସମ୍ଭାବନା ନାହିଁ ବୋଲି ମୋର ମତ ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ବସନ୍ତ ସାଠେ ଆମ ଦେଶରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରତିଷ୍ଠା କରାଯିବା ସମ୍ପର୍କରେ ଏକ ଜାତୀୟ ବିତର୍କ ଆରମ୍ଭ କରିଛନ୍ତି । ଏଭଳି ବିତର୍କ ଦେଶରେ ଚାଲିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନିଜେ ମତଦେବା ପରେ ଏହି ପ୍ରସ୍ତାବର ଗୁରୁତ୍ୱ ଆଶାତୀତ ଭାବେ ବଢ଼ି ଯାଇଛି । କେତେକ କଂଗ୍ରେସ ଦଳର କର୍ମକର୍ତ୍ତା କିଛିଦିନ ତଳେ ଶ୍ରୀ ସାଠେଙ୍କୁ ବିରୋଧୀ ଦଳର ଏଜେଣ୍ଟ ରୂପେ ଅଭିହିତ କରି ତାଙ୍କର ଅତି କଟୁ ସମାଲୋଚନା କରିଥିଲେ । କିନ୍ତୁ ସେମାନେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରର ଅଜ୍ଞାତସାରରେ ଶ୍ରୀ ସାଠେଙ୍କୁ ସମାଲୋଚନା କରିଥିବା ପ୍ରତିପାଦିତ ହୋଇଛି । ଶ୍ରୀ ସାଠେଙ୍କ ପ୍ରକୃତ ପ୍ରସ୍ତାବ କଣ ତାହା ଏଠାରେ ଦିଆଯାଇଛି ।

ଯଦି ଲୋକସଭାରେ କୌଣସି ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ ନକରନ୍ତି ତେବେ ଦେଶର ବିଚ୍ଛେଦବାଦୀ ଶକ୍ତିମାନେ ଏହାର ପୂର୍ଣ୍ଣ ସୁଯୋଗ ନେବାକୁ ସକ୍ରିୟ ହୋଇ ଆଗେଇ ଆସିବେ ଏବଂ ଦେଶର ଚାରିଆଡ଼େ ନାନା ବିଭ୍ରାଟ ଆରମ୍ଭ କରିଦେବେ ।

କେନ୍ଦ୍ରରେ ଯଦି ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାଯାଏ ତେବେ ଅତି ଅଳ୍ପ ସଂଖ୍ୟାଗରିଷ୍ଠତାକୁ ନେଇ ଗଢ଼ାଯାଇଥିବା ମନ୍ତ୍ରିମଣ୍ଡଳ କେବେହେଁ ଜାତୀୟ ସ୍ତରରେ ଦୃଢ଼ ନିଷ୍ପତ୍ତି ନେବାକୁ ସକ୍ଷମ ହେବ ନାହିଁ । ଫଳରେ ପଞ୍ଜାବ ଭଳି ପରିସ୍ଥିତି ଉପୁଜିଲେ ସମଗ୍ର ରାଷ୍ଟ୍ରର ଭିତ୍ତି ଦୋହଲି ଯିବ ।

ଆଜି କେନ୍ଦ୍ରରେ ଯେଉଁ ସରକାର ପ୍ରତିଷ୍ଠିତ ହୋଇଛି ତା ପଛରେ ବିପୁଳ ସଂଖ୍ୟାଗରିଷ୍ଠତା ରହିଛି ଏବଂ ଆମ ସୈନ୍ୟ ବାହିନୀର ଏକ ପ୍ରକାର ଜାତୀୟ ଶୃଙ୍ଖଳା ଓ ପରମ୍ପରା ଥିବାରୁ ବେସାମରିକ ଶାସନକୁ ସଙ୍କଟ ବେଳେ ସେମାନେ ଅକୁଣ୍ଠ ସାହାଯ୍ୟ ଓ ସମର୍ଥନ ଦେଉଛନ୍ତି । କିନ୍ତୁ ଯଦିରେ କେନ୍ଦ୍ରରେ ପ୍ରତିଷ୍ଠିତ ସରକାର ଦୁର୍ବଳ ହୋଇଗଲେ ଜାତୀୟ ସ୍ତରରେ ଏହାର ପ୍ରଭାବ ସଙ୍କୁଚିତ ହେବ ଏବଂ ଦେଶର ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ତାକୁ ଅଧିକରୁ ଅଧିକତର ଭାବେ ସେନାବାହିନୀ ଉପରେ ନିର୍ଭର କରିବାକୁ ପଡ଼ିବ । ଏହା ହେଲେ ଆମ ଗଣତନ୍ତ୍ରର ମୂଳଦୁଆ ଭୁଶୁଡ଼ିବାକୁ ଆରମ୍ଭ କରିବ ।

ବନ୍ଧୁକ ମୁନରେ କୌଣସି ସେନାବାହିନୀ ଭାରତ ଭଳି ଏକ ବିଶାଳ ଦେଶକୁ ଏକାଠି କରି ରଖିପାରିବ ନାହିଁ ଏହା ସତ୍ୟ । କିନ୍ତୁ ସେଭଳି ପରିସ୍ଥିତିରେ ଦେଶର ସଂହତି ସୃଷ୍ଟି ହେବ ଏବଂ ଉପନିବେଶବାଦୀ ଶକ୍ତିମାନେ ଭାରତ ଭିତରେ ନିଜର ପ୍ରଭାବଗ୍ରସ୍ତ ଅଞ୍ଚଳମାନ ସୃଷ୍ଟି କରିବାକୁ ଲାଗି ପଡ଼ିବେ । ପାଖ ପଡ଼ୋଶୀ ଦେଶରେ ହେଉଥିବା ଘଟଣାବଳୀରୁ ଆମେ ଏହା ସହଜରେ ଉପଲବ୍ଧି କରିପାରିବା ।

ଆମର ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରତିଷ୍ଠିତ ହେବା ଉଚିତ କି ନୁହେଁ ସେ ବିଷୟରେ ତର୍କ ଆରମ୍ଭ ହେଲେ କେତେକ ପ୍ରଶ୍ନ ଉଠିବ ଆମେ ଆମେରିକା ବା ଫ୍ରାନ୍ସର ସରକାର ଚାହିଁବା । ଏ ତର୍କର ଅନ୍ତ ହେବ ନାହିଁ । ଗତ ୩୦ ବର୍ଷ ଭିତରେ ଆମ ସମ୍ବିଧାନ କିପରି କାର୍ଯ୍ୟ କରୁଛି, ଆମ ସମ୍ବିଧାନର ଦୋଷ ଦୁର୍ବଳତା କଣ ଏବଂ ତାହା କିପରି ସଂଶୋଧିତ ହୋଇପାରିବ ଆମେ ଭଲ ଭାବେ ତାହା ହୃଦୟଙ୍ଗମ କଲୁଣି । ତେଣୁ ବାହାର ବ୍ୟବସ୍ଥାକୁ ଅନୁକରଣ କରିବାର ପ୍ରଶ୍ନ ଉଠୁନାହିଁ । କିନ୍ତୁ ଆମ ସମ୍ବିଧାନର କୌଣସି ବଡ଼ ପରିବର୍ତ୍ତନ କଲାବେଳେ ଆମକୁ ମନେ

Images: Aptakama Mishra, Processing: Srujanika

ରଖିବାକୁ ହେବ କି ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନ ପ୍ରଣେତାମାନେ ଆମ ଦେଶକୁ ଏକ ଜାତି ଓ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବାର ସ୍ୱପ୍ନ ଦେଖିଥିଲେ । ଦେଶରେ ପାର୍ଲାମେଣ୍ଟାରୀ ଗଣତନ୍ତ୍ର ପ୍ରବର୍ତ୍ତିତ ହେବ ବୋଲି ସମ୍ବିଧାନର କୌଣସିଠାରେ ଉଲ୍ଲେଖ ମଧ୍ୟ କରାଯାଇ ନାହିଁ । କେବଳ ଗଣତନ୍ତ୍ରର ଏକ ସ୍ପଷ୍ଟ ରୂପରେଖ ଦେବାକୁ ସମ୍ବିଧାନ ପ୍ରଣେତାମାନେ ଗଣତନ୍ତ୍ରର ତିନୋଟି ଶାଖା, ବ୍ୟବସ୍ଥାପିକା; ପ୍ରଶାସନ କଳ ଓ ବିଚାର ବିଭାଗର ସୃଷ୍ଟି କରି ସେମାନଙ୍କୁ ଭିନ୍ନ ଭିନ୍ନ କାର୍ଯ୍ୟର ଦାୟିତ୍ୱ ଦେଇଥିଲେ ।

ଏହି ପଦ୍ଧତିରେ ପାର୍ଲାମେଣ୍ଟର କଳ୍ପନା କରାଯାଇଥିଲା । ସମ୍ବିଧାନିକ ବ୍ୟବସ୍ଥାରେ ବୃହତ୍ତମ ଦଳର ନେତାଙ୍କୁ ପ୍ରଧାନମନ୍ତ୍ରୀ ହେବା ନିମନ୍ତେ ଡାକିବାକୁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ । ଅଥଚ ଏହା ଏକ ପରମ୍ପରାଗତ ବିଷୟରେ ପରିଣତ ହୋଇଛି । କିନ୍ତୁ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀପରିଷଦ ଗୃହ ନିକଟରେ ଦାୟୀ ରହୁଥିବାରୁ ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଉଭୟ ଗୃହ ମଧ୍ୟରୁ ଯାହାର ହେଲେ ସଭ୍ୟ ହେବାକୁ ବାଧ୍ୟ ହୋଇଥିବାରୁ ପାର୍ଲାମେଣ୍ଟ ପ୍ରଶାସନ ଉପରେ ନିୟନ୍ତ୍ରଣ ଜାରି କରିପାରୁଛି । ଏହି ଅର୍ଥରେ ଆମେ ଆମର ସମ୍ବିଧାନ ଓ ସରକାରକୁ ପାର୍ଲାମେଣ୍ଟାରୀ ପଦ୍ଧତିରେ ଗଢ଼ା ଯାଇଛି ବୋଲି କହୁଛୁ ।

କେନ୍ଦ୍ରରେ ଜାତୀୟ ସ୍ତରରେ ଏକ ଦୃଢ଼ ସରକାର ଥିବା ପର୍ଯ୍ୟନ୍ତ ବର୍ତ୍ତମାନର ସମ୍ବିଧାନିକ ବ୍ୟବସ୍ଥାରେ ସୁରୁଖୁରୁରେ ସରକାର ଚାଲିପାରିବ ଏଥିରେ ସନ୍ଦେହ ନାହିଁ । କାରଣ ଗତ [illegible] । ଦୁଇ ନିର୍ବାଚନରେ ମଧ୍ୟ ଜାତୀୟ ସ୍ତରରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ ନ କରିବା ଫଳରେ ଅ[illegible] ଦଳ ବା ମେଣ୍ଟନଣ ବୃହତ୍ତ ଗ୍ରୁପ ଦଳକୁ ନେଇ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ପଡ଼େ କେବେ ସେତେବେଳେ ଅବସ୍ଥା କଣ ହେବ ? ସେତେବେଳେ ପ୍ରତ୍ୟେକ ଦଳର ନେତା ପ୍ରଧାନମନ୍ତ୍ରୀ ହେବାକୁ ଚେଷ୍ଟା କରିବେ ଏବଂ ପ୍ରତ୍ୟେକେ ଦଳତ୍ୟାଗକୁ ଉତ୍ସାହିତ କରିବେ । ଫଳରେ କେନ୍ଦ୍ରରେ ସରକାର ଦୁର୍ବଳ ହୋଇଯିବ ଏବଂ ବିଭିନ୍ନ ରାଜ୍ୟରେ ଅସ୍ଥିରତା ସୃଷ୍ଟି ହେଲେ ତାହାକୁ କେନ୍ଦ୍ର ସରକାର ଫଳପ୍ରଦ ଭାବେ ମୁକାବିଲା କରିପାରିବ ନାହିଁ ।

ଏଭଳି ଏକ ଅବସ୍ଥାର ପ୍ରତିକାର କଥା ଚିନ୍ତା କଲାବେଳେ ଆମକୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ ଆମ ଦେଶର ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ଚରିତ୍ରକୁ କ୍ଷୁଣ୍ଣ କଲା ଭଳି କୌଣସି ପଦକ୍ଷେପ ନିଆଯାଇ ପାରିବ ନାହିଁ । କାରଣ ଏ ଚରିତ୍ର ଆମର ଅସ୍ଥି ମଜ୍ଜାଗତ ହୋଇ ଯାଇଛି । ସେହିଭଳି ଜାତୀୟ ସ୍ତରରେ ସର୍ବୋଚ୍ଚ ଆଇନ ପ୍ରଣୟନ କରି ସଂସ୍ଥାରୂପେ ନିର୍ବାଚିତ ଲୋକପ୍ରତିନିଧିମାନେ ରହିବେ ଏବଂ ପ୍ରଶାସନ ପାର୍ଲାମେଣ୍ଟ ନିକଟରେ ଦାୟୀ ରହିବ । ଏହି ଅବସ୍ଥାକୁ ନଜରରେ ରଖି କଲେ କେନ୍ଦ୍ରରେ ସର୍ବଦା ଦୃଢ଼ ସରକାର ପ୍ରତିଷ୍ଠା କରାଯାଇ ପାରିବ । ତାହା ରାଷ୍ଟ୍ରପତି ଶାସନ ସମ୍ବିଧାନିକ ବ୍ୟବସ୍ଥାରେ, ଆମେରିକାର ରାଷ୍ଟ୍ରପତି ପ୍ରଥା ଧାରା ଆନୁପାତିକ ପ୍ରଣାଳୀ ଏବଂ ସେ ପରୋକ୍ଷ ଭାବେ ନିର୍ବାଚିତ ହୁଅନ୍ତି । ସେହି ପଦ ପାଇଁ କୌଣସି ବ୍ୟକ୍ତି ଭୋଟଦାତା ମାନଙ୍କର ଶତକଡ଼ା ୫୦ରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇପାରିବେ କି ନାହିଁ ତାହା ଆମର ପ୍ରଣିଧାନର ବିଷୟ ହେବା ଆବଶ୍ୟକ ।

କେବଳ ଏହି ବ୍ୟବସ୍ଥା ପ୍ରଚଳନ ପାଇଁ ସମ୍ବିଧାନ ସଂଶୋଧନ କରିଦେଲେ ପ୍ରଚଳିତ ସମ୍ବିଧାନର ଚରିତ୍ରକୁ ନ ବଦଳାଇ ମଧ୍ୟ ଆମର ଇପ୍ସିତ ଲକ୍ଷ୍ୟ ହାସଲ କରିହେବ । ରାଷ୍ଟ୍ରପତି ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହେଲେ ପାର୍ଲାମେଣ୍ଟର ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନ ଆବଶ୍ୟକ କରିବେ ନାହିଁ ଅଥଚ ପାର୍ଲାମେଣ୍ଟରେ ସବୁ କାର୍ଯ୍ୟର ଉତ୍ତର ଦେବାକୁ ବାଧ୍ୟ ହେବେ ।

ଏ ବ୍ୟବସ୍ଥାକୁ ଆବଶ୍ୟକୀୟ ସମ୍ବିଧାନ ସଂଶୋଧନ ଜରିଆରେ କାର୍ଯ୍ୟକାରୀ କରାଗଲେ ଏହା ଅଧିକ ଲୋକମତ ମୂଳକ ହେବ । ଏବଂ ବର୍ତ୍ତମାନର ପାର୍ଲାମେଣ୍ଟାରି ଗଣତନ୍ତ୍ରରେ କୌଣସି ପରିବର୍ତ୍ତନ ମଧ୍ୟ ହେବ ନାହିଁ ।

ଏହି ସାମାନ୍ୟ ସଂଶୋଧନର ଅନ୍ୟ ଏକ ଉତ୍ତମ ତଥା ସୁଦୂର ପ୍ରସାରୀ ପ୍ରଭାବ ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କ ଉପରେ ମଧ୍ୟ ପଡ଼ିବ । ଦେଶର ନେତା ସିଧାସଳଖ ନିର୍ବାଚିତ ହେଉଥିବାରୁ ଜାତୀୟ ସ୍ତରରେ ତାଙ୍କର ବିକଳ୍ପ ମଧ୍ୟ ସ୍ୱତଃ ସୃଷ୍ଟି ହେବ ଏବଂ ଲୋକେ ସ୍ପଷ୍ଟଭାବେ ନିଜର ବିଚାର ବ୍ୟକ୍ତ କରିପାରିବେ ।

ଦୁର୍ଭାଗ୍ୟବଶତଃ ଦେଶରେ ଗତ ୩୦ ବର୍ଷ ଭିତରେ କୌଣସି ଜାତୀୟ ବିକଳ୍ପ ନେତୃତ୍ୱ ସୃଷ୍ଟି ହୋଇ ପାରି ନଥିବାରୁ ଆଞ୍ଚଳିକ ଦଳ ଗୁଡ଼ିକ କ୍ରମଶଃ ଶକ୍ତିଶାଳୀ ହେବାରେ ଲାଗିଛନ୍ତି । କିନ୍ତୁ ଦେଶର ମୁଖ୍ୟ ପ୍ରଶାସକ ସିଧାସଳଖ ନିର୍ବାଚିତ ହେଲେ ରାଜନୈତିକ ଦଳମାନଙ୍କର ଏକତ୍ରୀକରଣ ସମ୍ଭବ ହେବ ଏବଂ ଏହା ଗଣତନ୍ତ୍ର ପକ୍ଷେ ଏକ ଶୁଭସଙ୍କେତ ହେବ ।

ଏ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ବିଭିନ୍ନ ରାଜ୍ୟମାନଙ୍କୁ ମଧ୍ୟ ଅଧିକ କ୍ଷମତା ଦେଇହେବ ଏବଂ ସେମାନେ ବାରମ୍ବାର ଆଉ ଜାତୀୟ କର୍ତ୍ତୃତ୍ୱକୁ ଆହ୍ୱାନ କରିବେ ନାହିଁ ।

ପ୍ରସ୍ତାବିତ ପରିବର୍ତ୍ତନରେ ସୁପ୍ରିମକୋର୍ଟ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ମୌଳିକ ସାମ୍ବିଧାନିକ ଚରିତ୍ରର କୌଣସି ଖିଲାପ କରାଯିବ ନାହିଁ ।

ଯେଉଁ ମୌଳିକ ସାମ୍ବିଧାନିକ ଚରିତ୍ର ବିଷୟରେ ଆମ ଲୋକେ ତଥା ବିଚାର ବିଭାଗ ସମ୍ବେଦନଶୀଳ ସେଗୁଡ଼ିକ ହେଲା—

୧ । ସମ୍ବିଧାନର ସର୍ବୋଚ୍ଚ କର୍ତ୍ତୃତ୍ୱ ରକ୍ଷା କରିବା ।

୨ । ଦେଶର ଗଣତାନ୍ତ୍ରିକ ଓ ରିପବ୍ଲିକାନ ସରକାର ଗଠନ କରିବା ।

୩ । ସମ୍ବିଧାନର ଧର୍ମନିରପେକ୍ଷ ଓ ସଂଘୀୟ ଚରିତ୍ର ଅକ୍ଷୁଣ୍ଣ ରଖିବା ।

୪ । ବ୍ୟବସ୍ଥାପିକା, ପ୍ରଶାସନ ଏବଂ ବିଚାର ବିଭାଗର କ୍ଷମତା ଓ ଅଧିକାରକୁ ସ୍ପଷ୍ଟ ଭାବେ ପୃଥକ୍ କରି ରଖିବା ।

୫ । ନାଗରିକମାନଙ୍କ ମୌଳିକ ଅଧିକାର ଓ ସମ୍ମାନ ଅକ୍ଷୁଣ୍ଣ ରଖିବା ।

୬ । ଦେଶର ଐକ୍ୟ ଓ ସଂହତି କ୍ଷୁଣ୍ଣ ନ କରିବା ।

ଏହି ଚରିତ୍ର ଅକ୍ଷୁଣ୍ଣ ରଖି ତଥା ଦେଶର ସାଧାରଣତନ୍ତ୍ରୀୟ ଓ ଗଣତାନ୍ତ୍ରିକ ଚରିତ୍ରରେ ଆଞ୍ଚ ନଆଣି କେବଳ ସମ୍ବିଧାନରେ ୬୨ ଧାରାରେ ସଂଶୋଧନ କରି ଏକ ବଡ଼ ପରିବର୍ତ୍ତନ ଆଣିହେବ ।

ମୁଁ ଯେଉଁ ପଦକ୍ଷେପ ନେବା କଥା କହୁଛି ତାହାର ଉପରୋକ୍ତ କୌଣସି ଚରିତ୍ରରେ ସାମାନ୍ୟ ଆଞ୍ଚ ମଧ୍ୟ ଆସିବ ନାହିଁ । ତେଣୁ ମୋ ପ୍ରସ୍ତାବର ସାରବତ୍ତା ଉପରୋକ୍ତ ଯୁକ୍ତି ଭିତ୍ତିରେ କେତେଦୂର ଗ୍ରହଣୀୟ ତାହା ସମ୍ପର୍କରେ ପର୍ଯ୍ୟାଲୋଚନା କରିବା ଆବଶ୍ୟକ । □

ଶ୍ରୀ ସାଠେ କିଛି ନୂଆ କଥା କହୁ ନାହାଁନ୍ତି

କିନ୍ତୁ ଶ୍ରୀ ସାଠେ ଏବେ ଯାହା କହୁଛନ୍ତି ତାହା କିଛି ନୂଆ କଥା ନୁହେଁ । ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରତିଷ୍ଠିତ ହେବ କି ନାହିଁ ସେ ବିଷୟରେ ଆମର ସମ୍ବିଧାନ ସଭା ବସିବା ଦିନ ଅର୍ଥାତ ୧୯୪୬ ଡିସେମ୍ବର ୬ ତାରିଖରୁ ତର୍କ ଆରମ୍ଭ ହୋଇଛି । ସମ୍ବିଧାନ ସଭା ବୈଠକ ଆରମ୍ଭ କରି ସେହି ସଭାର ଅସ୍ଥାୟୀ ଚେୟାରମ୍ୟାନ ଶ୍ରୀ ସଚ୍ଚିଦାନନ୍ଦ ସିହ୍ନା ସଭ୍ୟମାନଙ୍କୁ ଆମେରିକାର ସମ୍ବିଧାନକୁ ଆମର ଆଦର୍ଶ କରାଯାଇ ପାରିବ କି ନାହିଁ ସେ ବିଷୟରେ ଚିନ୍ତା କରିବାକୁ ପରାମର୍ଶ ଦେଇଥିଲେ । ସେହିଭଳି ସମ୍ବିଧାନ ସଭାର ଦ୍ୱିତୀୟ ଦିବସରେ ଏହାର ଚେୟାରମ୍ୟାନ ଡକ୍ଟର ରାଜେନ୍ଦ୍ର ପ୍ରସାଦ ମଧ୍ୟ ଅନ୍ୟାନ୍ୟ ଦେଶର ସମ୍ବିଧାନ ଅପେକ୍ଷା ଆମେରିକାର ସମ୍ବିଧାନ ପ୍ରତି ଅଧିକ ଦୃଷ୍ଟି ଦେବାକୁ ସଭ୍ୟମାନଙ୍କୁ ଆହ୍ୱାନ କରିଥିଲେ ।

କିନ୍ତୁ ସମ୍ବିଧାନ ସଭା ସେତେବେଳେ ମୋଟାମୋଟି ଭାବେ ଆମେରିକୀୟ ଢାଞ୍ଚା ପରିବର୍ତ୍ତେ ୱେଷ୍ଟମିନଷ୍ଟର ପ୍ରଣାଳୀରେ ଆମର ସମ୍ବିଧାନ ପ୍ରଣୟନ କରିବାକୁ ପସନ୍ଦ କରିଥିଲେ । ଏହା ସପକ୍ଷରେ ମତ ଦେଇ ଡକ୍ଟର କେ. ଏମ୍‌ ମୁନସୀ ସେତେବେଳେ କହିଥିଲେ କି ଆମର ସାଧାରଣ ଜୀବନ ବ୍ରିଟିଶ ସାମ୍ବିଧାନିକ ନିୟମ ଦ୍ୱାରା ଶହେବର୍ଷ ହେଲା ପ୍ରଭାବିତ ହୋଇଆସିଛି ଏବଂ ଆମେ ପାର୍ଲାମେଣ୍ଟାରୀ ପରମ୍ପରାକୁ ମନେ ମନେ ଗ୍ରହଣ କରି ନେଇଛୁ । ଏ ଅବସ୍ଥାରେ ଆଜି ଏକ ନୂଆ ପ୍ରଣାଳୀ (ଆମେରିକୀୟ ଢାଞ୍ଚା)କୁ ଗ୍ରହଣ କରି ସେ ସମ୍ପର୍କରେ ଏକ ନୂତନ ପରୀକ୍ଷା କରିବାର ଆବଶ୍ୟକତା କଣ ?

୧୯୪୮ ମସିହା ନଭେମ୍ବର ୪, ତାରିଖରେ ସମ୍ବିଧାନ ସଭାରେ ଆମ ସମ୍ବିଧାନର ଚଟା ଉପସ୍ଥାପନ କରିବା ଅବକାଶରେ ଡକ୍ଟର, ବି. ଆର ଆମ୍ବେଦକର ଯେଉଁ ଭାଷଣ ଦେଇଥିଲେ ସେଥିରେ ସେ ଏହି ବିବାଦ-ବିଷୟ ଉଲ୍ଲେଖ କରି କହିଥିଲେ କି ଆମେରିକାର ରାଷ୍ଟ୍ରପତିଭିତ୍ତିକ ସରକାର ବ୍ୟବସ୍ଥା ସଭା ଓ ପ୍ରଶାସନର ସ୍ୱତନ୍ତ୍ରତାକୁ ଭିତ୍ତିକରି ସୃଷ୍ଟ । କିନ୍ତୁ ଆମ ଚଟା ସମ୍ବିଧାନ ଏଭଳି ବ୍ୟବସ୍ଥା ଗ୍ରହଣ କରିନାହିଁ । ଉଭୟ ବ୍ୟବସ୍ଥାରେ ଭଲ ଓ ମନ୍ଦ ଦୁଇଟି ଦିଗ ରହିଛି । ତେଣୁ ତାହା ଭିତରୁ ଗୋଟିକୁ ବାଛିବା ସହଜ ନୁହେଁ । ଆମେରିକୀୟ ପଦ୍ଧତିରେ ସ୍ଥାୟିତ୍ୱ ଉପରେ ବେଶି ଜୋର ଦିଆଯାଇ ଦାୟିତ୍ୱ କମାଇ ଦିଆଯାଇଛି ଏବଂ ନିର୍ଦ୍ଦିଷ୍ଟ ସମୟରେ ପ୍ରଶାସନ କଳର କାର୍ଯ୍ୟକୁ ସମୀକ୍ଷା କରିବା ବ୍ୟବସ୍ଥା ରହିଛି । କିନ୍ତୁ ବ୍ରିଟିଶ ପଦ୍ଧତିରେ ଦାୟିତ୍ୱବୋଧ ଉପରେ ଅଧିକ ଜୋର ଦିଆଯାଇ ସ୍ଥାୟିତ୍ୱକୁ ଲଘୁ ଦୃଷ୍ଟିରେ ଦେଖାଯାଇଛି ଏବଂ ପ୍ରଶାସନର କାର୍ଯ୍ୟକୁ ଦୈନିକ ତଥା ସାମୟିକ ଭାବେ ଉନଖି କରିବାର ବ୍ୟବସ୍ଥା ହୋଇଛି । ଏମ୍‌.ପି. ମାନେ ବିଭିନ୍ନ ପ୍ରଶ୍ନ ଜରିଆରେ ପ୍ରଶାସନର କାର୍ଯ୍ୟକୁ ଦୈନିକ ପର୍ଯ୍ୟାଲୋଚନା କରିପାରିବେ । ଆମେ ଚଟା ସମ୍ବିଧାନରେ ସ୍ଥିରତା ଅପେକ୍ଷା ଦାୟିତ୍ୱବୋଧକୁ ଅଧିକ ମର୍ଯ୍ୟାଦା ଦେଇଛୁ ।

ଏହାପରେ ଦୀର୍ଘଦିନ ଧରି ଭାରତରେ ଆଉ ଏ ବିଷୟରେ ଚର୍ଚ୍ଚା ହୋଇ ନ ଥିଲା । ପଣ୍ଡିତ ନେହେରୁଙ୍କ ବିରାଟ ବ୍ୟକ୍ତିତ୍ୱ ବୋଧହୁଏ ଅନ୍ୟ କୌଣସି ତର୍କର ଅବକାଶ ସୃଷ୍ଟି କରୁ ନ ଥିଲା ।

କିନ୍ତୁ ୧୯୭୫ ମସିହାରେ ଦେଶରେ ଆଭ୍ୟନ୍ତରୀଣ ଜରୁରୀ ଅବସ୍ଥା ଜାରି ହେବା ପରେ ଏ ପ୍ରଶ୍ନ ଉପରେ ପୁଣି ଏକ ତର୍କ ଆରମ୍ଭ ହୋଇଥିଲା । ୧୯୭୬ରେ ଶ୍ରୀମତୀ ଗାନ୍ଧୀଙ୍କର ଜଣେ ଦୃଢ଼ ସମର୍ଥକ ରୂପେ ପରିଚିତ ଶ୍ରୀ ଅବଦୁଲ୍ଲ ରହମାନ ଆନ୍ତୁଲେ ଏକ ନୂଆ ଚଟା ସମ୍ବିଧାନ ପ୍ରଣୟନ କରି ଏହାର ଅନୁଧ୍ୟାନ ନିମନ୍ତେ ସମସ୍ତଙ୍କ ପାଖକୁ ପଠାଇଲେ । ସେଥିରେ ସେ ଆମେରିକାରେ ପ୍ରଚଳିତ ରାଷ୍ଟ୍ରପତି ଭିତ୍ତିକ ସମ୍ବିଧାନରେ କେତେକ ପରିବର୍ତ୍ତନ କରି ତାକୁ ଭାରତରେ ପ୍ରବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲେ ।

ସେତେବେଳେ କଂଗ୍ରେସ ସଭାପତି ଦେବକାନ୍ତ ବଡୁଆ ଆମ ସମ୍ବିଧାନର ସଂଶୋଧନ ସମ୍ପର୍କରେ ପରାମର୍ଶ ଦେବା ପାଇଁ ଦଳ ପକ୍ଷରୁ ଏକ ୧୨ ଜଣିଆ କମିଟି ସର୍ଦ୍ଦାର ସ୍ୱରଣ ସିଂହଙ୍କ ଅଧ୍ୟକ୍ଷତାରେ ଗଠନ କରିଥିଲେ ଏବଂ ଏହି କମିଟି ନିର୍ଦ୍ଦିଷ୍ଟ ଭାବେ ପାର୍ଲାମେଣ୍ଟ ସିଷ୍ଟମ ସପକ୍ଷରେ ମତ ଦେଇଥିଲେ । ସେହି କମିଟି ମତରେ ଭାରତ ଭଳି ଏକ ବିଶାଳ ଦେଶ ଯେଉଁଠି ଆଞ୍ଚଳିକ ବୈଷମ୍ୟ ଅତି ଉତ୍କଟ ସେଠାରେ ଦେଶର ସଂହତି ଅକ୍ଷୁର୍ଣ୍ଣ ରଖି ଲୋକଙ୍କ କଥା ବୁଝିବାକୁ ପାର୍ଲାମେଣ୍ଟାରୀ ବ୍ୟବସ୍ଥା ସର୍ବୋତ୍ତମ । ସମ୍ବିଧାନରେ କେତେକ ଆନୁସଙ୍ଗିକ ପରିବର୍ତ୍ତନ ନିମନ୍ତେ କମିଟି ଯେଉଁସବୁ ପରାମର୍ଶ ଦେଇଥିଲେ ତାହାକୁ ୪୨ ତମ ସମ୍ବିଧାନ ସଂଶୋଧନ ଜରିଆରେ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଏହାହିଁ ଥିଲା ୧୯୭୭ ଲୋକସଭା ନିର୍ବାଚନର ଏକ ବହୁ-ବିବାଦୀୟ ପ୍ରଶ୍ନ ।

୧୯୮୦ ରେ କଂଗ୍ରେସ ପୁଣି କ୍ଷମତାସୀନ ହେବା ପରେ ପୁନର୍ବାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଡକ୍ଟର ଚେନ୍ନା ରେଡ୍ଡି ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଅବଦୁଲ୍ ରହମାନ ଆନ୍ତୁଲେ ଏହି ପ୍ରଶ୍ନ ଉଠାଇଥିଲେ । କଂଗ୍ରେସ ଦଳର ଆଇନଜ୍ଞ ସମ୍ମିଳନୀରେ ଏ ବିଷୟ ଉତ୍ଥାପିତ ହେଲା ଏବଂ ଏଭଳି ଏକ ଆଲୋଚନା ଚାଲିବା ଉଚିତ୍ ବୋଲି ଶ୍ରୀମତୀ ଗାନ୍ଧୀ ମଧ୍ୟ ସେତେବେଳେ ମତ ଦେଲେ ।

Images: Aptakama Mishra, Processing: Srujanika

ଏଥିରେ ବିରୋଧୀ ଦଳଗୁଡ଼ିକ ଉତ୍‌କ୍ଷିପ୍ତ ହୋଇ ପାର୍ଲାମେଣ୍ଟାରୀ ପଦ୍ଧତିକୁ ରାଷ୍ଟ୍ରପତିମୂଳକ ପଦ୍ଧତିରେ ପରିଣତ କରିବା ନିମନ୍ତେ ଆବଶ୍ୟକ ମତେ ସମ୍ବିଧାନ ସଂଶୋଧନ କରିବାକୁ କଂଗ୍ରେସ ପକ୍ଷରୁ ଯେଉଁ ଉଦ୍ୟମ ହେଉଛି ସେଥିରେ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତି ଶ୍ରୀ ସଞ୍ଜୀବ ରେଡ୍ଡୀଙ୍କୁ ୧୯୮୦ ମସିହା ନଭେମ୍ବର ୧୭ ତାରିଖ ଦିନ ଏକ ସ୍ମାରକପତ୍ର ଦେଇ ନିବେଦନ କଲେ । ସେହି ମାସ ୨୧ ତାରିଖ ଦିନ ରାଜ୍ୟ ସଭାରେ ଏ ପ୍ରସଙ୍ଗ ଉଠିବାରୁ ତଦାନୀନ୍ତନ ଆଇନମନ୍ତ୍ରୀ ଶ୍ରୀ ଶିବଶଙ୍କର କହିଥିଲେ କି ଆଇନଜ୍ଞମାନଙ୍କ ସମ୍ମିଳନୀର ପ୍ରସ୍ତାବ ସହ କେନ୍ଦ୍ର ସରକାରଙ୍କର କିଛି ସମ୍ପର୍କ ନାହିଁ ।

କିନ୍ତୁ ଚଳିତ ବର୍ଷ ଜାନୁୟାରୀ ମାସରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ବିଷୟରେ ଅନୁଷ୍ଠିତ ହୋଇଥିବା ଏକ ଆଲୋଚନା ଚକ୍ର ଉଦ୍‌ଘାଟନ କରି ଆନ୍ତର୍ଜାତିକ ଅଦାଲତର ଅନ୍ୟତମ ବିଚାରପତି ଡକ୍ଟର ନାଗେନ୍ଦ୍ର ସିଂହ ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତିତ ହେବା ଉଚିତ ବୋଲି ମତ ଦେବା ପରେ ପୁଣି ଏ ବିଷୟରେ ଉତ୍କଟ ଚର୍ଚ୍ଚା ଆରମ୍ଭ ହୋଇଛି । ଡକ୍ଟର ସିଂହଙ୍କ ମତରେ ଭାରତରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରତିଷ୍ଠିତ ହେଲେ 'ଆୟାରାମ' 'ଗୟାରାମ' ମାନଙ୍କର ମୂଳୋତ୍ପାଟନ ହୋଇପାରିବ ଏବଂ କୌଣସି ଦଳ ସଂଖ୍ୟାଗରିଷ୍ଠ ନ ହେଲେ କେନ୍ଦ୍ରରେ ସରକାର ପ୍ରତିଷ୍ଠା କ୍ଷେତ୍ରରେ ଯେଉଁ ବିପଦ ସୃଷ୍ଟି ହେବାର ଅବକାଶ ରହିଛି ତାହା ଦୂର ହୋଇପାରିବ ।

ସେହିଭଳି ହାଇଦ୍ରାବାଦରେ ସର୍ଦ୍ଦାର ପଟେଲ ସ୍ମାରକୀ ବକ୍ତୃତାମାଳା ଉଦ୍‌ଘାଟନ କରି 'କାଶ୍ମୀରର' ତଦାନୀନ୍ତନ ରାଜ୍ୟପାଳ ଶ୍ରୀ ବି-କେ-ନେହେରୁ ମଧ୍ୟ ଅନୁରୂପ ମତ ଦେଇଥିଲେ ଏବଂ କହିଥିଲେ ସରକାରକୁ ବ୍ୟବସ୍ଥାପକମାନଙ୍କ ମର୍ଜି ଉପରେ ଛାଡ଼ି ଦିଆଯାଇ ନପାରେ ।

ଏଇଥିରୁ ଖିଅ ଧରି ଶ୍ରୀଯୁକ୍ତ ସାଠେ ଗତ ଏପ୍ରିଲ ୨୮ ତାରିଖରେ ଦେଶକୁ ରାଜନୈତିକ ଓ ଅର୍ଥନୈତିକ ଦୁର୍ଗତିରୁ ମୁକ୍ତ କରିବା ଲାଗି ଦେଶରେ ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତନ ହେଉ ବୋଲି ମତ ଦେଲେ । ଏହାର ପାଞ୍ଚ ଦିନ ପରେ ମେ ମାସ ୩ ତାରିଖ ଦିନ ନିଖିଳ ଭାରତ କଂଗ୍ରେସ (ଆଇ) କମିଟିର ଲିଗାଲ ସେଲ ମଧ୍ୟ ଆମ ସରକାରର ଏକ ମୌଳିକ ପରିବର୍ତ୍ତନ କରିବାକୁ ଆହ୍ୱାନ କଲେ ।

ପଞ୍ଜାବ ସଙ୍କଟ ପରିପ୍ରେକ୍ଷୀରେ ବିରୋଧୀ ଦଳ ଗୁଡିକ କୌଣସି ନିର୍ଦ୍ଦିଷ୍ଟ ସମାଧାନର ପନ୍ଥା ବାହାର ନକରି ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ପ୍ରତି ଉଦାସୀନ ରହିଥିବାରୁ ପ୍ରଚଳିତ ସରକାରୀ ବ୍ୟବସ୍ଥାର ପରିବର୍ତ୍ତନ କରାଯିବା ଦରକାର ବୋଲି ଲିଗାଲ ସେଲ ଦୃଢ଼ ମତ ଦେଇଥିଲେ । ବିରୋଧୀଦଳ ଗୁଡ଼ିକୁ ଜବତ କରିବା ପାଇଁ ଏଭଳି ଉଦ୍ୟମ ହେଉଛି ବୋଲି ସେଥିପାଇଁ ଏହାକୁ ଅଭିହିତ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଏଭଳି ପୃଷ୍ଠଭୂମିରେ ପାର୍ଲାମେଣ୍ଟରେ କମିଟି ସିଷ୍ଟମର ପ୍ରବର୍ତ୍ତନ କରିବାକୁ ଏକ ପ୍ରସ୍ତାବ ଦେଲେ । ପାର୍ଲାମେଣ୍ଟରେ ଏ ଧାରାର ପ୍ରଚଳନ କରାଗଲେ ଆମ ସରକାରୀ ବ୍ୟବସ୍ଥାରେ ଏହା ଏକ ବଡ଼ ଧରଣର ପରିବର୍ତ୍ତନ ହେବ କିନ୍ତୁ ଏଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ପଡ଼ିବ ନାହିଁ । ଅବଶ୍ୟ ଏ ଦିଗରେ ବିଶେଷ କିଛି ଅଗ୍ରଗତି ହୋଇ ପାରିନାହିଁ ।

ସେପ୍ଟେମ୍ବର ୧ ତାରିଖ ଦିନ ପାଟନାରେ ଅନୁଷ୍ଠିତ ଏକ ସଭାରେ ଭାଷଣ ଦେଇ ରାଷ୍ଟ୍ରପତି ଭିତ୍ତିକ ସରକାର ଲାଗୁ କରାଯିବାର ସମ୍ଭାବନା ନାହିଁ ବୋଲି ଶ୍ରୀ ରାଜୀବ ଗାନ୍ଧୀ ମତବ୍ୟକ୍ତ କରିଛନ୍ତି ।

ଯଦିବା ଏ ଦିଗରେ କିଛି ପରିବର୍ତ୍ତନ କରାଯାଏ ତାହା ହେଲେ ଲୋକଙ୍କର ମତ ନେଇ ତାହା କରାଯିବ ବୋଲି ସେ କହିଛନ୍ତି ।

ସେହିମାସ ୫ ତାରିଖରେ ସୁପ୍ରିମ୍ କୋର୍ଟର ୧୫୮ ଜଣ ଆଇନଜ୍ଞ ଏକ ପ୍ରସ୍ତାବରେ ଭାରତର ରାଷ୍ଟ୍ରପତି ଭିତ୍ତିକ ସରକାର ପ୍ରବର୍ତ୍ତନ ପାଇଁ ଉଦ୍ୟମ କରିବାକୁ ପ୍ରଧାନ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ସେମାନଙ୍କ ମତରେ ବର୍ତ୍ତମାନ ପିଢ଼ିର ଲୋକେ ସମ୍ବିଧାନ ପ୍ରଣୟନ ସହ ସଂପୃକ୍ତ ହେବାର ସୁଯୋଗ ପାଇ ନଥିବାରୁ ସେମାନଙ୍କୁ ଏକ ସୁଯୋଗ ଦିଆଯିବା ଉଚିତ୍ ।

ଏଭଳି ତର୍କବିତର୍କରୁ ଏତିକି ସୂଚିତ ହୁଏ କି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ତଥା ସମର୍ଥକ ବର୍ଗ ବ୍ୟବସ୍ଥାପକମାନଙ୍କ ଦ୍ୱାରା ନିର୍ବାଚିତ ହେବା ଅପେକ୍ଷା ଲୋକଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହେବାକୁ ଅଧିକ ପସନ୍ଦ କରୁଛନ୍ତି ।

ଲୋକଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହେଲେ ଦଳ ବା ପାର୍ଲାମେଣ୍ଟ ପକ୍ଷରୁ ତାଙ୍କ କାର୍ଯ୍ୟ ଉପରେ ବେଳେ ବେଳେ ଯେଉଁଭଳି ଅଙ୍କୁଶ ପ୍ରୟୋଗ କରାଯାଉଛି ସେଥିରୁ ସେ ମୁକ୍ତି ପାଇବେ ଏବଂ ତାଙ୍କର ଯେକୌଣସି କାର୍ଯ୍ୟ ପଛରେ ଜନସାଧାରଣଙ୍କ ସମର୍ଥନ ଅଛି ବୋଲି ଅଭିମତ ଦିଆଯାଇପାରିବ ।

ଭାରତର ରାଜନୈତିକ ଅବସ୍ଥା ଯାହା ଶ୍ରୀମତୀ ଗାନ୍ଧୀଙ୍କ ସହିତ ସମ୍ମୁଖ ସମରରେ ଏକାକୀ ମୁକାବିଲା କରିବାକୁ କୌଣସି ନେତା ବାହାରିବା ସହଜ ନୁହେଁ । କିନ୍ତୁ ପାର୍ଲାମେଣ୍ଟାରୀ ପଦ୍ଧତିରେ ସବୁ ରାଜନୈତିକ ଦଳ ବା ନେତାମାନେ ମେଣ୍ଟବନ୍ଧି ପକାଉ ଥିବାରୁ ନେହେରୁ ପରିବାରର ଆଧିପତ୍ୟ ଉପରେ ଆଞ୍ଚ ଆସୁଛି ଯାହାକି ୧୯୭୭ ମସିହାରେ ହୋଇଥିଲା ।

ଏହିସବୁ ସମସ୍ତ ତର୍କ ବିତର୍କ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱ ପ୍ରତିଷ୍ଠା ପାଇଁ ଯେତେ ଉଦ୍ଦିଷ୍ଟ ନୁହେଁ ତାଙ୍କର ଉତ୍ତରାଧିକାରୀ ରୂପେ ଶ୍ରୀଯୁକ୍ତ ଗାନ୍ଧୀଙ୍କ ଗାଦୀନସୀନ କରିବାକୁ ଅଭିପ୍ରେତ । ଶ୍ରୀମତୀ ଗାନ୍ଧୀଙ୍କ ପୁତ୍ର ରୂପେ ସେ ଏବେ ସମଗ୍ର ଭାରତବର୍ଷରେ ପରିଚିତ ଏବଂ ଦଳ ଭିତରେ ବିଶେଷ-

Images: Aptakama Mishra, Processing: Srujanika

'ସମ୍ବାଦ'ରେ ସଙ୍କଟ

ବହୁତ ଅତ୍ୟାଧୁନିକ ମୁଦ୍ରଣ ଯନ୍ତ୍ର ଖଞ୍ଜି ଆଣି ମୂଳରୁ ଏକ ବିରାଟ ରଂଗିନ ଓଡ଼ିଆ ପତ୍ରିକା ପ୍ରକାଶ କରି 'ସମାଜକୁ' ଟପିଯିବା ଅଭିମୁଖ୍ୟ ନେଇ ଦୈନିକ 'ସମ୍ବାଦ' ଆତ୍ମପ୍ରକାଶ କରିବା ପରେ ୧୫ ଦିନ ମଧ୍ୟରେ ସେ ସଂସ୍ଥା ଏକ ଘୋର ବୈଷୟିକ ସଙ୍କଟର ସମ୍ମୁଖୀନ ହୋଇ-ଜଣାଯାଇଛି ।

ଅତ୍ୟାଧୁନିକ ଫଟୋ କମ୍ପୋଜିଂ ପ୍ରଣାଳୀ ସହିତ ଅଭ୍ୟସ୍ତ କୁଶଳୀ ଲୋକଙ୍କ ଅଭାବ ଯୋଗୁ ସେ କ୍ଷେତ୍ରରେ ଯେଉଁ ଯାନ୍ତ୍ରିକ ତ୍ରୁଟି ଦେଖାଯାଉଛି ତାକୁ ସଜାଡ଼ିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନ୍ତି ହେଉ ନାହିଁ । ଫଳରେ ସେମାନେ ଅନନ୍ୟୋପାୟ ହୋଇ ବାହାର ପ୍ରେସରେ ମଝିରେ ମଝିରେ 'ସମ୍ବାଦ' ଛାପିବାର ବ୍ୟବସ୍ଥା କରୁଛନ୍ତି ।

ବହୁ ମୋଟା ଦରମା ଦେଇ କର୍ମୀବୃନ୍ଦ ତଥା ସାମ୍ବାଦିକଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ପୂର୍ବରୁ ଯେଉଁ ଧରଣର ପ୍ରଚାର ହୋଇଥିଲା ତଦନୁରୂପେ ପତ୍ରିକା ପ୍ରକାଶ ପାଇ ପାରିଲା ନାହିଁ କି ଜନସାଧାରଣଙ୍କ ଦ୍ୱାରା ତାହା ଆଦୃତ ହୋଇ ପାରି ନଥିବାରୁ ପ୍ରକାଶକ ନିରାଶ ହୋଇ ପଡ଼ିଛନ୍ତି ।

ପ୍ରଥମ ଦିନ ଏ ପତ୍ରିକା ୪୦ ହଜାର ଛପା ହୋଇଥିବା ବେଳେ ୧୫ ଦିନ ପରେ ଏହାର ଛପା ସଂଖ୍ୟା ୧୫ ହଜାରକୁ ଛପାଇବା ପାଇଁ କର୍ତ୍ତୃପକ୍ଷ ବାଧ୍ୟ ହୋଇଛନ୍ତି ଏବଂ ତାହା ମଧ୍ୟ ପତ୍ରିକାର ନିଜସ୍ୱ ସଂସ୍ଥା ଜରିଆରେ ବିକ୍ରି କରା ଯାଇ ପାରୁ ନଥିବା ଜଣାଯାଇଛି । ସମ୍ବାଦ ବିକ୍ରି କରିବା ପାଇଁ ନୂତନ ହୋଇଥିବା ହକର ମାନେ ଭବିଷ୍ୟତ ଚାକିରି ଆଶାରେ ଏଥିରେ ଯୋଗଦେଇଥିବାରୁ କାଗଜ ବିକ୍ରି ପ୍ରତି ବିଶେଷ ଧ୍ୟାନ ଦେଉ ନାହାନ୍ତି ।

ପ୍ରଥମ ଅବସ୍ଥାରେ ଏହା ସମାଜ ବା ପ୍ରଜାତନ୍ତ୍ର ସହିତ ତାଳ ଦେଇ ଚାଲିବ ବୋଲି ଯେଉଁ ଆଶା କରାଯାଇଥିଲା ତାହା ବ୍ୟର୍ଥ ହୋଇଯିବା ପରେ ଏହା ଦୈନିକ ଆଶା ବା ଧରିତ୍ରୀ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି କି ନାହିଁ ତାହା ପର୍ଯ୍ୟବେକ୍ଷକ ମାନେ କୌତୁହଳର ସହ ଲକ୍ଷ୍ୟ କରୁଛନ୍ତି । □

ମନ୍ତ୍ରୀ ଓ ନୀତିବାଦୀ ମନୋଭାବାପନ୍ନ ଲୋକେ ଏଣିକି ଆଧିପତ୍ୟ ବିସ୍ତାର କରୁଥିବାରୁ ସେ ସାମ୍ମୁଖ୍ୟରେ ତାଙ୍କର କିଛି ଅସୁବିଧା ହେବ ନାହିଁ । କିନ୍ତୁ ଅନ୍ୟାନ୍ୟ ରାଜନୈତିକ ନେତୃବୃନ୍ଦ ବିଶେଷ କରି ଶ୍ରୀଯୁକ୍ତ ଅଟଳବିହାରୀ ବାଜପେୟୀ ଓ ଶ୍ରୀ ଚନ୍ଦ୍ରଶେଖର ପ୍ରମୁଖଙ୍କ ସହ ଭବିଷ୍ୟତରେ ଶ୍ରୀଯୁକ୍ତ ଗାନ୍ଧୀଙ୍କ ମୁକାବିଲା ହେବାର ବିଶେଷ ସମ୍ଭାବନା ରହିଛି । ଶ୍ରୀଯୁକ୍ତ ଚରଣ ସିଂହ ବା ମୋରାରଜୀ ଦେଶାଇଙ୍କୁ ଶ୍ରୀମତୀ ଗାନ୍ଧୀ ମୁକାବିଲା କରିପାରିବେ । କିନ୍ତୁ ସେମାନଙ୍କ ପରେ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ଯେତେବେଳେ ଏକାକୀ ତାଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମ୍ମୁଖୀନ ହେବାକୁ ପଡ଼ିବ ସେତେବେଳକୁ ତାଙ୍କଠାରୁ ଅଧିକ ବିଚକ୍ଷଣ ନେତାମାନେ ରାଜନୈତିକ ରଙ୍ଗମଞ୍ଚରେ ଥିବେ ଯେଉଁମାନଙ୍କୁ ପ୍ରତିହତ କରିବା ଶ୍ରୀଯୁକ୍ତ ଗାନ୍ଧୀଙ୍କ ପକ୍ଷେ ସମ୍ଭବ ହେବ ନାହିଁ । ବିଶେଷ କରି ପାର୍ଲାମେଣ୍ଟାରୀ ପଦ୍ଧତିରେ ।

କିନ୍ତୁ ରାଷ୍ଟ୍ରପତି ଶାସନ ପଦ୍ଧତିରେ ନିଜର ପୂର୍ବ ପରିଚିତି ତଥା ଅଜସ୍ର ଅର୍ଥବ୍ୟୟ କରି ସେ ନିଜକୁ କ୍ଷମତାସୀନ କରିବା ଅଧିକ ସହଜ ହୋଇପାରିବ ବୋଲି ନେହେରୁ ପରିବାରର ଲୋକେ ମନେ କରୁଛନ୍ତି । ତେଣୁ ରାଷ୍ଟ୍ରପତିଭିତ୍ତିକ ସରକାର ପାଇଁ ଆଜିଠୁ ସର୍ବିସ୍ତୃତ ବିତର୍କ ଆରମ୍ଭ ହୋଇଥିଲେ ଦୁଇ ତିନି ବର୍ଷ ପରେ ଏହି ବ୍ୟବସ୍ଥା ପ୍ରକୃତରେ ପ୍ରଚଳିତ ହେଲା ବେଳକୁ ଲୋକେ ହଠାତ୍ ପ୍ରତିବାଦ କରିବେ ନାହିଁ ଏବଂ ଲୋକଙ୍କ ଠାରୁ ସମର୍ଥନ ମିଳୁଛି ବୋଲି କହି ସମ୍ବିଧାନର ଆବଶ୍ୟକ ସଂଶୋଧନ କରାଯାଇପାରିବ । ତେଣୁ ଏବେଠୁ ବିତର୍କ ଶ୍ରୀଯୁକ୍ତ ଗାନ୍ଧୀଙ୍କ ରାଜନୈତିକ ଭବିଷ୍ୟତର ପଥ ପିଚ୍ଛିଳ କରିବା ପାଇଁ ହିଁ ଅଧିକ ଅଭିପ୍ରେତ ବୋଲି ମନେହୁଏ । □

କଟକ ଠାରେ ଏକ କିଲୋୱାଟ ଶକ୍ତି ସମ୍ପନ୍ନ ଟି-ଭି ଟ୍ରାନସମିଟର ବସାଇ ତାକୁ ଉଦ୍‌ଘାଟନ କରିବା ପାଇଁ ସେପ୍ଟେମ୍ବର ୨୬ ତାରିଖରେ ସମସ୍ତ ବ୍ୟବସ୍ଥା ହୋଇସାରିଥିବା ସତ୍ତ୍ୱେ ରାଜ୍ୟ-ମୁଖ୍ୟମନ୍ତ୍ରୀଙ୍କର ଆପତ୍ତି ଯୋଗୁ ଏହା କାର୍ଯ୍ୟକାରୀ ହେଲା ନାହିଁ ଏବଂ ଏକାବେଳେକେ ଏଠାରେ ୧୦ କିଲୋୱାଟ ଶକ୍ତି ସମ୍ପନ୍ନ ଟ୍ରାନସମିଟର ୬ମାସ ପରେ ବା ୧୯୮୫ ମସିହାରେ ବସାଯିବ ବୋଲି ସ୍ଥିର ହୋଇଥିବା ସମ୍ବାଦ ପ୍ରକାଶ ପାଇଛି ।

ଅର୍ନ୍ତବିବାଦ ଯୋଗୁଁ ଓଡ଼ିଆ ଟି ଭି କାର୍ଯ୍ୟ ଏମ ବନ୍ଦ ହେଲା

କିନ୍ତୁ ଏ ସମ୍ପର୍କରେ ଅନୁସନ୍ଧାନ କରିବାରେ ଜଣାଗଲା ଯେ କଟକରେ ୧୦ କିଲୋୱାଟ ଶକ୍ତି ସମ୍ପନ୍ନ ଟ୍ରାନସମିଟର ବସାଇବା ପାଇଁ ମୂଳରୁ ଯୋଜନା ହୋଇଥିଲା ଏବଂ ତଦନୁଯାୟୀ କାର୍ଯ୍ୟ ମଧ୍ୟ ଚାଲିଛି । କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ 'ମଧ୍ୟବର୍ତ୍ତୀ କାଳୀନ ବ୍ୟବସ୍ଥା ସ୍ୱରୂପ ଏକ କିଲୋୱାଟ ଶକ୍ତି ସମ୍ପନ୍ନ ଟ୍ରାନସମିଟର ବସାଇବାର ବ୍ୟବସ୍ଥା ହେଉଥିଲା । ଭାରତ ବର୍ଷର ଚାରିଆଡ଼େ ଲୋକସଭା ନିର୍ବାଚନ ପୂର୍ବରୁ ଟି.ଭି. ଟ୍ରାନସମିଟର ବସାଇବା ଯୋଜନାର ଏକ ଅଙ୍ଗ ସ୍ୱରୂପ କଟକରେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇ ପାରିଥାନ୍ତା ।

କିନ୍ତୁ କଟକ ଟି ଭି ର ଦୁଇଟି ମୁଖ୍ୟ ବିଭାଗ ଇଞ୍ଜିନିଅରିଂ ସେକସନ ଓ ପ୍ରୋଗ୍ରାମ ସେକସନ ମଧ୍ୟରୁ ପ୍ରୋଗ୍ରାମ ସେକସନ୍ ସେପ୍ଟେମ୍ବର ୨୬ ତାରିଖରୁ କାମ ଆରମ୍ଭ କରିବାକୁ ପ୍ରସ୍ତୁତ ନଥିବା ଜାଣି ବିଭାଗୀୟ ଡିରେକ୍ଟରଙ୍କ ମୂଳରୁ ଏହି ଟ୍ରାନସମିଟର ଆରମ୍ଭ ହେବା କାର୍ଯ୍ୟ ଘୁଞ୍ଚାଇ ଦେବାକୁ ଷଡ଼ଯନ୍ତ୍ର କରି ଶେଷରେ

Images: Aptakama Mishra, Processing: Srujanika

ଶ୍ୟାମସୁନ୍ଦରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ସମ୍ଭାବନା ନାହିଁ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ଏ ଆଇ ସି. ସିର ପୂର୍ବତନ ସାଧାରଣ ସମ୍ପାଦକ ଶ୍ରୀ ଶ୍ୟାମ ସୁନ୍ଦର ମହାପାତ୍ର ଭାରତର ବିଭିନ୍ନ ସ୍ଥାନରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିଷୟରେ ସମ୍ବାଦପତ୍ର ମାନଙ୍କ ଜରିଆରେ ପ୍ରକାଶ୍ୟ ବିଦ୍ରୋହ କରିବା ପରେ ତାଙ୍କୁ ଦଳରୁ ନିଶ୍ଚିତ ଭାବେ ସସପେଣ୍ଡ କରାଯିବ ବୋଲି ରାଜ୍ୟର ମନ୍ତ୍ରୀମଣ୍ଡଳୀସ୍ଥ ଗୋଷ୍ଠୀଧରନେଇଥିଲେ କିନ୍ତୁ ଏବେ ତାହା ନହେବାରୁ ସେମାନଙ୍କ ମଧ୍ୟରେ ହତାଶା ସୃଷ୍ଟି ହୋଇଛି ।

ଓଡ଼ିଶା ରାଜଧାନୀରେ ରହୁଥିବା ଏ. ଆଇ. ସି ସି ସେକ୍ରେଟେରି ମାନଙ୍କୁ ଏହି ଗୋଷ୍ଠୀ ବିଭିନ୍ନ ପ୍ରକାରେ ହାତ କରି ରଖିଥିବା ଜଣାଶୁଣା ଗତ ସେକ୍ରେଟେରି ମାନେ ଓଡ଼ିଶାକୁ ଆସିଲେ ନିରପେକ୍ଷ ଭାବେ କିଛି ପର୍ଯ୍ୟାଲୋଚନା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ବୋଲକରା ରୂପେ କର୍ଯ୍ୟ କରି ଆଟାଚି ବ୍ୟାଗ ସହ ଫେରିଥାନ୍ତି । ସେହିଭଳି ଗତ କିଛି ଦିନ ତଳେ ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ବୃନ୍ଦ ବନ ବିଭିନ୍ନ ସ୍ଥାନରେ ଆଲୋଚନା ପ୍ରସଙ୍ଗରେ ଶ୍ରୀଯୁକ୍ତ ମହାପାତ୍ରଙ୍କୁ ସସ୍‌ପେଣ୍ଡ କରାଯିବା ନିଶ୍ଚିତ ଏବଂ ତାଙ୍କୁ ନୋଟିଶ ଦିଆଯାଇଛି ବୋଲି ଧାରଣା ସୃଷ୍ଟି କଲେ । କିନ୍ତୁ ଶ୍ରୀ ମହାପାତ୍ରଙ୍କୁ ନୋଟିସ ଦିଆଯିବା ପରେ ସେ ତାହାର ଉତ୍ତର ଦେବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ସମ୍ପର୍କରେ ଯେଉଁ ଲମ୍ବାତାଲିକା ଦେଇଛନ୍ତି ତାହା ଏ ଆଇ ସି ସି କର୍ମକର୍ତ୍ତାଙ୍କୁ ଅଡୁଆରେ ପକାଇ ଦେଇଛି ।

ଭାରତବର୍ଷ ସାରା ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିଷୟରେ କହିବା ପରେ ଶ୍ରୀ ମହାପାତ୍ର ସ୍ୱତଃ ଏକ କ୍ଷମତା କେନ୍ଦ୍ର ରୂପେ ଆତ୍ମପ୍ରକାଶ କରିଛନ୍ତି । ଏ ଅବସ୍ଥାରେ ତାଙ୍କୁ ଦଳରୁ ବାହାର କରିଦିଆଗଲେ ଲୋକସଭା ନିର୍ବାଚନବେଳେ ସେ ଓଡ଼ିଶା ସାରା ବୁଲି ବୁଲି ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଏକ ଆକ୍ରମଣାତ୍ମକପ୍ରଚାର ଅଭିଯାନ ଚଳାଇବାରସୁବିଧା ପାଇଯିବେ ଏବଂ ଏ କ୍ଷେତ୍ରରେ ସଫଳ ହେଲେ ଏକ ପଲିଟିକାଲ ଫୋର୍ସ ରୂପେ ଆତ୍ମପ୍ରକାଶ କରିବାର ସମ୍ଭାବନା ଥିବାରୁ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାକୁ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଆପାତତଃ ସ୍ଥିର କରିଛନ୍ତି ।

ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏ ଅବକାଶରେ ନିଜର ସମସ୍ତ ଶକ୍ତି ଖଟାଇ ଶ୍ରୀ ମହାପାତ୍ରଙ୍କୁ ରାଜନୀତିରୁ ଖତମ୍ କରିଦେବା ପାଇଁ ଦିଲ୍ଲୀରେ ପ୍ରବଳ ଚେଷ୍ଟା କରିଥିଲେ । କିନ୍ତୁ ଶ୍ରୀ ମହାପାତ୍ରଙ୍କ ସପକ୍ଷରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ପାଣ୍ଡେ ମତ ଦେବାରୁ ଶ୍ରୀ ପଟ୍ଟନାୟକଙ୍କ ଉଦ୍ୟମ ଫସର ଫାଟିଗଲା ।

ଏଠାରେ ଉଲ୍ଲେଖଯୋଗ୍ୟ କି କର୍ଣ୍ଣାଟକର ଅତି ଶକ୍ତିଶାଳୀ କଂଗ୍ରେସ ନେତା ତଥା କଂଗ୍ରେସ ପାର୍ଲମେଣ୍ଟାରୀ ପାର୍ଟିର କୋଷାଧ୍ୟକ୍ଷ ଶ୍ରୀ ଏଫ ଏମ୍ ଖାଁଙ୍କୁ ନୋଟିସ୍ଜାରି ଦିଆଯିବା ସଙ୍ଗେ ସଙ୍ଗେ ଦଳରୁ ବହିଷ୍କାର କରାଯାଇ ଥିଲା । କିନ୍ତୁ ଶ୍ରୀ ମହାପାତ୍ରଙ୍କ କ୍ଷେତ୍ରରେ ତାଙ୍କଠାରୁ ଉତ୍ତର ପାଇବା ପର୍ଯ୍ୟନ୍ତ ଅପେକ୍ଷା କରାଗଲା । ଏହିଭଳି ଭାବେ ରାଜ୍ୟ ବିଧାନସଭା ସଦସ୍ୟ ଶ୍ରୀ ଭୂପିନ୍ ଦାସ, ଶ୍ରୀ କାହ୍ନୁଚରଣ ଲେଙ୍କା ଓ ଶ୍ରୀ ମତଲୁବ ଅଲ୍ଲୀଙ୍କୁ ମଧ୍ୟ ନୋଟିସ ମଧ ଦିଆଇଥିଲା ଏବଂ ଅବଶେଷରେ ସେମାନଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା ।

ଶ୍ରୀ ମହାପାତ୍ର ତାଙ୍କ ନୋଟିସରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଯାହା କହିଛନ୍ତି ତାହା ପ୍ରକାଶ କରିବାକୁ ସମ୍ବାଦକମାନଙ୍କୁ ସ୍ପଷ୍ଟତଃ ମନା କରିଦେଇଛନ୍ତି । କିନ୍ତୁ କେନ୍ଦ୍ର ଗୋଇନ୍ଦା ସଂସ୍ଥା ଓ 'ର' ପକ୍ଷରୁ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଯାହାସବୁ ରିପୋର୍ଟ ଦିଆଯାଇଛି ତାହାର ନକଲ ସବୁ ଶ୍ରୀ ମହାପାତ୍ରଙ୍କ ନୋଟିସରେ ସ୍ଥାନ ପାଇଛି । ଓଡ଼ିଶାରେ କେନ୍ଦ୍ର ଗୋଇନ୍ଦା ସଂସ୍ଥାର ଅଫିସର ରୂପେ ଅତୀତରେ କାର୍ଯ୍ୟକରୁଥିବା ଜଣେ ଆଇ.ପି.ଏସ ଅଫିସର ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଲେଖିବାକୁ ରାଜିନହେବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଓଡ଼ିଶା ବାହାରକୁ ବଦଳିକରି ଦେଇଥିଲେ । ତାଙ୍କ ପାଖରେ ଥିବା ବହୁ ତଥ୍ୟ ଏବେ ଘଟଣାଚକ୍ରରେ ଜୋନ୍ତ ଲୋଚନକୁ ଆସିଛି ଏବଂ ସେ ମଧ୍ୟ ଓଡ଼ିଶା ସରକାରଙ୍କ ଦୁର୍ନୀତି ବିଷୟରେ କିଛି ତଥ୍ୟ ନିଜର ଉପରସ୍ଥ କର୍ତ୍ତାଙ୍କ ଜରିଆରେ କେନ୍ଦ୍ରକୁ ଜଣାଇଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏସବୁ ବିଷୟ ଯାଞ୍ଚ କରାଯାଇ ଏହାର ସତ୍ୟତା ନିର୍ଦ୍ଧାରଣ କରାଯାଇ ଥିଲେ ମଧ୍ୟ ଆସନ୍ନ ଲୋକସଭା ନିର୍ବାଚନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛେଇ ଯାଉଛନ୍ତି ।

ତେବେ ଶ୍ରୀ ମହାପାତ୍ରଙ୍କ ପ୍ରକାଶ୍ୟ ବିଦ୍ରୋହ ପଛରେ ପ୍ରଧାନ ମନ୍ତ୍ରୀଙ୍କ ଦପ୍ତରର କେତେକ ପ୍ରଭାବଶାଳୀ ସଦସ୍ୟଙ୍କ ମଧ୍ୟ ସମର୍ଥନ ଥିବା ଜଣାଯାଉଛି । ସେଥି ଯୋଗୁ ଶ୍ରୀ ରାଜୀବ ଗାନ୍ଧୀ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ଶ୍ରୀ ମହାପାତ୍ରଙ୍କ ସମ୍ପର୍କରେ କିଛି କହିନଥିଲେ ଯଦିଓ ମୁଖ୍ୟମନ୍ତ୍ରୀ ତାଙ୍କୁ ଏଥିପାଇଁ ପ୍ରବର୍ତ୍ତାଇ ଥିଲେ । ତା ପରଠାରୁ ଏପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ

ସଫଳ ହୋଇପାରନ୍ତି ବୋଲି ବୁଝାଯାଉଛି ।

ଫଳରେ ସେପ୍ଟେମ୍ବର ମାସରୁ ଯେଉଁ ଦର୍ଶକ ମାନେ ଓଡ଼ିଆ କାର୍ଯ୍ୟକ୍ରମ ସହିତ ଜାତୀୟ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇଥାନ୍ତେ ସେମାନେ ସେଥିରୁ ବଞ୍ଚିତ ହେଲେ ।

ମୁଖ୍ୟମନ୍ତ୍ରୀଙ୍କ ଉପରେ କେନ୍ଦ୍ର ମନ୍ତ୍ରୀଙ୍କ କ୍ରୋଧ.

କଟକରେ ଏକ କନ୍‌ଲୋଗ୍ରାଟ' ଶକ୍ତି ସମ୍ପନ୍ନ ଟ୍ରାନସମିଟରର ପ୍ରତିଷ୍ଠାକୁ ମୁଖ୍ୟମନ୍ତ୍ରୀ ବିରୋଧ କରିଥିବାରୁ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ତାଙ୍କ ଉପରେ ଭୀଷଣ ଅସନ୍ତୁଷ୍ଟ ହୋଇଥିବା ଅନ୍ୟଏକ ସୂତ୍ରରୁ ଜଣାଯାଇଛି । ରାଜୀବ ଗାନ୍ଧୀଙ୍କ ଓଡ଼ିଶା କାର୍ଯ୍ୟକ୍ରମ ଏହା ଟି ଭି ଜରିଆରେ ଯେପରି ପ୍ରଚାରିତ ହୋଇଥାନ୍ତା ଏବେ ତାହା ହୋଇ ପାରିବ ନାହିଁ । ନିର୍ବାଚନ ପୂର୍ବରୁ ମଧ ରାଜ୍ୟରେ ଟି-ଭିକୁ ଫଳପ୍ରଦ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି ।

ଲୋକସଭା ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଟି ଭି କାର୍ଯ୍ୟକ୍ରମ ହେବାର ସମ୍ଭାବନା ନଥିବାରୁ ବିରୋଧି ଦଳର ଲୋକମାନେ ବିଶେଷ ଭାବେ ଆଶ୍ୱସ୍ତ ହୋଇଛନ୍ତି ।

Images: Aptakama Mishra, Processing: Srujanika

ମଣିପୁରୀ ଅଶ୍ୱ

ଆସ୍ତମାଚମ୍ଭ ନାଳେନ୍ଦ୍ର ମଣିପୁରୀ ଅଶ୍ୱ ପ୍ରସିଦ୍ଧି ଲାଭ କରିଅଛି । ବର୍ତ୍ତମାନ 'ପୋଲୋ' କ୍ରୀଡ଼ା (ଘୋଡ଼ା ପିଠିରେ ବସି ହାତରେ ଗୋଟିଏ ବାଡ଼ିଦ୍ୱାରା ଭୂମି ଉପରେ ଥିବା ପେଣ୍ଡୁ ବାଡ଼େଇ ଖେଳିବା) ଯାହାକି ମଣିପୁର ଅଂଚଳରେ 'ସାଂଗୋଲ କାଙ୍ଗଜେଇ' ନାମରେ ସୁପରିଚିତ ତାହା ଉକ୍ତ ରାଜ୍ୟରୁ ପ୍ରଥମେ ଆରମ୍ଭ ହୋଇ ଥିଲା ବୋଲି ବ୍ରିଟାନିକା-ଏନସାଇକ୍ଲୋପେଡିଆରୁ ଜଣାଯାଏ । ଏହି ଦ୍ରୁତଗାମୀ କ୍ରୀଡ଼ା ନିମନ୍ତେ କେବଳ 'ମଣିପୁରୀ ଅଶ୍ୱ' ଯେ ଅଦ୍ୱିତୀୟ ତାହା ବହୁ ବିଦେଶୀ ଅଶ୍ୱ ବିଶାରଦଗଣ ମତବ୍ୟକ୍ତ କରନ୍ତି । କେବଳ ଯୁଦ୍ଧ ସମୟରେ ଯେ ମଣିପୁରୀ ଅଶ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ ତାହାନୁହେଁ -ମଣିପୁର ପାର୍ବତ୍ୟାଞ୍ଚଳର ସଂଗ୍ରାମୀ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନରେ ମଧ୍ୟ ବିଶ୍ୱସ୍ତ ବନ୍ଧୁ ରୂପେ ଏହା ପରି ଗଣିତ ହୋଇଥାଏ । ମଣିପୁରୀ ଅଶ୍ୱ ଆକାରରେ କ୍ଷୁଦ୍ର ହୋଇଥିଲେ ବି କର୍ମଠ, ଚଞ୍ଚଳ ଏବଂ ଗତିଶୀଳ ହୋଇଥାଏ । ଏହା ହୃଷ୍ଟପୁଷ୍ଟ ତଥା ଯେ କୌଣସି ପରିସ୍ଥିତିରେ ସୁରୁଖୁରୁରେ କାଳାତିପାତ କରିପାରେ । ବିପଦପୂର୍ଣ୍ଣ ତଥା ସଙ୍କଟମୟ ପରିସ୍ଥିତିରେ ଏହାର ଅସାଧାରଣ ସହନଶୀଳତା ହିଁ ପ୍ରକୃତରେ ପ୍ରଶଂସନୀୟ ।

ଅଶ୍ୱଟିର ଆକାର ସାଧାରଣତଃ ଉଚ୍ଚତାରେ ୪ ଫୁଟରୁ ସାଢ଼େ ଚାରିଫୁଟ, ଲମ୍ବା ସାଢ଼େ ପାଞ୍ଚ ଫୁଟ, ଓଜନ ଛଅ କୁଇଣ୍ଟାଲ ଏବଂ ଜୀବନର ଆୟୁଷ ୨୫ ବର୍ଷ ହୋଇଥାଏ । ମାଈ ଅଶ୍ୱ ପ୍ରାୟ ୪ବର୍ଷରେ ଥରେ ଶାବକ ଦେଇଥାଏ ।

ଯାନ ସମୟରେ ପରିବହନ-ବାହକ ରୂପେ ବ୍ୟବହୃତ ହୁଏ । କେମନ୍ତ ଓ୍ୟାଟ ବାଷ୍ପୀୟ ଇଞ୍ଜିନ ଉଦ୍ଭାବନ କରିବା ପୂର୍ବରୁ ଇଂଲଣ୍ଡର ଦୂର ଗ୍ରାମମାନଙ୍କ ମଧ୍ୟରେ ପରିବହନରେ ଅଶ୍ୱହିଁ ଏକ ମାତ୍ର ସହାୟକ ଥିଲା । ସେତେବେଳେ ଆଧୁନିକ ଯୁଗ ଭଳି ଦେଶର ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ନଥିଲା । ଦେଶର ଅନେକ ଦୁର୍ଗମ ଅଞ୍ଚଳ ଯାତାୟାତର ସୁବିଧାରୁ ବଞ୍ଚିତ ଥିଲେ । ତେଣୁ ସେତେବେଳେ ଶିକାର ପରିବହନ, କ୍ଷିପ୍ର ଯୋଗାଯୋଗ 'ପୋଲୋ ଦୌଡ଼' ଏବଂ ଅନ୍ୟାନ୍ୟ କାର୍ଯ୍ୟନିମନ୍ତେ 'ମଣିପୁରୀ ଅଶ୍ୱ'ହିଁ ବ୍ୟବହୃତ ହେଉଥିଲା ।

କ୍ରମେ ସମାଜରେ ସମ୍ମାନ, ଆଭିଜାତ୍ୟ ଏବଂ ପ୍ରତିପତ୍ତିର ଚିହ୍ନ ସ୍ୱରୂପ ଅନେକ ସମ୍ଭ୍ରାନ୍ତଶାଳୀ ତଥା ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତି ନିଜ ଘରେ ବହୁ ଚଳୁ ଅଶ୍ୱ ରଖିବାକୁ ଲାଗିଲେ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟ ବେଳକୁ ମଣିପୁର ରାଜ୍ୟର ପ୍ରତ୍ୟେକ ପରିବାର ଗୋଟିଏ ଦୁଇଟି ଲେଖାଏଁ ଅଶ୍ୱ ପାଳୁଥିଲେ । ଶାସକ ଏବଂ ଜମିଦାର ଶ୍ରେଣୀର ଲୋକମାନେ ଅଶ୍ୱ ପାଳନର ପୃଷ୍ଠପୋଷକ ଥିଲେ । ଦ୍ୱିତୀୟ ପୃଥିବୀ ମହାସମର ଅବସାନ ପରେ ପୃଥିବୀର ଶିଳ୍ପ ଓ କାରିଗରୀ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଦେଖାଗଲା । ଫଳେ ସାମାଜିକ ଜୀବନରେ ଯନ୍ତ୍ରଚାଳିତ ଯାନବାହାନର ଆଦର ବୃଦ୍ଧି ପାଇଲା । ଏତଦ୍‌ବ୍ୟତୀତ ଅଶ୍ୱ ପାଳନର ବ୍ୟୟ ବହୁଳତା ତଥା ସାମାଜିକ ଜୀବନ ଦର୍ଶନର ପରିବର୍ତ୍ତନ ହିଁ ମଣିପୁରୀ ଅଶ୍ୱ ପାଳନର ପ୍ରଧାନ ଅନ୍ତରାୟ ହୋଇଥିଲା ଓ ତାହା ଉପରକୁ ମଣିଷ ସମାଜର ଆଦର କମିଯାଇ ନଥିଲା ।

ମାତ୍ର ବିଗତ କେତେଦିନ ଧରି ଅଶ୍ୱ ପ୍ରତି ଜନସାଧାରଣଙ୍କର ମନୋଭାବ ବଦଳିଛି ଓ ଆଦର ବୃଦ୍ଧି ପାଇଛି । ଅବହେଳିତ ମଣିପୁରୀ ଅଶ୍ୱର ଲୋକପ୍ରିୟତା ଫେରି ଆସିଛି । କ୍ରୀଡ଼ା ତଥା ପୋଲୋ ଦୌଡ଼କୁ ଉତ୍ସାହିତ କରି ଲୋକପ୍ରିୟ କରିବା ସକାଶେ ୧୯୫୫ ମସିହାରେ ମଣିପୁରୀ ପୋଲୋ କ୍ଲବ ସ୍ଥାପନ କରାଯାଇଥିଲା । ଏହାଦ୍ୱାରା ପରୋକ୍ଷରେ ମଣିପୁରୀ ଅଶ୍ୱ କୁଳର ସଂରକ୍ଷଣହିଁ ଉଦ୍ଦେଶ୍ୟ ଥିଲା । କ୍ରମେ ଅନେକ ପୋଲୋ କ୍ଲବ ଏବଂ ଆସୋସିଏସନ ଗଢ଼ି ଉଠିଲା ।

ସଂପ୍ରତି ମଣିପୁରର ଅଶ୍ୱର ସେପରି ବଜାର ସୀମାନ୍ତ ନିରାପତ୍ତା ବାହିନୀରେ ବିଶେଷ ଆଦର ରହିଛି । ପାର୍ବତ୍ୟ, ଦୁର୍ଗମ ଏବଂ ବନ୍ଧୁର ଅଂଚଳରେ ନିର୍ଦ୍ଦିଷ୍ଟ ପଥ ନେବା ଆଣିବାରେ ମଣିପୁରୀ ଅଶ୍ୱହିଁ ଏକମାତ୍ର ଭରସା । ମଣିପୁରୀ ଅଶ୍ୱର ବଂଶ ଯେପରି ଲୋପ ନପାଇ ବୃଦ୍ଧି ପାଇବ ସେଥି ନିମନ୍ତେ ମଣିପୁର ରାଜ୍ୟ ପଶୁପାଳନ ବିଭାଗ ଉଦ୍ୟମ କରୁଛନ୍ତି ।

ମଣିପୁରୀ ଅଶ୍ୱ ବହୁମୁଖୀ ପ୍ରଜନନ ଫାର୍ମ ହିଁ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ । ଏହି ଅଂଶ ସଂରକ୍ଷଣ ଦ୍ୱାରା ମଣିପୁର ଏବଂ ତାହାର ପଡ଼ୋଶୀ ରାଜ୍ୟଗୁଡ଼ିକର ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଉପରୋକ୍ତ କାର୍ଯ୍ୟକ୍ରମ ନିମନ୍ତେ ମଣିପୁର ରାଜ୍ୟ କୃଷି ଏବଂ ଗୋପାଳନ ମନ୍ତ୍ରଣାଳୟ ପକ୍ଷରୁ ଜମି ଦିଆଯାଇଛି । ଏତଦ୍‌ବ୍ୟତୀତ ମଣିପୁରୀ ଅଶ୍ୱର ଶୁକ୍ର ସଂଗ୍ରହ କରାଯିବ । ଏହାଦ୍ୱାରା ସହଜରେ ମଣିପୁରୀ ଅଶ୍ୱର ସୁରକ୍ଷା ତଥା ବଂଶ ବୃଦ୍ଧି କରାଯାଇପାରିବ ।

ରାଜ୍ୟ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନାରୁ ଜଣାଯାଏ ଯେ ସଂପ୍ରତି ୨,୦୩୧ଟି ମଣିପୁରୀ ଅଶ୍ୱ ଅଛନ୍ତି ।

ମଣିପୁରୀ କୃଷି ଏବଂ ଗୋପାଳନ, ମନ୍ତ୍ରଣାଳୟ ପରାମର୍ଶଦାତା କମିଟିର ଗତ ବୈଠକରୁ ଜଣାଯାଏ ଯେ ଚଳିତବର୍ଷର ପ୍ରାରମ୍ଭିକ ସମୟରେ ମଣିପୁର ଅଶ୍ୱ ପ୍ରଜନନ କାର୍ଯ୍ୟକ୍ରମକୁ ସରକାର ସ୍ୱୀକୃତି ପ୍ରଦାନ କରିଅଛନ୍ତି । ସପ୍ତମ ଯୋଜନା କାଳରେ କେନ୍ଦ୍ର ସରକାର ଏ ସଂକ୍ରାନ୍ତୀୟ ସମସ୍ତ ବ୍ୟୟ ବହନ କରିବେ ବୋଲି ପ୍ରକାଶ । □

ଶ୍ରୀ ମହାପାତ୍ରଙ୍କ ବିରୁଦ୍ଧରେ ଅବଶ୍ୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବାରମ୍ବାର ପ୍ରଚାର ହେଉଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ହୋଇ ନଥିବା ଯୋଗୁ ସେ ବିଷୟରେ ଲୋକେ ଆଉ ଗୁରୁତ୍ୱ ଦେଉ ନାହାନ୍ତି ।

ଶ୍ରୀ ଯୁକ୍ତ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଦପ୍ତରର ଶ୍ରୀ ଫୋତେଦାରଙ୍କୁ ଧରିଥିବା ବେଳେ ଶ୍ରୀ ମହାପାତ୍ର ଧରିଛନ୍ତି ଶ୍ରୀ ଧାବନଙ୍କୁ । ତେଣୁ ଏ ଦୁଇ ଶକ୍ତିର ମୁକାବିଲାରେ ସିଏ ହାରନ୍ତି ଓଡ଼ିଶାରେ ତାର ପ୍ରଭାବ ଅନୁଭୂତ ହେବ । ▣

ପୁରୁଣା ପତ୍ରିକା-ଶଙ୍ଖ

'ଶଙ୍ଖ' ନାମକ ଏକ ପୁରାଣ ପତ୍ରିକା ଓଡ଼ିଆ ଭାଷାରେ ଆତ୍ମ ପ୍ରକାଶ କରିଥିବା ଆନନ୍ଦର କଥା ! ସୁଦୃଶ୍ୟ ପ୍ରଚ୍ଛଦପଟରେ ସଜ୍ଜିତ ବହୁ ଉପାଦେୟ ପ୍ରବନ୍ଧ ତଥା ଆଖ୍ୟାୟିକାରେ ଏହା ସମୃଦ୍ଧ । ଆମ ଅତୀତର ଗାଥା ସମ୍ପର୍କରେ ଅନଭିଜ୍ଞ କିଶୋର ମାନଙ୍କୁ ଏହା ସମ୍ପୃକ୍ତ ଆଲୋକିତ କରିବ ବୋଲି ଆଶା କରାଯାଇପାରେ । ପତ୍ରିକାଟିକୁ ସମ୍ପାଦନ କରୁଛନ୍ତି ଶ୍ରୀ ଭୃଗୁନାଥ ପଟ୍ଟନାୟକ ଓ ପରିଚାଳନା କରୁଛନ୍ତି ଶ୍ରୀ କେ. ବିଜୟ କୁମାର ପାତ୍ର । ଆମେ ଏହି ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।

Images: Aptakama Mishra, Processing: Srujanika

ପଞ୍ଜାବ ପରେ ତ୍ରିପୁରା

ତ୍ରିପୁରାକୁ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବାକୁ ସନ୍ତ୍ରାସବାଦୀଙ୍କ ଷଡ଼ଯନ୍ତ୍ର

ଭାରତର ଦ୍ୱିତୀୟ କ୍ଷୁଦ୍ରତମ ରାଜ୍ୟ ତ୍ରିପୁରାରେ ଗତ ଅଗଷ୍ଟ ୧୫ ତାରିଖରୁ ଦଳେ ସନ୍ତ୍ରାସବାଦୀଙ୍କ ପକ୍ଷରୁ ବ୍ୟାପକ ହିଂସାକାଣ୍ଡ ଆରମ୍ଭ ହୋଇଯାଇଛି । ପଞ୍ଜାବରେ ବାହ୍ୟତଃ ଅବସ୍ଥା ଶାନ୍ତ ପଡ଼ି ଆସୁଥିବା ବେଳେ ପୂର୍ବାଞ୍ଚଳରେ ତ୍ରିପୁରା ଏବେ ସମସ୍ତଙ୍କ ମୁଣ୍ଡ ବ୍ୟଥାର କାରଣ ହେଲାଣି ।

ପାକିସ୍ଥାନ ସୃଷ୍ଟି ହେବା ପରେ ସେଠାରୁ ବହୁସଂଖ୍ୟକ ଶରଣାର୍ଥୀ ଭାରତକୁ ଆସିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପୂର୍ବପାକିସ୍ଥାନ ସ୍ୱାଧୀନ ହେବା ପାଇଁ ସଂଗ୍ରାମ ଚଳାଇଥିବା ଅବସ୍ଥାରେ ପୁଣି ବହୁସଂଖ୍ୟକ ଶରଣାର୍ଥୀ ସେଠାରୁ ଚାଲି ଆସିଲେ ।

ବହିରାଗତ ଭାବେ ଶରଣାର୍ଥୀ ଆସିବା ଫଳରେ ସେଠାରେ ପ୍ରକୃତ ଅଧିବାସୀମାନେ ଶରଣାର୍ଥୀଙ୍କ ତୁଳନାରେ ସଂଖ୍ୟାନ୍ୟୂନ ହୋଇଗଲେ । ୧୯୬୧ରୁ ୭୧ ମସିହା ଭିତରେ ଆଦିବାସୀଙ୍କ ସଂଖ୍ୟା ଅନ୍ୟମାନଙ୍କଠାରୁ ୬୮ ହଜାର ଅଧିକ ଥିଲାବେଳେ ଏହାପରେ ସେମାନଙ୍କଠାରୁ ଶରଣାର୍ଥୀମାନଙ୍କ ସଂଖ୍ୟା ସେଠାର ମୂଳ ଅଧିବାସୀଙ୍କଠାରୁ ସାଢ଼େ ୬ ଲକ୍ଷ ଅଧିକ ହୋଇଗଲା । ନିଜ ଜନ୍ମଭୂମିରେ ସେଠାକାର ସ୍ଥାନୀୟ ଲୋକେ ସଂଖ୍ୟାଲଘୁ ଗୋଷ୍ଠୀରେ ପରିଣତ ହୋଇଯିବାରୁ ସେମାନେ ଅତ୍ୟନ୍ତ କ୍ଷୁବ୍ଧ ଏବଂ ନିଜର ଏହି ଆହତ ଅଭିମାନକୁ ବ୍ୟକ୍ତ କରିବାପାଇଁ ସେଠାକାର ଯୁବକମାନେ ହିଂସାର ପଥକୁ ବାଛି ନେଇଛନ୍ତି ବୋଲି ପର୍ଯ୍ୟବେକ୍ଷକମାନଙ୍କର ମତ । ଏଇଥିପାଇଁ ସେଠାରେ ସୃଷ୍ଟି ହୋଇଥିବା ସନ୍ତ୍ରାସବାଦୀ ଦଳ ବାରମ୍ବାର ହିଂସା ଆଚରଣ କରି ସାରା ରାଜ୍ୟରେ ଏକ ଆତଙ୍କଜନକ ଅବସ୍ଥା ସୃଷ୍ଟି କଲେଣି ।

ଏହି ହିଂସାକାଣ୍ଡକୁ ଦମନ କରିବାପାଇଁ କେନ୍ଦ୍ର ସରକାର ସେନାବାହିନୀ ମୁତୟନ କରିବାପାଇଁ ଇଚ୍ଛା କରୁଥିଲେ ମଧ୍ୟ ସେଠାରେ ଶାସନ କରୁଥିବା ମାର୍କସପନ୍ଥୀ ସରକାର ସେନାବାହିନୀ ମୁତୟନ ପ୍ରସ୍ତାବକୁ ଘୋର ବିରୋଧ କରୁଛନ୍ତି ଏବଂ ଏ ସମସ୍ୟାର ଏକ ରାଜନୈତିକ ସମାଧାନ ହେବା ଉଚିତ ବୋଲି ମତ ଦେଉଛନ୍ତି ।

ମାତ୍ର ୧୦,୪୯୧ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଅଞ୍ଚଳକୁ ଏକ ଅଶାନ୍ତିର କେନ୍ଦ୍ର କରିବା ପାଇଁ ବହୁ ଶକ୍ତି ଉଦ୍ୟମ କରୁଥିବା କେନ୍ଦ୍ର ସରକାର ବୁଝିବାକୁ ପାଉଛନ୍ତି । ଏହା ଏକ ସୀମାନ୍ତ ରାଜ୍ୟ ଏବଂ ଘଞ୍ଚଜଙ୍ଗଲ ପରିବେଷ୍ଟିତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସନ୍ତ୍ରାସବାଦୀମାନଙ୍କ କାର୍ଯ୍ୟକଳାପ ପାଇଁ ଏହା ଏକ ଆଦର୍ଶ କ୍ଷେତ୍ରରେ ପରିଣତ ହୋଇଛି ।

ଦୀର୍ଘଦିନର ଅଶାନ୍ତି ପରେ ନାଗା ଓ ମିଜୋ ସମସ୍ୟାର ଆପାତତଃ ସମାଧାନ ହୋଇଥିବା ବେଳେ ତ୍ରିପୁରାର ଘଟଣାବଳୀ ସମସ୍ତଙ୍କ ପକ୍ଷେ ଉଦ୍‌ବେଗର କାରଣ ହୋଇଛି । ପଞ୍ଜାବ

ଶ୍ରୀ ରମାକାନ୍ତ ମିଶ୍ର

ସନ୍ତ୍ରାସବାଦୀମାନଙ୍କୁ ପାକିସ୍ଥାନ ଉତ୍ସାହିତ କରୁଥିବା ପ୍ରମାଣିତ ହୋଇଛି ଏବଂ ପୂର୍ବାଞ୍ଚଳର ସନ୍ତ୍ରାସବାଦୀମାନଙ୍କୁ ଚୀନ, ବଙ୍ଗଳାଦେଶ ଆଦି ସାହାଯ୍ୟ ସମର୍ଥନ ଦେଉଛନ୍ତି । ବଙ୍ଗଳାଦେଶର ସ୍ୱାଧୀନତା ଲାଭ ପାଇଁ ଭାରତ ସକ୍ରିୟ ସହଯୋଗ ଦେଇଥିବାରୁ ପାକିସ୍ଥାନ ତାର ପ୍ରତିଶୋଧ ନେବାପାଇଁ ଯଥାସମ୍ଭବ ଉଦ୍ୟମ କରୁଛି ଏବଂ ଭାରତରୁ କୌଣସି ଅଂଶ ବିଚ୍ଛିନ୍ନ ହୋଇ ସ୍ୱାଧୀନତା ଘୋଷଣା କଲେ ଯାଇ ତାର ମନ ଶାନ୍ତ ହେବ ।

ପାକିସ୍ଥାନରେ ସାମରିକ କାର୍ଯ୍ୟାନୁଷ୍ଠାନ କରିବା ଆଉ ୧୦ ଦିନ ବିଳମ୍ବ ହୋଇଥିଲେ (ଖାରବେଳ ପୂର୍ବସଂଖ୍ୟା ଦ୍ରଷ୍ଟବ୍ୟ) ସେଠାରେ ସ୍ୱାଧୀନ ଖାଲିସ୍ଥାନର ପତାକା ଉଡ଼ିଆନ୍ତା ଏବଂ ପାକିସ୍ଥାନ ପ୍ରଥମେ ତାକୁ ସ୍ୱୀକୃତ ଦେଇଥାନ୍ତା ବୋଲି ଏବେ ସ୍ପଷ୍ଟ ଭାବେ ଜଣାଯାଇଛି । କିନ୍ତୁ ସେ ଯୋଜନା ବିଫଳ ହେବା ପରେ ଛୋଟ ଛୋଟ ସୀମାନ୍ତ ରାଜ୍ୟମାନଙ୍କରେ ଧ୍ୱଂସାତ୍ମକ କାର୍ଯ୍ୟମାନ ଘଟାଇ ସେଠାରେ ପଞ୍ଜାବ ଅନୁରୂପ ଏକ ଅବସ୍ଥା ସୃଷ୍ଟି କରିବାପାଇଁ ପାକିସ୍ଥାନ ପରୋକ୍ଷରେ କାର୍ଯ୍ୟ କରୁଛି ।

ସେହିଭଳି ଭାରତଠାରୁ ବିଭିନ୍ନ କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ହାସଲ କରିବା ପାଇଁ ବଙ୍ଗଳାଦେଶ ମଧ୍ୟ ସୀମାନ୍ତରେ ବିଚ୍ଛେଦକାମୀ ଶକ୍ତିଙ୍କୁ ଅଧିକ ଉତ୍ସାହିତ କରିବାକୁ ଚେଷ୍ଟା କରୁଛି । ସୀମାନ୍ତରେ ଉତ୍ତେଜନା ଲାଗି ରହିଲେ ଭାରତ ବାଧ୍ୟହୋଇ ବଙ୍ଗଳାଦେଶର ସାହାଯ୍ୟ ଲୋଡ଼ିବ ଏବଂ ମଉକାରେ ସେ ତା କାର୍ଯ୍ୟ ସାଧନ କରିବ ବୋଲି ମନେ ମନେ ଯୋଜନା କରୁଛି ।

କିନ୍ତୁ ବିଦେଶରୁ ଆସିଥିବା ଶରଣାର୍ଥୀମାନେ ହିଁ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛନ୍ତି । ମାନବିକ ଦୃଷ୍ଟିକୋଣରୁ ସେମାନଙ୍କୁ ଆଶ୍ରୟ ଦିଆଯିବା ପରେ ତ୍ରିପୁରାର ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ ସେମାନେ ପ୍ରଭାବ ବିସ୍ତାର କରିବାରୁ ସ୍ଥାନୀୟ ଲୋକେ ଅସନ୍ତୁଷ୍ଟ । ଠିକ୍ ସେହି କାରଣରୁ ହିଁ ଆସାମରେ ଏଯାବତ୍ ଗୁପ୍ତ ଆନ୍ଦୋଳନ ଚାଲିଛି ଏବଂ ଭୋଟର ତାଲିକା ସଂଶୋଧନ କରି ଅନୁପ୍ରବେଶକାରୀମାନଙ୍କୁ ଭୋଟାଧିକାରରୁ ବଞ୍ଚିତ କରାଯାଉ ବୋଲି ସେମାନେ ମୁଖ୍ୟତଃ ଦାବୀ କରୁଛନ୍ତି ।

ସମସ୍ତ ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ କ୍ରମାଗତ ହିଂସାକାଣ୍ଡ ଘଟୁଥିବାରୁ ଏହା ପଛରେ କୌଣସି ଏକ ବିରାଟ ଶକ୍ତିର ହାତ ଅଛି ବୋଲି ଆଶଙ୍କା କରାଯାଉଛି ଏବଂ ସେ ଶକ୍ତି ଆମେରିକା ବୋଲି ବିଭିନ୍ନ ମହଲର ମତ ।

ଏହାର ପରିପ୍ରକାଶ ସ୍ୱରୂପ ତ୍ରିପୁରାକୁ ଭାରତରୁ ବିଚ୍ଛିନ୍ନ କରି ତାହାକୁ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ସେଠାରେ ଦଳେ ସନ୍ତ୍ରାସବାଦୀ ବ୍ୟାପକ ଭାବେ ହିଂସାକାଣ୍ଡ ଆରମ୍ଭ କରି ଦେଇଛନ୍ତି ।

ଏହି ହିଂସାକାଣ୍ଡ ଘଟାଉଥିବା ତ୍ରିପୁରା ଜାତୀୟ ସ୍ୱେଚ୍ଛାସେବକ ବାହିନୀ ବା ଟି-ଏନ୍-ଭି-ର ନେତୃତ୍ୱ ନେଉଛନ୍ତି ୪୧ ବର୍ଷ ବୟସ୍କ ଶ୍ରୀ ବିଜୟ କୁମାର ହରାଙ୍ଗଖାଲ ଏବଂ ସେ ଗଠନ କରିଥିବା

Images: Aptakama Mishra, Processing: Srujanika

ବିଦ୍ରୋହୀ ସରକାରର ରାଷ୍ଟ୍ରପତି ରୂପେ ନିଜକୁ ଅବସ୍ଥାପିତ କରି ବଙ୍ଗଳା ଦେଶର ଚଟ୍ଟଗ୍ରାମ ପାହାଡ଼ ଅଞ୍ଚଳରେ ଥିବା ମିଜୋରାମ ସଂରକ୍ଷିତ ଜଙ୍ଗଲରେ ନିଜର ସଦର କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ସେଠାରୁ ଭାରତ ବିରୁଦ୍ଧରେ ସ୍ୱାଧୀନତାର ଯୁଦ୍ଧ ଘୋଷଣା କରିଛନ୍ତି ।

ସେ ନିଜେ ଏକ ମିଶନାରୀ ସ୍କୁଲରୁ ୧୯୬୫ ମସିହାରେ ଜୁନିୟର କେମ୍ବ୍ରିଜ ପାଶ କରିବା ପରେ ୧୯୬୭ ମସିହାରେ ତ୍ରିପୁରା ଉପଜାତୀୟ ଯୁବ ସମିତିରେ ଯୋଗଦେଇ ଏହାର ସହସମ୍ପାଦକ ତଥା ତ୍ରିପୁରା ସେନାର ମୁଖ୍ୟ ହୋଇଥିଲେ । ଏହାର ସଭ୍ୟ ସଂଖ୍ୟା ଥିଲା ୭୦୦୦ । ଏମାନଙ୍କ ଭିତରୁ ବାଛିବାଛି ୭୨ ଜଣ କର୍ମୀଙ୍କୁ ନେଇ ସେ କୋହିମାରେ ଗୁପ୍ତ ଭାବେ ଟି-ଏନ-ଭି ସଂସ୍ଥା ଗଠନ କରିଥିଲେ । ଏହି ସଂସ୍ଥାର ଉଦ୍ଦେଶ୍ୟ ଥିଲା ସଶସ୍ତ୍ର ବିପ୍ଳବ କରିଆରେ ତ୍ରିପୁରାକୁ ସ୍ୱାଧୀନ ରାଷ୍ଟ୍ର କରିବା । ମିଜୋ ଜାତୀୟ ସାମ୍ମୁଖ୍ୟ ସହାୟତାରେ ନିଜ କର୍ମୀମାନଙ୍କୁ ସେ ସାମରିକ ତାଲିମ ଦେଇଛନ୍ତି ଏବଂ ତାଙ୍କ ସେନାବାହିନୀର ସେନାପତି ରୂପେ ଚନ୍ଦ୍ରକୋଲୋଇ ନାମକ ଜଣେ ବ୍ୟକ୍ତି ରହିଛନ୍ତି ।

ସରକାରୀ ହିସାବ ଅନୁଯାୟୀ ଟି-ଏନ-ଭି-ର ୨୫୦ ଜଣ ତାଲିମପ୍ରାପ୍ତ ଗରିଲା ଅଛନ୍ତି । ସେମାନେ ଅଲିଭଗ୍ରୀନ ରଙ୍ଗର ପୋଷାକ ପିନ୍ଧନ୍ତି ଏବଂ ଅଧିକାଂଶଙ୍କ ହାତରେ ଲାଇଟ ମେସିନ୍ ଗନ୍ ଅଛି । ସୀମାନ୍ତ ବାହିନୀ ସହିତ ସଂଘର୍ଷ ହେବା ଫଳରେ କେବଳ ଚଳିତ ବର୍ଷ ୪୭ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ସରକାରୀ ଭାବେ କୁହାଯାଇଛି । ସେମାନେ ଅର୍ଦ୍ଧସାମରିକ ବାହିନୀ ଲୋକଙ୍କ ହାତରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିବା ବିଶ୍ୱାସ କରାଯାଉଛି ।

ଏହି ସଂସ୍ଥା ଗଠିତ ହେବା ପରଠାରୁ ତ୍ରିପୁରାରେ ଆଦିବାସୀ ଓ ଅଣଆଦିବାସୀ ଲୋକଙ୍କ ମଧ୍ୟରେ ସମ୍ପର୍କ କ୍ରମେ ତିକ୍ତ ହେବାରେ ଲାଗିଛି । ୧୯୮୦ ଜୁନ ୧୦ ତାରିଖରେ ଏହି ତିକ୍ତତାକୁ କେନ୍ଦ୍ର କରି ଏକ ସଂଘର୍ଷ ହେବାରୁ ସେ ରାଜ୍ୟର ଦୁଇ ତୃତୀୟାଂଶକୁ ତିନିମାସ ପାଇଁ ଉପଦ୍ରୁତ ଅଞ୍ଚଳ ରୂପେ ଘୋଷଣା କରାଯାଇଥିଲା । ସେହି ସଂଘର୍ଷରେ ଅନ୍ୟୁନ ୩୮୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ବୋଲି ସରକାରୀ ଭାବେ କୁହାଯାଇଥିଲା । କିନ୍ତୁ ବେସରକାରୀ ହିସାବ ଅନୁଯାୟୀ ନିହତ ବ୍ୟକ୍ତିଙ୍କ ସଂଖ୍ୟା ତିନି ହଜାରରୁ ଅଧିକ ବୋଲି ଅଟକଳ କରାଯାଇଥିଲା । ୧୯୮୨ ସେପ୍ଟେମ୍ବର ମାସରେ ମନୁ ପୋଲିସ ଥାନା ଉପରେ ଆକ୍ରମଣ ହେବା ପରେ ଉତ୍ତରାଞ୍ଚଳ ଜିଲ୍ଲାକୁ ମଧ୍ୟ ଉପଦ୍ରୁତ ଅଞ୍ଚଳ ବୋଲି ଘୋଷଣା କରାଯାଇଥିଲା । ସେଠା ମୁଖ୍ୟମନ୍ତ୍ରୀଙ୍କ ଅଜ୍ଞାତସାରରେ ସଶସ୍ତ୍ର ବାହିନୀ ନିୟମ ଅନୁସାରେ ଏହା କରାଯାଇଥିଲା । କାରଣ ମୁଖ୍ୟମନ୍ତ୍ରୀ କୌଣସି ସଶସ୍ତ୍ର ବାହିନୀକୁ ମୁତୟନ କରିବାର ବିରୋଧୀ । କେବଳ ସେତିକି ନୁହେଁ ଏବେ ସେଠାରେ ଯେଉଁମାନଙ୍କୁ ମୁତୟନ କରାଯାଇଛି ସେମାନଙ୍କୁ ତୁରନ୍ତ ପ୍ରତ୍ୟାହାର କରି ନିଆଯାଉ ବୋଲି ମଧ୍ୟ ସେ ଦାବୀ କରୁଛନ୍ତି ।

କେତେକ ଜିଲ୍ଲାକୁ ଉପଦ୍ରୁତ ଅଞ୍ଚଳ ରୂପେ ଘୋଷଣା କରାଯିବା ପୂର୍ବରୁ ଶ୍ରୀ ହରଙ୍ଗଖ୍ୱାଲ ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ ଆଲୋଚନା କରିବା ବେଳେ ତାଙ୍କ ବିରୁଦ୍ଧରେ ହୋଇଥିବା ଫୌଜଦାରୀ ମୋକଦ୍ଦମା ପ୍ରତ୍ୟାହାର କରିନେବା ପାଇଁ ଦାବୀ କରିଥିଲେ । ଏ ଆଲୋଚନା ପରେ ପରେ ସେ ହଠାତ୍ ଚଟ୍ଟଗ୍ରାମ ଅଞ୍ଚଳକୁ ପଳାଇ ଯାଇ ସେଠାରେ ବେଆଇନ ହୋଇଥିବା ମିଜୋ ଜାତୀୟ ସାମ୍ମୁଖ୍ୟର ଅଫିସର କମାଣ୍ଡିଂ ଲାଲଗଉ ଲିନାଙ୍କ ସହିତ ସମ୍ପର୍କ ସ୍ଥାପନ କରି ଆତ୍ମଗୋପନକାରୀ ସଶସ୍ତ୍ର ବାହିନୀକୁ ପରିଚାଳିତ କରୁଛନ୍ତି । ସେ, ବଙ୍ଗଳାଦେଶର ଗୁଇନ୍ଦା ବିଭାଗ ମୁଖ୍ୟ କର୍ଣ୍ଣେଲ ଅନଓ୍ୱାରୁଲ ହକଙ୍କ ସହିତ ମଧ୍ୟ ସମ୍ପର୍କ ରଖିଥିବା ବିଶ୍ୱାସ କରାଯାଉଛି ।

ଆତ୍ମଗୋପନ କରିଥିବା ଅବସ୍ଥାରେ ଶ୍ରୀ ହରଙ୍ଗଖ୍ୱାଲ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ନିକଟକୁ ଗତବର୍ଷ ଏପ୍ରିଲ ମାସରେ ଏକ ସ୍ମାରକପତ୍ର ପଠାଇ ସେଠା ରାଜ୍ୟ ସରକାରଙ୍କୁ ଶରଣାର୍ଥୀମାନଙ୍କର ଏକ ସରକାର ରୂପେ ଅଭିହିତ କରିଥିଲେ ଏବଂ ସେ ରାଜ୍ୟରେ ସଶସ୍ତ୍ର ବିପ୍ଳବ କରିବାକୁ ଧମକ ଦେଇଥିଲେ । ତାଙ୍କ ଆପୋଷ ଆଲୋଚନା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରି ଭାରତରୁ ଅଲଗା ହୋଇଯିବା ନିମନ୍ତେ ନିଷ୍ପତ୍ତି କରାଯାଇଥିବା ଦୃଷ୍ଟିରୁ ଆଲୋଚନାର କୌଣସି ଆବଶ୍ୟକତା ନାହିଁ ବୋଲି ସେତେବେଳେ ସେ ଜଣାଇଥିଲେ ।

ତ୍ରିପୁରା ଲୋକମୁକ୍ତି ସଙ୍ଗଠନ

ଟି.ଏନ.ଭି. ଗଠନ ହେବାର ଦୁଇବର୍ଷ ପରେ ଚଟ୍ଟଗ୍ରାମରେ ଅନ୍ୟ ଏକ ଚରମପନ୍ଥୀ ସଂସ୍ଥା ୧୯୮୦ରେ ଉପରୋକ୍ତ ନାମରେ ଆତ୍ମପ୍ରକାଶ କଲା । ଏହାର ନେତା ଥିଲେ ବିନୋଦ ଜାମାତିଆ । ଗତବର୍ଷ ଜୁଲାଇ ମାସରେ ଶ୍ରୀ ଜାମାତିଆ ନିଜ ଅନୁଚର ବର୍ଗଙ୍କ ସହ ତ୍ରିପୁରା ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ଏବଂ ଟି.ଏନ.ଭି.ର ତଥାକଥିତ ସେନାଧ୍ୟକ୍ଷ ଶ୍ରୀ ଚନ୍ଦ୍ର କୋଲୋଇଙ୍କୁ ସୀମାନ୍ତରକ୍ଷୀ ବାହିନୀ ଗିରଫ କରିଥିଲେ । ପରେ ଶ୍ରୀ ଜାମାତିଆ ମାର୍କସପନ୍ଥୀ କମ୍ୟୁନିଷ୍ଟ ଦଳରେ ଯୋଗ ଦେଲେ ।

ଏ ଘଟଣାର ଅଳ୍ପ କେତେଦିନ ପର୍ଯ୍ୟନ୍ତ ନୀରବ ରହିବା ପରେ ଚଳିତ ବର୍ଷ ସାଧାରଣ ନିର୍ବାଚନରୁ ସେମାନେ ପୁଣି ବ୍ୟାପକ ହିଂସାତ୍ମକ ଆରମ୍ଭ କରିଛନ୍ତି । ସେମାନେ ସ୍ୱାଧୀନ ତ୍ରିପୁରା ଧ୍ୱନି ଦେଇ ବିଭିନ୍ନ ସ୍ଥାନ ଉପରେ ଆକ୍ରମଣ, ସୀମାନ୍ତରକ୍ଷୀ ବାହିନୀଙ୍କ ସହ ସଂଘର୍ଷରତ ଅଛନ୍ତି ।

ଏହିପରି ଅବସ୍ଥାରେ ସେଠାରେ ଜୁନ ମାସରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ମାର୍କସପନ୍ଥୀ କମ୍ୟୁନିଷ୍ଟ ଦଳର ୭୦୪ଟି ପଞ୍ଚାୟତ ବା ଗାଁ ସଭା ମଧ୍ୟରୁ ୫୫୧ଟି ସ୍ଥାନରେ ବିଜୟ ହାସଲ କଲେ ଏବଂ ଏହି ନିର୍ବାଚନକୁ ଭଣ୍ଡୁର କରିବାପାଇଁ ଟି.ଏନ.ଭି ପକ୍ଷରୁ ହୋଇଥିବା ଉଦ୍ୟମ ବିଫଳ ହେଲା ।

Images: Aptakama Mishra, Processing: Srujanika

ଅଗଷ୍ଟ ମାସରୁ ତ୍ରିପୁରାର ଆଦିବାସୀ ଯୁବ ସଙ୍ଗଠନ (ଟି.ଏସ.ଏସ) ସେଠାରେ ଆସାମ ଆନ୍ଦୋଳନ ଅନୁରୂପ ଏକ ଆନ୍ଦୋଳନ କରିବାକୁ ସ୍ଥିର କରିଛନ୍ତି । ଏହି ପ୍ରକାର ଏକ ରାଜନୈତିକ ଉଦ୍ୟମ ଯୋଗୁ ତ୍ରିପୁରା ସରକାର ବିଚଳିତ । ସେମାନଙ୍କର ଦାବୀ ହେଉଛି ଯେ ୧୯୭୧ ମସିହାରେ ବଙ୍ଗଳାଦେଶ ସୃଷ୍ଟି ହେବା ପରେ ଯେଉଁମାନେ ତ୍ରିପୁରାକୁ ଶରଣାର୍ଥୀ ଭାବେ ଆସି ଏବେ ସ୍ଥାୟୀ ଭାବେ ବସବାସ କରୁଛନ୍ତି ସେମାନଙ୍କୁ ତୁରନ୍ତ ବହିଷ୍କାର କରାଯାଉ; ରାଜ୍ୟରେ ଏକ ସ୍ୱତନ୍ତ୍ର ଆଦିବାସୀ ପୋଲିସ ବାଟାଲିୟନ ଗଠନ କରାଯାଉ ଏବଂ ବିଧାନସଭାର ଶତକଡ଼ା ୫୦ ଭାଗ ସ୍ଥାନ ଆଦିବାସୀମାନଙ୍କ ନିମନ୍ତେ ସଂରକ୍ଷିତ କରି ରଖାଯାଉ । ଏହି ଦାବୀକୁ ଭିତ୍ତିକରି ଅଗଷ୍ଟ ୨୦ରୁ ସେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଛି ଏବଂ ଛାତ୍ରମାନଙ୍କୁ ଶ୍ରେଣୀ ତ୍ୟାଗ କରିବାପାଇଁ ଆହ୍ୱାନ ଦିଆଯାଇଛି ।

ଏହି ଆନ୍ଦୋଳନର ନେତୃତ୍ୱ ନେବାପାଇଁ କେତେକ ଟି.ଏନ.ଭି. ନେତା ଟି.ଏସ.ଏସ ଭିତରେ ପଶି ଯାଇଥିବାରୁ କେନ୍ଦ୍ର ସରକାର ଅଧିକ ବିବ୍ରତ ହୋଇ ପଡ଼ିଛନ୍ତି । ଏହା ସାଙ୍ଗକୁ ଅମରା ବେଙ୍ଗଲି ନାମକ ଅନ୍ୟ ଏକ ସଂସ୍ଥା (ଶରଣାର୍ଥୀ ବଙ୍ଗାଳୀମାନଙ୍କୁ ନେଇ ଗଠିତ ଏକ ଆଞ୍ଚଳିକ ଦଳ) ମଧ୍ୟ ସ୍ଥାନୀୟ ଆଦିବାସୀମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ପ୍ରତି ଆନ୍ଦୋଳନ ଆରମ୍ଭ କରିଛନ୍ତି । ଆମରା ବେଙ୍ଗଲି ଅନୁଷ୍ଠାନ ସେଠା ସରକାରଙ୍କୁ ବରଖାସ୍ତ କରାଯାଉ ବୋଲି ଦାବୀ କରୁଛି ଏବଂ ଏହା ଫଳରେ ଦୁଇ ବିବଦମାନ ଗୋଷ୍ଠୀ ଭିତରେ ରକ୍ତାକ୍ତ ସଂଘର୍ଷ ଘଟୁଛି ।

ଏହି ଉକ୍ତ ସ୍ଥାନରୁ ରାଜ୍ୟକୁ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର ସୈନ୍ୟବାହିନୀ ମୁତୟନ କରିବାକୁ ସ୍ଥିର କରିଥିଲେ ମୁଁ ମନେ ଏଠାରେ ସୈନ୍ୟବାହିନୀ ମୁତୟନ ହେବେ ବୋଲି ସେଠା ମୁଖ୍ୟମନ୍ତ୍ରୀ ଶ୍ରୀ ନୃପେନ ଚକ୍ରବର୍ତ୍ତୀ ରାଜ୍ୟ ବିଧାନସଭାରେ ଘୋଷଣା କରିବା ଦ୍ୱାରା ଅବସ୍ଥା ଅଧିକ ଜଟିଳ ହେଉଛି ।

ରାଜ୍ୟ ସରକାରଙ୍କ [illegible] ଆଚରଣ ଯୋଗୁ କେନ୍ଦ୍ର ସରକାର ଅପ୍ରସ୍ତୁତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଉଛି । ଉଗ୍ରପନ୍ଥୀମାନେ ଗଠନ କରିଥିବା ସ୍ୱାଧୀନ ତ୍ରିପୁରା ସରକାର ଡକ୍ଟର ଜଗଜିତ ସିଂହ ଚୌହାନଙ୍କ ଦ୍ୱାରା ଗଠିତ ଖଲିସ୍ତାନ ସରକାରଙ୍କୁ ସ୍ୱୀକୃତ ଦେଇ ସାରିଲେଣି ଏବଂ ନିଜକୁ ସ୍ୱାଧୀନ ରାଷ୍ଟ୍ରର ନାଗରିକ ବୋଲି ଅଭିହିତ କରି ସେମାନେ ଭାରତୀୟ ବା ଭାରତର ସମର୍ଥକମାନଙ୍କୁ ଦେଶଦ୍ରୋହୀ ବୋଲି ଆଖ୍ୟା ଦେଉଛନ୍ତି । ସେମାନେ ହିଂସାକାଣ୍ଡ ଘଟାଇ ସ୍ଥାନୀୟ ବଙ୍ଗାଳୀ ତଥା ସରକାରୀ କର୍ମଚାରୀମାନଙ୍କୁ ଭୟଭୀତ କରିଦେଲେ ଅନାୟାସରେ ଭାରତ ସୀମା ଭିତରେ ନିଜର ସଦର କାର୍ଯ୍ୟାଳୟ ସ୍ଥାପନ କରିପାରିବେ ବୋଲି ଭାବୁଛନ୍ତି । ଏ ସମସ୍ୟାର ସମାଧାନ ପାଇଁ କଣ କରାଯିବା ଆବଶ୍ୟକ ସେ ସମ୍ପର୍କରେ ଏକ କେନ୍ଦ୍ରୀୟ ଦଳକୁ ଅନୁଧ୍ୟାନ କରିବା ପାଇଁ ପଠାଯାଇଛି । ସେମାନଙ୍କ ରିପୋର୍ଟ ମିଳିବା ପରେ ଯାହାକିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଜଣାପଡ଼ୁଛି । □

ଦୋଷ ସ୍ୱୀକାର କରିବା ପାଇଁ ରୁଷରେ ଲମ୍ବା ଲାଇନ

ବିଭିନ୍ନ ଗ୍ରାହକଙ୍କୁ ମୂଲ୍ୟବାନ୍ ଖାଉଟି ଦ୍ରବ୍ୟ ବିକିବା ନିମନ୍ତେ ଲାଞ୍ଚ ନେଇଥିବା ଜନିତ ଦୋଷ ସ୍ୱୀକାର କରିବାକୁ ମସ୍କୋ ଦୋକାନ କର୍ମଚାରୀ ମାନେ ଏବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ କେତେ ଦିନ ହେଲା ଲମ୍ବା ଲାଇନ୍ ଲଗାଇ ଅଛନ୍ତି ।

ଏଭଳି କଳା ପୋତେଇ କରି ଆସିଥିବା ଟଙ୍କା ଫେରାଇବା ନିମନ୍ତେ ଥାନାକୁ ଆସୁଥିବା କର୍ମଚାରୀ ମାନଙ୍କ ମଧ୍ୟରୁ କେତେକ ବଡ଼ ବଡ଼ ଦୋକାନରେ ମ୍ୟାନେଜର ଅଛନ୍ତି ।

ମସ୍କୋର ଏକ ଅତି ମର୍ଯ୍ୟାଦାବନ୍ତ ଦୋକାନର ଶକ୍ତିଶାଳୀ ଜେନେରାଲ ମ୍ୟାନେଜର ଯୁରିସୋକୋଲୋଭଙ୍କୁ ଏହି ଅପରାଧରେ ଫାଶୀ ଦିଆଯିବାପରେ ଦୋଷ ସ୍ୱୀକାରକାରୀଙ୍କ ସଂଖ୍ୟା ବଢ଼ିଯାଇଛି ବୋଲି ପ୍ରଭଦାର ସମ୍ବାଦରୁ ପ୍ରକାଶ । □

ଲାଦାଖରେ କନ୍ୟା ଚୋରୀ ବିବାହ

ଭାରତରେ ଏବେ ଯେଉଁ ଯୌତୁକ ବ୍ୟାଧି ବ୍ୟାପିଛି ସେଥିରୁ ସମାଜକୁ ମୁକ୍ତ କରିବା ଲାଗି ଲଦାଖୀ ବିବାହ ପ୍ରଥା ପ୍ରଚଳନ କଲେ ଭଲ ହେବ ବୋଲି ସମାଜତତ୍ତ୍ୱବିତ୍ ମାନେ ମତ ପ୍ରକାଶ କରିଛନ୍ତି ।

ଏହି ପ୍ରଥା ଅନୁଯାୟୀ ବରର ଅଭିଭାବକମାନେ କନ୍ୟାକୁ ହରଣଚାଳ କରି ନେଇ ଜଣେ ତୃତୀୟ ବନ୍ଧୁଙ୍କ ହେପାଜତରେ ରଖିଥାନ୍ତି ଏବଂ ଏକ ପବିତ୍ର ଦିବସରେ ବର ତାର ସାଙ୍ଗ ସାଥିଙ୍କ ସହ ସେଠାରୁ କନ୍ୟାକୁ ଅପହରଣ କରି ନିଜ ଘରକୁ ଆଣେ । ଏସମସ୍ତ ବିଷୟ ଉଭୟ ପକ୍ଷର ପିତାମାତା ମାନେ ଆଗରୁ ଜାଣିଥାନ୍ତି ।

ସ୍ଥାନୀୟ ଭାଷାରେ ଏହାକୁ ବାକମା ଯୁତେ ବୋଲି କୁହାଯାଏ । ଏଘଟଣାର ଶୀଘ୍ର ପାଞ୍ଚଦିନ ପରେ ବର ପକ୍ଷ କନ୍ୟା ଘରକୁ ଯାଇ ନିଜକାର୍ଯ୍ୟ ପାଇଁ କ୍ଷମା ମାଗନ୍ତି ଏବଂ କିଛି ପାନୀୟ ଓ ଖାଦ୍ୟ ପରିବେଷଣ ପରେ ଉଭୟ ପକ୍ଷ ପରସ୍ପରକୁ ବନ୍ଧୁ ରୂପେ ଗ୍ରହଣ କରନ୍ତି । କନ୍ୟା ବରଘରେ କିଛିଦିନ ରହିବାପରେ ଏକ ଭୋଜି ଅନୁଷ୍ଠିତ ହୁଏ ଏବଂ ଏ ଭୋଜହିଁ ଏ ପ୍ରଥାର ଅନ୍ତିମ ପର୍ବ । ଏଭଳି ପ୍ରଥା ଯୋଗୁ ଲଦାଖରେ ଯୌତୁକ କଣ ଜାଣନ୍ତି ନାହିଁ ବା ବଧୂ ନିର୍ଯାତନାର ସମ୍ବାଦ ମଧ୍ୟ ମିଳେ ନାହିଁ । □

ଗୋଟାଏ ଗଛରେ ୧୨ ହଜାର ବିଲାତି ବାଇଗଣ

ଜାପାନର ଜଣେ ବିଶିଷ୍ଟ କୃଷକ ସମ୍ପ୍ରତି ଗୋଟିଏ ଗଛରେ ବାର ହଜାର ବିଲାତି ବାଇଗଣ ଫଳାଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି ଏବଂ ଏକଥା ଜାପାନ ଟେଲିଭିଜନରେ ପ୍ରସାରିତ ହୋଇଅଛି ।

କିନ୍ତୁ ସେ ମହାଶୟ ଗଛକୁ ମାଟି ଭିତରେ ପୋତି ନଥିଲେ । ଗୋଟିଏ ପ୍ରକାର କାଗଜ ଉପରେ ପାଣି ଓ ଆବଶ୍ୟକ ଅନୁଯାୟୀ ସାର ଦେଇ ସେ ଉକ୍ତ ବିଲାତି ବାଇଗଣ ଗଛ ବଢ଼ାଇ ଥିଲେ । ଏହି ପ୍ରଣାଳୀରେ ଆଳୁ ଓ ଆଙ୍ଗୁର ଫଳାଇବାକୁ ସେ ଏବେ ଉଦ୍ୟମ କରୁଛନ୍ତି ।

ଗଙ୍ଗଶିଉଳୀ

ମିନ ଆଜ ଫୁଲ ଗୁନ୍ଥିବାରେ ବ୍ୟସ୍ତ, ବାଡ଼ିରୁ ସାଉଁଟି ଆଣିଛି ଗଙ୍ଗଶିଉଳି ଫୁଲ ତା' ଆନନ୍ଦ ଆଜ ଦେଖେ. କିଏ ? ମିନ ଆଜ ଗଙ୍ଗଶିଉଳି ଫୁଲର ମସ୍ତବଡ଼ ହାର କରି ମନ୍ଦିରକୁ ଯିବ ସନ୍ଧ୍ୟାରେ ଆଈ ସାଙ୍ଗରେ । ଗଙ୍ଗଶିଉଳି ଫୁଲଟା ପଚା ଭାରି ନରମ ! ସକାଳୁ ଗୁନ୍ଥି ଦେଇ ପାଣି ଛିଞ୍ଚି କଦଳୀ ପତ୍ରରେ ରଖିଦେଲେ ଯିନା ସନ୍ଧ୍ୟା ପର୍ଯ୍ୟନ୍ତ ତଟକା ରହିବ । ଆଈ ଘର କାମରେ ଧନ୍ଦି ହେଉଛନ୍ତି । ଏଣେ ଚହଲ ପକାଇ କହୁଛନ୍ତି "ମିନ ଲୋ ତୋ ଫୁଲ ଗୁନ୍ଥା ସରିଲା ? ଖରା ମାଡ଼ି ଆସିଲାଣି ଯେ, ତୋ ଗଙ୍ଗଶିଉଳୀ ଫୁଲଗୁଡ଼ା ପରା ନରମି ଯିବ" ।

ଅଜା ବାଡ଼ି କାମ ସାରି ଧୂଆ ଧୋଇ ହୋଇ ଘରକୁ ପଶି ଆସିଲେ । ମିନ ଫୁଲ ଗୁନ୍ଥା ଛାଡ଼ି ଏକା ଡିଆଁରେ ଅଜା ପାଖରେ ହାଜର । ଅଜାଙ୍କୁ କହିଲା "ଅଜା ତମେ ଆଖି ବନ୍ଦ କର, ଜମା ଅନାଇବ ନାହିଁ, ଅଜା ବର୍ତ୍ତମାନ କହତ ଦେଖି ଏଇଟା କ'ଣ" ? କହି ଗୋଟିଏ ପଦ ଆବୃତ୍ତି କଲା ମିନି ।

ପ୍ରବାଳ ବୃନ୍ତରେ ଖଚିତ ସଦା ସ୍ଫଟିକ ଦଳ

ନାଭି ପାରନ୍ତା କି ତୁଳନା ହୋଇଥିଲେ

କୋମଳ ।

ଅଜାଙ୍କ ପାଟିରୁ ହଠାତ୍ ବାହାରି ପଡ଼ିଲା. ଗଙ୍ଗଶିଉଳୀ ଫୁଲ ?

ମିନ ଫେଁ କରି ହସି ଦେଇ କହିଲା ସାବାସ ଅଜା ସାବାସ ଠିକ କହିଛ ବୁଢ଼ା ଅଜା ତ ମତି ଭ୍ରମ ହୋଇ କଥା ଭୁଲି ଯାଇଥିବେ ବୋଲି ଭାବିଥିଲି ।

ଆଜାଙ୍କୁ ଛୁଗୁଲାଇ କହିଦେଲା ଯିନା ମିନ କିନ୍ତୁ ଫୁଲ ଗୁନ୍ଥିଲା ବେଳେ ହିଁ ଭାବୁଥିଲା ଆଜ ସେ ଅଜାଙ୍କୁ ଏ ଫୁଲ ଖାରବେଳ ଗଛର ଉପକାରିତା କଥା ପଚାରିବ । ଦେଖିଲା ବେଳକୁ ଠିକ ସମୟରେ ଅଜା ଆସି ମିନ ପାଖରେ ପହଞ୍ଚିଛନ୍ତି । ଆଜ ମିନ ଗଙ୍ଗଶିଉଳି ଗଛର ଉପକାରିତା ବିଷୟରେ କିଛି ଅଧିକା କଥା ଜାଣିବ ।

ଅଜା ପାଟି କରି ଆଈଙ୍କୁ ଡ଼ାକିଲେ ହଇହୋ ଶୁଣୁଛ । ଜଳଖିଆ ଆମକୁ ଖାଇ ବାକୁ ଦିଅ । ମିନ ଲାଗାଇଛି ମୋଠୁ ଗଙ୍ଗଶିଉଳି ଫୁଲ ଗପ ଶୁଣିବ ବୋଲି । ଆଈ ତେଣେ ଲଣ୍ଡ ଭଣ୍ଡ ହୋଇ ଜଳଖିଆ ତିଆରି କରିବାରେ ଲାଗିଗଲେ । ତେବେ ମିନ ଅଜାଙ୍କଠୁ ଗଙ୍ଗଶିଉଳୀ ଗଛ କଥା ଶୁଣିବ ବୋଲି ଅତିଶୀଘ୍ର ତା ଫୁଲ ଗୁନ୍ଥା ଶେଷ କରି ଫୁଲ ହାରକୁ ସାବଧାନରେ ପାଣିଛିଞ୍ଚି କଦଳୀ ପତ୍ର ପୁଡ଼ାରେ ଗାଧୁଆ ଘରେ ଥୋଇଦେଇ ଆସି ହାଜର ହେଲା ଅଜାଙ୍କ ପାଖରେ । ... ଆସନ

କମଳ କୁମାରୀ ପଟ୍ଟନାୟକ

ପଡ଼ିଲା । ଅଜା, ନାତୁଣି ପାଖା ପାଖି ହୋଇ ଜଳଖିଆ ଖାଇ ବସିଲେ । ଅଜା ସେଠୁ ଆରମ୍ଭ କଲେ ଗଙ୍ଗଶିଉଳୀର କାହାଣୀ ।

ଅଜା ନାତୁଣୀଙ୍କ ଜଳଖିଆ ଖିଆ ଆରମ୍ଭ ହେଲା ତା' ସାଙ୍ଗକୁ ଅଜାଙ୍କ ଗପ ଅଜା ଆରମ୍ଭ କଲେ—ଗଙ୍ଗଶିଉଳି ବଟାନିକାଲ ନାମ ହେଲା-ନିକଟାନଥିସ ଆର୍‌ବୋର୍ଟିସ ଏହାକୁ ସଂସ୍କୃତରେ କହନ୍ତି ଶେଫାଳୀ ଶୁନିଶୀପୁଷ୍ପିକମ, ଶେଫାଳୀକା, ଶୁକ୍ଳାଙ୍ଗୀ, ରଜନୀହାସ, ଚକବୃନ୍ତା; ଶୀତମଞ୍ଜରୀ, ଶୃଙ୍ଗାରହାର, ଏମିତି ବହୁତ କିଛି ନାମ ତାର ରହିଛି । ମିନି ଅଜାଙ୍କ କଥା ଛଡ଼ାଇ ନେଇ କହିଲା—ହଁ-ଅଜା ଆମ କବିତା ବହିରେ 'ଶେଫାଳୀ ପ୍ରତି' ଗୋଟିଏ ଚମତ୍କାର କବିତା ମୁଁ ପଢିଛି । ତାକୁ ପରା କୁନ୍ତଳ କୁମାରୀ ସାବତ ଲେଖିଛନ୍ତି ଅଜା ବାଁ ହାତରେ ମିନର ପିଠିକୁ ଆଉଁସି ଦେଇ ଦେଇ କହିଲେ ମିନଟା ଆମର ଯେ କେବଳ କଥାଟାକୁ ବୈଜ୍ଞାନିକ ଚିନ୍ତାଧାରାରେ ତା ନୁହେଁ, ତା ସାଙ୍ଗକୁ ସେ ମଧ ସୌନ୍ଦର୍ଯ୍ୟ ପିପାସୁ । ତେଣୁ ତାଙ୍କୁ କବିତା ଭାରି ଭଲ ଲାଗେ ବାସ୍ତବିକ ମିନର କଥା ଅଜା ମନକୁ ବେଶ ପାଇଛି ପୁଣି ଅଜା ଆରମ୍ଭ କଲେ ଗପ, ଆମ ବାଡ଼ିରୁ ତୁ ତ ଆଜ ଏ ଗଙ୍ଗଶିଉଳି ଫୁଲକୁ ଗୋଟାଇ ଆଣିଥିଲୁ । ଗଛକୁ ଟିକିଏ ନଜର ଦେଇଛୁଟି ବେଶୀ ବଡ଼ ଗଛ ନୁହେଁ ମ, ପତ୍ର ଗୁଡ଼ାକ ଭାରି ଟାଆଁସା କର୍କଶ । କିନ୍ତୁ ଫୁଲ ଭାରି କୋମଳ । ରାତିରେ ଏ ଫୁଲ ସବୁ ଗଛରେ ଫୁଟେ । ସୂର୍ଯ୍ୟ ଉଦୟ ହେବା ମାତ୍ରକେ ଫୁଲଗୁଡିକ ଗଛରୁ ଝରିପଡ଼େ ସେ ଦିନ ଆମେ ଖୋର୍ଦ୍ଧାର ଫରେଷ୍ଟ ବଙ୍ଗଳୋ ଯାଇଥିଲେ । ଦେଖିଲୁଟି କେମିତି ଗଙ୍ଗଶିଉଳି ଗଛ ତଳେ ଗୁଡ଼ାଏ ଫୁଲ ସବୁ ବିଛାଇ ହୋଇ ପଡ଼ିଥିଲା । ଦେଖି-ଲେ ମନେ ହେଉଥିଲା ପ୍ରକୃତି ରାଣୀ ସତେ ଯିମିତି ମୁକୁଳ ଚଟା ଆଙ୍କି ଦେଇଛି ଗଛ ତଳେ ଧଳା ମୁକୁଳ ସଙ୍ଗେ ବାଲି ମିଶା ହଳଦିଆ ରଙ୍ଗର ମିଶ୍ରଣ । ବାଃ କି ଚମତ୍କାର ସେ ଦୃଶ୍ୟ କାହିଁକି ଏମିତି ଦିଶୁଥିଲା ଜାଣୁ ? ତୁ ତ ଦେଖିଛୁ ଫୁଲର ପାଖୁଡ଼ା ଗୁଡ଼ାକ ଧଳା । ଆଉ ଫୁଲର ଚିକି ଚିକି ଡେମ୍ଫ ଗୁଡାକ ନାଲି ମିଶା ହଳଦିଆ ରଙ୍ଗ । ଠିକ ପ୍ରବାଳର ରଙ୍ଗ ଆଉ ତା ମୁଣ୍ଡକୁ ସ୍ଫଟିକ ପରି ଧଳା ରଙ୍ଗର ପାଖୁଡ଼ା ।

ଶୁଣ ମିନ ! ଆଜ ଯିନା ରସାୟନିକ ଜିନିଷ ସବୁ ବାହାରିଲାଣି ଲୁଗା ପଟା ରଙ୍ଗ କରିବା ପାଇଁ । କିନ୍ତୁ ଆଗ କାଳ-ରେ ଗଙ୍ଗଶିଉଳି ଫୁଲର ଡେମ୍ଫକୁ ଲୋକେ ସାଉଁଟି ଆଣି ତାକୁ ଶିଝାଇ ରଙ୍ଗ ବାହାର କରୁଥିଲେ । ଏବଂ ସେହି ରଙ୍ଗ ଧଳା ଲୁଗା, ଗାମୁଛା ସବୁଥିରେ ରଙ୍ଗ ଚଢାଉ ଥିଲେ । ବାସ୍ତବିକ ପତଳା ଗାମୁଛା କମ୍ପୀ ପାଣିରେ ଏ ରଙ୍ଗ ଦେଲେ ମନେ ହେଉଥିଲା ସତେ ଯିମିତି ପାଟ ! ଆଉ, ଥରେ ଏ ରଙ୍ଗ ଲୁଗାରେ ଚଢ଼ିଲେ

ଆଉ ଗୁଡ଼ୁନଥିଲା । ଯେତେ ଧୋଉଥିବ ସେ ରଙ୍ଗ ଫୁଟି ବଢୁଥିବ ଉଜ୍ଜ୍ୱଳ ହୋଇ ଲୁଗା ପଛକେ ଚିରିଯିବ କିନ୍ତୁ ରଙ୍ଗ ଜମା ଗୁଡ଼ିବ ନାହିଁ । ସେଦିନ ତୋ ଆଈ ଯେଉଁ ଶାଢ଼ି ପିନ୍ଧି ମନ୍ଦିରକୁ ଯାଇ ଥିଲା ମୁଁ ପରା ଏଇ ଗଙ୍ଗଶିଉଳି ଡେମ୍ଫ ରଙ୍ଗ ଛଆଣି କରି ସେ ଶାଢ଼ୀ ରଙ୍ଗେଇ ଥିଲି ।

କେତେ ରକମର ରାସାୟନିକ ରଙ୍ଗ ମିଳୁଛି ହେଲେ ତୁମେ ସେହି ପୁରୁଣା କାଳିଆ ନୀତିକୁ ଧରି ବସିଛ । କେତେ ପରିଶ୍ରମ କରି ଫୁଲ ଡେମ୍ଫରୁ ରଙ୍ଗ ବାହାର କରିଥିଲ କହିଲ ଦେଖି ? ଅଜା କହିଲେ-ହଁ ଠିକ କହିଲୁ ଯେ ମିନି ବଜାର ରଙ୍ଗ (ରାସାୟନିକ ରଙ୍ଗ) ଏବଂ ପ୍ରକୃତିଦତ୍ତ ରଙ୍ଗ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ପ୍ରକୃତିଦତ୍ତ ରଙ୍ଗ ଚଢ଼ାଇଲେ ଲୁଗା ଶିଘ୍ର ଛିଣ୍ଡେ ନାହିଁ । ଅଥଚ ରାସାୟନିକ ରଙ୍ଗ, ଅଳ୍ପ ପଇସା ଏବଂ ଟିକିଏ ପରିଶ୍ରମରେ ଲୁଗାରେ ରଙ୍ଗ ଚଢ଼େଇ ଦେଲେ କଣ ହେବ ସେ ଲୁଗା ଶୀଘ୍ର ଛିଣ୍ଡିଯାଏ । କାରଣ ସେଥିରେ ରାସାୟନିକ ଜିନିଷ ସବୁ ରହିଛି ପରା ! ଏମିତି ଆମର ବହୁତ ଗଛ, ପତ୍ର, ଫୁଲ ଫଳ ମଞ୍ଜିରୁ ରଙ୍ଗ ବାହାର କରାଯାଇଥାଏ । କୁଙ୍କୁମ ଫୁଲ ମଞ୍ଜିରୁ ରଙ୍ଗ, ମାଙ୍କ ଗଛର ରଙ୍ଗ ଏମିତି ବହୁତ ଅଛି । ପ୍ରକୃତି ଦତ୍ତ ଉପଯୋଗୀ ରଙ୍ଗ ବିଷୟରେ ଆଉଦିନେ ଆଲୋଚନା କରିବା । ଆଜିର କଥା ହେଲା ଆମର ଗଙ୍ଗଶିଉଳି ।”

ସର୍ଦ୍ଦି ଓ ଅଣ୍ଟା ପାଇଁ ଔଷଧ

ଗଙ୍ଗଶିଉଳୀ ପତ୍ରଟି ଭାରି ପିତା । ଏଥିରେ ଏକ ପ୍ରକାର ଜୈବିକ ରସ ରହିଛି । ତାକୁ ଆଲ୍‌କାଲଏଡ଼ସ୍ କହନ୍ତି । ଏହି ଆଲ୍‌କାଲଏଡ଼ସ୍‌ର ବହୁବିଧ ଗୁଣ ସବୁ ରହିଛି । ତୁ ତ ଜାଣୁ କଲରା ପିତା ଲାଗେ, ନିମ୍ବ ପତ୍ର ଫୁଲ କଡ଼ ପିତା ଲାଗେ । ତାକୁ ତ ଆମେ ଖାଉ ତାର ଯେପରି ବହୁତ ଦ୍ରବ୍ୟ ଗୁଣମାନ ରହିଛି । ଗଙ୍ଗଶିଉଳୀ ପତ୍ର ପିତା ହେଲେ କଣ ହେଲା ତାର ମଧ୍ୟ ସେହିପରି ବହୁବିଧ ଦ୍ରବ୍ୟ ଗୁଣମାନ ରହିଛି ।

ମ୍ୟାଲେରିଆ ପ୍ରତିଷେଧକ

ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀ ଅନୁଯାୟୀ ଗଙ୍ଗଶିଉଳୀ ଗଛର ଛେଲିକୁ ମାଟି ହାଣ୍ଡିରେ ପାଣି ଦେଇ ଭିଜାଇ ସେହି ପାଣିକୁ ନିୟମିତ ଭାବେ ୮।୧୦ ଦିନ ପାନ କଲେ ଜରରେ ଘା ହୋଇଥିଲେ ତାହା ଖୁବ ଶୀଘ୍ର ଭଲ ହୋଇଯାଏ । ସର୍ଦ୍ଦି ଓ ଅଣ୍ଟା ଲାଗି ରହିଲେ, ଗଳାରେ ଦରଜ ହୁଏ । ଗଳାରେ ଥିବା ଗ୍ରନ୍ଥି ସବୁ ଫୁଲିଯାଏ । ଖାଦ୍ୟ ସହଜରେ ଢୋକି ହୁଏ ନାହିଁ । ସମୟ ସମୟରେ ତାଳୁ ମଧ୍ୟ ଫୁଲି ଯାଏ । ଭାରି କଷ୍ଟ ହୁଏ । ଗଙ୍ଗଶିଉଳୀ ଚେର ଦୁଇ ଇଞ୍ଚ ଲମ୍ବାର ଖଣ୍ଡେ ଆଣି ଦାନ୍ତରେ ଆସ୍ତେ ଆସ୍ତେ ଚୋବାଇ ସେହି ରସକୁ ଢୋକିଲେ ରୋଗୀ ସୁସ୍ଥ ହୁଏ । ଏଥିପାଇଁ ରୋଗୀ ପ୍ରତିଦିନ ସକାଳୁ ଦାନ୍ତ ଘଷି ସାରି ଖାଲି ଗଙ୍ଗଶିଉଳୀ ଚେରକୁ ଚୋବାଇ ସେହି ରସକୁ ଢୋକି ସାରିବା ପରେ ଯାହା କିଛି ଖାଇବା ଦରକାର । ଏପରି ଭାବେ ଏକ ସପ୍ତାହ ରସ ଖାଇଲେ ରୋଗୀ ସୁସ୍ଥ ଲାଭ କରେ । ଗଙ୍ଗଶିଉଳୀ ପତ୍ରର ରସ ଏକ ଚାମଚ ସହ କାଳଚୁନ (୨୫୦ ମିଲି ଗ୍ରାମ) ମିଶାଇ ଦିନକୁ ଏକ ଥର କରି ତିନି ଦିନ ଖାଇଲେ ସମସ୍ତ ପ୍ରକାର ଜ୍ୱର ଭଲ ହୁଏ ।

ମ୍ୟାଲେରିଆ ରୋଗ ପାଇଁ ଆଗେ ଲୋକେ କ୍ୟୁନାଇନ ବ୍ୟବହାର କରୁଥିଲେ । ଏହି କ୍ୟୁନାଇନ ମଧ୍ୟ ଗୋଟିଏ ଉଦ୍ଭିଦରୁ ଜାତ । ତୁ ତ ଜାଣୁ ଏନୋଫିଲସ ମଶା ଯୋଗୁଁ ମାଲେରିଆ ରୋଗ ବ୍ୟାପେ । କାରଣ ଏହି ମଶା ହିଁ ରୋଗ ଜୀବାଣୁ ପରିବହନ କରିଥାଏ । ମାଲେରିଆ ରୋଗରେ ପୀଡ଼ିତ ରୋଗୀ ବହୁତ କଷ୍ଟ ପାଏ । ବର୍ତ୍ତମାନ ତ ଆଧୁନିକ ଏଲୋପାଥିକ ଡ୍ରଗ ସବୁ ମିଳିଲାଣି । ହେଲେ କଣ ହେଲା ସେ ସବୁ ମାଲେରିଆ ଜୀବାଣୁକୁ ପିତା ନଷ୍ଟ କରି ରୋଗୀ ଆରୋଗ୍ୟ ଲାଭ କରେ । ତେବେ ତାର ଶରୀରରେ ଅନ୍ୟାନ୍ୟ ବହୁବିଧ କ୍ଷତି ମଧ୍ୟ କରିଥାଏ । ଆୟୁର୍ବେଦିକ ନିୟମାନୁସାରେ ୭ଟା ପୋଖତ ଗଙ୍ଗଶିଉଳି ପତ୍ର ସଙ୍ଗେ ୨୧ଟା ଗୋଲମରିଚ ବାଟି ସକାଳୁ ଖାଲି ପେଟରେ ଖାଇ ସାରିବା ପରେ ମିଶ୍ରି ସରବତ ଖାଇବେ । ଏହିପରି ୪।୫ ଦିନ ଖାଇଲେ ମାଲେରିଅ ଜ୍ୱର ହୁଏ ନାହିଁ ।

ଗଙ୍ଗଶିଉଳୀ ପତ୍ର ରସ ସାଙ୍ଗରେ ଚିନି କିମ୍ବା କନ୍ଦ (୭ଟି ପୋଖତ ପତ୍ର ସଙ୍ଗେ ୨ ଗ୍ରାମ ଚିନି ବା କନ୍ଦ) ଏକତ୍ର ମିଶାଇ ୭ ଦିନ ଖାଇଲେ ଅମ୍ଳପିତ୍ତ ରୋଗ ଭଲ ହୁଏ । ଗଙ୍ଗ ଶିଉଳୀ ପତ୍ର ରସ ୧ ଚାମଚ ଓ ମହୁ ଏକ ଚାମଚ ଦିନକୁ ଦୁଇଥର କରି ୫।୭ ଦିନ ଖାଇଲେ କମ୍ପଜ୍ୱର ଓ ବହୁ ପ୍ରକାର ଜ୍ୱର ଅଳ୍ପ ଦିନ ମଧ୍ୟରେ ଭଲ ହୁଏ । ଗଙ୍ଗଶିଉଳୀ ପତ୍ରକୁ ଶୁଖାଇ କୁଟି ଚୂର୍ଣ୍ଣ କରି ସେହି ଚୂର୍ଣ୍ଣକୁ ଯେ କୌଣସି କ୍ଷତ ସ୍ଥାନରେ ଛିଞ୍ଚି ଦେଲେ କ୍ଷତ ଶିଘ୍ର ଶୁଖିଯାଏ । ଏହି ପତ୍ରର ରସ ୧ ଗ୍ରାମ ସୈନ୍ଧବ ଲୁଣ ୧ ଗ୍ରାମ ଏକତ୍ର ମିଶାଇ ତିନି ଥର ସେବନ କଲେ ଅଜୀର୍ଣ୍ଣ, ବାୟୁ, ଶୂଳ, ଅଗ୍ନିମାନ୍ଦ୍ୟ, ଶୋଥ ବେମାର ମଧ୍ୟ ଭଲ ହୁଏ ।

କାନ ପାଚିବାରୁ ମୁକ୍ତି ମିଳେ

ଗଙ୍ଗଶିଉଳୀ ପତ୍ରର ରସରୁ ଦୁଇ ଟୋପା କରି ଏକ ସପ୍ତାହ ପର୍ଯ୍ୟନ୍ତ ନାକରେ ପକାଇଲେ ଏହାର ଉପଶମ ହୁଏ ୨୫୦ ଗ୍ରାମ ଶୋରିଷ ତେଲ ସହ ଗଙ୍ଗଶିଉଳୀ ପତ୍ର ରସ ୧୦୦ ମିଲି ଲିଟର ଏକତ୍ର ମିଶାଇ ରାନ୍ଧି, ତାକୁ ଛାଣି କାନରେ ଦୁଇ ଟୋପା କରି ପକାଇଲେ କାନ ବନ୍ଦ ହେବା କାନରୁ ପୂଜ ବୋହିବା ଏପରି ବହୁ ପ୍ରକାର କର୍ଣ୍ଣ ରୋଗର ଉପଶମ ଘଟେ ।

ଗଙ୍ଗଶିଉଳୀ ପତ୍ରର ରସ (୨ ଚାମଚ) ସହିତ ଶୁଣ୍ଠି ଚୂର୍ଣ୍ଣ (୧ ଗ୍ରାମ) ଏକତ୍ର ମିଶାଇ ଦିନକୁ ଏକ ପାନ କରି ତିନି

Images: Aptakama Mishra, Processing: Srujanika

ପାନ ଖାଇଲେ ଆମବାତ ରୋଗ ଭଲ ହୁଏ ।

ଗଙ୍ଗଶିଉଳି ଗଛର ଶୁଖିଲା ଛେଲି ରାସ୍ନା, ଲବଙ୍ଗ, ଶୁଣ୍ଠି, ଯୁଆଣି ପ୍ରତ୍ୟେକକୁ ସମାନ ଓଜନରେ ଆଣି ଚୂର୍ଣ୍ଣ କରି ସେହି ଚୂର୍ଣ୍ଣରୁ ୧ ଗ୍ରାମ ନେଇ ଉଷୁମ ପାଣିରେ ପକାଇ ୮।୧୦ ଦିନ ଖାଇଲେ ଅଜୀର୍ଣ୍ଣ ଅଗ୍ନିମାନ୍ଦ୍ୟ, ଶୂଳ, ଗ୍ରହଣୀ, ଜ୍ୱର, ଶୋଥ ରୋଗ ମଧ୍ୟ ଭଲ ହୁଏ ।

ଫୁଲ ଶୁଙ୍ଘିଲେ ମୁଣ୍ଡବିନ୍ଧା କମିବ

ଗଙ୍ଗଶିଉଳି ଫୁଲର ମଧ୍ୟ ଗୁଣ ରହିଛି । ଫୁଲରୁ କିଛି ଆଣି ହାତରେ ମକଚି ଶୁଙ୍ଘିଦେଲେ ମୁଣ୍ଡ ବ୍ୟଥା କମିଯାଏ । ଗଙ୍ଗଶିଉଳି ଗଛଟାଏ ବାଡ଼ିରେ ଥିଲେ ଆମେ ତା'ଠୁ କେତେ ଉପକାର ପାଇବା ? ତେବେ କିମିତି ବ୍ୟବହାର କଲେ ଆମେ ଉପକାରରେ ଆସିବ ତାକୁ ମନେ ରଖିବା କଥା । ଏଲୋପାଥି ମେଡ଼ିସିନ ବା ଡାକ୍ତରୀ ଔଷଧ ଯାହାସବୁ ଆମେ ବ୍ୟବହାର କରୁ ସେଥି ମଧ୍ୟରୁ ଅଧିକାଂଶ ଉଦ୍ଭିଦ ଓ ପ୍ରାଣୀରୁ ତିଆରି । ତେବେ ରାସାୟନିକ ପଦ୍ଧତିରେ ଔଷଧ ସବୁ ପ୍ରସ୍ତୁତ ହୋଇ ସାରିଲା ପରେ ଲୋକେ ଆୟୁର୍ବେଦିକ ଔଷଧକୁ ଏଡ଼ାଇ ଦେଇ ଏଲୋପାଥି ଔଷଧ ଉପରେ ନିର୍ଭର କରିବାକୁ ଲାଗିଲେ । କାଳକ୍ରମେ ଆୟୁର୍ବେଦିକ ଔଷଧର ଚାହିଦା କମିବାକୁ ଲାଗିଲା । ଜାଣିଛୁତ ମା ଇତିହାସର ରଥଚକ ଘୂରେ । ପୁଣି ବୈଜ୍ଞାନିକ ମାନେ ସଚେତନ ହୋଇ ଖୋଜ ଖବର ନେଲେଣି । ସେହି ପୁରୁଣା ଆୟୁର୍ବେଦିକ ଔଷଧ । ତାର ମୂଲ୍ୟବୋଧ ବୁଝିଲେଣି । ବିଭିନ୍ନ ଦେଶରେ ଆନ୍ତର୍ଜାତିକ ସମ୍ମିଳନୀ ମାନ କରି ଉଦ୍ଭିଦ ଓ ପ୍ରାଣୀ ମାନଙ୍କରେ ଥିବା ଦ୍ରବ୍ୟଗୁଣର ପୁନରାବୃତ୍ତି କରିବାକୁ ଲାଗି ପଡ଼ିଲେଣି । ବାସ୍ତବିକ ଦେଖିବାକୁ ଗଲେ ଏମିତି ଗୋଟିଏ ଉଦ୍ଭିଦ ନାହିଁ ଯାହାର କି କିଛି ଦ୍ରବ୍ୟଗୁଣ ନାହିଁ । ପ୍ରତ୍ୟେକଟି ଉଦ୍ଭିଦରେ କିଛି ନା କିଛି ଦ୍ରବ୍ୟଗୁଣ ରହିଛି । ପୁରାତନ କାଳରେ ମୁନିଋଷି ମାନେ ଗୋଟିଏ ଲେଖାଏଁ ବୈଦ୍ୟ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସେମାନେ ବଣ ଜଙ୍ଗଲ ରହୁଥିଲେ ଏବଂ ବନ୍ୟଜାତ ଉଦ୍ଭିଦରୁ ଖାଦ୍ୟଠୁ ଆରମ୍ଭ କରି, ଲୁଗା ପଟା ଏପରିକି ଔଷଧ ସବୁ ବ୍ୟବହାର କରି ସୁଖରେ ଜୀବନ କାଟୁଥିଲେ । ସେମାନେ ନିରୋଗୀ ଥିଲେ । ଦୀର୍ଘାୟୁ ହେଉଥିଲେ । ସେମାନଙ୍କ ଅନୁଭୂତିରୁ ଯେଉଁ ଫଳାଫଳ ମିଳିଥିଲା ଆଜି ତାକୁ ଆଧୁନିକ ବୈଜ୍ଞାନିକ ଗବେଷକ ଖୋଳ ତାଡ଼ କରି ନୂତନ ତଥ୍ୟ ସଂଗ୍ରହ କରୁଛନ୍ତି । ଏହି ଆମର ପରିବେଶ ଯେଉଁଠି ପ୍ରକୃତି ଉଦ୍ଭିଦ ଓ ପ୍ରାଣୀର ସମାବେଶ ତା ମଧ୍ୟରେ ଆମେ ସୀମାବଦ୍ଧ । ସେଥିରୁ କିଛି ଉପକାର ପାଇଲେ ଆମେ ସୁସ୍ଥ ହେବା ଦୀର୍ଘାୟୁ ହେବା ସେଥିରେ ସନ୍ଦେହ ନାହିଁ ।

ଏହି ପରିପ୍ରେକ୍ଷୀରେ ତତେ ଗୋଟାଏ କଥା ମନେ ପକାଇଦିଏ । ଆମର ଆଉ ଜଙ୍ଗଲ କାହିଁ ? ଗଛ ସବୁ ତ କାଟି ପଦା କରିଦେଲେଣି । ଯୁଗଯୁଗ ଧରି ଯେଉଁ ଜଙ୍ଗଲ ସବୁ ତିଆରି ହୋଇ ଥିଲା ସେଇଟା ଥିଲା ପ୍ରକୃତିର ଦାନ । ମଣିଷ ସେହି ପ୍ରକୃତିର ସମ୍ଭାରକୁ ନଷ୍ଟ କରି ଦେଉଛି । ପ୍ରାକୃତିକ ପରିବେଶ ନଷ୍ଟ ହୋଇଯିବା ଫଳରେ ବିଭିନ୍ନ ପ୍ରକାର ସମସ୍ୟା ସବୁ ଉପୁଜିଲାଣି । ଜଙ୍ଗଲ ନଷ୍ଟ ହେବା ଫଳରେ ବର୍ଷା ନାହିଁ ନଈ ବଢି ହୋଇ ଗାଁ ଗଣ୍ଡା ସବୁ ଧୋଇ ନେଉଛି । ବାୟୁ ମଣ୍ଡଳ ଦୂଷିତ ହୋଇଯାଉଛି ଗଛଥିଲେ ସିନା ତାର ସମାଧାନ ହୋଇପାରନ୍ତା ଆଉ ଆମର ଦରକାରୀ ଔଷଧ ଗଛ ସବୁ ଜଙ୍ଗଲ ସଫା ହୋଇ ଲୋପ ହେବାକୁ ବସିଲାଣି । ଏଇ ୬୦ ୭୨ ବର୍ଷ ତଳର କଥା ଯେତେବେଳେ ମଣିଷ ହଠାତ୍ ସଚେତନ ହୋଇଉଠିଲା ଜଙ୍ଗଲ ପ୍ରାକୃତିକ ସମ୍ପଦକୁ ସୁରକ୍ଷାପାଇଁ ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଲାଣି ।

◻

ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଶତକଡ଼ା ୭୦ ଭାଗ ଲୋକଙ୍କ ମଧ୍ୟରୁ ଯେଉଁମାନେ ସବୁଠାରୁ ଗରିବ ସେଭଳି ଲୋକଙ୍କ ଅର୍ଥନୀତିକ ଅବସ୍ଥାରେ ଉନ୍ନତି ଘଟାଇ ବର୍ଷକୁ ଅନ୍ତତଃ ସେମାନେ ଯେପରି ଛଅହଜାର ଟଙ୍କା ଆୟ କରି ପାରିବେ ସେହିପରି ସମ୍ବଳ ସେମାନଙ୍କ ପାଇଁ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଇ. ଆର. ଆର. ପି. ଯୋଜନା ବା ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କ ଅଭ୍ୟୁତ୍ଥାନ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା ।

ଗ୍ରାମାଂଚଳରେ ଦରିଦ୍ର ଲୋକଙ୍କ ଅଭ୍ୟୁତ୍ଥାନ ଯୋଜନା କାର୍ଯ୍ୟତଃ ବିଫଳ ହୋଇଛି

ଏ ସଂପର୍କରେ ବିଶିଷ୍ଟ ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତିଜ୍ଞ ମାନଙ୍କ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ

...୧୯୮୦-୮୧ ମସିହାରେ ଆରମ୍ଭ ହୋଇଥିବା ଏ ଯୋଜନାରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଓଡ଼ିଶାର ଅନ୍ତତଃ ପାଞ୍ଚ ଲକ୍ଷ ଦରିଦ୍ରତମ ପରିବାରଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବର୍ଷକୁ ୧୨୦୦ ଟଙ୍କା ବା ତା'ଠାରୁ କମ୍ ଆୟ କରୁଥିବା ବ୍ୟକ୍ତିଙ୍କୁ ଦରିଦ୍ରତମ ବୋଲି ଅଭିହିତ କରାଯାଇଥିଲା ଏବଂ ପ୍ରତି ଗ୍ରାମରେ ଏହିଭଳି ୧୦ଟି ପରିବାରକୁ ଅଭ୍ୟୁତ୍ଥାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏଥିପାଇଁ ଷଷ୍ଠ ଯୋଜନା କାଳରେ ୪୫ କୋଟି ଟଙ୍କାର ଅର୍ଥ ବରାଦ କରାଯାଇଥିଲା । ଏହି ଯୋଜନା ପ୍ରକୃତରେ କିପରି କାର୍ଯ୍ୟକାରୀ ହେଉଛି ତାହାର ସର୍ଭେ କରି ଏକ ବିବରଣୀ ପ୍ରସ୍ତୁତ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟର କେତେକ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

...ସେମାନଙ୍କ ସର୍ଭେର ଫଳାଫଳରୁ ଏ ଯୋଜନା କାର୍ଯ୍ୟତଃ ବିଫଳ ହୋଇଛି ଏବଂ ଦରିଦ୍ର ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନତି କରିବାରେ ମଧ୍ୟ ଏହା ସହାୟକ ହୋଇ ପାରି ନାହିଁ ବୋଲି ଜଣାପାଇଛି ।

Images: Aptakama Mishra, Processing: Srujanika

ଏହି ସର୍ଭେରେ ଅଂଶ ଗ୍ରହଣ କରିଥିବା ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଡକ୍ଟର ଜି. ସି. କର ପଟ୍ଟା ମୁଣ୍ଡାଇ ଦଳଙ୍କୁ ତାଙ୍କ ଅନୁଧ୍ୟାନସ୍ଥଳୀ ରୂପେ ବାଛିଥିଲେ ।

ତାଙ୍କ ଅନୁଧ୍ୟାନରେ ଉଦ୍ଦେଶ୍ୟ ଥିଲା (୧) ଏହି ଯୋଜନାରେ ଉପକୃତ ହୋଇଥିବା ଲୋକଙ୍କୁ ଯଥାଯଥ ଚିହ୍ନଟ କରାଯାଇଛି କି ନାହିଁ । (୨), ଉପକୃତ ହୋଇଥିବା ଲୋକ ନିଜ ପସନ୍ଦ ମୁତାବକ ବ୍ୟବସାୟ କରିପାରିଛନ୍ତି କି ନାହିଁ (୩) ଦରିଦ୍ରତମ ଲୋକଙ୍କ ପାଇଁ ଆୟକାରୀ ସମ୍ବଳ ସୃଷ୍ଟି କରାଯିବା ଅବକାଶରେ ସେମାନଙ୍କୁ ଚିହ୍ନଟ କରିବା ବେଳେ ବା ଋଣ ପ୍ରଦାନ କଲାବେଳେ ସେମାନଙ୍କୁ କୌଣସି ମତେ ପ୍ରୋତ୍ସାହିତ କରାଯାଇଛି କି ନାହିଁ (୪) ଉପସ୍ଥିତ ଲୋକେ କେତେ ଦୂର ଏଥିରେ ଉପକୃତ ହୋଇଛନ୍ତି ଏବଂ (୫) ଉପକୃତ ଲୋକେ ସେମାନଙ୍କ ସାମାଜିକ ଦାୟିତ୍ୱ ବୋଧ ସମ୍ପର୍କରେ କେତେ ଦୂର ସଚେତନ ହୋଇଛନ୍ତି ତାହା ପରୀକ୍ଷା କରି ଦେଖିବା ।

ଏହି ସର୍ଭେରେ ୧୯୮୦-୮୧ ଏବଂ ୧୯୮୧-୮୨ ମସିହାରୁ ଉପକୃତ ହୋଇଥିବା ୪୦ଟି ପରିବାରକୁ ନିଆଯାଇଥିଲା ଏବଂ ସେମାଙ୍କୁ ପ୍ରସ୍ତୁତ ହୋଇଥିବା ଏକ ସ୍ୱତନ୍ତ୍ର ପ୍ରଶ୍ନାବଳୀ ଅନୁସାରେ ସେମାନଙ୍କ ସହ ଆଲୋଚନା କରାଯାଇଥିଲା ।

ଏହି ଆଲୋଚନା ବେଳେ ବାର୍ଷିକ ପନ୍ଦର ଶହ ଟଙ୍କାରୁ ଅଧିକ ଆୟ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ସାହାଯ୍ୟ ପାଇଥିବା ଜଣାଗଲା । ସେମାନଙ୍କ ହାର ଶତକଡ଼ା ସାଢ଼େ ବାଇଶି ଭାଗ । ଏମାନଙ୍କ ମଧ୍ୟରୁ କେତେକ ଏ ସାହାଯ୍ୟ ଆଦୌ ପାଇବା ଉଚିତ ନୁହେଁ ।

ସେହିଭଳି ଯେଉଁମାନଙ୍କୁ ସାହାଯ୍ୟ ଦିଆଗଲା ସେମାନେ ନିଜ ପସନ୍ଦ ମୁତାବକ ବ୍ୟବସାୟ ପାଇଁ ସାହାଯ୍ୟ ପାଇଲେ ନାହିଁ । କେବଳ ବେଠି ବୁଲାଇବା ଭଳି କିଛି ନକରି ଶତକଡ଼ା ୫୨ଭାଗ ପରିବାରଙ୍କୁ ସଂପୃକ୍ତ ଅଫିସରମାନେ ସାହାଯ୍ୟ ଦେଇଛନ୍ତି । ଏକ ଗ୍ରାମ୍ୟ କମିଟି ମାଧ୍ୟମରେ ଏପ୍ରକାର ସାହାଯ୍ୟ ଦିଆଯିବ ବୋଲି ଯୋଜନାରେ ବ୍ୟବସ୍ଥା ଥିଲେ ମଧ୍ୟ ଉପକୃତ ହେଉଥିବା ଲୋକେ ଏଭଳି ଏକ କମିଟି ଥିବାର ଜାଣନ୍ତି ନାହିଁ ।

ସାହାଯ୍ୟ ପାଇଥିବା ୪୦ଟି ପରିବାର ମଧ୍ୟରୁ ୨୩ଟି ପରିବାରଙ୍କୁ ହାତଗୁଞ୍ଜା ଆଣି ଦେବାକୁ ପଡ଼ିଥିଲା । ଏହି ହାତଗୁଞ୍ଜା ଟଙ୍କା ସବସିଡ଼ି ପରିମାଣର ଶତକଡ଼ା ୩ରୁ ୯ଭାଗ ମଧ୍ୟରେ ।

ଦରିଦ୍ରତମ ଲୋକଙ୍କୁ ଚିହ୍ନଟ କରିବା ତଥା ଋଣ ବଣ୍ଟନରେ ସଂପୃକ୍ତ ଥିବାପ୍ରାୟ ସବୁ ବେଳେ ଏ ଯୋଜନାରୁ ନିଜସ୍ୱାର୍ଥ ଚରିତାର୍ଥ କରିଛନ୍ତି । କେତେକ କ୍ଷେତ୍ରରେ ଯୋଜନା ନାମରେ ପ୍ରୀତି ପ୍ରୀତି ତୋଷଣ ତଥା ଗରିବ ଲୋକଙ୍କୁ ଶୋଷଣ ମଧ୍ୟ କରାଯାଇଛି । ଗୋଟିଏ ଘଟଣାରେ ଏକ ଅନ୍ଧକୁ ଗୋଟିଏ ସିଲେଇ କଳ ଦିଆ ଯାଇଛି ବୋଲି କାଗଜ ପତ୍ରରେ ଦର୍ଶାଯାଇଥିଲେ ପ୍ରକୃତ ପକ୍ଷେ ତାଙ୍କୁ ନଗଦ ୧୩୪୫ ଟଙ୍କା ଦିଆଯାଇଛି । ଅନ୍ୟଏକ ଘଟଣାରେ ଅଧିକ ଆୟକାରୀ ଜଣେ ବ୍ରାହ୍ମଣ ପୁରୋହିତଙ୍କ ସିଲେଇ ମେସିନ ଦିଆଯାଇଛି ଏବଂ ସରକାରୀ କର୍ମଚାରୀଙ୍କ ପୃଷ୍ଠପୋଷକତାରେ ଅନ୍ୟତ୍ର ସେ ଭଡ଼ାରେ ଲଗାଇ ଅଛନ୍ତି । ଅନ୍ୟ ଗୋଟିଏ ଘଟଣାରେ ବଳଦଗାଡ଼ି ଆଦୌ କିଣା ନଯାଇ କିଣା ଯାଇଥିବା ଦର୍ଶାଯାଇଛି ଏବଂ ଆଉଏକ କ୍ଷେତ୍ରରେ ଲାଞ୍ଚ ନଦେବାରୁ ଜଣେ ଲୋକକୁ ଏହି ସାହାଯ୍ୟ ମିଳିନାହିଁ । ଋଣ ନେଇଥିବା ଅଧିକାଂଶ ଲୋକ ଅତି ଅନୁନ୍ନତ ଧରଣର ବଳଦ, ଗାଈ ଓ ରିକ୍ସା ପାଇଛନ୍ତି ବୋଲି ଅଭିଯୋଗ ହୋଇଛି ।

ସାମଗ୍ରିକ ଦୃଷ୍ଟିରୁ ଶତକଡ଼ା ୫୦ ଭାଗ ସାହାଯ୍ୟକାରୀଙ୍କ କ୍ଷେତ୍ରରେ ସେମାନଙ୍କ ବ୍ୟବସାୟ ବୃଦ୍ଧି ପାଇଛି ଓ ଅବଶିଷ୍ଟାଂଶ ମଧ୍ୟରୁ ଶତକଡ଼ା ୨୦ ଭାଗ ଲୁପ୍ତ ହେବା ଉପରେ ।

ଋଣନେଇଥିବା ଲୋକେ ନିଜ ନିଜ ଧନ୍ଦାରୁ କିପରି ଆୟ କରୁଛନ୍ତି ତାହା ଅନୁଧ୍ୟାନ କରିବାରୁ ଜଣାଗଲାଯେ ରିକ୍ସା ପକାଇଥିବା ଓ ମାଟିପାତ୍ର ନିର୍ମାଣ କରୁଥିବା ଲୋକେ ଏବଂ କିଛି ପରିମାଣ ସିଲେଇ କଳ ପକାଇ ଥିବା ଲୋକଙ୍କ ଆୟ ପ୍ରାୟ ବାର୍ଷିକ ତିନି ହଜାର ଟଙ୍କାରେ ପହଞ୍ଚିଲାଣି । କିନ୍ତୁ ଗାଈ ବଳଦ ନେଇଥିବା ଲୋକଙ୍କ ଅବସ୍ଥା ପୂର୍ବାପେକ୍ଷା ଅଧିକ ଶୋଚନୀୟ । ଯେଉଁମାନଙ୍କ ଗାଈ ବା ବଳଦ ମରିଗଲା ସେମାନେ କିଛି ତ ଲାଭ ପାଉନାହାନ୍ତି ବରଂ ଋଣଗ୍ରସ୍ତ ହୋଇ ବସିଛନ୍ତି ।

ମୋଟାମୋଟି ସବୁ ଏହି ଯୋଜନାରେ ମାତ୍ର ଶତକଡ଼ା ୧୦ଭାଗ ଲୋକ ଉପକୃତ ହୋଇଛନ୍ତି । ୧୬ଭାଗ ଲୋକଙ୍କର ଅବସ୍ଥାର ସାମାନ୍ୟ ଉନ୍ନତି ଘଟିଅଛି ଏବଂ ଦୁଇ ତୃତୀୟାଂଶ ଲୋକଙ୍କ ଅବସ୍ଥାର କିଛି ଉନ୍ନତି ହୋଇନାହିଁ ଏବଂ ଏକ ଚତୁର୍ଥାଂଶ ଲୋକେ ଦରିଦ୍ର ହୋଇ ରହିଛନ୍ତି ।

ସାହାଯ୍ୟ ନେଇଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଶତକଡ଼ା ୫୨ ଭାଗ ଋଣ ପରିଶୋଧ କରିବାକୁ ପଡ଼ିବ ବୋଲି ଜାଣନ୍ତି ନାହିଁ ।

ଏହି ଅର୍ଥନୈତିକ ଅଭିଯାନ ଯୋଜନାରେ ଦରିଦ୍ରତମ ଲୋକଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାରୁ ଯେଉଁ ବ୍ୟବସାୟରେ ଦୈନନ୍ଦିନ ଖର୍ଚ୍ଚ ବେଶି ତାକୁ ଆଦୌ ଉତ୍ସାହିତ କରିବା ଅନୁଚିତ । ଗାଈ ବଳଦ ଯୋଗାଣ ନିଷିଦ୍ଧ ହେବା ଉଚିତ ଏବଂ ଅଳ୍ପ ତାଲିମରେ ଯେଉଁ ଧନ୍ଦା କରିହେବ କେବଳ ସେଥିପାଇଁ ଋଣ ମଞ୍ଜୁର ହେବା ବିଧେୟ । ଦରିଦ୍ର ଲୋକଙ୍କୁ ଚିହ୍ନଟ କରିବା ତଥା ଋଣ ପ୍ରଦାନ କରିବା ସରକାରୀ କର୍ମଚାରୀଙ୍କ ମାଧ୍ୟମରେ ନକରି ଅନ୍ୟଏକ ସ୍ୱତନ୍ତ୍ର ସଂସ୍ଥା ଜରିଆରେ ଏହି କାର୍ଯ୍ୟ କରାଯିବା ଉଚିତ ବୋଲି ପରାମର୍ଶ ଦିଆଯାଇଛି ।

ସଭାମଂଚରେ ବସିବାକୁ ଯାଇ ରାଜ୍ୟସଭା ସଦସ୍ୟଙ୍କ ହଟହଟା

କଟକର ଜନୈକ ରାଜ୍ୟସଭା ସଦସ୍ୟ ସଭା ମଞ୍ଚରେ ବସିବାକୁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରି ବାରମ୍ବାର ଅପଦସ୍ତ ହେଉଥିବାର ଏକ କୌତୁହଳପ୍ରଦ ବିବରଣୀ ଆମର ହସ୍ତଗତ ହୋଇଛି ।

କିଛି ଦିନତଳେ ରାଜ୍ୟ ଗୋମଙ୍ଗଳ ସମିତିର ଏକ ଗୃହ ଉଦଘାଟନ ଉପଲକ୍ଷେ ଆୟୋଜିତ ସଭାମଞ୍ଚରେ ନିମନ୍ତ୍ରିତ ୪ ଜଣ ଅତିଥିଙ୍କ ପାଇଁ ଚୌକି ପଡ଼ିଥିଲା । କିନ୍ତୁ ଅନାହୂତ ଭାବେ ମଞ୍ଚସ୍ଥିତ ଏକ ଚୌକିରେ ସଂପୃକ୍ତ ରାଜ୍ୟସଭା ସଦସ୍ୟ ବସିପଡ଼ିବାରୁ ଜଣେ ଅତିଥିଙ୍କ ପାଇଁ ଆଉ ସ୍ଥାନ ରହିଲା ନାହିଁ । ଏଥିରେ ବିରକ୍ତ ହୋଇ ବର୍ଷୀୟାନ ମନ୍ତ୍ରୀ ଉକ୍ତ ରାଜ୍ୟସଭା ସଦସ୍ୟଙ୍କୁ ତଳକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏଥିରେ ଅପମାନିତ ବୋଧ ନକରି କିଛି ସମୟ ପରେ ପୁଣି ସଭାମଞ୍ଚରେ ଅତିରିକ୍ତ ଚୌକି ପକାଇ ଉକ୍ତ ସଦସ୍ୟ ଜଣଙ୍କ ବସିଥିବା ଦେଖାଯାଇଥିଲା । ସେହିଭଳି ଏକ ବ୍ୟାଙ୍କର ଶାଖା ଅଫିସ ଉଦଘାଟନ ଅବକାଶରେ ସଂପୃକ୍ତ ରାଜ୍ୟସଭା ସଦସ୍ୟଙ୍କୁ ମଞ୍ଚକୁ ବସିବା ନିମନ୍ତେ ଡକା ନଯିବାରୁ ଦର୍ଶକଙ୍କ ଭିତରେ ବସି ଫୁଁ ଫାଁ ହୋଇ ସେଠାରୁ ସେ ଫେରିଥିଲେ ବୋଲି ଖବର ମିଳିଛି ।

Images: Aptakama Mishra, Processing: Srujanika

ସଫଳତାର କାହାଣୀ

ଅର୍ଥଲୋଭୀ ମହାଜନଙ୍କ ବ୍ୟବସାୟ ବନ୍ଦ

ଖାଣ୍ଡଗ୍ରାମ ଜି. ଜଗତାପ ବମ୍ବେର ଜଣେ କ୍ଷୁଦ୍ର ବ୍ୟବସାୟୀ । ଘାଣ୍ଟାକଡ଼ରେ ସେ କାଚ ଓ କାଠପଟାର ଫଟୋ ବନ୍ଧାଇ କରୁଥିଲେ । ସମାଜରେ ତାଙ୍କର ପ୍ରତିପତ୍ତି ଥିଲା ଏବଂ ତାଙ୍କର ଏହି ପରମ୍ପରାଗତ ମର୍ଯ୍ୟାଦାକୁ ସେ ଅକ୍ଷୁର୍ଣ୍ଣ ରଖିବାକୁ ସଚେଷ୍ଟ ଥିଲେ । ତେଣୁ ତାଙ୍କର ପ୍ରଭାବ ବଜାୟ ରଖିବା ପାଇଁ ତାଙ୍କ କନ୍ୟାର ବିବାହ ସମୟରେ ଅଧିକ ପଇସା ପଦର ପ୍ରୟୋଜନୀୟତା ଉପଲବ୍ଧି କରିଥିଲେ ତାଙ୍କ ବସ୍ତିରେ ଥିବା ଜଣେ ଲୋଭଖୋର ମହାଜନ ତାଙ୍କ ଇଚ୍ଛା ମୁତାବକ ଏକ ହଜାର ଟଙ୍କାର ଋଣ ଦେବା ପାଇଁ ରାଜି ହେଲେ । ଜଗତାପଙ୍କ ଆଶା ଆକାଶରେ ଚନ୍ଦ୍ରମା ଉଦୟ ହେଲା । ନିଜ କନ୍ୟାର ବିବାହ ପାରିପାଠିକ ରୀତିରେ ତଥା ଆଡ଼ମ୍ବର ସହକାରେ ସମାପନ କଲେ । ତାଙ୍କ ଝିଅ ବାହାଘରର ଭୋଜିଭାତ ଏବଂ ଅନ୍ୟାନ୍ୟ ବିଷୟ ବହୁଦିନ ଧରି ପଡ଼ୋଶି ମାନଙ୍କର ଚର୍ଚ୍ଚାର ବିଷୟ ହୋଇଥିଲା ।

ପଡ଼ୋଶୀମାନେ ଯେତେବେଳେ ତାଙ୍କର ପଦମର୍ଯ୍ୟାଦା ବିଷୟରେ ଆଲୋଚନା କରୁଥିଲେ ସେତେବେଳେ ସେ ସାମୟିକ ଭାବରେ ଉତ୍ଫୁଲ୍ଲ ହେଉଥିଲେ ମଧ୍ୟ ଅର୍ଥଲୋଭୀ ମହାଜନ ଠାରୁ ଆଣିଥିବା ଋଣଭାର ତାଙ୍କୁ ବ୍ୟତିବ୍ୟସ୍ତ କରୁଥିଲା । ଚିନ୍ତାରେ ତାଙ୍କର ମନ ସବୁବେଳେ ଉଦାସ ରହୁଥିଲା । ଫଟୋ ବନ୍ଧାଇରୁ ଯାହା କିଛି ମିଳୁଥିଲା ସେତକ ମହାଜନର ସୁଧ ଗଣ୍ଡୁ ଗଣ୍ଡୁ ଶେଷ ହୋଇ ଯାଉଥିଲା । ମନରେ ଅଶାନ୍ତିର ବାଜଣ୍ଡି ବଢ଼ିବା ସଙ୍ଗେ ସଙ୍ଗେ ସେ ଅଭାବ ଅନାଟନ ମଧ୍ୟରେ ସୁଧ ଗଣି ଗଣି ଡଳଡଳାନ୍ତ ହୋଇଗଲେ ।

ଘଟଣା କ୍ରମେ ଦିନେ ସେ ତାଙ୍କ ଦୁଃଖାବହ ଘଟଣାର କାହାଣୀ ରୋମନ୍ଥନ କରୁଥିଲେ ବଡ଼ ବ୍ୟବସାୟୀ ରାଣେଙ୍କ ସହିତ । ବିନା ଜମାନତରେ ତାଙ୍କୁ ଏକ ହଜାର ଟଙ୍କାର ଋଣ ତାଙ୍କ ବ୍ୟାଙ୍କରୁ ମିଳି ପାରିବ ବୋଲି ରାଣେ ସୂଚନା ଦେଇଥିଲେ । ମାତ୍ର ଜଗତାପଙ୍କ ପାଇଁ ଲଙ୍କାରେ ରାମନାମ ସଦୃଶ ଅବିଶ୍ୱାସ ମନେ ହେଲା । ମାତ୍ର ଯେତେବେଳେ ସେ ରାଣେଙ୍କ ସହ ବ୍ୟାଙ୍କ ଅଫ୍ ବରୋଦାର ସ୍ଥାନୀୟ ବ୍ରାଞ୍ଚ ମ୍ୟାନେଜରଙ୍କୁ ସାକ୍ଷାତ କଲେ ତାଙ୍କର ସନ୍ଦେହ ଦୂର ହେଲା । ଋଣ ସମ୍ବନ୍ଧୀୟ ଯାବତୀୟ କାଗଜ ପତ୍ର ତିଆରି କରି ସାରିବା ପରେ ତାଙ୍କୁ ଦୁଇ ହଜାର ଟଙ୍କା ଋଣ ପ୍ରଦାନ କରାଗଲା ।

ଜଗତାପ ମନରେ ଦୃଢ଼ ଆଶା ନେଇ ନିଜ ଦୋକାନକୁ ଫେରି ଆସିଥିଲେ । ସେ ଅର୍ଥଲୋଭୀ ମହାଜନଙ୍କ ମୂଳ ଓ ସୁଧ ପଇଠ କରି ଋଣ ଭାରରୁ ମୁକ୍ତ ହେଲେ । ଦୀର୍ଘ ଦିନରୁ ଥିବା ଋଣ ଭାରରୁ ମୁକ୍ତ ହୋଇ ପାରି ଥିବାରୁ ସେ ଶାନ୍ତିରେ ନିଃଶ୍ୱାସ ମାରିଲେ । ତା ପରେ ତାଙ୍କର ବ୍ୟବସାୟର ଉନ୍ନତି ପାଇଁ ସେ ମନୋନିବେଶ କଲେ । କଠୋର ଅଧ୍ୟବସାୟ ଦ୍ୱାରା ସେ ଅଳ୍ପଦିନ ଭିତରେ ବ୍ୟାଙ୍କ ଋଣ ପରିଶୋଧ କରି ପାରିଥିଲେ ଏବଂ କିଛି ସଞ୍ଚୟ କରିବା ପାଇଁ ବ୍ୟାଙ୍କରେ ସଞ୍ଚୟ ଆକାଉଣ୍ଟ ଖୋଲିଥିଲେ ।

ପୁନଶ୍ଚ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସେ ଅନ୍ୟ ଏକ ଋଣ ନିମନ୍ତେ ଆବେଦନ କଲେ ଏବଂ ତିନି ହଜାର ଟଙ୍କାର ଋଣ ମଞ୍ଜୁର ହେଲା । ସେ ଏହି ପଇସାରେ ତାଙ୍କ ବ୍ୟବସାୟ ସମ୍ବନ୍ଧୀୟ ଯାବତୀୟ ଆୟ ଜମାକଲେ । କ୍ରମେ ବ୍ୟବସାୟ ବୃଦ୍ଧି ପାଇବାକୁ ଲାଗିଲା ।

ବର୍ତ୍ତମାନ ସେ ଆଉ ବ୍ୟାଙ୍କର ଋଣୀ ନୁହଁନ୍ତି । ଅନ୍ୟ ପକ୍ଷରେ ସେ ତାଙ୍କ ଆକାଉଣ୍ଟରେ ସହସ୍ରାଧିକ ଅର୍ଥ ଜମା କରିବାରେ ସକ୍ଷମ ହୋଇ ପାରିଛନ୍ତି ।

ଜଗତାପ ନିଜ ଫଟୋବନ୍ଧାଇ ବ୍ୟବସାୟର ଗୁଣାତ୍ମକ ମାନ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଏବଂ ତାଙ୍କ କାମ ଉପରେ ଲୋକଙ୍କର ଅଗାଧ ବିଶ୍ୱାସ ରହିଛି ।

ସେହିପରି ମାରୁତି ମହାଦେବ ଭଗତ ଜଣେ ମୋଚି । ସେ ତାଙ୍କର ବ୍ୟବସାୟିକ ବାକସ କାନ୍ଧରେ ଧରି ଗଳି ଗଳି ବୁଲୁଥିଲେ । ସେଥିରେ ସେ ନିଜ ପରିବାରକୁ ଦୈନିକ ଗୋଟିଏ ଓଳି ଖାଦ୍ୟ ଯୋଗାଇବାରେ ସକ୍ଷମ ହେଉ ନଥିଲେ । ଦିନ ସାରା ଚପଲ ମରାମତି ଏବଂ ପାଲିସ କରିବାରେ ଯାହାକିଛି ମିଳୁଥିଲା ସେତକ ଅସାଧୁ ମହାଜନର ସୁଧ ଗଣିବାରେହିଁ ଶେଷ ହୋଇ ଯାଉଥିଲା । ବିଚରା ମାରୁତି ଭୋକ ଉପାସ ଏବଂ ଅଭାବ ଅନାଟନ ପୂର୍ଣ୍ଣ ସଂସାରକୁ କୌଣସି ପ୍ରକାରେ ଚଳାଇ ନେଉଥିଲେ ।

ଦିନେ ସ୍ଥାନୀୟ ଏକ ବ୍ୟାଙ୍କର ଶାଖାର ବ୍ରାଞ୍ଚ ମ୍ୟାନେଜର ତାଙ୍କ ଛିଣ୍ଡା ଚପଲର ମରାମତି ନିମନ୍ତେ ମାରୁତି ଦୋକାନରେ ଉପସ୍ଥିତ ହେଲେ । ବ୍ରାଞ୍ଚ ମ୍ୟାନେଜରଙ୍କ ପ୍ରକୃତ ପରିଚୟ ମାରୁତିକୁ ଜଣା ନଥିଲା । ତାଙ୍କ ଚପଲ ମରାମତି ମରୁଥିବା ସମୟରେ ନିଜର ଦୁଃଖପୂର୍ଣ୍ଣ ଜୀବନ କାହାଣି ଶୁଣାଉଥିଲେ । ଚପଲ ମରାମତି ସରିଲା-ଗ୍ରାହକ ମାରୁତିକୁ ସାଙ୍ଗରେ ଯିବା ପାଇଁ କହିଲେ । ତାଙ୍କୁ ମଧ୍ୟ ବ୍ୟାଙ୍କ ପକ୍ଷରୁ ଜମାନତ ବିହୀନ ଦୁଇ ଶହ ଟଙ୍କାର ଏକ ଋଣ ମଞ୍ଜୁର କରାଗଲା ।

ଉପରୋକ୍ତ ଘଟଣା ଘଟିବାର ଆଜକୁ ତିନି ବର୍ଷ ବିତିଗଲାଣି । ଆଜି ମାରୁତି ଓ ତାଂକ ପରିବାରକୁ ଅନ୍ନ ପାଇଁ ଚିନ୍ତା କରିବାକୁ ପଡ଼ୁନାହିଁ । ସେ ଧନୀ ନ ହେଲେ ସୁଦ୍ଧା ଆଜି ତାଙ୍କ

Images: Aptakama Mishra, Processing: Srujanika

ବରାହମିହିରଙ୍କ ସୂତ୍ର ସାହାଯ୍ୟରେ ଖଣିଜ ଦ୍ରବ୍ୟ ଓ ଭୂଗର୍ଭସ୍ଥ ଜଳର ସନ୍ଧାନ କରି ହେବ

ବୃହତ୍ ସଂହିତାର ୫୪ତମ ଅଧ୍ୟାୟରେ ୧୨୫ଟି ଶ୍ଳୋକରେ ଏହାର ସବିଶେଷ ଚର୍ଚ୍ଚା କରାଯାଇଛି ବୋଲି ଭୂତତ୍ତ୍ୱବିତ୍‌ଙ୍କ ମତ

ଭୂପୃଷ୍ଠର ଅତି ନିମ୍ନରେ ଥିବା ଜଳ ସଂପଦ ଠାବ କରିବା ଆଧୁନିକ ବୈଜ୍ଞାନିକ ମାନଙ୍କ ପକ୍ଷେ ଏକ ସମସ୍ୟା ହୋଇ ଏ ପର୍ଯ୍ୟନ୍ତ ରହିଛି । କିନ୍ତୁ ଭାରତୀୟ ପ୍ରସିଦ୍ଧ ଗଣିତଜ୍ଞ ତଥା ଜ୍ୟୋତିଷ ବରାହ ମିହିରଙ୍କ ପ୍ରଣୀତ ବୃହତ୍ ସଂହିତା ସାହାଯ୍ୟରେ ଏ ସମସ୍ୟାର ସମାଧାନ କରିହେବ ବୋଲି ଦେଶର ବିଶିଷ୍ଟ ଭୂତତ୍ତ୍ୱବିତ୍ ତଥା ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ଡକ୍‌ଟର ଇ. ଏ. ଭି ପ୍ରସାଦ କହିଛନ୍ତି ।

୬ଷ୍ଠ ଖ୍ରୀଷ୍ଟାବ୍ଦରେ ବରାହମିହିର ଉକ୍ତ ସଂହିତା ରଚନା କରିଥିଲେ ଏବଂ ଏହା ବିଭିନ୍ନ ଖଣିଜ ଦ୍ରବ୍ୟ ଠାବ କରିବାରେ ମଧ୍ୟ ସହାୟତା କରିପାରିବ ।

ପାରଂପାରିକ ଭାବରେ ଜଳ ଠାବ କରିବାକୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କେତେ କୂପ ଖନନ କରିବାକୁ ପଡ଼ିଥାଏ । ଏହା ମଧ୍ୟରୁ ମାତ୍ର କେତୋଟି କାମରେ ଲାଗେ ବାକି ଗୁଡ଼ିକ ଅଯଥା ଖର୍ଚ୍ଚ ହୋଇ ଯାଏ । ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ମଧ୍ୟ ଶତକଡ଼ା ୧୦୦ ଭାଗ ସଫଳତା ମିଳି ନଥାଏ । ଲିଥୋଷ୍ଟିଅର ଓ ରକ୍ଷ୍ଟ୍ରକଚର ଭିନ୍ନତାର ଏହାର ମୁଖ୍ୟ କାରଣ ।

କିନ୍ତୁ ବୃହତ ସଂହିତାରେ ଗ୍ରାଉଣ୍ଡ ୱାଟର ହାଇଡ୍ରୋଲୋଜିର ସବିଶେଷ ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରେ ବାୟୋବୋଟାନି ଓ ବାୟୋଜିଓକେମିଷ୍ଟ୍ରିର ସବିଶେଷ ବିବରଣୀ ସୂତ୍ର ମାଧ୍ୟମରେ ପ୍ରକାଶ କରାଯାଇ ଥିବାରୁ କୂପ ଖନନ ନକରି ମଧ୍ୟ ଜଳ ଠାବ କରିହେବ ।

ଡକଟର ପ୍ରସାଦ ବରାହ ମିହିରଙ୍କ କାର୍ଯ୍ୟ ଉପରେ ଏକ ଆନ୍ତର୍ଜାତିକ ସେମିନାରର ଆୟୋଜନ କରିଛନ୍ତି ଏବଂ ନଭେମ୍ବର ମାସରେ ସେମିନାର ଅନୁଷ୍ଠିତ ହେବ ।

ସେହି ସେମିନାରରେ ଯୋଗ ଦେଉଥିବା ପ୍ରତିନିଧିବର୍ଗଙ୍କ ନିକଟକୁ ସେ ଲେଖିଥିବା ଏକ ପତ୍ରରେ ଡକ୍‌ଟର ପ୍ରସାଦ କହିଛନ୍ତି ଯେ ବୃହତ୍ ସଂହିତାର ୫୪ତମ ଅଧ୍ୟାୟରେ ଥିବା ୧୨୫ଟି ଶ୍ଳୋକରେ ଟ୍ରପିକାଲ ଗ୍ରାଉଣ୍ଡ ୱାଟର ହାଇଡ୍ରୋଲୋଜି ସମ୍ପର୍କରେ ବହୁବିଧ ବିଦ୍ୟାର ଚର୍ଚ୍ଚା କରାଯାଇଛି । ଏହି ଶ୍ଳୋକ ଗୁଡ଼ିକ ସୂତ୍ରାକାରରେ ରଚିତ ଏବଂ ବନସ୍ପତି ବା ଉଦ୍ଭିଦକୁ କିପରି ଜଳ ଓ ଖଣିଜ ସଂପଦ ଠାବ କରିବା ଦିଗରେ ବିନିଯୋଗ କରାଯାଇ ପାରିବ ତାହାର ସୂଚନା ଦିଆଯାଇଛି । ପ୍ରତ୍ୟେକ ନିର୍ଦ୍ଦିଷ୍ଟ ବୃକ୍ଷର ଅବସ୍ଥିତିରୁ ଜଳ ସଂପଦର ଦୂରତ୍ୱ, ଦିଗ, ଏବଂ ଗଭୀରତା କିପରି ମାପିହେବ ତାହା ଉକ୍ତ ସୂତ୍ରରେ ବର୍ଣ୍ଣିତ ହୋଇଛି । ଏପରିକି ଉକ୍ତ ସୂତ୍ରରୁ ଜଳର ମାନ, ପରିମାଣ ଏବଂ ଏହା କେଉଁ ଦିଗରେ ପ୍ରବାହିତ, ତାହାମଧ୍ୟ ଠାବ କରାଯାଇ ପାରିବ । ଯେଉଁ ବୃକ୍ଷରାଜି ଜଳର ଅନୁପସ୍ଥିତି ଘୋଷଣା କରେ ତାହାର ମଧ୍ୟ ବର୍ଣ୍ଣନା କରାଯାଇଛି । ଏବେ ଏହାକୁ ଅତି ସହଜରେ ମନେରଖାଯାଇ ପାରେ । ଏ ସମ୍ପର୍କୀୟ ୫୨ତମ ଶ୍ଳୋକଟି ହେଉଛି "ଅତୃଣେ ସତୃଣ ଯସ୍ମିନ ; ତୃଣବର୍ଜିତ ମସ୍ମିଯତ୍ । ତସ୍ମିନ ଶିର ପ୍ରଦିସ୍ତ ; ବକ୍ତବ୍ୟଂ ବା ଧନମ୍ ବ୍ୟସ୍ମିନ୍ । ଯାହାର ଅର୍ଥ ହେଉଛି ଘାସୁଆ ଅଞ୍ଚଳରେ ଯଦି କୌଣସି ସ୍ଥାନ ତୃଣହୀନ ହୋଇଥିବ ଅଥବା ତୃଣହୀନ ଅଞ୍ଚଳର କୌଣସି ସ୍ଥାନରେ ଘାସ ଥିବ ତେବେ ସେଠାରେ ଜଳ ବା ଅନ୍ୟ ସଂପଦ (ଏଠାରେ ଖଣିଜ ସଂପଦ) ଥିବା ନିଶ୍ଚିତ । ଏହି ତତ୍ତ୍ୱ ପଛରେ ଥିବା ଆଧୁନିକ ବୈଜ୍ଞାନିକ ଥିଓରି ହେଉଛି, ବୃକ୍ଷମାନେ ଜଳହୀନ ଓ ଜଳବହୁଳ ଅଞ୍ଚଳରେ ସମାନ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ହେଲେ ଖାଦ୍ୟସାର ଥିବା ଭୂମି, ଖାଦ୍ୟସାର ନଥିବା ଭୂମିରେ ମଧ୍ୟ ସେମାନଙ୍କର ପ୍ରତିକ୍ରିୟା ସହଜରେ ଜଣାପଡ଼ିଥାଏ । ତେଣୁ ବୃକ୍ଷର ବର୍ଦ୍ଧନ ଓ ଅବସ୍ଥିତି ଦେଖି ଜଳ ମିଳି ପାରିବ କି ନାହିଁ ତାହା କୁହାଯାଇପାରେ ।

ଗଛରୁ ଖଣିଜ ସଂପଦ କିପରି ଠାବ କରାଯାଇପାରିବ ସେ ବିଷୟରେ ଡକ୍‌ଟର ପ୍ରସାଦ କହନ୍ତି ଯେ ନିକେଲ, ସିଲଭର, ଟିଣ, ତମ୍ବା, ଅଧିକ ଗୁରୁଧାତୁ ଗୁଡ଼ିକ ବୃକ୍ଷରେ ବିଷ ସଞ୍ଚାର କରିଥାନ୍ତି । ନିଜ ଖାଦ୍ୟ ସହିତ ଗଛ ଏହି ଧାତୁ ଗ୍ରହଣ କଲେ ତା ଶରୀରରେ କେତେକ ପ୍ରତିକ୍ରିୟା ଲକ୍ଷ୍ୟ କରାଯାଏ । ଏହି ବିଷାକ୍ତ ପ୍ରତିକ୍ରିୟାରୁ ଖଣିଜ ଦ୍ରବ୍ୟ ଠାବ କରିବା ସହଜ ହୁଏ । ବରାହ ମିହିର ଏ ବିଷୟ ମଧ୍ୟ ଭଲ ଭାବେ ଆଲୋଚନା କରିଛନ୍ତି ।

ପାଶ୍ଚାତ୍ୟ ଜଗତରେ ଜିଓବୋଟାନି ଉପରେ ବିଶେଷ କିଛି କାମ ହୋଇ ନଥିବା ଦୃଷ୍ଟିରୁ ବୃହତ୍ ସଂହିତା ହିଁ ପୃଥିବୀର ଏକ ମାତ୍ର ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ଏବଂ ଆସନ୍ତା ସମ୍ମିଳନୀରେ ଏ ବିଷୟରେ ବ୍ୟାପକ ଚର୍ଚ୍ଚା ହେବ । ୟୁ ଜି ସି ପକ୍ଷରୁ ଏହି ସମ୍ମିଳନୀକୁ ସାହାଯ୍ୟ କରାଯାଉଛି । □

ଜୀବନ ଶାନ୍ତିପୂର୍ଣ୍ଣ ଏବଂ ନିରାପଦ ଅଟେ । ବର୍ତ୍ତମାନ ସେ ଆଉ ଗଳିକନ୍ଦି ନବୁଲି ଗୋଟିଏ କାଠ କ୍ୟାବିନରେ ନିଜର ଦୋକାନ ଖୋଲିଛନ୍ତି । ନିଜର ସମସ୍ତ ବ୍ୟବସାୟିକ ଯନ୍ତ୍ରପାତି ତାଙ୍କ ପାଖରେ ରହିଛି । ସେ ନିଜେ ଜୋତା ଓ ଚପଲ ତିଆରି କରି ବିକ୍ରୟ କରୁଛନ୍ତି ।

ଜଗତାପ ଏବଂ ମାରୁତିକୁ ଆଜି ବ୍ୟାଙ୍କ ସହାୟତା ହିଁ ଅର୍ଥ ଲୋଭୀ ରାକ୍ଷସଙ୍କ କବଳରୁ ରକ୍ଷା କରି ପାରିଛି । □

ତୁଳସୀର ଜନ୍ମ ନିରୋଧ ଶକ୍ତି

ତୁଳସୀ ପତ୍ର ରସରେ ଜନ୍ମ ନିରୋଧକ ଗୁଣ ରହିଥିବା ପଣ୍ଡିଚେରୀରେ ବୈଜ୍ଞାନିକ ମାନେ ପଶୁ ମାନଙ୍କ ଉପରେ ପରୀକ୍ଷା କରି ଜାଣିପାରିଛନ୍ତି ।

ସେଠାରେ ଥିବା ଜବାହରଲାଲ ଇନଷ୍ଟିଚ୍ୟୁଟ ଅଫ ପୋଷ୍ଟ ଗ୍ରାଜୁଏଟ ମେଡ଼ିକାଲ ଏଡୁକେସନ ଆଣ୍ଡ ରିସର୍ଚ୍ଚ ସଂସ୍ଥାର ବୈଜ୍ଞାନିକ ମାନେ ଗୋଟିଏ ଧଳା ମୂଷାକୁ ତା ଖାଦ୍ୟ ସହିତ ମାସେ କାଳ ତୁଳସୀ ପତ୍ର ଦେବାପରେ ସେ ମାଈ ମୂଷା ମାନଙ୍କୁ ଗର୍ଭବତୀ କରି ପାରିଲା ନାହିଁ ।

ସେହି ସଂସ୍ଥାର ମୁଖ୍ୟ ଡକ୍ଟର ଏସ ରାମକୃଷ୍ଣନ କହନ୍ତି ଯେ ଦୈନିକ ୪୦୦ ମିଲିଗ୍ରାମ ତାଜା ତୁଳସୀ ପତ୍ର ଖାଇବା ଦ୍ୱାରା ଏହି ଜନ୍ମନିରୋଧ ପ୍ରକ୍ରିୟା ସୃଷ୍ଟି ହେଉଛି । □

Images: Aptakama Mishra, Processing: Srujanika

ଆକ୍ୟୁପଙ୍କଚର ଭାରତରୁ ସୃଷ୍ଟି ହୋଇଥିଲା

ଭାରତୀୟମାନେ ଚର୍ଚ୍ଚା ରଖିବା ଆକ୍ୟୁପଙ୍କଚର ଥିଓରୀ ଅନୁସାରେ ବିଜ୍ଞାନ ସମ୍ମତ ଏବଂ ଏଥିରୁ ବହୁତ ଉପକାର ମିଳେ

ଏବେ ଚୀନରେ ଆକ୍ୟୁପଙ୍କଚର ଚିକିତ୍ସା ପ୍ରଣାଳୀର ବିଶେଷ ଉନ୍ନତି ସାଧିତ ହୋଇଥିଲେ ମଧ୍ୟ ପ୍ରକୃତ ପକ୍ଷେ ଭାରତରେ ଏହି ବିଦ୍ୟାର ସର୍ଜନା ହୋଇଥିଲା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ଆକ୍ୟୁପଙ୍କ୍ଚର ଚିକିତ୍ସାରେ କେତେକ ଛୁଞ୍ଚି ଶରୀରରେ ବିଦ୍ଧ କରାଯାଇ ରୋଗର ଚିକିତ୍ସା କରାଯାଏ । ପୁରାତନ କାଳରୁ ଭାରତର ବ୍ରାହ୍ମଣମାନେ ଯେଉଁ ଚୁଟି ରଖୁଥିଲେ ତା ପଛରେ ବିଜ୍ଞାନ ସମ୍ମତ କାରଣ ଥିଲା । ଲଣ୍ଡିତ ମସ୍ତକର ଯେଉଁ ସ୍ଥାନରେ ଚୁଟି ରହେ ତାହାକୁ ଚୀନା ଆକ୍ୟୁପଙ୍କଚର ବିଶେଷଜ୍ଞମାନେ 'ବାଇହୁଏ' ବା ଆଶୀର୍ବାଦ ସ୍ଥଳ ବୋଲି ଅଭିହିତ କରିଥାନ୍ତି ।

ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଆକ୍ୟୁପଙ୍କଚରର ସଭାପତି ତଥା ଇଣ୍ଡିଆନ ଆକ୍ୟୁପଙ୍କଚର ସେଣ୍ଟରର ଡିରେକ୍ଟର ଡକ୍ଟର ପି କେ ସିଂହ କହନ୍ତି ଯେ ଚୀନା ଭାଷାରେ 'ବାଇହୁଏ'ରେ ସହସ୍ରାଧିକ ଆକ୍ୟୁପଙ୍କଚର ପ୍ରେସର ପଏଣ୍ଟ ଏକତ୍ରିତ ହୋଇଥିବାରୁ ସେଠାରେ ଚୁଟି ରଖିବା ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ ଅନୁକୂଳ । ଗତ ଅଗଷ୍ଟ ମାସରେ ବଙ୍ଗଠାରେ ପ୍ରାୟ ୧୦୦ ଆକ୍ୟୁପଙ୍କଚରିଷ୍ଟଙ୍କ ଏକ ସମ୍ମିଳନୀରେ ଏକ ସନ୍ଦର୍ଭ ପାଠ କରି ଡକ୍ଟର ସିଂହ ଏହା ବୁଝାଇଥିଲେ ଭାରତୀୟ ତନ୍ତ୍ର ଶାସ୍ତ୍ରରେ କୁଣ୍ଡଳିନୀ ଚକ୍ରର ଯେଉଁ ବର୍ଣ୍ଣନା ଅଛି ତାହା ମଧ୍ୟ ଚୀନ ଆକ୍ୟୁପଙ୍କଚରର ପଦ୍ଧତିରେ ବିଭିନ୍ନ ପ୍ରେସର ପଏଣ୍ଟ ।

ତାଙ୍କ ତତ୍ତ୍ୱକୁ ଅଧିକ ଯୁକ୍ତି ସାପେକ୍ଷ କରିବାକୁ ଡକ୍ଟର ସିଂ ମହାଭାରତରେ ବର୍ଣ୍ଣିତ ଭୀଷ୍ମଙ୍କ ଶରଶଯ୍ୟାର ଅବତାରଣା କରିଥିଲେ । ପିତାମହ ଭୀଷ୍ମଙ୍କୁ ୫୮ ଦିନ ପର୍ଯ୍ୟନ୍ତ ଜୀବିତ ରଖିବା ପାଇଁ ତାଙ୍କ ପିଠିର ଦୁଇଟି ସ୍ଥାନରେ ଛୁଞ୍ଚି ଫୁଟାଯାଇଥିଲା ଏବଂ ତାଙ୍କର ଶରଶଯ୍ୟା ବସ୍ତୁତଃ ଏକ ଆକ୍ୟୁପଙ୍କଚର ଚିକିତ୍ସା ।

ଡକ୍ଟର ସିଂହ କହନ୍ତି ମନୁଷ୍ୟ ଶରୀରର ଛଅଗୋଟି ନୂତନ ଆକ୍ୟୁପଙ୍କଚର ପଏଣ୍ଟ ଆବିଷ୍କାର କରିଥିବା ତାଙ୍କ ସନ୍ଦର୍ଭରେ ଦର୍ଶାଇଛନ୍ତି । ଏହା ମଧ୍ୟରୁ ଗୋଟିଏ ନାଭିରେ ଅବସ୍ଥିତ ଏବଂ ଶ୍ୱାସ ସମ୍ପର୍କିତ ରୋଗ ଏହା ସାହାଯ୍ୟରେ ଭଲ କରାଯାଇ ପାରେ ଏବଂ ଅନ୍ୟ ଦୁଇଟି ହେଉଛି ମନୁଷ୍ୟ କୋଷରେ । ଏହାକୁ ପୁରୁଷର ନପୁଂସକତା ଦୂର କରିବାକୁ ବ୍ୟବହାର କରାଯାଇପାରେ ।

ଆକ୍ୟୁପଙ୍କଚର ପ୍ରଣାଳୀରେ ଗତ ସାଢ଼େ ତିନିବର୍ଷ ଭିତରେ ସେ ୨୦ରୁ ୩୫ ବର୍ଷ ବୟସ୍କ ଆନିମିଆ ରୋଗ ଏବଂ ରକ୍ତକର୍କଟ ଭଲ କରିଥିବା ଦାବୀ କରିଛନ୍ତି । □

ଗରିବଙ୍କ ସାଥୀ ୟୁନାନୀ ଔଷଧ

ଶ୍ରୀ ମୁଲୁଗୁ ସୋମଶେଖର

ଭାରତର ଅଗଣିତ ଦରିଦ୍ର ଲୋକଙ୍କ ପକ୍ଷେ ଚିକିତ୍ସା ପାଇଁ ଆଧୁନିକ ଔଷଧ ବ୍ୟବହାର କରିବା ଏକ କଳ୍ପନା ବିଳାସ ବୋଲି କୁହାଯାଇ ପାରେ । ବିଶେଷ କରି ଦୂଷିତ ବାତାବରଣ, ଭେଜାଲ ଖାଦ୍ୟ ଖାଇବା ଫଳରେ ଦରିଦ୍ର ଲୋକେ ହିଁ ବିଶେଷ ଭାବେ ରୋଗଗ୍ରସ୍ତ ହୋଇଥାନ୍ତି । କିନ୍ତୁ ସେମାନଙ୍କର ଏ ଦିଗରେ ଏକ ମାତ୍ର ଆଶା ଭରସା ହେଉଛି କବିରାଜ ଏବଂ ୟୁନାନୀ ବା ସିଦ୍ଧ ଚିକିତ୍ସା ।

ଏହି କବିରାଜ ଏବଂ ୟୁନାନୀ ଔଷଧ ପତ୍ର କେବଳ ଗାଁ ଗହଳରେ ଲୋକେ ହିଁ ବ୍ୟବହାର କରୁଥିଲେ । ଜାତୀୟ ସ୍ତରରେ ଏ ଦିଗରେ ଆନୁଷଙ୍ଗିକ ଗବେଷଣା ଅଭାବ ଯୋଗୁ କେବଳ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଏହି ଚିକିତ୍ସା ପ୍ରଣାଳୀର ଆଲୋକ ବର୍ତ୍ତିକା ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । କିନ୍ତୁ ୧୯୬୯ ମସିହାରେ କେନ୍ଦ୍ର ସରକାର ଭାରତୀୟ ହୋମିଓପ୍ୟାଥି ଔଷଧ ସମ୍ବନ୍ଧରେ ଗବେଷଣା କରିବାକୁ ଏକ କେନ୍ଦ୍ରୀୟ ପରିଷଦ ଗଠନ କରିବାରୁ ସେ ପର୍ଯ୍ୟନ୍ତ ଅବହେଳିତ ଓ ଅନାଦୃତ ହୋଇ ରହିଥିବା ଆୟୁର୍ବେଦ, ହୋମିଓପ୍ୟାଥି ଓ ୟୁନାନୀ ଚିକିତ୍ସାର ପ୍ରସାର କ୍ଷେତ୍ରରେ ସାମାନ୍ୟ ଆଶାର ସଞ୍ଚାର ହେଲା । ୟୁନାନୀ ଚିକିତ୍ସା ପାଇଁ ୧୯୭୨ ମସିହାରେ ହାଇଦ୍ରାବାଦରେ ଏକ କେନ୍ଦ୍ରୀୟ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଗଲା ଏବଂ ସେହି ସଂସ୍ଥା ଆଦିବାସୀ ଅଞ୍ଚଳରେ ପ୍ରଚଳିତ ଚିକିତ୍ସା ପ୍ରଣାଳୀ ଓ ୟୁନାନୀ ଚିକିତ୍ସା ପ୍ରଣାଳୀ ସମ୍ବନ୍ଧରେ ଗବେଷଣା ଆରମ୍ଭ କଲେ ।

ଏହା ଆରମ୍ଭ ହେବାର ଦଶ ବର୍ଷ ଭିତରେ ଏ ଅନୁଷ୍ଠାନ ଆନ୍ତର୍ଜାତିକ ଖ୍ୟାତି ଲାଭ କଲା ଏବଂ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ୟୁନାନୀ ଔଷଧର ମଧ୍ୟ ମାନ ନିର୍ଦ୍ଧାରଣ କଲା ।

ଡାକ୍ତର ମହମ୍ମଦ ହାକିମ ଇକବାଲ ଅଲ୍ଲୀଙ୍କ ମତରେ ଆମ ଶରୀର ଯେପରି ପ୍ରକୃତି ଦତ୍ତ, ରୋଗ ମଧ୍ୟ ସେହିପରି ପ୍ରକୃତିଦତ୍ତ । ତେଣୁ ଏହି ରୋଗ ଭଲ କରିବାର ଔଷଧ ମଧ୍ୟ ପ୍ରକୃତି ବକ୍ଷରେ ରହିଛି ବୋଲି ବିଶ୍ୱାସ କରି ଆମେ ବିଭିନ୍ନ ଔଷଧୀୟ ଲତା, ଗୁଳ୍ମ ଆବିଷ୍କାର କରିବାକୁ ଚେଷ୍ଟା କରୁ । ପ୍ରାକୃତିକ ପରିବେଶରେ ବଢ଼ିଥିବା ଲତା ଓ ଗୁଳ୍ମ ଆଦିରୁ ପ୍ରସ୍ତୁତ ଔଷଧ ସେବନ କଲେ ଶରୀର ଉପରେ ଏହାର କୁପ୍ରଭାବ ପଡ଼େ ନାହିଁ ବୋଲି ୟୁନାନୀ ପ୍ରଣାଳୀ ବିଶ୍ୱାସ କରେ ।

ୟୁନାନୀ ଔଷଧ ଉପରେ ଗବେଷଣା କରୁଥିବା ସର୍ବୋଚ୍ଚ ରାଷ୍ଟ୍ରୀୟ ସଂସ୍ଥା ଅଧୀନରେ ହାଇଦ୍ରାବାଦସ୍ଥ କେନ୍ଦ୍ରୀୟ ଗବେଷଣା ସଂସ୍ଥା ଓ ମାନ୍ଦ୍ରାଜ, ଭଦ୍ରଖ, ପାଟନା ଓ ଲକ୍ଷ୍ନୌରେ ଚାରୋଟି ଆଞ୍ଚଳିକ ଗବେଷଣାଗାର କାର୍ଯ୍ୟ କରୁଛି । ଏହା ଛଡ଼ା ୧୬ଟି କ୍ଲିନିକାଲ୍ ରିସର୍ଚ୍ଚ ୟୁନିଟ

Images: Aptakama Mishra, Processing: Srujanika

୪ଟି ଚିକିତ୍ସା ସାହିତ୍ୟ ଗବେଷଣା କେନ୍ଦ୍ର ଓ ଔଷଧୀ ଗଛ ସର୍ଭେ ପାଇଁ ଦୁଇଟି ଦଳ ଓ ଗୋଟିଏ ଔଷଧୀ ବୃକ୍ଷ ଉଦ୍ୟାନ ମଧ୍ୟ ରହିଛି ।

ଆଦିବାସୀ ମାନଙ୍କ ସଙ୍ଗୀତ ବା ଲୋକ ଗୀତରେ ଯେଉଁ ସବୁ ଚିକିତ୍ସା ପ୍ରଣାଳୀ ବିଷୟରେ ପୁରୁଷାନୁକ୍ରମେ ବର୍ଣ୍ଣିତ ହୋଇ ଆସିଛି ସେ ବିଷୟରେ ମଧ୍ୟ ଉକ୍ତ ସଂସ୍ଥା ପକ୍ଷରୁ ଅଧ୍ୟୟନ କରାଯାଉଛି ।

ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରି ଗବେଷକ ମାନେ ଏ ପର୍ଯ୍ୟନ୍ତ ୯୧୭୭ଟି ଔଷଧୀ ବୃକ୍ଷ ଓ ଦେଶର ବିଭିନ୍ନ ଅଞ୍ଚଳରେ ଚିକିତ୍ସା ସଂପର୍କୀୟ ପ୍ରଚଳିତ ୮୪୪ଟି ଲୋକ ଗୀତ ସଂଗ୍ରହ କରିଛନ୍ତି ।

କୌଣସି ଜାଗାରେ ଚିକିତ୍ସା ସମ୍ବନ୍ଧୀୟ ଲୋକଗୀତ ଶୁଣିଲେ ତାହା ସତ୍ୟାସତ୍ୟ ନିରୂପଣ ପାଇଁ ପ୍ରାଥମିକ ଗବେଷଣା ଆରମ୍ଭ କରାଯାଏ । ଆନ୍ଧ୍ରରେ ଏକ ପ୍ରଚଳିତ ଲୋକ ଗୀତରେ ଲକ୍ଷ୍ମଣ ପାଞ୍ଜି ନାମକ ଏକ ଗୁଳ୍ମର କେତେ ଟୋପା ରସ ଜଣେ ଗର୍ଭବତୀ ମହିଳା ଡାହାଣ ପଟ ନାକ ପୁଡ଼ାରେ ଶୁଙ୍ଘିଲେ ପୁଅ ଓ ବାମ ପଟେ ଶୁଙ୍ଘିଲେ ଝିଅ ହେବ ବୋଲି ବର୍ଣ୍ଣନା ଅଛି ।

ମ୍ୟାଲେରିଆ, ଡାଏରିଆ, ରିଉମାଟିଏଡ୍ ଆରଥ୍ରାଇଟିସ ଏବଂ ଫାଇଲେରିଆ ପ୍ରଭୃତି ରୋଗ ଭଲ କରିପାରୁଥିବା ୩୦ଟି ଔଷଧୀ ବୃକ୍ଷ ସମ୍ପର୍କରେ ଏ ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ କରାଗଲାଣି । ସେହିଭଳି ଔଷଧୀ ଗୁଣଯୁକ୍ତ ୪୦୦ଟି ଅନ୍ୟ ଗଛ ଠାବ କରାଗଲାଣି । ଇନଷ୍ଟିଚ୍ୟୁଟ ବଗିଚାରେ ଏଗୁଡ଼ିକୁ ଏବେ ବଢ଼ା ଯାଉଛି ।

ହଳଦିଆ କାମଳ ଭଲ କରିବା ପାଇଁ ୟୁନାନୀ ପକ୍ଷରୁ ଏକ ଔଷଧ ବାହାର କରାଯାଇପାରିଛି । ଏହି ଔଷଧରୁ ଦୁଇଟୋପା ଲେଖାଏ ପ୍ରତିଦିନ ଦୁଇ ଥର ଲେଖାଏ ଖାଲି ପେଟରେ ଖାଇଲେ ଦୁଇ ସପ୍ତାହ ଭିତରେ ରୋଗୀ ଭଲ ହୋଇଯିବ । ୟୁନାନୀ ମତରେ ଜଣ୍ଡିସ ବା ହଳଦିଆ କାମଳ ଏକ ରୋଗ ନୁହେଁ ରକ୍ତରେ ଅତ୍ୟଧିକ ପିତ୍ତ ହେବାର ଏହା ଏକ ଲକ୍ଷଣ ମାତ୍ର ।

ସେହିଭଳି ଲ୍ୟୁକୋଡ଼ରମା, ସାଇନୁସାଇଟସ, ପେପଟିକ ଅଲସର, ଲ୍ୟୁକୋରିଆ, ରେନାଲ ଓ ବ୍ଲାଡ଼ାର କ୍ୟାନସର ପାଇଁ ସଫଳ ଔଷଧ ଏହି ପ୍ରଣାଳୀରେ ବାହାର କରାଯାଇଛି ।

□

ଟେଷ୍ଟଟ୍ୟୁବ ନଡ଼ିଆ ଗଛ

ଟିସୁ କଲଚର ପ୍ରଣାଳୀ ଅବଲମ୍ବନ କରି କେରଳସ୍ଥ ସେଣ୍ଟ୍ରାଲ ପ୍ଲାଣ୍ଟେସନ କ୍ରପ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବୈଜ୍ଞାନିକ ମାନେ ଟେଷ୍ଟଟ୍ୟୁବରେ ନଡ଼ିଆ ଗଛ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି ।

ପୃଥିବୀରେ ପ୍ରଥମଥର ପାଇଁ ନଡ଼ିଆଗଛର ଅଗ ଲା ପତ୍ରରୁ ଟିସୁ ଆଣି ସେଥିରୁ ଟେଷ୍ଟଟ୍ୟୁବ ଭିତରେ ନଡ଼ିଆ ଗଛର ଚାରା ସୃଷ୍ଟି କରାଯାଇ ପାରିଛି ।

ଗତବର୍ଷ ଇଂଲଣ୍ଡର ୱ୍ୟାଇ କଲେଜରେ ଟେଷ୍ଟ ଟ୍ୟୁବ୍ ଭିତରେ ନଡ଼ିଆ ଗଛର ଚାରା ସୃଷ୍ଟି କରାଯାଇ ପାରିଥିଲା ବୋଲି ସମ୍ବାଦ ପ୍ରକାଶ ପାଇଥିଲା । କିନ୍ତୁ ତାହାକୁ ଚେରଯୁ ସୃଷ୍ଟି କରା କରାଯାଇ ଥିଲା । ଏବଂ ପରବର୍ତ୍ତୀ ଅବସ୍ଥାରେ ତାହା ମରିଯାଇଥିଲା ।

କେରଳରେ ଟେଷ୍ଟଟ୍ୟୁବରେ ନଡ଼ିଆ ଚାରା ସୃଷ୍ଟି କରାଯିବା ପରେ ଦେଶରେ ନଡ଼ିଆ ଉତ୍ପାଦନ ବୃଦ୍ଧି କରାଯିବାର ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଛି । ନଡ଼ିଆ ଚାଷୀମାନେ ଏଣିକି ନିଜ ବଗିଚାରେ କେବଳ ଉନ୍ନତ ପରୀକ୍ଷିତ ନଡ଼ିଆ ଗଛ ଲଗାଇବାର ସୁବିଧା ପାଇପାରିବେ । □

ସମୁଦ୍ର ଗର୍ଭରେ ବିଲୀନ ଆଟଲାଣ୍ଟିସ୍

ୟୁରୋପୀୟ ସଭ୍ୟତା ବିକାଶର ଗୃହକାଠି ବୋଲି ସୋଭିଏତ ବୈଜ୍ଞାନିକ ମାନଙ୍କ ସିଦ୍ଧାନ୍ତ ।

ପୁରାଣ ବର୍ଣ୍ଣିତ ସମୁଦ୍ର ଗର୍ଭରେ ବିଲୀନ ହୋଇଥିବା ଆଟଲାଣ୍ଟିସ୍ ମହାଦେଶ ବା ବିରାଟ ଦ୍ୱୀପ ପ୍ରକୃତରେ ଏକ ଐତିହାସିକ ସତ୍ୟ ବୋଲି ସୋଭିଏତ ବୈଜ୍ଞାନିକ ମାନେ ଉତ୍ତର ଆଟଲାଣ୍ଟିକ ମହାସାଗର ବକ୍ଷରେ ଥିବା ପଙ୍କ ମାଟି ଓ ବାଲି ଉପରେ ଗବେଷଣା କରି ସିଦ୍ଧାନ୍ତ କରିଛନ୍ତି ।

ସମୁଦ୍ର ଗର୍ଭରେ ଜମା ହୋଇଥିବା ପଙ୍କକୁ ବିଶ୍ଳେଷଣ କରିବାରୁ ଏହା ମାତ୍ର ପାଞ୍ଚହଜାର ବର୍ଷ ତଳେ ଜମା ହୋଇଥିବା ଜଣା ପଡ଼ିଛି । ମହାସାଗର ଗବେଷକ ମାନଙ୍କ ମତରେ ୫ ହଜାର ବର୍ଷ ତଳେ ଆଟଲାଣ୍ଟିସ୍ ମହାଦେଶ ସମୁଦ୍ର ଗର୍ଭରେ ବିଲୀନ ହେବା ପୂର୍ବରୁ ପାଣିରେ ଧୋଇ ହୋଇ ଆସିଥିବା ଉକ୍ତ ପଙ୍କ ମହାସାଗର ବକ୍ଷରେ ସଞ୍ଚିତ ହୋଇ ରହିଛି ।

ଲେନିନଗ୍ରାଡ୍ ମାଇନିଂ ଇନଷ୍ଟିଚ୍ୟୁଟର ଜଣେ ବିଶିଷ୍ଟ ବୈଜ୍ଞାନିକ ଆଲେକଜାଣ୍ଡର ସାଲମୋର କହିଛନ୍ତି ଯେ ଦାର୍ଶନିକ ପ୍ଲାଟୋଙ୍କର ବର୍ଣ୍ଣନା ଅନୁଯାୟୀ ପ୍ରାୟ ସାଢେ ୧୧ ହଜାର ବର୍ଷ ପୂର୍ବେ ଆମର ବହୁ ଚର୍ଚ୍ଚିତ ଉକ୍ତ ଆଟଲାଣ୍ଟିସ୍ ମହାଦେଶ ଏକ ସାମୁଦ୍ରିକ ପ୍ରଳୟ ଯୋଗୁ ଧ୍ୱଂସ ପାଇଯାଇଥିଲା । (ଏ ଘଟଣାର ସବିଶେଷ ବିବରଣୀ ପ୍ରାଚୀନ ଇଜିପ୍ଟର ପୁରୋହିତ ମାନେ ନିଜ ପାଖରେ ରଖିଥିଲେ ବୋଲି ବିଶ୍ୱାସ କରାଯାଏ ।) ବଡ଼ ଧରଣର ଭୂମିକମ୍ପ ଆଗ୍ନେୟଗିରିର ଉଦ୍‌ଗୀରଣ ବା ଭୂପୃଷ୍ଠ ଚଳନ ଫଳରେ ବଡ଼ ବଡ଼ ଭୂଖଣ୍ଡ ସବୁ

Images: Aptakama Mishra, Processing: Srujanika

ନିମ୍ନଗାମୀ ହୋଇ ବିଲୀନ ହୋଇଯିବା ସମ୍ଭବ ବୋଲି ଭୂତତ୍ତ୍ୱବିତ୍ ମାନେ ସ୍ୱୀକାର କରନ୍ତି । ଅବଶ୍ୟ ଏହିଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କେଉଁ ନିର୍ଦ୍ଦିଷ୍ଟ ଭୌଗଳିକ ଅଞ୍ଚଳ ଅତୀତରେ ନିମ୍ନଗାମୀ ହୋଇଥିଲା ସେ ସମ୍ପର୍କରେ ଗତ ଶହେ ବର୍ଷ ଧରି ଅବିରାମ ଗତିରେ ଯୁକ୍ତିତର୍କ ଚାଲିଛି ଏବଂ ଆଟଲାଣ୍ଟିସର ଅବସ୍ଥିତି ପ୍ରକୃତରେ କେଉଁଠି ତାହାର ନିର୍ଣ୍ଣୟ କରାଯାଇ ପାରିନାହିଁ ।

ସୋଭିଏତ ବୈଜ୍ଞାନିକ ମାନେ ଏ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ ୟୁରୋପର ପାଣିପାଗ ଇତିହାସରେ ଏକ ଅସ୍ୱାଭାବିକ ପ୍ରକ୍ରିୟାର ଅବତାରଣା କରୁଛନ୍ତି । ପ୍ରାୟ ବାର ହଜାର ବର୍ଷ ପୂର୍ବେ ସମଗ୍ର ୟୁରୋପ ମହାଦେଶକୁ ଆଚ୍ଛାଦିତ କରି ରଖିଥିବା ଏକ ଗ୍ଲାସିଆର ବା ବରଫର ଆସ୍ତରଣ ହଠାତ୍ ସଙ୍କୁଚିତ ହୋଇଗଲା ଏବଂ ସେହି ଅକ୍ଷାଂଶରେ ଅବସ୍ଥିତ ଏସିଆ ବା ଆମେରିକା ଜଳବାୟୁ ତୁଳନାରେ ୟୁରୋପର ଜଳବାୟୁ ଅତି ମନୋରମ ହୋଇଉଠିଲା । ଏହି ଗୋଟିଏ ଘଟଣା ୟୁରୋପ ସଭ୍ୟତାର ବିକାଶରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲା ।

ଆଲେକଜାଣ୍ଡର ଶାଲମୋରଙ୍କ ମତରେ ଆଟଲାଣ୍ଟିକ ମହାସାଗର ଭିତରକୁ ଏକ ବିରାଟ ଭୂଖଣ୍ଡ ପଶିଯିବା ଫଳରେ ୟୁରୋପର ବରଫ ଆସ୍ତରଣର ପରିମାଣ କମିଗଲା ଏବଂ ଆଟଲାଣ୍ଟିସ ବୁଡ଼ିଯିବା ଫଳରେ ଉପସାଗରୀୟ ଉଷ୍ମ ଜଳସ୍ରୋତ ଉତ୍ତରାଭିମୁଖୀ ହେବାରୁ ତାହା ସହିତ ଉତ୍ତାପ ଓ ଆର୍ଦ୍ରତା ମଧ୍ୟ ଉତ୍ତର ଦିଗକୁ ଗତିକଲା । ଏହି ପାଣିପାଗର ପରିବର୍ତ୍ତନ ସମୟ ଏବଂ ପ୍ଲାଟୋଙ୍କ ବର୍ଣ୍ଣିତ ବିବରଣୀର ସମୟ ଆଶ୍ଚର୍ଯ୍ୟଜନକ ଭାବେ ମେଳ ଖାଇ ଯାଉଛି । □

ଯୌତୁକ, ବଧୂ ନିର୍ଯ୍ୟାତନା ଓ ବଧୂ ହତ୍ୟା

ଡାକ୍ତର ଜିତେନ୍ଦ୍ର କୁମାର ବଳବନ୍ତରାଏ

ଯୌତୁକ ଦାବୀ, ଯୌତୁକ ଜନିତ ବଧୂ ନିର୍ଯ୍ୟାତନା ଓ ତଦ୍‌ଜନିତ ହତ୍ୟା ଆମ ଦେଶର ଏବେ ଏକ ଉତ୍କଟ ସମସ୍ୟା ହୋଇ ପଡ଼ିଛି । ପ୍ରତିଦିନ ସମ୍ବାଦ ପତ୍ରରେ ଏତଦ୍‌ଜନିତ ଗୋଟିଏ ପ୍ରକାର ଘଟଣା ଚହଣ ଦେଖିବାକୁ ମିଳୁଛି ।

ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ପୁରପଲ୍ଲୀ ପର୍ଯ୍ୟନ୍ତ କୌଣସି ସ୍ଥାନ ଏଭଳି ଜଘନ୍ୟ କାଣ୍ଡରୁ ମୁକ୍ତ ନୁହେଁ । ସର୍ବତ୍ର ଏହି ଘଟଣା ଏକ ସଂକ୍ରାମକ ବ୍ୟାଧି ଭଳି ଏବେ ପରିବ୍ୟାପ୍ତ । ଦେଶର ବିଭିନ୍ନ ମହିଳା ସଂଗଠନ, ମହିଳା ଉନ୍ନୟନ ସଂସ୍ଥା, ନାରୀ ସହାୟକ ସଂସ୍ଥା, ଧର୍ଷିତା ନାରୀ ଆଇନ ସାହାଯ୍ୟକାରୀ ସଂସ୍ଥା ପ୍ରମୁଖ ବିଭିନ୍ନ ସହରରେ ସ୍ୱର ଉତ୍ତୋଳନ କରୁଛନ୍ତି । ସରକାରୀ ତଥା ବେସରକାରୀ ସ୍ତରରେ ବିବିଧ କିସମର ଆଇନଗତ ବ୍ୟବସ୍ଥା ସହ ନିଷ୍ଠୁରରୁ ନିଷ୍ଠୁରତର ଦଣ୍ଡର ବ୍ୟବସ୍ଥା ବି ହେଉଛି । ତଥାପି ଏ ପ୍ରକାର ଘଟଣାର ଶେଷ ନାହିଁ । ଏ ପ୍ରକାର ଘଟଣାର ସଂପୂର୍ଣ୍ଣ ମୂଳୋତ୍ପାଟନ କରିହେବ ବୋଲି ଭାବିବା ବି ଏକ ପ୍ରକାର ଧୃଷ୍ଟତା । ଅନେକ ମାନବିକ କଲ୍ୟାଣ ସଂସ୍ଥା, ସାମାଜିକ ସ୍ୱେଚ୍ଛାସେବକ ସଂସ୍ଥା ଅଣ୍ଟାଭିଡ଼ି ଆଗେଇଲେଣି ନୈତିକ ପ୍ରଭାବ ବଳରେ ଏହି ନିମ୍ନଗାମି ସ୍ରୋତର ଗତିରୋଧ କରିବା ପାଇଁ । ଏବେ କେରଳରେ ବିନା ଯୌତୁକରେ ଶହ ଶହ ସଂଖ୍ୟାରେ ଯୁବକ ଯୁବତୀ ଗୋଟିଏ ସ୍ଥାନରେ ନିଜ ନିଜର ରୀତି ନୀତିରେ ବିବାହ କଲେ, ସରକାର ସମସ୍ତ ଆର୍ଥିକ ସାହାଯ୍ୟ କଲେ । ନିକଟ ଅତୀତରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାରେ ଏହିଭଳି କେତେକ ବ୍ୟବସ୍ଥା ନିରାଡ଼ମ୍ବର ତଥା ସାବଲୀଳ ଭାବରେ ହୋଇଛି । କଟକର ଶେଖ ବଜାର ସ୍ଥିତ ଡାକ୍ତର ସାମନ୍ତରାଏଙ୍କର ସଂପର୍କୀୟ ଏକ ସାଧୁ ଉଦ୍ୟମ ମୋ ଦୃଷ୍ଟିକୁ ଆସିଛି । ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଯୁବକ ଯୁବତୀଙ୍କର ପରସ୍ପର ବୁଝାମଣା, ପ୍ରେମ ଓ ବିବାହ ପାଇଁ ଉତ୍ସୁକତାର ଖବର ତାଙ୍କ ପାଖରେ ପହଞ୍ଚେ । ବୈଦିକ ରୀତିରେ ସେ ପ୍ରଥମେ ଯୁବତୀଙ୍କୁ ଯୁବକର ଧର୍ମାବଲମ୍ବୀ କରାଇ ବିବାହ କରାନ୍ତି । ଏହିଭଳି ଅନେକ ଉଦାରମନା ଦରଦୀ ସେବା ମନୋବୃତ୍ତି ସଂସ୍ଥାର ସ୍ଥିତି ସତ୍ତ୍ୱେ ବିଭିନ୍ନ ସାମାଜିକ ତଥା ଆଇନଗତ କଟକଣା ମଧ୍ୟରେ ଯୌତୁକ ଜନିତ ନାରକୀୟ ଘଟଣା ମାନଙ୍କର ଅବତାରଣା କିଛି କମ ନୁହେଁ । ଗଲା କେତେ ବର୍ଷରେ ଏହି ଅପରାଧ ଯେଭଳି ବୃଦ୍ଧି ହେବାରେ ଲାଗିଛି ଏହାର ଉତ୍କଟତା ସମାଜକୁ ଗ୍ରାସ କରି ଦେବାଭଳି ଲାଗେ ।

ଯୌତୁକ ଦାବୀ ବଧୂ ନିର୍ଯ୍ୟାତନା ଓ ବଧୂହତ୍ୟା ଆମ ଆଇନ ଓ ବିଚାର ଧାରାରେ ଏକ ଅପରାଧ । ଏହି ଅପରାଧକୁ ସାବ୍ୟସ୍ତ କରିବା ପାଇଁ ପୋଲିସ ଅନୁସନ୍ଧାନ ସହିତ ଆନୁସଙ୍ଗିକ ମୀତବିଜ୍ଞାନ ଚିକିତ୍ସା ପ୍ରଣାଳୀର ମଧ୍ୟ ଆବଶ୍ୟକତା ଥିବା ଅନୁଭୂତ ହେଲାଣି ।

ବଧୂର ସଂଜ୍ଞା ନିରୂପଣ

ଗତ ଜାନୁଆରୀ ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶର ଭୋପାଳ ଠାରେ ଫୋରେନସିକ ମେଡ଼ିସିନ ବିଶେଷଜ୍ଞ ମାନଙ୍କ ଏକ ଆନ୍ତର୍ଜାତିକ ଅଧି-

Images: Aptakama Mishra, Processing: Srujanika

ବିଶେଷ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୌତୁକ ଜନିତ ବିଭିନ୍ନ ସମସ୍ୟାର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ପ୍ରସଙ୍ଗରେ "ବଧୂ"ର ସଂଜ୍ଞା ନିରୂପଣ ସମସ୍ତଙ୍କୁ ଚକିତ କରିଥିଲା । କାହାକୁ ବଧୂ କୁହାଯିବ ସେ ସଂପର୍କରେ ପ୍ରାୟ ସମସ୍ତେ ନିରୁତ୍ତର ଥିବା ବେଳେ ପ୍ରଫେସର ଜଗଦୀଶ ଚନ୍ଦ୍ର (ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସ)ନିରବତା ଭଙ୍ଗ କରି ହାସ୍ୟରୋଳ ମଧ୍ୟରେ ଉତ୍ତର ଦେଲେ ବିବାହର ରୌପ୍ୟ ଜୁବୁଲି ପର୍ଯ୍ୟନ୍ତ "ସ୍ତ୍ରୀ"କୁ ବଧୂ ବୋଲି ଧରି ନିଆଯାଉ । ଯୌତୁକ ଦାବୀ ବଧୂ ନିର୍ଯ୍ୟାତନା ଓ ବଧୂହତ୍ୟା ପ୍ରସଙ୍ଗରେ ଏହି ପ୍ରଶ୍ନର ଆବଶ୍ୟକତା ଅବଶ୍ୟ ରହିଛି । ତେବେ ଅପରାଧ ନିର୍ଣ୍ଣୟରେ ଓ ବୈଜ୍ଞାନିକ ପଦ୍ଧତି ପରିପ୍ରେକ୍ଷୀରେ ଏହାର ଗୁରୁତ୍ୱ ନାହିଁ ।

ଯୌତୁକ ଦାବୀ ଏକ ସାମାଜିକ ପ୍ରଶ୍ନ ସମ ଶିକ୍ଷିତ ଯୁବକ-ଯୁବତୀ ବିବାହରେ, ସମ ମର୍ଯ୍ୟାଦା ସମ୍ପନ୍ନ ପରିବାର ମଧ୍ୟରେ ସମ ଭାବଧାରା ବ୍ୟକ୍ତି ବିଶେଷ ମଧ୍ୟରେ ଯୌତୁକ ଦାବୀ ପ୍ରାୟ ଅପ୍ରାସଙ୍ଗିକ । ଅର୍ଥନୈତିକ ନ୍ୟୁନତାରେ ପୀଡିତ ବର, ମାତମନା ବର ଓ ବର ମିତା' ରୂପ, ଗୁଣ, ବୟସ, ଚରିତ୍ର. ଶିକ୍ଷା ଆଦି କ୍ଷେତ୍ରରେ କନ୍ୟା ଯଦି ନିମ୍ନ ମାନର ହୋଇଥାଏ ସେଠାରେ ଯୌତୁକ ଦାବୀର ସମ୍ଭାବନା ଯଥେଷ୍ଟ ଥାଏ । କେତେକ ବିବାହ ପାଇଁ ବିବାହ କରିନଥାନ୍ତି । ଏପରି ସ୍ଥଳେ ବଧୂ ନିର୍ଯ୍ୟାତନା ଓ ବଧୂହତ୍ୟା ଅବଶ୍ୟମ୍ଭାବୀ । କନ୍ୟା ପିତା ଗୁଣବାନ ଜ୍ୱାଇଁ ଲାଳସାରେ ଜ୍ୱାଇଁର ସବୁ ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରେ । ଚେଷ୍ଟାରେ କେବେ ସଫଳ ହୁଏନି କେବେ ଅର୍ଦ୍ଧ ସଫଳ ହୁଏ । ମାତ୍ର ଜ୍ୱାଇଁ ଲାଳସା ଚରିତାର୍ଥ ପରେ ବଧୂ ନିର୍ଯ୍ୟାତନା ଓ ବଧୂହତ୍ୟା କରେ ଯୋଗ୍ୟ କନ୍ୟା ପାଇବା ପାଇଁ ।

ଆଇନ ଓ ବୈଜ୍ଞାନିକ ଧାରା ପର୍ଯ୍ୟାୟକୁ ଅଭିଯୋଗ ଆସେ ଅପରାଧ ଘଟି ସାରିଲା ପରେ । ଦୁଇଟି କଥା ମନ ମଧ୍ୟରେ ଅବସ୍ଥାନ ପୂର୍ବକ ଅନୁସନ୍ଧାନ ଆରମ୍ଭ ହୁଏ । ତାହା ହେଲା ଏହି ପ୍ରକାର ଅପରାଧରେ କଠୋର ଦଣ୍ଡର ବ୍ୟବସ୍ଥା ଅଛି ବୋଲି ଜାଣି କୌଣସି ନାରୀକୁ ଜବରଦସ୍ତ ହତ୍ୟା ବା ଆତ୍ମହତ୍ୟା ଜାଲରେ ପକାଯାଇ ପାରୁଥାଏ କିମ୍ବା ପ୍ରକୃତ ଅପରାଧୀ ସୂକ୍ଷ୍ମ ବୁଦ୍ଧି ସମ୍ପନ୍ନତାରେ ଅପରାଧର ପଦଚିହ୍ନ ଲୁଚାଇବାକୁ ଚେଷ୍ଟା କରି ପାରୁଥାଏ । ଯୌତୁକ ଦାବୀ ହୋଇଛି କି ନାହିଁ ଏହାର ଉତ୍ତର ପୋଲିସ ଅନୁସନ୍ଧାନରୁ ବିଶେଷ ଭାବରେ ଜଣାପଡ଼େ । ଏହା ବ୍ୟତୀତ କନ୍ୟାର ଆଇନଗତ ଅଭିଭାବକ ନିକଟରୁ ଏ ସମ୍ପର୍କୀୟ ଚିଠିପତ୍ର ଅନ୍ୟାନ୍ୟ ଦଲିଲ ଆଦିରୁ ଜଣାପଡେ । କେଉଁ ଲୋକ ଏହା ଲେଖିଛି, ଦାବୀ କରିଛି, ଏହା ଜାଣିବା ପାଇଁ ଏଗୁଡ଼ିକୁ **Questioned Documenent Exam. Bureau** ରେ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷା କରାଯାଇ ଲେଖକକୁ ଧରାଯାଏ । ଦ୍ୱିତୀୟ ପ୍ରକାର ଅନୁସନ୍ଧାନର ଧାରା ହେଲା ପଲିଗ୍ରାଫି ପଦ୍ଧତିରେ । ଏହି ଯନ୍ତ୍ର ସାହାଯ୍ୟରେ ସତ୍ୟର ଅବତାରଣା ଓ ସତ୍ୟର ଅପଳାପ କରୁଥିବା ବ୍ୟକ୍ତିକୁ ଧରାଯାଏ । ଅନ୍ୟ କୌଣସି କର୍ମ ପାଇଁ ନୁହେଁ ଯୌତୁକ ପାଇଁ ବଧୂ ଯଦି ମରିଥାଏ ତେବେ ଯୌତୁକ ଦାବୀର ପ୍ରମାଣ ନିଃସନ୍ଦେହ । ଏହା ସହିତ ଅନ୍ୟାନ୍ୟ ସାକ୍ଷୀ ପ୍ରମାଣ ମଧ୍ୟ ଉଲ୍ଲେଖଯୋଗ୍ୟ ।

ବଧୂ ନିର୍ଯ୍ୟାତନା

ଅଭିଯୋଗ ବଧୂର ନିଜ ତରଫରୁ ହେଉ କିମ୍ବା ତାର ନିକଟସ୍ଥ ଆତ୍ମୀୟ ସ୍ୱଜନ ତରଫରୁ ହେଉ କିମ୍ବା କେହି ସାମାଜିକ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ବିଶେଷ ବା ପ୍ରତିବେଶୀ ତରଫରୁ ହେଉ । ବଧୂ ନିର୍ଯ୍ୟାତନାର ଅଭିଯୋଗ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରଥମେ ପୋଲିସ ତରଫରୁ ହୋଇଥାଏ । ମନୁଷ୍ୟର ରୁଚି ବା କ୍ରୂରତା ଭେଦରେ ବଧୂ ନିର୍ଯାତିତ ହୁଏ । **ବଧୂକୁ ଦୈହିକ କଷ୍ଟ ଯଥା ନୃଶଂସ ଭାବରେ ଆଘାତ କରିବା ଅନାହାରରେ ରଖିବା, ଅଳ୍ପ ବା ଅଖାଦ୍ୟ ଖାଇବାକୁ ଦେବା, ଅତିରିକ୍ତ ପରିଶ୍ରମ କରାଇବା, ବାସଭୂଷଣରେ ନିଜ ଠାରୁ ଖୁବ ନ୍ୟୁନରେ ରଖିବା, ସବୁଦିନେ ବିଜୁଳି କରେଣ୍ଟ ଲଗାଇବା । ଏହିପରି ଅନେକ କିସମର ନିର୍ଯ୍ୟାତନା ଦିଆଯାଇଥାଏ । ସ୍ୱାମୀ ଘରର ବ୍ୟକ୍ତିମାନେହିଁ ଏଥିରେ ସଂଶ୍ଳିଷ୍ଟ ।** ଭାରତୀୟ ପିଙ୍ଗଳ କୋର୍ଡରେ ଏଭଳି ଆଚରଣ ପ୍ରଥମେ ଦୋଷାବହ । ଏହା ବ୍ୟତୀତ କୌଣସି ଆଇନରେ ଏପରି କରାଯାଉଛି ବୋଲି କହିବାଟା ଦୋଷମୁକ୍ତ ନୁହେଁ । ଅନେକ ଭାରତୀୟ ପିଙ୍ଗଳ କୋର୍ଡ଼ର ୮୮ ଧାରାର ସାହାଯ୍ୟ ନେଇ କହିଥାନ୍ତି ଜଣକୁ ସଂଶୋଧନ କରିବାକୁ ଏଭଳି ନିର୍ଯ୍ୟାତନାର ପଥ ଅବଲମ୍ବନ କରାଯାଇଥିଲା । କିନ୍ତୁ ଏହା କେବଳ ପିଲାମାନଙ୍କ ପାଇଁ ଓ ବିବେକ ପୂର୍ଣ୍ଣ ଦଣ୍ଡ ସହିତ ପ୍ରଯୁଜ୍ୟ ।

ଜଣେ ମାତ୍ର ନିଦାନ ବିଶେଷଜ୍ଞଙ୍କର ଭୂମିକା ଏ ମୂଳରେ ବି ଗୁରୁତ୍ୱପୂର୍ଣ୍ଣ । ନିର୍ଯ୍ୟାତନାର କାରଣ ଓ ପ୍ରକାର ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ ପ୍ରଥମେ ଆବଶ୍ୟକ । ଅଙ୍ଗ ପ୍ରତ୍ୟଙ୍ଗରେ ଯେଉଁ କ୍ଷତ ଥାଏ ତାହାର ସମୟ ନିର୍ଘଣ୍ଟ ନିର୍ଦ୍ଧାରଣ ଦରକାର । ସେ ଗୁଡ଼ିକ ଏକ ସମୟରେ କି ବିଭିନ୍ନ ସମୟରେ ହୋଇଛି ତାହା ପ୍ରତିଷ୍ଠା କରିବାକୁ ପଡ଼ିବ ସାମାନ୍ୟ କିମ୍ବା ଗୁରୁତର ଆକାରରେ ନିର୍ଯ୍ୟାତନା ଦିଆ ଯାଇଥିଲା କି ନାହିଁ । ନିର୍ଯ୍ୟାତିତ ହେବାର ଅନେକ ଦିନ ପରେ ଅଭିଯୋଗ ଆସେ । ଆଘାତ ଆଦିର ଚିହ୍ନବର୍ଣ୍ଣ ସାମାନ୍ୟ ଥାଏ କିମ୍ବା ବାହାରକୁ ପ୍ରକାଶ ପାଉନଥାଏ । ଏପରି ସ୍ଥଳେ ଏକ୍ସରେ ଓ ଅନ୍ୟାନ୍ୟ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା କରାଯାଇ ଆବଶ୍ୟକ

Images: Aptakama Mishra, Processing: Srujanika

ତଥ୍ୟ ପ୍ରସ୍ତୁତ କରାଯାଇ ଥାଏ । ଏହାଦ୍ୱାରା କୁହାଯାଇ ଥାଏ ସେ ସମସ୍ତ ମଣିଷ କୃତ କି ଆକସ୍ମିକ ଦୁର୍ଘଟଣା ଜନିତ କିମ୍ବା କୌଣସି ରୋଗ ଆଦିରୁ ସୃଷ୍ଟି । ଯେତେ ପ୍ରକାର ଚେଷ୍ଟା କଲେବି ଯୌତୁକ ଦାବୀ ହୋଇଛି କି ନାହିଁ ଓ ଯୌତୁକ ଜନିତ ଦାବୀରେ ବଧୂ ନିର୍ଯ୍ୟାତିତ ହୋଇଛି କି ନାହିଁ ଅପରାଧ ବିଜ୍ଞାନ ଆଗରୁ ଖସିବା କଷ୍ଟକର ।

ବଧୂହତ୍ୟା

ଯୌତୁକ ଦାବୀ ଓ ବଧୂନିର୍ଯ୍ୟାତନା ପରେ ଅପରାଧୀ ଯଦି ବଧୂହତ୍ୟା ଭଳି ନାରକୀୟ କାଣ୍ଡ ଘଟାଇଥାଏ । ଅପରାଧର ଭୂମିକା ଉନ୍ମୋଚନ ଆଦୌ କଷ୍ଟ ନୁହେଁ । କାରଣ ଏପରି ଜଘନ୍ୟ ଅପରାଧୀ ମାନଙ୍କର ପଦଚିହ୍ନ ଏ ଭଳି ଭାବରେ ଛାଡ଼ି ଦିଆଯାଇ ଥାଏ ଯେ ଅପରାଧୋତ୍ତର ସମୟରେ ଅପରାଧର ପ୍ରକୃତ ସ୍ୱରୂପ ରଚନା ଖୁବ୍ ସୁନ୍ଦର ଭାବରେ କରାଯାଇ ପାରେ । ଅନେକ ସମୟରେ ଅପରାଧୀ ମୃତ୍ୟୁକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣା ଜନିତ ମୃତ୍ୟୁ ରୂପେ ଚିତ୍ରିତ କରିବା ପାଇଁ ଚେଷ୍ଟିତ ହୁଏ । ମୃତ୍ୟୁର ଏକ କଳ୍ପିତ ରୂପ ଅବସ୍ଥାପନ ପୂର୍ବକ ତରବରିଆ ଭାବେ ଶବକୁ ପୋଡ଼ିବାର ଅପଚେଷ୍ଟା କରିଥାଏ । ଅଗ୍ରଗତି ମୁଖୀ ମଣିଷ ସମାଜର ସୌଭାଗ୍ୟକୁ ଶବ ଯେ କୌଣସି ଅବସ୍ଥାରେ ରହୁନା କାହିଁକି ଯଥା ତାହା ମୃତ୍ୟୁ ତତ୍‌ଜନିତ ଅବସ୍ଥା, ସଢ଼ା ଅବସ୍ଥା, କିମ୍ବା ପୋଡ଼ା ପାଉଁଶ ଅବସ୍ଥା, ସେଥିରୁ ମୃତ୍ୟୁର ସଠିକ କାଳ ମୃତ୍ୟୁର ଓ ଆପାତତଃ ମୃତ୍ୟୁ ସହିତ ସଂଶ୍ଳିଷ୍ଟ ଅପରାଧର ରୂପ ପ୍ରକାଶ ପାଇ ପାରିଥାଏ । ଏଥି ନିମନ୍ତେ ସୂକ୍ଷ୍ମ ବୈଜ୍ଞାନିକ ପ୍ରଣାଳୀ ମାନଙ୍କର ବ୍ୟବହାର ହୋଇଥାଏ । ଯଦିଚ ସବୁ ପ୍ରକାର ହସ୍ପାତର ବ୍ୟବସ୍ଥା ସବୁସ୍ଥାନମାନଙ୍କରେ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ତଥାପି ବିଭିନ୍ନ ଯୋଗ ସୂତ୍ର ବଳରେ ଅପରାଧର ଭୂମିକା ନିର୍ଣ୍ଣୟ ଖୁବ୍ ସହଜ ହୋଇ ପାରୁଛି । ଅପରାଧୀ ତଣ୍ଟି ଚିପି କିମ୍ବା ଦଉଡ଼ି ଦ୍ୱାରା ମାରି ବ୍ୟକ୍ତି ଦଉଡ଼ି ଦେଇ ଆତ୍ମହତ୍ୟା କରିଛି ବୋଲି କହି ଦେଇଥାଏ । ଜବରଦସ୍ତ କିରୋସିନି ଢାଳି ପୋଡ଼ି ଦେଇ ଆକସ୍ମିକ ଭାବରେ କିମ୍ବା ଆତ୍ମହତ୍ୟା ପାଇଁ ବ୍ୟକ୍ତି କିରୋସିନି ଢାଳି ପୋଡ଼ି ମରିଛି ବୋଲି କହିଥାଏ । ବିଷ ପ୍ରୟୋଗରେ ମାରିଦେଇ ଲୋକ ବିଷଖାଇ ମରିଛି କିମ୍ବା ରେଲ ଲାଇନରେ ପକାଇ ଦେଇ ରେଲ ତଳେ ଆତ୍ମହତ୍ୟା କରିଛି ବୋଲି କହିଥାଏ । ବିଦ୍ୟୁତ ତାର ଲଗାଇ ମାରିବା ପରେ ବିଦ୍ୟୁତ କରେଣ୍ଟର ଶକ୍ ଲାଗି ମରିଛି ବୋଲି କହିଥାଏ । ଏହିଭଳି ଅନେକ ମାର୍ଗ ଯେତେ ବିଜ୍ଞ କୌଶଳରେ ଅପରାଧ ଘଟାଇଲେବି ବର୍ତ୍ତମାନ ସତ୍ୟ ଅନୁସନ୍ଧାନର ଯେଉଁ ପ୍ରକ୍ରିୟା ମାନ ଅବଲମ୍ବନ କରାଯାଉଛି ସେଥିରୁ ସେ ମୁକ୍ତି ପାଇବ ନାହିଁ ।

ଚୋରି, ହତ୍ୟା, ଧର୍ଷଣ ପରେ ବଧୂହତ୍ୟା ଓ ବଧୂ ନିର୍ଯ୍ୟାତନା ଆଜି ସାମାଜିକ କଳଙ୍କ ଭାବରେ ଖୁବ୍ ପ୍ରସାରିତ । ଏହାର ଗତି ଅବରୋଧ ପାଇଁ ଆଇନ୍, ପୋଲିସ, ଶାସନ, ନୈତିକ ମୂଲ୍ୟବୋଧର ଅର୍ଥ ନୈତିକ ଉନ୍ନତି ସାଧନ ଖାଦ୍ୟ,ବାସଗୃହ ସଂପ୍ରସାରଣ ଯେଉଁଭଳି ଉପଯୁକ୍ତ ଭାବରେ ଆବଶ୍ୟକ ଫୋରେନସିକ ବିଜ୍ଞାନ ସହ ସଂଯୁକ୍ତ ସମସ୍ତ ବିଜ୍ଞାନ ପ୍ରକ୍ରିୟାର ଅତ୍ୟାଧୁନିକତା କରାଇବା ସେଭଳି ଜରୁରୀ । ଏହାତ କେବଳ ଏକ ସାମାଜିକ ସେବା କେନ୍ଦ୍ର ହେବ ନାହିଁ ଅସାମାଜିକ ମାନବ ପାଇଁ ଏକ ଭୟାବହ ଚକ୍ରବ୍ୟୂହଭଳି କାମ କରିବ । ଏଥି ନିମନ୍ତେ ସମସ୍ତଙ୍କର ସଚେତନ ହେବା ଏବେହିଁ ମାହେନ୍ଦ୍ର ବେଳା

□

ଆମ ରାଜ୍ୟ ଶିକ୍ଷକ ଆନ୍ଦୋଳନ—ଏକ ସମୀକ୍ଷା

ଅଧ୍ୟାପିକା ବିଜୟଲକ୍ଷ୍ମୀ ଦେବୀ

ଖାଦ୍ୟ, ବସ୍ତ୍ର, ଶିକ୍ଷା, ଚିକିତ୍ସା, ଓ ବାସଗୃହ ମଣିଷର ବଞ୍ଚିବା ଓ ବଢ଼ିବା ପାଇଁ ପ୍ରାରମ୍ଭିକ ଏହି ପାଞ୍ଚଟି ଆବଶ୍ୟକତା ଭିତରୁ ଶିକ୍ଷା ଅନ୍ୟତମ, ଅନ୍ୟ ଆବଶ୍ୟକତା ଗୁଡ଼ିକ ମନୁଷ୍ୟ ସୌଖିନ ଓ ସମୃଦ୍ଧ ଜୀବନର ଅଙ୍ଗ, ନିଜର ପାଞ୍ଚ ଆଙ୍ଗୁଠି ଦେଖାଇ ଜଣେ ପ୍ରାଥମିକ ଶିକ୍ଷକ କହି ଥାଏ, ମୋର ଗୋଟିଏ ଆଙ୍ଗୁଠି ଡାକ୍ତର, ଆଉ ଗୋଟିଏ ଆଙ୍ଗୁଠି ମାଜିଷ୍ଟ୍ରେଟ, ଆଉ ଗୋଟିଏ ଆଙ୍ଗୁଠି ଇଞ୍ଜିନିୟର ଏହିପରି ସବଳ ବୁଦ୍ଧିଜୀବି ମୋର ଆଙ୍ଗୁଠିରେ ତିଆରି ହୋଇଛନ୍ତି । ଆଜିର ପ୍ରଚଳିତ ସାମାଜିକ ମୂଲ୍ୟବୋଧରେ କୃଷୀ ଓ ମଜୁରିଆର ସ୍ଥାନ ତଳେ ପଡ଼ି ଥିବାରୁ ଜଣେ ଶିକ୍ଷକ ସେମାନଙ୍କ ଉଦାହରଣ ଅବଶ୍ୟ ଦିଏ ନାହିଁ । କିନ୍ତୁ କଳା ଅକ୍ଷର ପଢ଼ି ଲେଖି ଜାଣୁଥିବା ପ୍ରତି ବ୍ୟକ୍ତି ଅକ୍ଷର ଶିଖିବା ପାଇଁ ଓ ନିଜକୁ ଗଠିତ କରିବା ପାଇଁ ଜୀବନର ପ୍ରାରମ୍ଭ ବେଳାରେ ଶିକ୍ଷକଙ୍କର ସାହାଯ୍ୟ ନିଶ୍ଚୟ ନେଇ ଥାଏ ।

ଆଜି ଧର୍ମଘଟ, ଆନ୍ଦୋଳନ, ଘେରାଉ, ତାଲା ବନ୍ଦ ଆଦି ମଣିଷର ସାଧାରଣ ଜୀବନ ଧାରାର ଏକ ଅଙ୍ଗ ପରି ଗୃହୀତ ହୋଇ ଚାଲିଛି ତଥାପି ଶିକ୍ଷକ ଧର୍ମଘଟ କରିବା କଥାଟି ଟିକିଏ ସ୍ୱତନ୍ତ୍ର (ପୋଲିସ, ଡାକ୍ତର, ସହରର ପାଣି ଯୋଗାଣ ସଂସ୍ଥା, ବିଜୁଳି ଆଲୁଅ କର୍ମଚାରୀ ପ୍ରଭୃତିଙ୍କର ଧର୍ମଘଟ ମଧ୍ୟ କିଛି କମ୍ କ୍ଷତିକାରକ ନୁହେଁ) ତେବେ ଶିକ୍ଷକ କହିଲେ ଏକ ନୀତି ଓ ଆଦର୍ଶର ଭାବ ମୂର୍ତ୍ତି ଆମ ଆଖି ଆଗରେ ଉଭା ହୁଏ ଯାହାର ପାମ୍ଫଲେଟ ଧରି ରାସ୍ତାରେ ଘୂରୁଥିବା ଏବଂ ଧ୍ୱନି ଦେଇ ଜେଲଭ୍ୟାନରେ ପଶୁଥିବା ବ୍ୟକ୍ତିଟି ସହିତ କିଛି ମେଳ ଖାଏ ନାହିଁ । ଯେପରି ଧାନ ରୁଆ ଓ ଧାନକଟାର ଏକ ସମୟ ଥାଏ—ସେହିପରି ଶିକ୍ଷା ଅନୁଷ୍ଠାନରେ ଜୋର-ସୋର ପାଠ ପଢ଼ାଇ ସମୟ ସେପ୍ଟେମ୍ବର ଠାରୁ ଆରମ୍ଭ ହୋଇ ଡିସେମ୍ବରରେ ସରେ । ଜୁଲାଇ ଅଗଷ୍ଟ ନାମ ଲେଖାରେ ଯାଏ । ବୋର୍ଡ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେଉଥିବା ପିଲାଙ୍କର ପରୀକ୍ଷା ପ୍ରସ୍ତୁତି ଡିସେମ୍ବର ଠାରୁ ଆରମ୍ଭ ହୁଏ । ଯାହାକି ସ୍କୁଲ କଲେଜରେ ପାଠ ପଢ଼ା ହେଉଛି—ଯେତେ ପିଲାତ ପାଶ୍ କରୁଛନ୍ତି ଛାଡ଼ ସେଥିରେ ପୁଣି ଶିକ୍ଷା ପ୍ରଦାନର ଶ୍ରେଷ୍ଠ ସମୟଟି ଶିକ୍ଷକ ଏପରି ଧର୍ମଘଟ କରି ବିତାଇ ଦେବା କଥାଟି ଅଭିଭାବକ ମୋଟେ ସହଜରେ ଗ୍ରହଣ ନକରିବା ସ୍ୱାଭାବିକ ।

ପରସ୍ପର ଉପରେ ଦୋଷାରୋପ

ପରସ୍ପର ଓତଃପ୍ରୋତଃ ସଂଶ୍ଳିଷ୍ଟ ତିନୋଟି ଦଳ ଏକ ଅପର ଦୋଷ ରୋପ କରିବାରେ ବ୍ୟସ୍ତ । ଏକ ପକ୍ଷରେ ଅଭିଭାବକ ଓ ସରକାର ଏବଂ ଅନ୍ୟ ପକ୍ଷରେ ଶିକ୍ଷକ ଯେଉଁ ରାଜନୈତିକ ଦଳ ସରକାର ଗଢନ୍ତି - ଅପର ରାଜନୈତିକ ଦଳ ବିରୋଧି ଦଳ ଭୂମିକାରେ ସବୁବେଳେ ଧର୍ମଘଟ କାରୀଙ୍କୁ ସମର୍ଥନ କରନ୍ତି - ଏହା ରାଜନୈତିକ ଖେଳର ଏକ ଦେହସୁହା ସାଧା-

Images: Aptakama Mishra, Processing: Srujanika

ରଣ କଥା । ଶିକ୍ଷକ ଆନ୍ଦୋଳନ କ୍ଷେତ୍ରରେ ବି ଠିକ୍ ସେୟା । ଆଜିର ଶାସକ ଦଳ ଧର୍ମଘଟ କାରୀ ଭୁଲ କରୁଛି ବୋଲି କହିବା ବେଳେ ଆସନ୍ତା କାଲି ଯଦି ସେମାନେ ବିରୋଧି ଦଳକୁ ଆସିଯାଆନ୍ତି - ଧର୍ମଘଟ କାରୀ ସବୁଠିକ୍ କରୁଛି ବୋଲି କହନ୍ତି । କାଲି ଧର୍ମ ଘଟକୁ ଇନ୍ଧନ ଯୋଗାଉଥିବା ଅପର ଦଳଟି ଶାସନକୁ ଆସି ଲାଠି ଓ ଗୁଳି ଚଳାଇବା ବେଳେ ତାହାର ବକ୍ତବ୍ୟକୁ ମଧ୍ୟ ଓଲଟାଇ ଦିଏ । ଶିକ୍ଷକ ଆନ୍ଦୋଳନ ଉପରେ ମଧ୍ୟ ଏହି ନିୟମର ବ୍ୟତିକ୍ରମ ଘଟିନାହିଁ । ଷମତାର ଏହି ଖେଳରେ କହାଣୀକୁ ବାଦ ଦେଇ ସରକାର ଓ ଶିକ୍ଷକଙ୍କର ଅଭିଯୋଗ ଗୁଡ଼ିକ ବିଚାର କରାଯାଉ ।

ଶିକ୍ଷକ କହନ୍ତି ମାଜିଷ୍ଟ୍ରେଟ, ଇଞ୍ଜିନିୟର ଶିଳ୍ପପତି ମାନଙ୍କ ପରି ଆମର ସାମାଜିକ ସମ୍ମାନ ନାହିଁ । କଚ୍ଛାଗାଟିକୁ ଯେତିକି ଆଜ୍ଞା ଓ ନମସ୍କାର ସମାଜ ଦିଏ ସେତିକି ମଧ୍ୟ ଶିକ୍ଷକ ମାନଙ୍କୁ ମିଳୁନାହିଁ । ସେ ନିଜର ଏହି ଦୟନୀୟ ସାମାଜିକ ସ୍ଥିତି ପାଇଁ ସରକାର ଓ ଅଭିଭାବକଙ୍କୁ ଦୋଷାରୋପ କରେ । ଆଜିର ବର୍ଦ୍ଧିତ ମୂଲ୍ୟ ଯୁଗରେ ଯେତେ ପାଇଲେ ସେତେ ନିଅଣ୍ଟ ଶିକ୍ଷକ ମାନେ ବିଶ୍ୱାସ କରନ୍ତି ତହସିଲ ଅଫିସର ପିଅନ ଠାରୁ ଆରମ୍ଭ କରି ବଡ଼ ସାନ ଯେତେ ସରକାରୀ ଏପରିକି ବେସରକାରୀ କର୍ମଚାରୀ ବ୍ୟବସାୟୀ ଏବଂ ଦେଶସେବାକୁ ଭରସା କରିଥିବା ମନ୍ତ୍ରୀ, ଏମ ଏଲ ଏ, ଏମ ପି, ଓ୍ୱାର୍ଡ ମେମ୍ବର ପର୍ଯ୍ୟନ୍ତ ସମସ୍ତଙ୍କର ଦୁଇ ପଇସା ଉପୁରି ଅଛି ଯାହା କେବଳ ଶିକ୍ଷକ ମାନଙ୍କର ନାହିଁ ଆଜିର ନିମ୍ନମାନବିକତାବୋଧ ଯୁଗରେ ଉପୁରି ପାଇବା ଓ ହାତ ମଲିବାକୁ, ଆଗରେ ବାହାବା ଦେବାକୁ (ପଛରେ ପଛେ ଗାଳିଦିଅନ୍ତୁ) ଏକ ସ୍ୱାବକ ବଳସ୍ଥ ନିଜଗୃହପାଖରେ ଥିବା କଥାଟି ଏକ ସାମାଜିକ ଗୌରବର ଚିହ୍ନ ବୋଲି ମଣିଷ ଗ୍ରହଣ କରେ । ଶିକ୍ଷକ ଜୀବିକାରେ ଏହି ଗୌରବ ଟିକକ ମିଳୁ ନାହିଁ । ଜିପଗାଡ଼ି, ସରକାରୀ ଘର ଇତ୍ୟାଦିର ସୁବିଧା ନାହିଁ । କାଳି ଆଖି ଦେଖାଇ ଅପରକୁ ବସଉଠ୍ କରାଇବାର କ୍ଷମତା ନାହିଁ ବୋଲି ଶିକ୍ଷକ ଭିତରେ ଅଧିକାଂଶ କ୍ଷେତ୍ରରେ ଏକ ନ୍ୟୂନତା ବୋଧ ରହୁଛି । ଯେତେ ପାଇଲେ ସନ୍ତୁଷ୍ଟ ନହୋଇ ଆହୁରି ଦିଅ ବୋଲି ସବୁ ଜୀବିକାର ଲୋକ ପାଟି କରିବା ପରି ସେ ମଧ୍ୟ ପାଟି କରୁଛି । ଅବିକଶିତ ଆତ୍ମାର ଦୁର୍ବଳ ଚେତନା ଓ ବିକଶିତ ବୁଦ୍ଧିର ମିଶ୍ରଣରେ ସତ-ରେ ମଧ୍ୟ ଆଜିର ମଣିଷ ଏପରି ଏକ କିମ୍ଭୁତ ଜୀବ ହୋଇ ଠିଆ ହୋଇଛି ।

ତେଣୁ ଜଣେ ସାଧାରଣ ଆଦର୍ଶ ଶିକ୍ଷକ ଜୀବନର କୌଣସି କ୍ଷେତ୍ରରେ ସଫଳତା ବା ପ୍ରଶଂସାତ ପାଉନାହିଁ ବରଂ ନିଜ ଘରଣୀଠାରୁ ଆରମ୍ଭ କରି ସନ୍ତାନ ଓ ଗାଁର ଲୋକ ପର୍ଯ୍ୟନ୍ତ ଆଜିର ବସ୍ତୁସର୍ବସ୍ୱ ଯୁଗରେ ବଚନ ମଧ୍ୟ ଛଡ଼ା ଆଉ କୌଣସି ଥିରେ କାହାକୁ ସନ୍ତୁଷ୍ଟ କରି ପାରିବା ହେତୁ ନିନ୍ଦିତ, ଭର୍ତ୍ସିତ ଓ ଉପହସିତ ହେଉଛି । ଶିକ୍ଷକ କାନ୍ଦୁ ଜାଣିବା କଥା କେବଳ ଶିକ୍ଷକ ନୁହେଁ ପ୍ରତି ସାଧବାନ ମନୁଷ୍ୟର ଏହି ଦଶା ।

ଅନ୍ୟ ପକ୍ଷରେ ଛାତ୍ର ମାନଙ୍କର ଗୁରୁ ଭକ୍ତି ଧିରେ ଧିରେ କମି କମି ଶେଷରେ ଗୁରୁ ବିଦ୍ୱେଷ ସ୍ତରରେ ପହଞ୍ଚିଲଣି । ଶିକ୍ଷକଙ୍କର ବ୍ୟକ୍ତିଗତ ସ୍ତରରେ ସାହାଯ୍ୟ କରି ପାରିଲେ ହିଁ ଛାତ୍ର କୃତାର୍ଥ ମଣୁଥିଲା ଆଜି ଜଣେ ପ୍ରକୃତ ଶିକ୍ଷକ ପାଦ ଖଣ୍ଡେ କାଣି ଆଣିବାକୁ ଛାତ୍ରକୁ କହିବାକୁ କୁଣ୍ଠାବୋଧ କରେ । ଧୂର୍ତ୍ତ ଛାତ୍ର ମଧ୍ୟ କାଳେ କିଛି ସୁବିଧା ତାଙ୍କ ଦ୍ୱାରା ତାଙ୍କ ଶିକ୍ଷକ ନେଇ ଯିବେ ଓ ସେଥିରେ କାଳେ କିଛି ବଡ଼ ଲାଭ ଉଠାଇ ଦେବେ- ସେଥିପାଇଁ ବଡ଼ ସାବଧାନ (ସରଳ ଛାତ୍ରର ସରଳତାର ସୁଯୋଗ ନେଇ ଫାଇଦା ନେବାର ଦୃଷ୍ଟାନ୍ତ ମଧ୍ୟ ଶିକ୍ଷକ ଜଗତ-ବିରଳ ନୁହେଁ ।)

ସରକାର ଓ ଅନ୍ୟ ମାନଙ୍କ ପଟ୍ଟୁ ଦୋଷାରୋପ ହୁଏ ନିଜର ନୀତି ଓ ଆଦର୍ଶ ହରାଇବା ହେତୁ ଶିକ୍ଷକ ସମ୍ମାନ ପାଉ ନାହିଁ ସମ୍ମାନ ନ ପାଇବା ପାଇଁ ସେ ନିଜେ ହିଁ ଦାୟୀ । ପୁଣି ଆଜିକାଲି ଏତେ ସଂଖ୍ୟାରେ ପିଲା ଫେଲ ହେଉଛନ୍ତି ଯେ ଶିକ୍ଷା ବାବଦରେ ସକଳ ଖର୍ଚ୍ଚ ପାଣିରେ ପଡ଼ିଯାଉଛି । ଗୋଟିଏ ପିଲା ପିଚ୍ଛା ହାରାହାରି କେତେ ଖର୍ଚ୍ଚ ହୁଏ- ଯେତୋଟି ପିଲା ଫେଲ୍ ହୁଅନ୍ତି- ମୋଟ୍ କେତେ କ୍ଷତି ଦେଶର ବଜେଟରେ ହେଲା ବୁଝାଇ ଦିଆଯାଏ, ସ୍କୁଲ ମଧ୍ୟ ଏତେ ବାଟ ଚାଲିଯାଏ ଯେ- ପୋଲଟିଏ ଭାଙ୍ଗି ଗଲେ ଇଞ୍ଜିନିୟର ସସ୍‌ପେଣ୍ଡ ହୁଏ- ରୋଗୀଟିଏ ଅବହେଳାରୁ ମରିଗଲେ ଡ଼ାକ୍ତର ସସ୍‌ପେଣ୍ଡ ହୁଏ- ଏତେ ସଂଖ୍ୟାରେ ଛାତ୍ର ଫେଲ ହେବା ହେତୁ ଶିକ୍ଷକ ସସପେଣ୍ଡ ନ ହେବେ କାହିଁକି ? ବଜେଟର ଯେଉଁ ଜଣିସି କୋଟିଏ ଟଙ୍କା ଶିକ୍ଷା ପାଇଁ ଖର୍ଚ୍ଚ ହେଉଛି ତାହା ଏବେ ପିଲା ଫେଲ୍ ହେବା ପାଇଁ ପାଣିରେ ପଡ଼ୁଛି- ପୁଣି ଅଉ ଅଧିକ ଅନୁପାତରେ ଖର୍ଚ୍ଚ ହେବାର କେଉଁ ଯୌକ୍ତିକତା ଅଛି ?

ପ୍ରାଥମିକ ଶିକ୍ଷା ସ୍ତରରେ ପିଲାର ମୂଳଦୂଆ ଠିକ ହୋଇ ପାରୁନି କାହିଁକି ? ବୋଲି ଯେତେ-ବେଳେ ପ୍ରଶ୍ନ ହୁଏ- ଏକ ପକ୍ଷରେ ଶିକ୍ଷକ ଓ ଅନ୍ୟ ପକ୍ଷରେ ଅଭିଭାବକ ଓ ସରକାର କେବଳ ପରସ୍ପରକୁ ଦୋଷାରୋପ କରିବାରେ ବ୍ୟସ୍ତ ରହନ୍ତି । ଅନେକ ସ୍ଥଳରେ ସ୍କୁଲଘର ନାହିଁ କମ୍ ଦରମା ପାଉଥିବା, ପ୍ରାଥମିକ ଶିକ୍ଷକଙ୍କର ଦରମା ଚଳିବା ଆବଶ୍ୟକତା ତୁଳନାରେ ଖୁବ କମ୍ ଦାରିଦ୍ର୍ୟ ହେତୁ ଖାଇବାକୁ ନପାଇ ଅଧିକାଂଶ ପିଲେ ପଢ଼ିବାକୁ ଆସନ୍ତି ନାହିଁ । ତେଣୁ ସ୍କୁଲ ଘର କରି ଦିଅ, ଶିକ୍ଷକ ଦରମା ବଢ଼ାଇ ଦିଅ, ଛାତ୍ରକୁ ମଧ୍ୟାହ୍ନ ଭୋଜନ ଦିଅ, ତାପରେ ପ୍ରାଥମିକ ଶିକ୍ଷା ସ୍ତରରେ ଛାତ୍ରର କୃତିତ୍ୱର ମାନ ନିଶ୍ଚୟ ଉନ୍ନତ ହେବ, ତେଣୁ ପିଲା ଫେଲ୍ ପାଇଁ ଆମର ଦୋଷ ନୁହେଁ ସରକାରଙ୍କର ଦୋଷ ବୋଲି ଶିକ୍ଷକଙ୍କ ତରଫରୁ ଯୁକ୍ତି ହୁଏ ।

ଯେଉଁଠି ସ୍କୁଲ ଭଲ ନାହିଁ କିମ୍ବା ପିଲାଏ ଦରିଦ୍ର ଅନୁନ୍ନତ ପରିବାରର ସନ୍ତାନ ସେଠା କଥା ଛାଡ଼ି ଦିଆଯାଉ, ପାଣିକଳ ଠାରୁ ପଙ୍ଖା ପର୍ଯ୍ୟନ୍ତ ସକଳ ସୁବିଧା ଥିବା ପ୍ରାଥମିକ ସ୍କୁଲରେ ମଧ୍ୟ ଶିକ୍ଷକ ମନଯୋଗୀ ହୋଇ ପଢ଼ାଉ ନାହାଁନ୍ତି ।

କେବଳ ଯେଉଁ ସ୍ଥାନରେ ବାପା ଓ ମା ନିଜ ଶିକ୍ଷା ହେତୁ ନିଜ ଚେଷ୍ଟାରେ ଲାଗି ପିଲାଙ୍କ ମୂଳଦୁଆ ଟାଣ କରନ୍ତି ; ସେହିଠାରେ ସେ ବାପାଙ୍କ ସୁଫଳ ଫଳେ, ନଚେତ୍ ବା କେବଳ ସ୍କୁଲ ଶିକ୍ଷା ମାଧ୍ୟମରେ କୌଣସି ସ୍କୁଲ-ରେ ବି ଛାତ୍ରର ମୂଳଦୂଆ ମୋଟେ ଟାଣ ହୋଇ ପାରୁ ନାହିଁ । ଏଥିପାଇଁ କେବଳ ଶିକ୍ଷକଙ୍କର କର୍ତ୍ତବ୍ୟହୀନତା ଦାୟୀ ବୋଲି ଅଭିଭାବକମାନେ କହି ସହାନୁଭୂତ ପାଠ ପଢ଼ା ଠାରେ ନାହିଁ ସେଥିରେ ପୁଣି ଆନ୍ଦୋଳନ ଅଧିକ ଦାୟିତ୍ୱ ହୀନତାର ପରିଚୟ ।

କେହି କାନ୍ଦୁ କୋହ କରନ୍ତୁ ଯେଉଁ ଛାତ୍ର ମାନଙ୍କର ମାଠ ହାଡ଼ ଷଡ଼ି ହେଉଛି ଭବିଷ୍ୟ ନଷ୍ଟ ହେଉଛି ବୋଲି ଆମେ ସବୁ ଏତେ ଚିନ୍ତା ହେଉ- ଶିକ୍ଷକ ଆନ୍ଦୋଳନ ସମ୍ପର୍କରେ ସେ

Images: Aptakama Mishra, Processing: Srujanika

ଛାତ୍ର ମାନଙ୍କର ମନ ଭିତରେ ପ୍ରକୃତ ପ୍ରତିଫଳିସ୍ତା କଣ ? ସାଧାରଣ ଛାତ୍ର ମନରେ ଆଜି ଶିକ୍ଷକ ପ୍ରତି ସମ୍ମାନ ବୋଧ ନାହିଁ । ତାହାର ମୁଖ୍ୟ କାରଣ ଦୁଇଟି (୧) ଆଜିର ସାଧାରଣ ଛାତ୍ର ଅଧ୍ୟୟନ ଉପରେ ଗୁରୁତ୍ୱ ଦିଏ ନାହିଁ । କେତେ ଛାତ୍ର ପରୀକ୍ଷାରେ ନମ୍ବର ଉପରେ ଗୁରୁତ୍ୱ ଦିଅନ୍ତି ତାହା ଛଲେ ବଲେ କୌଣସି ହାସଲ କରନ୍ତି । ଅନ୍ୟ କେତେକ ଛାତ୍ର ମାତ୍ର ବା ଦୁଇବର୍ଷକୁ ଆଖି ବୁଜି ମୋଟା ଅଙ୍କ ଟଙ୍କା ରୋଜଗାର କରି ବାର ସୁଯୋଗ ବା ବୟସ ଆସିବା ପର୍ଯ୍ୟନ୍ତ ପାଠ ପଢ଼ାଟା ଏକ ସମୟ କାଟିବାର ମାଧ୍ୟମ ଭାବରେ ଧରି ନେଇଥାନ୍ତି । ତେଣୁ ଆଧୁନିକ ଯୁଗର ଅତି ବୁଦ୍ଧିଆ ଛାତ୍ରଟି ଠାରୁ ସବୁଠାରୁ ନୀତିବାନ କର୍ତ୍ତବ୍ୟ ପରାୟଣ ଶିକ୍ଷକଟିର ମଧ୍ୟ ବାଦ୍ ଏ ବ ସମ୍ମାନ ପ୍ରାପ୍ୟ ନଥାଏ । (୨) ଆମ ଭିତରେ ଓ ସହଜେ ଦୁର୍ବଳ ଆର୍ଥିକ ବିକାଶ ହେତୁ ମାତ୍ର ଓ ପ୍ରୀତି ପରିମାଣ କମ୍ ସେଥିରେ ପୁଣି ମୁଷ୍ଟିମେୟ ଶିକ୍ଷକ ଓ ହଜାର ହଜାର ଛାତ୍ରଙ୍କୁ ନେଇ ବିଶାଳ ଶିକ୍ଷା ଅନୁଷ୍ଠାନରେ ଛାତ୍ର ଶିକ୍ଷକର ପରସ୍ପର ବ୍ୟକ୍ତିଗତ ସଂପର୍କ କମ୍ ରହିବା ହେତୁ ଶିକ୍ଷକ ଠାରୁ ସ୍ନେହମିଳୁନି ବୋଲି ଛାତ୍ରର ଯେତିକି ଦୁଃଖ, ଛାତ୍ର ଠାରୁ ସମ୍ମାନ ମିଳୁନି ବୋଲି ଶିକ୍ଷକର ସେତିକି କ୍ଷୋଭ ରହିଯାଏ । ଆଜି ମଧ୍ୟ ଅଳ୍ପ ଛାତ୍ର ଓ ଅଳ୍ପ ଶିକ୍ଷକଙ୍କୁ ନେଇ ଯେଉଁ ନୂତନ ଅନୁଷ୍ଠାନ ଗୁଡ଼ିକ ଗଢ଼ି ଉଠୁଛି- ପାଠ ପଢ଼ା ଯାହା ହେଉନା କାହିଁକି ପ୍ରୀତି ବନ୍ଧନ ନିଶ୍ଚୟ ରହୁଛି ।

ଆନ୍ଦୋଳନ କରୁଥିବା ଶିକ୍ଷକ ପ୍ରତି ପୂର୍ବରୁ ତାର ସମ୍ମାନ ନଥିବା ହେତୁ ସମ୍ମାନ କମିବାର ପ୍ରଶ୍ନ ଉଠେ ନାହିଁ । ଭଲକରି ଅନୁଧ୍ୟାନ କଲେ ସତେ ବା ମନେହୁଏ ଶିକ୍ଷକ ଆନ୍ଦୋଳନର ତାରିଖଟି ହିସାବ କରି ଛାତ୍ର ପାଠପଢ଼ା ଛୁଟି ଓ ମହଜ ମଜଲିସ କରିବା ପାଇଁ ମୌକାଟି ଖୋଜୁଥାଏ ।

ଠିକ ସେହିପରି ଅଭିଭାବକ ସନ୍ତାନର ପାଠ କ୍ଷତି ହେଲା ବୋଲି ନୁହେଁ ଆନ୍ଦୋଳନ ହେତୁ ପିଲାଟି ଘରଆଡ଼ରୁ ଖସି ବାହାରେ ବୁଲିଲା ବୋଲି ବେଶି ବିବ୍ରତ ହୁଏ ।

ନିୟମିତ କ୍ଲାସକୁ ଆସୁନଥିବା, ଆନ୍ଦୋଳନର ସୁବିଧା ଖୋଜି ବ୍ୟକ୍ତିଗତ କାମରେ ମଗ୍ନ ରହି ଅଧିକ ଦରମା ନେବାକୁ ଚାହୁଁଥିବା ଶିକ୍ଷକଟି ମଧ୍ୟ ପରୀକ୍ଷାରେ ପିଲା ଫେଲ ହେବା ପାଇଁ ମୁଁ ମୋଟେ ଦାୟୀ ନୁହେଁ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ । ଚକ୍ ନଥାଇ ବ୍ଲାକବୋର୍ଡ ନଥାଇ ଗୁହାଳ ଘରେ ବା ଗଛ ମୂଳେ କୋଡ଼ିଏ ମାଇଲ ଦୂରରୁ ସାଇକେଲ ପେଲି ପେଲି ଆସି ଗୋଟିଏ ସ୍ଥାନରେ ଜଣେ ଶିକ୍ଷକ ତିନୋଟି ଶ୍ରେଣୀକୁ ଏକା ସାଙ୍ଗରେ ପାଠ ପଢ଼ାଇ ସବୁ ପିଲାଙ୍କୁ ପାଶ କରାଇ ଦେବାର ସ୍ୱପ୍ନ ଦେଖୁଥିବା ସରକାରଙ୍କୁ ଧନ୍ୟବାଦ ନଦେଇ ରହି ହୁଏ ନାହିଁ । ସ୍କୁଲରେ ସିନା ତଳ ଉପର ଭିନ୍ନ ଶ୍ରେଣୀରେ ଭିନ୍ନ ଦରମାହାର ନେଉଥିବା ବିଭିନ୍ନ ଶିକ୍ଷାଗତ ଯୋଗ୍ୟତାର ଶିକ୍ଷକ ପାଠ ପଢ଼ାନ୍ତି । କଲେଜରେ ଏକା କାମ ଓ ଏକା ଯୋଗ୍ୟତାର ଶିକ୍ଷକଙ୍କୁ ଦୁଇ ପ୍ରକାର ଦରମା ହାରକୁ କେଉଁ ଯୁକ୍ତିରେ ଠିକ୍ ବୋଲି କୁହାଯାଏ ବୁଝି ହୁଏନାହିଁ ।

ତେବେ ଦରମା ଠିକରେ ପାଇଲେ, ଆଜି ପର୍ଯ୍ୟନ୍ତ ମୁକରର ହୋଇଥିବା ସମସ୍ତ ବେସରକାରୀ ଶିକ୍ଷକ ଓ ଶିକ୍ଷା କର୍ମିଙ୍କୁ ସରକାରୀ ଶିକ୍ଷକ ପାଉଥିବା ସମସ୍ତ ସୁବିଧା ଯୋଗାଇ ଦିଆଗଲେ ସରକାରୀ ଶିକ୍ଷକଙ୍କର ମଧ୍ୟ ସମସ୍ତ ଦାବୀ ଏକାଥରେ ପୂରଣ କରିଦେଲେ (ଯାହା ସଂପୂର୍ଣ୍ଣ ଅସମ୍ଭବ ବୋଲି ସରକାର ମନେକରନ୍ତି) ଶିକ୍ଷାଦାନର ମାନ ନିଶ୍ଚୟ ଉନ୍ନତ ହେଇଯିବ, ପିଲା ଆଉ ବେଶୀ ଫେଲ ହେବେନି ବୋଲି ସମାଜକୁ ନିର୍ଭର ପ୍ରତିଶ୍ରୁତି ସରକାରୀ ବା ବେସରକାରୀ ସଂଘ ମାନଙ୍କ ତରଫରୁ କୌଣସି ନେତୃସ୍ଥାନୀୟ ବ୍ୟକ୍ତି କେବେ ଦେଇପାରିବେ କି ?

ଅନ୍ୟପକ୍ଷରେ ଧରି ନିଆଯାଉ ସରକାର କଲ ଓ ଅଭିଭାବକଙ୍କ ଠାରୁ ମିଳୁଥିବା ସମସ୍ତ ଅବଜ୍ଞା ଓ ଅସନ୍ତୋଷକୁ ନିର୍ବିବାଦରେ ହଜମ କରି ଦେଇ ଛାତ୍ରଙ୍କର ଅସମ୍ମାନ ଓ ଟୀକା ଟିପ୍ପଣୀକୁ କର୍ଣ୍ଣପାତ ନକରି (ଯାହା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଶିକ୍ଷକ ମାନେ ଭାବନ୍ତି ।) ଶିକ୍ଷକ ଯଦି ଏକତା ବଦ୍ଧ ଭାବରେ କୌଣସି ଆନ୍ଦୋଳନ ନ କରି ପ୍ରାଣପ୍ରାଣରେ ପିଲାଙ୍କୁ ପାଠ ପଢ଼ାନ୍ତି - ପିଲା ଆଉ ବେଶୀ ଫେଲ ହେବେ ନାହିଁ ବୋଲି ସରକାର ବା ଅଭିଭାବକଙ୍କ ପକ୍ଷରୁ କେହି ଜୋର କରି କହି ପାରିବେ କି ?

ପ୍ରକୃତରେ ପରୀକ୍ଷା ଖାତାରେ ମୂଲ୍ୟାଙ୍କନର ମାନ ଏବେ ତଳକୁ ଖସିଗଲାଣି -ତାହା କେବଳ ଖାତା ଦେଖୁଥିବା ଶିକ୍ଷକ ଜାଣେ । ଆଜି ଯେଉଁ ପିଲା ତିରିଶ ପାଇ ପାଶ କରେ ଦଶବର୍ଷ ତଳର ଖାତା ଦେଖା ମାନରେ ସେ ପିଲା ହୁଏତ ଦଶ ପାଇବାକୁ ଯୋଗ୍ୟ ହୁଅନ୍ତା ନାହିଁ । ବେଳେ-ବେଳେ ଦୁଇଶହ ପିଲାଙ୍କ ମଧ୍ୟରେ ଦୁଇଟି ପାଶ କରିବା ଯୋଗ୍ୟ ପିଲା ଆସନ୍ତି କି ନାହିଁ ସନ୍ଦେହ । କେବଳ ଏତେ ପିଲାଙ୍କୁ ଫେଲକରି ହୁଏନା, ଏଣୁ ନମ୍ବର ଦେବା ପ୍ରଣାଳୀକୁ କୋହଳ କରିବାକୁ ପଡ଼େ । ଜଣେ ଦଶବର୍ଷ ଶିକ୍ଷକ ବୃତ୍ତି କରିଥିବା କୌଣସି ଶିକ୍ଷକଙ୍କୁ ପଚାରିଲେ ସେ କହିବେ ଏମିତି ସେ ପ୍ରତିବର୍ଷ କୋହଳ ନମ୍ବର ଦେଇ ଆସୁଛନ୍ତି । ତଥାପି ଫେଲ ସଂଖ୍ୟା ଦ୍ରୁତ ଗତିରେ ବଢ଼ୁଛି ଜଣେ ମାଷ୍ଟମାନ୍ ସାର୍‌ଙ୍କ କଥା ସ୍ମରଣ କରୁଯାଉ । ପରିଶ୍ରମ କରି ଘରେ ସକାଳ ଜୀବନ ଜଞ୍ଜାଳ ଭିତରେ ରାତି ଅନିଦ୍ରା ହୋଇ ପାଠ ପଢ଼େ । ନାକ କାନରେ ଗୁଞ୍ଜି ଘଣ୍ଟା କଣ୍ଠାରେ ଅନୁଷ୍ଠାନକୁ ଆସେ । ପିଲାଯୁକ୍ତ ବେଲ ବାଜୁ ବାଜୁ କ୍ଲାସକୁ ଯାଏ ଓ ତର୍ଜନ କରେ ଯଦି ବା ଆଜିକାଲି ପିଲା ଠିକ ପଢ଼ା ପଢ଼ି ନକରୁଥିବାରୁ ପାଠ ବୁଝେ ନାହିଁ କମ୍ବା ଜାଣିବାରେ ଆଗ୍ରହ କରେ ନାହିଁ । ସବୁ କର୍ତ୍ତବ୍ୟ ପରାୟଣ ମନୁଷ୍ୟ ପାଇଁ ଏହା ଅନୁଭୂତ । କର୍ତ୍ତବ୍ୟ ପରାୟଣତା ନାମରେ ଏ ଯୁଗରେ କୌଣସି ଆବଶ୍ୟକତା ନଥିବ ଅଥଚ ନିଜ ଅଭ୍ୟାସ ହେତୁ ଛାଡ଼ି ହେଉ ନଥିବା ଏକ ପୁରୁଣା ମୂଲ୍ୟବୋଧ ଜନିତ ଆତ୍ମପ୍ରତାରଣାର ଯନ୍ତ୍ରଣାହିଁ ଭୋଗିବାକୁ ପଡ଼େ ।

ଶିକ୍ଷକ ଯଦି ପାଠ ପଢ଼ାଉ ନାହାଁନ୍ତି ଏବଂ କର୍ତ୍ତବ୍ୟ ସ୍ଥାନ ଟାଉଟର ବୋଲି ଆମେ ତାଙ୍କୁ କହୁ- ଏହା କଣ ପ୍ରମାଣ କରେ ନାହିଁ ଯେ ଆମ ଚାରିପାଖର ମଣିଷ କର୍ତ୍ତବ୍ୟଚ୍ୟୁତ ହୋଇ ପଡ଼ୁଛି ବୋଲି ? ଏହି ମଣିଷ ଗୋଷ୍ଠୀ ବାହାରୁ ଶିକ୍ଷକ ତ ଆକାଶରୁ ଖସି ପଡ଼ି ନାହିଁ । ସରକାର ଯଦି ଭ୍ରଷ୍ଟାଚାର ଏବଂ ନୀତିହୀନ ବୋଲି ଦୋଷାରୋପ ହୁଏ- ଏହାର କଣ ଅର୍ଥ ନୁହେଁ ଯେ ଆମେ ମଣିଷ ମାନେ ଭ୍ରଷ୍ଟାଚାରୀ ଓ ନୀତି ହୀନ ହୋଇ ଯାଉଛୁ ବୋଲି ? ଏହି ମଣିଷ ମାନଙ୍କ ଭିତରୁ କେତେ ଜଣଙ୍କୁ ସରକାରତନ୍ତ୍ରକୁ ବଛା ଯାଇଛି ତ ! ଆଜିର ଅଭିଭାବକଙ୍କ ଦାୟିତ୍ୱ ସ୍ଥାନ କାରଣ ଆଜିର ମଣିଷ ଦାବୀ କରି ଜାଣେ ଦାୟିତ୍ୱ ନେଇ ଜାଣେ ନାହିଁ ।

ପିଲା ଆଜି ବେଶୀ ଫେଲ ହୁଅନ୍ତି- ଏଥି ପାଇଁ ଅଭିଭାବକ ଶିକ୍ଷକ ବା ସରକାର କେହି ଏକୁଟିଆ ଦାୟୀ ନୁହଁନ୍ତି । ମୁଖ୍ୟତଃ ପିଲା ନିଜେ ହିଁ ଦାୟୀ । ସେ ପାଠ ପଢ଼ିବାକୁ ଚାହୁଁ ନାହିଁ ତେଣୁ ସେ ଫେଲ ହେଉଛି । ଶିକ୍ଷା ମାନର ପାଠ୍ୟ

Images: Aptakama Mishra, Processing: Srujanika

କ୍ୟାନସର ସମ୍ପର୍କରେ କେତେକ ପ୍ରଶ୍ନ ଓ ଉତ୍ତର

ଶରୀରର କୌଣସି ଅଂଶର ସ୍ୱାଭାବିକ ଅଭିବୃଦ୍ଧି ଓ କ୍ୟାନସର ଗ୍ରସ୍ତ ଅଭିବୃଦ୍ଧି ମଧ୍ୟରେ ପାର୍ଥକ୍ୟ କଣ ?

ମଣିଷ ଶରୀରରେ କୋଟି କୋଟି କୋଷ ରହିଛନ୍ତି । ସ୍ୱାଭାବିକ ପ୍ରକ୍ରିୟାରେ ସେମାନଙ୍କର ଏକ ନିୟନ୍ତ୍ରିତ ଅଭିବୃଦ୍ଧି ଘଟିଥାଏ । କିନ୍ତୁ କୌଣସି ସ୍ଥାନକୁ କ୍ୟାନସର ଆକ୍ରମଣ କଲେ ସେ ସ୍ଥାନର କୋଷ ଗୁଡ଼ିକ ସହସା ବହୁଗୁଣ ବଢ଼ି ଯାଇ ଗୋଟିଏ ଗୋଟିଏ ଗୁଚ୍ଛ ବା ସାଧାରଣ ଅର୍ଥରେ ଗେଣ୍ଠାରେ ପରିଣତ ହୋଇ ଯାଆନ୍ତି । ଏହି କୋଷଗୁଚ୍ଛ କ୍ରମେ ବିପଦ ଜନକ ହୋଇ ସେହି ସ୍ଥାନକୁ ଆକ୍ରମଣ କରନ୍ତି ଓ ଶରୀରର ଅନ୍ୟ ଅଂଶକୁ ବ୍ୟାପିଯାନ୍ତି ।

କ୍ୟାନସର କେଉଁଥି ଯୋଗୁଁ ହୁଏ ?

ଏହାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନଥିଲେ ମଧ୍ୟ କାରସିନୋଜେନସ ନାମକ ଏକ ଦ୍ରବ୍ୟଗୁଣ କ୍ୟାନସରର ସମ୍ଭାବନା ବୃଦ୍ଧି କରିଥାଏ । ସିଗାରେଟ ଓ ତମାଖୁ ଖାଉଥିବା ଲୋକଙ୍କ ଫୁସ୍‌ଫୁସ୍ ଓ ମୁଖରେ ଏଥିପାଇଁ କର୍କଟ ରୋଗ ହୋଇଥାଏ । ସିଗାରେଟ ତୁଳନାରେ ବିଡ଼ି ଫୁଙ୍କିବା କମ୍ କ୍ଷତିକାରକ ବୋଲି ସାଧାରଣରେ ପ୍ରଚଳିତ ଏକ ଧାରଣା ଭୁଲ । ଅନ୍ୟ ଯେଉଁ ସବୁ ପଦାର୍ଥରେ କାରସିନୋଜେନସ୍ ଦ୍ରବ୍ୟ ଗୁଣ ରହିଛି ତାହା ହେଲା ଆଜବେଷ୍ଟସ୍, ଟାର, ଅଲ୍‌ଟ୍ରାଭାୟୋଲେଟ କିରଣ, ଅତ୍ୟଧିକ ନାରୀ ହର୍ମୋନ୍ ଭକ୍ଷଣ, ବେଞ୍ଜିନ ଓ ରେଡ଼ସନ୍ । ଠିକ୍ ଖାପ ଖାଉ ନଥିବା ନକଲି ଦାନ୍ତ ଯୋଗୁ ମୁଖ କ୍ୟାନସର୍ ଏବଂ ଅତି ଚପା ପୋଷାକ ବା ଶାଢ଼ୀ ପିନ୍ଧିବା ଯୋଗୁ ଅଣ୍ଟା, ଜଙ୍ଘରେ ଚର୍ମ କ୍ୟାନସର ହୋଇଥାଏ ।

କ୍ୟାନସର୍ ବଂଶାନୁକ୍ରମିକ କି ?

କେତେକ ଧରଣର କ୍ୟାନସର ବଂଶାନୁକ୍ରମିକ ଯଥା ପିଲାଙ୍କର ଆଖିରେ (ରେଟିନୋ ବ୍ଲାଷ୍ଟୋମା), ଯକୃତରେ କ୍ୟାନସର ହେବା ବଂଶାନୁକ୍ରମିକ, ଅନ୍ୟ ବଂଶାନୁକ୍ରମିକ କ୍ୟାନସର ମଧ୍ୟରେ ମହିଳାଙ୍କ ସ୍ତନ କର୍କଟ ଏବଂ ଗ୍ୟାସଟ୍ରିକ୍ ଓ କୋଲନ୍ କ୍ୟାନସର ଅନ୍ତର୍ଭୁକ୍ତ ।

ସହବାସ ଯୋଗୁଁ ଏହି ରୋଗ ହୁଏ କି ?

ନା, କ୍ୟାନସର ସହିତ ଏହାର ସମ୍ପର୍କ ଥିବା ଜଣାଯାଇ ନାହିଁ ।

କ୍ୟାନସର ହେବାର ପ୍ରାଥମିକ ସାତଟି ଲକ୍ଷଣ ସବୁ କଣ ?

୧– କୌଣସି ଘା ସହଜରେ ନ ଶୁଖିବା

୨– ସ୍ତନ ବା ଅନ୍ୟ କୌଣସି ସ୍ଥାନରେ ଗେଣ୍ଠା ପଡ଼ିବା

୩– ଅସ୍ୱାଭାବିକ ଭାବେ ରକ୍ତ ସ୍ରାବ ହେବା

୪– କଣ୍ଠନଳୀର ଆକାରରେ ପରିବର୍ତ୍ତନ ହେବା

୫– କ୍ରମାଗତ ବଦ୍‌ହଜମି ହେବା ଏବଂ ଗିଳିବାରେ କଷ୍ଟ ଅନୁଭବ କରିବା

୬- ବହୁ ଦିନ ଧରି ଥଣ୍ଡା ପଡ଼ିଯିବା ଏବଂ କାଶ ହେବା

୭- ନିଜର ସାଧାରଣ ଝାଡ଼ା ଯିବା ଅଭ୍ୟାସରେ ପରିବର୍ତ୍ତନ ହେବା

କ୍ୟାନସର କଣ ଭଲ ହେବ ?

ପ୍ରାଥମିକ ଅବସ୍ଥାରେ ଚିକିତ୍ସା କଲେ ଶତକଡ଼ା ୮୫ ଭାଗ କ୍ଷେତ୍ରରେ ଏହା ଭଲ ହୋଇ ଯିବାର ସମ୍ଭାବନା ଅଛି ।

ସ୍ତନରେ ଗେଟା ପଡ଼ିଲେ କଣ ହେଉଛି ଦେଖାଯାଉ ବୋଲି ସବୁ ସ୍ତନିପଡ଼ିଥିବା ବିପଜ୍ଜନକ କି ?

ହଁ ! ଏହା ଅତ୍ୟଧିକ ମାରାତ୍ମକ । ଅପେକ୍ଷା କଲେ ଭଲହେବା କ୍ୟାନସର ଦୁରାରୋଗ୍ୟ ହୋଇପାରେ ।

ସ୍ତନ ବା ଛାତିରେ ପଡୁଥିବା ସବୁ ଗେଟା କଣ କ୍ୟାନସର ଯୋଗୁ ହୁଏ ?

ନା ! କେବଳ ଅଳ୍ପ ପରିମାଣ ଗେଣ୍ଠା କ୍ୟାନସର ପାଇଁ ପଡ଼ିଥାଏ । ପାଥୋଲୋଜିକାଲ ପରୀକ୍ଷାରୁ ଏହା ସହଜରେ ଜଣାପଡ଼େ ।

ଜଣେ ମହିଳା ନିଜ ସ୍ତନକୁ କପରି ପରୀକ୍ଷା କରିବା ଉଚିତ୍ ?

୧ ଗୋଟିଏ ଦର୍ପଣ ସମ୍ମୁଖରେ ବସ ବା ଛିଡ଼ା ହୁଅ, ହାତକୁ ମୁକ୍ତ କରି ନିଜ ସ୍ତନର ଆକୃତିରେ କୌଣସି ପରିବର୍ତ୍ତନ ହୋଇଛି କି ନାହିଁ ଭଲ ଭାବେ ଲକ୍ଷ୍ୟ କର । କେଉଁଠି ଚର୍ମ ମୋଡ଼ି ହୋଇଛି, ବୃନ୍ତରେ କିଛି ପରିବର୍ତ୍ତନ ଘଟିଛି କି ନାହିଁ ତାହା ମଧ୍ୟ ଲକ୍ଷ୍ୟ କର ।

୨- ନିଜର ଦୁଇ ହାତ ଉପରକୁ ଉଠାଇ ପୁଣି ଥରେ ପରୀକ୍ଷା କର ।

୩- ଶେଯ ବା ବିଛଣାରେ ବାମ ହାତ ମୁଣ୍ଡ ତଳେ ଦେଇ ଏବଂ ବାମ କାନ୍ଧ ତଳେ ତକିଆ ରଖି ଶୁଅ । ଡାହାଣ ହାତର ପାଞ୍ଚ ଆଙ୍ଗୁଠି ଏକାଠି କରି ନିଜ

କ୍ରମ ତାହାର ଭବିଷ୍ୟତର ବୃଦ୍ଧିତା ପୂରଣ କରି ପାରୁ ନାହିଁ । ବଡ଼ ମଣିଷ ପରି ପିଲା ଆତ୍ମ ପ୍ରତାରଣା ଶିଖି ନାହିଁ ପାଠର ଆବଶ୍ୟକତା ନଥିବାରୁ ସେ ପାଠ ପଢ଼ିବାକୁ ଚାହୁଁ ନାହିଁ । ଶିକ୍ଷାର ଆବଶ୍ୟକତା ମନୁଷ୍ୟ ଶିଶୁ ପାଇଁ ଦୁଇ ପ୍ରକାରେ- (୧) ଶିକ୍ଷା ତାହାକୁ ଭବିଷ୍ୟତରେ ଜୀବିକା ଅର୍ଜନ ପାଇଁ ପନ୍ଥା ଯୋଗାଇ ଦିଏ । (୨) ଶିକ୍ଷା ମଣିଷ ଶିଶୁର ମାନବିକ ବିକାଶରେ ସାହାଯ୍ୟ କରେ । ଆଜିର ଶିକ୍ଷା ବେକାର ସୃଷ୍ଟି କରୁଛି ଏବଂ ମାନବିକ ମୂଲ୍ୟବୋଧ ସମ୍ପର୍କରେ ଛାତ୍ରଙ୍କୁ ଆଲୋକିତ କରିପାରୁ ନାହିଁ । ଶିକ୍ଷା କ୍ରମରେ କିଛି ପରିବର୍ତ୍ତନ କରି ତାହାକୁ ଧନ୍ଦା ମୂଳକ କରିବାର ଚେଷ୍ଟା ସର୍ବତ୍ର କରାଯାଇଛି । ତାହା ସଫଳ ପ୍ରତିପାଦିତ ହେଲେ ଶିକ୍ଷିତ ଜୀବନର ବେକାରି ଦୂର ହେବ । ଆତ୍ମିକ ବିକାଶର ସାହାଯ୍ୟ କରିବା ପରି ପାଠ୍ୟକ୍ରମ ପ୍ରବର୍ତ୍ତନ କରାଗଲେ ଶିକ୍ଷା ଶିଶୁର ମାନବିକ ବିକାଶରେ ସାହାଯ୍ୟ କରି ତାହାକୁ ଜ୍ଞାନବାନ କରିପାରିବ ତାହାହିଁ ହେବ ସକଳ ସମସ୍ୟାର ସମାଧାନ ।

□

Images: Aptakama Mishra, Processing: Srujanika

କର୍କଟ ରୋଗରେ ହୋମିଓ ପାଥିକ୍ ଚିକିତ୍ସା

ହୋମିଓପାଥିକ ଚିକିତ୍ସା ଦ୍ୱାରା କୌଣସି କର୍କଟ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ମୁଁ ମୋର ଚିକିତ୍ସା କ୍ଷେତ୍ର ମଧ୍ୟରେ ଦେଖି ନାହିଁ ବା ଭଲ କରିନାହିଁ । କିନ୍ତୁ ଅନେକ ଚିକିତ୍ସକ ହୋମିଓ ପ୍ୟାଥିକ ଔଷଧ ଦ୍ୱାରା ଭଲ କରିଥିବା ଦାବି କରନ୍ତି ଏବଂ ବିଭିନ୍ନ ପୁସ୍ତକରେ ମଧ୍ୟ ତାହା ବର୍ଣ୍ଣନା କରିଥିବା ଦେଖାଯାଏ । ମୁଁ ମୋ ନିଜ ଅଭିଜ୍ଞତାରୁ କେବଳ ଏତିକି ଜାଣିଛି ଯେ କୌଣସି କର୍କଟ ରୋଗୀକୁ ତାର ବିଭିନ୍ନ ଲକ୍ଷଣ ଅନୁଧ୍ୟାନ କରି ହୋମିଓ ପ୍ୟାଥିକ ଔଷଧ ଦ୍ୱାରା କେବଳ ରୋଗର ଉପଶମ କରି-ଯାଇ କଷ୍ଟରୁ ମୁକ୍ତ କରାଯାଇ ପାରିବ । ବର୍ତ୍ତମାନ ବିଭିନ୍ନ ହୋମିଓପ୍ୟାଥିକ ଗବେଷଣା କେନ୍ଦ୍ର ମାନଙ୍କରେ କେତେକ ହୋମିଓ ପ୍ୟାଥିକ ଔଷଧ କେତେକ ରୋଗୀଙ୍କ ଉପରେ ପ୍ରୟୋଗ କରାଯାଇ ପରୀକ୍ଷା ନିରୀକ୍ଷା ଚାଲିଛି । ଏହାର ଫଳାଫଳ ବର୍ତ୍ତମାନ ସୁଦ୍ଧା କିଛି ଜଣାଯାଇ ନାହିଁ ।

ନିମ୍ନରେ କେତେକ ହୋମିଓପ୍ୟାଥିକ ଔଷଧ ଓ ତାର ଲକ୍ଷଣ ଗୁଡ଼ିକ ଦିଆଗଲା -ଯାହାକି କର୍କଟ ରୋଗକୁ ଉପଶମ କରିବାରେ ସାହାଯ୍ୟ କରିଥାଏ ।

(୧) ଆର୍ଣ୍ଟିମ କ୍ରୋଡ଼ — 3x

ଅତ୍ୟଧିକ ଶାରୀରିକ ଦୁର୍ବଳତା ସହିତ ଦେହ ବରଫ ପରି ଥଣ୍ଡା ଲାଗୁଥିଲେ ଏବଂ ଲସିକା ଗ୍ରନ୍ଥି ଗୁଡ଼ିକ କ୍ରମଶଃ

ଡାକ୍ତର ପ୍ରଦୀପ ରାଉ

ନଷ୍ଟ ହୋଇଯାଇ ଉକ୍ତ ସ୍ଥାନରେ ଘା ହୋଇଯାଇ ଭଲ ହେଉ ନଥିଲେ ଏବଂ କର୍କଟ ରୋଗର ଲକ୍ଷଣ ଗୁଡ଼ିକ ପ୍ରକାଶ ପାଉଥିଲେ ଦିନକୁ ୪ ଥରକରି ଖାଦ୍ୟ ପୂର୍ବରୁ ଖାଇବେ ।

(୨) ଆର୍ସେନିକ ଆୟୋଡ଼-30

ଏହା ସ୍ତନକର୍କଟ ରୋଗରେ ବିଶେଷ ଭାବେ ବ୍ୟବହୃତ ହୋଇଥାଏ । ପ୍ରଥମେ ସ୍ତନରେ ଘା ହୋଇ ତାହା ନ ଶୁଖୁଥିଲେ ଏବଂ ଉକ୍ତ ସ୍ଥାନରେ ପ୍ରଦାହ ସୃଷ୍ଟି ହୋଇ ସେଥିରୁ ନିର୍ଗତ ହେଉଥିବା ଅତି ଦୁର୍ଗନ୍ଧ ଯୁକ୍ତପାଣି ଶରୀରର ଯେଉଁ ଅଂଶରେ ଲାଗି ରହୁଥିବ ସେଠାରେ କ୍ଷତ ସୃଷ୍ଟି ହୋଇ କର୍କଟର ଲକ୍ଷଣ ପ୍ରକାଶ ପାଉଥିଲେ ଏବଂ ତତ୍ ସହିତ ସର୍ବଦା ଥଣ୍ଡା, ଥର୍ଣ୍ଣି, ଜ୍ୱର, କାଶ ଲାଗିରହୁଥିଲେ ଦିନକୁ ୪ ଥର ଖାଦ୍ୟ ପୂର୍ବରୁ ଖାଇବେ । ଉକ୍ତ କ୍ଷତ ସ୍ଥାନରେ ଲକ୍ଷଣାନୁଯାୟୀ କାଲେଣ୍ଡୁଲାର କମ୍ବା ହାଇଡ୍ରାଷ୍ଟିସ୍ ର ମୂଳ ଅର୍କ କୁ ଲଗାଇଲେ ଶୀଘ୍ର ଉପଶମ ମିଳିଥାଏ ।

(୩) ଆଷ୍ଟେରିଆସ ରୁବେନସ-6

ଏହା ମଧ୍ୟ ଏକ ସ୍ତନ କର୍କଟ ରୋଗର ଔଷଧ । ଏହି ରୋଗୀ ସାଧାରଣତଃ ମୋଟା ବା ଦେହରେ ଅଧିକ ଚର୍ବି ଥିବା ନାରୀ, ଯାହାର ମୁଖମଣ୍ଡଳ ଲାଲ ରଙ୍ଗର । କର୍କଟ ରୋଗରେ ପୀଡ଼ିତା ହୋଇଥିଲେ ମଧ୍ୟ ଉକ୍ତ ନାରୀ ପାଖରେ ସହବାସ ପ୍ରବଣତା ଅଧିକ ପ୍ରକାଶ ପାଇଥାଏ । ସ୍ତନ ଯୁଗଳ ପୃଥୁଳକାୟ ଏବଂ କର୍କଟ ଗ୍ରସ୍ତ ସ୍ତନରେ ତୀବ୍ର ଫୋଡ଼ ବା ଖେଞ୍ଚି ହେବା ଭଳି ଯନ୍ତ୍ରଣା ସହ କାଖ ଗୋଲି ପଡ଼ିଥିଲେ – ଦିନକୁ ୪ ଥର ଖାଦ୍ୟ ପୂର୍ବରୁ ଖାଇବେ ।

(୪) କାର୍ବୋ ଆନିମାଲିସ—30

ଜରାୟୁ କର୍କଟରେ ଏହା ବିଶେଷ ବ୍ୟବହାର ହୋଇଥାଏ । ଏହି ରୋଗୀର ଅଧିକାଂଶ ଗ୍ରନ୍ଥି ଫୁଲି ଟାଣ ହୋଇଯାଏ । ଜରାୟୁରେ ଅସହ୍ୟ ଜ୍ୱାଳା ଯନ୍ତ୍ରଣା ଦେଖାଯାଏ । ମାସିକ ରକ୍ତସ୍ରାବ ଠିକ୍ ସମୟର ବହୁ ପୂର୍ବରୁ ବା ଘନ ଘନ ବହୁ ପରିମାଣରେ ହୋଇଥାଏ, ଯାହାଫଳରେ ରୋଗୀ ଏତେ ଦୁର୍ବଳ ହୋଇପଡ଼େ ଯେ ତାର କଥା କହିବାର ମଧ୍ୟ ଶକ୍ତି ନଥାଏ । କର୍କଟ ଜନିତ ଜରାୟୁର ଜ୍ୱାଳା ଯୋନି ଭିତରେ ଏବଂ ବାହାରେ ପ୍ରକାଶ ପାଉଥିଲେ— ଦିନକୁ ୪ ଥର ଖାଦ୍ୟ ପୂର୍ବରୁ ଖାଇବେ ।

(୫) ସିଷ୍ଟ୍ରମ କାନାଡେନ୍ସିସ—6

ଏହା ବେକର ଦୁଇ କଡରେ ଥିବା ଗ୍ରନ୍ଥି କର୍କଟ ରୋଗରେ ବ୍ୟବହୃତ ହୋଇଥାଏ । ଗ୍ରନ୍ଥି ଗୁଡ଼ିକ ପ୍ରଥମେ ଫୁଲିଯାଇ ଟାଣ ହୋଇଯାଏ ଏବଂ ପରେ ପାଚି ଘା ହୋଇ କର୍କଟ ରୋଗରେ ପରିଣତ ହୋଇଥାଏ । ଏହି ରୋଗୀ ସାମାନ୍ୟ ଥଣ୍ଡା ଅନୁଭବ କରିଥାଏ, ଏପରିକି

ବାମ ସ୍ତନର ଚାରିପଟେ ବଳୟାକାରରେ ଚିପି ଚିପି କେଉଁଠି କିଛି ଗେଣ୍ଠା ପଡ଼ିଛି କି ନାହିଁ ଅନୁଭବ କର ଏବଂ ବୃନ୍ତ ସ୍ଥିର ପଟକୁ ମଧ୍ୟ ଭଲ ଭାବେ ସ୍ପର୍ଶ କରି ଦେଖ ।

୪- ସେହିପରି ଡାହାଣ ପଟକୁ ବାମ ହାତରେ ପରୀକ୍ଷା କର ।

୫- ସେହିଭଳି କାଖ ତଳ ପରୀକ୍ଷା କର

୬- ସ୍ତନ ବୃନ୍ତଠୁ ଆରମ୍ଭ କରି ବାହୁ ପର୍ଯ୍ୟନ୍ତ ପରୀକ୍ଷା କର ।

କୌଣସି ଅସ୍ୱାଭାବିକତା ଲକ୍ଷ୍ୟ କଲେ ଚିକିତ୍ସକଙ୍କ ସହ ପରାମର୍ଶ କର ।

ପ୍ରତ୍ୟେକ ମହିଳା ମାସିକ ରକ୍ତସ୍ରାବ ହେବା ପରେ ପରେ ନିଜ ନିଜ ସ୍ତନ ପରୀକ୍ଷା କରାଇ ନେବା ବିଧେୟ ।

ଜନନେନ୍ଦ୍ରିୟରେ କ୍ୟାନସର ପ୍ରତିରୋଧ ପାଇଁ କି ପଦକ୍ଷେପ ନିଆଯିବ ?

ପିଲା ଜନ୍ମ ସଂକ୍ରାନ୍ତୀୟ ସମସ୍ତ କ୍ଷତ ଛ ମାସ ଭିତରେ ଶୁଖାଇବାକୁ ଚେଷ୍ଟା କର । ଜନନେନ୍ଦ୍ରିୟରୁ କୌଣସି ଅସ୍ୱାଭାବିକ ସ୍ରାବ ହେଲେ ତୁରନ୍ତ ପରୀକ୍ଷା କରାଅ । ୩୫ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ଏବଂ ତାହା ପରେ ଛ ମାସିକ ପରୀକ୍ଷା କରାଇ ନେବା ଆବଶ୍ୟକ ।

Images: Aptakama Mishra, Processing: Srujanika

କର୍କଟ ଗ୍ରସ୍ତ ସ୍ଥାନରେ ମଧ୍ୟ ଥଣ୍ଡା ଅନୁଭବ କରେ । ଥଣ୍ଡା ପବନ ବହୁଥିବା ସ୍ଥାନରେ ରୋଗୀ ରହିବାକୁ ଇଚ୍ଛା କରେ ନାହିଁ । ଦିନକୁ ୪ ପାନ କରି ଖାଦ୍ୟ ପୂର୍ବରୁ ଔଷଧ ଖାଇବେ ଏବଂ ଏହି ଔଷଧର ମୂଳ ଅର୍କକୁ ଆକ୍ରାନ୍ତ ହୋଇଥିବା ସ୍ଥାନରେ ଦିନକୁ ୪।୫ ଥର ଲଗାଇଲେ ଆଶୁ ଫଳ ମିଳିଥାଏ ।

୬) କଣ୍ଡୁରାଙ୍ଗୋ—1x କମ୍ବା 6

ଖାଦ୍ୟନଳୀ, ଏପରିକି ମୁଖଦ୍ୱାର ଠାରୁ ଲଗାଇ ମଳଦ୍ୱାର ପର୍ଯ୍ୟନ୍ତ ଯେ ଯେ କୌଣସି ସ୍ଥାନରେ କର୍କଟ ରୋଗ ହୋଇଥିଲେ ଏହି ଔଷଧ ସେବନ ଖୁବ ଫଳପ୍ରଦ ହୋଇଥାଏ । ଦୁଇ ଓଠର କୋଣ ବା କଳ ଫାଟି ଘା ହୋଇଯାଇ ଶୁଖୁ ନଥିଲେ ବା ମଳଦ୍ୱାର ମଧ୍ୟ ଫାଟି ଘା ହୋଇ କର୍କଟର ଲକ୍ଷଣ ପ୍ରକାଶ ପାଇ ଅତ୍ୟଧିକ କଷ୍ଟ ପାଉଥିଲେ ଏହି ଔଷଧର ୬ ଶକ୍ତି ଦିନକୁ ୪ ଥର ଖାଇବେ ଏବଂ ଉକ୍ତ ସ୍ଥାନରେ ଏହାର ମୂଳ ଅର୍କ ଦିନକୁ ୪।୫ ଥର ଲଗାଇବେ । ଖାଦ୍ୟ ନଳୀର ଯେ କୌଣସି ସ୍ଥାନରେ କର୍କଟ ରୋଗ ଦେଖାଦେଲେ ଏହି ଔଷଧର x କମ୍ବା 2x ୧୦ ବିନ୍ଦୁ ପାଣିରେ ମିଶାଇ ଦିନକୁ ୪ଥର ଖାଇବେ । ଏହି ରୋଗୀର କର୍କଟରେ ଆକ୍ରାନ୍ତ ହୋଇଥିବା ସ୍ଥାନ ଭୀଷଣ କଷ୍ଟଦାୟକ ଏବଂ ଜ୍ୱାଳା କରେ । ରୋଗୀକୁ ଖାଦ୍ୟ ଢୋକିବାରେ କଷ୍ଟ ଅନୁଭୂତ ହୋଇଥାଏ ଏବଂ ଯେଉଁ ଖାଦ୍ୟ ଖାଏ ତାହା ବାନ୍ତି ହୋଇଯାଏ ।

୭) ଗାଲିଅମ ଆପାରାଇନ—2x

ଜିହ୍ୱା-କର୍କଟ ରୋଗରେ ଏହା ବିଶେଷ ବ୍ୟବହୃତ ହୋଇଥାଏ । ଜିହ୍ୱା ଘା ହୋଇ ବା ଗାଣ୍ଠୁଡ଼ି ଭଳି ହୋଇ କର୍କଟର ଲକ୍ଷଣ ପ୍ରକାଶ ପାଉଥିଲେ ଏହି ଔଷଧରୁ ୨୦।୨୫ ବିନ୍ଦୁ କରି, ପାଣିରେ ମିଶାଇ ଦିନକୁ ୩ଥର ଖାଦ୍ୟ ପୂର୍ବରୁ ଖାଇଲେ ରୋଗର ପ୍ରଥମାବସ୍ଥାରେ ଆରୋଗ୍ୟ ଲାଭ କରିବାରେ ସାହାଯ୍ୟ କରିଥାଏ ।

୮) ହୋଆଙ୍ଗ ନାନ୍—1x

ଗ୍ରନ୍ଥି (Gland) କର୍କଟ ରୋଗରେ ଏହା ଅନ୍ୟତମ ଔଷଧ । ଗ୍ରନ୍ଥି କର୍କଟ ସ୍ଥାନରୁ ରକ୍ତସ୍ରାବ ହେଉଥିଲେ ଏହି ଔଷଧରୁ ୧୦ ବିନ୍ଦୁ କରି ପାଣିରେ ମିଶାଇ ଖାଦ୍ୟ ପୂର୍ବରୁ ଦିନକୁ ୩।୪ ଥର ଖାଇଲେ ଅବିଳମ୍ବେ ଉପଶମ ମିଳିଥାଏ । ଗ୍ରନ୍ଥି କର୍କଟ ରୋଗ ସହିତ ଦେହରେ ବଥ ଘା ଯାଦୁ ଆଦି ହେଉଥିଲେ ଏହି ଔଷଧ ସେବନରେ ବିଶେଷ ଫଳ ମିଳିଥାଏ ।

୯) ହାଇଡ୍ରାସ୍ଟିସ୍—1x

ଯେ କୌଣସି ଲଲ ଗ୍ରନ୍ଥି କର୍କଟ ରୋଗରେ ଏହି ଔଷଧ ବ୍ୟବହୃତ ହୋଇଥାଏ । ଲଳ ଗ୍ରନ୍ଥି ଗୁଡିକ ନଷ୍ଟ ହୋଇଯାଇ ସେଥିରୁ ହଳଦିଆ ବର୍ଣ୍ଣର ଅଠାଳିଆ ସ୍ରାବ ହୋଇଥାଏ । ଉକ୍ତ ସ୍ଥାନ ଗୁଡିକ ଲୁଣ୍ଠାଇ ହୁଏ ଏବଂ ଧକ୍ ଧକ୍ ହୋଇ ବିନ୍ଧେ । ବିଶେଷ କରି ଖାଦ୍ୟନଳୀ, ପାକସ୍ଥଳୀ, ଜରାୟୁ ଏବଂ ଜରାୟୁର ବାହ୍ୟ ଦ୍ୱାର ଓ ପରିସ୍ରା ନଳୀରେ କର୍କଟ ରୋଗ ଦେଖା ଦେଲେ ଏହି ଔଷଧ ବ୍ୟବହାର କରାଯାଇ ଥାଏ ।

୧୦) କାର୍ସିନୋସିନ୍ —200

ଏହି ଔଷଧକୁ କର୍କଟ ରୋଗ ନିମନ୍ତେ ଏକ ଅମୋଘ ଅସ୍ତ୍ରରୂପେ ହୋମିଓପ୍ୟାଥିକ ଚିକିତ୍ସକ ମାନେ ବ୍ୟବହାର କରିଥାନ୍ତି । ଯେ କୌଣସି କର୍କଟ ରୋଗ ପାଇଁ ଏହା ଦିଆ ଯାଇ ପାରେ- କିନ୍ତୁ ବିଶେଷତଃ ସ୍ତନ, ବିଭିନ୍ନ ଗ୍ରନ୍ଥି, ଜରାୟୁ ଆଦି ସ୍ଥାନରେ ଏହି ରୋଗ ହୋଇଥିଲେ କାର୍ସିନୋସିନ-୨୦୦ ଦିନକୁ ୨ ପାନ ଖାଦ୍ୟ ପୂର୍ବରୁ ଖାଇବାକୁ ଦିଆଯାଇଥାଏ ସାଧାରଣତଃ କର୍କଟ ଗ୍ରସ୍ତ ସ୍ଥାନରୁ ଗନ୍ଧ ଯୁକ୍ତ ଯେ କୌଣସି ସ୍ରାବ ହେଉଥିଲେ ଏହି ଔଷଧ ଭଲ ଫଳପ୍ରଦ ହୋଇଥାଏ

ଉପରୋକ୍ତ ଔଷଧ ମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଅନେକ ଔଷଧ ଅଛି ଯାହାକି ଲକ୍ଷଣାନୁଯାୟୀ ଦିଆ ଯାଇପାରେ । କିନ୍ତୁ ସେ ଔଷଧ ଗୁଡିକ ବିଶେଷ ବ୍ୟବହୃତ ହେଉ ନ ଥିବାରୁ ଏଠାରେ ତାହା ଦିଆଯାଇନାହିଁ । □

ଉଜବେକିସ୍ତାନରେ ବୌଦ୍ଧ ମନ୍ଦିର ସନ୍ଧାନ

ସୋଭିଏତ ୟୁନିଅନ୍‌ର ଉଜବେକିସ୍ତାନ୍‌ରେ ଆଜି ଗୋଟିଏ ବୌଦ୍ଧ ମନ୍ଦିରର ସନ୍ଧାନ ମିଳିଛି । ତାସଖନ୍ଦର ଇତିହାସ ଓ ଶିଳ୍ପ ସଂକ୍ରାନ୍ତ ଖାମଜା ଇନଷ୍ଟିଚ୍ୟୁଟ ଅନୁସନ୍ଧାନ ଚଳାଇ ଏ ବର୍ଷ ଗ୍ରୀଷ୍ମ କାଳରେ ମନ୍ଦିରଟି ଆବିଷ୍କାର କରିଛନ୍ତି । ନଗର ପ୍ରାଚୀର ସଂଲଗ୍ନ ତିପ ସେହି ପୀଠସ୍ଥାନର ଧ୍ୱଂସାବଶେଷ, ଧୂସର ପର୍ବତ ଶ୍ରେଣୀ ଏବଂ ଘରବାଡ଼ି ଓ ରାସ୍ତାଘାଟ ଆଦି ବିଶାଳ କୁଶାଣ ନଗରୀର ଅବଶିଷ୍ଟାଂଶ ବୋଲି ବିଶ୍ୱାସ କରାଯାଉଛି ।

ବୈଜ୍ଞାନିକମାନେ ମନେ କରନ୍ତି ଯେ ସମୁଦ୍ରର ଦକ୍ଷିଣ କୂଳରେ ଅବସ୍ଥିତ ଏହି ସହରଟି ଏକ ଜନ ବହୁଳ ବିରାଟ ଦେଶର ରାଜଧାନୀ ଥିଲା । ଆଜି ସେହି ଅଞ୍ଚଳଟି ଥିଲା ଶକ୍ତିଶାଳୀ କୁଶାଣ ସାମ୍ରାଜ୍ୟର ଏକ ଅଂଶ । ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରୁ ଚତୁର୍ଥ ଶତାବ୍ଦି ମଧ୍ୟରେ ଏହି ସାମ୍ରାଜ୍ୟ, ମଧ୍ୟ ଏସିଆ, ଆଫଗାନସ୍ତାନ ଉତ୍ତର ଭାରତ ପର୍ଯ୍ୟନ୍ତ ବିସ୍ତୃତ ଥିଲା. ଏବଂ ମଧ୍ୟ ଏସିଆର ଜାତି ମାନଙ୍କ ମଧ୍ୟରେ ବୌଦ୍ଧ ଧର୍ମର ପ୍ରବଳ ପ୍ରଭାବ ଥିଲା । ଏହି ନୂତନ ଧର୍ମର ପ୍ରଚାରକ ଥିଲେ ଭାରତୀୟ ସନ୍ୟାସୀ ମାନେ । □

ହିମାଳୟର ପଥରରେ ୟୁରାନିୟମ ଠାବ

ହିମାଳୟର ଗ୍ରାନାଇଟ ପଥରରେ ୟୁରାନିୟମ ଧାତୁ ରହିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି ବୋଲି ଆଟମିକ ମିନେରାଲସ ଡିଭିଜନର ରିଜିଓନାଲ ଡିରେକଟର ଶ୍ରୀ ଜି.ଆର ନାରାୟଣ ଦାସ ପ୍ରକାଶ କରିଛନ୍ତି ।

ଅଣୁଶକ୍ତି ବିଭାଗର ଶ୍ରୀ ଏସ ଏ ପଣ୍ଡିତ କହିଛନ୍ତି ଯେ କେନ୍ଦ୍ରୀୟ ହିମାଳୟ ଗ୍ରାନାଇଟରେ ୟୁରାନିୟମ ପରିମାଣ ୭୦ ରୁ ୮୦ ପି ପି ଏମ ଏବଂ ଲାଦାଖ ଲିଓଥରମାଲ୍ ହୋଲରୁ ମିଳୁଥିବା ପାଣିରେ ଏହାର ପରିମାଣ ୧୦୦ ପିପିଏମ । □

ଡାହାଣୀ ଭୂତ ଢେଲା ପଥର ପକାଏ କି ?

ଅଧ୍ୟାପକ ଡକ୍ଟର ରାଧାନାଥ ରଥ (ମନୋବିଜ୍ଞାନ)

ଥରେ ଖବର କାଗଜରେ ବାହାରିଲା ଯେ ଗୋଟିଏ ଗାଆଁରେ ଜଣେ ସ୍ତ୍ରୀଲୋକ ଉପରେ ନାନା ଆଡ଼ୁ ଢେଲା, ପଥର, ଗୋବର, ପଚାପରିବା ଓ ମଇଳା ଜିନିଷ ଆସି ପଡ଼ୁଛି । ସମସ୍ତେ ବିବ୍ରତ, ଗୁଣିଆ ଆସିଲେ କିଛି ଭଲ ହେଲା ନାହିଁ । ତାଙ୍କ ଘର ଚୁଲିରୁ କୁଆଡ଼େ ଗୋଟିଏ ନାଲି ଆଲୋକ ବାହାରିବାର ମଝିରେ ମଝିରେ ଦେଖାଯାଏ ଇତ୍ୟାଦି ବହୁତ ଅଲୌକିକ ଘଟଣା ଘଟିବାର ପ୍ରକାଶ ପାଇଲା । ସେ ବିଷୟରେ ଆମ ତରଫରୁ ଅନୁଧ୍ୟାନ କରିବା ପାଇଁ କେତେଜଣଙ୍କୁ ପଠାଗଲା । ସେମାନେ ଅନୁଧ୍ୟାନରୁ ଜାଣିଲେ ଯେ ନାଲି ଆଲୁଅ କେହି କେବେ ହେଲେ ନିଜେ ଦେଖି ନାହାନ୍ତି ସମସ୍ତେ ଅନ୍ୟମାନଙ୍କଠାରୁ ଶୁଣିଛନ୍ତି । ତାପରେ ଢେଲା ପଥର ପକାଇବା ଘଟଣାକୁ ଖୁବ୍ ସାବଧାନତାର ସହ ନିରୀକ୍ଷଣ କରାଗଲା । ପରେ ସେହି ସ୍ତ୍ରୀକୁ ବୁଝାଇ ଦିଆଗଲା ଯେ ସେ ନିଜେ ସବୁ ଆଣି ଫିଙ୍ଗୁଛି । ପ୍ରଥମେ ପ୍ରଥମେ ସେ ମନାକଲା କିନ୍ତୁ ତାକୁ ସବୁ କଥା ବୁଝାଇ ଦେଲାପରେ ଏ ସବୁ ଜିନିଷ ଫୋପାଡ଼ିବା ବନ୍ଦ ହୋଇଗଲା । ସେ ନିଜେ କାହିଁକି ନିଜ ଉପରକୁ ମଇଳା ଇଟା ଗୋଡ଼ି ପକାଉଥିଲା ଏହା ନିଶ୍ଚୟ ଆଶ୍ଚର୍ଯ୍ୟର କଥା । ଅବଶ୍ୟ ଇଟା ଗୋଡ଼ି ମଇଳାର ଆକାର ଓ ପରିମାଣ ବେଶି ନୁହେଁ । ନିଜ ହାତ ମୁଠାରେ ଯେତିକି ରହି ପାରିବ ସେତିକି ଜିନିଷ କେବଳ ପଡ଼ୁଥିଲା । ଆଖେ ପାଖେ ଯେଉଁ ଜିନିଷ ସହଜରେ ମିଳେ ସେହି ଜିନିଷ ହିଁ ଆସି ପଡ଼ୁଥିଲା । ଏପରି ବ୍ୟବହାର ପଛରେ ସ୍ତ୍ରୀ ଲୋକଟିର ଗୋଟିଏ ସ୍ୱତନ୍ତ୍ର କାରଣ ଥିଲା । ତାକୁ ସମସ୍ତେ ମାଡ଼ଧର କରୁଥିଲେ ଏବଂ ତାର ସ୍ୱାମୀ ଆଉଥରେ ବାହାହେବାକୁ ମଧ୍ୟ ମନସ୍ଥ କରିଥିବାର ସେ ଜାଣି ପାରିଥିଲା । ତାପରେ ଏପରି ନାଟକୀୟ ଘଟଣା ଫଳରେ ସମସ୍ତେ ଭୟ ପାଇଗଲେ । ତାର ମାଡ଼ ଧର କମିଗଲା ଏବଂ ସ୍ୱାମୀର ବାହାଘର କଥା କିଛି ଦିନ ପାଇଁ ଅନ୍ତତଃ ବନ୍ଦ ହୋଇଗଲା । ସ୍ତ୍ରୀ ଲୋକଟି ପକ୍ଷରେ ଏହା କଣ କମ ଆଶ୍ୱସ୍ତିର କଥା । ତେଣୁ ଡାହାଣୀ ଆସି ଜିନିଷ ଫୋପଡ଼ା ଫୋପଡ଼ି କଲା । ଗୁଣିଆ ଉତ୍ତର ତାଙ୍କୁ କିଏ ଖୋଜ ଦେଇଛି କିନ୍ତୁ ପ୍ରକୃତରେ ନିଜର ସାମୟିକ ଲାଭ ପାଇଁ ସ୍ତ୍ରୀଲୋକଟି ନିଜେ ନିଜ ହାତ ମୁଠାରେ ରହିଲା ଭଳି ଜିନିଷ ଅନ୍ୟର ଅଜାଣତରେ ଫୋପାଡ଼ି ଦେଉଥିଲା । ଭାତରେ ମଇଳା ପଡ଼ିଲେ ଆଉଥରେ ତ କିଛି ଖାଇବାକୁ ମିଳେ । ସବୁବେଳେ ଖାଇଲା ସମୟରେ ତ ମଇଳା ପଡ଼େ ନାହିଁ ।

> ଡାହାଣୀ ବା ଭୂତ ସମ୍ପର୍କରେ ଅନେକ ଅଲୌକିକ କଥା ସବୁ ଶୁଣିବାକୁ ମିଳେ । ବୁଢ଼ୀ ମାଆ ଗପ ଠାରୁ ଆରମ୍ଭ କରି ବାବାମାନଙ୍କ ଶୂନ୍ୟରୁ ଘଣ୍ଟା ବା ସନ୍ଦେଶ ସୃଷ୍ଟି କରିବାର ପ୍ରହେଳିକାରେ ସମସ୍ତେ ଯୁଗପତ୍ ବିସ୍ମିତ ବିମୁଢ଼ ହୋଇ ପଡ଼ନ୍ତି । ପଦାର୍ଥ ବିଜ୍ଞାନର ସମସ୍ତ ନିୟମ ଭଙ୍ଗ କରି ଏଭଳି ଯେଉଁ କାର୍ଯ୍ୟ ହେଉଛି ବୋଲି ଶୁଣା ଯାଇଥାଏ ତାହା ପଛରେ କିଛି ନା କିଛି ଜାଗତିକ ବା ମାନସିକ କାରଣ ରହିଥାଏ ।

ଆଉ ଗୋଟିଏ ଘଟଣା

ଆଉ ଗୋଟିଏ ଘଟଣା – ଜଣଙ୍କ ଘରେ ଏତେ ଇଟା ପଥର ପଡ଼ିଲା ଯେ ତାଙ୍କର ଆଲୁଅ ସବୁ ଭାଙ୍ଗିଗଲା । ଅବଶ୍ୟ କାହା ଦେହରେ ଆଘାତ ହେଲା ଭଳି ଘଟଣା ଘଟି ନଥିଲା । ତାପରେ ସେ ଲୋକ ପୋଲିସରେ କହିବାରୁ ସଶସ୍ତ୍ର ପୋଲିସ ଆସି ଜଗିଲେ ଯେ ବାହାରୁ କିଏ ଫୋପାଡ଼ୁଥିଲେ ବନ୍ଦ ହୋଇଯିବ । କିନ୍ତୁ ପୋଲିସ ଜଗୁଥିଲା ଆଉ ସୁଦ୍ଧା ଢେଲା ପଥର ପଡ଼ିବାକୁ ଆରମ୍ଭ ହେଲା । ଜଣେ ବିଶିଷ୍ଟ ବ୍ୟକ୍ତି ଦେଖିବାକୁ ଯାଇଥିଲେ । ସେ ବସିଛନ୍ତି ଆଗ କାନ୍ଥକୁ ଚାହିଁଛନ୍ତି ସାଙ୍ଗେ ସାଙ୍ଗେ ଦୁଇଟା ଇଟା କାନ୍ଥରେ ଆସି ବାଜିଲା । ସେ ଆଶ୍ଚର୍ଯ୍ୟ ହୋଇଗଲେ । ଏ ବିଷୟରେ ଅନୁଧ୍ୟାନ କରାଗଲା । ଭଦ୍ର ବ୍ୟକ୍ତି ତାଙ୍କର ଗୋଟିଏ ଚୂନ ଘରେ ଥାଆନ୍ତି ବାହାରୁ ଯଦି ଢେଲା ପଥର ନପଡ଼ୁଛି ତାହେଲେ ଘରୁ ନିଶ୍ଚୟ ପଡ଼ୁଥିବ । ତାଛଡ଼ା ଅଧିକାଂଶ ଢେଲା ଘରକାର ଉପର ପଟନ ଛପରକୁ ବାଜୁଥିଲା । ତେଣୁ ସେହି ଘରଭିତରୁ କେହି ନିଶ୍ଚୟ ପକାଉଛି । କିଏ ସେ ଭଦ୍ର ବ୍ୟକ୍ତି? ନା ତାଙ୍କ ସ୍ତ୍ରୀ? ନା ଚାକର ? ପ୍ରତ୍ୟେକଥର ଜଣକୁ ବାଦଦେଇ ଅନ୍ୟମାନେ ଘରେଥିଲା ବେଳେ ପଥର ପଡ଼ିଲେ ଅନୁପସ୍ଥିତ ବ୍ୟକ୍ତି ନିଶ୍ଚୟ ଦାୟୀ ନୁହନ୍ତି । ଏପରି ଅନୁଧ୍ୟାନ ଫଳରେ ଦେଖାଗଲା ଯେ ଚାକର ପକାଉଥିଲା କେବଳ ମଜା କରିବା ପାଇଁ । ଅନେକ ଲୋକ ଆସିଲେ ଦେଖିବା ପାଇଁ ପୋଲିସ କୁଆଡ଼େ ଜଗିଲା, ଖବର କାଗଜରେ ବାହାରିଲା ଚାକରର ଦୁଷ୍ଟ ବୁଦ୍ଧି ଆହୁରି ବେଶୀ ତେଜି ଉଠିଲା । ଚାକରକୁ ଧରିଦେବା ଫଳରେ ଦୁର୍ଘଟଣା ବନ୍ଦ ହୋଇଗଲା ।

ଏ ଦୁଇଟି ଘଟଣାରେ ଯେ ପ୍ରକୃତରେ ଦାୟୀ ତାକୁ କେହି ସନ୍ଦେହ କରୁନଥିଲା କାରଣ ସମସ୍ତଙ୍କର ଧାରଣା ଯେ କଣେ ଅଶରୀରୀ ଡାହାଣୀ କି ଭୂତ ଏହାର କାରଣ ଅଟେ । ଏଣୁ ସମସ୍ତଙ୍କର ଧ୍ୟାନ ସେଇ ଆଡ଼େ । ମଣିଷ ହାତ ଏହା ହେବାର ସମ୍ଭାବନା ବୋଲି ଭାବିଲେ ସିନା ସ୍ୱାମୀ ତାକୁ ସନ୍ଦେହ କରି ଧରିବାକୁ ଚେଷ୍ଟା ହୁଅନ୍ତା, କିନ୍ତୁ ସମସ୍ତଙ୍କର ଦୃଷ୍ଟି ଅନ୍ୟ ଆଡ଼େ । ଯେଉଁ ଭଦ୍ର ବ୍ୟକ୍ତି ପଥର ଫିଙ୍ଗିବା ଘଟଣା ଦେଖିବାକୁ ଯାଇଥିଲେ ସେତ ସାମନା କାନ୍ଥକୁ ଚାହିଁ ବସିଛନ୍ତି । ଠିକ୍ ପଛରେ ଠିଆ ହୋଇ ଚାକର ଢେଲା ପକାଉଛି । ସମସ୍ତେ ଆଗକୁ ଚାହିଁଛନ୍ତି । ଅର୍ଥାତ ଦୃଷ୍ଟି ଅନ୍ୟଆଡ଼େ । ପାଖ ଲୋକଙ୍କ ଆଡ଼େ ଦୃଷ୍ଟି ନଦେବା ଯୋଗୁ ସେ ଠକ କାହାକୁ ସହଜରେ ଧରି ହୁଏ ନାହିଁ । ମନୁଷ୍ୟର କୁସଂସ୍କାରଟ ତାକୁ ଭୁଲ ବାଟରେ ଆଗେଇ ନିଏ ।

ତାଛଡ଼ା ଏ ସମ୍ପର୍କରେ କେତେକ ତାତ୍ତ୍ୱିକ ଧାରଣା ସ୍ପଷ୍ଟ ହେବା ଉଚିତ । ପ୍ରଥମତଃ ଡାହାଣୀ ଭୂତର ଅସ୍ତିତ୍ୱ ବିଷୟରେ ବହୁ ସନ୍ଦେହ ଅଛି । ବହୁତ କମ୍ ଲୋକ ଡାହାଣୀ ଭୂତ ଅନୁଭୂତି ବିଷୟରେ ଠିକ ଖବର ଦେଇ ପାରନ୍ତି । ଅଧିକାଂଶ ଲୋକ ଖାଲି ଶୁଣି ଆସନ୍ତି ଅନ୍ୟମାନଙ୍କ ଠାରୁ । ତାଛଡ଼ା ଯେଉଁମାନେ ଦେଖନ୍ତି ସେମାନେ କେବଳ ଏକାକିଆ ଥିଲା ବେଳେ ଡାହାଣୀ ଭୂତ ଦେଖନ୍ତି । କେହି ଦଳେ ଲୋକଙ୍କର ଏପ୍ରକାର ଅଭିଜ୍ଞତା ନାହିଁ, କହିଲେ ଚଳେ । ଯେଉଁ ମାନଙ୍କର ଅଗାଧ ବିଶ୍ୱାସ ସେମାନେ ବେଶି ଦେଖନ୍ତି ଯେଉଁ ମାନଙ୍କର ବିଲକୁଲ ବିଶ୍ୱାସ ନାହିଁ ସେମାନେ ଆଦୌ ଦେଖନ୍ତି ନାହିଁ ।

ଦ୍ୱିତୀୟରେ ଡାହାଣୀ ଭୂତ ଯଦି ବା ଥାନ୍ତି ସେ ହଠାତ୍ ଢେଲା ପଥର ମଇଳା ମଇଳା କାହିଁକି ଫୋପାଡ଼ିବେ । ଫୋପାଡ଼ିବା ପାଇଁ ସେମାନଙ୍କର ପ୍ରବୃତ୍ତି କାହିଁକି ହେବ । ସେ

Images: Aptakama Mishra, Processing: Srujanika

ବିଷୟରେ ସଠିକ ଧାରଣା କାହାର ନାହିଁ । ଜଂଗ ଡାହାଣୀ ଲାଗିଲେ ଗୁଣିଆ ମାନେ ଆସି ଝାଡ଼ି ଦିଅନ୍ତି । ସେ ଭଳି ହୋଇପାଏ, କିମ୍ବା କେଉଁ ଗୁଣିଆ ବାଣ ପେଶି ଅନ୍ୟମାନଙ୍କର ଏ ପ୍ରକାର ବିଭ୍ରାଟ ସୃଷ୍ଟି କରୁଥିବାର ଶୁଣାଯାଏ । ସେମାନଙ୍କୁ ଦଶ ପନ୍ଦର ଟଙ୍କା ଦେଲେ ସେମାନେ ଡାହାଣୀ ଭୂତଙ୍କୁ ବଶ କରି ଦିଅନ୍ତି । ସେମାନଙ୍କ ସାହାଯ୍ୟରେ ଯଦି ଏପରି ଘଟଣା ଘଟାଇବାର ଶକ୍ତି ଅଛି ତାହେଲେ ବାଣ ପେଶାଇ ଟ୍ରେଜେରିରୁ ନୋଟ ବିଡ଼ାଟେ କାହିଁକି ଆଣି ପାରନ୍ତି ନାହିଁ ? ବଣିଆ ଦୋକାନରୁ ସୁନା କାହିଁକି ବାଣ ଆଣି ପାରେ ନାହିଁ । ସେମାନେ ବାଣ ପେଶାଇ ନିଜେ ବହୁତ ଧନ ଆଣି ପାରନ୍ତେ । କେଉଁ

> **ଅଶରୀରୀର ଢେଲା ପଥର ଫୋପାଡ଼ି ପାରୁଛି ସେ କେତେ କାଗଜ ବିଡ଼ାଏ ଫୋପାଡ଼ି ପାରୁନାହିଁ କାହିଁକି ?**

ଏହା ହେଉଛି ଗୋଟିଏ ମୂଳ ପ୍ରଶ୍ନ । ଏହି ଗୁଣୀଙ୍କ ମୁଁ ଅନୁରୋଧ କରୁଛି ଯେ ଗୋଟିଏ ଗ୍ଲାସରେ ଥିବା ଖଣ୍ଡେ କାଗଜକୁ ଯଦି ସେମାନଙ୍କର ଗୁଣୀ ସାହାଯ୍ୟରେ ବାହାର କରି ଦେଇ ପାରିବେ କିମ୍ବା ସେଥିରେ ଯାହା ଲେଖା ଅଛି ତାକୁ କହିଦେଇ ପାରିବେ ତା ହେଲେ ତ. ସଙ୍ଗେ ୨ ପ୍ରମାଣିତ ହୋଇଯିବ ଏହାର ସତ୍ୟତା । ଏଣୁ ମନ୍ତ୍ର ଯନ୍ତ୍ର ସାହାଯ୍ୟରେ କୌଣସି ଜିନିଷକୁ ହଠାତ୍ ସୃଷ୍ଟି କରିବା ପଛରେ କୌଣସି ସତ୍ୟତା ଥିବାର ପ୍ରମାଣ ନାହିଁ । ଯେଉଁ ବାବା ମାନେ ହାତକୁ ଶୂନ୍ୟରେ ହଲାଇ ବିଭୂତି ସୁନା, ଘଡ଼ି, ସନ୍ଦେଶ ଆଣି ଦେଇ ପାରନ୍ତି । ସେମାନେ ଗୋଟାଏ କଖାରୁ କିମ୍ବା ସେହି ଆକାରର କୌଣସି ଜିନିଷ ଶୂନ୍ୟରୁ ସୃଷ୍ଟି କରି ପାରନ୍ତି ନାହିଁ । ସେହିପରି ଡାହାଣୀ ଲାଗିବା ଘରେ ଗ୍ରେଟଗ୍ରେଟ ଜିନିଷ ପଡ଼େ । ହାତ ମୁଠାରେ ରହିବା ଭଳି ଏବଂ ପାଖରେ ମିଳୁଥିବା ପଦାର୍ଥ ଶୂନ୍ୟରୁ ସିବାର ଦେଖାଯାଏ । ଉପରୁ ବଡ଼ ଜିନିଷ କଦାପି ପଡ଼େ ନାହିଁ । ଏଣୁ ଡାହାଣୀ-ଭୂତ ବା ବାଣପେଶା ଘଟଣାକୁ ଅଧ ସାବଧାନ ସହ ଅନୁଧ୍ୟାନ କଲେ ଏହାର ପ୍ରକୃତ ରହସ୍ୟ ଜଣାପଡ଼େ । ପ୍ରଥମେ ସ୍ୱାଭାବିକ ଭାବରେ ଘଟୁଥିବା କଥାକୁ ଗ୍ରହଣ କରି ପାଖରେ ଥିବା ଲୋକଙ୍କୁ ସନ୍ଦେହ କଲେ ଅତି ସହଜରେ ଏହାର ପ୍ରକୃତ କାରଣ ଜାଣିହୁଏ । ଅନ୍ଧବିଶ୍ୱାସ କୁସଂସ୍କାର ଓ ଭୟ ଯୋଗୁ ଆମେମାନେ ପ୍ରଥମରୁ ଏ ବିଷୟରେ ଆବିଷ୍କାର କରିବାକୁ ସାହସ କରି ପାରୁନ ଫଳରେ ଆମେ ସେହି ପାପଚକ୍ରରେ ଘାଣ୍ଟି ହେଉଥାଉ । ଡାହାଣ ଲାଗିଥିବା ବ୍ୟକ୍ତି ମାନଙ୍କୁ ମୁଁ ଅଳ୍ପ ସମୟ ଭିତରେ ଠିକ ଅବସ୍ଥାକୁ ଫେରାଇ ଆଣିବା ପରେ ଆଉ ଢେଲା ପଥର ପଡ଼େ ନାହିଁ । ଅନେକ ସମୟରେ ବାହାରର ଲୋକେ ଯେ ଦାୟୀ ନୁହନ୍ତି ତା ନୁହେଁ । ମୋଟା ମୋଟି ଭାବରେ ଏପରି ପ୍ରତ୍ୟେକ ଘଟଣାର ସ୍ୱାଭାବିକ ଓ ପ୍ରାକୃତିକ କାରଣ ଗୁଡ଼ିକ ଉପରେ ଯୋର ଦେଇ ଅନୁଧ୍ୟାନ କଲେ ଏହାର ସତ୍ୟତା ଧରାହୁଏ । □

ରେଡ଼ିଏସନ ସାହାଯ୍ୟରେ ଶସ୍ୟ ସଂରକ୍ଷଣ

ସୋଭିଏତ୍ ଋଷ ପକ୍ଷରୁ ପ୍ରସ୍ତୁତ ଏକ ଯନ୍ତ୍ର ସାହାଯ୍ୟରେ ଶତକଡ଼ା ୧୦୦ ଭାଗ ଶସ୍ୟ ସଂରକ୍ଷିତ ହେଉଛି

ଅଧୁନା ପୃଥିବୀର ବିଭିନ୍ନ ଦେଶରେ ଉତ୍ପାଦିତ ଖାଦ୍ୟ ଶସ୍ୟର ଶତକଡ଼ା ୫ରୁ ୧୦ ଭାଗ ପୋକମାନଙ୍କ ଦ୍ୱାରା ନଷ୍ଟ ହେଉଥିବା ଏକ ପରିସଂଖ୍ୟାନରୁ ଜଣାଯାଇଛି । କେତେକ ଦେଶରେ ଏହି ନଷ୍ଟିର ପରିମାଣ ଶତକଡ଼ା ୫୦ ଭାଗ ହେଉଥିବା ମଧ୍ୟ ଖବର ମିଳୁଛି । ଏ ଅବସ୍ଥାରେ ଫସଲ ସଂରକ୍ଷଣ ଏକ ବିଶ୍ୱ ସମସ୍ୟାରେ ପରିଣତ ହୋଇଛି ।

ଖାଦ୍ୟ ଶସ୍ୟ ବିଦେଶକୁ ରପ୍ତାନୀ କଲାବେଳେ ଅଥବା ଆମଦାନୀ କଲାବେଳେ ଏହାର ସଂରକ୍ଷଣ ପ୍ରତି ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ । ମସ୍କୋର ଏକ ଗବେଷଣା ପ୍ରତିଷ୍ଠାନର ହିସାବ ଅନୁଯାୟୀ ସଂରକ୍ଷିତ ଶସ୍ୟରେ ପ୍ରତି ଦଶ କିଲୋ ଗ୍ରାମ ଗହଳରେ ଯଦି ଦୈବାତ୍ ଛଅଟି ଉକୁଣିଆପୋକ ରହିଯାଇଥିବେ ତେବେ ୭୦ ଦିନରେ ସେମାନେ ୧୭୪ ଗୁଣ ଅଧିକ ହୋଇଯିବେ । ଟିକିଏ ଉଷ୍ଣ ଜଳବାୟୁ ହେଲେ ତ କଥା ଶେଷ ।

ଶସ୍ୟକୁ ପୋକଙ୍କ ଦାଉରୁ ରକ୍ଷା କରିବା ପାଇଁ ଆମେ ସାଧାରଣ ବିଷାକ୍ତ କୀଟ ନାଶକ ଔଷଧ ବ୍ୟବହାର କରୁ । କିନ୍ତୁ ଏହାର ଅପକାରିତା ମଧ୍ୟ ଯଥେଷ୍ଟ ଅଧିକ । କାରଣ କୀଟ ନାଶକ ଔଷଧ ପକାଇ ସାରିବା ପରେ ଏହାକୁ ବିଷାକ୍ତ ବାଷ୍ପ ମୁକ୍ତ କରିବାକୁ ହେବ । ଦୁଃଖପୂତଃ ଯେଉଁ ରସାୟନିକ ବିଷ ଏଥିରେ ବଳକା

ଭି ଏସ୍ ଗଲକିନ୍

ରହିଗଲା ତଥା ସଂରକ୍ଷିତ ଶସ୍ୟକୁ ବିଷାକ୍ତ କରିବାର ଆଶଙ୍କା ରହିଛି ଏବଂ ସର୍ବୋପରି ଲୋକ ମାନେ ବିଷ ସହିତ ଅଭ୍ୟସ୍ତ ହୋଇ ଯିବାର ମଧ୍ୟ ସମ୍ଭାବନା ରହିଛି ।

ଏହି ବିପଦକୁ ହ୍ରାସ କରିବା ପାଇଁ ଗାମା-ରେ ଟ୍ରିଟ୍‌ମେଣ୍ଟର ପ୍ରଚଳନ କରାଯାଇ ଥିଲା । କିନ୍ତୁ ଏହି ପ୍ରକ୍ରିୟାଟି ଫଳପ୍ରଦ ହେଲେ ମଧ୍ୟ ରେଡ଼ିଏସନ୍ ନିୟନ୍ତ୍ରଣ ନହେଲେ ଏହା କରୁଥିବା ଲୋକଙ୍କ ନିରାପତ୍ତା ବିପନ୍ନ ହେଉଥିଲା ।

ଏହି ବିପଦରୁ ମୁକ୍ତ ପାଇବା ପାଇଁ ଋଷିଆର ନ୍ୟୁକ୍ଲିଅର ଫିଜିକ୍ସ ଇନଷ୍ଟିଚ୍ୟୁଟ ନିକଟରେ ଏକ ରେଡ଼ିଏସନ୍ ଡିସଇନଫେକ୍ସନ ୟୁନିଟ ତିଆରି କରିଛନ୍ତି ଯାହା ସାହାଯ୍ୟରେ ଶସ୍ୟ ସଂରକ୍ଷଣ ଶତକଡ଼ା ୧୦୦ ଭାଗ ସଫଳ ହୋଇ ପାରୁଛି । ଏହି ୟୁନିଟ ସାହାଯ୍ୟରେ ଇଲେକଟ୍ରୋନ୍ ଗୁଡ଼ିକୁ କ୍ଷିପ୍ର ଗତିରେ ସଂରକ୍ଷିତ ଶସ୍ୟ ଉପରକୁ ନିକ୍ଷେପ କରାଯାଉଛି । ଫଳରେ ସେଥିରେ ଥିବା ସମସ୍ତ କୀଟ ନଷ୍ଟ ହୋଇ ଯାଉଛନ୍ତି ଏବଂ ଯେଉଁମାନେ ଦୈବାତ୍ ବଞ୍ଚି ଯାଉଛନ୍ତି ସେମାନେ ପ୍ରଜନନ ଶକ୍ତି ରହିତ ହୋଇ ପଡ଼ୁଛନ୍ତି ।

ଏହି ପ୍ରଣାଳୀରେ ଶସ୍ୟ ସଂରକ୍ଷଣ କଲେ ସମ୍ପୃକ୍ତ ଶସ୍ୟର ବାୟୋଲୋଜିକାଲ ଚରିତ୍ରରେ କୌଣସି ପରିବର୍ତ୍ତନ ହୁଏ ନାହିଁ ବୋଲି ବହୁ ବାର ପରୀକ୍ଷା କରିବା ପରେ ଜଣାଯାଇଛି । ଋଷ ସରକାର ଏବେ ରୁଟି ତିଆରି ହେଉଥିବା ଗହମକୁ ଏ ପ୍ରଣାଳୀରେ ସଂରକ୍ଷିତ କରିବା ପାଇଁ ଅନୁମତି ଦେଇଛନ୍ତି । □

Images: Aptakama Mishra, Processing: Srujanika

ରାମଙ୍କ ଜନ୍ମ ମାତ୍ର ଅଢ଼େଇ ହଜାର ବର୍ଷ ତଳେ ହୋଇଥିଲା

ରାମାୟଣରେ ବର୍ଣ୍ଣିତ ଲଙ୍କା ପ୍ରକୃତରେ ଗଙ୍ଗା ନଦୀର ଏକ ବିରାଟ ଦ୍ୱୀପ ଥିଲା ?

ସାଧାରଣରେ ପ୍ରଚଳିତ ଧର୍ମ ବିଶ୍ୱାସ ଅନୁଯାୟୀ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମ ପ୍ରାୟ ଏକଲକ୍ଷ ବର୍ଷ ତଳେ ହୋଇଥିଲା । କିନ୍ତୁ ପ୍ରକୃତରେ ତାଙ୍କ ଜନ୍ମ କାଳ ଖ୍ରୀଷ୍ଟପୂର୍ବ ୮୦୦ ରୁ ୭୦୦ ବର୍ଷ ମଧ୍ୟରେ ହେବ ବୋଲି ଦୁଇଟି ଭିନ୍ନ ଭିନ୍ନ ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କରିବା ପରେ ଜଣାଯାଇଛି ।

ଉତ୍ତର ପ୍ରଦେଶର ପୂର୍ବାଞ୍ଚଳରେ ଅବସ୍ଥିତ ଆଲ୍ଲାହାବାଦ ନିକଟବର୍ତ୍ତୀ ବିଭିନ୍ନ ସ୍ଥାନରେ ଶ୍ରୀରାମଙ୍କ ଜୀବନର ବିଭିନ୍ନ ଘଟଣା ମାନ ଘଟିଥିଲା ବୋଲି ବିଶ୍ୱାସ କରାଯାଏ । ସେ ସବୁ ସ୍ଥାନଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ସର୍ଭେ କରାଯାଇ ଉପରୋକ୍ତ ସିଦ୍ଧାନ୍ତ ନିଆଯାଇଛି । ଆର୍କିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ପୂର୍ବତନ ଡିରେକ୍ଟର ଜେନେରାଲ ଡକ୍ଟର ବି. ବି ଲାଲଙ୍କ ଅଧ୍ୟକ୍ଷତାରେ ଏହି ସର୍ଭେ ହୋଇଥିଲା ।

ସ୍ୱର୍ଗତ ନେହେରୁଙ୍କ ବାସସ୍ଥାନ ଆନନ୍ଦ ଭବନର ଅନତି ଦୂରରେ ଅଯୋଧ୍ୟାର ଭରଦ୍ୱାଜ ଆଶ୍ରମ ଅବସ୍ଥିତ ଥିଲା । ସେଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ରାମାୟଣ ଯୁଗର ବହୁ ମାଟି ପାତ୍ର ସବୁ ଆବିଷ୍କୃତ ହୋଇଛି ଏବଂ ଏହାର କାଳ ମଧ୍ୟ ନିର୍ଦ୍ଧାରଣ କରାଯାଇଛି ।

ଡକ୍ଟର ଲାଲଙ୍କ ଗବେଷଣା ପ୍ରସୂତ ମତକୁ ଅନ୍ୟତମ ଗବେଷକ ଡକ୍ଟର ଡି ପି ଅଗ୍ରୱାଲା (ଫିଜିକାଲ ରିସର୍ଚ୍ଚ ଲାବରେଟୋରୀ) ମଧ୍ୟ ସମର୍ଥନ କରିଛନ୍ତି । ଉଭୟେ ପ୍ରତ୍ନତାତ୍ତ୍ୱିକ ଅବଶେଷାଂଶର କାଳ ନିରୂପଣ ପାଇଁ ରେଡିଓ କାର୍ବନ ଡେଟିଂ ପ୍ରଣାଳୀ ଏବଂ ଥର୍ମୋ ଲୁମିନେସେଣ୍ଟ ଡେଟିଂ ପ୍ରଣାଳୀ ଅବଲମ୍ବନ କରିଥିଲେ ।

ପ୍ରତ୍ନତାତ୍ତ୍ୱିକ ଖନନ ବେଳେ ଡକ୍ଟର ଲାଲ ଦୁଇଟି ସ୍ତରର ଅବଶେଷାଂଶ ଆବିଷ୍କାର କରିଥିଲେ । ଏହାମଧ୍ୟରୁ ଗୋଟିଏ ଖ୍ରୀଷ୍ଟପୂର୍ବ ୪୦୦ ବା ମୌର୍ଯ୍ୟ ଯୁଗର ଏବଂ ଏହା ତଳକୁ ଯେଉଁ ଅବଶେଷାଂଶ ମିଳିଲା ତାହା ଖ୍ରୀଷ୍ଟପୂର୍ବ ୮୦୦ ବା ୭୦୦ ବେଳର । ଉକ୍ତ ସର୍ଭେର ଫଳାଫଳରୁ ରାମାୟଣର ସମୟ ଲକ୍ଷେ ବର୍ଷ ତଳର ଆଦୌ ହୋଇପାରିବ ନାହିଁ ବୋଲି ଡକ୍ଟର ଲାଲ ମତ ଦେଇଛନ୍ତି । ତାଙ୍କ ମତରେ ଲକ୍ଷେ ବର୍ଷ ତଳେ ଅତୀତ ମନୁଷ୍ୟ ସଭ୍ୟତାର ଉନ୍ମେଷ ବେଳରେ ଧାତୁର ବ୍ୟବହାର ଆଦୌ ଜାଣି ନଥିଲା । କିନ୍ତୁ ରାମାୟଣରେ ଯେଉଁସବୁ ଧାତୁ, ଯୁଦ୍ଧ ଅଥବା ଅନ୍ୟାନ୍ୟ ସମୟରେ ବ୍ୟବହୃତ ହେଉଥିବାର ବର୍ଣ୍ଣନା କରାଯାଇଛି ସେ ପ୍ରକାରର ଅସ୍ତ୍ରଶସ୍ତ୍ର ଓ ଧାତୁ ଉକ୍ତ ଖନନ ସମୟରେ ଆବିଷ୍କାର କରାଯାଇଥିଲା । ଅଧିକନ୍ତୁ ରାମାୟଣ ଯୁଗର ଲୋକେ ଗୃହ ନିର୍ମାଣ, ପଶୁ ପାଳନ ଓ କୃଷିବାସ ଆଦି ଭଲ ଭାବେ ଜାଣିଥିଲେ । ଅଥଚ ମାତ୍ର ଚାରି ପାଞ୍ଚ ହଜାର ବର୍ଷ ତଳେ ଗଢ଼ି ଉଠିଥିବା ସିନ୍ଧୁ ସଭ୍ୟତାର ଲୋକଙ୍କୁ ଏହା ମାଲୁମ୍ ନଥିଲା ।

ଡକ୍ଟର ଲାଲ କହନ୍ତି ଯେ ରାମାୟଣ ଯୁଗର ଠିକ୍ ପରବର୍ତ୍ତୀ ଅବସ୍ଥାରେ ବୌଦ୍ଧ ଧର୍ମର (ଖ୍ରୀ: ପୂ: ୫୦୦ରୁ ୪୦୦) ବିକାଶ ଘଟି ହିନ୍ଦୁ ଧର୍ମର ପ୍ରଭାବ ବ୍ୟାହତ ହୋଇଥିଲା ଏବଂ ଗୁପ୍ତ ସାମ୍ରାଜ୍ୟରେ ହିଁ ପୁନର୍ବାର ହିନ୍ଦୁ ଧର୍ମର ପ୍ରାଧାନ୍ୟ ପ୍ରତିଷ୍ଠିତ ହେଲା । ଏହି କାରଣ ଯୋଗୁ ହିଁ ବାଲ୍ମୀକି ରାମାୟଣ ଖ୍ରୀ: ପୂ: ୨୦୦ରୁ ଖ୍ରୀ: ପର ୨୦୦ ଶତାବ୍ଦି ମଧ୍ୟରେ ରଚିତ ହୋଇଥିବା ସମ୍ଭବ । ଏହା ପୂର୍ବରୁ ଲିଖିତ ରୂପର ପ୍ରଚଳନ ନଥିଲା ।

ରାମାୟଣରେ ଯାହା ସବୁ ବର୍ଣ୍ଣନା କରାଯାଇଛି ତାହା କେବଳ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ସୀମିତ ଏବଂ ଆଧୁନିକ ଲଙ୍କା ତଦାନୀନ୍ତନ ଲଙ୍କା ସହ ସମାନ ନୁହେଁ ବୋଲି ବିଶେଷଜ୍ଞମାନଙ୍କର ମତ । ସେମାନଙ୍କର ଯୁକ୍ତି ଅନୁଯାୟୀ ସେତେବେଳେ ବିନ୍ଧ୍ୟ ଅଞ୍ଚଳ ଏଭଳି ଘଞ୍ଚ ଅରଣ୍ୟରେ ପୂରି ରହିଥିଲା ଯେ ତାକୁ ଭେଦ କରିବା ସେତେବେଳର ମନୁଷ୍ୟ ପକ୍ଷେ ଅସମ୍ଭବ । ତେଣୁ ତାକୁ ଟପି ଲଙ୍କାକୁ ଯିବାର ପ୍ରଶ୍ନ ଉଠି ନ ପାରେ । ତେବେ ରାମାୟଣରେ ବର୍ଣ୍ଣିତ ଲଙ୍କା କୌଣସି ଏକ ବଡ଼ ହ୍ରଦର ପଠା କିମ୍ବା ଗଙ୍ଗା ନଦୀର ଏକ ବିରାଟ ଦ୍ୱୀପ ହୋଇ ପାରେ । ନଦୀ ବା ହ୍ରଦର ବିଶାଳତା ଦୃଷ୍ଟିରୁ ତାକୁ ସମୁଦ୍ର ରୂପେ ସେତେବେଳେ ବର୍ଣ୍ଣନା କରାଯାଇଥିଲା ।

ଡକ୍ଟର ଲାଲଙ୍କ ଏହି ତଥ୍ୟ ରାମାୟଣ ବିଶେଷଜ୍ଞଙ୍କ ମଧ୍ୟରେ ଘୋର ଆଲୋଡ଼ନ ସୃଷ୍ଟି କରିଛି ।

ସେ ୧୯୭୫ ମସିହାରେ ପ୍ରଥମେ ସେ ସ୍ଥାନକୁ ଖନନ ପାଇଁ ଗଲା ବେଳେ ସ୍ଥାନୀୟ ବ୍ରାହ୍ମଣ ପୁରୋହିତମାନେ ତାଙ୍କୁ ବାଧା ଦେଇଥିଲେ । କିନ୍ତୁ ପ୍ରତ୍ନତାତ୍ତ୍ୱିକ ଖନନ ଶ୍ରୀରାମଙ୍କ ମର୍ଯ୍ୟାଦା ହ୍ରାସ କରିବ ନାହିଁ ବୋଲି ଡକ୍ଟର ଲାଲ ବ୍ରାହ୍ମଣଙ୍କୁ ବୁଝାଇଥିଲେ ।

ଖନନ କାର୍ଯ୍ୟ ଚାଲିଥିବା ବେଳେ ବହୁଲୋକ ସେଠାକୁ ଆସି ସୀତାଙ୍କର କିଛି ଅଳଙ୍କାର ବା ରାମଙ୍କର ପାଦୁକା ମିଳିଲା କି ବୋଲି ବୁଝିବାକୁ ଚାହୁଁଥିଲେ ।

ଏଠାରେ ଉଲ୍ଲେଖ ଯୋଗ୍ୟ କି ଖନନ ସ୍ଥାନ ନିକଟରେ ଥିବା ରାମ ଜନ୍ମ ଭୂମି ମନ୍ଦିରକୁ ୧୫୨୭ ମସିହା ମୋଗଲ ସମ୍ରାଟ ବାବର ଭାଙ୍ଗି ଦେଇ ଥିଲେ । ୧୯୪୯ ମସିହାରେ ଏହି ମନ୍ଦିର ସମ୍ପର୍କରେ ଏକ ମକଦ୍ଦମା ହେବାରୁ ସେହିଦିନ ଠାରୁ ତାହା ଏକ ରିସିଭରଙ୍କ ଦାୟିତ୍ୱରେ ରହିଛି ଏବଂ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟ ପକ୍ଷରୁ ସେ ସ୍ଥାନକୁ ନିଜର ମନ୍ଦିର ବୋଲି ଦାବୀ କରାଯାଉଛି । □

ପଇଡ ପାଣିରୁ ଭିନେଗାର ତିଆରି

ତାଡ଼ି ଓ ପଇଡ ପାଣିର ମିଶ୍ରଣରୁ ବ୍ୟବସାୟିକ ଭିତ୍ତିରେ ଭିନେଗାର ପ୍ରସ୍ତୁତ କରାଯାଇ ପାରିବ ବୋଲି ଶ୍ରୀଲଙ୍କା ନଡ଼ିଆ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ମାନେ ଜାଣି ପାରିଛନ୍ତି ।

ପ୍ରସ୍ତାବିତ ଭିନେଗାରରେ ଶତକଡ଼ା ୪୦ ଭାଗ ପଇଡ଼ ବା ନଡ଼ିଆ ପାଣି ଏବଂ ୬୦ ଭାଗ ତାଡ଼ି ମିଶାଯାଇ ସ୍ୱାଭାବିକ ପଦ୍ଧତିରେ ଭିନେଗାର ପ୍ରସ୍ତୁତ କରାଯିବ । □

ବିଜ୍ଞାପନ ହାର

ପୁରା ପୃଷ୍ଠା —୧,୦୦୦ ଟଙ୍କା

ଅଧା ପୃଷ୍ଠା — ୬୦୦ ଟଙ୍କା

ଚାରିଠ ପୃଷ୍ଠା — ୩୦୦ ଟଙ୍କା

ଏକ କଲମ — ୪୦୦ ଟଙ୍କା

ସର୍ବନିମ୍ନ — ୧୦୦ ଟଙ୍କା

Images: Aptakama Mishra, Processing: Srujanika

ରାଶିଫଳ

ଆଚାର୍ଯ୍ୟ ବିଭୂତି ଭୂଷଣ

ମେଷ- ମାସଟି କ୍ଷୀଣ ଆଶା ଓ କ୍ଷୀଣ କର୍ମ ମଧ୍ୟରେ ଗତି କରିବାକୁ ପଡ଼ିବ । ସାମାଜିକ କ୍ଷେତ୍ରରେ ପ୍ରତାରିତ ହେବେ । ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବେ ଏବଂ ଠକେଇରେ ପଡ଼ିବେ ମାନସିକ, ଶାରୀରିକ ଓ ପାରିବାରିକ ଅବସ୍ଥା ଭଲ ରହିବନି । ପରିବାରରେ ଜଞ୍ଜାଳ ଓ ସ୍ୱାସ୍ଥ୍ୟହାନି ଦେଖାଦେବ ଏବଂ ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ଆୟର ମାତ୍ରା କମିଯିବ । ବ୍ୟବସାୟ ବାଣିଜ୍ୟରେ ବିଭିନ୍ନ ପ୍ରକାର ଅସୁବିଧା ଦେଖାଦେବ । ଚାକିରି କ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀ ମାନଙ୍କ ଦ୍ୱାରା ଅପଦସ୍ତ ହେବେ । ମାଲି ମକଦ୍ଦମା ତଥା ରାଜଭୟ ଅଛି । ଅନେକ ଅସାମାଜିକ ଲୋକଙ୍କ ଗହଳିରେ ଆସିବେ ଏବଂ ମାନ ସମ୍ମାନ ହରାଇ ପାରନ୍ତି । ତଥାପି ଧୈର୍ଯ୍ୟଶକ୍ତି ଓ ଈଶ୍ୱର ବିଶ୍ୱାସ ଯୋଗୁ ଆପଣ ବିଶେଷ ହତାଶ ହେବେ ନାହିଁ । ତାମସିକ ପ୍ରବୃତ୍ତି ଆଡ଼କୁ ମନ ବଳାଇବେ । ଛାତ୍ରମାନେ ବୈଷୟିକ ଶିକ୍ଷାପ୍ରତି ମନ ବଳାଇବେ । ମହିଳା ମାନେ ପ୍ରେମାଶକ୍ତି ଓ ବିଳାସିନୀ ହେବେ ।

ବୃଷ ମାସଟି ଆପଣଙ୍କୁ ଅନେକ ସୁସମ୍ବାଦ ଆଣି ଦେବ ଓ ଶୁଭକାରକ ହେବ । ମାନସିକ ଶାନ୍ତି ଓ ଆର୍ଥିକ ଉନ୍ନତି ଓ ସାମାଜିକ କର୍ମରେ ମାନ ସମ୍ମାନ ପାଇ ପାରିବେ । ବ୍ୟବସାୟ ବାଣିଜ୍ୟ ବୃଦ୍ଧି ପାଇବ ଓ ଆୟର ବିଭିନ୍ନ ପନ୍ଥା ପାଇ ପାରିବେ । ପାରିବାରିକ ବିଶେଷ ଆତ୍ମନିର୍ଭର ଶୀଳ ଓ ପାରିବାରିକ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ରାଜନୀତି କ୍ଷେତ୍ରରେ ଆଶ ରଖିଲେ ମଧ୍ୟ ଆସ୍ଥା ହରାଇବାର ସମ୍ଭାବନା ଅଛି । ବୈବାହିକ ତଥା ଆନୁଷ୍ଠାନିକ କର୍ମ ପ୍ରତି ଆଗ୍ରହୀ ହେବେ । ଚାକିରି କ୍ଷେତ୍ରରେ ପଦୋନ୍ନତି ଓ ଉଚ୍ଚ ପ୍ରଶଂସା ମିଳି ପାରେ । ରାଜସିକ ଧର୍ମରେ ଲିପ୍ତ ରହିବେ । ନାମ ଯଶପାଇଁ ଅନେକ ଖର୍ଚ୍ଚ କରିପାରନ୍ତି । ତୀର୍ଥ ଭ୍ରମଣ ଓ ଦେବ ପୂଜା କରିବେ । ଆପଣ ପରୋପକାର, ସମାଜ ସେବା ଓ ଶୁଭ କର୍ମରେ ନିଜକୁ ନିୟୋଜିତ କରିବେ । ଛାତ୍ରମାନେ ବ୍ୟବସାୟିକ ମନୋବୃତ୍ତି ଦେଖାଇବେ । ମହିଳାମାନେ ଧର୍ମ ପରାୟଣା ହେବେ ଏବଂ ସେମାନଙ୍କର ନୈତିକତା ବୃଦ୍ଧି ପାଇବ ।

ମିଥୁନ —ମାସଟି ସାରା ମାନସିକ ଅଶାନ୍ତି ଲାଗି ରହିବ । ପରିବାରର ଗଣ୍ଡଗୋଳ ହୋଇପାରେ । ସାମାଜିକ କ୍ଷେତ୍ରରେ ଶତ୍ରୁତା ବୃଦ୍ଧି ଏବଂ ଈର୍ଷାପରାୟଣ ମଧ୍ୟ ଦେଖା ଦେବ । ଆପଣଙ୍କୁ କେତେକ ଏକଗୁଆଁଟିଆ ଢଙ୍ଗରେ ଦୋଷୀ ସାବ୍ୟସ୍ତ କରାଇପାରନ୍ତି । ବ୍ୟବସାୟ ବାଣିଜ୍ୟରେ ମାନ୍ଦା ପଡ଼ିବ । ଚାକିରି କ୍ଷେତ୍ରରେ ସହକର୍ମୀ ମାନଙ୍କ ସହ ମନୋମାଳିନ୍ୟ ଦେଖାଦେବ । କୃଷି ଏବଂ ବ୍ୟବସାୟ ଆଡ଼କୁ ମନ ବଳାଇବେ । ନିଚ୍ଛଳତା ଓ ଅବିଶ୍ୱାସ ଆପଣଙ୍କ ଠାରେ ଦେଖାଦେବ । ଆନୁଷ୍ଠାନିକ କର୍ମରେ ନେତୃତ୍ୱ ନେବାକୁ ମନ ବଳାଇବେ । ତଥାପି ଆପଣ ଅନେକ କୁଟିଳମନା ଏବଂ କୁଚକ୍ରୀ ହେବେ । ଉପାୟ ସାଧନର ବାଟ ଯେଉଁ ପ୍ରକାରେ ହେଉ ଦେଖିବେ । ଛାତ୍ରମାନେ ରାଜନୀତି ପ୍ରତି ଆକୃଷ୍ଟ ହେବେ । ମହିଳା ମାନେ ବିଳାସବ୍ୟସନରେ ମନ ବଳାଇବେ ।

କର୍କଟ-ମାସଟି ସାରା ଆପଣଙ୍କ ହୃଦୟରେ ବିଶେଷ ଧର୍ମ ଭକ୍ତି ନୈତିକତା ବୃଦ୍ଧି, ଈଶ୍ୱର ବିଶ୍ୱାସ ନୂତନ କର୍ମ ଲାଭ ଏବଂ ଉଚ୍ଚ ପଦବୀ ପାଇଁ ଆକାଂକ୍ଷା ରହିବ । କିନ୍ତୁ ଆଶା ପୂରଣ ହେବାରେ ବହୁ ବାଧା ବିଘ୍ନ ଦେଖା ଦେବ । ସର୍ବଦା ନୂତନ ଅର୍ଥ ଲାଭର ଚିନ୍ତା ଦେଖୁଥିବେ । ବ୍ୟବସାୟିକ ମନୋଭାବ ଦେଖା ଦେବ । ସାହିତ୍ୟ, ଦର୍ଶନ ଓ ନ୍ୟାୟ ଶିକ୍ଷା ପ୍ରତି ମନ ବଳାଇବେ । ପ୍ରେମଭାବ ମନରେ ଉଦ୍ରେକ ହେବ । ସମାଜ ସେବା ଓ ପରୋପକାର ଆଡ଼କୁ ଇଚ୍ଛା ଥିଲେ ମଧ୍ୟ କାର୍ଯ୍ୟ କରିବାରେ ସଫଳତା ହାସଲ କରିପାରିବେ ନାହିଁ । ପାରିବାରିକ ଜଞ୍ଜାଳ ଓ ମାନସିକ ଦୁଶ୍ଚିନ୍ତା ଦେଖା ଦେବ । ଅନେକ ଆଶାର ସ୍ୱପ୍ନ ଦେଖୁଥିବେ । ଚାକିରି କ୍ଷେତ୍ରରେ ଉଦାସୀନତା ଦେଖାଦେବ । ଆର୍ଥିକ ଅବସ୍ଥା ସ୍ୱାଭାବିକ ରହିବ । ଛାତ୍ର ମାନେ ସାହିତ୍ୟ ଓ ନ୍ୟାୟ ଶାସ୍ତ୍ର ପ୍ରତି ଆଗ୍ରହୀ ହେବେ । ମହିଳା ମାନେ ଭ୍ରମଣକୁ ପସନ୍ଦ କରିବେ ।

ସିଂହ – ମାସଟି ଖୁବ୍ ଆନନ୍ଦଦାୟକ ଏବଂ ଶୁଭକାରକ ହେବ । ନୂତନ କର୍ମ ପନ୍ଥା ସାଧୁ ଲାଭ, ମାନ ସମ୍ମାନ, ଅର୍ଥ ଲାଭର ସୁଗମ ଉପାୟ ପାଇ ପାରିବେ, ଧର୍ମ କାର୍ଯ୍ୟ, ତୀର୍ଥ ଭ୍ରମଣ, ବିଳାସ ବ୍ୟସନ, ଓ ରାଜ ସମ୍ମାନର ଯୋଗ ଅଛି । ଶରୀର, ସ୍ୱାସ୍ଥ୍ୟ ଭଲ ରହିବ, ମାନସିକ ଓ ଶାରୀରିକ ସୁଖ ଶାନ୍ତି ପାଇ ପାରିବେ । ରାଜନୀତିରେ କୃତକାର୍ଯ୍ୟ ହେବେ । ବ୍ୟବସାୟ କ୍ଷେତ୍ରରେ ଯଥେଷ୍ଟ ଲାଭର ସନ୍ଧାନ ଓ ନୂତନ ଉପାୟ ଅବଲମ୍ବନ କରିବେ, ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଠାରୁ ସ୍ନେହ ସହାନୁଭୂତି ମିଳିବ । ସ୍ୱାର୍ଥସିଦ୍ଧିରେ ଉତ୍ସାହିତ ହେବେ । ଶତ୍ରୁ ମାନେ ଆତ୍ମ ସମର୍ପଣ କରିବେ । ନୈତିକତା, ଧର୍ମବିଶ୍ୱାସ ଦେଖାଦେବ, ସମାଜସେବା ଓ ପରୋପକାରରେ ନିଜକୁ ନିୟୋଜିତ କରିବେ ଛାତ୍ରମାନେ ଆଧ୍ୟାତ୍ମିକ ଶିକ୍ଷା ପ୍ରତି ଆକୃଷ୍ଟ ହେବେ । ମହିଳାମାନେ ବିଳାସ ବ୍ୟସନ ଓ ଭ୍ରମଣ ପ୍ରତି ମନ ବଳାଇବେ ।

କନ୍ୟା - ମାସଟି ସାରା ମାନସିକ ଅସ୍ଥିରତା ଦେଖାଦେବ । ବାକ୍ ଶକ୍ତି ହୀନତା ଓ କାର୍ଯ୍ୟହୀନତା ଅନୁଭବ କରିବେ । ନିଜକୁ ଅତି ଦୁର୍ବଳମନା ମନେ କରିବେ ଅର୍ଥଲାଭର ବାଟ ଅନେକ ଆପଣଙ୍କ ଆଖି ଆଗରେ ଥିଲେ ମଧ୍ୟ ଆପଣ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିବେ ସମସ୍ତ ସମୟରେ ଧୈର୍ଯ୍ୟ, ଆସ୍ଥା ଓ ବିଶ୍ୱାସ ହରାଇବାର ସମ୍ଭାବନା ଅଛି, ଅସାମାଜିକ, ଖଳ ଲୋକଙ୍କ ଦ୍ୱାରା ପ୍ରତାରିତ ଓ ଠକେଇ ହୋଇ ପାରନ୍ତି ଆର୍ଥିକ ଦୁଶ୍ଚିନ୍ତା ଦେଖାଦେବ, ବ୍ୟବସାୟରେ ବଡ଼ ବଡ଼ ଆଶା କରିବେ, କିନ୍ତୁ ଅନେକ କାର୍ଯ୍ୟରେ ହସ୍ତକ୍ଷେପ କରି କେଉଁଥିରେ କୃତକାର୍ଯ୍ୟ ହୋଇ ପାରିବେ ନାହିଁ । ପାରିବାରିକ ଜଞ୍ଜାଳ ଓ ସାମାଜିକ ଅସହାୟତା ଆପଣଙ୍କୁ କର୍ମ କ୍ଷେତ୍ରରେ ନିରୁତ୍ସାହ କରିବ, ଛାତ୍ରମାନେ ରାଜନୀତି ଓ ଦେଶ ଭ୍ରମଣରେ ମନବଳାଇବେ, ମହିଳାମାନେ ସୁଗୃହିଣୀ ହେବେ ।

ତୁଳା — ମାସଟି ସାରା ଭୟ ଓ ଅଶାନ୍ତି ଲାଗି ରହିବ । ଅନେକ ଚିନ୍ତାଶୀଳ ହେବେ ଓ ଅହେତୁକ ଭୟ ମନରେ ଦେଖା ଦେବ, ଧର୍ମ ଭୟ, ରାଜ ଭୟ, ଅର୍ଥ ପୀଡ଼ା, କର୍ମ କଷ୍ଟ ଇତ୍ୟାଦି ମନରେ ଦେଖା ଦେବ । ପାରିବାରିକ ଜଞ୍ଜାଳ ଓ ସାମାଜିକ ସମାଲୋଚନାରେ

Images: Aptakama Mishra, Processing: Srujanika

ଫଳେ ମାନସିକ କଷ୍ଟ ପାଇବେ । ସ୍ୱାସ୍ଥ୍ୟ ସେତେ ଭଲ ରହିବ ନାହିଁ । ଭ୍ରମଣ ସଫଳ ହେବ । ପରିବାରରେ ସ୍ୱାସ୍ଥ୍ୟ ସେତେ ଭଲ ରହିବ ନାହିଁ । ଅଯଥା ଖର୍ଚ୍ଚ ହେବ, ଦୁର୍ଘଟଣା ଘଟି ପାରେ । ବ୍ୟବସାୟ କ୍ଷେତ୍ରରେ ଆପଣ ଅନେକ ଭଲ ଆଶା କରି ପାରନ୍ତି । କିନ୍ତୁ କାର୍ଯ୍ୟ ସଫଳ ହେବା କଷ୍ଟକର ହେବ । ନିଜ ଲୋକମାନେ ଈର୍ଷା ଓ ଶତ୍ରୁତା କରିବେ । ଛାତ୍ରମାନେ ବିଦେଶ ଭ୍ରମଣ ପ୍ରତି ମନ ବଳାଇବେ । ମହିଳାମାନେ ବିଳାସବ୍ୟସନପ୍ରିୟା ହେବେ ।

ବିଛା — ଏ ମାସଟି ଅଯଥା ଖର୍ଚ୍ଚ, ଭ୍ରମଣ ଓ ମାନସିକ ଉଦ୍‌ବେଗ ଦେଖାଦେବ, ତୁଳ ରାଶି ଓ କର୍ମ କ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ସହକର୍ମୀମାନଙ୍କ ସହିତ ସେତେ ଭଲ ସମ୍ଭବ ନାହିଁ । ଆପଣ ବଡ଼ କୁଚକ୍ରି ଓ କୁଟିଳମନା ହେବେ । ନିଜ କାର୍ଯ୍ୟ ସାଧନ ସକାଶେ ନୈତିକତା ଓ ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦେଇ ପାରନ୍ତି । ରାଜନୈତିକ କର୍ମ ତତ୍ପରତା ଦେଖାଦେବ । ବ୍ୟବସାୟ କ୍ଷେତ୍ରରେ ଅନେକ ଗୁପ୍ତ ତଥ୍ୟ ସଂଗ୍ରହ କରି ପାରନ୍ତି, କିନ୍ତୁ ଆପଣଙ୍କୁ ଆଶା, ବିଶ୍ୱାସ ଓ ଆସ୍ଥା ହରାଇବାକୁ ପଡ଼ିବ । ଆର୍ଥିକ କ୍ଷେତ୍ରରେ ଈର୍ଷା ଓ ହିଂସା ଭାବ ଦେଖାଦେବ । ଧର୍ମ ଓ ଭଗ୍ନ ପ୍ରତି ବିଶ୍ୱାସ ରହିବ । ମାନସିକ ଭୟ ଅଛି । ଦୁର୍ଘଟଣା ଘଟିପାରେ । ଛାତ୍ରମାନେ ସ୍ୱାର୍ଥପର ହେବେ । ମହିଳାମାନେ ଭ୍ରମଣକୁ ପସନ୍ଦ କରିବେ ।

ଧନୁ — ଆପଣ ମାସଟି ସାରା ଚିନ୍ତାଶୀଳ ରହିବେ । ଉଦ୍ଦେଶ୍ୟ ସାଧନ ପାଇଁ ବଡ଼ ବଡ଼ ଉଦ୍ୟମ କରିପାରନ୍ତି, ଅପାୟ, ଉପାୟ ଚିନ୍ତା କରିପାରନ୍ତି, କୁଟିଳମନା ହୋଇ ସ୍ୱାର୍ଥସାଧନ କରି ପାରିବେ । ନିଜ ବ୍ୟକ୍ତିତ୍ୱର ପରାକାଷ୍ଠା ଦେଖାଇବାକୁ ଯାଇ ଅନେକ ଖର୍ଚ୍ଚ ମଧ୍ୟ କରି ପାରନ୍ତି । ବ୍ୟବସାୟରେ ମାସଟି ଲାଭଦାୟକ ହେବ । ଚାକିରି କ୍ଷେତ୍ରରେ ରାଜନୈତିକ କର୍ମରେ ଏକଗୁଆଁ ଓ ସ୍ୱାର୍ଥପର କାର୍ଯ୍ୟ କରି ପାରନ୍ତି । ଈର୍ଷା ଓ ବିଦ୍ୱେଷ ଭାବ ମନରେ ଦେଖାଦେବ । କାହା ଉପରେ ହଠାତ୍ ଆସ୍ଥା ଓ ବିଶ୍ୱାସ ରଖିବେ ନାହିଁ । ଧର୍ମ ପ୍ରତି ଦୁର୍ବଳତା ରହିବ, ସାହିତ୍ୟ ଓ ନ୍ୟାୟ ପ୍ରତି ଆକୃଷ୍ଟ ହେବେ, ଛାତ୍ରମାନେ ବୈଷୟିକ ଶିକ୍ଷା ପ୍ରତି ମନ ବଳାଇବେ । ମହିଳାମାନେ ରାଜନୀତି ଓ ଦେଶ ସେବାରେ ନିଜକୁ ନିୟୋଜିତ କରିବେ ।

ମକର — ଏ ମାସଟିରେ ଦୁର୍ଘଟଣା ମାନସିକ ଅଶାନ୍ତିରୁ ସାମାନ୍ୟ ରକ୍ଷା ପାଇ ପାରନ୍ତି । ପ୍ରତିଦ୍ୱନ୍ଦ୍ୱିତାରେ ଆଗ ଆସିଲେ ସୁଦ୍ଧା ଆପଣଙ୍କର ବ୍ୟକ୍ତିତ୍ୱ, ନୈତିକତା, କାର୍ଯ୍ୟ ଦକ୍ଷତା ଓ ପ୍ରତିଭାପ୍ରକାଶର ସମ୍ମୁଖୀନ ହେବାକୁ ଅନ୍ୟମାନେ ଭୟ କରିବେ । ଆପଣ ବୁଦ୍ଧିମତ୍ତା ସମ୍ପନ୍ନ ହେବେ, ଧର୍ମ ଓ ଭକ୍ତି ପ୍ରତି ଦୁର୍ବଳତା ଦେଖାଦେବ । ଅନେକ ଉପାୟ ଅପାୟର ବାଟ ଚିନ୍ତା କରିବେ । ରାଜ ଭୟ, ଧର୍ମ ଭୟ ଓ ସନ୍ଦେହ ଆପଣଙ୍କ ମନରେ ପ୍ରବଳ ଦେଖାଦେବ । ବ୍ୟବସାୟ କ୍ଷେତ୍ରରେ ନୂତନ ପନ୍ଥା ଅନୁସରଣ କରିବେ । ସହକର୍ମୀମାନଙ୍କ ସହିତ ଭଲ ସମ୍ପର୍କ ରହିବ । ପାରିବାରିକ ଜଞ୍ଜାଳ ଦେଖାଦେଲେ ମଧ୍ୟ ଶାନ୍ତି ପାଇ ପାରିବେ । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ନୂତନ କୌଶଳ ଓ ମାର୍ଗ ଅନୁସରଣ କରିବା ପାଇଁ ଉତ୍ସାହୀ ହେବେ । ଆର୍ଥିକ ଅବସ୍ଥା ଭଲ ରହିବ । ଛାତ୍ରମାନେ ବିଜ୍ଞାନ ପ୍ରତି ଉତ୍ସାହିତ ହେବେ ମହିଳାମାନେ ରାଜନୀତି ଓ ଧର୍ମ ପ୍ରତି ଆକୃଷ୍ଟ ହେବେ ।

କୁମ୍ଭ — ମାସଟି ସାରା ମାନସିକ ଅଶାନ୍ତି, ପାରିବାରିକ ଜଞ୍ଜାଳ, ବୃଥା ବ୍ୟୟ ଓ ଭ୍ରମଣ ଦେଖାଦେବ । କର୍ମକ୍ଷେତ୍ରରେ ଅସ୍ଥିରତା ଏବଂ ଜଞ୍ଜାଳ ଦେଖାଦେବ, ଆର୍ଥିକ ଦୁରବସ୍ଥା ଅନୁଭବ କରିବେ, କେତେକ ଶୁଭକର୍ମ ଓ ଆନୁଷ୍ଠାନିକ କର୍ମ ପ୍ରତି ମନ ବଳାଇ ଅଯଥା ଖର୍ଚ୍ଚ କରିବେ । ଧର୍ମ ପ୍ରତି ଦୁର୍ବଳତା ଓ ମାନସିକ ଭୟ ଲାଗି ରହିବ । ଶରୀର ପୀଡ଼ା ଓ ଦୁର୍ଘଟଣା ଜନିତ କଷ୍ଟ ହୋଇପାରେ । ଚାକିରି କ୍ଷେତ୍ରରେ ସହକର୍ମୀମାନଙ୍କ ସହିତ ଶତ୍ରୁତା, ଈର୍ଷା, ଓ ଅସହାୟତା ଦେଖାଦେବ । କର୍ମ କ୍ଷେତ୍ରରେ ଅନେକ ଚିନ୍ତାଶୀଳ ହୋଇ ପାରନ୍ତି । କାମସିକ ପ୍ରବୃତ୍ତି ଓ ମାନସିକ ଚିନ୍ତା ଅନେକ ବଢ଼ିଯିବ । ବ୍ୟବସାୟିକ ମନୋବୃତ୍ତି ଦେଖାଦେବ । ଛାତ୍ରମାନେ ଈଶ୍ୱର ବିଶ୍ୱାସୀ ଓ ଭକ୍ତିମାର୍ଗର କାର୍ଯ୍ୟ କରି ପାରନ୍ତି । ମହିଳାମାନେ ସାହିତ୍ୟ ଚର୍ଚ୍ଚା ଓ ନୈତିକତା ଉପରେ ବିଶ୍ୱାସ ରଖିବେ ।

ମୀନ — ମାସଟି ସାରା ବିଭିନ୍ନ କ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଆର୍ଥିକ କ୍ଷତି, ପାରିବାରିକ ଜଞ୍ଜାଳ, ମାନସିକ ଚିନ୍ତା ଓ ଅସ୍ଥିରତା, ଦେଖାଦେବ । ପାରିବାରିକ ଓ ସାମାଜିକ କ୍ଷେତ୍ରରେ ମନୋମାଳିନ୍ୟ ଦେଖାଦେବ । କେତେକ ଅପ୍ରୀତିକର କାର୍ଯ୍ୟ ମଧ୍ୟ ଘଟିପାରେ । ଅପ୍ରାସଙ୍ଗିକ, ପରନିନ୍ଦା ଓ ଅହେତୁକ କାରଣ ଯୋଗୁ ଆପଣଙ୍କୁ ବୃଥା ନିନ୍ଦା ସମାଲୋଚନାର ସାମ୍ନା ହେବାକୁ ପଡ଼ିବ, ଆସ୍ଥା ଓ ବିଶ୍ୱାସ ହରାଇ ପାରନ୍ତି । କର୍ମ କ୍ଷେତ୍ରରେ ଅସ୍ଥିରତା, ବୃଥା ଶତ୍ରୁତା, ବିଦ୍ୱେଷଭାବ ରହିବ, ଆର୍ଥିକ ପରିସ୍ଥିତି ଭଲ ରହିବ ନାହିଁ । ନିଜର ସ୍ୱାସ୍ଥ୍ୟ ସହିତ ପରିବାରରେ ସ୍ୱାସ୍ଥ୍ୟ ହାନିତା ଦେଖାଦେବ । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ନୈତିକତା ଓ ବ୍ୟକ୍ତିତ୍ୱ ହରାଇ ଅପଦସ୍ଥ ହେବେ ଛାତ୍ରମାନେ ଭୌଗଳିକ ଓ ନ୍ୟାୟ ଶାସ୍ତ୍ର ପ୍ରତି ଆକୃଷ୍ଟ ହେବେ । ମହିଳାମାନେ ଭ୍ରମଣ ଓ ଧର୍ମ କାର୍ଯ୍ୟ ପ୍ରତି ମନ ବଳାଇବେ । □

ଦୁଇ ହଜାର ବର୍ଷ ତଳର ଶବ ଅକ୍ଷତ ରହିଛି

ଚୀନରେ ଶବକୁ ଅକ୍ଷତ ରଖାଯିବାର କୌଶଳ ଜଣା ପଡ଼ିଲା

ପ୍ରାୟ ୨୧୦୦ ବର୍ଷ ତଳେ କବର ଦିଆଯାଇ ଥିବା ଏକ ମହିଳାଙ୍କ ଶବ ଏପର୍ଯ୍ୟନ୍ତ ପ୍ରାୟ ଅକ୍ଷତ ଅବସ୍ଥାରେ କିପରି ରହି ପାରିଛି, ତାର ରହସ୍ୟ ଚୀନର ବୈଜ୍ଞାନିକମାନେ ସଂପ୍ରତି ଆବିଷ୍କାର କରିବାରେ ସକ୍ଷମ ହୋଇଛନ୍ତି ।

ଯେଉଁ ଶବ ଉପରେ ଚୀନା ବୈଜ୍ଞାନିକ ମାନେ ପରୀକ୍ଷା ଚଳାଇ ଥିଲେ ତାହା ହେଉଛି ଜଣେ ମହିଳାଙ୍କର ଏବଂ ତାଇ ଅଞ୍ଚଳର ଜଣେ ବରିଷ୍ଠ ବ୍ୟକ୍ତି ଲିସୁଙ୍ଗ ମାରକାଇଜଙ୍କର (ଖ୍ରୀ ପୂ- ୨୦୬ରୁ ୧୨୦ ଖ୍ରୀଷ୍ଟାବ୍ଦ) ସହଧର୍ମିଣୀ ।

୫୦ ବର୍ଷ ବୟସରେ ଉକ୍ତ ମହିଳା ପ୍ରାଣ ତ୍ୟାଗ କରିଥିଲେ ଏବଂ ଏପର୍ଯ୍ୟନ୍ତ ତାଙ୍କର ଭ୍ରୂରେଖି ଯାକ ହାତ ଗୋଡ଼ ଓ ଗଣ୍ଠି ଅକ୍ଷତ ରହିଛି । ଶରୀର ଭିତରର ଅଙ୍ଗ ପ୍ରତ୍ୟଙ୍ଗ ସବୁ ଓଦା ନରମ ରହିଛି ।

ବହୁ ବର୍ଷର ଗବେଷଣା ପରେ ଉକ୍ତ ଶବ ଏ ପର୍ଯ୍ୟନ୍ତ ଅକ୍ଷତ ରହିଥିବାର ନିମ୍ନଲିଖିତ କାରଣମାନ ବୈଜ୍ଞା-

Images: Aptakama Mishra, Processing: Srujanika

ଲାଲବାଗ ଅଂଚଳରେ ପୋଲିସ ଅଫିସରଙ୍କ ଦୌରାତ୍ମ୍ୟ

ବିନା କାରଣରେ ଡାକ୍ତର ପ୍ରଦୀପ ରାଓଙ୍କୁ ଗିରଫ କରି କ୍ଷମା ପ୍ରାର୍ଥନା ସହ ପରେ ଖଲାସ କଲେ ।

କଟକର ଜଣାଶୁଣା ସମାଜସେବୀ ଓ ଓଡ଼ିଶା ହୋମିଓପ୍ୟାଥି ମେଡ଼ିକାଲ ବୋର୍ଡ଼ର ଚେୟାରମ୍ୟାନ ଡାକ୍ତର ପ୍ରଦୀପ ରାଓଙ୍କୁ ଜନୈକ ପୁଲିସ ଅଫିସର ଅଗ୍ରନକ ଗିରଫ କରି ପରେ ଅଧଘଣ୍ଟା ପରେ କ୍ଷମା ପ୍ରାର୍ଥନା ପୂର୍ବକ ଖଲାସ କରିଥିବାର ଏକ କୌତୁହଳ ପ୍ରଦ ବିବରଣୀ ଜଣା ପଡ଼ିଛି ।

ଘଟଣାରୁ ପ୍ରକାଶ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଟକ ସହରର ପୂଜା ମଣ୍ଡପ ପରିଦର୍ଶନ କରୁଥିବା ଦିନ ପୂର୍ବାହ୍ନ ୧୧ଟା ବେଳେ ଟ୍ରାଫିକ ଦାୟିତ୍ୱରେ ଥିବା ଜନୈକ ପୋଲିସ ଅଫିସର ହାଇକୋର୍ଟ ସାମନାରେ ବିଭିନ୍ନ ଦୋକାନ ମାନଙ୍କରୁ କିଣାକିଣି କରିବା ଅବକାଶରେ ଲୋକ ରାସ୍ତାରେ ଯେଉଁସବୁ ସାଇକେଲ ରଖିଥିଲେ ତାକୁ ଭାଙ୍ଗି ରୁଜି ଫିଙ୍ଗା ଫୋପଡ଼ା କରିଥିଲେ । ଏତାଦୃଶ କାର୍ଯ୍ୟରୁ ଉକ୍ତ ଅଫିସରଙ୍କୁ ଡାକ୍ତର ରାଓ ନିବର୍ତ୍ତାଇବା ପାଇଁ ଉଦ୍ୟମ କରୁଥିବା ଉକ୍ତ ପୋଲିସ ଅଫିସର ଜଣଙ୍କ ହଠାତ୍ ଉତ୍ତ୍ୟକ୍ତ ହୋଇପଡ଼ି ଆପଣଙ୍କୁ ଗିରଫ କରାଗଲା କହି ଜିପରେ ବସାଇ ଲାଲବାଗ ଥାନାକୁ ନେଇଗଲେ । ଏହି ଘଟଣାରେ ଉତ୍ତ୍ୟକ୍ତ ହୋଇ ଦଳମତ ନିର୍ବିଶେଷରେ ବହୁ ସଂଖ୍ୟକ ଲୋକ ନିଜ ଦୋକାନ ବନ୍ଦ କରି ଥାନା ଆଡ଼କୁ ମାଡ଼ି ଯାଇ ଥିଲେ ଏବଂ ସେଠାରେ ଏକ ଅତ୍ୟନ୍ତ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇ ଥିଲା । ଥାନାରେ ଥିବା ଜଣେ ଏ.ଏସ ଆଇ ମଧ୍ୟ ଡାକ୍ତର ରାଓଙ୍କ ପ୍ରତି ଦୁର୍ବ୍ୟବହାର କରିଥିବା ପ୍ରକାଶ ।

ପରିସ୍ଥିତି ଏକ ବିସ୍ଫୋରକ ଅବସ୍ଥାରେ ପରିଣତ ହେବା ପୂର୍ବରୁ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ସମ୍ପୃକ୍ତ ପୋଲିସ ଅଫିସର ଜଣକ କ୍ଷମା ପ୍ରାର୍ଥନା କରି ଡାକ୍ତର ରାଓଙ୍କୁ ଥାନାରୁ ଛାଡ଼ି ଥିଲେ ଏବଂ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ଟ୍ରାଫିକ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇ ଅନ୍ୟ ସ୍ଥାନରେ ଅବସ୍ଥାପିତ କରାଯାଇଛି । □

ନିକ ମାନେ ଦର୍ଶାଇଛନ୍ତି । ସେଗୁଡ଼ିକ ହେଲା, କବର ଦିଆଗଲା ବେଳେ ଶବ ଦେହରେ ୨୧ ପ୍ରସ୍ତର କମ୍ବଳ, ଶିଲ୍କ୍ ଚଦର ଏବଂ ଗଞ୍ଜେଇ ପତ୍ର ଦେଇ ଘୋଡ଼ା ଯାଇ ଥିଲା ଓ ତା ମୁହଁରେ ଏକ ମୁଖା ପିନ୍ଧାଯାଇଥିଲା ।

ଶବକୁ ଅତି ଶକ୍ତ ଭାବେ ଏକ ବାୟୁ ରୁଦ୍ଧ କଫିନ୍‌ରେ ରଖାଯାଇ ଥିଲା ଏବଂ ଉକ୍ତ କଫିନ୍‌କୁ ଏକ ଗମ୍ବୁଜାକାର କକ୍ଷ ମଧ୍ୟରେ କବର ଦିଆଯାଇ ଥିଲା ଯାହାର କାନ୍ଥ ଗୁଡ଼ିକ ଅତିଶୟ ମୋଟା ଥିଲା ଏବଂ ଏହା ଧଳା ମାଟିରେ ତିଆରି ହୋଇ ୨୦ ଫୁଟ ତଳ ପର୍ଯ୍ୟନ୍ତ ବ୍ୟାପିଥିଲା ।

ଭୂମିର ଅତି ତଳେ ଏବଂ ବାୟୁ ଅବରୁଦ୍ଧ କୋଠରୀର ବାୟୁ ମଣ୍ଡଳ ବହିର୍ଜଗତର ବାୟୁ ମଣ୍ଡଳରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିଥିଲା ଫଳରେ ସେହି କୋଠରୀର ବାୟୁ ମଣ୍ଡଳ କ୍ରମଶଃ ବ୍ୟାକ୍‌ଟେରିଆଙ୍କ ପାଇଁ ଅନୁପଯୋଗୀ ହୋଇ ଉଠିଲା । ସେଇଥିପାଇଁ ଶବଟି ଏ ପର୍ଯ୍ୟନ୍ତ ସୁରକ୍ଷିତ ରହି ପାରିଛି ବୋଲି ସେମାନେ ନିରୂପଣ କରିଛନ୍ତି । ଉକ୍ତ ତଥ୍ୟ ସବୁ ଚୀନର କଲଚରାଲ ରେଲିକ୍ସ ପବ୍ଲିସିଂ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି । □

ରିଷ୍ଟ ରେଡ଼ିଓ ଯୋଗାଯୋଗ

ଆସନ୍ତା ଶତାବ୍ଦିର ପ୍ରାରମ୍ଭରେ ରିଷ୍ଟ ରେଡ଼ିଓ ଯୋଗେ ଦୁର୍ଗମ ସ୍ଥାନ ମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇ ପାରିବ ବୋଲି ଆଶା କରାଯାଉଛି ।

ଲକ୍‌ହିଡ୍ ମିଜାଇଲସ୍ ଆଣ୍ଡ ସ୍ପେସ୍, କଂପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ଏକ ବିରାଟ ସ୍ପେସ ଆଣ୍ଟିନା ସହାୟତାରେ ଏହା ସମ୍ଭବ ହୋଇ ପାରିବ ।

ଉକ୍ତ ଆଣ୍ଟିନାର ବ୍ୟାସ ୨୦୦ ମିଟର ହେବ ଏବଂ ମହାକାଶରେ ଏହା ଅବସ୍ଥାପିତ ହୋଇ ସାରିବା ପରେ ପୃଥିବୀରୁ ତା ନିକଟରେ ପହଞ୍ଚୁଥିବା ଅଳ୍ପ ଶକ୍ତି ସମ୍ପନ୍ନ ସିଗନାଲକୁ ଶକ୍ତିଶାଳୀ ସିଗନାଲରେ ରୂପାନ୍ତରିତ କରି ନିର୍ଦ୍ଦିଷ୍ଟ ସ୍ଥାନକୁ ପ୍ରେରଣ କରି ପାରିବ ।

ମଣିଷ ହାତରେ ପିନ୍ଧିଥିବା ଏକ କ୍ଷୁଦ୍ର ଆଣ୍ଟିନା ବିଶିଷ୍ଟ ରେଡ଼ିଓରୁ ନିର୍ଗତ ଶବ୍ଦ ମହାକାଶ ଆଣ୍ଟିନାରେ ପହଞ୍ଚିଲେ ଉକ୍ତ ଆଣ୍ଟିନା ତାହାକୁ ସ୍ୱିଚ୍ ବୋର୍ଡ଼ ସଦୃଶ ରୂଲେ କରିପାରିବ ।

ଆଲାସ୍କା ଏବଂ କାନାଡ଼ାର ସୁଦୂର ଉତ୍ତରାଞ୍ଚଳ ଯେଉଁଠିକି ଏ ପର୍ଯ୍ୟନ୍ତ ଟେଲିଫୋନ ଲାଇନ୍ ଯାଇ ନାହିଁ ବା ନିକଟରେ ଯିବାର ମଧ୍ୟ ସମ୍ଭାବନା ନାହିଁ । ସେ ଅଞ୍ଚଳ ସହିତ ଯୋଗାଯୋଗ ରକ୍ଷା କରିବା ପାଇଁ ଏହା ଏକ ନିର୍ଭରଯୋଗ୍ୟ ମାଧ୍ୟମ ହେବ । □

ନଭେମ୍ବର ମାସରେ ଭୂମିକମ୍ପ ହେବ

ଚଳିତ ବର୍ଷ ନଭେମ୍ବର ୫ ତାରିଖରୁ ୨୪ ତାରିଖ ମଧ୍ୟରେ ଚୀନ, ଇରାନ, ଜାପାନ, ମେକ୍ସିକୋ ଓ ଇଟାଲି ଆଦି ୫ ଟି ଦେଶରେ ଏକ ସେସିମିକ୍ ବେଲ୍ଟ ଭିତରେ ଥିବା ଅଞ୍ଚଳ ଗୁଡ଼ିକରେ ଭୂମିକମ୍ପ ହେବ ବୋଲି ଜଣେ ଭାରତୀୟ ଇଞ୍ଜିନିୟର ଶ୍ରୀ ଏଲ. କେ ଅଗ୍ରୱାଲ ଭବିଷ୍ୟତବାଣୀ ପ୍ରକାଶ କରିଛନ୍ତି ।

ଜ୍ୟୋତିଷ ଶାସ୍ତ୍ର ଉପରେ ଆଧାରିତ ତାଙ୍କର ଯେଉଁ ସବୁ ଭବିଷ୍ୟତ ବାଣୀ ଅତୀତରେ ସତ୍ୟ ପ୍ରମାଣିତ ହୋଇଥିଲା ସେଗୁଡ଼ିକ ହେଲା ଫିଲିପାଇନସ୍ ଭୂମିକମ୍ପ (ଜୁଲାଇ ୨୦ ୧୯୭୭) ଚିଲି (ଅଗଷ୍ଟ ୧୯୭୮), ଜର୍ମାନୀ (ସେପ୍ଟେମ୍ବର ୧୯୭୮) ତୁର୍କି (ଜାନୁଆରି ୧୯୭୯), ମେକ୍ସିକୋ ଓ ଯୁଗୋସ୍ଲାଭିଆ (ମାର୍ଚ୍ଚ ଓ ଏପ୍ରିଲ ୧୯୭୯)

ଭୂମିକମ୍ପର ସମୟ ନିର୍ଦ୍ଧାରଣ ପାଇଁ ବିଭିନ୍ନ ଗ୍ରହର ଚଳନକୁ ସେ ଆଧାର ରୂପେ ଗ୍ରହଣ କରିଥାନ୍ତି । □

Images: Aptakama Mishra, Processing: Srujanika

ଫାଣ୍ଟମ୍ 10

Images: Aptakama Mishra, Processing: Srujanika

ଲି. ଫକ୍
ସି. ବେରୀ

Images: Aptakama Mishra, Processing: Srujanika

ବଡ଼ ବଡ ନଦୀ ବନ୍ଧ ଓ ଭୂମିକମ୍ପ ମଧ୍ୟରେ ସଂପର୍କ ପ୍ରମାଣିତ

ଗତବର୍ଷ ଶେଷାର୍ଦ୍ଧରେ ମହାରାଷ୍ଟ୍ରର ଖାରଙ୍ଗ ଓ ତାର ପାଖ 'ବଣ୍ଡି' ଅଞ୍ଚଳ ମାନଙ୍କରେ ଘନ ଘନ ଭୂମିକମ୍ପ ହେବାର କାରଣ ଏବେ ନିର୍ଣ୍ଣୟ କରିହୋଇ ପାରିଛି । ନିକଟବର୍ତ୍ତୀ ଭାତସାଇ ନଦୀର ଜଳପତନ ସହ ଉକ୍ତ ଭୂମିକମ୍ପର ସମ୍ପର୍କ ରହିଛି ବୋଲି ପୁଣେ ବିଶ୍ୱବିଦ୍ୟାଳୟର ଏକ ଭୂତତ୍ତ୍ୱବିଜ୍ଞାନୀଦଳ ପ୍ରକାଶ କରିଛନ୍ତି ।

ଉପଗ୍ରହରୁ ମିଳିଥିବା ତଥ୍ୟ ତଥା ସେସମିକ୍ ଡାଟା ଏବଂ ବ୍ୟାପକ ଫିଲ୍ଡଷ୍ଟଡିର ଫଳାଫଳକୁ ତୁଳନା କରି ଉକ୍ତ ଭୂମିକମ୍ପ ଜଳଭଣ୍ଡାର ଯୋଗୁ ହେଉଥିବା ଦର୍ଶାଇଛନ୍ତି ।

ସେମାନଙ୍କ ନିର୍ଦ୍ଧାରଣ ଅନୁଯାୟୀ ଜଳ ଭଣ୍ଡାରର ଜଳପତନ ୧୦୦ ମିଟରରୁ ଅଧିକ ହେବାମାତ୍ରେ ସେଠାରେ ଭୂମିକମ୍ପ ସୃଷ୍ଟି ହେଉଥିଲା । ଗତବର୍ଷ ଜୁଲାଇରୁ ସେପ୍ଟେମ୍ବର ଭିତରେ ସେ ଅଞ୍ଚଳରେ ଦୁଇଟି ବଡ ଧରଣର ଭୂମିକମ୍ପ ଅନୁଭୂତ ହୋଇଥିଲା ।

ଭାରତର କୋୟନା ସମେତ ପୃଥିବୀର ବିଭିନ୍ନ ଦେଶର ପ୍ରାୟ ସତୁରିଟି ବନ୍ଧ ଯୋଗୁ ଏହିଭଳି ଭୂମିକମ୍ପ ହେଉଥିବା ରେକର୍ଡ କରାଯାଇଛି ।

ଭୂତତ୍ତ୍ୱବିଜ୍ଞାନୀଙ୍କ ମତରେ ଖାରଙ୍ଗ ହେଉଛି ଡେକାନ ଭୋଲକାନିକ ଅଞ୍ଚଳର ଏକ ଅଂଶ ଏବଂ ଏହା ଦୁଇଟି ଭୂତାତ୍ତ୍ୱିକ ଖଣ୍ଡର ମିଳନ ସ୍ଥଳରେ ଅବସ୍ଥିତ । ସୁତରାଂ ବନ୍ଧ ମଧ୍ୟ ଏକ ଅସ୍ଥିର (ଭୂତାତ୍ତ୍ୱିକ ଦୃଷ୍ଟିରୁ) ଅଞ୍ଚଳ ଉପରେ ତିଆରି କରାଯାଇଛି ।

ଏହିଭଳି ଏକ ଅସ୍ଥିର ଅଞ୍ଚଳରେ ଅଧିକ ପରିମାଣ ଜଳ ଜମା ହୋଇ ରହିଲେ ଏହା ଅତି ତଳକୁ ଗଭୀର ବିସ୍ଫୋରଣ ପୂର୍ବ ଅବସ୍ଥାରେ ଥିବା ଅଞ୍ଚଳରେ ଭୂମିକମ୍ପ ଘଟାଉଥିବା ସମ୍ଭବ । ଜଳ ପ୍ରବେଶ ଯୋଗୁ ତଳେ ଯେଉଁ ଚାପ ସୃଷ୍ଟି ହୁଏ ତାହା ଭୂତାତ୍ତ୍ୱିକ ଅସନ୍ତୁଳନକୁ ସ୍ଥାନ ଚ୍ୟୁତ କରି ଥାଏ ।

ମୁଖୀଗୁଡ଼ା ଟେଲରେସ ଚାନେଲରେ ୩୦ ଲକ୍ଷ ଟଙ୍କା ହେରଫେର

ବଣ୍ଡା-ପିପିଳି ମଧ୍ୟମ ପ୍ରକଳ୍ପରେ ଜଳସେଚନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଣେ ଠିକାଦାରଙ୍କୁ ୧୪ ଲକ୍ଷ ଟଙ୍କା ଅଗ୍ରୀମ ଦିଆଯାଇଥିବା ଅଭିଯୋଗ

(ସ୍ୱତନ୍ତ୍ର ପ୍ରତିନିଧିଙ୍କ ଠାରୁ)

ରାଜ୍ୟ ଜଳ ସେଚନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜୟପାଟଣା ନିକଟବର୍ତ୍ତୀ ମୁଖିଗଡାଠାରେ ଇନ୍ଦ୍ରାବତୀ ଯୋଜନାର ଏକ ଅଂଶ ସ୍ୱରୂପ ନିର୍ମାଣ ହେଉଥିବା ଟେଲେରସ ଟ୍ରେନେଲ କାମରେ ସଂପୃକ୍ତ ଠିକାଦାରଙ୍କୁ ଅନୁଚିତ ଭାବେ ୩୦ ଲକ୍ଷ ଟଙ୍କା ଦିଆଯାଇଛି ବୋଲି ଏକ ଗୁରୁତ୍ୱର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରାଯାଇଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

ଏହି ଅଭିଯୋଗର ବିବରଣୀରୁ ପ୍ରକାଶ ଯେ ଉକ୍ତ ଟ୍ରେନେଲର କାର୍ଯ୍ୟ ନିମନ୍ତେ ହେଡଲେଭେଲରେ ମାଟି ଉଠାଇବା ପାଇଁ ଟେଣ୍ଡର ମଗାଯାଇଥିଲା ଏବଂ ତଦନୁଯାୟୀ ଉକ୍ତ କାମ ପାଇଥିବା ଭାରତ ପେଣ୍ଟରସ କୋଅପରେସନ୍ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ହେଡଲେଭେଲରେ ଉଠାଯାଇଥିବା ମାଟିକୁ ଟ୍ରକ ଯୋଗେ ଉଠାଯାଇଛି ବୋଲି ଦର୍ଶାଇ ଉକ୍ତ ସଂସ୍ଥାକୁ ପ୍ରାପ୍ୟ ଟେଣ୍ଡର ପରିମାଣରୁ ୩୦ ଲକ୍ଷ ଟଙ୍କା ଅଧିକ ଦିଆଯାଇଛି । ଏହିଭଳି ବେନିୟମ କାର୍ଯ୍ୟ କରିବାକୁ ରାଜ୍ୟ ଜଳସେଚନ ମନ୍ତ୍ରୀ କୁଆଡେ ୬ ଲକ୍ଷ ଟଙ୍କା ନେଇଛନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବା ଜଣାଯାଇଛି ।

ସେହିଭଳି ବଣ୍ଡା-ପିପିଳି ମଧ୍ୟମ ଜଳସେଚନ ଯୋଜନାରେ କାମ ନକରି ଉକ୍ତ ସଂସ୍ଥା ୧୬ ଲକ୍ଷ ଟଙ୍କା ଅଗ୍ରିମ ନେଇସାରି ଏବେ କାମ କରୁ ନଥିବାର ସ୍ୱାଭାବିକ ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର ଅଡ଼ ଆରେ ପଡ଼ିଛନ୍ତି । ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଉକ୍ତ ସଂସ୍ଥାକୁ ୧୮ ଲକ୍ଷ ଟଙ୍କା ଅଗ୍ରୀମ ଦିଆଯାଇଥିଲା ବୋଲି ଜଳସେଚନ ବିଭାଗରୁ ଅନୁସନ୍ଧାନ କରିବାରୁ ଜଣାପଡ଼ିଛି । □

ଚା ଓ କଫି କମ୍ପଲିଟ

ଇନଷ୍ଟାଣ୍ଟ କଫି ପରେ, ବର୍ତ୍ତମାନ କଫି କମ୍ପଲିଟ୍ ଯୁଗର ଆରମ୍ଭ ହେବାକୁ ଯାଉଛି । ଏହି କଫି କମ୍ପଲିଟ୍ ବା ଟି କମ୍ପ୍ଲିଟ୍ ହେଉଛି ଗୋଟିଏ ଗୋଟିଏ ଟି ବା କଫି ବଟିକା ଯେଉଁଥିରେ ଚିନି, ଦୁଗ୍ଧ ଓ ଟି ମିଳିତ ଭାବେ ଥାଏ । କେବଳ ଗରମ ପାଣିରେ ଏଥିରୁ ଗୋଟିଏ କ୍ୟାପସୁଲ୍ ପକାଇଲେ କାମ ଶେଷ । ଗୃହିଣୀଙ୍କୁ ଆଉ ବିଶେଷ ପରିଶ୍ରମ କରିବା ଦରକାର ନାହିଁ । ଏହି ଦୁଇଟି କ୍ୟାପସୁଲ କର୍ଣ୍ଣାଟକସ୍ଥ ନ୍ୟାସନାଲ ଡାଏରି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ପ୍ରସ୍ତୁତ କରାଯାଇଛି ।

ଏକ ଶହ ଗ୍ରାମ କଫି କମ୍ପଲିଟ୍ ବା କଫି କ୍ୟାପସୁଲରେ ୭.୨ ଗ୍ରାମ ଇନଷ୍ଟାଣ୍ଟ କଫି ୮.୧ ଗ୍ରାମ ମିଲକ ଫ୍ୟାଟ, ୨୦ ଗ୍ରାମ ଅଣଚର୍ବିଯୁକ୍ତ ଦୁଗ୍ଧ, ୩୩ ଗ୍ରାମ ଚିନି ଓ ୨୬.୭ ଗ୍ରାମ ପାଣି ସେହିପରି ୧୦୦ ଗ୍ରାମ ଟି କମ୍ପଲିଟ୍‌ରେ ଅଛି ୧୩ ଗ୍ରାମ ମିଲକ୍ ଫ୍ୟାଟ୍; ୩୧.୫ ଗ୍ରାମ ମିଲକ୍ ସଲିଡ୍ ୩୯.୫ ଗ୍ରାମ ଚିନି ଓ ୧୪ ଗ୍ରାମଟି ସଲିଡ୍ ଓ ୨ ଗ୍ରାମ ମଏଶ୍ଚର ରହିଛି ।

କ୍ୟାପସୁଲ ଏବଂ ଗୁଣ୍ଡ ଆକାରରେ ପ୍ରସ୍ତୁତ କରାଯାଇଥିବା ଏହି ଟି ଏବଂ କଫିକୁ କେବଳ ଗରମ ପାଣିରେ ପକାଇବାକୁ ହେବ ଏବଂ ଏହି ଟି ବା କଫିକୁ ୬ ମାସ ପର୍ଯ୍ୟନ୍ତ ଅନାୟାସରେ ରଖିହେବ । ଟି ଓ କଫି କମ୍ପଲିଟରେ ଚିନି କ୍ଷୀର ଆଦି ସବୁ ମିଶିଥିଲେ ମଧ୍ୟ ଆବଶ୍ୟକ ସ୍ଥଳେ ଟି ବା କଫି ପ୍ରସ୍ତୁତ କରି ସାରିବା ପରେ ନିଜର ରୁଚି ମୁତାବକ ଚିନି ବା ପାଣି ମିଶାଇ ପାରିବ । □

Images: Aptakama Mishra, Processing: Srujanika

କଂଗ୍ରେସ ଦଳରେ ଲକ୍ଷ୍ମଣ ବାବୁଙ୍କ ସ୍ଥିତି ବିପନ୍ନ

କଂଗ୍ରେସ ଦଳର ହରିଜନ ନେତା ରୂପେ ପ୍ରତିଷ୍ଠା ଲାଭ କରିଥିବା ପାର୍ଲାମେଣ୍ଟ ସଦସ୍ୟ ଶ୍ରୀ ଲକ୍ଷ୍ମଣ ମଲ୍ଲିକଙ୍କ ସ୍ଥିତି ଦଳ ଭିତରେ କ୍ରମେ ବିପନ୍ନ ହେଉଥିବା ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ଲକ୍ଷ୍ୟ କରୁଛନ୍ତି ।

କଂଗ୍ରେସ (ଇ) ର ଦୀର୍ଘସୂତ୍ର ବିଭାଜନ ବେଳେ ଶ୍ରୀ ମଲ୍ଲିକ ତତ୍‌କାଳୀନ ଇନ୍ଦିରା ବିରୋଧୀ କଂଗ୍ରେସ ସଂଗଠନର ଉପସଭାପତି ଥିଲେ ମଧ୍ୟ ଗତ ଲୋକସଭା ନିର୍ବାଚନ ପୂର୍ବରୁ ତାଙ୍କୁ ଦଳରେ ଗ୍ରହଣ କରାଯାଇଥିଲା ଏବଂ ଦଳୀୟ ଟିକେଟରେ ସେ ଲୋକସଭାକୁ ଅନୁସୂଚିତ ସ୍ଥାନରୁ (ଜଗତସିଂହପୁର) ନିର୍ବାଚିତ ହୋଇଥିଲେ । ଏହା ପରେ ଜଣେ ହରିଜନ ନେତା ତଥା ରାଜ୍ୟରେ ଦୀର୍ଘ ଦିନ କାଳ ମନ୍ତ୍ରୀ ଥିବାରୁ କେନ୍ଦ୍ରରେ କିଛି ନ ହେଲେ ମଧ୍ୟ ଏକ ଉପମନ୍ତ୍ରୀ ସ୍ଥାନ ପାଇବାକୁ ବାରମ୍ବାର ଚେଷ୍ଟା କରି ବିଫଳ ହେବାରୁ ସେ ବର୍ତ୍ତମାନ ମ୍ରିୟମାଣ ଅବସ୍ଥାରେ ରହିଛନ୍ତି । ଆସନ୍ତା ଲୋକସଭା ନିର୍ବାଚନରେ ସେ ହାରିଯିବାର ଆଶଙ୍କା ଥିବାରୁ ମଝିରେ ରାଜ୍ୟସଭାକୁ କୌଣସି ମତେ ନିର୍ବାଚିତ ହୋଇଯିବାକୁ ପ୍ରବଳ ଉଦ୍ୟମ କରି ମଧ୍ୟ ସେଥିରେ ସଫଳ ହେଲେ ନାହିଁ । ପରବର୍ତ୍ତୀ ଅବସ୍ଥାରେ ଜଗତସିଂହପୁର ସବଡିଭିଜନରେ ତାଙ୍କର ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀ ବାସୁଦେବ ମହାପାତ୍ରଙ୍କୁ ଲୋକସଭାକୁ ପ୍ରାର୍ଥୀ କରାଇ ନିଜେ ପୁଣି ବିଧାନ ସଭାକୁ ନିର୍ବାଚିତ ହେବା ପାଇଁ ସେ ବହୁ ହିସାବ କିତାବ କରି ଦଳ ଭିତରେ ଗୋଟି ଚଳାଉଥିଲେ । କିନ୍ତୁ ତାଙ୍କର ସେ ଉଦ୍ୟମ ମଧ୍ୟ ଏବେ ବିଫଳ ହୋଇ ଯାଇଥିବା ଜଣା ଯାଇଛି । ରାଜ୍ୟ କଂଗ୍ରେସ ନେତୃତ୍ୱ ତାଙ୍କୁ ଆଉ ବିଧାନ ସଭାକୁ ଛାଡ଼ି ନକରାଇବା ପାଇଁ ସଂକଳ୍ପ ବଦ୍ଧ । ଅପର ପକ୍ଷରେ କଟକ ଜିଲ୍ଲାର ଅନ୍ୟତମ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କୁ କଂଗ୍ରେସର ହରିଜନ ନେତା ରୂପେ ଉପରକୁ ଉଠାଇବା ପାଇଁ ମୁଖ୍ୟମନ୍ତ୍ରୀ ମନସ୍ଥ କରିଥିବା ଜଣାପଡ଼ିଛି ।

ଏହି ଯୋଜନା ଅନୁଯାୟୀ ଶ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କୁ ବିଧାନସଭା ନିମନ୍ତେ ଛାଡ଼ା ହେବା ପାଇଁ ଅପେକ୍ଷା କରିବାକୁ କୁହାଯାଇଛି । ଏହା ଦ୍ୱାରା ଆସନ୍ତା ଲୋକସଭା ନିର୍ବାଚନରେ ପ୍ରହ୍ଲାଦ ବାବୁଙ୍କୁ ଅତି ଦୃଢ଼ ଭାବେ କଂଗ୍ରେସ କାର୍ଯ୍ୟ କରିବାକୁ ପଡ଼ିବ ଏବଂ ଲକ୍ଷ୍ମଣ ବାବୁ କଂଗ୍ରେସର ହରିଜନ ନେତା ରୂପେ ଯେଉଁ ଏକଚାଟିଆ ସମ୍ମାନର ଅଧିକାରୀ ହୋଇଥିଲେ ତାହା ଖର୍ବ ହେବ । ଉଭୟେ ଅନ୍ୟ ଦଳରୁ ଆସି କଂଗ୍ରେସ ଦଳରେ ଯୋଗ ଦେଇ ଥିବାରୁ ଦଳୀୟ ନେତାଙ୍କ ସମର୍ଥନ ବିନା ସ୍ୱଚ୍ଛନ୍ଦରେ କିଛି କରିବାକୁ ସାହାସ କରୁ ନାହାନ୍ତି ।

ରାଜନୀତିର ଏକ ପ୍ରକାର ଘଟଣା ପ୍ରବାହ ଯୋଗୁ ଅତୀତରେ ମନ୍ତ୍ରୀ ଆସନରେ ଥିଲା ବେଳେ ଭଲ ଅର୍ଥ ଉପାର୍ଜ୍ଜନ କରି ବହୁ ସମ୍ପତ୍ତି କରିଥିବା ଲକ୍ଷ୍ମଣ ବାବୁଙ୍କ ସ୍ଥିତି ବର୍ତ୍ତମାନ ଏକ ବିପଜ୍ଜନକ ଅବସ୍ଥାରେ ଅଛି । ଏହା ଜାଣି ତାଙ୍କର ପୁରୁଣା କର୍ମୀମାନେ ମଧ୍ୟ କ୍ରମେ ତାଙ୍କଠାରୁ ଦୂରେଇ ଯିବାକୁ ବସିଲେଣି ବୋଲି ପ୍ରକାଶ । □

ଏଣିକି ରୋବଟ ଦୁଧ ଦୁହିଁବ ଓ ଧାନ କାଟିବ

କୃଷି କାର୍ଯ୍ୟରେ ଏହାର ଅଧିକ ବ୍ୟବହାର ପାଇଁ ଆୟୋଜନ

ଫସଲର ରକ୍ଷଣାବେକ୍ଷଣ କରିବା ଧାନ, ଗହମ ଆଦି ଅମଳ କରିବା, କଲନର ପ୍ରଣାଳୀରେ ବୃଷ୍ଟି ସୃଷ୍ଟି କରି ସେଚନ କରିବା ତଥା ଦୁଧ ଦୁହିଁବା ଆଦି କାର୍ଯ୍ୟ ରୋବଟ ସାହାଯ୍ୟରେ କରିବା ପାଇଁ ଆମେରିକା ପକ୍ଷରୁ ପ୍ରସ୍ତୁତ ଏକ ବିରାଟ ଯୋଜନା ହାତକୁ ନିଆଯାଇଛି ।

ରୋବଟର ଏତାଦୃଶ ଉପଯୋଗିତା ଫଳରେ କୃଷକ ମାନେ ଟିକିଏ ଆରାମ ପାଇବା ସଙ୍ଗେ ସଙ୍ଗେ ବାହାରୁ ଆସୁଥିବା ଶସ୍ତା କୃଷିଜାତ ଦ୍ରବ୍ୟର ଦୌରାତ୍ମ୍ୟରୁ ମଧ୍ୟ ଆମେରିକୀୟ କୃଷକ ମାନେ ରକ୍ଷା ପାଇ ପାରିବେ ।

ଆମେରିକା ସମାଜରେ ବ୍ୟାପକ ଭାବେ କଂପ୍ୟୁଟର ପ୍ରଚଳନ ହେଉଥିବାରୁ କୃଷକ ମାନେ ରୋବଟକୁ ଗ୍ରହଣ କରିବା ବିଶେଷ କଷ୍ଟ ସାଧ୍ୟ ହେବ ନାହିଁ କାରଣ ତାକୁ ନିୟନ୍ତ୍ରଣ କରିବା ବିଶେଷ ଆୟାସ ସାଧ୍ୟ ନୁହେଁ ।

ଏହା କିପରି ସହଜ ତାହାର ଉଦାହରଣ ଦେଇ ମୁରହାଏ ବିଶ୍ୱ ବିଦ୍ୟାଳୟ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଗୁରୁ ଜ୍ଞ ଚଳ କହନ୍ତି ଯେ ୫୦ଟିରୁ ଅଧିକ ଗାଈ ଥିବା ଗୋଟିଏ ଫାର୍ମ ନିଜ ଗାଈକୁ ଚିହ୍ନୋଟ କରିବା ପାଇଁ ଇଲେକ୍‌ଟ୍ରୋନିକ ଟ୍ରାନସପୋଣ୍ଡରର ବ୍ୟବହାର କଲା । ଏହି ଟ୍ରାନସପୋଣ୍ଡର ଗୁଡ଼ିକ ନିର୍ଦ୍ଦିଷ୍ଟ ଗାଈ କେତେ ପରିମାଣର କି କି ଖାଦ୍ୟ ଖାଇଲେ ଈପ୍‌ସିତ ପରିମାଣ ଦୁଧ ଦେବ ତାହା ପର୍ସୋନେଲ କଂପ୍ୟୁଟରକୁ ଜଣାଇଲା । ଏହି କଂପ୍ୟୁଟରରୁ ନିର୍ଦ୍ଦେଶ ପାଇ ରୋବଟ ନିର୍ଦ୍ଦିଷ୍ଟ ଗାଈକୁ ଦୋହନ କଲା । ଦୁଧ ଦୁହାଁ ସରିଲା ପରେ ଟ୍ରାନସପୋଣ୍ଡର ଦୁଧର ପରିମାଣ ଘୋଷଣା କଲା ପରେ ରୋବଟର ଗୋଟିଏ ହାତ ଦୁଗ୍ଧ ପାତ୍ରକୁ ଉଠାଇ ନେଇ ଶୀତଳ ଭଣ୍ଡାରରେ ରଖିଦେବ । ଏହା ଫଳରେ ଦୁଧ ଦୁହିଁବା ପାଇଁ ଲାଗୁଥିବା ଲୋକଙ୍କ ସଂଖ୍ୟା କମିଯିବ ଏବଂ ଖର୍ଚ୍ଚ ମଧ୍ୟ କମ୍ ହେବ । □

Images: Aptakama Mishra, Processing: Srujanika

ସୈନ୍ୟବାହିନୀ ରକ୍ଷକ ନା ଭକ୍ଷକ ?

ଆମ ଦେଶରେ ଜନସାଧାରଣଙ୍କ ଧାରଣା ଜନ୍ମିଲାଣି ଯେ ପୋଲିସମାନେ ରକ୍ଷକ ନୁହନ୍ତି ଭକ୍ଷକ । ପ୍ରତିଦିନ ପୋଲିସ ଅତ୍ୟାଚାର, ଜୁଲମ ଓ ଧର୍ଷଣର ଖବର ଆଖିରେ ପଡୁଛି । ଏବେ ସୁପ୍ରିମ କୋର୍ଟରେ ସୈନ୍ୟ ବାହିନୀର କେତେକ କର୍ମକର୍ତ୍ତାଙ୍କ ଅମାନୁଷିକ କାର୍ଯ୍ୟ ସମ୍ପର୍କରେ ଏକ ମାମଲାର ବିଚାର ହୋଇଥିଲା ।

ସେବାସ୍ତିଆନ ହୋଙ୍ଗ୍ ନାମକ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ସୁପ୍ରିମକୋର୍ଟରେ ଏକ ହେବିଅସ୍ କର୍ପସ ରିଟ୍ ଆବେଦନ କରିଥିଲେ । ସେଥିରେ ସେ ଆବେଦନ କରିଥିଲେ ଯେ ୨୧ ଶିଖ ରେଜିମେଣ୍ଟର ଦାୟିତ୍ୱରେ ଥିବା ଅଫିସର, ଶ୍ରୀ ଡାନିଏଲ ଓ ଶ୍ରୀ ପାଲ ନାମକ ଦୁଇଜଣ ଲୋକଙ୍କୁ ନେଇ ତାଙ୍କ ପ୍ରତି ଅତ୍ୟାଚାର କରିଛନ୍ତି ଓ ସେମାନଙ୍କର ଖବର ପ୍ରାୟ ଦୁଇବର୍ଷ ହେବ ମିଳୁନାହିଁ । ଶ୍ରୀ ଡାନିଏଲ ଜଣେ ସ୍କୁଲ ଶିକ୍ଷକ ଓ ପୂର୍ବରୁ ସେ ମଣିପୁର ରାଇଫଲସର ନାଏବ ସୁବେଦାର ଥିଲେ । ଶ୍ରୀ ପାଲ ହୁଇଙ୍ଗ୍ ଗ୍ରାମର ବାପ୍ଟିଷ୍ଟ ଚର୍ଚ୍ଚର ସହକାରୀ ପାଷ୍ଟର । ସେବାସ୍ତିଆନଙ୍କ ଅଭିଯୋଗ ଅନୁଯାୟୀ ସେ ଦୁଇଜଣଙ୍କୁ ୧୯୮୨ ମସିହା ମାର୍ଚ୍ଚ ୧୦ ତାରିଖରୁ ଜବରଦସ୍ତି ଉଠାଇ ନିଆଯାଇଥିଲା ।

ସେବାସ୍ତିଆନ ଆବେଦନ କରିଥିଲେ ଯେ ପ୍ରତିବାଦୀ (ଭାରତ ସରକାରଙ୍କ ୨୧ ଶିଖ ରେଜିମେଣ୍ଟର କମାଣ୍ଡାଣ୍ଟ) ମାନେ ସେ ଦୁଇଜଣଙ୍କୁ ସୁପ୍ରିମ କୋର୍ଟରେ ହାଜର କରନ୍ତୁ ।

ସୁପ୍ରିମକୋର୍ଟ ଉପରୋକ୍ତ ପ୍ରତିବାଦୀ ଓ ଅନ୍ୟ ପ୍ରତିବାଦୀ ମାନଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଲେ । ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର ଅଣ୍ଡର ସେକ୍ରେଟେରୀ ଶ୍ରୀ ସଚ୍ଚଦେବ ଜବାବ ଦାଖଲ କରିଥିଲେ । ସେ ଦର୍ଶାଇଥିଲେ ଯେ ଉପରୋକ୍ତ ଦୁଇଜଣ ବ୍ୟକ୍ତିଙ୍କୁ ଗୋଟିଏ ମାମଲାରେ ସମ୍ପୃକ୍ତ କେତେକ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ସେନାବାହିନୀର କ୍ୟାମ୍ପକୁ ଅଣାଯାଇଥିଲା, କିନ୍ତୁ ତା ପରଦିନ ସକାଳୁ ଛାଡ଼ିଦିଆଗଲା ।

ସେବାସ୍ତିଆନଙ୍କ ତରଫରୁ ନୂତନ ତଥ୍ୟ ଦର୍ଶାଯାଇ ଏକ ଆବେଦନ ଦିଆଯାଇଥିଲା ଓ ସୁପ୍ରିମକୋର୍ଟ ତାହା ବିଚାରପରେ ପ୍ରତିବାଦୀ ମାନଙ୍କୁ ଜବାବ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀ ସଚ୍ଚଦେବ ପ୍ରତିବାଦୀଙ୍କ ତରଫ ଜବାବ ଦାଖଲ କରି ଦର୍ଶାଇ ଥିଲେ ଯେ ଡାନିଏଲ ଓ ପାଲ କୌଣସି ମାମଲାରେ ଗିରଫ ହୋଇ ନାହାନ୍ତି ଏବଂ ସିକ୍ୟୁରିଟି ଫୋର୍ସ ତାଙ୍କୁ ନେଇନଥିଲେ । ସୁପ୍ରିମ କୋର୍ଟ ଦେଖିବାକୁ ଚାହିଁଥିବା କେତେକ ରିପୋର୍ଟ ଓ କାଗଜପତ୍ର ସାଧାରଣ ଜନସ୍ୱାର୍ଥ ଦୃଷ୍ଟିରୁ କୋର୍ଟରେ ଦାଖଲ କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ ।

ସୁପ୍ରିମ କୋର୍ଟ ପ୍ରତିବାଦୀଙ୍କ ତରଫରୁ ଦାଖଲ କରାଯାଇଥିବା ଜବାବରେ ବହୁ ତ୍ରୁଟି ଦର୍ଶାଇ ପ୍ରତିବାଦୀ ମାନଙ୍କୁ ସେହି ତ୍ରୁଟିସବୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାପରେ ପ୍ରତିବାଦୀ ମାନଙ୍କ ତରଫରୁ ବହୁ ସଂଖ୍ୟକ କାଗଜ ପତ୍ର ଦାଖଲ କରାଯାଇଥିଲା ।

ସୁପ୍ରିମକୋର୍ଟର ଦୃଷ୍ଟିରେ ଏକଥା ମଧ୍ୟ ପଡ଼ିଥିଲା ଯେ ୧୯୮୨ ମାର୍ଚ୍ଚ ୭ ତାରିଖରେ ସୈନ୍ୟବାହିନୀର ଜବାନ ମାନେ ବହୁ ସଂଖ୍ୟକ

ଶ୍ରୀ ଅଭିଜିତ ପଶାୟତ

ଘରଦ୍ୱାର ଭଙ୍ଗାରୁଜା କରି ଲୋକଙ୍କୁ ନିର୍ଯାତନା ଦେଇଥିଲେ । ସୈନ୍ୟବାହିନୀର କର୍ମକର୍ତ୍ତାମାନେ ଦୋଷ ଘୋଡ଼ାଇବା ପାଇଁ ଲୋକଙ୍କର ଦସ୍ତଖତ ସଂଗ୍ରହ କରୁଥିଲେ ବୋଲି ମଧ୍ୟ ଦର୍ଶାଯାଇ ଥିଲା ।

ସମସ୍ତ ତଥ୍ୟର ବିଚାର କରି ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ଶ୍ରୀ ଡ଼. ଏ. ଦେଶାଇ ଓ ଶ୍ରୀ ଚିନ୍ନାପାରେଡ଼ି ରାଏ ଦେଇଥିଲେ ଯେ ଡାନିଏଲ ଓ ପାଲଙ୍କୁ ୧୯୮୨ ମସିହା ମାର୍ଚ୍ଚ ୧୦ ତାରିଖରେ ସୈନ୍ୟବାହିନୀର କ୍ୟାମ୍ପକୁ ନିଆଯାଇଥିଲା । ପ୍ରତିବାଦୀମାନେ ସେ ଦୁଇଜଣ ମାର୍ଚ୍ଚ ୧୧ ତାରିଖରେ ଅନ୍ୟ ଦୁଇଜଣଙ୍କ ସହ କ୍ୟାମ୍ପ ଛାଡ଼ି ଯାଇଥିବା କଥା ଯାହା କହୁଛନ୍ତି ତାହା ଅସତ୍ୟ । ଏ ସମ୍ପର୍କରେ ପ୍ରତିବାଦୀମାନେ ନିଜର ଦୋଷ ଲୁଚାଇବା ପାଇଁ ମିଥ୍ୟା ତଥ୍ୟ ଯୋଗାଇବାକୁ ଚେଷ୍ଟା କରିଛନ୍ତି ।

ପ୍ରତିବାଦୀ ମାନଙ୍କ ପକ୍ଷରୁ ଉଠାଯାଇଥିବା କେତେକ ବୈଧାନିକ ପ୍ରଶ୍ନର ଉତ୍ତର ଦେଇ ପରେ ମାନ୍ୟବର ବିଚାରପତିମାନେ ପ୍ରତିବାଦୀ ୧,୨ ଓ ୪ ଙ୍କୁ (ଭାରତ ସରକାର ପ୍ରତିରକ୍ଷା ସେକ୍ରେଟାରୀଙ୍କ ଜରିଆରେ ଭାରତ ସରକାର ଘରୋଇ ବିଭାଗ ସେକ୍ରେଟାରୀ ଓ ୨୧ ଶିଖ ରେଜିମେଣ୍ଟର କମାଣ୍ଡେଣ୍ଟ) ୧୯[illegible] ନଭେମ୍ବର ୧୨ ତାରିଖରେ ଡାନିଏଲ ଓ ପାଲଙ୍କୁ କୋର୍ଟରେ ହାଜର କରାଇବାପାଇଁ ନିର୍ଦ୍ଦେଶ ଦେଲେ ।

ଏ ନିର୍ଦ୍ଦେଶ ପାଇବା ପରେ ପ୍ରତିରକ୍ଷା ବିଭାଗର ଡାଇରେକ୍ଟର ଶ୍ରୀ ଅଜୟ ବିକ୍ରମ ସିଂହ ଏକ ଆବେଦନ କରି ଜଣାଇଲେ ଯେ ପ୍ରତିବାଦୀ ମାନେ ସମସ୍ତ ଚେଷ୍ଟା ସତ୍ତ୍ୱେ ଡାନିଏଲ ଓ ପାଲଙ୍କୁ କୋର୍ଟରେ ହାଜର କରାଇ ପାରୁନାହାନ୍ତି । ସେମାନେ ଦର୍ଶାଇ ଥିଲେ ଯେ ଡାନିଏଲ ଓ ପାଲ ସେମାନଙ୍କ ପାଖରେ ନାହାନ୍ତି ଏବଂ ସୈନ୍ୟବାହିନୀ ଓ କେନ୍ଦ୍ର ଗୁଇନ୍ଦା ସଂସ୍ଥା (ସି,ବି,ଆଇ) ସେମାନଙ୍କୁ ଖୋଜିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରି ବିଫଳ ହୋଇଛନ୍ତି ଏବଂ ପୁଣି ଚେଷ୍ଟା କରିବା ପାଇଁ ସମୟ ମାଗିଥିଲେ । ବହୁ ସମୟ ଦିଆଯିବା ପରେ ମଧ୍ୟ ପ୍ରତିବାଦୀ ମାନେ ଡାନିଏଲ ଓ ପାଲଙ୍କୁ ହାଜର କରିନଥିଲେ । ଶେଷରେ ୧୯୮୪ ମସିହା ଅପ୍ରେଲ ୧୯ ତାରିଖରେ ସି,ବି,ଆଇ କର୍ମକର୍ତ୍ତାମାନେ ସେମାନଙ୍କର ଅକ୍ଷମତା ପ୍ରକାଶ କରିଥିଲେ

ମାନ୍ୟବର ବିଚାରପତିମାନେ ଡାନିଏଲ ଓ ପାଲଙ୍କୁ ହାଜର ନ କରାଇବାକୁ କୋର୍ଟରେ ଅବମାନନା ବୋଲି ଧରିଥିଲେ । ଏ ଅବମାନନା ପାଇଁ ପ୍ରତିବାଦୀ ମାନଙ୍କୁ ଜେଲଦଣ୍ଡ ଓ ଜୋରିମାନା କରାଯାଇ ପାରିଥାନ୍ତା କିନ୍ତୁ ଏ କ୍ଷେତ୍ରରେ ମାନ୍ୟବର ବିଚାରପତିମାନେ ପ୍ରତିବାଦୀ ମାନଙ୍କୁ ଉଭୟ ଡାନିଏଲ ଓ ପାଲଙ୍କ ସ୍ତ୍ରୀଙ୍କୁ ଏକଲକ୍ଷ ଟଙ୍କା କରି ଦେବାପାଇଁ ଆଦେଶ ଦେଇଥିଲେ । ଉଭୟଙ୍କର ମାନସିକ ଯନ୍ତ୍ରଣା ଓ ଅପୂରଣୀୟ କ୍ଷତିକୁ ଆଖିରେ ରଖି ଏଭଳି ଆଦେଶ ଦେଇଛନ୍ତି ବୋଲି ବିଚାରପତି ଦ୍ୱୟ ମତ ଦେଇଥିଲେ ।

ସେମାନେ ଆହୁରି ମତଦେଇଥିଲେ ଯେ ଡାନିଏଲ ଓ ପାଲ ଯେ ଜୀବିତ ସେ ବିଷୟରେ ସେମାନେ ସନ୍ଦେହାନ । ସେମାନଙ୍କର ଯେ ଅପମୃତ୍ୟୁ ଘଟିଛି ସେ ବିଷୟରେ ମଧ୍ୟ ସେମାନଙ୍କର ବିଶ୍ୱାସ ରହିଛି । ସେମାନଙ୍କର ମୃତ୍ୟୁପାଇଁ ଯେଉଁମାନେ ଦାୟୀ ସେମାନଙ୍କ ପ୍ରତି ଆଇନଗତ ଦଣ୍ଡବିଧାନ ଆବଶ୍ୟକ ବୋଲି ସେମାନେ ନିର୍ଦ୍ଦେଶ ଦେଇଥିଲେ ।

ପୋଲିସ ହାଜତରେ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତି ଅତ୍ୟାଚାର ଓ କେତେକ କ୍ଷେତ୍ରରେ ସେମାନଙ୍କର ସେଠାରେ ମୃତ୍ୟୁର ଖବର ସମସ୍ତଙ୍କୁ ଜଣା । କଲିକତାର ପୋଲିସ ଅଫିସର ଶ୍ରୀ ମେହେଟାଙ୍କ ହତ୍ୟାମାମଲାରେ ଅଭିଯୁକ୍ତ ଇଦ୍ରିସ୍‌ର ହାଜତରେ ମୃତ୍ୟୁ ସଂପର୍କରେ ମାମଲା ଓ ଅନୁସନ୍ଧାନ ଚାଲିଛି । ସବୁ କ୍ଷେତ୍ରରେ ଏଭଳି ଅମାନୁଷିକ କାର୍ଯ୍ୟପାଇଁ ଦଣ୍ଡ ଓ ଖେସାରତ ଦିଆଗଲେ ହୁଏତ ଏ ଅତ୍ୟାଚାର କମାଇ ପାରିବ । ◻

ମୂଲ୍ୟ ବୋଧର ମୃତ୍ୟୁ

ଷଡାନନ

ପୁରୁଣା କଥା ବୋଲି ମନେହେବ । ପୁରୁଣା କାଳିଆ ଲୋକଙ୍କର କଥା ବୋଲି ମନେ ହେବ । ପୁଣି ଗ୍ଲେଟିଆ କଥାଗୁଡାକ କିନ୍ତୁ ହେଜିଲେ ଯାହା ମନେପଡ଼ିବ ତାହାର ଅନୁପସ୍ଥିତି ମଣିଷଙ୍କୁ କେତେ ବିପାକ୍ତ କରି ଦେଇଛି ସେ ସମ୍ପର୍କରେ ହଠାତ୍ ମଣିଷ ସଚେତନ ହୋଇ ଉଠିବ ।

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟ । ପ୍ରବଳ ପ୍ରତାପି ମୁଖ୍ୟମନ୍ତ୍ରୀ, ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କୁ ଭୟ କରନ୍ତି ନାହିଁ । ଜବାହର ବୋଲି ଡାକନ୍ତି ଉଭୟଙ୍କର ସାମ୍ୟବାଦ ବିରୋଧ ମଧ୍ୟ । ସେଥିରେ ଲୁଚ ଛପା ବିଷୟ କିଛି ନାହିଁ । ସକାଳ ସାତଟାରୁ ଆଠଟା ପର୍ଯ୍ୟନ୍ତ ରୋଗୀ ଦେଖନ୍ତି ନିୟମିତ ବିନା ପଇସାରେ । ଓଡ଼ିଶାର ଜଣେ ଜଣାଶୁଣା ଅସୁସ୍ଥ ସାମ୍ୟବାଦ ନେତାଙ୍କୁ ନେଇ ତାଙ୍କ ପାଖରେ ପହଞ୍ଚିଲେ ପଶ୍ଚିମ ବଙ୍ଗ ବିଧାନସଭାର ବିରୋଧିଦଳର ନେତା (ବର୍ତ୍ତମାନର ମୁଖ୍ୟମନ୍ତ୍ରୀ) ଶ୍ରୀ ଜ୍ୟୋତି ବସୁ । ରୋଗୀ ଦେଖା ଯଥା ସମୟରେ ସରିଲା । ସରିଲା ପରେ ଯାହା ହେଲେ ତ ଦୁଇପଦ ଏଆଡ଼୍ ସେଆଡ଼୍ କଥାବାର୍ତ୍ତା ହେବ । ବିଧାନ ବାବୁ ପଚାରିଲେ କଣ ଜ୍ୟୋତି ଆଉ ଖବର କଣ ତମେ କିମିତି ଅଛ । ଜ୍ୟୋତିବାବୁ ଗୋଟାଏ କିଛି ଉତ୍ତର ଦେବାକୁ ଯାଇ କହିଲେ ଆପଣଙ୍କ ସାଙ୍ଗରେ ପୁଣି ଗୋଟାଏ ଲଢେଇ ହେବ । ବିଧାନ ବାବୁ ଜ୍ୟୋତିବାବୁଙ୍କର ଘଣ୍ଟାକୁ ହାତ ଦେଖାଇ ପଚାରିଲେ - ଜ୍ୟୋତି କେତଟା ବାଜିଛି କହିଲ ଦେଖି ! ଜ୍ୟୋତି ବାବୁ ଉତ୍ତର ଦେଲେ ସାତଟା ତିରିଶ । ବିଧାନବାବୁ କହିଲେ ଶୁଣ, ଜ୍ୟୋତି ଆଠଟା ପୂର୍ବରୁ ମୁଁ ହେଉଛି-ବିଧାନ ଚନ୍ଦ୍ର ରାୟ, ଡାକ୍ତର । ଆଉ ତମେ ଜ୍ୟୋତି ବସୁ ରୋଗୀ ବା ରୋଗୀଙ୍କର ସାଥି । ଆଠଟା ପରେ ମୁଁ ବିଧାନ ଚନ୍ଦ୍ର ରାୟ ବଙ୍ଗଳାର ମୁଖ୍ୟ ମନ୍ତ୍ରୀ ଆଉ ତମେ ଜ୍ୟୋତି ବସୁ ବିରୋଧି ଦଳର ନେତା ।

× × ×

୧୯୪୧ ମସିହା ନିର୍ବାଚନ । କମ୍ୟୁନିଷ୍ଟ ପାର୍ଟି ତରଫରୁ ଢେଙ୍କାନାଳ ନିର୍ବାଚନରେ ପ୍ରାର୍ଥୀ ହୋଇ ଆସନ୍ତି ସେତେବେଳକାର ବୀର ବୈଷ୍ଣବ ପଟ୍ଟନାୟକ । ସଦ୍ୟ ଜେଲରୁ ଫେରିଆସି ସଂଗଠନ ନାହିଁ ପଇସାଟିଏ ନାହିଁ କିନ୍ତୁ ନାମ ବହୁତ । ଓଡ଼ିଶାର ଯେତେ କୌଣସି ନେତାଙ୍କ ନାମରେ ସବୁଠାରୁ ବେଶି ଗଳ୍ପ, କାହାଣି ଗୀତ ଲୋକ ମୁହଁରେ ପ୍ରଚଳିତ ହୋଇଥାଏ ତା ହେଲେ ସେ ହେଉଛନ୍ତି ବୈଷ୍ଣବ ପଟ୍ଟନାୟକ (କିନ୍ତୁ ଆହା । ସେ ସବୁ ଗଳ୍ପ କୁଆଡ଼େ ।) ନିର୍ବାଚନ ପ୍ରଚାର ପାଇଁ ସମୟ ଅଳ୍ପ । ବଙ୍ଗଳାର ପ୍ରସିଦ୍ଧ ଜନ ନାୟକ ବିଶ୍ୱନାଥ ମୁଖାର୍ଜୀ ଆସି ଥାଆନ୍ତି ଭାଷଣ ଦେବା ପାଇଁ । ସଭାରେ ହଜାର ହଜାର ଲୋକ ଜମା ହେଲେଣି । କିନ୍ତୁ ମାଇକ୍ ଟିଏ ନାହିଁ ; ସେତେବେଳକୁ ଏତେ ମାଇକ୍ ମଧ୍ୟ ନଥିଲା କଣ କରା ଯିବ । କମ୍ୟୁନିଷ୍ଟ ପାର୍ଟିର ତତ୍କାଳୀନ ନେତା (ବର୍ତ୍ତମାନ ସତ୍ୟ ସାଇ ବାବାଙ୍କର ଭକ୍ତ) ଶରତ ପଟ୍ଟନାୟକ ଯାଇଁ ଭେଟିଲେ ପ୍ରତିଦ୍ୱନ୍ଦୀ ନାରାୟଣ ମିଶ୍ରଙ୍କୁ ତାଙ୍କର ସିନେମା ଘର , ମାଇକ୍ ଅଛି । ମାଇକ୍‌ଟି ମାଗିଲେ ସନ୍ଧ୍ୟା ପାଇଁ । ନାରାୟଣ ମିଶ୍ର ନିର୍ବାଚନରେ ବୈଷ୍ଣବ ପଟ୍ଟନାୟକଙ୍କର ପ୍ରତିଦ୍ୱନ୍ଦୀ । ସାଙ୍ଗେ ସାଙ୍ଗେ ହଁ ଭରିଲେ (କେବଳ ସେତିକି ନୁହେଁ ତାଙ୍କର ସିନେମାର ଗୋଟିଏ ମାଇକକୁ ସନ୍ଧ୍ୟା ବେଳେ ପ୍ରତିଦ୍ୱନ୍ଦୀଙ୍କର ସଭାପାଇଁ ଦେବାକୁ ଭଳି ସନ୍ଧ୍ୟାର ସିନେମା ବନ୍ଦ କରିଦେବାକୁ ପଡ଼ିଲା) କହିଲେ କଣ କଥା । ବିଶ୍ୱନାଥ ମୁଖର୍ଜୀ ଜଣେ ପ୍ରସିଦ୍ଧ ବକ୍ତା । ସେ ଆସିଛନ୍ତି ଢେଙ୍କାନାଳ । ଆପଣଙ୍କର ମାଇକ୍ ନାହିଁ ; ମୁଁ ମାଇକ ଦେବିନାହିଁ ? ମାଇକ୍‌ରେ ବିଶ୍ୱନାଥ ମୁଖାର୍ଜୀ ଭାଷଣ ଦେଲେ ଓ ଶରତ ପଟ୍ଟନାୟକ ନିର୍ବାଚନ ସଭାରେ ପ୍ରତିଦ୍ୱନ୍ଦୀ ନାରାୟଣ ମିଶ୍ରଙ୍କୁ ଧନ୍ୟବାଦ ମଧ୍ୟ ଦେଲେ

ଠିକ୍ ସେଇପରି ଆଉ ଏକ ନିର୍ବାଚନର କଥା । ପ୍ରବଳ ପ୍ରତାପି ଦୁର୍ଦ୍ଦଂଷ ଧନୁ ଲେଙ୍କା (ସେ ଆଉ ନାହାନ୍ତି) ତାଙ୍କ ସହିତ ଲଢ଼ାଇ ହେଉଥାଏ । ଧନୁଲେଙ୍କାଙ୍କୁ ନ ଜାଣେ କିଏ ଏବଂ ତାଙ୍କର ପ୍ରତାପ କଥା ବି ନ ଜାଣେ କିଏ କିନ୍ତୁ ସେତେବେଳକାର ଧାନମଣ୍ଡଳ । ରହିବା ଯାଗା ନହେଲେ ବଡ଼ ଅସୁବିଧା । ରହିବା କେଉଁଠି ସ୍ଥିର ହେଲା ଯାଇ ଧନୁ ଲେଙ୍କାଙ୍କ ଘରେ ଓହ୍ଲାଇବା । ସେଇଟାତ ଏକ ମାତ୍ର ରହିବା ଯାଗା କିନ୍ତୁ ବଡ ଘର । ସେ ତାଙ୍କ ପକ୍ଷରେ ନିର୍ବାଚନ କରିବେ ଆମେ ଆରପଟରେ ରହିବା । ଶରତ ପଟ୍ଟନାୟକ ଓ ମୁଁ ଓହ୍ଲାଇ ସିଧ ଚାଲିଲୁ । ସେଇଠିକି ଧନୁଲେଙ୍କା ଭଲ ଲୋକ କି ଖରାପ ଲୋକ ସେ ଅଲଗା କଥା । କିନ୍ତୁ ଦୁର୍ଦ୍ଦଂଷ ଦୁର୍ଦ୍ଦାନ୍ତ ଧନୁ ଲେଙ୍କା ସାଙ୍ଗେ ସାଙ୍ଗେ ଆମକୁ କୁଣ୍ଢାଇ ପକାଇ ଘରଭିତରକୁ ପାଛୋଟି ନେଲେ ନିର୍ବାଚନ ପ୍ରଚାରକମାନଙ୍କୁ ଛଡା କରି ଦେଲେ । ଗପ ଆରମ୍ଭ ହେଲା । ଭୁରି ଭୋଜନର ବନ୍ଦୋବସ୍ତ ହେଲା । ଆମେ ସକାଳୁ ଆମ କାମସାରି ସନ୍ଧ୍ୟାକୁ ଫେରିଲୁ, ରାତିରେ କଟକ ଫେରି ଆସିବାର କଥା । ସେ ଛାଡ଼ିଲେ ନାହିଁ । କହିଲେ ଇଏ କି କଥା । କାଲି କିଛି ଭଲ ଖାଇବାର ବନ୍ଦୋବସ୍ତ ହୋଇ ନଥିଲା । ଆଜି ହୋଇଛି । ସକାଳୁ ଖାଇ କରି ଯିବ । ବାଧ୍ୟ ହୋଇ ରହିଲୁ ।

ଦୃଶ୍ୟପଟର ଆଉ ଏକଦିଗ । ଭାରତ ସରକାରଙ୍କ ସରେଇ ପୁଲିସ ମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କର ପରଲୋକ ହୋଇ ଯାଇଛି । ବହୁ ଦିନ ଧରି ସେ ଅଜ୍ଞାନ ଥିଲେ । ଆଜି ତାର ସମାପ୍ତି ଘଟିଲା । କିନ୍ତୁ ତା ସହିତ ସମାପ୍ତି ଘଟିଲା ଏକ ବ୍ୟକ୍ତିର ଦୈନନ୍ଦିନ ରୁଟିନରୁ ଟାଳେ । ଏହି ପୋଲିସ ମନ୍ତ୍ରୀଙ୍କ କାରାଗାରରେ ବହୁଦିନ ବନ୍ଦୀ ଥିବା ବିଖ୍ୟାତ ପାର୍ଲାମେଣ୍ଟ ସଦସ୍ୟ ଭୁପେଶ ଗୁପ୍ତ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯେ ପ୍ରତ୍ୟେକ ଦିନ ତାଙ୍କୁ ଦୁଇଥର ଦେଖିବାକୁ ଆସୁଥିଲେ । ଗମ୍ଭୀର ମୁହଁରେ ସେ ଆସନ୍ତି । ଦେଖନ୍ତି ମେଡିକାଲ୍ ରିପୋର୍ଟ । ଫେରନ୍ତି ଘଣ୍ଟାକ ପରେ ପୁଣି ଆସନ୍ତି ଆର ବେଳାକୁ ।

ପାର୍ଲାମେଣ୍ଟର ଏକ କଟେଜ । ବିରୋଧି ଦଳର ଜଣେ ନେତା ଆସି ଭୁପେଶ ଗୁପ୍ତଙ୍କୁ ଭେଟି ସଞ୍ଜୟ ଗାନ୍ଧୀଙ୍କର ବ୍ୟକ୍ତିଗତ ଜୀବନ ଉପରେ ପାର୍ଲାମେଣ୍ଟରେ କେତେକ ପ୍ରଶ୍ନ ଉଠାଇବାକୁ ଭୁପେଶ ଗୁପ୍ତଙ୍କୁ ଅନୁରୋଧ କଲେ ଭୁପେଶ ନାରାଜ ହେଲେ । ସେ କହିଲେ ସେ ଦେଖ , ମୋତେ ଇନ୍ଦିରା ଗାନ୍ଧୀ , ଫିରୋଜ ଗାନ୍ଧୀ, ଜବାହରଲାଲ ନେହେରୁଙ୍କ ଉପରେ ପ୍ରଶ୍ନ ଉଠାଇବାକୁ କୁହ ମୁଁ ରାଜି କିନ୍ତୁ ସଞ୍ଜୟ ପୁଅ ଭଳି । ତାର ବ୍ୟକ୍ତିଗତ ଜୀବନ ଉପରେ ମୁଁ କହି ପାରିବ ନାହିଁ ।

ସମସ୍ତ ବଦଳି ଯାଉଛି । ପ୍ରତିଦ୍ୱନ୍ଦୀର ମୁଣ୍ଡ ଫଟାଇ ଦେବା ଘରେ ନିଆଁ ଲଗାଇ ଦେବା ତାର ସ୍ତ୍ରୀ ପିଲା ଛୁଆଙ୍କୁ ହଇରାଣ କରିବା ରାଜନୈତିକ ପ୍ରଶାସନିକ ଦକ୍ଷତାରେ ପରିଣତ ହୋଇଛି ।

ଅନେକ ମୂଲ୍ୟବୋଧ ପୁରାତନ ମନେ ହୋଇପାରେ । କିନ୍ତୁ ସେଇ ମୂଲ୍ୟବୋଧ ରେଖା ଉପରେ ପ୍ରତିଷ୍ଠିତ ସୀମା ଏବଂ ଏକ ମଧୁର ପ୍ରସାରିତ ଲକ୍ଷ ଏହାକୁ ରକ୍ଷିତ କରୁଥିଲା । ସେହି ମୂଲ୍ୟବୋଧ ଆସ୍ତେ ଲୋପ ହେଉଛି । ଏହା ଶୁଭ ନା ଅଶୁଭ? ଏହାର ବିଚାର କରିବ କିଏ ?

Images: Aptakama Mishra, Processing: Srujanika

ଖାରବେଳ

Images: Aptakama Mishra, Processing: Srujanika

Images: Aptakama Mishra, Processing: Srujanika

Images: Aptakama Mishra, Processing: Srujanika

Images: Aptakama Mishra, Processing: Srujanika

୧୯୮୪—୧୧ଶ ସଂଖ୍ୟା

RNI Regn No : 42123/84
Postal Regn. No—0.20

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରମ୍ଭାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-୭୫୩୦୧୨
ଫୋନ-୨୩୫୯୬

ପ୍ରଚ୍ଛଦ ପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ

ମୂଲ୍ୟ ଟ ୩-୦୦

ଶାରଦେଳ

ରାଜୀବ ଅଗ୍ନି ପରୀକ୍ଷାର ସମ୍ମୁଖୀନ ୨
ରାଜ୍ୟସଭା ସଦସ୍ୟଙ୍କ ଉପରେ ସ୍ପେଶାଲ ବ୍ରାଞ୍ଚର ଆଖି ୩
ଇନ୍ଦିରା ଘଟଣା ସ୍ଥଳରେ ପ୍ରାଣ ହରାଇ ଥିଲେ ୪
ଅରୁଣ ନେହେରୁଙ୍କ ଇଣ୍ଟରଭ୍ୟୁ ୫
ଇନ୍ଦିରା ଗାନ୍ଧୀ ଏକ ଶ୍ରଦ୍ଧାଞ୍ଜଳୀ ୬
ଓଡ଼ିଶାରେ ବିଜୟାନନ୍ଦ ବନାମ ଜାନକୀ ବଲ୍ଲଭ ଯୁଦ୍ଧ ୧୧

କଟକ ଲୋକସଭା ପାଇଁ ତୀବ୍ର ପ୍ରତିଦ୍ୱନ୍ଦିତା ହେବ ୧୩
ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତାଗଣ ୧୪
ପଞ୍ଜାବର ମନୋଦୃଶ୍ୟ — ଡ଼ଃ କମଳକୁମାରୀ ପଟ୍ଟନାୟକ ୧୫
ଅବିବାହିତାର ବର୍ଷ ହେଉ ନିଆଁ ଜଳୁଛି ୧୮
ମୃତ୍ୟୁକାଳୀନ ଜବାନବନ୍ଦୀ — ଡ଼ଃ ଜିତେନ୍ଦ୍ର କୁମାର ବଳବନ୍ତ ରାୟ ୧୯
ଫାଣ୍ଟମ୍ ୨୦
ରାଶିଫଳ ୨୩
ଭାରତରେ ରିମୋଟ ସେନସିଂ ସାଟେଲାଇଟ — ଶ୍ରୀ କେ ଭି. ଭେଙ୍କଟ ସୁବ୍ରମଣ୍ୟନ୍ ୨୫
ଓଡ଼ିଶାରେ ଚଳଚ୍ଚିତ୍ର ସାମ୍ବାଦିକତା — ଶ୍ରୀ ହରିହର ପ୍ରସାଦ ମହାଳିକ ୨୬

ଭଗ୍ନରୂ ଅନ୍ଧ ବିଶ୍ୱାସ — ଡ଼ ରାଧାନାଥ ରଥ ୨୯
ରକ୍ତହୀନତା ଓ ତାର ପ୍ରତିକାର — ଡା ଜେନାମଣି ନରେନ୍ଦ୍ର କୁମାର ୩୦
ହଇଜା ପ୍ରତିଷେଧକ ବଟିକା ୩୧
ଉପଗ୍ରହ ପ୍ରେରଣ ପାଇଁ ଶସ୍ତା ରକେଟ ୩୩
ଇ. ସି. ଜି କଣ ? — ଶ୍ରୀ ଜି. ଆର. ଶ୍ରୀଧର ୩୪
ଜେମସ୍ ବଣ୍ଡର ପ୍ରବର ୩୫
ଓଡ଼ିଶା ମନ୍ଦିରରେ ବେଲ୍ଲାଲସେନଙ୍କ ମୁକୁଟ ପୂଜା ପାଉଛି — ଶ୍ରୀ ଶ୍ୟାମସୁନ୍ଦର ତ୍ରିପାଠୀ ୩୬
ସଫଳତାର କାହାଣୀ ୩୭
ବାର୍ଦ୍ଧକ୍ୟର ରହସ୍ୟ ଉନ୍ମୋଚନ ୩୮
ରେଡ଼ିଓ ଗାଲାକ୍ସିର ଅଦ୍ଭୁତ କୁଣ୍ଡଳୀ — ଶ୍ରୀ ସୁରେଶ କୈନ ୩୯
ମୂଲ୍ୟବୋଧର ମୃତ୍ୟୁ ୪୦

Images: Aptakama Mishra, Processing: Srujanika

ଅଭିଷେକ ପରେ ରାଜୀବ ଅଗ୍ନିପରୀକ୍ଷାର ସମ୍ମୁଖୀନ

ଚଳିତ ଲୋକସଭା ନିର୍ବାଚନ ପରେ ସେ ପ୍ରଧାନମନ୍ତ୍ରୀ ହେବାର ସମ୍ଭାବନା ଥିଲେ ମଧ୍ୟ ତାଙ୍କ ସରକାରଙ୍କ ସ୍ଥାୟିତ୍ୱ ବିଷୟରେ ସମସ୍ତେ ସନ୍ଦିହାନ

ଶ୍ରୀମତୀ ଇନ୍ଦିରାଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଯେପରି ଭାବେ ପ୍ରଧାନମନ୍ତ୍ରୀ କରାଗଲା ଭାରତୀୟ ବୁଦ୍ଧିଜୀବୀ ମାନେ ତାକୁ ଜାପାନର କିମ୍ବା ଏହାକୁ ପୂର୍ବତନ ରାଜ ପରିବାରର ଅଭିଷେକ ଉତ୍ସବ ସହ ତୁଳନା କରୁଛନ୍ତି ।

କଂଗ୍ରେସ ଦଳର କିଏ ନେତା ହେବ ତାହା ଦଳର ଏକ ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିଲେ ମଧ୍ୟ ନେତା ନିର୍ବାଚନର ପ୍ରଣାଳୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଦୃଷ୍ଟିରୁ ଉଚିତ ଗର୍ହିତ ହୋଇଛି ବୋଲି ସେମାନେ ଯୁକ୍ତି କରୁଛନ୍ତି । କିନ୍ତୁ ଶ୍ରୀମତୀ ଗାନ୍ଧୀଙ୍କ ଭଳି ବିରାଟ ବ୍ୟକ୍ତିତ୍ୱର ଆକସ୍ମିକ ତିରୋଧାନ ପରେ ଯେପରି ସୁରୁଖୁରୁରେ ଶାସନ ହସ୍ତାନ୍ତର ହେଲା ତାହା ବିଶ୍ୱର ସମସ୍ତଙ୍କୁ ମୁଗ୍ଧ କରିଛି ।

ଶ୍ରୀ ସଞ୍ଜୟ ଗାନ୍ଧୀଙ୍କ ମୃତ୍ୟୁ ପରେ ଶ୍ରୀମତୀ ଗାନ୍ଧୀ ରାଜୀବଙ୍କୁ ହିଁ ତାଙ୍କର ଉତ୍ତରାଧିକାରୀ ରୂପେ ତାଲିମ ଦେଉଥିଲେ ଏବଂ ଏହି ଦାୟିତ୍ୱ ବହନ କରିବାକୁ ସେ କ୍ରମଶଃ ପ୍ରସ୍ତୁତ ହେଉଥିଲେ । ଦଳ ଭିତରେ ସେ ଦ୍ୱିତୀୟ ଶକ୍ତିଶାଳୀ କ୍ଷମତା କେନ୍ଦ୍ର ରୂପେ ପ୍ରତିଷ୍ଠିତ ହୋଇ ସାରିଥିବାରୁ କଂଗ୍ରେସର ପ୍ରବୀଣ ଲୋକେ ନିଜର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ନେତା ରୂପେ ଗ୍ରହଣ କରିବାକୁ ଏକ ପ୍ରକାର ବାଧ୍ୟ ହୋଇଗଲେ ।

ପ୍ରଧାନମନ୍ତ୍ରୀ ହେବା ପରେ ଶ୍ରୀଯୁକ୍ତ ଗାନ୍ଧୀ ସାଂପ୍ରଦାୟିକ ଦଙ୍ଗାକୁ କଠୋର ଭାବେ ଦମନ କରିବାରେ ସଫଳ ହୋଇଛନ୍ତି ଏବଂ ନିର୍ବାଚନ କରିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରି ନିଜ ରାଜନୈତିକ ଦୃଢ଼ତାର ପରିଚୟ ଦେଇଛନ୍ତି । ନିର୍ଦ୍ଦିଷ୍ଟ ସମୟ ଆଗରୁ ଲୋକସଭା ନିର୍ବାଚନ ନ କରିଥିଲେ ଏହା ତାଙ୍କ ସ୍ଥିତିକୁ ବିପନ୍ନ କରିଥାନ୍ତା ଏବଂ ତାଙ୍କ ପଛରେ ଲୋକମତ ନାହିଁ ବୋଲି ଦର୍ଶାଇ ବିରୋଧୀ ଦଳ ପକ୍ଷରୁ ଦେଶସାରା ପୁଣି ରାଜନୈତିକ ବିଭ୍ରାଟ ସୃଷ୍ଟିର ଅବକାଶ ଆପେ ସୃଷ୍ଟି ହୋଇଯାଇଥାନ୍ତା ।

ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞ ଶାସକ ମାନେ ପୂର୍ବବତ୍ ଦେଶ ପରିଚାଳନା କରିବେ ଏବଂ କୃଷ୍ଣମାଚାରୀଙ୍କ ଭଳି ନେତା ବୈଦେଶିକ ନୀତି ନିୟନ୍ତ୍ରଣ କରିବେ ।

କିନ୍ତୁ ରାଜନୈତିକ ନିୟନ୍ତ୍ରଣର ଭାର ସ୍ୱୟଂ ରାଜୀବଙ୍କୁ ବହନ କରିବାକୁ ପଡ଼ିବ । ଏହାର ସଫଳତା ଉପରେ ତାଙ୍କର ଭବିଷ୍ୟତ ନିର୍ଭର କରେ ।

ଭାରତୀୟ ସମାଜର ଜଟିଳତା ଓ ବିଭିନ୍ନତା ତୁଳନାରେ ଶ୍ରୀ ରାଜୀବ ଗାନ୍ଧୀ ସମ୍ପୂର୍ଣ୍ଣ ଅନଭିଜ୍ଞ ତେଣୁ ରାଜନୈତିକ ନିୟନ୍ତ୍ରଣ ପାଇଁ ତାଙ୍କୁ ନିଜର ପରାମର୍ଶଦାତାଙ୍କ ଉପରେ ହିଁ ଅଧିକ ପରିମାଣରେ ନିର୍ଭର କରିବାକୁ ପଡ଼ିବ । ଏହି ପରାମର୍ଶଦାତା ମାନଙ୍କ ଭିତରେ ଦୁର୍ଭାଗ୍ୟବଶତଃ ପ୍ରବୀଣ କଂଗ୍ରେସ ଲୋକେ ନାହାନ୍ତି ।

ସାମାଜିକ ମୂଲ୍ୟବୋଧର ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ପାରଂପରିକ ସମାଜସେବୀ ଓ ପ୍ରତିଷ୍ଠିତ ଲୋକେ କ୍ରମେ ଅନ୍ତର୍ହିତ ହୋଇ ଯାଉଛନ୍ତି । ନୂଆଦିଲ୍ଲୀରେ କଂଗ୍ରେସର ଅବସ୍ଥା ମଧ୍ୟ ସେହିପରି ହୋଇଛି ।

ଅନ୍ୟ ଦିଗରେ ବିଭିନ୍ନ ରାଜ୍ୟର କଂଗ୍ରେସ ମୁଖ୍ୟମନ୍ତ୍ରୀମାନେ ନିଜ ନିଜର ସ୍ଥିତି ଦୃଢ଼ କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିବାରେ ବ୍ୟସ୍ତ । ବିଭିନ୍ନ ରାଜ୍ୟରେ କଂଗ୍ରେସ ଦଳ ପକ୍ଷରୁ ହୋଇଥିବା ପ୍ରାର୍ଥୀ ତାଲିକାରୁ ଏହା ସ୍ପଷ୍ଟ ।

ଶ୍ରୀମତୀ ଗାନ୍ଧୀଙ୍କ ଜୀବିତାବସ୍ଥାରେ ଦକ୍ଷିଣ ଭାରତରେ କଂଗ୍ରେସ ପ୍ରାୟ ନିଶ୍ଚିହ୍ନ ହେବାକୁ ବସିଥିଲା । ଉତ୍ତର ଭାରତରେ ସାମାନ୍ୟ ପ୍ରତିଷ୍ଠା ଥିବା ରାଜନୀତିଜ୍ଞ ମାନେ ନିଜକୁ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ବୋଲି ଧରି ନେଇ କାର୍ଯ୍ୟ କରନ୍ତି । ପୂର୍ବ ଭାରତରେ ସମାଜବାଦୀ ଶକ୍ତିର ଅଭ୍ୟୁଦୟ ସାଙ୍ଗକୁ ବିଚ୍ଛିନ୍ନତାବାଦୀଙ୍କର କ୍ରମାଗତ ଆନ୍ଦୋଳନ ଅବସ୍ଥାକୁ ଅତି ଜଟିଳ କରିଛି । କେବଳ ପଶ୍ଚିମ ଭାରତରେ କଂଗ୍ରେସ କିଛିଟା ସ୍ୱସ୍ତିରେ ନିଶ୍ୱାସ ମାରିବା ଅବସ୍ଥାରେ ଅଛି ।

ଗତ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ମୋଟ ଭୋଟଦାତାଙ୍କର ଶତକଡ଼ା ୪୭.୫୬ ଭାଗ ସମର୍ଥନ ପାଇ ସରକାର ଗଠନ କରିବାରେ ସମର୍ଥ ହୋଇଥିଲା । ତା ପୂର୍ବ ନିର୍ବାଚନରେ ଅର୍ଥାତ୍ ୧୯୭୭ରେ ସରକାର ଗଠନ କରିଥିବା ଜନତା ଦଳ ମୋଟ ଭୋଟଦାତାଙ୍କର ଶତକଡ଼ା ୪୩ ୦୭ ଭାଗ ଭୋଟ ପାଇଥିଲା ଏବଂ କଂଗ୍ରେସ ପାଇଥିଲା ଶତକଡ଼ା ୩୪ ୬୫ ଭାଗ ଭୋଟ ।

୧୯୮୦ ନିର୍ବାଚନରେ ଜନତା ଦଳ ମାତ୍ର ୧୮ ୯୭ ଭାଗ ଭୋଟ ପାଇଥିବା ବେଳେ ଲୋକ ଦଳ ପାଇଥିଲା ୯.୦୫ ଏବଂ ସି.ପି.ଆଇ ୯.୪୬ ଏବଂ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପାଇଥିଲା ୬.୦୫ ଭାଗ ଭୋଟ ।

ଆଞ୍ଚଳିକ ଦଳ ମାନଙ୍କ ମଧ୍ୟରେ ଏ.ଆଇ.ଡି. ଏମ.କେ ୨.୩୮ ଡି ଏମ କେ ୨.୧୬ ଓ ଅକାଳୀ ୦.୭୨ । ସେହି ନିର୍ବାଚନରେ କଂଗ୍ରେସ ଦଳ ଅନ୍ୟ ସବୁ ଦଳଙ୍କ ମିଳିତ ଭୋଟ ଠାରୁ ଅଧିକ ପାଇଥିଲେ ।

କଂଗ୍ରେସ କ୍ଷମତାସୀନ ହେବା ପରେ ୧୯୮୦ ମସିହାରୁ ଅବଧି ଲୋକସଭା ପାଇଁ ହୋଇଥିବା ମୋଟ ୩୧ଟି ଉପନିର୍ବାଚନରେ କଂଗ୍ରେସ ୧୭ଟି ସ୍ଥାନ ହାସଲ କରିଥିଲା ବେଳେ ଅନ୍ୟାନ୍ୟ ବିରୋଧୀ ଦଳ ମାନେ ୧୪ଟି ହାସଲ କରିବାରେ ସମର୍ଥ ହୋଇଥିଲେ ଅନ୍ୟ ଗୋଟିକରେ ପୁନ ନିର୍ବାଚନ ହେବା ସ୍ଥିର ହୋଇଥିଲା । ଏହି ୧୪ଟି ସ୍ଥାନ ମଧ୍ୟରୁ ମାର୍କ୍ସବାଦୀ କମ୍ୟୁନିଷ୍ଟ ୪, ବିଜେପି-୩, ତେଲୁଗୁ ଦେଶମ-୨, ଡି ଏସ ପି ଜନତା, ସି ପି ଆଇ, ଓ ଜାତୀୟ ସମ୍ମିଳନୀ ଗୋଟିଏ ଲେଖା ପାଇଥିଲେ ।

ଉପ ନିର୍ବାଚନର ଫଳାଫଳକୁ ଦୃଷ୍ଟି ଦେଲେ କ୍ରମଶଃ କଂଗ୍ରେସର ଲୋକପ୍ରିୟତା ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି ବୋଲି କୁହାଯାଇ ପାରେ । ଏହି ଅପ୍ରିୟତାର ଚୂଡ଼ାନ୍ତ ପରିଣତି ଚଳିତ ଲୋକସଭା ନିର୍ବାଚନରେ ପ୍ରତିଫଳିତ ହୋଇଥାନ୍ତା । କିନ୍ତୁ ଶ୍ରୀମତୀ ଗାନ୍ଧୀଙ୍କ ମୃତ୍ୟୁ ଏହି ଅପ୍ରିୟତାକୁ ଅନୁକମ୍ପାରେ ପରିଣତ କରିଦେଲା । ଦେଶର ଘରେ ଘରେ ଟି. ଭି ର ପ୍ରଚଳନ ହୋଇଥିବାରୁ ଏହି ହତ୍ୟାକାଣ୍ଡର ପ୍ରତିକ୍ରିୟା ଓ ପ୍ରଭାବ ଯେପରି ଅନୁଭୂତ ହେଲା ଜାତିର ପିତା ଗାନ୍ଧିଜୀ ବା ପଣ୍ଡିତ ନେହେରୁଙ୍କ ମୃତ୍ୟୁରେ ମଧ୍ୟ ସେପରି ହୋଇ ନଥିଲା । ଏହି ସହାନୁଭୂତିର ପୂର୍ଣ୍ଣ ସୁଯୋଗ ନେବାକୁ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରଠାରୁ ପୂର୍ଣ୍ଣୋଦ୍ୟମରେ ଚେଷ୍ଟା କରିଥିଲେ ଏବଂ ଏଥିରେ ସଫଳ ମଧ୍ୟ ହୋଇଛନ୍ତି ।

କିନ୍ତୁ ନିର୍ବାଚନ ପର୍ଯ୍ୟନ୍ତ ଏହି ଅନୁକମ୍ପାର ଜୁଆର ରହିବାର ଆଦୌ ସମ୍ଭାବନା ନାହିଁ ।

ଖାରବେଳ

ବିରୋଧି ଦଳମାନଙ୍କ ଭିତରେ ଶେଷ ପର୍ଯ୍ୟନ୍ତ ବୁଝାମଣା ହୋଇ ପାରିବ ନାହିଁ ବୋଲି ଧାରଣା ସୃଷ୍ଟି ହେଉଥିବା ବେଳେ ଶ୍ରୀ ରାମାରାଓଙ୍କ ହସ୍ତକ୍ଷେପ ଫଳରେ ସେ ଅବସ୍ଥା କିଛିଟା ସୁଧୁରି ଯାଇଛି । କିନ୍ତୁ କଂଗ୍ରେସ ଦଳ ଭିତରେ ନବୀନଙ୍କ ଆଧିପତ୍ୟ ଯୋଗୁ ପୁରାତନ ମାନେ ବିକ୍ଷୁବ୍ଧ ହେଉଛନ୍ତି ।

ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ରାଜସ୍ଥାନ ଓ ହରିଆନାକୁ ନେଇ ଗଠିତ ହିନ୍ଦୀ ଭାଷାଭାଷୀ ଅଞ୍ଚଳରୁ ମୋଟ ୨୧୪ ଜଣ ଲୋକସଭା ସଦସ୍ୟ ନିର୍ବାଚିତ ହେବେ । ଗତ ନିର୍ବାଚନରେ କଂଗ୍ରେସର ପ୍ରବଳ ହାଓ୍ୱା ସତ୍ତ୍ୱେ ଉତ୍ତର ପ୍ରଦେଶରୁ ୮୫ ସ୍ଥାନରୁ କଂଗ୍ରେସ ୫୧ ପାଇଥିଲା ବିହାରରେ ୫୪ରୁ ୩୦ ପାଇଥିଲା । ମଧ୍ୟ ପ୍ରଦେଶ ୪୦ରୁ ୩୫ ଏବଂ ରାଜସ୍ଥାନରେ ୨୫ରୁ ୧୮ ଓ ହରିଆନାରେ ୧୦ରୁ ୫ଟି ପାଇଥିଲା । କିନ୍ତୁ ଦକ୍ଷିଣ ଭାରତରେ କଂଗ୍ରେସର ଅଖଣ୍ଡ ପ୍ରତିପତ୍ତି ଥିଲା । ସେଥିଯୋଗୁ ଆନ୍ଧ୍ରରେ କଂଗ୍ରେସ ପାଇ ଥିଲା ୪୨ରୁ ୪୧, କର୍ଣ୍ଣାଟକରେ ୨୮ରୁ ୨୭ । କେରଳରେ ୨୦ରୁ ୮, ତାମିଲନାଡୁରେ ୨୦ । ପୂର୍ବ ଭାରତରେ ଓଡ଼ିଶାରେ ୨୧ରୁ ୨୦, ପଶ୍ଚିମ ବଙ୍ଗରେ ୪୨ରୁ ୪ । ତ୍ରିପୁରାରେ ୨ରୁ ୦ ଆସାମରେ ୧୪ଟି ସ୍ଥାନରୁ ୨ଟିରେ ନିର୍ବାଚିତ ହୋଇ ଥିଲା ଏବଂ ଦୁଇଟିଯାକ କଂଗ୍ରେସ ପାଇଥିଲା । ବାକି ରାଜ୍ୟମାନଙ୍କ ମଧ୍ୟରୁ ଗୁଜୁରାଟରେ ୨୬ରୁ ୧୫, ହରିଆନାରେ ୧୦ଟିରୁ ୫; ମହାରାଷ୍ଟ୍ର ୪୮ରୁ ୩୯ ।

ଚଳିତ ନିର୍ବାଚନରେ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ କଂଗ୍ରେସର ସଭ୍ୟ ସଂଖ୍ୟା ଗତଥରରୁ କମିଯିବାର ଯଥେଷ୍ଟ ଆଶଙ୍କା ଅଛି ଏବଂ ଦକ୍ଷିଣ ଭାରତରେ ମଧ୍ୟ ତାହା ଏଥର ବହୁତ କମିଯିବ। ଏ ପରିସ୍ଥିତିରେ ୫୨୫ଟି ସ୍ଥାନ ମଧ୍ୟରୁ ଗତଥର କଂଗ୍ରେସ ଯେପରି ୩୫୦ଟି ସ୍ଥାନ ହାସଲ କରିଥିଲା । ତାହା ନହୋଇ ଏହି ସଂଖ୍ୟା ୨୫୦କୁ ଖସିଗଲେ ମଧ୍ୟ ଏକକ ସଂଖ୍ୟାଗରିଷ୍ଠ ଦଳ ରୂପେ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଗଠନ କରିବ ଏବଂ ରାଜୀବ ପ୍ରଧାନ ମନ୍ତ୍ରୀ ହେବେ । କିନ୍ତୁ ତାପରେ ଏହି ସଂଖ୍ୟାଧିକ୍ୟ ସଭ୍ୟଙ୍କୁ ନେଇ ସେ ସରକାର ଚଳାଇ ପାରିବେ ତ ? ଏହାହିଁ ଅସଲ ପ୍ରଶ୍ନ ।

ଶ୍ରୀମତୀ ଗାନ୍ଧୀଙ୍କ ଜୀବିତାବସ୍ଥାରେ ବିଭିନ୍ନ ପ୍ରଦେଶରେ ଯେଉଁସବୁ ମୁଖ୍ୟମନ୍ତ୍ରୀ ମାନେ ଅଧିକ ଶକ୍ତିଶାଳୀ ହୋଇ ଉଠିବାର ସମ୍ଭାବନା ଥିଲା ସେମାନଙ୍କୁ ଅନ୍ତରା କରାଯାଇ ତାଙ୍କ ସ୍ଥାନରେ କମ ଅଭିଜ୍ଞ ଓ ଦୁର୍ବଳତର ଲୋକଙ୍କୁ ହିଁ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ରୂପେ ଅଧିଷ୍ଠିତ କରାଯାଇଛି । ମହାରାଷ୍ଟ୍ରରେ ଆନ୍ତୁଲେ ଓ ବିହାରରେ ଜଗନ୍ନାଥ ମିଶ୍ର ଏହାର ଉଦାହରଣ । ଏ ଦୁଇ ଜଣ ଯାକ ଚଳିତ ଲୋକସଭା ପାଇଁ କଂଗ୍ରେସ ଟିକେଟ ପାଇ ନାହାନ୍ତି । ତେଣୁ ଏ ଦୁଇ ରାଜ୍ୟରେ ସେମାନେ ନିଜର ପ୍ରତିଦ୍ୱନ୍ଦ୍ୱିତା ପ୍ରକାଶ କରିବା ସ୍ୱାଭାବିକ ।

ଅନ୍ୟ କେତେକ ରାଜ୍ୟରମୁଖ୍ୟମନ୍ତ୍ରୀ ମାନେ ବାହାରକୁ ରାଜୀବ ଗାନ୍ଧୀଙ୍କୁ ସମର୍ଥନ କରୁଥିଲେ ବି ଭିତରେ ଭିତରେ ସେମାନେ ବେଳ ଗଣି ବସିଛନ୍ତି । ଦିଲ୍ଲୀରେ ଅବସ୍ଥାର ସାମାନ୍ୟ ବ୍ୟତିକ୍ରମ ହେଲେ ଭଜନଲାଲଙ୍କ ଭଳି ସଦଳ ବଳେ ସେମାନେ ଖସିଯିବେ ।

ଏହିଭଳି ଧୂର୍ତ୍ତ ମୁଖ୍ୟମନ୍ତ୍ରୀ ମାନେ ବିରୋଧୀ ଦଳଙ୍କୁ ମଧ୍ୟ ଖୁସି କରି ରଖିଛନ୍ତି । କେନ୍ଦ୍ରରେ ବର୍ତ୍ତମାନର ବଡ଼ ନେତା ବୋଲାଉଥିବା ଶ୍ରୀ ନରସିଂହ ରାଓ, ବୁଟା ସିଂହ ଓ ଶିବ ଶଙ୍କର ନିଜ ନିଜ ରାଜ୍ୟରେ ନିର୍ବାଚନ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ଡରୁଛନ୍ତି । ଯଦି ସେମାନେ ଏହି ନିର୍ବାଚନରେ ହାରିଯାନ୍ତି ତେବେ କେନ୍ଦ୍ରରେ ଏକ ରାଜନୈତିକ ଶୂନ୍ୟତା ସୃଷ୍ଟି ହେବ । ଏବଂ ଏହାକୁ ପୂରଣ କରିବା ପାଇଁ ପୂର୍ବତନ ବୈଦେଶିକ ବିଭାଗ ସେକ୍ରେଟେରୀ ଶ୍ରୀ ନରସିଂହରାଓ ଓ ଜି. ପାର୍ଥସାରଥୀଙ୍କ ଭଳି ଲୋକ ମାନେ ଆଗେଇ ଆସିବେ । କିନ୍ତୁ ସେମାନଙ୍କୁ ସାଧାରଣ ଲୋକେ ଗ୍ରହଣ କରିବାର ସମ୍ଭାବନା ନଥିବାରୁ ଅରୁଣ ନେହେରୁ, ଫୋତେଦାର ଓ ଅରୁଣ ସିଂହଙ୍କ ଭଳି ବ୍ୟକ୍ତି ମାନେ ଅବଶେଷରେ କ୍ଷମତା ଶାଳୀ ରାଜନୈତିକ ବ୍ୟକ୍ତିରେ ପରିଣତ ହେବେ ଏବଂ ସେମାନଙ୍କୁ ଶିକାର କରିବା ଚରଣ ସିଂହ, ବହୁଗୁଣା, ଜଗଜ୍ଜୀବନ ରାମ, ବିଜୁ ପଟ୍ଟନାୟକ, ବାଜପେୟୀଙ୍କ ପକ୍ଷେ କଷ୍ଟକର ହେବ ନାହିଁ । ଏହି ପ୍ରବୀଣ ମାନଙ୍କ ଧକ୍କା ରାଜୀବ ପ୍ରତିହତ କଲେ ସଫଳ ହେବେ ଅନ୍ୟଥା ନେତୃତ୍ୱ ହରାଇବେ ।

କଟକ ଶହୀଦ ଭବନ ବନ୍ଧା ପଡ଼ିଛି

କଟକ ନଗରସ୍ଥିତ ଶହୀଦ ଭବନକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବନ୍ଧା ପକାଇ କୌଣସି ଏକ ବ୍ୟାଙ୍କରୁ ୨୫ ଲକ୍ଷ ଟଙ୍କା ଆଣିଥିବା ଖବର ନେବାରେ ଜଣାଯାଇଛି । କଂଟ୍ରାକ୍ଟର ମାନଙ୍କର ପାଉଣା ଦେବା ନିମନ୍ତେ ମୁଖ୍ୟତଃ ଏ ଟଙ୍କା ଆସିଥିଲେ ହେଁ କେବଳ କର୍ମଚାରୀମାନଙ୍କ ଦରମା ଦେବାରେ ତାହା ମଧ୍ୟରୁ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା । ଫଳରେ ଅନ୍ୟ ମାନେ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । □

ରାଜ୍ୟସଭା ସଦସ୍ୟଙ୍କ ଗତିବିଧି ଉପରେ ସ୍ପେଶାଲ ବ୍ରାଞ୍ଚର ଆଖି

(ଭୁବନେଶ୍ୱର ପ୍ରତିନିଧିଙ୍କଠାରୁ)

ଦିଲ୍ଲୀରେ ନିଜର ସରକାରୀ ବାସଭବନକୁ ଶ୍ରୀମତୀ ମେନକା ଗାନ୍ଧୀଙ୍କ ଭାଇଙ୍କୁ ଭଡ଼ାଦେଇ ଥିବା ଓଡ଼ିଶାର ଜଣେ ରାଜ୍ୟସଭା ସଦସ୍ୟଙ୍କ ଗତିବିଧି ଉପରେ ସଂପ୍ରତି ରାଜ୍ୟ ସ୍ପେଶାଲ ବ୍ରାଞ୍ଚ ତୀକ୍ଷ୍ଣ ନଜର ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ଯାଇଛି । କଂଗ୍ରେସର ଜଣେ ଏମ ପି ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସ୍ତ ହୋଇଥିବା ସତ୍ତ୍ୱେ ତାଙ୍କ ଉପରେ କାହିଁକି ନଜର ରଖାଯାଇଛି ସେ ବିଷୟରେ ପଚାରି ହେଲେ କିଏ କିଛି କହୁ ନାହାନ୍ତି ।

କିନ୍ତୁ ଖବର ନେବାରେ ଜଣାଯାଏ କି ଚଣ୍ଡୀଖୋଲଠାରେ ଏକ ହୋଟେଲ ଓ ବାର କରିଥିବା ଶ୍ରୀ ମହେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତି ଶ୍ରୀମତୀ ଗାନ୍ଧୀଙ୍କ ନିହତ ହେବା ପରଠାରୁ ନିଖୋଜ ହୋଇଛନ୍ତି । ସେ ମହାଶୟଙ୍କ ସହାୟତାରେ ଯାଜପୁରରେ ପ୍ରଧାନ ମନ୍ତ୍ରୀଙ୍କ ସଭାରେ କିଛି ଗୋଳମାଳ କରିବା ପାଇଁ ଷଡଯନ୍ତ୍ର ହୋଇଥିଲା । ତାଙ୍କ ଘର ଖାନତଲାସ ଓ ଲୋକଙ୍କୁ ପଚରା ଉଚରା କଲାବେଳେ ଶ୍ରୀ ସିଂହଙ୍କୁ ମଦ ଦୋକାନ ଲାଇସେନ୍‌ସ କରାଇ ଦେବାରେ ଉକ୍ତ ରାଜ୍ୟସଭା ସଦସ୍ୟ ଜୋରଦାର ଚେଷ୍ଟା କରି ଥିଲେ ବୋଲି ଜଣାଯାଇଛି ।

ମେନକା ଗାନ୍ଧୀଙ୍କ ଭାଇଙ୍କୁ ନିଜ ସରକାରୀ ବାସ ଭବନ ଭଡ଼ା ଦେବା ଏବଂ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଏକ ବ୍ୟକ୍ତିଙ୍କ ମଦ ଦୋକାନ କରାଇବାର ଘଟଣା ଯୋଗୁ ସେ ବୋଧ ହୁଏ କୌଣସି ସ୍ତରରେ ସନ୍ଦେହର ବଳୟ ମଧ୍ୟକୁ ଆସିଯାଇଛନ୍ତି ।

ଉକ୍ତ ରାଜ୍ୟସଭା ସଦସ୍ୟଙ୍କର ଥିବା ଏକ ଦୁର୍ବଳତାର ସୁଯୋଗ ନେଇ ତାଙ୍କଠାରୁ ଟଙ୍କା ଆଦାୟ କରିବା ନିମନ୍ତେ ଦୁଇଜଣ ବ୍ୟକ୍ତି ଚେଷ୍ଟା କରିଥିଲେ । କେବଳ ଅର୍ଥଲୋଭରେ ଉକ୍ତ ଏମ ପି ଏହି କାର୍ଯ୍ୟ କରୁଛନ୍ତି କି ଅନ୍ୟ କୌଣସି କାରଣରେ ଛନ୍ଦି ହୋଇଛନ୍ତି ତାହା ଜାଣିବା ପାଇଁ ଏବେ ପୋଲିସ ଉଦ୍ୟମ ଚଳାଇଥିବା ପ୍ରକାଶ । □

Images: Aptakama Mishra, Processing: Srujanika

ଶ୍ରୀମତୀ ଗାନ୍ଧୀ ଘଟଣା ସ୍ଥଳରେ ହିଁ ପ୍ରାଣତ୍ୟାଗ କରିଥିଲେ

ଆଗରୁ ବହୁ ଲୋକ ଜାଣି ମଧ୍ୟ ଏହାର ପ୍ରତିକାର କରି ହେଲା ନାହିଁ

ଅକ୍ଟୋବର ୩୧ ତାରିଖ ଦିନ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀମତି ଗାନ୍ଧୀ ଆତତାୟୀଙ୍କ ଗୁଳିମାଡରେ ଘଟଣା ସ୍ଥଳରେ ପ୍ରାଣ ତ୍ୟାଗ କରିଥିଲେ ବୋଲି ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର ମାନେ ଏବେ ମତ ଦେଇଛନ୍ତି ।

ସେମାନଙ୍କ ମତରେ ଶ୍ରୀମତି ଗାନ୍ଧୀ ଗୁଳିବିଦ୍ଧ ହେବା ପରେ ପରେ ଅର୍ଥାତ୍ ସକାଳ ସାଢ଼େ ୯ଟା ବେଳେ ହିଁ ପ୍ରାଣ-ତ୍ୟାଗ କରିଥିଲେ । ତାଙ୍କୁ ଚିକିତ୍ସାଳୟକୁ ଅଣାଗଲା ବେଳେ ତାଙ୍କର ନାଡ଼ି ଆଦୌ ଚାଲୁ ନଥିଲା କି ନିଶ୍ୱାସ ପଡ଼ୁ ନଥିଲା । କିନ୍ତୁ ତାଙ୍କ ମସ୍ତିଷ୍କ ଓ ହୃଦୟ ସତେଜ ଥିଲା ଏବଂ ଏହି ଉଭୟ ଅଙ୍ଗ ବୈଦ୍ୟୁତିକ ପ୍ରତିକ୍ରିୟା ପ୍ରକାଶ କରୁଥିଲା । ତେଣୁ ସେତେବେଳକୁ ଶ୍ରୀମତି ଗାନ୍ଧୀଙ୍କ କ୍ଲିନି-କାଲ୍ ଡେଥ୍ ହୋଇଯାଇଥିଲେ ମଧ୍ୟ 'ମେଡ଼ିକାଲ୍ ଡେଥ୍' ମଧ୍ୟାହ୍ନ ସାଢ଼େ ୨ଟାରେ ହେଲା । ଏହି ସମୟ ଭିତରେ ଡାକ୍ତର ମାନେ ତାଙ୍କ ଶରୀରରେ ଥିବା ଗୁଳିସବୁ ବାହାର କରୁଥିଲେ ଏବଂ ତାଙ୍କ ଦେହରେ କୃତ୍ରିମ ଉପାୟରେ ହୃତପିଣ୍ଡ ସଞ୍ଚାଳନ ଆଦି କରାଇବାର ବ୍ୟବସ୍ଥା ହୋଇଥିଲା ।

ଗୁଳିମାଡ଼ରେ ଶ୍ରୀମତି ଗାନ୍ଧୀଙ୍କ କଲିଜା ଏବଂ ଅଙ୍ଗର ବହୁ ଗୁରୁତ୍ୱ-ପୂର୍ଣ୍ଣ ଅବୟବ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇ ଯାଇଥିଲା ଏବଂ କେତେକ ଶିରା ଓ ଧମନୀ ମଧ୍ୟ ଛିଣ୍ଡି ଯାଇଥିଲା । ଅଜସ୍ର ରକ୍ତସ୍ରାବ ଓ 'ସକ୍' ଯୋଗୁ ଶ୍ରୀମତି ଗାନ୍ଧୀଙ୍କର ମୃତ୍ୟୁ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ତେବେ ଶ୍ରୀମତି ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ହୋଇଛି ବୋଲି ବହୁ ଲୋକ ବହୁପୂର୍ବରୁ ସୂଚନା ପାଇ-ଥିଲେ ମଧ୍ୟ ତାହାର କିଛି ପ୍ରତିକାର ହୋଇ ପାରି ନଥିଲା ।

ବଙ୍ଗବନ୍ଧୁ ଶେଖ୍ ମୁଜିବ୍‌ଙ୍କୁ ହତ୍ୟା କରାଯିବ ବୋଲି ରୁଷର ଗୋଇନ୍ଦା ସଂସ୍ଥା କେ-ଜି-ବି ଆଗରୁ ଜାଣି ମଧ୍ୟ ତାହାର ପ୍ରତିକାର କରିପାରି ନଥିଲା । ସେହିଭଳି ଶ୍ରୀମତି ଗାନ୍ଧୀଙ୍କୁ ମଧ୍ୟ ହତ୍ୟା କରାଯିବ ବୋଲି କେ-ଜି-ବି ଆଗରୁ ଜାଣିଥିଲା ଏବଂ ଘଟଣା ଦିନ ସକାଳ ୯ଟାରେ ରୁଷ ପ୍ରତିରକ୍ଷା ମନ୍ତ୍ରୀ ମସ୍କୋ ଯାଇଥିବା ଆମ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିରାପତ୍ତା ବିଷୟ କହୁଥିବା ବେଳେ ଗୁଳି କାଣ୍ଡର ଖବର ପହଞ୍ଚିଲା ।

ପଞ୍ଜାବରୁ ଶ୍ରୀ ବୁଟା ସିଂହ ଏ ବିଷ-ୟରେ 'ର'ର ମୁଖ୍ୟ ଶ୍ରୀ କାଓଙ୍କୁ ଷଡ଼ଯନ୍ତ୍ର ବିଷୟ ଜଣାଇ ଥିଲେ । ସେ ଏବେ ବିଦାୟ ନେଇଛନ୍ତି । କିନ୍ତୁ ସେ 'ର'ର ମୁଖ୍ୟଙ୍କୁ ତାହା ଜଣାଇବା ପରିବର୍ତ୍ତେ ପ୍ରଶାସନିକ ସଙ୍ଗତି ଦୃଷ୍ଟିକୋଣ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଏହା କାହିଁକି ଜଣାଇ ନଥିଲେ ତାହା ଏବେ ବି ରହସ୍ୟାବୃତ୍ତ ହୋଇ ରହିଛି ।

ଏହାଛଡ଼ା ପ୍ରଧାନମନ୍ତ୍ରୀଙ୍କ ନିରାପତ୍ତା କାମରେ ନିଯୁକ୍ତ ବ୍ୟକ୍ତିମାନଙ୍କ ଅତୀତ ଇତିହାସ ସଙ୍କଳନ କରିବାରେ ଯେଉଁ ସବୁ ତ୍ରୁଟି ରହିଯାଇଥିଲା ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଏ ପର୍ଯ୍ୟନ୍ତ ଅବଶ୍ୟ କାହାକୁ ଦାୟୀ କରାଯାଇ ନାହିଁ ଏବଂ ଏଥିପାଇଁ ନିଯୁକ୍ତ ହୋଇଥିବା କମିଶନ୍ ତାଙ୍କର ତଦନ୍ତ ଶେଷ କଲା ପରେ ସବୁ କଥା ଲୋକ ଲୋଚନକୁ ଆସିବ ।

କିନ୍ତୁ ଏ ଯେଉଁ ନାରକୀୟ ହତ୍ୟା-କାଣ୍ଡ ହେଲା ତାହା କେବଳ ହତ୍ୟାକାରୀ ଦ୍ୱୟଙ୍କର ଯୋଜନା କି ଏହା ପଛରେ ଭାରତୀୟ ଉପମହାଦେଶରେ ଅସ୍ଥିରତା ସୃଷ୍ଟି କରିବାର ଏକ ବୃହତ୍ତର ଷଡ଼ଯନ୍ତ୍ରର ଏକ ଅଂଶ ତାହା ଏବେ ବି ଅଜ୍ଞାତ ।

ଅନ୍ୟ କେତେକ ପ୍ରଶ୍ନ ମଧ୍ୟ ସାଧା-ରଣ ଲୋକଙ୍କ ମନରେ ଉଦିତ ହେଉଛି (୧) ପ୍ରଥମ ଆତତାୟୀ ଗୁଳିଚାଳନା କରିବାର ୫୦ ସେକେଣ୍ଡ ପରେ ଅନ୍ୟ ଆତତାୟୀ ଷ୍ଟେନ୍‌ଗନରୁ ଗୁଳି ଚଳାଇଲା ଏହି ୫୦ ସେକେଣ୍ଡ କାଳ ଅନ୍ୟାନ୍ୟ ନିରାପତ୍ତା ରକ୍ଷୀ ମାନେ କାହିଁକି ପ୍ରଧାନ ମନ୍ତ୍ରୀଙ୍କ ପାଖକୁ ଧାଇଁ ଆସି ନ ଥିଲେ ? (୨) ପ୍ରଧାନମନ୍ତ୍ରୀଙ୍କ ନିରାପତ୍ତା ରକ୍ଷା ବ୍ୟବସ୍ଥା ଅନୁଯାୟୀ ତାଙ୍କ ପାଖେ ପାଖେ ସର୍ବଦା ୬ଜଣ ଗାର୍ଡ଼ ରହିବା କଥା । ସେମାନେ ଏଭଳି ଏକ ଆକସ୍ମିକ ଘଟଣା ବେଳେ ପ୍ରଧାନମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ରୂପେ ଘେରିଯିବା କଥା ସେ କଥା କାହିଁକି ହେଲା ନାହିଁ । ଆମେରିକାର ରାଷ୍ଟ୍ରପତି ରେଗାନ୍‌ଙ୍କୁ ଗୁଳି ହେବା ପରେ ତାଙ୍କୁ ଦେହରକ୍ଷୀମାନେ ଘେରି ଯିବାରୁ ସେ ବଞ୍ଚି ଗଲେ । (୩) ବେନ୍ତ ସିଂହ ଓ ସତ୍ୱନ୍ତ ସିଂହଙ୍କୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ରଖାଗଲା ବେଳେ ସେମାନଙ୍କ ଗତିବିଧି ଭଲ ଭାବେ ଅନ୍ୟ କେହି ଯାଞ୍ଚ କରୁଥିଲେ କି ନାହିଁ ସେମାନେ କଣ ସବୁ ନିଜ ଭିତରେ କଥା ହେଉଛନ୍ତି ସେ ବିଷୟରେ ତଦାରଖ କରାଯାଉଥିଲା କି ? (୪) ଦିଲ୍ଲୀ ସେକେଣ୍ଡ ବାଟାଲିଅନ୍‌ର ଜଣେ ଅଣଗେଜେଟେଡ୍ ଅଫିସର ତାଙ୍କ ରିପୋର୍ଟରେ ସତ୍ୱନ୍ତ ସିଂହ ପ୍ରଧାନମନ୍ତ୍ରୀଙ୍କ ଦେହରକ୍ଷୀ ରୂପେ କାର୍ଯ୍ୟ କରିବାକୁ ଅକ୍ଷମ ବୋଲି ଦର୍ଶାଇ ଥିଲେ କି ? ଏ ସବୁ ପ୍ରଶ୍ନର ଉତ୍ତର ମିଳିଲେ ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ।

କିନ୍ତୁ ଜଣେ ହତ୍ୟାକାରୀ ମୃତ । ଅନ୍ୟ ଜଣଙ୍କଠାରୁ କଥା ଆଦାୟ କରିବା କଷ୍ଟକର ହେଉଛି । କାରଣ ବାଉଳା ଚାଉଳା କଥା କହି ତଦନ୍ତକାରୀଙ୍କୁ ବିଭ୍ରାନ୍ତ କରିବାରେ ସେ ଓସ୍ତାଦ୍ । ତଥାପି ଯେତିକି ଜଣାପଡ଼ିଲାଣି ସେଥିରୁ ଶ୍ରୀମତି ଗାନ୍ଧୀଙ୍କୁ ମାରିଦେବା ପାଇଁ ଏକା-ଧିକବାର ଉଦ୍ୟମ ଆଗରୁ ହୋଇଥିଲା ଏବଂ ଓଡ଼ିଶାର ଯାଜପୁର ସଭାରେ ମଧ୍ୟ ହତ୍ୟାକାରୀଙ୍କ ଅନ୍ୟ ଏକ ଦଳ ସକ୍ରିୟ ଥିଲେ ବୋଲି ସୂଚନା ମିଳୁଛି । □

Images: Aptakama Mishra, Processing: Srujanika

ଅରୁଣ ବର୍ଗଙ୍କ ଇତିବୃତ୍ତ

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଭାରତୀୟ ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ଶ୍ରୀ ଅରୁଣ ନେହେରୁ ଓ ଶ୍ରୀ ଅରୁଣ ସିଂହ ନାମକ ଯୁବକଦ୍ୱୟ ଅତି ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବ୍ୟକ୍ତି ରୂପେ ସପ୍ରତିଷ୍ଠ ଆତ୍ମପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କ ପରେ ଏ ଦୁଇଜଣ ବୋଧହୁଏ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି। କେନ୍ଦ୍ର କ୍ୟାବିନେଟ୍‌ର ଅତି ପୁରୁଣା ତଥା ଅଭିଜ୍ଞ ମନ୍ତ୍ରୀମାନେ ମଧ୍ୟ ଏବେ ଏ ଅରୁଣ ବର୍ଗଙ୍କ ପ୍ରଭାବ ନିକଟରେ ମ୍ଳାନ ହୋଇ ପଡ଼ିଛନ୍ତି। ଏ ଦୁଇଜଣଙ୍କ କାର୍ଯ୍ୟରେ ଦଳର ସବୁ ପୁରୁଣା ଲୋକେ କ୍ଷୁବ୍ଧ ହେଲେ ବି ନିଜ ମନୋଭାବ ବ୍ୟକ୍ତ କରିବାରେ ସାହାସ କାହାର ନାହିଁ। ଭାରତୀୟ ରାଜନୀତିର ଏହାହିଁ ବିଚିତ୍ର ଗତି।

ଏବେ ଶ୍ରୀ ଅରୁଣ ନେହେରୁ ଏ ଆଇ ସି ସିର ଅନ୍ୟତମ ସାଧାରଣ ସମ୍ପାଦକ ଯଦିଓ ମୂଳରୁ ସେ କଂଗ୍ରେସ ସହ କୌଣସି କ୍ଷେତ୍ରରେ ସମ୍ପୃକ୍ତ ନଥିଲେ। ସେହିଭଳି ଅରୁଣ ସିଂହ ଏବେ କଂଗ୍ରେସ ଦଳର ପାର୍ଲାମେଣ୍ଟାରୀ ସେକ୍ରେଟାରୀ; ତାଙ୍କର ମଧ୍ୟ କୌଣସି ରାଜନୈତିକ ଅଭିଜ୍ଞତା ନାହିଁ। ଏ ଉଭୟଙ୍କ ନିଯୁକ୍ତି କଂଗ୍ରେସ ଦଳର ମରଣ ଘଣ୍ଟି ବୋଲି କେତେକ ପୁରୁଣା ନେତା ଯାହା ନିଜ ଭିତରେ ହିଁ ଆଲୋଚନା କରୁଛନ୍ତି।

ଏ ଦୁଇ ଅରୁଣ ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଦୁଇଟି ବଡ଼ ବଡ଼ କମ୍ପାନୀର ଏକଜିକ୍ୟୁଟିଭ ରୂପେ ଉଚ୍ଚ ଦରମା ହାରରେ ଚାକିରି କରୁଥିଲେ ଏବଂ ନିଜ ନିଜ କ୍ଷେତ୍ରରେ ସେମାନେ ଅବଶ୍ୟ ସଫଳ ହୋଇଥିଲେ। କିନ୍ତୁ ହଠାତ୍ ବଡ଼ ଚାକିରିରୁ ରାଜନୀତିକୁ ଡିଆଁ ମାରିଥିବା ଏହି ବ୍ୟକ୍ତିଦ୍ୱୟଙ୍କ ପରାମର୍ଶ ତଥା ଦୂରଦୃଷ୍ଟି ଉପରେ କଂଗ୍ରେସ ଦଳର ସ୍ଥାୟିତ୍ୱ ନିର୍ଭର କରେ ବୋଲି ବର୍ତ୍ତମାନ ନିଃସନ୍ଦେହରେ କୁହାଯାଇପାରେ।

୧୯୪୪ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ଉଭୟ ବ୍ୟକ୍ତିଙ୍କ ମଧ୍ୟରୁ ଶ୍ରୀ ନେହେରୁ ହେଉଛନ୍ତି ଶ୍ରୀ ମୋତିଲାଲ ନେହେରୁଙ୍କ ଭାଇ ଶ୍ରୀ ନନ୍ଦଲାଲ ନେହେରୁଙ୍କ ଅଣନାତି ଏବଂ ତାଙ୍କ ସହଧର୍ମିଣୀ ଶ୍ରୀମତୀ ଶୀଲା କାଉଲଙ୍କ [illegible]। ଜନସନ୍ ନିକଲସନ୍ କମ୍ପାନୀର ସଭାପତି ପଦକୁ ଉନ୍ନୀତ ହେବା ପରେ ୧୯୭୦ ମସିହାରେ ସେ ଦିଲ୍ଲୀକୁ ଧାଁ ଧଉଡ଼ କରି ରାଜନୀତି ପ୍ରତି ଆଗ୍ରହ ପ୍ରକାଶ କଲେ ଏବଂ ସେତେବେଳେ ଶ୍ରୀ ସଞ୍ଜୟ ଗାନ୍ଧୀଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠିତ ହେବାରୁ ଶ୍ରୀମତୀ ଗାନ୍ଧୀଙ୍କ ଲୋକସଭା ସ୍ଥାନ ରାଏବରେଲିରୁ ତାଙ୍କୁ ଶେଷରେ ପ୍ରାର୍ଥୀ କରାଗଲା ଏବଂ ୧୯୮୦ ଏପ୍ରିଲ ମାସରେ ସେ ସେଠାରୁ ନିର୍ବାଚିତ ହେଲେ। କିନ୍ତୁ ସଞ୍ଜୟଙ୍କ ଜୀବିତାବସ୍ଥାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୌଣ ଥିଲା। ଜୁନ୍ ମାସରେ ସଞ୍ଜୟଙ୍କ ମୃତ୍ୟୁ ପରେ ରାଜୀବଙ୍କ ରାଜନୀତିରେ ପ୍ରବେଶ ତାଙ୍କୁ ଅତି ପ୍ରଭାବଶାଳୀ ବ୍ୟକ୍ତିରେ ପରିଣତ କଲା।

ଜନସନ ନିକଲସନ୍ କମ୍ପାନୀର ପୂର୍ବତନ କର୍ମଚାରୀ ଶ୍ରୀ ଅରୁଣ ନେହେରୁ ଓ ଡେଟଲ ତିଆରି କରୁଥିବା କମ୍ପାନୀର ଏକଦା ଉଚ୍ଚ ବେତନ ଭୋଗୀ କର୍ମଚାରୀ ଥିବା ଶ୍ରୀ ଅରୁଣ ସିଂହ ଏବେ ନୂତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ବିବେକ ରକ୍ଷକ ରୂପେ କାର୍ଯ୍ୟ କରୁଛନ୍ତି। ସେ ଦୁଇଜଣଙ୍କ ଅଦୂରଦର୍ଶିତା ଯୋଗୁଁ ଆନ୍ଧ୍ର, କର୍ଣ୍ଣାଟକରେ କଂଗ୍ରେସ ଅପଦସ୍ତ ହୋଇଥିଲା ଓ ଉତ୍ତର ପ୍ରଦେଶରେ କଂଗ୍ରେସ ଲୋକେ ଉତ୍କ୍ଷିପ୍ତ ହୋଇ ଉଠିଥିଲେ। କିନ୍ତୁ ଶ୍ରୀମତୀ ଗାନ୍ଧୀଙ୍କ ଉପସ୍ଥିତି ଓ ହସ୍ତକ୍ଷେପ ଫଳରେ ସେ ଅବସ୍ଥାକୁ ପ୍ରତିହତ କରାଯାଇ ପାରିଥିଲା। ଏବେ ଶ୍ରୀମତୀ ଗାନ୍ଧୀଙ୍କ ତିରୋଧାନ ପରେ ସେହି ଅରୁଣବର୍ଗଙ୍କ ହାତରେ ଦେଶର ଭାଗ୍ୟଡୋରି ରହିଛି। ସେମାନେ ଦେଶକୁ ଠିକ୍ ବାଟରେ ନେବେ କି ରସାତଳଗାମୀ କରାଇବେ ତାହା ହେଉଛି ଅସଲ ପ୍ରଶ୍ନ। ଯାହାର ଉତ୍ତର କେବଳ ଭବିଷ୍ୟତ ଦେବ।

ସେହିଭଳି ଶ୍ରୀ ଅରୁଣ ସିଂହ ୧୯୮୧ ମସିହାରେ ରେକିଟ ଏବଂ କୋଲମ୍ୟାନ କମ୍ପାନୀରେ (ଡେଟଲ ଓ ଚେରି ବ୍ଲସମର ନିର୍ମାତା) ଉଚ୍ଚବେତନ ଶ୍ରେଣୀ ମ୍ୟାନେଜର ରୂପେ କାମ କରୁଥିଲେ। ନିଜର ପୂର୍ବତନ ଡୁନ୍ସ୍କୁଲ ବନ୍ଧୁ ରାଜୀବ ଓ ଅରୁଣ ନେହେରୁଙ୍କ ପାଖକୁ ଆସି ହଠାତ୍ ରାଜନୀତିରେ ଆଗ୍ରହାନ୍ୱିତ ହୋଇ ପଡ଼ିଲେ ଏବଂ ତାଙ୍କୁ ମଧ୍ୟ ରାଜନୀତିରେ ସହଜ ଏକ ଭଲ କାମ ମିଳିଗଲା। ଶ୍ରୀ ଚରଣ ସିଂହଙ୍କ କିଷାନ୍ ରାଲିରେ ଉତ୍ତର ଦେବା ନିମନ୍ତେ କଂଗ୍ରେସ ପକ୍ଷରୁ ହୋଇଥିବା ଅନ୍ୟ ଏକ କିଷାନ୍ ରାଲି ଆୟୋଜନ କରିବାର ଦାୟିତ୍ୱ ତାଙ୍କୁ ଦିଆଗଲା ଏବଂ ସେ ରାଲି ବିଶେଷ ସଫଳ ହୋଇନଥିଲେ ମଧ୍ୟ ରାଜନୀତିରେ ଏହା ତାଙ୍କୁ ସଫଳତାର ପ୍ରଥମ ପାହାଚରେ ଅବସ୍ଥାପିତ କଲା

ପରେ ପରେ ଏସୀୟ କ୍ରୀଡ଼ାର ସଫଳତା ଅରୁଣ ନେହେରୁ, ଅରୁଣ ସିଂହ ଓ ରାଜୀବ ଗାନ୍ଧୀଙ୍କୁ ଅଧିକ ଘନିଷ୍ଠ ଭାବେ ସମ୍ପୃକ୍ତ କଲା।

କିନ୍ତୁ ଏହାପରେ ଦେଶର ରାଜନୈତିକ କ୍ଷେତ୍ରରେ ଶ୍ରୀମତୀ ଗାନ୍ଧୀଙ୍କ ଜୀବିତାବସ୍ଥାରେ ସେମାନେ ଯାହାସବୁ ନିଷ୍ପତ୍ତି ନେଇଥିଲେ ତାହା ଗୁରୁତର ବିଭ୍ରାଟ ସୃଷ୍ଟି କରିଥିଲା ଏବଂ ସେହି ତ୍ରୁଟିକୁ ସୁଧାରିବା ପାଇଁ ଶ୍ରୀମତୀ ଗାନ୍ଧୀଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା।

ଉତ୍ତର ପ୍ରଦେଶରେ ଶ୍ରୀପତି ମିଶ୍ରଙ୍କ ନାମରେ ଶ୍ରୀ ଅରୁଣ ନେହେରୁଙ୍କ ଶାସନ [illegible] ଚାଲିବା ପରେ ସେଠାର ବହୁ ତରୁଣ ନେତା ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଅବଜ୍ଞା କରି ସେଠାକାର ପରିସ୍ଥିତି ଓ ଶ୍ରୀ ନେହେରୁଙ୍କ ଔଦ୍ଧତ୍ୟ ବିଷୟରେ ଶ୍ରୀମତୀ ଗାନ୍ଧୀଙ୍କୁ ଜଣାଇବାରୁ ସେଠାରେ ଶ୍ରୀମତୀ ଗାନ୍ଧୀ ହସ୍ତକ୍ଷେପ କରି ଅବଶେଷରେ ମୁଖ୍ୟମନ୍ତ୍ରୀ ଓ ପି ସି ସି ସଭାପତି ରୂପେ ଦୁଇଜଣ ଟାଣୁଆ ନେତାଙ୍କୁ ପଠାଇ ଅବସ୍ଥା ସମ୍ଭାଳିଲେ।

ଏହା ପୂର୍ବରୁ ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସମସ୍ତ ଆଧୁନିକ ବିଜ୍ଞାନର ପ୍ରୟୋଗ କରି କଂଗ୍ରେସର ବିପୁଳ ବିଜୟ ହେବ ବୋଲି ଭାବି ନାହିଁରେ ତେଲ ମାରି ଶୋଇଥିବା ଅରୁଣ ବର୍ଗ ଯେତେବେଳେ ଫଳାଫଳ ଦେଖିଲେ ସେମାନଙ୍କ ରାଜନୈତିକ ଜୀବନର ଯବନିକା ପତନ ହେଲା ବୋଲି ଧରିନେଇ ଥିଲେ। ମାତ୍ର ପିଲାମାନଙ୍କ ଏହା ଏକ ତ୍ରୁଟି ବୋଲି ଭାବି ଶ୍ରୀମତୀ ଗାନ୍ଧୀ ସେମାନଙ୍କୁ ପୁଣି ପ୍ରଶ୍ରୟ ଦେଲେ। ତଥାପି ତାଙ୍କର ସେତେବେଳେ ଚୈତନ୍ୟ ଉଦୟ ହେଲା ନାହିଁ। ଏହାର କିଛି କାଳପରେ ୧୯୮୩ ମସିହାରେ ଆନ୍ଧ୍ରରେ ସେମାନେ ପୁଣି ଏକ ମାରାତ୍ମକ ଭୁଲ କଲେ ଯାହା ଫଳରେ ସମଗ୍ର ଦେଶରେ କଂଗ୍ରେସର ସ୍ଥିତି ଏକ ପ୍ରକାର ଦୋହଲି ଯାଇଥିଲା। ଅବଶେଷରେ ଶ୍ରୀ ରାମାରାଓଙ୍କୁ କ୍ଷମତାସୀନ କରିବାକୁ କଂଗ୍ରେସ ଏକ ପ୍ରକାର ବାଧ୍ୟ ହୋଇଥିଲା।

ତେବେ ଆସନ୍ତା ଲୋକସଭା ନିର୍ବାଚନରେ ଏହି ଦୁଇଜଣ ଅର୍ବାଚୀନ ରାଜନୀତିଜ୍ଞଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। କିନ୍ତୁ ତାହା କାହା ନିମନ୍ତରେ ? ତାହା ହେଉଛି ଅସଲ ପ୍ରଶ୍ନ। □

Images: Aptakama Mishra, Processing: Srujanika

ଶ୍ରଦ୍ଧାଞ୍ଜଳୀ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆତତାୟୀର ଗୁଳିରେ ନିହତ ହେବା ପରେ ସମଗ୍ର ବିଶ୍ୱବାସୀଙ୍କ ପକ୍ଷରୁ ତାଙ୍କ ପ୍ରତି ଯେଉଁଭଳି ଭାବେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା ତାହା ତାଙ୍କର ଶ୍ରେଷ୍ଠତ୍ୱର ପରିଚୟ ଦିଏ । ଜଣେ ବିଚକ୍ଷଣ ରାଷ୍ଟ୍ରନାୟକ, ଦୂରଦର୍ଶୀ ଓ ଦୃଢ଼ମନା ରାଜନୀତିଜ୍ଞ ରୂପେ ବହୁକାଳ ଧରି ସେ ଭାରତୀୟ ଜନତାର ସ୍ମରଣୀୟ ହୋଇ ରହିବେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭଳି ଶ୍ରୀମତୀ ଗାନ୍ଧୀ ମଧ୍ୟ ଦେଶ ଓ ଜାତି ପାଇଁ କେତେକ ଧର୍ମାନ୍ଧ ବାତୁଳଙ୍କର ଗୁଳିର ଶୀକାର ହେଲେ । କିନ୍ତୁ ଏହି ମୃତ୍ୟୁ ହିଁ ତାଙ୍କୁ ଅମର କରି ରଖିଛି ।

ରାଜନୀତି, ପ୍ରଶାସନ ଓ କୂଟନୀତି ଛଡ଼ା ସାହିତ୍ୟ, କଳା ପ୍ରତି ତାଙ୍କର ମଧ୍ୟ ଅନୁରାଗ ଥିଲା । ରାଜନୈତିକ ପ୍ରତିଭା ଆଗରେ ତାଙ୍କର ସାହିତ୍ୟିକ ପ୍ରତିଭା ମ୍ଳାନ ପଡ଼ିଯାଇ ଥିଲେ ମଧ୍ୟ ଏ କ୍ଷେତ୍ରରେ ତାଙ୍କର କୃତୀ ଉଲ୍ଲେଖ ଯୋଗ୍ୟ ।

ସାହିତ୍ୟିକ କୃତୀ

ସାହିତ୍ୟ କ୍ଷେତ୍ରରେ ଶ୍ରୀମତୀ ଗାନ୍ଧୀଙ୍କ ଅବଦାନ ମଧ୍ୟ କମ ନୁହେଁ । ସେ ଇଂରେଜୀ ଭାଷାରେ ୟିଅରସ ଅଫ ଚାଲେଞ୍ଜ (୧୯୬୬–୬୯) ୟିଅର୍ସ ଅଫ ଏଣ୍ଡିଓଭାର (୧୯୬୯-୭୨), ଇଣ୍ଡିଆ (୧୯୭୫), ଇଂଟରନାଲ ଇଣ୍ଡିଆ (୧୯୮୦), ମାଇଁ ଟ୍ରୁଥ (୧୯୮୨), ପିପୁଲସ ଏବଂ ପ୍ରୋବ୍ଲେମସ (୧୯୮୨), ଫରାସୀ ଭାଷାରେ ଇଣ୍ଡେ (୧୯୭୮), ଏବଂ 'ମା ଭେରାଇଟ' (୧୯୮୦) ରଚନା କରିଥିଲେ ।

ଆନ୍ତର୍ଜାତିକ ବୁଝାମଣା ଓ ସଦଭାବ ପ୍ରତିଷ୍ଠା ପାଇଁ ସେ ଥିଲେ ବିଶ୍ୱର ଜଣେ ନମସ୍ୟ ମହିଳା । ଆନ୍ତର୍ଜାତିକ ବୁଝାମଣା କ୍ଷେତ୍ରରେ ଓ ଭାରତର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ଅବଦାନ ନିମନ୍ତେ ସେ ୧୯୭୨ ମସିହାରେ ଭାରତ ରତ୍ନ ଉପାଧୀରେ ଭୂଷିତ ହୋଇ ଥିଲେ । ସେ ବଙ୍ଗଳା ଦେଶରେ ମୁକ୍ତି ନିମନ୍ତେ ମେକ୍ସିକାନ ଏକାଡ଼େମୀ ପୁରସ୍କାର, ବିଶ୍ୱ କୃଷି ଓ ଖାଦ୍ୟ ସଂଗଠନର ଦ୍ୱିତୀୟ ବାର୍ଷିକ ପଦକ, ନାଗରୀ ପ୍ରଚାରିଣୀ ସଭା ପକ୍ଷରୁ ହିନ୍ଦ ସାହିତ୍ୟ ବାଚସ୍ପତି ପଦ, ଯୁକ୍ତରାଷ୍ଟ୍ର ଆମେରିକାର ମଦର ଏୱାର୍ଡ଼ ପାଇଥିଲେ । ରାଷ୍ଟ୍ରନୀତିରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ

ସେ ଇଟାଲୀର ଇସାବେଲା ପୁରସ୍କାର ପାଇଥିଲେ । ଶ୍ରୀମତୀ ଗାନ୍ଧୀ ୧୯୬୭ ଓ ୧୯୬୮ ମସିହାରେ ଲଗାଲଗ ଦୁଇ ବର୍ଷ ଆମେରିକାର ୟେଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ହାଓଲାଣ୍ଡ ସ୍ମୃତି ପୁରସ୍କାର ପାଇ ଥିଲେ । ୧୯୭୨ ମସିହାରେ ଫରାସୀ ଜନମତ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଏକ ନିର୍ବାଚନ ସମୀକ୍ଷାରୁ ଜଣାଯାଇଥିଲା ଯେ ଫ୍ରାନସ ଦେଶବାସୀ ତାଙ୍କୁ ପୃଥିବୀର ସର୍ବଶ୍ରେଷ୍ଠ ମହିଳା ରୂପେ ସମ୍ମାନିତ କରିଥିଲେ । ଆମେରିକାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ନିର୍ବାଚନ ସମୀକ୍ଷାରୁ ଶ୍ରୀମତୀ ଗାନ୍ଧୀ ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନିତ ବ୍ୟକ୍ତି ରୂପେ ବିବେଚିତ ହୋଇ ଥିଲେ । ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ୧୯୭୧ ମସିହାରେ ଆର୍ଜେଣ୍ଟିନା ସୋସାଇଟି ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇ ଥିଲା ଏବଂ ନେଦରଲାଣ୍ଡର ରାଜକୁମାର ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି ପକ୍ଷରୁ ଗୋଲ୍ଡେନ ଆର୍କ ଉପାଧି ପ୍ରଦାନ କରିଥିଲେ । ୧୯୮୨ ମସିହାରେ ତାଙ୍କୁ ପ୍ରାଚ୍ୟ-ପାଶ୍ଚାତ୍ୟ ବୁଝାମଣା ପାଇଁ ୟୁ-ଥାଣ୍ଟ ପୁରସ୍କାର ଦିଆଯାଇଥିଲା ଏବଂ ଆମେରିକାର ଜନସଂଖ୍ୟା ପରିଷଦ ପକ୍ଷରୁ ବିଶିଷ୍ଟ ସଂସଦୀୟ ପୁରସ୍କାର ଦିଆଯାଇଥିଲା ।

କିନ୍ତୁ ସର୍ବୋପରି ସେ ଥିଲେ ସର୍ବଂସହା ଜନନୀ । ଯେଉଁ ମାତୃଭୂମିର ଅଖଣ୍ଡତା ପାଇଁ ସେ ପ୍ରାଣବଳୀ ଦେଲେ ତାହା ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । □

Images: Aptakama Mishra, Processing: Srujanika

ମଦର୍ ଟେରେସାଙ୍କ ସହ ଆଲୋଚନାରତ

ରାଜ୍ୟଗୋଷ୍ଠୀର ରାଷ୍ଟ୍ରମୁଖ୍ୟ ମାନଙ୍କ ଗହଣରେ

Images: Aptakama Mishra, Processing: Srujanika

ସୁଇଜରଲାଣ୍ଡସ୍ଥିତ ନିଜର ପୁରାତନ **ବିଦ୍ୟାଳୟରେ-୧୯୮୧ ମେ ୭**

Images: Aptakama Mishra, Processing: Srujanika



ବ୍ରିଟିଶ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଥାଚର୍‌ଙ୍କ ଅଶ୍ରୁତର୍ପଣ

"ଏଶିଆଡ" ମଶାଲ

Images: Aptakama Mishra, Processing: Srujanika



ମାର୍ଶାଲ୍ ଟିଟୋ ଓ ଇଥୋପିଆର ସମ୍ରାଟ ହେଲ୍‌ସେଲେସିଙ୍କ ସହିତରେ

"ମୁଁ ବୋଧହୁଏ ପୂର୍ବଜନ୍ମରେ
ଆଦିବାସୀ ପରିବାରରେ ଜନ୍ମ ହୋଇଥିଲି"

Images: Aptakama Mishra, Processing: Srujanika

ବିଜୟାନନ୍ଦ ବନାମ୍ ଜାନକୀ ବଲ୍ଲଭ ଯୁଦ୍ଧରେ ପରିଣତ

ଲୋକଙ୍କ ଅନୁକମ୍ପା ସତ୍ତ୍ୱେ କଂଗ୍ରେସ ୧୪ ଟିରୁ ଅଧିକ ସ୍ଥାନ ପାଇବାର ସମ୍ଭାବନା ନାହିଁ

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ପରେ ଓଡ଼ିଶାରେ ଶ୍ରୀ ବିଜୁ ପଟ୍ଟନାୟକ ଓ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ । ଏହି ନିର୍ବାଚନ ଯୁଦ୍ଧ ପାଇଁ ଉଭୟ ପଟ୍ଟନାୟକ ଅପୂର୍ବ ରଣସଜ୍ଜା ଆରମ୍ଭ କରିଦେଇଛନ୍ତି । ଉଭୟେ ଅଭିଜ୍ଞ ଓ ଉତ୍ଥାନ ପତନ ଭିତରେ ରାଜନୈତିକ ଜୀବନ ଅତିବାହିତ କରିଛନ୍ତି । ଶ୍ରୀମତୀ ଗାନ୍ଧୀଙ୍କ ଜୀବିତାବସ୍ଥାରେ ଏ ଯୁଦ୍ଧ ବିଜୁ ବାବୁ ଓ ଇନ୍ଦିରାଙ୍କ ମଧ୍ୟରେ ହୋଇଥାନ୍ତା ଓ ଜାନକୀ ବାବୁ ପଛରେ ରହି ଯାଇଥାନ୍ତେ ।

କିନ୍ତୁ ଜନତା ଦଳରେ ଶ୍ରୀ ରାମଚନ୍ଦ୍ର ରଥଙ୍କର ଯୋଗଦାନ ଓଡ଼ିଶାରେ ରାଜନୈତିକ ଭାରସାମ୍ୟକୁ ଓଲଟ ପାଲଟ କରିଦେଇଥିବା ଜଣାପଡ଼ୁଛି । ରାଜ୍ୟ କଂଗ୍ରେସ ନେତୃତ୍ୱ ଏଥିପ୍ରତି ବାହାରକୁ ବେଶି ଗୁରୁତ୍ୱ ନେଉନଥିଲେ ମଧ୍ୟ ନିଜର ସମସ୍ତ ଶକ୍ତି ଖଟାଇ ଶ୍ରୀ ରଥଙ୍କର ପ୍ରଭାବକୁ ପ୍ରତିହତ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଜନତା ଦଳ ପକ୍ଷରୁ କଟକରେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କୁ ପରାସ୍ତ କରିବାକୁ ଅତି ଉତ୍ସର୍ଗୀକୃତ ଭାବେ ଦଳେ ବୈଜ୍ଞାନିକ ପଦ୍ଧତିରେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ତେଣୁ ଏହି ନିର୍ବାଚନରେ ଆସ୍କା ଓ କଟକ ହେବ ରାଜକୀୟ ରଣକ୍ଷେତ୍ରର ପ୍ରାଙ୍ଗଣ ।

ଜନତା ଦଳରେ ବିଜୁ ବାବୁଙ୍କ ସହିତ ରାଜ୍ୟର ପ୍ରାୟ ସବୁ ପ୍ରବୀଣ ନେତା ଯଥା ରବି ରାଏ, ବାଙ୍କ ବିହାରୀ ଦାସ, ବିଶ୍ୱନାଥ ପଣ୍ଡିତ, ନୀଳମଣି ରାଉତରାୟ ରହିଛନ୍ତି ଏବଂ ସର୍ବୋପରି ସମାଜ ପତ୍ରିକାର ନୈତିକ ସମର୍ଥନ ରହିଛି ।

ଅପର ପକ୍ଷରେ କଂଗ୍ରେସ ଦଳର ନେତା କହିଲେ କେବଳ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ 'ପ୍ରଜାତନ୍ତ୍ର'ର ନୈତିକ ସମର୍ଥନ । ଅବଶ୍ୟ ବସନ୍ତ ବାବୁଙ୍କ ଭଳି କୃତକର୍ମା ସହଯୋଗୀ ଜାନକୀ ବାବୁଙ୍କ ବୋଝକୁ କିଛିଏ ହାଲୁକା କରିବାରେ ସାହାଯ୍ୟ କରିବେ ।

ଓଡ଼ିଶାରେ କଂଗ୍ରେସର ସାଙ୍ଗଠନିକ ଦୁର୍ବଳତା ଯୋଗୁ ସ୍ୱାଭାବିକ ପରିସ୍ଥିତିରେ ଲୋକସଭା ପାଇଁ ନିର୍ବାଚନ ହୋଇଥିଲେ ଆଠ ଦଶଟିରୁ ଅଧିକ ସ୍ଥାନ ହାସଲ କରି ପାରି ନଥାନ୍ତା । କିନ୍ତୁ ଶ୍ରୀମତୀ ଗାନ୍ଧୀଙ୍କ ଆତ୍ମବଳୀ ଏବଂ ଓଡ଼ିଶା ଗସ୍ତ ପରେ ପରେ ତାଙ୍କର ଇହଧାମ ତ୍ୟାଗ ଯୋଗୁ ଲୋକଙ୍କ ଭିତରେ ଯେଉଁ ଭାବପ୍ରବଣତାର ଉଚ୍ଛ୍ୱାସ ସୃଷ୍ଟି ହୋଇଛି ତାକୁ ନିଜ ସପକ୍ଷରେ ଉପଯୋଗ କରିବାକୁ ରାଜ୍ୟ କଂଗ୍ରେସ ଧରିନେଇଛି । ଅବଶ୍ୟ ଜନତା ଦଳ ମତରେ ଏହି ଭାବପ୍ରବଣତା ନିର୍ବାଚନର କଠୋର ବାସ୍ତବତା ସମ୍ମୁଖରେ ମିଳେଇ ଯିବ ଏବଂ ପରିସ୍ଥିତି ପୂର୍ବ ସ୍ଥିତାବସ୍ଥାକୁ ଫେରିଯିବ ।

ନିରପେକ୍ଷ ଭାଷ୍ୟକାରଙ୍କ ମତରେ ଏହି ଭାବ ପ୍ରବଣତା ଯୋଗୁ କଂଗ୍ରେସ

ଶତକଡ଼ା ୫ରୁ ୧୦ ଭାଗ ଅନୁକମ୍ପା ଭୋଟ ପାଇବାର ସମ୍ଭାବନା ଥିଲେ ମଧ୍ୟ ମୋଟାମୋଟି ଭାବେ ୨୧ ଟିରୁ କଂଗ୍ରେସ ୧୨ ରୁ ୧୪ଟି ଆସନ ଲାଭ କରିବାର ସମ୍ଭାବନା ଅଛି ।

ଅନୁକମ୍ପା ଭୋଟ ଉପରେ ନିର୍ଭର କରି ଅତ୍ୟଧିକ ଆତ୍ମ ବିଶ୍ୱାସର ସହିତ ମୁଖ୍ୟ[illegible] ଶ୍ରୀ[illegible] ପଟ୍ଟନାୟକ ଦଳ ଭିତ[illegible] ସଜ୍ଜ ଆତ୍ମ କରି [illegible] କୃତ କାର୍ଯ୍ୟ ହୋଇଛନ୍ତି ।

Images: Aptakama Mishra, Processing: Srujanika

କିନ୍ତୁ ଏହାର ପରିଣତି ସୁଦୂର ପ୍ରସାରୀ ହେବା ନିଶ୍ଚିତ । କାରଣ ଶ୍ରୀ ରଥଙ୍କ ପରେ ତାଙ୍କର କେତେକ ଅନୁଗାମୀ ଦଳ ତ୍ୟାଗ କରିଛନ୍ତି ଏବଂ ଅନ୍ୟ କେତେକେ ଦଳୀୟ କାର୍ଯ୍ୟ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ । ଓଡ଼ିଶାରେ ଅସନ୍ତୁଷ୍ଟ ଗୋଷ୍ଠୀ କିଛି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଅଷ୍ଟାଦରେ ବରାବର କହି ଆସିଥିଲେ । ମାତ୍ର କାର୍ଯ୍ୟତଃ ଶ୍ରୀ ରଥଙ୍କ ପରେ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର, ଶ୍ରୀ ଅର୍ଜୁନ ସେଠୀ, ଶ୍ରୀ ଗଙ୍ଗାଧର ଭୂୟାଁ, ଶ୍ରୀ କୃଷ୍ଣ ଚରଣ ପଟ୍ଟନାୟକ ଓ ଶ୍ରୀ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ପାର୍ଲିଆମେଣ୍ଟ ଓ ବିଧାନସଭା ସଭ୍ୟ ମାନେ କଂଗ୍ରେସରୁ

ବିଦାୟ ନେଇଥିବା ଦୃଷ୍ଟିରୁ ଦଳ ଭିତରେ ତୀବ୍ର ଅସନ୍ତୋଷର ନିଆଁ କିଛି ଆଗରୁ ଜଳୁଥିଲା ବୋଲି ପ୍ରତିପାଦିତ ହୋଇଛି ।

ଶ୍ରୀମତୀ ଗାନ୍ଧୀଙ୍କ ତିରୋଧାନ ପରେ ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଘେରି ରହିଥିବା କୁଚକ୍ରି ଗୋଷ୍ଠୀକୁ ଅତିମାତ୍ରାରେ ପ୍ରଭାବିତ କରିବାରେ ଶ୍ରୀ ପଟ୍ଟନାୟକ ସଫଳ ହୋଇ ନିଜ ବିଚକ୍ଷଣତାର ପରିଚୟ ଦେଇଛନ୍ତି ଏବଂ ଗତ ୫ ବର୍ଷ ଭିତରେ ଯେଉଁ ଲୋକ ସଭା ସଦସ୍ୟମାନେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ପ୍ରସଙ୍ଗ କ୍ରମେ ପ୍ରଧାନମନ୍ତ୍ରୀଙ୍କୁ ଅଭିହିତ କରାଇଥିଲେ ସେ ସମସ୍ତଙ୍କୁ ଦଳୀୟ ଟିକେଟ ନଦେବାକୁ ଚେଷ୍ଟା ହୋଇଛି । ସେମାନଙ୍କ ଭିତରେ ଡାକ୍ତର କୃପାସିନ୍ଧୁ ଭୋଇ, ଶ୍ରୀ ଖ୍ରୀଷ୍ଟୋଫର ଏକ୍କା ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ଏମାନେ ଦଳ

ତ୍ୟାଗ ଅବଶ୍ୟ କରି ନାହାନ୍ତି । କିନ୍ତୁ ଅନ୍ୟ କେତେକ ଅସନ୍ତୁଷ୍ଟ ନେତାଙ୍କ ଭିତରୁ ଶ୍ରୀ ନିତ୍ୟାନନ୍ଦ ମିଶ୍ର ବର୍ତ୍ତମାନ ପ୍ରଦେଶ କଂଗ୍ରେସର ସଭାପତି ହୋଇ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସ୍ତ ହୋଇପାରିଛନ୍ତି ଅବଶ୍ୟ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ପଦରୁ ତୁରନ୍ତ ବାହାର କରାଯାଉ ବୋଲି ପ୍ରଧାନମନ୍ତ୍ରୀଙ୍କୁ ୪ ବର୍ଷ ତଳେ ଯେଉଁ ମାନେ ସ୍ମାରକ ପତ୍ର ଦେଇ ଥିଲେ ସେମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ । ସେହିଭଳି ବୟୋଜ୍ୟେଷ୍ଠ ବ୍ୟକ୍ତି ଶ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କୁ ନିଜ ଅନିଚ୍ଛା ସତ୍ତ୍ୱେ ମଧ୍ୟ ଟିକେଟ ଦେବାକୁ ଏକ ପ୍ରକାର ବାଧ୍ୟ ହୋଇଛନ୍ତି କାରଣ ଭୁବନେଶ୍ୱର ସ୍ଥାନ ପାଇଁ ତାଙ୍କର ବିକଳ୍ପ ପନ୍ଥା କିଛି ନ ଥିଲା ।

ଦଳ ଭିତରୁ ନିଜର ବ୍ୟକ୍ତିଗତ ଶତ୍ରୁ ମାନଙ୍କୁ ବିତାଡ଼ିତ କରିବାରେ ସଫଳ ହୋଇ ଆତ୍ମପ୍ରସାଦ ଅନୁଭବ କରୁଥିଲେ ମଧ୍ୟ ନିର୍ବାଚନର ଫଳାଫଳ ଯେଉଁ ସେ ଅତି ଆତଙ୍କିତ ଅବସ୍ଥାରେ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି ।

ଭୁବନେଶ୍ୱର, ପଞ୍ଜାବ, ଦିଲ୍ଲୀ ଓ ବମ୍ବେର ଜ୍ୟୋତିଷ ମାନଙ୍କ ସହିତ ସେ ନିଜେ ଓ ତାଙ୍କ ପକ୍ଷରୁ ବହୁ ଲୋକ ପରାମର୍ଶ କରୁଥିବା ଏହାର ଏକ ସୂଚନା ମାତ୍ର । ନରକାରପୁରର ଜଣେ ତାନ୍ତ୍ରିକ ମୁଖ୍ୟମନ୍ତ୍ରୀଙ୍କୁ ଅଭୟ ବାଣୀ ଶୁଣାଇ ଥିବାରୁ ସେ କିଛି ପରିମାଣରେ ଆଶ୍ୱସ୍ତ ହୋଇଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ଅପର ପକ୍ଷରେ ଜନତା ଦଳର ନେତୃମଣ୍ଡଳୀ ସରକାରଙ୍କ କୁଶାସନ ଓ ଦୁର୍ନୀତି ଯୋଗୁ ଲୋକେ ଅତିଷ୍ଠ ହୋଇ ପଡ଼ିଥିବାରୁ ସ୍ୱତଃ ଜନମତ କଂଗ୍ରେସ ବିରୁଦ୍ଧରେ ଯିବ ବୋଲି ଧରି ନେଇଛନ୍ତି ।

ସେମାନଙ୍କ ମତରେ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଲୋକମାନେ ଅଧିକ ସଚେତନ ହୋଇଥିବାରୁ ସେମାନେ କଂଗ୍ରେସ ବିରୁଦ୍ଧରେ ଭୋଟ ଦେବାକୁ ସ୍ୱତଃ ଇଚ୍ଛା କରିବେ । କଟକ ଜିଲ୍ଲାର ୮ଟି ସ୍ଥାନ ମଧ୍ୟରୁ କେନ୍ଦ୍ରାପଡ଼ାରେ ବିଜୁବାବୁ ଜିଣିବା ନିଶ୍ଚିତ । ଘଟଣା ଚକ୍ରରେ

ଗତ ଥର ତାଙ୍କ ସହ ପ୍ରତିଦ୍ୱନ୍ଦିତା କରିଥିବା ଶ୍ରୀ ଗଙ୍ଗାଧର ଭୂୟାଁ ଏବେ ତାଙ୍କର ନିର୍ବାଚନ ପରିଚାଳନା କରୁଛନ୍ତି ।

ଜଗତସିଂହପୁରରେ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ନିର୍ବାଚନ ପରେ ବିଭିନ୍ନ ଅଞ୍ଚଳକୁ ଯାଇ ନାହାନ୍ତି ଏବଂ ସେ ନିଜେ ମଧ୍ୟ ଲୋକସଭା ପାଇଁ ପ୍ରାର୍ଥୀ ହେବାକୁ ଆଗରୁ ଅନିଚ୍ଛା ପ୍ରକାଶ କରୁଥିଲେ । ଏହା ତାଙ୍କ ଦୁର୍ବଳତାର ସୂଚନା ଦିଏ । ସେହିଭଳି ଯାଜପୁର ସଂରକ୍ଷିତ ଅଞ୍ଚଳରେ କଂଗ୍ରେସ ଲୋକଙ୍କ ବୀତସ୍ପୃହତା ଜନତାକୁ ସାହାଯ୍ୟ କରିପାରେ । ବାଲେଶ୍ୱର ଜିଲ୍ଲାରେ

Images: Aptakama Mishra, Processing: Srujanika

ସ୍ୱୟଂ ନୀଳମଣି ରାଉତରାୟଙ୍କ ସାଙ୍ଗରୁ ଏବେ ଶ୍ରୀଅର୍ଜୁନ ସେଠୀ ଓ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର ଜୁଟିଯାଇ ସେଠାରେ କଂଗ୍ରେସର ସ୍ଥିତିକୁ ଦୋହଲାଇ ଦେଇ-ଛନ୍ତି ।

ପୁରୀରେ ଅବଶ୍ୟ ଟିକିଏ ଭିନ୍ନ କଥା ଶ୍ରୀ ବ୍ରଜମୋହନ ମହାନ୍ତି ଓ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ଉଭୟେ ନିର୍ବାଚନ କୌଶଳରେ ଧୁରୀଣ ।

ମୁଖ୍ୟମନ୍ତ୍ରୀଙ୍କ ମତ ପରିବର୍ତ୍ତନ

ପଶ୍ଚିମ ଓଡ଼ିଶାରେ ଡାକ୍ତର କୃପାସିନ୍ଧୁ ଭୋଇଙ୍କୁ ଟିକେଟ ନଦେବାକୁ ଚେଷ୍ଟା ହେଉଥିବାରୁ ସେଠା ଲୋକେ ନିଜକୁ ଅପମାନିତ ବୋଧ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ବିରୁଦ୍ଧରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ହୋଇଥିବା ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ମାସେକାଳ ଲୋକସଭାକୁ ଲଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଫୁସୁଲାଇଥିଲେ ଏବଂ ସେ ମଧ୍ୟ ରାଜି ହୋଇଥିଲେ କିନ୍ତୁ ଶ୍ରୀମତୀ ଗାନ୍ଧୀଙ୍କ ଭିନ୍ନ ସନ୍ଧାନ ପରେ ହଠାତ୍ ମୁଖ୍ୟମନ୍ତ୍ରୀ ନିଜର ମତ ପରିବର୍ତ୍ତନ କରିବା ବିସ୍ମୟ ଜନକ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି । ଏହି ଦୁଇ ନେତାଙ୍କ ଅସନ୍ତୋଷରୁ ସେଠାକାର ଜନତା ପ୍ରାର୍ଥୀ ଶ୍ରୀମତୀ ସେବିବନ୍ଧ୍ୟା ନାୟକ ପୂରା ଫାଇଦା ଉଠାଇବାକୁ ପ୍ରସ୍ତୁତ ହୋଇଛନ୍ତି । ଶ୍ରୀ ବିଶ୍ୱାଳଙ୍କୁ ଓଡ଼ିଶାରୁ ବାହାର କରି ଲୋକ ସଭାକୁ ପଠାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମନସ୍ଥ କରିଥିବା ବେଳେ ହଠାତ୍ ତାଙ୍କର ମତ ପରିବର୍ତ୍ତନ ଏବେ ବି ରହସ୍ୟାବୃତ । ବଲାଙ୍ଗିରରେ ରାଜ୍ୟ ବିଧାନସଭାର ଉପ ମୁଖ୍ୟ ସଚେତକ ଶ୍ରୀ ପ୍ରସନ୍ନ କୁମାର ପାଳ ଓ ଶ୍ରୀ ନିତ୍ୟାନନ୍ଦ ମିଶ୍ରଙ୍କ ରାଜନୈତିକ ଶତ୍ରୁତା ସର୍ବଜନ ବିଦିତ । ଏଥିରୁ କିଛି ଫାଇଦା ଉଠାଇବା ପାଇଁ ଜନତା ଦଳ ତତ୍ପର ଥିବା ପରିଲକ୍ଷିତ ହେଉଛି ।

ଦକ୍ଷିଣ ଓଡ଼ିଶା କଂଗ୍ରେସର ଦୁର୍ଭେଦ୍ୟ ଦୁର୍ଗ ରୂପେ ଏ ଯାବତ୍ ରହି ଆସିଥିଲେ ମଧ୍ୟ ଦକ୍ଷିଣ ଭାରତରେ କଂଗ୍ରେସର ସ୍ଥିତି ବିପନ୍ନ ହୋଇଥିବା ଏବଂ ସେଠାରେ ଶ୍ରୀ ରଥଙ୍କ ଜନତା ଦଳରେ ଯୋଗଦାନ ସେଠାରେ କଂଗ୍ରେସ ଦଳକୁ ଏକ ତ୍ରିଶଙ୍କୁ ଅବସ୍ଥାରେ ପକାଇ ଦେଇଛି । ସେଠାରେ ମୁଖ୍ୟତଃ କଂଗ୍ରେସ ଓ ଶ୍ରୀ ରଥଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି ।

ଢେଙ୍କାନାଳ ଜିଲ୍ଲାରେ ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ମଧ୍ୟରେ ସିଧାସଳଖ ପ୍ରତି-ଦ୍ୱନ୍ଦ୍ୱିତା ହୋଇଥିଲେ ସେଠାରେ ଶ୍ରୀମତୀ ଶତପଥୀଙ୍କ ଜିଣିବାର ସମ୍ଭାବନା ଅଧିକ ଉଜ୍ଜ୍ୱଳ ହୋଇଥାନ୍ତା । କାରଣ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଂଗ୍ରେସ ବିଧାୟକ ମାନେ ଶ୍ରୀ ସିଂହଦେଓଙ୍କ ସହିତ ବରାବର ଅସହଯୋଗ କରି ଆସୁଥିଲେ ଏବଂ ପରୋକ୍ଷରେ ଶ୍ରୀମତୀ ଶତ-ପଥୀ ଏମାନଙ୍କର ସମର୍ଥନ ପାଇବାର ସମ୍ଭାବନା ଥିଲା । କିନ୍ତୁ ସେଠାକାର ଅବସ୍ଥାରେ ଏବେ ଦ୍ରୁତ ପରିବର୍ତ୍ତନ ହୋଇଛି । □

କଟକ ଲୋକସଭା ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ

ନିର୍ବାଚନବେଳେ ଜାତିଆନ ଭାବ କାର୍ଯ୍ୟ କରିବାର ଆଶଙ୍କା

କଟକ ଲୋକସଭା ସ୍ଥାନ ପାଇଁ ଜନତା ଦଳର ଡାକ୍ତର ଯୋଗେଶ ରାଉତ ଓ କଂଗ୍ରେସ ଦଳର ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଅତି ତୀବ୍ର ଓ ସ୍ଥଳ ବିଶେଷରେ ଅତି ଉଗ୍ର ରୂପ ଧାରଣ କରିବାର ଆଶଙ୍କା ରହିଛି ବୋଲି ବିଭିନ୍ନ ସୂତ୍ରରୁ ମିଳୁଥିବା ସମ୍ବାଦରୁ ଜଣାଯାଇଛି ।

ଡାକ୍ତର ଯୋଗେଶ ରାଉତ ଅତୀତରେ ଥରେ ମନ୍ତ୍ରୀ ହୋଇଥିଲେ ଏବଂ ମନ୍ତ୍ରୀ ହେବା ପର୍ଯ୍ୟନ୍ତ ସେ ସ୍ୱାଧୀନ ସଭ୍ୟ ରୂପେ ବିଧାନସଭାରେ ରହିଥିଲେ । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବାରୁ ସେତେବେଳେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ତାଙ୍କୁ କଂଗ୍ରେସ ଟିକେଟ ନଦେବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ । ବହୁଥର ବାଙ୍କିରୁ ନିର୍ବାଚିତ ହୋଇ ସେ ଅତି ଲୋକପ୍ରିୟ । ବାଙ୍କି ସମେତ ବଡ଼ମ୍ବା, ନରସିଂହପୁର, ଅଠଗଡ଼ ଓ ବାଙ୍କି ପଟେ ତାଙ୍କର ଖ୍ୟାତି ଓ ପ୍ରତିପତ୍ତି ରହିଛି ଏବଂ ସମବାୟ ଆନ୍ଦୋଳନର ଅନ୍ୟତମ ପୁରୋଧା ରୂପେ ଦେଶର ବିଭିନ୍ନ ଆନ୍ଦୋଳନରେ ସେ ସୁପରିଚିତ । ସ୍ଥାନୀୟ ଭାବେ ଜଣେ ଭଲ ଡାକ୍ତର ଓ ବଡ଼ କୃଷୀରୂପେ ତାଙ୍କୁ ସମସ୍ତେ ଜାଣନ୍ତି ।

ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଅପର ପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଏବଂ ଜାନକୀ ବାବୁଙ୍କ ସଫଳତା କ୍ଷେତ୍ରରେ ତାଙ୍କର ଅବଦାନ ଅତି ସ୍ପଷ୍ଟ । ସାଧାରଣ ଅର୍ଥରେ ସେ ହାଉସବନ ହେଲେ ରାଜନୀତିରେ ପ୍ରବେଶ ନ କରିଥିଲେ ମଧ୍ୟ ଏକ ପ୍ରସିଦ୍ଧ ରାଜନୈତିକ ପରିବାରରୁ ସେ ଆସିଛନ୍ତି ଏବଂ ଗତ ଲୋକସଭା ଉପନିର୍ବାଚନ ବେଳେ ସେ ପ୍ରତ୍ୟକ୍ଷ ଭାବେ ରାଜନୀତିକୁ ଓହ୍ଲାଇ ଆସିଲେ ।

ଓଡ଼ିଶାରେ କଂଗ୍ରେସର ପ୍ରବଳ ପ୍ରତାପ ସତ୍ତ୍ୱେ ଉପନିର୍ବାଚନରେ ଶ୍ରୀ ରବିରାୟଙ୍କ ସହିତ ତାଙ୍କର ପ୍ରତିଦ୍ୱନ୍ଦ୍ୱିତାରେ ସେ ମାତ୍ର ୫୦

Images: Aptakama Mishra, Processing: Srujanika

ହଜାରରୁ ଅଧିକ ଭୋଟରେ ନିର୍ବାଚିତ ହୋଇଥିଲେ । ପୂର୍ବରୁ ଜାନକୀ ବାବୁ ଏଠାରୁ ଲକ୍ଷାଧିକ ଭୋଟ ପାଇଥିଲେ । ଉପ ନିର୍ବାଚନରେ କଟକ ସଦର ଓ ଚୌଦ୍ୱାରରେ କଂଗ୍ରେସ ସେପରି କିଛି ସଫଳତା ହାସଲ କରି ନଥିଲା କିନ୍ତୁ ବାଙ୍କି, ଆଠଗଡ଼ ଓ ନରସିଂହପୁରରୁ କଂଗ୍ରେସ ବିପୁଳ ପରିମାଣରେ ଭୋଟ ପାଇବାର ଅବସ୍ଥା ସମ୍ଭଳାଗଲା ।

କଟକ ମଣ୍ଡଳରେ କଂଗ୍ରେସ ହାରିବା ଏକପ୍ରକାର ନିଶ୍ଚିତ । ସଦରରେ କଂଗ୍ରେସ ଏମ୍‌ଏଲ୍‌. ଏ ଡୋଲା ବାବୁଙ୍କ ଅପ୍ରିୟତା ଓ ନିର୍ଲୋଚନ ବାବୁଙ୍କ ସର୍ବପ୍ରିୟତା ଜନତା ଦଳକୁ ଅଧିକ ଭୋଟ ପାଇବାରେ ସହାୟତା କରିବ । ଗତ ନିର୍ବାଚନରେ ଡୋଲବାବୁ ନିର୍ଲୋଚନ ବାବୁଙ୍କଠାରୁ ୨ ହଜାର ଅଧିକ ଭୋଟ ପାଇଥିଲେ ।

ଚୌଦ୍ୱାରରେ ଭାନୁ ବାବୁଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ତତ୍ପରତାର କାର୍ଯ୍ୟ କରୁଥିବାରୁ ଏ ନିର୍ବାଚନରେ ତାର ପ୍ରତିଫଳନ ଅନୁଭୂତ ହେବା ସୁସ୍ପଷ୍ଟ । ସେଥିପାଇଁ କଂଗ୍ରେସ ପକ୍ଷରୁ ସେଠାରେ ଉଚ୍ଚକୋଟି ଏଜେନ୍ସି କାର୍ଯ୍ୟ କରୁଛି ।

ସାଲେପୁରରେ ମାୟାଧର ବାବୁଙ୍କ ଉପରେ କଂଗ୍ରେସ ନିର୍ଭର କରିପାରୁ ନାହିଁ ।

ତେଣୁ ଏ ସବୁଗୁଡ଼ିକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିପର୍ଯ୍ୟୟ ହେବା ଏକ ପ୍ରକାର ନିଶ୍ଚିତ । ବାକି ଛଅଗୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବାଙ୍କିରେ ଯୋଗେଶ ବାବୁଙ୍କର ଅଖଣ୍ଡ ପ୍ରତିପତ୍ତି ନିଜ ପ୍ରମାଣ ଦେବେ । ସେଠା କଂଗ୍ରେସ ଏମ ଏଲ ଏ ଶ୍ରୀ ଅକ୍ଷୟ ପଟ୍ଟନାୟକ ବିଶେଷ କିଛି କରି ପାରିବାର ଆଶା ନାହିଁ । ଆଠଗଡ଼ ଓ ନରସିଂହପୁର ହିଁ କଂଗ୍ରେସ ପାଇଁ ନିର୍ଭରଯୋଗ୍ୟ ସ୍ଥାନ । କିନ୍ତୁ ସବୁଆଡ଼ ବିଫଳ ହେବା ପରେ ଏ ଦୁଇ ନିର୍ବାଚନ ମଣ୍ଡଳୀ କଂଗ୍ରେସକୁ କେତେ ବାଟ ଆଗେଇ ନେଇ ପାରିବ ?

ସର୍ବୋପରି କଟକ ଜିଲ୍ଲାରେ ସଂପ୍ରତି କୃଷକ ବା ନିର୍ଯ୍ୟାତିତ ମାନଙ୍କ ଭିତରେ ଅଭୂତପୂର୍ବ ରାଜନୈତିକ ଚେତନା ପ୍ରକାଶ ପାଇଛି । କଟକରେ ଯେ କେଶ ରାଉତ ଓ ଜଗନ୍ନାଥ ସିଂହ ପ୍ରଭୃତିରେ ରାଜବନ୍ଦୀ ଏହି ଗୋଷ୍ଠୀର । ଓହାରକୁ ଏଭଳି ନାଟକୀୟ କଥା ବିଷୟରେ ଜନସାଧାରଣ ଅବଗତ ଥିଲେ ମଧ୍ୟ ଭିତରେ ଭିତରେ ସମସ୍ତ ଲୋକ ଦେଲେ ଏହି କଥାକୁହିଁ ଉଠାଇଥାନ୍ତି । ତେଣୁ ନିର୍ବାଚନ ବାଜା ବାଜିଲେ ଆଉ ମାନେ ଏଥି ଲାଗି ଚିନ୍ତା କରନ୍ତୁ ନାହିଁ । ଏ ପରିସ୍ଥିତିର ଫଳାଫଳ ସହଜରେ ଅନୁମେୟ ।

କଂଗ୍ରେସ ଅମଳରେ କଟକ ସହର ଓ ତା ଆଖପାଖ ଅଞ୍ଚଳର ଅଭୂତପୂର୍ବ ଉନ୍ନତି ହୋଇଥିବା ନିର୍ବାଚନ ପ୍ରଚାର ବେଳେ ଅବଶ୍ୟ ଦର୍ଶାଯିବ । କିନ୍ତୁ ଏଥିରେ ଭୋଟଦାତାଙ୍କ ଉପରେ ବିଶେଷ ପ୍ରଭାବ ପକାଇବାର ଆଶା ନାହିଁ ।

ଜନତା ଦଳ ପକ୍ଷରୁ କେବଳ ନେତାବାଚକ ପ୍ରଶ୍ନ ଉଠାଇବା ଛଡ଼ା ନିର୍ଦ୍ଦିଷ୍ଟ ଭାବେ କିଛି ଅଧିକ କହିବାର ନାହିଁ । □

ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତା ଗଣ

ରସାୟନ : ଅତିଶୀଘ୍ର ପେପଟାଇଡ଼ ଔଷଧ ଆଣ୍ଟିବାୟୋଟିକ ସ୍ଥାନ ଗ୍ରହଣ କରିବ

ଆମେରିକାର ବାୟୋକେମିଷ୍ଟ ଆର. ବ୍ରୁସ ମେରିଫିଲଡ଼୍ ୧୯୮୪ ମସିହା ନିମନ୍ତେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି । ନୂଆ ନୂଆ ଔଷଧ ତିଆରି କରିବାରେ ସହାୟତା କରୁଥିବା ଏକ ବିଶେଷ ପ୍ରଣାଳୀ ପାଇଁ ତାଙ୍କୁ ଏ ପୁରସ୍କାର ଦିଆଗଲା । ଶ୍ରୀ ମେରିଫିଲଡ଼୍ ରକ୍‌ଫେଲର ବିଶ୍ୱବିଦ୍ୟାଳୟର (ନ୍ୟୁୟର୍କ) ଜଣେ ପ୍ରଫେସର ଏବଂ ବାୟୋକେମିଷ୍ଟ, ମଲିକ୍ୟୁଲାର ବାୟୋଲୋଜି, ଫାରମାକୋଲୋଜି ଓ ମେଡ଼ିସିନ ବିଷୟରେ ସେ ନିଜ ଗବେଷଣା ପାଇଁ ବିଶ୍ୱ ବିଖ୍ୟାତ ।

୬୩ ବର୍ଷ ବୟସ୍କ ଏହି ପ୍ରଫେସର ଯେଉଁ ପ୍ରଣାଳୀ ବା କୌଶଳ ଉଦ୍ଭାବନ କରିଛନ୍ତି ତାହା ଉଚ୍ଚ ରକ୍ତ ପାଇଁ ଆବଶ୍ୟକ ଔଷଧ, ଇନସୁଲିନ ଏବଂ ବର୍ଦ୍ଧନ ହରମୋନ ତିଆରି କରିବାରେ ସହାୟକ ହେଉଛି ।

ସେ ବିଜ୍ଞାନାଗାରରେ ପେପଟାଇଡ ପ୍ରସ୍ତୁତ କରିବା ପାଇଁ ଏକ ସ୍ୱୟଂଚାଳିତ ପଦ୍ଧତିର ପ୍ରଣେତା ।

ବିଶେଷଜ୍ଞମାନଙ୍କ ମତରେ ପେପଟାଇଡ଼୍ ଔଷଧ ସବୁ ଚିକିତ୍ସକ ମାନଙ୍କ ନିମନ୍ତେ ଅତି ଉପାଦେୟ ହେଉଛି ଏବଂ ଆସନ୍ତା ଦଶ କୋଡ଼ିଏ ବର୍ଷ ଭିତରେ ଆଣ୍ଟିବାୟୋଟିକ୍ ତୁଳନାରେ ଏହା ଅଧିକ ବ୍ୟବହୃତ ହେବ ।

ପଦାର୍ଥ ବିଜ୍ଞାନ

ଏକ ନିର୍ଦ୍ଦିଷ୍ଟ ବଳର ଅବସ୍ଥିତି ଯୋଗୁ ସତ୍ୟ ପ୍ରତିପାଦିତ ହୁଏ ବୋଲି ପ୍ରମାଣ କରିଥିବା ଦୁଇଜଣ ୟୁରୋପୀୟ ବୈଜ୍ଞାନିକ ଏଥର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି

ପୁରସ୍କାର ପ୍ରାପ୍ତ ବୈଜ୍ଞାନିକଦ୍ୱୟ ହେଲେ ହାରଭାର୍ଡ଼ ବିଶ୍ୱବିଦ୍ୟାଳୟର ପ୍ରଫେସର କାର୍ଲୋ ରୁବିଆ (ଇଟାଲି) ଏବଂ ସାଇମନ୍ ଭାନଡେର ମୀର । ବ୍ରହ୍ମାଣ୍ଡରେ ୪ଟି ମୌଳିକ ବଳ ମଧ୍ୟରୁ ଓ୍ୱିକ୍ ଫୋର୍ସ ବା ଦୁର୍ବଳ ବଳ ରୂପେ ଯାହା ପରିଚିତ ତାହାର ଉପସ୍ଥିତିହିଁ ସୂର୍ଯ୍ୟକୁ ଉଜ୍ଜ୍ୱଳତା ପ୍ରଦାନ କରୁଛି ବୋଲି ସେମାନେ ପ୍ରମାଣ କରିପାରିଛନ୍ତି ।

ଶ୍ରୀ ରୁବିଆ ଓ ଶ୍ରୀ ମୀର ଜେନେଭାସ୍ଥିତ ୟୁରୋପୀୟାନ ନ୍ୟୁକ୍ଲିଆର ରିସର୍ଚ୍ଚ ଅର୍ଗାନାଇଜେସନରେ କାର୍ଯ୍ୟରତ ଅଛନ୍ତି ।

ସେମାନଙ୍କ ଆବିଷ୍କାର ଯୋଗୁ ଯେଉଁ ଓ୍ୱିକ୍ ଫୋର୍ସର ସ୍ଥିତି ଜଣାପଡ଼ିଲା ତାହା ରେଡିଓ ଆକ୍ଟିଭ୍ ଅବକ୍ଷୟ କରେ ଏବଂ ସୂର୍ଯ୍ୟର ଶକ୍ତିକୁ ନିୟନ୍ତ୍ରିତ କରିବା ପାଇଁ ଆବଶ୍ୟକ ଆଣବିକ ଧାରା ସୃଷ୍ଟି କରିଥାଏ । ଏହି ଓ୍ୱିକ୍ ଫୋର୍ସ ଛଡ଼ା ଅନ୍ୟ ଯେଉଁ ୩ଟି ମୌଳିକ ବଳ ବ୍ରହ୍ମାଣ୍ଡରେ ବିଦ୍ୟମାନ ତାହା ହେଲା ଇଲେକ୍ଟ୍ରୋମ୍ୟାଗନେଟିଜିମ, ମାଧ୍ୟାକର୍ଷଣ ବଳ ଏବଂ ଷ୍ଟ୍ରଙ୍ଗ ଫୋର୍ସ ଯାହାକି ଅଣୁର ନିଉକ୍ଲିଅସକୁ ଏକାଠି ଧରି ରଖେ ।

ଔଷଧ

ଜେନେଟିକ୍ ଇଞ୍ଜିନିୟରିଙ୍ଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ତିନିଜଣ ଗବେଷକଙ୍କୁ ଔଷଧରେ ଏହିବର୍ଷ ନୋବେଲ ପୁରସ୍କାର ଦିଆଯାଇଥିଲା । ସେମାନଙ୍କ ଗବେଷଣାର ଫଳ ସ୍ୱରୂପ କ୍ୟାନସର ଠାରୁ ଆରମ୍ଭ କରି ସାଧାରଣ ଶିତ ପର୍ଯ୍ୟନ୍ତ ସବୁ କିଛି ଭଲ ହୋଇପାରିବ ।

ସେହି ତିନିଜଣ ବୈଜ୍ଞାନିକ ହେଲେ ଡେନମାର୍କର ଶ୍ରୀ ନିଏଲ କେରେନ, ପଶ୍ଚିମ ଜର୍ମାନୀର ଶ୍ରୀ ଜର୍ଜ କୋହ୍ଲେଲର ଏବଂ ଆର୍ଜେଣ୍ଟିନାର ଶ୍ରୀ ସିଜାର ମିଲ୍‌ଷ୍ଟେନ୍ । ସେମାନେ ମୁଖ୍ୟତଃ ଇମ୍ୟୁନ ସିଷ୍ଟମ୍‌ରେ କରୁଥିବା ଗବେଷଣା ଏବଂ ମନୋକ୍ଲୋନାଲ ଆଣ୍ଟିବଡ଼ିଜ୍ ଉତ୍ପାଦନର କୌଶଳ ଆବିଷ୍କାର ଲାଗି ଏହା ପାଇଛନ୍ତି ।

ଆଣ୍ଟିବଡ଼ି ସାଧାରଣତଃ ଶରୀରରେ କୌଣସି ରୋଗର ସଂକ୍ରମଣ ଯୋଗୁ ସୃଷ୍ଟି ହୋଇଥାଏ । କିନ୍ତୁ ଶ୍ରୀ ମିଲ୍‌ଷ୍ଟେନ୍ ଓ ଶ୍ରୀ କୋହ୍ଲେଲରଙ୍କ ଆବିଷ୍କାର ଫଳରେ ଏବେ ବାହାରେ ଔଷଧ ଆକାରରେ ମନୋକ୍ଲୋନାଲ ଆଣ୍ଟିବଡ଼ିଜ୍ ସୃଷ୍ଟି କରାଯାଇପାରିବ ।

ଏହି ଆବିଷ୍କାର ଗତ ଦଶକର ସର୍ବଶ୍ରେଷ୍ଠ ସାଫଲ୍ୟ ଏବଂ ଏହା ଫଳରେ ଔଷଧ କ୍ଷେତ୍ରରେ ଏକ ବିପ୍ଳବ ସମ୍ଭବ ସଙ୍ଘଟିତ ହେଲା ବୋଲି କୁହାଯାଇପାରେ । □

Images: Aptakama Mishra, Processing: Srujanika

ପିଆଜର ମହାତ୍ମ୍ୟ

ପ୍ରଫେସର କମଳ କୁମାରୀ ପଟ୍ଟନାୟକ

ମିନର କଥାଟିକୁ ଅଜାଙ୍କ ଗପ ବେଶଚମତ୍କାର । ସବୁଦିନ ପରି ଅଜାଙ୍କ ସଙ୍ଗେ ଖାଇ ବସିଛି ମିନ । ସେଦିନ ଦହି, କାକୁଡ଼ି, ଟମାଟୋର ସାଲାଡ ନ ଥିଲା । ପିଆଜ କାଟି ସେଥିରେ ଟିକଏ ଲେମ୍ବୁ ରସ ପକେଇ ଲଙ୍କା ଲୁଣଦେଇ ଆଇ ଅଜା ନାତୁଣୀଙ୍କ ପତ୍ରରେ ଟିକଏ ଦେଉଛନ୍ତି । ପିଆଜ ଦେଖି ମିନ ଟିକଏ ନାକ ଟେକ କହିଲା କାଢ଼ି ଦେ ମ ଆଈ ଏ ପିଆଜକୁ ମୋ ପତ୍ରରୁ । ମୋତେ କଞ୍ଚା ପିଆଜ ଗନ୍ଧାଏ । ଖରାପ ଲାଗେ । ଦେଖିଲେ ଆଖିରୁ ପାଣି ବାହାରେ । ଆଉ ପିଆଜ ଖାଇ କାହା ପାଖରେ କଥା କହିବ କେମିତି । ମୁହଁ ପରା ଖରାପ ଗନ୍ଧାଏ । ମିନର କଥାକୁ ଅଜା ଆଜ୍ଞା ଧରିଛନ୍ତି । ଅଜା କହିଲେ "ହଁ" ସେଇ କଥା କହୁନୁ । ମୁଁ ଏଟା ଲକ୍ଷ୍ୟ କରିଛି ବହୁ ଦିନରୁ । ତେବେ ଯଦି ଆଜି ତୁ ପିଆଜ ସାଲାଡ଼ ତକ ସବୁ ଖାଇଦେବୁ ଯଦି ତେବେ ତା' ବିଷୟରେ ମୁଁ ଯାହା ଜାଣିଛି ବା ମୋ ଅନୁଭୂତିରୁ ଯାହା କିଛି ଶୁଣିଛି ତତେ ଶୁଣାଇବି ।

ମୁହଁ ହାତ ଧୋଇ ପୋଛି ପାଛି ହୋଇ ମିନ ଓ ଅଜା ବସିବାଘର ଆଡ଼େ ମୁହାଁଇଲେ । ଅଜା ସେଠି ଆରମ୍ଭ କଲେ ପିଆଜ କାହାଣୀ । କଥା କହିବାକୁ ଆରମ୍ଭ କରୁ କରୁ ଲବଙ୍ଗ ଗୋଟାଏ ମିନ ଆଡ଼କୁ ବଢେଇ ଦେଇ ଗୋଟାଏ ଲବଙ୍ଗ ପାଟିରେ ପକାଇ ଚୋବାଇବାରେ ଲାଗିଲେ, କହିଲେ ଲବଙ୍ଗଟା ମିନ ଭଲ କରି ଚୋବାଇ ଦେ ତୋ ପାଟି ଆଉ ଗନ୍ଧେଇବ ନାହିଁ ।

ଅଜା ଆରମ୍ଭ କଲେ ପିଆଜର ମାହାତ୍ମ୍ୟ । ବୁଝିଲୁ ମିନ ପିଆଜକୁ ଆମେ ଭଜା, ସନ୍ତୁଳା, ମାଂସ, ମାଛ, ଚଡ଼ଚଡ଼ି ଇତ୍ୟାଦି ବହୁ ପ୍ରକାର ତରକାରୀ ପତ୍ରରେ ବ୍ୟବହାର କରୁ । ପିଆଜଟା ତରକାରୀରେ ପଡ଼ିଲେ ତାର ସ୍ୱାଦୁ ବଢ଼ିଯାଏ । ବିଶେଷତଃ ଆମିଷ ତରକାରୀ ପାଇଁ ପିଆଜ ନହେଲେ ନଚଳେ । ତା ଛଡ଼ା ପିଆଜ ପକୋଡ଼ାଟା ବେଶ ମଜା ଲାଗେ ଖାଇବାକୁ । ତରକାରୀ ପତ୍ରରେ ପିଆଜ ପଡ଼ିଲେ ଖାଇବାଟା ବେଶ ରୁଚିକର ହୁଏ । ହେଲେ କଞ୍ଚା ପିଆଜଟା ଖରାପ ଗନ୍ଧାଏ । ଏଣୁ ତୋ ପରି ବହୁତ ଲୋକ କଞ୍ଚା ପିଆଜ ଖାଇବାକୁ ଆଦୌ ମନ ବଳାନ୍ତିନି । କଞ୍ଚା ପିଆଜ ଗନ୍ଧ ନହେଲେ କଣ ହେଲା ତାକୁ

ସେମିତି ଖାଇଲେ ଆମ ଅନ୍ତନାଳୀ ରେ ଥିବା କ୍ଷତିକାରକ ଅସଂଖ୍ୟ ବ୍ୟାକ୍‌ଟେରିଆକୁ ନଷ୍ଟ କରିଦିଏ । ଠିକ୍ ଆଣ୍ଟିସେପଟିକ୍ ପରି କାମ ଦିଏ । ପରିଶ୍ରା ପୋଡ଼ା ପରିଶ୍ରା ଭଲ ଭାବେ ହେଉ ନଥିଲେ କଞ୍ଚା ପିଆଜ ନିୟମିତ ଖାଇଲେ ପରିଶ୍ରା ଜନିତ ରୋଗ ରହେ ନାହିଁ

ଝାଡ଼ାଟା ପରିଷ୍କାର ହେବା ସେମିତି ସ୍ୱାସ୍ଥ୍ୟ ପକ୍ଷରେ ଭଲ, ପରିଶ୍ରା ମଧ୍ୟ ଠିକ୍ ଭାବେ

ହେବାଟା ନିହାତି ଦରକାର । କାରଣ ଝାଡ଼ା, ପରିଶ୍ରା, ଝାଳ ଦେଇ ଆମ ଦେହରୁ ଅନାବଶ୍ୟକ, ଅଦରକାରୀ ପଦାର୍ଥ ସବୁ ବାହାରି ଯାଏ । ଏଣୁ ଆମେ ସୁସ୍ଥ ରହୁ । କଞ୍ଚା ପିଆଜ ରକ୍ତ ପରିଷ୍କାର କରିବାରେ ସାହାଯ୍ୟ କରେ । ପିଲା ବଢ଼ିବା ସମୟରେ କୌଣସି ଦୋଷରୁ ଦୁର୍ବଳ ହୋଇ ସ୍ୱାସ୍ଥ୍ୟ ହାନୀ ଘଟିଲେ ଗାଁ ଗହଳୀରେ ଦହି ପଖାଳ ସଙ୍ଗେ ଯଥେଷ୍ଟ କଞ୍ଚା ପିଆଜ ଖାଇବାକୁ ଦିଆଯିବା ଦେଖାଯାଏ । ଉଭୟ ସ୍ତ୍ରୀ ଓ ପୁରୁଷତ୍ୱ ପ୍ରାପ୍ତ ପାଇଁ କଞ୍ଚା ପିଆଜଟା **ପିଆଜ ଗନ୍ଧରେ ଆଖିରୁ ପାଣି ନିଗିଡ଼ି ଗଲେ ଆଖି ପରିଷ୍କାର ହୋଇଯାଏ । ଆଖିରେ ପରଲ ପଡ଼ିବା ଓ ବସନ୍ତ ଆଦୌ ହୁଏ ନାହିଁ । ପରଲ ଭଲ ହେବା ପାଇଁ ପିଆଜ ହେଲା ଅବ୍ୟର୍ଥ ଔଷଧ । ପିଆଜ ମଧ୍ୟ ଜୀର୍ଣ୍ଣ ଶକ୍ତି ବଢାଏ।** ବେଶ୍ କାମ ଦିଏ । କଞ୍ଚା ପିଆଜ ରସ ଅଦାରସ, ମହୁ, ଗୁଆଘିଅ ଏକତ୍ରିତ କରି ଖାଇଲେ ସୁନ୍ଦର ସ୍ୱାସ୍ଥ୍ୟ ହୁଏ, କଫ ନାଶ ହୁଏ, ମନ ମଧ୍ୟ ଖୁବ ଫୁର୍ତ୍ତି ରହେ କାମ କରିବାକୁ ଖୁବ ଉତ୍ସାହ ଲାଗେ । ବହୁତ୍ କିସମର ପିଆଜ ଆମର ଅଛି । କେତେକ ଦେଖିବାକୁ ନାଲି ଆଉ କେତେକ ଧଳା, ବଡ଼ ବଡ଼ ପିଆଜକୁ ଉଲି ପିଆଜ କହନ୍ତି । ତାଛଡ଼ା ଛୋଟ୍ ଛୋଟ ଛୋଟ ପିଆଜ ମଧ୍ୟ ମିଳେ । ଛୋଟ ପିଆଜ, ଉଲି ପିଆଜ ଅପେକ୍ଷା ଖୁବ ରାଗ ଓ ଅଧିକ ଗନ୍ଧ ମଧ୍ୟ ହୋଇଥାଏ । ପିଆଜ କାଟିଲେ ଦେଖିଥିବୁ ମିନି ଆଖି ଖୁବ ପୋଡ଼େ । ଆଖିରୁ ପାଣି ନିଗିଡ଼ ଯାଏ । ହେଲେ କଣ ହେଲା, ପିତ, କଫ ନାଶ କରେ । ହିସାବ୍ ଫିହିତା ଅନୁଯାୟୀ ପିଆଜ କଫ, ପେଟ ବ୍ୟଥା ରୋଗ ନାଶ କରେ । ଏହାଛଡ଼ା ବୀର୍ଯ୍ୟଶକ୍ତି ବର୍ଦ୍ଧିତ କରେ । ନାଲି ପିଆଜ ଦେହର ଉତ୍ତାପର ଭାରସାମ୍ୟ ରକ୍ଷା କରେ । ପିତ, କଫ ନାଶ କରେ । ଜୀର୍ଣ୍ଣ ଶକ୍ତି ବଢ଼ାଏ, ବେଶ ନିଦ ହୁଏ ।

Images: Aptakama Mishra, Processing: Srujanika

ଉତ୍ତର ପ୍ରଦେଶରେ ଖରାଦିନେ ବେଶ୍ ଉତ୍ତାପ ବଢ଼ିଯାଏ । ଦେହରୁ ପାଣି ଶୁଖିଯାଇ ଦେହ ହାତ ଫାଟିଯାଏ । ଏଣୁ ବିଶେଷତଃ ଖରାଦିନେ ଉତ୍ତର ପ୍ରଦେଶର ଲୋକେ ଖରାବେଳେ ବାହାରିକୁ ଗଲାବେଳେ ନାଲି ଓଲି ପିଆଜ ପକେଟରେ ଧରି ଯାଆନ୍ତି । ଅର୍ଥାତ୍ ଏହି ପିଆଜ ବାୟୁ ମଣ୍ଡଳର ଉତ୍ତାପକୁ ଗ୍ରହଣ କରିନିଏ । ଫଳରେ ମଣିଷ ପ୍ରଖର ଉତ୍ତାପରେ ଅପେକ୍ଷାକୃତ କମ୍ କଷ୍ଟ ପାଇଥାନ୍ତି । ବିଶେଷତଃ ଖରାଦିନେ ନାଲି ଓଲି ପିଆଜ ଖାଇଲେ ଶୋଷ ହେଲେ ହଠାତ୍ ତଣ୍ଟି ଶୁଖିଯାଏ ନାହିଁ । ପିଆଜ ମଞ୍ଜି ଦେଖିଛନ୍ତି ମିନି, ଗୋଟାଏ ଗୋଲମରିଚକୁ ୪/୫ ଖଣ୍ଡ କଲେ ଯେତେ ବଡ଼ ହୁଏ, ସେହି ଆକାରରେ ମଞ୍ଜି ହେଲା ପିଆଜ ମଞ୍ଜି । ଏହି ମଞ୍ଜି ମଧ୍ୟ ବିଭିନ୍ନ ଔଷଧାଦି ପାଇଁ ବ୍ୟବହୃତ ହୋଇଥାଏ । ଏହା ଦାନ୍ତପୋକ କାଟିବା, ଯକୃତ ଜନିତ ରୋଗ (ପରିସ୍ରା ନହେବା ଇତ୍ୟାଦି). ଏପରିକି ବୀର୍ଯ୍ୟବର୍ଦ୍ଧନ ପାଇଁ ବିଭିନ୍ନ ପଦ୍ଧତିରେ ବ୍ୟବହୃତ ହୋଇଥାଏ । ଯାହାକୁ ଆମେ ଜଙ୍ଗଲି ପିଆଜ କହୁ । ତାର ଟିଙ୍କ୍ଚର (tieture) ବିଭିନ୍ନ ପ୍ରକାର ଏଲିଓପାଥିକ୍ (allophthic) ଔଷଧରେ ବ୍ୟବହୃତ ହୋଇଥାଏ । ବିଭିନ୍ନ କବିରାଜି ଓ ହୋମିଓପ୍ୟାଥିକ ଔଷଧରେ ମଧ୍ୟ ପିଆଜ ବ୍ୟବହୃତ ହୋଇଥାଏ ବିଭିନ୍ନ ଉପାୟରେ ।'

କିପରି ବ୍ୟବହାର କରିବ

ମିନି ହଠାତ୍ ଅଜାଙ୍କ କଥାକୁ ଛଡ଼ାଇ କହିଲା, 'ଅଜା-ତମେ ତ ପିଆଜ ଉପକାରିତା ବିଷୟରେ ଏକ ସାଧାରଣ ବିବରଣୀ ଦେଲ, ତେବେ ତାକୁ କିମିତି ଏବଂ କେଉଁ ଅନୁପାତରେ କିପରି ବ୍ୟବହାର କଲେ ବିଭିନ୍ନ ରୋଗ ଭଲ ହୁଏ କହିଲେ ମୁଁ ଟିକିଏ ମୋ ଖାତାରେ ଟିପି ରଖନ୍ତି । ଆଉ ତାକୁ ମୋ ଦରକାର ବେଳେ କେତେ ଦୂର କାର୍ଯ୍ୟକାରୀ ହୋଇ ପାରୁଛି ପରୀକ୍ଷା କରି ଦେଖନ୍ତି ମିନିର ଜିଜ୍ଞାସା ଦେଖି ଅଜା ବେଶ୍ ଖୁସି ହୋଇଗଲେ ଏବଂ କହିଲେ, 'ବାଃ ତେବେ ମୁଁ ଆଜ ପିଆଜର ଔଷଧି ଗୁଣ ବିଷୟରେ ତତେ କହୁଛି କହିବି । ତୁ ତାକୁ ଟିପି ନେଇପାରୁ । ବାକି ଆଉ ଦିନେ କହିବି ।'

ଅଜା ଆରମ୍ଭ କଲେ, "ଲେଖ ମିନି, **ମୁଣ୍ଡ ବଥା**—ପିଆଜକୁ ଚକ୍‌କଣ କରି ଶିଳରେ ବାଟି ଦେବ, ସେହି ପିଆଜ ଚଟଣିକୁ ଧୀରେ ଧୀରେ ପାଦ ଗୋଇଠିରେ ଘସିବ । ଏମିତି ଦିନକୁ ଦୁଇ ଥର ଲେଖାଏଁ କରି ୭ ଦିନ ଘସିଲେ ବିଭିନ୍ନ ପ୍ରକାରର ମୁଣ୍ଡ ବଥା ବେମାରି ଭଲ ହୁଏ ।

ଚେତା ବୁଡ଼ିଲେ—ପିଆଜକୁ ଶ୍ରେଷ୍ଠ ଶ୍ରେଷ୍ଠ ଖଣ୍ଡ କରି କାଟି ତାକୁ ପରିଷ୍କାର ପାଣିରେ ଧୋଇ ପଥର ଖୋଲରେ ଭଲ କରି ଛେଚି ଦେବ ଏବଂ ତାକୁ ଚଟଣି କରି ଦେବ । ପରିଷ୍କାର ଲୁଗାରେ ଧଳା କନାରେ ପିଆଜ ଚଟଣିକୁ ଚିପୁଡ଼ି ଦେଇ ରସ ବାହାର କରି ଏକ ପରିଷ୍କାର ବୋତଲରେ ରଖିବ । ସେଥିରୁ ଦୁଇ-ଟୋପା କରି ରସ ନାଶା ରନ୍ଧ୍ରରେ ପକାଇବ । ପ୍ରତି ୧୫ ମିନିଟ ଅନ୍ତରରେ ଥରେ ଲେଖାଏଁ ପିଆଜ ରସ ନାଶାରନ୍ଧ୍ରରେ ପକାଇଲେ ରୋଗୀ ଶୀଘ୍ର ଚେତା ଫେରି ପାଇବ ।

ଦେହର କୌଣସି ଅଂଶରୁ ହଠାତ୍ ବାଳ ଝଡ଼ି ପଡ଼ିଲେ

ସମୟ ସମୟରେ ମୁଣ୍ଡବାଳ ଝଡ଼ିଯାଏ, ଚନ୍ଦା ହୋଇଯାଏ । ଏପରିକି ଦାଢ଼ି, ନିଶ, ବାଳ ମଧ୍ୟ ଝଡ଼ିଯାଏ । କୁଆ ଖୁମ୍ପିଲା ପରି ଦାଢ଼ି ନିଶରେ ଠାଏଁ ଠାଏଁ ବାଳ ଉଠେ ନାହିଁ । କାରଣ କେତେକ ପ୍ରକାର ବ୍ୟାକ୍‌ଟେରିଆ ବା କବକ(fungi)ଏହି ସ୍ଥାନରେ ମାଡ଼ିଯାନ୍ତି । ଫଳରେ ଲୋମମୂଳ ଖାଇଯାଇ ଲୋମ କୂପ ଦୁର୍ବଳ ହୋଇପଡ଼େ । ଲୋମକୂପରୁ ବାଳ ଉଠିବା ପାଇଁ ଆବଶ୍ୟକୀୟ ଆମିନୋଅମ୍ଳ ସବୁ ବ୍ୟାକ୍‌ଟେରିଆ ଓ କବକ ଖାଇ ଯାଆନ୍ତି । ବାଳ ଝଡ଼ିଯିବା ଫଳରେ ମଣିଷ ଖୁବ ଅସୁନ୍ଦର ଦେଖାଯାଏ । ପିଆଜକୁ ଚକ୍‌କଣ କରି ଶିଳରେ ବାଟି ସେଥିରେ ଏକା ପରିମାଣରେ ମହୁ ଏକତ୍ରିତ କରି ଘସିଲେ ସେହି କ୍ଷତଗ୍ରସ୍ତ ଲୋମକୂପରୁ ଲୋମ ଗଜୁରି ଉଠେ । କାରଣ ପିଆଜରସ ଓ ମହୁ ବ୍ୟାକ୍‌ଟେରିଆ ଓ କବକକୁ ମାରିଦିଏ ଏବଂ ଲୋମ କୂପକୁ ସକ୍ରିୟ କରାଇଦିଏ ବୋଲି ଧରି ନିଆଯାଏ । ତେବେ ପିଆଜରସ ଓ ମହୁ ନିର୍ଦ୍ଦିଷ୍ଟ ସ୍ଥାନରେ ଘଷିବା ପୂର୍ବରୁ ଗୋଟାଏ ପତଳା ଲୁଗା କନାରେ ଖୁବ୍ ଜୋରରେ ଘସି ଦେବାକୁ ପଡ଼େ । ଏପରି ଘସି ଦେବ ଯେପରି ସେହି ସ୍ଥାନ ଲାଲ ପଡ଼ିଯିବ ତାପରେ ଯାଇ ଉକ୍ତ ସ୍ଥାନରେ ଔଷଧକୁ ଧୀରେ ଧୀରେ ଘସିବାକୁ ହେବ ଧୈର୍ଯ୍ୟର ସହିତ । ତରବରରେ କାମଚଳା କାମ କରିଦେଇ ହୁଏତ ଫଳପ୍ରଦ ହେବା ସମ୍ଭବ ନୁହେଁ । ଏହି ରସ ଆସ୍ତେ ଆସ୍ତେ ଘସିବ । କିଛି ସମୟ ଛାଡ଼ି ଦେଇ ଦେଖିବ ସେହି ସ୍ଥାନ ଶୁଖି ଯାଇଛି । ତାପରେ ପୁଣି ଘସିବ ଏପରି ଦିନକୁ ୧୦ ଥର କରି ଘସିଲେ, ମାସକ ଭିତରେ ଚନ୍ଦା ସ୍ଥାନରୁ ବାଳ ଗଜୁରି ଉଠି ଆସେ । କ୍ରମଶଃ ପୂର୍ବ ସୌନ୍ଦର୍ଯ୍ୟ ଫେରିଆସେ ।

ମାଲେରିଆ. ଟାଇଫଏଡ଼, ଇନଫ୍ଲୁଏନଜା (influenza) ଇତ୍ୟାଦି ରୋଗିବାବେଳେ ରୋଗୀ ବିଭିନ୍ନ ପ୍ରକାର ଏଲିଓପାଥିକ ଔଷଧ ଖାଇଥାଏ । ଏଲିଓପାଥିକ ଔଷଧର ଗୁଣ ହେତୁ ରୋଗୀ ଆରୋଗ୍ୟ ଲାଭ କରେ ସତ, କିନ୍ତୁ ପରବର୍ତ୍ତୀ କାଳରେ ଦେଖାଯାଏ ଯେ ମୁଣ୍ଡ ବାଳ ଝଡ଼ିଯାଏ । ଏପରି କି କେହି କେହି ଚନ୍ଦା ମଧ୍ୟ ହୋଇ ଯାଆନ୍ତି । କାରଣ ଔଷଧ ପ୍ରଭାବରେ ଆମ ଉପଯୋଗୀ କେତେକ ଆମିନୋଅମ୍ଳ ଆମ ଦେହରୁ ନଷ୍ଟ ହୋଇଯାଏ । ଲୋମ କୂପ

Images: Aptakama Mishra, Processing: Srujanika

ସୁଦୃଢ଼ ରଖିବାରେ ସାହାଯ୍ୟ କରୁଥିବା **ଆମି**ନୋଅମ୍ଳ ଅଭାବରେ ବାଳ ଝଡ଼ିଯାଏ ଏପରି ଅବସ୍ଥାରେ ମଧ୍ୟ ପିଆଜ ରସ ଓ ମହୁ ଏକତ୍ରିତ ମିଶାଇ ଉପରୋକ୍ତ ପ୍ରଣାଳୀରେ ଘଷିଲେ ଲୋମକୂପ ସକ୍ରିୟ ହୁଏ । ଚନ୍ଦା ମୁଣ୍ଡରେ ବାଳ ଉଠେ ।

ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଚନ୍ଦା ହେବା ବହୁତ ପୁରୁଷମାନଙ୍କର ଦେଖାଯାଏ । ଏହା ଏକ ବଂଶଗତ (heriditary) ଦୋଷ । ଏହି ବଂଶର ଜନ୍ମ ହୋଇଥିବା ପିଲାମାନେ ମଧ୍ୟ ଚନ୍ଦା ହୋଇଯିବା ସ୍ୱାଭାବିକ । ଏଣୁ ପିଲାମାନେ ଛୁଆଟି ଦିନରୁ ବାଳର ଯତ୍ନ ନେଲେ ମୁଣ୍ଡବାଳ ଝଡ଼ି ପଡ଼ି ଚନ୍ଦା ହେବା ଅପେକ୍ଷାକୃତ ହ୍ରାସ ପାଇଥାଏ । ଏଥର ବୁଝିଲୁଟି ମିନି ତୋ ଅଜା ବୁଢ଼ା ଚନ୍ଦା, ତୋର ଆଜି ପିନା ଏତେ ସୁନ୍ଦର ବାଳ ଅଛି ବୋଲି ଦୁଇଟି ବେଣୀ ଝୁଲୁଛୁ । ତୋର ତ ବଂଶଗତ ରୋଗ ହେଲା ଚନ୍ଦା, ଏଣୁ ଆଗରୁ ପ୍ରସ୍ତୁତ ହୋଇପଡ଼ ନଚେତ୍ ତୋ ନାତି ନାତୁଣୀ ଯେତେବେଳେ ହେବେ, ଆଉ ତୁ ଚନ୍ଦା ହୋଇ ଯାଇଥିବୁ ।

ମିନି ମନଯୋଗ ଦେଇ ଅଜାଙ୍କ କଥା ପିଇ ଯାଉଥିଲା । ଦରକାର ବେଳେ ଔଷଧିଗୁଣାବଳୀର ପ୍ରଣାଳୀ ସବୁକୁ ତା' ଟିପା ଖାତାରେ ଟିପି ନେଉଥିଲା । ତେବେ ମୁଣ୍ଡ ଚନ୍ଦା କଥା ଶୁଣି ତା ମନ ଫିକା ପଡ଼ିଗଲା । ହଠାତ୍ ଦୁଇଟା ବେଣୀକୁ ଧରି ମେଞ୍ଚାଏ ଲେଖାଏଁ ଛେପ ପକାଇ କହିଲା- ମୁଁ ଜଣେ ପର ଅଜା ବୁଢ଼ା ଯେତେବେଳେ ଚନ୍ଦା ମୋ ବାଳକୁ ଆଖି ଦେବେନି ଆଉ କଣ ! ବୁଝିଲ ଅଜା ମୁଁ ଏଥର କଷ୍ଟପ୍ୟ ବାଳର ଯତ୍ନ ନେବି । ତମ ଚନ୍ଦା ବଂଶରେ ଯେତେବେଳେ ଜନ୍ମ ପାଇଛ ଉପାୟ ଆଉ କଣ ?

ଅଜା ପୁଣି ଆରମ୍ଭ କଲେ, ହଁ- ମିନି ଆଜି ତତେ ଆଉ ଦୁଇ ତିନଟା ପିଆଜର ଔଷଧିଗୁଣ କହି ଦେଇ ସାରିବି ତୁ ମନଯୋଗ ଦେଇ ଶୁଣିନେ ।

ଆଖିରୋଗ- ପିଆଜ ଆଖିପାଇଁ ଏକ ଅବ୍ୟର୍ଥ ଔଷଧ କହିଲେ ଭୁଲ ହେବନି । ମୁଁ ତତେ ଆଗରୁ କହିଛି ପରଳ (cataract) ରୋଗ ପାଇଁ ଏହା ଭାରି ଉପକାରୀ । ଏକଥା କହିଲା ବେଳେ ମୋର ଗୋଟାଏ ଗପ ମନେ ପଡ଼େ ।

ଜଣେ ଲୋକ ଆଖିରେ ପରଳ ମାଡ଼ି ଯିବା ହେତୁ ସେ ଭଲକରି ଦେଖିପାରୁ ନଥିଲା । ଭୋଜି ରନ୍ଧା ହେବ ବୋଲି ଦୈବାତ୍ ତାକୁ ୮।୧୦ କଲେ ପିଆଜ କାଟିବାକୁ ଦିଆଗଲା । ପିଆଜ କାଟିବା ବେଳେ ତା ଗନ୍ଧରେ ଓ ରାଗରେ ଆଖିରୁ ଧାର ଝର ଝର ହୋଇ ଲୁହ ବୋହୁଥିଲା ତାକୁ ଭାରି କଷ୍ଟ ହେଉଥିଲା ସତ । କିନ୍ତୁ ମୁହଁ ଧୋଇ ଦେଖେ ତ ତା ଆଖିକୁ ଅପେକ୍ଷାକୃତ ଭଲ କରି ଦେଖାଗଲାଣି । ଆଚ୍ଛା, ତେବେ ପିଆଜକୁ କିମିତି ଆଖି ପରଳ କାଟିବା ପାଇଁ କି ଉପାୟରେ ବ୍ୟବହାର କରିବା ?

ପିଆଜ ରସ ୪ଭାଗ, ମହୁ ୪ଭାଗ, ଏବଂ ଏକ ଭାଗ କପୂର ଭିମସେନି (Kapur Bhimseni) ଏକତ୍ରିତ କରି ଏକପ୍ରକାର ଅଞ୍ଜନ କରିବାକୁ ହେବ । ତାକୁ ଗୋଟିଏ ପରିଷ୍କାର ବୋତଲରେ ରଖିବ । ତାକୁ ଆଖିରେ କଜ୍ଜଳ ଲଗାଇଲା ପରି ଦିନକୁ ଦୁଇ ତିନିଥର ଲଗାଇବ । ଔଷଧ ଲଗାଇବା ପରେ ଆଖିକୁ ୨।୪ ମିନିଟ ବନ୍ଦ କରି ରଖିବାକୁ ହେବ । ଆଖିରୁ ଆପଣାଛାଏଁ ଝର ଝର ହୋଇ ପାଣି ବାହାରିଯିବ । ଏପରି ନିୟମିତ ଭାବେ ୧୫ ଦିନରୁ ୧ମାସ ଆଖିରେ ଲଗାଇଲେ ପରଳ ଆପଣଛାଏଁ କଟି- ଯାଏ । ଦୃଷ୍ଟିଶକ୍ତି ଫେରିଆସେ । ଆଖିରେ ପରଳ ଆରମ୍ଭ ହେଲା ବେଳେ ଏହି ଅଞ୍ଜନ ଲଗାଇଲେ ଖୁବ୍ କମ୍ ସମୟରେ ଆଖିର ପରଳ ଖଣ୍ଡନ ହୁଏ । ଆଉ ପରଳ ପୂରାପୂରି ମାଡ଼ିଯାଇ ଦୃଷ୍ଟି ଶକ୍ତି ହ୍ରାସ ପାଏ ନାହିଁ । କପୂର ଭିମସେନି ହେଲା ଏକପ୍ରକାର ଆୟୁର୍ବେଦିକ ଔଷଧ ଏହା କୌଣସି ବିଶ୍ୱସ୍ତ ଆୟୁର୍ବେଦୀୟ ବୈଦ୍ୟଙ୍କଠାରୁ ଆଣି ଏ ପ୍ରକାର ପିଆଜ ଅଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଦୈବାତ୍ କପୂର ଭିମସେନି ନ ମିଳିଲେ କେବଳ ପିଆଜ ରସ ଓ ମହୁ ସମଭାଗରେ ଏକତ୍ରିତ କରି ସେହି ରସକୁ ଦିନକୁ ୩।୪ ଥର ଆଖିରେ ପକାଇଲେ ଆଖିର ପରଳ କ୍ରମଶଃ କଟିଯାଏ । ଦୃଷ୍ଟି ଶକ୍ତି ଫେରି ମିଳେ ।

ଛାତ୍ର, ଛାତ୍ରୀମାନେ ପରୀକ୍ଷା ସମୟରେ ରାତି ଅନିଦ୍ରା ହୋଇ ପଢ଼ାପଢ଼ିରେ ବ୍ୟସ୍ତ ରହନ୍ତି । ବେଳେବେଳେ ସେମାନଙ୍କ ଆଖି ଜଳେ ବା ପୀଡ଼ା ହୁଏ, ଅମ୍ବା କୌଣସି କାରଣରୁ ଆଖିରେ କଷ୍ଟ ହେଲେ ପିଆଜ ରସ ଓ ମହୁ ସମପରି- ମାଣରେ ଏକତ୍ରିତ କରି ତାକୁ ଅଞ୍ଜନ ପରି ଲଗାଇଲେ ଆଖି ଜଳିବା ଭଲ ହୁଏ । 'ଆଖି' ଭାରି କୋମଳ ଜିନିଷ । ଏଣୁ ପିଆଜରସ ପ୍ରସ୍ତୁତ କଲାବେଳେ ଦେଖିବ ଯିମିତି ଖୁବ୍ ପରିଷ୍କାର ଖଲରେ ତିଆରି କରିବ । ଅନ୍ୟ କୌଣସି ଦାଗ ଓ ଲୁଣି ଜଡ଼ିତ ସେଥିରେ ଟିକେ ମାତ୍ର ଲାଗି ନ ଥିବ । କାରଣ ସେ ସବୁ ରହିଲେ ଆଖି ନଷ୍ଟ ହୋଇ ଯିବାର ମଧ୍ୟ ସମ୍ଭାବନା ରହିଛି । ଏଣି ସବୁ ପ୍ରକାର ସାବଧାନତା ସହିତ ଆଖି ରୋଗ ପାଇଁ ଔଷଧ ତିଆରି କରିବାକୁ ହେବ ।

ଏହାଛଡ଼ା ଆଉ ଗୋଟିଏ ଉପାୟରେ ପିଆଜକୁ ମଧ୍ୟ ଆଖି ରୋଗ (ପରଳ ଓ ଚକ୍ଷୁପୀଡ଼ା) ପାଇଁ ବ୍ୟବହୃତ ହୋଇଥାଏ । ବ୍ଲାକ ଆଣ୍ଟିମୋନି (Black antimony) ୫ ତୋଲା ଗୋଟିଏ ପରିଷ୍କାର ଖଲରେ ନେଇ ପରିଷ୍କାର ଭାବେ ତିଆରି ହୋଇଥିବା ପିଆଜ ରସରେ ଧିରେ ଧିରେ ମାଡ଼ିବ ଏପରି ଭାବେ ପ୍ରାୟ ୩।୪ ଘଣ୍ଟା ଧିରେ ଧିରେ ମାଡ଼ିବାକୁ ପଡ଼େ । ଫଳରେ ଆଣ୍ଟିମନି ଏକ ପ୍ରକାର ପାଉଡ଼ରର ପରି ଚକ୍‌ଚକ୍ ଗୁଣ୍ଡ ହୋଇଯାଏ । ସେହି ଗୁଣ୍ଡକୁ ଖୁବ୍ ସାବଧାନତା ସହ ଗୋଟିଏ ପରିଷ୍କାର

Images: Aptakama Mishra, Processing: Srujanika

ରଙ୍ଗିନ ବୋତଲରେ ଭରି କରି ଠିପି ଦେଇ ରଖିବ ଏବଂ ସେହି ପାଉଡରକୁ ସୁରମା ଲଗାଇଲା ପରି ଆଖିରେ ଦିନକୁ ଦୁଇ ଥର ଲଗାଇବ । ଆଖିରେ ଔଷଧ ଲଗାଇଲା ପରେ ୨।୪ ମିନିଟ ଆଖି ବନ୍ଦ କରି ରଖିବାକୁ ହେବ । ସେତେବେଳେ ଦେଖିବ ଆଖିରୁ ଆପଣାଛାଏଁ ଲୁହ ବହି ଯାଉଛି । ଏପରି ନିୟମିତ ଭାବେ ଲଗାଇଲେ ଆଖିର ଦୃଷ୍ଟିଶକ୍ତି ବଢ଼ିବା ସଙ୍ଗେ ସଙ୍ଗେ ପରଳ ଦୋଷ ଓ ଆଖି ବିନ୍ଧା ମଧ୍ୟ ଭଲ ହୁଏ ।

ନାକରୁ ବହୁଳ ଭାବେ ଶିଙ୍ଘାଣି ବା ପାଣି ନିଗିଡ଼ିଲେ- ଥଣ୍ଡା ବା ଇନଫ୍ଲୁଏନଜା ହେଲେ ନାକରୁ ପାଣି ବୋହେ । ଭାରି ବ୍ୟସ୍ତ ଲାଗେ । ରୋଗୀ ପିଆଜ ରସକୁ ନାଶାରନ୍ଧ୍ର ଦେଇ ସେଚନ କଲେ ରୋଗୀ ଆରୋଗ୍ୟ ଲାଭ କରେ । ଏହାଛଡ଼ା ରୋଗୀ ଯଥେଷ୍ଟ ପରିମାଣରେ କଞ୍ଚା ପିଆଜ ଖାଇବାକୁ ମଧ୍ୟ ଦରକାର।

ନାକରୁ ରକ୍ତସ୍ରାବ- କଞ୍ଚା ପିଆଜ ରସ ନାକରେ ଦୁଇଟୋପା କରି ୨।୩ ଘଣ୍ଟା ଅନ୍ତରରେ ପକାଇଲେ ନାକରୁ ରକ୍ତସ୍ରାବ ବନ୍ଦ ହୁଏ ।

ପ୍ଲୀହା ରୋଗ- ପ୍ଲୀହାରୋଗ ପାଇଁ କଞ୍ଚା ପିଆଜ ଏକ ଅବ୍ୟର୍ଥ ଔଷଧକହିଲେ ଭଲ ଏପରିକି ପ୍ଲୀହା ବଢ଼ିଲେ କଞ୍ଚା ପିଆଜ ଯଥେଷ୍ଟ ଖାଇଲେ ପ୍ଲୀହା ତାର କାର୍ଯ୍ୟ ସୁନ୍ଦରରୂପେ କାର୍ଯ୍ୟକାରୀ ହୁଏ । ଏପରିକି ପିଆଜ ଆଚାର ମଧ୍ୟ ପ୍ଲୀହା ରୋଗୀ ପାଇଁ ଆବଶ୍ୟକ । ତେବେ ପିଆଜ ଆଚାର କିପରି କରନ୍ତି ଜାଣିଛନ୍ତି କିମ ? ପିଆଜକୁ ଛୋଟ ଛୋଟ ଖଣ୍ଡ କରି କାଟି ପରିଷ୍କାର ପାଣିରେ ଧୋଇ ଦେବ । ତାକୁ କିଛି ଦିନଗାର ଦେଇ ଶୁଖାଇ ଦେବ । ନିଜ ରୁଚି ଅନୁଯାୟୀ କଳାଲୁଣ, ଗୋଲମରିଚ ଗୁଣ୍ଡ, ଜୁଆଣି ପକାଇ ଗୋଟିଏ ପରିଷ୍କାର ବୋତଲରେ ରଖିବ । ମଝିରେ ମଝିରେ ଆଚାର ବୋତଲକୁ ଖରାରେ ଦେଇବେ । ତୋ ଆଇ ମଧ୍ୟ ଏଇ ପିଆଜ ଆଚାର କରେ, ତାକୁ ପ୍ଲୀହା ରୋଗ ଭଲ ହୁଏ । ତା ସାଙ୍ଗକୁ ଶ୍ୱେତ ମଧ୍ୟ ଭଲ ହୁଏ । ପେଟ ରୋଗ ମଧ୍ୟ ଭଲ ହୁଏ । ପେଟ ବ୍ୟଥା (colic pain) ରୋଗୀ ପାଇଁ ମଧ୍ୟ ପିଆଜ ଖୁବ୍ ଉପକାର କରେ । ପିଆଜକୁ ନିଆଁ ପାଉଁଶରେ କିଛି ସମୟ ଘୋଡ଼ାଇ ରଖିଦେବ । ପିଆଜ ଅଧା ସିଝିଗଲା ପରେ ତାକୁ ଆଣି ରସ ବାହାର କରିବ । ସେହି ରସକୁ ଉଷୁମ ଲୁଣି ପାଣିରେ ମିଶାଇ ରୋଗୀକୁ ଦେଲେ ରୋଗୀ ଅତି ଶୀଘ୍ର ଆରୋଗ୍ୟ ଲାଭ କରେ ବାନ୍ତି ବନ୍ଦ ହେବା ପାଇଁ ପିଆଜ ମଧ୍ୟ ଖାଇବାକୁ ଦିଆଯାଏ । ପିଆଜ ଆଚାର ଖାଇଲେ ଅରୁଚି ଓ ବାନ୍ତି ବନ୍ଦ ହୁଏ ।

ଅଜାଙ୍କଠୁ ମିନି ଆଜି ପିଆଜର ଉପକାରିତା ବିଷୟରେ ବହୁତ କଥା ଶୁଣିଲାଣି ତା ମୁଣ୍ଡ ଭାରାକ୍ରାନ୍ତ ହୋଇ ଗଲାଣି । ତେଣୁ ଅଜା ମିନି ମୁହଁକୁ ଚାହିଁ କହିଲେ ଏତିକି ଆଜି ଥାଉ । ଆଉ ଦିନେ ଡତେ ପିଆଜର ଉପକାରିତା ବିଷୟରେ ଅଧିକା କଥା ଶୁଣେଇବି । □

ଅଢ଼େଇ ହଜାର ବର୍ଷ ତଳର ହତ୍ୟାକାଣ୍ଡ

ଏହାର ତଦନ୍ତ ନିମନ୍ତେ ମ୍ୟୁଜିଅମ ପକ୍ଷରୁ ପୋଲିସକୁ ନିବେଦନ

ଦୀର୍ଘ ଅଢ଼େଇ ହଜାର ବର୍ଷ ତଳେ ହୋଇଥିବା ଏକ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବା ପାଇଁ ବ୍ରିଟିଶ୍ ମ୍ୟୁଜିଅମ କର୍ତ୍ତୃପକ୍ଷ ପୋଲିସକୁ ନିବେଦନ କରିଥିବା ଜଣାଯାଇଛି ।

ମ୍ୟୁଜିଅମ ଓ ପୋଲିସ କର୍ତ୍ତୃପକ୍ଷ ମିଳିତଭାବେ ଲୌହ ଯୁଗର ସଂରକ୍ଷିତ ଏକ ଶବକୁ ପରୀକ୍ଷା କରିବେ । ଶବଟି ସୁରକ୍ଷିତ ଅଛି ଏବଂ ଅତି ନିର୍ମମ ଭାବେ ତାକୁ ହତ୍ୟା କରାଯାଇଥିବା ଅନୁମିତ ହେଉଛି ।

ଶବର ବେଶଭୂଷା ଓ ଆକୃତିରୁ ସେ ସେତେବେଳକାର ଏକ ସମ୍ଭ୍ରାନ୍ତବଂଶୀୟ ଲୋକ ବୋଲି ଆପାତତଃ ବିଶ୍ୱାସ କରାଯାଉଛି । ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବା ଅବକାଶରେ ସେତେବେଳର ଲୋକଙ୍କର ଚାଲିଚଳଣି ଓ ରୀତିନୀତି ବିଷୟ ମଧ୍ୟ ଲୋକଲୋଚନକୁ ଆସିପାରିବ । □

ଭାରତର ସବୁଠାରୁ ଦୂଷିତ ନଦୀ

ମହାତ୍ମା ଗାନ୍ଧୀ ଯେଉଁ ଐତିହାସିକ ସାବରମତୀ ନଦୀ କୂଳରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳନା କରୁଥିଲେ ସେହିନଦୀର ଜଳ ସବୁଠାରୁ ଦୂଷିତ ବୋଲି ପରିବେଶ ବୈଜ୍ଞାନିକ ମାନଙ୍କ ସୂତ୍ରରୁ ଜଣାଯାଇଛି । □

ତିନି ହଜାରବର୍ଷ ହେଲା ନିଆଁ ଜଳୁଛି

ମଧ୍ୟ ଏସିଆର ଏକ କୋଇଲା ଖଣିରେ ତିନି ହଜାର ବର୍ଷ ତଳେ ନିଆଁ ଲାଗିଥିଲା । ସେ ଖଣି ଏ ପର୍ଯ୍ୟନ୍ତ ଜଳୁଛି ଏବଂ ଆସନ୍ତା କେତେ ଶହ ବର୍ଷ ଧରି ଏହା ଏହିପରି ଭାବେ ଜଳୁଥିବ ବୋଲି ମସ୍କୋରୁ ପ୍ରକାଶିତ ଏକ ବିଜ୍ଞାନ ପତ୍ରିକାରେ ସଂପ୍ରତି ପ୍ରକାଶ ପାଇଛି ।

ଭୂଗର୍ଭସ୍ଥ ଏହି ଅଗ୍ନିକାଣ୍ଡ ଫଳରେ ବାହାରିଲା ପାଉଁଶ ଓ ଧୂଆଁ ସବୁ ରାବତ ପର୍ବତମାଳାରୁ ନିର୍ଗତ ହେଉଛି ଏବଂ ପର୍ବତ ଛଡ଼ା ବିଭିନ୍ନ ଫାଟ ସ୍ଥାନମାନଙ୍କରୁ ମଧ୍ୟ ଏ ଧୂଆଁ ଅବିରାମ ଗତିରେ ନିର୍ଗତ ହେଉଛି । ତାଜିକସ୍ଥାନରେ ଏହି ପର୍ବତମାଳାରୁ ବାହାରୁଥିବା ଧୂଆଁ ଓ ବାଷ୍ପ ବିଷୟରେ ଦୁଇ ହଜାର ବର୍ଷ ତଳେ ବୈଜ୍ଞାନିକ ପ୍ଲିନି ଲିପିବଦ୍ଧ କରିଥିଲେ ଏବଂ ଏହା ଏହିଭଳି ଭାବେ ଜଳି ଚାଲିଥିବ । □

Images: Aptakama Mishra, Processing: Srujanika

ମୃତ୍ୟୁ କାଳୀନ ଜମାନବନ୍ଦୀ

ଡାକ୍ତର ଜିତେନ୍ଦ୍ର କୁମାର ବଳବନ୍ତରାୟ

ମରୁଯାଇଥିବା ବ୍ୟକ୍ତି ମିଥ୍ୟା କହି ନପାରେ । ଏହା ଏକ ଇଂରେଜ ପ୍ରବାଦ ଓ ଇଂଲଣ୍ଡରେ ମରିଯାଇଥିବା ଲୋକର ଉକ୍ତି ବିଚାରାଳୟରେ ଗ୍ରହଣ ଯୋଗ୍ୟ । ଭାରତୀୟ ସାକ୍ଷ୍ୟ ଆଇନର ୩୨ ଧାରା ଅନୁସାରେ ମୃତବ୍ୟକ୍ତିର ମୃତ୍ୟୁକାଳୀନ ଜମାନବନ୍ଦୀଟି ଲିଖିତ ହେଉ କିମ୍ବା ମୌଖିକ ହେଉ, ତାହା ଯଦି ତା'ର ମୃତ୍ୟୁର କାରଣ ସମ୍ବନ୍ଧୀୟ ହୋଇଥାଏ କିମ୍ବା କୌଣସି ଏକ ପରିସ୍ଥିତିକୁ ବୁଝାଉ ଥାଏ ଯାହାକି ପରବର୍ତ୍ତୀ ସମୟରେ ତା'ର ମୃତ୍ୟୁର କାରଣ ହୋଇଛି । ତେବେ ଭାରତୀୟ ବିଚାରଧାରା ତାହାକୁ ସଂଗତଯୁକ୍ତ ଅଭିବ୍ୟକ୍ତି ଭାବେ ଗ୍ରହଣ କରିଥାଏ । ଭାରତୀୟ ସାକ୍ଷ୍ୟ ଆଇନର (Indian Evidence Act) ୩୨ ଧାରାରେ ସଂଗତଯୁକ୍ତ ଅଭିବ୍ୟକ୍ତି ସମ୍ପର୍କରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି । ୮ଟି ବିଭିନ୍ନ ଉପଧାରାରେ ବିଭିନ୍ନ ସଂଗତଯୁକ୍ତ ଅଭି ବ୍ୟକ୍ତିର ଶ୍ରେଣୀବିଭାଗ କରାଯାଇଛି । ସବୁ ସଂଗତ ଯୁକ୍ତ ଅଭିବ୍ୟକ୍ତି ଗ୍ରହଣଯୋଗ୍ୟ ନୁହେଁ । ମାତ୍ର ସବୁ ଗ୍ରହଣଯୋଗ୍ୟ ଅଭି-ବ୍ୟକ୍ତି ସଂଗତଯୁକ୍ତ ଅଟେ । ସାକ୍ଷ୍ୟ ଆଇନର ୯୧ ରୁ ୯୯, ୧୧୫ ରୁ ୧୧୭, ୧୨୧ ରୁ ୧୩୦ ଧାରାରେ ସଂଗତଯୁକ୍ତ ସାକ୍ଷ୍ୟର ସୀମାରେଖା ଓ କୋର୍ଟରେ ତାହାର ଗ୍ରହଣଯୋଗ୍ୟତା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ସଂକ୍ଷେପରେ ଗୋଟିଏ ତଥ୍ୟ ଅନ୍ୟ ତଥ୍ୟସହ ଘନିଷ୍ଠ ଭାବେ ସଂପୃକ୍ତ ଥିବାକୁ ସଂଗତଯୁକ୍ତ ଅଭିବ୍ୟକ୍ତି କୁହାଯାଏ । ଅନ୍ୟଥା ଏହା ସଂଗତଯୁକ୍ତ ହୋଇପାରେ, ମାତ୍ର ଗ୍ରହଣଯୋଗ୍ୟ ନୁହେଁ ।

ମୃତ୍ୟୁକାଳୀନ ଜମାନବନ୍ଦୀ :

ଏହା ଏକ ସଂଗତ ଯୁକ୍ତ ତଥ୍ୟ ଓ ବିଚାର ପାଇଁ ଗ୍ରହଣଯୋଗ୍ୟ ଦଲିଲ । କାରଣ ମରିଯାଇଥିବା ଲୋକ ନିଜ ମୃତ୍ୟୁରେ ନିଃସନ୍ଦେହ ହୋଇ ପଡ଼ିଥାଏ ଓ ନିଜ ମୃତ୍ୟୁ ପାଇଁ ଜଡ଼ିତ ଦୋଷୀର ଚରିତ୍ର ବର୍ଣ୍ଣନା କରିଥାଏ । ଭାରତୀୟ ସାକ୍ଷ୍ୟ ଆଇନର ୩୨ ଧାରା ଓ ଉପଧାରା -କ- ଅନୁଯାୟୀ ମୃତ୍ୟୁକାଳୀନ ଜମାନ-ବନ୍ଦୀକୁ ସଙ୍ଗତଯୁକ୍ତ ଓ ବିଚାର ପାଇଁ ଗ୍ରହଣ ଯୋଗ୍ୟ ବୋଲି ଧରାଯିବ । ତାହା ଯଦି ନିମ୍ନଲିଖିତ ସର୍ତ୍ତମାନଙ୍କର ଅବଧାରକ ହୋଇଥାଏ । ୧) ଏହା ମୃତ୍ୟୁ ଆସନ୍ନ ବ୍ୟକ୍ତିର ନିଜ ମୃତ୍ୟୁର କାରଣ ପାଇଁ ଲିଖିତ କିମ୍ବା ମୌଖିକ ତଥ୍ୟହେବା ଦରକାର । ୨) ମୃତ୍ୟୁ ଅପେକ୍ଷାରତ ଲୋକର ଅଭିବ୍ୟକ୍ତି କେବଳ ନିଜ ମୃତ୍ୟୁର କାରଣ ସମ୍ବନ୍ଧୀୟ ହୋଇଥିବ କିମ୍ବା କୌଣସି ଏକ ପରିସ୍ଥିତି ସମ୍ପର୍କରେ ହୋଇଥିବ ଯାହାକି ମୃତ୍ୟୁର କାରଣ ସହ ଘନିଷ୍ଠ ଭାବେ ସଂପୃକ୍ତ ଥିବ । ମୃତ୍ୟୁର କାରଣ ବ୍ୟତୀତ ମୃତ୍ୟୁ ସମୟରେ ମରିଯାଇଥିବା ଲୋକର ଅନ୍ୟ କୌଣସି ପ୍ରକାର ଜମାନବନ୍ଦୀକୁ ମୃତ୍ୟୁକାଳୀନ ଜମାନବନ୍ଦୀ ରୂପେ ଧରାଯିବ ନାହିଁ । ପରିସ୍ଥିତିରୁ କାରଣ ନିର୍ଣ୍ଣୟ ପରିପ୍ରେକ୍ଷୀରେ ଗୋଟିଏ ଘଟଣାର ଉପଲକ୍ଷ ଏଠାରେ ଦିଆଯାଇ ପାରେ । ୧୯୩୭ ମସିହା ମାର୍ଚ୍ଚ ୨୩ ତାରିଖରେ ଆନ୍ଧ୍ର ପ୍ରଦେଶର କୁଶନୁ-କାରଜୁର ମୃତଦେହ ପୁରୀରେ ଏକ ଟ୍ରେନ୍‌ରୁ ରେଳଗାଡ଼ିର ଥାର୍ଡ କ୍ଲାସ କମ୍ପାର୍ଟମେଣ୍ଟରୁ ମିଳିଥିଲା । ଅପରାଧୀ ମୃତ ବ୍ୟକ୍ତିଠାରୁ ୩୦୦୦ ଟଙ୍କା ଧାର-ନେଇ ନ ଫେରାଇବାର ମତଲବରେ ଟଙ୍କା ଫେରାଇବାର ଛଳନାରେ ମୃତ ବ୍ୟକ୍ତିକୁ ବେନାମୀ ଚିଠି ଦ୍ୱାରା ନିଜଘର ଓଡ଼ିଶାର ବରହମପୁରକୁ ଡକାଇ ଥିଲା ଓ କଟୁରୀ ସାହାଯ୍ୟରେ ୭ ଖଣ୍ଡ କରି ହାଣିଥିଲା । ଚିଠି ଦେବା, ଜନୈକ ଧୋବାଦ୍ୱାରା ଟ୍ରଙ୍କ କିଣିବା ଓ ଟ୍ରଙ୍କ ଧରିଆଣି କରୁଥିବା ବ୍ୟକ୍ତି – ଏହି ସମସ୍ତ ସାକ୍ଷ୍ୟମାନ ଯେଉଁ ପରିସ୍ଥିତି ଅନ୍ତର୍ଭୁକ୍ତ ହେଲେ ତାହା ଅପରାଧୀ ଯେ ମୃତ୍ୟୁର କାରଣ ଏଥିରୁ ସ୍ପଷ୍ଟ ଅନୁମେୟ ହେଲା ଓ ଅପରାଧୀ ଆବଶ୍ୟକ ଦଣ୍ଡଯୋଗ୍ୟ ବିବେଚିତ ହେଲା । ଏହି ପରିସ୍ଥିତିକୁ Circumstances of transaction କୁହାଯାଏ ଓ ଏହାମଧ୍ୟ ମୃତ୍ୟୁକାଳୀନ ଜମାନ-ବନ୍ଦୀ ତୁଲ୍ୟ । ଏହା ସଂଗତଯୁକ୍ତ ଓ ଗ୍ରହଣୀୟମଧ୍ୟ

୩ – ସାମ୍ଭାବ୍ୟ ମୃତ୍ୟୁ ସମ୍ପର୍କରେ ଆସନ୍ନ ମୃତ୍ୟୁକୁ ଅପେକ୍ଷାରତ ବ୍ୟକ୍ତି ଯଥେଷ୍ଟ ସଚେତନ ଥିବା ଦରକାର ଓ କେବଳ ମୃତ୍ୟୁର ଠିକ୍ ପୂର୍ବ ଅବସ୍ଥାରେ ଏହା ନିଆଯିବା ଆବଶ୍ୟକ । ୪ -ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତିର ମାନସିକ ଭାରସାମ୍ୟ ।

୫ – ଜଣେ ସ୍ଥାନୀୟ ମାଜିଷ୍ଟ୍ରେଟ ଯେକି ଏହି ଅପରାଧର ବିଚାର ସହ ସମ୍ପୃକ୍ତ ନୁହେଁ, ଜମାନବନ୍ଦୀ ଲିପିବଦ୍ଧ କରିବା ଆବଶ୍ୟକ । ସମୟର ସ୍ୱଳ୍ପତା ଅନୁଭବରେ ଡାକ୍ତର ମଧ୍ୟ ଜମାନବନ୍ଦୀ ନେଇପାରିବେ । ଡାକ୍ତର, ମାଜିଷ୍ଟ୍ରେଟ୍ ଦ୍ୱାରା ଲିପିବଦ୍ଧ ଜମାନ-ବନ୍ଦୀ ସଂଗତଯୁକ୍ତ ଓ ଗ୍ରହଣୀୟ । ଅନ୍ୟଥା ସଂଗତଯୁକ୍ତ ହୋଇପାରେ ମାତ୍ର ଗ୍ରହଣୀୟ ହେବା ପୂର୍ବରୁ ବିଚାରର ମୌଳିକ ନିୟମ ପର୍ଯ୍ୟାୟନେଇ ଗତି କରିଥାଏ ।

୬—ଜମାନବନ୍ଦୀ ଲିପିବଦ୍ଧ ସମୟରେ ଅପ-ରାଧୀ କିମ୍ବା ପୋଲିସ ଅନୁପସ୍ଥିତ ରହିବା ଆବ-ଶ୍ୟକ ।

୭—ବ୍ୟକ୍ତିର ଅନାତ୍ମୀୟ ଦୁଇଜଣ ସମ୍ମାନଜନକ ବ୍ୟକ୍ତି ଏହି ଜମାନବନ୍ଦୀର ସାକ୍ଷୀ ରହିବା ଦର-କାର । ଯେଉଁମାନେ ବିଚାରାଳୟରେ ମୃତ ବ୍ୟକ୍ତିର ଅଭିବ୍ୟକ୍ତିକୁ ଠିକ ବୋଲି କହିପାରିବେ ।

୮—ଲିପିବଦ୍ଧ କରିଥିବା ଡାକ୍ତର, ମାଜି-ଷ୍ଟ୍ରେଟ ଜମାନବନ୍ଦୀକୁ ପ୍ରଶ୍ନ ଉତ୍ତର ଢଙ୍ଗରେ ଓ ବ୍ୟକ୍ତିର ଅବିକଳ ଭାଷାରେ ଲିପିବଦ୍ଧ କରିବା ଆବଶ୍ୟକ ଯାହାକି ଉପରୋକ୍ତ ସାକ୍ଷୀ ଦୁଇଜଣ ଏହି ଅବିକଳ ଭାଷା ମୃତ ବ୍ୟକ୍ତି କହିଥିଲେ ବୋଲି ପରେ ସାକ୍ଷ୍ୟ ଦେବେ ଓ ଲିପିବଦ୍ଧକାରୀର ସାକ୍ଷ୍ୟକୁ ସତ୍ୟ ବୋଲି ସାବ୍ୟସ୍ତ କରିବେ । ସାକ୍ଷୀମାନେ କୌଣସି ପକ୍ଷ ଛଳରେ ଜମାନବନ୍ଦୀକୁ ଅସତ୍ୟ କରିବାକୁ ଚେଷ୍ଟା କଲେବି ଜମାନବନ୍ଦୀ ଖଣ୍ଡିତହୁଏ ନାହିଁ । କାରଣ ତାହାର ଯଥାର୍ଥତା ଅନୁ-ଧ୍ୟାନ ମାନ୍ୟବର କୋର୍ଟଙ୍କ ମୁଳବସ୍ତୁ ।

୯—ଜମାନବନ୍ଦୀକୁ ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତି ନିଜେ ଲେଖି ପାରିଲେ ଭଲ, ନଚେତ ତାର ମୌଖିକ ଉତ୍ତର କିମ୍ବା ବାକ୍‌ଶକ୍ତି ହୀନତା ଥିଲେ ତାର ଇଙ୍ଗିତକୁ ଲିପିବଦ୍ଧ କରାଯାଇ

(ଅବଶିଷ୍ଟାଂଶ ୨୨ ପୃଷ୍ଠାରେ)

Images: Aptakama Mishra, Processing: Srujanika

ଫାଣ୍ଟମ୍

Images: Aptakama Mishra, Processing: Srujanika

ଲି . ଫକ୍
ସି . ବେରୀ

© 1983 King Features Syndicate, Inc. World rights reserved.

Images: Aptakama Mishra, Processing: Srujanika

ଯାଇବ । ସର୍ବଶେଷରେ ସାକ୍ଷୀମାନଙ୍କ ସହ ସ୍ୱାକ୍ଷର କିମ୍ବା ଟିପ ଚିହ୍ନ ରହିବା ଦରକାର । କହୁଥିବା ଅବସ୍ଥାରେ ଯଦି ସେ ମରିଯାଇଥାଏ ଜମାନବନ୍ଦୀ ସଙ୍ଗତିହୀନ ହୁଏ ନାହିଁ । ସାକ୍ଷୀ ଦୁଇଜଣ ଓ ଲିପିବଦ୍ଧକାରୀ ଜମାନବନ୍ଦୀର ସାକ୍ଷୀରୂପେ ରହନ୍ତି । ଜମାନବନ୍ଦୀ ବ୍ୟାପକ, ବିଶଦ ଓ ବର୍ଣ୍ଣନା ପୂର୍ଣ୍ଣ ହେଲେ ଭଲ । ଯଦି ଏହା ସମ୍ଭବ ହୋଇ ନ କେବଳ ଅପରାଧୀର ନାମ ଓ ମାରିବା ପ୍ରଣାଳୀ ଥିଲେବି ଏହା ସଙ୍ଗତିପୂର୍ଣ୍ଣ । ଜମାନବନ୍ଦୀ ଲିପିବଦ୍ଧ ପରେ ଏହା ବ୍ୟକ୍ତିଙ୍କୁ ପଢ଼ି ଶୁଣାଇ ଦେବା ଦରକାର ।

୧୦— ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତିର ଜମାନବନ୍ଦୀ ସମୟରେ ତାହା ଉପରେ କୌଣସି ପ୍ରକାର ପ୍ରଭାବ ପକାଇବା ଅପ୍ରାସଙ୍ଗିକ । ତାହାର ଅଭିବ୍ୟକ୍ତି ଉଭୟ କ୍ରିମିନାଲ ଓ ସିଭିଲ କେସରେ ଗ୍ରହଣୀୟ ।

ମାନ୍ୟବର କୋର୍ଟ ଯଦି ଜମାନବନ୍ଦୀ ଉପରେ ସନ୍ତୁଷ୍ଟ ହୋଇପାରନ୍ତି, ତାହାହେଲେ ପାରମ୍ପରିକ ବିଚାର ପ୍ରଣାଳୀକୁ ଅପେକ୍ଷା ନକରି ଦୋଷୀପ୍ରତି ଦଣ୍ଡବିଧାନ ସମ୍ପୂର୍ଣ୍ଣ ବିଧିପୂତ ଓ ଏଥିପାଇଁ ଆଉ କୌଣସି ଆନୁସଙ୍ଗିକ ପ୍ରସଙ୍ଗରେ ଆବଶ୍ୟକତା ନଥାଏ । ମାତ୍ର ମାନ୍ୟବର କୋର୍ଟ ଏଥି ନିମନ୍ତେ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଖୁବ ସତର୍କତାର ସହ ଅନୁଧ୍ୟାନ କରିବା ଖୁବ ଜରୋରି କାରଣ ଦୋଷୀ ଦଣ୍ଡ ପାଉ, ମାତ୍ର ନିର୍ଦ୍ଦୋଷ ଧୋକା ନ ଖାଉ ।

ମୃତ୍ୟୁକାଳୀନ ଜମାନବନ୍ଦୀର ନ୍ୟାୟିକ ମୂଲ୍ୟ

ଆସନ୍ନ ମୃତ୍ୟୁରେ ପ୍ରପୀଡ଼ିତ ବ୍ୟକ୍ତିର ଅଭିବ୍ୟକ୍ତି ମିଥ୍ୟା ହୋଇନପାରେ । ଏହି ବିଶ୍ୱାସରେ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆଇନ ଦୃଷ୍ଟିରୁ ବହୁ ଉଚ୍ଚସ୍ଥାନ ଦିଆଯାଇଛି । ମୃତ୍ୟୁକାଳୀନ ଜମାନବନ୍ଦୀର ବିଶ୍ୱାସ ଯୋଗ୍ୟତା ସଂପର୍କରେ ୧୯୫୮ ଖୁସାଲ ରାଓ କେସରେ ମାନ୍ୟବର ସୁପ୍ରିମ କୋର୍ଟ କେତେକ ମନ୍ତବ୍ୟ ଦେଇଥିଲେ । ମୃତ୍ୟୁକାଳୀନ ଜମାନବନ୍ଦୀକୁ ଉପଲକ୍ଷ୍ୟ କରି କହିଥିଲେ ।:—

୧— ମୃତ୍ୟୁକାଳୀନ ଜମାନବନ୍ଦୀର ସତ୍ୟତା ପାଇଁ କୌଣସି ଆନୁସଙ୍ଗିକ ପ୍ରାସଙ୍ଗିକତା ନିହାତି ଜରୋରି ନୁହେଁ ।

୨— ମୃତ୍ୟୁକାଳୀନ ଜମାନବନ୍ଦୀ କେଉଁ ପରିସ୍ଥିତିରେ ନିଆଯାଇଛି ତାହାର ଅନୁଧ୍ୟାନ ଖୁବ ଜରୋରି ।

୩— ମୃତ୍ୟୁକାଳୀନ ଜମାନବନ୍ଦୀକୁ ଅନ୍ୟ ସାକ୍ଷୀ ଠାରୁ କୌଣସି ଗୁଣରେ ନ୍ୟୂନତର ଭାବରେ ଭାବିବା ଠିକ୍ ନୁହେଁ ।

୪— ଯେ କୌଣସି ସାକ୍ଷ୍ୟକୁ ତଉଲିବା ପ୍ରଣାଳୀରେ ମୃତ୍ୟୁକାଳୀନ ଜମାନବନ୍ଦୀକୁ ତଉଲିବାର ଆବଶ୍ୟକତା ରହିଛି ।

୫— ଜଣେ ମାଜିଷ୍ଟ୍ରେଟ ପାରମ୍ପରିକ ଭାବରେ ଯଥା ପ୍ରଶ୍ନ ଉତ୍ତର କ୍ରମରେ ବ୍ୟକ୍ତିର ଅବିକଳ ଭାଷାରେ ଯଦି ଜମାନବନ୍ଦୀକୁ ଲିପିବଦ୍ଧ କରିଥାଏ, ତେବେ ଏହା ମୌଖିକ ଜମାନବନ୍ଦୀ ଠାରୁ ଯଥେଷ୍ଟ ସଙ୍ଗତ ପୂଣ ।

୬— ମୃତ୍ୟୁକାଳୀନ ଜମାନବନ୍ଦୀକୁ ବିଶ୍ୱାସଯୋଗ୍ୟ ସଙ୍ଗତ ଓ ଗ୍ରହଣଯୋଗ୍ୟ ରୂପେ ଘୋଷଣା ପୂର୍ବରୁ ନିମ୍ନ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ଦରକାର ।

(କ) ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତି ଯେଉଁ ଅପରାଧ ଓ ଅପରାଧୀ ସମ୍ପର୍କରେ କହେ ସେହି ଅପରାଧ ଘଟିଥିବା ପରିବେଶ ଅପରାଧ ଓ ଅପରାଧୀକୁ ଚିହ୍ନଟ କଲଭଳି ପରିସ୍ଥିତି ଥିଲା କି ନାହିଁ, ବ୍ୟକ୍ତି ଘଟାଇଥିବା ଘଟଣାମାନ ମନେ ରଖିଥିଲା ଭଳି ମାନସିକ ଅବସ୍ଥାରେ ଥିଲା କି ନାହିଁ ?

(ଖ) ମୃତ୍ୟୁ ଉପନୀତ ହେଲା ପର୍ଯ୍ୟନ୍ତ ବ୍ୟକ୍ତି ଅପରାଧୀ ଓ ଅପରାଧ ସମ୍ପର୍କରେ କହିବାକୁ ବହୁ ସୁଯୋଗ ପାଇଥିବ, ଚେଷ୍ଟା କରିଥିବ ଓ ବିଭିନ୍ନ ଉପସ୍ଥିତ ବ୍ୟକ୍ତିଙ୍କୁ ମଧ୍ୟ କହିଥିବ । ସର୍ବଶେଷରେ ମୃତ୍ୟୁକାଳୀନ ଜମାନବନ୍ଦରେ ମଧ୍ୟ ଏହା ବୟାନ କରିଥିବ । ତାହାର ଏହି ସମସ୍ତ କଥନ ଏକ ପ୍ରକାର କି ନୁହେଁ ତାହା ମଧ୍ୟ ଅନୁଧ୍ୟାନ କରିବ ଆବଶ୍ୟକ ।

(ଗ) ମୃତ୍ୟୁ କାଳୀନ ଜମାନବନ୍ଦୀ ଘଟଣା ଘଟିବାର ପରେ ପରେ ଯଥାଶୀଘ୍ର ଲିପିବଦ୍ଧ କରାଯାଇଛି କି ନାହିଁ ଯେପରିକି କେହି ସୁବିଧାବାଦୀ କେହି ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତିଙ୍କୁ ପ୍ରଭାବ ପକାଇବାର ସୁଯୋଗ ପାଇ ନଥିବେ ।

ଏ ସମସ୍ତକୁ ବିଚାର ବିମର୍ଷ ନେଇ ମାନ୍ୟବର କୋର୍ଟର ହୃଦବୋଧ ହୁଏ ଯେ ମୃତ୍ୟୁକାଳୀନ ଜମାନବନ୍ଦୀ ସଙ୍ଗତ ପୂର୍ଣ୍ଣ ଓ ଅପରାଧୀ ଦଣ୍ଡ ପାଇବା ଯୋଗ୍ୟ । କୌଣସି ଅବସ୍ଥାରେ ଏହା ବିଶ୍ୱାସର ସନ୍ଦେହ ସୃଷ୍ଟି କରୁଥିଲେ ଆନୁସଙ୍ଗିକ ପ୍ରାସଙ୍ଗିକତାର ଆବଶ୍ୟକ ହୋଇଥାଏ । ମୃତ୍ୟୁକାଳୀନ ଜମାନବନ୍ଦୀର ଅନଭିଜ୍ଞ ଲିପିବଦ୍ଧତାରୁ ଏହାକୁ ଅସଙ୍ଗତ ବୁଝାଯାଇନଥାଏ । ଜମାନବନ୍ଦୀର ଅମେଳତାରୁ ହିଁ କେବଳ ଏହାକୁ ଅସଙ୍ଗତ ବୁଝାଯାଏ । ମାତ୍ର ଏକଦା ଏହା ସତ୍ୟ ଘୋଷିତ ହେବା ପରେ ଦଣ୍ଡବିଧାନ ଅନିବାର୍ଯ୍ୟ

ମୃତ୍ୟୁକାଳୀନ ଜମାନବନ୍ଦୀପରେ ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତି ଯଦି ବଞ୍ଚିଯାଏ

ସାକ୍ଷ୍ୟ ଆଇନର ୩୨(୧) ଧାରା ଅନୁଯାୟୀ ଏଭଳି ଜମାନବନ୍ଦୀ ସଙ୍ଗତପୂର୍ଣ୍ଣ ଓ ଗ୍ରହଣୀୟ । ମାତ୍ର ଏହାକୁ ଗ୍ରହଣ ଯୋଗ୍ୟ କରିବାପାଇଁ ସାକ୍ଷ୍ୟ ଆଇନର ୧୫୭ ଧାରାର ଅବଲମ୍ବନ ଆବଶ୍ୟକ । ତାହା ହେଲା ଜମାନବନ୍ଦୀର ପ୍ରତିଟି ଉତ୍ତର କିମ୍ବା ପ୍ରତିଟି ଇଙ୍ଗିତକୁ ଆନୁସଙ୍ଗିକ ପ୍ରସଙ୍ଗମାନ ସହ ବିଚାରର ପାରମ୍ପରିକ ଭାବରେ ପ୍ରମାଣ କରାଇବା । ବ୍ୟକ୍ତି ବଞ୍ଚିଗଲା ପରେ ତାହାର ମୃତ୍ୟୁକାଳୀନ ଜମାନବନ୍ଦୀ ବିଶ୍ୱାସ ଯୋଗ୍ୟ ହୋଇପାରେ । ମାତ୍ର ସଙ୍ଗତପୂର୍ଣ୍ଣ ଓ ଗ୍ରହଣ ଯୋଗ୍ୟ ହେବାପାଇଁ ଉକ୍ତ ଜମାନବନ୍ଦୀର ସମସ୍ତ ପ୍ରମାଣିକତାଗତ ଭାବେ ସାବ୍ୟସ୍ତ ହେବା ଆବଶ୍ୟକ । ସାକ୍ଷ୍ୟ ଆଇନର ୫ରୁ ୫୫ ଧାରା ବିଧିରେ ସଙ୍ଗତଯୁକ୍ତ ତଥ୍ୟର ବିଶଦ ବ୍ୟାଖ୍ୟା ହୋଇଛି । ମାତ୍ର ଅପରାଧ ନିୟନ୍ତ୍ରଣ ଆଇନର ୧୬୧ ଓ ୧୬୨ ଧାରାରେ ଏହା ଉପରେ କଟକଣା ନିୟନ୍ତ୍ରଣ ଅଛି । ପୋଲିସ ସମ୍ମୁଖରେ ଯେ କୌଣସି ସଙ୍ଗତ ତଥ୍ୟର ଉପସ୍ଥାପନ ବିଚାରାଳୟରେ ଆବଶ୍ୟକ ଭାବେ ସଙ୍ଗତ ହୋଇ ନପାରେ ।

ମୃତ୍ୟୁକାଳୀନ ଜମାନବନ୍ଦୀ ସମ୍ବନ୍ଧରେ ଇଂରାଜୀ ଆଇନ

ମୃତ୍ୟୁକାଳୀନ ଜମାନବନ୍ଦୀ ଇଂଲଣ୍ଡ ବିଚାରାଳୟରେ ଗ୍ରହଣଯୋଗ୍ୟ ଯଦି ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତିର ଇନ୍ଦ୍ରିୟ ସଚେତନ ଥାଏ, ମାନସିକ ଭାରସାମ୍ୟ ହରାଇନଥାଏ, ନିଶ୍ଚିତ ମୃତ୍ୟୁରେ ନିଃସନ୍ଦେହ ଥାଏ ଓ ଆରୋଗ୍ୟ ଲଭିବା ସମ୍ପୂର୍ଣ୍ଣ ଅସମ୍ଭବ ମଣୁଥାଏ ଏବଂ ସର୍ବୋତପରି ଆରୋଗ୍ୟ ଅବଶେଷରେ ରୋଗୀ ମରିଥାଏ । ଆଇନ ଏଥିପାଇଁ ଏହାକୁ ବିଶ୍ୱାସ କରେ ଯେ ମୃତ୍ୟୁ ଅପେକ୍ଷାରତ ବ୍ୟକ୍ତି ମୃତ୍ୟୁର ଉପକଣ୍ଠରେ ସତ୍ୟର ଅପଲାପ କରିନଥାଏ, କେବଳ ସତ୍ୟହିଁ କହିଥାଏ । ଏହି ଜମାନବନ୍ଦୀ କେବଳ କ୍ରିମିନାଲ କେସରେ ଗ୍ରହଣଯୋଗ୍ୟ । ମାତ୍ର ଭାରତୀୟ ଆଇନରେ କିଛିଟା ଭିନ୍ନତା ରହିଛି । ବ୍ୟକ୍ତି ମରିଯାଇଥିଲେ ତାହାର ଜମାନବନ୍ଦୀ ଉଭୟ କ୍ରିମିନାଲ ଓ ସିଭିଲ କେଶରେ ସଙ୍ଗତପୂର୍ଣ୍ଣ ଓ ଗ୍ରହଣଯୋଗ୍ୟ ଓ ଏଥିପାଇଁ ଦୋଷୀ ଦଣ୍ଡ ପାଇବାକୁ ହକଦାର । ଏହି ପରିପ୍ରେକ୍ଷୀରେ ଜମାନବନ୍ଦୀ ଦେବା ସମୟରେ ରୋଗୀ ଆସନ୍ନ ମୃତ୍ୟୁ ଅବସରରେ ଦେଇଥିବା ଜମାନବନ୍ଦୀକୁ ଆନୁସଙ୍ଗିକ, ପ୍ରାସଙ୍ଗିକ ପୂର୍ଣ୍ଣ କରାଇବାକୁ ପଡ଼ିବ । ମାତ୍ର ମାନ୍ୟବର କୋର୍ଟ ଏହାର ବିଫଳ ସଫଳତାରେ ଗୁରୁତ୍ୱ ନଦେଇ ଏହାକୁ ଗଭୀର ଅନୁଧ୍ୟାନ କରିଥାଏ । □

Images: Aptakama Mishra, Processing: Srujanika

ଆପଣଙ୍କ ରାଶିଫଳ

ଆଚାର୍ଯ୍ୟ ବିଭୂତି ଭୂଷଣ

ମେଷ- ଏ ମାସଟି ଆପଣଙ୍କ ପକ୍ଷେ ଅତ୍ୟନ୍ତ ଦୁରାଶାର ସମୟ । ଅନେକ ଆଶା ମଧ୍ୟରେ ନିରାଶା ଅନୁଭବ କରିବେ । ଅନେକ କର୍ମ ମଧ୍ୟରେ ନିଷ୍କ୍ରିୟତା ଅନୁଭବ କରିବେ । କର୍ମ କ୍ଷେତ୍ରରେ ମତାନ୍ତର ଘଟିବ । ଅନେକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅଯଥା ଶତ୍ରୁ ବୃଦ୍ଧି ଦେଖାଦେବ । ସାମାଜିକ କର୍ମରେ ଅପଦସ୍ଥ ଏବଂ ନିରୁତ୍ସାହିତ ହେବେ । ମାମଲାମକଦ୍ଦମା ତଥା ସାମାଜିକ ଓ ରାଜନୈତିକ ଭୟ ଲାଗି ରହିବ । ପାରିବାରିକ କ୍ଷେତ୍ରରେ ଅନେକ ଜଞ୍ଜାଳ ଦେଖାଦେବ । ପାରିବାରିକ କ୍ଷେତ୍ରରେ ଶାରୀରିକ କଷ୍ଟ ଦେଖାଦେବ । ମାନସିକ ଅଶାନ୍ତି ଏବଂ ଦୁଶ୍ଚିନ୍ତା ଲାଗି ରହିବ । ଶାରୀରିକ ପୀଡ଼ା ମଧ୍ୟ ପାଇପାରନ୍ତି । ବୁଦ୍ଧି ବିବେକ ଶୂନ୍ୟତା ଅନୁଭବ କରିବେ । କୌଣସି କର୍ମର ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ପଥଭ୍ରଷ୍ଟତା ମଧ୍ୟ ଦେଖା ଦେବ । ତାନ୍ତ୍ରିକ ଓ ଆଧ୍ୟାତ୍ମିକ ବିଶ୍ୱାସ ତଥା ଅନ୍ଧ ବିଶ୍ୱାସ ଦେଖାଦେବ । ଆର୍ଥିକ କ୍ଷେତ୍ରରେ ଅଜ୍ଞାତ ଅସୁବିଧା ଦେଖାଦେବ । ଆୟ ଅପେକ୍ଷା ବ୍ୟୟ ଅଧିକ । ମନରେ ଅହେତୁକ ଭୟ ଏବଂ ମାନବିକତା ପ୍ରତି ସନ୍ଦେହ ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ହତାଶା ଦେଖାଦେବ । ବୃତ୍ତିଗତ କ୍ଷେତ୍ରରେ ଅପମାନିତ ହୋଇପାରନ୍ତି । ଛାତ୍ରମାନେ ପରିଶ୍ରମ କାତର ହୋଇ ପଡ଼ିବେ । ରାଜନୈତିକ ସଂଘ ପ୍ରତି ମନ ବଳାଇବେ । ନାରୀମାନେ ବିଳାସ ବ୍ୟସନ ଆଡ଼କୁ ମନ ବଳାଇବେ ।

ବୃଷ- ଏ ମାସଟିରେ ଆପଣ ଅନେକ ତାମସିକ କର୍ମରେ ପ୍ରବୃତ୍ତ ହେବେ । ଅସାମାଜିକ ଜନତ ତଥା ଗୁଣ୍ଡା, ଠକେଇ ବଦମାସ ପୂର୍ଣ୍ଣ କାର୍ଯ୍ୟକୁ ମନ ବଳାଇବେ । ସାମାଜିକ କର୍ମରେ ଦାୟିତ୍ୱ ନେଲେ ମଧ୍ୟ ସାମାଜିକ ସ୍ଥିତି ଅନୁଭବ କରି ପାରିବେ ନାହିଁ ! କୌଣସି ଗୁରୁ ଦାୟିତ୍ୱ ବହନ କଲେ ମଧ୍ୟ ନିଜକୁ ସଙ୍କୁଚିତ ମନେକରିବେ । ସାମାଜିକ ଓ ପାରିବାରିକ ଜଞ୍ଜାଳ ଅଶାନ୍ତି, ଦୁଶ୍ଚିନ୍ତା ଦେଖାଦେବ ମାନସିକ ବିକୃତି ମଧ୍ୟ ଦେଖାଦେବ । ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ ଭରସା ଏବଂ ବିଶ୍ୱାସ ରଖିପାରନ୍ତି । ମାନସିକ ଏବଂ ଶାରୀରିକ ଭାରସାମ୍ୟ ରଖିବା ପାଇଁ ଅନେକ ଚେଷ୍ଟା କରିବେ । କର୍ମ କ୍ଷେତ୍ରରେ ସନ୍ଦେହ ଓ ଅବିଶ୍ୱାସ ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ବିଶେଷ ଲାଭବାନ ହୋଇ ପାରିବେ ନାହିଁ କିମ୍ବା ସୁମାର୍ଗ ଓ ସ୍ୱତନ୍ତ୍ର ଉପାୟରେ ଯାଇ ପାରିବେ ନାହିଁ । ରାଜନୀତି କ୍ଷେତ୍ରରେ ଅନେକ ଷଡ଼ଯନ୍ତ୍ର ଓ ଅଧୋଗତି ଦେଖାଦେବ । ଆର୍ଥିକ କ୍ଷୟ କ୍ଷତି ହେବାର ଅଛି । ଅପବ୍ୟୟ ଏବଂ ଅଯଥା ଭ୍ରମଣ ଲାଗି ରହିବ । ଛାତ୍ରମାନେ ଅସାମାଜିକ କର୍ମ ଆଡ଼କୁ ମନ ବଳାଇବେ । ନାରୀମାନେ ସୁଖାଢ୍ୟ ଆଡ଼କୁ ମନ ବଳାଇବେ ।

ମିଥୁନ- ଏ ମାସଟି ଆପଣଙ୍କପାଇଁ ଅନେକ ଆଶାର ସମୟ । ପାରିବାରିକ ଉନ୍ନତି ତଥା ସାମାଜିକ କର୍ମ ତତ୍ପରତା, ପରୋପକାର, ଦେଶସେବା, ରାଜନୈତିକ କର୍ମ ପ୍ରତି ଆକୃଷ୍ଟ ହେବେ । ପରିବାରରେ ବୈବାହିକ, ଗୃହକରଣ ଯାନବାହାନ କିମ୍ବା ଭୂମି ଲାଭ ପାଇଁ ମନ ବଳାଇବେ । କର୍ମ କ୍ଷେତ୍ରରେ ଉଚ୍ଚ ପ୍ରଶଂସା ସହିତ ନେତୃତ୍ୱ ନେବାକୁ ଚାହିଁବେ । ସାମାନ୍ୟ ନୈତିକତା ବୃଦ୍ଧି ପାଇବ. ରାଜନୀତି ଓ ସାମାଜିକ କର୍ମରେ ଉତ୍ସାହିତ ହେବେ ଏବଂ ନିଜ ଲୋକଙ୍କଠାରୁ ସାହାଯ୍ୟ ଓ ସହାନୁଭୂତି ପାଇ ପାରିବେ । ସାମାଜିକ ଓ ପାରିବାରିକ କ୍ଷେତ୍ରରେ ଗୁରୁ ଦାୟିତ୍ୱ ତୁଲାଇବାରେ ଲାଗି ରହିବେ । ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ମାନସିକ ଶାନ୍ତି ମଧ୍ୟ ପାଇପାରିବେ । ନୂତନ ବନ୍ଧୁ ଲାଭ ସୌହାର୍ଦ୍ଦ୍ୟ ମଧ୍ୟ ପାଇ ପାରିବେ, ଦେବସ୍ୱପ୍ନ, ତୀର୍ଥଭ୍ରମଣ, ଆଧ୍ୟାତ୍ମିକତା ଭାବ ଦେଖା ଦେବ । ସଜ୍ଜନମତି ଆଦି ଆନୁଷ୍ଠାନିକ କର୍ମ ପ୍ରତି ମନଦେବେ ଆର୍ଥିକ ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ ହେବ । ବ୍ୟବସାୟ ବାଣିଜ୍ୟରେ ଲାଭବାନ ହେବେ. ଅନେକ ଆଶାର ସ୍ୱପ୍ନ ଦେଖିବେ, ଛାତ୍ରମାନେ ରାଜନୀତି ଓ ବୈଜ୍ଞାନିକ ଶିକ୍ଷା ପ୍ରତି ମନ ବଳାଇବେ । ନାରୀମାନେ ପ୍ରେମ ବିଳାସରେ ସମୟ କାଟିବେ ।



କର୍କଟ- ଏ ମାସଟି ଆପଣ ମାନସିକ ସ୍ଥିରତା ହରାଇବେ, ଇତଃସ୍ତତତା ଦେଖାଦେବ । ମନ ମଧ୍ୟରେ ଉଚ୍ଚ ଆଶା ପୋଷଣ କରି ଆର୍ଥିକ ଓ କର୍ମ କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି । ବୃଥାବ୍ୟୟ, ଭ୍ରମଣ ଲାଗି ରହିବ । କର୍ମ କ୍ଷେତ୍ରରେ ମନ ମୁତାବକ କିମ୍ବା ଉଚିତ ସୁବିଧା ପାଇପାରିବେ ନାହିଁ । ଅନ୍ଧ ବିଶ୍ୱାସ ଦେଖାଦେବ, ତନ୍ତ୍ରଶାସ୍ତ୍ର ପ୍ରତି ମନବଳାଇବେ, କଳାସାହିତ୍ୟ, ଦର୍ଶନ, ନ୍ୟାୟ ଆଡ଼କୁ ଆଗ୍ରହ ବଢ଼ିଯିବ । ସାମାଜିକ ଓ ରାଜନୈତିକ କର୍ମରେ ହତାଶା ଦେଖାଦେବ, ଅଯଥା ପାରିବାରିକ ଜଞ୍ଜାଳ ଓ ଖର୍ଚ୍ଚରେ ପଡ଼ିପାରନ୍ତି । ଶାରୀରିକ ଅବସ୍ଥା ସେତେ ଭଲ ରହିବ ନାହିଁ, ମାନସିକ ଦୁର୍ବଳତା, ପ୍ରେମ ପାଗଳତା, ମାନସିକ ପ୍ରବୃତ୍ତି, ଅହେତୁକ ଭୟ ମଧ୍ୟ ଦେଖାଦେବ, ବନ୍ଧୁମାନେ ଅପ୍ରସ୍ତୁ ହୋଇ ପାରନ୍ତି, ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ, ବ୍ୟବସାୟ ବାଣିଜ୍ୟରେ ଉଚ୍ଚାଶା ପୋଷଣ କରି ଅସୁବିଧାର ସମ୍ମୁଖୀନ ହେବେ । ବୃତ୍ତିଗତ କ୍ଷେତ୍ରରେ ସ୍ଥାନ, ପଦବୀ ପରିବର୍ତ୍ତନ ପାଇଁ ମନ ବଳାଇବେ । ଛାତ୍ରମାନେ ବିଦେଶ ଭ୍ରମଣ ଓ ନ୍ୟାୟ ଶାସ୍ତ୍ର ପ୍ରତି ମନ ବଳାଇବେ । ନାରୀମାନେ ସହିଷ୍ଣୁତା ଓ ପାରିବାରିକ ଉନ୍ନତିରେ ମନ ବଳାଇବେ ।

ସିଂହ- ଏ ମାସରେ ଆପଣଙ୍କ ମନରେ ଆଧ୍ୟାତ୍ମିକ ବିଶ୍ୱାସ ଅହେତୁକ ଭୟ ମାନସିକ ଦୁଶ୍ଚିନ୍ତା, ପାରିବାରିକ ଜଞ୍ଜାଳ ଶାରୀରିକ କଷ୍ଟ ଦେଖାଦେବ, ରାଜନୀତି ଓ ସାମାଜିକ କର୍ମଆଡ଼କୁ ମନ ବଳାଇବେ । ଅଯଥା ଭ୍ରମଣ, ବୃଥା ବ୍ୟୟ, ମାମଲାମକଦ୍ଦମା, ଚୋର ଭୟ, ଏବଂ ରାଜଭୟ ଦେଖାଦେବ । ମାନସିକ ଦୁର୍ବଳତା ଅନୁଭବ କରିବେ, ବୃଥା ଭୟ, ଅବିଶ୍ୱାସ ଓ ସନ୍ଦେହ ମନରେ ପ୍ରକାଶ ପାଇବ, ନୈତିକତା ଓ ବିବେକ ଶକ୍ତି ହରାଇ ବିପଥଗାମୀ ହୋଇପାରନ୍ତି । ତଥାପି ସାମାଜିକ ଅବନତି ଓ ଦେଶସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । କର୍ମ କ୍ଷେତ୍ରରେ କୁଟିଳମନା ହେବେ । ବୃଥା ସନ୍ଦେହ ଓ ଅବିଶ୍ୱାସ ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ କର୍ମ ଓ ଆଶା ସମନ୍ୱୟ ଭାବରେ ଗତି କରିପାରିବେ ନାହିଁ । ଅନେକ ଅଭାବ ଅସୁବିଧା, ବାଧାବିଘ୍ନରେ ମଧ୍ୟ ଗତି କରିବାକୁ ପଡ଼ିବ । ବୃତ୍ତିଗତ କ୍ଷେତ୍ରରେ ମନୋମାଳିନ୍ୟ ଦେଖାଦେବ । ଛାତ୍ରମାନେ ଭୌଗୋଳିକ ଶିକ୍ଷାପ୍ରତି ମନ ବଳାଇବେ । ନାରୀମାନେ ସାହିତ୍ୟ ଓ କଳାପ୍ରତି ମନ ବଳାଇବେ ।

Images: Aptakama Mishra, Processing: Srujanika

କନ୍ୟା- ଏ ମାସଟି ଆପଣଙ୍କ ମନରେ ଅନେକ ନୂତନ ଆଶାର ସଞ୍ଚାର କରିବ । ଆଶାର ସ୍ୱପ୍ନ ଦେଖିବେ ଏବଂ କର୍ମ ତତ୍ପରତା ପାଇଁ ଯଥୋଚିତ୍ ଚେଷ୍ଟା କରିବେ । ସାହିତ୍ୟ ସେବା, ଦାର୍ଶନିକ ମନୋଭାବ, ରାଜନୈତିକ ସ୍ୱତନ୍ତ୍ରବଣତା, ସମାଜସେବା, ପରୋପକାର, ଏବଂ ଅନେକ ଆନୁଷ୍ଠାନିକ କର୍ମ ପ୍ରତି ମନ ବଳାଇବେ । ପ୍ରତ୍ୟକ୍ଷ ଭାବରେ ରାଜନୀତି ଆଡ଼କୁ ମନ ଓ ଧ୍ୟାନ ଦେବେ । ବୈଷୟିକ କ୍ଷେତ୍ରରେ ନୂତନ ମାର୍ଗର ପରିକଳ୍ପନା କରିବେ ପାରିବାରିକ କ୍ଷେତ୍ରରେ ଉନ୍ନତି ଏବଂ ବହୁଉପକାର ଆଦି କରିପାରନ୍ତି । ତଥାପି ମାନସିକ ସ୍ଥିରତା ଦେଖାଦେବ ନାହିଁ । ସର୍ବଦା ସ୍ୱତନ୍ତ୍ରବଣତା ଓ କୁଟନୀତିଜ୍ଞ ହେବେ । ଆଧ୍ୟାତ୍ମିକ ବିଶ୍ୱାସ ଓ ତନ୍ତ୍ର ସାଧନା ପ୍ରତି ମନ ବଳାଇବେ । ବ୍ୟବସାୟ ବାଣିଜ୍ୟରେ ଉନ୍ନତି ଏବଂ ଆର୍ଥିକ ସମସ୍ୟାର ସମାଧାନ କରିପାରିବେ । ନୂତନ ବନ୍ଧୁ ଲାଭ ଏବଂ ସାମାଜିକ ଓ ରାଜନୈତିକ କର୍ମରେ ନୂତନ ପ୍ରେରଣା ଲାଭ କରିପାରିବେ । ଧର୍ମ ବିଶ୍ୱାସ ଓ ନୈତିକତା ବୃଦ୍ଧି ପାଇବ । ମାନସିକ ଚାପ ପଡ଼ିପାରେ । ଶାରୀରିକ ଅବସ୍ଥା ଭଲ ରହିବ । ଦୂରଯାତ୍ରା ଯୋଗଅଛି । ଛାତ୍ର ମାନେ ବୈଷୟିକ ଓ ରାଜନୈତିକ କର୍ମରେ ମନଦେବେ । ନାରୀମାନେ ବିଳାସ ବ୍ୟସନ ସହିତ ପ୍ରେମାଶକ୍ତା ହେବେ ।

ତୁଳା-ଏ ମାସରେ ଆପଣ ଧନାଗମର ଅନେକ ବାଟ ପରିକଳ୍ପନା ବ୍ୟବସାୟିକ ମନୋବୃତ୍ତି ଏବଂ ବୈଷୟିକ ଜ୍ଞାନ ବୃଦ୍ଧି ପାଇବ । ପାରିବାରିକ ଜଞ୍ଜାଳ କିମ୍ବା ସାଂସ୍କୃତିକ କର୍ମରେ ନିଜକୁ ଜଡ଼ିତ ରହିବେ । ସାହିତ୍ୟ ଚର୍ଚ୍ଚା, ସମାଜସେବା ପରୋପକାର କାର୍ଯ୍ୟ ପ୍ରତି ମନ ବଳାଇଲେ ମଧ୍ୟ କୃତକାର୍ଯ୍ୟ ହେବେ ନାହିଁ । ମନ ମଧ୍ୟରେ ତାମସିକ ପ୍ରବୃତ୍ତି ବୃଦ୍ଧି ପାଇବ । ସେଥିପାଇଁ ଅନେକ ଅମିତବ୍ୟୟ କରିପାରନ୍ତି । ନିଜର ସ୍ୱାର୍ଥ ସାଧନ ପାଇଁ ତୋଷାମୋଦ ଓ ମୀତସ୍ୱୀନତା ଅବଲମ୍ବନ କରିବେ । ସାହିତ୍ୟ ଓ କଳା ପ୍ରତି ମନ ବଳାଇବେ । ଆପଣ ସରଳ ବିଶ୍ୱାସି ହୋଇ ଠକେଇରେ ପଡ଼ିପାରନ୍ତି । ଆର୍ଥିକ କ୍ଷେତ୍ରରେ ଅବସ୍ଥା ସେତେ ଭଲ ରହିବ ନାହିଁ କିମ୍ବା କୌଣସି ସ୍ଥିର ମାର୍ଗ ପାଇପାରିବେ ନାହିଁ । ବ୍ୟବସାୟ କ୍ଷେତ୍ରରେ ବିଶେଷ ଲାଭବାନ ହୋଇ ପାରିବେ ନାହିଁ । ଛାତ୍ର ମାନେ ବୈଷୟିକ ଶିକ୍ଷା ପ୍ରତି ମନ ବଳାଇବେ । ନାରୀମାନେ ଭ୍ରମଣ ଓ ସମାଜସେବା ପ୍ରତି ଆକୃଷ୍ଟ ହେବେ ।

ବିଛା-ଏ ମାସରେ ଆପଣ ଅନେକ ହତାଶା ମଧ୍ୟରେ ଗତି କରିବେ ମାନବିକତା ହ୍ରାସ, ବିବେକ ଶୂନ୍ୟତା ଓ ବୁଦ୍ଧିହୀନତା ଦେଖାଦେବ । କର୍ମ କ୍ଷେତ୍ରରେ ଅନେକ ଆଶା କରୁଥିଲେ ମଧ୍ୟ ସୁଫଳ ପାଇବା ପାଇଁ ଡେରି ହେବ । ବ୍ୟବସାୟ ବାଣିଜ୍ୟରେ ଅନେକ ବ୍ୟୟ କଲେ ମଧ୍ୟ ଲାଭର ଆଶା ଦେଖି ପାରିବେ ନାହିଁ । ମାନସିକ ଅସ୍ଥିରତା ସହିତ ପାରିବାରିକ ଜଞ୍ଜାଳ, ଆର୍ଥିକ ଅପବ୍ୟୟ, ସାମାଜିକ ସମାଲୋଚନା ଏବଂ ଶାରୀରିକ କ୍ଷୟକ୍ଷତି ଦେଖାଦେବ । ଦୁର୍ଘଟଣା ଜନିତ ଭୟ ମଧ୍ୟ ଲାଗି ରହିବ । କର୍ମ କ୍ଷେତ୍ରରେ ବୃଥା ବ୍ୟୟ ଏବଂ ନିନ୍ଦା ଦେଖାଦେବ । ତାମସୀକ କର୍ମରେ ଲିପ୍ତ ରହିବେ । ପାରିବାରିକ କ୍ଷେତ୍ରରେ ମନାନ୍ତର ହେବ । ବନ୍ଧୁମାନେ ଅପ୍ରିୟ ହୋଇପଡ଼ିବେ । ବୃଥା କଳହ ଦେଖାଦେବ । ଅର୍ଥ ବ୍ୟୟ ଓ ଭ୍ରମଣ ଲାଗି ରହିବ । ତନ୍ତ୍ର ଏବଂ ଦେବପୂଜାରେ ବିଶ୍ୱାସ ଦେଖାଦେବ । ରାଜନୈତିକ କର୍ମ ପ୍ରତି ଆକୃଷ୍ଟ ହେବେ । କିନ୍ତୁ ମନରେ ସନ୍ଦେହ ଓ ଅବିଶ୍ୱାସ ସାମାଜିକ କର୍ମରେ ଦେଖାଦେବ । ଛାତ୍ର ମାନେ ରାଜନୈତିକ ଓ ବୈଷୟିକ ଶିକ୍ଷା ପ୍ରତି ମନ ବଳାଇବେ । ନାରୀମାନେ ଭ୍ରମଣ ଓ ସୌଖିନ୍ ଦ୍ରବ୍ୟ ପ୍ରତି ମନ ବଳାଇବେ ।

ଧନୁ-ମାସଟି ସାରା ବୃଥା ବ୍ୟୟ, ମାନସିକ ଅଶାନ୍ତି, ଆକସ୍ମିକ ଓ ଅହେତୁକ ମାନସିକ ଭୟ, ସାମାଜିକ ଅସ୍ଥିରତା, ପାରିବାରିକ ଜଞ୍ଜାଳ ଓ ରାଜନୈତିକ ଅସ୍ଥିରତା ଏବଂ ଭୟ ଲାଗି ରହିବ । ଧୈର୍ଯ୍ୟହୀନତା ଏବଂ ବୁଦ୍ଧିହୀନତା ମଧ୍ୟ ଅନୁଭବ କରିବେ । ସଂଯମ ବିବେକ ଏବଂ ନୈତିକତା ପାଇଁ ବ୍ୟାକୁଳ ହେଲେ ମଧ୍ୟ ଭାରସାମ୍ୟ ରଖି ପାରିବେ ନାହିଁ । ସାମାଜିକ ସମାଲୋଚନା ରାଜନୈତିକ ଅଧୋପତନ, ଅପ୍ରିୟତା, ବୃଥା କଳହ ଶତ୍ରୁତା ଏବଂ ଅସ୍ଥିରତା ଦେଖାଦେବ । ବୃଥା ବ୍ୟୟ ଏବଂ ଭ୍ରମଣ ମାସଟି ସାରା ଲାଗି ରହିବ । ପରସ୍ତ୍ରୀକାତରତା ଓ କୁଟିଳମନା ହୋଇ ଧରା ପଡ଼ିଯାଇ ପାରନ୍ତି । ଅସାଧୁତା ଓ ତାମସିକ କର୍ମରେ ଲିପ୍ତ ରହିବେ । ଧର୍ମ ଭୟ ଓ ଶତ୍ରୁ ଭୟ ମନରେ ଦେଖାଦେବ । ଆଧ୍ୟାତ୍ମିକ ବିଶ୍ୱାସ ଉପରେ କର୍ମ ଅକର୍ମକୁ ଲଦିଦେଇ ପାରନ୍ତି । କର୍ମ କ୍ଷେତ୍ରରେ ନିନ୍ଦା ଅପଯଶ ଦେଖାଦେବ । ମୀତ ମ୍ଳାନ ହୋଇ ପଡ଼ିବେ । କଳା ସାହିତ୍ୟ ପ୍ରତି ମନ ବଳାଇଲେ ମଧ୍ୟ ପ୍ରକୃତ ଜ୍ଞାନ ଓ ଯଶ ଲାଭ କରି ପାରିବେ ନାହିଁ । ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ଛାତ୍ରମାନେ କୁଟିଳମନା ହେବେ ଏବଂ ରାଜନୀତି ଆଡ଼କୁ ମନ ବଳାଇବେ ମହିଳା ମାନେ ତୀର୍ଥ ଭ୍ରମଣ ଓ ସାହିତ୍ୟ ଚର୍ଚ୍ଚା ଆଡ଼କୁ ମନ ବଳାଇବେ ।

ମକର—ଏ ମାସଟି ଆପଣଙ୍କ ପାଇଁ ଅନେକ ସ୍ନେହ ସହାନୁଭୂତି, ଆଶୀର୍ବାଦ, ସମ୍ମାନ, ଓ ପ୍ରଶଂସାର ସମୟ ହେବ । ସାମାଜିକ ଓ ରାଜନୈତିକ କର୍ମରେ ଉଚ୍ଚ ପ୍ରଶଂସା ଓ ଉଚ୍ଚ ପଦବୀ ଲାଭ କରିପାରିବେ । ପରୋପକାର, ଦେବପୂଜା ସାହିତ୍ୟ ଚର୍ଚ୍ଚା, ସମାଜ ସେବା, ତନ୍ତ୍ର ସାଧନା, ନୈତିକତା, ଉଚ୍ଚ ପଦସ୍ଥ ଲୋକଙ୍କ ଠାରୁ ସମ୍ମାନ ଦେଖାଦେବ । ଆକସ୍ମିକ ଓ ଅହେତୁକ ଭୟର ଉପଶମ ହୋଇପାରିବ । ସେବା, ତ୍ୟାଗ ଓ ମହନୀୟତା ଜୀବନକୁ ଅଭିଭୂତ କରିପାରିବ । କର୍ମ କ୍ଷେତ୍ରରେ ଉଚ୍ଚମାନ ଓ ପ୍ରଶଂସା ଲାଭ କରିପାରିବେ । ଆର୍ଥିକ କ୍ଷେତ୍ରରେ ନୂତନ ପନ୍ଥା ଅବଲମ୍ବନ କରିବେ । ନୂତନ ବନ୍ଧୁ ଲାଭ ଏବଂ ନୂତନ କର୍ମ ପ୍ରେରଣା ପାଇ ପାରିବେ । ମାନସିକ ଶାନ୍ତି ଶାରୀରିକ ସ୍ୱାସ୍ଥ୍ୟର ଉନ୍ନତି ହେବ । ପାରିବାରିକ ଓ ଆନୁଷ୍ଠାନିକ କର୍ମରେ ନିଜକୁ ନିୟୋଜିତ କରିବେ । ସାଂସ୍କୃତିକ କର୍ମରେ ମନ ବଳାଇବେ ବୈଜ୍ଞାନିକ ଚିନ୍ତାଧାରା ବୃଦ୍ଧି ପାଇବ । ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ । ଛାତ୍ରମାନେ ରାଜନୀତି ଓ ବିଜ୍ଞାନ ପ୍ରତି ମନ ବଳାଇବେ । ନାରୀମାନେ ସାମାଜିକ କର୍ମରେ ସମ୍ମାନୀୟା ଏବଂ ଆଦରଣୀୟା ହେବେ ।

କୁମ୍ଭ—ମାସଟି ସାରା ଆପଣଙ୍କ ପକ୍ଷେ ଶୁଭ କାରକ ହେବ । ସତ୍‌ସଙ୍ଗ ଲାଭ, ସାଧୁତା ନୈତିକତା ଏବଂ ମାନବିକତା ବୃଦ୍ଧି ହେବ । ଅନେକ ଧୈର୍ଯ୍ୟ, ସାହାସର ସହିତ କର୍ମ କ୍ଷେତ୍ରରେ ଆଗେଇଯିବେ । ମାନ ସମ୍ମାନ ସହିତ ଉଚ୍ଚ ପ୍ରଶଂସା ଓ ସ୍ନେହ ସମ୍ମାନ ପାଇ ଉଚ୍ଚ ପଦସ୍ଥ ଲୋକଙ୍କ ଠାରୁ ନିଜକୁ କର୍ମ କ୍ଷେତ୍ରରେ ଆଗେଇ ନେବେ । ଦେବଭକ୍ତି ଓ ବିଶ୍ୱାସ ଅନେକ ବଢ଼ିଯିବ । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ନୂତନ ପ୍ରେରଣା ନୂତନ ମାର୍ଗ ଓ ନୂତନ ବନ୍ଧୁ ପାଇ ନିଜକୁ ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ନିଜକୁ ସ୍ଥିରୀକୃତ କରିପାରିବେ । ଧର୍ମ, ଦର୍ଶନ, ସାହିତ୍ୟ, ବୈଷୟିକ ଶିକ୍ଷା ତଥା

(ଅବଶିଷ୍ଟାଂଶ ୨୯ ପୃଷ୍ଠାରେ)

ଭାରତର ରିମୋଟ ସେନ୍‌ସିଂ ସାଟେଲାଇଟ୍

ସୋଭିଏତ୍ ରକେଟ ସାହାଯ୍ୟରେ ୧୯୮୭ ମସିହାର ପ୍ରାକ୍‌କାଳରେ ମହାକାଶକୁ ଛଡ଼ାଯିବ

ଶ୍ରୀ କେ.ଭି. ଭେଙ୍କଟ ସୁବ୍ରମଣ୍ୟନ୍

ଭାରତ ଭଳି ଏକ ଦେଶର ଯୋଜନାବଦ୍ଧ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରାକୃତିକ ସମ୍ପଦ ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରିବା ଏକାନ୍ତ ଆବଶ୍ୟକ। ପ୍ରାକୃତିକ ସମ୍ବଳ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ କଲାବେଳେ ଆମର ପାଣିପାଗ ଅବସ୍ଥା, ଭୂତାତ୍ତ୍ୱିକ ଅବସ୍ଥା ଏବଂ ପରିବେଶ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ଲିପିବଦ୍ଧ କରିବାକୁ ପଡ଼େ। ଏ ସବୁ ତଥ୍ୟ ଏକତ୍ର କରି ଏହାର ଉପଯୋଗ ନିମନ୍ତେ ବିଭିନ୍ନ ସ୍ଥାନକୁ ପଠାଇବା ନିମନ୍ତେ ମହାକାଶରେ ପର୍ଯ୍ୟବେକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ଅପରିହାର୍ଯ୍ୟ।

ଦେଶର ଯେଉଁ ସବୁ ସୁଦୂରପ୍ରସାରୀ ମହାକାଶ ଗବେଷଣା ଯୋଜନା ମାନ ହାତକୁ ନିଆଯାଇଛି ତା ମଧ୍ୟରୁ ରିମୋଟ ସେନ୍‌ସିଂ ବ୍ୟବସ୍ଥା ଅଧିକ ଫଳପ୍ରଦ ହେବ ବୋଲି ଉପଲବ୍ଧି କରାଗଲାଣି। ଏହି ରିମୋଟ ସେନସିଂର ଅର୍ଥ ହେଉଛି ଦୂରରୁ କୌଣସି ବିଷୟକୁ ଭଲ ଭାବେ ପର୍ଯ୍ୟବେକ୍ଷଣ କରିବା। ମହାକାଶରୁ ଇଲେକ୍‌ଟ୍ରୋମ୍ୟାଗ୍‌ନେଟିକ୍ ରେଡ଼ିଏସନ୍ ସହାୟତାରେ ପୃଥିବୀର ବିଭିନ୍ନ ବସ୍ତୁର ସୃଷ୍ଟି ହେଉଥିବା ଇଲେକ୍‌ଟ୍ରୋମ୍ୟାଗ୍‌ନେଟିକ୍ ତରଙ୍ଗର ତାରତମ୍ୟ ଲକ୍ଷ୍ୟ କରାଯାଇଥାଏ। ସେହି ତଥ୍ୟକୁ ଭିତ୍ତି କରି ଭୂପୃଷ୍ଠରେ ବୈଜ୍ଞାନିକମାନେ ବିଭିନ୍ନ ନିରୂପଣ କରିଥାନ୍ତି।

ଭାରତରେ ଏହି ଦୂରରୁ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ଦଶ ବର୍ଷରୁ ଅଧିକ କାଳ ହେଲା ଆରମ୍ଭ ହେଲାଣି। ଆମେରିକାର ଲ୍ୟାଣ୍ଡସାଟ ଯୋଜନାରୁ ଅତି ଉପାଦେୟ ତଥ୍ୟାଦି ସଂଗୃହୀତ ହେବା ପରେ ଭାରତରେ ମଧ୍ୟ ଅନୁରୂପ ପରୀକ୍ଷା ଚଳାଇବା ପାଇଁ ଆଗ୍ରହ ପ୍ରକାଶ ପାଇଲା। ଏହି ପରୀକ୍ଷା ପାଇଁ ଭାରତର ମହାକାଶ ଗବେଷଣା ସଂସ୍ଥା ସହାୟତାରେ ଗୋଟିଏ ହେଲିକାପ୍‌ଟରକୁ ଆକାଶରେ ପ୍ଲାଟଫର୍ମ ରୂପେ ବ୍ୟବହାର କରି ପରୀକ୍ଷା ଆରମ୍ଭ କଲା। ଏହାର ସୁଫଳ ସ୍ୱରୂପ କେରଳ ନଡ଼ିଆ ବଗିଚା ମାନଙ୍କରେ ହେଉଥିବା ଏକ ପ୍ରକାର ରୋଗ (ବ୍ଲାଇଟ ଜନିତ) ପ୍ରାଥମିକ ଅବସ୍ଥାରୁ ଜାଣି ହେଲା ଏବଂ ତାହାର ପ୍ରତିକାର ମଧ୍ୟ କରାଗଲା। ଏହା ପରେ ପୁଣି ୧୯୭୨ ଓ ୧୯୭୪ ମସିହାରେ ମଧ୍ୟ ବିଭିନ୍ନ ସ୍ଥାନରେ ଅନୁରୂପ ପରୀକ୍ଷାମାନ କରାଯାଇ ଉତ୍ସାହ ଜନକ ଫଳ ମିଳିଲା।

୧୯୭୯ ଓ ୧୯୮୧ ରେ ଭାସ୍କର-୧ ଓ ୨ ମହାକାଶକୁ ପ୍ରେରଣ କରାଯିବା ପରେ ଏ କ୍ଷେତ୍ରରେ ଆମର ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା।

ଏହି ଅନୁଭୂତିକୁ କେନ୍ଦ୍ର କରି ଏବେ ଇସ୍‌ରୋ ପକ୍ଷରୁ ଜାତୀୟ ସ୍ତରରେ ଏହି ପ୍ରକାର ପର୍ଯ୍ୟବେକ୍ଷଣ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଦୂର ପର୍ଯ୍ୟବେକ୍ଷଣ ସାହାଯ୍ୟରେ ଆମଦେଶର ଜଳବାୟୁ, କୃଷି, ଜଙ୍ଗଲ ଆଦି ବିଷୟରେ ଯେଉଁ ସବୁ ତଥ୍ୟ ସଂଗ୍ରହ କରାଯିବ ତାକୁ ପୂର୍ବଅର୍ଜିତ ଜ୍ଞାନସହ ତୁଳନା କରାଯାଇ ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଯଥାଯଥ ଭାବେ ବିନିଯୋଗ କରାଯାଇ ପାରିବ।

ଏହି ଯୋଜନା ଅନୁଯାୟୀ ଭାରତ ପକ୍ଷରୁ ବହୁତ ଗୁଡ଼ିଏ ଉପଗ୍ରହ (ପ୍ରତ୍ୟେକଟିର ଓଜନ ପ୍ରାୟ ୮୫୦ କିଲୋଗ୍ରାମ) ମହାକାଶକୁ ଛଡ଼ାଯିବ ଏବଂ ୧୯୮୭ ମସିହାରେ ସୋଭିଏତ୍ ସହାୟତାରେ ଏଭଳି ଉପଗ୍ରହ ପ୍ରେରଣ ପାଇଁ ସେ ଦେଶ ସହ ଆମର ଚୁକ୍ତି ହୋଇସାରିଛି। ଏହି ଉପଗ୍ରହଟିକୁ ୯୦୦ କିଲୋମିଟର ପୋଲାର ସନ୍-ସିଙ୍କ୍ରୋନସ୍ କକ୍ଷରେ ଅବସ୍ଥାପିତ କରାଯିବ।

ଏହି ଉପଗ୍ରହର ମଡେଲ ନିର୍ମାଣ ପ୍ରାୟ ଶେଷ ହେବା ଉପରେ। ଏହି ଉପଗ୍ରହ ବ୍ୟବହାରକାରୀମାନଙ୍କଠାରୁ ସାଢ଼େ ୧୨ କୋଟି ଟଙ୍କା ଆୟ ହେବାର ଆଟକଳ କରାଯାଇଛି ଏବଂ ଏହି ଉପଗ୍ରହ ବ୍ୟବହାରର ସୁଯୋଗ ନେବା ପାଇଁ ୧୫୦ଟି ସଂସ୍ଥାକୁ ନିବେଦନ କରାଯାଇଛି। □

ଫୁଲନ୍ ଦେବୀର ଫଟୋ

ଆତ୍ମ ସମର୍ପଣ କରିଥିବା ଦୁର୍ଦ୍ଦାନ୍ତ ଡକାୟତ ରାଣୀ ଫୁଲନ୍ ଦେବୀର ଫଟୋ ଏବେ ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶରେ ବହୁଳ ଭାବେ ବିକ୍ରି ହେଉଥିବା ପରିଲକ୍ଷିତ ହେଉଛି। ଏବେବେଳେ ଏହି ଫଟୋ ପାଇଁ ଲୋକଙ୍କ ଭିତରେ ଅତ୍ୟଧିକ ଆଗ୍ରହ ପ୍ରକାଶ ପାଉଥିବାରୁ ବିକ୍ରେତାମାନେ ଗୋଟିଏ ଫଟୋକୁ ଅଠରରୁ କୋଡ଼ିଏ ଟଙ୍କାରେ ଏହା ବିକୁଥିବା ଖବର ମିଳୁଛି। ଏହି ଫଟୋରେ ଫୁଲନ୍ ପୋଲିସ ପୋଷାକ ପିନ୍ଧି ହାତରେ ବନ୍ଧୁକ ଧରିଛି। □

Images: Aptakama Mishra, Processing: Srujanika

ଓଡ଼ିଶାରେ ଚଳଚ୍ଚିତ୍ର ସାମ୍ବାଦିକତା

ହରିହର ପ୍ରସାଦ ମହାଳିକ

ଭାରତୀୟ ସମ୍ବାଦପତ୍ର ଓ ପତ୍ରପତ୍ରିକା ମାନଙ୍କରେ ଚଳଚ୍ଚିତ୍ର ବିଭାଗ ହେଉଛି ସବୁଠାରୁ ଆକର୍ଷଣୀୟ ଓ ଜନପ୍ରିୟ ବିଭାଗ। ବେତାର, ଦୂରଦର୍ଶନ ଓ ଚଳଚ୍ଚିତ୍ର ଭଳି ଗଣମାଧ୍ୟମ ସଂସ୍ଥାଗୁଡିକ ମଧ୍ୟରେ ଚଳଚ୍ଚିତ୍ର ହେଉଛି ଏକ ପ୍ରଭାବଶାଳୀ ମାଧ୍ୟମ। ବର୍ତ୍ତମାନ ଚଳଚ୍ଚିତ୍ର ପାଇଁ ଜନସାଧାରଣ ଯେପରି ଉତ୍କଣ୍ଠା ଓ ଆଗ୍ରହ ପ୍ରକାଶ କରୁଛନ୍ତି ସେ ଦୃଷ୍ଟିରୁ ଚଳଚ୍ଚିତ୍ର ପତ୍ରିକାର ଚାହିଦା ମଧ୍ୟ ବଢ଼ି ଚାଲିଛି। ପ୍ରତ୍ୟେକ ଚଳଚ୍ଚିତ୍ରର ନିର୍ଦ୍ଦେଶନା, କାହାଣୀ, ଅଭିନୟ, ଚିତ୍ରନାଟ୍ୟ, ସଙ୍ଗୀତ, ଫଟୋଗ୍ରାଫି ପ୍ରଭୃତି ସମୀକ୍ଷା କରି ପାଠକ ପାଠିକା ମାନଙ୍କୁ ଚଳଚ୍ଚିତ୍ର ସମ୍ପର୍କରେ ଏକସୁଚିନ୍ତିତ ମତାମତ ଦେବା ଚଳଚ୍ଚିତ୍ର ସାମ୍ବାଦିକ ବା ସମୀକ୍ଷକଙ୍କ କାର୍ଯ୍ୟ। କେଉଁ ଚଳଚ୍ଚିତ୍ର ଭଲ ଓ କେଉଁଟା ନିମ୍ନମାନର ସେସବୁକୁ ପରୋକ୍ଷ ଭାବରେ ସମାଲୋଚନା କରିଆରେ ସମୀକ୍ଷକମାନେ ସୂଚାଇ ଦେଇ ଥାଆନ୍ତି।

ସାଧାରଣ ଦର୍ଶକଙ୍କ ଦୃଷ୍ଟିକୋଣ ଠାରୁ ଚଳଚ୍ଚିତ୍ର ସମୀକ୍ଷକଙ୍କ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭିନ୍ନ। କାରଣ ସମୀକ୍ଷକ ସବୁ ଭାଷାରେ ଶହ ଶହ ଚଳଚ୍ଚିତ୍ର ଦେଖି ସେ ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ କରିଥାଆନ୍ତି। ଯେଉଁ ଚଳଚ୍ଚିତ୍ର ଦର୍ଶକମାନଙ୍କୁ ଖୁବ ଭଲ ଲାଗେ ତା ହୁଏତ ସମୀକ୍ଷକଙ୍କୁ ଭଲ ଲାଗି ନପାରେ। ଅନ୍ୟ ପକ୍ଷରେ ସମୀକ୍ଷକଙ୍କ ଦୃଷ୍ଟିରେ ଏକ ଉଚ୍ଚମାନର ଚଳଚ୍ଚିତ୍ର ଦର୍ଶକମାନଙ୍କୁ ଭଲ ଲାଗି ନପାରେ।

ଚଳଚ୍ଚିତ୍ର ସମୀକ୍ଷାକୁ ସମସ୍ତେ ଏକ ମାମୁଲି କାର୍ଯ୍ୟ ବୋଲି ମନେକରନ୍ତି। ସେଥିପାଇଁ ଆଜିକାଲି ଚଳଚ୍ଚିତ୍ର ସମ୍ପର୍କରେ ଆଦୌ ଜ୍ଞାନ ନଥିବା ବହୁ ବ୍ୟକ୍ତି ଚଳଚ୍ଚିତ୍ର ସମୀକ୍ଷା କରୁଛନ୍ତି ଓ ଛବି ଫୁଟିବା ପରେ ଚଳଚ୍ଚିତ୍ର ପତ୍ରିକା ସବୁ ପ୍ରକାଶ ପାଇ ପୁଣି ଉଭେଇ ଯାଉଛି। ଏଭଳି କେତେକ ବ୍ୟକ୍ତି ପ୍ରଯୋଜକଙ୍କର ଗୋଡ଼ାଣିଆ ହୋଇ କିଛି ବିଜ୍ଞାପନ ସଂଗ୍ରହ କରି ସବୁ ଚଳଚ୍ଚିତ୍ରର ଭୂୟସୀ ପ୍ରଶଂସା କରି ସମାଲୋଚନା ପ୍ରକାଶ କରନ୍ତି। ଏହା ଚଳଚ୍ଚିତ୍ର ସାମ୍ବାଦିକତା ପ୍ରତି ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଏ ଧରଣର ଚଳଚ୍ଚିତ୍ର ସାମ୍ବାଦିକମାନେ ସବୁବେଳେ ଆଗରେ ରହି ପ୍ରକୃତ ସମୀକ୍ଷକ ମାନଙ୍କୁ ପଛକୁ ଠେଲି ଦିଅନ୍ତି। ଫଳରେ ସୃଷ୍ଟି ହୁଏ 'କାମଳ ସାମ୍ବାଦିକତା'। ଏହା ବମ୍ବେ, ଦିଲ୍ଲୀ, ମାନ୍ଦ୍ରାଜ, ତ୍ରିବେନ୍ଦ୍ରମ ଆଦି ବଡ଼ ସହରମାନଙ୍କରେ ମଧ୍ୟ ଦେଖାଯାଏ।

ଓଡ଼ିଶାରେ ସାମ୍ବାଦିକଙ୍କ ସମସ୍ୟା

ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ର, ମାସିକ ଓ ସାପ୍ତାହିକ ଚଳଚ୍ଚିତ୍ର ପତ୍ରିକାର ପେଷାଦାର ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କୁ କୌଣସି ବିଶେଷ ସୁବିଧା ମିଳି ନଥାଏ। ଏମାନଙ୍କୁ ସବୁ ଚଳଚ୍ଚିତ୍ର ଦେଖିବା ପାଇଁ ଫ୍ରି ପାସ ମିଳିବା ତ ଦୂରର କଥା ପ୍ରାଦେଶିକ ଭାଷାରେ ନିର୍ମିତ ଚଳଚ୍ଚିତ୍ର ଗୁଡ଼ିକର ମହୁରତ, ସୁଟିଂ ଓ ଅନ୍ୟାନ୍ୟ ଉତ୍ସବକୁ ନିମନ୍ତ୍ରଣ ମଧ୍ୟ କରାଯାଏ ନାହିଁ। ଚଳଚ୍ଚିତ୍ର ନିର୍ମାଣର ପ୍ରତ୍ୟେକ ସ୍ତରରେ ଚଳଚ୍ଚିତ୍ର ସାମ୍ବାଦିକ ମାନେ ସମ୍ପୃକ୍ତ ନରହିବା ଫଳରେ ଛବିଟି ମୁକ୍ତିଲାଭ କରିବା ପୂର୍ବରୁ ଆବଶ୍ୟକୀୟ ପବ୍ଲିସିଟି ପାଇ ପାରେ ନାହିଁ। କେବଳ ପ୍ରେସ୍ ସୋ ଦିନ ଚିଠିବିଆ ଭାବରେ କାର୍ଡ ନିମନ୍ତ୍ରଣ ପଠାଇଦେଇ ପ୍ରଯୋଜକ ଓ ବିତରକ ନିଜର କର୍ତ୍ତବ୍ୟ ଶେଷ ହେଲା ବୋଲି ଭାବନ୍ତି। ଚଳଚ୍ଚିତ୍ର ସମୀକ୍ଷକ ମାନଙ୍କୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରର ତଥ୍ୟ ସମ୍ବଳିତ ପୁସ୍ତିକା ଓ ଫଟୋଗ୍ରାଫ ଆଦି ଯୋଗାଇ ଦିଆଯାଏ ନାହିଁ କିମ୍ବା ସାମ୍ବାଦିକ ସମ୍ମିଳନୀଟିଏ ମଧ୍ୟ ଡକାଯାଏ ନାହିଁ। ପ୍ରଯୋଜକଙ୍କ ଛବିର ପ୍ରଚାର ହେବ, ମାତ୍ର ଏଥିପାଇଁ ଚଳଚ୍ଚିତ୍ର ସାମ୍ବାଦିକଙ୍କୁ ପ୍ରଯୋଜକମାନଙ୍କ ପଛରେ ଗୋଡ଼ାଇବାକୁ ହୁଏ।

ଆଜିକାଲି ଚଳଚ୍ଚିତ୍ର ସଂପର୍କରେ ଆଞ୍ଚଳିକ ଭାଷାରେ ବହୁ ମାସିକ, ପାକ୍ଷିକ

କାବେରୀକୁ ସାନ୍ତ୍ୱନା ଦେଉଛନ୍ତି ତାର ମା (ରୁକ୍ମଣୀ)

Images: Aptakama Mishra, Processing: Srujanika

ଓ ସାପ୍ତାହିକ ପତ୍ରିକା ପ୍ରକାଶ ପାଇ-ଲାଣି । କେତେକ ବ୍ୟବସାୟୀ ମଧ୍ୟ ନିଜ ବ୍ୟବସାୟର ପ୍ରସାର ପାଇଁ ଏଧରଣର ଚଳଚିତ୍ର ପତ୍ରିକା ପ୍ରକାଶ କରୁଛନ୍ତି । ଏ ସବୁ ପତ୍ରିକାର ପ୍ରକାଶ ପାଇଁ କୌଣସି ଯୋଗ୍ୟ ଦାର ଓ ଅଭିଜ୍ଞ ସାମ୍ବା-ଦିକଙ୍କ ସାହାଯ୍ୟ ନିଆଯାଏ ନାହିଁ । ଏ ଧରଣର ଅଧିକାଂଶ ପତ୍ରିକା ଚଳଚିତ୍ର ବିଜ୍ଞାପନ ଉପରେ ନିର୍ଭର କରି ତିଷ୍ଠି ରହିଥିବାରୁ ନିରପେକ୍ଷ ଚଳଚିତ୍ର ସମା-ଲୋଚନା ପ୍ରକାଶ କରିବା ମଧ୍ୟ ସମ୍ଭବ ହୁଏ ନାହିଁ । ପ୍ରଯୋଜକମାନେ ଏଥିରୁ ଫାଇଦା ଉଠାଇ ଥାଆନ୍ତି । ଦୈନିକ ଥାଏ କି ? ସମୀକ୍ଷକମାନେ ନିରପେକ୍ଷ ଭାବରେ ସମୀକ୍ଷା କରିଥାଆନ୍ତି କି ?

ସାଧାରଣତଃ ଦେଖାଯାଏ କୌଣସି ଭାରତୀୟ ଭାଷାର ଚଳଚ୍ଚିତ୍ର ଦର୍ଶକମାନେ ଦେଖିବେ କି ନାହିଁ ତା ସେମାନେ ନିଜେ ସ୍ଥିର କରିଥାଆନ୍ତି । କେବଳ ବିଦେଶୀ ଚଳଚ୍ଚିତ୍ର ଗୁଡ଼ିକ ଦେଖିବାର ନିଷ୍ପତ୍ତି ନେବାବେଳେ ଦର୍ଶକମାନେ ସାଧାରଣତଃ ସମୀକ୍ଷକ ମାନଙ୍କ ମତା-ମତ ବିଚାରକୁ ନେଇଥାଆନ୍ତି । କିନ୍ତୁ ଭାରତୀୟ ଚଳଚ୍ଚିତ୍ର ଦେଖିବା ପାଇଁ ସମୀକ୍ଷକ ମାନଙ୍କ ମତାମତ ଗ୍ରହଣ କରନ୍ତି ନାହିଁ । କାରଣ ଚଳଚ୍ଚିତ୍ର ସମ୍ଭବତ ଏ ଶିଳ୍ପର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋଚନା କରନ୍ତି ନାହାଁନ୍ତି । ଫଳରେ କେନ୍ଦ୍ର ସର-କାରଙ୍କ ସେନସର ନୀତି, ରାଜ୍ୟମାନଙ୍କରେ ଅତ୍ୟଧିକ ଆମୋଦ କର. 'ପ୍ରେକ୍ଷାଳୟ ମାନଙ୍କରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଅବସ୍ଥା, ସେନସର ସାର୍ଟିଫିକେଟ ଦେବାରେ ରାଜନୈତିକ ପ୍ରଭାବ ପ୍ରଭୃତି ସମସ୍ୟା ଉପରେ 'ପ୍ରାୟ ଆଲୋଚନା ହେଉନାହିଁ । ଚଳଚ୍ଚିତ୍ର ସମୀକ୍ଷକମାନେ କେତେକ ପରମ୍ପରା ଓ ଧରାବନ୍ଧା ନୀତି ଦ୍ୱାରା ଆବଦ୍ଧ ହୋଇ ପଡ଼ିଛନ୍ତି । ଏହା ସୁସ୍ଥ ସାମ୍ବାଦିକତା ନୁହେଁ ।

ଜନନୀ ଚଳଚ୍ଚିତ୍ରର ଏକ ଦୃଶ୍ୟରେ ବନଜା ଓ ଅଜିତ୍

ସମ୍ବାଦପତ୍ରରେ ମଧ୍ୟ କେତେକ ପ୍ରଯୋଜକ ନିଜ ଚଳଚ୍ଚିତ୍ରର ବିଜ୍ଞାପନ ପ୍ରକାଶକରି ଉକ୍ତ ସମ୍ବାଦପତ୍ରର ଚଳଚ୍ଚିତ୍ର ବିଭାଗକୁ ପ୍ରଭାବିତ କରିବାକୁ ଚେଷ୍ଟାକରନ୍ତି ।

ସମୀକ୍ଷାର ପ୍ରଭାବ

ବର୍ତ୍ତମାନ ପ୍ରଶ୍ନହେଉଛି ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ପ୍ରକାଶିତ ଚଳଚ୍ଚିତ୍ରର ସମୀକ୍ଷା ଦର୍ଶକମାନଙ୍କୁ ପ୍ରଭାବିତ କରି ଦେଖିବା ଜନସାଧାରଣଙ୍କ ଏକ ନିଶା । ଏହା ସେମାନଙ୍କୁ ଜୀବନର କଠୋର ବାସ୍ତବତା ଠାରୁ ଦୂରକୁ-କଳ୍ପନାର ଏକ ରଙ୍ଗୀନ ଦୁନିଆକୁ ନେଇଯାଏ । ତେଣୁ ସେମାନେ ଅଧିକାଂଶ ଚଳଚ୍ଚିତ୍ର ଦେଖନ୍ତି ।

ବର୍ତ୍ତମାନ ଦେଖାଯାଉଛି ଅଧିକାଂଶ ଚଳଚ୍ଚିତ୍ର ସାମ୍ବାଦିକ ଚଳଚ୍ଚିତ୍ରର ସମୀକ୍ଷା

ତାଲିମର ଅଭାବ

ବର୍ତ୍ତମାନ ଆମ ଦେଶରେ କେତେକ ଚଳଚ୍ଚିତ୍ର ସାମ୍ବାଦିକ ସବୁ ଚଳଚ୍ଚିତ୍ରକୁ ଆଖିବୁଜା ସମାଲୋଚନା କରିବାର ଦେଖାଯାଉଛି । ଅନ୍ୟ ପକ୍ଷରେ କେତେକ ସମୀକ୍ଷକ ସବୁ ଚଳଚ୍ଚିତ୍ରର ପ୍ରଶଂସା କରିବାର ମଧ୍ୟ ଦେଖାଯାଉଛି । ଏମାନେ କେବଳ ଉପରଠାଉରିଆ ଭାବରେ

Images: Aptakama Mishra, Processing: Srujanika

ସାଧାରଣ ମତାମତ (ଭଲ ହୋଇଛି, ମନ୍ଦ ହୋଇଛି) ଦେଇ ନିଜକୁ ଚଳଚ୍ଚିତ୍ର ସମୀକ୍ଷକ ବୋଲି କୁହନ୍ତି । ଏହାର କାରଣ ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କୁ ଉପଯୁକ୍ତ ତାଲିମ ଓ କାର୍ଯ୍ୟ କରିବାର ସୁଯୋଗ ମିଳୁ ନାହିଁ ।

ବମ୍ବେ, ମାଡ୍ରାଜ ଓ କଲିକତାରୁ ପ୍ରକାଶିତ ବହୁ ଇଂରାଜୀ, ହିନ୍ଦି, ତାମିଲ ଓ ବଙ୍ଗଳା ମାସିକ ଏବଂ ସାପ୍ତାହିକ ଚଳଚ୍ଚିତ୍ର ପତ୍ରିକାର ପ୍ରସାର ସଂଖ୍ୟା ୫୦ ହଜାରରୁ ମଧ୍ୟ ଅଧିକ । ଏଥିରେ କାମ କରୁଥିବା ଚଳଚ୍ଚିତ୍ର ସାମ୍ବାଦିକ ମାନେ ପାର୍ଟଟାଇମ ସାମ୍ବାଦିକ ନୁହଁନ୍ତି । ସେମାନେ ସମସ୍ତେ ଅଭିଜ୍ଞ ଓ ପୂର୍ଣ୍ଣ ସମୟ କାର୍ଯ୍ୟ କରୁଥିବା ପେଷାଦାର ସାମ୍ବାଦିକ । ସେମାନଙ୍କ ପାଇଁ ପତ୍ରିକା କର୍ତ୍ତୃପକ୍ଷ ବହୁ ଅର୍ଥବ୍ୟୟ କରନ୍ତି । ସେମାନେ ଚଳଚ୍ଚିତ୍ର ସମ୍ପର୍କୀୟ ବହୁ ପୁସ୍ତକ ଓ ବିଦେଶୀ ପତ୍ରିକା ଅଧ୍ୟୟନ କରନ୍ତି । ବହୁ ଦେଶୀ ବିଦେଶୀ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଆନ୍ତି ଏବଂ ବିଶିଷ୍ଟ ପ୍ରଯୋଜକ, ନିର୍ଦ୍ଦେଶକ, କ୍ୟାମେରାମ୍ୟାନ, ସାଉଣ୍ଡରେକର୍ଡିଷ୍ଟ, ଏଡିଟର, ଅଭିନେତା, ଅଭିନେତ୍ରୀଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ମଧ୍ୟ ପାଆନ୍ତି । ପୁନା ଏଫ୍ ଟି ଆଇ ସଂସ୍ଥାରେ ଫିଲ୍ମ ଆପ୍ରିସିଏସନ କୋର୍ସ ମଧ୍ୟ ରହିଛି ।

ନେହେରୁଙ୍କ ଜୀବନୀ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ନିକଟରେ ମୁକ୍ତିଲାଭ କରିଛି

ମାତ୍ର ଓଡ଼ିଶାରେ ଏ ସବୁର ସୁଯୋଗ ନାହିଁ । ଏଠାରେ ମାସିକ ଓ ସାପ୍ତାହିକ ଚଳଚ୍ଚିତ୍ର ପତ୍ରିକାର ସାମ୍ବାଦିକମାନେ ସମସ୍ତେ ପାର୍ଟଟାଇମ କାମ କରନ୍ତି । କେବଳ ଦୈନିକ ସମ୍ବାଦପତ୍ରର ଚଳଚ୍ଚିତ୍ର ସାମ୍ବାଦିକ ମାନେ ପୂର୍ଣ୍ଣସମୟ କାମ କରୁଥିବା ପେଷାଦାର ସାମ୍ବାଦିକ । ମାତ୍ର ସେମାନଙ୍କୁ ନିଜର ଦୈନିକ ଅନ୍ୟ କାମ ସହିତ ଏ କାମ କରିବାକୁ ପଡ଼େ ଏବଂ ସମ୍ବାଦପତ୍ର କର୍ତ୍ତୃପକ୍ଷ ଏ ବିଭାଗର ଉନ୍ନତି ପାଇଁ ଆବଶ୍ୟକୀୟ ଅର୍ଥ ବ୍ୟୟ କରିବାକୁ କୁଣ୍ଠିତ । ଓଡ଼ିଶାର ଚଳଚ୍ଚିତ୍ର ସାମ୍ବାଦିକ ମାନେ ନିଜ ଖର୍ଚ୍ଚରେ କେତେକ ପତ୍ରପତ୍ରିକା କିଣି ପଢ଼ନ୍ତି ଓ କେତେକ ଚଳଚ୍ଚିତ୍ର ଦେଖି କିଛି ଅଭିଜ୍ଞତା ଅର୍ଜ୍ଜନ କରନ୍ତି । ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ଯୋଗ ଦେବା ପାଇଁ ସଂବାଦପତ୍ର କର୍ତ୍ତୃପକ୍ଷ ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କୁ ପୁରା ଖର୍ଚ୍ଚ ମଧ୍ୟ ଦିଅନ୍ତି ନାହିଁ । ସଂବାଦପତ୍ରର ଚଳଚ୍ଚିତ୍ର ବିଭାଗ ଏକ ଅବହେଳିତ ବିଭାଗ । ଫଳରେ ଏଠାରେ ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କ ପାଇଁ ନାନା ପ୍ରକାର ସମାସ୍ୟା ସୃଷ୍ଟି ହେଉଛି ଓ ଏ ସବୁର ସମାଧାନ ଦିଗରେ କୌଣସି ଉଦ୍ୟମ ମଧ୍ୟ ହେଉନାହିଁ । ରାଜ୍ୟ ସରକାର ଚଳଚ୍ଚିତ୍ର ସାମ୍ବାଦିକ ମାନଙ୍କୁ ସ୍ୱୀକୃତି ଦେଉନାହାଁନ୍ତି କିମ୍ବା ଏଭଳି ସାମ୍ବାଦିକ ମାନଙ୍କ ତାଲିକା ମଧ୍ୟ ରଖିନାହାନ୍ତି ।

ଫଳରେ ଓଡ଼ିଶାରେ କୌଣସି ସଂବାଦପତ୍ର ଓ ପତ୍ରପତ୍ରିକାରେ ଚଳଚ୍ଚିତ୍ର ସମୀକ୍ଷା ଠିକ୍ ଭାବରେ ପ୍ରକାଶ ପାଇପାରୁ ନାହିଁ । ଏହା ଏକ ଗୁରୁତର ସମାସ୍ୟା, ଏହାର ସମାଧାନ ପାଇଁ ତୁରନ୍ତ ଉଦ୍ୟମ କରିବା ଆବଶ୍ୟକ । □

Images: Aptakama Mishra, Processing: Srujanika

ଭୟରୁ ଅନ୍ଧ ବିଶ୍ୱାସ

ଡକ୍ଟର ରାଧାନାଥ ରଥ

ଅନ୍ଧ ବିଶ୍ୱାସ ଅର୍ଥ ଯେ କୌଣସି ବିଶ୍ୱାସ ପଛରେ କୌଣସି ଯୁକ୍ତ ଯୁକ୍ତି କାରଣ ବା ସଠିକ ଅନୁଭୂତିଗତ ଜ୍ଞାନ ନଥାଇ ଏବଂ ବାରମ୍ବାର ଏହାର ଯଥାର୍ଥତା ବିଷୟରେ ସନ୍ଦେହ ରହିଥିଲେ ସୁଦ୍ଧା ଲୋକେ ତାକୁ ଛାଡ଼ି ପାରନ୍ତି ନାହିଁ । କିନ୍ତୁ ଯଦି ଏହା ମିଥ୍ୟା ବା ଅବାସ୍ତବ ବୋଲି ପ୍ରମାଣିତ ହେଲା ପରେ ମଧ୍ୟ ଯେଉଁ ବିଶ୍ୱାସକୁ ସହଜରେ ଛାଡ଼ି ହୁଏ ନାହିଁ ଯନ୍ତ୍ରବତ୍ ବାରମ୍ବାର ସେହି କଥା କରାଯାଏ ଅନ୍ଧବିଶ୍ୱାସର ଏହା ହେଉଛି ମୁଖ୍ୟ ବୈଶିଷ୍ଟ୍ୟ । ଲୋକେ ବସନ୍ତ, ହଇଜା ରୋଗ ଠାକୁରାଣୀ ଯୋଗୁଁ ହୋଇଥାଏ ବୋଲି ଭାବୁଥିଲେ । ବହୁ ପ୍ରକାର ମାନସିକ କରୁଥିଲେ କିନ୍ତୁ ମାନସିକ ସତ୍ତ୍ୱେ ବହୁ ଲୋକ ମରନ୍ତି—ମାନସିକ ନ କରି ମଧ୍ୟ ବହୁ ଲୋକ ବଞ୍ଚନ୍ତି ବୋଲି ଜାଣି ସୁଦ୍ଧା ଏହି ବିଶ୍ୱାସ କାହିଁକି ଛାଡ଼ି ହୁଏ ନାହିଁ ? କାରଣ ଭବିଷ୍ୟତ ଅଛି ; ଅନ୍ୟ ପିଲା ଏବଂ ନିଜେ ଠାକୁରାଣୀଙ୍କ କୋପ ଦୃଷ୍ଟିରେ ପଡ଼ିବାର କୁଭାବନାଗତ ଭୟ ଯୋଗୁ ଏହି ବିଶ୍ୱାସ ଲୋକେ ଯୁଗ ଯୁଗ ଧରି ଛାଡ଼ି ପାରୁ ନଥିଲେ । ବର୍ତ୍ତମାନ ଟୀକା ଫଳରେ ବସନ୍ତ ରୋଗ ସମ୍ପୂର୍ଣ୍ଣ ନିର୍ମୂଳ ହୋଇ ବସନ୍ତ ଠାକୁରାଣୀ ଲୁଚିଭଇ ଗଲେ । ଅଧିକାଂଶ ଧର୍ମଗତ ଅନ୍ଧ ବିଶ୍ୱାସ ମଧ୍ୟ ଏହି ଭୟ ଯୋଗୁ ଦେଖା ଦେଇଥାଏ । ଭଗବାନଙ୍କୁ ପ୍ରକୃତରେ ଭଲ ପାଇଲେ ବହୁତ ଅନ୍ଧ ବିଶ୍ୱାସ କମି ଯାଆନ୍ତା ।

ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଗଲେ ଯାତ୍ରା ଅମଙ୍ଗଳ ହୁଏ ବୋଲି ବିଶ୍ୱାସ ରହିଛି । ପାଞ୍ଜିରେ ରାଶି ନକ୍ଷତ୍ର ସହିତ ଯାତ୍ରାର ଗଣନା କରି ବିଭିନ୍ନ ଦିଗରେ ଯିବା ଆସିବା ବାରଣ ରହିଛି । କିନ୍ତୁ ପରୀକ୍ଷା କରି ଯଦି ଦେଖାଯାଏ ଯେ ସେହି ଦିଗକୁ କାର୍ଯ୍ୟରେ ଯିବା ଫଳରେ କୌଣସି କ୍ଷତି ହୋଇ ନାହିଁ ; ତା ହେଲେ ମଧ୍ୟ ଏ ବିଶ୍ୱାସ ଦୁର୍ବଳ ହୁଏ ନାହିଁ । କିଏ କହିବ ଭବିଷ୍ୟତରେ ଏହି ଯୋଗୁ ବିପଦ ପଡ଼ିବ ନାହିଁ । କଳା ବିରାଡ଼ି ଦେଖିଲେ ଟାଡ଼ି ପଛେଇବା ଦରକାର । ଅନ୍ୟମାନେ କଳା ବିରାଡ଼ି ଗଲା ପରେ ମଧ୍ୟ ଗାଡ଼ିରେ ଯାଇ ବିପଦର ସମ୍ମୁଖୀନ ହୋଇ ନଥିଲେ ମଧ୍ୟ କିଏ କହିବ ସେହି ନିର୍ଦ୍ଦିଷ୍ଟ ଦିନ ଦୁର୍ଘଟଣା ନ ହେବ, ଏପରି ଲୋକଙ୍କର ଯେ ଗୋଟିଏ ନିର୍ଦ୍ଦିଷ୍ଟ ଅନ୍ଧ ବିଶ୍ୱାସ ଯୋଗୁ ଭୟ ଥାଏ ତାହା ନୁହେଁ ସେମାନଙ୍କଠାରେ ଏହିପରି ବହୁତ ଗୁଡ଼ିଏ ଅନ୍ଧ ବିଶ୍ୱାସ କାମ କରୁଥାଏ । ଅର୍ଥାତ୍ ସେମାନଙ୍କଠାରେ ଆତ୍ମ ବିଶ୍ୱାସ ଅଭାବ ଯୋଗୁ ନାନା କଥା ନେଇ ନିଜର ଓ ନିଜ ପରିବାର ଲୋକଙ୍କ ଭବିଷ୍ୟତ ବିଷୟରେ ଏହିପରି ନାନା ରକମର ଅମୂଳକ ଅନ୍ଧ ବିଶ୍ୱାସ କାମ କରୁଥାଏ । ଅର୍ଥାତ୍ ଯାହାର ଯେତିକି ବେଶି ଅନ୍ଧ ବିଶ୍ୱାସ ସେ ଲୋକ ସେତିକି ବେଶି ଉଦ୍‌ବ୍ୟାକୁଳ ଓ ଦୁର୍ବଳମନା । ଅନେକ ସମୟରେ ସେମାନଙ୍କଠାରେ ଏ ପ୍ରକାର ଅହେତୁକ ଭୟ ଯୋଗୁ ସାମାନ୍ୟ ଆସ୍ୱସ ଆଶଙ୍କା ଦେଖା ଦେଲା ପରେ ପ୍ରକୃତରେ ଦେହ ଖରାପ ହୋଇଯାଏ, ଏପରି

ଲୋକଙ୍କୁ ଯଦି ଚାରି ପାଞ୍ଚ ଜଣ ବିଭିନ୍ନ କାର୍ଯ୍ୟରେ କହି ଦେବେ ଯେ ତାଙ୍କର ଦେହ ଖରାପ ହେଲାପରି ସେ ଦେଖା ଯାଉଛନ୍ତି ତା'ହେଲେ ସେ ଅସୁସ୍ଥ ଅନୁଭବ କରି ଶେଯରେ ଯାଇ ଶୋଇ ପଡ଼ିବେ ।

ସାଧାରଣତଃ ଏ ପ୍ରକାର ଲୋକଙ୍କର ଜାତକ ଓ ଭବିଷ୍ୟତ ବକ୍ତା ମାନଙ୍କ ଉପରେ ଅଗାଧ ବିଶ୍ୱାସ ଯୋଗୁ ସେମାନେ ଯଦି କୌଣସି ଅଶୁଭ ସଙ୍କେତ ଏମାନଙ୍କ ଠାରୁ ପାଆନ୍ତି କାଳକ୍ରମେ ତାହା ସେମାନଙ୍କ ଠାରେ ଘଟିବାର ସମ୍ଭାବନା ବେଶି । ଏପରିକି ଦୁଇ ତିନି ଜଣ ଜ୍ୟୋତିଷ ଯଦି କହିଦେବେ ଯେ ଅମୁକ ବର୍ଷରେ ତାର ମୃତ୍ୟୁ ଯୋଗ ଅଛି

(ଅବଶିଷ୍ଟାଂଶ ୩୨ ପୃଷ୍ଠାରେ)

(୨୪ ପୃଷ୍ଠାର ଅବଶିଷ୍ଟାଂଶ)

ରାଜନୀତି ଆଡ଼କୁ ଯଥେଷ୍ଟ ଆକୃଷ୍ଟ ହେବେ । ଆନ୍ତର୍ଜାତିକ ସ୍ତରରେ କୌଣସି ଏକ ବନ୍ଧୁତ୍ୱର ସାହାଯ୍ୟ ପାଇ ପାରିବେ । ଜୀବନର ମାନଦଣ୍ଡର ପରିବର୍ତ୍ତନ ଦେଖାଦେବ । କର୍ମ କ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସ୍ନେହ ଓ ସମ୍ମାନ ପାଇପାରିବେ ଆର୍ଥିକ ଦୁରବସ୍ଥା ଦୂର ହେବ । କିନ୍ତୁ ଅନେକ ସମୟରେ ଭାବପ୍ରବଣତା ଦେଖାଦେବ । ବ୍ୟବସାୟ କ୍ଷେତ୍ରରେ ନୂତନ ମାର୍ଗ ପାଇ ପାରିବେ । ଛାତ୍ରମାନେ ଭ୍ରମଣ ଓ ରାଜନୀତି ପ୍ରତି ମନ ବଳାଇବେ । ମହିଳାମାନେ ରାଜସିକ ଓ ବିଳାସ ବ୍ୟସନ ପ୍ରତି ଆକୃଷ୍ଟ ହେବେ ।

ମୀନ—ମାସଟି ସାରା ମାନସିକ ଅଶାନ୍ତି, ଶାରୀରିକ କଷ୍ଟ ଦୁର୍ଘଟଣା ଜନିତ ଭୟ; ମାମଲା ମକଦ୍ଦମା ତଥା ରାଜଭୟ ଲାଗି ରହିବ । ପାରିବାରିକ ଜଞ୍ଜାଳ ଏବଂ ପରିବାରରେ ଶରୀରରେ କଷ୍ଟ ଦେଖାଦେବ । ସାମାଜିକ ଅସ୍ଥିରତା ଅପବାଦ, ସମାଲୋଚନା ଓ ଅବିଶ୍ୱାସ ଦେଖାଦେବ ରାଜନୀତି କ୍ଷେତ୍ରରେ ବୃଥା ଭ୍ରମଣ ଅପବ୍ୟୟ ଲାଗି ରହିବ । କାହାରି ପ୍ରତି ବିଶ୍ୱାସ ଦେଖାଦେବ ନାହିଁ । କୁଟିଳ ମନା ହେବେ । ସ୍ୱାର୍ଥପରତା ଏବଂ ପରଶ୍ରୀକାତରତା ମନରେ ଦେଖାଦେବ । ସାହିତ୍ୟ ରାଜନୀତି ଓ ନ୍ୟାୟ ଉପରେ ଅନେକ ସମୟ ଗବେଷଣାରତ ରହିବେ । କର୍ମ କ୍ଷେତ୍ରରେ ଅଯଥା ମନୋମାଳିନ୍ୟ ଓ ଶତ୍ରୁତା ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ନୂତନ କର୍ମ ପ୍ରତି ମନ ବଳାଇଲେ ମଧ୍ୟ ହତାଶ ହେବେ । ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ଛାତ୍ରମାନେ ନ୍ୟାୟ ଓ ରାଜନୀତି ଶିକ୍ଷା ପ୍ରତି ମନ ବଳାଇବେ । ମହିଳା ମାନେ ଦର୍ଶନ ଓ ଭ୍ରମଣ ପ୍ରତି ଆକୃଷ୍ଟ ହେବେ । □

Images: Aptakama Mishra, Processing: Srujanika

ରକ୍ତହୀନତା ଓ ତାର ପ୍ରତିକାର

ଡାକ୍ତର କେନାମଣି ନରେନ୍ଦ୍ର କୁମାର

ପୁରୁଷମାନଙ୍କ ରକ୍ତରେ ଶତକଡ଼ା ୪୭ ଏବଂ ସ୍ତ୍ରୀମାନଙ୍କ ରକ୍ତରେ ଶତକଡ଼ା ୪୨ ରକ୍ତ କଣିକା ଥାଏ । ପିଲାମାନଙ୍କ ରକ୍ତରେ ଶତକଡ଼ା ୧୦ ରୁ ୨୦ ଭାଗ ରକ୍ତ କଣିକା କମ୍ ଥାଏ । ରକ୍ତ କଣିକାକୁ ବାଦ୍ ଦେଲେ ଅବଶିଷ୍ଟ ତରଳ ପଦାର୍ଥ ରକ୍ତ ରସ । ଏହି ରକ୍ତ କଣିକାର ହିସାବକୁ ମୋଟାମୋଟି ଲୋହିତ ରକ୍ତ କଣିକା ବୋଲି ଧରି ନିଆଯାଇଥାଏ । ପ୍ରତି ଘନ ମିଲିମିଟର ରକ୍ତରେ ପୁରୁଷମାନଙ୍କର ୫.୪ ନିୟୁତ ଏବଂ ସ୍ତ୍ରୀମାନଙ୍କର ୪.୮ ନିୟୁତ ଲୋହିତ ରକ୍ତ କଣିକା ଥାଆନ୍ତି ।

ଲୋହିତ ରକ୍ତ କଣିକାମାନଙ୍କ ଯୋଗୁ ରକ୍ତର ରଙ୍ଗ ଲାଲ ହୋଇଥାଏ । ଏହି ଲୋହିତ ରକ୍ତ କଣିକାରେ ଥିବା ଲାଲ ପ୍ରୋଟିନକୁ ହିମୋଗ୍ଲୋବିନ କୁହାଯାଇଥାଏ । ଏହା ହିଁ ମୁଖ୍ୟତଃ ଲୋହିତ ରକ୍ତ କଣିକାର ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାଏ । ପ୍ରତି ଶହେ ମିଲିଲିଟର ରକ୍ତରେ ପୁରୁଷମାନଙ୍କର ୧୫ ଗ୍ରାମ ହିମୋଗ୍ଲୋବିନ୍ ରହିଥାଏ ।

ଖାଦ୍ୟରୁ ସଂଗୃହୀତ ହେଉଥିବା ବିଭିନ୍ନ ଜୈବରସାୟନିକ ପଦାର୍ଥକୁ ଶରୀରର ଦୂରଦୂରାନ୍ତ ଅଙ୍ଗପ୍ରତ୍ୟଙ୍ଗମାନଙ୍କ ନିକଟକୁ ବହନ କରିନେବା ଏବଂ ସେଠାରୁ ବର୍ଜ୍ୟ ପଦାର୍ଥକୁ ବହନ କରିଆଣି ଶରୀରର ରକ୍ତ ପରିଷ୍କାର ପ୍ରଣାଳୀ ଗୁଡ଼ିକ ନିକଟରେ ପହଞ୍ଚାଇ ସେ ସବୁକୁ ପରିତ୍ୟାଗ କରିବାର ସମସ୍ତ ଦାୟିତ୍ୱ ରକ୍ତ ଉପରେ ପଡ଼ିଥାଏ । ତେଣୁ ରକ୍ତହିଁ ଜୀବନୀଶକ୍ତିର ମୁଖ୍ୟ ଉପାଦାନ ।

ଲୋହିତ ରକ୍ତ କଣିକାର ପରିମାଣାତ୍ମକ ଓ ଗୁଣାତ୍ମକ ଅଭାବକୁ ରକ୍ତହୀନତା କୁହାଯାଇଥାଏ । ରକ୍ତ କ୍ଷୟ ଦୁଇ ପ୍ରକାର—ଅତ୍ୟଧିକ ରକ୍ତସ୍ରାବ ଏବଂ ଧୀରେ ଧୀରେ ବହୁଦିନ ଧରି ରକ୍ତ ହ୍ରାସ ପାଇବା । କେତେକ ଦୁର୍ଘଟଣାରେ ରକ୍ତସ୍ରାବ ଅଧିକ ହୋଇଥାଏ । ଏହା ବ୍ୟତୀତ ପେଟ ଭିତରର ଘାଆ, ଦାନ୍ତ ଉପୁଡ଼ା ପ୍ରଭୃତି କ୍ଷେତ୍ରରେ ଅତ୍ୟଧିକ ରକ୍ତ ସ୍ରାବ ହୋଇଥାଏ । ସ୍ତ୍ରୀ ଲୋକମାନଙ୍କର ସନ୍ତାନ ପ୍ରସବ ଏବଂ ଅନ୍ୟାନ୍ୟ କେତେକ ଋତୁ ସମ୍ପର୍କୀୟ ରୋଗରେ ମଧ୍ୟ ଅତ୍ୟଧିକ ରକ୍ତସ୍ରାବ ହୋଇ ରକ୍ତହୀନତା ଘଟିଥାଏ ପେଟରେ ଅଙ୍କୁଶ କୃମି (ହୁକ୍ ୱାର୍ମ) ରହିବା କିମ୍ବା ଗର୍ଭଧାରଣ ସମୟରେ ଧୀରେ ଧୀରେ ବହୁଦିନ ଧରି ରକ୍ତ ହ୍ରାସ ପାଇବାରୁ ରକ୍ତହୀନତା ଦେଖା ଦେଇଥାଏ ।

ଲୋହିତ ରକ୍ତକଣିକାର ଅତ୍ୟଧିକ କ୍ଷୟ ମଧ୍ୟ ରକ୍ତହୀନତାର ଅନ୍ୟ ଏକ ମୁଖ୍ୟ କାରଣ । ଏହା ଦୁଇ ପ୍ରକାର ହୋଇଥାଏ । ରକ୍ତକଣିକା ବାହାରେ କେତେକ ରୋଗ ରକ୍ତକଣିକାର କ୍ଷୟ ଘଟାଇ ଥାଆନ୍ତି । ଲୋହିତ ରକ୍ତକଣିକା ଭିତରେ ମଧ୍ୟ କେତେକ ରୋଗ ଜାତ ହୋଇ ତାହାର କ୍ଷୟ ଘଟାଇ ଥାଆନ୍ତି ।

ତୃତୀୟ ମୁଖ୍ୟ କାରଣ ହେଲା ଲୋହିତ ରକ୍ତ କଣିକାର ଉତ୍ପାଦନ ହ୍ରାସ । ଏହାର ମଧ୍ୟ ସାତଟି ମୁଖ୍ୟ କାରଣ ଥାଏ ।

୧ । ଲୋହିତ ରକ୍ତକଣିକା ସୃଷ୍ଟିରେ ଆବଶ୍ୟକ ହେଉଥିବା ପଦାର୍ଥର ଅଭାବ । ସେ ପଦାର୍ଥ ଗୁଡ଼ିକ ହେଲେ ଲୌହ, ଭିଟାମିନ୍ ବି-୧୨, ଫୋଲିକ୍ ଏସିଡ୍ ଏବଂ ପୁଷ୍ଟିସାର ।

୨ । ଅନ୍ତଃସ୍ରାବୀ ଗ୍ରନ୍ଥିରୁ ନିର୍ଗତ ହେଉଥିବା ହରମୋନର ଅଭାବ । ସେଗୁଡ଼ିକ ହେଲେ ପିଟ୍ୟୁଟାରୀ, ଥାଇରଏଡ୍, ଆଡ୍ରେନାଲ କିମ୍ବା ଟେଷ୍ଟିକୁଲାର ହରମୋନ୍ ।

୩ । ମଜ୍ଜାର କ୍ଷୟ ଘଟାଉଥିବା କେତେକ ପଦାର୍ଥ ଓ ରସାୟନ ଯଥା- ଏକ୍ସରେ, ବେଞ୍ଜିଲ୍, ଶୀସା ଇତ୍ୟାଦି ।

୪ । ବୃକକ୍ ପ୍ରଭୃତି ଅଂଶରେ ବହୁଦିନ ଧରି ରହିଥିବା ରୋଗ ଓ ଅନ୍ୟ ସଂକ୍ରାମକ ରୋଗ ।

୫ । ଲୋହିତ ରକ୍ତ କଣିକା ସୃଷ୍ଟି ହେଉଥିବା ସ୍ଥାନ ମଜ୍ଜାରେ ସୃଷ୍ଟି ହେଉଥିବା କେତେକ ରୋଗ ।

୬ । କାରଣ ଜଣା ନଥିବା କେତେକ ଅବସ୍ଥା, ଯେଉଁଥିରେ ମଜ୍ଜାରୁ ରକ୍ତ କଣିକା ସୃଷ୍ଟି ହେବା ହ୍ରାସ ପାଏ ।

୭ । ପ୍ଲିହାର କେତେକ ରୋଗ ଯେଉଁଥିରେ ଅଧିକ ଲୋହିତ ରକ୍ତ କଣିକାଙ୍କର କ୍ଷୟ ଘଟିଥାଏ ।

ରକ୍ତହୀନତାର ଲକ୍ଷଣ ଗୁଡ଼ିକ ମଧ୍ୟରେ ପ୍ରଥମତଃ ଦେହ ଶେତା ପଡ଼ିଯିବା, ବସିବାଠାରୁ ଉଠିଲେ ମୁଣ୍ଡ ବୁଲେଇଦେବ, ମୁଣ୍ଡ ଭିତରେ କପ୍ କପ୍ ହେବା, ଦେହ ଖୁବ୍ ଦୁର୍ବଳ ଲାଗିବା, ଭୋକ ନ ହେବା ଏବଂ ଗୋଡ଼ ହାତ ଫୋଲା ହେବାର ଦେଖାଯାଏ । ଅତ୍ୟଧିକ ରକ୍ତହୀନତା ହେଲେ ଛାତି ଦମ୍ ପଡ଼ିବ, ଦେହ ଥଣ୍ଡା ହୋଇଯିବା ଏବଂ ମାନସିକ ଗଣ୍ଡଗୋଳ ହେବା ପ୍ରଭୃତି ଲକ୍ଷଣ ପ୍ରକାଶ ପାଏ ।

ରକ୍ତହୀନତାର ପ୍ରତିକାର ବିଷୟ ଚିନ୍ତା କଲାବେଳେ ବିଭିନ୍ନ ଶ୍ରେଣୀର ରକ୍ତହୀନତା ପାଇଁ ବିଭିନ୍ନ ପ୍ରତିକାରର ବ୍ୟବସ୍ଥା କରାଯାଇ ଥାଏ । ତେବେ ଆମେ ସାଧାରଣତଃ ଯେଉଁ ରକ୍ତହୀନତାର ସମ୍ମୁଖୀନ ହେଉ ତାହାର ପ୍ରତିକାର ବିଷୟରେ ସାଧାରଣରେ କିଛି ଧାରଣା ହେବା ଆବଶ୍ୟକ ।

ଅତ୍ୟଧିକ ରକ୍ତସ୍ରାବର ପ୍ରଧାନ ପ୍ରତିକାର ହେଲା ରକ୍ତ ଗ୍ରହଣ । ଦୁର୍ଘଟଣା, ପେଟଭିତରର ଘାଆ, ଦାନ୍ତ ଉପୁଡ଼ା, ସ୍ତ୍ରୀଲୋକ ମାନଙ୍କର ସନ୍ତାନ ପ୍ରସବ

Images: Aptakama Mishra, Processing: Srujanika

ପ୍ରଭୃତି କ୍ଷେତ୍ରରେ ହଠାତ୍ ରକ୍ତଗ୍ରହଣ ଫଳରେ ଜୀବନରକ୍ଷା ସମ୍ଭବ ହୋଇପାରିବ ।

ପେଟରେ ଅଙ୍କୁଶ କୃମି ରହିବା ବା ଗର୍ଭଧାରଣ ସମୟରେ ଯେଉଁ ରକ୍ତହୀନତା ଦେଖା ଦେଇଥାଏ, ତାପାଇଁ ଲୌହ, ଫଲିକ୍ ଏସିଡ୍, ଭିଟାମିନ୍ ବି-୧୨, ପୁଷ୍ଟିସାର, ଭିଟାମିନ୍-ସି, ତମ୍ବା ପ୍ରଭୃତି ଆବଶ୍ୟକ ହୋଇଥାଏ । ରକ୍ତହୀନତାର ପ୍ରଧାନ କାରଣ ହିମୋଗ୍ଲୋବିନ୍ ଅଭାବ ହୋଇଥିବାରୁ ଆସ୍ତେ ଆସ୍ତେ ଘଟୁଥିବା ରକ୍ତହୀନତାରେ ହିମୋଗ୍ଲୋବିନ୍ ମଧ୍ୟ ଔଷଧ ଆକାରରେ ଦିଆଯାଇଥାଏ ।

ଆମର ଦୈନିକ ଖାଦ୍ୟରେ ରକ୍ତହୀନତା ଦୂରୀକରଣ ପାଇଁ ଅନେକ ଉପାଦାନ ରହିଥାଏ । କଞ୍ଚା କଦଳୀ, ପାଳଙ୍ଗ ଶାଗ ପ୍ରଭୃତିରେ ଲୌହ ମିଳିଥାଏ । ଫଲିକ୍ ଏସିଡ୍ ଏବଂ ଭିଟାମିନ୍ ବି-୧୨ ସାଧାରଣତଃ କଞ୍ଚା ପରିବା ପ୍ରଭୃତିରୁ ମିଳିଥାଏ । ପୁଷ୍ଟିସାର ହେଲା ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି ପ୍ରଭୃତି । ଭିଟାମିନ୍ ସି ଲେମ୍ବୁ, ଟମାଟୋ, କଞ୍ଚା ଓ ପାଚିଲା ଫଳ ପ୍ରଭୃତିରେ ପ୍ରଚୁର ପରିମାଣରେ ମିଳେ ।

ରକ୍ତହୀନତା ଏକ ଜଟିଳ ପ୍ରକ୍ରିୟା ଏବଂ ଏ ସଂପର୍କରେ ଜାଣିବାପାଇଁ ଚିକିତ୍ସାଶାସ୍ତ୍ରରେ ରକ୍ତ ବିଜ୍ଞାନ ଭଳି ସ୍ୱତନ୍ତ୍ର ବିଜ୍ଞାନ (ହିମାଟୋଲୋଜି) ର ବ୍ୟବସ୍ଥା ହେଲାଣି ।

ନିତାନ୍ତ ରକ୍ତହୀନତା ଦେଖାଦେବା ମାତ୍ରକେ ତାହାର ନିରାକରଣ ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । □

ହଇଜା ପ୍ରତିଷେଧକ ବଟିକା

ଫ୍ରାନସ୍ ପାଷ୍ଟୁର ଇନଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏକ ନୂଆ ଧରଣର ହଇଜା ପ୍ରତିଷେଧକ ଔଷଧ ଜାଇରେରେ ସଫଳତାର ସହ ପରୀକ୍ଷା କରାଯାଇପାରିଛି । ଏହି ଔଷଧର କୌଣସି ବିଷାକ୍ତ ପ୍ରତିକ୍ରିୟା ନାହିଁ ଏବଂ ଏହା ୬ ମାସ ପାଇଁ କାର୍ଯ୍ୟକ୍ଷମ ରହିବ ।

ଫ୍ରାନସ୍‌ର ପ୍ରାୟ ତିନି ହଜାର ଲୋକଙ୍କ ଶରୀରରେ ଏହି ଔଷଧ ପ୍ରୟୋଗ କରାଯାଇ ଏହା ନିରାପଦ ବୋଲି ସିଦ୍ଧାନ୍ତ କରାଯାଇଛି ।

ପାରଂପରିକ ରୀତିରେ ହଇଜା ପ୍ରତିଷେଧକ ଔଷଧକୁ ଆମେ ଇଞ୍ଜେକ୍‌ସନ୍ ରୂପେ ଗ୍ରହଣ କରିଥାଉ । କିନ୍ତୁ ଏହି ନୂଆ ଔଷଧକୁ ଖାଇବାକୁ ପଡ଼ିବ । ଦିନକୁ ଦୁଇ ଥର ଗୋଟିଏ ବଟିକା ଖାଇଦେଲେ କାମ ଶେଷ ।

ଏହି ନୂଆ ଔଷଧର ଫଳପ୍ରଦତା ପରୀକ୍ଷା କରିବା ପାଇଁ ଜାଇରେ ସରକାରଙ୍କ ସହାୟତା ଲୋଡ଼ା ଯାଇଥିଲା । ତଦନୁଯାୟୀ ମାଲେମ୍ବା ଏନକୁଲୁ ନାମକ ଏକ ଅଞ୍ଚଳକୁ ପରୀକ୍ଷା କେନ୍ଦ୍ର ରୂପେ ବଛା ଯାଇଥିଲା । ସେଠାରେ ବାସ କରୁଥିବା ଲୋକଙ୍କ ମଧ୍ୟରୁ ୧୮,୬୨୩ ଲୋକଙ୍କୁ କଲେରା ପ୍ରତିଷେଧକ ଔଷଧ ଦିଆଯାଇଥିଲା । ସେମାନଙ୍କ ଭିତରୁ ୬୨୪୯ ଜଣ ଇଞ୍ଜେକ୍‌ସନ୍ ନେଇଥିଲେ ଏବଂ ୬୧୪୮ ଜଣଙ୍କୁ ହଇଜା ନିରୋଧି ଟୀକା ଦିଆଗଲା ଏବଂ ଆଣ୍ଟିଟିଟାନାସ୍ ଦିଆଯାଇଥିଲା । ମାତ୍ର ୫,୭୬୬ ଜଣଙ୍କୁ କେବଳ ହଇଜା ନିରୋଧୀ ବଟିକା ଖାଇବାକୁ ଦିଆଯାଇଥିଲା । ଅବଶିଷ୍ଟ ୧୮,୩୭୭ ଜଣଙ୍କୁ କୌଣସି ଔଷଧ ଦିଆଯାଇ ନଥିଲା ।

ଔଷଧ ଦିଆଯିବାର ସାତ ମାସ ପରେ ସେ ଅଞ୍ଚଳରେ ପଡ଼ୋଶୀ ରାଜ୍ୟରୁ ହଇଜା ସଂକ୍ରମିତ ହୋଇ ଭୀଷଣ ଆକାର ଧାରଣ କଲା । କିନ୍ତୁ ଯେଉଁମାନଙ୍କୁ ଔଷଧ ଆଦୌ ଦିଆଯାଇ ନଥିଲା ସେମାନଙ୍କ ମଧ୍ୟରୁ ୨୧୬ଜଣ ଏହି ରୋଗରେ ପଡ଼ିଲେ । ତାହା ହେଉଛି ଜନସଂଖ୍ୟାର ୧·୧୭ ପ୍ରତିଶତ । ଇଞ୍ଜେକ୍‌ସନ ନେଇଥିବା ଲୋକଙ୍କ ଭିତରୁ ୪୩ ଜଣ (ଶତକଡ଼ା ୦·୯୧) ଆକ୍ରାନ୍ତ ହେଲେ । ଏବଂ ବଟିକା ଖାଇଥିବା ଲୋକଙ୍କୁ ଭିତରୁ ମାତ୍ର ୬ ଜଣ (ଶତକଡ଼ା ୦·୦୫) ଏଥିରେ ଆକ୍ରାନ୍ତ ହେଲେ । ଏଥିରୁ ବଟିକାର ହଇଜା ପ୍ରତିରୋଧ ଶକ୍ତି ଅନ୍ୟ ଇଞ୍ଜେକ୍‌ସନ୍ ତୁଳନାରେ ଅଧିକ ବୋଲି ପ୍ରମାଣିତ ହେଲା । ଏହି ପରୀକ୍ଷା ସଫଳ ହେବାରୁ ବିଶ୍ୱର ଅନ୍ୟାନ୍ୟ ଦେଶ ମାନଙ୍କରେ ମଧ୍ୟ ପରୀକ୍ଷାମୂଳକ ପ୍ରୟୋଗ ପାଇଁ ଚିନ୍ତା କରାଯାଉଛି । □

ହାଜତରେ ଠୁଙ୍କି ଦିଅ

--- ଦିଲ୍ଲୀରେ ଦଙ୍ଗା ବିଧ୍ୱସ୍ତ ଅଞ୍ଚଳରେ ଅବସ୍ଥା ଆୟତ୍ତ କରିବା ପାଇଁ ସ୍ଥାନୀୟ ପୋଲିସ ଯଥେଷ୍ଟାଧିକ ଲୋକଙ୍କୁ ଗିରଫ କରିଥିଲେ । ସେମାନଙ୍କ ଭିତରେ ଥିବା ବହୁ ସଂଖ୍ୟକ କଂଗ୍ରେସ କର୍ମୀଙ୍କୁ ଖଲାସ କରିଦେବା ପାଇଁ ସଂପୃକ୍ତ ପାର୍ଲାମେଣ୍ଟ ସଭ୍ୟମାନେ (କଂଗ୍ରେସ ଆଇ ଦଳର) ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ଘନ ଘନ ଚାପ ପକାଇଥିଲେ ମଧ୍ୟ ସେଥିରେ ବିଫଳ ହୋଇ ଶେଷରେ ଥାନାର ଇନଚାର୍ଜ ଅଫିସରଙ୍କୁ ଧମକାଇବାରେ ସେ ଆତଙ୍କିତ ହୋଇ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧିଙ୍କୁ ଏ ବିଷୟ ବାଧ୍ୟ ହୋଇ ଜଣାଇଥିଲେ । ଶ୍ରୀଯୁକ୍ତ ଗାନ୍ଧୀ ଏହା ଶୁଣି ସଂପୃକ୍ତ ଏମ ପି ମାନଙ୍କୁ ମଧ୍ୟ ହାଜତରେ ଠୁଙ୍କି ଦିଅ ବୋଲି କହିବାରୁ ଥାନା ଅଫିସର ହତବକେଇ ଯାଇଥିଲେ । ସେ ଯେଉଁ କଂଗ୍ରେସ ଏମ ପି ମାନଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଯାଇଥିଲେ ସେମାନଙ୍କ ମଧ୍ୟରେ ଜଣେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଅଛନ୍ତି । ସଂପୃକ୍ତ ଏମ୍.ପି ମାନଙ୍କ ମଧ୍ୟରୁ ଦୁଇଜଣ ଶ୍ରୀ ରାଜୀବଙ୍କ ଏତାଦୃଶ ମତଗତରେ ଦବି ଯାଇଛନ୍ତି କିନ୍ତୁ ଅନ୍ୟ ଜଣଙ୍କ ଏଥିରେ ବିକ୍ଷୁବ୍ଧ ହୋଇଉଠିଛନ୍ତି । □

Images: Aptakama Mishra, Processing: Srujanika

(୨୯ ପୃଷ୍ଠାର ଅବଶିଷ୍ଟାଂଶ)

ସେ ଏପରି ମ୍ରିୟମାଣ ଓ ଚିନ୍ତା ବ୍ୟାକୁଳ ହୋଇ ପଡ଼ନ୍ତି ଯେ ଶରୀରର ନାନା ପ୍ରକାର ରୋଗ ଦେଖା ଦେଇପାରେ ଏବଂ ସେ ମୃତ୍ୟୁ ମୁଖରେ ମଧ୍ୟ ପଡ଼ିଯାଇ ପାରେ ତେଣୁ ଏ ବିଷୟରେ ଏପରି ଲୋକଙ୍କୁ ଅଯଥା ଭୟଭୀତ କରିବା ଉଚିତ ନୁହେଁ । ଉପରୋକ୍ତ ଲୋକମାନଙ୍କ ଠାରେ ନାନା ପ୍ରକାରର ଭୟ ଥାଏ ଏବଂ ଭୟର ପ୍ରଭାବ ଏତେ ବେଶି ଯେ ସବୁବେଳେ ଭୟଭୀତ ଅବସ୍ଥାରେ ସେମାନେ ରହି ଥାଆନ୍ତି । ପିଲମାନେ ଆସିବାକୁ ଡେରି ହେଲେ ଏମାନେ ନାନା ଅଶୁଭ ସଙ୍କେତ ଦେଖିବାକୁ ପାଆନ୍ତି ।

ଅନେକ ଲୋକ ରାସ୍ତାରେ ଗଲାବେଳେ ବିଶେଷତଃ ଗାଡ଼ି ଚାଳକ ମାନେ ରାସ୍ତାରେ ଯେଉଁଠି କେବେ ମନ୍ଦିର କିମ୍ବା ଗଛରେ ସିନ୍ଦୁର-ଲଗା ଠାକୁର ଠାକୁରାଣୀ ଦେଖନ୍ତି ସଙ୍ଗେ ସଙ୍ଗେ ନମସ୍କାର କରନ୍ତି ସେମାନେ ଯେ ଦେବ ଦେବୀଙ୍କୁ ଭକ୍ତି ପାଇଁ ଏପରି ବ୍ୟବହାର କରନ୍ତି ତା ନୁହେଁ । ଭୟରେ ନମସ୍କାର କରିବାକୁ ବାଧ୍ୟ ହୁଅନ୍ତି । ସେହିପରି ଅଯଥା ବହୁ ଦୁଃଖ କଷ୍ଟ ସହି ଉପାସ କରିବା ପଛରେ ଭବିଷ୍ୟତ ପ୍ରତି ଆଶଙ୍କା ହିଁ କାମ କରୁଥାଏ । ଯେଉଁମାନେ ଉପାସ ନକରନ୍ତି ଗଛ ପୂଜା ନକରନ୍ତି ସେମାନେ ଏକା ଅଶାନ୍ତିରେ ଥାଆନ୍ତି ଏମାନଙ୍କ ତୁଳନାରେ ? ଏକଥା କହିଲେ ସେମାନେ ଗ୍ରହଣ କରିବାକୁ ରାଜି ନୁହଁନ୍ତି । ଏ ବିଷୟରେ କୌଣସି ଯୁକ୍ତି କାମ କରୁ ନଥାଏ । କେବଳ ଭୟ ଓ ଉଦ୍‌ବେଗ ରହିଥାଏ । ଫଳରେ ଅନେକ ସମୟରେ ଠିକ ଏହି କାରଣରୁହିଁ ସେମାନେ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହୋଇଯାଆନ୍ତି ।

ନିର୍ବାଚନ ସମୟରେ ମନ୍ତ୍ରୀତ୍ୱ ଗ୍ରହଣ ପାଇଁ ଶପଥ ନେବା ସମୟରେ ଆଜିକାଲି ବହୁ ପ୍ରକାରର ଅନ୍ଧ ବିଶ୍ୱାସର ଆଶ୍ରୟ ନିଆଯାଏ । ଜ୍ୟୋତିଷ, ଭବିଷ୍ୟତ ବକ୍ତା ଓ ତାନ୍ତ୍ରିକ ମାନେ ଆଜି କାଲି ରାଜନୀତି କରୁଥିବା ଲୋକମାନଙ୍କ ପାଖରେ ଭିଡ଼ ଜମାଇଥାନ୍ତି । ଜବାହାର ନେହେରୁ, ମହାତ୍ମା ଗାନ୍ଧୀଙ୍କୁ ପ୍ରଭୃତି ଏପରି ଖୁବ କମ ଲୋକଙ୍କୁ ଛାଡ଼ିଦେଲେ ଆଉ ଅଧିକାଂଶ ରାଜନୀତି କରୁଥିବା ଲୋକେ ଏପରି ନାନା କାଳ ବିଶ୍ୱାସରେ ପ୍ରଭାବିତ ହେଉଥିବାର ଦେଖାଯାଏ । କାରଣ ଏଥିରେ ଏତେ ବେଶି ଅନିଶ୍ଚିତା ଓ ଆକସ୍ମିକତା କାମ କରୁଥାଏ ଯେ ଆଜି ଯେ ରାଜେନ୍ଦ୍ରସାନୋ କାଲି ସେ ଫକିର ଏବଂ ରାସ୍ତାରେ ବୁଲୁଥିବା ଯୋଗ୍ୟତାହୀନ ଅର୍ବାଚୀନ ଲୋକ ହଠାତ୍ ରାଜେନ୍ଦ୍ରାସୀନ ହେବାର ସମ୍ଭାବନା । ଏପରି ଆକସ୍ମିକ ଭାବରେ ଆମ ଦେଶରେ କାମ କରୁଥାଏ ଯେ ନାନା ପ୍ରକାରର ଅନ୍ଧ ବିଶ୍ୱାସ ଏମାନଙ୍କ ଠାରେ ପ୍ରବଳ ଭାବରେ ଦେଖାଯାଏ । ନେହେରୁ ଗାନ୍ଧୀଙ୍କର ଅଯୋଗ୍ୟତାଗତ ଭୟ ଓ ଉଦବେଗ୍ନତା ନଥିଲା ତେଣୁ ସେ ଆକସ୍ମିକ ଘଟଣାଗତ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହେଉନଥିଲେ । ଶୁଭ ସମୟ ବାଛି ତନ୍ତ୍ର ସାଧନା, ଭୋଗ ଯଜ୍ଞ କରି ନିର୍ବାଚନରେ ହାରିଗଲା ପରେ ମଧ୍ୟ କିମ୍ବା ଶନି ଗାଦିରୁ ବିତାଡ଼ିତ ହେଲା ପରେ ମଧ୍ୟ ଏ ପ୍ରକାର ଅନ୍ଧ ବିଶ୍ୱାସ କମି ଯାଏ ନାହିଁ । କାରଣ ଏମାନଙ୍କ ଜୀବନରେ ଏତେ ପ୍ରକାରର ଆକସ୍ମିକଗତ ଉଦ୍‌ବେଗ କାମ କରୁଥାଏ ଯେ ସେମାନେ ମାନସିକ ଶାନ୍ତି ବା ଆତ୍ମ ବିଶ୍ୱାସ କେବେ ହେଲେ ପାଆନ୍ତି ନାହିଁ । ଫଳରେ ଯୁକ୍ତି ଯୁକ୍ତିହୀନ ଅବାସ୍ତବ କଥାରେ ସେମାନଙ୍କର ବିଶ୍ୱାସ ଅଟଳ ରହିଥାଏ ।

ଏ ପ୍ରକାରର ଆତୁରଗ୍ରସ୍ତ ଉପରୋକ୍ତ ଲୋକେ ପ୍ରାଣ ବିକଳରେ ଯେତେ ପ୍ରକାର ପୂଜା ଅର୍ଚ୍ଚନା କରନ୍ତି ନାନା ପ୍ରକାର ମାନସିକ କରନ୍ତି ସେଥିରେ ଦେବ ଦେବୀ ମାନଙ୍କ ପ୍ରତି ଅସମ୍ମାନ କରନ୍ତି—ଦେବ-ଦେବୀ ଲାଞ୍ଚୁଆ ରୁଟ୍‌କାର ମଣିଷ ରୂପରେ ପରିଣତ ହୋଇଯାଆନ୍ତି । ଏଥିରେ କୌଣସି ଦେବ ଦେବୀ କଦାପି ସନ୍ତୁଷ୍ଟ ହେବା କଥା ନୁହେଁ । ଭଗବାନଙ୍କୁ ଏତେ ନିମ୍ନସ୍ତରର ବୋଲି କଳ୍ପନା କରିବା ହିଁ ଏମାନଙ୍କର ଦୁର୍ବଳ ତଥା ନୀଚ ପ୍ରକୃତିର ମନୋଭାବର ପରିଚୟ ଦିଏ । ଦୁର୍ଭାଗ୍ୟବଶତଃ ଆମେ ଆଗର ଅନ୍ଧ ବିଶ୍ୱାସ ଯୋଗୁ ଆମେ ଆମର ରୁଟ୍‌କାର ଲାଞ୍ଚୁଆ ଭଗବାନଙ୍କୁ ସୃଷ୍ଟି କରିସାରିଛୁ । ଏଥିରେ ଭଗବତ୍ ଭକ୍ତି ବା, ଶ୍ରଦ୍ଧାର କୌଣସି ନିଦର୍ଶନ ନାହିଁ, ବୁଦ୍ଧ, ଶଙ୍କରାଚାର୍ଯ୍ୟ ପ୍ରଭୃତିଙ୍କ ଯୋଗ ବଳରେ ଏପରି ଘଟଣା କଦାପି ଦେଖିବାକୁ ମିଳ ନାହିଁ । ମନୁଷ୍ୟ ଅନ୍ଧ ବିଶ୍ୱାସ ସୃଷ୍ଟି କରେ ଏବଂ ଅନ୍ଧ ବିଶ୍ୱାସ ମନୁଷ୍ୟର ଚରିତ୍ର ଗଠନ କରେ । ଏହି ପାପ ଚକ୍ରରୁ ମୁକ୍ତି ମନୁଷ୍ୟର ଚିନ୍ତା ଶକ୍ତି, ଗଭୀର ଧ୍ୟାନ ଧାରଣା ଓ ବିଜ୍ଞାନ ସମ୍ମତ ଚିନ୍ତନ ଦ୍ୱାରା ହିଁ ସମ୍ଭବ ହେବ । □

କଂଟକ ଲୋକେ ଫୁଲ ମାଳ ଦେଇ ପାରିଲେ ନାହିଁ

ଶ୍ରୀମତୀ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୧ ତାରିଖ ଦିନ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଲୋକସଭା ସଦସ୍ୟା ଅଧ୍ୟକ୍ଷତା କରିଥିଲେ । ସ୍ୱଭାବତଃ ସହରର ବିଭିନ୍ନ ସାହି ବସ୍ତିରୁ ଶ୍ରୀମତୀ ଗାନ୍ଧୀଙ୍କ ଫଟୋ ଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିବାକୁ ବହୁ ଲୋକ ଆସିଥିଲେ କିନ୍ତୁ ସଭା ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବାର ସୁଯୋଗ ଦିଆ ନ ଯିବାରୁ ସେମାନେ ଫେରିଲା ବେଳେ ନିଜର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଥିବା ପରିଲକ୍ଷିତ ହେଉଥିଲା ।

ଫୁଲମାଳ ଦେବା ପାଇଁ ଲୋକେ ଅପେକ୍ଷା କରିଛନ୍ତି ବୋଲି କଂଗ୍ରେସ ନେତା ତଥା ସରକାରୀ କର୍ମୀଙ୍କ ପକ୍ଷରୁ କୁହାଯିବା ସତ୍ତ୍ୱେ ସଭାର ଅଧ୍ୟକ୍ଷା ସେଥି ପ୍ରତି କର୍ଣ୍ଣପାତ କରି ନ ଥିଲେ ବୋଲି କୁହାଯାଉଛି । □

Images: Aptakama Mishra, Processing: Srujanika

ଶସ୍ତାରେ ଅନୁନ୍ନତ ଦେଶମାନଙ୍କୁ ଉପଗ୍ରହ ପ୍ରେରଣ ରକେଟ ଯୋଗାଇବାକୁ ଘରୋଇ ସଂସ୍ଥାର ଉଦ୍ୟମ

ଚଳିତ ଶତାବ୍ଦୀର ସପ୍ତ ଦଶକରେ ବ୍ୟବସାୟ ଦୃଷ୍ଟିରୁ ଉପଗ୍ରହ ପ୍ରେରଣ କରିବା ଯେତେବେଳେ ଅବଶ୍ୟମ୍ଭାବୀ ହୋଇଉଠିଲା ସେତେବେଳେ ପଶ୍ଚିମ ଜର୍ମାନୀର ଏକ ଘରୋଇ ସଂସ୍ଥା 'ଓଟ୍ରାଗ୍' (ଅରବିଟାଲ ଟ୍ରାନ୍ସପୋର୍ଟ ଅଣ୍ଡ ରକେଟ ଆକ୍ଟିଏନ୍ ଗେସେଲ ସାଫ୍ଟ) ଅତି ଶସ୍ତାରେ ଅନୁନ୍ନତ ଦେଶ ମାନଙ୍କୁ ଏହି ସୁବିଧା ଯୋଗାଇ ଦେବ ବୋଲି ଘୋଷଣା କରିଥିଲା । ଏହି ଘୋଷଣା ଶୁଣି ଉନ୍ନତ ଦେଶମାନେ ଚକିତ ହୋଇ ପଡ଼ିଥିଲେ । ସେତେବେଳେ ଏହି ସଂସ୍ଥାକୁ ଅନ୍ୟମାନେ ଥଟ୍ଟା କରିଥିଲେ ଏବଂ କୌଣସି ଦେଶ ଏହାର ସହାୟତା ନେବାକୁ ଆଗଭର ହୋଇ ନଥିଲେ ।

ଏହି ସଂସ୍ଥା ଗଠିତ ହେବାଠାରୁ ବହୁ ରାଜନୈତିକ ଝଡ଼ ଓ ବୈଷୟିକ ସମସ୍ୟାର ଏହା ସମ୍ମୁଖୀନ ହୋଇଛି । ଏ ପରିସ୍ଥିତିରେ ଦୁଇବର୍ଷ କାଳ ନୀରବ ରହିବାପରେ ଅତି ଶସ୍ତାରେ ଏହା ମହାକାଶକୁ ଉପଗ୍ରହ ପ୍ରେରଣ କରିପାରିବ ବୋଲି ପ୍ରଚାର କରି ପୁଣି ସକ୍ରିୟ ହୋଇଉଠିଛି ଏବଂ ଏହି ସଂସ୍ଥା ଜିଓଷ୍ଟେସନାରି ଅରବିଟରେ ଉପଗ୍ରହ ସ୍ଥାପନ କରିବାର କ୍ଷମତା ହାସଲ କଲାଣି ବୋଲି କହିବା ପରେ ସମସ୍ତଙ୍କ ଦୃଷ୍ଟି ବର୍ତ୍ତମାନ ସିଆଡ଼େ ପଡ଼ିଲାଣି ।

ଏହି ସଂସ୍ଥା ୧୯୭୫ରେ ଗଠିତ ହୋଇଥିଲା ଏବଂ ପଶ୍ଚିମ ଜର୍ମାନୀର କେତେକ ଇଞ୍ଜିନିୟର ମ୍ୟୁନିକ୍‌ଠାରେ ଏକ ପ୍ରପୁଲସନ୍ ପ୍ରଡ଼କ୍ସନ୍ ୟୁନିଟ ଗଠନ କରି ଏହାର ଶୁଭାରମ୍ଭ କରିଥିଲେ । କିନ୍ତୁ ୧୯୬୭ ଜାତିସଂଘ ସନନ୍ଦ ଅନୁଯାୟୀ କେବଳ ଏକ ସାର୍ବଭୌମ ରାଷ୍ଟ୍ର ମହାକାଶକୁ ବିନିଯୋଗ କରିପାରିବାର ବ୍ୟବସ୍ଥା ଥିବାରୁ ଏହି ସଂସ୍ଥା ସ୍ୱାଧୀନ ଭାବେ କାର୍ଯ୍ୟ କରି ପାରିବା ପରିବର୍ତ୍ତେ ଜାଏରେ ଦେଶ ସହ ଏକ ଚୁକ୍ତି କରି ମହାକାଶକୁ ଉପଗ୍ରହ ପ୍ରେରଣର ଉଦ୍ୟମ କଲା । ଏହି ଚୁକ୍ତି ଅନୁଯାୟୀ ଜାଏରେ ଓଟ୍ରାଗ୍‌କୁ ଲଞ୍ଚ ପ୍ୟାଡ୍ ତିଆରି କରିବା ନିମନ୍ତେ ୨୫୦,୦୦୦ ବର୍ଗ କିଲୋମିଟର ଅଞ୍ଚଳ ଯୋଗାଇ ଦେଇଥିଲା ।

ଆମେରିକାର 'ନାସା' ସଂସ୍ଥା ଏକ ଟନ୍ ଓଜନର ଉପଗ୍ରହ ପ୍ରେରଣ କରିବାକୁ ଅଢ଼େଇ କୋଟି ଡଲାର ନେଉଥିବା ବେଳେ ମାତ୍ର ଦେଢ଼ କୋଟି ଡଲାରରେ ଓଟ୍ରାଗ୍ ତାହା କରିଦେବ ବୋଲି ଘୋଷଣା କଲା । ବିଭିନ୍ନ କୌଶଳ ଅବଲମ୍ବନରେ ରକେଟ ପ୍ରେରଣ ଖର୍ଚ୍ଚ ହ୍ରାସ କରାଯାଇ ଏହା ସମ୍ଭବ ହୋଇଛି ବୋଲି ଉକ୍ତ ସଂସ୍ଥା ପକ୍ଷରୁ କୁହାଯାଇ ଥିଲା ।

ଶ୍ରୀ ରାଧାକୃଷ୍ଣ ରାଓ

ସେହି ସଂସ୍ଥା ପାଇଁ ନୂଆ ଧରଣର ରକେଟ ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଡକ୍ଟର ଲୁଟଓ ଭାବର (ଯିଏକି ଜର୍ମାନର ଭି-୧ ରକେଟ ତିଆରି କରି ଲଣ୍ଡନରେ ଧ୍ୱଂସ ଲୀଳା ସୃଷ୍ଟି କରିଥିଲେ) ତିଆରି କରିଛନ୍ତି । ଏହି ପ୍ରକାର ଉତ୍‌କ୍ଷେପଣ ପ୍ରଣାଳୀରେ ବହୁତ ଗୁଡ଼ିଏ ଶସ୍ତା ରକେଟ ଖଞ୍ଜା ଯାଇଥାଏ । ପ୍ରତ୍ୟେକ ରକେଟ ଛ ହଜାର ପାଉଣ୍ଡ ଥ୍ରଷ୍ଟ ସୃଷ୍ଟି କରିବାକୁ ସକ୍ଷମ । ମୂଳ ରକେଟରେ ସହଜରେ ମିଳୁଥିବା ଜିନିଷ ଏବଂ ଇନ୍ଧନ ବ୍ୟବହାର କରାଯାଉଥିବାରୁ ଏହାର ଖର୍ଚ୍ଚ ଅପେକ୍ଷାକୃତ କମ ହୁଏ । ରକେଟରେ ସ୍ପେଶ ଫୁଏଲ ପରିବର୍ତ୍ତେ ସାଧାରଣ ଡିଜେଲ ଏବଂ ନାଇଟ୍ରିକ୍ ଏସିଡ଼ର ଏକ ମିଶ୍ରଣ ବ୍ୟବହୃତ ହେଉଛି । ସେହିଭଳି ଟରପୋପମ୍ପ ବଦଳରେ ବ୍ଲୋଡାଉନ୍ ଫିଡ୍ ସିଷ୍ଟମର ପ୍ରବର୍ତ୍ତନ ଉତ୍‌କ୍ଷେପଣ ଖର୍ଚ୍ଚ ହ୍ରାସ କରି ପାରିଥିବା ସେମାନେ ଦାବୀ କରିଛନ୍ତି । ଏହିଭଳି ସ୍ୱଳ୍ପ ବ୍ୟୟ ବହୁଳ ରକେଟ ଉନ୍ନତିଶୀଳ ଦେଶମାନଙ୍କ ଚାହିଦା ପୂରଣ କରି ପାରିବ ବୋଲି ଓଟରାଗ ମତ ଦିଅନ୍ତି ।

ଜାଏରେରେ ଓଟରାଗ ପକ୍ଷରୁ ଲଞ୍ଚ ପ୍ୟାଡ଼ ତିଆରି ହେବା ପରେ ସମଗ୍ର ବିଶ୍ୱରେ ଏହି ଘଟଣାର ବହୁଳ ପ୍ରଚାର ହେବାରୁ ରୁଷ, ପୂର୍ବ ଜର୍ମାନୀ କାଳବିଳମ୍ବ ନକରି ଏହା ବିରୁଦ୍ଧରେ ପ୍ରବଳ ପ୍ରଚାର ଅଭିଯାନ ଆରମ୍ଭ କରିଦେଲେ ଏବଂ ଉକ୍ତ ସଂସ୍ଥାକୁ ନାଜିମାନଙ୍କର ଏକ ନୂଆ ରୂପ ବୋଲି ବର୍ଣ୍ଣନା କଲେ ।

ଜାଏରରେ ଓଟରାଗ୍ ସାଢ଼େ ୬ କୋଟି ଡଲାର ପରିମାଣର ଏକ ଯୋଜନା ହାତକୁ ନେଇ ସେଠାରେ ମହାକାଶକୁ ତିନୋଟି ରକେଟ ପ୍ରେରଣ କରିଥିଲେ । ଏବଂ ଏହା ମଧ୍ୟରୁ ଦୁଇଟି ସଫଳ ହୋଇଥିଲା, କିନ୍ତୁ ସେମାନେ ଚତୁର୍ଥ ରକେଟ ପ୍ରେରଣ କରିବାକୁ ଉଦ୍ୟମ କଲାବେଳେ ସେ ଦେଶରୁ ତାଙ୍କୁ ବିଦାୟ ନେବାକୁ ପଡ଼ିଲା ।

ଜାଏରେ ଅଭିଜ୍ଞତା ପରେ ଅନ୍ୟ କୌଣସି ଦେଶ ଉକ୍ତ ସଂସ୍ଥାର ସହାୟତା ଲୋଡ଼ି ନଥିଲେ ମଧ୍ୟ ୧୯୮୦ରେ ଲିବିୟା ଏହାର ସହାୟତା ନେଲା, ଏବଂ ତ୍ରିପୋଲିଠାରେ ୮୦୦ କିଲୋମିଟର ଦୂରରେ ଏକ ଘାଟୀ ପ୍ରତିଷ୍ଠା କରିବାକୁ ଅନୁମତି ଦେଲା । ୧୯୮୧ରେ ସେଠାରୁ ଉକ୍ତ ସଂସ୍ଥା ଏକ ସବ୍‌ଅରବିଟାଲ ରକେଟ ପ୍ରେରଣ କରିବାକୁ ସକ୍ଷମ ହୋଇଥିଲା । କିନ୍ତୁ ସେଠାରେ ଶାସକ କର୍ଣ୍ଣେଲ ଗଦାଫିଙ୍କ ସହିତ ଉକ୍ତ ସଂସ୍ଥାର ଇତିମଧ୍ୟରେ ମତଭେଦ ହେଲାଣି ଏବଂ ସେମାନେ ଏବେ ଅନ୍ୟତ୍ର ଉତ୍‌କ୍ଷେପଣ ଘାଟୀ ନିର୍ମାଣ କରିବାକୁ ପ୍ରସ୍ତୁତ ହେଉଛନ୍ତି ।

Images: Aptakama Mishra, Processing: Srujanika

ପ୍ରତି ହୃଦ୍‌ରୋଗୀଙ୍କ ପାଇଁ ହେଉଥିବା ଇ.ସି.ଜି କଣ ?

ଆମ ଛାତିଭିତରେ ଧୁକ୍ ଧୁକ୍ କରୁଥିବା ଗୋଟିଏ ଫମ୍ପା ପିଣ୍ଡର ସୁରକ୍ଷା ପାଇଁ ସମସ୍ତେ ଚିନ୍ତିତ । ସେହି ହୃତ୍‌ପିଣ୍ଡ ସୁସ୍ଥ ରହିଲେ ଜୀବନଟା ଶାନ୍ତିରେ କଟିଯିବ । ଏହି ଯନ୍ତ୍ରଟି ସୁସ୍ଥ ଅଛି କି ନାହିଁ ତାହା ଇ. ସି. ଜି.ପରୀକ୍ଷାରୁ ଜଣାପଡ଼େ ।

ଇଲେକ୍ଟ୍ରୋକାର୍ଡିଓଗ୍ରାଫର ପଏଣ୍ଟେଡ୍ ରାଇଟର’ଟି ବିଚାରପତିଙ୍କର କଲମ ସଦୃଶ । ତେଣୁ ଏହାର ଗତିକୁ ସମସ୍ତେ ଉଦବିଗ୍ନ ହୋଇ ଚାହିଁ ରହିଥାନ୍ତି । ଆଶା ଓ ନିରାଶର ଦ୍ୱନ୍ଦ ଭିତରେ ଉକ୍ତ ରାଇଟର ତାର ବିଚାର ଘୋଷଣା କରେ ।

କିନ୍ତୁ ଏହି ଇଲେକ୍ଟ୍ରୋକାର୍ଡିଓ-ଗ୍ରାମ୍ ବା ସଂକ୍ଷେପରେ ଯାହା ଇ.ସି.ଜି ତାହା ପ୍ରକୃତରେ କି ଖବର ଦିଏ ? ଏହା ବୁଝିବା ପୂର୍ବରୁ ଆମ ହୃତପିଣ୍ଡ କିପରି କାର୍ଯ୍ୟକରେ ସେ ସମ୍ପର୍କରେ ସମ୍ୟକ୍ ସୂଚନା ଦିଆଯିବା ଆବଶ୍ୟକ । ଆମ ହୃତ୍‌ପିଣ୍ଡଟି ଏକ ଦୁଇ ମହଲା କୋଠା ଭଳି । ଏଥିରେ ଚାରୋଟି ବଖରା ଅଛି । ଉପର ମହଲାକୁ ଅଳିନ୍ଦ ଓ ତଳ ମହଲାକୁ ନିଳୟ କହନ୍ତି । ଉପର ଅଂଶର ଦୁଇଟି କୋଠରୀ ବାମ ଅଳିନ୍ଦ ଓ ଦକ୍ଷିଣ ଅଳିନ୍ଦ ରୂପେ ଓ ତଳମହଲାର ଦୁଇଟି କୋଠରୀ ବାମ ନିଳୟ ଓ ଦକ୍ଷିଣ ନିଳୟ ରୂପେ ପରିଚିତ । ଅମ୍ଳଜାନରେ ଭରପୂର ରକ୍ତ ପ୍ରଥମେ ବାମ ଅଳିନ୍ଦ ବାଟେ ବାମ ନିଳୟକୁ ପ୍ରବେଶ କରେ ଏବଂ ଏହି ବାମ ନିଳୟରୁ ଯାଇଥିବା ଅଜସ୍ର ରକ୍ତବାହୀ ନାଳୀ ଏହାକୁ ଶରୀର ବିଭିନ୍ନ ଅଂଶରେ ନେଇ ପହଞ୍ଚାଇ ଥାଏ ।

ଏହି ପ୍ରକ୍ରିୟାରେ ଶରୀରର ତନ୍ତୁ ଗୁଡ଼ିକ ରକ୍ତରେ ଥିବା ଅମ୍ଳଜାନ ବ୍ୟବହାର କରନ୍ତି ଏବଂ ରକ୍ତରୁ ଅମ୍ଳଜାନ ସରିଗଲା ପରେ ସେହି ଦୂଷିତ ରକ୍ତ ଧମନୀ ବାଟେ ହୃତ୍‌ପିଣ୍ଡର ଡାହାଣ ପଟେ ପହଞ୍ଚେ । ଅଳିନ୍ଦ ଏହି ଦୂଷିତ ରକ୍ତକୁ ଦକ୍ଷିଣ ନିଳୟକୁ ପ୍ରେରଣ କରେ ଏବଂ ଦକ୍ଷିଣ ନିଳୟ ଏହାକୁ ଫୁସ୍‌ଫୁସ୍‌କୁ ପଠାଇ ଦିଏ । ସେଠାରେ ରକ୍ତରୁ ଅଙ୍ଗାରକାମ୍ଳ ବାହାରି ପୁଣି ସେଥିରେ ଅମ୍ଳଜାନ ଭର୍ତ୍ତି ହୁଏ । ଏହି

ଡାକ୍ତର ଜି: ଆର୍. ଶ୍ରୀଧର

ଶୋଧିତ ରକ୍ତ ପୁଣି ଥରେ ହୃତପିଣ୍ଡର ବାମ ପାର୍ଶ୍ୱକୁ ଆସେ ଏବଂ ଏହି ଚକ୍ର ଅବିରତ ଭାବେ ଚାଲିଥାଏ । ଏଥିରେ ସାମାନ୍ୟ ବ୍ୟତିକ୍ରମ ହେଲେ ଶରୀର ଦୁର୍ଦ୍ଦଶାର ସମ୍ମୁଖୀନ ହୁଏ ।

ହୃତ୍‌ପିଣ୍ଡ ରକ୍ତକୁ ଇଆଡ଼େ ସିଆଡ଼େ ପଠାଇଲା ବେଳେ ଯେଉଁ ବୈଦ୍ୟୁତିକ ତରଙ୍ଗ ସୃଷ୍ଟି ହୁଏ ଇ. ସି. ଜି ତାର ବିବରଣୀ ଲିପିବଦ୍ଧ ମାତ୍ର କରେ । ଗୋଡ଼, ହାତ ଓ ଛାତିରୁ ଏହି ବୈଦ୍ୟୁତିକ ତରଙ୍ଗ ଜାଣି ହୁଏ ଏବଂ ସେଥିପାଇଁ ଏସବୁ ସ୍ଥାନରେ ସେନ୍‌ସର ଲଗାଯାଏ । ଏହି ବୈଦ୍ୟୁତିକ ତରଙ୍ଗ ଗୁଡ଼ିକ କର୍ଭ ଆକାରରେ ଯନ୍ତ୍ରରେ ପ୍ରତିଫଳିତ ହୁଏ । ପ୍ରତ୍ୟେକ ତରଙ୍ଗକୁ ଭିନ୍ନ ଭିନ୍ନ ନାମ ଦିଆଯାଇଥାଏ ଏବଂ ଏହା ହୃଦୟର ବିଭିନ୍ନ ସ୍ଥାନରୁ ଆସୁଥିବା ବୈଦ୍ୟୁତିକ ତରଙ୍ଗର ପ୍ରତିନିଧିତ୍ୱ କରେ । ପ୍ରତ୍ୟେକ ତରଙ୍ଗର ତୁଳନାତ୍ମକ ବିଚାର କରି ହୃତପିଣ୍ଡର ପ୍ରକୃତ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ବହୁ କଥା ଜାଣିହୁଏ ।

ଇ. ସି. ଜି. କଣ କୁହେ ?

୧) ରକ୍ତ ସଞ୍ଚାଳନ ଯୋଗୁ ସୃଷ୍ଟି ହେଉଥିବା ବୈଦ୍ୟୁତିକ ତରଙ୍ଗର ଗତିରୁ ଏହି ତରଙ୍ଗ ଠିକ୍ ସ୍ଥାନରୁ ସୃଷ୍ଟି ହେଉଛି କି ନାହିଁ ଏବଂ ଏହା ଠିକ୍ ବେଗରେ ଯାଉଛି କି ନାହିଁ ତାହାର ନିର୍ଦ୍ଧାରଣ କରିହେବ । ଏହି ଗତି ପଥରେ କୌଣସି ସ୍ଥାନରେ କିଛି ବାଧା ସୃଷ୍ଟି ହେଉଥିଲେ ତାହା ସହଜରେ ଜାଣିହେବ । ଏହି ବାଧା ଅଳିନ୍ଦ ନିଳୟ ଯୋଗକାରୀ ସ୍ଥାନରେ ସୃଷ୍ଟି ହେଉଛି ବା ହୃତ୍‌ପିଣ୍ଡର ଅନ୍ୟ କୌଣସି ସ୍ଥାନରେ ସୃଷ୍ଟି ହେଉଛି ତାହା ମଧ୍ୟ ନିର୍ଦ୍ଧାରଣ କରି ହେବ ।

ଏହି ଇ. ସି. ଜି. ରୁ ହୃତ୍‌ପିଣ୍ଡର ଚାରୋଟି ଯାକ କୋଠରୀର ଆୟତନ କେତେ ତାହା ମଧ୍ୟ ପରୋକ୍ଷରେ ଜାଣି ହେବ । କୌଣସି ରୋଗ ଯୋଗୁ ଏହି କୋଠରୀ ଗୁଡ଼ିକ ଛୋଟ ହୋଇଗଲେ ବା ବଡ଼ ହୋଇଗଲେ ତାହାର ସୂଚନା ମଧ୍ୟ ଏଥିରୁ ମିଳିଥାଏ କାରଣ ନିର୍ଦ୍ଦିଷ୍ଟ କୋଠରୀରୁ ଆସୁଥିବା ବୈଦ୍ୟୁତିକ ତରଙ୍ଗରେ ବ୍ୟତିକ୍ରମ ଦେଖାଯାଏ ।

ହୃତପିଣ୍ଡର କୌଣସି ଅଂଶରେ ମାଂସପେଶୀ, ରକ୍ତ ଓ ଅମ୍ଳଜାନ ଅଭାବରୁ ଦୁର୍ବଳ ହୋଇଗଲେ ତାହା ମଧ୍ୟ ଜଣାପଡ଼ିଥାଏ ।

ହୃତପିଣ୍ଡରୁ ବାହାରିଥିବା ମୁଖ୍ୟ ଶିରାରେ ଚର୍ବି ଜମିଗଲେ ତାହାର ମୁହଁ ସରୁ ହୋଇଯାଏ । ତେଣୁ ସେହି ବାଟରେ ଆବଶ୍ୟକ ପରିମାଣର ରକ୍ତ ସଞ୍ଚାଳିତ ହୋଇପାରେ ନାହିଁ ଏବଂ ହୃତପିଣ୍ଡକୁ ଏଥିପାଇଁ ଅତିରିକ୍ତ ପରିଶ୍ରମ କରିବାକୁ ପଡ଼େ । ଏଇଠୁ ଆରମ୍ଭ ହୁଏ ସମସ୍ୟା । ହୃତପିଣ୍ଡକୁ ଅଧିକ କାମ କରିବାକୁ ପଡୁଥିବାରୁ ଏହାର ମାଂସପେଶୀ ମାନେ ଅଭିଯୋଗ କରନ୍ତି ଏବଂ ଆମର ଛାତିରେ ଯନ୍ତ୍ରଣା ଆରମ୍ଭ ହୁଏ । □

ଏହି ପରିସ୍ଥିତିରେ ଇଣ୍ଡୋନେସିଆ ଓ ବ୍ରାଜିଲ୍ ସେମାନଙ୍କୁ ସ୍ଥାନ ଯୋଗାଇ ଦେବାକୁ ରାଜି ହେଲେଣି । ଉଭୟ ଦେଶ ମହାକାଶ ଅଭିଯାନ ପାଇଁ ବହୁ ଦିନରୁ ପ୍ରସ୍ତୁତ ହେଉଛନ୍ତି ଏବଂ ଓରଡାର୍ ସେ ଦୁଇ ଦେଶରେ ଉତ୍‌କ୍ଷେପଣ ଘାଟୀ ନିର୍ମାଣ କରିସାରିଲେ ଅନ୍ୟାନ୍ୟ ଅନୁନ୍ନତ ଦେଶମାନ ଏହି ସଂସ୍ଥାର ସାହାଯ୍ୟ ନେବେବୋଲି ଆଶା କରାଯାଉଛି । □

Images: Aptakama Mishra, Processing: Srujanika

କଂଚା କଦଳୀ କ୍ରମାଗତ ଖାଇଲେ ପେଟରୋଗ ହେବ ନାହିଁ

ନିଜ ଖାଦ୍ୟରେ କଞ୍ଚା କଦଳୀର ପରିମାଣ ବେଶି ହେଲେ ହୁଏତ ଆପଣଙ୍କ ପେଟ ମୋଡ଼ ହୋଇ ପାରେ । କିନ୍ତୁ ଏହି କଦଳୀର ଔଷଧି ଗୁଣଯୋଗୁ ପାକସ୍ଥଳୀରେ ଆଦୌ ଘା ହେବ ନାହିଁ ବୋଲି ଆଷ୍ଟନ୍ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ ମତ ପ୍ରକାଶ କରିଛନ୍ତି । କେତେକ ଅନୁନ୍ନତ ଦେଶର ଲୋକେ କଞ୍ଚା କଦଳୀକୁ ନିଜର ମୁଖ୍ୟ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି ଏବଂ ଏହାର ବିଭିନ୍ନ ଗୁଣାବଳୀ ପ୍ରଚଳିତ ଲୋକ କଥା ମାନଙ୍କରେ ବର୍ଣ୍ଣନା କରାଯାଇଛି ।

କଦଳୀ ଉପରେ ଗବେଷଣା କରିବା ପାଇଁ ଆଷ୍ଟନ୍ ବିଶ୍ୱବିଦ୍ୟାଳୟକୁ ପ୍ରଥମେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଶ୍ରୀ ଏ କେ· ସାନ୍ୟାଲ ପରାମର୍ଶ ଦେଇଥିଲେ ।

ଆଷ୍ଟନ ବିଶ୍ୱବିଦ୍ୟାଳୟର ତିନି ଜଣ ଗବେଷକ ଲାଇଫ ବେଷ୍ଟ, ଡେଭିଡ୍ ଲିଓ୍ୱିସ, ଏବଂ ନାସେର ନାସେର ଡକ୍ଟର ସାନ୍ୟାଲଙ୍କ ପରାମର୍ଶ ଅନୁସାରେ କାମ ଆରମ୍ଭ କରିଥିଲେ । ପ୍ରଥମେ ସେମାନେ କେତୋଟି ମୂଷାକୁ ୪୮ ଘଣ୍ଟା ଉପାସ ରଖି ସେମାନଙ୍କୁ ଆସ୍ପିରିନ୍ ଖାଇବାକୁ ଦେଇଥିଲେ । ଏହି ଆସପିରିନ୍ ସହିତ ଯେଉଁ ମୂଷା ମାନଙ୍କୁ ଶୁଖିଲା କଦଳୀ ଗୁଣ୍ଡ ଖାଇବାକୁ ଦିଆ ଯାଇଥିଲା ସେ ମୂଷା ମାନଙ୍କ ପାକସ୍ଥଳୀରେ ଘା ହେଲା ନାହିଁ ।

ଡକ୍ଟର ଲିଓ୍ୱିସ ଓ ତାଙ୍କ ସାଥୀ ମାନେ ଏହାପରେ କଦଳୀ ଗୁଣ୍ଡକୁ ପାକସ୍ଥଳୀରେ ଘା ଭଲ କରିବା ପାଇଁ ଦିଆଯାଉଥିବା ବିଭିନ୍ନ ଔଷଧ ସହ ତୁଳନା କରିଥିଲେ । ଏଲୋପ୍ୟାଥିକ୍ ଔଷଧ ମାନଙ୍କର କେବଳ ପ୍ରତିରୋଧକ ଗୁଣ ଥିବା ହେତୁ ଥରେ ପାକସ୍ଥଳୀରେ ଘା ହୋଇଗଲେ ତାହା ଆଉ ଭଲ ହେଉ ନଥିଲା । କିନ୍ତୁ କଦଳୀ ଗୁଣ୍ଡ ଖାଇଲେ ହେଉଥିବା ଘା ଭଲ ହୋଇଯାଉଛି ।

ଏହା ପରେ ସେମାନେ କଦଳୀର ଅର୍କ ପ୍ରସ୍ତୁତ କରି ପରୀକ୍ଷା ନିରୀକ୍ଷା ଚଳାଉଛନ୍ତି । କଦଳୀର କେଉଁ ଦ୍ରବ୍ୟ-ଗୁଣ ଯୋଗୁ ପାକସ୍ଥଳୀର ଘା ଭଲ ହେଉଛି ତାହା ଏ ପର୍ଯ୍ୟନ୍ତ ଜଣାପଡି ନାହିଁ । କିନ୍ତୁ କଦଳୀ ଖାଇଲେ ପାକସ୍ଥଳୀ ଭିତରେ ଏକ ପ୍ରତିରୋଧ କୋଷ ଆସ୍ତରଣ ସୃଷ୍ଟି ହୁଏ । ଔଷଧ ଖାଇଲେ ଏଭଳି କିଛି ଆସ୍ତରଣ ସୃଷ୍ଟି ନହୋଇ ପାକସ୍ଥଳୀରୁ ଅମ୍ଳ ସ୍ରବିବା ବନ୍ଦ ହୋଇ ଯାଏ । □

ଜେମସ୍ ବଣ୍ଡର ପ୍ରଭାବ

କାଳ୍ପନିକ ଗୋଏନ୍ଦା ଜେମସ ବଣ୍ଡ ଏବେ ଇଂଲଣ୍ଡର ଯୁବକ ମାନଙ୍କୁ ବିଶେଷଭାବେ ପ୍ରଭାବିତ କରିଥିବାରୁ ସେଠାକାର ଶାସକବର୍ଗ ତଥା ସମାଜ ଚିନ୍ତାବିତ୍‌ମାନେ ବିଚଳିତ ହୋଇ ଉଠିଛନ୍ତି । ନିଜ କାର୍ଯ୍ୟ ହାସଲ କରିବାକୁ ଯେ କୌଣସି ଯୁବତୀଙ୍କୁ ଅଳ୍ପ ସମୟ ପାଇଁ ପ୍ରେମକରି ତାହାକୁ ଛାଡ଼ ଦେବା ଜେମସ ବଣ୍ଡର ଚରିତ୍ର । ଏହି କଥାଟିକୁ ଇଂଲଣ୍ଡର ଯୁବକ ମାନେ ଭଲଭାବେ ଏବେ ଅନୁକରଣ କରୁଛନ୍ତି ।

ବାସ୍ତବ ଜୀବନସହ ଜେମସ୍ ବଣ୍ଡ ଚରିତ୍ରର କୌଣସି ସମ୍ପର୍କ ନାହିଁ ଏବଂ ଏହି କାଳ୍ପନିକ ନାୟକର କାର୍ଯ୍ୟରେ ଅନୁପ୍ରାଣିତ ନହେବା ପାଇଁ ସ୍କୁଲ କଲେଜ ଛାତ୍ରମାନଙ୍କୁ ବୁଝାଇବାକୁ ସରକାରଙ୍କ ପକ୍ଷରୁ ବ୍ୟାପକ ଉଦ୍ୟମ ହେଉଛି । ବିଭିନ୍ନ ସଭା ସମିତି ଆଲୋଚନାଚକ୍ର ମାନ ମଧ୍ୟ କରାଯାଉଛି । ଏଥିରେ ଇପ୍ସିତ ଫଳ ନ ମିଳିଲେ ଜେମସ ବଣ୍ଡ ଚଳଚିତ୍ର ପ୍ରଦର୍ଶନ ନିଷିଦ୍ଧ କରାଯାଇପାରେ । □

ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ନୂଆ କୌଶଳ

ମହିଳାମାନଙ୍କ ଜରାୟୁରେ ଥିବା ଫାଲୋପିଆନ ଟ୍ୟୁବର ବାଟ ବନ୍ଦ ହୋଇଯିବା ଯୋଗୁ ସେମାନେ ବନ୍ଧ୍ୟା ହୋଇଯାଆନ୍ତି ବିଶ୍ୱରେ ମହିଳାମାନେ ବନ୍ଧ୍ୟା ହେବାର ଏହା ହେଉଛି ଦ୍ୱିତୀୟ ବୃହତ୍ତମ କାରଣ ।

ଏବେ ସେହି ନିକୃଷ୍ଟ ଫାଲୋପିଆନର ଟ୍ୟୁବ ସ୍ଥାନରେ କୃତ୍ରିମ ଟ୍ୟୁବ୍ ଲଗାଇଲେ ଉକ୍ତ ସମସ୍ୟାର ସମାଧାନ କରିହେବ । ଏହି ଟ୍ୟୁବ୍ ସୁପର ସ୍ମୁଥ ପଲିମର୍‌ରେ ତିଆରି । ଉଷ୍ଟା ମେଡ଼ିକାଲ ସେଣ୍ଟରର ଡକ୍ଟର ଜେମସ୍ ସ୍ମିଥ ଓ ଅନ୍ୟ ତିନିଜଣ ବୈଜ୍ଞାନିକ ଏବେ ଏ ଦିଗରେ ପରୀକ୍ଷା କରି ଆନୁସଙ୍ଗିକ ସଫଳତା ହାସଲ କରି ସାରିଲେଣି ।

ଡକ୍ଟର ସ୍ମିଥ ଛେଳିମାନଙ୍କ ଶରୀରରେ ପ୍ରାକୃତିକ ଫାଲୋପିଆନ୍ ଟ୍ୟୁବ୍ ସ୍ଥାନରେ କୃତ୍ରିମ ଟ୍ୟୁବ୍ ଲଗାଇ ସେମାନଙ୍କୁ ଗର୍ଭବତୀ କରିବାରେ ସକ୍ଷମ ହୋଇଛନ୍ତି ।

ପୂର୍ବରୁ ଏହିଭଳି କୃତ୍ରିମ ଟ୍ୟୁବ୍ ତିଆରିର ଉଦ୍ୟମ ହୋଇଥିଲେ ବି ଫାଲୋପିଆନ୍ ଟ୍ୟୁବ୍‌ର ଭିତର ଏତେ ଜଟିଳ ଯେ ଏ ଦିଗରେ ବିଶେଷଜ୍ଞମାନେ ବିଶେଷ ଅଗ୍ରଗତି କରିପାରି ନଥିଲେ । ଏହି ଟ୍ୟୁବ୍ ଭିତରେ ଅତି ସରୁ ସରୁ ଲକ୍ଷ ଲକ୍ଷ ତନ୍ତୁ ସବୁ ରହିଛି ଯାହାକୁ ବୈଜ୍ଞାନିକ ଭାଷାରେ ସିଲିଆ କହନ୍ତି ।

ଏହି 'ସିଲିଆ' ଥିଲା କୃତ୍ରିମ ଟ୍ୟୁବ୍‌ର ମୁଖ୍ୟ ପ୍ରତିବନ୍ଧକ । ଅଧିକନ୍ତୁ ଏହି ଟ୍ୟୁବ୍ ଭିତରେ ଶୁକ୍ରାଣୁ ଗୋଟିଏ ବାଟରେ ଯାଉଥିଲା ବେଳେ ଡିମ୍ବାଣୁ ଅନ୍ୟ ଏକ ବାଟରେ ଏକତରଫା ରାସ୍ତା ଭଳି ଆସେ । କୃତ୍ରିମ ଟ୍ୟୁବ୍‌ରେ ଉକ୍ତ ଜଟିଳ ବ୍ୟବସ୍ଥାର ନକଲ କରାଯାଇ ନାହିଁ । □

Images: Aptakama Mishra, Processing: Srujanika

ଓଡ଼ିଶା ମନ୍ଦିରରେ ବେଲ୍ଲାଳସେନଙ୍କ ମୁକୁଟ ପୂଜା ପାଉଛି

ଶ୍ରୀ ଶ୍ୟାମ ସୁନ୍ଦର ତ୍ରିପାଠୀ,

ପ୍ରାଚୀ ନଦୀର ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତାର ବହୁଭାଗ ଏବେବି ଅଜ୍ଞାତ ହୋଇ ରହିଛି । ସେଠାର ପ୍ରତ୍ନତାତ୍ତ୍ୱିକ ଅବଶେଷାଂଶ ଦେଖିବାକୁ ଯାଇଥିଲାବେଳେ ଦେବୀବାଡ଼ି ଏକ ମନ୍ଦିର ମୁଖଶାଳାରେ ଗୋଟିଏ ମୁକୁଟ ପୂଜା କରାଯାଉଥିବା ମୁଁ ଦେଖିଲି । ମନ୍ଦିରଟି ଶୋଭନେଶ୍ୱରଙ୍କ ନାମରେ ନାମିତ ଏବଂ କଟକ ସହରର ୪୦ କିଲୋମିଟର ଦୂରବର୍ତ୍ତୀ ନିଆଳି ଗ୍ରାମରେ ଏହା ଅବସ୍ଥିତ । ମୁକୁଟ ପୂଜା ସମ୍ପର୍କରେ କୌତୁହଳ ଜାତ ହେବାରୁ ଏ ବିଷୟରେ ସଂପୃକ୍ତ ପଣ୍ଡା ମାନଙ୍କୁ ଏହା ପଚାରି ଥିଲି । ସେମାନେ କହିଲେ ଯେ ଉକ୍ତ ମୁକୁଟକୁ ପୂର୍ବେ ପ୍ରସିଦ୍ଧ ରାଜା ବେଲ୍ଲାଳସେନ ବ୍ୟବହାର କରୁଥିଲେ ଏବଂ ତାହା ଏଠାକୁ ଦାନ ସୂତ୍ରରେ ଆସିଛି । ମନ୍ଦିରର ମୁଖଶାଳାରେ ଏକ କାଠ ସିଂହାସନରେ ଏହା ସୁରକ୍ଷିତ ଅଛି ଏବଂ ଏହା ତମ୍ବାରେ ନିର୍ମିତ ।

ରାଜା ବେଲ୍ଲାଳସେନ ତାଙ୍କର ନିରପେକ୍ଷତା ଏବଂ ଉତ୍ତମ ପ୍ରଶାସନ ପାଇଁ ପ୍ରସିଦ୍ଧିଲାଭ କରି ଜନମାନସରେ ପୁରାଣ ଯୁଗର ଏକ ମହାନ କୀର୍ତ୍ତିଶାଳୀ ରାଜା ରୂପେ ଅଙ୍କିତ ହୋଇ ରହିଯାଇଛନ୍ତି । ନିଶ୍ଚୟ ତାଙ୍କୁ କେନ୍ଦ୍ର କରି ସେଠାରେ ବହୁ କିମ୍ବଦନ୍ତୀ ଓ ଆଖ୍ୟାୟିକା ସୃଷ୍ଟି ହୋଇଯାଇଛି ଏବଂ ପ୍ରଚଳିତ ଲୋକଗୀତ ଗୁଡ଼ିକରେ ମଧ୍ୟ ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା କରାଯାଇଛି । ଉତ୍ତର ପଶ୍ଚିମ ବଙ୍ଗଳାର ଯେଉଁ ବେଲ୍ଲାଳସେନ ଦ୍ୱାଦଶ ଶତାବ୍ଦୀରେ ଉତ୍କଳର ରାଜା ଚୋଡ଼ଗଙ୍ଗଦେବଙ୍କ ସମୟରେ ପ୍ରସିଦ୍ଧି ଲାଭ କରିଥିଲେ, ଏ ହେଉଛନ୍ତି ସେହି ବ୍ୟକ୍ତି । ସୁଦୂର ବଙ୍ଗଳାର ଜଣେ ରାଜାଙ୍କୁ ଏଠା ଲୋକେ ମନେ ରଖିଥିଲେ ବେଳେ ଚୋଡ଼ଗଙ୍ଗଙ୍କ ପୁନ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛନ୍ତି ।

ଶୋଭନେଶ୍ୱର ମନ୍ଦିରଟି ପ୍ରାଚୀ ନଦୀ କୂଳରେ ଗଢ଼ି ଉଠିଥିବା ଅଷ୍ଟ ଶମ୍ଭୁ ମନ୍ଦିର ମାନଙ୍କ ମଧ୍ୟରୁ ସମନ୍ୱୟରେ ତୃତୀୟ ସ୍ଥାନରେ ଗଠିତ ହୋଇଛି ।

ମନ୍ଦିରର ମୁଖଶାଳାର ବାହାର ପଟେ ଏକ ପ୍ରସ୍ତର ଖୋଦିତ ହୋଇଛି । ଏହି ଶିଳାଲିପିକୁ ଶ୍ରୀ ସୁଧାକର ପଟ୍ଟନାୟକ ପାଠ କରି ଏହାର ସଂପାଦନା କରିଛନ୍ତି । ତାଙ୍କ ମତରେ ଗଙ୍ଗ ରାଜାଙ୍କର ଜଣେ ସାମନ୍ତ ରାଜା ବୈଦ୍ୟନାଥ ଉକ୍ତ ମନ୍ଦିର ନିର୍ମାଣ କରିଥିଲେ । କିନ୍ତୁ ଶିଳାଲିପିରେ ମନ୍ଦିର ଗଠନର କାଳ ସମ୍ପର୍କରେ କିଛି ସୂଚନା ଦିଆଯାଇ ନାହିଁ । ଅଥଚ ମନ୍ଦିରର ନିର୍ମାତା ଜଣେ ବିଚକ୍ଷଣ ଯୋଦ୍ଧା ଏବଂ ସେ ବହୁ କୀର୍ତ୍ତି ସ୍ତମ୍ଭ ତଥା କୁଅ ପୋଖରୀ ଓ ବଡ଼ ବଡ଼ ଉଦ୍ୟାନ ମଧ୍ୟ କରିଥିବାର ବର୍ଣ୍ଣନା କରାଯାଇଛି । ତାଙ୍କର ରାଜଧାନୀର ନାମ ଥିଲା ଭୁଜଙ୍ଗମ ପୁରୀ (ଲେଖକଙ୍କ ମତରେ ତାହା ବର୍ତ୍ତମାନର ଭାରଣିକାଗଡ଼)

ତାଙ୍କୁ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସେନାନାୟକ ରୂପେ ବର୍ଣ୍ଣନା କରାଯାଇଥିଲେ ମଧ୍ୟ ସେ ପ୍ରକୃତରେ ଜଣେ ଶକ୍ତିଶାଳୀ ସାମନ୍ତ ରାଜା ଥିଲେ ଯିଏ କି ତାଙ୍କ ମୁନିବଙ୍କୁ ମଧ୍ୟ ଅବଜ୍ଞା କରି ପାରୁଥିଲେ ।

ମନ୍ଦିରର ନିର୍ମାଣ ଶୈଳୀ ଭୁବନେଶ୍ୱରର ମେଘେଶ୍ୱର ମନ୍ଦିର ଅନୁରୂପ ଏବଂ ଏହାର କାନ୍ଥ ଗୁଡ଼ିକରେ ଭାସ୍କର୍ଯ୍ୟରେ ନୂତନତା ରହିଛି । ଅଷ୍ଟ ଦିଗପାଳଙ୍କ ସହିତ ନାରୀ ପ୍ରତିମା ରହିଥିବାରୁ ପରବର୍ତ୍ତୀ କାଳରେ ଏହା ହୋଇଥିବା ସମ୍ଭବ । ଉକ୍ତ ମନ୍ଦିରର ଶିଳାଲିପି ଲେଖକ ଉଦୟନ ମେଘେଶ୍ୱର ଶିଳାଲିପି ଉତ୍କୀର୍ଣ୍ଣ କରିଥିବାରୁ ମେଘେଶ୍ୱର ମନ୍ଦିର ନିର୍ମାଣର ଅଳ୍ପ କେତେକାଳ ଭିତରେ ଏହା ନିର୍ମିତ ହୋଇଥିବା ଅଧିକ ସମ୍ଭବ । ମେଘେଶ୍ୱର ମନ୍ଦିରକୁ ଗଙ୍ଗ ରାଜା ରାଜରାଜ ଦେବଙ୍କ ଭଣୋଇ ସ୍ୱପ୍ନେଶ୍ୱର ଦେବ ନିର୍ମାଣ କରିଥିଲେ । ସେମାନଙ୍କ ଶାସନ କାଳ ୧୧୯୮ ମସିହା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିବାରୁ ଶୋଭନେଶ୍ୱର ମନ୍ଦିରର ନିର୍ମାଣ କାଳ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗ ବୋଲି କୁହାଯାଇ ପାରେ ସେତେବେଳେ ଉତ୍ତର ପଶ୍ଚିମ ବଙ୍ଗରେ ଲକ୍ଷ୍ମଣ ସେନ ଶାସନ କରୁଥିଲେ ।

ଲକ୍ଷ୍ମଣ ସେନ୍ ଅତି ପରିଣତ ବୟସରେ ସିଂହାସନ ଆରୋହଣ କରିଥିଲେ । ସେ ଜଣେ ଦକ୍ଷ ଶାସକ ଥିଲେ, ଏହା ନିଃସନ୍ଦେହ କିନ୍ତୁ ତାଙ୍କ ଶାସନର ଶେଷ ଭାଗରେ ବକ୍ତିଆର ଖିଲିଜି ତାଙ୍କ ରାଜ୍ୟ ଉପରେ ଆକ୍ରମଣ କରିବାରୁ ସେ ଶାସନର ଅନ୍ତ ହୋଇଥିଲା । ସେନ୍ ରାଜତ୍ୱରେ ପାଞ୍ଚଜଣ କବି ଉମାପତି, ଧୋଇ, ଶରଣ, ଜୟଦେବ ଓ ଗୋବର୍ଦ୍ଧନ ଆଚାର୍ଯ୍ୟ ରାଜସଭା ମଣ୍ଡନ କରୁଥିଲେ । ସେନରାଜତ୍ୱର ପରିସମାପ୍ତି ହେବାରୁ ଶେଷ କବିଦ୍ୱୟ ଉତ୍କଳକୁ ପଳାଇ ଆସି ଆଶ୍ରୟ ଗ୍ରହଣ କରିଥିଲେ । ଗୋବର୍ଦ୍ଧନ ତାଙ୍କ ରଚିତ ଆର୍ଯ୍ୟ ସପ୍ତଶତୀରେ ସେ ଉଦୟନଙ୍କ ବଡ଼ଭାଇ ବୋଲି ଉଲ୍ଲେଖ କରିଛନ୍ତି । ଉଦୟନ ତାଙ୍କ ରାଜସଭାର କବି ହୋଇ ଥିବାରୁ ସେନ୍ ଓ ଗଙ୍ଗରାଜା ମାନେ ବିଦ୍ୱାନ ମାନଙ୍କୁ ଜାତି ନିର୍ବିଶେଷରେ ସମ୍ମାନ ଦେଉଥିବା ସୂଚିତ ହୁଏ ।

Images: Aptakama Mishra, Processing: Srujanika

ରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ଗଙ୍ଗ ଓ ସେନ ରାଜବଂଶୀ ମଧ୍ୟରେ ଉତ୍ତମ ବୁଝାମଣା ରହିଥିଲା କିନ୍ତୁ ସେତେବେଳେ ମୁସଲିମ୍ ଶକ୍ତିର ଅଭ୍ୟୁଦୟ ହିନ୍ଦୁ ରାଜାଙ୍କ ପ୍ରତି ବିପଦ ହୋଇଥିଲା । ଚୋଡ଼ଗଙ୍ଗ ଦେବ ପାଳ ସାମ୍ରାଜ୍ୟ ଉପରେ ଆକ୍ରମଣ କଲାବେଳେ ବେଲ୍ଲାଳ ସେନଙ୍କ ପିତା ବିଜୟ ସେନ ଓଡ଼ିଶା ରାଜାଙ୍କୁ ନିଜ ଅପହୃତ ରାଜ୍ୟ ଉଦ୍ଧାର କରିବାରେ ସହାୟତା କରିଥିଲେ ।

ଏ ପରିସ୍ଥିତିରେ ବେଲ୍ଲାଳସେନ ନିଜର ଦାୟାଦ ଲକ୍ଷ୍ମଣ ସେନଙ୍କର ପ୍ରାଥମିକ ସାମରିକ ଶିକ୍ଷାଭାର କୌଣସି ଗଙ୍ଗ ରାଜାଙ୍କ ଉପରେ ନ୍ୟସ୍ତ କରିଥିବା ବିଚିତ୍ର ନୁହେଁ । କିନ୍ତୁ ଗଙ୍ଗ ରାଜାମାନେ ସବୁବେଳେ ନିଜର ସାମନ୍ତ ରାଜାଙ୍କ ଉପରେ ନିର୍ଭରଶୀଳ ହୋଇରହିଥିବାରୁ ମୋର ବିଶ୍ୱାସ ସାମନ୍ତ ରାଜାମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୈଦନାଥ, ଲକ୍ଷ୍ମଣସେନଙ୍କ ଉପରେ ତାଲିମ ଦେବା ଦାୟିତ୍ୱ ନ୍ୟସ୍ତ ହୋଇଥିବା ସମ୍ଭବ । ଏହାର ଅବଶ୍ୟ ପ୍ରତ୍ୟକ୍ଷ ପ୍ରମାଣ ନାହିଁ କିନ୍ତୁ ଭୁଜଙ୍ଗମ ପୁରୀରେ ତାଙ୍କୁ ତାଲିମ ଦିଆଯାଇଥିଲା ବୋଲି କୁହାଯାଇପାରେ । ଯଦି ଏ ଅନୁମାନ ସତ୍ୟ ହୁଏ ତେବେ ବୈଦନାଥଙ୍କୁ ଗୁରୁଦକ୍ଷିଣା ରୂପେ ଲକ୍ଷ୍ମଣ ସେନ ନିଜ ବାପାଙ୍କ ମୁକୁଟ ଅର୍ପଣ କରିଥିବା ଅଧିକ ସମିଚୀନ । ସେତେବେଳେକୁ ବେଲ୍ଲାଳ ସେନଙ୍କ ଗୌରବର ଗାଥା ଚାରିଆଡେ ବିଚ୍ଛୁରିତ ହୋଇ ସାରିଥିବାରୁ ଧର୍ମ ଓ ସତ୍ୟର ମୂର୍ତ୍ତିମନ୍ତ ପୁରୁଷ ରୂପେ ତାଙ୍କୁ ଏ ଅଞ୍ଚଳର ଲୋକେ ଗ୍ରହଣ କରିନେଇଥିଲେ ଏବଂ ଏହାର ପରିଣତି ସ୍ୱରୂପ ତାଙ୍କ ମୁକୁଟକୁ ଉକ୍ତ ମନ୍ଦିରରେ ରଖାଯାଇ ପୂଜା କରାଯାଇଛି ବୋଲି ମୋର ମତ ।

ଲକ୍ଷ୍ମଣ ସେନ୍ କେତେକାଳ ପାଇଁ କଳିଙ୍ଗ ସେନା ବାହିନୀର ଜଣେ କମାଣ୍ଡର ବା ସେନାଧ୍ୟକ୍ଷ ରୂପେ କାର୍ଯ୍ୟ କରିଥିଲେ ଏବଂ ତାଙ୍କୁ ଅଳ୍ପ ସମୟ ଉତ୍କଳ ସାମ୍ରାଜ୍ୟର ଏକ ରାଜ୍ୟର ରାଜ୍ୟପାଳ କରାଯାଇଥିଲା ।

ଅନ୍ୟ କେତେକ ଶିଳା ଲିପିରେ ସେ କଳିଙ୍ଗ ଉପରେ ଆକ୍ରମଣ କରିଥିବା ବର୍ଣ୍ଣିତ ହୋଇଛି । କିନ୍ତୁ ଗଙ୍ଗ ରେକର୍ଡ଼ରୁ ସେଭଳି କୌଣସି ଆକ୍ରମଣର ସୂଚନା ମିଳୁ ନାହିଁ ।

ଏହି ସମୟରେ ବହୁ ବଙ୍ଗାଳୀ ପରିବାର ପ୍ରାଚୀନଦୀ କୂଳକୁ ବସବାସ କରିବା ପାଇଁ ଚାଲି ଆସିଥିଲେ । ସେମାନଙ୍କ ଭିତରେ କେତେକ ତନ୍ତୀ ମଧ୍ୟ ଥିଲେ ଏବଂ ସେମାନେ ଏଠାରେ ଉନ୍ନତ ଲୁଗାବୁଣା କୌଶଳ ଶିଖିବାକୁ ଆସି ଏଠାରେ ସ୍ଥାୟୀ ଭାବେ ରହିଗଲେ, ସେମାନେ ଏ ପର୍ଯ୍ୟନ୍ତ ଅଛନ୍ତି ଏବଂ ସେମାନଙ୍କୁ ଗଉଡ଼ ତନ୍ତୀ ରୂପେ ଅଭିହିତ କରାଯାଇଛି । ସେମାନେ ଏବେ ଏକପ୍ରକାର ଅପଭ୍ରଂଶ ବଙ୍ଗଳା ଭାଷାରେ କଥାବାର୍ତ୍ତା କରୁଛନ୍ତି ଏବଂ ବଙ୍ଗଳାର ସବୁ ପର୍ବ ପର୍ବାଣି ମଧ୍ୟ ପାଳୁଛନ୍ତି । କିନ୍ତୁ ସେମାନଙ୍କ ପୂର୍ବରୁ ଆସି ରହିଥିବା ସବୁ କ୍ଷତ୍ରୀୟମାନେ ଏବେ ପୁରାପୁରି ଓଡ଼ିଆ ହୋଇ ଗଲେଣି ।

ଶୋଭନେଶ୍ୱର ମନ୍ଦିର ନିକଟରେ ଏକ ବଙ୍ଗାଳୀ ଗାଁ ଅଛି । ସେହି ଗ୍ରାମବାସୀମାନେ ରାଢ଼ୀ ରୂପେ ପରିଚିତ ଏବଂ ସେମାନେ ମହାଜନ କରୁଥିବାରୁ ଅତି ନିର୍ଦ୍ଦୟ ଭାବେ (ରାଢ଼) ପଇସା ଆଦାୟ କରି ରାଢ଼ୀ ରୂପେ କଥିତ ହୋଇଛନ୍ତି ।

ଏହି ମନ୍ଦିରରେ ପୂଜା ପାଉଥିବା ତମ୍ବା ମୁକୁଟ ଜଣେ ସାଧାରଣ ଆକୃତିର ମଣିଷ ମୁଣ୍ଡକୁ ଠିକ୍ ଖାପ ଖାଉଛି । ମୁକୁଟର ସମ୍ମୁଖ ଭାଗରେ ଏକ ଯୋଧୀ ମନୁଷ୍ୟର ମୂର୍ତ୍ତୀ ଅଙ୍କିତ ହୋଇଛି । □

ସଫଳତାର କାହାଣୀ

ତୁଳା ଶେଯ ପ୍ରସ୍ତୁତକାରୀ ଅଲ୍ଲାପିଚାଇ

ପର୍ଣ୍ଣିଚେରୀର ଅଲ୍ଲା ପିଚ୍ଚାଇ ଗୋଟିଏ ଛୋଟିଆ ଅଞ୍ଚଳ ପାଇଁ ବର୍ତ୍ତମାନ ଏକ ବଡ଼ ବ୍ୟବସାୟ ଆରମ୍ଭ କରିଛି । ସେ ପର୍ଣ୍ଣିଚେରୀର ଲୋକଙ୍କ ପାଇଁ ତୁଳା ଶେଯ, ତକିଆ ଏବଂ ତୁଳା ଗଦି ଆସନ ପ୍ରଭୃତି ତିଆରି କରେ । ସ୍ଥାନୀୟ ଲୋକମାନେ ଯେତେଦୂର ଜାଣନ୍ତି ଅଲ୍ଲା ପିଚ୍ଚାଇର ବାପା ଓ ଜେଜେବାପା ମଧ୍ୟ ତା ପୂର୍ବରୁ ସେହି ଏକା ବ୍ୟବସାୟରେ ଲାଗିଥିଲେ କେବଳ ତଫାତ୍ ହେଲା ପରିବାରର ବ୍ୟବସାୟ ଅତି ଧୀର ଗତିରେ ଚାଲିଥିବା ବେଳେ ଅଲ୍ଲା ପିଚ୍ଚାଇ ଏହାକୁ ଅତି ଦ୍ରୁତଗତିରେ ଚଲାଇବା ପାଇଁ ସକ୍ଷମ ହୋଇପାରିଛି ।

ପିଲାଦିନରୁ ପରିବାର ମଧ୍ୟରେ ବଢ଼ି ଆସିଲା ବେଳେ ଅଲ୍ଲା ପିଚ୍ଚାଇ ଦେଖିଥିଲା କେମିତି ତୁଳା ଭୁଣା କରି ଶେଯ ଏବଂ ତକିଆ ପ୍ରଭୃତି ତିଆରି କରାଯାଏ । କପା ତନ୍ତୁ ଏବଂ ବିଭିନ୍ନ ପ୍ରକାର କନାର ବାସ୍ନା ବାୟୁମଣ୍ଡଳରେ ଖେଳାଇ ହୋଇ ସେମାନଙ୍କର କୁଡ଼ିଆ ମଧ୍ୟରେ ନିମଜ୍ଜିତ ହୋଇ ଯାଉଥିଲା । ଅଲ୍ଲା ପିଚ୍ଚାଇ ମାଧ୍ୟମିକ ସ୍କୁଲରେ ପଢ଼ୁଥିବା ସମୟରେ ଏହି ପ୍ରକାର ବାତାବରଣ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଜାଣିଲା ।

ସେ ସ୍କୁଲରୁ ଉତ୍ତୀର୍ଣ୍ଣ ହେବା ପରେ ଉପରୋକ୍ତ ପ୍ରକାର ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସ୍ଥିର କଲା । ସେ ଏକ ବାୟୁପୂର୍ଣ୍ଣ ସୁରକ୍ଷିତ ସ୍ଥାନ ବାଛିଲା, ଯେଉଁଠାରେ କି ଶେଯ ଏବଂ ତକିଆ ପ୍ରଭୃତି ତିଆରି କରା ଯାଇପାରିବ । ତାପରେ ସ୍ୱହସ୍ତ ନିର୍ମିତ ଜିନିଷ ଗୁଡ଼ିକ ପ୍ରଦର୍ଶନ କରିବା ଲାଗି ଗୋଟିଏ ଭଲ ଦୋକାନର ଆବଶ୍ୟକତା ମଧ୍ୟ ସେ ଅନୁଭବ କଲା ।

ନିଜ ବ୍ୟବସାୟରେ ସେ ଜଣେ ବେଶ ଜଣାଶୁଣା ବ୍ୟକ୍ତି ହୋଇଥିବାରୁ ଶିକ୍ଷିତ ବେକାରଙ୍କ ପାଇଁ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଅନୁସାରେ ବ୍ୟାଙ୍କ୍ ତାଙ୍କୁ ୧୪,୦୦୦ ଟଙ୍କା ଋଣ ଯୋଗାଇ ଦେଲେ । ଏହି ଅର୍ଥର ସହାୟତାରେ ଅଲ୍ଲା ପିଚ୍ଚାଇ ସହର ବାହାରେ ଗୋଟିଏ ସୁନ୍ଦର ଗୋଦାମ ତଥା ଓ୍ୱାର୍କ ସପ୍ ଖୋଲିବା ସଙ୍ଗେ ସଙ୍ଗେ ସହର ମଧ୍ୟସ୍ଥଳରେ ଗୋଟିଏ "ସୋ ରୁମ୍" ମଧ୍ୟ ଖୋଲୁ କଲେ । ଖୁବ୍ ଅଳ୍ପ ଦିନ ମଧ୍ୟରେ ତାଙ୍କର ବ୍ୟବସାୟ ଦ୍ୱିଗୁଣିତ ଏବଂ ପରେ ପରେ ତିନିଗୁଣ ବଢ଼ିଗଲା ।

ଆଜିକାଲି ଆଉ ତାଙ୍କର ପରିବାର ତୁଳା ଭୁଣିବା ଧୂଳି ଭିତରେ ଅଣ ନିଶ୍ୱାସୀ ହୋଇ ସେହି କୁଟୀରରେ ବାସ କରୁ ନାହାନ୍ତି । ତାଙ୍କର ପିଲାମାନେ ବର୍ତ୍ତମାନ ସ୍କୁଲକୁ ଯାଉଛନ୍ତି । ନିଜର ପିଲାମାନଙ୍କୁ କଲେଜ ପଠାଇବାକୁ ସେ ପୂର୍ଣ୍ଣ ମାତ୍ରାରେ ସକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନ୍ତତଃ ପକ୍ଷେ ଜଣେ କେହି ହେଲେ ଏହି ପରିବାର ବ୍ୟବସାୟ ଚଲାଇବାକୁ ରହିବା ଆବଶ୍ୟକ ବୋଲି ସେ ଅନୁଭବ କରିଛନ୍ତି । ନିଜର ସମସ୍ତ ଋଣ ପରିଶୋଧ କରୁ ବର୍ତ୍ତମାନ ଅଲ୍ଲା ପିଚ୍ଚାଇ ଏହି ବ୍ୟବସାୟ ବଢ଼ାଇବା ଉଦ୍ୟମରେ ବ୍ୟସ୍ତ । ଖୁବ୍ ଶିଘ୍ର ସେ ରବର ଶେଯ ଏବଂ ଆସନ ପ୍ରଭୃତି ତିଆରି କରି ବ୍ୟବସାୟ ବଢ଼ାଇବାକୁ ଚାହାନ୍ତି । □

Images: Aptakama Mishra, Processing: Srujanika

ବାର୍ଦ୍ଧକ୍ୟର କାରଣ ଓ ନିରାକରଣ

ଶ୍ରୀ ସୁରେଶ ଜୈନ

ମନୁଷ୍ୟ, ପଶୁପକ୍ଷୀ ଓ ଗଛ ଲତା ଆଦି କାହିଁକି ବୁଢ଼ା ହୁଅନ୍ତି? ସେମାନଙ୍କ ଶରୀରର ଅବକ୍ଷୟ କାହିଁକି ହୁଏ ? ଏହାର ପ୍ରତିକାର କଣ ? ଏ ବିଷୟରେ ହଜାର ହଜାର ବର୍ଷ ହେଲା ମନ୍ଥନ ଚାଲିଛି କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେହି ଏହାର ଉତ୍ତର ଦେଇ ପାରି ନାହାନ୍ତି । ଅଥଚ ଜରାଗ୍ରସ୍ତ ନ ହୋଇ ଦୀର୍ଘ ଦିନ ବଞ୍ଚିବା ତଥା ଅମରତ୍ୱ ଲାଭ କରିବାକୁ ମନୁଷ୍ୟ ସର୍ବଦା ଚେଷ୍ଟିତ ।

ବାର୍ଦ୍ଧକ୍ୟର କାରଣ ବିଷୟରେ ଗବେଷଣାରତ ବୈଜ୍ଞାନିକ ମାନେ ଅଳ୍ପ କେତେ ଦିନ ହେଲା କେତେକ ନୂତନ ତଥ୍ୟ ଆବିଷ୍କାର କରିଛନ୍ତି, ଯାହାକି ସେମାନଙ୍କୁ ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ସାହାଯ୍ୟ କରିବ । ଅବଶ୍ୟ ଏ କ୍ଷେତ୍ରରେ ବହୁ କାମ ବାକି ରହିଛି । ତଥାପି ବାୟୋକେମିଷ୍ଟ ଓ ଜେନେଟିଷ୍ଟ ମାନେ ବାର୍ଦ୍ଧକ୍ୟର କାରଣ ନିର୍ଦ୍ଧାରଣ ପାଇଁ ଠିକଣା ଦିଗରେ ଅଗ୍ରସର ହେଉଛନ୍ତି ବୋଲି ଜଣାଯାଉଛି ।

କାନାଡାସ୍ଥିତ ମାକ୍ ମାଷ୍ଟର ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ରବର୍ଟ ସ୍କୁକର ରେସ ଏବଂ ସାମୁଏଲ ଗୋଲ୍ଡଷ୍ଟୋନ କେତେ ବର୍ଷ ତଳେ ଆରକାନସ୍ ବିଶ୍ୱବିଦ୍ୟାଳୟକୁ ଏ ବିଷୟରେ ଗବେଷଣା କରିବା ନିମନ୍ତେ ଯାଇଥିଲେ । ସେମାନଙ୍କ ଗବେଷଣାର ବିଷୟ ଥିଲା ବାର୍ଦ୍ଧକ୍ୟ ଗ୍ରାସର ଜେନେଟିକ ଭିତ୍ତି କଣ ଜାଣିବା ଏବଂ ମଲିକୁଲାର ସାଇନ୍ସ୍ ଜରିଆରେ ଏହା କିପରି ଜଣାଯିବ ତାହା ଅନୁଧ୍ୟାନ କରିବା ।

ସେମାନେ ତାଙ୍କ ପରୀକ୍ଷାର ପ୍ରଥମ ପଦକ୍ଷେପ ସ୍ୱରୂପ ଶରୀରର ବିଭିନ୍ନ କୋଷମାନଙ୍କୁ ଅଧିକ କାଳ ବଞ୍ଚାଇ ରଖିବା ନିମନ୍ତେ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିବା ପାଇଁ ଚେଷ୍ଟା କଲେ । ଯେଉଁ ଜୀବଜନ୍ତୁ ଅଧିକ କାଳ ବଞ୍ଚନ୍ତି ସେମାନଙ୍କ ସେଲ ମରାମତି କରୁଥିବା ଡିଅକ୍ସିରିବୋ ନ୍ୟୁକ୍ଲିକ୍ ଏସିଡ୍ ବା ସଂକ୍ଷେପରେ ଡି. ଏନ୍.ଏ ର ପରିମାଣ ଓ ଦକ୍ଷତା ଅଧିକ ବୋଲି ପୂର୍ବରୁ ଜଣା ପଡ଼ିଥିବା ତଥ୍ୟକୁ ଭିତ୍ତି କରି ଗବେଷକମାନେ ଏବେ ଯେଉଁ ଜିନ୍ ସବୁ ଡି ଏନ୍. ଏ କୁ ଅଧିକ କାର୍ଯ୍ୟଦକ୍ଷ କରନ୍ତି ତାକୁ ଏକ ମୂଷିକର ଭ୍ରୂଣ ଭିତରେ ସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି । ଏହି ଉଦ୍ୟମ ବା ସଂସ୍ଥାପନା ସଫଳ ହେଲେ ସଂପୃକ୍ତ ମୂଷିକଟି ନିଜର ସ୍ୱାଭାବିକ ଜୀବନ ଠାରୁ ଅଧିକ କାଳ ବଞ୍ଚିପାରିବ ବୋଲି ଜେଫରସନ୍‌ସ୍ଥ ଆମେରିକାର ନ୍ୟାସନାଲ ସେଣ୍ଟର ଫର ଟେକ୍ନୋଲୋଜିକାଲ ରିସର୍ଚ୍ଚ ଅନୁଷ୍ଠାନର ବୈଜ୍ଞାନିକ ଡକ୍ଟର ଆଞ୍ଜେଲୋ ଟୁରଟୁରେ ମତବ୍ୟକ୍ତ କରିଛନ୍ତି । ଏହି ଜିନ୍ ସଂସ୍ଥାପନ ସଫଳ ହେବ ବୋଲି ତାଙ୍କର ଆଶା । କିନ୍ତୁ ଡକ୍ଟର ହାଟ୍‌ଫୋର୍ଡ କଟଲରଙ୍କ ଅଧୀନରେ ବଲଟିମୋରସ୍ଥ ଜେରଣ୍ଟୋଲୋଜି ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଅନ୍ୟଏକ ଦିଗରେ କାର୍ଯ୍ୟ କରୁଛନ୍ତି । ସେମାନେ ବାୟୋଇଞ୍ଜିନିଅରିଂ କୌଶଳ ପ୍ରୟୋଗ କରି ଶରୀରର ଚର୍ମ ଯେପରି କେତେକ ଆଣ୍ଟି ଅକ୍ସିଡାଣ୍ଟସ୍ ଅଧିକ ପରିମାଣରେ ତିଆରି କରିପାରିବ ସେଥିପାଇଁ ଉଦ୍ୟମ କରୁଛନ୍ତି । ଏହି ଆଣ୍ଟି ଅକ୍ସିଡାଣ୍ଟ ଦ୍ରବ୍ୟ ଗୁଡ଼ିକରେ ଭିଟାମିନ୍ 'ଇ' ମଧ୍ୟ ଅଛି, ଯାହାକି ଶରୀରର ଧ୍ୱଂସକାରି ଦ୍ରବ୍ୟକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ମଣିଷ ବା ପଶୁ ଶରୀରରେ ଆବଶ୍ୟକ ଶକ୍ତି ପାଇଁ ଅମ୍ଳଜାନ ବ୍ୟବହାର କଲାପରେ ଏହି ଧ୍ୱଂସକାରୀ ଦ୍ରବ୍ୟ ଉତ୍ପନ୍ନ ହୁଅନ୍ତି ।

କଟଲରଙ୍କ ପରୀକ୍ଷାରୁ ଏବେ ଏହା ମଧ୍ୟ ସୂଚିତ ହୋଇଛି କି କୌଣସି ଜନ୍ତୁର ଜୀବନ କାଳ ଏବଂ ଏହା ସୃଷ୍ଟି କରୁଥିବା ଆଣ୍ଟି ଅକ୍ସିଡାଣ୍ଟ ପରସ୍ପର ସମ୍ବନ୍ଧିତ ଏବଂ ଏହି ଆଣ୍ଟି ଅକ୍ସିଡାଣ୍ଟର ସୃଷ୍ଟି ସଂପୃକ୍ତ ଜନ୍ତୁ ବ୍ୟବହାର କରୁଥିବା ଅମ୍ଳଜାନ ଉପରେ ନିର୍ଭରଶୀଳ । ଏଥିରୁ ଜଣା ଯାଏ କି ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀ ଅପେକ୍ଷା ଅଧିକ କାଳ ବଞ୍ଚୁଥିବା ମନୁଷ୍ୟ ଏହି ଅମ୍ଳଜାନ ପ୍ରସୂତ ବିଷାକ୍ତ ଦ୍ରବ୍ୟ ନଷ୍ଟ କରିବା ପାଇଁ ଅଧିକ ସକ୍ଷମ ।

ଅନ୍ୟ ସ୍ଥାନମାନଙ୍କରେ ବୈଜ୍ଞାନିକ ମାନେ ଡି.ଏନ.ଏ.ର ଏକ ଅଂଶ ଯାହାକି ଇଣ୍ଟର ଏ ଏଲ୍‌ୟୁ ନାମରେ ପରିଚିତ ତାହା ଉପରେ ଗଭୀର ଅନୁଧ୍ୟାନ କରୁଛନ୍ତି । ଏହି ଦ୍ରବ୍ୟଟି ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ରକ୍ତକଣିକାରେ ଅଧିକ ପରିମାଣରେ ଜମାହୁଏ । ପରୀକ୍ଷାଗାରରେ ବଢ଼ା ଯାଉଥିବା ଅନ୍ୟାନ୍ୟ କୋଷ ମାନଙ୍କରେ ମଧ୍ୟ ଉକ୍ତ ପଦାର୍ଥ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ଅଧିକ ଗବେଷଣା ଫଳରେ ଏହି ଇଣ୍ଟର ଏ ଏଲ ୟୁ ବୟସର ଅଭିବୃଦ୍ଧି ସହିତ ସମାନୁପାତିକ ଭାବେ ବଢ଼ୁଛି ବୋଲି ଯଦି ପ୍ରମାଣିତ ହୋଇଯାଏ ତେବେ ଏହା ବାର୍ଦ୍ଧକ୍ୟର କାରଣ ବୋଲି ନିରୂପିତ ହୋଇ ପାରିବ ।

ଅଧିକାଂଶ ଗବେଷକ ମାନଙ୍କର ମତ ହେଉଛି ଯେ ଜୀବକୋଷ ଗୁଡ଼ିକର ଅଧ୍ୟୟନ କଲେ ସେଥିରୁ ବାର୍ଦ୍ଧକ୍ୟର କାରଣ ଅବଶେଷରେ ଜଣା ପଡ଼ିବ । ମଣିଷ ଶରୀରର ସମସ୍ତ ସ୍ୱାଭାବିକ ଜୀବକୋଷ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଧୀରେ ଧୀରେ ବୁଢ଼ା ହୁଅନ୍ତି ଅଥବା ନିଜକୁ ୫୦ ଥର ବିଭାଜିତ କରନ୍ତି । କିନ୍ତୁ ଟମଡ଼ାରେ ଥିବା ଜୀବକୋଷ ବା କ୍ୟାନସର ଗ୍ରସ୍ତ ଜୀବକୋଷ ଗୁଡ଼ିକ ବହୁ କାଳ ପର୍ଯ୍ୟନ୍ତ ପରିବର୍ଦ୍ଧିତ ହେବାରେ ଲାଗିଥାନ୍ତି ।

Images: Aptakama Mishra, Processing: Srujanika

ଯେଉଁ କୌଶଳ ବା ପ୍ରକ୍ରିୟା ଫଳରେ ଏହି ସ୍ୱାଭାବିକ ଜୀବକୋଷ ଗୁଡ଼ିକ ଅମରତ୍ୱ ଲାଭ କରନ୍ତି ସେହି ପ୍ରକ୍ରିୟାରେ ବୃଦ୍ଧ ଜୀବକୋଷ ଗୁଡ଼ିକୁ ପରିବର୍ତ୍ତନ କରି ଦେଲେ ବାର୍ଦ୍ଧକ୍ୟର ଗତିରୋଧ କରାହେବ ।

ବାର୍ଦ୍ଧକ୍ୟର ରହସ୍ୟ ଉନ୍ମୋଚନ ଏ ଯାବତ୍ ସମ୍ଭବ ହୋଇ ନଥିଲେ ମଧ୍ୟ ଅଧିକ କାଳ ବଞ୍ଚିଥିବା ଜନ୍ତୁ ମାନଙ୍କର ଶରୀରରେ କୋଷ ଗୁଡ଼ିକ ପ୍ରଚୁର ପରିମାଣରେ ଥାନ୍ତି ଏବଂ ସେମାନେ ଅଧିକ ଶକ୍ତିଶାଳୀ ହୋଇଥିବା ପରିଲକ୍ଷିତ ହୁଏ । ସେଇଥିପାଇଁ ମୂଷାଠାରୁ ମଣିଷ ଅଧିକ ଦିନ ବଞ୍ଚେ । କିନ୍ତୁ ଏହି ତତ୍ତ୍ୱର ସମାଲୋଚକ ମାନଙ୍କ ମତରେ ଶରୀରର ବିଭିନ୍ନ ଅଂଶ ଏକ ଏକ ସିଷ୍ଟମ ବା ପରିପୂର୍ଣ୍ଣ ବ୍ୟବସ୍ଥା । ସେଗୁଡ଼ିକୁ ଗୋଟିଏ ଗୋଟିଏ ଜୀବକୋଷ ରୂପେ କଳ୍ପନା କରାଯାଇ ନପାରେ । ମଣିଷ ଶରୀରରେ ଯେତେ ଜୀବକୋଷ ଅଛି ତାହା ଆବଶ୍ୟକତା ଅପେକ୍ଷା ଶହରୁ ଦଶଗୁଣ ଅଧିକ । ଏହି ଅଧିକ କୋଷ ଗୁଡ଼ିକ କଣ କରନ୍ତି ବା କେବେ ମରନ୍ତି ତାହା କେହି ଜାଣନ୍ତି ନାହିଁ । ବିଭିନ୍ନ ପ୍ରକାରର ମୂଷା ଭିନ୍ନ ଭିନ୍ନ ପ୍ରକାରେ ବୁଢ଼ା ହୁଅନ୍ତି ଏବଂ ଏକା ଶରୀରରେ ମଧ୍ୟ ଗୋଟିଏ ସିଷ୍ଟମର କୋଷ ଅନ୍ୟ ଏକ ସିଷ୍ଟମର କୋଷଠାରୁ ଶିଘ୍ର ବୁଢ଼ା ହୋଇଯାଉଥିବା ଇମ୍ୟୁନୋଲଜିକାଲ ଷ୍ଟଡ଼ିରୁ ଜଣାଯାଇଛି । ଏ ଅବସ୍ଥାରେ ବାର୍ଦ୍ଧକ୍ୟର କାରଣ ନିରୂପଣ କରିବାକୁ ଭିନ୍ନ ଭିନ୍ନ ଗବେଷକମାନେ ଯେଉଁ ସବୁ ତତ୍ତ୍ୱ ଉପସ୍ଥାପିତ କରିଛନ୍ତି ସେଗୁଡ଼ିକ ମଧ୍ୟରୁ କେତେକ ଯୁକ୍ତିଯୁକ୍ତ ହୋଇଥିବା ବେଳେ ଅନ୍ୟ କେତେକ ଅବାନ୍ତର ବୋଲି ଜଣାପଡ଼ୁଛି ।

ମାତ୍ର ଅଳ୍ପ କେତେକାଳ ପର୍ଯ୍ୟନ୍ତ ବୈଜ୍ଞାନିକ ମାନଙ୍କର ବିଶ୍ୱାସ ଥିଲା ଯେ ବାର୍ଦ୍ଧକ୍ୟ ଡ଼ି.ଏନ.ଏ ରେ ସୃଷ୍ଟି ହେଉଥିବା କେତେକ ପ୍ରତିକ୍ରିୟା ସହ ଜଡ଼ିତ । ସୂର୍ଯ୍ୟଙ୍କର ଅଲଟ୍ରାଭାଓଲେଟ୍ କିରଣ କାରସିନୋଜିନ୍ସ ଏବଂ କୋଷ ଗୁଡ଼ିକର ବିଭିନ୍ନ ଭୁଲ ଭ୍ରାନ୍ତି ଯୋଗୁ ବାର୍ଦ୍ଧକ୍ୟ ମାଡ଼ିଆସେ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ ଆମର ଜୀବକୋଷ ଗୁଡ଼ିକ ଉପରୋକ୍ତ ପ୍ରଭାବରୁ ନିଜକୁ ରକ୍ଷା କରିବାରେ ଧୁରନ୍ଧର ବୋଲି ଜଣାଗଲାପରେ ପୂର୍ବୋକ୍ତ ତତ୍ତ୍ୱଟି କାଟ ଖାଇଯାଇଛି ।

ଏବେ ବାର୍ଦ୍ଧକ୍ୟର କାରଣ ସମ୍ପର୍କରେ କ୍ଲକଥିଓରୀ ଅଧିକ ଲୋକପ୍ରିୟ ହୋଇଛି । ଏହି ଥିଓରୀ ଅନୁସାରେ ପ୍ରତ୍ୟେକ ପ୍ରାଣୀର ଏକ ନିର୍ଦ୍ଦିଷ୍ଟ ଜୀବନ ସୀମା ଅଛି ଏବଂ ଏହା ସେ ବ୍ୟବହାର କରୁଥିବା ଶକ୍ତି ସହ ସଂପୃକ୍ତ । ଏହି ମତର ପ୍ରବକ୍ତାମାନେ କହନ୍ତି ଯେ ଶରୀରର ସବୁ ଉତ୍ପାଦନକାରୀ ଜୀବକୋଷ ଗୁଡ଼ିକ ଗୋଟିଏ କ୍ଲକ୍ ବା ରୁଟିନ୍ ଦ୍ୱାରା ପରିଚାଳିତ ହୁଅନ୍ତି । ଏବଂ ଅଣଉତ୍ପାଦନକାରୀ କୋଷ ଗୁଡ଼ିକ ଅନ୍ୟ ଏକ ରୁଟିନ୍ ଦ୍ୱାରା ଚାଲିଛି । ଏହି ପ୍ରଣାଳୀରେ ଜୀବକୋଷ ଗୁଡ଼ିକ ଭିତରୁ ଅଧିକାଂଶ ମରିଯିବା ପର୍ଯ୍ୟନ୍ତ ସବୁଠିକ୍ ଚାଲିଥାଏ ଏବଂ ଅଧିକାଂଶ ଜୀବକୋଷ ମରିଗଲେ ସଂପୃକ୍ତ ପ୍ରାଣୀର ମୃତ୍ୟୁ ହୁଏ ।

ବାର୍ଦ୍ଧକ୍ୟ ସହିତ ମୁଣ୍ଡଚନ୍ଦା ହୋଇ ଆସିବା, ବାଳ ପାଚିବା, ଚମରେ ଭାଙ୍ଗ ପଡ଼ିବା ଏବଂ ସ୍ମୃତିନାଶ ହେବା ଆଦି ହେବାର କାରଣ ମଧ୍ୟ କଣ ତାହା ଜଣାପଡ଼ିବାପରେ ମନୁଷ୍ୟମାନେ ଅବଶ୍ୟ ଅମରତ୍ୱ ଲାଭ କରିବେ ନାହିଁ କିନ୍ତୁ ସେମାନଙ୍କର ଆୟୁ ନିଶ୍ଚୟ ବଢ଼ିଯିବ ।

□

ରେଡ଼ିଓ ଗାଲାକ୍ସିର ଅଦ୍‌ଭୁତ କୁଣ୍ଡଳୀ

ତାରକା ପୁଞ୍ଜ (ଗାଲାକ୍ସି) ହରକୁଲସ୍ 'ଏ' ର ଗୋଟିଏ ପ୍ରାନ୍ତରୁ ବିରାଟକାୟ କୁଣ୍ଡଳୀ ସବୁ ଉପରକୁ ନିର୍ଗତ ହେଉଥିବା ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି । ଏହି ଅଦ୍‌ଭୁତ ପ୍ରକ୍ରିୟାରେ ଆବିଷ୍କର୍ତ୍ତାମାନେ ହେଲେ ମାସାଚୁଟ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜିର ଡ଼କ୍ଟର ଜେ ଡ଼ବଲ୍ୟୁ ଡ୍ରେହେର ଏବଂ ପେନସିଲଭାନିଆ ଷ୍ଟେଟ ୟୁନିଭରସିଟିର ଡକ୍ଟର ଇ ଡି ଫିଗେଲସନ । ଉକ୍ତ ଗାଲାକ୍ସିର ଅନ୍ୟ ପ୍ରାନ୍ତରୁ 'କସ୍‌ମିସ ହୋସ' ମାଧ୍ୟମରେ ଏକ ଶକ୍ତିଶାଳୀ ସ୍ରୋତ ନିର୍ଗତ ହେଉଛି, ନିର୍ଗତ ହେଉଥିବା କୁଣ୍ଡଳୀ ଗୁଡ଼ିକର ଆକୃତି ଆମର ଛାୟା ପଥ (ମିଲକିୱେ) ଠାରୁ ମଧ୍ୟ ବଡ଼ ହେବ । ଏଭଳି ସ୍ରୋତ ରେଡ଼ିଓ ଗାଲାକ୍ସିରେ ଦେଖାଯାଇଥାଏ । କିନ୍ତୁ ପ୍ରଥମ ଥର ପାଇଁ ଉକ୍ତ କୁଣ୍ଡଳୀ ବାହାରୁ ଥିବା ଦେଖାଗଲା ।

ଉକ୍ତ ବୈଜ୍ଞାନିକଦ୍ୱୟ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରେଡ଼ିଓ ଟେଲିସ୍କୋପ (ଭି ଏଲ୍ ଏ) ବ୍ୟବହାର କରିଥିଲେ ଏବଂ ଆଲୋକ ବଦଳରେ ରେଡ଼ିଓ ୱେଭ ସାହାଯ୍ୟରେ ଉକ୍ତ ରହସ୍ୟମୟ କୁଣ୍ଡଳୀର ଫଟୋ ଉଠାଇଥିଲେ ।

ଡକ୍ଟର ଡ୍ରେହେରଙ୍କ ମତରେ ଉକ୍ତ କୁଣ୍ଡଳୀ ଗୁଡ଼ିକ ଧୂମ କୁଣ୍ଡଳୀ ନୁହନ୍ତି ବା ଗାଲାକ୍ସିର ଫୋଟକା (ବବଲ୍) ନୁହନ୍ତି ।

ହରକୁଲସ୍ ଏ ୧୯୫୮ ମସିହାରେ ଆବିଷ୍କୃତ ହୋଇଥିଲା ଏବଂ ଅନ୍ୟାନ୍ୟ ରେଡ଼ିଓ ଗାଲାକ୍ସି ତୁଳନାରେ ଏକ ତୀବ୍ରତମ ରେଡ଼ିଓ ସଙ୍କେତର ଉତ୍ସ ଏବଂ ଏହାର କେନ୍ଦ୍ର ସ୍ଥଳରେ ମଧ୍ୟ ସକ୍ରିୟ ଶକ୍ତି କେନ୍ଦ୍ର ରହିଛି । ଏହା ଆମଠାରୁ ଦୁଇ ବିଲିଅନ୍ ଆଲୋକ ବର୍ଷ ଦୂରରେ ଅବସ୍ଥିତ ଏବଂ ସୂର୍ଯ୍ୟ ଯେତିକି ପରିମାଣରେ ଆଲୋକ ଶକ୍ତି ଉତ୍ପନ୍ନ କରୁଛି ତାହାର ୧୦୦ ବିଲିୟନ ଗୁଣ ଅଧିକ ରେଡ଼ିଓ ତରଙ୍ଗ ଉକ୍ତ ଗାଲାକ୍ସି ଉତ୍ପନ୍ନ କରେ । □

Images: Aptakama Mishra, Processing: Srujanika

ମୂଲ୍ୟବୋଧର ମୃତ୍ୟୁ

ଶ୍ରୀ ସଦାନନ୍ଦ

ଶ୍ରୀ ହରିଚରଣ ସାହୁ ବର୍ତ୍ତମାନ ଓଡ଼ିଶା ସରକାରଙ୍କର ଭୂତତ୍ତ୍ୱ ବିଭାଗରେ କାର୍ଯ୍ୟ କରନ୍ତି । ସେତେବେଳେ ସେ ରେଭେନ୍ସା କଲେଜରେ ଆଇ.ଏସ୍‌.ସି ପଢ଼ୁଥାଆନ୍ତି । ଏବେ ଯିନା' ସେ ମାଟି ଭିତରକୁ ଯାଇ ଖଣିଜ ସମ୍ପଦ ବାହାର କରିବାରେ ସଶ୍ରଦ୍ଧ, ସେତେବେଳେ କିନ୍ତୁ ସେ ମାଟି ଉପରେ ପରିବ୍ୟାପ୍ତ ହେବାପାଇଁ ସଶ୍ରଦ୍ଧ ଥିଲେ । ବିଭିନ୍ନ ଦେଶ ସମ୍ପର୍କରେ ସେ ଏତେ ଆଗ୍ରହୀ ଥିଲେ ଯେ ତାଙ୍କୁ ଆନ୍ତର୍ଜାତିକ ଖ୍ୟାତି ମିଳିଥିଲା । ସେ ଚିଠି ଲେଖି ବୁଲଗେରିଆରୁ ଏକ ବୃତ୍ତି ପାଇ ଉଚ୍ଚଶିକ୍ଷା ଲାଭ କରିଥିଲେ । ପଞ୍ଚଦଶ ଦଶନ୍ଧିର କଥା । ସବୁଆଡ଼େ ହଇଚଇ ପଡ଼ିଗଲା । ଆଠ ଦଶ ଜଣଙ୍କ ଭିତରେ ଏଇ ବୃତ୍ତି ପାଇବାରେ ହରିଚରଣ ଅନ୍ୟତମ । କିନ୍ତୁ ପାସପୋର୍ଟ ମିଳିବ କିପରି ? ସେତେବେଳେ ପାସପୋର୍ଟ ପାଇବାଟା ଏତେ ସହଜ ନଥିଲା । ଦରଖାସ୍ତ କରିବାକୁ ହୁଏ ରାଜ୍ୟସରକାରଙ୍କ ଘରୋଇ ବିଭାଗରେ, ବାପା, ଜେଜେ ବାପା ଇତ୍ୟାଦିଙ୍କ ନାମ, କାର୍ଯ୍ୟ ଲେଖିବାକୁ ପଡ଼େ । ସେ ଦରଖାସ୍ତ ଥାନାକୁ ଯାଏ । ସେଠି ଧରି ନପାରିଲେ ଗଲା । କାରଣ ଗ୍ରାମ ପୋଲିସ ଷ୍ଟେସନର ଖରାପ ମନ୍ତବ୍ୟ ପାଇଯିବା ଭାରି ସହଜ । ସବୁ ପ୍ରମାଣ ସେଇଠି । ଯେଉଁ ନାମ ଦୁଇଟି ରେଫରି ଭାବେ ଦିଆ ଯାଇଥିବ ତାଙ୍କୁ ପଚରାଯିବ । ତାପରେ ଘରୋଇ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସୁପାରିଶ କରିବେ ଭାରତ ସରକାରଙ୍କୁ । ଏଇ ଲେଖକର ପାସପୋର୍ଟ ଦରଖାସ୍ତରେ ରେଫରି ଆକାରରେ ଖୋଦ ମୁଖ୍ୟମନ୍ତ୍ରୀ ଓ ଘରୋଇ ମନ୍ତ୍ରୀଙ୍କ ନାମ ଦିଆଯାଇଥିଲା । ଯେତେବେଳେ ମୁଖ୍ୟମନ୍ତ୍ରୀ ପଚାରିଲେ ଯେ ତାଙ୍କ ନାମ କାହିଁକି ଦିଆଯାଇଛି ରେଫରି ଆକାରରେ ଏଇ ଲେଖକ ଉତ୍ତର ଦେଇଥିଲା 'ଆପଣ ତ ଜାଣନ୍ତି ! ଆପଣଙ୍କ ସୁପାରିଶ ବିନା ପାସପୋର୍ଟ ମିଳିବ ନାହିଁ ତେଣୁ ଦୁଇଟା ଯାକ କାମ ଏକାଠି ସାରିଦେଲେ ଗଲା ।

ସେ ଯାହା ହେଉ ଶ୍ରୀ ହରିଚରଣ ସାହୁଙ୍କର ପାସପୋର୍ଟ ଦରଖାସ୍ତ ଦିଆଗଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ, ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ (ନାଁ ରାଷ୍ଟ୍ରମନ୍ତ୍ରୀ ଠିକ୍ ମନେ ପଡ଼ୁନାହିଁ) ଶ୍ରୀମତୀ ଲକ୍ଷ୍ମୀମେନନ୍‌ଙ୍କୁ କହିବେ ବୋଲି କହିଲେ । କିନ୍ତୁ ନାସ୍ତି ଉତ୍ତର ଆସିଲା ।

ବୃତ୍ତି ପାଇଥିବା ସେଇ ଛାତ୍ରଙ୍କ ଦଳରେ ପଶ୍ଚିମ ବଙ୍ଗର ଦୁଇଜଣ ଛାତ୍ର ମଧ୍ୟ ଥାଆନ୍ତି । ସେମାନଙ୍କର ପାସପୋର୍ଟ ମିଳି ନଥାଏ । ସେ ଦୁଇଜଣଙ୍କ ବିରୁଦ୍ଧରେ ପ୍ରବଳ ପୋଲିସ ରିପୋର୍ଟ ଥାଏ । ନିଖିଳ ଭାରତ ଛାତ୍ରସଂଘର କାର୍ଯ୍ୟକାରୀ କମିଟିର ବୈଠକରେ ସ୍ଥିର ହେଲା ଯେ ଏକ ପ୍ରତିନିଧି ଦଳ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କୁ ଭେଟିବେ । ସେଇ ଦଳରେ ଏ ଲେଖକ ମଧ୍ୟ ଥିଲେ ।

ବିଧାନ ବାବୁ ସବୁ ଶୁଣିଲେ । ଡକା ହେଲା ଚିଫସେକ୍ରେଟେରୀ ରଣଜିତ ବାବୁଙ୍କୁ । କଣ ରଣଜିତ ! ଏମାନଙ୍କୁ ପାସପୋର୍ଟ ଦିଆଯିବନାହିଁ କାହିଁକି ? ରଣଜିତ ବାବୁ କହିଲେ ପୁଲିସ ରିପୋର୍ଟ, ଏମାନେ କାହିଁକି ପଢ଼ିବାକୁ ଯିବେ ? କିପରି ଏମାନେ ବୃତ୍ତି ପାଇଲେ? କିଏ ଏମାନଙ୍କୁ ବୃତ୍ତି ଦେଇଛି ? ଉପାଧ୍ୟୁତ୍ତର ପାଠ ବିନା ଅନ୍ୟ କୌଣସି ପାଇଁ ତ ବୃତ୍ତି ପାଇବା କଥା ନୁହେଁ । ବିଧାନ ବାବୁ ସବୁ ଶୁଣି କହିଲେ କିନ୍ତୁ ଏମାନଙ୍କୁ ତ ପାସପୋର୍ଟ ମିଳିବା କଥା । ତେଣୁ କିପରି ମିଳିବ କୁହ? ରଣଜିତ ବାବୁ ଚୁପ୍ । କହିଲେ ପ୍ରଧାନ ମନ୍ତ୍ରୀଙ୍କୁ କୁହା ନଗଲେ ବର୍ତ୍ତମାନ ଆଉ ବାଟ ନାହିଁ । ଆଚ୍ଛା ଏଇ କଥା ପାଇଁ ଜବାହରଙ୍କୁ ଉତ୍ତ୍ୟକ୍ତ କରିବାକୁ ହେବ । ଆଚ୍ଛା ଲଗାଅ ଫୋନ । ବିଧାନ ବାବୁ କହିଲେ । ହଟ୍‌ଲାଇନ ଲାଗିଗଲା ଚଟାପଟ୍ । ବିଧାନ ବାବୁ ଆରମ୍ଭ କଲେ ଜବାହର ଲାଲଙ୍କ ସ୍ୱାସ୍ଥ୍ୟ, ଇନ୍ଦୁ (ଇନ୍ଦିରା ଗାନ୍ଧୀ) ଙ୍କ ବିଷୟରେ ଏବଂ ପରିଶେଷରେ ପିଲାମାନଙ୍କ କଥା କହିଲେ । ଦେଖ ଜବାହର, ତମ ଅଫିସକୁ କହିଦିଅ ପାସପୋର୍ଟ ଦେଇ ଦେବା ପାଇଁ ଫୋନ ମଲା ।

ବିଧାନ ବାବୁ କହିଲେ ଶୁଣ ରଣଜିତ । ବଙ୍ଗଳାଦେଶର ପିଲା ଯିବେ ଦେଶ ବାହାରକୁ ପଢ଼ିବା ପାଇଁ । ଫେରିଲେ ଡାକ୍ତର, ଇଞ୍ଜିନିୟର ହେବେ । ସେ ପିଲା ଯେଉଁ ଦଳର ହୁଅନ୍ତୁ ଆମର ଯାଏ ଆସେ କେତେ ?

ବଙ୍ଗଳାର ସେଇ ଦୁଇଟି ପିଲା ବୃତ୍ତି ପାଇଲେ । ଶ୍ରୀ ହରିଚରଣ ସାହୁ ଭୂତତ୍ତ୍ୱରେ ଏମ.ଏସ୍‌.ସି ପାସ୍ କରି କିଛି କାଳ ଗ୍ରାମ ସ୍କୁଲରେ ଶିକ୍ଷକତା କରି (କାରଣ ଚାକିରି ମିଳିଲା ନାହିଁ) ପରେ ଓଡ଼ିଶା ସରକାରଙ୍କର ଭୂତତ୍ତ୍ୱ ବିଭାଗର କର୍ମଚାରୀ ରୂପେ ଚାକିରି ଆରମ୍ଭ କଲେ ।

ବିରୋଧୀ ଦଳର ପିଲାଙ୍କୁ ଗୁଣ୍ଡା ଲଗାଇ ବାଡ଼େଇବା ପ୍ରିନ୍ସିପାଲଙ୍କର କାମ ବିରୋଧୀ ଗୋଷ୍ଠୀର ଲୋକଙ୍କୁ ବ୍ୟକ୍ତିଗତ ଭାବରେ ହଇରାଣ କରିବା ସରକାରୀ ନୀତି । ଶ୍ରୀ ଦୁର୍ଗାଚରଣ ମହାନ୍ତି, ଶ୍ରୀ ବାଙ୍କ ବିହାରୀ ଦାସ, ଶ୍ରୀ ଶରତ କୁମାର କର, ଶ୍ରୀ ପଦ୍ମ ଚରଣ ନାୟକ, ଶ୍ରୀ ବଲ୍ଲଭ ପାଣିଗ୍ରାହୀ ପ୍ରଭୃତିଙ୍କ ସ୍ତ୍ରୀ ମାନେ ଶିକ୍ଷା ବିଭାଗରେ କାମ କରନ୍ତି । ଏମାନେ ବିଭିନ୍ନ ଦଳର ଲୋକ । କିନ୍ତୁ ସରକାରକୁ ଆସିଲେ ଅପରର ସ୍ତ୍ରୀକୁ ଦୂରକୁ ବଦଳି କରି ସ୍ୱାମୀ ମାନଙ୍କୁ ହଇରାଣ କରିବା ଏ ସମସ୍ତ କ୍ଷେତ୍ରରେ ଘଟିଛି । ବିରୋଧୀ ଦଳରେ ଥିଲା ବେଳେ ସେଇ ମାନେ ଶିକାର ହୋଇଛନ୍ତି ଏବଂ ତାର ପ୍ରତିବାଦ କରିଛନ୍ତି, ସରକାରକୁ ଆସିବା ପରେ ପରେ କଥାର ପୁନରାବୃତ୍ତି ଘଟିଛି ସେତେବେଳେ ସେମାନେ ଗଲା ଦିନର କଥା ପାଶୋରି ଯାଇଛନ୍ତି । କେବଳ ମୁଁ ଦେଖିଛି ଶ୍ରୀ ଶରତ କରଙ୍କର ସ୍ତ୍ରୀକୁ ବଦଳି କଲାବେଳେ ଶ୍ରୀ ବଲ୍ଲଭ ପାଣିଗ୍ରାହୀଙ୍କର ସ୍ତ୍ରୀ ତାର ବିରୋଧ କରିଛନ୍ତି ।□

Images: Aptakama Mishra, Processing: Srujanika

ଖାରବେଳ

Images: Aptakama Mishra, Processing: Srujanika

RNI Regn No. 42123/84 Postal Regn No. 0-20

Images: Aptakarna Mishra, Processing: Srujanika

୧୯୮୫
ସାଧାରଣତନ୍ତ୍ରଦିବସ ବିଶେଷାଙ୍କ

RNI Regn No : 42123/84
Postal Regn. No—0.20

ମୁଖ୍ୟ ସଂପାଦକ
ଶ୍ରୀ ରମାକାନ୍ତ ମିଶ୍ର

ପ୍ରଚ୍ଛଦପଟ୍ଟ
ଶ୍ରୀ ଉଦୟ ଜେନା

ରବିବାସର ପବ୍ଲିକେସନ ପକ୍ଷରୁ ପ୍ରଜ୍ଞା ପ୍ରିଣ୍ଟର୍ସରେ ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଯୋଗାଯୋଗ
ଖାନନଗର, କଟକ-୭୫୩୦୧୨
ଫୋନ-୨୩୫୯୭

ପ୍ରଚ୍ଛଦ ପଟ୍ଟ ମୁଦ୍ରଣ
ପ୍ରୋସେସ ଆଣ୍ଡ ଅଫସେଟ୍,
କାଳିଗଳି, କଟକ

ମୂଲ୍ୟ ଟ ୩-୦୦

ଖାରବେଳ

ରାଜୀବଙ୍କ ନେତୃତ୍ୱରେ ତାରୁଣ୍ୟର ଜୟଯାତ୍ରା ୩
ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଦଳର ତତ୍ପରତା ୬
ସାମରିକ ଅଦାଲତ ୭
କଂଗ୍ରେସ ପକ୍ଷରୁ ସାତ ଲକ୍ଷ ଟଙ୍କା ଓଲୁକର ଆଦାୟ ୮
ରଣଜୀ ଟ୍ରଫିର ଅର୍ଦ୍ଧଶତାବ୍ଦୀ ୧୧
ଜନତା ଦଳ ପକ୍ଷରୁ ସମସ୍ତଙ୍କ ସହ ସାଲିସ କରିବା ଉଦ୍ୟମ ୧୨

ହତଭାଗ୍ୟ ରବିଶାସ୍ତ୍ରୀ ୧୩
ଉପଗ୍ରହ ଜରିଆରେ ରୋଗୀ ଚିକିତ୍ସା ୧୩
ଆସ୍କାରେ ରାମ ବାବୁଙ୍କ ବିପର୍ଯ୍ୟୟ ୧୪
ଇନ୍‌କିଲାବରେ ଅମିତାଭଙ୍କ ଅଭିନୟ ବାସ୍ତବରେ ପରିଣତ ହେଲା ୧୫
ଶ୍ରୀ ହରିହର ପ୍ରସାଦ ମହାନ୍ତି

ନିର୍ମଳୀଲତା ଓ ତାର ଔଷଧୀ ଗୁଣ — ଡ: କମଳ କୁମାରୀ ପଟ୍ଟନାୟକ ୧୭
ଓଡ଼ିଶାରେ କଂଗ୍ରେସର ବିଜୟରେ ଡ: ମହତାବଙ୍କ ଭୂମିକା ୧୮
ଶ୍ରୀ ସିଂ ଦେଓ କେନ୍ଦ୍ରରେ ନିଜର ସ୍ଥିତି ଦୃଢ଼ କଲେ ୧୯
ମହାକାଶର ଅତିଥି ହେଲା ଧୂମକେତୁ—ଏହାର ସୃଷ୍ଟି ରହସ୍ୟ ୨୦
ଡକ୍ଟର. ଜେ. ଏନ୍. ଦେଶାଇ
ଆପଣଙ୍କ ରାଶିଫଳ — ଆଚାର୍ଯ୍ୟ ବିଭୂତି ଭୂଷଣ ୨୨
ଆଇନ ଆଖିରେ ଧୂଳି — ଶ୍ରୀ ଅଭିଜିତ ପଟ୍ଟନାୟକ ୨୪
ନୌବାହିନୀରେ ବୁଡ଼ାଳିର ଭୂମିକା — ଲେ: କ୍ୟାପଟେନ୍ ଦୀପକ ମହାପାତ୍ର ୨୫
ଫାଣ୍ଟମ ୨୭
ତାଞ୍ଜାଭୁର ସହରର ବୃହଦେଶ୍ୱର ମନ୍ଦିର ୨୮
ଆଣ୍ଡାମାନ ଆଦିବାସୀମାନଙ୍କୁ ସଭ୍ୟତାର ଆଲୋକ ଯୋଗାଇବାରେ ନାରିକେଳର ଭୂମିକା ୨୯
ଶିଶୁର ବୁଦ୍ଧିହୀନତା ଓ ତାର କାରଣ — ଡାକ୍ତର ଜ୍ୟୋତି ମହାପାତ୍ର ୩୦
ଷ୍ଟାରୱାର ପାଇଁ ଆମେରିକା ଓ ଋଷିଆର ବ୍ୟାପକ ପ୍ରସ୍ତୁତି ୩୨
ଶ୍ରୀ ରାଧାକୃଷ୍ଣ ରାଓ
ପର୍ବାକାଶରେ ଡାକୋଟା ବିମାନମାନଙ୍କ କାର୍ଯ୍ୟ ୩୨
ଭାରତରେ ନିର୍ଯ୍ୟାତିତ ମୁସଲିମ ମହିଳା ୩୫
ବିଷ ପ୍ରୟୋଗ ଓ ହତ୍ୟା — ଡାକ୍ତର ଜିତେନ୍ଦ୍ର କୁମାର ବଳବନ୍ତରାୟ ୩୭
ମୂଲ୍ୟବୋଧର ମୃତ୍ୟୁ ୪୦

Images: Aptakama Mishra, Processing: Srujanika

ଡ: ମହତାବଙ୍କ ସମର୍ଥନ ପାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନବ କୌଶଳ

ଶ୍ରୀ ଭର୍ତ୍ତୃହରି ମହତାବଙ୍କୁ କଟକରୁ କଂଗ୍ରେସ ପ୍ରାର୍ଥୀକରିବାକୁ ମସୁଧା

(ସ୍ୱତନ୍ତ୍ର ସମ୍ବାଦଦାତାଙ୍କଠାରୁ)

ଆସନ୍ତା ବିଧାନସଭା ନିର୍ବାଚନରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅକୁଣ୍ଠ ସମର୍ଥନ ପାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ଅପୂର୍ବ କୌଶଳ ଅବଲମ୍ବନ କରି ପ୍ରଜାତନ୍ତ୍ର ସମ୍ପାଦକ ତଥା ଡ. ମହତାବଙ୍କ ପୁତ୍ର ଶ୍ରୀ ଭର୍ତ୍ତୃହରି ମହତାବଙ୍କୁ କଟକ ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ କରିବାକୁ ମସୁଧା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

ଶ୍ରୀ ମହତାବଙ୍କୁ ପ୍ରାର୍ଥୀ କରି ବର୍ତ୍ତମାନର ବିଧାନସଭା ସଦସ୍ୟ ଶ୍ରୀ ଶ୍ରୀକାନ୍ତ ପଣ୍ଡାଙ୍କୁ ରାଜନୈତିକ ରଙ୍ଗମଞ୍ଚରୁ ଅନ୍ତର୍ହିତ କରାଇବା ସଙ୍ଗେ ସଙ୍ଗେ ଡ: ମହତାବଙ୍କ ଅକୁଣ୍ଠ ସମର୍ଥନ ପାଇବାକୁ ସେ ମଧ୍ୟ ସକ୍ଷମ ହେବେ ବୋଲି ଆଶା କରୁଛନ୍ତି ।

କଟକ ସହରରୁ ବର୍ତ୍ତମାନର ବିଧାୟକ ଶ୍ରୀ ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ପ୍ରାୟ ୧୧ ଜଣ କଂଗ୍ରେସ ବ୍ୟକ୍ତି ଟିକେଟ ପାଇବାକୁ ଆଶାୟୀ ଥିଲେ ବା ଉଦ୍ୟମ କରୁଥିଲେ । ସେମାନଙ୍କ ସମର୍ଥକବର୍ଗଙ୍କୁ ସାକ୍ଷାତ ଦେଲାବେଳେ ଜଣେ ପ୍ରତିଷ୍ଠିତ ତଥା ଦଳ ବାହାର ଲୋକଙ୍କୁ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀ ଇଚ୍ଛା କରୁଛନ୍ତି ବୋଲି ସୂଚନା ମିଳୁଥିଲା ଏବଂ ସେ ବର୍ତ୍ତମାନର ବିଧାୟକଙ୍କୁ ଟିକେଟ ନ ଦେବାକୁ ମନସ୍ଥ କରିଥିଲେ ବି ତାଙ୍କ ଡକ୍ଟର ମହତାବ ଶ୍ରୀକାନ୍ତ ବାବୁଙ୍କୁ ଟିକେଟ ଦେବାକୁ କହିବେ ଏଥିପାଇଁ ଚିନ୍ତିତ ଥିଲେ । କିନ୍ତୁ ଭର୍ତ୍ତୃହରି ବାବୁଙ୍କୁ କଟକରୁ ଟିକେଟ ଦିଆଯିବାକୁ ବିଗୃହ କରାଯିବାରୁ ସେ ଭୟ ଦୂର ହୋଇଗଲା ।

ଶ୍ରୀକାନ୍ତ ବାବୁ ଡକ୍ଟର ମହତାବଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ହୋଇଥିବାରୁ ତାଙ୍କ ଅତୁଟ ଥିବା ସମ୍ପାଦ୍ୟ ବିପଦକୁ ଏହାଦ୍ୱାରା ଏଡ଼ାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ମହଲ ଭାବୁଛନ୍ତି ।

ଶ୍ରୀକାନ୍ତ ବାବୁଙ୍କ ଛଡ଼ା ଅନ୍ୟ ଯେଉଁମାନେ କଟକରେ ଟିକେଟ ପାଇବାକୁ ଆଶାୟୀ ଥିଲେ ସେମାନଙ୍କ ଭିତରେ ଶ୍ରୀ ଦେବେନ୍ଦ୍ର ନାଥ ମହାନ୍ତି, ମହମ୍ମଦ ସୁଫି, ଶ୍ରୀ ଅଶ୍ୱିନୀ ଦ ବେହେରା, ଶ୍ରୀ କିଶୋର ଚନ୍ଦ୍ର ସାମନ୍ତରାୟ, ଶ୍ରୀ ରାଧା ଲୋଚନ ସିଂହ ଓ ଶ୍ରୀ ଦିଲ୍ଲୀପ ସ୍ୱାଇଁଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

ଏମାନଙ୍କ ମଧ୍ୟରୁ ଶ୍ରୀ ବେହେରାଙ୍କୁ ଟିକେଟ ଦିଆଯାଉ ବୋଲି କଟକର ୮ ଜଣ କାଉନ୍‌ସିଲର ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ ଏବଂ ଶ୍ରୀ ସିଂହଙ୍କ ସପକ୍ଷରେ ରାଜ୍ୟସଭା ସଦସ୍ୟ ଶ୍ରୀ ଅକ୍ଷୟ ପଣ୍ଡାଙ୍କ ପକ୍ଷରୁ ଚାପ ଦିଆଯାଉଥିଲା । ଶ୍ରୀ ଶ୍ରୀକାନ୍ତ ପଣ୍ଡା ନିଜର ସଙ୍ଗଠନ ତଥା ମହତାବ ବାବୁଙ୍କ ଆଶୀର୍ବାଦ ଉପରେ ନିର୍ଭର କରୁଥିଲେ କାରଣ ଗତଥର ମହତାବ ବାବୁଙ୍କର ଆଶୀର୍ବାଦରେ ସେ ଓ ଶ୍ରୀ ସୁର ରାଉତରାୟ ଟିକେଟ ପାଇଥିଲେ ।

କାଳେ ଅନ୍ୟ କାହାକୁ ଟିକେଟ ଦିଆଗଲେ ଶ୍ରୀକାନ୍ତ ବାବୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହୋଇ ଯିବାର ଭୟ ଥିବାରୁ ନନ୍ଦିନୀ ଦେବୀଙ୍କ ପକ୍ଷରୁ ତାଙ୍କୁ ମଧ୍ୟ ପରାସ୍ତ କରିବା ପାଇଁ ଚିନ୍ତା କରାଯାଇଥିଲା ଏଥିପାଇଁ ଏକଦା ସେ ପୂର୍ବତନ ହରିହର ମହାପାତ୍ରଙ୍କୁ କଂଗ୍ରେସ ପ୍ରାର୍ଥୀ କରିବା ପାଇଁ ଚିନ୍ତା କରୁଥିଲେ । କିନ୍ତୁ ସ୍ୱାସ୍ଥ୍ୟ ମହାପାତ୍ର ଏଭଳି ପ୍ରସ୍ତାବକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଦେବା ପରେ ଅନ୍ୟ ଏକ ପ୍ରାର୍ଥୀ ଖୋଜା ପଡ଼ିଥିଲା । ଅତୀତରେ କଂଗ୍ରେସ ପ୍ରାର୍ଥୀ ଥିବା ଶ୍ରୀ ସଚ୍ଚିଦାନନ୍ଦ କରଙ୍କ ନାମ ମଧ୍ୟ କେହି କେହି ପ୍ରସ୍ତାବ ଦେଇଥିଲେ । କିନ୍ତୁ କାଳେ ତାଙ୍କର ନନ୍ଦିନୀ ଶତପଥୀଙ୍କ ସହ ଘନିଷ୍ଠ ସଂପର୍କ ରହିଥିବା ଏହି ଆଶଙ୍କାରେ ତାଙ୍କ କଥା ବିଚାରକୁ ନିଆଗଲା ନାହିଁ ।

କଂଗ୍ରେସ ଦଳର କୌଣସି ଲୋକଙ୍କୁ ଟିକେଟ ଦିଆଗଲେ ସେ ଭବିଷ୍ୟତ ନିର୍ବାଚନରେ ଅଧିକ ଶକ୍ତିଶାଳୀ ହୋଇ ଉଠି ମୁଖ୍ୟମନ୍ତ୍ରୀଙ୍କୁ ମୁକାବିଲା କରିବାର ଭୟ ଥିବାରୁ ଦଳର ତରୁଣ ଓ ପ୍ରବୀଣଙ୍କ କଥା ମଧ୍ୟ ବିଚାରକୁ ନିଆଯାଉ ନାହିଁ ।

ପ୍ରଜାତନ୍ତ୍ର ସମ୍ପାଦକଙ୍କୁ ପ୍ରାର୍ଥୀ କରାଯିବା ଦ୍ୱାରା ଏ ସବୁ ସମସ୍ୟାର ସମାଧାନ କରି ମୁଖ୍ୟମନ୍ତ୍ରୀ ନିଜର ଅନ୍ୟ ଏକ ରାଜନୈତିକ ଶତ୍ରୁଙ୍କୁ ନିଷ୍କ୍ରିୟ କରିବାରେ ସକ୍ଷମ ହେବେ ।

ଭୁବନେଶ୍ୱରରେ ଡକ୍ଟର ମହେନ୍ଦ୍ର ରାଉତ

ସେହିଭଳି ରାଜଧାନୀ ଭୁବନେଶ୍ୱରରୁ ଜଣେ ବୁଦ୍ଧିଜୀବୀ ପୂର୍ବତନ କୁଳପତି ଡକ୍ଟର ମହେନ୍ଦ୍ର କୁମାର ରାଉତଙ୍କୁ କଂଗ୍ରେସ ପ୍ରାର୍ଥୀ କରିବାପାଇଁ ମଧ୍ୟ ଆପାତତଃ ସ୍ଥିର ହୋଇଥିବା ପ୍ରକାଶ ।

ସେଠାରେ ବରାବର କଂଗ୍ରେସର ବେଠି ତୁଲାଉଥିବା ଶ୍ରୀ ଧୀରେନ୍ ପଟ୍ଟନାୟକ ଏହାଦ୍ୱାରା ଅଳ୍ପ ମାତ୍ରାରେ କ୍ଷୁବ୍ଧ ହେବାର ଆଶଙ୍କା ଥିଲେ ବି ତାଙ୍କୁ କୌଣସି ମତେ ସନ୍ତୁଷ୍ଟ କରାଯାଇ ପାରିବ ବୋଲି ଆଶା କରାଯାଉଛି ।

ଡକ୍ଟର ରାଉତ ଜଣେ ଅଣ ରାଜନୈତିକ ତଥା ଉଚ୍ଚଶିକ୍ଷିତ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଭୁବନେଶ୍ୱରର ଶିକ୍ଷିତ ଲୋକେ ସମର୍ଥନ କରିବେ ବୋଲି ବିଚାର ଏଭଳି ସ୍ଥିର କରାଯାଇଛି । ଏହା ଛଡ଼ା ସେଠାରେ ମଧ୍ୟ ଡକ୍ଟର ମହତାବ ତାଙ୍କ ପାଇଁ ନିର୍ବାଚନରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଡକ୍ଟର ରାଉତ ଓ ଭର୍ତ୍ତୃହରି ମହତାବ ଉଭୟେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଆତ୍ମୀୟ । □

ଓଡ଼ିଶାରୁ ନିର୍ବାଚିତ ଲୋକସଭା ସଦସ୍ୟ ଏବଂ ପାଇଥିବା ଶତକଡ଼ା ଭୋଟ

୧-ମୟୂରଭଞ୍ଜ (ସଂରକ୍ଷିତ) ଶ୍ରୀ ସିଦ୍ଧଲାଲ ମୁର୍ମୁ ୫୮.୨୫ ୨-ବାଲେଶ୍ୱର ଶ୍ରୀ ଚିନ୍ତାମଣି ଜେନା ୫୬ ୩ ଭଦ୍ରକ (ସଂରକ୍ଷିତ) ଶ୍ରୀ ଅନନ୍ତ ପ୍ରସାଦ ସେଠୀ ୫୫.୪୯ ୪-ଜାଜପୁର (ସଂରକ୍ଷିତ) ଶ୍ରୀ ଅନାଦି ଚରଣ ଦାସ ୫୪.୧୦, ୫-କେନ୍ଦ୍ରାପଡ଼ା ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ (ଜନତା) ୫୦: ୪, ୬-କଟକ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ୫୫:୪୬ ୭-ଜଗତସିଂହପୁର ଶ୍ରୀ ଲକ୍ଷ୍ମଣ ମଲ୍ଲିକ ୪୮.୨୦ ୮-ପୁରୀ ଶ୍ରୀ ବ୍ରଜମୋହନ ମହାନ୍ତି ୫ ୫୬ ୯-ଭୁବନେଶ୍ୱର ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ୬୦.୦୭ ୧୦-ଅସ୍କା ଶ୍ରୀ ସୋମନାଥ ରଥ ୬୦ ୭୬, ୧୧-ବ୍ରହ୍ମପୁର ଶ୍ରୀ ଆର ଜଗନ୍ନାଥ ରାଓ ୬୭:୮୬, ୧୨ କୋରାପୁଟ (ସଂରକ୍ଷିତ) ଶ୍ରୀ ଗିରିଧାରୀ ଗମାଙ୍ଗୋ ୬୭,୦୭, ୧୩ ନବରଙ୍ଗପୁର (ସଂରକ୍ଷିତ) ଶ୍ରୀ ଖଗପତି ପ୍ରଧାନୀ ୭୧.୫୬, ୧୦ ଫୁଲବାଣୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ୪୭:୭୦ ୧୫ ଫୁଲବାଣୀ (ସଂରକ୍ଷିତ) ଶ୍ରୀ ରାଧାକାନ୍ତ ଡିଗାଲ ୬୬:୮୬, ୧୬-ବଲାଙ୍ଗୀର ଶ୍ରୀ ନିତ୍ୟାନନ୍ଦ ମିଶ୍ର ୫୨.୬୩, ୧୭ ସମ୍ବଲପୁର ଡ କୃପାସିନ୍ଧୁ ଭୋଇ ୬୦:୬୮ ୧୮-ଦେବଗଡ଼ ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ ୫୫ ୭୬ ୧୯-ସୁନ୍ଦରଗଡ଼ (ସଂରକ୍ଷିତ) ଶ୍ରୀ ମୋରିସ୍ କୁଜୁର ୫୬.୯୯ ୨୦-ଢେଙ୍କାନାଳ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ୬:୬୪ ୨୧-କେନ୍ଦୁଝର (ସଂରକ୍ଷିତ) ଶ୍ରୀ ହରିହର ସୋରେନ୍ ୫୮.୯୬

ରାଜୀବଙ୍କ ନେତୃତ୍ୱରେ ତାରୁଣ୍ୟର ଜୟଯାତ୍ରା

ନୂତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଯେପରି ଅଭୂତପୂର୍ବ ସଫଳତା ଲାଭ କଲା ତାହାକୁ ଯଥାର୍ଥରେ ତାରୁଣ୍ୟ ଓ ପ୍ରଗତିର ଜୟଯାତ୍ରା ରୂପେ ଅଭିହିତ କରାଯାଇ ପାରେ । ଦେଶର ସଂହତି ଐକ୍ୟ ଭବିଷ୍ୟତ କେବଳ ଯୁବ ଶକ୍ତି ଉପରେ ନିର୍ଭର କରେ ବୋଲି ଭାରତୀୟ ନେତାମାନେ ଭୋଟ ଜରିଆରେ ଘୋଷଣା କଲେ ।

ବହୁଧା ବିଭକ୍ତ ଏବଂ ଅହଂଭାବାପନ୍ନ ତଥାକଥିତ ବିରୋଧୀ ଦଳର ନେତାମାନଙ୍କ ଗତ ନିର୍ବାଚନରେ ଅସ୍ତମିତ ହୋଇଯିବା ଫଳରେ ଦେଶରେ ସୁସ୍ଥ ରାଜନୈତିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଆଶା କରାଯାଉଛି । ନିର୍ବାଚନ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବଗାନ୍ଧୀ ବିରୋଧୀ ଦଳ ଦଳ ଗୁଡ଼ିକୁ ହେୟ ଜ୍ଞାନ ନକରି ଜାତୀୟ ସମସ୍ୟାମାନଙ୍କର ସମାଧାନ କରିବା ସେମାନଙ୍କର ସାହାଯ୍ୟ ଓ ସହଯୋଗ ନେବାକୁ ଚିନ୍ତା କରିବେ ବୋଲି ଘୋଷଣା କରିବା ଦ୍ୱାରା ରାଜନୈତିକ ଦୂରଦର୍ଶିତା ଓ ପରିପକ୍ୱତାର ପରିଚୟ ଦେଇଛନ୍ତି ।

ଆଞ୍ଚଳିକ ଜନତା ଓ ଧର୍ମଗତ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠି ଭାରତୀୟ ଭୋଟର ମାନେ କେନ୍ଦ୍ରରେ କଂଗ୍ରେସ ଦଳକୁ କ୍ଷମତାସୀନ କରିବାକୁ ଯେଉଁ ନିଷ୍ପତ୍ତି କଲେ ତାହା ଏକ କ୍ଷମତାଲିପ୍ସୁ ଓ ସଂକୀର୍ଣ୍ଣ ମନୋଭାବାପନ୍ନ ଲୋକମାନଙ୍କ ପ୍ରତି ଏକ ଚେତାବନୀ ।

ଶ୍ରୀମତୀ ଗାନ୍ଧୀଙ୍କର ମୃତ୍ୟୁପରେ ଶ୍ରୀଯୁକ୍ତ ଗାନ୍ଧୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ କ୍ଷେତ୍ରରେ ଯେଉଁ ସବୁ ନିଷ୍ପତ୍ତି ନେଇଥିଲେ ସେଥିରୁ ତାଙ୍କ ଦୃଢ଼ତାର ସ୍ପଷ୍ଟ ଆଭାସ ମିଳୁଥିଲା । ତାଙ୍କ ସମ୍ବେଦନା ଜଣାଇବା ଆଳରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭିଡ଼ ଜମାଇବାରୁ ଏହାକୁ ସେ ପସନ୍ଦ ନକରି ନିଜ ନିଜ ରାଜ୍ୟମାନଙ୍କୁ ଫେରିଯାଇ ଶାସନ ସମ୍ଭାଳିବା ପାଇଁ ସେତେବେଳେ ସେ ନିର୍ଦ୍ଦେଶ ଦେବା ଫଳରେ ସେ ଯେ ସହଜରେ ନୁହନ୍ତି ତାହା ସମସ୍ତେ ଉପଲବ୍ଧି କରିଥିଲେ ଏବଂ ବିପଦରେ ଭାଙ୍ଗି ପଡ଼ିବାଭଳି ବ୍ୟକ୍ତି ସେ ନୁହନ୍ତି ବୋଲି ପ୍ରମାଣିତ କରିଥିଲେ । ତାଙ୍କ ମା ମଧ୍ୟ ସ୍ୱର୍ଗତ ଗାନ୍ଧୀଙ୍କ ମୃତ୍ୟୁ ବେଳେ ଜନତା ଦଳର ସଭାପତି ଶ୍ରୀ ଚନ୍ଦ୍ରଶେଖର ତାଙ୍କୁ ସମ୍ବେଦନା ଜଣାଇବାକୁ ଯାଇଥିଲା ବେଳେ ତାଙ୍କ ସହ ଆସାମ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମସ୍ତଙ୍କୁ ବିସ୍ମିତ କରିଥିଲେ

ଗତ ଲୋକସଭା ନିର୍ବାଚନରେ କଂଗ୍ରେସକୁ ମିଳିଥିବା ଭୋଟର ହାର ହେଉଛି ଶତକଡ଼ା ୪୯–୧୭ ଦେଶର ୧୯୫୨ ମସିହାରେ ହୋଇଥିବା ପ୍ରଥମ ଲୋକସଭା ନିର୍ବାଚନରୁ ଏଯାବତ୍ କୌଣସି ନିର୍ବାଚନରେ କଂଗ୍ରେସ ବା ଅନ୍ୟ କୌଣସି ବିଜୟୀ ଦଳ ଏତେ ଭୋଟ ପାଇ ନ ଥିଲେ । ସ୍ୱର୍ଗତ ଜବାହାରଲାଲ ନେହେରୁଙ୍କ ଜୀବଦ୍ଦଶାରେ କଂଗ୍ରେସ ସର୍ବାଧିକ ୪୭ ୭୩ ଭାଗ ଭୋଟ ପାଇଥିଲା । ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱରେ ୧୯୬୭ରେ କଂଗ୍ରେସ ଶତକଡ଼ା ୪୦.୮ ଭାଗ ଭୋଟ ପାଇଥିଲା ବେଳେ ୧୯୭୧ରେ ଏହା ୪୩.୦୬କୁ

ବୃଦ୍ଧି ପାଇଥିଲା ଏବଂ ୧୯୮୦ରେ ଏହା ୪୨:୫୬କୁ ଖସି ଆସିଥିଲେ ବି ପାର୍ଲାମେଣ୍ଟରେ ମୋଟ ଶତକଡ଼ା ୬୬:୮୬ ଭାଗ ସ୍ଥାନ ହାସଲ କରିଥିଲା । ଶ୍ରୀ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ଏବେ କଂଗ୍ରେସ ଶତକଡ଼ା ୪୯-୬ ଭାଗ ଭୋଟ ପାଇ ପାର୍ଲାମେଣ୍ଟରେ ଶତକଡ଼ା ୭୮-୮ ଭାଗ ସ୍ଥାନ ହାସଲ କରି ନୂଆ ରେକର୍ଡ ସୃଷ୍ଟି କରିଛି ।

ଶ୍ରୀମତୀ ଗାନ୍ଧୀଙ୍କ ମୃତ୍ୟୁ ଯୋଗୁ ଲୋକେ ସ୍ୱତଃ ଅନୁକମ୍ପା ପ୍ରଦର୍ଶନ କରିବାରୁ ଏତେ ସଂଖ୍ୟାରେ ଭୋଟ ଦେଲେ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବିଶ୍ଳେଷଣରୁ ଜଣାଯାଇଛି । ଦେଶର ମୋଟ ପ୍ରାୟ ୩୭ କୋଟି ୫୦ ଲକ୍ଷ ଭୋଟ ଦାତାଙ୍କ ମଧ୍ୟରୁ ଶତକଡ଼ା ୬୩ ୦୬ ଭାଗ ଭୋଟର ଏଥର ଭୋଟ ଦେଇଥିଲେ । ୧୯୭୭ରେ ଜନତା ହାୱା ବୋହୁଥିଲା ବେଳେ ମୋଟ ଶତକଡ଼ା ୬୦-୫୫ ଭାଗ ଭୋଟର ଭୋଟ ଦେଇଥିଲେ ।

ଗତ ନିର୍ବାଚନରେ ଲକ୍ଷାଦ୍ୱୀପରେ ସର୍ବାଧିକ ୮୬-୦ ଭାଗ ଲୋକ ଭୋଟ ଦେଇଥିଲେ ବେଳେ ଓଡ଼ିଶାର କୋରାପୁଟରେ ସର୍ବନିମ୍ନ ୩୧-୨୫ ଭାଗ ଲୋକେ ଭୋଟ ଦେଇଥିଲେ । ୧୯୮୦ ନିର୍ବାଚନରେ ମଧ୍ୟ ଲକ୍ଷାଦ୍ୱୀପରେ ଶତକଡ଼ା ୮୮-୩୪ ଭାଗ ଲୋକ ଭୋଟ ଦେଇଥିଲେ ।

ଦେଶର ୯ଟି ସ୍ଥାନରେ ଶତକଡ଼ା ୭୫ ଭାଗରୁ ଅଧିକ ଲୋକ ଭୋଟ ଦେଇଥିବା ଜଣାଯାଇଛି । ସେଗୁଡ଼ିକ ହେଲେ ଆନ୍ଧ୍ରର ରାଜମହେନ୍ଦ୍ର (୭୫ ୩୪) ହରିୟାଣର କୁରୁକ୍ଷେତ୍ର (୭୮:୧୨) କେରଳର ଆଲେପି (୮୩:୭୦) କର୍ଣ୍ଣାଟକର ମୁଣ୍ଡ୍ୟା ୭୫:୪୨) ଓ ର ମଣିପୁର (୮୩:୧୭) ତାମିଲନାଡ଼ୁର ନାଗପଟ୍ଟିନମ୍ (୭୯-୭୬) ପଶ୍ଚିମ ତ୍ରିପୁରା (୭୬.୭୦) ପଶ୍ଚିମବଙ୍ଗର ପାଂଶ୍କୁଡ଼ା (୮୪:୬୨) ।

ଓଡ଼ିଶାର ଜଗତସିଂହପୁରରେ ରାଜ୍ୟର ସର୍ବାଧିକ ଶତକଡ଼ା ୭୦:୪୦ ଭାଗ ଲୋକେ ଭୋଟ ଦେଇଥିଲେ ଏବଂ ସେଠାରୁ ବି କଂଗ୍ରେସ ପ୍ରାର୍ଥୀ ସର୍ବନିମ୍ନ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି ।

ବିରୋଧୀଦଳମାନଙ୍କ ଦୁର୍ଦ୍ଦଶା

୧୯୮୦ ନିର୍ବାଚନରେ କଂଗ୍ରେସ ମୋଟ ଶତକଡ଼ା ୪୨ ୬୬ ଭାଗ ପାଇଥିବା ବେଳେ ଜାତୀୟ ବିରୋଧୀ ଦଳଗୁଡ଼ିକ ୩୨.୩୧ ଭାଗ ଭୋଟ ପାଇଥିଲେ । ଚଳିତ ୧୯୮୫ ନିର୍ବାଚନ କଂଗ୍ରେସ ପାଇଥିବା ଭୋଟର ହାର ୪୯–୧୭ ହେବା ବେଳେ ବିରୋଧୀ ଦଳ ଗୁଡ଼ିକ ମାତ୍ର ୩୦:୫୬ ଭାଗ ଭୋଟ ପାଇଛନ୍ତି ।

୧୯୮୪ରେ କଂଗ୍ରେସ ପୂର୍ବ ନିର୍ବାଚନ ଅପେକ୍ଷା ମାତ୍ର ଶତକଡ଼ା ୬:୫୧ ଭାଗ ଅଧିକ ଭୋଟ ପାଇଥିବା ବେଳେ ଜାତୀୟ ବିରୋଧୀ ଦଳଗୁଡ଼ିକ ପୂର୍ବାପେକ୍ଷା ୧୧:୬୫ ଭାଗ କମ ଭୋଟ ପାଇଛନ୍ତି ।

ତଥାକଥିତ ଜାତୀୟ ବିରୋଧୀଦଳ ମଧ୍ୟରୁ ଭାରତୀୟ ଜନତା ପାର୍ଟି ଶତକଡ଼ା ୭.୬୨ ଭାଗ

Images: Aptakama Mishra, Processing: Srujanika

ଜନତା ପାର୍ଟି ୬.୯୮, ଲୋକଦଳ ୫.୯୬, ସି ପି ଆଇ (ଏମ୍) ୫.୭୫, ସି ପି ଆଇ ୨.୭୧ ଏବଂ କଂଗ୍ରେସ (ଏସ୍) ୧.୫୪ ଭାଗ ଭୋଟ ପାଇଛନ୍ତି । ଅଥଚ ତେଲୁଗୁ ଦେଶମ୍ ଭଳି ଆଞ୍ଚଳିକ ଦଳ ଶତକଡ଼ା ୪.୧ ଭାଗ ଭୋଟ ପାଇଛନ୍ତି ।

ମୁସଲିମ ଭୋଟ

ଭାରତର ମୁସଲମାନମାନେ ସାଧାରଣତଃ ସମୂହଭାବେ କୌଣସି ଏକ ଦଳକୁ ସମର୍ଥନ କରନ୍ତି ବୋଲି ଯେଉଁ ଧାରଣା ରହି ଆସିଥିଲା ଚଳିତ ନିର୍ବାଚନରେ ତାହା ଦୂର ହୋଇଛି । ଦେଶର ଯେଉଁ ୬ଟି ନିର୍ବାଚନ ମଣ୍ଡଳୀରେ ମୁସଲିମ୍ ଭୋଟର ସଂଖ୍ୟା ଶତକଡ଼ା ୫୦ରୁ ଅଧିକ ସେଠାରେ ଅଣ କଂଗ୍ରେସ ପ୍ରାର୍ଥୀ ବିଜୟଲାଭ

କରିଛନ୍ତି । କିନ୍ତୁ ଯେଉଁଠାରେ ମୁସଲିମ୍ ଭୋଟରଙ୍କ ସଂଖ୍ୟା ଶତକଡ଼ା ୨୦ରୁ ୫୦ ମଧ୍ୟରେ ସୀମିତ ସେଠାରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି ।

ସଂରକ୍ଷିତ ସ୍ଥାନ

ପଞ୍ଜାବ ଓ ଆସାମକୁ ଛାଡ଼ି ଦେଲେ ଦେଶର ମୋଟ ସଂରକ୍ଷିତ ସ୍ଥାନ ସଂଖ୍ୟା ହେଉଛି ୧୧୨ ଏହା ମଧ୍ୟରୁ କଂଗ୍ରେସ ଚଳିତ ନିର୍ବାଚନରେ ୮୮ଟି ସ୍ଥାନ ପାଇଛି । କିନ୍ତୁ ପୂର୍ବ ନିର୍ବାଚନରେ କଂଗ୍ରେସ ମାତ୍ର ୬୫ଟି ସ୍ଥାନ ପାଇଥିଲା । ଏଥିରୁ ଆଦିବାସୀ ଓ ହରିଜନମାନଙ୍କ ଉପରେ କଂଗ୍ରେସ ଦଳର ପ୍ରଭାବ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଶ୍ରୀ ଜଗଜ୍ଜୀବନ ରାମଙ୍କ ଭଳି ହରିଜନ ନେତା ମାନଙ୍କ ସାହାଯ୍ୟ ଯୋଗୁ ଯେ କଂଗ୍ରେସ ସେମାନଙ୍କ ସମର୍ଥନ ଲାଭକରୁଥିଲା ବୋଲି ବର୍ତ୍ତମାନ ଆଉ କୁହାଯାଇ ପାରବ ନାହିଁ । ଅପର ପକ୍ଷରେ କଂଗ୍ରେସର ଛତ୍ରଛାୟା ତଳେ ସେଭଳି ନେତାମାନଙ୍କର ଅଭ୍ୟୁଦୟ ହୋଇଥିଲା ବୋଲି ଏବେ ପ୍ରତିପାଦିତ ହୋଇଛି ।

ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କ ଭୋଟ

ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ଚଳିତ ନିର୍ବାଚନରେ ସର୍ବାଧିକ ଶତକଡ଼ା ୮୩.୭୭ ଭାଗ ଭୋଟ ପାଇ ଆମେଥିରୁ ନିର୍ବାଚିତ ହୋଇଛନ୍ତି । ଶ୍ରୀ ଗାନ୍ଧୀଙ୍କ ସହ ସମକକ୍ଷ ହେଲାଭଳି କେବଳ ଶ୍ରୀ ମୋରାରଜୀ ଦେଶାଇ ଦୃଷ୍ଟି କରିପାରିଥିଲେ । ୧୯୫୭ ମସିହାରେ ସେ ସୁରଟରୁ ଶତକଡ଼ା ୮୩ ଭାଗ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ଜନତା ପ୍ରାର୍ଥୀରୂପେ ୧୯୭୭ରେ ସେ ମାତ୍ର ୫୨.୫ ଭାଗ ଭୋଟ ପାଇ ନିର୍ବାଚିତ ହୋଇଥିଲେ ।

ଶ୍ରୀ ଜବାହାରଲାଲ ନେହେରୁ ୧୯୫୨ ଓ ୧୯୫୭ରେ ଡବଲ ନମ୍ବର ନିର୍ବାଚନମଣ୍ଡଳୀ ଛିଡ଼ା ହୋଇଥିଲେ । ଏବଂ ୧୯୬୨ରେ ସିଙ୍ଗଲ ନମ୍ବର ନିର୍ବାଚନମଣ୍ଡଳୀରେ ଛିଡ଼ା ହୋଇ ଶତକଡ଼ା ୬୧.୭ ଭାଗ ଭୋଟ ପାଇଥିଲେ ।

ଶ୍ରୀମତୀ ଗାନ୍ଧୀ ୧୯୬୭ରେ ୫୫-୨ ଭାଗ ଭୋଟ ପାଇ ରାଏବରେଲିରୁ ନିର୍ବାଚିତ ହୋଇଥିଲେ । ୧୯୭୧ରେ ଏହା ୬୬-୪ଭାଗକୁ ବୃଦ୍ଧି ପାଇଥିଲା । ୧୯୮୦ରେ ସେ ସେଠାରୁ ୫୮.୩ ଭାଗ ଓ ମେଦାକରୁ ୬୭-୯ ଭାଗ ଭୋଟ ପାଇ ନିର୍ବାଚିତ ହୋଇଥିଲେ ।

ସ୍ୱର୍ଗତ ଲାଲ ବାହାଦୂର ଶାସ୍ତ୍ରୀ ୧୯୫୭ରେ ଆଲ୍ଲାହବାଦରୁ ଶତକଡ଼ା ୫୮-୪ ଭାଗ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ୧୯୬୨ରେ ସେ ସେଠାରୁ ୫୮-୪ ଭାଗ ଭୋଟ ପାଇଥିଲେ ।

ଶ୍ରୀ ଚରଣ ସିଂହ ୧୯୭୭ରେ ବାଗପେଟରୁ ୬୩-୫ ଭାଗ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ୧୯୮୦ରେ ଏହା ୬୫-୨କୁ ବୃଦ୍ଧି ପାଇଥିଲା ଏବଂ ଗତ ନିର୍ବାଚନରେ ଏହା ୫୩-୭୨କୁ ଖସି ଆସିଲା ।

ପରାଜିତ ବିରୋଧୀଦଳ ନେତୃବୃନ୍ଦ

କଂଗ୍ରେସ ଦଳର ପ୍ରାୟ ସବୁ ନୂଆ ନେତା ଏହି ନିର୍ବାଚନ ବୈତରଣୀ ପାର ହେବାକୁ ସକ୍ଷମ ହୋଇଥିଲେ ବି ବିରୋଧୀ ଦଳର ଅଧିକାଂଶ ନେତା ଏଥର ବଳି ପଡ଼ିଥିବା ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । ପରାସ୍ତ ବିରୋଧୀ ଦଳ ନେତାଙ୍କ ମଧ୍ୟରେ ଦୁଇଟି ଜାତୀୟ ଦଳର ସଭାପତି ଶ୍ରୀ ବାଜପେୟୀ ଓ ଶ୍ରୀ ଚନ୍ଦ୍ର ଶେଖର ମଧ୍ୟ ଅଛନ୍ତି । ନିର୍ବାଚନ ପୂର୍ବରୁ ଶ୍ରୀ ବାଜପେୟୀ କୌଣସି ଏକ ଆତତାୟୀର ଆକ୍ରମଣରେ ଆହତ ହୋଇ ଥିଲେ ମଧ୍ୟ ଏବଂ ଆହତ ଅବସ୍ଥାରେ ହିଁ ସେ ଟେଲିଭିଜନରେ ଭାଷଣ ଦେଇଥିଲେ ବି ଲୋକଙ୍କ ଉପରେ ତାହାର କୌଣସି ପ୍ରଭାବ ପଡ଼ିଲା ନାହିଁ କି ତାଙ୍କ ପ୍ରତି ସହାନୁଭୂତି ସୃଷ୍ଟି ହେଲା ନାହିଁ । ସେ ନିଜେ ଗୋଆଲିଅରରୁ ମାତ୍ର ଶତକଡ଼ା ୨୮.୬୫ ଭାଗ ଭୋଟ ପାଇ ପରାସ୍ତ ହେଲେ । ସେହିଭଳି ଶ୍ରୀ ଚନ୍ଦ୍ରଶେଖର ଉତ୍ତରପ୍ରଦେଶର ବାଲିଆରୁ ଶତକଡ଼ା ୪୦.୦୫ ଭାଗ ଭୋଟ ପାଇ ପରାସ୍ତ ହେଲେ ।

ହାରିଥିବା ଜନତା ପାର୍ଟିର ୮ ଜଣ ଓ ସି ପି ଆଇ (ଏମ୍)ର ୩ଜଣ ଉଚ୍ଚନେତାଙ୍କ ମଧ୍ୟରୁ ୪ ଜଣ ଜନତା ନେତା ନିଜର ଅମାନତ ହରାଇଛନ୍ତି ।

ଅନ୍ୟ ଦଳ ମଧ୍ୟରୁ କଂଗ୍ରେସ (ଏସ୍)ର ସଭାପତି ଶ୍ରୀ ଶାରଦା ପାଓ୍ୱାରଙ୍କ ସହିତ ସେହି ଦଳର ସେକ୍ରେଟେରୀ ଶ୍ରୀ କେ. ପି. ଉନ୍ନିକୃଷ୍ଣନ ନିର୍ବାଚନ ହୋଇଛନ୍ତି । ଡି ଏମ୍ କେ ପିରୁ କେବଳ ଏହାର ସଭାପତି ନିର୍ବାଚିତ ହୋଇଛନ୍ତି ଏବଂ ବହୁଗୁଣା ଅମିତାଭଙ୍କ ଦ୍ୱାରା ପରାସ୍ତ ହୋଇଛନ୍ତି ।

୪ ଜଣ ସଭାପତିଙ୍କ ଅମାନତ ଯାଇଛି

ତଥାକଥିତ ଜାତୀୟ ଦଳ ମଧ୍ୟରୁ ରାଷ୍ଟ୍ରିୟ ସଞ୍ଜୟ ମଞ୍ଚର ସଭାନେତ୍ରୀ ଶ୍ରୀମତୀ ମେନକା ଗାନ୍ଧୀ, ଜନସଂଘର ଶ୍ରୀ ବଲରାଜ ମାଧୋକ, ଜନବାଦ ପାର୍ଟିର ଶ୍ରୀ ଚନ୍ଦ୍ରଜିତ ଯାଦବ ଓ ଅନ୍ୟ ଏକ ପାର୍ଟିର ସଭାପତି ଶ୍ରୀ ରାଜନାରାୟଣ ନିଜର ଅମାନତ ହରାଇଛନ୍ତି । ଶ୍ରୀ ଅଟଳବିହାରୀ ବାଜପେୟୀ ଓ ଶ୍ରୀ ଚନ୍ଦ୍ରଶେଖରଙ୍କର ଅବଶ୍ୟ ଅମାନତ ଯାଇ ନାହିଁ । ନିର୍ବାଚିତ ହୋଇଥିବା ଦଳୀୟ ସଭାପତିଙ୍କ ମଧ୍ୟରେ ଶ୍ରୀ ଜଗଜ୍ଜୀବନ ରାମ ଓ ଶ୍ରୀ ଚରଣ ସିଂହ ଅନ୍ତର୍ଭୁକ୍ତ ।

ପଶ୍ଚିମବଙ୍ଗର ବରହମପୁର ନିର୍ବାଚନ ମଣ୍ଡଳୀରୁ ଶ୍ରୀ ତ୍ରିଦିବ ଚୌଧୁରୀ ଏଥର ପରାସ୍ତ ହୋଇଥିବା ବିଶେଷ ଉଲ୍ଲେଖ ଯୋଗ୍ୟ । ସେ

Images: Aptakama Mishra, Processing: Srujanika

୧୯୫୨ ମସିହାରୁ ବରାବର ଏଲାକୁ ନିର୍ବାଚିତ ହେଉଥିଲେ । ସେହିଭଳି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଏ ଆର ଆନ୍ତୁଲେଙ୍କ ପରାଜୟ ମଧ୍ୟ ବିଶେଷ ଉଲ୍ଲେଖଯୋଗ୍ୟ ।

ତିନି ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅମାନତ ଯାଇଛି

ଗତ ନିର୍ବାଚନରେ ଛିଡ଼ା ହୋଇଥିବା ତିନି ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜର ଅମାନତ ହରାଇଥିବା ଜଣାଯାଇଛି । ସେମାନେ ହେଲେ ପଶ୍ଚିମବଙ୍ଗର ଶ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବିହାରର ଶ୍ରୀ ଏସ୍ ପି ସିହ୍ନା ଓ ପଣ୍ଡିଚେରୀର ଶ୍ରୀ ଏସ୍ ରାମ ସ୍ୱାମୀ ।

ଯେଉଁ ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ଜିତିଛନ୍ତି ସେମାନେ ହେଲେ ଶ୍ରୀ ଟି ଆଞ୍ଜୟା, ଶ୍ରୀ ଜ. ଭେଙ୍ଗଲ ରାଓ ଓ ଶ୍ରୀ ପି ଭି ନରସିଂହ ରାଓ । ଏମାନେ ସମସ୍ତେ ଆନ୍ଧ୍ରର ଲୋକ । ଉତ୍ତରପ୍ରଦେଶର ଶ୍ରୀ ଶ୍ରୀପତି ମିଶ୍ର, ମଧ୍ୟପ୍ରଦେଶର ଶ୍ରୀ ପି ସି ସେଠୀ, ବିହାରର ଶ୍ରୀ ଅବଦୁଲ ଗଫୁର, ହରିଆଣାର ଶ୍ରୀ ବଂଶୀ ଲାଲ ଓ ଶିବରାଜ୍ ପାଟିଲ ମଧ୍ୟ ବିଜୟୀ ହୋଇଛନ୍ତି ।

ପୂର୍ବତନ ରାଜାମାନଙ୍କ ଭାଗ୍ୟ

ଏଥର ନିର୍ବାଚନରେ ମୋଟ ୨୩ ଜଣ ପୂର୍ବତନ ରାଜପରିବାରର ଲୋକେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏମାନଙ୍କ ମଧ୍ୟରୁ ୧୬ ଜଣ ଜିତିଛନ୍ତି ଏବଂ ସେମାନେ ସମସ୍ତେ କଂଗ୍ରେସ ଦଳର । ହାରିଥିବା ୭ଜଣ ଯାକ ବିରୋଧୀ ଦଳର । ଓଡ଼ିଶାରୁ ୨ ଜଣ ରାଜା ହାରିଥିଲା ବେଳେ ଜଣେ ରାଜା ଜିତିଛନ୍ତି ।

ମହିଳା ପ୍ରାର୍ଥୀ

ଏଥର ନିର୍ବାଚନରେ ସବୁଠାରୁ ଅଧିକ ସଂଖ୍ୟକ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ସେମାନଙ୍କ ମୋଟ ସଂଖ୍ୟା ଥିଲା ୧୫୭ ଏବଂ ଏମାନଙ୍କ ଭିତରୁ ୪୨ ଜଣ ନିର୍ବାଚିତ ହୋଇଛନ୍ତି । ୧୯୮୦ ନିର୍ବାଚନରେ ମୋଟ ୧୪୨ ଜଣ ଛିଡ଼ା ହୋଇଥିଲେ ଓ ଜିତିଥିଲେ ୨୮ । ୧୯୭୭ ନିର୍ବାଚନରେ ୭୦ ଜଣଙ୍କ ମଧ୍ୟରୁ ୧୯ ଜଣ ଜିତିଥିଲେ ।

୧୫୭ ଜଣଙ୍କ ମଧ୍ୟରୁ କେବଳ କଂଗ୍ରେସ ୩୯ ଜଣଙ୍କୁ ପ୍ରାର୍ଥୀ କରିଥିଲା, ଏବଂ ବିରୋଧୀଦଳ ମାନଙ୍କ ପକ୍ଷରୁ ୩୦ ଜଣ ଛିଡ଼ା ହୋଇଥିଲେ । ବାକି ସବୁ ଥିଲେ ସ୍ୱାଧୀନ ପ୍ରାର୍ଥୀ ।

ବିଫଳ ହୋଇଥିବା ମହିଳାଙ୍କ ମଧ୍ୟରୁ ୯୯ ଜଣ ନିଜର ଅମାନତ ହରାଇଛନ୍ତି ।

ଲୋକସଭାରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ୪୧୯୫ ଜଣ ଏଥର ନିଜର ଅମାନତ ହରାଇଛନ୍ତି । ଶତକଡ଼ା ହାରରେ ଏହା ହେଉଛି ୭୭ ଭାଗ । ଅମାନତ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ କଂଗ୍ରେସ (ଆଇ ର ଦୁଇଜଣ ସଦସ୍ୟ ଅଛନ୍ତି । ଏ ଦୁଇ ଜଣ ମହାରାଷ୍ଟ୍ରର କୋଲାବାରେ ଏବଂ ବିହାରର ଗୋପାଲଗଞ୍ଜରେ ଠିଆ ହୋଇଥିଲେ ।

ସମସ୍ତଙ୍କ ବିଶ୍ଳେଷଣକୁ ଚକିତ ନିର୍ବାଚନରେ କଂଗ୍ରେସ ଯେ ଅଭୂତପୂର୍ବ ବିଜୟ ହାସଲ କରିଥିବା ପ୍ରତିପାଦିତ ହେବା ସଙ୍ଗେ ସଙ୍ଗେ ଶ୍ରୀ ରାଜୀବ ଗାନ୍ଧୀ ନିର୍ବାଚନ ରଣ ପରିଚାଳନା କରିବାରେ ଯେ ଖୁବ୍ ଦକ୍ଷ ତାହା ମଧ୍ୟ ପ୍ରମାଣିତ ହୋଇଛି ।

ସର୍ବାଧୁନିକ ପ୍ରଚାର କୌଶଳ ଅବଲମ୍ବନ କରି ସେ ଅନ୍ୟ ସବୁ ଦଳକୁ ଯେପରି ମୂଲୋତ୍ପାଟିତ କଲେ ତାହା ଆନ୍ତରିକ ସମସ୍ତଙ୍କ ପକ୍ଷେ କଳ୍ପନାତୀତ ଥିଲା ।

ନିର୍ବାଚନ ପୂର୍ବରୁ ସବୁ ପ୍ରକାର ବିଶ୍ଳେଷଣ ଓ ଅନୁମାନକୁ ମିଥ୍ୟା ପ୍ରତିପାଦିତ କରି ସେ ଭାରତୀୟ ଜନତାର ହୃଦୟ ସିଂହାସନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି ।

ସେ ଯେଉଁ ଗ୍ରୁପ ବା ସହାୟକ ଗୋଷ୍ଠୀକୁ ନେଇ କାର୍ଯ୍ୟ କରିବାକୁ ବାହାରିଛନ୍ତି ସେମାନେ ତାଙ୍କୁ ଠିକଣା ମାର୍ଗରେ ପରିଚାଳିତ କରୁଥିବା ପ୍ରତୀୟମାନ ହେଉଛି ।

ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଯେଉଁ ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି ତାହା ଇନ୍ଦିରାଙ୍କ ମନ୍ତ୍ରୀପରିଷଦ ଅପେକ୍ଷା ମଧ୍ୟ ଅଧିକ ଦକ୍ଷ ଓ ଭଲ ବୋଲି ପର୍ଯ୍ୟାଲୋଚକମାନେ ମତ ଦେଉଛନ୍ତି । ଯୁବକମାନଙ୍କୁ ନେଇ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରୁଥିଲେ ବି ପୁରାତନ ନେତାମାନଙ୍କୁ ସେ ଛାଡ଼ି ଦେଇ ନାହାନ୍ତି ।

ନବୀନ ଓ ପୁରାତନ ମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ଶାସନ କ୍ଷେତ୍ରରେ ସେ ଯେଉଁ ଦୃଢ଼ତା ପ୍ରକାଶ କରୁଛନ୍ତି ତାହା ହିଁ ତାଙ୍କ ସଫଳତାର ହେବ ଅସଲ ଚାବିକାଠି ।

ଶ୍ରୀ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କୁ ସମାଜର ସବୁ କ୍ଷେତ୍ରରୁ ଅଭୂତପୂର୍ବ ସମର୍ଥନ ମିଳିଥିଲା । ସାଧାରଣ ହରିଜନ ଲୋକଙ୍କ ଭାଷାରେ ପୁଅଟାରେ ମା'ର ନିଶ୍ଚୟ କିଛି କଳା ଥିବ ; ତେଣୁ ସେ ଆମ ପାଇଁ କାମ କରିବେ । ଏ ଥିଲା ଯଥାର୍ଥରେ ତାଙ୍କ ସମ୍ପର୍କରେ ସମସ୍ତ ଭାରତୀୟ ଜନଗଣଙ୍କ ମତାମତ । ଶ୍ରୀ ଗାନ୍ଧୀ ଏହା ଭଲ ଭାବରେ ପୂର୍ବରୁ ଉପଲବ୍ଧି କରିପାରିଥିଲେ । ତେଣୁ କଂଗ୍ରେସ ଅଳ୍ପ ସ୍ଥାନ ପାଇବ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଥିଲେ, ବିରୋଧୀ ଦଳ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେବ ବୋଲି ସେ ନିଜେ ଏହା ବିଶ୍ୱାସ କରୁଥିଲେ ଏବଂ କାର୍ଯ୍ୟତଃ ତାହା ହିଁ ପ୍ରତିପାଦିତ ହେଲା ।

ମନ୍ତ୍ରୀମଣ୍ଡଳରେ ସେ ଯେଉଁମାନଙ୍କୁ ନେଇଛନ୍ତି ସେମାନେ ସମସ୍ତେ ଅଭିଜ୍ଞ ଓ ପରୀକ୍ଷିତ । ବହୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଛନ୍ତି । ବୟସ୍କଙ୍କର ଅଭିଜ୍ଞତା ଓ ଯୁବକଙ୍କର କାର୍ଯ୍ୟଦକ୍ଷତା ମିଳିତ ଭାବେ ଦେଶକୁ ଠିକଣା ବାଟରେ ଆଗେଇ ନେବ ବୋଲି ଆଶା କରାଯାଇପାରେ । □

Images: Aptakama Mishra, Processing: Srujanika

ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଦଳର ତତ୍ପରତା

ଅନ୍ୟୁନ ୭୦ ଜଣ ନୂଆ ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବାର ସମ୍ଭାବନା

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଲୋକସଭା ନିର୍ବାଚନରେ ଅଭୂତପୂର୍ବ ସଫଳତା ହାସଲ କରିବା ପରେ ଆସନ୍ନ ବିଧାନସଭା ନିର୍ବାଚନ ପାଇଁ ସମ୍ପ୍ରତି ରାଜ୍ୟ କଂଗ୍ରେସ ନେତୃତ୍ୱ ପକ୍ଷରୁ ବେଶ ତତ୍ପରତା ପାଇଲାଣି ଏବଂ ବିଧାନସଭାରେ ଅନ୍ୟୁନ ଯେପରି ୧୨୦ ଟି ସ୍ଥାନରେ କଂଗ୍ରେସ ବିଜୟ ଲାଭ କରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ବିଧିବଦ୍ଧ ଯୋଜନା ଆରମ୍ଭ କରି ଦେଲେଣି ।

ବିଭିନ୍ନ ନିର୍ବାଚନ ମଣ୍ଡଳୀର ଶତାଧିକ ଲୋକଙ୍କୁ ପ୍ରତିନିଧି ଭେଟି ବିଧାନସଭା ନିର୍ବାଚନରେ ସେମାନଙ୍କୁ ସମ୍ପୃକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ଏବେ କଠୋର ପରିଶ୍ରମ କରୁଥିବା ଜଣାଯାଉଛି ଏବଂ ପ୍ରତିଦିନ ରାତିବାରଟା ପର୍ଯ୍ୟନ୍ତ ସେ ଲୋକଙ୍କୁ ଭେଟୁଛନ୍ତି ।

କଂଗ୍ରେସ ଦଳ ଓଡ଼ିଶାରେ ୨୦ଟି ଲୋକସଭା ଆସନ ପାଇଥିବା ଦୃଷ୍ଟିରୁ ଗାଣିତିକ ସୂତ୍ରରେ ୧୪୦ ଟି ବିଧାନସଭା ସ୍ଥାନରେ ମଧ୍ୟ କଂଗ୍ରେସ ଜିତିବା କଥା । କିନ୍ତୁ ବିଧାନସଭା ନିର୍ବାଚନବେଳେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ ବିଭିନ୍ନ ଆଞ୍ଚଳିକ ସମସ୍ୟା ଯଥେଷ୍ଟ ମୁଣ୍ଡ ଟେକିବାର ସମ୍ଭାବନା ଥିବାରୁ ଜିତିବା ସଂଖ୍ୟା କିଛିଟା କମିଯିବ ବୋଲି ଆଶଙ୍କା କରାଯାଉଛି ।

ଲୋକସଭା ନିର୍ବାଚନ ବେଳେ ମୋଟ ପ୍ରାୟ ୨୭ଟି ବିଧାନସଭା ସ୍ଥାନରେ କଂଗ୍ରେସ ହାରିଛି ଅଥବା ବିଶେଷ ଭଲ କରି ନ ଥିବାରୁ ସେ ସବୁ ସ୍ଥାନ ଗୁଡ଼ିକୁ ବାଦ ଦେଇ ଅବଶିଷ୍ଟ ସ୍ଥାନମାନଙ୍କରେ କଂଗ୍ରେସ ଯେପରି ନିଶ୍ଚିତରୂପେ ଜୟଲାଭ କରିବ ସେ ଦିଗରେ ମୁଖ୍ୟମନ୍ତ୍ରୀ ଏଭଳି ପଦକ୍ଷେପ ନେଉଥିବା ପ୍ରକାଶ ।

ଦଳୀୟ ଟିକେଟ ଦିଆଯିବାବେଳେ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ତାଙ୍କର ଭାବମୂର୍ତ୍ତି ଓ ସର୍ବୋପରି ଆନୁଗତ୍ୟ (ଦଳପ୍ରତି ନା ନେତାଙ୍କ ପ୍ରତି ?) ମୁଖ୍ୟ ବିଚାର୍ଯ୍ୟ ବିଷୟ ହେବ ।

କଂଗ୍ରେସ ଦଳରୁ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର ଓ ଶ୍ରୀ ରାମଚନ୍ଦ୍ର ରଥଙ୍କ ଭଳି ଅସନ୍ତୁଷ୍ଟ ନେତାମାନେ ବିଦାୟ ନେଇଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ବିରୁଦ୍ଧରେ ଯିବାଭଳି ସାହାସ ଅନ୍ୟ କୌଣସି ନେତାଙ୍କର ଅବଶ୍ୟ ନାହିଁ ।

କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କର କୃପାସିନ୍ଧୁ ଭୋଇ ଟିକେଟ ପାଇବା ଘଟଣାକୁ ରାଜନୈତିକମହଲ ଟିକିଏ ଗୁରୁତ୍ୱ ଦେଉଛନ୍ତି । ଏବେ ନାକର ଭୋଇ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ଓ ଶ୍ରୀ ବ୍ରଜ ମୋହନ ମହାନ୍ତି ମିଳିତଭାବେ ଜାନକୀ ବାବୁଙ୍କ ଉଦ୍ୟମକୁ ପ୍ରତିହତ କରିବେ ବୋଲି ସୂଚନା ମିଳୁଛି । କେବେ ଏ ତିନିଜଣ ନେତାଙ୍କୁ ନିଜ ନିଜ ଲୋକସଭା ନିର୍ବାଚନ ମଣ୍ଡଳୀରେ ଆବଦ୍ଧ କରିବାକୁ ମୁଖ୍ୟମନ୍ତ୍ରୀ ସୁଚତୁର ଉଦ୍ୟମ ଆରମ୍ଭ କରିଛନ୍ତି ।

ଅପର ପକ୍ଷରେ ପୂର୍ବ ବିଧାନସଭା ନିର୍ବାଚନରେ ଯେପରି ଜାନକୀ ବାବୁ କୌଶଳରେ ସର୍ବସମ୍ମତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବା ଆଳରେ କେବଳ ନିଜ ଲୋକଙ୍କୁ ଟିକେଟ ଦେଇ ପାରିଥିଲେ ଏଥର ସେପରି ହେବାର ସମ୍ଭାବନା ନାହିଁ ଏବଂ ବହୁ ସ୍ଥାନରେ ଉକ୍ତ ତିନି ନେତା ନିଜ ନିଜ ଲୋକଙ୍କୁ ପ୍ରାର୍ଥୀ କରିବା ପାଇଁ ଅଣ୍ଟା ଭିଡ଼ି ବାହାରିବାର ଆଶଙ୍କା ରହିଛି । ଏହା ହେଲେ ବିବାଦୀୟ ସ୍ଥାନ ମାନଙ୍କରେ ପ୍ରାର୍ଥୀ ମନୋନୟନ କରିବା ଭାର କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷଙ୍କ ହାତକୁ ଚାଲିଯିବ ଏବଂ ସେଠାରେ ଲୋକସଭା ସଦସ୍ୟମାନେ କିଛି ଗୋଲମାଲ କରିବାର ମଉକା ପାଇଯିବେ ।

ସେ ଯାହା ହେଲେ ମଧ୍ୟ ଓଡ଼ିଶାର ଅବିସମ୍ବାଦିତ ନେତାରୂପେ ମୁଖ୍ୟମନ୍ତ୍ରୀ ଆତ୍ମ ପ୍ରକାଶ କରିଥିବାରୁ ଟିକେଟ ବଣ୍ଟନ କ୍ଷେତ୍ରରେ ତାଙ୍କର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ରହିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି । ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟ ରେ ଦୁଇ ଉପାଦେୟ ମୈତ୍ରୀ ନିଜ ନିଜ ମଧ୍ୟରେ ସିଦ୍ଧାନ୍ତଙ୍କ ସମାଧାନରେ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଉଦ୍ୟମ ଆରମ୍ଭ କରିଦେଲେଣି । ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବହୁ ଲୋକଙ୍କ ସମର୍ଥକଙ୍କୁ ପ୍ରାର୍ଥୀ କରିବାକୁ ଜଣେ ଚେଷ୍ଟା କରୁଥିଲା ବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଜଣେ ଓ ପଶ୍ଚିମ ଓଡ଼ିଶାରୁ ତାଙ୍କର ଲୋକ ମାନଙ୍କୁ ପ୍ରାର୍ଥୀ କରାଇବାକୁ ବିଶେଷ ତତ୍ପରତା ପ୍ରଦର୍ଶନ କରିଥିବା ପ୍ରତୀୟମାନ ହୋଇଛି । ସ୍ଥଳ ବିଶେଷରେ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଗୁପ୍ତ ଭେଟ ବୋଝୁଡ଼ା ପ୍ରତ ହେଉଥିବା ପରିଲକ୍ଷିତ ହୋଇଛି □

ଅଷ୍ଟମ ଲୋକସଭା ନିର୍ବାଚନ ଫଳାଫଳ

ଓଡ଼ିଶା ସମ୍ପର୍କରେ କେତୋଟି ଜାଣିବା କଥା

ଗତ ମାସ ୨୮ ତାରିଖରେ ଅଷ୍ଟମ ଲୋକସଭାର ଫଳାଫଳ ପ୍ରକାଶ ପାଇ ସାରିଛି ଓଡ଼ିଶାର ୨୧ଟି ଆସନ ମଧ୍ୟରୁ କଂଗ୍ରେସ (ଆଇ) ୨୦ଟି ଏବଂ ଜନତା ଦଳ ଗୋଟିଏ ସ୍ଥାନ ହାସଲ କରିଛି ।

୨୧ ଟି ନିର୍ବାଚନ ମଣ୍ଡଳୀରେ ମୋଟ ୬୩ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ସେମାନଙ୍କ ମଧ୍ୟରୁ କେହି ଜୟଯୁକ୍ତ ହୋଇ ନଥିଲେ ମଧ୍ୟ କଳାହାଣ୍ଡି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଦୀନବନ୍ଧୁ ଅଗ୍ରୱାଲ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ ୧୭,୨୦୭ ଭୋଟ ପାଇଥିଲେ ଏବଂ କଟକ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ପ୍ରସନ୍ନ କୁମାର ପରିଡ଼ା ସର୍ବନିମ୍ନ ଅର୍ଥାତ ମାତ୍ର ୮୧୧ ଭୋଟ ପାଇଥିଲେ ।

ଏହି ନିର୍ବାଚନରେ ସମ୍ବଲପୁର ନିର୍ବାଚନ ମଣ୍ଡଳରେ ସର୍ବାଧିକ ସଂଖ୍ୟକ ଅର୍ଥାତ ୧୮ ୫୧ଟି ଭୋଟ ନାକଚ ହୋଇ ଥିଲାବେଳେ ସର୍ବନିମ୍ନ ସଂଖ୍ୟକ ୬୯୦୩ ଟି ଭୋଟ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ନାକଚ ହୋଇଥିଲା ।

କୋରାପୁଟ (ସଂରକ୍ଷିତ) ନିର୍ବାଚନ ମଣ୍ଡଳୀର ସର୍ବାଧିକ ଅର୍ଥାତ ୫, ୫୪, ୫୨୩ ଜଣ ଭୋଟ ଦାତା ସେମାନଙ୍କର ଭୋଟ ପ୍ରଦାନ ।

ଜୟଯୁକ୍ତ ୨୦ ଜଣ କଂଗ୍ରେସ ସଭ୍ୟମାନଙ୍କ ମଧ୍ୟରୁ କୋରାପୁଟ (ସଂରକ୍ଷିତ) ନିର୍ବାଚନ ମଣ୍ଡଳୀରୁ ଶ୍ରୀ ଗିରିଧର ଗମାଙ୍ଗୋ ସର୍ବନିମ୍ନ ଅର୍ଥାତ ୧୨ ୫୪, ୭୦୩ ଭୋଟ ପାଇଥିବା ବେଳେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ସର୍ବାଧିକ ଅର୍ଥାତ ୨, ୯୫, ୭୫୪ ଟି ଭୋଟ ପାଇଛନ୍ତି ।

□

ସେନାବାହିନୀରେ ବିଚାର ବ୍ୟବସ୍ଥା (ସାମରିକ ଅଦାଲତ)

ବିଗତ କେତେ ବର୍ଷ ମଧ୍ୟରେ ଅନେକ ସେନାବାହିନୀ କର୍ମଚାରୀ କୋର୍ଟ ମାର୍ଶାଲ ବିଚାରର ନିଷ୍ପତ୍ତି ବିରୁଦ୍ଧରେ ବିଭିନ୍ନ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟରେ ଅପିଲ କରିଛନ୍ତି । ସେନାବାହିନୀରେ ଥିବା କୋର୍ଟ ମାର୍ଶାଲ ପ୍ରକୃତ ନ୍ୟାୟ ବିଚାର କରୁନାହାନ୍ତି ବୋଲି ଅଭିଯୋଗ କରି ଏ ସମ୍ବନ୍ଧରେ ବିଭ୍ରାନ୍ତିକର ତଥା ତ୍ରୁଟିପୂର୍ଣ୍ଣ ମତାମତମାନ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଉଛି । ଫଳରେ କୋର୍ଟ ମାର୍ଶାଲ ପ୍ରତି ଜନସାଧାରଣଙ୍କୁ ଭୁଲ ଧାରଣା ସୃଷ୍ଟି ହେଉଛି । ସର୍ବସାଧାରଣଙ୍କୁ ପ୍ରକୃତ ତଥ୍ୟ ଜଣା ନ ଥିବାରୁ କିମ୍ବା ତାଙ୍କୁ ପ୍ରକୃତ ତଥ୍ୟ ଜଣାଯାଉ ନ ଥିବାରୁ ଏଭଳି ଭୁଲ ଧାରଣା ପ୍ରସାର ଲାଭ କରୁଅଛି ।

ଅନେକ ମଧ୍ୟ ମତ ପୋଷଣ କରନ୍ତି ଯେ କୋର୍ଟ ମାର୍ଶାଲରେ ଉପଯୁକ୍ତ ବିଚାର ହୁଏ ନାହିଁ । କେବଳ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ । ଏତାଦୃଶ ଭ୍ରମ ଧାରଣା କପୋଳକଳ୍ପିତ ଏବଂ ବିପଦପୂର୍ଣ୍ଣ । ପ୍ରକୃତରେ କୋର୍ଟମାର୍ଶାଲ ଆମର ପାର୍ଲିଆମେଣ୍ଟ ପ୍ରଣୀତ ଆଇନର ସୀମା ମଧ୍ୟରେ ଦୋଷୀର ବିଚାର କରିଥାଏ । ଏବଂ କୋର୍ଟ ମାର୍ଶାଲର ବିଚାରଧାରା ଏବଂ ନିଷ୍ପତ୍ତି ପ୍ରତି ଅନ୍ୟ କୋର୍ଟମାନଙ୍କର ଅନୁମୋଦନ ରହିଛି । ଏତଦ୍‌ବ୍ୟତୀତ ଏଠାକାର ବିଚାର ନିଷ୍ପତ୍ତି ଏକ ନିର୍ଣ୍ଣାୟକମଣ୍ଡଳୀ ଦ୍ୱାରା ସଂଗଠିତ ହୋଇଥାଏ ।

୧୯୫୦ ମସିହା ସେନାବାହିନୀ ଆଇନ ଅନୁସାରେ କୋର୍ଟ ମାର୍ଶାଲ ଚାରି ପ୍ରକାର ହୋଇଥାଏ ଯଥା :— ସମରୀ କୋର୍ଟ ମାର୍ଶାଲ, ଡିଷ୍ଟ୍ରିକ୍ଟ କୋର୍ଟ ମାର୍ଶାଲ, ଜେନେରାଲ କୋର୍ଟ ମାର୍ଶାଲ ଏବଂ ସମରୀ ଜେନେରାଲ କୋର୍ଟ ମାର୍ଶାଲ ।

ସାମରିକ କୋର୍ଟ ମାର୍ଶାଲରେ (ଏସ୍.ସି.ଏମ୍)ରେ ଅଭିଯୁକ୍ତ ବ୍ୟକ୍ତିଙ୍କର ସଂପୃକ୍ତ ୟୁନିଟ କମାଣ୍ଡିଂ ଅଫିସର ବିଚାରପତି ଭାବେ ବିଚାର କରନ୍ତି । ଅଫିସର ଜଣକ ଲେଫ୍‌ଟେନାଣ୍ଟ କର୍ଣ୍ଣେଲ ପାହ୍ୟାର ହୋଇଥିଲେ ଦୋଷୀକୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦେଇ ପାରିବେ । ଯଦି ଅଫିସର ଉକ୍ତ ପାହ୍ୟାର ନିମ୍ନ-ସ୍ତରୀୟ ହୋଇ ଥାଆନ୍ତି ତା' ହେଲେ ଦୋଷୀକୁ ଏକମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇ ପାରିବେ । ବିନା ଛୁଟିରେ କର୍ମ କ୍ଷେତ୍ରରେ ଅନୁପସ୍ଥିତ ରହିବା, ପଳାୟନ, ଅନ୍ୟକୁ ଆଘାତ ଦେବା, ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଅସଦାଚରଣ କରିବା, ଆଇନ ଅମାନ୍ୟ, କୌଣସି ସାଥିଙ୍କୁ ଆଘାତ ଦେବା, ଏବଂ ସେନାବାହିନୀର ଶାନ୍ତି-ଶୃଙ୍ଖଳା ଲଙ୍ଘନ କରିବା ଆଦି ଦୋଷ ପାଇଁ ସମରୀ କୋର୍ଟ ମାର୍ଶାଲ ବିଚାର କରିଥାଏ । ସାଧାରଣ ଶତ୍ରୁପକ୍ଷ ସୈନ୍ୟ, ମୃତ୍ୟୁଦଣ୍ଡ, ବିଦ୍ରୋହ ଏବଂ ବେସାମରିକ ଦୋଷୀଙ୍କ ବିଚାର ଏହି ସମରୀ କୋର୍ଟ ମାର୍ଶାଲରେ ହୁଏ ନାହିଁ । ମାତ୍ର ଜରୁରୀକାଳୀନ ପରିସ୍ଥିତି ସମୟରେ ଏ ସବୁର ବିଚାର କରିବାକୁ ଏହି ଧରଣର କୋର୍ଟକୁ ଅଧିକାର ପ୍ରଦାନ କରାଯାଇଥାଏ । ଏସ୍. ସି. ଏମ୍ ର ବିଚାର ସରିଲା ପରେ ନିଷ୍ପତ୍ତିଗୁଡ଼ିକୁ ପୁନର୍ବିଚାର ପାଇଁ ଡେପୁଟି ଜଜ୍ ଆଡ଼ଭୋକେଟ ଜେନେରାଲ (ଡି.ଜେ.ଏ.ଜି)ଙ୍କୁ ସୁପାରିଶ କରାଯାଏ । ସେ ସେଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଧ୍ୟାନ କରି ଆବଶ୍ୟକ ମନେ ହେଲେ ଏସ୍. ସି. ଏମ୍ ର ଦଣ୍ଡବିଧାନର ବ୍ୟବସ୍ଥାକୁ ସେ କୋହଳ କରିପାରନ୍ତି । ମାତ୍ର ଅନୁଧ୍ୟାନକାରୀ ଅଧିକାରୀ ଦଣ୍ଡ ପରିମାଣ ବୃଦ୍ଧି କରି ପାରିବେ ନାହିଁ ।

ଏଥିରେ ଦୋଷୀ ଜଣେ ବେସାମରିକ ପରାମର୍ଶଦାତା ଏବଂ ତାହା ସପକ୍ଷରେ ଯୁକ୍ତି କରିବା ପାଇଁ ଜଣେ କମାଣ୍ଡିଂ ଅଫିସରଙ୍କର ମଧ୍ୟ ସହାୟ୍ୟ ନେଇ ପାରିବେ । ଉକ୍ତ ବିଚାର ପ୍ରକ୍ରିୟାରେ ସାକ୍ଷୀ ରହିବା ସଙ୍ଗେ ସଙ୍ଗେ କ୍ରସ୍ ଏକ୍‌ଜାମିନର ବ୍ୟବସ୍ଥା ମଧ୍ୟ ରହିଛି । ଜଜ୍ କୋର୍ଟ ଦୋଷୀର ସମସ୍ତ ବକ୍ତବ୍ୟ ଲିପିବଦ୍ଧ କରିବା ବା ଶୁଣିବା ପରେ ସେଥିରେ ମୁଖ୍ୟ ବିଷୟଗୁଡ଼ିକର ସାରାଂଶ ସଂଗ୍ରହ କରନ୍ତି ଏବଂ ପରେ ଅନ୍ୟମାନଙ୍କ ସହିତ ଏକ ରୁଦ୍ଧ ପ୍ରକୋଷ୍ଠରେ ବସି ବିଚାର କରନ୍ତି । ବିଚାରରେ ଆସାମୀ ଦୋଷୀ ସାବ୍ୟସ୍ତ ହେଲେ ତାହାକୁ ଦଣ୍ଡ ବିଧାନର କୋହଳ ପାଇଁ କୋର୍ଟକୁ ଆବେଦନ କରିବା ପାଇଁ ସୁଯୋଗ ଦିଆଯାଏ । ବିଚାରକ ମଣ୍ଡଳୀ ପୁନଶ୍ଚ ରୁଦ୍ଧ ପ୍ରକୋଷ୍ଠ ମଧ୍ୟରେ ଦୋଷୀର ଦଣ୍ଡ ବିଧାନ ପରିମାଣ ସମ୍ପର୍କରେ ବିଚାର କରନ୍ତି ଏଥିରେ ପ୍ରିଜାଇଡ଼ିଂ ଅଫିସର ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସମାନ କ୍ଷମତା ଥାଏ । କନ୍‌ଫର୍ମିଂ ଅଫିସରଙ୍କ ସୁପାରିଶ ପାଇଲା ପରେ ଡି. ସି. ଏମ୍ ର ନିଷ୍ପତ୍ତି କାଏମ ରହେ । କନ୍‌ଫର୍ମିଂ ଅଫିସରଙ୍କ ସୁପାରିଶ ପାଇଲା ପରେ ଜଜ୍ ଆଡ଼ଭୋକେଟ ଜେନେରାଲ ଅଫିସର କମାଣ୍ଡିଂଙ୍କ ପରାମର୍ଶ ନେଇ ଥାଆନ୍ତି । ପରାମର୍ଶ ଅନୁସାରେ କନ୍‌ଫର୍ମିଂ ଅଫିସର ବିଚାରକ ମଣ୍ଡଳୀଙ୍କ ନିଷ୍ପତ୍ତିକୁ ସୁପାରିଶ କିମ୍ବା ଅଗ୍ରାହ୍ୟ କରି ପାରନ୍ତି କିମ୍ବା ଦଣ୍ଡ ପରିମାଣକୁ ସମ୍ପୂର୍ଣ୍ଣ ଅଥବା ଆଂଶିକ ଭାବେ କୋହଳ କରି ପାରନ୍ତି । ମାତ୍ର ଦଣ୍ଡ ପରିମାଣ ବୃଦ୍ଧି କରିବାର କ୍ଷମତା ତାଙ୍କର ନାହିଁ ।

କନ୍‌ଫର୍ମିଂ ଅଫିସରଙ୍କ ନିଷ୍ପତ୍ତି ପାଇବା ପୂର୍ବରୁ ଆସାମୀ ତାଙ୍କର ଉଚ୍ଚାଧିକାରୀ କିମ୍ବା କେନ୍ଦ୍ର ସରକାରଙ୍କୁ ଅପିଲ କରି ପାରିବେ । ଉଚ୍ଚାଧିକାରୀ କିମ୍ବା କେନ୍ଦ୍ର ସରକାର କୋର୍ଟର ନିଷ୍ପତ୍ତିକୁ ରଦ୍ଦ କିମ୍ବା ଗୁରୁ କିମ୍ବା କୋହଳ କରିବାର

Images: Aptakama Mishra, Processing: Srujanika

ଓଡ଼ିଶା କଂଗ୍ରେସରେ ରାଜନୈତିକ ମେରୁଦଣ୍ଡ ହୀନ ବ୍ୟକ୍ତିଙ୍କ ପ୍ରଭାବ ବଢ଼ୁଛି

ନିର୍ମଳ ଚରିତ୍ରର ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାକୁ କେନ୍ଦ୍ରରୁ ନିର୍ଦ୍ଦେଶ ଥିଲେ ବି କେବଳ ତୋଷାମଦଙ୍କୁ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା

ଓଡ଼ିଶା ରାଜନୀତିରେ ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜନୈତିକ ମେରୁଦଣ୍ଡହୀନ ପ୍ରାଣୀମାନଙ୍କ ପ୍ରଭାବ ବିଶେଷ ଭାବେ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଏଭଳି ବ୍ୟକ୍ତିମାନଙ୍କ ପ୍ରଭାବ ସାଧାରଣ ଜୀବନକୁ କଳୁଷିତ କରୁଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ବିପଦ ସୃଷ୍ଟି କରୁ ନ ଥିବାରୁ ସେମାନଙ୍କୁ ବିଶେଷ ଭାବରେ ଏବେ ପ୍ରୋତ୍ସାହିତ କରାଯାଉଛି ଏବଂ ସେହିଭଳି ବ୍ୟକ୍ତିମାନଙ୍କୁ ହିଁ ମୁଖ୍ୟତଃ ଆସନ୍ତା ବିଧାନସଭା ପାଇଁ ପ୍ରାର୍ଥୀ କରାଯାଇଥିବା ଜଣାଯାଉଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଲୋକସଭା ନିର୍ବାଚନ ପରେ ପରେ ହିଁ ଏଭଳି ବ୍ୟକ୍ତିଙ୍କୁ ଠାବ କରିବା କାର୍ଯ୍ୟ ଆରମ୍ଭ କରି ଦେଇ ମନେ ମନେ ପ୍ରାର୍ଥୀ ତାଲିକା କରିସାରିଥିଲେ । ପ୍ରଦେଶ ନିର୍ବାଚନ କମିଟି ଭଳି କେତେକ ଅଳଙ୍କାରିକ ସଂସ୍ଥାରେ ଏହାକୁ କିଛି ବଢ଼ ଭାବେ ଗ୍ରହଣ କରାଯିବ ।

ଗତ ପାଞ୍ଚ ବର୍ଷ ଭିତରେ ଯେଉଁ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସାମାନ୍ୟ ବିପଦ ସୃଷ୍ଟି କରିଛନ୍ତି ସେମାନଙ୍କୁ ଦୁର୍ନୀତିଗ୍ରସ୍ତ କହି ବାଦ କରି ଦିଆଯାଉଛି । ଏବଂ ରାଜନୀତି ସହ ଆଦୌ ସଂପୃକ୍ତ ନ ଥିବା ବ୍ୟକ୍ତିମାନଙ୍କୁ ହିଁ ମୁଖ୍ୟତଃ ସେମାନଙ୍କ ସ୍ଥାନରେ ଟିକେଟ ଦିଆଯାଉଛି । ଅଣ ରାଜନୈତିକ ବ୍ୟକ୍ତିମାନେ ଟିକେଟ ପାଇ ନିର୍ବାଚିତ ହେଲେ ରାଜନୀତିରେ ତାଙ୍କ ଗୋଡ଼ ତଳକୁ ମାଡ଼ିବା ପାଇଁ ସମୟ ଲାଗିବ ଏବଂ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଆସନ୍ତା ପାଞ୍ଚ ବର୍ଷ ଭିତରେ ବିଶେଷ କିଛି କରିପାରିବେ ନାହିଁ ବୋଲି ଅନୁମାନ କରାଯାଉଛି । ଏ ଅବସ୍ଥାରେ କେତେକ ଜଣାଶୁଣା ବ୍ୟବସାୟୀ ନିଜ ନିଜ ସମର୍ଥକଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ହାଜର କରାଉଛନ୍ତି ଏବଂ ନିଜ ବ୍ୟବସାୟର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସେମାନେ ସରକାରଙ୍କ ବିରୁଦ୍ଧରେ କାର୍ଯ୍ୟ କରିବାର ଆଶଙ୍କା ନ ଥିବାରୁ ସେଭଳି ଲୋକଙ୍କ କଥା ମୁଖ୍ୟମନ୍ତ୍ରୀ କାନ ପତେଇ ଶୁଣୁଛନ୍ତି ।

ସବୁ ଥର ଭଳି ଏଥର ରାଜ୍ୟ ଯୁବ କଂଗ୍ରେସକୁ କୌଣସି ପ୍ରାଧାନ୍ୟ ଦିଆଯାଇ ନାହିଁ ଏବଂ ଯୁବକଂଗ୍ରେସର ନେତୃବୃନ୍ଦ ମଧ୍ୟ ଏ ନିର୍ବାଚନରେ ବିଶେଷ କିଛି ରାଜନୈତିକ ଫାଇଦା ଉଠାଇବାର ସମ୍ଭାବନା ନାହିଁ । □

କ୍ଷମତା ରହିଛି । ମାତ୍ର ଉଚ୍ଚାଧିକାରୀଙ୍କ ଦଣ୍ଡ ପରିମାଣକୁ ବୃଦ୍ଧି କରିବାର କ୍ଷମତା ନାହିଁ । ସେନାବାହିନୀର ସର୍ବୋଚ୍ଚ ବିଚାରାଳୟ ହେଉଛି ଜେନେରାଲ କୋର୍ଟ ମାର୍ଶାଲ । ସେନାବାହିନୀର ଆଇନାନୁଯାୟୀ ଯେ କୌଣସି ପଦଧାରୀ ସେନା ଅଧିକାରୀଙ୍କର ଯେ କୌଣସି ଦୋଷ ପାଇଁ ଏହା ବିଚାର କରି ପାରିବ । ଉକ୍ତ କୋର୍ଟରେ ଅନ୍ୟୁନ ୫ଜଣ ସଭ୍ୟ ଥାଆନ୍ତି । ଜଜ୍ ଆଡଭୋକେଟ ଆଇନାନୁଯାୟୀ ଜି ସି ଏମ୍‌ରେ ଅଂଶ ଗ୍ରହଣ କରନ୍ତି । ଏଥିରେ ଆସାମୀଙ୍କୁ ବେସାମରିକ ଓକିଲ ନିଯୁକ୍ତ କରିବାର କ୍ଷମତା ଦିଆଯାଇଥାଏ । ଏତଦ୍‌ବ୍ୟତୀତ ଆସାମୀଙ୍କୁ ନିଃଶୁଳ୍କ ଏକ ଡିଫେଣ୍ଡିଂ ଅଫିସରର ସୁବିଧା ପ୍ରଦାନ କରାଯାଇଥାଏ । ଅନ୍ୟ ସବୁ ବ୍ୟବସ୍ଥା ଡି ସି ଏମ୍ ଏବଂ ଜି ସି ଏମ୍ ସହ ସମାନ ଅଟେ ।

ସମସ୍ତ ଜେନେରାଲ କୋର୍ଟ ମାର୍ଶାଲ ଜରୁରୀକାଳୀନ ପ୍ରୟୋଜନୀୟତା କିମ୍ବା ଯେତେବେଳେ ଜି ସି ଏମ୍ ପରିଚାଳନା ପାଇଁ ଯଥେଷ୍ଟ ବ୍ୟକ୍ତି ବିଶେଷଙ୍କ ନିଅଣ୍ଟ ପଡ଼େ ସେତେବେଳେ ଏସ୍ ଜି ସି ଏମ୍‌ର ଡାକରା ହୋଇଥାଏ ।

ଅନ୍ୟାନ୍ୟ ନ୍ୟାୟାଳୟ ପରି ସାମରିକ ଅଦାଲତ ମଧ୍ୟ ସର୍ବସାଧାରଣଙ୍କ ପାଇଁ ଖୋଲା । ଜନସାଧାରଣ ଏବଂ ସାମ୍ବାଦିକମାନେ ଏଥିରେ ଯୋଗ ଦେଇ ପାରିବେ । କୋର୍ଟ ମାର୍ଶାଲ ନିଷ୍ପତ୍ତିଗୁଡ଼ିକ ପୁନର୍ବିଚାର ହୁଏ ତଥା ଆସାମୀଙ୍କୁ ପୁନଶ୍ଚ ଅପିଲ କରିବାର କ୍ଷମତା ଦିଆଯାଇଥିବାରୁ ଏଥିରେ ବିଚାର ନିରପେକ୍ଷ ଓ ନ୍ୟାୟଯୁକ୍ତ ହୋଇଥାଏ । □

କଂଗ୍ରେସ ଦଳ ପକ୍ଷରୁ ପ୍ରାୟ ସାତଲକ୍ଷ ଟଙ୍କା 'ଓଲୁକର' ଆଦାୟ

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

କ୍ଷମତାସୀନ କଂଗ୍ରେସ ଦଳର ପ୍ରାର୍ଥୀ ହେବା ପାଇଁ ବିଭିନ୍ନ ସ୍ତରରେ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିବାରୁ ଏହାର ପୂର୍ଣ୍ଣ ସୁଯୋଗ ନେଇ ଦଳୀୟ କର୍ମକର୍ତ୍ତାମାନେ 'ଓଲୁକର' ଆଦାୟରେ ଲାଗି ପଡ଼ିଛନ୍ତି । ଏହି କର ବାବଦରେ ସ୍ଥାନୀୟ ପି: ସି. ସି ପ୍ରାୟ ସାତ ଲକ୍ଷ ଟଙ୍କା ଆଦାୟ କରିଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ।

ପୂର୍ବ ପରଂପରା ଅନୁଯାୟୀ ପ୍ରତ୍ୟେକ ଆଶାୟୀ ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ ପାଇବାପାଇଁ ସାଧାରଣ ଭାବେ ଦରଖାସ୍ତ କରି ଏହା ସହିତ ୫୦୦ ଟଙ୍କା ଦାଖଲ କରିବାକୁ ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଅମାନତ ସ୍ୱରୂପ ଦାଖଲ ହେଉଥିବା ଟଙ୍କା, ଟିକେଟ ନ ପାଇବା ପ୍ରାର୍ଥୀଙ୍କୁ ଆଉ ଫେରାଇ ଦିଆଯିବା ବ୍ୟବସ୍ଥା ନାହିଁ । ଦରଖାସ୍ତ ଆହ୍ୱାନ କରାଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାୟ ସବୁ ସ୍ଥାନ ପାଇଁ ମନେ ମନେ ପ୍ରାର୍ଥୀ ମନୋନୟନ ସାରି ଦେଇଥିଲେ ମଧ୍ୟ ସାଧାରଣ କର୍ମୀଙ୍କୁ ଆଶ୍ୱାସନା ଦେବା ଏବଂ ଭୁଆଁ ବୁଲାଇବା ପାଇଁ ଏଭଳି କୌଶଳ ଅବଲମ୍ବନ କରିଛନ୍ତି । ରାଜନୀତିରେ ଦୀର୍ଘକାଳ ଧରି ସଂପୃକ୍ତ ଥିବା ଲୋକଙ୍କ ସାଙ୍ଗକୁ ସାଧାରଣ ଜୀବନରେ ଆଦୌ ନଥିବା ଲୋକେ ମଧ୍ୟ କଂଗ୍ରେସ ଦଳକୁ ଟିକେଟ ପାଇବା ପାଇଁ ଦରଖାସ୍ତ କରିଥିବା ବିଶେଷ ଉଲ୍ଲେଖ ଯୋଗ୍ୟ । ନିର୍ମଳ ଭାବମୂର୍ତ୍ତି ଥିବା ବ୍ୟକ୍ତିମାନଙ୍କୁ ଟିକେଟ ଦିଆଯିବ ବୋଲି କେନ୍ଦ୍ର କଂଗ୍ରେସ କର୍ତ୍ତୃପକ୍ଷ ଘୋଷଣା କରିବା ପରେ ବିଭିନ୍ନ ବୃତ୍ତିଧାରୀମାନେ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଦରଖାସ୍ତ କରିବାକୁ ଆଗ୍ରହାନ୍ୱିତ ହୋଇଉଠିଥିବା ପରିଲକ୍ଷିତ ହେଉଛି । □

Images: Aptakama Mishra, Processing: Srujanika

ସମୃଦ୍ଧିର ପାଞ୍ଚ ବର୍ଷ

ବର୍ତ୍ତମାନର ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସମର୍ପିତ କର୍ମତତ୍ପରତା ଯୋଗୁଁ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପ୍ରଗତି ହାସଲ ହୋଇପାରିଛି । ରାଜ୍ୟରେ ଈପ୍‌ସିତ ଶିଳ୍ପ ବାତାବରଣ ସୃଷ୍ଟି ହୋଇଛି । କୃଷି କ୍ଷେତ୍ରରେ ଥିବା ସ୍ଥାଣୁତ୍ୱ ଦୂର ହୋଇଛି । ଓଡ଼ିଶାକୁ ଦାରିଦ୍ର୍ୟ, ନିଷ୍କ୍ରିୟତା ଓ ଅବହେଳିତ ଅବସ୍ଥାରୁ ମୁକ୍ତ କରି ଅନ୍ୟାନ୍ୟ ପ୍ରଗତିଶୀଳ ରାଜ୍ୟମାନଙ୍କ ସଙ୍ଗେ ସମକକ୍ଷ କରାଇବା ପାଇଁ ବର୍ତ୍ତମାନର ସରକାର ସଂକଳ୍ପବଦ୍ଧ ।

- ଓଡ଼ିଶାର ଖାଦ୍ୟଶସ୍ୟ ଉତ୍ପାଦନ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଶତକଡ଼ା ୨୫ ଭାଗ ବୃଦ୍ଧି ଲାଭ କରିଛି । ଚିନାବାଦାମ ଉତ୍ପାଦନରେ ଓଡ଼ିଶାର ହେକ୍ଟର ପିଛା ଉତ୍ପାଦନ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି ।
- ପ୍ରାୟ ଦଶ ଲକ୍ଷ ଏକରରୁ ଅଧିକ ଜମିରେ ଜଳସେଚନର ବ୍ୟବସ୍ଥା କରାଯାଇ ପାରିଛି ।
- ନାଲ୍‌କୋ ଆଲୁମିନିୟମ୍ କାରଖାନା, ବଲାଙ୍ଗୀରରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାରଖାନା, ଗୋପାଳପୁରଠାରେ ପ୍ରତିରକ୍ଷା ତାଲିମ୍ କେନ୍ଦ୍ର, ତାଳଚେର-ସମ୍ବଲପୁର ରେଳପଥ, ସମ୍ବଲପୁରଠାରେ ଓଡ଼ିଶାର ଦ୍ୱିତୀୟ ରେଳବାଇ ଡିଭିଜନ ପ୍ରତିଷ୍ଠା, ଭୁବନେଶ୍ୱରରେ ରେଳବାଇ ସର୍ଭିସ୍ କମିଶନ କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଓଡ଼ିଶାର ପ୍ରଗତି ପଥରେ ଏକ ଏକ ମାଇଲ ଖୁଣ୍ଟ ।
- ଶାରୀରିକ ଅକ୍ଷମ ଲୋକଙ୍କ ପାଇଁ ଚାକିରୀରେ ଶତକଡ଼ା ତିନି ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି । ଏକ ନୂତନ ପେନ୍‌ସନ ଯୋଜନା ଜରିଆରେ ଚଳିତ ବର୍ଷ ଦଶ ହଜାର ବିକଳାଙ୍ଗଙ୍କୁ ପେନ୍‌ସନ ଦିଆଯାଇଛି ।
- କ୍ରୀଡ଼ାର ବିକାଶ ପାଇଁ ବହୁ ନୂତନ ଷ୍ଟାଡ଼ିୟମ୍ ନିର୍ମାଣ ଓ ଖେଳାଳୀମାନଙ୍କ ତାଲିମ ବ୍ୟବସ୍ଥା କରାଯାଇଛି । ସାହିତ୍ୟିକ, କଳାକାର, କ୍ରୀଡ଼ାବିତ୍‌ମାନଙ୍କୁ ବହୁ ଅଧିକ ସଂଖ୍ୟାରେ ପେନ୍‌ସନ ଦିଆଯାଇଛି ।

ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବା ପାଇଁ
ଆସନ୍ତୁ
ସମସ୍ତେ ମିଳିମିଶି କାମ କରିବା ।

ସୂଚନା ଓ ଲୋକ ସଂପର୍କ ବିଭାଗ
ଓଡ଼ିଶା ସରକାର

Images: Aptakama Mishra, Processing: Srujanika

ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ

ଗୋଟିଏ କିମ୍ବା ଦୁଇଟି ସନ୍ତାନ ପରେ ଗର୍ଭନିରୋଧ ଅସ୍ତ୍ରୋପଚାର କରାଇଲେ ଆପଣ ସବୁଜ ପତ୍ରିକାର ଅଧିକାରୀ ହୋଇପାରିବେ ଓ ଏହି ସବୁଜ ପତ୍ରିକା ବଳରେ ନିଜ ପାଇଁ ତଥା ନିଜ ପରିବାର ପାଇଁ ନିମ୍ନଲିଖିତ ସୁବିଧା ସୁଯୋଗ ହାସଲ କରିପାରିବେ ।

* ୧ ରାଜ୍ୟ ସରକାର କିମ୍ବା ଗୃହନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଗୃହଗୁଡ଼ିକ ମଧ୍ୟରୁ ଶତକଡ଼ା ୫ ଟି ଗୃହ ଏଭଳି ପରିବାରକୁ ଯୋଗାଇ ଦିଆଯିବ ।

* ୨ ଘରଡିହ ନଥିବା ଏଭଳି ପରିବାରକୁ ପ୍ରଚଳିତ ୪ ଡେସିମିଲ ପରିବର୍ତ୍ତେ ୮ ଡେସିମିଲ ଭୂମି ଉଚିତ ମୂଲ୍ୟରେ ଯୋଗାଇ ଦିଆଯିବ ।

* ୩ ନିମ୍ନ ଆୟ ବା ମଧ୍ୟମ ଆୟ ଗୋଷ୍ଠୀର ଲୋକମାନଙ୍କୁ ଦିଆଯାଉଥିବା ଗୃହନିର୍ମାଣ ଋଣରୁ ଶତକଡ଼ା ୫ ଭାଗ ଏ ଧରଣର ପରିବାର ପାଇଁ ସଂରକ୍ଷିତ ରହିବ ।

* ୪ ମେଡ଼ିକାଲ, ଇଞ୍ଜିନିୟରିଂ, ପଲିଟେକନିକ ଓ ଆଇ. ଟି. ଆଇ ପ୍ରଭୃତି ଶିକ୍ଷାନୁଷ୍ଠାନମାନଙ୍କର ଶତକଡ଼ା ୫ ଭାଗ ସ୍ଥାନ ଏପରି ପରିବାରର ପିଲାଙ୍କପାଇଁ ସଂରକ୍ଷିତ ରହିବ ।

* ୫ ଏହି ପରିବାରର ସ୍ୱାମୀ କିମ୍ବା ସ୍ତ୍ରୀ ସରକାରୀ କର୍ମଚାରୀ ହୋଇଥିଲେ, ତାଙ୍କ ଦରମାରେ ଅଗ୍ରୀମ ଦୁଇଟି ଇନକ୍ରିମେଣ୍ଟ ପାଇବେ ।

* ୬ ସବୁଜ ପତ୍ରିକାଧାରୀମାନଙ୍କ ପାଇଁ ଦଶ ହଜାର ଟଙ୍କାର ଏକ ବାର୍ଷିକ ଲଟେରୀର ସୁଯୋଗ ଅସ୍ତ୍ରୋପଚାର ହେବାଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ ।

ଏ ବିଷୟରେ ଅଧିକ ଜାଣିବାକୁ ଚାହିଁଲେ ନିକଟସ୍ଥ ପରିବାର କଲ୍ୟାଣ କେନ୍ଦ୍ରରେ ପରାମର୍ଶ କରନ୍ତୁ ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

Images: Aptakama Mishra, Processing: Srujanika

ରଣଜୀ ଟ୍ରଫିର ଅର୍ଦ୍ଧଶତାବ୍ଦି

ବର୍ତ୍ତମାନ ରଣଜୀଟ୍ରଫି ନାମରେ ଖ୍ୟାତ ପ୍ରତିଯୋଗିତା ଜାତୀୟ ଚମ୍ପିଆନସିପ୍ ପ୍ରତିଯୋଗିତାରୂପେ ୧୯୩୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ଅବସ୍ଥାରେ ବିଶ୍ୱ ବିଖ୍ୟାତ ଭାରତୀୟ କ୍ରିକେଟ ଖେଳାଳୀ ଶ୍ରୀ ରଣଜିତ ସିଂହଙ୍କ ନାମରେ ଏହାକୁ ନାମିତ କରାଗଲା । ସେତେବେଳେ ସେ ଇଂଲଣ୍ଡ ଟିମ୍‌ରେ ଖେଳ ଅଷ୍ଟ୍ରେଲିଆ ବିରୁଦ୍ଧରେ ଏକ ଶତକ ସ୍କୋର କରି ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ ।

ଭାରତରେ ଟେଷ୍ଟ କ୍ରିକେଟ ୧୯୩୨ ମସିହାରୁ ଆରମ୍ଭ ହୋଇଥିଲେ ବି ସେତେବେଳେ ଜାତୀୟ ସ୍ତରରେ କୌଣସି ପ୍ରତିଯୋଗିତା ଅନୁଷ୍ଠିତ ହେଉ-ନ ଥିଲା । କିନ୍ତୁ ୧୯୩୪ରେ ରଣଜୀଟ୍ରଫି ଆରମ୍ଭ ହେବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଖେଳାଳୀମାନଙ୍କ କୃତିତ୍ୱକୁ ସମୀକ୍ଷା କରି ଜାତୀୟ ଦଳ ପାଇଁ ଖେଳାଳୀ ବାଛିବା ଆରମ୍ଭ ହେଲା ଏବଂ ଏହି ବ୍ୟବସ୍ଥା ୧୯୭୦ ମସିହା ପର୍ଯ୍ୟନ୍ତ ବଳବତ୍ତର ଥିଲା । ଏହା ପରେ ଇଣ୍ଟରଜୋନାଲ ଦୁଲିପଟ୍ରଫି ଓ ଇରାନିଟ୍ରଫି ମ୍ୟାଚକୁ ମଧ୍ୟ ଜାତୀୟ ଖେଳାଳୀ ମନୋନୟନ ପାଇଁ ବିଚାରକୁ ନିଆଗଲା ।

ନୱାନଗରର ଜାମସାହେବ କୁମାର ଶ୍ରୀ ରଣଜୀତ ସିଂହଜୀ ହେଉଛନ୍ତି ପ୍ରଥମ ଭାରତୀୟ ଟେଷ୍ଟ କ୍ରିକେଟଆର ଯେ କି ଅଷ୍ଟ୍ରେଲିଆ ବିରୁଦ୍ଧରେ ୧୫ଟି ଟେଷ୍ଟରେ ୧୮୯୬ରୁ ୧୯୦୨ ମଧ୍ୟରେ ଇଂଲଣ୍ଡର ପ୍ରତିନିଧିତ୍ୱ କରିବାର ଗୌରବ ଅର୍ଜ୍ଜନ କରିଥିଲେ । ଭାରତୀୟମାନେ ତାଙ୍କର ପ୍ରଥମ ଟେଷ୍ଟ ଖେଳିଲା ବେଳକୁ ରଣଜୀଙ୍କ ବୟସ ହୋଇଥିଲା ୬୦ ଏବଂ ୧୯୩୩ ମସିହା ଅପ୍ରେଲ ଦୁଇ ତାରିଖରେ ୬୧ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ ।

୧୯୩୩-୩୪ ମସିହାରେ ଏମ୍: ସି: ସି: ଟିମ୍ ଡଗଲାସ ଜାରଡାଇନଙ୍କ ଅଧିନାୟକତ୍ୱରେ ଦ୍ୱିତୀୟ ଥର ଭାରତକୁ ଆସିବା ପରେ ଆମ ଦେଶରେ ଜାତୀୟ ସ୍ତରରେ ଟୁର୍ଣ୍ଣାମେଣ୍ଟ କରାଯିବା ଆବଶ୍ୟକ ବୋଲି ଭାରତୀୟ କ୍ରିକେଟବୋର୍ଡ଼ ହୃଦୟଙ୍ଗମ କଲେ । ଏହି ଧାରଣାରୁ ୧୯୩୪ ମସିହାରେ ଇଣ୍ଡିଆନ୍ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ର ଏକ ବୈଠକ ସିମଳାଠାରେ ବସିଥିବା ବେଳେ ରଣଜୀଟ୍ରଫି ଜନ୍ମ ନେଲା ।

ଜାନୁଆରି ୧୦ ତାରିଖରେ ପଶ୍ଚିମାଞ୍ଚଳ ରଣଜୀ ଟ୍ରଫି ଲିଗରେ ବମ୍ବେ ଓ ବରୋଦା ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ରବି ଶାସ୍ତ୍ରୀ ଗୋଟିଏ ଓଭରର ୬ଟି ବଲରେ ୬ଟି ଛକା ମାରି ବିଶ୍ୱର ରେକର୍ଡ଼ ସହିତ ସମାନ କୃତିତ୍ୱ ପ୍ରଦର୍ଶନ କରିଥିଲେ । ଅଧିକନ୍ତୁ ଦୁଇଟି ଶତକ ଲାଭ କରିବାର ଗୌରବ ମଧ୍ୟ ଭାରତୀୟଖେଳାଳୀମାନେ ରଣଜୀଟ୍ରଫିର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ହାସଲ କରିଛନ୍ତି ।

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୮ ୪୯ ମସିହାରେ ଆଞ୍ଚଳିକ ମ୍ୟାଚ ପ୍ରଥା ପରିହାର କରାଯାଇ ଓପନ୍ ଡ୍ର ସିଷ୍ଟମ୍‌ର ପ୍ରବର୍ତ୍ତନ କରାଗଲା । କିନ୍ତୁ ବିଭିନ୍ନ ରାଜ୍ୟର ପୁନର୍ଗଠନ ପରେ ଏହି ବ୍ୟବସ୍ଥାକୁ ମଧ୍ୟ ପରିହାର କରାଗଲା ।

୧୯୫୭-୫୮'ରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଲିଗ୍ ବ୍ୟବସ୍ଥା ପ୍ରବର୍ତ୍ତନ କରାଗଲା ଏବଂ ସମଗ୍ର ଦେଶକୁ ୫ଟି ଅଞ୍ଚଳରେ ବିଭକ୍ତ କରାଗଲା । ଜୋନାଲ ଲିଗ୍‌ର ବିଜେତାମାନେ ପରେ ନକ୍‌ଆଉଟ କମ୍ପିଟିସନରେ ଭାଗନେଲେ । ୧୯୫୮ ମସିହାରୁ ଏହି କମ୍ପିଟିସନ୍‌ରେ ବିନା ଖେଳରେ ପରାଜୟ ବରଣକୁ ବାରଣ କରାଗଲା ।

ଅଧିକନ୍ତୁ ଯେଉଁ ଟିମ୍ ପ୍ରତିଘଣ୍ଟାରେ ହାରାହାରି ୫୦ ରନ୍ କରିଥିବ ତାକୁ ବୋନସ୍ ପଏଣ୍ଟ ଦେବା ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଥିଲା । କିନ୍ତୁ ୧୯୫୮-୫୯ ମସିହାରେ ଏହି ବୋନସ୍ ପଏଣ୍ଟ ରୁଲର ପରିବର୍ତ୍ତନ କରାଯାଇ କୌଣସି ଟିମ ହାରାହାରି ପ୍ରତି ଓଭରର ପିଛା ତିନି ରନ କଲେ ତାକୁ ବୋନସ୍ ଦେବାର ବ୍ୟବସ୍ଥା ହେଲା ।

ଭାରତରେ ଯେତେବେଳେ ଲିଗ୍ ବ୍ୟବସ୍ଥା ପ୍ରଚଳିତ ହେଲା ସେତେବେଳେ କେବଳ ଉତ୍ତରାଞ୍ଚଳ ଛଡ଼ା ଅନ୍ୟ ସବୁ ଅଞ୍ଚଳ ନିଜ ନିଜର ପ୍ରତିଯୋଗିତା ପାଇଁ ଟ୍ରଫିର ପ୍ରବର୍ତ୍ତନ କରିଥିଲେ । ତାହା ହେଲା—ସେଣ୍ଟ୍ରାଲ ଜୋନ୍-ଅଂଶ ଗ୍ରହଣ କାରୀ ଦଳ ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ବିଦର୍ଭ ଏବଂ ରେଲୱେ । ଉଦୟପୁରର ମହାରଣା ଭଗବତ ସିଂହ ମେୱାର ଟ୍ରଫି ଏଥି ନିମନ୍ତେ ଦାନ କରିଛନ୍ତି ।

ଉତ୍ତରାଞ୍ଚଳ—ଟ୍ରଫି ନାହିଁ । ଦଳ ଗୁଡ଼ିକର ନାମ ହେଲା ଦିଲ୍ଲୀ, ପଞ୍ଜାବ, ହରିଆନା, ସର୍ଭିସେସ ଏବଂ ଜାମ୍ମୁ ଓ କାଶ୍ମୀର ।

ପୂର୍ବାଞ୍ଚଳ—କ୍ରିକେଟ ଆସୋସିଏସନ୍ ଅଫ୍ ବେଙ୍ଗଲ ଦ୍ୱାରା ପ୍ରଦତ୍ତ ମୋନା ମିତ୍ରର ମେମୋରିଆଲ ଚାଲେଞ୍ଜ ଟ୍ରଫି । ଅଂଶ ଗ୍ରହଣକାରୀ ଦଳ ସମୂହ ହେଲେ ବେଙ୍ଗଲ, ବିହାର, ଓଡ଼ିଶା ଓ ଆସାମ ।

ଦକ୍ଷିଣାଞ୍ଚଳ-ତାମିଲନାଡ଼ୁ କ୍ରିକେଟ ଆସୋସିଏସନ୍ ଦ୍ୱାରା ପ୍ରଦତ୍ତ ଏମ୍: ଡି. ସୁନ୍ଦରରାଜନ ଟ୍ରଫି । ଅଂଶ ଗ୍ରହଣକାରୀ ଦଳଗୁଡ଼ିକ ହେଲେ ତାମିଲନାଡୁ, କର୍ଣ୍ଣାଟକ, ହାଇଦ୍ରାବାଦ, ଆନ୍ଧ୍ର ପ୍ରଦେଶ ଓ କେରଳ ।

ପଶ୍ଚିମାଞ୍ଚଳ—ଡାଲମ ଟ୍ରଫି । ଏହା ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ୍ ଦ୍ୱାରା ପ୍ରଦତ୍ତ । ଅଂଶ ଗ୍ରହଣକାରୀ ଦଳଗୁଡ଼ିକ ହେଲେ ମହାରାଷ୍ଟ୍ର, ବମ୍ବେ, ଗୁଜରାଟ, ବରୋଦା ଓ ସୌରାଷ୍ଟ୍ର ।

ଏହା ଛଡ଼ା ନ୍ୟାସନାଲ ଚମ୍ପିଆନ୍‌ସିପ୍ ରନର୍ସଅପ୍ ଟ୍ରଫି ଇଣ୍ଡିଆନ ଟବାକୋ କମ୍ପାନୀ ଦ୍ୱାରା ପ୍ରଦତ୍ତ ହେଉଅଛି ।

Images: Aptakama Mishra, Processing: Srujanika

ଜନତାଦଳ ପକ୍ଷରୁ ସମସ୍ତଙ୍କ ସହ ସାଲିସ୍ କରିବାକୁ ଉଦ୍ୟମ

କେବଳ କମ୍ୟୁନିଷ୍ଟମାନେ ଅଧିକ ସ୍ଥାନ ନେବାକୁ ଜିଦ୍ ଧରିଛନ୍ତି

ଓଡ଼ିଶା ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳର ପ୍ରଭାବକୁ ପ୍ରତିହତ କରିବା ନିମନ୍ତେ ସବୁ ଗୋଷ୍ଠୀ ଓ ଦଳର ସମର୍ଥନ ଲୋଡ଼ିବାକୁ ଜନତା ନେତା ଶ୍ରୀ ବିଜୁ ପଟ୍ଟନାୟକ ପ୍ରବଳ ଉଦ୍ୟମ ଆରମ୍ଭ କରିଦେଇଛନ୍ତି ।

ଜନତା ଦଳର ବେତେକ ବିଧାୟକ ବରିଷ୍ଠ ନେତାମାନେ ରାଜନୀତିରୁ ଅବସର ଗ୍ରହଣ କରି ତରୁଣ ମାନଙ୍କୁ ନେତୃତ୍ୱ ଗ୍ରହଣ କରାଯାଉ ବୋଲି ଦାବୀ କରିବା ପଛରେ ପ୍ରକୃତରେ ଯେଉଁ ମାନେ କାର୍ଯ୍ୟ କରୁଛନ୍ତି ତାହା ସ୍ପଷ୍ଟ ଭାବେ ସେମାନଙ୍କୁ ବାହାରକୁ ଜଣାପଡ଼ୁ ନ ଥିଲେ ମଧ୍ୟ ଜାତୀୟ ସ୍ତରରେ ବିଜୁ ବାବୁଙ୍କ ଦଳ ପକ୍ଷରୁ ଅଧିକ କ୍ଷମତା ଦିଆଯିବା ସମ୍ପର୍କରେ ଏହା ଏକ ପରୋକ୍ଷ ଦାବୀ ବୋଲି ପର୍ଯ୍ୟବେକ୍ଷକମାନେ ଗ୍ରହଣ କରିନେଇଛନ୍ତି । କିନ୍ତୁ ଓଡ଼ିଶାର ଜନତା ବିଧାୟକମାନଙ୍କ ଧ୍ୱନି ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ ।

ଇତିମଧ୍ୟରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇ ଯିବାରୁ ଓଡ଼ିଶାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିରୁଦ୍ଧରେ କେବଳ ଗୋଟିଏ ପ୍ରାର୍ଥୀ ଛିଡ଼ା କରାଇବା ପାଇଁ ବିଜୁ ବାବୁଙ୍କ ପକ୍ଷରୁ ସକ୍ରିୟ ଉଦ୍ୟମ ଆରମ୍ଭ ହୋଇଛି । ତାଙ୍କୁ ଏହି ନିର୍ବାଚନରେ ମଧ୍ୟ କିଛି ଆର୍ଥିକ ସହାୟତା ଦେବାକୁ ଓଡ଼ିଶାର ଜଣେ ବିଖ୍ୟାତ ଶାଳ ମଞ୍ଜି ବେପାରୀ ସ୍ୱୀକୃତ ଦେଇଛନ୍ତି ।

ଶାଳମଞ୍ଜି କାରବାରର ଜାତୀୟକରଣ ହେବା ପରେ ଉକ୍ତ ବ୍ୟବସାୟୀ ଜଣଙ୍କର ପ୍ରଚୁର କ୍ଷତି ହୋଇ ଥିବାରୁ ରାଜ୍ୟ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେ ସମସ୍ତ ଉଦ୍ୟମର ସହଯୋଗ କରୁଥିବା ପରିଲକ୍ଷିତ ହେଉଛି ।

ଅପର ପକ୍ଷରେ କଂଗ୍ରେସ ସରକାର ଅମଳରେ ବିଭିନ୍ନ ଦରରୁ ଉପକୃତ ହୋଇଥିବା ବହୁ ବ୍ୟବସାୟୀ ଓ କଣ୍ଟ୍ରାକ୍ଟର ମଧ୍ୟ କଂଗ୍ରେସ ପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥିବା ଦେଖାଯାଉଛି ।

ଶ୍ରୀ ବିଜୁ ପଟ୍ଟନାୟକଙ୍କ ପକ୍ଷରୁ ଗତ ଲୋକସଭା ନିର୍ବାଚନ ବେଳେ ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ଶ୍ରୀ ପ୍ରଦ୍ୟୁମ୍ନ ବଲଙ୍କ ସମ୍ପର୍କରେ ଯେଉଁ ଅନମନୀୟ ମନୋଭାବ ଗ୍ରହଣ କରାଯାଇଥିଲା ସେଥିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲେ ବି ଉଭୟଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ଆସିଲେ ତାଙ୍କୁ ଭଲ ଭାବେ ବିଚାର କରାଯିବ ବୋଲି ସ୍ଥିର ହୋଇଛି । କିନ୍ତୁ କମ୍ୟୁନିଷ୍ଟ (ମାର୍କସ୍) ପନ୍ଥୀ, ଭାରତୀୟ ଜନତା ପାର୍ଟି ଓ ଡା. ଏମ୍. କେ. ପି ଆଦି ସହିତ ସାମୟିକ ରାଜନୈତିକ ଚର୍ଚ୍ଚା ଚାଲିଛି । ଉପରୋକ୍ତ ଦଳ ମାନଙ୍କ ପକ୍ଷରୁ ଗତ ନିର୍ବାଚନରେ ବିଜୁ ବାବୁଙ୍କ ସମ୍ପର୍କରେ ଯେପରି କଠୋର ମନୋଭାବ ନିଆଯାଇଥିଲା ତାହା ପରିହାର କରାଯାଇଛି ଏବଂ ସେମାନେ ବାସ୍ତବତାକୁ ହୃଦୟଙ୍ଗମ କରୁଥିବା ପରିଲକ୍ଷିତ ହେଉଛି ।

ଏ ଅବସ୍ଥାରେ କଂଗ୍ରେସ ବିରୁଦ୍ଧରେ ଜନତା ଦଳ ନେତୃତ୍ୱରେ ସବୁ ସ୍ଥାନରେ ସିଧା ସଳଖ ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି । କିନ୍ତୁ କମ୍ୟୁନିଷ୍ଟ ଦଳ ପକ୍ଷରୁ ଏହି ନିର୍ବାଚନରେ ପୂର୍ବାପେକ୍ଷା ଅଧିକ ସ୍ଥାନରେ ପ୍ରାର୍ଥୀ ଛିଡ଼ା କରାଇବା ପାଇଁ ପ୍ରବଳ ଚାପ ଦିଆଯାଉଥିବାରୁ ଟିକିଏ ଅସୁବିଧା ସୃଷ୍ଟି ହୋଇଛି । □

ଇଣ୍ଡିଆନ୍ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ଼ ଭାରତୀୟ ବ୍ୟାଟସମ୍ୟାନମାନଙ୍କୁ ପେସ ବୋଲରମାନଙ୍କ ବିରୁଦ୍ଧରେ ଖେଳିବାର ଅଭ୍ୟାସ ପାଇଁ ଚାରି ଜଣ ୱେଷ୍ଟ ଇଣ୍ଡିଆନ୍ ପେସ୍ ବୋଲରଙ୍କୁ ନିମନ୍ତ୍ରଣ ସେମାନଙ୍କୁ ବମ୍ବେ, କଲିକତା, ମାଡ୍ରାଜ ଓ ଦିଲ୍ଲୀରେ ନିଯୋଗ କରିଥିଲେ । ସେ ଚାରି ଜଣ ପେସ୍ ବୋଲରଙ୍କ ନାମ ହେଲା ଷ୍ଟେଫୁରସ୍, କିଙ୍ଗ, ଗିଲକ୍ରିଷ୍ଟ ଓ ଓ ଟେସନ । ନିଜ ନିଜ ଆସୋସିଏସନ୍ ପାଇଁ ରଣଜୀ ଟ୍ରଫିରେ ଖେଳିବା ନିମନ୍ତେ ୧୯୬୨–୬୩ରେ ରଣଜୀ ଟ୍ରଫି ରୁଲରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥାର ମଧ୍ୟ ପ୍ରବର୍ତ୍ତନ କରାଯାଇଥିଲା । □

ଡ଼ଃ ଆଇ. ସି କରିଆରେ ୨୫ ହଜାର ଟଙ୍କିଆ ଲୋନ୍

ଏହା ପାଇବାକୁ ୨ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡ଼ୁଥିବା ଅଭିଯୋଗ

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଗ୍ରାମାଞ୍ଚଳରେ ଶିକ୍ଷିତ ବ୍ୟକ୍ତିଙ୍କ ଅସ୍ଥାୟୀ ନିଯୁକ୍ତି ଯୋଜନାରେ ୨୫ ହଜାର ଟଙ୍କା ଋଣ ଦେବା ପାଇଁ ଯେଉଁ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି ସେଥିରେ ଡ଼. ଆଇ ସିର କେତେକ ଅଫିସର ବିଶେଷ ଭାବେ ଲିପ୍ତ ହୋଇଥିବା ଅନୁସନ୍ଧାନରୁ ଜଣାଯାଇଛି ।

ଏହି ଋଣ ମଞ୍ଜୁର କରିବା ପାଇଁ ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ବିଧାୟକ ଓ ଅନ୍ୟମାନଙ୍କୁ ନେଇ କମିଟୀ ଗଠନ କରାଯାଇଥିଲା ଏବଂ ଏହି କମିଟୀର ସୁପାରିଶ କ୍ରମେ ସଂପୃକ୍ତ ପ୍ରାର୍ଥୀଙ୍କୁ ଋଣ ମଞ୍ଜୁର କରାଯାଇଥାଏ । ଏହି କ୍ଷେତ୍ରରେ ଯେଉଁ ପ୍ରାର୍ଥୀଙ୍କ ପଛରେ ଦୃଢ଼ ରାଜନୈତିକ ସମର୍ଥନ ନ ରହୁଛି ସେମାନେ ଡ଼. ଆଇ. ସିରେ ଲାଞ୍ଚ ନ ଦେଲେ ଋଣ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି ।

ଅନ୍ୟ ପକ୍ଷରେ କୌଣସି ରାଜନୈତିକ ନେତାଙ୍କ ଆଶ୍ରୟ ନ ନେଇ ମଧ୍ୟ ଡ଼ି ଆଇ ସି କର୍ମଚାରୀଙ୍କ ଭିତରୁ ଜଣଙ୍କୁ ଧରି ଦୋଇ ହଜାର ଟଙ୍କା ଖର୍ଚ୍ଚ କରି ସଂପୃକ୍ତ ବ୍ୟକ୍ତି ଏହି ଋଣ ପାଇ ଯାଉଛନ୍ତି ।

ଲୋକସଭା ନିର୍ବାଚନ ପୂର୍ବରୁ ଏହି ଋଣ ମଞ୍ଜୁରୀରେ ଦୁର୍ନୀତିର ମାତ୍ରା ଅତ୍ୟଧିକ ଭାବେ ବୃଦ୍ଧି ପାଇଥିଲା ଏବଂ ବିଧାନସଭା ନିର୍ବାଚନ ପୂର୍ବରୁ ମଧ୍ୟ ଏହାର ପୁନରାବୃତ୍ତି ଘଟିବାର ଆଶଙ୍କା ରହିଛି ।

ଋଣ ନେଉଥିବା ବ୍ୟକ୍ତିମାନେ ଏହାକୁ ଆଉ ଶୁଝିବାକୁ ପଡ଼ିବ ନାହିଁ ବୋଲି ଧରି ନେଇ କାର୍ଯ୍ୟ କରୁଥିବାରୁ ଏହା କେତେକ ମହଲରେ ଘୋର ଚିନ୍ତାର କାରଣ ହୋଇଛି । □

Images: Aptakama Mishra, Processing: Srujanika

ହତଭାଗ୍ୟ ରବି ରାୟ

ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରବିରାୟ ଏହାକୁ ମିଶାଇ କ୍ରମାଗତ ତିନିଥର ଲୋକସଭା ନିର୍ବାଚନରେ ପରାସ୍ତ ହୋଇଥିବାରୁ ତାଙ୍କ ମହଲରେ ଘୋର ନୈରାଶ୍ୟ ଓ ହତାଶା ସୃଷ୍ଟି ହୋଇଛି । କିନ୍ତୁ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ଉଭୟ ପ୍ରାର୍ଥୀଙ୍କ ମଧ୍ୟରେ ଯେପରି ପ୍ରତିଦ୍ୱନ୍ଦ୍ୱିତା ହେଲା ସେଥିରେ ଜନମତ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରାର୍ଥୀଙ୍କ ସମର୍ଥନ ବା ବିରୋଧ କରିଛି ବୋଲି କୁହାଯାଇ ପାରିବ ନାହିଁ ।

ଅତୀତରେ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀରେ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଓ ସୁରେନ୍ଦ୍ର ଦ୍ୱିବେଦୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇ ଶ୍ରୀ ଦ୍ୱିବେଦୀ ମାତ୍ର ୭୭ ଭୋଟରେ ଜୟଯୁକ୍ତ ହୋଇଥିଲେ ଏବଂ ଏହି ନିର୍ବାଚନ ବିରୁଦ୍ଧରେ ଶ୍ରୀ ମହାନ୍ତି ଅଦାଲତର ଆଶ୍ରୟ ନେଇଥିଲେ ମଧ୍ୟ ଅବଶେଷରେ ଅଦାଲତ ଶ୍ରୀ ଦ୍ୱିବେଦୀଙ୍କ ନିର୍ବାଚନ କାଏମ ରଖିଥିଲେ ।

ଚଳିତ ଲୋକସଭା ନିର୍ବାଚନରେ ଶ୍ରୀ ରାୟ ମଧ୍ୟ ଶ୍ରୀଯୁକ୍ତ ମଲ୍ଲିକଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେଇଛନ୍ତି ।

ଜଗତସିଂହପୁର ନିର୍ବାଚନମଣ୍ଡଳୀ ଏକ ସାଧାରଣ ସ୍ଥାନ ହୋଇଥିଲେ ମଧ୍ୟ କଂଗ୍ରେସ ପକ୍ଷରୁ ଶ୍ରୀ ଲକ୍ଷ୍ମଣ ମଲ୍ଲିକ (ଜଣେ ହରିଜନ)ଙ୍କୁ ୧୯୮୦ ମସିହାରେ ପ୍ରାର୍ଥୀ କରାଯାଇଥିଲା ଏବଂ ଲୋକସଭାକୁ ନିର୍ବାଚିତ ହେବା ପରେ ସେ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳର ହରିଜନ ଲୋକଙ୍କୁ ବୁଝିବାରେ ଆନ୍ତରିକତା ପ୍ରଦର୍ଶନ କରି ନାହାନ୍ତି ବୋଲି ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା ।

ଅପର ପକ୍ଷରେ ଶ୍ରୀ ରାୟ ଗତ ନିର୍ବାଚନରେ ହାରିବା ପରେ ସେଠାରେ ଅକ୍ଲାନ୍ତ ପରିଶ୍ରମ କରି ସମସ୍ତଙ୍କ ସହ ସମ୍ପର୍କ ରଖିଥିବାରୁ ନିଜେ ସେ ନିର୍ବାଚିତ ହେବେ ବୋଲି ସୁନିଶ୍ଚିତ ଧରି ନେଇଥିଲେ । ଅଧିକନ୍ତୁ ଏଥର ଜନତା ଦଳ ମଧ୍ୟ ଲୋକଙ୍କ ମଧ୍ୟରେ କାର୍ଯ୍ୟ କରୁଥିବା ନିର୍ବାଚନ ବେଳେ ଜଣା ପଡୁଥିଲା । ସେ ଦୃଷ୍ଟିରୁ ସେଠାରେ ନିର୍ବାଚନ ଅତି ତୀବ୍ର ଆକାର ଧାରଣ କରିଥିଲା । କିନ୍ତୁ ଜନତା ଦଳକୁ କମ୍ୟୁନିଷ୍ଟ ଦଳ ସାହାଯ୍ୟ କରିବ ବୋଲି ସ୍ୱୀକୃତି ଦେଇଥିଲେ ମଧ୍ୟ କାର୍ଯ୍ୟତଃ ପାରଂପରିକ ସୂତ୍ରରେ ସେମାନେ ଶାସକ ଦଳକୁ ସମର୍ଥନ କରିଥିଲେ । ଫଳରେ କାକଟପୁର, ଜମାପଡ଼ା ଏବଂ ପାରାଦୀପ ଅଞ୍ଚଳରୁ ଶ୍ରୀ ରାୟ କେତେ ହଜାରରେ ସମର୍ଥନ ପାଇବା କଥା ତାହା ପାଇ ପାରିଲେ ନାହିଁ ବୋଲି ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି ।

ଅନ୍ୟ ଦିଗରେ ଶାସକଦଳ ପକ୍ଷରୁ ଜଗତସିଂହପୁରରେ ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଯେଉଁ ପ୍ରାଣମୂର୍ଚ୍ଛା ଉଦ୍ୟମ ହୋଇଥିଲା ତାକୁ ପ୍ରଥମାବସ୍ଥାରେ ପ୍ରତିହତ କରିବାରେ ଶ୍ରୀ ରାୟ ସମର୍ଥ ହୋଇଥିଲେ ମଧ୍ୟ ଶେଷ ଆଡ଼କୁ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ହୋଇଥିଲା । ଏବଂ ମହିଳା ଓ ହରିଜନ ଭୋଟ ସବୁ ଖାପ କରିବାରେ ଶ୍ରୀ ରାୟଙ୍କ ଏଜେନ୍ସି ସମର୍ଥ ହେଲା ନାହିଁ । ଫଳତଃ ମାତ୍ର ଏକହଜାର ଭୋଟରେ ସେ ସରକାରୀ ଭାବେ ପରାସ୍ତ

ହେଲେ । ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀରେ ମୋଟ ୬୭ ହଜାର ଭୋଟ ପଡ଼ିଥିବା ରିପୋର୍ଟ ଦେଇଥିବା ପୋଲିଂ ଅଫିସରମାନେ ରିପୋର୍ଟ ଦେଇଥିଲେ ବେଳେ ଭୋଟ ଗଣତି ବେଳେ ମୋଟ ୭୦ ହଜାର ଭୋଟ ମିଳିଥିବା ଜଣାପଡ଼ିଲା । ଏହାକୁ ଭିତ୍ତି କରି ପୁନଃ ଗଣତି କରିବା ଲାଗି ଶ୍ରୀ ରାୟଙ୍କ ମଧ୍ୟରୁ ଦାବୀ ହୋଇଥିଲା । କିନ୍ତୁ ଜିଲ୍ଲା କଲେକ୍ଟର ଅଫିସର ସେ ଦାବୀକୁ ଗ୍ରହଣ କରି ନ ଥିଲେ । ଏହା ବାସ୍ତବରେ ଦୁର୍ଭାଗ୍ୟପୂର୍ଣ୍ଣ । □

ଉପଗ୍ରହ ଜରିଆରେ ଦୂର ଦୂରାନ୍ତର ରୋଗୀ ଚିକିତ୍ସା

ଏକ ସ୍ପେଶାଲ ଟି ଭି ଜରିଆରେ ଜଣେ ଡାକ୍ତର ଏକ ହଜାର କିଲୋମିଟର ଦୂରରେ ଥିବା ଜଣେ ରୋଗୀକୁ ଚିକିତ୍ସା କରିବାକୁ ସକ୍ଷମ ହୋଇ ପାରିବ ଏ ସଂକ୍ରାନ୍ତରେ ହୋଇଥିବା ପ୍ରାଥମିକ ପରୀକ୍ଷା ସଫଳ ହୋଇଥିବା ଜଣାପଡ଼ିଛି ।

ଦିଲ୍ଲୀସ୍ଥ ସଫଦରଜଙ୍ଗ ହସପିଟାଲରେ ଥିବା ଏବେ ଶିଶୁ ରୋଗୀକୁ ଅହମ୍ମଦାବାଦର ବି ଜେ ମେଡିକାଲ କଲେଜର ଡାକ୍ତରମାନେ ଉପଗ୍ରହ ଜରିଆରେ ପରୀକ୍ଷା କରିଥିଲେ ଓ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

ଉକ୍ତ ଶିଶୁମାନଙ୍କର ଫୁସ୍ ଫୁସ୍ ଓ ହୃତପିଣ୍ଡରେ କିଛି ଗୋଳମାଳ ଥିଲା । ରୋଗୀର ଶରୀରରୁ ନିର୍ଗତ ବିଭିନ୍ନ ଶବ୍ଦକୁ ଡାକ୍ତର ମାନେ ଏକ ସ୍ୱତନ୍ତ୍ର ଷ୍ଟେଥୋ ସାହାଯ୍ୟରେ ଉପଗ୍ରହ ମାଧ୍ୟମରେ ଶୁଣି ପାରିଥିଲେ । ଏହି ଶବ୍ଦ ଅତି ସ୍ପଷ୍ଟ ଭାବେ ଶୁଣା ଯାଉଥିଲା ।

ଉକ୍ତ ଶବ୍ଦ ଶୁଣି ସଂପୃକ୍ତ ରୋଗୀର କିପରି ଚିକିତ୍ସା ଆବଶ୍ୟକ ସେ ବିଷୟରେ ପରାମର୍ଶ ଦିଆଯାଇ ପାରୁଛି । □

ଓଡ଼ିଶା ପ୍ରତି କେନ୍ଦ୍ରର ପୁଣି ଅବହେଳା

ସଂପ୍ରତି କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ମାତ୍ର ଜଣେ ବ୍ୟକ୍ତିଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ନିଆଯାଇ ତାଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇ ନ ଥିବାରୁ ରାଜ୍ୟର ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଲକ୍ଷ କରାଯାଉଛି । ୪୦୦ ଲୋକସଭା ସଦସ୍ୟଙ୍କ ଭିତରୁ ୪୦ ଜଣଙ୍କୁ ଅବଶ୍ୟ ମନ୍ତ୍ରୀ କରାଯାଇଛି । ଅର୍ଥାତ୍ ପ୍ରତି ୧୦ ଜଣ ଏମ୍. ପିଙ୍କ ଭିତରେ ଜଣେ ମନ୍ତ୍ରୀ ହୋଇଛନ୍ତି । ଏହି ଅନୁପାତରେ ଓଡ଼ିଶାର ୨୦ ଜଣ ସଦସ୍ୟଙ୍କ ଭିତରୁ ଅନ୍ତତଃ ଆଉ ଜଣେ ମନ୍ତ୍ରୀ ହେବା ପାଇଁ କିପରି ଯୋଗ୍ୟ ହେଲେ ନାହିଁ ତାହା ବୁଦ୍ଧିଜୀବି ମହଲରେ ବିଶେଷ ଚର୍ଚ୍ଚାର ବିଷୟ ହୋଇଛି । □

Images: Aptakama Mishra, Processing: Srujanika

ଆସ୍କାରେ ଶ୍ରୀ ରାମଚନ୍ଦ୍ର ରଥଙ୍କ ବିପର୍ଯ୍ୟୟ

ଅଣ ଆନୁପାତିକ ଆତ୍ମବିଶ୍ୱାସ ଓ ଦଳତ୍ୟାଗ ନିଷ୍ପତ୍ତିର ଗୁରୁତର ପରିଣତି

(ସ୍ୱତନ୍ତ୍ର ପ୍ରତିନିଧିଙ୍କଠାରୁ)

ଅତ୍ୟଧିକ ଆତ୍ମବିଶ୍ୱାସର ସହ ତରବରିଆ ଭାବେ ଦଳତ୍ୟାଗ କରିବାର ନିଷ୍ପତ୍ତି ନେବାରୁ ଶ୍ରୀ ରାମଚନ୍ଦ୍ର ରଥଙ୍କୁ ଅବଶେଷରେ ତାହାର ମୂଲ୍ୟ ଦେବାକୁ ପଡ଼ିଲା ବୋଲି ତାଙ୍କର କାର୍ଯ୍ୟକଳାପ ପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ରଖିଥିବା ରାଜନୈତିକ ପର୍ଯ୍ୟବେକ୍ଷକ ମାନେ ମତ ପ୍ରକାଶ କରନ୍ତି।

ସେମାନଙ୍କ ବିଶ୍ଳେଷଣ ଅନୁସାରେ ଶ୍ରୀ ରଥ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ପ୍ରକାଶ୍ୟ ବିଦ୍ରୋହ କରିବା ପରେ ତାଙ୍କ ବିଦ୍ରୋହକୁ ସୀମିତ କରିବା ତଥା ଅନ୍ୟ ରାଜ୍ୟମାନଙ୍କରେ ଥିବା ସଞ୍ଜୟଙ୍କ ପୂର୍ବତନ ଅନୁଗାମୀମାନେ ଯେପରି ତାଙ୍କ ସହ ହାତ ମିଳାଇ ବିଭ୍ରାଟ ସୃଷ୍ଟି ନକରନ୍ତି ସେହି ଉଦ୍ଦେଶ୍ୟରେ ହିଁ ସେତେବେଳେ ସ୍ୱର୍ଗତା ଶ୍ରୀମତୀ ଗାନ୍ଧୀ ତାଙ୍କୁ ମନ୍ତ୍ରୀମଣ୍ଡଳରେ ଗ୍ରହଣ କରିଥିଲେ।

କିନ୍ତୁ ଶ୍ରୀ ରଥ ନିଜ ସଫଳତାରେ ଅଭିଭୂତ ହୋଇ ମନ ଇଚ୍ଛା ରାଜନୈତିକ ଗୋଷ୍ଠି ଚଳାଇବାରୁ ଅବଶେଷରେ ନିଜର ବିପର୍ଯ୍ୟୟକୁ ଡାକି ଆଣିଲେ।

ଶ୍ରୀମତୀ ଗାନ୍ଧୀ ପ୍ରତ୍ୟେକ ରାଜ୍ୟରେ କଂଗ୍ରେସ ଦଳରେ ଦୁଇ ଶକ୍ତିମାନ ଗୋଷ୍ଠୀ ବିରୋଧ ସୃଷ୍ଟି କରି ଉଭୟଙ୍କଠାରୁ ଆନୁଗତ୍ୟ ଲାଭ କରିବାର କୌଶଳ ଅବଲମ୍ବନ କରୁଥିଲେ। ତଦନୁଯାୟୀ ଓଡ଼ିଶାରେ ଗୋଟିଏ ଅବସ୍ଥାରେ ସେ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ରଙ୍କୁ ଉତ୍ସାହିତ କରିଥିଲେ। କିନ୍ତୁ ତାଙ୍କ ଦ୍ୱାରା କାର୍ଯ୍ୟ ନ ହେବାରୁ ଶ୍ରୀ ରଥଙ୍କୁ ମନ୍ତ୍ରୀ କରି ମୁଖ୍ୟମନ୍ତ୍ରୀଙ୍କ ବିରୋଧୀ ନେତାଙ୍କୁ ଏକାଠି କରି ଦଳ ଭିତରେ ରଖିବାର ପରିକଳ୍ପନା କରିଥିଲେ। ଅବଶ୍ୟ ଶ୍ରୀ ରଥ ଏ ଦିଗରେ କେତେକାଂଶ ସଫଳ ହୋଇଥିଲେ ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ତାଙ୍କୁ କଂଗ୍ରେସ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ରୂପେ ଗ୍ରହଣ କରିନେଇଥିଲେ। କିନ୍ତୁ ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଘେରି ରହିଥିବା ଉପଦେଷ୍ଟା ବର୍ଗ ଶ୍ରୀ ରଥଙ୍କ କାର୍ଯ୍ୟକଳାପରେ ଖପା ହେବାରୁ ତାଙ୍କୁ କ୍ଷମତାଚ୍ୟୁତ କରିବାକୁ ଉଦ୍ୟମ କରୁଥିଲେ। ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱାଭାବିକ ଭାବରେ ସେମାନଙ୍କ ସହିତ ହାତ ମିଳାଇ ଶ୍ରୀ ରଥଙ୍କ ବିରୁଦ୍ଧରେ ମିଳିତ ଯୋଜନା ଆରମ୍ଭ କରିଥିଲେ କିନ୍ତୁ ଶ୍ରୀମତୀ ଗାନ୍ଧୀ ଉଭୟ ପକ୍ଷଙ୍କୁ ଶୁଣୁଥିବାରୁ ଶ୍ରୀ ପଟ୍ଟନାୟକଙ୍କ ଉଦ୍ୟମ ସେତେବେଳେ ଫଳବତୀ ହୋଇ ନଥିଲା। ନିଜ ମୃତ୍ୟୁର ଦୁଇ ମାସ ପୂର୍ବରୁ ଶ୍ରୀ ରଥ ଆପଣଙ୍କ ବିରୁଦ୍ଧରେ କାହିଁକି? ବୋଲି ଶ୍ରୀମତୀ ଗାନ୍ଧୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କଠାରୁ ମଧ୍ୟ ଜାଣିବାକୁ ଚାହିଁଥିଲେ। ଏଭଳି ପରିସ୍ଥିତି ଭିତରେ ଉଭୟ ପକ୍ଷ ଗତି କରୁଥିବା ବେଳେ ହଠାତ୍ ଶ୍ରୀମତୀ ଗାନ୍ଧୀଙ୍କ ତିରୋଧାନ ସବୁ କିଛି ଓଲଟ ପାଲଟ କରିଦେଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ସହଯୋଗୀ ତଥା ରାଜୀବଙ୍କ ଉପଦେଷ୍ଟାମାନେ ଶ୍ରୀ ରଥଙ୍କୁ ପ୍ରଥମ ଅବକାଶରେ କ୍ଷମତାଚ୍ୟୁତ କରିବାକୁ ସଫଳ ହୋଇଗଲେ।

ରାଜୀବଙ୍କ ମନ୍ତ୍ରୀମଣ୍ଡଳ ତାଲିକା ଘୋଷିତ ହେବା ପୂର୍ବରୁ ତାଙ୍କ ଉପଦେଷ୍ଟା ବର୍ଗ ଆଶା କରୁଥିଲେ କି ଶ୍ରୀ ରଥ ହୁଏତ ଏ ଅବସ୍ଥାରେ ଆସି ସେମାନଙ୍କ ସହ ଖୋଲସା ଆଲୋଚନା କରିବେ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିକୁ ଅନୁଧ୍ୟାନ ନ କରି ଶ୍ରୀ ରଥ ନିଜର ପୂର୍ବ ସ୍ୱଭାବ ଅନୁଯାୟୀ କାର୍ଯ୍ୟ କରିବାରୁ ଅବଶେଷରେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦାୟ କରି ଦିଆଗଲା।

ଏହା ପରେ ପରେ ଏକତରଫା ଭାବେ କଂଗ୍ରେସ ଦଳ ତ୍ୟାଗ କରିବାକୁ ନିଷ୍ପତ୍ତି ନେବା ଯୋଗୁ ତାଙ୍କୁ ଖତମ କରିବା ଶ୍ରୀ ପଟ୍ଟନାୟକଙ୍କ ପକ୍ଷେ ସହଜ ସାଧ୍ୟ ହୋଇଗଲା। ଦଳ ଭିତରେ ଥିଲେ ସେ ମୁଖ୍ୟମନ୍ତ୍ରୀଙ୍କୁ ଯେପରି ଅସୁବିଧାରେ ପକାଇ ପାରିଥାନ୍ତେ ଦଳ ବାହାରକୁ ଚାଲିଯିବା ଦ୍ୱାରା ତାହା କରିବା ଆଉ ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ। ଖବର କାଗଜ ପ୍ରତିନିଧି ମାନଙ୍କ ରିପୋର୍ଟ ଏବଂ ଜନତା ଦଳର କେତେକ ପ୍ରମୁଖ ନେତୃବର୍ଗଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଯେଉଁ ନିଷ୍ପତ୍ତି ନେଲେ ତାହା ଅଦୂରଦର୍ଶୀ ବୋଲି କାର୍ଯ୍ୟତଃ ପ୍ରମାଣିତ ହେଲା।

ସ୍ଥାନୀୟ ସାମ୍ବାଦିକ ମହଲରେ ବିଶେଷଭାବେ ଆଦୃତ ହେଉ ନ ଥିଲେ ମଧ୍ୟ ଜାତୀୟ ସ୍ତରରେ କେତେକ ସମ୍ବାଦପତ୍ର ଶ୍ରୀ ରଥଙ୍କ ନିଷ୍ପତ୍ତିର ଭୂୟସୀ ପ୍ରଶଂସା କଲେ ଏବଂ ଏହା ହିଁ ଅବଶେଷରେ କାଳ ହେଲା। କାରଣ ତାଙ୍କୁ ଯେନତେନ ପ୍ରକାରେଣ ପରାସ୍ତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ମହଲରୁ ପ୍ରବଳ ଉଦ୍ୟମ ହୋଇଥିଲା।

କଂଗ୍ରେସ ଦଳ ହିଁ ଜିତିଥିଲା

୧୯୭୭ରେ ସମଗ୍ର ଦେଶରେ କଂଗ୍ରେସର ବିପୁଳ ବିଜୟ ହୋଇଥିବା ବେଳେ ଶ୍ରୀ ରଥ ଜୟଲାଭ କରିଥିବାରୁ ତାଙ୍କର ଅଭୂତପୂର୍ବ ସଙ୍ଗଠନ ଶକ୍ତି ଅଛି ବୋଲି କୁହା ଯାଉଥିଲା କିନ୍ତୁ ଏହା କହିଲା ବେଳେ ସେତେବେଳେ ଦକ୍ଷିଣ ଭାରତରେ ପ୍ରବାହିତ କଂଗ୍ରେସ ସପକ୍ଷରେ ହାୱାକୁ ଅବହେଳା କରାଯାଇ ନ ପାରେ। ଏହାର ପୁରସ୍କାର ସ୍ୱରୂପ ସେ ଜାତୀୟ ସ୍ତରରେ ଯୁବକଂଗ୍ରେସର ସଭାପତି ହେଲେ ଏବଂ ଇନ୍ଦିରାଗାନ୍ଧୀଙ୍କ ପରିବାରର ଘନିଷ୍ଠ ସମ୍ପର୍କରେ ଆସିଲେ ଓ ସେହି ପରିବାରର ଅତି ବିଶ୍ୱସ୍ତ ସହକର୍ମୀ ରୂପେ ସାରା ଦେଶରେ ପରିଚିତ ହେଲେ।

ପରବର୍ତ୍ତୀ ଅବସ୍ଥାରେ କଂଗ୍ରେସ ବିଜୟ ତାଙ୍କୁ ଅଧିକ ଶକ୍ତିଶାଳୀ କଲା ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଗୋଟିଏ ଅବସ୍ଥାରେ ତାଙ୍କର ଦେଖା ପାଇବାକୁ ଲାଇନ୍ ଲଗାଉଥିଲେ। ଓଡ଼ିଶାରେ ମଧ୍ୟ କଂଗ୍ରେସ ଦଳରେ ତାଙ୍କର ଆଶାନୁରୂପ ପ୍ରଭାବ ଅନୁଭୂତ ହେଲା। ସେତେବେଳେ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇ ଥିବାରୁ ମୁଖ୍ୟମନ୍ତ୍ରୀଙ୍କର ବିରୋଧ କରୁଥିବା ନିଜର କେତେକ ଘନିଷ୍ଠ ବନ୍ଧୁଙ୍କୁ ମଧ୍ୟ ସେ କଂଗ୍ରେସ ଟିକେଟ ଦେବାରେ ଆନ୍ତରିକତା ପ୍ରକାଶ କଲେ ନାହିଁ ଏବଂ ଅତି ସୁଚତୁର ଭାବେ ଶ୍ରୀ ପଟ୍ଟନାୟକ ଅଧିକାଂଶ ମାନ୍ୟଗଣ୍ୟ ଲୋକଙ୍କୁ ଦଳୀୟ ଟିକେଟ ଦେଇ [illegible]

Images: Aptakama Mishra, Processing: Srujanika

କଲେ । କିନ୍ତୁ ପରବର୍ତ୍ତୀ ବର୍ଷରେ ତାଙ୍କର ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ମତଭେଦ ହେଲା ଦଳ ଭିତରେ ବିଧାୟକ ମାନଙ୍କର ଅବଶ୍ୟମ୍ଭାବୀ ଅକୁଣ୍ଠ ସମର୍ଥନ ପାଇଲେ ନାହିଁ । କେବଳ ଘଟଣାଚକ୍ରରେ ମୁଖ୍ୟମନ୍ତ୍ରୀଙ୍କ ଉପରେ କ୍ଷୁବ୍ଧ ହୋଇ ଥିବା ଲୋକେ ତାଙ୍କ ସହ ଯୋଗ ଦେଲେ । ମୁଖ୍ୟମନ୍ତ୍ରୀ ଓ ଶ୍ରୀ ରଥଙ୍କ ମଧ୍ୟରେ ମତଭେଦର କାରଣ ଏବେ ବି ରହସ୍ୟାବୃତ ।

ଦୁଇଟି ନିର୍ବାଚନରେ ଜିତି ଥିବାରୁ ଚଳିତ ନିର୍ବାଚନରେ ନିଜର ବ୍ୟକ୍ତିତ୍ୱ ବଳରେ ଜିଣି ଯିବେ ବୋଲି କଳନା କରି ଶ୍ରୀ ରଥ ଜନତା ଦଳରେ ଯୋଗ ଦେବାରୁ ପାରମ୍ପରିକ କଂଗ୍ରେସ ଲୋକେ ତାଙ୍କର ଶତ୍ରୁ ହୋଇଗଲେ । କଂଗ୍ରେସ ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ହୁଏ ତ ସେ କଂଗ୍ରେସ ଲୋକଙ୍କ ସମର୍ଥନ ପାଇ ପାରିଥାନ୍ତେ । କାରଣ ଗଞ୍ଜାମ ଜିଲ୍ଲା ପାଇଁ ରାଜ୍ୟ ସରକାର କିଛି କରୁ ନାହାନ୍ତି ବୋଲି ସାଧାରଣ ସଭାରେ ରାଜୀବ ଗାନ୍ଧୀଙ୍କ ଉପସ୍ଥିତିରେ ସେ ଖୋଲା ଖୋଲି ଅଭିଯୋଗ କରି ଜନସାଧାରଣଙ୍କ ସହାନୁଭୂତି ଲାଭ କରିଥିଲେ । କିନ୍ତୁ ଜନତା ଦଳରେ ଯୋଗ ଦେବାରୁ ସେ ସେହି ସମର୍ଥନ ପାଇବାରୁ ବଞ୍ଚିତ ହେଲେ ।

ଏ ଅବସ୍ଥାରେ ଶ୍ରୀ ପଟ୍ଟନାୟକ ଆସ୍କାରେ ନିଜ ଦଳ ପକ୍ଷରୁ ଅପୂର୍ବ ରଣ ସଜ୍ଜା ଆରମ୍ଭ କରି ଦେଲେ । ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ସେଠାରେ ନିର୍ବାଚନ ଦାୟିତ୍ୱରେ ରଖାଗଲା ଏବଂ ନିର୍ବାଚକମାନଙ୍କରେ ମା ମରିଗଲା ପରେ ପୁଅ ଘର ଛାଡ଼ି ଚାଲିଯିବା କଣ ଠିକ୍ ? ବୋଲି ଜାନକୀ ବାବୁ ପ୍ରବଳ ପ୍ରଚାର କଲେ । ଏହାର ପ୍ରଭାବ ବେଶ ଅନୁଭୂତ ହେଲା ଏବଂ ଶ୍ରୀ ରଥଙ୍କ ପ୍ରତି ଦରଦୀ କଂଗ୍ରେସ ଲୋକେ ମଧ୍ୟ ଏଇ ବାଟରେ ଚାଲିଗଲେ । ଅପରପକ୍ଷରେ ଜନତା ଦଳର ଜିଲ୍ଲା ସ୍ତରୀୟ ପ୍ରମୁଖ ନେତା ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ନିଜ ଦାବି ସାଧିବା ପାଇଁ ଭିତରେ ଭିତରେ ଶ୍ରୀ ରଥଙ୍କ ବିରୁଦ୍ଧରେ ଲାଗିପଡ଼ିଲେ । ସେହିଭଳି କମ୍ୟୁନିଷ୍ଟମାନେ ଶ୍ରୀ ଦ୍ୟୁତିକୃଷ୍ଣ ପଣ୍ଡାଙ୍କ ଆସ୍କାରୁ ଏବଂ ଶ୍ରୀ ରଥଙ୍କୁ ବ୍ରହ୍ମପୁରରୁ ଛିଡ଼ା କରାଇବାକୁ ଦେଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ନ ହେବାରୁ ସେମାନେ ମଧ୍ୟ ନିଜ ରାଗ ସୁଝାଇବାକୁ ଲାଗିଗଲେ ।

ଜନତା ଦଳକୁ କେବଳ ଖଲିକୋଟ ରାଣୀ ଓ ଧରାକୋଟ ରାଣୀଙ୍କୁ ଧରି ନିର୍ବାଚନ ରଣରେ ଅବତୀର୍ଣ୍ଣ ହୋଇ ଶ୍ରୀ ରଥ ଶେଷରେ ପରାସ୍ତ ହେଲେ । □

ଚଳଚ୍ଚିତ୍ର ତାରକାଙ୍କ ରାଜନୀତି

ଇନ୍‌କିଲାବ୍‌ରେ ଅମିତାଭଙ୍କ ଅଭିନୟ ବାସ୍ତବରେ ପରିଣତ ହେଲା

ତାମିଲନାଡୁରେ କରୁଣାନିଧି ଓ ଏମ୍ ଜି ରାମଚନ୍ଦ୍ରନଙ୍କ ପରେ ଆନ୍ଧ୍ରରେ ଏନ୍ ଟି ରାମାରାଓ ମଙ୍ଗଳାଚାର ସହିତ ରାଜନୀତିରେ ପ୍ରବେଶ କରି ନିଜର ଦକ୍ଷତା ପ୍ରମାଣିତ କରିବା ପରେ ଚଳଚ୍ଚିତ୍ର ତାରକା ମାନେ ରାଜନୀତିରେ ପ୍ରବେଶ କରିବାରେ ଆଶ୍ଚର୍ଯ୍ୟାନ୍ୱିତ ହେବାର କୌଣସି କାରଣ ନାହିଁ । ପୂର୍ବରୁ ସ୍ୱର୍ଗତଃ ନେହେରୁଙ୍କ ସମୟରେ ପ୍ରଖ୍ୟାତ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା ପୃଥ୍ୱୀରାଜ କପୁରଙ୍କୁ ମଧ୍ୟ ରାଜ୍ୟ ସଭାର ମନୋନୀତ ସଦସ୍ୟ ରୂପେ ଗ୍ରହଣ କରାଯାଇଥିଲା । ତା ପରେ ସୁନୀଲ ଦତ୍ତଙ୍କ ପତ୍ନୀ ନରଗିସ୍, ମଧ୍ୟ ରାଜ୍ୟସଭାର ସଦସ୍ୟ ହୋଇଥିଲେ, ମାତ୍ର ତାଙ୍କର କର୍କଟ ରୋଗରେ ଅକାଳମୃତ୍ୟୁ ହୋଇ ଯାଇଥିଲା ।

ହରିହର ପ୍ରସାଦ ମହାନ୍ତି

ତାମିଲନାଡୁରେ ପ୍ରଖ୍ୟାତ ଚଳଚ୍ଚିତ୍ରତାରକା ଶିବାଜୀ ଗଣେଶନ, ମଧ୍ୟ ବହୁଦିନ ଧରି କଂଗ୍ରେସ (ଇ)ର ରାଜ୍ୟ କମିଟିର ଜଣେ କର୍ମକର୍ତ୍ତା ରହିଛନ୍ତି । ଏମ୍.ଜି ଆରଙ୍କ ସହିତ ବହୁ ଚଳଚ୍ଚିତ୍ରରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ତାମିଲ ଅଭିନେତ୍ରୀ ଜୟଲଳିତା । ଏବେ ରାଜ୍ୟ ସଭାରେ ଅଲ ଇଣ୍ଡିଆ ଆନ୍ନା ଡି.ଏମ୍.କେ ଦଳର ନିର୍ବାଚିତ ସଦସ୍ୟା ରୂପେ ରହିଛନ୍ତି । ତାମିଲନାଡୁ ରାଜନୀତିରେ ତାଙ୍କର ପ୍ରଭାବ ଖୁବ୍ ବେଶୀ ।

ଏବେ ଯେଉଁ ୩ ଜଣ ଚଳଚ୍ଚିତ୍ର ତାରକା ଲୋକସଭାକୁ ନିର୍ବାଚିତ ହେଲେ ସେମାନେ ହିନ୍ଦି ଚଳଚ୍ଚିତ୍ର ଜଗତରେ ଅତ୍ୟନ୍ତ ଲୋକପ୍ରିୟ କଳାକାର । ତାମିଲନାଡୁର ଶ୍ରୀମତୀ ବୈଜୟନ୍ତୀମାଳା ବାଲି ଗତ ୧୬ବର୍ଷ ଧରି ଆଉ ଅଭିନୟ କରୁ ନଥିଲେ । ଡଃ ବାଲିଙ୍କୁ ବିବାହ କରିବା ପରେ ଚଳଚ୍ଚିତ୍ରରେ ଅଭିନୟ ଛାଡ଼ି ମାନ୍ଦ୍ରାଜରେ ଗୋଟିଏ ଭାରତ ନାଟ୍ୟମ୍ ନାଚ ସ୍କୁଲ ପ୍ରତିଷ୍ଠା କରିଥିଲେ ଓ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

ସୁନୀଲ ଦତ୍ତ ମଧ୍ୟ ପ୍ରଥମେ ରେଡ଼ିଓ ସିଲୋନ'ର ବେତାର ଘୋଷକ(announcer) ରୂପେ ନିଜର ଜୀବନ ଆରମ୍ଭ କରିଥିଲେ । ସେ ଚଳଚ୍ଚିତ୍ର ତାରକା ମାନଙ୍କ ସହିତ ସାକ୍ଷାତକାର କାର୍ଯ୍ୟକ୍ରମ ଦାୟିତ୍ୱରେ ମଧ୍ୟ ଥିଲେ । କ୍ରମେ ସେ ଚଳଚ୍ଚିତ୍ର ଦୁନିଆପ୍ରତି ଆକୃଷ୍ଟ ହୋଇ ଚଳଚ୍ଚିତ୍ରରେ ଅଭିନୟ ଆରମ୍ଭ କରି ବହୁ ଚିତ୍ରରେ ନାୟକ ହୋଇଥିଲେ । ଶେଷବେଳକୁ ସେ ନିଜ ପତ୍ନୀଙ୍କ ମୃତ୍ୟୁ ପରେ ଚଳଚ୍ଚିତ୍ର ପ୍ରଯୋଜକ ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲେ ତାଙ୍କ ପ୍ରଯୋଜିତ 'ଦର୍ଦ୍ଦକା ରିସ୍ତା'ରେ ଦର୍ଶକ ମାନଙ୍କୁ ଯଥେଷ୍ଟ ପ୍ରଭାବିତ କରିପାରିଛି ଦେଶରେ କର୍କଟ ରୋଗୀଙ୍କ ଚିକିତ୍ସା ଓ କର୍କଟ ରୋଗର ଗବେଷଣା ନିମନ୍ତେ ସେ ନିଜର ସମସ୍ତ ଶକ୍ତି ବିନିଯୋଗ କରିଛନ୍ତି । ସେ ବମ୍ବେର ସେରିଫ ମଧ୍ୟ ଥିଲେ ଓ ଅବସର ସମୟରେ ସମାଜ ସେବା କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ ।

ଅମିତାଭ ବଚନ ମଧ୍ୟ ବିଶିଷ୍ଟ ହିନ୍ଦି କବି ହରିବଂଶ ରାଇ ବଚନଙ୍କ ପୁଅ । ତାଙ୍କ ମାତା ଶ୍ରୀମତୀ ତେଜୀ ବଚନ ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ସହିତ ଘନିଷ୍ଠ ଥିଲେ । ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଓ ଅମିତାଭ ଡୁନ୍ ସ୍କୁଲରେ ସହପାଠୀ ଥିଲେ । ସେ ଦୃଷ୍ଟିରୁ ଉଭୟ ପରିବାର ମଧ୍ୟରେ ଯଥେଷ୍ଟ ଘନିଷ୍ଠତା ଥିଲା । ଅମିତାଭ ପ୍ରଥମେ କଲିକତାର ଏକ ବ୍ୟବସାୟିକ ସଂସ୍ଥାର ଦାୟିତ୍ୱସମ୍ପନ୍ନ ଅଫିସର ଥିଲେ । କ୍ରମେ ସେ ଚଳଚ୍ଚିତ୍ର ପ୍ରତି ଆକୃଷ୍ଟ ହୋଇ ବମ୍ବେ ଆସିଲେ ଓ ଅଳ୍ପ ଦିନରେ ସେ ହିନ୍ଦି ଚଳଚ୍ଚିତ୍ରର ଶ୍ରେଷ୍ଠ ଅଭିନେତା ରୂପେ ନିଜକୁ ପ୍ରତିଷ୍ଠିତ କରାଇ ପାରିଲେ । ସେ ୧୯୮୩ ମସିହାରେ 'କୁଲି' ଚଳଚ୍ଚିତ୍ରର ସୁଟିଂ ବେଳେ ଗୁରୁତର ଆହତ ହୋଇ ବ୍ରିଚ କ୍ୟାଣ୍ଡି ହସପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଦେଶ ବ୍ୟାପୀ ତାଙ୍କ ପାଇଁ ଗଭୀର ଉଦ୍‌ବେଗରୁ ତାଙ୍କର ଜନପ୍ରିୟତା ପ୍ରମାଣିତ ହୋଇଥିଲା । ତାଙ୍କୁ ହିନ୍ଦି ଚିତ୍ରର କ୍ରୋଧୀ ଯୁବକ (Angry young man) ରୂପେ ଚିତ୍ରଣ କରାଯାଇଥିଲା । ସେ ଗତ ବର୍ଷ 'ମର୍ଦ' ଚିତ୍ରର ସୁଟିଂ ବେଳେ ପୁଣି ଏକ ଗୁରୁତର ସ୍ନାୟୁଘାତକ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଆମେରିକାରେ ଚିକିତ୍ସାଧୀନ ଥିଲେ । ତାଙ୍କୁ ଆଉ ଚଳଚ୍ଚିତ୍ରରେ ଅଭିନୟ ନ କରିବାକୁ ପରାମର୍ଶ ଦେବାରୁ ସେ ଚଳଚ୍ଚିତ୍ର ଜଗତକୁ

ବଦାୟୁ ନେଇ ରାଜୀବ ଗାନ୍ଧୀଙ୍କ ଅନୁରୋଧ କ୍ରମେ ରାଜନୀତିରେ ପ୍ରବେଶ କ.ଲ । ତାଙ୍କର ଚିତ୍ର ଅମର ଆକବର ଆନ୍ଥୋନୀ, ତ୍ରିଶୂଳ, ସୁହାଗ, ନମକହାରାମ, ଇନ୍‌କିଲାବ ପ୍ରଭୃତି ଏବେ ମଧ୍ୟ ପୂର୍ଣ୍ଣ ପ୍ରେକ୍ଷାଳୟରେ ଚାଲୁଛି । 'ଇନ୍‌କିଲାବ' ଚିତ୍ରରେ ତାଙ୍କର ଅଭିନୟ ଆଜି ବାସ୍ତବରେ ପରିଣତ ହୋଇଛି । 'ଇନ୍‌କିଲାବ' ଚିତ୍ର ସମ୍ପର୍କରେ 'ଖାରବେଳ' ପତ୍ରରେ ଯେଉଁ ସମୀକ୍ଷା ପୂର୍ବରୁ ପ୍ରକାଶ ପାଇଥିଲା ସେଥିରେ ମଧ୍ୟ ଆମେ ଏ ବିଷୟ ଉଲ୍ଲେଖ କରିଥିଲୁ ।

ସବୁଠାରୁ ବିସ୍ମୟର କଥା ଯେ ଏ ୩ ଜଣ ନାୟକ ଚିତ୍ର ତାରକା ରାଜନୀତିରେ ସମ୍ପୂର୍ଣ୍ଣ ନୂତନ ହେଲେ ମଧ୍ୟ ସେମାନଙ୍କର ପ୍ରତିଦ୍ୱନ୍ଦୀ ରୂପେ ନିର୍ବାଚନ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିବା ୩ ଜଣ ଯାକ ବିରୋଧୀ ଦଳ ନେତାଙ୍କୁ ବିପୁଳ ଭୋଟରେ ପରାଜିତ କରିପାରିଛନ୍ତି । ବୈଜୟନ୍ତୀ ମାଳା ମାନ୍ଦ୍ରାଜରେ ଡି. ଏମ୍. କେ. ନେତା ଏରା ସେଜିୟାନଙ୍କୁ, ସୁନୀଲ ଦତ୍ତ ବମ୍ବେରେ ବି.ଜେ.ପି ନେତା ରାମ ଜେଠ୍‌ମାଲାନୀଙ୍କୁ ଏବଂ ଅମିତାଭ ବଚନ ଏଲାହାବାଦରେ ଡି. ଏମ୍ କେ. ପି ନେତା ହେମବତୀ ନନ୍ଦନ ବହୁଗୁଣାଙ୍କୁ ଲକ୍ଷାଧିକ ଭୋଟରେ ପରାଜିତ କରିପାରିଛନ୍ତି ।

ଏହା ଫଳରେ ବଡ଼ ଚଳଚ୍ଚିତ୍ର ଶିଳ୍ପର ଅପୂରଣୀୟ କ୍ଷତି ଘଟିଛି, କିନ୍ତୁ କଂଗ୍ରେସ (ଇ) ଦଳ ଯଥେଷ୍ଟ ଲାଭବାନ ହୋଇଛି । ରାଜନୀତିରେ ପ୍ରବେଶ କରି ପାର୍ଲିଅମେଣ୍ଟ ସଦସ୍ୟ ବା ମନ୍ତ୍ରୀ ଗ୍ଲାମର (Glamour ନିଶ୍ଚିତ ଭାବରେ ହରାଇବେ । କାରଣ ରାଜନୀତିରେ ଜନସଂପର୍କ ଏକାନ୍ତ ଅପରିହାର୍ଯ୍ୟ । ପ୍ରତିଦିନ ବହୁ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା, ଅଭାବ ଅଭିଯୋଗ ଶୁଣିବାକୁ ପଡ଼ିବ । ଚଳଚ୍ଚିତ୍ର ଜଗତରେ ହେବା ପରେ ଚିତ୍ର ତାରକାମାନେ ନିଜର



ସ୍ୱର୍ଗତ ଲାଲବାହାଦୂର ଶାସ୍ତ୍ରୀଙ୍କ ସମ୍ପର୍କରେ କଣ ଏକ ଚଳଚ୍ଚିତ୍ର ହେବାର ଆବଶ୍ୟକତା ନାହିଁ ?

ସେମାନେ ଏକ କଳ୍ପନାର ଦୁନିଆ ମଧ୍ୟରେ ବିଚରଣ କରୁଥିଲେ ଓ ସାଧାରଣ ଲୋକଙ୍କଠାରୁ ଦୂରରେ ଏବଂ 'ଶୀଶ ମହଲ' ମଧ୍ୟରେ ବାସ କରୁଥିଲେ । ଏବେ ସେମାନଙ୍କୁ ବାସ୍ତବ ଦୁନିଆ ମଧ୍ୟକୁ ଆସିବାକୁ ପଡ଼ିବ ।

ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏ ଚିତ୍ରତାରକାମାନଙ୍କୁ କିଭଳି ଭାବରେ ଦେଶ କାର୍ଯ୍ୟରେ ବିନିଯୋଗ କରିବେ ତା ଜଣା ଯାଇ ନାହିଁ । ବର୍ତ୍ତମାନ ଦେଶରେ ଦୂରଦର୍ଶନର ବ୍ୟାପକ ପ୍ରସାର ଫଳରେ ତଥ୍ୟ ଓ ବେତାର ମନ୍ତ୍ରଣାଳୟ ଅଧୀନରେ ଥିବା ସବୁଗୁଡ଼ିକ ଗଣ ମାଧ୍ୟମ (ସମ୍ବାଦପତ୍ର, ବେତାର, ଦୂରଦର୍ଶନ ଓ ଚଳଚ୍ଚିତ୍ରର ସୁପରିଚାଳନା ସମ୍ଭବ ହେଉ ନାହିଁ । ତେଣୁ ଏଥିପାଇଁ ତଥ୍ୟ ଓ ବେତାର ମନ୍ତ୍ରଣାଳୟ ଏବଂ ଦୂରଦର୍ଶନ ଓ ଚଳଚ୍ଚିତ୍ର ମନ୍ତ୍ରଣାଳୟ ଏଭଳି ଭାବରେ ଦୁଇଟି ମନ୍ତ୍ରଣାଳୟ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ତା ହେଲେ ଅମିତାଭ ବଚନ ଦୂରଦର୍ଶନ ଓ ଚଳଚ୍ଚିତ୍ର ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିପାରନ୍ତି ଏବଂ ସୁନୀଲ ଦତ୍ତ ମଧ୍ୟ ସେହିପରି ଏକ ବିଭାଗର ଦାୟିତ୍ୱ କିମ୍ବା ଜାତୀୟ ଚଳଚ୍ଚିତ୍ର ଉନ୍ନୟନ କର୍ପୋରେସନ୍‌ର ଚେୟାରମ୍ୟାନ ଦାୟିତ୍ୱ ନେଇ ପାରନ୍ତି ।

ଗତ କେତେବର୍ଷ ଧରି କେନ୍ଦ୍ର ସରକାର ଚଳଚ୍ଚିତ୍ର ଶିଳ୍ପ ପ୍ରତି ବିମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି । ବହୁ ବର୍ଷ ପୂର୍ବେ ସ୍ୱର୍ଗତଃ ଏସ୍. କେ. ପାଟିଲ ମନ୍ତ୍ରୀ ଥିବା ସମୟରେ ତାଙ୍କ ଅଧ୍ୟକ୍ଷତାରେ ଯେଉଁ ଚଳଚ୍ଚିତ୍ର ତଦନ୍ତ କମିଟି (Film Enquiry Committee) ଗଠିତ ହୋଇ ରିପୋର୍ଟ ଦେଇଥିଲେ ତାହା ଅଧାପନ୍ତରିଆ ଭାବରେ କାର୍ଯ୍ୟକାରୀ ହୋଇଥିଲା । ତା ପରେ ମଧ୍ୟ ଆଉ ଏକ କମିଟି ଚଳଚ୍ଚିତ୍ର ଶିଳ୍ପ ସମ୍ପର୍କରେ ରିପୋର୍ଟ ଦାଖଲ କରିଥିଲେ । 'କରନ୍ଥ କମିଟି' ଚଳଚ୍ଚିତ୍ରକୁ ଏକ ଶିଳ୍ପରୂପରେ ଗ୍ରହଣ କରିବାକୁ ସୁପାରିଶ କରିଥିଲେ ମଧ୍ୟ ବହୁ କମ ରାଜ୍ୟ ତା କାର୍ଯ୍ୟକାରୀ କରିଛନ୍ତି ।

ଚିତ୍ର ତାରକାମାନେ ଚଳଚ୍ଚିତ୍ରର ସବୁ ସମସ୍ୟା ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ତେଣୁ ସେମାନଙ୍କ ମଧ୍ୟରୁ ଜଣେ ଏ ବିଭାଗ ଦାୟିତ୍ୱ ଗ୍ରହଣ କଲେ ଭାରତରେ ଚଳଚ୍ଚିତ୍ର ଶିଳ୍ପରେ ଦେଖା ଦେଇଥିବା ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା କରାଯାଏ । □

Images: Aptakama Mishra, Processing: Srujanika

ନିର୍ମୂଳୀ ଲତା (Coscuta) ଓ ତାର ଔଷଧି ଗୁଣ

ବହୁ ପ୍ରକାର ଲତାଗଛ ଜଙ୍ଗଲରେ, ବାଡ଼ି ବଗିଚାରେ ଦେଖିବାକୁ ମିଳେ । କେତେକ ଲତା ସୂର୍ଯ୍ୟାଲୋକ ପାଇବା ପାଇଁ ବଡ଼ ବଡ଼ ଗଛ ଉପରେ ଲଟେଇ ଉପରକୁ ଉଠି ଯାଆନ୍ତି । ସାଧାରଣତଃ ଲତା ଗଛ ଗୁଡିକ ମଧ୍ୟ ସବୁଜ ପତ୍ର ଧାରଣ କରିଥାଆନ୍ତି ଏବଂ ସେଥିରେ ଫଳ ଫୁଲ ମଧ୍ୟ ହୋଇଥାଏ । ଫଳ ପାଚି ମଞ୍ଜି ଧରେ । ବିଭିନ୍ନ ଧାରାରେ ବୀଜ ବିକ୍ଷେପ ହୋଇ ମଞ୍ଜି ଗଜୁରି ଉଠେ, ଉପଯୁକ୍ତ ପରିବେଶ ପାଇ । ଶିଶୁ ଗଛ କ୍ରମେ ବଢ଼ିପୁଣି ଲଟେଇ ଯାଏ କେଉଁ ବୃକ୍ଷ ଉପରେ । ସବୁଜ ପତ୍ର ତା' ଖାଦ୍ୟ ପ୍ରସ୍ତୁତ କରେ ପରିବେଶରୁ ଅଙ୍ଗାରକାମ୍ଳ, ମାଟିରୁ ଜଳ ନେଇ ଯୁଗ ଯୁଗ ଧରି ଲତା ଗଛ ସବୁ ଏହି ଧାରାରେ ଜଙ୍ଗଲରେ ବୃକ୍ଷ ଗୁଡିକୁ ଜାବୁଡ଼ି ଧରି ବିସ୍ତାର ଲାଭ କରି ଆସିଛନ୍ତି । ସେହିପରି ଆମର ବାଡ଼ି ବଗିଚାରେ ମଧ୍ୟ ଲତା ଗୁଡିକ ନିଜର କାୟା ବିସ୍ତାର କରି ଥାଆନ୍ତି ଉପଯୁକ୍ତ ଆଶ୍ରା ପାଇ । କିନ୍ତୁ ସମସ୍ତ ସମୟରେ ଜଙ୍ଗଲରେ ଏପରିକି ନିଜର ବାଡ଼ିବଗିଚାରେ ମୁଣ୍ଡ ଟେକି ଉଠିଥିବା ବଡ଼ ବଡ଼ ଗଛ ଉପରେ ଆଉ କେତେକ ଲତା ବିଛେଇ ହୋଇ ପଡିବାର ଦେଖାଯାଏ । ସେଥିରେ ସବୁଜ ପତ୍ର ନଥାଏ । କେବଳ ଲଇ ପରି ଲତା ମେଞ୍ଚାଏ ଗଛ ଉପରେ ଲାଗିରହିଥାଏ । ଲତା ସବୁ ଦେଖିବାକୁ ଈଷତ୍ ହଳଦିଆ ବା ବାଦାମି ରଙ୍ଗର । ଲତାର ସବୁଜ ରଙ୍ଗ ମଧ୍ୟ ସେଥିରେ ନଥାଏ । କିନ୍ତୁ ଏହି ଲତାର ମଧ୍ୟ ଜୀବନ ଥାଏ । ତେବେ ଏହା ନିଜର ବଞ୍ଚିବା ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରେ କିପରି ? ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଲତାରେ ଫୁଲ, ଫଳ ମଧ୍ୟ ଧରେ । ମଞ୍ଜି ବୃଣି ହୋଇ ବିଭିନ୍ନ ସ୍ଥାନରେ ଗଛ ହୁଏ । ବେଶ୍ ଶକ୍ତ ଏଇ ଲତାର ଜୀବନ ଚକ୍ର । ଏହି ପ୍ରକାର ଲତା ଗଛକୁ ନିର୍ମୂଳୀଲତା ବୋଲି କୁହାଯାଏ । କାରଣ ଏହି ଲତାର ଭୂମି ସଂଯୋଗ କରୁଥିବା ମୂଳ ବି ନଥାଏ । କିନ୍ତୁ ମଞ୍ଜି ପଡ଼ି ବୀଜ ଗଜୁରିଲା ବେଳେ ଏଥିରୁ ମୂଳ ବାହାରି ଥାଏ । ମାଟିରୁ ଖାଦ୍ୟ ନେଇ ଗଛ ବଢ଼ିଚାଲେ ଏବଂ ସେହି ସମୟରେ ଖୋଜିଚାଲେ ଆଉ ଏକ କୌଣସି ଏକ ବୃକ୍ଷର ଆଶ୍ରା ପାଇଁ । କୌଣସି ଏକ ବୃକ୍ଷର ଆଶ୍ରା ପାଇଲେ ଏହା ତା'ଉପରେ ମାଡିଚାଲେ । କିନ୍ତୁ ସେହି ଅବସ୍ଥାରେ ଲତାର ମାଟିକୁ ସଂଯୋଗ କରୁଥିବା ମୂଳର ପରିସମାପ୍ତି ଘଟିଥାଏ । ସେହି ସ୍ଥାନରେ ଲତାର ବିଭିନ୍ନ ଅଂଶରୁ ଶୋଷକ ଚେରମାନ ବାହାରି ବୃକ୍ଷର କାଣ୍ଡ ମଧ୍ୟରେ ପ୍ରବେଶ କରିଥାଏ । ଏହି ଶୋଷକ ଚେରହିଁ ଲତାର ବୃଦ୍ଧି, ଖାଦ୍ୟ ପ୍ରସ୍ତୁତି ସବୁଥିରେ ସାହାଯ୍ୟ କରିଥାଏ । ନିର୍ମୂଳୀ ଲତା ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିପାରେ ନାହିଁ । କିନ୍ତୁ ଶୋଷକ ଚେର ଗୁଡିକ ବୃକ୍ଷର ଖାଦ୍ୟରସ ଶୋଷଣ କରିଥାଆନ୍ତି । ଅନ୍ୟ ବୃକ୍ଷର ଆଶ୍ରୟ ନେଇ ନିଜର କାୟାର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବୃକ୍ଷରୁ ଖାଦ୍ୟରସ ନେଇ ନିଜକୁ ପରିପୁଷ୍ଟ କରୁଥିବା ହେତୁ — ଏହାକୁ "ଆଶ୍ରୟୀତ ପରଭୋଜୀ" ଉଦ୍ଭିଦ ବୋଲି ନାମକରଣ କରାଯାଇଛି । ବୀଜ ବିକ୍ଷେପ ପରେ ଶିଶୁ ଲତାହିଁ କିଛିଦିନ ପର୍ଯ୍ୟନ୍ତ ନିଜର ଖାଦ୍ୟ ମାଟିରୁ ଗ୍ରହଣ କରେ । କିନ୍ତୁ ପରବର୍ତ୍ତୀ କାଳରେ ନିର୍ମୂଳୀ ଲତା ସମ୍ପୂର୍ଣ୍ଣଭାବରେ ଅନ୍ୟ ଏକ ବୃକ୍ଷ ଉପରେ ନିର୍ଭର କରିଥାଏ । ଶୋଷକ ଚେରଦ୍ୱାରା ଏହା

ପ୍ରଫେସର କମଳ କୁମାରୀ ପଟ୍ଟନାୟକ

ଖାଦ୍ୟ ସଂଗ୍ରହ କରି ନିଜର କାୟା ବିସ୍ତାର କରିବା ସହିତ ଫୁଲ ଫଳ ମଧ୍ୟ ଅନ୍ୟ ଲତା ପରି ଧାରଣ କରେ । ସବୁଜ ପତ୍ର ବା ପତ୍ରହରିତର ଅଭାବ ହେତୁ ନିର୍ମୂଳୀ ଲତା ଏହି ପରିବେଶରୁ କଞ୍ଚାମାଲ ଅର୍ଥାତ୍ ଅଙ୍ଗାରକାମ୍ଳ ବାଷ୍ପ, ପାଣି, ସୂର୍ଯ୍ୟାଲୋକ ନେଇ ଆପଣ ସ୍ୱୟଂ ଖାଦ୍ୟ ପ୍ରସ୍ତୁତ କରିପାରେ ନାହିଁ । ଏହାକୁ ସର୍ବଦା ପର-ଉପରେ ନିର୍ଭର କରି ବଞ୍ଚିବାକୁ ହୋଇଥାଏ । ଏଣୁ ଏହିପ୍ରକାର ଆଶ୍ରୟୀ, ପରଜୀବୀ ଉଦ୍ଭିଦକୁ ପରାବଲମ୍ବୀ ଉଦ୍ଭିଦ ମଧ୍ୟ କହନ୍ତି ।

ପ୍ରତ୍ୟେକ ଉଦ୍ଭିଦର କିଛି ନା କିଛି ଦ୍ରବ୍ୟଗୁଣ ରହିଛି । ସେହିପରି ନିର୍ମୂଳୀ ଲତା ମଧ୍ୟ ନିଜର ଦ୍ରବ୍ୟଗୁଣ ନିମନ୍ତେ ଉଦ୍ଭିଦ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପ୍ରତ୍ୟେକ ଉଦ୍ଭିଦରୁ ଆମେ ବିଭିନ୍ନ ପ୍ରକାର ଖାଦ୍ୟ ଅର୍ଥାତ୍ ଶ୍ୱେତସାର, ସ୍ନେହସାର ପୁଷ୍ଟିସାର, ଭିଟାମିନ ଓ ଅଳ୍ପବହୁତ ଖଣିଜ ପଦାର୍ଥ ମଧ୍ୟ ପାଇଥାଉ ତେବେ ନିର୍ମୂଳୀଲତା ଅନ୍ୟଗଛଉପରେ ନିର୍ଭର କରେ ଏବଂ ସେଥିରୁ ତାରଖାଦ୍ୟ ଶୋଷଣକରେ ଏଣୁତାର ଦ୍ରବ୍ୟଗୁଣରେ କିପାର୍ଥକ୍ୟ ରହିଛି ତାହା ବିଚାରଯୋଗ୍ୟ । ନିର୍ମୂଳୀଲତା କେବଳ ଗୋଟିଏ ଜାତିର ଗଛଉପରେ ଲଟେଇ ମାଡ଼େ ତା ନୁହେଁ ବିଭିନ୍ନ ଜାତିର ଗଛଉପରେ ମାଡ଼ି ତାର ଖାଦ୍ୟ ଶୋଷଣ କରି ବଢ଼ିଚାଲିଥାଏ ଏଣୁ ପ୍ରାୟ ଦେଖା ଯାଏ ବିଭିନ୍ନ ପ୍ରକାର ବୃକ୍ଷକୁ ଆଶ୍ରୟ କରି ବଢ଼ୁଥିବା ନିର୍ମୂଳୀ ଲତାର ଦ୍ରବ୍ୟଗୁଣ ଭିନ୍ନଭିନ୍ନ ହୋଇଥାଏ କିନ୍ତୁ ପ୍ରାୟ ସବୁ ନିର୍ମୂଳୀ ଲତାର ଦ୍ରବ୍ୟଗୁଣରେ ଅନେକ ସାମଞ୍ଜସ୍ୟ ରହିଥାଏ ।

ଆୟୁର୍ବେଦିକ ଶାସ୍ତ୍ରରେ ନିର୍ମୂଳୀ ଲତାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ରକ୍ତଦୋଷ ଯୋଗୁଁ କଛୁ, କୁଣ୍ଡିଆ, ଯାଦୁ, ଛଉ, ଚମଦଳ ଓ ଖଇରି ପ୍ରଭୃତି ଚର୍ମରୋଗ ହେଲେ ନିର୍ମୂଳୀଲତାକୁ ଶିଳରେ ବାଟି ତାହାକୁ ଦେହରେ ହଳଦି ଲଗାଇଲା ପରି ଘଷି ଲଗେଇବାକୁ ହୁଏ । ନିୟମିତ ଭାବେ ୧୦।୧୫ ଦିନ ଲଗେଇଲା ପରେ ଚର୍ମରୋଗ ଭଲହୁଏ । ବେଶୀଦିନ ଧରି ଚର୍ମରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀକୁ ଅନ୍ତତଃ ୨।୩ ମାସ ଧରି ଏଇ ଲତା ବାଟି ଦେହରେ ଲଗେଇବା ସଙ୍ଗେ ସଙ୍ଗେ ତହିଁରୁ ୧ ଗ୍ରାମ ଓଜନର ନିର୍ମୂଳୀଲତାକୁ ଖାଲିପେଟରେ ପ୍ରତିଦିନ ଖାଇବାକୁ ପଡ଼ିଥାଏ । ରୋଗର ପ୍ରଥମାବସ୍ଥାରେ ଏହି ନିୟମ ପାଳନ କଲେ ରୋଗୀ ଚର୍ମରୋଗରୁ ମୁକ୍ତିପାଇବା ସଙ୍ଗେ ସଙ୍ଗେ ଦେହ ଚିକ୍କଣ ହୋଇଯାଏ ।

ଶିଶୁ, ଏପରିକି ସମସ୍ତ ସମୟରେ ବଡ଼ମାନଙ୍କ ପେଟରେ ହେଉଥିବା କୃମି ନିର୍ମୂଳ କରିବା ନିମନ୍ତେ ନିର୍ମୂଳୀଲତା ବ୍ୟବହାର କରାଯାଏ । ନିର୍ମୂଳୀଲତା (ଶୁଖିଲା) ୧ ଭରି ଦ୍ରାକ୍ଷା ୧ ଭରି ଏକତ୍ରିତ କରି ନୂଆ ମାଟିପାତ୍ର-ରେ ୧ ଲିଟର ପାଣିରେ ୧/୮ ଲିଟର ହେବା ପର୍ଯ୍ୟନ୍ତ ସିଝାଯାଏ । ସେଥିରେ ୫।୬ ଗ୍ରାମର ମହୁ ମିଶାଇ ଖାଇବାକୁ ହୋଇଥାଏ । ଏହିପରି ଦିନକୁ ୩ ପାନ କରି ଖାଇଲେ ଏକ ସପ୍ତାହ ମଧ୍ୟରେ କୃମି ନାଶ ହୁଏ ।

ପିତ୍ତରୋଗ ମୁଣ୍ଡବୁଲାଇ ହୋଇ ବାନ୍ତିହେଲେ ୧୦ ଗ୍ରାମ ନିର୍ମୂଳୀ ଲତା ୧ଲିଟର ପାଣିସହିତ ନୂଆ ମାଟିପାତ୍ରରେ ୫।୬ ଗ୍ରାମର ମହୁମିଶାଇ

Images: Aptakama Mishra, Processing: Srujanika

ପିଇବାକୁ ପଡ଼ିଥାଏ । ଏହିପରି ୮।୧୦ ଦିନ ସେବନ କଲେ ରୋଗୀ ଆରୋଗ୍ୟଲାଭ କରେ ।

କୌଣସି କାରଣରୁ କମ୍ପ ଜିମ୍ପୀ ବା ଜଟିଳ ପ୍ରକୋପରୁ ମୁଣ୍ଡରୁ ବାଳ ଝଡ଼ିଯାଇ ମୁଣ୍ଡ ଚନ୍ଦା ହେଲେ ମଧ୍ୟ ନିର୍ମଳୀ ଲଟାର ବ୍ୟବହାର କରାଯାଏ । ୧।୪ ଲିଟର ନଡ଼ିଆ ତେଲରେ ୧।୨ କି.ଗ୍ରା 'ଶୁଖିଲା' ନିର୍ମଳୀ ଲଟାକୁ ଛେଚି ପକାଇ ୮।୧୦ ଦିନ ଭିଜାଇ ରଖିବାକୁ ହୋଇଥାଏ । ତେଲରେ ଭିଜାଇ ରଖିଲାବେଳେ ପନ୍ଦର ଦିନ ଖରାରେ ଦେବାକୁ ପଡ଼ିଥାଏ । ତା' ପରେ ପତଳା କନାରେ ଛାଣି, ସେହି ତେଲକୁ ଚନ୍ଦା ହୋଇ ଯାଇଥିବା ସ୍ଥାନରେ ଭଲରୂପେ ରାତିରେ ଘଷି ପରଦିନ ସକାଳେ ମୁଣ୍ଡ ଧୋଇ ଦେବାକୁ ହୁଏ । ଏହିପରି ନିୟମିତ ଭାବେ ୧ ମାସ ଲଗାଇଲେ ଚନ୍ଦା ଜାଗାରୁ ବାଳ ବାହାରିବା ଦେଖାଯାଏ । କାରଣ ଏହା ଲୋମ-କୂପକୁ ସକ୍ରିୟ କରିବାରେ ସାହାଯ୍ୟ କରେ ।

ମ୍ୟାଲେରିଆ ରୋଗୀର ପ୍ଲୀହା ବଢ଼ିଯାଏ । ଏଥିପାଇଁ ମଧ୍ୟ ନିର୍ମଳୀ ଲଟା ବ୍ୟବହାର କରାଯାଏ । ନିର୍ମଳୀ ଲଟା ଶୁଖିଲା ଚୂର୍ଣ୍ଣ ୦ ଗ୍ରାମ ମାଟି ହାଣ୍ଡିରେ ଥିବା ପାଣିରେ ମିଶାଇ ଦିନକୁ ଥରେ କରି ୧ ସପ୍ତାହ ଖାଇଲେ ପ୍ଲୀହା ବୃଦ୍ଧି ରୋଗର ଉପଶମ ହୋଇଥାଏ ।

ନିର୍ମଳୀଲଟା ୨୦ଗ୍ରା. (ଶୁଖିଲା) ୧ ଲିଟର ପାଣିରେ (ମାଟିପାତ୍ରରେ) ଫୁଟାଇ ପାଣିକୁ ୧।୪ ଲିଟର କରିବାକୁ ହୋଇଥାଏ । ସେଥିରୁ କପ୍ ଛାଣି ପାଣି ଆଣି ୨୦ଟି ଗୋଲମରିଚ ଗୁଣ୍ଡ ଓ ୨ ଗ୍ରାମ ମହୁ ଏକତ୍ରିତ କରି ୮।୧୦ ଦିନ ସେବନ କଲେ ଅପସ୍ମାର ରୋଗ ଭଲ ହୁଏ ।

ଶୁଖିଲା ନିର୍ମଳୀ ଲଟାକୁ ଗୁଣ୍ଡ କରି ସେହି ଗୁଣ୍ଡ ସହ ଗାଈ ଘିଅ ସଙ୍ଗେ ମଲମ ତିଆରି କରି ସେହି ମଲମକୁ କାଛୁ, କଣ୍ଡୁଆ, ଦଦ୍ରୁ ଉପରେ ଲେପ ଦେଲେ ୮।୧୦ ଦିନରେ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରେ । ନିର୍ମଳୀଲଟା, ହଳଦୀ ଓ ଭୁଇଁ ନିମ୍ବକୁ ସମପରିମାଣରେ ଶିଳରେ ବାଟି ତାକୁ ଦେହରେ ଲଗାଇଲେ ମଧ୍ୟ ଚର୍ମରୋଗ ଦୂର ହୁଏ ।

ନିର୍ମଳୀଲଟାକୁ ଏହିପରି ଭାବେ ଚୂର୍ଣ୍ଣିଆ ଔଷଧରୂପେ ବ୍ୟବହାର କରିବା ଦେଖାଯାଏ । ମଲଙ୍ଗ ଗଛ ଉପରେ ଆଶ୍ରୟ ନେଇ ବଢ଼ୁଥିବା ନିର୍ମଳୀଲଟାକୁ ଗର୍ଭପାତ ପାଇଁ ଗାଁ ଗହଳ ତଥା ଆଦିବାସୀ ଅଞ୍ଚଳରେ ବ୍ୟବହାର କରାଯାଏ । ଏହି ଲଟାର ଶୁଖିଲା ଲଅକୁ ଅଣ୍ଟାରେ ବାନ୍ଧି ଏବଂ ୧ ଭରି ନିର୍ମଳୀଲଟାର ଗୁଣ୍ଡ ସହ ୨୧ଟି ଗୋଲମରିଚ ଏକତ୍ରିତ କରି ୭ ଦିନ ସେବନ କଲେ ଅତ୍ୟଧିକ ରକ୍ତପାତ ନହୋଇ ହରୁଖରୁରେ ଗର୍ଭପାତ ହୁଏ ।

ଭାରତବର୍ଷ ପରି ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରେ ଜଙ୍ଗଲ ମାନଙ୍କରେ ବିଭିନ୍ନ ପ୍ରକାର ନିର୍ମଳୀଲଟା ଦେଖାଯାଏ । ଏଥିରୁ ଉପକାରିତା ଅନୁଭୂତ ତଥ୍ୟରୁ ଉପଲବ୍ଧ କରାଯାଇଛି । ତେବେ ଏଥିରେ ରହିଥିବା କେଉଁ ଦ୍ରବ୍ୟଗୁଣ କେଉଁ ରୋଗ ନିମନ୍ତେ ଉପଯୁକ୍ତ ତାହାର ସଠିକ ଚର୍ଚ୍ଚା ଏପର୍ଯ୍ୟନ୍ତ ହୋଇପାରିନାହିଁ । ଧାରାବାହିକ ବ୍ୟବହାର ଦ୍ୱାରା ଏହି ଲଟା ଆମର ଏତେ ଉପକାରରେ ଆସେ ବୋଲି ଆମେ ଜାଣିପାରୁଛୁ । ଏଣୁ ଏହି ଲଟାକୁ ତୁଚ୍ଛ ମନେ ନକରି ତା'ର ଦ୍ରବ୍ୟଗୁଣର ସଠିକ ଗବେଷଣାମାନ କରାଯିବା ଉଚିତ । ଭାରତବର୍ଷର ବିଭିନ୍ନ ସ୍ଥାନରେ ଗବେଷଣାଗାର ମାନଙ୍କରେ ଦୁର୍ଲଭ ଉଦ୍ଭିଦ ଓ ପ୍ରାଣୀମାନଙ୍କରୁ ବହୁବିଧ ଔଷଧୀୟ ଜୈବିକ ପଦାର୍ଥମାନ ନିର୍ଦ୍ଧାରିତ କରାଯାଉଛି । ଦିଲ୍ଲୀର କାଉନ୍‌ସିଲ ଅଫ ସାଇଣ୍ଟିଫିକ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚରେ (C. S. I. R) ଏହି ପ୍ରକାର ଗବେଷଣାମାନ ଚାଲୁ ରହିଛି । ଓଡ଼ିଶାର ଭୁବନେଶ୍ୱରର ରିଜନାଲ ରିସର୍ଚ୍ଚ ଲାବୋରେଟୋରୀ ଅଫ ଇଣ୍ଡିଆ (R. R. L. I.) ରେ ମଧ୍ୟ ଗବେଷଣା ଚାଲୁଅଛି । ତେବେ ଆମ ଜଙ୍ଗଲ ମାନଙ୍କରେ ଭରପୂର ହୋଇ ରହିଥିବା ନିର୍ମଳୀ ଲଟାର ଗବେଷଣା କରାଗଲେ ଆମେ ବହୁବିଧ ଇନ୍ଦ୍ରିୟ ଜୀବନ (Microflora) ଦ୍ୱାରା ଆକ୍ରାନ୍ତ ହେଉଥିବା ରୋଗରୁ ମୁକ୍ତି ପାଇ ପାରିବୁ । ଆମ ଦେଶ ଏକ ଗ୍ରୀଷ୍ମପ୍ରଧାନ ଦେଶ ଏହାର ପରିବେଶର ଉଷ୍ମତା ଶୀତପ୍ରଧାନ ଦେଶ ଅପେକ୍ଷା ବହୁତ ବେଶୀ । ଅଧିକ ଉଷ୍ମ ପରିବେଶରେ ଜୀବାଣୁ ଅର୍ଥାତ୍ ବୀଜାଣୁ (ବ୍ୟାକ୍ଟେରିଆ) ଓ (ଫଙ୍ଗସ୍) ଅତିଶୀଘ୍ର ବଂଶ ବୃଦ୍ଧି କରେ । ଆମ ଦେହରେ ଏହି ବ୍ୟାକ୍ଟେରିଆ ଓ ଫଙ୍ଗସ୍ ଆକ୍ରମଣ କରି ସେମାନଙ୍କର ବଂଶ ବୃଦ୍ଧି କଲାବେଳେ ଆମେ ବିଭିନ୍ନ ପ୍ରକାର ଚର୍ମରୋଗରେ ଶିକାର ହୋଇ ପଡ଼ୁ । ଏହି ସବୁ ଚର୍ମରୋଗର ଉପଶମ କରିବା ପାଇଁ ନିର୍ମଳୀ ଲଟା ଆମର ଅନେକ ପ୍ରକାର ସାହାଯ୍ୟ କରିଅଛି । ଏଣୁ ଯଦି ଅତିଶୀଘ୍ର ଆମେ ଏହି ଲଟାକୁ ବୈଜ୍ଞାନିକ ଉପାୟରେ ବ୍ୟବହାର କରିପାରିବା ତାହା ହେଲେ ଆମ ଦେଶବାସୀ ଅଧିକ ଉପକୃତ ହେବେ । ଅଜିର ବୈଜ୍ଞାନିକ ଏହାର ସଠିକ୍ ଉପଯୋଗ କିପରି ହୋଇପାରିବ ସେଥିପ୍ରତି ସଚେତନ ହେବା ଉଚିତ୍ । □

ଓଡ଼ିଶାରେ କଂଗ୍ରେସର ବିଜୟରେ ଡ଼ ମହତାବଙ୍କ ଭୂମିକା

ଓଡ଼ିଶାରେ କଂଗ୍ରେସ ଦଳର ବିଜୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଭୂମିକାରେ ରାଜନୈତିକ ପର୍ଯ୍ୟବେକ୍ଷକ ମାନଙ୍କର ଏବେ ପ୍ରଧାନ ଚର୍ଚ୍ଚାର ବିଷୟ ହୋଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କ୍ଷମତାସୀନ ହେବା ପରଠାରୁ ଡ଼: ମହତାବଙ୍କୁ ସବୁବେଳେ ନିଜ ପକ୍ଷରେ ରଖିବାକୁ ଅହରହ ଉଦ୍ୟମ କରି ଆସିଛନ୍ତି ଫଳରେ ପ୍ରଜାତନ୍ତ୍ର ଗୋଷ୍ଠୀ ରାଜ୍ୟ ମନ୍ତ୍ରୀମଣ୍ଡଳକୁ ସମର୍ଥନ କରୁଥିଲାବେଳେ ସମାଜ ଗୋଷ୍ଠୀ ବିରୋଧ କରୁଥିଲା । ଗତ ନିର୍ବାଚନରେ ଏ ଦୁଇ ଗୋଷ୍ଠୀର ସମର୍ଥନ ପ୍ରକାଶ୍ୟଭାବେ ବିଦିତ ହୋଇଥିଲା । ଡ. ମହତାବ ତାଙ୍କର ସୂକ୍ଷ୍ମବୁଦ୍ଧି ପ୍ରୟୋଗ କରି ଦୁଇ ବିପରୀତ ଧର୍ମୀ କମ୍ୟୁନିଷ୍ଟ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘକୁ ମଧ୍ୟ କଂଗ୍ରେସ ସପକ୍ଷରେ ନିୟୋଜିତ କରିଥିଲେ ବୋଲି ଏବେ ଘଟଣାଚକ୍ରରେ ଜଣାପଡ଼ୁଛି ।

ଆର୍‌ ଏସ୍‌-ଏସ୍‌ ବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ସହ ଡ଼: ମହତାବଙ୍କ ସମ୍ପର୍କ ଜଣାଶୁଣା । ତେଣୁ ଅତି ଉଚ୍ଚସ୍ତରରେ ସେ ରାଜ୍ୟରେ କଂଗ୍ରେସ ସପକ୍ଷରେ ଆର୍‌-ଏସ୍‌-ଏସ୍‌ର ସମର୍ଥନ ହାସଲ କରିବାରେ ସମର୍ଥ ହୋଇଥିଲେ । ଫଳତଃ ବି-ଜେ-ପି ର ପ୍ରାର୍ଥୀ ନଥିବା ସ୍ଥାନମାନଙ୍କରେ ଏହାର କର୍ମୀ ମାନେ କ୍ଷମତାସୀନ ଦଳ ସପକ୍ଷରେ କାର୍ଯ୍ୟ କରିଥିବା ଦେଖାଯାଇଥିଲା ଏବଂ ସଂଘର ତୁଙ୍ଗ ନେତା ଶ୍ରୀ ଭୁପେନ୍ ବୋଷ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ ।

ସେହିଭଳି କମ୍ୟୁନିଷ୍ଟ ମାନଙ୍କୁ ମଧ୍ୟ କୌଣସିମତେ ପ୍ରଭାବିତ କରିବାକୁ ଶ୍ରୀ ରାମକୃଷ୍ଣ ପତିଙ୍କ ଜରିଆରେ ଉଦ୍ୟମ କରି ଅବଶେଷରେ ଏ ଦିଗରେ ମଧ୍ୟ ସେ ସଫଳ ହୋଇଥିଲେ । ଫଳରେ ବାହାରକୁ କମ୍ୟୁନିଷ୍ଟ ମାନେ ଜନତା ଦଳକୁ ସମର୍ଥନ କରୁଥିଲେ ମଧ୍ୟ ପ୍ରକୃତରେ ସେମାନେ କ୍ଷମତାସୀନ କଂଗ୍ରେସ ଦଳପାଇଁ କାର୍ଯ୍ୟ କରୁଥିଲେ । ଏଥିପାଇଁ ପାରାଦ୍ୱୀପ, କାକଟପୁର ଓ ନିମାପଡ଼ା ଅଞ୍ଚଳରୁ ଜନତା ପ୍ରାର୍ଥୀ ସେମାନଙ୍କ ସମର୍ଥନ ପାଇଲେ ନାହିଁ ଏବଂ ଅସ୍କାରେ ମଧ୍ୟ ସେ ଅବସ୍ଥାର ପ୍ରତିଫଳନ ହେଲା । କିନ୍ତୁ ଏ ଦୁଇ ଦଳ କେଉଁ ସର୍ତ୍ତରେ କଂଗ୍ରେସକୁ ସମର୍ଥନ କଲେ ତାହା ଏବେବି ଅଜ୍ଞାତ ରହିଛି । □

Images: Aptakama Mishra, Processing: Srujanika

ଶ୍ରୀ ସିଂହଦେଓ କେନ୍ଦ୍ରରେ ନିଜର ସ୍ଥିତି ବଜାୟ ରଖିଲେ

(ନିଜ ପ୍ରତିନିଧିଙ୍କଠାରୁ)

ଢେଙ୍କାନାଳର ଲୋକସଭାରୁ ଓଡ଼ିଶାର ସର୍ବାଧିକ ଭୋଟ ପାଇ ନିର୍ବାଚିତ ହୋଇଥିବା ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ନୂତନ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇ ସେଠାରେ ନିଜର ସ୍ଥିତି ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି ।

ଶ୍ରୀ ସିଂହ ଦେଓ ରାଜ୍ୟର ଅନ୍ୟାନ୍ୟ କଂଗ୍ରେସ ପ୍ରାର୍ଥୀଙ୍କ ତୁଳନାରେ ସର୍ବାଧିକ ଭୋଟ ପାଇଥିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ନିଜର ମୁଖ୍ୟ ପ୍ରତିଦ୍ୱନ୍ଦୀ ଜନତା ଦଳର ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କୁ ପ୍ରାୟ ଦୁଇ ଲକ୍ଷ ତିନି ହଜାର ଭୋଟରେ ପରାସ୍ତ କରି ସେ ଏକ ନୂତନ ରେକର୍ଡ଼ ସୃଷ୍ଟି କରିଛନ୍ତି । ମୋଟ ଭୋଟରଙ୍କ ମଧ୍ୟରୁ ଶତକଡ଼ା ୭୨.୭୪ ଭାଗ ଲୋକେ ତାଙ୍କୁ ଭୋଟ ଦେଇଥିଲେ । ତାଙ୍କ ତଳକୁ ସର୍ବାଧିକ ଭୋଟ ପାଇଥିବା ବ୍ୟକ୍ତି ହେଲେ ନବରଙ୍ଗପୁରର ଶ୍ରୀ ଖଗପତି ପ୍ରଧାନ । ସେ ଏହି ନିର୍ବାଚନରେ ଶତକଡ଼ା ୭୧.୫୬ ଭାଗ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ଶ୍ରୀ ପ୍ରଧାନ ଲଗାତର ଭାବେ ୪ର୍ଥ ଥର ପାଇଁ ଏହି ଥର ନିର୍ବାଚିତ ହେଲେ ।

ଶ୍ରୀ ସିଂହଦେଓ କେନ୍ଦ୍ରରେ ପ୍ରଥମେ ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ସେହି ବିଭାଗରେ ରାଷ୍ଟ୍ରମନ୍ତ୍ରୀ ହେବା ଦିନଠାରୁ ବରାବର ନିଜ ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଗସ୍ତ କରିବା ଫଳରେ ତାଙ୍କ ପ୍ରତି ସାଧାରଣ ସ୍ତରରେ ଯେଉଁ ସଦିଚ୍ଛା ସୃଷ୍ଟି ହୋଇଥିଲା ଗତ ନିର୍ବାଚନରେ ତାହା ପ୍ରତିଫଳିତ ହେଲା ।

ନୂତନ ମନ୍ତ୍ରୀମଣ୍ଡଳୀରେ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ତାଙ୍କୁ ଅବସ୍ଥାପିତ କରାଯାଇ ନ ଥିଲେ ବି ଯୋଜନା ଏବଂ ପ୍ରଶାସନ ସଂସ୍କାର ଦାୟିତ୍ୱ ତୁଳାଇ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ଅଫିସରମାନଙ୍କ ଉପରେ ସେ ପୂର୍ଣ୍ଣ ନିୟନ୍ତ୍ରଣ ଜାରି କରିବାକୁ ସକ୍ଷମ ହେବେ ବୋଲି କଳନା କରାଯାଉଛି

ଏସିଆଡ କ୍ରୀଡ଼ାର ସଫଳତା ତଥା ପଞ୍ଜାବରେ ଅପରେସନ୍ ବ୍ଲୁ ଷ୍ଟାରରେ ଶ୍ରୀ ସିଂହଦେଓଙ୍କ ଅବଦାନ ଯୋଗୁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ବିଶେଷ ପ୍ରିୟପାତ୍ର ହୋଇଥିଲେ । ସାଧାରଣ ଲୋକଙ୍କ ଅଂଶ୍ରାର ଉନ୍ନତି ପାଇଁ ଅମଲାତନ୍ତ୍ରକୁ ସଫଳ ଭାବେ ବିନିଯୋଗ କରିବା ନିମନ୍ତେ ଶ୍ରୀ ଗାନ୍ଧୀ ବୋଧ ହୁଏ ଶ୍ରୀ ସିଂହଦେଓଙ୍କୁ ଅବଶେଷରେ ବାଛିଛନ୍ତି । ଅତି ଧୂର୍ତ୍ତ ତଥା ମସ୍ତ ଲାଗି ଶ୍ରୀ ସିଂହ ଦେଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରୁଥିଲେ ମଧ୍ୟ ପ୍ରକାଶ୍ୟ ଭାବେ ସେ ବିଷୟରେ କିଛି ଚର୍ଚ୍ଚା କରି ନ ଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ବିରୁଦ୍ଧରେ ଦିଲ୍ଲୀ ମହଲରେ କାହାରିକୁ କିଛି କହିପାରୁନାହାନ୍ତି । ଏ ଅବସ୍ଥାରେ ଶ୍ରୀ ଗାନ୍ଧୀ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ପରାମର୍ଶ ନ କରି ଶ୍ରୀ ସିଂହଦେଓଙ୍କୁ ମନ୍ତ୍ରୀ କରିଥିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । □

ହୀରା ମଧ୍ୟ ଅଙ୍ଗାର ହୋଇଯିବ

ହୀରାର କୌଣସି ପରିବର୍ତ୍ତନ ହେବନାହିଁ- ବୋଲି ସମସ୍ତେ ବିଶ୍ୱାସ କରନ୍ତି । ବାସ୍ତବିକ ଏହି ସତ୍ୟ ଜଣାପଡୁଥିଲେ ମଧ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ସତ୍ୟ ନୁହେଁ । ମଣ୍ଡେ ହୀରାକୁ ବର୍ତ୍ତମାନ ୫୦୦ ଡିଗ୍ରୀ ସେଲସିୟସ୍‌ରେ ରଖିଲେ ଏହା ଏକ ଗ୍ରାଫାଇଟ ଖଣ୍ଡରେ ପରିଣତ ହୋଇଯିବ ।

ହୀରାକୁ ବୈଜ୍ଞାନିକମାନେ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଥା'ନ୍ତି ଭୂପୃଷ୍ଠର କିଃ ମିଃ ତଳେ ସାଧାରଣତଃ ଏହା ମିଳୁଥିବାରୁ ଭୂତତ୍ତ୍ୱ ବୈଜ୍ଞାନିକମାନଙ୍କ ପାଇଁ ଏହାର ଗଠନ ପ୍ରଣାଳୀ ଜାଣିବା ଏକାନ୍ତ ଆବଶ୍ୟକ । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀ ଫଲଡଙ୍କ ମତରେ ପୃଥିବୀ ଜନ୍ମ ନେବାପରେ ପ୍ରଥମ ଭୂତତ୍ତ୍ୱ ସ୍ଥାନ ମିଳିଥିଲା ।

ସବୁଠାରୁ ବଡ଼ ହୀରାଖଣ୍ଡଟି ମିଳିଥିଲା ଦକ୍ଷିଣ ଆଫ୍ରିକାରେ ୧୯୦୫ ମସିହାରେ । ଏହାର ଓଜନ ଥିଲା ତିନିହଜାର କ୍ୟାରେଟ ।

□

Images: Aptakama Mishra, Processing: Srujanika

ମହାକାଶର ଅତିଥି ହେଲି ଧୂମକେତୁ :—ଏହାର ସୃଷ୍ଟି ରହସ୍ୟ

୭୬ ବର୍ଷ ପରେ ୧୯୮୬ ମସିହାରେ ଦୃଶ୍ୟମାନ ହେଉଥିବା ମହାକାଶୀୟ ଅତିଥିକୁ ଚର୍ଚ୍ଚା କରିବା ଲାଗି ବୈଜ୍ଞାନିକ ମହଲରେ ବ୍ୟାପକ ଆୟୋଜନ

ଦୀର୍ଘ ୭୬ ବର୍ଷ ପରେ ୧୯୮୬ ମସିହାରେ ପ୍ରାକ୍ କାଳରେ ପ୍ରତ୍ୟାବର୍ତ୍ତିତ ହେଲି ଧୂମକେତୁ ପୃଥିବୀ ଆକାଶରେ ଦୃଶ୍ୟ ହେବ ଏବଂ ସେତେବେଳେ ଏହା ବିଷୟରେ ବିଶେଷ ତଥ୍ୟ ଜାଣିବାକୁ ବିଶ୍ୱର ବୈଜ୍ଞାନିକମାନେ ଆଜଠୁଁ ତତ୍ପରତା ଆରମ୍ଭ କରିଦେଲେଣି । ହେଲି ଧୂମକେତୁକୁ ସ୍ପର୍ଶ କରିବା ପାଇଁ ଗତ ମାସରୁ ଏକ ଉପଗ୍ରହ ମଧ୍ୟ ପଠାଗଲାଣି । ଚଳିତମାସରେ ଏହା ଦୃଶ୍ୟମାନ ହେଲେ ମଧ୍ୟ ଏହା ଏତେ ଅସ୍ପଷ୍ଟ ହେବ ଯେ ଖାଲି ଆଖିରେ ତାକୁ ଦେଖିବା ସମ୍ଭବ ହେବ ନାହିଁ । କିନ୍ତୁ ବାଇନାକୁଲାର ସାହାଯ୍ୟରେ ଓ ଦୂରବୀନରେ ଏହାକୁ ଭଲଭାବେ ଦେଖିହେବ । ଫେବୃଆରୀ ୯ ତାରିଖ ବେଳକୁ ଏହା ସୂର୍ଯ୍ୟର ନିକଟବର୍ତ୍ତୀ ହୋଇ ସାରିଥିବ ଏବଂ ମାର୍ଚ୍ଚ ବେଳକୁ ଏହା ଭୋରରୁ ଦେଖାଯିବ । ମାର୍ଚ୍ଚ ମାସର ସକାଳ ଆକାଶରେ ଏହା ଏକ ଅସ୍ପଷ୍ଟ ବସ୍ତୁ ରୂପେ ପ୍ରତିଭାତ ହେବ ।

ପୃଥିବୀର ନିକଟତମ ଦୂରତ୍ୱକୁ ଆସିଲାବେଳେ (ଫେବୃଆରୀ ୯ ତାରିଖ) ଏହା ମଙ୍ଗଳର କକ୍ଷ ପଥରେ ଥିବ ଏବଂ ଦୂରତମ ସ୍ଥାନରେ ଥିଲାବେଳେ ନେପଚୁନ୍‌ର କକ୍ଷ-ପଥରେ ଥିବ । ଏହି ଧୂମକେତୁ ବାରମ୍ବାର ଆମ ଆକାଶକୁ ଆସୁଥିବାରୁ ଏହା ବିଷୟରେ ଏତେ କୌତୁହଳ ସୃଷ୍ଟି ହେଉଛି । ଚୀନ ନଥିପତ୍ର ଅନୁଯାୟୀ ସର୍ବ ପ୍ରଥମେ ଖ୍ରୀ: ପୂ: ଅବ୍ଦରେ ଏହା ପ୍ରଥମେ ପୃଥିବୀ ଆକାଶରେ ଦେଖା ଯାଇଥିଲା ।

ଡକ୍‌ଟର ଜେ. ଏନ୍ ଦେଶାଇ

ଧୂମକେତୁର ଉପାଦାନ ସମ୍ପର୍କରେ ଗବେଷଣା କରିବା ଦ୍ୱାରା ପ୍ରି ସୋଲାରନେବୁଲାର ପ୍ରାଥମିକ ଇତିହାସ ସମ୍ପର୍କରେ ଅଧିକ କିଛି ଜାଣିବା ସମ୍ଭବ ହେବ । ଏହି ନେବୁଲାରୁ କାଳକ୍ରମେ ସୂର୍ଯ୍ୟ ଓ ସୌର ଜଗତରେ ପରିଣତ ହୋଇଥିଲା । ଖାଲି ଆଖିରେ ଦେଖିବାକୁ ଆଗ୍ରହୀ ଥିବା ବ୍ୟକ୍ତିମାନେ ହେଲି ଧୂମକେତୁ ସମ୍ପର୍କରେ ଅବଶ୍ୟ ନିରାଶ ହେବେ । କାରଣ ୧୯୧୦ ମସିହାରେ ଏହା ଯେପରି ସ୍ପଷ୍ଟ ଓ ଉଜ୍ଜ୍ୱଳଭାବେ ଦେଖା ଯାଇଥିଲା ୧୯୮୫-୮୬ ରେ ସେହିପରି ଦେଖାଯିବ ନାହିଁ ।

କିନ୍ତୁ ଉପଗ୍ରହ ମାନଙ୍କ ଜରିଆରେ ଆମେ ତା ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରି-ପାରିବା । ୧୯୧୦ ମସିହାରେ ଆମ ପୃଥିବୀ ହେଲି ଧୂମକେତୁର ଲାଞ୍ଜ ଭିତରଦେଇ ଗତି କରିଥିଲା ଏବଂ ଏହି ଘଟଣାପାଇଁ ସେତେବେଳେ ବିଭିନ୍ନ ମହଲରେ ପ୍ରବଳ କୌତୁହଳ ସୃଷ୍ଟି ହୋଇଥିଲା । କିନ୍ତୁ ଲାଞ୍ଜ ଭିତରେ ଥିବା ଧୂଳି ପଟଳର ସାନ୍ଦ୍ରତା ଅତି କମ ହୋଇ-ଥିବାରୁ ସାଧାରଣ ଲୋକେ ଏ ଘଟଣାରେ କିଛି ଅସ୍ୱାଭାବିକତା ଲକ୍ଷ୍ୟ କରିପାରି ନଥିଲେ । ଅବଶ୍ୟ କୌଣସି ଧୂମକେତୁର କେନ୍ଦ୍ର ବା ମୁଣ୍ଡ ସହିତ ପୃଥିବୀ ଧକ୍କା ଖାଇଲେ ପରିଣତି ଭୟାବହ ହେବ ।

(ଅବଶିଷ୍ଟାଂଶ ୨[illegible] ପୃଷ୍ଠାରେ)

ଅତିରିକ୍ତ ଅଭିଳାଷ ପାଇଁ ପ୍ରଣବ ମୁଖାର୍ଜୀ ବିଦାୟ ନେଲେ

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ନମ୍ବର ୨ ବ୍ୟକ୍ତି ରୂପେ ପରିଚିତ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପ୍ରଣବ ମୁଖାର୍ଜୀ ନୂଆ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇ ନଥିବା ଏକ ପ୍ରଣିଧାନର ବିଷୟ ।

ଶ୍ରୀମତୀ ଗାନ୍ଧୀଙ୍କ ସମୟରେ ସେ ଅତି ଶକ୍ତି-ଶାଳୀ ହୋଇଥିଲେ ମଧ୍ୟ ମୂଳରୁ ରାଜୀବ ତାଙ୍କୁ ଭଲ ଦୃଷ୍ଟିରେ ଦେଖୁ ନଥିଲେ । ଶ୍ରୀମତୀ ଗାନ୍ଧୀଙ୍କ ତିରୋଧାନ ଦିବସରେ ଶ୍ରୀ ରାଜୀବ ଗାନ୍ଧୀ ନୂଆ ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କୁ ଅସ୍ଥାୟୀ ପ୍ରଧାନ-ମନ୍ତ୍ରୀ କରିବା ପାଇଁ ଗୋଟିଏ ମହଲରେ ପ୍ରବଳ ଉଦ୍ୟମ ହୋଇଥିଲା । ଏହି ଉଦ୍ୟମ ଯୋଗୁ 'ରୁଲିଂ ଫାମିଲି' ବା ଦିଲ୍ଲୀର ଶାସକ ପରିବାରର ଲୋକେ ଶ୍ରୀ ମୁଖାର୍ଜୀଙ୍କୁ ଅତିରିକ୍ତ ଅଭିଳାଷ ପୋଷଣକାରୀ ବ୍ୟକ୍ତି ରୂପେ ଅଭିହିତ କଲେ ଏବଂ ବଙ୍ଗର ଏହି ଭଦ୍ର ବ୍ୟକ୍ତି ଜଣଙ୍କୁ ଖର୍ବ ନ କଲେ ଭବିଷ୍ୟତରେ ସେ କାଳେ ଅସୁବିଧା କରିବେ ସେଥିପାଇଁ ଯୋଜନା ଆରମ୍ଭ ହୋଇ ଯାଇଥିଲା କିନ୍ତୁ ଆସନ୍ନ ନିର୍ବାଚନ ଦୃଷ୍ଟିରୁ ଶ୍ରୀ ଗାନ୍ଧୀ କାମଚଳା ମନ୍ତ୍ରୀମଣ୍ଡଳ ଗଠନ କଲାବେଳେ ତିନିଜଣଙ୍କୁ ବାଦ ଦେଇଥିଲେ ବି ପ୍ରଣବଦାଙ୍କୁ ଛାଡ଼ି ନଥିଲେ ।

ଲୋକସଭା ନିର୍ବାଚନ ପରେ ରାଜୀବ ଅଖଣ୍ଡ କ୍ଷମତାର ଅଧିକାରୀ ହେବା ପରେ ନିଜ ଇଚ୍ଛାକୁ କାର୍ଯ୍ୟକାରୀ କରିବାକୁ ତାଙ୍କର ଆତ୍ମ-ବିଶ୍ୱାସ ସୃଷ୍ଟି ହେଲା ଏବଂ ତତ୍‌ପରବର୍ତ୍ତୀ ଅବସ୍ଥାରେ ଇନ୍ଦିରା ମନ୍ତ୍ରୀମଣ୍ଡଳର କେତେକ ଖ୍ୟାତନାମା ବ୍ୟକ୍ତିଙ୍କୁ ବାଦ ଦେବାକୁ ସେ ସାହାସ କଲେ । ଶ୍ରୀ ମୁଖାର୍ଜୀଙ୍କ ସହିତ ବଙ୍ଗଳାର ଅନ୍ୟତମ ପ୍ରତିନିଧି ଅବଦୁଲ୍ ଗନି ଖାଁ ଚୌଧୁରୀଙ୍କୁ ବିତାଡ଼ିତ କରାଯିବା ମୂଳରେ ଅଫିସର ମାନଙ୍କ କାରସାଦ ରହିଥିବା ଆଶଙ୍କା କରାଯାଉଛି ।

ଏ ଦୁଇଜଣଯାକ ଶ୍ରୀ ସିଦ୍ଧାର୍ଥଶଙ୍କର ରାୟଙ୍କର କଂଗ୍ରେସରେ ଯୋଗଦାନକୁ ଘୋର ବିରୋଧ କରୁଥିଲେ ଏବଂ ଶ୍ରୀ ମୁଖାର୍ଜୀ କୌଣସି ସ୍ଥାନରୁ ନିର୍ବାଚିତ ହୋଇ ନ ପାରି ରାଜ୍ୟସଭା ସଦସ୍ୟ ହୋଇଥିବା ବେଳେ ଶ୍ରୀ ଚୌଧୁରୀ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ।

କିନ୍ତୁ ବଙ୍ଗଳାରୁ ଶ୍ରୀ ଅଶୋକ ସେନଙ୍କୁ ନୂଆ ମନ୍ତ୍ରୀମଣ୍ଡଳକୁ ନିଆଯିବା ଦ୍ୱାରା ପଶ୍ଚିମ ବଙ୍ଗ ବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ସଦିଚ୍ଛା ପ୍ରତିଫଳିତ ହୋଇଛି । ଶ୍ରୀ ସେନ୍ ପୃଥିବୀର ଜଣେ ବରିଷ୍ଠ ଆଇନଜ୍ଞ ରୂପେ ପରିଚିତ ଏବଂ ତାଙ୍କ ବିଷୟରେ ସବୁ ମହଲରେ ସମ୍ମାନ ବୋଧ ରହିଛି । □

୨୦ ଲକ୍ଷ ଟଙ୍କିଆ ଡିନର

ଫ୍ରାନ୍‌ସର ରାଣୀ ଓ ପ୍ରଧାନମନ୍ତ୍ରୀ କାନାଡ଼ା ଗସ୍ତରେ ଯାଇଥିବା ବେଳେ ଉଭୟଙ୍କ ସମ୍ମାନାର୍ଥେ ଆୟୋଜିତ ଦୁଇଟି ଭୋଜି ସଭରେ ମୋଟ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ପ୍ରକାଶ ପାଇଛି । □

Images: Aptakama Mishra, Processing: Srujanika

(୨୦ ପୃଷ୍ଠାର ଅବଶିଷ୍ଟାଂଶ

ଧୂମକେତୁର ବୈଶିଷ୍ଟ୍ୟ ହେଉଛି ଏହାର ଉଜ୍ଜ୍ୱଳ ଲାଞ୍ଜ। ତାର ଗୋଲ ମୁଣ୍ଡରୁ ଏହି ଲାଞ୍ଜ ଆରମ୍ଭ ହୋଇ ସୂର୍ଯ୍ୟର ବିପରୀତ ଦିଗକୁ ଏହା ଲମ୍ବି ଯାଇଥାଏ। ବେଳେବେଳେ ଏହାର ଦୁଇଟି ଲାଞ୍ଜ ମଧ୍ୟ ଦେଖାଯାଇଥାଏ। ଗୋଟିଏ ଈଷତ୍ ହଳଦିଆ ଏବଂ ସାମାନ୍ୟ ବକ୍ର ହୋଇଥାଏ ଏବଂ ଅନ୍ୟଟି ସାମାନ୍ୟ ନୀଳ ରଙ୍ଗର ଓ ସିଧା।

ସ୍ପେକ୍ଟ୍ରୋସ୍କୋପିକ ପର୍ଯ୍ୟବେକ୍ଷଣରୁ ଧୂମକେତୁର ମୁଖ୍ୟତଃ ଦୁଇଟି ଲାଞ୍ଜଥିବା କୁହାଯାଇପାରେ। ଧୂଳିଆ ଲାଞ୍ଜ ଯାହା ଧୂଳିକଣାକୁ ନେଇ ଗଠିତ ଏବଂ ଏହାକୁ ସୂର୍ଯ୍ୟାଲୋକ ସହ ତୁଳନା କରାଯାଇପାରେ। ସୂର୍ଯ୍ୟର ରେଡ଼ିଏସନ ପ୍ରେସର ଯୋଗୁଁ ଏହି ଧୂଳିପଟଳ ସବୁ ସୂର୍ଯ୍ୟର ବିପରୀତ ଦିଗକୁ ଠେଲି ହୋଇଯାଆନ୍ତି।

ଧୂମକେତୁର ମୁଣ୍ଡରେ ଏକ ନ୍ୟୁକ୍ଲିଅସ ବା କେନ୍ଦ୍ରବିନ୍ଦୁ ଥିବା ଅନ୍ତତଃ ନିଶ୍ଚିତ ବୋଲି ବୈଜ୍ଞାନିକମାନେ ଏବେ ନିରୂପଣ କରିଛନ୍ତି। କିନ୍ତୁ ଏହି କେନ୍ଦ୍ରବିନ୍ଦୁର ଆକାର ସମ୍ପର୍କରେ ଏ ଯାଏଁ ମତଭେଦ ରହିଛି। ଏହାର କ୍ଷେତ୍ରଫଳ ଦୁଇ ତିନି ବର୍ଗକିଲୋମିଟରରୁ ଅଧିକ ହେବ ନାହିଁ ବୋଲି ସାଧାରଣତଃ ବିଶ୍ୱାସ କରାଯାଉଛି। ଏହି କେନ୍ଦ୍ରଟି ମଇଳା ବରଫକୁ ନେଇ ଗଠିତ। ଅଙ୍ଗାରକାମ୍ଳ ବାଷ୍ପ ଆମୋନିଆ ଓ ମିଥେନକୁ ନେଇ ଏହି ମଇଳା ବରଫ ଖଣ୍ଡ ତିଆରି ଏବଂ ଏଥିରେ ସିଲିକେଟ ଧୂଳିକଣା ଯବଲାଗି ରହିଥାଏ।

ଏହି ଧୂମକେତୁ ସୂର୍ଯ୍ୟଙ୍କଠାରୁ ତିନି ଏୟୁରୁ କମ ଦୂରତ୍ୱରେ ପହଞ୍ଚିଗଲେ। (୧ ଏୟୁ- ସୂର୍ଯ୍ୟ ପୃଥିବୀ ମଧ୍ୟରେ ଦୂରତା) ଏହି ବରଫ କ୍ଷେତ୍ର ତରଳିବାକୁ ଆରମ୍ଭ କରେ ଏବଂ ସେଥିରୁ ବାଷ୍ପ ଓ ଧୂଳିକଣା ବିଚ୍ଛୁରିତ ହୁଏ। କିନ୍ତୁ ୧ କାର୍ଯ୍ୟ ୭ ଏୟୁ ପର୍ଯ୍ୟନ୍ତ ଅଳ୍ପ ପରିମାଣରେ ସଂଘଟିତ ହୋଇପାରେ। ଏହାଠାରୁ ଅଧିକ ଦୂରକୁ ଗଲେ ବରଫ ତରଳାଇବା ପାଇଁ ସୂର୍ଯ୍ୟର ଉତ୍ତାପ ଯଥେଷ୍ଟ ହୁଏ ନାହିଁ। ଏହି ବାଷ୍ପୀକରଣ ସହିତ ସେହି କେନ୍ଦ୍ରରେ ବେଳେବେଳେ ଶ୍ରେଷ୍ଠ ବଡ଼ ବିସ୍ଫୋରଣ ମଧ୍ୟ ସଂଗଠିତ ହେଉଥିବା ଦେଖାଯାଏ।

ଧୂମକେତୁର ଗଠନତତ୍ତ୍ୱ ଆମ ସୌର ଜଗତର ଇତିହାସ ସହ ଜଡ଼ିତ। ଶ୍ରୀ ଉର୍ଟ ଏହି ଦୀର୍ଘକାଳ ବ୍ୟବଧାନରେ ଆସୁଥିବା ଧୂମକେତୁ ଗୁଡ଼ିକର କକ୍ଷ ଉପରେ ଗବେଷଣା କରିଥିଲେ। ତାଙ୍କ ମତରେ ଏହିଭଳି ଧୂମକେତୁ ସବୁ ଏକ ଲକ୍ଷ ଏୟୁ ଦୂରରୁ ଆମ ସୌର ମଣ୍ଡଳରେ ପ୍ରବେଶ କରନ୍ତି। ଏହି ଦୂରତାରେ ଆମ ସୂର୍ଯ୍ୟ ଚାରିପଟେ କୋଟି କୋଟି ଧୂମକେତୁ ସବୁ ରହିଛନ୍ତି। କିନ୍ତୁ ଏହି ଧୂମକେତୁ ଗୁଡ଼ିକ ଉପରେ ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ବେଶି ନଥାଏ। ତେଣୁ ବକ୍ଷ ପୃ ଭାବେ ସେଗୁଡ଼ିକ ଭାସୁଥାନ୍ତି। କିନ୍ତୁ ଅନ୍ୟ କୌଣସି ତାରା ବା ନକ୍ଷତ୍ର ସେ ବାଟେ ଗଲେ ଧୂମକେତୁ ଗୁଡ଼ିକର ଆଳସ୍ୟ ଭାଙ୍ଗିଯାଏ ଏବଂ ସେଗୁଡ଼ିକ ସକ୍ରିୟ ହୋଇ ଉଠନ୍ତି। ଏହି ଚକ୍ରିସ୍ଥାନରେ କେତେକ ଆମ ସୌର-ମଣ୍ଡଳ ପରିଧି ମଧ୍ୟକୁ ଆସିଯାଆନ୍ତି। କୋହୋଟେକ ନାମକ ନୂତନ ଧୂମକେତୁ ଆମ ଆକାଶରେ ୧୯୭୩ ମସିହାରେ ଏହି ଭଳି ଦେଖାଯାଇଥିଲା।

ଏହି ଧୂମକେତୁ ଆମ ସୌରମଣ୍ଡଳକୁ ପଶି ଆସିବା ପରେ ସେମାନଙ୍କ ମଧ୍ୟରୁ କେତେକ ବୃହସ୍ପତି, ଶନି, ୟୁରାନସ ଭଳି ବଡ଼ ବଡ଼ ଗ୍ରହ ମାନଙ୍କର ମାଧ୍ୟାକର୍ଷଣ ବଳୟ ମଧ୍ୟରେ ରହିଯାଆନ୍ତି ଏବଂ ହେଲି ଧୂମକେତୁ ଭଳି ଦୀର୍ଘ ବ୍ୟବଧାନରେ ଆମକୁ ଦେଖାଯାଆନ୍ତି।

ଧୂମକେତୁର ସୃଷ୍ଟି ରହସ୍ୟ

ଏହି ଧୂମକେତୁର ସୃଷ୍ଟି ସମ୍ପର୍କରେ ଦୁଇଟି ମତ ଏବେ ପ୍ରଚଳିତ। ଗୋଟିଏ ମତ ହେଲା ଆମ ସୌର ଜଗତ ଏକ ବୃହତ୍ତର ମଲିକ୍ୟୁଲାର କ୍ଲାଉଡ଼ରୁ ସୃଷ୍ଟି ହେଲା ବେଳେ ଏହି ଧୂମକେତୁ ଗୁଡ଼ିକ ବାହାରି ଆସିଥିଲେ ଏବଂ ବଡ଼ କ୍ଲାଉଡ଼ର ମହାକର୍ଷଣଶକ୍ତି ବଳୟ ଭିତରେ ସେହି ଦିନଠାରୁ ରହିଯାଇଛନ୍ତି। ଏହି ମତ ଅନୁସାରେ ଉର୍ଟଙ୍କର କଳ୍ପିତ ଦୂରତାରେ ଏହା ସ୍ପଷ୍ଟ।

ଅନ୍ୟ ଏକ ମତରେ ୟୁରାନସ ଏବଂ ନେପଚ୍ୟୁନର ଶରୀର ଯାହାକୁ ନେଇ ଗଠିତ ଧୂମକେତୁମାନଙ୍କର ଶରୀର ମଧ୍ୟ ଅନୁରୂପ ବସ୍ତୁମାନଙ୍କୁ ନେଇ ଗଠିତ ହୋଇଥିବାରୁ ନେପଚ୍ୟୁନର ଦୂରତାରେ ଏହି ଧୂମକେତୁ ସବୁ ଗଠିତ ହେଉଥିଲେ ସେମାନଙ୍କ ମଧ୍ୟରୁ କେତେକ ଏକତ୍ରିତ ହୋଇ ନେପଚ୍ୟୁନ ଓ ୟୁରାନସ ଗ୍ରହରେ ପରିଣତ ହୋଇଥିଲେ ଏବଂ ବଳକା ଧୂମକେତୁ ଗୁଡ଼ିକ ଦୂରକୁ ଚାଲିଗଲେ।

□

୧୯୦୮ ମସିହା ଜୁନ୍ ୩୦ ତାରିଖ ସକାଳେ ସାଇବେରିଆର ଟୁଙ୍ଗୁସ୍କା ଜଙ୍ଗଲରେ ଏକ ଭୟାବହ ବିସ୍ଫୋରଣ ହେଲା। ଏହି ପ୍ରଚଣ୍ଡ ବିସ୍ଫୋରଣ ଯୋଗୁ ଜଙ୍ଗଲର ବଡ଼ ବଡ଼ ଗଛମାନ ଉପୁଡ଼ି ପାଇ ୪୦ କିଲୋମିଟର ଦୂରରେ ଯାଇ ପଡ଼ିଲା। କିନ୍ତୁ ଏହି ପ୍ରଚଣ୍ଡ ବିସ୍ଫୋରଣ କେଉଁ ହେତୁ କଣ ବା କେଉଁଥି ପାଇଁ ଏହା ଘଟିଲା ତାହା ଜଣାପଡ଼ିଲା ନାହିଁ। ବିସ୍ଫୋରଣ ଫଳରେ ସ୍ୱାଭାବିକରୀତିରେ ନିର୍ଦ୍ଦିଷ୍ଟ ସ୍ଥାନରେ ଯେପରି ଗର୍ତ୍ତ ହେବା କଥା ତାହା ମଧ୍ୟ ହୋଇ ନଥିଲା। ତେଣୁ ଉଲ୍‌କାପାତ ଯୋଗୁ ଏହା ହୋଇଛି ବୋଲି ମଧ୍ୟ କୁହାଗଲା ନାହିଁ। ଏ ପରିସ୍ଥିତିରେ ଅନ୍ୟ କୌଣସି ଯୁକ୍ତିଯୁକ୍ତ କାରଣ ଅନୁପସ୍ଥିତିରେ ଧୂମକେତୁ ମୁଣ୍ଡ ସହିତ ସଂଘର୍ଷ ଯୋଗୁ ଏହା ହୋଇଛି ବୋଲି ବୈଜ୍ଞାନିକମାନେ ସିଦ୍ଧାନ୍ତ କଲେ। ଧୂମକେତୁର ମୁଣ୍ଡ ମୁଖ୍ୟତଃ ବରଫରେ ଗଠିତ ହୋଇ ଥିବାରୁ ପୃଥିବୀ ପୃଷ୍ଠରେ ଧକ୍କା ଖାଇବା ପୂର୍ବରୁ ବାୟୁମଣ୍ଡଳରେ ଏହା ବାଷ୍ପରେ ପରିଣତ ହୋଇ ଯାଇଥିବ ଏବଂ ତାହା ଟୁଙ୍ଗୁସ୍କା ଜଙ୍ଗଲରେ ଧକ୍କା ଖାଇ ଏଭଳି ବିସ୍ଫୋରଣ ଘଟାଇଥିବ ବୋଲି ବୈଜ୍ଞାନିକମାନେ କହୁଛନ୍ତି। ଅତଡ଼ଇକେଟି ବର୍ଷ ତଳେ ଏହି ଭଳି ସଂଘର୍ଷ ଯୋଗୁ ଆମ ଗ୍ରହର କେତେକ ଅଞ୍ଚଳରୁ ଜୀବଜଗତମାନ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଥିବା କୁହାଯାଉଛି। ଯେଉଁମାନେ ଏ ଯୁକ୍ତି ସହ ଏକମତ ନୁହନ୍ତି ସେମାନେ ପୃଥିବୀ ବାହାରୁ ଆସୁଥିବା ଯାନ ଅବତରଣ ଯୋଗୁ ଏଭଳି ବିସ୍ଫୋରଣ ସଂଘଠିତ ହୋଇଥିବା କହୁଛନ୍ତି।

ଆପଣଙ୍କ ରାଶିଫଳ

ଆଚାର୍ଯ୍ୟ ବଭୂତ ଭୂଷଣ

ମେଷ—ଏ ମାସରେ ମାନସିକ ପରିସ୍ଥିତି ଉଦ୍‌ବେଗଜନକ ରହିବ । ଆଶା ଅନେକ କ୍ଷୀଣ ଏବଂ ନୈରାଶ୍ୟ ଜନକ ହେବ । ସାମାଜିକ କର୍ମରେ ନିଜକୁ ନିୟୋଜିତ କଲେ ମଧ୍ୟ ଆଶାନୁରୂପ ଫଳ ପାଇ ନ ପାରନ୍ତି । ପାରିବାରିକ ଜୀବନଠାରୁ ଦୂରେଇ ରହିବେ । ରାଜନୈତିକ କର୍ମରେ ହସ୍ତକ୍ଷେପ କଲେ ମଧ୍ୟ ଆତ୍ମ ସନ୍ତୋଷ ଲାଭ କରିପାରିବେ ନାହିଁ । ସାମାଜିକ କର୍ମରେ ଅନେକ ଶତ୍ରୁ ଦେଖାଦେବେ ପାରସ୍ପରିକ ଅରୁଚି ମଧ୍ୟ ହେତୁ ମତାନ୍ତର ଦେଖାଦେବ । ବ୍ୟକ୍ତିତ୍ୱର ପରାକାଷ୍ଠା ପାଇଁ ଆପଣ ସଂପୂର୍ଣ୍ଣ ସଚେତନ ଥିଲେ ମଧ୍ୟ ଅନାୟାସରେ ଅନେକ ବାଧା ବିଘ୍ନ ଉପୁଜି ଆପଙ୍କୁ ଇତଃସ୍ତତ କରିଦେବ । ଆର୍ଥିକ ଦୃଷ୍ଟିରୁ ଅନେକ ଅର୍ଥର ସଂସ୍ପର୍ଶରେ ଆସିଲେ ମଧ୍ୟ ବ୍ୟୟବାହୁଲ୍ୟର ଆଧିକ୍ୟ ହେତୁ ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ବ୍ୟକ୍ତିଗତ-ଭାବେ ସମାଲୋଚିତ ଓ ଅସମ୍ମାନିତ ଅନେକ କ୍ଷେତ୍ରରେ ହୋଇ ପାରନ୍ତି । ଧର୍ମ କାର୍ଯ୍ୟପ୍ରତି ସଚେତନ ଓ ଈଶ୍ୱର ବିଶ୍ୱାସ ପ୍ରଗାଢ଼ ହେବ । ଛାତ୍ରମାନେ ଉଚ୍ଚଶିକ୍ଷା ପ୍ରତି ମନ ଚଳାଇବେ । ମହିଳା ମାନେ ଧର୍ମଶିକ୍ଷା ପ୍ରତି ଆକୃଷ୍ଟ ହେବେ ।

ବୃଷ—ଏ ମାସଟି ଆପଣଙ୍କ ପକ୍ଷେ ଅଶୁଭ ହେବ । ସାମାଜିକ, ପାରିବାରିକ, ରାଜନୈତିକ, ଓ ଆର୍ଥିକ ସଙ୍କଟ ମଧ୍ୟରେ ଗତି କରିବାକୁ ପଡ଼ିବ । ଆପଣଙ୍କର ଦୁଃଖ ଥିଲେ ମଧ୍ୟ ଦୁଃଖ ଦେଖିବାକୁ କେହି ନଥିବେ କିମ୍ବା ଦୁଃଖ କହିଲେ ମଧ୍ୟ ଦୁଃଖ ବୁଝିବାକୁ କେହି ନଥିବେ । ଶରୀରର ଅବସ୍ଥା ଭଲ ରହିବ ନାହିଁ । ଦୁର୍ଘଟଣା କିମ୍ବା ଅସାମାଜିକ ଲୋକଙ୍କଦ୍ୱାରା ଶାରୀରିକ କିମ୍ବା ଆର୍ଥିକ କ୍ଷୟ-କ୍ଷତି ହୋଇପାରେ । ଆପଣ କିଂକର୍ତ୍ତବ୍ୟବିମୂଢ଼ ହୋଇ-ପଡ଼ିବେ । ମନରୁ ଦମ୍ଭ, ସାହସ ସବୁ ତୁଟାଇ ଦେବେ । ଧୈର୍ଯ୍ୟହୀନତା ଦେଖାଦେବ । କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିବେ । ଦୁର୍ବଳ-ମନା ହୋଇ ଈଶ୍ୱରଙ୍କ ପାଖରେ ସମସ୍ତ ଦୁଃଖ ଓ ଦୋଷ ଲଦିଦେବେ । ଅନେକ ସମସ୍ୟା ଭାବପ୍ରବଣ ହୋଇ ପଡ଼ିବେ । ସାଂସାରିକ ବନ୍ଧନ ତୁଟାଇ କେଉଁଆଡ଼େ ଚାଲି ଯିବାକୁ ଇଚ୍ଛା କରିବେ ସାମାଜିକ କର୍ମରେ ମତାନ୍ତର ଦେଖାଦେବ । ରାଜନୈତିକ କର୍ମରେ ଅପମାନିତ ଓ ସମାଲୋଚିତ ହୋଇପାରନ୍ତି । ବ୍ୟବସାୟ ବାଣିଜ୍ୟରେ ଆର୍ଥିକ ଦୁରବସ୍ଥା ଦେଖାଦେବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ମନ ମଧ୍ୟରେ ଭୀରୁତା ଓ କାପୁରୁଷତା ଲକ୍ଷଣମାନ ଦେଖା-ଦେବ । କିନ୍ତୁ ମାସ ଶେଷ ଆଡ଼କୁ ଆପଣଙ୍କର ସାଧନା ଓ ସଂଯମ ଦ୍ୱାରା କିମ୍ବା ଆଧ୍ୟାତ୍ମିକ ଆଶ୍ରୟ ଦ୍ୱାରା ସମସ୍ତ ଦୁଃଖରୁ ମୁକ୍ତିପାଇ ମାନସିକ ଶାନ୍ତି ଓ ସାମାଜିକ ସମ୍ମାନ ପାଇ-ପାରିବେ । ଛାତ୍ରମାନେ ରାଜନୈତିକ କର୍ମରେ ହସ୍ତକ୍ଷେପ କରିବେ । ମହିଳାମାନେ ଭ୍ରମଣକୁ ପସନ୍ଦ କରିବେ ।

ମିଥୁନ—ମାସଟି ସାରା ବୃଥା ବ୍ୟସ୍ତ ଲାଗି ରହିବ, ଆମୋଦ ପ୍ରମୋଦରେ ମାତି ଅନେକ ଖର୍ଚ୍ଚ କରିବେ, ଭ୍ରମଣ ହେତୁ ମଧ୍ୟ ଖର୍ଚ୍ଚ ହୋଇପାରେ । ଘରର ଉନ୍ନତିକର କାର୍ଯ୍ୟରେ ମନ ଦେବେ । ଆନୁଷ୍ଠାନିକ କର୍ମ ଗୃହ ନିର୍ମାଣ, ବିବାହ ବ୍ରତ ଶୁଭ କର୍ମ ଉପରେ ବ୍ୟସ୍ତ ରହିବେ । ସାମାଜିକ କ୍ଷେତ୍ରରେ ଅନେକ ବାଧାବିଘ୍ନ ଥିଲେ ମଧ୍ୟ ହଠାତ୍ ଆପଣ ସେ ସବୁରୁ ମୁକୁଳି ଯିବେ । କିନ୍ତୁ ମାନସିକ ଶାନ୍ତି ସେତେ ମିଳିବ ନାହିଁ । ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ନାହିଁ । ପାରିବାରିକ ଜଞ୍ଜାଳ ଲାଗି ରହିବ । କର୍ମ କ୍ଷେତ୍ରରେ ଅନେକ ଗୁରୁ ଦାୟିତ୍ୱ ଗ୍ରହଣ କରିବେ । ଚାକିରି କ୍ଷେତ୍ରରେ ସହକର୍ମୀମାନେ ଈର୍ଷାପରାୟଣ ଓ ଅବିଶ୍ୱାସୀ ହେବେ, ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ଅନେକ ବ୍ୟସ୍ତ ହୋଇବେ । ଯାନ ବାହନ ଲାଭ ହୋଇପାରେ । ବ୍ୟବସାୟ ବାଣିଜ୍ୟରେ ଅଯଥା ଶତ୍ରୁ ଦେଖାଦେବେ । କଳାଧନ ପାଇବା ପାଇଁ ଆଶକ୍ତ ହେବେ । ଛାତ୍ରମାନେ ବୈଷୟିକ ଶିକ୍ଷାପ୍ରତି ମନ ବଳାଇବେ । ମହିଳା ମାନେ ସୌଖିନ ଦ୍ରବ୍ୟ ପ୍ରତି ଆକୃଷ୍ଟ ହେବେ ।



କର୍କଟ—ଆନୁଷ୍ଠାନିକ ତଥା ସାଂସ୍କୃତିକ ଶୁଭ କର୍ମ ପ୍ରତି ମନ ବଳାଇବେ, ନୂତନ ଆଶାର ସଞ୍ଚାର ହେବ । ସର୍ବଦା ଭାବପ୍ରବଣ ରହିବେ । କଳା, ସାହିତ୍ୟ ଓ ଦର୍ଶନ ପ୍ରତି ମନ ବଳାଇବେ, ବିଦେଶଭ୍ରମଣ ଯୋଗ ଅଛି । ନୂତନ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦରେ ଅନେକ ସମୟ କାଟିବେ । ରାଜସିକ ପ୍ରବୃତ୍ତି ମନରେ ଦେଖାଦେବ । ବ୍ୟବ-ସାୟ ବାଣିଜ୍ୟ ମାନ୍ଦା ପଡ଼ିବ । କିନ୍ତୁ ଉପଭୋଗ ପାଇଁ ଅନେକ ଅର୍ଥର ସ୍ୱପ୍ନ ଦେଖିବେ ମନରେ ଆତ୍ମବଞ୍ଚନା ଓ ଆଭିଜାତ୍ୟ ଭାବ ଦେଖାଦେବ । ପାରିବାରିକ ଜଞ୍ଜାଳ ମଧ୍ୟରେ ଶାନ୍ତି ପାଇ ପାରିବ । ମାନସିକ ସ୍ପୃହା ଅନେକ ବଢ଼ିଯିବ । ଏବଂ ଅର୍ଥିକ ସ୍ଥିତିର ଅନେକ ବାଟ ଦେଖିବେ । ଆର୍ଥିକ ଅବସ୍ଥାର ଉନ୍ନତି ହେବ । ସାମାଜିକ କର୍ମରେ ନିଜକୁ ନିୟୋଜିତ କରିବେ । ରାଜନୀତିରେ ସମ୍ମାନପ୍ରଦ ଫଳ ମିଳିବ । ଶାରୀରିକ ଅବସ୍ଥା ମଧ୍ୟ ଭଲ ରହିବ । ଛାତ୍ରମାନେ ରାଜନୀତି ଓ ଦର୍ଶନ ପ୍ରତି ମନ ବଳାଇବେ । ମହିଳାମାନେ ଆମୋଦ ପ୍ରମୋଦରେ ମାତିବେ ।

ସିଂହ—ଅନେକ ବଡ଼ ଆଶାର ସ୍ୱପ୍ନ ନେଇ କର୍ମ କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେବେ । ବନ୍ଧୁ-ମାନଙ୍କ ପ୍ରତି ସନ୍ଦେହ ଓ ଅବିଶ୍ୱାସ ଦେଖାଦେବ । ସାମାଜିକ ଓ ବ୍ୟବସାୟିକ କର୍ମରେ ସମାଲୋଚିତ ଓ ଅସମ୍ମାନିତ ହେବେ । ମନରେ ଚିନ୍ତା ଏବଂ ଆଧ୍ୟାତ୍ମିକ ବିଶ୍ୱାସ ଦେଖାଦେବ । ମାନବିକତା ଓ ବ୍ୟକ୍ତିତ୍ୱ ହରାଇବାର ଆଶଙ୍କା ଅଛି ମାନସିକ ଅଶାନ୍ତି ଅନେକ ବଢ଼ିଯିବ । ସାମାଜିକ ଓ ପାରିବାରିକ ଦୁଶ୍ଚିନ୍ତା ଓ ଜଞ୍ଜାଳ ମଧ୍ୟ ଦେଖାଦେବ । ଧୈର୍ଯ୍ୟହରା ହୋଇ ପଡ଼ିବେ । ଯେଉଁମାନଙ୍କୁ ମିତ୍ର ଭାବୁଥିବେ ସେମାନେ ପରମ ଶତ୍ରୁ ରୂପେ ଗୁପ୍ତରେ ରହିବେ । ସ୍ୱାସ୍ଥ୍ୟହାନୀ ହୋଇ-ପାରେ ଅର୍ଥ କ୍ଷେତ୍ରରେ ଅଯଥା ବ୍ୟୟ ଲାଗି-ରହିବ । କର୍ମ କ୍ଷେତ୍ରରେ ଅଶାନ୍ତି ଅସ୍ଥିରତା ବୋଧ କରିବେ । ଅସାମାଜିକ ଲୋକଙ୍କ ଦ୍ୱାରା କ୍ଷୟ କ୍ଷତି ହେବାର ସମ୍ଭାବନା ଅଛି । ରାଜନୀତି କ୍ଷେତ୍ରରେ ଅଶାନ୍ତିଯୋଗୁଁ ଆଶା ଜନକ ଫଳ ପାଇ ପାରିବେ ନାହିଁ । ଅନେକ ବ୍ୟୟ ଓ ପରିଶ୍ରମର ଫଳ ହତାଶା ଆଡ଼କୁ ଗତି କରିବ । ଘରଆଡ଼ୁ ଜଞ୍ଜାଳ ଦେଖାଦେବ ଏବଂ ଆପଣଙ୍କ ଧୈର୍ଯ୍ୟ-ଚ୍ୟୁତ ହେବ । ଆପଣ ଆଧ୍ୟାତ୍ମିକ ଓ ତନ୍ତ୍ରର ଆଶ୍ରୟ ନେବା ପାଇଁ ପ୍ରୟାସୀ ହେବେ । ମନରୁ ନୈତିକତା ଲୋପ ପାଇଯିବ । ଛାତ୍ରମାନେ ରାଜନୀତି ପ୍ରତି ଆକୃଷ୍ଟ ହେବେ । ମହିଳାମାନେ ଈଶ୍ୱର ବିଶ୍ୱାସରେ ନିଜକୁ ହଜାଇ ଦେବେ ।

କନ୍ୟା—ଏ ମାସଟି ଆପଣଙ୍କୁ ନୂତନ ମାର୍ଗ ଦେଖାଇବା ପାଇଁ ଅନେକ

Images: Aptakama Mishra, Processing: Srujanika

ଅନୁଭୂତ ଏବଂ କଷ୍ଟ ଦେବ । ଆପଣ ଅନେକ ବ୍ୟୟ କରିବେ । ସାମାଜିକ, ପାରିବାରିକ ଓ ରାଜନୈତିକ କ୍ଷେତ୍ରରୁ ଅନେକ ଶିକ୍ଷା ଓ ଅନୁଭୂତି ପାଇପାରିବେ । ମାନସିକ ଦୃଢ଼ତା ଦେଖା-ଦେବ । ହଠାତ୍ କୌଣସି କଥାରେ ଆପଣ ବିଶ୍ୱାସ କରିବେ ନାହିଁ । ନିଜ ବଳର ଶକ୍ତି ମଧ୍ୟ ଦେଖାଦେବ । ଯାହା ଆପଣ ବାସ୍ତବ କ୍ଷେତ୍ରରେ ଉପଲବ୍ଧ କରିପାରିବେ । ଧର୍ମ ଏବଂ ନୈତିକତା ଉପରେ ଭରସା ରଖି ବଡ଼ ବଡ଼ କାର୍ଯ୍ୟରେ ହସ୍ତକ୍ଷେପ କରିବେ । ଆର୍ଥିକ ଅବସ୍ଥାରେ ଉନ୍ନତି ହେବ କିନ୍ତୁ ଆଶାନୁରୂପ ଫଳ ଏ ମାସରେ ପାଇ ନପାରନ୍ତି । ପାରିବାରିକ ଓ ସାମାଜିକ ଜଞ୍ଜାଳ ମଧ୍ୟ ଅନେକ ଦେଖାଦେବ ଏବଂ ମାନସିକ ଶାନ୍ତି ବ୍ୟାହତ କରିବ । ଆପଣ ସବୁଠାରୁ ଦୂରରେ ରହିବାକୁ ଚେଷ୍ଟା କରିବେ ଏବଂ ନିଜ ବ୍ୟକ୍ତିଗତ କର୍ମରେ ନିଜକୁ ନିୟୋଜିତ କରିବ । ରାଜନୀତି କ୍ଷେତ୍ରରେ କୁଟିଳମନା ହୋଇ ଦୂରରୁ ଗଭୀର ତତ୍ତ୍ୱର ଅନୁସନ୍ଧାନ କରିବେ । ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ସାମାଜିକ କ୍ଷେତ୍ରରେ ଈର୍ଷା-ପରାୟଣତା ଓ ଶତ୍ରୁତା ଦେଖା ଦେବ । ଛାତ୍ରମାନେ ସମାଜ ସେବାରେ ନିଜକୁ ନିୟୋଜିତ କରିବେ ।



ତୁଳା — ଏ ମାସଟିରେ ଆପଣଙ୍କ ବ୍ୟବସାୟିକ ଜୀବନରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ । ସର୍ବଦା ବ୍ୟବସାୟ ଜନିତ କର୍ମରେ ବ୍ୟସ୍ତ ରହିବେ ଏବଂ ଆର୍ଥିକ ଚିନ୍ତାର ସମ୍ମୁଖୀନ ହେବେ । ଅନେକ ଆଶା ମନରେ ଉଙ୍କି ମାରିବ । ତାମସିକ ପ୍ରବୃତ୍ତି ମଧ୍ୟ ଦେଖାଦେବ । ଉପଭୋଗ କରିବାପାଇଁ ସର୍ବଦା ବ୍ୟାକୁଳ ହେବେ । କଳା ଏବଂ ସାହିତ୍ୟ ପ୍ରତି ସେବା ଓ ଅନୁରାଗ ଦେଖାଦେବ । ବିଦେଶ ଭ୍ରମଣ କରିପାରନ୍ତି । ରାଜନୈତିକ କର୍ମରେ ଆଶା ନିରାଶାରେ ପରିଣତ ହେବ । ଆର୍ଥିକ ଚିନ୍ତା ଲାଗି ରହିବ । କିନ୍ତୁ ଉପାୟର ସୁଗମ ବାଟ ଆପଣ ଏହି ସମୟରେ ପାଇପାରିବେ । ପାରିବାରିକ ଏବଂ ସାମାଜିକ ଜଞ୍ଜାଳ ଦେଖା-ଦେବ । କିନ୍ତୁ ଆପଣ ଦେବ ବ୍ରାହ୍ମଣ ପୂଜା ଏବଂ ଦାନ ଧର୍ମ ଏବଂ ପରୋପକାର ପ୍ରତି ମନ ବଳାଇବେ । ପେଟଜନିତ ରୋଗରେ ସ୍ୱାସ୍ଥ୍ୟହାନି ହୋଇପାରେ । ଛାତ୍ରମାନେ ବୈଷୟିକ ଶିକ୍ଷା ପ୍ରତି ମନ ବଳାଇବେ । ମହିଳାମାନେ ସୁଗୃହିଣୀ ହେବେ ଓ ବିଳାସ ବ୍ୟସନମନା ହେବେ ।

ବିଛା — ଏ ମାସଟି ଆପଣ ମହିରଗରୁ ଅସି କାନ୍ତାରରେ ପଡ଼ିଲଭଳି ମନେକରିବେ । ଧର୍ମପ୍ରତି ଶ୍ରଦ୍ଧାହୀନତା ଦେଖାଦେବ । ପାରିବାରିକ ଜଞ୍ଜାଳ ମଧ୍ୟ ଦେଖାଦେବ । କେତେ ଆନୁଷ୍ଠାନିକ ଓ ସାଂସ୍କୃତିକ ଶୁଭ କର୍ମରେ ମାତିଯାଇ ପାରନ୍ତି । କିନ୍ତୁ ମାନସିକ ଶାନ୍ତି ମିଳିବା କଷ୍ଟ ହେବ । ବ୍ୟବସାୟ ବାଣିଜ୍ୟରେ ଆଶା କ୍ଷୀଣ ହେବାକୁ ଲାଗିବ । ଆର୍ଥିକ ସ୍ଥିତି ପାଇଁ ଅନେକ ଚିନ୍ତାଶୀଳ ହେବେ । ରାଜନୀତି କ୍ଷେତ୍ରରେ ଅନେକ କୁଟିଳ-ମନା ଓ କୁଚକ୍ରୀ ହେବେ । ଅବିଶ୍ୱାସ ଏବଂ ଈର୍ଷାପରାୟଣତା ମନରେ ଦେଖାଦେବ । ତନ୍ତ୍ର ସାଧନାପ୍ରତି ମନ ବଳାଇବେ । ସାମାଜିକ କର୍ମରେ ସମାଲୋଚିତ ଏବଂ ନିରୁତ୍ସାହିତ ହେବେ । ବନ୍ଧୁମାନଙ୍କଠାରୁ ଦୂରେଇ ହୋଇ ରହିବାକୁ ଭଲ ପାଇବେ । ଆର୍ଥିକ ଉନ୍ନତିର ନୂତନ ପରିକଳ୍ପନା କରିପାରନ୍ତି । ପାରିବାରିକ ଜଞ୍ଜାଳ ମଧ୍ୟରେ ସୁଖ ଶାନ୍ତି ସାମାନ୍ୟ ମିଳିପାରେ । ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ଆୟ ଅପେକ୍ଷା ବ୍ୟୟର ପରି-ମାଣ ଯଥେଷ୍ଟ ଅଧିକ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଶୃଙ୍ଖଳାଗତ ଏବଂ ଦାୟିତ୍ୱପୂର୍ଣ୍ଣ ଜୀବନ ପ୍ରତି ଆକୃଷ୍ଟ ହେବେ । ଛାତ୍ରମାନେ ନୈତିକତା ଶିକ୍ଷାପ୍ରତି ଆକୃଷ୍ଟ ହେବେ । ମହିଳମାନେ ରାଜନୈତିକ କର୍ମରେ ଲିପ୍ତ ରହିବେ ।



ଧନୁ —ମାସଟି ଆପଣଙ୍କର ସମସ୍ତ ଦମ୍ଭ ଓ ସାହସ ହରାଇବ । ମନରେ ସର୍ବଦା ଅହେତୁକ ଭୟ ସହିତ ସନ୍ଦେହ ଓ ବିଶ୍ୱାସ ହୀନତା ଲାଗିରହିବ । କିନ୍ତୁ ଆପଣ କୁଟିଳମନା-ହୋଇ ଧୈର୍ଯ୍ୟର ସହିତ କାର୍ଯ୍ୟ କରିବେ । ପରଶ୍ରୀକାତରତା ଦେଖାଦେବ । ନୈତିକତା ଓ ଶୃଙ୍ଖଳାଗତ ଜୀବନ ମଧ୍ୟ ହରାଇବେ । ଅତ୍ୟନ୍ତ ତୋଷାମଦକାରୀ ଏବଂ ତାମସିକ ପ୍ରବୃତ୍ତି ମଧ୍ୟ ଦେଖାଦେବ । ପାରିବାରିକ ଜଞ୍ଜାଳ ଅନେକ ଦେଖାଦେବ ଏବଂ ପରିବାର କ୍ଷେତ୍ରରେ ମଧ୍ୟ ମନାନ୍ତର ହୋଇପାରେ କିମ୍ବା ସ୍ୱାସ୍ଥ୍ୟ ହୀନତା ଦେଖାଦେଇ ପାରେ । ଧର୍ମ ଶୁଦ୍ଧତା ଏବଂ ଈଶ୍ୱର ବିଶ୍ୱାସ ଦେଖାଦେବ । ସଂସାର ସମାଜ ଛାଡ଼ି ତୀର୍ଥସ୍ଥାନକୁ ଯାଇଁ ସନ୍ନ୍ୟାସ ବ୍ରତ ଅବ-ଲମ୍ବନ କରିବ ପାଇଁ ଆଶା ପୋଷଣ କରିବେ । ଆର୍ଥିକ ଅବସ୍ଥା ସେତେ ଭଲ ରହିବ ନାହିଁ । ଭ୍ରମଣରେ ଅନେକ ସମୟ କଟିବ । ବୃଥାବ୍ୟୟ ମଧ୍ୟ ହେବ । ସ୍ୱାସ୍ଥ୍ୟ ସେତେ ଭଲ ରହିବ ନାହିଁ ସର୍ବଦା ଚିନ୍ତାଶୀଳ ରହିବେ । ଅସାମାଜିକ ଲୋକଙ୍କଦ୍ୱାରା ପ୍ରତାରିତ ହେବେ । ଛାତ୍ରମାନେ ଭ୍ରମଣପ୍ରତି ମନ ବଳାଇବେ । ମହିଳାମାନେ ଧର୍ମପରାୟଣା ହେବେ ।

ମକର—ବ୍ୟବସାୟିକ ମନୋବୃତ୍ତି ବିଶେଷ ଦେଖା-ଦେବ । ରାଜନୈତିକ କର୍ମରେ ମଧ୍ୟ ଫଳପ୍ରଦ ହେବେ । କିନ୍ତୁ ମାନସିକ ବିକୃତି ଦେଖାଦେବ । ମାନସିକ ଶାନ୍ତି ପାଇପାରିବେନାହିଁ । ବୃଥା ବ୍ୟୟ ଲାଗି ରହିବ । ସର୍ବଦା ଚିନ୍ତାଶୀଳ ରହିବେ । ସୌଖିନ୍ ଜିନିଷ ପ୍ରତି ଆଗ୍ରହୀ ହେବ । ବିଦେଶ ଭ୍ରମଣ କିମ୍ବା ତୀର୍ଥ ଯାତ୍ରା ହୋଇ ପାରିବ । ନୂତନ ବନ୍ଧୁଲାଭ ହେବ । ନୂତନ ବ୍ୟବସାୟର ମାର୍ଗ ମଧ୍ୟ ପାଇ ପାରିବେ, କିନ୍ତୁ ପାରିବାରିକ ଜଞ୍ଜାଳ ଅନେକ ଦେଖାଦେବ ଏବଂ ପରିବାରରେ ସ୍ୱାସ୍ଥ୍ୟହୀନତା ଦେଖାଦେବ । ବ୍ୟବସାୟରେ ଆୟ ଅପେକ୍ଷା ବ୍ୟୟ ଅଧିକ । ଚାକିରୀ କ୍ଷେତ୍ରରେ ସହକର୍ମୀ-ମାନଙ୍କ ସହିତ ମଧ୍ୟ ମନାନ୍ତର ହୋଇପାରେ । ସାମାଜିକ କର୍ମରେ ସମାଲୋଚିତ ହେବେ । କିନ୍ତୁ ବୃହତ୍ତର କାମକୁ ନିଜ ହାତକୁ ନେବାକୁ ସର୍ବଦା ବ୍ୟାକୁଳ ହେବେ । ଛାତ୍ରମାନେ ରାଜନୀତି ଶିକ୍ଷା ପ୍ରତି ଆକୃଷ୍ଟ ହେବେ ମହିଳାମାନେ ବ୍ୟବସାୟିକ ମନୋବୃତ୍ତି ପୋଷଣ କରିବେ ।

କୁମ୍ଭ— ମାସଟି ଆପଣଙ୍କ ପାଇଁ ଶୁଭକାରକ ହେବ, ନୂତନ ବନ୍ଧୁଲାଭ କର୍ମ ଲାଭ ଏବଂ ଅର୍ଥ ଲାଭର ନୂତନ ରାସ୍ତା ପାଇ ପାରିବେ । ଶାରୀରିକ ସ୍ୱାସ୍ଥ୍ୟର ଉନ୍ନତି ହେବ । ବ୍ୟବସାୟ ବାଣିଜ୍ୟରେ ଆର୍ଥିକ ଉନ୍ନତି ହେବ । ଆନୁଷ୍ଠାନିକ ଓ ସାଂସ୍କୃତିକ କର୍ମରେ ନୂତନତ୍ୱ ଲାଭ କରିବେ । ଶୁଭ କାମରେ ଲିପ୍ତ ରହିବେ । ଧର୍ମ ବିଶ୍ୱାସ, ସାହିତ୍ୟ, ଦର୍ଶନ ଏବଂ କଳା ପ୍ରତି ଅନୁରକ୍ତି ଦେଖା ଦେବ । ପରୋପକାର, ସମାଜସେବା ଓ ଦାନ ଧର୍ମ ପ୍ରତି ମନ ବଳାଇବେ । ଜୀବନର ମାର୍ଗ ପରିବର୍ତ୍ତନ ହୋଇପାରେ । ସର୍ବଦା ଚିନ୍ତାଶୀଳ ଓ ସ୍ଥିତପ୍ରଜ୍ଞ ରହିବେ । ରାଜନୀତି କ୍ଷେତ୍ରରେ ନୂତନ ଦର୍ଶନ ଲାଭ କରିବେ । କିନ୍ତୁ ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବ । ମାନବିକତା ପ୍ରତି ଆସ୍ଥା ରହିବ । ଉଚ୍ଚ ଆଶା ପୋଷଣ କରିବେ ବନ୍ଧୁ-ମାନଙ୍କଠାରୁ କର୍ମ କ୍ଷେତ୍ରରେ ସ୍ନେହ ସାହାଯ୍ୟ ପାଇ ପାରିବ । ତଥାପି ମାନସିକ ଅବସ୍ଥା ସେତେ

Images: Aptakama Mishra, Processing: Srujanika

ଆଇନ୍ ଆଖିରେ ଧୂଳି

ଶ୍ରୀ ଅଂଜିତ ପଶାୟତ

କେବେ କେବେ ଆଇନ ଆଖିରେ ଧୂଳିଦେଇ ଖଲାସ ହେବାର ବହୁ ଅଦ୍ଭୁତ ଦୃଷ୍ଟାନ୍ତ ଦେଖାଯାଏ । ଏଭଳି ଏକ ଉଦ୍ଦ୍ୟମ ସମ୍ପର୍କୀୟ ମାମଲା ସୁପ୍ରିମକୋର୍ଟରେ ବିଚାର ପାଇଁ ଆସିଥିଲା ।

କନଓ୍ବାର ବାହାଦୂର ନାମକ ଜଣେ ବ୍ୟକ୍ତିକୁ ଲଲୁରାମ ଏବଂ ଅନ୍ୟ କେତେଜଣ ଉତ୍ତର ପ୍ରଦେଶର ଚମୋଲି କାଲ୍ପନ୍ (ଜାଲୁନ ଜିଲ୍ଲା) ଗ୍ରାମରେ ହତ୍ୟା କରିଥିଲେ । ଏହି ଅପରାଧରେ ଅଭିଯୁକ୍ତ ହୋଇ ସେମାନଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ହୋଇଥିଲା । ଏହି ହତ୍ୟାକାଣ୍ଡ ୧୯୭୧ ମସିହା ଜୁଲାଇ ୧୮ ତାରିଖରେ ଘଟିଥିଲା ।

୧୯୮୩ ମସିହା ଜୁନ ୨ ତାରିଖରେ ମଧ୍ୟପ୍ରଦେଶର ଭିଣ୍ଡ ନାମକ ସ୍ଥାନରେ ଗୋଟିଏ ମୃତଦେହ ମିଳିଥିଲା । ମୃତ ବ୍ୟକ୍ତି ନିକଟରୁ ଗୋଟିଏ ଚିଠି ମିଳିଥିଲା ଯାହା କନଓ୍ବାର ବାହାଦୂର ଲେଖିଥିଲା ବୋଲି ଦାବୀ କରାଗଲା । ଜୁନ ୩ ତାରିଖରେ ହିନ୍ଦୀ ଭାଷାରେ ପ୍ରକାଶିତ "ନବଭାରତ" ସମ୍ବାଦପତ୍ରରେ ଏକ ସମ୍ବାଦ ପ୍ରକାଶ ପାଇଲା ଯେ କନଓ୍ବାର ବାହାଦୂର ସିଂହ ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହ ଭିଣ୍ଡରେ ସନ୍ଦେହଜନକ ଅବସ୍ଥାରେ ମିଳିଛି । ଏବଂ ତାଙ୍କ ମୃତ ଶରୀରରୁ ମିଳିଥିବା ଚିଠିରୁ ଜଣାପଡ଼େ ଯେ ସେ ବହୁ ଅନୁତପ୍ତ ।

ଏହି ସମ୍ବାଦ ପଢିଥିବା ଦାବୀକରି ଲଲୁରାମ ଓ ଅନ୍ୟ ଆସାମୀ ମାନଙ୍କର ସମ୍ପର୍କୀୟମାନେ ଭିଣ୍ଡ ପୋଲିସ କର୍ମକର୍ତ୍ତାଙ୍କ ସହ ଦେଖା କରିଥିଲେ । ଲଲୁରାମ ଓ ଅନ୍ୟ ଆସାମୀମାନେ ସୁପ୍ରିମ କୋର୍ଟରେ ଆବେଦନ କରିଥିଲେ ଯେ ସେମାନେ କନଓ୍ବାର ବାହାଦୂରର ହତ୍ୟା କରିଥିବା ଅଭିଯୋଗରେ ୧୯୭୧ ମସିହାରେ ଦଣ୍ଡିତ ହୋଇଥିଲେ । କିନ୍ତୁ ସେ ବାରବର୍ଷ ପରେ ମଧ୍ୟ ଜୀବିତ ଥିଲା ଓ ତାର ମୃତଦେହ ୧୯୮୩ ମସିହା ଜୁନ ମାସରେ ମିଳିଛି । ତେଣୁ ସେମାନଙ୍କୁ ଶୀଘ୍ର ଖଲାସ କରିଦିଆଯାଉ ।

ଏଭଳି ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ ସୁପ୍ରିମ କୋର୍ଟ ଭିଣ୍ଡର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଲେ । ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେ ଅନୁସନ୍ଧାନ କରି ସୁପ୍ରିମକୋର୍ଟକୁ ଜଣାଇବେ ଯେ ପ୍ରକୃତରେ ୧୯୭୧ରେ ନିହତହୋଇଛି ବୋଲି କୁହାଯାଉଥିବା କନଓ୍ବାର ୧୯୮୩ ପର୍ଯ୍ୟନ୍ତ ଜୀବିତ ଥିଲା କି ? ଜିଲ୍ଲା ମାଜିଷ୍ଟ୍ରେଟ ୧୮ ଜଣ ବ୍ୟକ୍ତିଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ ଓ ବହୁ କାଗଜପତ୍ର ଦେଖିଥିଲେ ସବୁ ତଥ୍ୟ ବିଚାର କରି ସେ ସୁପ୍ରିମକୋର୍ଟଙ୍କୁ ଏକ ରିପୋର୍ଟ ଦେଇଥିଲେ ।

ସେ ଦେଇଥିବା ରିପୋର୍ଟରେ ଦର୍ଶାଇଥିଲେ ଯେ ୧୯୮୩ ରେ ମିଳିଥିବା ଶବ, ୭୧ ରେ ହତ୍ୟା ହୋଇଥିବା କନଓ୍ବାରର ନୁହେଁ ।

ମାନ୍ୟବର ପ୍ରଧାନ ବିଚାରପତି ଶ୍ରୀ ଚନ୍ଦ୍ରଚୂଡ଼ ଓ ବିଚାରପତି ଶ୍ରୀ ଭେଙ୍କଟରମାୟା ଓ ଶ୍ରୀ ବରଦ୍‌ରାଜନ ଏହି ରାଏ ଦେଇଥିଲେ । ସେମାନେ ମତ ଦେଇଥିଲେ ଯେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ଯେଉଁ ଚିଠି ମୃତ ବ୍ୟକ୍ତିର ଶରୀରରୁ ମିଳିଥିଲା ତାହା ଜାଲ୍ କରାଯାଇଥିଲା ଏବଂ ୧୯୭୧ ରେ ହୋଇଥିବା ହତ୍ୟାକାଣ୍ଡରେ ଦିଆଯାଇଥିବା ଦଣ୍ଡାଦେଶକୁ ଏଡ଼ାଇବା ପାଇଁ ଏହା ସୃଷ୍ଟି କରାଯାଇଥିଲା । ମୃତ କନଓ୍ବାରର ବୟସ ୧୯୮୩ ରେ ମିଳିଥିବା ଶବର ବୟସ ସହିତ ସମାନ ନୁହେଁ । କନଓ୍ବାର (ଯାହାକୁ ୧୯୭୧ ରେ ହତ୍ୟା କରାଯାଇଥିଲା) ର ନିକଟ ସମ୍ପର୍କୀୟମାନେ ସ୍ପଷ୍ଟ ଭାବରେ କହିଥିଲେ ଯା ୧୯୮୩ ର ମୃତ ଶରୀର ପାଖରୁ ମିଳିଥିବା ଚିଠିର ହସ୍ତାକ୍ଷର କନଓ୍ବାରର ନୁହେଁ ।

ଜିଲ୍ଲା ମାଜିଷ୍ଟ୍ରେଟଙ୍କ ରିପୋର୍ଟ ପାଇବାପରେ ଆସାମୀ ଲଲୁରାମ ପ୍ରଭୃତିଙ୍କ ଆଡ଼ଭୋକେଟ ଆବେଦନ କରିଥିଲେଯେ ୧୯୮୩ ରେ ମିଳିଥିବା ଶବର ଫଟୋ କନଓ୍ବାରର ନିକଟ ସମ୍ପର୍କୀୟମାନଙ୍କୁ ଚିହ୍ନଟ ପାଇଁ ଦିଅଯାଉ । ଏହି ଆବେଦନ ଗ୍ରହଣ କରି ସୁପ୍ରୀମକୋର୍ଟ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଲେ ଯେ ୧୯୮୩ ମସିହାରେ ମିଳିଥିବା ଶବର ଫଟୋ କନଓ୍ବାରର ସଂପର୍କୀୟମାନଙ୍କୁ ଦେଖାଇ ତାଙ୍କର ମତାମତ ନେଇ ଏକ ରିପୋର୍ଟ ଦାଖଲ ହେବ । ତଦନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ କନଓ୍ବାରର ବିଧବା ପତ୍ନୀ, ଭାଇ ଓ ପୁଅଙ୍କୁ ୧୯୮୩ ରେ ମିଳିଥିବା ଶବର ଫଟୋ ଦେଖାଇଲେ । କନଓ୍ବାରର ଭାଇ ଓ ପୁଅ କହିଲେଯେ ଏ ଶବ କନଓ୍ବାରର ନୁହେଁ । ତା'ର ବିଧବା ପତ୍ନୀ କହିଲାଯେ ତା'ର ସ୍ୱାମୀ ଉଚ୍ଚ ଓ ପତଳା ଏବଂ ସେ ମୋଟା ନୁହେଁ ।

ଜିଲ୍ଲା ମାଜିଷ୍ଟ୍ରେଟ ରିପୋର୍ଟ ଦେଲେ ଯେ ୧୯୮୩ରେ ମିଳିଥିବା ଶବର ଫଟୋ କନଓ୍ବାରର ଫଟୋ ନୁହେଁ ।

ମାନ୍ୟବର ବିଚାରପତିମାନେ କନଓ୍ବାରର ଫଟୋ ଓ ୧୯୮୩ରେ ମିଳିଥିବା ଶବର ଫଟୋ ଦୁଇଟିର ଆଦୌ ସାମଞ୍ଜସ୍ୟ ନାହିଁ ବୋଲି ସିଦ୍ଧାନ୍ତ କଲେ ।

ଏଭଳି ମାମଲା ବିରଳ ନୁହେଁ ଆଇନ ଆଖିରେ ଧୂଳି ପକାଇବା ପାଇଁ ଏହିଭଳି ଅତି ଚାତୁର୍ଯ୍ୟପୂର୍ଣ୍ଣ କୌଶଳ ବହୁ ସମୟରେ ଅବଲମ୍ବନ କରାଯାଏ । ଅନେକ ସମୟରେ ଶୁଣିବାକୁ ମିଳେ ଯେ ପ୍ରକୃତ ଅପରାଧୀ ଜେଲରେ ନଥାଇ ତାଙ୍କ ପାଇଁ ଭଡ଼ାଟିଆ ଲୋକ ଜେଲଯାଏ । କିଛିଦିନ ପୂର୍ବେ 'ଇଣ୍ଡିଆ ଟୁଡେ' ପତ୍ରିକାରେ ପ୍ରକାଶ ପାଇଥିଲାଯେ ବୈଦେଶିକ ମୁଦ୍ରା ମାମଲାରେ ଅଭିଯୁକ୍ତ ଜଣେ ବ୍ୟକ୍ତିଙ୍କ ବଦଳରେ ଦାଗିକ ଦୋଷ ଥିବା ତାଙ୍କର ଜଣେ ସଂପର୍କୀୟ ଜେଲ ଭୋଗୁଛନ୍ତି । ଏ ସବୁ ଆଇନ ଆଖିରେ ଧୂଳିଦେବାର ପ୍ରଚେଷ୍ଟା ନୁହେଁତ ଆଉ କ'ଣ ? □

ଭଲ ରହିବ ନାହିଁ । ଆର୍ଥିକ ଅବସ୍ଥାର ଉନ୍ନତି ହୋଇପାରେ । ଛାତ୍ରମାନେ ସମାଜ ସେବାରେ ମନ ଦେବେ । ମହିଳାମାନେ ସୌଖିନ୍ ଦ୍ରବ୍ୟ ଓ ଭ୍ରମଣକୁ ପସନ୍ଦ କରିବେ ।

ମୀନ—ମାସଟି ସାରା ଭ୍ରମଣ ଲାଗି ରହିବ । ତୀର୍ଥ ଭ୍ରମଣ ମଧ୍ୟ ହୋଇପାରେ । ସ୍ୱାସ୍ଥ୍ୟହୀନତା ଦେଖାଦେବ ଅଧିକ ବ୍ୟୟ ମଧ୍ୟ ହେବ । ଜୀବନରେ କୌଣସି ସ୍ଥିରତା ମଧ୍ୟରେ ପହଞ୍ଚିବା ପାଇଁ ଶୃଙ୍ଖଳା ଏବଂ ଭରସା ଆଣି ପାରିବେ ନାହିଁ । ସର୍ବଦା ମାନସିକ ଅଶାନ୍ତି ଓ ଉଦ୍‌ବେଗ ଦେଖାଯାଉଥିବ । ପାରିବାରିକ ଜଞ୍ଜାଳ ଲାଗି ରହିବ । ଏବଂ ଗୃହରେ ମନ କ୍ଷୁଣ୍ଣ ହୋଇପାରେ । ନିଜ ବ୍ୟତୀତ ଅନ୍ୟ କାହାକୁ ଆପଣ ବିଶ୍ୱାସ କରିବେ ନାହିଁ ମନରେ ସନ୍ଦେହ ଓ ବୃଥା ଭାବନା ଅନେକ ସମୟରେ ଦେଖାଦେବ । ବୃତ୍ତି କ୍ଷେତ୍ରରେ ମତଭେଦ ସୃଷ୍ଟି ହୋଇପାରେ । ରାଜନୀତି କ୍ଷେତ୍ରରେ ସାମାନ୍ୟ ଶୁଭ ଫଳ ପାଇ ପାରନ୍ତି ବ୍ୟବସାୟ ବାଣିଜ୍ୟରେ ବିଶେଷ ଲାଭବାନ୍ ନ ହେଲେ ମଧ୍ୟ ନୂତନ ମାର୍ଗ ପାଇ ପାରିବେ ଏବଂ ବନ୍ଧୁମାନଙ୍କଠାରୁ ସାହାଯ୍ୟ ଓ ସଦ୍ଭାବ ପାଇ ପାରିବେ । ଆଧ୍ୟାତ୍ମିକ ବିଶ୍ୱାସ ଦେଇ ଦେବ ଏବଂ ନୈତିକ କାର୍ଯ୍ୟ ପ୍ରତି ମନ ବଳାଇବେ । ଛାତ୍ରମାନେ ଆଇନ ଗତ ଶିକ୍ଷା ପ୍ରତି ମନ ବଳାଇବେ । ମହିଳାମାନେ ରାଜସିକ କର୍ମରେ ଲିପ୍ତ ରହିବେ । □

ନୌବାହିନୀରେ ବୁଡ଼ାଳୀର ଭୂମିକା

ଲେ-କ୍ୟାପଟେନ୍ ଦୀପକ ମହାନ୍ତି

ନୌବାହିନୀ ପାଣି ଭିତରେ ବୁଡ଼ି ଯୁଦ୍ଧ କରନ୍ତି। ତେଣୁ ବୁଡ଼ିବା ବିଷୟରେ ସଂକ୍ଷେପରେ ଆଲୋଚନା କରିବା ଉଚିତ ହେବ। ମଣିଷ କାହିଁକି ପାଣିରେ ବୁଡ଼ିବ? ସାଧାରଣ ଭାବରେ ଶ୍ୱାସ ପ୍ରଶ୍ୱାସ ନେଇ ଜୀବନ ଧାରଣ କରୁଥିବା ମାନବ ସ୍ଥଳଭାଗକୁ ଅତିକ୍ରମ କରି ପୃଥିବୀର ପ୍ରାୟ ତିନି ଭାଗ ଉପରେ ବିସ୍ତାର ଲାଭ କରିଥିବା ଜଳୀୟ ପରିବେଶ ମଧ୍ୟରେ ପ୍ରବେଶ କରିବାର ପ୍ରୟୋଜନ କଅଣ? ଖାଦ୍ୟ ସଂଗ୍ରହ, ଦ୍ରୁତ ସମ୍ପତ୍ତିର ଉଦ୍ଧାର, ଅନ୍ୟ ଏକ ଆସ୍ତରଣ ମଧ୍ୟରେ ନିଜର ଓଜନ ହ୍ରାସ ପାଇବାର ଅନୁଭୂତି ସର୍ବୋପରି ଜଳୀୟ ପରିବେଶ ମଧ୍ୟରେ ସମର କୌଶଳ ଦ୍ୱାରା ସ୍ୱାର୍ଥସିଦ୍ଧି ଆଦି କୌତୂହଳମୂଳକ କାର୍ଯ୍ୟ ନିମନ୍ତେ ମନୁଷ୍ୟ ପାଣି ଭିତରେ ବୁଡ଼ିବାକୁ ପ୍ରୟାସୀ ହୋଇଥାଏ।

କେଉଁ ଅଜଣା ସମୟରୁ ମଣିଷ ପାଣି ଭିତରେ ବୁଡ଼ିବା ଅଭ୍ୟାସ କରିଛି। ଆଦିମ ମାନବମାନେ ଅତୀତରେ ପ୍ରାୟ ଦୁଇ ମିନିଟ୍ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରହି ପାରୁଥିଲେ ଏବଂ ୧୫୦ରୁ ୨୦୦ ଫୁଟ ଗଭୀର ଜଳରାଶି ମଧ୍ୟକୁ ଯାଇ ପାରୁଥିଲେ। ୧୯୭୦ ମସିହା ବେଳକୁ ମନୁଷ୍ୟ ସବୁଠାରୁ ବେଶୀ ଅର୍ଥାତ୍ ୫,୮୦୦ ଫୁଟ ଗଭୀର ପର୍ଯ୍ୟନ୍ତ ସମୁଦ୍ର ଗର୍ଭକୁ ଯାଇ ପାରିଛି। ଦ୍ୱିତୀୟ ପୃଥିବୀ ମହାସମର ସମୟରେ ପ୍ରଥମ କରି ବୁଡ଼ିବା ପାଇଁ ଅତ୍ୟାଧୁନିକ କୌଶଳ ଏବଂ ଯନ୍ତ୍ରପାତିର ବ୍ୟବହାର କରାଯାଇଥିଲା।

କେଉଁ ଜବାନ ପ୍ରଥମ ସମୁଦ୍ର ଗର୍ଭରେ 'ବୁଡ଼ାଳୀ' ହେବାର ଗୌରବ ଅର୍ଜନ କରିଥିଲେ ତାହା ସଠିକ୍ ଭାବେ କହିବା ସମ୍ଭବ ନୁହେଁ। ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ପାରସ୍ୟର ରାଜା ଜାରେକ୍ସଙ୍କ ଯୁଦ୍ଧ ଜାହାଜର ଲଙ୍ଗରକୁ କାଟିବା ପାଇଁ ଗ୍ରୀକ୍ ବୁଡ଼ାଳୀ ସ୍କିଲସ୍ ଏବଂ ତାଙ୍କ କନ୍ୟା ସିଆନା ସମୁଦ୍ର ମଧ୍ୟରେ ବୁଡ଼ିଥିଲେ। ଏହି ଲଙ୍ଗରର ତାତ୍ପର୍ଯ୍ୟ ଥିଲା ... ସମ୍ମୁଖୀନ ହୋଇ ଜାହାଜଟି ଘୂର୍ଣ୍ଣିବାତ୍ୟା ଦ୍ୱାରା ଜଳମଗ୍ନ ହେଲା।

• ଏହିପରି ଅନ୍ୟ ଏକ ଘଟଣାରୁ ଜଣାପଡ଼େ ଯେ, ଖ୍ରୀଷ୍ଟପୂର୍ବ ୩୩୩ରେ ଆଲେକଜାଣ୍ଡାରଙ୍କ ଟାୟାର ଦ୍ୱୀପର ଦୁର୍ଗ ଅଧିକାର କେବଳ ବିଚକ୍ଷଣ ବୁଡ଼ାଳୀମାନଙ୍କ ଦ୍ୱାରା ହିଁ ସମ୍ଭବ ହୋଇ ପାରିଥିଲା। ଆଲେକଜାଣ୍ଡର ଜାହାଜରେ ନିର୍ମିତ ଏକ କୋଠରୀରେ ବସି ପାଣି ଭିତରେ ବୁଡ଼ାଳୀମାନଙ୍କ ଅତର୍କିତ ଆକ୍ରମଣ ଲକ୍ଷ୍ୟ କରୁଥିଲେ।

ଶତ୍ରୁ ସୀମାର ପାଣିତଳ ଭାଗରୁ ଆକ୍ରମଣ କରିବା ପ୍ରଣାଳୀକୁ 'ଗୁପ୍ତ ଆକ୍ରମଣ' କୁହାଯାଏ। ଏହି ପଦ୍ଧତି ଦ୍ୱାରା ଗୁପ୍ତ ଭାବରେ ଶତ୍ରୁ ପକ୍ଷରେ ଦୁର୍ଗ, ଅସ୍ତ୍ରାଗାର ଓ ରଣକୌଶଳ ପରିସର ମଧ୍ୟରେ ପ୍ରବେଶ କରି ଶତ୍ରୁ ପକ୍ଷର ଅନିଷ୍ଟ ସାଧନ କରିବା ସଙ୍ଗେ ସଙ୍ଗେ ନିଜ ଠିକଣାକୁ ଫେରିଆସିବାର ଉପାୟ ସମ୍ପର୍କରେ ଅନୁଧ୍ୟାନ କରାଯାଇଥାଏ। ନୌବାହିନୀ ଉଦ୍ଦେଶ୍ୟମୂଳକ ଶତ୍ରୁ ପକ୍ଷର ଯୁଦ୍ଧ ଜାହାଜ, ପଣ୍ୟ ଜାହାଜ ଏବଂ ଅବତରଣ ସ୍ଥଳୀ ଉପରେ ନଜର ରଖିଥାଏ। ଏହି ଗୁପ୍ତ ଆକ୍ରମଣ ବ୍ୟତୀତ ନୌବାହିନୀର ଗୁରୁତ୍ୱପୂର୍ଣ୍ଣ ଗଠନ ମୂଳକ କାର୍ଯ୍ୟ ମଧ୍ୟ ରହିଛି।

> ସଭ୍ୟତାର ପ୍ରଗତି ସଙ୍ଗେ ସଙ୍ଗେ ସମୁଦ୍ର ପୋତର ଆକାର ପରିବର୍ତ୍ତନ ହୋଇଅଛି। ଏବଂ ସବୁ ଯୁଗରେ ନୌବାହିନୀ ସାମୁଦ୍ରିକ ଅଞ୍ଚଳରେ ମହତ୍ତ୍ୱ ଦେଇ ଦେଶର ସ୍ୱାର୍ଥ ସାଧନ କରି ଆସିଅଛି। ମାତ୍ର ରଣ କ୍ଷେତ୍ରର ସଫଳତା ନୌବାହିନୀର ଜବାନମାନଙ୍କ ମନୋବଳ ଏବଂ ଦକ୍ଷତା ଉପରେ ନିର୍ଭର କରେ।
>
> —ଆଡ଼ମିରାଲ ଅରଲେ ଏ. ବର୍କ

ଉତ୍ସର୍ଗୀକୃତ ତଥା ତ୍ୟାଗପୂତ ମନୋଭାବ ଥିବା କମ ସଂଖ୍ୟକ ଜବାନମାନଙ୍କ ଦ୍ୱାରା ଗୁପ୍ତ ଆକ୍ରମଣ ଦ୍ୱାରା ଅଳ୍ପ ଅର୍ଥ ବ୍ୟୟରେ ଶତ୍ରୁ ପକ୍ଷର ଯଥେଷ୍ଟ କ୍ଷତି କରାଯାଇପାରେ। ମାତ୍ର ଏହା ବିପଦପୂର୍ଣ୍ଣ ଅଟେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବୁଡ଼ାଳୀ ଯୁଦ୍ଧ ଜାହାଜର ସଫଳତା ବେଶୀ ହେଲା ଏବଂ ଏହା ଦ୍ୱାରା ସଫଳତା ମଧ୍ୟ ମିଳି ପାରିଲା। ୧୯୪୧ ଡିସେମ୍ବର ମାସରେ ଆଲେକଜାଣ୍ଡ୍ରିଆ ଯୁଦ୍ଧ ଜାହାଜବାହିନୀ ବ୍ରିଟିଶ ନୌବାହିନୀର ଅପୂରଣୀୟ କ୍ଷତି ଘଟାଇ ଥିଲା।

ବୈଜ୍ଞାନିକ ବୃଦ୍ଧି ସଙ୍ଗେ ସଙ୍ଗେ ବୁଡ଼ା ଜାହାଜ ନିର୍ମାଣ ବେଳେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେଇ ତାହାକୁ ଅଧିକ ଶକ୍ତିଶାଳୀ କରାଗଲା। ଏହାପରେ ବିଶ୍ୱଯୁଦ୍ଧ ବେଳେ ଡୁବୁରୀର ଶକ୍ତି ପୂର୍ବେ ୭ରୁ ୧୫ ନଟ୍ ଥିବା ସ୍ଥଳେ ତାହା ୩୦ ନଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଲା।

ଦେଶ ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ଯେ, ସାମୁଦ୍ରିକ ରଣ କୌଶଳରେ ନୌବାହିନୀର ଗୌରବ ଆଣିବା ଦିଗରେ ବୁଡ଼ାଳୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଣି ଭିତରେ ସମସ୍ତ ପ୍ରକାର ଯନ୍ତ୍ରପାତିର ମରାମତି, ବୁଡ଼ା ଜାହାଜର ଉଦ୍ଧାର, ଏଙ୍କୋର ଏବଂ କେବୁଲକୁ ପରୀକ୍ଷା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ବୁଡ଼ାଳୀଙ୍କ ଦ୍ୱାରା ହୋଇଥାଏ। ଭାରତୀୟ ନୌସେନାରେ ୧୯୫୦ ମସିହାରେ ବୁଡ଼ିବା ପ୍ରଣାଳୀର ସୂତ୍ରପାତ ହୋଇଥିଲା। ପ୍ରାରମ୍ଭିକ କାଳରେ ନୌବାହିନୀର ବୁଡ଼ାଳୀ ମାନଙ୍କୁ ବୁଡ଼ିବା ପୋଷାକ ଦିଆଯାଉଥିଲା। ବୁଡ଼ିବା ସମୟରେ ଜଳ ଉପରିସ୍ଥ ପରିସରରୁ ଗୋଟିଏ ପାଇପ ମାଧ୍ୟମରେ ବୁଡ଼ାଳୀଙ୍କୁ ଅମ୍ଳଜାନ ଯୋଗାଇ ଦିଆଯାଉଥିଲା। ଏହାଦ୍ୱାରା ବୁଡ଼ାଳୀ ସୀମିତ ଗଣ୍ଡି ମଧ୍ୟରେ ଚଳପ୍ରଚଳ ହୋଇ ପାରୁଥିଲେ। ମାତ୍ର ସଂପ୍ରତି ବୁଡ଼ିବା ପ୍ରଣାଳୀ ଉନ୍ନତ ଏବଂ ବୈଜ୍ଞାନିକ ଉପାୟରେ ସମ୍ପନ୍ନ ହେଉଛି। ବୁଡ଼ାଳୀ ମାତ୍ର ୧୫ କେଜି ଓଜନର ପୋଷାକ ପିନ୍ଧୁଛନ୍ତି। ଅମ୍ଳଜାନ ମଧ୍ୟ ବୁଡ଼ାଳୀଙ୍କ ନିୟନ୍ତ୍ରଣାଧୀନ। ବୁଡ଼ାଳୀ ଅବଶ୍ୟରେ ଜଳର ଗଭୀରତା ନେଇ ୪୦ରୁ ୪୮ ମିଟର ପର୍ଯ୍ୟନ୍ତ ପାଣିରେ ବୁଡ଼ି ରହି ପାରିବେ। ପୂର୍ବେ ବୁଡ଼ାଳୀ ସୀମିତ ଅମ୍ଳଜାନ ଯୋଗୁଁ ୫୫ ମିଟର ଜଳ ଭିତରକୁ ବୁଡ଼ୁଥିଲେ। ମାତ୍ର ଏବେ ବୁଡ଼ାଳୀ ୩୦୦ ମିଟର ଗଭୀର ପର୍ଯ୍ୟନ୍ତ ବୁଡ଼ି ପାରୁଛନ୍ତି।

ଅତର୍କିତ ଆକ୍ରମଣ ବ୍ୟତୀତ ନୌବାହିନୀ ବୁଡ଼ାଳୀମାନେ ହଡ଼ ଜାହାଜ ଦୁର୍ଘଟଣା ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରିଥାନ୍ତି। ୧୯୮୨ ମସିହାରେ ଏସୀୟ ସନ୍ତରଣ ପୁଷ୍କରିଣୀର ପୂର୍ଣ୍ଣ-ନିର୍ମାଣ ମଧ୍ୟ ନୌବାହିନୀ ବୁଡ଼ାଳୀମାନଙ୍କ ଅବଦାନ ରହିଛି। ବୁଡ଼ାଳୀମାନେ ବୁଡ଼ିବା ପୂର୍ବରୁ ଏକ ଅନୁଧ୍ୟାନକାରୀ ଜଳର ଗଭୀରତା, ସ୍ରୋତ, ଉତ୍ତାପ, ସ୍ଥଳ ଭାଗର ଅବସ୍ଥା ଇତ୍ୟାଦି ବିଷୟରେ ଅନୁଧ୍ୟାନ କରନ୍ତି।

ଆଜି ନୌବାହିନୀର ସମସ୍ତ କମାଣ୍ଡରେ ବୁଡ଼ାଳୀ ଅଛନ୍ତି। ସେମାନେ ଉଭୟ ଜଳ ଓ ସ୍ଥଳ ଭାଗରେ ଜନସାଧାରଣଙ୍କ ସେବାରେ ନିୟୋଜିତ ଅଛନ୍ତି। □

Images: Aptakama Mishra, Processing: Srujanika

ଫାଣ୍ଟମ୍



Images: Aptakama Mishra, Processing: Srujanika

ଲି . ଫକ୍
ସି . ବେରୀ

Images: Aptakama Mishra, Processing: Srujanika

ତାଞ୍ଜାଭୁର ସହରର ବୃହଦେଶ୍ୱର ମନ୍ଦିର

ଚୋଳ ରାଜବଂଶର ସର୍ବଶ୍ରେଷ୍ଠ ଅବଦାନ ରୂପେ ଉକ୍ତ ମନ୍ଦିର ବିଦିତ । ତାଞ୍ଜାଭୁର ସହରରେ ଅବସ୍ଥିତ ବୃହଦେଶ୍ୱର ମନ୍ଦିର ନିର୍ମାଣ ୧୦୦୩ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା । ଚୋଳ ବଂଶର ଶ୍ରେଷ୍ଠ ସମ୍ରାଟ ରାଜା ରାଜା ପ୍ରଥମ (୯୮୫-୧୦୧୨ ଖ୍ରୀଷ୍ଟାବ୍ଦ)ରେ ଏହି ମନ୍ଦିର ନିର୍ମାଣ କାମ ଆରମ୍ଭ କରିଥିଲେ । ବୃହଦେଶ୍ୱର ମନ୍ଦିରର କେନ୍ଦ୍ର ସ୍ଥଳରେ ଗର୍ଭ ଗୃହ ଅବସ୍ଥିତ । ଗର୍ଭ ଗୃହ ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ ପଥ ଏବଂ ଏହି ପ୍ରଦକ୍ଷିଣ ପଥ ମଧ୍ୟରେ ଅର୍ଦ୍ଧ ମଣ୍ଡପ, ମହା ମଣ୍ଡପ ଏବଂ ମୁଖ୍ୟ ମଣ୍ଡପ ବିଦ୍ୟମାନ । ପରବର୍ତ୍ତୀ କାଳରେ ପାଣ୍ଡ୍ୟ, ନାୟକ ଏବଂ ମରହଟ୍ଟା ଇତ୍ୟାଦି ଶାସକଙ୍କ ରାଜତ୍ୱ ସମୟରେ ଏହି ମନ୍ଦିର ସୀମା ମଧ୍ୟରେ କରୁର ଦେବର, ଅମ୍ମନ ଏବଂ ସୁବ୍ରମନ୍ୟ ଉପାସନା ମନ୍ଦିର ଇତ୍ୟାଦି ନିର୍ମାଣ କରାଯାଇ ଏହାର କଳେବର ବୃଦ୍ଧି କରାଯାଇଛି । ମୁଖ୍ୟ ବିମାନର ଶ୍ରେଷ୍ଠ ଦୃଷ୍ଟାନ୍ତ ରୂପେ ମନ୍ଦିରକୁ ଗ୍ରହଣ କରାଯାଇ ପାରେ; କାରଣ ଏହା ୧୩ ମହଲା ବିଶିଷ୍ଟ ଏକ ପ୍ରାସାଦ ଯାହାକୁ ସ୍ଥାନୀୟ ଭାଷାରେ "ଦକ୍ଷିଣ ମେରୁ-ଚକ୍ରବର୍ତ୍ତୀ" ନାମରେ ନାମିତ କରାଯାଇଛି । ପୁଣି ମନ୍ଦିରଟି ବିରାଟ ଖଣ୍ଡ ବିଶିଷ୍ଟ ଗ୍ରାନାଇଟ୍ ପଥରରେ ନିର୍ମିତ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ତାଞ୍ଜାଭୁର ନିକଟବର୍ତ୍ତୀ କୌଣସି ଅଞ୍ଚଳରେ ଗ୍ରାନାଇଟ୍ ପାହାଡ଼ମାନ ଆଦୌ ନାହିଁ ।

ମନ୍ଦିରର ପ୍ରଥମ ମହଲାରେ ଥିବା ସଂକୀର୍ଣ୍ଣ ପ୍ରଦକ୍ଷିଣ ପଥର ଉଭୟ ପାର୍ଶ୍ୱରେ ଅବସ୍ଥିତ କାନ୍ଥଗୁଡ଼ିକ ଚୋଳ ବଂଶର ବହୁ ମୂଲ୍ୟବାନ କାରୁକାର୍ଯ୍ୟମୟ କାନ୍ଥ ଚିତ୍ର କଳାରେ ମଣ୍ଡିତ ହୋଇଛି । ଉପରେ ପରବର୍ତ୍ତୀ କାଳରେ ରାଜତ୍ୱ କରିଥିବା ନାୟକ ରାଜ ବଂଶର ଶିଳ୍ପ କଳାକୁ ଅତି ସମ୍ଭ୍ରମ ଉପାୟରେ ରେଖା କର୍ମ ଏବଂ ଅନ୍ୟାନ୍ୟ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଯୋଗୁଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି । କାନ୍ଥରେ ଅଙ୍କିତ ଚିତ୍ରଗୁଡ଼ିକ ମୁଖ୍ୟତଃ ପୌରାଣିକ ଏବଂ ପ୍ରଚଳିତ ଲୋକକଥା ମଧ୍ୟରେ ନିହିତ ଥିବା କାହାଣୀକୁ ନେଇ ସୃଷ୍ଟି ହୋଇଛି । ଏହାସହିତ ତତ୍କାଳୀନ ସମାଜର ଖ୍ୟାତନାମା କାହାଣୀ ଏବଂ ଚରିତ୍ର ଗୁଡ଼ିକୁ ମଧ୍ୟ ଏହି କାନ୍ଥ ଚିତ୍ରକଳା ମଧ୍ୟରେ ସାମିଲ କରାଯାଇଛି ।

ପ୍ରଥମ ମହଲାରୁ ଉପରକୁ ଅଙ୍କା-ବଙ୍କା ହୋଇ ଉଠି ଯାଇଥିବା ସୋପାନ ଶ୍ରେଣୀ ମଧ୍ୟରେ ଗଲେ ପ୍ରଥମେ ଜଣେ ଦର୍ଶକ ଭଗବାନ ଶିବଙ୍କ ଭରତନାଟ୍ୟମ୍ ନୃତ୍ୟର ୧୦୮ ଟି ଅଙ୍ଗଭଙ୍ଗୀ ଭିନ୍ନଭିନ୍ନ ସ୍ଥାନରେ ଅଙ୍କା ଯାଇଥିବା ସ୍ପଷ୍ଟ ରୂପେ ଦେଖି ପାରିବ । ଉପରୋକ୍ତ ଏହି ୧୦୮ ଟି ଭଙ୍ଗୀ ମଧ୍ୟରୁ କେବଳ ୮୧ ଟି ଭଙ୍ଗୀ ପ୍ରଥମ ମହଲାର ପାହାଡ଼ ଗୁଡ଼ିକରେ ସମ୍ପୂର୍ଣ୍ଣ ରୂପେ ଅଙ୍କିତ ହୋଇଛି । ଅବଶିଷ୍ଟ ଭଙ୍ଗୀ ସୋପାନ ଶ୍ରେଣୀର ବିଭିନ୍ନ ସ୍ଥାନରେ କୌଣସି ନିର୍ଦ୍ଦିଷ୍ଟ କ୍ରମରେ ଅଙ୍କିତ ହୋଇଥିବାର ପରିଲକ୍ଷିତ ହୁଏ ନାହିଁ । ପ୍ରତ୍ୟେକ ନୃତ୍ୟ ଭଙ୍ଗୀ ଚୋଳ ରାଜ ବଂଶର ପୃଷ୍ଠପୋଷକତାରେ ବିକଶିତ ହୋଇଥିବା କ୍ଲାସିକ୍ କଳ ଗୁଡ଼ିକର ଯେ ଚରମ ଉତ୍କର୍ଷତା ବହନ କରୁଛି ଏଥିର ସନ୍ଦେହର ଅବକାଶ ନାହିଁ ।

ମନ୍ଦିରର ବାହ୍ୟ କାନ୍ଥଗୁଡ଼ିକ ସବୁ ସ୍ଥାପତ୍ୟ କଳାର ଚରମ ପ୍ରତିଛବି ବହନ କରିଛନ୍ତି । ତ୍ରିପୁରାନ୍ତକ, କିରାଟ ମୂର୍ତ୍ତି, କଳାନ୍ତକ, ବିଷ୍ଣୁ ଅନୁଗ୍ରହ ମୂର୍ତ୍ତି, ଭିକ୍ଷାଟନକ, ବୀରଭଦ୍ର, ନଟରାଜ, ଅର୍ଦ୍ଧନାରୀଶ୍ୱର, ହରିହର, ଦକ୍ଷିଣ ମୂର୍ତ୍ତି ଆଦି ଦେବ ପ୍ରତିମାଗୁଡ଼ିକ ଦେଖିଲେ ଜଣେ ଲୋକ ଏହା ସ୍ପଷ୍ଟ ରୂପେ ହୃଦୟଙ୍ଗମ କରିପାରେ । ସେହିପରି ରାଜା ଏବଂ ଦ୍ୱାରପାଳଙ୍କ ଗୋପୁର ଆଦି ମୂର୍ତ୍ତି ଗୁଡ଼ିକ ପଥର ଖୋଦେଇ କାମ, ପ୍ଲାଷ୍ଟର ଶିଳ୍ପ ଏବଂ ଶିଳ୍ପୀ ସଜ୍ଜା ତଥା ଆଲଙ୍କାରିକ ଭୂଷଣ ଇତ୍ୟାଦିର ସର୍ବୋତ୍କୃଷ୍ଟ କାରୁକାର୍ଯ୍ୟରେ ସୁଶୋଭିତ ହୋଇ ଚୋଳ ବଂଶର ଅପୂର୍ବ ସ୍ଥାପତ୍ୟ ବିଦ୍ୟାର ନିଚ୍ଛକ ପ୍ରମାଣ ସର୍ବସାଧାରଣରେ ପ୍ରଦର୍ଶିତ କରୁଛି । ସଂକ୍ଷେପରେ କହିଲେ କେବଳ ବୃହଦେଶ୍ୱର ମନ୍ଦିରର ପ୍ରତି କୋଣ ଅନୁକୋଣରେ ହସ୍ତକଳା, ସ୍ଥାପତ୍ୟ ଏବଂ ଶିଳ୍ପ କଳାର ସର୍ବଶ୍ରେଷ୍ଠ ଶିଳ୍ପୀ ସଫଳତା ବିଦ୍ୟମାନ ।

୧୯୨୨ ମସିହାରେ ପ୍ରଥମଥର ପାଇଁ ଏହି ମନ୍ଦିରକୁ ଜାତୀୟ ଗୁରୁତ୍ୱ ଥିବା ଏକ କୀର୍ତ୍ତି ସ୍ତମ୍ଭ ରୂପେ ଘୋଷଣା କରାଗଲା ପରେ ଏହାର ପୁନଃନିର୍ମାଣ ତଥା ରକ୍ଷଣାବେକ୍ଷଣ ପାଇଁ ଇତିମଧ୍ୟରେ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ମନ୍ଦିର ମଧ୍ୟରେ ଥିବା ଏକ ବିରାଟ ଜଙ୍ଗଲକୁ କାଟି ସଫା କରାଯାଇଥିଲା । ପୂର୍ବେ ମନ୍ଦିରଟି ବିଭିନ୍ନ ପ୍ରକାର ଲତା ଏବଂ ଗୁଳ୍ମ ଇତ୍ୟାଦି ଦ୍ୱାରା ଆଚ୍ଛାଦିତ ହୋଇ ଏହାର ଉପରଭାଗରେ ଥିବା ସ୍ଥାପତ୍ୟ କୃତିମାନ ଅବକ୍ଷୟ ଅବସ୍ଥାକୁ ଆସି ଯାଇଥିଲା । ମନ୍ଦିର ଚଟାଣ କ୍ରମଶଃ ଅସମତଳ ହୋଇ ଆସି ଏହା ମଧ୍ୟରେ ଥିବା କାନ୍ଥ ଏବଂ ସ୍ତମ୍ଭମାନ ଫାଟିବାକୁ ଆରମ୍ଭ କରିଥିଲା । କିନ୍ତୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ସଂସ୍ଥା ଏହାର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଭାର ନେବା ପରେ ବିଗତ କେତେ ବର୍ଷ ମଧ୍ୟରେ ପୁଣି ଏହାକୁ ଏକ ସ୍ଥାୟୀ ଏବଂ ଦର୍ଶନୀୟ ମନ୍ଦିରରେ ପରିଣତ କରାଯାଇ ପାରିଛି ।

□

Images: Aptakama Mishra, Processing: Srujanika

ଆଣ୍ଡାମାନ ଆଦିବାସୀମାନଙ୍କୁ ସଭ୍ୟତାର ଆଲୋକ ଯୋଗାଇବାରେ 'ନାରିକେଳର' ଭୂମିକା

ଆଣ୍ଡାମାନ ଓ ନିକୋବର ଦ୍ୱୀପ-ପୁଞ୍ଜରେ ବାସ କରୁଥିବା ହିଂସ୍ର ଆଦିବାସୀଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଆଧୁନିକ ସଭ୍ୟତାର ଆଲୋକରେ ଆଲୋକିତ କରିବା ପାଇଁ ସେଠାକାର ପ୍ରଶାସନ କର୍ତ୍ତୃପକ୍ଷ ପ୍ରବଳ ଉଦ୍ୟମ କରି ଆସୁଥିଲେ । ତାଙ୍କର ପ୍ରଚେଷ୍ଟା ଫଳପ୍ରଦ ହେବାକୁ ଯାଉଛି ।

ଉକ୍ତ ଆଦିବାସୀମାନଙ୍କୁ ସାକ୍ଷାତ କରିବାପାଇଁ ହେଲେ ଏକ ସ୍ୱତନ୍ତ୍ର ଧରଣର କୌଶଳର ସହାୟତା ନେବାକୁ ହୋଇଥାଏ । ଜାହାଜରେ ଯାଇ ଜାହାଜକୁ କୌଣସି ଏକ ସ୍ଥାନରେ ରଖିବାକୁ ହୋଇଥାଏ । ସେଠାରୁ ନୌକା ନେଇ ଆଦିବାସୀ ବସତି ଥିବା ଅଞ୍ଚଳକୁ ଯିବାକୁ ହୁଏ । ବସତି ନିକଟକୁ ଯାଇ ସେଠାରେ ଖାଦ୍ୟ ପଦାର୍ଥ ଏବଂ ବିଭିନ୍ନ ଉପହାର ସାମଗ୍ରୀ ରଖି ନୌକାରେ ଫେରିବାକୁ ହୁଏ । ଜାହାଜକୁ ନୌକା ଫେରି ଆସିବା ପରେ ସରକାରୀ ଅଧିକାରୀ ମାନେ ଜାହାଜରେ ବସି ଦୂରବୀକ୍ଷଣଯନ୍ତ୍ର ଯୋଗେ ଆଦିବାସୀଙ୍କ ଗତିବିଧି ଲକ୍ଷ କରନ୍ତି । ଘନଜଙ୍ଗଲ ମଧ୍ୟରେ ଆତ୍ମ-ଗୋପନ କରିଥିବା ଆଦିବାସୀମାନେ ରଖାଯାଇଥିବା ସାମଗ୍ରୀ ନେଉଛନ୍ତି କି ନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଏ । ପ୍ରଥମେ ଆଦିବାସୀମାନେ ଘନ ବନାନୀ ମଧ୍ୟରୁ ସମୁଦ୍ର ଉପକୂଳ-ବର୍ତ୍ତୀ ସ୍ଥାନକୁ ବାହାରୁ ନ ଥିଲେ । କ୍ରମେ ସେମାନେ ତାଙ୍କ ନିକଟବର୍ତ୍ତୀ ସମୁଦ୍ର କୂଳରେ ଭାସୁଥିବା ଖାଦ୍ୟ ସାମଗ୍ରୀ ଏବଂ ଉପହାର ଗୁଡ଼ିକୁ ନେବାରେ ଆଗ୍ରହ ବୃଦ୍ଧି ପାଇବାର ଦେଖାଗଲା । ଆଦିବାସୀମାନେ ପହଁରି ପହଁରି ଅଥବା ତାଙ୍କର ଛୋଟ ନୌକା ଯୋଗେ ଆସି ସାମଗ୍ରୀ ଗୁଡ଼ିକୁ ନେଇ ଯାଉଥାଆନ୍ତି । ସରକାରଙ୍କ ତରଫରୁ ପ୍ରତି ପନ୍ଦର ଦିନରେ ଥରେ ଲେଖାଏଁ ଏହିଭଳି ଖାଦ୍ୟପଦାର୍ଥ ଓ ଉପହାର ଗୁଡ଼ି ଦିଆଯାଏ ଓ ଆଦିବାସୀମାନେ ତାହା ସଂଗ୍ରହ କରି ନେଉଥାଆନ୍ତି । କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଉଥିବା ଜିନିଷପତ୍ର ପ୍ରତି ଆଦିବାସୀ ମାନଙ୍କର ଆଗ୍ରହ ବଢ଼ୁଥିବାର ଦେଖି ସରକାର କେତେକ ନିକାଞ୍ଚନ ସମୁଦ୍ର ଉପକୂଳରେ ଉପହାର ଏବଂ ଖାଦ୍ୟ ପଦାର୍ଥ ରଖିଦେଲେ । ଦେଖାଗଲା ଅଧିକାରୀଗଣ ଜାହାଜରେ ପହଞ୍ଚିବା ପୂର୍ବରୁ ଆଦିବାସୀମାନେ ସେଗୁଡ଼ିକୁ ସଂଗ୍ରହକରି ନେଉଥିଲେ ।

ଦୁର୍ଦ୍ଧର୍ଷ ଓ ହିଂସ୍ର ସେଣ୍ଟିନେଲ ଆଦିବାସୀଙ୍କ ଆଚରଣ ବ୍ୟବହାର ସ୍ୱାଗତ ଯୋଗ୍ୟ ପରିବର୍ତ୍ତନ କ୍ରମେ ପରିଲକ୍ଷିତ ହେଲା । ଚଳିତ ବର୍ଷ ଅକ୍ଟୋବର ମାସ ୨୦ ତାରିଖରେ ସରକାରୀ କର୍ମକର୍ତ୍ତାମାନେ ଉତ୍ତର ସେଣ୍ଟିନେଲ ଦ୍ୱୀପରେ ଥିବା ଆଦିବାସୀ ବସତିକୁ ଯାଇଥିଲେ ଏବଂ ଆଦିବାସୀଙ୍କ ଭିତରେ ପରିବର୍ତ୍ତନ ଲକ୍ଷ୍ୟ କରିଥିଲେ ।

ଏଥରକ ଜାହାଜରୁ ଫଳ, ଖାଦ୍ୟ ଦ୍ରବ୍ୟ ଏବଂ ଉପହାର ଭରି ନୌକା ଗୁଡ଼ିକ ଉପକୂଳର ସମୀପବର୍ତ୍ତୀ ହେବା-ମାତ୍ରେ ଟୋକେଇ ଓ ଧନୁଶର ଧରିଥିବା ନଅଜଣ ଆଦିବାସୀ ଉପହାର ଏବଂ ସାମଗ୍ରୀ ଗୁଡ଼ିକୁ ସଂଗ୍ରହ କରି ନେଇ-ଥିଲେ । ସେମାନେ ତାଙ୍କର ଟୋକେଇ, ଧନୁ ଓ ଶରକୁ ଭୂମି ଉପରେ ରଖିଦେଇ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । କ୍ରମଶଃ କର୍ତ୍ତୃପକ୍ଷଙ୍କ ନୌକାଟି ପଶ୍ଚିମାଭିମୁଖ ହେଲା ଏବଂ ନିକଟବର୍ତ୍ତୀ ଏକ ବସତିରେ କିଛି ଖାଦ୍ୟ ସାମଗ୍ରୀ ଓହ୍ଲାଇ ଦେଇଥିଲେ । ତା'ପରେ ନୌକାଟି ଦୁଇଟି ଆଦିବାସୀ କୁଟୀରରେ ଥିବା ସ୍ଥାନରେ ପହଞ୍ଚିଲା ।

ଦ୍ୱୀପପୁଞ୍ଜର ଆଦିବାସୀଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଅଳ୍ପ କେତେକ ସୁଦୃଢ଼ ନୌକା ସେଠାରେ ଥିଲା । ଏଠାରେ କର୍ମଚାରୀମାନେ ଉପହାର, ଖାଦ୍ୟସାମଗ୍ରୀ ସଙ୍ଗେ ସଙ୍ଗେ କେତେକ ଲୌହ ସାମଗ୍ରୀ, ନାରିକେଳ ଏବଂ କଦଳୀ ରଖିଦେଲେ । ପୂର୍ବଭଳି ନୌକାଟି ଜାହାଜର ନିକଟବର୍ତ୍ତୀ ହେବା ପୂର୍ବରୁ ସେଣ୍ଟିନେଲ-ମାନେ ଉପହାର ଗୁଡ଼ିକୁ ସମୁଦ୍ର ଢେଉ ପହଞ୍ଚିପାରୁ ନଥିବା ଉଚ୍ଚସ୍ଥାନକୁ ନେଇ ଯାଇଥିଲେ । ନୌକାଟି ଫେରିବା ବେଳେ ଦେଖାଗଲା ଯେ ଯେଉଁଠାରେ ପ୍ରଥମେ ଖାଦ୍ୟ ପଦାର୍ଥ ଦିଆଯାଇଥିଲା ସେଠାରେ କୋଡ଼ିଏ ଜଣ ପୁରୁଷ, ଛଅ ଜଣ ସ୍ତ୍ରୀ ଏବଂ ତିନୋଟି ପିଲା ରୁଣ୍ଡ ହୋଇଥିଲେ । ଆଗରୁ ଦିଆଯାଇଥିବା ଉପହାର ଗୁଡ଼ିକ ଏକତ୍ରିତ କରି ସେମାନେ ତାହାର ଚତୁଃପାର୍ଶ୍ୱରେ ନୃତ୍ୟ କରୁଥିଲେ । ତାଙ୍କର ଆନନ୍ଦମୟ କୋଳାହଳ ଶୁଣାଯାଉଥିଲା ।

ନୌକାଟିକୁ ଦେଖିବା ମାତ୍ରେ ସେମାନେ ଆଦିମ ମାନବ ସଦୃଶ ଅଙ୍ଗଭଙ୍ଗୀ ଦ୍ୱାରା ଅଧିକ ଉପହାର ଦେବା ପାଇଁ ଇଙ୍ଗିତ ଦେଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ ନାରିକେଳଟିଏ ସମୁଦ୍ର ଗର୍ଭକୁ ଫିଙ୍ଗି-ଦେଲା । ବୁଝା ଯାଉଥାଏ ଯେପରି ସରକାରୀ କର୍ତ୍ତୃପକ୍ଷ ଏତାଦୃଶ ଭଙ୍ଗୀରେ ଅଧିକ ନାରିକେଳ ଫିଙ୍ଗିବା-ପାଇଁ ସେମାନେ କହୁଛନ୍ତି । ନୌକାଟି ସେଠାରେ ବନ୍ଦକରି ହୋଇଥିବା ସମସ୍ତ ନାରିକେଳ ସେଠାରେ ଫିଙ୍ଗି ଦିଆ-ଯାଇଥିଲା ।

ସଙ୍ଗେ ସଙ୍ଗେ କେତେକ ଲୋକ ନାରିକେଳ ସଂଗ୍ରହ କରିବା ପାଇଁ

Images: Aptakama Mishra, Processing: Srujanika

ସମୁଦ୍ରକୁ ଡେଇଁ ପଡ଼ିଲେ । ତାଙ୍କର ସୁସଜ୍ଜିତ ନୌକାଟିକୁ ମଧ୍ୟ ସେଠାକୁ ଅଣାଗଲା । ସେମାନେ ସରକାରୀ ନୌକାର ପାଖାପାଖି ନିକଟକୁ ଆସିଗଲେ । ଏହା ପୂର୍ବରୁ ସେମାନେ କେବେ ସରକାରୀ ନୌକାର ଏତେ ନିକଟବର୍ତ୍ତୀ ହୋଇ ନଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କ ହାତରେ ଧନୁ ଓ ଶର ଥିଲା ଏବଂ ସେ ସମୁଦ୍ରରୁ ନାରିକେଳ ସଂଗ୍ରହ କରିବାରେ ବ୍ୟସ୍ତ ଥିଲେ ।

ସେମାନେ ଯେତେବେଳେ ଜାଣିଲେ ଯେ ନୌକାଟି ତାଙ୍କର କୌଣସି ଅନିଷ୍ଟ କରିବ ନାହିଁ, ସେମାନେ ସମୁଦ୍ର କୂଳକୁ ଫେରିଯାଇଥିଲେ । ତାଙ୍କର ଆନନ୍ଦ ପ୍ରମୋଦ ଓ ନୃତ୍ୟର ପୁନରାବୃତ୍ତି ହେଲା । ସେତେବେଳେ ଆକାଶରେ ସୂର୍ଯ୍ୟଙ୍କର କିରଣ ପ୍ରଖର ଥାଏ । କେତେକ ସେଣ୍ଟିନେଲ୍ ତାଳପତ୍ର ସଂଗ୍ରହ କରି ଗ୍ରେଷ୍ଟ ଛତା ସଦୃଶ ନିଜର ଶିରଦେଶକୁ ପ୍ରଖର ସୂର୍ଯ୍ୟ-କିରଣରୁ ରକ୍ଷା କରିବାର ପ୍ରୟାସ କରୁଥାଆନ୍ତି । କେତୋଟି ଆନନ୍ଦପୂର୍ଣ୍ଣ ମୁହୂର୍ତ୍ତ ଅତିବାହିତ ହେଲାପରେ ସେମାନେ ସମସ୍ତେ ଭୂମି ଉପରେ ବସି କର୍ମଚାରୀଙ୍କ ନୌକା ଆଡ଼କୁ ଅନାଇଁଲେ । ଜଣା ଯାଉଥାଏ ଯେପରି ତାଙ୍କର ଆମୋଦ ପ୍ରମୋଦରେ ଭାଗିଦାର ହେବା ନିମନ୍ତେ କର୍ମଚାରୀ-ମାନଙ୍କୁ ଆହ୍ୱାନ କରୁଛନ୍ତି । ,

ଡେପୁଟି କମିଶନର ଶ୍ରୀ ଶକ୍ତି ସିହ୍ନାଙ୍କ ନେତୃତ୍ୱରେ ଯାଇଥିବା ଅଧିକାରୀଗଣ ସେଣ୍ଟିନେଲ୍‌ଙ୍କ ନିକଟକୁ ଯାଇ ଅଯଥା ବିପଦ ବରଣ କରିବା ନିମନ୍ତେ ପ୍ରସ୍ତୁତ ନଥିଲେ । ସେମାନେ ଆହୁରି ଅଧିକ ସମୟ ଭ୍ରମଣ କରି ଆଦିବାସୀମାନଙ୍କ ମଧ୍ୟରେ ବିଶ୍ୱାସ ଭାଜନ ହେବାପରେ ତାଙ୍କ ନିକଟବର୍ତ୍ତୀ ହେବେ ବୋଲି ସିଦ୍ଧାନ୍ତ ନେଲେ ।

ସେଣ୍ଟିନେଲମାନଙ୍କୁ ନାରିକେଳ ଓ କଦଳୀ ଦେଇ ଏତାଦୃଶ ଶ୍ରଦ୍ଧାଭାଜନ ହୋଇପାରିଥିବାରୁ ଅଧିକାରୀଗଣ ସନ୍ତୁଷ୍ଟ । ସେଣ୍ଟିନେଲମାନଙ୍କ ସହିତ କରମର୍ଦ୍ଦନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ଧୈର୍ଯ୍ୟର ସହିତ ପ୍ରତୀକ୍ଷା କରିବାକୁ ହେବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । □

ଶିଶୁର ବୁଦ୍ଧିହୀନତା ଓ ତାର କାରଣ

ଡାକ୍ତର ଜ୍ୟୋତି ମହାପାତ୍ର

ପରିବାରରେ ବୁଦ୍ଧିହୀନ ଶିଶୁଟିଏ ଜନ୍ମ ହେଲେ, ତା ନିଜ ଜୀବନ ତ ସମସ୍ୟା ବହୁଳ ହୁଏ ; ତା ସଙ୍ଗେ ସଙ୍ଗେ ପିତା ମାତା ଓ ଅନ୍ୟାନ୍ୟ ନିକଟ ସମ୍ପର୍କୀୟ ଆତ୍ମୀୟମାନଙ୍କ ପାଇଁ ମଧ୍ୟ ସେ ଚିନ୍ତା ଓ ଦୁଃଖର କାରଣ ହୁଏ ।

ବୁଦ୍ଧିର ବିକାଶ ପାଇଁ ମସ୍ତିଷ୍କ ହିଁ ଦାୟୀ । ଜନ୍ମ ପୂର୍ବରୁ ବା ପରେ କୌଣସି କାରଣ ବଶତଃ ଯଦି ମସ୍ତିଷ୍କର ଉପଯୁକ୍ତ ବୃଦ୍ଧି ବ୍ୟାହତ ହୁଏ, ତେବେ ବୁଦ୍ଧିହୀନତା ଘଟିଥାଏ । ବୟସ ଅନୁସାରେ ଶିଶୁର ଶାରୀରିକ ବିକାଶ ହୋଇଥାଏ, କିନ୍ତୁ ମାନସିକ ବିକାଶ ସେହି ଅନୁପାତରେ ନ ହେବାରୁ ଏକ ଅସଙ୍ଗତି ସୃଷ୍ଟି ହୁଏ ଓ ବହୁପ୍ରକାରର ସମସ୍ୟା ଦେଖା ଦେଇଥାଏ ।

ମନୁଷ୍ୟର ଅଧିକାଂଶ ଅଙ୍ଗପ୍ରତ୍ୟଙ୍ଗରେ ରୋଗ ହେଲେ ବା ଆଘାତ ଲାଗିଲେ ତାହା ଚିକିତ୍ସା ଦ୍ୱାରା ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିପାରେ । କିନ୍ତୁ ମସ୍ତିଷ୍କରେ ରୋଗ ବା ଅନ୍ୟ କୌଣସି କାରଣ ଯୋଗୁ ଆଘାତ ଲାଗିଲେ, ତାହା ଚିର-ସ୍ଥାୟୀ ହୋଇଥାଏ । ମସ୍ତିଷ୍କରେ ଯେଉଁ ଅଂଶ ଥରେ ନଷ୍ଟ ହୋଇଯାଏ, ତାର ବୃଦ୍ଧି ଆଉ କେବେ ହେଲେ ହୋଇ ପାରେ ନାହିଁ । କେବଳ ସେଥିପାଇଁ ମସ୍ତିଷ୍କ ରୋଗ ଓ ବୁଦ୍ଧିହୀନତା ଚିକିତ୍ସା ଏଭଳି ଦୁଃସାଧ୍ୟ । ତେଣୁ ବୁଦ୍ଧିହୀନତାର କାରଣ ଜାଣି ତା ବିରୁଦ୍ଧରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ହିଁ ଶ୍ରେୟସ୍କର ।

ମସ୍ତିଷ୍କର ବିକାଶ ଶିଶୁ ମାତୃ ଗର୍ଭରେ ଥିବା ଅବସ୍ଥାରେ ହିଁ ଆରମ୍ଭ ହୋଇଥାଏ । ତେଣୁ ଗର୍ଭବତୀ ସ୍ତ୍ରୀର ପୁଷ୍ଟିହୀନତା ଘଟିଲେ ତାହା ଶିଶୁର ଶାରୀରିକ ଓ ମାନସିକ ବିକାଶରେ ବାଧା ଜନ୍ମାଇ ଥାଏ । ଏହା ଛଡ଼ା, ଗର୍ଭାବସ୍ଥାର ପ୍ରଥମ ତିନି ମାସ ଭିତରେ ମା'ର ମିଳିମିଳା (Rubell infection) ରୋଗ ହେଲେ ତାହା ଶିଶୁର ଶରୀର ଗଠନ ଉପରେ ପ୍ରଭାବ ପକାଏ ଓ ସେଭଳି ଶିଶୁ

ଅଧିକାଂଶ କ୍ଷେତ୍ରରେ ବିକଳାଙ୍ଗ ଓ ବୁଦ୍ଧିହୀନ ହୋଇ ଜନ୍ମ ହୁଅନ୍ତି ।

ଗର୍ଭାବସ୍ଥାରେ ବାରମ୍ବାର X'-ray ପରୀକ୍ଷା କରାଇବା ଦ୍ୱାରା ମଧ୍ୟ ଶିଶୁର ମସ୍ତିଷ୍କର ବୃଦ୍ଧି ବାଧାପ୍ରାପ୍ତ ହୁଏ ଓ ଏହା ଭବିଷ୍ୟତରେ ବୁଦ୍ଧିହୀନତାର କାରଣ ହୋଇଥାଏ ।

ଗର୍ଭସ୍ଥ ଶିଶୁ ବିକଳାଙ୍ଗ ଓ ବୁଦ୍ଧି-ହୀନ ହେବାର ଅନ୍ୟ ଏକ କାରଣ ହେଲା ମା'ର ଯୌନ ରୋଗ ଓ ରକ୍ତ-ଦୋଷ । ତେଣୁ ଗର୍ଭବତୀ ସ୍ତ୍ରୀର ରକ୍ତ ପରୀକ୍ଷା କରାଇ ଏ ରୋଗର ଚିକିତ୍ସା ଯେତେଶୀଘ୍ର ସମ୍ଭବ କରାଇବା ଉଚିତ ।

ବହୁ ସମୟରେ, ପ୍ରସବ ସମୟରେ ଅଜ୍ଞତା ଓ ଅସାବଧାନତା ଯୋଗୁ ଶିଶୁର କୋମଳ ମସ୍ତିଷ୍କରେ ଆଘାତ ଲାଗିଥାଏ । ପ୍ରସବ ପୂର୍ବରୁ ମା'ର ଦେହରୁ ଅଧିକ ରକ୍ତସ୍ରାବ ହେଲେ କିମ୍ବା ଜନ୍ମ ପରେ ଶିଶୁ ନିଶ୍ୱାସ ନ ନେଇ ୨/୩ ମିନିଟ୍ ରହିଗଲେ, ତାର ମସ୍ତିଷ୍କକୁ ଅମ୍ଳଜାନ ଯାଇ ପାରେ ନାହିଁ । ଏହାଦ୍ୱାରା ଶିଶୁର ମସ୍ତିଷ୍କରେ ସ୍ଥାୟୀ କ୍ଷତ ହୋଇଥାଏ । ତେଣୁ ଉପଯୁକ୍ତ ଚିକିତ୍ସକଙ୍କ ସାହାଯ୍ୟ

Images: Aptakama Mishra, Processing: Srujanika

ବ୍ୟସ୍ତିତ ଘରେ, ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଶିଶୁ ଜନ୍ମ ହେବା ଉଚିତ ନୁହେଁ। ନବଜାତ ଶିଶୁର ମସ୍ତିଷ୍କ ଆଘାତ ପାଇବାର ଅନ୍ୟାନ୍ୟ ପ୍ରଧାନ କାରଣ ହେଲା ଶିଶୁର ପୁଷ୍ଟିକାରକ ଖାଦ୍ୟର ଅଭାବ, ରକ୍ତହୀନତା ଓ ଆମାଶୟ ବା ଗ୍ରହଣୀ ରୋଗ। ଅତ୍ୟଧିକ ଝାଡ଼ା ହେବା ଦ୍ୱାରା ଶିଶୁ ଦେହକୁ ଆବଶ୍ୟକ ପରିମାଣରେ ଖାଦ୍ୟ ଯାଇ ପାରେ ନାହିଁ। ଫଳରେ ମସ୍ତିଷ୍କର କ୍ଷତି ହୋଇଥାଏ, ତା ଛଡ଼ା, ପିତ୍ତଳା ବାତ, ମସ୍ତିଷ୍କଜ୍ୱର ଆଦି କେତେକ ରୋଗ ଦ୍ୱାରା ମଧ୍ୟ ଶିଶୁ ଅବସ୍ଥାରୁ ହିଁ ମସ୍ତିଷ୍କ ନଷ୍ଟ ହୋଇଯାଏ। ସେ ସବୁ ରୋଗର ଚିକିତ୍ସା ଠିକ୍ ଭାବରେ ନ ହେଲେ, ଶିଶୁ ବୟସ ବଢ଼ିଲେ, ବୁଦ୍ଧିହୀନ ହୋଇଥାଏ।

ଏସବୁ କାରଣ ଛଡ଼ା କେତେକ ବଂଶଗତ ରୋଗ ଦ୍ୱାରା ବୁଦ୍ଧିହୀନ ଶିଶୁ ଜନ୍ମ ହୋଇଥାନ୍ତି। ତାହା ଶିଶୁ ଦେହର ଜୀବକୋଷରେ ଥିବା ତ୍ରୁଟି ଯୋଗୁ ହୋଇଥାଏ। ଏହାକୁ **Genetic and chromosomal errors** ବୋଲି କୁହାଯାଏ। (ମଙ୍ଗୋଲିଜିମ୍) **Mongolism** ଏହିଭଳି ଏକ ରୋଗ। ଏସବୁ ରୋଗର ଚିକିତ୍ସା ବା ପ୍ରତିଷେଧକ କିଛି ନାହିଁ। ପରିବାରରେ ଏହିଭଳି ଏକ ଶିଶୁ ଜନ୍ମ ହେଲେ, ପିତା ମାତା ଭବିଷ୍ୟତରେ ଗର୍ଭନିରୋଧ ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ।

ବୁଦ୍ଧିହୀନ ଶିଶୁମାନେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଅତି ଶ୍ରେଷ୍ଠ ପିଲା ଢନରୁ ହିଁ ଶିକ୍ଷିତ ହୋଇ ପାରନ୍ତି। ସେମାନଙ୍କର ଶାରୀରିକ ବୃଦ୍ଧି ବୟସ ତୁଳନାରେ କମ୍ ହୁଏ। ଚାଲିବା, କଥା କହିବା ପ୍ରଭୃତି ମଧ୍ୟ ବହୁତ ବିଳମ୍ବରେ ହୁଏ। ପୁଣି ସେମାନଙ୍କୁ ଶିକ୍ଷାଦାନ କରିବା ମଧ୍ୟ ସହଜ ହୁଏ ନାହିଁ। ସବୁ ଶିଶୁ ଏକାଭଳି ବୁଦ୍ଧିହୀନ ହୁଅନ୍ତି ନାହିଁ। ରୋଗ ଓ କାରଣର ପ୍ରକାର ଭେଦରେ ବୁଦ୍ଧିର ବିକାଶରେ ତାରତମ୍ୟ ରହେ। ଯେଉଁମାନେ ଅତିରିକ୍ତ ବୁଦ୍ଧିହୀନ, ସାଧାରଣତଃ ସେମାନେ ବିକଳାଙ୍ଗ ମଧ୍ୟ ହୁଅନ୍ତି ଓ ନିଆଁ, ପାଣି ଭଳି ସାଧାରଣ ବିପଦରୁ ମଧ୍ୟ ନିଜକୁ ରକ୍ଷା କରିପାରନ୍ତି ନାହିଁ। ଯେଉଁମାନେ ତାଙ୍କଠାରୁ ଆଉ ଟିକିଏ ବୁଦ୍ଧିମାନ ସେମାନେ ହୁଏତ ନିଜକୁ ବିପଦରୁ ରକ୍ଷା କରି ପାରନ୍ତି, କିନ୍ତୁ ଶିକ୍ଷାଲାଭ କରିବାର କ୍ଷମତା ସେମାନଙ୍କ ନିକଟରେ ନଥାଏ। ଆଉ କେତେକ ସ୍କୁଲରେ ନିମ୍ନ ଉଚ୍ଚ ଶ୍ରେଣୀରେ ଶିକ୍ଷା ପାଇ ପାରନ୍ତି ; କିନ୍ତୁ ଉଚ୍ଚତର ଶ୍ରେଣୀ ପାଇଁ ସେମାନେ ଅନୁପଯୁକ୍ତ। ତେଣୁ ମନସ୍ତାତ୍ତ୍ୱିକ ମାନେ ଶିଶୁର ବୁଦ୍ଧିର ପରିମାଣ ନିର୍ଣ୍ଣୟ କରି, କିଏ କେଉଁଭଳି କାର୍ଯ୍ୟ ପାଇଁ ଉପଯୁକ୍ତ ସେ ବିଷୟରେ ପରାମର୍ଶ ଦେଇଥାନ୍ତି। କିନ୍ତୁ ସବୁଠାରୁ ବଡ଼ କଥା ହେଲା ପିତା ମାତାଙ୍କର ଶିକ୍ଷା ଓ ଧୈର୍ଯ୍ୟ। ଉପଯୁକ୍ତ ପରିବେଷ୍ଟନୀରେ ରହି ଆବଶ୍ୟକ ପରିମାଣର ଯତ୍ନ ଓ ଶିକ୍ଷା ପାଇଲେ, ବହୁ ବୁଦ୍ଧିହୀନ ଶିଶୁ ମଧ୍ୟ ଭବିଷ୍ୟତରେ ନିଜକୁ ନିଜେ ଚଳାଇ ନେବା ପାଇଁ ସକ୍ଷମ ହୋଇଥାନ୍ତି। ତେଣୁ ପରିବାରରେ ବୁଦ୍ଧିହୀନ ଶିଶୁଟିଏ ଥିଲେ ନିରାଶ ନ ହୋଇ, ତାର ଉପଯୁକ୍ତ ମାନସିକ ବିକାଶ ପାଇଁ ଚେଷ୍ଟା କରିବା ଉଚିତ। ଚିକିତ୍ସା ଦୀର୍ଘସ୍ଥାୟୀ ଓ ଫଳ ଆଶାନୁରୂପ ନ ହେଲେ ମଧ୍ୟ ଧୈର୍ଯ୍ୟହୀନ ହେବା ଉଚିତ ନୁହେଁ। କାରଣ ଚିକିତ୍ସା ପାଇଥିବା ଶିଶୁର ଭବିଷ୍ୟତ ବିନା ଚିକିତ୍ସାରେ ରହିଥିବା ଶିଶୁଠାରୁ ବହୁ ଗୁଣରେ ଉଜ୍ଜ୍ୱଳତର। କେବଳ ଅକ୍ଳାନ୍ତ ଚେଷ୍ଟା ଦ୍ୱାରା ବହୁ ବୁଦ୍ଧିହୀନ ଶିଶୁ ଯେ ସ୍ୱାବଲମ୍ବୀ ହୋଇ ପାରିବେ, ଏହା ସ୍ମରଣ ରଖିଲେ ଏ ସମସ୍ୟାର ସମାଧାନ ସହଜତର ହେବ। □

ବିଜ୍ଞାପନ ହାର

ପୁରା ପୃଷ୍ଠା	— ୧,୦୦୦	ଟଙ୍କା
ଅଧା ପୃଷ୍ଠା	— ୬୦୦	ଟଙ୍କା
ଚଉଠ ପୃଷ୍ଠା	— ୩୦୦	ଟଙ୍କା
ଏକ କଲମ	— ୪୦୦	ଟଙ୍କା
ସର୍ବନିମ୍ନ	— ୧୦୦	ଟଙ୍କା

ଜାଣନ୍ତି କି ?

ଭାରତରେ ୬୦୦୦ କିଲୋମିଟର ଦୈର୍ଘ୍ୟ ପରିମିତ ଉପକୂଳ ରହିଛି। ଦେଶର ଏହି ସୁଦୀର୍ଘ ଉପକୂଳରେ ୧୦ଟି ବୃହତ ବନ୍ଦର, ୧୮୫ଟି କ୍ଷୁଦ୍ର ବନ୍ଦର ବ୍ୟତୀତ ଆହୁରି ଅସଂଖ୍ୟ ଛୋଟ ଛୋଟ ହାରବର ମଧ୍ୟ ଅବସ୍ଥିତ।

ଦେଶର ମୋଟ ୬୦ ଲକ୍ଷ ଜି.ଆର.ଟି ମାଲ ପରିବହନକ୍ଷମ ପ୍ରାୟ ୩୦୦ଟି ସମୁଦ୍ରଗାମୀ ବାଣିଜ୍ୟ ଜାହାଜ ରହିଛି।

ପ୍ରତି ବର୍ଷ ବିଦେଶକୁ ବାଣିଜ୍ୟ ଆକାରରେ ଭାରତ ପକ୍ଷରୁ ୨୦,୦୦୦ କୋଟି ଟଙ୍କା ମୂଲ୍ୟର ବାଣିଜ୍ୟ କରାଯାଇଥାଏ। ବୈଦେଶିକ ବାଣିଜ୍ୟ ଦ୍ୱାରା ଦେଣ ନେଣ କରାଯାଉଥିବା ଜିନିଷ ଗୁଡ଼ିକ ପ୍ରାୟ ସମୁଦ୍ରଗାମୀ ଜାହାଜ ଦ୍ୱାରା ହିଁ ପରିବହନ କରାଯାଏ। ସମୁଦ୍ର ଜାହାଜ ଦ୍ୱାରା ପରିବହନ ହେଉଥିବା ସବୁ ବାଣିଜ୍ୟ ପଦାର୍ଥର ଶତକଡ଼ା ୩୬ ଭାଗ ଅଂଶ କେବଳ ଭାରତୀୟ ଜାହାଜ ମାନେ ହିଁ ବହନ କରୁଛନ୍ତି।

ସମୁଦ୍ର ମଧ୍ୟସ୍ଥ ଜଳଭାଗରୁ ତୈଳ ଉତ୍ପାଦନ କରିବା ଲାଗି ଭାରତ ପକ୍ଷରୁ ୨୦୦୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ଫଳରେ ଖୁବ ଶୀଘ୍ର ଆମେ ୩୦୦ ଲକ୍ଷ ଟନ୍ ପରିମାଣ ତୈଳ ଉତ୍ତୋଳନ କରିବାକୁ ସମର୍ଥ ହୋଇ ପାରିବା।

ଭାରତ ମହାସାଗରରେ ଆମ ଦେଶ ପକ୍ଷରୁ ସର୍ବାଧିକ ଆୟତନ ବିଶିଷ୍ଟ ଏକଚାଟିଆ ଅର୍ଥନୈତିକ ଜୋନ୍ ବିଦ୍ୟମାନ ଏବଂ ଏହି ଜୋନର ବକ୍ଷରେ ଉଲ୍ଲେଖନୀୟ ପରିମାଣ ଖଣିଜ ଏବଂ ପ୍ରାକୃତିକ ସମ୍ପଦାବଳୀ ଲୁକ୍କାୟିତ ରହିଛି।

ସାମୁଦ୍ରିକ ଭୂ-ଭାଗ ଖନନ କରିବା ପାଇଁ ଭାରତ ଇତି ମଧ୍ୟରେ "ପାୟୋନିୟର ଇନଭେଷ୍ଟର" ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ସମୁଦ୍ର ଆଭ୍ୟନ୍ତରସ୍ଥ ବିଭିନ୍ନ ଖଣିଜ ତଥା ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦାବଳୀ ଉତ୍ତୋଳନ କରିବା ପାଇଁ ଭାରତ ତାର ପ୍ରସ୍ତୁତି ଆରମ୍ଭ କରିଛି। □

Images: Aptakama Mishra, Processing: Srujanika

ଷ୍ଟାରୱାର ପାଇଁ ଆମେରିକା ଓ ଋଷିଆର ବ୍ୟାପକ ପ୍ରସ୍ତୁତି ଚାଲିଛି

ଶତ୍ରୁପକ୍ଷର ସାମରିକ ଉପଗ୍ରହଗୁଡ଼ିକୁ ମହାକାଶରେ ଲେଜରବିମ୍ ସାହାଯ୍ୟରେ ଅକାମୀ କରିଦେବାର ପରୀକ୍ଷା ସଫଳ ହୋଇଛି

୧୯୫୭ ମସିହାରେ ମହାକାଶକୁ ସୋଭିଏତ୍ ଋଷ ବିଶ୍ୱର ପ୍ରଥମ ଉପଗ୍ରହ ସ୍ପୁଟନିକ୍ ପ୍ରେରଣ କରିବା ପରେ ବୈଷୟିକ ତଥା ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହୋଇଥିଲା । ଭବିଷ୍ୟତରେ ମହାକାଶହିଁ ରଣ ପ୍ରାଙ୍ଗଣ ହେବବୋଲି ଦୁଇ ବୃହତ ଶକ୍ତି ଧରି ନେଇ ସେହିଦିନଠାରୁ ମହାକାଶରେ ନିଜର ଆଧିପତ୍ୟ ବିସ୍ତାର ଲାଗି କ୍ରମାଗତ ଉଦ୍ୟମ ଚଳାଇ ଆସିଛନ୍ତି । କଳ୍ପନା ଏବେ ଜଗିପାରେ ପରିଣତ ।

ପ୍ରାଥମିକ ଅବସ୍ଥାରେ ଦୁଇ ବୃହତ୍ ଶକ୍ତି ମହାକାଶକୁ ପ୍ରେରଣ କରୁଥିବା ରକେଟକୁ ଯୋଗାଯୋଗ ରକ୍ଷା କରିବା, ପାଣିପାଗ ଜାଣିବା ଏବଂ ଖଣିଜ ସମ୍ପଦ ଠାବ କରିବା କାର୍ଯ୍ୟରେ ମୁତୟନ କରୁଥିଲେ । ପରବର୍ତ୍ତୀ ଅବସ୍ଥାରେ ଗୁଇନ୍ଦା ଉପଗ୍ରହ ଛଡ଼ାଯାଇ ଶତ୍ରୁପକ୍ଷର ବିଭିନ୍ନ ସାମରିକ କାର୍ଯ୍ୟକଳାପ ଲକ୍ଷ୍ୟ କରାଗଲା ।

ଷଷ୍ଠ ଓ ସପ୍ତଦଶକ ପର୍ଯ୍ୟନ୍ତ ଏହି ଗୋଇନ୍ଦା କାର୍ଯ୍ୟ ଚାଲିବା ପରେ ଏବେ ଉଭୟ ଶକ୍ତି ମହାକାଶରେ ପରସ୍ପରକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ତେଣୁ ପ୍ରତିଦିନ ଆମେ ଏ ଦିଗରେ ନୂଆ ନୂଆ ଆବିଷ୍କାରର କଥା ଶୁଣୁଛେ । କିଲର ସାଟେଲାଇଟ, ସ୍ପେସ୍ ବାଟାଲ ଷ୍ଟେସନ, ହାଇଏନର୍ଜି ପାର୍ଟିକଲ୍ ୱିପନ୍ [ଯାହାକି ଶତ୍ରୁପକ୍ଷରେ କ୍ଷେପଣାସ୍ତ୍ର ଓ ଉପଗ୍ରହକୁ ତରଳାଇ ଦେବ] ଆଦି ସବୁ ଏହି ନୂତନ ଆବିଷ୍କାର ମଧ୍ୟରେ ଅନ୍ତର୍ଭୁକ୍ତ । ତେଣୁ ଷ୍ଟାରୱାର ଆଉ କେବଳ କଳ୍ପନା ବିଳାସ ନୁହେଁ ; ଆଜି ତାହା ବାସ୍ତବରେ ପରିଣତ ।

ସାମରିକ ବିଶାରଦ ମାନଙ୍କ ମତରେ ମହାକାଶରେ ଏକ ଗୋଇନ୍ଦା ଉପଗ୍ରହ ସ୍ଥାପନ ଏହାର ଅତି ଶକ୍ତିଶାଳୀ ଓ ସୂକ୍ଷ୍ମ ଇଲେକ୍ଟ୍ରୋନିକ ଚକ୍ଷୁ ସାହାଯ୍ୟରେ ଶତ୍ରୁ ପକ୍ଷର ସାମରିକ କାର୍ଯ୍ୟକଳାପକୁ ଦେଖିହେବା କ୍ଷେପଣାସ୍ତ୍ର ପ୍ରେରଣ ହେଲାକ୍ଷଣି ସେ ବିଷୟରେ ସତର୍କ ବାଣୀ ଶୁଣାଇବା ପାଇ ଆବଶ୍ୟକ ଉପଗ୍ରହ ପ୍ରେରଣ ଉପରେ ଏବେ ଉଭୟ ଶକ୍ତି ବର୍ଗ ବିଶେଷ ଗୁରୁତ୍ୱ ଦେଉଛନ୍ତି । ତେଣୁ ସାମରିକ ଉପଗ୍ରହ ଗୁଡ଼ିକ କେବଳ ଖବର ଦେବାଛଡ଼ା କ୍ଷେପଣାସ୍ତ୍ର ଗୁଡ଼ିକର ଗତିବିଧି ମଧ୍ୟ ନିୟନ୍ତ୍ରଣ କରୁଥିବା ଜଣାପଡ଼ୁଛି ।

ଏହି ମହାକାଶ ଯୁଦ୍ଧ ଷଷ୍ଠ ଶତାବ୍ଦୀର ମଧ୍ୟଭାଗରୁ ହିଁ ବାସ୍ତବତାରେ ପରିଣତ ହେଲା । ସେତେବେଳେ ଋଷ ପକ୍ଷରୁ କିଲର ସାଟେଲାଇଟ୍ ସମ୍ପର୍କରେ ପରୀକ୍ଷା ଆରମ୍ଭ କରାଗଲା ଏବଂ ଆମେରିକା ପକ୍ଷରୁ ପ୍ରେରିତ ଉପଗ୍ରହ ସବୁ ଋଷର ଏହି ପରୀକ୍ଷା ସମ୍ପର୍କରେ ଅତି ନିର୍ଭୁଲ ଭାବେ ତଥ୍ୟ ସଂଗ୍ରହ କଲେ । ଋଷ ପକ୍ଷରୁ

ଶ୍ରୀ ରାଧାକୃଷ୍ଣ ରାଓ

ହେଉଥିବା ପ୍ରତ୍ୟେକ ପରୀକ୍ଷାରେ କିଲର ସାଟେଲାଇଟ୍ ଛଡ଼ା ଯିବାକ୍ଷଣି ଏହା ସକ୍ରିୟ ହୋଇ ଉଠୁଥିଲା ଏବଂ ଲକ୍ଷ୍ୟ ବସ୍ତୁକୁ ଧ୍ୱଂସ କରିବା ପାଇଁ ତା ଦେହରେ ଧକ୍କା ଦେଉଥିଲା, କିନ୍ତୁ ସପ୍ତଦଶକର ପ୍ରଥମାବସ୍ଥାରେ ଏହି କିଲର ସାଟେଲାଇଟ୍ ଗୁଡ଼ିକର ଧ୍ୱଂସକାରୀ ଶକ୍ତି ଏବଂ ଅତିକ୍ରମ କରୁଥିବା ଦୂରତ୍ୱ ଅତି ଅଳ୍ପ ହୋଇଥିବାରୁ ଆମେରିକା ପକ୍ଷରୁ ଏହାଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନଥିଲା ।

ସେତେବେଳେ କୌଣସି ଏକ ଅଜଣା କାରଣ ଯୋଗୁଁ ଋଷ ପକ୍ଷରୁ ଏଭଳି କିଲର ସାଟେଲାଇଟ୍ ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରାଗଲା ନାହିଁ । କିନ୍ତୁ ୧୯୭୫ ମସିହା ପରେ ଋଷ ପକ୍ଷରୁ ପୁନର୍ବାର ଏହାଉପରେ ବ୍ୟାପକ ଗବେଷଣା କରାଗଲା ଏବଂ ଅଳ୍ପ ଉଚ୍ଚରେ ଉଡୁଥିବା (ଲୋ ଆର୍ଥ ଅରବିଟ୍) ଆମେରିକାର ଉପଗ୍ରହ ଗୁଡ଼ିକୁ ଋଷ ନିଜର ଇଚ୍ଛାମତେ ଧ୍ୱଂସ କରିପାରିବ ବୋଲି କାର୍ଯ୍ୟତଃ ଦେଖାଇ ଦେଲା ।

ଆମେରିକାର ବିଶେଷଜ୍ଞ ମାନଙ୍କ ମତରେ ଋଷ ଏବେ ଯେଉଁ କିଲର ସାଟେଲାଇଟ୍ ରଖିଛି ତାହା ୯୭୫୦ କିଲୋମିଟର ଉଚ୍ଚରେ ଘୂରୁଥିବା କୌଣସି ଉପଗ୍ରହକୁ ମଧ୍ୟ ଧ୍ୱଂସ କରିବାକୁ ସକ୍ଷମ । ଏହିଭଳି କିଲର ସାଟେଲାଇଟ୍ ମାନଙ୍କର ଲମ୍ବ ୧୫ ରୁ ୨୦ ଫୁଟ ମଧ୍ୟରେ ଏବଂ ଓଜନମାତ୍ର ଅଢ଼େଇ ଟନ୍ ଏବଂ ଲକ୍ଷ୍ୟବସ୍ତୁର ଏକଶହ ଫୁଟ ନିକଟକୁ ଅନାୟାସରେ ଏହା ଯାଇ ପାରିବ ।

କିନ୍ତୁ ଆମେରିକା ଏ କ୍ଷେତ୍ରରେ ନୀରବ ହୋଇ ବସିନାହିଁ । ଚଳିତ ବର୍ଷ ଏହା "ହୋମିଂ ଓ କିଲ୍ ୱିପନ୍" ନାମକ ଏକ ଅସ୍ତ୍ର ସଫଳତାର ସହ ପରୀକ୍ଷା କରିଛି । ଏହି ଅସ୍ତ୍ରଟି ଅଣଆଣବିକ ଏବଂ ଆକ୍ରମଣକାରୀ ଆଣବିକ କ୍ଷେପଣାସ୍ତ୍ରକୁ ପୃଥିବୀର ବାୟୁମଣ୍ଡଳ ବାହାରେ ନଷ୍ଟ କରି ଦେବାପାଇଁ ସକ୍ଷମ । ଶତ୍ରୁର ଉପଗ୍ରହକୁ ମଧ୍ୟ ଏହା ସାହାଯ୍ୟରେ ନଷ୍ଟ କରାଯାଇ ପାରିବ । ଋଷର କିଲର ସାଟେଲାଇଟ୍ ସହ ତାଳ ଦେଇଭଳି ଆମେରିକା ପକ୍ଷରୁ "ଏୟାର ଲଞ୍ଚଡ୍ ସର୍ଟ ଭେଇକଲ" ତିଆରି କରାଯାଇଛି । ୧୫ ଏମ୍. ଏମ୍ ଦୀର୍ଘ ଏହି ଅସ୍ତ୍ରଟିକୁ ୭୪୭ ବିମାନରୁ ପ୍ରେରଣ କରାଯାଇ ପାରିବ । ଫଳେ ଏହା ମହାକାଶକୁ ଯାଇ-ପାରିବ ଏବଂ ମହାକାଶକୁ ଗଲା ପରେ ଏହା ଲକ୍ଷ୍ୟବସ୍ତୁକୁ ସିଧା ସଳଖ ଆକ୍ରମଣ କରିବ । ଏହି ଅସ୍ତ୍ରକୁ ସକ୍ରିୟ କରିବା ପାଇଁ ମାତ୍ର କେଇ-ମିନଟ ସମୟ ଆବଶ୍ୟକ ଏବଂ ଯେ କୌଣସି ବିମାନ ବନ୍ଦରରୁ ଏହାକୁ ପ୍ରେରଣ କରାଯାଇ-ପାରିବ । ଲକ୍ଷ୍ୟ ବସ୍ତୁକୁ ଧ୍ୱଂସ କଲାପରେ ଏହା ଭୂପୃଷ୍ଠରେ ଅବତରଣ କରିବା ପାଇଁ ଫେରି-ଆସିବ ।

କିନ୍ତୁ ଦୁଇ ଶକ୍ତିବର୍ଗ ଏବେ "ଏନର୍ଜି ୱିପନ୍" ସାହାଯ୍ୟରେ ପ୍ରତିପକ୍ଷର ଉପଗ୍ରହ ବା ଯାନକୁ ତରଳାଇ ଅକାମୀ କରିଦେବାର ଯୋଜନାରେ ଆଗେଇ ଚାଲିଛନ୍ତି । ଏ ଦିଗରେ ଆମେରିକା ଯେତେବାଟ ଆଗେଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶିତ ହୋଇଥିଲେ ବି ଋଷର ଅଗ୍ରଗତି ଏବେବି ଅଜ୍ଞାତ ରହିଛି ।

ଅନ୍ୟାନ୍ୟ ଅସ୍ତ୍ର ତୁଳନାରେ ଲେଜର ଅସ୍ତ୍ରର ସୁବିଧା ହେଉଛି ଏହା ସିଧାସଳଖ ଗତି କରିପାରିବ ଏବଂ ଏହାର ଗତିପଥ ବକ୍ର ହୋଇ ପାରିବ ନାହିଁ । ଏହି ଅସ୍ତ୍ରରୁ ନିର୍ଗତ

Images: Aptakama Mishra, Processing: Srujanika

ହେଉଥିବା ଅତି ଶକ୍ତିଶାଳୀ ଆଲୋକ-ରେଖା ପ୍ରତିପକ୍ଷର ଉପଗ୍ରହର ଆବରଣକୁ ତରଳାଇ ତାକୁ ଅକାମୀ କରିଦେବ । ଏହି ଲେସର ଅସ୍ତ୍ରକୁ ଭୂପୃଷ୍ଠରୁ ବ୍ୟବହାର କରାଯାଇ ପାରିବ ଅଥବା ପୃଥିବୀ କକ୍ଷରେ ଘୂର୍ଣ୍ଣାୟମାନ ଉପଗ୍ରହରୁ ବ୍ୟବହାର କରାଯାଇ ପାରିବ ।

କିନ୍ତୁ ଏହି ଅସ୍ତ୍ର ପାଇଁ ପ୍ରଚୁର ପରିମାଣର ଶକ୍ତି ଆବଶ୍ୟକ ହେଉଥିବାରୁ କେବଳ ବିଜ୍ଞାନା-ଗାରର ଗୃହକୋଣ ଭିତରେ ଏହା ଏବେ ଆବଦ୍ଧ ହୋଇ ରହିଛି । କିନ୍ତୁ ଅଚିରେ ଏହାର ବ୍ୟାପକ ପ୍ରୟୋଗ ହେବା ଅନିବାର୍ଯ୍ୟ । ଏବେ ରୁଷ ଓ ଆମେରିକା ହାତରେ ଯେଉଁ ସବୁ ଲେସର ଅସ୍ତ୍ର ରହିଛି ତାହା ସାହାଯ୍ୟରେ ଅଳ୍ପ ଉଚ୍ଚରେ ଘୂରୁଥିବା ଉପଗ୍ରହଗୁଡ଼ିକୁ ଧ୍ୱଂସ କରାହେବ । ଅଧିକନ୍ତୁ ପୃଥିବୀର ବାୟୁମଣ୍ଡଳ ଏହି ଅସ୍ତ୍ରରୁ ନିର୍ଗତ ଆଲୋକ ରେଖାକୁ ବକ୍ର କରିଦେବାର ଆଶଙ୍କା ଥିବାରୁ ଏହା ମଧ୍ୟ ବିଶେଷ ଫଳପ୍ରଦ ହେବନାହିଁ । କିନ୍ତୁ ଏହି ଲେସର ଅସ୍ତ୍ରକୁ ପୃଥିବୀର ବାୟୁମଣ୍ଡଳ ଉର୍ଦ୍ଧ୍ୱରୁ ନିକ୍ଷେପ କଲେ ଏହି ସବୁ ସମସ୍ୟା ସୃଷ୍ଟି ହେବନାହିଁ । ଆମର ଜ୍ଞାନ ବର୍ତ୍ତମାନ ତାହା କରିବାକୁ ସକ୍ଷମ ନୁହେଁ ।

ଆମେରିକା ଏବେ ପ୍ରଥମ ପର୍ଯ୍ୟାୟର ଲେସର ଅସ୍ତ୍ର ନିର୍ମାଣ କରିବା ଦିଗରେ ଆଗେଇ ଚାଲିଛି ଏବଂ ସେ ପ୍ରସ୍ତୁତ କରୁଥିବା ଅସ୍ତ୍ରର ନାମ ଦେଇଛି 'ଟେଲନ୍‌ଗୋଲଡ୍' ଓ 'ଟିଏଲ ରୁବି' ଆସନ୍ତା ୫ ବର୍ଷ ଭିତରେ ମହାକାଶରେ ଏହି ଅସ୍ତ୍ର ଅବସ୍ଥାପିତ କରିବାକୁ ଆମେରିକା ସକ୍ଷମ ହେବ ଏବଂ ଏହା ରୁଷର ବାଲିଷ୍ଟିକ୍ ମିଜାଇଲସ୍ ଏବଂ ହାଇ ଆଲଟିଚ୍ୟୁଡ୍ ବମ୍ବରମାନଙ୍କୁ ଧ୍ୱଂସ କରିଦେଇ ପାରିବ ।

ଭବିଷ୍ୟତ ଯୁଦ୍ଧ ପ୍ରତି ଧ୍ୟାନ ଦେଇ ଆମେରିକା ଏବେ ମହାକାଶରେ ରଶ୍ମି ଯୁଦ୍ଧ ଘାଟିମାନ ସ୍ଥାପନ କରିବାର ପରିକଳ୍ପନା କରୁଛି ଏହି ଘାଟିରେ ହାଇଡ୍ରୋଜେନ ଫ୍ଲୋରାଇଡ୍ କେମିକାଲ ଲେସର ତିଆରି ହେବ । ଏହି ରସାୟନ ରଶ୍ମିକୁ ଶକ୍ତିଶାଳୀ କରିବା ପାଇଁ ଏକ ଅପଟିକାଲ ବ୍ୟବସ୍ଥା ରହିବ ଏବଂ ଏହି ଆଲୋକ ଶକ୍ତିକୁ ଠିକଣା ଦିଗରେ ପରିଚାଳିତ କରି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବସ୍ତୁରେ ପକାଇବାର ମଧ୍ୟ ବୁଦ୍ଧିଦୀପ୍ତ ବ୍ୟବସ୍ଥା ରହିବ । ଏବେ ଆମେରିକା ରଶ୍ମି ଅସ୍ତ୍ର କ୍ଷେତ୍ରରେ ଗବେଷଣା ପାଇଁ ବାର୍ଷିକ ୯୦କୋଟି ଡଲାର ଖର୍ଚ୍ଚ କରୁଛି ।

କିନ୍ତୁ ମରଣ ରଶ୍ମି ଠାରୁ ଆହୁରି ଏକ ଅତି ଶକ୍ତିଶାଳୀ ତଥା ସାଙ୍ଘାତିକ ଅସ୍ତ୍ର ତିଆରି କରିବା ପାଇଁ ଏବେ ତାତ୍ତ୍ୱିକ ଆଲୋଚନା ଚାଲିଛି । ତାହା ହେଉଛି ସବ୍‌ଆଟମିକ୍ ପାର୍ଟିକଲରୁ ନିର୍ଗତ ଅତି ଶକ୍ତିଶାଳୀ ତାପଶକ୍ତି । ଏହା ଯଦି କାର୍ଯ୍ୟକାରୀ ହୁଏ ତେବେ ମରଣ ରଶ୍ମିଠାରୁ ମଧ୍ୟ ଅଧିକ ସାଂଘାତିକ ହେବ । କିନ୍ତୁ ଏହି ସବ୍‌ଆଟମିକ୍ ପାର୍ଟିକଲ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବ ଯୋଗୁ ବଙ୍କା ହୋଇଯିବାର ଅସୁବିଧା ଅଛି ଏବଂ ଏହି ପଦାର୍ଥ ନିର୍ଗତ କରୁଥିବା ଯନ୍ତ୍ର ଅତି ଓଜନଦାର ହୋଇଥିବାରୁ ତାହାକୁ ମହାକାଶରେ ଅବସ୍ଥାପିତ କରିବା ଅତି କଷ୍ଟ ।

ଏବେ ଯାହା ଜଣା ଯାଉଛି ଭବିଷ୍ୟତରେ ଆଉ ଆଣବିକ ଯୁଦ୍ଧ ହେବାର ବିଶେଷ ଆଶଙ୍କା ନାହିଁ । କାରଣ ପ୍ରତିପକ୍ଷର କୌଣସି ଅସ୍ତ୍ରକୁ ଧ୍ୱଂସ କରିବା ଲାଗି ଯଦି ଅଣୁ ଅସ୍ତ୍ରର ସହାୟତା ନିଆଯାଏ ତେବେ ଏହାର ବିସ୍ଫୋରଣ ଫଳରେ ଯେଉଁ ଶକ୍ତିଶାଳୀ ଇଲେକ୍ଟ୍ରୋମ୍ୟାଗନେଟିକ ତରଙ୍ଗ ସୃଷ୍ଟି ହେବ ତାହା ଲକ୍ଷ୍ୟ ବସ୍ତୁକୁ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ହଜାର ହଜାର ମାଇଲ ଦୂରରେ ଥିବା ଅନ୍ୟାନ୍ୟ ଉପଗ୍ରହମାନଙ୍କୁ ମଧ୍ୟ ଅଚିରେ ନଷ୍ଟ କରିଦେବ । ଏହା ଶତ୍ରୁର କ୍ଷତି କରିବା ସଙ୍ଗେ ସଙ୍ଗେ ନିଜର ମଧ୍ୟ କ୍ଷତି କରିବ ।

ଆମେରିକା ମହାକାଶକୁ ସ୍ପେଶ ସଟଲ ପଠାଇବା ପରେ ମହାକାଶରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ସକ୍ଷମ ହୋଇଥିବା କୁହାଯାଉଛି । କାରଣ ଭୂପୃଷ୍ଠରୁ ମନୁଷ୍ୟ ଓ ବିଭିନ୍ନ ଉପକରଣ ଆଦି ସେ ବାରମ୍ବାର ମହାକାଶକୁ ପଠାଇ ପାରିବ ଏବଂ ଏଥିପାଇଁ ତାର ଅଳ୍ପ ଖର୍ଚ୍ଚ ହେବ । ନିକଟରେ ଏହି ସଟଲ ସାହାଯ୍ୟରେ ମହାକାଶରେ ଅକାମୀ ହୋଇ ପଡ଼ିଥିବା ଦୁଇଟି ଉପଗ୍ରହକୁ ଆମେରିକା ଉଦ୍ଧାର କରି ନିଜ ଶକ୍ତିର ପରିଚୟ ଦେଇଛି । ଏବେ ଏହି ସଟଲଯାନକୁ ଲେସର ଅସ୍ତ୍ର ପରୀକ୍ଷା କରିବା ପାଇଁ ବ୍ୟବହାର କରାଯାଉଛି । ବର୍ତ୍ତମାନର ପରିକଳ୍ପନା ଅନୁଯାୟୀ ଆମେରିକା ପକ୍ଷରୁ ଆସନ୍ତା ୧୫ ବର୍ଷ ଭିତରେ ଏହି ଭଳି ୧୨୭ଟି ସଟଲ ଫ୍ଲାଇଟ୍ ଛଡ଼ାଯିବ ।

ଆମେରିକା ବିମାନ ବାହିନୀ ପକ୍ଷରୁ ଏବେ ୨୦ଟନ୍ ଓଜନର ସାମରିକ ଯନ୍ତ୍ରପାତି ମହାକାଶକୁ ନେଇପାରିବାକ୍ଷମ ଏକ ସଟଲ ତିଆରି ହେଉଛି । ଏହି ସଟଲ ଅକାମୀ ଉପଗ୍ରହ ଗୁଡ଼ିକୁ ଉଦ୍ଧାର କରିବ, ମହାକାଶରେ ପ୍ଲାଟଫର୍ମ ତିଆରି କରିବ ଏବଂ ଷ୍ଟାରଓ୍ୱାରର ଅସ୍ତ୍ର ମଧ୍ୟ ପରୀକ୍ଷା କରିବ । ଅଷ୍ଟଦଶକର ଶେଷ ସୁଦ୍ଧା ଆମେରିକା ଏହି ସଟଲ ଜରିଆରେ ମନୁଷ୍ୟ ସହାୟକ ଭାବେ ହିଁ ମହାକାଶକୁ ଉପଗ୍ରହ ପ୍ରେରଣ କରିବ ଏବଂ ଯୁଦ୍ଧ ପରିଚାଳନା କରିବ ।

ଏ ଦିଗରେ ଇଣ୍ଟରିମ୍ ଅପରେଷ୍ଟେଜନମଙ୍କ ର ଦୁଇ ପର୍ଯ୍ୟାୟ ରକେଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । କଠିନ ଇନ୍ଧନ ବ୍ୟବହାର କରୁଥିବା ଏହି ରକେଟ ସଟଲ ତୁଳନାରେ ଅଧିକ ଉଚ୍ଚକୁ ପେଲୋଡ୍ ପଠାଇ ପାରିବ । ସେହି ଭଳି ମନୁଷ୍ୟବାହୀ ମହାକାଶ ପ୍ଲାଟ୍‌ଫର୍ମଗୁଡ଼ିକ ଆମେରିକାର ମହାକାଶୀୟ ଯୁଦ୍ଧ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବାରେ ସହାୟକ ହେବ କାରଣ ଥରେ ମହାକାଶରେ ଏକ ପ୍ଲାଟଫର୍ମ ପ୍ରତିଷ୍ଠା କରି ସାରିଲେ ସେଠାକୁ ନିଜର ବୈଜ୍ଞାନିକମାନଙ୍କୁ ପଠାଇ ମହାକାଶକୁ ନିଜ ଦଖଲରେ ରଖିବା ତା ପାଇଁ ଅଧିକ ସୁବିଧାଜନକ ହେବ । ସାଟେଲାଇଟ ଗୁଡ଼ିକ କ୍ରମେ ଅଧିକ ଜଟିଳ ଓ ବହୁମୁଖୀ କାର୍ଯ୍ୟକ୍ଷମ ହୋଇପଡ଼ୁଥିବାରୁ ମହାକାଶରେ ନିଜର ସ୍ଥାନ ନିରୂପଣ ପାଇଁ ଉଭୟ ଶକ୍ତି ଚେଷ୍ଟା କରିବା ସ୍ୱାଭାବିକ ।

କିନ୍ତୁ ଋଷିଆ ଏ କ୍ଷେତ୍ରରେ ପଛେଇ ଯାଇ ନାହିଁ । ଭୋଷ୍ଟକ ଓ ଭୋସ୍‌କୋଦ ଶ୍ରେଣୀର ମନୁଷ୍ୟବାହୀ ଉପଗ୍ରହ ପରେ ସୋୟୁଜ ସାଲ୍ୟୁଟ ମନୁଷ୍ୟବାହୀ ଉପଗ୍ରହ ମହାକାଶରେ ଋଷର ଶକ୍ତି ବଢ଼ାଇ ଦେଇଛି । ଅଧିକନ୍ତୁ ଦୁଇଶହ ଟନ୍ ଓଜନର ସାମଗ୍ରୀ ଦୁଇ ହଜାର ମାଇଲ ଉପରକୁ ଉଠାଇ ନେବା ପାଇଁ ସକ୍ଷମ ରକେଟ କ୍ୟାପସୁଲ ତିଆରି କରିବାରେ ଋଷିଆ ସକ୍ଷମ ହେଲଣି । ଏବେ ସେମାନେ ମହାକାଶରେ ଅତି ଅଳ୍ପ ସମୟ ମଧ୍ୟରେ ଏକ ସ୍ଥାୟୀ ପ୍ଲାଟଫର୍ମ କରିବାର ଦକ୍ଷତା ହାସଲ କରି ସାରିଲେଣି ।

ଏହି ଦୁଇ ବଡ ପ୍ରଧାନ ବୃହତ୍‌ଶକ୍ତି ମହାକାଶକୁ ଦଖଲ କରିବାକୁ ଯେପରି ଚେଷ୍ଟା କଲେଣି ସେଥିରେ ଏହି ପୃଥିବୀରେ ବାସ କରିବା କ୍ରମେ ଅସମ୍ଭବ ହୋଇ ଉଠିଲଣି । □

Images: Aptakama Mishra, Processing: Srujanika

ପୂର୍ବାକାଶରେ ଡାକୋଟା ବାୟୁମାନଙ୍କର କାର୍ଯ୍ୟ

ଉତ୍ତରପୂର୍ବ ଭାରତର ଆସାମ ତଥା ଅନ୍ୟାନ୍ୟ ପାହାଡ଼ିଆ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟ ଅଞ୍ଚଳ ସହିତ ଗୋଟିଏ ସଙ୍କୀର୍ଣ୍ଣ ଭୂଭାଗ ସଂଯୋଗ କରୁଅଛି । ଶ୍ୱାପଦ ସଙ୍କୁଳ, ନିବିଡ଼ ବନ ଅରଣ୍ୟାନୀ ଭରା ଅରୁଣାଞ୍ଚଳପ୍ରଦେଶ, ନାଗାଲାଣ୍ଡ ଏବଂ ମିଜୋରାମ ରାଜ୍ୟ ଗୁଡ଼ିକରେ କେବଳ ଦୁଃସାହସିକ ଆଦିବାସୀ ସଂପ୍ରଦାୟ ଯେ ବାସ କରନ୍ତି ତାହାନୁହେଁ ଏ ଅଞ୍ଚଳରେ ଭାରତୀୟ ବିମାନ ବାହିନୀର 'ଡାକୋଟାବାୟୁ' ମାନେ ମଧ୍ୟ କର୍ତ୍ତବ୍ୟରତ ଅଛନ୍ତି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ ରେଳବାଇ ଓ ସଡ଼କ ରାସ୍ତାର ସୁବିଧା ହୋଇନଥିବାରୁ ଜଣେ ଏକ ସ୍ଥାନରୁ ତାହାର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଘନଜଙ୍ଗଲର ଦୁର୍ଗମ, ନିବିଡ଼ ଏବଂ ବିପଦପୂର୍ଣ୍ଣ ରାସ୍ତାକୁହିଁ ଏକମାତ୍ର ପନ୍ଥା ରୂପେ ବାଛି ନେଇଥାଏ । ମାତ୍ର ଦେଶମାତୃକାର ସେବା ତଥା କର୍ତ୍ତବ୍ୟ ପରାୟଣତାର ପରାକାଷ୍ଠା ପ୍ରଦର୍ଶନପୂର୍ବକ 'ଡାକୋଟାବାୟୁ' ମାନେ ଗତ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଉକ୍ତ ଅଞ୍ଚଳରେ କର୍ତ୍ତବ୍ୟରତ ଅଛନ୍ତି ।

ଉକ୍ତ ଅଞ୍ଚଳଗୁଡ଼ିକର ପ୍ରଶାସନ ତଥା ଜିନିଷପତ୍ର ପାଇଁ ସ୍ଥଳପଥରେ ଯୋଗାଯୋଗ କରିବା ସଂପୂର୍ଣ୍ଣ ଅସମ୍ଭବ ହୋଇଥିବାରୁ ସେ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ବିମାନ ବାହିନୀର ସହାୟତାରେ ସମାଧାନ କରାଯାଇଥାଏ । ଡାକୋଟା ବାହିନୀ ଅବିରତ ଭାବରେ ଅକ୍ଲାନ୍ତ ପରିଶ୍ରମ କରି ଉକ୍ତ ଅଞ୍ଚଳ ଅଧିବାସୀଙ୍କର ସେବାରତ ଅଛନ୍ତି । ପ୍ରତିଦିନ ପୃଥିବୀରେ ସୂର୍ଯ୍ୟଙ୍କର ପ୍ରଭାତ କିରଣ ପଡ଼ିବା ଆଗରୁ ଏହି ବାହିନୀ ଦେଶସେବା ପାଇଁ ପ୍ରସ୍ତୁତ ହୋଇ ରହିଥାଆନ୍ତି ।

ପ୍ରତ୍ୟେକ ସ୍କ୍ୱାଡ୍ରନର ଇଞ୍ଜିନିୟର ଏବଂ କାରିଗରମାନେ ବାୟୁଯାନଟିର ପ୍ରାରମ୍ଭିକ ତଦନ୍ତ କରିଥାଆନ୍ତି । ସେମାନେ ନାଲେଣି, ଟେଲ, ବୈଦ୍ୟୁତିକ କାର୍ଯ୍ୟ ପଦ୍ଧତି, ଇଞ୍ଜିନର କାର୍ଯ୍ୟକାରିତା, ଯୋଗାଯୋଗ ବ୍ୟବସ୍ଥା, ରାଡ଼ାର, ଅସ୍ତ୍ରଶସ୍ତ୍ର, ନାବିକ ଯନ୍ତ୍ର ଏବଂ ଜୀବନର ରକ୍ଷା ସାମଗ୍ରୀ ଗୁଡ଼ିକ ଠିକଣାରେ ପରୀକ୍ଷା କରି ବାୟୁଯାନଟିକୁ ନିରାପଦ ଭାବେ ଉଡ଼ିବା ପାଇଁ ଅନୁମତି ଦେଇଥାଆନ୍ତି । ପ୍ରତ୍ୟେକ ସ୍କ୍ୱାଡ୍ରନ ଅଧୀନରେ ଏକ ଶହରୁ ଅଧିକ "ଡ୍ରପିଂଜୋନ" ରହିଛି । ସେମାନେ ତାଙ୍କ ମାନଚିତ୍ର ଥିବା ଅଞ୍ଚଳ ଗୁଡ଼ିକର ଖାଦ୍ୟ ସାମଗ୍ରୀ, ପନିପରିବା ଓ ଫଳ, ଶୁଷ୍କ ଖାଦ୍ୟ ସାମଗ୍ରୀ, ଡବା ମାଂସ, ପାଉରୁଟି ଆଦି ଅନ୍ୟାନ୍ୟ ବିଷୟ ନେଇ ସବୁବେଳେ ବ୍ୟସ୍ତ ଥାଆନ୍ତି । ସେମାନେ ସାମଗ୍ରୀ ଗୁଡ଼ିକର ବୋଝେଇ ତଥା ଖାଲସ ସମସ୍ତ ପ୍ରତି କଂପ୍ୟୁଟରର ପରି ଧ୍ୟାନରତ ଥାଆନ୍ତି ।

ଅପରେସନର ମୁଖ୍ୟ ସାହାଯ୍ୟକାରୀ ଦଳ (ସର୍ଟ) ଗୁଡ଼ିକର କାର୍ଯ୍ୟକଳାପ ମିନିଟରେ ମିନିଟରେ ତଦାରଖ କରନ୍ତି ତଥା ତାଙ୍କର ସୁବିଧା ଅସୁବିଧା ପ୍ରତି ନଜର ରଖିଥାଆନ୍ତି । ଏତଦ୍‌ବ୍ୟତୀତ ପାଗର ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତି ଦେଖି ସେ ସର୍ଟମାନଙ୍କୁ 'ଡ୍ରପିଂଜୋନ'କୁ ଯିବା ପାଇଁ 'ହଁ' (ଗୋ), ନାହିଁ (ନୋ-ଗୋ) ଶବ୍ଦ ଦ୍ୱାରା ସଙ୍କେତ ଦେଇଥାଆନ୍ତି । ସେ ଉମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଦାୟିତ୍ୱ ମଧ୍ୟ ନେଇଥାଆନ୍ତି ।

ପାଗସୂଚନାକାରୀ ଏବଂ ବାୟୁଯାନ ଗମନାଗମନ ନିୟନ୍ତ୍ରଣକାରୀ ଉଭୟ ହେଉଛନ୍ତି ସ୍ୱତନ୍ତ୍ର ଧରଣର ଅଫିସର । ବାୟୁଯାନ ବାୟୁମଣ୍ଡଳରେ ଉଡ଼ିବା ପୂର୍ବରୁ ସେମାନେ ଗୋଟିଏ ଦିନରେ ପାଗ ଏବଂ ଗମନାଗମନର ସଂକ୍ଷିପ୍ତ ସଠିକ୍ ତଥା ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାଆନ୍ତି ।

ଏ କ୍ଷେତ୍ରରେ ସ୍କ୍ୱାଡ୍ରନ ଡାକ୍ତରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୂର୍ବେ ବିମାନବାହିନୀର ଜବାନ ମାନଙ୍କ ପାଇଁ ବାର୍ଷିକ ଏକଥର ଅନ୍ତରୀକ୍ଷୀୟ ସ୍ୱାସ୍ଥ୍ୟ ପ୍ରମାଣପତ୍ର ପ୍ରୟୋଜନ ହେଉଥିବା ସମୟରେ ବାର୍ଷିକ ଦୁଇଥର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପଡ଼ୁଥିଲା । ବର୍ତ୍ତମାନ ସ୍କ୍ୱାଡ୍ରନ ଡାକ୍ତର, ଆକାଶରେ ଉଡ଼ିବା ଆଗରୁ ଥରେ ଏପରିକି ଉଡ଼ନ୍ତିମାନ ଅବସ୍ଥାରେ ମଧ୍ୟ ଜବାନମାନଙ୍କ ସ୍ୱାସ୍ଥ୍ୟ ଏବଂ ଆଖି, କାନ ଓ ନାଡ଼ି ଆଦି ପରୀକ୍ଷା କରିଥାଆନ୍ତି ।

ପ୍ରତ୍ୟେକ ସ୍କ୍ୱାଡ୍ରନରେ ଫ୍ଲାଇଟ୍ କମାଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅଧିକାରୀ ଅଟନ୍ତି । ତାଙ୍କର ଦାୟିତ୍ୱ ପରାୟଣତା ଉପରେ ସ୍କ୍ୱାଡ୍ରନର ସୁନାମ ଏବଂ ବଦନାମ ନିର୍ଭର କରେ । କେଣୁ ସେ କାର୍ଯ୍ୟକ୍ଷମ, ବାୟୁଯାନର ସେବାପୋଯୋଗୀ ଅବସ୍ଥା, ପରିବହନ କ୍ଷମତା ସଂପର୍କରେ ନିୟମିତ ତଥ୍ୟ ପୁଙ୍ଖାନୁପୁଙ୍ଖ ତଦାରଖ କରନ୍ତି । ଏତଦ୍‌ବ୍ୟତୀତ ଯବାନ ମାନଙ୍କୁ ପାଗର ଅନୁକୂଳ ଅବସ୍ଥା, ଡ୍ରପିଂ ଜୋନର ସଂକ୍ଷିପ୍ତ ଆଭାସ, ଜିନିଷପତ୍ର ମାର୍ଗ ତଥା ବିପଦ ପୂର୍ଣ୍ଣ ସମୟରେ ଜୀବନରକ୍ଷା ପଦ୍ଧତି ସମ୍ପର୍କରେ ନିର୍ଦ୍ଦେଶାବଳୀ ଦେଇଥାଆନ୍ତି ।

ବାୟୁଯାନରେ ବସିବା ପୂର୍ବରୁ ଜବାନମାନଙ୍କୁ ହେଲ୍‌ମେଟ, ଗ୍ଲୋଭସ୍, ମାନଚିତ୍ର, ଦିଗନିର୍ଣ୍ଣୟ ଯନ୍ତ୍ର, ଇଞ୍ଜିନ ଲଗ୍‌କାର୍ଡ, ନେଭିଗେଟର, କଳା ଚଷମା, ଗରମ ବ୍ଲ କମ୍ଫର୍ଟ ଦିଆଯାଇଥାଏ । ବାୟୁଯାନ ବାୟୁମଣ୍ଡଳକୁ ଉଠିବା ଆଗରୁ ଇଞ୍ଜିନ୍, ଆନୁସଙ୍ଗିକ ଯନ୍ତ୍ରପାତି ଓ ବେତାରଯନ୍ତ୍ର ଆଦିର ସାଧାରଣ ଯାଞ୍ଚ ବ୍ୟବସ୍ଥା କରାଯାଇଥାଏ ।

ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କଠାରୁ ଅନୁମତି (ପାଉଫଲ୍‌ଟୋରୀ କ୍ଲିଅରେନ୍ସ) ପାଇବାପରେ ବାୟୁଯାନ ଉଡ଼ିବାକୁ ଆରମ୍ଭକରେ । କୋଡ଼ିଏ ମିନିଟ୍ ଭିତରେ 'ଡାକୋଟା ବାୟୁ' ସାତଶହରୁ ଆଠଶହ ଫୁଟ ଉଚ୍ଚତା ବିଶିଷ୍ଟ ମେଘାଚ୍ଛାଦିତ ପାର୍ବତ୍ୟପୁଞ୍ଜ ମଧ୍ୟରେ ଅଦୃଶ୍ୟ ହୋଇଯାଏ । ନାଭିଗେଟର ଉଲ୍‌କାର ସୂଚନା ପ୍ରଦାନ କରୁଥାଏ । ଜନସମାଜର ସୁଦୂର ଜଗତରେ ଜବାନ କେବଳ ଏୟାର ମେଣ୍ଟେନାନ୍ସ କଣ୍ଟ୍ରୋଲ ସେଣ୍ଟର ସହ ଯୋଗସୂତ୍ର ରଖିଥାଏ ।

ପର୍ବତମାଳା ଗୁଡ଼ିକ ବିଭିନ୍ନ ଦିନରେ ବିଭିନ୍ନ ପ୍ରକାର ଦେଖାଯାଏ । ମେଘମାଳା, ସୂର୍ଯ୍ୟ ଲୋକ, ଦିନର ବିଭିନ୍ନ ଅବସ୍ଥା, ଋତୁ ତଥା ବର୍ଷର ବିଭିନ୍ନ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟର ପରିବର୍ତ୍ତନ ଘଟିଥାଏ । ବାୟୁସେନାମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବିପଦପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆକାଶମାର୍ଗରୁ ସବୁଜ ବନାନୀ, ଜଳପ୍ରପାତ, ସୁଦୂର ପ୍ରସାରୀ ଉପତ୍ୟକା, ଏବଂ ବର୍ଷର ବିଭିନ୍ନ ସମୟରେ ପାହାଡ଼ର ବିଭିନ୍ନ ମନମୁଗ୍ଧକର ପଟ୍ଟ ପରିବର୍ତ୍ତନ ହିଁ ପାଇଲଟଙ୍କୁ ଜଣେ କର୍ତ୍ତବ୍ୟ ପରାୟଣ ସାମରିକ କର୍ମଚାରୀରୁ ସାମୟିକ ଭାବରେ ପ୍ରକୃତିରଉପାସକରୂପେ ପରିବର୍ତ୍ତିତ କରିଦେଇଥାଏ । ମାତ୍ର ଡ୍ରପିଂ ଜୋନ ଆସିଯିବା ସଙ୍ଗେ ସଙ୍ଗେ ମଧୁମୟ ସ୍ମୃତି ଉଭେଇଯାଏ ଓ ପାଇଲଟ ତାହାର କର୍ତ୍ତବ୍ୟ ପ୍ରତି ସଜାଗ ହୋଇ ଉଠେ ।

କ୍ରମେ ବାୟୁଯାନର ଗତି ଧୀମେଇ ଆସେ ଓ ବାୟୁଯାନଟି ଡ୍ରପିଂ ଜୋନରେ ଅବତରଣ କରିବା କ୍ରମରେ ନିମ୍ନାଭିମୁଖୀ ହୁଏ । ଆଣିଥିବା ସାମଗ୍ରୀ ସେଠାରେ ଓହ୍ଲାଇ ଦିଆଯାଏ ।

ପାର୍ବତ୍ୟପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳର ଉନ୍ନୟନ ଓ ଜିନିଷପତ୍ର ନିମନ୍ତେ ଡାକୋଟାବାୟୁ ତଥା ବିମାନବାହିନୀର ଭୂମିକା ପ୍ରଶଂସନୀୟ । □

Images: Aptakama Mishra, Processing: Srujanika

ଭାରତରେ ନିର୍ଯ୍ୟାତିତ ମୁସଲମ ମହିଳା

ଏପର୍ଯ୍ୟନ୍ତ ପୁରୁଷ ମାନଙ୍କର ବିଳାସ ସାମଗ୍ରୀରୂପେ ରହିଅଛନ୍ତି

ଇସଲାମ ଓ ଖ୍ରୀଷ୍ଟିଆନ୍ ଧର୍ମକୁ ଆଧୁନିକ ଧର୍ମ ବୋଲି କୁହାଯାଉଥିଲେ ମଧ୍ୟ ସେ ଦୁଇଧର୍ମରେ ପ୍ରଚଳିତ କେତେକ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ପୁରାତନ ଧର୍ମ ମାନଙ୍କଠାରୁ ମଧ୍ୟ ବଳିପଡ଼ନ୍ତି ।

ମୁସଲମାନ ସମାଜରେ ମହିଳା ମାନଙ୍କୁ କେବଳ ବିଳାସ ସାମଗ୍ରୀ ରୂପେ ଏ ପର୍ଯ୍ୟନ୍ତ ବ୍ୟବହାର କରାଯାଉଛି । ବାପ ସମ୍ପତ୍ତିରେ ମୁସଲମ ମହିଳମାନଙ୍କର ଅଧା ଭାଗ ରହିଛି ।ପାକିସ୍ତାନରେ ମୁସଲମ ମହିଳାଙ୍କର ଭୋଟ ମଧ୍ୟ ପୁରୁଷଙ୍କର ଅଧାଭୋଟ ସହିତ ସମାନ ହିନ୍ଦୁ ରାଷ୍ଟ୍ର ଭାରତରେ ଏକପତ୍ନୀ ବ୍ରତ ଲୋକଙ୍କର ଆଦର୍ଶ ହୋଇଥିଲେ ବି ମୁସଲମାନ ମାନେ ପାରମ୍ପରିକ ରୀତିରେ ବହୁପତ୍ନୀ ଗ୍ରହଣ କରୁଛନ୍ତି ଏବଂ ସେମାନଙ୍କ ଆର୍ଥିକ ଓ ଶାରୀରିକ ଶୋଷଣ ଚାଲିଛି । ଇଚ୍ଛାମତେ କୌଣସି ମୁସଲମ ସ୍ୱାମୀ 'ତଲାକ' ଶବ୍ଦକୁ ତିନିଥର ଉଚ୍ଚାରଣ କରି ନିଜ ସ୍ତ୍ରୀକୁ ଛାଡ଼ପତ୍ର ଦେଇପାରୁଛି ।

ଏ ସବୁ ପ୍ରଚଳିତ ବ୍ୟବସ୍ଥାର ସାମ୍ବିଧାନିକତା ବିଷୟରେ ପ୍ରଶ୍ନ ଉଠାଇ ବମ୍ବେର ଜଣେ କର୍ମଜୀବୀ ମୁସଲମ ମହିଳା ସୁପ୍ରିମ କୋର୍ଟରେ ଏକ ମକଦ୍ଦମା ଆଗତ କରିଛନ୍ତି ।

ବମ୍ବେର ଜଣେ କର୍ମଜୀବୀ ସୁନ୍ନି ମୁସଲମ ମହିଳା ଶ୍ରୀମତୀ ସେହେନାଜ ଶେଖ୍ ନିଜ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇବା ପରେ 'ତଲାକ' ଜରିଆରେ ଛାଡ଼ପତ୍ର ଦେବାର ସାମ୍ବିଧାନିକତା ଉପରେ ପ୍ରଶ୍ନ ଉଠାଇ ସୁପ୍ରିମ କୋର୍ଟରେ ଏକ ମକଦ୍ଦମା ଆଗତ କରିଛନ୍ତି । ଏହି ମକଦ୍ଦମାର ଶୁଣାଣି ଜାନୁଆରୀ କିମ୍ବା ଫେବୃଆରୀରେ ହେବ ବୋଲି ଆଶା କରାଯାଏ । ଏହାର କାରଣ ଦର୍ଶାଇବାକୁ ସୁପ୍ରିମ କୋର୍ଟ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ନୋଟିସ ଦିଆଯାଇଛି । ଏହି ମକଦ୍ଦମାରେ ବମ୍ବେର ଲୟରସ୍ କଲେକ୍ଟିଭ ଓ ଜମାଏତ୍ ଉଲ ଉଲେମା ଇ ହିନ୍ଦ ପକ୍ଷଭୁକ୍ତ ହୋଇଛନ୍ତି । ଏହି ମକଦ୍ଦମା ଆଗତ କଲାବେଳେ ପ୍ରଚଳିତ ମୁସଲମ୍ ଆଇନକୁ ରଦ୍ଦ କରିବା ପାଇଁ ଶ୍ରୀମତୀ ଶେଖ୍ ମଧ୍ୟ ଆବେଦନ କରିଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ୍ କରି ଦେଇଥିଲେ ମାତ୍ର ପରବର୍ତ୍ତୀ ଅବସ୍ଥାରେ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଅନୁମତି ଦେଇଥିଲେ ।

ଶ୍ରୀମତୀ ଶେଖ୍‌ଙ୍କୁ ଲୟରସ୍ କଲେକ୍ଟିଭ ସମର୍ଥନ କରୁଛି ଏବଂ ଜମାୟତ ବିରୋଧ କରୁଛି ଏହି ମକଦ୍ଦମାର ଫଳାଫଳକୁ ସବୁ ପ୍ରଗତିଶୀଳ ମୁସଲମ ଆଗ୍ରହର ସହିତ ଅପେକ୍ଷା କରିଛନ୍ତି ।

ମୁସଲମ ପରମ୍ପରା ଓ ଭାରତୀୟ ଆଇନ୍

ଆବେଦନକାରିଣୀଙ୍କ ପକ୍ଷରୁ ତାଙ୍କର ଓକିଲ ଶ୍ରୀ ଆର. କେ. ଗର୍ଗ ଆବେଦନ ବେଳେ ଦର୍ଶାଇଛନ୍ତି ଯେ ପବିତ୍ର କୋରାନ୍‌ରେ କ୍ରୀତଦାସ ପ୍ରଥାକୁ ସ୍ୱୀକାର କରାଯାଇଛି କିନ୍ତୁ ପବିତ୍ର ଶାସ୍ତ୍ର ପ୍ରୀତି, ଋଣ ପାଇଁ ସୁଧ ଆଦାୟକୁ ନିଷେଧ କରିଛି ଏବଂ ଗୋଟିଏ ଆଖି ପାଇଁ ଗୋଟିଏ ଆଖି, ଚୋରର ହାତକାଟିଦେବା ଏବଂ ଦୁଷ୍କର୍ମୀଙ୍କୁ ଆଦି ଦଣ୍ଡର ବ୍ୟବସ୍ଥା ରହିଛି । କିନ୍ତୁ ଭାରତୀୟ ସି ପି ସି ର ୩୪ ଧାରାରେ ଋଣ ଗ୍ରହୀତାଠାରୁ ସୁଧ ଆଦାୟ କରିବାର ବ୍ୟବସ୍ଥା ରହିଛି ଏବଂ କର୍ପୋରେଟ ତାଙ୍କୁ ସ୍ୱୀକାର କରୁନାହାନ୍ତି ବିବାହ ଏକ ଚୁକ୍ତି ବା କଣ୍ଟ୍ରାକ୍ଟ ହୋଇଥିଲେ ବି ବୈବାହିକ କ୍ଷେତ୍ରରେ ଏଥି ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉ ନାହିଁ ।

କୌଣସିଠାରେ ଦାନ୍ତ ପାଇଁ ଦାନ୍ତ, ଆଖି ପାଇଁ ଆଖି ନୀତିରେ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇ ନାହିଁ । ଭାରତରେ ବାସ କରୁଥିବା ସବୁ ଧର୍ମର ଲୋକଙ୍କ ପାଇଁ ସି ପି ସି ଓ ଆଇ ପି ସି ପ୍ରଯୁଜ୍ୟ

ଏ ଦେଶର ମୁସଲମମାନେ ସମ୍ବିଧାନର କଣ୍ଟ୍ରାକ୍ଟ ଲକୁ ଗ୍ରହଣ କରୁଥିଲେ ମଧ୍ୟ ଅଥଚ କେନ୍ଦ୍ର ବା ରାଜ୍ୟ ସରକାର ମାନେ ମୁସଲମ ବିବାହ ଆଇନ୍‌ର ଆବଶ୍ୟକ ପରିବର୍ତ୍ତନ ମଧ୍ୟ କରୁ ନାହାନ୍ତି । ମହିଳାଙ୍କ ସମ୍ପର୍କରେ ହିନ୍ଦୁ ଓ ଖ୍ରୀଷ୍ଟିଆନ ଆଇନରେ ସଂସ୍କାର କରାଗଲାଣି । କିନ୍ତୁ ମୁସଲୀମ ମହିଳାମାନେ ଏ

Images: Aptakama Mishra, Processing: Srujanika

ପର୍ଯ୍ୟନ୍ତ ମଧ୍ୟଯୁଗୀୟ ନିର୍ଯ୍ୟାତନା ଭୋଗ କରୁଛନ୍ତି

ସମ୍ବିଧାନର ୧୩ଶ ଧାରା

ଆବେଦନକାରିଣୀଙ୍କ ଅନ୍ୟତମ ଓକିଲ ଶ୍ରୀ କେ. ପି. ଦୁଆ ଯୁକ୍ତି ଛଳରେ ଦର୍ଶାଇ ଥିଲେ କି ମୁସଲମାନ ଧର୍ମର ପ୍ରଚଳିତ ସମସ୍ତ ଆଇନ ସମ୍ବିଧାନର ୧୩ଶ ଧାରା ଅନୁଯାୟୀ ଆଇନ୍ ଅଟେ। ତେଣୁ ସମ୍ବିଧାନରେ ସମସ୍ତ ନାଗରିକଙ୍କୁ ଯେଉଁ ସବୁ ମୌଳିକ ଅଧିକାର ଦିଆଯାଇଛି ତାକୁ ଲଙ୍ଘନ କରାଯାଇ ନପାରେ।

ପର୍ଦ୍ଦାପ୍ରଥା, ବହୁପତ୍ନୀ ଗ୍ରହଣ, ଛାଡ଼ପତ୍ର ପାଇଥିବା ମହିଳା ମାନଙ୍କୁ ଚଳିବା ପାଇଁ ସର୍ବାଧିକ ମାସିକ ୫୦୦ ଟଙ୍କା ଦିଆଯିବା ଏବଂ ମୁସଲମାନ କନ୍ୟା ମାନଙ୍କୁ ପୁତ୍ର ମାନଙ୍କ ସମ୍ପତ୍ତି ଭିତରୁ ଅଧା ଅଂଶ ଦେବା ଆଦି ବ୍ୟବସ୍ଥା ସହିତ ଧର୍ମର କୌଣସି ସିଧାସଳଖ ସମ୍ପର୍କ ନାହିଁ। ଅଧିକନ୍ତୁ ସମ୍ବିଧାନର ଉଦ୍ଦେଶ୍ୟ ଅନୁଯାୟୀ ଦେଶର ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ମହିଳାଙ୍କ ପାଇଁ ଗୋଟିଏ ଆଚରଣ ବିଧି ଓ ମୁସଲିମ୍ ମହିଳାଙ୍କ ପାଇଁ ଅନ୍ୟ ଏକ ଆଚରଣ ବିଧି ପ୍ରଣୟନ କରାଯାଇ ନପାରେ।

ଆନ୍ତର୍ଜାତିକ ମୁସଲିମ୍ ସମ୍ମିଳନୀ

ଭାରତରେ ଏ ସମ୍ପର୍କରେ ମକଦ୍ଦମା ଆଗତ ହେବା ପୂର୍ବରୁ ବିଭିନ୍ନ ମହଲରେ ମୁସଲିମ୍ ମହିଳା ମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସମ୍ପର୍କରେ ଆଲୋଚନା ହୋଇଆସିଛି। କିନ୍ତୁ ଏ ସମ୍ପର୍କରେ ଆବଶ୍ୟକ ସଂଶୋଧନ କରିବାକୁ କୌଣସି ସରକାର ସାହସ କରିନାହାନ୍ତି। ଗତବର୍ଷ ଜୁଲାଇ ମାସରେ ରବାଦ୍ ଠାରେ ଆନ୍ତର୍ଜାତିକ ମୁସଲିମ୍ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏବଂ ସେହି ସମ୍ମିଳନୀରେ ଇସଲାମିକ ଆଇନରେ ଆବଶ୍ୟକ ସଂଶୋଧନ କରିବା ନିମନ୍ତେ ସାଉଥ ଆରବିଆର ରାଜା ଫାହ୍ଦ ଆହ୍ୱାନ କରିଥିଲେ। ମହାନବୀଙ୍କୁ କୋରାନରେ ଧାରଣ କରାଯାଇଥିବା ଦୃଷ୍ଟିକୁ ଆଧୁନିକ ସମାଜ ସହିତ ତାଳଦେଇ ଚାଲିବାକୁ ଇସଲାମିକ ଆଇନ୍‌ରେ ଆବଶ୍ୟକ ସଂଶୋଧନ କରାଯିବା ଉଚିତ ବୋଲି ସେ ଯୁକ୍ତି କରିଥିଲେ। ତାଙ୍କର ଏ ଯୁକ୍ତି ପରେ ମୁସଲିମ୍ ପଣ୍ଡିତ, ବୁଦ୍ଧିଜୀବି ତଥା ଆଇନଜ୍ଞ ମାନେ ଗତ ଦୁଇ ହଜାର ବର୍ଷକାଳ ବଳବତ୍ତର ରହିଥିବା ଇସଲାମୀ ଆଇନ୍‌ର ସଂଶୋଧନ କରାଯାଉ ବୋଲି ଦାବୀ କରିଥିଲେ।

ସେହି ବର୍ଷ ଜୁଲାଇ ମାସରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଅନ୍ୟ ଏକ ସମ୍ମିଳନୀରେ ମୁସଲମାନ ଧର୍ମରେ ମହିଳାଙ୍କ ମର୍ଯ୍ୟାଦା ସମ୍ପର୍କରେ ଏକ ଦୃଢ଼ ଧାରଣା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ସେଥିରେ ଅଂଶ ଗ୍ରହଣ କରି ଡକ୍ଟର ରଫିକ ଜାକାରିଆ କହିଥିଲେ ଯେ ଅଧିକାଂଶ ମୁସଲମାନ ଦେଶ ବହୁ ଭାର୍ଯ୍ୟା ଗ୍ରହଣକୁ ନିଷେଧ କରିସାରିଲେଣି ଏବଂ କେବଳ ଅଦାଲତ ଜରିଆରେହିଁ ଛାଡ଼ପତ୍ର ଦେବା ବ୍ୟବସ୍ଥା ପ୍ରଚଳିତ ହୋଇସାରିଲାଣି। ପ୍ରାକ୍ ମୁସଲିମ୍ ସମାଜର ଉଦାହରଣ ଦେଇ ସେ କହିଥିଲେ କି ସେତେବେଳେ ସମାଜରେ ବାଳିକା ମାନଙ୍କୁ ଜୀବନ୍ତ ସମାଧି ଦିଆଯାଉଥିଲା ଏବଂ ଏଭଳି ନରହତ୍ୟା କାଣ୍ଡ ଘଟାଇ ଲୋକେ ଖୁବ୍ ଗର୍ବ ଅନୁଭବ କରୁଥିଲେ ଯେପରିକି ହିନ୍ଦୁ ସମାଜରେ ସତୀଦାହ ପ୍ରଥାକୁ ଲୋକେ ଏକ ଧର୍ମାନୁକାର୍ଯ୍ୟ ବୋଲି ଶହେ ବର୍ଷ ତଳେ ବିବେଚନା କରୁଥିଲେ। କିନ୍ତୁ ଇସଲାମ ଆଇନ୍ ପ୍ରବର୍ତ୍ତିତ ହେବାପରେ ଏ ନିନ୍ଦନୀୟ ବ୍ୟବସ୍ଥାର ପରିବର୍ତ୍ତନ ହେଲା। ସେହିଭଳି ଭାବେ ମୁସଲିମ୍ ସମାଜରେ ପ୍ରଚଳିତ ଅନ୍ୟ କେତେକ ବ୍ୟବସ୍ଥାର ମଧ୍ୟ ପରିବର୍ତ୍ତନ ହେବା ଉଚିତ ବୋଲି ଡକ୍ଟର ଜାକାରିଆଙ୍କ ମତ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଜୁରିଷ୍ଟ ଶ୍ରୀ ଏମ୍. ଏମ୍. ବେଗ, ବୋହରା ନେତା ଶ୍ରୀ ଏ. ଏ. ଇଞ୍ଜିନିୟର ପ୍ରମୁଖ ମତ ଦେଉଥିଲାବେଳେ ଜମାୟତ ଇ. ଇସଲାମୀ ଓ ଜମାତ୍ ଇ. ଉଲମା ପ୍ରଭୃତି କେତେକ ସଂସ୍ଥା ଏହାର ବିରୋଧ କରୁଛନ୍ତି। ବିରୋଧୀ ମାନଙ୍କ ମତରେ ମୁସଲିମ୍ ବୈବାହିକ ଆଇନ୍‌କୁ କୋହଲ କରିଦେଲେ 'ଜେହାଦ'ର ପ୍ରେରଣା କମିଯିବ ଏବଂ ଏହା ମୁସଲମ୍ ଧର୍ମକୁ ସମାଧିସ୍ଥ କରିଦେବ। ତେଣୁ ଯଦିବା କିଛି ପରିବର୍ତ୍ତନ କରାଯାଏ ତେବେ ତାହା ପବିତ୍ର କୋରାନ୍ ଓ ହଦିତର ପରିସର ମଧ୍ୟରେହିଁ କରାଯିବା ଉଚିତ।

ବୈବାହିକ ଆଇନ୍

ପ୍ରଚଳିତ ମୁସଲିମ ଆଇନ୍ ଅନୁସାରେ ବିବାହ ଏକ ଦେଓୟାନୀ ଚୁକ୍ତି। ତେଣୁ ଏକ ସିଦ୍ଧ ବିବାହ, ଚୁକ୍ତିର ସମସ୍ତ ଆନୁସଙ୍ଗିକ ସର୍ତ୍ତ ପୂରଣ କରୁଥିବା ଆବଶ୍ୟକ। ସିଦ୍ଧ ମୁସଲିମ୍ ବିବାହ ପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ପୂର୍ଣ୍ଣ ହେବା ଏକାନ୍ତ ଆବଶ୍ୟକ। ସେଗୁଡ଼ିକ ହେଲା (୧) ଦାନ ଓ ଗ୍ରହଣ (୨) ହନାଫି ଚିନ୍ତାଧାରା ଅନୁଯାୟୀ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତି, କିନ୍ତୁ ସିଆ ମତବାଦୀଙ୍କ ପାଇଁ ସାକ୍ଷୀ ଅନାବଶ୍ୟକ। (୩) କଥିତ ଶବ୍ଦ ସ୍ପଷ୍ଟ ଓ ସନ୍ଦେହ ମୁକ୍ତ ହୋଇଥିବ। (୪) କନ୍ୟା ଦାନ ଓ କନ୍ୟା ଗ୍ରହଣ ହୋଇଥିବ। ଏହି ବିବାହ ତିନିପ୍ରକାର ହୋଇପାରେ (କ) ସିଦ୍ଧ ବିବାହ ଯାହାକି ସବୁପ୍ରକାର ନୀତି ନିୟମାନୁଯାୟୀ ହୋଇଥିବ। (ଖ) ଅସିଦ୍ଧ ବିବାହ ଯାହାର ଆଇନଗତ ବୈଧତା ନାହିଁ। (ଗ) ଫେସିଦ୍ ବିବାହ ଯାହାକି ଅନ୍ୟଜାତିର ଲୋକଙ୍କର ସହ ହୋଇଥିବ। ସିଆ ସଂପ୍ରଦାୟର ଲୋକେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ପର୍ଯ୍ୟନ୍ତ ମଧ୍ୟ ଜଣକୁ ବିବାହ କରି ପାରନ୍ତି। ତାହାର ମୁତା ବିବାହ ନାମରେ କଥିତ। ଏଥିରୁ ଜାତ ସନ୍ତାନ ମାନଙ୍କୁ ବୈଧ ବୋଲି ଧରାଯିବ ଏବଂ ସେମାନେ ସମ୍ପତ୍ତିର ଧନ ଅଧିକାରୀ। ଇସ୍‌ଲାମ ଧର୍ମରେ ପଞ୍ଚମ ପତ୍ନୀ ଗ୍ରହଣ ନିଷିଦ୍ଧ କିନ୍ତୁ ପୂର୍ବ ଚାରି ସ୍ତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ଛାଡ଼ପତ୍ର ଦେଲେ ପଞ୍ଚମ ମହିଳାଙ୍କୁ ବିବାହ କରାଯାଇ ପାରିବ। କିନ୍ତୁ ଜଣେ ମୁସଲମାନ୍ ମହିଳା ଦୁଇଜଣଙ୍କୁ ବାହାହୋଇ ପାରିବ ନାହିଁ। ଥରେ ଜଣେ ସ୍ୱାମୀ ତା' ସ୍ତ୍ରୀକୁ ଛାଡ଼ପତ୍ର ଦେଲେ ତାକୁ ଦ୍ୱିତୀୟଥର ବିବାହ କରିବା ଟିକିଏ କଷ୍ଟ। ମୁସଲମାନ ସ୍ତ୍ରୀ ଲୋକମାନେ ୧୯୩୯ ର ସାରିୟତ୍ ଆଇନ୍ ପୂର୍ବରୁ ନିଜ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାର ଅଧିକାର ପାଇନଥିଲେ। ଏହି ଆଇନ୍ ପ୍ରବର୍ତ୍ତିତ ହେବାପରେ ସ୍ୱାମୀ ନଂପୁସକ ହୋଇଥିଲେ ବା ସ୍ତ୍ରୀ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆରୋପ କରୁଥିଲେ ଛାଡ଼ପତ୍ର ଦେଇପାରିବ। ନଂପୁସକ ଅଭିଯୋଗକୁ ସ୍ତ୍ରୀ ପକ୍ଷରେ ସାବ୍ୟସ୍ତ କରିବା ଦରକାର। ସେହିଭଳି ସ୍ୱାମୀ ସାତ ବର୍ଷରୁ ଅଧିକକାଳ ଜେଲ୍‌ରେ ରହିଲେ, ପାଗଳ ହେଲେ ଅଥବା କୁଷ୍ଠ ବା ଭି. ଡି ଭଳି ବ୍ୟାଧିଗ୍ରସ୍ତ ହେଲେ, ନିଜ ସ୍ତ୍ରୀକୁ ଭରଣ ପୋଷଣ କରିବାକୁ ଅକ୍ଷମ ହେଲେ, ବୈବାହିକ ସମ୍ବନ୍ଧ ସ୍ଥାପନ କରିବାରେ ବିଫଳ ହେଲେ ବା ସ୍ତ୍ରୀକୁ ନୀତିହୀନ କାର୍ଯ୍ୟ କରିବାକୁ ବାଧ୍ୟକଲେ ସ୍ୱାମୀକୁ ସେ ଛାଡ଼ପତ୍ର ଦେଇପାରିବ।

ଛାଡ଼ପତ୍ର ଦେବାର ତରିକା

ମୁସଲିମ୍ ଧର୍ମରେ ସ୍ୱାମୀମାନେ ଯେଉଁ ତରିକାରେ ଛାଡ଼ପତ୍ର ଦିଅନ୍ତି ତାହାସବୁ ହେଲା: (କ) ତଲକ ଇ-ସୁନ୍ନତ୍ :—ଥରେ ତଲକ ଉଚ୍ଚାରଣ କରି 'ଇଦତ୍' କାଳ ପର୍ଯ୍ୟନ୍ତ ସ୍ତ୍ରୀ ସହିତ ସହବାସ ନକରିବା। (ଖ) ତଲକ-ଉ-ହସନ୍ : ତିନିଥର 'ତଲକ' ଉଚ୍ଚାରଣ କରିବା। ଏହା ମାସିକ ଋତୁସ୍ରାବକାଳ (ପବିତ୍ରକାଳ) ମଧ୍ୟରେ କ୍ରମାନ୍ୱୟରେ ତିନିମାସରେ ଉଚ୍ଚାରିତ ହେବା ଆବଶ୍ୟକ। ଗାଇଲା ନିଜ ସ୍ତ୍ରୀ ସହିତ ଚାରି ମାସରୁ ଅଧିକକାଳ ସହବାସ ନକଲେ। ଏହାଛଡ଼ା ସ୍ୱାମୀ ଓ ସ୍ତ୍ରୀ ପରସ୍ପର ବୁଝାମଣା ହୋଇ ମଧ୍ୟ ଛାଡ଼ପତ୍ର ଦିଆଯାଇପାରେ। □

Images: Aptakama Mishra, Processing: Srujanika

ବିଷ ପ୍ରୟୋଗ ଓ ହତ୍ୟା

ଡାକ୍ତର ଜିତେନ୍ଦ୍ର କୁମାର ବଳବନ୍ତରାୟ

ହତ୍ୟାର ଶ୍ରେଣୀ ବିଭାଗ ପ୍ରସଙ୍ଗରେ ହତ୍ୟାକୁ କେତେବେଳେ ଆଇନ ଅନୁମୋଦିତ ହତ୍ୟା, କେତେବେଳେ ଆତ୍ମରକ୍ଷା ପ୍ରଣୋଦିତ ବା କ୍ଷମଣୀୟ ହତ୍ୟା, ଆତ୍ମହତ୍ୟା ଓ କେତେବେଳେ ଜଘନ୍ୟ ଅକ୍ଷମଣୀୟ ହତ୍ୟା ବୁଝାଯାଇଥାଏ । ଭାରତୀୟ ପିଙ୍ଗଲ କୋଡ୍‌ର ୩୦୨ ଧାରା ଅନ୍ତର୍ଭୁକ୍ତ ବିଭିନ୍ନ ନାରକୀୟ ଅପରାଧର ନାୟକଙ୍କୁ ଆଇନ ଅନୁସାରେ ହତ୍ୟା କରାଯାଏ । ଦୁର୍ଦ୍ଧର୍ଷ ଅପରାଧୀର ଆକ୍ରମଣରୁ ଓ ନିଶ୍ଚିତ ମୃତ୍ୟୁରୁ ନିଜକୁ ବଞ୍ଚାଇବାକୁ ଯାଇ ଉପରୋକ୍ତ ଅପରାଧୀକୁ ଯଦି ହତ୍ୟା କରାଯାଇଥାଏ ଏହା କ୍ଷମଣୀୟ ହତ୍ୟା । ନିଜକୁ ନିଜେ ହତ୍ୟା କଲେ ଏହା ଆତ୍ମହତ୍ୟା, ଶେଷୋକ୍ତ ହତ୍ୟା ଅକ୍ଷମଣୀୟ ଓ ଏହା ବର୍ବର ପଶୁସୁଲଭ । ଏହି ହତ୍ୟା ଏକ ସାମାଜିକ କଳଙ୍କ ଓ ନିୟମ ବହିର୍ଭୂତ । ଅପରାଧୀ ସାଧାରଣ ଜୀବନ ପାଇଁ ଏକ ଭୟାବହ ମହାକାଳ । ହତ୍ୟା ମଧ୍ୟ ବିବିଧ ପ୍ରକାରରେ ଘଟାଯାଇ ପାରେ । ବିଭିନ୍ନ ମାରଣାସ୍ତ୍ର ମଧ୍ୟରୁ ଛୁରୀ, ଖଣ୍ଡା, ଶାବଳ, ତୀର, ବନ୍ଧୁକ ଆଦି ଅନେକ ମାରଣାସ୍ତ୍ର ଦ୍ୱାରା ହୃତ୍‌କ୍ରିୟା ବା ମସ୍ତିଷ୍କ-ସ୍ପନ୍ଦନ ଅବରୁଦ୍ଧ କରାଯାଇ ଥାଏ । ସେହିଭଳି ଶ୍ୱାସକ୍ରିୟାକୁ ମଧ୍ୟ ବିଭିନ୍ନ ଉପାୟରେ ଅବରୁଦ୍ଧ କରାଯାଇ ହତ୍ୟା କରାଯାଏ । ଏହା ବ୍ୟତୀତ ଯୁଦ୍ଧର ବିଭୀଷିକା ମଧ୍ୟରେ ଅନେକ ମାରଣାସ୍ତ୍ର ଦ୍ୱାରା ମଧ୍ୟ ବହୁ ଲୋକଙ୍କୁ ହତ୍ୟା କରାଯାଇଥାଏ ଅତ୍ୟାଧୁନିକ ବୈଜ୍ଞାନିକ ଉପାୟ ଅବଲମ୍ବନ କରି ଶତ୍ରୁ ଦେଶରେ ବ୍ୟାପକ ରୋଗ ପ୍ରସାରଣ, କୃତ୍ରିମ ଉପାୟରେ ପ୍ରାକୃତିକ ବିପର୍ଯ୍ୟୟ ଯଥା- ଝଡ଼, ବାତ୍ୟା, ବନ୍ୟା, ତୋଫାନ, ମରୁଡ଼ି, ଅଗ୍ନି ଉତ୍ପାତ ଆଦି ସୃଷ୍ଟି କରି ହତ୍ୟାର ବିଭୀଷିକା ସୃଷ୍ଟି ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଯେକୌଣସି ଉପାୟରେ ଏହି ନାରକୀୟ ହତ୍ୟା ଘଟାଯାଇ ଥାଉନା କାହିଁକି ମୃତ୍ୟୁର କାରଣ ଖୋଜିବାରେ ବିଜ୍ଞାନର ଅଭିଯାନ ଏବେ ସୁଦ୍ଧା ଅବ୍ୟାହତ । ଯେଉଁ ହତ୍ୟା ବର୍ବର ଯୋଗ୍ୟ ଓ ଦଣ୍ଡ ଯୋଗ୍ୟ ତାହାର କାରଣ ନିର୍ଣ୍ଣୟ ଅନିବାର୍ଯ୍ୟ ଏଥି ନିମନ୍ତେ ଆଇନ ପାଖରେ ବିଜ୍ଞାନର ଉପସ୍ଥିତି ଖୁବ ଜରୁରୀ । ସର୍ବୋପରି ଏହି ବିଜ୍ଞାନର କର୍ଣ୍ଣଧାର ରୂପେ ଜଣେ ଭେଷଜ ଓ ନ୍ୟାୟ ବିଜ୍ଞାନ ବିଶାରଦର ଭୂମିକା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ନିର୍ଭୁଲ ଭାବରେ ଓ ବିଭିନ୍ନ ତଥ୍ୟ ଅବଧାରଣ କରି ସେ ମୃତ୍ୟୁର ସଠିକ କାରଣ ନିର୍ଣ୍ଣୟ କରିଥାଏ ।

ବିଷ ପ୍ରକ୍ରିୟାରୁ ଲୋକର ମୃତ୍ୟୁ ଘଟିଛି ବୋଲି ବିଜ୍ଞାନ ସମ୍ମତ ମତ ଦେବା କଷ୍ଟକର ନୁହେଁ, ଲୋକ ନିଜେ ବିଷ ଖାଇଛି, କି ତାକୁ ଜବରଦସ୍ତ ଖୁଆ ଯାଇଛି, କି ବନ୍ଧୁତ୍ୱ ଛଳରେ ତାର ଅଜାଣତରେ ତାକୁ ଖୁଆଯାଇଛି କି ଖାଦ୍ୟ ପାନୀୟରେ ବିଷ ମିଶ୍ରଣ ପୂର୍ବକ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ତାକୁ ଖୁଆ ଯାଇଛି, କି ଶିଶୁର ନିରୀହତା ଓ ଅଜ୍ଞତାର ସୁଯୋଗ ନେଇ ଶିଶୁକୁ ବିଷ ପାନ କରା ଯାଇଛି ଏହା ଜାଣିବା ବେଳେ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ । ଏକ ବିଷ ପ୍ରୟୋଗ ଜନିତ ମୃତ୍ୟୁକୁ ହତ୍ୟା ମାମଲାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହା ଜାଣିବା ନିହାତି ଜରୁରୀ । ମୃତ୍ୟୁ ପୂର୍ବରୁ ରୋଗୀର ବିଷ ସେବନର ଲକ୍ଷଣରୁ ଡାକ୍ତର ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ରୋଗୀ ବିଷ ଦ୍ୱାରା ଆକ୍ରାନ୍ତ ବୋଲି କହିପାରେ ଏବଂ ରୋଗୀ ଆତ୍ମହତ୍ୟା ଉଦ୍ଦେଶ୍ୟରେ ଯଦି ଏହା ସେବନ କରି ନଥାଏ ତେବେ କିଭଳି ଭାବେ ତା ଦେହରେ ବିଷ ପ୍ରୟୋଗ ହେଲା ସେ ସମ୍ପର୍କରେ ବିଭିନ୍ନ ଆଶଙ୍କା ହୋଇପାରେ । ରୋଗୀର ମୃତ୍ୟୁ ପରେ ମଧ୍ୟ ଶରୀରକୁ ବିଷ କିଭଳି ଭାବରେ ପ୍ରବେଶ କଲା (ଯଥା: ସ୍ୱଇଚ୍ଛାରେ ରୋଗୀ ସେବନ କରିଛି କି ରୋଗୀକୁ ତାହା ଖୁଆ ଯାଇଛି) ତାହା ଜାଣିବା କଷ୍ଟକର ବ୍ୟାପାର ନୁହେଁ ।

ପ୍ରଥମ ବିଶ୍ୱଯୁଦ୍ଧର ନାୟକ ନେପୋଲିଅନ୍ ବୋନାପାର୍ଟଙ୍କୁ ନିର୍ବାସିତ ଅବସ୍ଥାରେ ଆର୍ସେନିକ ବିଷ ଖାଦ୍ୟ ପଦାର୍ଥରେ ଦିଆଯାଇ ହତ୍ୟା କରାଯାଇଥିବା ଜଣାଶୁଣା । ମୃତ୍ୟୁ ପରେ ତାଙ୍କ କେଶ, ନଖ, ଅସ୍ଥି ମଜ୍ଜାରୁ ଏହି ବିଷର ସନ୍ଧାନ ମିଳିଥିଲା ବୋଲି ବୁଝାଯାଉଛି । ଏହି ବିଷ ଏପରି ଏକ ପଦାର୍ଥ ଯାହାର ଗନ୍ଧ ନାହିଁ, ସ୍ୱାଦୁ ନାହିଁ ଏବଂ ଯେ କୌଣସି ଖାଦ୍ୟ ଦ୍ରବ୍ୟରେ ମିଶ୍ରଣ କରି ହତ୍ୟା ଉଦ୍ଦେଶ୍ୟରେ ବ୍ୟକ୍ତିକୁ ଦିଆଯାଇ ପାରେ, କିନ୍ତୁ ମରଣୋତ୍ତର ଅବସ୍ଥାରେ ଏହାର ସନ୍ଧାନ ମୃତବ୍ୟକ୍ତି ଶରୀରରୁ ସହଜରେ ମିଳିଥାଏ । ଏପରିକି ମୃତ୍ୟୁର ବହୁବର୍ଷ ପରେ ଏବଂ ଶବକୁ ପୋଡ଼ିଦେଲେ ବି ପାଉଁଶରୁ ଏହି ବିଷର ସନ୍ଧାନ ମିଳିଥାଏ । ଏହି ବିଷର ପ୍ରୟୋଗରେ ଯାହାର ମୃତ୍ୟୁ ଘଟିଥାଏ ତାହାକୁ ଆତ୍ମହତ୍ୟା ଭାବି ମକଦ୍ଦମା ବନ୍ଦ କରିଦେବା ଠିକ୍ ନୁହେଁ । ହତ୍ୟା ଅଭିମୁଖ୍ୟରେ ଏହାର ସନ୍ଧାନ ଆବଶ୍ୟକ । ଏହିଭଳି ଅନେକ ତାଲିକା ଭୁକ୍ତ ବିଷ ଅଛି ଯାହାକୁ ହତ୍ୟା ଉଦ୍ଦେଶ୍ୟରେ କେବଳ ବ୍ୟବହାର କରାଯାଇ ଥାଏ । କେହି କେବେ ଏହି ପ୍ରକାର ସେବନର ସନ୍ଦେହ କରିପାରି ନଥାଏ ଯେ ସେ ବିଷ ସେବନ କରୁଛି । ସେହି ପ୍ରକାର ବିଷର ସନ୍ଧାନ ଯେଉଁ ଶବରୁ ମିଳିଥାଏ ତାହାକୁ ଆତ୍ମହତ୍ୟା ରୂପରେଖ ଦେଇ ମାମଲାର ପୂର୍ଣ୍ଣଚ୍ଛେଦ ଟାଣିବା ପରିବର୍ତ୍ତେ ମାମଲାର ତଦନ୍ତ ବିସ୍ତୃତ ସନ୍ଧାନ କରିବା ଆବଶ୍ୟକ । ସେହି ବିଷର ଉତ୍ପତ୍ତି ସ୍ଥଳ, କ୍ରୟ ସ୍ଥଳ ମାଧ୍ୟମ ଆଦି ସଠିକ୍ ଭାବରେ ଜଣାଗଲା ପରେ ହତ୍ୟାକାରୀର ସନ୍ଧାନ କରାଯାଇ ପାରେ ।

୫ଟି ହତ୍ୟାର ନାୟିକା

ନିକଟ ଅତୀତର ଗୋଟିଏ କଥା । ୧୯୮୪ ସେପ୍ଟେମ୍ବର ୧୩ ତାରିଖର ଘଟଣା । ଜର୍ମାନୀର ମେରିଆ ଭେଲ୍ଟନ୍ ନାମକ ଜଣେ ୬୮ ବର୍ଷ ବୟସ୍କା ବିଧବା ନାରୀ ୫ଟି ହତ୍ୟା ଅଭିଯୋଗରେ ବନ୍ଦୀ ଥାଇ ନିଜ ଅପକର୍ମର ଆତ୍ମପ୍ରକାଶ ଛଳରେ କହିଛନ୍ତି, କୃତଘ୍ନତା ପାଇଁ ସେ ତାଙ୍କର ତିନୋଟି ପୂର୍ବତନ ସ୍ୱାମୀ, [illegible] ଯୋଗୁଁ ତାଙ୍କର ୬୨ ବର୍ଷ ବୟସ୍କ ପିତା ଓ ରୋଗର ଅତ୍ୟଧିକ ଯନ୍ତ୍ରଣା ଯୋଗୁଁ ତାଙ୍କର ରୋଗାକ୍ରାନ୍ତ ମାଉସୀକୁ ବ୍ଲୁ-ବେରି (Blue-Berries) ଫଳ ସାହାଯ୍ୟରେ ହତ୍ୟା କରିଛନ୍ତି । ଏହି ହତ୍ୟା ନ୍ୟାୟୋଚିତ ବୋଲି ତାଙ୍କର ମତ ହୋଇପାରେ । ମାତ୍ର ଆଇନ ଓ ପ୍ରତ୍ୟକ୍ଷ ସମ୍ପୂର୍ଣ୍ଣ ଭିନ୍ନ ଧର୍ମାବଲମ୍ବୀ । ବିଶ୍ୱାସବତ୍ସଳ ନିରୀହ ତଥା ଅଜ୍ଞ ବନ୍ଧୁମାନଙ୍କୁ ଏହି ଫଳ ସାହାଯ୍ୟରେ ଯେପରି ହତ୍ୟା କରାଗଲା ତାହାର ବିଜ୍ଞାନଗତ ଆଲୋଚନା ଖୁବ୍ ଜରୁରୀ ।

ବିଷ ପ୍ରୟୋଗକାରୀ ମାରିବା ଏକ ସୂକ୍ଷ୍ମ ବୁଦ୍ଧିସମ୍ପନ୍ନ କାର୍ଯ୍ୟ ବୋଲି ଯାହା ବୁଝାଯାଏ, ଏହା ସତ୍ୟ ହୋଇପାରେ ମାତ୍ର ହତ୍ୟା ଘଟାଇ ଥିବା ଅପରାଧୀକୁ ଧରିବା ପାଇଁ ସେହିଭଳି ପ୍ରଖରବୁଦ୍ଧି ଦରକାର । ପ୍ରଥମେ ବିଷଦ୍ୱାରା ମୃତ୍ୟୁ ଘଟିଛି କି ନାହିଁ ଜାଣିବାକୁ ହେଲେ ଖେଳ

Images: Aptakama Mishra, Processing: Srujanika

ଲକ୍ଷଣରୁ ଜୀବନ୍ମୁକ୍ତ ବ୍ୟକ୍ତି ଦେହରେ ଥିବା ବିଭିନ୍ନ ଚିହ୍ନ ବର୍ଣ୍ଣରୁ ନିର୍ଦ୍ଦିଷ୍ଟ ବିଷ ସମ୍ପର୍କରେ ଜଣାପଡେ । ରୋଗୀ ଯଦି ମରିଯାଇ ଥାଏ, ଏହି ବିଷକୁ ପଶୁମାନଙ୍କ ଦେହରେ ଦିଆଯାଇ ଏବଂ ବିଭିନ୍ନ ରସାୟନିକ ପରୀକ୍ଷା ମାଧ୍ୟମରେ ବିଷକୁ ଚିହ୍ନଟ କରାଯାଏ । ବିଷ ଚିହ୍ନଟ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ମାନଙ୍କ ମଧ୍ୟରୁ କଲର ଟେଷ୍ଟ, ଏକ୍ସରେ ଇନ୍‌ଫ୍ରାରେଡ୍, ଅଲଟ୍ରା-ଭାଇଓଲେଟ୍, ଅବଜରଭେସନ, ସ୍ପେକ୍‌ଟ୍ରୋ ଫୋଟୋ-ମେଟ୍ରି, ଆଟୋମିକ ଏକ୍ସରେ, ନିଉଟ୍ରନ୍ ଆକ୍‌ଟି-ଭେସନ ଏନାଲିସିସ୍ ଲେଜର୍‌ବିମ୍ ପଦ୍ଧତି ଆଦି ଅନ୍ୟତମ । ମୃତ୍ୟୁ ଉପାୟରେ ହତ୍ୟା ଘଟାଇ-ଥିବା ଜାଣିବା ପରେ ବିଷ ମଧ୍ୟରୁ ବିଷଟିର ସନ୍ଧାନ ଉପରୋକ୍ତ ପଦ୍ଧତି ମାନଙ୍କରୁ ଜଣାଗଲା ପରେ ହତ୍ୟାକାରୀ ପଛରେ ଧାବମାନ ହେବାକୁ ପଡେ । ଚିକିତ୍ସକ ବା ଡାକ୍ତର ରୋଗୀ ଦେହରେ ବିଷର ପ୍ରଭାବ ଜାଣିବା ପରେ ଚୁପ୍ ହୋଇ ବସିବା ଠିକ୍ ନୁହେଁ । ପାରସ୍ପରିକ ସର୍ତ୍ତ ପଢ଼ିଥିବା ସବୁର ସହିତ ରଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେବା ଦରକାର । ଏଣିକି ନର୍କୋଟିକ୍ ଆକ୍ଟ୍ ଅନୁଯାୟୀ ଡାକ୍ତର, ଭାରତୀୟ ପିନାଲ କୋଡ୍‌ର ୨୦୨ ଧାରାରେ ଅପରାଧ ଲୁଚାଇବା ଅଭିଯୋଗରେ ଅଭିଯୁକ୍ତ ହୁଏ ।

ଏହା ସତ୍ୟ ଯେ ମୃତ୍ୟୁ ଉପାୟରେ ବିଷ ଦ୍ୱାରା ହତ୍ୟା କରାଯାଇ ପାରିବ । ଅନେକ ବିଷ ଅଳ୍ପ ମାତ୍ରା ପ୍ରୟୋଗ କଲେ ଲକ୍ଷଣ ମାନ କେତେକ ନିର୍ଦ୍ଦିଷ୍ଟ ରୋଗର ଲକ୍ଷଣ ସମ ଦେଖାଯାଇ ଥାଏ ଏହା ଏକ ପ୍ରତ୍ୟୟ ସୃଷ୍ଟି ପାଇଁ ଦିଆଯାଇଥାଏ ଯେ ମୃତ୍ୟୁ ରୋଗରୁ ଘଟିଛି ବିଷ ପ୍ରୟୋଗରୁ ଆଶଙ୍କା କାହାର ନହେବ ତାଇଁ ଏପରି ଚତୁ-ରତା ଅବଲମ୍ବନ କରାଯାଇଥାଏ । ଇତିହାସ ପୃଷ୍ଠାରୁ ଜଣାପଡ଼େ ମୃତ୍ୟୁଦଣ୍ଡ ପାଇଁ ବିଭିନ୍ନ ବ୍ୟବସ୍ଥା ମଧ୍ୟରୁ ବିଷପାନ ଦ୍ୱାରା ମୃତ୍ୟୁ ଘଟାଇବା ଥିଲା ଅନ୍ୟତମ ପଦ୍ଧତି । ଷୋଡ଼ଶ ଲୁଇ ମୁସୋଲିନି ଓ କେତେକ ସ୍ୱରଶାଖ୍ୟ ରାଜାଙ୍କର ଉଚ୍ଚ ହରଣ ଏଠାରେ ଦିଆଯାଇପାରେ । ଆଧୁନିକ ଉନ୍ନତ ସଭ୍ୟତାରେ ପୃଥିବୀ ସ୍ଥିତମାନ ସଭ୍ୟତାର ଚଳ ଇଚ୍ଛା ସବୁ ପୁଣି ଲେଉଟାଇବାରେ ଲାଗିଛି ଆଇନଗତ ଦଣ୍ଡ ସ୍ୱରୂପରେ ବିଷ ପାନର ବ୍ୟବସ୍ଥା ବଦଳରେ ବିଷପାନ ଦ୍ୱାରା ନରହତ୍ୟା ଘଟାଯାଉଛି । ମାତ୍ର ଅପରାଧୀ ଏଣିକି ବୁଝିବାକୁ ଅକ୍ଷମ ଯେ ବିଜ୍ଞାନର ପୃଷ୍ଠଭୂମି ଚଳ ଆଗରୁ ସର୍ବଦା ଧାବମାନ । ବିଷ ଦ୍ୱାରା ସଂଘଟିତ ହତ୍ୟାକୁ ଚିହ୍ନିବା ଆଉ ଆଗେଭଳି କଷ୍ଟକର ବ୍ୟାପାର ନୁହେଁ । ସବୁ ଛନ୍ଦ ପ୍ରତାରଣାର ଉର୍ଦ୍ଧ୍ୱରେ ରହି ଶାସନ ସଂସ୍ଥା, ପ୍ରଶାସନିକ ସଂସ୍ଥା, ଆଇନ ସଂସ୍ଥା ଓ ଡାକ୍ତରୀ ସଂସ୍ଥା କର୍ତ୍ତବ୍ୟନିଷ୍ଠ ଭାବରେ ଏହିଭଳି ଜଘନ୍ୟ ହତ୍ୟାର ରୂପ ଉନ୍ମୋଚନ କରାଇବା ସମ୍ପୂର୍ଣ୍ଣ ସମ୍ଭବ । ସଭ୍ୟତାରେ ବିଷର ଇତିହାସ ଖୁବ୍ ପୁରାତନ । ଖ୍ରୀଷ୍ଟପୂର୍ବ ୩୦୦୦ ବର୍ଷ ତଳେ ସ୍ୱାଇଜ ଓ ମେସେରିଆ ମେଡ଼ିକା ପ୍ରଥମେ ଏହିଭଳି ବୃକ୍ଷର ସନ୍ଧାନ ଓ ନାମକରଣ କରିଥିଲେ । ଏହା କ୍ରମେ କାଳଜୟୀ ହେବାରେ ଲାଗିଛି । ଏହାର ଅଭାବ ପରିଲକ୍ଷିତ ନୁହେଁ । ଏହା ଆଉ ଦୁର୍ଲଭ ନୁହେଁ । ଏହାର ପ୍ରୟୋଗ ଜରିଆରେ ହତ୍ୟାର ସନ୍ଦେହ ପାଇଁ କେବଳ ଏତିକି ଆହ୍ୱାନ ଦିଆଯାଇ ପାରେ । ସାମାଜିକ ଚେତନା ମାନସିକ ଚେତନା, ଜ୍ଞାନ ଚେତନାର ବିକାଶ ଘଟୁ । ଏଥିପାଇଁ ନୈତିକ ମୂଲ୍ୟବୋଧ ଶିକ୍ଷା ଦିଆଯାଉ । ଛଳନା ଓ ପ୍ରତାରଣାର ସଂସାରରେ ଅବସ୍ଥାନ କରି ଯେଉଁମାନେ ମିଥ୍ୟା ବ୍ୟକ୍ତିତ୍ୱ ଓ ପରାକ୍ରମର କୃତ୍ରିମ ମିଛ ଛନ୍ତି ଓ ପରିଶେଷରେ ଆତ୍ମଗ୍ଳାନି ଅବସର ମଧ୍ୟରେ ବିଷର ଦ୍ୱାରା ରଚନା କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଉ । □

ସଫଳତାର କାହାଣୀ

କାଲିର ନିଃସ୍ୱ ଆଜି ଅନୁଗୁଳର ଜଣେ ସମୃଦ୍ଧଚାଷୀ

ଦଣ୍ଡଧର ସାହୁ ବର୍ତ୍ତମାନ ଗୋଟିଏ ପକ୍କା ଘରେ ବାସ କରୁଛନ୍ତି । ତାଙ୍କର ପିଲାମାନେ ପ୍ରତିଦିନ ସ୍କୁଲକୁ ଯାଉଛନ୍ତି । ତାଙ୍କର ଜମିରେ ମଧ୍ୟ ନିୟମିତ ଭାବେ ଗୋଟିଏ ସ୍ୱୟଂଚାଳିତ ପମ୍ପସେଟ୍ ମାଧ୍ୟମରେ ନଳକୂପରୁ ଜଳ ଉଠାଯାଇ ଜଳସେଚନ କରାଯାଉଛି । ନିଜର ଗାଈ ଗୋହାଳ ବର୍ତ୍ତମାନ ବଳଦ, ମଇଁଷି ଏବଂ ବିଭିନ୍ନ ପ୍ରକାର ଦୁଗ୍ଧଆଳୀ ଗାଈରେ ପରିପୂର୍ଣ୍ଣ । ସଂକ୍ଷେପରେ କହିଲେ, ଦଣ୍ଡଧର ସାହୁ ହେଉଛନ୍ତି ଆଧୁନିକ ଭାରତୀୟ କୃଷକ କୁଳର ପ୍ରକୃଷ୍ଟ ଉଦାହରଣ ଯିଏ ଗ୍ରାମ୍ୟ ସମୃଦ୍ଧିର ପ୍ରତ୍ୟେକ ଉପାଦାନରେ ନିଜକୁ ବିଭୂଷିତ କରିଛନ୍ତି ।

କିନ୍ତୁ ପୂର୍ବେ ଏହି ଅବସ୍ଥା ନଥିଲା । ୪୨ ବର୍ଷ ତଳେ ଏହି ପୃଥିବୀକୁ ଆସିବା ବେଳେ ସେ କେବଳ ଏକ ଜରାଜୀର୍ଣ୍ଣ କୁଡ଼ିଆ, ସନ୍ତସନ୍ତିଆ ପାଣି ଗଳୁଥିବା ଛାତର ତଳେ ଅଭିଜ୍ଞତାକୁ ହିଁ ଭାଗ୍ୟ ଲିଖନ ବୋଲି ଆବୋରି ନେଇଥିଲେ ।

କିନ୍ତୁ ଏତେ ଦୁର୍ଭାଗ୍ୟ ସତ୍ତ୍ୱେ ୧୯୭୮ ମସିହାରେ ତାଙ୍କର ଭାଗ୍ୟଚକ୍ର ଘୂରିବାକୁ ଆରମ୍ଭ କଲା । ସେହି ବର୍ଷ କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥା (ଏସ୍. ଏଫ୍. ଡି. ଏ.) ତାଙ୍କୁ ଢେଙ୍କାନାଳ ଜିଲ୍ଲାର ଚହଁରପାଳ ବ୍ଲକ ଅନ୍ତର୍ଗତ ତୁରଙ୍ଗ ଗ୍ରାମର ଏକମାତ୍ର ଦୁଃଖୀ ହିସାବରେ ଚିହ୍ନଟ କଲା । ଏହା ପରେ ସ୍ଥାନୀୟ ଏକ ବ୍ୟାଙ୍କ ଗୋଟିଏ କୂଅ ଖୋଳିବା ପାଇଁ ଶ୍ରୀ ସାହୁଙ୍କୁ ୧୫,୦୦୦ ଟଙ୍କାର ଏକ ଋଣ ମଞ୍ଜୁର କଲେ । ଏହି ଋଣ ସହ ଅନୁଦାନ ସବ୍‌ସିଡି ପାଇବା ପରେ ତାଙ୍କର ଆର୍ଥିକ ଅବସ୍ଥା କ୍ରମଶଃ ସ୍ୱଚ୍ଛଳ ହେଲା । ନିଜର ମାତ୍ର ୧.୫୨ ଏକର ଜମିରେ ସେ ସଘନ ବହୁମୁଖୀ କୃଷି ଉତ୍ପାଦନ କାମ ଆରମ୍ଭ କରିଦେଲେ । କୂପ କାର୍ଯ୍ୟର ପ୍ରାରମ୍ଭିକ ଅବସ୍ଥାରେ ସେ ଟେଣ୍ଡା ଦ୍ୱାରା ପାଣି ମଡ଼ାଉ ଥିଲେ । କିନ୍ତୁ ପରେ ଏକ ବିଦ୍ୟୁତ ଚାଳିତ ପମ୍ପସେଟ୍ ସାହାଯ୍ୟରେ ଜଳସେଚନ କଲାପରେ ତାଙ୍କର ଚାଷ ନିୟମିତ ରୂପେ ଚାଲିଲା ଏବଂ ଜମିର ଅନୁପାତରେ ସେ ମଧ୍ୟ ଲାଭ ପାଇବାକୁ ଲାଗିଲେ । ଫଳରେ ପରିବାର ଦାୟିତ୍ୱ ଉପରେ ତାଙ୍କର ଚାପ ଆଉ ଅସହନୀୟ ହେଲା ନାହିଁ ।

ଏହାର କିଛି ବର୍ଷ ପରେ ଶ୍ରୀ ସାହୁଙ୍କୁ ହଳେ ବଳଦ ଶଗଡ଼ ଗାଡ଼ି କିଣିବା ପାଇଁ ତିନି ହଜାର ଟଙ୍କାର ଆଉ ଗୋଟିଏ ଋଣ ମିଳିବା ପରେ ନିଜର ଖାଦ୍ୟଶସ୍ୟ ପରିବହନ କାମ ସେ ନିଜେ ନିଜେ ସମ୍ପାଦନ କଲେ । ଏହା ଫଳରେ ତାଙ୍କର ଆୟ ବିଶେଷ ବୃଦ୍ଧି ପାଇଲା ।

ପୁଣି ତାଙ୍କର ସହାୟତା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଆଗେଇ ଆସିଲେ । ଏଥର ଗୋଟିଏ ଜର୍ସି ଗାଈ କିଣିବା ପାଇଁ ତାଙ୍କୁ ୩,୦୦୦ ଟଙ୍କା ଋଣ ମଞ୍ଜୁର କରାଗଲା । ଏହି ଟଙ୍କାରେ କିଣିଥିବା ଗାଈକୁ ପାଳନ କରି ସେ ଦିନକୁ ପ୍ରାୟ ୯ ଲିଟର ଦୁଧ ପାଇଲେ । ଏହି ଦୁଧକୁ ନିକଟବର୍ତ୍ତୀ ଅନୁଗୁଳ ଟାଉନରେ ବିକ୍ରି କରି ସେ ବେଶ ଦୁଇ ପଇସା ରୋଜଗାର କଲେ । ସେ ଗୋଟିଏ ଗାଈରୁ ଆରମ୍ଭ କରିଥିବା ଗୁହାଳ ବର୍ତ୍ତମାନ ୯ଟି ଜର୍ସି ଗାଈରେ ପୂର୍ଣ୍ଣ ହୋଇଛି ଏହି ଗାଈ ଓ ମଇଁଷି ମାନଙ୍କୁ ଖାଇବା ପାଇଁ ସେ ଏହା ପରେ ଗୋ ଖାଦ୍ୟ ଚାଷ ଆରମ୍ଭ କଲେ ଏ କ୍ଷେତ୍ରରେ ମଧ୍ୟ ବ୍ୟାଙ୍କ ପକ୍ଷରୁ ତାଙ୍କୁ ସାହାଯ୍ୟ କରାଗଲା । ସୁତରାଂ ଗୋ ଖାଦ୍ୟ ଚାଷରୁ ନିଜର ଗାଈଗୋରୁଙ୍କ ପାଇଁ ଖାଦ୍ୟ ପାଇବା ସଙ୍ଗେ ସଙ୍ଗେ ବଳକା ଗୋଖାଦ୍ୟକୁ ସେ ବର୍ତ୍ତମାନ ବଜାରରେ ବିକ୍ରି ପାଇଁ ଭଲ ବେଶ ଲାଭ କରୁଛନ୍ତି । ବିଭିନ୍ନ ଦିଗରୁ ଅର୍ଜନ କରୁଥିବା ଅର୍ଥକୁ ବିନିଯୋଗ କରି ସେ ବର୍ତ୍ତମାନ ଆହୁରି କିଛି ଜମି କିଣିଛନ୍ତି । ଏବେ ସେ ଗୋଟିଏ ପ୍ଲଟରେ ମଧ୍ୟ ଚାରି ରୁମ ବିଶିଷ୍ଟ ଏକ ସୁନ୍ଦର ପକ୍କା ଘର ନିର୍ମାଣ କରି ସେଠାରେ ବସବାସ କରୁଛନ୍ତି ।

ବାସ୍ତବ ପକ୍ଷେ କହିବାକୁ ଗଲେ ଦଣ୍ଡଧର ଆଜି ଜଣେ ସୁଖୀ ଓ ସମୃଦ୍ଧ କୃଷକ ଭାବେ ସମଗ୍ର ଦେଶରେ ପରିଚିତ ହୋଇପାରିଛନ୍ତି । □

Images: Aptakama Mishra, Processing: Srujanika

ସମ୍ପାଦକଙ୍କୁ ପତ୍ର

ଅଧ୍ୟାପକମାନେ ବର୍ଷ ସାରା ମାତ୍ର ୧୦୦ ପିରିୟଡ଼ ପଢ଼ାଉଛନ୍ତି

ମହାଶୟ

"କଲେଜ ଅଧ୍ୟାପକମାନେ ମାତ୍ର ୧୦୦ ପିରିୟଡ଼ ପଢ଼ାଉଛନ୍ତି" ଲେଖାଟି ଆପଣଙ୍କର ଖାରବେଳ ୯ମ ସଂଖ୍ୟା ୨.୯.୮୪ରୁ ପଢ଼ିଲି । ମୁଁ ଜଣେ ଅଧ୍ୟାପିକା । ଏହା ପ୍ରକାଶିତ ହୋଇଥିବାରୁ ପଢ଼ି ଖୁସି ହେଲି । ବିଶେଷ କରି ବର୍ତ୍ତମାନ ରାଜ୍ୟ ସାରା ବେସରକାରୀ ଶିକ୍ଷକମାନଙ୍କର ଆନ୍ଦୋଳନ ପରିପ୍ରେକ୍ଷୀରେ ସମସ୍ତେ ଶିକ୍ଷା ଓ ଶିକ୍ଷକଙ୍କର ସମସ୍ୟା ସମ୍ପର୍କରେ ପ୍ରବେଚନ ହେବା ଉଚିତ ।

ଟ୍ୟୁସନ ବ୍ୟାଧି ସ୍କୁଲ ସ୍ତରରୁ ମଧ୍ୟ କଲେଜ ସ୍ତରକୁ ବ୍ୟାପିଲାଣି ଏହା କଟୁ ସତ୍ୟ କଥା । ପ୍ରାକ୍ଟିକାଲରେ ହଇରାଣ ହେବା ଭୟରେ ଛାତ୍ର-ବାଧ୍ୟ ହୋଇ ଟ୍ୟୁସନ୍ ନିଏ । ଏହା ମଧ୍ୟ ସବୁ ସ୍ଥାନରେ ନ ହେଲେ ବି ସ୍ଥଳ ବିଶେଷରେ ମିଥ୍ୟା ହୋଇ ନଥିବ ।

ତେବେ କମ୍ ପିରିୟଡ଼ ନେବା ସହିତ ପିଲାମାନେ ପରୀକ୍ଷାରେ ଖରାପ କରିବା ଏବଂ ବାହାରେ ବଦମାସି କରିବାର ଯେଉଁ କାର୍ଯ୍ୟ କାରଣ ସମ୍ପର୍କ ଯୋଡ଼ା ଯାଇଛି ତାହା ଉପରେ ମୋର କିଛି କହିବାର ଅଛି । ତାପରେ ଲେଖାଟି ଏପରି ଲେଖାଯାଇଛି ଯେପରି କି କମ୍ କ୍ଲାସ ନେବା ପାଇଁ ଅଧ୍ୟାପକ ନିଜେ ହିଁ ଦାୟୀ ।

ନାମ ଲେଖା ଦିବସ ଗୁଡ଼ିକୁ ଛାଡ଼ି ଅନ୍ୟୁନ ୩୦ ସପ୍ତାହରେ ସପ୍ତାହକୁ ୨୦ ଟି କରି କ୍ଲାସ ଜଣେ ଶିକ୍ଷକ ନିଶ୍ଚୟ ନେବା କଥା । କିନ୍ତୁ ପ୍ରାୟ କୌଣସି ସ୍ଥଳରେ ବି ଜଣେ ଶିକ୍ଷକ ବର୍ଷକୁ ୬୦୦ କ୍ଲାସ ନିଅନ୍ତି ନାହିଁ । କିନ୍ତୁ ଶିକ୍ଷକମାନଙ୍କର ଅମନଯୋଗିତା ବା କ୍ଲାସ ନେବାର ଅନିଚ୍ଛା ଏହାର କାରଣ ନୁହେଁ । କାର୍ଯ୍ୟ ଭାର (work load)ର ହିସାବ ସାପ୍ତାହିକ ଆବଶ୍ୟକତା ନେଇ କରାଯାଏ ଓ ସେହି ଅନୁସାରେ ଶିକ୍ଷକ ନିଯୁକ୍ତ ହୁଏ । ଜୁଲାଇ ମାସରେ କଲେଜ ଖୋଲିବାଠାରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ କଲେଜରେ ନାମ ଲେଖା ସରି ନଥାଏ ପୂର୍ବ ବର୍ଷର ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେଇ ନଥିବା ପିଲାମାନଙ୍କୁ ନେଇ କ୍ଲାସ ଚାଲୁ ଥାଏ । ଏହି ସମୟରେ ଶିକ୍ଷକ ମାନଙ୍କର ମୁଣ୍ଡ ପିଛା କାର୍ଯ୍ୟଭାର ବହୁତ କମ୍ ପଡ଼େ । ଡିସେମ୍ବରରେ ପୁଣି ଟେଷ୍ଟ ପରୀକ୍ଷା ସରିଯାଇ ଥିବାରୁ କଲେଜ ଛାତ୍ରଙ୍କ ସଂଖ୍ୟା ଅଧା ହୋଇଯାଏ । ମାର୍ଚ୍ଚ ମାସ ଠାରୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ଆରମ୍ଭ ହେବା ପରେ ଶିକ୍ଷକମାନେ ନିରୀକ୍ଷକ ଭାବରେ କାମ କରନ୍ତି । ଅଧିକାଂଶ କଲେଜରେ ଶ୍ରେଣୀ ଗୃହ ଅଭାବ ଏବଂ ଶିକ୍ଷକ ଅଭାବ ହେତୁ ବାକି ଶ୍ରେଣୀ ଗୁଡ଼ିକର (ଯେଉଁମାନେ university ପରୀକ୍ଷା ଦେଉ ନଥାନ୍ତି) କ୍ଲାସ ବାତିଲ୍ କରି ଦିଆଯାଏ । ତେଣୁ ମାର୍ଚ୍ଚ ମାସରୁ ପୁଣି ଆସନ୍ତା ଶିକ୍ଷା ବର୍ଷର ଜୁଲାଇ ଆରମ୍ଭ ପର୍ଯ୍ୟନ୍ତ ସାଧାରଣତଃ କଲେଜ ଶିକ୍ଷକ କିଛି ପଢ଼ାଇବାର ସୁଯୋଗ ପାଆନ୍ତି ନାହିଁ । ଜୋର୍ ସୋର୍‌ରେ କଲେଜ ପାଠ ପଢ଼ାଟି କେବଳ ମାତ୍ର ଅଗଷ୍ଟ ଅଧାରୁ ଡିସେମ୍ବର X-massଛୁଟି ଆରମ୍ଭ ହେବା ପର୍ଯ୍ୟନ୍ତ ହୋଇ ଥାଏ । ଏହାକୁ ଆମେ busy season କହୁ ଏହି busy seasonର ଗୋଟିଏ ସପ୍ତାହରେ କେତେ କ୍ଲାସ ଦରକାର ପଡ଼େ ସେହି ଅନୁସାରେ କେତେ ଜଣ ଶିକ୍ଷକ ଆବଶ୍ୟକ ତାହାର ନିଷ୍ପତ୍ତି ନିଆଯାଏ । ତେଣୁ ଅନ୍ୟ ସମସ୍ତ ମାନଙ୍କରେ ଶିକ୍ଷକ ଉପରେ ତାହାଙ୍କର ଶକ୍ତି ତୁଳନାରେ ବହୁତ କମ୍ କ୍ଲାସ ପଡ଼ିଥାଏ । ସାରା ବର୍ଷର ହାରାହାରି ହିସାବ କରି ଯଦି କାର୍ଯ୍ୟଭାର ନିରୂପଣ ହୁଏ ତେବେ busy seasonର ସପ୍ତାହ ଗୁଡ଼ିକରେ ଏତେ ଅଧିକ କ୍ଲାସ ହେବ ଯେ ଜଣେ ଶିକ୍ଷକ ପକ୍ଷେ ପଢ଼ାଇବା ଅସମ୍ଭବ ହେବ ।

କଲେଜ ଶ୍ରେଣୀର କ୍ଲାସଗୁଡ଼ିକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଏ । ଯଥା — general class ଓ ଟ୍ୟୁଟୋରିଆଲ କ୍ଲାସ । ଜେନେରାଲ କ୍ଲାସରେ ପାଠ ପଢ଼ାଯାଏ । ଟ୍ୟୁଟୋରିଆଲ କ୍ଲାସରେ ଯାହା ପିଲାମାନେ ବୁଝି ପାରନ୍ତି ନାହିଁ ପିଲାଙ୍କୁ ବୁଝାଇ ଦିଆଯାଏ । ଜଣେ ଶିକ୍ଷକ ଯେତେ ଅଭିଜ୍ଞ ହେଲେ ମଧ୍ୟ କଲେଜ ଶ୍ରେଣୀର କ୍ଲାସ ନେବା ପାଇଁ ଘରେ ପଢ଼ାପଢ଼ି କରି ସେଥି ପାଇଁ ପ୍ରସ୍ତୁତ ହେବାକୁ ପଡ଼େ । ତେଣୁ ଜଣେ ପୁରୁଣା ଶିକ୍ଷକ କେବଳ ଦିନକୁ ତିନୋଟି general class ନେଇ ପାରିବେ । ଜଣେ ନୂଆ ଶିକ୍ଷକଙ୍କ ପକ୍ଷେ ଦୁଇଟିରୁ ଅଧିକ general class ନେବା ଗୋଟିଏ ଦିନରେ କଷ୍ଟ । ତେଣୁ ଦୈନିକ ଦୁଇ ବା ତିନିରୁ ଅଧିକା general class ହେଲେ ଶ୍ରେଣୀଗୃହ ବକ୍ତୃତାର ମୂଲ୍ୟ ହ୍ରାସ ପାଇବା ସୁନିଶ୍ଚିତ । ତେଣୁ ଜଣେ ଶିକ୍ଷକଙ୍କ ଠାରୁ ସପ୍ତାହରେ (ରବିବାରକୁ ଛାଡ଼ି ଛଅଦିନ) ହାରାହାରି ପନ୍ଦରରୁ ସାମାନ୍ୟ କମ୍ ବା ବେଶୀ general class ନେବା ହିଁ ଆଶା କରାଯାଏ । ବାକି ଯାହା ଟ୍ୟୁଟୋରିଆଲ କ୍ଲାସ ନିଆଯାଇ ପାରେ । ନୂତନ ନିୟମ ଅନୁସାରେ କୋଡ଼ିଏ ନୁହେଁ ପଚିଶଟି କ୍ଲାସ ସପ୍ତାହରେ ନେବା ଉଚିତ ।

ଶହେ ପିରିୟଡ଼ର ଯେଉଁ ହିସାବ ଦିଆଯାଇଛି ଜଣେ ଶିକ୍ଷକ ଶହେଟି general class ପ୍ରାୟ ବର୍ଷକୁ ନେଇଥାନ୍ତି । କିନ୍ତୁ ବର୍ଷ ଆରମ୍ଭରୁ ଯଦି ଶ୍ରେଣୀ ଗୃହର ଅଭାବ ନଥାଇ ଉପଯୁକ୍ତ ଭାବରେ ଟ୍ୟୁଟୋରିଆଲ କ୍ଲାସଗୁଡ଼ିକ ରୁଟିନ୍‌ରେ ଯୋଗ କରାଯାଇ ପାରେ ତେବେ ଜଣେ ଅଧ୍ୟାପକ ବର୍ଷକୁ ପ୍ରାୟ ୧୬୦ ବା ୧୭୦ଟି କ୍ଲାସ ନେଇ ଥାଆନ୍ତି । ଶିକ୍ଷା ବର୍ଷଟିରେ ଅଗଷ୍ଟ ପୂର୍ବରୁ ଏବଂ ଡିସେମ୍ବର ପରେ ଘଟୁଥିବା ସ୍ଲାକ୍ ସେସନ୍‌ରେ ସେ କମ କ୍ଲାସ ନିଅନ୍ତି ।

କଲେଜ ଶିକ୍ଷକମାନେ କମ ପାଠ ପଢ଼ାଇ ଅଧିକ ଦରମା ନିଅନ୍ତି ବୋଲି ଅଭିଭାବକମାନେ ଯେପରି ବ୍ୟସ୍ତ ହୁଅନ୍ତି ଜଣେ ନୀତିବାନ୍ ଓ ଦାୟିତ୍ୱ ସମ୍ପନ୍ନ ଶିକ୍ଷକଙ୍କୁ କଲେଜର ଉପରି ବର୍ଣ୍ଣିତ ଅସୁବିଧା ହେତୁ କ୍ଲାସ ନେବାକୁ ସୁଯୋଗ ପାଇ ନଥିବାରୁ କୋର୍ସ ସାରି ପାରୁ ନାହାନ୍ତି ବୋଲି ତାଠାରୁ ବହୁ ଗୁଣରେ ଅଧିକ ବ୍ୟସ୍ତ ହୁଅନ୍ତି । ରୁଟିନ୍‌ର ପିରିୟଡ଼ରେ କୋର୍ସ ସାରି ପାରୁ ନଥିବାରୁ ଇଚ୍ଛା ନଥିବା ଛାତ୍ରମାନଙ୍କୁ ଜୋର କରି ଡାକି extra class ରେ କୋର୍ସ ସାରେ । extra class ପାଇଁ ଆଜିର ଶିକ୍ଷକଙ୍କୁ ପ୍ରଶଂସା ମିଳେନା । ପିଲାଙ୍କୁ ଛୁଟୀଦିନେ ଡାକି ହଇରାଣ କରୁଥିବାରୁ ଛାତ୍ର ଓ ଅଭିଭାବକ ଉଭୟଙ୍କଠାରୁ ତାକୁ ଗାଳି ଶୁଣିବାକୁ ପଡ଼େ ।

ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କହୁ ନାହିଁ । ମଣିଷ ଜାତି ହିଁ ଚରିତ୍ର ସଙ୍କଟ ଦେଇ ଗତି କରୁଛି । ଶିକ୍ଷକ, ପୋଲିସ, ମନ୍ତ୍ରୀ, ମାଜିଷ୍ଟ୍ରେଟ ଆଦି ସବୁ ପୋଷାକରେ ସେ ଭ୍ରଷ୍ଟାଗ୍ରସ୍ତ ହୋଇ ଯାଇଛି । ତେଣୁ ନୀତିହୀନ ମନ୍ତ୍ରୀ ଓ ଏମ୍. ଏଲ୍. ଏଙ୍କ ପରି ନୀତିହୀନ ଶିକ୍ଷକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ ।

ସମସ୍ୟା ବହୁମୁଖୀ କିନ୍ତୁ ସମାଧାନ ଗୋଟିଏ । ସେହି ସମାଧାନର ଦ୍ୱାର ଶୀଘ୍ର ଖୋଲିଯାଉ ଏହା ହିଁ କାମନା କରୁଛି ନମସ୍କାର ସହିତ ।

ଇତି
ଆପଣଙ୍କର
ବିଜୟଲକ୍ଷ୍ମୀ ଦେବୀ, ତାଳଚେର

Images: Aptakama Mishra, Processing: Srujanika

ମୂଲ୍ୟବୋଧର ମୃତ୍ୟୁ

ଚିଦାନନ୍ଦ

ସେ ଦିନ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ସହ ଦେଖା ହେଲା ବାଜି-ରାଉତ ଛାତ୍ରାବାସରେ। ତାର କିଛି ଦିନ ପରେ ହଠାତ୍ ସେ ଆମକୁ ଛାଡ଼ି ଚାଲି-ଗଲେ। ଓଡ଼ିଶା ବୌଦ୍ଧିକତା ଦୃଷ୍ଟିରୁ ଦରିଦ୍ର ହୋଇଗଲା। ନବ ବାବୁଙ୍କ ସହ କିଛିଦିନ ପରେ ଦେଖା। ପାଖରେ ନୁମା (ମାଳତୀ ଦେବୀ) ଅନେକ କଥା ପଡ଼ିବ କିନ୍ତୁ ପ୍ରଥମେ ଉଭୟଙ୍କ କଣ୍ଠରୁ ପ୍ରଶ୍ନ— କୁଳମଣି କେମିତି ଅଛି? ତମେ କୁଳମଣିକୁ ଦେଖିବାକୁ ଯାଇଥିଲ? ହଁ, ଭରିଲି। ତା'ପରେ ଚାଲିଲା କୁଳମଣି ବାବୁଙ୍କର ଅବସ୍ଥା ବିଷୟରେ ପ୍ରଶ୍ନ। ଡାକ୍ତର ଖାନାରେ କେଉଁଠି ଅଛି, ବେଡ଼ରେ ନା ନର୍ସିଂ ହୋମ୍‌ରେ? ଡାକ୍ତର କଏ? କି ରୋଗ ବୋଲି ଡାକ୍ତର ମାନେ କହୁ-ଛନ୍ତି! ଶ୍ୟାମଳୀ କପରି ଅଛି—ଇତ୍ୟାଦି ଇତ୍ୟାଦି। କଏ ଏହି କୁଳମଣି! ଏ ହେଉଛନ୍ତି ଏକଦା ସୋସାଲିଷ୍ଟ ପାର୍ଟିର ମୂଳ ନେତା ବର୍ତ୍ତମାନର ଡକ୍ଟର କୁଳ-ମଣି ମହାପାତ୍ର ଏବଂ ୧୯୫୭ ମସିହା ନିର୍ବାଚନରେ ବଡ଼ଚଣା ନିର୍ବାଚନ ମଣ୍ଡ-ଳୀରୁ ଛାତ୍ର ଆନ୍ଦୋଳନର ପ୍ରତିନିଧି ଭାବରେ ପ୍ରତିଦ୍ୱନ୍ଦୀ ଏବଂ ୧୯୫୯ ଛାତ୍ର ଆନ୍ଦୋଳନର ଅନ୍ୟତମ ନେତା ଭାବରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରୀମଣ୍ଡଳର ସଭ୍ୟ। ତାଙ୍କରି ପାଇଁ ନବକୃଷ୍ଣ ଚୌଧୁରୀଙ୍କର ବ୍ୟସ୍ତତା ଓ ଉଦ୍‌ବେଗ!

ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀ ଜବା-ହରଲାଲ ନେହେରୁଙ୍କର ଖଣ୍ଡିଏ ଚିଠି ପ୍ରକାଶିତ ହୋଇଛି। ସେ ଲେଖିଛନ୍ତି ସେଥିରେ—ଯେଉଁମାନେ ସମ୍ବେଦନଶୀଳ ସେହିମାନେ ହିଁ ବେଶି ଯନ୍ତ୍ରଣା ପାଆନ୍ତି, ବେଶି କଷଣ ତାଙ୍କୁ ହିଁ ସହିବାକୁ ପଡ଼େ ସେମାନଙ୍କ ମଧ୍ୟରେ ବୋଧହୁଏ ତମେ ଓ ମୁଁ ଅନ୍ତର୍ଭୁକ୍ତ। ଏହି ଚିଠିରେ ଲେଖି-ଛନ୍ତି କାହାକୁ? ଲେଖିଛନ୍ତି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ମହାରଥୀ ବିଶିଷ୍ଟ ପାର୍ଲାମେଣ୍ଟେରିଆନ ଅଧ୍ୟାପକ ହୀରେନ ମୁଖର୍ଜୀ। ଜବାହାରଲାଲ କଣ ତା ହେଲେ ସବୁ ସତ୍ତ୍ୱେ ଏକ ଅହେତୁକ ଯନ୍ତ୍ରଣାର ଶିକାର ଥିଲେ? ବିଶ୍ୱାସ କରି ହୁଏନା। କିନ୍ତୁ ହୁଏତ ସତ୍ୟ!

ଭାରତର କେନ୍ଦ୍ରମନ୍ତ୍ରୀ ଜବାହର ଲାଲ ନେହେରୁଙ୍କର ଘନିଷ୍ଠ ବନ୍ଧୁ ଶ୍ରୀ ପ୍ରକାଶ ଆସିଛନ୍ତି। କାଶୀ ବିଦ୍ୟାପୀଠରେ ସେ ଏକଦା ଶିକ୍ଷକ ଥିଲେ। ଭାରତୀୟ ଜାତୀୟ ଆନ୍ଦୋଳନର ବହୁ ମହାରଥୀଙ୍କୁ ସେ ସେଇଠି ଶିକ୍ଷା ଦେଇଥିଲେ। ଏବଂ ସାମ୍ୟବାଦୀ ଚିନ୍ତାଧାରାର ତତ୍ତ୍ୱ ମଧ୍ୟ ପଢ଼ାଇଥିଲେ। ସେ ଓଡ଼ିଶା ଆସିଛନ୍ତି ଏବଂ ଖୋଜିଛନ୍ତି ତାଙ୍କର ପୂର୍ବତନ ଛାତ୍ର ମାନଙ୍କୁ। ସେମାନେ ସମସ୍ତେ ବର୍ତ୍ତମାନ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ। ସରକାର-ଙ୍କର ଏକ ନମ୍ବର ଶତ୍ରୁ। ସେଥିରେ ତାଙ୍କର ଯାଏ ଆସେ କେତେ! ସେମାନେ ଗଲେ ତାଙ୍କୁ ଭେଟିବା ପାଇଁ। କେରଳରେ ପ୍ରଥମ ଥର ପାଇଁ କମ୍ୟୁନିଷ୍ଟ ପାର୍ଟି ମନ୍ତ୍ରୀମଣ୍ଡଳ ଗଢ଼ିଥାଏ ଏବଂ ଏହାର ମୁଖ୍ୟମନ୍ତ୍ରୀ ନାମ୍ବୁଦ୍ରିପଦ ମଧ୍ୟ ଶ୍ରୀ ପ୍ରକାଶଙ୍କର ଏକଦା ଛାତ୍ର ଥିଲେ ସେଇ କାଶୀ ବିଦ୍ୟାପୀଠରେ। ଇ.ଏମ.ଏନ. ନମ୍ବୁଦ୍ରିପଦ ମୁଖ୍ୟମନ୍ତ୍ରୀ ହେଲାପରେ ଘୋଷଣା କରିଥାନ୍ତି ଯେ ତାଙ୍କ ସରକାର କେବେ ହେଲେ ଗୁଳି ଚାଳନା କରିବ ନାହିଁ। ଆରମ୍ଭ କଲେ ଶ୍ରୀ ପ୍ରକାଶ, ଶରତ, ଧ୍ରୁବ ଚରଣ ତୁମକୁ ସବୁ ମୁଁ ମାର୍କସବାଦ ପଢାଉ ଥିଲି ନା! ନମ୍ବୁଦ୍ରିପଦ ତ ତମ ମାନଙ୍କ ସାଙ୍ଗରେ ଥିଲା। କଣ ମୁଁ ତୁମକୁ ମାର୍କସବାଦ ପଢ଼େଇଥିଲି ନା ନମ୍ବୁଦ୍ରିପଦ ତାକୁ ଭୁଲ ବୁଝିଲ! ମୁଁ କଣ ତୁମକୁ ପଢ଼େଇ ନଥିଲି ଯେ ମାର୍କସଙ୍କ ମତରେ ରାଷ୍ଟ୍ର ହେଉଛି ଗୋଟିଏ ଶ୍ରେଣୀର ଅନ୍ୟ ଶ୍ରେଣି ଉପରେ ଅତ୍ୟା-ଚାରରେ ବ୍ୟସ୍ତ। ଆଉ ନମ୍ବୁଦ୍ରିପଦ କଣ କହୁଛି ଯେ ସେ ଗୁଳି ଚଳାଇବ ନାହିଁ ପ୍ରତିପକ୍ଷ ଉପରେ? କଣ ସେ ଭୁଲିଗଲା ନାଁ କଣ ଯେ ରାଷ୍ଟ୍ର ଶୋଷଣର ଏକ ହତିଆର। ଶ୍ରୀ ପ୍ରକାଶ ହସି ହସି କହି ଚାଲିଛନ୍ତି। ଶ୍ରୀ ପ୍ରକାଶ କଂଗ୍ରେସ ଦଳର।

ସେବାଗ୍ରାମ। ମାଛ ମାଂସ ଖାଇବା ମନା। ଜୟପ୍ରକାଶ କିନ୍ତୁ ସବୁବେଳେ ଏକ ବ୍ୟତିକ୍ରମ। ସେ କହିଲେ ଯେ ମୁଁ ସେବାଗ୍ରାମ ବା ଓ୍ୱାର୍ଦ୍ଧାରେ ରହିବି କିନ୍ତୁ ମାଛ ମାଂସ ଖାଇବି। କାରଣ ମୁଁ ହିପୋକ୍ରାଟ ନୁହେଁ। ଛଳନା ମୁଁ କରିବି ନାହିଁ। ମୁଁ ନିରାମିଷ ଖାଇବାକୁ ଭଲ ପାଏ ଏବଂ ସେଇ ଯୋଗୁ ମୁଁ ଖାଇବି। କଣ କରାଯିବ? ଗାନ୍ଧୀଜୀଙ୍କ କାନକୁ କଥାଟା ଗଲା। ସଙ୍ଗେ ସଙ୍ଗେ ଗାନ୍ଧିଜୀ ତାଙ୍କ ପାଇଁ ଆମିଷ ଖାଇବାର ବନ୍ଦୋବସ୍ତ କରିଦେଲେ। ଜୟପ୍ରକାଶ ମୁଁ ମାଛ ମାଂସ ଖାଇବାଟା ବନ୍ଦ। ଠିକ ସେହିପରି ମୋତିଲାଲ ନେହେରୁ ଗାନ୍ଧିଜୀଙ୍କୁ ଲେଖିଲେ ଯେ ଆପଣଙ୍କ ନିର୍ଦ୍ଦେଶା-ନୁସାରେ ମୁଁ ଖଦଡ଼ ପିନ୍ଧୁଛି। ଓକିଲାତି ଛାଡ଼ି ଦେଇଛି କିନ୍ତୁ କ୍ଷମା କରିବେ ସନ୍ଧ୍ୟା ପରେ ମୋର ଯେଉଁ ଚାରି ପେଗ୍ ସ୍କଚ୍ ହୁଇସ୍କି ଦରକାର ତାହା ମୁଁ ଛାଡ଼ି ପାରି ନାହିଁ କି ପାରିବି ନାହିଁ। ତଥାପି। ଜାତୀୟ ଆନ୍ଦୋଳନରେ ମୋତିଲାଲ ନେହେରୁଙ୍କର ଯୋଗଦାନ ବଡ଼ ନାଁ ତାଙ୍କର ସାମାନ୍ୟ "ବ୍ୟକ୍ତିଗତ" ବଡ଼?

ଗାନ୍ଧିଜୀ, ସମସ୍ତ ବଦଳି ଯାଇଛି। ନିଶା ନିବାରଣ, ସଂଯମ ବିଷୟରେ ବକ୍ତୃତା ଦିଆଯାଉଛି। କହିଲା ବେଳକୁ ପାଦ ଟଳୁଛି। ମଦ ସେମାନେ ଖାଉ ନାହାନ୍ତି, ମଦ ସେମାନଙ୍କୁ ଖାଉଛି। ସେମାନେ ରୋମାଣ୍ଟିକ ମଧ୍ୟ ନୁହନ୍ତି। ସ୍ଥାନ କାଳ ପାତ୍ର ବୟସ ନିର୍ବିଶେଷରେ ନାରୀ ସେମାନଙ୍କ ପାଇଁ କେବଳ ଯୌନ ବୁଭୁକ୍ଷା ମେଣ୍ଟାଇବାର ବସ୍ତୁ। ପ୍ରେରଣା, ସୌନ୍ଦର୍ଯ୍ୟର ମଧ୍ୟ ଉତ୍ସ ନୁହେଁ। ସାହାସ ନାହିଁ କହିବା ପାଇଁ ନିଜ କର୍ମର। ମୂଲ୍ୟ ବୋଧର ମୃତ୍ୟୁ ହୋଇ ଯାଇଛି। ଯାହା ବର୍ତ୍ତମାନ ଦେଖା ଦେଇଛି ତାହା ଫ୍ରାଙ୍କେଷ୍ଟାଇନ। ସେ କଥା ବାରାନ୍ତରେ। □

Images: Aptakama Mishra, Processing: Srujanika